# ସମନ୍ୱୟ ଚେତନା ଓ ଶ୍ରୀଜଗନ୍ନାଥ

ଡଃ ଶରତ ଚନ୍ଦ୍ର ରଥ



**ଶ୍ରୀ**ଜଗନ୍ନାଥ କୌଣସି ସଂପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି । ବରଂ ସବୁ ସଂପ୍ରଦାୟ ତାଙ୍କର । ସେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ନୁହନ୍ତି ବରଂ ସମଗ୍ର ବିଶ୍ୱର । ସେ ଏକାଧାରରେ ଏକ ଏବଂ ବହୁ । ଏକ ଦିବ୍ୟ ଚେତନା ସେ ବହୁରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ଆତ୍ମିକ ଚେତନା ରୂପରେ ସେ ସବୁଠାରେ ବିରାଜିତ । ସେ ଧନୀର ଦେବତା ପୁଣି ଗରିବର ଦେବତା, ଜ୍ଞାନୀର ଦେବତା ପୁଣି ନିରକ୍ଷରର ଦେବତା । ସବୁ ଭିତରେ ସେ ରହିଛନ୍ତି ଏବଂ ସବୁଠାରେ ରହି ସେ ଏହି ବିରାଟ ବିଶ୍ୱକୁ ପରିଚାଳନା କରୁଛନ୍ତି । ଯିଏ ତାଙ୍କୁ ଯେପରି ଦେଖିବାକୁ ଚାହାନ୍ତି, ତାଙ୍କୁ ସେ ସେପରି ଦିଶନ୍ତି ।

ଭକ୍ତିରେ ସେ ସୁଲଭ, ଯୁକ୍ତିରେ ନୁହେଁ । ବିଶ୍ୱାସରେ ସେ ସୁଲଭ, ତର୍କରେ ନୁହେଁ । ଭକ୍ତି ଓ ବିଶ୍ୱାସ ମାଧ୍ୟମରେ ତାଙ୍କ କୃପା ମିଳେ ଏବଂ ଏହି କୃପାବଳରେ ଚତୁର୍ବର୍ଗ ଫଳପ୍ରାପ୍ତି ସମ୍ଭବ ହୁଏ । ଭକ୍ତର ଗାଳି ମଧ୍ୟ ସେ ହସି ହସି ଗ୍ରହଣ କରନ୍ତି । ଅହଂକାରୀ ଲୋକ ଅପେକ୍ଷା ଗାଳି ଦେଉଥିବା ଭକ୍ତର ସେ ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି । ଭକ୍ତର ଗାଳି ଓ ଫୁଲମାଳ ତାଙ୍କ ନିକଟରେ ସମାନ ହୋଇଥାଏ । ଭାବକୁ ସେ ଗ୍ରହଣ କରନ୍ତି ବୋଲି ତାଙ୍କ ନାମ ଭାବଗ୍ରାହୀ । ଭାବକୁ ନିକଟ ସେ ଅଭାବକୁ ଦୂର । ଭକ୍ତିରେ ପତ୍ର, ପୁଷ୍ପ, ଫଳ ଓ ଜଳ ଯିଏ ଯାହା ଅର୍ପଣ କରେ, ସେ ତାହା ଆଗ୍ରହରେ ଗ୍ରହଣ କରନ୍ତି । କରମା ବାଈଙ୍କର ଖେଚେଡ଼ି, ସୁଦାମାଙ୍କର ଖୁଦଭଜା ଏବଂ ଦାସିଆଙ୍କର ନଡ଼ିଆ ସେ ଆଗ୍ରହରେ ଗ୍ରହଣ କରିଥିଲେ । କାରଣ ସେଥିରେ ଅହମିକା ନଥିଲା ବରଂ ଥିଲା ଭାବର ଅମୃତସ୍ପର୍ଶ । ସବୁଧର୍ମ ଓ ଦର୍ଶନରେ ନିଜକୁ ଏବଂ ନିଜ ଭିତରେ ସବୁଧର୍ମ ଓ ଦର୍ଶନକୁ ପ୍ରକଟ କରିବାର ଗୌରବରେ ଜଗନ୍ନାଥ ଧର୍ମ ଓ ଦର୍ଶନ ଗୌରବାନ୍ୱିତ ହୋଇ ଅସୀମ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଆସିଛି । ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ଯାହାଙ୍କଠାରେ ସବୁ ସଂପ୍ରଦାୟର ଦେବତା ନିଜକୁ ପ୍ରକାଶ କରିପାରନ୍ତି । ନୀଳାଚଳ କ୍ଷେତ୍ର ସମଗ୍ର ଭାରତ ବର୍ଷରେ ଏକ ମାତ୍ର କ୍ଷେତ୍ର ଯାହାକୁ ମହାମିଳନ ପୀଠ ଭାବରେ ଅଭିହିତ କରାଯାଇପାରେ । ଯେଉଁ ଚେତନା ଯୋଗୁଁ ଏତେ ପ୍ରଶସ୍ତ ଓ ପରିବ୍ୟାପ୍ତ ହୋଇଛି ଜଗନ୍ନାଥ ଚେତନା, ତାହା ହେଉଛି ସମନ୍ୱୟ ଚେତନା । ନିଜକୁ ଅନ୍ୟଠାରେ ଅନ୍ୟକୁ ନିଜଠାରେ ଅନୁଭବ କରିବାର ପ୍ରଶାନ୍ତ ବିଶାଳତା ଏଥିରେ ରହିଛି ବୋଲି ଏହାର ଖ୍ୟାତି ହୋଇଛି ସୁଦୂରପ୍ରସାରୀ । ଜଗନ୍ନାଥ ଦର୍ଶନ କହିଲେ ରତ୍ନସିଂହାସନାସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କର ଓ ଦର୍ଶନକୁ ବୁଝାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକତ୍ର ଅବସ୍ଥିତି, ଆଙ୍ଗିକ ରଙ୍ଗ ଶୋଭା, ସେବାପୂଜା ଇତ୍ୟାଦିରେ ଏହି ସମନ୍ୱୟ ଚେତନା ମୂର୍ତ୍ତିମନ୍ତ ହେଲାପରି ମନେହୁଏ । ଶ୍ରୀଜଗନ୍ନାଥଙ୍କୁ ରାଜା ଭାବରେ ଓ ଜଗନ୍ନାଥ କ୍ଷେତ୍ରକୁ କ୍ଷେତ୍ରରାଜ ଭାବରେ ପରିକଳ୍ପନା କରାଯାଇ କୁହାଯାଏ ।

'ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂସର୍ବ ଦେବାନଂ ରାଜା ଶ୍ରୀପୁରୁଷୋତ୍ତମଃ ।'

କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ ବ୍ୟାବାହାରିକ ଦିଗରୁ ଉକ୍ତ ସମନ୍ୱୟ ବାଦୀ ଚିନ୍ତା ଓ ଚେତନା ଆଜିର ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଛି । ସମନ୍ୱୟ ଆଜିର ବିଶ୍ୱ ସମସ୍ୟାର ସମାଧାନର ଚାବିକାଠି ବୋଲି କହିବା ଯଥାର୍ଥ । ଏହି ଚେତନାକୁ ଜଗନ୍ନାଥ ଦର୍ଶନ ନିରବଚ୍ଛିନ୍ନ ଭାବେ ସମୟରୁ ସମୟକୁ ପ୍ରଚାର କରିଚାଲିଛି । ଆଜି ବିଶ୍ୱ ଜୀବନଧାରାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହାୟତା, ହିଂସା ଓ ଘୃଣା ବିଶ୍ୱଜୀବନକୁ ଶାସନ

କରୁଛି । ଦେଶ ଦେଶ ଭିତରେ ଧର୍ମ ଧର୍ମ ଭିତରେ, ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ଅସହିଷ୍ଣୁତା ମାନବ ଜାତିକୁ ବେଳକୁ ବେଳ ଧ୍ୱଂସମୁଖୀ କରାଉଛି । ମଣିଷର ଗଣତି ସଂଖ୍ୟା ବଢ଼ିଛି ମାତ୍ର ମାନବିକ ମୂଲ୍ୟବୋଧ ଦିନକୁ ଦିନ କମିଯାଉଛି । ପାରମ୍ପରିକ ଏକତା, ଆନ୍ତରିକତା, ସହାନୁଭୂତି କ୍ରମଶଃ ସୁଦୂର ପରାହତ ଓ ବିପର୍ଯ୍ୟସ୍ତ ହୋଇ ବିଶ୍ୱଜୀବନରେ ଘନୀଭୂତ ଗ୍ଲାନି ଓ ମ୍ଳାନିମା ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ନ ହୋଇଛି ତାହା ନୁହେଁ, ମାତ୍ର ସେ ପ୍ରଚେଷ୍ଟା ଦ୍ୱାରା ସମସ୍ୟାର ସମାଧାନ ହୋଇନାହିଁ । ଏ ପ୍ରଚେଷ୍ଟା ରାଜନୀତିର ପରିବର୍ତ୍ତନ, ନୂତନ ଅର୍ଥନୀତିର ଅନୁବର୍ତ୍ତନ, ସମାଜନୀତିର ପ୍ରବର୍ତ୍ତନକୁ ଭିତ୍ତିକରି ସଂଗଠିତ ହୋଇ ଫଳପ୍ରସୂ ହୋଇନାହିଁ । ଭୌତିକ ସମ୍ପତ୍ତିର ସମବଣ୍ଟନ ଗୋଟିଏ ଦେଶରେ ଶାନ୍ତି, ସଂହତି ଓ ଯଥାର୍ଥ ପ୍ରଗତି ଆଣିପାରିବ ନାହିଁ, ଏହା ମଧ୍ୟ କେତେକ ଦେଶରେ ପରୀକ୍ଷିତ ହୋଇ ପ୍ରମାଣିତ ହୋଇସାରିଛି । ସାମାଜିକ ଚଳଣିରେ ଆବଶ୍ୟକୀୟ ପରିବର୍ତ୍ତନ ଆସିଗଲେ ବିଶ୍ୱଶାନ୍ତି ଯେ ଆସିଯିବ ଏପରି ମଧ୍ୟ ନୁହେଁ । ସବୁ ଧର୍ମକୁ ମିଶାଇ ବା ସବୁଧର୍ମରୁ ସାର ସଂଗ୍ରହ କରି ଗୋଟିଏ ଧର୍ମ ପ୍ରବର୍ତ୍ତନ କଲେ ଶାନ୍ତି ଆସିଯିବ ତାହା ଆଶା କରିବା ବୃଥା । ସବୁଭାଷାରୁ କିଛି କିଛି ଶବ୍ଦ ନେଇ ଗୋଟିଏ ଭାଷା ଗଠନ କଲେ ଏବଂ ସେହି ଭାଷାକୁ ପ୍ରଚଳନ କଲେ ବିଶ୍ୱ ଜୀବନରେ ଶାନ୍ତି ଓ ସଂହତି ପ୍ରତିଷ୍ଠିତ ହେବ ନାହିଁ । ସବୁଧର୍ମ ରହିଲେ କିଛି କ୍ଷତି ନାହିଁ, କେବଳ ଧର୍ମ ଧର୍ମ ଭିତରେ ମର୍ଯ୍ୟାଦାବୋଧ ଓ ସହନଶୀଳତା ରହିବା ଆବଶ୍ୟକ । ସବୁଭାଷା, ଚଳଣି, ଦର୍ଶନ ରହିଲେ କିଛି କ୍ଷତି ନାହିଁ, କେବଳ ଭାଷା ଭାଷା ଭିତରେ, ଚଳଣି ଚଳଣି ଭିତରେ, ଦର୍ଶନ ଦର୍ଶନ ଭିତରେ ସହିଷ୍ଣୁତା ରହିବା ଏକାନ୍ତ ଆବଶ୍ୟକ । ଏସବୁ ସମ୍ଭବ ହେବ ଗୋଟିଏ ଚେତନା ଦ୍ୱାରା ତାହା ହେଉଛି ସମନ୍ୱୟ ଚେତନା ଯାହାର ମୂଳଉସ ଭାବରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ଭୂମି ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚେତନା ସ୍ତରରେ ସମନ୍ୱୟ ଭାବନା ଆସିଗଲେ ସମଗ୍ର ମାନବ ଜାତିର ସମସ୍ୟା ସୁବିଧାରେ ଓ ସହଜରେ ସମାହିତ ହୋଇଯିବ । ଦୂର ଅତୀତରୁ ଜଗନ୍ନାଥଙ୍କଠାରେ ସମନ୍ୱୟ ଭାବନା ପ୍ରକଟିତ ହୋଇ ଆସୁଛି ଯାହା ଆଜିର ଏକାନ୍ତ ଧ୍ୟେୟ ବୋଲି ଗୃହୀତ ।

ସମନ୍ୱୟ ନୀତି ବଳରେ ଜଗନ୍ନାଥ ଭାରତରେ ପ୍ରଚଳିତ ବହୁ ସଂପ୍ରଦାୟର ଦେବତାଙ୍କର ସୂକ୍ଷ୍ମ ଚେତନାକୁ ନିଜଠାରେ ମୂର୍ତ୍ତ କରିଛନ୍ତି । ଓଡ଼ିଆ ସାହିତ୍ୟର ଆଦିକବି, ଆତ୍ମଜ୍ଞାନୀ କବି ସାରଳା ଦାସ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବୋଲି ପରିକଳ୍ପନା କରିଛନ୍ତି, ତାଙ୍କ ଭାଷାରେ -

'ପୀତ କୁଙ୍କୁମ ବରନ ସେହି ବ୍ରହ୍ମମୂର୍ତ୍ତି
ଡାହାଣେ ଶୁକଳ ବର୍ଣ୍ଣ ମହାଦେବ ଜ୍ୟୋତି
ରୂପରେ ତ ଜଗନ୍ନାଥ ବର୍ଣ୍ଣ ଅଟେ କଳା
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ଦେବ ମେଳା ।'

କବି ବଳରାମ ଦାସ ତାଙ୍କ 'ବେଦାନ୍ତ ସାର ଗୁପ୍ତ ଗୀତା' ଗ୍ରନ୍ଥରେ ଜଗନ୍ନାଥଙ୍କୁ ସମସ୍ତ ଅବତାରର ସ୍ରଷ୍ଟା ବୋଲି ଅଭିହିତ କରିଛନ୍ତି । ତାଙ୍କ ଭାଷାରେ -

'ସର୍ବଦା ନୀଳାଦ୍ରିରେ ସ୍ଥିତି, ଏଥୁ ସକଳ ଜାତ ହୋନ୍ତି
ସମସ୍ତ ଅବତାରମାନ ଜାତ ହୋଇଣ ପଶେପୁଣ ।'

ଶ୍ରୀକ୍ଷେତ୍ର ଯେ ସର୍ବ ଶ୍ରେଷ୍ଠ କ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ଯେ ସର୍ବଶ୍ରେଷ୍ଠ ଦେବତା ଏକଥା ବହୁ କବି ଉଦ୍‌ଘୋଷଣା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ନାଭିକମଳରୁ ବ୍ରହ୍ମା ଜାତ ହେଲେ ବୋଲି ମହାଦେବ ଦାସ ସ୍ୱରଚିତ 'ନୀଳାଦ୍ରି ମହୋଦୟ' ପୁରାଣରେ ଉଲ୍ଲେଖ କରିଛନ୍ତି । ଭକ୍ତକବି ଦୀନକୃଷ୍ଣ ଦାସ ତାଙ୍କର ରସକଲ୍ଲୋଳ ଗ୍ରନ୍ଥରେ ଜଗନ୍ନାଥଙ୍କୁ ଅବତାରୀ ଭାବରେ ପରିକଳ୍ପନା କରି କହିଛନ୍ତି -

'କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ ।'

ଚତୁର୍ଦ୍ଧାମୂର୍ତ୍ତି ଯେ ଏକ ବିଷ୍ଣୁଙ୍କର ଚାରିଗୋଟି ରୂପ ଏକଥା ବହୁ ପୁରାଣରେ ଉଲ୍ଲେଖ କରାଯାଇଛି । ବହୁ ପୂର୍ବେ ଭାରତରେ ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ମତାନ୍ତର ଥିଲା । ବ୍ରହ୍ମ ପୁରାଣ ଅନୁସାରେ ପୁରୁଷୋତ୍ତମ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ଭାବରେ ପ୍ରତିଷ୍ଠା ଅର୍ଜନ କରିବାରୁ ଶୈବମାନେ ମର୍ମାହତ ହେବା ଭୟରେ ପ୍ରଳୟ କାଳରେ ମାର୍କଣ୍ଡେୟ ମୁନି ବିଷ୍ଣୁଙ୍କ ପ୍ରାର୍ଥନା କରିବା ଫଳରେ ପ୍ରାର୍ଥନାର ଉତ୍ତର ସ୍ୱରୂପ ଭଗବାନ ମାର୍କଣ୍ଡେୟଙ୍କୁ କହିଥିଲେ ଯେ ନୀଳାଚଳ ଧାମରେ ହରିହର ପୂଜାର ଏକତ୍ର ସମାବେଶ ଘଟିବ । ଫଳରେ ଶ୍ରୀମନ୍ଦିରରେ ଜଗନ୍ନାଥ କୃଷ୍ଣ ରୂପରେ ଓ ବଳଭଦ୍ର ଶିବ ରୂପରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ଜଣାଯାଏ । ପୁନଶ୍ଚ ଏକଥା ମଧ୍ୟ ଜଣାଯାଏ ଯେ ଅତୀତରେ ଶୈବ, ଶାକ୍ତ ଓ ବୈଷ୍ଣବ ସଂପ୍ରଦାୟ ମଧ୍ୟରେ ମତାନ୍ତର ଥିଲା । ଶ୍ରୀକ୍ଷେତ୍ରରେ ଅର୍ଥାତ୍ ଶ୍ରୀମନ୍ଦିରର ରତ୍ନସିଂହାସନରେ ତିନି ସଂପ୍ରଦାୟର ସମନ୍ୱୟ ହେବା ଫଳରେ ସ୍ଥାୟୀ ଭାବରେ ସେଠାରେ ବଳଭଦ୍ର ଶିବ ଭାବରେ, ସୁଭଦ୍ରା ବ୍ରହ୍ମା ରୂପରେ ଓ ଜଗନ୍ନାଥ ବିଷ୍ଣୁ ରୂପରେ ପୂଜା ପାଉଛନ୍ତି । ସୁଦର୍ଶନ ସୂର୍ଯ୍ୟଙ୍କ ପ୍ରତୀକ ଭାବରେ ପରିକଳ୍ପିତ ହୋଇଥିବାରୁ ସୌରମାନଙ୍କର ମତବାଦର ସମନ୍ୱୟ ମଧ୍ୟ ଘଟିଛି ।

କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ପ୍ରଥମେ ଶବର ଦେବତା ନୀଳମାଦବ ଭାବରେ ପୂଜିତ ହେଉଥିଲେ । ବିଦ୍ୟାପତିଙ୍କ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର ସନ୍ଧାନ କରାଇଥିଲେ । ବିଦ୍ୟାପତି ଓ ଲଳିତାଙ୍କର ବିବାହରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟ ଘଟିଥିଲା । ଏହି ସମନ୍ୱୟକୁ ଯଥାମାନ୍ୟ ଦେବା ପାଇଁ ସମନ୍ୱୟର ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବିଦ୍ୟାପତି ଓ ଲଳିତାଙ୍କର ବଂଶଧରଙ୍କୁ ଠାକୁରଙ୍କ ସେବାପୂଜାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଆଯାଇଛି । ସେହି

ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଦାରୁ ରୂପରେ ବାଙ୍କି ମୁହାଣରେ ଆବିର୍ଭୁତ ହେଲେ ଏବଂ ତହିଁରୁ ମୂର୍ତ୍ତିମାନ ଗଠିତ ହେଲା ବୋଲି ଜନଶ୍ରୁତି ରହିଛି । ଅତଏବ ଏକଥା ସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ଆର୍ଯ୍ୟ ଅନାର୍ଯ୍ୟ ଉଭୟ ସଂସ୍କୃତିର ସମନ୍ୱିତ ଭିତ୍ତି ଉପରେ ପ୍ରତିଷ୍ଠିତ ପରିବ୍ୟାପ୍ତ । ଦଇତାପତିମାନେ ନବକଳେବର, ରଥଯାତ୍ରା ଏବଂ ଅଣସର ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସେବା ପୂଜାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ।

ଜଗନ୍ନାଥ ଦାସ ତାଙ୍କର ବଟ ଅବକାଶ ଗ୍ରନ୍ଥରେ ଜଗନ୍ନାଥ ଯେ ସମନ୍ୱୟର ଦେବତା ଏକଥା ଉଲ୍ଲେଖ କରିଛନ୍ତି । ସେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଶିବ, ବିଷ୍ଣୁ ଓ ଦୁର୍ଗା ରୂପରେ ପରିକଳ୍ପନା କରିଛନ୍ତି । ମରହଟ୍ଟା ଯୁଗର ଓଡ଼ିଆ କବି ପୀତାମ୍ବର ଦାସ ସ୍ୱରଚିତ ନୃସିଂହ ପୁରାଣ ଗ୍ରନ୍ଥରେ ଚାରିବୈଷ୍ଣବ ସଂପ୍ରଦାୟର ସମନ୍ୱୟ ଚିତ୍ର ଜଗନ୍ନାଥ ମନ୍ଦିରରେ ଦେଖିପାରିଛନ୍ତି । ଏକ ଜଗନ୍ନାଥଙ୍କ ନିକଟକୁ ଯିବାକୁ ଯେପରି ଚାରିଗୋଟି ଦ୍ୱାରରେ ଚାରିଗୋଟି ମାର୍ଗ, ଏକ ଭଗବତ ସତ୍ତା ନିକଟକୁ ଚାରି ବୈଷ୍ଣବ ସଂପ୍ରଦାୟ ସେପରି ଚାରିଗୋଟି ମାର୍ଗ ବୋଲି ସେ ସୂଚନା ଦେଇ କହିଛନ୍ତି -

‘ଚାରି ସଂପ୍ରଦାୟଙ୍କ ନଥାଇ ହୃଦେଚ୍ଛନ୍ଦ
ନଜାଣିଣ ପାପୀଜନେ କରୁଥାନ୍ତି ଦ୍ୱନ୍ଦ
ଶ୍ରୀବୈକୁଣ୍ଠ ମୋହର ଚାରିଦ୍ୱାର ସରି
ଯେ ଯେଉଁ ଦ୍ୱାରେ ସେବିଲେ ଏକା ନରହରି ।’

ଜଗନ୍ନାଥଙ୍କ ଚକାଡୋଳାରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଅବତାରଣା କରିଛନ୍ତି ପଞ୍ଚସଖା ଯୁଗର ସାହିତ୍ୟ ସାଧକମାନେ । ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଯେ ଅନିର୍ବଚନୀୟ ଏକଥା କେତେକ ପୁରାଣ ପୃଷ୍ଠାରେ ଉପସ୍ଥାପିତ । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ‘ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତଚାପି ସୁଦୁର୍ଲ୍ଲଭମ୍’ ଅର୍ଥାତ୍ ଏ କ୍ଷେତ୍ରର ମାହାତ୍ମ୍ୟ ସହଜରେ ଜଣାଯାଏ ନାହିଁ ।

ତନ୍ତ୍ର ମତବାଦର ପ୍ରଚାର ଓ ପ୍ରସାର ଭାରତରେ ବହୁଳ ଭାବରେ ଦେଖିବାକୁ ମିଳେ । ଜଗନ୍ନାଥଙ୍କଠାରେ ତନ୍ତ୍ରବାଦର ଆରୋପ ମଧ୍ୟ କରାଯାଇଛି । ତନ୍ତ୍ରମତରେ ଜଗନ୍ନାଥଙ୍କୁ ମହାକାଳ ଭୈରବ ରୂପେ ପୂଜା କରାଯାଏ । ‘ହେ ବଜ୍ରତନ୍ତ୍ର’ ଗ୍ରନ୍ଥରୁ ଜଣାଯାଏ ଯେ ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ ।

କୃଷ୍ଣ ରୂପରେ ଜଗନ୍ନାଥଙ୍କୁ ଦେଖିବାର ଧାରା ଓ ପରମ୍ପରା ଓଡ଼ିଶାରେ ତଥା ଭାରତବର୍ଷରେ ବହୁ ପ୍ରାଚୀନ ଓ ପ୍ରତିଷ୍ଠିତ । ଦ୍ୱାଦଶ ଶତାବ୍ଦୀରେ ରଚିତ ଗୀତଗୋବିନ୍ଦ ଗ୍ରନ୍ଥରେ କବି ଜୟଦେବ ଜଗନ୍ନାଥଙ୍କୁ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଭାବରେ ଗ୍ରହଣ କରିଛନ୍ତି ।

ପଞ୍ଚସଖା ସାଧକ ଅଚ୍ୟୁତାନନ୍ଦ ଦାସ ଦଶାକ୍ଷରୀ ମନ୍ତ୍ର ‘ଗୋପୀଜନ ବଲ୍ଲଭାୟ ନମଃ’ ପ୍ରୟୋଗପୂର୍ବକ ଘୋଷଣା କଲେ ଯେ ଜଗନ୍ନାଥ ହିଁ ଶ୍ରୀକୃଷ୍ଣ । ଏବେ ମଧ୍ୟ ଗୋପୀଜନ ବଲ୍ଲଭାୟ ଶବ୍ଦ ତାଙ୍କ ପୂଜାମନ୍ତ୍ରରେ ବ୍ୟବହୃତ ହେଉଛି । ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ରାୟରାମାନନ୍ଦ କହିଲେ ଯେ ଜଗନ୍ନାଥ ହେଉଛନ୍ତି କୃଷ୍ଣ । ହରେ ରାମକୃଷ୍ଣ ମନ୍ତ୍ରସ୍ଥ ରାମ ଶବ୍ଦ ରାଧା ଭାବ ଓ କୃଷ୍ଣ ଭାବର ସମନ୍ୱିତ ଭାବର ଦ୍ୟୋତକ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଜଗନ୍ନାଥଙ୍କୁ ରାମ ଉପାସକ ଭକ୍ତମାନେ ରାମ ଭାବରେ ଗ୍ରହଣ କରିଥାନ୍ତି । ରାମ, ଲକ୍ଷ୍ମଣ, ସୀତାଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କଠାରେ ସେମାନେ ଦର୍ଶନ କରିଥାନ୍ତି । ସନ୍ଥ ତୁଳସୀ ଦାସ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କୁ ଦେଖି ରାମ, ଲକ୍ଷ୍ମଣ, ସୀତା ଭାବରେ ଗ୍ରହଣ କରି ଅଭିଭୂତ ହୋଇ ପଡ଼ିଥିଲେ । ପୌଷ ପୂର୍ଣ୍ଣିମା ତିଥିରେ ପୁଷ୍ୟାଭିଷେକ ଯାତ୍ରା ଅବକାଶରେ ତ୍ରିମୂର୍ତ୍ତି ଏବେ ମଧ୍ୟ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରୁଛନ୍ତି । ବଳରାମ ଦାସ, ଶ୍ରୀଜଗନ୍ନାଥଙ୍କୁ ରାମଚନ୍ଦ୍ର ଭାବରେ ପରିକଳ୍ପନା କରିଛନ୍ତି । ଏବେ ମଧ୍ୟ ମିଥିଳା ଓ ଅଯୋଧ୍ୟାରୁ ଆସୁଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଅଯୋଧ୍ୟା ପୁରୀ ଓ ଗୁଣ୍ଡିଚାବାଡ଼ିକୁ ଜନକ ପୁରୀ ରୂପରେ ବିଚାର କରିଥାନ୍ତି ।

ବୌଦ୍ଧ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଦେଖି ତାଙ୍କଠାରେ ବୁଦ୍ଧତ୍ୱ ଆରୋପ କରିଥାନ୍ତି, ଜଗନ୍ନାଥଙ୍କ ନାଭିକମଳରେ ବୁଦ୍ଧ ଦେବଙ୍କ ଦାନ୍ତ ରହିଛି ବୋଲି ଜନଶ୍ରୁତି ରହିଛି । ବୌଦ୍ଧମାନେ ତ୍ରିମୂର୍ତ୍ତିଙ୍କୁ ବୁଦ୍ଧ, ସଂଘ ଓ ଧର୍ମର ପ୍ରତୀକ ରୂପରେ ଗ୍ରହଣ କରନ୍ତି । ବର୍ଷାରମ୍ଭ ପରେ ବୁଦ୍ଧ ମୂର୍ତ୍ତି ରଥରେ ବସି ପରିକ୍ରମା କରିବାର ପ୍ରଥାରୁ ବର୍ଷା କାଳରେ ହେଉଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୃଷ୍ଟି ବୋଲି କେତେକ ଆଲୋଚକ ମତ ଦିଅନ୍ତି । ପୁରୀ ଶବ୍ଦ ଦନ୍ତପୁରୀ ଶବ୍ଦରୁ ଆସିଛି ବୋଲି ମଧ୍ୟ କୁହାଯାଏ । ଓଡ଼ିଆ ସାହିତ୍ୟର ଆଦିକବି ଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ପରିକଳ୍ପନା କରି ସ୍ୱରଚିତ ମହାଭାରତ ଗ୍ରନ୍ଥର ବିରାଟ ପର୍ବରେ କହିଛନ୍ତି -

‘ମହୋଦଧି ତୀରେ ବଡ଼ ଦେଉଳରେ ବସି
ଦରିଦ୍ରମାନଙ୍କ ଦୁଃଖ ଦେଉ ଅଛ ଧ୍ୱଂସି
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ଉଦ୍ଧାର ।’

ଜୈନମାନେ ଜଗନ୍ନାଥଙ୍କୁ ନିଜର ଦେବତା ଜ୍ଞାନ କରନ୍ତି । ସେମାନଙ୍କ ବିଚାରରେ ଜୀନନାଥ ଶବ୍ଦରୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି । ଜୈନ ସାଧକମାନଙ୍କୁ କେବଳୀ କୁହାଯାଏ । କେବଳୀ ଶବ୍ଦରୁ ଜଗନ୍ନାଥଙ୍କର କୈବଲ୍ୟ ଶବ୍ଦ ସୃଷ୍ଟି ହୋଇଛି ବୋଲି କେତେକ ଆଲୋଚକ ମତ ଦିଅନ୍ତି ।

ଶ୍ରୀଜଗନ୍ନାଥଙ୍କ ସେବକ ସଂପ୍ରଦାୟକୁ ବିଚାର କଲେ ଜଣାଯାଏ ଯେ ଜଗନ୍ନାଥଙ୍କ ସେବାପୂଜା ବହୁ ସଂପ୍ରଦାୟର ସମନ୍ୱୟରେ ହିଁ ସମାହିତ

ହୁଏ । ଜନଶ୍ରୁତି ଅଛି ଯେ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସେବାରେ ଛତିଶ ପ୍ରକାର ସେବକ ଅଛନ୍ତି । କିନ୍ତୁ ପ୍ରକୃତରେ ସେବକ ସଂପ୍ରଦାୟର ସଂଖ୍ୟା ଛତିଶରୁ ଅଧିକ । ୧୮୦୭ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଗ୍ରୋମ ସାହେବ ଯେଉଁ ରିପୋର୍ଟ ଦାଖଲ କରିଥିଲେ, ସେଥିରେ ସେବକ ସଂପ୍ରଦାୟର ସଂଖ୍ୟା ୨୫୦ ଥିବାର ଜଣାଯାଏ । ଗଜପତି ମହାରାଜା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ । ମନ୍ଦିରରେ ତାଙ୍କ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରଥଯାତ୍ରା ବେଳେ ରଥରେ ଛେରା ପହଁରା କାର୍ଯ୍ୟ ତାଙ୍କର ଅତି ମହତ୍ୱପୂର୍ଣ୍ଣ । ତାଙ୍କ ବ୍ୟତୀତ ଅନ୍ୟାନ୍ୟ ସେବକମାନଙ୍କ ମଧ୍ୟରେ ମୁଦିରଥ ରାଜାଙ୍କ ଅନିବାର୍ଯ୍ୟ କାରଣ ଜନିତ ଅନୁପସ୍ଥିତିରେ ରଥରେ ଛେରାପହଁରା କାର୍ଯ୍ୟ କରିଥାନ୍ତି । ଏହାବ୍ୟତୀତ ପ୍ରତିଦିନର ନୀତିଗତି ଭିତରେ ଭିତର ଛୋ ମହାପାତ୍ର ଦ୍ୱାର ଫିଟାନୀତି କରନ୍ତି, ସର୍ବପ୍ରଥମେ ମନ୍ଦିର ପ୍ରବେଶ କରି ଶାଢ଼ୀ ବନ୍ଧା ନୀତି କରିବା ସହିତ ଅମୁଣିଆ ପରୀକ୍ଷା କରି ଦେଖନ୍ତି । ତଳିଛୋ ମହାପାତ୍ରଙ୍କର ରୋଷ ଉପରେ କର୍ତ୍ତୃତ୍ୱ ଅଧିକ ଥାଏ । ଭଣ୍ଡାରମେକାପ ସଂପ୍ରଦାୟ ସଂହାସନାସୀନ ଦେବତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅଳଙ୍କାରାଦି ବସ୍ତୁ ଭଣ୍ଡାର ଘରୁ ବାହାର କରିଥାନ୍ତି । ପୂଜକ, ପୂଜାପଣ୍ଡା ଓ ବଡ଼ପଣ୍ଡା ପୂଜା କରିବାର ଦାୟିତ୍ୱ ନେଇଥାନ୍ତି । ସିଂହାରୀ ଓ ପଶୁପାଳକ ଠାକୁରମାନଙ୍କୁ ବେଶ କରି ଦିଅନ୍ତି ଓ ଫୁଲ ଲାଗି କରନ୍ତି । ଗରାବଡୁ ଯୋଗାନ୍ତି ପୂଜା ଅବସରରେ ଜଳ । ପତ୍ର ବଡୁ ଦିଅନ୍ତି ପୂଜାର ଅନ୍ୟାନ୍ୟ ଉପକରଣ । ଶଙ୍ଖୁଆ ବଜାନ୍ତି ଶଙ୍ଖ, ମାଦେଳୀ ବଜାନ୍ତି ମାଦଳ । କାହାଳିଆ ବିଜେ କାହାଳୀ ବଜାଇ ପରିବେଶରେ ଆନନ୍ଦ ଓ ତଲ୍ଲୀନଭାବ ଭରି ଦିଅନ୍ତି । ବୀଣାକାର ଠାକୁରଙ୍କ ପହଡ଼ ପୂର୍ବରୁ ବୀଣା ବଜାନ୍ତି । ଦଇତାମାନେ ନବକଳେବର, ରଥଯାତ୍ରା ଓ ଅଣସର ବେଳେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରନ୍ତି ଜଗନ୍ନାଥଙ୍କ ସେବା କାର୍ଯ୍ୟରେ । ପାଣିଆପଟ ଦିନସାରା ମନ୍ଦିରରେ ଆବଶ୍ୟକୀୟ ପାଣି ଯୋଗାନ୍ତି । ବଳିତା ସେବକ ଦିଅନ୍ତି ବଳିତା, ମାଳିଆ ସୁଆସିଆଁ ଯୋଗାନ୍ତି କାଠର ପିଢ଼ା । ଘଟୁଆରୀ ଦୈନିକ ନୀତି ନିମନ୍ତେ ଅଁଳା, ଚନ୍ଦନ ଓ ମହାଦୀପ ଯୋଗାଇଥାନ୍ତି । ରଥ ଭୋଇ ରଥ କାର୍ଯ୍ୟ କରିଥାନ୍ତି । ଚିତ୍ରକାର ଓ ରୂପକାରମାନେ ରଥପାଇଁ ନିର୍ମାଣ କରିଥାନ୍ତି ପ୍ରତିମା ଓ ପ୍ରତିମାର କେତେକ ଚିତ୍ର । ଅଣସର ବେଳେ ଠାକୁରଙ୍କୁ ପାଚନ ଦେଇଥାନ୍ତି ବୈଦ୍ୟ । ଏହାଛଡ଼ା ଆହୁରି ଅନେକ ସେବକ ସଂପ୍ରଦାୟ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ନିଯୁକ୍ତ ହୋଇଥାନ୍ତି । ସମସ୍ତଙ୍କର ସହଯୋଗରେ ଠାକୁରଙ୍କ ସେବା କାର୍ଯ୍ୟ ସମାହିତ ହୁଏ । ବିଭିନ୍ନ ସଂପ୍ରଦାୟର କାର୍ଯ୍ୟ ଦକ୍ଷତାର ସମନ୍ୱୟରେ ପ୍ରଭୁଙ୍କ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୁଏ ।

ଶ୍ରୀଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଅନାର୍ଯ୍ୟ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ସମ୍ୟକ ସମନ୍ୱୟ ଦେଖାଯାଏ । ଏହି ସମନ୍ୱୟ ଚେତନା ଯୋଗୁଁ ଯୁଗେ ଯୁଗେ ବହୁ ଗବେଷକ, ସାଧକ, ଭକ୍ତ, ଦାର୍ଶନିକ ଓ ପରିବ୍ରାଜକ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ମତକୁ ଆଶ୍ରୟ କରିଥିବା ବିଶିଷ୍ଟ ଦେବତା । ଏହି ପରିପ୍ରେକ୍ଷୀରେ ଦ୍ୱାଦଶ ଶତାବ୍ଦୀର କବି ଉଦୟନାଚାର୍ଯ୍ୟଙ୍କ ଉକ୍ତି ସ୍ମରଣକୁ ଆସେ -

‘ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନଃ
ବୌଦ୍ଧଃ ବୁଦ୍ଧି ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନ ଶାସନ ରତାଃ କର୍ମେତି ମୀମାଂସକାଃ
ସୋ[illegible]ଂ ବଃ ବିଦ୍‌ଧାତୁ ବାଞ୍ଛିତ ଫଳଂ ତ୍ରୈଲୋକ୍ୟ ନାଥ ହରିଃ ।’

ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ଼, ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଶିଖ ପ୍ରଭୃତି ବହୁ ଦର୍ଶନରେ ପରିପୁଷ୍ଟ ହୋଇଛି ଜଗନ୍ନାଥ ଦର୍ଶନ । ସମନ୍ୱୟ ଚେତନା ବଳରେ ଏହା ସମ୍ଭବ ହୋଇଛି । ଶବର ବିଶ୍ୱାବସୁ, ବୈଷ୍ଣବ ଇନ୍ଦ୍ରଦ୍ୟୁମ୍ନ ବୌଦ୍ଧ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ସନକ ସଂପ୍ରଦାୟର ନିମ୍ବାର୍କଚାର୍ଯ୍ୟ, ଶୁଦ୍ଧ ଭକ୍ତିବାଦୀ ଶ୍ରୀଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଶିଖ ଗୁରୁନାନକ, ଯବନ ହରିଦାସ, ମହାପୁରୁଷ କବୀର, ଗାଣପତ୍ୟ ଗଣପତିଭଟ୍ଟ, ରାମ ପ୍ରେମୀ ସନ୍ଥ ତୁଳସୀ ଦାସ ଇତ୍ୟାଦି ବିଶିଷ୍ଟ ଆଚାର୍ଯ୍ୟଗଣ ଜଗନ୍ନାଥଙ୍କୁ ନିଜ ନିଜ ଦର୍ଶନର କଷଟି ପଥରରେ କଷି ଶେଷରେ ଆପଣାର କରି ନେଇଛନ୍ତି । ବୌଦ୍ଧମାନଙ୍କ ପାଇଁ ସେ ବୁଦ୍ଧ, ଜୈନମାନଙ୍କ ଜୀନଦେବ, ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ, ଶୈବମାନଙ୍କ ପାଇଁ ପରମ ଶିବ, ଶାକ୍ତମାନଙ୍କ ପାଇଁ ଦକ୍ଷିଣ କାଳିକା, ସୌରମାନଙ୍କ ପାଇଁ ସୂର୍ଯ୍ୟ, ଗାଣପତ୍ୟମାନଙ୍କ ପାଇଁ ଗଣପତି ରୂପରେ ଆତ୍ମପ୍ରକାଶ କରିଛନ୍ତି । ଜଗନ୍ନାଥ ସଂସ୍କୃତି କୌଣସି ସୀମାରେ ଆବଦ୍ଧ ନୁହେଁ ବରଂ ଆକାଶ ପରି ତାହା ପରିବ୍ୟାପ୍ତ ଓ ସାଗର ପରି ଗଭୀର । ନଦୀଗୁଡ଼ିକ ଆସି ସମୁଦ୍ରରେ ମିଶିଲାପରି ଜଗନ୍ନାଥ ସଂସ୍କୃତିରେ ସବୁ ସଂସ୍କୃତି ଆସି ସମନ୍ୱିତ ହୋଇଛନ୍ତି । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଗଠନରେ ଶବର ପ୍ରଭାବ, ଉପାସନା ପଦ୍ଧତିରେ ଦ୍ରାବିଡ଼ ପ୍ରଭାବ, ପର୍ବପର୍ବାଣି ତଥା ଯାତ୍ରାନୁଷ୍ଠାନମାନଙ୍କରେ ପୁରାଣର ପ୍ରଭାବ ପରିଲକ୍ଷିତ ହୁଏ । ପୂଜାମନ୍ତ୍ରରେ ପ୍ରୟୋଗ ଓଁକୁ ବୈଦିକ ସଂସ୍କୃତିର ଚିହ୍ନ ଭାବରେ ଓ କ୍ଲୀଂ, ହ୍ରୀଂ, ଶ୍ରୀଂକୁ ତାନ୍ତ୍ରିକ ସଂସ୍କୃତିର ଚିହ୍ନ ଭାବରେ ଗ୍ରହଣ କରାଯାଏ । ଜଗନ୍ନାଥ ଦର୍ଶନରେ ସର୍ବତ୍ର ସମନ୍ୱୟ ହିଁ ଲକ୍ଷ୍ୟଣୀୟ । ମନେହୁଏ ଜଗନ୍ନାଥ ଚେତନା ଯେପରି ବିଶ୍ୱବ୍ୟାପ୍ତ ସମନ୍ୱୟ ଚେତନାର ସାର୍ଥକ ପ୍ରତିନିଧି ଓ ସୁରମ୍ୟ ପ୍ରତୀକ ।

ଶବରର ମେଣ୍ଢା ମୁଣ୍ଡିଆ ଖେଚେଡ଼ି ଅର୍ପଣ, ଜୈନର କୈବଲ୍ୟ, ଶୈବର ନିର୍ମାଲ୍ୟ, ଶାକ୍ତର ପଞ୍ଚମକାର ବ୍ରାହ୍ମଣର ମୁଦ୍ରାମଣ୍ଡଳ ମନ୍ତ୍ରପାଠ ସବୁ ମିଶି ଏକ ମର୍ଯ୍ୟାଦା ଆଣି ଦେଇଛି ଜଗନ୍ନାଥଙ୍କର ଉପାସନା ଧାରାକୁ । ଶ୍ରୀଜଗନ୍ନାଥ ବେଶଭୂଷା, ଅଳଙ୍କାର ପରିଧାନ, ଖାଦ୍ୟ ବ୍ୟବସ୍ଥା, ପର୍ବପର୍ବାଣି ଇତ୍ୟାଦିକୁ ଅନୁଧ୍ୟାନ କଲେ ସେ ଯେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ସଂପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି ଏହା ସହଜରେ

ଜଣାପଡ଼େ । ସେ ବହୁ ସଂପ୍ରଦାୟର ସମନ୍ୱିତ ଚେତନାର ପ୍ରତୀକ ହୋଇ ରହିଛନ୍ତି ନୀଳାଚଳ ଧାମରେ ଭକ୍ତ ଜନତାର କଲ୍ୟାଣ ନିମନ୍ତେ ଏଥିରେ ସନ୍ଦେହ ନାହିଁ । ବିଶ୍ୱ ପରିବାର ଗଠନ ନିମନ୍ତେ ସମନ୍ୱୟର ଯେଉଁ ଉପାଦାନ ଜଗନ୍ନାଥ ଚେତନାରେ ରହିଛି ତାହାର ପଟ୍ଟାନ୍ତର ନାହିଁ । ସମଗ୍ର ମାନବ ଜାତିର ଦେହର ରଙ୍ଗକୁ ଦୃଷ୍ଟିରେ ରଖି ଚତୁର୍ଦ୍ଧାମୂର୍ତ୍ତିଙ୍କର ବର୍ଣ୍ଣ ଯୋଜନା ହେଲାପରି ମନେହୁଏ । ଭାରତ, ଆଫ୍ରିକା, ଗ୍ରୀସ୍ ଓ ତୁର୍କି ଆଦି ସ୍ଥାନମାନଙ୍କର ଅଧିବାସୀମାନଙ୍କ ପରି ଶ୍ରୀଜଗନ୍ନାଥ ହୋଇଛନ୍ତି କୃଷ୍ଣବର୍ଣ୍ଣା । ୟୁରୋପ, ଆମେରିକାର ଅଧିବାସୀଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ବଳଭଦ୍ରଙ୍କର ବର୍ଣ୍ଣ, ଚୀନା ଓ ମଙ୍ଗୋଲିୟମାନଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ସୁଭଦ୍ରାଙ୍କ ବର୍ଣ୍ଣ । ଲୋହିତ ଭାରତୀୟଙ୍କ ପରି ସୁଦର୍ଶନ ଲୋହିତ ରଙ୍ଗରେ ରଞ୍ଜିତ ହୋଇ ଶୋଭା ପାଉଛନ୍ତି । ସମନ୍ୱୟର ଅନ୍ୟ ଏକ ପ୍ରମାଣ ଭାବରେ ବର୍ଣ୍ଣ ଯୋଜନାକୁ ଗ୍ରହଣ କରାଯାଇପାରେ ।

ଅସ୍ପୃଶ୍ୟତାକୁ ସାମାଜିକ କଳଙ୍କ କହି ତା'ର ଦୂରୀକରଣ ନିମନ୍ତେ ବହୁ ପ୍ରଚେଷ୍ଟା ଏବେ କରାଯାଉଥିବା ବେଳେ ବହୁପୂର୍ବରୁ ଜଗନ୍ନାଥ ସଂସ୍କୃତିରେ ଏଥିନିମନ୍ତେ ନିଆଯାଇଥିବା ପଦକ୍ଷେପ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରେ । ଶ୍ରୀୟା ଚାଣ୍ଡାଳୁଣୀ ଘରେ ମହାଲକ୍ଷ୍ମୀ ପ୍ରବେଶ କରିବା ଦ୍ୱାରା ଅସ୍ପୃଶ୍ୟତା ନିବାରଣ ନିମିତ୍ତ ଦୃଢ଼ ପଦକ୍ଷେପ ଜଗନ୍ନାଥ ସଂସ୍କୃତିରେ ଗ୍ରହଣ କରାଯାଇଛି । ଜଗନ୍ନାଥ ତ ଭାବଗ୍ରାହୀ ଭାବରେ ସେ ବନ୍ଧା । ଭକ୍ତର ଆଡମ୍ବର, ବଂଶ ମର୍ଯ୍ୟାଦା ଉପରେ ସେ ଗୁରୁତ୍ୱ ନଦେଇ ହୃଦୟର ଭାବ ଉପରେ ଗୁରୁତ୍ୱ ଦେଇଥାନ୍ତି । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଭେଦ ତାଙ୍କ ପାଖରେ ନାହିଁ । ସାତଶ ପଞ୍ଚାଶ କୋଶ ଦୂରରୁ ଭକ୍ତର ହୃଦୟର ଡାକ ସେ ଶୁଣି ପାରି ରଥକୁ ଟିକିଏ ଅଟକାଇ ଦେଇଥିଲେ ବଡ଼ଦାଣ୍ଡରେ । ସାଲବେଗଙ୍କର ସଂଗୀତ ପ୍ରଭୁଙ୍କ ପାଇଁ ଯେତିକି ଆକର୍ଷଣୀୟ ଦାସିଆ ବାଉରୀର ନଡ଼ିଆ ତାଙ୍କ ପାଇଁ ସେତିକି ଲୋଭନୀୟ । ମାଦଳାପାଞ୍ଜିର ରାଜଭୋଗ ବର୍ଣ୍ଣନା ଅନୁସାରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ତାଙ୍କ ନାଏବ ନାଜିମ ସୁଜା ଖାଁଙ୍କ କନ୍ୟାକୁ ବିବାହ କରି ମୁସଲମାନ ଧର୍ମୀ ହେବାରୁ ଶ୍ରୀଜଗନ୍ନାଥ ତାଙ୍କ ପାଇଁ ସିଂହଦ୍ୱାର ଗୁମୁଟ ଭିତରେ ପତିତପାବନ ରୂପରେ ଆବିର୍ଭୂତ ହୋଇଥିଲେ । ଯବନ ହରିଦାସଙ୍କ ହୃଦୟରେ ଥିଲା ଜଗନ୍ନାଥଙ୍କ ନିମନ୍ତେ ସୀମାହୀନ ଭକ୍ତିଭାବ ।

ବିଭିନ୍ନ ଦିଗରୁ ବିଚାର କଲେ ଏହା ସ୍ପଷ୍ଟ ପ୍ରମାଣିତ ଯେ ଜଗନ୍ନାଥ ଚେତନା ହିଁ ସମନ୍ୱିତ ଚେତନା ଯାହାର କଳନା ତୁଳନା ନାହିଁ । ଏହି ଚେତନାର ଧାର୍ମିକ ମୂଲ୍ୟବୋଧ ଯେପରି ରହିଛି ସାମାଜିକ କ୍ଷେତ୍ରରେ ବ୍ୟବହାରିକ ମୂଲ୍ୟବୋଧ ମଧ୍ୟ ସେପରି ରହିଛି । ବିଶ୍ୱଜୀବନର ବହୁ ସମସ୍ୟା ସମାଧାନ ନିମନ୍ତେ ଜଗନ୍ନାଥ ଚେତନା ଓ ଧର୍ମଦର୍ଶନ ଯେ ଦିଗ୍‌ଦର୍ଶନ ଦେଇପାରିବ ଏଥିରେ ସନ୍ଦେହ ନାହିଁ । ଆଜି ଏଇ ଅବକାଶରେ ସେହି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଚରଣରେ ସହସ୍ର ପ୍ରଣାମ ଜଣାଉଛି ।

'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ
ଜଗଦାନନ୍ଦ କନ୍ଦାୟ ପ୍ରଣତାର୍ତ୍ତି ହରାୟଚ
ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ ।'

ଜୟ ଜଗନ୍ନାଥ

ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର



# ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

ପୁରୁଷୋତ୍ତମ ଜଗନ୍ନାଥଙ୍କ ସ୍ୱରୂପ ଅଚିନ୍ତ୍ୟ, ଅବ୍ୟକ୍ତ ଓ ରହସ୍ୟମୟ । ଜ୍ଞାନୀ, ଭକ୍ତ, ତତ୍ତ୍ୱଦର୍ଶୀ, ଗବେଷକ, ପଣ୍ଡିତ ଓ ଦାର୍ଶନିକବୃନ୍ଦ ତାଙ୍କୁ ଅନନ୍ତ, ଅକ୍ଷୟ, ଅବ୍ୟୟ, ଅବିନଶ୍ୱର, ସର୍ବାନ୍ତର୍ଯ୍ୟାମୀ, କ୍ଷରଅକ୍ଷର, ସାକାର ନିରାକାର ଓ ସଗୁଣ ନିର୍ଗୁଣ ଦାରୁବ୍ରହ୍ମ ରୂପରେ ଚିତ୍ରଣ କରିଛନ୍ତି । ତତ୍ତ୍ୱତଃ ସେ ଅଖିଳ ବିଶ୍ୱର ସର୍ବନିୟନ୍ତା ହେଲେହେଁ ତାଙ୍କ ଶ୍ରୀବିଗ୍ରହ ନଶ୍ୱର କ୍ଷୟଶୀଳ ଦାରୁରେ ନିର୍ମିତ । ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳରେ ସେ ଦିବ୍ୟଲୀଳା ସଂରଚନା ପୂର୍ବକ ବିଶ୍ୱର ସର୍ବପ୍ରାଚୀନ ଦେବତା ସ୍ୱରୂପରେ ମହିମାବନ୍ତ । ତାଙ୍କ ନିତ୍ୟନୈମିତ୍ତିକ ପୂଜାବିଧାନ, ପର୍ବପର୍ବାଣି, ଯାନିଯାତ୍ରା ଲୌକିକ ହୋଇ ମଧ ଦିବ୍ୟ, ଅନନ୍ୟ ଓ ଅସାଧାରଣ । ତାଙ୍କ ରୂପ, ଲୀଳା, ଧାମ, ତତ୍ତ୍ୱ ଓ ଦର୍ଶନରେ ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ଭରି ରହିଛି । ପୁରୁଷୋତ୍ତମ ଜଗନ୍ନାଥଙ୍କ ଏହି ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟକୁ ଉଦ୍‌ଘାଟନ କରିବାକୁ ଯୁଗ ଯୁଗ ଧରି ଅଗଣିତ ସାଧୁ, ସନ୍ଥ, ମହାତ୍ମା, ଶୂରୀ, ସାଧକ, ଗବେଷକ, ତତ୍ତ୍ୱାନୁସନ୍ଧାନୀ, ସମାଲୋଚକ ତଥା ଗୁଣଜ୍ଞ ବିଦ୍ୱାନ୍ ପ୍ରୟାସ କରିଥିଲେ ହେଁ ଅଦ୍ୟାବଧି ତାଙ୍କ ମୌଳିକତା ଦୁର୍ବୋଧ ଓ ରହସ୍ୟାଚ୍ଛନ୍ନ । ଭିନ୍ନ ଭିନ୍ନ ତଥ୍ୟାଭିଜ୍ଞ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ମୂଳତଃ ଶାବର, ବୈଦିକ, ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ବିବେଚନା ପୂର୍ବକ ଅନେକ ଅନାଲୋଚିତ ତଥ୍ୟ ପରିବେଷଣ କରିଯାଇଛନ୍ତି, ତଥାପି ଗବେଷଣାର ଅନ୍ତ ହୋଇନାହିଁ । ସକଳ ଦାର୍ଶନିକ ଓ ତାତ୍ତ୍ୱିକ ବିଶ୍ଳେଷଣ ସତ୍ତ୍ୱେ ସେ ଅଧିକରୁ ଅଧିକ ରହସ୍ୟମୟ ହୋଇଯାଇଛନ୍ତି । ସତେ ଯେପରି ବିଶ୍ୱ ସମ୍ବିଧାନର ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥ ଅସରନ୍ତି ରହସ୍ୟର ଗନ୍ତାଘର । ଯଥାର୍ଥରେ କୁହାଯାଇଛି -

'ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବାଃ ନଜାନନ୍ତି କୁତଃ ମନୁଷ୍ୟାଃ ।'

ପୁରୁଷୋତ୍ତମ ଜଗନ୍ନାଥଙ୍କ ମୂଳସ୍ୱରୂପ ଅନୁସନ୍ଧାନୀଙ୍କ ମଧ୍ୟରୁ ଯେଉଁ ବିଶିଷ୍ଟ ବିଦ୍ୱାନବୃନ୍ଦ ଗବେଷଣା ମାଧ୍ୟମରେ ତାଙ୍କୁ ବୌଦ୍ଧ ଦେବତା ସ୍ୱରୂପରେ ବିବେଚନା କରିଛନ୍ତି, ସେମାନେ ହେଉଛନ୍ତି ଜେନେରାଲ କନିଂହୋମ, ପ୍ରଫେସର ଉଇଲ୍‌ସନ, ଡକ୍ଟର ହରେକୃଷ୍ଣ ମହତାବ, 



ଜେମସ୍ ଫର୍ଗୁସନ, ଲୁଇସ୍ ରୋଜ୍‌ଭିଟ୍ ଏବଂ ଏନ୍.ଏନ୍. ବୋଷ ପ୍ରଭୃତି । ସେମାନଙ୍କ ମତରେ ବୌଦ୍ଧଧର୍ମର ତ୍ରିରତ୍ନ ଅର୍ଥାତ୍ ବୁଦ୍ଧ, ଧର୍ମ ଓ ସଂଘର ପ୍ରତୀକ ହେଉଛନ୍ତି ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର । ଏହିସବୁ ଗବେଷକବୃନ୍ଦଙ୍କ ସିଦ୍ଧାନ୍ତକୁ ଡକ୍ଟର ହରେକୃଷ୍ଣ ମହତାବ ସ୍ୱରଚିତ ଓଡ଼ିଶା ଇତିହାସରେ ପ୍ରାଞ୍ଜଳ ଭାବରେ ବାଇଶି ଗୋଟି ଚିତ୍ର ମାଧ୍ୟମରେ ଉପସ୍ଥାପନା କରିଛନ୍ତି । (୧) ଡକ୍ଟର ମହତାବ ଏହି ପରିଚ୍ଛେଦରେ ସମସ୍ତ ବୌଦ୍ଧ ମତବାଦୀ ଗବେଷକଙ୍କର ଉକ୍ତିକୁ ବିସ୍ତୃତ ଓ ବ୍ୟାପକ ଭାବରେ ଆଲୋଚନା କରିଛନ୍ତି । ସେ ଯେଉଁ ତିନି ଗୋଟି ମୁଖ୍ୟ ପ୍ରସଙ୍ଗ ବର୍ଣ୍ଣନା ପୂର୍ବକ ବୌଦ୍ଧ ମତବାଦକୁ ବିଶ୍ୱାସ କରିଛନ୍ତି, ତାହା ହେଉଛି ଶ୍ରୀଜଗନ୍ନାଥଙ୍କ ନାମ, ମୂର୍ତ୍ତି ଓ ଦେବୀ ସୁଭଦ୍ରାଙ୍କ ସମାବେଶ, ଅଶୋକଙ୍କ ସମୟ ଅର୍ଥାତ୍ ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ଓଡ଼ିଶାର ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ପୁରୀରେ ପୂର୍ବରୁ ନିର୍ମିତ ବୌଦ୍ଧ ସ୍ତୂପରେ ତ୍ରିରତ୍ନ ପୂଜା କଲେ ତଥା ରଥଯାତ୍ରା ବୌଦ୍ଧ ବିଧାନର ମୁଖ୍ୟପର୍ବ । ଏହି ତିନିଗୋଟି ପ୍ରସଙ୍ଗକୁ ଭିତ୍ତିକରି ସେ ତାଙ୍କର ବିବେଚନା ଉପସ୍ଥାପନା କରିବା ସହିତ ଜଗନ୍ନାଥ ମୂଳତଃ ବୌଦ୍ଧ ଦେବତା ବୋଲି ସୂଚନା ପ୍ରଦାନ କରିଅଛନ୍ତି । ସୂଚନାଯୋଗ୍ୟ ଯେ, ଡକ୍ଟର ମହତାବ ଓଡ଼ିଶା ଇତିହାସ ରଚନା କରିବା ସମୟ ଅର୍ଥାତ୍ ୧୯୪୮ ପୂର୍ବରୁ ବିଦେଶୀ

ବିଦ୍ୱାନବୃନ୍ଦ ଜଗନ୍ନାଥ ମୂଳତଃ ବୌଦ୍ଧଦେବତା ବୋଲି କେତେକ ତଥ୍ୟ ଅବତାରଣା କରିଥିଲେ । ସେମାନେ ଯେଉଁ ଯୁକ୍ତି ଉପରେ ଭିତ୍ତିପୂର୍ବକ ଏହି ତଥ୍ୟ ପ୍ରଦାନ କରିଥିଲେ, ସେଗୁଡ଼ିକ ହେଉଛି ପୁରାତନ ପାଲି ସାହିତ୍ୟ ଏବଂ ତନ୍ତ୍ର ସାହିତ୍ୟରେ 'ଜଗନ୍ନାଥ' ବୁଦ୍ଧଙ୍କର ଏକ ନାମ, ଏଲୋରା ଗୁମ୍ଫାରେ ଖୋଦିତ ଏକ ବୁଦ୍ଧ ମୂର୍ତ୍ତିର ନାମ 'ଜଗନ୍ନାଥ', ବୌଦ୍ଧଧର୍ମରେ 'ଧମ୍ମ' ନାରୀ ଭାବରେ କଳ୍ପିତ ଏବଂ ଫାହିୟାନଙ୍କ ବର୍ଣ୍ଣିତ ଖୋଟାନ୍ ରଥଯାତ୍ରାରୁ ଅନୁମିତ ପୁରୀ ରଥଯାତ୍ରା ବୌଦ୍ଧଧର୍ମର ମୁଖ୍ୟପର୍ବ । ଏହି ଯୁକ୍ତିସମୂହ ଉପରେ ଗଭୀର ରେଖାପାତ କଲେ ହୃଦ୍‌ବୋଧ ହୁଏ ଯେ, ପାଲି ସାହିତ୍ୟ ପୂର୍ବରୁ ସଂସ୍କୃତ ସାହିତ୍ୟରେ 'ଜଗନ୍ନାଥ' ଶବ୍ଦ ବିଦ୍ୟମାନ, ଅଧିକନ୍ତୁ ବିଷ୍ଣୁ ଓ ଶିବଙ୍କର ନାମ ରୂପେ ବ୍ୟବହୃତ । ଉଲ୍ଲେଖଯୋଗ୍ୟ ଯେ, ବ୍ରଜଯାନୀ ସାଧକ ଇନ୍ଦ୍ରଭୂତି ଏବଂ ତଦୀୟଗୁରୁ ଅନଙ୍ଗବ୍ରଜଙ୍କ ଲିଖିତ 'ଜ୍ଞାନସିଦ୍ଧି' ତଥା 'ପ୍ରଜ୍ଞାପାୟୋ ବିନିଶ୍ଚୟ ସିଦ୍ଧି'ରେ 'ଜଗନ୍ନାଥ' ନାମ ପ୍ରଥମେ ପରିଦୃଷ୍ଟ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି, କିନ୍ତୁ ତତ୍‌ପୂର୍ବରୁ ସଂସ୍କୃତ ପୁରାଣ ଓ ବିଷ୍ଣୁ ସହସ୍ର ନାମ ଇତ୍ୟାଦିରେ 'ଜଗନ୍ନାଥ' ନାମ ବହୁବାର ଉଲ୍ଲେଖ ଥିଲେ ହେଁ ତାହା ବିଚାରକୁ ନେଇନଥାନ୍ତି । ଏହା ସତ୍ୟ ଯେ, ପାଲି ସାହିତ୍ୟରେ ଜଗନ୍ନାଥ ଶବ୍ଦ ବିଶେଷଣ ଭାବରେ ବ୍ୟବହାର କରାଯାଇଛି ଏବଂ ତାହାଠାରୁ ପ୍ରାଚୀନ ବିଷ୍ଣୁ ପୁରାଣରେ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ତଥା ଶିବ ପୁରାଣରେ ମହାଦେବଙ୍କୁ ଜଗନ୍ନାଥ ବୋଲି କୁହାଯାଇ ଶବ୍ଦଟି ବିଶେଷ୍ୟ ଭାବରେ ବ୍ୟବହୃତ । ସର୍ବୋପରି ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମତରେ 'ଜଗନ୍ନାଥ' ଶବ୍ଦଟି ମୂଳ ପାଲି ଶବ୍ଦ ନୁହେଁ, ଏହା ଶାବର ଶବ୍ଦ 'ଜଗନ୍ତ'ରୁ ନିଷ୍ପନ୍ନ ହୋଇ ସଂସ୍କୃତରେ ଜଗନ୍ନାଥ ରୂପ ଧାରଣ କରିଛି । (୨) ଅତଏବ, ନିଃସନ୍ଦେହରେ ବିଚାର କରାଯାଇପାରେ ଶାବର ଶବ୍ଦରୁ ସଂସ୍କୃତରେ ଜଗନ୍ନାଥ ଶବ୍ଦ ରୂପାନ୍ତରିତ ହୋଇ ବହୁ ପ୍ରାଚୀନ କାଳରୁ ପୁରାଣରେ ବ୍ୟବହୃତ । ଅବଶ୍ୟ, ଏହାର ପ୍ରଭାବରେ ପାଲି ଭାଷାରେ ବୁଦ୍ଧଙ୍କୁ ଜଗନ୍ନାଥ ନାମରେ ସମ୍ବୋଧନ କରାଯାଇଛି । ଏହି ଦୃଷ୍ଟିକୋଣରୁ ପାଲି ସାହିତ୍ୟରେ ଉଲ୍ଲିଖିତ ଜଗନ୍ନାଥ ଶବ୍ଦରୁ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବୌଦ୍ଧ ଦେବତା ବିବେଚନା କରିବା ସମୀଚୀନ ନୁହେଁ । ଦ୍ୱିତୀୟ ଯୁକ୍ତି ହେଉଛି, ଏଲୋରା ଗୁମ୍ଫାରେ ଖୋଦିତ ବୌଦ୍ଧ ମୂର୍ତ୍ତିର ନାମ ଜଗନ୍ନାଥ । ସପ୍ତମ ଶତାବ୍ଦୀରେ ଏହି ମୂର୍ତ୍ତି ଖୋଦିତ ହୋଇଥିଲା ଏବଂ ସେହି ସମୟ ବେଳକୁ ବୌଦ୍ଧ ଧର୍ମରେ ଜଗନ୍ନାଥ ନାମ ପ୍ରସିଦ୍ଧି ଲାଭ କରି ସାରିଲାଣି । ତୃତୀୟ ଯୁକ୍ତି ହେଉଛି, ବୌଦ୍ଧ ଧର୍ମରେ 'ଧମ୍ମ' ନାରୀ ଭାବରେ କଳ୍ପିତ । ନାରୀ ଧର୍ମ ଭାବରେ ଚିତ୍ରିତ ହେବା କୌଣସି ସଂସ୍କୃତ ପୁରାଣରେ ଉଲ୍ଲିଖିତ ନାହିଁ । ପରନ୍ତୁ, ବୌଦ୍ଧ ଧର୍ମରେ ବୁଦ୍ଧ ହିଁ ପୁରୁଷ, ଧର୍ମ ହେଉଛି ପ୍ରକୃତି ଏବଂ ସଂଘ ହିଁ ଉଭୟ ଅର୍ଥାତ୍ ପୁରୁଷ ଓ ପ୍ରକୃତିର ସଂଯୋଗ । ତେଣୁ ବୌଦ୍ଧ ମତରେ ଧର୍ମ୍ମ ହିଁ ପ୍ରକୃତି, ନାରୀ ନୁହେଁ । ଚତୁର୍ଥ ଯୁକ୍ତି ହେଉଛି ଚୀନ୍ ପରିବ୍ରାଜକ ଫାହିୟାନ୍ ଖୋଟାନ୍‌ରେ ଦେଖିଥିବା ରଥଯାତ୍ରା ବର୍ଣ୍ଣନାରୁ ବିଚାର କରାଯାଏ ଯେ ପୁରୀର ରଥଯାତ୍ରା ବୌଦ୍ଧ ଯାତ୍ରା ବିଶେଷ । ସୂଚନାଯୋଗ୍ୟ ଯେ, ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ବୌଦ୍ଧ ମତର ଉନ୍ମେଷ । ତାହାର ବହୁପୂର୍ବରୁ ବେଦ, ରାମାୟଣ, ମହାଭାରତ ଓ ପୁରାଣାଦିରେ ରଥର ବହୁବିଧ ବର୍ଣ୍ଣନା ବିଦ୍ୟମାନ । ଏତଦ୍‌ଭିନ୍ନ, ପୁରୀରେ ମହାଦାରୁରୁ ମୂର୍ତ୍ତି ନିର୍ମାଣ କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି, ଯାହାର ସମୟ ପ୍ରାଗ୍‌ବୈଦିକ ତଥା ସେହି ସମୟରେ ବୌଦ୍ଧ ଧର୍ମର ଉନ୍ମେଷ ଘଟି ନଥିଲା । ଏଥିରୁ ହୃଦ୍‌ବୋଧ ହେଉଛି, ଚାରିଗୋଟି ଯାକ ଯୁକ୍ତି ଭିତ୍ତିହୀନ ତଥା ପୁରୁଷୋତ୍ତମ ଜଗନ୍ନାଥ ମୂଳତଃ ବୌଦ୍ଧ ଦେବତା ନୁହନ୍ତି । ଏ ସଂପର୍କରେ ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁଦେବତା' ଗ୍ରନ୍ଥରେ ସବିଶେଷ ଆଲୋଚନା କରି ସିଦ୍ଧାନ୍ତ ନେଇଛନ୍ତି ଯେ, ଜଗନ୍ନାଥ ମୂଳତଃ ଶାବର ଦେବତା ଏବଂ ପରବର୍ତ୍ତୀ କାଳରେ ଆର୍ଯ୍ୟ, ଅନାର୍ଯ୍ୟ ଉଭୟ ଗୋଷ୍ଠୀ ତାଙ୍କୁ ଆପଣେଇ ନେଇ ସମନ୍ୱୟର ମହାଭାବରେ ଉଦ୍‌ବୁଦ୍ଧ ହୋଇଛନ୍ତି । ଅନ୍ୟତମ ଗବେଷକ ଡକ୍ଟର ଗୋପୀନାଥ ମହାପାତ୍ର ସ୍ୱରଚିତ 'The land of Vishnu' ପୁସ୍ତକରେ ବୌଦ୍ଧ ମତବାଦୀଙ୍କର ସକଳ ଯୁକ୍ତିକୁ ଖଣ୍ଡନ କରିଛନ୍ତି । (୩) ତାଙ୍କ ମତରେ ୧୯୪୮ ମସିହା ବେଳକୁ ବୌଦ୍ଧ ମତବାଦ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସମର୍ଥନ ଲାଭ ପୂର୍ବକ ପ୍ରତିଷ୍ଠିତ ହୋଇସାରିଥିଲା । ଡକ୍ଟର ମହତାବ ମଧ ସେହି ମତକୁ ସମର୍ଥନ କରି ବିଚାର କରିଥିଲେ ଯେ ଜଗନ୍ନାଥ ମୂଳତଃ ବୌଦ୍ଧ ଓ ପରେ ଶାବର । (୪) ପୁନଶ୍ଚ, ଡକ୍ଟର ମହତାବ ବୌଦ୍ଧ ମତବାଦକୁ ବିଶ୍ୱାସ କରି ଅଶୋକଙ୍କ ସମୟରେ ଓଡ଼ିଶାର ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ତ୍ରିରତ୍ନ ପୂଜା କଲେ ବୋଲି ଉଲ୍ଲେଖ କରିଛନ୍ତି, କିନ୍ତୁ ତାହାର କୌଣସି ଶାସ୍ତ୍ରୀୟ ବା ଆଭିଲେଖିକ ପ୍ରମାଣ ପ୍ରଦାନ କରିନାହାନ୍ତି । ଅନ୍ୟାନ୍ୟ ବୌଦ୍ଧ ମତବାଦୀଗଣ କିମ୍ବଦନ୍ତୀ, ଲୋକକଥା ଓ ଜାତକଗଳ୍ପ ପ୍ରଭୃତିକୁ ଆଧାର କରି ଅନେକ କିମ୍ଭୂତ କିମ୍ଭାକାର କପୋଳକଳ୍ପିତ ତଥ୍ୟ ଅବତାରଣା କରିଛନ୍ତି, ଯାହାକି ସର୍ବଜନଗ୍ରାହ୍ୟ ନୁହେଁ । ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଗବେଷକ ଉଲ୍‌ଡଫିଲ୍‌ଡ ମତରେ ବୌଦ୍ଧମାନେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଘୋଷଯାତ୍ରା ଅନୁକରଣରେ ରଥଯାତ୍ରା ଆରମ୍ଭ କରିଥିଲେ । 'The Buddhist festival is evidently adopted from the Hindu festival of Jagannath and his broher Balaram and sister Subhadra' । ଅତଏବ ଜଗନ୍ନାଥ ମୂଳତଃ ବୌଦ୍ଧ ଅଥବା ରଥଯାତ୍ରା ବୌଦ୍ଧ ପର୍ବ ନୁହେଁ ।

ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଜୈନ ଦେବତା ବୋଲି ଯେଉଁ ବିଦ୍ୱାନବୃନ୍ଦ ବିଚାର କରିଛନ୍ତି, ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ଐତିହାସିକ କେଦାରନାଥ ମହାପାତ୍ର, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ ପଣ୍ଡିତ ବିନାୟକ ମିଶ୍ର ପ୍ରଭୃତି । ସେମାନଙ୍କ ମତରେ ଇନ୍ଦ୍ରଦ୍ୟୁମ୍ନ ଜଣେ ଜୈନଧର୍ମାବଲମ୍ବୀ ରାଜା । ପଣ୍ଡିତ ବିନାୟକ ମିଶ୍ର ଓ କେଦାରନାଥ

ମହାପାତ୍ର ଖାରବେଳଙ୍କୁ ମଧ ଇନ୍ଦ୍ରଦ୍ୟୁମ୍ନ ସ୍ୱରୂପରେ ଅବତାରଣା କରିଛନ୍ତି । କିନ୍ତୁ ପୁରାଣ ଓ କିମ୍ବଦନ୍ତୀ ବର୍ଣ୍ଣିତ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଅର୍ଥାତ୍ ବେଦ ପରବର୍ତ୍ତୀ ପୁରାଣକାଳୀନ ବୋଲି ସେମାନେ ବିଚାର ନକରି ଖ୍ରୀ:ପୂ: ପ୍ରଥମ ଶତକର ଜୈନ-ଧର୍ମାବଲମ୍ବୀ ଖାରବେଳଙ୍କୁ ଇନ୍ଦ୍ରଦ୍ୟୁମ୍ନ ଭାବରେ ଚିତ୍ରଣ କରିଛନ୍ତି । ଏପରିକି ଐତିହାସିକ କେଦାରନାଥ ମହାପାତ୍ର ଖାରବେଳଙ୍କୁ ପଦ୍ମପୁରାଣ ବର୍ଣ୍ଣିତ ଶବର ବାଳକ ରୂପେ ବିବେଚନା କରି ଶାବର ମତକୁ ପ୍ରକାରାନ୍ତରେ ସ୍ୱୀକାର କରିଛନ୍ତି । (୫) ମନୀଷୀ ନୀଳକଣ୍ଠ ଦାସଙ୍କ ମତରେ ପ୍ରାଚୀନ ବେବିଲୋନ୍ ସଭ୍ୟତା କାଳରୁ ଜଗନ୍ନାଥଙ୍କ ଅସ୍ତିତ୍ୱ ଥିଲା ତଥା ଶବରମାନେ ଥିଲେ ତାଙ୍କର ଉପାସକ । (୬) ଏହି ମତଦ୍ୱାରା ଜୈନ ମତବାଦୀ ପଣ୍ଡିତ ନୀଳକଣ୍ଠ ଦାସ ଜଗନ୍ନାଥଙ୍କୁ ଶବର ଦେବତା ବୋଲି ବିଚାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଡକ୍ଟର ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁଦେବତା' ଗ୍ରନ୍ଥର ଷଷ୍ଠ ପ୍ରକାଶରେ ଦାରୁଦେବତାଙ୍କ ଉପରେ ଜୈନ ପ୍ରଭାବ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଛନ୍ତି । (୭) ଏହି ପରିଚ୍ଛେଦରେ ତାଙ୍କ ବିବେଚନାର ନିଷ୍କର୍ଷ ହେଉଛି ଜଗନ୍ନାଥ ଶବର ଦେବତା ଓ ପରବର୍ତ୍ତୀ କାଳରେ ଜୈନମାନଙ୍କ ଦ୍ୱାରା ଉପାସିତ । କେତେକ ଗବେଷକଙ୍କର ମତ, ଜୈନ ତୀର୍ଥଙ୍କର ଓଡ଼ିଶାରେ ରାଜତ୍ୱ କରୁଥିବା ସମୟରେ ଜଗନ୍ନାଥ ଉପାସନାର ଅୟମାରମ୍ଭ ହୋଇଥିଲା । କିନ୍ତୁ ଏହି ମତ ଶାସ୍ତ୍ର ବା ଅଭିଲେଖ ସମ୍ମତ ନୁହେଁ । ଅନ୍ୟ କେତେକଙ୍କ ମତରେ ଜୈନ ଧର୍ମାବଲମ୍ବୀ ଖାରବେଳ ମଗଧ ବିଜୟ ପୂର୍ବକ ଯେଉଁ ଜୀନାସନ ଓଡ଼ିଶାକୁ ଫେରାଇ ଆଣିଥିଲେ, ତାହା ହିଁ ଜଗନ୍ନାଥ ବା ତାଙ୍କ ରତ୍ନସିଂହାସନ । ଖାରବେଳ ଏହି ଜୀନାସନକୁ କେଉଁ ସ୍ଥାନରେ ପ୍ରତିଷ୍ଠା କରିଥିଲେ ସେ ସଂପର୍କରେ ଇତିହାସ ନୀରବ । ଅଧିକନ୍ତୁ, ଖାରବେଳଙ୍କ ଶିଳାଲେଖରେ ଏ ସଂପର୍କରେ ମଧ ସୂଚନା ନାହିଁ । ଏଠାରେ ସ୍ପଷ୍ଟ କରି ଦିଆଯାଏ ଯେ, ଜୈନ ଧର୍ମାବଲମ୍ବୀଗଣ ସେମାନଙ୍କର କୌଣସି ତୀର୍ଥଙ୍କରଙ୍କର କାଷ୍ଠ ନିର୍ମିତ ମୂର୍ତ୍ତି ପୂଜା କରିବାର ପରମ୍ପରା ଅଦ୍ୟାବଧି ପରିଦୃଷ୍ଟ ହୋଇନାହିଁ । ଜୈନ ମତବାଦୀଙ୍କର ଅନ୍ୟ ଏକ ଯୁକ୍ତି ହେଲା 'ନାଥ' ଶବ୍ଦ ଜୈନଧର୍ମର ଶବ୍ଦ ଏବଂ ତୀର୍ଥଙ୍କରଙ୍କୁ 'ନାଥ' ମଧ କୁହାଯାଏ । ଅତଏବ ଜୀନନାଥ ହିଁ ଜଗନ୍ନାଥ ସ୍ୱରୂପରେ ପୂଜିତ । ସୂଚନାଯୋଗ୍ୟ ଯେ, ଜଗନ୍ନାଥ ଶବ୍ଦର ଉତ୍ପତ୍ତି ସଂପର୍କରେ ପୂର୍ବରୁ ଏହି ପ୍ରବନ୍ଧରେ ଆଲୋଚନା ହୋଇଥିବାରୁ ତାହାର ପୁନରାଲୋଚନା ନିଷ୍ପ୍ରୟୋଜନ । ଶ୍ରୀମନ୍ଦିର ପରିସରରେ ଅବସ୍ଥିତ କଳ୍ପବୃକ୍ଷକୁ ମଧ ଜୈନ ମତବାଦୀଗଣ ଜୈନଧର୍ମର ପ୍ରତୀକ ଭାବରେ ଗ୍ରହଣ କରିଥାନ୍ତି । ଖାରବେଳ ମଧ ମଗଧରୁ ଜୀନାସନ ସହିତ କଳ୍ପବୃକ୍ଷ ଆଣିଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ରହିଛି । (୮) ଅବଶ୍ୟ, କେଉଁଠାରେ ରଖିଲେ ସେ ସଂପର୍କରେ ସୂଚନା ନାହିଁ । ଏହା ସତ୍ୟ ଯେ, ଜୈନ ତୀର୍ଥଙ୍କର ବୃନ୍ଦ ବୃକ୍ଷମୂଳରେ ତପସ୍ୟାରତ ରହି ଜଗତକୁ ଆଲୋକ ପ୍ରଦାନ କରିଥାନ୍ତି ଏବଂ ଏହି କାରଣରୁ ଜୈନମୂର୍ତ୍ତି ସନ୍ନିକଟରେ ବୃକ୍ଷ ଚିହ୍ନ ରହିଥାଏ । ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ମଧ କଳ୍ପବୃକ୍ଷର ଚିତ୍ର ରହିଅଛି । ଏପରିସ୍ଥଳେ ଶ୍ରୀମନ୍ଦିର କଳ୍ପବୃକ୍ଷକୁ ଜୈନଧର୍ମର ନିଦର୍ଶନ ସ୍ୱରୂପରେ ବିଚାର କରିବା ସମୀଚୀନ ନୁହେଁ । ଅନ୍ୟତମ ଯୁକ୍ତି ହେଉଛି, ଶ୍ରୀମନ୍ଦିରରେ ମହାପ୍ରସାଦକୁ କୈବଲ୍ୟ କୁହାଯାଇଥାଏ, ଯାହାକି ଜୈନଧର୍ମର ଏକ ଅନ୍ତରଙ୍ଗ ବିଭବ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଜୈନଧର୍ମର କେବଳୀ ଭାବରୁ କୈବଲ୍ୟ ଶବ୍ଦର ସୃଷ୍ଟି । (୯) ପ୍ରକୃତ ପକ୍ଷେ କୈବଲ୍ୟ ପ୍ରାପ୍ତି ହିଁ ନିର୍ବାଣ ପ୍ରାପ୍ତି, ଯାହା ଉଚ୍ଚାଙ୍ଗ ସାଧନା ଦ୍ୱାରା ସମ୍ଭବ ହୋଇଥାଏ । ମହାପ୍ରସାଦ ରୂପୀ କୈବଲ୍ୟ ସହିତ ଏହାର ସାମଞ୍ଜସ୍ୟ ନାହିଁ । ଅବଶ୍ୟ ଗବେଷକବୃନ୍ଦଙ୍କ ବିଚାରରୁ ହୃଦ୍‌ବୋଧ ହୁଏ, ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଜୈନଧର୍ମର ପ୍ରଭାବ ବିଦ୍ୟମାନ । କିନ୍ତୁ ଜଗନ୍ନାଥଙ୍କୁ ମୂଳତଃ ଜୈନ ଦେବତା ବିଚାର କରିବା ସାର୍ବଜନୀନ ସିଦ୍ଧାନ୍ତ ନୁହେଁ । ଗବେଷକ ଓ ବିଦ୍ୱାନଙ୍କର ବଳିଷ୍ଠଯୁକ୍ତି ହେଉଛି ଶ୍ରୀଗୁଣ୍ଡିଚା ବା ଆଷାଢ଼ ଶୁକ୍ଳ ଦ୍ୱିତୀୟା ହେଉଛି ଜୈନ ତୀର୍ଥଙ୍କର ଋଷଭନାଥଙ୍କର ଗର୍ଭ କଲ୍ୟାଣ ତିଥି ତଥା ସେହି ତିଥିରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ଜଗନ୍ନାଥ ମୂଳତଃ ଜୈନ ଦେବତା । ସୂଚନାଯୋଗ୍ୟ ଯେ, ମହାଦାରୁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ହେବା କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଅଛି, ଯେଉଁ ସମୟରେ ଜୈନଧର୍ମର ଉନ୍ମେଷ ଘଟିନଥିଲା । ଅଧିକନ୍ତୁ, ଶ୍ରୀଗୁଣ୍ଡିଚା ତିଥି ଜୈନତୀର୍ଥଙ୍କର ଋଷଭନାଥଙ୍କର ଗର୍ଭ କଲ୍ୟାଣ ତିଥି ବୋଲି କୌଣସି ଜୈନଶାସ୍ତ୍ରରେ ଉଲ୍ଲେଖ ନାହିଁ । ଅତଏବ, ନିର୍ବିବାଦରେ ବ୍ୟକ୍ତ କରାଯାଇପାରେ ଯେ ଜୈନଧର୍ମ ହିନ୍ଦୁଧର୍ମର ଅଂଶ ବିଶେଷ ହୋଇଥିବାରୁ ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଜୈନଧର୍ମର ପ୍ରଭାବ ପଡ଼ିବା ସ୍ୱାଭାବିକ । ଏହାର ଅର୍ଥ ନୁହେଁ ଯେ ଜଗନ୍ନାଥ ମୂଳତଃ ଜୈନ ଦେବତା ।

ଐତିହାସିକ ମନମୋହନ ଗାଙ୍ଗୁଲି, ଗବେଷକ ପିଟର୍‌ସନ, ଅଧ୍ୟାପକ ପ୍ରଭାତ ମୁଖାର୍ଜୀ, ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଓ ଡକ୍ଟର ଗୋପୀନାଥ ମହାପାତ୍ର ପ୍ରଭୃତି ବିଦ୍ୱାନବୃନ୍ଦ ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟଧର୍ମର ଦେବତା ବୋଲି ବିଚାର କରିଛନ୍ତି । ଐତିହାସିକ ଗାଙ୍ଗୁଲିଙ୍କ ମତରେ ଉପନିଷଦ୍ ବର୍ଣ୍ଣିତ ତ୍ରିବର୍ଣ୍ଣ (ଅ+ଉ+ମ୍)ରୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ମୂର୍ତ୍ତିର ପରିକଳ୍ପନା ଉଦ୍ଭବ ହୋଇଛି । (୧୦) ଗବେଷକ ପିଟର୍‌ସନ୍ ମଧ ଏହି ମତର ପ୍ରଚାରକ । ପଣ୍ଡିତ ସଦାଶିବ ମିଶ୍ର ସ୍ୱରଚିତ 'ଜଗନ୍ନାଥ ମନ୍ଦିର' ଏବଂ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ସ୍ୱରଚିତ 'ଶ୍ରୀଜଗନ୍ନାଥ ମନ୍ଦିର ଓ ତତ୍ତ୍ୱ' ପୁସ୍ତକରେ ବିସ୍ତୃତ ଆଲୋଚନା ପୂର୍ବକ ପ୍ରମାଣ କରିଛନ୍ତି ଯେ ଜଗନ୍ନାଥ ମୂଳତଃ ବ୍ରାହ୍ମଣ୍ୟ ଧର୍ମର ଦେବତା । ଗୌରବର କଥା, ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ଶାସ୍ତ୍ର, ପୁରାଣ ଓ ଶିଳାଲେଖ ପ୍ରଭୃତି ଉପାଦେୟ ତଥ୍ୟକୁ ଆଧାର କରି ପ୍ରମାଣ କରିଛନ୍ତି ଯେ କୃଷ୍ଣ ବାସୁଦେବ ଉପାସନା ହିଁ ପୁରୁଷୋତ୍ତମ ଜଗନ୍ନାଥ ଉପାସନାର ମୂଳ ସ୍ୱରୂପ । ତଦନୁରୂପ ଗୋପୀନାଥ ମହାପାତ୍ର ସ୍ୱରଚିତ 'ଶ୍ରୀଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ବହୁବିଧ

ଯୁକ୍ତିଯୁକ୍ତ ପ୍ରମାଣ ଉପସ୍ଥାପନା ପୂର୍ବକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଜଗନ୍ନାଥ ମୂଳତଃ ବ୍ରାହ୍ମଣ୍ୟ ଦେବତା । ଉଲ୍ଲେଖନୀୟ ଯେ, ମହାଭାରତ ଯୁଗ ପରେ କୃଷ୍ଣ ବାସୁଦେବ ଉପାସନା ସାତ୍ୱତଧର୍ମ ଭାବରେ ବିକାଶ ଲାଭ କରିଥିଲା । କିନ୍ତୁ ଏହାର ବହୁପୂର୍ବରୁ ପୁରୁଷୋତ୍ତମ ଜଗନ୍ନାଥ ଉପାସନା ପ୍ରଚଳିତ ଥିବାର ବହୁ ପ୍ରମାଣ ଉପଲବ୍ଧ । (୧୧) ଏହି ଦୃଷ୍ଟିକୋଣରୁ ଜଗନ୍ନାଥ ଉପାସନା ଯେ କୃଷ୍ଣ ବାସୁଦେବ ଉପାସନାର ବିକଶିତ ସ୍ୱରୂପ ଭାବିବା ଭୁଲ ହେବ । ପୂର୍ବୋକ୍ତ ଗବେଷକଙ୍କ ବ୍ୟତୀତ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଗୌରୀକୁମାର ବ୍ରହ୍ମା, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ପ୍ରହ୍ଲାଦ ପ୍ରଧାନ, ଡକ୍ଟର ନବୀନ କୁମାର ସାହୁ, ଡକ୍ଟର କରୁଣା ସାଗର ବେହେରା, ଡକ୍ଟର ମନ୍ମଥନାଥ ଦାସ, ଡକ୍ଟର ଗଣେଶ୍ୱର ମିଶ୍ର, ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର, ଡକ୍ଟର ଗୟାଚରଣ ତ୍ରିପାଠୀ, ଷ୍ଟିଟେନ୍‌କ୍ରୋନ୍, ଡକ୍ଟର ହରମାନ କୁଲ୍‌କେ, ଆଙ୍କରଲଟ୍ ଏସ୍‌ମାନ, ପ୍ରଫେସର ଭି. ରାଘବନ୍, ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁ ପ୍ରଭୃତି ବିଜ୍ଞପ୍ରାଜ୍ଞବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କ ସଂପର୍କରେ ଯଥେଷ୍ଟ ଆଲୋକପାତ କରିଛନ୍ତି । କିନ୍ତୁ ଏ ଅବଧି ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା ଦୁର୍ବୋଧ । ଊନବିଂଶ ଶତାବ୍ଦୀର ଶେଷଭାଗରୁ ଭିନ୍ନ ଭିନ୍ନ ଗବେଷକଙ୍କ ଦ୍ୱାରା ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନ ପ୍ରକ୍ରିୟା ଆରମ୍ଭ ହୋଇ ଇତିମଧ୍ୟରେ ଶହେ ବର୍ଷରୁ ଊର୍ଦ୍ଧ୍ୱ କାଳ ବିତିଗଲାଣି । ଗବେଷକଙ୍କ ପ୍ରଦତ୍ତ ତଥ୍ୟ ଦ୍ୱାରା ଜୈନମତ ଓ ବୌଦ୍ଧମତ ପ୍ରଥମେ ଲୋକପ୍ରିୟତା ଲାଭ କରିଥିଲା । ସ୍ୱାଧୀନତା ସମୟକୁ ଅର୍ଥାତ୍ ଗବେଷଣାର ପଚାଶ ବର୍ଷ ପରେ ବୌଦ୍ଧମତ ସବଳ ଓ ଜୈନମତ ଦୁର୍ବଳ ହୋଇ ଶାବର ମତର ପ୍ରାଧାନ୍ୟ ବୃଦ୍ଧି ପାଇଲା । ପରବର୍ତ୍ତୀ କାଳରେ ବ୍ରାହ୍ମଣ୍ୟମତ ସପକ୍ଷରେ ଅଧିକ ତଥ୍ୟ ଓ ତତ୍ତ୍ୱ ଉପଲବ୍ଧ ହୋଇଥିଲେ ହେଁ ଶାବରମତ ସର୍ବାଧିକ ସାର୍ବଜନୀନ ସ୍ୱୀକୃତ ଲାଭ କରିଅଛି । ମହନୀୟତା ହେଉଛି, ବିଜ୍ଞପ୍ରାଜ୍ଞ ଗବେଷକବୃନ୍ଦ ନୂତନ ନୂତନ ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନ ପୂର୍ବକ ଗବେଷଣାକୁ ପୁଷ୍ଟ କରିଅଛନ୍ତି । ତଥାପି ପୁରୁଷୋତ୍ତମ ଜଗନ୍ନାଥଙ୍କ ସୃଷ୍ଟି ଓ ଐତିହ୍ୟ ସଂପୂର୍ଣ୍ଣ ଅନୁପଲବ୍ଧ । ଗୁରୁତ୍ୱପୂର୍ଣ୍ଣ ହେଉଛି, ଅଜସ୍ର ଧନ ବ୍ୟୟରେ କେତେକ ଦେଶୀ ଓ ବିଦେଶୀ ଗବେଷକଙ୍କୁ ନେଇ ଯେଉଁ ବିଧିବଦ୍ଧ ଗବେଷଣା ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ଇଂରାଜୀରେ ପୁସ୍ତକ ପ୍ରକାଶନ ହେଲା ସେଥିରେ ଅନେକ ଅଜ୍ଞାତ ତଥ୍ୟ ଲୋକଲୋଚନକୁ ଆସିପାରିଲା, ଅଥଚ ପୁରୁଷୋତ୍ତମ ଜଗନ୍ନାଥ ଅଧିକରୁ ଅଧିକ ରହସ୍ୟମୟ ହୋଇଗଲେ ।

ଗବେଷକମାନଙ୍କୁ ବାଦ୍ ଦେଲେ ସାଧୁ, ସନ୍ଥ, ମହାତ୍ମା ଓ କବି କୋବିଦବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଭିନ୍ନ ଭିନ୍ନ ଭାବରେ ଚିତ୍ରଣ କରିଛନ୍ତି ଏବଂ ଗବେଷକମାନେ ଏଥିରେ ମଧ୍ୟ କିଛିଟା ନିର୍ଭର କରି ତଥ୍ୟ ଓ ତତ୍ତ୍ୱାଶ୍ରୟୀ ହୋଇଛନ୍ତି । ନିରିଖେଇ ଦେଖିଲେ ହୃଦ୍‌ବୋଧ ହୁଏ, ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗନ୍ନାଥ କବିକୋବିଦଙ୍କ ଲେଖନୀରେ ଭିନ୍ନ ଭିନ୍ନ ସ୍ୱରୂପରେ ଚିତ୍ରଣ ହୋଇଛନ୍ତି ତଥା ଜନସମାଜ ସେଥିରେ ବିଶେଷ ପ୍ରଭାବିତ ହୋଇଛନ୍ତି । କାରଣ କବିକୋବିଦଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ ହିଁ ସମାଜର ପ୍ରତିଫଳନ ଓ ଉଚ୍ଚାରଣ । ଏହି ଦୃଷ୍ଟିକୋଣରୁ ସାହିତ୍ୟପ୍ରତି ଦୃଷ୍ଟି ନିକ୍ଷେପ କଲେ ଆମ ଆଗରେ ବେଦ ବିଶ୍ୱର ପ୍ରାଚୀନତମ ସାହିତ୍ୟ ସ୍ୱରୂପରେ ପ୍ରତିଭାତ ହୁଏ । ଅନେକ ଗବେଷକଙ୍କର ମତ, ବେଦରେ ଜଗନ୍ନାଥଙ୍କ ସଂପର୍କରେ କୌଣସି ଉଲ୍ଲେଖ ନାହିଁ । ଏହା ସତ୍ୟ ଯେ, ଜଗନ୍ନାଥଙ୍କ ସଂପର୍କରେ ଉଲ୍ଲେଖ ନଥିଲେ ହେଁ ଦାରୁ ସଂପର୍କରେ ଉଲ୍ଲେଖ ରହିଛି । ସକଳ ଗବେଷକ ଗୋଟିଏ ତଥ୍ୟରେ ଏକମତ ହୋଇଛନ୍ତି ଯେ, ଜଗନ୍ନାଥଙ୍କ ମୂଳସ୍ୱରୂପ ଦାରୁ, ଯାହାକି ତାଙ୍କର ସ୍ୱତନ୍ତ୍ରତା । ପ୍ରାଚୀନତମ ସାହିତ୍ୟ ବେଦରେ ଦାରୁ ଉପାସନାର ପର୍ଯ୍ୟାପ୍ତ ପ୍ରମାଣ ବିଦ୍ୟମାନ ।

'ଅଦୌ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍,
ତଦାରଭସ୍ୟ ଦୁର୍ହଣୋ ତେନ ଗଛ ପରସ୍ତରମ୍ ।' (୧୨)

ମହତ୍ୱପୂର୍ଣ୍ଣ ହେଉଛି, ଏହି ମନ୍ତ୍ରଟିରେ ସିନ୍ଧୁ ତୀରରେ ଥିବା ଦାରୁ ସଂପର୍କରେ କୁହାଯାଇଛି । ଲବ୍ଧ ପ୍ରତିଷ୍ଠ ଗବେଷକବୃନ୍ଦ ମନ୍ତ୍ରଟିରେ ଗୁରୁତ୍ୱାରୋପ କରିଥିଲେହେଁ ବେଦର ଭିନ୍ନ ଭିନ୍ନ ଭାଷ୍ୟକାରଙ୍କ ବ୍ୟାଖ୍ୟା ସେମାନଙ୍କୁ ସନ୍ଦେହରେ ପକାଇଛି । ତେଣୁ ଗବେଷଣା କାଳରେ ଦାରୁ ଉପାସନାର ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନରେ ବାଧା ଉପୁଜିଛି । ସ୍ମରଣଯୋଗ୍ୟ ଯେ, କେବଳ ଋଗ୍‌ବେଦର ପୂର୍ବୋକ୍ତ ମନ୍ତ୍ରଟିରେ ଦାରୁ ସଂପର୍କରେ ସୂଚନା ପ୍ରଦାନ କରାଯାଇନାହିଁ, ଅଥର୍ବ ବେଦରେ ମଧ୍ୟ ଅନୁରୂପ ମନ୍ତ୍ରଟିଏ ଦୃଷ୍ଟିଗୋଚର ହୋଇଥାଏ ।

'ଅଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋର୍ମଧ୍ୟେ ଅପୁରୁଷମ୍,
ତଦାଲଭସ୍ୱ ଦୁର୍ଦ୍ଧାନୋ ତେନ ଯାହି ପରଂସ୍ଥଳମ୍ ।' (୧୩)

ଏଥିରୁ ହୃଦ୍‌ବୋଧ ହୁଏ, ଋଗ୍‌ବେଦ ରଚନା ସମୟରୁ ଅଥର୍ବ ବେଦ ରଚନା ସମୟ ପର୍ଯ୍ୟନ୍ତ ଦୀର୍ଘକାଳ ସିନ୍ଧୁ ତୀରରେ ଦାରୁ ଉପାସନା ଧାରା ଅବ୍ୟାହତ ରହିଥିଲା । କିନ୍ତୁ ଏହି ଉପାସନା କେଉଁ ସଂପ୍ରଦାୟ ଦ୍ୱାରା ହେଉଥିଲା, ତାହା ହିଁ ପ୍ରଶ୍ନବାଚୀ । ଅବଶ୍ୟ ଆମର ବହୁ ଗବେଷକ ଓ ବିଦ୍ୱାନ ଏହା ଶବରମାନଙ୍କ ଦ୍ୱାରା ହେଉଥିବାର ମତପୋଷଣ କରିଛନ୍ତି । ଏହି ଦୃଷ୍ଟିରୁ ମନ୍ତ୍ର ଦୁଇଟିର ଅର୍ଥ ଓ ତତ୍ତ୍ୱାର୍ଥ ନିର୍ଣ୍ଣୟ କରିବା ପ୍ରାସଙ୍ଗିକ ବୋଧହୁଏ । ବେଦର ପ୍ରାଚୀନ ଭାଷ୍ୟକାରବୃନ୍ଦ ଋଗ୍‌ବେଦର ମନ୍ତ୍ରଟିକୁ ଅଲକ୍ଷ୍ମୀସୂକ୍ତ ରୂପରେ ଅଭିହିତ କରିଛନ୍ତି । ସେମାନଙ୍କ ମତରେ ସାକାର ଉପାସନା ବେଦ ସମ୍ମତ ନୁହେଁ ଏବଂ ଦାରୁ ଉପାସନା ଆର୍ଯ୍ୟୋଚିତ କର୍ତ୍ତବ୍ୟ ନୁହେଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ସିନ୍ଧୁ ତଟରେ ଦାରୁଉପାସନା କୌଣସି ଆର୍ଯ୍ୟେତର ସଂପ୍ରଦାୟ ଦ୍ୱାରା ହେଉଥିଲା ତଥା ଆର୍ଯ୍ୟ ପ୍ରଚେତାବୃନ୍ଦ ଏତାଦୃଶ ଉପାସନାକୁ ଭଲ

ଦୃଷ୍ଟିରେ ନଦେଖି ଅଲକ୍ଷ୍ମୀ ସୂଚକ ମନ୍ତ୍ର ରଚନା କରିଥିଲେ । ପୂର୍ବ ଭାଷ୍ୟକାରଙ୍କ ପଦାଙ୍କ ଅନୁସରଣ ନକରି ସାୟଣାଚାର୍ଯ୍ୟ ଚତୁର୍ଦ୍ଦଶ ଶତାବ୍ଦୀରେ ଆପଣାର ଭାଷ୍ୟରେ ମନ୍ତ୍ରଟି ଦାରୁଦେବତା ପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । (୧୪) ଅନେକ ମତପ୍ରଦାନ କରିଥାନ୍ତି ଯେ, ସାୟଣାଚାର୍ଯ୍ୟ ଭାଷ୍ୟରେ 'ପୁରୁଷୋତ୍ତମାଖ୍ୟ' ଉଲ୍ଲେଖ କରିଥିବାରୁ ଅନୁମିତ ହୁଏ ଚତୁର୍ଦ୍ଦଶ ଶତାବ୍ଦୀରେ ପ୍ରବାହିତ ପୁରୁଷୋତ୍ତମ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ଏ ପ୍ରକାର ବ୍ୟାଖ୍ୟା କରିଛନ୍ତି । ବିଜ୍ଞପ୍ରାଜ୍ଞ ଗବେଷକଙ୍କ ମତରେ ସାୟଣାଚାର୍ଯ୍ୟ ମନ୍ତ୍ରଟିକୁ ବ୍ୟାଖ୍ୟା କରିବାର ସିଦ୍ଧାନ୍ତରେ ଦୃଢ଼ ନିଶ୍ଚିତ ନଥିଲେ । କୌଣସି ଭାଷ୍ୟକାରଙ୍କ ବ୍ୟାଖ୍ୟା ଅନୁସରଣ ନକରି ସରଳ ଭାବରେ ମନ୍ତ୍ରଟିର ଅର୍ଥ କଲେ ଜଣାଯାଏ, ଅଦୌ ଅର୍ଥାତ୍ ସଂପ୍ରତି, ଯଦ୍‌ଦାରୁ ବା ଯେଉଁଦାରୁ, ପ୍ଳବତେ ଅର୍ଥାତ୍ ଭାସମାନ, ସିନ୍ଧୋପାରେ ଅର୍ଥାତ୍ ସମୁଦ୍ରରେ, ଅପୁରୁଷମ୍ ଅର୍ଥାତ୍ ପୁରୁଷ ଦ୍ୱାରା ନିର୍ମିତ ନୁହେଁ ବା ଯାହାର କୌଣସି ମାଲିକ ନାହାନ୍ତି, ତଦାରଭସ୍ୱ ଅର୍ଥ ତହିଁରେ ଆରୋହଣ କରି, ଦୁର୍ହଣୋ ଅର୍ଥାତ୍ ଅଲକ୍ଷ୍ମୀ, ତେନଗଚ୍ଛ ପରସ୍ତରମ୍ ଅର୍ଥାତ୍ ଦୂରଦେଶକୁ ପଳାୟନ କର । ସାଧାରଣ ଭାବରେ ବିଚାର କଲେ ମନ୍ତ୍ରଟି ଅଲକ୍ଷ୍ମୀନାଶକ ମନ୍ତ୍ର ରୂପେ ବେଦରେ ପ୍ରତିପାଦିତ । ଅନୁମିତ ହୁଏ, ନିରାକାରବାଦୀ ଆର୍ଯ୍ୟ ପ୍ରଚେତାବୃନ୍ଦ ଅନ୍ୟ ସଂପ୍ରଦାୟର ଦାରୁପୂଜା ପ୍ରତି ଅସହିଷ୍ଣୁ ହୋଇ ସିନ୍ଧୁ ତୀରରେ ପୂଜିତ ବିଶାଳ ଦାରୁ ଆରୋହଣ ପୂର୍ବକ ଦୂରଦେଶ ପଳାୟନର କାମନା କରିଛନ୍ତି ଏହି ମନ୍ତ୍ରଟିରେ ତଥା ପରବର୍ତ୍ତୀକାଳରେ ମନ୍ତ୍ରଟି ଅଲକ୍ଷ୍ମୀନାଶକ ମନ୍ତ୍ର ରୂପେ ବ୍ୟବହୃତ । କେହି କେହି ଗବେଷକ ବିଚାର କରିଥାନ୍ତି ଯେ ଦୁର୍ଭିକ୍ଷର ନିବାରଣ ଚାହୁଁଥିବା ମନୁଷ୍ୟଗଣ ଦାରୁ ଉପରେ ଆରୋହଣ ପୂର୍ବକ ଦୂର ଦେଶକୁ ପଳାୟନ ନିମିତ୍ତ ମନ୍ତ୍ରଟିରେ ଆହ୍ୱାନ ଦିଆଯାଇଛି । ସେ ଯାହାହେଉ, ମନ୍ତ୍ରଟି ଦାରୁଙ୍କ ନିମିତ୍ତ ପ୍ରଯୁଜ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ । ଅଧିକନ୍ତୁ, ଏହି ଦାରୁଙ୍କୁ ଅପୌରୁଷ ଅର୍ଥାତ୍ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ମିତ ନୁହେଁ ବୋଲି କୁହାଯାଇଛି । ଋଗ୍‌ବେଦ କାଳରୁ ଅଥର୍ବବେଦ କାଳ ପର୍ଯ୍ୟନ୍ତ ଦୀର୍ଘକାଳ ଧରି ଏହି ଅପୌରୁଷଦାରୁ ସିନ୍ଧୁ ତୀରରେ ପୂଜା ପାଉଥିବାର ପ୍ରମାଣ ମଧ୍ୟ ମନ୍ତ୍ରଟିର ପୁନରୁକ୍ତିରୁ ଉପଲବ୍ଧ ହୋଇଥାଏ । ମନ୍ତ୍ରଟିରେ 'ତେନ ଗଚ୍ଛ ପରସ୍ତରମ୍' ଉଲ୍ଲିଖିତ ଥିବାରୁ ହୃଦ୍‌ବୋଧ ହୁଏ । ସେହି ଦିବ୍ୟଦାରୁ ଉପାସନାରେ ପରମଲୋକ ପ୍ରାପ୍ତି ହୋଇଥାଏ । ଅଥର୍ବବେଦର ପରବର୍ତ୍ତୀ କାଳୀନ ମହର୍ଷି ସାଂଖ୍ୟାୟନ ସ୍ୱରଚିତ ଭାଷ୍ୟରେ ଉଲ୍ଲେଖ କରିଛନ୍ତି 'ବର୍ତ୍ତମାନ ସମୁଦ୍ରରେ ପୁରୁଷୋତ୍ତମ ନାମକ ଦେବତା ଶରୀର ଭାସୁଅଛି । ନିର୍ମାଣ ରହିତ ଯୋଗୁଁ ସେ ଅପୌରୁଷ । ଏହି ଦାରୁମୟ ଦେବତାଙ୍କୁ ଉପାସନା କରିବା ଲୋକ ବୈଷ୍ଣବଲୋକକୁ ଗମନ କରନ୍ତି ।' ଏଥିରୁ ପ୍ରମାଣିତ ହେଉଛି ବୈଦିକ କାଳର ଶେଷ ସମୟରେ ଅଣଆର୍ଯ୍ୟଙ୍କ ଦାରୁପୂଜା ଆର୍ଯ୍ୟମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା ତଥା ଅପୌରୁଷ ଦାରୁ ପୁରୁଷୋତ୍ତମ ମାନ୍ୟତା ଲାଭ ପୂର୍ବକ ପରମଲୋକ ପ୍ରାପ୍ତିର ଅବଲମ୍ବନ ଭାବରେ ପ୍ରତିଭାତ ହୋଇଥିଲେ ।

ବୈଦିକକାଳୀନ ଭାରତବର୍ଷରେ ତିନିଗୋଟି ସଂସ୍କୃତି ଓ ସଭ୍ୟତା ମୁଣ୍ଡଟେକି ଥିଲା । ଉତ୍ତର-ପଶ୍ଚିମ ଭୂଖଣ୍ଡରେ ଆର୍ଯ୍ୟ ସଭ୍ୟତା, ଦକ୍ଷିଣ-ପୂର୍ବ ଭୂଖଣ୍ଡରେ ଦ୍ରାବିଡ଼ ସଭ୍ୟତା ତଥା ବିନ୍ଧ୍ୟାଞ୍ଚଳ ସମେତ ମଧ୍ୟ ଭୂଖଣ୍ଡରେ ଶବର ସଭ୍ୟତାର ପ୍ରାବଲ୍ୟ ବୈଦିକ ଯୁଗରେ ଥିଲା ବୋଲି ବିଦ୍ୱାନମାନେ ବିଶ୍ୱାସ କରନ୍ତି । ବୈଦିକ ସାହିତ୍ୟରେ ଦ୍ରାବିଡ଼ମାନଙ୍କୁ ଅସୁର ବା ଦୈତ୍ୟ ଏବଂ ଶବରମାନଙ୍କୁ ନିଷାଦ, ବ୍ୟାଧ ପ୍ରଭୃତି ନାମରେ ପରିଚିହ୍ନିତ କରାଯାଇଛି । ଆର୍ଯ୍ୟମାନଙ୍କ ସଦୃଶ ଦ୍ରାବିଡ଼ମାନେ ପୁର, ନଗର ଓ ଦୁର୍ଗ ନିର୍ମାଣ ପୂର୍ବକ ବସତି ସ୍ଥାପନ କରୁଥିଲେ ଏବଂ ଶବରମାନେ ପଲ୍ଲୀରେ ନିବାସ କରୁଥିଲେ । ଆର୍ଯ୍ୟମାନଙ୍କ ଧର୍ମଧାରଣାଠାରୁ ଦ୍ରାବିଡ଼ମାନଙ୍କ ଧର୍ମଧାରଣା ଭିନ୍ନ ଥିଲା । ଆର୍ଯ୍ୟମାନେ କୌଣସି ଦେବଦେବୀଙ୍କୁ ବୈଦିକ କାଳରେ ପୂଜା କରୁନଥିଲେ ହେଁ ଦ୍ରାବିଡ଼ମାନେ ନାଗ, ସର୍ପ, ମଗର ଓ ହାତୀ ପ୍ରଭୃତିଙ୍କର ପ୍ରତୀକାତ୍ମକ ଉପାସନା କରୁଥିଲେ । (୧୫) ସେମାନେ ଏତାଦୃଶ ପୂଜା ଶବରମାନଙ୍କଠାରୁ ଶିକ୍ଷା କରିଥିଲେ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି । ଦ୍ରାବିଡ଼ମାନେ ବୃକ୍ଷ ଉପାସକ ଥିବାର ପ୍ରମାଣ ମଧ୍ୟ ଉପଲବ୍ଧ ହୋଇଛି । (୧୬) ମହେଞ୍ଜୋଦାର ଓ ହରପ୍ପାର ଭୂଖନନ ଫଳରେ ଏତାଦୃଶ ପ୍ରତୀକାତ୍ମକ ଉପାସନାର ସନ୍ଦେଶ ମିଳିଥିବାରୁ ଅନୁମିତ ହୁଏ ଦ୍ରାବିଡ଼ମାନଙ୍କ ଦ୍ୱାରା ପ୍ରଥମେ ଏହି ଅଞ୍ଚଳରେ ସଭ୍ୟତାର ବିକାଶ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ସେମାନେ ଦକ୍ଷିଣ-ପୂର୍ବ ଦିଗକୁ ଆର୍ଯ୍ୟମାନଙ୍କ ଦ୍ୱାରା ବିତାଡ଼ିତ ହେଲେ । ବିଶେଷତଃ, ଋଗ୍‌ବେଦ ରଚନା କାଳରେ ଦ୍ରାବିଡ଼ମାନେ ଦ୍ରମିଳ, ଦୈତ୍ୟ, ଦାସ ଓ ଦସ୍ୟୁ ନାମରେ ଆର୍ଯ୍ୟ ସମାଜରେ ପରିଚିତ ଥିଲେ । (୧୭) ସେମାନେ ଦକ୍ଷିଣ ଓ ପୂର୍ବ ଭାରତରେ ଆସି ସ୍ଥାୟୀ ବସବାସ ଆରମ୍ଭ କରିଥିଲେ ତଥା ଶବରମାନଙ୍କର ବୃକ୍ଷ ଉପାସନାକୁ ଆପଣାର କରି ନେଇଥିଲେ । (୧୮) ଏତଦ୍‌ଭିନ୍ନ ସେମାନେ ମୂର୍ତ୍ତି ଓ ଲିଙ୍ଗ ପୂଜା ମଧ୍ୟ କରୁଥିଲେ, ଯାହାକି ଆର୍ଯ୍ୟ ଗୋଷ୍ଠୀ ଦ୍ୱାରା ନିନ୍ଦନୀୟ କାର୍ଯ୍ୟ ରୂପେ ବିବେଚନା କରାଯାଉଥିଲା । ପ୍ରମାଣିତ ହୁଏ, ସେହି ଦ୍ରାବିଡ଼ ଗୋଷ୍ଠୀର ଏକ ଶାଖା ପୂର୍ବ ମହୋଦଧି ତୀରରେ ଏକ ବିଶାଳକାୟ ଚତଃଶାଖାଯୁକ୍ତ ମହାଦାରୁ ଭାସିଆସି କୂଳରେ ଲାଗିଥିବାର ଦେଖି ସେଠାରେ ସ୍ଥାୟୀବସତି ସ୍ଥାପନ ପୂର୍ବକ ସେହି ଅପୌରୁଷ ଦାରୁର ଉପାସନା କରିଥିଲେ । ଦ୍ରାବିଡ଼ମାନଙ୍କର ଏହି ଦାରୁ ଉପାସନା ସଂପର୍କରେ ବୈଦିକ ଆର୍ଯ୍ୟଗୋଷ୍ଠୀ ଅବଗତ ଥିଲେ ତଥା ତତ୍‌ସଂପର୍କିତ ମନ୍ତ୍ର ରଚନା କରିଥିଲେ । ଏପରିକି, ଦୁର୍ଗ ନଗର ଓ ପୁର ନିର୍ମାଣରେ ଧୁରନ୍ଧର ଦ୍ରାବିଡ଼ଗୋଷ୍ଠୀ ଏକ ବିଶାଳସ୍ତୂପ ନିର୍ମାଣ ପୂର୍ବକ ଦାରୁ ଉପାସନା କରୁଥିବାର ପ୍ରମାଣ ସଂସ୍କୃତ ମହାଭାରତର ବନପର୍ବରୁ ପରିଦୃଷ୍ଟ ହୋଇଥାଏ । (୧୯) ଶବରମାନେ ସ୍ତୂପ ନିର୍ମାଣ କୌଶଳ

ଜାଣିନଥିବାରୁ ହୃଦ୍‌ବୋଧ ହୁଏ, ଦ୍ରାବିଡ଼ ଗୋଷ୍ଠୀ ହିଁ ସମୁଦ୍ର ତୀରରେ ଦାରୁ ଉପାସନା କରୁଥିଲେ ।

ପୁରୁଷୋତ୍ତମ ଜଗନ୍ନାଥଙ୍କ ଉପାସନାର ଧାରା, ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଦଇତାମାନେ ହିଁ ତାଙ୍କର ଆଦ୍ୟ ଓ ଶ୍ରୀଅଙ୍ଗ ସେବକ । ସ୍ନାନ ପୂର୍ଣ୍ଣିମାଠାରୁ ଅଣସର, ରଥଯାତ୍ରା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସକଳ ପୂଜାକାର୍ଯ୍ୟ ଦଇତାମାନେ ହିଁ ନିର୍ବାହ କରିଥାନ୍ତି । ଏପରିକି ନବକଳେବର, ବ୍ରହ୍ମ ସ୍ଥାପନ ଓ ଅନ୍ୟାନ୍ୟ ଗୁପ୍ତପୂଜା ମଧ୍ୟ ଦଇତାମାନଙ୍କ ଉପରେ ନ୍ୟସ୍ତ । ଉଲ୍ଲେଖଯୋଗ୍ୟ, ଏହିସବୁ ପୂଜା ସେମାନେ ବୈଦିକ ବିଧିରେ ନକରି ସେମାନଙ୍କର ପାରମ୍ପରିକ ରୀତିରେ କରିଥାଆନ୍ତି । ଏଥିରୁ ପ୍ରମାଣିତ ହେଉଛି, ଅଣଆର୍ଯ୍ୟ ଦଇତାମାନେ ହିଁ ପ୍ରଥମେ ଦାରୁପୂଜା ବେଦବାହ୍ୟ ବିଧିରେ ଆରମ୍ଭ କରିଥିଲେ ତଥା ପୂଜା ଉପାସନାର ଯୁଗୋପଯୋଗୀ କ୍ରମବିକାଶ ସାଧିତ ହୋଇଥିଲେହେଁ, ଦଇତାମାନେ ସେମାନଙ୍କ ମୂଳ ଅଧିକାର ଏ ପର୍ଯ୍ୟନ୍ତ ହରାଇନାହାନ୍ତି । ପ୍ରକୃତରେ ଦଇତା ଶବ୍ଦ ହିଁ ଦୈତ୍ୟ ଶବ୍ଦର ଅପଭ୍ରଂଶ । (୨୦) ସେମାନେ ଦୈତ୍ୟ, ଦଇତା ଯେଉଁ ପର୍ଯ୍ୟାୟଭୁକ୍ତ ହେଲେ ହେଁ ଜଗନ୍ନାଥଙ୍କ ପ୍ରଥମ ସେବକ ଏଥିରେ କାହାର ଦ୍ୱିମତ ନାହିଁ । କେତେକ ପୁରାଣକାର ଓ ବିଦ୍ୱାନ ସେମାନଙ୍କୁ ଶବର ରାଜ ବିଶ୍ୱାବସୁଙ୍କ ବଂଶଧର ବୋଲି ବିଚାର କରିଛନ୍ତି । କିନ୍ତୁ ନୃତତ୍ତ୍ୱ ଦୃଷ୍ଟିରୁ ବିବେଚନା କଲେ ଦୟିତାମାନେ ଶବର ବଂଶଧର ନୁହନ୍ତି ବୋଲି ହୃଦ୍‌ବୋଧ ହୁଏ । ଅଦ୍ୟାବଧି ଶବରମାନଙ୍କର ମନ୍ଦିର ପ୍ରବେଶାଧିକାର ସାର୍ବଜନୀନ ସ୍ୱୀକୃତି ଲାଭ କରି ନାହିଁ । ଏପରିକି ଶ୍ରୀମନ୍ଦିରରେ ମଧ୍ୟ ଏ ପର୍ଯ୍ୟନ୍ତ ଶବରମାନେ ପ୍ରବେଶାଧିକାର ପାଇନାହାନ୍ତି । ଦଇତାମାନଙ୍କୁ ଦ୍ରାବିଡ଼ ଗୋଷ୍ଠୀ ବା ଦୈତ୍ୟମାନଙ୍କ ବଂଶଧର ବିଚାର କରିବାରେ କୌଣସି ଅସୁବିଧା ନାହିଁ । ଦୈତ୍ୟମାନେ ଯୁଗେ ଯୁଗେ ବେଦବିରୋଧୀ ତଥା ଏପର୍ଯ୍ୟନ୍ତ ତାଙ୍କରି ବଂଶଧର ଦଇତାମାନେ ଜଗନ୍ନାଥଙ୍କଠାରେ ବେଦବାହ୍ୟ ଉପାସନା ପଦ୍ଧତି ଆରୋପିତ କରି ଆସିଛନ୍ତି । ମହନୀୟତା ହେଉଛି, ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଦାରୁ ଉପାସନାରେ ପ୍ରଭାବିତ ହୋଇ ଆର୍ଯ୍ୟମାନେ ପୂଜିତ ମହାଦାରୁକୁ ଚତୁର୍ଦ୍ଧାମୂର୍ତ୍ତିରେ ରୂପାନ୍ତରିତ କରିଥିଲେହେଁ ଦଇତାମାନେ ଜନ୍ମୋତ୍ସବ, ଅଣସର, ରଥଯାତ୍ରା, ନବକଳେବର, ବ୍ରହ୍ମସ୍ଥାପନା ଓ ଗୁପ୍ତ ପୂଜା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ସେବାପୂଜାରେ ଆପଣା ଅଧିକାରରୁ ବଞ୍ଚିତ ହୋଇନାହାନ୍ତି । ଆର୍ଯ୍ୟମାନେ ଦାରୁ ଉପାସନାକୁ ଆର୍ଯ୍ୟ ଭାବାପନ୍ନ କରିବାର ପରମ ସତ୍ୟଟିକୁ ପୁରାଣକାରବୃନ୍ଦ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ରୂପେ ବର୍ଣ୍ଣନା କରିବା ଛଳରେ ସ୍ୱୀକାର କରିଯାଇଛନ୍ତି । ପ୍ରମାଣିତ ହୁଏ, ମହୋଦଧି କୂଳରେ ପ୍ରଥମେ ଦ୍ରାବିଡ଼ମାନଙ୍କ ଦ୍ୱାରା ଦାରୁ ଉପାସନା ଆରମ୍ଭ କରାଯାଇଥିଲେ ହେଁ ପରବର୍ତ୍ତୀ କାଳରେ ଦୈତ୍ୟ ଦେବତା ଦାରୁ ଆର୍ଯ୍ୟମାନଙ୍କର ଦାରୁଦେବତାରେ ରୂପାନ୍ତରିତ ହୋଇଥିଲେ । ଫଳରେ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କର ମିଳନାତ୍ମକ ପ୍ରକ୍ରିୟା ଆରମ୍ଭ ହୋଇ ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଅବୈଦିକ ଓ ବୈଦିକ ବିଧିବିଧାନର ମହାମିଳନ ସଂଘଟିତ ହୋଇଛି । ଇତିମଧ୍ୟରେ ଦ୍ରାବିଡ଼ବଂଶୀ ଦଇତାଗଣ ଆର୍ଯ୍ୟ ଭାବାପନ୍ନ ହୋଇ ଆର୍ଯ୍ୟ ପୁରୋଦୃଷ୍ଟିରେ ଜୀବନଚର୍ଯ୍ୟା ନିର୍ବାହ ପୂର୍ବକ ଆର୍ଯ୍ୟଗୋଷ୍ଠୀଭୁକ୍ତ ହୋଇଗଲେଣି, ଅଥଚ ଜଗନ୍ନାଥଙ୍କଠାରେ ଅବୈଦିକ ପୂଜାବିଧି ଅବ୍ୟାହତ ରଖି ସେମାନଙ୍କ ପରମ୍ପରାର ପରିଧି ଭିତରେ ଆତ୍ମିକ ସନନ୍ଦ ରୂପେ ଠାକୁରଙ୍କର ଏକାନ୍ତ ଆପଣାର ହୋଇପାରିଛନ୍ତି । ଅପରପକ୍ଷରେ ସମଗ୍ର ବିଶ୍ୱକୁ ଆର୍ଯ୍ୟଭାବାପନ୍ନ କରିବା ନିମିତ୍ତ ସଂସ୍କାରବାଦୀ ଆର୍ଯ୍ୟଗଣ ଦ୍ରାବିଡ଼ମାନଙ୍କ ଉପାସିତ ମହାଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ବୈଦିକ ବିଧିରେ ଉପାସନାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଆର୍ଯ୍ୟଗୋଷ୍ଠୀ ବେଦ ବର୍ଣ୍ଣିତ ନିର୍ଗୁଣ ଭାଷ୍ୟକୁ ଦାରୁନିର୍ମିତ ମୂର୍ତ୍ତିରେ ସଗୁଣ ଭାଷ୍ୟ ରୂପେ ପ୍ରତିପାଦନ କରିବା କାମନାରେ ଅପାଣିପାଦ ମୂର୍ତ୍ତି ନିର୍ମାଣ କରିଛନ୍ତି । ଏହାଦ୍ୱାରା ବେଦ ବର୍ଣ୍ଣିତ ବ୍ରହ୍ମାକ୍ଷର ପ୍ରଣବକୁ ଦାରୁମୂର୍ତ୍ତିରେ ରୂପାୟିତ କରି ବିଶ୍ୱବନ୍ଦ୍ୟ କରିବାର ପ୍ରଚେଷ୍ଟା ହୋଇଛି । ଏହି ମହତ୍ୱପୂର୍ଣ୍ଣ ପ୍ରସଙ୍ଗଟି ପରବର୍ତ୍ତୀ କାଳରେ ରଚିତ ସ୍କନ୍ଦ ପୁରାଣରେ ସୂଚାଇ ଦିଆଯାଇଛି ।

'ଅହୋ ତବାୟ ଖଳୁ ଭାଗ୍ୟରାଶି ର୍ଯେନା ବିରାସୀଦ୍‌ଭୁବି ଦାରୁମୂର୍ତ୍ତି
ଯସ୍ୟାପ୍ୟୁପାସ୍ତିଂ ଶ୍ରୁତିରାହମୁକ୍ତି ପ୍ରଦାନମାସ୍ୱଞ୍ଜ ବିମୋହିତନାମ୍
ଯ(ସ) ଏଷ ପ୍ଲବତେ ଦାରୁଃ ସିନ୍ଧୁପାରେହ୍ୟ ପୌରୁଷଃ
ତମୁପାସ୍ୟ ଦୁରାରାଧଂ ମୁକ୍ତି ଯାତି ସୁଦୁର୍ଲଭମ୍ ।' (୨୧)

ଶ୍ଳୋକଟି ଋଗ୍‌ବେଦ ଓ ଅଥର୍ବବେଦ ମନ୍ତ୍ର ଅନୁସରଣରେ ରଚିତ ହୋଇ ଆର୍ଯ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ଉଦ୍ଦିଷ୍ଟ ହୋଇଥିଲେହେଁ ଦ୍ରାବିଡ଼ ପୂଜିତ ଦାରୁରୁ ନିର୍ମିତ ମୂର୍ତ୍ତିର ମହନୀୟତା ହିଁ ପ୍ରତିପାଦିତ । ଏଥିରେ ଦାରୁମୂର୍ତ୍ତିର ବୈଚିତ୍ର୍ୟ ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦତ୍ତ । ସ୍କନ୍ଦ ପୁରାଣ ଉଲ୍ଲିଖିତ ଅନ୍ୟ ଏକ ଶ୍ଳୋକରେ ମଧ୍ୟ ପ୍ରତିମାବାଦର ଝଲକରେ ପ୍ରତୀକବାଦର ରହସ୍ୟ ଉନ୍ମୋଚିତ ।

ନେକାନୈକ ସ୍ଥୂଳ ସୂକ୍ଷ୍ମାଣୁ ମୂର୍ତ୍ତେ
ବ୍ୟୋମାତୀତଂ ବ୍ୟୋମରୂପଂ ପ୍ରକାଶଂ
ବ୍ୟୋମାକାରଂ ବ୍ୟାପିନୋ ବ୍ୟୋମସଂସ୍ଥ
ବ୍ୟୋମାରୂଢ଼ଂ ବ୍ୟୋମ କେଶାଦ୍ଧ ଯୋନେ । (୨୨)

ଏହି ଶ୍ଳୋକର ଅର୍ଥ ହେଉଛି ଦାରୁମୂର୍ତ୍ତି ଏକ ଅଥଚ ଅନେକ, ସ୍ଥୂଳ, ସୂକ୍ଷ୍ମ, ସଗୁଣ, ନିର୍ଗୁଣ, ଶୂନ୍ୟ, ଅଶୂନ୍ୟର ପ୍ରତୀକ । ଏପରି ଲକ୍ଷଣର ମୂର୍ତ୍ତି ବିରଳ ହେଲେ ହେଁ ବେଦ ବର୍ଣ୍ଣିତ ପୂର୍ଣ୍ଣ ବ୍ରହ୍ମଙ୍କୁ ଆର୍ଯ୍ୟ ପ୍ରଚେତାବୃନ୍ଦ ପରମପୁରୁଷ ରୂପରେ ମୂର୍ତ୍ତିମନ୍ତ କରି ନିର୍ଗୁଣ ନିରାକାର ନିର୍ବିକଳ୍ପ ବ୍ରହ୍ମଙ୍କୁ ଜଗତ କଲ୍ୟାଣ କାମନାରେ ରୂପବନ୍ତ କରିଛନ୍ତି । ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗନ୍ନାଥଙ୍କ ପୂଜାବିଧିରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲେ ହେଁ ଅଦ୍ୟାବଧି ବଳଭଦ୍ରଙ୍କୁ ଅ'କାର, ସୁଭଦ୍ରାଙ୍କୁ

ଉ'କାର ଓ ଜଗନ୍ନାଥଙ୍କୁ ମ'କାର ରୂପେ ଚିନ୍ତନ କରାଯାଇ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବେଦର ନିଷ୍କର୍ଷ ଓଁକାର ସ୍ୱରୂପରେ ପୂଜା କରାଯାଉଛି ।

ଅତଏବ, ନିର୍ବିବାଦରେ ବ୍ୟକ୍ତ କରାଯାଇ ପାରେ ଯେ, ଦ୍ରାବିଡ଼ ଉପାସିତ ମହାଦାରୁ ଆର୍ଯ୍ୟ ପୁରୋଦୃଷ୍ଟିରେ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ମାନ୍ୟତାରେ ରୂପବନ୍ତ ହୋଇ ନୀଳାଚଳରେ ପୂଜା ପାଇ ଆସୁଛନ୍ତି । ଏହା ହିଁ ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା । ପରବର୍ତ୍ତୀ କାଳରେ ଅଗଣିତ ମୁନି, ଋଷି, ମହାତ୍ମା, ସାଧୁ, ସନ୍ଥ ଓ ଦାର୍ଶନିକ ଏହି ଦାରୁଦେବତାଙ୍କୁ ଆପଣା ଆପଣା ଦୃଷ୍ଟିରେ ଦର୍ଶନ କରିଥିଲେ ହେଁ ତାଙ୍କ ମୌଳିକତା ଅକ୍ଷୁଣ୍ଣ ରହିଛି । ଏପରିକି, ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈନମତ, ବୌଦ୍ଧମତ, ତନ୍ତ୍ରମତ, ଶାକ୍ତମତ, ବୈଷ୍ଣବମତ, ନାଥମତ ପ୍ରଭୃତି ଦାରୁଦେବତାଙ୍କଠାରେ ଆରୋପିତ କରାଯାଇଥିଲେ ହେଁ ତାଙ୍କ ମୌଳିକତା ପ୍ରତି ଅଦ୍ୟାବଧି ବିପଦ ସୃଷ୍ଟି ହୋଇନାହିଁ । ଅଧିକନ୍ତୁ, ବିଭିନ୍ନ ମତବାଦୀ ତାଙ୍କୁ ଆପଣା ଗୋଷ୍ଠୀର ଦେବତା ବୋଲି ପ୍ରମାଣ କରିବାର ପ୍ରୟାସ କରିଥିଲେ ହେଁ ସେ କୌଣସି ଗୋଟିଏ ଗୋଷ୍ଠୀର ସୀମା ସରହଦରେ ଆବଦ୍ଧ ନହୋଇ ଜଗତର ନାଥ ଜଗନ୍ନାଥ ନାମରେ ମହିମାବନ୍ତ ହୋଇଛନ୍ତି ତଥା ଆପଣା ସୃଷ୍ଟିର ରହସ୍ୟ ଉନ୍ମୋଚନକାରୀଙ୍କ ପାଣ୍ଡିତ୍ୟ, ବାଦବିସମ୍ବାଦ, ତର୍କବିତର୍କ ଓ ଆଲୋଚନା ପ୍ରତି ଆଲୋଚନାରେ ନିର୍ବାକ, ନିଷ୍କଳ ଏବଂ ନିର୍ବିକାର ହୋଇଯାଇଛନ୍ତି ।

'ସ୍ମାରଂ ସ୍ମାରଂ ସ୍ୱଗୃହ ଚରିତଂ ଦାରୁଭୂତୋ ମୁରାରି ।'

**ପାଦଟୀକା :**


୧. ଓଡ଼ିଶା ଇତିହାସ - ଡକ୍ଟର ହରେକୃଷ୍ଣ ମହତାବ, 'ଓଡ଼ିଶାର ଧର୍ମ ପରିଚ୍ଛେଦ', ପୃ.୫୫୪ ।

୨. ଦାରୁଦେବତା - ଡକ୍ଟର ବେଣୀଧର ପାଢ଼ୀ, ପୃ.୫୨ ।

୩. The land of Vishnu - Dr. G. Mohapatra

୪. ଶ୍ରୀଜଗନ୍ନାଥ ତତ୍ତ୍ୱ - ଡକ୍ଟର ଗୋପୀନାଥ ମହାପାତ୍ର, ପୃ.୭ ।

୫. ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର ଐତିହାସିକତା - କେଦାରନାଥ ମହାପାତ୍ର (ଭଞ୍ଜ ପ୍ରଦୀପ, ଆଶ୍ୱିନ-୧୩୪୬) ।

୬. ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ - ପଣ୍ଡିତ ନୀଳକଣ୍ଠ ଦାସ (ଝଙ୍କାର, ଦଶମ ବର୍ଷ, ଦ୍ୱିତୀୟ ସଂଖ୍ୟା, ପୃ.୧୯୦) ।

୭. ଦାରୁଦେବତା, ପୃ.୧୧୩-୧୩୬ ।

୮. ଓଡ଼ିଶା ଇତିହାସ - ପୃ.୨୬ ।

୯. ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ପଣ୍ଡିତ ନୀଳକଣ୍ଠ ଦାସ ।

୧୦. Vaishnavisim in Orissa, P. Mukherjee, p.18

୧୧. ପୁରୁଷୋତ୍ତମ ଜଗନ୍ନାଥ ଉପାସନାର ପ୍ରାଚୀନତା - ଅନ୍ତର୍ଯ୍ୟାମୀ ମିଶ୍ର (ଝଙ୍କାର, ୫୩ ବର୍ଷ,୩ୟ ସଂଖ୍ୟା) ।

୧୨. ଋଗବେଦ, ୧୦ମ ମଣ୍ଡଳ, ୧୫୫ ସୂକ୍ତ, ୩ୟ ମନ୍ତ୍ର

୧୩. ଅଥର୍ବ ବେଦ

୧୪. ଋଗବେଦ ସଂହିତା, ପୃ.୮୪୧

୧୫. The History & Culture of Indian People, Vol.-I-P-152, Ed. by R.C. Majumdar

୧୬. Ibid - p.147

୧୭. ଦାରୁଦେବତା - ପୃ.୭୨

୧୮. Cambridge History of India wheels, p.83

୧୯. ମହାଭାରତ, ବନପର୍ବ, ୧୧୪ ଅ. ୨୨ ଶ୍ଳୋ

୨୦. ଦାରୁଦେବତା, ପୃ.୫୪

୨୧. ସ୍କନ୍ଦ ପୁରାଣ, ଉତ୍କଳଖଣ୍ଡ, ୧୧ଶ ଅଧ୍ୟାୟ

୨୨. ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମହାତ୍ମ୍ୟ - ୧୯/୨୮



ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡେମୀ, ଢେଙ୍କାନାଳ






# ବୈଦିକ ଆକାଶରୁ ବଡ଼ଦାଣ୍ଡ : ପ୍ରସଙ୍ଗ ରଥ ପରମ୍ପରା

ଡକ୍ଟର ସନ୍ତୋଷ ତ୍ରିପାଠୀ

ଆଧିଭୌତିକ ପ୍ରଶାନ୍ତି, ମାନବୀୟ ସମତା, ସାଂସ୍କୃତିକ ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠାକ୍ରମେ ଶ୍ରୀକ୍ଷେତ୍ରର ଶ୍ରୀଦାଣ୍ଡରେ ଶ୍ରୀଜଗନ୍ନାଥଙ୍କ ମାନବବାଦୀ ମହୋତ୍ସବ 'ଶ୍ରୀଗୁଣ୍ଡିଚା-ରଥଯାତ୍ରା' ଶତାବ୍ଦୀ ଶତାବ୍ଦୀ ଧରି ବିଚିତ୍ର ଭାବକଳ୍ପର ତରଙ୍ଗ ଖେଳାଇ ଆସିଛି । ରଥଯାତ୍ରାର ଅହେତୁକ ଦୃଶ୍ୟ ଓ ପବିତ୍ର ଭାବ ପ୍ରତି ସମ୍ବତ୍ସରରେ ନୂଆ ନୂଆ ପ୍ରକାରେ ସାଧାରଣ ଦର୍ଶକଙ୍କୁ ଭକ୍ତରେ, ଭକ୍ତକୁ ଭାବୁକରେ, ଭାବୁକଙ୍କୁ ବିଚିତ୍ରକଳ୍ପା କବିରେ ଓ କବିଙ୍କୁ ପରମାର୍ଥଦର୍ଶୀ ଋଷିକ ଆତ୍ମାରେ ପରିଣତ କରିଆସିଛି । ରଥର ଯାତ୍ରା ପଥରେ ପରମ ଗତିପଥର ଆକର୍ଷଣକୁ, ରଥ ଉପରେ ପରମାତ୍ମା ବାମନଙ୍କ ପତିତପାବନ ରୂପକୁ ଓ ରଥନାଦରେ ଅପାର୍ଥିବଙ୍କ ଆହ୍ୱାନକୁ ଦେଖି, ଧ୍ୟାୟୀ ଓ ଶୁଣି ମର୍ତ୍ତ୍ୟବ୍ୟ ଜୀବନର ସକଳ ଅଳୀକତାକୁ ବିସ୍ମରିଯାଇ ପରମ ପ୍ରଶାନ୍ତିଙ୍କୁ ପାର୍ଥିବ ଆତ୍ମା ଲୋଡ଼ିବାର ଅବକାଶ ପାଇଛି ।

ଏବଂବିଧ ଭାବାବେଗର ବାସ୍ନା, ଆଧାତ୍ମିକ ଅଭିଳାଷ ଓ ଉଚ୍ଚାଙ୍ଗ ଦୃଷ୍ଟିକୋଣକୁ ଆଧାର କରି ଓଡ଼ିଶୀ ଐତିହ୍ୟକଳ୍ପର ବଡ଼ଦାଣ୍ଡରେ ରଥାରୋହୀ ବ୍ରହ୍ମଚତୁର୍ଦ୍ଧାମୂର୍ତ୍ତିଙ୍କ ବିସ୍ମୟକର ରହସ୍ୟବୃତ୍ତରେ ଅନୁବନ୍ଧିତ ହୋଇ ଅଲୌକିକ ଭାବନାର ବିମୁଗ୍ଧ ଶବ୍ଦକ୍ରୀଡ଼ା ଶାସ୍ତ୍ରକାର, ପୁରାଣକାର ଓ କବିମାନେ କରିଆସିଛନ୍ତି । ଏତଦ୍‌ବ୍ୟତୀତ ଲୌକିକ-ଅଲୌକିକ, ଭୂମିକଳ୍ପ-ଭୂମାକଳ୍ପ, ଇନ୍ଦ୍ରିୟ-ଇନ୍ଦ୍ରିୟୋତ୍ତର, ସାକାର-ନିରାକାର, ସସୀମ-ଅସୀମ ଓ ଲଭ୍ୟ-ଅଲଭ୍ୟ ଆଦି ମହାନୁଭବର ବିଚିତ୍ର ଲୀଳାର ସ୍ମାରକୀ ରଥଯାତ୍ରାର ବିଧାନ ଭିତରେ ଆମ ସାଂସ୍କୃତିକ ପରମ୍ପରା ଓ ଗଣପ୍ରତ୍ୟୟାତ୍ମକ ଅସ୍ମିତା ସମୀଭୂତ ହୋଇରହିଛି । ଶ୍ରୀଜଗନ୍ନାଥ ଚେତନା, ପ୍ରତ୍ୟୟ ଓ ପ୍ରତୀକାତ୍ମକ ଲୋକବୃତ୍ତିକୁ ଆଶ୍ରୟ କରି ଆମ ସାଂସ୍କୃତିକ ଭାବମାନସ ଓ ଆଧାତ୍ମିକ ସଂରଚନା ମଧ୍ୟରେ ଜୈନ, ବୌଦ୍ଧ, ବ୍ରାହ୍ମଣ୍ୟ, ଶୈବ, ସୌର, ଶାକ୍ତ୍ୟ, ଗାଣପତ୍ୟ, ବୈଷ୍ଣବ, ବ୍ରାତ୍ୟ ଓ ଆଦିବାସୀ ଶାବରୀୟ ଧର୍ମଧାରାର ସମ୍ମିଶ୍ରଣ ଘଟିଛି । ଏହି ସମ୍ମିଶ୍ରଣର ସ୍ୱାଭିମାନୀ ସ୍ୱରୂପକୁ ରଥଯାତ୍ରାର ବିଧି-ଅନୁବିଧିରେ ସହଜରେ ଲକ୍ଷ୍ୟ କରାଯାଇଥାଏ । ଉଭୟ ଶାସ୍ତ୍ରୀୟ ଓ ଲୌକିକ ସମ୍ବେଗ ମଧ୍ୟରେ ରଥଯାତ୍ରା ଗଣ-ମହୋତ୍ସବର ମାନ୍ୟତା ପାଇଆସିଛି ।

ଦୈବତ-ଭାବ ବିଶ୍ୱାସୀ ଭାରତୀୟ ପରମ୍ପରାରେ ଉପାସ୍ୟ ଦେବାଦେବୀଙ୍କୁ ସମ୍ମାନ କରି, ଶ୍ରଦ୍ଧାକରି, ବ୍ରାତିକ ଭାବନାରେ ମେଳା, ଯାତ୍ରା ଓ ମହୋତ୍ସବ ପାଳନ କରାଯାଇଥାଏ । ପାର୍ବିକ ମଣ୍ଡପକୁ ଆରାଧ୍ୟ ଦେବତାଙ୍କୁ ନେବାବେଳେ ନୌକା, ମେଢ଼, ବିମାନ ଓ କାଷ୍ଠଚକ୍ର ଖଞ୍ଜିତ ରଥର ଆଶ୍ରୟ ନିଆଯାଇଥାଏ । ଏହି କାରଣରୁ ହଜାର ହଜାର ବର୍ଷ ଧରି ରଥ, ମେଢ଼ ଓ ବିମାନ ଆମ ସଂସ୍କୃତିରେ ଦୈବୀ ମାନ୍ୟତାପ୍ରାପ୍ତ ଯାନ ଭାବରେ ଆଦୃତ ହୋଇଆସିଛି । ସର୍ବାପେକ୍ଷା ରଥ ଆମର ବାସନାତତ୍ତ୍ୱ, ପାରମ୍ପରିକ ଅଭିଳାଷ, ଐତିହ୍ୟ ପରିସ୍ପନ୍ଦ, ସଂହତିବୋଧ, ସର୍ଜନଶୀଳ କାବ୍ୟତା, ପାର୍ବିକ ବିଶ୍ୱାସ-ବିଧାନ ଓ ସାମୂହିକ ଅବଚେତନର ଦର୍ଶନ ଓ ଧାରଣାକୁ ପ୍ରୋତ୍ସାହିତ ଓ ଆସକ୍ତ କରିଆସିଛି । ଆମର ଭାବୁକପଣରେ ରଥ ହେଉଛି ପଞ୍ଚଭୂତର ଏକ ପାର୍ଥିବ କଳେବର । ଏଥିରେ ଆରାଧ ଦେବତା ଆରୋହଣ କରି ଆତ୍ମାବତ୍ ବିରାଜମାନ କରନ୍ତି । ଭକ୍ତି-ପ୍ରୀତି-ମୁକ୍ତିର ପରମ ପ୍ରତିଭୂ ଦିବ୍ୟାତ୍ମା ସତ୍ୟକଲ୍ୟାଣ-ସୁନ୍ଦର-ଐଶ୍ୱର୍ଯ୍ୟର ଲୀଳା ସାଧନ ନିମନ୍ତେ ରଥାରୋହୀ ହୋଇ ପାର୍ଥିବ-ପରିଭ୍ରମଣ କରନ୍ତି । ଏହି ପ୍ରକାର ପରିକ୍ରମଣ ଯାତ୍ରାରେ ଦେବତାଙ୍କ ସହିତ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଆତ୍ମଭକ୍ତିର ଗୂଢ଼ ସଂଯୋଗର ଅବକାଶ ଘଟିଥାଏ । ସ୍ଥୂଳତଃ ଆମ ସାଂସ୍କୃତିକ ପ୍ରତ୍ୟୟ ଓ ଅସ୍ମିତାର ଏକ ସମନ୍ୱୟ-ଭାବନାଦ୍ୟୋତକ ପକ୍ଷ ହେଉଛି 'ରଥ-ପରମ୍ପରା' । ଏହି ପରମ୍ପରାର ଅନ୍ୟତମ ମହତ୍ତମ ନିଦର୍ଶନ ହେଉଛି ଶ୍ରୀକ୍ଷେତ୍ରର 'ଶ୍ରୀଗୁଣ୍ଡିଚା-ରଥଯାତ୍ରା' । ଏହି ମହୋତ୍ସବରେ ଜାତି-ଜାତି ମଧ୍ୟରେ, ଭାବ-ଭାବ ମଧ୍ୟରେ, ଦର୍ଶନ-ଦର୍ଶନ ମଧ୍ୟରେ, ଜୀବ-ପରମ ମଧ୍ୟରେ, ମାନବ-ଦେବତା ମଧ୍ୟରେ, ସମନ୍ୱୟର ମହାପିଣ୍ଡ ନିର୍ମିତ ହୋଇଥାଏ ।

ଆମ ଶାସ୍ତ୍ରୀୟ ବିଶ୍ୱାସରେ ପ୍ରକୃତି ଦେବତା ରୂପେ ଚରାଚରର କଲ୍ୟାଣ ନିମନ୍ତେ ରଥାରୋହଣ କରି ପରିକ୍ରମଣ କ୍ରମଶଃ ଭାରତୀୟ ପରମ୍ପରାରେ ରଥସଂସ୍କୃତି ଏକ ସମ୍ମାନସ୍ପଦ ଆଭିଜାତ୍ୟବାଦୀ ଐଶ୍ୱର୍ଯ୍ୟବିଳାସୀ ଲୀଳାର ପ୍ରତୀକ ହୋଇଉଠିଛି । ଫଳତଃ ଭାରତୀୟ ଧାର୍ମିକ ଭାବମାନସରେ ଦେବତାଙ୍କୁ, ରାଜାଙ୍କୁ, ପିତୃପୁରୁଷଙ୍କ ପ୍ରତିମା ଓ ସ୍ମାରକୀକୁ ରଥରେ ବିଜେ କରାଇ ଉତ୍ସବମାନ ପାଳନ କରାଯାଇଛି ।

ଉପାସ୍ୟ ଦେବତାଙ୍କୁ ଗଣଦେବତାରେ-ଶାସ୍ତ୍ରୀୟ ଦେବତାରେ-ରାଷ୍ଟ୍ରଦେବତାରେ ପରିଚିତ କରାଇ ରଥରେ ବସାଇ ନଗର ପରିକ୍ରମଣ କରାଇ ଦୈବତ-ମହିମାକୁ ଉନ୍ନତରୁ ଉନ୍ନତତର ଓ ସମୂହ-ନାନ୍ଦନିକ-ବିଶ୍ୱାସର ପ୍ରସଙ୍ଗ କରିବାର ଆବେଗପ୍ରବଣ ମାନସିକତା ବୈଦିକ ଯୁଗରୁ ଧର୍ମ ସଂପ୍ରଦାୟବାଦୀ ସଂରଚନାରେ ପରିବୃଦ୍ଧି ଲାଭ କରିଛି । ରଥ ଦେବଲୀଳାରୁ ମାନବୀୟ ଭୋଗ ଲୀଳାର ଆନୁଷଙ୍ଗିକ ବିଷୟ ଭାବରେ ପରିଗୃହୀତ ହୋଇଛି । ରଥ-ରଥୀ-ରଥ୍ୟା-ରଥଯାତ୍ରାର ଐଶ୍ୱର୍ଯ୍ୟମୟ ଅନୁଭୂତି ଏବଂ ସାଂସ୍କୃତିକ ଅଭିଳାଷ ଭାବରେ କଳା-ସଂଗୀତ-ଭାସ୍କର୍ଯ୍ୟ-ସାହିତ୍ୟ ସମ୍ବନ୍ଧୀ କଳ୍ପନାକୁ ବିଚିତ୍ର-ରସମୟ ପ୍ରେରଣା ଯୋଗାଇ ଦେଇଛି ।

ରଥ ପରମ୍ପରା ଶ୍ରେୟକଳ୍ପୀ ସନାତନୀୟ ମୂର୍ଦ୍ଧନ୍ୟ ଭାବନାରୁ ଆରମ୍ଭ ହୋଇଛି ଏବଂ ଏହାର ବଳିଷ୍ଠ, ବ୍ୟାପକ ଓ ଅବିକଳ୍ପ ସିଦ୍ଧିତ୍ୱକୁ ଶ୍ରୀଜଗନ୍ନାଥଙ୍କ ପରମପାବନୀ, ଭକ୍ତିମୁକ୍ତି ଫଳପ୍ରଦା ରଥ-ମହୋତ୍ସବ ଭିତରେ ଲକ୍ଷ୍ୟ କରାଯାଏ । ଚରାଚର ହିତାର୍ଥେ ଶ୍ରୀଗୁଣ୍ଡିଚାର ପାର୍ବିକ ଓ ବ୍ରାତିକ ରଥ ସଂସ୍କୃତି ସମଗ୍ର ବିଶ୍ୱମାନବର ଅବବୋଧକୁ ଉଦାର-ଉଦାତ୍ତ ମୈତ୍ରୀ ସୂତ୍ରରେ ବାନ୍ଧି ରଖିଛି । ଦିବ୍ୟାଦିବ୍ୟ ଭାବସୂତ୍ରରେ ସଂଯମ-ସୌନ୍ଦର୍ଯ୍ୟ-ସାନନ୍ଦ-ପରମାର୍ଥର ଏକ ମହତ୍ତମ ବିଶ୍ୱାସର ନୀଳାଭ ବଳୟ ଏହି ରହୁବରଯାତ୍ରା/ବ୍ରହ୍ମୋତ୍ସବ ବିଶ୍ୱବ୍ୟାପୀନ କରିଦେଇଛି ।

ଶ୍ରୀଜଗନ୍ନାଥ ସଂସ୍କୃତିର ନାନ୍ଦୀମୁଖ ହେଉଛି ଐଶ୍ୱର୍ଯ୍ୟ ଲୀଳାଦ୍ୟୋତକ ରଥୋତ୍ସବ । ଏହି ଭାଗବତୀୟ ଉତ୍ସବରେ ଅନୁସୃତ ନାନ୍ଦୀକ ଅନୁବିଧିରେ ଯୋଗଲଗ୍ନିକ ହେବାକୁ ସାଂପ୍ରଦାୟିକ ଧର୍ମବିଧାନଗୁଡ଼ିକ ଗୌରବବୋଧ କରିଛନ୍ତି । ପର୍ଯ୍ୟାୟକ୍ରମରେ ରଥଯାତ୍ରାର ଔପଚାରିକ ବିଧିବିଧାନର କ୍ରମପର୍ଯ୍ୟାୟରେ ଜୈନ, ବୌଦ୍ଧ-ବ୍ରାତ୍ୟ-ତନ୍ତ୍ର-ଶାକ୍ତ ଆଦି ସଂପ୍ରଦାୟର ପ୍ରବିଧିଗୁଡ଼ିକ ସମୀଭୂତ ହୋଇଛନ୍ତି । ମାତ୍ର ଏହି ମାନବବାଦୀ ଗଣମହୋତ୍ସବର ଉତ୍ସକଳ୍ପଟି ବୈଦିକ ବ୍ରହ୍ମୋତ୍ସବର ଭାବଭଦ୍ରାୟିତ ପିଣ୍ଡରୁ ଉତ୍ସାରିତ ହୋଇଆସିଛି ।

ବୈଦିକ ସନାତନୀୟ ବିଚାର ଓ ସର୍ଜନଶୀଳ ରଷିକ କଳ୍ପନାରେ 'ରଥ' କେବଳ ଏକ ବସ୍ତୁବିଶେଷ ପ୍ରତୀକ ଓ ଉପମା ନୁହେଁ, ବ୍ୟବହାର ଯୋଗ୍ୟ ଓ ଆରୋହ-ଉଦ୍ଦେଶ୍ୟମୂଳକ ଯାନ ବିଶେଷ୍ୟ ନୁହେଁ, ଦେବସ୍ୱ ମଧ୍ୟ ନୁହେଁ । ପୁନଶ୍ଚ ବ୍ୟାକରଣ ବିଚାର ସମର୍ଥିତ ଓ ଅଭିଧା ବୃତ୍ତିରେ ପରିଭାଷିତ ରଥ ଓ ଏହାର ସମାର୍ଥ ବାଚକ ଶବ୍ଦ ରହୁ ଓ ସ୍ୟନ୍ଦନଦ୍ୱୟକୁ ଏ କ୍ଷେତ୍ରରେ ବିଶ୍ଳେଷଣ କରାଯାଇପାରେ । ରଥ- ରମ୍+ଥ / ରହୁ-ରହଃ+ଉ-ରମ୍+ଅସ୍+ଉ/ସ୍ୟନ୍ଦନ- ସନ୍ଦ୍+ଅ=ସ୍ୟନ୍ଦ+ଅନ ଇତ୍ୟାଦି ବ୍ୟାକରଣିକ କୃଦନ୍ତପଦ ଭାବରେ ରଥ, ରହୁ ଓ ସ୍ୟନ୍ଦନ ଶବ୍ଦର ଉତ୍ପତ୍ତି ଘଟିଛି । ରମ୍ ଓ ସନ୍ଦ୍ ଧାତୁ ମୁଖ୍ୟତଃ ଗତି, ଗୁପ୍ତଗତି, ସୁନ୍ଦର କଲ୍ୟାଣଙ୍କର ବେଗ ସହିତ ସମ୍ବନ୍ଧିତ । ପୁନଶ୍ଚ ରମ୍+ଥ ଓ ସ୍ୟନ୍ଦ୍+ଅନ୍ ପ୍ରତ୍ୟୟାନ୍ତ ଶବ୍ଦ ଦ୍ୱୟ ଶରୀର ସାଦୃଶ୍ୟବାଚକ ବିହାର ଉପଯୋଗୀ ଯାନ ବିଶେଷ୍ୟ ଅର୍ଥରେ ବ୍ୟବହୃତ ହୁଅନ୍ତି । ତେଣୁ ବ୍ୟାକରଣିକ ବ୍ୟୁତ୍ପତ୍ତିଗତ ପରିଭାଷା ଦିଗରୁ -

ରଥ - ହେଉଛି ବିହାର ଉପଯୋଗୀ ବସ୍ତୁ ଶରୀର ବିଶିଷ୍ଟ ଯାନ ।

ରହୁ - ହେଉଛି ଗୁହ୍ୟ ବା ରହସ୍ୟମୟ ଓ ସୁନ୍ଦର ଉଦ୍ଦେଶ୍ୟରେ ଯାତ୍ରା କରିବାର ସହାୟକ ଯାନ ।

ସ୍ୟନ୍ଦନ - ଚକ୍ରଯୁକ୍ତ ବେଗବାନ ଯାନ ।

ସନାତନୀୟ ସଂହିତା ଓ ପୁରାଣ ସାହିତ୍ୟରେ ରହୁ ଓ ସ୍ୟନ୍ଦନର ବ୍ୟବହାର ହୋଇଥିବାବେଳେ ବେଦ ଉପନିଷଦରେ 'ରଥ'ର ପ୍ରୟୋଗ ଓ ପ୍ରୟୋଜନ ପରିଲକ୍ଷିତ ହୁଏ । ବେଦରେ 'ରଥ' ବ୍ୟୋମଚାରଣ ଉପଯୋଗୀ ଦେବସ୍ୱ କେବଳ ନୁହେଁ, ସେ ସ୍ୱୟଂ ଦେବତା ମଧ୍ୟ । ଚରାଚର ମଙ୍ଗଳ ଉଦ୍ଦେଶ୍ୟରେ ଦେବସ୍ୱ ଭାବରେ ଦେବତାମାନଙ୍କୁ ସଜ୍ଜୀଭୂତ ଶରୀର ଭିତରେ ଆରୂଢ଼ କରାଇ ବ୍ୟୋମ ବିହାର କରାଇବା ସମୟରେ ବେଗବାନ 'ରଥ' ଜଡ଼ଶକ୍ତି ବିଶିଷ୍ଟ ଯାନ । ମାତ୍ର ସ୍ୱୟଂ ମଙ୍ଗଳଦାୟକ ପୁଣ୍ୟାହବାଚକ ଘୋଷନାଦ କରି ଶୂନ୍ୟରେ କାଳ-ମହାକାଳର ଅଧିନିୟମାନୁସାରୀ ହୋଇ ଚକ୍ରାୟିତ ଯାତ୍ରା କରୁଥିବା ବେଳେ ବ୍ରହ୍ମତେଜସ୍‌ରେ ଦେଦୀପ୍ୟମାନ 'ରଥ' ବ୍ରହ୍ମଚେତନାର ଅଂଶୀହୋଇ ସ୍ୱୟଂ ଦେବତା ରୂପେ ପ୍ରତିଭାତ ହୁଅନ୍ତି ।

'ରଥ' ମହାତ୍ମାଙ୍କ ସ୍ଥିତି ସ୍ୱୟଂସିଦ୍ଧ-ସେ ଶୂନ୍ୟରୂପ ଓ ପୂର୍ଣ୍ଣ ସାକାର ରୂପ । ରଥ ଅଦୃଶ୍ୟ ଥା'ନ୍ତି ଓ ସ୍ମରଣ କରିବା ମାତ୍ରେ ବୈଦିକ-ଋଷିକବିଙ୍କ କଳ୍ପନା ଅନୁସାରେ ଗୁଢ଼ପିଣ୍ଡି ତ୍ୟାଗ କରି ରଥୀଙ୍କ ସାମ୍ନାରେ ପ୍ରତ୍ୟକ୍ଷ ସୁରତ ରହୁ ରୂପରେ ଉଭା ହୋଇଯା'ନ୍ତି । ସେ ଚେତସ ଶକ୍ତିରେ ବେଗବାନ ହୋଇ ପ୍ରକୃତିକଳ୍ପ ଇଷ୍ଟ ଦେବତାଙ୍କ (ଇନ୍ଦ୍ର, ବରୁଣ, ଉଷା, ରାତ୍ରି, ଅଗ୍ନି, ବାୟୁ, ସବିତା, ଅଶ୍ୱିନୀ କୁମାର, ପୂଷା ପ୍ରମୁଖଙ୍କୁ) ଜଗତ ପରିକ୍ରମଣ କରାଇଥା'ନ୍ତି । ମହାସେବକ ମହାବାହାନ ରଥଦେବ ସତ୍ୟ-ଶିବ-ସୁନ୍ଦରର ମହାଭାବମାନଙ୍କୁ ସର୍ବତ୍ର ବହି ନିୟନ୍ତି । ଯୁଦ୍ଧର, ଧ୍ୱଂସର, ପୁନଃ ସର୍ଜନ ଓ ଶାନ୍ତିର ପ୍ରତ୍ୟକ୍ଷ ସାକ୍ଷୀ ରୂପରେ ସ୍ୱୟଂ ଘର୍ଘର ନାଦ କରି ରଥ୍ୟାପଥରେ କଲ୍ୟାଣ ବୋଧର ମାଙ୍ଗଳିକ ଗାନ କରିଥା'ନ୍ତି ।

ବେଦ କବିଙ୍କ କଳନାରେ ରଥର କଳେବର ବିଧାନ ଓ ସୃଷ୍ଟି ରହସ୍ୟ ମଧ୍ୟ ବିଚିତ୍ର ଓ ବିସ୍ମୟୋତ୍ପାଦକ । ଋଗବେଦର ୬-୪୭-୨୮ ସୂକ୍ତରେ ରଥର କଳେବର ହେଉଛି ଶବଳିତ ପ୍ରକୃତି-ସ୍ୱରୂପ । ସୂର୍ଯ୍ୟଙ୍କ ହିରଣ୍ମୟ ଗର୍ଭ ଓ ବରୁଣଙ୍କ ଶୀତକର ନାଭିର ସମନ୍ୱୟରେ ରଥ-ପିଣ୍ଡର ସୃଷ୍ଟି । ତେଣୁ ଜନ୍ମକାଳରୁ ରଥ ଦୀପ୍ତି ଓ ଶାନ୍ତିର ପ୍ରତୀକ । ଅଥର୍ବ ବେଦ ସଂହିତାର ସୂକ୍ତି ଅନୁସାରେ (୯-୪-୧-୧୫) ରଥ ଆକାଶାଚ୍ଛାଦିତ ଇନ୍ଦ୍ରଙ୍କ ବଳ, ତୀବ୍ର ଚଳନମାନ ମରୁତ୍‌ଗଣଙ୍କର ପ୍ରବହମାତା ଶକ୍ତି, ସୂର୍ଯ୍ୟଙ୍କ ପ୍ରଖର ତେଜଦୀପ୍ତ ଗର୍ଭ ଓ ବରୁଣଙ୍କ

ଶମନୀୟ ନାଭିକୁ ନେଇ ପରିକଳ୍ପିତ । ଅଥର୍ବ ବେଦୀ କବି ଦୃଷ୍ଟିରେ ରଥ ଶକ୍ତି, ଜ୍ଞାନ, ଜ୍ୟୋତି, ବେଗ ଓ ଶମର ମିଶ୍ରଣରେ ସୃଷ୍ଟିଲାଭ କରିଥିବା ଏକ ମଙ୍ଗଳମୟ ଐଶୀବିଧାନ । ଶତପଥ ବ୍ରାହ୍ମଣର ୧୫ ସଂଖ୍ୟକ ଶ୍ଳୋକାନୁଯାୟୀ ରଥ ସ୍ୱୟଂ ସ୍ୱର୍ଗ ସଂଚାରୀ ଦ୍ୟୋତମାନ ସୂର୍ଯ୍ୟ । ସୂର୍ଯ୍ୟଙ୍କ ଗତି-ତେଜ-କିରଣର ଶ୍ରେଷ୍ଠାଂଶକୁ ଆଧାର କରି ରଥଦେବତାଙ୍କ ଜନ୍ମଜାତକ ନିର୍ଦ୍ଦିଷ୍ଟ ହୋଇଛି । ପୁନଶ୍ଚ ଏହାର ୧-୨-୪-୧ ଶ୍ଳୋକରେ ବର୍ଣ୍ଣିତ ହୋଇଛି ଯେ ଇନ୍ଦ୍ର ବୃତ୍ରାସୁରର ବଧ ଉଦ୍ଦେଶ୍ୟରେ ଯେଉଁ ପ୍ରଚଣ୍ଡ ଆଗ୍ନେୟ, ମରୁତ୍‌ବତ୍ ବେଗବାନ ଓ ପ୍ରଚଣ୍ଡ ଏବଂ ସୂର୍ଯ୍ୟ ତାପବତ୍ ତେଜଦୀପ୍ତ ବଜ୍ର ପ୍ରହାର କରିଥିଲେ ତାହାର ବ୍ରହ୍ମଶକ୍ତିରୁ ରଥର ଉତ୍ପତ୍ତି । ବ୍ରାହ୍ମଣ ମତରେ ରଥ ସର୍ବଦା ଶକ୍ତି ଓ ବିଜୟର ପ୍ରତିନିଧିତ୍ୱ କରୁଅଛି ।

ଅଥର୍ବ ବେଦୀ (୨୦/୧୪/୪-୫)ଙ୍କ ମତରେ ବ୍ରହ୍ମଅଗ୍ନିରୁ ଜାତ ହୋଇଥିବାରୁ ଅଗ୍ନିଙ୍କ ଉପଦେଶ ଓ ନିର୍ଦ୍ଦେଶରେ ଯଜ୍ଞ କ୍ଷେତ୍ରକୁ ବା ବ୍ରହ୍ମବେଦୀଙ୍କ ସ୍ଥଳକୁ ଦେବତାମାନଙ୍କୁ ରଥ ଚରାଚର ହିତାର୍ଥେ ବହନ କରି ଆଣିଥାଏ । ରଥର ଉପଯୋଗିତା ମଙ୍ଗଳବୋଧ ଉପରେ ପ୍ରତିଷ୍ଠିତ । ବେଦାନ୍ତ ଓ ଏହାର କ୍ରମ ପର୍ଯ୍ୟାୟ ରୂପ ଉପନିଷଦ ପରମ୍ପରାରେ ରଥ ସଂସ୍କାର ସୁଖ, ସୌଭାଗ୍ୟର ନଗର ଭ୍ରମଣ ଭିତ୍ତି ଉପରେ ପର୍ଯ୍ୟବସିତ । ଅଥର୍ବ ବେଦ ସଂହିତା ଓ ପ୍ରଶ୍ନୋପନିଷଦର ଆପ୍ତବାଣୀ ବିଚାରରେ ଦେବଶକ୍ତିର ପ୍ରତିଷ୍ଠା ବା ବ୍ରହ୍ମଶକ୍ତିର ପ୍ରତିଷ୍ଠା ପରବର୍ତ୍ତୀ ଦିନ ଶକ୍ତିଙ୍କର ନଗର ଭ୍ରମଣ ଓ ତଦ୍‌ପରବର୍ତ୍ତୀ ଦିନରେ ମୂଳପିଣ୍ଡସ୍ଥଳକୁ ପ୍ରତ୍ୟାବର୍ତ୍ତନ ହେଉଛି ଆପ୍ତବିଧିକ ବ୍ରହ୍ମୋତ୍ସବ । ବ୍ରହ୍ମଶକ୍ତିଙ୍କୁ ରଥରେ ନଗର ଭ୍ରମଣ କରାଇବା ହେଉଛି ଶିବାନୁମୋଦିତ ସଂକଳ୍ପ ବା ମଙ୍ଗଳଦାୟକ ବିଧାନ । ନଗର ଭ୍ରମଣ କାଳରେ ରଥ ବ୍ରହ୍ମାଂଶୀ, ରଥୀ ସ୍ୱୟଂ ବ୍ରହ୍ମ ଓ ରଥ୍ୟା (ରଥପଥଂ) ପରମ ସୁଖକର (ପରମ ସୁଖଂ) । ବୈଦିକ ରଥ ପରମ୍ପରାର ବଳିଷ୍ଠ ଓ ପରମ ରୂପାୟଣ ଘୋଷ ଯାତ୍ରା ହେଉଛି ବ୍ରହ୍ମୋତ୍ସବ ବା ବ୍ରହ୍ମଯାତ୍ରା । ଦାରୁବ୍ରହ୍ମଙ୍କର ବ୍ରହ୍ମାଂଶୀ ଦେବରଥରେ ନବଦିନ ପାଇଁ ଜନ୍ମବେଦୀ/ଆଡ଼ପବେଦୀ/ମହାବେଦୀ ଯାତ୍ରା ନଗର ଭ୍ରମଣ କ୍ରମେ ହୋଇଥାଏ । ରଥ ତ୍ରୟୀ ଏହି ଉତ୍ସବରେ ସ୍ୱୟଂ ସ୍ୱର୍ଗାବତଂଶୀ, ରଥୀ ସ୍ୱୟଂ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତି ଓ ସୁଖଂ ରଥପଥ (ରଥ୍ୟା) ସ୍ୱୟଂ ବଡ଼ଦାଣ୍ଡ, ସ୍କନ୍ଦପୁରାଣ ଅନୁସାରେ 'ସାକ୍ଷାତ୍ ଭୂସ୍ୱର୍ଗଂ ସାଂପ୍ରତଂ'' ।

ଭୂସ୍ୱର୍ଗ ବଡ଼ଦାଣ୍ଡରେ ସ୍ୱୟଂ ରଥ ମହାତ୍ମା ଶ୍ରୀମୂର୍ତ୍ତିମାନଙ୍କୁ ଧାରଣ କରି ଭକ୍ତିମୁକ୍ତି ପ୍ରଦାୟିନୀ ନଗର ପରିକ୍ରମଣ କରିବାର ବେପଥୁବନ୍ତ ଦୃଶ୍ୟକୁ ଦେଖି ପ୍ରାଚୀନ ଓଡ଼ିଆ ଯୋଗ ବଶିଷ୍ଠ ସିଦ୍ଧକବି ଯେତେବେଳେ ନିଜର ଅନୁଭୂତିକୁ ଅଭ୍ରାନ୍ତ କାବ୍ୟତା ରୂପ ଦେବୀକୁ ଯାଇ ଗାଇଛନ୍ତି -

'ଦେହ ନନ୍ଦିଘୋଷେ ଆତ୍ମା ବ୍ରହ୍ମମୂର୍ତ୍ତି
ମନ ପବନ ଯେ ଏଥି ସାରଥି ।'

ସେତେବେଳେ ବୈଦିକ କାବ୍ୟତାର ରଥାନୁଭୂତିକୁ କଠୋପନିଷଦର ଉଦାତ୍ତବାଣୀ ସାଧକ ଦୀର୍ଘ ବ୍ୟବଧାନ ପରେ ଆକାଶଚାରୀ ଭାବନାର ପରିମଣ୍ଡଳରୁ ବଡ଼ଦାଣ୍ଡର ନିରୁତା ମାଟି ମନସ୍କ ପରିବେଶକୁ ଓହ୍ଲାଇ ଆସି ତାଙ୍କର ପବିତ୍ର ତତ୍ତ୍ୱଦର୍ଶୀ ଆପ୍ତବାଣୀ 'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ / ବୁଦ୍ଧିଂ ତୁ ସାରଥି ବିଦ୍ଧି ମନଃ ପ୍ରଗ୍ରହ ମେବ ଚ'କୁ । ଉତ୍କଳୀ ଭାଷାରେ ଭାବାନୁବାଦ କରି ପୁନର୍ବାର ଗାଇଲେ ବୋଲି ବୋଧ ହେଉ ନାହିଁକି ? ଶ୍ରଦ୍ଧାଳୁବର୍ଗ ! ଏହି ଦୃଷ୍ଟିରୁ 'ବ୍ରହ୍ମ ପରେ ବ୍ରହ୍ମ ଏହି' (ଦିବାକର ଦାସ) ଶ୍ରୀମୂର୍ତ୍ତି ଦାରୁବ୍ରହ୍ମଙ୍କ ବ୍ରହ୍ମୋତ୍ସବ ଶ୍ରୀଗୁଣ୍ଡିଚାର ସର୍ବକାରଣ ପରସିଦ୍ଧିକ ଅନୁବିଧିରେ ବୈଦିକ ଦର୍ଶନ ଓ ଉପନିଷଦୀୟ ଲୀଳାବୋଧକୁ ଅନୁଶୀଳନ କରିବା ପୂର୍ବରୁ ଋଗ୍‌ବେଦଠାରୁ ପ୍ରଶ୍ନୋପନିଷଦ ପର୍ଯ୍ୟନ୍ତ ବିବିଧ ଆର୍ଷଚେତନାର କୃତିରେ ରଥପରମ୍ପରା ସମ୍ବନ୍ଧୀ ସ୍ୱତନ୍ତ୍ର ଦୃଷ୍ଟିକୁ ସମ୍ୟକ୍ ଭାବେ ଆଲୋଚନା କରାଯାଉଛି ।

ପ୍ରାୟତଃ ଚାରିହଜାର ବର୍ଷର ପ୍ରାଗ୍ ଐତିହାସିକ ଅସ୍ମିତାର ମହତ୍ୱ ଦାବୀ କରୁଥିବା ଋଗ୍‌ବେଦ (ଯେଉଁଠି ଋଷିକବି ମହାସମୁଦ୍ରର ତରଙ୍ଗରେ ଅପୁରୁଷ - ବ୍ରହ୍ମସତ୍ତାର ଭାସମାସ ଦାରୁରୂପଙ୍କୁ ଦେଖି ତଟସ୍ଥ ହୋଇ ଗାଇଥିଲେ - ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍) ଓ ଋଗ୍‌ବେଦ ସଂହିତାରେ ଆନୁମାନିକ ସର୍ବମୋଟ ୭୨ ଥର ରଥର ବିବିଧ ରୂପ, ପ୍ରୟୋଜନ, ଦୈବ ଭୂମିକା ଓ ତାତ୍ତ୍ୱିକ ମହତ୍ୱ ଇତ୍ୟାଦିକୁ ବର୍ଣ୍ଣନା କରାଯାଇଛି ।

ଋଗ୍‌ବେଦରେ ରଥ ହେଉଛି ବ୍ୟୋମଚାରୀ ଦେବଯାନ । ବେଦବାଦୀ ଦେବତା ଭାବରେ ସୂର୍ଯ୍ୟ, ଇନ୍ଦ୍ର, ଅଗ୍ନି, ବରୁଣ, ଅଶ୍ୱିନୀକୁମାର, ମରୁତ, ସବିତା, ସରସ୍ୱତୀ ପୂଷନ୍, ଉଷା, ବାୟୁ ପ୍ରମୁଖ ଐଶ୍ୱର୍ଯ୍ୟ ଲୀଳା ସଂପାଦନ ପୂର୍ବକ ଓ ଯାଜ୍ଞିକ ଦାୟିତ୍ୱ ସଂସାଧନ ନିମନ୍ତେ ରଥାରୋହଣ କରନ୍ତି । ଋଗ୍‌ବେଦ ସମୟକୁ ହିରଣ୍ୟଗର୍ଭ ସୂର୍ଯ୍ୟ ବିଷ୍ଣୁ ହିଁ ସର୍ବଶକ୍ତିମାନ ଦେବତା । ବେଦର ଋଷି ଦୃଷ୍ଟି ବିଶ୍ୱାସ କରନ୍ତି ଯେ ସାତରଙ୍ଗର କିରଣରୂପୀ ଅଶ୍ୱ ଦ୍ୱାରା ତୀବ୍ରବେଗରେ ଗତିଶୀଳ ଏକଚକ୍ର ବିଶିଷ୍ଟ ରଥରେ ହିରଣ୍ୟଗର୍ଭ ସୂର୍ଯ୍ୟ ଚରାଚର ମଙ୍ଗଳ ଉଦ୍ଦେଶ୍ୟରେ ଭ୍ରମଣ କରନ୍ତି । ଏହି ଏକଚକ୍ରୀୟ ରଥ ବିଧାନରେ ତିନିଗୋଟି ନାଭିକେନ୍ଦ୍ର ବା ମଧ୍ୟଭାଗର ପରିକଳ୍ପନା କରାଯାଇଛି । ଚକ୍ରତ୍ରିନାଭି ତ୍ରିଲୋକ, ତ୍ରିକାଳ ଓ ତ୍ରିଋତୁ (ଭୂଲୋକ-ଦ୍ୟୁଲୋକ-ସ୍ୱର୍ଗଲୋକ/ବିଗତ-ବର୍ତ୍ତମାନ-ଆଗତ/ଗ୍ରୀଷ୍ମ-ବର୍ଷା-ଶୀତ) ଭାବରେ ମାନବ ଜୀବନଚକ୍ରକୁ ନିୟନ୍ତ୍ରଣ କରୁଛି (ସପ୍ତ ଯୁଞ୍ଜନ୍ତି ରଥଂ ଏକଚକ୍ରଂ ଏକୋଶ୍ୱୋବହତି ସପ୍ତନାମା/ତ୍ରିନାଭି ଚକ୍ରମଜର ମନର୍ବଂ ଯତ୍ରେମା ବିଶ୍ୱା ଭୁବନାଧି ତସ୍ଥୁଃ-ଋଗ୍‌ବେଦ ସଂହିତା-୧-୧୬୪-୨) । ବେଦରେ ସୂର୍ଯ୍ୟ ବିଷ୍ଣୁଙ୍କର ସବିତା ଓ ମାର୍ତ୍ତଣ୍ଡ ଅନ୍ୟ ଦ୍ୱିଧ ସ୍ୱରୂପର ବର୍ଣ୍ଣନା କ୍ରମେ ସେମାନଙ୍କର ରଥସଂପୃକ୍ତିକୁ ସମର୍ଥନ କରାଯାଇଛି । ହରିଣ୍ମୟ ସବିତା କୋମଳ, ଶୀତଳ, ମଙ୍ଗଳମୟ କିରଣ ପ୍ରଦାନ ପୂର୍ବକ ସପ୍ତାଶ୍ୱମଣ୍ଡିତ ହୋଇ ସ୍ୱର୍ଣ୍ଣାଭ ରଥରେ ତ୍ରିଭୁବନ ଦର୍ଶନ କରୁଥିବା ବେଳେ ଆଦିତିଦୌସ୍‌ଙ୍କ ପୁତ୍ର ମାର୍ତ୍ତଣ୍ଡ ପୁର୍ବରୁ ପଶ୍ଚିମ

ସ୍ୱର୍ଗମାର୍ଗରେ ପରିକ୍ରମଣ କରି ବିଶ୍ୱକୁ ତେଜମୟ କରନ୍ତି (ହରିଣ୍ୱୟେନ ସବିତା ରଥେନ ଦେବେ ଯାତି ଭୁବନାନି ପଶ୍ୟନ୍-ରୁକ୍‌ବେଦ-୧-୩୫-୨)।

ପୁନଶ୍ଚ ଋଗ୍‌ବେଦ ସଂହିତାରେ ବର୍ଣ୍ଣିତ ହୋଇଛି ଯେ ଅଶ୍ୱିନୀ କୁମାର ତ୍ରିଚକ୍ର ରଥାରୋହୀ ହୋଇ ଗାଈ, ଅଶ୍ୱ ଓ ସନ୍ତାନ ପ୍ରଦାନ କରୁଥିବା ସ୍ଥଳେ ମନାନୁରୂପ ଗତିଶୀଳ ଦଶଚକ୍ରୀୟ ଇଷ୍ଟରଥ କୈବଲ୍ୟ ବା ମୁକ୍ତିଫଳ ଦେବାରେ ସମର୍ଥ । ଋଗ୍‌ବେଦୀୟ କବି ଦୃଷ୍ଟିରେ ରଥ ବାୟୁଚାଳିତ, ବିଦ୍ୟୁତ୍‌ଚାଳିତ ଓ ତ୍ରିଲୋକଙ୍କୁ ବ୍ୟାପି ଯାଇପାରୁଥିବା ତ୍ରିତଳ ରଥର ବର୍ଣ୍ଣନା ରହିଛି ।ବୈଦ୍ୟୁତିକ ରଥର କଳ୍ପନା ବେଦ-କବିତ୍ୱ ଶକ୍ତିକୁ ତାତ୍‌କାଳିକ ବିଚାରରେ ଆକାଶ ସଂଚାରୀ ଅତିକଳ୍ପନାର ବୈଚିତ୍ୟରେ ବିଭାତିତ କରିପାରିଛି (ସ ବେଧବିଦ୍ୟୁଦ୍ରଥଃ ସଦ୍‌ମମ୍ୱତତ୍ରାଗ୍ନିଃ-ଋଗ୍‌ବେଦ-୩-୪-୧୧)। ଋଗ୍‌ବେଦର ୬/୭୫/୬ ସ୍ୱକ୍ତିରେ ମନକୁ ସକଳ ପଶ୍ଚାତ୍ ଗତିରୁ ମୁକ୍ତ କରି ସୁସାରଥୀ ଅଶ୍ୱଖଚିତ ବେଗବାନ ରଥ ପରି ଉତ୍ତମ କାମନା ପୂରଣ ଦିଗରେ ଗତିଶୀଳ କରାଇ ନେବାର ସକରାତ୍ମକ ଦୃଷ୍ଟି ମଧ୍ୟ ଉପଲବ୍ଧ ହୁଏ । ଯଜ୍ଞପୀଠର ବ୍ରହ୍ମବେଦୀକୁ ଦେବତାମାନେ ଆସୁଥିବା ରଥଗୁଡ଼ିକ ସତତ ପରିଭ୍ରମଣଶୀଳ, ସମୁଦ୍ର, ପର୍ବତର ଊର୍ଦ୍ଧ୍ୱଭାଗ ଦେଇ ସେଗୁଡ଼ିକ ଆକାଶଚାରୀ, ବିବିଧ ରୂପରେ ରଙ୍ଗରେ ସୁମଣ୍ଡିତ, ସକଳ ନକରାତ୍ମକ ଭାବନାକୁ ଧ୍ୱଂସ କରିବାରେ ରଥଗୁଡ଼ିକ ପ୍ରଚଣ୍ଡ ସାମର୍ଥ୍ୟ ମଧ୍ୟ ରଖନ୍ତି । ସ୍ୱର୍ଣ୍ଣିମ ରଶ୍ମିଯୁକ୍ତ ରଥରେ ଘୋରତମିସ୍ରାକୁ ବିଧ୍ୱଂସି ସବିତା ରଥାରୂଢ଼ ହୋଇ ଓ ହରିଦ୍ରାବର୍ଣ୍ଣର ଅଶ୍ୱଦ୍ୱାରା ଚାଳିତ ସୁବର୍ଣ୍ଣ ବର୍ଣ୍ଣାରଥରେ ଐଶ୍ୱର୍ଯ୍ୟ ଓ ଔଦାର୍ଯ୍ୟ ଲୀଳାର ମହିମା ପ୍ରକଟ ନକରି ଅଗ୍ରଦେବତା ଇନ୍ଦ୍ର ସଶକ୍ତାରୂଢ଼ା ହୋଇ ଜଗତ କଲ୍ୟାଣ ନିମନ୍ତେ ବ୍ରହ୍ମବେଦୀକୁ ଆସନ୍ତି (ଆସ୍ଥାଦ୍ରଥ ସବିତା ଚିତ୍ରଭାନୁଃ କୃଷ୍ଣାରଜାଂସି ତବିଷାଂଦ୍‌ଧାନଃ-ରୁଗ୍‌ବେଦ ସଂହିତା-୧/୩୫/୪ ଏବଂ ଯୁକ୍ଷ୍ୱାହ୍ୟରୁଷୀରଥେ ହରିତୋ ଦେବରୋହିତଃ - ୧/୧୪/୧୨)

କେବଳ ଦେବତା ନୁହନ୍ତି ବୈଦିକ ଦେବୀ ହିରଣ୍ୟବର୍ଣ୍ଣା ପୁରାତନୀ ହୋଇ ମଧ୍ୟ ସର୍ବଦା ନିତ୍ୟନୂତନା ରୂପେ ପ୍ରକାଶିତା ଦେବୀ ଉଷା ରକ୍ତବର୍ଣ୍ଣର ଅଶ୍ୱଖଚିତ ରଥରେ ଦେବତାମାନଙ୍କୁ ସଙ୍ଗରେ ଧରି ଆକାଶମାର୍ଗରେ ବିଚରଣ କରି ସଂସାରରେ ସଦ୍‌ଭାବନାର ଓ ଆଲୋକର ବାର୍ତ୍ତା ପ୍ରଚାର କରନ୍ତି । ତାଙ୍କର ରଥ କୃଷ୍ଣ ଅନ୍ଧକାର ମଧ୍ୟରୁ ଉପରକୁ ଉଠେ ଏବଂ ଅପୂର୍ବ ଜ୍ୟୋତି ପ୍ରକାଶ କରି ମାନବର ଶ୍ରଦ୍ଧା ଓ ସୁଖଦାୟକ ହୁଏ (ପୃଥୁରଥୋ ଦକ୍ଷିଣାୟା ଆୟୋଜ୍ୟୈନଂ ଦେବାସୋ ଅମୃତାସୋ ଅସ୍ଥୁଃ/କୃଷ୍ଣ/ଦୁଦସ୍ଥାଦର୍ଯ୍ୟା ବିହାୟାଶ୍ଚ କିତ୍ମନ୍ତୀ ମାନୁପୋୟ କ୍ଷୟାୟ-ରୁଗ୍‌ବେଦ ସଂହିତା - ୧/୧୦୩/୧)।

ଆନନ୍ଦ, ଦୀପ୍ତି ଓ ଶୁଭଦୃଷ୍ଟି ସହିତ ଆଶୀଷ ପ୍ରଦାନକାରୀ ଅନ୍ତରୀକ୍ଷବାସୀ ଦେବତା ଓ ପିତୃପୁରୁଷ ସମ୍ମାନପୂର୍ବକ ରଥାରୋହଣ ପାଇଁ ବେଦକବି ଆବାହନ କରିଛନ୍ତି । ବିବିଧ ରଙ୍ଗରେ ବୈଚିତ୍ରମୟ ନୀଳାଭ ରଥରେ ବରୁଣ ଦେବତା ଅନ୍ତରୀକ୍ଷରୁ ପବିତ୍ର ଓ ଶୀତଳ ଦୃଷ୍ଟିରେ ଶାନ୍ତି ବିତରଣ କରନ୍ତି । ପିଙ୍ଗଳବର୍ଣ୍ଣା ଅଶ୍ୱଚାଳିତ ରଥରେ ଦେବତାମାନଙ୍କ ସହିତ ସହଗମନ କରି ଅଗ୍ନିଦେବ, ଆକାଶସ୍ପର୍ଶୀ ରଥରେ ଆରୋହଣ କରି ବାୟୁ ଦେବତା ଓ ସଘୋଷ ସୁଦର୍ଶନୀୟ ଓ ଅରୁଣିମା ଆଭାଯୁକ୍ତ ରଥରେ ମରୁତ୍ ଦେବତା, ସଂସାରରୁ ଯଜମାନଙ୍କ ଜୀବନ ଚକ୍ରରୁ ଅଶାନ୍ତି, କଦାଚାର ଓ ଅପାର୍ଥଗୁଡ଼ିକୁ ଜାଳି ଦେଉଛନ୍ତି ଓ ଶୂନ୍ୟକୁ ଉଡ଼େଇ ନେଉଛନ୍ତି । ସ୍ୱଚ୍ଛବସ୍ତ୍ର ପରିଧାନା ସ୍ୱର୍ଣ୍ଣ ରେଖାଙ୍କିତ ରଥରେ ଭ୍ରମଣ କରି ସରସ୍ୱତୀ ସୁଭାଷଣମାନ ଦାନ କରୁଛନ୍ତି । ଇନ୍ଦ୍ର ଓ ବାୟୁଦେବତା, ଅନ୍ୟପକ୍ଷରେ ମିତ୍ର ଓ ବରୁଣ ଦେବତା ମିଶିକରି ସତ୍ୟଧର୍ମ ପାଳକ ଭାବରେ ଆକଶରୁ ସଂସାରରକ୍ଷା ନିମନ୍ତେ ଭୂମିରୁ ଆକାଶବ୍ୟାପୀନ ହୋଇ ଜଳବୃଷ୍ଟି କରି ପୁଷ୍ଟି ସାଧନ କରୁଛନ୍ତି । ଋଗ୍‌ବେଦରେ - 'ଋତସ୍ୟ ଗୋପାବଧି ତିଷ୍ଠଥୋ ରଥଂ ସତ୍ୟୁଧର୍ମାଣାଂ ପରମେବ୍ୟୋମନି/... ତସ୍ମୈବୃଷ୍ଟିର୍ମଧୁଂ ଅପି ନ ତେ ଦିବଃ, ମରୁତଶ୍ଚିରଂ ... ଶମଧ୍ୟାୟି ଦର୍ଶିତଃ, ରଥବାହନଂ ହବିରସନାଂ, ଯା ସୁରଥା ରଥୀତମୋଭା, ସୁପେଶସଂ ସୁଖଂ ରଥଂ, ରଥଂ ଯୁଞ୍ଜତେ ମରୁତ, ରଥଂ ଯେ ଚକ୍ରୁ ସୁବୃତଂ ସୁଚେତସୋ, ରଥେ ବିଶ୍ୱନ୍ନୟତ', ଅଥର୍ବ ବେଦରେ - 'ସୁଖୋ ରଥଇବ ଗର୍ଭତାଂ, ରଥଜିତାଂ ରାଥର୍ଜତେ, ଦେବରଥ ପ୍ରତି ହବ୍ୟା, ହବିଷା ରଥଂ ଯୁଜ, ସୁଖଂ ରଥପଥଂ', ଯଜୁର୍ବେଦ ଓ ସାମବେଦରେ - 'ସୁସାରଥିରଶ୍ୱାନିକ ଯନ୍ମନୁଷ୍ୟା ... ମନଃ ଶିବ ସଂକଳ୍ପମସ୍ତୁ, ସୃଜଦଶ୍ୱଂ ରଥୀରିବ' ଏବଂ ବୃହଦାରଣ୍ୟକ, ଛାନ୍ଦୋଗ୍ୟ, କଠ, ମୁଣ୍ଡାକ, ପ୍ରଶ୍ନ ଓ ମାଣ୍ଡୁକ ଆଦି ଉପନିଷଦରେ - 'ରଥନାଭୌ ଚ ରଥନେଭୌ, ରଥୋଭୋଭାଭ୍ୟାଂ, ତସ୍ୟେନ୍ଦ୍ରିୟାଣି ବଶ୍ୟାନି ସଦାଶ୍ୱ ଇବ ସାରଥେଃ ଓ ରଥମାରୁହ୍ୟ ପବ୍ରବ୍ରାଜ' ଇତ୍ୟାଦି ରଥସମ୍ବନ୍ଧୀ ସ୍ୱକ୍ରୀୟ ବର୍ଣ୍ଣନାଗୁଡ଼ିକୁ ବିଶ୍ଳେଷଣ କଲେ ସୁଧୀବର୍ଗ ନିମ୍ନ ସିଦ୍ଧାନ୍ତରେ ଉପନୀତ ହେବେ -

- ରଥ ଏକାଧାରରେ ଯାନ ବ୍ରହ୍ମମୟ ଚେତନାଶକ୍ତିର ପ୍ରତିଭୂ ।
- ରଥାରୋହୀ ଦେବତାମାନେ ସଂସାରର କଲ୍ୟାଣ ନିମନ୍ତେ ରଥଯାତ୍ରା କରନ୍ତି ।
- ଅନ୍ତରୀକ୍ଷରୁ ରଥର ଘୋଷନାଦ ଓ ରଥୀଙ୍କ କରୁଣାର୍ଦ୍ର ଦୃଷ୍ଟି ଶାନ୍ତି, ମଙ୍ଗଳ, ଅପାର୍ଥଖଣ୍ଡନ କରିଥା'ନ୍ତି ।
- ରଥର ଆକାଶୀ ଭାବନା ମର୍ତ୍ତ୍ୟର ସାଂସାରିକ ଜୀବନଚକ୍ରକୁ ଆଲୋକମୟ କରେ ।
- ରଥ ସାଂସାରିକ ବିନ୍ୟାସ ନିମନ୍ତେ କାଳ-ଋତୁ-ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତିର ପ୍ରତିଭୂ ।
- ଦେବ ପ୍ରାଧାନ୍ୟ ବେଦ ଯୁଗରୁ ରଥ ସହଗମନର ସ୍ୱର୍ଗୀୟ ପରମ୍ପରାକୁ ଯାତ୍ରାବୋଧ ଭିତ୍ତିରେ ମର୍ତ୍ତ୍ୟ ପ୍ରସିଦ୍ଧି ଦେଇଛି ।

ବୈଦିକ ଋଷିକ-କାବ୍ୟଦୃଷ୍ଟି ରଥ ଓ ରଥୀଙ୍କ ସମ୍ବନ୍ଧରେ ଦେବରଥଙ୍କୁ ବେଦରଥ ସହିତ ତୁଳନା କରିବା, ରଥୀ ଭାବରେ ଆତ୍ମାର ଉତ୍ତରଣ କଳନା କରିବା, ରଥର ବିଚିତ୍ର ରୂପ ବିଧାନ ଓ ମନୁ ସ୍ନାନ ବିଧାନ କଳ୍ପନା କରିବା ଏବଂ ରଥକୁ ଚେତନାଶକ୍ତି ଭାବରେ ବିଚାର କରି ଚେତସପୁରୁଷଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିବା ପ୍ରସଙ୍ଗରେ ଆବେଗପ୍ରବଣ ହୋଇଉଠିଛି । ଜଳପୁତ୍ର ଆପାନପାତ୍ ଓ ସୂର୍ଯ୍ୟାଂଶୀ ପୂଷନ୍ ଦେବ ରଥକୁ ମନରୂପକ ଅଶ୍ୱଦ୍ୱାରା ପରିଚାଳିତ ଜୀବନରଥ ଭାବରେ ବିବେଚନା କରିଛନ୍ତି । ପୁନଶ୍ଚ ସ୍ୱୟଂ ପୂଷନ୍ ସୂର୍ଯ୍ୟରଥର ଚକ୍ରଶକ୍ତି ଭାବରେ ଦାୟିତ୍ୱ ସଂପାଦନ କରି କାଳଚକ୍ରରେ ରୂପାନ୍ତର ଘଟନା କରୁଛନ୍ତି । ପ୍ରଥମଟିରେ କଳ୍ପନା ଉପମାଦ୍ୟୋତକ ଓ ଦ୍ୱିତୀୟ ଭାବନାଟିରେ କବିତ୍ୱ ବିଜ୍ଞାନବୋଧାତ୍ମକ ତର୍କଣା ଦ୍ୱାରା ବିଳସିତ । ଉଭୟ ତର୍କଣା ଓ ଉପମାକଳ୍ପର ସମନ୍ୱୟାତ୍ମକ ବର୍ଣ୍ଣନା ଭଙ୍ଗୀକୁ ପ୍ରଦତ୍ତ ରଥାନୁଗ ବେଦ-ମନ୍ତ୍ର ତ୍ରୟରୁ ଅନୁଭବ କରାଯାଇପାରେ । ଯଥା- କ) ସୁସାରଥିର ଶ୍ୱାନିବ ଯନ୍ମମନୁଷ୍ୟାର୍ବେନୀୟତେ ତଭୀଶୁଭିର୍ବାନିବ ଇବ/ହୃତ୍ ପ୍ରତିଷ୍ଠଂ ଯଦପରିଂ କବିଷ୍ଟଂ ତନ୍ମେ ମନଃ ଶିବସଂକଳ୍ପମସ୍ତୁ (-ଯଜୁଃବେଦ-୩୪-୬), ଖ) ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ ... (କଠୋପନିଷଦ-୧/୩/୩), ଗ) ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାତ୍/... ତସ୍ୟେନ୍ଦ୍ରିୟାଣ୍ୟବଶ୍ୟାଦି ଦୃଷ୍ଟାଶ୍ୱା ଇବସାରଥେଃ/ଯସ୍ତୁବିଜ୍ଞାନବାନ୍ ଭବତି ଯୁକ୍ତେନ ମନସା ସଦା/ ତସ୍ୟେନ୍ଦ୍ରିୟାଣୀ ବଶ୍ୟାନି ସଦାଶ୍ୱ ଇବ ସାରଥେଃ - (ତତ୍ରୈବ-୧/ ୩-୪, ୫, ୬) ।

ଏଠାରେ ଉଭୟ ଯୁଜୁର୍ବେଦୀୟ ଓ ଉପନିଷଦୀୟ କବିଦୃଷ୍ଟି ଭାବବାଦୀ ଦିଗରୁ ମନୁଷ୍ୟର ସାମଗ୍ରିକତାକୁ ରଥ ରୂପରେ ଉପମାୟିତ କରିଛି । ଉଭୟର ଶାସ୍ତ୍ରୀୟ କବିତ୍ୱ ଦେହକୁ ରଥ ସ୍ୱରୂପ ଓ ରଥରୂପୀ ଦେହରେ ବିଜେ ପ୍ରତିମା ରୂପେ ଆତ୍ମାକୁ ସ୍ୱୀକାର କରନ୍ତି । ଆତ୍ମା ରଥୀ, ମନସାରଥି । ଇନ୍ଦ୍ରିୟମାନେ (କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଭାବରେ) ଅଶ୍ୱ ଅଳୀକ ବାସନାଗୁଡ଼ିକ ରଜ୍ଜୁ । ସାରଥି ମନ ବିବେକବାନ୍ ଅଥବା ଅବିବେକୀ ହୋଇପାରନ୍ତି । ବିବେକୀ ମନସାରଥି ସୁସାରିଥି ରୂପେ ସକୁଶଳ ଇନ୍ଦ୍ରିୟାଶ୍ୱମାନଙ୍କୁ ସଂଯତ ଓ ସଦାଚାରୀ କରି ତ୍ୱରାଗାମୀ କରିଥାଏ । ଫଳନ୍ତ ଦେହରଥ ଆତ୍ମାରଥୀଙ୍କୁ ବସାଇ ଜୀବନଚକ୍ରର ଅଭୀଷ୍ଟ ମହତ୍ତମ ବିନ୍ଦୁରେ ପହଞ୍ଚିପାରେ । ଅବିବେକୀ ସାରଥୀଙ୍କ ପାଖରେ ରଥଗତି ଲକ୍ଷ୍ୟନିଷ୍ଠ ହେବାରେ ବାଧାର ସମ୍ମୁଖୀନ ହୁଏ । ବୈଦିକ ରଥ ଉପମା ଏବଂ ତା'ର ପାରମ୍ପରିକ ସଂସ୍କାରବୋଧର ଅର୍ଥବୃତ୍ତଟି ଯେଉଁ ସନାତନୀୟ ସତ୍ୟର ଉଦ୍‌ଘୋଷଣ କରୁଛି ତାହା ହେଉଛି - ରଥର ଶରୀର ଅଛି । ମାନବର ଦେହ ବି ଏକ ରଥ । ରଥର କଳେବରରେ ରଥୀ ବସି ବ୍ରହ୍ମ-ଉତ୍ସବ ପାଳନ କରନ୍ତି । ଦେହରଥରେ ଆତ୍ମାରଥୀ ଆରୂଢ଼ ହୋଇ ମହତ୍ତମ ମିଳନ ଉଦ୍ଦେଶ୍ୟରେ (ଆତ୍ମା-ପରମାତ୍ମାର ମିଳନ) ପାର୍ଥିବ ସ୍ତରରୁ ଅପାର୍ଥିବକୁ ଯାତ୍ରା କରିଥାନ୍ତି । ଦେବରଥରେ ଋଭୁଗଣ /ଦିଗପାଳଗଣ ସାରଥି ହୋଇ ସଂସାର ମଙ୍ଗଳମୟତା ଉଦ୍ଦେଶ୍ୟରେ ଦେବତାଙ୍କୁ ଚରାଚର ଭ୍ରମଣ କରାନ୍ତି । ଦେହ ରଥରେ ଶୁଦ୍ଧ-ଆତ୍ମବ୍ରହ୍ମଙ୍କୁ ବସାଇ ମହତ ସଂକଳ୍ପାବଦ୍ଧ ମନସାରଥି ଇନ୍ଦ୍ରିୟ ଅଶ୍ୱମାନଙ୍କୁ ସଦ୍‌ଗୁଣରେ ସଚିତ୍ର କରି ଆୟତ୍ତରେ ରଖି ପରମ ସୁନ୍ଦର ଓ ସତ୍-ଚିତ୍-ଆନନ୍ଦଙ୍କ ନିତ୍ୟ କଲ୍ୟାଣ ବେଦୀ ଉଦ୍ଦେଶ୍ୟରେ ଚଳାଇ ନିଅନ୍ତି ।

ଅଥର୍ବ ବେଦ ସଂହିତାଙ୍କ ମତରେ ରଥ ସ୍ୱୟଂ ଦେବତା । ମହତ ବୃକ୍ଷମାନଙ୍କ କାଷ୍ଠ ରୂପ ମାଧ୍ୟମରେ ନିର୍ମିତ ରଥ ଦେବତାଙ୍କ ଅଭୀଷ୍ଟ ଯାତ୍ରାର ଶୁଭ ସାଧନ ନିମନ୍ତେ ମନୁସ୍ନାନ କରନ୍ତି । ଇନ୍ଦ୍ର-ବରୁଣ-ମରୁତ-ଅଗ୍ନି-ସୂର୍ଯ୍ୟଙ୍କ ଶକ୍ତି ଓ ଦଶଦିଗପାଳଙ୍କ ସୌନ୍ଦର୍ଯ୍ୟକୁ ସମୁଦାୟ କରି ରଥମହାତ୍ମାଙ୍କୁ ବଳଶାଳୀ, ଗୁଣଶାଳୀ ଓ ରୂପଶାଳୀ କରାଯାଏ । ରଥଙ୍କ ରଥ୍ୟା (ରଥମାର୍ଗ)କୁ ସୁଖକର କରିବା ପାଇଁ ପବିତ୍ର, ପରିଷ୍କୃତ କରିବା ପାଇଁ ଇନ୍ଦ୍ର-ବରୁଣ-ମରୁତ ମନୁଶୋଧନ କରନ୍ତି । ଜଗତର ଜୟ ପାଇଁ ରଥଯାତ୍ରା ବିଜୟ ଉତ୍ସବ ଭାବରେ 'ବୃହଦ୍ରଥା ବୃହତା' ପରମ୍ପରାର ସ୍ମାରକୀ ।

ସହୃଦୟବର୍ଗ ! ଋଗ୍‌ବେଦ କାଳରୁ ରଥ ସଂସ୍କୃତି ମଙ୍ଗଳମୟ ସୃଷ୍ଟି ବିଧାନ ସହିତ ଜଡ଼ିତ ଏକ ଆକାଶୀ ବା ନିଃସର୍ଗ ଚେତନାର ପ୍ରସଙ୍ଗ ଭାବରେ ବିବେଚିତ ହୋଇଆସିଛି । ଦେବତାଙ୍କ ନୈସର୍ଗିକ ଐଶ୍ୱର୍ଯ୍ୟ+ଔଦାର୍ଯ୍ୟ ତତ୍ତ୍ୱର ରଥାନୁଭୂତି ବୈଦିକ ଧାରାରୁ ନିର୍ଝରିତ ହୋଇ ଉପନିଷଦ ଓ ସଂହିତା ଯୁଗରେ ମାନବୀୟ ଜୀବନ ପରିଧିକୁ ସ୍ପର୍ଶ କରିଛି । ରଥକୁ ନେଇ ଦେହ, ମନ, ଆତ୍ମାର ପାରମାର୍ଥିକ ଅସ୍ତିତ୍ୱ କ୍ରମଶଃ ଉପମାୟିତ ହୋଇଛି । ରାମାୟଣ, ମହାଭାରତ ଓ ଅଷ୍ଟାଦଶ ପୁରାଣ ପର୍ଯ୍ୟାୟକୁ ଐଶ୍ୱର୍ଯ୍ୟ ଓ ଔଦାର୍ଯ୍ୟ (ସୁନ୍ଦର+ମଙ୍ଗଳ) ତତ୍ତ୍ୱର ରଥ ପରମ୍ପରା ଓ ରଥାନୁଭୂତି ମାଧୁର୍ଯ୍ୟ ଲୀଳାଦ୍ୟୋତକ ହୋଇ ଉଠିଛି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ଶୁକନୀତି, ବାସୁଦେବ ସଂହିତା ସୁତ ସଂହିତା ଓ ଯାତ୍ରା ସଂହିତା ଇତ୍ୟାଦିରେ ରଥ ପରମ୍ପରା କ୍ରମଶଃ ରାଜତାନ୍ତ୍ରିକ ଆଭିଜାତ୍ୟର ସଂରଚନା ଦ୍ୱାରା ମନ୍ଦିର ସଂସ୍କୃତି ସହିତ ଜଡ଼ିତ ହୋଇ ଉଠିଛି । ରାଜକୀୟ ଆଭିଜାତ୍ୟରେ ରଥ ନଗରଭ୍ରମଣ, ଅରଣ୍ୟ ବିହାର, ଉପବନ ବିହାର, ଯୁଦ୍ଧ ସଂଚାଳନ ଯାନ ଭାବରେ ବ୍ୟବହୃତ ହୋଇଛି । ସାଂପ୍ରଦାୟିକ ଧର୍ମାଚାର ଓ ମନ୍ଦିର ପରମ୍ପରାରେ ବୈଦିକ ବ୍ରହ୍ମୋତ୍ସବ ଦେବଯାତ୍ରା ବା ଦେବୋତ୍ସବ ଭାବରେ ପାଳିତ ହୋଇଛି । ଦେବତାଙ୍କ ପ୍ରତିଷ୍ଠା ଦିବସରେ ଦେବପ୍ରତିମାଙ୍କର ଶାନ୍ତିପ୍ରଦ ନଗର ଭ୍ରମଣ ଅବକାଶରେ ରଥାନୁବିଧି ଗ୍ରହଣୀୟ ହୋଇଛି ।

ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ନାରଦ ପୁରାଣ, ପଦ୍ମ ପୁରାଣ ଓ କପିଳ ପୁରାଣ ଇତ୍ୟାଦି ଶ୍ରୀଜଗନ୍ନାଥଙ୍କ ବ୍ରହ୍ମୋତ୍ସବ ରଥଯାତ୍ରାର ମହିମା ପ୍ରଖ୍ୟାପନରେ ବେଦାନୁଭୂତିକୁ ଲୀଳାନୁଭୂତିରେ ପରିଣତ ମାତ୍ର କରିଛନ୍ତି । ପରେ ସନାତନୀୟ ହିନ୍ଦୁଧର୍ମର ବିବର୍ତ୍ତିତ ଧର୍ମାଚାର (ବୌଦ୍ଧ-

ବ୍ରାହ୍ମଣ୍ୟ-ଶାକ୍ତ-ଶୈବ-ସୌର-ବୈଷ୍ଣବବାଦି) ଶ୍ରୀଜଗନ୍ନାଥଙ୍କୁ ବେଦାନୁସାରୀ ରଥଯାତ୍ରାରେ ଅନୁବିଧିରେ ପ୍ରବଧି ଭାବରେ ନିବିଷ୍ଟ ହୋଇଉଠିଛି । ସୁତରାଂ ଶ୍ରୀକ୍ଷେତ୍ରର ରଥମାର୍ଗ ବଡ଼ଦାଣ୍ଡ ଉପରେ ଅନୁଷ୍ଠିତ ମୋକ୍ଷଦାୟକ ବିଶ୍ୱ କଲ୍ୟାଣ ଯାତ୍ରାର ମୂଳଉତ୍ସଟିର ଅନୁସନ୍ଧାନ କରି ବିଦ୍ୱାନମାନେ ଯାତ୍ରା ଆରମ୍ଭ କଲେ ନିଶ୍ଚିତ ବେଦ ବର୍ଣ୍ଣିତ ରଥ ପରମ୍ପରାରେ ପହଞ୍ଚିବେ ।

ଉତ୍କଳୀୟ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବିକଳ୍ପକରଣ କରିବାକୁ ଯାଇ ବିଭିନ୍ନ ମନ୍ଦିରଧାରାରେ ଦେବୀରଥ, ଶୈବରଥ, ସୌରରଥ, ପୁଷ୍ପରଥ ଓ ବୈଷ୍ଣବରଥ ଉପନିଷଦ, ସଂହିତା, ଆଗମ ଇତ୍ୟାଦିର ସିଦ୍ଧାନ୍ତ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ, ରଥ ପ୍ରତିଷ୍ଠା, ରଥ ଶୁଦ୍ଧକରଣ, ରଥକୁ ଦେବତାମାନଙ୍କୁ ଆବାହନ, ହୋମ, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା, ମନ୍ତ୍ରସ୍ନାନ, ଯଜ୍ଞ, ବଳିଦାନ, ରଥମଣ୍ଡନ, ରଥକୁ ସହଗମନ ବିଧାନକଳ୍ପେ ଦେବତା, ପାର୍ଶ୍ୱଦେବତା ଓ ସହଚର ଋଷି ମଣ୍ଡଳିଙ୍କୁ ଅଧିଷ୍ଠାନ ଓ ଆରୋହଣ କରାଇବା ବିଧି ମଧ୍ୟରେ ବୈଦିକ-ଉପନିଷଦୀୟ ଶାସ୍ତ୍ରକରଣକୁ ପ୍ରତ୍ୟକ୍ଷ କରାଯାଇପାରେ ।

ଅନୁରାଗୀ ବର୍ଗ ! ବର୍ତ୍ତମାନ ଭାବଚକ୍ଷୁରେ ରଥତ୍ରୟଙ୍କୁ ଲକ୍ଷ୍ୟ କରନ୍ତୁ । ରଥାରୂଢ଼ ପ୍ରତିମାମାନେ ପ୍ରତୀକ ନୁହଁନ୍ତି, ପ୍ରତ୍ୟୟ ନୁହନ୍ତି ସ୍ୱୟଂ ମହାଭାବ ସ୍ୱରୂପ । ସେମାନେ ବୁଦ୍ଧ ନୁହନ୍ତି, ଜୈନ ନୁହନ୍ତି, ବୌଦ୍ଧ ତ୍ରିସତ୍ୟ ଓ ଜୈନତ୍ରିରତ୍ନ ନୁହନ୍ତି - ସେମାନେ ଆମ ପୁରାଣବୋଧ ଅନୁସାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ଶକ୍ତି ସାମର୍ଥ୍ୟର ଅଧିପ୍ରେରଣା ମହାକାଳ-ସୁଦର୍ଶନ । ତାଙ୍କ ସହିତ ବୌଦ୍ଧ-ଜୈନାଦି ସଂସ୍କାରମାନେ ଆତ୍ମଲୀନ ହୋଇଛନ୍ତି ମାତ୍ର । ଏ ଆତ୍ମଲୀନତା ବିଶ୍ୱମୈତ୍ରୀ ଓ ସମତା ଓ ସମନ୍ୱୟର ମହାଭାବ ଉଦ୍ରେକ କରୁଛି । ପୁଣି ଥରେ ସୂକ୍ଷ୍ମ ଚକ୍ଷୁରେ ନିରୀକ୍ଷଣ କରନ୍ତୁ - ସ୍କନ୍ଦ ପୁରାଣଙ୍କ ଭାବନା ଅନୁରୂପ ରଥାରୋହୀ ଚତୁର୍ଦ୍ଧାମୂର୍ତ୍ତି ଚାରିବେଦରେ ରୂପାନ୍ତରିତ ହୋଇଯାଉଛନ୍ତି - 'ଋଗ୍‌ବେଦରୂପୀ ହଳଧୃକ୍ ସାମରୂପୋ ନୃକେଶରୀ/ଯର୍ଜୁମୂର୍ତ୍ତି ସ୍ତ୍ରିୟଂଭଦ୍ରା ଚକ୍ରମାଥର୍ବତାଂ ସ୍ମୃତମ୍' (ବିଷ୍ଣୁ ଖଣ୍ଡ) । ବେଦମନ୍ତ୍ରରେ ବିଶୋଧିତ ଓ ସୁଗନ୍ଧିତ ହୋଇଥିବା ରଥତ୍ରୟ ସ୍ୱୟଂ ବ୍ରହ୍ମ ଆଦେଶ ସ୍ୱରୂପ ବିରାଜମାନ । ତହିଁରେ ବଳରାମ ଋଗ୍‌ବେଦ ରୂପରେ, ନୃକେଶରୀ ଜଗନ୍ନାଥ ସାମବେଦ ରୂପରେ, ଶ୍ରୀଭଦ୍ରା ଯଜୁର୍ବେଦ ରୂପରେ ଓ ଶ୍ରୀସୁଦର୍ଶନ ଅଥର୍ବ ବେଦ ରୂପରେ ଆରୂଢ଼ ହୋଇ ମଙ୍ଗଳମୟ ଦୃଷ୍ଟିରେ ସଂସାରକୁ ଚାହିଁଛନ୍ତି ।

ବେଦାନ୍ତ ତତ୍ତ୍ୱଦର୍ଶୀ ରୂପେ ଦେବତାମାନଙ୍କୁ ଚାହିଁବା ହେଲେ ରଥ ଭିତରୁ ସେମାନେ ମଙ୍ଗଳଦାୟକ ମହାଭବମୂର୍ତ୍ତି-ଭୂଃ-ଭୂବଃ-ସ୍ୱଃ/ ସତ୍-ଚିତ୍-ଆନନ୍ଦ/ସତ୍ତ୍ୱଃ-ରଜୋ-ତମଃ ରୂପରେ ମାଟିରୁ ଆକାଶ ସୁନ୍ଦରତମ ହୋଇ ବିଶ୍ୱରୂପ ଧାରଣ କରୁଛନ୍ତି । ଦ୍ୱୈତା ଦ୍ୱୈତବାଦୀଙ୍କ ସହିତ ସାଙ୍ଗ ହୋଇ ଦେଖନ୍ତୁ । ବ୍ରହ୍ମରୂପୀ ଓଁକାର ସଦୃଶ ଅ+ଉ+ମ ଦାରୁଦେବତାମାନେ ରଥାରୂଢ଼ ହୋଇ ଅବିନାଶୀ ଅବତାରୀ ଶକ୍ତିର ମହାପ୍ରତ୍ୟୟ ରୂପେ ତତ୍ତ୍ୱମସିଗୁଣ ବିତରଣ କରୁଛନ୍ତି । ଆଗମବାଦୀ ପଛରେ ଛିଡ଼ା ହୋଇ ମୁଦ୍ରାୟିତ ଭଙ୍ଗୀରେ ଦେଖାଯାଉ । ରଥତ୍ରୟୀ ଚକ୍ର-ସାଧନ ବେଦୀ ଓ ଏହି ବେଦୀ ଉପରେ ଶ୍ରୀଜଗନ୍ନାଥ କ୍ଲୀଂ ରୂପରେ, ସୁଭଦ୍ରା ହ୍ଲୀଂ ରୂପରେ ଓ ବଳଭଦ୍ର ଶ୍ରୀଂ ରୂପରେ ଶକ୍ତି-ମୁକ୍ତି-ବିଭୂତି ପ୍ରଦାନ କରୁଛନ୍ତି ।

ହିରଣ୍ୟମୟ ନନ୍ଦିଘୋଷ ରଥରେ ହିରଣ୍ୟଗର୍ଭ ସୂର୍ଯ୍ୟ-ବାମନଙ୍କ ରୂପରେ ଶ୍ରୀଜଗନ୍ନାଥ ଅମୃତମୟ ଆଲୋକମୟ ହୋଇଉଠୁଛନ୍ତି ଏବଂ ତାଙ୍କୁ ଦର୍ଶନ କରି ସ୍ୱତ ସଂହିତାର ବେଦାନ୍ତବାଦୀ ଋଷିକବି ଗାଇ ଉଠୁଛନ୍ତି ବାରମ୍ବାର - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।' ରଥାରୂଢ଼ ଦ୍ୟୁତିବାମନ ଭକ୍ତଙ୍କୁ ଆତ୍ମବିସ୍ମୃତ କେବଳ କରି ଦେଉ ନାହାନ୍ତି ଦଶ ମହାବିଦ୍ୟାଙ୍କୁ ମହାଶକ୍ତି ଭାବରେ ସାଙ୍ଗରେ ଧରି ସଂସାରରୁ ଦଶ ମହାପାପର ହରଣ କରିଚାଲିଛନ୍ତି ।

ପରିଶେଷରେ ରଥ ପ୍ରଲୁବ୍ଧ ମହାଭାବର ଅଭିଳାଷୀ ବର୍ଗ ! ଆପଣମାନଙ୍କ ପାଖରେ ମୋର ନିଷ୍କର୍ଷଟକୁ ଏହିପରି ରଖୁଛି -

- ଶାସ୍ତ୍ରୀୟଚର୍ଯ୍ୟା, ଆହ୍ନିକ କ୍ରିୟା ଓ ଲୌକିକ ବିଗ୍ରହ ପୂଜନ ବିଧାନ କ୍ରମେ ପାର୍ଥିବ ଜୀବନରେ ଆନନ୍ଦ ଓ ପରମାର୍ଥୀମୋକ୍ଷର ସକ୍ରିୟ ଫଳକୁ ଉପଲବ୍ଧି କରିବା ପାଇଁ ଦେବବିଗ୍ରହ ସ୍ଥାପନ ତିଥିରେ ଯେଉଁ ବ୍ରହ୍ମୋତ୍ସବ ଶୋଭାଯାତ୍ରା ନାମରେ ପାଳିତ ହୋଇଥାଏ, ସେହି ସନାତନୀୟ ପରମ୍ପରାର ଅନୁସରଣରେ ଶ୍ରୀଗୁଣ୍ଡିଚା ରଥ ସଂସ୍କୃତି ପ୍ରତିଷ୍ଠା ପାଇଛି । ସକଳ ସଂକୀର୍ଣ୍ଣ ବ୍ୟବଧାନ ଉର୍ଦ୍ଧ୍ୱରେ ଶାନ୍ତି-ମୈତ୍ରୀ-ସମତା-ମୋକ୍ଷ ପ୍ରଦାୟିନୀ ମହୋତ୍ସବ ରୂପେ ଏ ଯାତ୍ରା ମାନବାତ୍ମାକୁ ଅଳୀକ-ଭବ-ବନ୍ଧନରୁ ବିଚ୍ୟୁତ ହେବାର ଅବକାଶ ସୃଷ୍ଟି କରୁଛି । ପୁନଶ୍ଚ ସମୂହ ଭିତରେ ରହି ଅହେତୁକ ହୃଦୟରେ ସହଗମନ କରିବାର ପ୍ରେରଣା ଦେଉଛି ।
- ସର୍ବଧର୍ମ ସମନ୍ୱୟର ପ୍ରତୀକ ଏହି ମହୋତ୍ସବ ମର୍ମବାଣୀ ହେଉଛି ବୈଦିକ ସମତା । ରାଜା-ପ୍ରଜା, ସାଧୁ-ଅସାଧୁ, ନାସ୍ତିକ-ଆସ୍ତିକ, ଧନୀ-ଦରିଦ୍ର ସମସ୍ତଙ୍କୁ ସମାନମର୍ଯ୍ୟାଦା ଦେଇ ଆସିଥିବା ଏହି ଯାତ୍ରା କଳ୍ପର ସଂରଚନା ଜାତୀୟ-ଐତିହ୍ୟର ସୂଚକ ଓ ବିଶ୍ୱାୟିତ ଐକ୍ୟର ପ୍ରତୀକ ।
- ବୈଦିକ ଦର୍ଶନର ଅମୃତମୟ-ସୁଖମୟ-କଲ୍ୟାଣମୟ-ନିରାମୟ ବସୁଧୈବ କୁଟୁମ୍ବକତାର ମହାବୋଧକୁ ଧାରଣ କରିଥିବା ଶ୍ରୀଗୁଣ୍ଡିଚା-ଅବକାଶରେ ସ୍କନ୍ଦ ପୁରାଣାକାରଙ୍କ ନିର୍ମଳ କାବ୍ୟତାର ମାନ୍ତ୍ରିକ ସଂଗୀତଟିକୁ ଆସନ୍ତୁ ସମସ୍ୱରରେ ଗାଇବା - 'ଦରିଦ୍ରୋ କୃପଣୋବାପି ଗୃହସ୍ଥ ପ୍ରଭୁରେବବା/ସ୍ୱଦେଶ୍ୟା ପରଦେଶ୍ୟା ବା ସର୍ବତ୍ରତ୍ର ସମାନତାଃ ।'

ବରିଷ୍ଠ ଅଧ୍ୟାପକ
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର



# ମହାଲକ୍ଷ୍ମୀ

ପ୍ରଫୁଲ୍ଲ ଚନ୍ଦ୍ର ସାହୁ

**ଚ**କ୍ରବତ୍ ଘୂର୍ଣ୍ଣାୟମାନ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱବ୍ରହ୍ମାଣ୍ଡରେ ସଚରାଚର ପ୍ରାଣୀଜଗତ ନିଜ ନିଜର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୃଶ୍ୟମାନ ପ୍ରକୃତି ଉପରେ ନିର୍ଭରଶୀଳ ଥିଲାବେଳେ ମନୁଷ୍ୟ ତା'ର ନିର୍ଦ୍ଦିଷ୍ଟ ସୀମାରେଖା ଭିତରେ ପ୍ରଜ୍ଞା ଓ ଉନ୍ନତ ଚେତନା ଦ୍ୱାରା ନିର୍ଗୁଣ, ନିରାକାର, ପରାତ୍ପର ପରମେଶ୍ୱରଙ୍କର ଅନ୍ତର୍ନିହିତ ତ୍ରିଗୁଣ ମଧ୍ୟରୁ ରଜୋଗୁଣୀ ଶକ୍ତିକୁ ମହାଲକ୍ଷ୍ମୀ ରୂପେ ଉପାସନା ଓ ପ୍ରଚୋଦନା କରି ନିଜର ସୁଖ ସମୃଦ୍ଧି ପର୍ଯ୍ୟାପ୍ତ କରିବା ସହିତ ତାଙ୍କର କୃପାର୍ଜିତ ଧନରେ ଧର୍ମପାଳନ କରି ନିଜର ମୁକ୍ତିପଥକୁ ସୁଗମ କରିଥାଏ । ଲକ୍ଷୟତି ବା ପଶ୍ୟତୀତି ଲକ୍ଷ୍ମୀ - ଯାହା ବିଭୂତି ବା ଏଶ୍ୱର୍ଯ୍ୟ ବାଚକ, ଯିଏ ଅର୍ଥ ଓ ଐଶ୍ୱର୍ଯ୍ୟର ଦେବୀ, ପଡ଼ିଦାତ୍ରୀ, ପାଳନକର୍ତ୍ତୀ - ଯିଏ ନଥିଲେ ବା ଯାହାର କୃପା ନମିଳିଲେ ସାମାଜିକ ପ୍ରାଣୀ ମନୁଷ୍ୟର ସ୍ଥିତି ଓ ପ୍ରଗତି ଅସମ୍ଭବ । ଯଥାର୍ଥରେ ଶାସ୍ତ୍ରରେ କୁହାଯାଇଛି -

> ଯସ୍ୟାର୍ଥ ସ୍ତସ୍ୟ ମିତ୍ରାଣୀ, ଯସ୍ୟାର୍ଥ ସ୍ତସ୍ୟ ବାନ୍ଧବାଃ ।
> ଯସ୍ୟାର୍ଥ ସଃ ପୁମାଂଲ୍ଲୋକେ, ଯସ୍ୟାର୍ଥ ସ ହି ପଣ୍ଡିତଃ ।।

ଅର୍ଥାତ୍, ଯାହାର ଅର୍ଥ ଅଛି, ତା'ର ମିତ୍ର ଅଛନ୍ତି, ବନ୍ଧୁବାନ୍ଧବ, କୁଟୁମ୍ବ ଅଛନ୍ତି । ଅର୍ଥ ଥିବାରୁ ସେ ପୁରୁଷ ପ୍ରବର ଓ ବିଦ୍ୱତ୍ତା ନଥାଇ ମଧ୍ୟ ସେ ଧନବଳରେ ପଣ୍ଡିତ ।

ବର୍ତ୍ତମାନର ଅର୍ଥ ସର୍ବସ୍ୱ ବସ୍ତୁବାଦୀ ଦୁନିଆଁରେ ଏ ଉକ୍ତିର ବାସ୍ତବତା ସର୍ବଜନ ସ୍ୱୀକୃତ ହେଲେ ମଧ୍ୟ ପ୍ରାଚୀନ ସଭ୍ୟତାରେ ବି ଧନର ପ୍ରାସଙ୍ଗିକତା ଯେ କମ୍ ନଥିଲା, ତାହା ରାଜା ଭର୍ତ୍ତୃହରିଙ୍କ ନୀତି ଶ୍ଳୋକରୁ ଜଣାପଡ଼େ ।

> 'ମାତା ନିନ୍ଦତି, ନାଭିନନ୍ଦତି ପିତା, ପୁତ୍ରୋ ନସମ୍ଭାଷତେ
> ଭୃତ୍ୟଃ କୁପ୍ୟତି, ନାନୁଗଚ୍ଛତି ସୂତା, କାନ୍ତା ନ ସନ୍ତୁଷ୍ୟତେ ।
> ଅର୍ଥ ପ୍ରାର୍ଥବ ଶଙ୍କୟା ନକୁରୁତେ ଆଳାପ ମାତ୍ରଂ ସୁହୃଦ୍,
> ତସ୍ମାଦର୍ଥମୁପାର୍ଜନଂ କରୁ ସଖେ, ଅର୍ଥେନ ସର୍ବେ ବଶାଃ ।।'

ତେବେ ଯେଉଁ ମହାଶକ୍ତିଙ୍କୁ ଆମେ ଧନପାଇଁ ଆରାଧନା ଓ ପ୍ରାର୍ଥନା କରୁ, ତାଙ୍କର ଉତ୍ପତ୍ତିର ରହସ୍ୟ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣିତ ଅଛି ।

**ପ୍ରଥମ ମତ** (ଶ୍ରୀମଦ୍ ଭାଗବତ ଓ ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ସୃଷ୍ଟିର ପ୍ରାକ୍‌କାଳରେ ମହାଶୂନ୍ୟରୂପୀ, ନିରାକାର, ନିର୍ଗୁଣ, ସର୍ବବ୍ୟାପୀ, ଅନନ୍ତ ପରମେଶ୍ୱର ବହୁକାଳ ଯୋଗନିଦ୍ରାରେ ନିଶ୍ଚଳ ଥିଲାବେଳେ ତାଙ୍କର ଅନ୍ତର୍ନିହିତ ଶକ୍ତି ବା ସ୍ୱମାୟା ସୃଷ୍ଟି ଇଚ୍ଛାରେ ଚଳଚଞ୍ଚଳ ହେଲେ ବା ବିକ୍ଷୁବ୍ଧ ହେଲେ । କେତେ କାଳ ବା ଏକା ଏକା ରହିବେ ? ତେଣୁ ଜଣେ ବ୍ୟକ୍ତି ଚେସ୍‌ର କଳାଧଳା - ଉଭୟ ଗୋଟିକୁ ଚଳାଇବା ପରି ବା ଜଣେ ବ୍ୟକ୍ତି ତାସ୍ ବିଡ଼ାକୁ ଦି'ଭାଗ କରି ଉଭୟ ପକ୍ଷରୁ ଖେଳିଲା ପରି ନିର୍ଗୁଣ, ନିରାକାର ପରମେଶ୍ୱର ତ୍ରିଗୁଣ ସହିତ ଶୁଭ ଅଶୁଭର ମିଶ୍ରଣରେ (ଶୁଭାଶୁଭାତ୍ମିକାୟାତୁ ଦୈବ ସୃଷ୍ଟିଃ ପ୍ରଶସ୍ୟତେ) ସଗୁଣ ହେଲେ । ସୃଷ୍ଟି ଇଚ୍ଛା କରି (ଏକୋଽହମ୍, ବହୁଷ୍ୟାମ) ଅଣ୍ଡ ବା ଡିମ୍ବଟିଏ ସୃଷ୍ଟି କଲେ, ଯାହାକୁ ବ୍ରହ୍ମଙ୍କ ଅଣ୍ଡ ବା ବ୍ରହ୍ମାଣ୍ଡ କୁହାଗଲା । ନିରାକାର ପରାତ୍ପରଙ୍କର ପ୍ରତି ଲୋମକୂପରେ ଏକ ଏକ ବ୍ରହ୍ମାଣ୍ଡ ସୃଷ୍ଟି ହେଲେ । ଏହି ବ୍ରହ୍ମାଣ୍ଡ ଭିତରେ ବିରାଟ ପୁରୁଷ ଜନ୍ମ ନେଲେ ଓ ତାଙ୍କୁ ଆବୃତ୍ତ କରି ଜଳ ପୂରି ରହିଲା । ବିରାଟ ପୁରୁଷ ନିଜକୁ ତିନି ଭାଗରେ ବିଭକ୍ତ କଲେ ବା ତ୍ରିଧାରାରେ ଉଚ୍ଛୁଳିଲେ । ଏମାନେ ହେଲେ ଆଦିବ୍ରହ୍ମା, ବିଷ୍ଣୁ ଓ ଶଙ୍କର । ବିରାଟ ପୁରୁଷ ସୃଷ୍ଟି ସର୍ଜନା, ପାଳନ ଓ ସଂହାର ପାଇଁ ଯଥାକ୍ରମେ ଆଦିବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କୁ ଦାୟିତ୍ୱ ଦେଲେ ।

କିନ୍ତୁ ଆଦିବ୍ରହ୍ମା ସୃଷ୍ଟି ସର୍ଜନା କରିବାରେ ଅସମର୍ଥ ହୋଇ ବିରାଟ ପୁରୁଷଙ୍କୁ ସ୍ତୁତି କଲେ । ତେଣୁ ବିରାଟ ପୁରୁଷ ବା ମହାବିଷ୍ଣୁଙ୍କ ନାଭିରୁ ଚତୁର୍ମୁଖ ବ୍ରହ୍ମାଙ୍କୁ ଧରି ଏକ ପଦ୍ମଫୁଲ ସୁଦୀର୍ଘ ମୃଣାଳ ସହିତ ଉଦ୍‌ଭବ ହେଲେ । ବିରାଟ ପୁରୁଷଙ୍କ ଆଜ୍ଞାରେ ଚତୁର୍ମୁଖ ବ୍ରହ୍ମା ପ୍ରଥମେ ସନକ, ସନନ୍ଦନ, ସନାତନ ଓ ସନତ୍ କୁମାର ନାମକ ଚାରି ମାନସ ପୁତ୍ରଙ୍କୁ ଜନ୍ମ ଦେଲେ, ମାତ୍ର ଏହି ଚାରିପୁତ୍ର ସୃଷ୍ଟି ପାଇଁ ଅନିଚ୍ଛୁକ ହୋଇ ତପସ୍ୟା କରି ଚାଲିଗଲେ । ଚତୁର୍ମୁଖ ବ୍ରହ୍ମା ତେଣୁ ଆଉ ୧୦ଟି ସନ୍ତାନ ସୃଷ୍ଟି କଲେ - ମରିଚି, ଅତ୍ରି, ଅଙ୍ଗିରସ, ପୌଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ, ଭୃଗୁ, ଦକ୍ଷ ଓ ନାରଦ । ବ୍ରହ୍ମାଙ୍କର ଦକ୍ଷ ଅଙ୍ଗୁଷ୍ଠିରୁ ଜାତ ଦକ୍ଷ ପ୍ରଜାପତିଙ୍କ ପ୍ରଥମ ଝିଅ ସତୀ ଶିବଙ୍କୁ ବିବାହ କଲେ ଓ ବାକି ତେର

ଝିଅ କଶ୍ୟପଙ୍କୁ ବିବାହ କରି ସୁର, ଅସୁର, ନାଗ, ପକ୍ଷୀ, କୀଟ ପତଙ୍ଗ ଆଦି ସମସ୍ତ ପ୍ରାଣୀ ଜଗତ ସୃଷ୍ଟି କଲେ । ଚତୁର୍ମୁଖ ବ୍ରହ୍ମା ନିଜକୁ ଦୁଇ ଭାଗରେ ବିଭକ୍ତ କରି ସ୍ୱୟଂଭୂବ ମନୁ ଓ ଶତରୂପାଙ୍କୁ ଜାତ କଲେ, ଯାହାଙ୍କ ମୈଥୁନରୁ ମାନବ ସମାଜ ଜନ୍ମ ନେଲେ । ଚତୁର୍ମୁଖ ବ୍ରହ୍ମାଙ୍କ ଧ୍ୟାନାବସ୍ଥାରେ ଚାରି ମୁଖରୁ ଚାରି ବେଦ ଆବିର୍ଭୁତ ହେଲେ ଓ ବେଦ ଧ୍ୱନିରୁ ଗାୟତ୍ରୀ ସମ୍ଭୂତ ହେଲେ ଓ ସମସ୍ତ ସୃଷ୍ଟିର ବିକାଶ ଓ ବିସ୍ତାର ହେଲା ।

ଏକଦା ଦୁର୍ବାସା ବୈକୁଣ୍ଠରୁ ପ୍ରଭୁଙ୍କ ଦର୍ଶନ କରି ଫେରୁଥିଲେ । ତାଙ୍କ ବେକରେ ବିଷ୍ଣୁଙ୍କ ପ୍ରଦତ୍ତ ଛଡ଼ା ଫୁଲମାଳଟିଏ ଥିଲା । ବାଟରେ ସେ ଇନ୍ଦ୍ରଙ୍କୁ ଦେଖି ଫୁଲମାଳଟିକୁ ନିଜ ବେକରୁ କାଢ଼ି ଇନ୍ଦ୍ରଙ୍କୁ ଦେଲେ । ଦେବରାଜ ଇନ୍ଦ୍ର ସେ ମାଳଟିକୁ ତାଙ୍କ ବାହନ ଐରାବତ ବେକରେ ପକାଇ ଦେଲେ । କିନ୍ତୁ ଐରାବତ ମଦମତ୍ତ ହୋଇ ମାଳଟିକୁ ତଳେ ପକାଇ ଗୋଡ଼ରେ ଦଳି ଦେଲା । ବିଷ୍ଣୁ ମାଳର ଅବଜ୍ଞା ଦେଖି ଦୁର୍ବାସା ଅପମାନିତ ହୋଇ ଇନ୍ଦ୍ରଙ୍କୁ ଲକ୍ଷ୍ମୀଛଡ଼ା ହେବାକୁ ଅଭିଶାପ ଦେଲେ । ଅଭିଶପ୍ତ ଇନ୍ଦ୍ର ଶ୍ରୀହୀନ ହୋଇ ଘୂରି ବୁଲିଲେ ଏବଂ ସ୍ୱର୍ଗ ଅସୁରମାନଙ୍କ କବଳିତ ହେଲା । ଦେବତାମାନଙ୍କ ଦୁଃଖ ଦେଖି ଦେବଗୁରୁ ବୃହସ୍ପତି କ୍ଷୀର ସାଗରରେ ବିଷ୍ଣୁଙ୍କୁ ସ୍ତୁତି କରିବା ପାଇଁ ପରାମର୍ଶ ଦେଲେ । ଇନ୍ଦ୍ର ଓ ଦେବଗଣ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁ ସାଗର ମନ୍ଥନ ପାଇଁ ଉପଦେଶ ଦେଲେ । ଇନ୍ଦ୍ର ଅସୁରରାଜ ବଳୀଙ୍କ ସହ ସଖ୍ୟସ୍ଥାପନ କରି, ସାଗର ମଧ୍ୟରେ ବିଭିନ୍ନ ଔଷଧୀୟ ବୃକ୍ଷ ପକେଇ ମନ୍ଦର ପର୍ବତ ଆଣି ସମୁଦ୍ର ମନ୍ଥନ କଲେ । ବାସୁକି ସର୍ପକୁ ରଜ୍ଜୁ କରି ତା'ର ମୁଣ୍ଡପଟ ଧରିଲେ ଅସୁରମାନେ ଓ ଲାଞ୍ଜ ପଟ ଧରିଲେ ଦେବତାମାନେ । ବିଷ୍ଣୁ ମହାକୂର୍ମ ହୋଇ ମନ୍ଦିର ତଳେ ରହିଲେ । ସାଗର ମନ୍ଥନ ହେଲା ଓ ତନ୍ମଧ୍ୟରୁ ଅମୃତଭାଣ୍ଡ ଧରି ଧନ୍ୱନ୍ତରୀ, ଉଚ୍ଚୈଶ୍ରବା ଅଶ୍ୱ, କୌସ୍ତୁଭମଣି ଆଦି ସହିତ ଜଗତମାତା ଲକ୍ଷ୍ମୀ ଆବିର୍ଭୁତା ହେଲେ ।

**ଦ୍ୱିତୀୟ ମତ** (ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ଯେତେବେଳେ କଶ୍ୟପ ଓ ତାଙ୍କ ତେର ସ୍ତ୍ରୀଙ୍କ ଔରସରୁ ସମସ୍ତ ଜୀବଜନ୍ତୁ ଓ ସ୍ୱୟଂଭୂବ ମନୁ ଓ ଶତରୂପାଙ୍କଠାରୁ ମାନବମାନେ ସୃଷ୍ଟି ହେଲେ, ସେତେବେଳେ ସେମାନେ ଖାଇବା ବିନା ଡହଳବିକଳ ହେଲେ । ଚତୁର୍ଭୁଜ ବ୍ରହ୍ମା ନିଜ ମାନସ ସନ୍ତାନ ଭୃଗୁଙ୍କୁ ଏମାନଙ୍କ ପାଳନ ପୋଷଣର ଉପାୟ ପଚାରିଲେ । ଭୃଗୁ ନିରାକାର ବ୍ରହ୍ମଙ୍କୁ ଧ୍ୟାନ କଲେ ଓ ତାଙ୍କ ଆଦେଶରେ ବେଦମାନଙ୍କରୁ ଅକ୍ଷର ଛାନି ଗାୟତ୍ରୀ ମନ୍ତ୍ର ରଚନା କରି ଏକ ଲକ୍ଷ ମନ୍ତ୍ର ଜପ କଲେ । ମନ୍ତ୍ର ଜପର ଫଳ ସ୍ୱରୂପ ବ୍ରହ୍ମ ଦୁଇ ଭାଗ ହୋଇ ଶ୍ରୀ ଜନ୍ମ ନେଲେ । ଏହି ଶ୍ରୀ ବା ଲକ୍ଷ୍ମୀ ନିରାକାରଙ୍କ ଆଦେଶରେ ବିଛାମାସ ଶୁକ୍ଳ ଦଶମୀ ଗୁରୁବାର ଦିନ ଧ୍ୟାନରତ ଭୃଗୁଙ୍କ କୋଳରେ ସିଧା ଆସି ବସି ପଡ଼ିଲେ । ଆଶ୍ଚର୍ଯ୍ୟ ଚକିତ ଭୃଗୁ ପଚାରିଲେ - 'ମା' ତୁମେ କିଏ ?' ଲକ୍ଷ୍ମୀ ଉତ୍ତର ଦେଲେ - 'ମୁଁ ତୁମ କନ୍ୟା - ଭାର୍ଗବୀ' ।

'ଇନ୍ଦିରା ଲୋକମାତା ଚ ରମା ମଙ୍ଗଳ ଦେବତା
ଭାର୍ଗବୀ ଲୋକ ଜନନୀ କ୍ଷୀର ସାଗର କନ୍ୟାକା ।'

ବ୍ରହ୍ମର୍ଷି ଭୃଗୁ ମା' ଲକ୍ଷ୍ମୀଙ୍କ କଥାନୁସାରେ ତାଙ୍କୁ ନେଇ ବରୁଣ ପୁରୀରେ ଛାଡ଼ି ଆସିଲେ । ଯେତେବେଳେ ସାଗର ମନ୍ଥନ ହେଲା, ଅନ୍ୟାନ୍ୟ ପଦାର୍ଥ, ଧନ୍ୱନ୍ତରୀ, ଅମୃତ ଭାଣ୍ଡ ଆଦି ସହିତ ଲକ୍ଷ୍ମୀ ସାଗର ମଧ୍ୟରୁ ଆବିର୍ଭୁତ ହେଲେ । ନିଜେ ବରୁଣ ତାଙ୍କୁ ଅଭିଷେକ କଲେ । ଦୁଇଟି ହାତୀ - ଐରାବତ ଓ ପୁଣ୍ଡରିକ ତାଙ୍କୁ ଶୁଣ୍ଢ ଟେକି ପୂର୍ଣ୍ଣ କଳସୀ ଦ୍ୱାରା ଜଳାଭିଷେକ କଲେ । ସେଇଠୁ ସେ ଗଜଲକ୍ଷ୍ମୀ ରୂପେ ପୂଜିତା ହେଲେ ।

'ଅବର୍ଜିତ ଘଟଂ କାର୍ଯ୍ୟଂ ତତ୍‌ପୃଷ୍ଟେ କୁଂଜର ଦ୍ୱୟମ୍ ।'
ବିଷ୍ଣୁ ଧର୍ମୋତ୍ତର

ଜଳାଭିଷେକ ପରେ ସେଇ ଭିଜା ଦେହରେ ଲକ୍ଷ୍ମୀ ବରଣମାଳାଟିଏ ଧରି ବିଷ୍ଣୁଙ୍କ ଗଳାରେ ପକେଇ ତାଙ୍କୁ ସ୍ୱାମୀ ରୂପରେ ବରଣ କଲେ । ବ୍ରହ୍ମା, ରୁଦ୍ର, ଇନ୍ଦ୍ର ଓ ଅନ୍ୟ ଦେବତାମାନେ ଥାଇ ମଧ୍ୟ ଲକ୍ଷ୍ମୀ ସବୁଠୁ ଅଧିକ ତେଜସ୍ୱୀ ପୁରୁଷ ବିଷ୍ଣୁଙ୍କୁ ହିଁ ପତି ରୂପରେ ବରଣ କରି ସୃଷ୍ଟିର ସମସ୍ତ ଜୀବଜଗତକୁ ପଢ଼ି ବାଣ୍ଟି ଦେଲେ । ସୃଷ୍ଟିରେ ସବୁଠି, ସବୁକାଳେ ଅଧିକ ତେଜସ୍ୱୀ (ରୂପ, ଗୁଣ ଓ ଆର୍ଥିକ ସଂଗତି ସଂପନ୍ନ) ପୁରୁଷଙ୍କୁ ସ୍ତ୍ରୀମାନେ ପସନ୍ଦ କରିଥାନ୍ତି । ସେଥିପାଇଁ କବି ଲେଖିଲେ -

ତେଜସ୍ୱୀର କରେ କର ଛନ୍ଦିବାକୁ
ପ୍ରୟାସି ସଦା ସୁନ୍ଦରୀ,
ନୋହିଲେ କି ଫୁଲରାଣୀ କମଳିନୀ
ରବିଙ୍କୁ ଥାଆନ୍ତା ବରି ।
ପାର୍ବତୀ - ରାଧାନାଥ ରାୟ

**ତୃତୀୟ ମତ** (ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ଏକଦା ବିଷ୍ଣୁଙ୍କ ଚିରବସନ୍ତ ବିରାଜିତ ନିତ୍ୟରାସ ସ୍ଥଳୀରେ ଗୋପୀମାନଙ୍କ ସହିତ ପ୍ରଭୁ ରାସଲୀଳାରେ ମଗ୍ନ ଥିଲେ । ଆନନ୍ଦରେ ନୃତ୍ୟ କଲାବେଳେ ତାଙ୍କ ବାମ ଅଙ୍ଗରୁ ଏକ ଅପୂର୍ବ ସୁନ୍ଦରୀ ସ୍ତ୍ରୀ ଜାତ ହେଲେ । ଶ୍ରୀହରିଙ୍କ ସଂକଳ୍ପରୁ ସେ ସ୍ତ୍ରୀ ଦୁଇ ଭାଗରେ ବିଭକ୍ତ ହୋଇ ଦୁଇଟି ସ୍ତ୍ରୀରେ ପରିଣତ ହେଲେ ।

'ମହାଲକ୍ଷ୍ମୀ ରୂପ ଗୋଟି ବାମେ ବିରାଜିଲେ
ଶ୍ରୀରାଧା ରୂପେ ଶ୍ରୀହରି ଦକ୍ଷିଣେ ଶୋଭିଲେ ।'
ମହାଲକ୍ଷ୍ମୀ ପୁରାଣ

ମହାଲକ୍ଷ୍ମୀ ବାମ ପାର୍ଶ୍ୱରେ ଓ ଶ୍ରୀରାଧା ଦକ୍ଷିଣ ପାର୍ଶ୍ୱରେ ରହିବାରୁ ଶ୍ରୀହରି ମହାଭାବରେ ନିଜେ ଦୁଇ ଭାଗ ହୋଇଗଲେ । ତାଙ୍କର ଦକ୍ଷ ଅଂଗରୁ ଜାତ ଦ୍ୱିଭୁଜ ଶ୍ରୀକୃଷ୍ଣଙ୍କୁ ଶ୍ରୀରାଧା ବରଣ କଲେ ଓ

ବାମାଂଗରୁ ଜାତ ଚତୁର୍ଭୁଜ ଶ୍ରୀବିଷ୍ଣୁଙ୍କୁ ଲକ୍ଷ୍ମୀ ବରଣମାଳା ପିନ୍ଧେଇଲେ । ପାଳନକର୍ତ୍ତା ବିଷ୍ଣୁ ଓ ପଡ଼ିଦାତ୍ରୀ ଲକ୍ଷ୍ମୀଙ୍କର ଅପୂର୍ବ ମିଳନ ଫଳରେ ସଂସାରବାସୀମାନେ ନିଜର ଭରଣ ପୋଷଣର ଅଭୟ ଲାଭ କଲେ । ତେଣୁ ଲକ୍ଷ୍ମୀଙ୍କୁ ଯାଚି କରି ବିଷ୍ଣୁ ବର ଦେଲେ ଯେ -

ଜଗତର ହିତେ ତୁହି ହେବୁ ଜଗନ୍ମାତ
ପଡ଼ି ବାଣ୍ଟି ଦେଉଥିବୁ ପ୍ରାଣୀଗଣେ ନିତ୍ୟ ।
ତୁହି ଯେବେ ହାତ ଟେକି ଦେବୁ ମତେ ଅନ୍ନ
ଭୁଂଜିବି ନୋହିଲେ ଉପବାସ ନିଶ୍ଚେ ଜାଣ ।।
ମହାଲକ୍ଷ୍ମୀ ପୁରାଣ

**ଚତୁର୍ଥ ମତ** (ଶ୍ରୀଦୁର୍ଗା ସପ୍ତଶତୀରୁ)

'ସର୍ବସ୍ୟାଦ୍ୟା ମହାଲକ୍ଷ୍ମୀଃ ତ୍ରିଗୁଣା ପରମେଶ୍ୱରୀ
ଲକ୍ଷ୍ୟାଲକ୍ଷ୍ୟ ସ୍ୱରୂପା ସା ବ୍ୟାପ୍ୟକୃତ୍ସ୍ନଂ ବ୍ୟବସ୍ଥିତା ।'
ପ୍ରାଧାନିକଂ ରହସ୍ୟମ୍-ଶ୍ରୀଦୁର୍ଗାସପ୍ତଶତୀ

ସୃଷ୍ଟି ପୂର୍ବରୁ ପରାତ୍ପର ପରମେଶ୍ୱର ଓ ତାଙ୍କର ଅନ୍ତର୍ନିହିତ ମହାଶକ୍ତି ମହାଶୂନ୍ୟରେ ନିଷ୍କଳ ଭାବରେ ସର୍ବବ୍ୟାପ୍ତ, ନିରନ୍ଧ୍ର ହୋଇ ରହିଥିଲେ । ସେ ଦୃଶ୍ୟ ଏବଂ ଅଦୃଶ୍ୟ ରୂପରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ବ୍ୟାପି କରି ସ୍ଥିତ ଥିଲେ । ଏହି ମହାଶକ୍ତିକୁ ପଣ୍ଡିତମାନେ ଆଦ୍ୟା ପ୍ରକୃତି ବା ଆଦ୍ୟା ମହାଲକ୍ଷ୍ମୀ କହିଅଛନ୍ତି, ଯିଏ ସତ୍ତ୍ୱ, ରଜ ଓ ତମ - ତିନିଗୁଣର ସମାନ ଅଧିକାରୀ ଥିଲେ । ସୃଷ୍ଟି ବାସନା ଜାଗ୍ରତ ହେବାରୁ ନିଜକୁ ତ୍ରିଗୁଣ କ୍ରମରେ ତିନିଭାଗ କଲେ - ତମୋଗୁଣା ମହାକାଳୀ, ରଜୋଗୁଣା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀ । କିନ୍ତୁ ପୁରୁଷ ଓ ପ୍ରକୃତିର ସଂଯୋଗ ବିନା ସୃଷ୍ଟି ସମ୍ଭବ ନହେବାରୁ, ନିଜ ନିଜ ମଧ୍ୟରୁ ମିଥୁନମାନ ସୃଷ୍ଟି କଲେ । ମହାକାଳୀଙ୍କଠାରୁ ଶିବ ଓ ସରସ୍ୱତୀ, ମହାଲକ୍ଷ୍ମୀଙ୍କଠାରୁ ବ୍ରହ୍ମା ଓ ଲକ୍ଷ୍ମୀ ଏବଂ ମହାସରସ୍ୱତୀଙ୍କଠାରୁ ବିଷ୍ଣୁ ଓ ଗୌରୀ ଉଦ୍‌ଭବ ହେଲେ । ଆଦ୍ୟା ମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ବ୍ରହ୍ମା-ସରସ୍ୱତୀ, ବିଷ୍ଣୁ-ଲକ୍ଷ୍ମୀ ଓ ଶିବ-ଗୌରୀ ଯୋଡ଼ିଙ୍କ ସଂଯୋଗରେ ସୃଷ୍ଟି ସର୍ଜନା, ପାଳନ ଓ ସଂହାର ସମ୍ଭବ ହେଲା ।

ତ୍ରିଗୁଣମୟୀ ଆଦ୍ୟାପ୍ରକୃତି ବା ଆଦ୍ୟା ମହାଲକ୍ଷ୍ମୀ -

* ତମୋଗୁଣା ମହାକାଳୀ - ଶିବ (ଶିବ+ଗୌରୀ) ଓ ସରସ୍ୱତୀ
* ରଜୋଗୁଣା ମହାଲକ୍ଷ୍ମୀ - ବ୍ରହ୍ମା (ବ୍ରହ୍ମା+ସରସ୍ୱତୀ) ଓ ଲକ୍ଷ୍ମୀ
* ସତ୍ତ୍ୱଗୁଣା ମହାସରସ୍ୱତୀ - ବିଷ୍ଣୁ (ବିଷ୍ଣୁ+ଲକ୍ଷ୍ମୀ) ଓ ଗୌରୀ

ଉପରୋକ୍ତ ରେଖାଚିତ୍ରରୁ ଦେଖିବା ଯେ ତ୍ରିଗୁଣମୟୀ ଆଦ୍ୟା ମହାଲକ୍ଷ୍ମୀ, ତମୋଗୁଣା ମହାକାଳୀ, ରଜୋଗୁଣା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀରେ ତ୍ରିବିଧ ବିଭକ୍ତ ହେଲେ । ତେବେ ତମୋଗୁଣା ମହାକାଳୀଠାରୁ ସତ୍ତ୍ୱଗୁଣା ସରସ୍ୱତୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀଙ୍କଠାରୁ ତମୋଗୁଣା ଗୌରୀ ଜାତ ହେଲାବେଳେ ରଜୋଗୁଣା ମହାଲକ୍ଷ୍ମୀଙ୍କଠାରୁ ରଜୋଗୁଣା ଲକ୍ଷ୍ମୀ ଜାତ ହୋଇଛନ୍ତି । ଅର୍ଥାତ୍ ତମଶକ୍ତିରୁ ସତ୍ତ୍ୱଶକ୍ତି ଓ ସତ୍ତ୍ୱଶକ୍ତିରୁ ତମଶକ୍ତି ଜାତ ହୋଇ ପାରିଛନ୍ତି ଓ ରଜଶକ୍ତି ମହାଲକ୍ଷ୍ମୀଙ୍କଠାରୁ ଜାତ ରଜଶକ୍ତି ଲକ୍ଷ୍ମୀ ପ୍ରାଧାନ୍ୟ ଲାଭ କରିଛନ୍ତି, ଯେହେତୁ ସୃଷ୍ଟି ପାଳନ କର୍ତ୍ତା ଓ ମୋକ୍ଷଦାତା ବିଷ୍ଣୁଙ୍କ ସହିତ ସଂଯୁକ୍ତ ହୋଇ ସେ ସଂସାରବାସୀଙ୍କୁ ପାଳନ ପୋଷଣ କରି ସୁଖସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦିଅନ୍ତି ।

ତେବେ ପରମେଶ୍ୱରଙ୍କ ଅନ୍ତର୍ନିହିତ ତ୍ରିଗୁଣମୟୀ ଆଦ୍ୟାଶକ୍ତି ବା ଆଦ୍ୟାମହାଲକ୍ଷ୍ମୀ ଯେମିତି ସର୍ବବ୍ୟାପୀ ଓ ପୂର୍ଣ୍ଣ, ତାଙ୍କଠାରୁ ସମ୍ଭୁତ ତମଶକ୍ତି ଓ ସତ୍ତ୍ୱଶକ୍ତି ସହିତ ରଜଶକ୍ତି ମହାଲକ୍ଷ୍ମୀ ଏବଂ ତାଙ୍କଠୁ ସମ୍ଭୁତ ଲକ୍ଷ୍ମୀ ମଧ୍ୟ ସେମିତି ପୂର୍ଣ୍ଣ । ଶାସ୍ତ୍ରରେ ଅନ୍ୟତ୍ର କୁହାଯାଇଛି -

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।'

ମହାସାଗର ମଧ୍ୟରେ ବୁଡ଼ି, ପାଣି ଭିତରେ ଢାଳେ ପାଣି ଧରିଲେ, ମହାସାଗର ଯେମିତି ପୂର୍ଣ୍ଣ, ଢାଳକ ପାଣି ସେମିତି ପୂର୍ଣ୍ଣ, କାରଣ ପାଣି ଢାଳକ ସେଇ ମହାସାଗର ଜଳ ମଧ୍ୟରେ ଅଛି । ମହାସାଗର ବାହାରକୁ ଆସିଲେ, ଢାଳକ ଜଳ ମହାସାଗର ପରିପୂର୍ଣ୍ଣ ନୁହେଁ । ସେମିତି ସର୍ବବ୍ୟାପୀ ଅନନ୍ତ ବ୍ରହ୍ମଙ୍କ ହିରଣ୍ୟଗର୍ଭରେ ମହାଲକ୍ଷ୍ମୀ ଯେମିତି ପୂର୍ଣ୍ଣ, ଲକ୍ଷ୍ମୀ ସେମିତି ପୂର୍ଣ୍ଣ ଓ ଅଭିନ୍ନ । ବେଦରେ ଲକ୍ଷ୍ମୀସୂକ୍ତରେ ଓ ଗାୟତ୍ରୀରେ ମଧ୍ୟ କୁହାଯାଇଛି -

'ମହାଲକ୍ଷ୍ମୈ ଚ ବିଦ୍ମହେ ବିଷ୍ଣୁପତ୍ନୈ ଚ ଧୀମହି ।
ତନ୍ନୋ ଲକ୍ଷ୍ମୀଃ ପ୍ରଚୋଦୟାତ୍ ।।'

ତେଣୁ ଯେ ମହାଲକ୍ଷ୍ମୀ, ସେ ହିଁ ଲକ୍ଷ୍ମୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେବେ ମା' ଲକ୍ଷ୍ମୀଙ୍କ ମାହାତ୍ମ୍ୟର ବିଶେଷତ୍ୱ ହେଲା ଯେ ସେ ସୃଷ୍ଟିର ପାଳନକର୍ତ୍ତ୍ରୀ ଓ ପଡ଼ିଦାତ୍ରୀ ଠାକୁରାଣୀ । ପୃଥିବୀର ସର୍ବପ୍ରାଚୀନ ଋଗ୍‌ବେଦରେ ଲକ୍ଷ୍ମୀଙ୍କୁ ଶ୍ରୀସୂକ୍ତ ଓ ଲକ୍ଷ୍ମୀ ସୂକ୍ତରେ ଯେଉଁ ପ୍ରାର୍ଥନା କରାଯାଇଛି, ତାହା ଦାରିଦ୍ର୍ୟ ଦୂରକରିବା ପାଇଁ ଅବ୍ୟର୍ଥ ଔଷଧ । ସେଥିରୁ କିୟଦଂଶ ନିମ୍ନରେ ଉଦ୍ଧୃତ ହେଲା -

'ପଦ୍ମାନନେ, ପଦ୍ମବିପଦ୍ମପତ୍ରେ, ପଦ୍ମପ୍ରିୟେ, ପଦ୍ମଦଳାୟତାକ୍ଷି
ବିଶ୍ୱପ୍ରିୟେ, ବିଷ୍ଣୁମନୋଽନୁକୂଳେ, ତ୍ୱତପାଦପଦ୍ମଂମୟିସଂନିଧତ୍ସ୍ୱ ।
ପଦ୍ମାନନେ, ପଦ୍ମଊରୁ, ପଦ୍ମାକ୍ଷି, ପଦ୍ମସମ୍ଭବେ ।
ତନ୍ମେ ଭଜସି ପଦ୍ମାକ୍ଷି, ଯେନ ସୌଖ୍ୟଂ ଲଭ୍ୟାମ୍ୟହମ୍ ।।
ଶ୍ରୀର୍ବର୍ଚସ୍ୱମାୟୁଷ୍ୟ ମାରୋଗ୍ୟ ମାବିଧାଚ୍ଛୋଭମାନଂ ମହୀୟତେ ।
ଧନଂ ଧାନ୍ୟଂ ପଶୁଂ, ବହୁପୁତ୍ର ଲାଭଂ, ଶତ ସମ୍ୱତ୍ସରଂ ଦୀର୍ଘମାୟୁଃ ।।'

ଅର୍ଥାତ୍, ହେ ପଦ୍ମମୁଖୀ, ପଦ୍ମଗାତ୍ରୀ, ପଦ୍ମନୟନା, କମଳପ୍ରିୟା ଲକ୍ଷ୍ମୀ, ତୁମେ ବିଷ୍ଣୁ ପ୍ରାଣ ବଲ୍ଲଭା ଓ ବିଶ୍ୱର ସବୁଠୁ ପ୍ରିୟ ଦେବୀ, ତୁମର ଚରଣ-କମଳ ମୋ ଘରେ, ମୋ ଉପରେ ସବୁବେଳେ ବିରାଜମାନ କରୁ । ହେ ପଦ୍ମମୁଖୀ, ପଦ୍ମସମ୍ଭବା, କୋମଳାଂଗୀ ଦେବୀ, ମୁଁ ତୁମକୁ ଭଜନ କରୁଛି, ମୋ ଉପରେ ଦୟା ଦୃଷ୍ଟି ରଖିଥାଅ, ଯେମିତି ସବୁପ୍ରକାର ସୁଖ ସମୃଦ୍ଧି ମତେ ମିଳୁ । ଏହି ଋଗ୍ ବେଦୋକ୍ତ ଶ୍ରୀସୂକ୍ତ ଓ ଲକ୍ଷ୍ମୀସୂକ୍ତ ପାଠ କଲେ ଧନସଂପତ୍ତି, ତେଜ, ଆୟୁ ଓ ଆରୋଗ୍ୟ ଲାଭ ହୁଏ । ଶରୀରର ଶୋଭା ବୃଦ୍ଧି ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ । ଧନଧାନ୍ୟ, ଗୋ-ମହିଷାଦି, ପୁତ୍ର ପୁତ୍ରୀ ପ୍ରାପ୍ତ ହୁଏ ଓ ଆୟୁ ଶହେ ବର୍ଷ ହୁଏ ।

ମହାଲକ୍ଷ୍ମୀଙ୍କର ଏ ସମସ୍ତ ଜନ୍ମ ରହସ୍ୟ ଓ ଋଗ୍‌ବେଦୀୟ ମାହାତ୍ମ୍ୟ, ଆମ ଓଡ଼ିଆଙ୍କ ଆରାଧ୍ୟ ସର୍ବଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳରେ ବିଶେଷ ଭାବରେ ପ୍ରତିଫଳିତ । ସିଂହଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବା ଶ୍ରୀଙ୍କର ସ୍ୱାଗତ ଭଙ୍ଗୀରେ ଉପବିଷ୍ଟ ମୂର୍ତ୍ତି - 'ଶ୍ରୀମନ୍ଦିର' ନାମକରଣର ଔଚିତ୍ୟ ପ୍ରମାଣ କରେ । ପରଂବ୍ରହ୍ମ ଜଗନ୍ନାଥଙ୍କ ପଶ୍ଚାତଭାଗରେ ତାଙ୍କର ତ୍ରିଗୁଣ ଶକ୍ତି ହେଲେ - ମହାକାଳୀ-ବିମଳା, ମହାସରସ୍ୱତୀ ଓ ମହାଲକ୍ଷ୍ମୀ । ଜଗନ୍ନାଥଙ୍କ ପ୍ରସାଦ ମହାଲକ୍ଷ୍ମୀ ଗ୍ରହଣ କରନ୍ତି ନାହିଁ । ତାଙ୍କର ସ୍ୱତନ୍ତ୍ର ପାକଶାଳା ଓ ଘୃତପାକ ପିଠା ହିଁ ତାଙ୍କର ପ୍ରସାଦ । ତାଙ୍କଠୁ ସମ୍ଭୂତ ଲକ୍ଷ୍ମୀ, ଶ୍ରୀଦେବୀ ନାମରେ ଜଗନ୍ନାଥଙ୍କ ପାଖରେ - ରତ୍ନସିଂହାସନରେ ବସିଛନ୍ତି । ଗୁରୁବାରମାନଙ୍କରେ ସେହି ଲକ୍ଷ୍ମୀ, ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହିତ ପାଲିଙ୍କିରେ ବସି ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଯାଇ ଏକାନ୍ତ ବାସ କରନ୍ତି ।

'ଯଥା ଦେବେ, ତଥା ଦେହେ' - ନୀତିରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତି ମଣିଷଙ୍କ ପରି ହୁଏ । ଜ୍ୟେଷ୍ଠ ମାସ ଏକାଦଶୀରେ ଲକ୍ଷ୍ମୀ ସ୍ୱରୂପା ରୁକ୍ମିଣୀଙ୍କ (କୃଷ୍ଣସ୍ତୁ ଜଗନ୍ନାଥସ୍ୱୟମ୍) ଜଗନ୍ନାଥଙ୍କ ସହିତ ବିବାହ ହୁଏ । ତା'ପରଦିନ ଦ୍ୱାଦଶୀରେ ମଦନମୋହନ ଓ ଲକ୍ଷ୍ମୀ-ଯମେଶ୍ୱର ମନ୍ଦିରକୁ ଭ୍ରମଣ କରି ଯାଆନ୍ତି । ଚତୁର୍ଦ୍ଦଶୀ ଦିନ ଚତୁର୍ଥୀ ହୋମ ହୁଏ । ଏହି ବିବାହ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ସ୍ନାନ ପୂର୍ଣ୍ଣିମା ଦିନ ସୁନାକୂଅ ପାଣିରେ ସ୍ନାନ କରି ପ୍ରଭୁ ଜ୍ୱରରେ ପୀଡ଼ିତ ହୁଅନ୍ତି । ଆରୋଗ୍ୟ ହେବା ପରେ ନବଯୌବନ ପ୍ରାପ୍ତ ହୋଇ ଭାଇଭଉଣୀଙ୍କ ସହିତ ଗୁଣ୍ଡିଚା ଯାତ୍ରାରେ ବାହାରି ଯାଆନ୍ତି । ଲକ୍ଷ୍ମୀ ତାଙ୍କ ବିରହରେ ଦାଳୁଅ ଚାଉଳ ଭାତ ଓ କଳମ୍ବ ଶାଗ ଖାଇ ଅପେକ୍ଷା କରନ୍ତି । ହେରା ପଞ୍ଚମୀ ଦିନ ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ପ୍ରଭୁଙ୍କୁ ଡାକିବାକୁ ଯାଆନ୍ତି ଓ ନବଦିନ ପୂର୍ଣ୍ଣ ହେଇନଥିବାରୁ ଶ୍ରୀଜଗନ୍ନାଥ ଆସନ୍ତି ନାହିଁ । ତେଣୁ ରାଗରେ ରଥ ଭାଙ୍ଗି ହେରାଗୋହିରୀ ବାଟେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ମା' ଲକ୍ଷ୍ମୀଙ୍କ ପ୍ରୀତିପୂର୍ଣ୍ଣ ନିମନ୍ତ୍ରଣକୁ ସମ୍ମାନ ଜଣାଇ ଅଷ୍ଟମୀ ଦିନ ନନ୍ଦିଘୋଷ ରଥ ପ୍ରଥମେ ଦକ୍ଷିଣ ମୋଡ଼ ହୁଏ । ବାହୁଡ଼ା ଦିନ ନନ୍ଦିଘୋଷ ଶ୍ରୀନଅର ପାଖରେ ପହଞ୍ଚିଲା ମାତ୍ରକେ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ପାଛୋଟି ନେବାକୁ ଆସନ୍ତି, ଯାହାକୁ ଲକ୍ଷ୍ମୀ-ନାରାୟଣ ଭେଟ କୁହାଯାଏ ଓ ଏହି ନୀତି ଗଜପତି ମହାରାଜା ନିଜେ କରାନ୍ତି । ନୀଳାଦ୍ରି ବିଜୟ ଦିନ ଚାହାଁଣୀ ମଣ୍ଡପରୁ ଲକ୍ଷ୍ମୀ ଆରତୀ ବନ୍ଦାପନା କରନ୍ତି । ଲକ୍ଷ୍ମୀଙ୍କ ମାନଭଂଜନ ପାଇଁ ସେଦିନ ରସଗୋଲା ଭୋଗ ହୁଏ ଓ ଗୋଟି ପହଣ୍ଡିରେ ତିନି ଦିଅଁ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ମାତ୍ର ପ୍ରଭୁ ଜଗନ୍ନାଥ ଜୟବିଜୟ ଦ୍ୱାର ପାଖରେ ପହଞ୍ଚିଲା କ୍ଷଣି, ମା' ଲକ୍ଷ୍ମୀ ଦ୍ୱାର ବନ୍ଦ କରି ଦିଅନ୍ତି । ପ୍ରଭୁ ଜଗନ୍ନାଥ ବହୁତ କାକୁତି ମିନତି କରି, ଲକ୍ଷ୍ମୀ ଶ୍ରୀୟା ଚାଣ୍ଡାଳୁଣୀ ଘରକୁ ବିଜେ କଲାପରି ସେ 'ପତିତପାବନ' ନାମକୁ ସାର୍ଥକ କରି ଘୋଷଯାତ୍ରା କରିଥିଲେ ବୋଲି କହି ପ୍ରେମପୂର୍ଣ୍ଣ ଭାଷାରେ 'ଦ୍ୱାର ଖୋଲ ସିନ୍ଧୁ ଜେମା' ବୋଲି ଅନୁରୋଧ କରନ୍ତି । ତା'ପରେ ବିରହିଣୀ ଲକ୍ଷ୍ମୀ ଦ୍ୱାର ଖୋଲି ପ୍ରଭୁଙ୍କୁ ପାଛୋଟି ନେଇ ଗଇଁଠାଳ ଖୋଲି ରତ୍ନ ସିଂହାସନରେ ବସେଇ ଦିଅନ୍ତି ।

ଓଡ଼ିଆ ରୀତିନୀତିରେ ଅବଗାହୀତା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଝୋଟି-ଚିତାରେ ଶ୍ରଦ୍ଧା ଓ ଶ୍ରୀୟା ଚଣ୍ଡାଳୁଣୀ ଘରେ ଅକାତରେ ପ୍ରବେଶ ଓ ବରଦାନ ପତିତପାବନ ଶ୍ରୀଜଗନ୍ନାଥଙ୍କ ପରି ତାଙ୍କର ସାର୍ବଜନୀନତାର ଅକାଟ୍ୟ ପ୍ରମାଣ ।

'ଓଁ ନମୋସ୍ତେସ୍ତୁ ମହାମାୟେ ଶ୍ରୀପୀଠେ ସୁର ପୂଜିତେ
ଶଙ୍ଖ ଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମୋସ୍ତୁତେ ।'

ପୂର୍ବତନ ବରିଷ୍ଠ ଉପ-ଆଞ୍ଚଳିକ ନିର୍ଦ୍ଦେଶକ
ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର
ବୁଢ଼ିମା ଲେନ୍, ଦଉତୋଟା, ପୁରୀ

# ଶ୍ରୀଜଗନ୍ନାଥ ଭାବଚେତନାରେ ଶ୍ରୀନୀଳଚକ୍ର

ଦେବାଶିଷ ଚକ୍ରବର୍ତ୍ତୀ



**ଶ୍ରୀ**ଜଗନ୍ନାଥ କେବଳ ଉତ୍କଳର ନାଥ ନୁହନ୍ତି, ବରଂ ସେ ଜଗତର ନାଥ ରୂପେ ବିଦିତ ହୋଇ ଏହି ଜାତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । ସମୁଦ୍ରର ଅନନ୍ତବକ୍ଷରେ ନଦୀମାନେ ବିଲୀନ ହେବାଭଳି ଶ୍ରୀଜଗନ୍ନାଥଙ୍କ ନିକଟରେ ବହୁ ମତ ପନ୍ଥ ମିଶି ଏକାକାର ହୋଇଯାଇଛି । ଆଦ୍ୟରେ ଶବର ପୂଜିତ ଶ୍ରୀଜଗନ୍ନାଥ ପରବର୍ତ୍ତୀ କାଳରେ ବୌଦ୍ଧଙ୍କର ତ୍ରିତତ୍ତ୍ୱ, ଜୈନଙ୍କର ତ୍ରିରତ୍ନ, ବୈଷ୍ଣବଙ୍କର ଶ୍ରୀପତି, ଶୈବଙ୍କର ଭୈରବ, ଗାଣପତ୍ୟଙ୍କର ଶ୍ରୀଗଣେଶ ଏବଂ ତାନ୍ତ୍ରିକଙ୍କର ଦକ୍ଷିଣ କାଳିକା ରୂପେ ଅଭିହିତ ହୋଇଛନ୍ତି । ବେଦମନ୍ତ୍ରରେ ସେ ପୁଣି ସାଜିଛନ୍ତି ପ୍ରଣବ ଓଁକାର । ତେଣୁ କୌଣସି ନିର୍ଦ୍ଦିଷ୍ଟ ମତପନ୍ଥ ମଧ୍ୟରେ ସେ ନିଜକୁ ସୀମିତ କରି ଦେଇ ନାହାନ୍ତି । ବରଂ ବହୁ ମତ ପନ୍ଥକୁ ଆତ୍ମସ୍ଥ କରି ସେ ଗଣ ଦେବତାର ମାନ୍ୟତା ପାଇଛନ୍ତି । ଶ୍ରୀଜଗନ୍ନାଥ କେବଳ ଲୀଳାମୟ ନୁହନ୍ତି, ସେ ମଧ୍ୟ ରହସ୍ୟମୟ । ତାଙ୍କ ରହସ୍ୟକୁ ଭେଦ କରିବା ସାଧ୍ୟାତୀତ । ତେଣୁ କୁହାଯାଇଛି - 'ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନ ଜାନାନ୍ତି କୁତୋ ମନୁଷ୍ୟାଃ ।'

ଶ୍ରୀଜଗନ୍ନାଥଙ୍କ ଅଧିଷ୍ଠାନ କ୍ଷେତ୍ର ଶ୍ରୀକ୍ଷେତ୍ର ଓ ତାଙ୍କ ମନ୍ଦିର ଶ୍ରୀମନ୍ଦିର ରୂପେ ପରିଚିତ । 'ପୁରୁଷୋତ୍ତମ' ଉଭୟ କ୍ଷେତ୍ର ଓ କ୍ଷେତ୍ରୀଙ୍କୁ ସୂଚୀତ କରୁଛି । ଶ୍ରୀଜଗନ୍ନାଥଙ୍କ ପରି ଶ୍ରୀକ୍ଷେତ୍ରର ଗାରିମା ମଧ୍ୟ ଧ୍ୱନିତ ହେଉଛି । ତେଣୁ ସ୍କନ୍ଦ ପୁରାଣ ପ୍ରକାଶ କରିଛି - 'ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମ, ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମ ।' ଶ୍ରୀକ୍ଷେତ୍ର ପରି ଶ୍ରୀମନ୍ଦିର ମଧ୍ୟ ମହିମାମଣ୍ଡିତ ହୋଇଉଠିଛି । ଶହେ କୋଡ଼ିଏ ହାତ ପରିମିତ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର କେବଳ ଉତ୍କଳୀୟ ଗାରିମା ପ୍ରଖ୍ୟାପନ କରୁନାହିଁ, ବରଂ ଏହା ମଧ୍ୟରେ ବିବିଧ ଧାର୍ମିକ ଚିନ୍ତନର ରୂପାୟନ ଘଟିଛି । ଶ୍ରୀମନ୍ଦିର ଚୂଡ଼ାରେ ସ୍ଥାପିତ ନୀଳଚକ୍ର ଏହାର ଶୋଭାବର୍ଦ୍ଧନକାରୀ ଧାତୁ ନିର୍ମିତ ଚକ୍ର ନୁହେଁ, ବରଂ ଏହା ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଲୀଳାରହସ୍ୟ ଗୁମ୍ଫିତ ହୋଇରହିଛି । ଶ୍ରୀଜଗନ୍ନାଥ ଭାବଚେତନାରେ ସଦା ତଲ୍ଲୀନ ଭକ୍ତ ମାନସକୁ ଶ୍ରୀନୀଳଚକ୍ରଙ୍କ ସଂପର୍କରେ ଅବହିତ କରିବାକୁ ସଂଶିତ ଆଲୋଚନା ଏକ କ୍ଷୀଣ ପ୍ରୟାସ ମାତ୍ର ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳ ଶବ୍ଦର ବ୍ୟାପକ ପ୍ରୟୋଗ ପରିଲକ୍ଷିତ ହୋଇଥାଏ । ତାଙ୍କର ଆଦ୍ୟ ରୂପ 'ନୀଳମାଧବ' । ଏତଦ୍‌ଭିନ୍ନ ତାଙ୍କର ଧାମ ନୀଳାଚଳ, ନୀଳଗିରି, ନୀଳକନ୍ଦର ଓ ନୀଳାଦ୍ରି ରୂପେ ପରିଚିତ ଲାଭ କରିଛି । ତେଣୁ ଭକ୍ତ ମାନସରେ ସେ କେତେବେଳେ ନୀଳାଚଳନାଥ, ନୀଳାଦ୍ରି କେଶରୀ, ନୀଳାଦ୍ରିବିହାରୀ ତ ପୁଣି କେତେବେଳେ ନୀଳଲୋହିତ ଓ ନୀଳମଣି । ତେଣୁ ତାଙ୍କ ଆୟୁଧ ସୁଦର୍ଶନ ସାଜିଛନ୍ତି 'ନୀଳଚକ୍ର' । ତେବେ ଆୟୁଧ ରାଜ ସୁଦର୍ଶନ ଚକ୍ରାକୃତିରେ ପ୍ରକାଶିତ ହୋଇ ଶ୍ରୀମନ୍ଦିର ଚୂଡ଼ାରେ ସଂସ୍ଥାପିତ ହେବାର କାରଣ ସଂପର୍କରେ ବିଭିନ୍ନ ପୁରାଣରେ ଭିନ୍ନମତ ପ୍ରକାଶ ପାଇଛି ।

ଆୟୁଧ ରାଜ ସୁଦର୍ଶନଙ୍କର ଉତ୍ପତ୍ତି ସଂପର୍କରେ ମତ୍ସ୍ୟ ପୁରାଣରେ ପ୍ରଦତ୍ତ ବିବରଣୀ ଅତ୍ୟନ୍ତ ପ୍ରଣୀଧାନଯୋଗ୍ୟ । ଏକଦା ସୂର୍ଯ୍ୟଦେବତା ତାଙ୍କର ପ୍ରଖର ତେଜରାଶିକୁ ହ୍ରାସ କରି ତାଙ୍କୁ ଲୋକାନନ୍ଦକର କରିବା ପାଇଁ ବିଷ୍ଣୁଙ୍କୁ ବିନୀତ ପ୍ରାର୍ଥନା କଲେ । ସୂର୍ଯ୍ୟ ଦେବତାଙ୍କ ପ୍ରାର୍ଥନାରେ ପ୍ରୀତ ହୋଇ ତାଙ୍କର ତେଜ ହ୍ରାସ କରି ତାଙ୍କୁ ଲୋକାନନ୍ଦକର କରିବା ପାଇଁ ସେ ପ୍ରତିଶ୍ରୁତି ଦେଲେ । ଭଗବାନ ବିଷ୍ଣୁଙ୍କର ନିର୍ଦ୍ଦେଶରେ ସ୍ୱର୍ଗଶିଳ୍ପୀ ବିଶ୍ୱକର୍ମା ତାଙ୍କର ତେଜୋରାଶିକୁ ପୃଥକ୍ କରି

ଦେଲେ । ଫଳସ୍ୱରୂପ ବିଷ୍ଣୁଙ୍କ ଆୟୁଧ ଚକ୍ର, ଶିବଙ୍କ ଆୟୁଧ ତ୍ରିଶୂଳ ଓ ଇନ୍ଦ୍ରଙ୍କ ଆୟୁଧ ବଜ୍ରର ଉତ୍ପତ୍ତି ଘଟିଲା । ସୂର୍ଯ୍ୟଙ୍କ ତେଜୋରାଶିରୁ ଉଦ୍ଭୁତ ଆୟୁଧସମୂହ ଦନୁଜ ଦଳନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେଲା । ମତ୍ସ୍ୟ ପୁରାଣ ଏହି ପ୍ରସଙ୍ଗର ଅବତାରଣା କରି ପ୍ରକାଶ କରିଛି - 'ପୃଥକ୍ ଚକାର ତତ୍ତେଜଶ୍ଚକ୍ରଂ ବିଷ୍ଣୋର କଳ୍ପୟେତ୍ / ତ୍ରିଶୂଳାଞ୍ଚାପି ରୁଦ୍ରସ୍ୟ ବଜ୍ର ମିନ୍ଦସ୍ୟ ଚାଧିକଂ ।'

ଅତ୍ୟାଚାରୀ ଅସୁରମାନଙ୍କର ବିନାଶ ପାଇଁ ଦେବତାମାନଙ୍କର ସମ୍ମିଳିତ ତେଜପୁଞ୍ଜରୁ ସୁଦର୍ଶନଙ୍କର ଉତ୍ପତ୍ତି ଘଟିଛି ବୋଲି ବାମନ ପୁରାଣ ଉଲ୍ଲେଖକରି ଭିନ୍ନମତ ପୋଷଣ କରିଥାଏ । ଏକଦା ଅସୁରମାନଙ୍କର ଅତ୍ୟାଚାରରେ ଅତିଷ୍ଠ ଦେବଗଣ ପ୍ରତିକାର ବିଧାନ କରିବାକୁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ପ୍ରବଳ ପ୍ରତାପୀ ଅସୁରମାନଙ୍କୁ ଦେବତାମାନେ ନିଜ ନିଜର ଶକ୍ତିରେ ପ୍ରତିହତ କରିପାରିବେ ନାହିଁ । ସେମାନଙ୍କୁ ପ୍ରତିହତ କରିବାକୁ ଦେବତାମାନଙ୍କର ସମ୍ମିଳିତ ଶକ୍ତିର ପ୍ରୟୋଜନୀୟତା ରହିଛି । ତେଣୁ ବିଷ୍ଣୁଙ୍କର ନିର୍ଦ୍ଦେଶରେ ଦେବତାମାନେ ନିଜର ତେଜୋରାଶି ପ୍ରଦାନ କଲେ । ବିଷ୍ଣୁ ସମେତ ସମସ୍ତ ଦେବତାଙ୍କର ତେଜରେ ଭଗବାନ ଶଙ୍କର ସୁଦର୍ଶନ ଚକ୍ର ନିର୍ମାଣ କରି ଭଗବାନ ବିଷ୍ଣୁଙ୍କୁ ଅର୍ପଣ କରିଥିଲେ । 'କପିଳ ସଂହିତା' ଏହି ପ୍ରସଙ୍ଗର ଅବତାରଣା କରିଛି - 'ଭକ୍ତ ପ୍ରିୟ ନମସ୍ତୁଭ୍ୟ ବିଷ୍ଣୁ ଚକ୍ର ପ୍ରଦାୟକ/ତ୍ରିପୁରଘ୍ନ ନମସ୍ତେସ୍ତୁ ବାଣାସୁର ବରପ୍ରଦ ।' ସୁଦର୍ଶନଙ୍କୁ ନିର୍ମାଣ କରିବା ପରେ ଅବଶିଷ୍ଟ ତେଜରେ 'ବଜ୍ର' ନିର୍ମିତ ହୋଇଥିଲା । ବଜ୍ର ଦେବରାଜ ଇନ୍ଦ୍ରଙ୍କର ଆୟୁଧ ଭାବରେ ବ୍ୟବହୃତ ହୋଇଥିଲା ।

ଚକ୍ରରାଜ ସୁଦର୍ଶନଙ୍କର ନୀଳଚକ୍ର ରୂପେ ଶ୍ରୀମନ୍ଦିର ଚୂଡ଼ାରେ ଅବସ୍ଥାନ ସଂପର୍କୀୟ ବିବରଣୀ ଆମେ 'ସୁତସଂହିତା'ରୁ ପ୍ରାପ୍ତ ହୋଇଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥ ହସ୍ତପଦ ରହିତ ହୋଇ ଶ୍ରୀମନ୍ଦିରରେ ପୂଜିତ ହେଲେ । କର ରହିତ ହୋଇଥିବାରୁ ସେ ସୁଦର୍ଶନଙ୍କୁ ଧାରଣ କଲେ ନାହିଁ । ତାଙ୍କ ବ୍ୟତିରେକେ ମହାପ୍ରଭୁ ଦୁର୍ବଳ ହୋଇ ପଡ଼ିଛନ୍ତି ବୋଲି ଚିନ୍ତାକରି ସୁଦର୍ଶନଙ୍କ ମଧ୍ୟରେ ଅହଂକାର ପ୍ରକାଶ ପାଇଲା । ମହାପ୍ରଭୁତ ଚିରକାଳ ଗର୍ବଗଞ୍ଜନ କରି ଆସିଛନ୍ତି । ତେଣୁ ସେ ସୁଦର୍ଶନଙ୍କର ଅହେତୁକ ଅହଂକାରକୁ ବା ପ୍ରଶ୍ରୟ ଦିଅନ୍ତେ କିପରି ? ତାଙ୍କର ଗର୍ବଗଞ୍ଜନ କରିବା ପାଇଁ ସେ ତାଙ୍କୁ ହନୁମାନଙ୍କୁ ଡାକି ଆଣିବାକୁ ପଠାଇଲେ । ଦୂତର ଭୂମିକା ନିର୍ବାହ କରିବାକୁ ପଡ଼ିବାରୁ ସୁଦର୍ଶନ ମନେ ମନେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡ଼ିଲେ । ତେଣୁ ସେ ହନୁମାନଙ୍କୁ ଡାକି ଆଣିଥିଲେ ମଧ୍ୟ ତାଙ୍କୁ ଭିତରକୁ ନଛାଡ଼ି ଶ୍ରୀମନ୍ଦିରର ଚାରିଦ୍ୱାରକୁ ଅବରୋଧ କରିଥିଲେ । ହନୁମାନ ସୁଦର୍ଶନଙ୍କର ଅହଂଭାବ ଜାଣିପାରି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ । ଲୀଳାମୟ ଜଗନ୍ନାଥଙ୍କ କରୁଣାରେ ତାଙ୍କର ଅଷ୍ଟଭୁଜ ପ୍ରକଟିତ ହେଲା । ସେ ଚତୁର୍ଭୁଜରେ ସୁଦର୍ଶନଙ୍କୁ ଧାରଣ କଲେ । ଦ୍ୱିଭୁଜରେ ମହାପ୍ରଭୁଙ୍କୁ ପ୍ରଣାମ କରିବା ସହିତ ଅବଶିଷ୍ଟ ଦୁଇଭୁଜରେ ନାମାବଳୀ ଜପ କରି ରତ୍ନ ସିଂହାସନ ନିକଟରେ ଉପସ୍ଥିତ ହେଲେ । କଳିଯୁଗରେ ଭକ୍ତଙ୍କର ଦର୍ଶନର ସୁବିଧା ନିମିତ୍ତ ଜ୍ୱାଳାମୟ ସୁଦର୍ଶନଙ୍କର ତେଜୋରାଶି ହ୍ରାସ କରିବାକୁ ହନୁମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ହନୁମାନଙ୍କ ପ୍ରାର୍ଥନାରେ ତେଜୋମୟ ସୁଦର୍ଶନ ତେଜରହିତ ହୋଇ ସ୍ତମ୍ଭାକାର ଧାରଣ କରି ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ଅବସ୍ଥାପିତ ହୋଇ ନିକଟରେ 'ତପସ୍ୱୀ ହନୁମାନ' ରୂପରେ ପୂଜା ପାଉଛନ୍ତି ।

ତେଜରହିତ ହେବାରୁ ସୁଦର୍ଶନ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇ ପଡ଼ିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତି ଦ୍ରୋହ ଆଚରଣ କରିଥିବାରୁ ସେ ଲଜ୍ଜିତ ହୋଇ କ୍ଷମା ପ୍ରାର୍ଥନା କଲେ । ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ସୁଦର୍ଶନଙ୍କର ମର୍ଯ୍ୟାଦା ରକ୍ଷା କରିବାକୁ ସେ ତାଙ୍କୁ ନୀଳଚକ୍ର ରୂପେ ମନ୍ଦିର ଚୂଡ଼ାରେ ଅବସ୍ଥାପିତ କଲେ । ଭକ୍ତଗଣ ଦୂରରୁ ନୀଳଚକ୍ରଙ୍କୁ ଦେଖି ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ପୁଣ୍ୟ ଲାଭ କରିଥାନ୍ତି । ଫଳତଃ ତେଜ ରହିତ ହୋଇ ମଧ୍ୟ ସୁଦର୍ଶନଙ୍କ ବୈଶିଷ୍ଟ୍ୟ ଅକ୍ଷୁଣ୍ଣ ରହିଲା ।

ବେଦମତରେ ସୂର୍ଯ୍ୟଦେବତା ସପ୍ତାଶ୍ୱଯୋଚିତ ରଥରେ ଆକାଶ ମାର୍ଗରେ ବିଚରଣ କରିଥାନ୍ତି । ତାଙ୍କ ରଥ ଏକଚକ୍ର ବିଶିଷ୍ଟ । ସୌର ମତାନୁସାରେ ସୂର୍ଯ୍ୟ ଦେବତାଙ୍କ ତ୍ରିଗୁଣରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀସୁଭଦ୍ରା ରତ୍ନସିଂହାସନରେ ବିରାଜିତ ହୋଇଛନ୍ତି । ଏକଚକ୍ର ବିଶିଷ୍ଟ ସୂର୍ଯ୍ୟ ରଥର ପ୍ରତୀକ ସ୍ୱରୂପ ମନ୍ଦିର ଚୂଡ଼ାରେ ନୀଳଚକ୍ର ବିରାଜିତ । ସୂର୍ଯ୍ୟଙ୍କର ସାରଥୀ ଅରୁଣଙ୍କ ନାମାନୁସାରେ ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖସ୍ଥ ଅରୁଣସ୍ତମ୍ଭ ଶୋଭା ପାଉଛି ।

ଗବେଷକ ଡକ୍ଟର ବଂଶୀଧର ମହାନ୍ତି ତାଙ୍କର 'ଶ୍ରୀଜଗନ୍ନାଥ ଧର୍ମ' ଶୀର୍ଷକ ପୁସ୍ତକରେ ନୀଳଚକ୍ରର ଉତ୍ପତ୍ତି ସଂପର୍କରେ ଭିନ୍ନମତ ପୋଷଣ କରନ୍ତି । କଳିଯୁଗ ପ୍ରବେଶ କରିବାରୁ 'ନୀଳମଣି ନାଗ' ବିନଷ୍ଟ ହେଲା । ତେଣୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନୀଳବର୍ଣ୍ଣର ମଣିକୁ ଉଦ୍ଧାର କରି ଶ୍ରୀକ୍ଷେତ୍ର ଅଣାଇ ଶିଳ୍ପୀଙ୍କ ଦ୍ୱାରା ଚକ୍ର ଆକାରରେ ନୀଳଚକ୍ର ଗଢ଼ାଇଲେ । ପରେ ଏହା ପ୍ରଭୁଙ୍କ ଆଜ୍ଞାରେ ଶୂନ୍ୟକୁ ଯାଇ ମନ୍ଦିର ଶିଖରରେ ଅବସ୍ଥାପିତ ହେଲା । ଏହି ପ୍ରସଙ୍ଗର ଅବତାରଣା କରି ଅଗ୍ନି ପୁରାଣ ଉଲ୍ଲେଖ କରିଛି - 'ପ୍ରଭୁଙ୍କ ଆଜ୍ଞାରେ ଚକ୍ର ଶୂନ୍ୟକୁ ଗମଇ / ଦେଉଳ ଚୂଡ଼ାରେ ବସେ ମୂର୍ତ୍ତିମନ୍ତ ହୋଇ । ନୀଳକନ୍ଦର ଦେଉଳରେ ନୀଳଚକ୍ର ଟାଣ / ସଂସାରରେ ଖ୍ୟାତନାମ ନୀଳଚକ୍ର ଜାଣ । ଏମନ୍ତ ବିଧାନେ ଚକ୍ର ଅଟଇ ବିଧାନ । ଅଗ୍ନି ପୁରାଣରେ ଖ୍ୟାତ ନୀଳଚକ୍ର ଜାଣ ।'

ଶ୍ରୀନୀଳଚକ୍ର ଯେପରି ମହିମାମୟ ତାଙ୍କର ଆକାର ଓ ସୌନ୍ଦର୍ଯ୍ୟ ମଧ୍ୟ ସେହିପରି ଆକର୍ଷଣୀୟ । ବଡ଼ଦାଣ୍ଡରୁ ଶ୍ରୀମନ୍ଦିରର ଅନ୍ତର୍ବେଦୀର ଉଚ୍ଚତା ପ୍ରାୟ ତେତିଶ (୩୩) ଫୁଟ । ଅନ୍ତର୍ବେଦୀରୁ ଶ୍ରୀମନ୍ଦିରର ଉଚ୍ଚତା ଏକଶହ ଏକାଅଶୀ (୧୮୧) ଫୁଟ । ତେଣୁ ବଡ଼ଦାଣ୍ଡରୁ ଶ୍ରୀମନ୍ଦିରର ଶୀର୍ଷ ଦେଶର ଉଚ୍ଚତା ଦୁଇ ଶହ ଚଉଦ

(୨୧୪) ଫୁଟ । ଏହା ଉପରେ ଶୋଭିତ ଶ୍ରୀନୀଳଚକ୍ରଙ୍କର ଉଚ୍ଚତା ଏଗାର ଫୁଟ ଆଠ ଇଞ୍ଚ । ବ୍ୟାସ ସାତ ଫୁଟ ନଅ ଇଞ୍ଚ । ପରିଧି ଫଳକର ମୋଟେଇ ଦୁଇ ଇଞ୍ଚ । ପରିଧି ଫଳକର ଓସାର ନଅ ଇଞ୍ଚ । ଶ୍ରୀନୀଳଚକ୍ରଙ୍କର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ବୃତ୍ତାକାର କ୍ଷେତ୍ରର ବ୍ୟାସ ଦୁଇ ଫୁଟ ଅଢ଼େଇ ଇଞ୍ଚ । ଏଥିରେ ଏକ ଫୁଟ ଦଶ ଇଞ୍ଚ ଉଚ୍ଚତା ବିଶିଷ୍ଟ ଆଠଖଣ୍ଡ ଅର ସଂଯୋଜିତ ହୋଇଛି । ଏହା ଅଷ୍ଟଧାତୁ ନିର୍ମିତ । ଏଥିରେ ଅର୍ଦ୍ଧେକ ପରିମାଣର ଲୁହା, ଏକ ଚତୁର୍ଥାଂଶ ପରିମାଣର ତମ୍ବା ଏବଂ ଅବଶିଷ୍ଟ ଏକ ଚତୁର୍ଥାଂଶ ସୁନା, ରୂପା, ରଙ୍ଗ, ଦସ୍ତା, ସୀସା ଓ ପାରଦ ରହିଛି ।

ସୂର୍ଯ୍ୟୋଦୟ ସମୟରେ ଏହା ଶ୍ୱେତବର୍ଣ୍ଣଯୁକ୍ତ ହୋଇଥିବାବେଳେ ଦିବସର ବୃଦ୍ଧି ସଙ୍ଗେ ସଙ୍ଗେ ଏହା ଗାଢ଼ ନୀଳବର୍ଣ୍ଣ ଧାରଣ କରେ । ନୀଳଚକ୍ରରେ ଉଡୁଥିବା ଧ୍ୱଜାର ନାମ 'ପତିତପାବନ' । ମନ୍ଦିର ପ୍ରବେଶ ପୂର୍ବରୁ ମନ୍ଦିର ଉପରେ ଉଡୁଥିବା ଏହି ବାନାକୁ ଭକ୍ତ ପ୍ରଥମେ ସଭକ୍ତି ପ୍ରଣାମ ଜଣାଇଥାଏ । ଏହି ଧ୍ୱଜାରେ କୌଣସି କାରଣରୁ ଗ୍ରନ୍ଥି ସୃଷ୍ଟି ହେଲେ ଗ୍ରନ୍ଥିସିକ୍ତ ଜଳପାନ କଲେ ଗର୍ଭ କଷ୍ଟ ଦୂର ହୁଏ ବୋଲି ଲୋକମାନେ ବିଶ୍ୱାସ କରନ୍ତି । ନୀଳଚକ୍ରରେ ଧ୍ୱଜା ନଥିଲେ ଶ୍ରୀଜୀଉଙ୍କୁ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ । ଶ୍ରୀଜୀଉଙ୍କ ପାଖରେ ଭୋଗ (ଅନ୍ନଭୋଗ ବ୍ୟତୀତ) ସମର୍ପଣ ହୋଇ ନପାରିଲେ ବାହାର ଦେଉଳି ରୋଷରେ ପ୍ରସ୍ତୁତ ଗଜା, ମଗଜଲଡୁ, ଲଡୁ, ଖୁରୁମା ଇତ୍ୟାଦି ଭୋଗ ଦ୍ରବ୍ୟକୁ ପୂଜକ ଶ୍ରୀନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହାକୁ 'ଶ୍ରୀଚକ୍ର ମଣୋହି' କୁହାଯାଏ । ଶ୍ରୀସୁଦର୍ଶନ ଓ ଶ୍ରୀନୀଳଚକ୍ର ଅଭିନ୍ନ ହୋଇଥିବା ହେତୁ ଉଭୟଙ୍କର ପୂଜାବିଧିରେ ସାମ୍ୟ ପରିଲକ୍ଷିତ ହୋଇଥାଏ ।

ଶ୍ରୀଜଗନ୍ନାଥ ଉତ୍କଳୀୟର ପ୍ରାଣଧନ । ସେ ଏହି ଜାତିର ଆସ୍ଥା ଓ ସ୍ୱାଭିମାନର ଜୀବନ୍ତ ବିଗ୍ରହ । ତେଣୁ ଦୁର୍ଦ୍ଧର୍ଷ ଓଡ଼ିଆ ଜାତିର ମନୋବଳ ଭାଙ୍ଗି ତାକୁ କରାୟତ୍ତ କରିବା ପାଇଁ ମୁସଲମାନ ଆକ୍ରମଣକାରୀମାନେ ଶ୍ରୀମନ୍ଦିରକୁ ଲୁଣ୍ଠନ କରିଛନ୍ତି । ସେମାନଙ୍କର ଆକ୍ରମଣ ଦ୍ୱାରା ଶ୍ରୀଜୀଉଙ୍କ ବିଗ୍ରହ ସମେତ ନୀଳଚକ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କାକୁ ସଂପୂର୍ଣ୍ଣ ଉଡ଼ାଇ ଦିଆଯାଇନପାରେ । କଳାପାହାଡ଼ର ଆକ୍ରମଣବେଳେ କ୍ଷତିଗ୍ରସ୍ତ ହୋଇଥିବା ନୀଳଚକ୍ରକୁ ୧୫୯୫ ଖ୍ରୀଷ୍ଟାବ୍ଦରେ ପ୍ରଥମ ରାମଚନ୍ଦ୍ର ଦେବ ନୀଳଚକ୍ରକୁ ପୁନଃ ସ୍ଥାପନ କରିଥିଲେ । ୧୬୯୪ ଖ୍ରୀଷ୍ଟାବ୍ଦରେ ପ୍ରବଳ ଝଡ଼ବତାସରେ ନୀଳଚକ୍ର ଭାଙ୍ଗି ପଡ଼ିଥିଲା । ଏ ସଂପର୍କରେ ସୂଚନା ଦେଇ ମାଦଳାପାଞ୍ଜି ପ୍ରକାଶ କରିଛି - 'ଦିବ୍ୟସିଂହ ଦେବ ମହାରାଜାଙ୍କ ନଅ ଅଙ୍କ ତୁଳା ସାତ ଦିନେ ଶନିବାରେ ବଡ଼ ବତାସ କଲା । ବଡ଼ ଦେଉଳ ଉପରୁ ନୀଳଚକ୍ର ଭାଙ୍ଗି ଭଣ୍ଡ ଗଣପତିଙ୍କ ଆଗେ ତଳେ ପଡ଼ିଗଲା ।' ଏହି ଘଟଣାରେ ଦୀର୍ଘ କୋଡ଼ିଏ ବର୍ଷ ଧରି ଶ୍ରୀମନ୍ଦିର ଚୂଡ଼ାରେ ନୀଳଚକ୍ର ନଥିଲା । ମହାରାଜା ଦିବ୍ୟସିଂହ ଦେବ ୩୩ ଅଙ୍କ ଅର୍ଥାତ୍ ୧୭୧୫ ଖ୍ରୀଷ୍ଟାବ୍ଦ ମାଘ ଶୁକ୍ଳ ଦ୍ୱିତୀୟା ତିଥିରେ ନୀଳଚକ୍ର ସ୍ଥାପନ କରାଯାଇଥିଲା । ଏହାପରେ ମହାରାଜା ମୁକୁନ୍ଦ ଦେବଙ୍କ ସମୟରେ ନୀଳଚକ୍ରରେ କେତେକ ମରାମତି ହୋଇଥିବା କଥା ନୀଳଚକ୍ରର ପଛପାଖ ଅର୍ଥାତ୍ ପଶ୍ଚିମ ପଟକୁ ଥିବା ଫଳକରେ ଉଲ୍ଲେଖ ଅଛି ।

ଶ୍ରୀନୀଳଚକ୍ରଙ୍କର ସେବକମାନେ ଗରୁଡ଼ ସେବକ ରୂପେ ପରିଚିତ ହୋଇଥାନ୍ତି । ବିନତାନନ୍ଦନ ଗରୁଡ଼ ହେଉଛନ୍ତି ସେମାନଙ୍କର ଇଷ୍ଟ ଦେବତା । ଏମାନେ ଶ୍ରୀମନ୍ଦିରର ଶାଢ଼ୀବନ୍ଧା ଅବ୍ରାହ୍ମଣ ସେବକ । ବିବାହ ପରେ ଶାଢ଼ୀବନ୍ଧା ବିଧି ଅନୁଷ୍ଠିତ ହୋଇଥାଏ । ମାତ୍ର ଶାଢ଼ୀବନ୍ଧା ପୂର୍ବରୁ ନୀଳଚକ୍ରରେ ଧ୍ୱଜା ବାନ୍ଧିବାରେ କୌଣସି ବାରଣ ନଥାଏ । ଏମାନେ ଗରୁଡ଼ଙ୍କ ସେବା କରିବା, ଏକାଦଶୀ ଦିନ ନୀଳଚକ୍ରଙ୍କଠାରେ ମହାଦୀପ ଜାଳିବା ଓ ଧ୍ୱଜା ବାନ୍ଧିବା ଭଳି ସେବା କରିଥାନ୍ତି । ନୀଳଚକ୍ର ଉପରେ ପ୍ରାୟ ଚବିଶ ହାତ (ଚାଳିଶ ଫୁଟ) ଉଚ୍ଚର ବାଉଁଶ ବନ୍ଧା ହୋଇଥାଏ । ଏହି ବାଉଁଶରେ ବାନା ବନ୍ଧା ଯାଏ । ପରମ୍ପରା ଅନୁସାରେ ବାନା ଧଳା, ନାଲି ଓ ହଳଦିଆ ରଙ୍ଗର ହୋଇଥାଏ । ଏହି ପତାକାର ଆକାର ତ୍ରିଭୂଜ ସଦୃଶ । ମଝିରେ ଉର୍ଦ୍ଧ୍ୱମୁହଁ ହୋଇ ଚନ୍ଦ୍ର ଓ ତା'ମଧ୍ୟରେ ସୂର୍ଯ୍ୟର ଚିତ୍ର ଥାଏ । ଗୋଟିଏ ବାନା ଗୋଟିଏ ଦିନରୁ ଅଧିକ ରଖିବା ବିଧି ନିଷିଦ୍ଧ । ଭକ୍ତମାନେ ମାନସିକ ଅନୁସାରେ ବାନା ବାନ୍ଧିଥାନ୍ତି । ଭକ୍ତମାନଙ୍କ ମାନସିକ ଅନୁସାରେ ବାନାର ଆକାର ନିର୍ଦ୍ଧାରିତ ହୋଇଥାଏ । ସବୁଠାରୁ ବଡ଼ ବାନାର ନାମ 'ପାଦୁକଖିଆ ବାନା' । ଏହାକୁ ଭିତର ପୋଖରିଆର ପାଦୁକ କୁଣ୍ଡରେ ବୁଡ଼ାଇ ନୀଳଚକ୍ରରେ ବନ୍ଧାଯାଏ । ଏହା ନୀଳଚକ୍ରରୁ ଉଡ଼ିଆସି ଉତ୍ତର ପାର୍ଶ୍ୱର ପାଦୁକ କୁଣ୍ଡ ଯାଏ ବିସ୍ତୃତ ହୋଇଥାଏ । ନୀଳଚକ୍ରର ପତିତପାବନ ବାନା ମହୋଦଧି ପଟକୁ ଉଡ଼ିବାର ନିୟମ ରହିଛି । ନୀଳଚକ୍ରରୁ ଓହ୍ଲାଇ ଯାଇଥିବା ବାନାକୁ ଭକ୍ତମାନେ ଡୋର ରୂପେ ବେକରେ ପକାଇଥାନ୍ତି । ଏହାକୁ ରକ୍ଷା କବଚ ବୋଲି ମଧ୍ୟ କୁହାଯାଏ ।

ଗରୁଡ଼ ସେବକମାନେ ଶ୍ରୀମନ୍ଦିରରେ ଚୂନ ଦେବା ସହିତ ମକର ସଂକ୍ରାନ୍ତି ଦିନ ଦଧି ନଉତିରେ ଚୂନ ଓ ଗେରୁ ଲଗାଇଥାନ୍ତି । ଏଣୁ ଏମାନଙ୍କୁ ଚୂନରା ସେବକ ବୋଲି ମଧ୍ୟ କୁହାଯାଏ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ଚୂନରା ସେବକଙ୍କ କାର୍ଯ୍ୟ ହେଲା - 'ଏ ପ୍ରତିକାଳେ ବଡ଼ ଦେଉଳ ଗଛବୃକ୍ଷ ହେଲେ, ବଇତମ ହେଲେ ଚୂନ କରି ଦେବେ । ଆପଣା ନୀତି ଧ୍ୱଜାବାନ୍ଧି କଉଡ଼ି ନେବେ । ଧ୍ୱଜା ଡାଗା ବାନ୍ଧିବେ । ପାଦୁକା ଶୋଷା ବାନ୍ଧିଲେ ସୁନିଆଁ ପାଇବେ । ପ୍ରତି ଏକାଦଶୀକୁ ଚନ୍ଦ୍ରଉଦିଆ ଦେଇ ପରମେଶ୍ୱରଙ୍କୁ ଦେଉଳେ ମହାଦୀପ ଦେଇ ଡାକିବେ । ମହାଶ୍ରମଙ୍କୁ ବୋଲି ଡାକି ଚନ୍ଦ୍ର ଉଦିଆ ଜାଳିବେ । ଏମନ୍ତ ଏ ନିଯୋଗ ସିଦ୍ଧ ଭିଆଣ ।' ମହାନ୍ତି ଓ ମହାପାତ୍ର ସାଙ୍ଖାଧାରୀ ଏହି ସେବକମାନେ ପୁରୁଷାନୁକ୍ରମିକ ଭାବରେ ଏହି ସେବାରେ ନିୟୋଜିତ ହୋଇଥାନ୍ତି ।

ଯୋଗ ମତରେ ଶ୍ରୀମନ୍ଦିର ଏକ ଶରୀର ରୂପେ ପରିକଳ୍ପିତ ହୋଇଛି । ମନ୍ଦିର ଚୂଡ଼ାରେ ଅବସ୍ଥାପିତ ନୀଳଚକ୍ର ଏହି ଶରୀରର

ମସ୍ତକ ସଦୃଶ । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ଇଡ଼ା, ସୁଷମ୍ନା ଓ ପିଙ୍ଗଳାଦି ତ୍ରିଧାରା । ଯୋଗୀ ଯୋଗବଳରେ ସୁଷମ୍ନା ଦେଇ ଷଡ଼ଚକ୍ର ଭେଦ କରିଗଲେ ବ୍ରହ୍ମ ପୁରୁଷଙ୍କର କାଂକ୍ଷିତ ଦର୍ଶନ ଅର୍ଥାତ୍ ସୁଦର୍ଶନ ଲାଭ କରି ଶୋକ ରହିତ ହୋଇଥାଏ । ଜୀବ ଓ ବ୍ରହ୍ମ ଏକତ୍ର ହେଲେ ଶୋକ ବା ମୋହ ବିଦୂରିତ ହୁଏ । ତେଣୁ ତୈତେରୀୟ ଉପନିଷଦ ପ୍ରକାଶ କରିଛି - 'ତତ୍ର କଃ ମୋହଃ, କଃ ଶୋକଃ, ଏକତ୍ୱଂ ଅନୁପଶ୍ୟତ' । ପୃଥିବୀର ସୃଷ୍ଟିତତ୍ତ୍ୱ ସହିତ ସୁଦର୍ଶନଙ୍କ ସାମ୍ୟ ଲକ୍ଷଣୀୟ । ସୁଦର୍ଶନଙ୍କ ସୃଷ୍ଟି ସଂପର୍କରେ ଭିନ୍ନମତ ପ୍ରକାଶ ପାଇଥିଲେ ମଧ୍ୟ ସେ ତେଜୋପୁଞ୍ଜରୁ ଉଦ୍ଭୁତ ହୋଇଥିବା ସଂପର୍କରେ ମତଦ୍ୱୈଧ ପରିଲକ୍ଷିତ ହୁଏ ନାହିଁ । ସେହିପରି ତେଜୋପୁଞ୍ଜରୁ ପୃଥିବୀର ଉତ୍ପତ୍ତି ଘଟିଛି ବୋଲି ବୈଜ୍ଞାନିକମାନେ ମତପୋଷଣ କରିଥାନ୍ତି ।

ନୀଳଚକ୍ରରେ ଉଡୁଥିବା ପତାକା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବଳୀୟାର ଭୁଜ ସଦୃଶ । ପବନର ହିଲ୍ଲୋଳର ଦୋଳାୟିତ ହୋଇ ଏହା ଭକ୍ତଙ୍କୁ ଅଭୟ ଆଶ୍ରୟ ଦେବାକୁ ଆହ୍ୱାନ ଦେଉଛି । ଆପଣବି ନୀଳଚକ୍ରରେ ଲୟ ରଖନ୍ତୁ । ଦେଖିବେ, ଆକାଶ ରାଜିରେ ପହୁଁରୁଥିବା ବାନା ଆପଣଙ୍କ ମନରୁ ସମସ୍ତ ଗ୍ଲାନିକୁ ଖରକି ନେଇ ଏକ ନିର୍ମେଘ ସକାଳକୁ ପାଛୋଟି ଆଣିବ । ଆଉ ଆପଣ ବି ଭକ୍ତିର ଅସରାଧାରାରେ ଗାଧୋଇ ଶୁଦ୍ଧ ସୁମନଟିଏ ହୋଇ କରୁଣା ନିଧାନ ଶ୍ରୀଜଗନ୍ନାଥଙ୍କ ପଦପଲ୍ଲବରେ ଅଭୟ ଆଶ୍ରୟ ଲାଭ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

ମଣ୍ଡୁଆ
କେନ୍ଦୁଝରଗଡ଼-୭୫୮୦୭୪

---

# ତୁମେ ପରିବାର ମୋର

ବୀର କିଶୋର ପାଢ଼ୀ

କଳା, ଧଳା ମୋର ଦୁଇ ଭାଇ ଭଳି ଆଉ କିଏ ଅଛି କାହିଁରେ
ହଳଦୀ ବରଣି ମୋ ସୁନା ଭଉଣୀ ଜଗତେ ଉପମା ନାହିଁରେ ।
ଏମିତି ଠାଣିରେ ଅପରୂପ ଛବି କିଏ କି ଦେଖିଚ କେଉଁଠି
ଆଖି ଲାଖିଯାଏ, ପେଟ ପୂରିଉଠେ ମର୍ତ୍ତ୍ୟ ବଇକୁଣ୍ଠ ଯେଉଁଠି ।
ଯୁଆଡ଼େ ଖୋଜିବ ସିଆଡ଼େ ପାଇବ କାଳିଆ ମୋ ଗଳାମାଳିଆ
ଭିତରେ ଭିତରେ ଚିତ୍ତରେ କହୁଚି - ହୋଇ ଯା' ତୁ ନୀଳାଚଳିଆ ।
ଏଇଠି ରହିଯା', ମୋ ଗୀତ ଗାଇଯା', ଖାଇଯା' ଅବଢ଼ା ଡାଲିକୁ
ପୋଛି ପକା ସବୁ ପଛ ହାନିଲାଭ, କିଲାଭ ଭାଳିବା କାଲିକୁ ?
କାଲି ଯେତେ ଲୁହ ଝରିଥିଲା ତୋର, ଆଜି ନାହିଁ ସେଇ ପୀଡ଼ାରେ
ସଳଖ, ସୁନ୍ଦର, ସିଧା ମଣିଷ ତୁ ଖେଳିବୁଲୁ ଛିଡ଼ାଛିଡ଼ାରେ ।
ଏମିତି ଏମିତି ଖେଳୁଥା', ଚଳୁଥା' ଏକା ପରିବାର ପରିକା
ନାହିଁ ବାଦଖେଦ, ନାହିଁ ଭେଦାଭେଦ, କେହି ନାହିଁ ଏକ ଘରିକା ।
ରାଗଛଳ ପାଇଁ ପାଟିଫିଟା ନାହିଁ ଏଡ଼େ ଅଭିମାନ କାହିଁକି
ଭାଇ ହୋଇ ଭାଇ ମୁହଁକୁ ଚାହୁଁନି, ଅଳପଦିନର ପାଇଁକି !
ଅଳପ ଜୀବନ, ଅଳପ ପବନ, ଅଳପ ବକଟେ ନାଡ଼ୀରେ
ନିମିଷକେ ଯିବ, ଡକା ପଡ଼ିଥିବ, ପଳେଇବେ ସବୁ ଛାଡ଼ିରେ ।
ଭୁଲି ଯା', ଭୁଲି ଯା' ସବୁ ଟାଣପଣ, ବୁଲୁଥା' ମୋର ପାଶରେ
ମେଳା ବସାଇଚି ଲୀଳା ଖେଳା ପାଇଁ ହସ, କଉତୁକ ରାସରେ !
ଆସରେ, ବସରେ ଆନନ୍ଦ ବଜାରେ, ଖାଉଥା' ପାଉଥା' ଆନନ୍ଦ
ପୁରୀ ମୋର ଗୋପ, ମଥୁରା, ଦ୍ୱାରିକା, ତୁମେ ମୋ ସୁଦାମ, ସାନନ୍ଦ ।
ତୁମେ ମୋ ଦେବକୀ, ଯଶୋଦା ଜନନୀ, ରୁକ୍ମିଣୀ, ରାଧାରାଣୀଟି
ତୁ ମୋ ଭଉଣୀ-ଭାଇ ପରିବାର, କୋଟିଏ ଜଗତ ଜାଣିକି !!!

ସଂପାଦକ, 'ଗାଁ ଭୂଇଁ'
କୋଟପୁର, ଯାଜପୁର



# ପୁରୀ

ମହୀମୋହନ ତ୍ରିପାଠୀ

ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ରଧାମ ପୁରୀର ଅନେକ ପାରମ୍ପରିକ ନାମ କେତେକ ପୁରାଣ ତଥା ପ୍ରାଚୀନ ଧର୍ମଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ସେହି ନାମମାନ ହେଲା - ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷୋତ୍ତମ ଧାମ, ପୁରୁଷୋତ୍ତମ-ପୁରୀ, ନୀଳାଦ୍ରି ଇତ୍ୟାଦି । କେତେଜଣ ବିଦ୍ୱାନଙ୍କ ମତରେ 'ପୁରୀ' ଶବ୍ଦ 'ପୁରୁଷୋତ୍ତମ-ପୁରୀ' ବା ଅପଭ୍ରଂଶରେ 'ପୁରସ୍ତମ-ପୁରୀ'ରୁ ହ୍ରାସ ହୋଇ ଆସିଅଛି । ବ୍ରିଟିଶ ଶାସନର ନଥିପତ୍ରରେ ଠାଏଁ ଠାଏଁ 'ପୁରୀ' ଜାଗାରେ 'ଜଗନ୍ନାଥ' ଶବ୍ଦ ବ୍ୟବହୃତ ହୋଇଅଛି । ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ ।

ପୁର ଓ ପୁରୀ ଶବ୍ଦର ଅନେକ ଅର୍ଥ ରହିଛି । ପୁର ଅର୍ଥ ଗୃହ, ଦେଶ, ନଗର, ଦେହ ଇତ୍ୟାଦି । ଆତ୍ମା ସମସ୍ତ ପ୍ରାଣୀମାନଙ୍କର ପୁରରେ ଅର୍ଥାତ୍ ଦେହରେ ଅବସ୍ଥାନ କରେ ବା ତାହାକୁ ପୂର୍ଣ୍ଣ କରି ରହେ ବା ସେଥିରେ ଶୟନ କରେ । ତେଣୁ ଆତ୍ମାକୁ ପୁରୁଷ କୁହାଯାଏ । ପୁରୁଷ ଉତ୍ତମ, ପୁରୁଷୋତ୍ତମ - ଜଗନ୍ନାଥଙ୍କ ପୁର ହେତୁ ଏହି ଧାମର ନାମ ପୁରୁଷୋତ୍ତମ-ପୁରୀ ବା ସଂକ୍ଷେପରେ ପୁରୀ !

ପ୍ରଫେସର ପଞ୍ଚାନନ ମହାନ୍ତି ଆଦିବାସୀ ଭାଷାତତ୍ତ୍ୱ ଦୃଷ୍ଟିରୁ 'ପୁରୀ' ନାମର ବ୍ୟାଖ୍ୟା କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ଗୋଟିଏ ମୁଣ୍ଡାଭାଷୀ ଅଧ୍ୟୁଷିତ ରାଜ୍ୟ । ସମୁଦାୟ ପ୍ରାୟ ୧୬ଟି ମୁଣ୍ଡାଭାଷା ମଧ୍ୟରୁ ଅନ୍ୟୁନ ୧୦ଟି ଭାଷା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କଥିତ ହୁଏ । ଜଗନ୍ନାଥ ମୁଖ୍ୟତଃ ଶବର ଦେବତା । ଶବରମାନେ ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ । ସାରଳା ମହାଭାରତ ଅନୁଯାୟୀ ନୀଳାଚଳ ଥିଲା ଗୋଟିଏ ଶବର ଅଧ୍ୟୁଷିତ ସ୍ଥାନ । ଐତିହାସିକମାନେ ମଧ୍ୟ ପୁରୀରେ ଶବରମାନେ ରାଜତ୍ୱ କରୁଥିଲେ ବୋଲି ମତପୋଷଣ କରନ୍ତି । ଏ ମତକୁ ଗ୍ରହଣ କଲେ ଶବରମାନେ ଏ ସ୍ଥାନଟିର କିଛି ଗୋଟିଏ ନାମ ଦେଇଥିବେ ଓ ସେହି ନାଁଟି ଯେ ମୁଣ୍ଡାଶବ୍ଦ ହୋଇଥିବ, ଏ କଥା ସ୍ୱୀକାର କରିବାକୁ ପଡ଼ିବ । ଆମର ବିଶ୍ୱାସ ଏହି ପ୍ରାଚୀନ ନାମଟି 'ପୁରୀ' । କାରଣ ମୁଣ୍ଡାଗୋଷ୍ଠୀର ବିଭିନ୍ନ ଭାଷାରେ ଏହି ଶବ୍ଦଟି ଜଳାଶୟ ଓ ସମୁଦ୍ର ସହିତ ସଂପୃକ୍ତ । ବଣ୍ଡା ଭାଷାରେ ପୁର (Pur)ର ଅର୍ଥ Flood ଓ ସାନ୍ତାଳୀରେ ପୁରୀର ଚାରୋଟି ଅର୍ଥ ଅଛି - World, sea, place, abode । ଆମର ଯୁକ୍ତି ହେଲା - ପୁରି (ପୁରୀ) ଗୋଟିଏ ମୁଣ୍ଡାଶବ୍ଦ ଓ ଏହା ସମୁଦ୍ର ପାଇଁ ବ୍ୟବହୃତ ହୋଇ ପରେ ସମୟକ୍ରମେ ସମୁଦ୍ର କୂଳସ୍ଥିତ ସ୍ଥାନଟିର ନାମରେ ପରିଣତ ହୋଇଯାଇଛି । ('ପୁରୀ'ର ନିତିଆନି', 'ଝଙ୍କାର', ଅକ୍ଟୋବର, ୧୯୯୭)

ଇଣ୍ଡୋନେସିଆର ବାଲିଦ୍ୱୀପ ସହିତ ପ୍ରାଚୀନ ଭାରତର ବାଣିଜ୍ୟ ସମ୍ପର୍କ ରହିଥିଲା । ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀ ଭିତରେ ଭାରତୀୟ ସାଧବମାନେ ଏହି ଦ୍ୱୀପପୁଞ୍ଜରେ ପହଞ୍ଚି ଯାଇଥିଲେ । ପ୍ରାଚୀନ ଉତ୍କଳ ତଥା କଳିଙ୍ଗରୁ ବହୁ ସାଧବ ସେଠାକୁ ଯାଇଥିବା ଜଣାଯାଏ । ସେମାନଙ୍କର ସଂସ୍କୃତିର ପ୍ରଭାବ ସେଠାରେ ପଡ଼ିଥିଲା । ବିଶିଷ୍ଟ ଗବେଷକ ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ ଲେଖିଛନ୍ତି ଯେ, ବାଲିଦ୍ୱୀପରେ ଲୋକମାନେ ମନ୍ଦିରକୁ 'ପୁର' କହନ୍ତି । ଏହି 'ପୁର' ନାମଟି ପ୍ରାଚୀନତମ ଦେବାଳୟରୁ ଆରମ୍ଭ ହୋଇଥିବା ଜଣାଯାଏ । ଏହାଛଡ଼ା ମନ୍ଦିରକୁ ପ୍ରାସାଦ (Palace) ମଧ୍ୟ କୁହାଯାଏ । ବାଲିର 'ପୁରବୈଶାଖୀ' ମନ୍ଦିରକୁ ଠିକ୍ ପୁରୀର ଜଗନ୍ନାଥ ମନ୍ଦିର ଭଳି 'ପ୍ରାସାଦ' କୁହାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଏକଦା ଆମ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରକୁ ଲୋକେ 'ପୁର' କହୁଥିଲେ ଓ କାଳକ୍ରମେ ଏହାର ନିକଟବର୍ତ୍ତୀ ଅଞ୍ଚଳ 'ପୁରୀ' ନାମରେ ବିଖ୍ୟାତ ହେଲା ('ଝଙ୍କାର', ରଥସଂଖ୍ୟା, ୨୦୦୨) ।

ପୁରୀର ଶ୍ରୀମନ୍ଦିରକୁ 'ପ୍ରାସାଦ' ବୋଲି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି -

'ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର,
ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।'
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଜୀବଦେବାଚାର୍ଯ୍ୟ (୧୬ଶ ଶତାବ୍ଦୀର ଉତ୍କଳୀୟ କବି) ତାଙ୍କର ସଂସ୍କୃତ ରଚନା 'ଉତ୍ସାହବତୀ ରୂପକ'ରେ ଲେଖିଛନ୍ତି - 'ଅସ୍ମିନ୍ ବସନ୍ତ ସମୟେ ପୁରୁଷୋତ୍ତମସ୍ୟ ପ୍ରାସାଦ ...' । ଗଙ୍ଗବଂଶର ପ୍ରତିଷ୍ଠାତା

ଚୋଡ଼ଗଙ୍ଗ ଦେବଙ୍କ ପ୍ରଦତ୍ତ ଏକ ଅଭିଲେଖରେ ମଧ୍ୟ 'ପ୍ରାସାଦଂ ପୁରୁଷୋତ୍ତମସ୍ୟ' ଉଲ୍ଲେଖ ରହିଛି ।

ବ୍ରହ୍ମଦେଶର ପ୍ରତ୍ନତାତ୍ତ୍ୱିକ ସର୍ଭେ ରିପୋର୍ଟ (୧୯୧୬)ରୁ ଜଣାଯାଏ ଯେ, ସେଠାରେ 'ପ୍ରାଚୀନ ପ୍ରୋମ୍'ର ନାମ ଥିଲା 'ଶ୍ରୀକ୍ଷେତ୍ର' ଏବଂ ସମଗ୍ର 'ପ୍ରୋମ୍' ଅଞ୍ଚଳ 'ଉକ୍‌କଳାପ୍' ନାମରେ ଆଖ୍ୟାତ ଥିଲା । ଓଡ଼ିଶା ବା ଉତ୍କଳର ଉପନିବେଶକାରୀମାନେ ବ୍ରହ୍ମ ଦେଶର ପ୍ରୋମ୍ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲେ । ଏହି ଅଞ୍ଚଳ ରେଙ୍ଗୁନଠାରୁ ଟଣ୍ଟେ ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା ('ଶ୍ରୀଜଗନ୍ନାଥ' - ଓ.ସା.ଏ., ପ୍ରଥମ ସଂସ୍କରଣ, ୧୯୮୨, ପୃ.୨୩୪-୨୩୫) । ଖ୍ରୀ:ପୂ: ୨୦୦ରେ ଉତ୍କଳୀୟମାନେ ବ୍ରହ୍ମଦେଶରେ ଉପନିବେଶ ସ୍ଥାପନ କରିଥିଲେ ବୋଲି ବର୍ମା ଗେଜେଟିୟର, ସିରିୟମ୍ ଡିଷ୍ଟ୍ରିକ୍ଟ ପ୍ରଥମ ଭାଗରେ ଉଲ୍ଲେଖ ଅଛି । ଉକ୍ତ ଗେଜେଟିୟରରେ କଳିଙ୍ଗ ଶବ୍ଦକୁ ତାଲିଙ୍ଗ୍ (Taling) ଲେଖାଅଛି । ଏହି ତାଲିଙ୍ଗ୍‌ମାନେ ମହାନଦୀ ଓ ଗୋଦାବରୀ ନଦୀର ମଧ୍ୟସ୍ଥ ଭୂଖଣ୍ଡରେ ବାସ କରୁଥିଲେ । ରେଙ୍ଗୁନ୍ ସହର 'ବଡ଼ଫୁୟା' ମନ୍ଦିର ନିକଟରେ 'ଆଉକାଲା' ନାମରେ ଏକ ଛୋଟଗ୍ରାମ ଅଛି । ଏହି ଆଉକେଲାର ପୂର୍ବନାମ ଥିଲା ଉତ୍କଳ ନଗର । କାଳକ୍ରମେ 'ଉତ୍କଳ' ଶବ୍ଦରୁ ଉକାଲା ବା ଆଉକାଲା ନାମରେ ପରିଣତ ହୋଇଛି ବୋଲି ଉକ୍ତ ଗେଜେଟିୟରରେ ଉଲ୍ଲେଖ ଅଛି ('ମାନସ', ଫେବୃଆରୀ, ୧୯୭୫) । ସେହିପରି ବର୍ମାର ଶ୍ରୀକ୍ଷେତ୍ରର 'ପ୍ରୋମ୍' ନାମଟି ହୁଏତ 'ପୁରମ୍' (ପୁର) ଶବ୍ଦରୁ ସୃଷ୍ଟି ହୋଇଥିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରାଚୀନ ମିଶରୀୟ ଭାଷାରେ ପୁର ବା ପ୍ରାସାଦକୁ 'ପର୍-ଆ' (Per-aa) କୁହାଯାଉଥିଲା । ପର୍-ଆରେ ବାସ କରୁଥିବାରୁ ସେଠାକାର ରାଜାଙ୍କୁ ଫାରୋ (Pharaoh) କୁହାଯାଉଥିଲା ।

ଅନୁମାନ କରି କୁହାଯାଇପାରେ ଯେ, 'ପୁର' ବା ମନ୍ଦିର ନାମରୁ 'ପୁରୀ' ନାମର ଉଦ୍ଭବ ହୋଇଛି ।

୫୬, ସୂର୍ଯ୍ୟନଗର
ଭୁବନେଶ୍ୱର-୩

---

# ଆତ୍ମ ଜିଜ୍ଞାସା

ସବିତା ରଥ

ସତରେ ତୁମେ କେଉଁଠି ?
ତୁମେ ମନ୍ତ୍ରରେ ନା ମନରେ
ଚନ୍ଦନରେ ନା ଫୁଲରେ
ତୁମେ କେଉଁଠି ସତରେ ?
ତୁମେ ମନ୍ଦିରରେ ନା ହୃଦୟରେ
ଧ୍ୟାନରେ ନାଁ ସମାଧିରେ
ତୁମେ କେଉଁଠି ସତରେ ?
ତୁବେ ବିଧିରେ ନା ବିଧାନରେ
ଭାଗ୍ୟରେ ନା କର୍ମରେ
ତୁମେ କେଉଁଠି ସତରେ ?
ତୁମେ ଆତ୍ମାରେ ନା ପରମାତ୍ମାରେ
ମୋହରେ ନା ମୁକ୍ତିରେ
ତୁମେ କେଉଁଠି ସତରେ ?
ଏମିତି ତୁମକୁ ବୁଝୁବୁଝୁ
ବହୁତ ଡେରି ହୋଇ ଯାଇଥିବ
ବୋଧହୁଏ ମୋର ଏ ଜୀବନ ସରି ଯାଇଥିବ କି
କୋଟିକଳ୍ପ ବିତିଯାଇଥିବ !

ଦୋଳମଣ୍ଡପ ସାହି
ହାବେଳି ଗଳି, ପୁରୀ

# ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମହୋତ୍ସବ



## ଶ୍ରୀକ୍ଷେତ୍ର ରଥଯାତ୍ରା

ସଦାଶିବ ମିଶ୍ର

ପୃଥିବୀ ମଧ୍ୟରେ ଭାରତ ଏକ ପ୍ରାଚୀନ ଦେଶ । ଏହାର ସଭ୍ୟତା ସଂସ୍କୃତି ଅତି ପ୍ରାଚୀନ । ଭାରତ ମଧ୍ୟରେ ଭୂଖଣ୍ଡ ବା ପ୍ରଦେଶ ଓଡ଼ିଶା ଆଜି ଦେଶ ବିଦେଶରେ ବେଶ୍ ପରିଚିତ । ଅତୀତରେ ଏ ଜାତି ବୀରତ୍ୱ, ଶିଳ୍ପକଳା, କାରିଗରି, ବାଣିଜ୍ୟ ଓ ସଂସ୍କୃତି ଯୋଗୁଁ ଦେଶ ବିଦେଶରେ ମଧ୍ୟ ପରିଚିତ ଥିଲା । ଏ ଜାତିର ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ଓଡ଼ିଶୀ ନୃତ୍ୟ ଓ ଖଣିଜ ସଂପଦ ପାଇଁ ଦେଶ ବିଦେଶରେ ପରିଚିତ । ଓଡ଼ିଶା ମଧ୍ୟରେ ଶ୍ରୀକ୍ଷେତ୍ର ବା ପୁରୀ ହେଉଛି ଏକ ମହାନ୍ ଐତିହାସିକ, ପୌରାଣିକ, ଦର୍ଶନୀୟ, ତୀର୍ଥକ୍ଷେତ୍ର ଓ ଓଡ଼ିଆ ଜାତିର ମହାନ୍ ସାଂସ୍କୃତିକ ପୀଠ । ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଏହି ସହର ବେଶ୍ ପରିଚିତ, ବଙ୍ଗୋପସାଗରର ଉତ୍ତମ ବେଳାଭୂମି ମଧ୍ୟ ଏହାର ଅନ୍ୟ ଏକ ଆକର୍ଷଣ । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ମୁଖ୍ୟତଃ ଓଡ଼ିଶାର ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା ପାଳନ କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା, ରଥଯାତ୍ରା, ଚନ୍ଦନଯାତ୍ରା, ଦୋଳଯାତ୍ରା ଓ ଝୁଲଣଯାତ୍ରା ପ୍ରଧାନ । ଏହି ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା ଓ ରଥଯାତ୍ରାରେ ସ୍ୱୟଂ ଦାରୁମୂର୍ତ୍ତିମାନେ ବିଜେ ହେଉଥିବାବେଳେ, ଅନ୍ୟାନ୍ୟ ଯାତ୍ରାରେ ପ୍ରଭୁ ବା ଜୀଉମାନଙ୍କର ଚଳନ୍ତି ପ୍ରତିମା ବିଜେ କରନ୍ତି । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ପୃଥିବୀ ପ୍ରସିଦ୍ଧ ଓ ଜଗତର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ।

‘ଆଷାଢ଼ସ୍ୟା ମଳେ ପକ୍ଷେ
ଦ୍ୱିତୀୟା ପୁଷ୍ୟା ସଂଯୁତେ
ଚରାଚର ଓ ହିତାର୍ଥାୟ
ଘୋଷଯାତ୍ରା ବିଧିୟତେ ।’
- ଇନ୍ଦ୍ରନୀଳମଣି ପୁରାଣ

ଶ୍ରୀକ୍ଷେତ୍ରରେ ଏହି ରଥଯାତ୍ରା କେବେଠାରୁ ଆରମ୍ଭ ହୋଇଛି ସେ ସଂପର୍କରେ ଅଦ୍ୟାବଧି କୌଣସି ସଠିକ୍ ପ୍ରମାଣ ବା ତଥ୍ୟ ମିଳି ନାହିଁ କିନ୍ତୁ ଏହି ରଥଯାତ୍ରା ଆଜି ଓଡ଼ିଶା, ଭାରତ ଅତିକ୍ରମ କରି ପୃଥିବୀର ବିଭିନ୍ନ ଦେଶର ଅଧିବାସୀମାନଙ୍କୁ ଆକୃଷ୍ଟ କରିପାରିଛି । ଏହା କେବଳ ଠାକୁରମାନଙ୍କର ରଥରେ ଯାତ୍ରା କରିବାର ଦୃଶ୍ୟ ବା ଘଟଣା ହୋଇ ରହି ନାହିଁ । ଏହା ଆଜି ସମଗ୍ର ମାନବ ଜାତିର ମହାମିଳନର ପର୍ବ ହୋଇଯାଇଛି । ଶ୍ରୀଜଗନ୍ନାଥ ପ୍ରେମୀ ବିଶ୍ୱର କୋଟି କୋଟି ଅଧିବାସୀ ଉତ୍ସୁକତାର ସହ ଏହି ଦିନଟିକୁ ଅପେକ୍ଷା କରିଥାନ୍ତି, ଅପେକ୍ଷା କରିଥାନ୍ତି ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ଜଗନ୍ନାଥ ପୁରାଣର ମହାପ୍ରଭୁ ଶ୍ରୀଜଗନ୍ନାଥ କହିଛନ୍ତି -

‘ଗୁଣ୍ଡିଚା ନାମେ ମୋ’ ଯାତ୍ରା ପରମ ପାବନୀ
ରଥଯାତ୍ରା ନାମେ ଖ୍ୟାତ ହେବ ଯେ ଅବନୀ ।’

ରଥଯାତ୍ରାରେ ଭକ୍ତର ଉଦଣ୍ଡ ନୃତ୍ୟ ଦେଖିତ, କେହି ସେବାୟତମାନଙ୍କର ସେବାକାର୍ଯ୍ୟ ଦେଖି, କେହି ଠାକୁର ରାଜାଙ୍କ ରଥରେ ଝାଡୁଧରି ଛେରାପହଁରା ଦେଖିତ, କେହି ରଥାରୂଢ଼ ମହାପ୍ରଭୁ ଓ ରଥର ଶୋଭା ଦେଖି ଆତ୍ମହରା ହୋଇ ଗାଇ ଉଠେ -

‘କାଳିଆ କାହ୍ନୁ, ଆଉ ବିଳମ୍ବ କର କାହିଁକି
ବରଷକେ ଥରେ ବିଜୟ ରଥରେ
ପତିତ ତାରିବା ପାଇଁକି
ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି
ଦର୍ଶନ କରିବା ପାଇଁକି ।’

ପ୍ରତିଦିନ ପୃଥିବୀର କୋଣ ଅନୁକୋଣେ ବିଭିନ୍ନ ସ୍ଥାନରେ ଯାତ୍ରା, ଉତ୍ସବ, ମହୋତ୍ସବ ଅନୁଷ୍ଠିତ ହେଉଅଛି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀଠାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ଅନନ୍ୟ ଓ ଅସାଧାରଣ । ଏହି ଯାତ୍ରା କେବଳ ଓଡ଼ିଶାର ନୁହେଁ କି ଭାରତର ଏକ ମହାନ୍ ଯାତ୍ରା ନୁହେଁ, ଏହା ହେଉଛି ସମଗ୍ର ମାନବ ଜାତିର ଏକ ମହାନ୍ ଯାତ୍ରା । ଏହି ଯାତ୍ରାରେ ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ପୃଥିବୀର ସମସ୍ତ ଗୋଷ୍ଠୀର ଲୋକଙ୍କର ସମାବେଶ ବା ମିଳନ ହୋଇଥାଏ । ରଥଗଢ଼ାଠାରୁ ରଥଚଳା ପର୍ଯ୍ୟନ୍ତ ବିଭିନ୍ନ କାମରେ ଆମ ହିନ୍ଦୁ ସମାଜର ଚାରିଜାତି ଯଥା- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ରମାନଙ୍କର ଯୋଗଦାନ ଦେଖିବାକୁ ମିଳେ । ଯେଉଁମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଠାକୁରମାନଙ୍କୁ ଦର୍ଶନ କରିବାର ସୁଯୋଗ ନାହିଁ ରଥଯାତ୍ରାରେ ରଥାରୂଢ଼ ପ୍ରଭୁମାନଙ୍କୁ ଦର୍ଶନ କରିବା ପାଇଁ ଏହା ଏକ ମହାନ୍ ସୁଯୋଗ । ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଓଡ଼ିଶାର ବିଭିନ୍ନ ସ୍ଥାନରେ, ଦେଶର ବିଭିନ୍ନ ସ୍ଥାନରେ, ବିଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ହେବା ସହିତ ରେଡ଼ିଓ ଓ ଦୂରଦର୍ଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସାରା ବିଶ୍ୱରେ ପ୍ରଚାର

କରାଯାଉଥିଲେ ମଧ୍ୟ ଏ ଯାତ୍ରାର ଆକର୍ଷଣ ଅନନ୍ୟ ଓ ସ୍ୱତନ୍ତ୍ର । ଯାହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଯାତ୍ରୀ ତଥା ଦର୍ଶକ ପୁରୀ ବଡ଼ଦାଣ୍ଡରେ ସମବେତ ହୋଇଥାନ୍ତି ।

ମାନବ ପ୍ରୀତିର ମହାମିଳନ ପର୍ବ ହେଉଛି ଶ୍ରୀକ୍ଷେତ୍ର ରଥଯାତ୍ରା । ଭାଇଭଉଣୀଙ୍କ ସହ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ଅଧିଷ୍ଠିତ । ସେହିପରି ଭାଇ-ଭଉଣୀଙ୍କୁ ଧରି ରଥରେ ବିଜେ କରି ଯାତ୍ରା କରନ୍ତି ଜନକ ପୁରୀ ଗୁଣ୍ଡିଚା ମନ୍ଦିରକୁ । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ରତ୍ନ ସିଂହାସନ ତ୍ୟାଗ କରି ବଡ଼ଦାଣ୍ଡରେ ରଥରେ ବିଜେ କରନ୍ତି, ଭକ୍ତ କୋଳାଗ୍ରତ କରେ ପ୍ରଭୁଙ୍କୁ, ପ୍ରଭୁ କୋଳାଗ୍ରତ କରନ୍ତି ଭକ୍ତଜନଙ୍କୁ । ବିଶ୍ୱର ସବୁ ବର୍ଣ୍ଣ, ଧର୍ମ, ଜାତି, ସଂପ୍ରଦାୟ ଲୋକଙ୍କର ଏକତ୍ର ସମାବେଶ ଦେଖିଲେ ମନେହୁଏ ସତେ ଯେପରି ବିଶ୍ୱ ଏଠାରେ ଏକାକାର ହୋଇଯାଇଛି । କେହି କେହି ଶ୍ରୀଜଗନ୍ନାଥଙ୍କ ରୂପରେ ନିଜର ଇଷ୍ଟକୁ ଦେଖି ତୁଷ୍ଟ ହୁଅନ୍ତି ତ କେହି କେହି ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ମହାନତା ଓ ବିଶ୍ୱପ୍ରାଣତା ଭିତରେ ନିଜକୁ ହଜାଇ ଦିଅନ୍ତି । କବି ସଚ୍ଚିଦାନନ୍ଦ ରାଉତରାୟ ଭାଷାରେ -

'ତୁମେ ପରା ଚିର ଶାନ୍ତି ପ୍ରତୀତି
ନୀଳ ଚକ୍ରରେ ବାନ୍ଧିଛ ବନାତି ।'

ବର୍ତ୍ତମାନ ବିଜ୍ଞାନର ଯୁଗ । ବିଜ୍ଞାନର ଅଗ୍ରଗତି ଯୋଗାଯୋଗ ଓ ପରିବହନର ବିକାଶ ହେତୁ ଗୋଟିଏ ସ୍ଥାନକୁ ଆସିବା ପାଇଁ ଅଳ୍ପ ସମୟ ମଧ୍ୟରେ ଉଡ଼ାଜାହାଜ, ରେଳଗାଡ଼ି, ବସ୍, କାର୍, ମଟର ସାଇକେଲ୍ ଆଦିର ସୁବିଧା ଅଛି । ଅତୀତରେ ରାସ୍ତା ନଥିଲା କି ବର୍ତ୍ତମାନ ଭଳି ଯାନବାହନର ସୁବିଧା ନଥିଲା । ଲୋକମାନେ ଚାଲିଚାଲି ଶଗଡ଼ରେ, ପାଲିଙ୍କିରେ, ଦୋଳାରେ, ଘୋଡା ଉପରେ ବସି ରଥଯାତ୍ରା ଦେଖିବାକୁ ଆସୁଥିଲେ । ଏହି ଦୃଶ୍ୟକୁ କବି ଲୋକନାଥ ବିଦ୍ୟାଧର ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି -

'କେଉଁମାନେ ଅଇଲେ ମାତଙ୍ଗରେ
କେହୁ ଅଇଲେ ତୁରଙ୍ଗ ଉପରେ
କେହୁ ପାଲିଙ୍କି କେହୁ ଶିବିକାରେ
କେହୁ ପଲବାରୁ କେହୁ ଦୋଳାରେ ।'

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସମଗ୍ର ମାନବ ସମାଜର ଏକ ମହାନ ଯାତ୍ରା । ସମସ୍ତ ଭେଦଭାବ ଭୁଲି ମୈତ୍ରୀ ପ୍ରୀତି ସୂତ୍ରରେ ଆବଦ୍ଧ ହୋଇ ମାନବ ସମାଜର କଲ୍ୟାଣ କରିବାପାଇଁ ଏହି ଯାତ୍ରା ପ୍ରେରଣା ଦିଏ, ବାଟ ଦେଖାଏ ମୃତ୍ୟୁରୁ ଅମୃତ ପଥକୁ ଯାତ୍ରା କରିବାକୁ, ଘନ ତମସାରୁ ଆଲୋକ ପଥକୁ ଯାତ୍ରା କରିବାକୁ, ସତ୍ୟ, ନ୍ୟାୟ ପଥରେ ଜୀବନକୁ ପରିଚାଳିତ କରିବାକୁ ।

ପଣ୍ଡିତ ଶାସ୍ତ୍ରକାରମାନଙ୍କ ମତରେ ମନୁଷ୍ୟ ଶରୀର ମଧ୍ୟ ଏକ ରଥ ସ୍ୱରୂପ । ସତ୍ୟ ଓ ସଦାଚାର ଏହି ରଥର ଦୁଇଟି ଚକ । ବଳ, ବିବେକ, ପରୋପକାର ଓ ଇନ୍ଦ୍ରିୟ ନିଗ୍ରହ ହେଉଛନ୍ତି ଏହାର ଅଶ୍ୱ ସଦୃଶ । କ୍ଷମା, କୃପା, ମମତା, ସ୍ନେହ ସଦିଚ୍ଛା ଆଦି ରଜ୍ଜୁ ଦ୍ୱାରା ଅଶ୍ୱମାନେ ନିୟନ୍ତ୍ରିତ । ଶରୀର ରୂପୀ ରଥକୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ହେଲେ ନିଜ ଭିତରେ ଥିବା ମନ, ପ୍ରାଣ, ଶରୀରର ଯଥାର୍ଥ ବିକାଶ ସହିତ ଚୈତ୍ୟ ସତ୍ତାର ବିକାଶ ଅପିରିହାର୍ଯ୍ୟ । ରଥକୁ ଟାଣୁଥିବା ଅଶ୍ୱ ଓ ରଜ୍ଜୁ ଯଦି ଦିଗହରା ହୁଅନ୍ତି ରଥ ଦୁର୍ଘଟଣାର ଶିକାର ହୁଏ । ରଥଯାତ୍ରାରେ ରଥଚକର ଘର୍ଘର ନାଦ ମାନବ ଜାତିକୁ ସତର୍କ କରାଇଦିଏ - 'ଜୀବନର ଲକ୍ଷ୍ୟ ପ୍ରତି ସଚେତନ ହୁଅ, ସଚେତନ ହୁଅ, ଅମୃତସ୍ୟ ପୁତ୍ର ଅମୃତ ପଥର ଯାତ୍ରୀ ହୁଅ ।'

ପୁରୀରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ବିଭିନ୍ନ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଓ ସମଗ୍ର ମାନବ ଜାତିର ଏକ ମହାମିଳନ ପର୍ବ । ଶ୍ରୀଜୀଉମାନେ ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ମୁଖ୍ୟତଃ ରଥଯାତ୍ରା କୁହାଯାଉଥିଲେ ମଧ୍ୟ ଏହି ଯାତ୍ରାର ଅନ୍ୟ ନାମଗୁଡ଼ିକ ହେଲା ଘୋଷଯାତ୍ରା, ଜନକପୁରୀଯାତ୍ରା, ଗୁଣ୍ଡିଚାଯାତ୍ରା ନବଦିନାତ୍ମକ ଯାତ୍ରା, ଆଡପଯାତ୍ରା, ଦଶାବତାରଯାତ୍ରା ଇତ୍ୟାଦି । ପ୍ରତ୍ୟେକ ଯାତ୍ରା ନାମ କରଣର ବୈଶିଷ୍ଟ୍ୟ ମଧ୍ୟ ରହିଛି । ରଥଯାତ୍ରାରେ ଶ୍ରୀଜୀଉମାନେ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମଣ୍ଡପକୁ ଯାତ୍ରା କରନ୍ତି । ଗୁଣ୍ଡିଚା ମଣ୍ଡପ ହେଉଛି ଠାକୁରମାନଙ୍କର ଜନ୍ମସ୍ଥଳ । ସେହିଠାରେ ଦାରୁମୂର୍ତ୍ତି ନିର୍ମାଣ କରାଯାଇ ପ୍ରଥମେ ସେଠାରେ ପୂଜାର୍ଚ୍ଚନା କରାଯାଉଥିଲା । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ନିର୍ମାଣ କରାଯାଇ ଠାକୁରମାନଙ୍କୁ ପ୍ରତିଷ୍ଠା କରାଗଲା । ତେଣୁ ଏହି ଯାତ୍ରାକୁ ଜନକପୁରୀ ଯାତ୍ରା କୁହାଯାଇଛି । ଏହାଦ୍ୱାରା ଶ୍ରୀଜଗନ୍ନାଥ ସମଗ୍ର ମାନବ ସମାଜକୁ ଜନ୍ମଭୂମିର ଆକର୍ଷଣ ଓ ମହାନତାର ଶିକ୍ଷା ଦେଉଛନ୍ତି । ଘୋଷ ଶବ୍ଦ ଏକ ମଙ୍ଗଳ ପ୍ରଦାୟକ ଶବ୍ଦ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ, ତାକୁ ଘୋଷଯାତ୍ରା କୁହାଯାଏ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ଓ ଦର୍ଶନାର୍ଥୀ ରଥଯାତ୍ରାରେ ସାମିଲ ହୋଇ ନିଜକୁ ଧନ୍ୟ ମଣନ୍ତି । ଏଠାରେ ନଥାଏ ଧନୀ-ଦରିଦ୍ରର ଭେଦଭାବ, ବ୍ରାହ୍ମଣ-ଚାଣ୍ଡାଳର ଦୁର୍ଭେଦ୍ୟ ପ୍ରାଚୀର, ଜାତି-ବର୍ଣ୍ଣ ମଧ୍ୟରେ ବୈଷମ୍ୟ ଭାବ । ଚକାନୟନଙ୍କ ଦୃଷ୍ଟିରେ ସଭିଏଁ ସମାନ । ଶ୍ରୀକ୍ଷେତ୍ର ହେଉଛି ପୃଥିବୀରେ ସାମ୍ୟ ଓ ମୈତ୍ରୀର ମହାନ ପୀଠ । ଏହି ପୀଠର ମହାନତା ଉପଲବ୍ଧି କରି ଉତ୍କଳମଣି ଗୋପବନ୍ଧୁ ରଚନା କରିଛନ୍ତି -

'ଜଗତ ସଲିଳେ ଭାରତ କମଳ
ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ
ନାହିଁ ଜାତିଭେଦ, ନାହିଁ ଧର୍ମଭେଦ
ସାମ୍ୟ, ମୈତ୍ରୀବାଣୀ ଗାଏ ଯାର ବେଦ ।'

ଓଡ଼ିଆଙ୍କ ଜନଜୀବନରେ, ସାମାଜିକ ଜୀବନରେ ଓ ସାଂସ୍କୃତିକ ଜୀବନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ମୁଖ୍ୟ ସଂପାଦକ 'ସୁଲେଖା'
ବିମାନବଡୁସାହି, ଚଟିଆପଡ଼ା ଗଳି
ପୁରୀ-୭୫୨୦୦୧



# ଏହି ଅଳି ଶ୍ରୀଛାମୁରେ

ଡକ୍ଟର ବଳରାମ ଦାସ

**କେ**ଉଁ ସ୍ମରଣାତୀତ କାଳରୁ ବିଶ୍ୱ ବିସ୍ମୟର ଅନୁପମ ପ୍ରତୀକ ଶ୍ରୀଜଗନ୍ନାଥ, କେବଳ ଦେବତା ଭାବରେ ନୁହଁନ୍ତି, ଜଣେ ପରମ ଆତ୍ମୀୟ ଭାବରେ ମଧ୍ୟ ମଣିଷର ଉପାସିତ ହୋଇ ଆସୁଛନ୍ତି । ସେଥିପାଇଁ ମଣିଷ ଆପଣାର ସୁଖ ଓ ଦୁଃଖରେ ତାଙ୍କୁ ସ୍ମରଣ କରିଥାଏ । ବିପଦରେ ପଡ଼ିଲେ, ତାଙ୍କ ନାମ ସ୍ମରଣ କରି ସେଥିରୁ ପରିତ୍ରାଣ ଲାଭ କରିବାର ଦୃଢ଼ ଆଶା ମଧ୍ୟ ପୋଷଣ କରିଥାଏ । ଶତାବ୍ଦୀ-ଶତାବ୍ଦୀ ଧରି ମଣିଷର ଏଇ ଆତ୍ମବିଶ୍ୱାସ, ଓଡ଼ିଶାର ସାଧାରଣ ଜନତାକୁ ଯେ କେବଳ ଦେଖାଇଛି ଅନ୍ଧାରରେ ଆଲୋକ ବର୍ତ୍ତିକା, ତାହା ନୁହେଁ, ଓଡ଼ିଆ କବିଙ୍କ ସୃଷ୍ଟିରେ ମଧ୍ୟ ତୋଳିଛି ଅପରୂପ ସ୍ୱର-ଝଙ୍କାର । ସେଥିପାଇଁ ଓଡ଼ିଆ କବିତାରେ, କବିର ଜୀବନ ଜିଜ୍ଞାସା, ଧୂପ-ଦୀପର ପବିତ୍ର ସୁରଭି ପରି ସୁରଭିତ ହୋଇଉଠିଛି ।

କବିତା ଚିରକାଳ କବିର ଆତ୍ମାନୁଭୂତିର ସର୍ବଶ୍ରେଷ୍ଠ ଫସଲ । ତା'ର ସ୍ୱରରେ ତେଣୁ ଅହରହ ମୂର୍ଚ୍ଛିତ ହୋଇଥାଏ ଆତ୍ମୀୟତାର ମଧୁର ମୂର୍ଚ୍ଛନା । କବିତାରେ ସେଇ ଜୀବନ ଜିଜ୍ଞାସାର ଅନାବିଳ ପ୍ରକାଶ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ କବିର ଆକୁଳ ଆକୃତି, ଯେକୌଣସି ଭକ୍ତର ହୃଦୟକୁ ଆଲୋଡ଼ିତ କରିଥାଏ ।

କବି ଯେତେବେଳେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅସଙ୍କୋଚ ଭାବରେ ପ୍ରକାଶ କରେ ତା'ର ଦୁଃଖ-ଦୁର୍ଦ୍ଦଶାର କାହାଣୀ, ସେତେବେଳେ ମନେ ହୁଏ, ଏହି ଆତ୍ମୀୟତା ବୋଧ ହିଁ ଜଗନ୍ନାଥ ସଂସ୍କୃତିର ମୂଳାଧାର । ସେଥିପାଇଁ ଓଡ଼ିଆ କବି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରକାଶ କରେ ତା'ର ବ୍ୟକ୍ତିଗତ ଦୁରବସ୍ଥାର ହୃଦୟସ୍ପର୍ଶୀ ଅନୁଭୂତି । କବି ବନମାଳୀଙ୍କର ଜଣାଣମାନଙ୍କରେ ଏହି ସ୍ୱର ଅତ୍ୟନ୍ତ ବ୍ୟଥାତୁର ଭାବରେ ପ୍ରକାଶିତ ହୋଇଅଛି । କବି ନିଃସଙ୍କୋଚରେ ପ୍ରକାଶ କରିଛନ୍ତି ତାଙ୍କ ଦୈନ୍ୟର ସ୍ୱରୂପ । ଭେକ ଖଣ୍ଡିଏ ନଥିବାରୁ ସେ ନିୟମିତ ଶ୍ରୀଜଗନ୍ନାଥଙ୍କ ଛାମୁକୁ ଯାଇପାରିନାହାନ୍ତି । ସାହୁକାରର ଜଞ୍ଜାଳ, କୁଟୁମ୍ବଙ୍କ ଗୋଳ, ତାଙ୍କ ଅନ୍ତର ବେଦନାକୁ ବହୁ ଗୁଣିତ କରିଦେଇଛି । ମନରୁ ଲିଭି ଯାଇଛି ଆଶାର ଆଲୋକ, ହୃଦୟ ମଧ୍ୟରେ ଶୁଷ୍କ ହୋଇଯାଇଛି ଆନନ୍ଦ-ନିର୍ଝର । ତାଙ୍କର ଇଚ୍ଛା ସବୁବେଳେ କଳା



ଶ୍ରୀମୁଖକୁ ଅନାଇ ରହିବା ପାଇଁ । ମାତ୍ର ଜଞ୍ଜାଳ - ଜର୍ଜରିତ ଜୀବନରେ, ମନ ତାଙ୍କର ବାତଚକ୍ର ପ୍ରାୟେ ଘୁରୁଛି । ତାଙ୍କ ପରି ନିରେଖ ଜନ ଏ ସଂସାରରେ ଆଉ କିଏ ଅଛି ! କିଏ ଫେଡ଼ିବ ତାଙ୍କର ଏ କଷଣ, ଚଉବର୍ଗ ଦାନୀ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ! ଅଭିମାନ ଭିଜା କଣ୍ଠରେ କବି ଗାଇଛନ୍ତି -

'ଆହେ ପ୍ରଭୁ କଳା ଶ୍ରୀମୁଖ !
କାଳେ କାଳେ ମୋର ନଗଲା ଦୁଃଖ ।'

କିନ୍ତୁ ଦୁଃଖରୁ ପରିତ୍ରାଣ ପାଇଁ କବି କେବେ ମଧ୍ୟ ମାଗି ନାହାନ୍ତି ଧନ, ଜନ, ଐଶ୍ୱର୍ଯ୍ୟ-ବିଭୂତି । ଶ୍ରୀଜଗନ୍ନାଥଙ୍କ ନିକଟରେ ସେ କେବଳ ଅଳି କରିଛନ୍ତି, ତାଙ୍କରି ଶ୍ରୀରଙ୍ଗାଚରଣ ସେବାରେ ନିରନ୍ତର ତାଙ୍କ ମନ ରହିଥାଉ । ତାଙ୍କୁ ପଛେ ଦାନା-କନା ନମିଳୁ, କିନ୍ତୁ ସେ କେବଳ ନୀଳଚକ୍ର ବାନାକୁ ଚାହିଁ ଜୀବନର ସବୁ ଦୁଃଖକୁ ପାରି ହୋଇଯିବେ । ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରିଛନ୍ତି -

'ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ ।'

କେବଳ ସେତିକି ନୁହେଁ, ମହାପ୍ରଭୁଙ୍କ ନିକଟରେ କବି ଅଳି କରିଛନ୍ତି :

'ମହାବାହୁ ! ଏହି କଥାରେ ମୋ ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜ ସୁନ୍ଦର ବଦନ

ଅଞ୍ଜଳିରେ ଜଳ ପିଇ ପିନ୍ଧୁଥିବି ବକଳ କରି ବସନ
ଶଚୀପତି ପଦ ତୁଚ୍ଛ ମଣୁଥିବି ଥିଲେ ତୁମ୍ଭ ସନ୍ନିଧାନ ।'

କବି ପୁଣି କାମନା କରିଛନ୍ତି -

'ବାରମାସେ ତେର ଯାତ୍ରା ଦେଖୁଥିବି
ଶ୍ରୀକ୍ଷେତ୍ରେ ହୋଇ ଭିକାରୀ
ସାଧୁସନ୍ଥଙ୍କର ବୋଲାଇ କିଙ୍କର
ମାଗୁଥିବି ମଧୁକରୀ ।'

କେବଳ ବନମାଳୀ ନୁହଁନ୍ତି, ବହୁ କବି ସେମାନଙ୍କର ପଦ୍ୟାବଳୀମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ଶୁଣାଇଛନ୍ତି ଆପଣାର ଯନ୍ତ୍ରଣା-କ୍ଲିଷ୍ଟ ଜୀବନର ବିଧୁର ବେଦନା । ଦୀନକୃଷ୍ଣଙ୍କର 'କୃପାସିନ୍ଧୁ ବଦନ କରି ଅବଲୋକନ', ଶ୍ୟାମ ଭଞ୍ଜଙ୍କର 'ଆହେ ପ୍ରଭୁ ଘନ କାଳିଆ', 'ଆହେ ପ୍ରଭୁ ଚକା ନୟନ', 'ଆହେ ପ୍ରଭୁ ପଙ୍କଜ ଆଖି', ବିପ୍ର କୃଷ୍ଣଙ୍କର 'ଆହେ ପ୍ରଭୁ ପଙ୍କଜ ଡୋଳା, ଶୋକ ପୟୋଧିରେ ବୁଡ଼ିଲା ଭେଳା', ଗୌରଚରଣଙ୍କର 'ଆହେ ଜଗନ୍ନାଥେ', ସାନନ୍ଦ ଦ୍ୱିଜଙ୍କର 'କାହା ଆଗେ କହିବି ମୁଁ ସାକ୍ଷୀ, ହେ ଚକାଆଖି', ଅଭିମନ୍ୟୁଙ୍କର 'କୃପାସିନ୍ଧୁ-ଦୀନବନ୍ଧୁ ଶ୍ରୀଛାମୁରେ', ଭାଗୀରଥି ଦେବଙ୍କର 'କୃପାସିନ୍ଧୁ ଦୀନବନ୍ଧୁ ଅଘ-ତମ ଇନ୍ଦୁ ହେ', ରାଜକୁମାର ଗୋବିନ୍ଦଙ୍କର 'କୃପାସିନ୍ଧୁ ଦୀନବନ୍ଧୁ ! କାହିଁକି କରୁଣା ଊଣା', ସାଧୁ ଚରଣଙ୍କର 'କରମ ବାମ ମୋର', ହାଡ଼ି ଦାସଙ୍କର 'ଆହେ ପ୍ରଭୁ ମହାବାହୁ', ଭଗବାନଙ୍କର 'ଚକାଆଖି, ଥକା ହୋଇଲ କି ଏବେ', ସୋମନାଥ ସିଂହ ଜଗଦେବଙ୍କର 'ପ୍ରଭୁ ହେ, ବହୁତ ଦୁଃଖ ହୋଇଲା', ବେଣୁଧରଙ୍କର 'ରମା ରମଣ ହେ, କ୍ଷମାକର ମୋ ବିପତ୍ତି ଭାର', 'କେତେ କହିବି ହେ, ମୋ' ଦୁଃଖ କାହାଣୀ ଆଉ' ପ୍ରଭୃତି ଜଣାଣ ସେଇ ମର୍ମସ୍ପର୍ଶୀ ଅନୁଭବର ଏକ ଏକ ଅଶ୍ରୁଳ ଅଭିଲେଖ ।

କେତେକ କବିତାରେ ପୁଣି ବ୍ୟକ୍ତିଗତ ଜୀବନ ଜିଜ୍ଞାସାର ସ୍ୱର ଯେପରି ନିର୍ଦ୍ଦିଷ୍ଟ, ଇତିହାସର ତଥ୍ୟ ଦୃଷ୍ଟିରୁ ସେହିପରି ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ । ଉତ୍କଳର ଗଜପତି ରାଜା ଶ୍ରୀ ବୀର କିଶୋର ଦେବ ଓ ଶ୍ରୀ ଦିବ୍ୟସିଂହ ଦେବଙ୍କର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ଦୁଇଟି ଜଣାଣରେ ସେହି ଐତିହାସିକ ତଥ୍ୟ ଉପଲବ୍ଧ ହୋଇଥାଏ । ମରହଟ୍ଟା ଶାସନ କାଳରେ, ପରିସ୍ଥିତିର ନିଷ୍ଠୁର ତାଡ଼ନାରେ ବୀର କିଶୋର ଦେବ ଉତ୍କଳର ରାଜସିଂହାସନରୁ ଗାଦିଚ୍ୟୁତ ହୋଇଥିଲେ । ଫଳରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବା-ପୂଜାର ପବିତ୍ର ଅଧିକାରରୁ ସେ ହୋଇଥିଲେ ବଞ୍ଚିତ । ବସ୍ତୁତଃ ତାହା ହିଁ ହେଉଛି ରାଜା ସିଂହାସନର ପବିତ୍ର ପରମ୍ପରା । ସେଇ ଅଧିକାରରୁ ବଞ୍ଚିତ ଏହି ରାଜକବି ତେଣୁ ମର୍ମାନ୍ତିକ ବେଦନାରେ ଜର୍ଜରିତ ହୋଇ ଗାଇଛନ୍ତି -

'ସେବାରୁ ଅନ୍ତର ହେଲି ଯେବେ ପ୍ରଭୁ
ଏ ପ୍ରାଣ ଥିବ କିମ୍ପାଇ
ଓହ୍ଲାଇ ନ ଦିଅ କିମ୍ପା ମୋ' ମଥାରୁ
ଜଞ୍ଜାଳ ଭାର ଗୋସାଇଁ ।'

ସେହିପରି ଦିବ୍ୟସିଂହ ଦେବ ନରହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ବ୍ରିଟିଶ ଶାସକଙ୍କ କୋପାନଳରେ ପଡ଼ିଥିଲେ । ପରିଣତିରେ ତାଙ୍କୁ 'କଳାପାଣି' ଯିବାକୁ ହୋଇଥିଲା । ସେ ମଧ୍ୟ ଜଗନ୍ନାଥଙ୍କ ସେବା ପୂଜାରୁ ବଞ୍ଚିତ ହୋଇ ବେଦନା ଭିଜା ସ୍ୱରରେ ଜଣାଇଥିଲେ ଅନ୍ତରର ଆକୁଳ ଆକୁତି -

'ପ୍ରଭୁ ନୀଳାଦ୍ରି ବିହାରୀ
କଟକେ ଅଟକ ହେବାରୁ ମୋ' ଦିନ,
ସରୁ ନାହିଁ ଝୁରି ଝୁରି
କନ୍ଦିରୁ ଅଣାଇ ବନ୍ଦୀ କରାଇଲ
ଶ୍ରୀ ନନ୍ଦିଘୋଷ ବିହାରୀ
ଛନ୍ଦି କରଦ୍ୱୟ ଦେଖାଉଛି ଭୟ,
ଦ୍ୱନ୍ଦ୍ୱୀ ବିଜାତି ପାହାରୀ ।'

ଓଡ଼ିଆ କବି ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜ ମନର ଅଭିଳାଷ କେବଳ ପ୍ରକାଶ କରିନାହାନ୍ତି, ସେ ଅଭିଳାଷ ପୂରଣ ନହେବାରୁ ଅଭିମାନ ମଧ୍ୟ କରିଛନ୍ତି । ଏହି ଅଭିମାନ ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ମନେ ହୋଇଥାଏ । କାରଣ ହୃଦୟର ବନ୍ଧନ ଯେଉଁଠି ଯେତେ ତୀବ୍ର, ସେଠାରେ ଅଭିମାନ ସେତେ ନିବିଡ଼ । ସେଠାରେ ସାମାନ୍ୟ ଅବହେଳା ସୁଦ୍ଧା ଏକ ଦୁଃସହ ଜ୍ୱାଳାରେ ପରିଣତ ହୋଇଥାଏ । ଶ୍ରୀଜଗନ୍ନାଥ ସମଦୃଷ୍ଟିର ପତାକା ଟେକି ମଧ୍ୟ ପକ୍ଷପାତ ନୀତି ଅବଲମ୍ବନ କରୁଥିବାରୁ କବି ତାଙ୍କ ପ୍ରାଣର ଠାକୁରଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ଶେଷରେ ମନ ଭର୍ତ୍ତି କରି ଗାଳି ଦେବାକୁ ମଧ୍ୟ କୁଣ୍ଠାବୋଧ କରିନାହାନ୍ତି । କବିସୂର୍ଯ୍ୟ ବଳଦେବ ରଥଙ୍କର 'ଜଗନ୍ନାଥ ଜଣାଣ' ଓ 'ସର୍ପ ଜଣାଣ'ରେ ଏହି ଅଭିମାନର ସ୍ୱର ଅତ୍ୟନ୍ତ ତୀବ୍ର । କବି ଶ୍ରୀଜଗନ୍ନାଥଙ୍କର ଉପରେ ରାଗ କରି ତାଙ୍କୁ 'କାଳସର୍ପ' ବୋଲି ଅଭିହିତ କରିଅଛନ୍ତି । କବିଙ୍କର ଏହି 'ରାଗ' କିନ୍ତୁ ପ୍ରକୃତରେ 'ଅନୁରାଗ' ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ଅନୁରାଗର ନେପଥ୍ୟରେ ଅଛି ଆତ୍ମୀୟତାର ସେହି ମହାନ୍ ଅନୁଭବ, ଯାହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ କାଳକାଳ ଧରି ବାନ୍ଧି ଆସିଛି ମିଳନର ସେତୁ ।

ମନେହୁଏ, ଜଗନ୍ନାଥ ଚେତନାର ଏହା ହିଁ ହେଉଛି ସବୁଠାରୁ ବଳି ରହସ୍ୟମୟ ଅଭିବ୍ୟକ୍ତି ।

କନ୍‌ଭେଣ୍ଟ ଏରିଆ
ଭି.ଆଇ.ପି. ରୋଡ
ପୁରୀ- ୭୫୨୦୦୧



# ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ଶ୍ରୀନୀଳାଚଳ

ପ୍ରମୋଦ କୁମାର ନାୟକ

ନିତ୍ୟ ବୈକୁଣ୍ଠ ଶ୍ରୀନୀଳାଚଳ ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ରୂପେ ବିଦ୍ୟମାନ । ସ୍ରଷ୍ଟାଙ୍କ ସୃଷ୍ଟି ଆଦ୍ୟ କାଳରେ ଆଜି ଯାହା ପୁଣ୍ୟ ନୀଳାଚଳ ଧାମ ନାମରେ ପ୍ରସିଦ୍ଧ ଲାଭ କରିଅଛି, ତାହା ସେତେବେଳେ ଥିଲା ନୀଳ ସୁନ୍ଦର ପର୍ବତ । ଏହି ନୀଳ ସୁନ୍ଦର ପର୍ବତରେ ଥିଲା ଚାରୋଟି ଶୃଙ୍ଗ ଏବଂ ପ୍ରତ୍ୟେକ ଶୃଙ୍ଗରେ ଗୋଟିଏ ଗୋଟିଏ ବିଶାଳ ବୃକ୍ଷ ବିଦ୍ୟମାନ ଥିଲା । ଗୋଟିକରେ ବର, ଗୋଟିକରେ ପିପ୍ପଳ, ଗୋଟିକରେ ପାଙ୍କଡ଼ ବା ପର୍କଟୀ ଓ ଅନ୍ୟଟିରେ ଥିଲା ଆମ୍ବ । ନୀଳ ପର୍ବତର ଶିଖର ଦେଶରେ ବିଦ୍ୟମାନ ଥିଲା ସ୍ୱଚ୍ଛ ସୁନିର୍ମଳ ଜଳପୂର୍ଣ୍ଣ ସରୋବର । ସରୋବରର ସୋପାନଗୁଡ଼ିକ ଥିଲା ମଣି ନିର୍ମିତ । ପଦ୍ମପୁଷ୍ପଗୁଡ଼ିକ ସଦା ପ୍ରସ୍ଫୁଟିତ ଥାଇ ସରୋବରର ଶୋଭାଶ୍ରୀ ବର୍ଦ୍ଧନ କରୁଥିଲା । ପଦ୍ମପୁଷ୍ପମାନଙ୍କରେ ଭ୍ରମରମାନଙ୍କର ଗୁଞ୍ଜନ ତଥା ହଂସଗଣମାନଙ୍କ କଳକଳ ସ୍ୱନରେ ଗଗନ ପବନ ମୁଖରିତ ହେଉଥିଲା । ସେହି ନିର୍ଜନ ନୀଳସୁନ୍ଦର ପର୍ବତରେ ବାସ କରୁଥିଲେ ଜାତିସ୍ମର କାକଭୂଷଣ୍ଡ । କଳ୍ପାନ୍ତରେ ସୁଦ୍ଧା ତାଙ୍କର ବିନାଶ ହୁଏ ନାହିଁ । ମିଛମାୟା ଜଗତ ମଧ୍ୟରେ କାମ, ମୋହ, ଅଜ୍ଞାନ ଆଦି ଘୋଟି ରହିଥିଲେ ହେଁ ନୀଳସୁନ୍ଦର ପର୍ବତକୁ ସ୍ପର୍ଶ କରିପାରୁନଥିଲେ । କାକଭୂଷଣ୍ଡ ସେହିଠାରେ ଅବସ୍ଥାନ କରି ସଦାସର୍ବଦା ହରିଗୁଣ ଗାନରେ ତନ୍ମୟ ରହୁଥିଲେ । ସେ ଦିବସର ପ୍ରଥମ ପ୍ରହରରେ ପିପ୍ପଳ ବୃକ୍ଷମୂଳେ ସତ୍ୟଯୁଗୋଚିତ କର୍ମ ଧ୍ୟାନ, ଦ୍ୱିତୀୟ ପ୍ରହରରେ ପାଙ୍କଡ଼ ବା ପର୍କଟୀ ବୃକ୍ଷମୂଳେ ତ୍ରେତାଯୁଗୋଚିତ କର୍ମ, ଯଜ୍ଞ, ଜପ, ତୃତୀୟ ପ୍ରହରରେ ଆମ୍ବଗଛ ମୂଳେ ଦ୍ୱାପର ଯୁଗୋଚିତ ମାନସ ପୂଜା ଏବଂ ଚତୁର୍ଥ ପ୍ରହରରେ କଳି ଯୁଗୋଚିତ ହରଭଜନ ବଟବୃକ୍ଷ ମୂଳରେ କରୁଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀମଦ୍‌ଭାଗବତରେ ଜଗନ୍ନାଥ ଦାସ ବର୍ଣ୍ଣନା କରିଛନ୍ତି -

'ସତ୍ୟଯୁଗରେ ଧ୍ୟାନ ବଳେ, ତ୍ରେତାରେ ପୂଜିବ ଯଜ୍ଞରେ,
ଦ୍ୱାପରେ ପଦସେବା କରି, କଳିରେ ସଂକୀର୍ତ୍ତନେ ହରି,
ଏ ରୂପେ ଭଜି ଦୃଢ଼ମତେ, ପ୍ରାଣୀଏ ତରନ୍ତି ଜଗତେ ।'

ଏହି କର୍ମ ବ୍ୟତିରେକ କାକଭୂଷଣ୍ଡ ଅନ୍ୟ କାମ କରୁନଥିଲେ । କାକଭୂଷଣ୍ଡଙ୍କ କଳିଯୁଗୋଚିତ ହରିଭଜନ ଶୁଣିବା ସକାଶେ ଅନେକ ପକ୍ଷୀ ତଥା ସରୋବରସ୍ଥ ହଂସଗଣ ବଟବୃକ୍ଷ ମୂଳରେ ଉପସ୍ଥିତ ହେଉଥିଲେ ଏବଂ ଭକ୍ତି ପ୍ରେମରେ ତନ୍ମୟ ହୋଇଯାଉଥିଲେ । ଏପରିକି ସଂସାରର ସଂହାରକର୍ତ୍ତା ଯୋଗାରୂଢ଼ ପୁରୁଷ ଶିବ ମଧ୍ୟ କୈଳାସ ଛାଡ଼ି ଏହି ଭକ୍ତି ପ୍ରେମରେ ହଂସ ରୂପ ଧାରଣ ପୂର୍ବକ କିଛିଦିନ ନୀଳ ପର୍ବତରେ ଅବସ୍ଥାନ କରିଥିଲେ ।

ନୀଳସୁନ୍ଦର ପର୍ବତର ପାଦ ଦେଶକୁ ସୁଶୋଭିତ କରୁଥିଲା ତମାଳ ବୃକ୍ଷରାଜି । ଅନତି ଦୂରରେ ମହୋଦଧିର ନୀଳ ଉର୍ମିମାଳା ତମାଳ ବନର ପଦ ଧୌତ କରୁଥିଲା । ମହୋଦଧିର ନୀଳଉର୍ମିମାଳା, ତମାଳ ବନର ସବୁଜିମା ମିଶି ସୃଷ୍ଟି ହୋଇଥିଲା ନୈସର୍ଗିକ ସୌନ୍ଦର୍ଯ୍ୟ । କାଳକ୍ରମେ ଏହି ସୌନ୍ଦର୍ଯ୍ୟ ଆଣି ଦେଲା ମୁନିଋଷିମାନଙ୍କ ପାଇଁ ଭକ୍ତି ଭାବନାର ଚୂଡ଼ାନ୍ତ ନୈବେଦ୍ୟ । ଇତିହାସ, ପୁରାଣ, କିମ୍ବଦନ୍ତୀ ତଥା ବିସ୍ମୃତି ଗର୍ଭକୁ କଳ୍ପନା ପଟରେ ଦୃଷ୍ଟିପାତ କଲେ ସ୍ପଷ୍ଟ ଅନୁମେୟ ଆସେ, ସମୟର ବିବର୍ତ୍ତନ ଗତିରେ ଏ ସ୍ଥାନଟି କାଳକ୍ରମେ ଗଢ଼ି ଉଠିଲା ବିଭିନ୍ନ ଧର୍ମାବଲମ୍ବୀ ମୁନିଋଷି, ଧର୍ମପ୍ରଚାରକମାନଙ୍କ ଅଧ୍ୟୁଷିତ ଆଶ୍ରମ ମଣ୍ଡଳ । ଯାହାର ମୂକସାକ୍ଷୀ ରୂପେ ଆଜି ବିଦ୍ୟମାନ ଶତାଧିକ ମଠ । ସେ କାଳର ମୁନିଋଷିମାନଙ୍କ ଦ୍ୱାରା ମହୋଦଧି ତଟଦେଶରେ ପ୍ରଥମେ ପୂଜିତ ହେଲା ଶ୍ରୀପୁରୁଷୋତ୍ତମଙ୍କର ବିଗ୍ରହ । ଲୀଳାମୟଙ୍କର ବିଚିତ୍ର ଲୀଳା । ବିଭିନ୍ନ ଧର୍ମାବଲମ୍ବୀ ଯଥା- ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ନାଥ ଆଦି ପ୍ରତ୍ୟେକ ଧର୍ମମତ ପାର୍ଥକ୍ୟ ରହୁଥିଲେ ହେଁ ଶ୍ରୀପୁରୁଷୋତ୍ତମଙ୍କ ସହିତ ଏକାକାର ହୋଇଯାଉଥିଲେ । ଶାସ୍ତ୍ରରେ ଉଲ୍ଲେଖ ଅଛି -

'ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମମ୍
ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମମ୍ ।'

ସମୟର ବିବର୍ତ୍ତନ ଗତିରେ କେତେ ଉତ୍ଥାନ ପତନ ମଧ୍ୟରେ ଦିନ ଗଡ଼ିଗଲା । ଉତ୍କଳ ଭାଗ୍ୟାକାଶରେ ନରପତି ହେଲେ ଯଯାତି କେଶରୀ । ଉତ୍କଳ ନରପତି ହେଲାପରେ ଯଯାତି କେଶରୀ ଶ୍ରୀକ୍ଷେତ୍ର ପୁରୀଠାରେ ହାରାହାରି ଖ୍ରୀ:୧୦ମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶ୍ରୀପୁରୁଷୋତ୍ତମ ଠାକୁରଙ୍କ ପାଇଁ ମନ୍ଦିର ତୋଳାଇ ବିଗ୍ରହ ସ୍ଥାପନ କରିଥିଲେ । ତା'ପରେ ସୋମବଂଶର ଶେଷରାଜା କର୍ଣ୍ଣ କେଶରୀଙ୍କୁ ଯୁଦ୍ଧରେ ପରାସ୍ତ କରି ଖ୍ରୀ:୧୧୧୨ରେ କଳିଙ୍ଗ ନଗରର ଗଙ୍ଗବଂଶୀୟ ମହାରାଜା ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବ ଉତ୍କଳ ଅଧିକାର କରିଥିଲେ । ଚୋଡ଼ଗଙ୍ଗ ଦେବ ଥିଲେ ଭକ୍ତି ପରାୟଣ । ତେଣୁ ଉତ୍କଳ ଅଧିକାର

ପରେ ତାଙ୍କର ପ୍ରଥମ ଦୃଷ୍ଟି ହେଲା, ଶ୍ରୀପୁରୁଷୋତ୍ତମ ବିଗ୍ରହଙ୍କ ପ୍ରତି । ଚୋଡ଼ଗଙ୍ଗ ଦେବଙ୍କ ଆରାଧ୍ୟ ଦେବତା ଥିଲେ, ଶିବ ସ୍ୱରୂପ ବଳଦେବ ଏବଂ ଶକ୍ତି ସ୍ୱରୂପିଣୀ (ବ୍ରାହ୍ମଣୀ) ଦେବୀ ସୁଭଦ୍ରା । ସେ ତିନି ବିଗ୍ରହଙ୍କୁ ନେଇ ନୃସିଂହ ମନ୍ଦିରରେ ସ୍ଥାପନ କରିଥିଲେ । ପରମୁହୂର୍ତ୍ତରେ ଯୁଦ୍ଧରେ ବିଜିତ ଧନକୁ ଧର୍ମ କାର୍ଯ୍ୟରେ ଉତ୍ସର୍ଗୀକୃତ କରିବାକୁ ସଂକଳ୍ପ ନେଇ ସେ ନିର୍ମାଣ କରିବାକୁ ସ୍ଥିର କଲେ ପଞ୍ଚରଥ ବିଶିଷ୍ଟ ଦେବ ମନ୍ଦିର । ତଦନୁସାରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ପଲ୍ଲ ନାମକ ଜଣେ 'କର୍ମକାର କୁଳପୁତ୍ର'ଙ୍କୁ ନିଯୁକ୍ତି କରିଥିଲେ । ଯାହାକି ଆଜି ଶ୍ରୀମନ୍ଦିର ରୂପେ ଶ୍ରୀକ୍ଷେତ୍ରରେ ବିଦ୍ୟମାନ । ଚୋଡ଼ଗଙ୍ଗ ଦେବ ଅମାପ ଧନ ବ୍ୟୟ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାରୁ ତାଙ୍କ ନାମରେ ଶ୍ରୀମନ୍ଦିରର କୀର୍ତ୍ତି କାଳକାଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଲା । ଦୁଃଖର କଥା, ଚୋଡ଼ଗଙ୍ଗ ଦେବଙ୍କ ଜୀବଦ୍ଦଶା ମଧ୍ୟରେ ମନ୍ଦିର କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ । ତାଙ୍କ ପରେ ତାଙ୍କ ନାତି ଅନଙ୍ଗଭୀମ ଦେବ (ତୃତୀୟ) ଶ୍ରୀମନ୍ଦିର ପ୍ରତିଷ୍ଠା କରି ଦେବ ବିଗ୍ରହମାନଙ୍କୁ ରତ୍ନ ସିଂହାସନରୂଢ଼ କରିଥିଲେ ।

କାଳକ୍ରମେ ଜଗନ୍ନାଥ ଧର୍ମ ରାଜାନୁଗତ ହୋଇଥିଲା ଏବଂ ରାଜା ନିଜକୁ ଜଗନ୍ନାଥଙ୍କର ପ୍ରଥମ ସେବକ ରୂପେ ଘୋଷଣା କରିଥିଲେ । ଦୁର୍ଭାଗ୍ୟବଶତଃ ଉତ୍କଳ ବିଭିନ୍ନ ସମୟରେ ବିଦେଶୀମାନଙ୍କ ଆକ୍ରମଣ ଓ ବିଧର୍ମୀମାନଙ୍କ ଅତ୍ୟାଚାରର ଶିକାର ହୋଇଥିଲା । ଫଳରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର, ମୂର୍ତ୍ତି ଓ ମୂଲ୍ୟବାନ ସଂପଦ ନଷ୍ଟ ହୋଇ ଯାଇଥିଲା । ଏପରିକି ଠାକୁର ଚିଲିକା କୂଳ, ବାଣପୁର ମାଳ ଓ ଗଞ୍ଜାମ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିଲେ । କାଳର କରାଳ କବଳରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବହୁ ଘାତ, ପ୍ରତିଘାତ ମଧ୍ୟରେ ଗତି କରିଥିଲେହେଁ ଶ୍ରୀମନ୍ଦିରକୁ ଶ୍ରୀମଣ୍ଡିତ କରି ଉଦାର ହୃଦୟରେ ବିଶ୍ୱବାସୀଙ୍କୁ କୋଳକୁ ଟାଣି ରଖିଛନ୍ତି ।

ବିଶ୍ୱଧର୍ମ ଚେତନାରେ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ନୀଳାଚଳ ନାୟକ ସ୍ୱୟଂ ଜଗନ୍ନାଥ ହିଁ ଉପାସ୍ୟ ଦେବତା । ତାଙ୍କର ଚନ୍ଦ୍ରଠାରୁ ଅଧିକ ସୁନ୍ଦର ମୁଖମଣ୍ଡଳ, ଅବଲୋକନ କଲେ ସାଂସାରିକ ସମସ୍ତ ଶୋକ ଦୂରୀଭୂତ ହୋଇଯାଏ । ଜଗନ୍ନାଥଙ୍କର କମଳ ନୟନ କୋଟି ସୁଖ ପ୍ରଦାନ କରିଥାଏ । କମଳନୟନ ମଧ୍ୟରେ ଚକାଡୋଳା ଅଧିକ ମନୋହର ପ୍ରତୀୟମାନ ହୋଇ ପତିତଜନଙ୍କୁ ଉଦ୍ଧାର କରିଥାଏ । ଜଗନ୍ନାଥଙ୍କ କପାଳରେ ସୁବର୍ଣ୍ଣ ବର୍ଣ୍ଣର ଯେଉଁ ରାହୁରେଖା ଶୋଭା ପାଉଥାଏ, ତାହା ପ୍ରତ୍ୟେକ ଲୋକର ଅଙ୍ଗରେ ପୁଲକ ଭରି ଦେଇଥାଏ । ଜଗନ୍ନାଥଙ୍କ ଅଧର ରଙ୍ଗ ବର୍ଣ୍ଣନାତୀତ । ସ୍ୱୟଂ ଜଗନ୍ନାଥଙ୍କର କର୍ଣ୍ଣରେ ଶୋଭା ପାଉଛି ମକର କୁଣ୍ଡଳ । ଭାଲ ପ୍ରଦେଶରେ ଶୋଭା ପାଉଛି ତିଳକଚିତା, ହସ୍ତରେ ବାହୁଟି ବାଜୁବନ୍ଧ, ହୃଦରେ ଶୋଭାପାଉଛି ପଦକ, ତାଙ୍କର ଉନ୍ନତ ଗ୍ରୀବା ପ୍ରଦେଶରେ ଶୋଭା ପାଉଛି କୌସ୍ତୁଭମଣୀ । ସ୍ୱୟଂ ଜଗନ୍ନାଥ ହେଉଛନ୍ତି, ଯାବତୀୟ କଳୁଷ ଅନ୍ଧକାର ପାଇଁ ଏକମାତ୍ର ସୂର୍ଯ୍ୟ । ଅନେକ ସଂଖ୍ୟକ ପୁଷ୍ପହାର ତାଙ୍କର ଗଳାମଣ୍ଡନ କରି ତିନିଲୋକର ପ୍ରାଣୀପୁଞ୍ଜଙ୍କ ମନ ଓ ନେତ୍ରକୁ ଚକିତ କରୁଅଛି । କଳ୍ପତରୁରେ ବିଭିନ୍ନ ଜାତିର ଫଳ ଶୋଭା ପାଇଲା ଭଳି ମୟୂରପୁଚ୍ଛ ଦ୍ୱାରା ଜଗନ୍ନାଥଙ୍କର ଶ୍ରୀଅଙ୍ଗ ଆଚ୍ଛାଦନ ହୋଇଅଛି ।

ସେ କେବଳ ରୂପର ଦେବତା ନୁହନ୍ତି, ସେ ଜଗତର ନାଥ, ତାଙ୍କର ଅପାରକ୍ଷମତା, ଅସୀମ ଶକ୍ତି, ଅମାପଦୟା । ସ୍ୱୟଂ ଜଗନ୍ନାଥ ବିଭିନ୍ନ ବେଶ ଧାରଣ କରିଥାନ୍ତି । ସେ ରୂପରେ ଅନୁପମ, କିନ୍ତୁ ହସ୍ତରେ ଶୋଭାପାଏ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ । ଏସବୁ କେବଳ ଦୁଷ୍ଟମାନଙ୍କୁ ସଂହାର କରି ମହୀଭରା ହରଣ କରିବା ପାଇଁ ଓ ସନ୍ଥମାନଙ୍କୁ ଶାନ୍ତି ସନ୍ତୋଷରେ ପାଳନ କରିବା ପାଇଁ ଧାରଣ କରିଥାନ୍ତି । ଜଗନ୍ନାଥଙ୍କର ମହିମା ଅପାର । ତାଙ୍କର କରୁଣା କଟାକ୍ଷପାତ ହେଲେ ସମସ୍ତ ଭୁବନର ସୁର ନର ନିସ୍ତାର ପାଇ ଯାଇଥାନ୍ତି । ସ୍ୱୟଂ ଜଗନ୍ନାଥ ହେଉଛନ୍ତି - କମ୍ବୁକଟକ ବା ଶଙ୍ଖକ୍ଷେତ୍ରର ଏକମାତ୍ର ନାଗର, ଏକମାତ୍ର ପୁରୁଷ । ସେ ରସିକ ପୁରୁଷ । ସେ ସମସ୍ତ ରସର ଆଧାର । ଯାବତୀୟ କୌତୁକ କଳା ପ୍ରଦର୍ଶନ କରିବା ହେଉଛି ତାଙ୍କର କାର୍ଯ୍ୟ । ସେହି ଜଗନ୍ନାଥ ହିଁ ହେଉଛନ୍ତି କମଳନେତ୍ରୀ କମଳା ବା ପଦ୍ମନୟନା ଲକ୍ଷ୍ମୀଙ୍କର ପ୍ରାଣକାନ୍ତ । କମଳାଙ୍କର ପ୍ରାଣ ନାୟକ ଭାବରେ ସେ ନୀଳାଚଳ ଧାମରେ ନିତ୍ୟଲୀଳା ପ୍ରକାଶ କରିଥାନ୍ତି । ତେଣୁ ତନ୍ତ୍ର ଯାମଳରେ ଉଲ୍ଲେଖ ଅଛି -

'ଭାରତେ ଉତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତାନଂ ଅଭୟ ପ୍ରଦଃ ।'

ସ୍ୱୟଂ ପ୍ରଭୁଙ୍କର ଇଚ୍ଛାରେ ସମସ୍ତ ଜଗତ ହେଉଛି ଆତଯାତ । ସେ ଯାହା ଇଚ୍ଛା କରିବେ, ତାହା ହିଁ ଅଚିରେ ପୂରଣ ହେବ । ଯେତେବେଳେ ସମଗ୍ର ଧରାଧାମ କଂସ ରାକ୍ଷସର ଉତ୍ପୀଡ଼ନରେ ଉତ୍ପୀଡ଼ିତ ହେଲା, ତିନି ଜଗତର ପ୍ରାଣୀପୁଞ୍ଜ ଆର୍ତ୍ତକଣ୍ଠରେ ତ୍ରାହି ତ୍ରାହି ଡାକ ଦେଲେ, ସେତେବେଳ ସ୍ୱୟଂ ଜଗନ୍ନାଥ ଇଚ୍ଛା କରିଛନ୍ତି, ମହୀଭରା ହରଣ କରିବେ । କଂସକୁ ସମୁଚିତ ଦଣ୍ଡ ଦେଇ ପୃଥିବୀର ଦୁଃଖମୋଚନ କରିବେ । କପଟରେ ସେ ବ୍ରଜପୁରରେ ନନ୍ଦରାଜା ଘରେ ପୁତ୍ର ଭାବରେ ଜନ୍ମଗ୍ରହଣ କରିବାକୁ ସ୍ଥିର କରିଛନ୍ତି । ଜଗନ୍ନାଥଙ୍କ ପକ୍ଷରେ ଏକଥା କିଛି ବିଚିତ୍ର ନୁହେଁ । ସେ ଯାହାଇଚ୍ଛା କରିବେ ତାହା ହିଁ କାର୍ଯ୍ୟରେ ପରିଣତ କରିବେ । ଯୁଗେ ଯୁଗେ ଦୁଷ୍ଟଦଳନ କରି ସନ୍ଥ ପାଳନ କରିବା ତାଙ୍କର କାର୍ଯ୍ୟ । ସେଥିପାଇଁ ତାଙ୍କୁ ବିଭିନ୍ନ ଯୁଗରେ ବିଭିନ୍ନ ଅବତାର ଗ୍ରହଣ କରିବାକୁ ହୋଇଥାଏ । ଭଗବତ ଗୀତାରେ ସ୍ୱୟଂ କୃଷ୍ଣ କହିଛନ୍ତି -

'ଅଦୋପି ସନ୍ନ ବ୍ୟୟମା ଭୁତାନାମି ଶ୍ୱରୋପିସନ ।
ପ୍ରକୃତି ସ୍ୱାମଧୀଷ୍ଠାୟ ସମ୍ଭବାମ୍ୟାତ୍ମନାୟୟା ।।'

ଜଗନ୍ନାଥ ହିଁ ଈଶ୍ୱର, ତେଣୁ ତାଙ୍କର ଜନ୍ମ ନାହିଁ କିମ୍ବା ମୃତ୍ୟୁ ମଧ୍ୟ ନାହିଁ । ସେ ସକଳ ଶକ୍ତିର ଶକ୍ତି, ସକଳ କାର୍ଯ୍ୟର କାରଣ । ସକଳ ଆତ୍ମାର ଆତ୍ମା । ତେଣୁ ବ୍ରହ୍ମସଂହିତାର ଆଦ୍ୟ ଶ୍ଳୋକରେ ଉଲ୍ଲେଖ ଅଛି -

'ଈଶ୍ୱରଃ ପରମ କୃଷ୍ଣଃ ସଚ୍ଚିଦାନନ୍ଦ ବିଗ୍ରହଃ
ଅନାଦିରାଦି ଗୋବିନ୍ଦଃ ସର୍ବକାରଣ କାରଣଃ ।'

ପ୍ରକୃତିକୁ ଆଶ୍ରୟ କରି ସେ ମାୟାମୋହ ଭିତରେ ଘାରି ହୋଇଥାନ୍ତି । କବି ଜୟଦେବ ତାଙ୍କର ଗୀତଗୋବିନ୍ଦ କାବ୍ୟରେ ଦଶାବତାର କଥା ଅବତାରଣା କରିଛନ୍ତି । ଏହି ଅବତାରଗୁଡ଼ିକ ହେଲା,

କୃଷ୍ଣଙ୍କର ବିଭିନ୍ନ ସମୟର ଅବତାର । ପ୍ରଭୁ ଜଗନ୍ନାଥ ବିଭିନ୍ନ କାଳରେ ଭିନ୍ନ ଭିନ୍ନ ରୂପଧାରଣ କରି ପୃଥିବୀର ଭାରା ନିବାରଣ କରିଛନ୍ତି । ଗୀତଗୋବିନ୍ଦରେ ଉଲ୍ଲେଖ ଅଛି -

'ବେଦାନୁଦ୍ଧରତେ ଜଗନ୍ନିବହତେ ଭୂଗୋଳ ମୁଦ୍‌ବିଭ୍ରତେ
ଦୈତ୍ୟାନ୍ ଦାରୟତେ ବଳିଂ ଛଳୟତେ କ୍ଷତ୍ରୀକ୍ଷୟଂକୁର୍ବତେ ।
ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟଂ ମାତନୁତେ
ମ୍ଲେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟଂ ତୁଭ୍ୟଂ ନମଃ ।।'

ସ୍ୱୟଂ ଜଗନ୍ନାଥ ହିଁ ଈଶ୍ୱର, ସେ ପରମଶକ୍ତି ସେ ଧରାଭାର ହରଣ କରିବା ପାଇଁ ପ୍ରକୃତି ସହିତ ମିଳିତ ହୋଇ ମାୟା ଶରୀର ଧାରଣ କରିଥାନ୍ତି । କବି ଦୀନକୃଷ୍ଣ ଲେଖିଛନ୍ତି -

'କରିଏ ବିଚାର କଇବଲ୍ୟ ଦାୟକ,
କଂସ ଆଦି ମାରିବାକୁ ହେଲେ ଉତ୍ସୁକ
କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ,
କରିବାକୁ ଯାଇ ଜଗନ୍ନାଥ ଜନକ ।'

ଜଗନ୍ନାଥଙ୍କର ଅପାର ମହିମା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ ହେଉଛନ୍ତି ହରି, ଅର୍ଥାତ୍ ପ୍ରାଣୀମାନଙ୍କର ସମସ୍ତ ଭାରାଭରକୁ ହରଣ କରିଥାନ୍ତି । ସେ କଳୁଷକୁ ହରଣ କରିଥାନ୍ତି । ତାଙ୍କର ଆଜ୍ଞାରେ, ସୁରଶ୍ରେଷ୍ଠ ଅବ୍‌ଜଯୋନି, ବ୍ରହ୍ମା ହର ଓ ଯାବତୀୟ ରାକ୍ଷସମାନେ, ଦେବ, ଦାନବ, ମାନବ, ଗନ୍ଧର୍ବ, କିନ୍ନର ଓ ସମସ୍ତ ପ୍ରାଣୀପୁଞ୍ଜ ପରିଚାଳିତ ହୋଇଥାନ୍ତି ।

ଜଗନ୍ନାଥ ହେଉଛନ୍ତି ଦୁଃଖ ରୂପକ ପର୍ବତକୁ ବଜ୍ର ସଦୃଶ । ବଜ୍ରାଘାତରେ ପର୍ବତ ଖଣ୍ଡ ବିଖଣ୍ଡିତ ହୋଇଥାଏ, ସେହିପରି ଜଗନ୍ନାଥଙ୍କର ଦୟାରୂପକ ବଜ୍ରବାଣରେ ଯାବତୀୟ କଷ୍ଟରୂପକ ପର୍ବତ ଭାଙ୍ଗି ଯାଇଥାଏ । ବାରଣକୁ ସିଂହ ବିନାଶ କରେ । କଳୁଷରୂପୀ ବାରଣକୁ ଜଗନ୍ନାଥ ରୂପକ ସିଂହ ବିନାଶ କରିବାକୁ ସକ୍ଷମ ହୋଇଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଶ୍ରୀନୀଳାଚଳ ଧାମକୁ ବିଭିନ୍ନ ଧର୍ମ ପ୍ରଚାରକଗଣ ବିଭିନ୍ନ ସମୟରେ ଆସି ନିଜ ଧର୍ମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ଦେଖିପାରିଛନ୍ତି । ତନ୍ମଧ୍ୟରୁ ମୁଖ୍ୟ ପୁରୋଧା ଥିଲେ - ଶ୍ରୀଚୈତନ୍ୟ ।

ଭକ୍ତି ଧର୍ମର ପ୍ରଧାନ ପ୍ରବକ୍ତା ଶ୍ରୀଚୈତନ୍ୟ ଖ୍ରୀ:୧୫୦୯ରେ ଓଡ଼ିଶାକୁ ଆଗମନ କରି ସାଂସ୍କୃତିକ ପୀଠସ୍ଥଳୀ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିଲେ । ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଜଣେ ଭକ୍ତିବାଦୀ ଈଶ୍ୱର ପରାୟଣ ବ୍ୟକ୍ତି ଥିଲେ । ସେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମରେ ଦୀକ୍ଷିତ ହୋଇ ବୈଷ୍ଣବ ମହାମନ୍ତ୍ରର ପ୍ରଚାର ଓ ପ୍ରସାର ଦିଗରେ ରାଜ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ଫଳରେ ଉତ୍କଳ ମାଟିରେ ଗୌଡ଼ୀୟ ବୈଷ୍ଣବ ଧର୍ମର ନିର୍ଝରିଣୀ ପ୍ରବାହିତ ହେଲା । ଅପରପକ୍ଷରେ - ଉତ୍କଳୀୟ ପଞ୍ଚସଖା ଅର୍ଥାତ୍ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ପ୍ରମୁଖ ସନ୍ଥକବିମାନେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମକୁ ସ୍ୱୀକାର କଲେ ମଧ୍ୟ ଉତ୍କଳୀୟ ଜ୍ଞାନ ମାର୍ଗର ସାଧନାକୁ ଜଳାଞ୍ଜଳି ଦେଇ ନଥିଲେ । ଫଳରେ ତତ୍କାଳୀନ ସାହିତ୍ୟ, ସଂସ୍କୃତି ଓ ସମାଜରେ ଏକ ସମ୍ମିଳିତ ଆଧ୍ୟାତ୍ମିକ ଭାବଚେତନା ଜାଗରୁକ ହେଲା । ବୈଷ୍ଣବଧର୍ମକୁ ଓଡ଼ିଶାର ଜାତୀୟ ଧର୍ମ ରୂପେ ଏବଂ ଶ୍ରୀଜଗନ୍ନାଥଙ୍କୁ ଏ ଜାତିର ମୁଖ୍ୟ ଦେବତା ରୂପେ ଗ୍ରହଣ କରାଗଲା ।

ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ଗୌଡୀୟ ବୈଷ୍ଣବ ଧର୍ମରେ ସୁଧା ଭକ୍ତିର ପ୍ରାଧାନ୍ୟ ପରିଲକ୍ଷିତ ହେଲେହେଁ ପଞ୍ଚସଖା ସାହିତ୍ୟରେ ଜ୍ଞାନ ମିଶା ଭକ୍ତି ଉପରେ ଗୁରୁତ୍ୱ ଦିଆଗଲା । ଭକ୍ତି ସହିତ ଯୋଗଲୟ ପ୍ରଭୃତିର ସମ୍ମିଶ୍ରଣ ଏମାନଙ୍କ ଆଧ୍ୟାତ୍ମିକ ଚିନ୍ତାଧାରାର ଅନ୍ୟତମ ବିଶେଷତ୍ୱ । ପୁନଶ୍ଚ ଗୌଡୀୟ ବୈଷ୍ଣବମାନେ - 'କୃଷ୍ଣସ୍ତୁ ଭଗବାନ ସ୍ୱୟମ୍' ବୋଲି କହିଲାବେଳେ ପଞ୍ଚସଖାମାନେ 'ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା' ବୋଲି ପ୍ରତିପାଦନ କଲେ ।

ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ ଯେ, କୃଷ୍ଣ ଦାସ, କବିରାଜ ଗୋସ୍ୱାମୀ ସ୍ୱୀୟ ପ୍ରଣୀତ ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ - 'ଯେଇ ଗୌର, ସେଇ କୃଷ୍ଣ, ସେଇ ଜଗନ୍ନାଥ ବୋଲି ପ୍ରତିପାଦନ କରିଛନ୍ତି । ପୁନଶ୍ଚ - ଗୀତଗୋବିନ୍ଦ ପ୍ରଣେତା କବି ଜୟଦେବ ତାଙ୍କ ସ୍ୱରଚିତ କାବ୍ୟରେ ରାଧାକୃଷ୍ଣଙ୍କୁ ଯୁଗଳ ମୂର୍ତ୍ତିର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ପଞ୍ଚଯୁଗର ଶ୍ରେଷ୍ଠ ସାଧକ ଅଚ୍ୟୁତାନନ୍ଦ ଦଶାକ୍ଷରୀ ମନ୍ତ୍ର 'ଗୋପୀଜନ ବଲ୍ଲଭାୟ ନମଃ' ଦ୍ୱାରା ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଅଭିନ୍ନତା ପ୍ରତିପାଦନ କରିଯାଇଛନ୍ତି । ସେହିପରି ଶଙ୍କରାଚାର୍ଯ୍ୟ ସ୍ୱରଚିତ କାବ୍ୟରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ସ୍ତୁତି କରିଛନ୍ତି -

'ଭୁଜେ ସବ୍ୟେ ବେଣୁ ଶିରସି ଶିଖି ପୁଚ୍ଛଂ କଟିତଟେ
ଦୁକୂଳ ନେତାନ୍ତେ ସହଚର କଟାକ୍ଷଂ ବିଦଧତେ ।
ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା ପରିଚୟେ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।।'

ସର୍ବୋପରି ଶ୍ରୀଜଗନ୍ନାଥଙ୍କୁ ପୂଜା ସମୟରେ 'ଓଁ କ୍ଲିଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ନମଃ' ଏବଂ ଶ୍ରୀବଳଭଦ୍ରଙ୍କୁ 'ଓଁ ଭଗବତେ ବାସୁଦେବାୟ ନମଃ' ମନ୍ତ୍ରରେ ପୂଜା କରାଯାଉଥିବା ଦୃଷ୍ଟେ ସ୍ପଷ୍ଟ ଅନୁମେୟ ହୁଏ ଯେ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଏକ ଏବଂ ଅଭିନ୍ନ ।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଉଦ୍‌ବୁଦ୍ଧ ହୋଇ ବିଭିନ୍ନ ସମୟରେ ଶ୍ରୀକ୍ଷେତ୍ରକୁ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମୁସଲମାନ ଓ ଖ୍ରୀଷ୍ଟିଆନ ଆଦି ଧର୍ମ ପ୍ରଚାରକଗଣ ଆସିଥିଲେ । ସେମାନେ ନିଜଧର୍ମ ଭିତରେ ଶ୍ରୀଜଗନ୍ନାଥଙ୍କୁ ଦେଖିପାରିଥିଲେ । ଏଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ଶ୍ରୀଜଗନ୍ନାଥ ଜଗତରନାଥ ନୁହନ୍ତି, ସେ ତ୍ରିଭୁବନର ସ୍ୱାମୀ, ଅଖିଳ ବ୍ରହ୍ମାଣ୍ଡର ନାଥ ଏବଂ ଶ୍ରୀନୀଳାଚଳ ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ରୂପେ ବିଦ୍ୟମାନ ।

ମାର୍ଫତ- ଅନିରୁଦ୍ଧ ନାୟକ
ଚନ୍ଦନ ଖୁଣ୍ଟି
ବିଜୟ ନଗର, ଦେବଗଡ଼

# ଶ୍ରୀଜଗନ୍ନାଥ ଚେତନାରେ 'ଶଙ୍କା ପଞ୍ଚକମ୍'

ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା

'ହଳୀଃ, ଚକ୍ରୀଃ ମହାଶକ୍ତିଂ ଚକ୍ରଶ୍ଚ ମାଧବ ସ୍ୱୟଂ ।
ବିଶ୍ୱଧାତ୍ରୀଂ ମହାଲକ୍ଷ୍ମୀଂ ସପ୍ତୈତେ ପରିଲକ୍ଷ୍ୟତେ ॥
ସପ୍ତାବରଣ ଏତେଷାଂ ଦର୍ଶନାତ୍ ମୁକ୍ତି ନିଶ୍ଚିତମ୍ ।
ଯେ ପଶ୍ୟନ୍ତି ଜଗନ୍ନାଥଃ ଭବ ବାଧା ତରନ୍ତି ତେ ॥'

**ଶ୍ରୀ**ଜଗନ୍ନାଥ ଧାମର ଅନ୍ୟନାମ ପୁରୀ ବା ପୁରୁଷୋତ୍ତମ । ଏହି ପରମ ପାବନ ପୀଠରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ, ସୁଦର୍ଶନ ମୁଖ୍ୟ ଭାବରେ ପ୍ରତିଷ୍ଠିତ ଓ ଉପାସୀତ । ଏହି ଚତୁର୍ଦ୍ଧା ତତ୍ତ୍ୱର ନାମ ପୁରୁଷୋତ୍ତମ ତତ୍ତ୍ୱ ଓ କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର ଅଟେ । ପୁରୁଷୋତ୍ତମ ଚେତନା ଓ ପ୍ରଭୁ ଜଗନ୍ନାଥ ଏପରି ରହସ୍ୟମୟ ଯେ କୌଣସି ଗୋଟିଏ ଶାସ୍ତ୍ର ବା ମତକୁ ମୂଳାଧାର କରି ତାଙ୍କ ବିଷୟରେ କିଛି କୁହାଯାଇନପାରେ । ଜଗନ୍ନାଥ ଚେତନା ସମସ୍ତ ମାର୍ଗର ଏକ ମିଶ୍ରିତ ସମନ୍ୱୟତାର ପ୍ରତୀକ । ସମନ୍ୱୟ ସେହିଠାରେ ସମ୍ଭବ 'ଯେ କି ମୌଳିକ ଓ ଗୂଢ଼ ସିଦ୍ଧାନ୍ତର ପ୍ରତୀକ ହୋଇଥିବେ । ସବୁ ମତକୁ ଏକ ସମନ୍ୱୟ ମାର୍ଗରେ ସଂଯୋଗ ନକଲେ ଜଗନ୍ନାଥ ଚେତନା ବା ତତ୍ତ୍ୱର କ୍ରମପରିଣତି ବିଷୟରେ ଧାରଣା ଆଣିବା କଠିନ ବ୍ୟାପାର ଅଟେ । ଆଜିର ପବିତ୍ର ଘୋଷଯାତ୍ରା ଅବସରରେ ଉତ୍କଳର ଆରାଧ ଦେବତାଙ୍କର ପ୍ରାସଙ୍ଗିକ ଶଙ୍କାକୁ ଉତ୍କଳ ପ୍ରସଙ୍ଗ ମାଧମରେ ମୋଚନ କରିବାର ମୁଖ୍ୟ ଲକ୍ଷ୍ୟ ଅଟେ ।

**ଶଙ୍କା ପଞ୍ଚକମ୍**

୧. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି କ'ଣ ?

୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଛପନ ଭୋଗ କ'ଣ ଓ କେତେବେଳେ ଖାଇଥାନ୍ତି ?

୩. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ବେଶ ଓ ବାର୍ଷିକ ବେଶଗୁଡ଼ିକ କ'ଣ ?

୪. ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ନା ଅବତାର ?

୫. ଏଠାରେ ଶକ୍ତି ନ ରହି ଭଉଣୀ କାହିଁକି ପୂଜା ହେଲେ ?

**୧. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି କ'ଣ ?**



୧. ଦ୍ୱାରଫିଟା, ୨. ମଙ୍ଗଳଆରତୀ, ୩. ମଇଲମ, ୪. ଅବକାଶ, ୫. ମଇଲମ, ୬. ସାହାଣ ମେଲା, ୭. ବେଶ, ୮. ରୋଷ ହୋମ, ୯. ସୂର୍ଯ୍ୟପୂଜା, ୧୦. ଦ୍ୱାରପାଳ ପୂଜା, ୧୧. ଗୋପାଳ ବଲ୍ଲଭ ଭୋଗ, ୧୨. ସକାଳ ଧୂପ, ୧୩. ମଇଲମ ଓ ବେଶ, ୧୪. ଭୋଗମଣ୍ଡପ, ୧୫. ମଧ୍ୟାହ୍ନ ଧୂପ, ୧୬. ମଇଲମ ଓ ବେଶ, ୧୭. ସନ୍ଧ୍ୟା ଆଳତୀ, ୧୮. ସଂଧ୍ୟା ଧୂପ, ୧୯. ମଇଲମ, ୨୦. ଚନ୍ଦନଲାଗି, ୨୧. ବଡ଼ସିଂହାର ବେଶ, ୨୨. ବଡ଼ସିଂହାର ଧୂପ, ୨୩. ଖଟ ଶେଯ ଲାଗି, ୨୪. ପୁଷ୍ପାଞ୍ଜଳି, ପୁଷ୍ପଲାଗି, ୨୫. ପହୁଡ଼ ତଥା ଦ୍ୱାରବନ୍ଦ ।

ଶ୍ରୀଜୀଉମାନଙ୍କର ଏହିପରି କ୍ରମରେ ଦୈନନ୍ଦିନ ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ନୀତିମାନ ଅନୁଷ୍ଠିତ ହୁଏ । ଏହାକୁ ଦୈନନ୍ଦିନ ନୀତି କୁହାଯାଏ । ବିଶେଷ ପର୍ବପର୍ବାଣି, ଯାତ୍ରା ଆଦି ଉତ୍ସବମାନଙ୍କରେ ଅଧିକ ନୀତି ଅନୁଷ୍ଠିତ ହୋଇଥାଏ ।

**୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଛପନ ଭୋଗ କ'ଣ ଓ କେତେବେଳେ ଖାଇଥାନ୍ତି ?**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଶ୍ରୀମନ୍ଦିର ମଧ୍ୟରେ ପ୍ରତ୍ୟେକ ଦିନ ପାଞ୍ଚଥର ଭୋଗ ଲାଗିଥାଏ । ୧. ଗୋପାଳବଲ୍ଲଭ ଭୋଗ, ୨. ସକାଳଧୂପ, ୩. ମଧ୍ୟାହ୍ନ ଧୂପ, ୪. ସନ୍ଧ୍ୟା ଧୂପ, ୫. ବଡ଼ସିଂହାର ଭୋଗ ।

**ଛପନ ଭୋଗ କେତେବେଳେ କ'ଣ ଖାଆନ୍ତି ?**

ପ୍ରଥମ ଭୋଗ-ଗୋପାଳବଲ୍ଲଭ ଭୋଗ - ଏହା ମହାପ୍ରଭୁଙ୍କର ପ୍ରଥମ ଭୋଗ । ଏହି ଭୋଗରେ ୧. ନଡ଼ିଆପାଚି, ୨. ପୁଆଲହୁଣୀ, ୩. ଦହି, ୪. ବଲ୍ଲଭଖଇ, ୫. ନଡ଼ିଆକୋରା, ୬. ଖୁଆମୁଣ୍ଡା ପାପୁଡ଼ି, ୭. ରମ୍ଭାକଦଳୀ, ୮. ଗୁଡ଼କୋରା

ଦ୍ୱିତୀୟ ଭୋଗ-ସକାଳ ଧୂପ - ୯. ଅଦାପାଚେଲି, ୧୦. ମହାଦେଈ, ୧୧. ତାଡ଼ିଖେଚୁଡ଼ି, ୧୨. ବଡ଼ିପିଠା, ୧୩. ନାଡ଼ି, ୧୪. କାକତୁଆ ଝିଲୀ, ୧୫. ହଂସକେଳୀ, ୧୬. ଜେନାମଣି, ୧୭. ମାଠପୁଳି, ୧୮. ଏଣ୍ଡୁରି, ୧୯. କଅଁଳପୁରୀ, ୨୦. ଟାକୁଆ, ୨୧. ଶାଗ

ତୃତୀୟ ଭୋଗ-ମଧାହ୍ନ ଧୂପ - ୨୨. ମାଠପୁଳି ବଡ଼, ୨୩. ଭାତପୁଳି, ୨୪. ଓଡ଼ିଆ ଥାଳି, ୨୫. ସୁଆରୀ, ୨୬. ବଡ଼ା, ୨୭. ମୁଗପାଇଡି, ୨୮. ମରିଚିପାଣି, ୨୯. ବଡ଼ିଖିରିଶା, ୩୦. ବୁନ୍ଦିଆ, ୩୧. ସାତପଟିଆ ମିଠା, ୩୨. ସାକରା ମଧୁରୁଚି, ୩୩. ମାଣ୍ଡୁଓ, ୩୪. ଜାଗଆରିଶା, ୩୫. ଖଇରଚୂଳ, ୩୬. ଖିରୀ, ୩୭. ତିପୁରୀ, ୩୮. ବୁନ୍ଦିଆଖିରୀ, ୩୯. ଛେନା ଖିରିଶା, ୪୦. କାନିକା

ଚତୁର୍ଥ ଭୋଗ-ସନ୍ଧ୍ୟାଧୂପ - ୪୧. ମାଠପୁଳି ପୁରଡାସ, ୪୨. ସୁଆରପିଠା, ୪୩. ଚକିଅମାଲୁ, ୪୪. କେଳି, ୪୫. ଖୁଦୁପିଡା, ୪୬. ମଣ୍ଡା, ୪୭. ଖୁରୁମା, ୪୮. ସୁଆରୀପିଠା, ୪୯. ଥାଳି ଅନ୍ନ

ପଞ୍ଚମ ଭୋଗ-ବିଡ଼ସିଂହାର - ୫୦. ପାଞ୍ଚପଟିଆ ବିରିପିଠା, ୫୧. ଗଜା, ୫୨. ମିଠା ପଖାଳ, ୫୩. ସୁଗନ୍ଧି ପଖାଳ, ୫୪. ପାରିଜାତକ, ୫୫. ଦହି ପଖାଳ, ୫୬. ଚଢ଼େଇ ନେଦା, ପରଖ ଘୃତ ।

ଏହିପରି ୫୬ ଭୋଗ ଦୈନନ୍ଦିନ କ୍ରମ ଅନୁସାରେ ବିଭିନ୍ନ ଭୋଗ ସମୟରେ ଲାଗିଥାଏ । ଏହାକୁ ଛପନ ଭୋଗ କୁହାଯାଏ । ଏହାବ୍ୟତୀତ ଭୋଗ ମଣ୍ଡପ ଭୋଗ ସ୍ୱତନ୍ତ୍ର ଅଟେ ଓ ବିଶେଷ ପର୍ବପର୍ବାଣି ଉତ୍ସବରେ ମଧ୍ୟ ସ୍ୱତନ୍ତ୍ର ଭୋଗ ଲାଗିଥାଏ ।

**୩. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ବେଶ ଓ ବାର୍ଷିକ ବେଶଗୁଡ଼ିକ କ'ଣ ?**

ଶ୍ରୀଜଗନ୍ନାଥ ଆଦି ଚତୁର୍ଦ୍ଧା ବିଗ୍ରହଙ୍କର ଦୈନନ୍ଦିନ ପାଞ୍ଚଥର ବେଶ ଲାଗି ହୁଅନ୍ତି, ଯଥା- ୧. ତଡ଼ପଉତରୀ ଅବକାଶ ବେଶ, ୨. ଅବକାଶ ପରେ ପାଟଲୁଗା, ମାଳଫୁଲ, ଅଳଙ୍କାର । ଏହି ବେଶରେ ସକାଳ ପୂଜା ଅନୁଷ୍ଠିତ ହୁଏ । ୩. ପାଟ ଫୁଲମାଳ ଲାଗି ହୋଇ ଏହି ବେଶରେ ମଧାହ୍ନ ଭୋଗ ହୁଏ । ୪. ବସ୍ତ୍ର, ମାଳ, ଫୁଲ, ଲାଗି ହୋଇ ସନ୍ଧ୍ୟା ଆଳତୀ ଓ ସନ୍ଧ୍ୟା ଧୂପ ହୁଏ । ୫. ବଡ଼ଶୃଙ୍ଗାର ବେଶରେ ପହୁଡ଼ ହୁଅନ୍ତି ।

ଦୈନନ୍ଦିନ ବେଶକୁ ଛାଡ଼ି ଶ୍ରୀଜୀଉଙ୍କର ବର୍ଷ ତମାମ ଅନେକ ବେଶରେ ପ୍ରଭୁ ଶୃଙ୍ଗାର ହୁଅନ୍ତି, ଯଥା-

୧. ଚନ୍ଦନ ଲାଗି ବେଶ - ଏହି ବେଶ ବୈଶାଖ ଶୁକ୍ଳ ତୃତୀୟାଠାରୁ ୪୨ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ ।

୨. ହାତୀ ବେଶ - ସ୍ନାନ ମଣ୍ଡପ ଉପରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ।

୩. ସୁନା ବେଶ - ଆଷାଢ଼ ଶୁକ୍ଳ ଏକାଦଶୀ ରଥ ଉପରେ ।

୪. ବଣଭୋଜି ବେଶ - ଭାଦ୍ରବ କୃଷ୍ଣ ଦଶମୀ ।

୫. କାଳୀୟଦଳନ ବେଶ - ଭାଦ୍ରବ କୃଷ୍ଣ ଏକାଦଶୀ ।

୬. ପ୍ରଳମ୍ବାବଧ ବେଶ - ଭାଦ୍ରବ କୃଷ୍ଣ ଦ୍ୱାଦଶୀ ।

୭. କୃଷ୍ଣ ବଳରାମ ବେଶ - ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ।

୮. ବଳିବାମନ ବେଶ - ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ।

୯. ସୁନା ବେଶ - ଆଶ୍ୱିନ ଶୁକ୍ଳ ଦଶମୀ ।

୧୦. ରାଧାଦାମୋଦର ବେଶ - ଆଶ୍ୱିନ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ।

୧୧. ଠିଆକିଆ ବେଶ - କାର୍ତ୍ତିକ ଶୁକ୍ଳ ଏକାଦଶୀ ।

୧୨. ବାଙ୍କଚୂଡ଼ା ବେଶ - କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ।

୧୩. ଆଡ଼କିଆ ବେଶ - କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ।

୧୪. ଡାଳିକିଆ ବେଶ - କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ।

୧୫. ରାଜ ରାଜେଶ୍ୱର ବେଶ - କାର୍ତ୍ତିକ ପୂର୍ଣ୍ଣିମା ।

୧୬. ନାଗାର୍ଜୁନ ବେଶ - କାର୍ତ୍ତିକ ପଞ୍ଚୁକ ୬ ଦିନ ପଡ଼ିଲେ ଏହି ବେଶ ହୋଇଥାଏ ।

୧୭. ଘୋଡ଼ ଲାଗି - ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ମାଘ ଶୁକ୍ଳ ଚତୁର୍ଥୀ ପର୍ଯ୍ୟନ୍ତ ।

୧୮. ପୁଷ୍ୟାଭିଷେକ ବେଶ - ପୌଷ ପୂର୍ଣ୍ଣିମା ।

୧୯. ମକର ଚୌରାଶି ବେଶ - ମକର ସଂକ୍ରାନ୍ତି ପୂର୍ବଦିନ ।

୨୦. ମକର ଚୂଳ ଲାଗି ବେଶ - ମକର ସଂକ୍ରାନ୍ତି ।

୨୧. ପଦ୍ମବେଶ - ବସନ୍ତ ପଞ୍ଚମୀର ପୂର୍ବ ବୁଧବାର ବା ଶନିବାର ହୋଇଥାଏ ।

୨୨. ଗଜ ଉଧାରଣ ବେଶ - ମାଘ ପୂର୍ଣ୍ଣିମା ।

୨୩. ଚାଚେରୀ ବେଶ - ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ।

୨୪. ସୁନା ବେଶ - ଦୋଳ ପୂର୍ଣ୍ଣିମା ।

୨୫. ସେନାପଟା ଲାଗି ବେଶ - ମହାପ୍ରଭୁଙ୍କର ପହଣ୍ଡି ବିଜେ ସମୟର ବେଶ ।

ଏହିପରି ଭାବରେ ମହାପ୍ରଭୁଙ୍କର ଏହି ବେଶମାନ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଅଛି । ଏତଦ୍‌ବ୍ୟତୀତ ରଘୁନାଥ ବେଶ ଯାହାକି ଅତ୍ୟନ୍ତ ଆଡ଼ମ୍ବର ପୂର୍ଣ୍ଣ ବେଶ ଅଟେ, ତାହା ହୋଇପାରୁ ନାହିଁ । ପ୍ରଭୁ ଚାହିଁଲେ ନିଶ୍ଚୟ ହେବ ।

**୪. ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ନା ଅବତାର ?**

ବ୍ରହ୍ମ ଅବତାରୀ, ତାଙ୍କର ଅଂଶରୁ ସୃଷ୍ଟ ଅବତାର ପୁରୁଷ । ବ୍ରହ୍ମ ନିର୍ଗୁଣ, ଅବତାରଗଣ ସଗୁଣ । ତେବେ ପ୍ରଶ୍ନ ଉଠେ ନିର୍ଗୁଣ ଓ ସଗୁଣ ମଧ୍ୟରେ କିଛି ଅଛି ନା ନିର୍ଗୁଣ ତୁରନ୍ତ ସଗୁଣ ହୋଇଗଲେ ? ପ୍ରଥମେ ଅନୁଭୂତି ମାଧ୍ୟମରେ ବ୍ରହ୍ମ ଅନୁଭବରେ ଆସୁଥିଲେ, ତେଣୁ ସେ ନିର୍ଗୁଣ ଥିଲେ । ଅନୁଭୂତିକୁ ଯେତେବେଳେ ଋଷିଗଣ ସଙ୍କେତ ମାଧ୍ୟମରେ ସୂଚୀତ କରାଇଲେ, ତାହା ପ୍ରତୀକ ହେଲା । ତାଙ୍କୁ ପରେ ରୂପ ଦିଆଗଲା । ତେଣୁ ବ୍ରହ୍ମ ନିର୍ଗୁଣ, ତାହା ପ୍ରତୀକବାଦ, ପରେ ରୂପବାଦ ହେଲା । ନିର୍ଗୁଣ ଓ ରୂପବାଦ ମଝିରେ ଥିବା ଅବସ୍ଥାର ଏହି ମୂର୍ତ୍ତିମାନେ କେତେ ପ୍ରାଚୀନ ଜାଣୁଥିବେ ।

ନୀଳମଣି ପୁରାଣରେ ପରିଷ୍କାର ଇନ୍ଦ୍ରଦ୍ୟୁମ୍ନଙ୍କୁ ବ୍ରହ୍ମା କହିଛନ୍ତି -

ନିର୍ଗୁଣ ପ୍ରଣବ ବ୍ରହ୍ମଂ ନିର୍ବିକଳ୍ପ ନିରଞ୍ଜନଂ
ଦ୍ୱିତୀୟ ପ୍ରତୀକାଭାସ ପାବକ ପୁରୁଷୋତ୍ତମଂ
ସର୍ଗୁଣ ଦେବତାସର୍ବେ ନରଲକ୍ଷଣଲାଞ୍ଛିତମ୍
ଶୂନ୍ୟାଦୌଚ ପରାଭାସ ଚାନ୍ତେରୂପ ପ୍ରଚୋଦିତଃ ।

ତେଣୁ ଜଗନ୍ନାଥ ବ୍ରହ୍ମଙ୍କର ଦ୍ୱିତୀୟସ୍ତର ଅବତାରୀ, ଅବତାର ଏହାଙ୍କର ପରବର୍ତ୍ତୀ କ୍ରମ ଅଟେ ।

ତେଣୁ ଜଗନ୍ନାଥଙ୍କ ମନ୍ଦିରରେ ଜଗନ୍ନାଥଙ୍କ ପ୍ରସାଦମାଳା ଲାଭ କଲେ ନୃସିଂହ, ରାମ, ବାମନ, କୃଷ୍ଣ ସେହି ସେହି ନାମରେ ଜନ୍ମ ମଣ୍ଡପକୁ ଯାଆନ୍ତି । ଏହି କାରଣରୁ ପରବର୍ତ୍ତୀ କାଳରେ ନିର୍ଗୁଣ ବ୍ରହ୍ମକୁ ନାନା ବେଶରେ ସଜାଇ ସେ ଅବତାରୀ ଓ ଅବତାରର ରୂପ ଗ୍ରହଣ କରନ୍ତି ଏହା ପ୍ରମାଣ କରାଯାଇଛି, ବେଶର ପ୍ରଚଳନ ଦ୍ୱାରା ।

**୫. ଏଠାରେ ଶକ୍ତି ନ ରହି ଭଉଣୀ କାହିଁକି ପୂଜା ହେଲେ ?**

ଏହା ଏକ ପ୍ରାଚୀନତମ ପଦ୍ଧତି । ପରେ ପତିପତ୍ନୀ ପୁରୁଷ ପ୍ରକୃତି ରୂପରେ ପୂଜା ହେଲେ । ପ୍ରଥମେ ନିର୍ଗୁଣ ବ୍ରହ୍ମ ନାରାୟଣ ଥିଲେ । ତାଙ୍କର ଇଚ୍ଛାହେଲା ସେ ଏକରୁ ବହୁ ହେବେ । ତତ୍‌କ୍ଷଣାତ୍ ହିରଣ୍ୟଗର୍ଭ ନାରାୟଣଙ୍କ ନାଭିରୁ ଶକ୍ତିରୂପକ ନାଳଯୁକ୍ତ ପଦ୍ମ ବାହାରିଲା । ସେ ପଦ୍ମରୁ ପ୍ରଥମ ଜୀବ ବ୍ରହ୍ମା ପ୍ରଜାପତି ଓ ମନୁ ଜାତ ହେଲେ । ତାଙ୍କଠାରୁ ଜଗତ ସମ୍ଭବ ହେଲା । ଏହା ଆର୍ଯ୍ୟଙ୍କର ସୃଷ୍ଟିତତ୍ତ୍ୱ । ତାହାହେଲେ ସେତେବେଳେ କେତେଗୋଟି ବସ୍ତୁ ଥିଲେ ? ଉତ୍ତର ହେବ ୨ ଗୋଟି ପୁରୁଷ - ବ୍ରହ୍ମ, କାଳରୂପିଣୀ ଶକ୍ତି ଓ ପୁରୁଷ ପ୍ରଜାପତି ଜୀବ ତେବେ ବ୍ରହ୍ମମାୟା ଓ ଜୀବ ମୂର୍ତ୍ତି ପ୍ରଥମେ ପୂଜନୀୟ ଥିଲେ । ତାହାହେଲେ ବ୍ରହ୍ମାଙ୍କ ସହଜାତା ଭଗିନୀ ମାୟା ହିଁ ସୃଷ୍ଟିର ପ୍ରଥମା ଶକ୍ତି ସେ ଏହି ପ୍ରାଚୀନ ମତରେ ସୁଭଦ୍ରା ଯୋଗମାୟା ରୂପରେ ଅଛନ୍ତି । ତାଙ୍କୁ ପରବର୍ତ୍ତୀ କାଳରେ ଦୁର୍ଗା, ଲକ୍ଷ୍ମୀ, ଏକାଂଶା କୁହାଯାଇଛି । ମାତ୍ର ପ୍ରାଚୀନ ମତରେ ସେ ବ୍ରହ୍ମଙ୍କ ସହ ଜାତ ମାଆ ଅଟନ୍ତି ।

ତ୍ୱଂ ସର୍ବଲୋକ ଜନନୀ ବିଷ୍ଣୁମାୟା ତପସ୍ୱିନୀ
ସୁଭଦ୍ରା ଭଦ୍ରରୂପାତ୍ୱା ମୂଳଭୂତା ନମାମ୍ୟହମ୍ ।
ସ୍କନ୍ଦପୁରାଣ 'ଉ' ଖଣ୍ଡେ ୩୦/୬୧

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୁରୀ

# ମହାପ୍ରସାଦ ଚେତନାରେ ମହନୀୟ ମହାବାକ୍ୟ



ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର

## ଆବାହନୀ

ଭାରତବର୍ଷରେ ସନାତନ ଧାରାରେ ଦେବଦେବୀଙ୍କର ପ୍ରସାଦକୁ ନେଇ ଯେଉଁ ପ୍ରସିଦ୍ଧି ରହିଛି, ସେଥିମଧ୍ୟରେ ଶ୍ରୀଜଗନ୍ନାଥଙ୍କର ପ୍ରସାଦର ମହତ୍ୱ ସର୍ବଶ୍ରେଷ୍ଠ । ମହାପ୍ରଭୁଙ୍କର ପ୍ରସାଦର ପ୍ରଶସ୍ତି ଯେଉଁପରି ସଂସ୍କୃତ ଭାଷାର ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ହୋଇଥିବାର ଦେଖିବାକୁ ମିଳେ, ସେହିପରି ଅନ୍ୟ ଦେବଦେବୀଙ୍କ ପ୍ରସାଦର ପ୍ରଶସ୍ତି ମିଳେ ନାହିଁ ।

ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନପାନାଦିକଞ୍ଚ ଯତ୍ ।
ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦ୍‌ଭକ୍ଷଣେ ଦ୍ୱିଜଃ ॥
ବ୍ରହ୍ମ ବିନିର୍ବିକାର ହି ଯଥା ବ୍ରହ୍ମ ତଥୈବ ତତ୍ ।
ବିକାରଂ ଯେ ପ୍ରକୁର୍ବନ୍ତି ଭକ୍ଷଣେ ତୁ ଦ୍ୱିଜାତୟଃ ॥'
(ବୃହଦ୍‌ବିଷ୍ଣୁ ପୁରାଣେ)

ଶ୍ରୀଜଗନ୍ନାଥଙ୍କ ପ୍ରସାଦର ନାମକରଣରେ ଅନେକ ଦାର୍ଶନିକ ରହସ୍ୟ ଲୁକ୍କାୟିତ ରହିଛି । ତାହା କୈବଲ୍ୟ ହେଉ, ନିର୍ମାଲ୍ୟ ହେଉ, ମହାପ୍ରସାଦ ହେଉ ଅଥବା ଅବଢ଼ା ହେଉ ସବୁଥିରେ କିଛି ନା କିଛି ଆଧ୍ୟାତ୍ମ ରହସ୍ୟ ସନ୍ନିବେଶିତ ରହିଛି । ନିର୍ମାଲ୍ୟ ଏବଂ କୈବଲ୍ୟ ତନ୍ତ୍ରଚେତନାର କର୍ମକାଣ୍ଡ ବିଜ୍ଞାନର ପ୍ରାୟୋଗିକ ପ୍ରକ୍ରିୟାର ସଫଳ ପରିପ୍ରକାଶ ହୋଇଥିବାବେଳେ, ମହାପ୍ରସାଦ ଆଚାର ପର୍ଯ୍ୟାୟର ଗୂଢ଼ତମ ସାରନିର୍ଯ୍ୟାସର ସଫଳ ବିନ୍ଦୁ । ଶାନ୍ତିମାର୍ଗରେ ଆଗେଇବାକୁ ହେଲେ ଏହା ଏକ ମାଇଲଖୁଣ୍ଟ । ଯେଉଁଠି ଛୁଆଁଅଛୁଆଁ ଭାବ ସଂକ୍ରମଣ କରିବାର ଅବକାଶ ନଥାଏ । ବିବେଚନା କରିବା ତ ଦୂରର କଥା ।

ନାସ୍ତି ତତ୍ରୈବ ରାଜେନ୍ଦ୍ର ସ୍ପୃଷ୍ଟାସ୍ପୃଷ୍ଟବିବେଚନମ୍ ।
ଯସ୍ୟ ସଂସ୍ପୃଷ୍ଟମାତ୍ରେଣ ଯାନ୍ତ୍ୟମେଧ୍ୟାଃ ପବିତ୍ରତାମ୍ ॥
(ରୁଦ୍ରଯାମଳେ)

## ନିର୍ବିକାର ତତ୍ତ୍ୱ

ସ୍କନ୍ଦ ପୁରାଣରେ ନିର୍ମାଲ୍ୟକୁ ସାକ୍ଷାତ 'ବିଷ୍ଣୁ' ଭାବରେ ଗ୍ରହଣ କରାଯିବାର ପଶ୍ଚାତ୍ ଭାଗରେ ଉପରୋକ୍ତ ଛୁଆଁ ଭାବର ମନୋବିଜ୍ଞାନ ଅନ୍ତର୍ନିହିତ ଥିଲା ପରି ମନେହୁଏ ।

ବିଷ୍ଣ୍ୱାଳୟଗତଂ ତଦ୍ଧି ନିର୍ମାଲ୍ୟଂ ପ୍ରତିପାଦୟଃ ।
ସ୍ପୃଶନ୍ତି ଚେନ୍ନ ଦୁଷ୍ଟଂ ତତ୍ ଯଥା ବିଷ୍ଣୁସ୍ତଥୈବ ତତ୍ ॥
(୨.୨.୩୮.୬)

ପୁନଃ - ନୈବେଦ୍ୟଂ ବାସୁଦେବସ୍ୟ ମହାଭୟ ନିବାରଣମ୍ ॥
(ବ୍ରହ୍ମବୈବର୍ତ୍ତେ)

ମହାଭୟ ନିବାରଣ ନହେଲେ ଶାନ୍ତିମାର୍ଗର ମାଇଲ ଖୁଣ୍ଟ ଅତିକ୍ରମ କରିବା ଅଧ୍ୟାତ୍ମ ରାଜ୍ୟରେ ଅସମ୍ଭବ । ଭୟ ହିଁ ଶାନ୍ତିର ବାଧକ । ତେଣୁ ଭୟ ନିବାରଣ ପାଇଁ ନିର୍ବିକାର ପ୍ରୟୋଜନ । ନିର୍ବିକାରୀ ଲୋକର କାହାରିକୁ ଭୟ ନଥାଏ । ନିର୍ବିକାରୀ ହେବା ପାଇଁ ଶ୍ରୀଜଗନ୍ନାଥ ଚେତନାରେ ନିର୍ମାଲ୍ୟ ଓ କୈବଲ୍ୟ ତତ୍ତ୍ୱର ଅବତାରଣା । କଠିନ 'ଯୋଗ' ଏବଂ ଅସମ୍ଭବ ତପସ୍ୟାରେ ବ୍ୟକ୍ତିଟିଏ ନିର୍ଭୟ ହେଉଥିବା ବେଳେ 'ନିର୍ମାଲ୍ୟ' ଚେତନା ସରଳ ଉପାୟରେ ଭକ୍ତଟିକୁ ନିର୍ଭୟ କରି ଦେଇଥାଏ ।

'ଅବଢ଼ା' ଶବ୍ଦ ମାନବିକ ଚେତନାର ସର୍ବଧର୍ମ ସମନ୍ୱୟର ସହାବସ୍ଥାନ ଭିତ୍ତିକ ମୂଲ୍ୟବୋଧର ପ୍ରତୀକାତ୍ମକ ବ୍ୟବସ୍ଥା । ଯାହା 'ବଢ଼ା' ଯାଏ ନାହିଁ । ଜାତିବର୍ଣ୍ଣ ନିର୍ବିଶେଷରେ ଗୋଟିଏ ପାତ୍ର (କୁଡ଼ିଆ)ରୁ ନିର୍ବିକାର ଭାବରେ ଖାଇବାର ବ୍ୟବସ୍ଥା । ଚତୁର୍ବର୍ଗଯୋଗୀଶ୍ୱରରେ ଏହା ଭଗବାନଙ୍କର ବାକ୍ୟ ବୋଲି ଉଲ୍ଲେଖ ରହିଛି ।

ନାଭିମାନଂ ପ୍ରକୁର୍ବୀରନ୍ ନିର୍ମାଲ୍ୟସ୍ୟୈବ ଭକ୍ଷଣେ ।
ଭକ୍ତ୍ୟା ଲୋଭାଦ୍ କୌତୁବାଦ୍ ବା କ୍ଷୁଧାସଂଯମନେ଼ପି ବା ॥
(ସ୍କ.ପୁ.- ୨.୨.୩୮.୯)

ଯଜ୍ଞାନ୍ନଂ ପଚତେ ଲକ୍ଷ୍ମୀ ଭୁଙ୍କ୍ତେ ଚ ପୁରୁଷୋତ୍ତମଃ ।
ତତ୍ତୁ ଯତ୍ନେନ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା ॥
(ଚତୁର୍ବର୍ଗଯୋଗୀଶ୍ୱରେ)

### ଭାବଗତ ଏକତା

ଯେପରି ସହାବସ୍ଥାନଭିତ୍ତିକ ସହଭୋଜନ ବା ଗଣ-ଭୋଜନ ପରମ୍ପରା ପୃଥିବୀରେ ବିରଳ । ବୈଦିକ ଚେତନାଠାରୁ ଏହା ମଧ୍ୟ ଏକ ବିକାଶ ପ୍ରକ୍ରିୟାର ଚରମ ନିଦର୍ଶନ । ସମ୍ମିଳିତ ଭାବରେ ଖାଇବା ବ୍ୟବସ୍ଥା ବୈଦିକ କାଳରୁ ରହିଥିବାସ୍ଥଳେ, ଗୋଟିଏ ପାତ୍ରରୁ ସମ୍ମିଳିତ ଭାବେ ଖାଇବାର ପରମ୍ପରା ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ନିଦର୍ଶନ । ଗୋଟିଏ ପାତ୍ରରେ ଥିବା ମହାପ୍ରସାଦକୁ ଯେତେବେଳେ ୫ରୁ ୧୦ଟି ହାତ ପଶି ଅମୃତପରି ନେଇ ଚାଟି ଚୁଟି ଖାଇବାର ପ୍ରକ୍ରିୟା ଚାଲୁ ରହେ, ସେତେବେଳେ ଖାଉଥିବା ବ୍ୟକ୍ତିମାନଙ୍କର ମାନସିକ ଅବସ୍ଥାର ଏକୀକରଣ ଚେତନାକୁ ଲକ୍ଷ୍ୟ କରିବା କଥା । ଆନନ୍ଦ ଓ ପ୍ରଶାନ୍ତିର କମ୍ପନ ବା ସ୍ପନ୍ଦନ ମନରେ ଏକୀଭୂତ ନହେଲେ ଭାବଗତ ଏକତ୍ରୀକରଣ ସମ୍ଭବ କି ! ଭାବଗତ ଏକତ୍ରୀକରଣ ହେଉଛି ଆମର ସନାତନୀୟ ପରମ୍ପରା । ମହାପ୍ରଭୁ ନିଜେ ସନାତନ । ତାଙ୍କ ପ୍ରସାଦ ମହାପ୍ରସାଦ ହୋଇଯିବା ପରେ ସନାତନ ହେବା ସ୍ୱାଭାବିକ ।

ଦାରବଂ ବପୁରାସ୍ଥାୟ ଭୋକ୍ତା ଜ୍ଞେୟଃ ସନାତନଃ ।
ନିବେଦିତାନ୍ନଂ ତଦ୍‌ବିଷ୍ଣୋର୍ଭୁଞ୍ଜତେ ଯେ ମୁଦାନ୍ୱିତାଃ ।।
(ରୁଦ୍ରଯାମଳେ)

ଶ୍ରୀଜଗନ୍ନାଥ ଉପାସନା ପରମ୍ପରା ସମ୍ବଳିତ ସମସ୍ତ ଶାସ୍ତ୍ରରେ ତାହା ହିଁ ପ୍ରତିପାଦିତ ହୋଇଅଛି । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ଅବଲୋକନ କଲେ ଜଣାଯାଉଛି ପ୍ରତିଟି କ୍ଷେତ୍ରରେ କିଛି ନା କିଛି ମହତ୍ୱପୂର୍ଣ୍ଣ ଚିନ୍ତାଧାରା ରହିଅଛି । ପ୍ରସାଦର ପ୍ରକାରଭେଦ ହେଉ, ପ୍ରସାଦର ପରିମାଣ ହେଉ, ପ୍ରସାଦର ପ୍ରସ୍ତୁତି ପ୍ରକ୍ରିୟା ହେଉ କିମ୍ବା ପ୍ରସାଦର ଅର୍ପଣ ବ୍ୟବସ୍ଥା ହେଉ, ସବୁଥିରେ କିଛି ନା କିଛି ମାନବିକ ମୂଲ୍ୟବୋଧର ଗୁରୁତ୍ୱ ରହିଛି । ମୁଡ଼ଫରକା କହି ଗୋଟିଏ ବିଭାବକୁ ଆଡ଼େଇ ଦେବା ସମ୍ଭବ ନୁହେଁ ।

### 'ମୁକ୍ତି'ର ଆବାହନୀ

ପ୍ରସାଦ ଦାନର ମହତ୍ୱ କେତୋଟି ଚେତନା ସମ୍ମିଳିତ । ଶାସ୍ତ୍ରରେ କୁହାଯାଏ 'ନିର୍ମାଲ୍ୟ' ଦାନରେ ଭକ୍ତି ଚେତନାର ଉଦ୍‌ଭବ ହୁଏ । ଭକ୍ତିରୁ ବିଜ୍ଞାନପ୍ରାପ୍ତି । ବିଜ୍ଞାନରୁ ମୁକ୍ତି ପ୍ରାପ୍ତି ବୋଲି ମହର୍ଷି ବଶିଷ୍ଠ 'ତତ୍ତ୍ୱଯାମଳ' ଗ୍ରନ୍ଥରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଧନାତତ୍ତ୍ୱର ସରଳ ଉପାୟଟି ବତାଇ ଦେଇଥିଲେ ।

ନିର୍ମାଲ୍ୟଦାନାତ୍ ପାପାନି କ୍ଷୟଂ ଯାନ୍ତି ନୃପୋତ୍ତମ ।
ଭକ୍ତିରୁତ୍‌ପଦ୍ୟତେ ପାପକ୍ଷୟାର୍ଦବ୍ୟଭିଚାରିଣୀ ।।
ଭକ୍ତ୍ୟା ବିଜ୍ଞାନମାପ୍ନୋତି ଜ୍ଞାନାନ୍ମୁକ୍ତିରବାପ୍ୟତେ ।
ତସ୍ମାଦ୍ ଯତ୍ନେନ ନିର୍ମାଲ୍ୟଦାନଂ ଦଦ୍ୟାଦ୍ ଦ୍ୱିଜାତୟେ ।।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ବିଭିନ୍ନତ୍ୱ ମଧ୍ୟରେ ଏକତ୍ୱ ଯେପରି ଲକ୍ଷ୍ୟ କରାଯାଏ, ମହାପ୍ରଭୁ ପ୍ରସାଦ ବ୍ୟବସ୍ଥାରେ ଠିକ୍ ସେହିପରି ବହୁ ବୈଚିତ୍ର ମଧ୍ୟରେ 'ମୁକ୍ତି'ର ଆବାହନୀ କରାଯାଏ । ତାହା ହିଁ ରୁଦ୍ରଯାମଳ ତନ୍ତ୍ରରେ ପ୍ରତିପାଦନ ହୋଇଛି -

ଯଦନ୍ନଂ ହରୟେ ଦତ୍ତଂ ଧୂପକାଳେ ମହେଶ୍ୱରୀ ।
ତଦନ୍ନ ଭକ୍ଷଣାନ୍ ମୁକ୍ତିଂ ମନେ କରଗତାଂ ନୃଣାମ୍ ।।

* * * * *

ଧୂପତ୍ରୟେ[illegible] ହରୟେ ଯଦନ୍ନମୁପପାଦିତମ୍ ।
ତଦନ୍ନମମୃତଂ ଜ୍ଞେୟଂ ତଦ୍‌ଭକ୍ତ୍ୟା ମୁକ୍ତିମାପ୍ନୁୟାତ୍ ।।

'ମୁକ୍ତି'ର ପଟ୍ଟଭୂମିରେ ମହାପ୍ରସାଦର 'ଦୂଷଣ'ତ୍ୱ ଗ୍ରହଣୀୟ ହୁଏ ନାହିଁ । ଏହା କେବଳ ଭକ୍ତିଭାବର କଥା ନୁହେଁ । ବାସ୍ତବରେ ମହାପ୍ରସାଦ ସେବା କରି କେହି କେବେ ରୋଗାକ୍ରାନ୍ତ ହୁଏ ନାହିଁ । ଖାଦ୍ୟ ବିଷାକ୍ତ ହୋଇ କେହି କେବେ ତଦ୍‌ଗତ ଅସୁସ୍ଥ ହେବାର ଜଣାଯାଏ ନାହିଁ । କିଛି ଯଦି ପାର୍ଶ୍ୱପ୍ରତିକ୍ରିୟା ହୁଏ ତାହା ଉତ୍ତରାର୍ଦ୍ଧ (କ୍ଷୀରା, ଛେନା, ରସାବଳୀ, କ୍ଷୀରସାଗର) ଜନିତ । ମହାପ୍ରସାଦଜନିତ ନୁହେଁ । ଏହା ଆଜିର କଥା ନୁହେଁ । ଶହ ଶହ ବର୍ଷ ପୂର୍ବରୁ ମୁନି, ଋଷି, ସାଧୁସନ୍ଥଙ୍କର କଥା । ପାକସଂସ୍କାର ଜନ୍ୟ କ୍ରିୟା ଏବଂ ତନ୍ମଧ୍ୟରେ ମହାଲକ୍ଷ୍ମୀ ଚେତନାର ସମ୍ମିଶ୍ରଣ ଉଭୟ ମହାପ୍ରସାଦକୁ କାୟିକ, ବାଚିକ ଓ ମାନସିକ ସ୍ତରରେ ପବିତ୍ର କରିଥାଏ । ତାହା ମହର୍ଷି ବ୍ୟାସଦେବ ପ୍ରଥମେ ଘୋଷଣା କରିଥିଲେ -

ପାକ ସଂସ୍କାର କର୍ତ୍ତୃଣାଂ ସମ୍ପର୍କାତ୍ତନ୍ନ ଦୁଷ୍ୟତି ।
ପଦ୍ମାୟାଃ ସନ୍ନିଧାନେନ ସର୍ବେ ତେ ଶୁଚୟଃ ସ୍ମୃତାଃ ।।
(ସ୍କ.ପୁ. - ୨.୨.୩୮.୫)

### ମହନୀୟ ମହାବାକ୍ୟ

ମହାପ୍ରସାଦ ଭକ୍ଷଣରେ କାଳେ 'ଦୂଷଣ'କୁ ନେଇ କୌଣସି ମାନସିକ ବିକାର ରହିଯିବ, ସେଥିପାଇଁ 'ଚତୁର୍ବର୍ଗ ଯୋଗୀଶ୍ୱର'ରେ ଏକ ମନୋ ବୈଜ୍ଞାନିକ ଦିଗର ସୂଚନା ଦିଆଯାଇଛି । ମାନସିକ ବିକାର ରହିବା ସ୍ୱାଭାବିକ । କାରଣ ସମସ୍ତେ ବନ୍ଧୁ ମହାନ୍ତି କିମ୍ବା ଦାସିଆ ବାଉରୀ ଚେତନା ସ୍ତରକୁ ପ୍ରବେଶ କରିପାରିବେ ନାହିଁ । ତେଣୁ କୁହାଯାଇଛି - 'ଯଜ୍ଞାନ୍ନଂ ପାଚୟେଦ୍ ଲକ୍ଷ୍ମୀର୍ଭୋକ୍ତାଚ ପୁରୁଷୋତ୍ତମଃ' ମା' ଲକ୍ଷ୍ମୀ ଯେଉଁଠି ରାନ୍ଧୁଛନ୍ତି ଏବଂ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ଯାହାକୁ ଗ୍ରହଣ କରୁଛନ୍ତି ତା'ମଧ୍ୟରେ 'ଦୂଷଣତ୍ୱ' ଆସିବ କେଉଁଠୁ ?

ଏହାମଧ୍ୟ କୌଣସି ଭାବପ୍ରବଣତାର କଥା ନୁହେଁ । ଭାବପ୍ରବଣ ହୋଇ ଯେ ଆମେ ଏହା ଉଲ୍ଲେଖ କରୁଛୁ ତାହା ବି ନୁହେଁ । ମହାପ୍ରଭୁଙ୍କ 'ପାକ' ପ୍ରସ୍ତୁତ କରୁଥିବା ଯେ କୌଣସି ସେବାୟତଙ୍କୁ ପଚାରିଲେ

ତା'ର ଉତ୍ତର ସହଜରେ ମିଳିଯିବ । ସେମାନଙ୍କର ସ୍ପଷ୍ଟ ମନ୍ତବ୍ୟ 'ଆମେ ଆମ କାର୍ଯ୍ୟ କରୁଛୁ, ରୋଷେଇ କେମିତି ହେଉଛି କିଏ କରୁଛି ଆମେ କହିପାରିବୁ ନାହିଁ । ସବୁ ମା'ଙ୍କ ଇଚ୍ଛା ।' କାରଣ ଗୋଟିଏ ଦ୍ରବ୍ୟ ରନ୍ଧନ ପାଇଁ ଜଣେ ଲାଗନ୍ତି ନାହିଁ । 'ଗଣ' ଲାଗନ୍ତି । ଅନ୍ନ ପ୍ରସ୍ତୁତକାରୀ 'ଡାଲି' କରେ ନାହିଁ, କିମ୍ବା ବେସର ପ୍ରସ୍ତୁତକାରୀ 'ଅନ୍ନ' ପ୍ରସ୍ତୁତ କରେ ନାହିଁ । ଯେକୌଣସି ଜିଜ୍ଞାସୁ ଯେ ଅନୁଭବର କଥାକୁ ପରୀକ୍ଷା କରିପାରନ୍ତି । କାର୍ପଣ୍ୟ ନାହିଁ ।

ସେହିପରି 'ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଗ୍ରହଣ କରୁଛନ୍ତି' ଯେ କଥା ଭକ୍ତି ପ୍ରାବଲ୍ୟର ବଚନିକା ନୁହେଁ । ଗୋଟିଏ ଉଦାହରଣ ଏଥିପାଇଁ ଯଥେଷ୍ଟ । ରୋଷଶାଳାରୁ ଭୋଗପାଇଁ ମହାପ୍ରସାଦ ଯାଏ । ଗଲାବେଳର ଦୃଶ୍ୟ ଅନେକ ଦେଖିଥିବେ । ଭୋଗ 'ମାରା' ହୋଇଯିବ ସେଥିପାଇଁ ଅପେକ୍ଷା ବି କରିଥିବେ । ଭୋଗ ବୁହାହେଲା ବେଳେ ୪/୬ ଫୁଟ ଦୂରରେ ବି ରହିଥିବେ । କିନ୍ତୁ ଭୋଗ ସରିବାପରେ ମହାପ୍ରସାଦର ଯେଉଁ ମହ ମହ ବାସ୍ନା ତାହା ଭୋଗ ବୁହାବେଳେ ଅନୁଭବ କରିଥିବେ କି ? ଚାରି/ଛଅ ଫୁଟ ଦୂରରେ ରହି ଅନୁଭବ ହେଲା ନାହିଁ ମାତ୍ର କୌଣସି ଯାନରେ କିମ୍ବା ବ୍ୟକ୍ତିବିଶେଷ ବଡ଼ଦାଣ୍ଡରେ ଭୋଗ ପରେ ମହାପ୍ରସାଦ ନେଇ ଯାଉଥିବାବେଳେ ୩୦/୪୦ ଫୁଟ ଦୂରକୁ ମହ ମହ ବାସ୍ନା ଆଚ୍ଛାଦନ କରେ । ମହାପ୍ରଭୁ ତ ଗ୍ରହଣ କଲେ ନାହିଁ ଯେ ମହ ମହ ବାସ୍ନାରେ ମହାପ୍ରସାଦ ରୂପାନ୍ତରିତ ହେଲା କିପରି ?

ରୂପାନ୍ତରିତ ରୂପକଳ୍ପରେ ଘଟାନ୍ତର ପ୍ରକ୍ରିୟାର ପରିସମାପ୍ତି ଅବିସମ୍ବାଦିତ । ଆମକୁ ଚେତେଇ ଦିଆଯାଇଛି । ବତେଇ ଦିଆଯାଇଛି । ଦେଖେଇ ଦିଆଯାଇଛି । ମୁକ୍ତିର ରାସ୍ତା ଖୋଲି ଦିଆଯାଇଛି । କେବଳ ଆପଣେଇ ନେବା କଥା । ଗରୁଡ଼ ମହାପୁରାଣର ମହର୍ଷି ବ୍ୟାସଙ୍କ ବଚନ 'ପ୍ରାପ୍ତିମାତ୍ରେଣ ଭୁଂଜୀୟାତ୍ ... ଆମର ତ ମହାବାକ୍ୟ ... !!'

**ବି.ଦ୍ର.** - ଶ୍ଳୋକ ସହାୟତା 'ମୁକ୍ତି ଚିନ୍ତାମଣିଃ' ଗ୍ରନ୍ଥ ।

ଗବେଷଣା ଅଧିକାରୀ
ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ-୩

---

# ଶ୍ରୀଜଗନ୍ନାଥ ଅଲାରନାଥ

 କୁମାରକବି ଅରକ୍ଷିତ ପ୍ରଧାନ

ଆକାର ତତ୍ତ୍ୱରେ ତୁମେ ନିରାକାର ନୀଳାଦ୍ରିଶ ପୁରୁଷ ଚିନ୍ମୟ
ଗାଣିତିକ ସୂତ୍ରେ ନିତି ଲଗାଇଛ ଜଗତରେ ସୃଷ୍ଟି ସ୍ଥିତି ଲୟ
ମୀମାଂସା ସାଂଖ୍ୟ ବେଦାନ୍ତ ଯୋଗ ନ୍ୟାୟ ବୈଶେଷିକ ଦର୍ଶନ ମହିମା
କାବ୍ୟ କବିତା ପୁରାଣ ଇତିହାସ ଆଗମ ନିଗମ ଶାସ୍ତ୍ର ସୀମା
ଲିପି ଧ୍ୱନି ତାଳ ମାନ ଲୟ ଆଦି ଯେତେ ଯାହା ବିଜ୍ଞାନ ଆଧାର
ପ୍ରତୀକ କେବଳ ମାତ୍ର ତୁମ ମହାଭବ ସିନ୍ଧୁ ଅନନ୍ତ ଅପାର
ଭାରତୀ ଭବନେ ତୁମେ ରସମୟ ସାରସ୍ୱତ କୀର୍ତ୍ତି ସମୁଦାୟ
ତୁରୀୟ ସ୍ୱରୂପ ସ୍ୱାମୀ ଦାରୁ ବ୍ରହ୍ମ ନୀଳଗିରି ପତି ନିରାମୟ
ଏକ ଅଦ୍ୱିତୀୟ ଯେଣୁ ତୁମର ଏ ସୃଷ୍ଟି ମଧ୍ୟେ ଅଛିକି ଉପମା
କମନୀୟ କାନ୍ତି ତେଣୁ ଆଦରିଲ ମହାମେରୁ ଲଳିତ ପ୍ରତିମା
ପରମାନନ୍ଦ ସୁନ୍ଦର ପରାତ୍ପର ପତିତପାବନ ଜଗନ୍ନାଥ
କ୍ଷମା ପାରାବାର ପ୍ରୀୟ ଦୀନବନ୍ଧୁ ଅନାଥର ଏକମାତ୍ର ନାଥ
ଲାବଣ୍ୟ ନୟନ କୋଣୁ ଝରିଆସି ଅବିରତ ପ୍ରେମ ପଞ୍ଚାମୃତ
ଗିରି କେଦାର ସାଗର ଗଗନ ପବନ ବନ କରେ ପ୍ରୀତି ପୂତ
ଅପାଣି ପାଦମୂର୍ତ୍ତିରେ ପାଦ ପାଣି ରହସ୍ୟକୁ ସୂଚାଇବା ଅର୍ଥେ
ଲାଙ୍ଗଳଧାରୀ ଅନୁଜ ଏକ ପକ୍ଷ ବିଜେ କର ବ୍ରହ୍ମଗିରି ତୀର୍ଥେ
ରଥ ଚରଣ କମଳ ଶଙ୍ଖ ଗଦା ଚତୁର୍ଭୁଜେ ଧରି ଭଗବାନ
ନାମ ଶ୍ରୀଅଲାରନାଥ ନାରାୟଣ ପୁରୁଷ ପୁରାଣ ଶ୍ୟାମଘନ
ଥମକ ଶରୀର କାନ୍ତି କାଦମ୍ବିନୀ ସୁଷମାରୁ ବଳି ଶୋଭାବନ
କ୍ଷେତ୍ରବର ଅଣସର ପିଣ୍ଡି ମଧ୍ୟେ ଲୋକ ଭୁଲା ଗୁପତ ଶୟନ
ତ୍ରୟୋଦଶ ଦୁଇଦିନ ବିତାଉଛ ବ୍ରହ୍ମଗିରି କରି ଲୋକାରଣ୍ୟ
ରେବା ସ୍ରୋତ ସମତ ହିଁ ଅକାତରେ ଭକତଙ୍କୁ ବିତରୁଚ ପୁଣ୍ୟ
ଦର ବିକଶିତ ମଲ୍ଲି ଶୁକ୍ଳତାରେ ପ୍ରକ୍ଷାଳିତ କରି ପରିଧେୟ
ରତ୍ନାଭରଣ ଭୂଷିତ ଦିବ୍ୟତନୁ ତବ ପ୍ରାଣ ପୂତ ସରିତ ନିଶ୍ଚୟ
ଶବ୍ଦାର୍ଥ ସମ୍ପର୍କ ସମ ଜୀବ ବ୍ରହ୍ମ ମହାଲୀଳା ଗତି ଯୁଗେ ଯୁଗେ
ନର ନରୋତମ ନାମେ ଏ ମିଳନ ପ୍ରଚଳିତ ହୁଏ ଅନୁରାଗେ
କଳାକର କଳାସମ କ୍ଷୟ ବୃଦ୍ଧି କାଳଚକ୍ର ନୀତି ଚିରନ୍ତନ
ରଚନା ପଦ୍ଧତି ଯେଣୁ ସୁଖ ଦୁଃଖ ହସ କାନ୍ଦ ଜୀବନ ଦର୍ଶନ
ଜନ୍ମ ମରଣ ମଧ୍ୟରେ ଏ ବିଧାନ ପ୍ରତିଘଟେ ଅବଶ୍ୟ ଘଟିବ
ଗତ ଆଗତ ଚିନ୍ତାରେ ଦିନ ରାତି ବ୍ୟସ୍ତ ହୋଇ କେତେ ଲାଭ ହେବ
ନାଶଶୀଳ ଦେହ ଧରି ମୃତ୍ୟୁପଥେ କରିବାକୁ ଅମୃତ ସନ୍ଧାନ
ଥରେ ଅଲାରନାଥଙ୍କୁ ଅଣସର ସମୟରେ କର ଦରଶନ

ବିନୋଦ ବିହାର
ଖଣ୍ଡୁଆଳପୁର, ବ୍ରହ୍ମଗିରି, ପୁରୀ



# ଶ୍ରୀମନ୍ଦିରର ଦଶଦ୍ୱାର, ଭଗତେ ହେତୁକର !

କାଞ୍ଚ ନାରାୟଣ ମହାନ୍ତି

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ତତ୍ତ୍ୱ ଓ ମାହାତ୍ମ୍ୟ ସଂପର୍କରେ ବହୁ ଗବେଷକମାନଙ୍କର ବିଭିନ୍ନ ମତ ଓ ଦର୍ଶନ ଗ୍ରନ୍ଥ ଆକାରରେ ଉପସ୍ଥାପିତ କରାଯାଇଛି । ତେବେ ବି ସବୁ ତତ୍ତ୍ୱ, ଦର୍ଶନ ମତବାଦର ଊର୍ଦ୍ଧ୍ୱରେ ସେ ବିଶ୍ୱନିୟନ୍ତା, ଯେଉଁଠିକି ଚାହିଁଲେ, ଯେଉଁଠିକି ଛୁଇଁଲେ, ଯେଉଁଠି ବସିଲେ ସବୁଠି ତାଙ୍କରି ସତ୍ତା, ସର୍ଜନା, ରୂପକଳ୍ପ ଓ ଇଚ୍ଛାର ସ୍ୱରୂପ ଲୀଳାୟିତ ହୋଇଛି ।

ମହୋଦଧି ତଟର ମହାମହିମ ପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିତ୍ୟଲୀଳାର ଆଦି ଅନ୍ତ ଚିନ୍ତା କଲାବେଳେ ଭାବୁକ, ଲୋକ, ଗବେଷକ ବାଟବଣା ହୋଇଯାଏ, ସମାଧିସ୍ଥ ହୋଇଯାଏ ।

ଯାହାର ପ୍ରତି ଅଣୁ ପରମାଣୁରେ ଗୁଣପଦ୍ ପବିତ୍ର ପରମ୍ପରା, ଐତିହ୍ୟ ଓ କୃପାବାରିର ମହିମା ସନ୍ନିହିତ ଆଉ ତା'ର କେଉଁ କଥା ବା ବଖାଣି ବସିବା ସାଧାରଣଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସଂପର୍କରେ କିଛିମାତ୍ର ଅବତାରଣା କରିବାର ଏ ଯେମିତି ଅପପ୍ରୟାସ ମାତ୍ର ।

'ଶ୍ରୀମନ୍ଦିର' କହିଲେ ଏ ପୃଥିବୀରେ ଓଡ଼ିଶା ପ୍ରଦେଶର ପୁରୀପ୍ରାନ୍ତେ ଶ୍ରୀକ୍ଷେତ୍ର ଧାମରେ ଏକକ ଓ ଅନ୍ୟତମ ମନ୍ଦିର ।

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କୁ ନେଇ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂରତି ଆରାଧନା । କେଉଁ ଯୁଗରୁ ଚାଲି ଆସିଛି ଏବଂ ସେହି ସର୍ବମୟକର୍ତ୍ତାଙ୍କ ଇଚ୍ଛାରେ କେତେ କାଳ ଚାଲିବ ସେ କଥା ସେ ଜାଣନ୍ତି । ତାଙ୍କ ଅଶେଷ ନାମ ପରି ଜଗତର ବଡ଼ଦିଅଁ ବୋଲି ତାଙ୍କର ତ ସବୁ ବଡ଼ ସେ ରହୁଥିବା ପାଚେରୀ ମଧ୍ୟ ସେହି ମାତ୍ରାରେ ଯଥେଷ୍ଟ ବଡ଼ । ତେଣୁ ତା'ର ନାଁ ମଧ୍ୟ ଦିଆଯାଇଛି 'ମେଘନାଦ' ପାଚେରୀ । କଥାରେ ଅଛି, ପୁରୀ ସମୁଦ୍ରକୂଳରେ ଶ୍ରୀମନ୍ଦିର ଅବସ୍ଥିତି ଥିଲେ ମଧ୍ୟ ମେଘନାଦ ପାଚେରୀକୁ ସମୁଦ୍ର ଗର୍ଜନ ଶୁଭେ ନାହିଁ ।

ପୁରାଣ କହେ ସମୁଦ୍ର ହେଉଛି ଲକ୍ଷ୍ମୀଙ୍କର ବାପଘର । ନିଜ ଝିଅ ଜ୍ୱାଇଁଙ୍କର ପାଖରେ ଶ୍ୱଶୁର ସମୁଦ୍ରଙ୍କର ଗୁରୁଗମ୍ଭୀର ଗର୍ଜନର କି ପ୍ରୟୋଜନ । ଶ୍ରୀମନ୍ଦିର ଚାରିପାଖରେ ଘେରି ରହିଥିବା ପାଚେରୀ ଯାହାକୁ କି 'ମେଘନାଦ' ଭାବରେ ସମସ୍ତେ ଜାଣନ୍ତି ତାହାକୁ ମଧ୍ୟ ବାହାର ବେଢ଼ା ପାଚେରୀ କୁହାଯାଏ । ଏହି ପାଚେରୀର ଉଚ୍ଚତା ସବୁ ସ୍ଥାନରେ ସମାନ ନୁହେଁ । ରାସ୍ତାଠାରୁ ପାଚେରୀର ଉଚ୍ଚତା କେଉଁଠି ୨୦ ଫୁଟ ତ କେଉଁଠି ୨୨ ଫୁଟ, କେତେକ ସ୍ଥାନରେ ୨୪ ଫୁଟ ମଧ୍ୟ ଦେଖାଯାଏ ।

ପାଚେରୀ ଘରକୁ ସୁନ୍ଦର ଓ ସୁରକ୍ଷା କଲାଭଳି ଶ୍ରୀମନ୍ଦିରକୁ ଘେରି ରହିଥିବା ଆୟତାକାର ପାଚେରୀରେ ଆକାଶକୁ ଲକ୍ଷ୍ୟ କରି ତୀର ସଜେଇ ରଖିଥିବା ପଥରଗୁଡ଼ିକ ଆକର୍ଷଣୀୟ ।

ସାରା ଜଗତର ଯିଏ ମାଲିକ ତାଙ୍କ ପାଇଁ ସୀମା ସରହଦ କିଏ ମାପିବ ? ତେବେ ଶ୍ରୀମନ୍ଦିରର ବାହାରବେଢ଼ା ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରୀର ଲମ୍ବ ୬୬୫ ଫୁଟ ଏବଂ ପୂର୍ବପଟର ଲମ୍ବ ୬୪୪ ଫୁଟ । ବାହାରବେଢ଼ାର ସମୁଦାୟ ପରିସୀମା ଚାରିଲକ୍ଷ ଅଠେଇଶି ହଜାର ଦୁଇଶହ ଷାଠିଏ ବର୍ଗ ଫୁଟ । ଶାଣ ପଥରରେ ନିର୍ମିତ ଏହି ପାଚେରୀରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ଲାଗି ଚାରୋଟି ଦ୍ୱାର ରହିଛି । ଏହି ଚାରି ଦ୍ୱାରକୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ କ୍ରମରେ ଯଥାକ୍ରମେ ନାମିତ କରାଯାଇଛି - ସିଂହଦ୍ୱାର, ବାଘଦ୍ୱାର, ହାତୀଦ୍ୱାର ଓ ଘୋଡାଦ୍ୱାର । ଐତିହାସିକମାନଙ୍କର ମତ ଅନୁସାରେ ପ୍ରଥମେ ଭିତରବେଢ଼ା ବା କୁର୍ମବେଢ଼ା ନିର୍ମାଣ ହୋଇଥିଲା । ଶ୍ରୀମନ୍ଦିରକୁ ଶତ୍ରୁମାନଙ୍କର ଆକ୍ରମଣରୁ ରକ୍ଷା କରିବା ପାଇଁ ମେଘନାଦ ପାଚେରୀ ପରବର୍ତ୍ତୀ କାଳରେ ନିର୍ମାଣ କରାଯାଇଥିଲା । ଦୁର୍ଗମାନଙ୍କର ପ୍ରାଚୀର ଭଳି ମେଘନାଦ ପାଚେରୀର ଉଚ୍ଚତା ଓ ଏହାର ଉପରିଭାଗରେ 'ଗାଙ୍ଗଲା' ଥାଏ । ମେଘନାଦ ପାଚେରୀର ଗାଙ୍ଗଲାଗୁଡ଼ିକ ୨୨ ଇଞ୍ଚ ଲେଖାଏଁ ଲମ୍ବା ତୀର ସଦୃଶ ।

ପାଚେରୀ ମୂଳଦୁଆ କେତେ ମଜଭୁତ ତାହା ଅଳ୍ପରେ ଜଣାଯାଏ ଯେ ୧୯ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ପାଚେରୀର ଓସାର ସାତଫୁଟ ଆଉ ତା' ଉପରକୁ ତିନିଫୁଟ ଚଉଡ଼ା ।

ଓଡ଼ିଶାର ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ଅର୍ଥାତ୍ ୧୪୪୮ ଖ୍ରୀଷ୍ଟାବ୍ଦରେ ମେଘନାଦ ପାଚେରୀ ନିର୍ମାଣ ହୋଇଥିଲା ବୋଲି

ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । (୧୫ ଅଙ୍କେ ରାଜାଙ୍କୁ ସିଂହ ବୃହସ୍ପତି ହୋଇଥିଲା । ଏ ଅଙ୍କେ ବଡ଼ ଦେଉଳେ ବାହାର ବେଢ଼ା ବନ୍ଧାଇଲେ) ଏ ଏମିତି ଏକ କ୍ଷେତ୍ର ଯାହା ଉପରେ ବହିଃଶତ୍ରୁର ବାରମ୍ବାର ଆକ୍ରମଣ ହୋଇଛି । ପ୍ରଭୁଙ୍କର ମାନ ତଥା ନିଜ ଜୀବନରକ୍ଷା କରିବା ପାଇଁ ପୁରୀର ସେବାୟତ ଏବଂ ଜନସାଧାରଣ ଶ୍ରୀମନ୍ଦିର ଭିତରେ ଆତ୍ମରକ୍ଷା କରୁଥିଲେ ବୋଲି କୁହାଯାଏ । ତେଣୁ ବାରବାଟି ଦୁର୍ଗ ପରି ଏହା ଏକ ବିରାଟ ଦୁର୍ଗ ।

ଶ୍ରୀମନ୍ଦିରର ପାଚେରୀ ଚାରିପାଖରେ ପ୍ରଶସ୍ତ ରାସ୍ତା ଏପରି ଭାବରେ ରହିଛି, ଯେଉଁଠି ଥାଇ ଲକ୍ଷ ଲକ୍ଷ ଯାତ୍ରୀ ଶ୍ରୀମନ୍ଦିରର ନେତ ଦର୍ଶନ କରିପାରନ୍ତି । ପୂର୍ବଦ୍ୱାର ସିଂହଦ୍ୱାର ସମ୍ମୁଖରେ ପବିତ୍ର ବଡ଼ଦାଣ୍ଡ । ପଶ୍ଚିମ ଦ୍ୱାର ବାଘଦ୍ୱାର ସମ୍ମୁଖରେ ପବିତ୍ର ମଠ ଓ ବ୍ୟବସାୟୀ କ୍ଷେତ୍ର । ଦକ୍ଷିଣ ଦ୍ୱାର ଘୋଡ଼ାଦ୍ୱାର ସମ୍ମୁଖରେ ସେବାୟତ ଏବଂ ମଠ ମନ୍ଦିର (କାଞ୍ଚି ବିଜୟ ଦ୍ୱାର) । ଉତ୍ତର ଦ୍ୱାର ହାତୀଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବଜାର ଏବଂ ପୁରୁଣା ମଠ ଦୋଳବେଦୀ, ଉତ୍ତର ଦ୍ୱାରକୁ ମଧ ଚେମେରୀ ଦ୍ୱାର କୁହାଯାଏ । ଏହି ଦ୍ୱାରରେ ବର୍ଷ ବର୍ଷ ଧରି ହଜାର ହଜାର ସଂଖ୍ୟାରେ ଚେମରୀ ଗୁମୁଟ ସାରା ଝୁଲି ରହିଥାନ୍ତି । ସେମାନଙ୍କର ମଳରେ ଉତ୍ତର ଦ୍ୱାରରୁ କଟୁ ଗନ୍ଧ ଆସିଥାଏ । ଏହି ଦ୍ୱାର ଦେଉଳର ନିୟମ ଅନୁଯାୟୀ ସନ୍ଧ୍ୟା ପୂର୍ବରୁ ପ୍ରତ୍ୟହ ବନ୍ଦ ହୋଇଯାଏ ।

### ସିଂହ ଦ୍ୱାର

ଶ୍ରୀମନ୍ଦିରକୁ ପ୍ରବେଶର ମୁଖ୍ୟପଥ । ରତ୍ନ ସିଂହାସନରେ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ଦୂରଦୂରାନ୍ତର ଯାତ୍ରୀମାନେ ସର୍ବପ୍ରଥମେ ସିଂହଦ୍ୱାର ଗୁମୁଟରେ 'ପତିତପାବନ'ଙ୍କୁ ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଦର୍ଶନ କରିଥାନ୍ତି । ଟିକିଏ ଆଗକୁ ପାଦ ଦେଲେ ପବିତ୍ର ବାଇଶି ପାହାଚ ପଡ଼େ । ସେଇଠୁ ଚାହିଁଲେ ମନ୍ଦିରର ନୀଳଚକ୍ର ଓ ପତିତପାବନ ବାନା ନେତ୍ରରେ ଉଭା ହୁଏ । ସିଂହଦ୍ୱାରଠାରୁ ରତ୍ନ ସିଂହାସନର ଦୂରତା ୩୦୦ ଫୁଟ । ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ପ୍ରକାଣ୍ଡ ସିଂହ ମୂର୍ତ୍ତି ରହିଛି । ପିଊଳ ପାତିଆରେ ତିଆରି ଛ'ଫୁଟର ଅଧିକ ଓସାର ସିଂହଦ୍ୱାର ଦରଜାର ଉଚ୍ଚତା ପନ୍ଦର ଫୁଟ । ଏହି ସିଂହଦ୍ୱାରରେ ଏକ ଚୋରାଦ୍ୱାର ରହିଛି । ଯାହାର ଆକାର ଅଢ଼େଇ ଫୁଟରେ ଦୁଇ ଫୁଟ । ଏହି ଚୋରାଦ୍ୱାର ଦେଇ ସେବାୟତମାନେ ପ୍ରଥମେ ବ୍ରହ୍ମ ମୁହୂର୍ତ୍ତ ପୂର୍ବରୁ ଯାଇ ଦିଅଁଙ୍କର ନୀତି, ସେବା ସମାପନ କରିଥାନ୍ତି ।

ସିଂହଦରଜାରେ ବହୁ ଦେବାଦେବୀଙ୍କର ମୂର୍ତ୍ତି ଅଙ୍କନ ସହ ଶଂଖ, ଚକ୍ରର ମଧ ଅଳଙ୍କରଣ କରାଯାଇଛି । ଏହି ମୁଖ୍ୟଦ୍ୱାର ଯୁଗଯୁଗ ଧରି ଦେଖି ଆସିଛି କେତେ ସନ୍ଥ, ସିଦ୍ଧପୁରୁଷ, ରାଜା ମହାରାଜା, ପ୍ରଭୁଙ୍କର ବଡ଼ପଣିଆ, ଚୈତନ୍ୟ ରାମତୀର୍ଥ, ସାଲବେଗଙ୍କଠାରୁ ପୁରୀ ଗଜପତି ରାଜାଙ୍କୁ ମନ୍ଦିର ନିଷେଧ ଆଦେଶ, ତେଣୁ ସେ ବିଜେ ହେଲେ ଗୁମୁଟକୁ ଅଛୁବ ଓ ପାତକମାନଙ୍କୁ ଦର୍ଶନ ଦେବାପାଇଁ । ସିଂହଦ୍ୱାରରେ ପ୍ରଭୁଙ୍କ ଦ୍ୱାରପାଳ ଜୟ ବିଜୟ ରହିଛନ୍ତି । ଚାରି ହାତରେ ସେମାନେ ଶଙ୍ଖ, ଚକ୍ର, ଗଦା ଓ ଜପାମାଳ ଧରିଥାନ୍ତି ।

ବିଶାଳ ମନ୍ଦିର ସଦୃଶ ଏହି ଦ୍ୱାରର ଦୁଇ ପାର୍ଶ୍ୱ କାନ୍ଥରେ ଦୁଇଟି ମୂର୍ତ୍ତି ରହିଛି । ପୁଣି ଦୁଇଟି ଆଠ ଫୁଟର ସ୍ତମ୍ଭ ଉପରେ ମଧ ଜୟ ବିଜୟ ମୂର୍ତ୍ତି ରହିଛନ୍ତି । ଦ୍ୱାର ଦେଶ ଉପରକୁ ରହିଛି ଦଶାବତାର ମୂର୍ତ୍ତି ଯେଉଁଥିରେ ଶ୍ରୀଜଗନ୍ନାଥ ହିଁ ନବମ ଅବତାର ଭାବରେ ଖୋଦିତ ହୋଇଛନ୍ତି ଏବଂ ଏହାର ଉପରକୁ ପଦ୍ମାସନରେ ଅଛନ୍ତି ଲକ୍ଷ୍ମୀ । ମୂର୍ତ୍ତିଗୁଡ଼ିକ ଶାଣ ପଥରରେ ନିର୍ମିତ ।

### ପଶ୍ଚିମ ଦ୍ୱାର ବା ବାଘ ଦ୍ୱାର

କୁହାଯାଏ ଯେ, ଏହି ଦ୍ୱାର ସମୟକ୍ରମେ ନିବୁଜ ଥିଲା, ତାହା ମରହଟ୍ଟାମାନଙ୍କ ଦ୍ୱାରା ଖୋଲାଯାଇଥିଲା । ଏହାର ଦୁଇଫାଳ କବାଟ କାଠରେ ତିଆରି । ଉଚ୍ଚତା ସତର ଫୁଟ । ଗୁମୁଟର ନିର୍ମାଣ ଅନ୍ୟାନ୍ୟ ଦ୍ୱାରର ଗୁମୁଟ ପରି କିନ୍ତୁ ଭିତର ନିରାଭରଣ । ମନ୍ଦିର ଭିତରକୁ ପ୍ରବେଶ କଲେ ଦ୍ୱାର ଦେଶରେ ଦେଖିବାକୁ ମିଳେ ପଥର ଖୋଦେଇ ନବଗ୍ରହ ଏବଂ ତା' ଉପରକୁ ନୃତ୍ୟରତ ଗଣେଶ ମୂର୍ତ୍ତି । ଭିତରବେଢ଼ାର ଗୁମୁଟ କାନ୍ଥରେ ପୂର୍ଣ୍ଣକୁମ୍ଭ ଓ ଶ୍ରୀକୃଷ୍ଣ ଲୀଳା ସଂକଳିତ ମୂର୍ତ୍ତି ଦେଖିବାକୁ ମିଳେ ।

ପଶ୍ଚିମ ଦ୍ୱାର ପ୍ରବେଶ ପଥର ଗୁମୁଟର ଓସାର ଷୋହଳ ଫୁଟ । ମେଘନାଦ ପାଚେରୀ ଓ କୂର୍ମ ପାଚେରୀ ମଧ୍ୟରେ ପୂର୍ବ, ଦକ୍ଷିଣ, ଉତ୍ତର ପାର୍ଶ୍ୱର ବ୍ୟବଧାନ ପ୍ରାୟ ସମାନ ଥିବା ବେଳେ ପଶ୍ଚିମ ଦ୍ୱାର ବ୍ୟବଧାନ ଯଥେଷ୍ଟ ଭାବେ କମ୍ । ପଶ୍ଚିମ ଦ୍ୱାରର ପ୍ରବେଶ ପରେ ଦକ୍ଷିଣ ପାର୍ଶ୍ୱରେ ଭିତର ବେଢ଼ା ଓ ବାହାର ବେଢ଼ା ମଝିରେ ପ୍ରଭୁଙ୍କର ଉପବନ । ଏଠାରେ ମଲ୍ଲୀ, ଜୁଇ, ସେବତୀ, ରଜନୀଗନ୍ଧା ଇତ୍ୟାଦି ସୁବାସିତ କୁସୁମ ଉଦ୍ୟାନ ରହିଛି । ଫୁଲପ୍ରିୟ ତିନିଦିଅଁଙ୍କ ପାଇଁ ନିତି ଫୁଲ ବାହାରୁ ଆସିଥିବାବେଳେ ମନ୍ଦିରରେ ମଧ ଫୁଲ ବଗିଚା ରହିଛି । ଏହା ବୁଲି ଦେଖିବା ପାଇଁ ମଧ ଟିକଟ କରି ଅନୁମତି ଦିଆଯାଏ ।

### ଉତ୍ତର ଦ୍ୱାର ବା ଚେମେରି ଦ୍ୱାର ବା ହସ୍ତୀ ଦ୍ୱାର

ଏ ଦ୍ୱାରରେ ପ୍ରବେଶ ମାତ୍ରେ ଚେମେରିମାନଙ୍କର ଶବ୍ଦ ଓ କଟୁ ଗନ୍ଧ ଯାତ୍ରୀମାନଙ୍କୁ ବ୍ୟଥିତ କରେ । ଏ ଦ୍ୱାର ପ୍ରବେଶ ଦ୍ୱାରରେ କୌଣସି ହସ୍ତୀ ନଥାଇ ମଧ ଏହା ହସ୍ତୀ ଦ୍ୱାର । ଗୁମୁଟ ଭିତର ନିରାଭରଣ । କିଛି ପଥ ଆଗେଇଲେ ଦକ୍ଷିଣରେ ପଡ଼େ ସୁନାକୂଅ ଓ ବାମରେ ଆନନ୍ଦବଜାରକୁ ରାସ୍ତା ଏବଂ ସାମ୍ନାରେ ଥିବା ନୂମିବେଢ଼ାର ପ୍ରବେଶ ପଥରେ ଦୁଇଟି ହସ୍ତୀ ଭାସ୍କର୍ଯ୍ୟ । ପୃଷ୍ଠରେ ମାହୁନ୍ତ ଏବଂ ହାତୀ ଦ୍ୱୟ ବିଶାଳ ଓ ସୁଶୋଭନ । ଉଚ୍ଚତା ଅନ୍ୟୁନ ଆଠ ଫୁଟ ।

ଗୁମୁଟର ଭିତର ପଟେ କୌଣସି ବିଶେଷ ମୂର୍ତ୍ତି ବା ଅଳଙ୍କରଣ ଅଭାବ ଥିଲେ ମଧ ଭିତର ଓ ବାହାରପଟେ ନବଗ୍ରହ ଫଳକ କୃଷ୍ଣଙ୍କର ବଂଶୀ ବାଦନ ରୂପ । ପାର୍ଶ୍ୱରେ ତିନି ଅଭିସାରିକାର ଅଙ୍ଗ ଅବୟବ

ଶାଳଭଂଜିକା ଅଳସା, ଦର୍ପଣୀ ପ୍ରଭୃତି ଶୋଭା ପାଉଛନ୍ତି । ଦୁଇ ବାହୁଧାରୀ ଝାଡ଼େଶ୍ୱରୀଙ୍କ ମୂର୍ତ୍ତି ପୂଜା ପାଆନ୍ତି । ସେ ଦୁର୍ଗାଙ୍କ ଦ୍ୱାର ସଂହିତା, ମହିଷାସୁର ସମରକାଳରେ ସୃଷ୍ଟି ହୋଇଥିବା ବହୁ ଶକ୍ତି ରୂପିଣୀ ନାରୀମାନଙ୍କ ମଧ୍ୟରୁ ଜଣେ । କୋଇଲି ବୈକୁଣ୍ଠ ପ୍ରଭୁଙ୍କର ଅନଲୀଳା କ୍ଷେତ୍ର ହେତୁ ଏଇ ଉତ୍ତର ଦ୍ୱାରରେ ଦକ୍ଷିଣରେ ଉପବନ ଶିଆଳି ଲତା ଭଣ୍ଡାରଘର ଏବଂ ବହୁ ଦେବଦେବୀ ମନ୍ଦିର ଅବସ୍ଥିତ ।

ପ୍ରଥମେ ଏହି ଦ୍ୱାରର ଗୁରୁତ୍ୱ ଯଥେଷ୍ଟ ଥିଲା ବୋଲି ଅନୁମିତ ହୁଏ । ଶ୍ରୀମନ୍ଦିର ଆରମ୍ଭରେ ତୀର୍ଥଯାତ୍ରୀମାନେ ଏଇପଥରେ ମୁଖ୍ୟତଃ ପ୍ରବେଶ ଅଧିକାର ପାଇଥିଲେ । ଏତଦ୍‌ବ୍ୟତୀତ ଉତ୍ତରଦ୍ୱାରର ପାହାଚ ଅତିକ୍ରମ କରି ଭିତରବେଢ଼ା ପ୍ରବେଶ ପୂର୍ବରୁ ପୂର୍ବରେ ବିଜେ କରିଛନ୍ତି ପାତାଳଫୁଟା ଐଶାନେଶ୍ୱର ମହାଦେବ । ଏହାର ଅନେକ ପୌରାଣିକ ଭିତ୍ତିଭୂମି ରହିଛି । ବାଇଶିଟି ପାହାଚ ତଳେ ୨୫ ଫୁଟ ଗଭୀର ଭୂଗର୍ଭସ୍ଥ ଦେବାଳୟ ବିଷୟରେ ସାଧାରଣ ଯାତ୍ରୀମାନେ ଜାଣିପାରି ନଥାନ୍ତି । ଶ୍ରୀମନ୍ଦିରରେ ଏଇପରି ଅନେକ ମନ୍ଦିର ରହିଛି । ଏହି ମନ୍ଦିରରୁ ଗର୍ଭଗୃହକୁ ସୁଡ଼ଙ୍ଗ ରହିଛି ।

**ଦକ୍ଷିଣ ଦ୍ୱାର ବା ଘୋଡ଼ା ଦ୍ୱାର**

ଗୁମୁଟ ବା ମୁଖଶାଳାର ଉଚ୍ଚତା ୬୦ ଫୁଟ । ବେଶ୍ ମଜଭୁତ ଦରଜା କାଠରେ ତିଆରି । ଦରଜାର ଉଚ୍ଚତା ୨୫ ଫୁଟ । ଦୁଇ ଫାଳ ଦରଜାରେ ମଧ୍ୟ ଚୋରା କବାଟ ରହିଛି । ଗୋଲାକାର ବିରାଟ ବିରାଟ ପିତ୍ତଳଗୋବ ସବୁ ଲାଗି ଦରଜା ସୁନ୍ଦର ଦିଶେ । ଗୁମୁଟର ଓସାର ୪୦ ଫୁଟ । ଗୁମୁଟର ଉତ୍ତରପଟ କାନ୍ଥରେ ପ୍ରାୟ ଦଶ ଇଞ୍ଚ ଉଚ୍ଚ ମୁଗୁନିପଥରର ଗଣେଶ ମୂର୍ତ୍ତି ସ୍ଥାପନା ହୋଇଛନ୍ତି । ପଶ୍ଚିମପଟ କାନ୍ଥରେ ରହିଛି ଦୁଇ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି । ଉତ୍ତରପଟ କାନ୍ଥର ଶୀର୍ଷରେ ରହିଛି ଚୂନ ତିଆରି ନୀଳଚକ୍ର । ଉଭୟପଟ କାନ୍ଥରେ ନୀଳଚକ୍ର ଆକୃତିର ଦୁଇଟି ଶଙ୍ଖ ଏବଂ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ବହୁ ଭାସ୍କର୍ଯ୍ୟ ।

ତିନି ଦିଅଁଙ୍କର ପହୁଡ଼ ପରେ ଅନ୍ୟାନ୍ୟ ଦ୍ୱାର ପରି ଦକ୍ଷିଣ ଦୁଆର ବନ୍ଦ ହୁଏ । ରାତି ଜଗୁଆଳି ଗୁମୁଟରେ ରହି ଦ୍ୱାର ଜଗେ । ଦ୍ୱାର ଖୋଲା ଥିବାବେଳେ ମଧ୍ୟ ଦ୍ୱାରଦେଶରେ ଜଗୁଆଳି ରହିଥାନ୍ତି ।

କିମ୍ବଦନ୍ତୀ ଅନୁଯାୟୀ ଏହି ଦ୍ୱାର ସମ୍ମୁଖରେ ବିଶାଳଘୋଡ଼ା ଦ୍ୱୟରେ ଯେଉଁ ବୀର ପୁଙ୍ଗବମାନେ ବସିଛନ୍ତି ସେମାନେ ଜଗନ୍ନାଥ ଓ ବଳଭଦ୍ର । କେହି କେହି ଏହାଙ୍କୁ କଳି କାଳ ବୋଲି କହିଥାନ୍ତି । କାଞ୍ଚି ଅଭିଯାନ ପରେ ଏହି ମୂର୍ତ୍ତି ରହିଥିବାରୁ ଏହି ଦ୍ୱାରକୁ କାଞ୍ଚି ବିଜୟ ଦ୍ୱାର କୁହାଯାଏ ।

ମେଘନାଦ ପାଚେରୀର ଦକ୍ଷିଣ-ପଶ୍ଚିମ ପଟେ ଏକ ସବୁଦିନିଆ କାଠ ସିଡ଼ିର ବ୍ୟବସ୍ଥା ରହିଛି । ଶ୍ରୀମନ୍ଦିର ବେଢ଼ାରେ ଥିବା ବିମଳା ମାଆଙ୍କ ମନ୍ଦିରର ନୀତି ପାଇଁ ଏ ଦ୍ୱାର କାମରେ ଲାଗେ । ଦୁର୍ଗାପୂଜାରେ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଦୁଇଟି ଲେଖାଏଁ ଛାଗ ବଳି ଏଇ ପଥ ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥାଏ । ବିମଳା ମନ୍ଦିରରେ ବଳି ପ୍ରଥା କେବେଠାରୁ ଚାଲିଛି ସେ ପ୍ରଥାର ମୂକସାକ୍ଷୀ ଏଇ ଦକ୍ଷିଣ ପାର୍ଶ୍ୱର ସାଧାରଣରେ ସବୁରି-ଅଜ୍ଞାନ୍ତ ସିଢ଼ି ପଥ ।

ମେଘନାଦ ପାଚେରୀ ପରି ଆୟତାକାର କ୍ଷେତ୍ର ହେଲା କୁର୍ମ ପାଚେରୀ । ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ମେଘନାଦ ପାଚେରୀରେ ଚାରିଟି ଦ୍ୱାରା ଥିଲାବେଳେ କୁର୍ମପାଚେରୀରେ ଛଅଟି ଦ୍ୱାର ରହିଛି । କୁର୍ମ ପାଚେରୀର ପୂର୍ବ-ପଶ୍ଚିମ ପଟ କାନ୍ଥର ଲମ୍ବ ୩୧୫ ଫୁଟ ଏବଂ ଉତ୍ତର-ଦକ୍ଷିଣ ପଟ କାନ୍ଥ ୪୨୦ ଫୁଟ । କାନ୍ଥର ଓସାର ମଧ୍ୟ ଷୋଳଫୁଟ । ଏହାର ଆକୃତି ମେଘନାଦ ପ୍ରାଚୀର ପରି ପ୍ରାୟତଃ ସମାନ । ପ୍ରାଚୀରର ଉଚ୍ଚତା ପ୍ରାୟ ୨୦ ଫୁଟ ।

ମେଘନାଦ ପାଚେରୀ ଯେଉଁଠାରୁ ଆରମ୍ଭ ସେହି ପଭନରୁ ପ୍ରାୟ ୨୦ଫୁଟ ଉଚ୍ଚରେ କୁର୍ମ ପାଚେରୀ ନିର୍ମିତ ହୋଇଛି । ଦୁଇ ପାଚେରୀମାନଙ୍କ ମଧ୍ୟରେ ଧାଡ଼ି ଧାଡ଼ି ପାହାଚ ରହିଛି । କାରଣ ମେଘନାଦ ପାଚେରୀ ନିକଟରୁ କୁର୍ମ ପାଚେରୀର ଦୂରତା ଯେତେ, ଉଚ୍ଚତା ମଧ୍ୟ ପ୍ରାୟ ସେତେ ସାଧାରଣ ଭାବେ ସେବାୟତ ତଥା ବାସିନ୍ଦାମାନଙ୍କ ଚଳଣିରେ ମେଘନାଦ ପାଚେରୀଠାରୁ କୁର୍ମ ପାଚେରୀ ପର୍ଯ୍ୟନ୍ତ କ୍ଷେତ୍ରକୁ ବାହାରବେଢ଼ା ଏବଂ କୁର୍ମ ପାଚେରୀଠାରୁ ଶ୍ରୀମନ୍ଦିରର ପ୍ରଶସ୍ତ କ୍ଷେତ୍ରକୁ ଭିତରବେଢ଼ା ବୋଲି କୁହାଯାଏ । ମେଘନାଦ ପାଚେରୀରେ ମନ୍ଦିର ପ୍ରବେଶ ପାଇଁ ଚାରୋଟି ଦ୍ୱାର ଥିଲାବେଳେ କୁର୍ମ ପାଚେରୀରେ ଯେଉଁ ଛଅଟି ଦ୍ୱାର ଅଛି ସେଗୁଡ଼ିକ ଭିତରେ ସିଂହଦ୍ୱାର ଟପି ପବିତ୍ର ବାଇଶି ପାହାଚ ଅତିକ୍ରମ କଲାପରେ ଯେଉଁ ଅତି କାରୁକାର୍ଯ୍ୟମୟ ଦ୍ୱାରଟି ପଡ଼େ ଏହା ଭିତର ବେଢ଼ା ପାଚେରୀର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଦ୍ୱାର । ଏଇପଥ ଦେଇ ସାଧାରଣତଃ ପ୍ରତ୍ୟେକ ଭକ୍ତ ସାଧୁସନ୍ଥ ବ୍ୟାକୁଳ ଚିତ୍ତରେ ଶ୍ରୀମନ୍ଦିର ଭିତରବେଢ଼ାରେ ପ୍ରବେଶ କରି ବିଶ୍ୱ ନିୟନ୍ତାଙ୍କୁ ଦର୍ଶନ କରିଥାନ୍ତି । କଳାମୁଗୁନି ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟ ଏହି ଦ୍ୱାରକୁ ଭାସ୍କର୍ଯ୍ୟମୟ କରିଛି । ଏହାର ଉତ୍ତରପଟେ ଶୋଭା ପାଉଛି ଦୁଇଟି ବିରାଟକାୟ ସିଂହ । ସେଇ ପଥେ ଗଲେ ପଡ଼େ ପୃଥିବୀର ସର୍ବଶ୍ରେଷ୍ଠ ଖାଦ୍ୟ ଭଣ୍ଡାର 'ଆନନ୍ଦ ବଜାର' । ବାହାରବେଢ଼ାର ଚାରିଦ୍ୱାର ସହିତ ଭିତର ବେଢ଼ାର ଚାରିଦ୍ୱାର ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ନିର୍ମିତ ହୋଇଛି । ଉତ୍ତର ଦ୍ୱାରରେ ବିରାଟ ହସ୍ତୀ ଏବଂ ଅନ୍ୟାନ୍ୟ କାରୁକାର୍ଯ୍ୟ ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ଦ୍ୱାରଗୁଡ଼ିକ ସାଧାସିଧା । ଏହି ଚାରିଦ୍ୱାର ପରେ ଭିତରବେଢ଼ା ପୂର୍ବପଟ କାନ୍ଥରେ ଦୁଇଟି ଦ୍ୱାର ରହିଛି । ଭିତରବେଢ଼ାର ପୂର୍ବପଟ ପାଚେରୀର ଉତ୍ତରପାର୍ଶ୍ୱରେ ଥିବା ଦ୍ୱାରଟିରେ ଭକ୍ତଜନମାନେ 'ଆନନ୍ଦ ବଜାର' ମଧ୍ୟକୁ ପ୍ରବେଶ କରି ମହାଆନନ୍ଦରେ ମହାପ୍ରସାଦ ସେବନ କରିଥାନ୍ତି ।

ଦେବସ୍ନାନ ମଣ୍ଡପ ଏହି ଆନନ୍ଦବଜାରରେ ରହିଛି । ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଭୁମାନେ ଏଇ ପଥରେ ଆସି ସ୍ନାନବେଦୀରେ ବସି ସ୍ନାନ

କରିଥାନ୍ତି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବେଳେ ମଧ୍ୟ ଏଇପଥରେ ବାହାରି ସିଂହଦ୍ୱାର ଦେଇ ତିନିରଥରେ ବିଜେ କରିଥାନ୍ତି । ଭିତର ବେଢ଼ାରେ ଅନ୍ୟ ଗୋଟିଏ ଦ୍ୱାର ଅଛି । ଦକ୍ଷିଣ-ପୂର୍ବ ଅର୍ଥାତ୍ ଆଗ୍ନେୟ କୋଣରେ ଏହି ଦ୍ୱାର ବାଟେ ଶ୍ରୀଜୀଉଙ୍କର ରୋଷଶାଳାରୁ ପ୍ରସାଦ ରନ୍ଧନ ହୋଇ ସେବକମାନଙ୍କ ଦ୍ୱାରା ଶିକା ବାହୁଙ୍ଗୀରେ ବୁହାହୋଇ ଭୋଗଲାଗି ପାଇ ପୋଖରିଆ ଓ ଭଣ୍ଡାର ଘରକୁ ଆସିଥାଏ । ଏହି ଦ୍ୱାର ଦେଇ ସର୍ବସାଧାରଣଙ୍କର ପ୍ରବେଶ ଅଧିକାର ନାହିଁ । ରନ୍ଧନଶାଳା ବୁଲି ଦେଖିବା ପାଇଁ ଦକ୍ଷିଣପାର୍ଶ୍ୱ କୁର୍ମପାଚେରୀର ପୂର୍ବପଟକୁ ଟିକେଟ୍ କାଟି ପ୍ରବେଶ ସୁଯୋଗ ମିଳିଥାଏ ।

ତେବେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଯୁଗପତ୍ ଆଲୋଚନା କଲେ ତାହା ଶେଷ ହେଇପାରିବ ନାହିଁ । ପ୍ରଭୁଙ୍କର ଅନନ୍ତ ଲୀଳା ଭିତରୁ ତାଙ୍କ କ୍ଷେତ୍ରର ପାଚେରୀ ମଧ୍ୟ ଶ୍ରଦ୍ଧାଳୁ ବିଦ୍‌ଗଧ ଭକ୍ତଜନଙ୍କ ଜ୍ଞାନ୍ତସାରର ବାହାରେ । ପ୍ରଥମେ ବଡ଼ଦାଣ୍ଡରେ ପହଞ୍ଚିଲେ ଦାଣ୍ଡର ଚନ୍ଦନ ସମଧୂଳି ମୁଣ୍ଡରେ ମାରି, ତା'ପରେ ବଡ଼ଶଙ୍ଖ ପାଖରୁ ପତିତପାବନ ନେତ୍ର ଦେଖି ନେତ୍ର ପବିତ୍ର ହେଲା ବୋଲି ଧନ୍ୟ ହୁଏ । ଜଗନ୍ନାଥମୟ ଭକ୍ତପ୍ରାଣ ସେମିତି ସିଂହଦ୍ୱାର ପାଖରେ ତାଙ୍କ ମେଘନାଦ ପାଚେରୀ ଆଉ ଏକ ମହିମାର ପରିପ୍ରକାଶ ।

ମେଘନାଦ ପାଚେରୀ ଦେହରେ ଏତେ ବିଶେଷ ମନ୍ଦିର ଘର ଇତ୍ୟାଦିର ନିର୍ମାଣ ଦେଖିବାକୁ ମିଳୁ ନଥିବାବେଳେ ଭିତରବେଢ଼ା ମଧ୍ୟରେ ଅନେକ ଛୋଟବଡ଼ ମନ୍ଦିର, ଚନ୍ଦନଘର, ବେଢ଼ାକାଳୀ, ସୂର୍ଯ୍ୟମନ୍ଦିର କେତେକ ବୈଦିକ ଅନୁଷ୍ଠାନ ଓ ସେବାୟତମାନଙ୍କର କାର୍ଯ୍ୟାଳୟ ଦେଖିବାକୁ ମିଳିଥାଏ ।

ବହୁ ସାଧୁସନ୍ଥ ସେମାନଙ୍କ ରଚନାରେ ମନ୍ଦିରର ଏହି ଦଶଦ୍ୱାରକୁ ଶରୀରତତ୍ତ୍ୱରେ ବର୍ଣ୍ଣନା କରି ଗୁରୁତ୍ୱାରୋପ କରିଛନ୍ତି । ମଣିଷର ଆଖି, କାନ, ନାକ, ପାଟି ପରି ଏହାକୁ ସାଲବେଗ, ଅଚ୍ୟୁତାନନ୍ଦଙ୍କ ପରି ପଞ୍ଚସଖା ଏବଂ ପୁରାତନ କବିମାନେ ଧର୍ମୀୟ ଚେତନାରେ ଉଦ୍‌ବୁଦ୍ଧ ହେବା ପାଇଁ ଧର୍ମ ସାହିତ୍ୟରେ ପର୍ଯ୍ୟବସିତ କରିଛନ୍ତି ।

ଆଶ୍ରମ
ଶ୍ରୀବିହାର କଲୋନି, କଟକ-୮

# କାଳିଆ କରୁଣା

ଚନ୍ଦ୍ରଶେଖର ପଣ୍ଡା

ସଖି ମୁଁ,
ପବିତ୍ର କଲି ପାପ ନେତ୍ର (ରେ)
ଗରୁଡ଼ ପଛରୁ ଦେଖନ୍ତେ ଦୂରରୁ
କମ୍ବୁ କଟକ ସମ୍ରାଟ (ରେ) ।
ହୃଦେ ଧଣ୍ଡାମାଳ ଦୟଣାର ଚୂଳ
ତଥିପରେ ଚନ୍ଦ୍ରାତପ
ମଦନ କମାଣ ଭ୍ରୁରୁ ନେତ୍ରବାଣ
ଶିହରାଇଲା ମୋ ଗାତ୍ର ।
ଶ୍ରୀରଂଗ ଅଧରେ ନିରେଖିଲି ଯେବେ
ଦରୋଟି ଦରୋଟି ହସ
ପ୍ରତେ ହେଲା ସତେ କାଳନ୍ଦୀ ଜଳେକି
ମାଣିକର ନାବ ସେତ ।
କରି କର ପ୍ରାୟେ ବେନି ଭୁଜ ଶୋହେ
ଚକା ଚକା ବେନି ନେତ୍ର
ଫେଇ ଡାକୁଥିଲେ ମହାପାପୀ ମାନେ
କରିବି ଆସ ମୁକତ ।

ମୃଗ ମଦ ଗନ୍ଧ ଅଗୁରୁ ଚନ୍ଦନ
କର୍ପୁରରେ ସୁବାସିତ
ସେ ଶ୍ରୀଅଂଗ ଶୋଭା କେଡ଼େ ମନଲୋଭା
ବର୍ଣ୍ଣିବି କହ କେମନ୍ତ ।
ବେନି କର୍ଣ୍ଣେ ସଖି ମକର କୁଣ୍ଡଳ
କିଣିଲା ମୋ ଚିତ୍ତ ବିତ୍ତ
ପୂର୍ଣ୍ଣ ସୁଧାକର ନିରେଖି ସାଗର
ପ୍ରାୟ ହେଲା ମନ ଗାତ୍ର ।
ଦେବଙ୍କୁ ଦୁର୍ଲଭ ନୟନ ସୁଲଭ
ଦେଖି କମଳାଙ୍କ କାନ୍ତ
ସୁଧାକର ଦେଖି ଚକୋର ପରାଏ
ଅପଲକ ହେଲା ନେତ୍ର ।
ପତିତ ଉଦ୍ଧାରି ମହୀ ଭାର ହରି
ସଂହାରି କେତେ ଯେ ଦୈତ୍ୟ
ବୀରବର ପଣେ ଉଡ଼ାଉଛନ୍ତି ସେ
ପତିତପାବନ ନେତ ।

ଦରଶନ ସାରି ଫେରିବା ଆଗରୁ
ଚଳିଲି କଳପ ବଟ
ଡୋରି ବାନ୍ଧି ହୁରି କରି ମୁଁ କହିଲି
ଶୁଣ କାଳିଆ ସାଆନ୍ତ ।
ସାରି ମୋ ସଂସାର ସଉଦା ହେ ପ୍ରଭୁ
ଛାଡ଼ିବା ଆଗରୁ ହାଟ
ଦରଶନ ଟିକେ ଦେଲେ ହେ ସାଆନ୍ତେ
ପାଥେୟ ହୁଅନ୍ତା ସେତ ।
ଆଶା ସିନା ଖାଲି କରୁଛି ଲୋ ସଖି
ହାତ ପାହାନ୍ତା କି ସେତ
ଜନମ ଦୁଃଖି ମୁଁ କପାଳଟା ମୋର
ଗଜ ଭକ୍ଷିଲା କପିତ୍ଥ ।

ବ୍ୟକ୍ତିଗତ ସହାୟକ
ଟୁ ଆର.ବି.-୪୨, ରୋଡ୍ ନଂ-୬
ୟୁନିଟ୍-୯, ଭୁବନେଶ୍ୱର



# ଅଭିଶପ୍ତ କବିର ମୁକ୍ତିଗାଥା

ଡକ୍ଟର ତ୍ରିନାଥ ପଟ୍ଟନାୟକ

**ସେ**ଦିନ କବି ବଳରାମ ଦାସ ମା' ଲକ୍ଷ୍ମୀଙ୍କ ପାଇଁ ବହୁତ ଦୁଃଖ ପ୍ରକାଶ କରିଥିଲେ । ଭକ୍ତି ଭାବରେ ଟାଣି ହୋଇ ଅଛବ ଶ୍ରୀୟା ଚାଣ୍ଡାଳୁଣୀ ଘରେ ଲକ୍ଷ୍ମୀ ବସି ଯାଇଥିଲେ ବୋଲି ପ୍ରଭୁ ବଳରାମ କେତେ କଥା କହି ନାହାନ୍ତି । 'ହାଡ଼ି ଘରେ ଥିବ ଲକ୍ଷ୍ମୀ ପାଣ ଘରେ ଥିବ, ସ୍ନାନ ନକରିଣ ବଡ଼ ଦେଉଳେ ପଶିବ । ଏଭଳି ସ୍ତ୍ରୀକୁ ପାଖରେ ରଖି ନଯୋଗାଇ, ଆମ୍ଭ ବାକ୍ୟମାନି ତାକୁ ଦିଅ ଘଉଡାଇ ।' ଶ୍ରୀଜଗନ୍ନାଥ ବଡ଼ଭାଇଙ୍କଠାରୁ ଏମିତି ନିର୍ଦ୍ଦେଶ ପାଇଲେ ସୁଦ୍ଧା ମନରେ କେମିତି ଅମଙ୍ଗ ଅମଙ୍ଗ ଭାବ । କାରଣ ତାଙ୍କ ମନ କହୁଥାଏ - 'ଲକ୍ଷ୍ମୀ ପରା ଭାରିଯାକୁ ଥରେ ଛାଡ଼ିଲେ ଆଉ ନପାଇବା ।' ମାତ୍ର ବଡ଼ ଭାଇ ବଳରାମଙ୍କର ଏକା ଜିଦ୍ - 'ଭାର୍ଯ୍ୟାଠାରେ ଲୋଭ ଯେବେ ଅଛି କହ୍ନାଇ, ତେବେ ମାଇପକୁ ନେଇ ଗ୍ରାମ ବାହାରେ ରହ ତୁହି । ମୋ' ବଡ଼ ଦେଉଳକୁ କିନ୍ତୁ ଆଉ ଆସିବୁନି ।'

ଲକ୍ଷ୍ମୀ ସେଦିନ ବହୁତ କାକୁତିମିନତି ହେଲେ । ସବୁ ଘଟଣା ବୁଝାଇ କହିଲେ । ବଡ଼ଭାଇ ବଳରାମ ଶୁଣିଲେନି କି ଶ୍ରୀଜଗନ୍ନାଥଙ୍କୁ ଆହା ବୋଲି ପଦୁଟିଏ ନକହି ବଡ଼ଦେଉଳରୁ ମା' ଲକ୍ଷ୍ମୀଙ୍କୁ ବାହାର କରିଦେଇଥିଲେ ।

ଏକଥା ଜାଣିଲା ପରେ ଭକ୍ତ ବଳରାମ ଦାସ ଦୁଃଖରେ କାନ୍ଦି ପକାଇ ଥିଲେ । ପରବର୍ତ୍ତୀ ସମୟରେ ଯାହାସବୁ ଘଟିଗଲା ସେସବୁ ଘଟଣାକୁ ନେଇ 'ଲକ୍ଷ୍ମୀପୁରାଣ' ଲେଖିଲେ । ଲକ୍ଷ୍ମୀଙ୍କ ପାଇଁ ତାଙ୍କ ମନ ବିଗଳିତ ହୋଇଯାଇଥିଲା । ସେ ଲକ୍ଷ୍ମୀଙ୍କ ମାହାତ୍ମ୍ୟକୁ ପ୍ରକାଶ କରିବାକୁ ଯାଇ ଲେଖନୀ ଚାଳନ କରିଥିଲେ ।

କିନ୍ତୁ ଆଜି ସେଦିନ ନାହିଁ । ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରାକୁ ସାଥୀରେ ଧରି ଗୁଣ୍ଡିଚା ମନ୍ଦିର ଯାଇଛନ୍ତି ରଥଯାତ୍ରା କରି । ଲକ୍ଷ୍ମୀ ଏବେ ସରଳା ଲକ୍ଷ୍ମୀ ନୁହନ୍ତି । ନିପଟ କଳିହୁଡ଼ି । ବାରକଥା କହି ଶ୍ରୀଜଗନ୍ନାଥଙ୍କୁ ଝଗାସୁଛନ୍ତି । ଯେତେ ଯାହାହେଲେ ସୁଦ୍ଧା କବି ବଳରାମ ହେଉଛନ୍ତି ଶ୍ରୀଜଗନ୍ନାଥ ପ୍ରାଣ । ପ୍ରଭୁ ତାଙ୍କୁ କେତେ ଭଲ ପାଆନ୍ତି । ଥରେ ରଥରେ ବସାଇ ପ୍ରଭୁ ବଳରାମ ଦାସଙ୍କୁ ଶ୍ରୀଲଙ୍କାକୁ ନେଇଯାଇଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ମୂର୍ଖ ମୁହଁରେ ସେ ବେଦାନ୍ତ ଚର୍ଚ୍ଚା କରାଇପାରିଛନ୍ତି । ପ୍ରଭୁଙ୍କଠାରୁ ବଳ ପାଇ ମଉହସ୍ତୀକୁ ସାବାଡ଼ କରି ଦେଇଛନ୍ତି ସେଇ ଦିନଠାରୁ ଲୋକେ ତାଙ୍କୁ ମତ୍ତ ବଳରାମ ବୋଲି ଡାକନ୍ତି । ପ୍ରଭୁଙ୍କର ଆଜ୍ଞା ହେଲା ସେ ରାମାୟଣ ଭଳି ବିରାଟ ଗ୍ରନ୍ଥକୁ ଅକ୍ଳେଶରେ ରଚନା କରିପାରିଲେ । ଆଉ ନିଜର ସାମାନ୍ୟ ଅପମାନର ପ୍ରତିଶୋଧ ନିମନ୍ତେ ବାଲିରଥରେ ତିନିଠାକୁରଙ୍କୁ ଦିନଦିନ ଧରି ବାନ୍ଧିରଖି ପାରିଛନ୍ତି । ମାନ-ଉଦ୍ଧାର ପ୍ରଭୁ ବଳିଆ ଦାସର ମାନ ରକ୍ଷା କରିଛନ୍ତି ।

ମାତ୍ର ଆଦି ସେବକ ବଳିଆ ଦାସ ପ୍ରଭୁଙ୍କ ନିନ୍ଦା କେମିତି ସହିବ । ପ୍ରଭୁ ଶ୍ରୀଜଗନ୍ନାଥ ସୁଭଦ୍ରାକୁ ସାଥୀରେ ନେଇ ଗୁଣ୍ଡିଚା ମନ୍ଦିରକୁ ଚାଲିଯାଇଛନ୍ତି ବୋଲି ତାଙ୍କର ଏଡ଼େ ଅପରାଧ ହୋଇଯାଇଛି । ଲକ୍ଷ୍ମୀ ଘର କଥା ଘରେ ନରଖି, ବିମଳେଇ ଆଉ ସରସ୍ୱତୀଙ୍କୁ ଡକାଇ ସଭା କରି ବସିଛନ୍ତି । ଛି' ଛି' ସ୍ୱାମୀ ନିନ୍ଦା କିଏ କ'ଣ ପର ଆଗରେ କରେ । ସ୍ୱାମୀ ନିନ୍ଦା ନର୍କେ ଯା'ନ୍ତି । ବଡ଼ଘର ବଡ଼ ଗୁମର କଥା, କିଏ ସେଥିରେ କଥା କହିବ ।

ମହାଲକ୍ଷ୍ମୀ କହୁଥାନ୍ତି - 'ବୁଝିଲ ବିମଳେଇ, ଇଏ ଆସି ମୋତେ କହିଲେ କାଲି ଗୁଣ୍ଡିଚା ଯାତ । ପାପୀମାନଙ୍କୁ ନିସ୍ତାର କରିବା ନିମନ୍ତେ ଆମ୍ଭେ ଦୁଇଭାଇ ରଥ ଚଢ଼ି ଗୁଣ୍ଡିଚା ମନ୍ଦିରକୁ ଯାଉଛୁ । ବାଟରେ ମାଉସୀ ମା'ଙ୍କୁ ମଧ ଭେଟିବୁ । ସାଥୀରେ ଜ୍ୟେଷ୍ଠ ଭାଇ ଯିବେ ତୁମେ କେମିତି ଭାଇ ବୋହୂଟା ହୋଇଯିବ । ଲୋକ ଗହଳିରେ ଛୁଆଁଛୁଇଁ ହୋଇଯିବ । ତୁମେ ବିମଳା ଓ ସରସ୍ୱତୀଙ୍କୁ ପାଖକୁ ଡାକି ସାଥୀ ହୋଇ ପଶା ଖେଳୁଥାଅ । ଆମେ ରଥଯାତ୍ରା ଶେଷ କରି ଫେରି ଆସୁଛୁ ।'

ଏଇ ସମୟରେ ଦାସୀ ଧଇଁସଇଁ ହୋଇ ଧାଇଁ ଆସି କହି ପକାଇଲା - 'ମା' ସାଆନ୍ତାଣୀ ! ପ୍ରଭୁ କ'ଣ ଏକା ଏକା ଗୁଣ୍ଡିଚା ଯାତକୁ ଯାଇଛନ୍ତି କି ସାଥୀରେ ପରା ସେ ଗେହ୍ଲା ଭଉଣୀ ବସନ୍ତ ମୁହଁକୁ ନେଇଛନ୍ତି । ଆଗରେ ବଳଭଦ୍ର ମଝିରେ ସେ ଫୁଲେଇ ଭଉଣୀ ସୁଭଦ୍ରା ଆଉ ପଛରେ ପ୍ରଭୁ ଜଗନ୍ନାଥ ଯାଉଛନ୍ତି । ସେମାନଙ୍କ ଆଗେ ଆଗେ ଗଜପତି ରାଜା ବିଜେ କରୁଛନ୍ତି । ସେମାନଙ୍କ ରଥ ଏବେ ବଳଗଣ୍ଡି ପାର ହୋଇ ଗଲାଣି ।'

'ମୁଁ କ'ଣ କରିପାରିବି । ମୋତେ ସିନା ନଯିବା ପାଇଁ ତିଆରି କହିଲେ । ଏବେ କିନ୍ତୁ ବଢ଼ିଲା ଭଉଣୀକୁ ସାଥୀରେ ଧରି ଦାଣ୍ଡରେ

ବୁଲୁଛନ୍ତି । ନିଜ ସ୍ତ୍ରୀକୁ ଉପେକ୍ଷା କଲେ । ମୋ' ଦେଢ଼ଶୂରତ ମଉନ ମୁହାଁ କଣ୍ଟିଆ ମାତ୍ର ଭଉଣୀ ନାରୀକୁ ସଙ୍ଗରେ ଘେନିଣ ରଥ ବାହିଯା'ନ୍ତି । ଆଉ ସେ ଭଉଣୀ ଖଣ୍ଡିକ କମ୍ କି ? ସେ ଗୋଟାଏ ଝାମ୍ପିଲା ବାଘୁଣୀ ।' - ଲକ୍ଷ୍ମୀ ଦୁଃଖ ଓ ଅଭିମାନରେ ଏକଥା କହିଲେ ।

ଏକଥା ଶୁଣି ସରସ୍ୱତୀ ଓ ବିମଳା ମୁହଁ ମୋଡ଼ି ହସି ପକାଇଲେ । ଆଉ ପେଟରେ କପଟ ରଖି ଉପର ମନରେ କହିଲେ - 'ଏବେ ଭିଣୋଇ ହୋଇବେ ସଢ଼ୁ । ବାହି ଆଗେ ପିନ୍ଧାଇବେ ଖଡ଼ୁ ।'

କବି ବଳରାମ ଦାସ ଆଡୁଆଳରେ ଥାଇ ସବୁ ଶୁଣୁଥାନ୍ତି । ପ୍ରଭୁଙ୍କୁ ରଥଯାତ୍ରାର ଅଧା ବାଟରେ ଛାଡ଼ି ଆସିଛନ୍ତି ମା' ଲକ୍ଷ୍ମୀଙ୍କ ହାଲଚାଲ ବୁଝିବାକୁ । କାରଣ ମା' ଲକ୍ଷ୍ମୀ ଦୁଃଖୀ ହେଲେ ବଳିଆ ଦାସଙ୍କୁ ଅନ୍ନପାଣି ପୀତା ଲାଗେ । ନିଜ ମା'ଙ୍କଠାରୁ ଅଧିକ ଭକ୍ତି କରନ୍ତି ସେ ମହାଲକ୍ଷ୍ମୀ । ବେଳେ ବେଳେ ମା' ପାଖରେ ଛୋଟ ପିଲା ଅଳି କରି ବସିଲା ଭଳି ସେ ଅଳିକରି ବସନ୍ତି ମା' ମହାଲକ୍ଷ୍ମୀଙ୍କ ଆଗରେ । ସେ ଭାବିଥିଲେ ମା'ଙ୍କର ଭଲ ମନ୍ଦ ଖବର ନେଇ ପ୍ରଭୁଙ୍କ ଆଗରେ ଜଣାଇ ପ୍ରଭୁଙ୍କୁ ଖୁସି କରାଇ ଦେବେ । ଆଉ ମହାଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦେଇ ଦିନ କେଇଟା ପ୍ରଭୁଙ୍କ ଅପେକ୍ଷାରେ କଟାଇ ଦେବାପାଇଁ କହିବେ । ଏଠିକୁ ଆସି ସେ ଏସବୁ କ'ଣ ଶୁଣୁଛନ୍ତି । ମହାଲକ୍ଷ୍ମୀଙ୍କ ମନରେ ଏ କି ପ୍ରକାର ଆବିଳତା । ଭଉଣୀକୁ ଭାଇମାନଙ୍କ ସହିତ ଯୋଡ଼ି କୁତ୍ସିତ ଅପନିନ୍ଦା । ସତରେ ନାରୀ ଜାତି ଅତି ଭୟଙ୍କର । ଭାରି ସନ୍ଦେହୀ । ନହେଲେ ଦାସୀଟା ଆସି କହୁଛି - 'ସୁଭଦ୍ରା ସଙ୍ଗରେ ବେନିପ୍ରାଣୀ, ଦିନୁ ଦିନୁ ପ୍ରୀତି ନବ ତରୁଣୀ, ତେଜି ଅଛି ଲଜ୍ଜା, ଏବେ ହୋଇଛି ଭଉଣୀ ଭାରିଯା' । ଲକ୍ଷ୍ମୀ ସ୍ୱାମୀଙ୍କର ଏ ଅପନିନ୍ଦାକୁ ଛାର ଦାସୀଟା ମୁହଁରୁ ଶୁଣୁଛନ୍ତି । ତା'ର ମୁହଁକୁ ବନ୍ଦ କରୁ ନାହାନ୍ତି ।

କବି ବଳରାମ ଦାସ ମନେ ମନେ କହୁଥାନ୍ତି - 'ତ୍ତିରୀ ଜାତି ତୁମେ ଅତି ମୁରୁଖ, ବୁଝାଇଲେ ହେଲେ କଥା ନରଖ, ସୁଭଦ୍ରା ଅଟେ ତୁମ୍ଭ ନଣନ୍ଦ, ପ୍ରିୟ କଥାକହି କର ଆନନ୍ଦ, ସେ ସନ୍ତୋଷ ହେବ, ପ୍ରିୟ ସଖୀ ସଙ୍ଗେ ପ୍ରଶଂସା ଦେବ ।' ମାତ୍ର ମହାଲକ୍ଷ୍ମୀ କିଛି ବୁଝୁଛନ୍ତି । ଅଭିମାନରେ ଫୁଲିଫୁଲି କାନ୍ଦିଲେଣି । କିଛି ବୁଝାଇ ଲାଭ ନାହିଁ । ସେ ସିନା ଜଗନ୍ନାଥଙ୍କ ଉପରେ ରାଗୁଥିଲେ କିନ୍ତୁ ପ୍ରଭୁ ଠିକ୍ କଥା କହିଛନ୍ତି । ସେଦିନ କୋପଭର ହୋଇ କହିଥିଲେ, 'ବାପ ତୋ' ଲୁଣିଆ ଯେ ଗରଜି ମରୁଥାଇ, ଝିଅ ଟେରୀ ତୋ' ଦୁର୍ଗୁଣ କହିଲେ ନସରେ, ବାପର ଗର୍ଜନ ଶବ୍ଦେ କିଏ ରହିପାରେ ?'

- 'ଏ ଟେରୀର ଗୁଣ କମ୍ ନୁହେଁ ।' ବଳରାମ ଦାସ ଆଉ ସହି ପାରିଲେ ନାହିଁ ବଡ଼ପାଟିରେ କହି ପକାଇଲେ । ନିଜ ପ୍ରଭୁଙ୍କୁ ପୁଣି ଏତେ ଅପବାଦ ? ସେ ଅବଶ୍ୟ 'ଭାବସମୁଦ୍ର'ରେ ପ୍ରଭୁଙ୍କୁ ବହୁ ଅପବାଦ ଦେଇଛନ୍ତି । ମାତ୍ର ତାହାଥିଲା ପ୍ରଭୁଙ୍କ ପ୍ରତି ଅଭିମାନ । ଏ ତ ଲକ୍ଷ୍ମୀଙ୍କର ଅଭିମାନ ନୁହେଁ କ୍ରୋଧ । କ୍ରୋଧ ପୁଣି ସନ୍ଦେହର ରୂପ ନେଲାଣି । ସେ ଆଉ ଲୁଚି ରହିପାରିଲେ ନାହିଁ । ଠାକୁରାଣୀଙ୍କ ସମ୍ମୁଖକୁ ଆସି କହି ପକାଇଲେ । ସତେ ଯେମିତି ସେ ମା'ଙ୍କ ସହିତ କଳି କରୁଛନ୍ତି - 'କାଣୀ ହୋଇ ନଥିଲେ ଆଉ କେତେ ପହିଜ କଥା କହିଥାନ୍ତ । ଯିଏ କାଣୀ ତାକୁ ଦୁନିଆଟା ଅଧା ଦେଖାଯାଏ, ପୂରା ନୁହେଁ । ଆଉ ଅଧିକ ତା' ପାଇଁ ଅନ୍ଧାର । ସେ ଭଲ କଥା କାହୁଁ ଦେଖିବ ?'

ବଳରାମ ଦାସଙ୍କୁ ସେଠାରେ ଦେଖି ବିମଳା ଆଉ ସରସ୍ୱତୀ ସେଠାରୁ ଜିଭ କାମୁଡ଼ି ଅପସରି ଗଲେ । ବଳିଆ ବାଲିରଥରେ ପ୍ରଭୁଙ୍କୁ ବସାଇ କି ପ୍ରକାର ଉଲୁଗୁଣା ଦେଇଛି ସେ ଜାଣନ୍ତି । ସବୁ ଗୋହି ଖୋଳି ଦେଇଛି । ଏବେ ସେ ଦୁହିଁଙ୍କୁ ଏଠି ଦେଖିଲେ କ'ଣ ନା କ'ଣ କରି ବସିବ । କ'ଣ ବୁଝିବ ଲଗେଇ ଜଟେଇ ଗୀତ ଲେଖି ଦେବ । ତା' ହାତରେ ଲେଖନୀ । ଜନ-ଜଗତ ତାହା ପଢ଼ି ସେମାନଙ୍କ ଅସଲ ଗୁମର ଜାଣିଯିବେ । ସେ ତ ଆମକୁ ମାନ୍ୟ କରୁଛି । ଏମିତି ମାନ୍ୟ କରୁଥାଉ । ତା' ସାଥୀରେ ଉଚ୍ଚବାଚ ହେଲେ କିଛି ଫଳ ଫଳିବନି ।

ନିଜର ଅନ୍ତରଙ୍ଗ ଆଳାପ ବେଳେ ଏଇଟା କିଏ । ଆମର କ'ଣ ବ୍ୟକ୍ତିଗତ ମତ କିଛି ନାହିଁ । ସ୍ୱାଧୀନତା ବୋଲି କିଛି ନାହିଁ । ପ୍ରଭୁ ବଳିଆଟାକୁ ମୁହଁ ଦେଇଛନ୍ତି ବୋଲି ମାଇପିମାନଙ୍କର କଥାବାର୍ତ୍ତା ବେଳେ ସେ ବିନା ଅନୁମତିରେ ଆସି ନାକ ବୁଡ଼ାଇ ଶୁଣିବ । ଲକ୍ଷ୍ମୀ ରାଗି ଗଲେ । ଲକ୍ଷ୍ମୀ ରାଗିଲେ ତ କାହାରି ନୁହନ୍ତି, ସେ ବାଇ ଠାକୁରାଣୀ ପୁଣି ହଟ କମଳିନୀ । ଲକ୍ଷ୍ମୀଦେବୀ ବଳିଆ ଦାସଙ୍କୁ ଆଙ୍ଗୁଠି ଦେଖାଇ କହିଲେ - 'ଦାସେ ! ତୁମେ କ୍ଷେତ୍ରରେ ଥିଲେ ସିନା ଆମ ସ୍ୱାମୀ ସ୍ତ୍ରୀ କଥାରେ ମୁଣ୍ଡ ପୂରାଉଛ । ମୁଁ ତୁମକୁ ଅଭିଶାପ ଦେଲି ତୁମେ କ୍ଷେତ୍ର ଲାଭ କରିପାରିବ ନାହିଁ ।

ବଳରାମ ଦାସେ ମହାଲକ୍ଷ୍ମୀଙ୍କ ଅଭିଶାପକୁ ମୁଣ୍ଡପାତି ସହିଗଲେ । ବିନା ପ୍ରତିବାଦରେ ସେ ଭାବିଥିଲେ ଶ୍ରୀଗୁଣ୍ଡିଚା ଯାତ ପରେ ପ୍ରଭୁ ଶ୍ରୀମନ୍ଦିର ପ୍ରବେଶ କରିବେ । ଆଉ ମୋତେ ଡକାଇ କିଛିଟା ସମାଧାନ କରିବେ । ସେ ଅଭିମାନ କରି ଆଉ ଶ୍ରୀମନ୍ଦିରକୁ ଗଲେ ନାହିଁ । ପ୍ରଭୁ ବି ଡକାଇଲେ ନାହିଁ । ସତେ ଯେମିତି ବଳିଆ ଦାସ ବୋଲି ଜଣେ ଭକ୍ତକୁ ସେ ଜାଣନ୍ତି ନାହିଁ ।

ବଳରାମ ଦାସ ଧରିନେଲେ ପ୍ରଭୁବୋଧେ ଚାହୁଁଛନ୍ତି ବଳିଆ ଶ୍ରୀକ୍ଷେତ୍ରରେ ବାସ ନକରୁ । ତେବେ ସେ କାହିଁକି ଶ୍ରୀକ୍ଷେତ୍ର ଷୋଳକୋଶ ମଧରେ ବାସ କରିବେ । ଲକ୍ଷ୍ମୀ ଯଦି ତାଙ୍କ ଜିଦ୍‌ରେ ଅଟଳ ତେବେ ସେ ଏତେ ବଡ଼ ପ୍ରଭୁଙ୍କର ଭକ୍ତ ହୋଇ କାହିଁକି ହଟି ଯିବେ । ସେ କ'ଣ ନିଜ ପାଇଁ କି ନିଜ କଥାକୁ ନେଇ ଲକ୍ଷ୍ମୀଙ୍କୁ ଦି'ପଦ ଶୁଣାଇ ଥିଲେ କି ? ଶେଷ ଜୀବନରେ କ୍ଷେତ୍ରଲାଭ ହୋଇପାରିବନି । ସମସ୍ତଙ୍କ ଭାଗ୍ୟରେ କ'ଣ କ୍ଷେତ୍ର ଲାଭ ଅଛି କି ? ଅଚ୍ୟୁତ, ଯଶୋବନ୍ତ ଅନନ୍ତ ପୁଣି କ୍ଷେତ୍ରବାସ କରୁନାହାନ୍ତି । ସେମାନେ କ'ଣ ମୁକ୍ତି ହେବେନି, କେବଳ ସେ କ୍ଷେତ୍ରବାସ କରିଥିଲେ ମୁକ୍ତି ହୋଇଯାଇଥାନ୍ତେ ? ପୁରୀରୁ ନିମାପଡ଼ା ଆସିବା ବାଟରେ ପଡ଼େ ଗୋପ ବୋଲି ସ୍ଥାନଟିଏ । କୁଶଭଦ୍ରା ନଦୀକୂଳ । ସେଇଠି କିଛି ଗାଁଟିଏ, ନା' ତା'ର ଏରବଙ୍ଗ । ଦାସେ ସେଇ ଗାଁକୁ

ଆସି କୁଡିଆଟିଏ ତିଆରି କଲେ । ସେତେବେଳକୁ ତାଙ୍କୁ ବୟସ ଅଧିକ ହୋଇଗଲାଣି । ବଳରାମ ଦାସ ବାବାଜୀଙ୍କ ନା' ଶୁଣି ଗାଁ ଲୋକମାନେ ବହୁତ ସମ୍ମାନ ଦେଲେ । ପାଳିକରି ଲୋକମାନେ ଖାଇବା ପିଇବା ବ୍ୟବସ୍ଥା କରାଇ ଦେଲେ । ଲୋକମାନଙ୍କ ଗହଣରେ ବସି ଦାସେ ଦିନରାତି ଜ୍ଞାନ ଚର୍ଚ୍ଚା କରିବାରେ ଲାଗିଲେ । ଭଜନ କୀର୍ତ୍ତନ ପୂଜାର୍ଚ୍ଚନାରେ ସମୟ କଟିଯାଉଥାଏ । ବେଳେ ବେଳେ ଲେଖନୀ ଧରି କ'ଣସବୁ ତାଳପତ୍ର ଖେଦାରେ ଲେଖୁଥାନ୍ତି ।

ସମୟର ସ୍ରୋତ ବହି ଚାଲିଛି । ସେ ପଞ୍ଚସଖାମାନଙ୍କ ମଧରେ ବଡ଼ । ଏବେ ବୁଢ଼ା ହୋଇଗଲେଣି ମଧ । ହାତ ଗୋଡ଼ ଚଳୁନି । ସେଇଟା ବୋଧେ ତାଙ୍କ ଜୀବନର ଶେଷ ଅବସ୍ଥା । ଦାସେ କାତର ଭାବରେ ପ୍ରଭୁଙ୍କୁ ସ୍ମରଣ କଲେ ବିକଳ ଭାବରେ ଡାକ ପକାଇଲେ - 'ପ୍ରଭୁ ! ବଳିଆର ଭୁଜ ଶ୍ରୀଜଗନ୍ନାଥ ! କାଳିଆ ଠାକୁର ! ଜୀବନରେ ବହୁତ କିଛି ସହିଛି । ବହୁକଥା ଅଙ୍ଗେ ଲିଭାଇଛି । ବହୁତ ଜ୍ଞାନ ଗାରିମା ଓ ଇତିହାସ କଥା ତୁମ ଦୟାରୁ ଲେଖିଗଲି । ଯେଉଁ 'ଲକ୍ଷ୍ମୀପୁରାଣ' ଘରେ ଘରେ ପରିଚିତ ଲକ୍ଷ୍ମୀଙ୍କ ମହିମା ସହିତ ଆପଣଙ୍କର କରୁଣା କଥା ମଧ ଉଲ୍ଲେଖ କରିଛି । ଆଜି ଓଡ଼ିଶାର ପ୍ରତ୍ୟେକ ଚାହାଳୀରେ ପଢ଼ା ଯାଉଥିବା କମଳଲୋଚନ ଚଉତିଶାରେ ଆପଣଙ୍କ କଥା ବର୍ଣ୍ଣନା କରି ଗାଇଛି - 'କମଳଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ରଧାରୀ । ଖଗ ଆସନେ ଖଗପତି, ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।' ଯେଉଁ ଲକ୍ଷ୍ମୀଙ୍କୁ ଏତେ ପ୍ରଶଂସା କରିଥିଲି, ସେହି ଲକ୍ଷ୍ମୀଙ୍କ ଅଭିଶାପରୁ ଆଜି ଅପନ୍ତରାରେ ପଡ଼ିଛି । ବାଟରେ ପଡ଼ି ମରୁଛି । ଲକ୍ଷ୍ମୀ କହିଥିଲେ କ୍ଷେତ୍ର ଲାଭ ହେବନି । ବାଟରେ ପଡ଼ି ମରିବୁ । ସତରେ ତାହା ଘଟିବାକୁ ଯାଉଛି । ମୁଁ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ଥରେ ମାତ୍ର ଏଇ ଚର୍ମ ନେତ୍ରରେ ତୁମକୁ ଦର୍ଶନ କରିବାକୁ ଚାହୁଁଛି । ମୋତେ ସେତିକି କୃପା କରନ୍ତୁ ।

ଶ୍ରୀନୀଳ କନ୍ଦରରେ ଥାଇ ବଳିଆ ଦାସର ବିକଳ କ୍ରନ୍ଦନ ପ୍ରଭୁ ଜଗନ୍ନାଥ ଶୁଣି ପାରିଲେ । ସେ ଭାବଗ୍ରାହୀ । ଭକ୍ତର ବିକଳ ପ୍ରାର୍ଥନା ନ ଶୁଣନ୍ତେ ବା କିପରି ? ଗରୁଡ଼କୁ ଡାକି କହିଲେ ଏରବଙ୍ଗ ଯିବା ପାଇଁ । ଏଇ ସମୟରେ ମହାଲକ୍ଷ୍ମୀ ଆସି ପହଁଚି ଗଲେ । କହିଲେ ପ୍ରଭୁ ! କେଉଁ ଆଡ଼େ ଯିବା ପାଇଁ ବାହାରିଛନ୍ତି କି ?

'ବଳରାମ ଦାସର ମର୍ତ୍ତ୍ୟ ରହଣୀ ସରି ସରି ଆସୁଛି । ସେ ଅସୁସ୍ଥ ତାକୁ ମୁକ୍ତି ଦେବାକୁ ହେବ । ମୁଁ ତା' ନିକଟକୁ ଯାଉଛି ' - ପ୍ରଭୁ ବ୍ୟସ୍ତ ମନ ନେଇ ଉତ୍ତର ଦେଲେ ।

- 'ତେବେ ଅପେକ୍ଷା କରନ୍ତୁ ମୁଁ ଆପଣଙ୍କ ସହିତ ଯିବି ।'
- 'କାହିଁକି ଅଭିଶାପ କେମିତି କାମ ଦେଇଛି ତା' ପରଖିବା ପାଇଁ ?'
- 'ନା ନା ମା' ମନରେ ସେମିତି କିଛି ନଥାଏ । ମା' ଗାଳି ଦାଣ୍ଡ ଧୂଳି । ଅଝଟିଆଟା କ'ଣ ପଦେ କହି ଦେଇଥିଲା ବୋଲି ତା' କଥା କ'ଣ ମୁଁ ଧରି ବସିଛି । ସେ କ୍ଷମା ମାଗିବାକୁ ମୋ' ପାଖକୁ ଆସିଲାନି ବୋଲି ଏ ଶେଷ ବେଳାରେ ମୁଁ କେମିତି ତାକୁ ଦେଖା ନଦେଇ ରହିବି । ଲୋକେ କ'ଣ କହିବେ । ମା'ର ମହତ୍ତ୍ୱ କ'ଣ ରହିବ ?

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ବଳରାମ ଦାସଙ୍କ କୁଡ଼ିଆରେ ପ୍ରବେଶ କଲେ । କୁଟୀରଟି ଦିବ୍ୟ ଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଲା । ଦାସେ ଶେଜରେ ଶୋଇ ସାମାନ୍ୟ ଆଖି ଖୋଲି ଚାହିଁଲେ । ଦେଖିଲେ ଗରୁଡ଼ ପୃଷ୍ଠରେ ଶଙ୍ଖ ଚକ୍ରଧାରୀ ପ୍ରଭୁ ଜଗନ୍ନାଥ ଆଉ କୋଳରେ ମା' ମହାଲକ୍ଷ୍ମୀ । କମଳନୟନୀ କମଳା କରୁଣା ଦୃଷ୍ଟିରେ ତାଙ୍କୁ ଚାହିଁଛନ୍ତି । ଦାସେ କାରୁଣ୍ୟ ହସି ହସି କହିଲେ - 'କିଲୋ କାଣୀ, ଏବେ କ'ଣ ହେଲା ?'

ଲକ୍ଷ୍ମୀ ଉତ୍ତର ଦେଲେ - 'କ'ଣ ହେଲା, ଏ କ'ଣ କ୍ଷେତ୍ର କି ?'

ଦାସେ କହିଲେ - 'କିଲୋ, କ୍ଷେତ୍ର ଆଉ କାହାକୁ କୁହନ୍ତି ? ତୁମେ ଘଇତା ମାଇପ ତ ଯେଉଁଠି, କ୍ଷେତ୍ର ତ ସେଇଠି, ଆଉ କ୍ଷେତ୍ର ଅଇଲା କେଉଁଠି ?

ମହାଲକ୍ଷ୍ମୀ ଏବେ ନିରୁତ୍ତର । ସାମାନ୍ୟ ହସି ଦେଲେ । ଆଉ ଭାବିଲେ ବଳିଆ ମୋ' ପାଇଁ କ'ଣ ନକରିଛି । ଲକ୍ଷ୍ମୀପୁରାଣ ଲେଖି ମୋ' ମହିମା ପ୍ରଚାର କରିଛି । ନାରୀ ଜାତିକୁ ନ୍ୟାଯ୍ୟ ଅଧିକାର ଦେବା ପାଇଁ ବିପ୍ଳବ ସୃଷ୍ଟି କରିଛି । ପ୍ରଭୁଙ୍କୁ ନ୍ୟୁନକରି ନାରୀ ଜାତିର ପ୍ରତିନିଧି ରୂପେ ମୋତେ ଠିଆ କରାଇ ମୋର ବଡ଼ିମା ଗାଇଛି । ମୋ' ପାଇଁ ଯୁକ୍ତି ବାଢ଼ିଛି । ନାରୀ ଜାତିର ଶୃଙ୍ଖଳା ପାଇଁ ବ୍ରତ ବିଧାନ ଓ ନିୟମ ସୃଷ୍ଟି କରିଛି । ସୁଦଶାବ୍ରତ ତାର ଭିଆଣ । ମହାକ୍ରୋଧୀ ମୋ ଦେଢ଼ଶୁରଙ୍କ ମୁହଁରେ କୁହାଇଛି - 'ଆହୁରି କଥାଏ ଶୁଣ ଜଗନ୍ନାଥ ଭାଇ । ଲକ୍ଷ୍ମୀ ବଡ଼ ବୋଲି ଏବେ ଜାଣିଲଇଁ ।' ପୁଣି ଦାସେ ଲେଖିଛନ୍ତି - 'ଏ ପୁରାଣ ପଢ଼ିଲେ ସର୍ବ ସିଦ୍ଧି ହୁଏ । ସୂର୍ଯ୍ୟୋଦୟ ତମସମ ପାପକ୍ଷୟ ଯାଏ । ଏ ପୁରାଣ ଅଟଇ ମୁକତିର ପଥ । ଭାବେ ବଳରାମ ଦାସ ଏ ଗୀତେ ଗାଇଲା ... ।' ତେବେ ମୋର ପ୍ରିୟ ପୁତ୍ର ବଳରାମ ମୁକ୍ତି ପଥରେ ଯାଉ । ବୈକୁଣ୍ଠ ପ୍ରାପ୍ତି ହେଉ । ମୁଁ ମାଆ ହୋଇ ତାକୁ କ୍ଷମା ଦେବି । ସତରେ ଆମେ ଲକ୍ଷ୍ମୀ ନାରାୟଣ ଯେଉଁଠି ସେଇତ ବୈକୁଣ୍ଠ ସେଇତ ଶ୍ରୀକ୍ଷେତ୍ର । ବଳିଆକୁ କ୍ଷେତ୍ର ପ୍ରାପ୍ତି ହେଉ ।

ମହାଲକ୍ଷ୍ମୀ ବଳରାମ ଦାସଙ୍କ ମୁଣ୍ଡକୁ ଧୀରେ ଧୀରେ ଆଉଁସି ଦେଉ ଦେଉ କହିଲେ - 'ବଳିଆ ତୋତେ ଶ୍ରୀକ୍ଷେତ୍ର ପ୍ରାପ୍ତ ହେଉ । ତୋ' ପାଇଁ ଏଇ ଏରବଙ୍ଗ ଦ୍ୱିତୀୟ ଶ୍ରୀକ୍ଷେତ୍ର ହେଲା ।' ଦାସେ ଅଳ୍ପ ହସି ଲକ୍ଷ୍ମୀ ନାରାୟଣଙ୍କୁ ହାତ ଯୋଡ଼ି ପ୍ରଣାମ କରୁ କରୁ ଶେଷ ନିଶ୍ୱାସ ତ୍ୟାଗ କଲେ । ସେତେବେଳକୁ ପଶ୍ଚିମ ଆକାଶରେ ସନ୍ଧ୍ୟା ନଇଁ ଆସୁଥିଲା । ଧନ୍ୟ ଭକ୍ତ, ଧନ୍ୟ ଭଗବାନ ।

ସଂପାଦକ
ପୁରାଣ ପତ୍ରିକା, ନିଆଳୀ, କଟକ



# ଶ୍ରୀପୁରୁଷୋତ୍ତମ ପୀଠର ମଠ ଆଶ୍ରମ ସଂସ୍କୃତି

ପ୍ରଫେସର ଜଗନ୍ନାଥ ମହାନ୍ତି

**ଶ୍ରୀ**ଜଗନ୍ନାଥ ଧାମ ପ୍ରାଚୀନ କାଳରୁ ଶ୍ରୀକ୍ଷେତ୍ର, ଶ୍ରୀପୁରୁଷୋତ୍ତମ ଧାମ, ଶଙ୍ଖକ୍ଷେତ୍ର ଆଦି ନାମରେ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ । ଏହାର ମହିମା ସମଗ୍ର ଆର୍ଯ୍ୟାବର୍ତ୍ତ ତଥା ଭାରତବର୍ଷରେ ପ୍ରଖ୍ୟାତ । ତେଣୁ କହାଯାଇଛି -

‘ଭାରତ ସରସେ ଉତ୍କଳ କମଳ
ତା’ ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।’

ଏହି ପବିତ୍ର ନୀଳାଚଳ ଧାମ ଏକ ପୁଣ୍ୟପୀଠ, ତୀର୍ଥକ୍ଷେତ୍ର ନାମରେ ପୁରାଣ ଶାସ୍ତ୍ରରେ କୀର୍ତ୍ତିତ ହୋଇ ନୀଳକନ୍ଦରରେ ବିରାଜିତ ହୋଇଛନ୍ତି ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ । ଚତୁର୍ଦ୍ଧାମୂର୍ତ୍ତି ଭାବରେ ସେମାନେ ଏଠାରେ ପୂଜିତ ସମସ୍ତଙ୍କ ଦ୍ୱାରା ସ୍ୱର୍ଗର ଦେବତାଙ୍କଠାରୁ ନର କିନ୍ନର ଯାଏ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବହୁ ସାଧୁସନ୍ଥ, ବିଦ୍ୱାନ, ପଣ୍ଡିତଙ୍କୁ ଆକୃଷ୍ଟ କରିଛି । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଆଦି ସଂପ୍ରଦାୟର ମହାତ୍ମା ସାଧୁସନ୍ଥଗଣ ଏଠାର ଆଧ୍ୟାତ୍ମିକ ଆକର୍ଷଣରେ ଆକୃଷ୍ଟ ହୋଇ ସମବେତ ହୁଅନ୍ତି । ସେମାନଙ୍କ ସମାବେଶରେ ଶ୍ରୀକ୍ଷେତ୍ର ହେଉଛି ପବିତ୍ର ଏବଂ ସେମାନଙ୍କ ଜୟଗାନରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରତିଧ୍ୱନିତ । ଏଠାକୁ ଆସିଥିଲେ ଆଦି ଶଙ୍କରାଚାର୍ଯ୍ୟ, ନିମ୍ବାର୍କ, ରାମାନୁଜ, ମଧ୍ୱାଚାର୍ଯ୍ୟ, ଶ୍ରୀଚୈତନ୍ୟ, କବୀର, ନାନକ ପ୍ରମୁଖ ସାଧୁସନ୍ଥ । ସେମାନଙ୍କ ସ୍ମାରକୀ ରୂପେ ଏଠାରେ କାଳକ୍ରମେ ଗଢ଼ି ଉଠିଛି କେତେକ ଆଶ୍ରମ । ସେମାନଙ୍କ ସାମୟିକ ରହଣି ଶିଷ୍ୟ ପ୍ରଶିଷ୍ୟମାନଙ୍କ ଅବସ୍ଥାନ, ସେସବୁ ଧର୍ମ ମତର ପ୍ରଚାର ଓ ପ୍ରସାର ନିମିତ୍ତ ଏଠାରେ ଗଢ଼ି ଉଠିଲା ବହୁ ଆଶ୍ରମ, ମଠମନ୍ଦିର ।

ସାଧୁସନ୍ଥମାନଙ୍କ ସ୍ୱକୀୟ କାର୍ଯ୍ୟକଳାପ ବ୍ୟତୀତ ଏହି ମଠ ମନ୍ଦିର ଓ ଆଶ୍ରମମାନ ଶ୍ରୀଜଗନ୍ନାଥଙ୍କ ଲୀଳା, ପୂଜାପାର୍ବଣ, ଯାନିଯାତ୍ରା, ଏମିତିକି ଦୈନନ୍ଦିନ ନୀତିନିୟମ ସହିତ ସଂପୃକ୍ତ ଓ ଅନୁବନ୍ଧିତ ହେଲେ । ସେମାନଙ୍କ ମଧ୍ୟରୁ ଅନେକ ମଠ ଓ ଆଶ୍ରମ ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କ ସହିତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ହୋଇ ସେମାନଙ୍କ ଦର୍ଶନ, ଭଜନ, କୀର୍ତ୍ତନ ଉପାସନା, ପର୍ବପର୍ବାଣି ପାଳନରେ କେବଳ ଯୋଗଦାନ କରନ୍ତି ନାହିଁ, ସେମାନେ ସେଥିପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଗ୍ରହଣକୁ ନିଜ ନିଜର ସୌଭାଗ୍ୟ ମନେ କଲେ । ଏହିସବୁ ଦାୟିତ୍ୱ କାଳକ୍ରମେ ପାରମ୍ପରିକ ରୀତିନୀତିରେ ପରିଣତ ହେଲା । ସାଧୁସନ୍ଥଙ୍କ ବ୍ୟତୀତ ଦେଶର ବହୁ ରାଜା ମହାରାଜା, ଧନୀ ଜମିଦାର ଶ୍ରୀକ୍ଷେତ୍ରରେ ନିଜ ନିଜର ବସତି ‘କୋଠି’, ଆଶ୍ରମ, ମଠ, ମନ୍ଦିର ସ୍ଥାପନ କରିବାକୁ ପରମ ଗୌରବ ବୋଲି ବିଚାର କଲେ । ସେମାନେ ମଧ୍ୟ ଶ୍ରୀମନ୍ଦିର ପୂଜାପାର୍ବଣରେ ଭାଗ ନେବା ପାଇଁ ପ୍ରଚୁର ଜମିବାଡ଼ି, ଗ୍ରାମ ଶାସନ ଆଦି ଖଞ୍ଜି ଦେଲେ । ମଠ ମନ୍ଦିର ଓ ଆଶ୍ରମମାନ କ୍ରମେ ସଂପୃକ୍ତ ସଂପ୍ରଦାୟର ଦେବଦେବୀଙ୍କ ଦୈନନ୍ଦିନ ପୂଜାପାର୍ବଣ ସହିତ ଶ୍ରୀଜଗନ୍ନାଥଙ୍କ କେତେକ ଉପାସନା, ଯାନିଯାତ୍ରା ଓ ଭୋଗ, ‘ବେଶ’ ଇତ୍ୟାଦିର ଦାୟିତ୍ୱ ସଂପାଦନ କଲେ । କାଳକ୍ରମେ ପୁରୀରେ ମଠମନ୍ଦିର ଏକ ସ୍ୱତନ୍ତ୍ର ସଂସ୍କୃତିରେ ପରିଣତ ହେଲା ।

ମଠମନ୍ଦିର ଓ ଆଶ୍ରମର ସଂଖ୍ୟା ପୁରୀରେ ଶତାଧିକ ହେଲା । ସେଗୁଡ଼ିକ ମଧ୍ୟରେ ମଙ୍ଗୁମଠ, ରାଧାବଲ୍ଲଭ ମଠ, ଏମାର ମଠ, ଶ୍ୟାମକୁଞ୍ଜ ମଠ, ରାଘବ ଦାସ ମଠ, ଗୋବର୍ଦ୍ଧନ ମଠ, ତ୍ରିମାଳୀ ମଠ, ଶଙ୍କରାନନ୍ଦ ମଠ, ବଡ଼ସନ୍ଥ ମଠ, ସାନସନ୍ଥ ମଠ, ଜଗନ୍ନାଥ ବଲ୍ଲଭ ମଠ, ଉତ୍ତରପାର୍ଶ୍ୱ ମଠ, ଦକ୍ଷିଣପାର୍ଶ୍ୱ ମଠ ଆଦି ଅଧିକ ପ୍ରସିଦ୍ଧ । ଭୃଗୁ ଆଶ୍ରମ, ଅଙ୍ଗୀରା ମଠ, ରାମଦାସ ମଠ, ପଣ୍ଡୁ ଆଶ୍ରମ ମଠ, ଗିରିସ୍ୱାମୀ ମଠ, କବୀର ମଠ ପରାଶର ମଠ ଆଦି କେତେ ମହାତ୍ମା ତଥା ମୁନିଋଷିଙ୍କ ପବିତ୍ର ସ୍ମୃତି ବହନ କରିଛି । ସେମିତି ଚିକିଟି ମଠ ଜୟପୁର ମଠ, କେନ୍ଦୁଝର ମଠ, ଘୁମୁସର ମଠ, ଦର୍ପଣୀ ମଠ ଆଦି ରାଜା ଜମିଦାରଙ୍କ ଦ୍ୱାରା ପ୍ରତିଷ୍ଠିତ । ଗୋଟିଏ ବିବରଣୀରୁ ସ୍ପଷ୍ଟ ହୋଇଛି ଯେ ସନ୍ନ୍ୟାସୀମାନଙ୍କ ସ୍ଥାପିତ ମଠ, ସଂଖ୍ୟା ହେଲା ୫୨, ଆନ୍ଧ୍ରମଠ ସଂଖ୍ୟା ୧୨, ଦ୍ରାବିଡ଼ ମଠ ସଂଖ୍ୟା ୧୮, ମହାରାଷ୍ଟ୍ର ମଠ ସଂଖ୍ୟା ୮, କନୌଜ ମଠ ସଂଖ୍ୟା ୫, ଏକାଦଶୀ ମଠ ସଂଖ୍ୟା ୩, ଓଡ଼ିଆ ମଠ ସଂଖ୍ୟା ୧୪, ଗୌଡୀୟ ମଠ ସଂଖ୍ୟା ୫, ମନୋଦଣ୍ଡୀ ମଠ ସଂଖ୍ୟା ୧୫, ତ୍ରିଦଣ୍ଡୀ ମଠ ସଂଖ୍ୟା ୩ । ମଠମୁଖ୍ୟଙ୍କୁ ମହନ୍ତ ବା ମଠାଧୀଶ କହନ୍ତି ଏବଂ ବରିଷ୍ଠ ଶିଷ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରାଯାଇ ଆବଶ୍ୟକ ପଡ଼ିଲେ ଗାଦିନସୀନ କରନ୍ତି । ସଂଯମ, ଶୃଙ୍ଖଳା ଓ ସଦାଚାର

ଥିଲା ମଠ ଜୀବନଚର୍ଯ୍ୟାର ମୂଳମନ୍ତ୍ର । ଆଧ୍ୟାତ୍ମିକ ଚିନ୍ତନ, ଭକ୍ତିନିଷ୍ଠ ଉପାସନା, କୃଚ୍ଛ୍ରସାଧନ ଓ ସଂଯତ ଜୀବନଧାରଣ ଥିଲା ମଠାଧୀଶମାନଙ୍କଠାରୁ ଆରମ୍ଭ କରି ମଠର ସମସ୍ତ ଅନ୍ତେବାସୀ ପର୍ଯ୍ୟନ୍ତ । ମଠ ଆଶ୍ରମ ଥିଲା ଏକ ସାଂସ୍କୃତିକ ପୀଠ, ସେବାସ୍ଥଳ ଓ ଶିକ୍ଷା କେନ୍ଦ୍ର । ମଠମନ୍ଦିରଗୁଡ଼ିକ ବିଭିନ୍ନ ଯାନିଯାତ୍ରା ସଂଗଠନ କରାଯାଉଥିଲା, ବିଭିନ୍ନ ସେବାକାର୍ଯ୍ୟରେ ସେମାନେ ପ୍ରବୃତ୍ତ ଥିଲେ । କେତେକ ମଠ ଆଶ୍ରମରେ ସଂସ୍କୃତ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିଲା ଏବଂ ଦରିଦ୍ର ଛାତ୍ରଛାତ୍ରୀମାନଙ୍କ ରହଣି ଓ ଅନ୍ନସଂସ୍ଥାନର ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ମଠ ତରଫରୁ ସାଧୁସନ୍ନାସୀ, ତୀର୍ଥଯାତ୍ରୀ, ଭିକ୍ଷୁକମାନଙ୍କୁ ପ୍ରତିଦିନ ମହାପ୍ରସାଦ ବଣ୍ଟନ କରିଥାନ୍ତି । ପୂର୍ବେ ବହୁ ମଠାଧୀଶଙ୍କୁ ନିମନ୍ତ୍ରଣ କରି ଗଜପତି ରାଜା ଶ୍ରୀମନ୍ଦିର ପୂଜା, ପର୍ବପର୍ବାଣି ସଂପର୍କରେ ପରାମର୍ଶ କରୁଥିଲେ ।

ସାଧୁସନ୍ଥ ଓ ମହାତ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକ ଶ୍ରୀଜୀଉମାନଙ୍କର ସେବାପୂଜାରେ ଭାଗ ନେଇ ଧନୀ ହୁଅନ୍ତି । ଦୃଷ୍ଟାନ୍ତ ସ୍ୱରୂପ ପୁରୀର ବୃହତ୍ତମ ମଠ ଏମାର ମଠ ଦ୍ୱାଦଶ ଶତାବ୍ଦୀର ବିଖ୍ୟାତ ଦାର୍ଶନିକ ରାମାନୁଜଙ୍କ ଦ୍ୱାରା ସ୍ଥାପିତ ହୋଇ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ସକ୍ରିୟ ଯୋଗଦାନ କରିଥାନ୍ତି । ସେସମୟରେ ମଧ୍ୟ ରାଘବ ଦାସ ମଠ ତରଫରୁ ଜୀଉମାନଙ୍କ ମନୋରମ ଟାହିଆମାନ ପ୍ରସ୍ତୁତ କରାଇ ଯୋଗାଇଥାନ୍ତି । ଆଦି ଶଙ୍କରାଚାର୍ଯ୍ୟଙ୍କ ସ୍ଥାପିତ ଗୋବର୍ଦ୍ଧନ ମଠ ଆବଶ୍ୟକ ତୁଳସୀମାନ ଶ୍ରୀଜୀଉମାନଙ୍କ ପାଇଁ ଯୋଗାଇଥାନ୍ତି । ପ୍ରାୟ ପ୍ରତ୍ୟେକ ମଠ ଜୀଉମାନଙ୍କ ଉପାସନା ଓ ବେଶ ପ୍ରସାଦ ଆଦି ପାଇଁ ନିଜ ନିଜର କର୍ତ୍ତବ୍ୟ କରିଥାନ୍ତି । ଉଦାହରଣ ସ୍ୱରୂପ, ଉତ୍ତରପାର୍ଶ୍ୱ ମଠ ସୁସ୍ୱାଦ ମିଷ୍ଟାନ୍ନ ସମର୍ପଣ କରିଥାନ୍ତି । ଜୀଉମାନଙ୍କରେ ଶୃଙ୍ଗାର ଓ ସାଜସଜ୍ଜା ପାଇଁ ପ୍ରଚୁର ତୁଳସୀ, ଦୟଣା, ପୁଷ୍ପାଦି ମଠମାନେ ଯୋଗାଇଥାନ୍ତି । ଝାଞ୍ଜପିଟା ମଠ ତରଫରୁ ପ୍ରତିଦିନ ପ୍ରଭାତରୁ ବିଭିନ୍ନ ବାଦ୍ୟବାଦନ କରି ଜୀଉମାନଙ୍କୁ ଜାଗ୍ରତ କରିଥାନ୍ତି । ଝାଡୁମଠ ସେମିତି ପ୍ରତିଦିନ ମନ୍ଦିର ପରିସର ପରିଷ୍କାର କରନ୍ତି । ଏହିପରି ମଠ ସଂସ୍କୃତି ଆଧ୍ୟାତ୍ମିକ, ସାମାଜିକ ଓ ଶୈକ୍ଷିକ କାର୍ଯ୍ୟ କଳାପରେ ଋଦ୍ଧିମନ୍ତ ହୋଇଥିଲା ।

କାଳକ୍ରମେ ମଠ ଆଶ୍ରମଗୁଡ଼ିକରେ ଦୁର୍ନୀତି ଓ ଅପସଂସ୍କୃତି ଅନୁପ୍ରବିଷ୍ଟ ହେଲା । ଦେବୋତ୍ତର ବିଭାଗଗୁଡ଼ିକର ପରିଚାଳନା ଦାୟିତ୍ୱ ଗ୍ରହଣ କରି ମଧ୍ୟ ଆଶାନୁରୂପ ସଂସ୍କାର ଆଣିପାରିନାହିଁ । ମଠ ଆଶ୍ରମଗୁଡ଼ିକର ବହୁ ଭୂସଂପତ୍ତି ଅନେକ ସ୍ୱାର୍ଥପର କୃଷକ ଓ ଭାଗୀଦାରମାନଙ୍କ ଦ୍ୱାରା ଆତ୍ମସାତ୍ ହେଉଛି । ଏବେ ମଧ୍ୟ ଆବଶ୍ୟକ ଆୟ ଅଭାବରୁ ମନ୍ଦିର ମଠଗୁଡ଼ିକର ପରିଚାଳନା ପୂଜାପାର୍ବଣରେ ବାଧା ସୃଷ୍ଟି ହେଉଛି । ଶ୍ରୀମନ୍ଦିର ପ୍ରତି ନିଜର ପାରମ୍ପରିକ କର୍ତ୍ତବ୍ୟ ସଂପାଦନରେ ସେମାନେ ଅସମର୍ଥ ହେଉଛନ୍ତି । ବିଭିନ୍ନ ମଠ ଓ ଆଶ୍ରମରେ ଚଳି ଆସୁଥିବା ସେବା ଓ ଶିକ୍ଷା ସଂପର୍କୀୟ କାର୍ଯ୍ୟ ମଧ୍ୟ ସଂପାଦିତ ହୋଇପାରୁନାହିଁ । ଫଳରେ ଦରିଦ୍ର ରୁଗୁଣ ଓ ଅନାଥ ପିଲାଙ୍କୁ ଯେଉଁ ଅନ୍ନଦାନ ହେଉଥିଲା ବନ୍ଦ ହୋଇଗଲାଣି । ଅଥଚ ମଠ ଆଶ୍ରମରେ ମୂଲ୍ୟବାନ ସଂପତ୍ତି ତୋଷରପାତ ହେଉଛି । ସୁତରାଂ ସରକାର ଦୃଢ଼ ପଦକ୍ଷେପ ନେଇ ଦେବୋତ୍ତର ବିଭାଗକୁ ଦୃଢ଼, ସ୍ୱଚ୍ଛ ଓ ସକ୍ରିୟ କରିବା ସହିତ ରାଜସ୍ୱ ଓ ଭିଜିଲାନ୍ସ ବିଭାଗକୁ ଏଥିପ୍ରତି ଯତ୍ନବାନ୍ କରାଇବା ଉଚିତ ।

୨ ୯୩୫
ଗୌରୀନଗର, ଭୁବନେଶ୍ୱର

# ସେ ରଥ ହେଉ ପୁଣ୍ୟର

ବିମଳା ସିଂହ

ବଡ଼ ଦେଉଳରେ ପୂଜା ପାଉବୋଲି
ନାଆଁଟୋ' ବଡ଼ ଠାକୁର,
ହାତ ପାଦ ନାହିଁ ପଲକ ପଡ଼େନି
ଏକି ତୋ'ର ଅବତାର ! ॥ ୦ ॥
ବଡ଼ଦାଣ୍ଡ ଦିଅଁ ଚତୁର୍ଦ୍ଧା ମୂରତି
ବଳିଆ ଭାଇଙ୍କୁ ନେଇ
ଭଉଣୀ ସୁଭଦ୍ରା ଗେଲବସରିଆ
ସଙ୍ଗେ ରଥେଯାଉ କିପାଇଁ ?
କହିବାକୁ ଥରେ ମଉନ ଗୋସାଇଁ
କି ହୃଦର ଏ ତୋ'ର
ବଡ଼ ଦେଉଳରେ ... ॥ ୧ ॥
ପାପ ନାଶ ପାଇଁ ରୂପ ବଦଳାଉ
ଯୁଗ ଯୁଗ ପାଇଁ ତୁହି,
ନିତି ଅଘଟଣ ଘଟେ ତୋ' ଦେଉଳେ
ଜାଣିକି ରହିଛୁ ଶୋଇ,
ମାନ ତେଜିବାରେ ଉଠ ମହାପ୍ରଭୁ
କଳୁଷ କରତୁ ଦୂର
ବଡ଼ ଦେଉଳରେ ... ॥ ୨ ॥

ଦାସୀଆ ବାଉରୀ ଭକ୍ତ ସାଲବେଗ
ସଖା ତୋ' ବିଦୁର ଥିଲେ,
ମହାଭକତଙ୍କ ଡାକ ତୁ ଶୁଣିଲେ
ଦେଖା ଦେଉଥିଲୁ ହେଲେ,
କଳିଯୁଗରେ କି ଦୟାର ପସରା
ଶୂନ୍ୟ ତୋ'ର ହୃଦୟର
ବଡ଼ ଦେଉଳରେ ... ॥ ୩ ॥
ମୁଁ ଯେ ଚିରଦାସୀ ଅଟଇ ତୁମ୍ଭର
ଲୀଳାମୟ ହେ ଗୋସାଇଁ
ଦରଶନ ଦିଅ ମିନତୀ କରୁଛି
ପାପ ନାଶ ହେବା ପାଇଁ
ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠା କର ହେ
ସେ ରଥ ହେଉ ପୁଣ୍ୟର
ବଡ଼ ଦେଉଳରେ ... ॥ ୪ ॥

ଶିକ୍ଷୟିତ୍ରୀ
ଭ୍ରମରବର ବିଦ୍ୟାପୀଠ, ଟମାଣ୍ଡୋ, ଖୋର୍ଦ୍ଧା



# ମୋର ହୃଦୟ ଭକ୍ତଜନ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

'ଅହର୍ନିଶଂ ମେ ତବପାଦପଦ୍ମାନ୍ନାପୈତୁ ମତ୍‌ପ୍ରାର୍ଥିତମେତଦେବ ।
ତ୍ୱାଂ ସଚ୍ଚିଦାନନ୍ଦସୁପୂର୍ଣ୍ଣସିନ୍ଧୁଂ ପ୍ରାପ୍ତାସ୍ତୁ ଯେ ଜନ୍ମ ସହସ୍ରଭାଗୈଃ ।
କିଂ ତେ ହି ପଶ୍ୟନ୍ତି ଲବୈକସୌଖ୍ୟମନେକଦୁଃଖଂ ବିଷୟେନ୍ଦ୍ରଜାଲମ୍ ।।'
(ପୁରୁଷୋତ୍ତମ ମହାତ୍ମ୍ୟ - ୨୧/୧୪,୧୫)

**ହେ** ମହାପ୍ରଭୋ ! ଆପଣଙ୍କର ଅଭୟ ପାଦପଦ୍ମରେ ମୋର ଏହି ପାପୀୟସୀ ବୁଦ୍ଧି ସର୍ବଦା ଯେପରି ଲୀନ ରହୁ ଏବଂ କେବେହେଲେ ତହିଁରୁ ବିଚ୍ୟୁତ ନ ହେଉ, ଏତିକି ମାତ୍ର ମୋର ଅନ୍ତିମ ପ୍ରାର୍ଥନା । ଯେଉଁମାନେ ସହସ୍ର ଜନ୍ମ ସଂଚିତ ସୌଭାଗ୍ୟ ବଳରେ ସଚ୍ଚିଦାନନ୍ଦ ସାଗରରୂପୀ ଆପଣଙ୍କୁ ପ୍ରାପ୍ତ ହୋଇ ଅଛନ୍ତି, ସେମାନେ ସାମାନ୍ୟ ସୁଖଯୁକ୍ତ କେବଳ ଦୁଃଖମୟ ବିଷରୂପ ଇନ୍ଦ୍ରଜାଲ ଦିଗରେ ଦୃଷ୍ଟିପାତ କରନ୍ତି ନାହିଁ ।

ଆଜି ପୁଷ୍ୟାନକ୍ଷତ୍ରଯୁକ୍ତ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି । ଆଦ୍ୟ ଆଷାଢ଼ର ପହିଲି ସ୍ପର୍ଶରେ ଧରିତ୍ରୀ ଆଜି ଶାନ୍ତ ସ୍ନିଗ୍ଧ ଓ କମନୀୟ । ଏହି ମନୋରମ ପରିବେଶ ମଧ୍ୟରେ ଜଗତର ନାଥ ଜଗନ୍ନାଥ, ଯାହାଙ୍କର ଦାଣ୍ଡ ବଡ଼ଦାଣ୍ଡ, ଯାହାଙ୍କର ନେତ ପତିତପାବନ ନେତ, ସେହି ନୀଳାଦ୍ରିବିହାରୀ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

ପାଟ ପୀତାମ୍ବର ପରିହିତ, ଅଳଙ୍କାର ବିମଣ୍ଡିତ, ଚନ୍ଦନ ଚର୍ଚ୍ଚିତ, ପତ୍ରପୁଷ୍ପ ବିଭୂଷିତ ଶ୍ରୀଜଗନ୍ନାଥ ଆଜି ରତ୍ନସିଂହାସନ ଛାଡ଼ି ସିଂହଦ୍ୱାର ସମ୍ମୁଖରେ ଥିବା ରଥରେ ଅଳ୍ପ ସମୟ ମଧ୍ୟରେ ବିଜେ କରିବେ । ଦୟଣା ତୁଳସୀ ମାଳରେ ରଥ ମହମହ ହୋଇ ବାସୁଛି, ଝାଞ୍ଜ, କରତାଳ, ମହୁରୀ, ମର୍ଦ୍ଦଳ, ଗିନି, ମୃଦଙ୍ଗ, ଘଣ୍ଟ, ଶଙ୍ଖ, ଖୋଳ, ଖଞ୍ଜଣି, କାଠି, ଲାଠି, ନୃତ୍ୟ, ବାଦ୍ୟ, ସଙ୍ଗୀତରେ ବଡ଼ଦାଣ୍ଡ ପଡୁଛି ଓ ଉଠୁଛି । ବେଳକୁ ବେଳ ଜନସଂଖ୍ୟା ବଢ଼ିବାରେ ଲାଗିଛି । ସମସ୍ତଙ୍କ ମନ ଆଜି ଉଦ୍‌ବେଳିତ, ଏକମାତ୍ର କାମନା ରଥରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରି ନିଜର ପିପାସା ମେଣ୍ଟାଇବେ ।

'ରଥସ୍ଥଂ ଚ ଜଗନ୍ନାଥଂ ପ୍ରୟାଣଂ ଗୁଣ୍ଡିଚା ଗୃହମ୍
ଯେ ପଶ୍ୟନ୍ତି ନରଶ୍ରେଷ୍ଠା ସ୍ତେ ଧନ୍ୟା ଭୁବନତ୍ରୟୋ ।'

ରତ୍ନ ସିଂହାସନରୁ ଟାହିଆ ହଲାଇ ମନୋରମ ଭଙ୍ଗୀରେ ଢଳି ଢଳି ଆସୁଛନ୍ତି ଅଖିଳ ବ୍ରହ୍ମାଣ୍ଡପତି ଶ୍ରୀଜଗନ୍ନାଥ । ମହାପ୍ରଭୁ ସ୍ନାନଯାତ୍ରା ଦିନ ୧୦୮ ଗରାପାଣିରେ ସ୍ନାନ କରିଥିଲେ । ମଣିଷ ପରି ଠାକୁରଙ୍କୁ କୁଆଡ଼େ ଜ୍ୱର ହୋଇଥିଲା । ପ୍ରାୟ ୧୫ ଦିନ ଅଣସର ଘରେ ରହି ପଥ୍ୟପାଚନ ସେବନ କଲାପରେ ଠାକୁରେ ଆଜି ସୁସ୍ଥ ହୋଇ ଭକ୍ତଜନଙ୍କ ଭାବ ଡୋରିରେ ବନ୍ଧାହୋଇ ବାହାରିଛନ୍ତି ଅଗଣିତ ଜନତାଙ୍କୁ ଦର୍ଶନ ଦେବା ପାଇଁ ।

ଏହି ଯାତ୍ରାର ଅନ୍ୟ ନାମ ହେଉଛି ଘୋଷଯାତ୍ରା । ମାଉସୀ ମା' ମନ୍ଦିର ବାଟ ଦେଇ ରଥ ଶରଧାବାଲି ନିକଟସ୍ଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବ । ଏହି ପ୍ରସଙ୍ଗରେ ଗୋଟିଏ କଥା ମନେପଡୁଛି । ଆଜି ଭଳି ସେଦିନ ମଧ୍ୟ ଥିଲା ରଥଯାତ୍ରା । ତରୁଣ ବୟସରେ ଓ ଭକ୍ତି ଜନିତ ଉତ୍ସାହରେ ମାତି ଉଠି କବି ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ରଥ ଚଢ଼ିବାକୁ ପ୍ରୟାସ କରିଥିଲେ । କିନ୍ତୁ ସମବେତ ବିରାଟ ଜନତାଙ୍କ ସମ୍ମୁଖରେ ସେ ପ୍ରହରୀମାନଙ୍କ ଦ୍ୱାରା ସେଠାରୁ ପ୍ରହାରିତ ଓ ବିତାଡ଼ିତ ହୋଇ ବଡ଼ଦାଣ୍ଡରୁ ପଳାଇଗଲେ ସମୁଦ୍ର ସିକତାର ନୀରବତାକୁ । ସେଠାରେ ବାଲିରଥ ଗଢ଼ି ମହାପ୍ରଭୁଙ୍କୁ ଆହ୍ୱାନ କଲେ । ଭକ୍ତର ଡାକରେ ମହାପ୍ରଭୁ ବଡ଼ଦାଣ୍ଡରେ ଥିବା ରଥରୁ ଯାଇ ବଳରାମଙ୍କ ବାଲିରଥରେ ବିରାଜମାନ । ବଡ଼ଦାଣ୍ଡରେ ଆଉ ରଥ ଚାଲିଲା ନାହିଁ । ରାଜାଙ୍କୁ ନିର୍ଦ୍ଦେଶ ହେଲା 'ମୋ ଭକ୍ତ ଆଜି ଅପମାନିତ, ଏହାକୁ ମୁଁ ସହିବି କିପରି ?' ରାଜା ତତ୍‌କ୍ଷଣାତ୍ ବଳରାମଙ୍କ ମାନଭଞ୍ଜନ କରିବା ପାଇଁ ବାଲିରଥ ନିକଟକୁ ଧାଇଁଲେ ଏବଂ ରାଜାଙ୍କ ଅନୁରୋଧ ରକ୍ଷା କରି ବଳରାମ ଦାସ ଆସି ବଡ଼ଦାଣ୍ଡରେ ଥିବା ରଥ ଦଉଡ଼ିକୁ ଛୁଇଁବା ମାତ୍ରେ ରଥ ଘୋର ଘର୍ଘର ନାଦରେ ଗଡ଼ି ଚାଲିଲା । କବିଙ୍କ ଆଖିରୁ ବୋହି ଗଲା ଧାର ଧାର ଲୁହ । କବିଙ୍କ ଏହି ଚିନ୍ତା ଓ ଚେତନାର ପରିପ୍ରକାଶ ଘଟିଛି ୭୫୦ ଶ୍ଳୋକ ସମନ୍ୱିତ 'ଭାବସମୁଦ୍ର' ଗ୍ରନ୍ଥରେ । ଭକ୍ତ ପ୍ରାଣର ଉତ୍ତାଳ ଅନୁଚିନ୍ତାର ଆଜି ମଧ୍ୟ ଆମେ ସ୍ପଷ୍ଟ ଅନୁଭବ କରିପାରୁ । କବିଙ୍କ ଭାଷାରେ -

'ହରିହୋ ! ତୁ ମୋତେ ବାନ୍ଧିଲୁ ରାଜାର ହାତେ
ମୁଁ ତୋତେ ବାନ୍ଧିଲି ମୋ ମନ ଗୁପ୍ତେ ।
ନାଥ ତୁ ବନ୍ଧା ହେଲୁ ଟିକି କହ
ଏବେ ସନ୍ତୋଷ ହୋଇଲା ମୋ ଦେହ ।'

ସେହିପରି ଭକ୍ତ ସାଲବେଗଙ୍କ ଆକୁଳ ନିବେଦନ କ୍ରମେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା । ଭାବବିନୋଦିଆ କାଳିଆ ଠାକୁର ଭକ୍ତର ଡାକକୁ ନଶୁଣି କିପରି ବା ପଳାଇ ଯାଇଥାନ୍ତେ ! ଏହା ଏକ କିମ୍ବଦନ୍ତୀ ବା ଆଖ୍ୟାୟିକା ହୋଇପାରେ, କିନ୍ତୁ ଏହାର ମୂଳରେ ଏକ ମହାନ ସତ୍ୟ ନିହିତ ଅଛି ଯେ, ଜଗନ୍ନାଥ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଂପ୍ରଦାୟର ଠାକୁର ନୁହନ୍ତି, ସେ ହେଉଛନ୍ତି ଜଗତର ନାଥ ପତିତପାବନ । ସେଥିପାଇଁ ସେ ଆସନ୍ତି ବଡ଼ଦାଣ୍ଡକୁ ଅଗଣିତ ଭକ୍ତଗଣଙ୍କ ମଧ୍ୟରେ ଧୂଳି ଧୂସରିତ ହେବା ପାଇଁ । ସେ ଗଡ଼ନ୍ତି, ପଡ଼ନ୍ତି ଓ ଉଠନ୍ତି । ଯେତେ ଅସୀମ ହେଲେ ବି ସସୀମ ମଧ୍ୟରେ ତାଙ୍କ ଲୀଳାଖେଳା । ସେ ସ୍ୱୟଂ ଲୀଳାମୟ ।

ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବହୁ ତାତ୍ତ୍ୱିକ ଆଲୋଚନା ହୋଇ ସାରିଲାଣି ଏବଂ ଭବିଷ୍ୟତରେ ମଧ୍ୟ ହେବ, ତଥାପି ଜଗନ୍ନାଥ ରହସ୍ୟାବୃତ୍ତ । ଯିଏ ଅକଳନ ତଥା ଅନୁପମ ତାଙ୍କୁ ବର୍ଣ୍ଣନା କରିବ କିଏ ? ତାଙ୍କୁ ବର୍ଣ୍ଣନା କରିବା ଆମର ଧୃଷ୍ଟତା ମାତ୍ର । ଏହା ଅନ୍ଧମାନଙ୍କର ହସ୍ତୀ ଉପରେ ହସ୍ତ ସଞ୍ଚାଳନ କରି ତା'ର ରୂପ ସଂପର୍କରେ ବର୍ଣ୍ଣନା କରିବା ସହ ତୁଳନୀୟ ନୁହେଁ କି ?

'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ।
ଦେବ ନଜାନାତି କୁତୋମନୁଷ୍ୟଃ ॥'

ପରଂବ୍ରହ୍ମଙ୍କ ସତ୍ତା ଓ ସୃଷ୍ଟିର ରହସ୍ୟ ଭେଦ କରିବା ପାଇଁ ଇନ୍ଦ୍ରିୟଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ପରଂବ୍ରହ୍ମ ରୂପୀ ଦାରୁବ୍ରହ୍ମ ଜଗନ୍ନାଥ ସେହିପରି ରହସ୍ୟମୟ । ରହସ୍ୟର ତ ଅନ୍ୟନାମ ଜଗନ୍ନାଥ ।

ମହାଭାରତ ମହାସମରରେ ବେଲାଳସେନ କେବଳ ଏକ ସର୍ବଶକ୍ତିମାନ ସୁଦର୍ଶନରେ କରାମତି ଦେଖୁଥିଲେ । ସେହିପରି ଚକାକୃତି ଚକାଡୋଳା ସର୍ବଦ୍ରଷ୍ଟା ଓ ସର୍ବନିୟନ୍ତା ।

ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରମାନଙ୍କର ଅବତାରୀ । ସେ ନିର୍ଗୁଣ, ନିରାକାର ପୁଣି ସଗୁଣ ସାକାର । ସେ ଶୂନ୍ୟ, ପୁଣି ପରଂବ୍ରହ୍ମ ।

ବିବିଧତା ମଧ୍ୟରେ ଏକତ୍ୱ ହେଉଛି ତାଙ୍କ ଅନନ୍ତ ଲୀଳାର ବୈଶିଷ୍ଟ୍ୟ । ତାଙ୍କୁ କିଏ କେଉଁ ରୂପରେ ଦେଖୁଛି । ଆଦ୍ୟରେ ଶବର ଉପଜାତିର ଠାକୁର ଭାବେ ନୀଳମାଧବ ରୂପେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କୁ ପରେ ପରେ ଶୈବ, ଶାକ୍ତ, ବୌଦ୍ଧ, ଜୈନ ଓ ବୈଷ୍ଣବ ଆଦି ବିଭିନ୍ନ ସଂପ୍ରଦାୟ ସ୍ୱ ସ୍ୱ ମତବାଦ ଦ୍ୱାରା ଆଦରି ନେଇଛନ୍ତି । ତାଙ୍କରି ଅମୃତମୟ ଚେତନାରେ ବିଶ୍ୱର ସବୁ ଧର୍ମ, ଦର୍ଶନ, ତତ୍ତ୍ୱ ଓ ମତବାଦର ଅଦ୍ଭୁତ ସମନ୍ୱୟ । ଶ୍ରୀଜଗନ୍ନାଥଙ୍କ ବୈଷ୍ଣବମାନେ ଶ୍ରୀପତି, ଶୈବମାନେ ଭୈରବ, ଶାକ୍ତମାନେ ଶକ୍ତି, ବୌଦ୍ଧମାନେ ବୁଦ୍ଧ ଓ ଜୈନମାନେ ଋଷଭଦେବ ରୂପେ ପରିକଳ୍ପନା କରିଛନ୍ତି । ତାଙ୍କର ସ୍ତୁତିଗାନରେ ଶଙ୍କର, ରାମାନୁଜ, ନାନକ, କବୀର ତଥା ଶ୍ରୀଚୈତନ୍ୟ ଆଦି ଯୁଗପୁରୁଷମାନେ ଶତମୁଖ ।

ତାଙ୍କ ମହିମାରେ ସମସ୍ତେ ମହିମାନ୍ୱିତ । ଦାସିଆ ବାଉରି ଓ ବନ୍ଧୁ ମହାନ୍ତିଙ୍କଠାରୁ ଆରମ୍ଭ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପର୍ଯ୍ୟନ୍ତ, ଶ୍ରୀୟା ଚଣ୍ଡାଳୁଣୀଙ୍କଠାରୁ ଆରମ୍ଭ କରି ମହାରାଣୀ ଗୁଣ୍ଡିଚା ଦେବୀଙ୍କ ପର୍ଯ୍ୟନ୍ତ ଏବଂ ଭକ୍ତ ସାଲବେଗ ତଥା ଯବନ କବି ହରିଦାସଙ୍କଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ମହାପ୍ରଭୁଙ୍କ ପାଇଁ ପାଗଳ । ଏଠି ଉପାସ୍ୟ, ଉପାସକ ବା ଭକ୍ତ ଓ ଭଗବାନ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତେ କେମିତି ଏକାକାର ହୋଇଯାଇଛନ୍ତି, ସେଥିପାଇଁ ଭାଗବତରେ କୁହାଯାଇଛି -

'ମୋର ହୃଦୟ ଭକ୍ତ ଜନ
ମୁହିଁ ଯେ ତାହାଙ୍କ ଜୀବନ ।'

ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ଯୁଗ ଯୁଗ ଧରି ମାନବ ସମାଜକୁ ପ୍ରେମ, ମୈତ୍ରୀ, ସଂହିତି ଓ ସହନଶୀଳତାର ରଜ୍ଜୁରେ ବାନ୍ଧି ଆସିଛି । ଆଜି ବଡ଼ଦାଣ୍ଡ ବିଶାଳ ଜନ ସମୁଦ୍ରରେ ଭରପୂର । ଧନୀ-ଦରିଦ୍ର, ହିନ୍ଦୁ-ମୁସଲମାନ, ବ୍ରାହ୍ମଣ-ଚାଣ୍ଡାଳ ସମସ୍ତଙ୍କ ସମାବେଶ । ଏଠାରେ ଅହମିକା, ଅହଂକାର, ଆଭିଜାତ୍ୟ ତଥା ବଡ଼ ପଣିଆର ସ୍ଥାନ ନାହିଁ । ସେ ଦାସିଆ ବାଉରି ହାତରୁ ନଡ଼ିଆ ଛଡ଼େଇ ଖାଇଛନ୍ତି ଏବଂ ଭକ୍ତ ସାଲବେଗଙ୍କ ନିବେଦନ କ୍ରମେ ସେଦିନ ବଡ଼ଦାଣ୍ଡରେ ଠାକୁରଙ୍କ ରଥ ଅଟକି ଯାଇଛି । ଗଜପତିଙ୍କ ମାନରକ୍ଷା ପାଇଁ ଜଗନ୍ନାଥ ଓ ବଳଭଦ୍ର କଳା ଓ ଧଳାଘୋଡ଼ା ଚଢ଼ି କାଞ୍ଚି ଅଭିଯାନରେ ବାହାରିଛନ୍ତି । ସେଥିପାଇଁ ସେଦିନ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ -

'ବିଶେଷ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।'

ଜାରା ଶବରର ଶରାଘାତରେ ପ୍ରଭୁ ଇହଲୀଳା ସମ୍ବରଣ କରିଛନ୍ତି । କିନ୍ତୁ ତାଙ୍କରି ବଂଶର ବିଶ୍ୱାବସୁଙ୍କୁ ଦେଇଛନ୍ତି ଆଦି ସେବକର ମର୍ଯ୍ୟାଦା । ସେହି ବିଶ୍ୱାବସୁଙ୍କ ବଂଶର ଦଇତାମାନେ ଆଜି ମହାପ୍ରଭୁଙ୍କ ଜ୍ଞାତି ଭାବେ ଶ୍ରୀମନ୍ଦିରରେ ସେବାରତ । ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଉଦାରତା ଓ ମହାନୁଭବତା ।

ତୁମେ ମଙ୍ଗଳମୟ, କରୁଣାର କଳ୍ପବଟ । କେଉଁ କଥା ଅବା ମହାପ୍ରଭୁଙ୍କୁ ଅଜଣା ? ଶବରୀ ନାରାୟଣରୁ ଦାରୁବ୍ରହ୍ମ ରୂପେ ସେ ଆମର ଉପାସିତ । ସାଲବେଗ, ବନ୍ଧୁ ମହାନ୍ତି ବା ହରି ଦାସଙ୍କ ଭଳି ଆମର ନିଷ୍ଠା ଓ ଭକ୍ତି ଅଥବା ସାଧନା ନାହିଁ । ଆମ ମନ ସଦା ସର୍ବଦା କଳୁଷିତ, ପ୍ରତି ପଦକ୍ଷେପରେ ଆମେ ଭୁଲ କରିଚାଲିଛୁ । ମାତ୍ର କରୁଣାର ସାଗର ଦୀନବନ୍ଧୁ ଜଗବନ୍ଧୁ ଆମକୁ ପ୍ରତିକ୍ଷଣରେ ରକ୍ଷା କରୁଛନ୍ତି । ଅନ୍ୟାୟ, ଅଧର୍ମ, ହିଂସା, ବିଦ୍ୱେଷ, ଅହମିକା ତଥା ଅହଂକାରରେ ଆମେ ଉନ୍ମତ୍ତ । ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ଆମର ଆଚାର-ବ୍ୟବହାର, ଚିନ୍ତା-ଚେତନା ଓ ଚରିତ୍ରରେ ସଂସ୍କାର ଆସୁ, ପ୍ରଭୁଙ୍କ ଚରଣାବିନ୍ଦରେ ଆମର ମନ ସ୍ଥିର ରହୁ - ଏହା ହିଁ ଆଜିର ଏ ଶୁଭ ଅବସରରେ କାମନା ।

ଅନୁଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

# ଉତ୍କଳୀୟ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳା

ଡକ୍ଟର ବିଦ୍ୟୁତ୍‌ଲତା ରାୟ

ପ୍ରାଚୀନ ତନ୍ତ୍ରଶାସ୍ତ୍ରରେ ଚାରୋଟି ପୀଠର ଅବତାରଣା କରାଯାଇଛି । ଏହି ଚତୁଷ୍ପୀଠ - ଧାରଣାଟି ବୌଦ୍ଧମାନଙ୍କର 'ସହଜଯାନ' ଶାଖା ସହ ସଂଶ୍ଳିଷ୍ଟ ଥିବାର ଅନୁମାନ କରାଯାଏ । ଦାର୍ଶନିକ ଚିନ୍ତାଧାରାନୁଯାୟୀ ପୂର୍ବେ ଚାରୋଟି ପବିତ୍ର ଅଞ୍ଚଳକୁ ଚତୁଷ୍ପୀଠ ନାମରେ ସ୍ୱୀକୃତି ଦିଆଯାଇଛି । ଆମ ଓଡ଼ିଶାର ଯାଜପୁର ନିକଟରେ ଏକ ଚତୁଷ୍ପୀଠ - ପର୍ବତ ରହିଛି । ଏହା ସହିତ ତନ୍ତ୍ର-ସଂସ୍କୃତିର କି ସଂପର୍କ ଅଛି, ତାହା ବର୍ତ୍ତମାନ ସୁଦ୍ଧା ସଠିକ୍ ଭାବେ ନିର୍ଣ୍ଣୟ କରାଯାଇପାରିନାହିଁ ।(୧) ହେବଜ୍ର ତନ୍ତ୍ରରେ ଚାରୋଟି ପବିତ୍ର ଅଞ୍ଚଳର ଉଲ୍ଲେଖ ରହିଛି । ଏଗୁଡ଼ିକ ହେଲା - ଜାଳନ୍ଧର, ଓଡ୍ଡୀୟାନ୍, ପୂର୍ଣ୍ଣଗିରି ଏବଂ କାମରୂପ । କାଳିକା ପୁରାଣରେ ଠିକ୍ ଏହି ପରମ୍ପରା ଅନୁସରଣ କରାଯାଇଛି ।(୨) କେତେକ ଗବେଷକମାନଙ୍କ ମତରେ ଓଡ୍ଡୀୟାନ ପୂର୍ବଭାରତରେ ଅବସ୍ଥିତ ଏବଂ ଏହା ଓଡ୍ର ବା ବର୍ତ୍ତମାନର ଓଡ଼ିଶା ଛଡ଼ା ଅନ୍ୟ କିଛି ନୁହଁ ।(୩)

ତନ୍ତ୍ରରେ ପରମ ଆରାଧ୍ୟା ହେଉଛନ୍ତି ଦେବୀ । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ବିରଜା କ୍ଷେତ୍ର, ବିମଳା କ୍ଷେତ୍ର, ଚର୍ଚ୍ଚିକା କ୍ଷେତ୍ର, ଭଗବତୀ କ୍ଷେତ୍ର ପ୍ରଭୃତିର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଏସବୁ ଦେବୀପୀଠର ମାହାତ୍ମ୍ୟ ଅନନ୍ୟ । ଭାରତୀୟ ଶାକ୍ତପୀଠ ପରମ୍ପରାରେ ୧୦୮ଟି ପୀଠର ବର୍ଣ୍ଣନା ଦେଖିବାକୁ ମିଳେ । ମତ୍ସ୍ୟପୁରାଣରେ ପ୍ରଥମେ ଏହି ୧୦୮ଟି ପୀଠର ସଂପୂର୍ଣ୍ଣ ଚିଠା ପରିବେଷିତ ହୋଇଥିଲା ।(୪) ତନ୍ତ୍ର ସଂସ୍କୃତିରେ ପୀଠଗୁଡ଼ିକୁ ଦେବୀଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ଅବତାରଣା କରାଯାଇଛି ।(୫) ଏହି ୧୦୮ଟି ପୀଠକୁ ୧୦୮ଟି ଦେବୀଙ୍କ ସହିତ ସଂଶ୍ଳିଷ୍ଟ କରାଯାଇଛି । ଏମାନଙ୍କ ମଧ୍ୟରେ ଗୌରୀ, କମଳା, ବିମଳା, ଭଦ୍ରେଶ୍ୱରୀ, କାଳୀ, ମହେଶ୍ୱରୀ, ଚଣ୍ଡୀକା ସୁଭଦ୍ରା, ତାରା ଓ ମଙ୍ଗଳା ପ୍ରଭୃତିଙ୍କ ନାମ ଉତ୍କଳୀୟ ତନ୍ତ୍ର ପରମ୍ପରାରେ ଦେଖିବାକୁ ମିଳେ । ପ୍ରକୃତରେ ଯେଉଁ ସ୍ଥାନରେ ଦେବୀ ବିଭିନ୍ନ ରୂପରେ ପୂଜା ପାଉଛନ୍ତି, ସେଗୁଡ଼ିକ ପରବର୍ତ୍ତୀ କାଳରେ ତୀର୍ଥରେ ପରିଣତ ହୋଇଛି । ଆଲୋଚ୍ୟ ବିଷୟରେ ଆମେ ଉତ୍କଳ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳାଙ୍କ ମହତ୍ୱ ତଥା ମାହାତ୍ମ୍ୟ ପ୍ରତିପାଦନ କରିବା ।

**ତନ୍ତ୍ରରେ ଦେବୀ ବିମଳା**

ଶ୍ରୀକ୍ଷେତ୍ରର ଅଧିଶ୍ୱରୀ ବିମଳା ପ୍ରତ୍ୟକ୍ଷ ବରଦା ପରମ ବୈଷ୍ଣବୀ ଭଗବତୀ ଅଟନ୍ତି । ସେ କିପରି ଏହି ପୁରୁଷୋତ୍ତମ କ୍ଷେତ୍ରରେ ଅବିର୍ଭୂତା ହେଲେ ଓ ପରେ ସେ କିପରି ଗାଲବ ରାଜାଙ୍କ ଦ୍ୱାରା ପ୍ରକଟିତ ହେଲେ ଓ କାହିଁକି ତାହାଙ୍କୁ ଶ୍ରୀମହାପ୍ରସାଦ କେବଳ ନୈବେଦ୍ୟ କରାଯାଏ, ତାହା ଜାଣିବାର ଇଚ୍ଛା ସ୍ୱାଭାବିକ ଉଦୟ ହୁଏ ।

ଦେବୀ ପୁରାଣର ବର୍ଣ୍ଣନାନୁଯାୟୀ ସତ୍ୟ ଯୁଗରେ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁ ଶିବଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ସତୀ ବା ଉମା ନିଜେ ଅପମାନିତ ବୋଧକଲେ ଓ ଶିବଙ୍କ ବାରଣ ସତ୍ତ୍ୱେ ଭଗବତୀ ଉମା ନିଜର ମହାବିଦ୍ୟା ଶକ୍ତି ପ୍ରଦର୍ଶନ କରି ଦକ୍ଷପୁରକୁ ଗମନ କଲେ । ପତିଙ୍କ ନିନ୍ଦା ସହ୍ୟ ନକରିପାରି ଯଜ୍ଞ କୁଣ୍ଡରେ ନିପତିତା ହୋଇ ଯଜ୍ଞ ବିଘ୍ନ କରାଇଲେ । ମାତାଶକ୍ତି ଯଜ୍ଞ କୁଣ୍ଡରେ ନିପତିତା ହେବାମାତ୍ରେ ସମସ୍ତ ଯଜ୍ଞସ୍ଥଳୀ ଶକ୍ତିଶୂନ୍ୟ ହୋଇ ବିଲକ୍ଷଣ ହୋଇପଡ଼ିଲା । ଏହା ଯୋଗେଶ୍ୱର ଶିବ ଜାଣି ଶିବସେନାଙ୍କୁ ପଠାଇ ଦକ୍ଷଯଜ୍ଞ ନଷ୍ଟ କଲେ । ଦେବତାମାନଙ୍କୁ ଶକ୍ତିହୀନ କରିବା ଉଦ୍ଦେଶ୍ୟରେ ସେ ସତୀଙ୍କର ଦେହରୁ ଶିବ ଭାବ କାଢ଼ି ନନେଇ ଶକ୍ତିଙ୍କର ଦେହକୁ କାନ୍ଧରେ ରଖି ବ୍ରହ୍ମାଣ୍ଡ ଭ୍ରମଣ ନିମନ୍ତେ ବାହାରିଲେ ।

ବିରହୀ ସଦାଶିବଙ୍କର ଏତାଦୃଶ ଦଶାରେ ସର୍ବଦେବତା ନିଜକୁ ଶକ୍ତିହୀନ ଭାବିଲେ । ଏପରି ଅବସ୍ଥାରେ ଆଦିଦେବ ନାରାୟଣ ନିଜର ଆୟୁଧଶ୍ରେଷ୍ଠ ସୁଦର୍ଶନକୁ ଆଜ୍ଞା ଦେଲେ ଯେ, 'ଶକ୍ତିଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ଖଣ୍ଡ ଖଣ୍ଡ କରି ଭୂପୃଷ୍ଠରେ ପତିତ କରାଅ ।' ଏହି ଅଙ୍ଗ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ତାହା ଶାକ୍ତ ପୀଠ ରୂପେ ପରିଗଣିତ ହେଲା । ଶକ୍ତିଙ୍କ ନାଭିଦେଶ ଯେଉଁ ସ୍ଥାନରେ ପଡ଼ିଲା, ତାହା ବିମଳା କ୍ଷେତ୍ର ନାମରେ ନାମିତ ହେଲା ।

'ଉତ୍କଳେ ନାଭିଦେଶେଷ୍ଟ ବିମଳା ପୁରୁଷୋତ୍ତମେ,
ବିମଳା ଭୈରବୀ ତତ୍ର ଜଗନ୍ନାଥସ୍ତୁ ଭୈରବ ।'

ଯଦିଓ ବିମଳାଙ୍କ ବିଷୟ ମତ୍ସ୍ୟପୁରାଣ, ଅଗ୍ନିପୁରାଣାଦି ପ୍ରାଚୀନ ପୁରାଣମାନଙ୍କରେ ରହିଛି ମାତ୍ର ବିଶେଷ ପ୍ରମାଣରୂପରେ ଉଡ୍ଡୀଶ ତନ୍ତ୍ରରେ

ଉଡ୍ଡୀୟାନ ପୀଠ ନିର୍ଣ୍ଣୟନାମା ତୃତୀୟ ସ୍ତବକରେ ବର୍ଣ୍ଣିତ ହୋଇଥିବା ଜଣାଯାଏ । ତନ୍ତ୍ର ମତରେ ବିମଳାପୀଠରେ ମହାପ୍ରସାଦ ନୈବେଦ୍ୟ ହୁଏ ।

ବିମଳାଙ୍କ ପ୍ରତିମା ଜଗତରେ ଦୁର୍ଲ୍ଲଭ । ସେ ସମସ୍ତ ଜୀବଜଗତର ମାତୃରୂପିଣୀ । ତେଣୁ ଏକ ହସ୍ତରେ ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟକୁ ଧାରଣ କରି ଉର୍ଦ୍ଧ୍ୱଗାମୀ ଓ ଅନ୍ୟହସ୍ତରେ ମାୟା ରୂପିକା ନାଗ କୁଣ୍ଡଳୀ ଧାରଣ କରିଛନ୍ତି । ଅନ୍ୟ ହସ୍ତ ଦ୍ୱୟରେ ଯୋଗରୂପ ସ୍ଫଟିକମାଳା ତଥା ସନାତନ ଭାବ ଜ୍ଞାପକ ଅମୃତକୁଣ୍ଡିଳା ବିରାଜିତା । ତନ୍ତ୍ର ମତରେ ବିମଳା ମୂଳ ପ୍ରକୃତି ଓ ଆତ୍ମଶକ୍ତି ଏବଂ ତାଙ୍କର ଗଣଦେବତା ଛାୟା ଓ ମାୟାଶକ୍ତି ନାମରେ ବିଦିତା । ତାଙ୍କର ଭୈରବ ବାସୁଦେବ, ଯାହାଙ୍କର ମୁକୁଟରେ ସପ୍ତଫଣୀ ନାଗ ଅବସ୍ଥିତ । ସେ ଶଙ୍ଖ, ଚକ୍ର, ଗଦା, ପଦ୍ମ ହସ୍ତ ବିଶିଷ୍ଟ ଜଗନ୍ନାଥ ଅଟନ୍ତି । ବିମଳାଙ୍କ ଉଚ୍ଛିଷ୍ଟ ତାଙ୍କର ଭୈରବ ଜଗନ୍ନାଥଙ୍କ ପାଖରେ ସମର୍ପଣ କରାଯିବାର ବର୍ଣ୍ଣନା ମଧ୍ୟ ରହିଛି ।

'ରସନା ଉତ୍ତ୍ରଦେଶେ ଚ ବିମଳା ପୁରୁଷୋତ୍ତମେ,
ତଦ୍‌ସିଷ୍ଟ ମହାପୀଠେ ଜଗନ୍ନାଥାଖ୍ୟ ଭୈରବଃ ।'

ବିମଳାପୀଠକୁ କେହି କେହି ଜିହ୍ୱାପୀଠ ଏବଂ ପାଦପୀଠ ବୋଲି ମଧ୍ୟ କହନ୍ତି । ଶାସ୍ତ୍ରୀୟ ପ୍ରମାଣ ଦୃଷ୍ଟିରୁ ଏହା ଅତି ପ୍ରାଚୀନ । ତନ୍ତ୍ରଯୁଗରୁ ଏହି ବୈଷ୍ଣବ ପୀଠ ବିଦ୍ୟମାନ ଅଛି । ବିମଳା ସ୍ୱୟଂ ପରମ ବୈଷ୍ଣବୀ । ପ୍ରତ୍ୟହ ଦୁର୍ଗା ମାଧବ ବିମଳା ମନ୍ଦିରରେ ପୂଜା ପାଆନ୍ତି । କେତେକ ଯୁଗ ପରେ ଉତ୍କଳେଶ ଗାଲମାଧବ ବିମଳା ଦେବୀଙ୍କୁ ପୂଜା କରୁଥିଲେ ।(୬) ନୀଳାଦ୍ରି ମହୋଦୟମ୍ ଓ ବାମଦେବ ସଂହିତା ପ୍ରଭୃତି ଗ୍ରନ୍ଥରେ ବିମଳାପୀଠର ବର୍ଣ୍ଣନା ରହିଛି । ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ଏହି ପୀଠର ଅବତାରଣା କରାଯାଇଛି ।

**ଉପସଂହାର**

ବିଭିନ୍ନ ସମୟରେ ଉଡ୍ର, ଉତ୍କଳ ବା ଓଡ଼ିଶା ଦେଶରେ ବିଭିନ୍ନ ଧର୍ମ ତଥା ସଂସ୍କୃତିର ଉଦ୍ରେକ ହୋଇଛି । ଏଠାରେ ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ବୌଦ୍ଧ, ଜୈନ ପ୍ରଭୃତି ଧର୍ମ ଓ ସଂସ୍କୃତିର ପ୍ରଭାବ ପରିଲକ୍ଷିତ ହୁଏ । କିନ୍ତୁ ସମସ୍ତ ଧର୍ମ ଓ ସଂସ୍କୃତିର ସମନ୍ୱୟ ଘଟିଛି ଜଗନ୍ନାଥ ସଂସ୍କୃତିରେ । ବିମଳା କ୍ଷେତ୍ରରେ ଜଗନ୍ନାଥ ଭୈରବ ରୂପରେ ପୂଜିତ ହୋଇ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲାଉଛନ୍ତି ।(୭) ଶୈବଶାକ୍ତ ପରମ୍ପରାର ନିଦର୍ଶନ ମଧ୍ୟ ଏଠାରେ ଦୃଷ୍ଟିଗୋଚର ହୁଏ । ବଡ଼ଠାକୁର ବଳଭଦ୍ରଙ୍କୁ ପଞ୍ଚରାତ୍ର ଦର୍ଶନରେ ଶିବ ଭାବେ ଗ୍ରହଣ କରାଯାଇଛି । ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା, ବିଷ୍ଣୁ ହେଉଛନ୍ତି ପାଳନ କର୍ତ୍ତା ଏବଂ ଶଙ୍କର୍ଷଣ (ଶିବ) ହେଉଛନ୍ତି ସଂହାର କର୍ତ୍ତା । ବିଶ୍ୱକ୍ଷେଣ ସଂହିତାରେ ବଳରାମ, ବଳଭଦ୍ର ଓ ଶଙ୍କର୍ଷଣଙ୍କୁ ଏକରୂପରେ ଚିତ୍ରଣ କରାଯାଇଛି । ସନତ୍ କୁମାର ସଂହିତାରେ ମଧ୍ୟ ଶଙ୍କର୍ଷଣଙ୍କ ବର୍ଣ୍ଣନା ରହିଛି । ଶଙ୍କର୍ଷଣଙ୍କର ଜ୍ଞାନମାର୍ଗଟି ତାଙ୍କୁ ଶିବଙ୍କ ସହିତ ସଂଯୁକ୍ତ କରାଏ । ବିମଳା ଭୈରବୀ ହେଲେ ଜଗନ୍ନାଥ ଭୈରବ । ସେହିପରି ବଳଭଦ୍ର ଶିବ ହେଲେ ବିମଳା ହେଉଛନ୍ତି ଶ୍ରୀକ୍ଷେତ୍ରର ଶକ୍ତି । ଶ୍ରୀମନ୍ଦିରର ପୂଜା ପଦ୍ଧତିରେ ତନ୍ତ୍ରର ପ୍ରଭାବ ରହିଥିବାରୁ ବିମଳାଙ୍କ ସ୍ଥାନ ଅନନ୍ୟ ।

**ସହାୟକ ଗ୍ରନ୍ଥ ଓ ପତ୍ରପତ୍ରିକା ସୂଚୀ**


୧. Sircar, D.C., The Sakta Pithas, Motilal Banarsidass, Delhi, 1973, p.11 and fn.Z.

୨. କାଳିକା ପୁରାଣ, ଅଧ୍ୟାୟ-୬୪, ୪୩-୪୫

୩. India Historical Quarterly, Vol.XI, pp.142 ff.

୪. ମତ୍ସ୍ୟ ପୁରାଣ, ଅଧ୍ୟାୟ-୧୩

୫. Sircar, D.C., The Sakta Pithas, op. cit., p.25 and fn.3

୬. ଶ୍ରୀମନ୍ଦିର ସମାଚାର, ଅକ୍ଟୋବର ୮, ୧୯୬୯

୭. ରାୟ, ବିଦ୍ୟୁତ୍‌ଲତା, କୈବଲ୍ୟରୁ କଣିକାଏ, ଦାରୁଭୂତ ସାଂସ୍କୃତିକ ପରିଷଦ, ନୟାଗଡ଼, ୧୯୯୨, ପୃ.୩୪



ନୀଳମାଧବ ମହାବିଦ୍ୟାଳୟ
କଣ୍ଟିଲୋ, ନୟାଗଡ଼-୭୫୨୦୭୮




# ଶ୍ରୀମନ୍ଦିରରେ ଶାରଦୀୟ ମହୋତ୍ସବ



ବିରଞ୍ଚି ନାରାୟଣ ପାଣିଗ୍ରାହୀ

**ସୀ**ମାହୀନ ଅନନ୍ତ ଆକାଶ, ଦିଗହୀନ ଅଶାନ୍ତ-ପ୍ରଶାନ୍ତ ପବନ, ମାପହୀନ ସୁଗଭୀର ସାଗର ଭଳି କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମର ବୈଚିତ୍ର୍ୟମୟ ଶ୍ରୀମନ୍ଦିର ମଧ୍ୟରେ ମହିମାମୟ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ରହସ୍ୟ ସେଭଳି ଅନନ୍ତ ସୁଗଭୀର, ଦେବମାନବ ଅଗୋଚର ଓ ଅଚିନ୍ତ୍ୟ । ଯିଏ ଯେଉଁ ରୂପରେ ଚିନ୍ତା କରିଛି, ସିଏ ସେଥିରେ ସଫଳତା ଲାଭ କରିଛି । ଯେଉଁ ଭକ୍ତ ଯେଭଳି ରୂପରେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛି ସେ ଦେଖିପାରିଛି । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବେଶରେ ତାହା ପ୍ରତିଫଳିତ ହୋଇଛି । ଶ୍ରୀଜଗନ୍ନାଥଙ୍କୁ ଶ୍ରୀବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ, ଶକ୍ତିମୟୀ କାଳୀ, ବୁଦ୍ଧ, ଜୈନ ଓ ଶୂନ୍ୟ ବ୍ରହ୍ମ ରୂପେ ଓ ଶ୍ରୀବଳଭଦ୍ରଙ୍କୁ ବ୍ରହ୍ମା, କୃଷ୍ଣ ଭଗିନୀ-ସୁଭଦ୍ରା, କୃଷ୍ଣପ୍ରିୟା ଶ୍ରୀରାଧା, ବିଷ୍ଣୁପ୍ରିୟା ମହାଲକ୍ଷ୍ମୀ, ସୀତା ଓ ଯୋଗମାୟା ବିମଳା ରୂପେ ଗ୍ରହଣ କରାଯାଇଛି । ବ୍ରହ୍ମ ରୂପ ଜଗନ୍ନାଥ, ଜୀବ ରୂପି ବଳଭଦ୍ର ଓ ମଝିରେ ପ୍ରକୃତି ସ୍ୱରୂପିଣୀ ରୂପୀ ଯୋଗମାୟା, ଶକ୍ତିମୟୀ, ପରମ ବୈଷ୍ଣବୀ ମା' ସୁଭଦ୍ରା ବିରାଜମାନ କରିଅଛନ୍ତି । ଆଦିଶଙ୍କରଙ୍କ ମତରେ ଶିବ ଓ ବିଷ୍ଣୁଙ୍କ ମଝିରେ ଆଦ୍ୟାଶକ୍ତି, ଶକ୍ତିମୟୀ ସୁଭଦ୍ରା ଥିବାରୁ ଉଭୟେ ହରି ଓ ହର ଶକ୍ତିମାନ୍ ହୋଇପାରିଛନ୍ତି । ତାଙ୍କ ଭାଷାରେ 'ମଧ୍ୟେ ଦେବୀ ପରାତ୍‌ପରା ଭଗବତୀ, ଯା' ପ୍ରକୃତି ରୂପିଣୀ ନିର୍ଲିପ୍ତା, ଗୁପ୍ତଦେହୀ ତ୍ରିଜଗତ ଜନନୀ, ସୂକ୍ଷ୍ମରୂପା ବିଚିତ୍ରା, ଦେବୀ ଆନନ୍ଦ କନ୍ଦୋ କନକ-ତନୁନ୍ଧରା, ସର୍ବ ସୌଭାଗ୍ୟ ରୂପା, ଦେହି ମେ ଭକ୍ତି, ହରିପଦ ଯୁଗଳଂ, ଯୋଗମାୟା ସ୍ମରାମି । ଅର୍ଥାତ୍, ମଧ୍ୟଭାଗରେ ବିରାଜିତା ମା' ସୁଭଦ୍ରା ତୁମ୍ଭେ ପରାତ୍‌ପରା ଭଗବତୀ, ପ୍ରକୃତି-ସ୍ୱରୂପିଣୀ, ତ୍ରିଜଗତ ଜନନୀ ନିର୍ଲିପ୍ତା ଗୁପ୍ତଦେହୀ, ସୂକ୍ଷ୍ମରୂପା, ବିଚିତ୍ରା, ଆନନ୍ଦଦାୟିନୀ, ସର୍ବସୌଭାଗ୍ୟ ରୂପିଣୀ, କନକ ବର୍ଣ୍ଣା, ଭକ୍ତି ମୁକ୍ତି ପ୍ରଦାୟିନୀ, ମୁକ୍ତି, ହରିପଦ ଯୁଗଳ ଲାଭ କରିବା ପାଇଁ ମୋତେ ସହାୟ ହୁଅ, ଭକ୍ତି ଓ ମୁକ୍ତି ଦିଅ । ମୁଁ ତୋତେ ସ୍ମରଣ କରିବା ସଂଗେସଂଗେ ପ୍ରଣାମ କରୁଛି । ପୁନଶ୍ଚ ସପ୍ତସତୀ ଚଣ୍ଡୀପାଠରେ ଅଛି - 'ଯା ଦେବୀ ସର୍ବଭୂତେଷୁ, ବିଷ୍ଣୁ ମାୟେତି ଶବ୍ଦିତାଂ ।' ତେଣୁ ଯୋଗମାୟା ହେଉଛନ୍ତି ପରମ ବୈଷ୍ଣବୀ, ନାରାୟଣୀ, ଶ୍ରୀମନ୍ଦିରରେ ମା' ବିମଳା ହେଉଛନ୍ତି ଯୋଗମାୟା, ଭୈରବୀ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ 'ଦେବୀ ଭଗବତରେ'ରେ ଅଛି -

> 'ଉତ୍କଳେ ନାଭିଦେଶେଷ୍ଟ, ବିମଳା ପୁରୁଷୋତ୍ତମେ
> ବିମଳା ଭୈରବୀଯତ୍ର, ଜଗନ୍ନାଥସ୍ତୁ ଭୈରବ ।'

ତେଣୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଥିବା ଭୋଗ ବିମଳାଙ୍କୁ ଅର୍ପଣ କରାଯିବା ପରେ ତାହା ମହାପ୍ରସାଦରେ ପରିଣତ ହୋଇଯାଏ । ପୁରୁଷୋତ୍ତମ ପୀଠର ଦେବୀ ସୁଭଦ୍ରାଙ୍କର ଚଳନ୍ତି ପ୍ରତିମା ରୂପେ କ୍ଷେତ୍ରେଶ୍ୱରୀ ଦେବୀ ବିମଳାଙ୍କର ପୂଜା ଆରାଧନା କରାଯାଏ । ମା'ବିମଳା ହେଉଛନ୍ତି ଆଦ୍ୟାଶକ୍ତି, ପରମ ବୈଷ୍ଣବୀ ନାରାୟଣୀ । ତେଣୁ ଶକ୍ତିମାନ ନାରାୟଣଙ୍କ ନିକଟରେ ଶକ୍ତି ରୂପେ ପୂଜିତ ହୁଅନ୍ତି । ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ମା' ବିମଳାଙ୍କୁ ରାଜରାଜେଶ୍ୱରୀ ବୋଲି କୁହାଯାଇଥାଏ । ଦ୍ୱାଦଶ ଶତାବ୍ଦୀରେ ଉତ୍କଳୀୟ ବୈଷ୍ଣବମାନେ ମାଧବ ଉପାସନା କରୁଥିବାର ଜଣାଯାଏ । ଜୟଦେବଙ୍କ ଗୀତଗୋବିନ୍ଦରେ ମାଧବଙ୍କୁ ମୁଖ୍ୟ-ନାୟକ ରୂପେ ଗ୍ରହଣ କରାଯାଇଛି । ଶବର ରାଜା ବିଶ୍ୱାବସୁ ମଧ୍ୟ ନୀଳ-ମାଧବଙ୍କୁ ପୂଜା କରୁଥିବାର ଜଣାଯାଏ । ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ମାଧବ ପୂଜା ପାଉଛନ୍ତି । ସମସ୍ତ ମଙ୍ଗଳ କାର୍ଯ୍ୟରେ ମଧ୍ୟ ମାଧବଙ୍କୁ ସ୍ମରଣ କରାଯାଏ ।

> 'ମାଧବୋ ମାଧବୋ ବିଷ୍ଣୁ ମାଧବୋ ମାଧବୋ ହରି
> ସ୍ମରନ୍ତି ସାଧବାଃ ନିତ୍ୟଂ ସର୍ବ କାର୍ଯ୍ୟେଷୁ ମାଧବଃ ।'

ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ପ୍ରଚଳିତ ଅଛି । ସବୁଠାରେ ମା'ଦୁର୍ଗାଙ୍କୁ ଶିବ ପ୍ରୀୟା ରୂପେ ପୂଜା କରାଯାଉଥିବାବେଳେ କେବଳ ପୁରୁଷୋତ୍ତମ କ୍ଷେତ୍ରରେ ବିଶେଷତଃ ଶ୍ରୀମନ୍ଦିରରେ ମାଧବଙ୍କ ସହିତ ପୂଜା ପାଉଛନ୍ତି ।

ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ଶାରଦୀୟ ଉତ୍ସବ ଅନ୍ତର୍ଭୁକ୍ତ ନହୋଇଥିଲେ ମଧ୍ୟ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଇଥାଏ । ଦୁର୍ଗା ପୂଜା ସାଧାରଣତଃ ବସନ୍ତ ଓ ଶରତ ଋତୁରେ ପାଳନ କରାଯାଏ ।

ଚୈତ୍ରମାସର ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ନବଦିନ ବ୍ୟାପି ବାସନ୍ତି-ଦୁର୍ଗାପୂଜା ପାଳିତ ହୁଏ । ମାତ୍ର ଶରତ-ଦୁର୍ଗାପୂଜା ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ-ନବମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପୀ ପାଳିତ ହୁଏ । ଏହାକୁ ଷୋଳପୂଜା ମଧ୍ୟ କୁହାଯାଏ ।

ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ରାତ୍ରିରୁ ଆଶ୍ୱିନ ମାସ କୃଷ୍ଣ ଅଷ୍ଟମୀ ଦିବା ଭାଗ ପର୍ଯ୍ୟନ୍ତ ମହାଦେବୀଙ୍କର ଶୟନ କାଳ । ଏଇ ତିଥି ବୃଦ୍ଧି ହେଲେ କୃଷ୍ଣ ସପ୍ତମୀ ଓ ତିଥି ହ୍ରାସ ଘଟିଲେ କୃଷ୍ଣ ଅଷ୍ଟମୀ ଦିନ ପର୍ଯ୍ୟନ୍ତ ଠିକ୍ ପନ୍ଦର ଦିନ ପରେ ଦେବୀ ଉତ୍‌ଥାନ ପାଳିତ ହୁଏ । ତେଣୁ ଆଶ୍ୱିନ ମାସର କୃଷ୍ଣ ଅଷ୍ଟମୀଠାରୁ ଆଶ୍ୱିନ ମାସ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପି ଷୋଳ ପୂଜା ପାଳିତ ହୁଏ । ଏଇ ଶାରଦୀୟ ଦୁର୍ଗାପୂଜାକୁ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ବୋଲି କୁହାଯାଏ । କେତେକ ଏହାକୁ ଶାରଦୀୟ ରଥଯାତ୍ରା ବା ଶାକ୍ତ-ଗୁଣ୍ଡିଚା ବୋଲି କହିଥାଆନ୍ତି । ଶୁକ୍ଳ ଅଷ୍ଟମୀ ଦିନ ଶାରଦୀୟ ଦୁର୍ଗାପୂଜା ନିମିତ୍ତ ମା' ସୁଭଦ୍ରାଙ୍କୁ ପ୍ରାର୍ଥନା କରାଯାଇଥାଏ । ସକାଳ ଧୂପ ବଢ଼ିବା ପରେ ଦୁର୍ଗାଙ୍କର ଚଳନ୍ତି ପ୍ରତିମା ରତ୍ନସିଂହାସନରେ ବିଜେ ହୁଅନ୍ତି । ଆଜ୍ଞାମାଳ ପାଇବା ପରେ ଦେବୀଙ୍କୁ ମାଜଣା ମଣ୍ଡପରେ ଥିବା ସଜ୍ଜିତ ଖଟ ଉପରେ ବିଜେ କରାଇ ବନଦୁର୍ଗା ମନ୍ତ୍ରରେ ମନ୍ତ୍ରିତ ହୋଇଥିବା ଏକ ଶହ ଆଠ ଗରା ଜଳରେ ଅଭିଷେକ କରାହୁଏ । ଏହାକୁ 'ସହସ୍ର କୁମ୍ଭାଭିଷେକ' କୁହାଯାଏ । ଶ୍ରୀଅଙ୍ଗ ପୋଛା, ବସ୍ତ୍ରଲାଗି, ବେଶ, ପ୍ରସାଦ ଓ ଶୀତଳ ଭୋଗ ପରେ ବନ୍ଦାପନା ବଢ଼ିଲେ ଭଣ୍ଡାର ଘର ଦ୍ୱାର ଦେଶକୁ ନିଆଯାଏ । ଆଜ୍ଞାମାଳ ପାଇ ଶ୍ରୀପୁରୁଷୋତ୍ତମ-ମାଧବ ରୂପେ ଆସି ଦୁର୍ଗାଙ୍କ ସହ ଭଦ୍ରାସନରେ ରୁଦ୍ଧା କିମ୍ବା ମିଳିତ ହୁଅନ୍ତି । ଏହାପରେ ଦୁର୍ଗାମାଧବଙ୍କୁ ରତ୍ନସିଂହାସନ ନିକଟକୁ ନିଆଯାଇ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପଠାରେ ଥିବା ସୁସଜ୍ଜିତ ପାଲିଙ୍କିରେ ବିଜେ କରନ୍ତି । ବିମଳାଙ୍କ ସକାଳ ଧୂପ ପରେ ରଥରେ ବିମଳା ମନ୍ଦିରକୁ ଯାତ୍ରା କରନ୍ତି । କର୍ପୂର ଲାଗି ପରେ ବିମଳାଙ୍କ ମନ୍ଦିରରେ ଥିବା ଖଟ ଉପରେ ଦୁର୍ଗା-ମାଧବ ବିଜେ କରନ୍ତି । ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୁଏ । ଏହିପରି ତିନି ଧୂପ ସାରି ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ଲାଗିପରେ ରଥରେ ବାହୁଡ଼ା ବିଜେ କରି ଭଣ୍ଡାର ଘରେ ବିଜେ ହେବେ । ଏଇଭଳି ନୀତି କୃଷ୍ଣ-ଅଷ୍ଟମୀଠାରୁ ଆରମ୍ଭ ହୋଇ ଆଠଦିନ ପର୍ଯ୍ୟନ୍ତ ଚାଲିଥାଏ । ଦୁର୍ଗାମାଧବ ସେପରି ରୁଦ୍ଧା ବା ମିଳିତ ହୋଇଥାଆନ୍ତି । ପର ଆଠଦିନ ଅର୍ଥାତ୍ ଶୁକ୍ଳ ପ୍ରତିପଦାଠାରୁ ଅଷ୍ଟମୀ ଦିନ ପର୍ଯ୍ୟନ୍ତ ଆଠ ଦିନ ଉକ୍ତ ରୁଦ୍ଧା ହୋଇଥିବା ଦୁର୍ଗା-ମାଧବ ରଥରେ ବିଜେ କରି ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ଯାଆନ୍ତି । ସେଠାରେ ମଧ୍ୟ ବିମଳା ମନ୍ଦିର ଭଳି ନୀତିମାନ ଅନୁଷ୍ଠିତ ହୁଏ । ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ବଢ଼ିଲେ ଶ୍ରୀମନ୍ଦିରକୁ ରଥରେ ବସି ବାହୁଡ଼ା ବିଜେ କରି ଭଣ୍ଡାର ଘରକୁ ଆସନ୍ତି । ପ୍ରଥମ ଆଠଦିନ ରୁଦ୍ଧା ହୋଇଥିବା ଦୁର୍ଗାମାଧବ ବିମଳା ମନ୍ଦିରକୁ ବିଜେ କରିବା ଭଳି ଶେଷ ଆଠଦିନ ଦୋଳ ମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ରଥରେ ବିଜେ କରି ଶ୍ରୀଜୀଉଙ୍କର ଭିତର ଚନ୍ଦନ ପରେ ଷୋହଳ ଦିନ ପର୍ଯ୍ୟନ୍ତ ଭଣ୍ଡାର ଘରେ ରୁଦ୍ଧା ହୋଇ ରହନ୍ତି । ଏହା ଦୁର୍ଗାମାଧବଙ୍କର ଷୋହଳ ଦିନ ବ୍ୟାପି ରଥଯାତ୍ରା ଅଥବା ଶାରଦୀୟ ରଥଯାତ୍ରା କିମ୍ବା ଶାକ୍ତ ଗୁଣ୍ଡିଚା କୁହାଯାଏ ।

ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ମନ୍ଦିର ପାଖ କୂପର ଦକ୍ଷିଣ ଦିଗରେ ଏକ ଅସ୍ଥାୟୀ ରୋଷଘର ନିର୍ମିତ ହୁଏ । ସେଠାରେ ମହାଦେବୀ ବିମଳାଙ୍କର ଅନ୍ନବ୍ୟଞ୍ଜନାଦି ଭୋଗ ପ୍ରସ୍ତୁତ ହୁଏ । ଶ୍ରୀଜଗନ୍ନାଥଙ୍କର ରାତ୍ର ପହୁଡ଼ ପରେ, ମନ୍ଦିରଶୋଧ ହୋଇ ସାରିବା ପରେ ଆମିଷାଦି ପଶୁବଳି ପଶ୍ଚିମ ଦ୍ୱାର ଦେଇ ଭୋଗ ପାଇଁ ଆସିଥାଏ । ସମସ୍ତ ନୀତି ପରେ ଅସ୍ଥାୟୀ ରୋଷଘରେ ଏଭଳି ଆମିଷ ଭୋଗ ପ୍ରସ୍ତୁତ ହୁଏ । ଭୋଗ ସମୟରେ ପୂଜକ ଓ ସେବାୟତମାନଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ସେଠାରେ ରହିପାରନ୍ତି ନାହିଁ । ବିମଳାଙ୍କ ଷୋଳପୂଜା ସଂପାଦିତ ଷୋହଳ ଦିନମାନଙ୍କରେ ସ୍ତ୍ରୀଲୋକମାନେ ବିମଳାଙ୍କୁ ଦର୍ଶନ କରିନପାରିବାର ବାରଣ କରାଯାଇଛି । କୌଣସି ସ୍ତ୍ରୀଲୋକ ଏ ସମୟରେ ଉକ୍ତ ମନ୍ଦିର ମଧ୍ୟରେ ପ୍ରବେଶ କରିପାରିବେ ନାହିଁ । ଗୁରୁବାର ଦିନ ମହାଦେବୀଙ୍କର ଏକାନ୍ତ ପୂଜାନୀତି ହୁଏ । କୌଣସି ବ୍ୟକ୍ତିଙ୍କର ପଶୁବଳି ଦେବାର ମାନସିକ ଥିଲେ, ମନ୍ଦିର ବାହାରେ ଥିବା 'କାକୁଡ଼ିଖାଇ' ମନ୍ଦିରରେ ଉକ୍ତ ବଳି ଦେବାର ପ୍ରଥା ଅଛି । ମହାନବମୀ ଦିନ ଭିତର ଚନ୍ଦନ ବଢ଼ିବା ପରେ ମନ୍ଦିର ଶୋଧ କରାଯାଏ । ନିଶାର୍ଦ୍ଧରେ ମହାଦେବୀ ବିମଳାଙ୍କର ବଳି, ହୋମ ଇତ୍ୟାଦି ଶେଷ ହେବା ପରେ ଶ୍ରୀମନ୍ଦିରରେ ଶାରଦୀୟ ପୂଜାର ସମସ୍ତ ପୂଜା ଶେଷ ହୋଇଥାଏ । ଶ୍ରୀମନ୍ଦିରରେ ଆମିଷ ସଂପୂର୍ଣ୍ଣ ନିଷେଧ ହେଲେ ମଧ୍ୟ, କେବଳ ଏଇ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ନିକଟରେ ହେଉଥିବା ଆମିଷ ଭୋଗ ଏକ ବ୍ୟତିକ୍ରମ ହେଲେ ମଧ୍ୟ ଏହା ବୈଷ୍ଣବ ଓ ଶାକ୍ତ ଧର୍ମର ଏକ ମଧୁର ମିଳନ ମାତ୍ର । ଷୋହଳ ଦିନ ପୂଜା ମଧ୍ୟରୁ ଏଗାର ଦିନ ମହାଦେବୀ ବିମଳାଙ୍କୁ ଭୁବନେଶ୍ୱରୀ, ବନଦୁର୍ଗା, ରାଜରାଜେଶ୍ୱରୀ, ଉଗ୍ରତାରା, ମାତଙ୍ଗିନୀ, ବଗଳା, ନାରାୟଣୀ, ସିଂହବାହିନୀ, ଜୟଦୁର୍ଗା ଶୂଳାଦୁର୍ଗା, ହରଚଣ୍ଡି ପ୍ରଭୃତି ଏଗାର ଗୋଟି ବେଶ କରାଯାଏ । ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗଦୀଶ୍ୱର ଓ ମା' ବିମଳା ହେଉଛନ୍ତି ଜଗଦୀଶ୍ୱରୀ । ଶ୍ରୀଜଗନ୍ନାଥ ନାରାୟଣ ହେଲେ ମା' ବିମଳା ନାରାୟଣୀ ଏବଂ ଶ୍ରୀଜଗନ୍ନାଥ ପରମ ବୈଷ୍ଣବ ହେଲେ ମା' ବିମଳା ହେଉଛନ୍ତି ପରମ ବୈଷ୍ଣବୀ । ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱର ଓ ମା' ବିମଳା ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱରୀ । ଶ୍ରୀଜଗନ୍ନାଥ ହେଉଛନ୍ତି ଭଗବାନ ଓ ମା' ବିମଳା ହେଉଛନ୍ତି ଭଗବତୀ । ଶ୍ରୀଜଗନ୍ନାଥ ରୂପୀ ମାଧବ ଓ ମା' ବିମଳା ରୂପୀ ଦୁର୍ଗାଙ୍କ ମଧ୍ୟରେ ଅଭେଦ ସଂପର୍କ ରହିଛି । 'ଦୁର୍ଗା ମାଧବ' ହେଉଛନ୍ତି ସୁଖ, ଶାନ୍ତି ବିଦ୍ୟା, ଐଶ୍ୱର୍ଯ୍ୟ ଓ ସମସ୍ତ ମଙ୍ଗଳକାରକର ପ୍ରତୀକ । ଶାସ୍ତ୍ରରେ ଅଛି -

'ଦୁର୍ଗାମାଧବ ସଂଚିନ୍ତ୍ୟଂ-ସର୍ବକାର୍ଯ୍ୟ ସମାଚରେତ୍ ।  
ଦୁର୍ଗା ବିଘ୍ନହନ୍ତା ଦେବୀ, ମାଧବ ଶୁଭ ଦାୟକ ।।'

ଅର୍ଥାତ୍ ଦୁର୍ଗା ବିଘ୍ନନାଶକାରିଣୀ ଓ ମାଧବ ଶୁଭଦାୟକ ହୋଇଥିବାରୁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ 'ଦୁର୍ଗା ମାଧବ'ଙ୍କୁ ସ୍ମରଣ କରାଯାଇଥାଏ ।

ଦଶହରା ଦିନ ଅବକାଶ ନୀତି ଓ ଚନ୍ଦନ ଲାଗି ବଢ଼ିଲେ ଜୀଉମାନଙ୍କୁ ନୂତନ ବସ୍ତ୍ର ଓ ଅଳଙ୍କାରରେ ମଣ୍ଡିତ କରାଯାଇ ରାଜରାଜେଶ୍ୱର ବା ସୁନାବେଶ କରାଯାଏ । ଗୋପାଳବଲ୍ଲଭ ଓ ଅବକାଶ ଧୂପ ଶେଷ ହେବା ପରେ ଭଣ୍ଡାର ଘରେ ଚାରିଦିନ ପୂର୍ବରୁ ପୂଜା ପାଇ ଆସୁଥିବା ହଳ ମୂଷଳ, ତଡ଼ଗୀ, ଶଙ୍ଖ-ଚକ୍ର ପ୍ରଭୃତି ଆୟୁଧମାନଙ୍କୁ ପୂଜାନୀତି ପରେ ରୁପା ଥାଳିରେ ରଖି ପଟୁଆର ସହ ତିନିଥର ମନ୍ଦିର ପରିକ୍ରମା କରାଇ ରତ୍ନସିଂହାସନରେ ଜୀଉମାନଙ୍କୁ ଆୟୁଧ ଲାଗି ହୁଏ । ଭିତର ଆଳତୀ ବଢ଼ିଲେ ନୀତି ସହ ରୁନ୍ଧା ହୋଇଥିବା ଦୁର୍ଗା ମାଧବଙ୍କୁ ଭଣ୍ଡାର ଘରୁ ମଦନମୋହନ, ରାମ ଓ କୃଷ୍ଣଙ୍କୁ ଦକ୍ଷିଣ ଘରୁ ବୀର ବେଶରେ ସଜାଇ ଭିତର ସିଂହାସନକୁ ଅଣାଯାଇଥାଏ । ନୀତି ବଢ଼ିବା ପରେ ପାଞ୍ଚଗୋଟି ଆଜ୍ଞାମାଳ ପାଇ ଦେବତାମାନେ ହାତରେ ବିଜେ ହୋଇ ବଟ ମୂଳକୁ ଆସନ୍ତି । ସେଠାରେ ରୁନ୍ଧା ପଡ଼ିଥିବା ଦୁର୍ଗାମାଧବଙ୍କୁ ସଜ୍ଜିତ ରଥରେ ବସାଇ ଦିଆଯାଏ । ମଦନମୋହନଙ୍କୁ ବିମାନରେ, ରାମ-କୃଷ୍ଣଙ୍କୁ ପାଲିଙ୍କିରେ ବସାଯାଏ । ରୁନ୍ଧା ଖୋଲାଯାଇ ଦେବତାମାନଙ୍କୁ ଗୋପାଳବଲ୍ଲଭ ମଠକୁ ବିଜୟଯାତ୍ରାରେ ନିଆଯାଏ । ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ଠାକୁରମାନଙ୍କର ବାହୁଡ଼ା ବିଜେ ହୋଇଥାଏ । ଶ୍ରୀମନ୍ଦିରକୁ ଆସିବା ପରେ ମାଧବଙ୍କୁ ରତ୍ନସିଂହାସନରେ, ଦୁର୍ଗାଙ୍କୁ ଭଣ୍ଡାର ଘରେ ଓ ମଦନମୋହନ, ରାମକୃଷ୍ଣଙ୍କୁ ଦକ୍ଷିଣ ଘରେ ବିଜେ କରାଯାଏ । ଦୁର୍ଗାମାଧବ ରଥରେ ବିଜେ କରୁଥିବାରୁ ଏହି ଦୁର୍ଗାମାଧବ ଉପାସନାକୁ ଶାରଦୀୟ ଦୁର୍ଗାପୂଜା କିମ୍ବା ଶାକ୍ତ ଗୁଣ୍ଡିଚା କୁହାଯାଏ । ଯାହାକି ଅନ୍ୟ କୌଣସିଠାରେ ଦେଖାଯାଏ ନାହିଁ ।

ଶୁକ୍ଳ ଏକାଦଶୀ ଦିନ ପୁରୀର ବିଭିନ୍ନ ସାହି, ଗଳି କନ୍ଦି, ଆଖଡ଼ା ଘର ବା ଜାଗାଘରଠାରେ ପୂଜିତ ଓ ପୂଜା ଶେଷରେ ବିସର୍ଜନ ହେବାକୁ ଥିବା ମୃଣ୍ମୟୀ ଦେବୀ ମୂର୍ତ୍ତିମାନଙ୍କୁ ପଟୁଆର ସହ ସିଂହଦ୍ୱାର ସମ୍ମୁଖରେ ସନ୍ଧ୍ୟା ସମୟରେ ସମାବେଶ କରାଯାଏ । ଏହା ଗୋଷାଣୀ ଯାତ୍ରା ନାମରେ ପ୍ରସିଦ୍ଧ । ଏହାପରେ ବିଗ୍ରହମାନଙ୍କୁ ବର୍ଣ୍ଣାଢ଼୍ୟ ପଟୁଆରରେ ନିଆଯାଇ ବିସର୍ଜନ କରାଯାଏ । ସମୁଦ୍ରରେ ବିସର୍ଜନ ହେଉଥିବାରୁ ସମୁଦ୍ର କୂଳ ବେଶ୍ ଲୋକାରଣ୍ୟ ଓ କୋଳାହଳମୟ ହୋଇଥାଏ । ଆଶ୍ୱିନ ମାସ ଶୁକ୍ଳ ଏକାଦଶୀ ଦିନଠାରୁ ରାଧାଦାମୋଦର ବେଶ ଓ ଉପାସନା ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ଦିନ ପର୍ଯ୍ୟନ୍ତ ଚାଲେ ।

**ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣମୀ**

କୁମାର ପୂର୍ଣ୍ଣମୀ ଦିନ ଜୀଉମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହେବା ପରେ, ସିଂହାସନରୁ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଆଣି ଖଟ-ଶେଜ ଘରେ ବସାଇବା ପରେ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ବିଜେ ହୋଇ ଆସି ଜଗମୋହନରେ ଚଉଦଳାରେ ବସନ୍ତି । ପାଟପତନୀ ଲାଗି ପରେ, ଚୁଳ ଲାଗି କରାଯାଇ, ଚଉଦଳାରେ ବସାଇ ଝୁଲଣ ମଣ୍ଡପ ନିକଟକୁ ନିଆଯାଏ । ସେଠାରେ ବିଭିନ୍ନ ଅଳଙ୍କାର ଲାଗି ପରେ, ଶ୍ରୀମନ୍ଦିରକୁ ପ୍ରଦକ୍ଷିଣ କରାଯାଇ ଘଣ୍ଟ, ଘଣ୍ଟା କାହାଳୀ ସହ ବଡ଼ ଦାଣ୍ଡ ବାଟେ ଯାଇ ଉଗ୍ରସେନାଦି ମଠରେ ପୂଜା ଓ ବନ୍ଦାପନା ପରେ ଭୋଗ ଲାଗି ହୋଇ ସାରିବା ପରେ ପଶ୍ଚିମ ଦ୍ୱାର ଚକଡ଼ାକୁ ଆସି ପୂଜା, ବନ୍ଦାପନା ଓ ଭୋଗ ଲାଗିପରେ ଚଉଦଳାରେ ବସି ଜୟବିଜୟ ଦ୍ୱାର ନିକଟକୁ ଯାଇ ରୁନ୍ଧାଖୋଲା ହେବା ପରେ ସୁଦର୍ଶନଙ୍କୁ ସିଂହାସନରେ ବିଜେ କରାଇ ସିଂହାସନ ଶୋଧ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ମହାସ୍ନାନ କରାଯାଏ । ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଖଟ-ଶେଜ ଘରୁ ସିଂହାସନକୁ ନିଆଯାଇ ସର୍ବାଙ୍ଗ ନୂଆଲୁଗା ଲାଗି ହୋଇ ବେଶ ବଢ଼େ । ସନ୍ଧ୍ୟା ଆଳତି ପରେ ଚାରିବାଡ଼ରେ ସନ୍ଧ୍ୟାଧୂପ ପୂଜା ବଢ଼ିଲେ ସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇ ବନ୍ଦାପନା କରାଯାଏ । ପରେ ପାଣି ପଡ଼ିସାରିବା ପରେ ଦକ୍ଷିଣଘରୁ ମଦନମୋହନଙ୍କୁ ଆଣି ସିଂହାସନରେ ବିଜେ କରାଯାଏ । ମଦନମୋହନ ଓ ଲକ୍ଷ୍ମୀ ଆଜ୍ଞାମାଳ ପାଇବା ପରେ ହାତରେ ନେଇ ସାତ ପାହାଚରେ ପାଲିଙ୍କିରେ ଯାଇ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଥିବା ଖଟ ଉପରେ ବିଜେ କରନ୍ତି । ଶ୍ରୀମଦନମୋହନ ଓ ଲକ୍ଷ୍ମୀଙ୍କ ମଧ୍ୟରେ ପଶା, କଉଡ଼ି, ଜୁଆ ଇତ୍ୟାଦି ଖେଳ ହୁଏ । ଶୀତଳ ଭୋଗ ପରେ ବାହୁଡ଼ା ଯାତ୍ରା ହୁଏ । ଲକ୍ଷ୍ମୀ ସିଂହାସନକୁ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେ କରନ୍ତି । ଭିତର ଚନ୍ଦନ ଲାଗି ଓ ବଡ଼ସିଂହାର ବେଶରେ ଛଅ ମୂର୍ତ୍ତିଙ୍କୁ ପତନୀ ଲୁଗା ଓ ତଡ଼ପ ଲାଗି ପରେ ବଡ଼ସିଂହାର ବେଶ ହୁଏ । ଏହାପରେ ସିଂହାସନ ତଳେ ପଶା, କଉଡ଼ି, ଜୁଆ ଓ ଶକଟ ଖେଳ ହୁଏ । ପରେ ସିଂହାସନ ଉପରେ ମଧ୍ୟ ଏ ଖେଳ ହୋଇଥାଏ । ଏ ଖେଳରେ ମା' ଲକ୍ଷ୍ମୀଙ୍କଠାରୁ ଶ୍ରୀଜଗନ୍ନାଥ ହାରି ଯାଆନ୍ତି । ତେଣୁ ମାଧବ ହାତରେ ଯାଇ ଲକ୍ଷ୍ମୀ ମନ୍ଦିରରେ ବିଜେ ହେବା ସଙ୍ଗେ ସଙ୍ଗେ ବନ୍ଧା ହୋଇ ସାତ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି । କାର୍ତ୍ତିକ ମାସ କୃଷ୍ଣ ଅଷ୍ଟମୀ ତିଥିରେ ଲକ୍ଷ୍ମୀ ମନ୍ଦିରରୁ ଆସି ଶ୍ରୀମନ୍ଦିରର ରତ୍ନସିଂହାସନରେ ବିଜେ କରନ୍ତି ।

କ୍ଷେତ୍ରମାନଙ୍କର ରାଜା ଶ୍ରୀଧାମ, ଶ୍ରୀପୀଠ, ଶ୍ରୀକ୍ଷେତ୍ର ପୁରୁଷୋତ୍ତମର ଶ୍ରୀମନ୍ଦିରରେ ପାଳିତ ହେଉଥିବା ଶାରଦୀୟ ମହୋତ୍ସବ ଯେପରି ଆନନ୍ଦଦାୟକ ରାଧାମାଧବ ଉପାସନା ସେପରି ତତ୍ତ୍ୱମୟ ଓ ସ୍ୱତନ୍ତ୍ରତା ଲାଭ କରିଛି । ଉତ୍କଳୀୟ ସଂସ୍କୃତିର ସାମାଜିକ ଓ ଦାମ୍ପତ୍ୟ ଜୀବନର ପ୍ରତିଫଳନ ସଂପୂର୍ଣ୍ଣ ରୂପେ କୁମାର ପୂର୍ଣ୍ଣମୀ ନୀତିରେ ରୂପାୟିତ ହୋଇପାରିଛି । ସେଥିପାଇଁ ସାରା ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତ ଦେବତାମାନଙ୍କର ରାଜାଧିରାଜ ହେଲେ ମଧ୍ୟ ଉତ୍କଳୀୟମାନଙ୍କର ଅତି ନିଜର ଚକାଡୋଳା, କାଳିଆ ଓ ବଳିଆର ଭୁଜ ହୋଇ ରହିଛନ୍ତି ।

ଘର ନଂ- ୱାନ-ଏଫ୍
'ଭରଷା ପ୍ଲାଜା'', ମହତାବ ରୋଡ
ପୁରୁଣା ଭୁବନେଶ୍ୱର-୭୫୧୦୦୨

# ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ

ସତ୍ୟନାରାୟଣ ମହାପାତ୍ର

ଉତ୍ତାଳ ତରଙ୍ଗମାଳାରେ ଉଦ୍‌ବେଳିତ ହୋଇ ଉଠିଲା ସମୁଦ୍ର । ପ୍ରତ୍ୟେକଟି ତରଙ୍ଗ ସତେ ଯେମିତି ଅନ୍ୟ ଉତ୍ତୋଳିତ ତରଙ୍ଗ ସହିତ ପ୍ରତିଯୋଗିତା କରୁଛି । ଉଦ୍ୟମ କରୁଛି ତାକୁ ଟପି ଆଉ ଟିକିଏ ଉଚ୍ଚକୁ ଉଠିବ, କୂଳ ଲଙ୍ଘି ଆଉ ଟିକିଏ ଆଗକୁ ମାଡ଼ିଯିବ ।

ପ୍ରକୃତି କୋଳରୁ ଆନନ୍ଦ ଉପଭୋଗ କରୁଥିବା ଦର୍ଶକ ମଣ୍ଡଳୀ ମନରେ ଆନନ୍ଦ ପରିବର୍ତ୍ତେ ଆଶଙ୍କା ମେରୁ ଅଞ୍ଚଳର ବରଫ ପାହାଡ଼ ପରି ଜମାଟ ବାନ୍ଧିଲା । ସମୁଦ୍ର କୂଳରେ ସୁଦୀର୍ଘ ବାଲୁକା ଗାଲିଚା ଛାଡ଼ି ସେମାନେ ଯଥାଶୀଘ୍ର ଅପସାରିତ ହେଲେ ସହର ଭିତରକୁ । ତୁଣ୍ଡ ବାଇଦ ବାଜଣାରେ କମ୍ପି ଉଠିଲା ସମଗ୍ର ଶ୍ରୀକ୍ଷେତ୍ର ଅଞ୍ଚଳ । ସମୁଦ୍ର ଲହରି ଖୁବ୍ ବଡ଼ ବଡ଼ ଢେଉ ଭାଙ୍ଗୁଛି ... ତଟ ଟପି ଯାଉଛି ଅତି ଅସ୍ୱାଭାବିକ ଭାବେ ..

ସାରା ପୁରୀ ଅଞ୍ଚଳବାସୀଙ୍କ ମୁହଁ ସମୁଦ୍ର ଆଡ଼କୁ

ଉଗ୍ର ରୂପ ନେଉଛି ମହୋଦଧି ।

ଏ କ'ଣ !

ଅତି ଅଳ୍ପ ସମୟର ବ୍ୟବଧାନ ମଧ୍ୟରେ କୂଳ ଲଙ୍ଘି ସମୁଦ୍ର ମାଡ଼ି ଆସିଲା ଶ୍ରୀମନ୍ଦିର ଦିଗକୁ । ସ୍ପର୍ଶ କଲା ଶ୍ରୀମନ୍ଦିର ମଧ୍ୟସ୍ଥ ରତ୍ନ ସିଂହାସନକୁ ।

ହେଇ ଦେଖୁ ଦେଖୁ ଆଉ କେତୋଟି ମୁହୂର୍ତ୍ତ ମଧ୍ୟରେ ସିଂହାସନାସୀନ ଠାକୁରମାନଙ୍କୁ ସମ୍ଭବତଃ ଜଳ ପ୍ଲାବିତ କରି ପକାଇବ ସମୁଦ୍ର । ସାରା ଜଗତ ଲୀନ ହୋଇଯିବ ସାଗର ଗର୍ଭରେ । ଠାକୁରେ ଯେଉଁଠି ଜଳମଗ୍ନ ହେବେ, ଆଉ ଜୀବଜଗତର ସ୍ଥିତି ରହିବ କେଉଁଠି ? ଉପସ୍ଥିତ ମହାକାଳ । କଳି କାଳର ଭୟଙ୍କର ରୂପ ।

ଉପସ୍ଥିତ ଜନ-ମାନବର ଆର୍ତ୍ତ ଚିତ୍କାରରେ କମ୍ପି ଉଠିଲା ଧରଣୀ । ଯୁଗାନ୍ତର ବେଳେ ଏଭଳି ଅସମ୍ଭବ ଘଟଣା କେବଳ ସମ୍ଭବ ହୋଇଥାଏ ବୋଲି ସୁଧି ସମାଜ ଆପଣା ମଧ୍ୟରେ ମତ ବିନିମୟ କରୁଥିଲେ । ଦୁଇ ହାତ ଉପରକୁ ଉଠିଯାଉଥିଲା ନିରୁପାୟ ଆର୍ତ୍ତ



ମଣ୍ଡଳୀର । ଆର୍ତ୍ତ ତ୍ରାଣଙ୍କ ନିକଟରେ ସମସ୍ତଙ୍କର ସମର୍ପଣର ଭାବ । ଅଜଣା ଆଶଙ୍କାର ଘନଘୋର ଅନ୍ଧାର ଭିତରେ ବୁଡ଼ି ରହିଥିଲେ ସମସ୍ତେ । ସମସ୍ତଙ୍କ ମୁହଁରେ ହରିନାମ । ତ୍ରାହି ତ୍ରାହି ଡାକ । ମାନବ ସମାଜକୁ ରକ୍ଷା କରିବା ପାଇଁ ଠାକୁରଙ୍କୁ ଆକୁଳ ନିବେଦନ । ଜଗତର ମଙ୍ଗଳ ପାଇଁ ଜଗତ ଠାକୁରଙ୍କୁ ପ୍ରାର୍ଥନା ପ୍ରତି କୋଣ ଅନୁକୋଣରେ ।

ସମସ୍ତଙ୍କ ଆକୁଳ ଆବେଦନ ଠାକୁରେ ଶୁଣିଲେ କି କ'ଣ କେଜାଣି, ସମୟକ୍ରମେ ଜଳ ପ୍ଲାବନର ଗତି ମନ୍ଥର ହୋଇ ଉଠିଲା । ଆଉ ଅଧିକ ଅଗ୍ରସର ହେଉନି ସମୁଦ୍ର ତରଙ୍ଗ । କିନ୍ତୁ ତଥାପି ଜଳଧାରା ଲାଗି ରହିଛି ଠାକୁରମାନଙ୍କ ରତ୍ନ ସିଂହାସନକୁ । ମହାସମୁଦ୍ରର ତରଙ୍ଗ ଉତ୍ତାଳ ନହେଲେ ବି ଜଳଧାରା ଅପସାରିତ ହେଉନି ସମୟକ୍ରମେ ।

ଭକ୍ତଗଣଙ୍କ ହୃଦୟରେ ଆଲୋଡ଼ନ । ସାଧୁସନ୍ଥମାନେ ଭୟଭୀତ । ପୂଜକମାନଙ୍କ ମନରେ ଗଭୀର ଉଦ୍‌ବେଗ । ପଣ୍ଡା ପଡ଼ିଆରୀ ତଥା ଅନ୍ୟାନ୍ୟ ସେବକ ଗଣ ତଟସ୍ଥ । ତଥାପି ସମସ୍ତେ

ନିରୁପାୟ । ସଂଶୟକ୍ରମେ ଜମାଟ ବାନ୍ଧୁଛି ସମସ୍ତଙ୍କ ମନରେ । ସମସ୍ତଙ୍କ ମନରେ ଜନ୍ମ ନେଉଛି ଭାବାନ୍ତର ।

- ଜଗତ ଠାକୁରେ ଏଇ ସ୍ଥାନ ଛାଡ଼ିବା ସମୟ ଉପନୀତ ।

- ଏଇତ ପ୍ରଳୟର ଆଦି ସୂଚନାର ମାତ୍ର । ଦେଖ, କ'ଣ ହେଉଛି ।

- ଆମେ ସବୁ ଏଇନେ କ'ଣ କରିବା ?

- ପ୍ରାର୍ଥନା, ପ୍ରାର୍ଥନା । କେବଳ ନାରାୟଣଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ତୁମେ ସବୁ କ'ଣ କରିପାରିବ ? ଯୋଗ କର । ଧ୍ୟାନ କର, ତପକର, 'ରଖ ହେ ନାରାୟଣ' ମନ୍ତ୍ର ଜପକର । କେବଳ ଠାକୁରଙ୍କୁ ଡାକ । ତାଙ୍କରି ପାଦତଳେ ଆପଣାକୁ ସମର୍ପଣ କର ।

- ମହାବିପଦର ବେଳ ମାଡ଼ି ଆସିଲା । ଚାଲ, ରାଜନଅର ଯିବା । ଠାକୁର ରାଜାଙ୍କୁ ଭେଟିବା ।

- ନିୟତିର ଏଇ ବିଧାନକୁ ରାଜା ବା କ'ଣ କରିପାରିବେ । ରଖିଲେ ରଖିବେ କଳା ଠାକୁରେ ।

ଏଭଳି କିଛିଟା ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ କିଛି ଲୋକ ଚାଲିଲେ ରାଜପ୍ରାସାଦ ଆଡ଼କୁ । ସେତେବେଳକୁ ଠାକୁର ରାଜା ପ୍ରତାପ ରୁଦ୍ର ଦେବ ବଡ଼ ଦେଉଳରେ ସମୁଦ୍ର ପାଣି ପଶିବା ଖବର ପ୍ରାପ୍ତ ହୋଇ ସାରିଥିଲେ । ସେହି ଦୈବୀ ଦୁର୍ଘଟଣାରେ ବ୍ୟସ୍ତ ବିବ୍ରତ ହୋଇ ଠାକୁରଙ୍କ ନିକଟରେ ଆତ୍ମନିବେଦନ କରି ଶରଣାଗତ ହୋଇ ସାରିଥିଲେ ।

ଲୀଳାମୟଙ୍କ ବ୍ୟତୀତ ଏଇ ସମସ୍ୟାର ସମାଧାନ କରିପାରିବ ବା କିଏ ?

ଅପଲକ ନୟନରେ ରତ୍ନ ସିଂହାସନାସୀନ ଦାରୁଭୂତୋମୁରାରୀ ଦେଖୁଥିଲେ ଆପଣାର ପଦଧୌତ କରୁଥିବା ମହୋଦଧିର ଜଳଧାରାକୁ । ଅଙ୍ଗ ପ୍ରତ୍ୟଙ୍ଗ ସତେ ଯେମିତି ଶୀତଳ ଲାଗୁଥିଲା । ଅଧିକ ପ୍ରଶାନ୍ତ ଦିଶୁଥିଲା ମୁଖମଣ୍ଡଳ । କାନ ନଥାଇ ଶୁଣି ପାରୁଥିଲେ ମହୋଦଧି ଜଳଧାରାର କୁଳୁ କୁଳୁ ତାନ, ଏକ ନୈସର୍ଗିକ ସଂଗୀତର ମୂର୍ଚ୍ଛନା ।

କିନ୍ତୁ ସେଇ ପ୍ରଶାନ୍ତି ନିମିଷକ ମଧ୍ୟରେ ଅନ୍ତର୍ହିତ ହୋଇଥିଲା ଭକ୍ତଗଣଙ୍କ ଆର୍ତ୍ତ ଚିତ୍କାରରେ । ଭଗବାନ ସବୁବେଳେ ଭକ୍ତର ଭକ୍ତିରେ ବନ୍ଧା । ଭକ୍ତିଭରା ଆକୁଳ ନିବେଦନ କେବେବି ବ୍ୟର୍ଥ ହୁଏ ନାହିଁ ।

ଭ୍ରୂଲତା ବିହୀନ କାଳିଆ ଠାକୁରେ ଅପଲକ ନେତ୍ରରେ ଦେଖୁଥିଲେ ତାଙ୍କରି ପରମାଶ୍ରିତ ଭକ୍ତମାନେ ଅତ୍ୟନ୍ତ କାତର, ପୂଜକମାନେ ମ୍ରିୟମାଣ । ରାଉତ ପ୍ରତାପରୁଦ୍ର ଦେବ ଅତ୍ୟନ୍ତ ବେଦନାଗ୍ରସ୍ତ ଏବଂ ଶରଣାପନ୍ନ ମଧ୍ୟ । କାଳେ କାଳେ ପ୍ରଭୁଙ୍କ ଶଙ୍ଖ-ଚକ୍ର, ଗଦା-ପଦ୍ମ ଧାରଣ ତ ଭକ୍ତମାନଙ୍କ ପାଇଁ, ସେଇ ଭକ୍ତମାନଙ୍କ ପାଇଁ ଚତୁର୍ଭୁଜ ମହାବାହୁ ସଂକୁଚିତ ଅଙ୍ଗପ୍ରତ୍ୟଙ୍ଗଯୁକ୍ତ ହୋଇ 'ମହାଭାବା' ବେଶରେ ରତ୍ନସିଂହାସନାସୀନ । କଳିଯୁଗରେ ଧର୍ମ ଓ ଆଧ୍ୟାତ୍ମିକ ଚେତନା ବାସ୍ତବିକ ବହୁଭାବରେ ବିଖଣ୍ଡିତ ହେଲେ ସୁଦ୍ଧା ଶରଣାଗତ ଭକ୍ତମାନଙ୍କ ସୁରକ୍ଷା ତ ଆବଶ୍ୟକ । ନଚେତ ସନାତନ ଧର୍ମର ସଂସ୍ଥାପନ ହେବ କିପରି । ପ୍ରକୃତ ଭକ୍ତମାନେ ଆଶ୍ରୟ ନେବେ କାହାରି ବାହୁଛାୟା ତଳେ ।

ଭକ୍ତମାନଙ୍କ ଆକୁଳ ଆବେଦନକୁ ସ୍ୱୀକାର କରିଥିଲେ କାଳିଆ ଠାକୁରେ । ତାଙ୍କର ପ୍ରଥମ ସେବକ ଧ୍ୟାନମଗ୍ନ ଠାକୁର ରାଜାଙ୍କୁ ସ୍ୱପ୍ନାବେଶ ଦେଲେ - ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ବାରାଣାସୀରେ ରହୁଥିବା ସନ୍ଥ କବୀର ମୋର ପରମାଶ୍ରିତ । ତାହାଙ୍କୁ ନିମନ୍ତ୍ରଣ କରି ଏଠାକୁ ଆଣ । ସେ ନଆସିବା ପର୍ଯ୍ୟନ୍ତ ସମୁଦ୍ର ମତେ ଛାଡ଼ି ଯିବ ନାହିଁ ।

ସେଇ ଜଟିଳ ସମସ୍ୟା ସମାଧାନର ସୂତ୍ର ପାଇଗଲେ ଜଗତ ଠାକୁର ଜଗନ୍ନାଥଙ୍କ ପ୍ରଥମ ସେବକ ଠାକୁର ରାଜା । ତତ୍‌କ୍ଷଣାତ୍ ସ୍ୱପ୍ନାଦେଶ ପାଳିତ ହୋଇଥିଲା ।

ସନ୍ଥ କବୀର ସିଦ୍ଧିର ଶୀର୍ଷ ସ୍ଥାନରେ ପହଞ୍ଚି ସାରିଥିଲେ ସେତେବେଳକୁ । ସମସ୍ତ ଆଧ୍ୟାତ୍ମିକ କାମନାର ସଫଳ ରୂପାୟନ ହୋଇ ପାରୁଥିଲା । ଅନନ୍ୟ 'ନିର୍ଗୁଣ ସମାଧି' ସାଧନାରେ ସିଦ୍ଧହସ୍ତ ହୋଇ ସାରିଥିଲେ । ମୁହୂର୍ତ୍ତକ ମଧ୍ୟରେ ବ୍ରହ୍ମାଣ୍ଡ ଭ୍ରମଣ ସମ୍ଭବପର ଥିଲା ତାଙ୍କରି ପାଇଁ ।

ଖୋଦ୍ ଜଗନ୍ନାଥଙ୍କ ନିମନ୍ତ୍ରଣ ପାଇ ପୁଲ୍‌କିତ ହୋଇ ଉଠିଥିଲେ ସେ । ସେ ସମ୍ଭବତଃ ଅନୁଭବ କରିଥିଲେ ମହାବାହୁଙ୍କ ସୁଦୀର୍ଘ ପ୍ରସାରିତ ହସ୍ତର କୋମଳସ୍ପର୍ଶ । ଶତାୟୁର୍ଦ୍ଧ କବୀରଙ୍କ ମନରେ ଯୁବ ସୁଲଭ ସ୍ଫୂର୍ତ୍ତି ପ୍ରକଟିତ ହୋଇଥିଲା ।

ଶ୍ରୀକ୍ଷେତ୍ର ଅଭିମୁଖେ ଅବିଳମ୍ବେ ବାହାରିଥିଲେ ସେ । କେବଳ ଆଧ୍ୟାତ୍ମିକ ଚେତନାରେ ଆତ୍ମ ବିସ୍ମୃତ କବୀର ପୁରୀଠାରେ ପହଞ୍ଚିବା ପରେ ଦେଖିଥିଲେ ଏକ ଅଭାବିତ ଦୃଶ୍ୟ । ଶ୍ରୀମନ୍ଦିର ପର୍ଯ୍ୟନ୍ତ ଲମ୍ବି ଆସିଥିଲା ମହାସାଗରର ଜଳଧାରା । ସ୍ପର୍ଶ କରିଥିଲା ରତ୍ନସିଂହାସନକୁ । ମହାଯୋଗୀଙ୍କ ବିସ୍ମୃତିର କବରତଳୁ ଉଙ୍କି ମାରି ଉଠିଲା ବିଗତ ସ୍ମୃତି । ତାଙ୍କର ମନେ ପଡ଼ିଗଲା ସେଇ ପବିତ୍ର କ୍ଷେତ୍ରରେ ଜଳାର୍ଣ୍ଣବ ପାଇଁ ପ୍ରକାରାନ୍ତରେ ସେ ନିଜେ ହିଁ ଦାୟୀ । ମନ ଭିତରେ ସହସା ଜୀବନ୍ୟାସ ପାଇଥିଲା ନିକଟ ଅତୀତର ଘଟଣାବଳୀ ।

ସିଦ୍ଧଯୋଗୀ କବୀରଙ୍କ ଇଚ୍ଛାର ପରିଧି ଭିତରକୁ ଅକସ୍ମାତ୍ ପ୍ରବେଶ କରିଥିଲା ଜଗନ୍ନାଥ ଚେତନା । ସେତେବେଳ ପର୍ଯ୍ୟନ୍ତ ବାସ୍ତବରେ କବୀର ଜଗନ୍ନାଥ ଦର୍ଶନ କରି ନଥିଲେ । ଶତାୟୁ ହେବା ପରେ ପ୍ରଥମ ଦଶକ କେଉଁକାଳୁ ପାର ହୋଇସାରିଥିଲେ ସୁଦ୍ଧା ଶ୍ରୀକ୍ଷେତ୍ର

ପରିଦର୍ଶନରେ ଯାଇନଥିଲେ ସେତେବେଳ ପର୍ଯ୍ୟନ୍ତ । ବାରଣାସୀର ସାଧନାପୀଠ ହିଁ ଥିଲା ତାଙ୍କ ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର ।

ସେଦିନ ଅକସ୍ମାତ୍ ଜଗନ୍ନାଥଙ୍କ ଦାରୁ ବିଗ୍ରହ (ଭୂପତି ବେଶ) ଦର୍ଶନ ଅଭିଳାଷ ବଳବତ୍ତର ହେବାରୁ ସେଥିପାଇଁ ଆତ୍ମ ନିବେଦନ କରି ସମାଧିସ୍ଥ ହୋଇ ଯାଇଥିଲେ ତପୋସିଦ୍ଧ ସନ୍ଥ ମହୋଦୟ । ତାଙ୍କର ମନୋକାମନା ଅପୂରଣୀୟ ହୋଇ ରହିବାର କୌଣସି କାରଣ ନଥିଲା । କଠୋର ତପସ୍ୟାର ପରିଣାମ ତାଙ୍କ ପାଇଁ ସ୍ମରଣୀୟ ହୋଇଥିଲା ନିଶ୍ଚୟ ।

ସନ୍ଥ କବୀରଙ୍କ କଠୋର ତପର ଭାବ ତରଙ୍ଗ ରତ୍ନସିଂହାସନରେ କମ୍ପନ ସୃଷ୍ଟି କରିଥିଲା । ଭଗବାନ ଯଥାର୍ଥରେ ଅନୁଭବ କରିଥିଲେ ଭକ୍ତର ମନୋକାମନା । ଶରଣାଗତଙ୍କ ନିକଟରେ ଉପସ୍ଥିତ ହେବା ପାଇଁ ସାମାନ୍ୟତମ କୁଣ୍ଠା ନଥିଲା ତାଙ୍କର । ଭକ୍ତ ପାଇଁ ଚତୁର୍ଦ୍ଧାମୂର୍ତ୍ତିରେ ଉଭା ହୋଇଯାଇଥିଲେ ସମାଧିସ୍ଥ କବୀରଙ୍କ ସମକ୍ଷରେ ।

ଧ୍ୟାନସ୍ଥ ଯୋଗୀ ମହାପ୍ରଭୁଙ୍କ ଦିବ୍ୟ ଜ୍ୟୋତିର୍ମୟ ରୂପ ଦର୍ଶନ କରିବା ବେଳେ ଅତ୍ୟନ୍ତ ଉନ୍ମାଦଗ୍ରସ୍ତ ହୋଇ ପଡ଼ିଥିଲେ । ଆତ୍ମ ସନ୍ତୋଷ ଲାଭ କରିଥିଲେ ଜୀବନ ସଫଳ ହୋଇଗଲା ବୋଲି । ଦିବ୍ୟ ଆନନ୍ଦପ୍ରାପ୍ତିରେ ଉଲ୍ଲସିତ କବୀର ସେ ଅବସରରେ ଆନ୍ତରିକ କାମନା କରିଥିଲେ ପ୍ରଭୁଙ୍କ ପାଦପଦ୍ମକୁ ପ୍ରକ୍ଷାଳିତ କରନ୍ତେ । ସେଥିପାଇଁ ଯୋଗାବିଷ୍ଟ ମହାସନ୍ଥ ମହୋଦଧିଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ ।

ମହାସମୁଦ୍ର କିଭଳି ଅସ୍ୱୀକାର କରିଥାନ୍ତେ କବୀରଙ୍କ ପ୍ରାର୍ଥନା । ଉଦ୍‌ବେଳିତ ତରଙ୍ଗ ସୃଷ୍ଟି ହୋଇଥିଲା ସମୁଦ୍ର ବକ୍ଷରେ । ସେଇ ସାଗର ଲହରୀ ପାଗଳଙ୍କ ଭଳି ଦୌଡ଼ିଥିଲେ ରତ୍ନ ସିଂହାସନ ଆଡ଼କୁ ବଳିଆର ଭୁଜଙ୍କ ପାଦଧୌତ କରିବା ପାଇଁ । ସିଂହାସନାସୀନ ଭାବଗ୍ରାହୀଙ୍କ ପାଦପଦ୍ମକୁ ଧୌତ କରିବା ପରେ ପରେ କେବଳ ନିଜକୁ ଗୌରବାନ୍ୱିତ ମନେ କରିନଥିଲେ ମହୋଦଧି, ଗଭୀର ଆତ୍ମ ସନ୍ତୋଷ ଲାଭ କରିଥିଲେ ମଧ । ଥରେ ଜଗତ ଠାକୁରଙ୍କ ଚରଣାମୃତ ଲାଭ କରିବା ପରେ ସେଇ ସାନ୍ନିଧ ତ୍ୟାଗ କରିବା ପାଇଁ ତାଙ୍କର ଇଚ୍ଛା ହୋଇନଥିଲା । ଇଚ୍ଛା ହୋଇ ନଥିଲା ସେଇ ମଧୁରତମ ମୁହୂର୍ତ୍ତଗୁଡ଼ିକୁ ହାତଛଡ଼ା କରିବା ପାଇଁ । ଶାନ୍ତ, ସ୍ନିଗ୍ଧ କୁଳୁକୁଳୁ ନିନାଦିତ ଜଳଧାରା ଲାଗି ହୋଇ ରହିଥିଲା ଠାକୁରଙ୍କ ପାଦପଦ୍ମ ସହିତ । ଆଃ ବ୍ରହ୍ମାନନ୍ଦ ପ୍ରାପ୍ତିରେ କି ମାଧୁର୍ଯ୍ୟ ସତେ !

ତେଣେ ଗଭୀର ସମାଧିସ୍ଥ ସନ୍ଥ କବୀରଙ୍କ ସାମନାରେ ଉଭା ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି ଅଚାନକ ଅନୁଭବ କରିଥିଲେ ଆପଣାର ପାଦ ଧୌତ ହେବାର ଶୃଙ୍ଖଳା । ପାଦରେ ପାଦରେ ଶୀତଳତାର ଶିହରଣ । ଅଚାନକ ମହୋଦଧିଙ୍କ ସ୍ପର୍ଶ ପାଇବା ପରକ୍ଷଣରେ ଭାବଗ୍ରାହୀ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ସେଠାରୁ । ଜଗନ୍ନାଥ ସ୍ୱସ୍ଥାନକୁ ଫେରିଯିବା ପରେ ପରେ ସନ୍ଥ କବୀରଙ୍କ ଧ୍ୟାନ ମଧ ଭଗ୍ନ ହୋଇ ଯାଇଥିଲା । ଆପଣାକୁ କୃତକୃତ୍ୟ ମନେ କରିବା ଅବସରରେ ସେ ଭୁଲି ଯାଇଥିଲେ ମହୋଦଧିଙ୍କୁ ଫେରିଯିବା ଲାଗି ଅନୁରୋଧ ଜଣାଇବାକୁ ।

ଅନ୍ୟପକ୍ଷରେ କିଏ ବା ଚାହେଁ ଭଗବତ ଆନନ୍ଦ ପ୍ରାପ୍ତିରୁ ବଂଚିତ ହେବା ପାଇଁ । ମହୋଦଧି ବା ସେଥିରୁ ବ୍ୟତିକ୍ରମ ହୁଅନ୍ତେ କାହିଁକି ? ଶ୍ରୀଚରଣ ପ୍ରାପ୍ତି ଜନିତ ଆନନ୍ଦରୁ କିୟତ୍‌କ୍ଷଣ ବଂଚିତ ହେବାକୁ ଇଚ୍ଛା କରିନଥିଲେ ମହୋଦଧି । ଥରେ ବ୍ରହ୍ମାନନ୍ଦ ପ୍ରାପ୍ତି ହେବା ପରେ କିଏ ବା ଚାହେଁ ସେଥିରୁ ନିବୃତ୍ତ ହେବା ପାଇଁ ? ସେହିଭଳି ଅବସ୍ଥା ଲାଗି ରହିଥିଲା କବୀର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ।

କିଛି ମୁହୂର୍ତ୍ତର ପଶ୍ଚାତ୍ ଦର୍ଶନ ପରେ ପରେ ସନ୍ଥଜୀ ପ୍ରକୃତିସ୍ଥ ହୋଇଥିଲେ । ଆପଣାକୃତ ତ୍ରୁଟି ସୁଧାରିବା ପାଇଁ ପ୍ରଥମେ ପ୍ରୟାସ କରିଥିଲେ ସେ । ସେ ଅନୁଭବ କରିଥିଲେ ଯେ ସ୍ୱୟଂ ଜଗନ୍ନାଥଙ୍କ ତାଙ୍କୁ ନିମନ୍ତ୍ରଣରେ ମଧ ସେଇ ଉଦ୍ଦେଶ୍ୟ ନିହିତ ।

କବୀର ସିଧା ଚାଲିଲେ ସମୁଦ୍ର କୂଳକୁ । ସ୍ୱର୍ଗଦ୍ୱାର ନିକଟରେ ପହଞ୍ଚିଥିଲେ । ଆପଣା ହାତର ସାଥି ତପୋସିଦ୍ଧ ଦଣ୍ଡଟିକୁ ସେଇଠି ସେ ପୋତି ଦେଇଥିଲେ । ସତେ ଯେମିତି ସମୁଦ୍ର ଲହରୀ ପାଇଁ ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା । ତା'ପରେ ମହୋଦଧିଙ୍କୁ ଆନ୍ତରିକ ଆତ୍ମନିବେଦନ କରିଥିଲେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ ପାଇଁ । ସିଦ୍ଧଯୋଗୀଙ୍କ ତ୍ୟାଗପୂତ ପ୍ରାର୍ଥନା ନିଷ୍ଫଳ ହେବାର ନଥିଲା । ପୁଣି ତାଙ୍କର ପୂର୍ବସୀମା ପର୍ଯ୍ୟନ୍ତ ଫେରି ଯାଇଥିଲେ ସମୁଦ୍ର । ମହାସମୁଦ୍ର ମାନି ନେଇଥିଲେ ମହାସନ୍ଥଙ୍କ ସୀମା ନିର୍ଦ୍ଧାରଣ ।

ଆଶ୍ୱସ୍ତ ହୋଇଥିଲେ ଶ୍ରୀକ୍ଷେତ୍ରବାସୀ । ରାଜା-ପ୍ରଜା, ଭକ୍ତ-ପୂଜକ, ପଣ୍ଡା-ପଢ଼ିଆରୀ ସମସ୍ତେ ପ୍ରକୃତିସ୍ଥ ହୋଇଥିଲେ । ଜଗତ ଠାକୁରଙ୍କ ମହିମାରେ ମହିମାନ୍ୱିତ ହୋଇଥିଲା ସାରା ଭୂଖଣ୍ଡ । ସମସ୍ତେ ଏକ ସ୍ୱରରେ ଗାନ କରିଥିଲେ ଜୟ ଜଗନ୍ନାଥ ଜୟ ... ।

ପ୍ରକୃତ ଆଶ୍ୱସ୍ତି ଅନୁଭବ କରିଥିଲେ କବୀର । ତା'ପରେ ମୁହାଁଇ ଥିଲେ ଶ୍ରୀମନ୍ଦିର ଆଡ଼କୁ । ଯାଉ ଯାଉ ହଠାତ୍ ଏକ ଅଦ୍ଭୁତ ଖିଆଲର ବଶବର୍ତ୍ତୀ ହୋଇ ପଡ଼ିଥିଲେ ସେ । ଜଗତର ନାଥ ଜଗନ୍ନାଥ ସର୍ବଧର୍ମର ପ୍ରତୀକ । ସେ ତ ସବୁଧର୍ମ, ସବୁଜାତି, ସବୁ ସଂପ୍ରଦାୟର ଉର୍ଦ୍ଧ୍ୱରେ । ସାରା ଜଗତର ଠାକୁର ସେ, ସେ ଠାକୁର ସମଗ୍ର ମାନବ ଜାତିର । ତାଙ୍କରି ନିକଟରେ ହିନ୍ଦୁ ବା ମୁସଲମାନର ପ୍ରଶ୍ନ ନାହିଁ । ଭକ୍ତ, କେବଳ ଭକ୍ତିର ପରାକାଷ୍ଠା ହିଁ ତାଙ୍କ ପାଇଁ ଏକମାତ୍ର ସତ୍ୟ । ତାହା ହିଁ ତାଙ୍କୁ ପ୍ରାପ୍ତିର ଗୂଢ଼ ରହସ୍ୟ । ସେତିକିବେଳେ ସମ୍ଭବତଃ ତାଙ୍କରି ମନେପଡ଼ି ଯାଇଥିବ ଭକ୍ତ ସାଲବେଗଙ୍କ କଥା, ତାଙ୍କରି ଭକ୍ତିର ପରାକାଷ୍ଠା - ପ୍ରଭାବ ।

ଏଇ ନୀଳକନ୍ଦରବାସୀଙ୍କୁ ଆପଣାଇ ନେଇଥିଲେ ସାଲବେଗ । ତାଙ୍କରି ପାଇଁ ଅନ୍ତର ଅନ୍ତରରେ ଭକ୍ତିର ଉଚ୍ଛ୍ୱାସ । ଭୋକ ଶୋଷ ଭୁଲି

ଯାଉଥିଲେ ଜଗନ୍ନାଥଙ୍କ ଭାବରେ ବିଭୋର ହୋଇ ଯାଉଥିବାବେଳେ । ଅନ୍ତର୍ଯ୍ୟାମୀ ମଧ ଭକ୍ତ ଅନ୍ତରର ନିର୍ଯ୍ୟାସକୁ ଉପଲବ୍ଧ କରୁଥିଲେ ଯଥାର୍ଥ ଭାବେ ।

ସେଇଥି ପାଇଁ ତ ଥରେ ରଥଯାତ୍ରାବେଳେ ବଡ଼ଦାଣ୍ଡ ମଝିରେ ଅଟକି ଯାଇଥିଲା ନନ୍ଦିଘୋଷ । ସାଲବେଗ ପରା ଆସୁଛି ରଥରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ । ତଥାପି ତ ସେ ଅନେକ ଦୂରରେ । ଚାଲି ଚାଲି ପାଦ ରକ୍ତାକ୍ତ ହେଲାଣି । ତଥାପି ଦୌଡୁଛି ଶ୍ରୀକ୍ଷେତ୍ର ପାଇଁ । ତାକୁ ଆସିବାକୁ ଦିଅ । ଲୀଳାମୟଙ୍କ ଲୀଳା । ସମସ୍ତଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ ରଥ ଚାଲୁନି । ସମୟ ଗଡ଼ି ଯାଉଛି । ରାଜା ଅଧିଆ ପଡ଼ିଲେ । ସ୍ୱପ୍ନାଦେଶ ଦେଲେ ଠାକୁରେ । ଯବନ ସାଲବେଗ ଲୋକ ଭିଡ଼ ଭିତରେ ନାଚୁଛି । ପୂଜକମାନେ ତାଙ୍କୁ ଅସମ୍ମାନ କରି ତଡ଼ି ଦେଉଛନ୍ତି । ସେ ମୋର ଜଣେ ପରମ ଭକ୍ତ । ତାକୁ ଟିକିଏ ରଥ ଦଉଡ଼ି ଧରାଇ ଦିଅ । ଅନ୍ତଃକରଣ ସୁଦ୍ଧ ଥିବା ଭକ୍ତର ମନୋକାମନା ପୂର୍ଣ୍ଣ ହେଉ । ସେଇୟା ହିଁ ହୋଇଥିଲା । ଭକ୍ତର ଜୟ ହୋଇଥିଲା, ବିଜୟ ହୋଇଥିଲା ଭକ୍ତିର । ସହଜ ସ୍ୱାଭାବିକ ଭାବେ ରଥ ଗଡ଼ି ଚାଲିଥିଲା ଆଗକୁ ଆଗକୁ ... ।

ସେତିକିବେଳେ ତାଙ୍କ ଖିଆଲି ମନରେ ଆସିଲା ସାଲବେଗ ବ୍ୟବହାର କରୁଥିବା ମୁସଲମାନୀ ସଂପ୍ରଦାୟର ଟୋପିଟିଏ ପିନ୍ଧନ୍ତେ । ବିଶେଷ କରି ସବୁ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟ କାଳରେ ସେମାନେ ତାହାକୁ ପରିଧାନ କରିଥାନ୍ତି । ସେଇ ଖିଆଲକୁ କାର୍ଯ୍ୟକାରୀ କରିଥିଲେ କବୀର । ତେବେ ତାଙ୍କର ଅନ୍ୟାନ୍ୟ ପୋଷାକ ପରିଚ୍ଛଦ ଥିଲା ସଂପୂର୍ଣ୍ଣ ହିନ୍ଦୁ ଢାଞ୍ଚାର ।

ଗରୁଡ଼ ସ୍ତମ୍ଭ ନିକଟରେ ପହଞ୍ଚିବା ପରମୁହୂର୍ତ୍ତରେ ଦଳେ ପଣ୍ଡା ଘେରି ଯାଇଥିଲେ ମୁସଲମାନ ଟୋପି ପିନ୍ଧା କବୀରଙ୍କୁ । ବିଭିନ୍ନ ପଣ୍ଡାଙ୍କ ବିଭିନ୍ନ ପ୍ରଶ୍ନବାଣ । ହଜାରେ ପ୍ରକାରର କଟୁକ୍ତି । ଶାଳୀନତା ବିହୀନ ବ୍ୟବହାର । ମନ୍ଦିର ଭିତରକୁ ପ୍ରବେଶ କରାଇ ନଦେବା ପାଇଁ ସମସ୍ତ ଉଦ୍ୟମ ।

- ଓ ବେଟା, ମୁସଲମାନ ହୋଇ ମନ୍ଦିର ଭିତରକୁ ଧସେଇ ପଶୁଛୁ କାହିଁକି ?
- ତୁ କ'ଣ ଜାଣୁନା, ଏଇଟା ଏକ ହିନ୍ଦୁ ମନ୍ଦିର । କେବଳ ହିନ୍ଦୁମାନେ ହିଁ ଏଇ ଠାକୁରଙ୍କୁ ଉପାସନା କରିବାର ଅଧିକାର ରହିଛି । ଜାଣିଶୁଣି ଆମ ମନ୍ଦିର ଅପବିତ୍ର କରିବାକୁ ଯାଉଛୁ ?
- ତୋର ଯଦି ଏଇ ଠାକୁରଙ୍କୁ ଦର୍ଶନ କରିବାର ଏତେ ଆଗ୍ରହ ଅଛି, ଅପେକ୍ଷା କର ରଥଯାତ୍ରାକୁ । ସେତିକିବେଳେ ସାରା ଜଗତର ଲୋକେ ଏକତ୍ର ହେବେ ବଡ଼ଦାଣ୍ଡରେ । ରଥରେ ଠାକୁରଙ୍କୁ ଦେଖିବେ । ବାମନଙ୍କୁ ରଥରେ ଦେଖିଲେ ମୁକ୍ତି ପାଇଯିବୁ ବେଟା, ପୁନର୍ଜନ୍ମରୁ ମୁକ୍ତି ମିଳିଯିବ କାଳ କାଳ ପାଇଁ ।
- ବିଧର୍ମୀ ପଠାଣମାନେ ମନ୍ଦିର ପ୍ରବେଶ କରିପାରିବେ ନାହିଁ । ଯା, ଫେରିଯା - ତାଗିଦ୍‌ମୂଳକ କଣ୍ଠସ୍ୱର ଜଣେ ବୟସ୍କ ପଣ୍ଡାଙ୍କର ।
- ଆଉ ତଥାପି ଯଦି ଅଧିକ ଉଦ୍ୟମ କରିବୁ ତେବେ ଅବସ୍ଥା ଅସମ୍ଭାଳ ହୋଇ ଉଠିବ । ସେଥିପାଇଁ ତୁ ନିଜେ ହିଁ ଦାୟୀ ରହିବୁ ।

ତଥାପି ସ୍ଥିରମନା କବୀର ପଣ୍ଡାମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ । ଉଦ୍ୟମ କରୁଥିଲେ ମନ୍ଦିର ଭିତରେ ଠାକୁର ଦର୍ଶନ ପାଇଁ । ବେଳକୁ ବେଳ ପଣ୍ଡାମାନଙ୍କ ବ୍ୟବହାର ତାହାଙ୍କୁ ଅଧିକରୁ ଅଧିକ କୌତୁହଳୀ କରି ଦେଉଥିଲା । ଅବିଚଳିତ ସନ୍ଥ ଶାନ୍ତ ଭାବରେ ଉପସ୍ଥିତ ପଣ୍ଡାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ - ଭାଇମାନେ, ଆପଣମାନେ ତ ମୋ' ଭଳି ସମସ୍ତଙ୍କୁ ମନ୍ଦିର ଭିତରକୁ ଛାଡ଼ି ସାରିଛନ୍ତି । ଆଉ ମୋରି ବେଳକୁ ଏତେ ନୀତି ନିୟମ ଶୁଣାଉଛନ୍ତି କାହିଁକି ?

- ସେମାନେ ସବୁ ତୋରିଭଳି ନୁହନ୍ତି । ସେମାନେ ସବୁ ହିନ୍ଦୁ । ବେଶ ପୋଷାକରୁ ଜାଣିପାରୁନୁ ?
- ମୁରୁକିତ ସେଇୟା କହୁଛି ଭାଇମାନେ । ମୋ' ବେଶ ପୋଷାକ ମଧ ଠିକ୍ ସେଇମାନଙ୍କ ଭଳି । ଆପଣମାନେ ସମସ୍ତେ ତ ବିଜ୍ଞ ଲୋକ । ଠାକୁରଙ୍କ ସେବକ । କଦାପି ମିଛ କହିବେ ନାହିଁ, ମିଛ ଭାବିବେ ନାହିଁ । ଦେଖନ୍ତୁତ ମନ୍ଦିର ଭିତରର ଠାକୁର ଦର୍ଶନାର୍ଥୀମାନଙ୍କୁ ।

ଉପସ୍ଥିତ ସବୁ ପଣ୍ଡା ପଛକୁ ଫେରି ଚାହିଁଲେ । ଚାହିଁଲେ ମନ୍ଦିର ଭିତରକୁ ।

କିନ୍ତୁ, ଏ କି ଦୃଶ୍ୟ !

ମେଘନାଦ ପାଚେରୀ ଭିତରେ ଯେତେ ଲୋକ ଦୃଶ୍ୟ ହେଉଥିଲେ ସମସ୍ତଙ୍କ ମୁଣ୍ଡରେ ମୁସଲମାନ ଟୋପି । ସେମାନେ ସବୁ ଠାକୁର ଦର୍ଶନାର୍ଥୀ । ସେମାନେ ପିନ୍ଧିଥିବା ଟୋପି ସବୁ ଏକା ପ୍ରକାରର, କବୀରଜୀ ପିନ୍ଧିଥିବା ଭଳି । ପଣ୍ଡାମାନଙ୍କ ମନରେ ପ୍ରବଳ ସନ୍ଦେହ ହେଲା । ସେମାନଙ୍କ ମଧରୁ ଅନେକେ ଦୌଡ଼ିଗଲେ ମନ୍ଦିର ଭିତରକୁ । ଦେଖିଲେ ଏପରିକି ବେଢ଼ା ଭିତରେ ଥିବା ବିଭିନ୍ନ ମନ୍ଦିର ମଧରେ ଯେତେଲୋକ ଥିଲେ ସମସ୍ତଙ୍କ ଅବସ୍ଥା ସେଇ ଏକାପ୍ରକାରର ।

ବିସ୍ମୟାଭିଭୂତ ହୋଇ ପଡ଼ିଥିଲେ ସମସ୍ତେ ।

ଅନେକଙ୍କ ମନ ଭିତରେ ସେଇ ଏକା ଧାରଣା । ଏ ଲୋକଟି ନିଶ୍ଚୟ ଏକ ପଠାଣ ଯାଦୁକର ଅଛି । ସେଇ ଧାରଣାକୁ ଦୃଢ଼ୀଭୂତ କରି ସମସ୍ତେ ଫେରି ଆସିଲେ ସିଂହଦ୍ୱାର ପର୍ଯ୍ୟନ୍ତ । ଭଲକରି ନୀରିକ୍ଷଣ କଲେ ଲୋକଟିକୁ । କିନ୍ତୁ ଲୋକଟି ସେମିତି ଧୀର, ସ୍ଥିର, ଶାନ୍ତ । ଆଖିରେ

ଆଖିରେ ଏବଂ ଓଠ ଚାଳନାରେ ଏକ କୌତୁହଳୀ ଭାବ । ପଣ୍ଡାମାନଙ୍କର ପୁଣି ଆକ୍ଷେପ -

- ତୁ ଜଣେ ଦକ୍ଷ ଯାଦୁକର ଅଛୁ । ଆମେ ଏହା ସ୍ପଷ୍ଟ ଜାଣିପାରୁଛୁ ।
- ତୋ' ଯାଦୁ ବିଦ୍ୟା ଏଇଠି କିଛି କାମ କରିବ ନାହିଁ । ଆମେ କେହି ତୋ' ବିଦ୍ୟାରେ ଭେଳିକି ଯିବୁ ନାହିଁ । ମନେରଖ, ଏସବୁ ପରେ ବି ମନ୍ଦିର ଭିତରକୁ ଆଉ ପାଦେ ଆଗେଇ ପାରିବୁ ନାହିଁ ।
- ତୁ କି ଯାଦୁ ଦେଖାଉଛୁରେ ପଠାଣ ଟୋକା । ଆମ ଠାକୁରେ ବି ତୋ'ଠାରୁ ଅଧିକ ଯାଦୁକର, ଜାଣିଥା । ଏଇ ମୁହୂର୍ତ୍ତକ ଆଗରୁ ସମୁଦ୍ରର ଜଳଧାରାକୁ ମନ୍ଦିର ଭିତରୁ ତଡ଼ି ଦେଲେ ତା' ଜାଗାକୁ । ତୋ' ଯାଦୁ ସବୁ ତାଙ୍କଠାରେ ହାର ମାନିଯିବ ।
- ଆଉ ବିଳମ୍ବ ନକରି ପଛକୁ ହଟିଯା' । ନଚେତ୍ ଗଳାଧକ୍କା ଦେଇ ବାହାର କରିଦେବୁ ।

ସନ୍ଥ କବୀର ଦେଖିଲେ ଅବସ୍ଥା କ୍ରମଶଃ ଅଧିକରୁ ଅଧିକ ଜଟିଳ ହେବାକୁ ଯାଉଛି । ପଣ୍ଡାମାନେ ସାଲିସ୍ କରିବା ଅବସ୍ଥାରେ ନାହାନ୍ତି । ସନ୍ଥ ମହୋଦୟ ଶେଷ ଅସ୍ତ୍ର ପ୍ରୟୋଗ କରିଥିଲେ । ଭକ୍ତି ଅର୍ଘ୍ୟ ସମର୍ପଣ କରିଥିଲେ ଜଗନ୍ନାଥଙ୍କୁ । ଜଗତ ଠାକୁରଙ୍କୁ ମନେ ମନେ ସ୍ମରଣ କଲେ - ତୁମରି ଆହ୍ୱାନ ନିକଟକୁ ଆସି ତୁମରି ଦର୍ଶନ ବିନା ଫେରିବି କିପରି ପ୍ରଭୁ ! ପ୍ରଭୁ, ଆପଣ ମତେ ସହାୟ ହୁଅନ୍ତୁ ।

ସଙ୍ଗେ ସଙ୍ଗେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଲେ କାଳିଆ ଠାକୁରେ । ଭକ୍ତମାନଙ୍କ ପାଇଁତ ମୋର ସ୍ଥିତି ବଡ଼ପଣ୍ଡା ମହୋଦୟ । ମୋର ଏକ ଭକ୍ତ ସିଂହଦ୍ୱାରଠାରେ ଅଟକି ରହିଛି । ପଣ୍ଡାମାନେ ବେଶ୍ ଭ୍ରମରେ ପଡ଼ି ଯାଇଛନ୍ତି । ତାହାଙ୍କୁ ଘେରି ରହିଛନ୍ତି । ମନ୍ଦିର ଭିତରକୁ ଛାଡୁ ନାହାନ୍ତି । ତୁମେ ଯାଅ । ତାହାଙ୍କୁ ମୋର ଦର୍ଶନ କରାଇଦିଅ ।

ପୂଜାପଣ୍ଡା ଅବିଳମ୍ବେ ପହଞ୍ଚିଲେ ସିଂହଦ୍ୱାର ନିକଟରେ । ଜଗନ୍ନାଥଙ୍କ ପରମ ଭକ୍ତଙ୍କୁ ଚିହ୍ନିବାରେ ଅସୁବିଧା ହୋଇ ନଥିଲା । ତାହାଙ୍କୁ ନେଇ ଠାକୁର ଦର୍ଶନ କରାଇବାର ସୁବନ୍ଦୋବସ୍ତ କରାଇ ଦେଇଥିଲେ । ପ୍ରଚଳିତ ପରମ୍ପରା ଅନୁଯାୟୀ ମୁଣ୍ଡରୁ ଟୋପି ଓହ୍ଲାଇ ରତ୍ନସିଂହାସନରେ ଠାକୁରମାନଙ୍କୁ ଦର୍ଶନ କରିଥିଲେ ସନ୍ଥ କବୀର ।

ଆତ୍ମ ସନ୍ତୋଷରେ ମନ ପୂରି ଉଠିଥିଲା ।

ଭକ୍ତ ପାଇଁ ନିକଟ ଅତୀତରେ ସମାଧିସ୍ଥ ଅବସ୍ଥାରେ ଶଙ୍ଖ-ଚକ୍ରଧାରୀ ଚତୁର୍ଦ୍ଧାମୂର୍ତ୍ତି ଧାରଣ କରିଥିବା ଜଗନ୍ନାଥଙ୍କୁ ବର୍ତ୍ତମାନ ରତ୍ନସିଂହାସନରେ ସାକ୍ଷାତ ଦର୍ଶନ କରିଥିଲେ କବୀର ।

ଆପଣାକୁ କୃତାର୍ଥ ମନେ କରିଥିଲେ ଜୀବନର ଶେଷ ପାବଚ୍ଛରେ ଶ୍ରୀକ୍ଷେତ୍ର ଧାମରେ ଜଗନ୍ନାଥ ଦର୍ଶନ ଲାଭକରି ।

ଏଚ୍.ଆଇ.ଜି-୨/୧୧୧
ସତ୍ୟସାଇ ଏନ୍‌କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

---

# ବଡ଼ଦାଣ୍ଡ

ସୌଭାଗ୍ୟ ଲକ୍ଷ୍ମୀ

ଶ୍ରୀକ୍ଷେତ୍ରରେ ବଡ଼ଦାଣ୍ଡ
ପ୍ରକମ୍ପିତ ଆଜି,
ଜନକ ପୁରୀକୁ ତୁମ
ନବଦିନ ଯାତ୍ରା ...
ସେଥିପାଇଁ ମମତା ଅପାର
ତୁମେ ଜନ୍ମ ନେଇଥିଲ ସେଇଠାରେ ॥
ପ୍ରତିଶ୍ରୁତି ଦେଇଥିଲ -
ଜନ୍ମଠାରୁ ଆଜିଯାଏଁ
ଜ୍ୟେଷ୍ଠଭ୍ରାତା ଭଗ୍ନି ସଙ୍ଗେ
ବିଜୟ କରିବ ତୁମେ
ନନ୍ଦୀଘୋଷ ରଥେ ।

ଜନମାନସରେ ଅପୂର୍ବ ମୂର୍ଚ୍ଛନା ... !
ହାତ ନାହିଁ, ପାଦ ନାହିଁ,
ତଥାପି ଏ' ବିଶ୍ୱ ବ୍ରହ୍ମାଣ୍ଡକୁ -
ତୁମେ କର ପ୍ରସାରିଛ ।
ଚକ୍ଷୁ ଦୁଇଟି ଲାଗି ତୁମେ
ସବୁରି ଚକ୍ଷୁର ଚମକ !!
ମେଘମାଳ ପରି କଳା ରୂପ ଯୋଗୁଁ
ତୁମେ ସର୍ବ ହୃଦୟର ଆନନ୍ଦ ଦାୟକ ।
ସାଧକର ପଥପ୍ରଦର୍ଶକ ।

୧୨-ଡି, ଆରାମବାଗ
ନୂଆଦିଲ୍ଲୀ-୧୧୦୦୫୫

# ଶ୍ରୀମନ୍ଦିର ସୁରକ୍ଷା ଓ ସାର୍ବଜନୀନ ପ୍ରବେଶ

ଡକ୍ଟର ନୀଳକଣ୍ଠ ମିଶ୍ର

**ବ**ହୁ ଚର୍ଚ୍ଚିତ ଶ୍ରୀମନ୍ଦିର ସୁରକ୍ଷା ଏକ ରହସ୍ୟାବୃତ୍ତ ତଥା ସ୍ପର୍ଶକାତର ପ୍ରଶ୍ନ । ସଂପ୍ରତି ବହୁ ଆତଙ୍କବାଦୀ ଗୋଷ୍ଠୀମାନଙ୍କ ଦ୍ୱାରା ବହୁ ଧାର୍ମିକ ଅନୁଷ୍ଠାନ ଉପରେ ହେଉଥିବା ଆକ୍ରମଣ ଏତେ ଆକସ୍ମିକ ଭାବେ ଘଟିଯାଏ ଯେ ଏହାକୁ ଦୁର୍ଘଟଣା କହିବା ଅଧିକ ସମୀଚୀନ ହେବ । ଏ ଘଟଣାର ଉଦୟ ଓ ଅସ୍ତ ବିଷୟ ଚିନ୍ତା କରିବା ପୂର୍ବରୁ ଏହା ସମାହିତ ହୋଇଥାଏ । ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆବଶ୍ୟକ କରେ ଅନନ୍ତ ସଚେତନତା ଓ ଅଖଣ୍ଡ ପ୍ରସ୍ତୁତି ।



ସାଧାରଣ ଭକ୍ତଟିଏ ଶ୍ରୀଜଗନ୍ନାଥ ତାକୁ ସୁରକ୍ଷା ଓ ସମୃଦ୍ଧି ଦେବେ ଏହି ବିଶ୍ୱାସରେ ମହାପ୍ରଭୁଙ୍କର ଶରଣାପନ୍ନ ହୁଏ । ସେ ପୁଣି ମହାପ୍ରଭୁଙ୍କର ସୁରକ୍ଷା ବ୍ୟବସ୍ଥାରେ କିଭଳି ଅଂଶୀଦାର ହେବ ଏହା ତାକୁ ରହସ୍ୟମୟ ଜଣାପଡ଼େ । ପୁଣି ଶ୍ରୀମନ୍ଦିର ସୁରକ୍ଷା ଲାଗି ନିକଟରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଯଥା- ଆରକ୍ଷୀ ବା ଅନ୍ୟମାନେ ମନ୍ଦିରରେ ପ୍ରବେଶ କରୁଥିବା ଯାତ୍ରୀମାନଙ୍କୁ ଭଲ ଭାବେ ତନଖି କରିବା, ମନ୍ଦିର ଭିତରକୁ କ୍ୟାମେରା ମୋବାଇଲ, ଚମଡ଼ାବସ୍ତୁ, ମାରଣାସ୍ତ୍ର ଆଦି ନିଷିଦ୍ଧ ଦ୍ରବ୍ୟ ନେଇ ଯାତ୍ରୀ ଯେଭଳି ପ୍ରବେଶ କରି ନପାରେ ସେଥିପ୍ରତି ଦୃଷ୍ଟି ଦେବା, ଶ୍ରୀମନ୍ଦିରର ୧୦୦ ମିଟର ପରିବ୍ୟାପ୍ତି ଭିତରେ ଥିବା ସମସ୍ତ ପ୍ରାଚୀନ ଅଟ୍ଟାଳିକାକୁ ଭାଙ୍ଗିବା, ସିଂହଦ୍ୱାର ବାଟେ ପ୍ରବେଶ କରି ପଶ୍ଚିମ ଦ୍ୱାର ପଥରେ ପ୍ରସ୍ଥାନ କରିବା ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରଶ୍ନ ।

ଏବେ ମଧ୍ୟ ଇଂରେଜ ଅମଳରୁ ଶ୍ରୀମନ୍ଦିର ପ୍ରବେଶ ପଥରେ ମାର୍ବଲ ଫଳକଟିଏ ଲାଗିଛି । (ଯାହା ଅବଶ୍ୟ ସମୟ ପ୍ରଭାବରୁ ଅସ୍ପଷ୍ଟ ଓ ସର୍ବସାଧାରଣଙ୍କ ଦୃଷ୍ଟି ଅନ୍ତରାଳରେ ଅଦୃଶ୍ୟ) ଏହି ମାର୍ବଲ ଫଳକରେ କେବଳ ରକ୍ଷଣଶୀଳ ହିନ୍ଦୁମାନଙ୍କର ଶ୍ରୀମନ୍ଦିରରେ ପ୍ରବେଶ ଅଧିକାରକୁ ସ୍ୱୀକୃତି ଦିଆଯାଇଛି ।

ଶ୍ରୀମନ୍ଦିରରେ ଅସବର୍ଣ୍ଣ ହିନ୍ଦୁମାନଙ୍କର ପ୍ରବେଶ ପାଇଁ ପ୍ରାକ୍ ସ୍ୱାଧୀନତା କାଳରେ ବହୁ ଉଦ୍ୟମ ହୋଇଛି । ଖ୍ରୀ:୧୯୩୪ରେ ଶ୍ରୀକ୍ଷେତ୍ରର ମଠାଧୀଶମାନେ ଏମାର ମଠ ମହନ୍ତ ଶ୍ରୀନିବାସ ରାମାନୁଜ ଦାସଙ୍କ ନେତୃତ୍ୱରେ ତତ୍କାଳୀନ ଭାଇସ୍‌ରାୟଙ୍କୁ ସବର୍ଣ୍ଣଙ୍କ ବ୍ୟତୀତ ଅନ୍ୟ ହିନ୍ଦୁ ଜାତିମାନଙ୍କୁ ମନ୍ଦିର ପ୍ରବେଶ ବାରଣ କରିବାକୁ ଏକ ଆବେଦନପତ୍ର ଦେଇଥିଲେ । ସେହିବର୍ଷ କଟକ ଓ ଖୋର୍ଦ୍ଧାର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀମନ୍ଦିର ପରିଚାଳକ (Superintendent) ଗଜପତି ରାମଚନ୍ଦ୍ର ଦେବଙ୍କୁ ହରିଜନମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ଦେବାକୁ ଅନୁରୋଧ କରିଥିଲେ ଯାହା ପ୍ରତ୍ୟାଖ୍ୟାତ ହୋଇଥିଲା । ଅବଶ୍ୟ ପଞ୍ଚସଖାର ବରିଷ୍ଠ ସାଧକ ବଳରାମ ଦାସଙ୍କ ରଚନାରୁ ଜଣାଯାଏ ସୂର୍ଯ୍ୟବଂଶୀ ଗଜପତି ପ୍ରତାପରୁଦ୍ର ଦେବ (ଖ୍ରୀ:୧୪୯୭-୧୫୩୪)ଙ୍କ ସମୟରେ ଶ୍ରୀମନ୍ଦିର ଭିତର ବେଢ଼ାର ମୁକ୍ତିମଣ୍ଡପ ତଳେ ବଳରାମ ଦାସଙ୍କ ଆଧାତ୍ମିକ ପ୍ରଭାବରେ ଜନୈକ ବାଉରୀ ବ୍ରହ୍ମବିଦ୍ୟା ବ୍ୟକ୍ତ କରିଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ପଞ୍ଚଦଶ / ଷୋଡଶ ଶତାବ୍ଦୀ ବେଳକୁ ହିନ୍ଦୁ ଅସବର୍ଣ୍ଣମାନେ ମଧ୍ୟ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିପାରୁଥିଲେ । ଏହି ସମୟରେ ମୁସଲମାନ/ହୀନଜାତି (‘କହେ ସାଲବେଗ ହୀନ ଜାତି’) ମଧ୍ୟ ମନ୍ଦିରରେ ପ୍ରବେଶ ଅଧିକାର ପାଇଥିବା ସାଲବେଗଙ୍କ (ଖ୍ରୀ:୧୬୦୮-୧୬୫୮) ‘ଆହେ ନୀଳଗିରି’ ଭଜନରୁ ସ୍ପଷ୍ଟ ପ୍ରତିପାଦିତ । ଜଣେ ପ୍ରତ୍ୟକ୍ଷଦର୍ଶୀର ଅନୁଭବ ନେଇ ତାଙ୍କର ରଚନା ଯେମିତି ଓଜସ୍ୱୀମୟ ସେମିତି ପ୍ରାଣବନ୍ତ । ଉଦାହରଣ ସ୍ୱରୂପ, ‘ସିଂହଦ୍ୱାରେ ବାଜେ ବେତ ବାଡ଼ି, ବାଜନ୍ତେ ପାତକ ଯାଏ ଛାଡ଼ି । ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଏକକୁ ଆରେକ ହୁଡ଼ାହୁଡ଼ି । ବାଇଶି ପାବଚ୍ଛେ ଯାଇ ସୁଖେ, କୈବଲ୍ୟ ପସରା ବେନି ପାଖେ, ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ସୁଖେ ମୁଖେ ।(୪)

ଗରୁଡ଼ ପଛରେ ରହି ଦେଖ, କି ଶୋଭା ପାଉଛି ପଦ୍ମମୁଖ ।
ହୀରାନୀଳା ମୋତି ମାଣିକ୍ୟ ଜଳୁଛି, ହୃଦେ ଲମ୍ବି ଅଛି ବ୍ୟାଘ୍ର ନଖ ।(୬)

ମାତ୍ର ଏହି ଭଜନର ପଞ୍ଚମ ପଦ ଯଥା- (ନିମ୍ନ ରେଖାଙ୍କିତ ଖଣ୍ଡବାକ୍ୟ) 'ରୋହିଣୀ ପାଦୁକ କୁଣ୍ଡରଜ, ସିଂହ ମାଡ଼ି ବସିଅଛି ଗଜ । ସତେ କି ଏ ନେତ୍ର ସଫଳ ହୋଇବ କାକ ପଡ଼ି ହେଲା ଚତୁର୍ଭୁଜ ... ବିଶ୍ଳେଷଣରୁ ଶ୍ରୀମନ୍ଦିରରେ ସାଲବେଗ ପ୍ରବେଶ କରିନଥିଲେ, ପ୍ରବେଶର ଆଶା/ଲାଳସା ରଖିଥିଲେ ବୋଲି ଜଣାପଡ଼େ । ତେବେ ତାଙ୍କ ସମୟରେ ହିନ୍ଦୁ ଓ ମୁସଲମାନ ଗୋଷ୍ଠୀ ମଧ୍ୟରେ ସଂପ୍ରୀତି ଥିବା କିମ୍ବା ଉଭୟ ଏକତ୍ର ବସି ମହାପ୍ରସାଦ ଭୋଜନ କରୁଥିବା ବିବରଣୀ ମେ' ମାସ ୨୦ ତାରିଖ ୧୬୯୬ ମସିହାରେ ଶ୍ରୀକ୍ଷେତ୍ର ଆସିଥିବା ପରିବ୍ରାଜକ ମହମ୍ମଦ ଅମୀର ଓ୍ୱାଲିଙ୍କ ବିବରଣୀରୁ ଜଣାପଡ଼େ । ତେବେ ଅତୀତରେ ଶ୍ରୀକ୍ଷେତ୍ରରେ ଧର୍ମୀୟ ସଂହତିର ଏକ ବଳିଷ୍ଠ ପରମ୍ପରା ଥିଲା ଓ ସାଲବେଗ ମହାପ୍ରଭୁଙ୍କର ଜଣେ ନୈଷ୍ଠିକ ଭକ୍ତ ଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ପାଇଥିବା ଅନୁମିତ ହୁଏ ।

ପ୍ରାକ୍ ସ୍ୱାଧୀନତା କାଳରେ ଖ୍ରୀ:୧୪.୨.୧୯୪୭ରେ ଅସବର୍ଣ୍ଣମାନଙ୍କ ମନ୍ଦିର ପ୍ରବେଶ ଅଧିକାର ଦେବାକୁ ଓଡ଼ିଶା ଆସେମ୍ବ୍ଲିରେ 'Orissa Temple Entry Authorisation and Indemnity Bill' ଆଗତ ହୋଇ ସେହି ଦିନ ହିଁ ଗୃହୀତ ହୋଇଥିଲା ଓ ତା.୯.୭.୧୯୪୭ରେ ରାଜ୍ୟପାଳଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇଥିଲା । ସାମାଜିକ ପ୍ରତିରୋଧକୁ ପ୍ରତିହତ କରିବା ଲାଗି ଫେବୃଆରୀ-୧୨, ୧୯୪୮ ମସିହାରେ ମୋହନ ନାୟକ ଶ୍ରୀମନ୍ଦିର ସମ୍ମୁଖରେ ଅନଶନ କରିଥିଲେ ।

ମହାପ୍ରଭୁଙ୍କ 'ଶ୍ରୀଜଗନ୍ନାଥ' ନାମକୁ ଭିତ୍ତିକରି କେତେକ ସମଗ୍ର ଜଗତବାସୀଙ୍କର ଶ୍ରୀମନ୍ଦିରରେ ପ୍ରବେଶ ଓ ଉପାସନା ଅଧିକାର ଅଛି ବୋଲି ମତ ଦେଇଥାନ୍ତି । ଧର୍ମାନ୍ତରିତ ହିନ୍ଦୁମାନଙ୍କ ପାଇଁ ଶ୍ରୀମନ୍ଦିରରେ ପ୍ରବେଶ କରିବା ଏକ ବଡ଼ କୃତିତ୍ୱ ବୋଲି ସେମାନେ ମନେ କରିଥାନ୍ତି । ଅତୀତରେ ଜନୈକ ଆମେରିକାନ୍ ମହିଳା 'ଯୋଗାନନ୍ଦ ସତ୍‌ସଙ୍ଗ ମଠ'ର ପ୍ରତିଷ୍ଠାତା ଯୋଗାନନ୍ଦଙ୍କର ଶିଷ୍ୟା ହୋଇ 'ଜୟମାତା' ନାମରେ ପରିଚିତ ଥିଲେ ଓ ଯୋଗାନନ୍ଦଙ୍କ ପରେ ତାଙ୍କର ଉତ୍ତରାଧିକାରୀ ହୋଇ ଫେବୃଆରୀ ୭ ତାରିଖ ୧୯୫୯ ମସିହାରେ ଗଜପତି ବୀରକିଶୋର ଦେବ - ଚତୁର୍ଥ ଶ୍ରୀମନ୍ଦିର ପରିଚାଳକ ଥିବାବେଳେ ଗଜପତିଙ୍କସହିତ ମନ୍ଦିର ଭିତରେ (Sanctum sanctorum of Lord Jagannath) ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ସେହି ଆଧାରରେ ଆଜି ଅନେକ ଧର୍ମାନ୍ତରିତ ହିନ୍ଦୁ ଶ୍ରୀମନ୍ଦିରରେ ପ୍ରବେଶ ଆଶାୟୀ ଓ ଆବେଦନପ୍ରାର୍ଥୀ ଏଥିପାଇଁ ବିଚାର ବିମର୍ଷର ବିରାମ ନାହିଁ ।

ମନେ ରଖିବା କଥା ସମାଜରେ ପ୍ରାଚୀନ ପରମ୍ପରାର ଉଚ୍ଛେଦ ହୋଇ କୌଣସି ନୂତନ ବିଧିବ୍ୟବସ୍ଥାର ଉଦ୍‌ଭବ ହେବା ବେଳେ ଏହା ବହୁ ଅନୁଭୂତି ଓ ବିଚାର ଆଲୋଚନା ଆଧାରିତ ହୋଇଥାଏ ।

ଆବଶ୍ୟକତାର ଉତ୍ପୀଡ଼ନ ହିଁ ସୃଜନର ଜନକ । ଇତିହାସରୁ ଜଣାଯାଏ ଶ୍ରୀକ୍ଷେତ୍ରର ଉପାସିତ ଦେବତାଙ୍କ ପ୍ରସିଦ୍ଧି ଖ୍ରୀ: ଚତୁର୍ଥ ଶତକ ବେଳକୁ ସାରା ଭାରତରେ ପରିବ୍ୟାପ୍ତ ହୋଇଥିଲା । ଏଥିପାଇଁ ମାଦଳାପାଞ୍ଜି ବିବରଣୀ ଅନୁସାରେ ରାଜା ଶୋଭନ ଦେବଙ୍କ ସମୟରେ ଅନ୍ୟ ରାଷ୍ଟ୍ରୀୟ ଆକ୍ରମଣକାରୀ ରକ୍ତବାହୁ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା, ଯେଉଁଥିପାଇଁ ଦେବତାମାନଙ୍କୁ ବୌଦ ସୀମାନ୍ତର ଗୋପାଳି ଗ୍ରାମକୁ ସ୍ଥାନ୍ତରିତ କରାଯାଇଥିଲା । ଖ୍ରୀ:୧୧୯୨ରେ ହୋଇଥିବା ତାରାୟଣ ଯୁଦ୍ଧ ପରେ ଧର୍ମାନ୍ଧ ଯବନମାନଙ୍କ ପାଇଁ ଶ୍ରୀକ୍ଷେତ୍ର ଲୁଣ୍ଠନ ତଥା ସନାତନୀ ଧର୍ମ ଚେତନାକୁ ଆହତ କରିବା ପାଇଁ ପ୍ରମୁଖ ପୀଠରେ ରୂପାନ୍ତରିତ ହୋଇଥିଲା । ଖ୍ରୀ:୧୫୬୮ରେ ଗୋହିରାଟିକିରି ଯୁଦ୍ଧରେ ବିଶ୍ୱାସ ଘାତକତାର ଶରାଘାତରେ ନିହିତ ଚାଲୁକ୍ୟ ମୁକୁନ୍ଦ ଦେବ, ଏହାପରେ କୃତଘ୍ନ ଶିଖି ମନାଇଙ୍କ ସହାୟତାରେ ଆହ୍ଲାଦାଦ ମିଆଁର (କଳାପାହାଡ଼) ପେସ୍ତାର ଆଫଗାନୀ ଶାସକ ସୁଲେମାନ କରାନୀର ବିଶ୍ୱସ୍ତ ସେନାପତି, ଶ୍ରୀମନ୍ଦିର ଲୁଣ୍ଠନ ତଥା ବିଗ୍ରହମାନଙ୍କୁ ହାତୀ ପିଠିରେ ନେଇଯିବା, ଏହା ପୂର୍ବରୁ ଖ୍ରୀ:୧୫୦୯ରେ ସୂର୍ଯ୍ୟବଂଶୀ ସମ୍ରାଟ ପ୍ରତାପରୁଦ୍ର ଦେବ ଦାକ୍ଷିଣାତ୍ୟ ବିଜୟରେ ଥିବାବେଳେ ବଙ୍ଗ ସୁଲତାନ୍‌ର ସେନାପତି ଇସ୍‌ମାଇଲ୍ ଗାଜିର ଓଡ଼ିଶା ଆକ୍ରମଣ ଓ ଶ୍ରୀମନ୍ଦିର ଲୁଣ୍ଠନ ଯୋଗୁଁ ଶ୍ରୀମନ୍ଦିରରେ ଅର୍ଚ୍ଚିତ ବିଗ୍ରହମାନଙ୍କର ସ୍ଥାନାନ୍ତର, ଖ୍ରୀ:୧୬୦୯ରେ ଭୋଇବଂଶ ରାଜା ପୁରୁଷୋତ୍ତମ ଦେବଙ୍କ ସମୟରେ ରଥଯାତ୍ରା ଅବକାଶରେ ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବାବେଳେ ହିନ୍ଦୁ ରାଜପୁତ କେଶୋଦାର ମାରୁ ତୀର୍ଥଯାତ୍ରୀର ଛଦ୍ମବେଶରେ ଶ୍ରୀମନ୍ଦିରରେ ପ୍ରବେଶ କରି ଅନ୍ୟୂନ ତିନିକୋଟି ଟଙ୍କା ମୂଲ୍ୟର ରତ୍ନ ଅଳଙ୍କାର ପ୍ରଭୃତି ଲୁଣ୍ଠନ କରି ନେଇଥିଲା । ଏହିଭଳି ବହୁ ଦୁର୍ଘଟଣା ମୁସଲମାନ/ମୋଗଲ ଶାସକମାନଙ୍କ ପ୍ରୋତ୍ସାହନରେ ଖ୍ରୀ:୧୭୩୩ ଯାଏ ଶ୍ରୀମନ୍ଦିର ଉପରେ ଘଟିଯାଇଛି । ଧର୍ମାନ୍ଧମାନଙ୍କ ଶ୍ୱେନ ଦୃଷ୍ଟିରେ ଥିବା ଶ୍ରୀମନ୍ଦିର ଖ୍ରୀ:୧୮୦୩-ଖ୍ରୀ:୧୮୦୬ ପର୍ଯ୍ୟନ୍ତ ଇଂରେଜମାନଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଥିଲା । ଏହି ସମୟରେ ହିନ୍ଦୁ ପଣ୍ଡିତ ତଥା ସମ୍ଭ୍ରାନ୍ତମାନଙ୍କ ଅନୁରୋଧକୁ ବିଚାର କରି ଇଂରେଜ ସରକାର ଏହି ମାର୍ବଲ ଫଳକ ଲଗାଇଥିବା ଜଣାଯାଏ ।

ଭାରତ ସ୍ୱାଧୀନ ହେବା ପରେ ଏହି ଧର୍ମାନ୍ଧ ଆକ୍ରମଣର ଆଶଙ୍କା ଅଧିକ ହୋଇଛି । ବିଗତ ଦଶନ୍ଧିରେ ହିନ୍ଦୁ ଓ ବୌଦ୍ଧ ଧର୍ମ ଉପରେ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ଆକମ୍ରଣ ବଢ଼ି ଚାଲିଛି । ତାଲିବାନ୍‌ମାନଙ୍କ ଦ୍ୱାରା ବିରାଟ ବୌଦ୍ଧ ବିଗ୍ରହକୁ ଭୂମିଶାୟୀ କରାଇବା, ଇଂଲଣ୍ଡ, ରୁଷ, ବଙ୍ଗଳା ଦେଶ ପ୍ରଭୃତିରେ ହିନ୍ଦୁ ମନ୍ଦିର ଓ ଧର୍ମାନୁଷ୍ଠାନ ପ୍ରଭୃତିକୁ ଭାଙ୍ଗି ଦେବା, ସନ୍ତ୍ରାସବାଦୀମାନଙ୍କ ଦ୍ୱାରା ଅକ୍ଷର ଧାମ ପ୍ରଭୃତି ଉପରେ ଆକ୍ରମଣ, ଜାମ୍ମୁ ଓ କାଶ୍ମିରର ଡୋଡ଼ା ତଥା ଅନ୍ୟାନ୍ୟ ସୀମାନ୍ତ ଓ ସ୍ପର୍ଶକତାର ଜିଲ୍ଲା ପ୍ରଭୃତିରେ ହିନ୍ଦୁମାନଙ୍କର ନରସଂହାର, ନିକଟରେ ଭାରତୀୟ ଗୁପ୍ତଚର ବିଭାଗ ଦ୍ୱାରା ଶ୍ରୀମନ୍ଦିର ଆତଙ୍କବାଦୀମାନଙ୍କର

ଆକ୍ରମଣ ତାଲିକାରେ ଥିବା କଥା ସୂଚନା ପାଇଲା ପରେ ଶ୍ରୀମନ୍ଦିରରେ ସାର୍ବଜନୀନ ପ୍ରବେଶ ଆହୁରି ପ୍ରଶ୍ନବାଚୀ ହୋଇଯାଇଛି ।

ପୃଥିବୀରେ ଧର୍ମାନ୍ଧମାନଙ୍କର ଆକ୍ରମଣର ଆଶଙ୍କା ଜ୍ୟେଷ୍ଠର କର୍ମବର୍ଦ୍ଧିଷ୍ଣୁ ଉତ୍ତାପ ଭଳି ବଢ଼ିଲା ବେଳେ ସଂକୀର୍ଣ୍ଣ ଧର୍ମୀୟତାରୁ ମୁକ୍ତ ହୋଇ ଆଜି ବହୁ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ହିନ୍ଦୁ ଧର୍ମକୁ ଜୀବନର ଆଚରଣ ଓ ଉଚ୍ଚାରଣରେ ଆପଣେଇ ନେଇଛନ୍ତି । ସୁଇଜରଲ୍ୟାଣ୍ଡ, ଜେନିଭା ଅନ୍ତର୍ଗତ ଆର୍‌ବୁରୋଠାରେ ରହୁଥିବା ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ମହିଳା ଓକିଲ ଏଲିଜା ସାନାଥ ଜଗତୟର ଏପ୍ରିଲ ୨୦୦୬ ମସିହାରେ ଶ୍ରୀମହାପ୍ରଭୁଙ୍କ ସେବା ପୂଜା, ଧ୍ୱଜା ବାନ୍ଧିବା, ଦରିଦ୍ର ନାରାୟଣଙ୍କର ସେବା ଲାଗି ଶ୍ରୀମନ୍ଦିର ପାଣ୍ଠିକୁ ଏକ କୋଟି ଅଠସ୍ତରୀ ଲକ୍ଷ ଟଙ୍କା ଦେଇ ଏକ ଅନନ୍ୟ ଅଭିନନ୍ଦନୀୟ ପରମ୍ପରା ସୃଷ୍ଟି କରିଛନ୍ତି ।

ଏହିଭଳି ବହୁ ଧର୍ମାନ୍ତରିତ ହିନ୍ଦୁଙ୍କର ମହାପ୍ରଭୁଙ୍କ ପାଖେ ନିଷ୍ଠା ଅନନ୍ୟ । ହିନ୍ଦୁ ଭାବେ ଜନ୍ମ ହୋଇଥିବା ବହୁ ବ୍ୟକ୍ତିଙ୍କଠାରୁ ସେମାନଙ୍କର ଧାର୍ମିକ ଆଚରଣ ଉନ୍ନତ । ହିନ୍ଦୁ ଧର୍ମ ଗ୍ରହଣ କରିଥିବା ଏହି ଶ୍ୱେତାଙ୍ଗମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ବହୁ ଧାର୍ମିକ, ସାମାଜିକ ଏଭଳିକି ରାଜନୈତିକ ସଂଗଠନ ସହାୟତାରେ ଆନ୍ଦୋଳନ ଚଳାଇଛନ୍ତି । ମାତ୍ର ମନେ ରଖିବା ଉଚିତ ଯେ ଏହି ଧର୍ମାନ୍ତରୀମତ ଶ୍ୱେତାଙ୍ଗଙ୍କ ଛଦ୍ମବେଶରେ ଯେ ଧର୍ମାନ୍ଧମାନେ ଶ୍ରୀମନ୍ଦିରରେ ନ ପଶିବେ, କ୍ଷତି ନକରିବେ ଏହି ନିଶ୍ଚିତ ପ୍ରତିଶ୍ରୁତି ଦେବ କିଏ ?

ଏହାଛଡ଼ା ଦୈହିକ ଓ ମାନସିକ ତତ୍ତ୍ୱ ଅନୁସାରେ ବିଗତ ବହୁ ଜନ୍ମର ସଂସ୍କାର ନେଇ ମନୁଷ୍ୟର ଅବଚେତନ ସଂଗଠିତ ହୋଇଥାଏ, ଯାହା ବ୍ୟକ୍ତିର ସମଗ୍ର ସତ୍ତାକୁ ନିୟନ୍ତ୍ରଣ କରିଥାଏ । ହିନ୍ଦୁ ଧର୍ମ ଏହାକୁ ଜନ୍ମ ଜନ୍ମାନ୍ତରର ତପସ୍ୟା ବୋଲି ଆଖ୍ୟା ଦେଇଥାଏ, ଯାହା ତା'ର ଆଗାମୀ ଜନ୍ମର ଧର୍ମ, ଗୁଣ, ଜାତି, କୁଳ, ଗୋତ୍ର ଆଦି ନିର୍ଦ୍ଧାରଣ କରିଥାଏ । ତେଣୁ ଆବେଶ, ଉଲ୍ଲାସ, ଅନୁରୋଧ, ଉତ୍ପ୍ରୋଧରେ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିର ଅଚେତନ, ଅବଚେତନରେ ପୂର୍ବ ଧର୍ମସତ୍ତା ଉଜ୍ଜୀବିତ (ପେଡ଼ି ଭିତରେ ସାପଭଳି) ଥାଏ । ଏକାକୀ ବା ଦୁର୍ବଳ ମୁହୂର୍ତ୍ତରେ ସୁବିଧା ସୁଯୋଗ ପାଇଲେ ଏହା ଆତ୍ମପ୍ରକାଶ କରିଥାଏ । ମାତ୍ର ହିନ୍ଦୁଧର୍ମର ପରମ୍ପରା ଓ ପରିବେଶରେ ଜନ୍ମିତ ବ୍ୟକ୍ତି ଅବହେଳା ଓ ସଙ୍ଗଦୋଷରୁ ଧର୍ମାଚରଣରୁ ବିଚ୍ୟୁତ ହୋଇପାରେ । ତେଣୁ ମନ୍ଦିର ପ୍ରବେଶ ବେଳେ ଏହି ତତ୍ତ୍ୱ ଅବିସ୍ମରଣୀୟ । ଇତିହାସରୁ ଜଣାଯାଏ ଭୋଇ ବଂଶର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ (ଶାସନ କାଳ ଖ୍ରୀ:୧୭୨୭-୧୭୩୬) ଯେ କି ମହାପ୍ରଭୁଙ୍କର ଏକନିଷ୍ଠ ଭକ୍ତ (ଜଗନ୍ନାଥଙ୍କର ଅନ୍ୟତମ ଭକ୍ତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ପିୟୁସୀ ପୁଅ ଭାଇ) ଶ୍ରୀମନ୍ଦିର ଓ ଶ୍ରୀବିଗ୍ରହଙ୍କ ସୁରକ୍ଷା ପାଇଁ ମୁସଲମାନ ଧର୍ମ ଗ୍ରହଣ କରି 'ହାଫିଦ୍‌କାଦାର' ନାମରେ ନାମିତ ହୋଇଥିଲେ । କେତେକଙ୍କ ମତରେ ମୁସଲମାନ ରାଜବଂଶୀୟ 'ସୁରୈୟା' ପ୍ରେମ ଓ ପରିଣୟ ଯୋଗୁଁ ସେ ଧର୍ମାନ୍ତରିତ ହୋଇଥିଲେ । ଧର୍ମାନ୍ତର ହେବା ପରେ ମଧ୍ୟ ମହାପ୍ରଭୁଙ୍କଠାରେ ତାଙ୍କର ଅଟଳ ନିଷ୍ଠା ଥିଲା । ତାଙ୍କରି ଉଦ୍ୟମରେ ଖଲିକୋଟ ଟିକିଲିଠାରୁ ବିଗ୍ରହମାନଙ୍କୁ ଶ୍ରୀକ୍ଷେତ୍ର ଫେରାଇ ଆଣି ନବକଳେବର କରାଇ ଜୁଲାଇ ୨ ତାରିଖ ୧୭୩୩ ମସିହାରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଉତ୍ସବ ଆୟୋଜନ କରାଇଥିଲେ । ମହାପ୍ରଭୁଙ୍କର ଆଦ୍ୟ ସେବକ ଖ୍ରୀ:୧୭୩୩ରେ ନୟାଗଡ଼ ସନ୍ନିକଟ 'ବୋଲଗଡ଼'ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରି ବର୍ତ୍ତମାନର ତୃତୀୟ ପଡ଼ା ଗ୍ରାମରେ 'ତ୍ରିଦେବଙ୍କ ସ୍ଥାପନା ଓ ଉପାସନା କରିଥିଲେ । ସମ୍ଭ୍ରାନ୍ତ ରାଜକୁଳ ସମ୍ଭୂତ ଜଗନ୍ନାଥ ସର୍ବସ୍ୱ ଗଜପତି ରାମଚନ୍ଦ୍ର ଦେବ ମୂଳତଃ ହିନ୍ଦୁ ହେଲେ ମଧ୍ୟ ମୁସଲମାନ ଧର୍ମ ଗ୍ରହଣ କରିଥିବାରୁ ତାଙ୍କୁ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ଦେଇନଥିଲେ । ଯେଉଁମାନେ ଦୂରାରୋଗ୍ୟରେ ପୀଡ଼ିତ, ଅସ୍ପୃଶ୍ୟ ଅଶୌଚ, ଶ୍ରୀମନ୍ଦିର ପ୍ରବେଶ ଅଧିକାର ରହିତ (ଗଜପତି ରାମଚନ୍ଦ୍ର ଦେବଙ୍କ ଭଳି) ସେମାନେ ସିଂହଦ୍ୱାର ଗୁମୁଟ ଭିତରେ ଥିବା ଶ୍ରୀପତିତପାବନଙ୍କୁ ଦର୍ଶନ କରି ଅଭୀଷ୍ଟ ଫଳ ଲାଭ କରିଥାନ୍ତି । ଏବେ ମଧ୍ୟ ବହୁ ଅନ୍ୟ ଧର୍ମାବଲମ୍ବୀ ଅରୁଣସ୍ତମ୍ଭ ନିକଟରେ ପତିତପାବନଙ୍କ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥାନ୍ତି ।

ଅନ୍ୟ ଧର୍ମାବଲମ୍ବୀମାନଙ୍କର ଭକ୍ତିକେନ୍ଦ୍ର ତଥା ଆମର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ, ଶ୍ରୀମନ୍ଦିର ତଥା ଏହାର ସାଂସ୍କୃତିକ ଓ ଭୌତିକ ପରିବେଶର ସୁରକ୍ଷା ଆମର ପରମ କର୍ତ୍ତବ୍ୟ ।

ଶ୍ରୀବିଗ୍ରହର ସୁରକ୍ଷା କଥା ଉଠିଲାବେଳେ ଅନେକ ପ୍ରଶ୍ନ କରନ୍ତି ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ମହାପ୍ରଭୁ ପ୍ରାସାଦ ପ୍ରତିମା ଭଗ୍ନ ହେଲେ ମଧ୍ୟ ଅନ୍ୟତ୍ର ଯାଆନ୍ତି ନାହିଁ ବୋଲି ଆଶ୍ୱାସନା ଓ ଅଙ୍ଗୀକାର କଲାବେଳେ ବିଧର୍ମୀଙ୍କ ଦ୍ୱାରା ଆକ୍ରମିତ ହୋଇ ଖ୍ରୀ:୧୬୧୭ରେ ଗବପଦର ଗ୍ରାମରେ ଖ୍ରୀ:୧୬୧୯ରେ ବାଣପୁରର ଅନ୍ଧାରୀମୂଳକ, ଖ୍ରୀ:୧୭୩୨ରେ ନଇରୀର ହରିଶ୍ୱର (ହରି+ଈଶ୍ୱର) ମଣ୍ଡପ ପ୍ରଭୃତିରେ ବିଜେ ହେଲେ କିଭଳି ? ମନେ ରଖିବା କଥା ଠାକୁର ଯାଇ ନଥିଲେ, ଆମର ପୂର୍ବପୁରୁଷ ସେମାନଙ୍କ ପ୍ରାଣବଳି ଦେଇ ସ୍ୱାଭିମାନ ରକ୍ଷା ଲାଗି ଏହି ସ୍ଥାନକୁ ନେଇଯାଇଥିଲେ । ଆମେ ସେହିମାନଙ୍କର ଦାୟାଦ ।

ପୁଣି ପ୍ରଶ୍ନ ଉଠେ ଠାକୁର ଏହି ବିଧର୍ମୀମାନଙ୍କୁ ଦଣ୍ଡ ନଦେଲେ କାହିଁକି ? ଆହ୍ଲାଦାଜଦ୍ ମିଆଁର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିବା, ଧର୍ମାନ୍ଧ ଆଉରଙ୍ଗଜେବ ଜୀବନର ଅନ୍ତିମ ଅଶ୍ଳୀଳ ପରିଣତି ପ୍ରଭୃତି କେତେକ ବିଷୟ ବାଦ ଦେଲେ ଇତିହାସ ଏ ବିଷୟରେ ନିରବ । ନିରବତା ସେମାନଙ୍କ ଜୀବନରେ ଦୁର୍ଘଟଣା ଘଟି ନାହିଁର ସୂଚକ ହୋଇପାରେ ଅଥବା ଘଟିଥିବା ଘଟଣା ଲିପିବଦ୍ଧ ନହୋଇଥିବାର ମଧ୍ୟ ଦ୍ୟୋତକ ହୋଇପାରେ ।

ପୁଣି ଏକ ସମ୍ଭାବ୍ୟ ଉଦାର ଦୃଷ୍ଟିରେ ବିଚାର କରାଯାଇପାରେ । ମହାପ୍ରଭୁ ଶ୍ରୀଜଗନ୍ନାଥ ସୃଷ୍ଟିର ପିତା । ଜଣେ କ୍ଷମାଶୀଳ ପିତା ତା'ର

ସନ୍ତାନ ଦଣ୍ଡଯୋଗ୍ୟ ସୀମାରେ ନ ପହଞ୍ଚିଲା ଯାଏ (ଯେଉଁଭଳି ଭଗବାନ ଶ୍ରୀକୃଷ୍ଣ ଶିଶୁପାଳର ଏକଶତ ଦୋଷ ନ ଦେଖିବା ଯାଏ ତାକୁ ଦଣ୍ଡ ଦେଇନଥିଲେ, ବା ଚରମ ଉତ୍ପୀଡ଼ନରେ ଥିବା ପରମ କ୍ଷମାଶୀଳ ପିତାଟିଏ (ଯେମିତି ଆଜିକାଲି ଜମି ବିକ୍ରୟ ଅବସରରେ 'ମୋର ପିତା ବୟସ ଅଧିକ ହେବା ଯୋଗୁଁ ତାଙ୍କ ମସ୍ତିଷ୍କ ବିକୃତି ହେବାରୁ ତାଙ୍କ ନାମରେ ଥିବା ଜମି ବିକ୍ରୟ କରୁଛନ୍ତି - ଏହାକୁ କେହି କ୍ରୟ କଲେ ଆମ୍ଭେ ଦାୟୀ ହେବୁ ନାହିଁ) ଅର୍ବାଚୀନ ସନ୍ତାନର ସମସ୍ତ ଅପରାଧ ପ୍ରତିରୋଧକୁ ମହାପ୍ରଭୁ କ୍ଷମା କରି ଚାଲିଛନ୍ତି ।

ଅନ୍ୟ ଭାବରେ ଦେଖିଲେ ମହାପ୍ରଭୁଙ୍କୁ ସ୍ଥାନାନ୍ତର କଲେ ମଧ୍ୟ ତାଙ୍କର ଅବର୍ତ୍ତମାନରେ ତାଙ୍କର ଚେତନା ଅଧିକ ପ୍ରଜ୍ଜ୍ୱଳିତ ହୋଇ ଜନମାନସକୁ ପରାୟଣ କରି ଦେଲା । ଏହି ସଂପ୍ରସାରିତ ସଂଘବଦ୍ଧ ଚେତନା ପରବର୍ତ୍ତୀ କାଳରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପୁନଃ ଆଗମନ ପଥକୁ ଅଧିକ ପ୍ରଶସ୍ତ କରି ଦେଲା । ମନେ ରଖିବା କଥା ସବୁ ଯୁଗରେ ଚେତନାକୁ ନେଇ ପ୍ରତୀକ । ପ୍ରତୀକର ପରବର୍ତ୍ତୀ ପ୍ରକାଶ ପ୍ରତିମା । ବିଗ୍ରହ ସ୍ଥାନାନ୍ତରିତ ହେଲେ ମଧ୍ୟ ଚେତନା ଓ ତା'ର ପରିପ୍ରକାଶ ପ୍ରତୀକ ବିଗ୍ରହ 'ମାଧବ' (କ୍ଷୁଦ୍ର ଜଗନ୍ନାଥ-ଶ୍ରୀଦେବୀଙ୍କ ପୃଷ୍ଠଭାଗରେ ଅର୍ଚ୍ଚିତ) ସ୍ଥାନାନ୍ତରିତ ହେବା ଇତିହାସରୁ ଉପଲବ୍ଧ ନୁହେଁ ।

ଏଠାରେ ପ୍ରଶ୍ନ ଉଠେ ତେବେ କ'ଣ ଧର୍ମାନ୍ତରିତ ଭକ୍ତମାନଙ୍କର ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ପ୍ରବେଶ କରି ମୂଳ ବିଗ୍ରହମାନଙ୍କ ଦର୍ଶନ ଅସମ୍ଭବ ? ଏହାର ଉତ୍ତରରେ କୁହାଯାଇପାରେ ଆମେ ମହାପ୍ରଭୁଙ୍କୁ ସର୍ବଶକ୍ତିମାନ ସର୍ବଦ୍ରଷ୍ଟା ତଥା ସର୍ବତ୍ର ବିରାଜିତ ଜ୍ଞାନରେ ଅର୍ଚ୍ଚନା କରୁଛୁ । ଯଦି ସେ ଏଠି ସେଠି ସର୍ବତ୍ର ଅଛନ୍ତି ତା'ହେଲେ ଆମ ଚିନ୍ତା, ଚେତନାରେ ମଧ୍ୟ ସେ ବିରାଜିତ । ତେଣୁ 'ମନ ଅଟେ ଚତୁର୍ଦ୍ଧାମୂରତୀ' ବା ମନ ଏବ ମନୁଷ୍ୟାଣାଂ କାରଣଂ ବର୍ଦ୍ଧ ମୋକ୍ଷୟେ' । ତେଣୁ ସେ ତ ଦୃଶ୍ୟ ଅଦୃଶ୍ୟ ରୂପରେ ନିରନ୍ତର ଧାମ ପାଖରେ ବିଦ୍ୟମାନ । ଶୁଭ ଅଶୁଭ ଭବିଷ୍ୟତ ବର୍ତ୍ତମାନର ସୂଚନା ଦେଇ ପ୍ରକୃତ ଭକ୍ତକୁ ବିଭିନ୍ନ ସମୟରେ ସେ ବାଟ ଦେଖାଇଥାନ୍ତି । ଯେମିତି ଆମେରିକାର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ତାଙ୍କର ଭକ୍ତ ଡାକ୍ତର ସାହୁଙ୍କୁ ବିଭିନ୍ନ ସଂଶୟ ମୁହୂର୍ତ୍ତରେ ଶ୍ରୀବିଗ୍ରହରୁ ଆଭୂଷଣମାଳ ଖସାଇ କାମ କରିବାକୁ ସୂଚନା ଦେଇଥାନ୍ତି । ପ୍ରତ୍ୟକ୍ଷ ଦର୍ଶନ ଅପେକ୍ଷା ତାଙ୍କର ପରୋକ୍ଷ ଦର୍ଶନ (ଚିନ୍ତନ) ଅଧିକ ଫଳପ୍ରଦ ବୋଲି ଅନୁଭବୀମାନଙ୍କ ମତ ।

'ଦୂରେ ଥାଇ ଡାକ ଦେଲେ ଡେରି ଥାଅ କର୍ଣ୍ଣକୁ
ନିକଟରେ ନ ଶୁଣୁଛ ମୋ କର୍ମ ଅବଳକୁ ।'

ଜଣେ ଯେ ମନ୍ଦିରକୁ ଗଲେ ନିଶ୍ଚିନ୍ତ ନିଶ୍ଚିତ ଦର୍ଶନ ପାଇବ ଏହାର ସ୍ଥିରତା ନଥାଏ । ବ୍ୟସ୍ତ ଜୀବନରୁ ସମୟ ବାହାର କରି ମନ୍ଦିର ଭିତରକୁ ଗଲେ କେତେବେଳେ ଗୋପାଳବଲ୍ଲଭ ବା ଅନ୍ୟପୂଜା ଯୋଗୁଁ କଳାହାଟ ଦ୍ୱାର ବନ୍ଦ ଥାଏ । ଆଉ କେତେବେଳେ ଜୟ ବିଜୟ ଦ୍ୱାର ବନ୍ଦ ଥାଏ । ସ୍ନାନ ପୂର୍ଣ୍ଣିମା ପରେ ୧୫ ଦିନ ଚଁ ପଟି ଦିଅଁଙ୍କ ଦର୍ଶନ ମିଳେ । ମହାପ୍ରଭୁ ଶ୍ରୀଚୈତନ୍ୟ ପ୍ରଭୃତି ଏହି ସମୟରେ ନହରପଦା ଯାଇ ଅଲବାରନାଥଙ୍କ ଦର୍ଶନ କରି ଦର୍ଶନ ତୃଷା ମେଣ୍ଟାଇଥାନ୍ତି । ଯଦି ବିକଳ୍ପଙ୍କ (ଅଲାରନାଥ) ଦର୍ଶନରେ ଶ୍ରୀଚୈତନ୍ୟଙ୍କ ସଂକଳ୍ପ ସିଦ୍ଧି ହେଲା ତା'ହେଲେ ପତିତପାବନ ବା ଅନ୍ୟ ବିକଳ୍ପଙ୍କ ଦର୍ଶନରେ ଆମ ଭକ୍ତି ତୃଷା ପ୍ରଶମିତ ନହେବ କାହିଁକି ?

ଏସବୁ ସତ୍ତ୍ୱେ ନିହାତି ପ୍ରତ୍ୟକ୍ଷ ଦର୍ଶନ ଆଶାୟୀ ପାଇଁ ସେ ସ୍ନାନ, ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସ୍ଥିର କରି ନେଇଛନ୍ତି । ବିଧି ପରମ୍ପରା ଅନୁସାରେ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ଠାକୁରମାନେ ରଥ ଉପରେ ବିଜେ କରିଥାନ୍ତି । ଏହି ସମୟରେ ବିଗ୍ରହମାନଙ୍କୁ ଦର୍ଶନ ଓ ଆଲିଙ୍ଗନ ମଧ୍ୟ ଆଗ୍ରହୀ ଭକ୍ତମାନେ କରିପାରିଥାନ୍ତି । ଗୁଣ୍ଡିଚା ଓ ବାହୁଡ଼ା ସମୟରେ ଠାକୁରମାନଙ୍କର ସୁରକ୍ଷା ଲାଗି ପ୍ରଶାନ ମଧ୍ୟ ପ୍ରସ୍ତୁତ ହୋଇଥାଏ ।

ମନରେ ପ୍ରଶ୍ନ ଉଠେ ଏତେ ବଡ଼ ଠାକୁର, ଏତେ ବଡ଼ ମନ୍ଦିର ଏହାଙ୍କ ସୁରକ୍ଷା ଆମଭଳି ସାଧାରଣ ଲୋକ ପକ୍ଷରେ କ'ଣ ସମ୍ଭବ ? ଏହାର ଉତ୍ତର ନିଶ୍ଚିତ ଅସ୍ତିବାଚକ । ସେତୁବନ୍ଧ ବାନ୍ଧିବା ମୁହୂର୍ତ୍ତରେ ବୁଦ୍ଧି, ଜ୍ଞାନ ଓ ବିଶେଷ ଶକ୍ତି ନଥିବା ସାଧାରଣ ଗୁଣ୍ଡୁଚି ମୂଷାଟିଏ ଓଦା ଦେହରେ ସେତୁ ଉପରେ ବାଲିଝାଡ଼ି ମହାପ୍ରଭୁଙ୍କ ଅଙ୍ଗୁଳି ସ୍ପର୍ଶରେ କାଳଜୟୀ କୀର୍ତ୍ତି ଅବା ତା' ଦେହରେ ଲେଖି ଦେଇଗଲା । ଆଉ ଆମେମାନେ ତ ମଣିଷ । ଅନନ୍ତ ବିଦ୍ୟା, ବୁଦ୍ଧିର ଅଧିକାରୀ । ସୂର୍ଯ୍ୟ ଯେଉଁଭଳି ଗ୍ରୀଷ୍ମ ଋତୁରେ ସାମାନ୍ୟ ଜଳ ଶୋଷଣ କରି ବର୍ଷା ଋତୁରେ ଅଜସ୍ର ଜଳ ଢାଳିଦିଏ ସେହିଭଳି ଭଗବାନଙ୍କ ପ୍ରୀତି ଲାଗି କରିଥିବା ସାମାନ୍ୟ କର୍ମ ସହସ୍ର ଗୁଣ ହୋଇ କରିଥିବା ଲୋକ ନିକଟକୁ ଯେପରି ଆସେ । ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ ନିଜ ପଣତ ଚିରି ଚିରୁଡ଼ାଏ କନା ପିନ୍ଧିଥିବା ଦ୍ରୌପଦୀ କୁରୁସଭା ତଳେ ପ୍ରଭୁ ପ୍ରଦତ୍ତ ଅଜସ୍ର ବସ୍ତ୍ର ଦ୍ୱାରା ସମ୍ମାନ ରକ୍ଷା କରିବା ପ୍ରସଙ୍ଗ ଏ ଦିଗରେ ଏକ ସାମାନ୍ୟ ଉଦାହରଣ ମାତ୍ର । ସେଥିପାଇଁ କୁହାଯାଇଛି 'ସ୍ୱଳ୍ପଂ ଅପି ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' । ଏହି ସୁରକ୍ଷାରେ ଯୋଗ ଦେଇ ଆମର ଯଦି କ୍ଷତି ହେଲା ଏହା ଆମର ପରମ ସୌଭାଗ୍ୟ ବୋଲି ଗ୍ରହଣ କରିବା ଉଚିତ । ପୁଣ୍ୟ ଯୁଦ୍ଧ ସଂଗ୍ରାମୀମାନଙ୍କ ପାଇଁ ସ୍ୱର୍ଗର ଦ୍ୱାର ତଥା ପୃଥିବୀରେ କୀର୍ତ୍ତିସ୍ତମ୍ଭ ସ୍ଥାପନର ଅନବଦ୍ୟ ଉପାୟ ।

ଅତୀତରେ ବହୁ ସେବାୟତ ଓ ସାଧାରଣ ନାଗରିକ ସୁରକ୍ଷା ଯଜ୍ଞରେ ଯୋଗ ଦେଇ ପ୍ରାଣ ଆହୂତି ଦେଇଥିବା କଥା ସାହିତ୍ୟ ପୃଷ୍ଠାରେ ଚିତ୍ରିତ । ସାଲବେଗ ଯବନ ଆକ୍ରମଣର ତଥା ବିଗ୍ରହମାନଙ୍କର ସ୍ଥାନାନ୍ତରର ପ୍ରତ୍ୟକ୍ଷଦର୍ଶୀ ଥିବା ତାଙ୍କର ଭଜନାବଳୀ ବିଶ୍ଳେଷଣରୁ ଜଣାପଡ଼େ । ତାଙ୍କର କେଣେ ଯାଉଛ ଜଗନ୍ନାଥଙ୍କ ଭଜନରେ 'କୁଳବଧୂଙ୍କର ରଡ଼ି, ପଣ୍ଡାଏ ଗଡ଼ାଗଡ଼ି ବିଧାତା ବାମ ହେଲା ଓଡ଼ିଶାକୁ' । ଏହାର ପ୍ରତ୍ୟକ୍ଷ ବିବରଣୀ ବର୍ଣ୍ଣିତ ।

ସନ୍ତାନର ସମସ୍ତ ଉଦ୍ୟମ ବିଫଳ ହେଲେ ପରମପିତାଙ୍କର ଅମୃତ ହସ୍ତ ପ୍ରସାରିତ ହୁଏ ସନ୍ତାନର ଉଦ୍ୟମକୁ ସଫଳ କରିବାକୁ । ଆଚାର୍ଯ୍ୟ ରାମାନୁଜଙ୍କର ଭକ୍ତ ସେବାୟତଙ୍କର ପ୍ରାର୍ଥନାରେ ଶ୍ରୀକ୍ଷେତ୍ରରୁ ନିର୍ବାସନ, ପରାଜିତ ସୂର୍ଯ୍ୟବଂଶୀ ସମ୍ରାଟ ଶ୍ରୀପୁରୁଷୋତ୍ତମ ଦେବଙ୍କର ମହାପ୍ରଭୁଙ୍କର କୃପାରୁ ବିଜୟଶ୍ରୀ ମଣ୍ଡିତ ହେବା ଏହାର ସାମାନ୍ୟ କେତେକ ଉଦାହରଣ । ସେହିଭଳି ଭୋଇବଂଶ ରାଜତ୍ୱ କାଳରେ ଖ୍ରୀ:୧୬୮୬ରେ ଧର୍ମାନ୍ଧ ଆଉରଙ୍ଗଜେବଙ୍କର ସମ୍ପର୍କୀୟ କକା (ଶାୟସ୍ତାଖାଁ)ଙ୍କ ପୁତ୍ର ଆବୁ ନସୀର ଖାଁ ଯାଜପୁରରେ ବିନା ପ୍ରତିରୋଧରେ ଏକ ମନ୍ଦିର ଭାଙ୍ଗି ମସ୍‌ଜିଦ୍ ନିର୍ମାଣ କଲାପରେ ଖ୍ରୀ:୧୬୮୭ରେ ପୁରୀ ମନ୍ଦିର ଆକ୍ରମଣର ଅଭିଯାନ ଆରମ୍ଭ କରିଥିଲା । ମାତ୍ର ସେ ପିପିଲିରେ ପହଞ୍ଚିଲା ପରେ ବଜ୍ର ଓ ତୋଫାନ ଏଡ଼େ ତୀବ୍ରତର ହେଲା ଯେ ସେ ଏହାକୁ ଦୈବୀ ବିପତ୍ତି ମନେ କରି ଭୟରେ ସେହିଠାରୁ ହିଁ ଫେରିଯାଇଥିଲା । ତେଣୁ ଆନ୍ତରିକ ଚେଷ୍ଟା ଓ ନିଷ୍ଠା ମହାପ୍ରଭୁଙ୍କର ଅସ୍ତିତ୍ୱକୁ ସତତ ପରୋକ୍ଷରେ ପ୍ରମାଣିତ କରିଥାଏ ଯଦି ଓ ଏହାର କୌଣସି ସରଳ ରୈଖିକ ଯୁକ୍ତିସିଦ୍ଧ ମାନବ ବୋଧଗମ୍ୟ ପ୍ରମାଣ ନାହିଁ ।

ସୁରକ୍ଷା ପ୍ରଶ୍ନ ଉଠିଲାବେଳେ ଶ୍ରୀବିଗ୍ରହ, ଶ୍ରୀମନ୍ଦିର ତଥା ଯାତ୍ରୀ, ସେବାୟତ ତଥା ରାଷ୍ଟ୍ର ସୁରକ୍ଷାର ପ୍ରସଙ୍ଗ ଉଠିଥାଏ । ସୁରକ୍ଷାର ଶୀର୍ଷବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ । ଓଡ଼ିଆ ଜାତି, ହିନ୍ଦୁ ପରମ୍ପରାର ସୁରକ୍ଷା ତାଙ୍କ ସୁରକ୍ଷା ଉପରେ ନିର୍ଭର କରିଥାଏ । ଐହିକ ସୁଖ ଶାନ୍ତି ଓ ପରମାର୍ଥିକ ଉତ୍ତରଣ, ତାଙ୍କରି ଆଶୀର୍ବାଦରେ ହିଁ ସମ୍ଭବ । ମହାପ୍ରଭୁମାନଙ୍କର ଶ୍ରୀମନ୍ଦିରରେ, ସ୍ଥିତି ଓ ନିୟମିତ ନିରାଜନା ଜାତୀୟ ସଂହତି ତଥା ପୁରୀର ଅର୍ଥନୀତିକୁ ସମୃଦ୍ଧି କରିଛି । ଖ୍ରୀ:୧୭୦୭ରେ ଆଲେକ୍‌ଜାଣ୍ଡାର ହେମିଲଟନ୍ ସାହେବଙ୍କ ବିବରଣୀ ଅନୁସାରେ ପୁରୀକୁ ଆସୁଥିବା ଯାତ୍ରୀମାନେ ଅଧାକ୍ରାଉନ (Half a crown) ତୀର୍ଥକର ଦେଉଥିଲେ । ଏଥିରୁ ବାର୍ଷିକ ୭୫୦୦୦ ପାଉଣ୍ଡ ବା ଆନୁମାନିକ ଟ.୬,୬୬,୬୬୬ଙ୍କା ଆୟ ହେଉଥିଲା । ସେହିଭଳି ଗଜପତି ରାମଚନ୍ଦ୍ର ଦେବଙ୍କ ଉଦ୍ୟମରେ ନବକଳେବର ପରେ ଜୁଲାଇ ୨, ୧୭୩୩ରେ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ଡିସେମ୍ବର ୨୯ ତାରିଖ ଖ୍ରୀ:୧୭୩୩ରେ ଧର୍ମାନ୍ଧ ତକା ଖାଁର ଶ୍ରୀମନ୍ଦିର ଆକ୍ରମଣ ଯୋଗୁଁ ରାମଚନ୍ଦ୍ର ଦେବ ତିନିମୂର୍ତ୍ତିଙ୍କୁ ଗଞ୍ଜାମ ଆଠଗଡ଼ ଘଞ୍ଚ ଅରଣ୍ୟ ପରିବେଷ୍ଟିତ (ପୋଲସରା ବ୍ଲକ୍‌ର ମଥୁରା ଗ୍ରାମରୁ ସାତ କିଲୋମିଟର ଭିତରକୁ) ଗ୍ରାମକୁ ସ୍ଥାନାନ୍ତର କରିଥିଲେ । ଯେଉଁଠାରେ ବିଗ୍ରହମାନେ ପ୍ରାୟ ଅଢ଼େଇ ବର୍ଷ କାଳ ଅର୍ଚ୍ଚିତ ହେଉଥିଲେ । ଏହି ମନ୍ଦିରରେ ସ୍ଥାପିତ ବିଗ୍ରହମାନେ ଯେଉଁ ପଥର ଚକା ଉପରେ ଅର୍ଚ୍ଚିତ ହେଉଥିଲେ ଆଜି ଏହି ଶୂନ୍ୟ ମନ୍ଦିରରେ ଏହି ପଥର ଖଣ୍ଡମାନ ଚକାଦେବତା ଭାବେ ପୂଜା ପାଉଛନ୍ତି । ଇତିହାସରୁ ଜଣାଯାଏ ଠାକୁରମାନେ ଶ୍ରୀକ୍ଷେତ୍ରରେ ନଥିବାରୁ ବିଦେଶାଗତ ଯାତ୍ରୀମାନଙ୍କ ଆଗମନ କମିଗଲା ଓ ରାଷ୍ଟ୍ରୀୟ ଅର୍ଥନୀତି ବାଧାପ୍ରାପ୍ତ ହେଲା । ତେଣୁ ବଙ୍ଗନବାବ ମୁର୍ସିଦ କୁଲି ଖାଁ ଏହି ବିକଳାଙ୍ଗ ଅର୍ଥନୀତିକୁ ସଜାଡ଼ିବାକୁ ସେବାୟତମାନଙ୍କ ସହାୟତାରେ ଖ୍ରୀ:୧୭୩୫ରେ ଠାକୁରମାନଙ୍କୁ ପୁଣି ଶ୍ରୀମନ୍ଦିର ରତ୍ନସିଂହାସନସ୍ଥ କରିଥିଲେ । ରାଜ୍ୟର ରାଜା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କରି ପ୍ରତିନିଧି (ରାଉତ / ରାଉତ) ଭାବେ ଶୌର୍ଯ୍ୟ ଦୀପ୍ତ ନରପତିମାନେ ଏ ରାଜ୍ୟ ଶାସନ କରି ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟର ଏକ ମହନୀୟ ପରମ୍ପରା ପ୍ରତିଷ୍ଠା କରିଥିବା କଥା ସନନ୍ଦ ଓ ଶିଳାଲେଖରୁ ଜଣାଯାଏ । ଯେତେବେଳେ ମହାପ୍ରଭୁଙ୍କୁ ଏ ଜାତି ଭୁଲି ଯାଇଛି ସେତେବେଳେ ସେ ହୀନମନ୍ୟତା ଓ ହାଅନ୍ନର ଶିକାର ହୋଇଛି ।

ଶ୍ରୀବିଗ୍ରହ ସୁରକ୍ଷା ପରେ ଶ୍ରୀମନ୍ଦିର ସୁରକ୍ଷା ଅନ୍ୟତମ ମୌଳିକ ପ୍ରଶ୍ନ । ଗଙ୍ଗବଂଶୀ ସମ୍ରାଟମାନଙ୍କ ଦ୍ୱାରା ନିର୍ମିତ ମୂଳ ମନ୍ଦିର ବହୁ ସମୟରେ ଆକ୍ରମିତ ହୋଇ ତଥା ସମୟର ଅବକ୍ଷୟକାରୀ ପ୍ରଭାବ ଯୋଗୁଁ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଏଥିସହିତ ଉତ୍କଳର ଗଜପତିମାନେ ବିଭିନ୍ନ ସମୟରେ ବହୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରିଛନ୍ତି । ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସପ୍ତମ ଅଙ୍କରେ ଭୋଗ ମଣ୍ଡପ ନିର୍ମାଣ/ସଂସ୍କାର, ଖ୍ରୀ:୧୬୧୬ରେ ମୋଗଲ ରାଜତ୍ୱରେ ତୋଡ଼ରମଲ୍ଲଙ୍କ ପୁତ୍ର କଲ୍ୟାଣ ମଲ୍ଲଙ୍କ ଅନୁମୋଦନରେ ଶ୍ରୀମନ୍ଦିରର ଜଗମୋହନ ବା ନାଟମନ୍ଦିର ନିର୍ମାଣ ଖ୍ରୀ:୧୬୩୨ରେ ମୋଗଲ ସୁବେଦାର ମୁତକତ ଖାଁ ସହାୟତାରେ ଶ୍ରୀମନ୍ଦିର ମରାମତି ଖ୍ରୀ:୧୬୩୬ରେ ଲୁଣି ପବନରୁ ରକ୍ଷା କରିବାକୁ ଭୋଇ ବଂଶ ରାଜା ନରସିଂହ ଦେବ ୯୧୫୩୮ କାହାଣ ୯ ପଣ ୧୦ ଗଣ୍ଡା କଉଡ଼ି (ଆନୁମାନିକ ତେଇଶି ହଜାର ଟଙ୍କା) ଖର୍ଚ୍ଚ କରି ତା.୨୦.୧୨.୧୬୩୬ରୁ ତା.୨୪.୧୨.୧୬୩୭ ଯାଏ ଶ୍ରୀମନ୍ଦିର ଚୂନ ପଲସ୍ତରା, ବରିଷ୍ଠ ଗବେଷକ ଶ୍ରୀ ଶରତଚନ୍ଦ୍ର ମହାପାତ୍ରଙ୍କ ବିବରଣୀ (ସମାଜ ତା.୨୦.୫.୨୦୦୬) ଅନୁସାରେ 'ରାମଚନ୍ଦ୍ର ଦେବ (ଖ୍ରୀ:୧୫୬୮-୧୬୦୦)ଙ୍କ ସମୟରେ ପ୍ରବଳ ଝଡ଼ ଫଳରେ ଶ୍ରୀମନ୍ଦିର ନୀଳଚକ୍ର ଧାନ ବିଲରେ ପଡ଼ିବା ଓ ରାଜାଙ୍କ ଦ୍ୱାରା ପୁନଃ ସ୍ଥାପିତ ହେବା', ଭୋଇବଂଶର ମୁକୁନ୍ଦ ଦେବ ପ୍ରଥମ (୧୬୫୯-୧୬୮୮) (ଯିଏ ବସନ୍ତ ରୋଗରେ ପ୍ରାଣତ୍ୟାଗ କରିଥିଲେ)ଙ୍କର ମନ୍ତ୍ରୀ ପିତାମ୍ବର ବିଦ୍ୟାଧର ମହାପାତ୍ର ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ନିର୍ମାଣ, ତାଙ୍କର ଉତ୍ତରାଧିକାରୀ ଦିବ୍ୟସିଂହ ଦେବ (ଶାସନ କାଳ ୨୨.୧୧.୧୬୮୮ରୁ ୧୭୧୫) ସମୟରେ ଶ୍ରୀମନ୍ଦିର ରୋଷଗୃହ ନିର୍ମାଣ ଓ ସଂସ୍କାର, ଏହାଙ୍କ ସମୟରେ 'ନୀଳଚକ୍ର ଖଣ୍ଡ ଖଣ୍ଡ ହୋଇ ଉଣ୍ଡ ଗଣେଶଙ୍କ ସମ୍ମୁଖରେ ପଡ଼ିବା ଓ ପରେ ଏହାର ଉଦ୍ଧାର ଓ ସ୍ଥାପନ ଓ ଗଜପତି ହରେକୃଷ୍ଣ ଦେବ (ଶାସନକାଳ ଖ୍ରୀ:୧୭୧୫-୧୭୨୦)ଙ୍କ ରାଜତ୍ୱରେ ୨୬ ଜାନୁଆରୀ ଖ୍ରୀ:୧୭୧୫ରେ ଧର୍ମୁ ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଧାତୁ ନିର୍ମିତ ନୀଳଚକ୍ର ସ୍ଥାପନ, ବେଢ଼ା ଦ୍ୱାରଠାରୁ ଜଗମୋହନ ଯାଏ ପାବଚ୍ଛ ନିର୍ମାଣ ଶ୍ରୀମନ୍ଦିରରେ ଚୂନ ପଲସ୍ତରା ପ୍ରଭୃତି ସହିତ ଖ୍ରୀ:୧୭୨୭ରେ ରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟ (ହାଫିଜ୍

କାଦାର) ଖ୍ରୀ:୧୭୨୭-୧୭୩୬) ମନ୍ତ୍ରୀ ଖ୍ୱାଜା ବକ୍ସି ବେଣୁ ଭ୍ରମରବର ରାୟଙ୍କ ଦ୍ୱାରା ଗୁଣ୍ଡିଚା ଘର ଜଗମୋହନ ନିର୍ମାଣ ବିଷୟ ଇତିହାସ ସମର୍ଥିତ । ଗବେଷକ ମହାପାତ୍ରଙ୍କ ମତରେ 'ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟରୁ ମିଳିଥିବା ଦୁଇଟି ଶିଳାଲେଖ ଅନୁଯାୟୀ ରାଜା ବୀରକିଶୋର ଦେବଙ୍କ (ଖ୍ରୀ:୧୭୩୯-୧୭୪୩) ସମୟରେ ମନ୍ଦିରରେ ବ୍ୟାପକ ମରାମତି ହୋଇଥିଲା । ଶ୍ରୀମନ୍ଦିର ଗର୍ଭଗୃହ ଉପର ମହଲାରୁ ମିଳିଥିବା ଏକ ଶିଳାଲେଖ ଅନୁଯାୟୀ ମହାରାଜା ବୀରକିଶୋର ଦେବଙ୍କ ୨୮ ଅଙ୍କରେ ବଡ଼ ଦେଉଳର ଚୂନ ନିଳାଦ୍ରୀ ପାଟ ମହାଦେଈ ... । ବୀର କିଶୋର ଦେବଙ୍କ ୨୮ ଅଙ୍କ ଖ୍ରୀ:୧୭୬୮ ବୋଲି ଜଣାଯାଏ । 'ଅନୁରାଗ କଳ୍ପଲତା' ନାମକ ଅପ୍ରକାଶିତ ଶ୍ୟାମ ସୁନ୍ଦର ଦେବଙ୍କ ଦ୍ୱାରା ରଚିତ ଏକ କାବ୍ୟରୁ ଜଣାଯାଏ ଯେ ତାଙ୍କ ମା' (ନିଳାଦ୍ରୀ ପାଟ ମହାଦେଈ) ଭଣ୍ଡାରରେ ଥିବା ସମସ୍ତ କଉଡ଼ିକୁ ପୋଡ଼ି ଶ୍ରୀମନ୍ଦିରରେ ଚୂନ ଲଗାଇଥିଲେ ।' ଏହାଥିଲା ଏ ଜାତିର ବରେଣ୍ୟ ପୂର୍ବପୁରୁଷଙ୍କର ଶ୍ରୀମନ୍ଦିର ସ୍ଥାପତ୍ୟ ସୁରକ୍ଷା ଦିଗରେ ଅଙ୍ଗୀକୃତ ଅବଦାନ । ସେହି ଜାତିର ଉତ୍ତରାଧିକାରୀ ଭାବେ ଏହାର ସୁରକ୍ଷା ଓ ସଂରକ୍ଷଣ ଆମର କର୍ତ୍ତବ୍ୟ ଓ ଧର୍ମ ନୁହେଁ କି ?

ସର୍ବଗ୍ରାସୀ କାଳର ସାର୍ବଭୌମ ଆଧିପତ୍ୟ ସର୍ବତ୍ର ସୂଚିତ । ତେଣୁ ଏହି ଅନବଦ୍ୟ ପାଷାଣର ମହାକାବ୍ୟ ବିଭିନ୍ନ ସମୟରେ କାଳ କବଳିତ ହୋଇଛି । ଗବେଷକ ମହାପାତ୍ର କହନ୍ତି -

'୧୮୭୫ ମସିହା ଜୁଲାଇ ୯ ତାରିଖରେ ଗୋଟିଏ ବିରାଟ ପଥର ମନ୍ଦିରର ଭିତରପଟୁ ଜଗନ୍ନାଥଙ୍କ ଗମ୍ଭୀରା ଭିତରେ ପଡ଼ିଥିଲା ... ଖ୍ରୀ:୧୯୩୯ ମସିହା ଡିସେମ୍ବର ୧୪ ତାରିଖରେ ଆଉ ଏକ ବିରାଟ ପଥର ଠିକ୍ ରତ୍ନବେଦୀ ସାମନାରେ ପଡ଼ିଲା ... ୧୯୬୧ ମସିହାରେ ଜାନୁଆରୀ ୨୦ ତାରିଖରେ ଦେଉଳ ବାହାରପଟୁ ଏକ ଚୂନ ଅତଡ଼ା ପଡ଼ିଥିଲା, ୧୯୬୯ ମସିହା ଜାନୁଆରୀ ୨୨ ତାରିଖରେ ମନ୍ଦିରର ଦକ୍ଷିଣ-ପୂର୍ବ କୋଣରୁ ଆଉ ଏକ ବିରାଟ ଚୂନ ପଲସ୍ତରା ... ୧୯୮୮ ମସିହା ସେପ୍ଟେମ୍ବର ୧୯ ତାରିଖରେ ଦକ୍ଷିଣପଟୁ ଏକ କ୍ଷୁଦ୍ରାକୃତି ପଥର ପଡ଼ିଥିଲା । ୧୯୯୦ ମସିହା ଜୁନ୍ ୧୦ ତାରିଖରେ ଅଁଳାବେଢ଼ା ତଳପଟୁ ପ୍ରାୟ ୫ ଟନ୍ ଓଜନର ଏକ ପଥର ପଶ୍ଚିମ ଦ୍ୱାର ପଟକୁ ପଡ଼ିଥିଲା । ୧୯୯୨ ମସିହା ଜୁନ୍ ୧୩ ତାରିଖରେ ପ୍ରାୟ ୧ ଟନ୍ ଓଜନର ଦୁଇଟି ପଥର ଗର୍ଭଗୃହ ମଧ୍ୟରେ ପଡ଼ିଥିଲା (ସମ୍ବାଦ ୨୦.୫.୦୬) ଗର୍ଭଗୃହ ପଥର ଖସିବା ଯୋଗୁଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଶ୍ରୀମନ୍ଦିର ଗର୍ଭଗୃହ ତଥା ସମୟକ୍ରମେ ଗୁଣ୍ଡିଚା ମନ୍ଦିର ଗର୍ଭଗୃହ ସଂସ୍କାର କରାଯାଉଥିଲା । ତେବେ ଏହି ସଂସ୍କାର କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ତଥା ସର୍ବସାଧାରଣ ବିଶେଷ କରି ବୈଷୟିକ ଜ୍ଞାନ ସମ୍ପନ୍ନ ଲୋକ ସଚେତନ ହୋଇ ସହଯୋଗ କରିବା ଉଚିତ । ମନେ ରଖିବା ଦରକାର ଶ୍ରୀମନ୍ଦିର ଆଉ କାହାର ନୁହେଁ, ଆମର । ଆମର ଏହା ଏକ ମହାର୍ଘ୍ୟ ଜାତୀୟ ସମ୍ପତ୍ତି ।

ହୃଦୟରେ ଦେବତା ବିରାଜିତ । ତଥାପି ବହୁଲୋକ ଅର୍ଥ ଖର୍ଚ୍ଚ, ଅପମାନିତ, ଶରୀର ପୀଡ଼ା ନେଇ ଶ୍ରୀମନ୍ଦିରକୁ ଆସିଥାନ୍ତି । କାରଣ ଶ୍ରୀମନ୍ଦିରରେ ତାଙ୍କର ପରମ ଇଷ୍ଟ ବିରାଜିତ । ମନ୍ଦିରର ପରିବେଶ ଶୁଦ୍ଧ ଓ ସାତ୍ତ୍ୱିକ ବୋଲି ସେମାନଙ୍କର ଧାରଣା । ଏହି ଦର୍ଶନ ପରିବେଶର ସ୍ମୃତି ସେମାନଙ୍କୁ ବେଶ୍ କେତେ ବର୍ଷ ଭଗବାନଙ୍କ ରଜ୍ଜୁରେ ବାନ୍ଧି ରଖିଥାଏ । ଯଦି ପରିବେଶ ଅପରିଷ୍କାର, (ମହାପ୍ରସାଦ ସେବନ କାଳରେ ଭିକାରୀ ମାଙ୍କଡ଼, ବିଲେଇମାନଙ୍କ ଦୌରାତ୍ମ୍ୟ ବା ମହାପ୍ରସାଦ ଖାଇଥିବା କଦଳୀପତ୍ର ବା ପାନପିକ ବା ପରିସ୍ରା ଦ୍ୱାରା) ଦୂଷିତ ହୁଏ ତା'ହେଲେ ଏହା ଭକ୍ତିକ ଆବେଗର ଅବକ୍ଷୟ ଘଟାଇବ ।

ଯାତ୍ରୀର ସୁରକ୍ଷା ଅନ୍ୟ ଏକ ବିଶିଷ୍ଟ ଦିଗ । ସେମାନଙ୍କ ଜିନିଷପତ୍ରର ସୁରକ୍ଷା ସହିତ ଏକାନ୍ତ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ସେମାନଙ୍କ ଶାନ୍ତି ପାଇବା ପ୍ରଶାସନ ସମେତ ଅନ୍ୟ ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ପୂଜକ, ସେବାୟତମାନଙ୍କର ଶାଳୀନ ବ୍ୟବହାର, ଅନ୍ୟଯାତ୍ରୀମାନଙ୍କର ସହଯୋଗ ସେମାନଙ୍କର ପୁନଃ ଆଗମନର ପଥକୁ ସୁଗମ କରିଥାଏ । ପ୍ରତ୍ୟେକ ଯାତ୍ରୀ ମଧ୍ୟ ଅନ୍ୟର ଭକ୍ତି ଭାବାବେଶ ପ୍ରତି ଧ୍ୟାନ ଦେଇ ଉଚ୍ଚସ୍ୱରରେ ଭଜନ କୀର୍ତ୍ତନ, ଗୃହର ଭଲମନ୍ଦ ଆଲୋଚନା ମତେ ସମ୍ଭବ । କିନ୍ତୁ ମନ୍ଦିର ପରିସର ମଧ୍ୟରେ ବର୍ଜନ କରିବା ବିଜ୍ଞତାର କାର୍ଯ୍ୟ ହେବ । ପ୍ରଶାସନ ଦ୍ୱାରା ନିବାରଣ କରାଯାଇଥିବା ବିଭିନ୍ନ ଦ୍ରବ୍ୟ (ମୋବାଇଲ, କ୍ୟାମେରା, ଚମଡ଼ା ଜିନିଷ ପ୍ରଭୃତି) ନିଜ ଜ୍ଞାତ ଅଜ୍ଞାତରେ ମନ୍ଦିର ଭିତରକୁ ନେବା ଉଚିତ ନୁହେଁ । ଏହାଛଡ଼ା ପ୍ରଶାସନ କରିଥିବା ଅନ୍ୟ ନିୟମ (ଯେଭଳି ଛୋଟ ପିଲାଙ୍କୁ ଜୟ ବିଜୟ ଦ୍ୱାର ଅତିକ୍ରମ କରି ଭିତରକୁ ନେବା ଇତ୍ୟାଦି) ପ୍ରତ୍ୟେକ ନିଷ୍ଠାର ସହିତ ପାଳନ କରିବା ଉଚିତ ।

ସେବାୟତମାନେ ମନ୍ଦିର ସୁରକ୍ଷାର ଆଦ୍ୟ ପ୍ରହରୀ । ସେମାନେ ସୁରକ୍ଷା ପିଣ୍ଡ ବ୍ରହ୍ମାଣ୍ଡର ହୃଦ୍‌ପିଣ୍ଡ ସ୍ୱରୂପ । ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସେମାନେ ହେଲେ ସେତୁ । ଅନେକ ସେବାୟତଙ୍କର ବାଚନିକ ସଂଯମତା ଓ ସିଦ୍ଧତା ସେମାନଙ୍କୁ ତୀର୍ଥାଗତଙ୍କ ମଧ୍ୟରେ ଦେବତାର ମାନ୍ୟତା ଦେଇଥାଏ । ଶ୍ରୀବିଗ୍ରହ ଓ ଶ୍ରୀମନ୍ଦିରର ସୁରକ୍ଷା ଲାଗି ଅତୀତରେ ବହୁ ସେବାୟତ ଆତ୍ମବଳି ଦେଇଥିବା କଥା ଇତିହାସ ସମର୍ଥିତ । ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କ ଆଚରଣ ଓ ଉଚ୍ଚାରଣକୁ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ । ତେଣୁ ଯାତ୍ରୀମାନଙ୍କୁ ମହାପ୍ରଭୁଙ୍କ ଦର୍ଶନକୁ ନେଇ କରି ଗଲାବେଳେ ଯାତ୍ରୀମାନେ ଯେଭଳି କୌଣସି ନିଷେଧାତ୍ମକ ଦ୍ରବ୍ୟ ନେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ନକରନ୍ତି ଏହା ଦେଖିବା ସେମାନଙ୍କର କର୍ତ୍ତବ୍ୟ । ଶ୍ରୀମନ୍ଦିର ଦ୍ୱାରରକ୍ଷୀ ପ୍ରବେଶାର୍ଥୀମାନଙ୍କୁ ତନଖି କଲାବେଳେ ଏମାନେ ସମ୍ପୂର୍ଣ୍ଣ ସହଯୋଗ କରିବା ଉଚିତ ।

ଅନେକ ସନ୍ତ୍ରାସବାଦୀ ତୀର୍ଥଯାତ୍ରୀ ବେଶରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବାର ପଣ୍ଡା / ସେବାୟତମାନଙ୍କ ମାଧ୍ୟମରେ ଉଦ୍ୟମ

କରିଥାନ୍ତି । ତେଣୁ ସେବାୟତମାନେ ସେମାନଙ୍କ ପାଖେ ଯାତ୍ରୀଖାତା ଆଧାରରେ ସେମାନଙ୍କ ବଂଶାବଳୀ ଉତ୍ତମ ରୂପେ ଯାଞ୍ଚ କରିବା ଉଚିତ ।

ଅନେକ ବେଳେ ନିଜ ଯାତ୍ରୀକୁ ଅଧିକ ସୁରକ୍ଷା ଦେବା ପାଇଁ ସେବାୟତମାନେ ସେମାନଙ୍କୁ ସୁରକ୍ଷାର ହାତ ବେଠି ଦେଇ ମନ୍ଦିରରେ ଦର୍ଶନ କରାଇଥାନ୍ତି । ଏକା ସମୟରେ ଏକ ସ୍ଥାନରେ ଏକାଧିକ ହାତବେଠି ହେଲେ ସାଧାରଣ ଯାତ୍ରୀ ସ୍ୱଚ୍ଛନ୍ଦ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି । ବେଳେ ବେଳେ ଏହି କାରଣରୁ ସେବାୟତମାନଙ୍କ ମଧ୍ୟରେ ସଂଘର୍ଷ ଘଟି ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପରୋକ୍ଷ ବିପତ୍ତି ସୃଷ୍ଟି ହୋଇଥାଏ ।

କିଛି ସେବାୟତମାନଙ୍କର ଅଧିକ ରକ୍ଷଣଶୀଳ ଆଚରଣ ଯାତ୍ରୀମାନଙ୍କୁ ଆଘାତ ଦେଇଥାଏ । ଯୁଗର ପରିବର୍ତ୍ତନ ସହିତ ଦୃଷ୍ଟିଭଙ୍ଗୀ ଓ ଆଚରଣର ପରିବର୍ତ୍ତନ ସେବାୟତମାନେ କରିବା ଉଚିତ । ଏହି ଭାରସାମ୍ୟ ଯାତ୍ରୀମାନଙ୍କୁ ପ୍ରୀତ କରିଥାଏ । ଯାତ୍ରୀ ପ୍ରୀତ ହେଲେ ସେ ବାରମ୍ବାର ପୁରୀ ଆସିବାକୁ ଚେଷ୍ଟା କରିଥାଏ, ଯାହା ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ଓ ଆଧିଭୌତିକ ବିଭୂତିକୁ ମହିମାବନ୍ତ କରିଥାଏ ।

ମନେ ରଖିବା ଉଚିତ, ମହାପ୍ରଭୁ ଶ୍ରୀଜଗନ୍ନାଥ କାଠପାଷାଣର ଦେବତା ନୁହଁନ୍ତି । ସେ କିଛି ନକହି ମଧ୍ୟ ଅନେକ କିଛି କରିଥାନ୍ତି ଓ କର୍ମରେ ପ୍ରମାଣିତ କରି ଦେଇଥାନ୍ତି । ଖ୍ରୀ:୧୮୭୭ରେ ଅଲଭ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ଥାନରେ ତାଙ୍କର ଅଦ୍ୟସେବକ ଦିବ୍ୟସିଂହ ଦେବଙ୍କ ଆଚରଣରେ ବ୍ୟତିକ୍ରମ ବ୍ୟତିକ୍ରମ ଯୋଗୁଁ ଖ୍ରୀ:୧୮୭୮ରେ ରାଜାଙ୍କର କଳାପାଣି ନିର୍ବାସ ତାଙ୍କର ଇଚ୍ଛାର ଅଭିସିକ୍ତ ମାତ୍ର । ଭକ୍ତିଟି ଶ୍ରୀକ୍ଷେତ୍ରରେ ପାଦ ଦେବାଠାରୁ ପ୍ରସ୍ଥାନ କରିବା ଯାଏଁ ଯେଉଁଳି ଶାନ୍ତି ସନ୍ତୋଷରେ ରହିବ ଏହା ଦେଖିବା ପ୍ରତ୍ୟେକ ସେବାୟତର କର୍ତ୍ତବ୍ୟ । ବରିଷ୍ଠ ସେବାୟତମାନଙ୍କ ଭାଷାରେ ପ୍ରଥମେ ସେବା ସଂପାଦନ ପରେ ଜୀବନ ନିର୍ବାହ ପାଇଁ ସକରୁଣ ଆନ୍ତରିକ ପ୍ରାର୍ଥନା ଯେଉଁ ସେବକ ଏହାର ବ୍ୟତିକ୍ରମ କରିଛନ୍ତି ମହାପ୍ରଭୁଙ୍କର ଶ୍ରେଷ୍ଠ ସେବାକାରିଣୀ ମହାଲକ୍ଷ୍ମୀ ତାଙ୍କୁ କଦାପି କ୍ଷମାକରି ନାହାନ୍ତି ଏହା ଅନୁଭବର କଥା ।

ଶ୍ରୀଜଗନ୍ନାଥ ବ୍ରହ୍ମାଣ୍ଡ ନାଥ ହୋଇମଧ୍ୟ ଆମର ପରମ ସୌଭାଗ୍ୟ ଯୋଗୁଁ ସେ ଓଡ଼ିଶାରେ ତାଙ୍କ ମୁଖ୍ୟ ରହଣିସ୍ଥଳ ଭାବେ ବାଛି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଧର୍ମଦ୍ୱେଷୀମାନେ ଅତୀତଠାରୁ ଆଜି ଅଧିକ ତୀବ୍ରତାର ସହିତ ଏହି ସଂସ୍କୃତିର ଧ୍ୱଂସ ପାଇଁ ସେମାନଙ୍କ ଜେହାଦ (ଧର୍ମଯୁଦ୍ଧ) ଅବ୍ୟାହତ ରଖିଛନ୍ତି । ତେଣୁ ଏକ ଗୌରବାହ ପରମ୍ପରାର ଯଥାର୍ଥ ଉତ୍ତରାଧିକାରୀ ଭାବେ ସେମାନଙ୍କୁ କଠିନ ଜବାବ ଦେଇ ଏହି ଗୌରବାବହ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ମ ନୁହେଁ ଧର୍ମ ଅଟେ । ଶ୍ରୀଜଗନ୍ନାଥ ଆମ୍ଭମାନଙ୍କର ଇଷ୍ଟ, ଅଭୀଷ୍ଟ ତଥା ରାଷ୍ଟ୍ରଦେବତା । ସେଇଥିପାଇଁ ମାଟିର ମହାକବି ସାରଳା ଦାସ ଭାବ ଗଦଗଦ କଣ୍ଠରେ ଗାଇ ଉଠିଥିଲେ-

‘ଜଗନ୍ନାଥ ପିତା ଜଗନ୍ନାଥ ମାତା ଜଗନ୍ନାଥ ତୋର ତ୍ରାତା ବନ୍ଧୁ ଭ୍ରାତା ଜଗନ୍ନାଥ ସୁମର ନରଜୀବ ଯିବା ଯାଏ,

ଜଗନ୍ନାଥ ଶ୍ରୀଚରଣ ସାରଳା ‘ବିନୋଯେ’ ।’

ଶ୍ରୀସିଦ୍ଧ ତପୋବନ
ଟିକରପଡ଼ା ସାହି, ଶ୍ରୀକ୍ଷେତ୍ର-୨

---

# ରଥଯାତ୍ରା

ଓମ୍ ପ୍ରକାଶ ମହାପାତ୍ର

ବାରମାସେ ତେର ଯାତରା ଯାହାର
ପ୍ରଭୁ ଜଗନ୍ନାଥ ଜଗତର ନାଥ ପୁରୁଷୋତ୍ତମର ।
ରଥଯାତ ତା’ର ଆଷାଢ଼ ଶୁକ୍ଳପକ୍ଷ ତିଥି ଦ୍ୱିତୀୟାର
ଷାଠିଏ ପଉଟି ଭୋଗ ସେ ଭୁଞ୍ଜେ ପେଟୁ ସରଦାର ।
ଦେଉଳେ ଯାହାର ଆନନ୍ଦ ବଜାର ପଙ୍ଗତ ଜାତି ଅଜାତିର
ରଥରେ ଯାହାର ଛେରାପହଁରା ରାଜା ଚଣ୍ଡାଳ ବେଶର ।
ଦାଣ୍ଡ ଯାହାର ବଡ଼ଦାଣ୍ଡର ପାଚେରୀ ମେଘନାଦର
ଦୁଆର ଯାହାର ସିଂହ ଦୁଆର ସମ୍ମୁଖେ ଗରୁଡ଼ ସ୍ତମ୍ଭର ।
ଅଭଡ଼ା ଯାହାର ମହାପ୍ରସାଦ ଶୁଖି ହୁଏ ନାମ ନିରିମାଇଲର
ଯୁଦ୍ଧେ ଥିଲା ଯାଇ ବାଟେ ଦହି ଖାଇ ରତ୍ନ ମୁଦି ବନ୍ଧା ଦେଇ
ପିନ୍ଧାଇ ଥିଲା ଦିନେ ବିଜୟ ଟୀକା ରାଜନର
ଭକତ ନଡ଼ିଆ ନେଲା ଉଠାଇ ଖଣ୍ଡିଆ ହାତର ।
ନୀଳଚକ୍ର ପତିତପାବନ ବାନା ଉଡ଼େ ଫରଫର
ବରଷକେ ଥରେ ଭୁଲେନି ଯିବାକୁ ଜନମ ମାଟିର ।
ତିନି ରଥେ ଭାଇ ଭଉଣୀ ନେଇ ଯାଏ ଗୁଣ୍ଡିଚା ଦୁଆର
ଭକ୍ତ ସାଲବେଗ ସଙ୍ଗୀତ ଯାହାର ପ୍ରିୟ ଶରଧା ବାଲିର ।
ଲକ୍ଷ୍ମୀ ଠାକୁରାଣୀ ରାଗେ ଗରଗର ହେରାପଞ୍ଚମୀର
ରତ୍ନସିଂହାସନେ ବାଇଶି ପାହାଚେ ଚକାଡୋଳା କଳା ମଚମଚ
ଘୁରି ବୁଲୁ ଥାଏ ପାପପୁଣ୍ୟ ଦେଖି ଦଣ୍ଡବିଧାନେ ଲଗାଏ ମାର ପେଞ୍ଚ ।
ଦେଉଳେ ଆସଇ ଫେରି ରଥ ଯାତରା ସାରି କାଳିଆ ହରି
ସେଇ ସେ ଠାକୁର ଆରାଧ ଦେବତା ଉତ୍କଳର
ଚକା ଆଖିକୁ ସୁମରି ଦୁରୁ କରୁଛି ଜୁହାର ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର

# ଭଟଲିର ଦଧିବାମନ ବିଷ୍ଣୁ

ଡକ୍ଟର ଉଦ୍ଧବ ଚରଣ ନାୟକ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ ବା ରଥଯାତ୍ରା ଓଡ଼ିଶାର ନିଜସ୍ୱ ମହୋତ୍ସବ । ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ରଥଯାତ୍ରା ମହାସମାରୋହରେ ପାଳିତ ହୁଏ । ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ମା' ସୁଭଦ୍ରା ରଥରେ ବିଜେ କରନ୍ତି । ରଥ ମନ୍ଦିରରୁ ଗୁଣ୍ଡିଚା ଘରଯାଏ ଗତି କରେ । ଜୀଉମାନେ ନଅ ଦିନ ଗୁଣ୍ଡିଚା ଘରେ ବା ମାଉସୀମା ଘରେ ରହି ମନ୍ଦିରକୁ ଫେରନ୍ତି । ଫେରିବା ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ । ଏହା ରଥଯାତ୍ରାର ପରମ୍ପରା ।

ବରଗଡ଼ ଜିଲ୍ଲାର ଭଟଲି ଓ ଭେଡ଼େନରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ - ସେଥିରେ ଦଧିବାମନ ବିଷ୍ଣୁ ରଥରେ ବିଜେ କରନ୍ତି । ଭଟଲିର ଦଧିବାମନ ଜୀଉଙ୍କ ରଥଯାତ୍ରା ବଡ଼ ପ୍ରସିଦ୍ଧ । ଏଠାରେ ହଜାର ହଜାର ଯାତ୍ରୀଙ୍କର ସମାବେଶ ଘଟେ । ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ । ଭଟଲି ରଥଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଗ୍ରହ ରଥରେ ବିଜେ କରନ୍ତି ନାହିଁ । ବରଗଡ଼ଠାରୁ ମାତ୍ର ଊଣେଇଶ କିଲୋମିଟର ଦୂରରେ ଭଟଲି ଅବସ୍ଥିତ । ଏଠାରେ ଦଧିବାମନ ବିଷ୍ଣୁଙ୍କର ଏକ ବର୍ଣ୍ଣାଢ଼୍ୟ ମନ୍ଦିର ରହିଛି । ଏହି ମନ୍ଦିର ଗାତ୍ରରେ ପୁରାଣର କଥା ବସ୍ତୁକୁ ନେଇ ଅନେକ ଚିତ୍ର ଅଙ୍କନ କରାଯାଇଛି । ଭଟଲିରେ ବିଜେ ଦଧିବାମନ ବିଷ୍ଣୁଙ୍କ ସମ୍ପର୍କରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ ।

ଗାଙ୍ଗପୁର ଏକ ପୂର୍ବତନ ଗଡ଼ଜାତ ରାଜ୍ୟ । ବର୍ତ୍ତମାନ ଏହା ଆଧୁନିକ ସୁନ୍ଦର ଗଡ଼ ଜିଲ୍ଲା ଅନ୍ତର୍ଭୁକ୍ତ । ପ୍ରାୟ ଦେଢ଼ଶହ ବର୍ଷ ତଳେ ଗାଙ୍ଗପୁର ରାଜ୍ୟରେ ପରମାନନ୍ଦ ସାହୁ ନାମରେ ଜଣେ ଧର୍ମପ୍ରାଣ ବ୍ୟକ୍ତି ପରିବାର ସହ ବାସ କରୁଥିଲେ । ତାଙ୍କ ପରିବାର କହିଲେ ସେ, ତାଙ୍କ ସ୍ତ୍ରୀ, ତାଙ୍କ ପୁଅ ଓ ପୁତ୍ରବଧୂ । ପୁତ୍ର ବଧୂର ନାମ କମଳା । ପରମାନନ୍ଦଙ୍କ ଘରେ କାଷ୍ଠ ନିର୍ମିତ ଦଧିବାମନ ବିଷ୍ଣୁ ପୂଜା ପାଉଥିଲେ । ୧୯୦୦ ମସିହାର କଥା । ଏହି ବର୍ଷ ଗାଙ୍ଗପୁର ରାଜ୍ୟରେ ଭୀଷଣ ମରୁଡ଼ି ପଡ଼ିଲା । ପରମାନନ୍ଦ ଉପାୟ ନପାଇ ପରିବାର ସହ ଗାଙ୍ଗପୁର ତ୍ୟାଗ କଲେ । ସଙ୍ଗରେ ଆଣି ଆସିଲେ ମହାପ୍ରଭୁ ଦଧିବାମନ ବିଷ୍ଣୁଙ୍କର କାଷ୍ଠ ନିର୍ମିତ ବିଗ୍ରହକୁ । କାରଣ ସେ ତାଙ୍କର କୁଳ ଦେବତା । ପରମାନନ୍ଦ



ସପରିବାରେ ଆସି ପହଞ୍ଚିଲେ ବରଗଡ଼ ରାଜ୍ୟରେ । ଭଟଲି ଗ୍ରାମକୁ ଯାଇ ସେଠାରେ ଘରଦ୍ୱାର କରି ରହିଲେ । ବ୍ୟବସାୟ କରି ପରିବାର ଚଳାଇଲେ । ଆସ୍ତେ ଆସ୍ତେ ତାଙ୍କର ଧନ ବଢ଼ିଲା । ଜମିବାଡ଼ି କିଣିଲେ । ପରମାନନ୍ଦ ଧାର୍ମିକ ବ୍ୟକ୍ତି ଭାବରେ ଚାରିଆଡ଼େ ପ୍ରସିଦ୍ଧି ଲାଭ କଲେ । ଲୋକେ ତାଙ୍କୁ ଗାଁର ମୁଖିଆ ବା ପ୍ରଧାନ କରିଦେଲେ । ଗାଁରେ ଥିବା ଠାକୁରଙ୍କ ସମ୍ପତ୍ତିବାଡ଼ି ଓ ଜମିବାଡ଼ି ପରମାନନ୍ଦଙ୍କ ଦାୟିତ୍ୱରେ ରହିଲା । ଗାଁକୁ ଆସୁଥିବା ଅତିଥି, ଅଭ୍ୟାଗତ, ସାଧୁସନ୍ଥ ଓ ଅନ୍ୟାନ୍ୟ ଆଗନ୍ତୁକମାନଙ୍କର ଖର୍ଚ୍ଚ ବହନ ପାଇଁ ଗାଁଲୋକେ ଏହିସବୁ ଜମିବାଡ଼ି ଖଞ୍ଜି ଦେଇଥିଲେ । ଏମିତି କିଛି ଦିନ ବିତିଗଲା । ବରଗଡ଼ ଅଞ୍ଚଳରେ ଲାଗ ଲାଗ ଦୁଇ ତିନି ବର୍ଷ ଦୁର୍ଭିକ୍ଷ ପଡ଼ିଲା । ପରମାନନ୍ଦଙ୍କର ଜମିବାଡ଼ି ସମେତ ଠାକୁରଘର ଜମିବାଡ଼ି ସବୁ ଉଠିଗଲା । ଫଳରେ ପରମାନନ୍ଦ ବଡ଼ ଦୁଃଖରେ କାଳ କାଟିବାରେ ଲାଗିଲେ । କାରଣ ଜମି ଚାଷ ବ୍ୟତୀତ ଆୟ ନିମନ୍ତେ ତାଙ୍କର ଅନ୍ୟ କୌଣସି ପନ୍ଥା ନଥିଲା ।

ଏହିପରି ଅଭାବ ଅନଟନ ସମୟରେ ଆଉ ଗୋଟିଏ ଘଟଣା ଘଟିଲା । ଦିନକର କଥା । କେଉଁଆଡୁ ଦଳେ ସନ୍ନ୍ୟାସୀ ଭଟଲିରେ ଆସି ପହଞ୍ଚିଲେ । ପରମାନନ୍ଦଙ୍କ ଘର ସାମନାରେ ବସି ଖାଇବା ନିମନ୍ତେ ଜିଦ୍ ଧରି ବସିଲେ । ଘରେ କିଛି ନାହିଁ । ଅତିଥିମାନଙ୍କୁ କ'ଣ ଖାଇବାକୁ ଦେଇ ସତ୍କାର କରିବେ ? ପରମାନନ୍ଦ ଓ ତାଙ୍କ ସ୍ତ୍ରୀ ବଡ଼ଚିନ୍ତାରେ ପଡ଼ିଲେ । ଅତିଥି ଦେବତାମାନେ ଘରୁ ଖାଲି ପେଟରେ ଫେରିଗଲେ ପାପ ହେବ । କିଛି ଉପାୟ ନପାଇ ପରମାନନ୍ଦ ସନ୍ନ୍ୟାସୀମାନଙ୍କୁ ଘରେ ବସେଇ ଦେଇ ପ୍ରଭୁ ଦଧିବାମନଙ୍କ ନାମ ଜପ କରି କରି ଘରୁ ବାହାରି ଗଲେ । କୌଣସି ବଡ଼ଲୋକଙ୍କୁ ଭେଟି ଖାଇବା ଜିନିଷ ଆଣିବା ପାଇଁ ପରମାନନ୍ଦ ମନେ ମନେ ଠିକ୍ କଲେ । ସେ ତରବରରେ ଯାଇ ପାଖ ଗାଁରେ ପହଞ୍ଚିଲେ । ହେଲେ ସେ କାହାକୁ କ'ଣ କହିବେ, କେମିତି ମାଗିବେ ? ଏଇ ଚିନ୍ତାରେ ସେ ବୁଲୁଛନ୍ତି । ମୁଣ୍ଡରେ କିଛି ଉପାୟ ଢୁକୁ ନାହିଁ ।

ଏଣେ ତାଙ୍କ ଘରେ ଗୋଟିଏ ଅପୂର୍ବ ଘଟଣା ଘଟିଲା । ପରମାନନ୍ଦ ଘର ଛାଡ଼ିବାର କିଛି ସମୟ ପରେ ପରମାନନ୍ଦଙ୍କ ପରି ଅବିକଳ ଜଣେ ଲୋକ ତାଙ୍କ ଘରେ ଯାଇ ପହଞ୍ଚିଲେ । ତାଙ୍କ ସ୍ତ୍ରୀକୁ ଡାକିଲେ । ଆଉ ସ୍ତ୍ରୀଙ୍କ ହାତରେ ଗୋଟିଏ ଚାବିକାଠି ଧରେଇ ଦେଇ କହିଲେ, 'ହଁ ହଁ, ମୋର ମନେ ପଡ଼ିଗଲା । ଏଇ ନିଅ ଏଇ ଚାବି । ଅମାର ଘର ଖୋଲିବ । ମୁଁ କାଲି କିଛି ଖାଦ୍ୟ ଜିନିଷ ଆଣି ରଖିଥିଲି । ତାକୁ ବାହାର କରିବ । ଆଉ ସେଥିରେ ଅତିଥିମାନଙ୍କର ସେବା କରିବ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି ।' ଏମିତି ପରମାନନ୍ଦଙ୍କ ପରି କହି ଲୋକଟି ବଡ଼ ତରତରରେ ପରମାନନ୍ଦଙ୍କ ଘର ଛାଡ଼ିଲେ । ପରମାନନ୍ଦଙ୍କ ସ୍ତ୍ରୀ ଘର ଖୋଲିଲେ । ବଡ଼ ଆଶ୍ଚର୍ଯ୍ୟ କଥା ଏ କ'ଣ ? ଘରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇ ଥୁଆ ହୋଇଛି । ପରମାନନ୍ଦଙ୍କ ସ୍ତ୍ରୀ ଏକଥା କିଛି ବୁଝିପାରିଲେ ନାହିଁ । ଶାଶୁ ବୋହୂ ମିଶି ସନ୍ନ୍ୟାସୀମାନଙ୍କୁ ମନ ଭରିଖାଇବାକୁ ଦେଲେ । ସନ୍ନ୍ୟାସୀମାନେ ମନଖୁସିରେ ଖାଇ ପେଟ ଆଉଁଶି ଆଉଁଶି ଚାଲିଗଲେ ।

ସନ୍ନ୍ୟାସୀମାନେ ତାଙ୍କ ଘରୁ ଚାଲିଯିବାର କିଛି ସମୟ ପରେ ପରମାନନ୍ଦ ବୁଲି ବୁଲି ଘରେ ଆସି ପହଞ୍ଚିଲେ । ମୁହଁ କଳା ପଡ଼ିଯାଇଛି । ଦେହରେ ଝାଳ । ମୁଣ୍ଡରେ ହାତ ଦେଇ କଚାଡ଼ି ହୋଇ ବସିପଡ଼ିଲେ । ବଡ଼ଦୁଃଖରେ ସ୍ତ୍ରୀଙ୍କୁ କହିଲେ, 'ବୁଝିଲ ! ଅତିଥିମାନଙ୍କର ସେବା ପାଇଁ ବୁଲି ବୁଲି କେଉଁ ଆଡୁ କିଛି ପାଇଲି ନାହିଁ । ଅତିଥିମାନେ ମୋ ଘରୁ ଖାଲି ପେଟରେ ଚାଲିଗଲେ ନା ? ଜାଣିଛ ନା ଏଥିରେ ଆମର ବହୁତ କ୍ଷତି ହେବ ।' ସ୍ତ୍ରୀ କହିଲେ, 'ତୁମେ ଏମିତି କ'ଣ କହୁଛ ? ତୁମେ ପରା ମଝିରେ ଆସିଥିଲ । ମୋତେ ଅମାର ଘର ଚାବିକାଠି ଦେଇ କହିଗଲ, ଯେ ଅମାର ଘରେ ଯେଉଁ ସବୁ ଖାଇବା ଜିନିଷ ଅଛି ତାହା ସନ୍ନ୍ୟାସୀମାନଙ୍କୁ ଦେଇ ସନ୍ତୁଷ୍ଟ କରିବ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି । ତୁମେ ତ ତରବର ହୋଇ ଚାଲିଗଲ । ମୁଁ ଘରର ଚାବି ଖୋଲିଲି । ଦେଖିଲା ବେଳକୁ - ନାନା ରକମର ସୁସ୍ୱାଦୁ ଖାଇବା ଜିନିଷ ଥୁଆ ହୋଇଛି । ବାସ୍, ସେଇସବୁ ଖାଦ୍ୟ ସନ୍ନ୍ୟାସୀମାନଙ୍କୁ ଖାଇବା ପାଇଁ ଦେଲି । ସେମାନେ ମନଖୁସିରେ ଖାଇପିଇ ଚାଲିଗଲେ । ମୁଁ ସେତେବେଳେ ଭାବି ପାରିଲି ନାହିଁ ଯେ, ଆମ ଘରକୁ ଏସବୁ ଖାଦ୍ୟ ପଦାର୍ଥ ଆସିଲା କେମିତି ? ହେଲେ ତୁମର କ'ଣ କିଛି ମନେ ନାହିଁ ? ତମେ ଏମିତି କିଆଁ ହେଉଛ ? ମୁଁ ତ ତୁମ କଥା କିଛି ବୁଝିପାରୁ ନାହିଁ ।' ପରମାନନ୍ଦଙ୍କ ସ୍ତ୍ରୀ ଏମିତି କଥା ବାରମ୍ବାର କହୁଥାଆନ୍ତି ।

ପରମାନନ୍ଦ ଭକ୍ତ । ସେ ସବୁକଥା ହୃଦୟଙ୍ଗମ କଲେ । ସେ ଠିକ୍ ଭାବରେ ଜାଣିପାରିଲେ ଏ ହେଉଛି ମାୟାଧରର ମାୟା । ସେ ଆନନ୍ଦରେ ବିଭୋର ହୋଇ କାନ୍ଦି ଉଠିଲେ । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହିବାରେ ଲାଗିଲା । ତା' ପରେ ସେ ପିଲାଙ୍କ ପରି ଭେଁ ଭେଁ କରି କାନ୍ଦି ସ୍ତ୍ରୀଙ୍କ ଗୋଡ଼ ତଳେ ଲୋଟି ଯାଇ କହିଲେ, 'ତୁମେ ହେଉଛ ମହାନ୍ ଭାଗ୍ୟବତୀ ! ତୁମେ ପୂର୍ବ ଜନ୍ମର ତପସ୍ୟା ବଳରେ ସ୍ୱୟଂ ଭଗବାନ ଦଧିବାମନଙ୍କର ଦର୍ଶନ ଲାଭ କଲ । ତୁମେ ଧନ୍ୟ, ତୁମେ ଧନ୍ୟ ।' ତା'ପରେ ପରମାନନ୍ଦ ସବୁକଥା କହିଲେ । ତାଙ୍କର ସ୍ତ୍ରୀ ଜାଣିପାରିଲେ ଯେ ପ୍ରକୃତରେ ତାଙ୍କ ସ୍ୱାମୀ ପରମାନନ୍ଦ ଚାବି ଦେବାକୁ ଆସିନଥିଲେ କି କିଛି କହି ନଥିଲେ । ସେମାନେ ଜାଣିପାରିଲେ ସ୍ୱୟଂ ଭଗବାନ ଅଖିଳବିହାରୀ ଦଧିବାମନ ତାଙ୍କ ଘରକୁ ଆସି ସେମାନଙ୍କୁ ସଂକଟରୁ ଉଦ୍ଧାର କରିଥିଲେ । ସେହି ଦିନଠାରୁ ପରମାନନ୍ଦଙ୍କ ଘରେ ନାନା ଆଧାତ୍ମିକ ପରିବର୍ତ୍ତନ ଦେଖା ଦେଲା । ବୋହୂ କମଳା ଆହୁରି ଅଧିକ ଭକ୍ତି ସହକାରେ ଘରର ଇଷ୍ଟ ଦେବ ଦଧିବାମନଙ୍କର ପୂଜା କଲେ । ପୂରାପୂରି ସେ ମୀରାବାଈଙ୍କ ପରି ଦଧିବାମନଙ୍କ ପାଖରେ ନିଜକୁ ଅର୍ପଣ କରି ଦେଲେ । ଏଇମିତି ଆନନ୍ଦ ଓ ସୁଖରେ କିଛିଦିନ ବିତିଗଲା ।

ପରମାନନ୍ଦ ଗୋଟିଏ ଅଲଗା ଚାଳ ଛପର ଘରେ ମହାପ୍ରଭୁ ଦଧିବାମନଙ୍କ କାଷ୍ଠ ପ୍ରତିମାକୁ ରଖି ପୂଜା କରିବାରେ ଲାଗିଲେ । କମଳା ସର୍ବଦା ପ୍ରଭୁଙ୍କର ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଲେ ହେଲେ ଏ କ'ଣ ହେଲା ? ହଠାତ୍ ଦିନେ ସେଇ ଠାକୁର ଘରେ ନିଆଁ ଲାଗିଗଲା । ନିଆଁ ଏମିତି ହୁ ହୁ ହୋଇ ଜଳୁଥାଏ ଯେ ଠାକୁରଙ୍କ ପ୍ରତିମାକୁ କେହି ଉଦ୍ଧାର କରିବାକୁ ସକ୍ଷମ ହୋଇପାରିଲେ ନାହିଁ । କିନ୍ତୁ କମଳା ନାରୀ ହେଲେ ବି ତା'ର ଆରାଧ ଦେବତା ପ୍ରଭୁ ଦଧିବାମନଙ୍କୁ ରକ୍ଷା କରିବା ପାଇଁ ଅଣ୍ଟା ଭିଡ଼ିଲା । ସେ କାହାରି କଥା ଶୁଣିଲା ନାହିଁ । ନିଜ ଜୀବନକୁ ପାଣି ଛଡ଼େଇ ନିଆଁ ଭିତରକୁ ପଶିଗଲା । ହେଲେ ଆଉ ଫେରିଲା ନାହିଁ । ଘରଟି ନିମିଷକ ଭିତରେ ପୋଡ଼ି ପାଉଁଶ ହୋଇଗଲା । ବଡ଼ ଆଶ୍ଚର୍ଯ୍ୟର କଥା । ପ୍ରଭୁଙ୍କ ମୂର୍ତ୍ତିର କୌଣସି ଅଂଶ ବା କମଳାର ଦେହାବଶେଷ ପାଉଁଶ ଭିତରୁ ମିଳିଲା ନାହିଁ । ଗ୍ରାମବାସୀମାନେ ବିଶ୍ୱାସ କଲେ ଯେ କମଳା ପୂରାପୂରି ପ୍ରଭୁଙ୍କ ସହିତ ଲୀନ ହୋଇଗଲା । ଏଥିରେ ପରମାନନ୍ଦଙ୍କର ପରିବାର ଦୁଃଖରେ ଭାଙ୍ଗି ପଡ଼ିଲେ ।

ରାତିରେ ପରମାନନ୍ଦ ଦେଖିଲେ ଏକ ଅଦ୍ଭୁତ ସ୍ୱପ୍ନ । ପ୍ରଭୁ ଦଧିବାମନ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଛନ୍ତି । ଆଉ କହୁଛନ୍ତି, 'ପରମାନନ୍ଦ ! ତୁମର ପୁତ୍ରବଧୂ କମଳା ମୋ ଦେହରେ ଲୀନ ହୋଇଗଲା । ଗୋଟିଏ କାଠଗଣ୍ଡି କାଲି ସକାଳୁ ତୁମ ଗାଁ ପୋଖରୀ 'ଚକ୍ରବନ୍ଧ'ରେ ଆସି ଲାଗିବ । ତୁମେ ସେଇ କାଠକୁ ଆଣି କମଳା ଓ ମୋର ପ୍ରତିମା ତିଆରି କରିବ । ଗାଁରେ ଗୋଟିଏ ମନ୍ଦିର ତିଆରି କରି ସେହି କାଠ ପ୍ରତିମା ଦୁଇଟିକୁ ସେଠାରେ ସ୍ଥାପନ କରି ଦୈନିକ ପୂଜା ଅର୍ଚ୍ଚନା କରିବ । ଏଥିରେ ତୁମର ମଙ୍ଗଳ ହେବ । ତୁମ ଗ୍ରାମବାସୀମାନଙ୍କର ବହୁତ ମଙ୍ଗଳ ହେବ ।' ପରମାନନ୍ଦ ସକାଳୁ ଉଠି ନିଜ ପରିବାର ଓ ଗ୍ରାମବାସୀମାନଙ୍କୁ ସ୍ୱପ୍ନ ବୃତ୍ତାନ୍ତ କହିଲେ । କାଳବିଳମ୍ବ ନକରି ସକାଳୁ ସକାଳୁ ଗ୍ରାମବାସୀମାନେ 'ଚକ୍ରବନ୍ଧ' କୂଳରେ ଯାଇ ଉପସ୍ଥିତ ହେଲେ । ଦେଖିଲେ ସତକୁ ସତ ଖଣ୍ଡିଏ କାଠଗଣ୍ଡି ପୋଖରୀର ଆର ପଟରେ ଭାସୁଛି । ପରମାନନ୍ଦ ପୋଖରୀ କୂଳରେ ହାତଯୋଡ଼ି ଠିଆ ହୋଇଛନ୍ତି । ଏ କ'ଣ ସେ ଠିଆ ହୋଇଥିବା ଦିଗକୁ କାଠ ଗଣ୍ଡିଟି ଧୀରେ ଧୀରେ ମୁହାଁଇଲା । ପରମାନନ୍ଦ ମଧ୍ୟ ଧୀରେ ଧୀରେ ପାଣିରେ ପଶିଲେ । ବେକକ ପାଣିରେ ଠିଆ ହୋଇଛନ୍ତି କାଠଗଣ୍ଡିଟି ଦ୍ରୁତ ଗତିରେ ତାଙ୍କ ଆଡ଼କୁ ଭାସି ଆସିଲା । ପରମାନନ୍ଦ ଗଭୀର ଆବେଗରେ କାଠଗଣ୍ଡିଟିକୁ କୁଣ୍ଢାଇ ଧରି ଖୁବ୍ ଉଚ୍ଚ ସ୍ୱରରେ କହି ଉଠିଲେ, 'ହେ ପ୍ରଭୁ ଦଧିବାମନ ! ହେ ମୋର ମା' କମଳା ! ତୁମେ ଦୁହେଁ ଆସିଛ ପ୍ରଭୁ !! ତାଙ୍କ ଆଖିରୁ ଆନନ୍ଦର ଲୁହ ବୋହି ପଡ଼ିଲା । କୂଳରେ ଉପସ୍ଥିତ ଥିବା ଗ୍ରାମବାସୀମାନେ ହରିବୋଲ ହୁଳହୁଳି ଧ୍ୱନିରେ ଗଗନ ପବନ କମ୍ପାଇ ଦେଲେ । ଲୋକମାନଙ୍କ ମନରେ ନାହିଁ ନଥିବା ଆନନ୍ଦ ।

ସେହି କାଠରେ ଅତି ସୁନ୍ଦର ଭାବରେ ମହାପ୍ରଭୁ ଦଧିବାମନ ଓ ମା' କମଳାଙ୍କର ଦୁଇଟି ମୂର୍ତ୍ତି ନିର୍ମାଣ କରାଗଲା । ମୂର୍ତ୍ତି ଦୁଇଟି ଖୁବ୍ ମନଲୋଭା ଗ୍ରାମବାସୀମାନେ ଅକୁଣ୍ଠିତ ଚିତ୍ତରେ ମନ୍ଦିର ନିର୍ମାଣ ପାଇଁ ଟଙ୍କା ପଇସା ଦାନ କଲେ । ଲୋକମାନେ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରି ମନ୍ଦିର ନିର୍ମାଣ କଲେ ଅଳ୍ପ ଦିନ ଭିତରେ ଗଗନସ୍ପର୍ଶୀ ମନ୍ଦିର ନିର୍ମାଣ ହୋଇଗଲା । ମହାସମାରୋହରେ ଦୁଇଟି ଯାକ ମୂର୍ତ୍ତିଙ୍କୁ ସେହି ମନ୍ଦିରରେ ସ୍ଥାପନ କରାଗଲା । ପ୍ରଭୁଙ୍କ ନିର୍ଦ୍ଦେଶରେ ସେଠାରେ ରନ୍ଧା ଅନ୍ନ ଭୋଗ ପ୍ରସାଦ ହୁଏ ନାହିଁ । ଦୈନିକ ବାଲଭୋଗ ପ୍ରସାଦ ପ୍ରଭୁଙ୍କୁ ସର୍ମପଣ କରାଯାଏ । ସେହି ମହାମହିମ ମହାପ୍ରଭୁଙ୍କର ରଥଯାତ୍ରା ଏଠାରେ ଅନୁଷ୍ଠିତ ହୁଏ । ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ହୋଇ ପ୍ରଭୁଙ୍କର ରଥକୁ ଟାଣି ଏକ ମାଇଲ ଦୂରରେ ଥିବା ମାଉସୀ ଘରକୁ ନେଇ ଯାଆନ୍ତି । ଧନ୍ୟ ମହାପ୍ରଭୁ, ଧନ୍ୟ ତୁମର ମହିମା !

ସାଇ ଦିଗ୍‌ବଳୟ
ଇ-୬୫, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

---

# ଜଗନ୍ନାଥ ଯାହାର ଠାକୁର

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

ଜଗନ୍ନାଥ ଯେଉଁ ଜାତିର ଆରାଧ୍ୟ ଦେବତା
ସେ ଜାତି ଅନାଥ ହୋଇପାରେ ନାହିଁ
କିଏ କହେ ପଛୁଆ ଏ ରାଜ୍ୟ
କିଏ କହେ ଦରିଦ୍ର ଏ ଜାତି
ମିଥ୍ୟା କଥା ଆଉ କୁହ ନାହିଁ ଭାଇ ।

ରତ୍ନଗର୍ଭା ଅଟେ ଏ ଉତ୍କଳ
ମନ୍ଦିର ତା' ଶ୍ରୀମନ୍ଦିର
ଠାକୁର ତା' ନିଜେ ଜଗନ୍ନାଥ
ସାଗର ତା' ମହୋଦଧି
ଶମଶାନ ନାମ ସ୍ୱର୍ଗଦ୍ୱାର
ଦାଣ୍ଡ ପୁଣି ଅଟେ ବଡ଼ଦାଣ୍ଡ ।

ନଦୀ ତା'ର ମହାନଦୀ
ପର୍ବତର ନାମ ମେଘାସନ
ହ୍ରଦ ତା' ଚିଲିକା ହ୍ରଦ
କ୍ଷେତ୍ର ଅଟେ ପୁରୁଷୋତ୍ତମ

କଳାଘୋଡ଼ା ଧଳା ଘୋଡ଼ା ଚଢ଼ି
ଜଗନ୍ନାଥ ବଳଭଦ୍ର ବେନି ଭାଇ
ଯାଇଥିଲେ କାଞ୍ଚି ଅଭିଯାନେ
ଏ ଜାତିର ମାନ ରକ୍ଷା ପାଇଁ ।

ଭକତ ବତ୍ସଳ ପ୍ରଭୁ
ଭକ୍ତ ଅଟେ ତାଙ୍କରି ଜୀବନ
ଦାସିଆ, ସାରିଆ ଆଉ ସାଲବେଗ
କବି ଜୟଦେବ, ଦାସ ଜଗନ୍ନାଥ
କରିଥିଲେ ଏ ଭୂମି ମଣ୍ଡନ
ଛୋଟିଆ ନୁହେଁ ଏ ଜାତି
ବଡ଼ ଠାକୁର ସହାୟ ତାହାର
ହୀନ ମନ୍ୟତା କରି ପରିତ୍ୟାଗ
ଉଠ ଉଠ ଉତ୍କଳ କୁମର ।

ବିଧାୟକ, ମାହାଙ୍ଗା

# କାନ୍ତ ସାହିତ୍ୟରେ ଜଗନ୍ନାଥ ଚେତନା



ଗୁରୁକଲ୍ୟାଣ ମହାପାତ୍ର

**ଶ୍ରୀ**ଜଗନ୍ନାଥ କେବଳ ଓଡ଼ିଆ ବା ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ନୁହନ୍ତି, ସମଗ୍ର ବିଶ୍ୱରେ ଓ ସକଳ ଧର୍ମାବଲମ୍ବୀଙ୍କ ନିକଟରେ ସମ୍ଭବତଃ ସେ ହେଉଛନ୍ତି ସର୍ବାଧିକ ଚିତ୍ତାକର୍ଷକ ଦେବତା । ତାଙ୍କର ରଥଯାତ୍ରା ସେଥିପାଇଁ ହୁଏ ତ ଶ୍ରୀକ୍ଷେତ୍ର ପ୍ରସିଦ୍ଧ ନହୋଇ ବିଶ୍ୱପ୍ରସିଦ୍ଧ । ଜଗନ୍ନାଥଙ୍କ ଲାଗି ସତେ ଯେପରି ଧର୍ମର ସୃଷ୍ଟି, ଆଉ ତାଙ୍କୁ ନେଇ କିମ୍ବା ତାଙ୍କର ଧର୍ମ ବା ଧାମକୁ ଭିତ୍ତିକରି ଯେଉଁ ସାହିତ୍ୟ ଆମର ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ମନୋମୁଗ୍ଧକର, ଋଦ୍ଧିମନ୍ତ ଓ ସମୃଦ୍ଧ । ଅନ୍ୟାନ୍ୟ ସାହିତ୍ୟରେ ଏପରି ହୁଏତ ଘଟି ନାହିଁ । ପ୍ରାଚୀନ କାଳରେ ଆମ ସାହିତ୍ୟରେ ଭକ୍ତି ହିଁ ପ୍ରାଧାନ୍ୟ ବିସ୍ତାର କରିଥିଲା - ପରବର୍ତ୍ତୀ କାଳରେ ଦେଶଭକ୍ତି କିନ୍ତୁ ଆମ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ଆଶ୍ଚର୍ଯ୍ୟର କଥା ଯେ ଉଭୟ ଭକ୍ତି ଓ ଦେଶଭକ୍ତିମୂଳକ ସାହିତ୍ୟ ସର୍ଜନା କରି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଶା ମାଟିରେ ସ୍ୱତନ୍ତ୍ର ଭାବରେ ତାଙ୍କର ସ୍ଥାନ ରଖିଯାଇଛନ୍ତି । ତାଙ୍କର ବିପୁଳ ସୃଷ୍ଟି ସଂପଦ ମଧ୍ୟରୁ ଜଗନ୍ନାଥ ଚେତନାର ମହକ ଅନୁଭବ କରି, ସ୍ୱତନ୍ତ୍ର ଭାବେ ପୂର୍ବରୁ ପ୍ରାୟ ଆଲୋଚନା ହୋଇନାହିଁ । ସୁତରାଂ ସେ ଦିଗରେ ଏହି ଲେଖାଟି ସାମାନ୍ୟ ପ୍ରୟାସ ମାତ୍ର ।

କଟକ ସହର ଅନ୍ତର୍ଗତ ବାଖରାବାଦର ଧୂଆଁ ପତରିଆ ଗଳିରେ ୧୮୮୮ ମସିହା ଡିସେମ୍ବର ୯ ତାରିଖରେ ମାଣବସା ଗୁରୁବାର ଦିନ ଯେତେବେଳେ ସମସ୍ତେ ଘରେ ଘରେ ଲକ୍ଷ୍ମୀଙ୍କର ଆବାହନ କରୁଥିଲେ, ସେତିକିବେଳେ ଲକ୍ଷ୍ମୀକାନ୍ତଙ୍କର ସେଠାରେ ଆବିର୍ଭାବ ଘଟିଥିଲା । ପରିସ୍ଥିତିର ତାଡ଼ନାରେ ଜୀବନର ଅପରାହ୍ନରେ ଲକ୍ଷ୍ମୀକାନ୍ତ କେବଳ ରୋଗାକ୍ରାନ୍ତ ହୋଇ ନଥିଲେ, ଲକ୍ଷ୍ମୀଛଡ଼ା ମଧ୍ୟ ହୋଇଥିଲେ ।

ସେ ଯାହା ହେଉ, ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା ଭାବେ ପ୍ରତିଷ୍ଠିତ ହେବାର ବହୁପୂର୍ବରୁ ଲକ୍ଷ୍ମୀକାନ୍ତ ଗ୍ରାମବହୁଳ ଓଡ଼ିଶାର ଗାଁଗହଳରେ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ...' କିମ୍ବା 'ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା/ନାଚିବି ମୁଁ ଲଙ୍ଗଳା ହୋଇ ତୁ ତାଳିମାରି ଦେଖିବୁ ମଜା' ପରି ଭକ୍ତି ସଙ୍ଗୀତଗୁଡ଼ିକ ପାଇଁ ପ୍ରସିଦ୍ଧ ଥିଲେ । ପ୍ରାକ୍ ସ୍ୱାଧୀନତା କାଳରେ ମହାତ୍ମା ଗାନ୍ଧୀଙ୍କ 'ଆଶ୍ରମ ଭଜନ'ରେ ଓଡ଼ିଶାରୁ କେବଳ ଓଡ଼ିଆ ଭାଷାର ଏହି 'ସବୁଥିରୁ ବଞ୍ଚିତ କରି ...' ସଙ୍ଗୀତଟି ସ୍ଥାନ ପାଇଥିଲା । ସେହିପରି ଗ୍ରାମଫୋନ୍ ରେକର୍ଡ଼ ଆରମ୍ଭ ହେବାବେଳେ ଯେଉଁ ଅଳ୍ପ କେତେଗୋଟି ଓଡ଼ିଆ ସଙ୍ଗୀତର ରେକଡ଼ିଂ ହୋଇଥିଲା, ତନ୍ମଧ୍ୟରେ 'ଦେ ମୋତେ ବାଇଆ କରି ...' ସଂଗୀତଟି ଅତ୍ୟନ୍ତ ଲୋକପ୍ରିୟ ହୋଇ ଉଠିଥିଲା ବୋଲି ଶୁଣିବାକୁ ମିଳିଥାଏ । ଅଥଚ କାନ୍ତକବିଙ୍କ ରଚିତ ଏ ଦୁଇଟି ଲୋକପ୍ରିୟ ଭକ୍ତି ସଙ୍ଗୀତ ସମେତ 'ଜୀବନ ସଙ୍ଗୀତ'ରେ ରହିଛି ଆହୁରି ଅନେକ ରହସ୍ୟଘନ ଭକ୍ତିବିଭୋର ସଙ୍ଗୀତ, ଯେଉଁଥିରୁ ଜଗନ୍ନାଥ ଚେତନାର ସ୍ପର୍ଶ ମିଳିପାରିବ । 'ସବୁଥିରୁ ବଞ୍ଚିତ କରି' କିମ୍ବା 'ଦେ ମୋତେ ବାଇଆ କରି' ପରି ସଙ୍ଗୀତ ଦୁଇଟିକୁ ଜଗନ୍ନାଥଙ୍କ ଭକ୍ତମାନେ ଗାନ କରି ଅପାର ଆନନ୍ଦ ଅନୁଭବ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଥାଏ ।

'ଶ୍ରୀକ୍ଷେତ୍ର' କ୍ଷୁଦ୍ର କବିତାରେ କାନ୍ତକବି ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଚିରାଚରିତ ରୀତିରେ ପ୍ରତିପାଦିତ ନକରି ଭକ୍ତି ଓ ଦେଶଭକ୍ତିର ସମନ୍ୱୟରେ ସତେ ଯେପରିକି ଜଗନ୍ନାଥ ଚେତନାର ଏକ ନୂତନ ପରିଭାଷା ସୃଷ୍ଟି କରିଯାଇଛନ୍ତି । ନିମ୍ନଲିଖିତ ପଦ କତିପୟରୁ ତାହାର ସମ୍ୟକ ସୂଚନା ମିଳିଥାଏ । ଯଥା-

'ସେ କାଳ ଉତ୍କଳଗୌରବ ଭାସ୍କର,
ଗଜପତି-ଗୌଡେଶ୍ୱର-ବଂଶଧର ।
ତୋ'ର ତହିଁ ସ୍ୱାଧୀନତା-ବୈଜୟନ୍ତୀ,
ଉଡାଇ ରଖିଲେ ଅପୂର୍ବ କୀରତି ।
ସହସ୍ର ସହସ୍ର ତୀର୍ଥ ଯାତ୍ରୀଗଣ,
'ଜୟ ଜଗନ୍ନାଥ' କରି ଉଚ୍ଚାରଣ ।

ଗତ ବାଧାବିଘ୍ନ କରି ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା ।'

'ଜଗନ୍ନାଥ' ଶୀର୍ଷକ ଅନ୍ୟ ଏକ କବିତା କାନ୍ତକବି ରଚନା କରିଥିଲେ ଯାହା ତାଙ୍କର ତା.୭.୭.୧୯୨୮ ମସିହାର ଡାଏରୀ ପୃଷ୍ଠାରୁ ଉଦ୍ଧାର କରିଥିଲେ ତାଙ୍କର କନିଷ୍ଠ ପୁତ୍ର, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଗୌରଚନ୍ଦ୍ର ମହାପାତ୍ର । ଏହାକୁ ୧୯୯୫ ମସିହା ଜୁଲାଇ ସଂଖ୍ୟା 'ସଚିତ୍ର ବିଜୟା' ପତ୍ରିକାରେ ପ୍ରକାଶ କରିଥିଲେ ତତ୍କାଳୀନ ସଂପାଦକ, ସୁଲେଖକ ଶ୍ରୀ ଅଭୟ ସିଂ । ଦୁଃଖର କଥା, ଜଗନ୍ନାଥଙ୍କ ସାହିତ୍ୟର ଆଲୋଚନା କାଳରେ ଏହା ଉପରେ ଆମର ସାହିତ୍ୟ ସମାଲୋଚକମାନେ ମଧ୍ୟ ଆଲୋଚନା କରିନାହାନ୍ତି । କବିତାଟିର ଆରମ୍ଭ ଏହିପରି -

'ଶ୍ରୀକ୍ଷେତ୍ର ମହୋଦଧି କୂଳେ,
ବଡ଼ ଦେଉଳେ ନୀଳାଚଳେ,
ଭାଇଭଉଣୀ ଘେନି ସାଥ,
ବିଜେ କରିଛ ଜଗନ୍ନାଥ,
ଖଟିଛି ଛତିଶା ନିଯୋଗ,
ନିତି ଭୁଂଜୁଛ ରାଜ ଭୋଗ,
ଛପନ କୋଟି ଜୀବକୁଳ,
ଖାଳୁଛ ଆହେ ଆଦିମୂଳ,
ଟେକି ଦେଇଛ ଦୁଇ ବାହା,
ଗରିବ ଦୁଃଖୀଙ୍କର ସାହା,
x x x x
କାଳିଆ ରୂପ ମନୋରମ,
ଭକତ ଜନ ଗଣ୍ଠିଧନ ।
x x x x
ତୋ'ଠାରେ ଉଚ୍ଚନୀଚ ନାହିଁ,
ତୁ ଅଟୁ ଜଗତର ସାଇଁ ।
ଚଣ୍ଡାଳ କ୍ଷତ୍ରିୟ ବ୍ରାହ୍ମଣ,
ତୋ' ଧାମେ ସକଳ ସମାନ ।
x x x x

ଏହି କବିତାରେ ଜଗନ୍ନାଥଙ୍କ ମହିମା କେବଳ ବର୍ଣ୍ଣିତ ନୁହେଁ, ସେ କିପରି ଦୁଃଖୀ ଓ ଦରିଦ୍ର ଜନତାଙ୍କର ସାହାଭରସା, ତାହାକୁ କବି ଯଥାର୍ଥ ଭାବେ ଦର୍ଶାଇଛନ୍ତି । ପୁଣି ଉଚ୍ଚନୀଚ ଭେଦଭାବ ଜଗନ୍ନାଥଙ୍କ ନିକଟରେ ନାହିଁ ବୋଲି ସେ ପ୍ରତିପାଦିତ କରିଛନ୍ତି । ଏଥିରୁ କବିଙ୍କର ସଂସ୍କାରମୂଳକ ସାମ୍ୟବାଦୀ ଓ ପ୍ରଗତିଶୀଳ ଚିନ୍ତାଧାରାର ସ୍ପଷ୍ଟ ସୂଚନା ମିଳିଥାଏ । କେବଳ ମାର୍କ୍ସବାଦୀ ସାହିତ୍ୟରେ ନୁହେଁ, ଓଡ଼ିଆ ସାହିତ୍ୟର ଅନେକ ପ୍ରସିଦ୍ଧ ଲେଖକ ଲେଖିକାଙ୍କ ସୃଷ୍ଟିରେ ସର୍ବହରାଙ୍କ ପାଇଁ ରହିଛି ଦାବି ବା ନିବେଦନ ।

କାନ୍ତକବିଙ୍କ ରଚିତ 'ପତିତପାବନ ଜଣାଣ'ଟି ଅନ୍ୟତମ ସାର୍ଥକ ଓ ହୃଦୟସ୍ପର୍ଶୀ ସୃଷ୍ଟି । 'କ' ଅକ୍ଷରରୁ ଆରମ୍ଭ କରି 'କ୍ଷ' ଅକ୍ଷର ପର୍ଯ୍ୟନ୍ତ 'ଦୂତୀକର ଧରି ରହି' ବୃତ୍ତରେ ଲିଖିତ ଏହି ଚଉତିଶାଟି ପ୍ରଥମେ ଏକ ଚଟି ବହି ଆକାରରେ ଭଦ୍ରକର ଗୋପୀନାଥ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା, ସ୍ୱାଧୀନତାର ବହୁ ବର୍ଷ ପୂର୍ବେ । ଏବେ ଏହା ଦୁଷ୍ପ୍ରାପ୍ୟ । କବି ଦୀନକୃଷ୍ଣ ଦାସଙ୍କ ରଚିତ ଜଗନ୍ନାଥ ଚଉତିଶା ପରି ପ୍ରଥମେ ଏହା ମନେ ହେଲେ ମଧ୍ୟ ଉଭୟ ଆଶୟ (Form) ଓ ବିଷୟ (Content) ଦୃଷ୍ଟିରୁ ଏହା ସଂପୂର୍ଣ୍ଣ ଭିନ୍ନ ଧରଣର ଜଣାଣ ବୋଲି ଜଣାପଡ଼ିବ । ଜଣେ ସାଧାରଣ ଭକ୍ତର ଦୁଃଖ ଦୁର୍ଦ୍ଦଶା ଓ ନିସ୍ତାର ପାଇଁ ବ୍ୟାକୁଳ ପ୍ରାର୍ଥନା ଓ ଆର୍ତ୍ତି ଏଥିରେ ଅତି ସଫଳତାର ସହ ମନଛୁଆଁ ଭାବ ଓ ଭାଷାରେ ପ୍ରକଟିତ । ଏହାର ଆରମ୍ଭ ଏହିପରି -

'କରମ ବିପାକେ ପଡ଼ି କେଉଁ ଦୀନଜନ,
କାତରେ କାକୁସ୍ଥ ହୋଇ କରାଇ ଜଣାଣ ।
ପ୍ରଭୁ ହେ କି କହିବି ତୋତେ,
କେଉଁ କଥା ନ ଜାଣିଛୁ ଥାଇ ହୃଦଗତେ !'
x x x x

ପ୍ରଥମେ ଉହଳ ବିକଳ ହୋଇ ଜଣେ ଜଗନ୍ନାଥଙ୍କ ନିକଟରେ ଆର୍ତ୍ତି କରୁଛି ଓ ପରେ ଅଭିମାନ କରି ବିପ୍ଳବର ସ୍ଫୁଲିଙ୍ଗରେ ଉତ୍ତେଜିତ ହୋଇ ସ୍ୱର ଉତ୍ତୋଳନ କରୁଛି -

'ଜହର ନ ଦେଲ କିଆଁ ଜନନୀ ଜଠରେ,
ଜାତ କଲ ଏହି ହେତୁ କିମ୍ବା ଜଗତରେ ।
ପ୍ରଭୁ ହେ ଜୀବନଟା ଯାଉ,
ଜଳି ଜାଳି କୋହ ଦହ ହେବାକୁ ବିବାକ !'

କାନ୍ତକବି ଶେଷରେ ଆପଣାକୁ ସର୍ବହରାର ନାମ ବାଛି ନେବାକୁ ଶ୍ରେୟ ବୋଲି ମନେ କରି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସେଥିପାଇଁ ଲେଖିଛନ୍ତି -

'ସମର୍ପି ତୋହରିଠାରେ ମୋର ଯାହା କିଛି,
ସର୍ବହରା ନାମ ଆପେ ବାଛି ମୁଁ ନେଇଛି,
ପ୍ରଭୁ ହେ ସେହି ଆଣ୍ଟ ଧରି,
ସକଳ ସନ୍ତାପଯାକ ଦେଇଛି ପାଶୋରି ।'

ଶ୍ରୀମଦ୍ ଭଗବତ ଗୀତା ନିହିତ ଶାନ୍ତ, କାନ୍ତ ଓ ସ୍ଥିତପ୍ରଜ୍ଞ ଭାବ ହିଁ କବି ହୃଦୟକୁ ଆଚ୍ଛନ୍ନ କରିଛି । ସେଥିପାଇଁ ଏହି ପତିତପାବନ ଜଣାଣର ଅନ୍ତିମ ପଦରେ କାନ୍ତକବି ଗାଇଛନ୍ତି -

'କ୍ଷତି ନାହିଁ ଗଲାଣି ତ ଯାଉ ଏବେ ଜୀବ,
କ୍ଷୋଭ କରିବାକୁ ଆଉ କିଏ କାହିଁଥିବ,
ପ୍ରଭୁ ହେ କ୍ଷଣେ ନିଅ ହରି,
କ୍ଷମି ଏ କାନ୍ତର ଦିଅ ସବୁ ଅନ୍ତ କରି ।'

ଲକ୍ଷ୍ମୀକାନ୍ତ ଜୀବନର ଅପରାହ୍ଣରେ କାନ୍ତକବି ଭାବେ ପ୍ରତିଷ୍ଠିତ ହୋଇଥିଲେ ହେଁ ପରିସ୍ଥିତିର ତାଡ଼ନାରୁ ଲକ୍ଷ୍ମୀଛଡ଼ା ହୋଇ ଯାଇଥିଲେ ସିନା, 'ଲକ୍ଷ୍ମୀ ଚଣ୍ଡାଳୁଣୀ' ନାମକ ଏକ ଅଦ୍ୱିତୀୟ ନାଟକ ସେ ରଚନା କରିଥିଲେ - ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥଧାମକୁ ଆଧାର କରି । ୧୯୪୩ରେ ପ୍ରାକ୍ ସ୍ୱାଧୀନତା କାଳରେ ଏହି ନାଟକଟି ରଚନା କରାଯାଇଥିଲେ ହେଁ ପୁସ୍ତକାକାରରେ ଏହା ପ୍ରକାଶିତ ହୋଇଥିଲା ୧୯୫୮ ମସିହାରେ । ଏହି ପୁସ୍ତକର ସୂଚନାନୁଯାୟୀ ଜଣାଯାଇଥାଏ ଯେ ସେହି ନାଟକଟି ପ୍ରଥମେ ଗ୍ରାମଫୋନ୍ ରେକର୍ଡ଼ ପାଇଁ ଲିଖିତ ହୋଇଥିଲା । ତାହା ସମ୍ଭବ ନହେବାରୁ ନାଟକର ନବକଳେବର ଘଟିଥିଲା । ମାତ୍ର ରଙ୍ଗମଞ୍ଚରେ ତାହା ମଧ ମଞ୍ଚସ୍ଥ ହୋଇନଥିଲା । ଭାବ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହି ନାଟକଟି ପୁରାତନ ବୋଲି ମନେ ହେଲେ ମଧ ଏହାର ପରିବେଷଣ କ୍ଷେତ୍ରରେ କାନ୍ତକବି ଆଧୁନିକତାର ପୁଟ ଦେଇଥିଲେ । ତେଣୁ ପୁସ୍ତକର ପ୍ରକାଶକ ଲେଖିଥିଲେ 'ପୁରାଣ ଦେହରୁ ପୁରୁଣା ରହଣିଆ ଗନ୍ଧ ଛଡ଼ାଇ ନୂଆ ଅଙ୍ଗରାଗରେ ରଂଜିତ କରି ନୂଆ ମୁଦ୍ରାରେ ଉପସ୍ଥାପନ କରିବାରେ ବିଶେଷତ୍ୱ କିପରି ରହିପାରେ, ତାହା ଏହି ପୁସ୍ତିକାଟି ପ୍ରମାଣ କରିବ ।'

ପ୍ରକୃତରେ ପ୍ରାସଙ୍ଗିକ ସଙ୍ଗୀତ ପରିପୂର୍ଣ୍ଣ ଏହି ନାଟକରେ କଳାତ୍ମକ ପରିବେଷଣ ଶୈଳୀ ସହିତ ସାମାଜିକ ମୂଲ୍ୟବୋଧର ପରିପ୍ରକାଶ ହିଁ ଏହି ନାଟକକୁ ଏକ ଅଦ୍ୱିତୀୟ ସଫଳ ନାଟକର ମାନ୍ୟତା ଦେଇଛି । ଅସ୍ପୃଶ୍ୟତା ଦୂରୀକରଣ ସମ୍ବନ୍ଧରେ ଏହି ନାଟକରେ ଯାବତୀୟ ସାମାଜିକ ଆବର୍ଜନାକୁ ଆଡ଼େଇ ଦେଇ ଦଳିତ ଜାତିର ଲୋକଙ୍କ ସେବା ପାଇଁ ଏଥିରେ ରହିଛି ଅନେକ ଉପାଦାନ । ସରକାରୀ କିମ୍ବା ଧାର୍ମିକ ସ୍ତରରେ ଏହି ନାଟକଟିର ପ୍ରଚାର ଯେପରି ହେବା କଥା କୌଣସି କାରଣରୁ ଅବଶ୍ୟ ହୋଇ ପାରିନାହିଁ । କିନ୍ତୁ ଜଗନ୍ନାଥ ଚେତନାର ସ୍ପର୍ଶ ଏହାର ପ୍ରତ୍ୟେକ ପଂକ୍ତିରେ ଅନୁଭବ କରି ହେବ । ଏହି ନାଟକର ଶେଷ ଦୃଶ୍ୟରେ ମହାରାଜାଙ୍କର ସଂଳାପରୁ ଜଗନ୍ନାଥଙ୍କ ପତିତପାବନ ନାମର ସାର୍ଥକତା ପ୍ରତିପାଦିତ ହୋଇଥାଏ । ତାହା ଏହିପରି -

ମହାରାଜ -

'ପ୍ରଜାବୃନ୍ଦ,
ପାତ୍ରମନ୍ତ୍ରିଗଣ,
ସେବକ, ମହନ୍ତ ଆଉ ଦେଉଳ କରଣ,
କର ସର୍ବେ ଅବଧାନ,
କାଲି ରାତ୍ରେ ପ୍ରଭୁଙ୍କର ହେଲା ସ୍ୱପ୍ନାଦେଶ
ନ ରହିବ ଉଚ୍ଚନୀଚ ଜାତି ଭେଦ ଲେଶ -
ଆଜିଠାରୁ ଶ୍ରୀମନ୍ଦିରେ ମୋର ।
ବ୍ରାହ୍ମଣ ଚଣ୍ଡାଳ ଆଦି ଛତିଶ ପାଟକେ-
ଯେତେ ନରନାରୀ,
ମନ୍ଦିର ପ୍ରବେଶେ ହେବେ ସମ ଅଧିକାରୀ ।
ସାମ୍ୟବାଦ ମହାଧର୍ମ୍ମ ମହିମା ପ୍ରଚାରି
ପତିତପାବନ ବାନା ଉଡ଼ିବ ଗୌରବେ ।

କାନ୍ତ ସାହିତ୍ୟ ବିଭିନ୍ନ ବିଭାଗକୁ ବିସ୍ତାରିତ । କୋମଳମତି ବାଳକ ଓ ବାଳିକାଙ୍କ ଉଦ୍ଦେଶ୍ୟରେ ଲିଖିତ କାନ୍ତକବିଙ୍କ କ୍ଷୁଦ୍ର ପୁସ୍ତିକା 'ଧର୍ମ ସଂଗୀତ'ରେ 'ଗୁହାରି' ଶୀର୍ଷକ ସଙ୍ଗୀତରୁ ମଧ ଜଗନ୍ନାଥଙ୍କ ପ୍ରତି କବିଙ୍କର ଥିବା ଅଚଳାଚଳ ଭକ୍ତିର ପ୍ରମାଣ ମିଳିଥାଏ । ତାହା ଏହିପରି -

ମୁଁ ତ ବାଳକମତି,
ଆସେ ନାହିଁ ମୋତେ କରି ଭକତି ହେ,
ମୋତେ ଶିଖାଅ ଜଗତପତି, ମୋ ପ୍ରଭୁ ହେ ।
ମୁଁ ହିଁ ତ ହୀନ ଅଜ୍ଞାନ,
ତୁମ୍ଭେ କେଡ଼େ ବଡ଼, କେଡ଼େ ମହାନ ହେ,
ମୋତେ ଶ୍ରୀପଦରେ ଦିଅ ସ୍ଥାନ, ମୋ ପ୍ରଭୁ ହେ ।

ଡି-୧୦/୫, ୟୁନିଟ୍-୮
ଭୁବନେଶ୍ୱର-୧୨

# ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଓ ଶ୍ରୀଜଗନ୍ନାଥ

ରଜତ କୁମାର କର



**ଶ୍ରୀ**ମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତିଙ୍କ ବିଷୟ ଆଲୋଚନା କରି ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ ସମ୍ବନ୍ଧରେ କିଛି ସୂତ୍ର ବାହାର କରାଯାଇପାରେ । କେତେ ନୂତନ ସୂତ୍ର, ଅନେକ ନୂତନ ତଥ୍ୟ ମନକୁ ଆସିଛି । ତାକୁ ହିଁ ବୋଇତ କରି ଶ୍ରୀଜଗନ୍ନାଥ ରହସ୍ୟ ସାଗରରେ ପୁରାତନ ରୀତିରେ ପାଲ ଟାଣି ଅନୁକୂଳ ପବନରେ ଦୂରକୁ ଭାସି ଯିବାକୁ ବସିଲାବେଳେ ପୁଣି ପାଗ ପ୍ରତିକୂଳ । ଲୀଳାମୟଙ୍କ ରହସ୍ୟ ସିନ୍ଧୁର ଉତ୍ତାଳ ତରଙ୍ଗ କାଟି ତରୀର ସ୍ୱଚ୍ଛନ୍ଦ ଉତ୍ତରଣ ସହଜସାଧ୍ୟ ନୁହେଁ । କୃତଃ ମନୁଷ୍ୟଃ ଦେବାଃ ନ ଜାନନ୍ତି । ପ୍ରତିବର୍ଷ ରଥଯାତ୍ରା ଅବକାଶରେ କିଛି ଅନୁସନ୍ଧାନ, ଅନୁଶୀଳନ ଓ ଏଥିପାଇଁ ଆଲୋଡ଼ନ ଆନନ୍ଦଦାୟକ । ଏହା ଗବେଷଣା ନୁହେଁ । ଏହା ତାଙ୍କ ଗାଥାଗାୟନର ସାମାନ୍ୟ ପ୍ରୟାସ ମାତ୍ର । 'ଅଥାତୋ ବ୍ରହ୍ମ ଜିଜ୍ଞାସା' ଭଳି ଅଥାତୋ ବିଷୟ ଜିଜ୍ଞାସା । ଏଥରକ ବିଷୟ ସମ୍ବନ୍ଧରେ ଆଲୋଚନା । ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଭାବରେ ବାଇଶି ପାହାଚ କଡ଼ରେ ଥିବା କ୍ଷୁଦ୍ର ନୃସିଂହ ବିଗ୍ରହ, କଳ୍ପବଟ ପାଖରେ ଥିବା ଅନନ୍ତ ପୁରୁଷୋତ୍ତମ ଓ ବର୍ତ୍ତମାନ ସୂର୍ଯ୍ୟମନ୍ଦିର ବୋଲାଉଥିବା ତଥାକଥିତ ଇନ୍ଦ୍ର ମନ୍ଦିରରେ ଇନ୍ଦ୍ର ବୋଲାଉଥିବା ବିରାଟ ବୁଦ୍ଧ ମୂର୍ତ୍ତି ଆଲୋଚନା ପରିସରକୁ ଆସିବ ।

ଏ ପ୍ରସଙ୍ଗରେ ପ୍ରଶ୍ନ ଉଠିପାରେ ଯେ ସତ୍ୟନାରାୟଣ ରୂପେ ପରିଚିତ ବିଗ୍ରହଙ୍କୁ କାହିଁକି ପ୍ରାଚୀନ ବୋଲି ଧରାଯାଉ ନାହିଁ ? ଏହି ସତ୍ୟନାରାୟଣ ମୂର୍ତ୍ତି ପୁରାତନ ପୁରୁଷୋତ୍ତମ ବିଗ୍ରହ ହୋଇପାରନ୍ତି ବୋଲି ଗୋଟିଏ ମତ ପ୍ରକାଶ ପାଇଛି । ଏହି ସତ୍ୟନାରାୟଣ ବର୍ତ୍ତମାନ ଗୋଟିଏ କ୍ଷୁଦ୍ରକାୟ ମନ୍ଦିରରେ ଅଛନ୍ତି । ତାଙ୍କ ଉଚ୍ଚତା ଅନୁସାରେ ସେ ଆଉ ଗୋଟିଏ ବଡ଼ମନ୍ଦିରର ସ୍ଥାନାନ୍ତରିତ ବିଗ୍ରହ ବୋଲି ମନେ କରାଯାଉଛି । ଶାସ୍ତ୍ରାନୁଯାୟୀ ପ୍ରସ୍ତର ବିଗ୍ରହ ଥରେ ସ୍ଥାନାନ୍ତରିତ ହେଲେ ଆଉ ପୂର୍ବ ମନ୍ଦିରକୁ ଫେରିପାରିବ ନାହିଁ । ତାଙ୍କୁ ଅନ୍ୟସ୍ଥାନରେ ପୂଜା କରିବା ବିଧାନ ରହିଛି ।

ନୃସିଂହ ମନ୍ଦିର ପୁରୁଷୋତ୍ତମ ବିଷ୍ଣୁ ମନ୍ଦିର ନଥିଲା । ଏହା ନୃସିଂହଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିବାରୁ ଏହାର ପ୍ରବେଶ ଦ୍ୱାରର ଉପରିଭାଗରେ ନୃସିଂହ ମୂର୍ତ୍ତି ରହିଛନ୍ତି । ଦକ୍ଷିଣ ଭାରତର ବହୁ ମନ୍ଦିରର ମୂଳ ବିଗ୍ରହଙ୍କ ସଦୃଶ ମୂର୍ତ୍ତି ପ୍ରବେଶ ଦ୍ୱାର ଉପରେ ରହିଥିବା ଦେଖାଯାଏ । ଏ ମନ୍ଦିରରେ ନୃସିଂହ ମୂଳ ବିଗ୍ରହ ହୋଇଥିବାରୁ ପାର୍ଶ୍ୱଦେବତା ଭାବରେ ତାଙ୍କୁ ରଖାଯାଇନାହିଁ । ବରାହ, ତ୍ରିବିକ୍ରମ ପାର୍ଶ୍ୱଦେବତା ଭାବରେ ରହିଥିବାବେଳେ ନୃସିଂହଙ୍କ ସ୍ଥାନରେ ବିଷ୍ଣୁଙ୍କ ଅନ୍ୟ ଏକ ମୂର୍ତ୍ତି ପାର୍ଶ୍ୱଦେବତା ଭାବେ ରହିଛନ୍ତି । ଶ୍ରୀମନ୍ଦିର ନିର୍ମାଣବେଳେ ନୃସିଂହ ମନ୍ଦିରକୁ ବାଲିରେ ପୋତି ଶ୍ରୀମନ୍ଦିର ଉପରକୁ ପ୍ରସ୍ତର ନେବା ଆବଶ୍ୟକତା ଥାଇପାରେ । ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେବାପରେ ପୂର୍ବ ନୃସିଂହ ବିଗ୍ରହଙ୍କୁ ଫେରାଇ ଅଣାନଯାଇ ଅନ୍ୟ ଗୋଟିଏ ମୂର୍ତ୍ତି ରଖାଗଲା । ପୂର୍ବ ନୃସିଂହ ମୂର୍ତ୍ତି ଆଦି ନୃସିଂହ ମୂର୍ତ୍ତି ବୋଲି ଚିହ୍ନିପାରି ଚୈତନ୍ୟ ଦେବ ବାଇଶିପାହାଚ ଉଠିଲାବେଳେ ମଝି ପାହାଚର ବାମ ଭାଗରେ ଥିବା ନୃସିଂହଙ୍କୁ ପ୍ରଣାମ କରୁଥିଲେ । ଆଂଶିକ ଭଗ୍ନ ମନ୍ଦିର ମରାମତି ହେବା ପରେ ନୂତନ ନୃସିଂହ ପ୍ରତିଷ୍ଠା ପାଇଲେ । ଶ୍ରୀମନ୍ଦିରରେ ଦୀପଦାନ, ଭୋଗ ପ୍ରଦାନ, ପୁଷ୍ପ ବେଶ ପାଇଁ ଜମି ଦାନ ବିଷୟ ସେହି ମନ୍ଦିରର ଗାତ୍ରରେ ଲେଖା ନଯାଇ ନୃସିଂହ ମନ୍ଦିର ଓ ପାତାଳେଶ୍ୱର ମନ୍ଦିରରେ ସ୍ଥାନିତ ହୋଇଥିଲା । ବିଗ୍ରହଙ୍କୁ ଦାନ ବିଷୟକ କଥା ସେହି ମନ୍ଦିର ଗାତ୍ରରେ ଲେଖାହେବା ଅହଙ୍କାର ସୂଚକ ବୋଲି ବୋଧହୁଏ ଏହା ଅନୁମୋଦିତ ନଥିଲା । କଳ୍ପବଟରେ ଥିବା ମନ୍ଦିରର ନୃସିଂହ ବିଗ୍ରହ ଆଦି ଦେବତା । ତାଙ୍କ ମନ୍ତ୍ରରେ ଓ ତାଙ୍କ ଢାଞ୍ଚାରେ ଶ୍ରୀଜଗନ୍ନାଥଙ୍କ ଶରୀର ପୁଷ୍ଟ । ପ୍ରଭୁଙ୍କ ନବକଳେବର

ଅନୁଷ୍ଠାନରେ ନୃସିଂହଙ୍କ ପ୍ରଭାବ ଗଭୀର । ଦୈନିକ ପୂଜାରେ ମଧ୍ୟ ସେ ନୃସିଂହ ରୂପୀ । ତାଙ୍କ 'ଉଗ୍ରବୀରଂ ମହାବିଷ୍ଣୁମନ୍ତ୍ର'ର ଉଗ୍ର ଓ ଭୀଷଣ ଭାବ ରୁଦ୍ର ବଳଭଦ୍ରଙ୍କୁ ଦେଇ ସେ ସୁଭଦ୍ରାଙ୍କୁ ଭଦ୍ରଦାୟିନୀ କରାଇଛନ୍ତି ଓ ନିଜେ ମହାବିଷ୍ଣୁ ଭାବେ ବିଭିନ୍ନ ଅବତାର ରୂପରେ ବେଶ ହେଉଛନ୍ତି ।

ଶ୍ରୀଜଗନ୍ନାଥଙ୍କୁ ଦେଖିବା ମାତ୍ରେ ନୃସିଂହଙ୍କ ରୂପ ଆକ୍ଷିରେ ଝଲସି ଯିବ । ସିଂହ ସଦୃଶ ତାଙ୍କର ଗୋଲାକାର ଚକ୍ଷୁ । ମୁଖର ଆକାର ମନୁଷ୍ୟ ଭଳି ନ ହୋଇ ସେହି ବେଦର ଗର୍ଜନକାରୀ ଭୀଷଣ ଦେବତା ଗିରି ଗହ୍ୱରର 'କୁଚର' ବା ଭୀଷଣ ସିଂହ । ସେ ହିଁ ହରି । ଦୁଃଖ ହରଣକାରୀ ଅର୍ଥରେ ହରି ଓ ସିଂହ, ଅର୍ଥରେ ମଧ୍ୟ ହରି । 'ହରେ ରାମ କୃଷ୍ଣ' ମନ୍ତ୍ରର ପ୍ରଥମ ନାମ ଏଇ ନୃସିଂହ ହରି । ନୃସିଂହ ମହାପ୍ରଭୁଙ୍କ ଦାରୁରୂପୀ ଜଗନ୍ନାଥ ଭାବେ ବିବର୍ତ୍ତନ ସ୍କନ୍ଦ ପୁରାଣ ଓ ବ୍ରହ୍ମ ପୁରାଣରେ ସାଙ୍କେତିକ ଭାବେ ବର୍ଣ୍ଣିତ ହୋଇଛି । ବ୍ରହ୍ମାଙ୍କ ସମ୍ମୁଖରେ ନୃସିଂହଙ୍କ ଆବିର୍ଭାବ ଓ ଯଜ୍ଞରୁ ତାଙ୍କର ଉଦ୍ଭବ ସେହି ନୃସିଂହ ଭଗବାନଙ୍କ ଜଗନ୍ନାଥ ଭାବେ ବିବର୍ତ୍ତନର ମନୋରମ କାହାଣୀ ବୋଲି ମନେ ହେଉଛି ।



ରାଜରାଣୀ ମନ୍ଦିର ବହିର୍ଭାଗରେ ଥିବା ଜଗନ୍ନାଥ ମୂର୍ତ୍ତି

୧୯୯୯ ମସିହା ଇଂରାଜୀ 'ଓଡ଼ିଶା ରିଭ୍ୟୁ' ପତ୍ରିକାରେ ପ୍ରକାଶ ପାଇଥିବା ଦୀପକ ଭଟ୍ଟାଚାର୍ଯ୍ୟଙ୍କ ଉତ୍ତୋଳିତ ଏକ ଫଟୋଗ୍ରାଫ ନିକଟରେ ମୋ ଆଖିରେ ପଡ଼ିଲା । ତାହା ରାଜରାଣୀ ମନ୍ଦିର ଗାତ୍ରରେ ଥିବା ଜଗନ୍ନାଥ ମୂର୍ତ୍ତି ବୋଲି ଲିଖିତ ଥିଲା । ରାଜରାଣୀ ମନ୍ଦିର ଗାତ୍ରରେ ଜଗନ୍ନାଥ ମୂର୍ତ୍ତି ଥିବା କଥା ଚମକପ୍ରଦ ମନେ ହେଲା । ବହୁବାର ଯାଇ ଗାତ୍ରରେ ଥିବା ଅଳଙ୍କାର ରୂପେ ମନ୍ଦିରକୁ ମଣ୍ଡନ କରିଥିବା ଗୋଟିଏ ପ୍ରସ୍ତର ବେଷ୍ଟନୀ ମଧ୍ୟରେ କ୍ଷୁଦ୍ର ଏକ ଜଗନ୍ନାଥ ସଦୃଶ ମୁଖ ଦିଶୁଛି । ନିଜେ ବହୁବାର ଯାଇ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ଦେଖାଇଲି । ଜଗନ୍ନାଥ ବୋଲି ସମସ୍ତେ ଚିହ୍ନଟ କଲେ  ଛୋଟ ହାତ ଦୁଇଟି ଜଗନ୍ନାଥଙ୍କ ଭଳି ଅଙ୍ଗୁଷ୍ଠି ବିହୀନ, ମସ୍ତକ କିନ୍ତୁ ଶ୍ରୀଜଗନ୍ନାଥଙ୍କ ଭଳି ସମତଳ ନୁହେଁ । ଚକ୍ଷୁ ବଡ଼ କିନ୍ତୁ ମୁଖ ଖୋଲା ରହିଛି । ପଥର ଘୋରି ହୋଇଯାଇଥିଲେ ବି ନାକ ତଳେ ନିଶ ବାରି ହୋଇପଡୁଛି । ଏତ ଜଗନ୍ନାଥ ନୁହନ୍ତି ! ଏ ଯେ ନୃସିଂହ ! ତାଙ୍କ ଦୟାରୁ ଏକଥା ମନକୁ ଆସିଲା । ମନ୍ଦିରଟି କେଶରୀ ବଂଶୀୟ ରାଜା ଇନ୍ଦ୍ରରଥଙ୍କ ଦ୍ୱାରା ନିର୍ମିତ । ଯୁଦ୍ଧ କ୍ଷେତ୍ରରେ ନିହତ ହେଲେ । ସେ ସାବତ ମା'ଙ୍କ ସନ୍ତାନ ବା ମୃତ ରାଜାଙ୍କ ଦୂର ସମ୍ପର୍କୀୟ ହୋଇଥିବାରୁ ଉଦ୍ୟୋତ କେଶରୀଙ୍କ ଶିଳାଲିପିରେ ତାଙ୍କ ନାମର ଉଲ୍ଲେଖ ନାହିଁ ।

ଦଶମ ଶତାବ୍ଦୀରେ ନିର୍ମିତ ଏ ମନ୍ଦିର ନିର୍ମାଣ ବେଳକୁ ନୃସିଂହଙ୍କ କେବଳ ମୁଖ ଓ ହସ୍ତ ଥିବା ମୂର୍ତ୍ତି ମନ୍ଦିରମାନଙ୍କରେ ସ୍ଥାନ ପାଇଲାଣି । ନୃସିଂହଙ୍କ ସାଦୃଶ୍ୟ ମୂର୍ତ୍ତିରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବିବର୍ତ୍ତିତ ହେବାର ଏଥିରୁ ସୂଚନା ମିଳୁଛି । ବ୍ୟକ୍ତ ଅବ୍ୟକ୍ତ ରୂପୀ ଓ ପ୍ରକଟ ଅପ୍ରକଟର ବ୍ରହ୍ମ ରୂପେ ନୃସିଂହ ପ୍ରସିଦ୍ଧ । ତାଙ୍କୁ ବ୍ରହ୍ମରୂପୀ ଦାରୁ ବିଗ୍ରହରେ ରୂପାୟିତ କରି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ପରିକଳ୍ପନା ଏକ ପରିପକ୍ୱ ଦାର୍ଶନିକ ଚିନ୍ତାର ପ୍ରତିଫଳନ ବୋଲି ମନେହୁଏ ।

ବାଇଶି ପାହାଚ କଡ଼ରେ ଥିବା ନୃସିଂହ ମୂର୍ତ୍ତି ଗଠନ ଦିଗରୁ ବର୍ତ୍ତମାନର ମନ୍ଦିରରେ ପୂଜା ପାଉଥିବା ବିଗ୍ରହଙ୍କଠାରୁ ପ୍ରାଚୀନ । ବୈଷ୍ଣବ ଧର୍ମ ଆଦ୍ୟରୁ ଭାଗବତ ଧର୍ମ ଭାବେ ପରିଚିତ । ଏଥିରେ କୃଷ୍ଣ ବାସୁଦେବ ଓ ସଙ୍କର୍ଷଣ ପୂଜା ଓ ପରେ ଏକାନଂଶା ଦେବୀଙ୍କ ପୂଜା ବ୍ୟବସ୍ଥା ଆସିଲା । ଏହା ପୂର୍ବରୁ ନୃସିଂହ ବିଷ୍ଣୁଙ୍କ ଅବତାର ଭାବେ ଥିଲେ । ସ୍ୱତନ୍ତ୍ର ଭାବେ ତାଙ୍କୁ ପୂଜା କରିବା ଆରମ୍ଭ ହେଲା, ଯେତେବେଳେ ଶିବଙ୍କ ଭୀଷଣ ରୂପ, ଭୈରବ ପୂଜା ପାଇଲେ । ତନ୍ତ୍ରର ପ୍ରଭାବରେ ନୃସିଂହ ହେଲେ ବିଷ୍ଣୁଙ୍କ ଭୈରବ ରୂପ । ସ୍ୱତନ୍ତ୍ର ଭାବେ ତାଙ୍କର ପୂଜା ଆରମ୍ଭ ହୋଇଗଲା । କୃଷ୍ଣ ବାସୁଦେବ ପୂଜାର ପ୍ରଚଳନ ପୂର୍ବରୁ ନୃସିଂହଙ୍କ ଭୈରବ ଓ ଭୀଷଣ ରୂପ ଜନପ୍ରିୟ ହୋଇ ସାରିଲାଣି । 'ରୁଦ୍ର' ଶବ୍ଦ ରୋଦନରୁ ଆସିଛି । ବୈଦିକ 'ରୁଦ୍ର' ଆତ୍ମପ୍ରକାଶ ମାତ୍ରେ ରୋଦନ କଲେ । ସେ ରୋଦନରେ ବିଶ୍ୱ ପ୍ରକମ୍ପିତ ହେଲା । ଗର୍ଜନ ଓ କ୍ରୋଧ ତାଙ୍କର ଦୁଇ ପ୍ରଧାନ ବିଭାବ । ସେହି ବିଭାବ ମଧ୍ୟ ନୃସିଂହଙ୍କର । ରୁଦ୍ର ଶିବ 'ବୀର' ଓ ନୃସିଂହ ମଧ୍ୟ ବୀର । ତାଙ୍କ ମନ୍ତ୍ରରେ ସେ 'ଉଗ୍ରଂ ବୀରଂ ମହାବିଷ୍ଣୁ' । ତାନ୍ତ୍ରିକ ପ୍ରୟୋଗ ବେଳେ ତାଙ୍କୁ କୁହାଯିବ - 'ଗର୍ଜ ଗର୍ଜ, ସ୍ଫୁର ସ୍ଫୁର, ଛିନ୍ଦି ଛିନ୍ଦି, ଭିନ୍ଦି ଭିନ୍ଦି' । ଏହି ମନ୍ତ୍ରର ପ୍ରୟୋଗ ହୁଏ ନବକଳେବରର ଦାରୁ ପୂଜା ଅବକାଶରେ । ମହାକାଳ ରୂପୀ ପରମଶିବ ଭୈରବ ଓ ମହାବିଷ୍ଣୁ ନୃସିଂହ ସମାନ ସ୍ତରର ଚେତନାରେ ଜାଗ୍ରତ । ଶୈବ ଓ ଶାକ୍ତଙ୍କ ପାଖରେ ନୃସିଂହ ଗ୍ରହଣୀୟ । ତେଣୁ ବିଷ୍ଣୁ ହୋଇ ମଧ୍ୟ ସେ ଭୈରବ ଭାବ ସମନ୍ୱିତ ବୋଲି ସ୍ୱୀକୃତ । ଏଥିପାଇଁ କୁହାଗଲା ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ । ଭୈରବ ରୂପୀ ନୃସିଂହ ଜଗନ୍ନାଥ ଭୈରବୀ ବିମଳାଙ୍କ ଭୈରବ ।

ଏଥରକ ବୁଦ୍ଧଙ୍କ କଥା ଆସୁ । ଶ୍ରୀଜଗନ୍ନାଥଙ୍କ ବୁଦ୍ଧତ୍ୱ ବିଷୟରେ ଏ ଲେଖକ ବହୁ ଆଲୋଚନା କରିଛି । ସେ ହୀନ ଯାନିଙ୍କ ଶୁଦ୍ଧୋଦନ ପୁତ୍ର ବୁଦ୍ଧ ନ ହୋଇ ପରବର୍ତ୍ତୀ ସପ୍ତମ ଶତାବ୍ଦୀର ମହାଶୂନ୍ୟ ଓ ଜଗନ୍ନାଥ ନାମଧାରୀ ଆଦିବୁଦ୍ଧ । ଉଭୟ ହୀନଯାନ ଓ ମହାଯାନରେ ବୁଦ୍ଧଙ୍କ ଇଚ୍ଛା ବିରୁଦ୍ଧରେ ବୁଦ୍ଧ ପୂଜା ଆରମ୍ଭ ହୋଇଗଲା । ବୌଦ୍ଧ ସ୍ତୂପରେ ବୁଦ୍ଧଙ୍କ ମୂର୍ତ୍ତି ପୂଜିତ । ବର୍ତ୍ତମାନ ଧଉଳି ମୂର୍ତ୍ତି ଭଳି ବୁଦ୍ଧ ମୁଁ ଥାଇଲାଣ୍ଡ

ଓ ଭିଏତ୍‌ନାମରେ ଦେଖିଛି । ଇନ୍ଦ୍ର ରୂପେ ଚିହ୍ନିତ ବୁଦ୍ଧ ଏହି ନୀଳକନ୍ଦରରେ ଥିବା ଏକ ପ୍ରାଚୀନ ବୌଦ୍ଧସ୍ତୂପର ବୁଦ୍ଧ ଦେବ । ହୁଏନସାଂ ସମୁଦ୍ରରେ ଗଲାବେଳେ ଏହି ବୁଦ୍ଧ ସ୍ତୂପରେ ବହୁ ଉଚ୍ଚରେ ଦୀପ ଜଳୁଥିବା ଦେଖିଛନ୍ତି ।

ହୁଏତ ଏହା ଭାଙ୍ଗି ପଡ଼ିଲା ବା ବୌଦ୍ଧ ହିନ୍ଦୁଙ୍କ କଳହର ଶୀକାର ହେଲା । ଧର୍ମ ନାମରେ ଧର୍ମ ବିଦ୍ୱେଷ ବହୁକାଳରୁ ସାରା ବିଶ୍ୱରେ ଆରମ୍ଭ ହୋଇ ମଣିଷର ମୂଢ଼ତା ପ୍ରକାଶ କରିଛି ମାତ୍ର । ତାଲିବାନମାନେ ଆଫଗାନିସ୍ଥାନର ବିରାଟ ବୁଦ୍ଧ ମୂର୍ତ୍ତି ଭାଙ୍ଗି ଦେଲେ । ଏଠି ମନ୍ଦିର ଭାଙ୍ଗିଲା, କିନ୍ତୁ ବୁଦ୍ଧ ହିନ୍ଦୁ ଦେବତା ବିଷ୍ଣୁଙ୍କ ଅବତାର ହୋଇଗଲେ । ହିନ୍ଦୁଧର୍ମ ବୌଦ୍ଧତନ୍ତ୍ରର ଉପାସନା, ଚଳଣି ଓ ମହାଯାନର ସମସ୍ତ ଦେବଦେବୀଙ୍କୁ ଗ୍ରହଣ କରି ନେବାରୁ ଆଉ ବୌଦ୍ଧ ଧର୍ମର ଆବଶ୍ୟକତା ରହିଲା ନାହିଁ । ହିନ୍ଦୁଧର୍ମରେ ସ୍ୱତନ୍ତ୍ର ଭାବେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ପୂଜା ନାହିଁ । ଇନ୍ଦ୍ରାଣୀ ଦୁର୍ଗାଙ୍କ ଶକ୍ତି ଭାବେ ଅନ୍ୟ ଶକ୍ତି, କୌମାରୀ ବାରାହୀ, ମାହେଶ୍ୱରୀଙ୍କ ସହ ଅକ୍ଷୟସ୍ଥାନରେ ପୂଜିତା । ଦକ୍ଷିଣ ବାଟେ ଗରୁଡ଼ ସ୍ତମ୍ଭକୁ ଯିବାବେଳେ ରହିଛନ୍ତି ଦୁଆର ମୁହଁରେ ଇନ୍ଦ୍ରାଣୀ । କେବଳ ଇନ୍ଦ୍ରାଣୀ କାହିଁକି ରହିଲେ ? କୁଆଡ଼େ ଗଲେ ଅନ୍ୟାଶକ୍ତିମାନେ ? ସ୍ତୂପରେ ଥିବା ବୁଦ୍ଧ ଇନ୍ଦ୍ର ହେବାପରେ ସେଠୁ ମିଳିଥିବା କୌଣସି ଏକ ବୌଦ୍ଧ ଦେବୀ ଇନ୍ଦ୍ରାଣୀରେ ପରିଣତ ହେଲେ । ଏଥିରୁ ବୌଦ୍ଧ ସ୍ତୂପର ଅସ୍ତିତ୍ୱ ଥିଲା ବୋଲି ଭାବିବାକୁ ହେବ ।

କୋଣାର୍କ ମନ୍ଦିର ଭାଙ୍ଗିବା ପରେ ସେଠାରେ ସୂର୍ଯ୍ୟ ପୂଜା ବ୍ୟବସ୍ଥା ନ କରି ଖୋର୍ଦ୍ଧା ଭୋଇବଂଶ ଗଜପତି ନରସିଂହ ଦେବ ଏହି ବୁଦ୍ଧ ମୂର୍ତ୍ତିଙ୍କ ଉପରେ ସୂର୍ଯ୍ୟ ମୂର୍ତ୍ତିଙ୍କୁ ସ୍ଥାପନା କଲେ । ପଣ୍ଡାଏ କହନ୍ତି ଇନ୍ଦ୍ରଙ୍କ ଭଗ୍ନମୂର୍ତ୍ତି ଉପରେ ସୂର୍ଯ୍ୟ ପ୍ରତିଷ୍ଠିତ ହେଲେ । କୋଣାର୍କରୁ ସୂର୍ଯ୍ୟପୂଜା ପରମ୍ପରା ଲୋପ କରିବା ଏକ ଦୁଃଖଦାୟକ ବ୍ୟବସ୍ଥା ହୋଇଛି । ବିବର୍ତ୍ତନର ଧାରାରେ ଶ୍ରୀଜଗନ୍ନାଥ ଏଠାରେ ପ୍ରଚଳିତ ବୌଦ୍ଧଧର୍ମର କିଛି ପଦ୍ଧତିକୁ ଆପଣାର କରି ନେଇଛନ୍ତି । ଆଲୋଚନା ପରିସରରେ ଶେଷକୁ ଆସିଲେ ଶେଷଶାୟୀ ବିଷ୍ଣୁ ବା ଅନନ୍ତ ପୁରୁଷୋତ୍ତମ ନାମରେ ପରିଚିତ ଅନନ୍ତ ଶୟନ ବିଷ୍ଣୁ ମୂର୍ତ୍ତି । କଳ୍ପବଟ ମୂଳରେ ଏକ ଗୁମ୍ଫା ଭଳି ମନ୍ଦିରରେ ଅନନ୍ତଶୟନ ରହିଛନ୍ତି, ଲକ୍ଷ୍ମୀ ତାଙ୍କର ପାଦସେବା କରୁଛନ୍ତି । ଦକ୍ଷିଣ ଭାରତରେ ଅନନ୍ତ ଶୟନ ମୂର୍ତ୍ତି ବହୁଳ ଭାବେ ପୂଜିତ । କେରଳ, ଆନ୍ଧ୍ର ଓ ମାନ୍ଦ୍ରାଜରେ ପୂଜା ଚାଲିଛି । ପୂର୍ବ ରଥଯାତ୍ରା ସଂଖ୍ୟାରେ ମୁଁ ଆଲୋଚନା କରିଛି ଯେ ମାନ୍ଦ୍ରାଜ ପ୍ରଦେଶର ଶ୍ରୀରଙ୍ଗ ପାଟଣାର ଅନନ୍ତଶୟନ ମୂର୍ତ୍ତି ବିଭୀଷଣ ପୂଜିତ ହୋଇ ପରେ ଶ୍ରୀରାମଙ୍କୁ ଦତ୍ତ ହୋଇଥିଲା । ଶ୍ରୀରାମଙ୍କ ସ୍ୱର୍ଗ ଗମନ ପରେ ବରୁଣ ଆଣି ତାହା ଶ୍ରୀକ୍ଷେତ୍ରରେ ରଖିଛନ୍ତି । ଏହା ବ୍ରହ୍ମ ପୁରାଣ ସମର୍ଥିତ । ବଳରାମ ଦାସ ମଧ୍ୟ ଦାଣ୍ଡି ରାମାୟଣରେ ଏହା ଉଲ୍ଲେଖ କରିଛନ୍ତି । ଶ୍ରୀରଙ୍ଗ ପତ୍ତନ କାହାଣୀ ଅନୁଯାୟୀ ରାବଣ ଏ ମୂର୍ତ୍ତି ଆଣି ଲଙ୍କା ନେଇ ନପାରି ଛାଡ଼ି ଦେଇଗଲା । ରାମାନୁଜ ଶ୍ରୀରଙ୍ଗମ୍‌ରେ ଏ ମୂର୍ତ୍ତି ପୂଜା କରିଥିଲେ । ଚୋଡ଼ଗଙ୍ଗଙ୍କ ସମୟରେ ପୁରୀ ଆସି ସେ କଳ୍ପବଟ ମୂଳେ ଅନନ୍ତଶୟନ ରୂପୀ ପ୍ରାଚୀନ ପୁରୁଷୋତ୍ତମଙ୍କୁ ନିଶ୍ଚୟ ଦର୍ଶନ କରିଥିବେ । ଏହାଙ୍କ ନାମାନୁସାରେ ପୁରୀର ନାମ ପୁରୁଷୋତ୍ତମ ହୋଇପାରିଥାଏ । ଅପୂର୍ବ ଏ ଜଗନ୍ନାଥ । ସବୁ ଦେବଦେବୀଙ୍କ ସାରବତ୍ତା ଅଙ୍ଗୀଭୂତ କରି ସେ ସର୍ବ ଦେବମୟ ଶ୍ରେଷ୍ଠ ବିଗ୍ରହ ରୂପେ ଜନମାନସ ହରଣ କରୁଛନ୍ତି ।

ଅନନ୍ୟ ନିକେତନ
ଏନ୍‌-୧/୧୮୩, ନୂଆପଲ୍ଲୀ
ଭୁବନେଶ୍ୱର

---

# ଜଗନ୍ନାଥଙ୍କୁ ପଦେ

ଦୟାନିଧି ବେହେରା

ପ୍ରଭୁ ! ତୁମେ ନ ବସି ନନ୍ଦିଘୋଷ ରଥେ
ବସ ସର୍ବ ପ୍ରାଣୀ ମନ ରଥେ ।
ଜଣେ ଶୋଷେ ଅନ୍ୟର ରକତ
ହୋଇ ସେ ଉଲ୍ଲସିତ ।
ମୁଖେ ନ କହି ଅମିୟ ଭାଷା
ବନ୍ଦୀ କରି ରଖେ ସେନେହ ଶରଧା ।
ପ୍ରଭୁ ! ଭୁଲି ତୁମ ଖେଳ
ଜଣେ ଲଗାଏ ଅନ୍ୟ ମନେ ଅନଳ ।
ଭାଇ ବନ୍ଧୁ କୁଟୁମ୍ବ ଭିତରେ ଲାଗେ କଳି ଗୋଳ

ସତ୍ୟ, ନ୍ୟାୟ, ଦୟା, କ୍ଷମା
କରୁଣାର ଅବତାର ତୁମେ ।
ଅବତରି ଏ ସୃଷ୍ଟିର ପ୍ରତି ଜୀବ ମନେ
ହସ ଫୁଲେ ଭରିଦିଅ ଏ ମାୟା ସଂସାର ବଗିଚା ।
ତୁମ ପାଦ ପଦ୍ମେ ମୁଁ କରୁଛି ବନ୍ଦନା
ନ ରହୁ ପ୍ରତି ଜୀବ ମନେ ହିଂସାର ଭାବନା
ସୃଷ୍ଟିର ପ୍ରତି କୋଣେ ଅନୁକୋଣେ
ଭୂଷିତ ହୁଅନ୍ତୁ ସର୍ବେ ମମତାର ମଧୁଝରା ଅମିୟ ଭୂଷଣେ ।

ମାର୍ଫତ- ମାଗୁଣି ଚରଣ ବେହେରା
ସାନ୍ତସାହି, କେନ୍ଦ୍ରାପଡ଼ା

# ଦାରୁବ୍ରହ୍ମଙ୍କର ରଥଯାତ୍ରା

ପୂର୍ଣ୍ଣେନ୍ଦୁ କୁମାର ନନ୍ଦ

**ଦା**ରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରାର ପରମ୍ପରା ଅତି ପ୍ରାଚୀନ କାଳରୁ ପ୍ରଚଳିତ ରହିଛି । ପୁରୁଷୋତ୍ତମଙ୍କ ରଥଯାତ୍ରାର ପ୍ରଚଳନ ପୂର୍ବରୁ ଭାରତବର୍ଷରେ ପୁରାଣ ଯୁଗରେ ରାଜା, ସୈନ୍ୟସାମନ୍ତ ଓ ଜମିଦାରଗଣ ଅଶ୍ୱଚାଳିତ ରଥ ବ୍ୟବହାର କରୁଥିଲେ । ମହାଭାରତରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ରଥରେ ସାରଥି ହୋଇଥିଲେ । କୂର୍ମ ଓ ଭବିଷ୍ୟ ପୁରାଣରେ ବର୍ଣ୍ଣନା ରହିଛି ଯେ ମାଘମାସରେ ସୂର୍ଯ୍ୟଦେବ ରଥରେ ଯାତ୍ରା କରନ୍ତି । ଶିବଙ୍କ ରଥଯାତ୍ରା ସଂପର୍କରେ ମତ୍ସ୍ୟ ଓ ଏକାମ୍ର ପୁରାଣରେ ବର୍ଣ୍ଣନା ରହିଛି । ଭୁବନେଶ୍ୱରରେ ଚୈତ୍ର ମାସରେ ଲିଙ୍ଗରାଜ ମହାପ୍ରଭୁଙ୍କର ରକୁଣା ରଥଯାତ୍ରା ବା ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୁଏ । ଦେବୀ ବିରଜାଙ୍କ ଚଳନ୍ତି ପ୍ରତିମା ଆଶ୍ୱିନ ମାସରେ ରଥଯାତ୍ରା କରିଥାନ୍ତି । ପୂର୍ବେ ବୁଦ୍ଧଙ୍କର ଏକ ମୂର୍ତ୍ତିକୁ ପାଟଳିପୁତ୍ରରେ ରଥରେ ବସାଇ ଯାତ୍ରା କରାଯାଉଥିଲା । ଜୈନ ତୀର୍ଥଙ୍କରମାନେ ମଧ୍ୟ ଏହିପରି ରଥରେ ଯାତ୍ରା କରୁଥିଲେ ।



ଏହି ପରିପ୍ରେକ୍ଷୀରେ ଅନେକ ଗବେଷକ ମୁରାରି ମିଶ୍ରଙ୍କ ରଚିତ 'ଅନର୍ଘ ରାଘବ' ନାଟକରେ ବର୍ଣ୍ଣିତ ପୁରୁଷୋତ୍ତମଙ୍କ ଯାତ୍ରା ପ୍ରସଙ୍ଗକୁ ଲକ୍ଷ୍ୟ କରି ରଥଯାତ୍ରା ନବମ ଶତାବ୍ଦୀରେ ପ୍ରଚଳିତ ହୋଇଥିଲା ବୋଲି ମତ ଦେଇଥାନ୍ତି । ଏପରିକି ଆଦି ଶଙ୍କରାଚାର୍ଯ୍ୟ ଏହି ନବମ ଶତାବ୍ଦୀରେ ପୁରୁଷୋତ୍ତମଙ୍କ ରଥଯାତ୍ରାକୁ ଲକ୍ଷ୍ୟ କରି କହିଥିଲେ 'ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈ ।' କିନ୍ତୁ ଡଃ ସତ୍ୟନାରାୟଣ ରାଜଗୁରୁ ପ୍ରମୁଖ ଅନେକ ଗବେଷକ ମତ ଦେଇଛନ୍ତି ଯେ ୧୨୩୦ ଖ୍ରୀ: ପୂର୍ବରୁ ରଥଯାତ୍ରା ପ୍ରଚଳିତ ନଥିଲା । ଏହାର କାରଣ ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ସ୍ମୃତିକାର ଶତାନନ୍ଦଙ୍କ 'ଭାସ୍ୱତୀ' ଗ୍ରନ୍ଥ ଓ ଶମ୍ଭୁକର ବାଜପେୟୀଙ୍କ ସ୍ମୃତି ଗ୍ରନ୍ଥରେ ରଥଯାତ୍ରାର ବର୍ଣ୍ଣନା ନାହିଁ । ତାଙ୍କ ମତରେ ୧୨୩୦ ଖ୍ରୀ:ରେ ତୃତୀୟ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରରେ ତ୍ରିମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ । ପ୍ରଥମ ନରସିଂହ ଦେବଙ୍କ ସମୟରେ ଦାରୁବିଗ୍ରହ ପୂଜା ପାଇଲେ ଓ ସେହିଦିନଠାରୁ ରଥଯାତ୍ରା ପ୍ରଚଳିତ ହେଲା ।

ଭାରତବର୍ଷରେ ଦାକ୍ଷିଣାତ୍ୟ ଓ ଅନ୍ୟାନ୍ୟ ରାଜ୍ୟରେ ମୂଳ ବିଗ୍ରହମାନଙ୍କର ଉତ୍ସବମୂର୍ତ୍ତିକୁ ନେଇ ରଥଯାତ୍ରା ହୋଇଥାଏ । କିନ୍ତୁ ଶ୍ରୀକ୍ଷେତ୍ରରେ ଦାରୁବିଗ୍ରହମାନଙ୍କୁ ରଥାରୂଢ଼ କରାଯାଏ । ଏହାର କାରଣ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା 'ଯଜ୍ଞବେଦୀ' ବା 'ମହାବେଦୀ'ରେ ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ ପ୍ରଥମେ ବ୍ରହ୍ମାଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ସହ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ଏଣୁ ପ୍ରତିବର୍ଷ ଦାରୁବ୍ରହ୍ମ ନିଜର ପିତୃସଦନ ଅର୍ଥାତ୍ ଜନକପୁରୀ ନାମକ ଗୁଣ୍ଡିଚା ମନ୍ଦିରକୁ ଯଜ୍ଞବେଦୀରେ ଅବସ୍ଥାନ ପାଇଁ ଯାତ୍ରା କରିଥାନ୍ତି । ଏଣୁ 'ବାମଦେବ ସଂହିତା'ରେ ରଥଯାତ୍ରାକୁ 'ଯଜ୍ଞୋତ୍ସବ' ରୂପେ ବର୍ଣ୍ଣନା କରାଯାଇଛି । ଏହି ନବଦିନ ଯାତ୍ରା ଅବସରରେ ଯେଉଁମାନେ ଗୁଣ୍ଡିଚା ମନ୍ଦିରରେ ଦାରୁବ୍ରହ୍ମଙ୍କୁ ଦର୍ଶନ କରନ୍ତି, ସେମାନେ ବୈକୁଣ୍ଠ ଧାମ ପ୍ରାପ୍ତ ହୋଇଥାନ୍ତି । 'ମହାବେଦୀ ମହୋତ୍ସବ' ରୂପେ ବର୍ଣ୍ଣିତ ଏହି ଯାତ୍ରା ସମୟରେ ଦେବତାମାନେ ସ୍ୱର୍ଗରୁ ଆସି ଦାରୁବ୍ରହ୍ମଙ୍କ ଦର୍ଶନ କରିଥାନ୍ତି । ଯଥାର୍ଥରେ 'ସ୍କନ୍ଦ ପୁରାଣ'ରେ କୁହାଯାଇଛି -

'ନାତଃ ପରତରୋ ଲୋକେ ମହାବେଦୀ ମହୋତ୍ସବାତ୍
ସର୍ବପାପ ହରୋ ଯୋଗଃ ସର୍ବତୀର୍ଥ ଫଳପ୍ରଦଃ ।'

ଦାରୁବ୍ରହ୍ମ ଗୁଣ୍ଡିଚା ମନ୍ଦିରରୁ ଫେରିବା ପରେ ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ସହିତ ତାଙ୍କର ଯେଉଁ ଗଇଁଠାଳ ନୀତି ପାଳନ ହୁଏ, ତାହାକୁ

ଲକ୍ଷ୍ୟ କରି ଡଃ ରାଜଗୁରୁ ରଥଯାତ୍ରାକୁ 'କଲ୍ୟାଣୋତ୍ସବ' ଭାବରେ ବର୍ଣ୍ଣନା କରିଛନ୍ତି ।

ଲୋକାଚାରରେ ଏହାକୁ 'ପତିତପାବନ' ଯାତ୍ରା ଓ 'ଘୋଷଯାତ୍ରା' କୁହାଯାଏ । ବର୍ଷରେ ଥରେ ନନ୍ଦିଘୋଷ ରଥରୁ ପତିତମାନଙ୍କୁ ଦର୍ଶନ ଦେଇ ଶ୍ରୀଜଗନ୍ନାଥ ସେମାନଙ୍କୁ ସକଳ ପାପତାପରୁ ମୁକ୍ତି ଦେଇଥାନ୍ତି ବୋଲି କୁହାଯାଏ । ଏକତା ଓ ଧାର୍ମିକ ସମନ୍ୱୟର ବାର୍ତ୍ତା ପ୍ରଚାର କରି ଦାରୁବ୍ରହ୍ମ ପ୍ରତିବର୍ଷ ବଡ଼ଦାଣ୍ଡରେ ଉଭା ହୋଇଆସୁଛନ୍ତି ।

ଦାର୍ଶନିକମାନେ ରଥଯାତ୍ରାକୁ କଠୋପନିଷଦର ଭାଷାରେ ଶରୀର ରୂପକ ରଥରେ ଆତ୍ମାରୂପକ ରଥିର ଯାତ୍ରା ରୂପେ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ବିଷ୍ଣୁଙ୍କର ଦଶାବତାର ବର୍ଣ୍ଣନାରେ ବଳୀର ଦର୍ପନାଶ କରିବାକୁ ଯେଉଁ ପ୍ରଭୁ 'ବାମନ' ଅବତାର ନେଇଥିଲେ, ସେହି ପ୍ରଭୁ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ 'ବାମନ' ରୂପରେ ରଥାରୂଢ଼ ହୋଇଆସୁଛନ୍ତି । ଏଣୁ କୁହାଯାଏ ଯେ ରଥରେ ବାମନରୂପୀ ଦାରୁବ୍ରହ୍ମଙ୍କ ଦର୍ଶନରେ ପୁନଃଜନ୍ମ ହୁଏ ନାହିଁ ।

ରଥଯାତ୍ରା ଏକ ଗଣତାନ୍ତ୍ରିକ ଯାତ୍ରା । ସମାଜର ସକଳ ବର୍ଣ୍ଣର ନରନାରୀଙ୍କୁ ସାମ୍ୟ ଓ ଏକତାର ମନ୍ତ୍ର ଉଦ୍‌ଘୋଷଣା କରି ପ୍ରତିବର୍ଷ ଦାରୁବ୍ରହ୍ମ ରଥାରୂଢ଼ ହୋଇଆସୁଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ନରନାରୀ ନିଜକୁ ପବିତ୍ର କରି ଏହି ଯାତ୍ରାରେ ଦାରୁବ୍ରହ୍ମଙ୍କର ଦର୍ଶନ କରିଥାଆନ୍ତି ।

ଯୁଗ୍ମ ଶାସନ ସଚିବ
ବାଣିଜ୍ୟ ବିଭାଗ

---

# ନୀଳାଦ୍ରି ଚନ୍ଦ୍ରମା

ଇଂ. ରଘୁନାଥ ପାତ୍ର

ଗଂଗା ଯମୁନା କାବେରୀ କୃଷ୍ଣା ଗୋଦାବରୀ
ସବୁ ତୀର୍ଥ ଯିବା ପାଇଁ କହୁଛ ତ ପ୍ରିୟା !
ସବୁ ତୀର୍ଥ ପରା ଆସି ମିଶିଛି ସିନ୍ଧୁରେ
ତୀର୍ଥରାଜ ଦର୍ଶନରେ ପୂରି ଉଠେ ହିଆ ।

ତ୍ରିବେଣୀ ପବିତ୍ରଧାରା ମିଶିଛି ଏଇଠି
ମହୋଦଧି ଜଳେ ପରା ସବୁ ତୀର୍ଥ ଠୁଳ
ସେଥିପାଇଁ ବସିଛନ୍ତି ନୀଳାଦ୍ରି ଚନ୍ଦ୍ରମା
ପତିତପାବନ ବାନା ଉଡ଼େ ଫର ଫର ।

କେତେ ଜାତି କେତେ ଧର୍ମ କେତେ ଯେ ସଂସ୍କୃତି
ସବୁରି ସ୍ରୋତ ମିଶିଛି ସାଗର ସଲିଳେ
କେତେ ସାଧୁସନ୍ଥଙ୍କର କାଉଁରୀ ପରଶେ
ପବିତ୍ର ଏ ଭୂଇଁ ପ୍ରିୟା ! ଚିନ୍ତା କର ବାରେ ।

ସନ୍ଥ ତୁଳସୀ ନାନକ କବୀର ଚୈତନ୍ୟ
ମୀରାବାଈ ରାମାନୁଜ ବଲ୍ଲଭ ଆଚାର୍ଯ୍ୟ
ଶଙ୍କରାଚାର୍ଯ୍ୟ ଓ ଗଣପତି ଭଟ୍ଟ କେତେ
ନୀଳାଚଳେ ଠୁଳ ସନ୍ଥ ମହାତ୍ମା ସମାଜ ।

କହୁଛ ଅଯୋଧ୍ୟା ଯାଇ କରିବ ଦର୍ଶନ
ଭଗବାନ ଶ୍ରୀରାମଙ୍କୁ ଏତ ଭଲ କଥା
ବୃନ୍ଦାବନେ ଦ୍ୱାରକାରେ ଶ୍ରୀକୃଷ୍ଣ ଦର୍ଶନେ
ମୁଞ୍ଚିବ ଅଚିରେ ପ୍ରିୟା ଭବ ଦୁଃଖ ବ୍ୟଥା ।

ଜଗନ୍ନାଥ ମହାସ୍ରୋତେ ରାମକୃଷ୍ଣ ସ୍ରୋତ
ସବୁମିଶି ଏକାକାର ପ୍ରଶାନ୍ତ ସୁନ୍ଦର
ଜଗନ୍ନାଥଙ୍କ ଭୁଜରୁ ଆଜ୍ଞାମାଳ ପାଇ
ଲଭନ୍ତି ଜନମ ରାମକୃଷ୍ଣ ଅବତାର ।

ନିଜେ ପ୍ରଭୁ ରାମ କୃଷ୍ଣ ବାମନ ରୂପରେ
ଅପୂର୍ବ ଲୀଳା ବିଳାସ ପ୍ରଦର୍ଶନ କରି
ହରିଥାନ୍ତି ଭକ୍ତ ଚିତ୍ତ ବିବିଧ ପ୍ରକାରେ
ଜଗନ୍ନାଥ ସଂଗେ ପ୍ରିୟା ! ହେବ କିଏ ସରି !

କିଏ କହେ ଜଗନ୍ନାଥ ବୈକୁଣ୍ଠ ବିହାରୀ
କିଏ କହେ ଗଜାନନ, ଈଶାନ, ତପନ
ଦକ୍ଷିଣକାଳୀ ରୂପରେ ଚିନ୍ତାକରେ ଶାକ୍ତ
ଧନ୍ୟ ନୀଳାଦ୍ରି କାଳିଆ ବିଶ୍ୱ ବିମୋହନ !

ସବୁ ଅବତାର ଲୀଳା ଚାଲେ ନୀଳାଚଳେ
ଅଂଶ ଅଂଶୀ ସବୁ ସେହି ନୀଳାଦ୍ରି ଚନ୍ଦ୍ରମା
ଜଗନ୍ନାଥ-ସୁବର୍ଣ୍ଣରୁ ସବୁ ଅଳଙ୍କାର
ବାଞ୍ଛା କଳ୍ପ ପାଦପକୁ କି ଦେବା ଉପମା !

ବର୍ଷ ସାରା ଲୀଳାଚଳ ଲୀଳା ମୁଖରିତ
ଏପରି କେଉଁଠି ତୁମେ ଦେଖିଛ କୁହନି
ଶ୍ରୀରାମ ମନ୍ଦିରେ କେବେ ହୁଏ କୃଷ୍ଣ ଲୀଳା ?
ବିଷ୍ଣୁ ମନ୍ଦିରରେ କେବେ ଈଶାନ ଭବାନୀ ?

ରୁକ୍ମିଣୀଙ୍କ ପରିଣୟ ଉତ୍ସବ ସମୟେ
ଜଗନ୍ନାଥଙ୍କର ବାମ ଭୁଜୁ ଆଜ୍ଞାମାଳ
ଦିଆଯାଏ ରୁକ୍ମିଣୀଙ୍କୁ ରତ୍ନ ସିଂହାସନେ
ଦକ୍ଷିଣ ହସ୍ତୁ ପାଆନ୍ତି ଦ୍ୱାରକାଧୀଶ୍ୱର ।

ଏଥିରୁ ସୂଚିତ ହୁଏ ନୀଳାଚଳ ନାଥ
ପୁରୁଷ ଓ ପ୍ରକୃତିର ସମନ୍ୱୟ ରୂପ
ସେଥିପାଇଁ ମହାପ୍ରଭୁ ଚୈତନ୍ୟ କହନ୍ତି
ରାଧାକୃଷ୍ଣ ମିଶ୍ର ତନୁ ନୀଳାଦ୍ରି ଅରୂପ ।

ଜେଉଡ଼ ଖଟା ନୈବେଦ୍ୟ ରୂପେ ଦିଆଯାଏ
ରାମକୃଷ୍ଣ ଜନ୍ମୋତ୍ସବ ହେବା ପୂର୍ବଦିନ
କୌଶଲ୍ୟା ଦେବକୀ ପାଇଁ ଯାହାଗୋ ଉଦ୍ଦିଷ୍ଟ
ଭକ୍ଷିଥାନ୍ତି ମାତା ରୂପେ ନୀଳାଦ୍ରି ମୋହନ ।

ଜାଣିଲ ତ ଏବେ କିଏ ନୀଳାଚଳ ନାଥ ?
ସର୍ବ ଅବତାର ଉତ୍ସ, ସ୍ୱୟଂ ଅବତାରୀ
ମୂଳା ପ୍ରକୃତି ପରମ ପୁରୁଷ ମିଳନ
ଭୂମା ପୁରୁଷ ଅନାଦି ନୀଳାଦ୍ରି ବିହାରୀ ।

ବୃନ୍ଦାବନ ଧାମ
ଲୋକନାଥ ରୋଡ଼, ପୁରୀ-୧

# ଜଗନ୍ନାଥ ଧର୍ମ ଓ ଶ୍ରୀମହାଭାବ ତତ୍ତ୍ୱ



ଦୁର୍ଗାମାଧବ ଦାଶ

ଜଗନ୍ନାଥ ସଂସ୍କୃତି ଏକ ବିଶାଳ ସଂସ୍କୃତିର ଛାୟାରେ ବିଶ୍ୱବ୍ୟାପକ । ଏହି ସଂସ୍କୃତି କେଉଁଠୁ ଆରମ୍ଭ ହୋଇ କେଉଁଠି ଶେଷ ହୋଇଛି ବା ଶେଷ ହେବ, ତାହା ସାଧାରଣ ମଣିଷର ପରିକଳ୍ପନାର ବହୁ ଉର୍ଦ୍ଧ୍ୱରେ । ଶ୍ରୀକ୍ଷେତ୍ର ଭଗବାନଙ୍କ ଲୀଳା ଯେ ଅକଳନ ଓ ବୈଚିତ୍ର୍ୟମୟ, ଏଥିରେ କୌଣସି ସନ୍ଦେହ ନାହିଁ । ବୈଷ୍ଣବ ଭକ୍ତଙ୍କ ମତରେ ଜଗନ୍ନାଥ କ୍ଷେତ୍ରର ଅନ୍ୟନାମ 'ପୁରୀ' ହୋଇଥିବା ଦୃଷ୍ଟିରୁ ଏହି ଧାମ ସର୍ବୋତଭାବେ ନିଜର ସ୍ୱତନ୍ତ୍ରତା ରକ୍ଷା କରି ଶ୍ରୀକୃଷ୍ଣ ଭଗବାନଙ୍କ ନିତ୍ୟ ଗୃହ ବା ପୁର ଭାବେ ସର୍ବବିଦିତ । ଏହି ଦିବ୍ୟ କ୍ଷେତ୍ରରେ ରସରାଜ ଶ୍ରୀକୃଷ୍ଣ, ଅଗ୍ରଜ ବଳଦେବ ଓ ଭଗିନୀ ସୁଭଦ୍ରାଙ୍କ ସହ ଦାରୁବ୍ରହ୍ମ ରୂପରେ ନିତ୍ୟ-ଲୀଳାରେ ମଗ୍ନ ହୋଇ ରତ୍ନବେଦୀରେ ଅଧିଷ୍ଠିତ ହୋଇଛନ୍ତି । ସମୟେ ସମୟେ ମନରେ ପ୍ରଶ୍ନ ଉଠେ, ପ୍ରଭୁ ଜଗନ୍ନାଥ ଯଦି ଶ୍ରୀକ୍ଷେତ୍ରରେ ନିତ୍ୟ ନବକିଶୋର ରୂପରେ ସମସ୍ତଙ୍କ ସେବା ଗ୍ରହଣ କରୁଛନ୍ତି, ତାହାହେଲେ ସେ କାହିଁକି ଏଠାରେ ନଟବର ଶ୍ୟାମସୁନ୍ଦର ରୂପରେ ପ୍ରକଟିତ ନହୋଇ ଏକ ଅର୍ଦ୍ଧନିର୍ମିତ ବିଗ୍ରହ ରୂପରେ ପୂଜା ପାଇ ଆସୁଛନ୍ତି । ଏହାର କାରଣ କ'ଣ ହୋଇପାରେ ? ଅର୍ଦ୍ଧନିର୍ମିତ ବିଗ୍ରହତ କେଉଁଠି ବି ପ୍ରତିଷ୍ଠା ଯୋଗ୍ୟ ନୁହଁକି ? ପୂଜା ଯୋଗ୍ୟବି ନୁହଁ । ଅଥଚ ଶାସ୍ତ୍ରୋକ୍ତି ମୁତାବକ ବ୍ରହ୍ମାଦି ଦେବ କେମିତି ଏକ ଅର୍ଦ୍ଧନିର୍ମିତ ବିଗ୍ରହକୁ ଏଠାରେ ପ୍ରତିଷ୍ଠା କରିଥିଲେ ? ସରଳ ଭାଷାରେ ପ୍ରକାଶ କରିବାକୁ ଗଲେ, ଏହାର ଉତ୍ତର ଜଗନ୍ନାଥ ଧର୍ମର 'ଶ୍ରୀମହାଭାବ' ତତ୍ତ୍ୱ ଉପରେ ପ୍ରତିଷ୍ଠିତ ।

ଶ୍ରୀଲ ଗୌରଗୋବିନ୍ଦ ଗୋସ୍ୱାମୀଙ୍କ ଭାଷାରେ ଶ୍ରୀଜଗନ୍ନାଥ ପ୍ରେମର ଠାକୁର ଅଟନ୍ତି । ଶ୍ରୀକ୍ଷେତ୍ର ପୁରୀରେ ସର୍ବୋଚ୍ଚ ପ୍ରେମାବସ୍ଥାରେ ବିଭାବିତ ହୋଇ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣ ଶ୍ରୀଜଗନ୍ନାଥଙ୍କ ରୂପରେ ପ୍ରକଟିତ ହେବା ବିଧାତାଙ୍କ ଏକ ଅପୂର୍ବ ପରିକଳ୍ପନା । ଏହା ହିଁ ତାଙ୍କ ଶ୍ରୀମହାଭାବର ଏକ ଅପୂର୍ବ ପ୍ରତିଫଳନ । ଏହି ପ୍ରେମାବସ୍ଥାରେ ଭକ୍ତର ଭାବସହ ଭଗବାନଙ୍କ ଭାବ ବି ସ୍ୱୟଂ ପ୍ରକାଶିତ ହୋଇଥାଏ । ଭଗବାନଙ୍କ ପ୍ରତି ଭକ୍ତର ଭାବ ସତତ ବିରହାପ୍ଲୁତ ହୋଇଥିବାବେଳେ ଭଗବାନଙ୍କ ଭାବ ଭକ୍ତ ପ୍ରତି ବିରହୀର ଦରଦରେ ଗୋଚରୀଭୂତ ହୋଇଥାଏ । ଭକ୍ତ ପକ୍ଷରେ ଭକ୍ତିର ଭାବ ବିଶୁଦ୍ଧ ପ୍ରେମରେ ରସାପ୍ଲୁତ ହୋଇଥିବାରୁ ଏହି ବିଷୟାଭୂତ ଜଗତରେ ପ୍ରେମର ଠାକୁର ସହଜରେ ନିଜର ସତ୍ତା ଭୁଲିଯାଇ ଭକ୍ତ ପାଖରେ ତାର ଭାବ ଓ ଦୈନନ୍ଦିନ ପରିକଳ୍ପନାକୁ ଗ୍ରହଣ କରି ସହଜରେ ବନ୍ଧା ପଡ଼ିଯାନ୍ତି । ତେଣୁ କୁହାଯାଏ ଯେ ଭକ୍ତ ପ୍ରେମରେ ବିଭାବିତ ହୋଇ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ ନିଜ ବାସ୍ତବ ସତ୍ତା ହରାଇ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଓ ପ୍ରାକୃତ ବିଗ୍ରହ ରୂପରେ ଶ୍ରୀଜଗନ୍ନାଥଙ୍କ ନାମ ନେଇ ଶ୍ରୀକ୍ଷେତ୍ର ପୁରୀରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି । ଭାରତ ପ୍ରସିଦ୍ଧ ଚାରିଧାମ ମଧ୍ୟରେ ଏହି ପୁରୀ ଧାମ ହିଁ ଏକମାତ୍ର ଭୋଗ କ୍ଷେତ୍ର, ଯାହାକି ଭୌମ୍ୟ କ୍ଷେତ୍ର, ଦିବ୍ୟକ୍ଷେତ୍ର, ଶୈବକ୍ଷେତ୍ର, ନାଭିକ୍ଷେତ୍ର ଓ ଶ୍ରୀକ୍ଷେତ୍ର ବୋଲି କୁହାଯାଇଥାଏ । ପଣ୍ଡିତମାନଙ୍କ ମତରେ ସ୍ୱୟଂ ପରମପୁରୁଷ ଜଗନ୍ନାଥ ମହାପ୍ରଭୁ ରାମେଶ୍ୱରରେ ସ୍ନାନ କରିଥିବାବେଳେ, ଦ୍ୱାରିକାରେ ଅଙ୍ଗ ବେଶ ହୋଇ ଶ୍ରୀକ୍ଷେତ୍ର ପୁରୀରେ ଭୋଜନ କରିଥାନ୍ତି ଓ ପରିଶେଷରେ ବଦ୍ରିକାରେ ଶୟନ କରିଥାନ୍ତି । ଏହି ଦୃଷ୍ଟିରୁ ପୁରୀ କ୍ଷେତ୍ର ପ୍ରକଳ୍ପ ବହିର୍ଭୂତ । ଏହି ପରମକ୍ଷେତ୍ରର ମହିମାକୁ କେହି ବି ଠାବ କରିବାପାଇଁ ସକ୍ଷମ ନୁହନ୍ତି । ଏସବୁ ମହନୀୟତା ଓ ଉତ୍କର୍ଷତା ଦୃଷ୍ଟିରୁ ପୁରୀ କ୍ଷେତ୍ରରେ ଶ୍ରୀମହାଭାବର ଅଦ୍ୱିତୀୟ ପ୍ରତିଫଳନ ହୋଇଛି । ଏହି ମହାଭାବ ଯୋଗୁଁ ପ୍ରଭୁ ଜଗନ୍ନାଥଙ୍କ ରୂପ ଥାଇବି ଅରୂପ । ଆଖି ଥାଇବି ପଲକଶୂନ୍ୟ, ପାଦ ନଥାଇବି ସେ ସର୍ବବ୍ୟାପୀ । ହାତ ନ ଥାଇବି ସେ ଷାଠିଏ ପଉଟି ଭୋଗ ଗ୍ରହଣ କରିଥାନ୍ତି । ପରିଶେଷରେ ସେ ସଗୁଣ, ନିର୍ଗୁଣ ଉଭୟ ବିଭୂତିରେ ଉଦ୍‌ଭାସିତ ହୋଇ ପୁରୁଷୋତ୍ତମ ଧାମରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି । ଏହା ହିଁ ସେହି ମହାଭାବର ଅପୂର୍ବ ପରାକାଷ୍ଠା !

ଏହି ମହାଭାବ ସୃଷ୍ଟି ହୁଏ ବ୍ରଜର ପବିତ୍ର ଭୂମିରେ, ଯେଉଁ ଶ୍ରୀକୃଷ୍ଣଙ୍କ ଅଙ୍ଗ ସ୍ପର୍ଶକରି ଯେଉଁ ବାୟୁ ପ୍ରବାହିତ ହୁଏ, ତାହା ସଂଜୀବନୀ ପରି କାର୍ଯ୍ୟ କରିଥାଏ । ସେହି ମହାଭାବର ଉତ୍କର୍ଷତା ଶ୍ରବଣ କରି ଏପରିକି ଭଗବାନ ଶ୍ରୀକୃଷ୍ଣ, ଅଗ୍ରଜ ବଳରାମ ଓ ଭଗିନୀ ସୁଭଦ୍ରାବି ନିଜ ନିଜର ସତ୍ତା ହରାଇ ଏକ ବିଚିତ୍ର ରୂପ ସମ୍ଭାରରେ ପ୍ରତୀୟମାନ ହୋଇଥିଲେ । ତାହା ନିମ୍ନଲିଖିତ ପ୍ରସଙ୍ଗରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ ।

ଦ୍ୱାପର ଯୁଗର ଅଦ୍ୱିତୀୟ ଘଟଣାଟିଏ । ଭଗବାନ ଶ୍ରୀକୃଷ୍ଣ ବ୍ରଜଧାମ ପରିତ୍ୟାଗ କରି ଏକ ମହାନ୍ ଲକ୍ଷ୍ୟ ନେଇ ଦ୍ୱାରିକା ପୁରୀରେ ଅବସ୍ଥାନ କରୁଥାନ୍ତି । ରାଜକୀୟ ପରିବେଷ୍ଟନୀରେ ଥାଇବି ସେ ବ୍ରଜଭୂମି ବିଶେଷ କରି ଗୋପୀମାନଙ୍କ ନିର୍ମଳ ଭକ୍ତିକୁ କେବେହେଁ ଭୁଲି ପାରୁନଥାନ୍ତି । ଏପରିକି ସ୍ୱପ୍ନରେ ବି ବ୍ରଜ ଜନମାନଙ୍କ କଥାଭାବି ସମୟେ ସମୟେ ରାତ୍ରିରେ ଅଦ୍‌ଭୂତ ପ୍ରଳାପ କରୁଥାନ୍ତି । ବହୁବାର ଏମିତିକା ଅପ୍ରତିଭ ଘଟଣାମାନ ଦ୍ୱାରିକାର ଅଷ୍ଟପାଟରାଣୀମାନଙ୍କ କର୍ଣ୍ଣଗୋଚର ହେବା ପରେ ସେମାନେ ଚିନ୍ତାରେ ବିମର୍ଷ ହୋଇପଡ଼ିଲେ ।

ଦିନକର ଘଟଣା । ଶ୍ରୀକୃଷ୍ଣ ରାଜସଭାରେ ଯୋଗ ଦେବାପାଇଁ ବ୍ୟଗ୍ରତାର ସହ ପ୍ରସ୍ତୁତ ହେଉଥାନ୍ତି । ଏମିତିକା ଏକ ସମୟରେ ରୁକ୍ମିଣୀ ଭଗବାନଙ୍କ ସଦନକୁ ଯାଇ ଉପରୋକ୍ତ ଘଟଣା ସଂପର୍କରେ ତାଙ୍କୁ ଜିଜ୍ଞାସା କରିଥିଲେ । ଶ୍ରୀକୃଷ୍ଣତ ରାଜସଭାକୁ ଯିବା ପାଇଁ ଉଦ୍ୟତ ହେଉଥାନ୍ତି । ସେ ସବୁ ଶୁଣିବି କିଛି ନ ଶୁଣିଲା ପରି କହିଲେ, ଦେବୀ, ମୋର ବର୍ତ୍ତମାନ ସମୟ ନାହିଁ । ଯାହାକିଛି ପଚାରିବାର କଥା ମାତା ରୋହିଣୀକୁ ପଚାର । ସେ ତୁମର ସଙ୍କା ବିମୋଚନ କରିପାରିବେ । ରୁକ୍ମିଣୀ ଆଉ କିଛି ପଚାରିନଥିଲେ । ଶ୍ରୀକୃଷ୍ଣ ତାଙ୍କ ବାଟରେ ରାଜସଭାକୁ ଚାଲି ଯାଇଥିଲେ । ଶେଷରେ ରୁକ୍ମିଣୀ ଦୁଃଖଭରା ହୃଦୟରେ ନିଜ ସଦନକୁ ଫେରିବା ପାଇଁ ବାଧ ହୋଇଥିଲେ । ତାଙ୍କ ବିଷର୍ଣ୍ଣଭରା ମୁହଁକୁ ଦେଖି ରୋହିଣୀ ରୁକ୍ମିଣୀଙ୍କୁ ପ୍ରଶ୍ନ କଲେ, 'ବୋହୂ, କ'ଣ ହୋଇଛି ତୁମର ? ଆଜି ତୁମ ମନ ଭଲ ନଥିଲା ପରି ଜଣାଯାଉଛି ! ଘଟଣା କ'ଣ ?

ସତରେ ସେଦିନ ରୁକ୍ମିଣୀଙ୍କ ମନ ଭଲ ନଥିଲା । ରୁକ୍ମିଣୀ କହିଥିଲେ, 'ମାତା, ଆମ ପ୍ରାଣପ୍ରିୟଙ୍କୁ ଦେଖି ଆମେ ଅଷ୍ଟପାଟରାଣୀ ଦୁଃଖ ଓ ହତାଶରେ ଭାଙ୍ଗି ପଡ଼ିଛୁ । ଆମେ ସଭିଏଁ ନିଷ୍ଠାର ସହ ପ୍ରଭୁଙ୍କ ସେବା କଲେ ବି ସେ କୌଣସି ସମୟରେ ଆମ ବ୍ୟବହାରରେ ସନ୍ତୁଷ୍ଟ ନଥିଲା ପରି ଜଣାଯାଉଛନ୍ତି । କାୟ, ମନ, ବାକ୍ୟରେ ସେ ଗୋପୀମାନଙ୍କୁ ମନେପକାଇ ସର୍ବଦା ଆତ୍ମହରା ହୋଇପଡ଼ନ୍ତି । ଏପରିକି ସ୍ୱପ୍ନରେ ବି ତାଙ୍କ କଥା ହିଁ ମନେ ପକାନ୍ତି । ଏହାର କାରଣ କ'ଣ, ଆମେ ବୁଝିପାରୁନୁ । ଆପଣ ଦୟାବହି ଆମର ସଙ୍କା ବିମୋଚନ କରନ୍ତୁ ।'

ରୋହିଣୀ ଉତ୍ତରରେ କହିଲେ, 'ଭଲ କଥାଟିଏ କହିଲ, ରୁକ୍ମିଣୀ । ବାସ୍ତବରେ କଥାଟି ଅତ୍ୟନ୍ତ ଗୁରୁତର । ତୁମେ ଯାହା ପଚାରୁଛ, ତାହା ଏକ ଗୂଢ଼ତତ୍ତ୍ୱ ଅଟେ । ତୁମେ ଯେଉଁ ରାଧା ଓ ଗୋପୀମାନଙ୍କ କଥା ସ୍ମରଣ କରି ଏତେଟା ବିବ୍ରତ ହୋଇ ପଡୁଛ, ସେମାନେ ସାଧାରଣ ପ୍ରାଣୀ ନୁହନ୍ତି । ସେଇ ବ୍ରଜ କଥାରେ ଏତେଟା ଆକର୍ଷଣ ରହିଛି ଯେ, ତାହା ଶୁଣିବା ମାତ୍ରେ କୃଷ୍ଣ ଆତ୍ମ ବିଭୋର ହୋଇପଡ଼େ । ତା'ଛଡ଼ା ଯେଉଁଠାରେ ଏହି କଥା ଆଲୋଚନା ହୁଏ, ତା'ର ମାଧୁର୍ଯ୍ୟ ସମ୍ଭୋଗ କରିବା ପାଇଁ ସେ ସେହି ସ୍ଥାନରେ ତୁରନ୍ତ ଉପସ୍ଥିତ ହୋଇଯାଏ । ତେଣୁ ମୁଁ କେମିତି ଏ ବିଷୟ ଆଲୋଚନା କରିବି କହିଲ ?

ଏକ ଗମ୍ଭୀର ପରିବେଶ ଭିତରେ ରୋହିଣୀ ଓ ରାଣୀମାନଙ୍କ ଭିତରେ ଆଲୋଚନା ଚାଲିଥାଏ । ବିଧିରେ ସେଠାରେ ରାଜବାଟୀର ପରିଚାରିକାମାନେବି ଉପସ୍ଥିତ ରହିଥାନ୍ତି । ସମସ୍ତଙ୍କ ଅନୁରୂପ ପ୍ରଶ୍ନ । କ'ଣ ସେ ବ୍ରଜଭୂମି ? କେଉଁ ପ୍ରକାରର ପ୍ରାଣୀ ସେହି ଗୋପୀଏ ? କ'ଣ ତାଙ୍କ ଆଭିମୁଖ୍ୟ, ଏମିତି କି ଛଟା ରହିଛି ସେ ରାଧାରାଣୀଙ୍କ ସ୍ୱରୂପରେ ଯେ ଦ୍ୱାରିକାଧୀଶ ତାଙ୍କ ପ୍ରତି ଏତେ ପରିମାଣରେ ଆକର୍ଷିତ ହୋଇପଡ଼ନ୍ତି ? ଏ ସବୁର ରହସ୍ୟକୁ ନିଶ୍ଚିତ ଭାବେ ଉନ୍ମୋଚନ କରିବାକୁ ପଡ଼ିବ । ରୁକ୍ମିଣୀ ଏମିତି ମନେ ମନେ ଭାବୁଥାନ୍ତି ।

ଶେଷରେ ରୋହିଣୀ ମାତା କହିଲେ, 'ଶୁଣ ରୁକ୍ମିଣୀ । ଗୋପପୁରର ସବୁ ରହସ୍ୟ ମୁଁ ନିଶ୍ଚିତ ଭାବେ କହିବି, କିନ୍ତୁ ଆମ କୋଠରିର ଦ୍ୱାର ଦେଶରେ ଜଣେ କେହି ଜଗୁଆଳ ଭାବରେ ରହିବାକୁ ପଡ଼ିବ । ଯେମିତି ବଳରାମ ଓ କୃଷ୍ଣ ଏଇ ସ୍ଥାନକୁ ପ୍ରବେଶ ନକରନ୍ତି । କାରଣ ସେମାନେ ଆସିଗଲେ କଥା ସରିଲା । ଗୋପପୁରର କଥା ଶୁଣିବା ମାତ୍ରେ ସେମାନେ ସଂଜ୍ଞାହୀନ ହୋଇଯାଆନ୍ତି । କିନ୍ତୁ ଜଗିବ କିଏ ? ରୋହିଣୀ ଜଣ ଜଣ କରି ସବୁରାଣୀଙ୍କୁ ପଚାରିଲେ । କିନ୍ତୁ କେହିବି ଜଗିବା ପାଇଁ ରାଜି ହେଲେନି । କାରଣ ସମସ୍ତେ ଗୋପପୁର ରହସ୍ୟ ଶୁଣିବା ପାଇଁ ତତ୍ପର । ତେଣୁ ସବୁ ରାଣୀଏ ଅଳିଅଳୀ ନଣନ୍ଦ ସୁଭଦ୍ରାଙ୍କୁ ଦ୍ୱାରଦେଶ ଜଗିବାପାଇଁ ଅନୁରୋଧ କରିଥିଲେ । ରାଣୀମାନଙ୍କ ପ୍ରସ୍ତାବରେ ସୁଭଦ୍ରା ଆପତ୍ତି କରିନଥିଲେ । ତା'ପରେ ରୋହିଣୀ ବ୍ରଜପୁରୀର ଗହନ ବିଷୟ ସମସ୍ତଙ୍କ ଆଗରେ ଆଲୋଚନା କରିଥିଲେ ।

ବ୍ରଜପୁର ! ଏକ ଅପୂର୍ବ ଶାହରଣ ଓ ପରିବେଶର ଜ୍ୱଳନ୍ତ ଉଦାହରଣ ଥିଲା । ରୋହିଣୀ ମାତା ବ୍ରଜପୁର ଓ ଦ୍ୱାରିକାପୁରର ତୁଳନାତ୍ମକ ବିବରଣୀ ପରିବେଷଣ କରି କହିଲେ, 'ଶୁଣ ରୁକ୍ମିଣୀ ବ୍ରଜପୁରର ଫଳ, ପୁଷ୍ପ, ଲତା, କୁଞ୍ଜ ସବୁଥିରେ କୃଷ୍ଣଙ୍କ ଆବେଗଭରା ପ୍ରେମାଭାସ ସତତ ପରିପୂର୍ଣ୍ଣ ହୋଇ ରହିଥାଏ । ସେଠାର ଶୁକ, ଶାରୀ ସଭିଏଁ କାକଳୀର ଝଙ୍କାର ଭିତରେ ସତେ ଯେମିତି ଭକ୍ତିର ସହ 'କୃଷ୍ଣ କୃଷ୍ଣ' ନାମକୁ ବାରମ୍ବାର ଉଚ୍ଚାରଣ କରୁଥାନ୍ତି । ଗୋପୀଏ ସର୍ବସ୍ୱ ପରିତ୍ୟାଗ କରି କୃଷ୍ଣ ସେବାରେ ନିଜକୁ ଅହର୍ନିଶି ନିୟୋଜିତ କରିଥାନ୍ତି । ଗୋପବାସୀ କୃଷ୍ଣଙ୍କ ଅଲୌକିକତାକୁ ଭଲଭାବେ ଉପଲବ୍ଧି କରିଥିଲେ । ସେମାନେ କାହ୍ନାକୁ ଗୋପର ରକ୍ଷାକାରୀ ଦେବଦୂତ ସଦୃଶ୍ୟ ମଣୁଥିଲେବି, ଯଶୋଦାଙ୍କ କୋଳରେ ସେ ଜଣେ ସାମାନ୍ୟ ପୁତ୍ରର ଲୀଳା ପ୍ରକଟକରି ମା'ଙ୍କୁ ଅପାର ଆନନ୍ଦ ପ୍ରଦାନ କରୁଥିଲେ । ରାଜା ନନ୍ଦଙ୍କଠାରୁ ଆରମ୍ଭ କରି ବ୍ରଜର ନରନାରୀ ସଭିଏଁ କୃଷ୍ଣଙ୍କ ଆନନ୍ଦ ବିଧାନରେ ମଗ୍ନ ରହି ତାଙ୍କୁ ଗଭୀର ଅନୁରାଗ ପ୍ରଦର୍ଶନ କରୁଥାନ୍ତି । ଜଣାଯାଏ, ସତେ ଯେମିତି ସମଗ୍ର ବ୍ରଜଭୂମି କୃଷ୍ଣଙ୍କ ଅତୁଟ ସେବାରେ ଅଧୀରତା ପ୍ରକାଶ କରି ନିଜର ମୌଳିକ ଧର୍ମ ଅଙ୍ଗୀକାର କରିବାରେ ସବୁବେଳେ ତତ୍ପର ଓ ବ୍ୟଗ୍ର । ଭକ୍ତ ଯେମିତି ଭଗବାନଙ୍କ ସେବାପାଇଁ ବ୍ୟାକୁଳ, ଭଗବାନ ସେମିତି ଭକ୍ତର ସୁରକ୍ଷା ପାଇଁ ଅସ୍ଥିର । ରୁକ୍ମିଣୀ ତୁମେ ଜାଣ, ଦ୍ୱାରିକାରେ କୃଷ୍ଣତ ନିଶ୍ଚିତ ଭାବେ ରାଜାର ସମ୍ମାନରେ

ଉଦ୍‌ଭାସିତ । ହେଲେ ବ୍ରଜଭୂମିର ଐକାନ୍ତିକ ପ୍ରେମ ଓ ଭକ୍ତି ଦ୍ୱାରିକାରେ ତୁମେ କେଉଁଠୁ ପାଇବ କହିଲ ? ଗୋପପୁରର କୁଞ୍ଜଲତା ଓ ଦ୍ୱାରିକାର ରାଜପ୍ରାସାଦ - ଏ ଦୁହିଁଙ୍କ ମଧ୍ୟରେ ଗୋପପୁରର କୁଞ୍ଜ ଲତା ହିଁ ନିବିଡ଼ତାର ତରାଜୁରେ ଅଧିକ ଭାରସାପେକ୍ଷ । ପ୍ରଥମଟି ପ୍ରେମାଶିକ୍ତ ଭକ୍ତିରସରେ ରସାପ୍ଳୁତ ହୋଇଥିବାବେଳେ, ଅନ୍ୟଟି ଅପ୍ରାକୃତ, କୃତ୍ରିମ ପ୍ରେମ ଡୋରିରେ ଅନୁବନ୍ଧିତ ଥିଲାପରି ଅନୁଭୂତ ହୋଇଥାଏ । ଏ ସବୁର ତାତ୍ପର୍ଯ୍ୟକୁ ତୁମେ କ'ଣ ଅସ୍ୱୀକାର କରିପାରିବ, ରୁକ୍ମିଣୀ ।'

ରୋହିଣୀ ଆହୁରି କହିବାକୁ ଲାଗିଲେ, 'ଗୋପପୁରର ଯେଉଁ ସ୍ୱତନ୍ତ୍ର ମହାତ୍ମ୍ୟ ରହିଛି, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଜଗତରେ ଭକ୍ତି ରସକୁ ଅନୁଭବ ଦ୍ୱାରା ହିଁ ଉପଲବ୍ଧ କରାଯାଇପାରିବ । ଥରେ ଭକ୍ତବତ୍ସଳ ନାରଦ ଗୋପପୁରରେ ଅବତୀର୍ଣ୍ଣ ହୋଇ ବାଳକ କୃଷ୍ଣଙ୍କୁ ଦେଖିବା ପରେ ମୋହ ଗ୍ରସ୍ତ ହୋଇ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇ ପଡ଼ିଥିଲେ । କୃଷ୍ଣ ଯେତେବେଳେ ଦ୍ୱାରିକାରେ ଅଛନ୍ତି ଦ୍ୱାରିକାତ ନିଶ୍ଚିତ ଭାବେ ଆକର୍ଷଣୀୟ ହେବ ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଗୋପପୁରର ଆକର୍ଷଣ ଯେ ସବୁଠାରୁ ଅତି ବିଚିତ୍ର, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଏହି ପାବନ ଭୂମିରେ ପରମାତ୍ମା ଜୀବ ପଛରେ ଗୋଡାଇ ଥାନ୍ତି ଜୀବକୁ ମୁକ୍ତି ଦେବାପାଇଁ । ଜୀବ ପରମାତ୍ମାଙ୍କ ପଛରେ ଧାଇଁ ନଥାଏ ।

ଥରେ ନାରଦ ଗୋପପୁରରେ ଅବତୀର୍ଣ୍ଣ ହୋଇ ନନ୍ଦରାଜାଙ୍କ ଅଗଣାରେ ବାଳଗୋପାଳଙ୍କୁ ଦର୍ଶନ କରିଥିଲେ । ସେଦିନ କାହ୍ନା ସକାଳୁ ସକାଳୁ ମା'ଙ୍କ ପଛରେ ଦୌଡ଼ି ମାଖନ ଖାଇବା ପାଇଁ ଭାରି ହଟ କରୁଥାନ୍ତି । ଯଶୋଦା ମାତା ଘର କାର୍ଯ୍ୟରେ ବ୍ୟସ୍ତରହି କୃଷ୍ଣଙ୍କ ଆବଶ୍ୟକତାକୁ ପରିତୃପ୍ତ କରିପାରୁନଥାନ୍ତି । କାହ୍ନା ମା'ଙ୍କ ପଣତକାନି ଧରି କାନ୍ଦି କାନ୍ଦି ଯଶୋଦାଙ୍କ ପଛରେ ଗୋଡାଇ ଥିବାବେଳେ ଯଶୋଦା ନିଜ କାର୍ଯ୍ୟରେ ବ୍ୟସ୍ତ ରହି ଏପଟ ସେପଟ ଘୁରି ବୁଲୁଥାନ୍ତି । ଏତିକିବେଳେ ନାରଦ କୃଷ୍ଣଙ୍କ ଦିବ୍ୟ ସ୍ୱରୂପ ଦର୍ଶନ କରି ନିଜକୁ କୃତ କୃତ ମଣିଥିଲେ । ସେ ଭାବିଥିଲେ, ପରମାତ୍ମାଙ୍କ ଫେରେ ଏମିତିକା ଅବସ୍ଥା ! ଭକ୍ତବତ୍ସଳ ନାରଦ ନିଜ ଚକ୍ଷୁ ଯୁଗଳକୁ ବିଶ୍ୱାସ କରିପାରିନଥିଲେ । ଶେଷରେ ସେ ନିଜର ଭାବୋଶୃଙ୍ଖଳତାକୁ ପରିହାର କରି ଗୋପପୁରର ରହସ୍ୟାଦି ପ୍ରତି ନିଜର ଭକ୍ତିପୂତ ଅଭିବାଦନ ଜଣାଇଥିଲେ । ଗୋପପୁରର ରାସଲୀଳାତ ଆହୁରି ଅଲୌକିକ, ଏହାକୁ ଭାଷାରେ ବର୍ଣ୍ଣନା କରିହେବନି, ରୁକ୍ମିଣୀ । ଏଥିପାଇଁ ଭକ୍ତି ରସାପ୍ଳୁତ ହୃଦୟ ଆବଶ୍ୟକ । କାହୁଁ ମିଳିବ ଏସବୁର ଭାବାନ୍ତର ଦ୍ୱାରିକାପୁରରେ, କହିଲ ? ଏଠି ଯାହା ଦେଖୁଛ ସବୁ ଅପ୍ରାକୃତ, ସବୁକିଛି ଯେମିତି ସ୍ୱାଭାବିକ ରୀତିରେ ଗଡ଼ି ଚାଲିଛି ।

ତୁମେ ଜାଣ ରୁକ୍ମିଣୀ, କୃଷ୍ଣ ଯେତେବେଳେ କଂସ ରାଜାର ବଂଦିଶାଳାରେ ଜନ୍ମ ଗ୍ରହଣ କରିଥିଲା, ବାସୁଦେବ ସେତେବେଳେ କୃଷ୍ଣର ସୁରକ୍ଷା କାମନା କରି ଯଜ୍ଞଟିଏ ସହ ଗୋଦାନ ବିଚାରରେ ଲକ୍ଷେ ଗାଈ ଦାନ କରିବା ପାଇଁ ଗୋଟିଏ ବଡ଼ ସଂକଳ୍ପ କରିଥିଲେ ।

ପରବର୍ତ୍ତୀ ସମୟରେ ନାରଦମୁନି ସେହି କଥାଟିକୁ ମନେପକାଇ ଦେବାରୁ ବାସୁଦେବ ପୂର୍ବ ନିର୍ଦ୍ଧାରିତ ସଂକଳ୍ପ ଅନୁଯାୟୀ ସେହି ଯଜ୍ଞକୁ ଦ୍ୱାରିକାରେ ଆୟୋଜନ କରିଥିଲେ, ଯାହା ତୁମେମାନେ ଭଲଭାବେ ଜାଣିଛ । କିନ୍ତୁ ଏ ଯଜ୍ଞର ଗୁହ୍ୟ କଥାଟିକୁ ଜାଣିବାପାଇଁ ତୁମେ କେତେବେଳେ ସୁଯୋଗ ପାଇନଥିଲ । ଆଜି ତାହା ମୁଁ ତୁମ ଆଗରେ ପ୍ରକାଶ କରୁଛି, ମନ ଦେଇ ଶୁଣ ।

ଯଜ୍ଞର ଆୟୋଜନ କରୁଥାନ୍ତି କଂସଙ୍କ ମାତା ମହାରାଣୀ ପଦ୍ମା । ଦେବକୀ ବସୁଦେବଙ୍କ ପତ୍ନୀ ହେଲେବି ଯଜ୍ଞାନୁଷ୍ଠାନ କାର୍ଯ୍ୟରେ ତାଙ୍କର କୌଣସି ବିଶେଷ ଭୂମିକା ଗ୍ରହଣ କରିବାର ସୁଯୋଗ ନଥିଲା । ସବୁ କାର୍ଯ୍ୟ ମହାରାଣୀ ପଦ୍ମାଙ୍କ ନିର୍ଦ୍ଦେଶରେ ହିଁ ଆୟୋଜିତ ହେଉଥାଏ । ଏଥିପାଇଁ ପଦ୍ମା କେବଳ ଗୋପପୁରକୁ ଛାଡ଼ି ତ୍ରିପୁରର ଅନ୍ୟ ସବୁରାଜ୍ୟକୁ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ ଆବଣ୍ଟନର ଦାୟିତ୍ୱ ଦିଆଯାଇଥିଲା ନାରଦ ମୁନିଙ୍କୁ । ସେ ସର୍ବତ୍ର ବିଚରଣ କରି ପଦ୍ମାଙ୍କ ନିର୍ଦ୍ଦେଶ ମୁତାବକ ନିମନ୍ତ୍ରଣ ପତ୍ର ଆବଣ୍ଟନ କରିଥିଲେ । ତୁମେ ଜାଣ ରୁକ୍ମିଣୀ, ଗୋପପୁରକୁ ସେ କାହିଁକି ନିମନ୍ତ୍ରଣ କରିନଥିଲେ ? ସେଇଟା ବି ଗୋଟିଏ ଗୁମର କଥାଟିଏ । ପ୍ରତ୍ୟକ୍ଷ ଭାବେ ହେଉ ବା ପରୋକ୍ଷ ଭାବେ ହେଉ, ସବୁକିଛି ସେଇ କୃଷ୍ଣଙ୍କ ଇଙ୍ଗିତରେ ହିଁ ସମାହିତ ହେଉଥାଏ । କିନ୍ତୁ ଲୋକ ଦେଖାଣିଆ ଦୃଷ୍ଟିରୁ ଯାହା ଜଣାଯାଉଥିଲା, ପଦ୍ମା ହିଁ ଯଜ୍ଞାନୁଷ୍ଠାନ କାର୍ଯ୍ୟରେ ସବୁକିଛି ଯେମିତି ଚୟନ କରୁଥାନ୍ତି । ଏ ସଂକ୍ରାନ୍ତରେ ଅସଲ ରହସ୍ୟଟିକୁ କେହି ବି ଠଉରେଇ ପାରିନଥିଲେ । କୃଷ୍ଣ ଭଲ ଭାବେ ଜାଣିଥିଲେ ଯେ, ଗୋପପୁରକୁ ନିମନ୍ତ୍ରଣ ନକଲେ ବି ଗୋପର ସମସ୍ତେ ନିଶ୍ଚିତ ଭାବେ ଦ୍ୱାରିକାକୁ ଆସି ଯଜ୍ଞାନୁଷ୍ଠାନରେ ଆନ୍ତରିକ ଭୂମିକା ଗ୍ରହଣ କରିବେ । ଫଳରେ ସେମାନେ ମହାନୁଭାବତା ବିଶେଷ ଭାବେ ପ୍ରକଟିତ ହୋଇପାରିବ ।

ନାରଦ ମୁନି ଘୁରି ଘୁରି ସବୁ ରାଜ୍ୟକୁ ନିମନ୍ତ୍ରଣ କରି ଶେଷରେ ଗୋପପୁରରେ ପହଞ୍ଚି ଥିଲେ । ପରେ ପରେ ସେ ନନ୍ଦରାଜାଙ୍କୁ ଭେଟି ସବୁକଥା ଜଣାଇ ଥିଲେ । ଘଟଣା ଚକ୍ରରେ ସବୁକଥା ଶୁଣି ନନ୍ଦରାଜ ପ୍ରଥମେ ଭାଙ୍ଗି ପଡ଼ିଥିଲେ । ଭାଙ୍ଗି ପଡ଼ିବା ବି ସ୍ୱାଭାବିକ । କାରଣ କୃଷ୍ଣର ଯଜ୍ଞରେ ନନ୍ଦ ଓ ଯଶୋଦାଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଅସମ୍ଭବ । ତାହା କେମିତି ହେବ କଥାଟି ଶୁଣି, ସେ ବାରମ୍ବାର ନିଜକୁ ଧୀକ୍କାର କରୁଥାନ୍ତି । କିନ୍ତୁ ଯଶୋଦାଙ୍କ କୌଣସି ପ୍ରତ୍ୟକ୍ଷ ପ୍ରତିକ୍ରିୟା ହିଁ ନଥିଲା । ଭିତରେ ଭିତରେ ଭାଙ୍ଗି ପଡ଼ିଥିଲେ ବି, ବାହାରକୁ ସେ କୌଣସି କଥା ପ୍ରକାଶ କରୁନଥାନ୍ତି । କଥାଟି ଶୁଣିବା ପରେ ତାଙ୍କର କୌଣସି ଉତ୍ତେଜନା ନଥିଲାକି ଅବସାଦ ବି ନଥିଲା । ମା' ଯେତେବେଳେ, ପୁଅର ସବୁକଥା ଘୋଡାଇ ରଖିବାତ ତାଙ୍କର ପବିତ୍ର ଧର୍ମ । ନାରଦଙ୍କଠାରୁ ଯଜ୍ଞାନୁଷ୍ଠାନ କଥା ଶୁଣି ସେ ବରଂ ଖୁସୀ ଥିବାପରି ବାହାରକୁ ପ୍ରକାଶ କରୁଥାନ୍ତି । ଶେଷରେ ଠିକ୍ ହେଲା ସେମାନେ ବହୁବିଧ ସମ୍ଭାର ନେଇ ଦ୍ୱାରିକାରେ ଯଥାଶୀଘ୍ର ଉପସ୍ଥିତ ରହିବେ । ପରେ ପରେ ନନ୍ଦରାଜାଙ୍କ ସହ ଯଶୋଦା ଗୋପ, ଗୋପୀ, ରାଧାରାଣୀ ଏମିତି

ସଭିଏଁ ଯଥୋଚିତ ଦହି ଦୁଧ ଲବଣୀ, ସର ଇତ୍ୟାଦି ନେଇ ପ୍ରଭାସ କ୍ଷେତ୍ରକୁ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ।

ଅନ୍ୟପକ୍ଷରେ ନାରଦ ଏମାନଙ୍କ ଯାତ୍ରାରମ୍ଭ ପୂର୍ବରୁ ଦ୍ୱାରିକାରେ ପହଞ୍ଚି ସବୁ ତଥ୍ୟ ପଦ୍ମାବତୀଙ୍କୁ ଜଣାଇଥିଲେ । ନାରଦ କହିଲେ ଦେବୀ, ଆପଣ କହିଥିବା ପ୍ରକାରେ ମୁଁ ସବୁ ରାଜ୍ୟକୁ ଯାଇ ଆପଣଙ୍କ ନିମନ୍ତ୍ରଣ ଜଣାଇ ଫେରିଛି । କିନ୍ତୁ ଭୁଲକ୍ରମେ ଆପଣ ଗୋଟିଏ ରାଜ୍ୟକୁ ଆପଣଙ୍କ ନିମନ୍ତ୍ରଣରୁ ବାଦ୍ ଦେଇଥିଲେ । ସେଇ ରାଜ୍ୟଟି ଯମୁନା କୂଳରେ ଅବସ୍ଥିତ । ମୁଁ କିନ୍ତୁ ସେଠାକୁ ଯାଇ ଆପଣଙ୍କ ନିମନ୍ତ୍ରଣ ଜଣାଇ ଦେଇଛି । ଏହା ଶୁଣି ଆପଣ ନିଶ୍ଚିତ ଭାବେ ଖୁସି ହେବେନା ?

ମୁନିବର ନାରଦଙ୍କ କଥା ଶୁଣି ପଦ୍ମାଙ୍କ ହଂସା ଭିଡ଼ିଯାଇଥିଲା । ସେତ ଗୋପପୁରକୁ ନିମନ୍ତ୍ରଣ କରିବା ପାଇଁ ଆଦୌ ଇଚ୍ଛା କରିନଥିଲେ । ପଦ୍ମା କହିଲେ, ହେ ମୁନି ନାରଦ, ତୁମେ ଗୋପପୁରକୁ ନିମନ୍ତ୍ରଣ କରି ମୋତେ ଗଭୀର ଉତ୍ତେଜନା ଭିତରକୁ ଠେଲି ଦେଇଛ । ତୁମେ ସେ ସ୍ଥାନକୁ କାହିଁକି ଗଲ, କହିଲ ? ସବୁ ପଣ୍ଡ ହୋଇଗଲା, ମୁଁ ଗୋପପୁରକୁ ନିମନ୍ତ୍ରଣ କରିବା ପାଇଁ ଆଦୌ ଇଚ୍ଛା କରିନଥିଲି । ଗୋପପୁର ଓ ସେଠାର ଶାସକ ନନ୍ଦରାଜାଙ୍କୁ ତୁମେ କ'ଣ ଜାଣିନ, ନାରଦ ?

ନାରଦ ପଦ୍ମାଦେବୀଙ୍କ ନିଷ୍ଠୁରତା ଦେଖି କହିଲେ, ମା' ମୁଁ କ'ଣ ଜାଣିଥିଲି ସେଇଟା ଗୋପପୁର ବୋଲି ? ଜାଣିଥିଲେ କ'ଣ ମୁଁ ସେଠାକୁ ଯାଇଥାନ୍ତି ? ସେ ଯାହାହେଉ, ବର୍ତ୍ତମାନ ସେମାନେ ଆସିଯିବେ ଯେତେବେଳେ, ଆମେ କ'ଣ କରିବା, କହିଲେ ?

ପଦ୍ମାଙ୍କ କ୍ରୋଧଦେଖି ଦେବକୀ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ମାତା, ଯଜ୍ଞ ସ୍ଥଳରେ ଶହ ଶହ ପ୍ରହରୀ ରହିଥିବେ ତା'ଛଡ଼ା, ଆମେ ଯଦି ପ୍ରହରୀମାନଙ୍କୁ ସତର୍କ କରେଇଦେବା, ଗୋପପୁରର କେହିବି ଯଜ୍ଞ ସ୍ଥଳରେ ପହଞ୍ଚି ପାରିବେନି । ପଦ୍ମା ଶେଷରେ ଶାନ୍ତ ହୋଇଯାଇଥିଲେ ।

ଏଣେ ନନ୍ଦରାଜା ସେମାନଙ୍କ ପ୍ରଜାଗଣଙ୍କୁ ଧରି ଦ୍ୱାରିକାଭିମୁଖେ ଯାତ୍ରା କରୁଥାନ୍ତି । ବହୁଦିନ ପରେ ସେମାନେ କୃଷ୍ଣଙ୍କୁ ଦେଖିବେ । ଆଧିକ୍ୟ କ୍ଳାନ୍ତ ସତ୍ତ୍ୱେ ସେମାନଙ୍କ ଉତ୍ସାହ ଉଦ୍ଦିପନାରେ ସାମାନ୍ୟତମ ପରିବର୍ତ୍ତନ ଦେଖା ଦେଇନଥିଲା । ବରଂ ସେମାନେ ମହାନନ୍ଦ ତରଙ୍ଗରେ ଭାସୁଥାନ୍ତି ଶେଷରେ ସେମାନେ ଯଜ୍ଞସ୍ଥଳର ଦ୍ୱାର ଦେଶରେ ପହଞ୍ଚିଥିଲେ । ସେମାନଙ୍କୁ ଦେଖି ପଦ୍ମାଦେବୀ ଅନେକ କୁବାକ୍ୟ ପ୍ରୟୋଗ କରିବାକୁ ଲାଗିଲେ । ପଦ୍ମାଙ୍କ ମୁଖରୁ ଏମିତି ବିରସ ବାଣୀ ଶୁଣି ଯଶୋମତି କାଠ ପିତୁଳା ସଦୃଶ୍ୟ ଠିଆ ହୋଇ ରହିଥାନ୍ତି । ନନ୍ଦରାଜାଙ୍କ ସହ ଗୋପବାସୀଏ ବି ଦୁଃଖରେ କାତର ହେବା ସ୍ୱାଭାବିକ । ଗୋପବାସୀମାନଙ୍କର ଏପରି ବିପଦ ଅବସ୍ଥାରେ ଦେବକୀ ଆଶାର ବାଣୀ ସଂଚାର କରିଥିଲେ । ପଦ୍ମାଙ୍କୁ ଦେବକୀ କହିଲେ, 'ମାତା, ଯେତେହେଲେବି ସେମାନେ ଆମର ଅତିଥି । ଠିକ୍ ହେଉ ବା ଭୁଲ୍ ହେଉ, ନାରଦ ସେମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ଅତିଥିକୁ ଅସନ୍ତୁଷ୍ଟ କରିବା ଆଦୌ ଉଚିତ ନୁହଁ । କାରଣ ଅତିଥିର ଅସନ୍ତୋଷରେ ସବୁ କିଛି ଅମଙ୍ଗଳ ହୋଇଥାଏ । ଏହା ତୁମକୁ ଭଲ ଭାବରେ ଜଣା । ତା'ଛଡ଼ା ଗୋପବାସୀଏ ଅତି ସରଳ । ଦେଖନ୍ତୁତ, କେମିତି ସବୁ ସହ୍ୟ କରିଛନ୍ତି । କୃଷ୍ଣ ଏଠାକୁ ଆସିଗଲେ, ସେମାନେ ଯଜ୍ଞସ୍ଥଳକୁ ଯିବାକୁ ଆଦୌ ଇଚ୍ଛା କରିବେନି ।'

ଦେବକୀର କଥାଗୁଡ଼ାକ ପଦ୍ମାଙ୍କ ମନକୁ ବେଶ ପାଇଥିଲା, ତା'ପରେ ପଦ୍ମା କୃଷ୍ଣଙ୍କୁ ସେଠାକୁ ଡାକିବା ପାଇଁ ନାରଦଙ୍କୁ ଅନୁରୋଧ କରିଥିଲେ । ନାରଦ ଏହା ହିଁ ଚାହୁଁଥିଲେ । ନାରଦ ମହାରାଣୀ ପଦ୍ମାଙ୍କୁ କହିଲେ, ମାତା ତାହା କେବେ ସମ୍ଭବପର । ମୁଁ କେମିତି କୃଷ୍ଣଙ୍କୁ ଉଚ୍ଚସ୍ୱରରେ ଡାକିବି ? ମୁ ତ ମୁନି ଗୋଷ୍ଠୀର ଜଣେ ସଦସ୍ୟ । ଏଣେ ଯଜ୍ଞ ଚାଲିଛି, ଅନେକ ସାଧୁ, ସନ୍ଥ ଉପସ୍ଥିତ ଅଛନ୍ତି । ମୁଁ ଡାକିଲେ କଥାଟା ସୁନ୍ଦର ହେବନି । ଯେତେ ହେଲେ ସେ ମୋର ପ୍ରଭୁ । ତାକୁ କେମିତି ଏଠାରୁ ଉଚ୍ଚସ୍ୱରରେ ଡାକିବି କହିଲେ ? ପଦ୍ମାବି ଏଥିରେ ରାଜି ହେବା ପାଇଁ ବାଧ ହୋଇଥିଲେ, ଅନ୍ୟ କୌଣସି ଉପାୟ ନପାଇ ଶେଷରେ ସେ ଦେବକୀଙ୍କୁ କହିଲେ, ଶୁଣ ଦେବକୀ, ତୁମେ ଡାକିବାରେ କିଛି ଅସୁବିଧା ନାହିଁ । ତୁମେ ତା'ର ମା' । ତୁମେ ଡାକ । ଶେଷରେ ଦେବକୀ କୃଷ୍ଣଙ୍କୁ ଉଚ୍ଚସ୍ୱରରେ ଡାକିଥିଲେ କିନ୍ତୁ କିଛି ଫଳ ହେଲାନି । କୃଷ୍ଣ ଦେବକୀଙ୍କ ଡାକ ଶୁଣି ପାରିନଥିଲେ । ନାରଦ ମୁନି ତା'ପରେ ଦେବୀ ପଦ୍ମାଙ୍କୁ କହିଲେ, ଦେବକୀଙ୍କ ଡାକ କୃଷ୍ଣଙ୍କ କର୍ଣ୍ଣଗୋଚର ହେଲାନି । କ'ଣ କରିବା ବର୍ତ୍ତମାନ ? ପଦ୍ମା କିଂକର୍ତ୍ତବ୍ୟ ବିମୂଢ଼ । ଏଇ ସୁଯୋଗର ଫାଇଦା ନେଇ ନାରଦ ଯଶୋମତିଙ୍କ ଆଡ଼କୁ ଚାହିଁଥିଲେ । ଯଶୋମତି ସେମିତି ଉତ୍କଣ୍ଠାର ସହ ଠିଆ ହୋଇଥାନ୍ତି । ସେ ଯଶୋମତିଙ୍କୁ ଚାହିଁ କହିଲେ, 'ମାତେ, ତୁମେବି କାହ୍ନୁଙ୍କ ପାଇଁ କାନ୍ଦୁଥିଲ ନା ? ତୁମେ ଏଥର ଡାକ ।' ଦେବକୀ ଯଶୋଦାଙ୍କୁ ଅନୁରୋଧ କରିଥିଲେ, 'ନାନୀ ତୁମେ ଥରେ ଡାକ ଦିଅତ ! କାଳେ ତୁମ ଡାକରେ କାହ୍ନା ଆସିଯିବ ।'

ବର୍ତ୍ତମାନ ରୋହିଣୀଙ୍କ ଆଖିରେ ଲୁହ ଆସି ଯାଇଥିଲା । ରୁକ୍ମିଣୀଙ୍କ ସହ ଅନ୍ୟ ରାଣୀମାନେବି ଉତ୍କଣ୍ଠାର ସହ ରୁକ୍ମିଣୀଙ୍କୁ ଚାହିଁ ରହିଥାନ୍ତି । ପ୍ରକୃତରେ ମା' କିଏ ? ଯଶୋଦା ନା ଦେବକୀ ? ସବୁ ପ୍ରଭୁଙ୍କ ମାୟାରେ ସଂଘଟିତ ହେଉଥାଏ । ଦେବକୀ ଓ ନାରଦଙ୍କୁ କିଛି ଅଛପା ନଥିଲା ।

ଏଣେ ବ୍ରଜବାସୀଙ୍କ ମନରେ ମହାନନ୍ଦର ଢେଉ ଖେଳିଯାଇଥାଏ । ସେମାନେ ଭାବୁଥାନ୍ତି । ଯଶୋଦାଙ୍କ ଡାକଶୁଣି କୃଷ୍ଣ ନିଶ୍ଚିତ ଭାବେ ସେଠାକୁ ଦୌଡ଼ି ଆସିବେ । ତା'ପରେ ନନ୍ଦରାଣୀ ଡାକ ପକେଇଥିଲେ । 'କାହ୍ନୁ, ଏ କାହ୍ନୁ, ତୁ କେଉଁଠି ଅଛୁ ଚଞ୍ଚଳ ଏଠାକୁ ଆସିଯା । ତୋ' ମା' ଯଶୋମତି ତୋତେ ଡାକୁଛି ।' ନାରଦ ମନେ ମନେ ନାରାୟଣ, ନାରାୟଣ କହି ପ୍ରଭୁଙ୍କୁ ଆବାହନ କରୁଥାନ୍ତି । ଗୋପୀଏ ଭକ୍ତିର ସହ କୃଷ୍ଣଙ୍କୁ ଧ୍ୟାନ କରୁଥାନ୍ତି । ନନ୍ଦରାଜ ଉତ୍କଣ୍ଠାର ସହ 'କାହ୍ନା କାହ୍ନା' କହି ମନ ଭିତରେ କୃଷ୍ଣଙ୍କୁ ସ୍ମରଣ କରୁଥାନ୍ତି । ଏତେ ଲୋକଙ୍କ କରୁଣ ଡାକ, କୃଷ୍ଣ କେମିତିବା ନଶୁଣିବେ ।

ଶେଷରେ 'କାହ୍ନା' ଡାକ ପ୍ରଭୁଙ୍କ କର୍ଣ୍ଣଗୋଚର ହୋଇଥିଲା । ସେ ମନକୁ ମନ କହିଲେ, 'ଏତ ମୋ ମା'ଙ୍କ କରୁଣ ସ୍ୱର ।' କୁଶାଦି ଯଜ୍ଞୋପକରଣ ଦୂରକୁ ଠେଲି ଦେଇ ମା' ମା' କହି ଏକ କ୍ଷୁଦାର୍ତ୍ତ ଗୋବତ୍ସା ସଦୃଶ ସେ ଯଜ୍ଞସ୍ଥଳରୁ ଚାଲି ଆସିଥିଲେ । ଦେଖିଲେ, ବାହାରେ ଯଶୋଦା ଠିଆ ହୋଇଛନ୍ତି । ସେ ଦୌଡ଼ି ଆସି ଯଶୋଦାଙ୍କ କୋଳରେ ଲୋଟି ପଡ଼ିଥିଲେ । ତା'ପରେ ମା', ପୁଅର ଅପୂର୍ବ ମିଳନ ଘଟିଥିଲା । ଯଜ୍ଞସ୍ଥଳ ସ୍ତବ୍ଧ ହୋଇଯାଇଥିଲା । ସମସ୍ତେ ସେହି ଅପୂର୍ବ ମିଳନକୁ ଅନୁଭବ କରୁଥାନ୍ତି । ଏଇ ଅବସ୍ଥାକୁ ହିଁ 'ମହାଭାବ'ର ନିର୍ମଳ ପ୍ରତିଫଳନ କୁହାଯାଏ । ସଭିଏଁ ସେହି ମହାଭାବରେ ଦ୍ରବିଭୂତ ହୋଇଯାଇଥିଲେ ।

ସେତେବେଳକୁ କୃଷ୍ଣ ଯଶୋଦାଙ୍କୁ ଟାଣି ନେଇ ଦେବକୀଙ୍କ ପାଖରେ ପହଞ୍ଚିଥିଲେ । ତା'ପରେ ସେ ଉଭୟଙ୍କୁ ବାହୁ ଯୁଗଳ ଭିତରେ କୋଳାଗ୍ରତ କରିଥାନ୍ତି । ଚକ୍ଷୁ ଯୁଗଳରୁ ଲୋତକର ମନ୍ଦାକିନୀ ବୋହି ଚାଲିଥାଏ ।

ତା'ପରେ ରୋହିଣୀ ଆଉ କିଛି ବର୍ଣ୍ଣନା କରି ପାରିନଥିଲେ । ରାଣୀମାନଙ୍କ ଚକ୍ଷୁବି ଲୁହରେ ଛଳ, ଛଳ ହୋଇଯାଇଥିଲା । ସମସ୍ତେ ଏକ ଦିବ୍ୟ ଆବେଗ ଭିତରେ ଆତ୍ମହରା ହୋଇପଡ଼ିଥିଲେ । ଏହି ଉଚ୍ଛ୍ୱାସମୟ ପରିବେଶକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହଁ । ଏଥିପାଇଁ ମହାଭାବର ଲେଖନୀ ଆବଶ୍ୟକ ହୋଇଥାଏ । ଏହାକୁ ହିଁ ମହାଭାବର ପରାକାଷ୍ଠା କୁହାଯାଏ । ଯଦି ଏହାକୁ ମହାଭାବ କୁହାଯିବ, ତେବେ ଶ୍ରୀମହାଭାବ ଫେରେ କ'ଣ ? ଯାହା ତ୍ରିମୂର୍ତ୍ତିଙ୍କ ଭିତରେ ପ୍ରତିଫଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ 'ଶ୍ରୀମହାଭାବ'ର ପରାକାଷ୍ଠାକୁ ବିଚାର କରିବା ।

ହଁ, ଏତିକିବେଳେ ନାରଦ ମାତୃ ତତ୍ତ୍ୱର ସ୍ପଷ୍ଟିକରଣ ଦେବାକୁ ଯାଇ ଉଚ୍ଚସ୍ୱରରେ କହିଥିଲେ, 'ନାରାୟଣ, ନାରାୟଣ ପ୍ରଭୁ, ମୋର ଗୋଟିଏ ଛୋଟିଆ ନିବେଦନ ରହିଛି । ବର୍ତ୍ତମାନର ଅବସ୍ଥା ଯାହା, ଆପଣ ଦୁଇମାତାଙ୍କର ପୁତ୍ର ହୋଇଗଲେ । କିନ୍ତୁ ସାମାଜିକ ରୀତିର ଚଳନୀରେ ଦୁଇ ମାତାଙ୍କ ଗୋଟିଏ ପୁତ୍ରତ କେବେହେଁ ସମ୍ଭବପର ନୁହଁ । ମୁଁ କିଛି ବୁଝିପାରୁନି, ପ୍ରଭୁ ! ବାସ୍ତବରେ ଆପଣ କାହାର ପୁଅ । ଦୟାକରି ସ୍ପଷ୍ଟୀକରଣ କରନ୍ତୁ ।' ସେଦିନ ଭଗବାନ ବିଷମାବସ୍ଥାରେ ପଡ଼ିଯାଇଥିଲେ । ଭଗବାନ ଇଙ୍ଗିତର ସହ ନାରଦଙ୍କୁ କହିଲେ, 'ଶୁଣ ନାରଦ, ତୁମେତ ତ୍ରିକାଳଜ୍ଞ । ଏହାର ସ୍ପଷ୍ଟୀକରଣ ପାଇଁ ତୁମେ ହିଁ ଏକମାତ୍ର ଯୋଗ୍ୟ ମାଧ୍ୟମ । ମୋର ଏଥିରେ କିଛି କହିବାର ନାହିଁ ।'

ନାରଦ ଶେଷରେ କହିଲେ, 'ପ୍ରଭୁ, ଆପଣ ଯେତେବେଳେ ମୋତେ ଏ ଦାୟିତ୍ୱ ଅର୍ପଣ କରିଛନ୍ତି । ତେବେ ମୋ' ମନକୁ ଯାହା ଆସୁଛି ମୁଁ ତାହା ହିଁ କରିବି । ମୋର ନିଷ୍ପତ୍ତି ମୁତାବକ ଆପଣଙ୍କ ନାମ ସ୍ମରଣ କରିବା ପରେ ଯାହାର ସ୍ତନ ଯୁଗଳରୁ ଦୁଗ୍ଧର ମନ୍ଦାକିନୀ କ୍ଷରିତ ହେବ, ସେ ହିଁ ଆପଣଙ୍କ ମାତା ବୋଲାଇବେ' ଏହା ଶୁଣିବା ମାତ୍ରେ ଯଶୋଦାଙ୍କ ସ୍ତନ ଯୁଗଳରୁ ଦୁଗ୍ଧ କ୍ଷରିତ ହୋଇଥିଲା । ଏହା ଦେଖି ସଭିଏଁ ଅବାକ୍ । ନନ୍ଦରାଣୀଙ୍କ ବାତ୍ସଲ୍ୟ ଭାବ ସେଦିନ ତା'ର ସୀମା ଟପି ଯାଇଥିଲା । 'ଯଶୋଦା ମାଇଙ୍କ ଜୟ, ନନ୍ଦଲାଲଙ୍କ ଜୟ' ଧ୍ୱନିରେ ସେଦିନ ଗଗନ, ପବନ ପ୍ରକମ୍ପିତ ହୋଇଉଠିଥିଲା ।

ରୋହିଣୀ ଆଉ ଆଗକୁ ଆଗେଇ ପାରିନଥିଲେ । ରାଣୀଏ ମୂର୍ଚ୍ଛାଗତ ପ୍ରାୟ ଜଣାଯାଉଥିଲେ । ଅନ୍ୟ ଯେଉଁମାନେ ଗୋପକଥା ଶୁଣୁଥିଲେ, ସଭିଏଁ ପ୍ରାୟ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଏତିକିବେଳେ ଯଶୋଦା ମା' ଓ ନନ୍ଦରାଜାଙ୍କ ଜୟଧ୍ୱନୀ ଶୁଣି ରାମ ଓ କୃଷ୍ଣ ଦ୍ୱାରଦେଶରେ ଉପସ୍ଥିତ ରହି ବ୍ରଜକଥା ଶୁଣିବାରେ ବିଭୋର ଜଣାଯାଉଥିଲେ । ସୁଭଦ୍ରା ପୂର୍ବବତ୍ ଦୁଇପାର୍ଶ୍ୱକୁ ହସ୍ତ ପ୍ରସାରଣ କରି କାଷ୍ଠବତ୍ ଦଣ୍ଡାୟମାନ ହୋଇଥାନ୍ତି । ଭକ୍ତର ମହିମା, ଭକ୍ତିର ମହିମା, ଧାମର ମହିମା ଓ ଭକ୍ତି ରସର ମହିମା ଶ୍ରବଣ କରି ରାମ ଓ କୃଷ୍ଣଙ୍କ ଭିତରେ ମହାପ୍ରେମ ଭାବ ଜାଗ୍ରତ ହୋଇଥିଲା । ସେମାନଙ୍କ ଚକ୍ଷୁ ସମୂହ ସୁଦର୍ଶନଙ୍କ ସହ ମଣ୍ଡଳାକୃତିରେ ବିସ୍ତାରିତ ହୋଇ ସଂକୁଚିତ ଗୌରବରେ ଅବଗାହନ କରୁଥିଲେ । ସୁଭଦ୍ରାଙ୍କ ହସ୍ତ ଯୁଗଳ ବାହାରକୁ ଦୃଶ୍ୟମାନ ହେଉନଥିଲା । ବୈଷ୍ଣବ ସାଧୁମାନଙ୍କ ମତରେ ଏହି ଭାବକୁ ହିଁ 'ଶ୍ରୀମହାଭାବାବସ୍ଥା' କୁହାଯାଏ । ଏହା ହିଁ ବର୍ତ୍ତମାନ ଶ୍ରୀବଳଦେବ, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହରେ ପ୍ରତିଫଳିତ ହୋଇଛି ।

ଏତିକିବେଳେ ନାରଦମୁନି ସେଠାରେ ପହଞ୍ଚିଥିଲେ । ସେଦିନର ଅପରୂପ ଦର୍ଶନ କରି ସେ ମହାନନ୍ଦରେ କହିଥିଲେ, ପ୍ରଭୁ, ବହୁ ଯୁଗରେ ଆପଣଙ୍କ ବହୁରୂପ ଦର୍ଶନ କରିଛି, ହେଲେ ଆଜିର ଏ ଅପରୂପ ବାସ୍ତବରେ ଅଦ୍ୱିତୀୟ । ପ୍ରଭୁ, ଆପଣଙ୍କ ଚରଣ କମଳରେ ମୋର ବିନୀତ ପ୍ରାର୍ଥନା, ଆପଣ ଏହି ପତିତପାବନ ରୂପକୁ ନେଇ ଶ୍ରୀକ୍ଷେତ୍ରରେ ବିରାଜମାନ କରନ୍ତୁ । ଶ୍ରୀକୃଷ୍ଣ 'ତଥାସ୍ତୁ' କହି ସେଦିନ ସମସ୍ତଙ୍କୁ ପ୍ରୀତ କରିଥିଲେ ।

ଭଗବାନଙ୍କ ଏହି ନିତ୍ୟ ଲୀଳାକୁ ଆମେ ଆଜି ରତ୍ନବେଦୀ ଉପରେ ଦର୍ଶନ କରୁଛେ, ସୁତରାଂ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମହାଭାବ ଅବସ୍ଥା ହିଁ ଶ୍ରୀଜଗନ୍ନାଥ ଅଟନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ହିଁ ଶ୍ରୀଜଗନ୍ନାଥଙ୍କ ଲୀଳା ।

ଶ୍ରୀମାନ ଗୌରାଙ୍ଗ ମହାପ୍ରଭୁଙ୍କ ଅତିପ୍ରିୟ ପାର୍ଷଦ ଶ୍ରୀପାଦ କହ୍ନେଇ ଖୁଣ୍ଟିଆ ମହାଶୟ ତାଙ୍କ ଗ୍ରନ୍ଥ 'ଶ୍ରୀଜଗନ୍ନାଥ ମହାଭାବ'ରେ ଏହି 'ଶ୍ରୀମହାଭାବ'ର ଅପୂର୍ବ ପରାକାଷ୍ଠାକୁ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି । ଏଣୁ କଳିଯୁଗରେ ଆମେ ବଳଦେବ, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଅପାଦପାଣୀ ରୂପରେ ଦର୍ଶନ କରୁଛେ । ଏହା ବୈଷ୍ଣବ ଧର୍ମାବଲମ୍ବୀଙ୍କ ନିଚ୍ଛକ ଐକାନ୍ତିକ ମତ ।

ସି-୮୦
ପଳାସପଲ୍ଲୀ, ଭୁବନେଶ୍ୱର

# ସନ୍ଥକବି ହାଡିଦାସଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ

ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା



ସାଧୁସନ୍ଥମାନେ ଏ ଧରାଧାମରେ ଭିନ୍ନ ଭିନ୍ନ ସମୟରେ ଆବିର୍ଭାବ ହୋଇ ନିଜର ସାଧନା ଓ ସିଦ୍ଧି ଦ୍ୱାରା ଉପଲବ୍ଧି କରିଥିବା ଆଧାତ୍ମିକ ଚେତନାକୁ ଜନସମାଜରେ ବିତରଣ କରିଥାନ୍ତି । ଏହି ପରମ୍ପରାରେ ଓଡ଼ିଶା ମାଟିରେ ବହୁ ସାଧୁସନ୍ଥଙ୍କର ଆବିର୍ଭାବ ହୋଇଛି । ସେମାନଙ୍କ ମଧ୍ୟରୁ ହାଡ଼ିଦାସ ଥିଲେ ଅନ୍ୟତମ । ଆମେ ହାଡ଼ିଦାସ ନାମଧାରୀ ଦୁଇଜଣ ସନ୍ଥକବିଙ୍କୁ ଓଡ଼ିଶା ମାଟିରେ ଦେଖିବାକୁ ପାଇଥାଉ । ପ୍ରଥମ ବ୍ୟକ୍ତି ଜଣକ ଥିଲେ ଅଷ୍ଟାଦଶ ଶତାବ୍ଦୀର ସାଧକ ଏବଂ ଦ୍ୱିତୀୟ ହାଡ଼ିଦାସ ଥିଲେ ବିଂଶ ଶତାବ୍ଦୀର ଆଦ୍ୟ ପାଦର ସାଧକ । ପ୍ରଥମ ହାଡ଼ିଦାସଙ୍କ ସାଧନାପୀଠ ଆଜିର ପ୍ରସିଦ୍ଧ ଛତିଆବଟ । ସେ ଥିଲେ ଜାତିରେ କମାର । ଦ୍ୱିତୀୟ ହାଡ଼ିଦାସଙ୍କ ସାଧନାପୀଠ ହେଉଛି କଟକ ଜିଲ୍ଲାର ଟାଙ୍ଗୀ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥ ସିଦ୍ଧଗିରି ପାହାଡ଼ । ଏହାଙ୍କର ଜନ୍ମସ୍ଥାନ ଗୋବିନ୍ଦପୁର ଗ୍ରାମରେ ଏବଂ ସେ ଜାତିରେ ଥିଲେ ତନ୍ତୀ । ପରମହଂସ ଅଭିରାମ ଦାସ ତୀର୍ଥାଟନ ଅବସରରେ ବହୁଦିନ ଏହି ସିଦ୍ଧଗିରି ପାହାଡ଼ରେ ରହି ହାଡ଼ିଦାସଙ୍କୁ ଗୁରୁ ରୂପେ ଗ୍ରହଣ କରିଥିବା କଥା ତାଙ୍କ ଜୀବନରୁ ଜଣାଯାଏ । ଏହି ସାଧୁ ନିଜର ସାଧନା ବଳରେ ଅଲୌକିକ ପ୍ରତିଭାର ଅଧିକାରୀ ଥିବା ଏବଂ ସିଦ୍ଧିଲାଭ କରି ଅସୀମ ବିଭୂତି ଲାଭ କରିଥିବା କଥା ଶୁଣା ଯାଇଥାଏ । ସେ ଜ୍ଞାନ ମିଶ୍ରା ଭକ୍ତିର ଉପାସକ ଏବଂ ପଞ୍ଚସଖାଙ୍କର ଅନୁଗାମୀ ଥିଲେ । ଦ୍ୱିତୀୟ ହାଡ଼ିଦାସ ପ୍ରଥମ ହାଡ଼ିଦାସଙ୍କର ଅନୁଗାମୀ ଥିଲେ । ସିଦ୍ଧଗିରି ପାହାଡ଼ରେ ତାଙ୍କର ସମାଧି ରହିଅଛି । ବର୍ତ୍ତମାନ ଆମର ଆଲୋଚ୍ୟ ସନ୍ଥ ହେଉଛନ୍ତି ପ୍ରଥମ ହାଡ଼ିଦାସ ।

ହାଡ଼ିଦାସଙ୍କ ଆବିର୍ଭାବ ସମୟ ହେଉଛି ଓଡ଼ିଶାର ଏକ ଦୁର୍ଦ୍ଦିନର ସମୟ । ମରହଟ୍ଟାମାନଙ୍କ ଶାସନରେ ସାମାଜିକ ଜୀବନ ବିପର୍ଯ୍ୟସ୍ତ, ସାଧାରଣ ଜନତା ନିଷ୍ପେଷିତ ଓ ଅତ୍ୟାଚାରିତ । ସାଂସ୍କୃତିକ ମର୍ଯ୍ୟାଦା ମଧ୍ୟ ଅବଲୁଣ୍ଠିତ । ଏହିଭଳି ଏକ ସଂକଟଜନକ ସନ୍ଧିକ୍ଷଣରେ ଅର୍ଥାତ୍ ୧୭୭୨ ଖ୍ରୀଷ୍ଟାବ୍ଦ ପବିତ୍ର ମକର ସଂକ୍ରାନ୍ତି ଦିନ ପ୍ରତ୍ୟୁଷରୁ ପିତା ଚେମେଇ ଓଝା ଓ ମାତା ଦେବକୀଙ୍କ କୋଳମଣ୍ଡନ କରିଥିଲେ ହାଡ଼ିଦାସ । ପିତା ଥିଲେ ଶୁଦ୍ର କୁଳର । ଜାତିରେ ଥିଲେ କମାର । ଚେମେଇଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିଲା । ନିଜର କୌଳିକ ବୃତ୍ତି କମାରଶାଳର ହାଡ଼ଭଙ୍ଗା ପରିଶ୍ରମରୁ ଯାହା ପାଉଥିଲେ ସେଥିରେ ବହୁ କଷ୍ଟରେ ପରିବାରର ଭରଣପୋଷଣ କରୁଥିଲେ । ଏପରିକି ଭଲ ଲୁଗା ଖଣ୍ଡେ ପିନ୍ଧିବା ମଧ୍ୟ ତାଙ୍କ ଭାଗ୍ୟରେ ଯୁଟୁ ନଥିଲା । ଏହିଭଳି ଏକ ଦରିଦ୍ର ପରିବାରରେ ହାଡ଼ିଦାସ ଜନ୍ମଗ୍ରହଣ କରିଥିଲେ । ଅବିଭକ୍ତ କଟକ ଜିଲ୍ଲା ଅଧୁନା ଯାଜପୁର ଜିଲ୍ଲାର ଛତିଆ ନିକଟବର୍ତ୍ତୀ ଚମ୍ପାପୁର ଗ୍ରାମ ଥିଲା ହାଡ଼ିଦାସଙ୍କ ଜନ୍ମସ୍ଥାନ । ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତ ହୋଇ ବାଲ୍ୟଜୀବନ ଅତିବାହିତ କରିସାରିବା ପରେ ଗାଁ ଚାଟଶାଳୀରେ ଅଧ୍ୟୟନ କଲେ ହାଡ଼ିଦାସ । ବହୁତ ଦିନ ପଢ଼ିବାର ସୁଯୋଗରୁ ବଞ୍ଚିତ କଲା ତାଙ୍କୁ ତାଙ୍କ ପରିବାରର ଅବସ୍ଥା । କୌଳିକ ବୃତ୍ତିରେ ପିତାଙ୍କୁ ସାହାଯ୍ୟ କଲେ ସେ । ପିଲାଟି ଦିନରୁ କିନ୍ତୁ ବିଭୁ ଚିନ୍ତାରେ ସେ ମନକୁ ନିୟୋଜିତ କରୁଥିଲେ । ତାଙ୍କର ଚାଲିଚଳନ, ଚିନ୍ତା ଓ ଚେତନାରେ ଆଧାତ୍ମିକ ଭାବଧାରା ପରିଲକ୍ଷିତ ହେଉଥିଲା । କୈଶୋର ଜୀବନରେ ପିତାମାତା ଓ ଭଗ୍ନୀର ମୃତ୍ୟୁ ଘଟିବାରୁ ଏବଂ ନିଜର ଜୀବିକାର୍ଜନରେ ଅସୁବିଧା ଉପୁଜିବାରୁ ଚମ୍ପାପୁରରୁଆସି ଛତିଆ ଗ୍ରାମରେ ବାସ କଲେ । ଛତିଆରେ ରହିବା ସମୟରେ ତାଙ୍କର ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା । କିନ୍ତୁ ସ୍ତ୍ରୀର ଦେହାନ୍ତ ପରେ ୩୦ ବର୍ଷ ବୟସରେ ପୁଣି ନିଜର ଜନ୍ମସ୍ଥାନ ଚମ୍ପାପୁରର ନିବାସୀ ଦାମୋଦର ମହାରଣାଙ୍କ ଝିଅ ପଦ୍ମାବତୀଙ୍କୁ ବିବାହ କଲେ । ସାଂସାରିକ ଜୀବନରେ ଅଭାବ ଅନାଟନ ତାଙ୍କର ସହଚର ଥିଲା । କିଛି ଦିନ ପରେ ଅଭାବ ଅନାଟନର ତାଡ଼ନାରେ ସ୍ତ୍ରୀ ପଦ୍ମାବତୀ ତାଙ୍କୁ ପରିତ୍ୟାଗ କଲେ । ଏହିଭଳି ଏକ ଦୁର୍ବିସହ ଜୀବନ ନେଇ ସେ କାଳାତିପାତ କରୁଥିଲେ । ଦୁଃଖଦୁର୍ଦ୍ଦଶା ମଧ୍ୟରେ ମଧ୍ୟ ସେ ଭଗବତ୍ ଚିନ୍ତାରୁ ନିବୃତ୍ତ ହେଉନଥିଲେ । ଈଶ୍ୱରଙ୍କ ଅନୁଗ୍ରହ ଓ ଦିବ୍ୟ ପ୍ରେରଣା

ଲାଭ କରି ସେ ନିଜର ସାଧନା ଆରମ୍ଭ କଲେ । ଏହି ସମୟରେ ଶ୍ରୀକ୍ଷେତ୍ର ନିବାସୀ ମନ୍ତରାମ ନାମଧାରୀ ଜଣେ ପଶ୍ଚିମା ସନ୍ୟାସୀଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହି ଦୀକ୍ଷା ଗ୍ରହଣ ପରେ କୁଳ ସଂଜ୍ଞା ଓଝା ପରିବର୍ତ୍ତେ ଦାସ ରଖିଲେ । ସାଧନା ବଳରେ ବହୁ ବିଭୂତିର ଅଧିକାରୀ ହୋଇପାରିଥିଲେ । ଆଜୀବନ ରୋଗଗ୍ରସ୍ତ ହୋଇ ମଧ ନିଜର ସାଧନା ଦ୍ୱାରା ଯେଉଁ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିଥିଲେ, ତାହା ସମସ୍ତଙ୍କୁ ଚମତ୍କୃତ କରିଥିଲା ।

ସନ୍ଥ ହାଡ଼ିଦାସ ଥିଲେ ଜ୍ଞାନିମିଶ୍ରାର ଉପାସକ ଉତ୍କଳୀୟ ବୈଷ୍ଣବ । ତାଙ୍କର ମହାମନ୍ତ୍ର ଥିଲା 'ହରେ ରାମକୃଷ୍ଣ' । ପଞ୍ଚସଖାଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ତାଙ୍କର ଆଦର୍ଶ ଥିଲେ । ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ନରଖି ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ସମସ୍ତଙ୍କ ସହିତ ଅବାଧ ମିଳାମିଶା କରୁଥିଲେ । ତତ୍କାଳୀନ ସମାଜରେ କିନ୍ତୁ ଜାତି ପ୍ରଥା ଅତ୍ୟନ୍ତ କଠୋର ଥିଲା । ତାଙ୍କର ଏହି ଜାତିଭେଦ ଶୂନ୍ୟ ବ୍ୟବହାରରେ ରକ୍ଷଣଶୀଳ ବ୍ରାହ୍ମଣ ଗୋଷ୍ଠୀ ତତ୍କାଳୀନ ଦର୍ପଣୀଗଡ଼ର ଯବନରାଜା ଗୁଲୁଜାର ହୋସେନ୍‌ଙ୍କ ନିକଟରେ ହାଡ଼ିଦାସଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ହାଡ଼ିଦାସଙ୍କୁ ଦଣ୍ଡିତ କରିବା ପାଇଁ ରାଜା ଗୁଲୁଜାର ହୋସେନ୍ ଡକାଇଲେ । ରାଜାଙ୍କ ନିକଟକୁ ଯାଇ ହାଡ଼ିଦାସ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ଏବଂ ଗୋଟିଏ ଈଶ୍ୱରଙ୍କ ସନ୍ତାନ ବୋଲି ଯୁକ୍ତି ବାଢ଼ିଲେ । ଏହାସହିତ ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ପୀଠ ପୁରୁଷୋତ୍ତମରେ ସମସ୍ତେ ସମାନ । ତାହା ସର୍ବଧର୍ମ ସମନ୍ୱୟର ପୀଠ, ମହାପ୍ରସାଦକୁ ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ର ଭକ୍ଷଣ କରନ୍ତି ବୋଲି ନିଜର ଯୁକ୍ତି ଉପସ୍ଥାପନା କଲେ । କିନ୍ତୁ ପୁରୁଷୋତ୍ତମ କ୍ଷେତ୍ର ବ୍ୟତୀତ ଅନ୍ୟତ୍ର ମହାପ୍ରସାଦ ନଥିବାରୁ ଜାତିଭେଦ ପ୍ରଥା ବିଲୋପ ହେବା ଅସମ୍ଭବ ବୋଲି ରାଜା କହିଲେ । ହାଡ଼ିଦାସ ତତ୍‌କ୍ଷଣାତ୍ ନିଜର ଅଲୌକିକ ବିଭୂତି ବଳରେ ଏକ କାଠସରାରେ ମହାପ୍ରସାଦ ଶୂନ୍ୟରୁ ଆଣି ସମସ୍ତଙ୍କୁ ବିତରଣ କରିଥିଲେ । ଏହି ଅଲୌକିକ କାର୍ଯ୍ୟରେ ରାଜା ପ୍ରୀତ ହୋଇ ତାଙ୍କୁ କିଛି ଦାନ ଦେବାକୁ ଘୋଷଣା କଲେ । ହାଡ଼ିଦାସ ଧନସଂପତ୍ତି ପ୍ରତି ଆଗ୍ରହ ପ୍ରକାଶ ନକରି ଛତିଆ ପାହାଡ଼ ଉପରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟସ୍ଥ ଏକ ବଟବୃକ୍ଷ ମୂଳ ସ୍ଥାନକୁ ରାଜାଙ୍କଠାରୁ ନିଜର ସାଧନା ପାଇଁ ଗ୍ରହଣ କରିଥିଲେ । ସେହି ସ୍ଥାନରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ସାଧନା କରି ସମାଧି ଗ୍ରହଣ କରିଥିଲେ । ଅଧୁନା ସେହି ସ୍ଥାନ ଆଜିର ଛତିଆବଟ ।

ସାଧନା ଦ୍ୱାରା ଅଲୌକିକ ପ୍ରତିଭାର ଅଧିକାରୀ ହେବାରୁ ବହୁ ଧର୍ମପ୍ରାଣ ବ୍ୟକ୍ତି ତାଙ୍କ ନିକଟକୁ ଆସିବାକୁ ଲାଗିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କର ସାନ୍ନିଧ ଲାଭ କରି କୃତ୍ୟ କୃତ୍ୟ ହେଲେ । ସେ ଥିଲେ ପିଣ୍ଡ ବ୍ରହ୍ମାଣ୍ଡବାଦୀ, ହଠଯୋଗୀ । ଜଗନ୍ନାଥ ହିଁ ତାଙ୍କର ଆରାଧ୍ୟ । ଜଗନ୍ନାଥଙ୍କୁ ପରଂବ୍ରହ୍ମ, ପରମାତ୍ମା ରୂପରେ ସେ ଗ୍ରହଣ କରିଛନ୍ତି । ସେ ଓଁକାର ସ୍ୱରୂପୀ ପ୍ରଣବ । ଯୋଗର ସମାଧି । ଷଟ୍ ଚକ୍ର ସାଧନାରେ ତାଙ୍କର ସ୍ଥାନ ସହସ୍ରାଧାରରେ ବୋଲି କହିଛନ୍ତି । ଏଣୁ ତାଙ୍କର ରଚନାରେ ଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ବର୍ଣ୍ଣନା କରିବା ସହିତ କ୍ଷେତ୍ରର ପ୍ରଶସ୍ତି ମଧ୍ୟରେ ଦେଖିବାକୁ ମିଳିଥାଏ । ଜଗନ୍ନାଥଙ୍କୁ ସେ ସମଗ୍ର ବିଶ୍ୱର ଠାକୁର ଏବଂ ସମସ୍ତଙ୍କର ପିତା ବୋଲି କହିଛନ୍ତି । ତାଙ୍କ ଲିଖିତ ଗ୍ରନ୍ଥମାନଙ୍କ ମଧ ଭାବନାବର, ଶଙ୍ଖନାଭି, ବ୍ୟାସବିଷେ, କ୍ଷେତ୍ରମହାତ୍ମ୍ୟ, ଲକ୍ଷ୍ମୀଧର ବିଳାସ, ହନୁମନ୍ତ ଗୀତା, ଶଙ୍ଖନାଭି ଭୈରବସ୍ତୁତି, ଅନନ୍ତଗୁପ୍ତ ଟୀକା, ଅନନ୍ତଗୋଇ, ଗୃହସମ, ସ୍ୱରଶାସ୍ତ୍ର, ନିଶ୍ଚଳଜ୍ଞାନ ଗୀତା, ନୀଳମାଧବ ଗୀତା, ବହୁ ଭଜନ, ଜଣାଣ, ଚଉତିଶା ଓ ମାଳିକା ଅନ୍ତର୍ଭୁକ୍ତ । ସନ୍ଥ ହାଡ଼ିଦାସଙ୍କର ଜଗନ୍ନାଥ ପ୍ରାଣତାର ପରିଚୟ ସହିତ ଦାର୍ଶନିକ ଚିନ୍ତାଧାରା ଏଥିରେ ପ୍ରକାଶିତ । ନାମର ମହାତ୍ମ୍ୟ, ମହାମନ୍ତ୍ରର ପ୍ରଚାର, ଜ୍ଞାନ ଭକ୍ତିର ସମନ୍ୱୟ, ସଗୁଣ ନିର୍ଗୁଣ ଉପାସନା, ଷଟ୍‌ଚକ୍ର ସାଧନା ପିଣ୍ଡ ବ୍ରହ୍ମାଣ୍ଡ ବାଦ, ଶୂନ୍ୟବାଦ, ସୃଷ୍ଟି ତତ୍ତ୍ୱ ଓ ଗୁରୁବାଦର ଆଲେଖ୍ୟ ଏହିସବୁ ଗ୍ରନ୍ଥରେ ସ୍ଥାନ ପାଇଥିଲେ ହେଁ ଜଗନ୍ନାଥ ହିଁ ତାଙ୍କର ଆରାଧ୍ୟ ଏବଂ ଧ୍ୟେୟ ହୋଇଛନ୍ତି । ତାଙ୍କ ଦୃଷ୍ଟିରେ ପରଂବ୍ରହ୍ମ ପରମାତ୍ମା ଜଗନ୍ନାଥ ସମସ୍ତ କାର୍ଯ୍ୟ ଓ କାରଣର ହେତୁ । ସେ ଆଦି ଅନାଦି, ଅନନ୍ତ, ସାକାର ପୁଣି ନିରାକାର ସଚ୍ଚିଦାନନ୍ଦ ବିଗ୍ରହ । ଯେ ଜ୍ଞାନୀ ସେ ଯଥାର୍ଥରେ ଏହି ଅପ୍ରାକୃତ ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରିବା ପାଇଁ ତାଙ୍କର ରଚନାରେ ଆହ୍ୱାନ ଦେଇଛନ୍ତି । ମାଳିକା ଗ୍ରନ୍ଥର ଆରମ୍ଭରେ ଜଗନ୍ନାଥଙ୍କୁ ଗଣ ଦେବତାର ସମ୍ମାନ ପ୍ରଦର୍ଶନ କରି ପତିତପାବନ ବୋଲି ସମ୍ବୋଧନ କରିଛନ୍ତି -

'ଜୟ ଜଗନ୍ନାଥ ପତିତପାବନ ଓଡ଼ିଶା ବଡ଼ ଠାକୁର
କଳ୍ପବଟବାସୀ ପ୍ରଭୁ ବ୍ରହ୍ମରାଶି କଳି କଳୁଷ ନିସ୍ତାର ।'

କଳିଯୁଗର ବିପଥଗାମୀ ମନୁଷ୍ୟର ପାପରୂପକ କଳୁଷ ନିବାରଣ ପାଇଁ ପରଂ ବ୍ରହ୍ମରୂପୀ ପତିତପାବନ ଜଗନ୍ନାଥ ହିଁ ଏକମାତ୍ର ଠାକୁର । ଜଗନ୍ନାଥ ମନ୍ଦିରର ଭବିଷ୍ୟତ ଘଟଣା ସଂପର୍କରେ ଦିବ୍ୟ ଦ୍ରଷ୍ଟା ଯେଉଁ ସୂଚନା ପ୍ରଦାନ କରିଥିଲେ, ପରବର୍ତ୍ତୀ ସମୟରେ ଘଟିଥିବା ଘଟଣା ତା'ର ସତ୍ୟତା ପ୍ରମାଣ କରିଛି । ସେ ଲେଖିଥିଲେ -

'ଆକାଶୁ ବଜ୍ର ପଡ଼ିବ ଲୋ ବଉଳ ଜାଳି ଦେବ ଭୁମଣ୍ଡଳ
ଶ୍ରୀଜଗନ୍ନାଥଙ୍କ ରତ୍ନ ଚାନ୍ଦୁଆରେ ଲାଗିବ ଯେ ଅନଳ ।'

ଏହି ମାଳିକାରେ ଜଗନ୍ନାଥ ଓ ବଳଭଦ୍ର କଳ୍କୀ ଅବତାର ଗ୍ରହଣ କରି ଧଳା ଘୋଡ଼ା ଓ କଳା ଘୋଡ଼ାରେ ଚଢ଼ି ମ୍ଳେଚ୍ଛ ସଂହାର କରିବେ ବୋଲି ସୂଚାଇ ଅଛନ୍ତି । ନିଜ ଜୀବନର ସୁଖ ଦୁଃଖର କଥା ଅଭିମାନ ଭରା ହୃଦୟରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣାଇଅଛନ୍ତି । ନିଜର ଅଳି ଅର୍ଦ୍ଦଳିକୁ ଉପସ୍ଥାପନା କରିବା ସହିତ ସଂସାରରୁ ଦୁଃଖର ପରିସମାପ୍ତି ପାଇଁ ମଧ କାମନା କରିଛନ୍ତି ।

ରତ୍ନ ସିଂହାସନ ମଉଡ଼ମଣିକି କହିବ ଟିକି କଥାଏ,
କିଭାବେ ଦ୍ରୌପଦୀ ମୃଗୁଣୀ ରକ୍ଷଣ ଏବେ କି ପାଶୋର ଯାଏ ।
ମହୋଦଧି କୂଳେ କଳ୍ପବଟ ମୂଳେ କରି ଅଛନ୍ତି ବିଜୟେ,
ସେ ଚାନ୍ଦ ବଦନ ପଙ୍କଜ ଲୋଚନ ଥାଉ ଥାଉ କିମ୍ପା ଭୟେ ।
ବାହୁ ତୋଳି ବସ ମୃଦୁ ମୃଦୁ ହସ ସଂସାର ଏଡ଼େ ଅଥୟେ,
ମୋହ ପାଇଁ କିଛି ଧନ ମାଗୁଛିକି ନଗୁଣ ଦେବାଧିରାୟେ ।
ଛତିଆ ଗ୍ରାମରେ ରହି ଦୀନ ହାଡ଼ି ଜଣାଉଛି ପଦ୍ମ ପାୟେ,
ତୁମ୍ଭଙ୍କୁ ତୁମ୍ଭ ଭକ୍ତରାଣ ଅଛିଟି ନୋହୁ ଅଛି ଯେବେ ନ୍ୟାୟେ ।

ପୁଣି ଅନ୍ୟ ଏକ ଚଉତିଶାରେ ଶ୍ରୀଜଗନ୍ନାଥଙ୍କ ସୁକୋମଳ ଶ୍ରୀଅଙ୍ଗରେ ଡାମ୍ଫଣ ଆଘାତ କରି ନିଦ୍ରା ଭଙ୍ଗ କରିବାକୁ ପ୍ରସ୍ତୁତ । ସଂସାରର ପଡ଼ିଦାତା ହୋଇ ଦୁଃଖ ଓ ଅଭାବ ଗ୍ରସ୍ତ ମାନବକୁ ଦୟା ଏବଂ ନିଜର ବାଉନ କୋଟି ଭଣ୍ଡାରକୁ ସମଭାବରେ ବିତରଣ କରିବାକୁ ପ୍ରାର୍ଥନା କରିଛନ୍ତି -

'ବାଉନ କୋଟି ଭଣ୍ଡାରକୁ ବାଣ୍ଟିଦିଅ ଗୋସାଇଁ ।
ବରଷକୁ ଅନ୍ନ ଦେଇଣ ପୁଣ ସଞ୍ଚ ତା' ନେଇ ॥
ମହାପ୍ରଭୁ ଯେବେ ହୋଇଛ ଘେନ ଭୃତ୍ୟଙ୍କ କଥା ।
ମାଗୁଣି ଅନ୍ୟ ମୋ' ନାହିଁ ପଦ୍ମ ଚରଣେ ମଥା ॥
ରଖିଲେ ରଖ ଜଗନ୍ନାଥେ ତୁମ୍ଭ ଲୀଳା ସଂସାର ।
ରାହୁ ପରାୟେ ଗରାସିଲା ଅଘ-ତିମିର ଘୋର ॥
ବସିଯିବାକୁ ବଡ଼ ଆଣ୍ଟେ ଭାରା ହେଲାଣି ଆସି ।
ବାସୁଦେବ ସିନା ଶୟନେ ଅଛ ନିଦ୍ରା ଆଳସି ।
ଶ୍ରୀପାଦପଦ୍ମ ବାସନାରୁ ସ୍ୱାମୀ ଦେଖିଲି ଏହା ।
ଶ୍ରୀଅଙ୍ଗେ ଡାମ୍ଫଣ ମାଇଲେ କିମ୍ପା ନୋହୁଛି ଦୟା ॥'

ଜଗନ୍ନାଥ ପ୍ରାଣ ହାଡ଼ିଦାସ ନିଜର ସାଧନା ପୀଠକୁ ଜଗନ୍ନାଥଙ୍କୁ ଆଣିବା ପାଇଁ ପ୍ରାର୍ଥନା କରିଛନ୍ତି ଏବଂ ଦିନେ ନା ଦିନେ ଛତିଆବଟରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ବିରାଜମାନ କରିବେ ବୋଲି ମାଳିକାରେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ଜଗନ୍ନାଥ ସର୍ବସ୍ୱ ହାଡ଼ିଦାସ ଜଗନ୍ନାଥଙ୍କୁ ଗଣଦେବତା ରୂପେ ଯେଉଁଭଳି ପ୍ରତ୍ୟକ୍ଷ କରିଛନ୍ତି, ତାହାର ନିଦର୍ଶନ ନିଜ ରଚନାରେ ପ୍ରତିଫଳିତ ହୋଇଛି ଏହା ନିଃସନ୍ଦେହ ।

ପ୍ରାଧ୍ୟାପକ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)
ପୁରୀ

---

# ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି

ଦେବରାଜ ସାମନ୍ତରାୟ

ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର
ଦହଗଞ୍ଜ ଆଉ ଦିଅନା ମତେ
ଜଞ୍ଜାଳ-ଜାଲରୁ ଫିଟିବାକୁ ଚାହେଁ
ରହିବା ସକାଶେ ସାଯୁଜ୍ୟ-ପଥେ ।
ଅଭିନୟ କଲି ଭବରଙ୍ଗ ଭୂମେ
ଦେଖିଲା ଦୁନିଆ ଦେଖିଲ ତ ତୁମେ
ବନ୍ଧୁ-ସୁତାସୁତ-କଳତ୍ର ସହିତ
ଦିନ ମୋ ବିତିଲା ସଂସାର ମତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ଲଭିବାକୁ ସିଦ୍ଧି କରିଲି କରମ
ପରମ ନ ପାଇ ପାଇଲି ସରମ
ବିଷୟାରେ ମଜ୍ଜି ତୁମକୁ ନଭଜି
କେଡ଼େ ଅକରମ କଲି ମୁଁ ସତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
'ମୃଗୀ' ଡାକଦେଲା ପରାଣ ବିକଳେ
'କରୀ' ପଡ଼ିଥିଲା କୁମ୍ଭୀର କବଳେ
ଶରଣ ସୋଦର ହଟିଲା ବିପତ୍ତି
କେବଳ ତୁମରି ନାମ ଧରନ୍ତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପାପୀ 'ଅଜାମିଳ' ପୁତ୍ର ନାମ ଧରି
କ୍ଷଣକେ ପାଇଲା ମହାନନ୍ଦ-ତରୀ
ମୋ ପାଇଁକି ସାହା ହୋଇ ଚଉବାହା
ମହିମା-ଫଡ଼କା ଉଡ଼ା ମରତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପ୍ରଭୁ ହେ କରିବ 'ନନ୍ଦିଘୋଷେ' ବିଜେ
ଦାରୁବ୍ରହ୍ମ ରୂପ ଦେଖନ୍ତି ମୁଁ ନିଜେ
ଆହେ ସର୍ବଧାତା ସୁଯୋଗ ପାଉନି
ଆବିର୍ଭୂତ ହୁଅ ମୋ ହୃଦ-ରଥେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପ୍ରଣତ ହୋଇ ମୁଁ ଜଣାଏ ପ୍ରଣତି
କରୁଣା କଣିକା ଦିଅ ବିଶ୍ୱପତି
ନମୋ ନାରାୟଣ ନିଖିଳ ନିଦାନ
ସନ୍ନିକଟେ ମୋର ଥାଅ ନିରତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।

ଉପସଭାପତି
ରାଜଧାନୀ ଶିଶୁ ସାହିତ୍ୟ ସଂସଦ, ଭୁବନେଶ୍ୱର

# ରଥସେବାରେ ଘଣ୍ଟୁଆ ନିଯୋଗ



ଡକ୍ଟର ଜନ୍ମେଜୟ ଚୌଧୁରୀ

ଦେବ ମନ୍ଦିରରେ ଘଣ୍ଟ ନାଦ ଅତ୍ୟନ୍ତ ପୁଣ୍ୟପ୍ରଦ । ଦେବ ଦେବୀଙ୍କ ପୂଜୋପଚାରରେ ଅଙ୍ଗ ହିସାବରେ ଘଣ୍ଟ, ଘଣ୍ଟା ଓ ଘଣ୍ଟି ବାଦନ ଆବଶ୍ୟକ ତତ୍ତ୍ୱ ରୂପେ ବିବେଚିତ ହୁଏ । ଦେବତାଙ୍କ ଶ୍ରୀବିଗ୍ରହର ସ୍ନାନ ଧୂପଦାନ, ଦୀପ ପ୍ରଦାନ, ନୈବେଦ୍ୟ ନିବେଦନ, ଆଭୂଷଣ ଅଳଙ୍କରଣ ସମୟରେ ଘଣ୍ଟନାଦ କରଣୀୟ । ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଭଗବାନଙ୍କର ଶ୍ରୀବିଗ୍ରହ ନିକଟରେ ପୂଜା ସମୟରେ ଘଣ୍ଟବାଦନ କଲେ ଉତ୍ତମ ଫଳ ମିଳିଥାଏ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ମଙ୍ଗଳା ଚରଣରେ ଶ୍ରୀକ୍ଷେତ୍ରରେ ଆଳଙ୍କାରିକ ବର୍ଣ୍ଣନା କରିବା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହାପ୍ରସାଦ ଭକ୍ଷଣ ଏବଂ ଘଣ୍ଟଘୋଷର ଶ୍ରବଣରେ ପାପନାଶ ହେବାର ସୂଚନା ଦେଇଛନ୍ତି ।

'ଶ୍ରୀମହାପ୍ରସାଦ ଗଦପଦ ଘଣ୍ଟଘୋଷ
ଭକ୍ଷଣେ ଶ୍ରବଣେ ଯେ କଳ୍ମିଷ ନାଶ ହେ ।'

ଘଣ୍ଟ, ଘଣ୍ଟା ଓ ଘଣ୍ଟି ସଙ୍ଗୀତ ଶାସ୍ତ୍ରରେ ଘନବାଦ୍ୟର ଅନ୍ତର୍ଗତ ଅଟେ । ଏହାର ପାଞ୍ଚୋଟି ଭେଦ ରହିଛି ଯଥା- କାଂସ୍ୟତଳ (ଝାଞ୍ଜ), ତାଳ (ମଞ୍ଜୀରା, ଗିନି), ଘଟିକା (ବୃହଦାକାର ଘଣ୍ଟି), ଜୟ ଘଣ୍ଟିକା (ବିଜୟ ଘଣ୍ଟ), କ୍ଷୁଦ୍ର ଘଣ୍ଟ (ପୂଜାର ଘଣ୍ଟା) ଏବଂ କ୍ରମ (ଦୋଳାୟମାନ ଘଣ୍ଟି) । ଏସବୁର ଉପଯୋଗ ପ୍ରାୟ ପ୍ରତ୍ୟେକ ମନ୍ଦିରରେ ହେବାର ଦେଖାଯାଏ । ପୂଜାଘଣ୍ଟିର ଧାତୁମୟ ଦଣ୍ଡକୁ ବାମହସ୍ତ ମୁଷ୍ଟିରେ ଧାରଣ କରି ବଜାଇବାକୁ ହୁଏ । ଦଣ୍ଡର ଅଗ୍ରଭାଗରେ ଚକ୍ର, ଗରୁଡ଼, ହନୁମାନ, ପଞ୍ଚମୁଖୀ ସର୍ପର ପ୍ରତିକୃତି ରହିଥାଏ । ଶାସ୍ତ୍ର ଦୃଷ୍ଟିରୁ ସବୁ ପ୍ରତିକୃତି ମଧ୍ୟରୁ ଯେକୌଣସି ଗୋଟିଏ ଘଣ୍ଟିରେ ରଖିବାର ବିଧାନ ଅଛି । ଚକ୍ରଯୁକ୍ତ ଘଣ୍ଟିର ଧ୍ୱନିରେ ଆସୁରୀ ଶକ୍ତିର ପ୍ରସ୍ଥାନ ହୁଏ । ମୃତ୍ୟୁକାଳରେ ପ୍ରାଣ ପ୍ରୟାଣ ସମୟରେ ଚକ୍ରଯୁକ୍ତ ଘଣ୍ଟିର ଧ୍ୱନି କଲେ ଯମଦୂତମାନେ ସମୀପକୁ ଆସନ୍ତି ନାହିଁ । ଗରୁଡ଼ ଯୁକ୍ତ ଘଣ୍ଟିର ଶବ୍ଦରେ ସର୍ପ, ଅଗ୍ନି, ତଥା ବିଜୁଳିର ଭୟ ଦୂର ହୁଏ । ପୁରାଣମାନଙ୍କରେ ଘଣ୍ଟି, ଘଣ୍ଟା ନାଦର ମାହାତ୍ମ୍ୟ ବର୍ଣ୍ଣିତ ଥିବାର ଦେଖାଯାଏ । କାଳିକା ପୁରାଣରେ ବର୍ଣ୍ଣିତ ଅଛି -

'ସ୍ନାନେ ଧୂପେ ତଥା ଦୀପେ ନୈବେଦ୍ୟେ ଭୂଷଣେ ତଥା ।
ଘଣ୍ଟନାଦଂ ପ୍ରକୁର୍ବୀତ ତଥା ନୀରାଜନେଽପିଚ ॥'

ଦୋଳାୟମାନ ଘଣ୍ଟି ଉପରେ ଦେବତାମାନଙ୍କର ନାମ ଅଥବା ମନ୍ତ୍ରାଦି ଅଙ୍କିତ ହୋଇଥାଏ । ଦେବ ମନ୍ଦିରର ଦ୍ୱାର ଦୁନ୍ଦୁଭି, ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, ଝାଞ୍ଜ, ଶଙ୍ଖାଦି ବାଦନ କରି ଉନ୍ମୁକ୍ତ ହୋଇଥାଏ । କୌଣସି ବାଦ୍ୟ ନଥିଲେ ଘଣ୍ଟି ବାଦନ ଯଥେଷ୍ଟ । ଘଣ୍ଟ ସର୍ବବାଦ୍ୟମୟ ଏବଂ ସମସ୍ତ ଦେବଦେବୀଙ୍କର ପ୍ରିୟ ଅଟେ । ବିନା ଘଣ୍ଟଘଣ୍ଟିରେ ପୂଜା ନିଷେଧ । ଘଣ୍ଟ, ଘଣ୍ଟିର ଧ୍ୱନି ଦେବଦେବୀମାନଙ୍କର ଆନନ୍ଦ ବିଧାୟକ ଏବଂ ଅନିଷ୍ଟକାରୀ ଆସୁରିକ ଶକ୍ତିର ଭୟପ୍ରଦ । ଏହା ପାପ ନିବାରକ ଓ ଅନିଷ୍ଟନାଶକ ଅଟେ । ଦେବ ପୂଜନ, ଯାନିଯାତ୍ରା ସହ ପିତୃ ପୂଜନରେ ମଧ ଘଣ୍ଟ ଘଣ୍ଟି ବଜାଇବାର ବିଧି ରହିଛି । କେତେକ ବାସ୍ତୁଶାସ୍ତ୍ର ଓ ତନ୍ତ୍ରଶାସ୍ତ୍ରରେ ବାସଗୃହରେ ଘଣ୍ଟା ଝୁଲାଇ ତା'ର ଧ୍ୱନି ଶୁଣିବାର ବ୍ୟବସ୍ଥା ରହିଛି । ଚିକିତ୍ସା ଶାସ୍ତ୍ରରେ କେତେକ ରୋଗର ଆରୋଗ୍ୟ ପାଇଁ ଘଣ୍ଟିର ଅନୁରଣନ ଧ୍ୱନି ଉପାଦେୟତା ସମ୍ପର୍କରେ ଉଲ୍ଲେଖ ଅଛି । ଘଣ୍ଟଧ୍ୱନି ଦୈତ୍ୟମାନଙ୍କର ତେଜକୁ ବିନଷ୍ଟ କରି ପ୍ରତ୍ୟେକ ପ୍ରକାର ଭୟ ଓ ପାପରୁ ରକ୍ଷା କରିଥାଏ । ଦେବତାମାନେ ଦେବୀ ଭଦ୍ରକାଳୀଙ୍କୁ ସ୍ତୁତିକରି କହିଛନ୍ତି -

'ହିନସ୍ତି ଦୈତ୍ୟତେଜାଂସି ସ୍ୱନେନାପୂର୍ଯ୍ୟ ଯା ଜଗତ୍ ।
ସା ଘଣ୍ଟା ପାତୁ ନୋ ଦେବି ! ପାପେଭ୍ୟୋନଃ ସୁତାନିବ ॥'
(ଶ୍ରୀଦୁର୍ଗା ସପ୍ତଶତୀ ୧୧/୨୭)

ଶ୍ରୀମନ୍ଦିରରେ ଶାଢ଼ୀ ବନ୍ଧା ଶୁଦ୍ର ସେବକ ବଂଶାନୁକ୍ରମିକ ଘଣ୍ଟ ସେବା କରନ୍ତି । ଘଣ୍ଟ ସେବକ ଶ୍ରୀମନ୍ଦିରରେ ପ୍ରତ୍ୟେକ ଧୂପରେ ଘଣ୍ଟ ବାଦନ କରନ୍ତି । ପ୍ରତ୍ୟେକ ପର୍ବପର୍ବାଣି ଯାତ୍ରା ଓ ବେଢ଼ାରେ ଘଣ୍ଟ ବାଦନ ସହ ବିମଳାଙ୍କ ଷୋଳପୂଜା, ତ୍ରିକାଳ ପୂଜା, ପ୍ରତି ଗୁରୁବାର

ମାଜଣା, ଏକାନ୍ତ, ପାର୍ଶ୍ୱଦେବତା (ସରସ୍ୱତୀ, ଗଣେଶ, ସୂର୍ଯ୍ୟ, ଅନନ୍ତ ନୃସିଂହ, ମହାବୀର ଆଦି)ଙ୍କ ପର୍ବପର୍ବାଣି, ଆଜ୍ଞାମାଳ ବିଜେ, ପ୍ରତ୍ୟେକ ଦେବଦେବୀଙ୍କ ବିଜେ, ସ୍ନାନ ପୂର୍ଣ୍ଣିମାର ଜଳ ଛେକ ବିଜେ, ହାତୀବେଶ, ପ୍ରତ୍ୟେକ ବେତ, ଗଳିଖଡ଼ି ବିଜେ, ଚାପ, ଚନ୍ଦନ ଓ ଦୋଳ ଆଦି ସମୟରେ କାହାଳୀ ବାଜିବା ସହିତ ଘଣ୍ଟ ମଧ ବାଜିଥାଏ । ଶ୍ରୀମନ୍ଦିରର ଏହି ଘଣ୍ଟ ବାଦନ ସେବା ମାସକରେ ଛଅଟି ପରିବାର ମଧରେ ଆବର୍ଣ୍ଟିତ ହୋଇଛି । ତନ୍ମଧରୁ ବାଳିସାହିର ଚନ୍ଦ୍ର ପ୍ରଧାନ/ବୃନ୍ଦାବନ ପ୍ରଧାନଙ୍କ ବଂଶଧର ୫ ଦିନ, ନରସିଂହ ପ୍ରଧାନଙ୍କ ବଂଶଧର ୫ ଦିନ, ଦୁର୍ଯ୍ୟୋଧନ ପ୍ରଧାନଙ୍କ ୫ ଦିନ, ଗଉଡ଼ସାହିର ପୂର୍ଣ୍ଣଚନ୍ଦ୍ର ଜେନାଙ୍କର ୪ ଦିନ, ବାଳିସାହି ତୀର୍ଥବାସୀ ମହାପାତ୍ର ୧ ଦିନ ଓ ମାର୍କେଣ୍ଡଶ୍ୱର ସାହିର ମଦନ ମହାନ୍ତି/ମୋହନ ମହାନ୍ତିଙ୍କ ବଂଶଧର ୧୦ ଦିନ ଶ୍ରୀମନ୍ଦିରରେ ଘଣ୍ଟ ସେବା କରିଥାନ୍ତି । ମାତ୍ର ଶ୍ରୀମନ୍ଦିର ମଧରେ ଘଣ୍ଟସେବା କରୁଥିବା ସେବକମାନେ ରଥଯାତ୍ରାରେ ଘଣ୍ଟ ବାଦନ କରିନଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରସିଦ୍ଧ ଘୋଷଯାତ୍ରା କାଳୀନ ଅପୂର୍ବ ଦୃଶ୍ୟରାଜି ମଧରେ ଘଣ୍ଟୁଆଙ୍କ ଘଣ୍ଟବାଦ୍ୟ ପରିବେଷଣ ଅନନ୍ୟ । ରତ୍ନବେଦୀରୁ ବାଇଶି ପାହାଚ ଦେଇ ସେବକମାନେ ତିନି ଦିଅଁଙ୍କୁ ପହଣ୍ଡି ବିଜେ କରିବାବେଳେ ଶ୍ରୀଜୀଉଙ୍କ ମଥାର ସଦୃଶ ଟାହିଆ ଦୋଳାୟମାନ ହେଉଥାଏ । ଘଣ୍ଟୁଆଙ୍କ ଘଣ୍ଟନାଦ ସହ ସମନ୍ୱୟ ରକ୍ଷା କରି ଘଣ୍ଟୁଆଙ୍କ ବିଭିନ୍ନ ତାଳ ଓ ଲୟରେ ସମାବିଷ୍ଟ ଭକ୍ତ ଉଲ୍ଲସିତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ସହିତ ଘଣ୍ଟୁଆ ସେବାୟତମାନଙ୍କର ସମ୍ପର୍କ ରହିଆସିଛି କେଉଁ ଆବାହନ କାଳରୁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିବିଧ ସେବାପୂଜାରେ ନିଯୁକ୍ତ ଥିବା ସେବାୟତମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ - ଦୈନନ୍ଦିନ ସେବାପୂଜା ସେବାୟତ ଓ ନିର୍ଦ୍ଦିଷ୍ଟ କାଳର ସେବାୟତ । ଘଣ୍ଟୁଆମାନେ ହେଉଛନ୍ତି ନିର୍ଦ୍ଦିଷ୍ଟ କାଳର ସେବାୟତ । କଂସା, ପିତଳର ଉତ୍କୃଷ୍ଟ ବାସନକୁସନ ପ୍ରସ୍ତୁତ ତଥା ଏହି ଧାତୁର କମନୀୟ ହସ୍ତକଳା ନିମନ୍ତେ ପ୍ରସିଦ୍ଧ କଟକ ଜିଲ୍ଲାର ଭଟିମୁଣ୍ଡା ଗ୍ରାମରୁ ଘଣ୍ଟୁଆ ସେବାୟତମାନେ ମହାପ୍ରଭୁଙ୍କ ଏହି ସେବାପାଇଁ ଶ୍ରୀକ୍ଷେତ୍ରକୁ ପ୍ରତିବର୍ଷ ଆସିଥାନ୍ତି । ଶାଢ଼ୀ ନ ବନ୍ଧାଇ ବଂଶାନୁକ୍ରମିକ ଭାବରେ ପୁରୀ ତଥା ପୁରୀ ବାହାର ଭଟିମୁଣ୍ଡା ଗ୍ରାମର କଂସାରୀ ଓ ଖରୁଡ଼ା ଗୋଷ୍ଠୀର ନାୟକ, ଚୌଧୁରୀ, ନାଏକ, ସାହୁ, ମହାରଣା, ପୃଷ୍ଟି ଆଦି ସଂଜ୍ଞାଧାରୀ ଘଣ୍ଟୁଆ ସେବକମାନେ ସ୍ନାନ ଯାତ୍ରା ଏବଂ ରଥଯାତ୍ରା ଅବସରରେ ଘଣ୍ଟର ବୃନ୍ଦବାଦନ ପ୍ରସ୍ତୁତ କରନ୍ତି । ଘଣ୍ଟୁଆ ସେବକମାନେ ସ୍ନାନ ପୂର୍ଣ୍ଣିମା ଦିନ ଘଣ୍ଟ ବଜାନ୍ତି । ଶ୍ରୀଗୁଣ୍ଡିଚା ଓ ଶ୍ରୀବାହୁଡ଼ା ବିଜେ, ଗୁଣ୍ଡିଚା ଘରକୁ ବିଜେ, ନୀଳାଦ୍ରି ବିଜେ, ରଥତ୍ରୟର ଦକ୍ଷିଣୀ ମୋଡ଼ରେ ରଥଟଣା, ବିଜେ ରାମକୃଷ୍ଣ ଓ ମଦନମୋହନଙ୍କ ବିଜେ ସମୟରେ ଘଣ୍ଟ ବଜାନ୍ତି । ଭଟିମୁଣ୍ଡାର ଘଣ୍ଟୁଆ ସେବାୟତମାନଙ୍କ ସହିତ ପୁରୀର ସ୍ଥାନୀୟ ଘଣ୍ଟୁଆ ସେବାୟତମାନେ ମଧ ଏହି ସେବା କରିଥାନ୍ତି । ଉଭୟ ସେବକଙ୍କ ମିଳିତ ସହଯୋଗରେ ଘଣ୍ଟ ସେବା ସମ୍ପୂର୍ଣ୍ଣ ହୋଇଥାଏ ।

ଘଣ୍ଟସେବା ଏକ ପ୍ରାଚୀନ ସେବା ପରମ୍ପରା । ମାଦଳାପାଞ୍ଜିରେ ଏହି ସେବା ଓ ସେବାୟତମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରଥମ ଥର ଲାଗି ଭଟିମୁଣ୍ଡାର କଂସାରୀ ଘଣ୍ଟୁଆ ସେବାୟତଙ୍କ ମୁଣ୍ଡନରେ ଶାଢ଼ୀ ବନ୍ଧନ ପୂର୍ବକ ଯୁଗ ଯୁଗ ଧରି ଏହି ପବିତ୍ର ସେବା ସମ୍ପାଦନ କରିବାର ଅଧିକାର ପ୍ରଦାନ କରିଥିଲେ ଗଜପତି ଶ୍ରୀ ମୁକୁନ୍ଦ ଦେବ । ଏହି ସେବା ସନନ୍ଦ ଲାଭ କରି ଘଣ୍ଟୁଆ ସେବାୟତମାନେ ପୁରୁଷାନୁକ୍ରମେ ଏହି ପବିତ୍ର ସେବା କରି ଆସୁଛନ୍ତି । ପରବର୍ତ୍ତୀ କାଳରେ ଗଜପତି ମହାରାଜା ଶ୍ରୀ ରାମଚନ୍ଦ୍ର ଦେବ ମଧ ଅନୁରୂପ ସନନ୍ଦରେ ଭଟିମୁଣ୍ଡାର ବାରଘର ଘଣ୍ଟୁଆ ସେବାୟତ ଏହି ସେବା କରିପାରିବେ ବୋଲି ଆଦେଶ ଦେଇଥିଲେ । ସେ ଏଥିରେ ଉଲ୍ଲେଖ କରିଥିଲେ ଯେ, କୌଣସି ସେବାୟତଙ୍କ ଦେହାନ୍ତ ହେଲେ ଶ୍ରୀମନ୍ଦିର ରୋଷଶାଳାରୁ ପବିତ୍ର ବୈଷ୍ଣବାଗ୍ନି ପ୍ରଦାନ କରାଯିବ । ତେବେ ଏହି ସେବା ନିମିତ୍ତ ତତ୍କାଳୀନ ଗଜପତି କିମ୍ବା ଶ୍ରୀମନ୍ଦିର ପକ୍ଷରୁ କୌଣସି 'ଖେଇ' କିମ୍ବା ପାଉଣାର ବ୍ୟବସ୍ଥା ନଥିଲା । ଗଜପତି ବୀରକିଶୋର ଦେବଙ୍କ ରାଜତ୍ୱ କାଳରେ ଘଣ୍ଟୁଆ ସେବାୟତଙ୍କ ପକ୍ଷରୁ ଏକ 'ଚଢ଼େଇ ନଦା ତାଡ଼' ପ୍ରଦାନ କରିବାକୁ ଆନ୍ଦୋଳନ କରାଯାଇଥିଲା । ଏହି ଆବେଦନକୁ ବିଚାରକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ତାଙ୍କର ୧୦୪/୫୯ ଚିଠିରେ ଘଣ୍ଟୁଆ ସେବାୟତଙ୍କୁ ପ୍ରତିବର୍ଷ ରଥଯାତ୍ରା ଶେଷ ପରେ ଅର୍ଥାତ୍ ନୀଳାଦ୍ରି ବିଜେ ପରେ ଏକ 'ଚଢ଼େଇନଦା ତାଡ଼' ପ୍ରଦାନର ବ୍ୟବସ୍ଥା କରିଥିଲେ । ଏହି ବ୍ୟବସ୍ଥା ଏବେ ମଧ ପ୍ରଚଳିତ । ପରିବର୍ତ୍ତିତ ପରିସ୍ଥିତିରେ ଶ୍ରୀମନ୍ଦିର ପରିଚାଳନା ଭାର ଗଜପତିଙ୍କ ହସ୍ତରୁ ହସ୍ତାନ୍ତର ହେବା ପରେ ଘଣ୍ଟୁଆ ସେବାୟତଙ୍କ ପକ୍ଷରୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ 'କାନିକା ଭୋଗ' ପ୍ରଦାନ କରାଯିବାକୁ ଆବେଦନ କରାଯାଇଥିଲା ଓ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସକ ୧୫୮/(୨) ୮୧ ଚିଠିରେ ଏକ ସ୍ୱତନ୍ତ୍ର ଆଦେଶନାମାରେ 'କାନିକା ଭୋଗ' ବାବଦକୁ ୩୦ ଟଙ୍କା ମଞ୍ଜୁର କରିଥିଲେ । ପରେ ଏହା ୧୧୦ ଟଙ୍କା ଓ ଏବେ ସାମାନ୍ୟ ଅଧିକ ହୋଇଛି । କେଉଁ କାଳେ ଗଜପତି ମହାରାଜା ଭଟିମୁଣ୍ଡାର ଏହି କଂସାରୀ-ଘଣ୍ଟୁଆମାନଙ୍କ ନାମରେ ବାରମାଣ, ବାରଗୁଣ୍ଠ, ବାରବିଶ୍ୱା ଜମି ଖଞ୍ଜି ଦେଇଥିଲେ । ତେବେ ଏହି ଜମି ପ୍ରକୃତରେ ସେମାନେ କେବେ ପାଇନାହାନ୍ତି ବୋଲି କୁହନ୍ତି । ଏ କାଳରେ ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କ ସେବାକୁ ମଧ ପ୍ରାୟ କିଛି ଦେଉନାହିଁ । କେବଳ ଭଟିମୁଣ୍ଡାରୁ ପୁରୀ ଆସିବା ପାଇଁ ଯାତାୟତ ଖର୍ଚ୍ଚ ବାବଦକୁ ୮୦୦ ଟଙ୍କା, ଖେଚେଡ଼ି-କାନିକା ପ୍ରସାଦ ଲାଗି ୫୦୦ ଟଙ୍କା ମିଳିଥାଏ । ଦକ୍ଷିଣମୋଡ଼ ସେବାବେଳେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରୁ ୧୧୦୦ ଟଙ୍କା ମିଳେ । ପୁରୀ ରହଣି କାଳରେ ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କ ରହିବା ବ୍ୟବସ୍ଥା ବଗଲା ଧର୍ମଶାଳାରେ କରିଥାଏ । ସେବା କାର୍ଯ୍ୟ ଶେଷରେ ଏମାନଙ୍କୁ ମିଳେ ଚଢ଼େଇନଦା ତାଡ଼ ଓ ଖେଚେଡ଼ି-କାନିକା ଭୋଗ । ମାତ୍ର ଏ ସମସ୍ତ ବ୍ୟବସ୍ଥା ୨୧ ଜଣଙ୍କ ପାଇଁ ହୋଇଥାଏ ।

ସମଗ୍ର ଭଟିମୁଣ୍ଡା ହେଉଛି ଘଣ୍ଟୁଆ ସେବକଙ୍କ ଆସ୍ଥାନ । ବାରଟି ପଡ଼ାରେ ରହନ୍ତି ପ୍ରାୟ ୭୦୦ ଘର କଂସାରୀ । ବର୍ଷସାରା ଶାଳରେ କଂସା-ବାସନ ତିଆରି କରି ଏମାନେ ବିକ୍ରୟ କରିଥାନ୍ତି । ଓଡ଼ିଶାର ଏକାଧିକ ଗ୍ରାମ ଯଥା- କଣ୍ଟିଲୋ, ବାଳକାଟି, ରେମୁଣା, ଭୁବନ ଓ ତରଭା ଆଦି କୌଳିକ ବୃତ୍ତିଧାରୀ କଂସାରୀଙ୍କ ବାସସ୍ଥାନ ହୋଇଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ମୁଖ୍ୟତଃ ଭଟମୁଣ୍ଡା କଂସାରୀମାନେ ଜଡ଼ିତ ଏବଂ କଂସାରୀ କୁଳରେ ଏମାନଙ୍କ ସ୍ଥାନ ସ୍ୱତନ୍ତ୍ର । ଶ୍ରୀମନ୍ଦିର ସ୍ୱତଲିପି (Record of Rights)ରେ ୨୦୩ ନମ୍ବର ସେବା କାର୍ଯ୍ୟଟି ହେଲା ଘଣ୍ଟ ବଜାଇବା । ଏଥିନିମନ୍ତେ ରହିଛନ୍ତି ଭିତର ଘଣ୍ଟୁଆ ଓ ବାହାର ଘଣ୍ଟୁଆ । ଭିତର ଘଣ୍ଟୁଆମାନେ ବର୍ଷସାରା ଶ୍ରୀମନ୍ଦିର ଭିତରେ ଘଣ୍ଟ ବଜାଉଥିବା ବେଳେ ବାହାର ଘଣ୍ଟୁଆ କେବଳ ରଥଯାତ୍ରା ସମୟରେ ରଥ ଉପରେ ଘଣ୍ଟ ବଜାଇଥାନ୍ତି । ପୁଣି ଏହି ବାହାର ଘଣ୍ଟୁଆମାନେ ମଧ୍ୟ 'କ' ଓ 'ଖ' ଶ୍ରେଣୀରେ ବିଭକ୍ତ । 'କ' ଶ୍ରେଣୀରେ ସେବକ କହିଲେ ଶ୍ରୀକ୍ଷେତ୍ର ଖରୁଡ଼ା କୁଳ ଛାମୁ ଘଣ୍ଟୁଆ ନିଯୋଗ ଏବଂ 'ଖ' ଶ୍ରେଣୀ କହିଲେ ଶ୍ରୀଶ୍ରୀଜଗନ୍ନାଥ ଦେବ ଜୀଉ କଂସାରୀ ଘଣ୍ଟସେବା ନିଯୋଗକୁ ବୁଝାଏ । ଏହି 'ଖ' ଶ୍ରେଣୀ ଘଣ୍ଟ ସେବା ନିଯୋଗ ସହ ଭଟିମୁଣ୍ଡାର କଂସାରୀମାନେ ସଂପୃକ୍ତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହାର ଘଣ୍ଟୁଆ ସେବକମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବା ପଛରେ ରହିଛି ଏକ ଘଟଣାବହୁଳ କାହାଣୀ ।

ତିନିପୁରୁଷ ତଳର କଥା । ରଥଯାତ୍ରା ଉପଲକ୍ଷେ ସେବାକାର୍ଯ୍ୟ ତୁଲାଇବା ପାଇଁ ଭଟିମୁଣ୍ଡାର କଂସାରୀ-ଘଣ୍ଟୁଆମାନେ ପୁରୀ ଯାଇଥାନ୍ତି । ଏହି ସମୟରେ ତାଙ୍କ ଗାଁରେ ହଇଜା ଲାଗିବାର ଖବର ଶୁଣି ସେମାନେ ମହାପ୍ରଭୁଙ୍କ କାର୍ଯ୍ୟ ଅଧାରୁ ଛାଡ଼ି ଗାଁକୁ ଫେରିଲେ । ତେଣେ ମହାପ୍ରଭୁଙ୍କ କାର୍ଯ୍ୟ ବ୍ୟାହତ ହେବାର ଆଶଙ୍କାରେ ଗଜପତି ମହାରାଜାଙ୍କ ମହାରାଣୀ ସେହି ସେବା ଦାୟିତ୍ୱକୁ ଏହି ମୁହୂର୍ତ୍ତରେ ହସ୍ତାନ୍ତର କଲେ ଖରୁଡ଼ା ଜାତିର ବ୍ୟକ୍ତିବିଶେଷଙ୍କୁ । ମହାରାଣୀଙ୍କ ସନନ୍ଦ ପାଇ ଖରୁଡ଼ାମାନେ ସେବକ ପାଲଟିଲେ ଓ ମହାପ୍ରଭୁଙ୍କ ସେବା ସମ୍ପନ୍ନ ହେଲା ।

ଏକଦା ଭଟିମୁଣ୍ଡାର କଂସାରୀମାନେ ପୁରୀର ମରିଚକୋଟ ସାହି ରାଧାବଲ୍ଲଭ ମଠ ନିକଟରେ କଂସାବାସନ ବଜାର ବସାଇଥିଲେ । ସେ ଅଞ୍ଚଳ ସେତେବେଳେ କଂସାରୀ ପଟି ନାମରେ ଖ୍ୟାତ ଥିଲା । ଏହି କଂସାରୀ ମହାଜନଙ୍କ ନିକଟରେ ଗଞ୍ଜାମ ଅଞ୍ଚଳର ଖରୁଡ଼ା ଜାତିର ଲୋକେ କାମ କରୁଥିଲେ । କଂସାରୀ ମହାଜନମାନେ ପୁରୀକୁ ଆପଣେଇ ନପାରି ମୁଖ୍ୟତଃ ନିଜ ଗ୍ରାମ ଭଟିମୁଣ୍ଡାକୁ ନିଜ ନିଜ ବ୍ୟବସାୟ କେନ୍ଦ୍ର କଲେ । ଏହାର ସୁଯୋଗ ନେଲେ ଖରୁଡ଼ାମାନେ । ଏ ସମୟରେ ଖରୁଡ଼ାମାନେ କଂସାରୀ-ଘଣ୍ଟୁଆଙ୍କ ବ୍ୟବସାୟ କ୍ରୟ କରି ନେଇ ପୁରୀରେ ସ୍ଥାୟୀ ଭାବରେ ଅବସ୍ଥାନ କଲେ । ଏମିତି ଏକ ସମୟରେ ସୌଭାଗ୍ୟବଶତଃ ମହାରାଣୀଙ୍କ ସନନ୍ଦ ପାଇ ମହାପ୍ରଭୁଙ୍କ ସେବକ ବି ହେଲେ । ଭଟିମୁଣ୍ଡା ଘଣ୍ଟୁଆ ସେବକଙ୍କ ପାଖରେ ସେବା କାର୍ଯ୍ୟ ପାଇଁ ରାଜାଙ୍କ ସନନ୍ଦ ଥିବାବେଳେ ଖରୁଡ଼ାମାନଙ୍କ ପାଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘଣ୍ଟସେବା ପାଇଁ ମହାରାଣୀଙ୍କ ସନନ୍ଦ ରହିଛି । ତେଣୁ ଏହି ଦୁଇ ଗୋଷ୍ଠୀର ବିବାଦକୁ ସମାଧାନ କରି ଶ୍ରୀମନ୍ଦିର ପ୍ରଶାସନ ଉଭୟ ଗୋଷ୍ଠୀକୁ ସେବା କାର୍ଯ୍ୟ ପାଇଁ ସୁଯୋଗ ଦେଇଛନ୍ତି । ରଥଟଣା ହେଲାବେଳେ ବା ପହଣ୍ଡି ସମୟରେ ତିନିଠାକୁରଙ୍କ ବାମପାର୍ଶ୍ୱରେ ରହିବେ ଭଟିମୁଣ୍ଡା ଘଣ୍ଟୁଆ ଓ ଡାହାଣ ପାର୍ଶ୍ୱରେ ରହିବେ ଖରୁଡ଼ା ଘଣ୍ଟୁଆ । ମାତ୍ର ଶ୍ରୀମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିରେ ଭଟିମୁଣ୍ଡା ଘଣ୍ଟୁଆ ସେବକ ଆତ୍ମ ସନ୍ତୋଷ ଲାଭ କରିପାରିନାହାନ୍ତି । ସେମାନେ କୁହନ୍ତି ଖରୁଡ଼ାମାନେ କଂସାରୀ ନୁହନ୍ତି । ଖରୁଡ଼ାମାନେ କଂସାରୀମାନଙ୍କ ପାଖରେ ଚାକିରି କରିଥିଲେ । ତେଣୁ ଯଦି ଭେଟିମୁଣ୍ଡା ଗ୍ରାମର ଘଣ୍ଟୁଆ ସେବକମାନେ ଶ୍ରୀମହାପ୍ରଭୁଙ୍କ କାର୍ଯ୍ୟରେ ହେଳା କଲେ ତେବେ କର୍ତ୍ତୃପକ୍ଷ ଅନ୍ୟ ଗ୍ରାମର କଂସାରୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସେବକ ଭାବରେ ନିଯୁକ୍ତି ଦେବା ଉଚିତ ଥିଲା । କିନ୍ତୁ ଅଣ କଂସାରୀ ଖରୁଡ଼ାଙ୍କୁ ସେହି ଦାୟିତ୍ୱ ଦେବାର ନଥିଲା । ସେହି ବିବାଦର କୌଣସି ସର୍ବସମ୍ମତ ସମାଧାନ ହୋଇନଥିଲେ ସୁଦ୍ଧା ଉଭୟ ସଂପ୍ରଦାୟ ସେବାକାର୍ଯ୍ୟ ଜାରି ରଖିଛନ୍ତି । ଏହି ବାର୍ଷିକ ସେବା କାର୍ଯ୍ୟ ଆରମ୍ଭ ହୁଏ ଦେବସ୍ନାନ ପୂର୍ଣ୍ଣମୀରୁ, ଆଉ ଶେଷ ହୁଏ ନୀଳାଦ୍ରି ବିଜେ ପରେ । ଦେବସ୍ନାନ ପୂର୍ଣ୍ଣମୀ ଦିନ ତିନିଠାକୁରଙ୍କୁ ପହଣ୍ଡି କରି ବେଢ଼ା ପରିକ୍ରମା କରାଯାଇ ସ୍ନାନ କାର୍ଯ୍ୟ କରାଗଲା ବେଳେ ବାହାର ଘଣ୍ଟୁଆ ଘଣ୍ଟ ବଜାଇ ପ୍ରଥମ ସେବା କରନ୍ତି । ତିନିଠାକୁରଙ୍କୁ ସ୍ନାନ ବେଦୀରୁ ଅଣସର ବେଦୀକୁ ନେବା ବେଳେ ଦ୍ୱିତୀୟ ସେବା କରିଥାନ୍ତି । ଅଣସର ବେଦୀରୁ ରଥକୁ ନେବାବେଳେ ତୃତୀୟ ସେବା କରିଥାନ୍ତି । ରଥ ଉପରୁ ଗୁଣ୍ଡିଚା ଘରକୁ ଗଲାବେଳେ ଚତୁର୍ଥ ସେବା ହୋଇଥାଏ । ବାହୁଡ଼ା ବିଜେ ସମୟରେ ପଞ୍ଚମ ସେବା ହୋଇଥାଏ । ନୀଳାଦ୍ରି ବିଜେ ସମୟରେ ଷଷ୍ଠ ସେବା ହୋଇଥାଏ । ଏତଦ୍‌ବ୍ୟତୀତ ବାହାର ଘଣ୍ଟୁଆମାନେ ବଡ଼ଦାଣ୍ଡରେ ଥିବା ରଥକୁ ଶ୍ରୀଗୁଣ୍ଡିଚା ପୂର୍ବଦିନ ଶ୍ରୀମନ୍ଦିର ସମ୍ମୁଖକୁ ଘଣ୍ଟ ବଜାଇ ଆଣିଥାନ୍ତି । ଏହାକୁ 'ଉଭାଯାତ୍ରା' କୁହାଯାଏ । ଶ୍ରୀଗୁଣ୍ଡିଚା ମନ୍ଦିରକୁ ଠାକୁର ନବଗ୍ରହ ଦ୍ୱାର ଦେଇ ଯାଇଥାନ୍ତି ଓ ଫେରନ୍ତି ନାକଚଣା ଦ୍ୱାର ଦେଇ । ତେଣୁ ଗୁଣ୍ଡିଚା ମନ୍ଦିରର ନବଦ୍ୱାରଠାରୁ ନାକଚଣା ଦ୍ୱାର ପର୍ଯ୍ୟନ୍ତ ରଥକୁ ନେବାବେଳେ ମଧ୍ୟ ଘଣ୍ଟ ବଜାଯାଇଥାଏ । ଏହାକୁ ଦକ୍ଷିଣ ମୋଡ଼ ସେବା କୁହାଯାଏ । ଯାବତ୍ ଚନ୍ଦ୍ରାର୍କ ବର୍ଷକୁ ଥରେ ଏହି ଅଷ୍ଟସେବା ପାଇଁ ଭଟିମୁଣ୍ଡାର କଂସାରୀ ଘଣ୍ଟୁଆ ସେବକ ପ୍ରତିଜ୍ଞାବଦ୍ଧ ।

ଶ୍ରୀମନ୍ଦିର ସ୍ୱତ୍ୱଲିପିର ୧୦୩ ନମ୍ବର ସେବା ପରିଶିଷ୍ଟରେ ଘଣ୍ଟୁଆ ସେବକମାନଙ୍କ ସେବା ବିଷୟରେ ଉଲ୍ଲେଖ ଅଛି । ପୁରୀ ସହରର ୨୩ ଘର ଖରୁଡ଼ା ଓ ଭଟିମୁଣ୍ଡାର ୧୨ ଘର କଂସାରୀଙ୍କୁ ଘଣ୍ଟୁଆ ସେବା ଅଧିକାର ମିଳିଛି । ଏମାନଙ୍କୁ ଗୋଟିଏ ଲେଖାଏଁ ଚଢ଼େଇନେଦା ତାଡ଼ ମିଳେ । ଖେଇ ବାବଦରେ ସେମାନଙ୍କୁ ଖେଚୁଡ଼ି ଭୋଗ ମିଳିବାର ବିଧି ଅଛି । ପ୍ରତ୍ୟେକ ଘଣ୍ଟୁଆ ଶାଢ଼ୀ ପାଇବା କଥା ସ୍ୱତ୍ୱଲିପିରେ

ଉଲ୍ଲେଖ ଥିଲେ ମଧ୍ୟ ସେମାନଙ୍କୁ ବାହୁଡ଼ା ସମୟରେ କେବଳ ୬ ଖଣ୍ଡ ଶାଢ଼ୀ ମିଳିଥାଏ । ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟସ୍ଥ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର ଖରୁଡ଼ାକୁଳ ଘଣ୍ଟୁଆ ନିଯୋଗ । ପୁରୀ ଘଣ୍ଟୁଆ ନିଯୋଗ ନାମରେ ମଧ୍ୟ ଏହା ବିଶେଷ ଜଣାଶୁଣା । ଏହି ଗୋପୀନାଥ ମନ୍ଦିର ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ । ନିଯୋଗ ପକ୍ଷରୁ ପ୍ରତିବର୍ଷ ଘଣ୍ଟୁଆମାନଙ୍କୁ ପଟେ ନୂଆ ଘଣ୍ଟ ଓ ଗୋଟିଏ ଗାମୁଛା ଯୋଗାଇ ଦିଆଯାଏ । ରଥଯାତ୍ରା ପରେ ଘଣ୍ଟୁଆ ସେବକମାନେ ଏହି ଘଣ୍ଟ ଫେରାଇ ଦିଅନ୍ତି । ପହଣ୍ଡି ଓ ରଥଟଣା ବେଳେ ଘଣ୍ଟୁଆ ସେବକମାନେ ନୂତନ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି । ଏ ସମୟରେ କୌଣସି ଘଣ୍ଟୁଆ ସେବକ ଆମିଷ ଭକ୍ଷଣ କରନ୍ତିନାହିଁ । ନିଯୋଗରେ ୯୦ ଘର ଖରୁଡ଼ା ସଦସ୍ୟ ରହିଛନ୍ତି । ଶାଢ଼ୀ ବନ୍ଧା ସେବା ହୋଇନଥିଲେ ମଧ୍ୟ ଏମାନଙ୍କ ପରିବାରର କୌଣସି ସଦସ୍ୟଙ୍କର ମୃତ୍ୟୁ ଘଟିଲେ ଶବସତ୍କାର ନିମିତ୍ତ ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ମିଳିଥାଏ । ପୁରୀ ସହରର କୌଣସି ଖରୁଡ଼ା ସେବାରେ ତ୍ରୁଟି କଲେ ଭଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ । ସେହିଭଳି ଭଟିମୁଣ୍ଡାର କୌଣସି କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି, ତେବେ ଅନ୍ୟ କଂସାରୀ ସେବକଙ୍କୁ ଏହି ସେବା କରିବାର ସୁଯୋଗ ମିଳେ । ବର୍ତ୍ତମାନ ତାଳଧ୍ୱଜ ରଥରେ ୨୮ ଜଣ, ଦର୍ପଦଳନ ରଥରେ ୨୪ ଜଣ ଓ ନନ୍ଦିଘୋଷ ରଥରେ ୩୨ ଜଣ ଘଣ୍ଟୁଆ ସେବକ ଘଣ୍ଟ ବାଦନ କରୁଛନ୍ତି ।

ଅଧ୍ୟାପକ, ଇତିହାସ ବିଭାଗ
ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ
କାଇପଦର, ଖୋର୍ଦ୍ଧା

---

# ଚିଦାନନ୍ଦେ ପ୍ରାଣ ଉଠେ ମୋ' ପୁଲକି

ପଣ୍ଡିତ ଜଗନ୍ନାଥ ଶତପଥୀ

ବିଶ୍ୱର ବିସ୍ମୟ ଏ ରଥଯାତରା
ଓଡ଼ିଆ ଜାତିର ଗର୍ବ ପରମ୍ପରା,
ନୀଳାଦ୍ରି ବିହାରୀ କରନ୍ତି ବିଜୟ
ବିଶ୍ୱଚେତନାର ଦାରୁ ବ୍ରହ୍ମମୟ ।

ସେ ତ କରୁଣାର ପ୍ରେମ ପାରାବାର
ବ୍ରାହ୍ମଣ ଚଣ୍ଡାଳ ସଭିଏଁ ତାହାର,
ନାହିଁ ଭେଦାଭେଦ ସେଠି ବଡ଼ସାନ
ସରବେ ତାହାର ପ୍ରିୟ ପରିଜନ ।

ଅପରୂପ ସେତ ସବୁବେଳେ ନୂଆ
କାଳିଆ ଠାକୁର ଭାବ ବିନୋଦିଆ,
ସେ ଆଦି, ଅନାଦି, ଏକରୁ ଅନେକ
ତା'ପରି ଅଛି କେ ବ୍ରହ୍ମାଣ୍ଡ ନାୟକ ।

ସମର୍ପଣ ତା'ରେ ଏ ଧନ ଜୀବନ
ତା' ସେବାରେ ମୋର ବିତି ଯାଉଦିନ,
ରୋଗ-ଶୋକ-କ୍ଳେଶ-ତାପେ ଜର୍ଜ୍ଜରିତ
ନାନା ଯନ୍ତ୍ରଣାରେ ଆଜନ୍ମ-ପିଡ଼ିତ ।

ମନେ ମନେ ଥିଲା ଅନେକ ବାସନା
କଳପନା ଜାଲେ ରହିଗଲା ସିନା,
ତା' ମନ୍ଦିର ପାଶେ ରଚିଥାନ୍ତି ବାସ
ନିତି ଦେଖୁଥାନ୍ତି ପ୍ରଭୁ ନୀଳାଦ୍ରୀଶ ।

ଗଡ଼ିଯାଉଥାନ୍ତି ଶରଧା ବାଲିରେ
ନାଚି ଯାଉଥାନ୍ତି ତା' ସଙ୍ଗୀତ ସୁରେ,
ତା' କୈବଲ୍ୟ ପାନେ ହେଉଥାନ୍ତି ଭୋଳ
ଦିବ୍ୟାନନ୍ଦେ ମଜ୍ଜି ଭୁଲି ମୁଁ ସକଳ ।

ସେ ଚକା ନୟନେ, ଏ ପାପ ନୟନ
ଲୟ ରଖି ସଦା ଯାଉଥାନ୍ତା ଦିନ,
ସାଧୁଜନଙ୍କର ପାଦ ପଙ୍କ ଧୂଳି
ମୋ ମୁଣ୍ଡରେ ସଦା ହେଉଥାନ୍ତି ବୋଳି ।

କାହିଁ ସେ ସୌଭାଗ୍ୟ, ଇହ ଜନମରେ
ଭାଳି ହୁଏ ସିନା ବୃଥା ଭାବନାରେ,
ସେ ତ କରୁଣାର ପ୍ରେମମୟ ସିନ୍ଧୁ
ମିଳନ୍ତା କି ତହୁଁ ମାତ୍ର ଏକ ବିନ୍ଦୁ ।

ନାହିଁ ସେ ପ୍ରତ୍ୟୟ କେବେ ତା' କରୁଣା
ହେବ ଅକିଞ୍ଚନେ, ତାହା ତାଙ୍କୁ ଜଣା,
ବିଷୟ ବିଷରେ ହେଲି ମୁଁ ପାଗଳ
ଯୌବନ-ମଦରେ ଭୁଲିଲି ସକଳ ।

କରିନି ତ କିଛି ଜୀବନେ ସୁକୃତ
ଜୀବନ-ସାୟାହ୍ନ ଏବେ ଉପଗତ,
ମାୟାଜାଲେ ଛନ୍ଦି ଗଲା ଏ ଜୀବନ
ପୁତ୍ର ଦାର ମୋହେ ହରାଇଲି ଜ୍ଞାନ ।

ଭରସା କେବଳ ତା' କଞ୍ଜ-ଚରଣ
ତା' ବିନୁ ଜୀବନେ କାହୁଁ ପରିତ୍ରାଣ ?
ଶରଣ ଯାଉଛି ତା' ଚରଣ ତଳେ
ମରଣ ନିକଟେ ପ୍ରଣତିର ଧାରେ ।

ଚନ୍ଦ୍ରାଳୟ
ସେଲଟର ଛକ, କଟକ-୮



# ଇଚ୍ଛାମୟଙ୍କ ସ୍ୱେଚ୍ଛାଯାତ୍ରା

ଶରତ କୁମାର କର

ଯାତ୍ରାର ସଂଜ୍ଞା ଅନେକ ପ୍ରକାର । ଯିଏ ଯେଭଳି ବୁଝିବ ତାକୁ ସେଭଳି ସେତେ ପ୍ରକାରର ଯାତ୍ରା । ଜୀବ, ବ୍ରହ୍ମ, ବସ୍ତୁ, ବ୍ରହ୍ମାଣ୍ଡ, ବୃକ୍ଷଲତା, ପଶୁପକ୍ଷୀ, କୀଟପତଙ୍ଗ, ଗ୍ରହ, ଉପଗ୍ରହ, ଅସଂଖ୍ୟ ତାରା, ତାରାପୁଞ୍ଜ, କିଏ ଯାତ୍ରା ନକରୁଛି ? ଆଜନ୍ମରୁ, ଜନ୍ମଯାତ୍ରାଠୁ ଶେଷ ମହାଯାତ୍ରା, ମୃତ୍ୟୁ ପର୍ଯ୍ୟନ୍ତ - ପୁନର୍ବାର ଜନମ, ପୁନରପି ମରଣ, ଭଙ୍ଗାଗଢ଼ା, ଧ୍ୱଂସ ପୁଣି ସୃଷ୍ଟି, ଏକତ୍ରୀକରଣ ପୁଣି ବିଚ୍ଛିନ୍ନକରଣ ଆଦି ସବୁଧାରା, ସୂକ୍ଷ୍ମ ଅବା ସ୍ଥୂଳଭାବେ ଗତିଶୀଳ - ସଦା ଯାତ୍ରା, ଶୋଭାଯାତ୍ରା, ମହାଯାତ୍ରା, ଘୂର୍ଣ୍ଣନ ପ୍ରବଚନ, ଅପସାରଣ, ବିକେନ୍ଦ୍ରୀକରଣ, ବିକିରଣ, ବିଚ୍ଛୁରଣ, ବିଭକ୍ତିକରଣ, ଏକୀଭୂତ କରଣ, ଆକର୍ଷଣ, ବିକର୍ଷଣ ଆଦି ସବୁ ପ୍ରକ୍ରିୟା ଏ ସୃଷ୍ଟି, ସଂସାର ବା ବ୍ରହ୍ମାଣ୍ଡର 'ଯାତ୍ରା' ନାମରେ ବିଦିତ । ଅତି ଦ୍ରୁତ ଗତିରେ ଧାଉଁଥିବା ଶବ୍ଦ, ଆଲୋକ, ଅଦୃଷ୍ଟ, ସମୟ - ଆମ ଚକ୍ଷୁ, କଳ୍ପନାର ଦୃଷ୍ଟି ତଥା ଭାବନାର ଅନ୍ତରାଳରେ ଘଟୁଥିବା ଅସଂଖ୍ୟ, ଅଜସ୍ର ମହାଶକ୍ତିର ଘୂର୍ଣ୍ଣନ, ଚଳନ, ଧାବମାନ ମହାଗତିକୁ କ'ଣ ଆମେ ଅନୁଭବ କରିପାରୁ ? ଆମେ ବସବାସ କରୁଥିବା ଧାବମାନ ଗତିଶୀଳ ପୃଥିବୀ ଆମ ପାଇଁ ସଦା ସ୍ଥିର ମନେ ହୋଇଥାଏ । ପ୍ରତୀୟମାନ ହେଉଥିବା ସୂର୍ଯ୍ୟ ଚନ୍ଦ୍ରର ଗତି ସ୍ଥିର ବୋଲି ବୈଜ୍ଞାନିକ କହନ୍ତି । କିନ୍ତୁ ପରମାର୍ଥିକ ସମ୍ମତ ବିଜ୍ଞାନ ଅନୁସାରେ ସେମାନେ ମଧ୍ୟ ଯାତ୍ରାରତ । ତେଣୁ ସୃଷ୍ଟି ମାତ୍ରକେ ଗତିଶୀଳ, ଯାତ୍ରାରତ - ଯଥାର୍ଥରେ ସେ 'ଜଗତ୍' ଯା ଓ ଗମ୍ ଧାତୁରୁ ଉତ୍ପନ୍ନ ଶବ୍ଦ ଯାତ୍ରା ଯାହା ସଦା ଗତିଶୀଳ । ଏ ସମସ୍ତ ଯାତ୍ରା ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରରେ ପରଂବ୍ରହ୍ମଙ୍କର ଦାରୁବିଗ୍ରହର ଶ୍ରୀଗୁଣ୍ଡିଚା ଉପଲକ୍ଷେ ରଥଯାତ୍ରା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ମନୋରଥ ପୂର୍ଣ୍ଣକାରୀ, ଜୀବାତ୍ମା ପରମାତ୍ମାର ସାକ୍ଷାତକାର ଯାତ୍ରା । ଏହା ସ୍ରଷ୍ଟା ଇଚ୍ଛାମୟଙ୍କ ନିଜ ଇଚ୍ଛାରେ ସଂଘଟିତ ନୟନାଭିରାମ ନନ୍ଦିଘୋଷଙ୍କର ଘୋଷଯାତ୍ରା । ସାଙ୍କେତିକ, ପାରମାର୍ଥିକ, ମାହାତ୍ମ୍ୟପୂର୍ଣ୍ଣ, ମହାନ୍ ଭାବଦ୍ୟୋତକ ପତିତପାବନ ଯାତ୍ରା । ଭଜନ, ଦର୍ଶନ, ଭୋଜନ, ଭୋଗ ଭୁଞ୍ଜନ, ତ୍ୟାଗ, ସମର୍ପଣ, ଦୃଷ୍ଟି ଆଦାନପ୍ରଦାନ, ମନସ୍କାମନା ପୂରଣ, ବରପ୍ରାପ୍ତି, ପାପମୁକ୍ତି, ଜନ୍ମ ଜନ୍ମାନ୍ତରର ପୁଣ୍ୟ ଅର୍ଜନର ସୁବର୍ଣ୍ଣ ସୁଯୋଗ, ଅଲଭ୍ୟ, ଅମୂଲ୍ୟ ମୁହୂର୍ତ୍ତ ଏ ରଥଯାତ୍ରା ।

ତେଣୁ ଏହା ସର୍ବଶ୍ରେଷ୍ଠ ଯାତ୍ରା । ଏ ବିଶ୍ୱାସରେ ଅନ୍ଧଭାବେ ବା ଜ୍ଞାନୀ ଭାବେ ଲମ୍ଫ ପ୍ରଦାନ କରି ଏ ବିଶ୍ୱାସରେ ଅବଗାହନ କରି ଏ ମୁହୂର୍ତ୍ତର ଦୁଃଖ ବା ସୁଖ ବା ଭକ୍ତି ବା ସ୍ନେହ ବା ମୁକ୍ତିର କାମନା କରି ଇଚ୍ଛାମୟର ପ୍ରସାରିତ ବାହୁ, ବିଶାଳ ଗୋଲାକାର ଚକ୍ଷୁରେ, ରକ୍ତିମ ଅଧର, ଧଳାକଳା ରଙ୍ଗର ପୁଣ୍ୟବନ୍ତ ଦାରୁ ଶରୀର ତଥା କର୍ପୂର ଚନ୍ଦନ, ଚୁଆ ତୁଳସୀ, ଦୟଣା ଶୋଭିତ ରୂପ, ରସାମୃତକୁ ଓ ବଦନ କମଳକୁ ଆକଣ୍ଠ ପାନ କରି ଅପଲକ ନେତ୍ର ଦେଇ ସେ ଜ୍ୟୋତିକୁ ଗ୍ରହଣ କର, ରଥ ଉପରେ ଉପବିଷ୍ଟ ଜଗନ୍ନାଥଙ୍କ ନୟନ ପଥରେ ନିଜ ମନ, ମୁନ, ଚୈତନ୍ୟ ଓ ନୟନକୁ ମିଶାଇ ଦିଅ, ସେ ପଥରେ ମନ ଦଉଡ଼ାଇ ମହାର୍ଘ ପଥର ପଥିକ ହୋଇଯାଅ - ଏ ମଣିଷର ସଂସାର ଯାତ୍ରା ସାର୍ଥକ ହୋଇ ଉଦ୍ଧାର ପାଇଯିବ ।

ଏହିଭଳି ଏକ ମହାନ୍ ଯାତ୍ରା ଏ ରଥଯାତ୍ରା । ପରଂବ୍ରହ୍ମ ବିଦେହୀ ପୁରୁଷୋତ୍ତମ ଏଠି ଦାରୁରୂପରେ ଦେହ ବହି ଥିବାରୁ ଏ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର, ନୀଳାଚଳଧାମ, ଭାରତର ଏକ ଶ୍ରେଷ୍ଠ ପୁଣ୍ୟଧାମ ତଥା ବିଶ୍ୱବ୍ରହ୍ମାଣ୍ଡର ମନୁଷ୍ୟ ସମାଜ ପାଇଁ ଆଧ୍ୟାତ୍ମିକ, ପାରମାର୍ଥିକ ରାଜଧାନୀ । ଏ ବିଶ୍ୱକେନ୍ଦ୍ରର ନିୟନ୍ତ୍ରଣରେ ଭାବ ଆହରଣ କରିପାରିଲେ ବିଶ୍ୱମାନବ ସମାଜ ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ପ୍ରେମ, ସ୍ନେହ ଭାବରେ ବାନ୍ଧି ହୋଇଯିବ । ପତିତମାନେ ଉଦ୍ଧାର ହେବେ । ସବୁଠି ଲହରୀ ଖେଳିବ ସତ୍, ଚିତ୍, ଆନନ୍ଦ, ଚୈତନ୍ୟ, ବିବେକ, ପ୍ରେମ, ଶାନ୍ତି, ସମାଜରେ ସଦା ବିରାଜମାନ ହେବ । ଅସତ୍‌ର ସତ୍ ମାର୍ଗକୁ, ଅନ୍ଧାକାରରୁ ଆଲୋକ ଓ ଜ୍ୟୋତି ମାର୍ଗକୁ ମୃତ୍ୟୁ, କ୍ଷୟ, ଧ୍ୱଂସରୁ ଅମୃତ, ଅକ୍ଷୟ, ଚିରନ୍ତନଧାମକୁ ମଣିଷ ସମାଜ ଆଗେଇଯିବ । ସେହି ଅମର, ସତ୍ୟାର୍ଥୀ, ଆଲୋକର ଯାତ୍ରା ହିଁ ରଥଯାତ୍ରା । ମାନବଜାତିର ବଡ଼ଦାଣ୍ଡରେ ବଡ଼ଯାତ୍ରା । ଘୋଷଯାତ୍ରା ଘୋଷଣା କରି କରି ଯାଏ ଯେ ଏହା ବିଜୟର ଯାତ୍ରା, ପୁଣ୍ୟର ଯାତ୍ରା, ପ୍ରେମର ଯାତ୍ରା, ମୁକ୍ତିର ଯାତ୍ରା, ଶାନ୍ତିର ଯାତ୍ରା, ଆନନ୍ଦର ଯାତ୍ରା - ଯାହା ଜୀବାତ୍ମାର ଏକମାତ୍ର କାମ୍ୟ ଯାତ୍ରା । ଅସୀମ, ଅନନ୍ତ, ଚିରନ୍ତନ ଯାତ୍ରା - ଯେଉଁଥିରେ କି ନିଜ ନିଜର ମନ, ବୁଦ୍ଧି, ଅହଂକାରକୁ ମିଶାଇ ଦେବା ଉଚିତ ।

କଳିଯୁଗରେ ନାନା ଭ୍ରାନ୍ତ, ଭ୍ରଷ୍ଟାଚାରୀ, ପତନମୁଖୀ, ହିଂସ୍ର, ବିବେକହୀନ, ସ୍ୱାର୍ଥାନ୍ୱେଷୀ କଳହକାରୀ, ପାପାଚାରୀ ବିଭୀଷିକାକୁ ପଦ୍ମବନ ଦଳିଦେବା ପରି ଦାରୁବ୍ରହ୍ମଙ୍କ ରଥଯାତ୍ରା ପ୍ରବଳ ମତ୍ତବାରଣ (ପାଗଳାହାତୀ) ପରି ଦଳି ଚକଟି ଦେବ । ଭକ୍ତ ସାଲବେଗଙ୍କ ଭାବ ନେଇ, ଚୈତନ୍ୟଙ୍କ ଭଜନ କୀର୍ତ୍ତନ ଆନନ୍ଦ ନେଇ, ଯୁଗ ଯୁଗ ଧରି ଭାରତର ବିଭିନ୍ନ କୋଣରୁ ଆସିଥିବା ଭିନ୍ନ ଭାଷାଭାଷୀ ବିଭିନ୍ନ ମତ, ପଥ, ପନ୍ଥାର ସାଧୁ, ସନ୍ନ୍ୟାସୀ, ଭକ୍ତ, ଦ୍ରଷ୍ଟାଙ୍କ ଅନୁଭୂତି, ଅଭିଜ୍ଞତା, ବାଣୀ ସ୍ମରଣ କରି ଥରେ ହେଲେ ଏ ସନ୍ତ୍ରାନ୍ତ, କୋଳାହଳମୟ ରାଜାଧିରାଜ ଜଗତ (ଯାତ୍ରା)ର ନାଥ ଜଗନ୍ନାଥଙ୍କର ଏ ବିଶାଳ ଜନ ସମୁଦ୍ର ମଧ୍ୟରେ ରଥଯାତ୍ରାକୁ ଦେଖି, ଚାହିଁ, ଗାଇ, ଖାଇ, ଦଉଡ଼ି ଟାଣି, ରଥ ଚକ ଛୁଇଁ, ଦାଣ୍ଡଧୂଳି ମୁଣ୍ଡରେ ମାରି, ତୁଳସୀ ଚନ୍ଦନ ତୁଣ୍ଡରେ ଦେଇ ଗଳା ଫଟାଇ ଲୋକଙ୍କ ହରିବୋଲ ଧ୍ୱନିରେ ହରିବୋଲ ଦେଇ ନିଜକୁ ମଜ୍ଜାଇ ଦିଅ, ଜୀବନକୁ ସମର୍ପଣ ଭାବରେ ହଜାଇ ଦିଅ । ଜୀବନର ସବୁ ସଙ୍କଟ ଦୂର ହୋଇଯିବ । ସବୁ ସମସ୍ୟା ତୁଟିଯିବ । ସବୁ ଅବିଶ୍ୱାସ କଟିଯିବ । ସବୁ ଅନ୍ଧକାରରେ ବାଟ ଦିଶିଯିବ ।

ଏ ବିଶ୍ୱାସଟିକୁ ହାସଲ କରି ନିଜର ପତିତ ଜୀବନଟିକୁ ପତିତପାବନର ମୁଖଦର୍ଶନ ପତିତପାବନ ବାନା ଦର୍ଶନ କଲେ ଆତ୍ମଦର୍ଶନ ଫୁଟି ଉଠିବ । ନିଜର ଅହଂକାର ଯାତ୍ରାର ବେଗ ରଥଚକ୍ରର ଧୂଳିରେ ମିଳାଇଯିବ । ନିଜର ପୁନର୍ଜନ୍ମ ହେଲାଭଳି ଲାଗିବ । ଅନୁଭବ ହେବ ଆମେ ସବୁ ଅମୃତର ସନ୍ତାନ । ଜଗତରେ କିଛି ବଡ଼ ନାହିଁ । ବଡ଼ ଲୋକଙ୍କ ଆକୁଳ ବିକଳ, ପ୍ରାଣ କାତରତା ଜଗତରନାଥ ଜଗନ୍ନାଥ ଏ ରଥଯାତ୍ରାକୁ ଦେଖିବା ପାଇଁ - ଆପଣଙ୍କୁ ଆକୁଳ, ବ୍ୟାକୁଳ ପାଗଳ କରୁ । ତା'ହେଲେ ରଥଯାତ୍ରା ଦେଖିଲା ଭଳିଆ ହେବ ।

ନଚେତ୍ ଯାତ୍ରା, ଥିଏଟର ଦେଖି ତାକୁ ମିଛ ମରୀଚିକା ଭଳି ଭୁଲିଗଲା ପରି ଏ ଯାତ୍ରାକୁ ଅନ୍ଧବିଶ୍ୱାସୀ ଧର୍ମାନ୍ଧମାନଙ୍କର ଏକ ମରୀଚିକାପୂର୍ଣ୍ଣ । ପିଲାଙ୍କ-ଖେଳ ଭଳି ଏକ ବହୁ ବ୍ୟୟବହୁଳ ନାଟକ ବୋଲି ଭାବିଲେ ରଥଚକ ଗଡ଼ିଯିବ, ତୁମେ ପଛରେ ପଡ଼ିଯିବ, ଅନ୍ଧାରରେ ବୁଡ଼ିଯିବ । ସମସ୍ୟା ଦୁଃଖର ଅନ୍ଧାର ଘେରିଯିବ । ଅନିଶ୍ଚିତତା, ଅପରିଣାମଦର୍ଶିତାର ବେଡ଼ି ଗୋଡ଼ରେ ହାତରେ ପଡ଼ିଯିବ ।

ଉଠ, ମନସ୍ଥିର କର, ମହାନ୍ ସାଧୁ ସନ୍ଥଙ୍କ - ବାଣୀ ସ୍ମରଣ କର - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ଭବେତ୍ ।'

'ଭୁଜତଳେ ମତେ ରଖ ମହାବାହୁ, ବାହୁତଳେ ମତେ ରଖ
ବିପୁଳ ଭୁଜ ବିସ୍ତାରି ଦେଲେ ପ୍ରଭୁ ଛାର କରିକି କହିବ ଦୁଃଖ ।'
(ଚନ୍ଦନ ହଜୁରୀ)

'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ ।'
(ସାଲବେଗ)

'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତତେ
ଧନ ମାଗୁନାହିଁ, ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ ।'
(ବନମାଳୀ ଦାସ)

'ଚକାଡୋଳା ଚିକ୍କଣ କଳା
ଚାହିଁବା ମାତ୍ରକେ ଦୂରିତ ପଳାଏ, ସୋରିଷେ ନ ରହେ ସଂସାର ଜ୍ୱାଳା ।'
(ବିଛନ୍ଦ ଚରଣ)

'ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ
ଅନ୍ତର୍ଯ୍ୟାମୀ ଅନ୍ତର୍ଗତ ବାରତା ଜାଣ ।
ସେହି ପ୍ରଭୁ ନୁହେଁ କି ତୁମ୍ଭେ, ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ ।'
(ଉପେନ୍ଦ୍ର ଭଞ୍ଜ)

ରଥଯାତ୍ରାରେ ମନୋରଥ ପୂରଣ କରିବାର ସବୁଠାରୁ ବଡ଼ ସୁଯୋଗ ଜୀବମାନଙ୍କୁ ଦେବାପାଇଁ ପରମାତ୍ମାଙ୍କର ଇଚ୍ଛାନୁସାରେ ବର୍ଷକେ ଥରେ ବଡ଼ଦାଣ୍ଡକୁ ଯିବା ଆସିବା ହୁଏ । ନଅ ଦିନ ଯାତ୍ରାରେ ଏହି ଠାକୁର ସର୍ବସାଧାରଣଙ୍କର ପାରମ୍ପରିକ ବୈଦିକ ମନ୍ତ୍ର, ତନ୍ତ୍ର, ଯନ୍ତ୍ର ସମନ୍ୱିତ ପୂଜାର ଊର୍ଦ୍ଧ୍ୱରେ ଆଦିମ ମାନବ (ଶବର)ର ଅନୌପଚାରିକ, ସରଳ ସହଜ, ଅମାୟିକ ଭାବ ଗଦ୍‌ଗଦ୍‌ତାରେ ପୂଜା ପାଇବା ପାଇଁ ବ୍ୟାକୁଳ ହୋଇ ଦାଣ୍ଡକୁ ଆସନ୍ତି । ସେ ସ୍ରଷ୍ଟା, ସର୍ବଶକ୍ତିମାନ, ସର୍ବଦ୍ରଷ୍ଟା, ସର୍ବଶକ୍ତିସମ୍ପନ୍ନ ହୋଇଥିଲେ ହେଁ ସାଧାରଣ ମାନବ, ପତିତ, ଦଳିତମାନଙ୍କୁ ଧରାଦେବା ପାଇଁ ବୈକୁଣ୍ଠ ପୁରରୁ ରତ୍ନ ସିଂହାସନରୁ ଓହ୍ଲାଇ ଆସି ସର୍ବସାଧାରଣଙ୍କୁ ଦର୍ଶନ ଦେବା ପାଇଁ ସ୍ନେହ, ଭକ୍ତି, ଗାଳି, ମନନ, ଧ୍ୟାନ, ଅଶ୍ରୁମୋଚନ, ସମର୍ପଣ ଭାବରେ ଭାବଗ୍ରାହୀ ହେବାକୁ ଆସନ୍ତି । ଏ ରଥଯାତ୍ରାର ଏହା ହିଁ ବୈଶିଷ୍ଟ୍ୟ । ଏହା ଏକ ଭାବ, ଭକ୍ତିର ଯାତ୍ରା ।

ଅଭିମନ୍ତ୍ରିତ, ନିତ୍ୟସେବିତ, ପୂଜିତ ଏହି ଦାରୁବ୍ରହ୍ମ ଜାତି ଧର୍ମ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ, ଭାବଗ୍ରାହୀ, ଭାବଦାୟୀ ପିଣ୍ଡ ଓ ବ୍ରହ୍ମାଣ୍ଡରେ ଥିବା ସେହି ଆତ୍ମା ଯାହା ଅମର, ଅଜେୟ, ଆନନ୍ଦମୟ, ପ୍ରେମମୟ । ସେହି ଆତ୍ମାକୁ ଅନୁଭବ, ଦୃଷ୍ଟି, ଭାବ ମଧ୍ୟରେ ସମସ୍ତେ ଧରି ରଖନ୍ତୁ ବୋଲି ଆମକୁ ଶିକ୍ଷା ଦେବା ପାଇଁ, ଚେତନା ଦେବାପାଇଁ, ଆନନ୍ଦ ପ୍ରେମଭାବ, ଦୟା, କରୁଣା ଦେବାପାଇଁ ବିଶ୍ୱାସର ଯାତ୍ରା ମଧ୍ୟରେ ସେ ଆସନ୍ତି । ତାଙ୍କୁ ଭକ୍ତିରେ ଧରି ରଖିବାକୁ ହେବ । ପ୍ରେମରେ ବାନ୍ଧି ରଖିବା, ତାଙ୍କୁ ସାକ୍ଷୀ ରଖି ସମସ୍ତଙ୍କୁ ସ୍ନେହ, ପ୍ରେମ, ଶାନ୍ତି ଦେବା, ସେବା ମଧ୍ୟରେ ଜଗନ୍ନାଥଙ୍କ ସେବା କରିବା ଆମର ଧର୍ମ । ଜଗନ୍ନାଥ ଧର୍ମ, ଜଗନ୍ନାଥ ସଂସ୍କୃତି ଏହି ରଥଯାତ୍ରାରେ ପ୍ରତିଫଳିତ । ରାଜଶକ୍ତି ଗଜପତି ଏଠି ମାର୍ଜନା କାମ କରି ନିଜକୁ ଦାସାନୁଦାସ ସଜାଇ ସମର୍ପଣ ଭାବରେ ଆଦର୍ଶ ଦେଖାନ୍ତି ।

ଏହି ଭାବର ରଥଯାତ୍ରା ମାନବ ସମାଜ, ସଭ୍ୟତା, ରାଜନୀତି, ଦେଶ ଦେଶ ମଧ୍ୟରେ ସମ୍ପର୍କନୀତି, ସମାଜନୀତି, ଗତିକୁ ନିୟନ୍ତ୍ରିତ

କରୁ ତେବେ ଯାଇ ମାନବ ସଭ୍ୟତାର ରଥ ଆମର ଆନନ୍ଦ ଶକ୍ତି, ଦୟା, କ୍ଷମା, ପ୍ରେମ ଭାବରେ ଘର୍ଘର ନାଦରେ ଗଡ଼ି ଚାଲିବ । ବିଶ୍ୱକୁ ଏ ଶିକ୍ଷା ଦେବା ପାଇଁ ଏ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଜଗନ୍ନାଥ ଜୀଉଙ୍କ ଏ ଯାତ୍ରା ବିଭିନ୍ନ ସ୍ଥାନରେ ଅନୁସରିତ ହେଉଛି । କାହାରିକୁ ନ୍ୟୁନ କରି କହିହେବ ନାହିଁ । ସେ ସବୁ ମଧ ଭାବର ଯାତ୍ରା । ପୁରୀର ରଥଯାତ୍ରା ଧାରାରେ ପରିଚାଳିତ ।

ତଥାପି ଶ୍ରୀକ୍ଷେତ୍ରରେ ଯୁଗ ଯୁଗରୁ ପରିକଳ୍ପିତ, କଳିଯୁଗରେ ଏ ଆଧାତ୍ମିକ ରାଜଧାନୀରେ ବାରମ୍ବାର ତାଙ୍କ ଇଚ୍ଛାରେ, ଆଜ୍ଞାରେ ଦାରୁରୂପରେ ଆସି, ନିଜେ ନିଜକୁ ନିର୍ମାଣ କରି ମଣିଷ ପରି ନବକଳେବର କରାଇ, ସେବା ପାଇଁ, ସେବା ଦେଇ ଏ ପୁରୁଷୋତ୍ତମ ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି । ବିଶ୍ୱାସର ନୀଳାଚଳ ସୃଷ୍ଟି କରି, ମହାପ୍ରସାଦ (ଅବଢ଼ା), ନିର୍ମାଲ୍ୟ ଭୋଜନ, ସେବନ କରାଇ ଯେ ଯାହା ଭକ୍ତିରେ ପ୍ରଦାନ କରେ ସେଇ ଯତ୍ ସାମାନ୍ୟ ତୁଳସୀ, କର୍ପୂର, ଜଳ, ଦୀପ, ଧୂପ ବିନିମୟରେ ଅଜସ୍ର କରୁଣା, ଦୟା ଅଜାଡ଼ି ଦିଅନ୍ତି ପ୍ରଭୁ ଜଗନ୍ନାଥ । ପୂଜକର ନାନା ପରମ୍ପରାର ନିୟନ୍ତ୍ରଣରେ ସର୍ବସାଧାରଣ ସବୁବେଳେ ତାଙ୍କୁ ଭେଟ କରିପାରନ୍ତି ନାହିଁ । କିନ୍ତୁ ପୁରୀର ରଥଯାତ୍ରା ପୁରୁଷୋତ୍ତମଙ୍କର ନିୟନ୍ତ୍ରଣ ମୁକ୍ତ, ହୋଲି, ମେଲଣ, ମେଳା ମଉଛବ ପରି ଲୋକଙ୍କ ହାଟ, ଘାଟ, ବାଟ, ନାଟ ପରି ହରିବୋଲିଆ ଯାତ୍ରା । ଠେଲା, ପେଲା, ଧାଁ ଧପଡ଼, ଭିଡ଼ ମଧରେ ଠାକୁରଙ୍କୁ ଦିନସାରା ସାହାଣ ମେଳାରେ ଦେଖିଲା ପରି ଦେଖି ନିଜେ ଫୋପାଡ଼ି, ନିଜେ ବଢ଼େଇ ନିଜ ଭୋଗ ଟେକି ଦେଇ ଶୂନ୍ୟେ ଶୂନ୍ୟେ ନିଜେ ପୂଜା କରିପାରିବ । ନିଜ ମନରୁ ସମର୍ପଣରେ ଯାହା ପାଟିରୁ ବାହାରିଲା ସେଇ ମନ୍ତ୍ରରେ - ଜୟ ଜଗନ୍ନାଥ, ଚକାଡୋଳା, କାଳିଆରଭୁଜ, ହରିହେ, ଜଗଦୀଶ, ପୁରୁଷୋତ୍ତମ ବା ହରିବୋଲ ଡାକରାରେ ପୂଜାବିଧି ଦାଣ୍ଡେ ଦାଣ୍ଡେ ଚାଲିଥିବ । ଅନ୍ତର୍ଯ୍ୟାମୀ ତୁମ ଅନ୍ତରଭାବକୁ ନେଇ ଖୁସ୍ । ଏତେ ଶସ୍ତା, ଏତେ ସୁଲଭ ଅଥଚ ଏଡ଼େ ଅମୂଲ୍ୟ ଏଡ଼େ ଦୁର୍ମୂଲ୍ୟ ଧର୍ମ ଅର୍ଜନ ଆଉ କେଉଁ ଶାସ୍ତ୍ର, ବିଧି ବା ଧର୍ମ ସମ୍ପ୍ରଦାୟରେ ଅଛି ? ତେଣୁ ଏ ପତିତପାବନଙ୍କର ଡାକି ହାକି ଧର୍ମର ଜୟଯାତ୍ରା । ଲୋକଙ୍କୁ ଧର୍ମ, ଦୟା, ପୁଣ୍ୟ ବାଣ୍ଟି ବାଣ୍ଟି ଦେଇ ଯିବା ଦାନୀ ଦୟାଳୁ ପରଂବ୍ରହ୍ମ ଆଉ କିଏ ହୋଇପାରେ ? ସେ ଠାକୁର ଜଗନ୍ନାଥ ଓ ତାଙ୍କ ବଡ଼ଦାଣ୍ଡରେ ସର୍ବବୃହତ୍ ବଡ଼ଯାତ୍ରା । ସବୁଥିରେ ବଡ଼ । ଭାବ, ଧର୍ମ, ପୁଣ୍ୟ, ସରଳତା, ସମାନତା, ଆଦାନପ୍ରଦାନ ଭକ୍ତି, ଦାର୍ଶନିକତା, ମହାନତା, ମର୍ଯ୍ୟାଦା, ମାନବତା, ପାରମାର୍ଥିକତା, ବଦାନ୍ୟତା, ବହୁଶାସ୍ତ୍ର ଦର୍ଶିତା ଧର୍ମ ଧାରଣା ରହସ୍ୟ ଉନ୍ମୋଚନତାର ଅପୂର୍ବ, ଅକଳନୀୟ, ଅବର୍ଣ୍ଣନୀୟ ଏହି ରଥଯାତ୍ରା । ଏହାର ବିସ୍ତୃତ ପ୍ରମାଣ ତଥ୍ୟ ଶାସ୍ତ୍ର ଉଦାହରଣ ଦେଇ ଏ କ୍ଷୁଦ୍ର ପ୍ରବନ୍ଧରେ ବର୍ଣ୍ଣନା କରାଯାଇପାରିବ ନାହିଁ ।

ତଥାପି ଭାବ ଦୃଷ୍ଟିରୁ ଏ ଯାତ୍ରା ଭାବ ସମୁଦ୍ରର ଲହଡ଼ି ଭାଙ୍ଗି ଭାଙ୍ଗି ଅବଗାହୀ ଦାରୁରୂପୀ ପରଂବ୍ରହ୍ମଙ୍କୁ 'ଭାବଗ୍ରାହୀ' ପୁରୁଷୋତ୍ତମ, ଲୀଳାମୟ ଲୀଳାଧର, ଇଚ୍ଛାମୟ ଈଶ୍ୱର ତଥା ଦୟାର ସାଗର, ସର୍ବେଶ୍ୱର ଅଥଚ ପତିତପାବନ ବୋଲି ଏ ଯାତ୍ରାକାଳରେ ନିଜକୁ ନିଜେ ପ୍ରମାଣିତ କରନ୍ତି - ଏହା ସର୍ବଜନସିଦ୍ଧ ।

ବିଶ୍ୱାବସୁର ନୀଳରତ୍ନ ନୀଳମାଧବ ଜ୍ୟୋତି ସମସ୍ତଙ୍କ ଅଜ୍ଞାତ ଅଶ୍ରୁତ, ଅଦୃଶ୍ୟ ଗୁମ୍ଫାରୁ ଆସି ନୀଳାଚଳରେ ପତିତପାବନ ପତାକା ଉଡ଼ାଇ, ବିପୁଳ ଭୁଜ ବିସ୍ତାର କରି ଅସାଧାରଣ ଚକ୍ଷୁ, ହସ୍ତ, କଳେବର ପ୍ରସାର କରି ପରିଶେଷରେ ସ୍ୱୟଂ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ରଥରେ ବିଜେ କରି ଯାତ୍ରା କରିବା ତାଙ୍କର ଅଯାଚିତ ଦୟାର ଯାତ୍ରା । ମହାନ୍ ଯାତ୍ରା ଇଚ୍ଛାମୟଙ୍କ ସ୍ୱ-ଇଚ୍ଛାରେ ଯାତ୍ରା, ରଥଯାତ୍ରା ।

ଏହା ପିଲାଖେଳ ବା କ୍ରୀଡ଼ା କାର୍ଯ୍ୟକ୍ରମ ପରି ପ୍ରତୀତ ହେଉଥିଲେ ହେଁ ଏହା ହିଁ ଜଗତର ସୃଷ୍ଟିର ସାରାଂଶ, ସାରତଥ୍ୟ, ରହସ୍ୟ ଓ ପାରମାର୍ଥିକ ତଥ୍ୟ । ଜୀବାତ୍ମା ଓ ପରମାତ୍ମାର ସାକ୍ଷାତ କର, ମିଳନ ମୁହୂର୍ତ୍ତ - ଭକ୍ତ ଭଗବାନର ଚିରନ୍ତନ ସମ୍ପର୍କର ଉଦ୍‌ଘୋଷଣ ଯାତ୍ରା-ଘୋଷ ଯାତ୍ରା - ରଥଯାତ୍ରା ।

ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ ଭବତୁ ମେ ।

ଶହୀଦ ନଗର
ଭୁବନେଶ୍ୱର





# ଦେହି ପଦ ପଲ୍ଲବ ମୁଦିତ ମୁଦାରଂ

ତାରାକାନ୍ତ ମହାନ୍ତି

**ଭ**ଗବାନ ଭକ୍ତର ଅଧୀନ ନା ଭକ୍ତ ଭଗବାନଙ୍କର ଅଧୀନ ? ଏହା ଜିଜ୍ଞାସୁ ଓ ଜ୍ଞାନୀ ଭକ୍ତମାନଙ୍କର ମଧ୍ୟରେ ଏକ ଦ୍ୱନ୍ଦ୍ୱ ଓ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯାହାର ସନ୍ତୋଷଜନକ ଉତ୍ତର ଜଗନ୍ନାଥ ପଞ୍ଚସଖା ମଧ୍ୟରୁ ଅନ୍ୟତମ ସଖା ଅଚ୍ୟୁତାନନ୍ଦ ନିମ୍ନମତେ ବର୍ଣ୍ଣନା କରିଛନ୍ତି ।

ଭାବ ବିନୋଦିଆ ଠାକୁର ଭକ୍ତ ବତ୍ସଳ ହରି,<br>
ଭକ୍ତଙ୍କ ପାଇଁ କଳେବର ଦଶ ମୂରତି ଧରି ।<br>
ଭକ୍ତ ତୁମ୍ବର କି କରିବ ଭକ୍ତ ବୋଲରେ ଥାଅ,<br>
ଭକ୍ତ ପେଷିଲା ହସ୍ତିନାକୁ ଦୂତ ପଣରେ ଯାଅ ।<br>
ଭକ୍ତ ଦେଖାଇଲା ସ୍ତମ୍ଭକୁ ସ୍ତମ୍ଭୁ ହେଲ ଉଦିତ,<br>
ଭୃତ୍ୟର ଭୃତ୍ୟ ପରିଭୃତ୍ୟ ଭଣେ ଦୀନ ଅଚ୍ୟୁତ ।

ଯୁଗେ ଯୁଗେ ଭଗବାନ ଭକ୍ତର ଅଧୀନ ହୋଇଛନ୍ତି ଏବଂ ଯୁଗେ ଯୁଗେ ଭଗବାନ ଭକ୍ତ ପାଇଁ ଲୀଳା କରିଆସିଛନ୍ତି । ଭଗବାନ ଭକ୍ତର ପଦରଜ ମୁଣ୍ଡରେ ବୋଳିବାକୁ ସର୍ବଦା ତତ୍ପର ଓ ଏଥିପାଇଁ ଗଭୀର ଶ୍ରଦ୍ଧା ଦେଖେଇ ଆସିଛନ୍ତି । ପୁରାଣ ଯୁଗର କଥା- ଦ୍ୱାପର ଯୁଗରେ କୃଷ୍ଣ ନରୋତ୍ତମ ବିଭିନ୍ନ ଆଖ୍ୟାୟିକା ମାଧ୍ୟମରେ ଏହା ପ୍ରକଟ କରିଛନ୍ତି । ତାହା ହେଉଛି କୃଷ୍ଣନାରଦ ଉପଖ୍ୟାନ । ଥରେ ପ୍ରଭୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଜ୍ୱର ହୋଇଥିଲା । ସେ ଲୀଳାମୟ ଏବଂ ତାଙ୍କ ଅଷ୍ଟ ପାଟରାଣୀଙ୍କ ଆନ୍ତରିକତାର ପ୍ରମାଣ ନେବା ପାଇଁ ନିଜେ ଜ୍ୱର ଭିଆଇଲେ । ଅନେକ ଦିନ ଧରି ସେ ଜ୍ୱରରେ ଆକ୍ରାନ୍ତ ହେଲେ । ଜ୍ୱର କମିବାର ଲେଶମାତ୍ର ଚିହ୍ନ ତାଙ୍କ ଶରୀରରେ ଦେଖାଗଲା ନାହିଁ । ନାରଦ ଏଥିରେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଓ ଏ ଜ୍ୱର କିପରି ଉପଶମ ହେବ ତା'ର ଜିଜ୍ଞାସା କଲେ । ଭଗବାନ ଲୀଳାମୟ ଶ୍ରୀକୃଷ୍ଣ ନାରଦଙ୍କୁ ଏହାର ଏକ ସରଳ ସହଜ ଉପଚାର ବିଷୟରେ କହିଲେ, ତାହାଥିଲା ସମଗ୍ର ଦ୍ୱାରକାନଗରୀ ଓ ଅନ୍ତପୁରରୁ ସମଗ୍ର ଦ୍ୱାରକା ଅନ୍ତର୍ଗତ ଜନପଦରୁ ଯେକୌଣସି ନାରୀ ବା ପୁରୁଷ ଯଦି ତାଙ୍କ ଜ୍ୱର ଉପଶମ ପାଇଁ ଲେଶ ମାତ୍ର ପଦରଜ ଦାନ କରନ୍ତି ଏବଂ ତାହାକୁ ସେ ତାଙ୍କ ମସ୍ତକରେ ଛିଞ୍ଚନ୍ତି ତା'ହେଲେ ତାଙ୍କ ଜ୍ୱରରୁ ଯନ୍ତ୍ରଣା ଲାଘବ ହୋଇପାରିବ । ଏଥିପାଇଁ ନାରଦ ଦ୍ୱାରକା ରାଣୀପୁରଠାରୁ ସମସ୍ତଙ୍କୁ ଏହି ପ୍ରୀତିକର ସମ୍ବାଦଟି ଶୁଣାଇଲେ । କୃଷ୍ଣଙ୍କ ରାଣୀ ଅନ୍ତପୁରରେ ଅଷ୍ଟ ପାଟମହିଷୀ ପ୍ରମାଦ ଗଣିବାକୁ ଲାଗିଲେ ଯେ କିଏ ପଦରଜ ଦେଇ ସବୁଦିନ ପାଇଁ ପାପ ଅର୍ଜିବ । ଏ କଥା ଅସମ୍ଭବ । ନାରଦ ସେ କଥା ଶ୍ରୀକୃଷ୍ଣଙ୍କୁ ଶୁଣାଇଲେ । ଶ୍ରୀକୃଷ୍ଣ ତା'ର ଅନ୍ୟ ଏକ ଦିଗପ୍ରତି ଧ୍ୟାନ ଦେଇ କହିଲେ ବର୍ତ୍ତମାନ ଦ୍ୱାରିକାରୁ ଗୋପପୁରକୁ ଯାଅ । ସେଠାରୁ ଯଦି ଗୋପାଙ୍ଗନାମାନେ ତାଙ୍କର ପଦରଜ ଦିଅନ୍ତି ତେବେ ତାଙ୍କର ଜ୍ୱରର ଯନ୍ତ୍ରଣା ଲାଘବ ହୋଇପାରିବ । ଗୋପପୁରରେ ମଧ୍ୟ ଭାଳେଣି ପଡ଼ିଗଲା । କେହି ଗୋପାଙ୍ଗନା ଏ ରକମର ଦୁଃସାହସିକତା କରିବାକୁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିପାରିଲେ ନାହିଁ । ଶେଷରେ ଭକ୍ତ ଶ୍ରେଷ୍ଠ ରାଧାଙ୍କ ନିକଟରେ ପହଞ୍ଚିଲେ । ଶ୍ରୀରାଧା ଏ ସମ୍ବାଦ ଶ୍ରବଣ କରି ଟିକିଏ ହେଲେ ବିଚଳିତ ହେଲେ ନାହିଁ ଏବଂ ନାରଦଙ୍କୁ କହିଲେ ତୁମେ ଅଚିରେ ମୋ ପଦରଜ ନିଅ । ତାକୁ ଯଦି ମୋର ପ୍ରିୟତମ ସଖା ମୁଣ୍ଡରେ କିମ୍ବା ଦେହରେ ବୋଳିଲେ ସେ ନିଶ୍ଚୟ ଆରୋଗ୍ୟ ହୋଇଯିବେ । ଶ୍ରୀରାଧା ତା'ର ପୂର୍ବାପରି ପରିଣାମ କ'ଣ ହେବ ତାହା ଶୋଚନା କରିପାରିଲେ ନାହିଁ । ସେ ହସି ହସି କହିଲେ ଯଦି ଏଥିରେ ମୋର ପ୍ରିୟତମ ସଖା ଶ୍ରୀକୃଷ୍ଣଙ୍କର ଜ୍ୱର ଲାଘବ ହୋଇଯାଏ ତେବେ ଯାହା ପରିଣାମ ହେଉନା କାହିଁକି ସେଥିପାଇଁ ମୋର ଟିକିଏ ହେଲେ ଅନୁଶୋଚନା ନାହିଁ । ନାରଦ ତତ୍‌କ୍ଷଣାତ୍ ଶ୍ରୀରାଧାଙ୍କ ପଦରଜ ନେଇ ଶ୍ରୀକୃଷ୍ଣଙ୍କୁ ଦେଲେ । ଏଥିରେ ଶ୍ରୀକୃଷ୍ଣଙ୍କ ଆନନ୍ଦ କହିଲେ ନସରେ । ସେ ଅଷ୍ଟ ପାଟମହିଷୀଙ୍କ ଉଦ୍ଦେଶ୍ୟରେ କହିଲେ ତୁମ୍ଭେମାନେ ମୋର ଐଶ୍ୱର୍ଯ୍ୟ ପାଇଁ ବ୍ୟସ୍ତ କିନ୍ତୁ ଆଉ ଜଣେ ଚରମ ତ୍ୟାଗ କରିବାକୁ ପ୍ରସ୍ତୁତ । ଏଣୁ ତ୍ୟାଗ ଓ ଭୋଗ ମଧ୍ୟରେ ଚରମ ପାର୍ଥକ୍ୟ କ'ଣ ? ସେ କହିଲେ ତୁମ୍ଭମାନଙ୍କର ପ୍ରେମ କରିବାରେ ସର୍ତ୍ତ ନିହିତ ଅଛି । କିନ୍ତୁ ଶ୍ରୀରାଧାଙ୍କ ପ୍ରେମରେ ନିସର୍ତ୍ତ ପ୍ରେମ ଅଛି । ରାଧାକୃଷ୍ଣ ପ୍ରେମ ହେଉଛି ଅପ୍ରାକୃତ, ଅବ୍ୟକ୍ତ, ନିରନ୍ତର ଓ ନିତ୍ୟ ଶାଶ୍ୱତ । ସେଥିପାଇଁ ଓଡ଼ିଶାର ଜଣେ ପରମସନ୍ଥ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ (୧୯୧୮-୧୯୮୩) ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାକ୍ତନ କ୍ଷେତ୍ରଜ୍ଞ ତାଙ୍କର ରାଧାକୃଷ୍ଣ ପ୍ରେମ କବିତାରେ ଲେଖିଛନ୍ତି -

'ପ୍ରେମଡୋରେ ବନ୍ଧା ସେହି ପ୍ରେମ ମୂରତି ।
ଆତ୍ମାକୁ ଆତ୍ମା ସ୍ମରିଣ ପ୍ରେମ କରନ୍ତି
ସେ ପ୍ରେମରେ ପାପ ନାହିଁ
ରଜଃ ବୀର୍ଯ୍ୟ ନଟଳଇ ନାହିଁ ଆସକ୍ତି ।
ଧର୍ମ, ଅର୍ଥ, କାମ, ମୁକ୍ତି
ସେ ପ୍ରେମ ପଛେ ଗୋଡାନ୍ତି ।
କହେ ମଧୁଦାସ ମତି
ଭଜରେ ଚେତି ।'

ସେଥିପାଇଁ ବିବାଦୀୟ କବି ଭକ୍ତକବି ଜୟଦେବ ତାଙ୍କର ଗୀତଗୋବିନ୍ଦ ଯାହାକି ଏକ କାଳଜୟୀ ସୃଷ୍ଟି ସେଥିରେ ସେ ଉଲ୍ଲେଖ କରିଛନ୍ତି -

'ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରଂ ।'

ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଭଗବାନ ସବୁବେଳେ ଭକ୍ତର ଅଧୀନ । ଭକ୍ତ ପାଇଁ ସେ ସବୁବେଳେ ଲୀଳା କରିଆସୁଛନ୍ତି । ଭଗବାନ ଶ୍ରୀକୃଷ୍ଣ ଯେ କେବଳ ଗୋପବାସୀ, ଗୋପାଙ୍ଗନା ବା ରାଧାଙ୍କର ପଦରଜ ମସ୍ତକରେ ବୋଳି ହୋଇ ଧନ୍ୟ ମଣିଛନ୍ତି ତା'ନୁହେଁ, ସେହି ମହାଭାରତରେ ଆଉ ଏକ ନଜୀର ରହିଛି । ସେ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଅତି ଅନ୍ତରଙ୍ଗ ସଖା ଓ ପଞ୍ଚପାଣ୍ଡବଙ୍କ ପତ୍ନୀ ଦ୍ରୌପଦୀ । ଦ୍ରୌପଦୀଙ୍କର ପାଦୁକା ରଜ ସେ ମଧ ମୁଣ୍ଡରେ ବୋଳି ହୋଇଛନ୍ତି । ମହାଭାରତ ଯୁଦ୍ଧ ସମୟରେ ପିତାମହ ଭୀଷ୍ମ ମହାମାନୀ ଦୁର୍ଯ୍ୟୋଧନକୁ ମହାଭାରତ ଯୁଦ୍ଧରେ ଜୟୀ ହେବାକୁ ଆଶୀର୍ବାଦ ନକରି ଦୁର୍ଯ୍ୟୋଧନଙ୍କ ରାଣୀ ଭାନୁମତିଙ୍କୁ ଏକାନ୍ତ ନିଶିଥରେ ତାଙ୍କ ଶିବିରକୁ ଆସି ତାଙ୍କର ମନୋବାଞ୍ଛା ପୂରଣ ଲାଗି ଯାହା ବର ମାଗିବେ ତାହା ପୂରଣ କରିବେ ବୋଲି ଶୁଣାଇଥିଲେ । ଏ ସମ୍ବାଦ ନଟଖଟିଆ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲା ପରେ ନଟବର କୃଷ୍ଣ ଏହାକୁ ହାତଛଡ଼ା କରିବାକୁ ଚାହିଁ ନାହାନ୍ତି । ରାଣୀ ଭାନୁମତୀ ତାଙ୍କର ପାଟଆଟ ନେଇ ଭୀଷ୍ମଙ୍କ ଶିବିରକୁ ଯିବା ପାଇଁ ସଜବାଜ ହେଉଥିବାବେଳେ ସେ ଯାଜ୍ଞସେନୀଙ୍କୁ ଏ ସୁଯୋଗ ହାତଛଡ଼ା ନକରିବା ପାଇଁ ପ୍ରବର୍ତ୍ତାଇଲେ । ରାଣୀ ଭାନୁମତୀ ସେଠାରେ ପହଞ୍ଚିବାର ବହୁପୂର୍ବରୁ ଅତି ସାବଧାନ ଓ ଚତୁରତା ସନ୍ତର୍ପଣର ସହ ସଙ୍ଗେ ସଙ୍ଗେ ଦ୍ରୌପଦୀଙ୍କୁ ଧରି ଭୀଷ୍ମଙ୍କ ଶିବିରକୁ ଡାକି ନେଇ ଯାଇଥିଲେ । ପିତାମହ ଭୀଷ୍ମ ସେତେବେଳେ ବିଶ୍ରାମ କରୁଥିଲେ ଏବଂ ଦ୍ରୌପଦୀଙ୍କୁ ଖୁବ୍ ଶୀଘ୍ର ସେଠାରେ ପହଞ୍ଚିବା ପାଇଁ ଡାକି ଆଣିଲେ ଏବଂ ନିଜେ ଦ୍ରୌପଦୀ ପାଦୁକା ପିନ୍ଧି ଥିବାବେଳେ ଏହା କାଳେ ଶବ୍ଦଭ୍ରମ ସୃଷ୍ଟି କରିବ ସେଥିପାଇଁ ସେ ଦ୍ରୌପଦୀଙ୍କ ପାଦୁକାକୁ ସେ ନିଜେ ଓହ୍ଲାଇ ଦେଇ ନିଜେ ଧରିଥିଲେ ଏବଂ ଦ୍ରୌପଦୀଙ୍କୁ ଅତି ସନ୍ତର୍ପଣର ସହ ଭୀଷ୍ମଙ୍କ ଶିବିରରେ ପହଞ୍ଚିବାକୁ କହିଲେ । ସେତେବେଳେ ଘୋର ଅନ୍ଧାର ରାତି । ସମସ୍ତଙ୍କ ଅଗୋଚରରେ ଭୀଷ୍ମଙ୍କ ଶିବିରକୁ ନେବା ସମ୍ବାଦ କାଳେ ଅନ୍ୟମାନେ ଜାଣିଯିବେ ସେଥିପାଇଁ ସେ ଖୁବ୍ ଶୀଘ୍ର ଯିବା ପାଇଁ କହିଲେ । କୃଷ୍ଣ ଆଗେ ଆଗେ ହାତ ଦେଖାଇ ଦ୍ରୌପଦୀଙ୍କୁ ବାଟ ଦେଖାଇଲେ ଏବଂ ଆରପଟ ହସ୍ତରେ ତାଙ୍କର କାଷ୍ଠ ପାଦୁକାକୁ ନିଜ ମୁଣ୍ଡ ଉପରେ ଥୋଇଲେ । ପିତାମହ ଭୀଷ୍ମ ଏତେ ଅନ୍ଧକାର ରାତ୍ରିରେ ଦ୍ରୌପଦୀ ଯେ କି ଅବଗୁଣ୍ଠନବତୀ ହୋଇଥିଲେ ଓ ଭୀଷ୍ମଙ୍କର ସେ ଭାନୁମତୀ କି ଦ୍ରୌପଦୀ ତାହା ଜାଣିବାର ଅବକାଶ ନଥିଲା । ଶ୍ରୀକୃଷ୍ଣ ଶିବିରର କିଛି ବାଟ ଆଗରୁ ଲୁଚି ରହିଥିଲେ ଏବଂ ଦ୍ରୌପଦୀ ପିତାମହ ଭୀଷ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲାପରେ ସେ ତାଙ୍କୁ କଲ୍ୟାଣମସ୍ତୁ ଓ ଅଖଣ୍ଡ ସୌଭାଗ୍ୟବତୀ ଭବ ଏବଂ ତାଙ୍କ ସ୍ୱାମୀ ଏ ଯୁଦ୍ଧରେ ନିଶ୍ଚୟ ବିଜୟ ହେବେ ଏ ଆଶୀର୍ବାଦ କରିଥିଲେ । ତା'ପରେ ଦ୍ରୌପଦୀ ତାଙ୍କର ଅବଗୁଣ୍ଠନ ଖୋଲି ଦେଇଥିଲେ ଏବଂ ଭୀଷ୍ମ ଯେତେବେଳେ ଜାଣିଲେ ସେ ଭାନୁମତୀ ନୁହନ୍ତି ସେ ହେଉଛନ୍ତି ଦ୍ରୌପଦୀ ତେଣୁ ତାଙ୍କର ବାକ୍‌ସ୍ଫୁର୍ତ୍ତି ହୋଇନଥିଲା । ଆଗରୁ ତ ସେ ଦ୍ରୌପଦୀଙ୍କୁ ଆଶୀର୍ବାଦ କରିଛନ୍ତି । ତାକୁ କିପରି ସତ୍ୟବ୍ରତ ତାହା ଲେଉଟାଇ ନେବେ ? ତା' ପରେ ସେ ପୁଣି ପିତାମହ ଭୀଷ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ବିଦାୟ ନେଲେ । ଏଣେ ଏ ଶୁଭ ସମ୍ବାଦ ଶୁଣି ଶ୍ରୀକୃଷ୍ଣଙ୍କର ଆନନ୍ଦର ସୀମା ରହିଲା ନାହିଁ । ଭଗବାନ କିପରି ସଖା ବତ୍ସଳ, ଭକ୍ତବତ୍ସଳ ଓ ଭକ୍ତର ପାଦୁକାକୁ ମୁଣ୍ଡରେ ରଖି ଆନନ୍ଦ ପାଇଥିଲେ ଏ ପ୍ରକାର ନଜୀର କୁତ୍ରାପି ଦେଖାଯାଏ ନାହିଁ ବା ବିରଳ ।

ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ ।

ଦେହି ପଦ ପଲ୍ଲବ ମୁଦିତ ମୁଦାରଂକୁ କାର୍ଯ୍ୟରେ ପରିଣତ କରିଥିଲେ ଓ ଅର୍ଜୁନ ରଥର ସାରଥୀ ହୋଇଥିଲେ । ସେହି ଲଳିତ କୋମଳ ଶବ୍ଦ ସଂଯୋଜନାର ଯେଉଁଥିରେ ଅପୂର୍ବ ଲାଳିତ୍ୟ ରହିଛି ତାହାର ସଂଯୋଜକ ଥିଲେ ଭକ୍ତ କବି ଜୟଦେବ । ଭକ୍ତକବି ଜୟଦେବ ଏକ ବିବାଦୀୟ କବି । ବଙ୍ଗଳାବାସୀ ତାଙ୍କୁ ଆମାଦେର ଜୟଦେବ ଓଡ଼ିଆର କୁଛିନୟେ କହୁଥିବାବେଳେ ତାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର ଏକ କାବ୍ୟରେ ଲେଖିଛନ୍ତି -

'କହେ କବି ଉପଇନ୍ଦ୍ର ଟେକି ବେନି ବାହାକୁ
ରବି ତଳେ କବି ପଣେ ନମାନେ ମୁଁ କାହାକୁ
ଜୟଦେବ ଦୀନକୃଷ୍ଣ ପଦରେ ମୋ' ଶରଣ
ଆଉସବୁ କବିଙ୍କର ମସ୍ତକେ ମୋ ଚରଣ ।'

କାଳଜୟୀ ସୃଷ୍ଟି ଗୀତ ଗୋବିନ୍ଦର ରଚିୟତା ଭକ୍ତକବି ଜୟଦେବ ସେ ଯେ ଓଡ଼ିଶାର ତାହାକୁ ଅନେକ ମାନିବାକୁ ନାରାଜ । ଏ ସମ୍ପର୍କରେ

ଜଣେ ସିଂହଳୀୟ କବି ଜର୍ଜ କେଟ୍ (George Keyt) ତାଙ୍କର Song of Love କବିତାର ପରିଚିତିରେ ଜଣାଇଛନ୍ତି ଯେ, ଜୟଦେବ ହେଉଛନ୍ତି ବଙ୍ଗଳାର ରାଜା ଲକ୍ଷ୍ମଣ ସେନ୍‌ଙ୍କ ଦରବାରର ଜଣେ ଦରବାରୀ କବି ଏବଂ ତାଙ୍କର ସମୟକାଳ ନିର୍ଦ୍ଧାରଣ କରିଛନ୍ତି ଖ୍ରୀଷ୍ଟାବ୍ଦ ୧୨ଶ ଶତାବ୍ଦୀ । ଏବେବି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାତ୍ରି ପହଡ଼ ପୂର୍ବରୁ ପ୍ରସିଦ୍ଧ ଦଶାବତାର ଶ୍ଳୋକ ୧୨ଶ ଶତାବ୍ଦୀରୁ ଏ ପର୍ଯ୍ୟନ୍ତ ଗାନ କରାଯାଉଛି ।

ଶ୍ରୀଜୟଦେବଙ୍କ ଜନ୍ମ ସ୍ଥାନ ଓ କାଳ ନିରୂପଣ ଏବଂ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଉପରେ ଅନେକ ଗବେଷକ ଗବେଷଣା କରିଯାଇଛନ୍ତି ଏବଂ ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ତାଙ୍କ ଜନ୍ମଭୂମି ସମ୍ବନ୍ଧରେ ବଙ୍ଗୀୟ ଆଲୋଚକମାନଙ୍କ ମଧ୍ୟରୁ କେତେକ ନିତାନ୍ତ ଅବାନ୍ତର, ଅସମ୍ଭବ ତଥା କପୋଳକଳ୍ପିତ ଯୁକ୍ତି ଦର୍ଶାଇ ତାଙ୍କୁ ବଙ୍ଗଦେଶୀୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ଓଡ଼ିଶାର ଜଣେ ତଥାକଥିତ ଆଲୋଚକ ବଙ୍ଗୀୟ ଆଲୋଚନାର ଅବତାରଣା କରି ନିତାନ୍ତ ପିଲାଳିଆ ଯୁକ୍ତି କରିଛନ୍ତି । କିନ୍ତୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ସାହିତ୍ୟ ସମାଲୋଚକ ସ୍ୱର୍ଗତ କେଦାର ନାଥ ମହାପାତ୍ର ସମସ୍ତ ଯୁକ୍ତିକୁ ଖଣ୍ଡନ କରି ଜୟଦେବ ଓଡ଼ିଶାର ବରପୁତ୍ର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ ସେବକ ଥିଲେ ବୋଲି ପ୍ରମାଣିତ କରିଛନ୍ତି । ସ୍ୱର୍ଗତଃ କେଦାରନାଥ ମହାପାତ୍ର ଶ୍ରୀଜୟଦେବ ଓ ଗୀତଗୋବିନ୍ଦ ପୁସ୍ତକ ଅଦ୍ୟାପି ଗୀତଗୋବିନ୍ଦ ଓ କବି ଜୟଦେବଙ୍କ ସମ୍ବନ୍ଧରେ ସମସ୍ତ ଆଲୋଚନା ମଧ୍ୟରେ ସର୍ବଶ୍ରେଷ୍ଠ ପୁସ୍ତକ ରୂପେ ପରିଗଣିତ ହୁଏ । ସ୍ୱର୍ଗତ ମହାପାତ୍ରଙ୍କ ସାଧନାର ଉକ୍ତ ପୁସ୍ତକଟି ଅନନ୍ୟ ସାଧାରଣ କୃତୀ ବୋଲି ବିଦ୍ୱାନମାନେ ମତ ଦିଅନ୍ତି ।

ବିଶ୍ୱ ବିଖ୍ୟାତ 'ଗୀତଗୋବିନ୍ଦ' କାବ୍ୟର ଆରମ୍ଭରୁ ହିଁ କବି ଜୟଦେବ ରଧାମାଧବଙ୍କୁ ସ୍ମରଣ କରିଛନ୍ତି । ରାଧାମାଧବଙ୍କୁ ନାୟକ ନାୟିକା ରୂପେ ଅବତୀର୍ଣ୍ଣ କରାଇ କବି ଦ୍ୱାଦଶସର୍ଗ ବିଶିଷ୍ଟ ସମୁଦାୟ ଗୀତ ଗୋବିନ୍ଦ କାବ୍ୟକୁ ତାଙ୍କରି ଅପ୍ରାକୃତ ପ୍ରେମଲୀଳା ବର୍ଣ୍ଣନା ଦ୍ୱାରା ପରିପୂର୍ଣ୍ଣ କରି ନିଜର ଅଗାଧ ଭକ୍ତିର ପରିଚୟ ଦେଇଛନ୍ତି । ଲୀଳା ରହସ୍ୟ ଆରମ୍ଭ ପରେ 'ମାଧବ' ଶବ୍ଦ ଗୀତଗୋବିନ୍ଦର ନିମ୍ନୋଦ୍ଧୃତ ପଂକ୍ତିଗୁଡ଼ିକରେ ଉଲ୍ଲେଖ କରାଯାଇଥିବାର ଦେଖାଯାଏ ।

ରାଧାମାଧବୟୋଜୟନ୍ତୀ ଯମୁନାକୂଳେ ରହଃ କେଳୟଃ (ପ୍ରଥମ ସର୍ଗ ପ୍ରଥମ ଶ୍ଳୋକ) ମାଧବ ମାନସିଜ ବିଶିଖଭୟାଦିବ ଭାବନୟା ତ୍ୱୟି ଲୀନା (ଚତୁର୍ଥ ସର୍ଗ ଅଷ୍ଟମ ପ୍ରବନ୍ଧ), ତସ୍ମିନ୍ନେବ ନିକୁଞ୍ଜ ମନ୍ମଥ ମହାତୀର୍ଥେ ପୁନର୍ମାଧବଃ (ପଞ୍ଚମ ସର୍ଗ ଦଶମ ପ୍ରବନ୍ଧ), ପ୍ରସରତି ଶଶଧର ବିମ୍ବେ ବିହିତ ବିଳମ୍ବେ ଚ ମାଧବେ ବିଧୁରା (ସପ୍ତମ ସର୍ଗ), ଅଥାଗତାଂ ମାଧବ ମନ୍ତରେଣ (ସପ୍ତମ ସର୍ଗ ଚତୁର୍ଥ ଶ୍ଳୋକ), କ୍ଷଣଂ ଜଗତ୍ରାଣ ବିଧାୟ ମାଧବମ୍ (ସପ୍ତମ ସର୍ଗ ଷୋଡ଼ଶ ପ୍ରବନ୍ଧ), ହରି ହରି, ଯାହି ମାଧବ ଯାହି କେଶବ, ମାଧବ କୈତବବାଦମ୍ (ଅଷ୍ଟମ ସର୍ଗ ସପ୍ତଦଶ ପ୍ରବନ୍ଧ) ମାଧବେ ମା' କୁରୁ ମାନିନୀ ମାନମୟେ ନବମ ସର୍ଗ ଅଷ୍ଟାଦଶ ପ୍ରବନ୍ଧ), ପ୍ରବୀଣ ରାଧେ ମାଧବ ସମୀପମିହ (ଏକାଦଶ ସର୍ଗ ଏକବିଂଶ ପ୍ରବନ୍ଧ) ।

ମାଧବ ପୂଜା ଓ ମାଧବ ଶବ୍ଦର ପ୍ରଚଳନ ତତ୍କାଳୀନ କଳିଙ୍ଗ ସମାଜରେ ନଥିଲେ ମହାକବି ଜୟଦେବ କେବେ ହେଲେ ସ୍ୱକୀୟ ଗୀତଗୋବିନ୍ଦର ନାୟକ କୃଷ୍ଣଙ୍କୁ ମାଧବ ରୂପେ ନେଇନଥାନ୍ତେ । କଳିଙ୍ଗରେ ମାଧବ ବିଷ୍ଣୁଙ୍କ ପୂଜା ସମ୍ପର୍କରେ ସମ୍ୟକ୍ ଆଲୋଚନା କଲେ ଏହାର ଏକ ସ୍ୱଷ୍ଟ ଚିତ୍ର ମିଳିଥାଏ । ପୁରାତନ ପ୍ରାଚୀ ନଦୀର ଅବବାହିକାରେ ଗଢ଼ି ଉଠିଥିବା ଜନସଭ୍ୟତା ଖ୍ରୀଷ୍ଟପୂର୍ବର ବୋଲି ବିଶ୍ୱାସ କରାଯାଇଥାଏ । ପ୍ରାଚୀ ଉପତ୍ୟକାର ବୈଶିଷ୍ଟ୍ୟ ହେଲା ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ମାଧବ ନାମଧାରୀ ଚତୁର୍ଭୁଜ ବିଷ୍ଣୁ ବିଗ୍ରହଙ୍କ ପୂଜା । ଭୌମକର ବଂଶର ମାଧବୀ ଦେବୀ ମଧ୍ୟ ମାଧବ ପୂଜାର ପୃଷ୍ଠପୋଷକତା କରିଥିଲେ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ରାଷ୍ଟ୍ରଦେବତା ଓ ତାଙ୍କର ପ୍ରଥମ ନାମକରଣ ମାଧବ ହୋଇଥିବା ହେତୁ ହିଁ ମାଧବ ପୂଜାର ବ୍ୟାପକତା କଳିଙ୍ଗରେ ଦେଖା ଦେଇଥିବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଓଡ଼ିଶାରେ ପ୍ରବାହିତ ପୁରାତନ ବୈତରଣୀ ନଦୀକୂଳରେ ଦ୍ୱାଦଶ ମାଧବ ପୀଠ ଥିବାର ଦଶମ ଶତାବ୍ଦୀରେ ଲିଖିତ ବିରଜା ମାହାତ୍ମ୍ୟରେ ଉଲ୍ଲେଖ ଅଛି । ପ୍ରାଚୀନଦୀ କୂଳରେ ଥିବା ବିଶ୍ୱବନ୍ଦିତ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲି ଗ୍ରାମ ଚତୁଃପାର୍ଶ୍ୱରେ କିଭଳି ମାଧବ ପୀଠମାନ ଗଢ଼ି ଉଠିଥିଲା, ତାହା ଆଲୋଚନା କଲେ ମାଧବ ଉପାସନା ସମ୍ପର୍କରେ ସମ୍ୟକ୍ ସୂଚନା ମିଳେ । ଅଷ୍ଟାଦଶ ଶତାବ୍ଦୀରେ ରଚିତ ପ୍ରାଚୀ ମାହାତ୍ମ୍ୟରେ ଏହି ଅଞ୍ଚଳରେ ଦ୍ୱାଦଶ ମାଧବ ପୀଠ ଥିବାର ବର୍ଣ୍ଣନା ଅଛି ।

ସେହି ଦ୍ୱାଦଶ ମାଧବ ହେଉଛନ୍ତି ନିଆଳି ମାଧବ, ଗୋବିନ୍ଦପୁର ମାଧବ, ଅଙ୍ଗେଶ୍ୱର ମାଧବ, ଅମରେଶ୍ୱର ମାଧବ, ନୀଳକଣ୍ଠେଶ୍ୱର ମାଧବ, ଜଙ୍ଗଲୀ ମାଧବ, ନୀଳ ମାଧବ, ଲତାହରଣ ମାଧବ, ମୁଦ୍‌ଗଲ ମାଧବ, ଲଳିତ ମାଧବ, ମଙ୍ଗଳା ମାଧବ, ମାଧବାନନ୍ଦ ।

ପୁନଶ୍ଚ ଜଗନ୍ନାଥଙ୍କ ପ୍ରଥମ ନାମ ଥିଲା ନୀଳମାଧବ ଯେ କି ବିଶ୍ୱାବସୁ ଶବରଙ୍କ ଦ୍ୱାରା ପ୍ରଥମେ ପୂଜିତ ହେଉଥିଲେ ।

ମାଧବ ବିଗ୍ରହର ପୂଜା ଓ ଉପାସନା ଓଡ଼ିଆମାନଙ୍କ ନିକଟରେ କେତେ ପବିତ୍ର ତାହା ନିମ୍ନୋକ୍ତ ଉକ୍ତିରୁ ମିଳିଥାଏ ।

ମଙ୍ଗଳଂ ଭଗବାନ ବିଷ୍ଣୁ ମଙ୍ଗଳଂ ମଧୁସୂଦନ
ମଙ୍ଗଳଂ ପୁଣ୍ଡରିକାକ୍ଷଃ ମଙ୍ଗଳଂ ଗରୁଡ଼ ଧ୍ୱଜ ॥
ମାଧବ ମାଧବ ହରି ମାଧବ ମାଧବ ବିଷ୍ଣୁ
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବ କାର୍ଯ୍ୟେ ସୁମାଧବଂ ॥

ମଙ୍ଗଳମୟ ମାଧବ ବିଷ୍ଣୁ ଉତ୍କଳୀୟମାନଙ୍କର ପ୍ରାତଃ ସ୍ମରଣୀୟ । ସେ ଲକ୍ଷ୍ମୀ-ମାଧବ, କାଳୀକା ମାଧବ, ଦୁର୍ଗାମାଧବ ହୁଅନ୍ତୁ ପଛକେ ଉତ୍କଳୀୟମାନେ ମାଧବନାମ ସ୍ମରଣ କରି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଯାଇଥାନ୍ତି । ସୂର୍ଯ୍ୟବଂଶୀୟ ଗଜପତି ଶ୍ରୀପୁରୁଷୋତ୍ତମ ଦେବ କାଞ୍ଚି ଅଭିମୁଖେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ଦୁର୍ଗାମାଧବ ମୂର୍ତ୍ତି ଦର୍ଶନ କରିଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ।

**ଜୟଦେବ କାବ୍ୟର ବିଷୟବସ୍ତୁ**

ରାଧାକୃଷ୍ଣ ଲୀଳା ମଣ୍ଡନ କରିଥିବା ଏହି କାବ୍ୟରେ ଶ୍ରୀକୃଷ୍ଣ ନାୟକ, ଶ୍ରୀରାଧା ଓ ଗୋପୀମାନେ ହେଲେ ନାୟିକା । ଶ୍ରୀକୃଷ୍ଣ ରାତ୍ରିଟି କେଉଁ ପ୍ରଣୟ କୁଞ୍ଜରେ ବିତାଇ ପ୍ରଭାତ କାଳରେ ସୁରତ ସଙ୍କେତ ଅଙ୍ଗରେ ଧାରଣ କରି ଶ୍ରୀରାଧାଙ୍କ କୁଞ୍ଜରେ ପ୍ରବେଶ କରିଛନ୍ତି । ଏ ଦୃଶ୍ୟ ଦେଖି ଶ୍ରୀରାଧା ଖଣ୍ଡିତା ଓ କଳହାନ୍ତରିତା ନାୟିକାରେ ପରିଣତ ହୋଇ ପ୍ରାଣପ୍ରିୟାଙ୍କୁ ନିର୍ଦ୍ଦୟ ଭାବରେ ଭର୍ତ୍ସନା କରିଛନ୍ତି ।

'ଯାହି ମାଧବ ଯାହି କେଶବ, ମାଧବ କଇତବ ବାଦଂ
ତାମନୁସୁର ସରସି ରୁହ ଲୋଚନ ଯାତବ ହରତି ବିଶାଦଂ ।'

ପ୍ରାଣପ୍ରିୟାଙ୍କଠାରୁ ଅପମାନିତ ହୋଇ ଶ୍ରୀକୃଷ୍ଣ ଫେରିଯିବା ପରେ ସଖୀ ଶ୍ରୀମତୀଙ୍କୁ ଅନେକ ପ୍ରକାର ବୁଝାଇଛନ୍ତି । ପୁଣି ସନ୍ଧ୍ୟା ସମୟରେ ଶ୍ରୀକୃଷ୍ଣ ଶ୍ରୀମତୀଙ୍କ କୁଞ୍ଜକୁ ଆସି ମାନିନୀଙ୍କ ମାନ ଭଞ୍ଜନ କରିବା ଲାଗି ଚେଷ୍ଟା କରି ବିଫଳ ହୁଅନ୍ତେ, ପରିଶେଷରେ ତାଙ୍କ ପାଦତଳେ ପଡ଼ି ଅନୁନୟ ହୋଇଛନ୍ତି -

ସ୍ମରଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରଂ

ମାନିନୀର ମାନ ଭଞ୍ଜନ ହୋଇଛି । ସଖୀ ତାଙ୍କୁ ବେଶ ଭୂଷଣରେ ସଜ୍ଜିତ କରି ମାଧବଙ୍କ କୁଞ୍ଜରେ ପ୍ରବେଶ କରାଇଛି ।

ଏହି ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ ।

ଦେହି ପଦ ପଲ୍ଲବ ମୁଦିତ ମୁଦାରଂ ସମ୍ପର୍କରେ ଶୁଣିବାକୁ ମିଳେ ଯେ ଶ୍ରୀଜୟଦେବ ଗାଧୋଇ ଯିବା ପୂର୍ବରୁ ସ୍ମରଗରଳ ଖଣ୍ଡନଂ ମମ ଶିରଶି ମଣ୍ଡନଂ ତାଳପତ୍ର ପୋଥିରେ ଲେଖି ଯାଇଥିଲେ କିନ୍ତୁ ଶେଷ ଶ୍ଳୋକଟି କ'ଣ ହେବ ତାହା ତାଙ୍କର ମନେ ପଡ଼ିଲା ନାହିଁ । ଠିକ୍ ଏହି ସମୟରେ ଏକ କୋମଳମତି କିଶୋର ଜୟଦେବଙ୍କ ପତ୍ନୀଙ୍କ ପାଖକୁ ଆସି ଜୟଦେବ କ'ଣ ଲେଖିଛନ୍ତି ତାହା ଦେଖିବାକୁ ତାଙ୍କୁ ଅନୁନୟ କଲେ । ତା'ପରେ ତାଙ୍କ ପତ୍ନୀ ସେହି ବାଳକଙ୍କ ପାଇଁ କିଛି ଖାଦ୍ୟ ଆଣିବାକୁ ଯିବା ସମୟରେ ସେ ବାଳକ ଶେଷ ଶ୍ଳୋକଟିକୁ ଲେଖିଦେଇ ଯାଇଥିଲେ । ତା'ପରେ ଜୟଦେବ ଗାଧୋଇ ଆସି ଉକ୍ତ ପୋଥିଟିକୁ ପ୍ରଣାମ କଲାବେଳେ ତନ୍ମୟ ଓ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ଶେଷ ଶ୍ଳୋକ ଯାହା ମନେ ପଡୁନଥିଲା ତାହା ଦେହି ପଦପଲ୍ଲବ ମୁଦିତ ମୁଦାରଂ ବୋଲି ଆଉ କେହି ଲେଖି ଦେଇଯାଇଛି । ତା'ପରେ ସେ ତାଙ୍କ ପତ୍ନୀଙ୍କୁ ଆଉ କେହି ଆସି ଉକ୍ତ ପଦ ପୂରଣ କରିଛି ବୋଲି ପଚାରିବାରୁ ସେ କହିଲେ ଯେ, ଜଣେ ଶ୍ୟାମଳ ବର୍ଣ୍ଣର କିଶୋର ଏହି ପଦ ପୂରଣ କରିଛି । ସେ ମନେ ମନେ ଏହି ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣିପାତ କରି ଖୋଦ ଲୀଳାମୟ ଶ୍ରୀକୃଷ୍ଣ କିପରି ତାଙ୍କ ପ୍ରତି ଅପୂର୍ବ କରୁଣାରାଶି ଢାଳି ଦେଇଛନ୍ତି ସେ ଉଦ୍ଦେଶ୍ୟରେ ହାତ ଯୋଡ଼ି ବାରମ୍ବାର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବାକୁ ଲାଗିଲେ ।

ଡି-୧୧, ବ୍ଲକ୍-୨
ଜୟଦେବ ବିହାର, ନୟାପଲ୍ଲୀ
ଭୁବନେଶ୍ୱର

---

# ସ୍ରଷ୍ଟା

ଗୌରହରି ରାଉତ

ବିଶ୍ୱର ତ ସ୍ରଷ୍ଟା ତମେ ତମରି ପାଇଁ ନିଖିଳ ହସେ
ଈଶ୍ୱର ହେ ଭାସ୍ୱର ହେ ତମରି ଦାନେ କୁସୁମ ବାସେ ।
ସୁନ୍ଦର ଏ ଭୁବନ ପରେ ତମେ ତ ରଚ ନିତ୍ୟ ଖେଳ
ନଶ୍ୱର ମୋ' ମଥାଟି ନଏଁ ସେ ପାଇଁ ତବ ଚରଣ ତଳ ।

ତମେଇ ରଚ ମଳୟ ରାସ ଫୁଲର ପରେ ଭଅଁର ରଖି
ପ୍ରେମର ଲୁହ ଆଖିରୁ ଝରେ ଶରତ ଶୀତ ବରଷା ଦେଖି ।
ସୁନ୍ଦର ଏ ଜୁନ୍ଦରର ଏକଇ ସିନା କାରଣ ତମେ
'ଈଶ୍ୱର ସେ ବିଶ୍ୱର କେ' - ନାସ୍ତିକ ସେ କେ କହେ ଜଣେ ??

ସତ୍ୟ ଶିବ ସୁନ୍ଦରର ଜାଣେ ତ ତମେ ଏକଇ ରୂପ
ତମରିଠାରେ ଅଛି ବି ପୁରି ତାଣ୍ଡବର ରୁଦ୍ର ଛାପ ।
ଝଞ୍ଜା ଉଠେ ଆକାଶେ ଯେବେ ତୋଫାନ୍ ଆସେ କରାଳେ ମାତି
ତମେଇ କର ପ୍ରଳୟଲୀଳା ତାଣ୍ଡବରେ ଥରାଇ ଛାତି ।

ବିଶ୍ୱପ୍ରାଣ, ତମେ ତ କେବେ ସୃଷ୍ଟିକର ଧ୍ୱଂସ କର ଥରକୁ ଥର
ଭଦ୍ର ତମେ ରୁଦ୍ର ତମେ ତମକୁ କୋଟି ନମସ୍କାର ।

ଚିତ୍ରକଳା ବିଭାଗ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ସଲଟ ଲେକ୍
କୋଲକାତା-୬୪

# ଜଗନ୍ନାଥଙ୍କ ବଢ଼େଇ

ମଧୁସୂଦନ ପଟ୍ଟନାୟକ

**ଭା**ଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ । ଯଦି କାହାର ଜୀବନରେ ଏପରି ଘଟେ, ତେବେ ଏ ଶ୍ରେଣୀୟ ଲୋକମାନଙ୍କୁ କେହି କେହି ଆଳସ୍ୟ ପରାୟଣ ବୋଲି କହିଥାନ୍ତି । କିନ୍ତୁ ଏ କଥା ସତ ଯେ ଅନେକଙ୍କ ଭାଗ୍ୟରେ ଏପରି ଘଟିଥାଏ । ଏମାନଙ୍କୁ ଭାଗ୍ୟବାଦୀ ବୋଲି ନ କହି ଆଉ କ'ଣ କୁହାଯାଇପାରେ । ଓଡ଼ିଶାରେ କାଶୀଆ କପିଳା କାହାଣୀ ଘରେ ଘରେ ପରିଚିତ । ପିଲା ଦିନର କପିଳ ଥିଲେ ଜଣେ ଗରିବ କ୍ଷତ୍ରୀୟ ସନ୍ତାନ । ଜଣେ ବ୍ରାହ୍ମଣ ଘରେ ଗାଈ ଜଗି ପେଟ ପୋଷୁଥିଲେ । ପେଟ ଚାଖଣ୍ଡକ ପାଇଁ ଜାତିଅଜାତି ଭୁଲିଯାଏ । କୁଳମର୍ଯ୍ୟାଦା ଉଲଙ୍ଘନ କରେ । ନାନା ଫନ୍ଦିରେ ପଶେ ।

ଏମିତି ଦିନେ ଏକ ଅଘଟଣ ଘଟିଲା । ବୈଶାଖ ମାସ ଟାଣ ଖରା । ଦିପ୍ରହର । ଗାଈ ଚରାଇ ଚରାଇ ଥକି ଗଲେ କପିଳ । ଦେହରୁ ଗମ୍ ଗମ୍ ଝାଳ ନିଗିଡ଼ି ଗଲା । ପାଦ ଥକିଗଲା । ଗାଈମାନଙ୍କୁ ତୋଟା ମୂଳେ ଛାଡ଼ି ଦେଇ ଗଛ ମୂଳେ ଶୋଇ ପଡ଼ିଲେ କପିଳ । ବ୍ରାହ୍ମଣ ମାଲିକ କପିଳର ଗାଈ ଚରା ପରଖିବା ପାଇଁ ବାହାରି ପଡ଼ିଲେ ବୁଲି ବୁଲି ଆସି ଦେଖନ୍ତି - କପିଳ ଯୋରରେ ଘୁଙ୍ଗୁଡ଼ି ମାରୁଛି । ପାଖରେ ଗୋଟିଏ ନାଗସାପ ଫଣା ମେଲାଇ ମୁଣ୍ଡ ଉପରେ ରହିଛି । ବ୍ରାହ୍ମଣ ଦେବଙ୍କୁ ଦେଖି ସାପଟି ଅପସରି ଗଲା ସିନା, ସେ ଭାବିଲେ ନିଶ୍ଚୟ ଦଂଶନ କରିଥିବ । ସେମିତି କିଛି ହୋଇ ନାହିଁ ଦେଖିଲେ । ଘରକୁ ଡାକି ନେଲେ ।

କପିଳକୁ ବଡ଼ ଅଡୁଆ ଅଡୁଆ ଲାଗିଲା । ପେଟ ପାଇଁ ଆଉ ଏତେ କଷ୍ଟ ସହି ନ ପାରି ଘର ଛାଡ଼ି ଚାଲି ଆସିଲେ କପିଳ । କରିବେ କ'ଣ ? ଭାବି ଭାବି ଠିକ୍ କଲେ, ଚୋରି କରିବେ । ଏକାବେଳେକେ ଧନୀ ହୋଇଯିବେ । ଆଉ କଷ୍ଟ ସହିବାକୁ ପଡ଼ିବନି । ବନମାଳି ଦାସ ପୁଅ କାଶୀନାଥ । କପିଳେନ୍ଦ୍ରର ବଡ଼ସାଙ୍ଗ । 'କାଶୀଆକପିଳା'ର ସେ ହିଁ ଥିଲେ କାଶୀଆ । ଉଭୟେ ମିଶି ଚୋରି ଆରମ୍ଭ କଲେ । ବହୁତ ଧନ ମିଳିଲା । ଦିନ କେତେ ଗଲା । ହେଲେ କପିଳ ମନରେ ବଡ଼ ଘୃଣାଭାବ ଜାତ ହେଲା । ଛି ଛି ଚୋରୀ କରି ପେଟ ପୋଷିବ ! ଚୋରି କରିବା ମହାପାପ । ବରଂ ମାଗି ଖାଇବା ଭଲ । ଆଉ ଏ କାର୍ଯ୍ୟ କରିବିନି ।



ଦିନେ ମନକୁ ଆସିଲା - ପୁରୁଷୋତ୍ତମ କ୍ଷେତ୍ରରେ ଅନ୍ନଛତ୍ର ତ ବହୁତ ମିଳେ । ସେଠାକୁ ଯାଇ ବରଂ ମାଗିକରି ଖାଇବ । ଏହାଭାବି କପିଳ ପୁରୀ ଚାଲି ଆସିଲେ ।

ଆନନ୍ଦବଜାର ଭିତରେ ଅନେକ ଖାଇ ଖପରା ପକାଇ ଦେଇଥାନ୍ତି । ସେହି ଖପରାରେ ଲାଗିଥିବା ଅନ୍ନ ଖାଇ କିଛି ଦିନ କଟିଗଲା । ନାନା କଥା ଭାବି ଭାବି ଦିନେ କପିଳେନ୍ଦ୍ର ବିମଳା ମନ୍ଦିର ପାଖରେ ବସିଥିଲେ । ସେତେବେଳେ ଓଡ଼ିଶାର ରାଜା ଥିଲେ ଶେଷଭାନୁ ବା ଅକଟାଅବଟା ଭାନୁ । ସେ ଜଗନ୍ନାଥ ଦର୍ଶନ ସାରି ବିମଳାଙ୍କ ଦର୍ଶନ ପାଇଁ ଗଲାବେଳେ ଆଖି ପଡ଼ିଲା କପିଳେନ୍ଦ୍ର ଉପରେ । ରାଜାଙ୍କ ଗୋଡ଼ ଅଟକି ଗଲା । ମନରେ କପିଳେନ୍ଦ୍ରଙ୍କ ପ୍ରତି କରୁଣା ଉଦ୍ରେକ ହେଲା । ରାଜା ପଚାରିଲେ - ତୁମେ କିଏ ? କପିଳେନ୍ଦ୍ର କହିଲେ - ମୁଁ ଜଣେ ନିରାଶ୍ରୟ ଦରିଦ୍ର କ୍ଷତ୍ରୀୟ ପୁତ୍ର । ତୁମେ ଏଠାରେ କ'ଣ କର ? କପିଳେନ୍ଦ୍ର କହିଲେ - ମୁଁ ଏଠି ସେଠି ରହୁଛି । ପେଟ ପୋଷିବା ପାଇଁ କାମ ବୁଝୁଛି ।

କପିଳେନ୍ଦ୍ରଙ୍କର ଭାଗ୍ୟୋଦୟ ହେଲା । ରାଜାଙ୍କ ମନ ତରଳିଗଲା । ମନ କୌଣସି କଥାରେ ଥରେ ଲାଗିଗଲେ ଆଉ ଛାଡ଼ି ପାରେ ନାହିଁ । ସ୍ନେହ, ପ୍ରେମ ଅନ୍ଧ । ତା'ର ସ୍ଥାନଅସ୍ଥାନ, ଜାତିଗୋତ୍ର, କୁଳଶୀଳ ଧନୀଦରିଦ୍ର ସ୍ଥାନଅସ୍ଥାନ ବାଛବିଚାର ନାହିଁ । ଏହା ଏକ ନୈସର୍ଗିକ ନିୟମ । ରାଜା ଏହି ନିୟମର ବଶବର୍ତ୍ତୀ ହୋଇ ପଚାରିଲେ, 'ଆଚ୍ଛା ତୁ ଆମ ପାଖରେ ରହି ଚାକିରି କରିବୁ ? କପିଳେନ୍ଦ୍ର ମନେ ମନେ ଭାବିଲେ - ଏ କ'ଣ ? ମୁଁ କିଏ, ରାଜା କିଏ ? ମୁଁ ଦୀନଦରିଦ୍ର । ଏହାଙ୍କ ସୁଦୃଷ୍ଟିରେ ପଡ଼ିଲି କିପରି ? ଏ ମୋର ଭାଗ୍ୟ । ରାଜା ସାଥିରେ ନେଇଗଲେ । କପିଳେନ୍ଦ୍ର ସୁଖଶାନ୍ତିରେ ରାଜାଙ୍କ ଘରେ ରହିଲେ ।

ଶେଷ ଭାନୁ ଥିଲେ ଅପୁତ୍ରିକ । ସେ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ । ମଣିମା, ମୋ ପରେ ରାଜା ହେବ କିଏ ? ଜଗନ୍ନାଥ ଆଜ୍ଞା ଦେଲେ - କପିଳ ରାଜା ହେବ । ମହାପ୍ରଭୁଙ୍କର ଆଦେଶ ଅଲଙ୍ଘ୍ୟ । କପିଳ ରାଜସିଂହାସନ ଆରୋହଣ କରି କପିଳେନ୍ଦ୍ର ଦେବ ବୋଲାଇଲେ ।

ପିଲାଦିନ ସାଙ୍ଗ କାଶିଆ ଏଣେ ପୂର୍ବବତ୍ ଚୋରୀବୃତ୍ତି କରି ପେଟ ପାଳୁଥାଏ । ଦିନେ ମନକୁ ଆସିଲା - ମୋ' ସାଙ୍ଗ କପିଳା ଏବେ କପିଳେନ୍ଦ୍ର ଦେବ ହୋଇ ରାଜା ବୋଲାଇଲେ । ଆଉ ମୁଁ ଯେଉଁ ଚୋରକୁ ସେହି ଚୋର । ହଉ ତାରି ଘରୁ ଯାଇ ଚୋରୀ କରିବି । ଉଆସରେ ପଶି ଚୋରୀ କଲା । ଧରା ହୋଇ ଛାମୁକୁ ଅଣାଗଲା । ରାଜା ପଚାରିଲେ - ଚୋରୀ କଲ କାହିଁକି ? କାଶୀନାଥ ଉତ୍ତର ଦେଲା - ତୁମେ ମୋତେ ତ ପଚାରିଲନି । ମୁଁ ଚୋରୀ କଲି । ରାଜା ପୂର୍ବ କଥା ମନେ ପକାଇଲେ । କହିଲେ - କ'ଣ ମାଗୁଛ, ମାଗ । ମୋତେ ବଡ଼ଲୋକ କରି ଦିଅ । କପିଳେନ୍ଦ୍ର ଦେବ ତତ୍କ୍ଷଣାତ୍ କହିଲେ, ଆଜଠୁ ତୁମକୁ ରାଜପୁରୋହିତ କରାଗଲା ।

ଏତାଦୃଶ କପିଳେନ୍ଦ୍ର ଦେବ ଖ୍ରୀ:୧୪୩୫ରୁ ଖ୍ରୀ:୧୪୬୫ ପର୍ଯ୍ୟନ୍ତ ରାଜା ହେଲେ । ଛତ୍ରଗଡ଼ ଓ ଖେମଣ୍ଡି ଜୟ କଲେ । ତୁଳସୀପୁର ଶାସନ ବସାଇଲେ । କପିଳେଶ୍ୱରପୁର ଶାସନ ପ୍ରତିଷ୍ଠା କଲେ । ଆଳି, କନିକା, କୁଜଙ୍ଗ ଜୟ କଲେ । ଦାମୋଦରପୁର ଶାସନ ବସାଇଲେ । କୁଣ୍ଡଘୋରି ଆକ୍ରମଣ କରି ଚନ୍ଦ୍ରାବତୀ ଦେଈଙ୍କୁ ବନ୍ଦୀ କରି ଆଣିଲେ । ସେଠାରେ ନରସିଂହ ରାଏଙ୍କୁ ରାଜା କରାଇଲେ । ଏହାଙ୍କର ସ୍ୱପତ୍ନୀ ଗର୍ଭରୁ ୧୮ ପୁତ୍ର ଜାତ ହେଲେ ମାତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ୱପ୍ନାଦେଶମତେ ଫୁଲବିବାହୀ ପୁତ୍ର ପୁରୁଷୋତ୍ତମ ଦେବ ରାଜା ହେଲେ । ଜଗନ୍ନାଥ ମନ୍ଦିରର ବାହାରବେଢ଼ା ନିର୍ମାଣ କରାଇ କପିଳେନ୍ଦ୍ର ଦେବ ଅମର ହୋଇଛନ୍ତି ।

ଖ୍ରୀ: ୧୪୬୫ରେ ପୁରୁଷୋତ୍ତମ ଦେବ ରାଜା ହେବା ଶୁଣି ଅଠରଭାଇ କ୍ରୋଧାନ୍ଧ ହେଲେ । ଆମ୍ଭେମାନେ ଥାଉ ଥାଉ ପୁରିଆ (ପୁରୁଷୋତ୍ତମ ଦେବ) ରାଜା ହୋଇଗଲା । ସେମାନେ ତାଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରି ବିଫଳ ହେଲେ । କଥାରେ ଅଛି - ଯାହାର ସହାୟ ଅନନ୍ତ, କିସ କରିବ ବଳବନ୍ତ । ଯାହାଙ୍କୁ ଦେବ ଦେବ ଜଗନ୍ନାଥ ସହାୟ, ଏମାନେ କ'ଣ କରିପାରିବେ । ଜ୍ୟେଷ୍ଠପୁତ୍ର କଳାମିହିର ସିଂହଦ୍ୱାରକୁ ଆସି ଆକ୍ରମଣ କଲେ । ଗର୍ଜନ କରି କହିଲେ, 'ପ୍ରଭୁ ! ପୁରିଆକୁ ଆଉ ତୁମେ ଚକ୍ର ଉହାଡ଼ କଲେ ବି ରଖିପାରିବନି । ଜୀବନରେ ଆଶା ଥିଲେ ସିଂହଦ୍ୱାର କବାଟ ଫିଟା ।' ଦ୍ୱାରପାଳ କହିଲା - ଠାକୁରଙ୍କ ଆଜ୍ଞା ନାହିଁ । କଳାମିହିର ଗର୍ଜି ଉଠିଲେ - ପୁରିଆକୁ କହ, ଯଦି ରାଜା ହେବାକୁ ଇଚ୍ଛା ଅଛି, ଯେବେ ଏ ଶାବଳ ମୁଠାକୁ ତେଡ଼ି ପାରିବ, ତେବେ ସେ ଏ ରାଜ୍ୟରେ ରାଜା ହେବ । ପୁରୁଷୋତ୍ତମ ଏହାଶୁଣି କବାଟ ଫିଟାଇ ଦେଲେ । କଳାମିହିର ଶାବଳ ମାରିଲେ । ପୁରୁଷୋତ୍ତମଙ୍କର କିଛି ହେଲା ନାହିଁ । ସେ ସମ୍ଭାଳି ନେଲେ । କଳାମିହିର ବିସ୍ମିତ ହେଲେ । ମନେ ମନେ ପାଞ୍ଚିଲେ, ଏ ମହାପ୍ରଭୁଙ୍କ କୂଟ । ସେ କ୍ଷେତ୍ର ତ୍ୟାଗ କରି ପାରଳାଖେମୁଣ୍ଡିରେ ବାସ କଲେ । ବର୍ତ୍ତମାନ ପାରଳାର ରାଜବଂଶ ଏହାଙ୍କ ବଂଶଧର । କନିଷ୍ଠପୁତ୍ର ସୁଭକ୍ତ ବାମଣ୍ଡାରେ ବାସ କଲେ ।

ପୁରୁଷୋତ୍ତମ ଦେବ ଦେଉଳର ଭୋଗମଣ୍ଡପ ନିର୍ମାଣ କରାଇଲେ । ଠାକୁରଙ୍କର ପୋଡ଼ପୀଠା ଭୋଗ ଏହାଙ୍କ ଅମଳରେ ଆରମ୍ଭ ହେଲା । ପୁରୁଷୋତ୍ତମ କାଞ୍ଚି ଅଭିଯାନ କଲେ ରାଜକନ୍ୟା ପଦ୍ମିନୀଙ୍କୁ ପାଇବା ପାଇଁ । କନ୍ୟାଦାନ ପାଇଁ ପ୍ରଥମେ କାଞ୍ଚିରାଜା ସମ୍ମତ ଥିଲେ । ମାତ୍ର ରଥଯାତ୍ରା ସମୟରେ ପୁରୁଷୋତ୍ତମ ଦେବ ରଥରେ ଛେରାପହଁରା କରୁଥିବା ଦେଖି ସେ ଚଣ୍ଡାଳ କାମକୁ ଘୃଣାକରି କନ୍ୟା ଦେବାକୁ ଅସ୍ୱୀକାର କଲେ । କାଞ୍ଚିରାଜା ଭାବି ପାରିଲେ ନାହିଁ ଯେ ଦେବ ଦେବ ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁଙ୍କର ଛେରାପହଁରା ସେବାଠାରୁ ଆଉ ପବିତ୍ର କାର୍ଯ୍ୟ ଇହରେ ନାହିଁ । ଈଶ୍ୱର ସର୍ବଦା ଭକ୍ତାଧୀନ । ପୁରୁଷୋତ୍ତମ ଦେବ ପ୍ରଭୁଙ୍କର ପରମ ଭକ୍ତ । ଭକ୍ତର ଅପମାନ ସେ ସହିପାରନ୍ତି ନାହିଁ । ପ୍ରବାଦ ଅଛି, ସ୍ୱୟଂ ଜଗନ୍ନାଥ, ବଳଭଦ୍ର ଧଳାଘୋଡା ଓ କଳାଘୋଡା ଚଢ଼ି ରାଜାଙ୍କୁ ସହାୟକ ହୋଇଥିବାରୁ ରାଜା ଯୁଦ୍ଧରେ ଜୟଲାଭ କରି ପଦ୍ମାବତୀ କନ୍ୟା ଓ ଗୋପୀନାଥଙ୍କୁ ନେଇ ଆସିଲେ । କନ୍ୟାଙ୍କ ସହ କଟକରେ ବିବାହ କଲେ । ସତ୍ୟବାଦୀ-ଗୋପୀନାଥଙ୍କୁ ଚଉଦ୍ୱାରଠାରେ ରଖାଇଲେ । ଆଣିଥିବା ଗଣେଶ ମୂର୍ତ୍ତି କାଞ୍ଚି ଗଣେଶ ବା ଭଣ୍ଡ ଗଣେଶ ନାମରେ ଶ୍ରୀମନ୍ଦିରରେ ସ୍ଥାନିତ । ପଦ୍ମାବତୀଙ୍କ ଗର୍ଭରୁ ଜାତ ପୁତ୍ର ପ୍ରତାପରୁଦ୍ର ଦେବ ଖ୍ରୀ: ୧୪୯୫ରୁ ଖ୍ରୀ:୧୫୩୧ ପର୍ଯ୍ୟନ୍ତ ରାଜତ୍ୱ କଲେ ।

କୈବଲ୍ୟ
ଦଉତୋଟା, ପୁରୀ





# ପ୍ରିୟଦର୍ଶୀ ଶ୍ରୀଜଗନ୍ନାଥ

ନିର୍ମଳା କୁମାରୀ ମହାପାତ୍ର

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରା ସହ ଶ୍ରୀଜଗନ୍ନାଥ ଅତି ଘନିଷ୍ଠ ଭାବେ ସହ ସଂପର୍କିତ । ସେ ବିଶ୍ୱାସ ଓ ଧର୍ମଧାରଣାର ମୂର୍ତ୍ତିମନ୍ତ ଅବତାର । କମ୍ବୁକଟକର ରାଜା ଶ୍ରୀଜଗନ୍ନାଥ, ଦାରୁରୂପଧାରୀ, ସେ ଅଖିଳ ଜଗତର ନାଥ ଭକ୍ତଜନଙ୍କ ମନ ଆକାଶର ଜହ୍ନମାମୁଁ ସେ । ସେ ବଳିଆର ବାହା, ଆଉ କରୁଣାର ନିଧାନ, ତେଣୁ ତାଙ୍କ ଦର୍ଶନ ନିମନ୍ତେ ଭକ୍ତପ୍ରାଣରେ ଅକଳନ ଆକୁଳତାର ନିଦର୍ଶନ । ବଡ଼ଦାଣ୍ଡର ବଡ଼ଠାକୁରଙ୍କ ପାଇଁ ମନରେ, ଧ୍ୟାନରେ, ଗାନରେ, ନୃତ୍ୟରେ, ଚିତ୍ରରେ - ପ୍ରତିଟି କାର୍ଯ୍ୟକରଣୀରେ ଭକ୍ତିର ପ୍ରତିଫଳନ । ସେ ନୀଳାଚଳ ଧାମର ନୀଳାଦ୍ରିସିଂହ, ନୀଳସୁନ୍ଦର, ନୀଳାଚଳ-ସୁଧାକର । କଳିଯୁଗର କଳ୍ପଦ୍ରୁମ । ଅନୁପମ ସେ ବିଗ୍ରହ ପ୍ରତି ଭକ୍ତର ଆହ୍ୱାନ- 'ହେ ଚକ୍ରଧର, ହେ ବଡ଼ଠାକୁର, ହେ ତ୍ରିତାପହର, ଦର୍ଶନ ଦିଅ ପ୍ରଭୋ ।'

'ମହାବାହୁ, ଏହି କଥାରେ ମୋ' ମନ
ନିତି ଦେଖୁଥିବି          ନୀଳାଦ୍ରି ମଣ୍ଡପେ
କଞ୍ଜସୁନ୍ଦର ବଦନ .....' (କବି ବନମାଳୀ)

ମନ-ବଚନ-କର୍ତ୍ତବ୍ୟରେ ଶ୍ରୀଜଗନ୍ନାଥଗତପ୍ରାଣ କବି ବନମାଳୀ, ସଂପୂର୍ଣ୍ଣ ସମର୍ପିତ । ପୁଣି ମାଗିଛନ୍ତି -

'ମଣିମା ହେ, ଏତିକି ମାଗୁଣି ମୋର
ମରଣ କାଳରେ ଦରଶନ ଦେବ
କଳାମୁଖ କଳାକର ହେ ...'

ଏବଂ

'ସେବାରୁ ଅନ୍ତର ନ ହୋଇବି ପ୍ରଭୁ ଏହି ଅଳି ଶ୍ରୀଚରଣେ
ମରଣ ଅବଧି ଶ୍ରୀମୁଖ ଦର୍ଶନୁ ବଞ୍ଚିତ ନୋହିବି କ୍ଷଣେ
ମହାବାହୁ କାହାକୁ କହିବି ...'

ସଗୁଣ ଭକ୍ତମାନେ ଦର୍ଶନକୁ ସବୁଠୁଁ ବେଶୀ ଗୁରୁତ୍ୱ ଦେଇ ଥାଆନ୍ତି । ସେମାନଙ୍କ ମତରେ ଦର୍ଶନ ପରେ ପରେ ଆସେ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ ବା ଭକ୍ତଭାବେ ଭକ୍ତି ନିବେଦନ । ନବଧା ଭକ୍ତିରେ ଦର୍ଶନର ସ୍ଥାନ ବେଶ୍ ଉଚ୍ଚରେ । ଶ୍ରୀଜଗନ୍ନାଥଙ୍କୁ ନିତି ଦର୍ଶନ କରିବାକୁ ମନ, ପୁଣି ମନ ଉଚ୍ଛନ୍ନ । ଶ୍ରୀମନ୍ଦିରର ନୀଳଚକ୍ର, ପାଟନେତ/ପତିତପାବନ ବାନା ଦର୍ଶନରେ ମହାପୁଣ୍ୟ ଅର୍ଜନ ହୁଏ । ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବା ରଥଯାତ୍ରାବେଳେ ରଥ ଉପରେ ତାଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ, ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ । ଏଣୁ କୁହାଯାଏ ଯେ -

'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ ।'

ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ -

'ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ
ସ୍ତୁତିଃ ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ
ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତୟା
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ... ।'

ଅର୍ଥାତ୍, 'ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ, ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ । ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର, ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।'

ନୟନରେ ଜଗନ୍ନାଥଙ୍କୁ ଦେଖିବାର ସୌଭାଗ୍ୟ ପ୍ରାପ୍ତି ପାଇଁ ଜାତି-ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ସମସ୍ତେ ବ୍ୟାକୁଳ । ମନେପଡ଼େ ଭାରତର ବଡ଼ଲାଟ୍ ଲର୍ଡ଼କର୍ଜନ ଚାହିଁଥିଲେ ରତ୍ନ ସିଂହାସନ ପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ, ଆଉ ପ୍ରଣାମୀ ଦେଇଥାନ୍ତେ ଶ୍ରୀମନ୍ଦିର ଓ ବେଢ଼ାର ବିକାଶ ପାଇଁ ସମସ୍ତ ଖର୍ଚ୍ଚ ତତ୍କାଳୀନ ଭାରତୀୟ ମୁଦ୍ରାରେ କୋଟି ଅଙ୍କରେ । ତେବେ ଇତିହାସରୁ ଜଣାଯାଏ ଯେ ଲର୍ଡ଼ କର୍ଜନଙ୍କର ଏଇ ଇଚ୍ଛା କୁଆଡ଼େ ପୂର୍ଣ୍ଣ ହୋଇ ନଥିଲା ।

ରଥଯାତ୍ରାରେ ବଡ଼ଦାଣ୍ଡରେ ସମସ୍ତେ ତାଙ୍କୁ ଦର୍ଶନ କରିପାରିବେ । ଜାତି-ଧର୍ମ-ମତର ବାରଣ ନାହିଁ । ସ୍ୱଚ୍ଛନ୍ଦ ଦର୍ଶନ । ମୁକ୍ତ ଦର୍ଶନ । ସେଇଠି ତ ଦେବତା ନିଜକୁ ଭକ୍ତ ପାଖକୁ ନେଇ ଆସିଥା'ନ୍ତି । ଦେବତା ଆସିଥାନ୍ତି ଜଗତଜନଙ୍କୁ ଦେଖିବା ପାଇଁ । କୁଶଳ କାମନା କରିବା ପାଇଁ, ଦର୍ଶନ ଦେବା ପାଇଁ ।

ସାଲବେଗଙ୍କର ଦର୍ଶନ ଇଚ୍ଛା ପ୍ରକଟ ହୋଇଛି ନିମ୍ନଭାବେ -

'ଚାଲ ସଖୀ ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ
କେଉଁ ସୁରପତି ବେଶ କରିଅଛି ଗିରିବର ତୋଳିଆକୁ
ସେ ଯେ ଶ୍ରୀମୁଖ ତୋରା ...
ଶିରେ ସୁନାଦୁବ କେରା କେରା
ସେ ଯେ ଶ୍ରୀମୁଖ ତୋରା ...'

ସେଦିନ ସାଲବେଗ ବୃନ୍ଦାବନରୁ ଆସୁଥାଆନ୍ତି ଶ୍ରୀକ୍ଷେତ୍ର, ବେଶ୍ ଦୂର ପଥ, ଆଖି ପାଉନାହିଁ, ପହଞ୍ଚୁ ପହଞ୍ଚୁ ଯଦି ରଥଯାତ୍ରା ସରିଯାଏ, ତେବେ ତ ସାଲବେଗ ଆଉ ଦର୍ଶନ କରିପାରିବେ ନାହିଁ । ସେ ଲାଗି ତାଙ୍କର ପ୍ରାର୍ଥନା -

'ସାତଶ ପଚାଶ କୋଶ ଚାଲି ନ ପାରଇ
ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି ...'

ଭକ୍ତର ଅଶ୍ରୁଳ ବ୍ୟାକୁଳ ଆବେଦନକ୍ରମେ ସେଦିନ କୁଆଡ଼େ ମହାମହିମ ନନ୍ଦିଘୋଷ ବଡ଼ଦାଣ୍ଡର ମଧ୍ୟସ୍ଥଳରେ ଅଟକି ରହିଥିଲା ସାଲବେଗ ଆସିବା ପର୍ଯ୍ୟନ୍ତ । ପ୍ରିୟଦର୍ଶୀ ଜଗନ୍ନାଥ କ'ଣ ନବୁଝନ୍ତି ସତେ !

କ୍ଷେତ୍ରର ରାଜ ପୁରୁଷୋତ୍ତମ, ପୁଣି ସେଇଠି ଶ୍ରୀଜଗନ୍ନାଥ ଦର୍ଶନରେ ପ୍ରାଣର ଆୟାମ, ବିଶ୍ରାମ, ତୃପ୍ତି । ଶ୍ରୀଚୈତନ୍ୟ ଚରିତାମୃତ (ଅଧ୍ୟାୟ ୧୫)ରେ ନିମାଇଁ କହନ୍ତି -

'ଦାରୁ ଜଳ ରୂପ କୃଷ୍ଣ ପ୍ରକଟ ସଂପ୍ରତି
ଦରଶନ ସ୍ନାନ କଲେ ଜୀବେର ମୁକତି ।'

ମନକୁ ବୋଧ ଦେଇ ଭକ୍ତଚରଣ ଦାସ (ମନବୋଧ ଚଉତିଶା)ରେ କହନ୍ତି -

'କହଇ ମନ ଆରେ ମୋ' ବୋଲ କର
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ...'

କବି ବିପ୍ର ନରହରି ତାଙ୍କର ଥକାମନକୁ ଉଦ୍‌ବୋଧନ ଦେଇ କହନ୍ତି -

'ଥକା ମନ ଚାଲଯିବା,
ଚକା ନୟନ ଦେଖିବା,
ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା
ଥକା ମନ ଚାଲଯିବା ...'

ପ୍ରିୟଦର୍ଶୀ ଜଗନ୍ନାଥ ସର୍ବ ବୁଦ୍ଧମୟ, ସର୍ବସିଦ୍ଧିରେ ବ୍ୟାପ୍ତ ଗଗନ ସଦୃଶ ଅସୀମ, ବ୍ୟାପକ ସର୍ବଜ୍ଞ ଶ୍ରେଷ୍ଠ ବଦ୍ରୀଙ୍କୁ ମୋର ପ୍ରଣାମ, ଅନନ୍ତ କୋଟି ପ୍ରଣାମ ।

**ସହାୟକ ପୁସ୍ତକ :**

୧. ପ୍ରାଚୀନ ଓଡ଼ିଆ ଗୀତି କବିତାରେ ଶ୍ରୀଜଗନ୍ନାଥ, ଲେ- ଡଃ ହରିଶ୍ଚନ୍ଦ୍ର ବେହେରା, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ-୨

ଟିଚର ଏଡୁକେଟର
ଡି.ଆଇ.ଇ.ଟି. ଟିକାବାଲି
କନ୍ଧମାଳ

# ବଡ଼ ଦେଉଳର ବଡ଼ ଠାକୁର

ବସନ୍ତ କୁମାର ଦେବ

ଜଗନ୍ନାଥ ! ତୁମେ ବଡ଼ ଦେଉଳର ବଡ଼ ଠାକୁର,
ଅଶେଷ ମହିମା ତୁମ କରୁଣା ଅପାର ।
ଆହେ ଜଗବନ୍ଧୁ, ଦୀନବନ୍ଧୁ, କୃପାସାଗର,
କୁହ କୃପା କରି ପାରି ହେବି କେବେ ଭବ ପାରାବାର ।
ବିଷମ ଜଞ୍ଜାଳ ଜାଲରେ ପଡ଼ି,
ଛଟପଟ ହୋଇ ମୁଁ ଛାଡୁଛି ରଡ଼ି ।
ଏ ଘୋର କଳିକାଳ ଆସଇ ମାଡ଼ି
ପାପ ଭାରେ ମୁଁ ଏବେ ଗଲିଣି ବୁଡ଼ି ।
ଏ ଛାର ଇନ୍ଦ୍ରିୟ ଲାଳସା,
ମନେ ମୋର ଜଗାଇଲା ଆଶା ।
ବଢ଼ାଇ ଦେଲା ମୋ' ମନର ତୃଷା,
ଘାରୁଅଛି ମୋତେ ବିଷୟା ନିଶା ।
ଅସହ୍ୟ ଏ ବିଷୟାର ଦାଉ,
ସହି ପାରିବିନି ଆଉ ।



ସରି ମୋ' ଯାଉଛି ଆୟୁ,
ରଖ ମୋତେ ଶରଣ ରକ୍ଷଣ ମହାବାହୁ ।
ଆହେ ଜଗନ୍ନାଥ ଜଗତପତି,
ଭରି ଦିଅ ମୋ' ହୃଦୟେ ଶାନ୍ତି, ମୈତ୍ରୀ, ପ୍ରୀତି ।
ଗାଉଥିବି ନିତି ତୁମ ଗୁଣ କୀରତି,
କୁହ ପ୍ରଭୁ କୁହ କେବେ ଏ ଭବ ସାଗରୁ ମିଳିବ ମୁକତି ।
କୃପାସିନ୍ଧୁ ବୋଲି ନାମ ତୁମ୍ଭରି,
ଆଉ କେବେ ପୁନର୍ଜନ୍ମ ନ ହେଉ ମୋହରି,
ଏ ଭବ ସାଗର ହେବି ମୁଁ ପାରି,
ପ୍ରଭୁ ଏତିକି ମାଗୁଣି ମୋର ଏତିକି ଗୁହାରି ।

କ୍ୱାର୍ଟର ନଂ- ଇ-୭୫
ୟୁନିଟ୍-୮, ଭୁବନେଶ୍ୱର - ୧୨



# ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ

କୃଷ୍ଣପ୍ରିୟା ଦାସ

**ବି**ଶ୍ୱରେ ଯଦି କିଛି ଶ୍ରେଷ୍ଠରୁ ଶ୍ରେଷ୍ଠତର କାର୍ଯ୍ୟଥାଏ, ତାହା ହେଉଛି ଜୀବକୁ ଜାଗ୍ରତ କରି ଶିବତ୍ୱରେ ସ୍ଥାପିତ କରିଦେବା । ପ୍ରକୃତିର ପରାଧୀନତାରୁ ଟାଣିଆଣି ମୁକ୍ତ କରିଦେବା । ଏ କାର୍ଯ୍ୟ କେବଳ ବ୍ରହ୍ମନିଷ୍ଠ ମହାପୁରୁଷମାନେ ସ୍ୱାଭାବିକ ଭାବେ କରିବାକୁ ସମର୍ଥ ହୋଇପାରନ୍ତି ।

ସେହିପରି ପରମ ଚୈତନ୍ୟ ସ୍ୱରୂପ ସଦ୍‌ଗୁରୁ ସନ୍ଥ ନାନକଜୀଙ୍କ ଦ୍ୱାରା ବ୍ରହ୍ମ ସ୍ୱରୂପରେ ଚୈତନାନନ୍ଦ ପ୍ରକଟ ହେବାର ଦେଖାଯାଇଥିଲା ।

ନାନକ ଭାରତ ଭ୍ରମଣ ସାରି ସୁଦୂର ପଞ୍ଜାବରୁ ପୁରୁଷୋତ୍ତମ କ୍ଷେତ୍ରକୁ ବ୍ରହ୍ମ ଦର୍ଶନର ଅଭିଳାଷ ପୋଷଣ କରି ପହଞ୍ଚି ଯାଇଥିଲେ । ସାଙ୍ଗରେ କେଇଜଣ ବିଶ୍ୱାସୀ ଶିଷ୍ୟ । ତାଙ୍କର ଲମ୍ବା, ଚୌଡ଼ା, ବଳିଷ୍ଠ ବପୁ, ସୁଦୀର୍ଘନାସା, ସୁଗଠିତ କପୋଳ, ଗୌରବର୍ଣ୍ଣ, ତେଜଦୀପ୍ତ ନେତ୍ର ସହିତ ମୁଣ୍ଡରେ ପଗଡ଼ି, ଦେହରେ ଫତେଇ, ଫାଳଟାମରା ଲୁଗାପିନ୍ଧା ବେଶ୍ ମନଉଥିଲା । ଦେଖିବା ଲୋକ ଆକୃଷ୍ଟ ହୋଇ ତାଙ୍କ ପିଛା ଛାଡୁ ନଥିଲେ ।

ପଦବ୍ରଜରେ ଅରୁଣ ସ୍ତମ୍ଭକୁ ମୁଣ୍ଡ ଲଗାଇ ଯେତେବେଳେ ସିଂହଦ୍ୱାର ଟପିବାକୁ ଇଚ୍ଛା କରନ୍ତି, ବେତ୍ରକାର, କେତେକ ପଣ୍ଡା ପ୍ରତିହାରି ତାଙ୍କୁ ବିଧର୍ମୀ ମନେ କରି, ଭିତରକୁ ବିରୋଧ କରି, ପଥ ଓଗାଳି ଠିଆ ହେଲେ । ସେ ଜଣେ ନୈଷ୍ଠିକ ହିନ୍ଦୁ ହେଲେ ମଧ୍ୟ ବେଶ, ପୋଷାକ ଥିଲା ଅନ୍ୟପ୍ରକାର । ସେବକମାନେ ଜାଣନ୍ତେ କିପରି ?

ଏଥିରେ ନାନକ ମର୍ମାହତ ହେବା ଭଳି ବ୍ୟକ୍ତି ନୁହନ୍ତି । ସେ ପଛକୁ ଦୁଇପାଦ ଘୁଞ୍ଚିଯାଇ କରାଞ୍ଜଳି ପ୍ରସାର କରି କହିଲେ - ହେ ଲୀଳାମୟ ! ତୁମ ଲୀଳା ରହସ୍ୟ ତୁମଛଡ଼ା କିଏ ବୁଝିବ ? କେଉଁ କ୍ରୀଡ଼ାରେ କେବେ କେଉଁଠି କିପରି ଭାବରେ ପାଦ ଥାପୁଛ ଏବଂ ଏହାଦ୍ୱାରା ଜଗତର ଅଚିନ୍ତ୍ୟ ପରିବର୍ତ୍ତନ କିପରି ଆସି ଯାଉଛି ଏକଥା ତୁମକୁ ହିଁ ଜଣା । ହେଲେ ଏ ନାନକ ତୁମ ଦର୍ଶନ ବିନା କଦାପି ଫେରିପାରିବ ନାହିଁ ।

'ହେ ପ୍ରେମର ମାଦକତା ! ତୁମେ ଶୀଘ୍ର ଆସ । ହେ ଆତ୍ମଜ୍ଞାନ, ଆତ୍ମ ରସର ମଦିରା ! ତୁମେ ଆଚ୍ଛାଦିତ ହୋଇ ଯାଅ କରପୁଟରେ । ତୁରନ୍ତ ବୁଡ଼ାଇ ଦିଅ ଆତ୍ମରସରେ । ଏ ମନ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଳମ୍ବ ସହି ପାରୁନାହିଁ । ମୋତେ ଆଶ୍ରୟ କିମ୍ବା ବିଶ୍ରାମ ଲୋଡ଼ା ନାହିଁ । ଆଶା, ଆଶଙ୍କା ତ ଅନେକ ଦିନରୁ ବଳି ଦେଇସାରିଛି । କେବଳ ବାକି ରହିଛି ଦିବ୍ୟ ଦର୍ଶନର ତୃଷ୍ଣା ।'



'ମୁଝେ ମନ୍ଦିର ମସ୍‌ଜିଦ ଜାନା ନହିଁ ।
ମୁଝେ ପ୍ରେମିକାରଙ୍ଗ ଚଢ଼ା ଦେ କୋଇ ।।
ଜହାଁ ଉଁଚୟା ନୀଚ କା ଭେଦ ନହୀଁ ।
ଜହା ଜାତ ୟା ପାଁତ କୀ ବାତ୍ ନହୀଁ ।।'

ବର୍ତ୍ତମାନ ଯାହାକିଛି ଘଟିଗଲା ବା ଘଟିବାକୁ ଯାଉଛି, ତାକୁ କିପରି ରୂପ ଦେଇ, କି ପରିଣାମ ଘଟାଇବ ତାହା ତୁମକୁ ଜଣା ଏବଂ ସେହି ଖେଳର ପଟ୍ଟ ପରିବର୍ତ୍ତନ କେବେ, କେଉଁଠି କିପରି ଭାବେ ହେବ, ତାହା କେବଳ ତୁମେ ହିଁ ଜାଣିଛ । ଏଠି ଯେଉଁ ସମସ୍ତେ ବାକ୍‌ଚାତୁରୀ ଦେଖାଇ ଅନ୍ୟମାନଙ୍କୁ ସିଦ୍ଧାନ୍ତ ଶୁଣାଉଛନ୍ତି, ଅଥଚ ନିଜେ ଶଙ୍କାରେ ପରିପୂର୍ଣ୍ଣ । ତେବେ ଏତିକି ଅବଶ୍ୟ କୁହାଯାଇପାରିବ ଯେ ସବୁକିଛି ତୁମ ଲୀଳାର ଏକ ପ୍ରଭାବ ମାତ୍ର ।

ତୁମେ ଜଣେ ସଫଳ ଖେଳାଳୀ, ତେଣୁ ସମସ୍ତଙ୍କୁ ସାଙ୍ଗରେ ନେଇ ଖେଳିବାରେ ଆନନ୍ଦ ପାଇ ଆସିଛ । ଏହି ଅବିଚ୍ଛିନ୍ନ ଲୀଳା ପ୍ରବାହ ସର୍ବଦା ଚାଲିଥାଉ ଆମ୍ଭର ଆପତ୍ତି କାହିଁକି ? ମାତ୍ର କୃପା ପୂର୍ବକ ମୋ' ଆଖି ଏପରି ଖୋଲି ଦିଅ, ଯେପରି ତୁମ ସଂକଳ୍ପିତ ଆଧାର ଉପରେ ସ୍ଥିର ନିଶ୍ଚଳ ରହି, ନିଜର ଭିନ୍ନ ଭିନ୍ନ ଅସ୍ତିତ୍ୱ ବ୍ୟତୀତ ବାକି ସବୁଥିରେ ସବୁଖେଳରେ କେବଳ ତୁମର ଛବି ହିଁ ମୋର ନେତ୍ରରୂଢ଼ ହେଉଥିବ । ତୁମେ ଆଉ ମୁଁ ପରସ୍ପର ପରସ୍ପରକୁ ଉପଲବ୍ଧି କରୁଥିବା । ବାସ୍ ... ମୋର ପ୍ରାର୍ଥନା କେବଳ ଏତିକି ।'

ହଠାତ୍ ଶ୍ରୀମନ୍ଦିର ଚୂଡ଼ାରୁ ଗୋଟାଏ ଦିବ୍ୟ ଜାଜ୍ୱଲ୍ୟମାନ ଜ୍ୟୋତି ଖସି ଆସିଲା ସନ୍ଥ ନାନକଙ୍କ କରପତ୍ରକୁ । ନାନକଙ୍କ ସହିତ ଚକଡ଼ାରେ ଥିବା ସମସ୍ତ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ଦେଖିପାରୁଥିଲେ ହାତ ପାପୁଲୀରେ ଶ୍ରୀଜଗନ୍ନାଥଙ୍କ ପୂର୍ଣ୍ଣ ବିଗ୍ରହ । ସତେ ଯେପରି ରତ୍ନ ସିଂହାସନ ତ୍ୟାଗ କରି ଭକ୍ତ କରପୁଟକୁ ସାଫଲ୍ୟ କରିବା ନିମନ୍ତେ ବିରାଜମାନ ହୋଇଅଛନ୍ତି ।

ଭକ୍ତି ଗଦ୍ ଗଦ୍ ନାନକ ଦୁଇ ପାପୁଲୀକୁ ମୁଣ୍ଡରେ ଲଗାଇ ସିଧା ଚାଲିଲେ ଦକ୍ଷିଣ ଦିଗକୁ । ପଛରେ ପଣ୍ଡାମାନଙ୍କ ଆହ୍ୱାନ ତାଙ୍କୁ ଆଉ ଫେରସ୍ତ କରିପାରୁନଥିଲା । ସେ ବା, ଫେରିଥାନ୍ତେ କାହିଁକି ? ଯାହାଙ୍କ ପାଇଁ ଆସିଛନ୍ତି ସେ ତ ତାଙ୍କ କରପୁଟରେ । ଆଉ ମନ୍ଦିରରେ କି କାର୍ଯ୍ୟ ? ସେ କ'ଣ ମନ୍ଦିର ଦେଖିବାକୁ ଆସିଥିଲେ କି ?

ପାଦତଳେ ମହୋଦଧିର ଧୂଷର ବାଲୁକାରାଶି, ସମ୍ମୁଖରେ ନୀଳସାଗର ଉପରେ ସୁନୀଳ ଆକାଶ । ଶିକର ଶିକ୍ତ ବାୟୁମଣ୍ଡଳ ସ୍ୱପ୍ନିଳ ତରଙ୍ଗ ମାଳାକୁ ଚାହିଁ କହି ଉଠିଲେ ନାନକ ।

'ବିଗିଡ଼େ ତବ ଜବ ହୋ କୋଇ ବିଗଡ଼ନେ ବାଲିଶୟ
ଅକାଳ ଅଛେଦ୍ୟ ଅଭେଦ୍ୟ କୋ କୌନ୍ ବସ୍ତୁକା ଭୟ ।'

ଅନର୍ଗଳ ଅଭିଭାଷଣ ନିର୍ଗତ ହେବାକୁ ଲାଗିଲା -

ମୁଁ ଚୈତନ୍ୟ ! ମୁଁ ଆତ୍ମା ! ମୋର କ'ଣ ବା କ୍ଷତି ହୋଇଯିବ ? କ'ଣ ବା ପ୍ରାପ୍ତି ଅଛି ? ଯାହା କ୍ଷତି ହେବ, ଏହି ନଶ୍ୱର ଦେହଟାର ହୋଇପାରେ । ସେ ବି, ଅନେକ ଦିନରୁ ଜ୍ଞାନ ଅଗ୍ନିରେ ଭସ୍ମ ହୋଇସାରିଛି । ଆଉ ଡର କ'ଣ ? ବାହ୍ୟ ଦୁଃଖ ଓ ପ୍ରଲୋଭନ ଆଗରେ ମୁଣ୍ଡ ତଳକୁ କରି କି ଆବଶ୍ୟକ ?

ବର୍ତ୍ତମାନ ସମୟ ଆସିଛି ଅଚିନ୍ତ୍ୟ ଜୀବନଯାପନ କରି ସାଧନାର ପଥ ପରିଷ୍କାର କରି ଆଗେଇ ଯିବା । ଯେତେ ବିଘ୍ନ ଆସୁ ଲକ୍ଷ ଲକ୍ଷ ପ୍ରଲୋଭନ ପାଦ ତଳେ ଅଜାଡ଼ି ପଡୁ, ସେଥିରେ ଯାଏ, ଆସେ କାହାର ? ମୁଁ ତ, ମୋହ ନିଶାରୁ ଜାଗ୍ରତ ହୋଇସାରିଛି ।

'ହମେ ରୋକ୍ ସକେ ୟେ ଜମାନେ ମେଁ ଦମ୍ ନହିଁ
ହମ୍‌ସେ ଜମାନା ହେ ଜମାନେ ସେ ହମ୍ ନହିଁ ।'

ଭଗବାନଙ୍କର ଆଡ଼କୁ ମାଡ଼ି ଯିବାର ଶକ୍ତି ଯାହାର ଅଛି, ତାକୁ ରୋକିବ କିଏ ? ସଂସାର ଭିତରେ ଥିଲେ ସୁଧା ସଂସାର ଯାହା ଭିତରେ ନଥାଏ ସେ କାହାକୁ ଖାତିର କରିବ ବା ଭୟ କରିବ କାହିଁକି ?

ଲୁହାରେ ସିନା କଳଙ୍କି ଲାଗେ, ଯଦି ଲୁହାକୁ ପରଶମଣି ଦ୍ୱାରା ସ୍ପର୍ଶ କରାଇ ସୁବର୍ଣ୍ଣ କରାଇ ଦିଆଯାଏ ଆଉ କଳଙ୍କ ଲାଗିବ କେମିତି ?

ସେହିପରି ମନ ଯଦି ଥରେ ଆତ୍ମ ସାକ୍ଷାତ୍କାର ହୋଇଯାଏ, ତା'ପରେ ତାକୁ ଯେମିତି ନଚାଇବ ନଚାଅ, ସେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ରହିବ । ଯାହା ବଳରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ମଧ୍ୟ ତୁମ ଆତ୍ମା ସ୍ୱରୂପରେ ଉଦ୍‌ଭାସିତ ହେବାକୁ ଭୁଲିବେ ନାହିଁ । ଏହା ହିଁ ପ୍ରାଣୀର ଆତ୍ମା-ପରମାତ୍ମା ସ୍ୱରୂପ । ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ।

ସନ୍ଥ ନାନକଙ୍କ ଓଜସ୍ୱିନୀ ଅଭିଭାଷଣରେ ଭାରତୀୟ ମହାପୁରୁଷଙ୍କ ତ୍ୟାଗ ଓ ମର୍ଯ୍ୟାଦା ଏତେ ମାତ୍ରାରେ ଭରପୂର ଥିଲା ଯେ ବିଦଗ୍ଧ ଶ୍ରୋତାମଣ୍ଡଳୀ ସମୟ ଜ୍ଞାନକୁ ମଧ୍ୟ ଭୁଲି ଯାଇ ଶ୍ରବଣ ସୁଖକୁ ଶ୍ରେଷ୍ଠ ମନେ କରୁଥିଲେ । ସେ ପଞ୍ଜାବୀ ଭାଷା ହେଲେ ମଧ୍ୟ କାହାର ଆପତ୍ତି ନଥିଲା । ଅମୃତର ଧାରା ପ୍ରବାହ ପରି ସବୁରିମନକୁ ଛୁଇଁ ଯାଉଥିଲା ସେ ବାଣୀ । ମଝିରେ ମଝିରେ କେବଳ ହରିବୋଲ ଜୟ ଧ୍ୱନୀ ଉଚ୍ଛୁଳି ଉଠୁଥିଲା ... ସେତିକି ।

ସନ୍ଧ୍ୟା ଆଗତ ପ୍ରାୟ । କେଇ ଜଣ ଶ୍ରୋତା ସାମାନ୍ୟ ଇତଃସ୍ତତଃ ହେବା ଭଳି ମନେ ହେଉଥାଏ । କାରଣ ଅନେକେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତୀ ଦର୍ଶନ କରିବା ପାଇଁ ବ୍ୟାକୁଳ । ଏକଥା ଯୁଗପୁରୁଷ ନାନକଙ୍କୁ ଅଛପା ରହନ୍ତା କିପରି ? ସେ ଉଚ୍ଚକଣ୍ଠରେ କହିଲେ ... ଭକ୍ତ ମଣ୍ଡଳୀ ! ବର୍ତ୍ତମାନ ସନ୍ଧ୍ୟା ହେବାକୁ ଯାଉଛି, ଆପଣମାନେ ଧୀର ସ୍ଥିର ଭାବରେ ଅପେକ୍ଷା କରନ୍ତୁ, ଏଠାରେ ଶ୍ରୀଜଗନ୍ନାଥଙ୍କ ଆଳତୀ ବଢ଼ାଯିବ ।

ହଠାତ୍ ଅନ୍ଧାକାରକୁ ହଟାଇ ଜଳି ଉଠିଲା ଦିହୁଡ଼ିମାଳା । ଊର୍ଦ୍ଧ୍ୱରୁ ଖସି ଆସିଲା ସମସ୍ତ ଆଳତୀ ସରଞ୍ଜାମ । ନାନକଙ୍କ ପ୍ରସାରିତ ହସ୍ତରେ ରୁପାର କର୍ପୂର ଦାନୀ ଓ ସୁବର୍ଣ୍ଣ ଘଣ୍ଟି । ସେ ଭାବ ବିହ୍ୱଳିତ ହୋଇ 'ଓଁ ଜୟ ଜଗଦୀଶ ହରେ' କହି କର୍ପୂର ଦାନୀ ଧରି ଆଳତୀ ପର୍ବ ଚଳାଇଥାନ୍ତି ।

ସମୁଦ୍ର ପଛା ସତେ ଯେପରି ରତ୍ନ ଗମ୍ଭିରା ପାଲଟି ଗଲା, ଜଣ ଜଣ ହୋଇ ତିନିଠାକୁର ସବୁରି ସାମ୍ନାରେ ଦୃଶ୍ୟମାନ ହେବାକୁ ଲାଗିଲା । ମହକି ଉଠିଲା ବେଳାଭୂମି । ଆକାଶରୁ ନୃତ୍ୟ, ଗୀତ, ବିଭିନ୍ନ ବାଦ୍ୟନାଦ ସହିତ ପୁଷ୍ପ ବୃଷ୍ଟି, ଦେଖେଣାହାରିଙ୍କୁ ବିସ୍ମିତ କରାଇ ଦେଉଥାଏ । ସମସ୍ତେ ପାଳିଧରି ଗାଉଥାନ୍ତି 'ଜୟ ଜଗଦୀଶ ହରେ ।' ବିଧିପୂର୍ବକ ଆଳତୀ ବଢ଼ିଲା । ସାଷ୍ଟାଙ୍ଗ ହେଉଥିଲେ ନାନକ ।

ଇତିମଧ୍ୟରେ ଶ୍ରୀମନ୍ଦିରରୁ କେତେ ଜଣ ପଣ୍ଡା, ପ୍ରତିହାରୀ, ସେବକ, ପୁଷ୍ପାଳକ ପହଞ୍ଚି କହିଲେ ... ଆରେ, ହେଇରେ ... ମା'କେ, ଏଇଠି ସବୁ ଆଳତୀ ସରଞ୍ଜାମ ଗଦା ହେଇଛି । କ'ଣନା .. ସମସ୍ତେ ବାଉଳା ... ।

ସେମାନଙ୍କ ପାଟିରୁ କଥା ସରୁ ସରୁ ସବୁ ଅଦୃଶ୍ୟ । ସମସ୍ତେ ଆଶ୍ଚର୍ଯ୍ୟ ମନେକରି ଟୁପୁରୁ ଟାପୁରୁ ହେବାକୁ ଲାଗିଲେ । କିଏ କହିଲା ନାନକଜୀ ମହାନ୍ ପ୍ରଚେତା ! ଏପରି ଚମତ୍କାରିତା କେବେ ଶୁଣାଥିଲା ନା ଦେଖାଥିଲା ? ଏସବୁ ତାଙ୍କ ସଂଯମତାର ଫଳ । ସେ ଜଣେ ଆତ୍ମସାକ୍ଷାତକାରୀ ପୁରୁଷ ! ନହେଲେ କି ତାଙ୍କ ଇଚ୍ଛା ମାତ୍ରକେ ମନ୍ଦିରରୁ ଆଳତୀ ସରଞ୍ଜାମ ସହ ଠାକୁରେ ଆସି ଉଭା ହୋଇଯାଆନ୍ତେ ? ପୁଣି ସବୁ କିଛିର ଅନ୍ତର୍ଦ୍ଧାନ ଘଟି, ଶ୍ରୀମନ୍ଦିର ପୂର୍ଣ୍ଣ ହୋଇ ଯାଆନ୍ତା ?

ଉତ୍ତମ ଲୋକ ଭିଡ଼ରେ ଖଳ ଲୋକଙ୍କର ମଧ୍ୟ ଅଭାବ ନଥାଏ । କିଛି ଖଳ ବ୍ୟକ୍ତି ଦୂରକୁ ଘୁଞ୍ଚିଯାଇ କହିଲେ ଆହେ ... ଏପରି ଚମତ୍କାରିତା ଯାହା ଦେଖିଲ, ତାହା ଭକ୍ତି ଭାବରେ ନାଁ, ଗୁଣି ଗାରେଡ଼ିରେ ? ଦେଖି ନାହଁ ... ଗାରେଡିଆ କେଳାମାନେ କିପରି ମଇଦାନରେ ଚକ୍ଷୁ ବନ୍ଧନ କରି ଖେଳ ଦେଖାନ୍ତି ? ୟେ' ଆଉ ତାଙ୍କରିପରି ଜଣେ ନୁହେଁ ତ ?

ଜଣକ କଥାରେ ପାଳିଧରି ଆଉ ଜଣେ ଆରମ୍ଭ କଲା ... ଆରେ ... ଇଏ ଜଣେ ପ୍ରସିଦ୍ଧ ତାନ୍ତ୍ରିକ । ପଞ୍ଜାବରୁ ତଡ଼ା ଖାଇ ପୁରୁଷୋତ୍ତମକୁ ପଳାଇଆସିଛି । ଭାବିଛି ଲୋକମାନଙ୍କୁ ଗୁଣି ଦ୍ୱାରା ଟାଣି ନେବ । ଏହାଦ୍ୱାରା ଲୋକେ ଶ୍ରୀଜଗନ୍ନାଥଙ୍କୁ ଛାଡ଼ି ୟା'କୁ ଭଜିବେ ।

କଥା ଛଡ଼ାଇ ଆଉ ଜଣେ କହିଲା ... ହଇ ହୋ ... ଏଇଟାପରା ପୁରା ତନ୍ତ୍ର ପୀଠ । ଶ୍ରୀଜଗନ୍ନାଥ ହେଉଛନ୍ତି ମନ୍ତ୍ରତନ୍ତ୍ରର ମୁଖ୍ୟ ଦେବତା । ଏଇଠି କି ତନ୍ତ୍ର କାଟୁ କରିବ ? ଏ କ୍ଷେତ୍ରକୁ ତ କେତେ ବଡ଼ ବଡ଼ ତାନ୍ତ୍ରିକ ଆସି ହାର ମାନି ମୁଣ୍ଡ ତଳକୁ କରି ଫେରିଯାଇଛନ୍ତି ।

ତା'ହେଲେ ନାନକ କ'ଣ ଭଗବାନଙ୍କର ପରମଭକ୍ତ ! ସେ ଯଦି ଏତେ ବଡ଼ ସାଧକ ତା'ହେଲେ ସର୍ବ ସମ୍ମୁଖରେ ଶ୍ରୀଜଗନ୍ନାଥଙ୍କୁ ମାନବ ରୂପରେ ଦେଖାଇ ଦେଇ ପାରିବେ ?

ଜନତା ଜନାର୍ଦ୍ଦନଙ୍କ ବିଚାର ବିମର୍ଷ, ନାନକଙ୍କ ପ୍ରଜ୍ଞାଚକ୍ଷୁରୁ ବାଦ୍ ପଡ଼ିନଥିଲା । ତାଙ୍କ ଅଧର ପୁଟରୁ ଫୁଟି ଉଠିଥିଲା ଧାରେ ସ୍ମିତ ହସ । ମନକୁ ମନ କହି ଉଠିଲେ -

'ବଚ୍ଚୋ କା ଖେଲ୍ ନହିଁ ମୈଦାନେ ମୁହବତ୍ ।
ୟହାଁ ଜୋଭି ଆୟା ସିର ପର କଫନ ବାନ୍ଧକର ଆୟା ।।'

ଦେଖାଯାଉ ବିଶ୍ୱ ଖେଳାଳୀର ଖେଳ କେତେ ଦୂର ଜମିପାରୁଛି । ଯାହାର ଇଙ୍ଗିତରେ ନାନକ ଏଠାକୁ ଆସିଛି, ସେ ହିଁ ସବୁ ବୁଝିବ । ତା'ର ଯଦି ଦେବତ୍ୱରୁ ମାନବତ୍ୱକୁ ଓହ୍ଲାଇବାର ଇଚ୍ଛାଥାଏ, ତା'ହେଲେ କିଏ ନାସ୍ତି କରୁଛି ?

ମାୟାଧୀନ ମାନବ କିଛି ନବୁଝି ଦ୍ୱନ୍ଦ୍ୱ ଆରମ୍ଭ କରି ଦେଉଛି । ଯେଉଁଠି ସତ୍‌ସଙ୍ଗ, ହରି ନାମ ଭଗବାନ ସେ ସ୍ଥାନ ଛାଡ଼ି ଆଉ ଯିବେ କୁଆଡ଼େ ? 'ବିଶ୍ୱାସେ ମଳନ୍ତି ହରି, ତର୍କେ ବହୁ ଦୂର' ତାଙ୍କୁ କ'ଣ ଯୁକ୍ତିରେ କିଏ ପାରିଛି ?

ହୃଦୟ ଯଦି ପ୍ରକୃତ ପ୍ରସ୍ତୁତି ହୋଇପାରିବ ନିଜ ମହିମାରେ ଜାଗ୍ରତ ହେବା କିଛି କଠିନ କାର୍ଯ୍ୟ ନୁହେଁ । ଯିଏ ଶରୀରଠାରୁ ସର୍ବଦା ଊର୍ଦ୍ଧ୍ୱରେ, ସେ କାହିଁକି ପରମାତ୍ମାକୁ ଧରି ପାରିବେ ନାହିଁ । ଭଗବାନ ତ ଆପଣାଛାଏଁ ଚିହ୍ନଟ ହୋଇଯିବେ ।

ହଠାତ୍ ନାନକ ଜଣେ କୃଷ୍ଣକାୟ ବଳିଷ୍ଠ ବ୍ୟକ୍ତିଙ୍କୁ କୋଳାଗ୍ରତ କରୁ କରୁ କହିଲେ ହେ ନିର୍ଗୁଣ ... ତୁମେ ଭକ୍ତି ବଶରେ ସଗୁଣ ହୋଇ ଏଠାରେ ଦେଖା ଦେଇଛ ଯଦି ସମସ୍ତ ସଭାସଦଙ୍କୁ ଦିବ୍ୟ ଦୃଷ୍ଟି ପ୍ରଦାନ କର । ସେମାନେ ମଧ୍ୟ ତୁମକୁ ଦର୍ଶନ କରି କୃତାର୍ଥ ପାଲଟି ଯାଆନ୍ତୁ ।

ଏକତ୍ର ବସିଥିବା ତିନି ଜଣରୁ ନାନକ ଜଣକୁ ଧରି ଏପରି କହିଲା ବେଳେ ଅନ୍ୟ ଦୁଇ ଜଣ, ଜଣେ ସ୍ତ୍ରୀ, ଜଣେ ପୁରୁଷ ସେଠାରୁ ଉଠି କ୍ଷୀପ୍ର ଗତିରେ ବାହାରି ଯାଉ ଯାଉ କିଛି ଲୋକଙ୍କ ନଜର ପଡ଼ିଯିବାରୁ ସେମାନେ ପାଟି କରି ଉଠିଲେ ... ଆରେ ... ସେ ଆଡ଼େ କୁଆଡ଼େ ଯାଉଛ ? ଆଗରେ ନଣ୍ଡାକୂଅ ... ଅନ୍ଧାରରେ ମାଡ଼ି ଯାଉଛ କାହିଁକି ? ହେଲେ ଶ୍ୱେତବର୍ଣ୍ଣର ପୁରୁଷ, ପୀତବର୍ଣ୍ଣର ସ୍ତ୍ରୀ, ଜଣକ କିଛି ନଶୁଣି କୁଆଡ଼େ ଉଭେଇ ଯାଇଥିଲେ ଯେ ସମସ୍ତେ ଅବାକ୍ ହୋଇଯାଇଥିଲେ ମୁହୂର୍ତ୍ତେ ।

ଏଣେ ନାନକ ନଛୋଡ଼ ବନ୍ଧା । କୃଷ୍ଣାଙ୍ଗ ବ୍ୟକ୍ତିଙ୍କୁ ଧରି ଭାବ ବିହ୍ୱଳ ହୋଇ କହୁଥାନ୍ତି - ହେ ନିର୍ଗୁଣ ତୁମେ ସଗୁଣ ରୂପରେ ଦର୍ଶନ ଦେଇଛ ଯଦି ଏମାନଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରି ଜାଗ୍ରତ କରାଇ ଦିଅ । ମୋହ ଭଙ୍ଗ ହେଲେ ତୁମକୁ ଚିହ୍ନିପାରିବେ ଯେପରି ।

ତାହା ହିଁ ହେଲା । ଭକ୍ତ ବାଞ୍ଛା କଳ୍ପତରୁ ଭକ୍ତ ନିକଟରେ ଧରାଦେଇ ମାନବରୁ ମାଧବ ରୂପରେ ରୂପାନ୍ତରିତ ହୋଇଗଲେ । ସମସ୍ତେ ଦେଖୁ ଦେଖୁ କଳା ମିଚ୍ ମିଚ୍ ମୋଟା ଲୋକଟା ଶ୍ରୀଜଗନ୍ନାଥଙ୍କ ରୂପରେ ବିକଶି ଉଠିଥିଲା । ହଜାର ହଜାର ଜନତା ଏ ଦୃଶ୍ୟ ଦେଖିବାରୁ ବାଦ୍ ପଡ଼ିନଥିଲେ । ବାଲୁକା ରାଶିରେ ସବୁରି ଦଣ୍ଡ ପ୍ରଣାମ ଗ୍ରହଣ କରି ଅଦୃଶ୍ୟ ହୋଇଯାଇଥିଲେ ଶ୍ରୀଜଗନ୍ନାଥ । ବାସ୍ତବରେ ଭଗବତ୍ ପ୍ରାପ୍ତି ମାର୍ଗରେ ଚାଲିଥିବା ବ୍ୟକ୍ତିର ସହାୟତା ସ୍ୱୟଂ ଭଗବାନ ହିଁ କରିଥାଆନ୍ତି ଏହା ନିଃସନ୍ଦେହ ଅଟେ ।

'ଯେଉଁ ଦିଗକୁ ବଳଭଦ୍ର ଓ ସୁଭଦ୍ରା ଖସି ଯାଇଥିଲେ - ସେ ଦିଗରେ ଥିବା ଲଣ୍ଡା କୁଅର ନାମ ଆଜି 'ଦେଢ଼ଶୁର, ଭାଇବୋହୂ କୂଅ' ନାମରେ ନାମିତ । ସୁଭଦ୍ରା ଶ୍ରୀଜଗନ୍ନାଥଙ୍କ ଇଚ୍ଛାଶକ୍ତି ହେବା ହେତୁ ତାଙ୍କୁ 'ଭଗିନୀ, ସ୍ତ୍ରୀ, ପ୍ରବର୍ତ୍ତିକା' ଭାବରେ ଗ୍ରହଣ କରାଯାଉଛି । ଶ୍ରୀବଳଭଦ୍ର ଅଗ୍ରଜ ହୋଇଥିବାରୁ ଲକ୍ଷ୍ମୀ ଅଂଶ ସୁଭଦ୍ରା ତାଙ୍କ ଭ୍ରାତୃବଧୂ । ଏହି ମର୍ମରେ 'ଦେଢ଼ଶୁର ଭାଇବୋହୂ' କୂଅ ଆଜି ବି ପ୍ରସିଦ୍ଧ । ଯାତ୍ରୀମାନେ ଶ୍ରଦ୍ଧା ଭକ୍ତିରେ ଦର୍ଶନ କରିଥାଆନ୍ତି ଏବଂ ଏହି କିମ୍ବଦନ୍ତୀ ସ୍ମରଣ କରି ପୁଲକ, ପ୍ରଫୁଲ୍ଲିତ ହୋଇ ଫେରି ଯାଆନ୍ତି ନିଜ ନିଜ ଦେଶକୁ ।

ଗଜପତି ନଗର-୫୮
ମୈଥିଳୀ ନିବାସ
ପୁରୀ-୨

---

# ଶ୍ରୀଜଗନ୍ନାଥ ଓ ପବିତ୍ର ଧାମ ଶ୍ରୀକ୍ଷେତ୍ର



ଶ୍ରୀନିବାସ ଆଚାର୍ଯ୍ୟ

**ଭ**ଗବାନ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ନାମ ଅନ୍ୟତମ । ଭଗବାନ ଶ୍ରୀଶଙ୍କରାଚାର୍ଯ୍ୟ (୭୮୮-୮୨୦ ଖ୍ରୀଷ୍ଟାବ୍ଦ) ବିରଚିତ 'ବିଷ୍ଣୁ ସହସ୍ର ନାମ ଭାଷ୍ୟମ'ରେ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ନାମ ଗୋଟିଏ ବୋଲି ପ୍ରାଧାନ୍ୟ ଦିଆଯାଇଅଛି ।

'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ
ବିଷ୍ଣୋର୍ନାମସହସ୍ରଂ ମେ ଶୃଣୁ ପାପଭୟାପହମ୍ ।'

ଆଉ ମଧ୍ୟ ଶ୍ରୀମଦ୍ ଭଗବଦ୍ ଗୀତା (ଦଶମ ଅଧ୍ୟାୟ ୧୫ ଶ୍ଳୋକ)ରେ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ ବୋଲି ସମ୍ବୋଧନ କରାଯାଇଛି ।

'ସ୍ୱୟମେବାତ୍ମନାତ୍ମନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।
ଭୂତ ଭାବନ ଭୂତେଶ ଦେବ ଦେବ ଜଗପତେ ।।'

ଉଦ୍ଧୃତ ଶ୍ଳୋକରୁ ପ୍ରତିପାଦିତ ହୁଏ ଯେ, ଶ୍ରୀକ୍ଷେତ୍ରରେ ବଡ଼ ଦେଉଳର ରତ୍ନ ସିଂହାସନରେ ବିରାଜିତ ଶ୍ରୀଜଗନ୍ନାଥ ଜୀବଜଗତ ସୃଷ୍ଟିର ପ୍ରାରମ୍ଭରୁ ସମଗ୍ର ବିଶ୍ୱରେ ପୁରୁଷୋତ୍ତମ ବିଷ୍ଣୁ ରୂପେ ଖ୍ୟାତି ଲାଭ କରିଛନ୍ତି । ସେ ହେଉଛନ୍ତି ପରଂବ୍ରହ୍ମ, ପ୍ରଭୁ ପରମେଶ୍ୱର, ଅଖିଳ ବ୍ରହ୍ମାଣ୍ଡର ପତି, ସର୍ବମଙ୍ଗଳ କର୍ତ୍ତା ଓ ଜଗତରନାଥ ଶ୍ରୀଜଗନ୍ନାଥ । ସେ ଯେଉଁ ପୀଠରେ ଅଧିଷ୍ଠିତ ସେ ପୀଠ ସମଗ୍ର ବିଶ୍ୱର ଏକ ମହାନ ପବିତ୍ର ପୀଠ, ଧର୍ମକ୍ଷେତ୍ର ଓ ତୀର୍ଥସ୍ଥାନ ଭାବରେ ସୁବିଦିତ । କାରଣ ଏହି କ୍ଷେତ୍ରର କ୍ଷେତ୍ରାଧିପତି ରୂପେ ସ୍ୱୟଂ ପୁରୁଷୋତ୍ତମ, ନିରାକାର, ଜଗତର ବନ୍ଧୁ । ଅସୀମ କରୁଣାର ସାଗର ଓ ଅସରନ୍ତି ଆଶୀର୍ବାଦର ଭଣ୍ଡାର ଶ୍ରୀଜଗନ୍ନାଥ ବିରାଜିତ । ତେଣୁ ସେ ଯେ କେବଳ ଭାରତର ବଡ଼ ଠାକୁର ଭାବରେ ଅଧିଷ୍ଠିତ ତାହା ନୁହେଁ, ସେ ହେଉଛନ୍ତି ସମଗ୍ର ବିଶ୍ୱ ଜନତାର ବଡ଼ଠାକୁର । ତାଙ୍କରି ଅପାର କରୁଣା, ଦୟା, କ୍ଷମା ଓ ଆଶୀର୍ବାଦ ବଳରେ ତିଷ୍ଠି ରହି ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳାତିପାତ କରୁଛନ୍ତି ସମଗ୍ର ଜୀବଜଗତ ।

ଜଗତର ଶ୍ରେଷ୍ଠ ପୁରୁଷ ଶ୍ରୀପୁରୁଷୋତ୍ତମର ନାମ, ଯଶ, ଖ୍ୟାତି ପାଇଁ ଆଜି ଆମ ଓଡ଼ିଶାର ସନ୍ତାନ ଓ ଓଡ଼ିଆ ମାଟି ସମଗ୍ର ବିଶ୍ୱରେ ଧନ୍ୟ ହୋଇପାରିଛି । ଓଡ଼ିଶା ଗୋଟିଏ ଧର୍ମପରାୟଣ ଓ ମନ୍ଦିରମାଳିନୀ ରାଜ୍ୟ । ପ୍ରାଚୀନ ଓଡ଼ିଶାର କୀର୍ତ୍ତିରାଜି, କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ମୂକସାକ୍ଷୀ ସଦୃଶ ଶ୍ରୀକ୍ଷେତ୍ର ପୁରୀର ବଡ଼ ଦେଉଳର ବଡ଼ ଠାକୁର ଶ୍ରୀଜଗନ୍ନାଥ । ଅନନ୍ତ ଆକାଶ ପରି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ମଧ୍ୟ ଅସୀମ । ତାଙ୍କରି ମହାମହିମା ଯୋଗୁଁ କେବଳ ଭାରତର ପୁରପଲ୍ଲୀରେ ଓଡ଼ିଶାକୁ ଜାଣନ୍ତି ତାହା ନୁହେଁ, ସମଗ୍ର ବିଶ୍ୱ ଦରବାରରେ ପୂଜ୍ୟ ଓ ବନ୍ଦନୀୟ ହୋଇପାରିଛନ୍ତି । ଜଗନ୍ନାଥ ଦେଶ ବୋଲି କହିଲେ ବିଶ୍ୱବାସୀ ଓଡ଼ିଶାକୁ ଜାଣିବା ସଂଗେସଂଗେ ସମ୍ମାନିତ କରିଥାନ୍ତି । ତେଣୁ ଆଜି ଓଡ଼ିଶାବାସୀ ପୁରୀ ପବିତ୍ରଧାମ ଓ ଶ୍ରୀଜଗନ୍ନାଥଙ୍କ ପାଇଁ ବିଶ୍ୱ ଦରବାରରେ ଗର୍ବିତ ଓ ଗୌରବାନ୍ୱିତ ।

ବିଶ୍ୱର ଏକ ଆଧ୍ୟାତ୍ମିକ ଧାମ ତଥା ପବିତ୍ର ଧର୍ମପୀଠ ଭାବରେ ଶ୍ରୀକ୍ଷେତ୍ର ପୁରୀର ନୀଳାଚଳ ଧାମ ସୁପ୍ରସିଦ୍ଧି ଲାଭ କରିଅଛି । ଏହି ଧାମର ନାଥ ରୂପେ ଜଗତର ନାଥ ଶ୍ରୀଜଗନ୍ନାଥ, ବିଷ୍ଣୁ ନାମଧାରୀ ଶ୍ରୀପୁରୁଷୋତ୍ତମ, ଜଗତ ପ୍ରାପ୍ତିର ପ୍ରତୀକାତ୍ମକ, ଜଗଦୀଶ, ଜଗନ୍ନିବାସ, ଜଗଜ୍ଜନ ଇଷ୍ଟ, ଜଗବନ୍ଧୁ, ଜଗାକାଳିଆ, ଚକାଆଖିଆ ଓ ଚକାଡୋଳିଆ ଇତ୍ୟାଦି ନାମରେ ନାମିତ ହୋଇ ରତ୍ନ ସିଂହାସନରେ ଅଧିଷ୍ଠିତ । ତାଙ୍କର ଅପାର କରୁଣା ଓ ଅସରନ୍ତି ଆଶୀର୍ବାଦ ବଳରେ ସେ ହୋଇପାରିଛନ୍ତି ଜାତି, ଧର୍ମ, ବର୍ଣ୍ଣ, ସାନ, ବଡ଼ ଧନୀ, ଦରିଦ୍ର ଓ ଛୁଆଁଅଛୁଆଁ ଭେଦଭାବ ନିର୍ବିଶେଷରେ ସମଗ୍ର ମାନବ ଜାତିର ପରମ ଓ ପୂଜ୍ୟ ଠାକୁର । ଆଉମଧ୍ୟ ସତ୍ୟ, ନ୍ୟାୟ, ଭକ୍ତି, ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ ରୂପେ ପୂର୍ଣ୍ଣ ବିଶ୍ୱାସଭାଜନ ହୋଇପାରିଛନ୍ତି ସମଗ୍ର ବିଶ୍ୱବାସୀଙ୍କର । ତେଣୁ ତାଙ୍କରି ଅସରନ୍ତି ମହିମା, ଅସୀମ କୃପା ଓ ପ୍ରେମ ରସବାଣୀ କିଣି ନେଇଛି

ଅଗଣିତ ଭକ୍ତ ଓ ଜନସମାଜକୁ । ସେହି ନୀତି ଓ ଆଦର୍ଶର ସଂସ୍କୃତି ଘନ ଅନ୍ଧକାର ପରି ଘେରି ରହିଥିବା ଅନ୍ୟାୟ, ଅତ୍ୟାଚାର, କୁସଂସ୍କାର, ଦୌରାତ୍ମ୍ୟ ଓ ଅହଂଭାବ ପରିବେଶକୁ ଦୂରେଇ ଦେଇ ସୃଷ୍ଟି କରିପାରିଛି ସତ୍ୟ ଓ ନ୍ୟାୟର ଯୁଗ । ସର୍ବୋପରି କହିଲେ ସେ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ ଭଗବାନ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି -

‘କରି କରାଉ ଥାଏ ମୁହିଁ ।
ମୋ ବିନୁ ଅନ୍ୟ ଗତି ନାହିଁ ॥’

ସ୍ୱୟଂ ମାନବରୂପୀ ଶ୍ରୀକୃଷ୍ଣ ପରମ ଭକ୍ତ ତଥା ସଖା ଧନୁର୍ଦ୍ଧାରୀ ଅର୍ଜ୍ଜୁନଙ୍କୁ ବୁଝାଇ କହିଛନ୍ତି ଯେ ଯାହାକିଛି ଏ ସୃଷ୍ଟିରେ ଘଟୁଅଛି, ସେଗୁଡ଼ିକ ମୁଁ ନିଜେ କରୁଅଛି । ମୋ’ ବ୍ୟତୀତ ଆଉ କେହି ଏହାକୁ କରି ନାହାନ୍ତି ବା କରିବା ସମ୍ଭବପର ନୁହେଁ । ତାଙ୍କର ଏହି ବିଚିତ୍ର ଲୀଳା ସୃଷ୍ଟି କରିପାରିଛି ତାଙ୍କ ପ୍ରତି ଗଭୀର ଆତ୍ମବିଶ୍ୱାସ ଓ ଅମାପ ଭକ୍ତିଭାବ । ଏକ ପ୍ରବାଦ ଅଛି, ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଓ ସର୍ବବ୍ୟାପକ । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଭଗବାନ ଓ ଅବତାରୀ ଦାରୁମୂର୍ତ୍ତି ମୁରାରୀ । ଆଉ ମଧ ତା’ର ଅପାର କରୁଣା ଓ ମହିମା ବଳରେ ଶ୍ରୀକ୍ଷେତ୍ର ଧାମଟି ହୋଇପାରିଛି ସମସ୍ତ ମଠର କେନ୍ଦ୍ରସ୍ଥଳୀ । ସେହି ପୀଠସ୍ଥଳୀରେ ବିଭିନ୍ନ ଧର୍ମର ମହୀୟସୀ ମୁନିଋଷି ଓ ସାଧୁ ସନ୍ଥମାନେ ବିଭିନ୍ନ ମଠ, ଗାଦି, ଆଶ୍ରମ ଓ ମନ୍ଦିର ନିର୍ମାଣ କରି ଜଗନ୍ନାଥଙ୍କ ନାମକୁ ସଂକୀର୍ତ୍ତନ, ସଂଗୀତ, ପାଲା, ହରିବୋଲ ଓ ହୁଳହୁଳି ଇତ୍ୟାଦି ମାଧମରେ ସୁବିସ୍ତାର କରିପାରିଛନ୍ତି ।

ବିଶ୍ୱ ପ୍ରସିଦ୍ଧ ଜଗତର ନାଥ ଶ୍ରୀଜଗନ୍ନାଥ ତଥା ଦେବାଧିଦେବ ମାନ୍ୟତାପ୍ରାପ୍ତ ବଡ଼ ଠାକୁର ସୀମିତ ନୁହନ୍ତି, ସେ ଅଟନ୍ତି ପରମ ଭକ୍ତବତ୍ସଳ, ମାନବଧର୍ମର ଗଣଦେବତା, ସର୍ବସାଧାରଣର ଆରାଧ ପରମେଶ୍ୱର ଓ ନୀଳାଚଳ ଧାମର ଶ୍ରେଷ୍ଠ ନାୟକ । ତାଙ୍କରି ମହିମା, କରୁଣା, ଆଶୀର୍ବାଦ ପାଇଁ ତାଙ୍କୁ ‘ବଡ଼’ ଶବ୍ଦର ଆଖ୍ୟାରେ ନାମିତ କରାଯାଇଅଛି । ବଡ଼ ଶବ୍ଦର ଆଖ୍ୟାଟି ଆଉ କୌଣସି ଠାକୁରଙ୍କୁ ଦିଆଯାଇନାହିଁ । ତାଙ୍କ ମନ୍ଦିରକୁ ବଡ଼ ମନ୍ଦିର, ଦାଣ୍ଡକୁ ବଡ଼ ଦାଣ୍ଡ, ବଡ଼ ଧଣ୍ଡାମାଳ, ବଡ଼ଧ୍ୱଜା, ବଡ଼ଚୂଳ, ମଡ଼ମଠ, ବଡ଼ଛତା, ପଡ଼ପଣ୍ଡା ଶବ୍ଦରେ ନାମିତ ହୋଇ ବିଶ୍ୱବନ୍ଦିତ ହୋଇଛନ୍ତି ।

ଶ୍ରୀଜଗନ୍ନାଥଙ୍କର ଲୀଳା ଯେପରି ରହସ୍ୟମୟ, ତାଙ୍କର ସଂସ୍କୃତି, ମେଳା ମହୋତ୍ସବ, ପର୍ବପର୍ବାଣି, ବେଶଭୂଷା ମଧ ସେପରି ରହସ୍ୟମୟ । ଯୁଗ ଯୁଗ ଧରି ସେ ବହୁ ରୂପରେ ଓ ବହୁ ଭାବରେ ଧରାପୃଷ୍ଠରେ ପ୍ରକଟିତ ହୋଇଛନ୍ତି । ବିଭିନ୍ନ ଶାସ୍ତ୍ର, ବେଦ, ବେଦାନ୍ତ ଉପନିଷଦ, ପୁରାଣ ଓ ଭାଗବତ ଇତ୍ୟାଦିରେ ଏହାର କିମ୍ବଦନ୍ତୀମାନ ଲିଖିତ ହୋଇଅଛି । ଏହି ସମସ୍ତ ପ୍ରକାରର ଅବତାରୀ ରୂପ, ଗୁଣ ଓ ଲୀଳା ଇତ୍ୟାଦିକୁ ଧାରଣ କରିବାର ଅଧିକାର ତାଙ୍କ ପାଖରେ ନିହିତ । ତାଙ୍କର ପରମ ଭକ୍ତ ତଥା ବୈଷ୍ଣବକୁଳ ତିଳକ କବିରାଜ ଜୟଦେବଙ୍କ ରଚିତ ‘ଗୀତଗୋବିନ୍ଦ’ କାବ୍ୟ ମୁକସାକ୍ଷୀ ସଦୃଶ । ଏହି କାବ୍ୟଟିରେ ସ୍ୱୟଂ ଭଗବାନଙ୍କର କିମ୍ବଦନ୍ତୀ ଲିପିବଦ୍ଧ ହୋଇ ମହିମା ସମ୍ପର୍କରେ ବିଶ୍ୱାସ ଜନ୍ମାଇଛି । ଜୟଦେବଙ୍କ ଅନୁପସ୍ଥିତିରେ ତାଙ୍କ ଆଶ୍ରମରେ ସ୍ୱୟଂ ଭଗବାନ ଆବିର୍ଭାବ ହୋଇ ଅସମ୍ପୂର୍ଣ୍ଣ ଥିବା ଗୀତଗୋବିନ୍ଦ କାବ୍ୟକୁ ସ୍ୱ-ହସ୍ତରେ ପୂରଣ କରାଇବା ସଂଗେସଂଗେ ପଦ୍ମାବତୀଙ୍କୁ ଦର୍ଶନ ଦେଇଥିଲେ । ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ବାତ୍ସଲ୍ୟ ଓ ମାଧୁର୍ଯ୍ୟ ଆଦିରସରେ ରସାଣିତ ହୋଇ ପରମଭକ୍ତମାନଙ୍କର ଦୁଃଖମୋଚନ କରିଥାନ୍ତି । ତାଙ୍କର ବଡ଼ ଅଭିମାନୀ ଭକ୍ତ କବି ବୈଷ୍ଣବ ପାଣିଙ୍କ ରଚିତ ‘ମାଉଁଆ ଗୋସାଇଁ’ କବିତାରେ ତାଙ୍କୁ ମାଉଁଆ ଗୋସାଇଁ ଆଖ୍ୟା ଦିଆଯାଇଅଛି । ସେ ମଧ ବିପଦରେ ପଡ଼ିଥିବା ଭକ୍ତମାନଙ୍କୁ ମୁକ୍ତି କରିବାକୁ ପଛାଇ ନାହାନ୍ତି । କାଞ୍ଚି ଅଭିଯାନ ଯୁଦ୍ଧରେ ତାଙ୍କର ପ୍ରଧାନ ସେବକ ତଥା ଠାକୁର ରାଜାଙ୍କୁ ସାହାଯ୍ୟ କରିଥିଲେ । କଳା ଓ ଧଳା ଘୋଡ଼ାରେ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ର ଦୁଇ ଭାଇ ବାଟରେ ଗଉଡୁଣୀଠାରୁ ଦହି ପିଇ ସ୍ୱ-ଅଙ୍ଗୁଳିର ରତ୍ନ ମୁଦିଟି ବନ୍ଧା ଦେବା, ଦାସିଆ ବାଉରି ହସ୍ତରୁ ନାରିକେଳ ଗ୍ରହଣ କରିବାର କିମ୍ବଦନ୍ତୀମାନ ଇତିହାସ ପ୍ରସିଦ୍ଧିଲାଭ କରିଛି ।

ଶ୍ରୀଜଗନ୍ନାଥଙ୍କର ପ୍ରେମ ରସବାଣୀ ଓ ମହିମା ମାଧମରେ ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର ଯୁଗ ସୃଷ୍ଟି । ସାହିତ୍ୟ ଜଗତରେ ଶ୍ରୀଜଗନ୍ନାଥଙ୍କୁ ଦାରୁ ଦେବତା ରୂପେ ଆଖ୍ୟା ଦିଆଯାଇଅଛି । ତାଙ୍କରି ନାମ, ଯଶ ଓ କୀର୍ତ୍ତି ସୁଦୂର ପ୍ରସାରୀ ଓ କାଳଜୟୀ । ପ୍ରାୟ ପୃଥିବୀର କୋଣ ଅଣୁକୋଣକୁ ତାଙ୍କରିବାଣୀ ଉଦ୍‌ବୁଦ୍ଧ କରୁଅଛି । ବିଭିନ୍ନ ଦେଶର ଭାଷା ମାଧମରେ ଏହି ଭୂସ୍ୱର୍ଗ ବାଣୀର କାବ୍ୟ କବିତା ପ୍ରକାଶିତ ହୋଇ ମହିମାକୁ ଦ୍ୱିଗୁଣିତ କରିଅଛି । ସେ ଯେ କେବଳ ହିନ୍ଦୁଧର୍ମର ଠାକୁର ରୂପେ ବିବେଚିତ ତାହା ନୁହେଁ, ବିଭିନ୍ନ ଧର୍ମରେ ବଡ଼ ଠାକୁର ରୂପେ ବିବେଚିତ ହୋଇଛନ୍ତି । ସେ ହେଉଛନ୍ତି ବିଶ୍ୱଧର୍ମ ତଥା ସର୍ବଧର୍ମର ପ୍ରତୀକ । ସେ ହେଉଛନ୍ତି ସକଳ ଜୀବଜଗତର ପରମ ପିତା ସଦୃଶ । ସେ ବାନ୍ଧି ରଖିଛନ୍ତି ତାଙ୍କ ପ୍ରାଣକେନ୍ଦ୍ରରେ ଅଗଣିତ ଭକ୍ତପ୍ରେମୀଙ୍କୁ । ତେଣୁ ସେ ହେଉଛନ୍ତି ଜଗତର ନାଥ ।

ବିଶ୍ୱ ସମାଜର ସେ ହେଉଛନ୍ତି ପ୍ରାଚୀନତମ ଠାକୁର । ସାମାଜିକ ଚାଲିଚଳଣ, ଦୈନନ୍ଦିନ ରୀତିନୀତି ଓ ପରମ୍ପରା ଜଗନ୍ନାଥଙ୍କ ସଂସ୍କୃତିରୁ ଜନ୍ମଲାଭ କରିଅଛି । ଏହି ପୀଠରେ ବର୍ଷକ ବାରମାସରେ ଥିବା ନିର୍ଦ୍ଦିଷ୍ଟ ବିଭିନ୍ନ ପର୍ବପର୍ବାଣି, ବେଶଭୂଷା, ମେଳାମହୋତ୍ସବ ସମାଜକୁ ଶିକ୍ଷା ଦିଅନ୍ତି, ସ୍ନେହ, ଶ୍ରଦ୍ଧା, ସାଧୁତା, ସତ୍ୟବାଦିତା, ଦୟା, କ୍ଷମା, ଜାତୀୟତାବାଦ, ଐଶ୍ୱରିକ ଶକ୍ତି ଇତ୍ୟାଦିର ମହତ୍ ଗୁଣ । ଓଡ଼ିଆ ଜାତିକୁ ସମଗ୍ର ମାନବ ଜାତି ମଧ୍ୟରେ ଏକ ଶ୍ରେଷ୍ଠ ଜାତି ଭାବରେ ପ୍ରତିଷ୍ଠିତ କରାଇପାରିଛି । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ଜାତିର ଗର୍ବ ଓ ଗୌରବ । ଏହାର ମହାପ୍ରସାଦ ଭକ୍ତଙ୍କର କ୍ଷୁଧା ନିବାରଣ କରିବା ସଂଗେସଂଗେ ସୃଷ୍ଟି କରିଥାଏ ପରସ୍ପର ମଧ୍ୟରେ ଭ୍ରାତୃପ୍ରୀତି । ସମଗ୍ର ବିଶ୍ୱବାସୀଙ୍କୁ ମହାପ୍ରସାଦ ବାନ୍ଧି ରଖିଛି ଗୋଟିଏ ପରିବାରର ସଦସ୍ୟ ପରି । ଏହାର କୈବଲ୍ୟ କଣିକାକୁ ବର୍ଷ ବର୍ଷ ଧରି ଘରେ

ସାଇତି ରଖିଥାନ୍ତି ସମସ୍ତ ପରମ ଭକ୍ତ । କାରଣ ବୈଦିକ ନୀତିରେ ଏହାର ଉପଯୋଗିତା ମହାନ ଅଟେ । ଏହା ସମାଜରେ ସାଧୁତା, ଆଦର୍ଶବାଦୀ ଓ ପବିତ୍ରତାର ମଧୁର ପରିବେଶ ସୃଷ୍ଟି କରିବା ସଂଗେସଂଗେ ହୋମ, ଯଜ୍ଞ, ବିଭା, ବ୍ରତ ଇତ୍ୟାଦି ମଙ୍ଗଳ ଓ ଶୁଭ କାର୍ଯ୍ୟରେ ଏକାନ୍ତ ଆବଶ୍ୟକ ହୋଇଥାଏ । ତା'ରି ଆନନ୍ଦ ବଜାରର ମହାପ୍ରସାଦ, ବିଭିନ୍ନ ପ୍ରକାର ଭୋଗ ସାମଗ୍ରୀ ପ୍ରସ୍ତୁତିର ସ୍ଥାନ 'ହିଙ୍ଗୁଳା ପୀଠ' ପୃଥିବୀର ବୃହତ୍ତମ ରୋଷେଇ ଘର ବା ଭୋଜନ ଶାଳା । ଶ୍ରୀଜଗନ୍ନାଥଙ୍କ ପୀଠରେ ପାଳିତ ହେଉଥିବା ପର୍ବପର୍ବାଣି ଓ ମେଳା ମହୋତ୍ସବ ମଧ୍ୟରେ 'ଶ୍ରୀଗୁଣ୍ଡିଚା' ବା 'ରଥଯାତ୍ରା' ସମଗ୍ର ବିଶ୍ୱରେ ଅଦ୍ଭୁତ ପ୍ରସିଦ୍ଧି ଲାଭ କରିଅଛି । ମାନବ ଜାତିର ଦିଗ୍‌ଦର୍ଶକ ବଡ଼ଭାଇ ବଳଭଦ୍ର, ସାନଭାଇ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରା ତିନୋଟି ସୁସଜ୍ଜିତ ରଥରେ ଉପବେଶନ ହୋଇ ସର୍ବସାଧାରଣରେ ଦର୍ଶନ ଦେଇଥାନ୍ତି । ବଡ଼ ମନ୍ଦିରର ରତ୍ନ ସିଂହାସନର ଭୋଗ, ବିଳାସ ଓ ଐଶ୍ୱର୍ଯ୍ୟକୁ ଖାତିର ନକରି ବାଇଶ ପାବଚ୍ଛ ବାଟ ଦେଇ ଓହ୍ଲାଇ ଆସିଥାନ୍ତି ସିଂହଦ୍ୱାର ପାଖରେ ଥିବା ସେମାନଙ୍କର ରଥକୁ । ଦୀର୍ଘ ବାର ଦିନ କଟାଇ ଥାଆନ୍ତି ସେମାନଙ୍କର ପରମ ଭକ୍ତ ଓ ଦର୍ଶକମାନଙ୍କ ଗହଣରେ ବିଭିନ୍ନ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଏହି ମହାବେଦୀ ମହୋତ୍ସବକୁ ପବିତ୍ରତା ସହିତ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତା'ର ଶତ କୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୋଇଯାଏ । ଆଉ ମଧ୍ୟ ସେ ଅଜାଚିତ ଚିତ୍ତରେ ବିତରଣ କରିଥାନ୍ତି ଭକ୍ତମାନଙ୍କୁ ଶୁଭାଶୀର୍ବାଦ ଓ ମଧୁର ପ୍ରେମରସ ବାଣୀ । ବହୁ ଆବହମାନ କାଳରୁ ଶ୍ରୀକ୍ଷେତ୍ରର ରାଜା ଗଜପତି ଉପାଧିରେ ଭୂଷିତ ହୋଇଥିଲେ ମଧ୍ୟ ସେ ହେଉଛନ୍ତି ଜଗନ୍ନାଥଙ୍କର ଆଦ୍ୟ ଓ ଶ୍ରେଷ୍ଠ ସେବକ । ଶ୍ରୀଜଗନ୍ନାଥଙ୍କ ପାଖରେ ଆଲଟ ଚାମର ପକାଇବା ସଂଗେସଂଗେ ରଥଯାତ୍ରାରେ ଝାଡୁରେ ଛେରାପହଁରା କରିବା ତାଙ୍କର ମୁଖ୍ୟ କାମ । ଯେ ଭଗବାନଙ୍କର ଭୃତ୍ୟ, ତାଙ୍କର ସ୍ଥାନ ଜନମାନସଠାରୁ ବହୁ ଉଚ୍ଚରେ । ତାଙ୍କରି ମହିମା ଯୋଗୁଁ ସେ ହୋଇପାରିଛନ୍ତି ସମ୍ମାନୀୟ ଓ ବିଶ୍ୱବନ୍ଦିତ ।

ଶ୍ରୀଜଗନ୍ନାଥଙ୍କର ଅପାର ମହିମା ଓ କରୁଣା ଯେପରି ଚୁମ୍ବକୀୟ ଶକ୍ତି ପରି ଟାଣି ରଖିଛି ପୃଥିବୀର ଭକ୍ତ, କବି, ଲେଖକ, ମୁନିଋଷି, ମହାପୁରୁଷ ଓ ସର୍ବସାଧାରଣଙ୍କୁ, ଠିକ୍ ସେପରି ମଧ୍ୟ ତା'ର ବିରାଜିତ ପୀଠସ୍ଥଳୀ ଶ୍ରୀକ୍ଷେତ୍ରର ପବିତ୍ରତା ସୁବାସିତ କରିପାରିଛି ବିଶ୍ୱର ପରିବେଶକୁ । ତାଙ୍କରି କ୍ରୀଡ଼ାଭୂମି ଉପରେ ଯିଏ ପାଦ ଦିଏ, ସେ ସମସ୍ତ ପାପରୁ ମୁକ୍ତିଲାଭ କରିଥିବାର ଆଜି ନୁହେଁ ବହୁ ପ୍ରାଚୀନ ଯୁଗରୁ ଶ୍ରୀକ୍ଷେତ୍ର ପୁରୀ ପୀଠର ମାହାତ୍ମ୍ୟ ନୂତନ ଜୀବନ ସଂଚାର କରିପାରିଛି । ଏହି ପବିତ୍ର ଧାମରେ ଆବିର୍ଭୂତ ହୋଇଛନ୍ତି ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟ ଓ ଭକ୍ତିରସ ବାଣୀ । ତାଙ୍କରି ପଦବ୍ରଜର ସ୍ପର୍ଶରେ ପୁରୀ ଧାମର ସମସ୍ତ ଧୂଳି କଣିକାର ଲୀଳା ଚଳଚଞ୍ଚଳ ହେବା ସଂଗେସଂଗେ ସୃଷ୍ଟି କରିପାରିଛି ଏହି ପୀଠ ଉପରେ ଅସଂଖ୍ୟ ଧର୍ମପୀଠ, ପବିତ୍ର ମଣ୍ଡପ, ମଠ, ଆଶ୍ରମ, ତୀର୍ଥକ୍ଷେତ୍ର ଓ ମୁକ୍ତିକାମୀ ସ୍ୱର୍ଗଦ୍ୱାର । ଏହି ସମସ୍ତ ପୀଠସ୍ଥଳୀ ସହିତ ଶ୍ରୀଜଗନ୍ନାଥଙ୍କର ନିବିଡ଼ ସମ୍ପର୍କ ରହିଅଛି । ଏହି ପୀଠକୁ ଏକାଧାରରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର କେନ୍ଦ୍ରସ୍ଥଳୀ ବୋଲି କୁହାଯାଏ । ତାଙ୍କର ଚାରିଧାମ ଭିତରୁ ଶ୍ରୀକ୍ଷେତ୍ରକୁ ଗୋଟିଏ ଧାମ ରୂପେ ଆଖ୍ୟା ଦିଆଯାଇଅଛି । ସେହି ଚାରିଧାମ ହେଲା, ଉତ୍ତରରେ ବଦ୍ରୀନାଥ - ସ୍ନାନ ପୀଠ, ପଶ୍ଚିମରେ ଦ୍ୱାରକା - ବେଶଲାଗି ପୀଠ, ପୂର୍ବରେ ଶ୍ରୀକ୍ଷେତ୍ର- ଭୋଜନ ପୀଠ ଓ ଦକ୍ଷିଣରେ ରାମେଶ୍ୱର- ଶୟନ ପୀଠ ରୂପେ ବିବେଚିତ ।

ବିଶ୍ୱର ପ୍ରାଚୀନ ଇତିହାସ ତଥା ବେଦ, ଉପନିଷଦ, ଶ୍ରୀମଦ୍ ଭାଗବତ ଓ ପୁରାଣ ଶାସ୍ତ୍ରରେ ପୁରୀକୁ ପଞ୍ଚତୀର୍ଥ ପୀଠ ବୋଲି କୁହାଯାଇଅଛି । ବହୁ ଧର୍ମାବଲମ୍ବୀ ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ପଞ୍ଚତୀର୍ଥ ଦର୍ଶନ କରିଥାନ୍ତି । ସେଗୁଡ଼ିକ ହେଲା - ପୁରୀ ଶଙ୍ଖକ୍ଷେତ୍ର, ଭୁବନେଶ୍ୱର-ଚକ୍ରକ୍ଷେତ୍ର, ଯାଜପୁର-ଗଦାକ୍ଷେତ୍ର, କୋଣାର୍କ-ପଦ୍ମକ୍ଷେତ୍ର । ଏତଦ୍‌ବ୍ୟତୀତ ସ୍ୱୟଂ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ସେମାନଙ୍କ ମଧ୍ୟରେ ଅଧିଷ୍ଠିତ ହେତୁ ଶଙ୍ଖକ୍ଷେତ୍ର ପୁରୀ ମଧ୍ୟ ଶ୍ରୀକ୍ଷେତ୍ର ରୂପେ ବିବେଚିତ । ଏହିପରି ପଞ୍ଚତୀର୍ଥ କୁହାଯାଇଥାଏ ।

ମନ୍ଦିରର ଚତୁଃପାର୍ଶ୍ୱରେ ଶତ ଶତ ଦେବାଦେବୀ ମନ୍ଦିର, ମଣ୍ଡପ, ତୀର୍ଥସ୍ଥାନ ବିଦ୍ୟମାନ । ଏତଦ୍‌ବ୍ୟତୀତ ଏହି ପୀଠରେ ଶତ ଶତ ଜନ୍ମର ପାପ ମୋଚନ ପାଇଁ ଥିବା ତୀର୍ଥକ୍ଷେତ୍ର ମଧ୍ୟରେ ଶ୍ୱେତଗଙ୍ଗା ମାର୍କଣ୍ଡେୟ ପୁଷ୍କରିଣୀ, ରୋହିଣୀକୁଣ୍ଡ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ସର ସମେତ ତର୍ପଣ ଓ ଶ୍ରାଦ୍ଧ ପିଣ୍ଡ ଦାନ ପୀଠ ଇତ୍ୟାଦି ପ୍ରଧାନ । ଜଗନ୍ନାଥଙ୍କ ମହିମା, ନିତ୍ୟଭୂମି ଶ୍ରୀକ୍ଷେତ୍ରସ୍ଥ ମହୋଦଧି, ବାଇଶିପାହାଚ, ବାଟମଙ୍ଗଳା, କଳ୍ପବଟ, ସିଂହଦ୍ୱାର, ବଡ଼ଦାଣ୍ଡ, ଶରଧାବାଲି, ମୁକ୍ତିମଣ୍ଡପ, ଜଗମୋହନ ଘର, ଗରୁଡ଼ଖମ୍ବ ଇତ୍ୟାଦିର ପବିତ୍ରତାକୁ 'ସ୍ୱର୍ଗପୁରୀ' ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଉ ମଧ୍ୟ କେହି କେହି ଏହି ପୀଠକୁ 'ଐଶ୍ୱର୍ଯ୍ୟପୁରୀ' ବୋଲି କହିଥାନ୍ତି ।

ବାସ୍ତବିକ ଶ୍ରୀଜଗନ୍ନାଥଙ୍କର ମହିମା ସର୍ବବ୍ୟାପୀ ଓ ଏହି ପୀଠର ଗୋଡ଼ିମାଟିଠାରୁ ଆରମ୍ଭ କରି ପାଣିପବନ ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ଶୁଦ୍ଧପୂତ । ଧୂପ, ଦୀପ, ଫୁଲ, ଚନ୍ଦନ, କର୍ପୂରର ସୁଗନ୍ଧ ପରିବେଶ ମଧ୍ୟରେ ଏହି ପୀଠର ମହିମା ବ୍ୟାପକ ହୋଇପାରିଛି ସମଗ୍ର ବ୍ରହ୍ମାଣ୍ଡରେ । ଏହା ତ୍ରିବାର ସତ୍ୟ ଯେ କେବଳ ହିଁ ତା'ରି ଅପାର ମହିମା ବଳରେ ସେ ହୋଇପାରିଛନ୍ତି ତ୍ରୈଲୋକ୍ୟର ତିଳକ ସଦୃଶ । ଅଖିଳ ବ୍ରହ୍ମାଣ୍ଡର ଆଧ୍ୟାତ୍ମିକବାଦ ଇତିହାସରେ ଲିପିବଦ୍ଧ ଥିବା ସମସ୍ତ ଘଟଣା ଓ ବିଭିନ୍ନ ରୂପ ଓ ଆକାରରେ ଧରାପୃଷ୍ଠରେ ଅବତାରଣା କରିଥିବା ଭଗବାନଙ୍କ ଲୀଳା ଇତ୍ୟାଦି ଏହି ଧାମରେ ଦେଖିବାକୁ ମିଳିଥାଏ । ତେଣୁ ସେ ଠାକୁରଙ୍କୁ ବଡ଼ ମହିମାଧାରୀ ଠାକୁର ଓ ପୀଠକୁ ଏକ ମହାନ ପବିତ୍ର ପୀଠ କହିବା ଏକାନ୍ତ ବାଞ୍ଛନୀୟ । ସମାଜରୁ ଲୋଭ, ମୋହ, କାମ, କ୍ରୋଧ, ସ୍ୱାର୍ଥ, ମିଛ ଇତ୍ୟାଦିକୁ ଜଳାଞ୍ଜଳି ଦେଇ ସତ୍ୟ, ନ୍ୟାୟ, ଧର୍ମ, ସାଧୁତା ଓ ପବିତ୍ରତାର ଯୁଗ ସୃଷ୍ଟି କରିବା ପାଇଁ ମାନବ ସମାଜ ତାଙ୍କରି ଚରଣାରବିନ୍ଦରେ ଶୁଦ୍ଧପୂତ ମନରେ ସବିନୟ କୃପା ଭିକ୍ଷା କରିବା ଏକାନ୍ତ କାମ୍ୟ ।

ଘ.ନଂ.-ଟୁ.ଆର୍.ଏ.-୩୫/୭
୮ ନମ୍ବର, ଭୁବନେଶ୍ୱର

# ଶ୍ରୀଗୁଣ୍ଡିଚା ରଥଯାତ୍ରାର ପୃଷ୍ଠଭୂମି

ପଙ୍କଜ ସାହୁ

ଐକାନ୍ତିକ ଭକ୍ତି ଆତିଶଯ୍ୟରୁ ସର୍ବଧର୍ମ ସମନ୍ୱୟର ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥଙ୍କୁ ସ୍ୱୀୟ ଉପାସ୍ୟ ଭାବେ ପ୍ରମାଣିତ କରିବାକୁ ବିଭିନ୍ନ ଧର୍ମମତାବଲମ୍ବୀ ଯେପରି ଅଦମ୍ୟ ଉଦ୍ୟମ କରିଆସିଛନ୍ତି, ସେହିପରି ଶ୍ରୀଗୁଣ୍ଡିଚା ରଥଯାତ୍ରାନୁଷ୍ଠାନର ପ୍ରବର୍ତ୍ତନ ସମ୍ବନ୍ଧରେ ଅନେକେ ସ୍ୱ ସ୍ୱ ସଂସ୍କୃତିର ପୁଟ ଦେବାପାଇଁ କମ୍ ପ୍ରୟାସ ମଧ୍ୟ କରିନାହାନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀଗୁଣ୍ଡିଚା ରଥ ମହୋତ୍ସବର ପୃଷ୍ଠଭୂମି ଉପରେ ଆଲୋକପାତ କରିବା ପ୍ରାସଙ୍ଗିକତା ଦୃଷ୍ଟିରୁ ଅପରିହାର୍ଯ୍ୟ ମନେହୁଏ ।

ଶାବରୀୟ ସାଂସ୍କୃତିକ ଚେତନାର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ଉଦ୍ଭବ ହୋଇଅଛି ବୋଲି ବହୁମତ ପ୍ରକାଶ ପାଇଛି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ ଆଦିବାସୀ ସମାଜରେ କେତେକ ସ୍ଥାନରେ ଆଷାଢ଼ ଶୁକ୍ଳ ପ୍ରତିପଦ ତିଥିରେ 'ଇନ୍ଦ୍ରଦ୍ୟୁମ୍ନ ପୂଜା' ବା 'କାଠଗଣ୍ଡି ପୂଜା' ଅନୁଷ୍ଠିତ ହୋଇଥାଏ । ବୈଦିକ ଯୁଗରେ ଓଡ଼ିଶାର ଶବରମାନଙ୍କ ମଧ୍ୟରେ 'ପଳଖାସ୍ତୀର୍ଣ୍ଣ' ରଥ ପ୍ରଚଳନ ଥିବାର ପ୍ରମାଣ ମିଳେ । ଆର୍ଯ୍ୟୋତ୍ତର ଶବରମାନେ ଚନ୍ଦ୍ରଦର୍ଶନ ଅନୁସାରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାକୁ ବର୍ଷର ପ୍ରଥମ ଦିବସ ରୂପେ ଗ୍ରହଣ ପୂର୍ବକ ପ୍ରୋକ୍ତ ରଥଯାତ୍ରା ପାଳନ କରିଥାନ୍ତି । ଦାରୁଦେବତା ଶ୍ରୀଜଗନ୍ନାଥଙ୍କୁ ଶବର-ଉପାସ୍ୟ ଭାବେ ପ୍ରତିପାଦନ କରିବା ସହିତ ଶାବର ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହୋଇଆସୁଛି ବୋଲି ଡଃ ବେଣୀମାଧବ ପାଢ଼ୀ ମତପୋଷଣ କରିଛନ୍ତି ।

ଜୈନମାନେ ଶ୍ରୀଜଗନ୍ନାଥଙ୍କୁ ଜୀନନାଥ ବା ଜୀନେଶ୍ୱର ଭାବରେ ଉପାସନା କରିଥାନ୍ତି । ଜୈନମାନଙ୍କର ଋଷଭନାଥ, ପାର୍ଶ୍ୱନାଥ, ଶୀତଳନାଥ ପ୍ରଭୃତି ଉପାସ୍ୟମାନଙ୍କର ନାମ ସହିତ ଶ୍ରୀଜଗନ୍ନାଥଙ୍କ ନାମକରଣର ସାମଞ୍ଜସ୍ୟ ନିହିତ ଅଛି ବୋଲି ପଣ୍ଡିତ ନୀଳକଣ୍ଠ ଦାସ ମତବ୍ୟକ୍ତ କରିଛନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ହେଉଛି ପ୍ରଥମ ଜୈନ ତୀର୍ଥଙ୍କର ଋଷଭନାଥଙ୍କ ଗର୍ଭକଲ୍ୟାଣ ଦିବସ । 'ଅଭିଧାନ ରାଜେନ୍ଦ୍ର' ମତରେ ଜୈନ ପ୍ରତିମାଙ୍କର ଯଥାରୀତି ଅଭିଷେକ ଓ ସ୍ନାନୋତ୍ସବ କରାଯାଇ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ତାଙ୍କୁ ଚୈତ୍ୟ ନିର୍ମିତ ରଥରେ ସ୍ଥାପନ ପୂର୍ବକ ନଗର ପରିକ୍ରମା କରାଯାଇଥାଏ । ଏହି ପବିତ୍ର ଉତ୍ସବର



ଅନୁକରଣରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ବୋଲି ଜୈନ ଧର୍ମାବଲମ୍ବୀମାନଙ୍କର ଅଭିମତ ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଫାହିୟାନଙ୍କ ଲିଖିତ 'ଭାରତ ଭ୍ରମଣ ବିବରଣୀ' ଉପରେ ଆସ୍ଥା ସ୍ଥାପନ କରି ଡଃ ରାଜେନ୍ଦ୍ରଲାଲ ମିତ୍ର 'Antiquities of Orissa Vol-II'ରେ ବର୍ଣ୍ଣନା କରିଛନ୍ତି ଯେ ଗୌତମ ବୁଦ୍ଧଙ୍କ ଜନ୍ମୋତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରଥମ ରଥଯାତ୍ରାର ସ୍ମୃତିରେ ବୁଦ୍ଧ ଦନ୍ତଗର୍ଭିତ ବୁଦ୍ଧାବତାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି । ଶ୍ରୀଜୀଉଙ୍କ ଏହି ରଥଯାତ୍ରା ବୁଦ୍ଧ ଜନ୍ମୋତ୍ସବର ଏକ ସଚେତନ ଅନୁକୃତି ବୋଲି ୱିଲିୟମ ହଣ୍ଟର ଓ ଫର୍ଗୁସନ ପ୍ରଭୃତି ପାଶ୍ଚାତ୍ୟ ବିଶେଷଜ୍ଞମାନେ ମଧ୍ୟ ମତ ପ୍ରଦାନ କରିଛନ୍ତି । ମାତ୍ର ପାର୍ଟିଜାର ସାହେବ ଏହି ମତର ତୀବ୍ର ବିରୋଧ କରିଛନ୍ତି । 'ବୌଦ୍ଧ ଜାତକ' ଅନୁସାରେ ପ୍ରବ୍ରଜ୍ୟା ଗ୍ରହଣ ପୂର୍ବରୁ ଗୌତମ ରଥାରୋହଣ ପୂର୍ବକ ପ୍ରମୋଦ ଯାତ୍ରା କରିଥିଲେ । ବୁଦ୍ଧ ଜୀବନୀର ଏହିସବୁ ପବିତ୍ର ସ୍ମୃତିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି ବୋଲି ଇଞ୍ଜିନିୟର ବିଷନ ସ୍ୱରୂପଙ୍କ ମତ । ମାତ୍ର ସେ ମହାଶୟ ସ୍ୱରଚିତ ଇଂରାଜୀ ଗ୍ରନ୍ଥ 'କୋଣାର୍କ'ରେ ଗୌତମଙ୍କ ପ୍ରବ୍ରଜ୍ୟା ସମୟ ଆସାଢ଼ି ପୂର୍ଣ୍ଣିମାକୁ ଫାଲ୍ଗୁନ ବା ଚୈତ୍ର ପୂର୍ଣ୍ଣମୀ ବୋଲି ନିର୍ଦ୍ଧାରଣ କରି ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ ଏହାର ସ୍ମାରକ ବୋଲି ମତପୋଷଣ କରିବା ଆପାତତଃ ଦୁର୍ବଳ ଯୁକ୍ତି ଆଧାରିତ ଅଟେ । ପୁନଶ୍ଚ ବୌଦ୍ଧଭିକ୍ଷୁମାନେ

ଆଷାଢ଼ ପୂର୍ଣ୍ଣିମାଠାରୁ ଗିରିଗୁହା ଅଭିମୁଖେ ଗମନ ପୂର୍ବକ ସେଠାରେ ଚାରିମାସ ଅବସ୍ଥାନ କରିବା ପରେ କାର୍ତ୍ତିକ ପୂର୍ଣ୍ଣିମାରେ ବିହାର ପ୍ରତ୍ୟାବର୍ତ୍ତନ କରିଥାନ୍ତି । ପ୍ରୋକ୍ତ ଚତୁର୍ମାସ୍ୟା ବ୍ରତ ପାଳନ ନିମିତ୍ତ ଆଚରିତ ପ୍ରଥାକୁ 'ଯାତ୍ରା' କୁହାଯାଏ । ସେହି ସ୍ମୃତିରେ ପ୍ରାକ୍ ବର୍ଷାକାଳୀନ ଆଷାଢ଼ରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା : ଉପଯୁକ୍ତ ବୌଦ୍ଧଯାତ୍ରା ଉପରେ ଆଧାରିତ ବୋଲି ଅନେକଙ୍କର ମତ । ସର୍ବୋପରି ପାଲି 'ଦାଠାବଂଶ' ବର୍ଣ୍ଣନାନୁସାରେ ମଗଧରାଜ ପଣ୍ଡୁଙ୍କ ଦ୍ୱାରା ଆଦିଷ୍ଟ ହୋଇ କଳିଙ୍ଗରାଜ ଗୁହଶିବ ଉପାୟଶୂନ୍ୟ ଭାବେ କ୍ଷେମଥେରଙ୍କଠାରୁ ପ୍ରାପ୍ତ ବୁଦ୍ଧଦନ୍ତ ପେଟିକାକୁ ମସ୍ତକରେ ଧାରଣ କରି ଏକ ସୁନ୍ଦର ରଥରେ ବସି ପାଟଳିପୁତ୍ର ଯାତ୍ରା କରିଥିଲେ । ଏହି ବିଷାଦପୂର୍ଣ୍ଣ ଦନ୍ତଯାତ୍ରାର ଅନୁକରଣରେ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ମୁଖରିତ ରଥଯାତ୍ରା ମହୋତ୍ସବ ହେଉଅଛି ବୋଲି ଯେଉଁମାନେ ମତପୋଷଣ କରନ୍ତି, ସେମାନଙ୍କର ମତ ଉଦ୍ଭଟ ପରିକଳ୍ପନା ଉପରେ ପର୍ଯ୍ୟବସିତ ହେବା ସ୍ୱାଭାବିକ ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖୋଦିତ କେତେକ ଭାସ୍କର୍ଯ୍ୟରେ ସୂର୍ଯ୍ୟ ରଥଯାତ୍ରାର ପ୍ରମାଣ ମିଳିଥାଏ । ଡଃ ରାଜବଲ୍ଲି ପାଣ୍ଡେଙ୍କ ମତରେ ଉକ୍ତ ସୌର ରଥଯାତ୍ରାର ପ୍ରଭାବରେ ସୂର୍ଯ୍ୟ ରୂପୀ ବାମନ (ରଥେତୁ ବାମନ ଦୃଷ୍ଟ୍ୱା) ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହୋଇଥିବା ସମ୍ଭବ । ପୁନଶ୍ଚ 'ଧର୍ମସିନ୍ଧୁ' ରଚୟିତା କାଶିନାଥ ଉପାଧ୍ୟାୟ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ 'ରାମର ରଥଯାତ୍ରା' ବୋଲି ଅଭିହିତ କରି କହିଛନ୍ତି - 'ଆଷାଢ଼ ଶୁକ୍ଳ ଦ୍ୱିତୀୟାଂ ପୁଷ୍ୟାନକ୍ଷତ୍ର ଯୁତାୟାମ୍/କେବଳାୟାଂ ବା ଶ୍ରୀରାମସ୍ୟ ରଥୋତ୍ସବଂ ସମାଚରେତ୍ ।' ସର୍ବୋପରି ବ୍ରହ୍ମବାଦୀମାନଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ବ୍ରହ୍ମାଣ୍ଡ ମଧ୍ୟରେ ବ୍ରହ୍ମର ଏକ ବାହ୍ୟିକ ଲୀଳାମାତ୍ର । ବର୍ଷାର ପ୍ରଥମ ଆଗମନୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ Fertility Rite ରୂପେ ପାଳନ କରାଯାଇଥାଏ ବୋଲି 'ଝଙ୍କାର' ପୃଷ୍ଠାରେ ସଚ୍ଚିଦାନନ୍ଦ ମିଶ୍ର ମତ ଉପସ୍ଥାପନ କରିଛନ୍ତି ।

ବୈଷ୍ଣବୀୟ ଚିନ୍ତନରେ ବ୍ରଜବାସୀ ଭକ୍ତଗଣ ଶ୍ରୀକୃଷ୍ଣଙ୍କ ମଥୁରା ଯାତ୍ରାର ପ୍ରତୀକ ଭାବରେ ପରବର୍ତ୍ତୀ କାଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରବର୍ତ୍ତିତ ହୋଇଛି ବୋଲି କହିଥାନ୍ତି । ଏକ ପୌରାଣିକ ପ୍ରକରଣ ଅନୁଯାୟୀ ଏକଦା ସୂର୍ଯ୍ୟ ପରାଗ ଅବସରରେ ଗୋପୀମାନେ କୁରୁକ୍ଷେତ୍ରରେ ସ୍ୱଳ୍ପ ସମୟ ପାଇଁ ଶ୍ରୀକୃଷ୍ଣ ଦର୍ଶନ ସୁଯୋଗ ଲାଭ କରିଥିଲେ । କିନ୍ତୁ ଏତାଦୃଶ କ୍ଷଣିକ ଦର୍ଶନରେ କୃଷ୍ଣଗତ ପ୍ରାଣା ଗୋପାଙ୍ଗନାଗଣ ପରିତୁଷ୍ଟ ହୁଅନ୍ତେ ବା କିପରି ? ସେମାନଙ୍କ ଅନୁରୋଧକ୍ରମେ ଶ୍ରୀକୃଷ୍ଣ ରଥାରୋହଣ ପୂର୍ବକ ବୃନ୍ଦାବନ ଯାତ୍ରା କରିଥିଲେ । ଏହି ପବିତ୍ର ଯାତ୍ରାର ସ୍ମୃତିଚାରଣ ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି । ଭିନ୍ନ ଏକ କିମ୍ବଦନ୍ତୀ ଅନୁଯାୟୀ ଏକଦା ଦ୍ୱାରକାରେ, ଦେବୀ ସୁଭଦ୍ରା ନଗର ଭ୍ରମଣ ନିମିତ୍ତ ଅଭିଳାଷ ପୋଷଣ କରିବାରୁ କୃଷ୍ଣ ବଳରାମ ତାଙ୍କୁ ଏକ ସ୍ୱତନ୍ତ୍ର ରଥରେ ମଝିରେ ବସାଇ ନଗର ପରିକ୍ରମା କରିଥିଲେ । ପ୍ରୋକ୍ତ ଉତ୍ସବକୁ ସ୍ମରଣୀୟ କରିବା ନିମିତ୍ତ ସମ୍ପ୍ରତି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରଥଯାତ୍ରାନୁଷ୍ଠାନ ପରିକଳ୍ପିତ ହୋଇଅଛି ।

ବଡ଼ ସୌଭାଗ୍ୟର ବିଷୟ ଏହି ଯେ ଶ୍ରୀଜଗନ୍ନାଥ ବିଶ୍ୱର ଏକମାତ୍ର ଦେବତା, ଯାହାଙ୍କୁ ସମସ୍ତେ ନିର୍ବିବାଦରେ ନିଜର ଉପାସ୍ୟ ଭାବେ ଗ୍ରହଣ କରି ନେଇଛନ୍ତି । କେବଳ ସେତିକି ନୁହେଁ ଉପର୍ଯୁକ୍ତ ଆଲୋଚନାରୁ ଉପଲବ୍ଧି ଜନ୍ମେ ଯେ ପ୍ରତ୍ୟେକେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ବିନାଦ୍ୱିଧାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନିଜର ସାଂସ୍କୃତିକ ମହୋତ୍ସବ ରୂପେ ପ୍ରାଧାନ୍ୟ ଦେଇଆସିଛନ୍ତି । ଏଥିରୁ ସ୍ୱଷ୍ଟ ପ୍ରତୀୟମାନ ହୁଏ ଯେ ଧର୍ମମତ ନିର୍ବିଶେଷରେ ସମ୍ପ୍ରତି ଶ୍ରୀଜଗନ୍ନାଥ ବିଶ୍ୱର ଏକ ସାର୍ବଜନୀନ ଉପାସ୍ୟ ରୂପେ ସ୍ୱୀକୃତ ହେବା ସହିତ ବିଶ୍ୱର ବଡ଼ଦାଣ୍ଡମାନଙ୍କରେ ତାଙ୍କର ଶ୍ରୀଗୁଣ୍ଡିଚା ରଥଯାତ୍ରାନୁଷ୍ଠାନ ପ୍ରଚଳିତ ଅଛି ।

ରଥ ହିଁ ବେଦର ପ୍ରାଚୀନତମ ଯାନ ଅଟେ ଓ ରଥଯାତ୍ରା ବୈଦିକ ସଂସ୍କୃତିର ଏକ ବଳିଷ୍ଠ ବିଭାବ । ଅତଏବ ବେଦ ବିଗ୍ରହ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହିଁ ସ୍ୱୟଂ ଏହି ପ୍ରାଚୀନତାର ପ୍ରମାଣ ଫଳକ । ସମସ୍ତ ଯୁଗାବତାର ଯଥା- ସତ୍ୟରେ ନୃସିଂହ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳିରେ ବୁଦ୍ଧ ସମସ୍ତେ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରେ ସମନ୍ୱିତ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ମୌଳିକ ଉତ୍ସ ଭାବେ ଗ୍ରହଣ କରାଯାଇପାରେ । ପୁନଶ୍ଚ ପ୍ରାକ୍‌ବୈଦିକ ସନାତନ ଧର୍ମ ସର୍ବପ୍ରାଚୀନ ହୋଇଥିବାରୁ ଏବଂ ବୌଦ୍ଧ ଓ ଜୈନଧର୍ମ ଏହାର ବୈପ୍ଲବାତ୍ମକ ପଦକ୍ଷେପ ହୋଇଥିବାରୁ ସନାତନ ଧର୍ମର ନୀତି ଓ ଯାତ୍ରା ପରବର୍ତ୍ତୀକାଳୀନ ଧର୍ମରେ ଗ୍ରହଣଯୋଗ୍ୟତା ଲାଭ କରିବା ସ୍ୱାଭାବିକ । ତେଣୁ ହିନ୍ଦୁ ସଂସ୍କୃତିରୁ ରଥଯାତ୍ରା ଅନ୍ୟ ଧର୍ମ ସମ୍ପ୍ରଦାୟକୁ କ୍ରମେ ସମ୍ପ୍ରସାରିତ ହୋଇଅଛି । ଅତଏବ ଶ୍ରୀଜଗନ୍ନାଥ ରଥଯାତ୍ରା କୌଣସି ଧର୍ମ ସମ୍ପ୍ରଦାୟ ପ୍ରଭାବରେ ଅନୁସୃତ ହୁଏ ନାହିଁ । ହିନ୍ଦୁ ସଂସ୍କୃତିରେ ମୂର୍ତ୍ତିପୂଜାର ଉନ୍ମେଷ କାଳରୁ ରଥଯାତ୍ରାର ପ୍ରବର୍ତ୍ତନ ହୋଇଥିବା ଅବଶ୍ୟମ୍ଭାବୀ । ବୈଦିକ ବିଗ୍ରହ-ପ୍ରତିଷ୍ଠା-ବିଧାନ ଅନୁଯାୟୀ ଅନୁକୂଳଯାନ ବା ନୂତନ ରଥରେ ନୂତନ ବିଗ୍ରହମାନଙ୍କୁ ସମାସୀନ ପୂର୍ବକ ନଗର ପରିକ୍ରମା କରାଇବା ଏକ ବୈଦିକ ପରମ୍ପରା ଅଟେ । ସେହି ପାରମ୍ପରିକତା ରକ୍ଷା ପୂର୍ବକ ନବକଳେବର ବିଧାନ ପରେ ତଥା ଅଣସର ପରବର୍ତ୍ତୀ ସାମ୍ବତ୍ସରିକ ନବଯୌବନ ଲାଭ ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୂତନ ରଥରେ ଉପବେଶନ କରାଇ ଶ୍ରୀକ୍ଷେତ୍ର ପର୍ଯ୍ୟଟନ ପୂର୍ବକ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରାଯାଇଥାଏ । ମାତ୍ର ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ପ୍ରାଚୀନ କଳିଙ୍ଗର ଗଙ୍ଗବଂଶୀ ନରପତିଗଣ ଲକ୍ଷ୍ମୀନୃସିଂହ ବିବାହ ଉପଲକ୍ଷେ ଯେପରି କଲ୍ୟାଣୋତ୍ସବ ପାଳନ କରୁଥିଲେ, ସେହି ରାଜବଂଶ ଓଡ଼ିଶା ଶାସନ କାଳରେ ମହୋଦଧି କନ୍ୟା ମହାଲକ୍ଷ୍ମୀ (ରୁକ୍ମଣୀ)ଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ବିବାହ

(କଲ୍ୟାଣ) ଉତ୍ସବ ପାଳନ ଭିତ୍ତିରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପ୍ରବର୍ତ୍ତନ କରିଥିଲେ ।

ଉପଯୁକ୍ତ ସିଦ୍ଧାନ୍ତଗୁଡ଼ିକୁ ସମୀକ୍ଷାପୂର୍ବକ ସର୍ବଜନଗ୍ରାହ୍ୟ, ସମଧିକ ବିଶ୍ୱାସଯୋଗ୍ୟ ସର୍ବୋପରି ସତ୍ୟର ନିକଟବର୍ତ୍ତୀ ଏକ ସିଦ୍ଧାନ୍ତରେ ଉପନୀତ ହେବା ନିମିତ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ସର୍ବୋତ୍ତମ ପ୍ରାମାଣିକ ଗ୍ରନ୍ଥ ସ୍କନ୍ଦଗୁପ୍ତ ଲିଖିତ 'ସ୍କନ୍ଦପୁରାଣ' ଅନୁଶୀଳନୀୟ । 'କ୍ଷେତ୍ରମାହାତ୍ମ୍ୟ' ଆଧାରରେ ମହୋଦଧିରୁ ଉତ୍ତୋଳିତ ବେଦବିଦିତ ଅପୁରୁଷେୟ ପ୍ଳବମାନ ବ୍ରହ୍ମଦାରୁରୁ ଶ୍ରୀବିଗ୍ରହମାନେ ଯଜ୍ଞବେଦୀରେ ରୂପ ପରିଗ୍ରହ କରି ଯେଉଁଦିନ ରଥାରୋହଣ ପୂର୍ବକ ଆସି ଶ୍ରୀମନ୍ଦିରସ୍ଥ ରତ୍ନବେଦୀରେ ପ୍ରତିଷ୍ଠିତ ହେଲେ, ସେହି ଦିନର ପବିତ୍ର ସ୍ମୃତିବହନ କରି ଆଜି ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁସୃତ ହେଉଅଛି । ପୁନଶ୍ଚ ଶ୍ରୀଜୀଉଙ୍କ ରଥଯାତ୍ରା ହେଉଛି ବାତ୍ସଲ୍ୟର ଜୟଯାତ୍ରା । ଗୁଣ୍ଡିଚା ମଣ୍ଡପରେ ଶ୍ରୀବିଗ୍ରହ ସଂରଚନା କାଳରେ ଭକ୍ତିମତୀ ଗୁଣ୍ଡିଚା : ମହାପ୍ରଭୁଙ୍କୁ କେତେ କ'ଣ ଖୁଆଇବେ, କେତେ କ'ଣ ପିନ୍ଧାଇବେ ବୋଲି ମନରେ କଳ୍ପନାପୋଷଣ କରିଥିଲେ । ମାତ୍ର ଯେଉଁ ଦିନ ଶ୍ରୀଜୀଉମାନେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କଲେ, ସେଦିନ ରାଣୀଗୁଣ୍ଡିଚା ଏକ ଅଭାବବୋଧର ଶିକାର ହୋଇ ଅଶ୍ରୁତର୍ପଣ କରିଥିଲେ । ଅନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥ ଗୁଣ୍ଡିଚା ମହାଦେଈଙ୍କ ଅନ୍ତର୍ଦାହ ଉପଲବ୍ଧି କରି ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ଦେଲେ ଯେ 'ଗୁଣ୍ଡିଚା ମନ୍ଦିର ମୋର ପ୍ରିୟ ଜନ୍ମସ୍ଥଳୀ ଅଟେ । ସେଠାକୁ ପ୍ରତିବର୍ଷ ଥରେ ଆଗମନ ନିମିତ୍ତ ରଥୋତ୍ସବର ଆୟୋଜନ କର ।' ବେଦପତି ବ୍ରହ୍ମାଙ୍କ ପ୍ରାର୍ଥନାରେ ଅଶ୍ୱମେଧୀ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଗାଢ଼ ଭକ୍ତିରେ ପ୍ରସନ୍ନ ହୋଇ ସର୍ବୋପରି ଗୁଣ୍ଡିଚା ରାଣୀଙ୍କ ମମତାସିକ୍ତ ମାତୃହୃଦୟର ଆକର୍ଷଣୀୟ ଶକ୍ତିଦ୍ୱାର ଆକୃଷ୍ଟ ହୋଇ ମହାପ୍ରଭୁଙ୍କର ନବଦିନାତ୍ମିକା ରଥଯାତ୍ରା ହୋଇଆସୁଅଛି, 'ଶ୍ରୀଗୁଣ୍ଡିଚାଯାତ୍ରା' ନାମରେ ସର୍ବଜନବିଦିତ ଅଟେ । ବିଶେଷତଃ ଶ୍ରୀୟା କୁଟୀରରେ ପୂଜା ଗ୍ରହଣ କରି ଶ୍ରୀ(ମହାଲକ୍ଷ୍ମୀ) ଯେଉଁ 'ପତିତପାବନ ଧର୍ମ'ର ଭିତ୍ତି ସ୍ଥାପନ କରିଥିଲେ, ତାହାର ପରିପ୍ରସାର ନିମିତ୍ତ ମହାପ୍ରଭୁଙ୍କ ଏହି ମହାନ୍ ରଥଯାତ୍ରାର ପରିକଳ୍ପନା, ଯାହାକି ସମାଜରୁ ଜାତିଗତ ବୈଷମ୍ୟ ଦୂର କରିବା ସହିତ ଧାର୍ମିକ ସଂହତି ପ୍ରତିଷ୍ଠା ପାଇଁ ଏକ ସଂସ୍କାରଶୀଳ ପଦକ୍ଷେପ । ଏଥିପାଇଁ ଯଥାର୍ଥରେ କୁହାଯାଇଛି - 'ପତିତଜନକୁ ଉଦ୍ଧାରି ପାପ ତାପ ନାଶିବେ/ପତିତପାବନ ନାମକୁ ସ୍ୱଭାବରେ ବହିବେ ।' ଏହି ଉକ୍ତିରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନନ୍ୟ ସାଧାରଣ ରଥଯାତ୍ରାର ସ୍ୱାତନ୍ତ୍ର୍ୟ ହିଁ ଉଦ୍‌ଘୋଷିତ ହୋଇଥାଏ ।

ଗବେଷକ, ଶ୍ରୀଜଗନ୍ନାଥ ସଂସ୍କୃତି
ନୂଆଗାଁ, ଇତିପୁର, ଭୁବନେଶ୍ୱର-୨

---

# ଜଗନ୍ନାଥ ଏତିକି କରୁଣାକର

ଶକୁନ୍ତଳା ଆଚାର୍ଯ୍ୟ

ହେ ପ୍ରଭୁ ! ଦେଖା ଦେ କହି ନାହିଁ
        ଟଙ୍କା ଦେ ମାଗିନାହିଁ
ଅନ୍ୟ କିଛି ଧନ ଦଉଲତ,
        ବିଳାସର ଇଚ୍ଛା କରି ନାହିଁ -
ହେ ପ୍ରଭୁ ! ମହାଜ୍ଞାନୀ
        ଗୁଣି ଜନେ ....
ମର୍ତ୍ତ୍ୟରେ ଜନ୍ମ ନେଲେ
ରୋଗ, ଶୋକ, ଦୁଃଖ ଜ୍ୱାଳା, ଜରା-
        ଜୀବନ ଯନ୍ତ୍ରଣାରେ
ପୁନର୍ବାର ଜନ୍ମ ନୋହିବାକୁ
        ଶ୍ରୀପୟରେ କାମନା କରନ୍ତି ନା ??
ପ୍ରଭୁ ! ତୁମେ କିନ୍ତୁ ସର୍ବ ହୃଦୟର
        କାମନା ଜାଣ ତ ?
କେବେ ହେଲେ ନିର୍ବାଣ
        ମୁକ୍ତି ମାଗି ନାହିଁ, ...
ତୁମେ ଦୟାର ଜଳଧି ବୋଲି
        କହି ନାହିଁ ।
କାରଣ ସମୁଦ୍ର ତୁମର ଦୟାର --
        ବିନ୍ଦୁଏ ମାତ୍ର !!
ଧୂପ, ଦୀପ, ପୂଜାର୍ଚ୍ଚନା ନୈବେଦ୍ୟ ବିଧିରେ
        ମନ ବଳାଇନି ।
ଶ୍ରୀପୟରେ ଏହା ହିଁ ମାଗୁଛି
        ମର୍ତ୍ତ୍ୟ ଲୋକରୁ ସୂର୍ଯ୍ୟ ଲୋକ
ପୁଣି ସୂର୍ଯ୍ୟ ଲୋକରୁ ମର୍ତ୍ତ୍ୟ ଲୋକ
        ବାରମ୍ବାର ଜନ୍ମ ହେବି
        ଶ୍ରୀକ୍ଷେତ୍ର ଧାମରେ ।
'ଜୀବନର ସମସ୍ତ ଯନ୍ତ୍ରଣା ଭୁଲି
ନନ୍ଦୀ ଘୋଷେ ଦେଖୁଥିବି
        ତୁମର ସେ ଅନିନ୍ଦ୍ୟ ମାଧୁରୀ ରୂପ
ଆନନ୍ଦାଶ୍ରୁ ଝରୁଥିବ
        ଟାଣି ଟାଣି ତୋ' ରଥ ଦଉଡ଼ି,
ଗାଉଥିବି ଭାବ ବିଭୋଳରେ
        ଜଗନ୍ନାଥ ହେ !
ଏତିକି କରୁଣା କର .... ।'

ଖାକି ମଠ ସାହି
ପୁରୀ-୨



# ସତ୍ୟ, ସୁକୃତ ଓ ଜଗନ୍ନାଥ

ନିବେଦିତା ଭଂଜ

'ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜାଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ ରାଜାଶ୍ରୀ ପୁରୁଷୋତ୍ତମଃ ।'

ତ୍ରୈଲୋକ୍ୟ ବନ୍ଦିତ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ କ୍ଷେତ୍ରାଧିକାରୀ ନୁହନ୍ତି । ସେ ଦେବତାଗଣଙ୍କ ଉପରେ ଦେବରାଜ ! ନରମାନଙ୍କ ଉପରେ ନରୋତ୍ତମ । ସମଗ୍ର ବିଶ୍ୱ ବା ପୁର (ଅର୍ଦ୍ଧ, ମଧ, ଉର୍ଦ୍ଧ୍ୱ) ତିନିଲୋକର ତ୍ରୈଲୋକ୍ୟନାଥ ରାଜା ଶ୍ରୀପୁରୁଷୋତ୍ତମ !

ସେହିପରି ଅଖିଳ ବ୍ରହ୍ମାଣ୍ଡ ନିଖିଳ ବିଶ୍ୱ, ତିନିଲୋକର ପଡ଼ିଦାତ୍ରୀ ହେଉଛନ୍ତି ଆଦ୍ୟାଶକ୍ତି ମାହେଶ୍ୱରୀ ଲକ୍ଷ୍ମୀ !

'ସର୍ବସାଦ୍ୟା ମହାଲକ୍ଷ୍ମୀ ତ୍ରୀଗୁଣା ପରମେଶ୍ୱରୀ
ଲକ୍ଷ ଲକ୍ଷ ସ୍ୱରୂପା ସା ବ୍ୟାପ୍ୟକୃତ୍ସଂ ବ୍ୟବସ୍ଥିତା ।
ତପ୍ତ କାଞ୍ଚନ ବର୍ଣ୍ଣାଭ୍ୟାଂ ତପ୍ତକାଞ୍ଚନ ଭୂଷଣା
ସୂନ୍ୟଂ ତଦଖିଳଂ ସ୍ୱେନ ପୂରୟା ମାସ ତେଜସା ॥'

ଜଗତର ପିତାମାତା ହେଉଛନ୍ତି - 'ଲକ୍ଷ୍ମୀ, ଜଗନ୍ନାଥ ।' ତାଙ୍କର ନିର୍ଦ୍ଦେଶରେ ସଚରାଚର ଜଗତ ପରିଚାଳିତ ହୁଏ । ମା ଆଦ୍ୟାଶକ୍ତି ଲକ୍ଷ୍ମୀ ନିଜ ଅଂଶରୁ ସମଗ୍ର ଦେବୀ ଶକ୍ତି ଉତ୍ପନ୍ନ କରାଇ ସୃଷ୍ଟି, ସ୍ଥିତି, ପ୍ରଳୟ କାର୍ଯ୍ୟ ନିର୍ବାହ କରାଇଥାନ୍ତି ।

ରତ୍ନାକର ଗର୍ଭ ଗୃହରେ, ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ଥାପନ କରାଇଥିବା କୁବେର ଭଣ୍ଡାର ଭିତରେ ଅମାପ ଧନ ସଂପଦ ପରିପୂର୍ଣ୍ଣ ଯାହାକି ଅକ୍ଷୟ ଭଣ୍ଡାର ନାମରେ ନାମିତ । ସେଠାକାର ରକ୍ଷକ ହେଉଛନ୍ତି କୁବେର ନାମକ ଜଣେ ମହାଯକ୍ଷ । ଦ୍ୱାର କୋଠାଧିଶ୍ୱର ହେଉଛନ୍ତି ଦେବ ଦେବ ସ୍ୱୟଂ ମହାଦେବ ଲୋକନାଥ ।

ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶରେ ଲୋକନାଥ ଦ୍ୱାର ଉନ୍ମୋଚନ କରନ୍ତି । କୁବେର ଧନ ଗଣନା କରନ୍ତି ଏବଂ ଶ୍ରୀମହାଲକ୍ଷ୍ମୀ ଧନ ବଣ୍ଟନ କରନ୍ତି । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ଯେଉଁ ଦିନ ଯାହାର ଯାହା ପ୍ରାପ୍ୟ ସେ' ଦିନ ତାକୁ ସେତିକି ପରିମାଣରେ ଦିଆଯାଏ । ଗୋଟିଏ ପଇସା ଏପଟ ସେପଟ ହେବାର ନାହିଁ । ବର୍ଷ ଶେଷ ମହା ଶିବରାତ୍ରୀରେ ମୋଟା ମୋଟି ହିସାବ ରଖାଯାଏ ।

'ଶ୍ରୀକ୍ଷେତ୍ର ଧାମରେ ଏହି ଉତ୍ସବକୁ ହରିହର ଭେଟ କହନ୍ତି । ବାଲିଘାଟରୁ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଶ୍ରୀମଦନମୋହନ ବିଜେ ମାର୍ଗରୁ ପାଛୋଟି ଆଣିବା ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥାଏ ।'

ଏହାଛଡ଼ା ଆଉ ଏକ ବୋନସ୍ ମଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତରଫରୁ ରହିଛି, ଯାହାକି ତାଙ୍କର ଏକାନ୍ତ ଭକ୍ତମାନଙ୍କୁ ମିଳିଥାଏ । ଯେଉଁମାନେ ସତ୍ୟ, ଧର୍ମ, ନ୍ୟାୟକୁ ଆଖି ଆଗରେ ରଖି କାର୍ଯ୍ୟ କରନ୍ତି, ଗୁରୁ ଗଉରବ ରକ୍ଷାକରି, ପିତା, ମାତାଙ୍କ ସେବା ସମ୍ମାନ ଭଳି ସୁକୃତ ଅର୍ଜନ କରନ୍ତି ଓ ଜୀବେ ଦୟା ସ୍ୱଧର୍ମରେ ଜୀବନଯାପନ, ନିର୍ମୋହ, ନିରହଙ୍କାର ଗୁଣ ଥାଏ, ସେମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଅତୀବ ଦୟା । ଯେପରି ବାଳକ ପଛରେ ମା ଅହରହ ଦୃଷ୍ଟି ରଖିଥାଏ । ଜଗନ୍ନାଥଙ୍କ ଦୃଷ୍ଟି ଠିକ୍ ସେହିପରି ତାକୁ ରକ୍ଷା କରୁଥାଏ ।

ସେଠି ଜାତି, ଅଜାତିର ପ୍ରଶ୍ନ ଉଠେନି । ଧନୀ ଗରିବର ସଂଜ୍ଞା ମିଳେନି । ପାପୀ, ତପିର ହିସାବ ନଥାଏ । ଏଣୁ ଶ୍ରୀମଦ୍ ଭାଗବତରେ କୁହାଯାଇଛି -

'ବିଷ୍ଣୁ ଭଗତ ଜନସଙ୍ଗେ, ଯେ କ୍ଷଣେ ବଞ୍ଚେ ନର ଅଙ୍ଗେ ।
ସେ ସାଧୁ ସଙ୍ଗେ ସ୍ୱର୍ଗମୋକ୍ଷ । କେ' ତ ତୁଲ୍ୟ କରିବ ପ୍ରତ୍ୟକ୍ଷ ॥'

ସେ ହିଁ ଭକ୍ତ ! ତା'ର ଅଙ୍ଗ ସଙ୍ଗୀକୁ ଭକ୍ତିରେ ଯିଏ ପରିଣତ କରାଇପାରେ ଏବଂ ସ୍ୱର୍ଗ, ମୋକ୍ଷର ପଥ ଦେଖାଇପାରେ, ସେ ହିଁ ଅତୁଲ୍ୟ, ଅନନ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାପାତ୍ର । ସେହି ମର୍ମରେ ଅନେକ ଉଦାହରଣ ଭିତରୁ ଉଦାହରଣଟିଏ ନିମ୍ନରେ ପ୍ରଦାନ କରି ମାରାତ୍ମକ ଲୋଭ ରୂପକ ଗ୍ରହ ପୀଡ଼ାରୁ ରକ୍ଷା ପାଇବା ପାଇଁ ଜନସମାଜ ସଚେତନ ହେବାକୁ ପ୍ରାର୍ଥନା କରାଯାଉଛି । ଯାହା ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ବୋନସ୍ ପାଇବାକୁ ହକ୍‌ଦାର କରାଇପାରିବ ।

ବୈତରଣୀ ନଦୀର ଉତ୍ତର ପାର୍ଶ୍ୱରେ ବେଦପୁର ନାମକ ରାଜ୍ୟ, ରାଜାଙ୍କ ନାମ କୁଶଧ୍ୱଜ । ସେ ଜଣେ ଧାର୍ମିକ ଓ ନ୍ୟାୟ ପରାୟଣ ରାଜା ହୋଇଥିବା ହେତୁ ବହୁ ଦୂର ଦୂରାନ୍ତରୁ ବ୍ରାହ୍ମଣମାନେ ଆସି ସେ

ରାଜ୍ୟରେ ବସବାସ କରି ରହିଲେ । ରାଜକୃପାରୁ ସେ ସମସ୍ତଙ୍କ ଭରଣପୋଷଣର ଅଭାବ ନଥିଲା । ରାଜା କ୍ଷିତିବାନ ବ୍ରାହ୍ମଣ ଶାସନ ଗଢ଼ି ସବୁଦିନ ପାଇଁ ପଟ୍ଟା ପାଉତି ଲେଖି ଦେଇଥିଲେ ।

ସେହି ବ୍ରାହ୍ମଣ ଶାସନରେ କୃପଣ ପଣ୍ଡା ନାମକ ଜଣେ ବ୍ୟକ୍ତି ମଧ୍ୟ ରହୁଥାନ୍ତି । ତାଙ୍କ ନିକଟରେ ଧନ ଭଲ ତ ସବୁ ଭଲ । ବିନା ଧନରେ ସେ କାହାକୁ ଚିହ୍ନନ୍ତି ନାହିଁ । ମହାଜନି କାରବାରରେ ଦିନରାତି ଲାଗିପଡ଼ି ଧନବୃଦ୍ଧି କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ।

ଦିନକର ଘଟଣା, କୃପଣ ପଣ୍ଡା ହିସାବ ଖାତା ଧରି ଜଣେ ଖାତକ ନିକଟରୁ ଧନ ଆଦାୟ ନିମନ୍ତେ ଦୂର ଗ୍ରାମକୁ ଯାଇ ଫେରୁ ଫେରୁ ରାତ୍ରୀ ଅନ୍ଧାର ଘୋଟି ଆସିଲା । ବାଧ୍ୟ ହୋଇ ଗୋଟାଏ ପର୍ବତ କଡ଼ରେ ଧନର ଗଣ୍ଠିଲୀ ଧରି ଲୁକ୍କାୟତ ଭାବରେ ରାତ୍ରୀଯାପନ କରୁ କରୁ ହଠାତ୍ ପର୍ବତ ଉପରୁ କିଛି କଥାବାର୍ତ୍ତାର ଆଭାଷ ଶୁଣାଗଲା । ସେ ଅତି ସନ୍ତର୍ପଣରେ ଉପରକୁ ଯାଇ ଦେଖନ୍ତିତ ପର୍ବତ ଉପରେ ଜାଜ୍ଜ୍ୱଲ୍ୟମାନ ଦେବସଭା ବସିଛି ଏବଂ ସଭାପତିତ୍ୱ କରୁଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ... !

ବ୍ରାହ୍ମଣ କୃପଣ ହେଲେ ମଧ୍ୟ ବେଦ ଧର୍ମର ପ୍ରାରବ୍ଧ ବଳରେ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ଦିବ୍ୟ ସ୍ୱରୂପ ଦର୍ଶନ କରିପାରିଥିଲେ ସୁଦ୍ଧା ଲୋଭାଶକ୍ତ ମନକୁ କୌତୁହଳତାରୁ ବଞ୍ଚାଇ ପାରିନଥିଲେ । ଛପିରହି ଘଟଣାଚକ୍ରକୁ ଅନୁଧ୍ୟାନ କରିବା ଥିଲା ତାଙ୍କର କାମ ।

ଶ୍ରୀଜଗନ୍ନାଥଙ୍କ ଆଦେଶରେ କୋଠକରଣ ତାଳପତ୍ରର ନଥି ଖୋଲି ସେ ଦିନର ହିସାବ ନିକାଶ ବୁଝାଇ କେଉଁମାନଙ୍କୁ ପଡ଼ିକାଟ ହୋଇଛି, ଆଉ କାହିଁକି ହୋଇଛି, କାରଣ ଦର୍ଶାଇବାକୁ ଯାଇ କହିଲେ -

'ବେଦପୁର ଚଣ୍ଡାଳ ସାହିର ସତ୍ୟ, ସୁକୃତ ନାମକ ଦୁଇ ଭାଇଙ୍କୁ ପଡ଼ି ମିଳିନାହିଁ । କାରଣ ସେମାନଙ୍କ କାର୍ଯ୍ୟ ମୂର୍ଦ୍ଦାର ପୋଡ଼ିବା । ଆଜି ସେ ଦୁହେଁ ହରିନାମ ସଂକୀର୍ତ୍ତନ ମେଳରେ ସଂକୀର୍ତ୍ତନ କରି ଏତେ ଭୋଳ ହୋଇଗଲେ ଯେ କର୍ତ୍ତବ୍ୟ ଜ୍ଞାନ ମଧ୍ୟ ରହିଲା ନାହିଁ । ଏହି ତ୍ରୁଟି ହେତୁ ନଗର ରକ୍ଷକ ତାଙ୍କୁ ମଜୁରୀ ବନ୍ଦ କରିଦେବାରୁ ସେ ଦୁହେଁ ସପରିବାର ସହିତ ଉପବାସରେ ଦିନ କଟାଉ ଅଛନ୍ତି । ଏକଥା ଶୁଣିଲା ପରେ କରୁଣାମୟ ଶ୍ରୀଜଗନ୍ନାଥଙ୍କ ନେତ୍ରଦ୍ୱୟ ସଜଳ ହୋଇ ଆସିଲା । ସେ କହିଲେ - ହରିନାମ ସଂକୀର୍ତ୍ତନର ଫଳ ଉପବାସ ନୁହେଁ, ବରଂ ଅମୃତ ମଣୋହି । ଯାଅ, କାଲି ହଜାରେ ସ୍ୱର୍ଣ୍ଣ ମୁଦ୍ରା ତାଙ୍କ ଗୃହରେ ପହଞ୍ଚାଇ ଦିଅ । ଏଥିରେ ଯେପରି ଅନ୍ୟଥା ନହୁଏ ।

ଏତିକି ଶୁଣିବା କ୍ଷଣି କୃପଣ ପଣ୍ଡା ଆଉକି ଥୟ ଧରନ୍ତି, ରାତି, ଅନ୍ଧାର କଣ୍ଟା, ପଥର କିଛି ନମାନି ଦରାଣ୍ଡି ଦରାଣ୍ଡି ଯାଇ ହରିଜନ ବସ୍ତିରେ ପହଞ୍ଚିଗଲେ । ଉପବାସ ଜନିତ ଦୁଃଖରେ ସତ୍ୟ, ସୁକୃତ ଦାଣ୍ଡ ପିଣ୍ଡାରେ ବସିଥାନ୍ତି । ବ୍ରାହ୍ମଣଙ୍କୁ ଦେଖୁ ଦେଖୁ କାକୁସ୍ଥ ଭାବରେ ଦଣ୍ଡବତ ହୋଇ ଆସିବା କାରଣ ପଚାରନ୍ତେ, ସ୍ୱାର୍ଥନ୍ୱେଷୀ ବ୍ରାହ୍ମଣ ମଧୁର କଣ୍ଠରେ ଆଶୀର୍ବାଦ ଦେଇ ଭବିଷ୍ୟବାଣୀ ଉଚ୍ଚାର କରି କହିଲେ - ମୁଁ ଜାଣେ, ତୁମେ ଦୁଇ ଭାଇ, ସପରିବାର ସହ ଉପବାସରେ ଦିନ ଗଣୁଛ, ଆରେ ହରିନାମରେ କିଏ କେବେ ଉପାସ ରହିଛି ନା ରହିବ ? ଏବେ ମୋର ଖମାର ଘରକୁ ପରିବାର ସହ ଯାଇ ଅତି ଆନନ୍ଦରେ ଖିଆପିଆ କରି କାଲି ସକାଳ ପର୍ଯ୍ୟନ୍ତ ରହ । ଏଥିପାଇଁ ତିନି ଶହ ଟଙ୍କା ତୁମକୁ ଦାନ ଆକାରରେ ଦେଉଛି, ଯାହା ଯାହା ମନ ହେବ ରାନ୍ଧିବାଢ଼ି ଖାଇବ ।

କଥା କଣକି ... ମୋତେ ଘାତଚନ୍ଦ୍ର ଦଶା ପଡ଼ିଛି । ଗଣନା କହୁଛି, ଯଦି ଗୋଟାଏ ରାତି ନିଜ ବାସ ଛାଡ଼ି ଚଣ୍ଡାଳବାସରେ କଟାଇ ଦିଏ, ତା'ହେଲେ ମୋର ଗ୍ରହ କଟିଯିବ । ଆଜି ରାତିକ ତୁମେ ସମସ୍ତେ ମୋ ଘରେ ରହିଯାଅ । ମୁଁ ତୁମ କୁଡ଼ିଆରେ । ରାତି ପାହିଲେ ପୁଣି ଯେ'ଝା ସ୍ଥାନକୁ । ଏଇ ନିଅ ଟଙ୍କା ଆଉ ଖମାର ଘର ଚାବି । ଯାଅ ... ବାବା ... । ଶୁଭସ୍ୟ ଶୀଘ୍ରମ୍ ... !

ବିଷ୍ଣୁ ଭକତ ଜନଙ୍କର । ଜଗତେ ନାହିଁ ଆତ୍ମାପର ॥
ଦୟା କରନ୍ତି ସର୍ବ ଲୋକେ । ଦିନ ହରନ୍ତି ଦୁଃଖେ ସୁଖେ ॥

ସତ୍ୟ, ସୁକୃତ ଦୁଇ ଭାଇ ଅତ୍ୟନ୍ତ ବିଷ୍ଣୁ ଭକ୍ତ । ତାଙ୍କ ମନରେ ପର, ଆପଣା ଭାବ ନଥାଏ । ଅହରହ ଜୀବେ ଦୟା, ସୁଖ, ଦୁଃଖ ସବୁ ସମାନ । ବ୍ରାହ୍ମଣଙ୍କ ଗ୍ରହଦଶା ଉପଶମ ସକାଶେ ନିଜ କୁଡ଼ିଆ ତ୍ୟାଗ କରି ପରିବାରବର୍ଗଙ୍କୁ ନେଇ ଖମାର ଘରେ ବେଶ୍ ରନ୍ଧାରନ୍ଧି ଖିଆପିଆ କରି ଧାନ ଓଳିଆ ଉପରେ ଶୋଇବାକୁ ଯାଉଛନ୍ତି, ଏତିକିବେଳେ କେହି ଜଣେ ଆସି ଡାକ ପକାଇବାରୁ ସେ ଦୁହେଁ ବାହାରକୁ ବାହାରି ଦେଖିଲେ, ଏକ ହଜାର ସ୍ୱର୍ଣ୍ଣ ମୁଦ୍ରାର ଥଳିଟିଏ ଧରାଇ ଦେଇ କହିଲେ - କାଲି ତୁମ ଭକ୍ତି ଭାବରେ ସନ୍ତୁଷ୍ଟ ହୋଇ ପ୍ରଭୁ ଏହାକୁ ପଠାଇଛନ୍ତି ନିଅ ।

ରାତି ପାହିଲା । ସତ୍ୟ, ସୁକୃତ ପରିବାର ସହ ନିଜ ଘରକୁ ଫେରି ଦେଖନ୍ତି କୃପଣ ପଣ୍ଡା, ମଶା, ଡାଉଁଶ, ଅଳିଆ, ଅରମା ବସ୍ତିଘରେ ରାତିସାରା ଅନିଦ୍ରା ରହି ସକାଳ ହେବାରୁ ମୁଣ୍ଡ କୋଡ଼ି, ନିଜ ଭାଗ୍ୟକୁ ନିନ୍ଦା କରୁଛନ୍ତି ଏବଂ ନିଜ ହାତରୁ ତିନି ଶହ ଟଙ୍କା ଦେଇ ଗ୍ରହକୂଟ ଭୋଗ କରିବା ଭଳି ମୁର୍ଖାମୀ ଜନିତ ବିଳାପ ଅଯାଗାକ୍ଷତ ଭଳି ପୀଡ଼ା ଦେଉଛି ।

ସତ୍ୟ, ସୁକୃତ ପ୍ରଣାମ ଜଣାଇ ପଚାରିଲେ - ଗ୍ରହଦଶା ନିବାରଣ ହେଲା ତ... ? ଗୋସେଇଁଙ୍କର କୃପାରୁ ରାତିଟି ଆମ ପକ୍ଷରେ ଅତ୍ୟନ୍ତ ଉତ୍ତମ ଥିଲା ।

ପଣ୍ଡା ସେମାନଙ୍କ ମୁହଁରୁ ସବୁ ଶୁଣିବା ପରେ କ୍ରୋଧାନ୍ୱିତ ହୋଇ କହିଲେ, ତୁମ ପକ୍ଷେ ସିନା ଉତ୍ତମ, ହେଲେ ମୋର ତ ଗ୍ରହ ଖରାପ ନଥିଲା । ମୁଁ କାହିଁକି ଅର୍ଥହାନୀ, ପ୍ରାଣପୀଡ଼ା ଭୋଗ କଲି ? ହଠାତ୍ ଶୂନ୍ୟବାଣୀ ପ୍ରସାରି ଆସିଲା -

'ଲୋଭ ରୂପକ ଗ୍ରହ ଯାହାକୁ ଗ୍ରାସେ, ତା'ର ଏପରି ଦଶା ଭୋଗ ହୁଏ । ଅଯଥା ବିଷ୍ଣୁ ଭକ୍ତଙ୍କ ଧନ ହରଣ କରିବାକୁ ଯେଉଁ ଉପାୟ ସ୍ଥିର କଲ, ଯେ' ହେଉଛି ତା'ରି ଫଳ ।'

ଅର୍ଥ ସଞ୍ଚନ୍ତି ଯେତେ ନର । କେବଳ ଶ୍ରମ ତାହାଙ୍କର ।।
ଅର୍ଥେ ନପାଇ କାମ ମୋକ୍ଷ । ସେ ପ୍ରାଣୀ ଅଧମ ପ୍ରତ୍ୟକ୍ଷ ।।

ଏବେବି ସମୟ ଅଛି, ସତ୍ୟକୁ ଆଶ୍ରୟ କର । ଧନରେ ମୋକ୍ଷ ନଥାଏ, ଧନରେ ବିଭୋର ହେବା ଅପେକ୍ଷା ଦରିଦ୍ର ହୋଇ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମକୁ ଚୀର ଆଶ୍ରିତ ହେବା ଭଲ ।

ସତ୍ୟ ପରମାନନ୍ଦ ହରି, ଯାହା ଭଜିଲେ ଭବୁ ତରି ।
ଭଜି ମରଇ ଯେବେ ଦୁଃଖେ, କେବେହେଁ ନ ପଡ଼େ ନରକେ ।।

ଶ୍ରୀମଦ୍ ଭାଗବତର ଅମୃତବାଣୀରେ ବ୍ରାହ୍ମଣଙ୍କ ଚୈତନ୍ୟ ଉଦୟ ହେଲା । ସେ ସତ୍ୟ, ସୁକୃତଙ୍କ ଭାଗ୍ୟକୁ ମନେ ମନେ ପ୍ରାଧାନ୍ୟତା ଦେଇ ସେଠାରୁ ପ୍ରତ୍ୟାଗମନ କରୁ କରୁ ଗାଇ ଉଠିଲେ -

ନିରତେ ହୃଦୟ ନିର୍ଦ୍ଦୟ, ଏଣୁଟି ଧନ ଦୁଃଖମୟ ।
ଦୁଃଖେ ଅର୍ଜିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ ।
ହେ ଜଗନ୍ନାଥ ନାରାୟଣ, ତୋ ପାଦେ ପଶିଲି ଶରଣ ।
ତୋ ନାମ ଦୁରିତ ଦହନ, ମୋ ପାପ କର ବିମୋଚନ ।।

୮୬, ସତ୍ୟନଗର
ଭୁବନେଶ୍ୱର

---

# ଉତ୍କଳୀୟ ମହାକବି ଜୟଦେବ : ଶ୍ରଦ୍ଧାଞ୍ଜଳି

ଇଂ ଗଦାଧର ମିଶ୍ର

ହେ ଅମର କବି ଜୟଦେବ !
ତୁମେ ଲେଖିଅଛ ମହାନ ଗୀତି କାବ୍ୟ ଗୀତଗୋବିନ୍ଦ
ତୁମ ଅନବଦ୍ୟ ଅବଦାନ ବିଶ୍ୱ ସାହିତ୍ୟକୁ
ଯହିଁ ପ୍ରବାହିତ ହୁଏ ଉତ୍କଳୀୟ ତାଳ, ରାଗ ରାଗିଣୀ ଓ ଛନ୍ଦ ।

ହେ ଭକ୍ତ କବି କାବ୍ୟର ମୁଖଶାଳାରେ ଆଙ୍କିଛ ଦଶାବତାରର ଚିତ୍ର
ଯାହା କେବେ ହୋଇ ନାହିଁ ଲେଖା କାବ୍ୟ ଇତିହାସେ ଏହା ଅତିବ ବିଚିତ ।

ପ୍ରଳୟ ପୟୋଧି ଜଳେ ମୀନ ରୂପେ ହରି
କରିଥିଲେ ବେଦର ଉଦ୍ଧାର
ଏହା ଏକ ବିଜ୍ଞାନର ଭାଷା କରିଛ ସୃଷ୍ଟି
କାବ୍ୟେ ତବ ଅତି ଚମତ୍କାର ।

ଭକ୍ତି ଭରେ ଗାଇଅଛ ଶ୍ରୀତ କମଳା କୁଚମଣ୍ଡଳ
ମଙ୍ଗଳ ଗୁର୍ଜ୍ଜରୀ ରାଗେ
କି ଅପୂର୍ବ କି ସୁନ୍ଦର ସରଳ ସାବଲୀଳ ଭାଷା
ବର୍ଣ୍ଣନା ହୋଇଛି ତବ କାବ୍ୟେ ।

ରଚିଛ ଶୃଙ୍ଗାର ବିଦଗ୍ଧ କାରୁଣ୍ୟ କାବ୍ୟ
ରସଭରା ସରଳ ସାବଲୀଳ ସଂସ୍କୃତ ଭାଷାରେ
ଅପୂର୍ବ ମିଳନ ରାଧାମାଧବଙ୍କର କରିଛ ବର୍ଣ୍ଣନା
ଗ୍ରନ୍ଥର ଛତ୍ରେ ଛତ୍ରେ ସୁନ୍ଦର ଶବ୍ଦ ଚାତୁରୀରେ ।

ରାଧା ରାଧା ବୋଲି ଅନ୍ତରେ ଝୁରି ମନ୍ମଥ ବାଣରେ ମଦନ
ପଶିଲେ ଶରଣ କିଶୋରୀ ପଦାଙ୍କେ
ହେ ପ୍ରିୟେ ରଖ ମୋ ପରାଣ ।

ତୋ ପଦ ନିନ୍ଦଇ ସ୍ଥଳକମଳର
ରଙ୍ଗ ଶୋଭାକୁ ସୁନ୍ଦରୀ
ରତିରଙ୍ଗ ଆଶେ ଆସ ମୋର ପାଶେ
କରୁଛି ସଖି ମୁଁ ଗୁହାରୀ ।

ମଦନର ଶରେ ଅସ୍ଥିର ମୋହର ପରାଣ
କରତୁ କରୁଣା ସରୋରୁହ ମୁଖୀ
ମସ୍ତକେ ଦେଇ ଚରଣ ।

ତୁମ କାବ୍ୟଭାଷା ବର୍ଣ୍ଣନା ପାଟବ
ଲଳିତ କୋମଳ କାନ୍ତ ପଦାବଳୀ
ମାହାରିର ନୃତ୍ୟ ଗୀତଗୋବିନ୍ଦର ଗୀତ
ପଦ, ଛନ୍ଦ, ରାଗ, ରାଗିଣୀର ଗାୟନ ଧାରା
କରେ ଆକର୍ଷିତ ବଡ଼ ଠାକୁରଙ୍କୁ
ସେ ଶୁଣନ୍ତି ନିତି ପହଡ଼ ପଡ଼େ ତାଙ୍କର ପରା ।

ତୁମ ଅମର କାବ୍ୟକୃତି ଗୀତଗୋବିନ୍ଦର
ସମକାବ୍ୟ ହୋଇନି ରଚନା
ଉତ୍କଳର କାବ୍ୟ ଆକାଶରେ
ତୁମେ ବିଶ୍ୱ ବକ୍ଷେ ବଞ୍ଚିବ ହେ କବି
ଜାଜ୍ଜ୍ୱଲ୍ୟମାନ ରବି ସମ
ଯେତେଦିନ ଉତ୍କଳ ଥିବ ଭାରତ ବକ୍ଷରେ ।

ବହୁ ବହୁ ପ୍ରଣାମ ଘେନ ଏ ଜାତିର
ହେ ଭକ୍ତ କବି ରହି ବହୁ ଦୂରେ
ଏ ଜାତି ଭୁଲିବ ନାହିଁ ତୁମ ଅମର ସୃଷ୍ଟିକୁ
ସୂର୍ଯ୍ୟ ଚନ୍ଦ୍ର ଥିବେ ଯେତେଦିନ ନୀଳ ଗଗନରେ ।

ଅଭ୍ୟୁଦୟ ନଗର
ତୁମୁଡ଼ୁମା, ଭୁବନେଶ୍ୱର



# ଶ୍ରୀମନ୍ଦିର ଓ ଦକ୍ଷିଣ ଘର

ପଣ୍ଡିତ ରାମକୃଷ୍ଣ ପତି (ଚାରଣ)

**ଶ୍ରୀ**ମନ୍ଦିରର ରତ୍ନ ସିଂହାସନ ଉପରେ ଦୈନିକ ସପ୍ତାବରଣ ମୂର୍ତ୍ତି ପୂଜିତ ହେଉଛନ୍ତି । ସେମାନେ ହେଲେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ସ୍ତମ୍ଭାକୃତି ଶ୍ରୀସୁଦର୍ଶନ, ଜଗନ୍ନାଥଙ୍କ ଦୁଇ ପାଖରେ ଶ୍ରୀଦେବୀ ଭୂଦେବୀ ତଥା ବାମଭାଗର ପଶ୍ଚାତ୍ ଦେଶରେ ଶ୍ରୀନୀଳମାଧବ । ସ୍ନାନଯାତ୍ରା ଓ ଗୁଣ୍ଡିଚା ବେଳେ ବର୍ଷରେ ଦୁଇଥର ଚତୁର୍ଦ୍ଧାମୂର୍ତ୍ତି ସିଂହାସନ ଛାଡ଼ି ପଦାକୁ ଆସନ୍ତି । ଏହି ଦୁଇଟି ଯାତ୍ରା ବ୍ୟତୀତ ବର୍ଷ ମଧ୍ୟରେ ଛୋଟବଡ଼ ବହୁ ଯାନିଯାତ୍ରାରେ ଦେଉଳର ପ୍ରତିନିଧି ଭାବରେ ବହୁ ବିଜେ ପ୍ରତିମା ମନ୍ଦିର ନୀତିରେ ଭାଗ ନେଇଥାନ୍ତି । ଏହି ବିଜେ ପ୍ରତିମା ବା ଉତ୍ସବ ଦିଅଁମାନଙ୍କ ଆସ୍ଥାନ ଗୃହ ହେଉଛି - 'ଦକ୍ଷିଣ ଘର' । ଶ୍ରୀମନ୍ଦିର ସହ ଏହା ନିତ୍ୟ ସଂଶ୍ଳିଷ୍ଟ । ଏହାକୁ ଦେଉଳ ଦେବତାଙ୍କ ପ୍ରତିନିଧି ଭବନ ବା ଦେବ ବିଶ୍ରାମ କକ୍ଷ ବୋଲି ମଧ୍ୟ କୁହାଯାଇପାରେ ।

ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତି ଜ୍ୟେଷ୍ଠ ପୂର୍ଣ୍ଣମୀର ପ୍ରାତଃକାଳରେ ସିଂହାସନରୁ ଓହ୍ଲାଇଥାନ୍ତି । ପୁଣି ଦୀର୍ଘଦିନ ପରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ବା ତ୍ରୟୋଦଶୀ ଦିନ ନୀଳାଦ୍ରି ବିଜେ କରି ମଧ୍ୟରାତ୍ରିରେ ସିଂହାସନ ଆରୋହଣ କରନ୍ତି । ଏହି ଦୀର୍ଘ ସମୟ ସିଂହାସନ ଶୂନ୍ୟ ଭଳି ଜଣା ଯାଉଥିଲେ ମଧ୍ୟ ଏକାକୀ ନୀଳମାଧବ ରହିଥାନ୍ତି । ସିଂହାସନ ସଂପୂର୍ଣ୍ଣ ଶୂନ୍ୟ ହୁଏ ନାହିଁ । ଗୁଣ୍ଡିଚା ବେଳେ ଲକ୍ଷ୍ମୀ ଓ ସରସ୍ୱତୀ ଖଟଶେଯ ଘରେ ରହନ୍ତି । ମହାଜନ ସେବକ ସେଠାରେ ବଲ୍ଲଭ କରିଥାନ୍ତି ।

ଶ୍ରୀମନ୍ଦିରର ଯାତ୍ରାଗୁଡ଼ିକରେ ଦୁଇଟି ସ୍ଥାନରୁ ଦେବଦେବୀ ଆସି ସିଂହାସନରେ ବସନ୍ତି । ଏହି ଦୁଇଟି ଘର ହେଉଛି ଭଣ୍ଡାର ଘର ଓ ଦକ୍ଷିଣ ଘର । ଭଣ୍ଡାର ଘରେ ଭଣ୍ଡାର ଲୋକନାଥ, ଶୟନ ଠାକୁର ଓ ଦୁର୍ଗା ଠାକୁରାଣୀ ରହନ୍ତି । ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ବଲ୍ଲଭ ସରିଲେ ଏଠାରେ କୋରାଭୋଗ କରିଥାନ୍ତି । ଏଠାରୁ ପ୍ରତିଦିନ ଶୟନ ଠାକୁର ପହୁଡ଼ ନୀତି ବେଳେ ବିଜେ କରିଥାନ୍ତି । ଶ୍ରୀଲୋକନାଥ ଶିବରାତ୍ରି ଦିନ ନୀତି ପାଇଁ ଶ୍ରୀଲୋକନାଥ ମନ୍ଦିରକୁ ବିଜେ କରନ୍ତି । ସେପରି ସୋମବାର ଦିନ ଏକାଦଶୀ ପଡ଼ିଲେ 'ଶମ୍ଭୁ ଏକାଦଶୀ'ରେ ଲୋକନାଥଙ୍କ ବିଶେଷ ନୀତି ହୁଏ । ଅଶୋକାଷ୍ଟମୀରେ ଲୋକନାଥ ଈଶାନେଶ୍ୱରଙ୍କ ପାଖକୁ ଯାଇ ଆଜ୍ଞାପ୍ରାପ୍ତ ହେଲା ପରେ ସେଠାରେ ଅଶୋକା ମଣୋହି କରିଥାନ୍ତି । ତେବେ ଅନ୍ୟାନ୍ୟ ଯାନିଯାତ୍ରାଗୁଡ଼ିକରେ 'ଦକ୍ଷିଣ ଘର'ର ଗୁରୁତ୍ୱ ଉପଲବ୍ଧ ଅଟେ ।

'ଦକ୍ଷିଣ ଘର' ଶ୍ରୀମନ୍ଦିରର ପ୍ଲଟ ନମ୍ବର ୨୪ରେ ଅବସ୍ଥିତ । ମୁକ୍ତିମଣ୍ଡପ ପଟୁ ଦକ୍ଷିଣ ଦ୍ୱାର ଦେଇ ମୁଖ୍ୟ ମନ୍ଦିରକୁ ପ୍ରବେଶ କଲାବେଳେ ବାମପଟରେ 'ଦକ୍ଷିଣ ଘର' ରହିଛି । ସମ୍ଭବତଃ ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ଏହା ସଂଲଗ୍ନ ଥିବାରୁ ଦକ୍ଷିଣି ଘର ବା ଦକ୍ଷିଣ ଘର ବୋଲି କଥିତ ଅଟେ । ଗୋଟିଏ କ୍ଷୁଦ୍ର ଆୟତାକାର ଏହି ଘର ଭିତରେ ବିଜେ କରିଥିବା ପ୍ରତିମାଗୁଡ଼ିକ ମଧ୍ୟରୁ କେତେକ ଚଳନ୍ତି ପ୍ରତିମା ଓ ଅନ୍ୟ କେତେକ ଅଚଳନ୍ତି ପ୍ରତିମା । ଅଚଳନ୍ତି ପ୍ରତିମାମାନେ ଆଦୌ ଘରଛାଡ଼ି ବାହାରକୁ ଆସନ୍ତି ନାହିଁ । କେବଳ ଚଳନ୍ତି ପ୍ରତିମାମାନେ ହିଁ ଯାନିଯାତ୍ରାରେ ଉତ୍ସବ ପ୍ରତିମା ଭାବରେ ଭାଗ ନେଇଥାନ୍ତି । ଅଚଳନ୍ତି ପ୍ରତିମାମାନେ ହେଉଛନ୍ତି - ଛୋଟ ରାମକୃଷ୍ଣ, ନାରାୟଣ, ବଦ୍ରିନାରାୟଣ, ଲଡୁଗୋପାଳ, ବାମନ, ଲକ୍ଷ୍ମୀନାରାୟଣ ଓ ଶେଷଦେବ । ଚଳନ୍ତି ପ୍ରତିମାମାନେ ହେଉଛନ୍ତି - ମଦନମୋହନ, ରାମକୃଷ୍ଣ, ଦୋଳଗୋବିନ୍ଦ, ନାରାୟଣ, ବାଡ଼ିନୃସିଂହ, ଲକ୍ଷ୍ମୀନୃସିଂହ, ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ପଞ୍ଚୁପାଣ୍ଡବ । ପଞ୍ଚୁପାଣ୍ଡବଙ୍କ ମଧ୍ୟରୁ ତିନିମୂର୍ତ୍ତି ଚଳନ୍ତି ଅଟନ୍ତି । ଏହାଙ୍କ ସହ ଅଠରମୂର୍ତ୍ତି ଶାଳଗ୍ରାମ ମଧ୍ୟ ରହିଛନ୍ତି । ଏହି ଘରର ଭିତର କାନ୍ଥରେ ମହାଲକ୍ଷ୍ମୀ ଓ ବଳଭଦ୍ର (ବୀରଭଦ୍ର) ମୂର୍ତ୍ତି ରହିଛନ୍ତି । ବାହାର କାନ୍ଥରେ ଦଶଭୁଜା ଦୁର୍ଗା, ଗଣେଶ, କାର୍ତ୍ତିକେୟ, ହନୁମାନ, ଈଶ୍ୱରପାର୍ବତୀ, ଭୀମେଶ୍ୱରୀ, ହରଚଣ୍ଡୀ, ବେଢ଼ାଦୁର୍ଗା ଦନ୍ତେଶ୍ୱରୀ ଓ ହନୁମାନଙ୍କର ଚିତ୍ର ରହିଛି ।

ମହାଜନ ସେବକମାନେ ଏହି ଘରେ ସେବା ଅଧିକାରୀ ଅଟନ୍ତି । ପଶୁପାଳନ ସେବା ଅନ୍ତେ ଏହି ସେବାର ଅଧିକାର ହେତୁ ପୁଷ୍ପାଳକମାନେ ମଧ୍ୟ ଏହି ସେବା କରିଥାନ୍ତି । ଦିଅଁଙ୍କ ମଧ୍ୟାହ୍ନ ଧୂପପରେ ବାହାର ଦେଉଳି ଭୋଗରୁ ଭୋଗ ଆସି ଏହି ଠାକୁରମାନଙ୍କଠାରେ ଭୋଗ ହୋଇଥାଏ । ମହାଜନ ସେବକମାନେ 'ଦକ୍ଷିଣ ଘର'ଠାରେ ସେବା ଓ ବଲ୍ଲଭ ଭୋଗ କରନ୍ତି । ବିଭିନ୍ନ ଯାନିଯାତ୍ରା ଉଦ୍ଦେଶ୍ୟରେ ବିଜେ ପ୍ରତିମାମାନଙ୍କୁ ବିଜେ

କରାଇଥାନ୍ତି । ବିମାନବଡୁଙ୍କ ସହିତ ବିଜେ ସ୍ଥାନକୁ ପ୍ରଭା ଧରି ଯାଆନ୍ତି । ଶ୍ରୀରାମ ଜନ୍ମୋତ୍ସବ ବେଳେ ଏହି ସେବକମାନେ ଦଶରଥ ଓ କୌଶଲ୍ୟା, ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ବସୁଦେବ, ଦେବକୀ, ନନ୍ଦ ଓ ଯଶୋଦା ହୁଅନ୍ତି । ବାମନ ଜନ୍ମରେ ଅଦିତୀ ଓ କଶ୍ୟପଙ୍କ ଭୂମିକା ତୁଲାଇଥାନ୍ତି । ନୀତିରେ ଭାଗ ନିଅନ୍ତି ।

'ଦକ୍ଷିଣ ଘର' ସ୍ଥିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ସମସ୍ତେ ଚଳନ୍ତି ପ୍ରତିମା ଅଟନ୍ତି । ରାମବିଗ୍ରହ-ଶ୍ରୀରାମଙ୍କ ଜନ୍ମୋତ୍ସବ ତଥା ପୁଷ୍ୟାଭିଷେକ ନୀତିରେ ରାମ ରୂପେ ଉପାସିତ ହୁଅନ୍ତି । ରାମଙ୍କ ସହ ଲକ୍ଷ୍ମଣ ଚୈତ୍ରଶୁକ୍ଳ ଦଶମୀ ଦିନ ଯଜ୍ଞରକ୍ଷା ନୀତିରେ ଅଂଶଗ୍ରହଣ କରନ୍ତି । ଏକାଦଶୀ ଦିନ ସୀତାବିବାହ ନୀତିରେ ରାମ, ଲକ୍ଷ୍ମଣଙ୍କ ସହିତ ସୀତା ମଧ୍ୟ ବିଜେ କରନ୍ତି । ହନୁମାନ ମୂର୍ତ୍ତି ପଣାସଂକ୍ରାନ୍ତି ଦିନ ହନୁମାନ ଜନ୍ମଲୀଳାରେ ଭାଗ ନିଅନ୍ତି । ରାମ ନବମୀଠାରୁ ଶ୍ରୀମନ୍ଦିରରେ ସଂପୂର୍ଣ୍ଣ ରାମଲୀଳା ବିଭିନ୍ନ ସାହିର ସହଯୋଗକ୍ରମେ ଅନୁଷ୍ଠିତ ହୁଏ । ନବୀନ ସଂପୃକ୍ତ ଅଭିଷେକ ବିଧି ସେହିଦିନ ହୁଏ ଯେଉଁଦିନ ପୁଷ୍ୟା ସହ କକଡ଼ା ରାଶି ସଂଯୁକ୍ତ ଥାଇ ମହାପ୍ରଭୁଙ୍କ 'ତାରଶୁଦ୍ଧି' ହେଉଥାଏ । ଏହି ଅଭିଷେକ ନୀତିରେ ଦକ୍ଷିଣ ଘରୁ ବିଜେ ହୋଇ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପୂଜା ସ୍ଥାନରେ ଉପସ୍ଥିତ ହୁଅନ୍ତି ।

ମଦନମୋହନ ଓ ରାମକୃଷ୍ଣ ହେଉଛନ୍ତି ଚଳନ୍ତି ପ୍ରତିମା । ଶ୍ରୀମନ୍ଦିର ଯାନିଯାତ୍ରାରେ ଏମାନେ ମୁଖ୍ୟ ବିଜେ ପ୍ରତିମା ଅଟନ୍ତି । ମୁଖ୍ୟଯାତ୍ରା ସ୍ନାନ ଓ ଗୁଣ୍ଡିଚାରେ ପ୍ରଭୁଙ୍କ ପହଣ୍ଡି ସରି ରୁନ୍ଧା ବଢ଼ିଲେ ଏମାନେ ଦିଅଁଙ୍କ ପାଖକୁ ଯାଇଥାନ୍ତି କିନ୍ତୁ ସ୍ନାନ ମଣ୍ଡପ ଓ ରଥରୁ ପହଣ୍ଡି ହୋଇ ଦିଅଁମାନେ ଓହ୍ଲାଇବା ପୂର୍ବରୁ ଏମାନେ ପ୍ରଥମେ ଆସ୍ଥାନ ଛାଡ଼ି ଭଣ୍ଡାର ଘରେ ବିଜେ କରିଥାନ୍ତି । ରଥଯାତ୍ରାରେ ରାମକୃଷ୍ଣ ଦୁଇ ମୂର୍ତ୍ତି ବଡ଼ବାଡ଼ ରଥରେ ଓ ମଦନମୋହନ ମହାପ୍ରଭୁଙ୍କ ବାଡ଼ରେ ରହନ୍ତି । ଆଷାଢ଼ ଶୁକ୍ଳ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ଘରଠାରେ ରାହାସ ହୁଏ । ମଦନମୋହନ ଜଗମୋହନର ସିଂହାସନରେ ବସି ବେଶ ହୁଅନ୍ତି । ଏହି ରାହାସରେ ସେ ନାୟକ ହୋଇଥାନ୍ତି । ମକର ସଂକ୍ରାନ୍ତି ପୂର୍ବଦିନ 'ନବା'ଙ୍କ ନୀତିରେ ବଡ଼ସିଂହାର ବେଶ ପରେ ଆଜ୍ଞା ପାଇ ମଦନମୋହନ ବିଜେ କରି ସିଂହାସନକୁ ସାଢ଼େ ଚାରିଘେରା ଓ ପରେ ମନ୍ଦିରକୁ ସାଢ଼େ ଚାରିଘେରା ବୁଲିଥାନ୍ତି ।

ଶ୍ରାବଣ ଶୁକ୍ଳ ନବମୀ ବା ଦଶମୀଠାରୁ ଏକ ସପ୍ତାହ ଧରି ମୁକ୍ତି ମଣ୍ଡପ ନିକଟରେ ଝୁଲଣ ଯାତ୍ରା ହୁଏ । ମଦନମୋହନ ଦକ୍ଷିଣ ଘରୁ ସିଂହାସନକୁ ବିଜେ ହୋଇ ସେଠାରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଝୁଲଣ ଯାତ୍ରାକୁ ବିଜେ କରନ୍ତି । ଜ୍ୟେଷ୍ଠ ଶୁକ୍ଳ ଦଶମୀରେ ରାଜେନ୍ଦ୍ରାଭିଷେକ ତଥା ରକ୍ମିଣୀ ହରଣ ନୀତିରେ ମଦନମୋହନଙ୍କ ଚାତୁରୀ ଓ ମାଧୁରୀ ଲକ୍ଷଣୀୟ ଅଟେ ।

ରାମକୃଷ୍ଣ ପ୍ରତିମା ମଧ୍ୟ ବିଭିନ୍ନ ଯାତ୍ରାରେ ପ୍ରମୁଖ ଅଂଶ ନେଇଥାନ୍ତି । ଚନ୍ଦନଯାତ୍ରା ଏକୋଇଶ ଦିନ ବାହାରେ ହୁଏ । ଏହି ଯାତ୍ରା ଉଦ୍ଦେଶ୍ୟରେ ରାମକୃଷ୍ଣ ଓ ମଦନମୋହନ ପ୍ରଥମେ ସିଂହାସନକୁ ବିଜେ କରନ୍ତି । ସେଠାରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ମିଶି କରି ଯାଆନ୍ତି । ପାଲିଙ୍କି ଆରୋହଣ କରି ରାମକୃଷ୍ଣ ବଡ଼ଚାପରେ ତଥା ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ ବିମାନରେ ଯାଇ ପଞ୍ଚଚାପରେ ଭାଗ ନେଇଥାଆନ୍ତି । ଦଶହରା ଦିନ ରାମକୃଷ୍ଣ ଓ ମଦନମୋହନ ଉଭୟେ ବୀରବେଶରେ ଯାତ୍ରା କରନ୍ତି । ଭଣ୍ଡାରରୁ ରୁନ୍ଧାଥାଇ ଦୁର୍ଗାମାଧବ ମିଶି ସିଂହାସନାରୂଢ଼ ହୁଅନ୍ତି । ସେଠି ମଙ୍ଗଳାର୍ପଣ ପରେ ବଟମୂଳକୁ ଯାଆନ୍ତି । ପାଲିଙ୍କିରେ ରାମକୃଷ୍ଣ, ରଥରେ ଦୁର୍ଗାମାଧବ ଓ ବିମାନରେ ମଦନମୋହନ ମହାଖଲାକୁ ବିଜେ କରିଥାନ୍ତି ।

ଶ୍ରୀକୃଷ୍ଣ ଜନ୍ମୋତ୍ସବ ରାମଜନ୍ମ ପରି ଦୀର୍ଘଦିନ ଧରି ସଂପୂର୍ଣ୍ଣ ଭାବେ ଶ୍ରୀମନ୍ଦିରରେ ପାଳିତ ହୁଏ । କୃଷ୍ଣଙ୍କ ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ ବିଭିନ୍ନ ନୀତିଗୁଡ଼ିକ ହୋଇଥାଏ । ଜନ୍ମାଷ୍ଟମୀରେ ମହାଜନ ସେବକ ମଦନମୋହନଙ୍କୁ ଉଲଗ୍ନ କରି ସିଂହାସନ ଦେଇ ଜନ୍ମ ଚକଡ଼ାକୁ ଆଣିଥାନ୍ତି । ଏଠାରେ ଜନ୍ମବିଧି ହୁଏ । ନନ୍ଦ ଉତ୍ସବ ଦିନ ରାମକୃଷ୍ଣ ଓ ମଦନମୋହନ ଦୋଳିରେ ବିଜେ କରନ୍ତି । ପରେ ଲକ୍ଷ୍ମୀଙ୍କ ଜଗମୋହନରେ ଗୋଦୋହନ ନୀତି ହୋଇଥାଏ । ଏହି ଯାତ୍ରାରେ ଦାହଲୀଳା, କେକେଶି ବଧ ଲୀଳା, କାଳୀୟଦଳନ ଓ ବକାସୁର ବଧରେ ମଦନମୋହନ ବିଜେ କରୁଥିଲାବେଳେ ଅନ୍ଧ ପ୍ରସ୍ତାବ, କୋଳିବିକା, ଲବଣିଖିଆ ତଥା ପ୍ରଲମ୍ବାସୁର ବଧ ନୀତିରେ ରାମକୃଷ୍ଣ ବିଜେ କରିଥାନ୍ତି । ଚୈତ୍ରଶୁକ୍ଳ ତ୍ରୟୋଦଶୀରେ ହେଉଥିବା ଦମନକଚୋରୀ ନୀତିରେ ରାମକୃଷ୍ଣଙ୍କର ପ୍ରମୁଖ ଭୂମିକା ରହିଛି । ଏହିସବୁ ଯାତ୍ରା ବ୍ୟତୀତ ବର୍ଷ ମଧ୍ୟରେ ଅନ୍ୟାନ୍ୟ ଯାତ୍ରାରେ ମଧ୍ୟ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରୁ ଦେବ ପ୍ରତିନିଧିତ୍ୱ କରନ୍ତି ।

ସ୍ନାନ ପୂର୍ଣ୍ଣମୀ ପରଠାରୁ ଉଭା ଅମାବାସ୍ୟା ପର୍ଯ୍ୟନ୍ତ ଗୁପ୍ତ ଅଣସର ନୀତି ଶ୍ରୀମନ୍ଦିରରେ ସଂପାଦିତ ହୁଏ । ଦିଅଁମାନେ ଅନ୍ଧାର ଭିତରେ ଅଣସରପିଣ୍ଡିରେ ରହନ୍ତି । ବାଉଁଶ ତାଟି ବାହାରେ ପଟ୍ଟଚିତ୍ର ପୂଜା ପାଇଥାନ୍ତି । ବଡ଼ବାଡ଼ରେ ବାସୁଦେବ, ମଝିବାଡ଼ରେ ଭୁବନେଶ୍ୱରୀ ଓ ମହାପ୍ରଭୁଙ୍କ ବାଡ଼ରେ ନାରାୟଣ ପଟ୍ଟଚିତ୍ର ପୂଜିତ ହୁଅନ୍ତି । ଏହି ପଟ୍ଟଚିତ୍ରଙ୍କ ସମ୍ମୁଖରେ ସାତମୂର୍ତ୍ତି ମିଶି ଦଶାବତାର ପୂଜା ପାଆନ୍ତି । ଦକ୍ଷିଣଘରୁ ବିଜେ ହୋଇ ଦୋଳଗୋବିନ୍ଦ, ରାମ ଓ ନୃସିଂହ ବଡ଼ବାଡ଼ରେ, ଲକ୍ଷ୍ମୀ ଓ ସରସ୍ୱତୀ ମଝିବାଡ଼ରେ ତଥା ମଦନମୋହନ ଓ ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ବାଡ଼ରେ ରହନ୍ତି । ଏହି ସାତମୂର୍ତ୍ତି ଓ ପଟ୍ଟଚିତ୍ର ତିନିମୂର୍ତ୍ତିଙ୍କ ସମ୍ମୁଖରେ ଶ୍ରୀମନ୍ଦିରର ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ । ପରେ ସନ୍ଧ୍ୟାରେ ଅଣସର ଦିଅଁଙ୍କ ପଣା ପ୍ରଭୃତି ଭୋଗନୀତି ଅନୁଷ୍ଠିତ ହୁଏ ।

ନାରାୟଣ ମୂର୍ତ୍ତି ପ୍ରତି ଅମାବାସ୍ୟା ଦିନ ସାଗର ବିଜେ ନୀତିରେ ବିମାନରେ ଯାଇ ସମୁଦ୍ର କୂଳରୁ ଫେରନ୍ତି । ଲକ୍ଷ୍ମୀ ନୃସିଂହ ବିଗ୍ରହ ନୃସିଂହ

ଜନ୍ମରେ ଓ ନବକଳେବର ସମୟରେ ଦାରୁ ପ୍ରତିଷ୍ଠା ସ୍ଥାନରେ ଉପସ୍ଥିତ ହେଉଥିଲାବେଳେ, ଶ୍ରାବଣ ଶୁକ୍ଳ ନବମୀ ଦିନ 'ବାଡ଼ି ନୃସିଂହ' ମୂର୍ତ୍ତି ଦକ୍ଷିଣ ଘରୁ ବାହାରି ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଓ ଭୃଗୁଙ୍କ ଆଶ୍ରମକୁ ଯାଇ ବୁଲି ଆସନ୍ତି । ବାଡ଼ି ବା ହଇଜା ରୋଗରୁ ମୁକ୍ତିଦାତା ହେତୁ ଏହାଙ୍କ ନାମ ବାଡ଼ି ନୃସିଂହ ରଖାଯାଇଛି ।

ଦୋଳଗୋବିନ୍ଦ ମୂର୍ତ୍ତି ବସନ୍ତ ପଞ୍ଚମୀ, ଫାଲଗୁନ ଶୁକ୍ଳ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀ ଦିନ ବେଣ୍ଟ ଶିକାର ପାଇଁ ଜଗନ୍ନାଥ-ବଲ୍ଲଭ ଖଳାକୁ ବିଜେ କରିଥାନ୍ତି । ଦୋଳବେଦୀଠାରେ ଦୋଳପୂର୍ଣ୍ଣମୀ ବେଳେ ଅବିର ଖେଳରେ ସେ ପ୍ରତିନିଧି ହୁଅନ୍ତି । ପଞ୍ଚୁପାଣ୍ଡବ ଚନ୍ଦନଯାତ୍ରା ଓ ବସନ୍ତ ପଞ୍ଚମୀରେ ଭାଗ ନେଇଥାନ୍ତି ।

'ଦକ୍ଷିଣ ଘରୁ' ଦେବତାମାନଙ୍କ ବିଜେ କାର୍ଯ୍ୟ ସାଧାରଣତଃ ମନ୍ଦିର ନୀତିରେ ମଧ୍ୟାହ୍ନ ଧୂପ ସରିବା ପରେ ହିଁ ହୋଇଥାଏ । ପ୍ରଥମେ ପ୍ରତିମା ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇଥାନ୍ତି ଏବଂ ପରେ ଯାତ୍ରାରେ ଯୋଗ ଦିଅନ୍ତି । ମନ୍ଦିର ମଧ୍ୟରେ ବିଜେ ପ୍ରତିମାକୁ ନେଇ ମହାଜନ ସେବକ ବଟମୂଳେ ଥିବା ପାଲଙ୍କି ପାଖକୁ ଯାଆନ୍ତି । ଦେଉଳ ବାହାରକୁ ଯାତ୍ରା କାଳରେ ବିମାନରେ ବିମାନବଡୁମାନେ କାନ୍ଧରେ ବୋହି ନେଇଥାଆନ୍ତି । ଚାରିଗୋଟି ଆଶାବାଡ଼ି ଏଥିପାଇଁ ପାଇଥାଆନ୍ତି । ବିମାନ ସାଙ୍ଗରେ ଘଣ୍ଟୁଆ, ଛତାର ଓ କାହାଳିଆ ପ୍ରଭୃତି ମଧ୍ୟ ଯୋଗ ଦେଇଥାନ୍ତି ।

ମଦନମୋହନ ଓ ରାମକୃଷ୍ଣ ପ୍ରଭୃତି ବିଜେ ପ୍ରତିମାଙ୍କ ମୁଖର ଗଠନ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏମାନେ ମୁଖ୍ୟ ଦେବତାଙ୍କ ପ୍ରତିନିଧିତ୍ୱ କରୁଥିବାରୁ ସିଂହାସନ ଆରୂଢ଼ ହେବା ପରେ ପ୍ରତିନିଧିର ମାନ୍ୟତା ସ୍ୱରୂପ ଆଜ୍ଞାମାଳ ଖଣ୍ଡିଏ ପାଇବା ପରେ ଦିବ୍ୟଶକ୍ତି ଓ ତେଜଧାରୀ ହୋଇ ମୂଳ ଦେବତାଙ୍କର କର୍ମ ନିର୍ବାହ କରିଥାନ୍ତି । ଯାତ୍ରା, ଉପଯାତ୍ରାଗୁଡ଼ିକ ରାମାୟଣ, ଭାଗବତ ପ୍ରଭୃତି ପୁରାଣ ବର୍ଣ୍ଣିତ ଘଟଣା ଅନୁଯାୟୀ ହୋଇଥିଲା ବେଳେ ଏଥିସହ କିଛି ସାମାଜିକ ବିଧିବ୍ୟବସ୍ଥା ମଧ୍ୟ ସଂଯୁକ୍ତ ହୋଇଛି ।

ସବୁକ୍ଷେତ୍ରରେ ମୁଖ୍ୟ ଦେବତା ଉପସ୍ଥିତ ହେବା ସମ୍ଭବ ନୁହେଁ । କଥିତ ହୁଏ, ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଦୋଳଯାତ୍ରା ପାଇଁ ଦୋଳବେଦୀକୁ ଯାଉଥିଲେ କିନ୍ତୁ ଥରେ ଦଉଡ଼ି ଛିଣ୍ଡି ଯିବାରୁ ମୂର୍ତ୍ତି ଆଘାତ ପ୍ରାପ୍ତ ହେଲେ । ପ୍ରତିନିଧି ସ୍ୱରୂପ ଦୋଳଗୋବିନ୍ଦ ସେଠାକୁ ବିଜେ ହେଲେ । ପ୍ରଶାସନିକ ଓ ଅନ୍ୟାନ୍ୟ କାରଣରୁ ପ୍ରତିନିଧି ବ୍ୟବସ୍ଥା ଆରମ୍ଭ ହେଲା । ଦକ୍ଷିଣ ଘର ଓ ଭଣ୍ଡାର ଘର ଏହି ପ୍ରତିନିଧିଙ୍କ ବିଜେସ୍ଥଳୀ ହୋଇ ଆସିଛି ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ନୀତି ଓ ଯାତ୍ରାଗୁଡ଼ିକୁ ଦେଖିଲେ ଏଥିରେ ଅନୁସୃତ ବିଧି ଓ ଦିଗ ବିଷୟରେ ମନରେ ସ୍ୱତଃ ବହୁ ବିଚାର ଆସିଥାଏ । ପ୍ରଭୁ ଜଗନ୍ନାଥ ସ୍ୱୟଂ ବ୍ରହ୍ମ । ଆକାର ଓ ବିକାର ରହିତ । ସର୍ବ ଦେବମୟ ପୁଣି ସର୍ବ ଭାବମୟ । 'ଏକୋଽହଂ ବହୁସ୍ୟାମ୍'- ଇଚ୍ଛାରେ ଭିନ୍ନ ଭିନ୍ନ ରୂପ ଧାରଣ କରିଥିଲେ ମଧ୍ୟ ସେ କିନ୍ତୁ ମୂଳତଃ ଏକ ଓ ଅଭିନ୍ନ । ଏକ ହୋଇ ସେ ଏକାଧିକ । ବହୁ ରୂପବିନ୍ୟସ୍ତ ଦେବତାଙ୍କ ମଧ୍ୟରେ ସେ ହିଁ ଏକତାର ସୂତ୍ରଧର ।

ଦିନାର ସିଂ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ
ବଇଡ଼ା, କନ୍ଧମାଳ-୭୬୨୦୨୯

# ଛଳନାରୁ ମୁକ୍ତି ଦିଅ

ଇନ୍ଦ୍ରମଣି ମହାଳିକ

ଜଗନ୍ନାଥେ !
ପ୍ରଣତି ଘେନିବ ମୋର
ଜାଣିବ ମୋ କୋହଭରା ମନର ଭାବନା
ଭକ୍ତିଭାବ ବହି ରଙ୍ଗ-
ଅନ୍ତରରେ ଉଙ୍କିମାରେ
ମେଞ୍ଚା ମେଞ୍ଚା ଅବ୍ୟକ୍ତ କାମନା
ବାସନାରେ ପରିପୂର୍ଣ୍ଣ ମୋର ଅନ୍ତଃସ୍ଥଳ ।
ଆକାଂକ୍ଷାର ଅରଣ୍ୟରେ
ରୁଦ୍ଧଶ୍ୱାସ କ୍ଳାନ୍ତ ବାଟୋଇଟି
ନିଜ ସ୍ୱାର୍ଥେ ହେଉଛି ବିକଳ ।

ଜଗତ୍ ପତେ
ଆହେ ପ୍ରଭୁ ବଳିଆର ଭୁଜ ।

କେତେଥର କହିବାକୁ -
ଭାବି ମଧ୍ୟ କହିପାରି ନାହିଁ
ମୁଁ କେମିତି ବ୍ୟସ୍ତ-
ଅବିରତ-ଗଢ଼ିବାକୁ
ଅର୍ଥ-ଭୋଗ-କ୍ଷମତାର
ସ୍ୱର୍ଣ୍ଣିମ ତ୍ରିଭୁଜ ।

ଦେଖାଉଛି ଭକ୍ତିର ବାହାନା
ମନ୍ଦିରକୁ ଡୋନେସନ
ପୁରୀ ଗସ୍ତ ଶୁକ୍ଳ ପରିଧାନ
ଭୋଗ ଭର୍ତ୍ତି ପୂଜା ଥାଳି
ନୀଳଚକ୍ରେ ବାନ୍ଧୁଛି କେତନ
ଆନନ୍ଦ ବଜାରେ ପୁଣି କେବେ

ଅନ୍ନ-ବିତରଣ-
ସବୁଖାଲି ଅହଂର ସାଧନ ।

ଆହେ ପ୍ରଭୋ !
ବିଶ୍ୱପରାତ୍ପର
ମୋକ୍ଷ ଦାତା ଅନ୍ତର୍ଯ୍ୟାମୀ
ନିଖିଳ ମନ୍ମଥ,
ମାଗୁଣି ଏତିକି ଆଜି
ତୁମ୍ଭ ଶ୍ରୀଚରଣେ
ଛଳନାରୁ ମୁକ୍ତି ଦିଅ
ଦିନ ଅକିଞ୍ଚନେ ।

ସୂଚନା ଓ ଲୋକ ସଂପର୍କ ବିଭାଗ
ଲୋକ ସଂପର୍କ ଭବନ, ଭୁବନେଶ୍ୱର

B

# ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା

ଜଗନ୍ନାଥ କୁଅଁର

**ଯେ**ଉଁ ଦେଶ ବା ଜାତି ଯେତେ ସମୃଦ୍ଧ, ଶୃଙ୍ଖଳିତ ବା ସଂଯତ ତାହାର ଐତିହ୍ୟ ବା ସଂସ୍କୃତି ସେତେ ଉନ୍ନତ । ଐତିହ୍ୟ ବା ସଂସ୍କୃତି ସମ୍ବନ୍ଧରେ ପର୍ଯ୍ୟାଲୋଚନା କରିବାକୁ ଗଲେ ଗୀତ, ନୃତ୍ୟ ଏବଂ ବାଦ୍ୟ ବିଷୟରେ ଆଲୋଚନା କରିବାକୁ ପଡ଼ିବ । ଏହି ଗୀତ ନୃତ୍ୟ ବା କଳା ସଂସ୍କୃତିକୁ ବଖାଣିବା ସକାଶେ ଆମକୁ ସହସ୍ର ବର୍ଷର ଅତି ପ୍ରାଚୀନ ମନ୍ଦିର ଏବଂ ଶିଳାଲେଖର ଇତିହାସକୁ ଅବଲୋକନ କରିବାକୁ ପଡ଼ିବ । ସଂସ୍କୃତି ବିଭିନ୍ନ କଳାର ସମାବେଶକୁ ବୁଝାଇଥାଏ । କଳା କହିଲେ ଚାରୁକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଲଳିତ କଳା, ଚିତ୍ରକଳା ଇତ୍ୟାଦି । କିନ୍ତୁ ଏହି କଳାମାନଙ୍କ ମଧ୍ୟରୁ ସଙ୍ଗୀତ କଳାର ସ୍ଥାନ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ । ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା ସମ୍ବନ୍ଧୀୟ ଆଲୋଚନା କରିବାକୁ ଗଲେ ପ୍ରଥମତଃ ସଂଗୀତ ସମ୍ବନ୍ଧୀୟ ସାମାନ୍ୟ ତଥ୍ୟ ଉପସ୍ଥାପନ କରିବାକୁ ହେବ ।

ଆମ ଉତ୍କଳୀୟ ସଂସ୍କୃତି, ଓଡ଼ିଶା ଭାଷା, ଆମର ଓଡ଼ିଶା ବେଶଭୂଷା, ଚାଲିଚଳନ, ରଙ୍ଗଢ଼ଙ୍ଗ ଖାଣ୍ଟି ଓଡ଼ିଶୀ । ପରମ୍ପରା ଆମର ଅତି ସମୃଦ୍ଧ । ଐତିହ୍ୟ ଆମର ଦିଗନ୍ତ ବିସ୍ତାରୀ, ସଂସ୍କୃତି ଆମର ଅତି ପ୍ରାଚୀନ, ସମୃଦ୍ଧ ଏବଂ ଋଦ୍ଧିମନ୍ତ । ଗାୟନ ଶୈଳୀରେ ଆମର ଆସେ ଓଡ଼ିଆ ଢଙ୍ଗ । ବାଦନ ପରମ୍ପରାରେ ଆମର ସ୍ୱତନ୍ତ୍ର ଧ୍ରୁପଦ ଗାୟନ ଶୈଳୀ ସହିତସାମଞ୍ଜସ୍ୟ ଥିଲେ ମଧ ଏହା ହିନ୍ଦୁସ୍ଥାନ ଏବଂ କର୍ଣ୍ଣାଟକୀ ସଙ୍ଗୀତଠାରୁ ଉନ୍ନତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତି ପ୍ରାଚୀନ କାଳର ଉଡ୍ର ମାଗଧି କଳାତ୍ମକ ଶୈଳୀରୁ ଓଡ଼ିଆ ପୁଅର ଉଚ୍ଚ ସଂସ୍କୃତି ସମ୍ପନ୍ନ ସଙ୍ଗୀତକଳା ସମ୍ବନ୍ଧରେ ଆଭାସ ମିଳିଥାଏ । ଉତ୍କଳୀୟ ପରମ୍ପରାରେ ପୁରାତନ ମନ୍ଦିରର ଖୋଦିତ ମୂର୍ତ୍ତି ଏବଂ ବିଭିନ୍ନ ପର୍ବତ ଗୁମ୍ଫାର ଶିଳାଲେଖରୁ ଓଡ଼ିଆ ପୁଅର କଳାତ୍ମକ ଗୁଣଗାରିମା ପ୍ରକାଶ ପାଇଥାଏ । ଯଥାର୍ଥରେ ବିଦ୍ୱାନମାନଙ୍କ ମତରେ -

ଓଡ଼ିଶୀ ସଂଗୀତ ଝୁଙ୍କ । ଓଡ଼ିଶା ଅବଢ଼ା ଛୁଙ୍କ ।।
ଓଡ଼ିଶୀ ନାଚର ବନ୍ଧ । ଓଡ଼ିଶୀ ଗୀତର ଛନ୍ଦ ।।
ଓଡ଼ିଆଣୀ ହାତ ଝୋଟୀ । ଓଡ଼ିଆ ବିନ୍ଧାଣୀ କୁଟୀ ।।
ଓଡ଼ିଆ ପାଇକ ନିଶ । ଓଡ଼ିଆ ମାଇପ ବେଶ ।।

ଗାୟନ ବାଦନ ଏବଂ ନୃତ୍ୟ ଏହି ତିନିକଳା ସଂଗୀତର ଅଂଶ ବିଶେଷ । ବାଦନର କ୍ରିୟା ପ୍ରକ୍ରିୟା ଯୋଗୁଁ ଗାୟନ ଏବଂ ନର୍ତ୍ତନର ସ୍ୱତନ୍ତ୍ରତା ପ୍ରକାଶ ପାଇଥାଏ । କେତେକ ସଙ୍ଗୀତ ଶାସ୍ତ୍ରରେ ବାଦ୍ୟକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ପ୍ରକାର ଭେଦ ଅନୁଯାୟୀ ବାଦ୍ୟ ୪ ଭାଗରେ ବିଭକ୍ତ । ସେହି ଚାରିପ୍ରକାର ବାଦ୍ୟଗୁଡ଼ିକ ହେଲା, ତତ୍, ଘନ, ଅବନଦ୍ଧ ଏବଂ ସୁଶୀର ।

ଚାରିପ୍ରକାର ବାଦ୍ୟ ମଧ୍ୟରୁ ଅବନଦ୍ଧ ବାଦ୍ୟ ସ୍ୱତନ୍ତ୍ର ଏବଂ ଏହା ତାଳବାଦ୍ୟ ନାମରେ ନାମିତ । ତାଳବାଦ୍ୟ ମଧ୍ୟରୁ ମୃଦଙ୍ଗ (ଖୋଳ) ପଖାଓ୍ୱଜ, ଡମ୍ବରୁ, ଖଞ୍ଜଣି, ନାଗରା, ଢୋଲ, ଢୋଲକି, ମର୍ଦ୍ଦଳ, ଢୋଲକ, ତବଲା, ମୃଦଙ୍ଗମ, ତାଳଧୁମ୍ସା ଇତ୍ୟାଦି ଅନ୍ୟତମ ।

ଓଡ଼ିଶୀ ସଙ୍ଗୀତ ପଦ୍ଧତି ପୁରାତନ ତଥା ପ୍ରାଚୀନ ଅଟେ । ଏହାର ଗାୟନ ଶୈଳୀରେ ହିନ୍ଦୁସ୍ଥାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତଠାରୁ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଏହି ଗାୟନ ଶୈଳୀରେ ଶାସ୍ତ୍ର ନିୟମ ଅନୁଯାୟୀ ଆଳାପ, ପ୍ରବନ୍ଧ ଗାୟନ, ନିବନ୍ଧାଳାପ ଏବଂ ତାନ ବିସ୍ତାର ଆଦି କରାଯାଇଥାଏ । ଏହି ଗାୟନ ଶୈଳୀରେ ଏକ ସ୍ୱତନ୍ତ୍ର ଢଙ୍ଗ ପରିପ୍ରକାଶିତ । ସେହି ଉଚ୍ଚମାନର ଗାୟନ ଢଙ୍ଗଟି ହେଲା ପଢ଼ି । ଏହି 'ପଢ଼ି' ଅନ୍ୟ ଦୁଇଟି ସଙ୍ଗୀତ ଶୈଳୀରେ ଦେଖାଯାଏ ନାହିଁ । 'ପଢ଼ି' ସ୍ଥାୟୀ ଗାୟନଠାରୁ ଦ୍ୱିଗୁଣିତ ଲୟରେ ହୋଇଥାଏ । ମର୍ଦ୍ଦଳର ବାଦନ ଶୈଳୀରୁ ଗାୟନର ଢଙ୍ଗ ପ୍ରକାଶ ପାଇଥାଏ । ଯଥାର୍ଥରେ ପଣ୍ଡିତମାନଙ୍କ ମତରେ -

'ଜାଗା ଚଉପାଠୀ ପାଚକ ପାଣି
ଛାମୁ, ସେବାୟତ ଚମ୍ପୂ ବଖାଣି
ଗାୟକ ଠାଣି, ମର୍ଦ୍ଦଳବାଣୀ, ଗୁରୁ କରିଥିଲେ ଏମନ୍ତ ଜାଣି ।'

ଭାରତୀୟ ସଂସ୍କୃତିରେ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ ବିଭିନ୍ନ ପୁରାତନ ତଥ୍ୟ ଉଦ୍ଧାର କରାଯାଇଥିଲେ ମଧ ସଙ୍ଗୀତର ଜନ୍ମପରି ଏହି ପୁରାତନ ସଂସ୍କୃତିର ନିର୍ଦ୍ଦିଷ୍ଟତା ପ୍ରକାଶ କରିବା ଏତେ ସହଜସାଧ୍ୟ ନୁହେଁ । ବିଭିନ୍ନ ପୁରାଣ, ପୋଥି, ପଞ୍ଜିକା, ଐତିହାସିକ ତଥ୍ୟ ସମ୍ବଳିତ

ପୁସ୍ତକ ଇତ୍ୟାଦି ମଧ୍ୟରୁ 'ମାଦଳା ପାଞ୍ଜି' ଅନ୍ୟତମ । ଯେପରି ସର୍ବଜ୍ଞ ଚିତ୍ରଗୁପ୍ତଙ୍କ ପଞ୍ଜିକାରୁ ପୃଥିବୀର ସମସ୍ତ ଜୀବଜନ୍ତୁ ମନୁଷ୍ୟ ଆଦିଙ୍କ ଜନ୍ମ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇଥାଏ । ସେହିପରି ମାଦଳା ପାଞ୍ଜିରୁ ଭାରତୀୟ ସଂସ୍କୃତି ସହିତ ଉତ୍କଳୀୟ ପରମ୍ପରାର ସବିଶେଷ ବିବରଣୀ ପୁଙ୍ଖାନୁପୁଙ୍ଖ ଭାବେ ମିଳିଥାଏ । ଓଡ଼ିଆ ପୁଅର ଚାଲିଚଳନ, ରଙ୍ଗଢଙ୍ଗ, ବେଶଭୂଷା, ସଂସ୍କୃତି ଆଦି ସମସ୍ତ ତଥ୍ୟ ମାଦଳା ପାଞ୍ଜିରୁ ମିଳିଥାଏ । ବିଶେଷଜ୍ଞ ମତରେ ବିଭିନ୍ନ ସଂପ୍ରଦାୟ ମଧ୍ୟରୁ ଶବର ସଂପ୍ରଦାୟ ଅନ୍ୟତମ । ଜଗନ୍ନାଥଙ୍କ ସଂସ୍କୃତି ସହିତ ଶବର ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କାରଣ ବିଶ୍ୱାବସୁ ଶବର ଜଗନ୍ନାଥଙ୍କର ଉପାସକ ଥିଲେ ଏବଂ କାଳକ୍ରମେ ତାଙ୍କଠାରୁ ବର୍ତ୍ତମାନ ଯାଏ ସେହି ପ୍ରଥା ଓଡ଼ିଶାରେ ଚଳି ଆସୁଅଛି ।

ଓଡ଼ିଶାରେ ଯେଉଁ ତାଳବାଦ୍ୟଗୁଡ଼ିକ ପ୍ରଚଳିତ ହେଉଛି ସେଗୁଡ଼ିକ ହେଲା ମର୍ଦ୍ଦଳ, ଖୋଳ, ଖଞ୍ଜଣି, ଧୁମ୍‌ସା, ଢୋଲକି, ଢୋଲ ଇତ୍ୟାଦି । କେତେକ ବିଦ୍ୱାନଙ୍କ ମତରେ ମାଦଳ ଶବ୍ଦରୁ ମର୍ଦ୍ଦଳ ବାଦ୍ୟର ସୃଷ୍ଟି । ସେହି ମାଦଳ ଶବ୍ଦରୁ କାଳକ୍ରମେ ମାଦଲ ଏବଂ କ୍ରମେ କ୍ରମେ ମର୍ଦ୍ଦଳ ରୂପରେ ପ୍ରକାଶ ପାଇଛି । ଓଡ଼ିଶୀ ଶାସ୍ତ୍ରୀୟ ଗାୟନ ପଦ୍ଧତିରେ ତାଳବାଦ୍ୟ ମର୍ଦ୍ଦଳର ପ୍ରୟୋଗ ଅତି ପ୍ରାଚୀନ । ମର୍ଦ୍ଦଳ ଉତ୍କଳର ଏକମାତ୍ର ପ୍ରାଚୀନ ତାଳବାଦ୍ୟ ଅଟେ । ଶାସ୍ତ୍ରୀୟ ଗାୟନ ଶୈଳୀ କେବଳ ବାଦନର ପରମ୍ପରା ଯୋଗୁଁ ହିଁ ଜଣାପଡ଼ିଥାଏ । ଓଡ଼ିଶାର ପରିସୀମା ପର୍ଯ୍ୟାପ୍ତ । ଏହାର ଚତୁଃସୀମାରେ ବିଭିନ୍ନ ପ୍ରକାର ଭାଷାଭାଷୀର ଅଧିବାସୀ ବସବାସ କରନ୍ତି । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣାଞ୍ଚଳ ଅନୁଯାୟୀ ଅଧିବାସୀମାନଙ୍କର ଭାଷା ଯେପରି ସ୍ୱତନ୍ତ୍ର ସେମାନଙ୍କର ଚାଲିଚଳଣ ବେଶଭୂଷା, ରୀତିନୀତି, ସର୍ବୋପରି ସେମାନଙ୍କ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ । ପୂର୍ବାଞ୍ଚଳରେ ଯଥା- ପୁରୀ, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଇତ୍ୟାଦି ଅଞ୍ଚଳମାନଙ୍କରେ ଓଡ଼ିଶୀ ଗାୟନ ବ୍ୟତୀତ ଅନ୍ୟ ଯେଉଁ ସଙ୍ଗୀତ ଗାନ କରାଯାଏ ସେଥିରେ ମୃଦଙ୍ଗ ଏବଂ ଢୋଲକି ବାଦନ କରାଯାଇଥାଏ । ସେହିପରି ପଶ୍ଚିମାଞ୍ଚଳ ଯଥା- ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ଫୁଲବାଣୀ, କୋରାପୁଟ ଓ କଳାହାଣ୍ଡି ଇତ୍ୟାଦି ଅଞ୍ଚଳରେ ଗାୟନ ଅନୁଯାୟୀ ଢୋଲ, ମାଦଲ ଏବଂ ନାଗରା ଆଦି ବାଦ୍ୟ ବାଦନ କରାଯାଇଥାଏ । ଦକ୍ଷିଣାଞ୍ଚଳରେ ଯଥା- ଗଞ୍ଜାମ, ପାରଳାଖେମୁଣ୍ଡି, ବ୍ରହ୍ମପୁର ଇତ୍ୟାଦି ସ୍ଥାନମାନଙ୍କରେ ଗାୟନ ପରମ୍ପରା ଅନୁଯାୟୀ ମୃଦଙ୍ଗମ୍, ମର୍ଦ୍ଦଳ ଇତ୍ୟାଦି ବାଦ୍ୟ ବାଦନ କରାଯାଏ । ଉତ୍ତରାଞ୍ଚଳ ଯଥା- ଭଦ୍ରକ, ଯାଜପୁର, ବାଲେଶ୍ୱର, ଜଳେଶ୍ୱର, ମୟୂରଭଞ୍ଜ ଇତ୍ୟାଦି ଅଞ୍ଚଳମାନଙ୍କରେ ଢୋଲକି, ମର୍ଦ୍ଦଳ, ଖୋଳ, ଢୋଲ, ଧୁମ୍‌ସା, ଚଡ଼ଚଡ଼ି ଓ ଡାକ ଇତ୍ୟାଦି ବାଦ୍ୟର ପ୍ରୟୋଗ କରାଯାଇଥାଏ । ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାୟନ ପରମ୍ପରା ଅନୁଯାୟୀ ଖଞ୍ଜଣି, କେନ୍ଦରା, ନାଗରା, ତେଲିଙ୍ଗି, ରଙ୍ଗଢୋଲ ଇତ୍ୟାଦି ବାଦ୍ୟ ବାଦନ କରାଯାଇଥାଏ ।

ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ବାଦ୍ୟର ସଂଜ୍ଞା ଅନୁଯାୟୀ ତା'ର ଉତ୍ପତ୍ତି, ରୂପରେଖ, ଗଢ଼ଣଶୈଳୀ ଏବଂ ବାଦନଶୈଳୀ ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ଗବେଷଣାତ୍ମକ ପର୍ଯ୍ୟାଲୋଚନାରୁ ଉତ୍କଳୀୟ ତାଳବାଦ୍ୟର ପରମ୍ପରା କେତେ ପ୍ରାଚୀନ ଏବଂ ସୁସମୃଦ୍ଧ ତାହା ଜଣାପଡ଼ିଥାଏ ।

ମର୍ଦ୍ଦଳ ବାଦକ
ଉତ୍କଳ ସଂଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର

---

# ଶ୍ରୀକ୍ଷେତ୍ର କର ଦର୍ଶନ

ବିଚିତ୍ରାନନ୍ଦ ବାରିକ

ଆରେ ବାଇମନ !
ଶ୍ରୀକ୍ଷେତ୍ର କର ଦର୍ଶନ
ଯହିଁ ବିରାଜନ୍ତି ନୀଳାଚଳନାଥ
ଜଗତର ଭଗବାନ ।। ଘୋଷା ।।
ଆରେ ବାଇମନ ...
ମର୍ତ୍ତ୍ୟ ବଇକୁଣ୍ଠ ନାମେ ଏ ଶ୍ରୀକ୍ଷେତ୍ର
ଖ୍ୟାତ ପରା ତ୍ରିଭୁବନେ
କେତେ ପାପୀ ତାପୀ ଲଭିଛନ୍ତି ମୁକ୍ତି
ଆସି ଏ ଶ୍ରୀକ୍ଷେତ୍ର ଧାମେ
ଆରେ ବାଇମନ ... ।

ବଇକୁଣ୍ଠ ପଥ ନାମ ସିଂହଦ୍ୱାର
ଯେଉଁ ଦୁଆରକୁ ନିତି
ପ୍ରବେଶ ମାତ୍ରକେ କୋଟି କୋଟି ମହାଜ୍ଞାନୀ
ସଦା ପ୍ରଣାମ କରନ୍ତି
ଆରେ ବାଇମନ ।
କଳ୍ପବଟ ମୂଳେ ନୀଳଶଇଳରେ
ଶୋଭା ପାଉଛି ମୂରତି
ଭଗିନୀ ସଙ୍ଗରେ କାଳିଆ ବଳିଆ
ସେଠାରେ ଲୀଳା କରନ୍ତି
ଆରେ ବାଇମନ ... ।

ଜଗତର ନାଥ ଜଗନ୍ନାଥ ବୋଲି
ନାମ ପଡ଼ିଅଛି ତକା
ଦେଉଳ ଉପରେ ଭକତ ନିମନ୍ତେ
ପାପୀ ପାବନ ପତାକା
ଆରେ ବାଇମନ ... ।
ଏ ହୃଦ ମଧ୍ୟରେ ଯାହାକୁ ଖୋଜୁରେ
ସେହିଟି ଶ୍ରୀଜଗନ୍ନାଥ
ନିଖିଳ ବିଶ୍ୱର ଈଶ୍ୱର ସେହିରେ
ତା' ଦର୍ଶନେ ହେବୁ ମୁକ୍ତ
ଆରେ ବାଇମନ ... ।

ଗ୍ରା./ପୋ.- ନିଆଳୀ
ଜିଲ୍ଲା- କଟକ



# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତତ୍ତ୍ୱରେ ଭଗବାନ ଗଣେଶ

ସୁରେଶ କୁମାର ପ୍ରଧାନ

ଅସମ୍ପ୍ରଦାୟିକ ଧର୍ମ ଓ ସଂସ୍କୃତିର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ଫଳରେ ସର୍ବଧର୍ମର ଏକ ମହାମିଳନ ସଂଘଟିତ ହୋଇଛି ଏହି ଜଗନ୍ନାଥ ସଂସ୍କୃତିରେ । ଏହି ଦୃଷ୍ଟିରେ ସମସ୍ତ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଆପଣା ଆପଣା ଧର୍ମର ଉପାସ୍ୟ ଦେବତା ରୂପେ ଗ୍ରହଣ କରି ମନାଭୀଷ୍ଟ ପୂରଣ କରିଥାନ୍ତି । ବୌଦ୍ଧ ଓ ଜୈନମାନେ ଜଗନ୍ନାଥଙ୍କ ଭିତରେ ବୁଦ୍ଧ ଓ ଜୀନଙ୍କୁ ଦର୍ଶନ ଲାଭ କରିଥିବାବେଳେ, ଶାକ୍ତମାନେ ବିମଳାଙ୍କୁ ଜଗନ୍ନାଥଙ୍କ ସ୍ୱରୂପ ଭାବେ ଉପଲବ୍ଧି କରି ଧନ୍ୟ ହୋଇଥାନ୍ତି । ସେହିପରି ଗାଣପତ୍ୟମାନେ ଗଜାନନ ଓ ଜଗନ୍ନାଥଙ୍କ ଅଭିନ୍ନତାକୁ ଅବଲୋକନ କରି ଜଗନ୍ନାଥଙ୍କୁ ଗଣନାଥ ଅଥବା ଗଣପତି ଭାବେ ଉପାସନା କରି ବୁଦ୍ଧି, ସିଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାନ୍ତି । ପରିଣାମରେ ଜଗନ୍ନାଥ ଓ ଗଣେଶ ତତ୍ତ୍ୱତଃ ଏକାକାର ହୋଇ ଏକ ଦିବ୍ୟଧାରାକୁ ବିଶ୍ୱବକ୍ଷରେ ପ୍ରବାହିତ କରାଇଥାନ୍ତି । ଏହି ଦୃଷ୍ଟିରେ ଜଗନ୍ନାଥ ସଂସ୍କୃତିରେ ଗଣେଶଙ୍କ ମହିମା ପ୍ରତିଫଳିତ ହୋଇ ଶ୍ରୀମନ୍ଦିର ପରିସର ମଧ୍ୟରେ ଗଣପତିଙ୍କ ବିଭିନ୍ନ ପ୍ରତିମା ଉପାସିତ ହେଉଛନ୍ତି ।

ସକଳ ଶୁଭ କାର୍ଯ୍ୟରେ ସମସ୍ତ ବିଘ୍ନ ଅପସାରଣ ପାଇଁ ସର୍ବପ୍ରଥମେ ସିଦ୍ଧିଦାତା, ଜ୍ଞାନଦାତା ବିଘ୍ନନାଶକଙ୍କୁ ଆରାଧନା କରାଯାଇଥାଏ । ଠିକ୍ ସେହିପରି ସମସ୍ତ ମଙ୍ଗଳ କାର୍ଯ୍ୟରେ ଭଗବାନ ବିଷ୍ଣୁଙ୍କ ସ୍ତୁତି କରାଯାଇ ମଙ୍ଗଳ କାମନା କରାହୁଏ ।

'ମଙ୍ଗଳଂ ଭଗବାନ ବିଷ୍ଣୁ, ମଙ୍ଗଳଂ ମଧୁସୂଦନଃ ।
ମଙ୍ଗଳଂ ପୁଣ୍ଡରୀକାକ୍ଷଂ, ମଙ୍ଗଳଂ ଗରୁଡ଼ାଧ୍ୱଜଃ ।।
ମାଧବ ମାଧବ ବିଷ୍ଣୁ, ମାଧବ ମାଧବ ହରିଃ ।
ସ୍ମରନ୍ତି ସାଧବଂ ନିତ୍ୟ, ସର୍ବକାର୍ଯ୍ୟେ ସୁମାଧବଃ ।।

ଯଥାର୍ଥରେ ଭଗବାନ ଗଣେଶ ଏବଂ ଭଗବାନ ବିଷ୍ଣୁ ଏକ ଏବଂ ଅଭିନ୍ନ । ଯାହାକି ଗଣେଶଙ୍କ ଜନ୍ମ ବୃତ୍ତାନ୍ତ ପୁରାଣରେ ସୁସ୍ପଷ୍ଟ । ମାତା ଦେବୀ ପାର୍ବତୀ ଯେତେବେଳେ ଭଗବାନ ଶ୍ରୀବିଷ୍ଣୁ ସଦୃଶ ଅଲୌକିକ ମେଧାସମ୍ପନ୍ନ, ସୌମ୍ୟ, ଶାନ୍ତ ଗୁଣବାନ ପୁତ୍ର ପ୍ରାପ୍ତ ନିମନ୍ତେ ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କଲେ, ତତ୍କାଳେ ଭଗବାନ ବିଷ୍ଣୁ ପାର୍ବତୀଙ୍କ ମନୋବାଞ୍ଛା ପୂରଣ କରିବାକୁ ଯାଇ ଶିଶୁ ରୂପରେ ଶଙ୍କରଙ୍କ ବୀର୍ଯ୍ୟ ସହ ସଂଯୁକ୍ତ ହୋଇ ପାର୍ବତୀଙ୍କ ଗର୍ଭରେ ସ୍ଥାନିତ ହୋଇ ପୁତ୍ର ରୂପରେ ଭୂମିଷ୍ଠ ହୋଇଥିଲେ । ଏ ସମ୍ବନ୍ଧେ ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରମାଣ ଦିଏ -

'ରେତ ପତନ କାଳେ ଚ ସ ବିଷ୍ଣୁ ବିଷ୍ଣୁ ମାୟାୟା
ବିଧାୟ ବିପ୍ର ରୂପଂତୁ ଆଜ ଗାମରତେ ର୍ଗୃହମ୍ ।
(୩-୮-୧୯)

ଏହି ପୁରୋଦୃଷ୍ଟିରେ ପରମ କାରୁଣିକ ପୁରୁଷୋତ୍ତମ ସର୍ବଦେବମୟ । ସମସ୍ତ ଦୈବୀଶକ୍ତି ତାଙ୍କୁ ଆଧାର କରି କ୍ରିୟାଶୀଳ ଓ ଆତଯାତ । ମୋହର ନାଥ ଜଗନ୍ନାଥ, ଯେ କରେ ବିଶ୍ୱ ଆତଯାତ । ତେଣୁ ଯଥାର୍ଥରେ ସେ ସର୍ବଶକ୍ତିମାନ ବ୍ରହ୍ମରୂପୀ ବିଷ୍ଣୁତ୍ୱର ଏକ ନିଖୁଣ ପରିପ୍ରକାଶ ଛଡ଼ା ଆଉ କିଛି ନୁହେଁ ଯାହାକି ବିଷ୍ଣୁ ପୁରାଣରେ ବର୍ଣ୍ଣିତ -

'ଧ୍ୟାନାବସ୍ଥିତ ତଦ୍‌ଗତେନ
ମନସା ପଶ୍ୟନ୍ତି ଯଂ ଯୋଗିନଃ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁର ଗଣାଃ
ଦେବାୟ ତସ୍ମୈନମଃ ।।
- ବିଷ୍ଣୁ ପୁରାଣ

ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ହୃଦ୍‌ବୋଧ ହୁଏ ଯେ ଭଗବାନ ଗଣେଶ, ଭଗବାନ ଶ୍ରୀବିଷ୍ଣୁ ଓ ଜଗତରନାଥ ଶ୍ରୀଜଗନ୍ନାଥ ହେଉଛନ୍ତି ତ୍ରିଶାଖାଯୁକ୍ତ ଏକ ବିରାଟ କଳ୍ପବଟ । ଅତଏବ ଯିଏ ଗଣେଶ ସେ ହେଉଛନ୍ତି ବିଷ୍ଣୁ ଏବଂ ଯେ ବିଷ୍ଣୁ ସେ ହେଉଛନ୍ତି ଜଗନ୍ନାଥ ।

ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳଭୂମିର ଆରାଧ୍ୟ ଦେବତା ଓ ଉତ୍କଳୀୟ ସ୍ୱାଭିମାନର ପ୍ରତୀକ । ତେଣୁ ଉତ୍କଳୀୟ ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି । ଶ୍ରୀମନ୍ଦିରରେ ସମସ୍ତ ପର୍ବପର୍ବାଣିକୁ ଭିତ୍ତିକରି ଉତ୍କଳର ସମସ୍ତ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ । ଜଗନ୍ନାଥ ସଂସ୍କୃତିରେ ଗଣପତି ଉପାସନା ଏକ ଅବିଚ୍ଛେଦ୍ୟ ଅଂଗ । ତେଣୁ ଶ୍ରୀମନ୍ଦିର ନିର୍ମାଣର ପ୍ରାରମ୍ଭରୁ ଦେବୀ ବିମଳାଙ୍କ ସମ୍ମୁଖ ଭାଗରେ କଳାମୁଗୁନି ପଥରର ଏକ ଗଣେଶ ମୂର୍ତ୍ତି ବିଦ୍ୟମାନ । ଉକ୍ତ ପୀଠର ଉଚ୍ଚତା ଏକ ଫୁଟ ଏବଂ ଫଳକ ପ୍ରାୟ ୬ ଫୁଟ x ୩ ଫୁଟ ଅଟେ । ଗଣେଶ ମୂଷିକ ଉପରେ ଦଣ୍ଡାୟମାନ

ହୋଇ ନୃତ୍ୟରତ । ଏହି ଗଣେଶଙ୍କ ଆଠ ହାତ । ଉପର ଦୁଇ ହସ୍ତରେ ସର୍ପ । ଅନ୍ୟ ଦୁଇ ଡାହାଣ ହାତରେ ଉପରୁ ତଳକୁ ମାଳା, ଦନ୍ତ । ଦୁଇ ହାତ ମୁଦ୍ରା ବାମ ଭାଗରେ ଗୋଟିଏ ହାତରେ ଅଙ୍କୁଶ । ଆଉ ଗୋଟିଏ ହାତରେ ଲଡୁ । ଲଡୁ ଉପରେ ଶୁଣ୍ଢ । ୧୪୪୦ ଖ୍ରୀ:ଅ:ରେ ଗଜପତି କପିଳେନ୍ଦ୍ର ଦେବ କଳ୍ପବଟ ମୂଳରେ 'ବଟଗଣେଶ'ଙ୍କୁ ପ୍ରତିଷ୍ଠା କରିଥିଲେ । ଏହି ଗଣେଶ କାମନାସିଦ୍ଧିକାରୀ 'ଚିନ୍ତାମଣି' ଗଣେଶ ନାମରେ ମର୍ଯ୍ୟାଦାବନ୍ତ । ସନ୍ଥ ଅତିବଡ଼ି ଜଗନ୍ନାଥ ଦାସ ଏହି ଗଣେଶଙ୍କ ନିକଟରେ ପ୍ରତ୍ୟହ ଭାଗବତ ପାଠ କରୁଥିଲେ । ଏହାଛଡ଼ା ଶ୍ରୀମନ୍ଦିରରେ କାଞ୍ଚି ଗଣେଶ ଓ ନୃତ୍ୟ ଗଣେଶଙ୍କ ମୂର୍ତ୍ତି ବିଦ୍ୟମାନ । ଏହି ମୂର୍ତ୍ତି କର୍ଣ୍ଣାଟକ ଶୈଳୀରେ ନିର୍ମିତ । ଏହାଙ୍କୁ ଲମ୍ବୋଦର ଗଣେଶ ଓ ଭଣ୍ଡ ଗଣେଶ ବୋଲି କୁହାଯାଇଥାଏ । କୂର୍ମ ପ୍ରାଚୀର ପଶ୍ଚିମ ଦ୍ୱାରର ଦକ୍ଷିଣ ଭାଗକୁ ଏହି ମୂର୍ତ୍ତି ବିଦ୍ୟମାନ । ଏ ହେଉଛନ୍ତି ଚତୁର୍ବାହୁ । ସୁଶକ୍ତି ସହିତ ନବଦ୍ୱାର ରୋଧ କରି ସମାଧି ଅବସ୍ଥାରେ ଅଛନ୍ତି । ସୂର୍ଯ୍ୟବଂଶର ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନରେ ଜୟଲାଭ କରି ଏ ଗଣେଶଙ୍କୁ ନେଇ ଆସିଥିବା କିମ୍ବଦନ୍ତୀ ଅଛି । ପୁରୁଷୋତ୍ତମ ଦେବ ଖ୍ରୀ:୧୪୭୪ ଶୁକ୍ଳ ଦଶମୀ ଦିନ କାଞ୍ଚିର ରାଜା ଶାଲ୍ୱ ନରସିଂହ ଦେବଙ୍କୁ ପରାସ୍ତ କରିଥିଲେ । ଏହି ଗଣେଶ ମୂର୍ତ୍ତିଙ୍କୁ ନାଟୁଆ ଗଣେଶ ବା କାମଦ ଗଣେଶ ମଧ କୁହାଯାଏ ।

ଏତଦ୍‌ଛଡ଼ା ଶ୍ରୀମନ୍ଦିର ବେଢ଼ାରେ ବିମଳାଙ୍କ ମନ୍ଦିର ପାର୍ଶ୍ୱଦେବତା ରୂପେ ଶ୍ରୀଗଣେଶ ପୂଜିତ । ଗୋଦାମ ଗଣେଶ, ରୋଷ ଗଣେଶ, ସରଘର ଚିତ୍ର ଗଣେଶ, ଅଠରବାଡ଼ ଗଣେଶ ଇତ୍ୟାଦି ବିଭିନ୍ନ ଗଣେଶ ମନ୍ଦିରରେ ପ୍ରତିଷ୍ଠା ଲାଭ କରିଛନ୍ତି । ସ୍ନାନ ପୂର୍ଣ୍ଣମାଦିନ ଶ୍ରୀମନ୍ଦିରରେ ମହାପ୍ରଭୁ ଗଜାନନ ବେଶ ଧାରଣ ପୂର୍ବକ ଅଗଣିତ ଦର୍ଶନାର୍ଥୀଙ୍କୁ ମୁକ୍ତି ପ୍ରଦାନ କରିଥାନ୍ତି । ଗଣପତି ବେଶ ଧାରଣର ପୂର୍ବଦିନ ବିଜେ ପ୍ରତିମାଙ୍କ ସ୍ନାନ ପାଇଁ ଜଳ ଅଧିବାସ ହୋଇଥାଏ । ମାଆ ଶୀତଳା ଦେବୀଙ୍କ ନିକଟସ୍ଥ ସୁନା କୁଅରୁ ୧୦୮ କୁମ୍ଭଜଳ ଆସି ଚାରି ପଂକ୍ତିରେ ରଖାଯାଇଥାଏ । ସ୍ନାନ ନିମିତ୍ତ ଉଦ୍ଦିଷ୍ଟ ଜଳରେ ସମସ୍ତ ତୀର୍ଥଜଳ ଏହି ସୁନାକୁଅର ଜଳ ସହିତ ଆସି ମିଶିଥାନ୍ତି । ସ୍ନାନ ସେବକ ଗରାବଡୁମାନେ ବୈଦିକ ମନ୍ତ୍ରରେ ପୂଜିତ ହୋଇଥିବା ୧୦୮ କୁମ୍ଭ ଜଳରେ ସ୍ନାନ କାର୍ଯ୍ୟ କରିଥାନ୍ତି । ଏହି ୧୦୮ କୁମ୍ଭ ମଧ୍ୟରୁ ୩୫ ଘଟ ଲାଗେ ମହାପ୍ରଭୁଙ୍କଠାରେ । ବଳରାମଙ୍କଠାରେ ୩୩ ଘଟ । ୨୨ ଘଟ ଆବଶ୍ୟକ ହୁଏ ଦେବୀ ସୁଭଦ୍ରାଙ୍କଠାରେ ଏବଂ ଶ୍ରୀସୁଦର୍ଶନଙ୍କଠାରେ ୧୮ ଘଟ ବ୍ୟବହୃତ ହୁଏ । ଏହି ସ୍ନାନ ମଣ୍ଡପରେ ଜଗମୋହନଙ୍କୁ ଦର୍ଶନ କଲେ ସମସ୍ତ ପାପ ନଷ୍ଟ ହୋଇଯାଏ ଓ ଧର୍ମ, ଅର୍ଥ, କାମ ମୋକ୍ଷ ଏହି ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ । ଭକ୍ତ ଶ୍ରେଷ୍ଠ ଗଣପତି ଭଟ୍ଟଙ୍କ ପାଇଁ ଏହି ତିଥିରେ ମହାପ୍ରଭୁ ଗଜାନନ ବେଶ ଧାରଣ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଅନ୍ୟ କେତେକ ବିଜ୍ଞ ପଣ୍ଡିତ ତତ୍ତ୍ୱଦର୍ଶୀ ଗବେଷକ ମତ ଦିଅନ୍ତି ଯେ ଗଣପତି ଭଟ୍ଟ ନାମକ ଉକ୍ତ ସ୍ନାନ ମଣ୍ଡପରେ ପ୍ରଭୁଙ୍କୁ ଗଣେଶ ରୂପରେ ଦର୍ଶନ କରିବାକୁ ଇଚ୍ଛା କରିବାରୁ ଭାବଗ୍ରାହୀ ହାତୀବେଶ ହୋଇ ଉକ୍ତ ମନୋବାଞ୍ଛା ପୂରଣ କରିଥିଲେ । ଭାଦ୍ର ଶୁକ୍ଳ ଚତୁର୍ଥୀ ଦିନ (ଗଣେଶ ଚତୁର୍ଥୀ) ଦିନ ଶ୍ରୀମନ୍ଦିରରେ ଗଣେଶ ନୀତି ହୋଇ ମାଦଳାପାଞ୍ଜି ପୂଜା କରାଯାଇଥାଏ । ଯଥାର୍ଥରେ ଭଗବାନ ବିନାୟକ ଗଣେଶ ହେଉଛନ୍ତି ପରଂବ୍ରହ୍ମ ଦାରୁଦେବତାଙ୍କ ନିଖୁଣ ପ୍ରକାଶ । ତେଣୁ ବ୍ରହ୍ମଜ୍ଞାନୀଙ୍କ ମୁଖରେ ପ୍ରକାଶ ପାଇଛି - ଗଜବଦନ ଯା'ର ନାହିଁ, ସେ ବ୍ରହ୍ମ ବୋଲାଇବ ନାହିଁ ।

'ତ୍ୱମେବ ବକ୍ର ତୁଣ୍ଡଷ୍ଟ ତ୍ୱମେବ ଗଣନାୟକଂ
ଶୁକ୍ଳ କୃଷ୍ଣ ସ୍ୱରୂପେଣ ଗୌରୀପୁତ୍ର ବିନାୟକଂ
କୃଷ୍ଣ ରୂପମୟ କୃଷ୍ଣଶିବ ରୂପମୟ ହରଃ
ସାକ୍ଷାତ୍ ଦେବ ଜଗନ୍ନାଥ ବିଘ୍ନ ବିନାଶକ ସ୍ୱୟଂ ॥

ସାମ୍ବାଦିକ
ଖୁଣ୍ଟୁଣୀ, ଆଠଗଡ଼, କଟକ

# ଭାଗ୍ୟରେ ଲେଖିଲ ନାହିଁ

ମହେନ୍ଦ୍ର କୁମାର ଘଡେଇ

ପ୍ରଭୁ ଦିଅ କାହିଁ ମୋତେ ଭୁଲାଇ
ଦରଶନ ଟିକେ ଦେବ ବୋଲି ରଥେ
ଭାଗ୍ୟରେ ଲେଖିଲ ନାହିଁ ।
ରାଜ ବଇଭବ ଲୋଡ଼ା ନାହିଁ ମୋର
ଲୋଡ଼ା ନାହିଁ ସୁଖ ସମ୍ପଦ ସମ୍ଭାର
ଥରୁଟିଏ ହେଲେ ଦେଖିବି କେବଳ
ତୋ' ରଥ ଦଉଡ଼ି ଛୁଇଁ
ପ୍ରଭୁ ଦିଅ କାହିଁ ... ।

ତୋ' ଦେଉଳ ନେତ ପାଇଁ ମୋ' ରଚିତ
ଉହଳ ବିକଳ କହୁଛି ମୁଁ ସତ
ଇଚ୍ଛାକୁ ମୋହର ପୂରା କର ପ୍ରଭୁ
ଦିଅ ନାହିଁ ବାହୁଡାଇ
ପ୍ରଭୁ ଦିଅ କାହିଁ ... ।

ତିଲଙ୍ଗ, ହଳଦିଆ
ନିଶ୍ଚିନ୍ତ କୋଇଲି, କେନ୍ଦ୍ରାପଡ଼ା



# ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ

ଡକ୍ଟର ହରିହର କାନୁନ୍‌ଗୋ

ସମଗ୍ର ଭାରତବର୍ଷରେ ରାମ ଓ କୃଷ୍ଣ ଆଦି ଯେଉଁଭଳି ଭଗବାନଙ୍କ ଅଂଶାବତାର ହୋଇ ପୂଜା ପାଇ ଆସୁଛନ୍ତି, ଠିକ୍ ସେହିଭଳି ଓଡ଼ିଶାରେ ଜଗନ୍ନାଥ ପୂର୍ଣ୍ଣାବତାର ରୂପେ ମଧ୍ୟ ପୂଜିତ ହୋଇ ଆସୁଛନ୍ତି । ଭାରତବର୍ଷରେ ଅନ୍ୟତ୍ର ବିଷ୍ଣୁଙ୍କ ଅବତାରମାନଙ୍କୁ ପଦ୍ମଲୋଚନ ବା ଅନ୍ୟ କୌଣସି ନାମରେ ସମ୍ବୋଧିତ କରାଯାଉଥିଲାବେଳେ ଓଡ଼ିଶାରେ ସେହିଭଳି 'ଚକାଡୋଳା' ନାମରେ ଜଗନ୍ନାଥଙ୍କୁ ସମ୍ବୋଧିତ କରାଯାଇ ଆସୁଅଛି । ଏଠାରେ ଯେ ରାମକୃଷ୍ଣଙ୍କର ଉପାସନା ନହୁଏ, ଏକଥା କୁହାଯାଉନାହିଁ । ମାତ୍ର ଜଗନ୍ନାଥଙ୍କର ଉପାସନା ଏହି ଓଡ଼ିଶା ଭୂମିରେ ଏତେ ଜନପ୍ରିୟ ହୋଇ ଉଠିଛି ଯେ ତା' ଆଗରେ ଅନ୍ୟାନ୍ୟ ଉପାସନା ମଳିନ ପଡ଼ିଯାଇ ପ୍ରାଧାନ୍ୟ ହରାଇ ବସିଛି । ତେଣୁ ଓଡ଼ିଶାର ଧର୍ମ କହିଲେ କେବଳ ଜଗନ୍ନାଥଙ୍କର ଉପାସନାକୁ ହିଁ ବୁଝାଏ । ଏହି ପୁଣ୍ୟ ପବିତ୍ର ଧାମରେ ଶୈବ, ନାଥ, ଜୈନ, ବୌଦ୍ଧ, ଭାଗବତ ଓ ବୈଷ୍ଣବ ଆଦି ଅନେକ ଧର୍ମ ମତବାଦର ପ୍ରଭାବ, ପ୍ରତିଷ୍ଠା ଓ ବିଲୟ ଘଟିଥିଲେ ମଧ୍ୟ ଏ ଜାତିର ରାଷ୍ଟ୍ର ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ନିଜ ଆସ୍ଥାନରୁ ତିଳେ ହେଲେ କେହି ଟଳାଇ ପାରିନାହାନ୍ତି । ବିଭିନ୍ନ ଧର୍ମ ମତବାଦର ପ୍ରଭାବରେ ଯେଉଁ ଧର୍ମାଦର୍ଶ ଜନସାଧାରଣଙ୍କ ଦ୍ୱାରା ଆଦୃତ, ତାହା ଜଗନ୍ନାଥଙ୍କଠାରେ କେବଳ ଆରୋପିତ ହୋଇଛି ମାତ୍ର । କିନ୍ତୁ ଜଗନ୍ନାଥଙ୍କୁ ବାଦ୍ ଦେଇ ସେମାନଙ୍କର ଧର୍ମାଦର୍ଶ ସ୍ୱତନ୍ତ୍ର ଭାବେ ତିଷ୍ଠି ପାରିନାହିଁ । ଫଳତଃ ଶାକ୍ତ - ତାନ୍ତ୍ରିକ ଭାଗବତ ଧର୍ମ ଆଦି ପୂଜା-ଉପାସନାକୁ ଜଗନ୍ନାଥ ଉପାସନାରେ ପ୍ରଚଳିତ କରାଇ ସ୍ୱ ସ୍ୱ ଧର୍ମର ବୈଶିଷ୍ଟ୍ୟକୁ ବଜାଇ ରଖିବା ପାଇଁ ଉଦ୍ୟମ କରାଯାଇଛି । କିନ୍ତୁ ଜଗନ୍ନାଥ ଏ ସମସ୍ତ ଧର୍ମ ଦର୍ଶନ ଓ ମତବାଦର ବହୁ ଊର୍ଦ୍ଧ୍ୱରେ । ପ୍ରାଚୀନ ଐତିହ୍ୟ ସଂପନ୍ନ ଓଡ଼ିଆ ଜାତିର ଇତିହାସରେ ଜଗନ୍ନାଥ ହିଁ ଆରାଧ୍ୟ ଦେବତା ରୂପେ ସ୍ୱୀକୃତ । ଅତଏବ ଜଗନ୍ନାଥଙ୍କ ଇତିହାସ ହିଁ ଏ ଜାତିର ଇତିହାସ । ଜଗନ୍ନାଥ ହିଁ ଓଡ଼ିଆ ଜାତିର ସର୍ବସ୍ୱ । ଓଡ଼ିଆ ଜାତିର ଐତିହ୍ୟ, ପରମ୍ପରା, ଧର୍ମ-ଦର୍ଶନ ଆଦି ପ୍ରତ୍ୟେକ ସ୍ତରରେ ଜଗନ୍ନାଥ ସଂସ୍କୃତିର ମହିମା ଯୁଗେ ଯୁଗେ ଉଦ୍‌ଘୋଷିତ ହୋଇଛି ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ବିଖ୍ୟାତ କବି ଜୟଦେବ ଭଗବାନଙ୍କ ଦଶାବତାର ସ୍ତୋତ୍ର ବର୍ଣ୍ଣନା କଲାବେଳେ ନବମ ଅବତାର ଭାବରେ ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କୁ ଏକ ଅବତାର ଭାବରେ ଗ୍ରହଣ କରି ନେଇଛନ୍ତି । ଯେପରି -

'ନିନ୍ଦସି ଯଜ୍ଞ ବିଧେରହହ ଶ୍ରୁତି ଜାତମ୍
ସଦୟ ହୃଦୟ ଦର୍ଶିତ ପଶୁଘାତମ୍
କେଶବ ଧୃତ ! ବୁଦ୍ଧ ଶରୀର, ଜୟ ଜଗଦୀଶ ହରେ ।'

ବୁଦ୍ଧ - ଜଗନ୍ନାଥଙ୍କର ଏଭଳି ବର୍ଣ୍ଣନାରେ ସତେ ଯେପରି ପୂର୍ଣ୍ଣତା ପ୍ରାପ୍ତି ହୋଇଛି । ପରବର୍ତ୍ତୀ କାଳରେ ଏହି ବୁଦ୍ଧ - ଜଗନ୍ନାଥଙ୍କୁ କେନ୍ଦ୍ର କରି ବହୁଧର୍ମର ମତବାଦ ମୁଣ୍ଡ ଟେକି ଉଠିଛି । କିନ୍ତୁ ବୌଦ୍ଧ ଧର୍ମର ପ୍ରଚଣ୍ଡ ପ୍ରଭାବକୁ ପ୍ରତିହତ କରିବାରେ କୌଣସି ଧର୍ମ ସଂପ୍ରଦାୟ କ୍ଷମ ହୋଇପାରିନାହିଁ । କିନ୍ତୁ କେବଳ ବ୍ରାହ୍ମଣ୍ୟ ଧର୍ମର ପ୍ରବଳ ବିରୋଧ ହିଁ ବୌଦ୍ଧ ଧର୍ମକୁ ପତନୋନ୍ମୁଖୀ କରିଦେଇଛି । ତଥାପି ଓଡ଼ିଶାରେ ବୌଦ୍ଧ ମହାଯାନର ଶୂନ୍ୟବାଦ, ବଜ୍ରଯାନ, ସହଜଯାନ, ଚୌରାଅଶି ସିଦ୍ଧାଚାର୍ଯ୍ୟ ସମେତ ନାଥଧର୍ମର ପ୍ରଚାର ପ୍ରସାର ସାଙ୍ଗକୁ ଭାଗବତ ଧର୍ମ ଅନ୍ତର୍ଗତ ବୈଷ୍ଣବ ବା ବ୍ରାହ୍ମଣ୍ୟ ଧର୍ମର ବିକାଶ ଘଟିଥିଲା । ଜଗନ୍ନାଥଙ୍କୁ କେନ୍ଦ୍ର କରି ଏସବୁ ପରସ୍ପର ସମ୍ମିଳିତ ହୋଇ ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀ ବେଳକୁ ଏକ ଗଣଧର୍ମରେ ରୂପାନ୍ତରିତ ହୋଇଥିଲେ । ଯୁଗେ ଯୁଗେ ଧର୍ମ ମତବାଦର ସୂକ୍ଷ୍ମ ଦାର୍ଶନିକ ତତ୍ତ୍ୱଗୁଡ଼ିକ ଭିନ୍ନ ଭିନ୍ନ ରୂପେ ବିଭିନ୍ନ ଧର୍ମରେ ପରିଲକ୍ଷିତ ହୋଇଥିଲେ ମଧ୍ୟ ସେ ସବୁର ସାରତତ୍ତ୍ୱକୁ ସାଧାରଣ ଜନତା ଗ୍ରହଣ କରିନେଇ ଗୋଟିଏ ଧର୍ମ ଭାବରେ ଜଗନ୍ନାଥ ଧର୍ମକୁ ମାନି ନେଇଛନ୍ତି । ପ୍ରାଚୀନ ଜଗନ୍ନାଥ ଧର୍ମର ପ୍ରତିଷ୍ଠା ହିଁ ସବୁ ମତବାଦର କେନ୍ଦ୍ରବିନ୍ଦୁ । ଏହି ପ୍ରାଚୀନ ଗଣଧର୍ମ - ଜଗନ୍ନାଥ ଉପାସନାରେ ସର୍ବଧର୍ମ ମତବାଦକୁ ଆତ୍ମସ୍ଥ କରିଛି । ତେଣୁ ଜଗନ୍ନାଥଙ୍କୁ ଆଶ୍ରୟ କରି ଯେଉଁ ଗଣଧର୍ମ ସମଗ୍ର ଓଡ଼ିଶାରେ ସୃଷ୍ଟି ହୋଇଥିଲା, ସେଭଳି ଧର୍ମ ସମନ୍ୱୟ ଭାରତବର୍ଷରେ ଏକ ବିରଳ ଘଟଣା ।

ଅନେକ ଗବେଷକ ଜଗନ୍ନାଥଙ୍କୁ ପତିତପାବନ ନାମରେ ସମ୍ବୋଧିତ କରିଥାନ୍ତି । କିନ୍ତୁ ଏହା ଯଥାର୍ଥ ନୁହେଁ । ଏହି ଗଣଧର୍ମର ଦେବତା ଜଗନ୍ନାଥ କେବେ ପତିତପାବନ ହୋଇନପାରନ୍ତି । ପୃଥିବୀର ଜନସମାଜକୁ ପତିତ ମଣି ସାରା ଜଗତରେ ସାମ୍ୟ ନିୟାମକ, ବିଶ୍ୱ

ସତ୍ୟର ପ୍ରତୀକ ଜଗନ୍ନାଥଙ୍କଠାରେ ଏ ପତିତପାବନ ନାମଟି ଆରୋପ କରାଯାଇନପାରେ । କାରଣ ଗଣର ଦେବତା ଜଗନ୍ନାଥଙ୍କ ପାଖରେ କେହି ପତିତ ନୁହଁନ୍ତି । ସେ କାହାକୁ ସତରେ ପତିତ କରନ୍ତି ନାହିଁ ବା ମଣନ୍ତି ନାହିଁ । ତାଙ୍କ ପାଖରେ ଦରିଦ୍ର-କାଙ୍ଗାଳ ଅପବିତ୍ର ନୁହେଁ, କି ବ୍ରାହ୍ମଣ, ଶିଳ୍ପୀ, ବଣିକ, ରାଜା, ଜମିଦାର ଓ ମଠାଧୀଶ ଆଦି ଧନୀ ବା ପ୍ରଭାବଶାଳୀ ବ୍ୟକ୍ତି ବା ଜାତି ବୋଲି କେହି ବେଶୀ ପବିତ୍ର ନୁହଁନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାହିଁ ବା ପତିତ ବୋଲି କେହି ଅପବିତ୍ର ନୁହଁନ୍ତି, ସେ ପୁଣି ପତିତପାବନ ହେବେ କିପରି ? ଅତଏବ ଜଗନ୍ନାଥ ପତିତପାବନ ନୁହଁନ୍ତି । ସେ ହେଉଛନ୍ତି ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱ ତତ୍ତ୍ୱର ଏକରେ ପ୍ରକାଶ ରୂପ ବହୁ । ସେ ବିଶ୍ୱମୈତ୍ରୀର ପ୍ରତୀକ ଶୁଦ୍ଧ-ବୁଦ୍ଧ-ଜଗନ୍ନାଥ । ବ୍ରାହ୍ମଣର ଉପାସ୍ୟ ଶବର ଦେବତା ଜଗନ୍ନାଥଙ୍କଠାରେ ଯୁଗ ଯୁଗ ଧରି ରହି ଆସିଥିବା ଆରୋପ ଜନିତ ମଳିନତାକୁ ତୁଟାଇ ସେ ହୋଇଛନ୍ତି ନିଷ୍କଳଙ୍କ ଦେବତା ଶ୍ରୀଜଗନ୍ନାଥ । ତାହାଙ୍କର ସେହି ପୂଜା ଉପାସନାରେ ଭାରତୀୟ ସଂସ୍କୃତିର ମୂଳାଧାର ସାଂଖ୍ୟଯୋଗ ଓ ଦର୍ଶନର ସେହି ଭୂତ-ପ୍ରକୃତି-ମୋକ୍ଷର ଯଥାର୍ଥ କୈବଲ୍ୟ ଉପଲବ୍ଧି ହୋଇଥାଏ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ଓଡ଼ିଆ ଜାତିର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ସର୍ବଧର୍ମ ସମନ୍ୱୟର ଦେବତା ଭାବରେ ପରିଚିତ । ଜଗନ୍ନାଥଙ୍କର ମହାପ୍ରସାଦ ହିଁ ଏ ଜାତିର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରେ । କେବଳ ଜଗନ୍ନାଥଙ୍କର ଅଭଡ଼ା ବା ମହାପ୍ରସାଦରେ ଜାତିଭେଦ ନାହିଁ । ଏହା ଏକ ସାମାନ୍ୟ କଥା ନୁହେଁ । ଏହା ଭିତରେ ଲୁଚି ରହିଛି ଏ ଜାତିର ପ୍ରାଚୀନ ଐତିହ୍ୟ ପରମ୍ପରା । ଓଡ଼ିଆ ଜାତି ଆଜି ମହାପ୍ରସାଦ ପାଇଁ ଗର୍ବିତ । କିନ୍ତୁ ଜାତି ଭେଦଶୂନ୍ୟ ମହାପ୍ରସାଦ ସେବନର ପରମ୍ପରା ଶ୍ରୀମନ୍ଦିରରେ ପ୍ରଚଳିତ ଥିବାରୁ ଭାରତର ପଶ୍ଚିମ ଭାଗର ବହୁ ନୈଷ୍ଠିକ ବ୍ରାହ୍ମଣ ଜଗନ୍ନାଥ ଦର୍ଶନ ପାଇଁ ଚାରିଧାମ ଭିତରେ ଶ୍ରେଷ୍ଠତ୍ୱ ଲାଭ କରିଛି । ପୁରୀ ଜଗନ୍ନାଥ ଧାମର ପବିତ୍ରତା ଓ ଏହାର ଭୌଗୋଳିକ ଅବସ୍ଥିତି ଯୋଗୁଁ ପୃଥିବୀର ବିଭିନ୍ନ ଦେଶରୁ ବହୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକ ଏହି କ୍ଷେତ୍ରରେ ସମବେତ ହୁଅନ୍ତି । ବିଶେଷତଃ ଏହି ଶ୍ରୀମନ୍ଦିର ବେଢ଼ାରେ ମହାପ୍ରସାଦ ସେବନରେ ଜାତି-ଧର୍ମ-ନିର୍ବିଶେଷରେ ସମସ୍ତଙ୍କର ପଙ୍‌କ୍ତିଭୋଜନ ଅଧିକାର ଓ ନିର୍ବିକାରତ୍ୱ ଏହି ଜନପ୍ରିୟତାର ଆଉ ଏକ କାରଣ । ନୈଷ୍ଠିକ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଆଦି ସମସ୍ତ ଜାତିର ଲୋକେ ନିର୍ବିକାର ଚିତ୍ତରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ ସାଙ୍ଗକୁ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରିଥାଏ । ମହାପ୍ରସାଦ ସେବନ ସମୟରେ 'ଜାତିଭେଦ'ର ଗରଳ କାହାରିକୁ ସ୍ପର୍ଶ କରିପାରେ ନାହିଁ । କାୟ ମନୋବାକ୍ୟରେ ଏହି ଜାତିଭେଦ ପ୍ରଥାକୁ ସେ ଦୂରେଇ ଦେଇ ସମବେତ ଶ୍ରଦ୍ଧାଳୁ ଭକ୍ତ ଦର୍ଶକ ବା ଧର୍ମପ୍ରାଣ ବ୍ୟକ୍ତି ମେଳରେ ଆନନ୍ଦ ଓ ନିର୍ମଳ ହୃଦୟରେ ମହାପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ପରମୁଖରେ ମହାପ୍ରସାଦ ଅନ୍ନ ଦେଇ ସେଥିରୁ ଉଚ୍ଛିଷ୍ଟ ଅଂଶ ନିଜେ ସେବନ କରି ସେ ଅଧିକ ପବିତ୍ର ମନେ କରେ । ଏହି ଏକାତ୍ମଭାବ ଓ ଭ୍ରାତୃତ୍ୱ ଭବ ହିନ୍ଦୁ ଜଗତର ଐକ୍ୟ ଓ ଅଖଣ୍ଡତା ପ୍ରତିପାଦିତ କରିବା ସଂଗେସଂଗେ ମାନବ ଧର୍ମର ଉଦାରତା ମଧ୍ୟ ପ୍ରତିପାଦନ କରିଥାଏ । ଏହା ହିଁ ସେହି ପବିତ୍ର ପୀଠର ପରମ୍ପରା ।

ବରିଷ୍ଠ ପ୍ରାଧ୍ୟାପକ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବି.ଜେ.ପି. (ସ୍ୱୟଂଶାସିତ) ମହାବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୧୪

---

# ଅଦ୍ଭୁତ ବାଜିକର

ସୁବ୍ରତ କୁମାର ଇନ୍ଦ୍ରସିଂହ

ତମେ ଗଢ଼ିଛ
ମାଟି ଆକାଶ
ଚନ୍ଦ୍ର ତପନ ।

ତମେ ରଚିଛ
ନଦୀ, ସମୁଦ୍ର
ବର୍ଷା, ପବନ ।

ତମେ ବିନ୍ଧାଣି
ସ୍ଥାବର ଜଙ୍ଗମର
ତମେଇ ଶିଳ୍ପୀ
ଚଉଦ ଭୁବନର ।
ତମେ ନିୟାମକ
ଧ୍ୱଂସ ସୃଜନର ।



ତମେ ମହାଦୃଶ୍ୟ
ସକଳ ନୟନର ।

କେତେ ବା ସାମର୍ଥ୍ୟ
ସାମାନ୍ୟ ମାନବର ।
ବୁଝିବ ତମଖେଳ
ବାହ୍ୟ ଅଭ୍ୟନ୍ତର ।

ଅବୋଧ ବାଜିକର
ସଭିଙ୍କ ଅଗୋଚର ।
ତମେଇ ଜ୍ଞାନାତୀତ
ନିଖିଳ ବ୍ରହ୍ମାଣ୍ଡର ।

ବଡମ୍ବା, କଟକ



# ଜଗତର ନାଥ ଜଗନ୍ନାଥ

ରବି ମହାପାତ୍ର

**ଜ**ଗନ୍ନାଥ ଧର୍ମର ସୃଷ୍ଟି ଧର୍ମକୁ ଜନଆଧାରିତ ଓ ଗଣଆଧାରିତ କରିବା ନିମନ୍ତେ । ଜଗନ୍ନାଥ ସଂସ୍କୃତି ହିଁ ମାନବୀୟ ସଂସ୍କୃତି । ଜଗନ୍ନାଥ ଧର୍ମ ଅନୁପସ୍ଥିତିରେ କୌଣସି ଜାଗତିକ ଧର୍ମସଂସ୍କୃତି ହୋଇପାରେନା । ଏହା କେବଳ ଉତ୍କଳର ଧର୍ମ ନୁହେଁ ସାରା ଜଗତର ଧର୍ମ । ସମଗ୍ର ମାନବ ସମାଜର ଧର୍ମ । ସେ ହେଉଛନ୍ତି ପୃଥିବୀର ଏକମାତ୍ର ଦାରୁ ଦେବତା । ବୌଦ୍ଧମାନେ ତାଙ୍କୁ କୁହନ୍ତି ବୁଦ୍ଧ । ଜୈନମାନେ ତାଙ୍କୁ କୁହନ୍ତି ଜୀନ । ଶୈବମାନଙ୍କର ସେ ଶିବ । ଶାକ୍ତମାନଙ୍କର ଭୈରବୀ । ଗଣପତ୍ୟମାନଙ୍କର ଗଣପତି । ବୈଷ୍ଣବମାନେ କହନ୍ତି ତାଙ୍କର ସେ ବିଷ୍ଣୁ । କିନ୍ତୁ ପ୍ରକୃତରେ ସେ କାହାରି ନୁହନ୍ତି । ଚିରାଚରିତ ଭାବରେ ସଦା ରହସ୍ୟମୟ । ବିଶ୍ୱର ମାନବ ସମାଜକୁ ରୀତି, ନୀତି ଓ ଗୀତିରେ ବାନ୍ଧି ରଖିଛନ୍ତି ଯୁଗଯୁଗାନ୍ତର ପାଇଁ । ତାଙ୍କର ରଥ ହେଉଛି ସମାଜବାଦର ଚିନ୍ତା-ଚୈତନ୍ୟର ରଥ । ପତିତପାବନ ରଥଯାତ୍ରା ହେଉଛି ସାମ୍ୟବାଦ ରଥଯାତ୍ରା । ପ୍ରତିକ୍ରିୟାଶୀଳ ଗୋଷ୍ଠୀ, ଜାତି, ବର୍ଣ୍ଣବିଦ୍ୱେଷୀମାନଙ୍କୁ ନାଶ କରିବାର ଯାତ୍ରା । ଏକଥା କହି ଆସିଛନ୍ତି ଆମ ଓଡ଼ିଶାବାସୀ - ରାଜ୍ୟ ତଥା ଦେଶର ବହୁ ପ୍ରତିଷ୍ଠିତ ଲେଖକ, ମନିଷୀ, ମହାପୁରୁଷମାନେ । କିନ୍ତୁ ମନରେ ସ୍ୱତଃ ପ୍ରଶ୍ନ ଉଠେ ବର୍ତ୍ତମାନର ମାନବସମାଜର ଅଧିକାଂଶ ହିଂସାଦ୍ୱେଷ, ଅସହନଶୀଳତା, ଧର୍ମାନ୍ଧତା ଓ ଅସହାୟତାର ସଂକୀର୍ଣ୍ଣ ଜାତିଆଣ ମନୋଭାବର ପ୍ରାବଲ୍ୟରେ କଳୁଷିତ । ଉପରୋକ୍ତ ତଥ୍ୟକୁ ଭିତ୍ତିକରି ଜଗନ୍ନାଥଙ୍କୁ ଜଗତର ନାଥ ତଥା ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ବା ମାନବୀୟ ସଂସ୍କୃତି ଭାବରେ ସ୍ୱତଃସ୍ଫୁର୍ତ୍ତ ଭାବରେ ଗ୍ରହଣ କରିପାରିବେ ତ ? ବିଶେଷତଃ ଏବେକାର ଯୁବପିଢ଼ି ଯେଉଁମାନଙ୍କୁ ସମାଜର ବଡ଼ପଣ୍ଡାମାନେ କହୁଛନ୍ତି ପଥଭ୍ରଷ୍ଟ, ସେମାନେ ଭାବୁଛନ୍ତି ତଥାକଥିତ ସମାଜ ସେମାନଙ୍କୁ ନ୍ୟାୟ ଦେବାରେ ଅସମର୍ଥ । ଏହି ଘୁଣଧରା ସମାଜକୁ ସେମାନେ ଚାହାନ୍ତି ଭାଙ୍ଗି ଖଣ୍ଡବିଖଣ୍ଡିତ କରିବାକୁ । କିନ୍ତୁ ତାକୁ ଭାଙ୍ଗି ସାରିବା ପରେ କ'ଣ କେମିତି ନୂଆକରି ତୋଳିବେ ତାଙ୍କୁ ଜଣାନାହିଁ । ସେମାନେ କେବଳ ଭାଙ୍ଗିବାର ମତୱାରେ ପ୍ରମତ୍ତ । ସମାଲୋଚକମାନଙ୍କ ଭାଷାରେ ସେମାନେ ନିଜର ଗୌରବୋଜ୍ଜ୍ୱଳ ଐତିହ୍ୟଭରା ସଂସ୍କୃତିକୁ ଛାଡ଼ି ଅପସଂସ୍କୃତିକୁ ଆପଣେଇ ନେଉଛନ୍ତି । ସେମାନେ ଏବେବି କ'ଣ ଜଗନ୍ନାଥଙ୍କୁ ଜଗତର ନାଥ ଏବଂ ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସଂସ୍କୃତି ଭାବରେ ଆଦରି ନେବାକୁ ପ୍ରସ୍ତୁତ ? ସେଥିପାଇଁ ଯେଉଁମାନେ ଜଗନ୍ନାଥଙ୍କର ପରମଭକ୍ତ, ତାଙ୍କ ଧର୍ମର ପ୍ରଚାରକ, ତାଙ୍କ ସଂସ୍କୃତି ନିଜର ସଂସ୍କୃତି ଭାବରେ ଗ୍ରହଣ କରିଛନ୍ତି । ସେମାନଙ୍କର ଜଗତର ନାଥ ଜଗନ୍ନାଥଙ୍କ ତତ୍ତ୍ୱ ଉପରେ ବିଶ୍ୱାସ ଅତୁଟ ରଖିବା ପାଇଁ ଅବକ୍ଷୟଗ୍ରସ୍ତ ଏହି ମାନବ ସମାଜରେ ସାର୍ବଜନୀନ କରିବା ପାଇଁ କେଉଁ ପଥ ଅବଲମ୍ବନ କରିବା ଉଚିତ ?

ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ସୃଷ୍ଟି ହୋଇଥିଲା ଭାରତର ବିରାଟ ପ୍ରାଣବନ୍ତ ପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ସମୟରେ । ସେତେବେଳେ ଭାବବାଦର ପ୍ରାଚ୍ୟ ସଂସ୍କୃତି ଏବଂ ବସ୍ତୁବାଦର ପାଶ୍ଚାତ୍ୟ ସଂସ୍କୃତି ମଧ୍ୟରେ ସୃଷ୍ଟି ହୋଇଥିଲା ତୀବ୍ର ପ୍ରତିଦ୍ୱନ୍ଦିତା । ଗୋଟିଏ ପଟେ ଥିଲା ଶାନ୍ତ ସମାହିତ ଆଧାତ୍ମିକଭରା ପ୍ରାଚ୍ୟଦର୍ଶନ । ଅନ୍ୟପକ୍ଷେ ପ୍ରତୀଚିର ବସ୍ତୁତାନ୍ତ୍ରିକ ଜଡ଼ବାଦୀ ଦର୍ଶନ । ଆତ୍ମବିଶ୍ୱାସର ମୂର୍ତ୍ତିମନ୍ତ ପ୍ରତୀକ ତଥା ଅପୂର୍ବ ପ୍ରତିଭାସମ୍ପନ୍ନ ସ୍ୱାମୀ ବିବେକାନନ୍ଦ ଆଣି ପାରିଥିଲେ ଏହି ଦୁଇ ସଂସ୍କୃତି ମଧ୍ୟରେ ଏକ ଅପୂର୍ବ ସମନ୍ୱୟ । ପାଶ୍ଚାତ୍ୟ ଦର୍ଶନରୁ ନିର୍ଯ୍ୟାସଗୁଡ଼ିକୁ ଆଣି ସେଗୁଡ଼ିକୁ ଇଣ୍ଡିଆନାଇଜ୍ କରି ଆମ ପରିବେଶ ସଂସ୍କୃତି ସହିତ ଖାପଖୁଆଇ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ସେତେବେଳେ ତାହା ସବୁପିଢ଼ିର ଲୋକମାନଙ୍କ ପାଇଁ ଅନେକାଂଶରେ ଗ୍ରହଣୀୟ ହୋଇପାରିଥିଲା । ବର୍ତ୍ତମାନ ଜଗନ୍ନାଥ ତତ୍ତ୍ୱ, ଧର୍ମ ଓ ସଂସ୍କୃତିକୁ ସେହିଭଳି ଜଗତବାସୀଙ୍କ ସମ୍ମୁଖରେ ଉପସ୍ଥାପନା କରିବାର ଆବଶ୍ୟକତା ଅଛି କି ? ମୋ' ମତରେ ଗତାନୁଗତି ପନ୍ଥାରେ ଆମେ ଗୁଣଗାନ ନକରି ତାହାକୁ ଯୁକ୍ତିଶାସ୍ତ୍ରର ସାହାଯ୍ୟରେ ଜ୍ୟାମିତିକ ଉପପାଦ୍ୟ ପରି ପ୍ରମାଣ କରିବାର ସମୟ ଆସିଛି । ଫଳରେ ବର୍ତ୍ତମାନ ପରିସ୍ଥିତିରେ ଅଧିକ ଗ୍ରହଣୀୟ ହୋଇପାରିବ । ଏପ୍ରକାର ଉଦ୍ୟମ ଆଗରୁ କେତେଜଣ ଯଶସ୍ୱୀ ଲେଖକଙ୍କ ଦ୍ୱାରା କରାଯାଇଛି । କିଛିଦିନ ପୂର୍ବରୁ ପୁଣି ଏକ ଲେଖା ଉତ୍କଳ ପ୍ରସଙ୍ଗ କିମ୍ବା ଅନ୍ୟ କୌଣସି ପତ୍ରିକାରୁ ପଢ଼ିଥିଲି ଏବଂ ତାହାକୁ ଭିତ୍ତିକରି ବହୁ ସ୍ଥାନରେ ମୁଁ ମୋର ନିଜର ଅଭିଭାଷଣରେ ତର୍କଶାସ୍ତ୍ର ସାହାଯ୍ୟରେ ଜଗନ୍ନାଥଙ୍କ ତତ୍ତ୍ୱ ଉପସ୍ଥାପନ କରିଛି । ଏବେ ତାହାରି ଅନୁସରଣରେ ଉକ୍ତ ପ୍ରବନ୍ଧଟି ଲେଖିବା ପାଇଁ ଉଦ୍ୟମ କରିଛି ।

ଜଗନ୍ନାଥ ହେଉଛନ୍ତି ବିଶ୍ୱ ସଂସ୍କୃତି ତଥା ମାନବୀୟ ସଂସ୍କୃତିର ପ୍ରତୀକ ଏବଂ ପୃଥିବୀର ଅଦ୍ୱିତୀୟ ସାଂସ୍କୃତିକ ଦେବତା । ଏହି ଉକ୍ତିକୁ ଯଥାର୍ଥ ବୋଲି ଜ୍ୟାମିତିର ଉପପାଦ୍ୟ ଢଙ୍ଗରେ ଯଦି ପ୍ରମାଣ କରିବାକୁ ପଡ଼େ ତାହାହେଲେ ଆମକୁ ପ୍ରଥମେ ଜାଣିବାକୁ ପଡ଼ିବ ସଂସ୍କୃତି କ'ଣ ? ବିଶ୍ୱ ସଂସ୍କୃତି ବା ମାନବୀୟ ସଂସ୍କୃତି କାହାକୁ କୁହାଯାଏ ଏବଂ ସାଂସ୍କୃତିକ ଦେବତାର ଅର୍ଥ କ'ଣ ? ତା'ପରର କାର୍ଯ୍ୟ ହେବ ଏହା ଜଗନ୍ନାଥଙ୍କ କ୍ଷେତ୍ରରେ କିପରି ସଫଳ ଭାବରେ ପ୍ରୟୋଗ କରାଯାଇପାରିଛି ।

ସଂସ୍କୃତି ଅର୍ଥ ହେଉଛି ପରମ୍ପରା । ଜୀବନଧାରଣର ଶୈଳୀ । ପ୍ରାଣ ବିନା ଶରୀର ଯେପରି ମୂଲ୍ୟହୀନ ସଂସ୍କୃତି ବିନା ଜାତି ସେହିପରି ଅର୍ଥହୀନ । ଯେଉଁ ଦେବତା ଗୋଟିଏ ଜାତି କିମ୍ବା ମାନବସମାଜର ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଜଡ଼ିତ ତାଙ୍କୁ ସାଂସ୍କୃତିକ ଦେବତା କୁହାଯାଇପାରେ । ବର୍ତ୍ତମାନ ଆମକୁ ପ୍ରମାଣ କରିବାକୁ ହେବ ଜଗନ୍ନାଥଙ୍କୁ ସାଂସ୍କୃତିକ ଦେବତା ବୋଲି କାହିଁକି କୁହାଯିବ ?

କେତେକଙ୍କ ମତରେ ପୃଥିବୀରେ ସମସ୍ତ ଦେବତାମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ -

**୧. ଆଧ୍ୟାତ୍ମିକ ଦେବତା -** ଏମାନଙ୍କୁ ସର୍ବୋଚ୍ଚ-ସର୍ବବ୍ୟାପୀ ଦେବ ଶ୍ରେଷ୍ଠ ବୋଲି କୁହାଯାଇପାରେ । ଖ୍ରୀଷ୍ଟିଆନମାନଙ୍କର ଏହି ଶ୍ରେଣୀ ଦେବତାଙ୍କୁ କୁହାଯାଏ ସୁପ୍ରିମ୍ ଗଡ୍ । ହିନ୍ଦୁମାନଙ୍କର ବିଷ୍ଣୁ, ଶିବ, ଲକ୍ଷ୍ମୀ, ବ୍ରହ୍ମା ଇତ୍ୟାଦି । ଶବରମାନଙ୍କର କିତୁଙ୍ଗ । ମୁସଲମାନଙ୍କର ଆହ୍ଲା । ସମ୍ପୃକ୍ତ ଧର୍ମଶାସ୍ତ୍ରାନୁସାରେ ସେମାନଙ୍କୁ ଆଦିସ୍ରଷ୍ଟା ଆଖ୍ୟା ଦିଆଯାଇଛି । ସେମାନଙ୍କର ସ୍ଥିତି ପାର୍ଥିବ ଜଗତରୁ ବହୁଊର୍ଦ୍ଧ୍ୱରେ ଯଥା- ସ୍ୱର୍ଗ, ବୈକୁଣ୍ଠ, ଜହ୍ନତ୍, କୈଳାଶ, ଗୋଲକ ଇତ୍ୟାଦି । ସେମାନଙ୍କର ରୂପକୁ କେବଳ କଳ୍ପନା ମାଧ୍ୟମରେ ରୂପାୟିତ କରାଯାଇଥାଏ ।

**୨. ଅବତାରିକ -** ଦେବଶ୍ରେଷ୍ଠମାନଙ୍କର ଆଂଶିକ କଳା ଧାରଣ କରି ପୃଥିବୀର କୌଣସି ପିତାଙ୍କ ଔରସରେ ମାତାଙ୍କ ଗର୍ଭରୁ ବିଭିନ୍ନ ସମୟରେ ଜନ୍ମ ନେଇଥାନ୍ତି । ବିଭିନ୍ନ ପ୍ରକାର ଅଭୁତପୂର୍ବ କାର୍ଯ୍ୟ କରି ସେ ନିଜ ଅଲୌକିକ ଶକ୍ତିର ପରିଚୟ ଦେଇଥାନ୍ତି । ଯେତେବେଳେ ମାନବସମାଜ ଦୁଷ୍ଟମାନଙ୍କର ଦୌରାତ୍ମ୍ୟରେ ଶିକାର ହୋଇଥାଏ, ସେତେବେଳେ ସେ ମାନବଜାତିର କଲ୍ୟାଣ ନିମନ୍ତେ ଦୁଷ୍ଟମାନଙ୍କୁ ନିବାରଣ କରି ଶାନ୍ତି ସ୍ଥାପନ କରିବାରେ ସହାୟକ ହୋଇଥାନ୍ତି । ଏହିଭଳି ଘଟଣାର ପ୍ରକୃଷ୍ଟ ଉଦାହରଣ ହେଉଛି ହିନ୍ଦୁମାନଙ୍କର ରାମକୃଷ୍ଣ, ଖ୍ରୀଷ୍ଟିଆନମାନଙ୍କର ଯୀଶୁ, ମୁସଲମାନଙ୍କର ମହମ୍ମଦ ଇତ୍ୟାଦି ।

**୩. ସାଂସ୍କୃତିକ ଦେବତା -** ଏହି ଦେବତା ମାନବ ଜାତିର ସଂସ୍କୃତି ସହ ଓତଃପ୍ରୋତ ଭାବରେ ଜଡ଼ିତ ଥାଆନ୍ତି । ଜଣେ ମଣିଷ ଭଳି ଏମାନଙ୍କର ରୀତି, ନୀତି ଓ ଜୀବନଯାପନ ପ୍ରଣାଳୀ ହୋଇଥାଏ । ଏ ବାବଦରେ ଅନୁଧ୍ୟାନ କଲେ ଜଣାଯାଏ ଯେ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି, କୃଷି, ସଭ୍ୟତା ସମସ୍ତ ସମର୍ପିତ ହୋଇଛି ଜଗନ୍ନାଥଙ୍କୁ । ଏହି ଜାତିର ସାହିତ୍ୟ ମୂଳରୁ ଶେଷ ଯାଏଁ ଜଗନ୍ନାଥଙ୍କ କଥା, କାହାଣୀ, ଗୀତିଗାଥା, ଚେତନା, ବନ୍ଦନା, ଜଣାଣ, ସ୍ତୁତି, ଆଶୀର୍ବାଦ, ଭିକ୍ଷାରେ ଭରପୂର । ତାଙ୍କୁ କୁହାଯାଇଛି ଜଗତର ନାଥ । ସହାବସ୍ଥାନ, ସମନ୍ୱୟ, ଶାନ୍ତି, ମୁକ୍ତି ତଥା ଦେହାତୀତ ଚେତନାକୁ ଦେହ ଭିତରେ ଚେତେଇ ଦେବାପାଇଁ ତାଙ୍କୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ସେ ସଗୁଣ ଓ ନିର୍ଗୁଣ । ସାକାର ଓ ନିରାକାର । ସେ କେବଳ ଓଡ଼ିଆମାନଙ୍କର ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟର ପ୍ରତୀକ ନୁହଁନ୍ତି ବରଂ ବହୁ ଧର୍ମ ଓ ସଂସ୍କୃତିର ସମନ୍ୱୟ ତାଙ୍କରିଠାରେ ଘଟିଛି । କହିବାକୁ ଗଲେ ଜଗନ୍ନାଥ ମାନବଜାତିର ଚିନ୍ତା, ଚେତନା ଓ ସଂସ୍କୃତିର ସଂକେତ । ତାଙ୍କର ଜୀବନଯାପନ ପ୍ରଣାଳୀ ଜଣେ ମଣିଷର ଦୈନନ୍ଦିନ କାର୍ଯ୍ୟକ୍ରମ ପରି । ପ୍ରତିହାରୀମାନଙ୍କର ମଣିମା ଡାକରେ ଜଗନ୍ନାଥଙ୍କର କର୍ମବହୁଳ ଦିନଟି ଆରମ୍ଭ ହୁଏ । ତା'ପରକୁ ପର ତିନି ଆଳତି, ବେଶ ପରିବର୍ତ୍ତନ, ଦାନ୍ତଘଷା, କର୍ପୂରମିଶା ଜଳସ୍ନାନ । ତା'ପରେ ସର୍ବଦର୍ଶନ ପାଇଁ ସାହାଣ ମେଲା । ସକାଳ ୮ଟାରୁ ୮.୩୦ ମଧ୍ୟରେ ବସ୍ତ୍ର ଓ ଅଳଙ୍କାର ଭୂଷିତ ହେବା । ୯ଟା ବେଳେ ପ୍ରାତଃ ଭୋଜନ ପାଇଁ ଗୋପାଳବଲ୍ଲଭ ଭୋଗ । ତା'ର ଘଣ୍ଟେ ପରେ ରାଜଭୋଗ । ଦିନ ୧୧ଟା ବେଳକୁ ପୁଣି ବେଶ ପରିବର୍ତ୍ତନ ଏବଂ ପରେ ପରେ ଭୋଜନ ପାଇଁ ଭୋଗମଣ୍ଡପରେ ଭୋଗ । ୧୨.୩୦ରୁ ୧ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ପିଠା ପରସା । ମଧ୍ୟାହ୍ନରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ବିଶ୍ରାମ । ତା'ପରେ ଠାକୁରଙ୍କୁ ଉଠିବା ପାଇଁ ଡାକ ପଡ଼େ । ସନ୍ଧ୍ୟା ୭ରୁ ୮ଟା ମଧ୍ୟରେ ସନ୍ଧ୍ୟାଧୂପ ମାଧ୍ୟମରେ ବାଳଭୋଗର ବ୍ୟବସ୍ଥା । ତା'ପରେ ପୁଣି ସାହାଣ ମେଲା । ରାତି ୧୦ଟା ବେଳେ ବେଶ ପରିବର୍ତ୍ତନ ଓ ଚନ୍ଦନ ପ୍ରଲେପ । ୧୦.୩୦ ବେଳେ ବଡ଼ଶୃଂଗାର ବେଶ ଏବଂ ମୂଲ୍ୟବାନ ଅଳଙ୍କାରରେ ମଣ୍ଡିତ । ୧୧.୩୦ଟା ବେଳେ ବଡ଼ଧୂପ ଏବଂ ରାତ୍ରି ଭୋଜନ । ତା'ପରେ ଦେବଦାସୀର ନୃତ୍ୟ ଓ ଗୀତ ଶୁଣୁ ଶୁଣୁ ନିଦ୍ରାର ଆଗମନ । ଏଥିପାଇଁ ମାନବଜାତି ସଂସ୍କୃତିର ଚିର ଆଦର୍ଶ ଜଗନ୍ନାଥଙ୍କୁ କୁହାଯାଏ ସାଂସ୍କୃତିକ ଦେବତା । ସେହିପରି ରୀତିନୀତି ସଂସାରର ଅନ୍ୟ କୌଣସି ଦେବତାଙ୍କ ପାଇଁ ଅନୁସରଣ କରାଯାଇ ପାରୁନଥିବାରୁ ତାଙ୍କୁ ଯଥାର୍ଥରେ କୁହାଯାଇପାରେ 'ବିଶ୍ୱର ଦ୍ୱିତୀୟ ସାଂସ୍କୃତିକ ଦେବତା' । ସେ ହିଁ ମାନବ ଜାତିର ହସ-କାନ୍ଦ, ଲହୁ-ଲୁହାଣ, ଭାବ-ଭାବାନ୍ତର, ଅଭାବ-ଅନଟନ, ଉତ୍ଥାନ-ପତନର ସାଥୀ ତଥା ମାନବିକତା ଓ ମଣିଷତାର ପ୍ରତୀକ ।

ପୃଥିବୀର ବିଭିନ୍ନ ପ୍ରକାର ସଂସ୍କୃତିର ସୃଷ୍ଟି ଓ ବିଲୁପ୍ତି ଘଟି ଚାଲିଛି । ସେଗୁଡ଼ିକ ହେଲା ଗ୍ରୀକ୍, ରୋମ୍, ଆଙ୍ଗ୍ଲୋସେକ୍ସନ୍, ଆର୍ଯ୍ୟ ଦ୍ରାବିଡ଼, ଶବର ଇତ୍ୟାଦି । ପ୍ରତ୍ୟେକ ସଂସ୍କୃତିର ଭଲ ଗୁଣଗୁଡ଼ିକୁ ଆଣି ଯଦି ଗୋଟିଏ ସ୍ଥାନରେ ରଖାଯାଏ ତା'ହେଲେ ସେଗୁଡ଼ିକ ହେବ ଅହିଂସା, ସାମ୍ୟ, ମୈତ୍ରୀ, ସାମ୍ପ୍ରଦାୟିକତାହୀନ, ଅନ୍ୟଧର୍ମକୁ ସମ୍ମାନ, ନିରହଂକାର, ଭ୍ରାତୃପ୍ରେମ, ଦୀନଦୟାଳୁତା, କୃତଜ୍ଞତା, ସ୍ୱାଧୀନତା

ଇତ୍ୟାଦି । ଏ ସମସ୍ତ ଭଲଗୁଣକୁ ମିଶ୍ରଣ କରି ଯେଉଁ ଗୋଟିଏ ସଂସ୍କୃତି ସୃଷ୍ଟି ହୁଏ ତାହାକୁ ହିଁ କୁହାଯିବ ମାନବୀୟ ସଂସ୍କୃତି ବା ବିଶ୍ୱ ସଂସ୍କୃତି । ଯାହା ହେଉଛି ସାର୍ବକାଳୀନ, ସାର୍ବଜନୀନ ଏବଂ ସାର୍ବସ୍ଥଳୀକ । ଆମକୁ ପ୍ରମାଣ କରିବାକୁ ହେବ ଯେ ଏହି ବିଶ୍ୱସଂସ୍କୃତିର ସମନ୍ୱୟ ଆଣିଛନ୍ତି ପ୍ରଭୁ ଜଗନ୍ନାଥ । ଏହି ପ୍ରମାଣ ସମ୍ଭବ ହେବ ଯଦି ମାନବୀୟ ସଂସ୍କୃତିର ସମସ୍ତ ଗୁଣଗୁଡ଼ିକ ଜଗନ୍ନାଥଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ।

**୧. ଅନ୍ୟଧର୍ମକୁ ସମ୍ମାନ ଓ ସାମ୍ପ୍ରଦାୟିକତାହୀନ -** ଶତାବ୍ଦୀ ଶତାବ୍ଦୀ ଧରି ଭାରତବର୍ଷରୁ ବହୁ ସାଧୁ, ସନ୍ନ୍ୟାସୀ, ସନ୍ଥ, ମହାତ୍ମାଗଣ ଜଗନ୍ନାଥଙ୍କ ପାଖକୁ ଆସି ନିଜକୁ ସମର୍ପଣ କରିଯାଇଛନ୍ତି । ସେମାନଙ୍କ ମଧ୍ୟରେ ଶଙ୍କର, ରାମାନୁଜ, ନାନକ, କବୀର, ଶ୍ରୀଚୈତନ୍ୟ, ମାଧବାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନିମ୍ବାର୍କ, ଯୀଶୁ ଓ ସାଲବେଗଙ୍କ ନାମ ଉଲ୍ଲେଖଯୋଗ୍ୟ । ଜଗନ୍ନାଥ ହେଉଛନ୍ତି ଏକାଧାରରେ ଅନାର୍ଯ୍ୟ ଦେବତା । ଶବର ସଭ୍ୟତାର ପ୍ରତୀକ । ବୈଦିକ ବିଚାରରେ ସେ ହେଉଛନ୍ତି ଆପ୍ରାଣିବାଦ ଦେବତା । ବ୍ରାହ୍ମଣ ମନ୍ତ୍ରରେ ସେ ଉପାସିତ । ଅଦ୍ୱୋୟତବାଦୀ ରାମାନୁଜାଚାର୍ଯ୍ୟଙ୍କ ମତରେ ସେ କାଳାତୀତ, କାଳଭୈରବ । ଜୈନ ପରମ୍ପରାର ସେ ଜୀନ । ବୌଦ୍ଧବାଦୀଙ୍କ ଅନୁଚିନ୍ତନରେ ସେ ହେଉଛନ୍ତି ଆଦିବୁଦ୍ଧ- ତ୍ରିରତ୍ନ- ସଂଘ, ଶରଣ, ଧର୍ମର ପ୍ରତୀକ । ବେଦାନୁସାରେ ସେ ବେଦ ପୁରୁଷ । ଉପନିଷଦରେ ସେ ହେଉଛନ୍ତି ବ୍ରହ୍ମ । ନିର୍ଗୁଣବାଦୀଙ୍କ ମତରେ ସେ ହେଉଛନ୍ତି ନିର୍ଗୁଣ ବ୍ରହ୍ମ । ଇସ୍‌ଲାମଧର୍ମୀ ସାଲବେଗଙ୍କର ଜଗନ୍ନାଥ ପ୍ରୀତି, ତାଙ୍କ ଜଗନ୍ନାଥ ଜଣାଣ ସର୍ବବିଦିତ । ସବୁଠାରୁ ଚମକପ୍ରଦ ତଥ୍ୟ ହେଉଛି ଏଲ୍ ସିଲାଭିନ୍ ଲେଭିଙ୍କ ଗ୍ରନ୍ଥର 'ଦି ଲାଇଫ୍ ଅଫ୍ ଯୀଶୁ ଇନ୍ ଇଣ୍ଡିଆ' ପରିଚ୍ଛେଦ ଅନୁସାରେ ଖ୍ରୀଷ୍ଟିଆନ ଧର୍ମପ୍ରଚାରକ ଯୀଶୁଖ୍ରୀଷ୍ଟ ଚାରିବର୍ଷ ଧରି ଜଗନ୍ନାଥ ମନ୍ଦିରରେ ରହି ତାଙ୍କ ଧର୍ମର ପ୍ରଚାର ପାଇଁ ଜଗନ୍ନାଥ ଧର୍ମର ଚେତନା ଓ ଆଧ୍ୟାତ୍ମିକ ପ୍ରେରଣା ଲାଭ କରିଥିଲେ ।

ବର୍ଣ୍ଣ ବିଦ୍ୱେଷ ଧର୍ମମତ ବିରୁଦ୍ଧରେ ସଂଗ୍ରାମରତ ମାନବସମାଜର ଲୋକମାନଙ୍କୁ ୩ ଭାଗରେ ବିଭକ୍ତ କରାଯାଇପାରେ । କୃଷ୍ଣବର୍ଣ୍ଣର ନିଗ୍ରୋ ଯାହାକି ଜଗନ୍ନାଥଙ୍କ ରଙ୍ଗ । ଧଳାବର୍ଣ୍ଣର ୟୁରୋପୀୟ ଯାହାକି ବଳଭଦ୍ରଙ୍କ ରଙ୍ଗ । ହଳଦିଆବର୍ଣ୍ଣର ମଙ୍ଗୋଲିଆ ଯାହାକି ଶୁଭଦ୍ରାଙ୍କର ରଙ୍ଗ । ତା'ଛଡ଼ା ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ପତିତପାବନ ରଥଯାତ୍ରା ହେଉଛି ଗୋଷ୍ଠୀ, ଜାତି, ବର୍ଣ୍ଣବିଦ୍ୱେଷମାନଙ୍କୁ ନାଶ କରିବାର ଯାତ୍ରା । ତେଣୁ ମାନବୀୟ ସଂସ୍କୃତିର ଉପରୋକ୍ତ ଗୁଣଟି ଜଗନ୍ନାଥଙ୍କ କ୍ଷେତ୍ରରେ ଯଥାର୍ଥ ଭାବରେ ପ୍ରଯୁଜ୍ୟ ।

**ସାମ୍ୟଭାବ -** ଜଗନ୍ନାଥ ମନ୍ଦିରରେ କଳା-ଗୋରା, ଧନୀ-ଦରିଦ୍ର, ସାମନ୍ତବାଦୀ କିମ୍ବା ସମାଜବାଦୀ, ହିନ୍ଦୁ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ପଶୁପତ, ଗାଣପତ୍ୟ ଓ ସୌର ସମସ୍ତେ ଅବାଧରେ ଯାଇ ଉପାସନା କରିପାରିବେ । ନିକଟରେ କେତେକ ଅଣହିନ୍ଦୁ ବ୍ୟକ୍ତିଙ୍କୁ ମନ୍ଦିରକୁ ଛାଡ଼ିବା ଉପରେ ସୃଷ୍ଟି ହୋଇଥିବା ବିବାଦମାନ ପରିସ୍ଥିତିକୁ ବହୁ ମନିଷୀ ଓ ପଣ୍ଡିତମାନେ ନିନ୍ଦାବାଦ କରିଥିଲେ ।

**ଭ୍ରାତୃଭାବ -** ଜଗନ୍ନାଥ ବଳଭଦ୍ରଙ୍କ ମଧ୍ୟରେ ଅଛନ୍ତି ଦେବୀ ସୁଭଦ୍ରା । ଦୁଇଭାଇଙ୍କର ସୁରକ୍ଷିତ ବଳୟ ମଧ୍ୟରେ ବିରାଜମାନ ଅଛନ୍ତି ସୁଭଦ୍ରା ଯାହା ହେଉଛି ଭ୍ରାତୃ ଭଗିନୀଙ୍କର ଏକ ପବିତ୍ର - ଶୃଙ୍ଖଳିତ ପ୍ରେମର ପ୍ରତୀକ । ରାଧାକୃଷ୍ଣ, ରାମସୀତା, ହରଗୌରୀ, ଇନ୍ଦ୍ରଶଚୀ ପରି ଦାମ୍ପତ୍ୟ ସମ୍ବନ୍ଧ ଅପେକ୍ଷା ଭାଇ ଭଗିନୀର ପବିତ୍ର ପ୍ରେମ ସମାଜକୁ କରିଥାଏ ଅଧିକ ଶୃଙ୍ଖଳିତ ।

**ଦୀନଦୟାଳୁ -** ଲିଭ୍ ଆଣ୍ଡ୍ ଲେଟ୍ ଲିଭ୍ । ତମେ ଯଦି ବଡ଼ ଅନ୍ୟକୁ ବଡ଼ କରିବାର ସହାୟକ ହୁଅ ତାହା ହିଁ ମାନବୀୟ ସଂସ୍କୃତିର ମୂଳମନ୍ତ୍ର । ଷାଠିଏ ପଉଟିଖିଆ, ତ୍ରିଭୁବନର ରାଜା, ଛପନ ଭୋଗର ଅଧିକାରୀ ଶ୍ରୀଜଗନ୍ନାଥ ବନ୍ଧୁ ମହାନ୍ତି, ଦାସିଆ ବାଉରି, ରଘୁ ଅରକ୍ଷିତ ପରି ଦୀନଦରିଦ୍ର ଭକ୍ତମାନଙ୍କୁ ନିଜର ସ୍ୱତନ୍ତ୍ର ଆଶୀର୍ବାଦ ଜରିଆରେ ସେମାନଙ୍କୁ ସମାଜର ଅଗ୍ରଗଣ୍ୟ ବ୍ୟକ୍ତିର ସ୍ଥାନ ଦେଇଛନ୍ତି । ଦୀନକୃଷ୍ଣ ଜଗନ୍ନାଥଙ୍କ ସମ୍ମୁଖରେ ଜଣାଣ ଗାଇ ଗାଇ କୁଷ୍ଠରୋଗ ପରି ଦୁରାରୋଗ୍ୟରୁ ମୁକ୍ତି ଆରୋଗ୍ୟଲାଭ କରିବାର ପ୍ରଥା ସର୍ବଜନବିଦିତ । ତାଙ୍କୁ କୁହାଯାଏ ଭକ୍ତର ଭଗବାନ । ସେ ଭକ୍ତର ଅଧୀନ । ସାତଶହ ପଚାଶ କୋଶ ଦୂରରେ ଥିବା ସାଲବେଗଙ୍କର ଡାକ ଶୁଣି ନନ୍ଦିଘୋଷ ରଥ ବନ୍ଦ ହୋଇଯିବାର କିମ୍ବଦନ୍ତୀ ତାଙ୍କର ଦୀନଦୟାଳୁତାର ସୁସ୍ପଷ୍ଟ ପରିଚୟ ପ୍ରଦାନ କରେ ।

**ମୈତ୍ରୀ -** ଯେକୌଣସି ଧର୍ମର ଲୋକ ଯେକୌଣସି ବାଟରେ କିଏ ହାତଯୋଡ଼ି, କିଏ ହାତ ଟେକି, କିଏ ପ୍ରଣିପାତ କରି ଜଗନ୍ନାଥଙ୍କୁ ଗୁହାରି କରନ୍ତି । ପୂଜା କରିବାରେ ବିଧି ମଧ୍ୟ ତଦ୍ରୂପ । ଜଗନ୍ନାଥ ପୂଜା ପାଆନ୍ତି ଜୈନର କୈବଲ୍ୟରେ - ଶବରର ସମର୍ପଣରେ - ବ୍ରାହ୍ମଣର ମନ୍ତ୍ରପାଠରେ - ଶୈବର ନିର୍ମାଲ୍ୟରେ । ଶାକ୍ତର ବ୍ରିହୀବଳିରେ । ସବୁ ମତବାଦ ସବୁ ସମ୍ପ୍ରଦାୟ ନିଜ ନିଜ ବାଟରେ ଉପାସନା କରିଥାନ୍ତି ପ୍ରଭୁ ଜଗନ୍ନାଥଙ୍କୁ ।

**ସ୍ୱାଧୀନତା -** ଯେକୌଣସି ଲୋକ ଯେକୌଣସି ପୋଷାକରେ ମନ୍ଦିରରେ ପଶି ଜଗନ୍ନାଥଙ୍କୁ ଉପାସନା କରିପାରିବ । ଯିଏ ଯେମିତି ବାଟରେ ଗୁହାରି କରିପାରିବ । ମହାପ୍ରସାଦ ଖାଇପାରିବ । କିଏ ଧୋତି ପିନ୍ଧୁ, କିଏ ପେଣ୍ଟ୍ ପିନ୍ଧୁଥାଉ, କିଏ ଅତ୍ୟାଧୁନିକ ପୋଷାକରେ ସଜ୍ଜିତ ହୋଇଥାଉ ସମସ୍ତଙ୍କ ପାଇଁ ସେଠାରେ ସ୍ୱାଧୀନତା ଭରପୂର ।

**ନିରହଂକାର -** ସେ ହେଉଛନ୍ତି ବଡ଼ଠାକୁର । ତାଙ୍କର ଅଛି ବଡ଼ଦେଉଳ, ବଡ଼ଭୋଗ, ବଡ଼ଦାଣ୍ଡ । ସେ ହୁଅନ୍ତି ବଡ଼ସିଂହାର ବେଶ । ତାଙ୍କର ଅଛନ୍ତି ବଡ଼ପଣ୍ଡା, ବଡ଼ସୁଆର । ପ୍ରସାଦ ତାଙ୍କର ମହାପ୍ରସାଦ । ସିଏ ଖାଆନ୍ତି ଷାଠିଏ ପଉଟିର ଛପନ ଭୋଗ । ସବୁ ବଡ଼ର ସମାହାର

ସେଠି । ତଥାପି ସେ ମାଉସୀ ମା' ବୁଢ଼ୀର କ୍ଷୁଦ୍ର ମନ୍ଦିରକୁ ଯାଆନ୍ତି ବଡ଼ମନ୍ଦିରରେ ତୁର୍ଯ୍ୟନାଦ କରି କିଛିଦିନ ରହି ପୋଡ଼ାପିଠା ଖାଇ ସେ ପୁଣି ଫେରି ଆସନ୍ତି ନିଜ ଦେଉଳକୁ । ଏହା କ'ଣ ନିରହଂକାରର ଲକ୍ଷଣ ନୁହେଁ ?

**କୃତଜ୍ଞତା -** ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରି ତାହାର ସୁପରିଚାଳନା ଏବଂ ଜଗନ୍ନାଥଙ୍କ ତ୍ରୁଟିଶୂନ୍ୟ ଉପାସନା ପାଇଁ ସବୁପ୍ରକାର ବ୍ୟବସ୍ଥା କରିସାରିବା ପରେ ଜଗନ୍ନାଥ ତାଙ୍କର ଏହି ମହତ୍ କାର୍ଯ୍ୟରେ ପ୍ରୀତ ହୋଇ ବରଦାନ କରିବାକୁ ଇଚ୍ଛାପ୍ରକାଶ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ କହିଥିଲେ, 'ହେ ପ୍ରଭୁ ତୁମେ ଯଦି ପ୍ରକୃତରେ ମୋତେ ତୁମର ଭକ୍ତ ରୂପରେ ଗ୍ରହଣ କରିଛ, ମୋ' କାର୍ଯ୍ୟରେ ପ୍ରୀତ ହୋଇଛ ତା'ହେଲେ ତୁମେ ମୋତେ ନିବଂଶ କରିଦିଅ ।' ଜଗନ୍ନାଥ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଇନ୍ଦ୍ରଦ୍ୟୁମ୍ନ କହିଲେ, ହେ ପ୍ରଭୁ ଏ ମନ୍ଦିର ମୁଁ ପ୍ରଜାଙ୍କର ପ୍ରତିନିଧି ରାଜା ଭାବରେ ନିର୍ମାଣ କରିଛି । ଏହା ନିର୍ମାଣ ହୋଇଛି ପ୍ରଜାଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥରେ । ତେଣୁ ଏହି ମହତ୍ କାର୍ଯ୍ୟ କରି ମୁଁ ଯଦି କିଛି ପୁଣ୍ୟ ଲାଭ କରିଥାଏ, ତା'ହେଲେ ସେ ସମସ୍ତ ଧୂଳିସାତ ହେବ ଯଦି କେବେ ମୋର ପୁତ୍ର କିମ୍ବା ଅନ୍ୟ କେହି ବଂଶଧର ଏହାକୁ ମୋର ପିତା କିମ୍ବା ପ୍ରପିତା ନିର୍ମାଣ କରିଛନ୍ତି ବୋଲି କହେ । ତେଣୁ ମୁଁ ନିବଂଶ ହୋଇଗଲେ ସେ ଆଶଙ୍କା ମୋ' ମନରୁ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇଯିବ ଏବଂ ଯଦି କିଛି ପୁଣ୍ୟ ପ୍ରାପ୍ତି କରିଥାଏ ତେବେ ତାହା ଗ୍ଲାନିଶୂନ୍ୟ ହୋଇରହିବ । ଜଗନ୍ନାଥ ପ୍ରୀତ ହୋଇ କହିଥିଲେ 'ତଥାସ୍ତୁ' । କିନ୍ତୁ ଯେଉଁଦିନ ସେହି ଅପୁତ୍ରିକ ଇନ୍ଦ୍ରଦ୍ୟୁମ୍ନଙ୍କର ଶ୍ରାଦ୍ଧ ଦିବସ ଉପସ୍ଥିତ ହେଲା ସେଦିନ ଜଗନ୍ନାଥ ନିଜେ ତାଙ୍କର ପୁତ୍ର ସାଜି ଶ୍ରାଦ୍ଧ ଅର୍ପଣ କରିଥିଲେ ରାଜାଙ୍କର ସେହି ଅମର ଆତ୍ମାକୁ । ତା'ଠାରୁ ବଳି କୃତଜ୍ଞତା ଆଉ କ'ଣ ବା ସେ ଦେଖାଇ ପାରିଥାନ୍ତେ ?

ମାନବୀୟ ବା ବିଶ୍ୱ ସଂସ୍କୃତିର ସମସ୍ତ ଗୁଣ ଜଗନ୍ନାଥଙ୍କ ନିକଟରେ ଯେ ପ୍ରଯୁଜ୍ୟ ତାହା ସୁସ୍ପଷ୍ଟ ହୋଇଯାଇଛି ଉପରୋକ୍ତ ଆଲୋଚନାରୁ । ତେଣୁ ନିର୍ବିବାଦରେ ତଥା ନିର୍ଦ୍ୱନ୍ଦ୍ୱରେ ପ୍ରମାଣିତ ଯେ ଜଗନ୍ନାଥ ହେଉଛନ୍ତି ମାନବୀୟ ବା ବିଶ୍ୱ ସଂସ୍କୃତିର ପ୍ରତୀକ ଏବଂ ସମନ୍ୱୟକାରୀ ।

ଗଜ ଉଦ୍ଧାରଣ, ଦ୍ରୌପଦୀଙ୍କ ବସ୍ତ୍ରହରଣ, ମୃଗୁଣୀ ରକ୍ଷଣ, ବାଲି ଦମନ, ବିଭୀଷଣଙ୍କ ଅଭିଷେକ, ହିରଣ୍ୟକଶିପୁ ବିନାଶନ ପ୍ରଭୃତି ଉଦାହରଣ ଅପେକ୍ଷା ଉପରୋକ୍ତ ଯୁକ୍ତିସମୂହ ଏବେକାର ଅବକ୍ଷୟଗ୍ରସ୍ତ ସମାଜର ମାନବ ବିଶେଷତଃ ଯୁବପିଢ଼ିଙ୍କୁ ଜଗନ୍ନାଥଙ୍କ ଚେତନା, ଧର୍ମ ଓ ସଂସ୍କୃତି ସମ୍ବନ୍ଧରେ ଅଧିକ ପ୍ରଭାବିତ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ବିକାଶ ନିଗମ
ଅଶୋକା ମାର୍କେଟ, ଭୁବନେଶ୍ୱର

# ଜଗତ କାରଣ

ବିକ୍ରମ ମହାରଣା

ଏ କଳିକାଳରେ
କଳା କଳେବରେ
ଜୟଦେବ କରେ
ଗୀତଗୋବିନ୍ଦରେ
ଭକ୍ତ ମନ ଝୁରେ
ରଖିଲ ହୃଦରେ
ବାଉରୀ ଦାସିଆ
ବଢ଼ାଏ ଶ୍ରୀଫଳ
ନିଜ ହାତ ପାତି
କର ହେ ଗ୍ରହଣ
ସାଲବେଗ ହୀନ
ରଖିଲ ତା'ମାନ
ବଡ଼ଦାଣ୍ଡେ ଆସ
ଭକ୍ତ ମନ ତୋଷ

ଅନବସରର
ଜରପୀଡ଼ା ପରେ
ଆୟୁର୍ବେଦ ସେବି
ନବଯୌବନରେ
ନେତ୍ରୋତ୍ସବ ଚାହାଁ
'ମୁଁ' କାର ହରଣ
ନେତର ଯୁଗଳ
ଧନ୍ୟ ତନ ମନ
ଛାଡ଼ି ଶ୍ରୀମନ୍ଦିର
ରତ୍ନ ସିଂହାସନ
ପତିତ ଉଦ୍ଧାର
ପତିତପାବନ
ସଂସାର ଦାଣ୍ଡରେ
ଭକତ ମୋହରେ

ତିନିରଥେ ବିଜେ
ତିନି ଠାକୁରେ
ଦର୍ଶନ ମାଗୁଣୀ
କରହେ ପୂରଣ
ଭବ ପାରାବାରୁ
ତରିଯାଉ ପ୍ରାଣ
ଭେଦଭାବ ଛାଡ଼ି
ରଥର ଦଉଡ଼ି
ସଭିଏଁ ନିଅନ୍ତୁ
ଆଗକୁ ଭିଡ଼ି
ତାଳଧ୍ୱଜେ ଥା'ନ୍ତୁ
ବଡ଼ ଠାକୁର ହେ

ମଧ୍ୟେ ଦେବୀଙ୍କର
ଦେବ ଦଳନ
ପଛେ ନନ୍ଦିଘୋଷ
ଢଙ୍ଗେ ଢଳି ଆସେ
ରଙ୍ଗଭଙ୍ଗୀ ଠାଣ
ସଂସାର ତାରଣ
ବାରହାତ ଖଡ୍ଗ
ବାଟେ ଛତ୍ୟାବଟ
କଳିକୁ ସଂହାରୀ
କଲ୍କୀ ଅବତାରୀ
ସତ୍ୟ ଆଗମନ
ଜଗତ କାରଣ ।

ଶ୍ରୀନୀଳମାଧବ ଧାମ
କଣ୍ଟିଲୋ

# ଶ୍ରୀଜଗନ୍ନାଥଙ୍କ ମାଉସୀ ଏବେବି ବାଟ ଚାହିଁ ବସିଛି

ରମେଶ ପ୍ରସାଦ ସିଂହ

**ଶ**ଙ୍ଖ କ୍ଷେତ୍ରର ନୀଳକନ୍ଦରରେ ଶ୍ରୀମନ୍ଦିର ମଧ୍ୟରେ ଅଧିଷ୍ଠିତ ଅଖିଳ ବ୍ରହ୍ମାଣ୍ଡ ପତି ଦାରୁ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନ କେବଳ ଓଡ଼ିଆ ଜାତିର ପ୍ରାଣପ୍ରିୟ ନୁହଁନ୍ତି, ସାରା ବିଶ୍ୱର ନାଥ ଭାବରେ ନମସ୍ୟ ଓ ଆଦରଣୀୟ । ଭାରତବର୍ଷରେ ଅନ୍ୟ ଦେବତାଙ୍କଠାରୁ ତାଙ୍କର ସ୍ୱାତନ୍ତ୍ର୍ୟ ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିରରେ ରାଜକୀୟ ଢାଞ୍ଚାରେ ସାତ୍ତ୍ୱିକ ତଥା ତାମସିକ ଦୈନିକ ସେବା, ପୂଜା ଓ ନୀତିରୁ ଏହା ସ୍ପଷ୍ଟ ଅନୁମେୟ । ଶ୍ରୀମନ୍ଦିରରେ ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହେଉଥିବା ଦୈନନ୍ଦିନ ନୀତିରେ ଛତିଶିଟି ବିଭିନ୍ନ ସେବା ସମ୍ବଳିତ ୩୬ଟି ନିଯୋଗର ପ୍ରାୟ ଶତାଧିକ ସେବାୟତ ଦେବାଧିଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜକୀୟ ଆଡମ୍ବରରେ ସେବା କରିଥାନ୍ତି । ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହେଉଥିବା ଶ୍ରୀମନ୍ଦିରର ନୀତି ଦିନତମାମ ଚାଲୁ ଚାଲୁ କେତେବେଳେ ଯେ ରାତ୍ରୀ ହୋଇଯାଏ ତାହା ଜଣାପଡ଼େ ନାହିଁ । ବେଳେ ବେଳେ ନିରଳସ ଭାବରେ ନୀତି ସମ୍ପାଦନ କରୁ କରୁ ରାତି ପାହିଯାଏ । ଦୈନନ୍ଦିନ ନୀତି ଛଡ଼ା ଜଗନ୍ନାଥଙ୍କର ବର୍ଷକ ମଧ୍ୟରେ ହେଉଥିବା ତେର ଯାତ୍ରା ମଧ୍ୟରୁ ଘୋଷଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହି ଯାତ୍ରାକୁ ପତିତପାବନ ଯାତ୍ରା ମଧ୍ୟ କୁହାଯାଏ । ପତିତମାନଙ୍କୁ ଦର୍ଶନ ଦେଇ ମୋକ୍ଷ ପ୍ରଦାନ କରିବାକୁ ମହାପ୍ରଭୁ ବାମନ ଅବତାରରେ ନନ୍ଦିଘୋଷ ଚଢ଼ି ବଡ଼ଦାଣ୍ଡରେ ଉଭା ହୁଅନ୍ତି ।



ଶ୍ରୀଜଗନ୍ନାଥଙ୍କ ରଥଦାଣ୍ଡ ବା ବଡ଼ଦାଣ୍ଡର ଦୈର୍ଘ୍ୟପ୍ରାୟ ସାଢ଼େ ତିନି କିଲୋମିଟର ଏବଂ ଏହି ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଛୋଟ ଛୋଟ ମନ୍ଦିରରେ ଅନେକ ଦେବାଦେବୀ ରହିଛନ୍ତି । ପୁରୀ ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିସ୍ତୃତ ଇତିହାସ ପ୍ରସିଦ୍ଧ ବଡ଼ଦାଣ୍ଡରେ ଦୁଇ ପାର୍ଶ୍ୱରେ ଥିବା ଛୋଟ ବଡ଼ ମନ୍ଦିର ମଧ୍ୟରେ ୩ ଗୋଟି ପୁରାତନ ଦେବୀ ମନ୍ଦିର ରହିଛି । ସେଗୁଡ଼ିକ ହେଲା - ଚର୍ଚ୍ଚିକା ଦେବୀ ମନ୍ଦିର, ମର୍ଚ୍ଚିକା ଦେବୀ ମନ୍ଦିର ଓ ମାଉସୀମା ବା ଅର୍ଦ୍ଧାଶୀନି ଦେବୀ ମନ୍ଦିର ।

ମା' ଚର୍ଚ୍ଚିକା ଦେବୀଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ଅଳ୍ପ ଦୂରରେ ବଡ଼ଦାଣ୍ଡର ବାମପଟେ ରାଜନଅରର ସମ୍ମୁଖରେ ଅବସ୍ଥିତ । ମା' ଚର୍ଚ୍ଚିକା ପରମ ବୈଷ୍ଣବୀ ହେଲେ ମଧ୍ୟ ଶାରଦୀୟ ଦୁର୍ଗା ଉତ୍ସବ ସମୟରେ ସେଠାରେ ତନ୍ତ୍ରପୂଜା ପ୍ରଚଳିତ । ସେଠାରେ ବିଭିନ୍ନ ଯାତ୍ରା ସମୟରେ ମହାପ୍ରଭୁଙ୍କର ପନ୍ତିଭୋଗ ହୁଏ ।

ମା' ମର୍ଚ୍ଚିକାଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ଅଧା କିଲୋମିଟର ଦୂରରେ ମରିଚିକୋଟ ଛକ ନିକଟରେ ଅବସ୍ଥିତ । ମା' ମର୍ଚ୍ଚିକା ପରମ ବୈଷ୍ଣବୀ ହେଲେ ମଧ୍ୟ ଶାରଦୀୟ ଦୁର୍ଗା ଉତ୍ସବ ସମୟରେ ସେଠାରେ ତନ୍ତ୍ରପୂଜା ସହ ଆମିଷ ଭୋଗର ପ୍ରଚଳନ ରହିଛି । ଏହି ଦେବୀ ମନ୍ଦିରରେ ମହାପ୍ରଭୁଙ୍କର ବିଭିନ୍ନ ଯାତ୍ରା ସମୟରେ ବିଶ୍ରାମ ମଣୋହି ବା ପଂକ୍ତିଭୋଗ ଲାଗିର ବ୍ୟବସ୍ଥା ରହିଛି ।

ଏହି ଦୁଇ ଦେବୀ ମନ୍ଦିର ଛଡ଼ା ବଡ଼ଦାଣ୍ଡରେ ସବୁଠାରୁ ପୁରାତନ ତଥା ପ୍ରାଚୀନ ମନ୍ଦିର ମା' ମାଉସୀମା ବା ମା' ଅର୍ଦ୍ଧାଶୀନିଙ୍କ ମନ୍ଦିର । ପୁରୀ ବଡ଼ଦାଣ୍ଡରେ ଶ୍ରୀମନ୍ଦିରଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ରାସ୍ତାର ଡାହାଣ ପଟେ ଏହି ପ୍ରାଚୀନ ମନ୍ଦିର ଅବସ୍ଥିତ । ମନ୍ଦିର ପ୍ରାୟ ୨୫ ହାତ ଉଚ୍ଚ । ମନ୍ଦିରରେ ପୂଜିତା ଦେବୀଙ୍କ ନାମ ଯେପରି ଲୌକିକ ତାଙ୍କର ଗଠନ ଶୈଳୀ ଏବଂ ପରିପାଟୀ ମଧ୍ୟ ସେପରି ଅଲୌକିକ । ମନ୍ଦିରରେ ପୂଜାପାଉଥିବା ଅର୍ଦ୍ଧାଶିନୀ ଦେବୀ ଦେଖିବାକୁ ଶ୍ରୀମନ୍ଦିରରେ ପୂଜା ପାଉଥିବା ଚତୁର୍ଦ୍ଧା ମୂର୍ତ୍ତି ମଧ୍ୟସ୍ଥ ମା' ସୁଭଦ୍ରାଙ୍କ ଭଳି ଏବଂ ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାଉସୀମା ଭାବରେ ପୂଜିତା । ଗୁଣ୍ଡିଚା ମନ୍ଦିର ଜଗନ୍ନାଥ ପ୍ରଭୁଙ୍କର ପ୍ରକୃତ ମାଉସୀ ଘର ନୁହେଁ । ମାଉସୀମା ମନ୍ଦିର ହିଁ ପ୍ରକୃତ ମାଉସୀ ଘର । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯଦିଓ ଏହା ଏକ ଦେବୀ ମନ୍ଦିର, ଏଠାରେ ଶାରଦୀୟ ବା ବାସନ୍ତିକ ଦୁର୍ଗାପୂଜା କରାଯାଏ ନାହିଁ । ଦେବୀ ପରମ ବୈଷ୍ଣବୀ । ଏହି ପୀଠରେ ଅନ୍ନଭୋଗ କରାଯାଏ ନାହିଁ । ମାଉସୀମା ସମ୍ପୂର୍ଣ୍ଣ ଭାବରେ ଆସନରେ ନ ବସି

ଅର୍ଦ୍ଧ ଦଣ୍ଡାୟମାନ ଅବସ୍ଥାରେ ବସିଥିବା ଏବଂ ମୂର୍ତ୍ତି ସମ୍ମୁଖରେ ମା' ସୁଭଦ୍ରାଙ୍କର ଆକୃତିକ ମୁଖା ବହୁ ପୁରାତନ କାଳରୁ ମଣ୍ଡିତ । ଏହି ମୁଖାର ମରାମତି କେବଳ ନବକଳେବର ସମୟରେ ହୁଏ । ଦେବୀ ମନ୍ଦିର ହୋଇଥିଲେ ମଧ୍ୟ ଏଠାରେ କେବେହେଲେ ତନ୍ତ୍ରପୂଜା କରାଯାଏ ନାହିଁ । କେବଳ ନୃସିଂହ ଚତୁର୍ଦ୍ଦଶୀ ଦିନ ଦେବୀଙ୍କୁ ମହାଭିଷେକ କରାଯାଏ ଓ ଶ୍ରୀମୁଖ ପର୍ଯ୍ୟନ୍ତ ସୁଗନ୍ଧିତ ଜଳରେ ଆବୃତ କରାଯାଏ ।

ଘୋଷଯାତ୍ରାରେ ଅନ୍ୟ ଏକ ଆକର୍ଷଣ ମା' ମାଉସୀମା ମନ୍ଦିର । ସମସ୍ତେ ଜାଣନ୍ତି ଜଗନ୍ନାଥ ନବଦିନ ଯାତ୍ରାରେ ମାଉସୀମା ଘରକୁ ଯାନ୍ତି । କିନ୍ତୁ ମାଉସୀମାଙ୍କୁ ସାଧାରଣ ଲୋକ ଜାଣନ୍ତି ନାହିଁ । ସବୁ ସମୟରେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ସେବାପୂଜା ସାଧାରଣ ମନୁଷ୍ୟର କାର୍ଯ୍ୟଶୈଳୀ ରାଜକୀୟ ଆଡ଼ମ୍ବର ମାଧ୍ୟମରେ ଓ ସାମାଜିକ ଚଳଣି ବା ସାମାଜିକ ବନ୍ଧନରେ ପରିସ୍ଫୁଟ । ମହାପ୍ରଭୁ ଜଗନ୍ନାଥଙ୍କ ସକାଳଠାରୁ ରାତି ପର୍ଯ୍ୟନ୍ତ ନୀତି ବା କାର୍ଯ୍ୟଧାରାରେ ଜଣେ ସାଧାରଣ ମଣିଷର ଦିନଚର୍ଯ୍ୟା ସ୍ପଷ୍ଟ ଭାବରେ ବାରି ହୋଇପଡ଼େ । ଖାଲି ସେତିକି ନୁହେଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସାମାଜିକ ବନ୍ଧନ ମଧ୍ୟ କମ୍ ନୁହେଁ । ତାଙ୍କର ଶ୍ୱଶୁର ଘର ସମୁଦ୍ରକୂଳରେ ଅବସ୍ଥିତ ଥିଲାବେଳେ, ମନ୍ଦିର ଚାରିପଟେ ପଞ୍ଚସଖା (ପଞ୍ଚୁପାଣ୍ଡବ) ଯଥା- ଜମେଶ୍ୱର, ମାର୍କଣ୍ଡେଶ୍ୱର, ଶ୍ରୀଲୋକନାଥ, କପାଳମୋଚନ, ନୀଳକଣ୍ଠେଶ୍ୱରଙ୍କର ମନ୍ଦିର ବିରାଜମାନ ।

ମା' ଅର୍ଦ୍ଧାଶିନୀ ମାଉସୀମା ଘର ଗୁଣ୍ଡିଚା ମନ୍ଦିର ଯିବା ବାଟରେ ପଡ଼ିଲେ ମଧ୍ୟ ଆଜିକାଲି ରଥଯାତ୍ରା ସମୟରେ ତରବରରେ ଥିବାରୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀଙ୍କୁ ନେଇ ମାଉସୀମାଙ୍କୁ କେବଳ ଦେଖାକରି ଦେଇ ଗୁଣ୍ଡିଚା ମନ୍ଦିର ଚାଲିଯାଆନ୍ତି । ବାହୁଡ଼ାଯାତ୍ରାରେ ଆସିଲାବେଳେ ଭାଇଭଉଣୀ ମାଉସୀର ସ୍ନେହ ଶ୍ରଦ୍ଧାକୁ ଏଡ଼େଇ ଯାଇ ପାରନ୍ତି ନାହିଁ । ମାଉସୀ ଅପେକ୍ଷା କରିଥାନ୍ତି ଶ୍ରୀଜଗନ୍ନାଥଙ୍କର ଫେରିବା ବାଟକୁ ହାତରେ ପୋଡ଼ପିଠା ଥାଳି ଧରି । ମା' କିଏ - ମାଉସୀ କିଏ ? ପ୍ରଭୁ ସେଠାରେ ଅଟକି ଯାନ୍ତି । ଶ୍ରଦ୍ଧାର ନୈବେଦ୍ୟ ପୋଡ଼ପିଠାର ଲୋଭ ସମ୍ବରଣ ନକରିପାରି । ତିନିରଥରେ ଚାରି ଠାକୁର ସେଠାରେ ପୋଡ଼ପିଠା ମଣୋହି କରି ମାଉସୀର ଆତିଥ୍ୟ ସ୍ୱୀକାରକରି ଫେରିଯାନ୍ତି ଶ୍ରୀମନ୍ଦିର ଅଭିମୁଖେ । ଶ୍ରୀଗୁଣ୍ଡିଚା ଦିନ ପୋଡ଼ପିଠା ଭୋଗ ଲାଗେ ବୋଲି ଏବେ ପର୍ଯ୍ୟନ୍ତ ଅନେକ ଲୋକଙ୍କ ଧାରଣା ରହିଛି, କିନ୍ତୁ ଏହି ଭୋଗ ପ୍ରଭୁଙ୍କର ବାହୁଡ଼ା ଯାତ୍ରା ଦିନ ହୁଏ ।

ଇତିହାସ କହେ - ଅତୀତରେ ବଡ଼ଦାଣ୍ଡର ବଳଗଣ୍ଡି ନିକଟରେ ଏକ ନଦୀ ବୋହିଯାଇ ବାଙ୍କି ମୁହାଣରେ ମହୋଦଧିରେ ମିଶୁଥିଲା ଏବଂ ବଳଗଣ୍ଡି ନିକଟରେ ଏକ ଗଭୀର ଗଣ୍ଡ ଥିଲା । ତେଣୁ ଗୁଣ୍ଡିଚା ଯାତ୍ରା ନିମନ୍ତେ ଛଅଗୋଟି ରଥ ଓ ମହାପ୍ରଭୁମାନେ ନଦୀପାର ହେବାପାଇଁ ଚାପ ବା ଭେଳା ନିର୍ମାଣ କରାଯାଉଥିଲା । ସେହି ସମୟରେ ମା' ଅର୍ଦ୍ଧାଶୀନ (ମାଉସୀମା) ନଦୀଗଣ୍ଡର ଅଧିଷ୍ଠାତ୍ରୀ ଦେବୀ ଭାବରେ ନିଜର ପୁତ୍ର ସଦୃଶ ମହାପ୍ରଭୁ ଜଗନ୍ନାଥଙ୍କ ଯତ୍ନ ନେବା ସହ ନିଜର ଶକ୍ତି ବଳରେ ନଦୀ ଗଣ୍ଡର ଜଳକୁ ଶୋଷଣ କରି ତାଙ୍କର ଜଳଯାତ୍ରା ସୁଗମ କରୁଥିଲେ ।

ଆଜି କିନ୍ତୁ ସେ ନଦୀ ସେଠାରେ ନାହିଁ । ତାହା ଅଠରନଳା ନିକଟରେ ନାଳ ଭାବରେ ସୀମିତ । ନଦୀର ମୁହାଣ ବାଙ୍କି ମୁହାଣ ସିମେଣ୍ଟ ଓ କଂକ୍ରିଟ ଜବରଦଖଲରେ ନିଜର ସତ୍ତା ହରାଇଛି । ଛଅଗୋଟି ରଥର ଆବଶ୍ୟକତା ବହୁଦିନରୁ ଲୋପ ପାଇଯାଇଛି । ନଦୀପଥ ଅତିକ୍ରମ କରିବାକୁ ଆଉ ପ୍ରଭୁଙ୍କୁ ଚାପର ଆବଶ୍ୟକତା ପଡୁ ନାହିଁ । ସାଧାରଣ ଲୋକଙ୍କ ପରି ପ୍ରଭୁ ମଧ୍ୟ ନିଜ ମାଉସୀଙ୍କୁ ପାଶୋରି ଦେଲେଣି । କେବଳ ଲୋକ ଅପବାଦ ଭୟରେ ଭାଇ ଭଉଣୀ ତିନିଜଣ ମାଉସୀମା ମନ୍ଦିର ନିକଟରେ ଅଟକିଯାନ୍ତି ରଥଯାତ୍ରା ସମୟରେ । ପ୍ରଭୁ ଜାଣନ୍ତି ନାହିଁ ଶୁଖିଲା ଚୁଡ଼ା, ଖଇ ଖାଇ ଖାଇ ରାସ୍ତାକଡ଼ରେ ଆଧୁନିକ ଯୁଗର ରାଜା ମହାରାଜାଙ୍କର ଅତ୍ୟାଚାର ସହି ଅନ୍ଧାରରେ ପଡ଼ିଥିବା ତାଙ୍କର ମାଉସୀ କେଉଁଠୁ ଆଣେ ଧନ ତାଙ୍କୁ ପୋଡ଼ପିଠା ଖୋଇବା ପାଇଁ । ରାଜାଧିରାଜ ଦେବାଧିଦେବ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ମାଉସୀଙ୍କର ଦୟନୀୟ ଅବସ୍ଥା ପାଇଁ ଦାୟୀ କ'ଣ ପ୍ରଭୁ ନିଜେ ନୁହନ୍ତି । ସ୍ୱାଭିମାନୀ ମାଉସୀମାଙ୍କର କିନ୍ତୁ କୌଣସି ଆପତ୍ତି ଅଭିଯୋଗ ନାହିଁ । ସେ ସହ୍ୟ କରନ୍ତି ସେବକ ଜଞ୍ଜାଳ, ଉତ୍ପୀଡ଼ନ, ପାଗଳମାନଙ୍କର ଆକ୍ରମଣ, ନିଶାଖୋରମାନଙ୍କର ଦୈନିକ ଅତ୍ୟାଚାର । କେହି ଯେପରି ତା'ର ଦୁଃଖ ବୁଝିବାକୁ ନାହିଁ । ହଁ, ପାଖ ବସ୍ତିରେ ଯୁବକମାନେ ମାଉସୀଙ୍କୁ ସାହା । ସେମାନେ ତାଙ୍କୁ ଗ୍ରାମଦେବୀ ଭାବରେ ଯୁଗ ଯୁଗ ଧରି ମାନି ଆସୁଛନ୍ତି । ସେମାନେ ମାଉସୀର ଭଲମନ୍ଦରେ ସେମାନେ ଠିଆ ହୁଅନ୍ତି । ବର୍ଷ ତମାମ ବୁଢ଼ୀ ମାଉସୀର ଭଲ ମନ୍ଦ ବୁଝନ୍ତି । ନୃସିଂହ ଚତୁର୍ଦ୍ଦଶୀରେ ପାଞ୍ଚଶହ ଏକ କଳସୀ ସୁଗନ୍ଧିତ ଜଳରେ ମାଉସୀଙ୍କୁ ଜଳଶୟୀ କରନ୍ତି ଓ ଛେନା ତାଡ଼ିଆ ଅର୍ପଣ କରନ୍ତି ।

ଦେଖାଯାଉ କେବେ ମହାପ୍ରଭୁଙ୍କ ମନ ପଡ଼ିବ ମାଉସୀମାର ସ୍ନେହ ଓ ଶ୍ରଦ୍ଧାର ପ୍ରତିଦାନ ଦେବାକୁ ।

ଆଡଭୋକେଟ
ଦାଣ୍ଡିମାଳ ସାହି, ପୁରୀ

# ଗଜବଦନ ଯା'ର ନାହିଁ



ଓମ୍ ପ୍ରକାଶ

ହିନ୍ଦୁ ଧର୍ମ କହିଲେ କେବଳ ଯେ ବୈଷ୍ଣବ ଧର୍ମକୁ ଏବଂ ତାହା ଉପାସ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ବୁଝାଏ, ତାହା ନୁହେଁ ବରଂ ଏହି ଧର୍ମ ଏବଂ ଦେବତାଙ୍କଠାରେ ଅନ୍ୟ ଧର୍ମର ଦେବାଦେବୀମାନଙ୍କର ମିଳନ ଘଟିଛି । ଯାହାଫଳରେ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି ସର୍ବଧର୍ମ ସମନ୍ୱୟର ପ୍ରତୀକ । ଉତ୍କଳର ଧର୍ମପୀଠ ଶ୍ରୀଜଗନ୍ନାଥ କ୍ଷେତ୍ର ପୁରୁଷୋତ୍ତମକୁ ମହାନ ଜ୍ଞାନୀ ଗୁଣୀମାନେ ପଞ୍ଚକ୍ଷେତ୍ର ବୋଲି ଅବିହିତ କରିଥାନ୍ତି । ଏହି କ୍ଷେତ୍ର ବୈଷ୍ଣବ ଧର୍ମ ବ୍ୟତୀତ ଗାଣପତ୍ୟ, ଶୈବ, ଶାକ୍ତ ଏବଂ ସୌରଙ୍କ ଉପାସନାର କ୍ଷେତ୍ର ବୋଲି ମଧ୍ୟ ପ୍ରମାଣ ରହିଛି । ତେଣୁ ଯଥାର୍ଥରେ କୁହାଯାଇଛି -

'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କର ତଥା
ଭିନ୍ନ ପଞ୍ଚଦେବ ଭିନ୍ନ ନ କର୍ତ୍ତବ୍ୟଂ ଶ୍ରୀଜଗନ୍ନାଥ ନମଃସ୍ତୁତେ ।।'

ତେଣୁ ଏଥିରୁ ଯାହା ଜଣାପଡ଼େ ସର୍ବ ଦେବଦେବୀଙ୍କର ମିଶ୍ରଣ ଘଟିଛି ଏହି ଶ୍ରୀଜଗନ୍ନାଥଙ୍କଠାରେ । ଯିଏ ଯେତେବେଳେ ଆସି ଯେଉଁ ରୂପରେ ଖୋଜିଛି ଏବଂ ନିଜର ମତ ପ୍ରତିଷ୍ଠା କରିବାକୁ ଚାହିଁଛି ପ୍ରଭୁ ଶ୍ରୀଜଗନ୍ନାଥ ତାକୁ ସେହିପରି ଦେଖାଦେଇଛନ୍ତି ଓ ବାହୁ ମେଲେଇ ଆଲିଙ୍ଗନ କରିଛନ୍ତି । ତେଣୁ ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବା ସଂପ୍ରଦାୟର ନହୋଇ ସେ ଏକ ଚେତନା ପାଲଟି ଯାଇଛନ୍ତି ଓ ସର୍ବଧର୍ମ ସମନ୍ୱୟ ରକ୍ଷା କରିଛନ୍ତି । କେତେକ କ୍ଷେତ୍ରରେ ଜଗନ୍ନାଥଙ୍କୁ ଅବତାରି ବୋଲି ଗ୍ରହଣ କରାଯାଇଛି, କାରଣ ଜଗନ୍ନାଥଙ୍କଠାରେ ଦଶବତାରର ସମସ୍ତ ସାମଞ୍ଜସ୍ୟ ରହିଛି । ସ୍ନାନ ପୂର୍ଣ୍ଣିମା ପରେ ଅନବସର ସମୟରେ ନୃସିଂହ ବିଗ୍ରହଙ୍କୁ ଭୋଗ ଅର୍ପଣ କରାଯିବା ପରେ ମା' ବିମଳାଙ୍କ ପାଖରେ ଅର୍ପିତ ହୋଇ ସେହି ପ୍ରସାଦ ମହାପ୍ରସାଦର ରୂପ ନିଏ । ଯାହା ମା' ପ୍ରସାଦରୁ ମହାପ୍ରସାଦ ହୋଇଛି । ଯେଉଁ ପ୍ରସାଦରୁ ଅର୍ଣ୍ଣତ୍ୱ ଲୋପ ପାଇଁ ବ୍ରହ୍ମତ୍ୱ ପ୍ରବେଶ କରେ । ପ୍ରମାଣ ରହିଛି ଯେ ଜଗନ୍ନାଥଙ୍କର ଆଦିରୂପ ହେଉଛି ନୃସିଂହ । ତେଣୁ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲାପରେ ଶ୍ରୀମନ୍ଦିରରେ ନୃସିଂହ ବିଗ୍ରହ ପୂଜିତ ହୋଇଥା'ନ୍ତି । ସେହି ନୃସିଂହ ନାରାୟଣଙ୍କର ପରବର୍ତ୍ତୀ ରୂପ ଶ୍ରୀକୃଷ୍ଣ ଓ ତାଙ୍କରି ଅପୋଡ଼ା ନାଭିମଣ୍ଡଳ ଦାରୁବ୍ରହ୍ମ ରୂପ ନେଇ ସୃଷ୍ଟି ହେଲେ ଶ୍ରୀଜଗନ୍ନାଥ । ଏଣୁ ଯେ ନୃସିଂହ, ସେ କୃଷ୍ଣ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ସେଥିପାଇଁ ଶ୍ରୀବିଷ୍ଣୁ ସହସ୍ର ନାମରେ ଉଲ୍ଲେଖ କରାଯାଇଛି ଯେ - 'ନରସିଂହ ବପୁ ଶ୍ରୀମାନ କେଶବଃ ପୁରୁଷୋତ୍ତମଃ ।' ଦଶାବତାର କ୍ରମରେ ନୃସିଂହ ଚତୁର୍ଥ ଅବତାର ହୋଇଥିବାବେଳେ ଶ୍ରୀଜଗନ୍ନାଥ ବର୍ତ୍ତମାନ ଧାନସ୍ଥ ବୌଦ୍ଧ ରୂପରେ ଅବସ୍ଥାନ କରିଛନ୍ତି । ଏହାବ୍ୟତୀତ ହିନ୍ଦୁ ଧର୍ମ ଧାରାରେ ଯେଉଁ ଚାରିଯୁଗ - ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ରହିଛି ଏହାର ଉପାସ୍ୟ ଦେବତା ହିସାବରେ ଯଥାକ୍ରମେ ନୃସିଂହ, ରାମ, କୃଷ୍ଣ ଓ ଜଗନ୍ନାଥ ସ୍ୱୀକୃତ ହୋଇଛନ୍ତି । ଯେହେତୁ ଜଗନ୍ନାଥଙ୍କର ଆଦିରୂପ ହେଉଛନ୍ତି ଶ୍ରୀନୃସିଂହ ତେଣୁ ଜଗନ୍ନାଥଙ୍କର ପ୍ରାଣ ପ୍ରତିଷ୍ଠା ସତ୍ୟ ଯୁଗର ଦେବତା ନୃସିଂହ ମହାମନ୍ତ୍ରରେ ଏପରି ଭାବରେ କରାଯାଏ - 'ଉଗ୍ରଂବୀରଂ ମହାବିଷ୍ଣୁ ଜ୍ୱଳନ୍ତଂ ସର୍ବୋତ ମୁଖଂ ନୃସିଂହ ଭୀଷଣ ଭଦ୍ରଂ ମୃତ୍ୟୁ ମୃତ୍ୟୁନମାମ୍ୟହଂ ।' ଏହାବ୍ୟତୀତ ଜଗନ୍ନାଥ ମଧ୍ୟ ରାମଚନ୍ଦ୍ରଙ୍କ କୋଦଣ୍ଡଧରି ରାମ ରୂପରେ ଉଭା ହୁଅନ୍ତି । ତ୍ରେତୟା ଯୁଗର ଉପାସ୍ୟ ଦେବତା ରାମଚନ୍ଦ୍ରଙ୍କ ଜନ୍ମ ପୁଷ୍ୟାକକଡ଼ା ନକ୍ଷତ୍ର ଥାଇ ଯେଉଁଦିନ ମହାପ୍ରଭୁଙ୍କ ତାରା ଶୁଦ୍ଧି ହୁଏ ସେହି ଦିନ ଅଭିଷେକ ନୀତି ପାଳନ କରାଯାଏ । ଦ୍ୱାପର ଯୁଗର ଉପାସ୍ୟ ଦେବତା କୃଷ୍ଣ ଓ ଜଗନ୍ନାଥ ଏକ ଓ ଅଭିନ୍ନ ହୋଇଥିବାରୁ - 'ଓଁ ନମୋଃ ଭଗବତେ ବାସୁଦେବାୟୋ' ମନ୍ତ୍ର ଓ କୃଷ୍ଣଙ୍କୁ ଗୋପାଳ ଭାବେ ଗ୍ରହଣ କରି ଗୋପାଳ ମନ୍ତ୍ର - 'କ୍ଲୀଂ କୃଷ୍ଣାଂୟ ଗୋବିନ୍ଦାୟ ଗୋପୀଜନ ବଲ୍ଲବାୟ'ରେ ମଧ୍ୟ ଉପାସନା କରାଯାଏ । ଅତଏବ ଏହି ଚାରିଯୁଗର ଦେବତାଙ୍କର ସମନ୍ୱୟର ବିଗ୍ରହ ହେଉଛନ୍ତି ଶ୍ରୀଜଗନ୍ନାଥ । ପୁଣି ଜଗନ୍ନାଥଙ୍କୁ ଶ୍ରୀବିଷ୍ଣୁଙ୍କ ସହିତ ଗ୍ରହଣ କରାଯାଇ ଯେପରି ବିଷ୍ଣୁଙ୍କର କେହି ମାତାପିତା ନାହାନ୍ତି ସେ ସ୍ୱୟଂ ନିଜର ସୃଷ୍ଟି କର୍ତ୍ତା, ସେ ନିରାକାର - ପରଂବ୍ରହ୍ମ, ସେ ଶୂନ୍ୟ-ମହାଶୂନ୍ୟ ଠିକ୍ ସେହିପରି ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ ନିରାକାର । ଜଗନ୍ନାଥ ପ୍ରାଚୀନତା ସମ୍ପର୍କରେ ଶ୍ରୀବିଷ୍ଣୁ ସହସ୍ର ନାମରେ ମଧ୍ୟ ଏପରି ଭାବରେ ଉଲ୍ଲେଖ ରହିଛି ଯେ 'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ' । ଅତଏବ ଏହି ସହସ୍ର ନାମକୁ କୌଣସି ବ୍ୟକ୍ତି ରଚନା କରିନାହାନ୍ତି । ମହାଭାରତ ଯୁଦ୍ଧ ଶେଷରେ ପିତାମହ ଭୀଷ୍ମ ଶରଶଯ୍ୟା ଥିବା ସମୟରେ ଯୁଧିଷ୍ଠିରଙ୍କୁ କହିଥିଲେ ଏବଂ ସେ ସମୟରେ ସ୍ୱୟଂ

ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଉପସ୍ଥିତ ଥିଲେ । ଏଣୁ ଏଠାରେ ହୃଦ୍‌ବୋଧ କରିବାକୁ ହେବ ଯେ ଜଗନ୍ନାଥ କେଉଁ କାଳର ଦେବତା ! ସେଥିପାଇଁ ଜଗନ୍ନାଥଙ୍କୁ ବିଷ୍ଣୁଙ୍କ ସହିତ ଏକାକାର କରାଯାଇ ଶ୍ରୀବିଷ୍ଣୁ ସହସ୍ର ନାମରେ ବିଷ୍ଣୁଙ୍କ ଉତ୍ପତ୍ତି ସମ୍ପର୍କରେ ଏପରି ଉଲ୍ଲେଖ ଅଛି ଯେ -

‘ଯଜ୍ଞଭୃଦ୍ ଯଜ୍ଞକୃଦ୍‌ଯଜ୍ଞୀ ଯଜ୍ଞଭୁଗ୍‌ଯଜ୍ଞ ସାଧନଃ
ଯଜ୍ଞାନ୍ତକୃଦ୍‌ଯଜ୍ଞ ଗୁହ୍ୟମନ୍ନମନ୍ନାଦ ଏବଚ
ଆତ୍ମଯୋନିଃ ସ୍ୱୟଂଜାତୋ ବୈଖାନଃ ସାମଗାୟନଃ
ଦେବକୀନନ୍ଦନଃ ସ୍ରଷ୍ଟାକ୍ଷିତୀଶଃ ପାପନାଶନଃ ।’

ତେଣୁ ଜଗନ୍ନାଥ ଏ ଯେଉଁ ସମନ୍ୱୟ ପ୍ରତିଷ୍ଠା କରିଛନ୍ତି, ଏଥିରୁ ସ୍ପଷ୍ଟ ହୋଇଛି ଜଗନ୍ନାଥଙ୍କୁ ଅନ୍ୟ ଧର୍ମ ସହିତ ଯୋଡ଼ିବାର ପ୍ରକ୍ରିୟା । ଜଗନ୍ନାଥ ଯଦିବା ବାହ୍ୟତଃ ରୂପରେ ଏବଂ ଉପଚାରରେ ବୈଷ୍ଣବତ୍ୱ ପ୍ରତିପାଦନ କରନ୍ତି, ତଥାପି ତାଙ୍କର ଅନ୍ୟଧର୍ମର ଦେବାଦେବୀମାନଙ୍କଠାରେ ମିଳନ ଘଟିଛି । ଶ୍ରୀମନ୍ଦିରରେ ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ଜ୍ୟେଷ୍ଠପୂର୍ଣ୍ଣିମା ହେଉଛି ଜଗନ୍ନାଥଙ୍କର ପବିତ୍ର ଜନ୍ମଦିବସ । ଏହି ଦିନ ପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଏଣୁ ଏହାକୁ ଦେବସ୍ନାନ ପୂର୍ଣ୍ଣିମା କହନ୍ତି । ଶ୍ରୀଜୀଉମାନେ ଯେଉଁ ମଣ୍ଡପରେ ବସି ସ୍ନାନ କରନ୍ତି ତାହାକୁ ସ୍ନାନ ମଣ୍ଡପ କୁହାଯାଏ । ଏହି ଦିନ ଚତୁର୍ଦ୍ଧାମୂର୍ତ୍ତି- ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନଯାତ୍ରା ପାଳନ କରାଯାଏ । ସେଥିପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାଆଡ଼ମ୍ବର ସହକାରେ ଘଣ୍ଟା, ଭେରୀ, ଶଙ୍ଖ ଓ କାହାଳୀ ବଜାଇ ଗୋଟି ପହଣ୍ଡିରେ ଅଣାଯାଇ ଶ୍ରୀମନ୍ଦିର ପରିସର ଐଶାନ୍ୟ କୋଣରେ ଥିବା ମଞ୍ଚ ଅର୍ଥାତ୍ ଆନନ୍ଦବଜାର ସଂଲଗ୍ନ ସ୍ନାନମଣ୍ଡପ ଉପରକୁ ନିଆଯାଇଥାଏ । ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଚିତ୍ରକାର ମଣ୍ଡପକୁ ସୁନ୍ଦର ଭାବେ ଚିତ୍ରକରି ସଜାଇ ଦେଇଥାଏ । ପଥରରେ ତିଆରି ଏହି ମଣ୍ଡପର ଲମ୍ବ ୫୦ ଫୁଟ ଓ ଓସାର ୫୦ ଫୁଟ । ଏହାର ଉପରି ଭାଗରେ ୨୦ ଫୁଟ ଲମ୍ବ ୫ ଫୁଟ ଉଚ୍ଚତାର ଆଉ ଗୋଟିଏ ମଣ୍ଡପ ରହିଛି । ଏହି ଛୋଟ ମଣ୍ଡପ ଉପରେ ତିନୋଟି ଗୋଲାକୃତି ପିଣ୍ଡି କଳାମୁଗୁନି ପଥରରେ ନିର୍ମିତ ହୋଇଛି । ଜଗନ୍ନାଥଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୩୯ ଇଞ୍ଚ ଓ ଗୋଲେଇ ୯ ଫୁଟ ୬ ଇଞ୍ଚ । ବଳଭଦ୍ରଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୨୭ ଇଞ୍ଚ ଓ ଗୋଲେଇ ୭ ଫୁଟ ୩ ଇଞ୍ଚ ଏବଂ ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୨୪ ଇଞ୍ଚ ଓ ଗୋଲେଇ ହେଉଛି ୬ ଫୁଟ ୫ ଇଞ୍ଚ । ଶ୍ରୀଜୀଉମାନଙ୍କର ସ୍ନାନ ନିମନ୍ତେ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ମା’ ସନ୍ତୋଷୀ ଶୀତଳା ମନ୍ଦିର ଆଗରେ ଥିବା ସୁନା କୂଅରୁ ଚତୁର୍ଦ୍ଦଶୀ ଦିନ ୧୦୮ କୁମ୍ଭ ବା ଗରା ଜଳ ସୁନାଗୋସାଇଁ ଓ ମୁଦିରସ୍ତ ନେଇ ଅଧିବାସ ଘରେ ରଖନ୍ତି ଏବଂ ପରଦିନ ଉକ୍ତ ଜଳକୁ ଷୋଡ଼ଶ ଉପଚାର ପୂଜା ମାଧ୍ୟମରେ ମହାପ୍ରଭୁଙ୍କୁ ସେହି ସୁବାସିତ ଜଳରେ ସ୍ନାନ କରାଇଥାନ୍ତି । ଏହି ୧୦୮ ଗରା ଜଳ ମଧ୍ୟରୁ ୩୫ ଗରା ଜଳ ଜଗନ୍ନାଥଙ୍କ ଉପରେ, ୩୩ ଗରା ଜଳ ବଳଭଦ୍ରଙ୍କ ଉପରେ ଓ ୨୨ ଗରା ଜଳ ମା’ ସୁଭଦ୍ରାଙ୍କ ଉପରେ ଏବଂ ୧୮ ଗରା ଜଳ ସୁଦର୍ଶନଙ୍କ ଉପରେ ଢଳା ଯାଇଥାଏ । ମହାପ୍ରଭୁଙ୍କର ଏହି ପବିତ୍ର ସ୍ନାନ କରିବା ଉତ୍ସବକୁ ସ୍କନ୍ଦ ପୁରାଣ ଓ ଆଦି ବ୍ରହ୍ମ ପୁରାଣ ଅତି ପବିତ୍ର ଏବଂ ପାବନ ଉତ୍ସବ ବୋଲି ମାନ୍ୟତା ପ୍ରଦର୍ଶନ କରିଛନ୍ତି । ଆଉ ମହାପ୍ରଭୁଙ୍କର ଏହି ସ୍ନାନବେଦୀରେ ସ୍ନାନ କରିବାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ - ଠାକୁରମାନେ ଶ୍ରୀମନ୍ଦିରର ପରିସର ମଧ୍ୟରେ ବର୍ଷକରେ ପ୍ରଥମ ଥର ପାଇଁ ବାହାରକୁ ଆସି ସ୍ନାନ କରିବା ଏବଂ ଏହି ଦିନକ ପାଇଁ ଯେଉଁ କୂଅର ଜଳରେ ସ୍ନାନ କରନ୍ତି ସେହି କୂଅ କେବଳ ବର୍ଷରେ ସେହି ଥରକ ପାଇଁ ଉନ୍ମୁକ୍ତ ହେବା ସହିତ ସେହି କୂଅରେ ସେହି ସମୟରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହେବା ହେଉଛି ଏହାର ପ୍ରସିଦ୍ଧି । ସ୍ନାନ ପରେ ଛେରାପହଁରା ନୀତି ସମ୍ପନ୍ନ ହୋଇ ଶ୍ରୀଜୀଉଙ୍କର ହାତୀବେଶ ଅନୁଷ୍ଠିତ ହୁଏ । ଏହି ବେଶରେ ବଳଭଦ୍ରଙ୍କୁ ଧଳାହାତୀ ଓ ଜଗନ୍ନାଥଙ୍କୁ କଳାହାତୀ ବେଶ କରାଯାଏ । ତେବେ ମା’ ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ହାତୀବେଶ କରାନଯାଇ ଅନ୍ୟ ଆଭୂଷଣରେ ଭୂଷିତ କରାଯାଏ ।

ଏହି ଦିନ ଗଣପତି ଭଟ୍ଟ ନାମକ ଏକ ଭକ୍ତଙ୍କର ନାମ ଶ୍ରଦ୍ଧାରୁ ଜଗନ୍ନାଥ ପ୍ରେମୀ ଭକ୍ତମାନେ ସ୍ମରଣ କରୁଥିବାବେଳେ ସ୍ୱୟଂ ଶ୍ରୀଜଗନ୍ନାଥ ମଧ୍ୟ ସେହି ଭକ୍ତଙ୍କର ଅନୁରୋଧ ରକ୍ଷା କରିଆସୁଛନ୍ତି । କଥିତ ଅଛି, ମହାରାଷ୍ଟ୍ର ପ୍ରଦେଶରୁ ଯେତେବେଳେ ଗଣପତି ଭଟ୍ଟ ନିଜର ନିର୍ବାଣ ଉଦ୍ଦେଶ୍ୟ ନେଇ ବ୍ରହ୍ମ ଦର୍ଶନ କରିବାକୁ ପୁରୁଷୋତ୍ତମ ଆସିଥିଲେ ସେହିଦିନ ଥିଲା ସ୍ନାନ ପୂର୍ଣ୍ଣିମା ଏବଂ ସ୍ନାନବେଦୀରେ ବିଜେ କରିଥିଲେ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା । ତେଣୁ ସେ ବିଗ୍ରହମାନଙ୍କୁ ଦେଖି ସେଠାରେ ଆଶ୍ଚର୍ଯ୍ୟ ହେଲେ ଏବଂ ତାଙ୍କର ମନ ମାନିଲା ନାହିଁ । ବ୍ରହ୍ମ କହିଲେ ହିଁ ଥୋଡ଼ ପାହୁଲ ଯୁକ୍ତ ଗଜବଦନକୁ ବୁଝାଏ । ଏ କେବେ ହେଲେ ମୋର ପରମ ଆରାଧ୍ୟ ଦେବତା ହୋଇ ନପାରନ୍ତି । ୟାଙ୍କରତ କିମ୍ଭୁତ କିମ୍ଭାକାର ଆକାର ଏ କ’ଣ ଭକ୍ତି, ମୁକ୍ତି ନିର୍ବାଣ ଦେବେ ? ସବୁ ଶ୍ରମ ବୃଥା ହୋଇଗଲା ଭାବି ବ୍ୟାକୁଳ ଚିତ୍ତରେ କାନ୍ଦି କାନ୍ଦି କହନ୍ତି - ଗଜବଦନ ଯା’ର ନାହିଁ, ସେ ବ୍ରହ୍ମ ବୋଲାଇବ କାହିଁ । ତେଣୁ ସେ ଦୁଃଖରେ ମର୍ମାହତ ହୋଇ ଲୋତକ ପ୍ଲାବିତ ଭାବେ ଲକ୍ଷ୍ମୀଙ୍କ ଜଗମୋହନର ଗୋଟିଏ କୋଣରେ ପଡ଼ି ରହିଲେ ତାଙ୍କର ସେହି ପରଂବ୍ରହ୍ମଙ୍କୁ ସ୍ମରଣ କରି । ଏଣେ ମୁଦିରସ୍ତଙ୍କୁ ଶୂନ୍ୟବାଣୀ ହେଲା ଯେ, ତୁମେ ଯାଅ ମୁଦିରସ୍ତ, ମୋର ଗୋଟିଏ ଅଝଟିଆ ଅଭିମାନୀ ଭକ୍ତିଟିଏ ଲକ୍ଷ୍ମୀଙ୍କର ଜଗମୋହନରେ ଶୋଇଛି, ତାକୁ ଯାଇ ଉଠାଇ କହିବ ସେ ତା’ର ଭକ୍ତି ନେତ୍ରରେ ମୋତେ ଦର୍ଶନ କରୁ, ତା’ପରେ ଜାଣିବ ଯେ ମୁଁ ପ୍ରକୃତରେ ତା’ର ସେହି ପରଂବ୍ରହ୍ମ, ସର୍ବରୂପୀ, ସର୍ବବ୍ୟାପୀ ଓ ସର୍ବନାମରେ ଅଛି କି ନାହିଁ ? ତାହା ହିଁ ହେଲା ପ୍ରଭୁଙ୍କର ଅପାର କୃପାରୁ ଭକ୍ତର ବ୍ରହ୍ମଦର୍ଶନ । ସତେ ଯେପରି କଳାଧଳା ହାତୀ ଦୁଇଟି ଥୋଡ଼ ପାହୁଲ ଲମ୍ବାଇ

ମତୁଆଲା ଭାବରେ ନୀଳକନ୍ଦରରୁ ଓହ୍ଲାଇ ଆସୁଛନ୍ତି, ସତେ ଯେପରି ଭକ୍ତକୁ ନିର୍ବାଣ ଦେବାକୁ । ଭକ୍ତ ବିଭୋର ହୋଇ ଆଖିରୁ ପ୍ରେମାଶ୍ରୁ ବୋହିଗଲା ଏବଂ ସେ ତାହାର ଅଷ୍ଟାଙ୍ଗ ପ୍ରଭୁଙ୍କର ଶ୍ରୀଚରଣରେ ସମର୍ପଣ କରି ଗଡ଼ି ଗଡ଼ି କହୁଥିଲେ ହେ ଭକ୍ତବତ୍ସଳ ଭାବଗ୍ରାହୀ, ଛାର ଦାସଟା ପାଇଁ ଏଡ଼େ ବଡ଼ ଶାଆନ୍ତଙ୍କୁ ପୁଣି ତା'ର ରୂପ ପରିବର୍ତ୍ତନ କରିବାକୁ ପଡ଼ିଲା । କାହିଁକି ପ୍ରଭୁ ଏ ଦାସଟା କ'ଣ ମରିଯାଇଥିଲେ, ଏ ନିଷ୍କଳଙ୍କ ଚନ୍ଦ୍ରମାରେ କଳଙ୍କ ଲାଗିଯାଇଥାନ୍ତା । ତେଣୁ ଭକ୍ତ ଏଠାରେ ବିଭୋର ହୋଇ କହିଉଠିଲେ -

'ତୋର ନୋହିଲେ କରୁଣା, ବ୍ରହ୍ମା ଶଙ୍କର ହୋନ୍ତି ବଣା ।
ତୋହର ହୋଇଲେ ସଦୟ, ଜ୍ଞାନତା ହୃଦରୁ ଉଦୟ ।।'

ହେ ପ୍ରଭୁ, ଏ ଅପରାଧ ମୋର କ୍ଷମା କର । ହେ ଗଜାନନ, ହେ ଗଣନାୟକ, ହେ ଗଣଦେବତା ମୋର ଭକ୍ତିପୁତ ପ୍ରଣାମ ଗ୍ରହଣ କରି ନିର୍ବାଣ ଦେବା ପୂର୍ବକ ମୋର ଗୋଟିଏ ଆପଣଙ୍କ ପାଖରେ ଗୁହାରୀ ଯେ ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଅର୍ଥାତ୍ ସ୍ନାନୋତ୍ସବ ଦିନ ସ୍ନାନ ବେଦୀରେ ଏହି ବେଶରେ ବିରାଜମାନ ହୋଇ ଜଗତର କଲ୍ୟାଣ ନିମିତ୍ତ ଜଗତବାସୀଙ୍କର ବିଘ୍ନ ବିନାଶ କରିବେ । ପ୍ରଭୁର ଆଦେଶକୁ ଯେପରି ଭୃତ୍ୟ ଆଜ୍ଞାଧୀନ ପରି ପାଳନ କରେ ସେହିପରି ଭକ୍ତର ଭାବକୁ ଶିରଧାର୍ଯ୍ୟ କରି, ସେହି ଦିନଠାରୁ ମହାପ୍ରଭୁଙ୍କର ଗଜାନନ ବେଶ ହୋଇଆସୁଅଛି । ଭକ୍ତ ବେଶରେ ସଙ୍ଖୁଡ଼ି ଭୋଗ ଲାଗିବା ପରେ ମହାପ୍ରଭୁ ପହଣ୍ଡି ବିଜେ ହୋଇ ଅନବସର ଗୃହକୁ ପ୍ରବେଶ କରନ୍ତି ।

ଜୟ ଜଗନ୍ନାଥ !

ମାନବିକ ଅଧିକାର ସୁରକ୍ଷା କର୍ମୀ ତଥା
ସଲିସିଟର ଓ ଆଡ୍‌ଭୋକେଟ୍, ହାଇକୋର୍ଟ
ଇ-୨୦୮, ଭୁବନେଶ୍ୱର-୧୨

---

# ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ

ଦେଶବନ୍ଧୁ ମିଶ୍ର

ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ
ଅସଜଡ଼ା କେଶ ମଳିନ ବାସ
କାହା ସାଥେ କଥା ହେଉ ନାହାନ୍ତି
କେଉଁଥିରେ ମନ ଦେଉ ନାହାନ୍ତି ।
ଶରଧା ବାଲିରେ ଶରଧା ଭାରି
ପ୍ରଭୁ ଜଗନ୍ନାଥ ଗୁଣ୍ଡିଚା ବାଡ଼ି
ବୁଲି ଯାଉଛନ୍ତି ହରଷ ମନେ,
ଭେଟିବେକି ରାଧା କଦମ୍ବ ବନେ ।
ଭ୍ରାତା ବଳଭଦ୍ର ଭଗ୍ନୀ ସୁଭଦ୍ରା
ଦେବ ସୁଦର୍ଶନ ଇଚ୍ଛୁକ ସଦା
ସକଳ ଚଳିବେ ତିନି ରଥରେ
ବିଚାରୀ ଲକ୍ଷ୍ମୀ କି କିଏ ପଚାରେ ।
ପ୍ରଭୁ ଯାଉଛନ୍ତି ଗୁଣ୍ଡିଚା ବାଡ଼ି
ଅଲୋଡ଼ା କାହିଁକି ଲକ୍ଷ୍ମୀ ବିଚାରୀ
ନଥିଲେ କମଳା ରଥେ ସୁନ୍ଦର
ଦିଶିବେନି ଯମା କମଳା ବର ।
ପଥେ ସାଲବେଗ ସମାଧି ସ୍ଥଳ
ପଡ଼ିବ ପ୍ରଭୁଙ୍କ ଚକ୍ଷୁ ଯୁଗଳ
ନିଶ୍ଚେ ଲୋତକରେ ହୋଇବ ଓଦା
ଭକ୍ତ ଉଚ୍ଚେ ପ୍ରଭୁ ନିଚେ ସର୍ବଦା ।



ପଥରେ ପଡ଼ିବ ମାଉସୀ ଘର
ପ୍ରଭୁଙ୍କୁ ଅତ୍ୟନ୍ତ ସ୍ନେହ ଯାହାର
କରିଥିବେ ପୋଡ଼ ପିଠା ତିଆରି
ସୁସ୍ୱାଦୁ ପ୍ରଭୁଙ୍କ ବାସନା ବାରି
ଲକ୍ଷ୍ମୀ ଠାକୁରାଣୀ ଆଜି ବିଷଣ୍ଣ
କହି ଚାଲିଛନ୍ତି ମନକୁ ମନ
ପ୍ରିୟତମା ଡାକ ଖାଲି ତୁଣ୍ଡକୁ
ଲକ୍ଷ୍ମୀ ସବୁବେଳେ ଚୁଲି ମୁଣ୍ଡକୁ ।
ଭାବୁଛନ୍ତି ରାଗ ଶୁଝାଇବାକୁ
ଭାବୁଛନ୍ତି ରଥ ଭାଙ୍ଗି ଦେବାକୁ
ଲେଉଟିଲେ ପ୍ରଭୁ ଶ୍ରୀମନ୍ଦିରକୁ
ସିଂହଦ୍ୱାର ଜମା ନ ଖୋଲିବାକୁ
ଠାକୁର ଯେଉଁଠି ମଣିଷ ପରି
ଠାକୁରାଣୀ ଭିନ୍ନ ହେବେ କିପରି
ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ
ପ୍ରଭୁଙ୍କ ଶ୍ରୀମୁଖେ ଅଳପ ହସ ।

ଦଇତାପଡ଼ା ସାହି
ପୁରୀ

# ରଣପୁର ଜଗନ୍ନାଥ ମନ୍ଦିର ଏବଂ ରଥଯାତ୍ରା

ବ୍ରଜ ପାଇକରାୟ

ଅତୀତରେ ରଣପୁର ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଥିବା ସମୟରେ ଏବଂ ରାଜା ଉଦ୍ଧବ ସିଂହ ନରେନ୍ଦ୍ରଙ୍କ ରାଜତ୍ୱ କାଳରେ (୧୩୨୪-୧୩୬୩) ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରେ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମଣିନାଗ ପର୍ବତ ଶିଖରୀ ଉପରେ ଦଣ୍ଡାୟମାନ ମଣିନାଗ ଦୁର୍ଗାଙ୍କ ମନ୍ଦିର ନିର୍ମିତ ହୋଇଥିବାର ଜଣାଯାଏ ।

ରଣପୁରଗଡ଼ରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସଂପର୍କୀୟ ଏକ କିମ୍ବଦନ୍ତୀ ପାଠକମାନଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି - 'ରାଜା ଉଦ୍ଧବ ସିଂହ ନରେନ୍ଦ୍ର ପ୍ରତିଦିନ ଅଶ୍ୱପୃଷ୍ଠରେ ଚଢ଼ି ଶ୍ରୀକ୍ଷେତ୍ର ଯାଇ ଜଗନ୍ନାଥ ଦର୍ଶନ କରି ରଣପୁରଗଡ଼ ଫେରି ଆସନ୍ତି । (ରଣପୁରଠାରୁ ଜଙ୍କିଆଗଡ଼ ସାହି ପର୍ଯ୍ୟନ୍ତ ଗୋଟିଏ ଅଶ୍ୱରେ ଯାଇ ସେଠାରୁ ଅନ୍ୟ ଏକ ଅଶ୍ୱରେ ପୁରୀ ଯାଇ ରଣପୁର ଫେରି ଆସନ୍ତି ବୋଲି ପ୍ରବାଦ ରହିଛି) ଏକଦା ରଣପୁରଠାରୁ ଜଙ୍କିଆଗଡ଼ ସାହି ପର୍ଯ୍ୟନ୍ତ ଯାଇ ଲୁଣା ନଦୀରେ ବନ୍ୟା ଯୋଗୁଁ ରାଜା ଶ୍ରୀକ୍ଷେତ୍ର ଯାଇପାରିଲେ ନାହିଁ । ନଦୀ ବଢ଼ି କମିବା ପରେ ରାଜା ପୁରୀ ଯାତ୍ରା କଲେ । ହେଲେ ଶ୍ରୀକ୍ଷେତ୍ର ଯିବା ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି ଯୋଗୁଁ ଏବଂ ରାଜା ଜଗନ୍ନାଥ ଦର୍ଶନରୁ ବଞ୍ଚିତ ହୋଇଥିବା କାରଣରୁ ପୁରୀ ଜଗନ୍ନାଥ ମନ୍ଦିର ବେଢ଼ା ବଟବୃକ୍ଷ ମୂଳରେ ୭ ଦିନ ଧରି ଉପବାସ ରହି ଜଗନ୍ନାଥଙ୍କ ଶରଣାପନ୍ନ ହେଲେ । ଉକ୍ତ ରାଜାଙ୍କ ଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ ହୋଇ ପ୍ରଭୁ ଶ୍ରୀଜଗନ୍ନାଥ ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ଦେଲେ ଯେ ଠାକୁରଙ୍କ ଷୋଳ କଳାରୁ ଏକ କଳା ରଣପୁର ଯିବ ଏବଂ ରାଜା ଉଦ୍ଧବ ସିଂହ ରଣପୁରଗଡ଼ରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରି ଠାକୁର ପ୍ରତିଷ୍ଠା କରିବେ । ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁଯାୟୀ ଗଜପତି ପ୍ରତାପରୁଦ୍ର ଦେବ ରାଜା ଉଦ୍ଧବ ସିଂହଙ୍କୁ ମାଧବ ଗୋସାଇଁଙ୍କ ମୂର୍ତ୍ତି ପ୍ରଦାନ କରିବା ସହ ପାଟଶାଢ଼ୀ ଏବଂ 'ନରେନ୍ଦ୍ର' ପଦବୀ ଦ୍ୱାରା ସମ୍ମାନିତ କରିଥିଲେ । ସୁତରାଂ ରାଜା ଉଦ୍ଧବ ସିଂହ ନରେନ୍ଦ୍ରଙ୍କ ରାଜତ୍ୱ କାଳରେ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ଓ ପ୍ରତିଷ୍ଠିତ ହୋଇ ବିଧିବଦ୍ଧ ଭାବେ ଶ୍ରୀଜୀଉମାନଙ୍କ ସେବାପୂଜା ଅଦ୍ୟାବଧି ଚାଲୁ ରହିଛି । ରଣପୁର ଜଗନ୍ନାଥ ମନ୍ଦିର ମଧ୍ୟରେ



ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ୩ ଗୋଟି ଦୀର୍ଘ ବିଗ୍ରହ ପ୍ରତିଷ୍ଠା ସହ ସେମାନଙ୍କ ନିକଟରେ ୩ ଗୋଟି କ୍ଷୁଦ୍ର ବିଗ୍ରହ ମଧ୍ୟ ବିଦ୍ୟମାନ ଅଛନ୍ତି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ଉକ୍ତ କ୍ଷୁଦ୍ର ବିଗ୍ରହଗୁଡ଼ିକ 'ଘରବାବୁ' ଭାବେ ସୁପରିଚିତ ।

ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ସଂପ୍ରତି ମୁଖ୍ୟ ସେବାୟତ ରୂପେ ଶ୍ରୀଜୀଉମାନଙ୍କ ସେବାପୂଜା କରୁଥିବା ରବି ନନ୍ଦଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ସକାଳ ୭ଟା ୩୦ ମିନିଟ୍ ସମୟରେ ଠାକୁରମାନଙ୍କ ଅବକାଶ (ନିତ୍ୟକର୍ମ) ସଂପାଦନ ପରେ ୮ଟା ସମୟରେ ବଲ୍ଲଭ ଧୂପ ଲାଗି ହୁଏ । ବଲ୍ଲଭ ଧୂପରେ ଲିଆ ମୁଆଁ ଏବଂ ଦହି ଲାଗି ବିଧି ପ୍ରଚଳିତ ଅଛି । ୧୨ଟା ୩୦ ମିନିଟ୍ ବେଳେ ସକାଳ ଧୂପରେ ଅନ୍ନ ପ୍ରସାଦ, ଡାଲି, ତରକାରୀ, ବେସର, ଶାଗ, ମହୁର, ଖଟା ଓ କ୍ଷିରୀ ଭୋଗ କରାଯାଏ । ଏହା ପରେ ଠାକୁର ପହୁଡ଼ ଯାଆନ୍ତି ଏବଂ ଅପରାହ୍ନ ୩ଟା ବେଳକୁ ପହୁଡ଼ ଭାଙ୍ଗେ । ସଂଧ୍ୟା ୭ଟା ସମୟରେ ସଂଧ୍ୟା ଆଳତି କରାଯାଏ ଏବଂ ମନ୍ଦିର ନିଯୋଗ ବିଧିବିଧାନ ଅନୁଯାୟୀ ପତ୍ରୀ ଆଳତି କାଠି ଏବଂ ପଢ଼ିଆରୀ ଠା'ସଜ ଯଥା- ପୀଢ଼ା, ଘଣ୍ଟି, ଦର୍ପଣ ଇତ୍ୟାଦି ଯୋଗାଇ ଥାଆନ୍ତି । ମାଳି ମନ୍ଦିର ବେଢ଼ା ଭିତର ସଫା କରିବା ସହ ତୁଳସୀ ଓ ପାଣି ଯୋଗାଇବା ଦାୟିତ୍ୱ ନେଇଥାଆନ୍ତି । ସାମନ୍ତ ବ୍ରାହ୍ମଣ ମନ୍ତ୍ରପାଠ ଏବଂ ପୂଜା ଅର୍ଚ୍ଚନା କରିଥାଆନ୍ତି । ରାତ୍ରୀ ୮ଟା ବେଳେ ସଂଖୁଡ଼ି ଭୋଗରେ ଠାକୁରମାନଙ୍କୁ ଛେନା, ବିରି, ନଡ଼ିଆ ଓ ଘିଅରେ ପ୍ରସ୍ତୁତ ପୁଳି ଏବଂ ଏଣ୍ଡୁରି ପିଠା

ଭୋଗ ଲାଗି ହୁଏ । ରାତ୍ରୀ ୯ଟା ପରେ ବଡ଼ସିଂହାର ଧୂପରେ ଖଜା ଓ ସରପୁଳି ଭୋଗ ଅର୍ପଣ କରାଯାଏ ଏବଂ ରାତ୍ରୀ ୧୦ଟା ବେଳକୁ ଶ୍ରୀଜୀଉମାନେ ପହୁଡ଼ ବିଜେ କରନ୍ତି ।

ରଣପୁର ଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କୁ ପ୍ରଦତ୍ତ ଭୋଗ ପ୍ରସାଦରୁ ଅର୍ଦ୍ଧେକ ସେବାୟତ ପରିବାର, ଏକ ଚତୁର୍ଥାଂଶ ଖେଇ ଆକାରରେ ରାଜ ପରିବାର ଏବଂ ଅବଶିଷ୍ଟ ଭୋଗ ଭକ୍ତମାନେ ସେବନ କରିବାର ବିଧିବ୍ୟବସ୍ଥା ଅଦ୍ୟାପି ମଧ ପ୍ରଚଳିତ ରହିଛି ।

ରଣପୁର ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିସର ମଧ୍ୟରେ ପାର୍ଶ୍ୱଦେବତା ଭାବେ ଶ୍ରୀହରିହରଶ୍ୱର, ବୃନ୍ଦାବନ ବିହାରୀ ଦେବ, ବ୍ରଜ ବିହାରୀ ଦେବ, କୁଂଜ ବିହାରୀ ଦେବ, ରାଧାକାନ୍ତ ଦେବ, ମହାଲକ୍ଷ୍ମୀ, ସରସ୍ୱତୀ ଏବଂ ଶ୍ରୀଗଣେଶ ପ୍ରଭୃତି ପ୍ରାଚୀନ କାଳରୁ ପୂଜା ପାଇ ଆସୁଛନ୍ତି । ମନ୍ଦିର ବେଢ଼ା ପରିସରରେ ଶ୍ରୀଜୀଉମାନଙ୍କ ପାଇଁ ଦେବସ୍ନାନ ମଣ୍ଡପ ବିଦ୍ୟମାନ ଅଛି ।



ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ବିଧିବିଧାନ ଅନୁଯାୟୀ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବାର ମାସରେ ବାର ଯାତ୍ରା ଅନୁଷ୍ଠିତ ହୋଇଥାଏ । ଠାକୁରମାନଙ୍କ ସେବାପୂଜା ପାଇଁ ସାମନ୍ତ ବ୍ରାହ୍ମଣମାନଙ୍କୁ ରାଜା ଭୂ-ସଂପତ୍ତି ପ୍ରଦାନ କରିଥିଲେ ମଧ ପୂଜାରୀ ଶ୍ରେଣୀର ବ୍ରାହ୍ମଣମାନଙ୍କୁ 'ସୁଆର ବେଠି'ରେ ନିୟୋଜିତ କରାଯାଇଥିବା ଜଣାଯାଏ । ରଣପୁରରେ ଗଡ଼ଜାତି ଶାସନ ଚାଲିଥିବାବେଳେ ରାଜା ଜଗନ୍ନାଥ ମନ୍ଦିରର ଉତ୍ସବ ଦିନମାନଙ୍କରେ ବେଳେବେଳେ ଚାନ୍ଦପୁରସ୍ଥିତ ରାଜ ନଅରରେ ଅବସ୍ଥାନ କରୁଥିବାରୁ ପୂଜାରୀ ବ୍ରାହ୍ମଣମାନେ ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଧୂପ ଉଠିବା ପରେ ପ୍ରସାଦ ନେଇ ସେହି ରାତ୍ରୀରେ ଚାଲି ଚାଲି ଚାନ୍ଦପୁର ଯାଉଥିଲେ । ଏତଦ୍‌ବ୍ୟତୀତ ରାଜାଙ୍କ ଅମଲା ଏବଂ ଧର୍ମପୁତ୍ର ଅଗାଧୁ ରାଉତରାୟଙ୍କ ବାସସ୍ଥାନ ଯଦୁପୁର ଗ୍ରାମକୁ ବ୍ରାହ୍ମଣମାନେ ପ୍ରସାଦ ବହନ କରି ନେଉଥିଲେ, କାରଣ ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ ଜାତିର ପ୍ରଜା ପ୍ରସାଦ ବହନ କରିବାରେ ବାରଣ ଥିଲା । ୧୯୪୩ ମସିହାରେ ରଣପୁରର ତତ୍କାଳୀନ ଦେୱାନ ଏବଂ Superintendent ବାମଦେବ ରଥ ଉକ୍ତ 'ସୁଆର ବେଠି' ପ୍ରଥାର ବିଲୋପ ସାଧନ କରିଥିଲେ । କାରଣ ୧୯୩୯ ମସିହା ଜାନୁଆରୀ ୫ ତାରିଖରେ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ ରଣପୁର ପ୍ରଜାଙ୍କ ଲାଠିମାଡ଼ରେ ମୃତ୍ୟୁ ବରଣ କରିବାରୁ ରାଜାଙ୍କଠାରୁ ସମସ୍ତ କ୍ଷମତା କାଢ଼ି ନିଆଯାଇ ୧୯୪୧ ମସିହାଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ରଣପୁରରେ Court of Wards ହୋଇଥିଲା । ଦେୱାନ ବାମଦେବ ରଥ ରଣପୁର ରାଜ୍ୟର ସୁପରିଟେଣ୍ଡେଣ୍ଟ୍ ରୂପେ ରାଜାଙ୍କ କ୍ଷମତା ଉପଭୋଗ କରୁଥିବାରୁ 'ସୁଆର ବେଠି' ପ୍ରଥାର ଉଚ୍ଛେଦ ସାଧନ କରିବାକୁ ସମର୍ଥ ହୋଇଥିଲେ ।

ରଣପୁର ରାଜା ସାରଙ୍ଗଧର ବଜ୍ରଧର ନରେନ୍ଦ୍ର ମହାପାତ୍ରଙ୍କ (୧୭୨୭-୧୭୫୪) ରାଜତ୍ୱ କାଳରେ ପ୍ରଥମ କରି ରଣପୁରରେ ରଥଯାତ୍ରା ଆରମ୍ଭ ହୋଇଥିଲା ଏବଂ ସେହି ସମୟରୁ ଅଦ୍ୟାବଧି ରଣପୁରଗଡ଼ରେ ରଥଯାତ୍ରା ଅନୁଷ୍ଠିତ ହେଉଅଛି । ଜ୍ୟେଷ୍ଠ ମାସ ଅକ୍ଷି ତୃତୀୟା ଦିନ ରଥ ନିର୍ମାଣ ନିମିତ୍ତ କାଠ ଅନୁକୂଳ କରାଯାଇଥାଏ । ସାଧାରଣତଃ ରଣପୁର ଅନ୍ତର୍ଗତ ବରବରା, ରଣ୍ଡା, ଗିରିଣ୍ଡା, ବନ୍ଧମୁଣ୍ଡା ଓ ଜାମୁଗଣ୍ଡ ଜଙ୍ଗଲରୁ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯାଇଥାଏ । ଓଡ଼ିଶା ପ୍ରଦେଶରେ ରଣପୁର ଗଡ଼ଜାତ ରାଜ୍ୟର ମିଶ୍ରଣ ପରେ ଏବଂ ରଣପୁର ଏକ ତହସିଲରେ ପରିଣତ ହେବା ପରେ ରଣପୁର ତହସିଲଦାର ତାଙ୍କ ପଦବୀ ବଳରେ ସ୍ୱତଃ ଜଗନ୍ନାଥ ମନ୍ଦିରର Ex-officio ଏକଜିକ୍ୟୁଟିଭ୍ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ତେଣୁ ରଥଯାତ୍ରା ହେବା ପାଇଁ ଆବଶ୍ୟକୀୟ ବିଧିବିଧାନ ରଣପୁର ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଗଠିତ ଓ ସଂପାଦିତ ହୋଇଥାଏ । ସାଂପ୍ରତିକ କାଳରେ ତହସିଲଦାର ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ଯୋଗାଇବା ପରେ ରଣପୁରଗଡ଼ ସିକୋ, ରାଜସୁନାଖଳା, ଲେଖନପୁର, ଗୋପାଳପୁର ଏବଂ ମଝିଆଖଣ୍ଡର ବଢ଼େଇମାନେ ଶ୍ରୀଗୁଣ୍ଡିଚା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ କରିଥାଆନ୍ତି । ରଥ ଟାଣିବା ପାଇଁ ଦଉଡ଼ି ଏବଂ ଆବଶ୍ୟକୀୟ ସରଞ୍ଜାମ ଯୋଗାଡ଼ କରିବା ଏବଂ ରଥଯାତ୍ରାର ଅନ୍ୟାନ୍ୟ ବିଧିବ୍ୟବସ୍ଥାର ଦାୟିତ୍ୱ ରଣପୁର ତହସିଲଦାର ବହନ କରିଥାଆନ୍ତି । ରଣପୁର ରାଜା ଶ୍ରୀଗୁଣ୍ଡିଚା ଦିନ ରାଜନଅରରୁ ଛତ୍ର ଚାମର ମଶାଲ ସହ ଶୋଭାଯାତ୍ରାରେ ଆସି ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମା ସୁଭଦ୍ରାଙ୍କତିନି ରଥକୁ ପର୍ଯ୍ୟାୟକ୍ରମେ ଛେରାପହଁରା କରିଥାଆନ୍ତି । ପ୍ରତି ରଥ ଛେରାପହଁରା ଲାଗି ୧୦୧ ଟଙ୍କା ହିସାବରେ ମୋଟ ୩୦୩ ଟଙ୍କା ରାଜାଙ୍କୁ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ସମିତି ତରଫରୁ ପ୍ରଦାନ କରାଯିବାର ବିଧିବ୍ୟବସ୍ଥା ରହିଛି ବୋଲି ମୁଖ୍ୟ ସେବାୟତଶ୍ରୀ ରବି ନନ୍ଦ ପ୍ରକାଶ କରନ୍ତି ।

ରଣପୁର ଏକ ଗଡ଼ଜାତ ରାଜ୍ୟ ଥିବା ସମୟରେ ଏବଂ ରାଜାମାନଙ୍କ ଶାସନ ଅମଳରେ ରଥଯାତ୍ରା ପାଇଁ ଦୀର୍ଘ ଦୁଇମାସ

ଧରି 'ରଥବେଠି' ଚାଲୁ ଥିଲା । ବିନାମୂଲ୍ୟରେ କାର୍ଯ୍ୟ କରିବାକୁ 'ବେଠି' କୁହାଯାଏ । ଗଣତନ୍ତ୍ର ଶାସନରେ ବିନା ମୂଲ୍ୟରେ କାର୍ଯ୍ୟ କରିବା କଥା କେହି କଳ୍ପନା ମଧ୍ୟ କରିପାରିବେନି । ସାଂପ୍ରତିକ କାଳରେ ଶାସକମାନେ ନାଗରିକମାନଙ୍କୁ ବେଠି କରିବାକୁ ବାଧ୍ୟ କରିପାରିବେ ନାହିଁ । ହେଲେ ସ୍ୱାଧୀନତାର ପ୍ରାକ୍‌କାଳରେ ଗଡ଼ଜାତ ରାଜ୍ୟଗୁଡ଼ିକରେ ବେଠି କରିବା ବାଧ୍ୟତାମୂଳକ ଥିଲା । ରଥଯାତ୍ରା ଏକ ଧର୍ମକାର୍ଯ୍ୟ ହେଲେ ମଧ୍ୟ ରଣପୁର ରାଜ୍ୟରେ 'ରଥବେଠି' ବାଧ୍ୟତାମୂଳକ ଥିଲା । ରଥଯାତ୍ରା ନିମିତ୍ତ ଆବଶ୍ୟକ ସମସ୍ତ କାଠ ଓ ଦଉଡ଼ି ବେଠିଆ ପ୍ରଜାମାନେ ନିଜ ଶଗଡ଼ ଓ କାନ୍ଧରେ ବୋହି ଆଣୁଥିଲେ । ସେତେବେଳେ ରଣପୁରରେ ନିର୍ମିତ ହେଉଥିବା ରଥଗୁଡ଼ିକ ସାଂପ୍ରତିକ କାଳର ପୁରୀ ରଥମାନଙ୍କ ଅପେକ୍ଷା ଆକାରରେ ଦୁଇ କିମ୍ବା ତିନି ଗୁଣ ଅଧିକ ଥିଲା । କାରଣ ପୁରୀ ରଥଯାତ୍ରା ଅନୁକରଣରେ ରଣପୁର ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ରାଜାଙ୍କର ନିର୍ଦ୍ଦେଶ ଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ବିରାଟ ତିନି ଗୋଟି ରଥ ଏବଂ ମଦନମୋହନ ଓ ସୁଦର୍ଶନ ଚକ୍ର ପାଇଁ ଦୁଇଟି କ୍ଷୁଦ୍ର ରଥକୁ ଟାଣିବା ସମୂହ ବେଠି ଦ୍ୱାରା ସମ୍ପନ୍ନ ହେଉଥିଲା । ରଥଗୁଡ଼ିକୁ ଜୋର୍‌ରେ ଟାଣିବା ପାଇଁ ରାଜାଙ୍କ ସିପାହୀମାନେ ପ୍ରଜାଙ୍କୁ ନିସ୍ତୁକ ପ୍ରହାର କରୁଥିଲେ । ଧନୀ, ମାନୀ ପ୍ରଜାବୃନ୍ଦ ରଥବେଠିରୁ ମୁକ୍ତି ପାଇବା ପାଇଁ ରାଜାଙ୍କ ସିପାହୀ, ଦାରୋଗା ଓ ଚୌକିଦାରମାନଙ୍କୁ ଉତ୍କୋଚ ପ୍ରଦାନ କରୁଥିଲେ । ରଣପୁରଗଡ଼ରେ ଅନୁଷ୍ଠିତ ରଥଯାତ୍ରା ଏବଂ ରଣପୁର ଜଗନ୍ନାଥ ମନ୍ଦିର ଏବେ ମଧ୍ୟ ରହିଛି ହେଲେ ଅତୀତ କାଳର 'ରଥବେଠି' ଓ 'ସୁଆରବେଠି' ସବୁଦିନ ଲାଗି ବିଲୋପ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ**


୧. ରଣପୁର ବିଦ୍ରୋହ - ଶ୍ରୀ ସତ୍ୟବାଦୀ ବଳିୟାର ସିଂହ



ସରକାରୀ ଓକିଲ
୩୪୨/ବି, ଜାଗମରା (ବରବାରି)
ଭୁବନେଶ୍ୱର-୩୦


# ଦାଣ୍ଡେ ପଡ଼ିଯିବ ହୁରି

ଜଳଧର ନାୟକ

ପ୍ରତି ବର୍ଷ ପରି
ବେଦିରୁ ଓହ୍ଲାଇ
ଯିବୁ ରଥେ ବିଜେ କରି ।
ନ ଛୁଇଁଲେ ନାଇଁ
ତୋତେରେ କାଳିଆ
ଦେଖିବି ହୃଦୟ ଭରି ... ।
ଝରି ପଡୁଥିବ
ପାଦଧୂଳି ତୋର
ବୋଲି ହେବି ଦେହସାରା ।
ଆପଣାକୁ ଚାହିଁ
ରଖିବୁ ମହତ
ଦାଣ୍ଡେ ପଡ଼ିଯିବ ହୁରି ... ।
ମନୁଆ ଠାକୁର
ମନେ ଥିବ ତୋର
ଦାରୁବ୍ରହ୍ମ ଦେହ ଧରି ।
ଘର୍ଘର ନାଦରେ
ରଥ ଗଡ଼ିଯିବ
ଚାହିଁ ଦେବୁ ଆଖି ଫେରି ... ।

ଭକତ ମନକୁ
ବାନ୍ଧିବୁ ଡୋରିରେ
କରି ସବୁ ଏକାପରି ।
ଥିବା ଯାଏ ଜୀବ
ନାମ ବ୍ରହ୍ମ ଗୋଟି
ଶ୍ରୀକ୍ଷେତ୍ରେ ମୁଁ ହେବି ଝୁରି ... ।
କୋଟି ଦଣ୍ଡବତ
ପାଦ ତଳେ ପ୍ରଭୁ
ଶଙ୍ଖ, ଚକ୍ର ଗଦାଧାରୀ ।
ପଦ୍ମପରି ମୁଖେ
ହସ ଫୁଟାଇଣ
ନେବୁ ମତେ ଭବୁ ତରି .. ।


ଗ୍ରାମ/ପୋ- ତଳଙ୍ଗା
ମୟୂରଭଂଜ

# ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ ଉତ୍କଳୀୟ ଲିପି



ଡଃ ରମାକାନ୍ତ କର

**ଶ୍ରୀ**ଜଗନ୍ନାଥ ଉତ୍କଳୀୟ ସଂସ୍କୃତି, ପରମ୍ପରା, ଭାଷା, ବିଜ୍ଞାନ ତଥା ଲିପିତତ୍ତ୍ୱର ମୂଳଭିତ୍ତି । ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ । ପରମେଶ୍ୱର ଭାବରେ ସେ ଜଗତର ହିଁ ସୃଷ୍ଟିକର୍ତ୍ତା । ଶ୍ରୀଜଗନ୍ନାଥ ହିଁ ପ୍ରକୃତି ଓ ପୁରୁଷର ସମନ୍ୱୟର ଦେବତା । ଏକାଧାରାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା କ୍ରମାନ୍ୱୟରେ ଶ୍ରୀବିଷ୍ଣୁ, ଶ୍ରୀମହେଶ୍ୱର ଓ ଶ୍ରୀବ୍ରହ୍ମା ତିନିପୁରୁଷ ଅଟନ୍ତି । ସେ ମଧ ତନ୍ତ୍ରାନୁସାରେ ମା' ଦକ୍ଷିଣକାଳୀ, ତାରା ଓ ଭୁବନେଶ୍ୱରୀ ତିନି ପ୍ରକୃତି ବା ଦେବୀ ଅଟନ୍ତି ବୋଲି ଶାସ୍ତ୍ରୀୟ ଉକ୍ତି ରହିଛି । ଯଥା-

'ତାରା ସାକ୍ଷାତ୍ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ ।
ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା ।।'

ପରମେଶ୍ୱର ହିଁ ଜଣେ, ଯାହାର ସତ୍ତା ଅନନ୍ତ ଓ ଦିଗନ୍ତ ପରିବ୍ୟାପ୍ତ । ଯେଉଁ ଚିରନ୍ତନ ନିତ୍ୟ ଶାଶ୍ୱତ ସତ୍ତାରୁ ଏ ଜଗତର ସୃଷ୍ଟି, ସେହି ଅନନ୍ତ ସତ୍ତା ସମ୍ବନ୍ଧରେ 'ଛାନ୍ଦୋଗ୍ୟ ଉପନିଷଦ୍' କହେ -

'ସ ବେଦ ସୌମ୍ୟମିଦମଗ୍ରମା-
ସୀଦେକମେବାଦ୍ୱିତୀୟମ୍ ।।'

ଏହି ହିଁ ପରମ ପୁରୁଷ ଭାବରେ ରୁଦ୍ରାଷ୍ଟାଧାୟୀ ଯଜୁର୍ବେଦରେ ବର୍ଣ୍ଣିତ -

ସହସ୍ରଶୀର୍ଷାପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।'

ଯେତେ ପୁରୁଷ ଅଛନ୍ତି, ସେ ହେଉଛନ୍ତି ସେମାନଙ୍କ ମଧ୍ୟରେ ଉତ୍ତମ ହୋଇଥିବାରୁ ସେ ପୁରୁଷୋତ୍ତମ ଓ ଏହାଙ୍କ କ୍ଷେତ୍ର ହିଁ ପୁରୁଷୋତ୍ତମ କ୍ଷେତ୍ର । ସେ ହେଉଛନ୍ତି କ୍ଷରାକ୍ଷରର ସ୍ରଷ୍ଟା ଓ କ୍ଷରାକ୍ଷରରୁ ଅତୀତ । ଶିଶୁ ସଂହିତା ଗ୍ରନ୍ଥରୁ ଜଣାଯାଏ ଯେ ରତ୍ନ ସିଂହାସନ ଉପରେ ଥିବା ଚତୁର୍ଦ୍ଧାମୂର୍ତ୍ତି ଜ-ଜଗନ୍ନାଥ, ଗ-ବଳଭଦ୍ର, ନା-ସୁଭଦ୍ରା, ଥ-ସୁଦର୍ଶନଙ୍କୁ ନେଇ ମୁଖ୍ୟ ମନ୍ଦିରର ନାମ ଜଗନ୍ନାଥ ମନ୍ଦିର ଓ ଚକାଆଖି କାଳିଆ ଠାକୁରଙ୍କ ନାମ ଜଗତର ନାଥ ଶ୍ରୀଜଗନ୍ନାଥ । ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କୁ ନେଇ ମନ୍ଦିରର ନାମ ଶ୍ରୀଜଗନ୍ନାଥ ମନ୍ଦିର ହୋଇଯାଇଛି ବୋଲି ଶିଶୁ ସଂହିତାରୁ ପ୍ରମାଣ ମିଳେ । ଯଥା-

'ଜକାରସ୍ତୁ ଜଗନ୍ନାଥ ବଳଭଦ୍ରୋ ଗକାରକଃ
ନାକାର ସୁଭଦ୍ରା ରୂପୀ ଚ ଥକାରୋଽପି ସୁଦର୍ଶନଃ ।।'

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ଏହି ତିନିମୂର୍ତ୍ତି ଯଥାକ୍ରମେ ଶ୍ରୀବିଷ୍ଣୁ, ଶ୍ରୀଶିବ ଓ ଶ୍ରୀବ୍ରହ୍ମା ଭାବରେ ପରିକଳ୍ପିତ ହୋଇଥିବାରୁ ଏହି ତିନିମୂର୍ତ୍ତି ମଧ୍ୟରେ ଏକତ୍ୱ ପ୍ରତିପାଦିତ ହୋଇପାରିଛି । ଏହି ତିନିମୂର୍ତ୍ତି ଏକ ଦାରୁରୁ ହିଁ ଗଠିତ । ଏଣୁ ଏହାଙ୍କୁ ଦାରୁଦେବତା ବୋଲି କୁହାଯାଇଛି । ଏହାର ପ୍ରମାଣ ମଧ ଅଥର୍ବ ବେଦରେ ରହିଛି -

'ଯଃ ବ୍ରହ୍ମା ସଃ ବିଷ୍ଣୁଃ ସ ଏବ ମହେଶ୍ୱରଃ ।'

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ହେଁ ଭିନ୍ନ ହୋଇଥିଲେ ହେଁ ଶାସ୍ତ୍ରୀୟ ମତାନୁଯାୟୀ ଅଭିନ୍ନ । ଦାରୁଦେବତାଙ୍କୁ ଦାରୁବ୍ରହ୍ମ ବୋଲି ଶୂନ୍ୟ ସଂହିତା ସ୍ୱୀକାର କରେ । ଯଥା-

'ଜଗନ୍ନାଥଃ ବଳଭଦ୍ରଃ ସୁଭଦ୍ରା ଚ ସୁଦର୍ଶନଃ
ମହାମନ୍ତ୍ରଃ ମନ୍ତ୍ରରାଜଃ ରୂପଂ ଚ ଦାରୁବ୍ରହ୍ମବତ୍ ।'

'ଅକ୍ଷରଃ ବ୍ରହ୍ମ ଇତ୍ୟୁଚ୍ୟତେ' ନ୍ୟାୟରେ ଅକ୍ଷର ହିଁ ବ୍ରହ୍ମ । ଲିପି ହିଁ ଅକ୍ଷର ।

ଏହି ପରିପ୍ରେକ୍ଷୀରେ ଭାଷା, ଲିପିର ସ୍ରଷ୍ଟା ହିଁ ପରମେଶ୍ୱର ବା ପରଂବ୍ରହ୍ମ ଅଟନ୍ତି । ବିଭିନ୍ନ ପ୍ରମାଣରୁ ପ୍ରମାଣିତ ଯେ ଉତ୍କଳୀୟ ଭାଷାର ସାକାର ରୂପ ହିଁ ଓଡ଼ିଆ ଅକ୍ଷର ବା ଉଡ୍ରଲିପି । ଏହି ଉଡ୍ରଲିପି ହିଁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସମ୍ପୂର୍ଣ୍ଣ ଆଧାରିତ । ଭାଷା ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତୀୟ ଆଦି ଭାଷାରୁ ହିଁ ଉଡ୍ର ଭାଷାର ସୃଷ୍ଟି । ଭାଷାର କ୍ରମ ବିକାଶକୁ ସମୀକ୍ଷା କଲେ ଓଡ଼ିଆ ଭାଷାର ଦୃଷ୍ଟାନ୍ତ ମିଳେ । ବେଦ ଭାଷା ହିଁ ବିଶ୍ୱଭାଷା । ବେଦ ହିଁ ବିଜ୍ଞାନ, ଯାହାକି ସାରା ବିଶ୍ୱବିଜ୍ଞାନର ଆଧାର ।

**ଆର୍ଯ୍ୟଭାଷା -** ପ୍ରାକୃତ, ସଂସ୍କୃତ (ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା)

**ପ୍ରାକୃତ -** ଜର୍ମାନ୍, ଗ୍ରୀସ୍, ଲାଟିନ୍, ଆମେରିକା

**ସଂସ୍କୃତ -** ପ୍ରାକୃତ, ଆଧୁନିକ ସଂସ୍କୃତ

ପ୍ରାକୃତ - କୌଶଳୀୟ, ମାଗଧ, ଉଡ୍ର, ଆଧୁନିକ ଓଡ଼ିଆ

ଏହି ଉଡ୍ର ବା ଉତ୍କଳ ବା ଓଡ଼ିଆ ଭାଷାର ଉତ୍ପତ୍ତି ଜୈନଧର୍ମ ଓ ବୌଦ୍ଧଧର୍ମର ବହୁ ପୂର୍ବର ବୋଲି ସାହିତ୍ୟିକମାନେ ସ୍ୱୀକାର କରିଛନ୍ତି । ଜୈନଧର୍ମର ନନ୍ଦୀ ସୂତ୍ରରେ ମଧ୍ୟ ଉଡ୍ର ଲିପିର ଉଲ୍ଲେଖ ରହିଛି । ଅତଏବ ଏହି ଭାଷାର ସୃଷ୍ଟି ପ୍ରାୟ ତିନି ହଜାର ବର୍ଷ ପୂର୍ବରୁ ବୋଲି କୁହାଯାଇପାରେ । ଭାଷା କହିଲେ ବର୍ଣ୍ଣ ଓ ଲିପିର ସମନ୍ୱୟାବର୍ଣ୍ଣ ଉଚ୍ଚାରିତ ହୁଏ ଓ ଲିଖିତ ହେଲେ ତାହା ଲିପିରେ ପରିଣତ ହୁଏ । ପୁରୁଷୋତ୍ତମଙ୍କ ଧ୍ୱନିଗତ ସତ୍ତା ବା ନିରାକାର ରୂପ ହିଁ ବର୍ଣ୍ଣ, କିନ୍ତୁ ପୁରୁଷୋତ୍ତମଙ୍କର ସାକାର ବା ରୂପଗତ ସତ୍ତା ହିଁ ଲିପି । ଓଡ଼ିଆ ଲିପିର ଉତ୍ପତ୍ତି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସାକାର ରୂପରୁ ହିଁ ସମ୍ଭବ ହୋଇଛି ବୋଲି ସ୍ପଷ୍ଟ ପ୍ରମାଣିତ । 'ଶବ୍ଦ ବ୍ରହ୍ମେତି ତଂ ଗ୍ରାହ ସାକ୍ଷାଦ୍ଦେବଃ ଜଗନ୍ନାଥଃ ।' ବୋଲି ମଧ୍ୟ କୁହାଯାଇଛି । ଭାବ ପ୍ରକାଶର ଧ୍ୱନି ହିଁ ବର୍ଣ୍ଣ, ଭାବ ପ୍ରକାଶର ମାଧ୍ୟମ ହିଁ ଭାଷା ଓ ଭାବ ପ୍ରକାଶର ସଙ୍କେତ ବା ରୂପ ହିଁ ଲିପି ।

ଓଡ଼ିଶାର ଶିକ୍ଷା ପରମ୍ପରା ଅନୁସାରେ ଶିଶୁକୁ ଓଡ଼ିଆ ପଢ଼ାଇବା ପୂର୍ବରୁ ଚାଟଶାଳୀରେ ଅବଧାନଙ୍କ ପାଖରେ ଶିଶୁକୁ ଛାଡ଼ିବାକୁ ହୋଇଥାଏ । ଅବଧାନେ ଶିଶୁ ହାତରେ ସ୍ଲେଟ୍ ଓ ଖଡ଼ି ପୂଜା କରି ହାତରେ ଛୁଆଁଇ ଆଧ୍ୟାତ୍ମିକ ଶିକ୍ଷା ମାଧ୍ୟମରେ ଶିଶୁ ହାତରେ ସ୍ଲେଟ୍ ଉପରେ ତିନୋଟି ଶୂନ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ବୋଲି ଉଚ୍ଚାରଣ କରି ଲେଖାଇ ଥାଆନ୍ତି । ସମୟେ ସମୟେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ହେଁ ଭିନ୍ନ ହୋଇଥିଲେ ମଧ୍ୟ ଅଭିନ୍ନ ନ୍ୟାୟରେ, 'ନ ଭିନ୍ନୋ ଜାୟତେ ତ୍ରିଭିଃ' ଶାସ୍ତ୍ରୀୟ ଉକ୍ତି ଅନୁସାରେ ଅବଧାନ ଏକମାତ୍ର ଶୂନ ଘୋଷାଇ ଥା'ନ୍ତି । ଓଡ଼ିଆ ଲିପି ସାଧନ କରିବା ପାଇଁ ମୁଖ୍ୟତଃ ତିନୋଟି ଉପାଦାନର ଆବଶ୍ୟକତା ରହିଛି । ୧- ପୂର୍ଣ୍ଣବ୍ରହ୍ମ ବା ବୃତ୍ତ ବା ଶୂନ, ୨- ବ୍ରହ୍ମାଂଶ (ବୃତ୍ତର ଅଂଶ), ୩- ସୁଦର୍ଶନ ରେଖା ବା ସିଧାଗାର । ଏହି ତିନୋଟି ଉପାଦାନକୁ ଶିଶୁ ଲେଖି ଜାଣିଲେ ସେ 'ଅ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ଓ '୧'ଠାରୁ '୯' ପର୍ଯ୍ୟନ୍ତ ସଂଖ୍ୟା ଲେଖି ଦେଇପାରିବ ।

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।'

ଶୂନ ହିଁ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ବା ବିଷ୍ଣୁ, ଶିବ ଓ ବ୍ରହ୍ମା ଅଟନ୍ତି । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ବାମ ଓ ଆମର ଡାହାଣ ପାଖରେ ରତ୍ନ ସିଂହାସନ ଉପରେ ଶ୍ରୀସୁଦର୍ଶନ ସ୍ତମ୍ଭ ଆକାରରେ ବିଦ୍ୟମାନ । ଏଣୁ ଏହାକୁ ଲିପି ତତ୍ତ୍ୱରେ ସୁଦର୍ଶନଙ୍କୁ ସରଳରେଖା ରୂପ ଦିଆଯାଇଛି । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭାବରେ ଶ୍ରୀସୁଦର୍ଶନ ଓ ମଦନମୋହନ କାର୍ଯ୍ୟ କରିଥାନ୍ତି । ରଥଯାତ୍ରା ସମୟରେ ଜୀଉଙ୍କ ପହଣ୍ଡି ନିର୍ଦ୍ଦିଷ୍ଟ ଦିଗ ନେଉଥିବାବେଳେ ସୁଦର୍ଶନଙ୍କ ପହଣ୍ଡିର ନିର୍ଦ୍ଦିଷ୍ଟ ଦିଗ ନାହିଁ । ସେବକ ଓ ଦଇତାପତିମାନେ ତାଙ୍କୁ କାନ୍ଧରେ ଧରି ଚାରିଆଡ଼େ ବୁଲାଇଥାନ୍ତି । ଏହି ଦୃଷ୍ଟିରୁ ସୁଦର୍ଶନ ରେଖା ଲିପିତତ୍ତ୍ୱ ଅନୁସାରେ ପ୍ରାୟ ସର୍ବଦା ଅକ୍ଷରର ବାମ ଓ ଆମର ଡାହାଣ ପାର୍ଶ୍ୱରେ ସୁଦର୍ଶନ ରେଖା ବ୍ୟବହୃତ ହୁଏ । ସମୟେ ସମୟରେ ମଧ୍ୟ ସୁଦର୍ଶନ ରେଖା ବା ଗାରର ନିର୍ଦ୍ଦିଷ୍ଟ ଦିଗ ନରହି ଲିପି ମଧ୍ୟରେ ବ୍ୟବହୃତ ହୋଇଥାଏ । ଯଥା- 'ଅ' ଏହି ଅକ୍ଷରରେ ତିନୋଟି ବ୍ରହ୍ମାଂଶ ଓ ଗୋଟିଏ ସୁଦର୍ଶନ ରେଖା ବ୍ୟବହୃତ ହୋଇଛି । 'କ୍ଷ' ଏହି ଲିପିରେ ତିନୋଟି ସୁଦର୍ଶନ ରେଖା (ଏକ ନିର୍ଦ୍ଦିଷ୍ଟ ଓ ଦୁଇଟି ଅନିର୍ଦ୍ଦିଷ୍ଟ ଦିଗରେ) ବ୍ୟବହୃତ ହୋଇଛନ୍ତି । ଦୁଇଟି ବ୍ରହ୍ମାଂଶ ବ୍ୟବହୃତ ହୋଇଛି । '୧' ଏକ ସଂଖ୍ୟାରେ ଗୋଟିଏ ସୁଦର୍ଶନ ରେଖା ଓ ଏକ ପୂର୍ଣ୍ଣବ୍ରହ୍ମ ବ୍ୟବହୃତ ହୋଇଛନ୍ତି । ଏହିପରି '୯' ନଅ ସଂଖ୍ୟାରେ ଗୋଟିଏ ବ୍ରହ୍ମାଂଶ ଓ ଏକ ସୁଦର୍ଶନ ରେଖା ବ୍ୟବହୃତ ହୋଇଛି । ଏହି ତତ୍ତ୍ୱ ହିଁ ଲିପିତତ୍ତ୍ୱର ଭିତ୍ତି । କିନ୍ତୁ ବିଭିନ୍ନ ସ୍ଥାନରେ ଏହି ଉଡ୍ରଲିପିକୁ ବିଭିନ୍ନ ପ୍ରକାରରେ ରୂପାନ୍ତର କରାଯାଇଛି ।

ପୁରାତନ ଉଡ୍ରଲିପି ପ୍ରାକୃତ ଓ ପରେ କରଣି ଅକ୍ଷର ଭାବରେ ପରିଚିତ ଥିଲା । ପରେ ଏହାର ରୂପାନ୍ତର ହୋଇଛି । ଉଡ୍ରଲିପି ବିବର୍ତ୍ତନ ଅନୁସାରେ ଭିନ୍ନ ରୂପ ଗ୍ରହଣ କରିଥିଲେ ହେଁ ଶ୍ରୀଜଗନ୍ନାଥ ତତ୍ତ୍ୱର ସୂତ୍ର ଚିରନ୍ତନ ପରି ନିରନ୍ତର ବ୍ୟବହୃତ ହେଉଛି । ଉଡ୍ରଲିପି ବା ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଭାବେ ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ, ଏଥିରେ ସନ୍ଦେହର ଅବକାଶ କେଉଁଠି ?

ସଂସ୍କୃତ ଶିକ୍ଷକ
ପୁରୀ ଜିଲ୍ଲା ସ୍କୁଲ, ପୁରୀ-୨



# ଭକ୍ତପ୍ରିୟ ଜଗନ୍ନାଥ

ରବିନାରାୟଣ ପାଣି

**ଭ**କ୍ତ-ଜନ-ମନ ହରଣକାରୀ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଭକ୍ତମାନେ ଲାଭ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ଲୀଳା, ଦର୍ଶନ, ଶ୍ରବଣ ଓ କୀର୍ତ୍ତନରେ ସେମାନେ ଆତ୍ମହରା ହୋଇଥାଆନ୍ତି । ଭଗବାନଙ୍କ ଉପରେ ଭକ୍ତର ଯେଉଁଳି ଅତୁଟ ବିଶ୍ୱାସ ଥାଏ, ଠିକ୍ ସେପରି ଭଗବାନଙ୍କ ଭକ୍ତ ଅତ୍ୟନ୍ତ ପ୍ରିୟ ହୋଇଥାଏ । ଶ୍ରୀଜଗନ୍ନାଥ କର୍ମ, ଭକ୍ତି ଓ କର୍ମର ଦେବତା । ସେ ବିଭବର ଦେବତା ନ ହୋଇ ଭାବର ଦେବତା ହୋଇଛନ୍ତି । ନିର୍ଦ୍ଧନର ସେ ଧନ, ଦୁର୍ବଳର ବଳ ଓ ନିରାଶ୍ରୟର ଆଶ୍ରୟ । ସେ ଭକ୍ତ ବତ୍ସଳ । ସର୍ବଶାସ୍ତ୍ର ଶିରୋମଣୀ ଭଗବତ ଗୀତାର ଷଷ୍ଠ ଅଧ୍ୟାୟ 'ଜ୍ଞାନଯୋଗ' ଅଛି - 'ଯୋଗୀନାଂ ମପି ସର୍ବେଷାଂ, ମଦ୍‌ଗତେ ନାନ୍ତରତ୍ମନା । ଶ୍ରଦ୍ଧାବାନ ଭବତେ ଯୋ ମାଂ, ସମେଯୁକ୍ତଂ ତମୋ ମତଃ ।।(୪୭), ଅର୍ଥାତ୍ ସମସ୍ତ ଯୋଗୀମାନଙ୍କ ମଧ୍ୟରେ ଯେଉଁମାନଙ୍କର ମୋ'ଠାରେ ଆସକ୍ତି, ଶ୍ରଦ୍ଧା ଓ ଭକ୍ତି ଥାଏ, ସେମାନେ ସର୍ବଶ୍ରେଷ୍ଠ ଅଟନ୍ତି । ଭଗବାନ ନାରଦଙ୍କୁ କହିଛନ୍ତି ଯେ - 'ନାହଂ ତିଷ୍ଠାମୀ ବୈକୁଣ୍ଠେ - ଯୋଗୀ ନାଂ ହୃଦୟେ ନ ଚ । ମଦଭକ୍ତ୍ୟା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ । ଅର୍ଥାତ୍ ମୁଁ ବୈକୁଣ୍ଠରେ କିମ୍ବା ଯୋଗୀମାନଙ୍କର ହୃଦୟରେ ନଥାଏ । ମୋର ଭକ୍ତ ଯେଉଁଠାରେ ମୋର ଗୁଣ ଗାନ କରୁଥାଏ, ମୁଁ ସେଇଠାରେ ଥାଏ । ଭକ୍ତବତ୍ସଳ ପ୍ରଭୁ ଜଗନ୍ନାଥଙ୍କର ଲୀଳା ବଳରାମ ଦାସ, ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ କରି ସାଲବେଗ, ଦାସିଆ ବାଉରୀ, ରଘୁ ଅରକ୍ଷିତ ଓ ବନ୍ଧୁ ମହାନ୍ତି ଇତ୍ୟାଦି ଅନେକ ଜୀବନକୁ ପରିତୁଷ୍ଟ ଓ ପରିପୂର୍ଣ୍ଣ କରିପାରିଛି । ସେମାନେ ପ୍ରଭୁଙ୍କର ଅତି ପ୍ରିୟ ହୋଇପାରିଛନ୍ତି । ସେହି ଲୀଳାର କେତେକ ଅବତାରଣା ନିମ୍ନରେ କରାଯାଇଛି ।

**୧. ବଳରାମ ଦାସ -** ପଞ୍ଚସଖା କବି ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ଅତ୍ୟନ୍ତ ପ୍ରିୟ ଭକ୍ତ ଥିଲେ । ସେ ଜଗନ୍ନାଥ ମନ୍ଦିରର ଜଗମୋହନରେ ବସି ଓଡ଼ିଆ ରାମାୟଣ ରଚନା କରିଥିଲେ । ଏହାକୁ ଜଗମୋହନ ରାମାୟଣ ମଧ୍ୟ କୁହାଯାଏ । ଦିନେ ବଳରାମ ଦାସ ବେଶ୍ୟାଳୟରେ ଥିବା ସମୟରେ ହଠାତ୍ ସ୍ମରଣ ହେଲା ଯେ ଶ୍ରୀଜଗନ୍ନାଥ ପହଣ୍ଡି ହୋଇସାରି ରଥରେ ବିଜେ ହୋଇସାରିଥିବେ । ତତ୍‌କ୍ଷଣାତ୍ ସେ ବେଶ୍ୟାଳୟରୁ ବାହାରି ଆସି ରଥକୁ ଆସି ଚଢ଼ିବାକୁ ଉଦ୍ୟମ କରିବାରୁ ସେବକମାନେ ତାଙ୍କୁ ଧକ୍କା ମାରି ଅପମାନ ଦେଇ ରଥ ଉପରୁ ଓହ୍ଲାଇ ଦେଲେ । ତଳେ ଠିଆ ହୋଇ ଜଗନ୍ନାଥଙ୍କୁ ଚାହିଁ ଚାହିଁ ସେ କାନ୍ଦୁଥାନ୍ତି । ପରେ ସେ ଚାଲିଲେ ସମୁଦ୍ର କୂଳକୁ । ବାଙ୍କି ମୁହାଣ ନିକଟରେ ବାଲିରେ ଏକ ରଥ କରି ତା'ଭିତରେ ବାଲିରେ ଜଗନ୍ନାଥ ମୂର୍ତ୍ତି କରି ବସାଇଲେ । ରଥ ଟିକିଏ ଚାଲିଲା । ଆଶ୍ଚର୍ଯ୍ୟ ହେଲେ ବଳରାମ ଦାସ । ଜଗନ୍ନାଥ ତାଙ୍କ ଡାକ ଶୁଣୁଛନ୍ତି । ବାଲିରଥ ଚାଲିଛି । ମାତ୍ର ବଡ଼ଦାଣ୍ଡରେ ଅଟକି ରହିଛି ନନ୍ଦିଘୋଷ । ଯେତେ ଚେଷ୍ଟା କଲେ ମଧ୍ୟ ରଥ ଚଳୁନାହିଁ । ଗଜପତି ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ହେଲା - ବଳରାମ ଦାସଙ୍କୁ ବାଙ୍କି ମୁହାଣରୁ କ୍ଷମା ଭିକ୍ଷା କରି ଫେରାଇ ଆଣିବା ପାଇଁ । ରାଜା ବାଙ୍କି ମୁହାଣକୁ ଯାଇ କ୍ଷମାଭିକ୍ଷା ମାଗି ବଳରାମ ଦାସଙ୍କୁ ନନ୍ଦିଘୋଷ ରଥ ନିକଟକୁ ଫେରାଇ ଆଣିଲେ । ରଥ ଚକ ଗଡ଼ି ଚାଲିଲା । ଗଜପତିଙ୍କଠାରୁ ଆରମ୍ଭ କରି ପ୍ରଜାମାନଙ୍କ ହୃଦୟରେ ମନରେ ଭକ୍ତର ଭକ୍ତି ନିକଟରେ ଭକ୍ତବତ୍ସଳ ଜଗନ୍ନାଥଙ୍କର ଲୀଳା କାହାଣୀ ହୋଇ ଚିରଦିନ ରହିଗଲା ।

**୨. ଅତିବଡ଼ି ଜଗନ୍ନାଥ ଦାସ -** ଶ୍ରୀଜଗନ୍ନାଥଙ୍କ ଈଶ୍ୱରୀୟ ପ୍ରେରଣାରେ ଅତିବଡ଼ି ଜଗନ୍ନାଥ ଦାସ ଖୁବ୍ ସରଳ ଭାଷାରେ ଓଡ଼ିଆ ଭାଗବତ ରଚନା କରିଛନ୍ତି । ଏହା ଏତେ ଲୋକପ୍ରିୟ ହେଲା ଯେ ପୁରୀର ସ୍ତ୍ରୀଲୋକମାନେ ମଧ୍ୟ ଏହା ଶୁଣିବା ପାଇଁ ଶ୍ରୀମନ୍ଦିରକୁ ପ୍ରତ୍ୟହ ଆସୁଥିଲେ । କେତେକ ପୁରାଣ ପଣ୍ଡା ଏହାକୁ ସହ୍ୟ କରିନପାରି ଗଜପତିଙ୍କ ନିକଟରେ ଜଗନ୍ନାଥ ଦାସଙ୍କ ଚରିତ୍ରରେ କଳାଦାଗ ଲଗାଇ ଅଭିଯୋଗ କଲେ । ଗଜପତି ଏହାର କାରଣ ପଚାରିବାରୁ ଜଗନ୍ନାଥ ଦାସ ଉତ୍ତର ଦେଲେ ଯେ ପୁରୁଷ ନିକଟରେ ସେ ପୁରୁଷ ଓ ସ୍ତ୍ରୀ ନିକଟରେ ସେ ସ୍ତ୍ରୀ । ଗଜପତି ପ୍ରତାପରୁଦ୍ର ଦେବ କ୍ରୋଧିତ ହୋଇ ତାଙ୍କୁ ବନ୍ଦୀଶାଳାକୁ ପଠାଇ ଦେଲେ । ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁସାରେ ଗଜପତି ବନ୍ଦୀଶାଳାକୁ ଯାଇ ଏକ ସ୍ତ୍ରୀ ଲୋକ ବସିଥିବାର ଦେଖିଲେ । ସକଳ ପରୀକ୍ଷାନିରୀକ୍ଷା ପରେ ସ୍ତ୍ରୀଲୋକ ବୋଲି ପ୍ରତ୍ୟୟ ହେବା ପରେ, ନିଜର ଭୁଲ ବୁଝିପାରି ତାଙ୍କୁ କ୍ଷମାଭିକ୍ଷା କରିବା ସଙ୍ଗେ ସଙ୍ଗେ ଏକ ପ୍ରାସାଦ ଉପହାର ଦେଲେ । ମହାରାଣୀ ମଧ୍ୟ ଜଗନ୍ନାଥ

ଦାସଙ୍କୁ ନିଜର ଦୀକ୍ଷାଗୁରୁ ରୂପେ ଗ୍ରହଣ କରିଥିଲେ । ଜଗନ୍ନାଥ ଦାସ ଉପହାର ପାଇଥିବା ପ୍ରାସାଦ 'ଓଡ଼ିଆ ମଠ' ହେଲା । ଭକ୍ତବତ୍ସଳ ଜଗନ୍ନାଥଙ୍କର ଏହା ମଧ୍ୟ ଏକ ଲୀଳା ରୂପେ ଜନମାନସରେ ରହିଯାଇଛି ।

**୩. ଭକ୍ତକବି ଦୀନକୃଷ୍ଣ ଦାସ -** ଭକ୍ତକବି ଦୀନକୃଷ୍ଣ ଦାସ ନିଜ ରଚନା 'ରସକଲ୍ଲୋଳ' ପାଇଁ ଖ୍ୟାତିଲାଭ କରିଛନ୍ତି । ସେ ଗଜପତିଙ୍କର ପ୍ରଶସ୍ତିଗାନ ନକରିବାରୁ ଗଜପତି କ୍ରୋଧାନ୍ୱିତ ହୋଇ ତାଙ୍କ ଉପରେ ଏକ ପଥର ଲଦି ଦେଇ ଏକ ରୁଦ୍ଧ କୋଠରୀରେ ରଖିଲେ । ଦୀନକୃଷ୍ଣ କାନ୍ଦି କାନ୍ଦି ସବୁବେଳେ ଭଗବାନ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାନ୍ତି । ରସକଲ୍ଲୋଳର ନାୟକ ଶ୍ରୀକୃଷ୍ଣ ରୂପୀ ଜଗନ୍ନାଥ ଦୀନକୃଷ୍ଣଙ୍କ ଡାକ ଶୁଣି ରୁଦ୍ଧ କୋଠରୀକୁ ଯାଇ ତାଙ୍କୁ ଅବଢ଼ା ଭୋଜନ କରାଇଲେ ଏବଂ ଗଜପତିଙ୍କୁ ସ୍ୱପ୍ନାଦେଶ ଦେଇଥିଲେ । ଗଜପତି ବନ୍ଦୀଶାଳାକୁ ଯାଇ ଦୀନକୃଷ୍ଣଙ୍କୁ ଦେଖିବା ସଂଗେ ସଂଗେ ଅବଢ଼ାକୁ ଦେଖି ସ୍ୱ-କର୍ମ ପାଇଁ ଅନୁତାପ କରିବା ସଙ୍ଗେ ସଙ୍ଗେ କ୍ଷମାଭିକ୍ଷା କରି କାରାମୁକ୍ତ କଲେ । ଶ୍ରୀଜଗନ୍ନାଥଙ୍କ ଭକ୍ତ ବତ୍ସଳତାର ଏହା ଅନ୍ୟ ଏକ ପୁଷ୍ପିତ ଲୀଳା ।

**୪. ନୀଳାମ୍ବର ଦାସ -** ଉତ୍ତର ପ୍ରଦେଶର ଏହି ବ୍ରାହ୍ମଣ ପୁରୀ ରଥଯାତ୍ରା ଦେଖିବା ପାଇଁ ଇଚ୍ଛାପ୍ରକାଶ କରି ଆସିଲା । ରାସ୍ତାରେ ଗଙ୍ଗାନଦୀ ପାର ହେଉଥିବାବେଳେ ନାଉରୀକୁ ପଇସା ଦେଇନପାରିବାରୁ ଗଙ୍ଗାନଦୀରେ ଫିଙ୍ଗି ଦେବାକୁ ନାଉରୀ ଧମକ ଦେଲା । ଭୟରେ ନୀଳାମ୍ବର ଚକ୍ଷୁରୁ ଲୋତକ ଝରିଲା । ବିକଳ ହୋଇ ସେ ଜଗନ୍ନାଥଙ୍କୁ ଡାକୁ ଥାଆନ୍ତି । ହଠାତ୍ ନାଆରେ ଧନୁଶର ଧରି ଏକ ରାଜକୁମାର ଆବିର୍ଭାବ ହେଲେ ଏବଂ ଗଙ୍ଗାନଦୀର ଅପରପାର୍ଶ୍ୱରେ ଛାଡ଼ିଦେବାକୁ କହିଲେ, ନଚେତ୍ ଶର ମାରିବା ପାଇଁ ତାକୁ ଭୟ ଦେଖାଇଲେ । ନାଉରୀ ଭୟରେ ନୀଳାମ୍ବରକୁ ନଦୀର ଅପରପାର୍ଶ୍ୱରେ ଛାଡ଼ିଲା । ସେ ରାଜକୁମାର ଆଉ କେହି ନୁହନ୍ତି, ସ୍ୱୟଂ ଶ୍ରୀଜଗନ୍ନାଥ । ରାସ୍ତାରେ ଚାଲୁଥିବା ବେଳେ କ୍ଷୁଧାତୁର ନୀଳାମ୍ବରକୁ ସୁସ୍ୱାଦୁ ଖାଦ୍ୟ ଦେଇ କ୍ଷୁଧା ନିବାରଣ କରାଇଥିଲେ । ନୀଳାମ୍ବର ଚକ୍ଷୁରୁ ଲୋତକ ଝରିଲା । ରାସ୍ତାକଡ଼ରେ ସେ ଶୋଇପଡ଼ିଲେ ଖାଦ୍ୟ ଦେଉଥିବା ବାଳକକୁ ମନେ ପକାଇ ପକାଇ । ତା'ର ନିଦ୍ରା ଭଙ୍ଗ ହେଲାବେଳେ ସେ ଦେଖିଲେ ଯେ ସେ ଶ୍ରୀକ୍ଷେତ୍ରରେ ଅଛନ୍ତି । ସେଦିନ ରଥଯାତ୍ରା । ନୀଳାମ୍ବର ରଥଯାତ୍ରା ଦେଖିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କୁ ଶ୍ରଦ୍ଧାପୂତ ପ୍ରଣାମ କଲେ । ଆଖିରୁ ଝରୁଥିବା ଅସରନ୍ତି ଲୁହ - ଆନନ୍ଦର ଏହି ଜଗନ୍ନାଥ ତାଙ୍କୁ ରାଜକୁମାର ରୂପରେ ଗଙ୍ଗାନଦୀରେ ଓ ତେଜସ୍ୱୀ ବାଳକ ରୂପରେ ରାସ୍ତାରେ ସାହାଯ୍ୟ କରିଥିଲେ । ତାଙ୍କ ପାଟିରୁ ବାହାରିଥିଲା, ହେ ଜଗନ୍ନାଥ ଯାହା ଚାହିଁଥିଲି ମୋ' ପାଇଁ ଅସାଧ ହେଲେ ମଧ୍ୟ ଦେଖିପାରିଲି । ଜୀବନକୁ ଧନ୍ୟ କଲି ତୁମକୁ ଦର୍ଶନ କରି । ଦ୍ୱାପରର ସୁଦାମା ଭଳି ଶ୍ରୀଜୀଉଙ୍କ ଶରଣ ପାଇ ।

ବୋହି ନେଲେ ନଈରୁ ବାଲି ଶେଷ ହୋଇଯିବ । କହି ବସିଲେ ଅନେକ ରାତି ପାହିଯିବ । ଦିନ ବିତିଯିବ ହେଲେ ଜଗନ୍ନାଥଙ୍କ ମହିମା କହି ବସିଲେ ଆଦୌ ଶେଷ ହେବ ନାହିଁ । ଯେପରି ପବନର ଦିଗ, ଅନନ୍ତ ଆକାଶର ସୀମା ଓ ମହାସାଗରର ଗଭୀରତା ମାପି ହୋଇପାରେ ନାହିଁ, ସେହିପରି ଶ୍ରୀଜଗନ୍ନାଥଙ୍କର ମହିମାର ଗଭୀରତା କଳନା କରି ହୁଏନି । 'ଭକ୍ତ୍ୟା ତୁଷ୍ୟନ୍ତି ନଚଗୁଣ କେବଳଂ - ଭକ୍ତପ୍ରିୟ ମାଧବ ।'

ଏଚ୍.ଆଇ.ଜି.-୨୬
କଳିଙ୍ଗ ବିହାର, ଭୁବନେଶ୍ୱର

# ସବୁଠାରେ ତମେ

ପ୍ରକାଶଚନ୍ଦ୍ର ବଳିଆର ସିଂହ ମହାପାତ୍ର

ପୁଣ୍ୟ ତିଥିରେ ସ୍ୱର୍ଣ୍ଣ ବିଥୀରେ ଲାଗିଛି ଏ ରଥଯାତ
ଧରା ହରସାଇ ପ୍ରାଣ ପରଶାଇ ରଥାରୂଢ଼ ତମେ ନାଥ ।
କୋଟି କଣ୍ଠର ଆକୁଳ ଆର୍ତ୍ତି ଆହେ ନୀଳଗିରି ସାଇଁ
ଦିଅ ଦରଶନ ଦିଅ ସ୍ପର୍ଶନ ଦୂରରୁ ଆସିଛି ଧାଇଁ ।
ତମେ ସୃଷ୍ଟିର ଆଦିମ ଆଲୋକ ନବସୂର୍ଯ୍ୟର ଭାତି
ତମେ ମୋ ଜୀବନ କଳା କଉଶଳ ନିଝୁମ ରାତିର ସାଥୀ ।
ନଦୀ ବନ ଗିରି ଶୋଭା ସମ୍ଭାର ସଜାଡ଼ି ଦେଇଛ କେତେ
ଅଜାଡ଼ି ଦେଇଛ ଶୀରି ସୌରଭ ସବୁଜ ଶସ୍ୟ କ୍ଷେତେ ।
ବରଷା ବତାସ ଅମା ପୂର୍ଣ୍ଣିମା ଭୀମ କାନ୍ତ ଏ ରୂପ
ଝିଲ୍ଲୀ-ଝଙ୍କୃତ ତାମସୀ ରଜନୀ ଦଗ୍ଧ ପରାଣ ଧୂପ ।
କଳାମେଘ କୋଳେ ଚପଳାଚମକ ମନ ଯାଉଥାଏ ଛୁଇଁ
ପ୍ରାନ୍ତର ଡେଇଁ ଡେଇଁ ଚାଲିଥାଏ ଭୋଦୁଅ ବାଦଲ ଛାଇ ।
ତମେ ତ ଦେଇଛ ଧନ ଦଉଲତ ସୁଖ ସମ୍ଭୋଗ ମତେ
ଦେଇଛ ବି ତମେ ଦୁଃଖଯନ୍ତ୍ରଣା ଶୋକ ସନ୍ତାପ ଯେତେ ।
ବାଲ୍ୟ କୈଶୋର ଜରା ଯଉବନ ଜୀବନର ଜଉଘର
ଏ ମହାଜୀବନ ପଲକ ପତନେ ହୋଇଯାଏ ସାତପର ।
ଅକାଳେ ଅବେଳେ ଝଡ଼ିଯାଏ କିଏ ଜଣାପଡ଼େ ନାହିଁ ଜମା
ଭରା ଯଉବନ ଛୁଇଁପାରେ ନାହିଁ ସୁଖ ପରିଧିର ସୀମା ।
ଏ ସବୁ ଖେଳର ତମେ ଖେଳିକାର ହସାଇ କନ୍ଦାଇ ଦେଉଛ
ସର୍ପ ସମାନ ଖେଳାଇ ଖେଳାଇ ପେଡ଼ିରେ ପୂରାଇ ନେଉଛ ।
ଆସିବା ଯିବାତ ଲାଗିଥିବ ଭବେ କେ କରିପାରିବ ଆନ
ନିତ୍ୟ ନୂତନ ନୁହଇ ଏ ଧରା ସୃଷ୍ଟି ଏ ଚିରନ୍ତନ ।
ନୂଆ ଜୀବନର ମିଳନ ବେଦି ଏ ସଂସାର ପରିବାର
ଅମୃତମୟ ଜୀବନ ଜଗତେ ଭବ୍ୟ ଏ ସମାହାର ।

କବି କୁଟୀର
ଦୁର୍ଗେଶ୍ୱରଗଡ଼, ବାହାରଣା, ନୟାପଲମ ହାଟ, ପୁରୀ



# ମହାଲକ୍ଷ୍ମୀଙ୍କ ବୈଭବ

ଶିବସୁନ୍ଦର ପଟ୍ଟନାୟକ

ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଥମେ ନିର୍ମାଣ କରିଥିଲେ ହେଁ, ମହାଲକ୍ଷ୍ମୀଙ୍କୁ ସେଠାରେ ପ୍ରତିଷ୍ଠା କରି ନଥିଲେ । ପରବର୍ତ୍ତୀ ସମୟରେ ଏହାର ଅଭାବ ପରିଲକ୍ଷିତ ହେବାରୁ ଶ୍ରୀମନ୍ଦିର ପରିସର ମଧ୍ୟରେ ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କରାଗଲା ଏବଂ ଏପରିକି ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିମ୍ନ ଭାଗରେ ଶ୍ରୀ(ମହାଲକ୍ଷ୍ମୀ)ଙ୍କୁ ମଧ୍ୟ ସ୍ଥାପନ କରାଗଲା । କେବଳ ରତ୍ନ ସିଂହାସନ ନୁହେଁ ମହାଲକ୍ଷ୍ମୀ ମନ୍ଦିରର ସମ୍ମୁଖ ଭାଗ ଦକ୍ଷିଣ ପାର୍ଶ୍ୱୋଦ ଶ୍ରୀଲକ୍ଷ୍ମୀନୃସିଂହ ମୂର୍ତ୍ତି ଶ୍ରୀଜଗନ୍ନାଥ ସର୍ବଦା ଶ୍ରୀଯୁକ୍ତ ବୋଲି ସୂଚନା ଦିଏ । ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର କେବେ ହେଲେ ସଙ୍ଗ ଛାଡ଼ି ନାହାନ୍ତି । ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ ଯେଉଁ ଯେଉଁ ଅବତାର ନେଇଅଛନ୍ତି ବା ଯେପରି ଭାବରେ ପ୍ରକାଶିତ ହୋଇଅଛନ୍ତି, ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ସଙ୍ଗ ଦେବାପାଇଁ ବା ସେବା କରିବା ପାଇଁ ସେହିଭଳି ପ୍ରକାଶିତ ହୋଇଅଛନ୍ତି ।

'ଶ୍ରୀବିଷ୍ଣୁ ପୁରାଣ'ରେ ସ୍କ-୧/୮/୧୭-୩୫ ଶ୍ଳୋକ ମଧ୍ୟରେ ମହର୍ଷି ପରାଶର ଶ୍ରୀମୈତ୍ରେୟ ଋଷିଙ୍କୁ ଶ୍ରୀଲକ୍ଷ୍ମୀ ଓ ଶ୍ରୀବିଷ୍ଣୁଙ୍କ ସଂପର୍କରେ ବିଶେଷ ବ୍ୟାଖ୍ୟା କରିଅଛନ୍ତି, ସେହି ପୁରାଣରେ ବର୍ଣ୍ଣନା ଅଛି ଯେ ବିଷ୍ଣୁଙ୍କ କେବେ ସଙ୍ଗ ଛାଡୁ ନଥିବା ଜଗତମାତା ଲକ୍ଷ୍ମୀ ନିତ୍ୟ ଏବଂ ଯେଉଁ ପ୍ରକାରେ ବିଷ୍ଣୁ ସର୍ବବ୍ୟାପକ ଏ ମଧ୍ୟ ସେହିପରି ଅଟନ୍ତି । ବିଷ୍ଣୁ ଅର୍ଥ ହେଲେ ଲକ୍ଷ୍ମୀ ବାଣୀ ଅଟନ୍ତି । ହରି ନ୍ୟାୟ ହେଲେ ଲକ୍ଷ୍ମୀ ନୀତି ଅଟନ୍ତି । ହରି ବୋଧ ହେଲେ ଲକ୍ଷ୍ମୀ ବୁଦ୍ଧି ଅଟନ୍ତି । ବିଷ୍ଣୁ ଧର୍ମ ହେଲେ ଲକ୍ଷ୍ମୀ ଶକ୍ତି ଅଟନ୍ତି । ଭଗବାନ ସ୍ରଷ୍ଟା ହେଲେ ଲକ୍ଷ୍ମୀ ସୃଷ୍ଟି ଅଟନ୍ତି । ହରି ରାଜା ହେଲେ ଲକ୍ଷ୍ମୀ ଭୂମି ଅଟନ୍ତି । ଭଗବାନ ସନ୍ତୋଷ ହେଲେ ଲକ୍ଷ୍ମୀ ତୃଷ୍ଟି ଅଟନ୍ତି । ଭଗବାନ କାମ ହେଲେ ଲକ୍ଷ୍ମୀ ଇଚ୍ଛା ଅଟନ୍ତି । ଭଗବାନ ଯଜ୍ଞ ହେଲେ ଲକ୍ଷ୍ମୀ ଦକ୍ଷିଣା ଅଟନ୍ତି । ଜନାର୍ଦ୍ଦନ ପୁରଡାଶ (ପୁରୋହିତ) ହେଲେ ଲକ୍ଷ୍ମୀ ଆଜ୍ୟାହୂତି (ଆହୂତି) ଅଟନ୍ତି । ମଧୁସୂଦନ ଯଜମାନ ଗୃହ ହେଲେ ଲକ୍ଷ୍ମୀ ପତ୍ନିଶାଳା ଅଟନ୍ତି । ହରି ଯୂପ ହେଲେ ଲକ୍ଷ୍ମୀ ଚିତି ଅଟନ୍ତି । ଭଗବାନ କୃଷା ହେଲେ ଲକ୍ଷ୍ମୀ ସମିଧ ଅଟନ୍ତି । ଭଗବାନ ଶାମ ସ୍ୱରୂପ ହେଲେ ଲକ୍ଷ୍ମୀ ଉଦୀତି ଅଟନ୍ତି । ବାସୁଦେବ ହୁତାସନ ହେଲେ ଲକ୍ଷ୍ମୀ ସ୍ୱାହା ଅଟନ୍ତି । ଭଗବାନ ଶଙ୍କର ହେଲେ ଲକ୍ଷ୍ମୀ ଗୌରୀ ଅଟନ୍ତି । କେଶବ ସୂର୍ଯ୍ୟ ହେଲେ କମଳବାସିନୀ ଲକ୍ଷ୍ମୀ ତାଙ୍କର ପ୍ରଭା ଅଟନ୍ତି । ବିଷ୍ଣୁ ପିତୃଗଣ ହେଲେ ଲକ୍ଷ୍ମୀ ନିତ୍ୟ ପୁଷ୍ଟିଦାୟିନୀ ସ୍ୱାଧା ଅଟନ୍ତି । ବିଷ୍ଣୁ ଅତି ବିସ୍ତୀର୍ଣ୍ଣ ସର୍ବାତ୍ମକ ଆକାଶ ହେଲେ ଲକ୍ଷ୍ମୀ ସ୍ୱର୍ଗଲୋକ ଅଟନ୍ତି । ବିଷ୍ଣୁ ଶଶାଙ୍କ ହେଲେ ଲକ୍ଷ୍ମୀ ଅକ୍ଷୟ କାନ୍ତି ଅଟନ୍ତି । ଶ୍ରୀହରି ସର୍ବଗାମୀ ବାୟୁ ଲକ୍ଷ୍ମୀ ଜଗତର ଗତି ଓ ଆଧାର ଅଟନ୍ତି । ଗୋବିନ୍ଦ ଜଳଧି ହେଲେ ଲକ୍ଷ୍ମୀ ତାଙ୍କର ତଟଭୂମି ଅଟନ୍ତି । ମଧୁସୂଦନ ଦେବରାଜ ଇନ୍ଦ୍ର ହେଲେ ଲକ୍ଷ୍ମୀ ଇନ୍ଦ୍ରାଣୀ ଅଟନ୍ତି । ଚକ୍ରଧର ଯମ ହେଲେ ଲକ୍ଷ୍ମୀ ଧୂର୍ମଣା (ଯମ ପତ୍ନୀ) ଅଟନ୍ତି । ବିଷ୍ଣୁ କୁବେର ହେଲେ ଲକ୍ଷ୍ମୀ ଋଦ୍ଧି ଅଟନ୍ତି । କେଶବ ବରୁଣ ହେଲେ ଲକ୍ଷ୍ମୀ ଗୌରୀ ଅଟନ୍ତି । ହରି ଦେବ ସେନାପତି କାର୍ତ୍ତିକେୟ ହେଲେ ଲକ୍ଷ୍ମୀ ଦେବସେନା ଅଟନ୍ତି । ଭଗବାନ ଗଦାଧର ହେଲେ ଲକ୍ଷ୍ମୀ ଶକ୍ତି ଅଟନ୍ତି । ଭଗବାନ ନିମିଷ ହେଲେ ଲକ୍ଷ୍ମୀ କାଷ୍ଠା ଅଟନ୍ତି । ସେ ମୁହୂର୍ତ୍ତ ହେଲେ ଇଏ କଳା ଅଟନ୍ତି । ହରି ଦୀପ ହେଲେ ଲକ୍ଷ୍ମୀ ଜ୍ୟୋତି ଅଟନ୍ତି । ଭଗବାନ ବୃକ୍ଷ ହେଲେ ଲକ୍ଷ୍ମୀ ଲତା ଅଟନ୍ତି । ଭଗବାନ ଦିନ ହେଲେ ଲକ୍ଷ୍ମୀ ରାତ୍ରୀ ଅଟନ୍ତି । ହରି ବର ହେଲେ ଲକ୍ଷ୍ମୀବଧୂ ଅଟନ୍ତି । ଭଗବାନ ନଦ ହେଲେ ଲକ୍ଷ୍ମୀ ନଦୀ ଅଟନ୍ତି । ଭଗବାନ ଧ୍ୱଜା ହେଲେ ଲକ୍ଷ୍ମୀ ପତାକା ଅଟନ୍ତି । ନାରାୟଣ ଲୋଭ ହେଲେ ଲକ୍ଷ୍ମୀ ତୃଣା ଅଟନ୍ତି । ରତିରାଗ ମଧ୍ୟ ଲକ୍ଷ୍ମୀ ଗୋବିନ୍ଦ ଅଟନ୍ତି । ଅଧିକ କଥା କୁହାଯାଇପାରେ । ସଂକ୍ଷିପ୍ତରେ କହିଲେ କି ଦେବ, ତୀର୍ଯ୍ୟକ ଓ ମନୁଷ୍ୟ ଆଦିରେ ପୁରୁଷାର୍ଥ ଶବ୍ଦ ଶ୍ରୀହରି ଓ ସ୍ତ୍ରୀବାଚୀ ଶବ୍ଦ ଲକ୍ଷ୍ମୀଙ୍କୁ ବୁଝାଯାଏ ।

ପରାଶର ମହର୍ଷିଙ୍କର ଏହି ବିଶ୍ଳେଷଣ ସୂଚନା ଦେଉଅଛି ଯେ, ଶ୍ରୀଜଗନ୍ନାଥ ସଦାସର୍ବଦା ଲକ୍ଷ୍ମୀଯୁକ୍ତ ଓ ଲକ୍ଷ୍ମୀ କେବେହେଲେ ଶ୍ରୀଜଗନ୍ନାଥଙ୍କର ସଙ୍ଗ ତ୍ୟାଗ କରିନାହାନ୍ତି । ତା'ଛଡ଼ା ପରସ୍ପର ପ୍ରତି ପ୍ରୀତି ଅତି ନିବିଡ଼ । ବାଲ୍ମିକୀ ରାମାୟଣରେ ଉଲ୍ଲେଖ ଅଛି 'ଅନନ୍ୟା ରାଘବେଣାହଂ ଭାଷ୍ଣରେଣ ଯଥା ପ୍ରଭା', (ବା.ରା.୫/୨୧/୧୫) ଏବଂ 'ଅନନ୍ୟା ହି ମୟା ସୀତା ଭାଷ୍ଣରସ୍ୟ ପ୍ରଭା ଯଥା' (ବା.ରା.୬/୧୧୮/୧୯) । କେବଳ 'ଶ୍ରୀଜଗନ୍ନାଥ', 'ଶ୍ରୀହରି' ନାମ ଶ୍ରୀଯୁକ୍ତ ନୁହନ୍ତି । ଭଗବାନଙ୍କ ଧାମ ମଧ୍ୟ ଶ୍ରୀଯୁକ୍ତ - ଯଥା 'ଶ୍ରୀକ୍ଷେତ୍ର', 'ଶ୍ରୀଧାମ

ପୁରୀ', 'ଶ୍ରୀନୀଳାଚଳ ଧାମ', 'ଶ୍ରୀବୃନ୍ଦାବନ ଧାମ' ଇତ୍ୟାଦି । ଏପରିକି 'ଜଗନ୍ନାଥ' ଶବ୍ଦ ଜଗତ+ନାଥ ଶବ୍ଦ ଦୁଇଟିର ସମଷ୍ଟି - ଏଥିରୁ ଜଗତ୍‌ମାତା ମହାଲକ୍ଷ୍ମୀ ଯୁକ୍ତ ହୋଇଥିବା ସ୍ପଷ୍ଟ ରୂପେ ଜଣାପଡୁଅଛି ।

'ଶ୍ରୀମଦ୍ ଭାଗବତମ୍'ରେ ବର୍ଣ୍ଣନା ଅଛି ଯେ, ବ୍ରଜରେ ଶ୍ରୀକୃଷ୍ଣ ରହିଥିବାରୁ ନନ୍ଦଙ୍କର ଓ ବ୍ରଜର ସମୃଦ୍ଧିମାନ ହେଲା ଏବଂ ଏହା ରମା (ଲକ୍ଷ୍ମୀ)ଙ୍କର କ୍ରୀଡ଼ାସ୍ଥଳ ହୋଇଗଲା ।

'ତତ ଆରଭ୍ୟ ନନ୍ଦସ୍ୟ ବ୍ରଜଃ ସର୍ବ ସମୃଦ୍ଧିମାନ୍ ।
ହରେ ନିର୍ବାସାତ୍ମଗୁଣୈ ରମାକ୍ରୀଡ଼ମଭୂନ୍ନୃପ ॥'
(ଭା-୧୦/୫/୧୮)

ଶୁକଦେବ କହିଲେ, 'ହେ ନୃପ-ପରୀକ୍ଷିତ ! ସେହି ସମୟରୁ ନନ୍ଦଙ୍କର ଓ ବ୍ରଜର ସମସ୍ତ ସମୃଦ୍ଧିମାନ ହେଲା । ହରିଙ୍କର (କୃଷ୍ଣଙ୍କର) ନିବାସ ହେବା ହେତୁ, ତାହା ରମା (ଲକ୍ଷ୍ମୀ) ଦେବୀଙ୍କର କ୍ରୀଡ଼ାସ୍ଥଳ ହୋଇଗଲା ।

ଋକ୍‌ବେଦରେ ଶ୍ରୀସୂକ୍ତରେ ଶ୍ରୀୟାଙ୍କ ସମ୍ବନ୍ଧରେ ଯାହା ବର୍ଣ୍ଣନା ହୋଇଛି ସେଥିରୁ ଜଣାଯାଏ ଯେ ଲକ୍ଷ୍ମୀ 'ହରିଣ୍‌ବର୍ଣ୍ଣା ହରିଣୀମ୍' ଅଟନ୍ତି । ଅର୍ଥାତ୍ ଲକ୍ଷ୍ମୀ ବା ଶ୍ରୀୟା ସ୍ୱର୍ଣ୍ଣବର୍ଣ୍ଣର ଓ ହରିଣ ପରି ବିଶାଳ ବା ଲମ୍ବା ନେତ୍ର ଥିବା ସୁନ୍ଦରୀ ସ୍ତ୍ରୀ ଲୋକ ଅଟନ୍ତି । ଏହିପରି ଅର୍ଥ କରିବା ଦ୍ୱାରା ହରିପ୍ରିୟାଙ୍କର ପ୍ରକୃତ ପରିଚୟ ଦିଆଯାଇପାରିଲା ନାହିଁ । 'ହିରଣ୍ୟ ବର୍ଣ୍ଣା'ର ପ୍ରକୃତ ଅର୍ଥ 'ସ୍ପୃହଣୀୟ ଅଟେ । ସୁତରାଂ ଭଗବାନଙ୍କୁ ଆନନ୍ଦ ଦେବା ଭଳି ଲକ୍ଷ୍ମୀ ସ୍ପୃହଣୀୟ ବର୍ଣ୍ଣର ଅଟନ୍ତି । 'ହରିଣୀ' ଶବ୍ଦର ଅନ୍ୟ ଅର୍ଥ ହେଲା - 'ହରିନୟତି ଚେତନମିତି ହରିଣୀ' ଅର୍ଥାତ୍ ଯେଉଁ ଦେବୀ ଜୀବର ଚେତନା ହରଣ କରି ଭଗବାନଙ୍କ ଆଶ୍ରିତ କରିବାକୁ ନିରନ୍ତର ପ୍ରଯତ୍ନଶୀଳ ଅଟନ୍ତି ।

ଋକ୍ ବେଦରେ ଶ୍ରୀସୂକ୍ତରେ ଲକ୍ଷ୍ମୀଙ୍କର ବିଭିନ୍ନ ନାମ ଭିତରୁ ଶ୍ରୀୟା ଏକ ନାମ ବର୍ଣ୍ଣନା ଅଛି । 'ଶ୍ରୀ' ଶବ୍ଦର ଛ'ପ୍ରକାର ଅର୍ଥ ଉତ୍ପନ୍ନ ହେଉଅଛି -

'ଶ୍ରିତାସ୍ୟନୈଃ ସର୍ବୈଃ ଶ୍ରୟଷିରମଣଂ ସଂଶ୍ରିତଗିରଃ
ଶୃଣୋଷି ପ୍ରେୟାଂସଂ ଶ୍ରିତଜନ ବଚଃ ଶ୍ରାବୟସି ଚ ।
ଶୃଣାସ୍ୟେତ ହୋଷାଞ୍ଜନନି ନିଖିଳାନ୍ ସର୍ବ ଜଗତୀଂ
ଗୁଣୈଃ ଶ୍ରୀଣାସିତ୍ୱ ତଦିହ ଭବତୀଂ ଶ୍ରୀରିତି ବିଦୁଃ ॥'

'ହେ ଜନନୀ ! ୧. ସମସ୍ତ ଜୀବମାନଙ୍କ ଦ୍ୱାରା ଆପଣ ସେବିତ ଅଟନ୍ତି, ୨. ଆପଣ ଭଗବାନଙ୍କ ସେବାରେ ନିଯୁକ୍ତ ଅଟନ୍ତି, ୩. ଆଶ୍ରିତଙ୍କ ପ୍ରାର୍ଥନା ଶୁଣନ୍ତି ତଥା, ୪. ପ୍ରଭୁଙ୍କୁ ମଧ ଶୁଣାନ୍ତି, ୫. ଆଶ୍ରିତଙ୍କ ସମ୍ପୂର୍ଣ୍ଣ ଦୋଷ ବିନାଷ କରନ୍ତି ତଥା, ୬. ଆପଣଙ୍କ ଦିବ୍ୟଗୁଣରେ ଜଗତକୁ ବିସ୍ତାର କରନ୍ତି । ତେଣୁ ଆପଣଙ୍କୁ ବେଦଜ୍ଞଜନ ଶ୍ରୀ କହନ୍ତି ।'

ଶ୍ରୀଜଗନ୍ନାଥ ବା ଭଗବାନଙ୍କର ଏକ ନାମ ସଚ୍ଚିଦାନନ୍ଦ ଅଟେ । ଏହାର କାରଣ 'ସତ୍', 'ଚିତ୍' ଏବଂ 'ଆନନ୍ଦ' ଶ୍ରୀଜଗନ୍ନାଥଙ୍କର ତିନି ବୈଭବ ଅଟେ । ସେହିପରି ମହାଲକ୍ଷ୍ମୀଙ୍କର 'ସଂଧିନୀ', 'ସଂବିତ୍' ଏବଂ 'ଆହ୍ଲାଦିନୀ' ତିନି ବୈଭବ ଅଟେ ।

'ହ୍ଲାଦିନୀ ସଂଧିନୀ ସଂବିତ୍ୱ□ୟକା ସର୍ବସଂସ୍ଥିତୌ ।
ହ୍ଲାଦତାପକରୀ ମିଶ୍ରା ତ୍ୱୟି ନୋ ଗୁଣ ବର୍ଜିତେ ॥'
(ବିଷ୍ଣୁ ପୁରାଣ - ୧/୧୨/୬୯)

'ସମସ୍ତ ଆଧାର ରୂପେ ହ୍ଲାଦିନୀ (ଆନନ୍ଦ), ସଂଧିନୀ (ବିଚ୍ଛେଦ ରହିତ) ଓ ସଂବିତ୍ (ବିଦ୍ୟା ଶକ୍ତି) କରିବା ବ୍ୟକ୍ତି ଆପଣ ଅଟନ୍ତି । ଏଥିରେ ରାଜସ ଓ ତାମସ ଭାବ ମିଶ୍ରିତ ନୁହେଁ । ଏହା ନିର୍ଗୁଣ ଭାବ ଅଟେ ।'

ହ୍ଲାଦିନୀର ଶ୍ରେଷ୍ଠତ୍ୱ ହେଲେ ଭଗବତତ୍ତ୍ୱ ପ୍ରଦାନ କରେ । ସଂଧିନୀର ଶ୍ରେଷ୍ଠତ୍ୱ ହେଲେ ଭୂଲୋକରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ବୈଭବ ପ୍ରଦାନ କରେ । ସଂବିତର ଶ୍ରେଷ୍ଠତ୍ୱ ହେଲେ କୈବଲ୍ୟ ମୁକ୍ତି ପ୍ରଦାନ କରେ ।

ମହାଲକ୍ଷ୍ମୀଙ୍କ କୃପାର ସାମାନ୍ୟ ପରଶ ସମସ୍ତ ଜଗତକୁ ବିକଶିତ ଓ ଐଶ୍ୱର୍ଯ୍ୟମୟ କରାଏ । କୃପାର ଅଭାବରେ ଜଗତ ନଷ୍ଟଭ୍ରଷ୍ଟ ହୋଇଯାଏ । ମହାଲକ୍ଷ୍ମୀଙ୍କ ବିନା ଭଗବତ୍ ଲୀଳା ରସମୟ ହୁଏ ନାହିଁ । ମହାଲକ୍ଷ୍ମୀଙ୍କ ମହିମା ଭଗବାନ ଅସୀମ ଓ ଅନନ୍ତ ରୂପେ ଜାଣନ୍ତି । ଶ୍ରୀଯମୁନାଚାର୍ଯ୍ୟ ତାଙ୍କର 'ଚର୍ତୁଶ୍ଳୋକୀ'ରେ ମହାଲକ୍ଷ୍ମୀଙ୍କ ମହିମା ଏପରି ବର୍ଣ୍ଣନା କରିବା ସଂଗେ ସଂଗେ ମଧ କହିଅଛନ୍ତି ଯେ ଶ୍ରୀହରି ମଧ ମହାଲକ୍ଷ୍ମୀଙ୍କ ମହିମାର ସୀମା ଜାଣିପାରନ୍ତି ନାହିଁ । ଶ୍ରୀବତ୍ସାଙ୍କ ମିଶ୍ର 'ଶ୍ରୀସ୍ତବ'ରେ ଶ୍ରୀଯମୁନାଚାର୍ଯ୍ୟଙ୍କ କଥା ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯେ ଶ୍ରୀଦେବୀ ନିଜ ମହିମାର ସୀମା ନିଜେ ଜାଣନ୍ତି ନାହିଁ ତଥା ଶ୍ରୀହରି ମଧ ଜାଣିପାରନ୍ତି ନାହିଁ, ଏହାଦ୍ୱାରା ଶ୍ରୀଦେବୀ ଓ ଶ୍ରୀହରିଙ୍କ ସର୍ବଜ୍ଞାତା କ୍ଷୁଣ୍ଣ ହେବ ନାହିଁ । କାରଣ ଯେଉଁ ବସ୍ତୁ ନାହିଁ ସେ ବିଷୟରେ ନ ଜାଣିଲେ ସର୍ବଜ୍ଞାତା କ୍ଷୁଣ୍ଣ ହେବ ନାହିଁ । ଶ୍ରୀଦେବୀଙ୍କର ମହିମାର ଯଦି ସୀମା ନାହିଁ, ସେ ବିଷୟରେ ଜାଣିବାର ଆବଶ୍ୟକତା କିଛି ନାହିଁ । ତେଣୁ ଶ୍ରୀଦେବୀ ନିଜର ମହିମା ଅସୀମ ରୂପରେ ଜାଣନ୍ତି, ସର୍ବାଧିକ ରୂପରେ ନୁହେଁ ।

ମହାଲକ୍ଷ୍ମୀଙ୍କ ସାନିଧ ଲାଭ କଲେ ଶ୍ରୀଜଗନ୍ନାଥଙ୍କ କୃପାର ଧାରା ଅଜସ୍ର ପ୍ରଭାବିତ ହୁଏ । ପ୍ରତ୍ୟେକ ଜୀବର ଲକ୍ଷ୍ୟ - ଭୋଗ, ମୋକ୍ଷ ଓ ପରମପଦ । ଏହି ତିନି ବୈଭବ ମହାଲକ୍ଷ୍ମୀଙ୍କ କରୁଣାରୁ ଲାଭ କରିପାରିବ । ଯେଉଁ ବ୍ୟକ୍ତି ମହାଲକ୍ଷ୍ମୀଙ୍କ କୃପା ପାଇପାରିବ, ସେ ସର୍ବଗୁଣ ସଂପନ୍ନ ହୋଇପାରିବ ଏବଂ ଯିଏ ନ ପାଇପାରିବ ସେ ଗୁଣହୀନ ହୋଇଯିବ ।

ଆଡ୍‌ଭୋକେଟ
ଜେଲ୍ ରୋଡ଼, ଖୋର୍ଦ୍ଧା



# ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ

ଇଂ ଗଣେଶ ଚନ୍ଦ୍ର ପଣ୍ଡା

**କ**ଲ୍ୟାଣମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ । ସନ୍ଥ ତୁଳସୀ ଦାସଙ୍କ ରଚନାରୁ ପରଂବ୍ରହ୍ମଙ୍କ ବିଷୟରେ ଆମ୍ଭେ ଜାଣୁ 'ଯେ ବିନା ପାଦରେ ଚାଲି ପାରନ୍ତି, ବିନା କର୍ଣ୍ଣରେ ଶୁଣିପାରନ୍ତି ଏବଂ ବିନା ହାତରେ ସମସ୍ତ କର୍ମ କରିପାରନ୍ତି, ସେ ହିଁ ଲୀଳାମୟ ପରଂବ୍ରହ୍ମ ଏବଂ ତାଙ୍କର ଲୀଳା ଆମ୍ଭଙ୍କୁ ଅଗୋଚର ।'

ଏହି ପରଂବ୍ରହ୍ମଙ୍କ ସତ୍ତା ହୃଦୟଙ୍ଗମ କରି କେତେ ଯେ ସାଧୁସନ୍ଥ ଏହି ଶ୍ରୀକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି, ତାହାର ଉଦାହରଣ ଦେବା ଆମ ପକ୍ଷରେ ଦୁରୂହ ବ୍ୟାପାର । ସେ ରତ୍ନବେଦୀରେ କେବଳ କାଠଗଣ୍ଡି ହୋଇ ବସିନାହାନ୍ତି । ସେ ପ୍ରତିଦିନ ମଣିଷର ସୁଖ ଦୁଃଖର ଭାଗି ହେଉଥିବା ଏବଂ ମଣିଷର ଆତ୍ମୀୟତାର ଡୋରିରେ ବାନ୍ଧି ହୋଇଥିବା ଏକ ଜୀବନ୍ତ ଠାକୁର । ସେ କାହାର ନିତିଦିନର ବନ୍ଧୁବାନ୍ଧବ ତ କାହାର ସଖା, ସହୋଦର ତାହା ତାଙ୍କୁ ହିଁ ଜଣା । କେଉଁ କାଳରୁ ଭକ୍ତର ଭକ୍ତିକୁ ଊର୍ଦ୍ଧ୍ୱରେ ରଖି ତାଙ୍କର ସମସ୍ତ ମନୋବାଞ୍ଛା ପୂରଣ କରୁଅଛନ୍ତି ତା'ର ଦୃଷ୍ଟାନ୍ତ ଦେବା ଆମର ମୂଳ ଉଦ୍ଦେଶ୍ୟ ନୁହଁ, କିନ୍ତୁ ଭକ୍ତର ଡାକ ତାଙ୍କର କର୍ଣ୍ଣରେ ଗୁଞ୍ଜରିତ ହେଲେ, ସେ ତତ୍‌କ୍ଷଣାତ୍ ଭକ୍ତର ଭାବକୁ ପୂରଣ କରନ୍ତି । ଏହା ହିଁ ତାଙ୍କର ମହାନୁଭବତାର ପରିପ୍ରକାଶ । ସେହିପରି କିଛି ଭକ୍ତଙ୍କ ବିଷୟରେ ଆମ୍ଭେ ଜାଣିଛୁ ଯେ, ମହାରାଷ୍ଟ୍ରର କର୍ଣ୍ଣିୟାରୀ ଗ୍ରାମରୁ ଆସିଥିବା ଅଭିମାନିଆ ଭକ୍ତ ଗଣପତି ଭଟ୍ଟ ସ୍ୱୟଂ ପରଂବ୍ରହ୍ମଙ୍କୁ ଗଜାନନ ହିସାବରେ ଦର୍ଶନ କରିବାକୁ ଚାହିଁବାରୁ ତାଙ୍କ ଅଭିମାନ ଭଙ୍ଗକରି ଗଜାନନ ବେଶରେ ୧୪୩୨ ଖ୍ରୀଷ୍ଟାବ୍ଦରେ ସ୍ନାନବେଦୀରେ ଦର୍ଶନ ଦେଇଥିଲେ ଏବଂ ଭକ୍ତ ପ୍ରାର୍ଥନା କରିଥିବା 'ହେ ଗଣର ଦେବତା ! ଗଣନାୟକ ! ମୋର ଭକ୍ତି ଅର୍ଘ୍ୟ ଗ୍ରହଣ କରି ନିର୍ବାଣ ଦେବା ପୂର୍ବରୁ, କଥାଟିଏ ସ୍ମରଣ ରଖ । ପ୍ରତିବର୍ଷ ସ୍ନାନାନ୍ତେ, ଏହି ବେଶରେ ବିରାଜମାନ ହୋଇ ଜଗତ୍‌ବାସୀ ବିଘ୍ନ ବିନାଶନ କରିବା ପାଇଁ ସମ୍ମତି ପ୍ରଦାନ କରୁଥିବ ।' ତାହା ହିଁ ଏବେ ବି ହୋଇଆସୁଛି । ସନ୍ଥ ତୁଳସୀ ଦାସ ତାଙ୍କର ପରିଣତ ବୟସରେ ଆସିଥିଲେ ଶ୍ରୀକ୍ଷେତ୍ରକୁ ଯେ, ସ୍ୱୟଂ ପରଂବ୍ରହ୍ମ ହେବା ହେତୁ କୋଦଣ୍ଡଧାରୀ ନୟନାଭିରାମ ରୂପେ ଦର୍ଶନ କରିବେ । ଭାବଗ୍ରାହୀ ତାହା ହିଁ ପୂରଣ କଲେ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କୁ କୃଷ୍ଣ ରୂପରେ ଦେଖି ଗାଇ ଉଠିଲେ - 'କଦାଚିତ୍ କାଳନ୍ଦୀତଟ ବିପିନ ... ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।'

ସେହିପରି ସନ୍ଥ କବୀର ତାଙ୍କୁ ଦେଖି ଗାଇଥିଲେ, - 'କବ୍‌ସେ ଛୋଡ଼ି ମଥୁରା ...' । ତାଙ୍କୁ କୃଷ୍ଣ ରୂପରେ ଦେଖି ତାଙ୍କ ନୟନ ପବିତ୍ର କରିଥିଲେ । ଗୁରୁନାନକଙ୍କୁ ମଧ୍ୟ ତାଙ୍କ ନିଜ ପାପୁଲିରେ ମହାପ୍ରଭୁଙ୍କୁ ଦର୍ଶନ ଦେଇ ତାଙ୍କ ଭକ୍ତ ମର୍ଦ୍ଦନାନ୍‌ଙ୍କ ନିମିତ୍ତ ଆରତୀର ଥାଳି ନିଜେ ରତ୍ନବେଦୀରୁ ଉଡ଼ାଇ ନେଇ ଗୁରୁ ନାନକଙ୍କ ମୁଣ୍ଡ ଉପରେ ଆଶୀର୍ବାଦ ସୂଚକ ରଖି ଦେଇଥିଲେ, ଭକ୍ତର ଭାବକୁ ସମ୍ମାନ ଦେଇ । ସେହି କାଳିଆର ଭୁଜ ମଧ୍ୟ ଦାସିଆ ବାଉରୀର ହାତରୁ ପରଂବ୍ରହ୍ମ ହୋଇ ନିଜେ ନିଜ ହାତରେ ଉଠାଇ ନେଇଥିଲେ ଦାସିଆର ଶ୍ରୀଫଳକୁ, ଜାତିଭେଦ କିଛି ନରଖିବା ପାଇଁ । ରାତ୍ରି ଅଧରେ ବନ୍ଧୁ ମହାନ୍ତି ପାଇଁ ପରଶି ଦେଲ - ଭୋଗଥାଳି ଓ ସମସ୍ତଙ୍କର ସମ୍ମୁଖରେ ବନ୍ଧୁ ମହାନ୍ତି ବୋଲି - ଗଜପତି ଦେବଙ୍କ ଦ୍ୱାରା ଶିରିପା ବାନ୍ଧିଲ କେଉଁ କାଳରୁ । ହେ ପ୍ରଭୁ ! ତୁମ୍ଭେ ଆମ ସମସ୍ତଙ୍କର ପ୍ରାଣର କେନ୍ଦ୍ରବିନ୍ଦୁ । ତୁମ୍ଭେ ଯେ ଅନାଥର ନାଥ ଜନତା ଜନାର୍ଦ୍ଦନର ବନ୍ଧୁ - ଅସୀମ କରୁଣାର ସାଗର, ଜଗତର କର୍ତ୍ତା । ସେଥିପାଇଁ ଭକ୍ତ ଦୀନବନ୍ଧୁ ଦାସ ଗାଇଥିଲେ -

'ଭକତ ଶଙ୍ଖାଳି ମୁକତିର ଘର ।
ଶରଣ ମାଗଇ ଦୀନକୃଷ୍ଣ ଦାସ ଛାର ।।'

ଏହା ହିଁ ହେଉଛି, ଭାବର ପରିପ୍ରକାଶ । ଆମ୍ଭେ କେବେହେଲେ ମହାପ୍ରଭୁଙ୍କୁ ପ୍ରୀତିରେ କିମ୍ବା ସ୍ନେହରୂପକ ରଜ୍ଜୁରେ କିମ୍ବା ଭକ୍ତିରେ ସେବାପୂଜା କରିବା ପ୍ରୟାସରେ ରଖୁନାହୁଁ । ଆମ୍ଭେ କେବଳ ଉପର ଠାଉରିଆ ଭାବରେ ତାହାଙ୍କୁ ବାନ୍ଧି ରଖିବାକୁ ପ୍ରୟାସ କରୁଛୁ । ମନରେ କେବେହେଲେ ଭାବନ୍ତୁ ନାହିଁ ଯେ, ମୋ' ମହାପ୍ରଭୁ ଆସିବେ ନାହିଁ, କାରଣ ସେ ଲୀଳାମୟ, ଭାବଗ୍ରାହୀ ଓ ଭକ୍ତର ଭଗବାନ !

ସେଚସଦନ
ଭୁବନେଶ୍ୱର

# ଶ୍ରୀଶ୍ରୀଜଗନ୍ନାଥାଷ୍ଟକମ୍

ଦାସଜୀ ମହାରାଜ

ଭଜାମି ଶ୍ରୀଜଗନ୍ନାଥ ଜଗଦ୍‌ଗୁରୁଂ
ଜାନାମି ଶ୍ରୀଜଗନ୍ନାଥ ରୂପ ଚାରୁଂ
ସ୍ମରାମି ଶ୍ରୀଜଗନ୍ନାଥ କଳ୍ପତରୁଂ
ନମାମି ଶ୍ରୀଜଗନ୍ନାଥ ବ୍ରହ୍ମ ଦାରୁଂ ।
ଭଜାମି ଶ୍ରୀଜଗନ୍ନାଥ ଜଗତ୍ ପିତାଂ
ଜାନାମି ଶ୍ରୀଜଗନ୍ନାଥ ଜଗତ୍ କର୍ତ୍ତାଂ
ସ୍ମରାମି ଶ୍ରୀଜଗନ୍ନାଥ ମମ ଭର୍ତ୍ତାଂ
ନମାମି ଶ୍ରୀଜଗନ୍ନାଥ ଦୁଃଖ ହର୍ତ୍ତାଂ ।
ଭଜାମି ଶ୍ରୀଜଗନ୍ନାଥ ଜଗଦ୍‌ବନ୍ଧୁଂ
ଜାନାମି ଶ୍ରୀଜଗନ୍ନାଥ କୃପାସିନ୍ଧୁଂ
ସ୍ମରାମି ଶ୍ରୀଜଗନ୍ନାଥ ନାମ ମଧୁଂ
ନମାମି ଭକତବୃନ୍ଦ ହୃଦଇନ୍ଦୁଂ ।
ଭଜାମି ଶ୍ରୀଜଗନ୍ନାଥ ସଦାଶାନ୍ତଂ
ଜାନାମି ଶ୍ରୀଜଗନ୍ନାଥ ଜଗତ୍ କାନ୍ତଂ
ସ୍ମରାମି ସଦାଶ୍ରୀ ଅନାଦି ଅନନ୍ତଂ
ନମାମି ପ୍ରଭୁ ଶ୍ରୀନୀଳାଚଳ ନାଥଂ ।
ଭଜାମି ଶ୍ରୀଜଗନ୍ନାଥ ଗୁଣ, ରୂପଂ
ଜାନାମି ଶ୍ରୀଜଗନ୍ନାଥ ଶ୍ରୀସ୍ୱରୂପଂ
ସ୍ମରାମି ଶ୍ରୀହରିହର ପାପ ତାପଂ
ନମାମି ଶ୍ରୀଜଗନ୍ନାଥ ବିଶ୍ୱରୂପଂ ।
ଭଜାମି ଶ୍ରୀଜଗନ୍ନାଥ ଦୟା ନିଧିଂ
ଜାନାମି ଭକତ ପ୍ରାଣ ପ୍ରିୟ ବିଧିଂ
ସ୍ମରାମି ଶ୍ରୀହରି ଦାତା ସର୍ବ ସିଦ୍ଧିଂ
ନମାମି ଶ୍ରୀଜଗନ୍ନାଥ ନବ ନିଧିଂ ।
ଭଜାମି ଶ୍ରୀଜଗନ୍ନାଥ ହରିହରଂ
ଜାନାମି ଶ୍ରୀଜଗନ୍ନାଥ ନାମ ସାରଂ
ସ୍ମରାମି ପ୍ରଭୁ ଶ୍ରୀକୃପାପାରା ବାରଂ
ନମାମି ଶ୍ରୀନିରଞ୍ଜନ ନିରାକାରଂ ।
ଭଜାମି ଶ୍ରୀଜଗନ୍ନାଥ ପଦତ୍ରାଣଂ
ଜାନାମି ଶ୍ରୀଜଗନ୍ନାଥ ମୁକ୍ତିଦାତାଂ
ସ୍ମରାମିହମ୍ ସର୍ବାରିଷ୍ଟ ଶାନ୍ତି କର୍ତ୍ତାଂ
ନମାମି ଶ୍ରୀଜଗନ୍ନାଥ ଜଗନ୍ନାତାଂ ।

ପଞ୍ଚବଟୀ ଆଶ୍ରମ
ପରମାନନ୍ଦ ପୁର, ଭଣ୍ଡାରି ପୋଖରୀ, ଭଦ୍ରକ

# ଦାରୁ ହେଲେ ଜଗନ୍ନାଥ ...

ଡକ୍ଟର ପ୍ରଦୀପ୍ତ କୁମାର ବାରିକ

କି ଅଦ୍ଭୁତ ମୁହୂର୍ତ୍ତ ସେ
ମନ-ଜ୍ଞାନ-ବଚନ ଅତୀତ,
ନୀଳ ଉର୍ମି ତାଳେ ତାଳେ
ଶଙ୍ଖ ସବୁ ହେଲେ ଅନ୍ତର୍ହିତ
ତା ଆଲୋକେ ଉଦ୍‌ଭାସିତ
ମାଟି-ପାଣି-ପବନ-ଆକାଶ
ଦିବ୍ୟ ଗନ୍ଧ ମୋଦେ ତା'ର
ପୁଲକିତ ସମୟର ପ୍ରତିଟି ନିଃଶ୍ୱାସ
ସେ ଯେ ଏକ ପ୍ରତ୍ୟୟ ଅଦ୍ଭୁତ !
ମହୋଦଧି ପୁଣ୍ୟତଟେ
ଆର୍ଯ୍ୟ ଓ ଅନାର୍ଯ୍ୟ ସବୁ ହେଲେ ସମନ୍ୱିତ ।
ସ୍ରୋତ୍ରୀୟ ବ୍ରାହ୍ମଣେ ଯାଇ ପ୍ରବୋଧିଲେ -
ବନବାସୀ ଶବର ପଲ୍ଲୀରେ
ଆସ ଭାଇ ! ଦେଖିଯାଅ କି ଅଦ୍ଭୁତ-
ଦ୍ରବ୍ୟ ଥୁଆ ମହୋଦଧି ବିଜନ ବାଲିରେ
ସାମାନ୍ୟ ବିଳମ୍ବ ହେଲେ ବିଡ଼ମ୍ବନା-
ପ୍ରବଞ୍ଚନା ଆମ ଭାଗେ ଥୁଆ
ତମ ଆମ ପାଇଁ ନୁହଁ, ବିଶ୍ୱ ପାଇଁ
ଏ ଯେ ଏକ ଇତିହାସ ନୂଆ ।
ଆର୍ଯ୍ୟ ଓ ଅନାର୍ଯ୍ୟ ସବୁ
ଆଚମ୍ୱିତେ କମର କଷିଲେ,
ପରସ୍ପରେ ଘେନାଘେନି-
କୋଳାକୋଳି ମହୋଦଧି ତୀରେ ।
ଉଠାଇଲେ ଦାରୁଖଣ୍ଡ
ସଂଭ୍ରମରେ ଜୟଧ୍ୱନି କରି
ଓଁକାରର ମୂର୍ଚ୍ଛନାରେ
ଭିଜିଗଲା ଦିବସ ଶର୍ବରୀ ।
ଗଢ଼ା ହେଲା ମୂର୍ତ୍ତି !
ଖୁସି ହେଲେ ଇନ୍ଦ୍ରଦ୍ୟୁମ୍ନ
ଖୁସି ହେଲେ ବିପ୍ର ବିଦ୍ୟାପତି
ସମସ୍ତଙ୍କ ମନରେ ପୁଲକ
ଗୁଣ୍ଡିଚା ପାଇଲା ସତେ
ମର୍ତ୍ତ୍ୟପୁରେ ଅମର୍ତ୍ତ୍ୟ ଆଲୋକ ।
ଇତିହାସ କିଏ ତାର କରିବ କଳନା ?
ଜୀବନର ମରୁପଥେ ଚିରନ୍ତନ ସତ୍ୟ ସିଏ
ଅଭୟଦ ଚିନ୍ମୟ ଚେତନା ।

ବରିଷ୍ଠ ଓଡ଼ିଆ ଅଧ୍ୟାପକ
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର

ସଂପାଦକୀୟ



# କିଛି ମାଗୁ ନାହିଁ ତୋତେ

‘ପ୍ରସରିଣ ଥିଲା ଆଗେ ଅଶରୀରୀ-ବାଣୀ
ଦେବ ଲୋକେ କୃଷ୍ଣ କରୁଁ ଆସି ଚକ୍ରବର
ପଡ଼ିବ ଯେଠାରେ ତହିଁ ହେବ କଳିଯୁଗ
ଭାବଗ୍ରାହୀ କେଶବର ଭାବି ଅବତାର
ପତିତପାବନ ବାନା ଉଡ଼ିବ ଭୂତଳେ ।’

ମହାଯାତ୍ରା ମହାକାବ୍ୟର ଏ ଉଦ୍ଧୃତିର ଉତ୍ସର ପ୍ରାମାଣିକତା ଯାହା ଥାଉନା କାହିଁକି, ପୌରାଣିକତା, ଆଧାତ୍ମିକତା ଓ ଲୋକ ବିଶ୍ୱାସର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତୀକାତ୍ମକ ପ୍ରୟୋଗ ଏହାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି । ଏ ପଂକ୍ତିରେ ଜଣେ କବି ପ୍ରାଣର ଆବେଗିକ ତଲ୍ଲୀନତା କେବଳ ପ୍ରକାଶିତ ହୋଇନାହିଁ - ମହିମା ମଣ୍ଡିତ ଏକ ରାଜ୍ୟ ଓ ପୁରାଣ ପ୍ରସିଦ୍ଧ ଏକ ସ୍ଥାନକୁ ଅଧିକ ପରିଚିତ କରାଇବାର ଯେ ପ୍ରୟାସ ଏହା ମାଧ୍ୟମରେ କରାଯାଇଛି ତାହା ଅନସ୍ୱୀକାର୍ଯ୍ୟ ।

କୃଷ୍ଣଙ୍କ ଲୀଳାର ଆବଶ୍ୟକତାର ଅନ୍ତ ହେଲା ଦ୍ୱାପରରେ । ଲୀଳାମୟଙ୍କର ଅନ୍ୟ ଏକ ରୂପର ଆବିର୍ଭାବ ଘଟିବାର ଏ ସଙ୍କେତ ପଛରେ ସଂଗୁପ୍ତ ଉଦ୍ଦେଶ୍ୟକୁ ଚେତାଇ ଦେବା ହୁଏତ ଏ ପଂକ୍ତିର ମର୍ମବାଣୀ ।

ଚକ୍ର । ଆଦି ଅନ୍ତହୀନ ଏକ ଅଦ୍ଭୁତ ଆୟୁଧ । ଯେଉଁଠୁ ଯାଏ କର୍ତ୍ତବ୍ୟ ସାଧନ କରି ସେଇଠିକୁ ହିଁ ଫେରେ । ପୁଣି ସହସ୍ର ଆଦିତ୍ୟ ତେଜଦୀପ୍ତ ପ୍ରଚଣ୍ଡ ଶକ୍ତିର ଉତ୍ସ । ସନ୍ଥ ପାଳନ ଓ ଦୁଷ୍ଟ ନିବାରଣର କାର୍ଯ୍ୟ ସାଧନ କରେ । ସେହି ଚକ୍ର ଉତ୍କଳ ଖଣ୍ଡରେ ନିପତିତ ହୋଇ ଚକ୍ର କ୍ଷେତ୍ରରେ ପରିଣତ କରିଛି ଏ ସ୍ଥାନକୁ । ସବୁ ରାତିର ଅନ୍ତ ଥିଲା ଭଳି, ସବୁ ସୂର୍ଯ୍ୟୋଦୟର ଅନନ୍ୟ ସଙ୍କେତ ଥିଲା ଭଳି, ସବୁ ବାରିପାତର ଏକ ମନୋରମ ରାଗିଣୀ ଥିଲା ଭଳି - ଏ ଅବତାରର ଆବିର୍ଭାବ । କେଉଁଠୁ ଖୋଜିବେ ତା’ର ଅନ୍ତ - କେଉଁଠୁ ପୁଣି ତା’ର ଆରମ୍ଭ । କେଉଁଠୁ ତା’ର ଯାତ୍ରା - କେଉଁଠି ତା’ର ଶେଷ ? କେଉଁଠି ତା’ର ପ୍ରକାଶ ? କେଉଁଠି ତା’ର ବ୍ୟାପ୍ତି ସବୁର ସତର୍କ ପ୍ରଶ୍ନ ମଧ୍ୟରେ ତା’ର ଉତ୍ତର ହୀନତା ହିଁ ଅଲୌକିକତାର ସୂଚକ । ଥକିଯାଏ ଆଖି । ଅବିଶ୍ରାନ୍ତ ଚିନ୍ତନରେ ହାଲୁକା ହୋଇଯାଏ ତନୁ ମନ । ଏ ସେଇ ଦେବତା ଗଣଦେବତା । ସବୁରି ମିତ୍ର - ସବୁରି ତ୍ରାଣକର୍ତ୍ତା, ସବୁରି ସ୍ୱପ୍ନ - ସବୁରି ପ୍ରାପ୍ତି, ସବୁ ଅବଶୋଷର ଏକ ଆପାତତଃ ତୃପ୍ତ ପରିସମାପ୍ତି ।

ତା’ରି ଘୋଷଯାତ୍ରା । ବିଶ୍ୱ ଜନତାର କୋଳକୁ ଫେରିଆସେ ଐଶ୍ୱର୍ଯ୍ୟ ଓ ସମ୍ଭୋଗରେ ପ୍ରମତ୍ତ ଚେତନାଟିଏ । ଧୂଳିରେ ବୋଳି ହୁଏ, ଅନୁରାଗରେ ରଞ୍ଜିତ ହୋଇଯାଏ - ସବୁକୁ ଆତ୍ମମ୍ଭରିତାରୁ ମୁକ୍ତ କରି, ଅହଂ ସର୍ବସ୍ୱ ପ୍ରବଣତାର ଉର୍ଦ୍ଧ୍ୱକୁ ନେବାର ଆଶ୍ୱାସତା ନେଇ ସେ ଉଦ୍‌ବାହୁ କରିଦିଏ ଜନମାନସକୁ । ଅଭିସାରରେ ପ୍ରଲୁବ୍ଧ କରିଦିଏ ସକଳ ମାନବାତ୍ମାକୁ । ଏକ ଦୁରନ୍ତ ଆହ୍ୱାନରେ ମୂର୍ଚ୍ଛନାରେ ଅଭିମନ୍ତ୍ରିତ କରିଦିଏ ତନୁ ମନ । ସବୁ ହଜିଯାଏ ପଲକରେ - ଖୋଜିବାର ବି ଆବଶ୍ୟକତା ନଥାଏ । ଜ୍ଞାନୀର, ମାନୀର, ଦୁଃଖୀର, ସୁଖୀର, ରାଜାର କି ରଙ୍କର । ସବୁ ଶୂନ୍ୟତାରେ ପୂର୍ଣ୍ଣ ହେବାର ଆଶ୍ୱାସନାରେ ପରିପୂର୍ଣ୍ଣ କରିଦିଏ ଜଳ, ସ୍ଥଳ, ଆକାଶକୁ ।

କଳିର ମଣିଷ ବର୍ତ୍ତମାନ ଅହଂକାର ସର୍ବସ୍ୱ ହୋଇପଡ଼ିଛି । ଅହଂକାର ସ୍ୱର୍ଗଦ୍ୱାରର ପଥରୋଧ କରେ । ତୁମକୁ ପାଇବାରେ ପ୍ରତିବନ୍ଧକ ସୃଷ୍ଟି କରେ । ତୁମେ ତ ଲୀଳାମୟ, ଅବତାରମାନଙ୍କର ଅବତାରୀ । ଯୁଗେ ଯୁଗେ ଅବତାର ନେଇ ସଂସାର ସଙ୍କଟମୋଚନ କରିଛ । ସାଧୁସନ୍ଥଙ୍କୁ ପରିତ୍ରାଣ କରିଛ । ଦୀନ, ଦୁଃଖୀ, ଦୁର୍ଗତଙ୍କ ଦୁଃଖ ଦୂର କରିଛ । ସତ୍ୟଯୁଗରେ ନୃସିଂହ ନାରାୟଣ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ପୁଣି କଳିଯୁଗରେ ଶ୍ରୀଜଗନ୍ନାଥ ରୂପରେ ଅବତୀର୍ଣ୍ଣ ହୋଇ କେତେ ଅଲୌକିକ ଲୀଳା ପ୍ରଦର୍ଶନ କରିଛ । ଦାରୁଦେବତାରୁ ପରିଗ୍ରହ କରିଛ ପରଂବ୍ରହ୍ମ ସ୍ୱରୂପ ।

ତତ୍ତ୍ୱଦର୍ଶୀମାନଙ୍କ ଦୃଷ୍ଟିରେ ତୁମେ ଶୂନ୍ୟ, ନିର୍ଗୁଣ, ନିରାକାର କିନ୍ତୁ ସାଧାରଣ ଭକ୍ତ ପାଖରେ ସଗୁଣ ସାକାର । ପରମପୁରୁଷ ପୁରୁଷୋତ୍ତମ, ପତିତପାବନ, ଆର୍ତ୍ତତ୍ରାଣ, ଦୟାନିଧି, ଦୀନବନ୍ଧୁ । ଅନାଥର ନାଥ ସର୍ବମଙ୍ଗଳ ଜଗନ୍ନାଥ । ତୁମେ ନିଖିଳ ବ୍ରହ୍ମାଣ୍ଡର ଅଧିଶ୍ୱର । ସୃଷ୍ଟି, ସ୍ଥିତି, ସଂହାରର କାରଣ ସ୍ୱୟଂ ନାରାୟଣ । ତୁମ ପାଖରେ ସବୁ ତତ୍ତ୍ୱ ତୁଚ୍ଛ । ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ତୁମକୁ ନେଇ ଗଢ଼ି ଉଠିଛି ସାମ୍ୟ ଓ ସମନ୍ୱୟର ସଂସ୍କୃତି । ସଂହତି ଓ ସଂପ୍ରୀତିର ମହାମନ୍ତ୍ରରେ ଅନୁରଣିତ ହୋଇ ଉଠିଛି ତୁମର ପବିତ୍ର ପୀଠ ।

ତୁମର ଅମୃତମୟ ଚେତନାରେ ଘଟିଛି ବିଶ୍ୱର ସବୁଧର୍ମ ଦର୍ଶନ, ତତ୍ତ୍ୱ ଓ ମତର ଅଦ୍ଭୁତ ସମନ୍ୱୟ । ଶବର, ବୌଦ୍ଧ, ଜୈନ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ସୌର-ସବୁ ସମ୍ପ୍ରଦାୟର ତୁମେ ଆରାଧ୍ୟ ଦେବତା । ତୁମର ସଂସ୍କୃତି ବିଶ୍ୱ ସଂସ୍କୃତି, ଧର୍ମ ମାନବ ଧର୍ମ । ତୁମେ ଆର୍ଯ୍ୟ - ଅନାର୍ଯ୍ୟର ପରମାରାଧ୍ୟ । ତୁମେ ବିଶ୍ୱମୈତ୍ରୀର ମାନବ ଜାତିର ପ୍ରତୀକ ।

ପୂର୍ଣ୍ଣ କରିବାର ଅଭୟ ଆଶୀର୍ବାଦରେ ଆଜି ଏ ରାଜଦାଣ୍ଡ ପରିପୂର୍ଣ୍ଣ - ବେଳାଭୂମିର ସୈକତ ରେଣୁରେ ତା'ର ମନୋରମ ଗନ୍ଧର ସ୍ପର୍ଶ । ସମୁଦ୍ରର ଅନନ୍ତ ବ୍ୟାପ୍ତିରେ ତା'ର ମଧୁର ଆଶ୍ଳେଷ । ସବୁ ଏଇଠି ଯେମିତି ସୁରକ୍ଷିତ ।

ଚିହ୍ନି ନେବେତ ଚିହ୍ନରା ଗ୍ରାହକ ହୁଅନ୍ତୁ । ଅନ୍ତତଃ ଏଭଳି ଏକ ପବିତ୍ର ତିଥିରେ ଏହା ହିଁ କାମନା । ଏହି ପରିପ୍ରେକ୍ଷୀରେ କବିବର ରାଧାନାଥ ରାୟଙ୍କ ମହାଯାତ୍ରା କାବ୍ୟର ଏକ ପଂକ୍ତି ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ -

'ପୁଣ୍ୟ ତମ ଏ ସୈକତ ବିଶ୍ୱ ଚରାଚରେ,
ବାଛି ନେଇଛନ୍ତି ଯାହା ନିଜେ ଲୀଳାମୟ
ପୁଣି ମର୍ତ୍ତ୍ୟ ଲୀଳା ଲାଗି ଅଖିଳ ଭାରତେ,
ପର୍ଣ୍ଣ ଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରିୟସୀ,
ଯାମେ ଯା'ର ଋଷିକୁଲ୍ୟା କପିଶା ଉତ୍ତରେ
ପଶ୍ଚିମେ ଭାର୍ଗବାଶ୍ରମ ମହେନ୍ଦ୍ର ଶିଖରୀ,
ଚିର କୋଳାହଳମୟ ପୂର୍ବେ ପୟୋନିଧି
ପୁଷ୍ପ କୁଣ୍ଡେ ଶ୍ରେଷ୍ଠତାର କେଶର ଯେସନେ,
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ
ନିବସନ୍ତି ନାନା ସ୍ଥାନେ ଦେବ ଦେବୀ ଯେତେ
ଭାରତ, ଭାରତ ଖଣ୍ଡେ ଆସି ଏ ପ୍ରଦେଶେ,
ବିହରୀବେ ଠାବେ ଠାବେ ନିଜ ରୁଚି ମତେ
ଠୁଳ ହେବ ଅବଶେଷେ ପୁଣି ଏ ପୁଳିନେ
ଅଖିଳ ଭାରତ ତୀର୍ଥ ଭ୍ରମଣ ସୁକୃତ ।'

॥ ଜୟ ଜଗନ୍ନାଥ ॥

ଶରତ ଚନ୍ଦ୍ର ସାମନ୍ତରାୟ

# ଉତ୍କଳ ପ୍ରସଙ୍ଗ
## The Utkal Prasanga

୬୨ ଭାଗ | ୧୧ଶ ସଂଖ୍ୟା | ଜ୍ୟେଷ୍ଠ-ଆଷାଢ଼ | ଜୁନ - ୨୦୦୬

**ଦିଗମ୍ବର ମହାନ୍ତି**
କମିଶନର ତଥା ଶାସନ ସଚିବ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

**ଶରତଚନ୍ଦ୍ର ସାମନ୍ତରାୟ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
**ମାନସ ନାୟକ**
ଫଟୋ : ସୂଚନା ଓ ଲୋକ ସଂପର୍କ ବିଭାଗ ସୌଜନ୍ୟରୁ

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
**ମନୋଜ କୁମାର ପାତ୍ର**
**ହେମନ୍ତ କୁମାର ସାହୁ**

***ବାର୍ଷିକ ଦେୟ : ଟ.୫୦.୦୦***
***ପ୍ରତିଖଣ୍ଡ : ଟ.୫.୦୦***


---


ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧
ଫୋନ : ୨୩୯୪୫୧୩, ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.orissagov.nic.in

# ସୂଚୀ


| | | | |
|---|---|---|---|
| • ସମନ୍ୱୟ ଚେତନା ଓ ଶ୍ରୀଜଗନ୍ନାଥ | ଡଃ ଶରତ ଚନ୍ଦ୍ର ରଥ | --- | ୧ |
| • ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର | --- | ୬ |
| • ବୈଦିକ ଆକାଶରୁ ବଡ଼ଦାଣ୍ଡ : ପ୍ରସଙ୍ଗ ରଥ ପରମ୍ପରା | ଡକ୍ଟର ସନ୍ତୋଷ ତ୍ରିପାଠୀ | --- | ୧୩ |
| • ମହାଲକ୍ଷ୍ମୀ | ପ୍ରଫୁଲ୍ଲ ଚନ୍ଦ୍ର ସାହୁ | --- | ୧୯ |
| • ଶ୍ରୀଜଗନ୍ନାଥ ଭାବଚେତନାରେ ଶ୍ରୀନୀଳଚକ୍ର | ଦେବାଶିଷ ଚକ୍ରବର୍ତ୍ତୀ | --- | ୨୩ |
| • ତୁମେ ପରିବାର ମୋର | ବୀର କିଶୋର ପାଢ଼ୀ | --- | ୨୬ |
| • ପୁରୀ | ମହୀମୋହନ ତ୍ରିପାଠୀ | --- | ୨୭ |
| • ଆତ୍ମ ଜିଜ୍ଞାସା | ସବିତା ରଥ | --- | ୨୮ |
| • ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମହୋତ୍ସବ ଶ୍ରୀକ୍ଷେତ୍ର ରଥଯାତ୍ରା | ସଦାଶିବ ମିଶ୍ର | --- | ୨୯ |
| • ଏହି ଅଳି ଶ୍ରୀଛାମୁରେ | ଡକ୍ଟର ବଳରାମ ଦାସ | --- | ୩୧ |
| • ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ଶ୍ରୀନୀଳାଚଳ | ପ୍ରମୋଦ କୁମାର ନାୟକ | --- | ୩୩ |
| • ଶ୍ରୀଜଗନ୍ନାଥ ଚେତନାରେ ‘ଶଙ୍କା ପଞ୍ଚକମ୍’ | ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା | --- | ୩୬ |
| • ମହାପ୍ରସାଦ ଚେତନାରେ ମହନୀୟ ମହାବାକ୍ୟ | ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର | --- | ୩୯ |
| • ଶ୍ରୀଜଗନ୍ନାଥ ଅଲାରନାଥ | କୁମାର କବି ଅରକ୍ଷିତ ପ୍ରଧାନ | --- | ୪୧ |
| • ଶ୍ରୀମନ୍ଦିରର ଦଶଦ୍ୱାର ଭଗତେ ହେତୁ କର | କାଞ୍ଚ୍ଛ ନାରାୟଣ ମହାନ୍ତି | --- | ୪୨ |
| • କାଳିଆ କରୁଣା | ଚନ୍ଦ୍ରଶେଖର ପଣ୍ଡା | --- | ୪୫ |
| • ଅଭିଶପ୍ତ କବିର ମୁକ୍ତିଗାଥା | ଡକ୍ଟର ତ୍ରିନାଥ ପଟ୍ଟନାୟକ | --- | ୪୬ |
| • ଶ୍ରୀପୁରୁଷୋତ୍ତମ ପୀଠରେ ମଠ ଆଶ୍ରମ ସଂସ୍କୃତି | ପ୍ରଫେସର ଜଗନ୍ନାଥ ମହାନ୍ତି | --- | ୪୯ |
| • ସେ ରଥ ହେଉ ପୁଣ୍ୟର | ବିମଳା ସିଂହ | --- | ୫୦ |
| • ମୋର ହୃଦୟ ଭକ୍ତଜନ | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ | --- | ୫୧ |
| • ଉତ୍କଳୀୟ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳା | ଡକ୍ଟର ବିଦ୍ୟୁତ୍‌ଲତା ରାୟ | --- | ୫୩ |
| • ଶ୍ରୀମନ୍ଦିରରେ ଶାରଦୀୟ ମହୋତ୍ସବ | ବିରଞ୍ଚି ନାରାୟଣ ପାଣିଗ୍ରାହୀ | --- | ୫୫ |
| • ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ | ସତ୍ୟ ନାରାୟଣ ମହାପାତ୍ର | --- | ୫୮ |
| • ବଡ଼ଦାଣ୍ଡ | ସୌଭାଗ୍ୟ ଲକ୍ଷ୍ମୀ | --- | ୬୨ |
| • ଶ୍ରୀମନ୍ଦିର ସୁରକ୍ଷା ଓ ସାର୍ବଜନୀନ ପ୍ରବେଶ | ଡକ୍ଟର ନୀଳକଣ୍ଠ ମିଶ୍ର | --- | ୬୩ |
| • ରଥଯାତ୍ରା | ଓମ ପ୍ରକାଶ ମହାପାତ୍ର | --- | ୬୯ |
| • ଭଟଳିର ଦଧିବାମନ ବିଷ୍ଣୁ | ଡକ୍ଟର ଉଦ୍ଧବ ଚରଣ ନାୟକ | --- | ୭୦ |
| • ଜଗନ୍ନାଥ ଯାହାର ଠାକୁର | ଅଧ୍ୟାପକ ବିକ୍ରମ କେଶରୀ ବର୍ମା | --- | ୭୨ |
| • କାନ୍ତ ସାହିତ୍ୟରେ ଜଗନ୍ନାଥ ଚେତନା | ଗୁରୁକଲ୍ୟାଣ ମହାପାତ୍ର | --- | ୭୩ |
| • ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଓ ଶ୍ରୀଜଗନ୍ନାଥ | ରଜତ କୁମାର କର | --- | ୭୬ |
| • ଜଗନ୍ନାଥଙ୍କୁ ପଦେ | ଦୟାନିଧି ବେହେରା | --- | ୭୮ |
| • ଦାରୁବ୍ରହ୍ମଙ୍କର ରଥଯାତ୍ରା | ପୂର୍ଣ୍ଣେନ୍ଦୁ କୁମାର ନନ୍ଦ | --- | ୭୯ |
| • ନୀଳାଦ୍ରି ଚନ୍ଦ୍ରମା | ଇଂ. ରଘୁନାଥ ପାତ୍ର | --- | ୮୦ |

| | | | |
|---|---|---|---|
| • ଜଗନ୍ନାଥ ଧର୍ମ ଓ ଶ୍ରୀମହାଭାବ ତତ୍ତ୍ୱ | ଦୁର୍ଗାମାଧବ ଦାଶ | --- | ୮୧ |
| • ସନ୍ଥକବି ହାଡ଼ିଦାସଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ | ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା | --- | ୮୬ |
| • ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି | ଦେବରାଜ ସାମନ୍ତରାୟ | --- | ୮୮ |
| • ରଥସେବାରେ ଘଣ୍ଟୁଆ ନିଯୋଗ | ଡକ୍ଟର ଜନ୍ମେଜୟ ଚୌଧୁରୀ | --- | ୮୯ |
| • ଚିଦାନନ୍ଦେ ପ୍ରାଣ ଉଠେ ମୋ' ପୁଲକି | ପଣ୍ଡିତ ଜଗନ୍ନାଥ ଶତପଥୀ | --- | ୯୨ |
| • ଇଚ୍ଛାମୟଙ୍କ ସ୍ୱେଚ୍ଛାଯାତ୍ରା | ଶରତ କୁମାର କର | --- | ୯୩ |
| • ଦେହି ପଦ ପଲ୍ଲବ ମୁଦିତ ମୁଦାରଂ | ତାରାକାନ୍ତ ମହାନ୍ତି | --- | ୯୬ |
| • ସ୍ରଷ୍ଟା | ଗୌରହରି ରାଉତ | --- | ୯୯ |
| • ଜଗନ୍ନାଥଙ୍କ ବଡ଼େଇ | ମଧୁସୂଦନ ପଟ୍ଟନାୟକ | --- | ୧୦୦ |
| • ପ୍ରିୟଦର୍ଶୀ ଶ୍ରୀଜଗନ୍ନାଥ | ନିର୍ମଳା କୁମାରୀ ମହାପାତ୍ର | --- | ୧୦୨ |
| • ବଡ଼ଦେଉଳର ବଡ଼ଠାକୁର | ବସନ୍ତ କୁମାର ଦେବ | --- | ୧୦୩ |
| • ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ | କୃଷ୍ଣପ୍ରିୟା ଦାସ | --- | ୧୦୪ |
| • ଶ୍ରୀଜଗନ୍ନାଥ ଓ ପବିତ୍ରଧାମ ଶ୍ରୀକ୍ଷେତ୍ର | ଶ୍ରୀନିବାସ ଆଚାର୍ଯ୍ୟ | --- | ୧୦୭ |
| • ଶ୍ରୀଗୁଣ୍ଡିଚା ରଥଯାତ୍ରାର ପୃଷ୍ଠଭୂମି | ପଙ୍କଜ ସାହୁ | --- | ୧୧୦ |
| • ଜଗନ୍ନାଥ ଏତିକି କରୁଣା କର | ଶକୁନ୍ତଳା ଆଚାର୍ଯ୍ୟ | --- | ୧୧୨ |
| • ସତ୍ୟ, ସୁକୃତ ଓ ଜଗନ୍ନାଥ | ନିବେଦିତା ଭଞ୍ଜ | --- | ୧୧୩ |
| • ଉତ୍କଳୀୟ ମହାକବି ଜୟଦେବ : ଶ୍ରଦ୍ଧାଞ୍ଜଳି | ଇଂ. ଗଦାଧର ମିଶ୍ର | --- | ୧୧୫ |
| • ଶ୍ରୀମନ୍ଦିର ଓ ଦକ୍ଷିଣ ଘର | ପଣ୍ଡିତ ରାମକୃଷ୍ଣ ପତି | --- | ୧୧୬ |
| • ଛଳନାରୁ ମୁକ୍ତି ଦିଅ | ଇନ୍ଦ୍ରମଣି ମହାଳିକ | --- | ୧୧୮ |
| • ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା | ଜଗନ୍ନାଥ କୁଅଁର | --- | ୧୧୯ |
| • ଶ୍ରୀକ୍ଷେତ୍ର କର ଦର୍ଶନ | ବିଚିତ୍ରାନନ୍ଦ ବାରିକ | --- | ୧୨୦ |
| • ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତତ୍ତ୍ୱରେ ଭଗବାନ ଗଣେଶ | ସୁରେଶ କୁମାର ପ୍ରଧାନ | --- | ୧୨୧ |
| • ଭାଗ୍ୟରେ ଲେଖିଲ ନାହିଁ | ମହେନ୍ଦ୍ର କୁମାର ଘଡ଼େଇ | --- | ୧୨୨ |
| • ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ | ଡକ୍ଟର ହରିହର କାନୁନ୍‌ଗୋ | --- | ୧୨୩ |
| • ଅଦ୍ଭୁତ ବାଜିକର | ସୁବ୍ରତ କୁମାର ଇନ୍ଦ୍ରସିଂହ | --- | ୧୨୪ |
| • ଜଗତର ନାଥ ଜଗନ୍ନାଥ | ରବି ମହାପାତ୍ର | --- | ୧୨୫ |
| • ଜଗତ କାରଣ | ବିକ୍ରମ ମହାରଣା | --- | ୧୨୮ |
| • ଶ୍ରୀଜଗନ୍ନାଥଙ୍କ ମାଉସୀ ଏବେବି ବାଟ ଚାହିଁ ବସିଛି | ରମେଶ ପ୍ରସାଦ ସିଂହ | --- | ୧୨୯ |
| • ଗଜବଦନ ଯା'ର ନାହିଁ | ଓମ ପ୍ରକାଶ | --- | ୧୩୧ |
| • ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ | ଦେଶବନ୍ଧୁ ମିଶ୍ର | --- | ୧୩୩ |
| • ରଣପୁର ଜଗନ୍ନାଥ ମନ୍ଦିର ଏବଂ ରଥଯାତ୍ରା | ବ୍ରଜ ପାଇକରାୟ | --- | ୧୩୪ |
| • ଦାଣ୍ଡେ ପଡ଼ିଯିବ ହୁରି | ଜଳଧର ନାୟକ | --- | ୧୩୬ |
| • ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ ଉତ୍କଳୀୟ ଲିପି | ଡଃ ରମାକାନ୍ତ କର | --- | ୧୩୭ |
| • ଭକ୍ତପ୍ରିୟ ଜଗନ୍ନାଥ | ରବିନାରାୟଣ ପାଣି | --- | ୧୩୯ |
| • ସବୁଠାରେ ତମେ | ପ୍ରକାଶ ଚନ୍ଦ୍ର ବଳିଆର ସିଂହ ମହାପାତ୍ର | --- | ୧୪୦ |
| • ମହାଲକ୍ଷ୍ମୀଙ୍କ ବୈଭବ | ଶିବସୁନ୍ଦର ପଟ୍ଟନାୟକ | --- | ୧୪୧ |
| • ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ | ଇଂ. ଗଣେଶ ଚନ୍ଦ୍ର ପଣ୍ଡା | --- | ୧୪୩ |
| • ଶ୍ରୀଶ୍ରୀଜଗନ୍ନାଥାଷ୍ଟକମ୍ | ଦାସଜୀ ମହାରାଜ | --- | ୧୪୪ |
| • ଦାରୁ ହେଲେ ଜଗନ୍ନାଥ | ଡକ୍ଟର ପ୍ରଦୀପ୍ତ କୁମାର ବାରିକ | --- | ୧୪୪ |



# ଶ୍ରୀକ୍ଷେତ୍ର

ଜଗତ ଜୀବନ ଦିନମଣି ରବି
ପ୍ରକାଶି ଜଗତେ ଅଭିନବ ଛବି,
ମଣ୍ଡିଣ ଜଗତ ସୁବର୍ଣ୍ଣ କିରଣେ,
ସଜାଇ ଧରଣୀ ନବ ଆଭରଣେ,
ମୃତ ଜଗତକୁ ନିଦ୍ରାରୁ ଉଠାଇ
ନବୀନ ଉଦ୍ୟମ ଉତ୍ସାହେ ମତାଇ,
ଜଗତର ଯେତେ ନାଶି ଦୁଃଖରାଶି
ପ୍ରଭାତେ ନମନ୍ତି ତୋହ ପଦେ ଆସି ।





ଯୋଗନିଦ୍ରା ଯହିଁ ଅନାଦି ପୁରୁଷ,
ନାଶ ଯାଏ ଯାହା ପରଶେ କଳୁଷ,
ଯା'ର ଗର୍ଭୁ ଜାତ ହେଲେ ସୁଧାକର,
ସୁଧା-ପ୍ରସୂ ସେହି ରତ୍ନର ଆକର,
ନାହିଁ ଯା'ର ଅନ୍ତ, ନାହିଁ ଯା'ର ଆଦି,
ହ୍ରାସ-ବୃଦ୍ଧି-ହୀନ ସେହି ବାରାନିଧି
ବଢ଼ାଇ ନିଜର ତରଙ୍ଗ-ଅଧର
ଦାସ ପ୍ରାୟେ ଚୁମ୍ବେ ତୋହର ପୟର ।

ଉତ୍ତାଳ ତରଙ୍ଗ ଉଠାଇ ସାଗର
ବଜ୍ରସମ କରି ଶବ୍ଦ ଭୟଙ୍କର
ଉଦ୍‌ଗାରିଣ ଫେନ ଗ୍ରାସିବାକୁ ଧରା
ମହାଆଡ଼ମ୍ବରେ ଆସୁଥାଇ ପରା ।
ଶୁଭ୍ର ବକମାଳା ମୁକ୍ତା-ହାରସମ
ଦିଶୁଥାନ୍ତି ଆହା କେଡ଼େ ମନୋରମ ।



ଇନ୍ଦ୍ରଧନୁ-ବର୍ଣ୍ଣ ନିଜ ଅଙ୍ଗେ ବହି
ଶୋଭୁଥାନ୍ତି ନାନା ଶକ୍ତିପୁଞ୍ଜ ତହିଁ ।
ଆର୍ଯ୍ୟ-ଗୌରବର ବିଜୟ-କେତନ,
ଉତ୍କଳ-ଶିଳ୍ପର ନିଜ ନିକେତନ
ସମୟ-ସାଗର-ତରଙ୍ଗ-ଆଘାତେ
କାଳର କରାଳ ମହା ଝଞ୍ଜାବାତେ
ହୋଇ ବିପର୍ଯ୍ୟସ୍ତ ଅବଶିଷ୍ଟ ଯାହା
ଅଛି, ତୋର ତହିଁ ଅଛି ସିନା ତାହା ।

କେନ୍ଦ୍ରସ୍ଥଳୀ ସାମୁଦ୍ରିକ ବାଣିଜ୍ୟର,
ରାଜନୈତିକର ସୁଦୃଢ଼ ଶିଖର,
ଅର୍ଦ୍ଧଚନ୍ଦ୍ରାଙ୍କିତ ବିଜୟ ନିଶାଣ,
ଉଡ଼ାଇ ଭାରତେ ଧରିଣ କୃପାଣ



ହିମାଚଳଠାରୁ କୁମାରିକା ଯାଏ
କମ୍ପାଇଲେ ଯେବେ ଯବନ ରଜାଏ,
ସେ କାଳେ ଉତ୍କଳ-ଗୌରବ-ଭାସ୍କର
ଗଜପତି-ଗୌଡ଼େଶ୍ୱର-ବଂଶଧର
ତୋ'ର ତହିଁ ସ୍ୱାଧୀନତା-ବୈଜୟନ୍ତୀ
ଉଡ଼ାଇ ରଖିଲେ ଅପୂର୍ବ କୀରତି ।

ସହସ୍ର ସହସ୍ର ତୀର୍ଥ-ଯାତ୍ରୀଗଣ
ଜୟ ଜଗନ୍ନାଥ କରି ଉଚ୍ଚାରଣ,
ଶତ ବାଧାବିଘ୍ନ କରି-ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା,
ଭୁଲି କ୍ଷୁଧା-ଜ୍ୱାଳା ଭୁଲିଣ ପିପାସା,
ଭୁଲି ପଥଶ୍ରମ, ଧରି ଏକ ଆଶା,
'ଜୟ ଜଗନ୍ନାଥ' ଗୀତ ଗାଇ ଗାଇ
ତୋହରି ଆଡ଼କୁ ଯାଉଛନ୍ତି ଧାଇଁ ।



ସାମ୍ୟବାଦିତାର ଉଡୁଛି ନିଶାଣ,
ପଣ୍ଡିତ ପାଷଣ୍ଡ ସକଳେ ସମାନ ।
ବ୍ରାହ୍ମଣ ଚଣ୍ଡାଳ ବସି ଏକାସନେ
କରନ୍ତି ଆହାର ଆନନ୍ଦିତ ମନେ ।
ଜାତି ଧର୍ମନିର୍ବିଶେଷେ ସର୍ବଜନ
ଏକାଧାରେ ବସି କରନ୍ତି ଭୋଜନ ।
ପତିତପାବନ ବାନା ଫର ଫର
ଉଡ଼ି ପତିତକୁ ତାରେ ନିରନ୍ତର ।
ଶ୍ରୀହସ୍ତ ବଢ଼ାଇ ଜଗତ ଗୋସାଇଁ
ପାପୀଙ୍କୁ ଡାକନ୍ତି ନିସ୍ତାରିବା ପାଇଁ ।



ଧନ୍ୟରେ ଶ୍ରୀକ୍ଷେତ୍ର ତୋ'ର ବଡ଼ପଣ,
ଉତ୍କଳ ମାତାର ତୁହି ସାର ଧନ ।
ତୋ' ଲାଗି ଉତ୍କଳ ବିଖ୍ୟାତ ଜଗତେ,
ନୋହିଲେ ରହିଣ ଥାଆନ୍ତା ଗୁପତେ ।
ଜାଗୁ ଏ ଉତ୍କଳ ତୋ' ଧର୍ମକୁହାଟେ,
ଚାଲନ୍ତୁ ସରବେ ଏବେ ସତବାଟେ ।
ତୋ'ର ସାରଶିକ୍ଷା ଶିଖା ଉତ୍କଳରେ
ତରନ୍ତୁ ଓଡ଼ିଆ ତୋ' ଧର୍ମ ବଳରେ ।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ପ୍ରାଚୀନ କାଳର ସ୍କନ୍ଦ ପୁରାଣ, ବାମଦେବ ସଂହିତା ଓ ସୁତ ପୁରାଣରେ ବର୍ଣ୍ଣିତ ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ ଶଙ୍ଖକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି ।

## ପୁରାଣ ବର୍ଣ୍ଣନା ଅନୁସାରେ ଶଙ୍ଖକ୍ଷେତ୍ରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନମାନଙ୍କର ନାମ

୧. ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ
୨. ଶ୍ରୀକ୍ଷେତ୍ରେଶ୍ୱରୀ ବିମଳା
୩. ଶ୍ରୀମହାଲକ୍ଷ୍ମୀ
୪. ଉତ୍ତର ଦୁର୍ଗ
୫. ବାଟମଙ୍ଗଳା
୬. ଗରୁଡ଼ସ୍ତମ୍ଭ
୭. ଭୋଗମଣ୍ଡପ
୮. କଳ୍ପବୃକ୍ଷ
୯. ରୋହିଣୀକୁଣ୍ଡ
୧୦. ବାଟଗଣେଶ
୧୧. ଉଚ୍ଛିଷ୍ଟ ଗଣପତି
୧୨. ଶ୍ରୀସରସ୍ୱତୀ ଦେବୀ
୧୩. ନବଗ୍ରହ
୧୪. କୋଣାର୍କ ସୂର୍ଯ୍ୟଦେବ
୧୫. ପାଦପଦ୍ମ
୧୬. ଯଜ୍ଞବଟ
୧୭. ଅଗ୍ନେଶ୍ୱର
୧୮. ଇନ୍ଦ୍ରାଣିଦେବୀ
୧୯. କ୍ଷେତ୍ରପାଳ
୨୦. ସ୍ନାନ ଭୈରବୀ
୨୧. ମୁକ୍ତେଶ୍ୱରୀ
୨୨. ଛତ୍ରକାଳୀ
୨୩. ବାଟ ମାର୍କେଣ୍ଡେୟ
୨୪. କାତ୍ୟାୟନୀ
୨୫. ଗୋପେଶ୍ୱର
୨୬. ବେଦ କାଳୀ
୨୭. ପାତାଳେଶ୍ୱର
୨୮. ଭୁବନେଶ୍ୱରୀ
୨୯. ବୈକୁଣ୍ଠେଶ୍ୱର
୩୦. ଯାଜ୍ଞ୍ୟଶ୍ୱେରୀ
୩୧. ଈଶାନେଶ୍ୱର
୩୨. ଶୀତଳା ଦେବୀ
୩୩. ପାକଶାଳା
୩୪. ଦକ୍ଷିଣେଶ୍ୱର
୩୫. କୁଣ୍ଡଳେଶ୍ୱର
୩୬. ରାମ ଚୈତନ୍ୟ ମନ୍ଦିର
୩୭. ବରଭୈ ହନୁମାନ
୩୮. ନିର୍ମାଲ୍ୟ ହନୁମାନ
୩୯. ଅଳକା ବାଟିକା
୪୦. ଚକ୍ର ନାରାୟଣ
୪୧. ରାମେଶ୍ୱର
୪୨. ଚତୁର୍ଧାମ
୪୩. କାନପଟା ହନୁମାନ
୪୪. ନିଳାଦ୍ରୀ ବିହାରୀ
୪୫. ବଟେଶ୍ୱର
୪୬. ଶିଆଳି ଲଟା
୪୭. କୋଇଲି ବୈକୁଣ୍ଠ
୪୮. ତପସ୍ୱୀ ହନୁମାନ
୪୯. ସୁବର୍ଣ୍ଣ କୂପ
୫୦. ଆନନ୍ଦ ବଜାର
୫୧. ଦେବସ୍ନାନ ମଣ୍ଡପ
୫୨. ମେଘନାଦ ପାଚେରୀ
୫୩. ସିଂହଦ୍ୱାର (ପୂର୍ବଦ୍ୱାର)
୫୪. ଅରୁଣ ସ୍ତମ୍ଭ
୫୫. ବଡ଼ଛାଟ ମଠ
୫୬. ଛାଉଣି ମଠ
୫୭. ପଜନତା
୫୮. ପ୍ରହରୀ ହନୁମାନ
୫୯. ଦକ୍ଷିଣ ଦ୍ୱାର
୬୦. ଦୁର୍ଗାମାଧବ
୬୧. ମଙ୍ଗଳେଶ୍ୱରୀ
୬୨. ପଶ୍ଚିମ ଦ୍ୱାର
୬୩. ଉତ୍ତର ଦ୍ୱାର
୬୪. ଶ୍ରୀଲୋକନାଥ
୬୫. ରାମେଶ୍ୱର
୬୬. କାନ୍ଦୁ ନୃସିଂହ
୬୭. କାନ୍ଦୁ ଆଶ୍ରମ
୬୮. ନିକୁମ୍ଭିଳାବଟ
୬୯. ହରଚଣ୍ଡୀ
୭୦. ଚାମୁଣ୍ଡେଶ୍ୱରୀ
୭୧. ବନଦୁର୍ଗା
୭୨. ବାସେଲୀ
୭୩. କପାଳମୋଚନ
୭୪. ମଣିକର୍ଣ୍ଣିକା ତୀର୍ଥ
୭୫. ଘାଟମଙ୍ଗଳା
୭୬. ଭଗବତୀ
୭୭. ମାର୍କେଣ୍ଡେଶ୍ୱର
୭୮. ମାର୍କେଣ୍ଡେୟ ତୀର୍ଥ
୭୯. ସପ୍ତମାତୃକା
୮୦. ଅଳମ୍ବା ଦେବୀ
୮୧. ଅଠରନାଥ
୮୨. ମକରଧ୍ୱଜ ହନୁମାନ
୮୩. ଭାର୍ଗବୀ ନଦୀ
୮୪. ମୁକ୍ତାଶ୍ୱର
୮୫. ବାଟମଙ୍ଗଳା
୮୬. କପାଟେଶ୍ୱର
୮୭. ଭିଲ୍ୱେଶ୍ୱର
୮୮. ସିଦ୍ଧ ହନୁମାନ
୮୯. ଇନ୍ଦ୍ରଦ୍ୟୁମ୍ନ ତୀର୍ଥ
୯୦. ନୀଳକଣ୍ଠେଶ୍ୱର
୯୧. ଆଦି ନୃସିଂହ
୯୨. ଗୁଣ୍ଡିଚା ମଣ୍ଡପ
୯୩. ଅର୍ଦ୍ଧ ସୁଶାନି (ମାଉସୀମା)
୯୪. ମାର୍ଚ୍ଚିକା ଦେବୀ
୯୫. ଚର୍ଚ୍ଚିକା ଦେବୀ
୯୬. ଷୋଡ଼ଶ ପୁତ୍ରୀ
୯୭. ନାରାୟଣୀ
୯୮. ଅଙ୍ଗିରାଶ୍ରମ
୯୯. ଅଙ୍ଗିରାବଟ
୧୦୦. ଦକ୍ଷିଣକାଳୀ
୧୦୧. ଉଗ୍ରେଶ ଆଶ୍ରମ
୧୦୨. ଶ୍ୱେତଗଙ୍ଗା
୧୦୩. ମୁକ୍ତିଶୀଳା
୧୦୪. ଆଦିଶଙ୍କର ପୀଠ
୧୦୫. ସ୍ୱର୍ଗଦ୍ୱାର
୧୦୬. ବରାହୀ ଦେବୀ
୧୦୭. ଶ୍ୟାମାକାଳୀ
୧୦୮. ବଟ ହନୁମାନ
୧୦୯. ଚକ୍ରତୀର୍ଥ
୧୧୦. ଚକ୍ର ନାରାୟଣୀ
୧୧୧. ମହୋଦଧୀ ତୀର୍ଥ
୧୧୨. ଜଗନ୍ନାଥ ବଲ୍ଲଭ
୧୧୩. କାଶୀ ବିଶ୍ୱନାଥ
୧୧୪. ବିଶ୍ୱେଶ୍ୱରୀ
୧୧୫. ନରେନ୍ଦ୍ର ସରୋବର



# ଶ୍ରୀଜଗନ୍ନାଥାଷ୍ଟକମ୍

**କଦାଚିତ୍ କାଳିନ୍ଦୀ-ତଟବିପିନ ସଙ୍ଗୀତ କରବୋ**
**ମୁଦାଭୀରୀ-ନାରୀବଦନ-କମଳା ସ୍ୱାଦ-ମଧୁପଃ**
**ରମା-ଶମ୍ଭୁ-ର୍ବ୍ରହ୍ମାସୁରପତି ଗଣେଶାର୍ଚ୍ଚିତପଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୧)**

(ଶ୍ରୀକୃଷ୍ଣ ରୂପରେ ଯମୁନା ତଟର ବନରେ ବଂଶୀବାଦନ,
ଆନନ୍ଦେ କରିଣ ଗୋପୀ-ମୁଖପଦ୍ମୁଁ କରିଅଛ ସୁଧାପାନ ।
ରମା-ଶିବ-ବ୍ରହ୍ମା ବାସବ ଗଣେଶ ପୂଜନ୍ତି ପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ**
**ଦୁକୂଳଂ ନେତ୍ରାନ୍ତେ ସହଚରକଟାକ୍ଷଂ ବି ଦଧତେ**
**ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା-ପରିଚୟୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୨)**

(ବାମ ହସ୍ତେ ବଂଶୀ ଶିରେ ଶିଖିପୁଚ୍ଛ କଟିଦେଶେ ପୀତାମ୍ବର,
ସହଚର ଗଣେ କହୁଥିଲ ପ୍ରଭୁ ସଙ୍କେତରେ ନୟନର ।
ଶ୍ରୀବୃନ୍ଦାବନର ବାସ ଆଉ ଲୀଳା ଅତ୍ୟନ୍ତ ପ୍ରିୟ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ମହାମ୍ଭୋଧେସ୍ତୀରେ କନକ ରୁଚିରେ ନୀଳ ଶିଖରେ**
**ବସନ୍ ପ୍ରାସାଦାନ୍ତେ ସହଜ ବଳଭଦ୍ରେଣ ବଳିନା**
**ସୁଭଦ୍ରା ମଧ୍ୟସ୍ଥଃ ସକଳ ସୁରସେବାବସରଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୩)**

(ମହୋଦଧି ତୀରେ କନକ ବରନ ଶ୍ରୀନୀଳଗିରି-ଶିଖରେ,
ମନ୍ଦିରେ ବସିଛ ମହାବଳୀ ଭ୍ରାତା ବଳଭଦ୍ର ସହିତରେ ।
ମଧ୍ୟରେ ସୁଭଦ୍ରା, ସକଳ ଦେବଙ୍କୁ ଦିଅ ସେବା ଅବସର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**କୃପାପାରାବାରଃ ସକଳଜଳଦ ଶ୍ରେଣୀରୁଚିରୋ**
**ରମାବାଣୀ ରାମଃ ସ୍ଫୁରଦମଳ ପଦ୍ମେକ୍ଷଣ ମୁଖୈଃ**
**ସୁରେନ୍ଦ୍ରୈରାରାଧ୍ୟଃ ଶ୍ରୁତି ଗଣଶିଖା ଗୀତଚରିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୪)**

(କୃପାସିନ୍ଧୁ ପ୍ରଭୁ ସଜଳ ଜଳଦ-ସମ ଶ୍ରୀଅଙ୍ଗର ବର୍ଣ୍ଣ,
ରମା-ବାଣୀ-ରତ ପ୍ରଫୁଲ୍ଲ-କମଳ-ତୁଲ୍ୟ ନୟନ ବଦନ ।
ସୁରେଶାଦି-ବନ୍ଦ୍ୟ ଉପନିଷଦଟି ଘୋଷଇ କୀର୍ତ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ**
**ସ୍ତୁତି ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ**
**ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତୟା**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୫)**







(ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ,
ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ ।
ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ପରଂ ବ୍ରହ୍ମାପୀଡ଼୍ୟଃ କୁବଳୟଦଳୋତ୍ଫୁଲ୍ଲ ନୟନୋ**
**ନିବାସୀ ନୀଳାଦ୍ରୌ ନିହିତ ଚରଣୋ□କ୍ରନ୍ତ ଶିରସି**
**ରସାନନ୍ଦୀରାଧା ସରସବପୁରାଲିଙ୍ଗନସୁଖୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୬)**

(ନିରାକାର ବ୍ରହ୍ମ ହୋଇ ସର୍ବ ପୂଜ୍ୟ ଉତ୍ପଳ ଦଳ ନୟନ,
ନୀଳଗିରି-ବାସୀ ଅନନ୍ତଙ୍କ ଶିରେ ସ୍ଥାପିଛ ପ୍ରଭୁ ଚରଣ ।
ଶ୍ରୀରାଧା ଦେବୀଙ୍କ ପ୍ରେମ ପୂର୍ଣ୍ଣ ତନୁ ଆଲିଙ୍ଗନରେ ବିଭୋର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ନ ବୈ ପ୍ରାର୍ଥ୍ୟ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବମ୍**
**ନ ଯାଚେ□ହଂ ରମ୍ୟାଂ ସକଳ ଜନକାମ୍ୟାଂ ବରବଧୂମ୍**
**ସଦାକାଳେ କାଳେ ପ୍ରମଥ ପତିନା ଗୀତ ଚରିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୭)**



(ମାଗେ ନାହିଁ ପ୍ରଭୁ ରାଜ୍ୟଟି ତୁମ୍ଭଙ୍କୁ ସ୍ୱର୍ଣ୍ଣ ଧନଧାନ୍ୟ ମଣି,
ମାଗେ ନାହିଁ ପ୍ରଭୁ ସର୍ବଜନକାମ୍ୟା ଅତି ସୁନ୍ଦର ରମଣୀ ।
ସଦାବେଳେ ପ୍ରଭୁ ଦେବ ମହେଶ୍ୱର ସ୍ତୁତି କରନ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ**
**ହରତ୍ୱଂ ପାପାନାଂ ବିତତିମପରାଂ ଯାଦବପତେ**
**ଅହୋ ଦୀନନାଥୋ ନିହିତମଚଳଂ ନିଶ୍ଚିତ ପଦମ୍**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୮)**

(ଆହେ ସୁରବର ! ଶୀଘ୍ର ଦୂରକର ମୋର ଅସାର ସଂସାର,
ଆହେ ଯଦୁପତି ହର ମୋ ଝଟିତି ବିରାଟ ପାପର ଭାର ।
ଦୀନ ଅନାଥକୁ ଦେଇଥାଅ ପ୍ରଭୁ ମୋକ୍ଷ ସଂପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ଜଗନ୍ନାଥାଷ୍ଟକଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ଶୁଚିଃ**
**ସର୍ବପାପ ବିଶୁଦ୍ଧାତ୍ମା ବିଷ୍ଣୁଲୋକଂ ସ ଗଚ୍ଛତି ।**
**ଇତିଶ୍ରୀ ଶଙ୍କରାଚାର୍ଯ୍ୟ ପ୍ରଣୀତଂ**
**ଶ୍ରୀଜଗନ୍ନାଥାଷ୍ଟକମ୍ ସମ୍ପୂର୍ଣ୍ଣମ୍ ।**



(ଯେଉଁ ବ୍ୟକ୍ତି ସଂଯତ ଓ ପବିତ୍ର ମନରେ ସର୍ବଦା ଏହି ପୁଣ୍ୟଜନକ ଜଗନ୍ନାଥାଷ୍ଟକମ୍ -
ସ୍ତୋତ୍ର ପାଠ କରନ୍ତି, ସେ ସମସ୍ତ ପାପରୁ ମୁକ୍ତ ହୋଇ ବିଷ୍ଣୁ ଲୋକକୁ ଗମନ କରନ୍ତି ।)

**ଜଗନ୍ନାଥାଷ୍ଟକ ସମାପ୍ତ**

('ଶ୍ରୀଜଗନ୍ନାଥାଷ୍ଟାକ' ଶ୍ରୀ ଶଙ୍କରଚାର୍ଯ୍ୟଙ୍କର ନା ଶ୍ରୀ ଚୈତନ୍ୟଙ୍କର ନା ପଣ୍ଡିତରାଜ ଜଗନ୍ନାଥଙ୍କର ରଚନା ତାହା ଗବେଷଣା ସାପେକ୍ଷ । କିନ୍ତୁ ଏହାର ପଦ୍ୟାନୁବାଦ ସୁନ୍ଦରଭାବେ କରିଛନ୍ତି ଓଡ଼ିଶାର ବିଶିଷ୍ଟ ସଂସ୍କୃତଜ୍ଞ ପ୍ରଫେସର ଡଃ ସଦାଶିବ ପ୍ରହରାଜ । ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ 1994 ରଥଯାତ୍ରା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ଭଜନ ସାର ସଂଗ୍ରହ ନାମରେ ଏକ ପୁସ୍ତକ ସ୍ୱର୍ଗୀୟ ପଣ୍ଡିତ ନୀଳକଣ୍ଠ ମିଶ୍ର ଓ ପ୍ରଫେସର ରାଜକିଶୋର ମିଶ୍ରଙ୍କ ମିଳିତ ସଂପାଦନାରେ ପ୍ରକାଶ ପାଇଥିଲା । ସେହି ପୁସ୍ତକରୁ ଉପରୋକ୍ତ ପଦ୍ୟାନୁବାଦ ଉଦ୍ଧୃତ)

# ସମନ୍ୱୟ ଚେତନା ଓ ଶ୍ରୀଜଗନ୍ନାଥ

ଡଃ ଶରତ ଚନ୍ଦ୍ର ରଥ



ଶ୍ରୀଜଗନ୍ନାଥ କୌଣସି ସଂପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି । ବରଂ ସବୁ ସଂପ୍ରଦାୟ ତାଙ୍କର । ସେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ନୁହନ୍ତି ବରଂ ସମଗ୍ର ବିଶ୍ୱର । ସେ ଏକାଧାରରେ ଏକ ଏବଂ ବହୁ । ଏକ ଦିବ୍ୟ ଚେତନା ସେ ବହୁରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ଆତ୍ମିକ ଚେତନା ରୂପରେ ସେ ସବୁଠାରେ ବିରାଜିତ । ସେ ଧନୀର ଦେବତା ପୁଣି ଗରିବର ଦେବତା, ଜ୍ଞାନୀର ଦେବତା ପୁଣି ନିରକ୍ଷରର ଦେବତା । ସବୁ ଭିତରେ ସେ ରହିଛନ୍ତି ଏବଂ ସବୁଠାରେ ରହି ସେ ଏହି ବିରାଟ ବିଶ୍ୱକୁ ପରିଚାଳନା କରୁଛନ୍ତି । ଯିଏ ତାଙ୍କୁ ଯେପରି ଦେଖିବାକୁ ଚାହାନ୍ତି, ତାଙ୍କୁ ସେ ସେପରି ଦିଶନ୍ତି ।

ଭକ୍ତିରେ ସେ ସୁଲଭ, ଯୁକ୍ତିରେ ନୁହେଁ । ବିଶ୍ୱାସରେ ସେ ସୁଲଭ, ତର୍କରେ ନୁହେଁ । ଭକ୍ତି ଓ ବିଶ୍ୱାସ ମାଧ୍ୟମରେ ତାଙ୍କ କୃପା ମିଳେ ଏବଂ ଏହି କୃପାବଳରେ ଚତୁର୍ବର୍ଗ ଫଳପ୍ରାପ୍ତି ସମ୍ଭବ ହୁଏ । ଭକ୍ତର ଗାଳି ମଧ୍ୟ ସେ ହସି ହସି ଗ୍ରହଣ କରନ୍ତି । ଅହଂକାରୀ ଲୋକ ଅପେକ୍ଷା ଗାଳି ଦେଉଥିବା ଭକ୍ତର ସେ ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି । ଭକ୍ତର ଗାଳି ଓ ଫୁଲମାଳ ତାଙ୍କ ନିକଟରେ ସମାନ ହୋଇଥାଏ । ଭାବକୁ ସେ ଗ୍ରହଣ କରନ୍ତି ବୋଲି ତାଙ୍କ ନାମ ଭାବଗ୍ରାହୀ । ଭାବକୁ ନିକଟ ସେ ଅଭାବକୁ ଦୂର । ଭକ୍ତିରେ ପତ୍ର, ପୁଷ୍ପ, ଫଳ ଓ ଜଳ ଯିଏ ଯାହା ଅର୍ପଣ କରେ, ସେ ତାହା ଆଗ୍ରହରେ ଗ୍ରହଣ କରନ୍ତି । କରମା ବାଈଙ୍କର ଖେଚେଡ଼ି, ସୁଦାମାଙ୍କର ଖୁଦଭଜା ଏବଂ ଦାସିଆଙ୍କର ନଡ଼ିଆ ସେ ଆଗ୍ରହରେ ଗ୍ରହଣ କରିଥିଲେ । କାରଣ ସେଥିରେ ଅହମିକା ନଥିଲା ବରଂ ଥିଲା ଭାବର ଅମୃତସ୍ପର୍ଶ । ସବୁଧର୍ମ ଓ ଦର୍ଶନରେ ନିଜକୁ ଏବଂ ନିଜ ଭିତରେ ସବୁଧର୍ମ ଓ ଦର୍ଶନକୁ ପ୍ରକଟ କରିବାର ଗୌରବରେ ଜଗନ୍ନାଥ ଧର୍ମ ଓ ଦର୍ଶନ ଗୌରବାନ୍ୱିତ ହୋଇ ଅସୀମ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଆସିଛି । ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ଯାହାଙ୍କଠାରେ ସବୁ ସଂପ୍ରଦାୟର ଦେବତା ନିଜକୁ ପ୍ରକାଶ କରିପାରନ୍ତି । ନୀଳାଚଳ କ୍ଷେତ୍ର ସମଗ୍ର ଭାରତ ବର୍ଷରେ ଏକ ମାତ୍ର କ୍ଷେତ୍ର ଯାହାକୁ ମହାମିଳନ ପୀଠ ଭାବରେ ଅଭିହିତ କରାଯାଇପାରେ । ଯେଉଁ ଚେତନା ଯୋଗୁଁ ଏତେ ପ୍ରଶସ୍ତ ଓ ପରିବ୍ୟାପ୍ତ ହୋଇଛି ଜଗନ୍ନାଥ ଚେତନା, ତାହା ହେଉଛି ସମନ୍ୱୟ ଚେତନା । ନିଜକୁ ଅନ୍ୟଠାରେ ଅନ୍ୟକୁ ନିଜଠାରେ ଅନୁଭବ କରିବାର ପ୍ରଶାନ୍ତ ବିଶାଳତା ଏଥିରେ ରହିଛି ବୋଲି ଏହାର ଖ୍ୟାତି ହୋଇଛି ସୁଦୂରପ୍ରସାରୀ । ଜଗନ୍ନାଥ ଦର୍ଶନ କହିଲେ ରତ୍ନସିଂହାସନାସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କର ଓ ଦର୍ଶନକୁ ବୁଝାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକତ୍ର ଅବସ୍ଥିତି, ଆଙ୍ଗିକ ରଙ୍ଗ ଶୋଭା, ସେବାପୂଜା ଇତ୍ୟାଦିରେ ଏହି ସମନ୍ୱୟ ଚେତନା ମୂର୍ତ୍ତିମନ୍ତ ହେଲାପରି ମନେହୁଏ । ଶ୍ରୀଜଗନ୍ନାଥଙ୍କୁ ରାଜା ଭାବରେ ଓ ଜଗନ୍ନାଥ କ୍ଷେତ୍ରକୁ କ୍ଷେତ୍ରରାଜ ଭାବରେ ପରିକଳ୍ପନା କରାଯାଇ କୁହାଯାଏ ।

'ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂସର୍ବ ଦେବାନଂ ରାଜା ଶ୍ରୀପୁରୁଷୋତ୍ତମଃ ।'

କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ ବ୍ୟାବାହାରିକ ଦିଗରୁ ଉକ୍ତ ସମନ୍ୱୟ ବାଦୀ ଚିନ୍ତା ଓ ଚେତନା ଆଜିର ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଛି । ସମନ୍ୱୟ ଆଜିର ବିଶ୍ୱ ସମସ୍ୟାର ସମାଧାନର ଚାବିକାଠି ବୋଲି କହିବା ଯଥାର୍ଥ । ଏହି ଚେତନାକୁ ଜଗନ୍ନାଥ ଦର୍ଶନ ନିରବଚ୍ଛିନ୍ନ ଭାବେ ସମୟରୁ ସମୟକୁ ପ୍ରଚାର କରିଚାଲିଛି । ଆଜି ବିଶ୍ୱ ଜୀବନଧାରାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହାୟତା, ହିଂସା ଓ ଘୃଣା ବିଶ୍ୱଜୀବନକୁ ଶାସନ

କରୁଛି । ଦେଶ ଦେଶ ଭିତରେ ଧର୍ମ ଧର୍ମ ଭିତରେ, ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ଅସହିଷ୍ଣୁତା ମାନବ ଜାତିକୁ ବେଳକୁ ବେଳ ଧ୍ୱଂସମୁଖୀ କରାଉଛି । ମଣିଷର ଗଣତି ସଂଖ୍ୟା ବଢ଼ିଛି ମାତ୍ର ମାନବିକ ମୂଲ୍ୟବୋଧ ଦିନକୁ ଦିନ କମିଯାଉଛି । ପାରମ୍ପରିକ ଏକତା, ଆନ୍ତରିକତା, ସହାନୁଭୂତି କ୍ରମଶଃ ସୁଦୂର ପରାହତ ଓ ବିପର୍ଯ୍ୟସ୍ତ ହୋଇ ବିଶ୍ୱଜୀବନରେ ଘନୀଭୂତ ଗ୍ଲାନି ଓ ମ୍ଳାନିମା ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ନ ହୋଇଛି ତାହା ନୁହେଁ, ମାତ୍ର ସେ ପ୍ରଚେଷ୍ଟା ଦ୍ୱାରା ସମସ୍ୟାର ସମାଧାନ ହୋଇନାହିଁ । ଏ ପ୍ରଚେଷ୍ଟା ରାଜନୀତିର ପରିବର୍ତ୍ତନ, ନୂତନ ଅର୍ଥନୀତିର ଅନୁବର୍ତ୍ତନ, ସମାଜନୀତିର ପ୍ରବର୍ତ୍ତନକୁ ଭିତ୍ତିକରି ସଂଗଠିତ ହୋଇ ଫଳପ୍ରସୂ ହୋଇନାହିଁ । ଭୌତିକ ସମ୍ପତ୍ତିର ସମବଣ୍ଟନ ଗୋଟିଏ ଦେଶରେ ଶାନ୍ତି, ସଂହତି ଓ ଯଥାର୍ଥ ପ୍ରଗତି ଆଣିପାରିବ ନାହିଁ, ଏହା ମଧ୍ୟ କେତେକ ଦେଶରେ ପରୀକ୍ଷିତ ହୋଇ ପ୍ରମାଣିତ ହୋଇସାରିଛି । ସାମାଜିକ ଚଳଣିରେ ଆବଶ୍ୟକୀୟ ପରିବର୍ତ୍ତନ ଆସିଗଲେ ବିଶ୍ୱଶାନ୍ତି ଯେ ଆସିଯିବ ଏପରି ମଧ୍ୟ ନୁହେଁ । ସବୁ ଧର୍ମକୁ ମିଶାଇ ବା ସବୁଧର୍ମରୁ ସାର ସଂଗ୍ରହ କରି ଗୋଟିଏ ଧର୍ମ ପ୍ରବର୍ତ୍ତନ କଲେ ଶାନ୍ତି ଆସିଯିବ ତାହା ଆଶା କରିବା ବୃଥା । ସବୁଭାଷାରୁ କିଛି କିଛି ଶବ୍ଦ ନେଇ ଗୋଟିଏ ଭାଷା ଗଠନ କଲେ ଏବଂ ସେହି ଭାଷାକୁ ପ୍ରଚଳନ କଲେ ବିଶ୍ୱ ଜୀବନରେ ଶାନ୍ତି ଓ ସଂହତି ପ୍ରତିଷ୍ଠିତ ହେବ ନାହିଁ । ସବୁଧର୍ମ ରହିଲେ କିଛି କ୍ଷତି ନାହିଁ, କେବଳ ଧର୍ମ ଧର୍ମ ଭିତରେ ମର୍ଯ୍ୟାଦାବୋଧ ଓ ସହନଶୀଳତା ରହିବା ଆବଶ୍ୟକ । ସବୁଭାଷା, ଚଳଣି, ଦର୍ଶନ ରହିଲେ କିଛି କ୍ଷତି ନାହିଁ, କେବଳ ଭାଷା ଭାଷା ଭିତରେ, ଚଳଣି ଚଳଣି ଭିତରେ, ଦର୍ଶନ ଦର୍ଶନ ଭିତରେ ସହିଷ୍ଣୁତା ରହିବା ଏକାନ୍ତ ଆବଶ୍ୟକ । ଏସବୁ ସମ୍ଭବ ହେବ ଗୋଟିଏ ଚେତନା ଦ୍ୱାରା ତାହା ହେଉଛି ସମନ୍ୱୟ ଚେତନା ଯାହାର ମୂଳଉତ୍ସ ଭାବରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ଭୂମି ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚେତନା ସ୍ତରରେ ସମନ୍ୱୟ ଭାବନା ଆସିଗଲେ ସମଗ୍ର ମାନବ ଜାତିର ସମସ୍ୟା ସୁବିଧାରେ ଓ ସହଜରେ ସମାହିତ ହୋଇଯିବ । ଦୂର ଅତୀତରୁ ଜଗନ୍ନାଥଙ୍କଠାରେ ସମନ୍ୱୟ ଭାବନା ପ୍ରକଟିତ ହୋଇ ଆସୁଛି ଯାହା ଆଜିର ଏକାନ୍ତ ଧ୍ୟେୟ ବୋଲି ଗୃହୀତ ।

ସମନ୍ୱୟ ନୀତି ବଳରେ ଜଗନ୍ନାଥ ଭାରତରେ ପ୍ରଚଳିତ ବହୁ ସଂପ୍ରଦାୟର ଦେବତାଙ୍କର ସୂକ୍ଷ୍ମ ଚେତନାକୁ ନିଜଠାରେ ମୂର୍ତ୍ତ କରିଛନ୍ତି । ଓଡ଼ିଆ ସାହିତ୍ୟର ଆଦିକବି, ଆତ୍ମଜ୍ଞାନୀ କବି ସାରଳା ଦାସ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବୋଲି ପରିକଳ୍ପନା କରିଛନ୍ତି, ତାଙ୍କ ଭାଷାରେ -

‘ପୀତ କୁଙ୍କୁମ  ବରନ ସେହି ବ୍ରହ୍ମମୂର୍ତ୍ତି
ଡାହାଣେ ଶୁକଳ ବର୍ଣ୍ଣ ମହାଦେବ ଜ୍ୟୋତି
ରୂପରେ ତ ଜଗନ୍ନାଥ ବର୍ଣ୍ଣ ଅଟେ କଳା
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ଦେବ ମେଳା ।’

କବି ବଳରାମ ଦାସ ତାଙ୍କ ‘ବେଦାନ୍ତ ସାର ଗୁପ୍ତ ଗୀତା’ ଗ୍ରନ୍ଥରେ ଜଗନ୍ନାଥଙ୍କୁ ସମସ୍ତ ଅବତାରର ସ୍ରଷ୍ଟା ବୋଲି ଅଭିହିତ କରିଛନ୍ତି । ତାଙ୍କ ଭାଷାରେ -

‘ସର୍ବଦା ନୀଳାଦ୍ରିରେ ସ୍ଥିତି, ଏଥୁ ସକଳ ଜାତ ହୋନ୍ତି
ସମସ୍ତ ଅବତାରମାନ ଜାତ ହୋଇଣ ପଶେପୁଣ ।’

ଶ୍ରୀକ୍ଷେତ୍ର ଯେ ସର୍ବ ଶ୍ରେଷ୍ଠ କ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ଯେ ସର୍ବଶ୍ରେଷ୍ଠ ଦେବତା ଏକଥା ବହୁ କବି ଉଦ୍‌ଘୋଷଣା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ନାଭିକମଳରୁ ବ୍ରହ୍ମା ଜାତ ହେଲେ ବୋଲି ମହାଦେବ ଦାସ ସ୍ୱରଚିତ ‘ନୀଳାଦ୍ରି ମହୋଦୟ’ ପୁରାଣରେ ଉଲ୍ଲେଖ କରିଛନ୍ତି । ଭକ୍ତକବି ଦୀନକୃଷ୍ଣ ଦାସ ତାଙ୍କର ରସକଲ୍ଲୋଳ ଗ୍ରନ୍ଥରେ ଜଗନ୍ନାଥଙ୍କୁ ଅବତାରୀ ଭାବରେ ପରିକଳ୍ପନା କରି କହିଛନ୍ତି -

‘କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ ।’

ଚତୁର୍ଦ୍ଧାମୂର୍ତ୍ତି ଯେ ଏକ ବିଷ୍ଣୁଙ୍କର ଚାରିଗୋଟି ରୂପ ଏକଥା ବହୁ ପୁରାଣରେ ଉଲ୍ଲେଖ କରାଯାଇଛି । ବହୁ ପୂର୍ବେ ଭାରତରେ ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ମତାନ୍ତର ଥିଲା । ବ୍ରହ୍ମ ପୁରାଣ ଅନୁସାରେ ପୁରୁଷୋତ୍ତମ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ଭାବରେ ପ୍ରତିଷ୍ଠା ଅର୍ଜନ କରିବାରୁ ଶୈବମାନେ ମର୍ମାହତ ହେବା ଭୟରେ ପ୍ରଳୟ କାଳରେ ମାର୍କଣ୍ଡେୟ ମୁନି ବିଷ୍ଣୁଙ୍କ ପ୍ରାର୍ଥନା କରିବା ଫଳରେ ପ୍ରାର୍ଥନାର ଉତ୍ତର ସ୍ୱରୂପ ଭଗବାନ ମାର୍କଣ୍ଡେୟଙ୍କୁ କହିଥିଲେ ଯେ ନୀଳାଚଳ ଧାମରେ ହରିହର ପୂଜାର ଏକତ୍ର ସମାବେଶ ଘଟିବ । ଫଳରେ ଶ୍ରୀମନ୍ଦିରରେ ଜଗନ୍ନାଥ କୃଷ୍ଣ ରୂପରେ ଓ ବଳଭଦ୍ର ଶିବ ରୂପରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ଜଣାଯାଏ । ପୁନଶ୍ଚ ଏକଥା ମଧ୍ୟ ଜଣାଯାଏ ଯେ ଅତୀତରେ ଶୈବ, ଶାକ୍ତ ଓ ବୈଷ୍ଣବ ସଂପ୍ରଦାୟ ମଧ୍ୟରେ ମତାନ୍ତର ଥିଲା । ଶ୍ରୀକ୍ଷେତ୍ରରେ ଅର୍ଥାତ୍ ଶ୍ରୀମନ୍ଦିରର ରତ୍ନସିଂହାସନରେ ତିନି ସଂପ୍ରଦାୟର ସମନ୍ୱୟ ହେବା ଫଳରେ ସ୍ଥାୟୀ ଭାବରେ ସେଠାରେ ବଳଭଦ୍ର ଶିବ ଭାବରେ, ସୁଭଦ୍ରା ବ୍ରହ୍ମା ରୂପରେ ଓ ଜଗନ୍ନାଥ ବିଷ୍ଣୁ ରୂପରେ ପୂଜା ପାଉଛନ୍ତି । ସୁଦର୍ଶନ ସୂର୍ଯ୍ୟଙ୍କ ପ୍ରତୀକ ଭାବରେ ପରିକଳ୍ପିତ ହୋଇଥିବାରୁ ସୌରମାନଙ୍କର ମତବାଦର ସମନ୍ୱୟ ମଧ୍ୟ ଘଟିଛି ।

କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ପ୍ରଥମେ ଶବର ଦେବତା ନୀଳମାଦବ ଭାବରେ ପୂଜିତ ହେଉଥିଲେ । ବିଦ୍ୟାପତିଙ୍କ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର ସନ୍ଧାନ କରାଇଥିଲେ । ବିଦ୍ୟାପତି ଓ ଲଳିତାଙ୍କର ବିବାହରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟ ଘଟିଥିଲା । ଏହି ସମନ୍ୱୟକୁ ଯଥାମାନ୍ୟ ଦେବା ପାଇଁ ସମନ୍ୱୟର ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବିଦ୍ୟାପତି ଓ ଲଳିତାଙ୍କର ବଂଶଧରଙ୍କୁ ଠାକୁରଙ୍କ ସେବାପୂଜାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଆଯାଇଛି । ସେହି

ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଦାରୁ ରୂପରେ ବାଙ୍କି ମୁହାଣରେ ଆବିର୍ଭୁତ ହେଲେ ଏବଂ ତହିଁରୁ ମୂର୍ତ୍ତିମାନ ଗଠିତ ହେଲା ବୋଲି ଜନଶ୍ରୁତି ରହିଛି । ଅତଏବ ଏକଥା ସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ଆର୍ଯ୍ୟ ଅନାର୍ଯ୍ୟ ଉଭୟ ସଂସ୍କୃତିର ସମନ୍ୱିତ ଭିତ୍ତି ଉପରେ ପ୍ରତିଷ୍ଠିତ ପରିବ୍ୟାପ୍ତ । ଦଇତାପତିମାନେ ନବକଳେବର, ରଥଯାତ୍ରା ଏବଂ ଅଣସର ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସେବା ପୂଜାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ।

ଜଗନ୍ନାଥ ଦାସ ତାଙ୍କର ବଟ ଅବକାଶ ଗ୍ରନ୍ଥରେ ଜଗନ୍ନାଥ ଯେ ସମନ୍ୱୟର ଦେବତା ଏକଥା ଉଲ୍ଲେଖ କରିଛନ୍ତି । ସେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଶିବ, ବିଷ୍ଣୁ ଓ ଦୁର୍ଗା ରୂପରେ ପରିକଳ୍ପନା କରିଛନ୍ତି । ମରହଟ୍ଟା ଯୁଗର ଓଡ଼ିଆ କବି ପୀତାମ୍ବର ଦାସ ସ୍ୱରଚିତ ନୃସିଂହ ପୁରାଣ ଗ୍ରନ୍ଥରେ ଚାରିବୈଷ୍ଣବ ସଂପ୍ରଦାୟର ସମନ୍ୱୟ ଚିତ୍ର ଜଗନ୍ନାଥ ମନ୍ଦିରରେ ଦେଖିପାରିଛନ୍ତି । ଏକ ଜଗନ୍ନାଥଙ୍କ ନିକଟକୁ ଯିବାକୁ ଯେପରି ଚାରିଗୋଟି ଦ୍ୱାରରେ ଚାରିଗୋଟି ମାର୍ଗ, ଏକ ଭଗବତ ସତ୍ତା ନିକଟକୁ ଚାରି ବୈଷ୍ଣବ ସଂପ୍ରଦାୟ ସେପରି ଚାରିଗୋଟି ମାର୍ଗ ବୋଲି ସେ ସୂଚନା ଦେଇ କହିଛନ୍ତି -

‘ଚାରି ସଂପ୍ରଦାୟଙ୍କ ନଥାଇ ହୃଦେଚ୍ଛନ୍ଦ
ନଜାଣିଣ ପାପୀଜନେ କରୁଥାନ୍ତି ଦ୍ୱନ୍ଦ୍ୱ
ଶ୍ରୀବୈକୁଣ୍ଠ ମୋହର ଚାରିଦ୍ୱାର ସରି
ଯେ ଯେଉଁ ଦ୍ୱାରେ ସେବିଲେ ଏକା ନରହରି ।’

ଜଗନ୍ନାଥଙ୍କ ଚକାଡୋଳାରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଅବତାରଣା କରିଛନ୍ତି ପଞ୍ଚସଖା ଯୁଗର ସାହିତ୍ୟ ସାଧକମାନେ । ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଯେ ଅନିର୍ବଚନୀୟ ଏକଥା କେତେକ ପୁରାଣ ପୃଷ୍ଠାରେ ଉପସ୍ଥାପିତ । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ‘ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତଚାପି ସୁଦୁର୍ଲ୍ଲଭମ୍’ ଅର୍ଥାତ୍ ଏ କ୍ଷେତ୍ରର ମାହାତ୍ମ୍ୟ ସହଜରେ ଜଣାଯାଏ ନାହିଁ ।

ତନ୍ତ୍ର ମତବାଦର ପ୍ରଚାର ଓ ପ୍ରସାର ଭାରତରେ ବହୁଳ ଭାବରେ ଦେଖିବାକୁ ମିଳେ । ଜଗନ୍ନାଥଙ୍କଠାରେ ତନ୍ତ୍ରବାଦର ଆରୋପ ମଧ କରାଯାଇଛି । ତନ୍ତ୍ରମତରେ ଜଗନ୍ନାଥଙ୍କୁ ମହାକାଳ ଭୈରବ ରୂପେ ପୂଜା କରାଯାଏ । ‘ହେ ବଜ୍ରତନ୍ତ୍ର’ ଗ୍ରନ୍ଥରୁ ଜଣାଯାଏ ଯେ ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ ।

କୃଷ୍ଣ ରୂପରେ ଜଗନ୍ନାଥଙ୍କୁ ଦେଖିବାର ଧାରା ଓ ପରମ୍ପରା ଓଡ଼ିଶାରେ ତଥା ଭାରତବର୍ଷରେ ବହୁ ପ୍ରାଚୀନ ଓ ପ୍ରତିଷ୍ଠିତ । ଦ୍ୱାଦଶ ଶତାବ୍ଦୀରେ ରଚିତ ଗୀତଗୋବିନ୍ଦ ଗ୍ରନ୍ଥରେ କବି ଜୟଦେବ ଜଗନ୍ନାଥଙ୍କୁ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଭାବରେ ଗ୍ରହଣ କରିଛନ୍ତି ।

ପଞ୍ଚସଖା ସାଧକ ଅଚ୍ୟୁତାନନ୍ଦ ଦାସ ଦଶାକ୍ଷରୀ ମନ୍ତ୍ର ‘ଗୋପୀଜନ ବଲ୍ଲଭାୟ ନମଃ’ ପ୍ରୟୋଗପୂର୍ବକ ଘୋଷଣା କଲେ ଯେ ଜଗନ୍ନାଥ ହିଁ ଶ୍ରୀକୃଷ୍ଣ । ଏବେ ମଧ ଗୋପୀଜନ ବଲ୍ଲଭାୟ ଶବ୍ଦ ତାଙ୍କ ପୂଜାମନ୍ତ୍ରରେ ବ୍ୟବହୃତ ହେଉଛି । ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ରାୟରାମାନନ୍ଦ କହିଲେ ଯେ ଜଗନ୍ନାଥ ହେଉଛନ୍ତି କୃଷ୍ଣ । ହରେ ରାମକୃଷ୍ଣ ମନ୍ତ୍ରସ୍ଥ ରାମ ଶବ୍ଦ ରାଧା ଭାବ ଓ କୃଷ୍ଣ ଭାବର ସମନ୍ୱିତ ଭାବର ଦ୍ୟୋତକ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଜଗନ୍ନାଥଙ୍କୁ ରାମ ଉପାସକ ଭକ୍ତମାନେ ରାମ ଭାବରେ ଗ୍ରହଣ କରିଥାନ୍ତି । ରାମ, ଲକ୍ଷ୍ମଣ, ସୀତାଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କଠାରେ ସେମାନେ ଦର୍ଶନ କରିଥାନ୍ତି । ସନ୍ଥ ତୁଳସୀ ଦାସ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କୁ ଦେଖି ରାମ, ଲକ୍ଷ୍ମଣ, ସୀତା ଭାବରେ ଗ୍ରହଣ କରି ଅଭିଭୂତ ହୋଇ ପଡ଼ିଥିଲେ । ପୌଷ ପୂର୍ଣ୍ଣିମା ତିଥିରେ ପୁଷ୍ୟାଭିଷେକ ଯାତ୍ରା ଅବକାଶରେ ତ୍ରିମୂର୍ତ୍ତି ଏବେ ମଧ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରୁଛନ୍ତି । ବଳରାମ ଦାସ, ଶ୍ରୀଜଗନ୍ନାଥଙ୍କୁ ରାମଚନ୍ଦ୍ର ଭାବରେ ପରିକଳ୍ପନା କରିଛନ୍ତି । ଏବେ ମଧ ମିଥିଳା ଓ ଅଯୋଧାରୁ ଆସୁଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଅଯୋଧା ପୁରୀ ଓ ଗୁଣ୍ଡିଚାବାଡ଼ିକୁ ଜନକ ପୁରୀ ରୂପରେ ବିଚାର କରିଥାନ୍ତି ।

ବୌଦ୍ଧ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଦେଖି ତାଙ୍କଠାରେ ବୁଦ୍ଧତ୍ୱ ଆରୋପ କରିଥାନ୍ତି, ଜଗନ୍ନାଥଙ୍କ ନାଭିକମଳରେ ବୁଦ୍ଧ ଦେବଙ୍କ ଦାନ୍ତ ରହିଛି ବୋଲି ଜନଶ୍ରୁତି ରହିଛି । ବୌଦ୍ଧମାନେ ତ୍ରିମୂର୍ତ୍ତିକୁ ବୁଦ୍ଧ, ସଂଘ ଓ ଧର୍ମର ପ୍ରତୀକ ରୂପରେ ଗ୍ରହଣ କରନ୍ତି । ବର୍ଷାରମ୍ଭ ପରେ ବୁଦ୍ଧ ମୂର୍ତ୍ତି ରଥରେ ବସି ପରିକ୍ରମା କରିବାର ପ୍ରଥାରୁ ବର୍ଷା କାଳରେ ହେଉଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୃଷ୍ଟି ବୋଲି କେତେକ ଆଲୋଚକ ମତ ଦିଅନ୍ତି । ପୁରୀ ଶବ୍ଦ ଦନ୍ତପୁରୀ ଶବ୍ଦରୁ ଆସିଛି ବୋଲି ମଧ କୁହାଯାଏ । ଓଡ଼ିଆ ସାହିତ୍ୟର ଆଦିକବି ଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ପରିକଳ୍ପନା କରି ସ୍ୱରଚିତ ମହାଭାରତ ଗ୍ରନ୍ଥର ବିରାଟ ପର୍ବରେ କହିଛନ୍ତି -

‘ମହୋଦଧି ତୀରେ ବଡ଼ ଦେଉଳରେ ବସି
ଦରିଦ୍ରମାନଙ୍କ ଦୁଃଖ ଦେଉ ଅଛ ଧ୍ୱଂସି
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ଉଦ୍ଧାର ।’

ଜୈନମାନେ ଜଗନ୍ନାଥଙ୍କୁ ନିଜର ଦେବତା ଜ୍ଞାନ କରନ୍ତି । ସେମାନଙ୍କ ବିଚାରରେ ଜୀନନାଥ ଶବ୍ଦରୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି । ଜୈନ ସାଧକମାନଙ୍କୁ କେବଳୀ କୁହାଯାଏ । କେବଳୀ ଶବ୍ଦରୁ ଜଗନ୍ନାଥଙ୍କର କୈବଲ୍ୟ ଶବ୍ଦ ସୃଷ୍ଟି ହୋଇଛି ବୋଲି କେତେକ ଆଲୋଚକ ମତ ଦିଅନ୍ତି ।

ଶ୍ରୀଜଗନ୍ନାଥଙ୍କ ସେବକ ସଂପ୍ରଦାୟକୁ ବିଚାର କଲେ ଜଣାଯାଏ ଯେ ଜଗନ୍ନାଥଙ୍କ ସେବାପୂଜା ବହୁ ସଂପ୍ରଦାୟର ସମନ୍ୱୟରେ ହିଁ ସମାହିତ

ହୁଏ । ଜନଶ୍ରୁତି ଅଛି ଯେ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସେବାରେ ଛତିଶ ପ୍ରକାର ସେବକ ଅଛନ୍ତି । କିନ୍ତୁ ପ୍ରକୃତରେ ସେବକ ସଂପ୍ରଦାୟର ସଂଖ୍ୟା ଛତିଶରୁ ଅଧିକ । ୧୮୦୭ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଗ୍ରୋମ ସାହେବ ଯେଉଁ ରିପୋର୍ଟ ଦାଖଲ କରିଥିଲେ, ସେଥିରେ ସେବକ ସଂପ୍ରଦାୟର ସଂଖ୍ୟା ୨୫୦ ଥିବାର ଜଣାଯାଏ । ଗଜପତି ମହାରାଜା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ । ମନ୍ଦିରରେ ତାଙ୍କ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରଥଯାତ୍ରା ବେଳେ ରଥରେ ଛେରା ପହଁରା କାର୍ଯ୍ୟ ତାଙ୍କର ଅତି ମହତ୍ୱପୂର୍ଣ୍ଣ । ତାଙ୍କ ବ୍ୟତୀତ ଅନ୍ୟାନ୍ୟ ସେବକମାନଙ୍କ ମଧ୍ୟରେ ମୁଦିରଥ ରାଜାଙ୍କ ଅନିବାର୍ଯ୍ୟ କାରଣ ଜନିତ ଅନୁପସ୍ଥିତିରେ ରଥରେ ଛେରାପହଁରା କାର୍ଯ୍ୟ କରିଥାନ୍ତି । ଏହାବ୍ୟତୀତ ପ୍ରତିଦିନର ନୀତିଗତି ଭିତରେ ଭିତର ଛୋ ମହାପାତ୍ର ଦ୍ୱାର ଫିଟାନୀତି କରନ୍ତି, ସର୍ବପ୍ରଥମେ ମନ୍ଦିର ପ୍ରବେଶ କରି ଶାଢ଼ୀ ବନ୍ଧା ନୀତି କରିବା ସହିତ ଅମୁଣିଆ ପରୀକ୍ଷା କରି ଦେଖନ୍ତି । ତଳିଛୋ ମହାପାତ୍ରଙ୍କର ରୋଷ ଉପରେ କର୍ତ୍ତୃତ୍ୱ ଅଧିକ ଥାଏ । ଭଣ୍ଡାରମେକାପ ସଂପ୍ରଦାୟ ସଂହାସନାସୀନ ଦେବତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅଳଙ୍କାରାଦି ବସ୍ତୁ ଭଣ୍ଡାର ଘରୁ ବାହାର କରିଥାନ୍ତି । ପୂଜକ, ପୂଜାପଣ୍ଡା ଓ ବଡ଼ପଣ୍ଡା ପୂଜା କରିବାର ଦାୟିତ୍ୱ ନେଇଥାନ୍ତି । ସିଂହାରୀ ଓ ପଶୁପାଳକ ଠାକୁରମାନଙ୍କୁ ବେଶ କରି ଦିଅନ୍ତି ଓ ଫୁଲ ଲାଗି କରନ୍ତି । ଗରାବଡୁ ଯୋଗାନ୍ତି ପୂଜା ଅବସରରେ ଜଳ । ପତ୍ର ବଡୁ ଦିଅନ୍ତି ପୂଜାର ଅନ୍ୟାନ୍ୟ ଉପକରଣ । ଶଙ୍ଖୁଆ ବଜାନ୍ତି ଶଙ୍ଖ, ମାଦେଳୀ ବଜାନ୍ତି ମାଦଳ । କାହାଳିଆ ବିଜେ କାହାଳୀ ବଜାଇ ପରିବେଶରେ ଆନନ୍ଦ ଓ ତଲ୍ଲୀନଭାବ ଭରି ଦିଅନ୍ତି । ବୀଣାକାର ଠାକୁରଙ୍କ ପହଡ଼ ପୂର୍ବରୁ ବୀଣା ବଜାନ୍ତି । ଦଇତାମାନେ ନବକଳେବର, ରଥଯାତ୍ରା ଓ ଅଣସର ବେଳେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରନ୍ତି ଜଗନ୍ନାଥଙ୍କ ସେବା କାର୍ଯ୍ୟରେ । ପାଣିଆପଟ ଦିନସାରା ମନ୍ଦିରରେ ଆବଶ୍ୟକୀୟ ପାଣି ଯୋଗାନ୍ତି । ବଳିତା ସେବକ ଦିଅନ୍ତି ବଳିତା, ମାଳିଆ ସୁଆସିଆଁ ଯୋଗାନ୍ତି କାଠର ପିଢ଼ା । ଘଟୁଆରୀ ଦୈନିକ ନୀତି ନିମନ୍ତେ ଅଁଳା, ଚନ୍ଦନ ଓ ମହାଦୀପ ଯୋଗାଇଥାନ୍ତି । ରଥ ଭୋଇ ରଥ କାର୍ଯ୍ୟ କରିଥାନ୍ତି । ଚିତ୍ରକାର ଓ ରୂପକାରମାନେ ରଥପାଇଁ ନିର୍ମାଣ କରିଥାନ୍ତି ପ୍ରତିମା ଓ ପ୍ରତିମାର କେତେକ ଚିତ୍ର । ଅଣସର ବେଳେ ଠାକୁରଙ୍କୁ ପାଚନ ଦେଇଥାନ୍ତି ବୈଦ୍ୟ । ଏହାଛଡ଼ା ଆହୁରି ଅନେକ ସେବକ ସଂପ୍ରଦାୟ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ନିଯୁକ୍ତ ହୋଇଥାନ୍ତି । ସମସ୍ତଙ୍କର ସହଯୋଗରେ ଠାକୁରଙ୍କ ସେବା କାର୍ଯ୍ୟ ସମାହିତ ହୁଏ । ବିଭିନ୍ନ ସଂପ୍ରଦାୟର କାର୍ଯ୍ୟ ଦକ୍ଷତାର ସମନ୍ୱୟରେ ପ୍ରଭୁଙ୍କ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୁଏ ।

ଶ୍ରୀଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଅନାର୍ଯ୍ୟ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ସମ୍ୟକ ସମନ୍ୱୟ ଦେଖାଯାଏ । ଏହି ସମନ୍ୱୟ ଚେତନା ଯୋଗୁଁ ଯୁଗେ ଯୁଗେ ବହୁ ଗବେଷକ, ସାଧକ, ଭକ୍ତ, ଦାର୍ଶନିକ ଓ ପରିବ୍ରାଜକ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ମତକୁ ଆଶ୍ରୟ କରିଥିବା ବିଶିଷ୍ଟ ଦେବତା । ଏହି ପରିପ୍ରେକ୍ଷୀରେ ଦ୍ୱାଦଶ ଶତାବ୍ଦୀର କବି ଉଦୟନାଚାର୍ଯ୍ୟଙ୍କ ଉକ୍ତି ସ୍ମରଣକୁ ଆସେ -

'ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନଃ
ବୌଦ୍ଧଃ ବୁଦ୍ଧି ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନ ଶାସନ ରତାଃ କର୍ମେତି ମୀମାଂସକାଃ
ସୋ[illegible]ଂ ବଃ ବିଦ୍ଧାତୁ ବାଞ୍ଛିତ ଫଳଂ ତ୍ରୈଲୋକ୍ୟ ନାଥ ହରିଃ ।'

ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ଼, ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଶିଖ ପ୍ରଭୃତି ବହୁ ଦର୍ଶନରେ ପରିପୁଷ୍ଟ ହୋଇଛି ଜଗନ୍ନାଥ ଦର୍ଶନ । ସମନ୍ୱୟ ଚେତନା ବଳରେ ଏହା ସମ୍ଭବ ହୋଇଛି । ଶବର ବିଶ୍ୱାବସୁ, ବୈଷ୍ଣବ ଇନ୍ଦ୍ରଦ୍ୟୁମ୍ନ ବୌଦ୍ଧ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ସନକ ସଂପ୍ରଦାୟର ନିମ୍ବାର୍କଚାର୍ଯ୍ୟ, ଶୁଦ୍ଧ ଭକ୍ତିବାଦୀ ଶ୍ରୀଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଶିଖ ଗୁରୁନାନକ, ଯବନ ହରିଦାସ, ମହାପୁରୁଷ କବୀର, ଗାଣପତ୍ୟ ଗଣପତିଭଟ୍ଟ, ରାମ ପ୍ରେମୀ ସନ୍ଥ ତୁଳସୀ ଦାସ ଇତ୍ୟାଦି ବିଶିଷ୍ଟ ଆଚାର୍ଯ୍ୟଗଣ ଜଗନ୍ନାଥଙ୍କୁ ନିଜ ନିଜ ଦର୍ଶନର କଷଟି ପଥରରେ କଷି ଶେଷରେ ଆପଣାର କରି ନେଇଛନ୍ତି । ବୌଦ୍ଧମାନଙ୍କ ପାଇଁ ସେ ବୁଦ୍ଧ, ଜୈନମାନଙ୍କ ଜୀନଦେବ, ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ, ଶୈବମାନଙ୍କ ପାଇଁ ପରମ ଶିବ, ଶାକ୍ତମାନଙ୍କ ପାଇଁ ଦକ୍ଷିଣ କାଳିକା, ସୌରମାନଙ୍କ ପାଇଁ ସୂର୍ଯ୍ୟ, ଗାଣପତ୍ୟମାନଙ୍କ ପାଇଁ ଗଣପତି ରୂପରେ ଆତ୍ମପ୍ରକାଶ କରିଛନ୍ତି । ଜଗନ୍ନାଥ ସଂସ୍କୃତି କୌଣସି ସୀମାରେ ଆବଦ୍ଧ ନୁହେଁ ବରଂ ଆକାଶ ପରି ତାହା ପରିବ୍ୟାପ୍ତ ଓ ସାଗର ପରି ଗଭୀର । ନଦୀଗୁଡ଼ିକ ଆସି ସମୁଦ୍ରରେ ମିଶିଲାପରି ଜଗନ୍ନାଥ ସଂସ୍କୃତିରେ ସବୁ ସଂସ୍କୃତି ଆସି ସମନ୍ୱିତ ହୋଇଛନ୍ତି । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଗଠନରେ ଶବର ପ୍ରଭାବ, ଉପାସନା ପଦ୍ଧତିରେ ଦ୍ରାବିଡ଼ ପ୍ରଭାବ, ପର୍ବପର୍ବାଣି ତଥା ଯାତ୍ରାନୁଷ୍ଠାନମାନଙ୍କରେ ପୁରାଣର ପ୍ରଭାବ ପରିଲକ୍ଷିତ ହୁଏ । ପୂଜାମନ୍ତ୍ରରେ ପ୍ରୟୋଗ ଓଁକୁ ବୈଦିକ ସଂସ୍କୃତିର ଚିହ୍ନ ଭାବରେ ଓ କ୍ଳୀଂ, ହ୍ରୀଂ, ଶ୍ରୀଂକୁ ତାନ୍ତ୍ରିକ ସଂସ୍କୃତିର ଚିହ୍ନ ଭାବରେ ଗ୍ରହଣ କରାଯାଏ । ଜଗନ୍ନାଥ ଦର୍ଶନରେ ସର୍ବତ୍ର ସମନ୍ୱୟ ହିଁ ଲକ୍ଷ୍ୟଣୀୟ । ମନେହୁଏ ଜଗନ୍ନାଥ ଚେତନା ଯେପରି ବିଶ୍ୱବ୍ୟାପ୍ତ ସମନ୍ୱୟ ଚେତନାର ସାର୍ଥକ ପ୍ରତିନିଧି ଓ ସୁରମ୍ୟ ପ୍ରତୀକ ।

ଶବରର ମେଣ୍ଢା ମୁଣ୍ଡିଆ ଖେଚେଡ଼ି ଅର୍ପଣ, ଜୈନର କୈବଲ୍ୟ, ଶୈବର ନିର୍ମାଲ୍ୟ, ଶାକ୍ତର ପଞ୍ଚମକାର ବ୍ରାହ୍ମଣର ମୁଦ୍ରାମଣ୍ଡଳ ମନ୍ତ୍ରପାଠ ସବୁ ମିଶି ଏକ ମର୍ଯ୍ୟାଦା ଆଣି ଦେଇଛି ଜଗନ୍ନାଥଙ୍କର ଉପାସନା ଧାରାକୁ । ଶ୍ରୀଜଗନ୍ନାଥ ବେଶଭୂଷା, ଅଳଙ୍କାର ପରିଧାନ, ଖାଦ୍ୟ ବ୍ୟବସ୍ଥା, ପର୍ବପର୍ବାଣି ଇତ୍ୟାଦିକୁ ଅନୁଧ୍ୟାନ କଲେ ସେ ଯେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ସଂପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି ଏହା ସହଜରେ

ଜଣାପଡ଼େ । ସେ ବହୁ ସଂପ୍ରଦାୟର ସମନ୍ୱିତ ଚେତନାର ପ୍ରତୀକ ହୋଇ ରହିଛନ୍ତି ନୀଳାଚଳ ଧାମରେ ଭକ୍ତ ଜନତାର କଲ୍ୟାଣ ନିମନ୍ତେ ଏଥିରେ ସନ୍ଦେହ ନାହିଁ । ବିଶ୍ୱ ପରିବାର ଗଠନ ନିମନ୍ତେ ସମନ୍ୱୟର ଯେଉଁ ଉପାଦାନ ଜଗନ୍ନାଥ ଚେତନାରେ ରହିଛି ତାହାର ପଟ୍ଟାନ୍ତର ନାହିଁ । ସମଗ୍ର ମାନବ ଜାତିର ଦେହର ରଙ୍ଗକୁ ଦୃଷ୍ଟିରେ ରଖି ଚତୁର୍ଦ୍ଧାମୂର୍ତ୍ତିଙ୍କର ବର୍ଣ୍ଣ ଯୋଜନା ହେଲାପରି ମନେହୁଏ । ଭାରତ, ଆଫ୍ରିକା, ଗ୍ରୀସ୍ ଓ ତୁର୍କି ଆଦି ସ୍ଥାନମାନଙ୍କର ଅଧିବାସୀମାନଙ୍କ ପରି ଶ୍ରୀଜଗନ୍ନାଥ ହୋଇଛନ୍ତି କୃଷ୍ଣବର୍ଣ୍ଣା । ୟୁରୋପ, ଆମେରିକାର ଅଧିବାସୀଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ବଳଭଦ୍ରଙ୍କର ବର୍ଣ୍ଣ, ଚୀନା ଓ ମଙ୍ଗୋଲିୟମାନଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ସୁଭଦ୍ରାଙ୍କ ବର୍ଣ୍ଣ । ଲୋହିତ ଭାରତୀୟଙ୍କ ପରି ସୁଦର୍ଶନ ଲୋହିତ ରଙ୍ଗରେ ରଞ୍ଜିତ ହୋଇ ଶୋଭା ପାଉଛନ୍ତି । ସମନ୍ୱୟର ଅନ୍ୟ ଏକ ପ୍ରମାଣ ଭାବରେ ବର୍ଣ୍ଣ ଯୋଜନାକୁ ଗ୍ରହଣ କରାଯାଇପାରେ ।

ଅସ୍ପୃଶ୍ୟତାକୁ ସାମାଜିକ କଳଙ୍କ କହି ତା'ର ଦୂରୀକରଣ ନିମନ୍ତେ ବହୁ ପ୍ରଚେଷ୍ଟା ଏବେ କରାଯାଉଥିବା ବେଳେ ବହୁପୂର୍ବରୁ ଜଗନ୍ନାଥ ସଂସ୍କୃତିରେ ଏଥିନିମନ୍ତେ ନିଆଯାଇଥିବା ପଦକ୍ଷେପ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରେ । ଶ୍ରୀୟା ଚାଣ୍ଡାଳୁଣୀ ଘରେ ମହାଲକ୍ଷ୍ମୀ ପ୍ରବେଶ କରିବା ଦ୍ୱାରା ଅସ୍ପୃଶ୍ୟତା ନିବାରଣ ନିମିତ୍ତ ଦୃଢ଼ ପଦକ୍ଷେପ ଜଗନ୍ନାଥ ସଂସ୍କୃତିରେ ଗ୍ରହଣ କରାଯାଇଛି । ଜଗନ୍ନାଥ ତ ଭାବଗ୍ରାହୀ ଭାବରେ ସେ ବନ୍ଧା । ଭକ୍ତର ଆଡମ୍ବର, ବଂଶ ମର୍ଯ୍ୟାଦା ଉପରେ ସେ ଗୁରୁତ୍ୱ ନଦେଇ ହୃଦୟର ଭାବ ଉପରେ ଗୁରୁତ୍ୱ ଦେଇଥାନ୍ତି । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଭେଦ ତାଙ୍କ ପାଖରେ ନାହିଁ । ସାତଶ ପଞ୍ଚାଶ କୋଶ ଦୂରରୁ ଭକ୍ତର ହୃଦୟର ଡାକ ସେ ଶୁଣି ପାରି ରଥକୁ ଟିକିଏ ଅଟକାଇ ଦେଇଥିଲେ ବଡ଼ଦାଣ୍ଡରେ । ସାଲବେଗଙ୍କର ସଂଗୀତ ପ୍ରଭୁଙ୍କ ପାଇଁ ଯେତିକି ଆକର୍ଷଣୀୟ ଦାସିଆ ବାଉରୀର ନଡ଼ିଆ ତାଙ୍କ ପାଇଁ ସେତିକି ଲୋଭନୀୟ । ମାଦଳାପାଞ୍ଜିର ରାଜଭୋଗ ବର୍ଣ୍ଣନା ଅନୁସାରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ତାଙ୍କ ନାଏବ ନାଜିମ ସୁଜା ଖାଁଙ୍କ କନ୍ୟାକୁ ବିବାହ କରି ମୁସଲମାନ ଧର୍ମୀ ହେବାରୁ ଶ୍ରୀଜଗନ୍ନାଥ ତାଙ୍କ ପାଇଁ ସିଂହଦ୍ୱାର ଗୁମୁଟ ଭିତରେ ପତିତପାବନ ରୂପରେ ଆବିର୍ଭୂତ ହୋଇଥିଲେ । ଯବନ ହରିଦାସଙ୍କ ହୃଦୟରେ ଥିଲା ଜଗନ୍ନାଥଙ୍କ ନିମନ୍ତେ ସୀମାହୀନ ଭକ୍ତିଭାବ ।

ବିଭିନ୍ନ ଦିଗରୁ ବିଚାର କଲେ ଏହା ସ୍ପଷ୍ଟ ପ୍ରମାଣିତ ଯେ ଜଗନ୍ନାଥ ଚେତନା ହିଁ ସମନ୍ୱିତ ଚେତନା ଯାହାର କଳନା ତୁଳନା ନାହିଁ । ଏହି ଚେତନାର ଧାର୍ମିକ ମୂଲ୍ୟବୋଧ ଯେପରି ରହିଛି ସାମାଜିକ କ୍ଷେତ୍ରରେ ବ୍ୟବହାରିକ ମୂଲ୍ୟବୋଧ ମଧ୍ୟ ସେପରି ରହିଛି । ବିଶ୍ୱଜୀବନର ବହୁ ସମସ୍ୟା ସମାଧାନ ନିମନ୍ତେ ଜଗନ୍ନାଥ ଚେତନା ଓ ଧର୍ମଦର୍ଶନ ଯେ ଦିଗ୍‌ଦର୍ଶନ ଦେଇପାରିବ ଏଥିରେ ସନ୍ଦେହ ନାହିଁ । ଆଜି ଏଇ ଅବକାଶରେ ସେହି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଚରଣରେ ସହସ୍ର ପ୍ରଣାମ ଜଣାଉଛି ।

'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ
ଜଗଦାନନ୍ଦ କନ୍ଦାୟ ପ୍ରଣତାର୍ତ୍ତି ହରାୟଚ
ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ ।'

ଜୟ ଜଗନ୍ନାଥ

ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର



# ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର



ପୁରୁଷୋତ୍ତମ ଜଗନ୍ନାଥଙ୍କ ସ୍ୱରୂପ ଅଚିନ୍ତ୍ୟ, ଅବ୍ୟକ୍ତ ଓ ରହସ୍ୟମୟ । ଜ୍ଞାନୀ, ଭକ୍ତ, ତତ୍ତ୍ୱଦର୍ଶୀ, ଗବେଷକ, ପଣ୍ଡିତ ଓ ଦାର୍ଶନିକବୃନ୍ଦ ତାଙ୍କୁ ଅନନ୍ତ, ଅକ୍ଷୟ, ଅବ୍ୟୟ, ଅବିନଶ୍ୱର, ସର୍ବାନ୍ତର୍ଯ୍ୟାମୀ, କ୍ଷରଅକ୍ଷର, ସାକାର ନିରାକାର ଓ ସଗୁଣ ନିର୍ଗୁଣ ଦାରୁବ୍ରହ୍ମ ରୂପରେ ଚିତ୍ରଣ କରିଛନ୍ତି । ତତ୍ତ୍ୱତଃ ସେ ଅଖିଳ ବିଶ୍ୱର ସର୍ବନିୟନ୍ତା ହେଲେହେଁ ତାଙ୍କ ଶ୍ରୀବିଗ୍ରହ ନଶ୍ୱର କ୍ଷୟଶୀଳ ଦାରୁରେ ନିର୍ମିତ । ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳରେ ସେ ଦିବ୍ୟଲୀଳା ସଂରଚନା ପୂର୍ବକ ବିଶ୍ୱର ସର୍ବପ୍ରାଚୀନ ଦେବତା ସ୍ୱରୂପରେ ମହିମାବନ୍ତ । ତାଙ୍କ ନିତ୍ୟନୈମିତ୍ତିକ ପୂଜାବିଧାନ, ପର୍ବପର୍ବାଣି, ଯାନିଯାତ୍ରା ଲୌକିକ ହୋଇ ମଧ ଦିବ୍ୟ, ଅନନ୍ୟ ଓ ଅସାଧାରଣ । ତାଙ୍କ ରୂପ, ଲୀଳା, ଧାମ, ତତ୍ତ୍ୱ ଓ ଦର୍ଶନରେ ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ଭରି ରହିଛି । ପୁରୁଷୋତ୍ତମ ଜଗନ୍ନାଥଙ୍କ ଏହି ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟକୁ ଉଦ୍‌ଘାଟନ କରିବାକୁ ଯୁଗ ଯୁଗ ଧରି ଅଗଣିତ ସାଧୁ, ସନ୍ଥ, ମହାତ୍ମା, ଶୂରୀ, ସାଧକ, ଗବେଷକ, ତତ୍ତ୍ୱାନୁସନ୍ଧାନୀ, ସମାଲୋଚକ ତଥା ଗୁଣଜ୍ଞ ବିଦ୍ୱାନ୍ ପ୍ରୟାସ କରିଥିଲେ ହେଁ ଅଦ୍ୟାବଧି ତାଙ୍କ ମୌଳିକତା ଦୁର୍ବୋଧ ଓ ରହସ୍ୟାଚ୍ଛନ୍ନ । ଭିନ୍ନ ଭିନ୍ନ ତଥ୍ୟାଭିଜ୍ଞ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ମୂଳତଃ ଶାବର, ବୈଦିକ, ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ବିବେଚନା ପୂର୍ବକ ଅନେକ ଅନାଲୋଚିତ ତଥ୍ୟ ପରିବେଷଣ କରିଯାଇଛନ୍ତି, ତଥାପି ଗବେଷଣାର ଅନ୍ତ ହୋଇନାହିଁ । ସକଳ ଦାର୍ଶନିକ ଓ ତାତ୍ତ୍ୱିକ ବିଶ୍ଳେଷଣ ସତ୍ତ୍ୱେ ସେ ଅଧିକରୁ ଅଧିକ ରହସ୍ୟମୟ ହୋଇଯାଇଛନ୍ତି । ସତେ ଯେପରି ବିଶ୍ୱ ସମ୍ବିଧାନର ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥ ଅସରନ୍ତି ରହସ୍ୟର ଗନ୍ତାଘର । ଯଥାର୍ଥରେ କୁହାଯାଇଛି -

'ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବାଃ ନଜାନନ୍ତି କୁତଃ ମନୁଷ୍ୟାଃ ।'

ପୁରୁଷୋତ୍ତମ ଜଗନ୍ନାଥଙ୍କ ମୂଳସ୍ୱରୂପ ଅନୁସନ୍ଧାନୀଙ୍କ ମଧ୍ୟରୁ ଯେଉଁ ବିଶିଷ୍ଟ ବିଦ୍ୱାନବୃନ୍ଦ ଗବେଷଣା ମାଧ୍ୟମରେ ତାଙ୍କୁ ବୌଦ୍ଧ ଦେବତା ସ୍ୱରୂପରେ ବିବେଚନା କରିଛନ୍ତି, ସେମାନେ ହେଉଛନ୍ତି ଜେନେରାଲ କନିଂହୋମ, ପ୍ରଫେସର ଉଇଲ୍‌ସନ, ଡକ୍ଟର ହରେକୃଷ୍ଣ ମହତାବ, ଜେମସ୍ ଫର୍ଗୁସନ, ଲୁଇସ୍ ରୋଜ୍‌ଭିଟ୍ ଏବଂ ଏନ୍.ଏନ୍. ବୋଷ ପ୍ରଭୃତି । ସେମାନଙ୍କ ମତରେ ବୌଦ୍ଧଧର୍ମର ତ୍ରିରତ୍ନ ଅର୍ଥାତ୍ ବୁଦ୍ଧ, ଧର୍ମ ଓ ସଂଘର ପ୍ରତୀକ ହେଉଛନ୍ତି ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର । ଏହିସବୁ ଗବେଷକବୃନ୍ଦଙ୍କ ସିଦ୍ଧାନ୍ତକୁ ଡକ୍ଟର ହରେକୃଷ୍ଣ ମହତାବ ସ୍ୱରଚିତ ଓଡ଼ିଶା ଇତିହାସରେ ପ୍ରାଞ୍ଜଳ ଭାବରେ ବାଇଶି ଗୋଟି ଚିତ୍ର ମାଧ୍ୟମରେ ଉପସ୍ଥାପନା କରିଛନ୍ତି । (୧) ଡକ୍ଟର ମହତାବ ଏହି ପରିଚ୍ଛେଦରେ ସମସ୍ତ ବୌଦ୍ଧ ମତବାଦୀ ଗବେଷକଙ୍କର ଉକ୍ତିକୁ ବିସ୍ତୃତ ଓ ବ୍ୟାପକ ଭାବରେ ଆଲୋଚନା କରିଛନ୍ତି । ସେ ଯେଉଁ ତିନି ଗୋଟି ମୁଖ୍ୟ ପ୍ରସଙ୍ଗ ବର୍ଣ୍ଣନା ପୂର୍ବକ ବୌଦ୍ଧ ମତବାଦକୁ ବିଶ୍ୱାସ କରିଛନ୍ତି, ତାହା ହେଉଛି ଶ୍ରୀଜଗନ୍ନାଥଙ୍କ ନାମ, ମୂର୍ତ୍ତି ଓ ଦେବୀ ସୁଭଦ୍ରାଙ୍କ ସମାବେଶ, ଅଶୋକଙ୍କ ସମୟ ଅର୍ଥାତ୍ ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ଓଡ଼ିଶାର ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ପୁରୀରେ ପୂର୍ବରୁ ନିର୍ମିତ ବୌଦ୍ଧ ସ୍ତୂପରେ ତ୍ରିରତ୍ନ ପୂଜା କଲେ ତଥା ରଥଯାତ୍ରା ବୌଦ୍ଧ ବିଧାନର ମୁଖ୍ୟପର୍ବ । ଏହି ତିନିଗୋଟି ପ୍ରସଙ୍ଗକୁ ଭିତ୍ତିକରି ସେ ତାଙ୍କର ବିବେଚନା ଉପସ୍ଥାପନା କରିବା ସହିତ ଜଗନ୍ନାଥ ମୂଳତଃ ବୌଦ୍ଧ ଦେବତା ବୋଲି ସୂଚନା ପ୍ରଦାନ କରିଅଛନ୍ତି । ସୂଚନାଯୋଗ୍ୟ ଯେ, ଡକ୍ଟର ମହତାବ ଓଡ଼ିଶା ଇତିହାସ ରଚନା କରିବା ସମୟ ଅର୍ଥାତ୍ ୧୯୪୮ ପୂର୍ବରୁ ବିଦେଶୀ

ବିଦ୍ୱାନବୃନ୍ଦ ଜଗନ୍ନାଥ ମୂଳତଃ ବୌଦ୍ଧଦେବତା ବୋଲି କେତେକ ତଥ୍ୟ ଅବତାରଣା କରିଥିଲେ । ସେମାନେ ଯେଉଁ ଯୁକ୍ତି ଉପରେ ଭିତ୍ତିପୂର୍ବକ ଏହି ତଥ୍ୟ ପ୍ରଦାନ କରିଥିଲେ, ସେଗୁଡ଼ିକ ହେଉଛି ପୁରାତନ ପାଲି ସାହିତ୍ୟ ଏବଂ ତନ୍ତ୍ର ସାହିତ୍ୟରେ 'ଜଗନ୍ନାଥ' ବୁଦ୍ଧଙ୍କର ଏକ ନାମ, ଏଲୋରା ଗୁମ୍ଫାରେ ଖୋଦିତ ଏକ ବୁଦ୍ଧ ମୂର୍ତ୍ତିର ନାମ 'ଜଗନ୍ନାଥ', ବୌଦ୍ଧଧର୍ମରେ 'ଧମ୍ମ' ନାରୀ ଭାବରେ କଳ୍ପିତ ଏବଂ ଫାହିୟାନଙ୍କ ବର୍ଣ୍ଣିତ ଖୋଟାନ୍ ରଥଯାତ୍ରାରୁ ଅନୁମିତ ପୁରୀ ରଥଯାତ୍ରା ବୌଦ୍ଧଧର୍ମର ମୁଖ୍ୟପର୍ବ । ଏହି ଯୁକ୍ତିସମୂହ ଉପରେ ଗଭୀର ରେଖାପାତ କଲେ ହୃଦ୍‌ବୋଧ ହୁଏ ଯେ, ପାଲି ସାହିତ୍ୟ ପୂର୍ବରୁ ସଂସ୍କୃତ ସାହିତ୍ୟରେ 'ଜଗନ୍ନାଥ' ଶବ୍ଦ ବିଦ୍ୟମାନ, ଅଧିକନ୍ତୁ ବିଷ୍ଣୁ ଓ ଶିବଙ୍କର ନାମ ରୂପେ ବ୍ୟବହୃତ । ଉଲ୍ଲେଖଯୋଗ୍ୟ ଯେ, ବ୍ରଜଯାନୀ ସାଧକ ଇନ୍ଦ୍ରଭୂତି ଏବଂ ତଦୀୟଗୁରୁ ଅନଙ୍ଗବ୍ରଜଙ୍କ ଲିଖିତ 'ଜ୍ଞାନସିଦ୍ଧି' ତଥା 'ପ୍ରଜ୍ଞାପାୟୋ ବିନିଶ୍ଚୟ ସିଦ୍ଧି'ରେ 'ଜଗନ୍ନାଥ' ନାମ ପ୍ରଥମେ ପରିଦୃଷ୍ଟ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି, କିନ୍ତୁ ତତ୍‌ପୂର୍ବରୁ ସଂସ୍କୃତ ପୁରାଣ ଓ ବିଷ୍ଣୁ ସହସ୍ର ନାମ ଇତ୍ୟାଦିରେ 'ଜଗନ୍ନାଥ' ନାମ ବହୁବାର ଉଲ୍ଲେଖ ଥିଲେ ହେଁ ତାହା ବିଚାରକୁ ନେଇନଥାନ୍ତି । ଏହା ସତ୍ୟ ଯେ, ପାଲି ସାହିତ୍ୟରେ ଜଗନ୍ନାଥ ଶବ୍ଦ ବିଶେଷଣ ଭାବରେ ବ୍ୟବହାର କରାଯାଇଛି ଏବଂ ତାହାଠାରୁ ପ୍ରାଚୀନ ବିଷ୍ଣୁ ପୁରାଣରେ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ତଥା ଶିବ ପୁରାଣରେ ମହାଦେବଙ୍କୁ ଜଗନ୍ନାଥ ବୋଲି କୁହାଯାଇ ଶବ୍ଦଟି ବିଶେଷ୍ୟ ଭାବରେ ବ୍ୟବହୃତ । ସର୍ବୋପରି ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମତରେ 'ଜଗନ୍ନାଥ' ଶବ୍ଦଟି ମୂଳ ପାଲି ଶବ୍ଦ ନୁହେଁ, ଏହା ଶାବର ଶବ୍ଦ 'ଜଗନ୍ତ'ରୁ ନିଷ୍ପନ୍ନ ହୋଇ ସଂସ୍କୃତରେ ଜଗନ୍ନାଥ ରୂପ ଧାରଣ କରିଛି । (୨) ଅତଏବ, ନିଃସନ୍ଦେହରେ ବିଚାର କରାଯାଇପାରେ ଶାବର ଶବ୍ଦରୁ ସଂସ୍କୃତରେ ଜଗନ୍ନାଥ ଶବ୍ଦ ରୂପାନ୍ତରିତ ହୋଇ ବହୁ ପ୍ରାଚୀନ କାଳରୁ ପୁରାଣରେ ବ୍ୟବହୃତ । ଅବଶ୍ୟ, ଏହାର ପ୍ରଭାବରେ ପାଲି ଭାଷାରେ ବୁଦ୍ଧଙ୍କୁ ଜଗନ୍ନାଥ ନାମରେ ସମ୍ବୋଧନ କରାଯାଇଛି । ଏହି ଦୃଷ୍ଟିକୋଣରୁ ପାଲି ସାହିତ୍ୟରେ ଉଲ୍ଲିଖିତ ଜଗନ୍ନାଥ ଶବ୍ଦରୁ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବୌଦ୍ଧ ଦେବତା ବିବେଚନା କରିବା ସମୀଚୀନ ନୁହେଁ । ଦ୍ୱିତୀୟ ଯୁକ୍ତି ହେଉଛି, ଏଲୋରା ଗୁମ୍ଫାରେ ଖୋଦିତ ବୌଦ୍ଧ ମୂର୍ତ୍ତିର ନାମ ଜଗନ୍ନାଥ । ସପ୍ତମ ଶତାବ୍ଦୀରେ ଏହି ମୂର୍ତ୍ତି ଖୋଦିତ ହୋଇଥିଲା ଏବଂ ସେହି ସମୟ ବେଳକୁ ବୌଦ୍ଧ ଧର୍ମରେ ଜଗନ୍ନାଥ ନାମ ପ୍ରସିଦ୍ଧି ଲାଭ କରି ସାରିଲାଣି । ତୃତୀୟ ଯୁକ୍ତି ହେଉଛି, ବୌଦ୍ଧ ଧର୍ମରେ 'ଧମ୍ମ' ନାରୀ ଭାବରେ କଳ୍ପିତ । ନାରୀ ଧର୍ମ ଭାବରେ ଚିତ୍ରିତ ହେବା କୌଣସି ସଂସ୍କୃତ ପୁରାଣରେ ଉଲ୍ଲିଖିତ ନାହିଁ । ପରନ୍ତୁ, ବୌଦ୍ଧ ଧର୍ମରେ ବୁଦ୍ଧ ହିଁ ପୁରୁଷ, ଧର୍ମ ହେଉଛି ପ୍ରକୃତି ଏବଂ ସଂଘ ହିଁ ଉଭୟ ଅର୍ଥାତ୍ ପୁରୁଷ ଓ ପ୍ରକୃତିର ସଂଯୋଗ । ତେଣୁ ବୌଦ୍ଧ ମତରେ ଧର୍ମ୍ମ ହିଁ ପ୍ରକୃତି, ନାରୀ ନୁହେଁ । ଚତୁର୍ଥ ଯୁକ୍ତି ହେଉଛି ଚୀନ୍ ପରିବ୍ରାଜକ ଫାହିୟାନ୍ ଖୋଟାନ୍‌ରେ ଦେଖିଥିବା ରଥଯାତ୍ରା ବର୍ଣ୍ଣନାରୁ ବିଚାର କରାଯାଏ ଯେ ପୁରୀର ରଥଯାତ୍ରା ବୌଦ୍ଧ ଯାତ୍ରା ବିଶେଷ । ସୂଚନାଯୋଗ୍ୟ ଯେ, ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ବୌଦ୍ଧ ମତର ଉନ୍ମେଷ । ତାହାର ବହୁପୂର୍ବରୁ ବେଦ, ରାମାୟଣ, ମହାଭାରତ ଓ ପୁରାଣାଦିରେ ରଥର ବହୁବିଧ ବର୍ଣ୍ଣନା ବିଦ୍ୟମାନ । ଏତଦ୍‌ଭିନ୍ନ, ପୁରୀରେ ମହାଦାରୁରୁ ମୂର୍ତ୍ତି ନିର୍ମାଣ କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି, ଯାହାର ସମୟ ପ୍ରାଗ୍‌ବୈଦିକ ତଥା ସେହି ସମୟରେ ବୌଦ୍ଧ ଧର୍ମର ଉନ୍ମେଷ ଘଟି ନଥିଲା । ଏଥିରୁ ହୃଦ୍‌ବୋଧ ହେଉଛି, ଚାରିଗୋଟି ଯାକ ଯୁକ୍ତି ଭିତ୍ତିହୀନ ତଥା ପୁରୁଷୋତ୍ତମ ଜଗନ୍ନାଥ ମୂଳତଃ ବୌଦ୍ଧ ଦେବତା ନୁହନ୍ତି । ଏ ସଂପର୍କରେ ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁଦେବତା' ଗ୍ରନ୍ଥରେ ସବିଶେଷ ଆଲୋଚନା କରି ସିଦ୍ଧାନ୍ତ ନେଇଛନ୍ତି ଯେ, ଜଗନ୍ନାଥ ମୂଳତଃ ଶାବର ଦେବତା ଏବଂ ପରବର୍ତ୍ତୀ କାଳରେ ଆର୍ଯ୍ୟ, ଅନାର୍ଯ୍ୟ ଉଭୟ ଗୋଷ୍ଠୀ ତାଙ୍କୁ ଆପଣେଇ ନେଇ ସମନ୍ୱୟର ମହାଭାବରେ ଉଦ୍‌ବୁଦ୍ଧ ହୋଇଛନ୍ତି । ଅନ୍ୟତମ ଗବେଷକ ଡକ୍ଟର ଗୋପୀନାଥ ମହାପାତ୍ର ସ୍ୱରଚିତ 'The land of Vishnu' ପୁସ୍ତକରେ ବୌଦ୍ଧ ମତବାଦୀଙ୍କର ସକଳ ଯୁକ୍ତିକୁ ଖଣ୍ଡନ କରିଛନ୍ତି । (୩) ତାଙ୍କ ମତରେ ୧୯୪୮ ମସିହା ବେଳକୁ ବୌଦ୍ଧ ମତବାଦ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସମର୍ଥନ ଲାଭ ପୂର୍ବକ ପ୍ରତିଷ୍ଠିତ ହୋଇସାରିଥିଲା । ଡକ୍ଟର ମହତାବ ମଧ୍ୟ ସେହି ମତକୁ ସମର୍ଥନ କରି ବିଚାର କରିଥିଲେ ଯେ ଜଗନ୍ନାଥ ମୂଳତଃ ବୌଦ୍ଧ ଓ ପରେ ଶାବର । (୪) ପୁନଶ୍ଚ, ଡକ୍ଟର ମହତାବ ବୌଦ୍ଧ ମତବାଦକୁ ବିଶ୍ୱାସ କରି ଅଶୋକଙ୍କ ସମୟରେ ଓଡ଼ିଶାର ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ତ୍ରିରତ୍ନ ପୂଜା କଲେ ବୋଲି ଉଲ୍ଲେଖ କରିଛନ୍ତି, କିନ୍ତୁ ତାହାର କୌଣସି ଶାସ୍ତ୍ରୀୟ ବା ଆଭିଲେଖିକ ପ୍ରମାଣ ପ୍ରଦାନ କରିନାହାନ୍ତି । ଅନ୍ୟାନ୍ୟ ବୌଦ୍ଧ ମତବାଦୀଗଣ କିମ୍ବଦନ୍ତୀ, ଲୋକକଥା ଓ ଜାତକଗଳ୍ପ ପ୍ରଭୃତିକୁ ଆଧାର କରି ଅନେକ କିମ୍ଭୂତ କିମ୍ଭାକାର କପୋଳକଳ୍ପିତ ତଥ୍ୟ ଅବତାରଣା କରିଛନ୍ତି, ଯାହାକି ସର୍ବଜନଗ୍ରାହ୍ୟ ନୁହେଁ । ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଗବେଷକ ଉଲ୍‌ଡଫିଲ୍‌ଡ ମତରେ ବୌଦ୍ଧମାନେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଘୋଷଯାତ୍ରା ଅନୁକରଣରେ ରଥଯାତ୍ରା ଆରମ୍ଭ କରିଥିଲେ । 'The Buddhist festival is evidently adopted from the Hindu festival of Jagannath and his broher Balaram and sister Subhadra' । ଅତଏବ ଜଗନ୍ନାଥ ମୂଳତଃ ବୌଦ୍ଧ ଅଥବା ରଥଯାତ୍ରା ବୌଦ୍ଧ ପର୍ବ ନୁହେଁ ।

ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଜୈନ ଦେବତା ବୋଲି ଯେଉଁ ବିଦ୍ୱାନବୃନ୍ଦ ବିଚାର କରିଛନ୍ତି, ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ଐତିହାସିକ କେଦାରନାଥ ମହାପାତ୍ର, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ ପଣ୍ଡିତ ବିନାୟକ ମିଶ୍ର ପ୍ରଭୃତି । ସେମାନଙ୍କ ମତରେ ଇନ୍ଦ୍ରଦ୍ୟୁମ୍ନ ଜଣେ ଜୈନଧର୍ମାବଲମ୍ବୀ ରାଜା । ପଣ୍ଡିତ ବିନାୟକ ମିଶ୍ର ଓ କେଦାରନାଥ

ମହାପାତ୍ର ଖାରବେଳଙ୍କୁ ମଧ୍ୟ ଇନ୍ଦ୍ରଦ୍ୟୁମ୍ନ ସ୍ୱରୂପରେ ଅବତାରଣା କରିଛନ୍ତି । କିନ୍ତୁ ପୁରାଣ ଓ କିମ୍ବଦନ୍ତୀ ବର୍ଣ୍ଣିତ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଅର୍ଥାତ୍ ବେଦ ପରବର୍ତ୍ତୀ ପୁରାଣକାଳୀନ ବୋଲି ସେମାନେ ବିଚାର ନକରି ଖ୍ରୀ:ପୂ: ପ୍ରଥମ ଶତକର ଜୈନ-ଧର୍ମାବଲମ୍ବୀ ଖାରବେଳଙ୍କୁ ଇନ୍ଦ୍ରଦ୍ୟୁମ୍ନ ଭାବରେ ଚିତ୍ରଣ କରିଛନ୍ତି । ଏପରିକି ଐତିହାସିକ କେଦାରନାଥ ମହାପାତ୍ର ଖାରବେଳଙ୍କୁ ପଦ୍ମପୁରାଣ ବର୍ଣ୍ଣିତ ଶବର ବାଳକ ରୂପେ ବିବେଚନା କରି ଶାବର ମତକୁ ପ୍ରକାରାନ୍ତରେ ସ୍ୱୀକାର କରିଛନ୍ତି । (୫) ମନୀଷୀ ନୀଳକଣ୍ଠ ଦାସଙ୍କ ମତରେ ପ୍ରାଚୀନ ବେବିଲୋନ୍ ସଭ୍ୟତା କାଳରୁ ଜଗନ୍ନାଥଙ୍କ ଅସ୍ତିତ୍ୱ ଥିଲା ତଥା ଶବରମାନେ ଥିଲେ ତାଙ୍କର ଉପାସକ । (୬) ଏହି ମତଦ୍ୱାରା ଜୈନ ମତବାଦୀ ପଣ୍ଡିତ ନୀଳକଣ୍ଠ ଦାସ ଜଗନ୍ନାଥଙ୍କୁ ଶବର ଦେବତା ବୋଲି ବିଚାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଡକ୍ଟର ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁଦେବତା' ଗ୍ରନ୍ଥର ଷଷ୍ଠ ପ୍ରକାଶରେ ଦାରୁଦେବତାଙ୍କ ଉପରେ ଜୈନ ପ୍ରଭାବ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଛନ୍ତି । (୭) ଏହି ପରିଚ୍ଛେଦରେ ତାଙ୍କ ବିବେଚନାର ନିଷ୍କର୍ଷ ହେଉଛି ଜଗନ୍ନାଥ ଶବର ଦେବତା ଓ ପରବର୍ତ୍ତୀ କାଳରେ ଜୈନମାନଙ୍କ ଦ୍ୱାରା ଉପାସିତ । କେତେକ ଗବେଷକଙ୍କର ମତ, ଜୈନ ତୀର୍ଥଙ୍କର ଓଡ଼ିଶାରେ ରାଜତ୍ୱ କରୁଥିବା ସମୟରେ ଜଗନ୍ନାଥ ଉପାସନାର ଅୟମାରମ୍ଭ ହୋଇଥିଲା । କିନ୍ତୁ ଏହି ମତ ଶାସ୍ତ୍ର ବା ଅଭିଲେଖ ସମ୍ମତ ନୁହେଁ । ଅନ୍ୟ କେତେକଙ୍କ ମତରେ ଜୈନ ଧର୍ମାବଲମ୍ବୀ ଖାରବେଳ ମଗଧ ବିଜୟ ପୂର୍ବକ ଯେଉଁ ଜୀନାସନ ଓଡ଼ିଶାକୁ ଫେରାଇ ଆଣିଥିଲେ, ତାହା ହିଁ ଜଗନ୍ନାଥ ବା ତାଙ୍କ ରତ୍ନସିଂହାସନ । ଖାରବେଳ ଏହି ଜୀନାସନକୁ କେଉଁ ସ୍ଥାନରେ ପ୍ରତିଷ୍ଠା କରିଥିଲେ ସେ ସଂପର୍କରେ ଇତିହାସ ନୀରବ । ଅଧିକନ୍ତୁ, ଖାରବେଳଙ୍କ ଶିଳାଲେଖରେ ଏ ସଂପର୍କରେ ମଧ୍ୟ ସୂଚନା ନାହିଁ । ଏଠାରେ ସ୍ପଷ୍ଟ କରି ଦିଆଯାଏ ଯେ, ଜୈନ ଧର୍ମାବଲମ୍ବୀଗଣ ସେମାନଙ୍କର କୌଣସି ତୀର୍ଥଙ୍କରଙ୍କର କାଷ୍ଠ ନିର୍ମିତ ମୂର୍ତ୍ତି ପୂଜା କରିବାର ପରମ୍ପରା ଅଦ୍ୟାବଧି ପରିଦୃଷ୍ଟ ହୋଇନାହିଁ । ଜୈନ ମତବାଦୀଙ୍କର ଅନ୍ୟ ଏକ ଯୁକ୍ତି ହେଲା 'ନାଥ' ଶବ୍ଦ ଜୈନଧର୍ମର ଶବ୍ଦ ଏବଂ ତୀର୍ଥଙ୍କରଙ୍କୁ 'ନାଥ' ମଧ୍ୟ କୁହାଯାଏ । ଅତଏବ ଜୀନନାଥ ହିଁ ଜଗନ୍ନାଥ ସ୍ୱରୂପରେ ପୂଜିତ । ସୂଚନାଯୋଗ୍ୟ ଯେ, ଜଗନ୍ନାଥ ଶବ୍ଦର ଉତ୍ପତ୍ତି ସଂପର୍କରେ ପୂର୍ବରୁ ଏହି ପ୍ରବନ୍ଧରେ ଆଲୋଚନା ହୋଇଥିବାରୁ ତାହାର ପୁନରାଲୋଚନା ନିଷ୍ପ୍ରୟୋଜନ । ଶ୍ରୀମନ୍ଦିର ପରିସରରେ ଅବସ୍ଥିତ କଳ୍ପବୃକ୍ଷକୁ ମଧ୍ୟ ଜୈନ ମତବାଦୀଗଣ ଜୈନଧର୍ମର ପ୍ରତୀକ ଭାବରେ ଗ୍ରହଣ କରିଥାନ୍ତି । ଖାରବେଳ ମଧ୍ୟ ମଗଧରୁ ଜୀନାସନ ସହିତ କଳ୍ପବୃକ୍ଷ ଆଣିଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ରହିଛି । (୮) ଅବଶ୍ୟ, କେଉଁଠାରେ ରଖିଲେ ସେ ସଂପର୍କରେ ସୂଚନା ନାହିଁ । ଏହା ସତ୍ୟ ଯେ, ଜୈନ ତୀର୍ଥଙ୍କର ବୃନ୍ଦ ବୃକ୍ଷମୂଳରେ ତପସ୍ୟାରତ ରହି ଜଗତକୁ ଆଲୋକ ପ୍ରଦାନ କରିଥାନ୍ତି ଏବଂ ଏହି କାରଣରୁ ଜୈନମୂର୍ତ୍ତି ସନ୍ନିକଟରେ ବୃକ୍ଷ ଚିହ୍ନ ରହିଥାଏ । ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ମଧ୍ୟ କଳ୍ପବୃକ୍ଷର ଚିତ୍ର ରହିଅଛି । ଏପରିସ୍ଥଳେ ଶ୍ରୀମନ୍ଦିର କଳ୍ପବୃକ୍ଷକୁ ଜୈନଧର୍ମର ନିଦର୍ଶନ ସ୍ୱରୂପରେ ବିଚାର କରିବା ସମୀଚୀନ ନୁହେଁ । ଅନ୍ୟତମ ଯୁକ୍ତି ହେଉଛି, ଶ୍ରୀମନ୍ଦିରରେ ମହାପ୍ରସାଦକୁ କୈବଲ୍ୟ କୁହାଯାଇଥାଏ, ଯାହାକି ଜୈନଧର୍ମର ଏକ ଅନ୍ତରଙ୍ଗ ବିଭବ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଜୈନଧର୍ମର କେବଳୀ ଭାବରୁ କୈବଲ୍ୟ ଶବ୍ଦର ସୃଷ୍ଟି । (୯) ପ୍ରକୃତ ପକ୍ଷେ କୈବଲ୍ୟ ପ୍ରାପ୍ତି ହିଁ ନିର୍ବାଣ ପ୍ରାପ୍ତି, ଯାହା ଉଚ୍ଚାଙ୍ଗ ସାଧନା ଦ୍ୱାରା ସମ୍ଭବ ହୋଇଥାଏ । ମହାପ୍ରସାଦ ରୂପୀ କୈବଲ୍ୟ ସହିତ ଏହାର ସାମଞ୍ଜସ୍ୟ ନାହିଁ । ଅବଶ୍ୟ ଗବେଷକବୃନ୍ଦଙ୍କ ବିଚାରରୁ ହୃଦ୍‌ବୋଧ ହୁଏ, ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଜୈନଧର୍ମର ପ୍ରଭାବ ବିଦ୍ୟମାନ । କିନ୍ତୁ ଜଗନ୍ନାଥଙ୍କୁ ମୂଳତଃ ଜୈନ ଦେବତା ବିଚାର କରିବା ସାର୍ବଜନୀନ ସିଦ୍ଧାନ୍ତ ନୁହେଁ । ଗବେଷକ ଓ ବିଦ୍ୱାନଙ୍କର ବଳିଷ୍ଠଯୁକ୍ତି ହେଉଛି ଶ୍ରୀଗୁଣ୍ଡିଚା ବା ଆଷାଢ଼ ଶୁକ୍ଳ ଦ୍ୱିତୀୟା ହେଉଛି ଜୈନ ତୀର୍ଥଙ୍କର ଋଷଭନାଥଙ୍କର ଗର୍ଭ କଲ୍ୟାଣ ତିଥି ତଥା ସେହି ତିଥିରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ଜଗନ୍ନାଥ ମୂଳତଃ ଜୈନ ଦେବତା । ସୂଚନାଯୋଗ୍ୟ ଯେ, ମହାଦାରୁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ହେବା କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଅଛି, ଯେଉଁ ସମୟରେ ଜୈନଧର୍ମର ଉନ୍ମେଷ ଘଟିନଥିଲା । ଅଧିକନ୍ତୁ, ଶ୍ରୀଗୁଣ୍ଡିଚା ତିଥି ଜୈନତୀର୍ଥଙ୍କର ଋଷଭନାଥଙ୍କର ଗର୍ଭ କଲ୍ୟାଣ ତିଥି ବୋଲି କୌଣସି ଜୈନଶାସ୍ତ୍ରରେ ଉଲ୍ଲେଖ ନାହିଁ । ଅତଏବ, ନିର୍ବିବାଦରେ ବ୍ୟକ୍ତ କରାଯାଇପାରେ ଯେ ଜୈନଧର୍ମ ହିନ୍ଦୁଧର୍ମର ଅଂଶ ବିଶେଷ ହୋଇଥିବାରୁ ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଜୈନଧର୍ମର ପ୍ରଭାବ ପଡ଼ିବା ସ୍ୱାଭାବିକ । ଏହାର ଅର୍ଥ ନୁହେଁ ଯେ ଜଗନ୍ନାଥ ମୂଳତଃ ଜୈନ ଦେବତା ।

ଐତିହାସିକ ମନମୋହନ ଗାଙ୍ଗୁଲି, ଗବେଷକ ପିଟର୍‌ସନ, ଅଧ୍ୟାପକ ପ୍ରଭାତ ମୁଖାର୍ଜୀ, ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଓ ଡକ୍ଟର ଗୋପୀନାଥ ମହାପାତ୍ର ପ୍ରଭୃତି ବିଦ୍ୱାନବୃନ୍ଦ ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟଧର୍ମର ଦେବତା ବୋଲି ବିଚାର କରିଛନ୍ତି । ଐତିହାସିକ ଗାଙ୍ଗୁଲିଙ୍କ ମତରେ ଉପନିଷଦ୍ ବର୍ଣ୍ଣିତ ତ୍ରିବର୍ଣ୍ଣ (ଅ+ଉ+ମ୍)ରୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ମୂର୍ତ୍ତିର ପରିକଳ୍ପନା ଉଦ୍ଭବ ହୋଇଛି । (୧୦) ଗବେଷକ ପିଟର୍‌ସନ୍ ମଧ୍ୟ ଏହି ମତର ପ୍ରଚାରକ । ପଣ୍ଡିତ ସଦାଶିବ ମିଶ୍ର ସ୍ୱରଚିତ 'ଜଗନ୍ନାଥ ମନ୍ଦିର' ଏବଂ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ସ୍ୱରଚିତ 'ଶ୍ରୀଜଗନ୍ନାଥ ମନ୍ଦିର ଓ ତତ୍ତ୍ୱ' ପୁସ୍ତକରେ ବିସ୍ତୃତ ଆଲୋଚନା ପୂର୍ବକ ପ୍ରମାଣ କରିଛନ୍ତି ଯେ ଜଗନ୍ନାଥ ମୂଳତଃ ବ୍ରାହ୍ମଣ୍ୟ ଧର୍ମର ଦେବତା । ଗୌରବର କଥା, ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ଶାସ୍ତ୍ର, ପୁରାଣ ଓ ଶିଳାଲେଖ ପ୍ରଭୃତି ଉପାଦେୟ ତଥ୍ୟକୁ ଆଧାର କରି ପ୍ରମାଣ କରିଛନ୍ତି ଯେ କୃଷ୍ଣ ବାସୁଦେବ ଉପାସନା ହିଁ ପୁରୁଷୋତ୍ତମ ଜଗନ୍ନାଥ ଉପାସନାର ମୂଳ ସ୍ୱରୂପ । ତଦନୁରୂପ ଗୋପୀନାଥ ମହାପାତ୍ର ସ୍ୱରଚିତ 'ଶ୍ରୀଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ବହୁବିଧ

ଯୁକ୍ତିଯୁକ୍ତ ପ୍ରମାଣ ଉପସ୍ଥାପନା ପୂର୍ବକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଜଗନ୍ନାଥ ମୂଳତଃ ବ୍ରାହ୍ମଣ୍ୟ ଦେବତା । ଉଲ୍ଲେଖନୀୟ ଯେ, ମହାଭାରତ ଯୁଗ ପରେ କୃଷ୍ଣ ବାସୁଦେବ ଉପାସନା ସାତ୍ତ୍ୱତଧର୍ମ ଭାବରେ ବିକାଶ ଲାଭ କରିଥିଲା । କିନ୍ତୁ ଏହାର ବହୁପୂର୍ବରୁ ପୁରୁଷୋତ୍ତମ ଜଗନ୍ନାଥ ଉପାସନା ପ୍ରଚଳିତ ଥିବାର ବହୁ ପ୍ରମାଣ ଉପଲବ୍ଧ । (୧୧) ଏହି ଦୃଷ୍ଟିକୋଣରୁ ଜଗନ୍ନାଥ ଉପାସନା ଯେ କୃଷ୍ଣ ବାସୁଦେବ ଉପାସନାର ବିକଶିତ ସ୍ୱରୂପ ଭାବିବା ଭୁଲ ହେବ । ପୂର୍ବୋକ୍ତ ଗବେଷକଙ୍କ ବ୍ୟତୀତ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଗୌରୀକୁମାର ବ୍ରହ୍ମା, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ପ୍ରହ୍ଲାଦ ପ୍ରଧାନ, ଡକ୍ଟର ନବୀନ କୁମାର ସାହୁ, ଡକ୍ଟର କରୁଣା ସାଗର ବେହେରା, ଡକ୍ଟର ମନ୍ମଥନାଥ ଦାସ, ଡକ୍ଟର ଗଣେଶ୍ୱର ମିଶ୍ର, ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର, ଡକ୍ଟର ଗୟାଚରଣ ତ୍ରିପାଠୀ, ଷ୍ଟିଟେନ୍‌କ୍ରୋନ୍, ଡକ୍ଟର ହରମାନ କୁଲ୍‌କେ, ଆଙ୍କରଲଟ୍ ଏସ୍‌ମାନ, ପ୍ରଫେସର ଭି. ରାଘବନ୍, ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁ ପ୍ରଭୃତି ବିଜ୍ଞପ୍ରାଜ୍ଞବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କ ସଂପର୍କରେ ଯଥେଷ୍ଟ ଆଲୋକପାତ କରିଛନ୍ତି । କିନ୍ତୁ ଏ ଅବଧି ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା ଦୁର୍ବୋଧ । ଊନବିଂଶ ଶତାବ୍ଦୀର ଶେଷଭାଗରୁ ଭିନ୍ନ ଭିନ୍ନ ଗବେଷକଙ୍କ ଦ୍ୱାରା ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନ ପ୍ରକ୍ରିୟା ଆରମ୍ଭ ହୋଇ ଇତିମଧ୍ୟରେ ଶହେ ବର୍ଷରୁ ଊର୍ଦ୍ଧ୍ୱ କାଳ ବିତିଗଲାଣି । ଗବେଷକଙ୍କ ପ୍ରଦତ୍ତ ତଥ୍ୟ ଦ୍ୱାରା ଜୈନମତ ଓ ବୌଦ୍ଧମତ ପ୍ରଥମେ ଲୋକପ୍ରିୟତା ଲାଭ କରିଥିଲା । ସ୍ୱାଧୀନତା ସମୟକୁ ଅର୍ଥାତ୍ ଗବେଷଣାର ପଚାଶ ବର୍ଷ ପରେ ବୌଦ୍ଧମତ ସବଳ ଓ ଜୈନମତ ଦୁର୍ବଳ ହୋଇ ଶାବର ମତର ପ୍ରାଧାନ୍ୟ ବୃଦ୍ଧି ପାଇଲା । ପରବର୍ତ୍ତୀ କାଳରେ ବ୍ରାହ୍ମଣ୍ୟମତ ସପକ୍ଷରେ ଅଧିକ ତଥ୍ୟ ଓ ତତ୍ତ୍ୱ ଉପଲବ୍ଧି ହୋଇଥିଲେ ହେଁ ଶାବରମତ ସର୍ବାଧିକ ସାର୍ବଜନୀନ ସ୍ୱୀକୃତ ଲାଭ କରିଅଛି । ମହନୀୟତା ହେଉଛି, ବିଜ୍ଞପ୍ରାଜ୍ଞ ଗବେଷକବୃନ୍ଦ ନୂତନ ନୂତନ ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନ ପୂର୍ବକ ଗବେଷଣାକୁ ପୁଷ୍ଟ କରିଅଛନ୍ତି । ତଥାପି ପୁରୁଷୋତ୍ତମ ଜଗନ୍ନାଥଙ୍କ ସୃଷ୍ଟି ଓ ଐତିହ୍ୟ ସଂପୂର୍ଣ୍ଣ ଅନୁପଲବ୍ଧ । ଗୁରୁତ୍ୱପୂର୍ଣ୍ଣ ହେଉଛି, ଅଜସ୍ର ଧନ ବ୍ୟୟରେ କେତେକ ଦେଶୀ ଓ ବିଦେଶୀ ଗବେଷକଙ୍କୁ ନେଇ ଯେଉଁ ବିଧିବଦ୍ଧ ଗବେଷଣା ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ଇଂରାଜୀରେ ପୁସ୍ତକ ପ୍ରକାଶନ ହେଲା ସେଥିରେ ଅନେକ ଅଜ୍ଞାତ ତଥ୍ୟ ଲୋକଲୋଚନକୁ ଆସିପାରିଲା, ଅଥଚ ପୁରୁଷୋତ୍ତମ ଜଗନ୍ନାଥ ଅଧିକରୁ ଅଧିକ ରହସ୍ୟମୟ ହୋଇଗଲେ ।

ଗବେଷକମାନଙ୍କୁ ବାଦ୍ ଦେଲେ ସାଧୁ, ସନ୍ଥ, ମହାତ୍ମା ଓ କବି କୋବିଦବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଭିନ୍ନ ଭିନ୍ନ ଭାବରେ ଚିତ୍ରଣ କରିଛନ୍ତି ଏବଂ ଗବେଷକମାନେ ଏଥିରେ ମଧ୍ୟ କିଛିଟା ନିର୍ଭର କରି ତଥ୍ୟ ଓ ତତ୍ତ୍ୱାଶ୍ରୟୀ ହୋଇଛନ୍ତି । ନିରିଖେଇ ଦେଖିଲେ ହୃଦ୍‌ବୋଧ ହୁଏ, ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗନ୍ନାଥ କବିକୋବିଦଙ୍କ ଲେଖନୀରେ ଭିନ୍ନ ଭିନ୍ନ ସ୍ୱରୂପରେ ଚିତ୍ରଣ ହୋଇଛନ୍ତି ତଥା ଜନସମାଜ ସେଥିରେ ବିଶେଷ ପ୍ରଭାବିତ ହୋଇଛନ୍ତି । କାରଣ କବିକୋବିଦଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ ହିଁ ସମାଜର ପ୍ରତିଫଳନ ଓ ଉଚ୍ଚାରଣ । ଏହି ଦୃଷ୍ଟିକୋଣରୁ ସାହିତ୍ୟପ୍ରତି ଦୃଷ୍ଟି ନିକ୍ଷେପ କଲେ ଆମ ଆଗରେ ବେଦ ବିଶ୍ୱର ପ୍ରାଚୀନତମ ସାହିତ୍ୟ ସ୍ୱରୂପରେ ପ୍ରତିଭାତ ହୁଏ । ଅନେକ ଗବେଷକଙ୍କର ମତ, ବେଦରେ ଜଗନ୍ନାଥଙ୍କ ସଂପର୍କରେ କୌଣସି ଉଲ୍ଲେଖ ନାହିଁ । ଏହା ସତ୍ୟ ଯେ, ଜଗନ୍ନାଥଙ୍କ ସଂପର୍କରେ ଉଲ୍ଲେଖ ନଥିଲେ ହେଁ ଦାରୁ ସଂପର୍କରେ ଉଲ୍ଲେଖ ରହିଛି । ସକଳ ଗବେଷକ ଗୋଟିଏ ତଥ୍ୟରେ ଏକମତ ହୋଇଛନ୍ତି ଯେ, ଜଗନ୍ନାଥଙ୍କ ମୂଳସ୍ୱରୂପ ଦାରୁ, ଯାହାକି ତାଙ୍କର ସ୍ୱତନ୍ତ୍ରତା । ପ୍ରାଚୀନତମ ସାହିତ୍ୟ ବେଦରେ ଦାରୁ ଉପାସନାର ପର୍ଯ୍ୟାପ୍ତ ପ୍ରମାଣ ବିଦ୍ୟମାନ ।

'ଅଦୌ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍,
ତଦାରଭସ୍ୟ ଦୁର୍ହଣୋ ତେନ ଗଛ ପରସ୍ତରମ୍ ।' (୧୨)

ମହତ୍ୱପୂର୍ଣ୍ଣ ହେଉଛି, ଏହି ମନ୍ତ୍ରଟିରେ ସିନ୍ଧୁ ତୀରରେ ଥିବା ଦାରୁ ସଂପର୍କରେ କୁହାଯାଇଛି । ଲବ୍ଧ ପ୍ରତିଷ୍ଠ ଗବେଷକବୃନ୍ଦ ମନ୍ତ୍ରଟିରେ ଗୁରୁତ୍ୱାରୋପ କରିଥିଲେହେଁ ବେଦର ଭିନ୍ନ ଭିନ୍ନ ଭାଷ୍ୟକାରଙ୍କ ବ୍ୟାଖ୍ୟା ସେମାନଙ୍କୁ ସନ୍ଦେହରେ ପକାଇଛି । ତେଣୁ ଗବେଷଣା କାଳରେ ଦାରୁ ଉପାସନାର ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନରେ ବାଧା ଉପୁଜିଛି । ସ୍ମରଣଯୋଗ୍ୟ ଯେ, କେବଳ ଋଗ୍‌ବେଦର ପୂର୍ବୋକ୍ତ ମନ୍ତ୍ରଟିରେ ଦାରୁ ସଂପର୍କରେ ସୂଚନା ପ୍ରଦାନ କରାଯାଇନାହିଁ, ଅଥର୍ବ ବେଦରେ ମଧ୍ୟ ଅନୁରୂପ ମନ୍ତ୍ରଟିଏ ଦୃଷ୍ଟିଗୋଚର ହୋଇଥାଏ ।

'ଅଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋର୍ମଧ୍ୟେ ଅପୁରୁଷମ୍,
ତଦାଲଭସ୍ୱ ଦୁର୍ଦ୍ଧାନୋ ତେନ ଯାହି ପରଂସ୍ଥଳମ୍ ।' (୧୩)

ଏଥିରୁ ହୃଦ୍‌ବୋଧ ହୁଏ, ଋଗ୍‌ବେଦ ରଚନା ସମୟରୁ ଅଥର୍ବ ବେଦ ରଚନା ସମୟ ପର୍ଯ୍ୟନ୍ତ ଦୀର୍ଘକାଳ ସିନ୍ଧୁ ତୀରରେ ଦାରୁ ଉପାସନା ଧାରା ଅବ୍ୟାହତ ରହିଥିଲା । କିନ୍ତୁ ଏହି ଉପାସନା କେଉଁ ସଂପ୍ରଦାୟ ଦ୍ୱାରା ହେଉଥିଲା, ତାହା ହିଁ ପ୍ରଶ୍ନବାଚୀ । ଅବଶ୍ୟ ଆମର ବହୁ ଗବେଷକ ଓ ବିଦ୍ୱାନ ଏହା ଶବରମାନଙ୍କ ଦ୍ୱାରା ହେଉଥିବାର ମତପୋଷଣ କରିଛନ୍ତି । ଏହି ଦୃଷ୍ଟିରୁ ମନ୍ତ୍ର ଦୁଇଟିର ଅର୍ଥ ଓ ତତ୍ତ୍ୱାର୍ଥ ନିର୍ଣ୍ଣୟ କରିବା ପ୍ରାସଙ୍ଗିକ ବୋଧହୁଏ । ବେଦର ପ୍ରାଚୀନ ଭାଷ୍ୟକାରବୃନ୍ଦ ଋଗ୍‌ବେଦର ମନ୍ତ୍ରଟିକୁ ଅଲକ୍ଷ୍ମୀସୂକ୍ତ ରୂପରେ ଅଭିହିତ କରିଛନ୍ତି । ସେମାନଙ୍କ ମତରେ ସାକାର ଉପାସନା ବେଦ ସମ୍ମତ ନୁହେଁ ଏବଂ ଦାରୁ ଉପାସନା ଆର୍ଯ୍ୟୋଚିତ କର୍ତ୍ତବ୍ୟ ନୁହେଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ସିନ୍ଧୁ ତଟରେ ଦାରୁଉପାସନା କୌଣସି ଆର୍ଯ୍ୟୋତ୍ତର ସଂପ୍ରଦାୟ ଦ୍ୱାରା ହେଉଥିଲା ତଥା ଆର୍ଯ୍ୟ ପ୍ରଚେତାବୃନ୍ଦ ଏତାଦୃଶ ଉପାସନାକୁ ଭଲ

ଦୃଷ୍ଟିରେ ନଦେଖି ଅଲକ୍ଷ୍ମୀ ସୂଚକ ମନ୍ତ୍ର ରଚନା କରିଥିଲେ । ପୂର୍ବ ଭାଷ୍ୟକାରଙ୍କ ପଦାଙ୍କ ଅନୁସରଣ ନକରି ସାୟଣାଚାର୍ଯ୍ୟ ଚତୁର୍ଦ୍ଦଶ ଶତାବ୍ଦୀରେ ଆପଣାର ଭାଷ୍ୟରେ ମନ୍ତ୍ରଟି ଦାରୁଦେବତା ପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । (୧୪) ଅନେକ ମତପ୍ରଦାନ କରିଥାନ୍ତି ଯେ, ସାୟଣାଚାର୍ଯ୍ୟ ଭାଷ୍ୟରେ 'ପୁରୁଷୋତ୍ତମାଖ୍ୟ' ଉଲ୍ଲେଖ କରିଥିବାରୁ ଅନୁମିତ ହୁଏ ଚତୁର୍ଦ୍ଦଶ ଶତାବ୍ଦୀରେ ପ୍ରବାହିତ ପୁରୁଷୋତ୍ତମ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ଏ ପ୍ରକାର ବ୍ୟାଖ୍ୟା କରିଛନ୍ତି । ବିଜ୍ଞପ୍ରାଜ୍ଞ ଗବେଷକଙ୍କ ମତରେ ସାୟଣାଚାର୍ଯ୍ୟ ମନ୍ତ୍ରଟିକୁ ବ୍ୟାଖ୍ୟା କରିବାର ସିଦ୍ଧାନ୍ତରେ ଦୃଢ଼ ନିଶ୍ଚିତ ନଥିଲେ । କୌଣସି ଭାଷ୍ୟକାରଙ୍କ ବ୍ୟାଖ୍ୟା ଅନୁସରଣ ନକରି ସରଳ ଭାବରେ ମନ୍ତ୍ରଟିର ଅର୍ଥ କଲେ ଜଣାଯାଏ, ଅଦୌ ଅର୍ଥାତ୍ ସଂପ୍ରତି, ଯଦ୍‌ଦାରୁ ବା ଯେଉଁଦାରୁ, ପ୍ଲବତେ ଅର୍ଥାତ୍ ଭାସମାନ, ସିନ୍ଧୋପାରେ ଅର୍ଥାତ୍ ସମୁଦ୍ରରେ, ଅପୁରୁଷମ୍ ଅର୍ଥାତ୍ ପୁରୁଷ ଦ୍ୱାରା ନିର୍ମିତ ନୁହେଁ ବା ଯାହାର କୌଣସି ମାଲିକ ନାହାନ୍ତି, ତଦାରଭସ୍ୱ ଅର୍ଥ ତହିଁରେ ଆରୋହଣ କରି, ଦୁର୍ହଣୋ ଅର୍ଥାତ୍ ଅଲକ୍ଷ୍ମୀ, ତେନଗଚ୍ଛ ପରସ୍ତରମ୍ ଅର୍ଥାତ୍ ଦୂରଦେଶକୁ ପଳାୟନ କର । ସାଧାରଣ ଭାବରେ ବିଚାର କଲେ ମନ୍ତ୍ରଟି ଅଲକ୍ଷ୍ମୀନାଶକ ମନ୍ତ୍ର ରୂପେ ବେଦରେ ପ୍ରତିପାଦିତ । ଅନୁମିତ ହୁଏ, ନିରାକାରବାଦୀ ଆର୍ଯ୍ୟ ପ୍ରଚେତାବୃନ୍ଦ ଅନ୍ୟ ସଂପ୍ରଦାୟର ଦାରୁପୂଜା ପ୍ରତି ଅସହିଷ୍ଣୁ ହୋଇ ସିନ୍ଧୁ ତୀରରେ ପୂଜିତ ବିଶାଳ ଦାରୁ ଆରୋହଣ ପୂର୍ବକ ଦୂରଦେଶ ପଳାୟନର କାମନା କରିଛନ୍ତି ଏହି ମନ୍ତ୍ରଟିରେ ତଥା ପରବର୍ତ୍ତୀକାଳରେ ମନ୍ତ୍ରଟି ଅଲକ୍ଷ୍ମୀନାଶକ ମନ୍ତ୍ର ରୂପେ ବ୍ୟବହୃତ । କେହି କେହି ଗବେଷକ ବିଚାର କରିଥାନ୍ତି ଯେ ଦୁର୍ଭିକ୍ଷର ନିବାରଣ ଚାହୁଁଥିବା ମନୁଷ୍ୟଗଣ ଦାରୁ ଉପରେ ଆରୋହଣ ପୂର୍ବକ ଦୂର ଦେଶକୁ ପଳାୟନ ନିମିତ୍ତ ମନ୍ତ୍ରଟିରେ ଆହ୍ୱାନ ଦିଆଯାଇଛି । ସେ ଯାହାହେଉ, ମନ୍ତ୍ରଟି ଦାରୁଙ୍କ ନିମିତ୍ତ ପ୍ରଯୁଜ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ । ଅଧିକନ୍ତୁ, ଏହି ଦାରୁଙ୍କୁ ଅପୌରୁଷ ଅର୍ଥାତ୍ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ମିତ ନୁହେଁ ବୋଲି କୁହାଯାଇଛି । ଋଗ୍‌ବେଦ କାଳରୁ ଅଥର୍ବବେଦ କାଳ ପର୍ଯ୍ୟନ୍ତ ଦୀର୍ଘକାଳ ଧରି ଏହି ଅପୌରୁଷଦାରୁ ସିନ୍ଧୁ ତୀରରେ ପୂଜା ପାଉଥିବାର ପ୍ରମାଣ ମଧ୍ୟ ମନ୍ତ୍ରଟିର ପୁନରୁକ୍ତିରୁ ଉପଲବ୍ଧ ହୋଇଥାଏ । ମନ୍ତ୍ରଟିରେ 'ତେନ ଗଚ୍ଛ ପରସ୍ତରମ୍' ଉଲ୍ଲିଖିତ ଥିବାରୁ ହୃଦ୍‌ବୋଧ ହୁଏ । ସେହି ଦିବ୍ୟଦାରୁ ଉପାସନାରେ ପରମଲୋକ ପ୍ରାପ୍ତି ହୋଇଥାଏ । ଅଥର୍ବବେଦର ପରବର୍ତ୍ତୀ କାଳୀନ ମହର୍ଷି ସାଂଖ୍ୟାୟନ ସ୍ୱରଚିତ ଭାଷ୍ୟରେ ଉଲ୍ଲେଖ କରିଛନ୍ତି 'ବର୍ତ୍ତମାନ ସମୁଦ୍ରରେ ପୁରୁଷୋତ୍ତମ ନାମକ ଦେବତା ଶରୀର ଭାସୁଅଛି । ନିର୍ମାଣ ରହିତ ଯୋଗୁଁ ସେ ଅପୌରୁଷ । ଏହି ଦାରୁମୟ ଦେବତାଙ୍କୁ ଉପାସନା କରିବା ଲୋକ ବୈଷ୍ଣବଲୋକକୁ ଗମନ କରନ୍ତି ।' ଏଥିରୁ ପ୍ରମାଣିତ ହେଉଛି ବୈଦିକ କାଳର ଶେଷ ସମୟରେ ଅଣଆର୍ଯ୍ୟଙ୍କ ଦାରୁପୂଜା ଆର୍ଯ୍ୟମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା ତଥା ଅପୌରୁଷ ଦାରୁ ପୁରୁଷୋତ୍ତମ ମାନ୍ୟତା ଲାଭ ପୂର୍ବକ ପରମଲୋକ ପ୍ରାପ୍ତିର ଅବଲମ୍ବନ ଭାବରେ ପ୍ରତିଭାତ ହୋଇଥିଲେ ।

ବୈଦିକକାଳୀନ ଭାରତବର୍ଷରେ ତିନିଗୋଟି ସଂସ୍କୃତି ଓ ସଭ୍ୟତା ମୁଣ୍ଡଟେକି ଥିଲା । ଉତ୍ତର-ପଶ୍ଚିମ ଭୂଖଣ୍ଡରେ ଆର୍ଯ୍ୟ ସଭ୍ୟତା, ଦକ୍ଷିଣ-ପୂର୍ବ ଭୂଖଣ୍ଡରେ ଦ୍ରାବିଡ଼ ସଭ୍ୟତା ତଥା ବିନ୍ଧ୍ୟାଞ୍ଚଳ ସମେତ ମଧ୍ୟ ଭୂଖଣ୍ଡରେ ଶବର ସଭ୍ୟତାର ପ୍ରାବଲ୍ୟ ବୈଦିକ ଯୁଗରେ ଥିଲା ବୋଲି ବିଦ୍ୱାନମାନେ ବିଶ୍ୱାସ କରନ୍ତି । ବୈଦିକ ସାହିତ୍ୟରେ ଦ୍ରାବିଡ଼ମାନଙ୍କୁ ଅସୁର ବା ଦୈତ୍ୟ ଏବଂ ଶବରମାନଙ୍କୁ ନିଷାଦ, ବ୍ୟାଧ ପ୍ରଭୃତି ନାମରେ ପରିଚିହ୍ନିତ କରାଯାଇଛି । ଆର୍ଯ୍ୟମାନଙ୍କ ସଦୃଶ ଦ୍ରାବିଡ଼ମାନେ ପୁର, ନଗର ଓ ଦୁର୍ଗ ନିର୍ମାଣ ପୂର୍ବକ ବସତି ସ୍ଥାପନ କରୁଥିଲେ ଏବଂ ଶବରମାନେ ପଲ୍ଲୀରେ ନିବାସ କରୁଥିଲେ । ଆର୍ଯ୍ୟମାନଙ୍କ ଧର୍ମଧାରଣାଠାରୁ ଦ୍ରାବିଡ଼ମାନଙ୍କ ଧର୍ମଧାରଣା ଭିନ୍ନ ଥିଲା । ଆର୍ଯ୍ୟମାନେ କୌଣସି ଦେବଦେବୀଙ୍କୁ ବୈଦିକ କାଳରେ ପୂଜା କରୁନଥିଲେ ହେଁ ଦ୍ରାବିଡ଼ମାନେ ନାଗ, ସର୍ପ, ମଗର ଓ ହାତୀ ପ୍ରଭୃତିଙ୍କର ପ୍ରତୀକାତ୍ମକ ଉପାସନା କରୁଥିଲେ । (୧୫) ସେମାନେ ଏତାଦୃଶ ପୂଜା ଶବରମାନଙ୍କଠାରୁ ଶିକ୍ଷା କରିଥିଲେ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି । ଦ୍ରାବିଡ଼ମାନେ ବୃକ୍ଷ ଉପାସକ ଥିବାର ପ୍ରମାଣ ମଧ୍ୟ ଉପଲବ୍ଧ ହୋଇଛି । (୧୬) ମହେଞ୍ଜୋଦାର ଓ ହରପ୍ପାର ଭୂଖନନ ଫଳରେ ଏତାଦୃଶ ପ୍ରତୀକାତ୍ମକ ଉପାସନାର ସନ୍ଦେଶ ମିଳିଥିବାରୁ ଅନୁମିତ ହୁଏ ଦ୍ରାବିଡ଼ମାନଙ୍କ ଦ୍ୱାରା ପ୍ରଥମେ ଏହି ଅଞ୍ଚଳରେ ସଭ୍ୟତାର ବିକାଶ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ସେମାନେ ଦକ୍ଷିଣ-ପୂର୍ବ ଦିଗକୁ ଆର୍ଯ୍ୟମାନଙ୍କ ଦ୍ୱାରା ବିତାଡ଼ିତ ହେଲେ । ବିଶେଷତଃ, ଋଗ୍‌ବେଦ ରଚନା କାଳରେ ଦ୍ରାବିଡ଼ମାନେ ଦ୍ରମିଳ, ଦୈତ୍ୟ, ଦାସ ଓ ଦସ୍ୟୁ ନାମରେ ଆର୍ଯ୍ୟ ସମାଜରେ ପରିଚିତ ଥିଲେ । (୧୭) ସେମାନେ ଦକ୍ଷିଣ ଓ ପୂର୍ବ ଭାରତରେ ଆସି ସ୍ଥାୟୀ ବସବାସ ଆରମ୍ଭ କରିଥିଲେ ତଥା ଶବରମାନଙ୍କର ବୃକ୍ଷ ଉପାସନାକୁ ଆପଣାର କରି ନେଇଥିଲେ । (୧୮) ଏତଦ୍‌ଭିନ୍ନ ସେମାନେ ମୂର୍ତ୍ତି ଓ ଲିଙ୍ଗ ପୂଜା ମଧ୍ୟ କରୁଥିଲେ, ଯାହାକି ଆର୍ଯ୍ୟ ଗୋଷ୍ଠୀ ଦ୍ୱାରା ନିନ୍ଦନୀୟ କାର୍ଯ୍ୟ ରୂପେ ବିବେଚନା କରାଯାଉଥିଲା । ପ୍ରମାଣିତ ହୁଏ, ସେହି ଦ୍ରାବିଡ଼ ଗୋଷ୍ଠୀର ଏକ ଶାଖା ପୂର୍ବ ମହୋଦଧି ତୀରରେ ଏକ ବିଶାଳକାୟ ଚତୁଃଶାଖାଯୁକ୍ତ ମହାଦାରୁ ଭାସିଆସି କୂଳରେ ଲାଗିଥିବାର ଦେଖି ସେଠାରେ ସ୍ଥାୟୀବସତି ସ୍ଥାପନ ପୂର୍ବକ ସେହି ଅପୌରୁଷ ଦାରୁର ଉପାସନା କରିଥିଲେ । ଦ୍ରାବିଡ଼ମାନଙ୍କର ଏହି ଦାରୁ ଉପାସନା ସଂପର୍କରେ ବୈଦିକ ଆର୍ଯ୍ୟଗୋଷ୍ଠୀ ଅବଗତ ଥିଲେ ତଥା ତତ୍‌ସଂପର୍କିତ ମନ୍ତ୍ର ରଚନା କରିଥିଲେ । ଏପରିକି, ଦୁର୍ଗ ନଗର ଓ ପୁର ନିର୍ମାଣରେ ଧୁରନ୍ଧର ଦ୍ରାବିଡ଼ଗୋଷ୍ଠୀ ଏକ ବିଶାଳସ୍ତୂପ ନିର୍ମାଣ ପୂର୍ବକ ଦାରୁ ଉପାସନା କରୁଥିବାର ପ୍ରମାଣ ସଂସ୍କୃତ ମହାଭାରତର ବନପର୍ବରୁ ପରିଦୃଷ୍ଟ ହୋଇଥାଏ । (୧୯) ଶବରମାନେ ସ୍ତୂପ ନିର୍ମାଣ କୌଶଳ

ଜାଣିନଥିବାରୁ ହୃଦ୍‌ବୋଧ ହୁଏ, ଦ୍ରାବିଡ଼ ଗୋଷ୍ଠୀ ହିଁ ସମୁଦ୍ର ତୀରରେ ଦାରୁ ଉପାସନା କରୁଥିଲେ ।

ପୁରୁଷୋତ୍ତମ ଜଗନ୍ନାଥଙ୍କ ଉପାସନାର ଧାରା, ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଦଇତାମାନେ ହିଁ ତାଙ୍କର ଆଦ୍ୟ ଓ ଶ୍ରୀଅଙ୍ଗ ସେବକ । ସ୍ନାନ ପୂର୍ଣ୍ଣିମାଠାରୁ ଅଣସର, ରଥଯାତ୍ରା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସକଳ ପୂଜାକାର୍ଯ୍ୟ ଦଇତାମାନେ ହିଁ ନିର୍ବାହ କରିଥାନ୍ତି । ଏପରିକି ନବକଳେବର, ବ୍ରହ୍ମ ସ୍ଥାପନ ଓ ଅନ୍ୟାନ୍ୟ ଗୁପ୍ତପୂଜା ମଧ୍ୟ ଦଇତାମାନଙ୍କ ଉପରେ ନ୍ୟସ୍ତ । ଉଲ୍ଲେଖଯୋଗ୍ୟ, ଏହିସବୁ ପୂଜା ସେମାନେ ବୈଦିକ ବିଧିରେ ନକରି ସେମାନଙ୍କର ପାରମ୍ପରିକ ରୀତିରେ କରିଥାଆନ୍ତି । ଏଥିରୁ ପ୍ରମାଣିତ ହେଉଛି, ଅଣଆର୍ଯ୍ୟ ଦଇତାମାନେ ହିଁ ପ୍ରଥମେ ଦାରୁପୂଜା ବେଦବାହ୍ୟ ବିଧିରେ ଆରମ୍ଭ କରିଥିଲେ ତଥା ପୂଜା ଉପାସନାର ଯୁଗୋପଯୋଗୀ କ୍ରମବିକାଶ ସାଧିତ ହୋଇଥିଲେହେଁ, ଦଇତାମାନେ ସେମାନଙ୍କ ମୂଳ ଅଧିକାର ଏ ପର୍ଯ୍ୟନ୍ତ ହରାଇନାହାନ୍ତି । ପ୍ରକୃତରେ ଦଇତା ଶବ୍ଦ ହିଁ ଦୈତ୍ୟ ଶବ୍ଦର ଅପଭ୍ରଂଶ । (୨୦) ସେମାନେ ଦୈତ୍ୟ, ଦଇତା ଯେଉଁ ପର୍ଯ୍ୟାୟଭୁକ୍ତ ହେଲେ ହେଁ ଜଗନ୍ନାଥଙ୍କ ପ୍ରଥମ ସେବକ ଏଥିରେ କାହାର ଦ୍ୱିମତ ନାହିଁ । କେତେକ ପୁରାଣକାର ଓ ବିଦ୍ୱାନ ସେମାନଙ୍କୁ ଶବର ରାଜ ବିଶ୍ୱାବସୁଙ୍କ ବଂଶଧର ବୋଲି ବିଚାର କରିଛନ୍ତି । କିନ୍ତୁ ନୃତତ୍ତ୍ୱ ଦୃଷ୍ଟିରୁ ବିବେଚନା କଲେ ଦୟିତାମାନେ ଶବର ବଂଶଧର ନୁହନ୍ତି ବୋଲି ହୃଦ୍‌ବୋଧ ହୁଏ । ଅଦ୍ୟାବଧି ଶବରମାନଙ୍କର ମନ୍ଦିର ପ୍ରବେଶାଧିକାର ସାର୍ବଜନୀନ ସ୍ୱୀକୃତି ଲାଭ କରି ନାହିଁ । ଏପରିକି ଶ୍ରୀମନ୍ଦିରରେ ମଧ୍ୟ ଏ ପର୍ଯ୍ୟନ୍ତ ଶବରମାନେ ପ୍ରବେଶାଧିକାର ପାଇନାହାନ୍ତି । ଦଇତାମାନଙ୍କୁ ଦ୍ରାବିଡ଼ ଗୋଷ୍ଠୀ ବା ଦୈତ୍ୟମାନଙ୍କ ବଂଶଧର ବିଚାର କରିବାରେ କୌଣସି ଅସୁବିଧା ନାହିଁ । ଦୈତ୍ୟମାନେ ଯୁଗେ ଯୁଗେ ବେଦବିରୋଧୀ ତଥା ଏପର୍ଯ୍ୟନ୍ତ ତାଙ୍କରି ବଂଶଧର ଦଇତାମାନେ ଜଗନ୍ନାଥଙ୍କଠାରେ ବେଦବାହ୍ୟ ଉପାସନା ପଦ୍ଧତି ଆରୋପିତ କରି ଆସିଛନ୍ତି । ମହନୀୟତା ହେଉଛି, ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଦାରୁ ଉପାସନାରେ ପ୍ରଭାବିତ ହୋଇ ଆର୍ଯ୍ୟମାନେ ପୂଜିତ ମହାଦାରୁକୁ ଚତୁର୍ଦ୍ଧାମୂର୍ତ୍ତିରେ ରୂପାନ୍ତରିତ କରିଥିଲେହେଁ ଦଇତାମାନେ ଜନ୍ମୋତ୍ସବ, ଅଣସର, ରଥଯାତ୍ରା, ନବକଳେବର, ବ୍ରହ୍ମସ୍ଥାପନା ଓ ଗୁପ୍ତ ପୂଜା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ସେବାପୂଜାରେ ଆପଣା ଅଧିକାରରୁ ବଞ୍ଚିତ ହୋଇନାହାନ୍ତି । ଆର୍ଯ୍ୟମାନେ ଦାରୁ ଉପାସନାକୁ ଆର୍ଯ୍ୟ ଭାବାପନ୍ନ କରିବାର ପରମ ସତ୍ୟଟିକୁ ପୁରାଣକାରବୃନ୍ଦ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ରୂପେ ବର୍ଣ୍ଣନା କରିବା ଛଳରେ ସ୍ୱୀକାର କରିଯାଇଛନ୍ତି । ପ୍ରମାଣିତ ହୁଏ, ମହୋଦଧି କୂଳରେ ପ୍ରଥମେ ଦ୍ରାବିଡ଼ମାନଙ୍କ ଦ୍ୱାରା ଦାରୁ ଉପାସନା ଆରମ୍ଭ କରାଯାଇଥିଲେ ହେଁ ପରବର୍ତ୍ତୀ କାଳରେ ଦୈତ୍ୟ ଦେବତା ଦାରୁ ଆର୍ଯ୍ୟମାନଙ୍କର ଦାରୁଦେବତାରେ ରୂପାନ୍ତରିତ ହୋଇଥିଲେ । ଫଳରେ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କର ମିଳନାତ୍ମକ ପ୍ରକ୍ରିୟା ଆରମ୍ଭ ହୋଇ ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଅବୈଦିକ ଓ ବୈଦିକ ବିଧିବିଧାନର ମହାମିଳନ ସଂଘଟିତ ହୋଇଛି । ଇତିମଧ୍ୟରେ ଦ୍ରାବିଡ଼ବଂଶୀ ଦଇତାଗଣ ଆର୍ଯ୍ୟ ଭାବାପନ୍ନ ହୋଇ ଆର୍ଯ୍ୟ ପୁରୋଦୃଷ୍ଟିରେ ଜୀବନଚର୍ଯ୍ୟା ନିର୍ବାହ ପୂର୍ବକ ଆର୍ଯ୍ୟଗୋଷ୍ଠୀଭୁକ୍ତ ହୋଇଗଲେଣି, ଅଥଚ ଜଗନ୍ନାଥଙ୍କଠାରେ ଅବୈଦିକ ପୂଜାବିଧି ଅବ୍ୟାହତ ରଖି ସେମାନଙ୍କ ପରମ୍ପରାର ପରିଧି ଭିତରେ ଆତ୍ମିକ ସନନ୍ଦ ରୂପେ ଠାକୁରଙ୍କର ଏକାନ୍ତ ଆପଣାର ହୋଇପାରିଛନ୍ତି । ଅପରପକ୍ଷରେ ସମଗ୍ର ବିଶ୍ୱକୁ ଆର୍ଯ୍ୟଭାବାପନ୍ନ କରିବା ନିମିତ୍ତ ସଂସ୍କାରବାଦୀ ଆର୍ଯ୍ୟଗଣ ଦ୍ରାବିଡ଼ମାନଙ୍କ ଉପାସିତ ମହାଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ବୈଦିକ ବିଧିରେ ଉପାସନାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଆର୍ଯ୍ୟଗୋଷ୍ଠୀ ବେଦ ବର୍ଣ୍ଣିତ ନିର୍ଗୁଣ ଭାଷ୍ୟକୁ ଦାରୁନିର୍ମିତ ମୂର୍ତ୍ତିରେ ସଗୁଣ ଭାଷ୍ୟ ରୂପେ ପ୍ରତିପାଦନ କରିବା କାମନାରେ ଅପାଣିପାଦ ମୂର୍ତ୍ତି ନିର୍ମାଣ କରିଛନ୍ତି । ଏହାଦ୍ୱାରା ବେଦ ବର୍ଣ୍ଣିତ ବ୍ରହ୍ମାକ୍ଷର ପ୍ରଣବକୁ ଦାରୁମୂର୍ତ୍ତିରେ ରୂପାୟିତ କରି ବିଶ୍ୱବନ୍ଦ୍ୟ କରିବାର ପ୍ରଚେଷ୍ଟା ହୋଇଛି । ଏହି ମହତ୍ୱପୂର୍ଣ୍ଣ ପ୍ରସଙ୍ଗଟି ପରବର୍ତ୍ତୀ କାଳରେ ରଚିତ ସ୍କନ୍ଦ ପୁରାଣରେ ସୂଚାଇ ଦିଆଯାଇଛି ।

'ଅହୋ ତବାୟ ଖଳୁ ଭାଗ୍ୟରାଶି ର୍ଯେନା ବିରାସୀଦ୍‌ଭୁବି ଦାରୁମୂର୍ତ୍ତି
ଯସ୍ୟାପ୍ୟୁପାସ୍ତିଂ ଶ୍ରୁତିରାହମୁକ୍ତି ପ୍ରଦାନମାସ୍ୱଞ୍ଜ ବିମୋହିତନାମ୍
ଯ(ସ) ଏଷ ପ୍ଲବତେ ଦାରୁଃ ସିନ୍ଧୁପାରେହ୍ୟ ପୌରୁଷଃ
ତମୁପାସ୍ୟ ଦୁରାରାଧଂ ମୁକ୍ତି ଯାତି ସୁଦୁର୍ଲଭମ୍ ।' (୨୧)

ଶ୍ଳୋକଟି ଋଗ୍‌ବେଦ ଓ ଅଥର୍ବବେଦ ମନ୍ତ୍ର ଅନୁସରଣରେ ରଚିତ ହୋଇ ଆର୍ଯ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ଉଦ୍ଦିଷ୍ଟ ହୋଇଥିଲେହେଁ ଦ୍ରାବିଡ଼ ପୂଜିତ ଦାରୁରୁ ନିର୍ମିତ ମୂର୍ତ୍ତିର ମହନୀୟତା ହିଁ ପ୍ରତିପାଦିତ । ଏଥିରେ ଦାରୁମୂର୍ତ୍ତିର ବୈଚିତ୍ର୍ୟ ସଂପର୍କରେ ସ୍ୱଷ୍ଟ ସୂଚନା ପ୍ରଦତ୍ତ । ସ୍କନ୍ଦ ପୁରାଣ ଉଲ୍ଲିଖିତ ଅନ୍ୟ ଏକ ଶ୍ଳୋକରେ ମଧ୍ୟ ପ୍ରତିମାବାଦର ଝଲକରେ ପ୍ରତୀକବାଦର ରହସ୍ୟ ଉନ୍ମୋଚିତ ।

ନେକାନୈକ ସ୍ଥୂଳ ସୂକ୍ଷ୍ମାଣୁ ମୂର୍ତ୍ତେ
ବ୍ୟୋମାତୀତଂ ବ୍ୟୋମରୂପଂ ପ୍ରକାଶଂ
ବ୍ୟୋମାକାରଂ ବ୍ୟାପିନୋ ବ୍ୟୋମସଂସ୍ଥ
ବ୍ୟୋମାରୂଢ଼ଂ ବ୍ୟୋମ କେଶାଦ୍ଧ ଯୋନେ । (୨୨)

ଏହି ଶ୍ଳୋକର ଅର୍ଥ ହେଉଛି ଦାରୁମୂର୍ତ୍ତି ଏକ ଅଥଚ ଅନେକ, ସ୍ଥୂଳ, ସୂକ୍ଷ୍ମ, ସଗୁଣ, ନିର୍ଗୁଣ, ଶୂନ୍ୟ, ଅଶୂନ୍ୟର ପ୍ରତୀକ । ଏପରି ଲକ୍ଷଣର ମୂର୍ତ୍ତି ବିରଳ ହେଲେ ହେଁ ବେଦ ବର୍ଣ୍ଣିତ ପୂର୍ଣ୍ଣ ବ୍ରହ୍ମଙ୍କୁ ଆର୍ଯ୍ୟ ପ୍ରଚେତାବୃନ୍ଦ ପରମପୁରୁଷ ରୂପରେ ମୂର୍ତ୍ତିମନ୍ତ କରି ନିର୍ଗୁଣ ନିରାକାର ନିର୍ବିକଳ୍ପ ବ୍ରହ୍ମଙ୍କୁ ଜଗତ କଲ୍ୟାଣ କାମନାରେ ରୂପବନ୍ତ କରିଛନ୍ତି । ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗନ୍ନାଥଙ୍କ ପୂଜାବିଧିରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲେ ହେଁ ଅଦ୍ୟାବଧି ବଳଭଦ୍ରଙ୍କୁ ଅ'କାର, ସୁଭଦ୍ରାଙ୍କୁ

ଉ'କାର ଓ ଜଗନ୍ନାଥଙ୍କୁ ମ'କାର ରୂପେ ଚିନ୍ତନ କରାଯାଇ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବେଦର ନିଷ୍କର୍ଷ ଓଁକାର ସ୍ୱରୂପରେ ପୂଜା କରାଯାଉଛି ।

ଅତଏବ, ନିର୍ବିବାଦରେ ବ୍ୟକ୍ତ କରାଯାଇ ପାରେ ଯେ, ଦ୍ରାବିଡ଼ ଉପାସିତ ମହାଦାରୁ ଆର୍ଯ୍ୟ ପୁରୋଦୃଷ୍ଟିରେ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ମାନ୍ୟତାରେ ରୂପବନ୍ତ ହୋଇ ନୀଳାଚଳରେ ପୂଜା ପାଇ ଆସୁଛନ୍ତି । ଏହା ହିଁ ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା । ପରବର୍ତ୍ତୀ କାଳରେ ଅଗଣିତ ମୁନି, ଋଷି, ମହାତ୍ମା, ସାଧୁ, ସନ୍ଥ ଓ ଦାର୍ଶନିକ ଏହି ଦାରୁଦେବତାଙ୍କୁ ଆପଣା ଆପଣା ଦୃଷ୍ଟିରେ ଦର୍ଶନ କରିଥିଲେ ହେଁ ତାଙ୍କ ମୌଳିକତା ଅକ୍ଷୁଣ୍ଣ ରହିଛି । ଏପରିକି, ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈନମତ, ବୌଦ୍ଧମତ, ତନ୍ତ୍ରମତ, ଶାକ୍ତମତ, ବୈଷ୍ଣବମତ, ନାଥମତ ପ୍ରଭୃତି ଦାରୁଦେବତାଙ୍କଠାରେ ଆରୋପିତ କରାଯାଇଥିଲେ ହେଁ ତାଙ୍କ ମୌଳିକତା ପ୍ରତି ଅଦ୍ୟାବଧି ବିପଦ ସୃଷ୍ଟି ହୋଇନାହିଁ । ଅଧିକନ୍ତୁ, ବିଭିନ୍ନ ମତବାଦୀ ତାଙ୍କୁ ଆପଣା ଗୋଷ୍ଠୀର ଦେବତା ବୋଲି ପ୍ରମାଣ କରିବାର ପ୍ରୟାସ କରିଥିଲେ ହେଁ ସେ କୌଣସି ଗୋଟିଏ ଗୋଷ୍ଠୀର ସୀମା ସରହଦରେ ଆବଦ୍ଧ ନହୋଇ ଜଗତର ନାଥ ଜଗନ୍ନାଥ ନାମରେ ମହିମାବନ୍ତ ହୋଇଛନ୍ତି ତଥା ଆପଣା ସୃଷ୍ଟିର ରହସ୍ୟ ଉନ୍ମୋଚନକାରୀଙ୍କ ପାଣ୍ଡିତ୍ୟ, ବାଦବିସମ୍ବାଦ, ତର୍କବିତର୍କ ଓ ଆଲୋଚନା ପ୍ରତି ଆଲୋଚନାରେ ନିର୍ବାକ, ନିଷ୍କଳ ଏବଂ ନିର୍ବିକାର ହୋଇଯାଇଛନ୍ତି ।

'ସ୍ମାରଂ ସ୍ମାରଂ ସ୍ୱଗୃହ ଚରିତଂ ଦାରୁଭୂତୋ ମୁରାରି ।'

**ପାଦଟୀକା :**


୧. ଓଡ଼ିଶା ଇତିହାସ - ଡକ୍ଟର ହରେକୃଷ୍ଣ ମହତାବ, 'ଓଡ଼ିଶାର ଧର୍ମ ପରିଚ୍ଛେଦ', ପୃ.୫୫୪ ।

୨. ଦାରୁଦେବତା - ଡକ୍ଟର ବେଣୀଧର ପାଢ଼ୀ, ପୃ.୫୨ ।

୩. The land of Vishnu - Dr. G. Mohapatra

୪. ଶ୍ରୀଜଗନ୍ନାଥ ତତ୍ତ୍ୱ - ଡକ୍ଟର ଗୋପୀନାଥ ମହାପାତ୍ର, ପୃ.୬ ।

୫. ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର ଐତିହାସିକତା - କେଦାରନାଥ ମହାପାତ୍ର (ଭଞ୍ଜ ପ୍ରଦୀପ, ଆଶ୍ୱିନ-୧୩୪୬) ।

୬. ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ - ପଣ୍ଡିତ ନୀଳକଣ୍ଠ ଦାସ (ଝଙ୍କାର, ଦଶମ ବର୍ଷ, ଦ୍ୱିତୀୟ ସଂଖ୍ୟା, ପୃ.୧୯୦) ।

୭. ଦାରୁଦେବତା, ପୃ.୧୧୩-୧୩୬ ।

୮. ଓଡ଼ିଶା ଇତିହାସ - ପୃ.୨୭ ।

୯. ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ପଣ୍ଡିତ ନୀଳକଣ୍ଠ ଦାସ ।

୧୦. Vaishnavisim in Orissa, P. Mukherjee, p.18

୧୧. ପୁରୁଷୋତ୍ତମ ଜଗନ୍ନାଥ ଉପାସନାର ପ୍ରାଚୀନତା - ଅନ୍ତର୍ଯ୍ୟାମୀ ମିଶ୍ର (ଝଙ୍କାର, ୫୩ ବର୍ଷ,୩ୟ ସଂଖ୍ୟା) ।

୧୨. ଋଗବେଦ, ୧୦ମ ମଣ୍ଡଳ, ୧୫୫ ସୂକ୍ତ, ୩ୟ ମନ୍ତ୍ର

୧୩. ଅଥର୍ବ ବେଦ

୧୪. ଋଗବେଦ ସଂହିତା, ପୃ.୮୪୧

୧୫. The History & Culture of Indian People, Vol.-I-P-152, Ed. by R.C. Majumdar

୧୬. Ibid - p.147

୧୭. ଦାରୁଦେବତା - ପୃ.୭୨

୧୮. Cambridge History of India wheels, p.83

୧୯. ମହାଭାରତ, ବନପର୍ବ, ୧୧୪ ଅ. ୨୨ ଶ୍ଳୋ

୨୦. ଦାରୁଦେବତା, ପୃ.୫୪

୨୧. ସ୍କନ୍ଦ ପୁରାଣ, ଉତ୍କଳଖଣ୍ଡ, ୧୧ଶ ଅଧ୍ୟାୟ

୨୨. ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମହାତ୍ମ୍ୟ - ୧୯/୨୮


ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡେମୀ, ଢେଙ୍କାନାଳ





# ବୈଦିକ ଆକାଶରୁ ବଡ଼ଦାଣ୍ଡ : ପ୍ରସଙ୍ଗ ରଥ ପରମ୍ପରା

ଡକ୍ଟର ସନ୍ତୋଷ ତ୍ରିପାଠୀ

ଆଧିଭୌତିକ ପ୍ରଶାନ୍ତି, ମାନବୀୟ ସମତା, ସାଂସ୍କୃତିକ ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠାକ୍ରମେ ଶ୍ରୀକ୍ଷେତ୍ରର ଶ୍ରୀଦାଣ୍ଡରେ ଶ୍ରୀଜଗନ୍ନାଥଙ୍କ ମାନବବାଦୀ ମହୋତ୍ସବ 'ଶ୍ରୀଗୁଣ୍ଡିଚା-ରଥଯାତ୍ରା' ଶତାବ୍ଦୀ ଶତାବ୍ଦୀ ଧରି ବିଚିତ୍ର ଭାବକଳ୍ପର ତରଙ୍ଗ ଖେଳାଇ ଆସିଛି । ରଥଯାତ୍ରାର ଅହେତୁକ ଦୃଶ୍ୟ ଓ ପବିତ୍ର ଭାବ ପ୍ରତି ସମ୍ବତ୍ସରରେ ନୂଆ ନୂଆ ପ୍ରକାରେ ସାଧାରଣ ଦର୍ଶକକୁ ଭକ୍ତରେ, ଭକ୍ତକୁ ଭାବୁକରେ, ଭାବୁକକୁ ବିଚିତ୍ରକଳ୍ପୀ କବିରେ ଓ କବିକୁ ପରମାର୍ଥଦର୍ଶୀ ରଷିକ ଆତ୍ମାରେ ପରିଣତ କରିଆସିଛି । ରଥର ଯାତ୍ରା ପଥରେ ପରମ ଗତିପଥର ଆକର୍ଷଣକୁ, ରଥ ଉପରେ ପରମାତ୍ମା ବାମନଙ୍କ ପତିତପାବନ ରୂପକୁ ଓ ରଥନାଦରେ ଅପାର୍ଥିବଙ୍କ ଆହ୍ୱାନକୁ ଦେଖି, ଧ୍ୟାୟୀ ଓ ଶୁଣି ମର୍ତ୍ତ୍ୟବ୍ୟ ଜୀବନର ସକଳ ଅଳୀକତାକୁ ବିସ୍ମରିଯାଇ ପରମ ପ୍ରଶାନ୍ତିଙ୍କୁ ପାର୍ଥିବ ଆତ୍ମା ଲୋଡ଼ିବାର ଅବକାଶ ପାଇଛି ।

ଏବଂବିଧ ଭାବାବେଗର ବାସ୍ନା, ଆଧ୍ୟାତ୍ମିକ ଅଭିଳାଷ ଓ ଉଚ୍ଚାଙ୍ଗ ଦୃଷ୍ଟିକୋଣକୁ ଆଧାର କରି ଓଡ଼ିଶୀ ଐତିହ୍ୟକଳ୍ପର ବଡ଼ଦାଣ୍ଡରେ ରଥାରୋହୀ ବ୍ରହ୍ମଚତୁର୍ଦ୍ଧାମୂର୍ତ୍ତିଙ୍କ ବିସ୍ମୟକର ରହସ୍ୟବୃତ୍ତରେ ଅନୁବନ୍ଧିତ ହୋଇ ଅଲୌକିକ ଭାବନାର ବିମୁଗ୍ଧ ଶବ୍ଦକ୍ରୀଡ଼ା ଶାସ୍ତ୍ରକାର, ପୁରାଣକାର ଓ କବିମାନେ କରିଆସିଛନ୍ତି । ଏତଦ୍‌ବ୍ୟତୀତ ଲୌକିକ-ଅଲୌକିକ, ଭୂମିକଳ୍ପ-ଭୂମାକଳ୍ପ, ଇନ୍ଦ୍ରିୟ-ଇନ୍ଦ୍ରିୟୋତ୍ତର, ସାକାର-ନିରାକାର, ସସୀମ-ଅସୀମ ଓ ଲଭ୍ୟ-ଅଲଭ୍ୟ ଆଦି ମହାନୁଭବର ବିଚିତ୍ର ଲୀଳାର ସ୍ମାରକୀ ରଥଯାତ୍ରାର ବିଧାନ ଭିତରେ ଆମ ସାଂସ୍କୃତିକ ପରମ୍ପରା ଓ ଗଣପ୍ରତ୍ୟୟାତ୍ମକ ଅସ୍ମିତା ସମୀଭୂତ ହୋଇରହିଛି । ଶ୍ରୀଜଗନ୍ନାଥ ଚେତନା, ପ୍ରତ୍ୟୟ ଓ ପ୍ରତୀକାତ୍ମକ ଲୋକବୃତ୍ତିକୁ ଆଶ୍ରୟ କରି ଆମ ସାଂସ୍କୃତିକ ଭାବମାନସ ଓ ଆଧ୍ୟାତ୍ମିକ ସଂରଚନା ମଧ୍ୟରେ ଜୈନ, ବୌଦ୍ଧ, ବ୍ରାହ୍ମଣ୍ୟ, ଶୈବ, ସୌର, ଶାକ୍ତ୍ୟ, ଗାଣପତ୍ୟ, ବୈଷ୍ଣବ, ବ୍ରାତ୍ୟ ଓ ଆଦିବାସୀ ଶାବରୀୟ ଧର୍ମଧାରାର ସମ୍ମିଶ୍ରଣ ଘଟିଛି । ଏହି ସମ୍ମିଶ୍ରଣର ସ୍ୱାଭିମାନୀ ସ୍ୱରୂପକୁ ରଥଯାତ୍ରାର ବିଧି-ଅନୁବିଧିରେ ସହଜରେ ଲକ୍ଷ୍ୟ କରାଯାଇଥାଏ । ଉଭୟ ଶାସ୍ତ୍ରୀୟ ଓ ଲୌକିକ ସମ୍ବେଗ ମଧ୍ୟରେ ରଥଯାତ୍ରା ଗଣ-ମହୋତ୍ସବର ମାନ୍ୟତା ପାଇଆସିଛି ।

ଦୈବତ-ଭାବ ବିଶ୍ୱାସୀ ଭାରତୀୟ ପରମ୍ପରାରେ ଉପାସ୍ୟ ଦେବାଦେବୀଙ୍କୁ ସମ୍ମାନ କରି, ଶ୍ରଦ୍ଧାକରି, ବ୍ରାତିକ ଭାବନାରେ ମେଳା, ଯାତ୍ରା ଓ ମହୋତ୍ସବ ପାଳନ କରାଯାଇଥାଏ । ପାର୍ବିକ ମଣ୍ଡପକୁ ଆରାଧ୍ୟ ଦେବତାଙ୍କୁ ନେବାବେଳେ ନୌକା, ମେଢ଼, ବିମାନ ଓ କାଷ୍ଠଚକ୍ର ଖଞ୍ଜିତ ରଥର ଆଶ୍ରୟ ନିଆଯାଇଥାଏ । ଏହି କାରଣରୁ ହଜାର ହଜାର ବର୍ଷ ଧରି ରଥ, ମେଢ଼ ଓ ବିମାନ ଆମ ସଂସ୍କୃତିରେ ଦୈବୀ ମାନ୍ୟତାପ୍ରାପ୍ତ ଯାନ ଭାବରେ ଆଦୃତ ହୋଇଆସିଛି । ସର୍ବାପେକ୍ଷା ରଥ ଆମର ବାସନାତତ୍ତ୍ୱ, ପାରମ୍ପରିକ ଅଭିଳାଷ, ଐତିହ୍ୟ ପରିସ୍ପନ୍ଦ, ସଂହତିବୋଧ, ସର୍ଜନଶୀଳ କାବ୍ୟତା, ପାର୍ବିକ ବିଶ୍ୱାସ-ବିଧାନ ଓ ସାମୂହିକ ଅବଚେତନର ଦର୍ଶନ ଓ ଧାରଣାକୁ ପ୍ରୋତ୍ସାହିତ ଓ ଆସକ୍ତ କରିଆସିଛି । ଆମର ଭାବୁକପଣରେ ରଥ ହେଉଛି ପଞ୍ଚଭୂତର ଏକ ପାର୍ଥିବ କଳେବର । ଏଥିରେ ଆରାଧ ଦେବତା ଆରୋହଣ କରି ଆତ୍ମାବତ୍ ବିରାଜମାନ କରନ୍ତି । ଭକ୍ତି-ପ୍ରୀତି-ମୁକ୍ତିର ପରମ ପ୍ରତିଭୂ ଦିବ୍ୟାତ୍ମା ସତ୍ୟକଲ୍ୟାଣ-ସୁନ୍ଦର-ଐଶ୍ୱର୍ଯ୍ୟର ଲୀଳା ସାଧନ ନିମନ୍ତେ ରଥାରୋହୀ ହୋଇ ପାର୍ଥିବ-ପରିଭ୍ରମଣ କରନ୍ତି । ଏହି ପ୍ରକାର ପରିକ୍ରମଣ ଯାତ୍ରାରେ ଦେବତାଙ୍କ ସହିତ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଆତ୍ମଭକ୍ତିର ଗୂଢ଼ ସଂଯୋଗର ଅବକାଶ ଘଟିଥାଏ । ସ୍ଥୂଳତଃ ଆମ ସାଂସ୍କୃତିକ ପ୍ରତ୍ୟୟ ଓ ଅସ୍ମିତାର ଏକ ସମନ୍ୱୟ-ଭାବନାଦ୍ୟୋତକୁ ପକ୍ଷ ହେଉଛି 'ରଥ-ପରମ୍ପରା' । ଏହି ପରମ୍ପରାର ଅନ୍ୟତମ ମହତ୍ତମ ନିଦର୍ଶନ ହେଉଛି ଶ୍ରୀକ୍ଷେତ୍ରର 'ଶ୍ରୀଗୁଣ୍ଡିଚା-ରଥଯାତ୍ରା' । ଏହି ମହୋତ୍ସବରେ ଜାତି-ଜାତି ମଧ୍ୟରେ, ଭାବ-ଭାବ ମଧ୍ୟରେ, ଦର୍ଶନ-ଦର୍ଶନ ମଧ୍ୟରେ, ଜୀବ-ପରମ ମଧ୍ୟରେ, ମାନବ-ଦେବତା ମଧ୍ୟରେ, ସମନ୍ୱୟର ମହାପିଣ୍ଡ ନିର୍ମିତ ହୋଇଥାଏ ।

ଆମ ଶାସ୍ତ୍ରୀୟ ବିଶ୍ୱାସରେ ପ୍ରକୃତି ଦେବତା ରୂପେ ଚରାଚରର କଲ୍ୟାଣ ନିମନ୍ତେ ରଥାରୋହଣ କରି ପରିକ୍ରମଣ କ୍ରମଶଃ ଭାରତୀୟ ପରମ୍ପରାରେ ରଥସଂସ୍କୃତି ଏକ ସମ୍ମାନସ୍ପଦ ଆଭିଜାତ୍ୟବାଦୀ ଐଶ୍ୱର୍ଯ୍ୟବିଳାସୀ ଲୀଳାର ପ୍ରତୀକ ହୋଇଉଠିଛି । ଫଳତଃ ଭାରତୀୟ ଧାର୍ମିକ ଭାବମାନସରେ ଦେବତାଙ୍କୁ, ରାଜାଙ୍କୁ, ପିତୃପୁରୁଷଙ୍କ ପ୍ରତିମା ଓ ସ୍ମାରକୀକୁ ରଥରେ ବିଜେ କରାଇ ଉତ୍ସବମାନ ପାଳନ କରାଯାଇଛି ।

ଉପାସ୍ୟ ଦେବତାଙ୍କୁ ଗଣଦେବତାରେ-ଶାସ୍ତ୍ରୀୟ ଦେବତାରେ-ରାଷ୍ଟ୍ରଦେବତାରେ ପରିଚିତ କରାଇ ରଥରେ ବସାଇ ନଗର ପରିକ୍ରମଣ କରାଇ ଦୈବତ-ମହିମାକୁ ଉନ୍ନତରୁ ଉନ୍ନତତର ଓ ସମୂହ-ନାନ୍ଦନିକ-ବିଶ୍ୱାସର ପ୍ରସଙ୍ଗ କରିବାର ଆବେଗପ୍ରବଣ ମାନସିକତା ବୈଦିକ ଯୁଗରୁ ଧର୍ମ ସଂପ୍ରଦାୟବାଦୀ ସଂରଚନାରେ ପରିବୃଦ୍ଧି ଲାଭ କରିଛି । ରଥ ଦେବଲୀଳାରୁ ମାନବୀୟ ଭୋଗ ଲୀଳାର ଆନୁଷଙ୍ଗିକ ବିଷୟ ଭାବରେ ପରିଗୃହୀତ ହୋଇଛି । ରଥ-ରଥୀ-ରଥ୍ୟା-ରଥଯାତ୍ରାର ଐଶ୍ୱର୍ଯ୍ୟମୟ ଅନୁଭୂତି ଏବଂ ସାଂସ୍କୃତିକ ଅଭିଳାଷ ଭାବରେ କଳା-ସଂଗୀତ-ଭାସ୍କର୍ଯ୍ୟ-ସାହିତ୍ୟ ସମ୍ବନ୍ଧୀ କଳ୍ପନାକୁ ବିଚିତ୍ର-ରସମୟ ପ୍ରେରଣା ଯୋଗାଇ ଦେଇଛି ।

ରଥ ପରମ୍ପରା ଶ୍ରେୟକଳ୍ପୀ ସନାତନୀୟ ମୂର୍ଦ୍ଧନ୍ୟ ଭାବନାରୁ ଆରମ୍ଭ ହୋଇଛି ଏବଂ ଏହାର ବଳିଷ୍ଠ, ବ୍ୟାପକ ଓ ଅବିକଳ୍ପ ସିଦ୍ଧିତ୍ୱକୁ ଶ୍ରୀଜଗନ୍ନାଥଙ୍କ ପରମପାବନୀ, ଭକ୍ତିମୁକ୍ତି ଫଳପ୍ରଦା ରଥ-ମହୋତ୍ସବ ଭିତରେ ଲକ୍ଷ୍ୟ କରାଯାଏ । ଚରାଚର ହିତାର୍ଥେ ଶ୍ରୀଗୁଣ୍ଡିଚାର ପାର୍ବିକ ଓ ବ୍ରାତିକ ରଥ ସଂସ୍କୃତି ସମଗ୍ର ବିଶ୍ୱମାନବର ଅବବୋଧକୁ ଉଦାର-ଉଦାତ୍ତ ମୈତ୍ରୀ ସୂତ୍ରରେ ବାନ୍ଧି ରଖିଛି । ଦିବ୍ୟାଦିବ୍ୟ ଭାବସୂତ୍ରରେ ସଂଯମ-ସୌନ୍ଦର୍ଯ୍ୟ-ସାନନ୍ଦ-ପରମାର୍ଥର ଏକ ମହତ୍ତମ ବିଶ୍ୱାସର ନୀଳାଭ ବଳୟ ଏହି ରହୁବରଯାତ୍ରା/ବ୍ରହ୍ମୋତ୍ସବ ବିଶ୍ୱବ୍ୟାପୀନ କରିଦେଇଛି ।

ଶ୍ରୀଜଗନ୍ନାଥ ସଂସ୍କୃତିର ନାନ୍ଦୀମୁଖ ହେଉଛି ଐଶ୍ୱର୍ଯ୍ୟ ଲୀଳାଦ୍ୟୋତକ ରଥୋତ୍ସବ । ଏହି ଭାଗବତୀୟ ଉତ୍ସବରେ ଅନୁସୃତ ନାନ୍ଦୀକ ଅନୁବିଧିରେ ଯୋଗଲଗ୍ନିକ ହେବାକୁ ସାଂପ୍ରଦାୟିକ ଧର୍ମବିଧାନଗୁଡ଼ିକ ଗୌରବବୋଧ କରିଛନ୍ତି । ପର୍ଯ୍ୟାୟକ୍ରମରେ ରଥଯାତ୍ରାର ଔପଚାରିକ ବିଧିବିଧାନର କ୍ରମପର୍ଯ୍ୟାୟରେ ଜୈନ, ବୌଦ୍ଧ-ବ୍ରାତ୍ୟ-ତନ୍ତ୍ର-ଶାକ୍ତ ଆଦି ସଂପ୍ରଦାୟର ପ୍ରବିଧିଗୁଡ଼ିକ ସମୀଭୂତ ହୋଇଛନ୍ତି । ମାତ୍ର ଏହି ମାନବବାଦୀ ଗଣମହୋତ୍ସବର ଉତ୍ସକଳ୍ପଟି ବୈଦିକ ବ୍ରହ୍ମୋତ୍ସବର ଭାବଭଦ୍ରାୟିତ ପିଣ୍ଡରୁ ଉତ୍ସାରିତ ହୋଇଆସିଛି ।

ବୈଦିକ ସନାତନୀୟ ବିଚାର ଓ ସର୍ଜନଶୀଳ ଋଷିକ କଳ୍ପନାରେ 'ରଥ' କେବଳ ଏକ ବସ୍ତୁବିଶେଷ ପ୍ରତୀକ ଓ ଉପମା ନୁହେଁ, ବ୍ୟବହାର ଯୋଗ୍ୟ ଓ ଆରୋହ-ଉଦ୍ଦେଶ୍ୟମୂଳକ ଯାନ ବିଶେଷ୍ୟ ନୁହେଁ, ଦେବସ୍ୱ ମଧ୍ୟ ନୁହେଁ । ପୁନଶ୍ଚ ବ୍ୟାକରଣ ବିଚାର ସମର୍ଥିତ ଓ ଅଭିଧା ବୃତ୍ତିରେ ପରିଭାଷିତ ରଥ ଓ ଏହାର ସମାର୍ଥ ବାଚକ ଶବ୍ଦ ରହୁ ଓ ସ୍ୟନ୍ଦନଦ୍ୱୟକୁ ଏ କ୍ଷେତ୍ରରେ ବିଶ୍ଳେଷଣ କରାଯାଇପାରେ । ରଥ- ରମ୍+ଥ / ରହୁ-ରହଃ+ଉ-ରମ୍+ଅସ୍+ଉ/ସ୍ୟନ୍ଦନ- ସନ୍ଦ୍+ଅ=ସ୍ୟନ୍ଦ+ଅନ ଇତ୍ୟାଦି ବ୍ୟାକରଣିକ କୃଦନ୍ତପଦ ଭାବରେ ରଥ, ରହୁ ଓ ସ୍ୟନ୍ଦନ ଶବ୍ଦର ଉତ୍ପତ୍ତି ଘଟିଛି । ରମ୍ ଓ ସନ୍ଦ୍ ଧାତୁ ମୁଖ୍ୟତଃ ଗତି, ଗୁପ୍ତଗତି, ସୁନ୍ଦର କଲ୍ୟାଣଙ୍କର ବେଗ ସହିତ ସମ୍ବନ୍ଧିତ । ପୁନଶ୍ଚ ରମ୍+ଥ ଓ ସ୍ୟନ୍ଦ୍+ଅନ୍ ପ୍ରତ୍ୟୟାନ୍ତ ଶବ୍ଦ ଦ୍ୱୟ ଶରୀର ସାଦୃଶ୍ୟବାଚକ ବିହାର ଉପଯୋଗୀ ଯାନ ବିଶେଷ୍ୟ ଅର୍ଥରେ ବ୍ୟବହୃତ ହୁଅନ୍ତି । ତେଣୁ ବ୍ୟାକରଣିକ ବ୍ୟୁତ୍ପତ୍ତିଗତ ପରିଭାଷା ଦିଗରୁ -

ରଥ - ହେଉଛି ବିହାର ଉପଯୋଗୀ ବସ୍ତୁ ଶରୀର ବିଶିଷ୍ଟ ଯାନ ।

ରହୁ - ହେଉଛି ଗୂଢ଼୍ୟ ବା ରହସ୍ୟମୟ ଓ ସୁନ୍ଦର ଉଦ୍ଦେଶ୍ୟରେ ଯାତ୍ରା କରିବାର ସହାୟକ ଯାନ ।

ସ୍ୟନ୍ଦନ - ଚକ୍ରଯୁକ୍ତ ବେଗବାନ ଯାନ ।

ସନାତନୀୟ ସଂହିତା ଓ ପୁରାଣ ସାହିତ୍ୟରେ ରହୁ ଓ ସ୍ୟନ୍ଦନର ବ୍ୟବହାର ହୋଇଥିବାବେଳେ ବେଦ ଉପନିଷଦରେ 'ରଥ'ର ପ୍ରୟୋଗ ଓ ପ୍ରୟୋଜନ ପରିଲକ୍ଷିତ ହୁଏ । ବେଦରେ 'ରଥ' ବ୍ୟୋମଚାରଣ ଉପଯୋଗୀ ଦେବସ୍ୱ କେବଳ ନୁହେଁ, ସେ ସ୍ୱୟଂ ଦେବତା ମଧ୍ୟ । ଚରାଚର ମଙ୍ଗଳ ଉଦ୍ଦେଶ୍ୟରେ ଦେବସ୍ୱ ଭାବରେ ଦେବତାମାନଙ୍କୁ ସଜ୍ଜୀଭୂତ ଶରୀର ଭିତରେ ଆରୂଢ଼ କରାଇ ବ୍ୟୋମ ବିହାର କରାଇବା ସମୟରେ ବେଗବାନ 'ରଥ' ଜଡ଼ଶକ୍ତି ବିଶିଷ୍ଟ ଯାନ । ମାତ୍ର ସ୍ୱୟଂ ମଙ୍ଗଳଦାୟକ ପୁଣ୍ୟାହବାଚକ ଘୋଷନାଦ କରି ଶୂନ୍ୟରେ କାଳ-ମହାକାଳର ଅଧିନିୟମାନୁସାରୀ ହୋଇ ଚକ୍ରାୟିତ ଯାତ୍ରା କରୁଥିବା ବେଳେ ବ୍ରହ୍ମତେଜସ୍‌ରେ ଦେଦୀପ୍ୟମାନ 'ରଥ' ବ୍ରହ୍ମଚେତନାର ଅଂଶୀହୋଇ ସ୍ୱୟଂ ଦେବତା ରୂପେ ପ୍ରତିଭାତ ହୁଅନ୍ତି ।

'ରଥ' ମହାତ୍ମାଙ୍କ ସ୍ଥିତି ସ୍ୱୟଂସିଦ୍ଧ-ସେ ଶୂନ୍ୟରୂପ ଓ ପୂର୍ଣ୍ଣ ସାକାର ରୂପ । ରଥ ଅଦୃଶ୍ୟ ଥା'ନ୍ତି ଓ ସ୍ମରଣ କରିବା ମାତ୍ରେ ବୈଦିକ-ଋଷିକବିଙ୍କ କଳ୍ପନା ଅନୁସାରେ ଗୂଢ଼ପିଣ୍ଡି ତ୍ୟାଗ କରି ରଥୀଙ୍କ ସାମ୍ନାରେ ପ୍ରତ୍ୟକ୍ଷ ସୁରତ ରହୁ ରୂପରେ ଉଭା ହୋଇଯା'ନ୍ତି । ସେ ଚେତସ ଶକ୍ତିରେ ବେଗବାନ ହୋଇ ପ୍ରକୃତିକଳ୍ପ ଇଷ୍ଟ ଦେବତାଙ୍କ (ଇନ୍ଦ୍ର, ବରୁଣ, ଉଷା, ରାତ୍ରି, ଅଗ୍ନି, ବାୟୁ, ସବିତା, ଅଶ୍ୱିନୀ କୁମାର, ପୂଷା ପ୍ରମୁଖଙ୍କୁ) ଜଗତ ପରିକ୍ରମଣ କରାଇଥା'ନ୍ତି । ମହାସେବକ ମହାବାହାନ ରଥଦେବ ସତ୍ୟ-ଶିବ-ସୁନ୍ଦରର ମହାଭାବମାନଙ୍କୁ ସର୍ବତ୍ର ବହି ନିୟନ୍ତି । ଯୁଦ୍ଧର, ଧ୍ୱଂସର, ପୁନଃ ସର୍ଜନ ଓ ଶାନ୍ତିର ପ୍ରତ୍ୟକ୍ଷ ସାକ୍ଷୀ ରୂପରେ ସ୍ୱୟଂ ଘର୍ଘର ନାଦ କରି ରଥ୍ୟାପଥରେ କଲ୍ୟାଣ ବୋଧର ମାଙ୍ଗଳିକ ଗାନ କରିଥା'ନ୍ତି ।

ବେଦ କବିଙ୍କ କଳନାରେ ରଥର କଳେବର ବିଧାନ ଓ ସୃଷ୍ଟି ରହସ୍ୟ ମଧ୍ୟ ବିଚିତ୍ର ଓ ବିସ୍ମୟୋତ୍ପାଦକ । ଋଗବେଦର ୬-୪୭-୨୮ ସୂକ୍ତରେ ରଥର କଳେବର ହେଉଛି ଶବଳିତ ପ୍ରକୃତି-ସ୍ୱରୂପ । ସୂର୍ଯ୍ୟଙ୍କ ହିରଣ୍ମୟ ଗର୍ଭ ଓ ବରୁଣଙ୍କ ଶୀତକର ନାଭିର ସମନ୍ୱୟରେ ରଥ-ପିଣ୍ଡର ସୃଷ୍ଟି । ତେଣୁ ଜନ୍ମକାଳରୁ ରଥ ଦୀପ୍ତି ଓ ଶାନ୍ତିର ପ୍ରତୀକ । ଅଥର୍ବ ବେଦ ସଂହିତାର ସୂକ୍ତି ଅନୁସାରେ (୯-୪-୧-୧୫) ରଥ ଆକାଶାଚ୍ଛାଦିତ ଇନ୍ଦ୍ରଙ୍କ ବଳ, ତୀବ୍ର ଚଳନମାନ ମରୁତ୍‌ଗଣଙ୍କର ପ୍ରବହମାତା ଶକ୍ତି, ସୂର୍ଯ୍ୟଙ୍କ ପ୍ରଖର ତେଜଦୀପ୍ତ ଗର୍ଭ ଓ ବରୁଣଙ୍କ

ଶମନୀୟ ନାଭିକୁ ନେଇ ପରିକଳ୍ପିତ । ଅଥର୍ବ ବେଦୀ କବି ଦୃଷ୍ଟିରେ ରଥ ଶକ୍ତି, ଜ୍ଞାନ, ଜ୍ୟୋତି, ବେଗ ଓ ଶମର ମିଶ୍ରଣରେ ସୃଷ୍ଟିଲାଭ କରିଥିବା ଏକ ମଙ୍ଗଳମୟ ଐଶୀବିଧାନ । ଶତପଥ ବ୍ରାହ୍ମଣର ୧୫ ସଂଖ୍ୟକ ଶ୍ଳୋକାନୁଯାୟୀ ରଥ ସ୍ୱୟଂ ସ୍ୱର୍ଗ ସଂଚାରୀ ଦ୍ୟୋତମାନ ସୂର୍ଯ୍ୟ । ସୂର୍ଯ୍ୟଙ୍କ ଗତି-ତେଜ-କିରଣର ଶ୍ରେଷ୍ଠାଂଶକୁ ଆଧାର କରି ରଥଦେବତାଙ୍କ ଜନ୍ମଜାତକ ନିର୍ଦ୍ଦିଷ୍ଟ ହୋଇଛି । ପୁନଶ୍ଚ ଏହାର ୧-୨-୪-୧ ଶ୍ଳୋକରେ ବର୍ଣ୍ଣିତ ହୋଇଛି ଯେ ଇନ୍ଦ୍ର ବୃତ୍ରାସୁରର ବଧ ଉଦ୍ଦେଶ୍ୟରେ ଯେଉଁ ପ୍ରଚଣ୍ଡ ଆଗ୍ନେୟ, ମରୁତ୍‌ବତ୍ ବେଗବାନ ଓ ପ୍ରଚଣ୍ଡ ଏବଂ ସୂର୍ଯ୍ୟ ତାପବତ୍ ତେଜଦୀପ୍ତ ବଜ୍ର ପ୍ରହାର କରିଥିଲେ ତାହାର ବ୍ରହ୍ମଶକ୍ତିରୁ ରଥର ଉତ୍ପତ୍ତି । ବ୍ରାହ୍ମଣ ମତରେ ରଥ ସର୍ବଦା ଶକ୍ତି ଓ ବିଜୟର ପ୍ରତିନିଧିତ୍ୱ କରୁଅଛି ।

ଅଥର୍ବ ବେଦୀ (୨୦/୧୪/୪-୫)ଙ୍କ ମତରେ ବ୍ରହ୍ମଅଗ୍ନିରୁ ଜାତ ହୋଇଥିବାରୁ ଅଗ୍ନିଙ୍କ ଉପଦେଶ ଓ ନିର୍ଦ୍ଦେଶରେ ଯଜ୍ଞ କ୍ଷେତ୍ରକୁ ବା ବ୍ରହ୍ମବେଦୀଙ୍କ ସ୍ଥଳକୁ ଦେବତାମାନଙ୍କୁ ରଥ ଚରାଚର ହିତାର୍ଥେ ବହନ କରି ଆଣିଥାଏ । ରଥର ଉପଯୋଗିତା ମଙ୍ଗଳବୋଧ ଉପରେ ପ୍ରତିଷ୍ଠିତ । ବେଦାନ୍ତ ଓ ଏହାର କ୍ରମ ପର୍ଯ୍ୟାୟ ରୂପ ଉପନିଷଦ ପରମ୍ପରାରେ ରଥ ସଂସ୍କାର ସୁଖ, ସୌଭାଗ୍ୟର ନଗର ଭ୍ରମଣ ଭିତ୍ତି ଉପରେ ପର୍ଯ୍ୟବସିତ । ଅଥର୍ବ ବେଦ ସଂହିତା ଓ ପ୍ରଶ୍ନୋପନିଷଦର ଆପ୍ତବାଣୀ ବିଚାରରେ ଦେବଶକ୍ତିର ପ୍ରତିଷ୍ଠା ବା ବ୍ରହ୍ମଶକ୍ତିର ପ୍ରତିଷ୍ଠା ପରବର୍ତ୍ତୀ ଦିନ ଶକ୍ତିଙ୍କର ନଗର ଭ୍ରମଣ ଓ ତତ୍‌ପରବର୍ତ୍ତୀ ଦିନରେ ମୂଳପିଣ୍ଡସ୍ଥଳକୁ ପ୍ରତ୍ୟାବର୍ତ୍ତନ ହେଉଛି ଆପ୍ତବିଧିକ ବ୍ରହ୍ମୋତ୍ସବ । ବ୍ରହ୍ମଶକ୍ତିଙ୍କୁ ରଥରେ ନଗର ଭ୍ରମଣ କରାଇବା ହେଉଛି ଶିବାନୁମୋଦିତ ସଂକଳ୍ପ ବା ମଙ୍ଗଳଦାୟକ ବିଧାନ । ନଗର ଭ୍ରମଣ କାଳରେ ରଥ ବ୍ରହ୍ମାଂଶୀ, ରଥୀ ସ୍ୱୟଂ ବ୍ରହ୍ମ ଓ ରଥ୍ୟା (ରଥପଥଂ) ପରମ ସୁଖକର (ପରମ ସୁଖଂ) । ବୈଦିକ ରଥ ପରମ୍ପରାର ବଳିଷ୍ଠ ଓ ପରମ ରୂପାୟଣ ଘୋଷ ଯାତ୍ରା ହେଉଛି ବ୍ରହ୍ମୋତ୍ସବ ବା ବ୍ରହ୍ମଯାତ୍ରା । ଦାରୁବ୍ରହ୍ମଙ୍କର ବ୍ରହ୍ମାଂଶୀ ଦେବରଥରେ ନବଦିନ ପାଇଁ ଜନ୍ମବେଦୀ/ଆଡ଼ପବେଦୀ/ମହାବେଦୀ ଯାତ୍ରା ନଗର ଭ୍ରମଣ କ୍ରମେ ହୋଇଥାଏ । ରଥ ତ୍ରୟୀ ଏହି ଉତ୍ସବରେ ସ୍ୱୟଂ ସ୍ୱର୍ଗାବତଂଶୀ, ରଥୀ ସ୍ୱୟଂ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତି ଓ ସୁଖଂ ରଥପଥ (ରଥ୍ୟା) ସ୍ୱୟଂ ବଡ଼ଦାଣ୍ଡ, ସ୍କନ୍ଦପୁରାଣ ଅନୁସାରେ 'ସାକ୍ଷାତ୍ ଭୂସ୍ୱର୍ଗଂ ସାଂପ୍ରତଂ'' ।

ଭୂସ୍ୱର୍ଗ ବଡ଼ଦାଣ୍ଡରେ ସ୍ୱୟଂ ରଥ ମହାତ୍ମା ଶ୍ରୀମୂର୍ତ୍ତିମାନଙ୍କୁ ଧାରଣ କରି ଭକ୍ତିମୁକ୍ତି ପ୍ରଦାୟିନୀ ନଗର ପରିକ୍ରମଣ କରିବାର ବେପଥୁବନ୍ତ ଦୃଶ୍ୟକୁ ଦେଖି ପ୍ରାଚୀନ ଓଡ଼ିଆ ଯୋଗ ବଶିଷ୍ଠ ସିଦ୍ଧକବି ଯେତେବେଳେ ନିଜର ଅନୁଭୂତିକୁ ଅଭ୍ରାନ୍ତ କାବ୍ୟତା ରୂପ ଦେବାକୁ ଯାଇ ଗାଇଛନ୍ତି -

'ଦେହ ନନ୍ଦିଘୋଷେ ଆତ୍ମା ବ୍ରହ୍ମମୂର୍ତ୍ତି
ମନ ପବନ ଯେ ଏଥି ସାରଥି ।'

ସେତେବେଳେ ବୈଦିକ କାବ୍ୟତାର ରଥାନୁଭୂତିକୁ କଠୋପନିଷଦର ଉଦାତ୍ତବାଣୀ ସାଧକ ଦୀର୍ଘ ବ୍ୟବଧାନ ପରେ ଆକାଶଚାରୀ ଭାବନାର ପରିମଣ୍ଡଳରୁ ବଡ଼ଦାଣ୍ଡର ନିରୁତା ମାଟି ମନସ୍କ ପରିବେଶକୁ ଓହ୍ଲାଇ ଆସି ତାଙ୍କର ପବିତ୍ର ତତ୍ତ୍ୱଦର୍ଶୀ ଆପ୍ତବାଣୀ 'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ / ବୁଦ୍ଧିଂ ତୁ ସାରଥି ବିଦ୍ଧି ମନଃ ପ୍ରଗ୍ରହ ମେବ ଚ'କୁ । ଉତ୍କଳୀ ଭାଷାରେ ଭାବାନୁବାଦ କରି ପୁନର୍ବାର ଗାଇଲେ ବୋଲି ବୋଧ ହେଉ ନାହିଁକି ? ଶ୍ରଦ୍ଧାଳୁବର୍ଗ ! ଏହି ଦୃଷ୍ଟିରୁ 'ବ୍ରହ୍ମ ପରେ ବ୍ରହ୍ମ ଏହି' (ଦିବାକର ଦାସ) ଶ୍ରୀମୂର୍ତ୍ତି ଦାରୁବ୍ରହ୍ମଙ୍କ ବ୍ରହ୍ମୋତ୍ସବ ଶ୍ରୀଗୁଣ୍ଡିଚାର ସର୍ବକାରଣ ପରସିଦ୍ଧିକ ଅନୁବିଧିରେ ବୈଦିକ ଦର୍ଶନ ଓ ଉପନିଷଦୀୟ ଲୀଳାବୋଧକୁ ଅନୁଶୀଳନ କରିବା ପୂର୍ବରୁ ଋଗ୍‌ବେଦଠାରୁ ପ୍ରଶ୍ନୋପନିଷଦ ପର୍ଯ୍ୟନ୍ତ ବିବିଧ ଆର୍ଷଚେତନାର କୃତିରେ ରଥପରମ୍ପରା ସମ୍ବନ୍ଧୀ ସ୍ୱତନ୍ତ୍ର ଦୃଷ୍ଟିକୁ ସମ୍ୟକ୍ ଭାବେ ଆଲୋଚନା କରାଯାଉଛି ।

ପ୍ରାୟତଃ ଚାରିହଜାର ବର୍ଷର ପ୍ରାଗ୍ ଐତିହାସିକ ଅସ୍ମିତାର ମହତ୍ତ୍ୱ ଦାବୀ କରୁଥିବା ଋଗ୍‌ବେଦ (ଯେଉଁଠି ଋଷିକବି ମହାସମୁଦ୍ରର ତରଙ୍ଗରେ ଅପୁରୁଷ - ବ୍ରହ୍ମସତ୍ତାର ଭାସମାନ ଦାରୁରୂପଙ୍କୁ ଦେଖି ତଟସ୍ଥ ହୋଇ ଗାଇଥିଲେ - ଅଦୋ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍) ଓ ଋଗ୍‌ବେଦ ସଂହିତାରେ ଆନୁମାନିକ ସର୍ବମୋଟ ୭୨ ଥର ରଥର ବିବିଧ ରୂପ, ପ୍ରୟୋଜନ, ଦୈବ ଭୂମିକା ଓ ତାତ୍ତ୍ୱିକ ମହତ୍ତ୍ୱ ଇତ୍ୟାଦିକୁ ବର୍ଣ୍ଣନା କରାଯାଇଛି ।

ଋଗ୍‌ବେଦରେ ରଥ ହେଉଛି ବ୍ୟୋମଚାରୀ ଦେବଯାନ । ବେଦବାଦୀ ଦେବତା ଭାବରେ ସୂର୍ଯ୍ୟ, ଇନ୍ଦ୍ର, ଅଗ୍ନି, ବରୁଣ, ଅଶ୍ୱିନୀକୁମାର, ମରୁତ, ସବିତା, ସରସ୍ୱତୀ ପୂଷନ୍, ଉଷା, ବାୟୁ ପ୍ରମୁଖ ଐଶ୍ୱର୍ଯ୍ୟ ଲୀଳା ସଂପାଦନ ପୂର୍ବକ ଓ ଯାଜ୍ଞିକ ଦାୟିତ୍ୱ ସଂସାଧନ ନିମନ୍ତେ ରଥାରୋହଣ କରନ୍ତି । ଋଗ୍‌ବେଦ ସମୟକୁ ହିରଣ୍ୟଗର୍ଭ ସୂର୍ଯ୍ୟ ବିଷ୍ଣୁ ହିଁ ସର୍ବଶକ୍ତିମାନ ଦେବତା । ବେଦର ଋଷି ଦୃଷ୍ଟି ବିଶ୍ୱାସ କରନ୍ତି ଯେ ସାତରଙ୍ଗର କିରଣରୂପୀ ଅଶ୍ୱ ଦ୍ୱାରା ତୀବ୍ରବେଗରେ ଗତିଶୀଳ ଏକଚକ୍ର ବିଶିଷ୍ଟ ରଥରେ ହିରଣ୍ୟଗର୍ଭ ସୂର୍ଯ୍ୟ ଚରାଚର ମଙ୍ଗଳ ଉଦ୍ଦେଶ୍ୟରେ ଭ୍ରମଣ କରନ୍ତି । ଏହି ଏକଚକ୍ରୀୟ ରଥ ବିଧାନରେ ତିନିଗୋଟି ନାଭିକେନ୍ଦ୍ର ବା ମଧ୍ୟଭାଗର ପରିକଳ୍ପନା କରାଯାଇଛି । ଚକ୍ରତ୍ରିନାଭି ତ୍ରିଲୋକ, ତ୍ରିକାଳ ଓ ତ୍ରିଋତୁ (ଭୂଲୋକ-ଦ୍ୟୁଲୋକ-ସ୍ୱର୍ଗଲୋକ/ବିଗତ-ବର୍ତ୍ତମାନ-ଆଗତ/ଗ୍ରୀଷ୍ମ-ବର୍ଷା-ଶୀତ) ଭାବରେ ମାନବ ଜୀବନଚକ୍ରକୁ ନିୟନ୍ତ୍ରଣ କରୁଛି (ସପ୍ତ ଯୁଞ୍ଜନ୍ତି ରଥଂ ଏକଚକ୍ରଂ ଏକୋଶ୍ୱୋବହତି ସପ୍ତନାମା/ତ୍ରିନାଭି ଚକ୍ରମଜର ମନର୍ବଂ ଯତ୍ରେମା ବିଶ୍ୱା ଭୁବନାଧି ତସ୍ଥୁଃ-ଋଗ୍‌ବେଦ ସଂହିତା-୧-୧୬୪-୨) । ବେଦରେ ସୂର୍ଯ୍ୟ ବିଷ୍ଣୁଙ୍କର ସବିତା ଓ ମାର୍ତ୍ତଣ୍ଡ ଅନ୍ୟ ଦ୍ୱିଧ ସ୍ୱରୂପର ବର୍ଣ୍ଣନା କ୍ରମେ ସେମାନଙ୍କର ରଥସଂପୃକ୍ତିକୁ ସମର୍ଥନ କରାଯାଇଛି । ହରିଣ୍ମୟ ସବିତା କୋମଳ, ଶୀତଳ, ମଙ୍ଗଳମୟ କିରଣ ପ୍ରଦାନ ପୂର୍ବକ ସପ୍ତାଶ୍ୱମଣ୍ଡିତ ହୋଇ ସ୍ୱର୍ଣ୍ଣାଭ ରଥରେ ତ୍ରିଭୁବନ ଦର୍ଶନ କରୁଥିବା ବେଳେ ଆଦିତିଦୌସ୍‌ଙ୍କ ପୁତ୍ର ମାର୍ତ୍ତଣ୍ଡ ପୂର୍ବରୁ ପଶ୍ଚିମ

ସ୍ୱର୍ଗମାର୍ଗରେ ପରିକ୍ରମଣ କରି ବିଶ୍ୱକୁ ତେଜମୟ କରନ୍ତି (ହରିଣ୍ୱୟେନ ସବିତା ରଥେନ ଦେବେ ଯାତି ଭୁବନାନି ପଶ୍ୟନ୍-ଋକ୍‌ବେଦ-୧-୩୫-୨)।

ପୁନଶ୍ଚ ଋଗ୍‌ବେଦ ସଂହିତାରେ ବର୍ଣ୍ଣିତ ହୋଇଛି ଯେ ଅଶ୍ୱିନୀ କୁମାର ତ୍ରିଚକ୍ର ରଥାରୋହୀ ହୋଇ ଗାଈ, ଅଶ୍ୱ ଓ ସନ୍ତାନ ପ୍ରଦାନ କରୁଥିବା ସ୍ଥଳେ ମନାନୁରୂପ ଗତିଶୀଳ ଦଶଚକ୍ରୀୟ ଇଷ୍ଟରଥ କୈବଲ୍ୟ ବା ମୁକ୍ତିଫଳ ଦେବାରେ ସମର୍ଥ । ଋଗ୍‌ବେଦୀୟ କବି ଦୃଷ୍ଟିରେ ରଥ ବାୟୁଚାଳିତ, ବିଦ୍ୟୁତ୍‌ଚାଳିତ ଓ ତ୍ରିଲୋକଙ୍କୁ ବ୍ୟାପି ଯାଇପାରୁଥିବା ତ୍ରିତଳ ରଥର ବର୍ଣ୍ଣନା ରହିଛି ।ବୈଦ୍ୟୁତିକ ରଥର କଳ୍ପନା ବେଦ-କବିତ୍ୱ ଶକ୍ତିକୁ ତାତ୍‌କାଳିକ ବିଚାରରେ ଆକାଶ ସଂଚାରୀ ଅତିକଳ୍ପନାର ବୈଚିତ୍ୟରେ ବିଭାଡିତ କରିପାରିଛି (ସ ବେଧବିଦ୍ୟୁଦ୍ରଥଃ ସଦ୍‌ମୟତତ୍ରାଗ୍ନିଃ-ଋଗ୍‌ବେଦ-୩-୪-୧୧) । ଋଗ୍‌ବେଦର ୬/୭୫/୬ ସ୍ୱକ୍ତିରେ ମନକୁ ସକଳ ପଶ୍ଚାତ୍ ଗତିରୁ ମୁକ୍ତ କରି ସୁସାରଥୀ ଅଶ୍ୱଖଚିତ ବେଗବାନ ରଥ ପରି ଉତ୍ତମ କାମନା ପୂରଣ ଦିଗରେ ଗତିଶୀଳ କରାଇ ନେବାର ସକରାତ୍ମକ ଦୃଷ୍ଟି ମଧ୍ୟ ଉପଲବ୍ଧ ହୁଏ । ଯଜ୍ଞପୀଠର ବ୍ରହ୍ମବେଦୀକୁ ଦେବତାମାନେ ଆସୁଥିବା ରଥଗୁଡ଼ିକ ସତତ ପରିଭ୍ରମଣଶୀଳ, ସମୁଦ୍ର, ପର୍ବତର ଉର୍ଦ୍ଧ୍ୱଭାଗ ଦେଇ ସେଗୁଡ଼ିକ ଆକାଶଚାରୀ, ବିବିଧ ରୂପରେ ରଙ୍ଗରେ ସୁମଣ୍ଡିତ, ସକଳ ନକରାତ୍ମକ ଭାବନାକୁ ଧ୍ୱଂସ କରିବାରେ ରଥଗୁଡ଼ିକ ପ୍ରଚଣ୍ଡ ସାମର୍ଥ୍ୟ ମଧ୍ୟ ରଖନ୍ତି । ସ୍ୱର୍ଣ୍ଣିମ ରଶ୍ମିଯୁକ୍ତ ରଥରେ ଘୋରତମିସ୍ରାକୁ ବିଧ୍ୱଂସି ସବିତା ରଥାରୂଢ଼ ହୋଇ ଓ ହରିଦ୍ରାବର୍ଣ୍ଣର ଅଶ୍ୱଦ୍ୱାରା ଚାଳିତ ସୁବର୍ଣ୍ଣ ବର୍ଣ୍ଣାରଥରେ ଐଶ୍ୱର୍ଯ୍ୟ ଓ ଔଦାର୍ଯ୍ୟ ଲୀଳାର ମହିମା ପ୍ରକଟ ନକରି ଅଗ୍ରଦେବତା ଇନ୍ଦ୍ର ସଶକ୍ତାରୂଢ଼ା ହୋଇ ଜଗତ କଲ୍ୟାଣ ନିମନ୍ତେ ବ୍ରହ୍ମବେଦୀକୁ ଆସନ୍ତି (ଆସ୍ଥାଦ୍ରଥ ସବିତା ଚିତ୍ରଭାନୁଃ କୃଷ୍ଣାରଜାଂସି ତବିଷାଂଦ୍‌ଧାନଃ-ଋଗ୍‌ବେଦ ସଂହିତା-୧/୩୫/୪ ଏବଂ ଯୁକ୍ଷ୍ୱାହ୍ୟରୁ ଷୀରଥେ ହରିତୋ ଦେବରୋହିତଃ - ୧/୧୪/୧୨)

କେବଳ ଦେବତା ନୁହନ୍ତି ବୈଦିକ ଦେବୀ ହିରଣ୍ୟବର୍ଣ୍ଣା ପୁରାତନୀ ହୋଇ ମଧ୍ୟ ସର୍ବଦା ନିତ୍ୟନୂତନା ରୂପେ ପ୍ରକାଶିତା ଦେବୀ ଉଷା ରକ୍ତବର୍ଣ୍ଣର ଅଶ୍ୱଖଚିତ ରଥରେ ଦେବତାମାନଙ୍କୁ ସଙ୍ଗରେ ଧରି ଆକାଶମାର୍ଗରେ ବିଚରଣ କରି ସଂସାରରେ ସଦ୍‌ଭାବନାର ଓ ଆଲୋକର ବାର୍ତ୍ତା ପ୍ରଚାର କରନ୍ତି । ତାଙ୍କର ରଥ କୃଷ୍ଣ ଅନ୍ଧକାର ମଧ୍ୟରୁ ଉପରକୁ ଉଠେ ଏବଂ ଅପୂର୍ବ ଜ୍ୟୋତି ପ୍ରକାଶ କରି ମାନବର ଶ୍ରଦ୍ଧା ଓ ସୁଖଦାୟକ ହୁଏ (ପୃଥୁରଥୋ ଦକ୍ଷିଣାୟା ଆୟୋଜ୍ୟୈନଂ ଦେବାସୋ ଅମୃତାସୋ ଅସ୍ଥୁଃ/କୃଷ୍ଣ/ଦୁଦସ୍ଥାଦର୍ଯ୍ୟା ବିହାୟାଶ୍ଚ କିତ୍ସନ୍ତୀ ମାନୁପୋୟ କ୍ଷୟାୟ-ଋଗ୍‌ବେଦ ସଂହିତା - ୧/୧୦୩/୧)।

ଆନନ୍ଦ, ଦୀପ୍ତି ଓ ଶୁଭଦୃଷ୍ଟି ସହିତ ଆଶୀଷ ପ୍ରଦାନକାରୀ ଅନ୍ତରୀକ୍ଷବାସୀ ଦେବତା ଓ ପିତୃପୁରୁଷ ସମ୍ମାନପୂର୍ବକ ରଥାରୋହଣ ପାଇଁ ବେଦକବି ଆବାହନ କରିଛନ୍ତି । ବିବିଧ ରଙ୍ଗରେ ବୈଚିତ୍ରମୟ ନୀଳାଭ ରଥରେ ବରୁଣ ଦେବତା ଅନ୍ତରୀକ୍ଷରୁ ପବିତ୍ର ଓ ଶୀତଳ ଦୃଷ୍ଟିରେ ଶାନ୍ତି ବିତରଣ କରନ୍ତି । ପିଙ୍ଗଳବର୍ଣ୍ଣା ଅଶ୍ୱଚାଳିତ ରଥରେ ଦେବତାମାନଙ୍କ ସହିତ ସହଗମନ କରି ଅଗ୍ନିଦେବ, ଆକାଶସ୍ପର୍ଶୀ ରଥରେ ଆରୋହଣ କରି ବାୟୁ ଦେବତା ଓ ସଘୋଷ ସୁଦର୍ଶନୀୟ ଓ ଅରୁଣିମା ଆଭାଯୁକ୍ତ ରଥରେ ମରୁତ୍ ଦେବତା, ସଂସାରରୁ ଯଜମାନଙ୍କ ଜୀବନ ଚକ୍ରରୁ ଅଶାନ୍ତି, କଦାଚାର ଓ ଅପାର୍ଥଗୁଡ଼ିକୁ ଜାଳି ଦେଉଛନ୍ତି ଓ ଶୂନ୍ୟକୁ ଉଡ଼େଇ ନେଉଛନ୍ତି । ସ୍ୱଚ୍ଛବସ୍ତ୍ର ପରିଧାନା ସ୍ୱର୍ଣ୍ଣ ରେଖାଙ୍କିତ ରଥରେ ଭ୍ରମଣ କରି ସରସ୍ୱତୀ ସୁଭାଷଣମାନ ଦାନ କରୁଛନ୍ତି । ଇନ୍ଦ୍ର ଓ ବାୟୁଦେବତା, ଅନ୍ୟପକ୍ଷରେ ମିତ୍ର ଓ ବରୁଣ ଦେବତା ମିଶିକରି ସତ୍ୟଧର୍ମ ପାଳକ ଭାବରେ ଆକଶରୁ ସଂସାରରକ୍ଷା ନିମନ୍ତେ ଭୂମିରୁ ଆକାଶବ୍ୟାପୀନ ହୋଇ ଜଳବୃଷ୍ଟି କରି ପୁଷ୍ଟି ସାଧନ କରୁଛନ୍ତି । ଋଗ୍‌ବେଦରେ - 'ଋତସ୍ୟ ଗୋପାବଧି ତିଷ୍ଠଥୋ ରଥଂ ସତ୍ୟଧର୍ମାଣାଂ ପରମେବ୍ୟୋମନି/... ତସ୍ମୈବୃଷ୍ଟିର୍ମଧୁଂ ଅପି ନ ତେ ଦିବଃ, ମରୁତଶ୍ଚିରଂ ... ଶମଧ୍ୟାୟି ଦର୍ଶିତଃ, ରଥବାହନଂ ହବିରସନାଂ, ଯା ସୁରଥା ରଥୀତମୋଭା, ସୁପେଶସଂ ସୁଖଂ ରଥଂ, ରଥଂ ଯୁଞ୍ଜତେ ମରୁତ, ରଥଂ ଯେ ଚକ୍ରୁ ସୁବୃତଂ ସୁଚେତସୋ, ରଥେ ବିଶ୍ୱନ୍ନୟତ', ଅଥର୍ବ ବେଦରେ - 'ସୁଖୋ ରଥଇବ ଗର୍ଭତାଂ, ରଥଜିତାଂ ରାଥର୍ଜତେ, ଦେବରଥ ପ୍ରତି ହବ୍ୟା, ହବିଷା ରଥଂ ଯୁଜ, ସୁଖଂ ରଥପଥଂ', ଯଜୁର୍ବେଦ ଓ ସାମବେଦରେ - 'ସୁସାରଥିରଶ୍ୱାନିକ ଯନ୍ମନୁଷ୍ୟା ... ମନଃ ଶିବ ସଂକଳ୍ପମସ୍ତୁ, ସୃଜଦଶ୍ୱଂ ରଥୀରିବ' ଏବଂ ବୃହଦାରଣ୍ୟକ, ଛାନ୍ଦୋଗ୍ୟ, କଠ, ମୁଣ୍ଡାକ, ପ୍ରଶ୍ନ ଓ ମାଣ୍ଡୁକ ଆଦି ଉପନିଷଦରେ - 'ରଥନାଭୌ ଚ ରଥନେଭୌ, ରଥୋଭୋଭାଭ୍ୟାଂ, ତସ୍ୟେନ୍ଦ୍ରିୟାଣି ବଶ୍ୟାନି ସଦାଶ୍ୱ ଇବ ସାରଥେଃ ଓ ରଥମାରୁହ୍ୟ ପବ୍ରାଜ' ଇତ୍ୟାଦି ରଥସମ୍ବନ୍ଧୀ ସ୍ୱକ୍ରୀୟ ବର୍ଣ୍ଣନାଗୁଡ଼ିକୁ ବିଶ୍ଳେଷଣ କଲେ ସୁଧୀବର୍ଗ ନିମ୍ନ ସିଦ୍ଧାନ୍ତରେ ଉପନୀତ ହେବେ -

- ରଥ ଏକାଧାରରେ ଯାନ ବ୍ରହ୍ମମୟ ଚେତନାଶକ୍ତିର ପ୍ରତିଭୂ ।
- ରଥାରୋହୀ ଦେବତାମାନେ ସଂସାରର କଲ୍ୟାଣ ନିମନ୍ତେ ରଥଯାତ୍ରା କରନ୍ତି ।
- ଅନ୍ତରୀକ୍ଷରୁ ରଥର ଘୋଷନାଦ ଓ ରଥୀଙ୍କ କରୁଣାର୍ଦ୍ର ଦୃଷ୍ଟି ଶାନ୍ତି, ମଙ୍ଗଳ, ଅପାର୍ଥଖଣ୍ଡନ କରିଥା'ନ୍ତି ।
- ରଥର ଆକାଶୀ ଭାବନା ମର୍ତ୍ତ୍ୟର ସାଂସାରିକ ଜୀବନଚକ୍ରକୁ ଆଲୋକମୟ କରେ ।
- ରଥ ସାଂସାରିକ ବିନ୍ୟାସ ନିମନ୍ତେ କାଳ-ଋତୁ-ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତିର ପ୍ରତିଭୂ ।
- ଦେବ ପ୍ରାଧାନ୍ୟ ବେଦ ଯୁଗରୁ ରଥ ସହଗମନର ସ୍ୱର୍ଗୀୟ ପରମ୍ପରାକୁ ଯାତ୍ରାବୋଧ ଭିତ୍ତିରେ ମର୍ତ୍ତ୍ୟ ପ୍ରସିଦ୍ଧି ଦେଇଛି ।

ବୈଦିକ ଋଷିକ-କାବ୍ୟଦୃଷ୍ଟି ରଥ ଓ ରଥୀଙ୍କ ସମ୍ବନ୍ଧରେ ଦେବରଥଙ୍କୁ ବେଦରଥ ସହିତ ତୁଳନା କରିବା, ରଥୀ ଭାବରେ ଆତ୍ମାର ଉତ୍ତରଣ କଳନା କରିବା, ରଥର ବିଚିତ୍ର ରୂପ ବିଧାନ ଓ ମନୁ ସ୍ନାନ ବିଧାନ କଳ୍ପନା କରିବା ଏବଂ ରଥକୁ ଚେତନାଶକ୍ତି ଭାବରେ ବିଚାର କରି ଚେତସପୁରୁଷଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିବା ପ୍ରସଙ୍ଗରେ ଆବେଗପ୍ରବଣ ହୋଇଉଠିଛି । ଜଳପୁତ୍ର ଆପାଂନପାତ୍ ଓ ସୂର୍ଯ୍ୟାଂଶୀ ପୂଷନ୍ ଦେବ ରଥକୁ ମନରୂପକ ଅଶ୍ୱଦ୍ୱାରା ପରିଚାଳିତ ଜୀବନରଥ ଭାବରେ ବିବେଚନା କରିଛନ୍ତି । ପୁନଶ୍ଚ ସ୍ୱୟଂ ପୂଷନ୍ ସୂର୍ଯ୍ୟରଥର ଚକ୍ରଶକ୍ତି ଭାବରେ ଦାୟିତ୍ୱ ସଂପାଦନ କରି କାଳଚକ୍ରରେ ରୂପାନ୍ତର ଘଟନା କରୁଛନ୍ତି । ପ୍ରଥମଟିରେ କଳ୍ପନା ଉପମାଦ୍ୟୋତକ ଓ ଦ୍ୱିତୀୟ ଭାବନାଟିରେ କବିତ୍ୱ ବିଜ୍ଞାନବୋଧାତ୍ମକ ତର୍କଣା ଦ୍ୱାରା ବିଳସିତ । ଉଭୟ ତର୍କଣା ଓ ଉପମାକଳ୍ପର ସମନ୍ୱୟାତ୍ମକ ବର୍ଣ୍ଣନା ଭଙ୍ଗୀକୁ ପ୍ରଦତ୍ତ ରଥାନୁଗ ବେଦ-ମନ୍ତ୍ର ତ୍ରୟରୁ ଅନୁଭବ କରାଯାଇପାରେ । ଯଥା- କ) ସୁସାରଥିର ଶ୍ୱାନିବ ଯନ୍ମନୁଷ୍ୟାର୍ନେନୀୟତେ ତଭୀଶୁଭିର୍ବାନିବ ଇବ/ହୃଦ୍ ପ୍ରତିଷ୍ଠଂ ଯଦପରିଂ କବିଷ୍ଠଂ ତନ୍ମେ ମନଃ ଶିବସଂକଳ୍ପମସ୍ତୁ (-ଯଜୁଃବେଦ-୩୪-୬), ଖ) ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ ... (କଠୋପନିଷଦ-୧/୩/୩), ଗ) ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାତ୍/... ତସ୍ୟେନ୍ଦ୍ରିୟାଣ୍ୟବଶ୍ୟାଦି ଦୃଷ୍ଟାଶ୍ୱା ଇବସାରଥେଃ/ଯସ୍ତୁବିଜ୍ଞାନବାନ୍ ଭବତି ଯୁକ୍ତେନ ମନସା ସଦା/ ତସ୍ୟେନ୍ଦ୍ରିୟାଣୀ ବଶ୍ୟାନି ସଦାଶ୍ୱ ଇବ ସାରଥେଃ - (ତତ୍ରୈବ-୧/ ୩-୪, ୫, ୬) ।

ଏଠାରେ ଉଭୟ ଯୁଜୁର୍ବେଦୀୟ ଓ ଉପନିଷଦୀୟ କବିଦୃଷ୍ଟି ଭାବବାଦୀ ଦିଗରୁ ମନୁଷ୍ୟର ସାମଗ୍ରିକତାକୁ ରଥ ରୂପରେ ଉପମାୟିତ କରିଛି । ଉଭୟର ଶାସ୍ତ୍ରୀୟ କବିତ୍ୱ ଦେହକୁ ରଥ ସ୍ୱରୂପ ଓ ରଥରୂପୀ ଦେହରେ ବିଜେ ପ୍ରତିମା ରୂପେ ଆତ୍ମାକୁ ସ୍ୱୀକାର କରନ୍ତି । ଆତ୍ମା ରଥୀ, ମନସାରଥି । ଇନ୍ଦ୍ରିୟମାନେ (କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଭାବରେ) ଅଶ୍ୱ ଅଳୀକ ବାସନାଗୁଡ଼ିକ ରଜ୍ଜୁ । ସାରଥି ମନ ବିବେକବାନ୍ ଅଥବା ଅବିବେକୀ ହୋଇପାରନ୍ତି । ବିବେକୀ ମନସାରଥି ସୁସାରିଥି ରୂପେ ସକୁଶଳ ଇନ୍ଦ୍ରିୟାଶ୍ୱମାନଙ୍କୁ ସଂଯତ ଓ ସଦାଚାରୀ କରି ଦ୍ରୁତଗାମୀ କରିଥାଏ । ଫଳନ୍ତ ଦେହରଥ ଆତ୍ମାରଥୀଙ୍କୁ ବସାଇ ଜୀବନଚକ୍ରର ଅଭୀଷ୍ଟ ମହତ୍ତମ ବିନ୍ଦୁରେ ପହଞ୍ଚିପାରେ । ଅବିବେକୀ ସାରଥୀଙ୍କ ପାଖରେ ରଥଗତି ଲକ୍ଷ୍ୟନିଷ୍ଠ ହେବାରେ ବାଧାର ସମ୍ମୁଖୀନ ହୁଏ । ବୈଦିକ ରଥ ଉପମା ଏବଂ ତା'ର ପାରମ୍ପରିକ ସଂସ୍କାରବୋଧର ଅର୍ଥବୃତ୍ତଟି ଯେଉଁ ସନାତନୀୟ ସତ୍ୟର ଉଦ୍‌ଘୋଷଣ କରୁଛି ତାହା ହେଉଛି - ରଥର ଶରୀର ଅଛି । ମାନବର ଦେହ ବି ଏକ ରଥ । ରଥର କଳେବରରେ ରଥୀ ବସି ବ୍ରହ୍ମ-ଉତ୍ସବ ପାଳନ କରନ୍ତି । ଦେହରଥରେ ଆତ୍ମାରଥୀ ଆରୂଢ଼ ହୋଇ ମହତ୍ତମ ମିଳନ ଉଦ୍ଦେଶ୍ୟରେ (ଆତ୍ମା-ପରମାତ୍ମାର ମିଳନ) ପାର୍ଥିବ ସ୍ତରରୁ ଅପାର୍ଥିବକୁ ଯାତ୍ରା କରିଥାନ୍ତି । ଦେବରଥରେ ଋଭୁଗଣ /ଦିଗପାଳଗଣ ସାରଥି ହୋଇ ସଂସାର ମଙ୍ଗଳମୟତା ଉଦ୍ଦେଶ୍ୟରେ ଦେବତାଙ୍କୁ ଚରାଚର ଭ୍ରମଣ କରାନ୍ତି । ଦେହ ରଥରେ ଶୁଦ୍ଧ-ଆତ୍ମବ୍ରହ୍ମଙ୍କୁ ବସାଇ ମହତ ସଂକଳ୍ପାବଦ୍ଧ ମନସାରଥି ଇନ୍ଦ୍ରିୟ ଅଶ୍ୱମାନଙ୍କୁ ସଦ୍‌ଗୁଣରେ ସଚିତ୍ର କରି ଆୟତ୍ତରେ ରଖି ପରମ ସୁନ୍ଦର ଓ ସତ୍-ଚିତ୍-ଆନନ୍ଦଙ୍କ ନିତ୍ୟ କଲ୍ୟାଣ ବେଦୀ ଉଦ୍ଦେଶ୍ୟରେ ଚଳାଇ ନିଅନ୍ତି ।

ଅଥର୍ବ ବେଦ ସଂହିତାଙ୍କ ମତରେ ରଥ ସ୍ୱୟଂ ଦେବତା । ମହତ ବୃକ୍ଷମାନଙ୍କ କାଷ୍ଠ ରୂପ ମାଧ୍ୟମରେ ନିର୍ମିତ ରଥ ଦେବତାଙ୍କ ଅଭୀଷ୍ଟ ଯାତ୍ରାର ଶୁଭ ସାଧନ ନିମନ୍ତେ ମନୁସ୍ନାନ କରନ୍ତି । ଇନ୍ଦ୍ର-ବରୁଣ-ମରୁତ-ଅଗ୍ନି-ସୂର୍ଯ୍ୟଙ୍କ ଶକ୍ତି ଓ ଦଶଦିଗପାଳଙ୍କ ସୌନ୍ଦର୍ଯ୍ୟକୁ ସମୁଦାୟ କରି ରଥମହାତ୍ମାଙ୍କୁ ବଳଶାଳୀ, ଗୁଣଶାଳୀ ଓ ରୂପଶାଳୀ କରାଯାଏ । ରଥଙ୍କ ରଥ୍ୟା (ରଥମାର୍ଗ)କୁ ସୁଖକର କରିବା ପାଇଁ ପବିତ୍ର, ପରିଷ୍କୃତ କରିବା ପାଇଁ ଇନ୍ଦ୍ର-ବରୁଣ-ମରୁତ ମନୁଶୋଧନ କରନ୍ତି । ଜଗତର ଜୟ ପାଇଁ ରଥଯାତ୍ରା ବିଜୟ ଉତ୍ସବ ଭାବରେ 'ବୃହଦ୍ରଥା ବୃହତା' ପରମ୍ପରାର ସ୍ମାରକୀ ।

ସହୃଦୟବର୍ଗ ! ଋଗ୍‌ବେଦ କାଳରୁ ରଥ ସଂସ୍କୃତି ମଙ୍ଗଳମୟ ସୃଷ୍ଟି ବିଧାନ ସହିତ ଜଡ଼ିତ ଏକ ଆକାଶୀ ବା ନିଃସର୍ଗ ଚେତନାର ପ୍ରସଙ୍ଗ ଭାବରେ ବିବେଚିତ ହୋଇଆସିଛି । ଦେବତାଙ୍କ ନୈସର୍ଗିକ ଐଶ୍ୱର୍ଯ୍ୟ+ଔଦାର୍ଯ୍ୟ ତତ୍ତ୍ୱର ରଥାନୁଭୂତି ବୈଦିକ ଧାରାରୁ ନିର୍ଝରିତ ହୋଇ ଉପନିଷଦ ଓ ସଂହିତା ଯୁଗରେ ମାନବୀୟ ଜୀବନ ପରିଧିକୁ ସ୍ପର୍ଶ କରିଛି । ରଥକୁ ନେଇ ଦେହ, ମନ, ଆତ୍ମାର ପାରମାର୍ଥିକ ଅସ୍ତିତ୍ୱ କମ୍ରଶଃ ଉପମାୟିତ ହୋଇଛି । ରାମାୟଣ, ମହାଭାରତ ଓ ଅଷ୍ଟାଦଶ ପୁରାଣ ପର୍ଯ୍ୟାୟକୁ ଐଶ୍ୱର୍ଯ୍ୟ ଓ ଔଦାର୍ଯ୍ୟ (ସୁନ୍ଦର+ମଙ୍ଗଳ) ତତ୍ତ୍ୱର ରଥ ପରମ୍ପରା ଓ ରଥାନୁଭୂତି ମାଧୁର୍ଯ୍ୟ ଲୀଳାଦ୍ୟୋତକ ହୋଇ ଉଠିଛି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ଶୁକନୀତି, ବାସୁଦେବ ସଂହିତା ସୁତ ସଂହିତା ଓ ଯାତ୍ରା ସଂହିତା ଇତ୍ୟାଦିରେ ରଥ ପରମ୍ପରା କ୍ରମଶଃ ରାଜତାନ୍ତ୍ରିକ ଆଭିଜାତ୍ୟର ସଂରଚନା ଦ୍ୱାରା ମନ୍ଦିର ସଂସ୍କୃତି ସହିତ ଜଡ଼ିତ ହୋଇ ଉଠିଛି । ରାଜକୀୟ ଆଭିଜାତ୍ୟରେ ରଥ ନଗରଭ୍ରମଣ, ଅରଣ୍ୟ ବିହାର, ଉପବନ ବିହାର, ଯୁଦ୍ଧ ସଂଚାଳନ ଯାନ ଭାବରେ ବ୍ୟବହୃତ ହୋଇଛି । ସାଂପ୍ରଦାୟିକ ଧର୍ମାଚାର ଓ ମନ୍ଦିର ପରମ୍ପରାରେ ବୈଦିକ ବ୍ରହ୍ମୋତ୍ସବ ଦେବଯାତ୍ରା ବା ଦେବୋତ୍ସବ ଭାବରେ ପାଳିତ ହୋଇଛି । ଦେବତାଙ୍କ ପ୍ରତିଷ୍ଠା ଦିବସରେ ଦେବପ୍ରତିମାଙ୍କର ଶାନ୍ତିପ୍ରଦ ନଗର ଭ୍ରମଣ ଅବକାଶରେ ରଥାନୁବିଧି ଗ୍ରହଣୀୟ ହୋଇଛି ।

ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ନାରଦ ପୁରାଣ, ପଦ୍ମ ପୁରାଣ ଓ କପିଳ ପୁରାଣ ଇତ୍ୟାଦି ଶ୍ରୀଜଗନ୍ନାଥଙ୍କ ବ୍ରହ୍ମୋତ୍ସବ ରଥଯାତ୍ରାର ମହିମା ପ୍ରଖ୍ୟାପନରେ ବେଦାନୁଭୂତିକୁ ଲୀଳାନୁଭୂତିରେ ପରିଣତ ମାତ୍ର କରିଛନ୍ତି । ପରେ ସନାତନୀୟ ହିନ୍ଦୁଧର୍ମର ବିବର୍ତ୍ତିତ ଧର୍ମାଚାର (ବୌଦ୍ଧ-

ବ୍ରାହ୍ମଣ୍ୟ-ଶାକ୍ତ-ଶୈବ-ସୌର-ବୈଷ୍ଣବବାଦି) ଶ୍ରୀଜଗନ୍ନାଥଙ୍କୁ ବେଦାନୁସାରୀ ରଥଯାତ୍ରାରେ ଅନୁବିଧିରେ ପ୍ରବଧି ଭାବରେ ନିବିଷ୍ଟ ହୋଇଉଠିଛି । ସୁତରାଂ ଶ୍ରୀକ୍ଷେତ୍ରର ରଥମାର୍ଗ ବଡ଼ଦାଣ୍ଡ ଉପରେ ଅନୁଷ୍ଠିତ ମୋକ୍ଷଦାୟକ ବିଶ୍ୱ କଲ୍ୟାଣ ଯାତ୍ରାର ମୂଳଉତ୍ସଟିର ଅନୁସନ୍ଧାନ କରି ବିଦ୍ୱାନମାନେ ଯାତ୍ରା ଆରମ୍ଭ କଲେ ନିଶ୍ଚିତ ବେଦ ବର୍ଣ୍ଣିତ ରଥ ପରମ୍ପରାରେ ପହଞ୍ଚିବେ ।

ଉତ୍କଳୀୟ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବିକଳ୍ପକରଣ କରିବାକୁ ଯାଇ ବିଭିନ୍ନ ମନ୍ଦିରଧାରାରେ ଦେବୀରଥ, ଶୈବରଥ, ସୌରରଥ, ପୁଷ୍ପରଥ ଓ ବୈଷ୍ଣବରଥ ଉପନିଷଦ, ସଂହିତା, ଆଗମ ଇତ୍ୟାଦିର ସିଦ୍ଧାନ୍ତ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ, ରଥ ପ୍ରତିଷ୍ଠା, ରଥ ଶୁଦ୍ଧକରଣ, ରଥଙ୍କୁ ଦେବତାମାନଙ୍କୁ ଆବାହନ, ହୋମ, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା, ମନ୍ତ୍ରସ୍ନାନ, ଯଜ୍ଞ, ବଳିଦାନ, ରଥମଣ୍ଡନ, ରଥକୁ ସହଗମନ ବିଧାନକଳ୍ପେ ଦେବତା, ପାର୍ଶ୍ୱଦେବତା ଓ ସହଚର ଋଷି ମଣ୍ଡଳିଙ୍କୁ ଅଧିଷ୍ଠାନ ଓ ଆରୋହଣ କରାଇବା ବିଧି ମଧରେ ବୈଦିକ-ଉପନିଷଦୀୟ ଶାସ୍ତ୍ରକରଣକୁ ପ୍ରତ୍ୟକ୍ଷ କରାଯାଇପାରେ ।

ଅନୁରାଗୀ ବର୍ଗ ! ବର୍ତ୍ତମାନ ଭାବଚକ୍ଷୁରେ ରଥତ୍ରୟଙ୍କୁ ଲକ୍ଷ୍ୟ କରନ୍ତୁ । ରଥାରୂଢ଼ ପ୍ରତିମାମାନେ ପ୍ରତୀକ ନୁହଁନ୍ତି, ପ୍ରତ୍ୟୟ ନୁହନ୍ତି ସ୍ୱୟଂ ମହାଭାବ ସ୍ୱରୂପ । ସେମାନେ ବୁଦ୍ଧ ନୁହନ୍ତି, ଜୈନ ନୁହନ୍ତି, ବୌଦ୍ଧ ତ୍ରିସତ୍ୟ ଓ ଜୈନତ୍ରିରତ୍ନ ନୁହନ୍ତି - ସେମାନେ ଆମ ପୁରାଣବୋଧ ଅନୁସାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ଶକ୍ତି ସାମର୍ଥ୍ୟର ଅଧିପ୍ରେରଣା ମହାକାଳ-ସୁଦର୍ଶନ । ତାଙ୍କ ସହିତ ବୌଦ୍ଧ-ଜୈନାଦି ସଂସ୍କାରମାନେ ଆତ୍ମଲୀନ ହୋଇଛନ୍ତି ମାତ୍ର । ଏ ଆତ୍ମଲୀନତା ବିଶ୍ୱମୈତ୍ରୀ ଓ ସମତା ଓ ସମନ୍ୱୟର ମହାଭାବ ଉଦ୍ରେକ କରୁଛି । ପୁଣି ଥରେ ସୂକ୍ଷ୍ମ ଚକ୍ଷୁରେ ନିରୀକ୍ଷଣ କରନ୍ତୁ - ସ୍କନ୍ଦ ପୁରାଣଙ୍କ ଭାବନା ଅନୁରୂପ ରଥାରୋହୀ ଚତୁର୍ଦ୍ଧାମୂର୍ତ୍ତି ଚାରିବେଦରେ ରୂପାନ୍ତରିତ ହୋଇଯାଉଛନ୍ତି - 'ଋଗ୍‌ବେଦରୂପୀ ହଳଧୃକ୍ ସାମରୂପୋ ନୃକେଶରୀ/ଯର୍ଜୁମୂର୍ତ୍ତି ସ୍ତ୍ରିୟଂଭଦ୍ରା ଚକ୍ରମାଥର୍ବତାଂ ସ୍ମୃତମ୍' (ବିଷ୍ଣୁ ଖଣ୍ଡ) । ବେଦମନ୍ତ୍ରରେ ବିଶୋଧିତ ଓ ସୁଗନ୍ଧିତ ହୋଇଥିବା ରଥତ୍ରୟ ସ୍ୱୟଂ ବ୍ରହ୍ମ ଆଦେଶ ସ୍ୱରୂପ ବିରାଜମାନ । ତହିଁରେ ବଳରାମ ଋଗ୍‌ବେଦ ରୂପରେ, ନୃକେଶରୀ ଜଗନ୍ନାଥ ସାମବେଦ ରୂପରେ, ଶ୍ରୀଭଦ୍ରା ଯଜୁର୍ବେଦ ରୂପରେ ଓ ଶ୍ରୀସୁଦର୍ଶନ ଅଥର୍ବ ବେଦ ରୂପରେ ଆରୂଢ଼ ହୋଇ ମଙ୍ଗଳମୟ ଦୃଷ୍ଟିରେ ସଂସାରକୁ ଚାହିଁଛନ୍ତି ।

ବେଦାନ୍ତ ତତ୍ତ୍ୱଦର୍ଶୀ ରୂପେ ଦେବତାମାନଙ୍କୁ ଚାହିଁବା ହେଲେ ରଥ ଭିତରୁ ସେମାନେ ମଙ୍ଗଳଦାୟକ ମହାଭବମୂର୍ତ୍ତି-ଭୂଃ-ଭୂବଃ-ସ୍ୱଃ/ ସତ୍-ଚିତ୍-ଆନନ୍ଦ/ସତ୍ୱଃ-ରଜୋ-ତମଃ ରୂପରେ ମାଟିରୁ ଆକାଶ ସୁନ୍ଦରତମ ହୋଇ ବିଶ୍ୱରୂପ ଧାରଣ କରୁଛନ୍ତି । ଦ୍ୱୈତା ଦ୍ୱୈତବାଦୀଙ୍କ ସହିତ ସାଙ୍ଗ ହୋଇ ଦେଖନ୍ତୁ । ବ୍ରହ୍ମରୂପୀ ଓଁକାର ସଦୃଶ ଅ+ଭ+ମ ଦାରୁଦେବତାମାନେ ରଥାରୂଢ଼ ହୋଇ ଅବିନାଶୀ ଅବତାରୀ ଶକ୍ତିର ମହାପ୍ରତ୍ୟୟ ରୂପେ ତତ୍ତ୍ୱମସିଗୁଣ ବିତରଣ କରୁଛନ୍ତି । ଆଗମବାଦୀ ପଛରେ ଛିଡ଼ା ହୋଇ ମୁଦ୍ରାୟିତ ଭଙ୍ଗୀରେ ଦେଖାଯାଉ । ରଥତ୍ରୟୀ ଚକ୍ର-ସାଧନ ବେଦୀ ଓ ଏହି ବେଦୀ ଉପରେ ଶ୍ରୀଜଗନ୍ନାଥ କ୍ଲୀଂ ରୂପରେ, ସୁଭଦ୍ରା ହ୍ଲୀଂ ରୂପରେ ଓ ବଳଭଦ୍ର ଶ୍ରୀଂ ରୂପରେ ଶକ୍ତି-ମୁକ୍ତି-ବିଭୂତି ପ୍ରଦାନ କରୁଛନ୍ତି ।

ହିରଣ୍ୟମୟ ନନ୍ଦିଘୋଷ ରଥରେ ହିରଣ୍ୟଗର୍ଭ ସୂର୍ଯ୍ୟ-ବାମନଙ୍କ ରୂପରେ ଶ୍ରୀଜଗନ୍ନାଥ ଅମୃତମୟ ଆଲୋକମୟ ହୋଇଉଠୁଛନ୍ତି ଏବଂ ତାଙ୍କୁ ଦର୍ଶନ କରି ସ୍ୱତ ସଂହିତାର ବେଦାନ୍ତବାଦୀ ଋଷିକବି ଗାଇ ଉଠୁଛନ୍ତି ବାରମ୍ବାର - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।' ରଥାରୂଢ଼ ଦ୍ୟୁତିବାମନ ଭକ୍ତଙ୍କୁ ଆତ୍ମବିସ୍ମୃତ କେବଳ କରି ଦେଉ ନାହାନ୍ତି ଦଶ ମହାବିଦ୍ୟାଙ୍କୁ ମହାଶକ୍ତି ଭାବରେ ସାଙ୍ଗରେ ଧରି ସଂସାରରୁ ଦଶ ମହାପାପର ହରଣ କରିଚାଲିଛନ୍ତି ।

ପରିଶେଷରେ ରଥ ପ୍ରଲୁବ୍ଧ ମହାଭାବର ଅଭିଳାଷୀ ବର୍ଗ ! ଆପଣମାନଙ୍କ ପାଖରେ ମୋର ନିଷ୍କର୍ଷଟକୁ ଏହିପରି ରଖୁଛି -

- ଶାସ୍ତ୍ରୀୟଚର୍ଯ୍ୟା, ଆହ୍ନିକ କ୍ରିୟା ଓ ଲୌକିକ ବିଗ୍ରହ ପୂଜନ ବିଧାନ କ୍ରମେ ପାର୍ଥିବ ଜୀବନରେ ଆନନ୍ଦ ଓ ପରମାର୍ଥୀମୋକ୍ଷର ସକ୍ରୀୟ ଫଳକୁ ଉପଲବ୍ଧି କରିବା ପାଇଁ ଦେବବିଗ୍ରହ ସ୍ଥାପନ ତିଥିରେ ଯେଉଁ ବ୍ରହ୍ମୋତ୍ସବ ଶୋଭାଯାତ୍ରା ନାମରେ ପାଳିତ ହୋଇଥାଏ, ସେହି ସନାତନୀୟ ପରମ୍ପରାର ଅନୁସରଣରେ ଶ୍ରୀଗୁଣ୍ଡିଚା ରଥ ସଂସ୍କୃତି ପ୍ରତିଷ୍ଠା ପାଇଛି । ସକଳ ସଂକୀର୍ଣ୍ଣ ବ୍ୟବଧାନ ଊର୍ଦ୍ଧ୍ୱରେ ଶାନ୍ତି-ମୈତ୍ରୀ-ସମତା-ମୋକ୍ଷ ପ୍ରଦାୟିନୀ ମହୋତ୍ସବ ରୂପେ ଏ ଯାତ୍ରା ମାନବାତ୍ମାକୁ ଅଳୀକ-ଭବ-ବନ୍ଧନରୁ ବିଚ୍ୟୁତ ହେବାର ଅବକାଶ ସୃଷ୍ଟି କରୁଛି । ପୁନଶ୍ଚ ସମୂହ ଭିତରେ ରହି ଅହେତୁକ ହୃଦୟରେ ସହଗମନ କରିବାର ପ୍ରେରଣା ଦେଉଛି ।
- ସର୍ବଧର୍ମ ସମନ୍ୱୟର ପ୍ରତୀକ ଏହି ମହୋତ୍ସବ ମର୍ମବାଣୀ ହେଉଛି ବୈଦିକ ସମତା । ରାଜା-ପ୍ରଜା, ସାଧୁ-ଅସାଧୁ, ନାସ୍ତିକ-ଆସ୍ତିକ, ଧନୀ-ଦରିଦ୍ର ସମସ୍ତଙ୍କୁ ସମାନମର୍ଯ୍ୟାଦା ଦେଇ ଆସିଥିବା ଏହି ଯାତ୍ରା କଳ୍ପର ସଂରଚନା ଜାତୀୟ-ଐତିହ୍ୟର ସୂଚକ ଓ ବିଶ୍ୱାୟିତ ଐକ୍ୟର ପ୍ରତୀକ ।
- ବୈଦିକ ଦର୍ଶନର ଅମୃତମୟ-ସୁଖମୟ-କଲ୍ୟାଣମୟ-ନିରାମୟ ବସୁଧୈବ କୁଟୁମ୍ବକତାର ମହାବୋଧକୁ ଧାରଣ କରିଥିବା ଶ୍ରୀଗୁଣ୍ଡିଚା-ଅବକାଶରେ ସ୍କନ୍ଦ ପୁରାଣାକାରଙ୍କ ନିର୍ମଳ କାବ୍ୟତାର ମାନ୍ତ୍ରିକ ସଂଗୀତଟିକୁ ଆସନ୍ତୁ ସମସ୍ୱରରେ ଗାଇବା - 'ଦରିଦ୍ରୋ କୃପଣୋବାପି ଗୃହସ୍ଥ ପ୍ରଭୁରେବବା/ସ୍ୱଦେଶ୍ୟା ପରଦେଶ୍ୟା ବା ସର୍ବତ୍ରତ୍ର ସମାନତାଃ ।'

ବରିଷ୍ଠ ଅଧ୍ୟାପକ
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର



# ମହାଲକ୍ଷ୍ମୀ

ପ୍ରଫୁଲ୍ଲ ଚନ୍ଦ୍ର ସାହୁ

**ଚ**କ୍ରବତ୍ ଘୂର୍ଣ୍ଣାୟମାନ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱବ୍ରହ୍ମାଣ୍ଡରେ ସଚରାଚର ପ୍ରାଣୀଜଗତ ନିଜ ନିଜର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୃଶ୍ୟମାନ ପ୍ରକୃତି ଉପରେ ନିର୍ଭରଶୀଳ ଥିଲାବେଳେ ମନୁଷ୍ୟ ତା'ର ନିର୍ଦ୍ଦିଷ୍ଟ ସୀମାରେଖା ଭିତରେ ପ୍ରଜ୍ଞା ଓ ଉନ୍ନତ ଚେତନା ଦ୍ୱାରା ନିର୍ଗୁଣ, ନିରାକାର, ପରାତ୍ପର ପରମେଶ୍ୱରଙ୍କର ଅନ୍ତର୍ନିହିତ ତ୍ରିଗୁଣ ମଧ୍ୟରୁ ରଜୋଗୁଣୀ ଶକ୍ତିକୁ ମହାଲକ୍ଷ୍ମୀ ରୂପେ ଉପାସନା ଓ ପ୍ରଚୋଦନା କରି ନିଜର ସୁଖ ସମୃଦ୍ଧି ପର୍ଯ୍ୟାପ୍ତ କରିବା ସହିତ ତାଙ୍କର କୃପାର୍ଜିତ ଧନରେ ଧର୍ମପାଳନ କରି ନିଜର ମୁକ୍ତିପଥକୁ ସୁଗମ କରିଥାଏ । ଲକ୍ଷୟତି ବା ପଶ୍ୟତୀତି ଲକ୍ଷ୍ମୀ - ଯାହା ବିଭୂତି ବା ଏଶ୍ୱର୍ଯ୍ୟ ବାଚକ, ଯିଏ ଅର୍ଥ ଓ ଐଶ୍ୱର୍ଯ୍ୟର ଦେବୀ, ପଡ଼ିଦାତ୍ରୀ, ପାଳନକର୍ତ୍ତୀ - ଯିଏ ନଥିଲେ ବା ଯାହାର କୃପା ନମିଳିଲେ ସାମାଜିକ ପ୍ରାଣୀ ମନୁଷ୍ୟର ସ୍ଥିତି ଓ ପ୍ରଗତି ଅସମ୍ଭବ । ଯଥାର୍ଥରେ ଶାସ୍ତ୍ରରେ କୁହାଯାଇଛି -

ଯସ୍ୟାର୍ଥ ସ୍ତସ୍ୟ ମିତ୍ରାଣୀ, ଯସ୍ୟାର୍ଥ ସ୍ତସ୍ୟ ବାନ୍ଧବାଃ ।
ଯସ୍ୟାର୍ଥ ସଃ ପୁମାଂଲ୍ଲୋକେ, ଯସ୍ୟାର୍ଥ ସ ହି ପଣ୍ଡିତଃ ।।

ଅର୍ଥାତ୍, ଯାହାର ଅର୍ଥ ଅଛି, ତା'ର ମିତ୍ର ଅଛନ୍ତି, ବନ୍ଧୁବାନ୍ଧବ, କୁଟୁମ୍ବ ଅଛନ୍ତି । ଅର୍ଥ ଥିବାରୁ ସେ ପୁରୁଷ ପ୍ରବର ଓ ବିଦ୍‌ବତ୍ତା ନଥାଇ ମଧ୍ୟ ସେ ଧନବଳରେ ପଣ୍ଡିତ ।

ବର୍ତ୍ତମାନର ଅର୍ଥ ସର୍ବସ୍ୱ ବସ୍ତୁବାଦୀ ଦୁନିଆଁରେ ଏ ଉକ୍ତିର ବାସ୍ତବତା ସର୍ବଜନ ସ୍ୱୀକୃତ ହେଲେ ମଧ୍ୟ ପ୍ରାଚୀନ ସଭ୍ୟତାରେ ବି ଧନର ପ୍ରାସଙ୍ଗିକତା ଯେ କମ୍ ନଥିଲା, ତାହା ରାଜା ଭର୍ତ୍ତୃହରିଙ୍କ ନୀତି ଶ୍ଳୋକରୁ ଜଣାପଡ଼େ ।

'ମାତା ନିନ୍ଦତି, ନାଭିନନ୍ଦତି ପିତା, ପୁତ୍ରୋ ନସମ୍ଭାଷତେ
ଭୃତ୍ୟଃ କୁପ୍ୟତି, ନାନୁଗଚ୍ଛତି ସୂତା, କାନ୍ତା ନ ସନ୍ତୁଷ୍ୟତେ ।
ଅର୍ଥ ପ୍ରାର୍ଥବ ଶଙ୍କୟା ନକୁରୁତେ ଆଳାପ ମାତ୍ରଂ ସୁହୃଦ୍,
ତସ୍ମାଦର୍ଥମୁପାର୍ଜନଂ କରୁ ସଖେ, ଅର୍ଥେନ ସର୍ବେ ବଶାଃ ।।'

ତେବେ ଯେଉଁ ମହାଶକ୍ତିଙ୍କୁ ଆମେ ଧନପାଇଁ ଆରାଧନା ଓ ପ୍ରାର୍ଥନା କରୁ, ତାଙ୍କର ଉତ୍ପତ୍ତିର ରହସ୍ୟ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣିତ ଅଛି ।

**ପ୍ରଥମ ମତ** (ଶ୍ରୀମଦ୍ ଭାଗବତ ଓ ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ସୃଷ୍ଟିର ପ୍ରାକ୍‌କାଳରେ ମହାଶୂନ୍ୟରୂପୀ, ନିରାକାର, ନିର୍ଗୁଣ, ସର୍ବବ୍ୟାପୀ, ଅନନ୍ତ ପରମେଶ୍ୱର ବହୁକାଳ ଯୋଗନିଦ୍ରାରେ ନିଶ୍ଚଳ ଥିଲାବେଳେ ତାଙ୍କର ଅନ୍ତର୍ନିହିତ ଶକ୍ତି ବା ସ୍ୱମାୟା ସୃଷ୍ଟି ଇଚ୍ଛାରେ ଚଳଚଞ୍ଚଳ ହେଲେ ବା ବିକ୍ଷୁବ୍ଧ ହେଲେ । କେତେ କାଳ ବା ଏକା ଏକା ରହିବେ ? ତେଣୁ ଜଣେ ବ୍ୟକ୍ତି ଚେସ୍‌ର କଳାଧଳା - ଉଭୟ ଗୋଟିକୁ ଚଳାଇବା ପରି ବା ଜଣେ ବ୍ୟକ୍ତି ତାସ୍ ବିଡ଼ାକୁ ଦି'ଭାଗ କରି ଉଭୟ ପକ୍ଷରୁ ଖେଳିଲା ପରି ନିର୍ଗୁଣ, ନିରାକାର ପରମେଶ୍ୱର ତ୍ରିଗୁଣ ସହିତ ଶୁଭ ଅଶୁଭର ମିଶ୍ରଣରେ (ଶୁଭାଶୁଭାତ୍ମିକାୟାତୁ ଦୈବ ସୃଷ୍ଟିଃ ପ୍ରଶସ୍ୟତେ) ସଗୁଣ ହେଲେ । ସୃଷ୍ଟି ଇଚ୍ଛା କରି (ଏକୋଽହମ୍, ବହୁଷ୍ୟାମ) ଅଣ୍ଡ ବା ଡିମ୍ବଟିଏ ସୃଷ୍ଟି କଲେ, ଯାହାକୁ ବ୍ରହ୍ମଙ୍କ ଅଣ୍ଡ ବା ବ୍ରହ୍ମାଣ୍ଡ କୁହାଗଲା । ନିରାକାର ପରାତ୍ପରଙ୍କର ପ୍ରତି ଲୋମକୂପରେ ଏକ ଏକ ବ୍ରହ୍ମାଣ୍ଡ ସୃଷ୍ଟି ହେଲେ । ଏହି ବ୍ରହ୍ମାଣ୍ଡ ଭିତରେ ବିରାଟ ପୁରୁଷ ଜନ୍ମ ନେଲେ ଓ ତାଙ୍କୁ ଆବୃତ୍ତ କରି ଜଳ ପୂରି ରହିଲା । ବିରାଟ ପୁରୁଷ ନିଜକୁ ତିନି ଭାଗରେ ବିଭକ୍ତ କଲେ ବା ତ୍ରିଧାରାରେ ଉଚ୍ଛୁଳିଲେ । ଏମାନେ ହେଲେ ଆଦିବ୍ରହ୍ମା, ବିଷ୍ଣୁ ଓ ଶଙ୍କର । ବିରାଟ ପୁରୁଷ ସୃଷ୍ଟି ସର୍ଜନା, ପାଳନ ଓ ସଂହାର ପାଇଁ ଯଥାକ୍ରମେ ଆଦିବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କୁ ଦାୟିତ୍ୱ ଦେଲେ ।

କିନ୍ତୁ ଆଦିବ୍ରହ୍ମା ସୃଷ୍ଟି ସର୍ଜନା କରିବାରେ ଅସମର୍ଥ ହୋଇ ବିରାଟ ପୁରୁଷଙ୍କୁ ସ୍ତୁତି କଲେ । ତେଣୁ ବିରାଟ ପୁରୁଷ ବା ମହାବିଷ୍ଣୁଙ୍କ ନାଭିରୁ ଚତୁର୍ମୁଖ ବ୍ରହ୍ମାଙ୍କୁ ଧରି ଏକ ପଦ୍ମଫୁଲ ସୁଦୀର୍ଘ ମୃଣାଳ ସହିତ ଉଦ୍‌ଭବ ହେଲେ । ବିରାଟ ପୁରୁଷଙ୍କ ଆଜ୍ଞାରେ ଚତୁର୍ମୁଖ ବ୍ରହ୍ମା ପ୍ରଥମେ ସନକ, ସନନ୍ଦନ, ସନାତନ ଓ ସନତ୍ କୁମାର ନାମକ ଚାରି ମାନସ ପୁତ୍ରଙ୍କୁ ଜନ୍ମ ଦେଲେ, ମାତ୍ର ଏହି ଚାରିପୁତ୍ର ସୃଷ୍ଟି ପାଇଁ ଅନିଚ୍ଛୁକ ହୋଇ ତପସ୍ୟା କରି ଚାଲିଗଲେ । ଚତୁର୍ମୁଖ ବ୍ରହ୍ମା ତେଣୁ ଆଉ ୧୦ଟି ସନ୍ତାନ ସୃଷ୍ଟି କଲେ - ମରିଚି, ଅତ୍ରି, ଅଙ୍ଗିରସ, ପୌଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ, ଭୃଗୁ, ଦକ୍ଷ ଓ ନାରଦ । ବ୍ରହ୍ମାଙ୍କର ଦକ୍ଷ ଅଙ୍ଗୁଷ୍ଠିରୁ ଜାତ ଦକ୍ଷ ପ୍ରଜାପତିଙ୍କ ପ୍ରଥମ ଝିଅ ସତୀ ଶିବଙ୍କୁ ବିବାହ କଲେ ଓ ବାକି ତେର

ଝିଅ କଶ୍ୟପଙ୍କୁ ବିବାହ କରି ସୁର, ଅସୁର, ନାଗ, ପକ୍ଷୀ, କୀଟ ପତଙ୍ଗ ଆଦି ସମସ୍ତ ପ୍ରାଣୀ ଜଗତ ସୃଷ୍ଟି କଲେ । ଚତୁର୍ମୁଖ ବ୍ରହ୍ମା ନିଜକୁ ଦୁଇ ଭାଗରେ ବିଭକ୍ତ କରି ସ୍ୱୟଂଭୂବ ମନୁ ଓ ଶତରୂପାଙ୍କୁ ଜାତ କଲେ, ଯାହାଙ୍କ ମୈଥୁନରୁ ମାନବ ସମାଜ ଜନ୍ମ ନେଲେ । ଚତୁର୍ମୁଖ ବ୍ରହ୍ମାଙ୍କ ଧ୍ୟାନାବସ୍ଥାରେ ଚାରି ମୁଖରୁ ଚାରି ବେଦ ଆବିର୍ଭୂତ ହେଲେ ଓ ବେଦ ଧ୍ୱନିରୁ ଗାୟତ୍ରୀ ସମ୍ଭୂତ ହେଲେ ଓ ସମସ୍ତ ସୃଷ୍ଟିର ବିକାଶ ଓ ବିସ୍ତାର ହେଲା ।

ଏକଦା ଦୁର୍ବାସା ବୈକୁଣ୍ଠରୁ ପ୍ରଭୁଙ୍କ ଦର୍ଶନ କରି ଫେରୁଥିଲେ । ତାଙ୍କ ବେକରେ ବିଷ୍ଣୁଙ୍କ ପ୍ରଦତ୍ତ ଛଡ଼ା ଫୁଲମାଳଟିଏ ଥିଲା । ବାଟରେ ସେ ଇନ୍ଦ୍ରଙ୍କୁ ଦେଖି ଫୁଲମାଳଟିକୁ ନିଜ ବେକରୁ କାଢ଼ି ଇନ୍ଦ୍ରଙ୍କୁ ଦେଲେ । ଦେବରାଜ ଇନ୍ଦ୍ର ସେ ମାଳଟିକୁ ତାଙ୍କ ବାହନ ଐରାବତ ବେକରେ ପକାଇ ଦେଲେ । କିନ୍ତୁ ଐରାବତ ମଦମତ୍ତ ହୋଇ ମାଳଟିକୁ ତଳେ ପକାଇ ଗୋଡ଼ରେ ଦଳି ଦେଲା । ବିଷ୍ଣୁ ମାଳର ଅବଜ୍ଞା ଦେଖି ଦୁର୍ବାସା ଅପମାନିତ ହୋଇ ଇନ୍ଦ୍ରଙ୍କୁ ଲକ୍ଷ୍ମୀଛଡ଼ା ହେବାକୁ ଅଭିଶାପ ଦେଲେ । ଅଭିଶପ୍ତ ଇନ୍ଦ୍ର ଶ୍ରୀହୀନ ହୋଇ ଘୂରି ବୁଲିଲେ ଏବଂ ସ୍ୱର୍ଗ ଅସୁରମାନଙ୍କ କବଳିତ ହେଲା । ଦେବତାମାନଙ୍କ ଦୁଃଖ ଦେଖି ଦେବଗୁରୁ ବୃହସ୍ପତି କ୍ଷୀର ସାଗରରେ ବିଷ୍ଣୁଙ୍କୁ ସ୍ତୁତି କରିବା ପାଇଁ ପରାମର୍ଶ ଦେଲେ । ଇନ୍ଦ୍ର ଓ ଦେବଗଣ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁ ସାଗର ମନ୍ଥନ ପାଇଁ ଉପଦେଶ ଦେଲେ । ଇନ୍ଦ୍ର ଅସୁରରାଜ ବଳୀଙ୍କ ସହ ସଖ୍ୟସ୍ଥାପନ କରି, ସାଗର ମଧ୍ୟରେ ବିଭିନ୍ନ ଔଷଧୀୟ ବୃକ୍ଷ ପକେଇ ମନ୍ଦର ପର୍ବତ ଆଣି ସମୁଦ୍ର ମନ୍ଥନ କଲେ । ବାସୁକି ସର୍ପକୁ ରଜ୍ଜୁ କରି ତା'ର ମୁଣ୍ଡପଟ ଧରିଲେ ଅସୁରମାନେ ଓ ଲାଞ୍ଜ ପଟ ଧରିଲେ ଦେବତାମାନେ । ବିଷ୍ଣୁ ମହାକୂର୍ମ ହୋଇ ମନ୍ଦିର ତଳେ ରହିଲେ । ସାଗର ମନ୍ଥନ ହେଲା ଓ ତନ୍ମଧ୍ୟରୁ ଅମୃତଭାଣ୍ଡ ଧରି ଧନ୍ୱନ୍ତରୀ, ଉଚ୍ଚୈଶ୍ରବା ଅଶ୍ୱ, କୌସ୍ତୁଭମଣି ଆଦି ସହିତ ଜଗତମାତା ଲକ୍ଷ୍ମୀ ଆବିର୍ଭୂତା ହେଲେ ।

**ଦ୍ୱିତୀୟ ମତ** (ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ଯେତେବେଳେ କଶ୍ୟପ ଓ ତାଙ୍କ ତେର ସ୍ତ୍ରୀଙ୍କ ଔରସରୁ ସମସ୍ତ ଜୀବଜନ୍ତୁ ଓ ସ୍ୱୟଂଭୂବ ମନୁ ଓ ଶତରୂପାଙ୍କଠାରୁ ମାନବମାନେ ସୃଷ୍ଟି ହେଲେ, ସେତେବେଳେ ସେମାନେ ଖାଇବା ବିନା ଡହଳବିକଳ ହେଲେ । ଚତୁର୍ଭୁଜ ବ୍ରହ୍ମା ନିଜ ମାନସ ସନ୍ତାନ ଭୃଗୁଙ୍କୁ ଏମାନଙ୍କ ପାଳନ ପୋଷଣର ଉପାୟ ପଚାରିଲେ । ଭୃଗୁ ନିରାକାର ବ୍ରହ୍ମଙ୍କୁ ଧ୍ୟାନ କଲେ ଓ ତାଙ୍କ ଆଦେଶରେ ବେଦମାନଙ୍କରୁ ଅକ୍ଷର ଛନ୍ଦି ଗାୟତ୍ରୀ ମନ୍ତ୍ର ରଚନା କରି ଏକ ଲକ୍ଷ ମନ୍ତ୍ର ଜପ କଲେ । ମନ୍ତ୍ର ଜପର ଫଳ ସ୍ୱରୂପ ବ୍ରହ୍ମ ଦୁଇ ଭାଗ ହୋଇ ଶ୍ରୀ ଜନ୍ମ ନେଲେ । ଏହି ଶ୍ରୀ ବା ଲକ୍ଷ୍ମୀ ନିରାକାରଙ୍କ ଆଦେଶରେ ବିଛାମାସ ଶୁକ୍ଳ ଦଶମୀ ଗୁରୁବାର ଦିନ ଧ୍ୟାନରତ ଭୃଗୁଙ୍କ କୋଳରେ ସିଧା ଆସି ବସି ପଡ଼ିଲେ । ଆଶ୍ଚର୍ଯ୍ୟ ଚକିତ ଭୃଗୁ ପଚାରିଲେ - 'ମା' ତୁମେ କିଏ ?' ଲକ୍ଷ୍ମୀ ଉତ୍ତର ଦେଲେ - 'ମୁଁ ତୁମ କନ୍ୟା - ଭାର୍ଗବୀ' ।

'ଇନ୍ଦିରା ଲୋକମାତା ଚ ରମା ମଙ୍ଗଳ ଦେବତା
ଭାର୍ଗବୀ ଲୋକ ଜନନୀ କ୍ଷୀର ସାଗର କନ୍ୟାକା ।'

ବ୍ରହ୍ମର୍ଷି ଭୃଗୁ ମା' ଲକ୍ଷ୍ମୀଙ୍କ କଥାନୁସାରେ ତାଙ୍କୁ ନେଇ ବରୁଣ ପୁରୀରେ ଛାଡ଼ି ଆସିଲେ । ଯେତେବେଳେ ସାଗର ମନ୍ଥନ ହେଲା, ଅନ୍ୟାନ୍ୟ ପଦାର୍ଥ, ଧନ୍ୱନ୍ତରୀ, ଅମୃତ ଭାଣ୍ଡ ଆଦି ସହିତ ଲକ୍ଷ୍ମୀ ସାଗର ମଧ୍ୟରୁ ଆବିର୍ଭୂତ ହେଲେ । ନିଜେ ବରୁଣ ତାଙ୍କୁ ଅଭିଷେକ କଲେ । ଦୁଇଟି ହାତୀ - ଐରାବତ ଓ ପୁଣ୍ଡରିକ ତାଙ୍କୁ ଶୁଣ୍ଢ ଟେକି ପୂର୍ଣ୍ଣ କଳସୀ ଦ୍ୱାରା ଜଳାଭିଷେକ କଲେ । ସେଇଠୁ ସେ ଗଜଲକ୍ଷ୍ମୀ ରୂପେ ପୂଜିତା ହେଲେ ।

'ଅବର୍ଜିତ ଘଟଂ କାର୍ଯ୍ୟଂ ତତ୍‌ପୃଷ୍ଠେ କୁଂଜର ଦ୍ୱୟମ୍ ।'
ବିଷ୍ଣୁ ଧର୍ମୋତ୍ତର

ଜଳାଭିଷେକ ପରେ ସେଇ ଭିଜା ଦେହରେ ଲକ୍ଷ୍ମୀ ବରଣମାଳାଟିଏ ଧରି ବିଷ୍ଣୁଙ୍କ ଗଳାରେ ପକେଇ ତାଙ୍କୁ ସ୍ୱାମୀ ରୂପରେ ବରଣ କଲେ । ବ୍ରହ୍ମା, ରୁଦ୍ର, ଇନ୍ଦ୍ର ଓ ଅନ୍ୟ ଦେବତାମାନେ ଥାଇ ମଧ୍ୟ ଲକ୍ଷ୍ମୀ ସବୁଠୁ ଅଧିକ ତେଜସ୍ୱୀ ପୁରୁଷ ବିଷ୍ଣୁଙ୍କୁ ହିଁ ପତି ରୂପରେ ବରଣ କରି ସୃଷ୍ଟିର ସମସ୍ତ ଜୀବଜଗତକୁ ପଢ଼ି ବାଣ୍ଟି ଦେଲେ । ସୃଷ୍ଟିରେ ସବୁଠି, ସବୁକାଳେ ଅଧିକ ତେଜସ୍ୱୀ (ରୂପ, ଗୁଣ ଓ ଆର୍ଥିକ ସଂଗତି ସଂପନ୍ନ) ପୁରୁଷଙ୍କୁ ସ୍ତ୍ରୀମାନେ ପସନ୍ଦ କରିଥାନ୍ତି । ସେଥିପାଇଁ କବି ଲେଖିଲେ -

ତେଜସ୍ୱୀର କରେ କର ଛନ୍ଦିବାକୁ
ପ୍ରୟାସି ସଦା ସୁନ୍ଦରୀ,
ନୋହିଲେ କି ଫୁଲରାଣୀ କମଳିନୀ
ରବିଙ୍କୁ ଥାଆନ୍ତା ବରି ।
ପାର୍ବତୀ - ରାଧାନାଥ ରାୟ

**ତୃତୀୟ ମତ** (ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ଏକଦା ବିଷ୍ଣୁଙ୍କ ଚିରବସନ୍ତ ବିରାଜିତ ନିତ୍ୟରାସ ସ୍ଥଳୀରେ ଗୋପୀମାନଙ୍କ ସହିତ ପ୍ରଭୁ ରାସଲୀଳାରେ ମଗ୍ନ ଥିଲେ । ଆନନ୍ଦରେ ନୃତ୍ୟ କଲାବେଳେ ତାଙ୍କ ବାମ ଅଙ୍ଗରୁ ଏକ ଅପୂର୍ବ ସୁନ୍ଦରୀ ସ୍ତ୍ରୀ ଜାତ ହେଲେ । ଶ୍ରୀହରିଙ୍କ ସଂକଳ୍ପରୁ ସେ ସ୍ତ୍ରୀ ଦୁଇ ଭାଗରେ ବିଭକ୍ତ ହୋଇ ଦୁଇଟି ସ୍ତ୍ରୀରେ ପରିଣତ ହେଲେ ।

'ମହାଲକ୍ଷ୍ମୀ ରୂପ ଗୋଟି ବାମେ ବିରାଜିଲେ
ଶ୍ରୀରାଧା ରୂପେ ଶ୍ରୀହରି ଦକ୍ଷିଣେ ଶୋଭିଲେ ।'
ମହାଲକ୍ଷ୍ମୀ ପୁରାଣ

ମହାଲକ୍ଷ୍ମୀ ବାମ ପାର୍ଶ୍ୱରେ ଓ ଶ୍ରୀରାଧା ଦକ୍ଷିଣ ପାର୍ଶ୍ୱରେ ରହିବାରୁ ଶ୍ରୀହରି ମହାଭାବରେ ନିଜେ ଦୁଇ ଭାଗ ହୋଇଗଲେ । ତାଙ୍କର ଦକ୍ଷ ଅଂଗରୁ ଜାତ ଦ୍ୱିଭୁଜ ଶ୍ରୀକୃଷ୍ଣଙ୍କୁ ଶ୍ରୀରାଧା ବରଣ କଲେ ଓ

ବାମାଂଗରୁ ଜାତ ଚତୁର୍ଭୁଜ ଶ୍ରୀବିଷ୍ଣୁଙ୍କୁ ଲକ୍ଷ୍ମୀ ବରଣମାଳା ପିନ୍ଧେଇଲେ । ପାଳନକର୍ତ୍ତା ବିଷ୍ଣୁ ଓ ପଡ଼ିଦାତ୍ରୀ ଲକ୍ଷ୍ମୀଙ୍କର ଅପୂର୍ବ ମିଳନ ଫଳରେ ସଂସାରବାସୀମାନେ ନିଜର ଭରଣ ପୋଷଣର ଅଭୟ ଲାଭ କଲେ । ତେଣୁ ଲକ୍ଷ୍ମୀଙ୍କୁ ଯାଚି କରି ବିଷ୍ଣୁ ବର ଦେଲେ ଯେ -

ଜଗତର ହିତେ ତୁହି ହେବୁ ଜଗନ୍ମାତ
ପଡ଼ି ବାଣ୍ଟି ଦେଉଥିବୁ ପ୍ରାଣୀଗଣେ ନିତ୍ୟ ।
ତୁହି ଯେବେ ହାତ ଟେକି ଦେବୁ ମତେ ଅନ୍ନ
ଭୁଂଜିବି ନୋହିଲେ ଉପବାସ ନିଶ୍ଚେ ଜାଣ ।।
ମହାଲକ୍ଷ୍ମୀ ପୁରାଣ

**ଚତୁର୍ଥ ମତ** (ଶ୍ରୀଦୁର୍ଗା ସପ୍ତଶତୀରୁ)

'ସର୍ବସ୍ୟାଦ୍ୟା ମହାଲକ୍ଷ୍ମୀଃ ତ୍ରିଗୁଣା ପରମେଶ୍ୱରୀ
ଲକ୍ଷ୍ୟାଲକ୍ଷ୍ୟ ସ୍ୱରୂପା ସା ବ୍ୟାପ୍ୟକୃସ୍ନଂ ବ୍ୟବସ୍ଥିତା ।'
ପ୍ରାଧାନିକଂ ରହସ୍ୟମ୍-ଶ୍ରୀଦୁର୍ଗାସପ୍ତଶତୀ

ସୃଷ୍ଟି ପୂର୍ବରୁ ପରାତ୍ପର ପରମେଶ୍ୱର ଓ ତାଙ୍କର ଅନ୍ତର୍ନିହିତ ମହାଶକ୍ତି ମହାଶୂନ୍ୟରେ ନିଷ୍କଳ ଭାବରେ ସର୍ବବ୍ୟାପ୍ତ, ନିରନ୍ଧ୍ର ହୋଇ ରହିଥିଲେ । ସେ ଦୃଶ୍ୟ ଏବଂ ଅଦୃଶ୍ୟ ରୂପରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ବ୍ୟାପି କରି ସ୍ଥିତ ଥିଲେ । ଏହି ମହାଶକ୍ତିକୁ ପଣ୍ଡିତମାନେ ଆଦ୍ୟା ପ୍ରକୃତି ବା ଆଦ୍ୟା ମହାଲକ୍ଷ୍ମୀ କହିଅଛନ୍ତି, ଯିଏ ସତ୍ତ୍ୱ, ରଜ ଓ ତମ - ତିନିଗୁଣର ସମାନ ଅଧିକାରୀ ଥିଲେ । ସୃଷ୍ଟି ବାସନା ଜାଗ୍ରତ ହେବାରୁ ନିଜକୁ ତ୍ରିଗୁଣ କ୍ରମରେ ତିନିଭାଗ କଲେ - ତମୋଗୁଣା ମହାକାଳୀ, ରଜୋଗୁଣା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀ । କିନ୍ତୁ ପୁରୁଷ ଓ ପ୍ରକୃତିର ସଂଯୋଗ ବିନା ସୃଷ୍ଟି ସମ୍ଭବ ନହେବାରୁ, ନିଜ ନିଜ ମଧ୍ୟରୁ ମିଥୁନମାନ ସୃଷ୍ଟି କଲେ । ମହାକାଳୀଙ୍କଠାରୁ ଶିବ ଓ ସରସ୍ୱତୀ, ମହାଲକ୍ଷ୍ମୀଙ୍କଠାରୁ ବ୍ରହ୍ମା ଓ ଲକ୍ଷ୍ମୀ ଏବଂ ମହାସରସ୍ୱତୀଙ୍କଠାରୁ ବିଷ୍ଣୁ ଓ ଗୌରୀ ଉଦ୍‌ଭବ ହେଲେ । ଆଦ୍ୟା ମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ବ୍ରହ୍ମା-ସରସ୍ୱତୀ, ବିଷ୍ଣୁ-ଲକ୍ଷ୍ମୀ ଓ ଶିବ-ଗୌରୀ ଯୋଡ଼ିଙ୍କ ସଂଯୋଗରେ ସୃଷ୍ଟି ସର୍ଜନା, ପାଳନ ଓ ସଂହାର ସମ୍ଭବ ହେଲା ।

ତ୍ରିଗୁଣମୟୀ ଆଦ୍ୟାପ୍ରକୃତି ବା ଆଦ୍ୟା ମହାଲକ୍ଷ୍ମୀ -

* ତମୋଗୁଣା ମହାକାଳୀ - ଶିବ (ଶିବ+ଗୌରୀ) ଓ ସରସ୍ୱତୀ

* ରଜୋଗୁଣା ମହାଲକ୍ଷ୍ମୀ - ବ୍ରହ୍ମା (ବ୍ରହ୍ମା+ସରସ୍ୱତୀ) ଓ ଲକ୍ଷ୍ମୀ

* ସତ୍ତ୍ୱଗୁଣା ମହାସରସ୍ୱତୀ - ବିଷ୍ଣୁ (ବିଷ୍ଣୁ+ଲକ୍ଷ୍ମୀ) ଓ ଗୌରୀ

ଉପରୋକ୍ତ ରେଖାଚିତ୍ରରୁ ଦେଖିବା ଯେ ତ୍ରିଗୁଣମୟୀ ଆଦ୍ୟା ମହାଲକ୍ଷ୍ମୀ, ତମୋଗୁଣା ମହାକାଳୀ, ରଜୋଗୁଣା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀରେ ତ୍ରିବିଧ ବିଭକ୍ତ ହେଲେ । ତେବେ ତମୋଗୁଣା ମହାକାଳୀଠାରୁ ସତ୍ତ୍ୱଗୁଣା ସରସ୍ୱତୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀଙ୍କଠାରୁ ତମୋଗୁଣା ଗୌରୀ ଜାତ ହେଲାବେଳେ ରଜୋଗୁଣା ମହାଲକ୍ଷ୍ମୀଙ୍କଠାରୁ ରଜୋଗୁଣା ଲକ୍ଷ୍ମୀ ଜାତ ହୋଇଛନ୍ତି । ଅର୍ଥାତ୍ ତମଶକ୍ତିରୁ ସତ୍ତ୍ୱଶକ୍ତି ଓ ସତ୍ତ୍ୱଶକ୍ତିରୁ ତମଶକ୍ତି ଜାତ ହୋଇ ପାରିଛନ୍ତି ଓ ରଜଶକ୍ତି ମହାଲକ୍ଷ୍ମୀଙ୍କଠାରୁ ଜାତ ରଜଶକ୍ତି ଲକ୍ଷ୍ମୀ ପ୍ରାଧାନ୍ୟ ଲାଭ କରିଛନ୍ତି, ଯେହେତୁ ସୃଷ୍ଟି ପାଳନ କର୍ତ୍ତା ଓ ମୋକ୍ଷଦାତା ବିଷ୍ଣୁଙ୍କ ସହିତ ସଂଯୁକ୍ତ ହୋଇ ସେ ସଂସାରବାସୀଙ୍କୁ ପାଳନ ପୋଷଣ କରି ସୁଖସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦିଅନ୍ତି ।

ତେବେ ପରମେଶ୍ୱରଙ୍କ ଅନ୍ତର୍ନିହିତ ତ୍ରିଗୁଣମୟୀ ଆଦ୍ୟାଶକ୍ତି ବା ଆଦ୍ୟାମହାଲକ୍ଷ୍ମୀ ଯେମିତି ସର୍ବବ୍ୟାପୀ ଓ ପୂର୍ଣ୍ଣ, ତାଙ୍କଠାରୁ ସମ୍ଭୁତ ତମଶକ୍ତି ଓ ସତ୍ତ୍ୱଶକ୍ତି ସହିତ ରଜଶକ୍ତି ମହାଲକ୍ଷ୍ମୀ ଏବଂ ତାଙ୍କଠୁ ସମ୍ଭୁତ ଲକ୍ଷ୍ମୀ ମଧ୍ୟ ସେମିତି ପୂର୍ଣ୍ଣ । ଶାସ୍ତ୍ରରେ ଅନ୍ୟତ୍ର କୁହାଯାଇଛି -

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।'

ମହାସାଗର ମଧ୍ୟରେ ବୁଡ଼ି, ପାଣି ଭିତରେ ଢାଳେ ପାଣି ଧରିଲେ, ମହାସାଗର ଯେମିତି ପୂର୍ଣ୍ଣ, ଢାଳକ ପାଣି ସେମିତି ପୂର୍ଣ୍ଣ, କାରଣ ପାଣି ଢାଳକ ସେଇ ମହାସାଗର ଜଳ ମଧ୍ୟରେ ଅଛି । ମହାସାଗର ବାହାରକୁ ଆସିଲେ, ଢାଳକ ଜଳ ମହାସାଗର ପରିପୂର୍ଣ୍ଣ ନୁହେଁ । ସେମିତି ସର୍ବବ୍ୟାପୀ ଅନନ୍ତ ବ୍ରହ୍ମଙ୍କ ହିରଣ୍ୟଗର୍ଭରେ ମହାଲକ୍ଷ୍ମୀ ଯେମିତି ପୂର୍ଣ୍ଣ, ଲକ୍ଷ୍ମୀ ସେମିତି ପୂର୍ଣ୍ଣ ଓ ଅଭିନ୍ନ । ବେଦରେ ଲକ୍ଷ୍ମୀସୂକ୍ତରେ ଓ ଗାୟତ୍ରୀରେ ମଧ୍ୟ କୁହାଯାଇଛି -

'ମହାଲକ୍ଷ୍ମୈ ଚ ବିଦ୍ମହେ ବିଷ୍ଣୁପତ୍ନ୍ୟୈ ଚ ଧୀମହି ।
ତନ୍ନୋ ଲକ୍ଷ୍ମୀଃ ପ୍ରଚୋଦୟାତ୍ ।।'

ତେଣୁ ଯେ ମହାଲକ୍ଷ୍ମୀ, ସେ ହିଁ ଲକ୍ଷ୍ମୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେବେ ମା' ଲକ୍ଷ୍ମୀଙ୍କ ମାହାତ୍ମ୍ୟର ବିଶେଷତ୍ୱ ହେଲା ଯେ ସେ ସୃଷ୍ଟିର ପାଳନକର୍ତ୍ତୀ ଓ ପଡ଼ିଦାତ୍ରୀ ଠାକୁରାଣୀ । ପୃଥିବୀର ସର୍ବପ୍ରାଚୀନ ଋଗ୍‌ବେଦରେ ଲକ୍ଷ୍ମୀଙ୍କୁ ଶ୍ରୀସୂକ୍ତ ଓ ଲକ୍ଷ୍ମୀ ସୂକ୍ତରେ ଯେଉଁ ପ୍ରାର୍ଥନା କରାଯାଇଛି, ତାହା ଦାରିଦ୍ର୍ୟ ଦୂରକରିବା ପାଇଁ ଅବ୍ୟର୍ଥ ଔଷଧ । ସେଥିରୁ କିୟଦଂଶ ନିମ୍ନରେ ଉଦ୍ଧୃତ ହେଲା -

'ପଦ୍ମାନନେ, ପଦ୍ମବିପଦ୍ମପତ୍ରେ, ପଦ୍ମପ୍ରିୟେ, ପଦ୍ମଦଳାୟତାକ୍ଷି
ବିଶ୍ୱପ୍ରିୟେ, ବିଷ୍ଣୁମନୋନୁକୂଳେ, ତ୍ୱତପାଦପଦ୍ମଂମୟିସଂନିଧତ୍ସ୍ୱ ।
ପଦ୍ମାନନେ, ପଦ୍ମାଊରୁ, ପଦ୍ମାକ୍ଷି, ପଦ୍ମସମ୍ଭବେ ।
ତନ୍ମେ ଭଜସି ପଦ୍ମାକ୍ଷି, ଯେନ ସୌଖ୍ୟଂ ଲଭ୍ୟାମ୍ୟହମ୍ ।।
ଶ୍ରୀର୍ବର୍ଚସ୍ୱମାୟୁଷ୍ୟ ମାରୋଗ୍ୟ ମାବିଧାଚ୍ଛୋଭମାନଂ ମହୀୟତେ ।
ଧନଂ ଧାନ୍ୟଂ ପଶୁଂ, ବହୁପୁତ୍ର ଲାଭଂ, ଶତ ସମ୍ବତ୍ସରଂ ଦୀର୍ଘମାୟୁଃ ।।'

ଅର୍ଥାତ୍, ହେ ପଦ୍ମମୁଖୀ, ପଦ୍ମଗାତ୍ରୀ, ପଦ୍ମନୟନା, କମଳପ୍ରିୟା ଲକ୍ଷ୍ମୀ, ତୁମେ ବିଷ୍ଣୁ ପ୍ରାଣ ବଲ୍ଲଭା ଓ ବିଶ୍ୱର ସବୁଠୁ ପ୍ରିୟ ଦେବୀ, ତୁମର ଚରଣ-କମଳ ମୋ ଘରେ, ମୋ ଉପରେ ସବୁବେଳେ ବିରାଜମାନ କରୁ । ହେ ପଦ୍ମମୁଖୀ, ପଦ୍ମସମ୍ଭବା, କୋମଳାଂଗୀ ଦେବୀ, ମୁଁ ତୁମକୁ ଭଜନ କରୁଛି, ମୋ ଉପରେ ଦୟା ଦୃଷ୍ଟି ରଖିଥାଅ, ଯେମିତି ସବୁପ୍ରକାର ସୁଖ ସମୃଦ୍ଧି ମତେ ମିଳୁ । ଏହି ଋଗ୍ ବେଦୋକ୍ତ ଶ୍ରୀସୂକ୍ତ ଓ ଲକ୍ଷ୍ମୀସୂକ୍ତ ପାଠ କଲେ ଧନସଂପତ୍ତି, ତେଜ, ଆୟୁ ଓ ଆରୋଗ୍ୟ ଲାଭ ହୁଏ । ଶରୀରର ଶୋଭା ବୃଦ୍ଧି ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ । ଧନଧାନ୍ୟ, ଗୋ-ମହିଷାଦି, ପୁତ୍ର ପୁତ୍ରୀ ପ୍ରାପ୍ତ ହୁଏ ଓ ଆୟୁ ଶହେ ବର୍ଷ ହୁଏ ।

ମହାଲକ୍ଷ୍ମୀଙ୍କର ଏ ସମସ୍ତ ଜନ୍ମ ରହସ୍ୟ ଓ ଋଗ୍‌ବେଦୀୟ ମାହାତ୍ମ୍ୟ, ଆମ ଓଡ଼ିଆଙ୍କ ଆରାଧ୍ୟ ସର୍ବଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳରେ ବିଶେଷ ଭାବରେ ପ୍ରତିଫଳିତ । ସିଂହଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବା ଶ୍ରୀଙ୍କର ସ୍ୱାଗତ ଭଙ୍ଗୀରେ ଉପବିଷ୍ଟ ମୂର୍ତ୍ତି - 'ଶ୍ରୀମନ୍ଦିର' ନାମକରଣର ଔଚିତ୍ୟ ପ୍ରମାଣ କରେ । ପରଂବ୍ରହ୍ମ ଜଗନ୍ନାଥଙ୍କ ପଶ୍ଚାତଭାଗରେ ତାଙ୍କର ତ୍ରିଗୁଣ ଶକ୍ତି ହେଲେ - ମହାକାଳୀ-ବିମଳା, ମହାସରସ୍ୱତୀ ଓ ମହାଲକ୍ଷ୍ମୀ । ଜଗନ୍ନାଥଙ୍କ ପ୍ରସାଦ ମହାଲକ୍ଷ୍ମୀ ଗ୍ରହଣ କରନ୍ତି ନାହିଁ । ତାଙ୍କର ସ୍ୱତନ୍ତ୍ର ପାକଶାଳା ଓ ଘୃତପାକ ପିଠା ହିଁ ତାଙ୍କର ପ୍ରସାଦ । ତାଙ୍କଠୁ ସମ୍ଭୂତ ଲକ୍ଷ୍ମୀ, ଶ୍ରୀଦେବୀ ନାମରେ ଜଗନ୍ନାଥଙ୍କ ପାଖରେ - ରତ୍ନସିଂହାସନରେ ବସିଛନ୍ତି । ଗୁରୁବାରମାନଙ୍କରେ ସେହି ଲକ୍ଷ୍ମୀ, ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହିତ ପାଲିଙ୍କିରେ ବସି ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଯାଇ ଏକାନ୍ତ ବାସ କରନ୍ତି ।

'ଯଥା ଦେବେ, ତଥା ଦେହେ' - ନୀତିରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତି ମଣିଷଙ୍କ ପରି ହୁଏ । ଜ୍ୟେଷ୍ଠ ମାସ ଏକାଦଶୀରେ ଲକ୍ଷ୍ମୀ ସ୍ୱରୂପା ରୁକ୍ମିଣୀଙ୍କ (କୃଷ୍ଣସ୍ତୁ ଜଗନ୍ନାଥସ୍ୱୟମ୍) ଜଗନ୍ନାଥଙ୍କ ସହିତ ବିବାହ ହୁଏ । ତା'ପରଦିନ ଦ୍ୱାଦଶୀରେ ମଦନମୋହନ ଓ ଲକ୍ଷ୍ମୀ-ଯମେଶ୍ୱର ମନ୍ଦିରକୁ ଭ୍ରମଣ କରି ଯାଆନ୍ତି । ଚତୁର୍ଦ୍ଦଶୀ ଦିନ ଚତୁର୍ଥୀ ହୋମ ହୁଏ । ଏହି ବିବାହ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ସ୍ନାନ ପୂର୍ଣ୍ଣିମା ଦିନ ସୁନାକୂଅ ପାଣିରେ ସ୍ନାନ କରି ପ୍ରଭୁ ଜ୍ୱରରେ ପୀଡ଼ିତ ହୁଅନ୍ତି । ଆରୋଗ୍ୟ ହେବା ପରେ ନବଯୌବନ ପ୍ରାପ୍ତ ହୋଇ ଭାଇଭଉଣୀଙ୍କ ସହିତ ଗୁଣ୍ଡିଚା ଯାତ୍ରାରେ ବାହାରି ଯାଆନ୍ତି । ଲକ୍ଷ୍ମୀ ତାଙ୍କ ବିରହରେ ଦାଲୁଅ ଚାଉଳ ଭାତ ଓ କଳମ୍ବ ଶାଗ ଖାଇ ଅପେକ୍ଷା କରନ୍ତି । ହେରା ପଞ୍ଚମୀ ଦିନ ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ପ୍ରଭୁଙ୍କୁ ଡାକିବାକୁ ଯାଆନ୍ତି ଓ ନବଦିନ ପୂର୍ଣ୍ଣ ହୋଇନଥିବାରୁ ଶ୍ରୀଜଗନ୍ନାଥ ଆସନ୍ତି ନାହିଁ । ତେଣୁ ରାଗରେ ରଥ ଭାଙ୍ଗି ହେରାଗୋହିରୀ ବାଟେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ମା' ଲକ୍ଷ୍ମୀଙ୍କ ପ୍ରୀତିପୂର୍ଣ୍ଣ ନିମନ୍ତ୍ରଣକୁ ସମ୍ମାନ ଜଣାଇ ଅଷ୍ଟମୀ ଦିନ ନନ୍ଦିଘୋଷ ରଥ ପ୍ରଥମେ ଦକ୍ଷିଣ ମୋଡ଼ ହୁଏ । ବାହୁଡ଼ା ଦିନ ନନ୍ଦିଘୋଷ ଶ୍ରୀନଅର ପାଖରେ ପହଞ୍ଚିଲା ମାତ୍ରକେ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ପାଛୋଟି ନେବାକୁ ଆସନ୍ତି, ଯାହାକୁ ଲକ୍ଷ୍ମୀ-ନାରାୟଣ ଭେଟ କୁହାଯାଏ ଓ ଏହି ନୀତି ଗଜପତି ମହାରାଜା ନିଜେ କରାନ୍ତି । ନୀଳାଦ୍ରି ବିଜୟ ଦିନ ଚାହାଁଣୀ ମଣ୍ଡପରୁ ଲକ୍ଷ୍ମୀ ଆରତୀ ବନ୍ଦାପନା କରନ୍ତି । ଲକ୍ଷ୍ମୀଙ୍କ ମାନଭଂଜନ ପାଇଁ ସେଦିନ ରସଗୋଲା ଭୋଗ ହୁଏ ଓ ଗୋଟି ପହଣ୍ଡିରେ ତିନି ଦିଅଁ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ମାତ୍ର ପ୍ରଭୁ ଜଗନ୍ନାଥ ଜୟବିଜୟ ଦ୍ୱାର ପାଖରେ ପହଞ୍ଚିଲା କ୍ଷଣି, ମା' ଲକ୍ଷ୍ମୀ ଦ୍ୱାର ବନ୍ଦ କରି ଦିଅନ୍ତି । ପ୍ରଭୁ ଜଗନ୍ନାଥ ବହୁତ କାକୁତି ମିନତି କରି, ଲକ୍ଷ୍ମୀ ଶ୍ରୀୟା ଚାଣ୍ଡାଳୁଣୀ ଘରକୁ ବିଜେ କଲାପରି ସେ 'ପତିତପାବନ' ନାମକୁ ସାର୍ଥକ କରି ଘୋଷଯାତ୍ରା କରିଥିଲେ ବୋଲି କହି ପ୍ରେମପୂର୍ଣ୍ଣ ଭାଷାରେ 'ଦ୍ୱାର ଖୋଲ ସିନ୍ଧୁ ଜେମା' ବୋଲି ଅନୁରୋଧ କରନ୍ତି । ତା'ପରେ ବିରହିଣୀ ଲକ୍ଷ୍ମୀ ଦ୍ୱାର ଖୋଲି ପ୍ରଭୁଙ୍କୁ ପାଛୋଟି ନେଇ ଗଇଁଠାଳ ଖୋଲି ରତ୍ନ ସିଂହାସନରେ ବସେଇ ଦିଅନ୍ତି ।

ଓଡ଼ିଆ ରୀତିନୀତିରେ ଅବଗାହୀତା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଝୋଟି-ଚିତାରେ ଶ୍ରଦ୍ଧା ଓ ଶ୍ରୀୟା ଚଣ୍ଡାଳୁଣୀ ଘରେ ଅକାତରେ ପ୍ରବେଶ ଓ ବରଦାନ ପତିତପାବନ ଶ୍ରୀଜଗନ୍ନାଥଙ୍କ ପରି ତାଙ୍କର ସାର୍ବଜନୀନତାର ଅକାଟ୍ୟ ପ୍ରମାଣ ।

'ଓଁ ନମୋସ୍ତେସ୍ତୁ ମହାମାୟେ ଶ୍ରୀପୀଠେ ସୁର ପୂଜିତେ
ଶଙ୍ଖ ଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମୋସ୍ତୁତେ ।'

ପୂର୍ବତନ ବରିଷ୍ଠ ଉପ-ଆଞ୍ଚଳିକ ନିର୍ଦ୍ଦେଶକ
ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର
ବୁଢ଼ିମା ଲେନ୍, ଦଉତୋଟା, ପୁରୀ

# ଶ୍ରୀଜଗନ୍ନାଥ ଭାବଚେତନାରେ ଶ୍ରୀନୀଳଚକ୍ର

ଦେବାଶିଷ ଚକ୍ରବର୍ତ୍ତୀ



ଶ୍ରୀଜଗନ୍ନାଥ କେବଳ ଉତ୍କଳର ନାଥ ନୁହନ୍ତି, ବରଂ ସେ ଜଗତର ନାଥ ରୂପେ ବିଦିତ ହୋଇ ଏହି ଜାତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । ସମୁଦ୍ରର ଅନନ୍ତବକ୍ଷରେ ନଦୀମାନେ ବିଲୀନ ହେବାଭଳି ଶ୍ରୀଜଗନ୍ନାଥଙ୍କ ନିକଟରେ ବହୁ ମତ ପନ୍ଥ ମିଶି ଏକାକାର ହୋଇଯାଇଛି । ଆଦ୍ୟରେ ଶବର ପୂଜିତ ଶ୍ରୀଜଗନ୍ନାଥ ପରବର୍ତ୍ତୀ କାଳରେ ବୌଦ୍ଧଙ୍କର ତ୍ରିତତ୍ତ୍ୱ, ଜୈନଙ୍କର ତ୍ରିରତ୍ନ, ବୈଷ୍ଣବଙ୍କର ଶ୍ରୀପତି, ଶୈବଙ୍କର ଭୈରବ, ଗାଣପତ୍ୟଙ୍କର ଶ୍ରୀଗଣେଶ ଏବଂ ତାନ୍ତ୍ରିକଙ୍କର ଦକ୍ଷିଣ କାଳିକା ରୂପେ ଅଭିହିତ ହୋଇଛନ୍ତି । ବେଦମନ୍ତ୍ରରେ ସେ ପୁଣି ସାଜିଛନ୍ତି ପ୍ରଣବ ଓଁକାର । ତେଣୁ କୌଣସି ନିର୍ଦ୍ଦିଷ୍ଟ ମତପନ୍ଥ ମଧ୍ୟରେ ସେ ନିଜକୁ ସୀମିତ କରି ଦେଇ ନାହାନ୍ତି । ବରଂ ବହୁ ମତ ପନ୍ଥକୁ ଆତ୍ମସ୍ଥ କରି ସେ ଗଣ ଦେବତାର ମାନ୍ୟତା ପାଇଛନ୍ତି । ଶ୍ରୀଜଗନ୍ନାଥ କେବଳ ଲୀଳାମୟ ନୁହନ୍ତି, ସେ ମଧ୍ୟ ରହସ୍ୟମୟ । ତାଙ୍କ ରହସ୍ୟକୁ ଭେଦ କରିବା ସାଧ୍ୟାତୀତ । ତେଣୁ କୁହାଯାଇଛି - 'ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନ ଜାନାନ୍ତି କୁତୋ ମନୁଷ୍ୟାଃ ।'

ଶ୍ରୀଜଗନ୍ନାଥଙ୍କ ଅଧିଷ୍ଠାନ କ୍ଷେତ୍ର ଶ୍ରୀକ୍ଷେତ୍ର ଓ ତାଙ୍କ ମନ୍ଦିର ଶ୍ରୀମନ୍ଦିର ରୂପେ ପରିଚିତ । 'ପୁରୁଷୋତ୍ତମ' ଉଭୟ କ୍ଷେତ୍ର ଓ କ୍ଷେତ୍ରୀଙ୍କୁ ସୂଚୀତ କରୁଛି । ଶ୍ରୀଜଗନ୍ନାଥଙ୍କ ପରି ଶ୍ରୀକ୍ଷେତ୍ରର ଗାରିମା ମଧ୍ୟ ଧ୍ୱନିତ ହେଉଛି । ତେଣୁ ସ୍କନ୍ଦ ପୁରାଣ ପ୍ରକାଶ କରିଛି - 'ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମ, ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମ ।' ଶ୍ରୀକ୍ଷେତ୍ର ପରି ଶ୍ରୀମନ୍ଦିର ମଧ୍ୟ ମହିମାମଣ୍ଡିତ ହୋଇଉଠିଛି । ଶହେ କୋଡ଼ିଏ ହାତ ପରିମିତ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର କେବଳ ଉତ୍କଳୀୟ ଗାରିମା ପ୍ରଖ୍ୟାପନ କରୁନାହିଁ, ବରଂ ଏହା ମଧ୍ୟରେ ବିବିଧ ଧାର୍ମିକ ଚିନ୍ତନର ରୂପାୟନ ଘଟିଛି । ଶ୍ରୀମନ୍ଦିର ଚୂଡ଼ାରେ ସ୍ଥାପିତ ନୀଳଚକ୍ର ଏହାର ଶୋଭାବର୍ଦ୍ଧନକାରୀ ଧାତୁ ନିର୍ମିତ ଚକ୍ର ନୁହେଁ, ବରଂ ଏହା ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଲୀଳାରହସ୍ୟ ଗୁମ୍ଫିତ ହୋଇରହିଛି । ଶ୍ରୀଜଗନ୍ନାଥ ଭାବଚେତନାରେ ସଦା ତଲ୍ଲୀନ ଭକ୍ତ ମାନସକୁ ଶ୍ରୀନୀଳଚକ୍ରଙ୍କ ସଂପର୍କରେ ଅବହିତ କରିବାକୁ ସଂଶିତ ଆଲୋଚନା ଏକ କ୍ଷୀଣ ପ୍ରୟାସ ମାତ୍ର ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳ ଶବ୍ଦର ବ୍ୟାପକ ପ୍ରୟୋଗ ପରିଲକ୍ଷିତ ହୋଇଥାଏ । ତାଙ୍କର ଆଦ୍ୟ ରୂପ 'ନୀଳମାଧବ' । ଏତଦ୍‌ଭିନ୍ନ ତାଙ୍କର ଧାମ ନୀଳାଚଳ, ନୀଳଗିରି, ନୀଳକନ୍ଦର ଓ ନୀଳାଦ୍ରି ରୂପେ ପରିଚିତ ଲାଭ କରିଛି । ତେଣୁ ଭକ୍ତ ମାନସରେ ସେ କେତେବେଳେ ନୀଳାଚଳନାଥ, ନୀଳାଦ୍ରି କେଶରୀ, ନୀଳାଦ୍ରିବିହାରୀ ତ ପୁଣି କେତେବେଳେ ନୀଳଲୋହିତ ଓ ନୀଳମଣି । ତେଣୁ ତାଙ୍କ ଆୟୁଧ ସୁଦର୍ଶନ ସାଜିଛନ୍ତି 'ନୀଳଚକ୍ର' । ତେବେ ଆୟୁଧ ରାଜ ସୁଦର୍ଶନ ଚକ୍ରାକୃତିରେ ପ୍ରକାଶିତ ହୋଇ ଶ୍ରୀମନ୍ଦିର ଚୂଡ଼ାରେ ସଂସ୍ଥାପିତ ହେବାର କାରଣ ସଂପର୍କରେ ବିଭିନ୍ନ ପୁରାଣରେ ଭିନ୍ନମତ ପ୍ରକାଶ ପାଇଛି ।

ଆୟୁଧ ରାଜ ସୁଦର୍ଶନଙ୍କର ଉତ୍ପତ୍ତି ସଂପର୍କରେ ମତ୍ସ୍ୟ ପୁରାଣରେ ପ୍ରଦତ୍ତ ବିବରଣୀ ଅତ୍ୟନ୍ତ ପ୍ରଣୀଧାନଯୋଗ୍ୟ । ଏକଦା ସୂର୍ଯ୍ୟଦେବତା ତାଙ୍କର ପ୍ରଖର ତେଜରାଶିକୁ ହ୍ରାସ କରି ତାଙ୍କୁ ଲୋକାନନ୍ଦକର କରିବା ପାଇଁ ବିଷ୍ଣୁଙ୍କୁ ବିନୀତ ପ୍ରାର୍ଥନା କଲେ । ସୂର୍ଯ୍ୟ ଦେବତାଙ୍କ ପ୍ରାର୍ଥନାରେ ପ୍ରୀତ ହୋଇ ତାଙ୍କର ତେଜ ହ୍ରାସ କରି ତାଙ୍କୁ ଲୋକାନନ୍ଦକର କରିବା ପାଇଁ ସେ ପ୍ରତିଶ୍ରୁତି ଦେଲେ । ଭଗବାନ ବିଷ୍ଣୁଙ୍କର ନିର୍ଦ୍ଦେଶରେ ସ୍ୱର୍ଗଶିଳ୍ପୀ ବିଶ୍ୱକର୍ମା ତାଙ୍କର ତେଜୋରାଶିକୁ ପୃଥକ୍ କରି

ଦେଲେ । ଫଳସ୍ୱରୂପ ବିଷ୍ଣୁଙ୍କ ଆୟୁଧ ଚକ୍ର, ଶିବଙ୍କ ଆୟୁଧ ତ୍ରିଶୂଳ ଓ ଇନ୍ଦ୍ରଙ୍କ ଆୟୁଧ ବଜ୍ରର ଉତ୍ପତ୍ତି ଘଟିଲା । ସୂର୍ଯ୍ୟଙ୍କ ତେଜୋରାଶିରୁ ଉଦ୍ଭୁତ ଆୟୁଧସମୂହ ଦନୁଜ ଦଳନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେଲା । ମତ୍ସ୍ୟ ପୁରାଣ ଏହି ପ୍ରସଙ୍ଗର ଅବତାରଣା କରି ପ୍ରକାଶ କରିଛି - 'ପୃଥକ୍ ଚକାର ତତ୍ତେଜଶ୍ଚକ୍ରଂ ବିଷ୍ଣୋର କଳ୍ପୟେତ୍ / ତ୍ରିଶୂଳାଞ୍ଚାପି ରୁଦ୍ରସ୍ୟ ବଜ୍ର ମିନ୍ଦସ୍ୟ ଚାଧିକଂ ।'

ଅତ୍ୟାଚାରୀ ଅସୁରମାନଙ୍କର ବିନାଶ ପାଇଁ ଦେବତାମାନଙ୍କର ସମ୍ମିଳିତ ତେଜପୁଞ୍ଜରୁ ସୁଦର୍ଶନଙ୍କର ଉତ୍ପତ୍ତି ଘଟିଛି ବୋଲି ବାମନ ପୁରାଣ ଉଲ୍ଲେଖକରି ଭିନ୍ନମତ ପୋଷଣ କରିଥାଏ । ଏକଦା ଅସୁରମାନଙ୍କର ଅତ୍ୟାଚାରରେ ଅତିଷ୍ଠ ଦେବଗଣ ପ୍ରତିକାର ବିଧାନ କରିବାକୁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ପ୍ରବଳ ପ୍ରତାପୀ ଅସୁରମାନଙ୍କୁ ଦେବତାମାନେ ନିଜ ନିଜର ଶକ୍ତିରେ ପ୍ରତିହତ କରିପାରିବେ ନାହିଁ । ସେମାନଙ୍କୁ ପ୍ରତିହତ କରିବାକୁ ଦେବତାମାନଙ୍କର ସମ୍ମିଳିତ ଶକ୍ତିର ପ୍ରୟୋଜନୀୟତା ରହିଛି । ତେଣୁ ବିଷ୍ଣୁଙ୍କର ନିର୍ଦ୍ଦେଶରେ ଦେବତାମାନେ ନିଜର ତେଜୋରାଶି ପ୍ରଦାନ କଲେ । ବିଷ୍ଣୁ ସମେତ ସମସ୍ତ ଦେବତାଙ୍କର ତେଜରେ ଭଗବାନ ଶଙ୍କର ସୁଦର୍ଶନ ଚକ୍ର ନିର୍ମାଣ କରି ଭଗବାନ ବିଷ୍ଣୁଙ୍କୁ ଅର୍ପଣ କରିଥିଲେ । 'କପିଳ ସଂହିତା' ଏହି ପ୍ରସଙ୍ଗର ଅବତାରଣା କରିଛି - 'ଭକ୍ତ ପ୍ରିୟ ନମସ୍ତୁଭ୍ୟ ବିଷ୍ଣୁ ଚକ୍ର ପ୍ରଦାୟକ/ତ୍ରିପୁରଘ୍ନ ନମସ୍ତେସ୍ତୁ ବାଣାସୁର ବରପ୍ରଦ ।' ସୁଦର୍ଶନଙ୍କୁ ନିର୍ମାଣ କରିବା ପରେ ଅବଶିଷ୍ଟ ତେଜରେ 'ବଜ୍ର' ନିର୍ମିତ ହୋଇଥିଲା । ବଜ୍ର ଦେବରାଜ ଇନ୍ଦ୍ରଙ୍କର ଆୟୁଧ ଭାବରେ ବ୍ୟବହୃତ ହୋଇଥିଲା ।

ଚକ୍ରରାଜ ସୁଦର୍ଶନଙ୍କର ନୀଳଚକ୍ର ରୂପେ ଶ୍ରୀମନ୍ଦିର ଚୂଡ଼ାରେ ଅବସ୍ଥାନ ସଂପର୍କୀୟ ବିବରଣୀ ଆମେ 'ସୁତସଂହିତା'ରୁ ପ୍ରାପ୍ତ ହୋଇଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥ ହସ୍ତପଦ ରହିତ ହୋଇ ଶ୍ରୀମନ୍ଦିରରେ ପୂଜିତ ହେଲେ । କର ରହିତ ହୋଇଥିବାରୁ ସେ ସୁଦର୍ଶନଙ୍କୁ ଧାରଣ କଲେ ନାହିଁ । ତାଙ୍କ ବ୍ୟତିରେକେ ମହାପ୍ରଭୁ ଦୁର୍ବଳ ହୋଇ ପଡ଼ିଛନ୍ତି ବୋଲି ଚିନ୍ତାକରି ସୁଦର୍ଶନଙ୍କ ମଧ୍ୟରେ ଅହଂକାର ପ୍ରକାଶ ପାଇଲା । ମହାପ୍ରଭୁତ ଚିରକାଳ ଗର୍ବଗଞ୍ଜନ କରି ଆସିଛନ୍ତି । ତେଣୁ ସେ ସୁଦର୍ଶନଙ୍କର ଅହେତୁକ ଅହଂକାରକୁ ବା ପ୍ରଶ୍ରୟ ଦିଅନ୍ତେ କିପରି ? ତାଙ୍କର ଗର୍ବଗଞ୍ଜନ କରିବା ପାଇଁ ସେ ତାଙ୍କୁ ହନୁମାନଙ୍କୁ ଡାକି ଆଣିବାକୁ ପଠାଇଲେ । ଦୂତର ଭୂମିକା ନିର୍ବାହ କରିବାକୁ ପଡ଼ିବାରୁ ସୁଦର୍ଶନ ମନେ ମନେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡ଼ିଲେ । ତେଣୁ ସେ ହନୁମାନଙ୍କୁ ଡାକି ଆଣିଥିଲେ ମଧ୍ୟ ତାଙ୍କୁ ଭିତରକୁ ନଛାଡ଼ି ଶ୍ରୀମନ୍ଦିରର ଚାରିଦ୍ୱାରକୁ ଅବରୋଧ କରିଥିଲେ । ହନୁମାନ ସୁଦର୍ଶନଙ୍କର ଅହଂଭାବ ଜାଣିପାରି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ । ଲୀଳାମୟ ଜଗନ୍ନାଥଙ୍କ କରୁଣାରେ ତାଙ୍କର ଅଷ୍ଟଭୁଜ ପ୍ରକଟିତ ହେଲା । ସେ ଚତୁର୍ଭୁଜରେ ସୁଦର୍ଶନଙ୍କୁ ଧାରଣ କଲେ । ଦ୍ୱିଭୁଜରେ ମହାପ୍ରଭୁଙ୍କୁ ପ୍ରଣାମ କରିବା ସହିତ ଅବଶିଷ୍ଟ ଦୁଇଭୁଜରେ ନାମାବଳୀ ଜପ କରି ରତ୍ନ ସିଂହାସନ ନିକଟରେ ଉପସ୍ଥିତ ହେଲେ । କଳିଯୁଗରେ ଭକ୍ତଙ୍କର ଦର୍ଶନର ସୁବିଧା ନିମିତ୍ତ ଜ୍ୱାଳାମୟ ସୁଦର୍ଶନଙ୍କର ତେଜୋରାଶି ହ୍ରାସ କରିବାକୁ ହନୁମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ହନୁମାନଙ୍କ ପ୍ରାର୍ଥନାରେ ତେଜୋମୟ ସୁଦର୍ଶନ ତେଜରହିତ ହୋଇ ସ୍ତମ୍ଭାକାର ଧାରଣ କରି ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ଅବସ୍ଥାପିତ ହୋଇ ନିକଟରେ 'ତପସ୍ୱୀ ହନୁମାନ' ରୂପରେ ପୂଜା ପାଉଛନ୍ତି ।

ତେଜରହିତ ହେବାରୁ ସୁଦର୍ଶନ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇ ପଡ଼ିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତି ଦ୍ରୋହ ଆଚରଣ କରିଥିବାରୁ ସେ ଲଜ୍ଜିତ ହୋଇ କ୍ଷମା ପ୍ରାର୍ଥନା କଲେ । ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ସୁଦର୍ଶନଙ୍କର ମର୍ଯ୍ୟାଦା ରକ୍ଷା କରିବାକୁ ସେ ତାଙ୍କୁ ନୀଳଚକ୍ର ରୂପେ ମନ୍ଦିର ଚୂଡ଼ାରେ ଅବସ୍ଥାପିତ କଲେ । ଭକ୍ତଗଣ ଦୂରରୁ ନୀଳଚକ୍ରଙ୍କୁ ଦେଖି ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ପୁଣ୍ୟ ଲାଭ କରିଥାନ୍ତି । ଫଳତଃ ତେଜ ରହିତ ହୋଇ ମଧ୍ୟ ସୁଦର୍ଶନଙ୍କ ବୈଶିଷ୍ଟ୍ୟ ଅକ୍ଷୁଣ୍ଣ ରହିଲା ।

ବେଦମତରେ ସୂର୍ଯ୍ୟଦେବତା ସପ୍ତାଶ୍ୱଯୋଚିତ ରଥରେ ଆକାଶ ମାର୍ଗରେ ବିଚରଣ କରିଥାନ୍ତି । ତାଙ୍କ ରଥ ଏକଚକ୍ର ବିଶିଷ୍ଟ । ସୌର ମତାନୁସାରେ ସୂର୍ଯ୍ୟ ଦେବତାଙ୍କ ତ୍ରିଗୁଣରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀସୁଭଦ୍ରା ରତ୍ନସିଂହାସନରେ ବିରାଜିତ ହୋଇଛନ୍ତି । ଏକଚକ୍ର ବିଶିଷ୍ଟ ସୂର୍ଯ୍ୟ ରଥର ପ୍ରତୀକ ସ୍ୱରୂପ ମନ୍ଦିର ଚୂଡ଼ାରେ ନୀଳଚକ୍ର ବିରାଜିତ । ସୂର୍ଯ୍ୟଙ୍କର ସାରଥୀ ଅରୁଣଙ୍କ ନାମାନୁସାରେ ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖସ୍ଥ ଅରୁଣସ୍ତମ୍ଭ ଶୋଭା ପାଉଛି ।

ଗବେଷକ ଡକ୍ଟର ବଂଶୀଧର ମହାନ୍ତି ତାଙ୍କର 'ଶ୍ରୀଜଗନ୍ନାଥ ଧର୍ମ' ଶୀର୍ଷକ ପୁସ୍ତକରେ ନୀଳଚକ୍ରର ଉତ୍ପତ୍ତି ସଂପର୍କରେ ଭିନ୍ନମତ ପୋଷଣ କରନ୍ତି । କଳିଯୁଗ ପ୍ରବେଶ କରିବାରୁ 'ନୀଳମଣି ନାଗ' ବିନଷ୍ଟ ହେଲା । ତେଣୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନୀଳବର୍ଣ୍ଣର ମଣିକୁ ଉଦ୍ଧାର କରି ଶ୍ରୀକ୍ଷେତ୍ର ଅଣାଇ ଶିଳ୍ପୀଙ୍କ ଦ୍ୱାରା ଚକ୍ର ଆକାରରେ ନୀଳଚକ୍ର ଗଢ଼ାଇଲେ । ପରେ ଏହା ପ୍ରଭୁଙ୍କ ଆଜ୍ଞାରେ ଶୂନ୍ୟକୁ ଯାଇ ମନ୍ଦିର ଶିଖରରେ ଅବସ୍ଥାପିତ ହେଲା । ଏହି ପ୍ରସଙ୍ଗର ଅବତାରଣା କରି ଅଗ୍ନି ପୁରାଣ ଉଲ୍ଲେଖ କରିଛି - 'ପ୍ରଭୁଙ୍କ ଆଜ୍ଞାରେ ଚକ୍ର ଶୂନ୍ୟକୁ ଗମଇ / ଦେଉଳ ଚୂଡ଼ାରେ ବସେ ମୂର୍ତ୍ତିମନ୍ତ ହୋଇ । ନୀଳକନ୍ଦର ଦେଉଳରେ ନୀଳଚକ୍ର ଟାଣ / ସଂସାରରେ ଖ୍ୟାତନାମ ନୀଳଚକ୍ର ଜାଣ । ଏମନ୍ତ ବିଧାନେ ଚକ୍ର ଅଟଇ ବିଧାନ । ଅଗ୍ନି ପୁରାଣରେ ଖ୍ୟାତ ନୀଳଚକ୍ର ଜାଣ ।'

ଶ୍ରୀନୀଳଚକ୍ର ଯେପରି ମହିମାମୟ ତାଙ୍କର ଆକାର ଓ ସୌନ୍ଦର୍ଯ୍ୟ ମଧ୍ୟ ସେହିପରି ଆକର୍ଷଣୀୟ । ବଡ଼ଦାଣ୍ଡରୁ ଶ୍ରୀମନ୍ଦିରର ଅନ୍ତର୍ବେଦୀର ଉଚ୍ଚତା ପ୍ରାୟ ତେତିଶ (୩୩) ଫୁଟ । ଅନ୍ତର୍ବେଦୀରୁ ଶ୍ରୀମନ୍ଦିରର ଉଚ୍ଚତା ଏକଶହ ଏକାଅଶୀ (୧୮୧) ଫୁଟ । ତେଣୁ ବଡ଼ଦାଣ୍ଡରୁ ଶ୍ରୀମନ୍ଦିରର ଶୀର୍ଷ ଦେଶର ଉଚ୍ଚତା ଦୁଇ ଶହ ଚଉଦ

(୨୧୪) ଫୁଟ । ଏହା ଉପରେ ଶୋଭିତ ଶ୍ରୀନୀଳଚକ୍ରଙ୍କର ଉଚ୍ଚତା ଏଗାର ଫୁଟ ଆଠ ଇଞ୍ଚ । ବ୍ୟାସ ସାତ ଫୁଟ ନଅ ଇଞ୍ଚ । ପରିଧି ଫଳକର ମୋଟେଇ ଦୁଇ ଇଞ୍ଚ । ପରିଧି ଫଳକର ଓସାର ନଅ ଇଞ୍ଚ । ଶ୍ରୀନୀଳଚକ୍ରଙ୍କର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ବୃତ୍ତାକାର କ୍ଷେତ୍ରର ବ୍ୟାସ ଦୁଇ ଫୁଟ ଅଢ଼େଇ ଇଞ୍ଚ । ଏଥିରେ ଏକ ଫୁଟ ଦଶ ଇଞ୍ଚ ଉଚ୍ଚତା ବିଶିଷ୍ଟ ଆଠଖଣ୍ଡ ଅର ସଂଯୋଜିତ ହୋଇଛି । ଏହା ଅଷ୍ଟଧାତୁ ନିର୍ମିତ । ଏଥିରେ ଅର୍ଦ୍ଧେକ ପରିମାଣର ଲୁହା, ଏକ ଚତୁର୍ଥାଂଶ ପରିମାଣର ତମ୍ବା ଏବଂ ଅବଶିଷ୍ଟ ଏକ ଚତୁର୍ଥାଂଶ ସୁନା, ରୂପା, ରଙ୍ଗ, ଦସ୍ତା, ସୀସା ଓ ପାରଦ ରହିଛି ।

ସୂର୍ଯ୍ୟୋଦୟ ସମୟରେ ଏହା ଶ୍ୱେତବର୍ଣ୍ଣଯୁକ୍ତ ହୋଇଥିବାବେଳେ ଦିବସର ବୃଦ୍ଧି ସଙ୍ଗେ ସଙ୍ଗେ ଏହା ଗାଢ଼ ନୀଳବର୍ଣ୍ଣ ଧାରଣ କରେ । ନୀଳଚକ୍ରରେ ଉଡୁଥିବା ଧ୍ୱଜାର ନାମ 'ପତିତପାବନ' । ମନ୍ଦିର ପ୍ରବେଶ ପୂର୍ବରୁ ମନ୍ଦିର ଉପରେ ଉଡୁଥିବା ଏହି ବାନାକୁ ଭକ୍ତ ପ୍ରଥମେ ସଭକ୍ତି ପ୍ରଣାମ ଜଣାଇଥାଏ । ଏହି ଧ୍ୱଜାରେ କୌଣସି କାରଣରୁ ଗ୍ରନ୍ଥି ସୃଷ୍ଟି ହେଲେ ଗ୍ରନ୍ଥିସିକ୍ତ ଜଳପାନ କଲେ ଗର୍ଭ କଷ୍ଟ ଦୂର ହୁଏ ବୋଲି ଲୋକମାନେ ବିଶ୍ୱାସ କରନ୍ତି । ନୀଳଚକ୍ରରେ ଧ୍ୱଜା ନଥିଲେ ଶ୍ରୀଜୀଉଙ୍କୁ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ । ଶ୍ରୀଜୀଉଙ୍କ ପାଖରେ ଭୋଗ (ଅନ୍ନଭୋଗ ବ୍ୟତୀତ) ସମର୍ପଣ ହୋଇ ନପାରିଲେ ବାହାର ଦେଉଳି ରୋଷରେ ପ୍ରସ୍ତୁତ ଗଜା, ମଗଜଲଡୁ, ଲଡୁ, ଖୁରୁମା ଇତ୍ୟାଦି ଭୋଗ ଦ୍ରବ୍ୟକୁ ପୂଜକ ଶ୍ରୀନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହାକୁ 'ଶ୍ରୀଚକ୍ର ମଣୋହି' କୁହାଯାଏ । ଶ୍ରୀସୁଦର୍ଶନ ଓ ଶ୍ରୀନୀଳଚକ୍ର ଅଭିନ୍ନ ହୋଇଥିବା ହେତୁ ଉଭୟଙ୍କର ପୂଜାବିଧିରେ ସାମ୍ୟ ପରିଲକ୍ଷିତ ହୋଇଥାଏ ।

ଶ୍ରୀଜଗନ୍ନାଥ ଉତ୍କଳୀୟର ପ୍ରାଣଧନ । ସେ ଏହି ଜାତିର ଆସ୍ଥା ଓ ସ୍ୱାଭିମାନର ଜୀବନ୍ତ ବିଗ୍ରହ । ତେଣୁ ଦୁର୍ଦ୍ଧର୍ଷ ଓଡ଼ିଆ ଜାତିର ମନୋବଳ ଭାଙ୍ଗି ତାକୁ କରାୟତ୍ତ କରିବା ପାଇଁ ମୁସଲମାନ ଆକ୍ରମଣକାରୀମାନେ ଶ୍ରୀମନ୍ଦିରକୁ ଲୁଣ୍ଠନ କରିଛନ୍ତି । ସେମାନଙ୍କର ଆକ୍ରମଣ ଦ୍ୱାରା ଶ୍ରୀଜୀଉଙ୍କ ବିଗ୍ରହ ସମେତ ନୀଳଚକ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କାକୁ ସଂପୂର୍ଣ୍ଣ ଉଡ଼ାଇ ଦିଆଯାଇନପାରେ । କଳାପାହାଡ଼ର ଆକ୍ରମଣବେଳେ କ୍ଷତିଗ୍ରସ୍ତ ହୋଇଥିବା ନୀଳଚକ୍ରକୁ ୧୫୯୫ ଖ୍ରୀଷ୍ଟାବ୍ଦରେ ପ୍ରଥମ ରାମଚନ୍ଦ୍ର ଦେବ ନୀଳଚକ୍ରକୁ ପୁନଃ ସ୍ଥାପନ କରିଥିଲେ । ୧୬୯୪ ଖ୍ରୀଷ୍ଟାବ୍ଦରେ ପ୍ରବଳ ଝଡ଼ବତାସରେ ନୀଳଚକ୍ର ଭାଙ୍ଗି ପଡ଼ିଥିଲା । ଏ ସଂପର୍କରେ ସୂଚନା ଦେଇ ମାଦଳାପାଞ୍ଜି ପ୍ରକାଶ କରିଛି - 'ଦିବ୍ୟସିଂହ ଦେବ ମହାରାଜାଙ୍କ ନଅ ଅଙ୍କ ତୁଳା ସାତ ଦିନେ ଶନିବାରେ ବଡ଼ ବତାସ କଲା । ବଡ଼ ଦେଉଳ ଉପରୁ ନୀଳଚକ୍ର ଭାଙ୍ଗି ଭଣ୍ଡ ଗଣପତିଙ୍କ ଆଗେ ତଳେ ପଡ଼ିଗଲା ।' ଏହି ଘଟଣାରେ ଦୀର୍ଘ କୋଡ଼ିଏ ବର୍ଷ ଧରି ଶ୍ରୀମନ୍ଦିର ଚୂଡ଼ାରେ ନୀଳଚକ୍ର ନଥିଲା । ମହାରାଜା ଦିବ୍ୟସିଂହ ଦେବ ୩୩ ଅଙ୍କ ଅର୍ଥାତ୍ ୧୭୧୫ ଖ୍ରୀଷ୍ଟାବ୍ଦ ମାଘ ଶୁକ୍ଳ ଦ୍ୱିତୀୟା ତିଥିରେ ନୀଳଚକ୍ର ସ୍ଥାପନ କରାଯାଇଥିଲା । ଏହାପରେ ମହାରାଜା ମୁକୁନ୍ଦ ଦେବଙ୍କ ସମୟରେ ନୀଳଚକ୍ରରେ କେତେକ ମରାମତି ହୋଇଥିବା କଥା ନୀଳଚକ୍ରର ପଛପାଖ ଅର୍ଥାତ୍ ପଶ୍ଚିମ ପଟକୁ ଥିବା ଫଳକରେ ଉଲ୍ଲେଖ ଅଛି ।

ଶ୍ରୀନୀଳଚକ୍ରଙ୍କର ସେବକମାନେ ଗରୁଡ଼ ସେବକ ରୂପେ ପରିଚିତ ହୋଇଥାନ୍ତି । ବିନତାନନ୍ଦନ ଗରୁଡ଼ ହେଉଛନ୍ତି ସେମାନଙ୍କର ଇଷ୍ଟ ଦେବତା । ଏମାନେ ଶ୍ରୀମନ୍ଦିରର ଶାଢ଼ୀବନ୍ଧା ଅବ୍ରାହ୍ମଣ ସେବକ । ବିବାହ ପରେ ଶାଢ଼ୀବନ୍ଧା ବିଧି ଅନୁଷ୍ଠିତ ହୋଇଥାଏ । ମାତ୍ର ଶାଢ଼ୀବନ୍ଧା ପୂର୍ବରୁ ନୀଳଚକ୍ରରେ ଧ୍ୱଜା ବାନ୍ଧିବାରେ କୌଣସି ବାରଣ ନଥାଏ । ଏମାନେ ଗରୁଡ଼ଙ୍କ ସେବା କରିବା, ଏକାଦଶୀ ଦିନ ନୀଳଚକ୍ରଙ୍କଠାରେ ମହାଦୀପ ଜାଳିବା ଓ ଧ୍ୱଜା ବାନ୍ଧିବା ଭଳି ସେବା କରିଥାନ୍ତି । ନୀଳଚକ୍ର ଉପରେ ପ୍ରାୟ ଚବିଶ ହାତ (ଚାଳିଶ ଫୁଟ) ଉଚ୍ଚର ବାଉଁଶ ବନ୍ଧା ହୋଇଥାଏ । ଏହି ବାଉଁଶରେ ବାନା ବନ୍ଧା ଯାଏ । ପରମ୍ପରା ଅନୁସାରେ ବାନା ଧଳା, ନାଲି ଓ ହଳଦିଆ ରଙ୍ଗର ହୋଇଥାଏ । ଏହି ପତାକାର ଆକାର ତ୍ରିଭୁଜ ସଦୃଶ । ମଝିରେ ଊର୍ଦ୍ଧ୍ୱମୁହଁ ହୋଇ ଚନ୍ଦ୍ର ଓ ତା'ମଧ୍ୟରେ ସୂର୍ଯ୍ୟର ଚିତ୍ର ଥାଏ । ଗୋଟିଏ ବାନା ଗୋଟିଏ ଦିନରୁ ଅଧିକ ରଖିବା ବିଧି ନିଷିଦ୍ଧ । ଭକ୍ତମାନେ ମାନସିକ ଅନୁସାରେ ବାନା ବାନ୍ଧିଥାନ୍ତି । ଭକ୍ତମାନଙ୍କ ମାନସିକ ଅନୁସାରେ ବାନାର ଆକାର ନିର୍ଦ୍ଧାରିତ ହୋଇଥାଏ । ସବୁଠାରୁ ବଡ଼ ବାନାର ନାମ 'ପାଦୁକଖିଆ ବାନା' । ଏହାକୁ ଭିତର ପୋଖରିଆର ପାଦୁକ କୁଣ୍ଡରେ ବୁଡ଼ାଇ ନୀଳଚକ୍ରରେ ବନ୍ଧାଯାଏ । ଏହା ନୀଳଚକ୍ରରୁ ଉଡ଼ିଆସି ଉତ୍ତର ପାର୍ଶ୍ୱର ପାଦୁକ କୁଣ୍ଡ ଯାଏ ବିସ୍ତୃତ ହୋଇଥାଏ । ନୀଳଚକ୍ରର ପତିତପାବନ ବାନା ମହୋଦଧି ପଟକୁ ଉଡ଼ିବାର ନିୟମ ରହିଛି । ନୀଳଚକ୍ରରୁ ଓହ୍ଲାଇ ଯାଇଥିବା ବାନାକୁ ଭକ୍ତମାନେ ଡୋର ରୂପେ ବେକରେ ପକାଇଥାନ୍ତି । ଏହାକୁ ରକ୍ଷା କବଚ ବୋଲି ମଧ୍ୟ କୁହାଯାଏ ।

ଗରୁଡ଼ ସେବକମାନେ ଶ୍ରୀମନ୍ଦିରରେ ଚୂନ ଦେବା ସହିତ ମକର ସଂକ୍ରାନ୍ତି ଦିନ ଦଧି ନଉତିରେ ଚୂନ ଓ ଗେରୁ ଲଗାଇଥାନ୍ତି । ଏଣୁ ଏମାନଙ୍କୁ ଚୂନରା ସେବକ ବୋଲି ମଧ୍ୟ କୁହାଯାଏ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ଚୂନରା ସେବକଙ୍କ କାର୍ଯ୍ୟ ହେଲା - 'ଏ ପ୍ରତିକାଳେ ବଡ଼ ଦେଉଳ ଗଛବୃକ୍ଷ ହେଲେ, ବଇତମ ହେଲେ ଚୂନ କରି ଦେବେ । ଆପଣା ନୀତି ଧ୍ୱଜାବାନ୍ଧି କଉଡ଼ି ନେବେ । ଧ୍ୱଜା ଡାଗା ବାନ୍ଧିବେ । ପାଦୁକା ଶୋଷା ବାନ୍ଧିଲେ ସୁନିଆଁ ପାଇବେ । ପ୍ରତି ଏକାଦଶୀକୁ ଚନ୍ଦ୍ରଉଦିଆ ଦେଇ ପରମେଶ୍ୱରଙ୍କୁ ଦେଉଳେ ମହାଦୀପ ଦେଇ ଡାକିବେ । ମହାଶ୍ରମଙ୍କୁ ବୋଲି ଡାକି ଚନ୍ଦ୍ର ଉଦିଆ ଜାଳିବେ । ଏମନ୍ତ ଏ ନିଯୋଗ ସିଦ୍ଧ ଭିଆଣ ।' ମହାନ୍ତି ଓ ମହାପାତ୍ର ସାଙ୍ଖାଧାରୀ ଏହି ସେବକମାନେ ପୁରୁଷାନୁକ୍ରମିକ ଭାବରେ ଏହି ସେବାରେ ନିୟୋଜିତ ହୋଇଥାନ୍ତି ।

ଯୋଗ ମତରେ ଶ୍ରୀମନ୍ଦିର ଏକ ଶରୀର ରୂପେ ପରିକଳ୍ପିତ ହୋଇଛି । ମନ୍ଦିର ଚୂଡ଼ାରେ ଅବସ୍ଥାପିତ ନୀଳଚକ୍ର ଏହି ଶରୀରର

ମସ୍ତକ ସଦୃଶ । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ଇଡ଼ା, ସୁଷମ୍ନା ଓ ପିଙ୍ଗଳାଦି ତ୍ରିଧାରା । ଯୋଗୀ ଯୋଗବଳରେ ସୁଷମ୍ନା ଦେଇ ଷଡ଼ଚକ୍ର ଭେଦ କରିଗଲେ ବ୍ରହ୍ମ ପୁରୁଷଙ୍କର କାଂକ୍ଷିତ ଦର୍ଶନ ଅର୍ଥାତ୍ ସୁଦର୍ଶନ ଲାଭ କରି ଶୋକ ରହିତ ହୋଇଥାଏ । ଜୀବ ଓ ବ୍ରହ୍ମ ଏକତ୍ର ହେଲେ ଶୋକ ବା ମୋହ ବିଦୂରିତ ହୁଏ । ତେଣୁ ତୈତେରୀୟ ଉପନିଷଦ ପ୍ରକାଶ କରିଛି - 'ତତ୍ର କଃ ମୋହଃ, କଃ ଶୋକଃ, ଏକତ୍ୱଂ ଅନୁପଶ୍ୟତ' । ପୃଥିବୀର ସୃଷ୍ଟିତତ୍ତ୍ୱ ସହିତ ସୁଦର୍ଶନଙ୍କ ସାମ୍ୟ ଲକ୍ଷଣୀୟ । ସୁଦର୍ଶନଙ୍କ ସୃଷ୍ଟି ସଂପର୍କରେ ଭିନ୍ନମତ ପ୍ରକାଶ ପାଇଥିଲେ ମଧ୍ୟ ସେ ତେଜୋପୁଞ୍ଜରୁ ଉଦ୍ଭୁତ ହୋଇଥିବା ସଂପର୍କରେ ମତଦ୍ୱୈଧ ପରିଲକ୍ଷିତ ହୁଏ ନାହିଁ । ସେହିପରି ତେଜୋପୁଞ୍ଜରୁ ପୃଥିବୀର ଉତ୍ପତ୍ତି ଘଟିଛି ବୋଲି ବୈଜ୍ଞାନିକମାନେ ମତପୋଷଣ କରିଥାନ୍ତି ।

ନୀଳଚକ୍ରରେ ଉଡୁଥିବା ପତାକା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବଳୀୟାର ଭୁଜ ସଦୃଶ । ପବନର ହିଲ୍ଲୋଳର ଦୋଳାୟିତ ହୋଇ ଏହା ଭକ୍ତଙ୍କୁ ଅଭୟ ଆଶ୍ରୟ ଦେବାକୁ ଆହ୍ୱାନ ଦେଉଛି । ଆପଣବି ନୀଳଚକ୍ରରେ ଲୟ ରଖନ୍ତୁ । ଦେଖିବେ, ଆକାଶ ରାଜିରେ ପହୁଁରୁଥିବା ବାନା ଆପଣଙ୍କ ମନରୁ ସମସ୍ତ ଗ୍ଲାନିକୁ ଖରକି ନେଇ ଏକ ନିର୍ମେଘ ସକାଳକୁ ପାଛୋଟି ଆଣିବ । ଆଉ ଆପଣ ବି ଭକ୍ତିର ଅସରାଧାରାରେ ଗାଧୋଇ ଶୁଦ୍ଧ ସୁମନଟିଏ ହୋଇ କରୁଣା ନିଧାନ ଶ୍ରୀଜଗନ୍ନାଥଙ୍କ ପଦପଲ୍ଲବରେ ଅଭୟ ଆଶ୍ରୟ ଲାଭ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

ମଣ୍ଡୁଆ
କେନ୍ଦୁଝରଗଡ଼-୭୫୮୦୭୪

# ତୁମେ ପରିବାର ମୋର

ବୀର କିଶୋର ପାଢ଼ୀ

କଳା, ଧଳା ମୋର ଦୁଇ ଭାଇ ଭଳି ଆଉ କିଏ ଅଛି କାହିଁରେ
ହଳଦୀ ବରଣି ମୋ ସୁନା ଭଉଣୀ ଜଗତେ ଉପମା ନାହିଁରେ ।
ଏମିତି ଠାଣିରେ ଅପରୂପ ଛବି କିଏ କି ଦେଖିଚ କେଉଁଠି
ଆଖି ଲାଖିଯାଏ, ପେଟ ପୂରିଉଠେ ମର୍ତ୍ତ୍ୟ ବଇକୁଣ୍ଠ ଯେଉଁଠି ।
ଯୁଆଡ଼େ ଖୋଜିବ ସିଆଡ଼େ ପାଇବ କାଳିଆ ମୋ ଗଳାମାଳିଆ
ଭିତରେ ଭିତରେ ଚିତ୍ତରେ କହୁଚି - ହୋଇ ଯା' ତୁ ନୀଳାଚଳିଆ ।
ଏଇଠି ରହିଯା', ମୋ ଗୀତ ଗାଇଯା', ଖାଇଯା' ଅବଢ଼ା ଡାଲିକୁ
ପୋଛି ପକା ସବୁ ପଛ ହାନିଲାଭ, କିଲାଭ ଭାଳିବା କାଲିକୁ ?
କାଲି ଯେତେ ଲୁହ ଝରିଥିଲା ତୋର, ଆଜି ନାହିଁ ସେଇ ପୀଡ଼ାରେ
ସଳଖ, ସୁନ୍ଦର, ସିଧା ମଣିଷ ତୁ ଖେଳିବୁଲୁ ଛିଡ଼ାଛିଡ଼ାରେ ।
ଏମିତି ଏମିତି ଖେଳୁଥା', ଚଳୁଥା' ଏକା ପରିବାର ପରିକା
ନାହିଁ ବାଦଖେଦ, ନାହିଁ ଭେଦାଭେଦ, କେହି ନାହିଁ ଏକ ଘରିକା ।
ରାଗଛଳ ପାଇଁ ପାଟିଫିଟା ନାହିଁ ଏଡ଼େ ଅଭିମାନ କାହିଁକି
ଭାଇ ହୋଇ ଭାଇ ମୁହଁକୁ ଚାହୁଁନି, ଅଳପଦିନର ପାଇଁକି !
ଅଳପ ଜୀବନ, ଅଳପ ପବନ, ଅଳପ ବକଟେ ନାଡ଼ୀରେ
ନିମିଷକେ ଯିବ, ଡକା ପଡ଼ିଥିବ, ପଳେଇବେ ସବୁ ଛାଡ଼ିରେ ।
ଭୁଲି ଯା', ଭୁଲି ଯା' ସବୁ ଟାଣପଣ, ବୁଲୁଥା' ମୋର ପାଶରେ
ମେଳା ବସାଇଚି ଲୀଳା ଖେଳା ପାଇଁ ହସ, କଉତୁକ ରାସରେ !
ଆସରେ, ବସରେ ଆନନ୍ଦ ବଜାରେ, ଖାଉଥା' ପାଉଥା' ଆନନ୍ଦ
ପୁରୀ ମୋର ଗୋପ, ମଥୁରା, ଦ୍ୱାରିକା, ତୁମେ ମୋ ସୁଦାମ, ସାନନ୍ଦ ।
ତୁମେ ମୋ ଦେବକୀ, ଯଶୋଦା ଜନନୀ, ରୁକ୍ମିଣୀ, ରାଧାରାଣୀଟି
ତୁ ମୋ ଭଉଣୀ-ଭାଇ ପରିବାର, କୋଟିଏ ଜଗତ ଜାଣିକି !!!

ସଂପାଦକ, 'ଗାଁ ଭୂଇଁ'
କୋତପୁର, ଯାଜପୁର



# ପୁରୀ

ମହୀମୋହନ ତ୍ରିପାଠୀ

ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ରଧାମ ପୁରୀର ଅନେକ ପାରମ୍ପରିକ ନାମ କେତେକ ପୁରାଣ ତଥା ପ୍ରାଚୀନ ଧର୍ମଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ସେହି ନାମମାନ ହେଲା - ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷୋତ୍ତମ ଧାମ, ପୁରୁଷୋତ୍ତମ-ପୁରୀ, ନୀଳାଦ୍ରି ଇତ୍ୟାଦି । କେତେଜଣ ବିଦ୍ୱାନଙ୍କ ମତରେ 'ପୁରୀ' ଶବ୍ଦ 'ପୁରୁଷୋତ୍ତମ-ପୁରୀ' ବା ଅପଭ୍ରଂଶରେ 'ପୁରତ୍ତମ-ପୁରୀ'ରୁ ହ୍ରାସ ହୋଇ ଆସିଅଛି । ବ୍ରିଟିଶ ଶାସନର ନଥିପତ୍ରରେ ଠାଏଁ ଠାଏଁ 'ପୁରୀ' ଜାଗାରେ 'ଜଗନ୍ନାଥ' ଶବ୍ଦ ବ୍ୟବହୃତ ହୋଇଅଛି । ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ ।

ପୁର ଓ ପୁରୀ ଶବ୍ଦର ଅନେକ ଅର୍ଥ ରହିଛି । ପୁର ଅର୍ଥ ଗୃହ, ଦେଶ, ନଗର, ଦେହ ଇତ୍ୟାଦି । ଆତ୍ମା ସମସ୍ତ ପ୍ରାଣୀମାନଙ୍କର ପୁରରେ ଅର୍ଥାତ୍ ଦେହରେ ଅବସ୍ଥାନ କରେ ବା ତାହାକୁ ପୂର୍ଣ୍ଣ କରି ରହେ ବା ସେଥିରେ ଶୟନ କରେ । ତେଣୁ ଆତ୍ମାକୁ ପୁରୁଷ କୁହାଯାଏ । ପୁରୁଷ ଉତ୍ତମ, ପୁରୁଷୋତ୍ତମ - ଜଗନ୍ନାଥଙ୍କ ପୁର ହେତୁ ଏହି ଧାମର ନାମ ପୁରୁଷୋତ୍ତମ-ପୁରୀ ବା ସଂକ୍ଷେପରେ ପୁରୀ !

ପ୍ରଫେସର ପଞ୍ଚାନନ ମହାନ୍ତି ଆଦିବାସୀ ଭାଷାତତ୍ତ୍ୱ ଦୃଷ୍ଟିରୁ 'ପୁରୀ' ନାମର ବ୍ୟାଖ୍ୟା କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ଗୋଟିଏ ମୁଣ୍ଡାଭାଷୀ ଅଧ୍ୟୁଷିତ ରାଜ୍ୟ । ସମୁଦାୟ ପ୍ରାୟ ୧୬ଟି ମୁଣ୍ଡାଭାଷା ମଧ୍ୟରୁ ଅନ୍ୟୂନ ୧୦ଟି ଭାଷା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କଥିତ ହୁଏ । ଜଗନ୍ନାଥ ମୁଖ୍ୟତଃ ଶବର ଦେବତା । ଶବରମାନେ ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ । ସାରଳା ମହାଭାରତ ଅନୁଯାୟୀ ନୀଳାଚଳ ଥିଲା ଗୋଟିଏ ଶବର ଅଧ୍ୟୁଷିତ ସ୍ଥାନ । ଐତିହାସିକମାନେ ମଧ୍ୟ ପୁରୀରେ ଶବରମାନେ ରାଜତ୍ୱ କରୁଥିଲେ ବୋଲି ମତପୋଷଣ କରନ୍ତି । ଏ ମତକୁ ଗ୍ରହଣ କଲେ ଶବରମାନେ ଏ ସ୍ଥାନଟିର କିଛି ଗୋଟିଏ ନାମ ଦେଇଥିବେ ଓ ସେହି ନାଁଟି ଯେ ମୁଣ୍ଡାଶବ୍ଦ ହୋଇଥିବ, ଏ କଥା ସ୍ୱୀକାର କରିବାକୁ ପଡ଼ିବ । ଆମର ବିଶ୍ୱାସ ଏହି ପ୍ରାଚୀନ ନାମଟି 'ପୁରୀ' । କାରଣ ମୁଣ୍ଡାଗୋଷ୍ଠୀର ବିଭିନ୍ନ ଭାଷାରେ ଏହି ଶବ୍ଦଟି ଜଳାଶୟ ଓ ସମୁଦ୍ର ସହିତ ସଂପୃକ୍ତ । ବଣ୍ଡା ଭାଷାରେ ପୁର (Pur)ର ଅର୍ଥ Flood ଓ ସାନ୍ତାଳୀରେ ପୁରୀର ଚାରୋଟି ଅର୍ଥ ଅଛି - World, sea, place, abode । ଆମର ଯୁକ୍ତି ହେଲା - ପୁରି (ପୁରୀ) ଗୋଟିଏ ମୁଣ୍ଡାଶବ୍ଦ ଓ ଏହା ସମୁଦ୍ର ପାଇଁ ବ୍ୟବହୃତ ହୋଇ ପରେ ସମୟକ୍ରମେ ସମୁଦ୍ର କୂଳସ୍ଥିତ ସ୍ଥାନଟିର ନାମରେ ପରିଣତ ହୋଇଯାଇଛି । ('ପୁରୀ'ର ନିତିଆନି', 'ଝଙ୍କାର', ଅକ୍ଟୋବର, ୧୯୯୭)

ଇଣ୍ଡୋନେସିଆର ବାଲିଦ୍ୱୀପ ସହିତ ପ୍ରାଚୀନ ଭାରତର ବାଣିଜ୍ୟ ସମ୍ପର୍କ ରହିଥିଲା । ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀ ଭିତରେ ଭାରତୀୟ ସାଧବମାନେ ଏହି ଦ୍ୱୀପପୁଞ୍ଜରେ ପହଞ୍ଚି ଯାଇଥିଲେ । ପ୍ରାଚୀନ ଉତ୍କଳ ତଥା କଳିଙ୍ଗରୁ ବହୁ ସାଧବ ସେଠାକୁ ଯାଇଥିବା ଜଣାଯାଏ । ସେମାନଙ୍କର ସଂସ୍କୃତିର ପ୍ରଭାବ ସେଠାରେ ପଡ଼ିଥିଲା । ବିଶିଷ୍ଟ ଗବେଷକ ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ ଲେଖିଛନ୍ତି ଯେ, ବାଲିଦ୍ୱୀପରେ ଲୋକମାନେ ମନ୍ଦିରକୁ 'ପୁର' କହନ୍ତି । ଏହି 'ପୁର' ନାମଟି ପ୍ରାଚୀନତମ ଦେବାଳୟରୁ ଆରମ୍ଭ ହୋଇଥିବା ଜଣାଯାଏ । ଏହାଛଡ଼ା ମନ୍ଦିରକୁ ପ୍ରାସାଦ (Palace) ମଧ୍ୟ କୁହାଯାଏ । ବାଲିର 'ପୁରବୈଶାଖୀ' ମନ୍ଦିରକୁ ଠିକ୍ ପୁରୀର ଜଗନ୍ନାଥ ମନ୍ଦିର ଭଳି 'ପ୍ରାସାଦ' କୁହାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଏକଦା ଆମ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରକୁ ଲୋକେ 'ପୁର' କହୁଥିଲେ ଓ କାଳକ୍ରମେ ଏହାର ନିକଟବର୍ତ୍ତୀ ଅଞ୍ଚଳ 'ପୁରୀ' ନାମରେ ବିଖ୍ୟାତ ହେଲା ('ଝଙ୍କାର', ରଥସଂଖ୍ୟା, ୨୦୦୨) ।

ପୁରୀର ଶ୍ରୀମନ୍ଦିରକୁ 'ପ୍ରାସାଦ' ବୋଲି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି -

'ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର,
ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।'
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଜୀବଦେବାଚାର୍ଯ୍ୟ (୧୬ଶ ଶତାବ୍ଦୀର ଉତ୍କଳୀୟ କବି) ତାଙ୍କର ସଂସ୍କୃତ ରଚନା 'ଉତ୍ସାହବତୀ ରୂପକ'ରେ ଲେଖିଛନ୍ତି - 'ଅସ୍ମିନ୍ ବସନ୍ତ ସମୟେ ପୁରୁଷୋତ୍ତମସ୍ୟ ପ୍ରାସାଦ ...' । ଗଙ୍ଗବଂଶର ପ୍ରତିଷ୍ଠାତା

ଚୋଡ଼ଗଙ୍ଗ ଦେବଙ୍କ ପ୍ରଦତ୍ତ ଏକ ଅଭିଲେଖରେ ମଧ୍ୟ 'ପ୍ରାସାଦଂ ପୁରୁଷୋତ୍ତମସ୍ୟ' ଉଲ୍ଲେଖ ରହିଛି ।

ବ୍ରହ୍ମଦେଶର ପ୍ରତ୍ନତାତ୍ତ୍ୱିକ ସର୍ଭେ ରିପୋର୍ଟ (୧୯୧୬)ରୁ ଜଣାଯାଏ ଯେ, ସେଠାରେ 'ପ୍ରାଚୀନ ପ୍ରୋମ୍'ର ନାମ ଥିଲା 'ଶ୍ରୀକ୍ଷେତ୍ର' ଏବଂ ସମଗ୍ର 'ପ୍ରୋମ୍' ଅଞ୍ଚଳ 'ଉକ୍‌କଳାପ୍' ନାମରେ ଆଖ୍ୟାତ ଥିଲା । ଓଡ଼ିଶା ବା ଉତ୍କଳର ଉପନିବେଶକାରୀମାନେ ବ୍ରହ୍ମ ଦେଶର ପ୍ରୋମ୍ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲେ । ଏହି ଅଞ୍ଚଳ ରେଙ୍ଗୁନଠାରୁ ଟଣ୍ଡେ ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା ('ଶ୍ରୀଜଗନ୍ନାଥ' - ଓ.ସା.ଏ., ପ୍ରଥମ ସଂସ୍କରଣ, ୧୯୮୨, ପୃ.୨୩୪-୨୩୫) । ଖ୍ରୀ:ପୂ: ୨୦୦ରେ ଉତ୍କଳୀୟମାନେ ବ୍ରହ୍ମଦେଶରେ ଉପନିବେଶ ସ୍ଥାପନ କରିଥିଲେ ବୋଲି ବର୍ମା ଗେଜେଟିୟର, ସିରିୟମ୍ ଡିଷ୍ଟ୍ରିକ୍ଟ ପ୍ରଥମ ଭାଗରେ ଉଲ୍ଲେଖ ଅଛି । ଉକ୍ତ ଗେଜେଟିୟରରେ କଳିଙ୍ଗ ଶବ୍ଦକୁ ତାଲିଙ୍ଗ୍ (Taling) ଲେଖାଅଛି । ଏହି ତାଲିଙ୍ଗ୍‌ମାନେ ମହାନଦୀ ଓ ଗୋଦାବରୀ ନଦୀର ମଧ୍ୟସ୍ଥ ଭୂଖଣ୍ଡରେ ବାସ କରୁଥିଲେ । ରେଙ୍ଗୁନ୍ ସହର 'ବଡ଼ଫୁୟା' ମନ୍ଦିର ନିକଟରେ 'ଆଉକାଲା' ନାମରେ ଏକ ଛୋଟଗ୍ରାମ ଅଛି । ଏହି ଆଉକେଲାର ପୂର୍ବନାମ ଥିଲା ଉତ୍କଳ ନଗର । କାଳକ୍ରମେ 'ଉତ୍କଳ' ଶବ୍ଦରୁ ଉକାଲା ବା ଆଉକାଲା ନାମରେ ପରିଣତ ହୋଇଛି ବୋଲି ଉକ୍ତ ଗେଜେଟିୟରରେ ଉଲ୍ଲେଖ ଅଛି ('ମାନସ', ଫେବୃଆରୀ, ୧୯୭୫) । ସେହିପରି ବର୍ମାର ଶ୍ରୀକ୍ଷେତ୍ରର 'ପ୍ରୋମ୍' ନାମଟି ହୁଏତ 'ପୁରମ୍' (ପୁର) ଶବ୍ଦରୁ ସୃଷ୍ଟି ହୋଇଥିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରାଚୀନ ମିଶରୀୟ ଭାଷାରେ ପୁର ବା ପ୍ରାସାଦକୁ 'ପର୍-ଆ' (Per-aa) କୁହାଯାଉଥିଲା । ପର୍-ଆରେ ବାସ କରୁଥିବାରୁ ସେଠାକାର ରାଜାଙ୍କୁ ଫାରୋ (Pharaoh) କୁହାଯାଉଥିଲା ।

ଅନୁମାନ କରି କୁହାଯାଇପାରେ ଯେ, 'ପୁର' ବା ମନ୍ଦିର ନାମରୁ 'ପୁରୀ' ନାମର ଉଦ୍ଭବ ହୋଇଛି ।

୫୬, ସୂର୍ଯ୍ୟନଗର
ଭୁବନେଶ୍ୱର-୩

---

# ଆତ୍ମ ଜିଜ୍ଞାସା

ସବିତା ରଥ

ସତରେ ତୁମେ କେଉଁଠି ?
ତୁମେ ମନ୍ତ୍ରରେ ନା ମନରେ
ଚନ୍ଦନରେ ନା ଫୁଲରେ
ତୁମେ କେଉଁଠି ସତରେ ?
ତୁମେ ମନ୍ଦିରରେ ନା ହୃଦୟରେ
ଧ୍ୟାନରେ ନାଁ ସମାଧିରେ
ତୁମେ କେଉଁଠି ସତରେ ?
ତୁବେ ବିଧିରେ ନା ବିଧାନରେ
ଭାଗ୍ୟରେ ନା କର୍ମରେ
ତୁମେ କେଉଁଠି ସତରେ ?
ତୁମେ ଆତ୍ମାରେ ନା ପରମାତ୍ମାରେ
ମୋହରେ ନା ମୁକ୍ତିରେ
ତୁମେ କେଉଁଠି ସତରେ ?
ଏମିତି ତୁମକୁ ବୁଝୁବୁଝୁ
ବହୁତ ଡେରି ହୋଇ ଯାଇଥିବ
ବୋଧହୁଏ ମୋର ଏ ଜୀବନ ସରି ଯାଇଥିବ କି
କୋଟିକଳ୍ପ ବିତିଯାଇଥିବ !

ଦୋଳମଣ୍ଡପ ସାହି
ହାବେଳି ଗଳି, ପୁରୀ

# ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମହୋତ୍ସବ



## ଶ୍ରୀକ୍ଷେତ୍ର ରଥଯାତ୍ରା

ସଦାଶିବ ମିଶ୍ର

ପୃଥିବୀ ମଧ୍ୟରେ ଭାରତ ଏକ ପ୍ରାଚୀନ ଦେଶ । ଏହାର ସଭ୍ୟତା ସଂସ୍କୃତି ଅତି ପ୍ରାଚୀନ । ଭାରତ ମଧ୍ୟରେ ଭୂଖଣ୍ଡ ବା ପ୍ରଦେଶ ଓଡ଼ିଶା ଆଜି ଦେଶ ବିଦେଶରେ ବେଶ୍ ପରିଚିତ । ଅତୀତରେ ଏ ଜାତି ବୀରତ୍ୱ, ଶିଳ୍ପକଳା, କାରିଗରି, ବାଣିଜ୍ୟ ଓ ସଂସ୍କୃତି ଯୋଗୁଁ ଦେଶ ବିଦେଶରେ ମଧ୍ୟ ପରିଚିତ ଥିଲା । ଏ ଜାତିର ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ଓଡ଼ିଶୀ ନୃତ୍ୟ ଓ ଖଣିଜ ସଂପଦ ପାଇଁ ଦେଶ ବିଦେଶରେ ପରିଚିତ । ଓଡ଼ିଶା ମଧ୍ୟରେ ଶ୍ରୀକ୍ଷେତ୍ର ବା ପୁରୀ ହେଉଛି ଏକ ମହାନ୍ ଐତିହାସିକ, ପୌରାଣିକ, ଦର୍ଶନୀୟ, ତୀର୍ଥକ୍ଷେତ୍ର ଓ ଓଡ଼ିଆ ଜାତିର ମହାନ୍ ସାଂସ୍କୃତିକ ପୀଠ । ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଏହି ସହର ବେଶ୍ ପରିଚିତ, ବଙ୍ଗୋପସାଗରର ଉତ୍ତମ ବେଳାଭୂମି ମଧ୍ୟ ଏହାର ଅନ୍ୟ ଏକ ଆକର୍ଷଣ । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ମୁଖ୍ୟତଃ ଓଡ଼ିଶାର ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା ପାଳନ କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା, ରଥଯାତ୍ରା, ଚନ୍ଦନଯାତ୍ରା, ଦୋଳଯାତ୍ରା ଓ ଝୁଲଣଯାତ୍ରା ପ୍ରଧାନ । ଏହି ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା ଓ ରଥଯାତ୍ରାରେ ସ୍ୱୟଂ ଦାରୁମୂର୍ତ୍ତିମାନେ ବିଜେ ହେଉଥିବାବେଳେ, ଅନ୍ୟାନ୍ୟ ଯାତ୍ରାରେ ପ୍ରଭୁ ବା ଜୀଉମାନଙ୍କର ଚଳନ୍ତି ପ୍ରତିମା ବିଜେ କରନ୍ତି । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ପୃଥିବୀ ପ୍ରସିଦ୍ଧ ଓ ଜଗତର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ।

'ଆଷାଢ଼ସ୍ୟା ମଳେ ପକ୍ଷେ
　　ଦ୍ୱିତୀୟା ପୁଷ୍ୟା ସଂଯୁତେ
ଚରାଚର ଓ ହିତାର୍ଥାୟ
　　ଘୋଷଯାତ୍ରା ବିଧିୟତେ ।'
　　　　- ଇନ୍ଦ୍ରନୀଳମଣି ପୁରାଣ

ଶ୍ରୀକ୍ଷେତ୍ରରେ ଏହି ରଥଯାତ୍ରା କେବେଠାରୁ ଆରମ୍ଭ ହୋଇଛି ସେ ସଂପର୍କରେ ଅଦ୍ୟାବଧି କୌଣସି ସଠିକ୍ ପ୍ରମାଣ ବା ତଥ୍ୟ ମିଳି ନାହିଁ କିନ୍ତୁ ଏହି ରଥଯାତ୍ରା ଆଜି ଓଡ଼ିଶା, ଭାରତ ଅତିକ୍ରମ କରି ପୃଥିବୀର ବିଭିନ୍ନ ଦେଶର ଅଧିବାସୀମାନଙ୍କୁ ଆକୃଷ୍ଟ କରିପାରିଛି । ଏହା କେବଳ ଠାକୁରମାନଙ୍କର ରଥରେ ଯାତ୍ରା କରିବାର ଦୃଶ୍ୟ ବା ଘଟଣା ହୋଇ ରହି ନାହିଁ । ଏହା ଆଜି ସମଗ୍ର ମାନବ ଜାତିର ମହାମିଳନର ପର୍ବ ହୋଇଯାଇଛି । ଶ୍ରୀଜଗନ୍ନାଥ ପ୍ରେମୀ ବିଶ୍ୱର କୋଟି କୋଟି ଅଧିବାସୀ ଉତ୍ସୁକତାର ସହ ଏହି ଦିନଟିକୁ ଅପେକ୍ଷା କରିଥାନ୍ତି, ଅପେକ୍ଷା କରିଥାନ୍ତି ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ଜଗନ୍ନାଥ ପୁରାଣର ମହାପ୍ରଭୁ ଶ୍ରୀଜଗନ୍ନାଥ କହିଛନ୍ତି -

'ଗୁଣ୍ଡିଚା ନାମେ ମୋ' ଯାତ୍ରା ପରମ ପାବନୀ
ରଥଯାତ୍ରା ନାମେ ଖ୍ୟାତ ହେବ ଯେ ଅବନୀ ।'

ରଥଯାତ୍ରାରେ ଭକ୍ତର ଉଦଣ୍ଡ ନୃତ୍ୟ ଦେଖିତ, କେହି ସେବାୟତମାନଙ୍କର ସେବାକାର୍ଯ୍ୟ ଦେଖି, କେହି ଠାକୁର ରାଜାଙ୍କ ରଥରେ ଝାଡୁଧରି ଛେରାପହଁରା ଦେଖିତ, କେହି ରଥାରୂଢ଼ ମହାପ୍ରଭୁ ଓ ରଥର ଶୋଭା ଦେଖି ଆତ୍ମହରା ହୋଇ ଗାଇ ଉଠେ -

'କାଳିଆ କାହ୍ନୁ, ଆଉ ବିଳମ୍ବ କର କାହିଁକି
ବରଷକେ ଥରେ ବିଜୟ ରଥରେ
　　ପତିତ ତାରିବା ପାଇଁକି
ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି
　　ଦର୍ଶନ କରିବା ପାଇଁକି ।'

ପ୍ରତିଦିନ ପୃଥିବୀର କୋଣ ଅନୁକୋଣେ ବିଭିନ୍ନ ସ୍ଥାନରେ ଯାତ୍ରା, ଉତ୍ସବ, ମହୋତ୍ସବ ଅନୁଷ୍ଠିତ ହେଉଅଛି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀଠାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ଅନନ୍ୟ ଓ ଅସାଧାରଣ । ଏହି ଯାତ୍ରା କେବଳ ଓଡ଼ିଶାର ନୁହେଁ କି ଭାରତର ଏକ ମହାନ୍ ଯାତ୍ରା ନୁହେଁ, ଏହା ହେଉଛି ସମଗ୍ର ମାନବ ଜାତିର ଏକ ମହାନ୍ ଯାତ୍ରା । ଏହି ଯାତ୍ରାରେ ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ପୃଥିବୀର ସମସ୍ତ ଗୋଷ୍ଠୀର ଲୋକଙ୍କର ସମାବେଶ ବା ମିଳନ ହୋଇଥାଏ । ରଥଗଢ଼ାଠାରୁ ରଥଚଳା ପର୍ଯ୍ୟନ୍ତ ବିଭିନ୍ନ କାମରେ ଆମ ହିନ୍ଦୁ ସମାଜର ଚାରିଜାତି ଯଥା- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ରମାନଙ୍କର ଯୋଗଦାନ ଦେଖିବାକୁ ମିଳେ । ଯେଉଁମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଠାକୁରମାନଙ୍କୁ ଦର୍ଶନ କରିବାର ସୁଯୋଗ ନାହିଁ ରଥଯାତ୍ରାରେ ରଥାରୂଢ଼ ପ୍ରଭୁମାନଙ୍କୁ ଦର୍ଶନ କରିବା ପାଇଁ ଏହା ଏକ ମହାନ୍ ସୁଯୋଗ । ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଓଡ଼ିଶାର ବିଭିନ୍ନ ସ୍ଥାନରେ, ଦେଶର ବିଭିନ୍ନ ସ୍ଥାନରେ, ବିଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ହେବା ସହିତ ରେଡ଼ିଓ ଓ ଦୂରଦର୍ଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସାରା ବିଶ୍ୱରେ ପ୍ରଚାର

କରାଯାଉଥିଲେ ମଧ୍ୟ ଏ ଯାତ୍ରାର ଆକର୍ଷଣ ଅନନ୍ୟ ଓ ସ୍ୱତନ୍ତ୍ର । ଯାହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଯାତ୍ରୀ ତଥା ଦର୍ଶକ ପୁରୀ ବଡ଼ଦାଣ୍ଡରେ ସମବେତ ହୋଇଥାନ୍ତି ।

ମାନବ ପ୍ରୀତିର ମହାମିଳନ ପର୍ବ ହେଉଛି ଶ୍ରୀକ୍ଷେତ୍ର ରଥଯାତ୍ରା । ଭାଇଭଉଣୀଙ୍କ ସହ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ଅଧିଷ୍ଠିତ । ସେହିପରି ଭାଇ-ଭଉଣୀଙ୍କୁ ଧରି ରଥରେ ବିଜେ କରି ଯାତ୍ରା କରନ୍ତି ଜନକ ପୁରୀ ଗୁଣ୍ଡିଚା ମନ୍ଦିରକୁ । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ରତ୍ନ ସିଂହାସନ ତ୍ୟାଗ କରି ବଡ଼ଦାଣ୍ଡରେ ରଥରେ ବିଜେ କରନ୍ତି, ଭକ୍ତ କୋଳାଗ୍ରତ କରେ ପ୍ରଭୁଙ୍କୁ, ପ୍ରଭୁ କୋଳାଗ୍ରତ କରନ୍ତି ଭକ୍ତଜନଙ୍କୁ । ବିଶ୍ୱର ସବୁ ବର୍ଣ୍ଣ, ଧର୍ମ, ଜାତି, ସଂପ୍ରଦାୟ ଲୋକଙ୍କର ଏକତ୍ର ସମାବେଶ ଦେଖିଲେ ମନେହୁଏ ସତେ ଯେପରି ବିଶ୍ୱ ଏଠାରେ ଏକାକାର ହୋଇଯାଇଛି । କେହି କେହି ଶ୍ରୀଜଗନ୍ନାଥଙ୍କ ରୂପରେ ନିଜର ଇଷ୍ଟକୁ ଦେଖି ତୁଷ୍ଟ ହୁଅନ୍ତି ତ କେହି କେହି ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ମହାନତା ଓ ବିଶ୍ୱପ୍ରାଣତା ଭିତରେ ନିଜକୁ ହଜାଇ ଦିଅନ୍ତି । କବି ସଚ୍ଚିଦାନନ୍ଦ ରାଉତରାୟ ଭାଷାରେ -

'ତୁମେ ପରା ଚିର ଶାନ୍ତି ପ୍ରତୀତି
ନୀଳ ଚକ୍ରରେ ବାନ୍ଧିଛ ବନାତି ।'

ବର୍ତ୍ତମାନ ବିଜ୍ଞାନର ଯୁଗ । ବିଜ୍ଞାନର ଅଗ୍ରଗତି ଯୋଗାଯୋଗ ଓ ପରିବହନର ବିକାଶ ହେତୁ ଗୋଟିଏ ସ୍ଥାନକୁ ଆସିବା ପାଇଁ ଅଳ୍ପ ସମୟ ମଧ୍ୟରେ ଉଡ଼ାଜାହାଜ, ରେଳଗାଡ଼ି, ବସ୍, କାର୍, ମଟର ସାଇକେଲ୍ ଆଦିର ସୁବିଧା ଅଛି । ଅତୀତରେ ରାସ୍ତା ନଥିଲା କି ବର୍ତ୍ତମାନ ଭଳି ଯାନବାହନର ସୁବିଧା ନଥିଲା । ଲୋକମାନେ ଚାଲିଚାଲି ଶଗଡ଼ରେ, ପାଲିଙ୍କିରେ, ଦୋଳାରେ, ଘୋଡା ଉପରେ ବସି ରଥଯାତ୍ରା ଦେଖିବାକୁ ଆସୁଥିଲେ । ଏହି ଦୃଶ୍ୟକୁ କବି ଲୋକନାଥ ବିଦ୍ୟାଧର ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି -

'କେଉଁମାନେ ଅଇଲେ ମାତଙ୍ଗରେ
କେହୁ ଅଇଲେ ତୁରଙ୍ଗ ଉପରେ
କେହୁ ପାଲିଙ୍କି କେହୁ ଶିବିକାରେ
କେହୁ ପଲବାରୁ କେହୁ ଦୋଳାରେ ।'

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସମଗ୍ର ମାନବ ସମାଜର ଏକ ମହାନ ଯାତ୍ରା । ସମସ୍ତ ଭେଦଭାବ ଭୁଲି ମୈତ୍ରୀ ପ୍ରୀତି ସୂତ୍ରରେ ଆବଦ୍ଧ ହୋଇ ମାନବ ସମାଜର କଲ୍ୟାଣ କରିବାପାଇଁ ଏହି ଯାତ୍ରା ପ୍ରେରଣା ଦିଏ, ବାଟ ଦେଖାଏ ମୃତ୍ୟୁରୁ ଅମୃତ ପଥକୁ ଯାତ୍ରା କରିବାକୁ, ଘନ ତମସାରୁ ଆଲୋକ ପଥକୁ ଯାତ୍ରା କରିବାକୁ, ସତ୍ୟ, ନ୍ୟାୟ ପଥରେ ଜୀବନକୁ ପରିଚାଳିତ କରିବାକୁ ।

ପଣ୍ଡିତ ଶାସ୍ତ୍ରକାରମାନଙ୍କ ମତରେ ମନୁଷ୍ୟ ଶରୀର ମଧ୍ୟ ଏକ ରଥ ସ୍ୱରୂପ । ସତ୍ୟ ଓ ସଦାଚାର ଏହି ରଥର ଦୁଇଟି ଚକ । ବଳ, ବିବେକ, ପରୋପକାର ଓ ଇନ୍ଦ୍ରିୟ ନିଗ୍ରହ ହେଉଛନ୍ତି ଏହାର ଅଶ୍ୱ ସଦୃଶ । କ୍ଷମା, କୃପା, ମମତା, ସ୍ନେହ ସଦିଚ୍ଛା ଆଦି ରଜ୍ଜୁ ଦ୍ୱାରା ଅଶ୍ୱମାନେ ନିୟନ୍ତ୍ରିତ । ଶରୀର ରୂପୀ ରଥକୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ହେଲେ ନିଜ ଭିତରେ ଥିବା ମନ, ପ୍ରାଣ, ଶରୀରର ଯଥାର୍ଥ ବିକାଶ ସହିତ ଚୈତ୍ୟ ସତ୍ତାର ବିକାଶ ଅପିରିହାର୍ଯ୍ୟ । ରଥକୁ ଟାଣୁଥିବା ଅଶ୍ୱ ଓ ରଜ୍ଜୁ ଯଦି ଦିଗହରା ହୁଅନ୍ତି ରଥ ଦୁର୍ଘଟଣାର ଶିକାର ହୁଏ । ରଥଯାତ୍ରାରେ ରଥଚକର ଘର୍ଘର ନାଦ ମାନବ ଜାତିକୁ ସତର୍କ କରାଇଦିଏ - 'ଜୀବନର ଲକ୍ଷ୍ୟ ପ୍ରତି ସଚେତନ ହୁଅ, ସଚେତନ ହୁଅ, ଅମୃତସ୍ୟ ପୁତ୍ର ଅମୃତ ପଥର ଯାତ୍ରୀ ହୁଅ ।'

ପୁରୀରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ବିଭିନ୍ନ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଓ ସମଗ୍ର ମାନବ ଜାତିର ଏକ ମହାମିଳନ ପର୍ବ । ଶ୍ରୀଜୀଉମାନେ ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ମୁଖ୍ୟତଃ ରଥଯାତ୍ରା କୁହାଯାଉଥିଲେ ମଧ୍ୟ ଏହି ଯାତ୍ରାର ଅନ୍ୟ ନାମଗୁଡ଼ିକ ହେଲା ଘୋଷଯାତ୍ରା, ଜନକପୁରୀଯାତ୍ରା, ଗୁଣ୍ଡିଚାଯାତ୍ରା ନବଦିନାତ୍ମକ ଯାତ୍ରା, ଆଡପଯାତ୍ରା, ଦଶାବତାରଯାତ୍ରା ଇତ୍ୟାଦି । ପ୍ରତ୍ୟେକ ଯାତ୍ରା ନାମ କରଣର ବୈଶିଷ୍ଟ୍ୟ ମଧ୍ୟ ରହିଛି । ରଥଯାତ୍ରାରେ ଶ୍ରୀଜୀଉମାନେ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମଣ୍ଡପକୁ ଯାତ୍ରା କରନ୍ତି । ଗୁଣ୍ଡିଚା ମଣ୍ଡପ ହେଉଛି ଠାକୁରମାନଙ୍କର ଜନ୍ମସ୍ଥଳ । ସେହିଠାରେ ଦାରୁମୂର୍ତ୍ତି ନିର୍ମାଣ କରାଯାଇ ପ୍ରଥମେ ସେଠାରେ ପୂଜାର୍ଚ୍ଚନା କରାଯାଉଥିଲା । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ନିର୍ମାଣ କରାଯାଇ ଠାକୁରମାନଙ୍କୁ ପ୍ରତିଷ୍ଠା କରାଗଲା । ତେଣୁ ଏହି ଯାତ୍ରାକୁ ଜନକପୁରୀ ଯାତ୍ରା କୁହାଯାଇଛି । ଏହାଦ୍ୱାରା ଶ୍ରୀଜଗନ୍ନାଥ ସମଗ୍ର ମାନବ ସମାଜକୁ ଜନ୍ମଭୂମିର ଆକର୍ଷଣ ଓ ମହାନତାର ଶିକ୍ଷା ଦେଉଛନ୍ତି । ଘୋଷ ଶବ୍ଦ ଏକ ମଙ୍ଗଳ ପ୍ରଦାୟକ ଶବ୍ଦ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ, ତାକୁ ଘୋଷଯାତ୍ରା କୁହାଯାଏ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ଓ ଦର୍ଶନାର୍ଥୀ ରଥଯାତ୍ରାରେ ସାମିଲ ହୋଇ ନିଜକୁ ଧନ୍ୟ ମଣନ୍ତି । ଏଠାରେ ନଥାଏ ଧନୀ-ଦରିଦ୍ରର ଭେଦଭାବ, ବ୍ରାହ୍ମଣ-ଚାଣ୍ଡାଳର ଦୁର୍ଭେଦ୍ୟ ପ୍ରାଚୀର, ଜାତି-ବର୍ଣ୍ଣ ମଧ୍ୟରେ ବୈଷମ୍ୟ ଭାବ । ଚକାନୟନଙ୍କ ଦୃଷ୍ଟିରେ ସଭିଏଁ ସମାନ । ଶ୍ରୀକ୍ଷେତ୍ର ହେଉଛି ପୃଥିବୀରେ ସାମ୍ୟ ଓ ମୈତ୍ରୀର ମହାନ ପୀଠ । ଏହି ପୀଠର ମହାନତା ଉପଲବ୍ଧି କରି ଉତ୍କଳମଣି ଗୋପବନ୍ଧୁ ରଚନା କରିଛନ୍ତି -

'ଜଗତ ସଲିଳେ ଭାରତ କମଳ
ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ
ନାହିଁ ଜାତିଭେଦ, ନାହିଁ ଧର୍ମଭେଦ
ସାମ୍ୟ, ମୈତ୍ରୀବାଣୀ ଗାଏ ଯାର ବେଦ ।'

ଓଡ଼ିଆଙ୍କ ଜନଜୀବନରେ, ସାମାଜିକ ଜୀବନରେ ଓ ସାଂସ୍କୃତିକ ଜୀବନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ମୁଖ୍ୟ ସଂପାଦକ 'ସୁଲେଖା'
ବିମାନବଡୁସାହି, ଚଟିଆପଡ଼ା ଗଳି
ପୁରୀ-୭୫୨୦୦୧



# ଏହି ଅଳି ଶ୍ରୀଛାମୁରେ

ଡକ୍ଟର ବଳରାମ ଦାସ

**କେଉଁ** ସ୍ମରଣାତୀତ କାଳରୁ ବିଶ୍ୱ ବିସ୍ମୟର ଅନୁପମ ପ୍ରତୀକ ଶ୍ରୀଜଗନ୍ନାଥ, କେବଳ ଦେବତା ଭାବରେ ନୁହଁନ୍ତି, ଜଣେ ପରମ ଆତ୍ମୀୟ ଭାବରେ ମଧ୍ୟ ମଣିଷର ଉପାସିତ ହୋଇ ଆସୁଛନ୍ତି । ସେଥିପାଇଁ ମଣିଷ ଆପଣାର ସୁଖ ଓ ଦୁଃଖରେ ତାଙ୍କୁ ସ୍ମରଣ କରିଥାଏ । ବିପଦରେ ପଡ଼ିଲେ, ତାଙ୍କ ନାମ ସ୍ମରଣ କରି ସେଥିରୁ ପରିତ୍ରାଣ ଲାଭ କରିବାର ଦୃଢ଼ ଆଶା ମଧ୍ୟ ପୋଷଣ କରିଥାଏ । ଶତାବ୍ଦୀ-ଶତାବ୍ଦୀ ଧରି ମଣିଷର ଏଇ ଆତ୍ମବିଶ୍ୱାସ, ଓଡ଼ିଶାର ସାଧାରଣ ଜନତାକୁ ଯେ କେବଳ ଦେଖାଇଛି ଅନ୍ଧାରରେ ଆଲୋକ ବର୍ତ୍ତିକା, ତାହା ନୁହେଁ, ଓଡ଼ିଆ କବିଙ୍କ ସୃଷ୍ଟିରେ ମଧ୍ୟ ତୋଳିଛି ଅପରୂପ ସ୍ୱର-ଝଙ୍କାର । ସେଥିପାଇଁ ଓଡ଼ିଆ କବିତାରେ, କବିର ଜୀବନ ଜିଜ୍ଞାସା, ଧୂପ-ଦୀପର ପବିତ୍ର ସୁରଭି ପରି ସୁରଭିତ ହୋଇଉଠିଛି ।

କବିତା ଚିରକାଳ କବିର ଆତ୍ମାନୁଭୂତିର ସର୍ବଶ୍ରେଷ୍ଠ ଫସଲ । ତା'ର ସ୍ୱରରେ ତେଣୁ ଅହରହ ମୂର୍ଚ୍ଛିତ ହୋଇଥାଏ ଆତ୍ମୀୟତାର ମଧୁର ମୂର୍ଚ୍ଛନା । କବିତାରେ ସେଇ ଜୀବନ ଜିଜ୍ଞାସାର ଅନାବିଳ ପ୍ରକାଶ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ କବିର ଆକୁଳ ଆକୂତି, ଯେକୌଣସି ଭକ୍ତର ହୃଦୟକୁ ଆଲୋଡ଼ିତ କରିଥାଏ ।

କବି ଯେତେବେଳେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅସଙ୍କୋଚ ଭାବରେ ପ୍ରକାଶ କରେ ତା'ର ଦୁଃଖ-ଦୁର୍ଦ୍ଦଶାର କାହାଣୀ, ସେତେବେଳେ ମନେ ହୁଏ, ଏହି ଆତ୍ମୀୟତା ବୋଧ ହିଁ ଜଗନ୍ନାଥ ସଂସ୍କୃତିର ମୂଳାଧାର । ସେଥିପାଇଁ ଓଡ଼ିଆ କବି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରକାଶ କରେ ତା'ର ବ୍ୟକ୍ତିଗତ ଦୁରବସ୍ଥାର ହୃଦୟସ୍ପର୍ଶୀ ଅନୁଭୂତି । କବି ବନମାଳୀଙ୍କର ଜଣାଣମାନଙ୍କରେ ଏହି ସ୍ୱର ଅତ୍ୟନ୍ତ ବ୍ୟଥାତୁର ଭାବରେ ପ୍ରକାଶିତ ହୋଇଅଛି । କବି ନିଃସଙ୍କୋଚରେ ପ୍ରକାଶ କରିଛନ୍ତି ତାଙ୍କ ଦୈନ୍ୟର ସ୍ୱରୂପ । ଭେକ ଖଣ୍ଡିଏ ନଥିବାରୁ ସେ ନିୟମିତ ଶ୍ରୀଜଗନ୍ନାଥଙ୍କ ଛାମୁକୁ ଯାଇପାରିନାହାନ୍ତି । ସାହୁକାରର ଜଞ୍ଜାଳ, କୁଟୁମ୍ବଙ୍କ ଗୋଳ, ତାଙ୍କ ଅନ୍ତର ବେଦନାକୁ ବହୁ ଗୁଣିତ କରିଦେଇଛି । ମନରୁ ଲିଭି ଯାଇଛି ଆଶାର ଆଲୋକ, ହୃଦୟ ମଧ୍ୟରେ ଶୁଷ୍କ ହୋଇଯାଇଛି ଆନନ୍ଦ-ନିର୍ଝର । ତାଙ୍କର ଇଚ୍ଛା ସବୁବେଳେ କଳା



ଶ୍ରୀମୁଖକୁ ଅନାଇ ରହିବା ପାଇଁ । ମାତ୍ର ଜଞ୍ଜାଳ - ଜର୍ଜରିତ ଜୀବନରେ, ମନ ତାଙ୍କର ବାତଚକ୍ର ପ୍ରାୟେ ଘୁରୁଛି । ତାଙ୍କ ପରି ନିରେଖ ଜନ ଏ ସଂସାରରେ ଆଉ କିଏ ଅଛି ! କିଏ ଫେଡ଼ିବ ତାଙ୍କର ଏ କଷଣ, ଚଉବର୍ଗ ଦାନୀ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ! ଅଭିମାନ ଭିଜା କଣ୍ଠରେ କବି ଗାଇଛନ୍ତି -

'ଆହେ ପ୍ରଭୁ କଳା ଶ୍ରୀମୁଖ !
କାଳେ କାଳେ ମୋର ନଗଲା ଦୁଃଖ ।'

କିନ୍ତୁ ଦୁଃଖରୁ ପରିତ୍ରାଣ ପାଇଁ କବି କେବେ ମଧ୍ୟ ମାଗି ନାହାନ୍ତି ଧନ, ଜନ, ଐଶ୍ୱର୍ଯ୍ୟ-ବିଭୂତି । ଶ୍ରୀଜଗନ୍ନାଥଙ୍କ ନିକଟରେ ସେ କେବଳ ଅଳି କରିଛନ୍ତି, ତାଙ୍କରି ଶ୍ରୀରଙ୍ଗାଚରଣ ସେବାରେ ନିରନ୍ତର ତାଙ୍କ ମନ ରହିଥାଉ । ତାଙ୍କୁ ପଛେ ଦାନା-କନା ନମିଳୁ, କିନ୍ତୁ ସେ କେବଳ ନୀଳଚକ୍ର ବାନାକୁ ଚାହିଁ ଜୀବନର ସବୁ ଦୁଃଖକୁ ପାରି ହୋଇଯିବେ । ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରିଛନ୍ତି -

'ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ ।'

କେବଳ ସେତିକି ନୁହେଁ, ମହାପ୍ରଭୁଙ୍କ ନିକଟରେ କବି ଅଳି କରିଛନ୍ତି :

'ମହାବାହୁ ! ଏହି କଥାରେ ମୋ ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜ ସୁନ୍ଦର ବଦନ

ଅଞ୍ଜଳିରେ ଜଳ ପିଇ ପିନ୍ଧୁଥିବି ବକଳ କରି ବସନ
ଶଚୀପତି ପଦ ତୁଚ୍ଛ ମଣୁଥିବି ଥିଲେ ତୁମ୍ଭ ସନ୍ନିଧାନ ।'

କବି ପୁଣି କାମନା କରିଛନ୍ତି -

'ବାରମାସେ ତେର ଯାତ୍ରା ଦେଖୁଥିବି
ଶ୍ରୀକ୍ଷେତ୍ରେ ହୋଇ ଭିକାରୀ
ସାଧୁସନ୍ଥଙ୍କର ବୋଲାଇ କିଙ୍କର
ମାଗୁଥିବି ମଧୁକରୀ ।'

କେବଳ ବନମାଳୀ ନୁହଁନ୍ତି, ବହୁ କବି ସେମାନଙ୍କର ପଦ୍ୟାବଳୀମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ଶୁଣାଇଛନ୍ତି ଆପଣାର ଯନ୍ତ୍ରଣା-କ୍ଲିଷ୍ଟ ଜୀବନର ବିଧୁର ବେଦନା । ଦୀନକୃଷ୍ଣଙ୍କର 'କୃପାସିନ୍ଧୁ ବଦନ କରି ଅବଲୋକନ', ଶ୍ୟାମ ଭଞ୍ଜଙ୍କର 'ଆହେ ପ୍ରଭୁ ଘନ କାଳିଆ', 'ଆହେ ପ୍ରଭୁ ଚକା ନୟନ', 'ଆହେ ପ୍ରଭୁ ପଙ୍କଜ ଆଖି', ବିପ୍ର କୃଷ୍ଣଙ୍କର 'ଆହେ ପ୍ରଭୁ ପଙ୍କଜ ଡୋଳା, ଶୋକ ପୟୋଧିରେ ବୁଡ଼ିଲା ଭେଳା', ଗୌରଚରଣଙ୍କର 'ଆହେ ଜଗନ୍ନାଥେ', ସାନନ୍ଦ ଦ୍ୱିଜଙ୍କର 'କାହା ଆଗେ କହିବି ମୁଁ ସାକ୍ଷୀ, ହେ ଚକାଆଖି', ଅଭିମନ୍ୟୁଙ୍କର 'କୃପାସିନ୍ଧୁ-ଦୀନବନ୍ଧୁ ଶ୍ରୀଛାମୁରେ', ଭାଗୀରଥି ଦେବଙ୍କର 'କୃପାସିନ୍ଧୁ ଦୀନବନ୍ଧୁ ଅଘ-ତମ ଇନ୍ଦୁ ହେ', ରାଜକୁମାର ଗୋବିନ୍ଦଙ୍କର 'କୃପାସିନ୍ଧୁ ଦୀନବନ୍ଧୁ ! କାହିଁକି କରୁଣା ଊଣା', ସାଧୁ ଚରଣଙ୍କର 'କରମ ବାମ ମୋର', ହାଡ଼ି ଦାସଙ୍କର 'ଆହେ ପ୍ରଭୁ ମହାବାହୁ', ଭଗବାନଙ୍କର 'ଚକାଆଖି, ଥକା ହୋଇଲ କି ଏବେ', ସୋମନାଥ ସିଂହ ଜଗଦେବଙ୍କର 'ପ୍ରଭୁ ହେ, ବହୁତ ଦୁଃଖ ହୋଇଲା', ବେଣୁଧରଙ୍କର 'ରମା ରମଣ ହେ, କ୍ଷମାକର ମୋ ବିପତ୍ତି ଭାର', 'କେତେ କହିବି ହେ, ମୋ' ଦୁଃଖ କାହାଣୀ ଆଉ' ପ୍ରଭୃତି ଜଣାଣ ସେଇ ମର୍ମସ୍ପର୍ଶୀ ଅନୁଭବର ଏକ ଏକ ଅଶ୍ରୁଳ ଅଭିଲେଖ ।

କେତେକ କବିତାରେ ପୁଣି ବ୍ୟକ୍ତିଗତ ଜୀବନ ଜିଜ୍ଞାସାର ସ୍ୱର ଯେପରି ନିର୍ଦ୍ଦିଷ୍ଟ, ଇତିହାସର ତଥ୍ୟ ଦୃଷ୍ଟିରୁ ସେହିପରି ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ । ଉତ୍କଳର ଗଜପତି ରାଜା ଶ୍ରୀ ବୀର କିଶୋର ଦେବ ଓ ଶ୍ରୀ ଦିବ୍ୟସିଂହ ଦେବଙ୍କର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ଦୁଇଟି ଜଣାଣରେ ସେହି ଐତିହାସିକ ତଥ୍ୟ ଉପଲବ୍ଧ ହୋଇଥାଏ । ମରହଟ୍ଟା ଶାସନ କାଳରେ, ପରିସ୍ଥିତିର ନିଷ୍ଠୁର ତାଡ଼ନାରେ ବୀର କିଶୋର ଦେବ ଉତ୍କଳର ରାଜସିଂହାସନରୁ ଗାଦିଚ୍ୟୁତ ହୋଇଥିଲେ । ଫଳରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବା-ପୂଜାର ପବିତ୍ର ଅଧିକାରରୁ ସେ ହୋଇଥିଲେ ବଞ୍ଚିତ । ବସ୍ତୁତଃ ତାହା ହିଁ ହେଉଛି ରାଜା ସିଂହାସନର ପବିତ୍ର ପରମ୍ପରା । ସେଇ ଅଧିକାରରୁ ବଞ୍ଚିତ ଏହି ରାଜକବି ତେଣୁ ମର୍ମାନ୍ତିକ ବେଦନାରେ ଜର୍ଜରିତ ହୋଇ ଗାଇଛନ୍ତି -

'ସେବାରୁ ଅନ୍ତର ହେଲି ଯେବେ ପ୍ରଭୁ
ଏ ପ୍ରାଣ ଥିବ କିମ୍ପାଇ
ଓହ୍ଲାଇ ନ ଦିଅ କିମ୍ପା ମୋ' ମଥାରୁ
ଜଞ୍ଜାଳ ଭାର ଗୋସାଇଁ ।'

ସେହିପରି ଦିବ୍ୟସିଂହ ଦେବ ନରହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ବ୍ରିଟିଶ ଶାସକଙ୍କ କୋପାନଳରେ ପଡ଼ିଥିଲେ । ପରିଣତିରେ ତାଙ୍କୁ 'କଳାପାଣି' ଯିବାକୁ ହୋଇଥିଲା । ସେ ମଧ୍ୟ ଜଗନ୍ନାଥଙ୍କ ସେବା ପୂଜାରୁ ବଞ୍ଚିତ ହୋଇ ବେଦନା ଭିଜା ସ୍ୱରରେ ଜଣାଇଥିଲେ ଅନ୍ତରର ଆକୁଳ ଆକୁତି -

'ପ୍ରଭୁ ନୀଳାଦ୍ରି ବିହାରୀ
କଟକେ ଅଟକ ହେବାରୁ ମୋ' ଦିନ,
ସରୁ ନାହିଁ ଝୁର ଝୁରି
କନ୍ଦିରୁ ଅଣାଇ ବନ୍ଦୀ କରାଇଲ
ଶ୍ରୀ ନନ୍ଦିଘୋଷ ବିହାରୀ
ଛନ୍ଦି କରଦ୍ୱୟ ଦେଖାଉଛି ଭୟ,
ଦ୍ୱନ୍ଦ୍ୱୀ ବିଜାତି ପାହାରୀ ।'

ଓଡ଼ିଆ କବି ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜ ମନର ଅଭିଳାଷ କେବଳ ପ୍ରକାଶ କରିନାହାନ୍ତି, ସେ ଅଭିଳାଷ ପୂରଣ ନହେବାରୁ ଅଭିମାନ ମଧ୍ୟ କରିଛନ୍ତି । ଏହି ଅଭିମାନ ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ମନେ ହୋଇଥାଏ । କାରଣ ହୃଦୟର ବନ୍ଧନ ଯେଉଁଠି ଯେତେ ତୀବ୍ର, ସେଠାରେ ଅଭିମାନ ସେତେ ନିବିଡ଼ । ସେଠାରେ ସାମାନ୍ୟ ଅବହେଳା ସୁଦ୍ଧା ଏକ ଦୁଃସହ ଜ୍ୱାଳାରେ ପରିଣତ ହୋଇଥାଏ । ଶ୍ରୀଜଗନ୍ନାଥ ସମଦୃଷ୍ଟିର ପତାକା ଟେକି ମଧ୍ୟ ପକ୍ଷପାତ ନୀତି ଅବଲମ୍ବନ କରୁଥିବାରୁ କବି ତାଙ୍କ ପ୍ରାଣର ଠାକୁରଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ଶେଷରେ ମନ ଭର୍ତ୍ତି କରି ଗାଳି ଦେବାକୁ ମଧ୍ୟ କୁଣ୍ଠାବୋଧ କରିନାହାନ୍ତି । କବିସୂର୍ଯ୍ୟ ବଳଦେବ ରଥଙ୍କର 'ଜଗନ୍ନାଥ ଜଣାଣ' ଓ 'ସର୍ପ ଜଣାଣ'ରେ ଏହି ଅଭିମାନର ସ୍ୱର ଅତ୍ୟନ୍ତ ତୀବ୍ର । କବି ଶ୍ରୀଜଗନ୍ନାଥଙ୍କର ଉପରେ ରାଗ କରି ତାଙ୍କୁ 'କାଳସର୍ପ' ବୋଲି ଅଭିହିତ କରିଅଛନ୍ତି । କବିଙ୍କର ଏହି 'ରାଗ' କିନ୍ତୁ ପ୍ରକୃତରେ 'ଅନୁରାଗ' ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ଅନୁରାଗର ନେପଥ୍ୟରେ ଅଛି ଆତ୍ମୀୟତାର ସେହି ମହାନ୍ ଅନୁଭବ, ଯାହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ କାଳକାଳ ଧରି ବାନ୍ଧି ଆସିଛି ମିଳନର ସେତୁ ।

ମନେହୁଏ, ଜଗନ୍ନାଥ ଚେତନାର ଏହା ହିଁ ହେଉଛି ସବୁଠାରୁ ବଳି ରହସ୍ୟମୟ ଅଭିବ୍ୟକ୍ତି ।

କନ୍‌ଭେଣ୍ଟ ଏରିଆ
ଭି.ଆଇ.ପି. ରୋଡ
ପୁରୀ- ୭୫୨୦୦୧



# ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ଶ୍ରୀନୀଳାଚଳ

ପ୍ରମୋଦ କୁମାର ନାୟକ

**ନି**ତ୍ୟ ବୈକୁଣ୍ଠ ଶ୍ରୀନୀଳାଚଳ ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ରୂପେ ବିଦ୍ୟମାନ । ସ୍ରଷ୍ଟାଙ୍କ ସୃଷ୍ଟି ଆଦ୍ୟ କାଳରେ ଆଜି ଯାହା ପୁଣ୍ୟ ନୀଳାଚଳ ଧାମ ନାମରେ ପ୍ରସିଦ୍ଧ ଲାଭ କରିଅଛି, ତାହା ସେତେବେଳେ ଥିଲା ନୀଳ ସୁନ୍ଦର ପର୍ବତ । ଏହି ନୀଳ ସୁନ୍ଦର ପର୍ବତରେ ଥିଲା ଚାରୋଟି ଶୃଙ୍ଗ ଏବଂ ପ୍ରତ୍ୟେକ ଶୃଙ୍ଗରେ ଗୋଟିଏ ଗୋଟିଏ ବିଶାଳ ବୃକ୍ଷ ବିଦ୍ୟମାନ ଥିଲା । ଗୋଟିକରେ ବର, ଗୋଟିକରେ ପିପ୍ପଳ, ଗୋଟିକରେ ପାଙ୍କଡ଼ ବା ପର୍କଟୀ ଓ ଅନ୍ୟଟିରେ ଥିଲା ଆମ୍ବ । ନୀଳ ପର୍ବତର ଶିଖର ଦେଶରେ ବିଦ୍ୟମାନ ଥିଲା ସ୍ୱଚ୍ଛ ସୁନିର୍ମଳ ଜଳପୂର୍ଣ୍ଣ ସରୋବର । ସରୋବରର ସୋପାନଗୁଡ଼ିକ ଥିଲା ମଣି ନିର୍ମିତ । ପଦ୍ମପୁଷ୍ପଗୁଡ଼ିକ ସଦା ପ୍ରସ୍ଫୁଟିତ ଥାଇ ସରୋବରର ଶୋଭାଶ୍ରୀ ବର୍ଦ୍ଧନ କରୁଥିଲା । ପଦ୍ମପୁଷ୍ପମାନଙ୍କରେ ଭ୍ରମରମାନଙ୍କର ଗୁଞ୍ଜନ ତଥା ହଂସଗଣମାନଙ୍କ କଳକଳ ସ୍ୱନରେ ଗଗନ ପବନ ମୁଖରିତ ହେଉଥିଲା । ସେହି ନିର୍ଜନ ନୀଳସୁନ୍ଦର ପର୍ବତରେ ବାସ କରୁଥିଲେ ଜାତିସ୍ମର କାକଭୂଷଣ୍ଡ । କଳ୍ପାନ୍ତରେ ସୁଦ୍ଧା ତାଙ୍କର ବିନାଶ ହୁଏ ନାହିଁ । ମିଛମାୟା ଜଗତ ମଧ୍ୟରେ କାମ, ମୋହ, ଅଜ୍ଞାନ ଆଦି ଘୋଟି ରହିଥିଲେ ହେଁ ନୀଳସୁନ୍ଦର ପର୍ବତକୁ ସ୍ପର୍ଶ କରିପାରୁନଥିଲେ । କାକଭୂଷଣ୍ଡ ସେହିଠାରେ ଅବସ୍ଥାନ କରି ସଦାସର୍ବଦା ହରିଗୁଣ ଗାନରେ ତନ୍ମୟ ରହୁଥିଲେ । ସେ ଦିବସର ପ୍ରଥମ ପ୍ରହରରେ ପିପ୍ପଳ ବୃକ୍ଷମୂଳେ ସତ୍ୟଯୁଗୋଚିତ କର୍ମ ଧ୍ୟାନ, ଦ୍ୱିତୀୟ ପ୍ରହରରେ ପାଙ୍କଡ଼ ବା ପର୍କଟୀ ବୃକ୍ଷମୂଳେ ତ୍ରେତାଯୁଗୋଚିତ କର୍ମ, ଯଜ୍ଞ, ଜପ, ତୃତୀୟ ପ୍ରହରରେ ଆମ୍ବଗଛ ମୂଳେ ଦ୍ୱାପର ଯୁଗୋଚିତ ମାନସ ପୂଜା ଏବଂ ଚତୁର୍ଥ ପ୍ରହରରେ କଳି ଯୁଗୋଚିତ ହରଭଜନ ବଟବୃକ୍ଷ ମୂଳରେ କରୁଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀମଦ୍‌ଭାଗବତରେ ଜଗନ୍ନାଥ ଦାସ ବର୍ଣ୍ଣନା କରିଛନ୍ତି -

'ସତ୍ୟଯୁଗରେ ଧ୍ୟାନ ବଳେ, ତ୍ରେତାରେ ପୂଜିବ ଯଜ୍ଞରେ,
ଦ୍ୱାପରେ ପଦସେବା କରି, କଳିରେ ସଂକୀର୍ତ୍ତନେ ହରି,
ଏ ରୂପେ ଭଜି ଦୃଢ଼ମତେ, ପ୍ରାଣୀଏ ତରନ୍ତି ଜଗତେ ।'

ଏହି କର୍ମ ବ୍ୟତିରେକ କାକଭୂଷଣ୍ଡ ଅନ୍ୟ କାମ କରୁନଥିଲେ । କାକଭୂଷଣ୍ଡଙ୍କ କଳିଯୁଗୋଚିତ ହରିଭଜନ ଶୁଣିବା ସକାଶେ ଅନେକ ପକ୍ଷୀ ତଥା ସରୋବରସ୍ଥ ହଂସଗଣ ବଟବୃକ୍ଷ ମୂଳରେ ଉପସ୍ଥିତ ହେଉଥିଲେ ଏବଂ ଭକ୍ତି ପ୍ରେମରେ ତନ୍ମୟ ହୋଇଯାଉଥିଲେ । ଏପରିକି ସଂସାରର ସଂହାରକର୍ତ୍ତା ଯୋଗାରୂଢ଼ ପୁରୁଷ ଶିବ ମଧ୍ୟ କୈଳାସ ଛାଡ଼ି ଏହି ଭକ୍ତି ପ୍ରେମରେ ହଂସ ରୂପ ଧାରଣ ପୂର୍ବକ କିଛିଦିନ ନୀଳ ପର୍ବତରେ ଅବସ୍ଥାନ କରିଥିଲେ ।

ନୀଳସୁନ୍ଦର ପର୍ବତର ପାଦ ଦେଶକୁ ସୁଶୋଭିତ କରୁଥିଲା ତମାଳ ବୃକ୍ଷରାଜି । ଅନତି ଦୂରରେ ମହୋଦଧିର ନୀଳ ଉର୍ମିମାଳା ତମାଳ ବନର ପଦ ଧୌତ କରୁଥିଲା । ମହୋଦଧିର ନୀଳଉର୍ମିମାଳା, ତମାଳ ବନର ସବୁଜିମା ମିଶି ସୃଷ୍ଟି ହୋଇଥିଲା ନୈସର୍ଗିକ ସୌନ୍ଦର୍ଯ୍ୟ । କାଳକ୍ରମେ ଏହି ସୌନ୍ଦର୍ଯ୍ୟ ଆଣି ଦେଲା ମୁନିଋଷିମାନଙ୍କ ପାଇଁ ଭକ୍ତି ଭାବନାର ଚୂଡ଼ାନ୍ତ ନୈବେଦ୍ୟ । ଇତିହାସ, ପୁରାଣ, କିମ୍ବଦନ୍ତୀ ତଥା ବିସ୍ମୃତି ଗର୍ଭକୁ କଳ୍ପନା ପଟରେ ଦୃଷ୍ଟିପାତ କଲେ ସ୍ପଷ୍ଟ ଅନୁମେୟ ଆସେ, ସମୟର ବିବର୍ତ୍ତନ ଗତିରେ ଏ ସ୍ଥାନଟି କାଳକ୍ରମେ ଗଢ଼ି ଉଠିଲା ବିଭିନ୍ନ ଧର୍ମାବଲମ୍ବୀ ମୁନିଋଷି, ଧର୍ମପ୍ରଚାରକମାନଙ୍କ ଅଧ୍ୟୁଷିତ ଆଶ୍ରମ ମଣ୍ଡଳ । ଯାହାର ମୂକସାକ୍ଷୀ ରୂପେ ଆଜି ବିଦ୍ୟମାନ ଶତାଧିକ ମଠ । ସେ କାଳର ମୁନିଋଷିମାନଙ୍କ ଦ୍ୱାରା ମହୋଦଧି ତଟଦେଶରେ ପ୍ରଥମେ ପୂଜିତ ହେଲା ଶ୍ରୀପୁରୁଷୋତ୍ତମଙ୍କର ବିଗ୍ରହ । ଲୀଳାମୟଙ୍କର ବିଚିତ୍ର ଲୀଳା । ବିଭିନ୍ନ ଧର୍ମାବଲମ୍ବୀ ଯଥା- ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ନାଥ ଆଦି ପ୍ରତ୍ୟେକ ଧର୍ମମତ ପାର୍ଥକ୍ୟ ରହୁଥିଲେ ହେଁ ଶ୍ରୀପୁରୁଷୋତ୍ତମଙ୍କ ସହିତ ଏକାକାର ହୋଇଯାଉଥିଲେ । ଶାସ୍ତ୍ରରେ ଉଲ୍ଲେଖ ଅଛି -

'ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମମ୍
ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମମ୍ ।'

ସମୟର ବିବର୍ତ୍ତନ ଗତିରେ କେତେ ଉତ୍ଥାନ ପତନ ମଧ୍ୟରେ ଦିନ ଗଡ଼ିଗଲା । ଉତ୍କଳ ଭାଗ୍ୟାକାଶରେ ନରପତି ହେଲେ ଯଯାତି କେଶରୀ । ଉତ୍କଳ ନରପତି ହେଲାପରେ ଯଯାତି କେଶରୀ ଶ୍ରୀକ୍ଷେତ୍ର ପୁରୀଠାରେ ହାରାହାରି ଖ୍ରୀ:୧୦ମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶ୍ରୀପୁରୁଷୋତ୍ତମ ଠାକୁରଙ୍କ ପାଇଁ ମନ୍ଦିର ତୋଳାଇ ବିଗ୍ରହ ସ୍ଥାପନ କରିଥିଲେ । ତା'ପରେ ସୋମବଂଶର ଶେଷରାଜା କର୍ଣ୍ଣ କେଶରୀଙ୍କୁ ଯୁଦ୍ଧରେ ପରାସ୍ତ କରି ଖ୍ରୀ:୧୧୧୨ରେ କଳିଙ୍ଗ ନଗରର ଗଙ୍ଗବଂଶୀୟ ମହାରାଜା ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବ ଉତ୍କଳ ଅଧିକାର କରିଥିଲେ । ଚୋଡ଼ଗଙ୍ଗ ଦେବ ଥିଲେ ଭକ୍ତି ପରାୟଣ । ତେଣୁ ଉତ୍କଳ ଅଧିକାର

ପରେ ତାଙ୍କର ପ୍ରଥମ ଦୃଷ୍ଟି ହେଲା, ଶ୍ରୀପୁରୁଷୋତ୍ତମ ବିଗ୍ରହଙ୍କ ପ୍ରତି । ଚୋଡ଼ଗଙ୍ଗ ଦେବଙ୍କ ଆରାଧ୍ୟ ଦେବତା ଥିଲେ, ଶିବ ସ୍ୱରୂପ ବଳଦେବ ଏବଂ ଶକ୍ତି ସ୍ୱରୂପିଣୀ (ବ୍ରାହ୍ମଣୀ) ଦେବୀ ସୁଭଦ୍ରା । ସେ ତିନି ବିଗ୍ରହଙ୍କୁ ନେଇ ନୃସିଂହ ମନ୍ଦିରରେ ସ୍ଥାପନ କରିଥିଲେ । ପରମୁହୂର୍ତ୍ତରେ ଯୁଦ୍ଧରେ ବିଜିତ ଧନକୁ ଧର୍ମ କାର୍ଯ୍ୟରେ ଉତ୍ସର୍ଗୀକୃତ କରିବାକୁ ସଂକଳ୍ପ ନେଇ ସେ ନିର୍ମାଣ କରିବାକୁ ସ୍ଥିର କଲେ ପଞ୍ଚରଥ ବିଶିଷ୍ଟ ଦେବ ମନ୍ଦିର । ତଦନୁସାରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ପଲ୍ଲୁ ନାମକ ଜଣେ 'କର୍ମକାର କୁଳପୁତ୍ର'ଙ୍କୁ ନିଯୁକ୍ତି କରିଥିଲେ । ଯାହାକି ଆଜି ଶ୍ରୀମନ୍ଦିର ରୂପେ ଶ୍ରୀକ୍ଷେତ୍ରରେ ବିଦ୍ୟମାନ । ଚୋଡ଼ଗଙ୍ଗ ଦେବ ଅମାପ ଧନ ବ୍ୟୟ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାରୁ ତାଙ୍କ ନାମରେ ଶ୍ରୀମନ୍ଦିରର କୀର୍ତ୍ତି କାଳକାଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଲା । ଦୁଃଖର କଥା, ଚୋଡ଼ଗଙ୍ଗ ଦେବଙ୍କ ଜୀବଦ୍ଦଶା ମଧ୍ୟରେ ମନ୍ଦିର କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ । ତାଙ୍କ ପରେ ତାଙ୍କ ନାତି ଅନଙ୍ଗଭୀମ ଦେବ (ତୃତୀୟ) ଶ୍ରୀମନ୍ଦିର ପ୍ରତିଷ୍ଠା କରି ଦେବ ବିଗ୍ରହମାନଙ୍କୁ ରତ୍ନ ସିଂହାସନରୂଢ଼ କରିଥିଲେ ।

କାଳକ୍ରମେ ଜଗନ୍ନାଥ ଧର୍ମ ରାଜାନୁଗତ ହୋଇଥିଲା ଏବଂ ରାଜା ନିଜକୁ ଜଗନ୍ନାଥଙ୍କର ପ୍ରଥମ ସେବକ ରୂପେ ଘୋଷଣା କରିଥିଲେ । ଦୁର୍ଭାଗ୍ୟବଶତଃ ଉତ୍କଳ ବିଭିନ୍ନ ସମୟରେ ବିଦେଶୀମାନଙ୍କ ଆକ୍ରମଣ ଓ ବିଧର୍ମୀମାନଙ୍କ ଅତ୍ୟାଚାରର ଶିକାର ହୋଇଥିଲା । ଫଳରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର, ମୂର୍ତ୍ତି ଓ ମୂଲ୍ୟବାନ ସଂପଦ ନଷ୍ଟ ହୋଇ ଯାଇଥିଲା । ଏପରିକି ଠାକୁର ଚିଲିକା କୂଳ, ବାଣପୁର ମାଳ ଓ ଗଞ୍ଜାମ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିଲେ । କାଳର କରାଳ କବଳରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବହୁ ଘାତ, ପ୍ରତିଘାତ ମଧ୍ୟରେ ଗତି କରିଥିଲେହେଁ ଶ୍ରୀମନ୍ଦିରକୁ ଶ୍ରୀମଣ୍ଡିତ କରି ଉଦାର ହୃଦୟରେ ବିଶ୍ୱବାସୀଙ୍କୁ କୋଳକୁ ଟାଣି ରଖିଛନ୍ତି ।

ବିଶ୍ୱଧର୍ମ ଚେତନାରେ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ନୀଳାଚଳ ନାୟକ ସ୍ୱୟଂ ଜଗନ୍ନାଥ ହିଁ ଉପାସ୍ୟ ଦେବତା । ତାଙ୍କର ଚନ୍ଦ୍ରଠାରୁ ଅଧିକ ସୁନ୍ଦର ମୁଖମଣ୍ଡଳ, ଅବଲୋକନ କଲେ ସାଂସାରିକ ସମସ୍ତ ଶୋକ ଦୂରୀଭୂତ ହୋଇଯାଏ । ଜଗନ୍ନାଥଙ୍କର କମଳ ନୟନ କୋଟି ସୁଖ ପ୍ରଦାନ କରିଥାଏ । କମଳନୟନ ମଧ୍ୟରେ ଚକାଡୋଳା ଅଧିକ ମନୋହର ପ୍ରତୀୟମାନ ହୋଇ ପତିତଜନଙ୍କୁ ଉଦ୍ଧାର କରିଥାଏ । ଜଗନ୍ନାଥଙ୍କ କପାଳରେ ସୁବର୍ଣ୍ଣ ବର୍ଣ୍ଣର ଯେଉଁ ରାହୁରେଖା ଶୋଭା ପାଉଥାଏ, ତାହା ପ୍ରତ୍ୟେକ ଲୋକର ଅଙ୍ଗରେ ପୁଲକ ଭରି ଦେଇଥାଏ । ଜଗନ୍ନାଥଙ୍କ ଅଧର ରଙ୍ଗ ବର୍ଣ୍ଣନାତୀତ । ସ୍ୱୟଂ ଜଗନ୍ନାଥଙ୍କର କର୍ଣ୍ଣରେ ଶୋଭା ପାଉଛି ମକର କୁଣ୍ଡଳ । ଭାଲ ପ୍ରଦେଶରେ ଶୋଭା ପାଉଛି ତିଳକଚିତା, ହସ୍ତରେ ବାହୁଟି ବାଜୁବନ୍ଧ, ହୃଦରେ ଶୋଭାପାଉଛି ପଦକ, ତାଙ୍କର ଉନ୍ନତ ଗ୍ରୀବା ପ୍ରଦେଶରେ ଶୋଭା ପାଉଛି କୌସ୍ତୁଭମଣୀ । ସ୍ୱୟଂ ଜଗନ୍ନାଥ ହେଉଛନ୍ତି, ଯାବତୀୟ କଳୁଷ ଅନ୍ଧକାର ପାଇଁ ଏକମାତ୍ର ସୂର୍ଯ୍ୟ । ଅନେକ ସଂଖ୍ୟକ ପୁଷ୍ପହାର ତାଙ୍କର ଗଳାମଣ୍ଡନ କରି ତିନିଲୋକର ପ୍ରାଣୀପୁଞ୍ଜଙ୍କ ମନ ଓ ନେତ୍ରକୁ ଚକିତ କରୁଅଛି । କଳ୍ପତରୁରେ ବିଭିନ୍ନ ଜାତିର ଫଳ ଶୋଭା ପାଇଲା ଭଳି ମୟୂରପୁଚ୍ଛ ଦ୍ୱାରା ଜଗନ୍ନାଥଙ୍କର ଶ୍ରୀଅଙ୍ଗ ଆଚ୍ଛାଦନ ହୋଇଅଛି ।

ସେ କେବଳ ରୂପର ଦେବତା ନୁହନ୍ତି, ସେ ଜଗତର ନାଥ, ତାଙ୍କର ଅପାରକ୍ଷମତା, ଅସୀମ ଶକ୍ତି, ଅମାପଦୟା । ସ୍ୱୟଂ ଜଗନ୍ନାଥ ବିଭିନ୍ନ ବେଶ ଧାରଣ କରିଥାନ୍ତି । ସେ ରୂପରେ ଅନୁପମ, କିନ୍ତୁ ହସ୍ତରେ ଶୋଭାପାଏ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ । ଏସବୁ କେବଳ ଦୁଷ୍ଟମାନଙ୍କୁ ସଂହାର କରି ମହୀଭରା ହରଣ କରିବା ପାଇଁ ଓ ସନ୍ଥମାନଙ୍କୁ ଶାନ୍ତି ସନ୍ତୋଷରେ ପାଳନ କରିବା ପାଇଁ ଧାରଣ କରିଥାନ୍ତି । ଜଗନ୍ନାଥଙ୍କର ମହିମା ଅପାର । ତାଙ୍କର କରୁଣା କଟାକ୍ଷପାତ ହେଲେ ସମସ୍ତ ଭୁବନର ସୁର ନର ନିସ୍ତାର ପାଇ ଯାଇଥାନ୍ତି । ସ୍ୱୟଂ ଜଗନ୍ନାଥ ହେଉଛନ୍ତି - କମ୍ବୁକଟକ ବା ଶଙ୍ଖକ୍ଷେତ୍ରର ଏକମାତ୍ର ନାଗର, ଏକମାତ୍ର ପୁରୁଷ । ସେ ରସିକ ପୁରୁଷ । ସେ ସମସ୍ତ ରସର ଆଧାର । ଯାବତୀୟ କୌତୁକ କଳା ପ୍ରଦର୍ଶନ କରିବା ହେଉଛି ତାଙ୍କର କାର୍ଯ୍ୟ । ସେହି ଜଗନ୍ନାଥ ହିଁ ହେଉଛନ୍ତି କମଳନେତ୍ରୀ କମଳା ବା ପଦ୍ମନୟନା ଲକ୍ଷ୍ମୀଙ୍କର ପ୍ରାଣକାନ୍ତ । କମଳାଙ୍କର ପ୍ରାଣ ନାୟକ ଭାବରେ ସେ ନୀଳାଚଳ ଧାମରେ ନିତ୍ୟଲୀଳା ପ୍ରକାଶ କରିଥାନ୍ତି । ତେଣୁ ତନ୍ତ୍ର ଯାମଳରେ ଉଲ୍ଲେଖ ଅଛି -

'ଭାରତେ ଉତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତାନଂ ଅଭୟ ପ୍ରଦଃ ।'

ସ୍ୱୟଂ ପ୍ରଭୁଙ୍କର ଇଚ୍ଛାରେ ସମସ୍ତ ଜଗତ ହେଉଛି ଆତଯାତ । ସେ ଯାହା ଇଚ୍ଛା କରିବେ, ତାହା ହିଁ ଅଚିରେ ପୂରଣ ହେବ । ଯେତେବେଳେ ସମଗ୍ର ଧରାଧାମ କଂସ ରାକ୍ଷସର ଉତ୍ପୀଡ଼ନରେ ଉତ୍ପୀଡ଼ିତ ହେଲା, ତିନି ଜଗତର ପ୍ରାଣୀପୁଞ୍ଜ ଆର୍ତ୍ତକଣ୍ଠରେ ତ୍ରାହି ତ୍ରାହି ଡାକ ଦେଲେ, ସେତେବେଳ ସ୍ୱୟଂ ଜଗନ୍ନାଥ ଇଚ୍ଛା କରିଛନ୍ତି, ମହୀଭରା ହରଣ କରିବେ । କଂସକୁ ସମୁଚିତ ଦଣ୍ଡ ଦେଇ ପୃଥିବୀର ଦୁଃଖମୋଚନ କରିବେ । କପଟରେ ସେ ବ୍ରଜପୁରରେ ନନ୍ଦରାଜା ଘରେ ପୁତ୍ର ଭାବରେ ଜନ୍ମଗ୍ରହଣ କରିବାକୁ ସ୍ଥିର କରିଛନ୍ତି । ଜଗନ୍ନାଥଙ୍କ ପକ୍ଷରେ ଏକଥା କିଛି ବିଚିତ୍ର ନୁହେଁ । ସେ ଯାହାଇଚ୍ଛା କରିବେ ତାହା ହିଁ କାର୍ଯ୍ୟରେ ପରିଣତ କରିବେ । ଯୁଗେ ଯୁଗେ ଦୁଷ୍ଟଦଳନ କରି ସନ୍ଥ ପାଳନ କରିବା ତାଙ୍କର କାର୍ଯ୍ୟ । ସେଥିପାଇଁ ତାଙ୍କୁ ବିଭିନ୍ନ ଯୁଗରେ ବିଭିନ୍ନ ଅବତାର ଗ୍ରହଣ କରିବାକୁ ହୋଇଥାଏ । ଭଗବତ ଗୀତାରେ ସ୍ୱୟଂ କୃଷ୍ଣ କହିଛନ୍ତି -

'ଅଦୋପି ସନ୍ନ ବ୍ୟୟମା ଭୂତାନାମି ଶ୍ୱରୋପିସନ ।
ପ୍ରକୃତି ସ୍ୱାମଧୀଷ୍ଠାୟ ସମ୍ଭବାମ୍ୟାତ୍ମନାୟୟା ।।'

ଜଗନ୍ନାଥ ହିଁ ଈଶ୍ୱର, ତେଣୁ ତାଙ୍କର ଜନ୍ମ ନାହିଁ କିମ୍ବା ମୃତ୍ୟୁ ମଧ୍ୟ ନାହିଁ । ସେ ସକଳ ଶକ୍ତିର ଶକ୍ତି, ସକଳ କାର୍ଯ୍ୟର କାରଣ । ସକଳ ଆତ୍ମାର ଆତ୍ମା । ତେଣୁ ବ୍ରହ୍ମସଂହିତାର ଆଦ୍ୟ ଶ୍ଳୋକରେ ଉଲ୍ଲେଖ ଅଛି -

'ଈଶ୍ୱରଃ ପରମ କୃଷ୍ଣଃ ସଚ୍ଚିଦାନନ୍ଦ ବିଗ୍ରହଃ
ଅନାଦିରାଦି ଗୋବିନ୍ଦଃ ସର୍ବକାରଣ କାରଣଃ ।'

ପ୍ରକୃତିକୁ ଆଶ୍ରୟ କରି ସେ ମାୟାମୋହ ଭିତରେ ଘାରି ହୋଇଥାନ୍ତି । କବି ଜୟଦେବ ତାଙ୍କର ଗୀତଗୋବିନ୍ଦ କାବ୍ୟରେ ଦଶାବତାର କଥା ଅବତାରଣା କରିଛନ୍ତି । ଏହି ଅବତାରଗୁଡ଼ିକ ହେଲା,

କୃଷ୍ଣଙ୍କର ବିଭିନ୍ନ ସମୟର ଅବତାର । ପ୍ରଭୁ ଜଗନ୍ନାଥ ବିଭିନ୍ନ କାଳରେ ଭିନ୍ନ ଭିନ୍ନ ରୂପଧାରଣ କରି ପୃଥିବୀର ଭାରା ନିବାରଣ କରିଛନ୍ତି । ଗୀତଗୋବିନ୍ଦରେ ଉଲ୍ଲେଖ ଅଛି -

‘ବେଦାନୁଦ୍ଧରତେ ଜଗନ୍ନିବହତେ ଭୂଗୋଳ ମୁଦ୍‌ବିଭ୍ରତେ
ଦୈତ୍ୟାନ୍ ଦାରୟତେ ବଳିଂ ଛଳୟତେ କ୍ଷତ୍ରୀକ୍ଷୟଂକୁର୍ବତେ ।
ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟଂ ମାତନୁତେ
ମ୍ଳେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟଂ ତୁଭ୍ୟଂ ନମଃ ।।’

ସ୍ୱୟଂ ଜଗନ୍ନାଥ ହିଁ ଈଶ୍ୱର, ସେ ପରମଶକ୍ତି ସେ ଧରାଭାର ହରଣ କରିବା ପାଇଁ ପ୍ରକୃତି ସହିତ ମିଳିତ ହୋଇ ମାୟା ଶରୀର ଧାରଣ କରିଥାନ୍ତି । କବି ଦୀନକୃଷ୍ଣ ଲେଖିଛନ୍ତି -

‘କରିଏ ବିଚାର କଇବଲ୍ୟ ଦାୟକ,
କଂସ ଆଦି ମାରିବାକୁ ହେଲେ ଉତ୍ସୁକ
କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ,
କରିବାକୁ ଯାଇ ଜଗନ୍ନାଥ ଜନକ ।’

ଜଗନ୍ନାଥଙ୍କର ଅପାର ମହିମା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ ହେଉଛନ୍ତି ହରି, ଅର୍ଥାତ୍ ପ୍ରାଣୀମାନଙ୍କର ସମସ୍ତ ଭାରାଭରକୁ ହରଣ କରିଥାନ୍ତି । ସେ କଳୁଷକୁ ହରଣ କରିଥାନ୍ତି । ତାଙ୍କର ଆଜ୍ଞାରେ, ସୁରଶ୍ରେଷ୍ଠ ଅବ୍‌ଜଯୋନି, ବ୍ରହ୍ମା ହର ଓ ଯାବତୀୟ ରାକ୍ଷସମାନେ, ଦେବ, ଦାନବ, ମାନବ, ଗନ୍ଧର୍ବ, କିନ୍ନର ଓ ସମସ୍ତ ପ୍ରାଣୀପୁଞ୍ଜ ପରିଚାଳିତ ହୋଇଥାନ୍ତି ।

ଜଗନ୍ନାଥ ହେଉଛନ୍ତି ଦୁଃଖ ରୂପକ ପର୍ବତକୁ ବଜ୍ର ସଦୃଶ । ବଜ୍ରାଘାତରେ ପର୍ବତ ଖଣ୍ଡ ବିଖଣ୍ଡିତ ହୋଇଥାଏ, ସେହିପରି ଜଗନ୍ନାଥଙ୍କର ଦୟାରୂପକ ବଜ୍ରବାଣରେ ଯାବତୀୟ କଷ୍ଟରୂପକ ପର୍ବତ ଭାଙ୍ଗି ଯାଇଥାଏ । ବାରଣକୁ ସିଂହ ବିନାଶ କରେ । କଳୁଷରୂପୀ ବାରଣକୁ ଜଗନ୍ନାଥ ରୂପକ ସିଂହ ବିନାଶ କରିବାକୁ ସକ୍ଷମ ହୋଇଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଶ୍ରୀନୀଳଚଳ ଧାମକୁ ବିଭିନ୍ନ ଧର୍ମ ପ୍ରଚାରକଗଣ ବିଭିନ୍ନ ସମୟରେ ଆସି ନିଜ ଧର୍ମ ମଧରେ ଶ୍ରୀଜଗନ୍ନାଥଙ୍କୁ ଦେଖିପାରିଛନ୍ତି । ତନ୍ମଧ୍ୟରୁ ମୁଖ୍ୟ ପୁରୋଧା ଥିଲେ - ଶ୍ରୀଚୈତନ୍ୟ ।

ଭକ୍ତି ଧର୍ମର ପ୍ରଧାନ ପ୍ରବକ୍ତା ଶ୍ରୀଚୈତନ୍ୟ ଖ୍ରୀ:୧୫୦୯ରେ ଓଡ଼ିଶାକୁ ଆଗମନ କରି ସାଂସ୍କୃତିକ ପୀଠସ୍ଥଳୀ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିଲେ । ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଜଣେ ଭକ୍ତିବାଦୀ ଈଶ୍ୱର ପରାୟଣ ବ୍ୟକ୍ତି ଥିଲେ । ସେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମରେ ଦୀକ୍ଷିତ ହୋଇ ବୈଷ୍ଣବ ମହାମନ୍ତ୍ରର ପ୍ରଚାର ଓ ପ୍ରସାର ଦିଗରେ ରାଜ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ଫଳରେ ଉତ୍କଳ ମାଟିରେ ଗୌଡୀୟ ବୈଷ୍ଣବ ଧର୍ମର ନିର୍ଝରିଣୀ ପ୍ରବାହିତ ହେଲା । ଅପରପକ୍ଷରେ - ଉତ୍କଳୀୟ ପଞ୍ଚସଖା ଅର୍ଥାତ୍ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ପ୍ରମୁଖ ସନ୍ଥକବିମାନେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମକୁ ସ୍ୱୀକାର କଲେ ମଧ ଉତ୍କଳୀୟ ଜ୍ଞାନ ମାର୍ଗର ସାଧନାକୁ ଜଳାଞ୍ଜଳି ଦେଇ ନଥିଲେ । ଫଳରେ ତତ୍କାଳୀନ ସାହିତ୍ୟ, ସଂସ୍କୃତି ଓ ସମାଜରେ ଏକ ସମ୍ମିଳିତ ଆଧାତ୍ମିକ ଭାବଚେତନା ଜାଗରୁକ ହେଲା । ବୈଷ୍ଣବଧର୍ମକୁ ଓଡ଼ିଶାର ଜାତୀୟ ଧର୍ମ ରୂପେ ଏବଂ ଶ୍ରୀଜଗନ୍ନାଥଙ୍କୁ ଏ ଜାତିର ମୁଖ୍ୟ ଦେବତା ରୂପେ ଗ୍ରହଣ କରାଗଲା ।

ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ଗୌଡୀୟ ବୈଷ୍ଣବ ଧର୍ମରେ ସୁଧା ଭକ୍ତିର ପ୍ରାଧାନ୍ୟ ପରିଲକ୍ଷିତ ହେଲେହେଁ ପଞ୍ଚସଖା ସାହିତ୍ୟରେ ଜ୍ଞାନ ମିଶା ଭକ୍ତି ଉପରେ ଗୁରୁତ୍ୱ ଦିଆଗଲା । ଭକ୍ତି ସହିତ ଯୋଗଲୟ ପ୍ରଭୃତିର ସମ୍ମିଶ୍ରଣ ଏମାନଙ୍କ ଆଧାତ୍ମିକ ଚିନ୍ତାଧାରାର ଅନ୍ୟତମ ବିଶେଷତ୍ୱ । ପୁନଶ୍ଚ ଗୌଡୀୟ ବୈଷ୍ଣବମାନେ - ‘କୃଷ୍ଣସ୍ତୁ ଭଗବାନ ସ୍ୱୟମ୍’ ବୋଲି କହିଲାବେଳେ ପଞ୍ଚସଖାମାନେ ‘ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା’ ବୋଲି ପ୍ରତିପାଦନ କଲେ ।

ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ ଯେ, କୃଷ୍ଣ ଦାସ, କବିରାଜ ଗୋସ୍ୱାମୀ ସ୍ୱୀୟ ପ୍ରଣୀତ ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ - ‘ଯେଇ ଗୌର, ସେଇ କୃଷ୍ଣ, ସେଇ ଜଗନ୍ନାଥ ବୋଲି ପ୍ରତିପାଦନ କରିଛନ୍ତି । ପୁନଶ୍ଚ - ଗୀତଗୋବିନ୍ଦ ପ୍ରଣେତା କବି ଜୟଦେବ ତାଙ୍କ ସ୍ୱରଚିତ କାବ୍ୟରେ ରାଧାକୃଷ୍ଣଙ୍କୁ ଯୁଗଳ ମୂର୍ତ୍ତିର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ପଞ୍ଚଯୁଗର ଶ୍ରେଷ୍ଠ ସାଧକ ଅଚ୍ୟୁତାନନ୍ଦ ଦଶାକ୍ଷରୀ ମନ୍ତ୍ର ‘ଗୋପୀଜନ ବଲ୍ଲଭାୟ ନମଃ’ ଦ୍ୱାରା ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଅଭିନ୍ନତା ପ୍ରତିପାଦନ କରିଯାଇଛନ୍ତି । ସେହିପରି ଶଙ୍କରାଚାର୍ଯ୍ୟ ସ୍ୱରଚିତ କାବ୍ୟରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ସ୍ତୁତି କରିଛନ୍ତି -

‘ଭୁଜେ ସବ୍ୟେ ବେଣୁ ଶିରସି ଶିଖି ପୁଚ୍ଛଂ କଟିତଟେ
ଦୁକୂଳ ନେତାନ୍ତେ ସହଚର କଟାକ୍ଷଂ ବିଦଧତେ ।
ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା ପରିଚୟେ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।।’

ସର୍ବୋପରି ଶ୍ରୀଜଗନ୍ନାଥଙ୍କୁ ପୂଜା ସମୟରେ ‘ଓଁ କ୍ଲିଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ନମଃ’ ଏବଂ ଶ୍ରୀବଳଭଦ୍ରଙ୍କୁ ‘ଓଁ ଭଗବତେ ବାସୁଦେବାୟ ନମଃ’ ମନ୍ତ୍ରରେ ପୂଜା କରାଯାଉଥିବା ଦୃଷ୍ଟେ ସ୍ପଷ୍ଟ ଅନୁମେୟ ହୁଏ ଯେ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଏକ ଏବଂ ଅଭିନ୍ନ ।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଉଦ୍‌ବୁଦ୍ଧ ହୋଇ ବିଭିନ୍ନ ସମୟରେ ଶ୍ରୀକ୍ଷେତ୍ରକୁ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମୁସଲମାନ ଓ ଖ୍ରୀଷ୍ଟିଆନ ଆଦି ଧର୍ମ ପ୍ରଚାରକଗଣ ଆସିଥିଲେ । ସେମାନେ ନିଜଧର୍ମ ଭିତରେ ଶ୍ରୀଜଗନ୍ନାଥଙ୍କୁ ଦେଖିପାରିଥିଲେ । ଏଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ଶ୍ରୀଜଗନ୍ନାଥ ଜଗତରନାଥ ନୁହନ୍ତି, ସେ ତ୍ରିଭୁବନର ସ୍ୱାମୀ, ଅଖିଳ ବ୍ରହ୍ମାଣ୍ଡର ନାଥ ଏବଂ ଶ୍ରୀନୀଳାଚଳ ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ରୂପେ ବିଦ୍ୟମାନ ।

ମାର୍ଫତ- ଅନିରୁଦ୍ଧ ନାୟକ
ଚନ୍ଦନ ଖୁଣ୍ଟି
ବିଜୟ ନଗର, ଦେବଗଡ଼

# ଶ୍ରୀଜଗନ୍ନାଥ ଚେତନାରେ 'ଶଙ୍କା ପଞ୍ଚକମ୍'

ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା

'ହଳୀଃ, ଚକ୍ରୀଃ ମହାଶକ୍ତିଂ ଚକ୍ରଶ୍ଚ ମାଧବ ସ୍ୱୟଂ ।
ବିଶ୍ୱଧାତ୍ରୀଂ ମହାଲକ୍ଷ୍ମୀଂ ସପ୍ତୈତେ ପରିଲକ୍ଷ୍ୟତେ ।।
ସପ୍ତାବରଣ ଏତେଷାଂ ଦର୍ଶନାତ୍ ମୁକ୍ତି ନିଶ୍ଚିତମ୍ ।
ଯେ ପଶ୍ୟନ୍ତି ଜଗନ୍ନାଥଃ ଭବ ବାଧା ତରନ୍ତି ତେ ।।'

**ଶ୍ରୀ**ଜଗନ୍ନାଥ ଧାମର ଅନ୍ୟନାମ ପୁରୀ ବା ପୁରୁଷୋତ୍ତମ । ଏହି ପରମ ପାବନ ପୀଠରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ, ସୁଦର୍ଶନ ମୁଖ୍ୟ ଭାବରେ ପ୍ରତିଷ୍ଠିତ ଓ ଉପାସୀତ । ଏହି ଚତୁର୍ଦ୍ଧା ତତ୍ତ୍ୱର ନାମ ପୁରୁଷୋତ୍ତମ ତତ୍ତ୍ୱ ଓ କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର ଅଟେ । ପୁରୁଷୋତ୍ତମ ଚେତନା ଓ ପ୍ରଭୁ ଜଗନ୍ନାଥ ଏପରି ରହସ୍ୟମୟ ଯେ କୌଣସି ଗୋଟିଏ ଶାସ୍ତ୍ର ବା ମତକୁ ମୂଳାଧାର କରି ତାଙ୍କ ବିଷୟରେ କିଛି କୁହାଯାଇନପାରେ । ଜଗନ୍ନାଥ ଚେତନା ସମସ୍ତ ମାର୍ଗର ଏକ ମିଶ୍ରିତ ସମନ୍ୱୟତାର ପ୍ରତୀକ । ସମନ୍ୱୟ ସେହିଠାରେ ସମ୍ଭବ 'ଯେ କି ମୌଳିକ ଓ ଗୂଢ଼ ସିଦ୍ଧାନ୍ତର ପ୍ରତୀକ ହୋଇଥିବେ । ସବୁ ମତକୁ ଏକ ସମନ୍ୱୟ ମାର୍ଗରେ ସଂଯୋଗ ନକଲେ ଜଗନ୍ନାଥ ଚେତନା ବା ତତ୍ତ୍ୱର କ୍ରମପରିଣତି ବିଷୟରେ ଧାରଣା ଆଣିବା କଠିନ ବ୍ୟାପାର ଅଟେ । ଆଜିର ପବିତ୍ର ଘୋଷଯାତ୍ରା ଅବସରରେ ଉତ୍କଳର ଆରାଧ୍ୟ ଦେବତାଙ୍କର ପ୍ରାସଙ୍ଗିକ ଶଙ୍କାକୁ ଉତ୍କଳ ପ୍ରସଙ୍ଗ ମାଧ୍ୟମରେ ମୋଚନ କରିବାର ମୁଖ୍ୟ ଲକ୍ଷ୍ୟ ଅଟେ ।

**ଶଙ୍କା ପଞ୍ଚକମ୍**

୧. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି କ'ଣ ?

୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଛପନ ଭୋଗ କ'ଣ ଓ କେତେବେଳେ ଖାଇଥାନ୍ତି ?

୩. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ବେଶ ଓ ବାର୍ଷିକ ବେଶଗୁଡ଼ିକ କ'ଣ ?

୪. ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ନା ଅବତାର ?

୫. ଏଠାରେ ଶକ୍ତି ନ ରହି ଭଉଣୀ କାହିଁକି ପୂଜା ହେଲେ ?

**୧. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି କ'ଣ ?**



୧. ଦ୍ୱାରଫିଟା, ୨. ମଙ୍ଗଳଆରତୀ, ୩. ମଇଲମ, ୪. ଅବକାଶ, ୫. ମଇଲମ, ୬. ସାହାଣ ମେଲା, ୭. ବେଶ, ୮. ରୋଷ ହୋମ, ୯. ସୂର୍ଯ୍ୟପୂଜା, ୧୦. ଦ୍ୱାରପାଳ ପୂଜା, ୧୧. ଗୋପାଳ ବଲ୍ଲଭ ଭୋଗ, ୧୨. ସକାଳ ଧୂପ, ୧୩. ମଇଲମ ଓ ବେଶ, ୧୪. ଭୋଗମଣ୍ଡପ, ୧୫. ମଧ୍ୟାହ୍ନ ଧୂପ, ୧୬. ମଇଲମ ଓ ବେଶ, ୧୭. ସନ୍ଧ୍ୟା ଆଳତୀ, ୧୮. ସଂଧ୍ୟା ଧୂପ, ୧୯. ମଇଲମ, ୨୦. ଚନ୍ଦନଲାଗି, ୨୧. ବଡ଼ସିଂହାର ବେଶ, ୨୨. ବଡ଼ସିଂହାର ଧୂପ, ୨୩. ଖଟ ଶେଯ ଲାଗି, ୨୪. ପୁଷ୍ପାଞ୍ଜଳି, ପୁଷ୍ପଲାଗି, ୨୫. ପହୁଡ଼ ତଥା ଦ୍ୱାରବନ୍ଦ ।

ଶ୍ରୀଜୀଉମାନଙ୍କର ଏହିପରି କ୍ରମରେ ଦୈନନ୍ଦିନ ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ନୀତିମାନ ଅନୁଷ୍ଠିତ ହୁଏ । ଏହାକୁ ଦୈନନ୍ଦିନ ନୀତି କୁହାଯାଏ । ବିଶେଷ ପର୍ବପର୍ବାଣି, ଯାତ୍ରା ଆଦି ଉତ୍ସବମାନଙ୍କରେ ଅଧିକ ନୀତି ଅନୁଷ୍ଠିତ ହୋଇଥାଏ ।

**୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଛପନ ଭୋଗ କ'ଣ ଓ କେତେବେଳେ ଖାଇଥାନ୍ତି ?**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଶ୍ରୀମନ୍ଦିର ମଧ୍ୟରେ ପ୍ରତ୍ୟେକ ଦିନ ପାଞ୍ଚଥର ଭୋଗ ଲାଗିଥାଏ । ୧. ଗୋପାଳବଲ୍ଲଭ ଭୋଗ, ୨. ସକାଳଧୂପ, ୩. ମଧ୍ୟାହ୍ନ ଧୂପ, ୪. ସନ୍ଧ୍ୟା ଧୂପ, ୫. ବଡ଼ସିଂହାର ଭୋଗ ।

**ଛପନ ଭୋଗ କେତେବେଳେ କ'ଣ ଖାଆନ୍ତି ?**

ପ୍ରଥମ ଭୋଗ-ଗୋପାଳବଲ୍ଲଭ ଭୋଗ - ଏହା ମହାପ୍ରଭୁଙ୍କର ପ୍ରଥମ ଭୋଗ । ଏହି ଭୋଗରେ ୧. ନଡ଼ିଆପାତି, ୨. ପୁଆଳହୁଣୀ, ୩. ଦହି, ୪. ବଲ୍ଲଭଖଇ, ୫. ନଡ଼ିଆକୋରା, ୬. ଖୁଆମୁଣ୍ଡା ପାପୁଡ଼ି, ୭. ରମ୍ଭାକଦଳୀ, ୮. ଗୁଡ଼କୋରା

ଦ୍ୱିତୀୟ ଭୋଗ-ସକାଳ ଧୂପ - ୯. ଅଦାପାଚେଲି, ୧୦. ମହାଦେଇ, ୧୧. ତାଡ଼ିଖେଚୁଡ଼ି, ୧୨. ବଡ଼ିପିଠା, ୧୩. ନାଡ଼ି, ୧୪. କାକତୁଆ ଝିଲୀ, ୧୫. ହଂସକେଳୀ, ୧୬. ଜେନାମଣି, ୧୭. ମାଠପୁଳି, ୧୮. ଏଣ୍ଡୁରି, ୧୯. କଅଁଳପୁରୀ, ୨୦. ଟାକୁଆ, ୨୧. ଶାଗ

ତୃତୀୟ ଭୋଗ-ମଧ୍ୟାହ୍ନ ଧୂପ - ୨୨. ମାଠପୁଳି ବଡ଼, ୨୩. ଭାତପୁଳି, ୨୪. ଓଡ଼ିଆ ଥାଳି, ୨୫. ସୁଆରୀ, ୨୬. ବଡ଼ା, ୨୭. ମୁଗପାଇତି, ୨୮. ମରିଚିପାଣି, ୨୯. ବଡ଼ିଖିରିଶା, ୩୦. ବୁନ୍ଦିଆ, ୩୧. ସାତପଟିଆ ମିଠା, ୩୨. ସାକରା ମଧୁରୁଚି, ୩୩. ମାଣ୍ଡୁଓ, ୩୪. ଜାଗଆରିଶା, ୩୫. ଖଇରଚୂଳ, ୩୬. ଖିରୀ, ୩୭. ତିପୁରୀ, ୩୮. ବୁନ୍ଦିଆଖିରୀ, ୩୯. ଛେନା ଖିରିଶା, ୪୦. କାନିକା

ଚତୁର୍ଥ ଭୋଗ-ସନ୍ଧ୍ୟାଧୂପ - ୪୧. ମାଠପୁଳି ପୁରଡାସ, ୪୨. ସୁଆରପିଠା, ୪୩. ଚକିଅମାଲୁ, ୪୪. କେଳି, ୪୫. ଖୁଦୁପିତା, ୪୬. ମଣ୍ଡା, ୪୭. ଖୁରୁମା, ୪୮. ସୁଆରୀପିଠା, ୪୯. ଥାଳି ଅନ୍ନ

ପଞ୍ଚମ ଭୋଗ-ବିଡ଼ସିଂହାର - ୫୦. ପାଞ୍ଚପଟିଆ ବିରିପିଠା, ୫୧. ଗଜା, ୫୨. ମିଠା ପଖାଳ, ୫୩. ସୁଗନ୍ଧି ପଖାଳ, ୫୪. ପାରିଜାତକ, ୫୫. ଦହି ପଖାଳ, ୫୬. ଚଢ଼େଇ ନେଦା, ପରଖ ଘୃତ ।

ଏହିପରି ୫୬ ଭୋଗ ଦୈନନ୍ଦିନ କ୍ରମ ଅନୁସାରେ ବିଭିନ୍ନ ଭୋଗ ସମୟରେ ଲାଗିଥାଏ । ଏହାକୁ ଛପନ ଭୋଗ କୁହାଯାଏ । ଏହାବ୍ୟତୀତ ଭୋଗ ମଣ୍ଡପ ଭୋଗ ସ୍ୱତନ୍ତ୍ର ଅଟେ ଓ ବିଶେଷ ପର୍ବପର୍ବାଣି ଉତ୍ସବରେ ମଧ୍ୟ ସ୍ୱତନ୍ତ୍ର ଭୋଗ ଲାଗିଥାଏ ।

**୩. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ବେଶ ଓ ବାର୍ଷିକ ବେଶଗୁଡ଼ିକ କ'ଣ ?**

ଶ୍ରୀଜଗନ୍ନାଥ ଆଦି ଚତୁର୍ଦ୍ଧା ବିଗ୍ରହଙ୍କର ଦୈନନ୍ଦିନ ପାଞ୍ଚଥର ବେଶ ଲାଗି ହୁଅନ୍ତି, ଯଥା- ୧. ତଡ଼ପଉତରୀ ଅବକାଶ ବେଶ, ୨. ଅବକାଶ ପରେ ପାଟଲୁଗା, ମାଳଫୁଲ, ଅଳଙ୍କାର । ଏହି ବେଶରେ ସକାଳ ପୂଜା ଅନୁଷ୍ଠିତ ହୁଏ । ୩. ପାଟ ଫୁଲମାଳ ଲାଗି ହୋଇ ଏହି ବେଶରେ ମଧ୍ୟାହ୍ନ ଭୋଗ ହୁଏ । ୪. ବସ୍ତ୍ର, ମାଳ, ଫୁଲ, ଲାଗି ହୋଇ ସନ୍ଧ୍ୟା ଆଳତୀ ଓ ସନ୍ଧ୍ୟା ଧୂପ ହୁଏ । ୫. ବଡ଼ଶୃଙ୍ଗାର ବେଶରେ ପହୁଡ଼ ହୁଅନ୍ତି ।

ଦୈନନ୍ଦିନ ବେଶକୁ ଛାଡ଼ି ଶ୍ରୀଜୀଉଙ୍କର ବର୍ଷ ତମାମ ଅନେକ ବେଶରେ ପ୍ରଭୁ ଶୃଙ୍ଗାର ହୁଅନ୍ତି, ଯଥା-

୧. ଚନ୍ଦନ ଲାଗି ବେଶ - ଏହି ବେଶ ବୈଶାଖ ଶୁକ୍ଳ ତୃତୀୟାଠାରୁ ୪୨ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ ।

୨. ହାତୀ ବେଶ - ସ୍ନାନ ମଣ୍ଡପ ଉପରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ।

୩. ସୁନା ବେଶ - ଆଷାଢ଼ ଶୁକ୍ଳ ଏକାଦଶୀ ରଥ ଉପରେ ।

୪. ବଣଭୋଜି ବେଶ - ଭାଦ୍ରବ କୃଷ୍ଣ ଦଶମୀ ।

୫. କାଳୀୟଦଳନ ବେଶ - ଭାଦ୍ରବ କୃଷ୍ଣ ଏକାଦଶୀ ।

୬. ପ୍ରଳମ୍ବାବଧ ବେଶ - ଭାଦ୍ରବ କୃଷ୍ଣ ଦ୍ୱାଦଶୀ ।

୭. କୃଷ୍ଣ ବଳରାମ ବେଶ - ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ।

୮. ବଳିବାମନ ବେଶ - ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ।

୯. ସୁନା ବେଶ - ଆଶ୍ୱିନ ଶୁକ୍ଳ ଦଶମୀ ।

୧୦. ରାଧାଦାମୋଦର ବେଶ - ଆଶ୍ୱିନ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ।

୧୧. ଠିଆକିଆ ବେଶ - କାର୍ତ୍ତିକ ଶୁକ୍ଳ ଏକାଦଶୀ ।

୧୨. ବାଙ୍କଚୂଡ଼ା ବେଶ - କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ।

୧୩. ଆଡ଼କିଆ ବେଶ - କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ।

୧୪. ଡାଳିକିଆ ବେଶ - କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ।

୧୫. ରାଜ ରାଜେଶ୍ୱର ବେଶ - କାର୍ତ୍ତିକ ପୂର୍ଣ୍ଣିମା ।

୧୬. ନାଗାର୍ଜୁନ ବେଶ - କାର୍ତ୍ତିକ ପଞ୍ଚୁକ ୬ ଦିନ ପଡ଼ିଲେ ଏହି ବେଶ ହୋଇଥାଏ ।

୧୭. ଘୋଡ଼ ଲାଗି - ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ମାଘ ଶୁକ୍ଳ ଚତୁର୍ଥୀ ପର୍ଯ୍ୟନ୍ତ ।

୧୮. ପୁଷ୍ୟାଭିଷେକ ବେଶ - ପୌଷ ପୂର୍ଣ୍ଣିମା ।

୧୯. ମକର ଚୌରାଶି ବେଶ - ମକର ସଂକ୍ରାନ୍ତି ପୂର୍ବଦିନ ।

୨୦. ମକର ଚୂଳ ଲାଗି ବେଶ - ମକର ସଂକ୍ରାନ୍ତି ।

୨୧. ପଦ୍ମବେଶ - ବସନ୍ତ ପଞ୍ଚମୀର ପୂର୍ବ ବୁଧବାର ବା ଶନିବାର ହୋଇଥାଏ ।

୨୨. ଗଜ ଉଧାରଣ ବେଶ - ମାଘ ପୂର୍ଣ୍ଣିମା ।

୨୩. ଚାଚେରୀ ବେଶ - ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ।

୨୪. ସୁନା ବେଶ - ଦୋଳ ପୂର୍ଣ୍ଣିମା ।

୨୫. ସେନାପଟା ଲାଗି ବେଶ - ମହାପ୍ରଭୁଙ୍କର ପହଣ୍ଡି ବିଜେ ସମୟର ବେଶ ।

ଏହିପରି ଭାବରେ ମହାପ୍ରଭୁଙ୍କର ଏହି ବେଶମାନ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଅଛି । ଏତଦ୍‌ବ୍ୟତୀତ ରଘୁନାଥ ବେଶ ଯାହାକି ଅତ୍ୟନ୍ତ ଆଡ଼ମ୍ବର ପୂର୍ଣ୍ଣ ବେଶ ଅଟେ, ତାହା ହୋଇପାରୁ ନାହିଁ । ପ୍ରଭୁ ଚାହିଁଲେ ନିଶ୍ଚୟ ହେବ ।

**୪. ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ନା ଅବତାର ?**

ବ୍ରହ୍ମ ଅବତାରୀ, ତାଙ୍କର ଅଂଶରୁ ସୃଷ୍ଟ ଅବତାର ପୁରୁଷ । ବ୍ରହ୍ମ ନିର୍ଗୁଣ, ଅବତାରଗଣ ସଗୁଣ । ତେବେ ପ୍ରଶ୍ନ ଉଠେ ନିର୍ଗୁଣ ଓ ସଗୁଣ ମଧ୍ୟରେ କିଛି ଅଛି ନା ନିର୍ଗୁଣ ତୁରନ୍ତ ସଗୁଣ ହୋଇଗଲେ ? ପ୍ରଥମେ ଅନୁଭୂତି ମାଧ୍ୟମରେ ବ୍ରହ୍ମ ଅନୁଭବରେ ଆସୁଥିଲେ, ତେଣୁ ସେ ନିର୍ଗୁଣ ଥିଲେ । ଅନୁଭୂତିକୁ ଯେତେବେଳେ ଋଷିଗଣ ସଙ୍କେତ ମାଧ୍ୟମରେ ସୂଚୀତ କରାଇଲେ, ତାହା ପ୍ରତୀକ ହେଲା । ତାଙ୍କୁ ପରେ ରୂପ ଦିଆଗଲା । ତେଣୁ ବ୍ରହ୍ମ ନିର୍ଗୁଣ, ତାହା ପ୍ରତୀକବାଦ, ପରେ ରୂପବାଦ ହେଲା । ନିର୍ଗୁଣ ଓ ରୂପବାଦ ମଝିରେ ଥିବା ଅବସ୍ଥାର ଏହି ମୂର୍ତ୍ତିମାନେ କେତେ ପ୍ରାଚୀନ ଜାଣୁଥିବେ ।

ନୀଳମଣି ପୁରାଣରେ ପରିଷ୍କାର ଇନ୍ଦ୍ରଦ୍ୟୁମ୍ନଙ୍କୁ ବ୍ରହ୍ମା କହିଛନ୍ତି -

ନିର୍ଗୁଣ ପ୍ରଣବ ବ୍ରହ୍ମଂ ନିର୍ବିକଳ୍ପ ନିରଞ୍ଜନଂ
ଦ୍ୱିତୀୟ ପ୍ରତୀକାଭାସ ପାବକ ପୁରୁଷୋତ୍ତମଂ
ସର୍ଗୁଣ ଦେବତାସର୍ବେ ନରଲକ୍ଷଣଲାଞ୍ଛିତମ୍
ଶୂନ୍ୟାଦୌଚ ପରାଭାସ ଚାନ୍ତେରୂପ ପ୍ରଚୋଦିତଃ ।

ତେଣୁ ଜଗନ୍ନାଥ ବ୍ରହ୍ମଙ୍କର ଦ୍ୱିତୀୟସ୍ତର ଅବତାରୀ, ଅବତାର ଏହାଙ୍କର ପରବର୍ତ୍ତୀ କ୍ରମ ଅଟେ ।

ତେଣୁ ଜଗନ୍ନାଥଙ୍କ ମନ୍ଦିରରେ ଜଗନ୍ନାଥଙ୍କ ପ୍ରସାଦମାଳା ଲାଭ କଲେ ନୃସିଂହ, ରାମ, ବାମନ, କୃଷ୍ଣ ସେହି ସେହି ନାମରେ ଜନ୍ମ ମଣ୍ଡପକୁ ଯାଆନ୍ତି । ଏହି କାରଣରୁ ପରବର୍ତ୍ତୀ କାଳରେ ନିର୍ଗୁଣ ବ୍ରହ୍ମକୁ ନାନା ବେଶରେ ସଜାଇ ସେ ଅବତାରୀ ଓ ଅବତାରର ରୂପ ଗ୍ରହଣ କରନ୍ତି ଏହା ପ୍ରମାଣ କରାଯାଇଛି, ବେଶର ପ୍ରଚଳନ ଦ୍ୱାରା ।

**୫. ଏଠାରେ ଶକ୍ତି ନ ରହି ଭଉଣୀ କାହିଁକି ପୂଜା ହେଲେ ?**

ଏହା ଏକ ପ୍ରାଚୀନତମ ପଦ୍ଧତି । ପରେ ପତିପତ୍ନୀ ପୁରୁଷ ପ୍ରକୃତି ରୂପରେ ପୂଜା ହେଲେ । ପ୍ରଥମେ ନିର୍ଗୁଣ ବ୍ରହ୍ମ ନାରାୟଣ ଥିଲେ । ତାଙ୍କର ଇଚ୍ଛାହେଲା ସେ ଏକରୁ ବହୁ ହେବେ । ତତ୍‌କ୍ଷଣାତ୍ ହିରଣ୍ୟଗର୍ଭ ନାରାୟଣଙ୍କ ନାଭିରୁ ଶକ୍ତିରୂପକ ନାଳଯୁକ୍ତ ପଦ୍ମ ବାହାରିଲା । ସେ ପଦ୍ମରୁ ପ୍ରଥମ ଜୀବ ବ୍ରହ୍ମା ପ୍ରଜାପତି ଓ ମନୁ ଜାତ ହେଲେ । ତାଙ୍କଠାରୁ ଜଗତ ସମ୍ଭବ ହେଲା । ଏହା ଆର୍ଯ୍ୟଙ୍କର ସୃଷ୍ଟିତତ୍ତ୍ୱ । ତାହାହେଲେ ସେତେବେଳେ କେତେଗୋଟି ବସ୍ତୁ ଥିଲେ ? ଉତ୍ତର ହେବ ୨ ଗୋଟି ପୁରୁଷ - ବ୍ରହ୍ମା, କାଳରୂପିଣୀ ଶକ୍ତି ଓ ପୁରୁଷ ପ୍ରଜାପତି ଜୀବ ତେବେ ବ୍ରହ୍ମମାୟା ଓ ଜୀବ ମୂର୍ତ୍ତି ପ୍ରଥମେ ପୂଜନୀୟ ଥିଲେ । ତାହାହେଲେ ବ୍ରହ୍ମାଙ୍କ ସହଜାତା ଭଗିନୀ ମାୟା ହିଁ ସୃଷ୍ଟିର ପ୍ରଥମା ଶକ୍ତି ସେ ଏହି ପ୍ରାଚୀନ ମତରେ ସୁଭଦ୍ରା ଯୋଗମାୟା ରୂପରେ ଅଛନ୍ତି । ତାଙ୍କୁ ପରବର୍ତ୍ତୀ କାଳରେ ଦୁର୍ଗା, ଲକ୍ଷ୍ମୀ, ଏକାଂଶା କୁହାଯାଇଛି । ମାତ୍ର ପ୍ରାଚୀନ ମତରେ ସେ ବ୍ରହ୍ମଙ୍କ ସହ ଜାତ ମାଆ ଅଟନ୍ତି ।

ସ୍ତାଂ ସର୍ବଲୋକ ଜନନୀ ବିଷ୍ଣୁମାୟା ତପସ୍ୱିନୀ
ସୁଭଦ୍ରା ଭଦ୍ରରୂପାଢ୍ୱା ମୂଳଭୂତା ନମାମ୍ୟହମ୍ ।
ସ୍କନ୍ଦପୁରାଣ 'ଉ' ଖଣ୍ଡେ ୩୦/୬୧

---

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୁରୀ

# ମହାପ୍ରସାଦ ଚେତନାରେ ମହନୀୟ ମହାବାକ୍ୟ

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର



## ଆବାହନୀ

ଭାରତବର୍ଷରେ ସନାତନ ଧାରାରେ ଦେବଦେବୀଙ୍କର ପ୍ରସାଦକୁ ନେଇ ଯେଉଁ ପ୍ରସିଦ୍ଧି ରହିଛି, ସେଥିମଧ୍ୟରେ ଶ୍ରୀଜଗନ୍ନାଥଙ୍କର ପ୍ରସାଦର ମହତ୍ୱ ସର୍ବଶ୍ରେଷ୍ଠ । ମହାପ୍ରଭୁଙ୍କର ପ୍ରସାଦର ପ୍ରଶସ୍ତି ଯେଉଁପରି ସଂସ୍କୃତ ଭାଷାର ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ହୋଇଥିବାର ଦେଖିବାକୁ ମିଳେ, ସେହିପରି ଅନ୍ୟ ଦେବଦେବୀଙ୍କ ପ୍ରସାଦର ପ୍ରଶସ୍ତି ମିଳେ ନାହିଁ ।

ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନପାନାଦିକଞ୍ଚ ଯତ୍ ।
ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦ୍‌ଭକ୍ଷଣେ ଦ୍ୱିଜଃ ॥
ବ୍ରହ୍ମ ବିନିର୍ବିକାର ହି ଯଥା ବ୍ରହ୍ମ ତଥୈବ ତତ୍ ।
ବିକାରଂ ଯେ ପ୍ରକୁର୍ବନ୍ତି ଭକ୍ଷଣେ ତୁ ଦ୍ୱିଜାତୟଃ ॥'
(ବୃହଦ୍‌ବିଷ୍ଣୁ ପୁରାଣେ)

ଶ୍ରୀଜଗନ୍ନାଥଙ୍କ ପ୍ରସାଦର ନାମକରଣରେ ଅନେକ ଦାର୍ଶନିକ ରହସ୍ୟ ଲୁକ୍‌କାୟିତ ରହିଛି । ତାହା କୈବଲ୍ୟ ହେଉ, ନିର୍ମାଲ୍ୟ ହେଉ, ମହାପ୍ରସାଦ ହେଉ ଅଥବା ଅବଢ଼ା ହେଉ ସବୁଥିରେ କିଛି ନା କିଛି ଆଧାତ୍ମ୍ୟ ରହସ୍ୟ ସନ୍ନିବସିତ ରହିଛି । ନିର୍ମାଲ୍ୟ ଏବଂ କୈବଲ୍ୟ ତନ୍ତ୍ରଚେତନାର କର୍ମକାଣ୍ଡ ବିଜ୍ଞାନର ପ୍ରାୟୋଗିକ ପ୍ରକ୍ରିୟାର ସଫଳ ପରିପ୍ରକାଶ ହୋଇଥିବାବେଳେ, ମହାପ୍ରସାଦ ଆଚାର ପର୍ଯ୍ୟାୟର ଗୂଢ଼ତମ ସାରନିର୍ଯ୍ୟାସର ସଫଳ ବିନ୍ଦୁ । ଶାନ୍ତିମାର୍ଗରେ ଆଗେଇବାକୁ ହେଲେ ଏହା ଏକ ମାଇଲଖୁଣ୍ଟ । ଯେଉଁଠି ଛୁଆଁଅଛୁଆଁ ଭାବ ସଂକ୍ରମଣ କରିବାର ଅବକାଶ ନଥାଏ । ବିବେଚନା କରିବା ତ ଦୂରର କଥା ।

ନାସ୍ତି ତତ୍ରୈବ ରାଜେନ୍ଦ୍ର ସ୍ପୃଷ୍ଟାସ୍ପୃଷ୍ଟବିବେଚନମ୍ ।
ଯସ୍ୟ ସଂସ୍ପୃଷ୍ଟମାତ୍ରେଣ ଯାନ୍ତ୍ୟମେଧାଃ ପବିତ୍ରତାମ୍ ॥
(ରୁଦ୍ରଯାମଳେ)

### ନିର୍ବିକାର ତତ୍ତ୍ୱ

ସ୍କନ୍ଦ ପୁରାଣରେ ନିର୍ମାଲ୍ୟକୁ ସାକ୍ଷାତ 'ବିଷ୍ଣୁ' ଭାବରେ ଗ୍ରହଣ କରାଯିବାର ପଶ୍ଚାତ୍ ଭାଗରେ ଉପରୋକ୍ତ ଛୁଆଁ ଭାବର ମନୋବିଜ୍ଞାନ ଅନ୍ତର୍ନିହିତ ଥିଲା ପରି ମନେହୁଏ ।

ବିଷ୍ଣ୍ୱାଳୟଗତଂ ତଦ୍ଧି ନିର୍ମାଲ୍ୟଂ ପ୍ରତିପାଦୟଃ ।
ସ୍ପୃଶନ୍ତି ଚେନ୍ନ ଦୃଷ୍ଟଂ ତତ୍ ଯଥା ବିଷ୍ଣୁସ୍ତଥୈବ ତତ୍ ॥
(୨.୨.୩୮.୬)

ପୁନଃ - ନୈବେଦ୍ୟଂ ବାସୁଦେବସ୍ୟ ମହାଭୟ ନିବାରଣମ୍ ॥
(ବ୍ରହ୍ମବୈବର୍ତ୍ତେ)

ମହାଭୟ ନିବାରଣ ନହେଲେ ଶାନ୍ତିମାର୍ଗର ମାଇଲ ଖୁଣ୍ଟ ଅତିକ୍ରମ କରିବା ଅଧାତ୍ମ୍ ରାଜ୍ୟରେ ଅସମ୍ଭବ । ଭୟ ହିଁ ଶାନ୍ତିର ବାଧକ । ତେଣୁ ଭୟ ନିବାରଣ ପାଇଁ ନିର୍ବିକାର ପ୍ରୟୋଜନ । ନିର୍ବିକାରୀ ଲୋକର କାହାରିକୁ ଭୟ ନଥାଏ । ନିର୍ବିକାରୀ ହେବା ପାଇଁ ଶ୍ରୀଜଗନ୍ନାଥ ଚେତନାରେ ନିର୍ମାଲ୍ୟ ଓ କୈବଲ୍ୟ ତତ୍ତ୍ୱର ଅବତାରଣା । କଠିନ 'ଯୋଗ' ଏବଂ ଅସମ୍ଭବ ତପସ୍ୟାରେ ବ୍ୟକ୍ତିଟିଏ ନିର୍ଭୟ ହେଉଥିବା ବେଳେ 'ନିର୍ମାଲ୍ୟ' ଚେତନା ସରଳ ଉପାୟରେ ଭକ୍ତଟିକୁ ନିର୍ଭୟ କରି ଦେଇଥାଏ ।

'ଅବଢ଼ା' ଶବ୍ଦ ମାନବିକ ଚେତନାର ସର୍ବଧର୍ମ ସମନ୍ୱୟର ସହାବସ୍ଥାନ ଭିତ୍ତିକ ମୂଲ୍ୟବୋଧର ପ୍ରତୀକାତ୍ମକ ବ୍ୟବସ୍ଥା । ଯାହା 'ବଢ଼ା' ଯାଏ ନାହିଁ । ଜାତିବର୍ଣ୍ଣ ନିର୍ବିଶେଷରେ ଗୋଟିଏ ପାତ୍ର (କୁଡ଼ିଆ)ରୁ ନିର୍ବିକାର ଭାବରେ ଖାଇବାର ବ୍ୟବସ୍ଥା । ଚତୁର୍ବର୍ଗଯୋଗୀଶ୍ୱରରେ ଏହା ଭଗବାନଙ୍କର ବାକ୍ୟ ବୋଲି ଉଲ୍ଲେଖ ରହିଛି ।

ନାଭିମାନଂ ପ୍ରକୁର୍ବୀରନ୍ ନିର୍ମାଲ୍ୟସ୍ୟୈବ ଭକ୍ଷଣେ ।
ଭକ୍ତ୍ୟା ଲୋଭାଦ୍ କୌତୁକାଦ୍ ବା କ୍ଷୁଧାସଂଯମନେଚ୍ଛି ବା ॥
(ସ୍କ.ପୁ.- ୨.୨.୩୮.୯)

ଯଜ୍ଞାନ୍ନଂ ପଚତେ ଲକ୍ଷ୍ମୀ ଭୁଙ୍କ୍ତେ ଚ ପୁରୁଷୋତ୍ତମଃ ।
ତତ୍ତୁ ଯତ୍ନେନ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା ॥
(ଚତୁର୍ବର୍ଗଯୋଗୀଶ୍ୱରେ)

**ଭାବଗତ ଏକତା**

ଯେପରି ସହାବସ୍ଥାନଭିତ୍ତିକ ସହଭୋଜନ ବା ଗଣ-ଭୋଜନ ପରମ୍ପରା ପୃଥିବୀରେ ବିରଳ । ବୈଦିକ ଚେତନାଠାରୁ ଏହା ମଧ୍ୟ ଏକ ବିକାଶ ପ୍ରକ୍ରିୟାର ଚରମ ନିଦର୍ଶନ । ସମ୍ମିଳିତ ଭାବରେ ଖାଇବା ବ୍ୟବସ୍ଥା ବୈଦିକ କାଳରୁ ରହିଥିବାସ୍ଥଳେ, ଗୋଟିଏ ପାତ୍ରରୁ ସମ୍ମିଳିତ ଭାବେ ଖାଇବାର ପରମ୍ପରା ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ନିଦର୍ଶନ । ଗୋଟିଏ ପାତ୍ରରେ ଥିବା ମହାପ୍ରସାଦକୁ ଯେତେବେଳେ ୫ରୁ ୧୦ଟି ହାତ ପଶି ଅମୃତପରି ନେଇ ଚାଟି ଚୁଟି ଖାଇବାର ପ୍ରକ୍ରିୟା ଚାଲୁ ରହେ, ସେତେବେଳେ ଖାଉଥିବା ବ୍ୟକ୍ତିମାନଙ୍କର ମାନସିକ ଅବସ୍ଥାର ଏକୀକରଣ ଚେତନାକୁ ଲକ୍ଷ୍ୟ କରିବା କଥା । ଆନନ୍ଦ ଓ ପ୍ରଶାନ୍ତିର କମ୍ପନ ବା ସ୍ପନ୍ଦନ ମନରେ ଏକୀଭୂତ ନହେଲେ ଭାବଗତ ଏକତ୍ରୀକରଣ ସମ୍ଭବ କି ! ଭାବଗତ ଏକତ୍ରୀକରଣ ହେଉଛି ଆମର ସନାତନୀୟ ପରମ୍ପରା । ମହାପ୍ରଭୁ ନିଜେ ସନାତନ । ତାଙ୍କ ପ୍ରସାଦ ମହାପ୍ରସାଦ ହୋଇଯିବା ପରେ ସନାତନ ହେବା ସ୍ୱାଭାବିକ ।

ଦାରବଂ ବପୁରାସ୍ଥାୟ ଭୋକ୍ତା ଜ୍ଞେୟଃ ସନାତନଃ ।
ନିବେଦିତାନ୍ନଂ ତଦ୍‌ବିଷ୍ଣୋର୍ଭୁଞ୍ଜତେ ଯେ ମୁଦାନ୍ୱିତାଃ ॥
(ରୁଦ୍ରଯାମଳେ)

ଶ୍ରୀଜଗନ୍ନାଥ ଉପାସନା ପରମ୍ପରା ସମ୍ବଳିତ ସମସ୍ତ ଶାସ୍ତ୍ରରେ ତାହା ହିଁ ପ୍ରତିପାଦିତ ହୋଇଅଛି । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ଅବଲୋକନ କଲେ ଜଣାଯାଉଛି ପ୍ରତିଟି କ୍ଷେତ୍ରରେ କିଛି ନା କିଛି ମହତ୍ତ୍ୱପୂର୍ଣ୍ଣ ଚିନ୍ତାଧାରା ରହିଅଛି । ପ୍ରସାଦର ପ୍ରକାରଭେଦ ହେଉ, ପ୍ରସାଦର ପରିମାଣ ହେଉ, ପ୍ରସାଦର ପ୍ରସ୍ତୁତି ପ୍ରକିୟା ହେଉ କିମ୍ବା ପ୍ରସାଦର ଅର୍ପଣ ବ୍ୟବସ୍ଥା ହେଉ, ସବୁଥିରେ କିଛି ନା କିଛି ମାନବିକ ମୂଲ୍ୟବୋଧର ଗୁରୁତ୍ୱ ରହିଛି । ମୁତ୍‌ଫରକା କହି ଗୋଟିଏ ବିଭାବକୁ ଆଡ଼େଇ ଦେବା ସମ୍ଭବ ନୁହେଁ ।

**'ମୁକ୍ତି'ର ଆବାହନୀ**

ପ୍ରସାଦ ଦାନର ମହତ୍ତ୍ୱ କେତୋଟି ଚେତନା ସମ୍ବିଳିତ । ଶାସ୍ତ୍ରରେ କୁହାଯାଏ 'ନିର୍ମାଲ୍ୟ' ଦାନରେ ଭକ୍ତି ଚେତନାର ଉଦ୍‌ଭବ ହୁଏ । ଭକ୍ତିରୁ ବିଜ୍ଞାନପ୍ରାପ୍ତି । ବିଜ୍ଞାନରୁ ମୁକ୍ତି ପ୍ରାପ୍ତି ବୋଲି ମହର୍ଷି ବଶିଷ୍ଠ 'ତତ୍ତ୍ୱଯାମଳ' ଗ୍ରନ୍ଥରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଧନାତତ୍ତ୍ୱର ସରଳ ଉପାୟଟି ବତାଇ ଦେଇଥିଲେ ।

ନିର୍ମାଲ୍ୟଦାନାତ୍ ପାପାନି କ୍ଷୟଂ ଯାନ୍ତି ନୃପୋତ୍ତମ ।
ଭକ୍ତିରୁତ୍‌ପଦ୍ୟତେ ପାପକ୍ଷୟାର୍ଦବ୍ୟଭିଚାରିଣୀ ॥
ଭକ୍ତ୍ୟା ବିଜ୍ଞାନମାପ୍ନୋତି ଜ୍ଞାନାନ୍‌ମୁକ୍ତିରବାପ୍ୟତେ ।
ତସ୍ମାଦ୍ ଯତ୍ନେନ ନିର୍ମାଲ୍ୟଦାନଂ ଦଦ୍ୟାଦ୍ ଦ୍ୱିଜାତୟେ ॥

ଶ୍ରୀଜଗନ୍ନାଥଙ୍କ ଉପାସନାରେ ବିଭିନ୍ନତ୍ୱ ମଧ୍ୟରେ ଏକତ୍ୱ ଯେପରି ଲକ୍ଷ୍ୟ କରାଯାଏ, ମହାପ୍ରଭୁ ପ୍ରସାଦ ବ୍ୟବସ୍ଥାରେ ଠିକ୍ ସେହିପରି ବହୁ ବୈଚିତ୍ର ମଧ୍ୟରେ 'ମୁକ୍ତି'ର ଆବାହନୀ କରାଯାଏ । ତାହା ହିଁ ରୁଦ୍ରଯାମଳ ତନ୍ତ୍ରରେ ପ୍ରତିପାଦନ ହୋଇଛି -

ଯଦନ୍ନଂ ହରୟେ ଦତ୍ତଂ ଧୂପକାଳେ ମହେଶ୍ୱରୀ ।
ତଦନ୍ନ ଭକ୍ଷଣାନ୍ ମୁକ୍ତିଂ ମନେ କରଗତାଂ ନୃଣାମ୍ ॥

* * * * *

ଧୂପତ୍ରୟେ□ପି ହରୟେ ଯଦନ୍ନମୁପପାଦିତମ୍ ।
ତଦନ୍ନମମୃତଂ ଜ୍ଞେୟଂ ତଦ୍‌ଭକ୍ତ୍ୟା ମୁକ୍ତିମାପ୍ନୁୟାତ୍ ॥

'ମୁକ୍ତି'ର ପଟ୍ଟଭୂମିରେ ମହାପ୍ରସାଦର 'ଦୂଷଣ'ତ୍ୱ ଗ୍ରହଣୀୟ ହୁଏ ନାହିଁ । ଏହା କେବଳ ଭକ୍ତିଭାବର କଥା ନୁହେଁ । ବାସ୍ତବରେ ମହାପ୍ରସାଦ ସେବା କରି କେହି କେବେ ରୋଗାକ୍ରାନ୍ତ ହୁଏ ନାହିଁ । ଖାଦ୍ୟ ବିଷାକ୍ତ ହୋଇ କେହି କେବେ ତଦ୍‌ଗତ ଅସୁସ୍ଥ ହେବାର ଜଣାଯାଏ ନାହିଁ । କିଛି ଯଦି ପାର୍ଶ୍ୱପ୍ରତିକ୍ରିୟା ହୁଏ ତାହା ଉତ୍ତରାର୍ଦ୍ଧ (କ୍ଷୀରା, ଛେନା, ରସାବଳୀ, କ୍ଷୀରସାଗର) ଜନିତ । ମହାପ୍ରସାଦଜନିତ ନୁହେଁ । ଏହା ଆଜିର କଥା ନୁହେଁ । ଶହ ଶହ ବର୍ଷ ପୂର୍ବରୁ ମୁନି, ଋଷି, ସାଧୁସନ୍ଥଙ୍କର କଥା । ପାକସଂସ୍କାର ଜନ୍ୟ କ୍ରିୟା ଏବଂ ତନ୍ମଧ୍ୟରେ ମହାଲକ୍ଷ୍ମୀ ଚେତନାର ସମ୍ମିଶ୍ରଣ ଉଭୟ ମହାପ୍ରସାଦକୁ କାୟିକ, ବାଚିକ ଓ ମାନସିକ ସ୍ତରରେ ପବିତ୍ର କରିଥାଏ । ତାହା ମହର୍ଷି ବ୍ୟାସଦେବ ପ୍ରଥମେ ଘୋଷଣା କରିଥିଲେ -

ପାକ ସଂସ୍କାର କର୍ତ୍ତୃଣାଂ ସମ୍ପର୍କାତ୍ତନ୍ନ ଦୁଷ୍ୟତି ।
ପଦ୍ମାୟାଃ ସନ୍ନିଧାନେନ ସର୍ବେ ତେ ଶୁଚୟଃ ସ୍ମୃତାଃ ॥
(ସ୍କ.ପୁ. - ୨.୨.୩୮.୫)

**ମହନୀୟ ମହାବାକ୍ୟ**

ମହାପ୍ରସାଦ ଭକ୍ଷଣରେ କାଳେ 'ଦୂଷଣ'କୁ ନେଇ କୌଣସି ମାନସିକ ବିକାର ରହିଯିବ, ସେଥିପାଇଁ 'ଚତୁର୍ବର୍ଗ ଯୋଗୀଶ୍ୱର'ରେ ଏକ ମନୋ ବୈଜ୍ଞାନିକ ଦିଗର ସୂଚନା ଦିଆଯାଇଛି । ମାନସିକ ବିକାର ରହିବା ସ୍ୱାଭାବିକ । କାରଣ ସମସ୍ତେ ବନ୍ଧୁ ମହାନ୍ତି  କିମ୍ବା ଦାସିଆ ବାଉରୀ ଚେତନା ସ୍ତରକୁ ପ୍ରବେଶ କରିପାରିବେ ନାହିଁ । ତେଣୁ କୁହାଯାଇଛି - 'ଯଚ୍ଚାନ୍ନଂ ପାଚୟେତ୍ ଲକ୍ଷ୍ମୀର୍ଭୋକ୍ତାଚ ପୁରୁଷୋତ୍ତମଃ' ମା' ଲକ୍ଷ୍ମୀ ଯେଉଁଠି ରାନ୍ଧୁଛନ୍ତି ଏବଂ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ଯାହାକୁ ଗ୍ରହଣ କରୁଛନ୍ତି ତା'ମଧ୍ୟରେ 'ଦୂଷଣତ୍ୱ' ଆସିବ କେଉଁଠୁ ?

ଏହାମଧ୍ୟ କୌଣସି ଭାବପ୍ରବଣତାର କଥା ନୁହେଁ । ଭାବପ୍ରବଣ ହୋଇ ଯେ ଆମେ ଏହା ଉଲ୍ଲେଖ କରୁଛୁ ତାହା ବି ନୁହେଁ । ମହାପ୍ରଭୁଙ୍କ 'ପାକ' ପ୍ରସ୍ତୁତ କରୁଥିବା ଯେ କୌଣସି ସେବାୟତଙ୍କୁ ପଚାରିଲେ

ତା'ର ଉତ୍ତର ସହଜରେ ମିଳିଯିବ । ସେମାନଙ୍କର ସ୍ପଷ୍ଟ ମନ୍ତବ୍ୟ 'ଆମେ ଆମ କାର୍ଯ୍ୟ କରୁଛୁ, ରୋଷେଇ କେମିତି ହେଉଛି କିଏ କରୁଛି ଆମେ କହିପାରିବୁ ନାହିଁ । ସବୁ ମା'ଙ୍କ ଇଚ୍ଛା ।' କାରଣ ଗୋଟିଏ ଦ୍ରବ୍ୟ ରନ୍ଧନ ପାଇଁ ଜଣେ ଲାଗନ୍ତି ନାହିଁ । 'ଗଣ' ଲାଗନ୍ତି । ଅନ୍ନ ପ୍ରସ୍ତୁତକାରୀ 'ଡାଲି' କରେ ନାହିଁ, କିମ୍ବା ବେସର ପ୍ରସ୍ତୁତକାରୀ 'ଅନ୍ନ' ପ୍ରସ୍ତୁତ କରେ ନାହିଁ । ଯେକୌଣସି ଜିଜ୍ଞାସୁ ଯେ ଅନୁଭବର କଥାକୁ ପରୀକ୍ଷା କରିପାରନ୍ତି । କାର୍ପଣ୍ୟ ନାହିଁ ।

ସେହିପରି 'ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଗ୍ରହଣ କରୁଛନ୍ତି' ଯେ କଥା ଭକ୍ତି ପ୍ରାବଲ୍ୟର ବଚନିକା ନୁହେଁ । ଗୋଟିଏ ଉଦାହରଣ ଏଥିପାଇଁ ଯଥେଷ୍ଟ । ରୋଷଶାଳାରୁ ଭୋଗପାଇଁ ମହାପ୍ରସାଦ ଯାଏ । ଗଲାବେଳର ଦୃଶ୍ୟ ଅନେକ ଦେଖିଥିବେ । ଭୋଗ 'ମାରା' ହୋଇଯିବ ସେଥିପାଇଁ ଅପେକ୍ଷା ବି କରିଥିବେ । ଭୋଗ ବୁହାହେଲା ବେଳେ ୪/୬ ଫୁଟ ଦୂରରେ ବି ରହିଥିବେ । କିନ୍ତୁ ଭୋଗ ସରିବାପରେ ମହାପ୍ରସାଦର ଯେଉଁ ମହ ମହ ବାସ୍ନା ତାହା ଭୋଗ ବୁହାବେଳେ ଅନୁଭବ କରିଥିବେ କି ? ଚାରି/ଛଅ ଫୁଟ ଦୂରରେ ରହି ଅନୁଭବ ହେଲା ନାହିଁ ମାତ୍ର କୌଣସି ଯାନରେ କିମ୍ବା ବ୍ୟକ୍ତିବିଶେଷ ବଡ଼ଦାଣ୍ଡରେ ଭୋଗ ପରେ ମହାପ୍ରସାଦ ନେଇ ଯାଉଥିବାବେଳେ ୩୦/୪୦ ଫୁଟ ଦୂରକୁ ମହ ମହ ବାସ୍ନା ଆଚ୍ଛାଦନ କରେ । ମହାପ୍ରଭୁ ତ ଗ୍ରହଣ କଲେ ନାହିଁ ଯେ ମହ ମହ ବାସ୍ନାରେ ମହାପ୍ରସାଦ ରୂପାନ୍ତରିତ ହେଲା କିପରି ?

ରୂପାନ୍ତରିତ ରୂପକଳ୍ପରେ ଘଟାନ୍ତର ପ୍ରକ୍ରିୟାର ପରିସମାପ୍ତି ଅବିସମ୍ବାଦିତ । ଆମକୁ ଚେତେଇ ଦିଆଯାଇଛି । ବତେଇ ଦିଆଯାଇଛି । ଦେଖେଇ ଦିଆଯାଇଛି । ମୁକ୍ତିର ରାସ୍ତା ଖୋଲି ଦିଆଯାଇଛି । କେବଳ ଆପଣେଇ ନେବା କଥା । ଗରୁଡ଼ ମହାପୁରାଣର ମହର୍ଷି ବ୍ୟାସଙ୍କ ବଚନ 'ପ୍ରାପ୍ତିମାତ୍ରେଣ ଭୁଂଜୀୟାଦ୍ ... ଆମର ତ ମହାବାକ୍ୟ ... !!'

**ବି.ଦ୍ର.** - ଶ୍ଳୋକ ସହାୟତା 'ମୁକ୍ତି ଚିନ୍ତାମଣିଃ' ଗ୍ରନ୍ଥ ।

ଗବେଷଣା ଅଧିକାରୀ
ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ-୩

---

# ଶ୍ରୀଜଗନ୍ନାଥ ଅଲାରନାଥ

କୁମାରକବି ଅରକ୍ଷିତ ପ୍ରଧାନ

ଆକାର ତତ୍ତ୍ୱରେ ତୁମେ ନିରାକାର ନୀଳାଦ୍ରିଶ ପୁରୁଷ ଚିନ୍ମୟ
ଗାଣିତିକ ସୂତ୍ରେ ନିତି ଲଗାଇଛ ଜଗତରେ ସୃଷ୍ଟି ସ୍ଥିତି ଲୟ
ମୀମାଂସା ସାଂଖ୍ୟ ବେଦାନ୍ତ ଯୋଗ ନ୍ୟାୟ ବୈଶେଷିକ ଦର୍ଶନ ମହିମା
କାବ୍ୟ କବିତା ପୁରାଣ ଇତିହାସ ଆଗମ ନିଗମ ଶାସ୍ତ୍ର ସୀମା
ଲିପି ଧ୍ୱନି ତାଳ ମାନ ଲୟ ଆଦି ଯେତେ ଯାହା ବିଜ୍ଞାନ ଆଧାର
ପ୍ରତୀକ କେବଳ ମାତ୍ର ତୁମ ମହାଭବ ସିନ୍ଧୁ ଅନନ୍ତ ଅପାର
ଭାରତୀ ଭବନେ ତୁମେ ରସମୟ ସାରସ୍ୱତ କୀର୍ତ୍ତି ସମୁଦାୟ
ତୁରୀୟ ସ୍ୱରୂପ ସ୍ୱାମୀ ଦାରୁ ବ୍ରହ୍ମ ନୀଳଗିରି ପତି ନିରାମୟ
ଏକ ଅଦ୍ୱିତୀୟ ଯେଣୁ ତୁମର ଏ ସୃଷ୍ଟି ମଧ୍ୟେ ଅଛିକି ଉପମା
କମନୀୟ କାନ୍ତି ତେଣୁ ଆଦରିଲ ମହାମେରୁ ଲଳିତ ପ୍ରତିମା
ପରମାନନ୍ଦ ସୁନ୍ଦର ପରାତ୍ପର ପତିତପାବନ ଜଗନ୍ନାଥ
କ୍ଷମା ପାରାବାର ପ୍ରୀୟ ଦୀନବନ୍ଧୁ ଅନାଥର ଏକମାତ୍ର ନାଥ
ଲାବଣ୍ୟ ନୟନ କୋଣୁ ଝରିଆସି ଅବିରତ ପ୍ରେମ ପଞ୍ଚାମୃତ
ଗିରି କେଦାର ସାଗର ଗଗନ ପବନ ବନ କରେ ପ୍ରୀତି ପୂତ
ଅପାଣି ପାଦମୂର୍ତ୍ତିରେ ପାଦ ପାଣି ରହସ୍ୟକୁ ସୂଚାଇବା ଅର୍ଥେ
ଲାଙ୍ଗଳଧାରୀ ଅନୁଜ ଏକ ପକ୍ଷ ବିଜେ କର ବ୍ରହ୍ମଗିରି ତୀର୍ଥେ
ରଥ ଚରଣ କମଳ ଶଙ୍ଖ ଗଦା ଚତୁର୍ଭୁଜେ ଧରି ଭଗବାନ
ନାମ ଶ୍ରୀଅଲାରନାଥ ନାରାୟଣ ପୁରୁଷ ପୁରାଣ ଶ୍ୟାମଘନ
ଥମକ ଶରୀର କାନ୍ତି କାଦମ୍ବିନୀ ସୁଷମାରୁ ବଳି ଶୋଭାବନ
କ୍ଷେତ୍ରବର ଅଣସର ପିଣ୍ଡି ମଧ୍ୟେ ଲୋକ ଭୁଲା ଗୁପତ ଶୟନ
ତ୍ରୟୋଦଶ ଦୁଇଦିନ ବିତାଉଛ ବ୍ରହ୍ମଗିରି କରି ଲୋକାରଣ୍ୟ
ରେବା ସ୍ରୋତ ସମତ ହିଁ ଅକାତରେ ଭକତଙ୍କୁ ବିତରୁଚ ପୁଣ୍ୟ
ଦର ବିକଶିତ ମଲ୍ଲି ଶୁକ୍ଲତାରେ ପ୍ରକ୍ଷାଳିତ କରି ପରିଧେୟ
ରତ୍ନାଭରଣ ଭୂଷିତ ଦିବ୍ୟତନୁ ତବ ପ୍ରାଣ ପୂତ ସରିତ ନିଶ୍ଚୟ
ଶବ୍ଦାର୍ଥ ସମ୍ପର୍କ ସମ ଜୀବ ବ୍ରହ୍ମ ମହାଲୀଳା ଗତି ଯୁଗେ ଯୁଗେ
ନର ନରୋତମ ନାମେ ଏ ମିଳନ ପ୍ରଚଳିତ ହୁଏ ଅନୁରାଗେ
କଳାକର କଳାସମ କ୍ଷୟ ବୃଦ୍ଧି କାଳଚକ୍ର ନୀତି ଚିରନ୍ତନ
ରଚନା ପଦ୍ଧତି ଯେଣୁ ସୁଖ ଦୁଃଖ ହସ କାନ୍ଦ ଜୀବନ ଦର୍ଶନ
ଜନ୍ମ ମରଣ ମଧ୍ୟରେ ଏ ବିଧାନ ପ୍ରତିଘଟେ ଅବଶ୍ୟ ଘଟିବ
ଗତ ଆଗତ ଚିନ୍ତାରେ ଦିନ ରାତି ବ୍ୟସ୍ତ ହୋଇ କେତେ ଲାଭ ହେବ
ନାଶଶୀଳ ଦେହ ଧରି ମୃତ୍ୟୁପଥେ କରିବାକୁ ଅମୃତ ସନ୍ଧାନ
ଥରେ ଅଲାରନାଥଙ୍କୁ ଅଣସର ସମୟରେ କର ଦରଶନ

ବିନୋଦ ବିହାର
ଖଣ୍ଡୁଆଳପୁର, ବ୍ରହ୍ମଗିରି, ପୁରୀ



# ଶ୍ରୀମନ୍ଦିରର ଦଶଦ୍ୱାର, ଭଗତେ ହେତୁକର !

କାଞ୍ଚ୍ଚ ନାରାୟଣ ମହାନ୍ତି

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ତତ୍ତ୍ୱ ଓ ମାହାତ୍ମ୍ୟ ସଂପର୍କରେ ବହୁ ଗବେଷକମାନଙ୍କର ବିଭିନ୍ନ ମତ ଓ ଦର୍ଶନ ଗ୍ରନ୍ଥ ଆକାରରେ ଉପସ୍ଥାପିତ କରାଯାଇଛି । ତେବେ ବି ସବୁ ତତ୍ତ୍ୱ, ଦର୍ଶନ ମତବାଦର ଊର୍ଦ୍ଧ୍ୱରେ ସେ ବିଶ୍ୱନିୟନ୍ତା, ଯେଉଁଠିକି ଚାହିଁଲେ, ଯେଉଁଠିକି ଛୁଇଁଲେ, ଯେଉଁଠି ବସିଲେ ସବୁଠି ତାଙ୍କରି ସତ୍ତା, ସର୍ଜନା, ରୂପକଳ୍ପ ଓ ଇଚ୍ଛାର ସ୍ୱରୂପ ଲୀଳାୟିତ ହୋଇଛି ।

ମହୋଦଧି ତଟର ମହାମହିମ ପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିତ୍ୟଲୀଳାର ଆଦି ଅନ୍ତ ଚିନ୍ତା କଲାବେଳେ ଭାବୁକ, ଲୋକ, ଗବେଷକ ବାଟବଣା ହୋଇଯାଏ, ସମାଧିସ୍ଥ ହୋଇଯାଏ ।

ଯାହାର ପ୍ରତି ଅଣୁ ପରମାଣୁରେ ଗୁଣପଦ୍ ପବିତ୍ର ପରମ୍ପରା, ଐତିହ୍ୟ ଓ କୃପାବାରିର ମହିମା ସନ୍ନିହିତ ଆଉ ତା'ର କେଉଁ କଥା ବା ବଖାଣି ବସିବା ସାଧାରଣଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସଂପର୍କରେ କିଛିମାତ୍ର ଅବତାରଣା କରିବାର ଏ ଯେମିତି ଅପପ୍ରୟାସ ମାତ୍ର ।

'ଶ୍ରୀମନ୍ଦିର' କହିଲେ ଏ ପୃଥିବୀରେ ଓଡ଼ିଶା ପ୍ରଦେଶର ପୁରୀପ୍ରାନ୍ତେ ଶ୍ରୀକ୍ଷେତ୍ର ଧାମରେ ଏକକ ଓ ଅନ୍ୟତମ ମନ୍ଦିର ।

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କୁ ନେଇ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂରତି ଆରାଧନା । କେଉଁ ଯୁଗରୁ ଚାଲି ଆସିଛି ଏବଂ ସେହି ସର୍ବମୟକର୍ତ୍ତାଙ୍କ ଇଚ୍ଛାରେ କେତେ କାଳ ଚାଲିବ ସେ କଥା ସେ ଜାଣନ୍ତି । ତାଙ୍କ ଅଶେଷ ନାମ ପରି ଜଗତର ବଡ଼ଦିଅଁ ବୋଲି ତାଙ୍କର ତ ସବୁ ବଡ଼ ସେ ରହୁଥିବା ପାଚେରୀ ମଧ ସେହି ମାତ୍ରାରେ ଯଥେଷ୍ଟ ବଡ଼ । ତେଣୁ ତା'ର ନାଁ ମଧ ଦିଆଯାଇଛି 'ମେଘନାଦ' ପାଚେରୀ । କଥାରେ ଅଛି, ପୁରୀ ସମୁଦ୍ରକୂଳରେ ଶ୍ରୀମନ୍ଦିର ଅବସ୍ଥିତି ଥିଲେ ମଧ ମେଘନାଦ ପାଚେରୀକୁ ସମୁଦ୍ର ଗର୍ଜନ ଶୁଭେ ନାହିଁ ।

ପୁରାଣ କହେ ସମୁଦ୍ର ହେଉଛି ଲକ୍ଷ୍ମୀଙ୍କର ବାପଘର । ନିଜ ଝିଅ କ୍ୱାଇଁଙ୍କର ପାଖରେ ଶ୍ୱଶୁର ସମୁଦ୍ରଙ୍କର ଗୁରୁଗମ୍ଭୀର ଗର୍ଜ୍ଜନର କି ପ୍ରୟୋଜନ । ଶ୍ରୀମନ୍ଦିର ଚାରିପାଖରେ ଘେରି ରହିଥିବା ପାଚେରୀ ଯାହାକୁ କି 'ମେଘନାଦ' ଭାବରେ ସମସ୍ତେ ଜାଣନ୍ତି ତାହାକୁ ମଧ ବାହାର ବେଢ଼ା ପାଚେରୀ କୁହାଯାଏ । ଏହି ପାଚେରୀର ଉଚ୍ଚତା ସବୁ ସ୍ଥାନରେ ସମାନ ନୁହେଁ । ରାସ୍ତାଠାରୁ ପାଚେରୀର ଉଚ୍ଚତା କେଉଁଠି ୨୦ ଫୁଟ ତ କେଉଁଠି ୨୨ ଫୁଟ, କେତେକ ସ୍ଥାନରେ ୨୪ ଫୁଟ ମଧ ଦେଖାଯାଏ ।

ପାଚେରୀ ଘରକୁ ସୁନ୍ଦର ଓ ସୁରକ୍ଷା କଲାଭଳି ଶ୍ରୀମନ୍ଦିରକୁ ଘେରି ରହିଥିବା ଆୟତାକାର ପାଚେରୀରେ ଆକାଶକୁ ଲକ୍ଷ୍ୟ କରି ତୀର ସଜେଇ ରଖିଥିବା ପଥରଗୁଡ଼ିକ ଆକର୍ଷଣୀୟ ।

ସାରା ଜଗତର ଯିଏ ମାଲିକ ତାଙ୍କ ପାଇଁ ସୀମା ସରହଦ କିଏ ମାପିବ ? ତେବେ ଶ୍ରୀମନ୍ଦିରର ବାହାରବେଢ଼ା ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରୀର ଲମ୍ବ ୬୬୫ ଫୁଟ ଏବଂ ପୂର୍ବପଟର ଲମ୍ବ ୬୪୪ ଫୁଟ । ବାହାରବେଢ଼ାର ସମୁଦାୟ ପରିସୀମା ଚାରିଲକ୍ଷ ଅଠେଇଶି ହଜାର ଦୁଇଶହ ଷାଠିଏ ବର୍ଗ ଫୁଟ । ଶାଣ ପଥରରେ ନିର୍ମିତ ଏହି ପାଚେରୀରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ଲାଗି ଚାରୋଟି ଦ୍ୱାର ରହିଛି । ଏହି ଚାରି ଦ୍ୱାରକୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ କ୍ରମରେ ଯଥାକ୍ରମେ ନାମିତ କରାଯାଇଛି - ସିଂହଦ୍ୱାର, ବାଘଦ୍ୱାର, ହାତୀଦ୍ୱାର ଓ ଘୋଡାଦ୍ୱାର । ଐତିହାସିକମାନଙ୍କର ମତ ଅନୁସାରେ ପ୍ରଥମେ ଭିତରବେଢ଼ା ବା କୂର୍ମବେଢ଼ା ନିର୍ମାଣ ହୋଇଥିଲା । ଶ୍ରୀମନ୍ଦିରକୁ ଶତ୍ରୁମାନଙ୍କର ଆକ୍ରମଣରୁ ରକ୍ଷା କରିବା ପାଇଁ ମେଘନାଦ ପାଚେରୀ ପରବର୍ତ୍ତୀ କାଳରେ ନିର୍ମାଣ କରାଯାଇଥିଲା । ଦୁର୍ଗମାନଙ୍କର ପ୍ରାଚୀର ଭଳି ମେଘନାଦ ପାଚେରୀର ଉଚ୍ଚତା ଓ ଏହାର ଉପରିଭାଗରେ 'ଗାଙ୍ଗଲା' ଥାଏ । ମେଘନାଦ ପାଚେରୀର ଗାଙ୍ଗଲାଗୁଡ଼ିକ ୨୨ ଇଞ୍ଚ ଲେଖାଏଁ ଲମ୍ବା ତୀର ସଦୃଶ ।

ପାଚେରୀ ମୂଳଦୁଆ କେତେ ମଜଭୁତ ତାହା ଅଳ୍ପରେ ଜଣାଯାଏ ଯେ ୧୯ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ପାଚେରୀର ଓସାର ସାତଫୁଟ ଆଉ ତା' ଉପରକୁ ତିନିଫୁଟ ଚଉଡ଼ା ।

ଓଡ଼ିଶାର ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ଅର୍ଥାତ୍ ୧୪୪୮ ଖ୍ରୀଷ୍ଟାବ୍ଦରେ ମେଘନାଦ ପାଚେରୀ ନିର୍ମାଣ ହୋଇଥିଲା ବୋଲି

ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । (୧୫ ଅଙ୍କେ ରାଜାଙ୍କୁ ସିଂହ ବୃହସ୍ପତି ହୋଇଥିଲା । ଏ ଅଙ୍କେ ବଡ଼ ଦେଉଳେ ବାହାର ବେଢ଼ା ବନ୍ଧାଇଲେ) ଏ ଏମିତି ଏକ କ୍ଷେତ୍ର ଯାହା ଉପରେ ବହିଃଶତ୍ରୁର ବାରମ୍ବାର ଆକ୍ରମଣ ହୋଇଛି । ପ୍ରଭୁଙ୍କର ମାନ ତଥା ନିଜ ଜୀବନରକ୍ଷା କରିବା ପାଇଁ ପୁରୀର ସେବାୟତ ଏବଂ ଜନସାଧାରଣ ଶ୍ରୀମନ୍ଦିର ଭିତରେ ଆତ୍ମରକ୍ଷା କରୁଥିଲେ ବୋଲି କୁହାଯାଏ । ତେଣୁ ବାରବାଟି ଦୁର୍ଗ ପରି ଏହା ଏକ ବିରାଟ ଦୁର୍ଗ ।

ଶ୍ରୀମନ୍ଦିରର ପାଚେରୀ ଚାରିପାଖରେ ପ୍ରଶସ୍ତ ରାସ୍ତା ଏପରି ଭାବରେ ରହିଛି, ଯେଉଁଠି ଥାଇ ଲକ୍ଷ ଲକ୍ଷ ଯାତ୍ରୀ ଶ୍ରୀମନ୍ଦିରର ନେତ ଦର୍ଶନ କରିପାରନ୍ତି । ପୂର୍ବଦ୍ୱାର ସିଂହଦ୍ୱାର ସମ୍ମୁଖରେ ପବିତ୍ର ବଡ଼ଦାଣ୍ଡ । ପଶ୍ଚିମ ଦ୍ୱାର ବାଘଦ୍ୱାର ସମ୍ମୁଖରେ ପବିତ୍ର ମଠ ଓ ବ୍ୟବସାୟୀ କ୍ଷେତ୍ର । ଦକ୍ଷିଣ ଦ୍ୱାର ଘୋଡ଼ାଦ୍ୱାର ସମ୍ମୁଖରେ ସେବାୟତ ଏବଂ ମଠ ମନ୍ଦିର (କାଞ୍ଚି ବିଜୟ ଦ୍ୱାର) । ଉତ୍ତର ଦ୍ୱାର ହାତୀଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବଜାର ଏବଂ ପୁରୁଣା ମଠ ଦୋଳବେଦୀ, ଉତ୍ତର ଦ୍ୱାରକୁ ମଧ ଚେମେରୀ ଦ୍ୱାର କୁହାଯାଏ । ଏହି ଦ୍ୱାରରେ ବର୍ଷ ବର୍ଷ ଧରି ହଜାର ହଜାର ସଂଖ୍ୟାରେ ଚେମରୀ ଗୁମୁଟ ସାରା ଝୁଲି ରହିଥାନ୍ତି । ସେମାନଙ୍କର ମଳରେ ଉତ୍ତର ଦ୍ୱାରରୁ କଟୁ ଗନ୍ଧ ଆସିଥାଏ । ଏହି ଦ୍ୱାର ଦେଉଳର ନିୟମ ଅନୁଯାୟୀ ସନ୍ଧ୍ୟା ପୂର୍ବରୁ ପ୍ରତ୍ୟହ ବନ୍ଦ ହୋଇଯାଏ ।

### ସିଂହ ଦ୍ୱାର

ଶ୍ରୀମନ୍ଦିରକୁ ପ୍ରବେଶର ମୁଖ୍ୟପଥ । ରତ୍ନ ସିଂହାସନରେ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ଦୂରଦୂରାନ୍ତର ଯାତ୍ରୀମାନେ ସର୍ବପ୍ରଥମେ ସିଂହଦ୍ୱାର ଗୁମୁଟରେ 'ପତିତପାବନ'ଙ୍କୁ ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଦର୍ଶନ କରିଥାନ୍ତି । ଟିକିଏ ଆଗକୁ ପାଦ ଦେଲେ ପବିତ୍ର ବାଇଶି ପାହାଚ ପଡ଼େ । ସେଇଠୁ ଚାହିଁଲେ ମନ୍ଦିରର ନୀଳଚକ୍ର ଓ ପତିତପାବନ ବାନା ନେତ୍ରରେ ଉଭା ହୁଏ । ସିଂହଦ୍ୱାରଠାରୁ ରତ୍ନ ସିଂହାସନର ଦୂରତା ୩୦୦ ଫୁଟ । ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ପ୍ରକାଣ୍ଡ ସିଂହ ମୂର୍ତ୍ତି ରହିଛି । ପିଉଳ ପାତିଆରେ ତିଆରି ଛ'ଫୁଟର ଅଧିକ ଓସାର ସିଂହଦ୍ୱାର ଦରଜାର ଉଚ୍ଚତା ପନ୍ଦର ଫୁଟ । ଏହି ସିଂହଦ୍ୱାରରେ ଏକ ଚୋରାଦ୍ୱାର ରହିଛି । ଯାହାର ଆକାର ଅଢ଼େଇ ଫୁଟରେ ଦୁଇ ଫୁଟ । ଏହି ଚୋରାଦ୍ୱାର ଦେଇ ସେବାୟତମାନେ ପ୍ରଥମେ ବ୍ରହ୍ମ ମୁହୂର୍ତ୍ତ ପୂର୍ବରୁ ଯାଇ ଦିଅଁଙ୍କର ନୀତି, ସେବା ସମାପନ କରିଥାନ୍ତି ।

ସିଂହଦରଜାରେ ବହୁ ଦେବାଦେବୀଙ୍କର ମୂର୍ତ୍ତି ଅଙ୍କନ ସହ ଶଂଖ, ଚକ୍ରର ମଧ ଅଳଙ୍କରଣ କରାଯାଇଛି । ଏହି ମୁଖ୍ୟଦ୍ୱାର ଯୁଗଯୁଗ ଧରି ଦେଖି ଆସିଛି କେତେ ସନ୍ଥ, ସିଦ୍ଧପୁରୁଷ, ରାଜା ମହାରାଜା, ପ୍ରଭୁଙ୍କର ବଡ଼ପଣିଆ, ଚୈତନ୍ୟ ରାମତୀର୍ଥ, ସାଲବେଗଙ୍କଠାରୁ ପୁରୀ ଗଜପତି ରାଜାଙ୍କୁ ମନ୍ଦିର ନିଷେଧ ଆଦେଶ, ତେଣୁ ସେ ବିଜେ ହେଲେ ଗୁମୁଟକୁ ଅଛୁବ ଓ ପାତକମାନଙ୍କୁ ଦର୍ଶନ ଦେବାପାଇଁ । ସିଂହଦ୍ୱାରରେ ପ୍ରଭୁଙ୍କ ଦ୍ୱାରପାଳ ଜୟ ବିଜୟ ରହିଛନ୍ତି । ଚାରି ହାତରେ ସେମାନେ ଶଙ୍ଖ, ଚକ୍ର, ଗଦା ଓ ଜପାମାଳ ଧରିଥାନ୍ତି ।

ବିଶାଳ ମନ୍ଦିର ସଦୃଶ ଏହି ଦ୍ୱାରର ଦୁଇ ପାର୍ଶ୍ୱ କାନ୍ଥରେ ଦୁଇଟି ମୂର୍ତ୍ତି ରହିଛି । ପୁଣି ଦୁଇଟି ଆଠ ଫୁଟର ସ୍ତମ୍ଭ ଉପରେ ମଧ ଜୟ ବିଜୟ ମୂର୍ତ୍ତି ରହିଛନ୍ତି । ଦ୍ୱାର ଦେଶ ଉପରକୁ ରହିଛି ଦଶାବତାର ମୂର୍ତ୍ତି ଯେଉଁଥିରେ ଶ୍ରୀଜଗନ୍ନାଥ ହିଁ ନବମ ଅବତାର ଭାବରେ ଖୋଦିତ ହୋଇଛନ୍ତି ଏବଂ ଏହାର ଉପରକୁ ପଦ୍ମାସନରେ ଅଛନ୍ତି ଲକ୍ଷ୍ମୀ । ମୂର୍ତ୍ତିଗୁଡ଼ିକ ଶାଣ ପଥରରେ ନିର୍ମିତ ।

### ପଶ୍ଚିମ ଦ୍ୱାର ବା ବାଘ ଦ୍ୱାର

କୁହାଯାଏ ଯେ, ଏହି ଦ୍ୱାର ସମୟକ୍ରମେ ନିବୁଜ ଥିଲା, ତାହା ମରହଟ୍ଟାମାନଙ୍କ ଦ୍ୱାରା ଖୋଲାଯାଇଥିଲା । ଏହାର ଦୁଇଫାଳ କବାଟ କାଠରେ ତିଆରି । ଉଚ୍ଚତା ସତର ଫୁଟ । ଗୁମୁଟର ନିର୍ମାଣ ଅନ୍ୟାନ୍ୟ ଦ୍ୱାରର ଗୁମୁଟ ପରି କିନ୍ତୁ ଭିତର ନିରାଭରଣ । ମନ୍ଦିର ଭିତରକୁ ପ୍ରବେଶ କଲେ ଦ୍ୱାର ଦେଶରେ ଦେଖିବାକୁ ମିଳେ ପଥର ଖୋଦେଇ ନବଗ୍ରହ ଏବଂ ତା' ଉପରକୁ ନୃତ୍ୟରତ ଗଣେଶ ମୂର୍ତ୍ତି । ଭିତରବେଢ଼ାର ଗୁମୁଟ କାନ୍ଥରେ ପୂର୍ଣ୍ଣକୁମ୍ଭ ଓ ଶ୍ରୀକୃଷ୍ଣ ଲୀଳା ସଂକଳିତ ମୂର୍ତ୍ତି ଦେଖିବାକୁ ମିଳେ ।

ପଶ୍ଚିମ ଦ୍ୱାର ପ୍ରବେଶ ପଥର ଗୁମୁଟର ଓସାର ଷୋହଳ ଫୁଟ । ମେଘନାଦ ପାଚେରୀ ଓ କୂର୍ମ ପାଚେରୀ ମଧ୍ୟରେ ପୂର୍ବ, ଦକ୍ଷିଣ, ଉତ୍ତର ପାର୍ଶ୍ୱର ବ୍ୟବଧାନ ପ୍ରାୟ ସମାନ ଥିବା ବେଳେ ପଶ୍ଚିମ ଦ୍ୱାର ବ୍ୟବଧାନ ଯଥେଷ୍ଟ ଭାବେ କମ୍ । ପଶ୍ଚିମ ଦ୍ୱାରର ପ୍ରବେଶ ପରେ ଦକ୍ଷିଣ ପାର୍ଶ୍ୱରେ ଭିତର ବେଢ଼ା ଓ ବାହାର ବେଢ଼ା ମଝିରେ ପ୍ରଭୁଙ୍କର ଉପବନ । ଏଠାରେ ମଲ୍ଲି, ଜୁଇ, ସେବତୀ, ରଜନୀଗନ୍ଧା ଇତ୍ୟାଦି ସୁବାସିତ କୁସୁମ ଉଦ୍ୟାନ ରହିଛି । ଫୁଲପ୍ରିୟ ତିନିଦିଅଁଙ୍କ ପାଇଁ ନିତି ଫୁଲ ବାହାରୁ ଆସିଥିବାବେଳେ ମନ୍ଦିରରେ ମଧ ଫୁଲ ବଗିଚା ରହିଛି । ଏହା ବୁଲି ଦେଖିବା ପାଇଁ ମଧ ଟିକଟ କରି ଅନୁମତି ଦିଆଯାଏ ।

### ଉତ୍ତର ଦ୍ୱାର ବା ଚେମେରି ଦ୍ୱାର ବା ହସ୍ତୀ ଦ୍ୱାର

ଏ ଦ୍ୱାରରେ ପ୍ରବେଶ ମାତ୍ରେ ଚେମେରିମାନଙ୍କର ଶବ୍ଦ ଓ କଟୁ ଗନ୍ଧ ଯାତ୍ରୀମାନଙ୍କୁ ବ୍ୟଥିତ କରେ । ଏ ଦ୍ୱାର ପ୍ରବେଶ ଦ୍ୱାରରେ କୌଣସି ହସ୍ତୀ ନଥାଇ ମଧ ଏହା ହସ୍ତୀ ଦ୍ୱାର । ଗୁମୁଟ ଭିତର ନିରାଭରଣ । କିଛି ପଥ ଆଗେଇଲେ ଦକ୍ଷିଣରେ ପଡ଼େ ସୁନାକୂଅ ଓ ବାମରେ ଆନନ୍ଦବଜାରକୁ ରାସ୍ତା ଏବଂ ସାମ୍ନାରେ ଥିବା ନୂମିବେଢ଼ାର ପ୍ରବେଶ ପଥରେ ଦୁଇଟି ହସ୍ତୀ ଭାସ୍କର୍ଯ୍ୟ । ପୃଷ୍ଠରେ ମାହୁନ୍ତ ଏବଂ ହାତୀ ଦ୍ୱୟ ବିଶାଳ ଓ ସୁଶୋଭନ । ଉଚ୍ଚତା ଅନ୍ୟୂନ ଆଠ ଫୁଟ ।

ଗୁମୁଟର ଭିତର ପଟେ କୌଣସି ବିଶେଷ ମୂର୍ତ୍ତି ବା ଅଳଙ୍କରଣ ଅଭାବ ଥିଲେ ମଧ ଭିତର ଓ ବାହାରପଟେ ନବଗ୍ରହ ଫଳକ କୃଷ୍ଣଙ୍କର ବଂଶୀ ବାଦନ ରୂପ । ପାର୍ଶ୍ୱରେ ତିନି ଅଭିସାରିକାର ଅଙ୍ଗ ଅବୟବ

ଶାଳଭଂଜିକା ଅଳସା, ଦର୍ପଣୀ ପ୍ରଭୃତି ଶୋଭା ପାଉଛନ୍ତି । ଦୁଇ ବାହୁଧାରୀ ଝାଡ଼େଶ୍ୱରୀଙ୍କ ମୂର୍ତ୍ତି ପୂଜା ପାଆନ୍ତି । ସେ ଦୁର୍ଗାଙ୍କ ଦ୍ୱାର ସଂହିତା, ମହିଷାସୁର ସମରକାଳରେ ସୃଷ୍ଟି ହୋଇଥିବା ବହୁ ଶକ୍ତି ରୂପିଣୀ ନାରୀମାନଙ୍କ ମଧ୍ୟରୁ ଜଣେ । କୋଇଲି ବୈକୁଣ୍ଠ ପ୍ରଭୁଙ୍କର ଅନଲୀଳା କ୍ଷେତ୍ର ହେତୁ ଏଇ ଉତ୍ତର ଦ୍ୱାରରେ ଦକ୍ଷିଣରେ ଉପବନ ଶିଆଳି ଲତା ଭଣ୍ଡାରଘର ଏବଂ ବହୁ ଦେବଦେବୀ ମନ୍ଦିର ଅବସ୍ଥିତ ।

ପ୍ରଥମେ ଏହି ଦ୍ୱାରର ଗୁରୁତ୍ୱ ଯଥେଷ୍ଟ ଥିଲା ବୋଲି ଅନୁମିତ ହୁଏ । ଶ୍ରୀମନ୍ଦିର ଆରମ୍ଭରେ ତୀର୍ଥଯାତ୍ରୀମାନେ ଏଇପଥରେ ମୁଖ୍ୟତଃ ପ୍ରବେଶ ଅଧିକାର ପାଇଥିଲେ । ଏତଦ୍‌ବ୍ୟତୀତ ଉତ୍ତରଦ୍ୱାରର ପାହାଚ ଅତିକ୍ରମ କରି ଭିତରବେଢ଼ା ପ୍ରବେଶ ପୂର୍ବରୁ ପୂର୍ବରେ ବିଜେ କରିଛନ୍ତି ପାତଳଫୁଟା ଐଶାନେଶ୍ୱର ମହାଦେବ । ଏହାର ଅନେକ ପୌରାଣିକ ଭିତ୍ତିଭୂମି ରହିଛି । ବାଇଶିଟି ପାହାଚ ତଳେ ୨୫ ଫୁଟ ଗଭୀର ଭୂଗର୍ଭସ୍ଥ ଦେବାଳୟ ବିଷୟରେ ସାଧାରଣ ଯାତ୍ରୀମାନେ ଜାଣିପାରି ନଥାନ୍ତି । ଶ୍ରୀମନ୍ଦିରରେ ଏଇପରି ଅନେକ ମନ୍ଦିର ରହିଛି । ଏହି ମନ୍ଦିରରୁ ଗର୍ଭଗୃହକୁ ସୁଡ଼ଙ୍ଗ ରହିଛି ।

**ଦକ୍ଷିଣ ଦ୍ୱାର ବା ଘୋଡ଼ା ଦ୍ୱାର**

ଗୁମୁଟ ବା ମୁଖଶାଳାର ଉଚ୍ଚତା ୬୦ ଫୁଟ । ବେଶ୍ ମଜଭୁତ ଦରଜା କାଠରେ ତିଆରି । ଦରଜାର ଉଚ୍ଚତା ୨୫ ଫୁଟ । ଦୁଇ ଫାଳ ଦରଜାରେ ମଧ୍ୟ ଚୋରା କବାଟ ରହିଛି । ଗୋଲାକାର ବିରାଟ ବିରାଟ ପିତ୍ତଳଗୋବ ସବୁ ଲାଗି ଦରଜା ସୁନ୍ଦର ଦିଶେ । ଗୁମୁଟର ଓସାର ୪୦ ଫୁଟ । ଗୁମୁଟର ଉତ୍ତରପଟ କାନ୍ଥରେ ପ୍ରାୟ ଦଶ ଇଞ୍ଚ ଉଚ୍ଚ ମୁଗୁନିପଥରର ଗଣେଶ ମୂର୍ତ୍ତି ସ୍ଥାପନା ହୋଇଛନ୍ତି । ପଶ୍ଚିମପଟ କାନ୍ଥରେ ରହିଛି ଦୁଇ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି । ଉତ୍ତରପଟ କାନ୍ଥର ଶୀର୍ଷରେ ରହିଛି ଚୂନ ତିଆରି ନୀଳଚକ୍ର । ଉଭୟପଟ କାନ୍ଥରେ ନୀଳଚକ୍ର ଆକୃତିର ଦୁଇଟି ଶଙ୍ଖ ଏବଂ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ବହୁ ଭାସ୍କର୍ଯ୍ୟ ।

ତିନି ଦିଅଁଙ୍କର ପହୁଡ଼ ପରେ ଅନ୍ୟାନ୍ୟ ଦ୍ୱାର ପରି ଦକ୍ଷିଣ ଦୁଆର ବନ୍ଦ ହୁଏ । ରାତି ଜଗୁଆଳି ଗୁମୁଟରେ ରହି ଦ୍ୱାର ଜଗେ । ଦ୍ୱାର ଖୋଲା ଥିବାବେଳେ ମଧ୍ୟ ଦ୍ୱାରଦେଶରେ ଜଗୁଆଳି ରହିଥାନ୍ତି ।

କିମ୍ବଦନ୍ତୀ ଅନୁଯାୟୀ ଏହି ଦ୍ୱାର ସମ୍ମୁଖରେ ବିଶାଳଘୋଡ଼ା ଦ୍ୱୟରେ ଯେଉଁ ବୀର ପୁଙ୍ଗବମାନେ ବସିଛନ୍ତି ସେମାନେ ଜଗନ୍ନାଥ ଓ ବଳଭଦ୍ର । କେହି କେହି ଏହାଙ୍କୁ କଳି କାଳ ବୋଲି କହିଥାନ୍ତି । କାଞ୍ଚି ଅଭିଯାନ ପରେ ଏହି ମୂର୍ତ୍ତି ରହିଥିବାରୁ ଏହି ଦ୍ୱାରକୁ କାଞ୍ଚି ବିଜୟ ଦ୍ୱାର କୁହାଯାଏ ।

ମେଘନାଦ ପାଚେରୀର ଦକ୍ଷିଣ-ପଶ୍ଚିମ ପଟେ ଏକ ସବୁଦିନିଆ କାଠ ସିଡ଼ିର ବ୍ୟବସ୍ଥା ରହିଛି । ଶ୍ରୀମନ୍ଦିର ବେଢ଼ାରେ ଥିବା ବିମଳା ମାଆଙ୍କ ମନ୍ଦିରର ନୀତି ପାଇଁ ଏ ଦ୍ୱାର କାମରେ ଲାଗେ । ଦୁର୍ଗାପୂଜାରେ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଦୁଇଟି ଲେଖାଏଁ ଛାଗ ବଳି ଏଇ ପଥ ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥାଏ । ବିମଳା ମନ୍ଦିରରେ ବଳି ପ୍ରଥା କେବେଠାରୁ ଚାଲିଛି ସେ ପ୍ରଥାର ମୂକସାକ୍ଷୀ ଏଇ ଦକ୍ଷିଣ ପାର୍ଶ୍ୱର ସାଧାରଣରେ ସବୁରି-ଅଜ୍ଞାନ୍ତ ସିଢ଼ି ପଥ ।

ମେଘନାଦ ପାଚେରୀ ପରି ଆୟତାକାର କ୍ଷେତ୍ର ହେଲା କୁର୍ମ ପାଚେରୀ । ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ମେଘନାଦ ପାଚେରୀରେ ଚାରିଟି ଦ୍ୱାରା ଥିଲାବେଳେ କୁର୍ମପାଚେରୀରେ ଛଅଟି ଦ୍ୱାର ରହିଛି । କୁର୍ମ ପାଚେରୀର ପୂର୍ବ-ପଶ୍ଚିମ ପଟ କାନ୍ଥର ଲମ୍ୱ ୩୧୫ ଫୁଟ ଏବଂ ଉତ୍ତର-ଦକ୍ଷିଣ ପଟ କାନ୍ଥ ୪୨୦ ଫୁଟ । କାନ୍ଥର ଓସାର ମଧ୍ୟ ଷୋଳଫୁଟ । ଏହାର ଆକୃତି ମେଘନାଦ ପ୍ରାଚୀର ପରି ପ୍ରାୟତଃ ସମାନ । ପ୍ରାଚୀରର ଉଚ୍ଚତା ପ୍ରାୟ ୨୦ ଫୁଟ ।

ମେଘନାଦ ପାଚେରୀ ଯେଉଁଠାରୁ ଆରମ୍ଭ ସେହି ପଉନରୁ ପ୍ରାୟ ୨୦ଫୁଟ ଉଚ୍ଚରେ କୁର୍ମ ପାଚେରୀ ନିର୍ମିତ ହୋଇଛି । ଦୁଇ ପାଚେରୀମାନଙ୍କ ମଧ୍ୟରେ ଧାଡ଼ି ଧାଡ଼ି ପାହାଚ ରହିଛି । କାରଣ ମେଘନାଦ ପାଚେରୀ ନିକଟରୁ କୁର୍ମ ପାଚେରୀର ଦୂରତା ଯେତେ, ଉଚ୍ଚତା ମଧ୍ୟ ପ୍ରାୟ ସେତେ ସାଧାରଣ ଭାବେ ସେବାୟତ ତଥା ବାସିନ୍ଦାମାନଙ୍କ ଚଳଣିରେ ମେଘନାଦ ପାଚେରୀଠାରୁ କୁର୍ମ ପାଚେରୀ ପର୍ଯ୍ୟନ୍ତ କ୍ଷେତ୍ରକୁ ବାହାରବେଢ଼ା ଏବଂ କୁର୍ମ ପାଚେରୀଠାରୁ ଶ୍ରୀମନ୍ଦିରର ପ୍ରଶସ୍ତ କ୍ଷେତ୍ରକୁ ଭିତରବେଢ଼ା ବୋଲି କୁହାଯାଏ । ମେଘନାଦ ପାଚେରୀରେ ମନ୍ଦିର ପ୍ରବେଶ ପାଇଁ ଚାରୋଟି ଦ୍ୱାର ଥିଲାବେଳେ କୁର୍ମ ପାଚେରୀରେ ଯେଉଁ ଛଅଟି ଦ୍ୱାର ଅଛି ସେଗୁଡ଼ିକ ଭିତରେ ସିଂହଦ୍ୱାର ଟପି ପବିତ୍ର ବାଇଶି ପାହାଚ ଅତିକ୍ରମ କଲାପରେ ଯେଉଁ ଅତି କାରୁକାର୍ଯ୍ୟମୟ ଦ୍ୱାରଟି ପଡ଼େ ଏହା ଭିତର ବେଢ଼ା ପାଚେରୀର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଦ୍ୱାର । ଏଇପଥ ଦେଇ ସାଧାରଣତଃ ପ୍ରତ୍ୟେକ ଭକ୍ତ ସାଧୁସନ୍ଥ ବ୍ୟାକୁଳ ଚିତ୍ତରେ ଶ୍ରୀମନ୍ଦିର ଭିତରବେଢ଼ାରେ ପ୍ରବେଶ କରି ବିଶ୍ୱ ନିୟନ୍ତାଙ୍କୁ ଦର୍ଶନ କରିଥାନ୍ତି । କଳାମୁଗୁନି ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟ ଏହି ଦ୍ୱାରକୁ ଭାସ୍କର୍ଯ୍ୟମୟ କରିଛି । ଏହାର ଉତ୍ତରପଟେ ଶୋଭା ପାଉଛି ଦୁଇଟି ବିରାଟକାୟ ସିଂହ । ସେଇ ପଥେ ଗଲେ ପଡ଼େ ପୃଥିବୀର ସର୍ବଶ୍ରେଷ୍ଠ ଖାଦ୍ୟ ଭଣ୍ଡାର 'ଆନନ୍ଦ ବଜାର' । ବାହାରବେଢ଼ାର ଚାରିଦ୍ୱାର ସହିତ ଭିତର ବେଢ଼ାର ଚାରିଦ୍ୱାର ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ନିର୍ମିତ ହୋଇଛି । ଉତ୍ତର ଦ୍ୱାରରେ ବିରାଟ ହସ୍ତୀ ଏବଂ ଅନ୍ୟାନ୍ୟ କାରୁକାର୍ଯ୍ୟ ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ଦ୍ୱାରଗୁଡ଼ିକ ସାଧାସିଧା । ଏହି ଚାରିଦ୍ୱାର ପରେ ଭିତରବେଢ଼ା ପୂର୍ବପଟ କାନ୍ଥରେ ଦୁଇଟି ଦ୍ୱାର ରହିଛି । ଭିତରବେଢ଼ାର ପୂର୍ବପଟ ପାଚେରୀର ଉତ୍ତରପାର୍ଶ୍ୱରେ ଥିବା ଦ୍ୱାରଟିରେ ଭକ୍ତଜନମାନେ 'ଆନନ୍ଦ ବଜାର' ମଧ୍ୟକୁ ପ୍ରବେଶ କରି ମହାଆନନ୍ଦରେ ମହାପ୍ରସାଦ ସେବନ କରିଥାନ୍ତି ।

ଦେବସ୍ନାନ ମଣ୍ଡପ ଏହି ଆନନ୍ଦବଜାରରେ ରହିଛି । ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଭୁମାନେ ଏଇ ପଥରେ ଆସି ସ୍ନାନବେଦୀରେ ବସି ସ୍ନାନ

କରିଥାନ୍ତି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବେଳେ ମଧ୍ୟ ଏଇପଥରେ ବାହାରି ସିଂହଦ୍ୱାର ଦେଇ ତିନିରଥରେ ବିଜେ କରିଥାନ୍ତି । ଭିତର ବେଢ଼ାରେ ଅନ୍ୟ ଗୋଟିଏ ଦ୍ୱାର ଅଛି । ଦକ୍ଷିଣ-ପୂର୍ବ ଅର୍ଥାତ୍ ଆଗ୍ନେୟ କୋଣରେ ଏହି ଦ୍ୱାର ବାଟେ ଶ୍ରୀଜୀଉଙ୍କର ରୋଷଶାଳାରୁ ପ୍ରସାଦ ରନ୍ଧନ ହୋଇ ସେବକମାନଙ୍କ ଦ୍ୱାରା ଶିକା ବାହୁଙ୍ଗୀରେ ବୁହାହୋଇ ଭୋଗଲାଗି ପାଇ ପୋଖରିଆ ଓ ଭଣ୍ଡାର ଘରକୁ ଆସିଥାଏ । ଏହି ଦ୍ୱାର ଦେଇ ସର୍ବସାଧାରଣଙ୍କର ପ୍ରବେଶ ଅଧିକାର ନାହିଁ । ରନ୍ଧନଶାଳା ବୁଲି ଦେଖିବା ପାଇଁ ଦକ୍ଷିଣପାର୍ଶ୍ୱ କୂର୍ମପାଚେରୀର ପୂର୍ବପଟକୁ ଟିକେଟ୍ କାଟି ପ୍ରବେଶ ସୁଯୋଗ ମିଳିଥାଏ ।

ତେବେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଯୁଗପତ୍ ଆଲୋଚନା କଲେ ତାହା ଶେଷ ହେଇପାରିବ ନାହିଁ । ପ୍ରଭୁଙ୍କର ଅନନ୍ତ ଲୀଳା ଭିତରୁ ତାଙ୍କ କ୍ଷେତ୍ରର ପାଚେରୀ ମଧ୍ୟ ଶ୍ରଦ୍ଧାଳୁ ବିଦ୍‌ଗଧ ଭକ୍ତଜନଙ୍କ ଜ୍ଞାନ୍ତସାରର ବାହାରେ । ପ୍ରଥମେ ବଡ଼ଦାଣ୍ଡରେ ପହଞ୍ଚିଲେ ଦାଣ୍ଡର ଚନ୍ଦନ ସମଧୂଳି ମୁଣ୍ଡରେ ମାରି, ତା'ପରେ ବଡ଼ଶଙ୍ଖ ପାଖରୁ ପତିତପାବନ ନେତ୍ର ଦେଖି ନେତ୍ର ପବିତ୍ର ହେଲା ବୋଲି ଧନ୍ୟ ହୁଏ । ଜଗନ୍ନାଥମୟ ଭକ୍ତପ୍ରାଣ ସେମିତି ସିଂହଦ୍ୱାର ପାଖରେ ତାଙ୍କ ମେଘନାଦ ପାଚେରୀ ଆଉ ଏକ ମହିମାର ପରିପ୍ରକାଶ ।

ମେଘନାଦ ପାଚେରୀ ଦେହରେ ଏତେ ବିଶେଷ ମନ୍ଦିର ଘର ଇତ୍ୟାଦିର ନିର୍ମାଣ ଦେଖିବାକୁ ମିଳୁ ନଥିବାବେଳେ ଭିତରବେଢ଼ା ମଧ୍ୟରେ ଅନେକ ଛୋଟବଡ଼ ମନ୍ଦିର, ଚନ୍ଦନଘର, ବେଢ଼ାକାଳୀ, ସୂର୍ଯ୍ୟମନ୍ଦିର କେତେକ ବୈଦିକ ଅନୁଷ୍ଠାନ ଓ ସେବାୟତମାନଙ୍କର କାର୍ଯ୍ୟାଳୟ ଦେଖିବାକୁ ମିଳିଥାଏ ।

ବହୁ ସାଧୁସନ୍ଥ ସେମାନଙ୍କ ରଚନାରେ ମନ୍ଦିରର ଏହି ଦଶଦ୍ୱାରକୁ ଶରୀରତତ୍ତ୍ୱରେ ବର୍ଣ୍ଣନା କରି ଗୁରୁତ୍ୱାରୋପ କରିଛନ୍ତି । ମଣିଷର ଆଖି, କାନ, ନାକ, ପାଟି ପରି ଏହାକୁ ସାଲବେଗ, ଅଚ୍ୟୁତାନନ୍ଦଙ୍କ ପରି ପଞ୍ଚସଖା ଏବଂ ପୁରାତନ କବିମାନେ ଧର୍ମୀୟ ଚେତନାରେ ଉଦ୍‌ବୁଦ୍ଧ ହେବା ପାଇଁ ଧର୍ମ ସାହିତ୍ୟରେ ପର୍ଯ୍ୟବସିତ କରିଛନ୍ତି ।

ଆଶ୍ରମ
ଶ୍ରୀବିହାର କଲୋନି, କଟକ-୮

# କାଳିଆ କରୁଣା

ଚନ୍ଦ୍ରଶେଖର ପଣ୍ଡା

ସଖି ମୁଁ,
ପବିତ୍ର କଲି ପାପ ନେତ୍ର (ରେ)
ଗରୁଡ଼ ପଛରୁ ଦେଖନ୍ତେ ଦୂରରୁ
କମ୍ବୁ କଟକ ସମ୍ରାଟ (ରେ) ।
ହୃଦେ ଧଣ୍ଡାମାଳ ଦୟଣାର ଚୂଳ
ତଥିପରେ ଚନ୍ଦ୍ରାତପ
ମଦନ କମାଣ ଭୁରୁ ନେତ୍ରବାଣ
ଶିହରାଇଲା ମୋ ଗାତ୍ର ।
ଶ୍ରୀରଂଗ ଅଧରେ ନିରେଖିଲି ଯେବେ
ଦରୋଟି ଦରୋଟି ହସ
ପ୍ରତେ ହେଲା ସତେ କାଳନ୍ଦୀ ଜଳେକି
ମାଣିକର ନାବ ସେତ ।
କରି କର ପ୍ରାୟେ ବେନି ଭୁଜ ଶୋହେ
ଚକା ଚକା ବେନି ନେତ୍ର
ଫେଇ ଡାକୁଥିଲେ ମହାପାପୀ ମାନେ
କରିବି ଆସ ମୁକତ ।

ମୃଗ ମଦ ଗନ୍ଧ ଅଗୁରୁ ଚନ୍ଦନ
କର୍ପୁରରେ ସୁବାସିତ
ସେ ଶ୍ରୀଅଂଗ ଶୋଭା କେଡ଼େ ମନଲୋଭା
ବର୍ଣ୍ଣିବି କହ କେମନ୍ତ ।
ବେନି କର୍ଣ୍ଣେ ସଖି ମକର କୁଣ୍ଡଳ
କିଣିଲା ମୋ ଚିତ୍ତ ବିତ୍ତ
ପୂର୍ଣ୍ଣ ସୁଧାକର ନିରେଖି ସାଗର
ପ୍ରାୟ ହେଲା ମନ ଗାତ୍ର ।
ଦେବଙ୍କୁ ଦୁର୍ଲଭ ନୟନ ସୁଲଭ
ଦେଖି କମଳାଙ୍କ କାନ୍ତ
ସୁଧାକର ଦେଖି ଚକୋର ପରାଏ
ଅପଲକ ହେଲା ନେତ୍ର ।
ପତିତ ଉଦ୍ଧାରି ମହୀ ଭାର ହରି
ସଂହାରି କେତେ ଯେ ଦୈତ୍ୟ
ବୀରବର ପଣେ ଉଡ଼ାଉଛନ୍ତି ସେ
ପତିତପାବନ ନେତ ।

ଦରଶନ ସାରି ଫେରିବା ଆଗରୁ
ଚଳିଲି କଳପ ବଟ
ଡୋରି ବାନ୍ଧି ହୁରି କରି ମୁଁ କହିଲି
ଶୁଣ କାଳିଆ ସାଆନ୍ତ ।
ସାରି ମୋ ସଂସାର ସଉଦା ହେ ପ୍ରଭୁ
ଛାଡ଼ିବା ଆଗରୁ ହାଟ
ଦରଶନ ଟିକେ ଦେଲେ ହେ ସାଆନ୍ତେ
ପାଥେୟ ହୁଅନ୍ତା ସେତ ।
ଆଶା ସିନା ଖାଲି କରୁଛି ଲୋ ସଖି
ହାତ ପାହାନ୍ତା କି ସେତ
ଜନମ ଦୁଃଖି ମୁଁ କପାଳଟା ମୋର
ଗଜ ଭକ୍ଷିଲା କପିତ୍ଥ ।

ବ୍ୟକ୍ତିଗତ ସହାୟକ
ଟୁ ଆର.ବି.-୪୨, ରୋଡ୍ ନଂ-୬
ୟୁନିଟ୍-୯, ଭୁବନେଶ୍ୱର



# ଅଭିଶପ୍ତ କବିର ମୁକ୍ତିଗାଥା

ଡକ୍ଟର ତ୍ରିନାଥ ପଟ୍ଟନାୟକ

**ସେ**ଦିନ କବି ବଳରାମ ଦାସ ମା' ଲକ୍ଷ୍ମୀଙ୍କ ପାଇଁ ବହୁତ ଦୁଃଖ ପ୍ରକାଶ କରିଥିଲେ । ଭକ୍ତି ଭାବରେ ଟାଣି ହୋଇ ଅଛବ ଶ୍ରୀୟା ଚାଣ୍ଡାଳୁଣୀ ଘରେ ଲକ୍ଷ୍ମୀ ବସି ଯାଇଥିଲେ ବୋଲି ପ୍ରଭୁ ବଳରାମ କେତେ କଥା କହି ନାହାନ୍ତି । 'ହାଡ଼ି ଘରେ ଥିବ ଲକ୍ଷ୍ମୀ ପାଣ ଘରେ ଥିବ, ସ୍ନାନ ନକରିଣ ବଡ଼ ଦେଉଳେ ପଶିବ । ଏଭଳି ସ୍ତ୍ରୀକୁ ପାଖରେ ରଖି ନଯୋଗାଇ, ଆମ୍ଭ ବାକ୍ୟମାନି ତାକୁ ଦିଅ ଘଉଡାଇ ।' ଶ୍ରୀଜଗନ୍ନାଥ ବଡ଼ଭାଇଙ୍କଠାରୁ ଏମିତି ନିର୍ଦ୍ଦେଶ ପାଇଲେ ସୁଦ୍ଧା ମନରେ କେମିତି ଅମଙ୍ଗ ଅମଙ୍ଗ ଭାବ । କାରଣ ତାଙ୍କ ମନ କହୁଥାଏ - 'ଲକ୍ଷ୍ମୀ ପରା ଭାରିଯାକୁ ଥରେ ଛାଡ଼ିଲେ ଆଉ ନପାଇବା ।' ମାତ୍ର ବଡ଼ ଭାଇ ବଳରାମଙ୍କର ଏକା ଜିଦ୍ - 'ଭାର୍ଯ୍ୟାଠାରେ ଲୋଭ ଯେବେ ଅଛି କହ୍ନାଇ, ତେବେ ମାଇପକୁ ନେଇ ଗ୍ରାମ ବାହାରେ ରହ ତୁହି । ମୋ' ବଡ଼ ଦେଉଳକୁ କିନ୍ତୁ ଆଉ ଆସିବୁନି ।'

ଲକ୍ଷ୍ମୀ ସେଦିନ ବହୁତ କାକୁତିମିନତି ହେଲେ । ସବୁ ଘଟଣା ବୁଝାଇ କହିଲେ । ବଡ଼ଭାଇ ବଳରାମ ଶୁଣିଲେନି କି ଶ୍ରୀଜଗନ୍ନାଥଙ୍କୁ ଆହା ବୋଲି ପଦୁଟିଏ ନକହି ବଡ଼ଦେଉଳରୁ ମା' ଲକ୍ଷ୍ମୀଙ୍କୁ ବାହାର କରିଦେଇଥିଲେ ।

ଏକଥା ଜାଣିଲା ପରେ ଭକ୍ତ ବଳରାମ ଦାସ ଦୁଃଖରେ କାନ୍ଦି ପକାଇ ଥିଲେ । ପରବର୍ତ୍ତୀ ସମୟରେ ଯାହାସବୁ ଘଟିଗଲା ସେସବୁ ଘଟଣାକୁ ନେଇ 'ଲକ୍ଷ୍ମୀପୁରାଣ' ଲେଖିଲେ । ଲକ୍ଷ୍ମୀଙ୍କ ପାଇଁ ତାଙ୍କ ମନ ବିଗଳିତ ହୋଇଯାଇଥିଲା । ସେ ଲକ୍ଷ୍ମୀଙ୍କ ମାହାତ୍ମ୍ୟକୁ ପ୍ରକାଶ କରିବାକୁ ଯାଇ ଲେଖନୀ ଚାଳନ କରିଥିଲେ ।

କିନ୍ତୁ ଆଜି ସେଦିନ ନାହିଁ । ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରାକୁ ସାଥୀରେ ଧରି ଗୁଣ୍ଡିଚା ମନ୍ଦିର ଯାଇଛନ୍ତି ରଥଯାତ୍ରା କରି । ଲକ୍ଷ୍ମୀ ଏବେ ସରଳା ଲକ୍ଷ୍ମୀ ନୁହନ୍ତି । ନିପଟ କଳିହୁଡ଼ି । ବାରକଥା କହି ଶ୍ରୀଜଗନ୍ନାଥଙ୍କୁ ଝଙ୍ଗାସୁଛନ୍ତି । ଯେତେ ଯାହାହେଲେ ସୁଦ୍ଧା କବି ବଳରାମ ହେଉଛନ୍ତି ଶ୍ରୀଜଗନ୍ନାଥ ପ୍ରାଣ । ପ୍ରଭୁ ତାଙ୍କୁ କେତେ ଭଲ ପାଆନ୍ତି । ଥରେ ରଥରେ ବସାଇ ପ୍ରଭୁ ବଳରାମ ଦାସଙ୍କୁ ଶ୍ରୀଲଙ୍କାକୁ ନେଇଯାଇଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ମୂର୍ଖ ମୁହଁରେ ସେ ବେଦାନ୍ତ ଚର୍ଚ୍ଚା କରାଇପାରିଛନ୍ତି । ପ୍ରଭୁଙ୍କଠାରୁ ବଳ ପାଇ ମତ୍ତହସ୍ତୀକୁ ସାବାଡ଼ କରି ଦେଇଛନ୍ତି ସେଇ ଦିନଠାରୁ ଲୋକେ ତାଙ୍କୁ ମତ୍ତ ବଳରାମ ବୋଲି ଡାକନ୍ତି । ପ୍ରଭୁଙ୍କର ଆଜ୍ଞା ହେଲା ସେ ରାମାୟଣ ଭଳି ବିରାଟ ଗ୍ରନ୍ଥକୁ ଅକ୍ଳେଶରେ ରଚନା କରିପାରିଲେ । ଆଉ ନିଜର ସାମାନ୍ୟ ଅପମାନର ପ୍ରତିଶୋଧ ନିମନ୍ତେ ବାଲିରଥରେ ତିନିଠାକୁରଙ୍କୁ ଦିନଦିନ ଧରି ବାନ୍ଧିରଖି ପାରିଛନ୍ତି । ମାନ-ଉଦ୍ଧାର ପ୍ରଭୁ ବଳିଆ ଦାସର ମାନ ରକ୍ଷା କରିଛନ୍ତି ।

ମାତ୍ର ଆଦି ସେବକ ବଳିଆ ଦାସ ପ୍ରଭୁଙ୍କ ନିନ୍ଦା କେମିତି ସହିବ । ପ୍ରଭୁ ଶ୍ରୀଜଗନ୍ନାଥ ସୁଭଦ୍ରାକୁ ସାଥୀରେ ନେଇ ଗୁଣ୍ଡିଚା ମନ୍ଦିରକୁ ଚାଲିଯାଇଛନ୍ତି ବୋଲି ତାଙ୍କର ଏଡ଼େ ଅପରାଧ ହୋଇଯାଇଛି । ଲକ୍ଷ୍ମୀ ଘର କଥା ଘରେ ନରଖି, ବିମଳେଇ ଆଉ ସରସ୍ୱତୀଙ୍କୁ ଡକାଇ ସଭା କରି ବସିଛନ୍ତି । ଛି' ଛି' ସ୍ୱାମୀ ନିନ୍ଦା କିଏ କ'ଣ ପର ଆଗରେ କରେ । ସ୍ୱାମୀ ନିନ୍ଦା ନର୍କେ ଯା'ନ୍ତି । ବଡ଼ଘର ବଡ଼ ଗୁମର କଥା, କିଏ ସେଥିରେ କଥା କହିବ ।

ମହାଲକ୍ଷ୍ମୀ କହୁଥାନ୍ତି - 'ବୁଝିଲ ବିମଳେଇ, ଇଏ ଆସି ମୋତେ କହିଲେ କାଲି ଗୁଣ୍ଡିଚା ଯାତ । ପାପୀମାନଙ୍କୁ ନିସ୍ତାର କରିବା ନିମନ୍ତେ ଆମ୍ଭେ ଦୁଇଭାଇ ରଥ ଚଢ଼ି ଗୁଣ୍ଡିଚା ମନ୍ଦିରକୁ ଯାଉଛୁ । ବାଟରେ ମାଉସୀ ମା'ଙ୍କୁ ମଧ ଭେଟିବୁ । ସାଥୀରେ ଜ୍ୟେଷ୍ଠ ଭାଇ ଯିବେ ତୁମେ କେମିତି ଭାଇ ବୋହୂଟା ହୋଇଯିବ । ଲୋକ ଗହଳିରେ ଛୁଆଁଛୁଇଁ ହୋଇଯିବ । ତୁମେ ବିମଳା ଓ ସରସ୍ୱତୀଙ୍କୁ ପାଖକୁ ଡାକି ସାଥୀ ହୋଇ ପଶା ଖେଳୁଥାଅ । ଆମେ ରଥଯାତ୍ରା ଶେଷ କରି ଫେରି ଆସୁଛୁ ।'

ଏଇ ସମୟରେ ଦାସୀ ଧଇଁସଇଁ ହୋଇ ଧାଇଁ ଆସି କହି ପକାଇଲା - 'ମା' ସାଆନ୍ତାଣୀ ! ପ୍ରଭୁ କ'ଣ ଏକା ଏକା ଗୁଣ୍ଡିଚା ଯାତକୁ ଯାଇଛନ୍ତି କି ସାଥୀରେ ପରା ସେ ଗେହ୍ଲା ଭଉଣୀ ବସନ୍ତ ମୁହିଁକୁ ନେଇଛନ୍ତି । ଆଗରେ ବଳଭଦ୍ର ମଝିରେ ସେ ଫୁଲେଇ ଭଉଣୀ ସୁଭଦ୍ରା ଆଉ ପଛରେ ପ୍ରଭୁ ଜଗନ୍ନାଥ ଯାଉଛନ୍ତି । ସେମାନଙ୍କ ଆଗେ ଆଗେ ଗଜପତି ରାଜା ବିଜେ କରୁଛନ୍ତି । ସେମାନଙ୍କ ରଥ ଏବେ ବଳଗଣ୍ଡି ପାର ହୋଇ ଗଲାଣି ।'

'ମୁଁ କ'ଣ କରିପାରିବି । ମୋତେ ସିନା ନଯିବା ପାଇଁ ତିଆରି କହିଲେ । ଏବେ କିନ୍ତୁ ବଢ଼ିଲା ଭଉଣୀକୁ ସାଥୀରେ ଧରି ଦାଣ୍ଡରେ

ବୁଲୁଛନ୍ତି । ନିଜ ସ୍ତ୍ରୀକୁ ଉପେକ୍ଷା କଲେ । ମୋ' ଦେଢ଼ଶୂରତ ମଉନ ମୁହାଁ କଣ୍ଟିଆ ମାତ୍ର ଭୟେଣୀ ନାରୀକୁ ସଙ୍ଗରେ ଘେନିଣ ରଥ ବାହିଯା'ନ୍ତି । ଆଉ ସେ ଭଉଣୀ ଖଣ୍ଡିକ କମ୍ କି ? ସେ ଗୋଟାଏ ଝାମ୍ପିଲା ବାଘୁଣୀ ।' - ଲକ୍ଷ୍ମୀ ଦୁଃଖ ଓ ଅଭିମାନରେ ଏକଥା କହିଲେ ।

ଏକଥା ଶୁଣି ସରସ୍ୱତୀ ଓ ବିମଳା ମୁହଁ ମୋଡ଼ି ହସି ପକାଇଲେ । ଆଉ ପେଟରେ କପଟ ରଖି ଉପର ମନରେ କହିଲେ - 'ଏବେ ଭିଣୋଇ ହୋଇବେ ସଡୁ । ବାହି ଆଗେ ପିନ୍ଧାଇବେ ଖଡୁ ।'

କବି ବଳରାମ ଦାସ ଆଡୁଆଳରେ ଥାଇ ସବୁ ଶୁଣୁଥାନ୍ତି । ପ୍ରଭୁଙ୍କୁ ରଥଯାତ୍ରାର ଅଧା ବାଟରେ ଛାଡ଼ି ଆସିଛନ୍ତି ମା' ଲକ୍ଷ୍ମୀଙ୍କ ହାଲଚାଲ ବୁଝିବାକୁ । କାରଣ ମା' ଲକ୍ଷ୍ମୀ ଦୁଃଖୀ ହେଲେ ବଳିଆ ଦାସଙ୍କୁ ଅନ୍ନପାଣି ପୀତା ଲାଗେ । ନିଜ ମା'ଙ୍କଠାରୁ ଅଧିକ ଭକ୍ତି କରନ୍ତି ସେ ମହାଲକ୍ଷ୍ମୀ । ବେଳେ ବେଳେ ମା' ପାଖରେ ଛୋଟ ପିଲା ଅଳି କରି ବସିଲା ଭଳି ସେ ଅଳିକରି ବସନ୍ତି ମା' ମହାଲକ୍ଷ୍ମୀଙ୍କ ଆଗରେ । ସେ ଭାବିଥିଲେ ମା'ଙ୍କର ଭଲ ମନ୍ଦ ଖବର ନେଇ ପ୍ରଭୁଙ୍କ ଆଗରେ ଜଣାଇ ପ୍ରଭୁଙ୍କୁ ଖୁସି କରାଇ ଦେବେ । ଆଉ ମହାଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦେଇ ଦିନ କେଇଟା ପ୍ରଭୁଙ୍କ ଅପେକ୍ଷାରେ କଟାଇ ଦେବାପାଇଁ କହିବେ । ଏଠିକୁ ଆସି ସେ ଏସବୁ କ'ଣ ଶୁଣୁଛନ୍ତି । ମହାଲକ୍ଷ୍ମୀଙ୍କ ମନରେ ଏ କି ପ୍ରକାର ଆବିଳତା । ଭଉଣୀକୁ ଭାଇମାନଙ୍କ ସହିତ ଯୋଡ଼ି କୁତ୍ସିତ ଅପନିନ୍ଦା । ସତରେ ନାରୀ ଜାତି ଅତି ଭୟଙ୍କର । ଭାରି ସନ୍ଦେହୀ । ନହେଲେ ଦାସୀଟା ଆସି କହୁଛି - 'ସୁଭଦ୍ରା ସଙ୍ଗରେ ବେନିପ୍ରାଣୀ, ଦିନୁ ଦିନୁ ପ୍ରୀତି ନବ ତରୁଣୀ, ତେଜି ଅଛି ଲଜ୍ଜା, ଏବେ ହୋଇଛି ଭଉଣୀ ଭାରିଯା' । ଲକ୍ଷ୍ମୀ ସ୍ୱାମୀଙ୍କର ଏ ଅପନିନ୍ଦାକୁ ଛାର ଦାସୀଟା ମୁହଁରୁ ଶୁଣୁଛନ୍ତି । ତା'ର ମୁହଁକୁ ବନ୍ଦ କରୁ ନାହାନ୍ତି ।

କବି ବଳରାମ ଦାସ ମନେ ମନେ କହୁଥାନ୍ତି - 'ସ୍ତିରୀ ଜାତି ତୁମେ ଅତି ମୁରୁଖ, ବୁଝାଇଲେ ହେଲେ କଥା ନରଖ, ସୁଭଦ୍ରା ଅଟେ ତୁମ୍ଭ ନଣନ୍ଦ, ପ୍ରିୟ କଥାକହି କର ଆନନ୍ଦ, ସେ ସନ୍ତୋଷ ହେବ, ପ୍ରିୟ ସଖୀ ସଙ୍ଗେ ପ୍ରଶଂସା ଦେବ ।' ମାତ୍ର ମହାଲକ୍ଷ୍ମୀ କିଛି ବୁଝୁଛନ୍ତି । ଅଭିମାନରେ ଫୁଲିଫୁଲି କାନ୍ଦିଲେଣି । କିଛି ବୁଝାଇ ଲାଭ ନାହିଁ । ସେ ସିନା ଜଗନ୍ନାଥଙ୍କ ଉପରେ ରାଗୁଥିଲେ କିନ୍ତୁ ପ୍ରଭୁ ଠିକ୍ କଥା କହିଛନ୍ତି । ସେଦିନ କୋପଭର ହୋଇ କହିଥିଲେ, 'ବାପ ତୋ' ଲୁଣିଆ ଯେ ଗରଜି ମରୁଥାଇ, ଝିଅ ଟେରୀ ତୋ' ଦୁର୍ଗୁଣ କହିଲେ ନସରେ, ବାପର ଗର୍ଜନ ଶବ୍ଦେ କିଏ ରହିପାରେ ?'

- 'ଏ ଟେରୀର ଗୁଣ କମ୍ ନୁହେଁ ।' ବଳରାମ ଦାସ ଆଉ ସହି ପାରିଲେ ନାହିଁ ବଡ଼ପାଟିରେ କହି ପକାଇଲେ । ନିଜ ପ୍ରଭୁଙ୍କୁ ପୁଣି ଏତେ ଅପବାଦ ? ସେ ଅବଶ୍ୟ 'ଭାବସମୁଦ୍ର'ରେ ପ୍ରଭୁଙ୍କୁ ବହୁ ଅପବାଦ ଦେଇଛନ୍ତି । ମାତ୍ର ତାହାଥିଲା ପ୍ରଭୁଙ୍କ ପ୍ରତି ଅଭିମାନ । ଏ ତ ଲକ୍ଷ୍ମୀଙ୍କର ଅଭିମାନ ନୁହେଁ କ୍ରୋଧ । କ୍ରୋଧ ପୁଣି ସନ୍ଦେହର ରୂପ ନେଲାଣି । ସେ ଆଉ ଲୁଚି ରହିପାରିଲେ ନାହିଁ । ଠାକୁରାଣୀଙ୍କ ସମ୍ମୁଖକୁ ଆସି କହି ପକାଇଲେ । ସତେ ଯେମିତି ସେ ମା'ଙ୍କ ସହିତ କଳି କରୁଛନ୍ତି - 'କାଣୀ ହୋଇ ନଥିଲେ ଆଉ କେତେ ପହିଜ କଥା କହିଥାନ୍ତ । ଯିଏ କାଣୀ ତାକୁ ଦୁନିଆଟା ଅଧା ଦେଖାଯାଏ, ପୂରା ନୁହେଁ । ଆଉ ଅଧିକ ତା' ପାଇଁ ଅନ୍ଧାର । ସେ ଭଲ କଥା କାହୁଁ ଦେଖିବ ?'

ବଳରାମ ଦାସଙ୍କୁ ସେଠାରେ ଦେଖି ବିମଳା ଆଉ ସରସ୍ୱତୀ ସେଠାରୁ ଜିଭ କାମୁଡ଼ି ଅପସରି ଗଲେ । ବଳିଆ ବାଲିରଥରେ ପ୍ରଭୁଙ୍କୁ ବସାଇ କି ପ୍ରକାର ଉଲୁଗୁଣା ଦେଇଛି ସେ ଜାଣନ୍ତି । ସବୁ ଗୋହି ଖୋଳି ଦେଇଛି । ଏବେ ସେ ଦୁହିଁଙ୍କୁ ଏଠି ଦେଖିଲେ କ'ଣ ନା କ'ଣ କରି ବସିବ । କ'ଣ ବୁଝିବ ଲଗେଇ ଜଟେଇ ଗୀତ ଲେଖି ଦେବ । ତା' ହାତରେ ଲେଖନୀ । ଜନ-ଜଗତ ତାହା ପଢ଼ି ସେମାନଙ୍କ ଅସଲ ଗୁମର ଜାଣିଯିବେ । ସେ ତ ଆମକୁ ମାନ୍ୟ କରୁଛି । ଏମିତି ମାନ୍ୟ କରୁଥାଉ । ତା' ସାଥୀରେ ଉଚ୍ଚବାଚ ହେଲେ କିଛି ଫଳ ଫଳିବନି ।

ନିଜର ଅନ୍ତରଙ୍ଗ ଆଳାପ ବେଳେ ଏଇଟା କିଏ । ଆମର କ'ଣ ବ୍ୟକ୍ତିଗତ ମତ କିଛି ନାହିଁ । ସ୍ୱାଧୀନତା ବୋଲି କିଛି ନାହିଁ । ପ୍ରଭୁ ବଳିଆଟାକୁ ମୁହଁ ଦେଇଛନ୍ତି ବୋଲି ମାଇପିମାନଙ୍କର କଥାବାର୍ତ୍ତା ବେଳେ ସେ ବିନା ଅନୁମତିରେ ଆସି ନାକ ବୁଡ଼ାଇ ଶୁଣିବ । ଲକ୍ଷ୍ମୀ ରାଗି ଗଲେ । ଲକ୍ଷ୍ମୀ ରାଗିଲେ ତ କାହାରି ନୁହନ୍ତି, ସେ ବାଇ ଠାକୁରାଣୀ ପୁଣି ହଟ କମଳିନୀ । ଲକ୍ଷ୍ମୀଦେବୀ ବଳିଆ ଦାସଙ୍କୁ ଆଙ୍ଗୁଠି ଦେଖାଇ କହିଲେ - 'ଦାସେ ! ତୁମେ କ୍ଷେତ୍ରରେ ଥିଲେ ସିନା ଆମ ସ୍ୱାମୀ ସ୍ତ୍ରୀ କଥାରେ ମୁଣ୍ଡ ପୂରାଉଛ । ମୁଁ ତୁମକୁ ଅଭିଶାପ ଦେଲି ତୁମେ କ୍ଷେତ୍ର ଲାଭ କରିପାରିବ ନାହିଁ ।

ବଳରାମ ଦାସେ ମହାଲକ୍ଷ୍ମୀଙ୍କ ଅଭିଶାପକୁ ମୁଣ୍ଡପାତି ସହିଗଲେ । ବିନା ପ୍ରତିବାଦରେ ସେ ଭାବିଥିଲେ ଶ୍ରୀଗୁଣ୍ଡିଚା ଯାତ ପରେ ପ୍ରଭୁ ଶ୍ରୀମନ୍ଦିର ପ୍ରବେଶ କରିବେ । ଆଉ ମୋତେ ଡକାଇ କିଛିଟା ସମାଧାନ କରିବେ । ସେ ଅଭିମାନ କରି ଆଉ ଶ୍ରୀମନ୍ଦିରକୁ ଗଲେ ନାହିଁ । ପ୍ରଭୁ ବି ଡକାଇଲେ ନାହିଁ । ସତେ ଯେମିତି ବଳିଆ ଦାସ ବୋଲି ଜଣେ ଭକ୍ତକୁ ସେ ଜାଣନ୍ତି ନାହିଁ ।

ବଳରାମ ଦାସ ଧରିନେଲେ ପ୍ରଭୁବୋଧେ ଚାହୁଁଛନ୍ତି ବଳିଆ ଶ୍ରୀକ୍ଷେତ୍ରରେ ବାସ ନକରୁ । ତେବେ ସେ କାହିଁକି ଶ୍ରୀକ୍ଷେତ୍ର ଷୋଳକୋଶ ମଧ୍ୟରେ ବାସ କରିବେ । ଲକ୍ଷ୍ମୀ ଯଦି ତାଙ୍କ ଜିଦ୍‌ରେ ଅଟଳ ତେବେ ସେ ଏତେ ବଡ଼ ପ୍ରଭୁଙ୍କର ଭକ୍ତ ହୋଇ କାହିଁକି ହଟି ଯିବେ । ସେ କ'ଣ ନିଜ ପାଇଁ କି ନିଜ କଥାକୁ ନେଇ ଲକ୍ଷ୍ମୀଙ୍କୁ ଦି'ପଦ ଶୁଣାଇ ଥିଲେ କି ? ଶେଷ ଜୀବନରେ କ୍ଷେତ୍ରଲାଭ ହୋଇପାରିବନି । ସମସ୍ତଙ୍କ ଭାଗ୍ୟରେ କ'ଣ କ୍ଷେତ୍ର ଲାଭ ଅଛି କି ? ଅଚ୍ୟୁତ, ଯଶୋବନ୍ତ ଅନନ୍ତ ପୁଣି କ୍ଷେତ୍ରବାସ କରୁନାହାନ୍ତି । ସେମାନେ କ'ଣ ମୁକ୍ତି ହେବେନି, କେବଳ ସେ କ୍ଷେତ୍ରବାସ କରିଥିଲେ ମୁକ୍ତି ହୋଇଯାଇଥାନ୍ତେ ? ପୁରୀରୁ ନିମାପଡ଼ା ଆସିବା ବାଟରେ ପଡ଼େ ଗୋପ ବୋଲି ସ୍ଥାନଟିଏ । କୁଶଭଦ୍ରା ନଦୀକୂଳ । ସେଇଠି କିଛି ଗାଁଟିଏ, ନା' ତା'ର ଏରବଙ୍ଗ । ଦାସେ ସେଇ ଗାଁକୁ

ଆସି କୁଡିଆଟିଏ ତିଆରି କଲେ । ସେତେବେଳକୁ ତାଙ୍କୁ ବୟସ ଅଧିକ ହୋଇଗଲାଣି । ବଳରାମ ଦାସ ବାବାଜୀଙ୍କ ନା' ଶୁଣି ଗାଁ ଲୋକମାନେ ବହୁତ ସମ୍ମାନ ଦେଲେ । ପାଳିକରି ଲୋକମାନେ ଖାଇବା ପିଇବା ବ୍ୟବସ୍ଥା କରାଇ ଦେଲେ । ଲୋକମାନଙ୍କ ଗହଣରେ ବସି ଦାସେ ଦିନରାତି ଜ୍ଞାନ ଚର୍ଚ୍ଚା କରିବାରେ ଲାଗିଲେ । ଭଜନ କୀର୍ତ୍ତନ ପୂଜାର୍ଚ୍ଚନାରେ ସମୟ କଟିଯାଉଥାଏ । ବେଳେ ବେଳେ ଲେଖନୀ ଧରି କ'ଣସବୁ ତାଳପତ୍ର ଖେଦାରେ ଲେଖୁଥାନ୍ତି ।

ସମୟର ସ୍ରୋତ ବହି ଚାଲିଛି । ସେ ପଞ୍ଚସଖାମାନଙ୍କ ମଧ୍ୟରେ ବଡ଼ । ଏବେ ବୁଢ଼ା ହୋଇଗଲେଣି ମଧ୍ୟ । ହାତ ଗୋଡ଼ ଚଳୁନି । ସେଇଟା ବୋଧେ ତାଙ୍କ ଜୀବନର ଶେଷ ଅବସ୍ଥା । ଦାସେ କାତର ଭାବରେ ପ୍ରଭୁଙ୍କୁ ସ୍ମରଣ କଲେ ବିକଳ ଭାବରେ ଡାକ ପକାଇଲେ - 'ପ୍ରଭୁ ! ବଳିଆର ଭୁଜ ଶ୍ରୀଜଗନ୍ନାଥ ! କାଳିଆ ଠାକୁର ! ଜୀବନରେ ବହୁତ କିଛି ସହିଛି । ବହୁକଥା ଅଙ୍ଗେ ଲିଭାଇଛି । ବହୁତ ଜ୍ଞାନ ଗାରିମା ଓ ଇତିହାସ କଥା ତୁମ ଦୟାରୁ ଲେଖିଗଲି । ଯେଉଁ 'ଲକ୍ଷ୍ମୀପୁରାଣ' ଘରେ ଘରେ ପରିଚିତ ଲକ୍ଷ୍ମୀଙ୍କ ମହିମା ସହିତ ଆପଣଙ୍କର କରୁଣା କଥା ମଧ୍ୟ ଉଲ୍ଲେଖ କରିଛି । ଆଜି ଓଡ଼ିଶାର ପ୍ରତ୍ୟେକ ଚାହାଳୀରେ ପଢ଼ା ଯାଉଥିବା କମଳଲୋଚନ ଚଉତିଶାରେ ଆପଣଙ୍କ କଥା ବର୍ଣ୍ଣନା କରି ଗାଇଛି - 'କମଳଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ରଧାରୀ । ଖଗ ଆସନେ ଖଗପତି, ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।' ଯେଉଁ ଲକ୍ଷ୍ମୀଙ୍କୁ ଏତେ ପ୍ରଶଂସା କରିଥିଲି, ସେହି ଲକ୍ଷ୍ମୀଙ୍କ ଅଭିଶାପରୁ ଆଜି ଅପନ୍ତରାରେ ପଡ଼ିଛି । ବାଟରେ ପଡ଼ି ମରୁଛି । ଲକ୍ଷ୍ମୀ କହିଥିଲେ କ୍ଷେତ୍ର ଲାଭ ହେବନି । ବାଟରେ ପଡ଼ି ମରିବୁ । ସତରେ ତାହା ଘଟିବାକୁ ଯାଉଛି । ମୁଁ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ଥରେ ମାତ୍ର ଏଇ ଚର୍ମ ନେତ୍ରରେ ତୁମକୁ ଦର୍ଶନ କରିବାକୁ ଚାହୁଁଛି । ମୋତେ ସେତିକି କୃପା କରନ୍ତୁ ।

ଶ୍ରୀନୀଳ କନ୍ଦରରେ ଥାଇ ବଳିଆ ଦାସର ବିକଳ କ୍ରନ୍ଦନ ପ୍ରଭୁ ଜଗନ୍ନାଥ ଶୁଣି ପାରିଲେ । ସେ ଭାବଗ୍ରାହୀ । ଭକ୍ତର ବିକଳ ପ୍ରାର୍ଥନା ନ ଶୁଣନ୍ତେ ବା କିପରି ? ଗରୁଡ଼କୁ ଡାକି କହିଲେ ଏରବଙ୍ଗ ଯିବା ପାଇଁ । ଏଇ ସମୟରେ ମହାଲକ୍ଷ୍ମୀ ଆସି ପହଁଚି ଗଲେ । କହିଲେ ପ୍ରଭୁ ! କେଉଁ ଆଡ଼େ ଯିବା ପାଇଁ ବାହାରିଛନ୍ତି କି ?

'ବଳରାମ ଦାସର ମର୍ତ୍ତ୍ୟ ରହଣୀ ସରି ସରି ଆସୁଛି । ସେ ଅସୁସ୍ଥ ତାକୁ ମୁକ୍ତି ଦେବାକୁ ହେବ । ମୁଁ ତା' ନିକଟକୁ ଯାଉଛି ' - ପ୍ରଭୁ ବ୍ୟସ୍ତ ମନ ନେଇ ଉତ୍ତର ଦେଲେ ।

- 'ତେବେ ଅପେକ୍ଷା କରନ୍ତୁ ମୁଁ ଆପଣଙ୍କ ସହିତ ଯିବି ।'
- 'କାହିଁକି ଅଭିଶାପ କେମିତି କାମ ଦେଇଛି ତା' ପରଖିବା ପାଇଁ ?'
- 'ନା ନା ମା' ମନରେ ସେମିତି କିଛି ନଥାଏ । ମା' ଗାଳି ଦାଣ୍ଡ ଧୂଳି । ଅଝଟିଆଟା କ'ଣ ପଦେ କହି ଦେଇଥିଲା ବୋଲି ତା' କଥା କ'ଣ ମୁଁ ଧରି ବସିଛି । ସେ କ୍ଷମା ମାଗିବାକୁ ମୋ' ପାଖକୁ ଆସିଲାନି ବୋଲି ଏ ଶେଷ ବେଳାରେ ମୁଁ କେମିତି ତାକୁ ଦେଖା ନଦେଇ ରହିବି । ଲୋକେ କ'ଣ କହିବେ । ମା'ର ମହତ୍ତ୍ୱ କ'ଣ ରହିବ ?

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ବଳରାମ ଦାସଙ୍କ କୁଡ଼ିଆରେ ପ୍ରବେଶ କଲେ । କୁଟୀରଟି ଦିବ୍ୟ ଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଲା । ଦାସେ ଶେଜରେ ଶୋଇ ସାମାନ୍ୟ ଆଖି ଖୋଲି ଚାହିଁଲେ । ଦେଖିଲେ ଗରୁଡ଼ ପୃଷ୍ଠରେ ଶଙ୍ଖ ଚକ୍ରଧାରୀ ପ୍ରଭୁ ଜଗନ୍ନାଥ ଆଉ କୋଳରେ ମା' ମହାଲକ୍ଷ୍ମୀ । କମଳନୟନୀ କମଳା କରୁଣା ଦୃଷ୍ଟିରେ ତାଙ୍କୁ ଚାହିଁଛନ୍ତି । ଦାସେ କାରୁଣ୍ୟ ହସି ହସି କହିଲେ - 'କିଲୋ କାଣୀ, ଏବେ କ'ଣ ହେଲା ?'

ଲକ୍ଷ୍ମୀ ଉତ୍ତର ଦେଲେ - 'କ'ଣ ହେଲା, ଏ କ'ଣ କ୍ଷେତ୍ର କି ?'

ଦାସେ କହିଲେ - 'କିଲୋ, କ୍ଷେତ୍ର ଆଉ କାହାକୁ କୁହନ୍ତି ? ତୁମେ ଘଇତା ମାଇପ ତ ଯେଉଁଠି, କ୍ଷେତ୍ର ତ ସେଇଠି, ଆଉ କ୍ଷେତ୍ର ଅଇଲା କେଉଁଠି ?

ମହାଲକ୍ଷ୍ମୀ ଏବେ ନିରୁତ୍ତର । ସାମାନ୍ୟ ହସି ଦେଲେ । ଆଉ ଭାବିଲେ ବଳିଆ ମୋ' ପାଇଁ କ'ଣ ନକରିଛି । ଲକ୍ଷ୍ମୀପୁରାଣ ଲେଖି ମୋ' ମହିମା ପ୍ରଚାର କରିଛି । ନାରୀ ଜାତିକୁ ନ୍ୟାଯ୍ୟ ଅଧିକାର ଦେବା ପାଇଁ ବିପ୍ଳବ ସୃଷ୍ଟି କରିଛି । ପ୍ରଭୁଙ୍କୁ ନ୍ୟୂନକରି ନାରୀ ଜାତିର ପ୍ରତିନିଧି ରୂପେ ମୋତେ ଠିଆ କରାଇ ମୋର ବଡ଼ିମା ଗାଇଛି । ମୋ' ପାଇଁ ଯୁକ୍ତି ବାଢ଼ିଛି । ନାରୀ ଜାତିର ଶୃଙ୍ଖଳା ପାଇଁ ବ୍ରତ ବିଧାନ ଓ ନିୟମ ସୃଷ୍ଟି କରିଛି । ସୁଦଶାବ୍ରତ ତାର ଭିଆଣ । ମହାକ୍ରୋଧୀ ମୋ ଦେଢ଼ଶୂରଙ୍କ ମୁହଁରେ କୁହାଇଛି - 'ଆହୁରି କଥାଏ ଶୁଣ ଜଗନ୍ନାଥ ଭାଇ । ଲକ୍ଷ୍ମୀ ବଡ଼ ବୋଲି ଏବେ ଜାଣିଲଇଁ ।' ପୁଣି ଦାସେ ଲେଖିଛନ୍ତି - 'ଏ ପୁରାଣ ପଢ଼ିଲେ ସର୍ବ ସିଦ୍ଧି ହୁଏ । ସୂର୍ଯ୍ୟୋଦୟ ତମସମ ପାପକ୍ଷୟ ଯାଏ । ଏ ପୁରାଣ ଅଟଇ ମୁକତିର ପଥ । ଭାବେ ବଳରାମ ଦାସ ଏ ଗୀତେ ଗାଇଲା ... ।' ତେବେ ମୋର ପ୍ରିୟ ପୁତ୍ର ବଳରାମ ମୁକ୍ତି ପଥରେ ଯାଉ । ବୈକୁଣ୍ଠ ପ୍ରାପ୍ତି ହେଉ । ମୁଁ ମାଆ ହୋଇ ତାକୁ କ୍ଷମା ଦେବି । ସତରେ ଆମେ ଲକ୍ଷ୍ମୀ ନାରାୟଣ ଯେଉଁଠି ସେଇତ ବୈକୁଣ୍ଠ ସେଇତ ଶ୍ରୀକ୍ଷେତ୍ର । ବଳିଆକୁ କ୍ଷେତ୍ର ପ୍ରାପ୍ତି ହେଉ ।

ମହାଲକ୍ଷ୍ମୀ ବଳରାମ ଦାସଙ୍କ ମୁଣ୍ଡକୁ ଧୀରେ ଧୀରେ ଆଉଁସି ଦେଉ ଦେଉ କହିଲେ - 'ବଳିଆ ତୋତେ ଶ୍ରୀକ୍ଷେତ୍ର ପ୍ରାପ୍ତ ହେଉ । ତୋ' ପାଇଁ ଏଇ ଏରବଙ୍ଗ ଦ୍ୱିତୀୟ ଶ୍ରୀକ୍ଷେତ୍ର ହେଲା ।' ଦାସେ ଅଳ୍ପ ହସି ଲକ୍ଷ୍ମୀ ନାରାୟଣଙ୍କୁ ହାତ ଯୋଡ଼ି ପ୍ରଣାମ କରୁ କରୁ ଶେଷ ନିଶ୍ୱାସ ତ୍ୟାଗ କଲେ । ସେତେବେଳକୁ ପଶ୍ଚିମ ଆକାଶରେ ସନ୍ଧ୍ୟା ନଇଁ ଆସୁଥିଲା । ଧନ୍ୟ ଭକ୍ତ, ଧନ୍ୟ ଭଗବାନ ।

ସଂପାଦକ
ପୁରାଣ ପତ୍ରିକା, ନିଆଳୀ, କଟକ



# ଶ୍ରୀପୁରୁଷୋତ୍ତମ ପୀଠର ମଠ ଆଶ୍ରମ ସଂସ୍କୃତି

ପ୍ରଫେସର ଜଗନ୍ନାଥ ମହାନ୍ତି

ଶ୍ରୀଜଗନ୍ନାଥ ଧାମ ପ୍ରାଚୀନ କାଳରୁ ଶ୍ରୀକ୍ଷେତ୍ର, ଶ୍ରୀପୁରୁଷୋତ୍ତମ ଧାମ, ଶଙ୍ଖକ୍ଷେତ୍ର ଆଦି ନାମରେ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ । ଏହାର ମହିମା ସମଗ୍ର ଆର୍ଯ୍ୟାବର୍ତ୍ତ ତଥା ଭାରତବର୍ଷରେ ପ୍ରଖ୍ୟାତ । ତେଣୁ କହାଯାଇଛି -

'ଭାରତ ସରସେ ଉତ୍କଳ କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।'

ଏହି ପବିତ୍ର ନୀଳାଚଳ ଧାମ ଏକ ପୁଣ୍ୟପୀଠ, ତୀର୍ଥକ୍ଷେତ୍ର ନାମରେ ପୁରାଣ ଶାସ୍ତ୍ରରେ କୀର୍ତ୍ତିତ ହୋଇ ନୀଳକନ୍ଦରରେ ବିରାଜିତ ହୋଇଛନ୍ତି ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ । ଚତୁର୍ଦ୍ଧାମୂର୍ତ୍ତି ଭାବରେ ସେମାନେ ଏଠାରେ ପୂଜିତ ସମସ୍ତଙ୍କ ଦ୍ୱାରା ସ୍ୱର୍ଗର ଦେବତାଙ୍କଠାରୁ ନର କିନ୍ନର ଯାଏ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବହୁ ସାଧୁସନ୍ଥ, ବିଦ୍ୱାନ, ପଣ୍ଡିତଙ୍କୁ ଆକୃଷ୍ଟ କରିଛି । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଆଦି ସଂପ୍ରଦାୟର ମହାତ୍ମା ସାଧୁସନ୍ଥଗଣ ଏଠାର ଆଧ୍ୟାତ୍ମିକ ଆକର୍ଷଣରେ ଆକୃଷ୍ଟ ହୋଇ ସମବେତ ହୁଅନ୍ତି । ସେମାନଙ୍କ ସମାବେଶରେ ଶ୍ରୀକ୍ଷେତ୍ର ହେଉଛି ପବିତ୍ର ଏବଂ ସେମାନଙ୍କ ଜୟଗାନରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରତିଧ୍ୱନିତ । ଏଠାକୁ ଆସିଥିଲେ ଆଦି ଶଙ୍କରାଚାର୍ଯ୍ୟ, ନିମ୍ବାର୍କ, ରାମାନୁଜ, ମଧ୍ୱାଚାର୍ଯ୍ୟ, ଶ୍ରୀଚୈତନ୍ୟ, କବୀର, ନାନକ ପ୍ରମୁଖ ସାଧୁସନ୍ଥ । ସେମାନଙ୍କ ସ୍ମାରକୀ ରୂପେ ଏଠାରେ କାଳକ୍ରମେ ଗଢ଼ି ଉଠିଛି କେତେକ ଆଶ୍ରମ । ସେମାନଙ୍କ ସାମୟିକ ରହଣି ଶିଷ୍ୟ ପ୍ରଶିଷ୍ୟମାନଙ୍କ ଅବସ୍ଥାନ, ସେସବୁ ଧର୍ମ ମତର ପ୍ରଚାର ଓ ପ୍ରସାର ନିମିତ୍ତ ଏଠାରେ ଗଢ଼ି ଉଠିଲା ବହୁ ଆଶ୍ରମ, ମଠମନ୍ଦିର ।

ସାଧୁସନ୍ଥମାନଙ୍କ ସ୍ୱକୀୟ କାର୍ଯ୍ୟକଳାପ ବ୍ୟତୀତ ଏହି ମଠ ମନ୍ଦିର ଓ ଆଶ୍ରମମାନ ଶ୍ରୀଜଗନ୍ନାଥଙ୍କ ଲୀଳା, ପୂଜାପାର୍ବଣ, ଯାନିଯାତ୍ରା, ଏମିତିକି ଦୈନନ୍ଦିନ ନୀତିନିୟମ ସହିତ ସଂପୃକ୍ତ ଓ ଅନୁବନ୍ଧିତ ହେଲେ । ସେମାନଙ୍କ ମଧ୍ୟରୁ ଅନେକ ମଠ ଓ ଆଶ୍ରମ ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କ ସହିତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ହୋଇ ସେମାନଙ୍କ ଦର୍ଶନ, ଭଜନ, କୀର୍ତ୍ତନ ଉପାସନା, ପର୍ବପର୍ବାଣି ପାଳନରେ କେବଳ ଯୋଗଦାନ କରନ୍ତି ନାହିଁ, ସେମାନେ ସେଥିପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଗ୍ରହଣକୁ ନିଜ ନିଜର ସୌଭାଗ୍ୟ ମନେ କଲେ । ଏହିସବୁ ଦାୟିତ୍ୱ କାଳକ୍ରମେ ପାରମ୍ପରିକ ରୀତିନୀତିରେ ପରିଣତ ହେଲା । ସାଧୁସନ୍ଥଙ୍କ ବ୍ୟତୀତ ଦେଶର ବହୁ ରାଜା ମହାରାଜା, ଧନୀ ଜମିଦାର ଶ୍ରୀକ୍ଷେତ୍ରରେ ନିଜ ନିଜର ବସତି 'କୋଠି', ଆଶ୍ରମ, ମଠ, ମନ୍ଦିର ସ୍ଥାପନ କରିବାକୁ ପରମ ଗୌରବ ବୋଲି ବିଚାର କଲେ । ସେମାନେ ମଧ୍ୟ ଶ୍ରୀମନ୍ଦିର ପୂଜାପାର୍ବଣରେ ଭାଗ ନେବା ପାଇଁ ପ୍ରଚୁର ଜମିବାଡ଼ି, ଗ୍ରାମ ଶାସନ ଆଦି ଖଞ୍ଜି ଦେଲେ । ମଠ ମନ୍ଦିର ଓ ଆଶ୍ରମମାନ କ୍ରମେ ସଂପୃକ୍ତ ସଂପ୍ରଦାୟର ଦେବଦେବୀଙ୍କ ଦୈନନ୍ଦିନ ପୂଜାପାର୍ବଣ ସହିତ ଶ୍ରୀଜଗନ୍ନାଥଙ୍କ କେତେକ ଉପାସନା, ଯାନିଯାତ୍ରା ଓ ଭୋଗ, 'ବେଶ' ଇତ୍ୟାଦିର ଦାୟିତ୍ୱ ସଂପାଦନ କଲେ । କାଳକ୍ରମେ ପୁରୀରେ ମଠମନ୍ଦିର ଏକ ସ୍ୱତନ୍ତ୍ର ସଂସ୍କୃତିରେ ପରିଣତ ହେଲା ।

ମଠମନ୍ଦିର ଓ ଆଶ୍ରମର ସଂଖ୍ୟା ପୁରୀରେ ଶତାଧିକ ହେଲା । ସେଗୁଡ଼ିକ ମଧ୍ୟରେ ମଙ୍ଗୁମଠ, ରାଧାବଲ୍ଲଭ ମଠ, ଏମାର ମଠ, ଶ୍ୟାମକୁଞ୍ଜ ମଠ, ରାଘବ ଦାସ ମଠ, ଗୋବର୍ଦ୍ଧନ ମଠ, ତ୍ରିମାଳୀ ମଠ, ଶଙ୍କରାନନ୍ଦ ମଠ, ବଡ଼ସନ୍ଥ ମଠ, ସାନସନ୍ଥ ମଠ, ଜଗନ୍ନାଥ ବଲ୍ଲଭ ମଠ, ଉତ୍ତରପାର୍ଶ୍ୱ ମଠ, ଦକ୍ଷିଣପାର୍ଶ୍ୱ ମଠ ଆଦି ଅଧିକ ପ୍ରସିଦ୍ଧ । ଭୃଗୁ ଆଶ୍ରମ, ଅଙ୍ଗୀରା ମଠ, ରାମଦାସ ମଠ, ପଣ୍ଡୁ ଆଶ୍ରମ ମଠ, ଗିରିସ୍ୱାମୀ ମଠ, କବୀର ମଠ ପରାଶର ମଠ ଆଦି କେତେ ମହାତ୍ମା ତଥା ମୁନିଋଷିଙ୍କ ପବିତ୍ର ସ୍ମୃତି ବହନ କରିଛି । ସେମିତି ଟିକିଟି ମଠ ଜୟପୁର ମଠ, କେନ୍ଦୁଝର ମଠ, ଘୁମୁସର ମଠ, ଦର୍ପଣୀ ମଠ ଆଦି ରାଜା ଜମିଦାରଙ୍କ ଦ୍ୱାରା ପ୍ରତିଷ୍ଠିତ । ଗୋଟିଏ ବିବରଣୀରୁ ସ୍ପଷ୍ଟ ହୋଇଛି ଯେ ସନ୍ନ୍ୟାସୀମାନଙ୍କ ସ୍ଥାପିତ ମଠ, ସଂଖ୍ୟା ହେଲା ୫୨, ଆନ୍ଧ୍ରମଠ ସଂଖ୍ୟା ୧୨, ଦ୍ରାବିଡ଼ ମଠ ସଂଖ୍ୟା ୧୮, ମହାରାଷ୍ଟ୍ର ମଠ ସଂଖ୍ୟା ୮, କନୌଜ ମଠ ସଂଖ୍ୟା ୫, ଏକାଦଶୀ ମଠ ସଂଖ୍ୟା ୩, ଓଡ଼ିଆ ମଠ ସଂଖ୍ୟା ୧୪, ଗୌଡୀୟ ମଠ ସଂଖ୍ୟା ୫, ମନୋଦଣ୍ଡୀ ମଠ ସଂଖ୍ୟା ୧୫, ତ୍ରିଦଣ୍ଡୀ ମଠ ସଂଖ୍ୟା ୩ । ମଠମୁଖ୍ୟଙ୍କୁ ମହନ୍ତ ବା ମଠାଧୀଶ କହନ୍ତି ଏବଂ ବରିଷ୍ଠ ଶିଷ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରାଯାଇ ଆବଶ୍ୟକ ପଡ଼ିଲେ ଗାଦିନସୀନ କରନ୍ତି । ସଂଯମ, ଶୃଙ୍ଖଳା ଓ ସଦାଚାର

ଥିଲା ମଠ ଜୀବନଚର୍ଯ୍ୟାର ମୂଳମନ୍ତ୍ର । ଆଧାତ୍ମିକ ଚିନ୍ତନ, ଭକ୍ତିନିଷ୍ଠ ଉପାସନା, କୃଚ୍ଛ୍ରସାଧନ ଓ ସଂଯତ ଜୀବନଧାରଣ ଥିଲା ମଠାଧୀଶମାନଙ୍କଠାରୁ ଆରମ୍ଭ କରି ମଠର ସମସ୍ତ ଅନ୍ତେବାସୀ ପର୍ଯ୍ୟନ୍ତ । ମଠ ଆଶ୍ରମ ଥିଲା ଏକ ସାଂସ୍କୃତିକ ପୀଠ, ସେବାସ୍ଥଳ ଓ ଶିକ୍ଷା କେନ୍ଦ୍ର । ମଠମନ୍ଦିରଗୁଡ଼ିକ ବିଭିନ୍ନ ଯାନିଯାତ୍ରା ସଂଗଠନ କରାଯାଉଥିଲା, ବିଭିନ୍ନ ସେବାକାର୍ଯ୍ୟରେ ସେମାନେ ପ୍ରବୃତ୍ତ ଥିଲେ । କେତେକ ମଠ ଆଶ୍ରମରେ ସଂସ୍କୃତ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିଲା ଏବଂ ଦରିଦ୍ର ଛାତ୍ରଛାତ୍ରୀମାନଙ୍କ ରହଣି ଓ ଅନ୍ନସଂସ୍ଥାନର ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ମଠ ତରଫରୁ ସାଧୁସନ୍ନାସୀ, ତୀର୍ଥଯାତ୍ରୀ, ଭିକ୍ଷୁକମାନଙ୍କୁ ପ୍ରତିଦିନ ମହାପ୍ରସାଦ ବଣ୍ଟନ କରିଥାନ୍ତି । ପୂର୍ବେ ବହୁ ମଠାଧୀଶଙ୍କୁ ନିମନ୍ତ୍ରଣ କରି ଗଜପତି ରାଜା ଶ୍ରୀମନ୍ଦିର ପୂଜା, ପର୍ବପର୍ବାଣି ସଂପର୍କରେ ପରାମର୍ଶ କରୁଥିଲେ ।

ସାଧୁସନ୍ଥ ଓ ମହାତ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକ ଶ୍ରୀଜୀଉମାନଙ୍କର ସେବାପୂଜାରେ ଭାଗ ନେଇ ଧନୀ ହୁଅନ୍ତି । ଦୃଷ୍ଟାନ୍ତ ସ୍ୱରୂପ ପୁରୀର ବୃହତ୍ତମ ମଠ ଏମାର ମଠ ଦ୍ୱାଦଶ ଶତାବ୍ଦୀର ବିଖ୍ୟାତ ଦାର୍ଶନିକ ରାମାନୁଜଙ୍କ ଦ୍ୱାରା ସ୍ଥାପିତ ହୋଇ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ସକ୍ରିୟ ଯୋଗଦାନ କରିଥାନ୍ତି । ସେସମୟରେ ମଧ୍ୟ ରାଘବ ଦାସ ମଠ ତରଫରୁ ଜୀଉମାନଙ୍କ ମନୋରମ ଟାହିଆମାନ ପ୍ରସ୍ତୁତ କରାଇ ଯୋଗାଇଥାନ୍ତି । ଆଦି ଶଙ୍କରାଚାର୍ଯ୍ୟଙ୍କ ସ୍ଥାପିତ ଗୋବର୍ଦ୍ଧନ ମଠ ଆବଶ୍ୟକ ତୁଳସୀମାନ ଶ୍ରୀଜୀଉମାନଙ୍କ ପାଇଁ ଯୋଗାଇଥାନ୍ତି । ପ୍ରାୟ ପ୍ରତ୍ୟେକ ମଠ ଜୀଉମାନଙ୍କ ଉପାସନା ଓ ବେଶ ପ୍ରସାଦ ଆଦି ପାଇଁ ନିଜ ନିଜର କର୍ତ୍ତବ୍ୟ କରିଥାନ୍ତି । ଉଦାହରଣ ସ୍ୱରୂପ, ଉତ୍ତରପାର୍ଶ୍ୱ ମଠ ସୁସ୍ୱାଦ ମିଷ୍ଟାନ୍ନ ସମର୍ପଣ କରିଥାନ୍ତି । ଜୀଉମାନଙ୍କରେ ଶୃଙ୍ଗାର ଓ ସାଜସଜ୍ଜା ପାଇଁ ପ୍ରଚୁର ତୁଳସୀ, ଦୟଣା, ପୁଷ୍ପାଦି ମଠମାନେ ଯୋଗାଇଥାନ୍ତି । ଝାଞ୍ଜପିଟା ମଠ ତରଫରୁ ପ୍ରତିଦିନ ପ୍ରଭାତରୁ ବିଭିନ୍ନ ବାଦ୍ୟବାଦନ କରି ଜୀଉମାନଙ୍କୁ ଜାଗ୍ରତ କରିଥାନ୍ତି । ଝାଡୁମଠ ସେମିତି ପ୍ରତିଦିନ ମନ୍ଦିର ପରିସର ପରିଷ୍କାର କରନ୍ତି । ଏହିପରି ମଠ ସଂସ୍କୃତି ଆଧାତ୍ମିକ, ସାମାଜିକ ଓ ଶୈକ୍ଷିକ କାର୍ଯ୍ୟ କଳାପରେ ଋଦ୍ଧିମନ୍ତ ହୋଇଥିଲା ।

କାଳକ୍ରମେ ମଠ ଆଶ୍ରମଗୁଡ଼ିକରେ ଦୁର୍ନୀତି ଓ ଅପସଂସ୍କୃତି ଅନୁପ୍ରବିଷ୍ଟ ହେଲା । ଦେବୋତ୍ତର ବିଭାଗଗୁଡ଼ିକର ପରିଚାଳନା ଦାୟିତ୍ୱ ଗ୍ରହଣ କରି ମଧ୍ୟ ଆଶାନୁରୂପ ସଂସ୍କାର ଆଣିପାରିନାହାଁନ୍ତି । ମଠ ଆଶ୍ରମଗୁଡ଼ିକର ବହୁ ଭୂସଂପତ୍ତି ଅନେକ ସ୍ୱାର୍ଥପର କୃଷକ ଓ ଭାଗୀଦାରମାନଙ୍କ ଦ୍ୱାରା ଆତ୍ମସାତ୍ ହେଉଛି । ଏବେ ମଧ୍ୟ ଆବଶ୍ୟକ ଆୟ ଅଭାବରୁ ମନ୍ଦିର ମଠଗୁଡ଼ିକର ପରିଚାଳନା ପୂଜାପାର୍ବଣରେ ବାଧା ସୃଷ୍ଟି ହେଉଛି । ଶ୍ରୀମନ୍ଦିର ପ୍ରତି ନିଜର ପାରମ୍ପରିକ କର୍ତ୍ତବ୍ୟ ସଂପାଦନରେ ସେମାନେ ଅସମର୍ଥ ହେଉଛନ୍ତି । ବିଭିନ୍ନ ମଠ ଓ ଆଶ୍ରମରେ ଚଳି ଆସୁଥିବା ସେବା ଓ ଶିକ୍ଷା ସଂପର୍କୀୟ କାର୍ଯ୍ୟ ମଧ୍ୟ ସଂପାଦିତ ହୋଇପାରୁନାହିଁ । ଫଳରେ ଦରିଦ୍ର ରୁଗ୍‌ଣ ଓ ଅନାଥ ପିଲାଙ୍କୁ ଯେଉଁ ଅନ୍ନଦାନ ହେଉଥିଲା ବନ୍ଦ ହୋଇଗଲାଣି । ଅଥଚ ମଠ ଆଶ୍ରମରେ ମୂଲ୍ୟବାନ ସଂପତ୍ତି ତୋଷରପାତ ହେଉଛି । ସୁତରାଂ ସରକାର ଦୃଢ଼ ପଦକ୍ଷେପ ନେଇ ଦେବୋତ୍ତର ବିଭାଗକୁ ଦୃଢ଼, ସ୍ୱଚ୍ଛ ଓ ସକ୍ରିୟ କରିବା ସହିତ ରାଜସ୍ୱ ଓ ଭିଜିଲାନ୍ସ ବିଭାଗକୁ ଏଥିପ୍ରତି ଯତ୍ନବାନ୍ କରାଇବା ଉଚିତ ।

୨ ୯୩୫
ଗୌରୀନଗର, ଭୁବନେଶ୍ୱର

---

# ସେ ରଥ ହେଉ ପୁଣ୍ୟର

ବିମଳା ସିଂହ

ବଡ଼ ଦେଉଳରେ ପୂଜା ପାଉବୋଲି
ନାଆଁଟୋ' ବଡ଼ ଠାକୁର,
ହାତ ପାଦ ନାହିଁ ପଲକ ପଡ଼େନି
ଏକି ତୋ'ର ଅବତାର ! ॥ ୦ ॥
ବଡ଼ଦାଣ୍ଡ ଦିଅଁ ଚତୁର୍ଦ୍ଧା ମୂରତି
ବଳିଆ ଭାଇଙ୍କୁ ନେଇ
ଭଉଣୀ ସୁଭଦ୍ରା ଗେଲବସରିଆ
ସଙ୍ଗେ ରଥେଯାଉ କିପାଇଁ ?
କହିବାକୁ ଥରେ ମଉନ ଗୋସାଇଁ
କି ହୁନ୍ଦର ଏ ତୋ'ର
ବଡ଼ ଦେଉଳରେ ... ॥ ୧ ॥
ପାପ ନାଶ ପାଇଁ ରୂପ ବଦଳାଉ
ଯୁଗ ଯୁଗ ପାଇଁ ତୁହି,
ନିତି ଅଘଟଣ ଘଟେ ତୋ' ଦେଉଳେ
ଜାଣିକି ରହିଛୁ ଶୋଇ,
ମାନ ତେଜିବାରେ ଉଠ ମହାପ୍ରଭୁ
କଳୁଷ କରତୁ ଦୂର
ବଡ଼ ଦେଉଳରେ ... ॥ ୨ ॥

ଦାସୀଆ ବାଉରୀ ଭକ୍ତ ସାଲବେଗ
ସଖା ତୋ' ବିଦୁର ଥିଲେ,
ମହାଭକତଙ୍କ ଡାକ ତୁ ଶୁଣିଲେ
ଦେଖା ଦେଉଥିଲୁ ହେଲେ,
କଳିଯୁଗରେ କି ଦୟାର ପସରା
ଶୂନ୍ୟ ତୋ'ର ହୃଦୟର
ବଡ଼ ଦେଉଳରେ ... ॥ ୩ ॥
ମୁଁ ଯେ ଚିରଦାସୀ ଅଟଇ ତୁମ୍ଭର
ଲୀଳାମୟ ହେ ଗୋସାଇଁ
ଦରଶନ ଦିଅ ମିନତୀ କରୁଛି
ପାପ ନାଶ ହେବା ପାଇଁ
ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠା କର ହେ
ସେ ରଥ ହେଉ ପୁଣ୍ୟର
ବଡ଼ ଦେଉଳରେ ... ॥ ୪ ॥

ଶିକ୍ଷୟିତ୍ରୀ
ଭ୍ରମରବର ବିଦ୍ୟାପୀଠ, ଚମାଣ୍ଡୋ, ଖୋର୍ଦ୍ଧା



# ମୋର ହୃଦୟ ଭକ୍ତଜନ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

'ଅହର୍ନିଶଂ ମେ ତବପାଦପଦ୍ମାନ୍ନାପୈତୁ ମତ୍‌ପ୍ରାର୍ଥିତମେତଦେବ ।
ତ୍ୱାଂ ସଚ୍ଚିଦାନନ୍ଦସୁପୂର୍ଣ୍ଣସିନ୍ଧୁଂ ପ୍ରାପ୍ତାସ୍ତୁ ଯେ ଜନ୍ମ ସହସ୍ରଭାଗୈଃ ।
କିଂ ତେ ହି ପଶ୍ୟନ୍ତି ଲବୈକସୌଖ୍ୟମନେକଦୁଃଖଂ ବିଷୟେନ୍ଦ୍ରଜାଲମ୍ ॥'
(ପୁରୁଷୋତ୍ତମ ମହାତ୍ମ୍ୟ - ୨୧/୧୪,୧୫)

**ହେ** ମହାପ୍ରଭୋ ! ଆପଣଙ୍କର ଅଭୟ ପାଦପଦ୍ମରେ ମୋର ଏହି ପାପୀୟସୀ ବୁଦ୍ଧି ସର୍ବଦା ଯେପରି ଲୀନ ରହୁ ଏବଂ କେବେହେଲେ ତହିଁରୁ ବିଚ୍ୟୁତ ନ ହେଉ, ଏତିକି ମାତ୍ର ମୋର ଅନ୍ତିମ ପ୍ରାର୍ଥନା । ଯେଉଁମାନେ ସହସ୍ର ଜନ୍ମ ସଂଚିତ ସୌଭାଗ୍ୟ ବଳରେ ସଚ୍ଚିଦାନନ୍ଦ ସାଗରରୂପୀ ଆପଣଙ୍କୁ ପ୍ରାପ୍ତ ହୋଇ ଅଛନ୍ତି, ସେମାନେ ସାମାନ୍ୟ ସୁଖଯୁକ୍ତ କେବଳ ଦୁଃଖମୟ ବିଷରୂପ ଇନ୍ଦ୍ରଜାଲ ଦିଗରେ ଦୃଷ୍ଟିପାତ କରନ୍ତି ନାହିଁ ।

ଆଜି ପୁଷ୍ୟାନକ୍ଷତ୍ରଯୁକ୍ତ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି । ଆଦ୍ୟ ଆଷାଢ଼ର ପହିଲି ସ୍ପର୍ଶରେ ଧରିତ୍ରୀ ଆଜି ଶାନ୍ତ ସ୍ନିଗ୍ଧ ଓ କମନୀୟ । ଏହି ମନୋରମ ପରିବେଶ ମଧ୍ୟରେ ଜଗତର ନାଥ ଜଗନ୍ନାଥ, ଯାହାଙ୍କର ଦାଣ୍ଡ ବଡ଼ଦାଣ୍ଡ, ଯାହାଙ୍କର ନେତ ପତିତପାବନ ନେତ, ସେହି ନୀଳାଦ୍ରିବିହାରୀ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

ପାଟ ପୀତାମ୍ବର ପରିହିତ, ଅଳଙ୍କାର ବିମଣ୍ଡିତ, ଚନ୍ଦନ ଚର୍ଚ୍ଚିତ, ପତ୍ରପୁଷ୍ପ ବିଭୂଷିତ ଶ୍ରୀଜଗନ୍ନାଥ ଆଜି ରତ୍ନସିଂହାସନ ଛାଡ଼ି ସିଂହଦ୍ୱାର ସମ୍ମୁଖରେ ଥିବା ରଥରେ ଅଳ୍ପ ସମୟ ମଧ୍ୟରେ ବିଜେ କରିବେ । ଦୟଣା ତୁଳସୀ ମାଳରେ ରଥ ମହମହ ହୋଇ ବାସୁଛି, ଝାଞ୍ଜ, କରତାଳ, ମହୁରୀ, ମର୍ଦ୍ଦଳ, ଗିନି, ମୃଦଙ୍ଗ, ଘଣ୍ଟ, ଶଙ୍ଖ, ଖୋଳ, ଖଞ୍ଜଣି, କାଠି, ଲାଠି, ନୃତ୍ୟ, ବାଦ୍ୟ, ସଙ୍ଗୀତରେ ବଡ଼ଦାଣ୍ଡ ପଡୁଛି ଓ ଉଠୁଛି । ବେଳକୁ ବେଳ ଜନସଂଖ୍ୟା ବଢ଼ିବାରେ ଲାଗିଛି । ସମସ୍ତଙ୍କ ମନ ଆଜି ଉଦ୍‌ବେଳିତ, ଏକମାତ୍ର କାମନା ରଥରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରି ନିଜର ପିପାସା ମେଣ୍ଟାଇବେ ।

'ରଥସ୍ଥଂ ଚ ଜଗନ୍ନାଥଂ ପ୍ରୟାଣଂ ଗୁଣ୍ଡିଚା ଗୃହମ୍
ଯେ ପଶ୍ୟନ୍ତି ନରଶ୍ରେଷ୍ଠା ସ୍ତେ ଧନ୍ୟା ଭୁବନତ୍ରୟୋ ।'

ରତ୍ନ ସିଂହାସନରୁ ଟାହିଆ ହଲାଇ ମନୋରମ ଭଙ୍ଗୀରେ ଢଳି ଢଳି ଆସୁଛନ୍ତି ଅଖିଳ ବ୍ରହ୍ମାଣ୍ଡପତି ଶ୍ରୀଜଗନ୍ନାଥ । ମହାପ୍ରଭୁ ସ୍ନାନଯାତ୍ରା ଦିନ ୧୦୮ ଗରାପାଣିରେ ସ୍ନାନ କରିଥିଲେ । ମଣିଷ ପରି ଠାକୁରଙ୍କୁ କୁଆଡ଼େ ଜ୍ୱର ହୋଇଥିଲା । ପ୍ରାୟ ୧୫ ଦିନ ଅଣସର ଘରେ ରହି ପଥିପାଚନ ସେବନ କଲାପରେ ଠାକୁରେ ଆଜି ସୁସ୍ଥ ହୋଇ ଭକ୍ତଜନଙ୍କ ଭାବ ଡୋରିରେ ବନ୍ଧାହୋଇ ବାହାରିଛନ୍ତି ଅଗଣିତ ଜନତାଙ୍କୁ ଦର୍ଶନ ଦେବା ପାଇଁ ।

ଏହି ଯାତ୍ରାର ଅନ୍ୟ ନାମ ହେଉଛି ଘୋଷଯାତ୍ରା । ମାଉସୀ ମା' ମନ୍ଦିର ବାଟ ଦେଇ ରଥ ଶରଧାବାଲି ନିକଟସ୍ଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବ । ଏହି ପ୍ରସଙ୍ଗରେ ଗୋଟିଏ କଥା ମନେପଡୁଛି । ଆଜି ଭଳି ସେଦିନ ମଧ୍ୟ ଥିଲା ରଥଯାତ୍ରା । ତରୁଣ ବୟସରେ ଓ ଭକ୍ତି ଜନିତ ଉତ୍ସାହରେ ମାତି ଉଠି କବି ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ରଥ ଚଢ଼ିବାକୁ ପ୍ରୟାସ କରିଥିଲେ । କିନ୍ତୁ ସମବେତ ବିରାଟ ଜନତାଙ୍କ ସମ୍ମୁଖରେ ସେ ପ୍ରହରୀମାନଙ୍କ ଦ୍ୱାରା ସେଠାରୁ ପ୍ରହାରିତ ଓ ବିତାଡ଼ିତ ହୋଇ ବଡ଼ଦାଣ୍ଡରୁ ପଳାଇଗଲେ ସମୁଦ୍ର ସିକତାର ନୀରବତାକୁ । ସେଠାରେ ବାଲିରଥ ଗଢ଼ି ମହାପ୍ରଭୁଙ୍କୁ ଆହ୍ୱାନ କଲେ । ଭକ୍ତର ଡାକରେ ମହାପ୍ରଭୁ ବଡ଼ଦାଣ୍ଡରେ ଥିବା ରଥରୁ ଯାଇ ବଳରାମଙ୍କ ବାଲିରଥରେ ବିରାଜମାନ । ବଡ଼ଦାଣ୍ଡରେ ଆଉ ରଥ ଚାଲିଲା ନାହିଁ । ରାଜାଙ୍କୁ ନିର୍ଦ୍ଦେଶ ହେଲା 'ମୋ ଭକ୍ତ ଆଜି ଅପମାନିତ, ଏହାକୁ ମୁଁ ସହିବି କିପରି ?' ରାଜା ତତ୍‌କ୍ଷଣାତ୍ ବଳରାମଙ୍କ ମାନଭଞ୍ଜନ କରିବା ପାଇଁ ବାଲିରଥ ନିକଟକୁ ଧାଇଁଲେ ଏବଂ ରାଜାଙ୍କ ଅନୁରୋଧ ରକ୍ଷା କରି ବଳରାମ ଦାସ ଆସି ବଡ଼ଦାଣ୍ଡରେ ଥିବା ରଥ ଦଉଡ଼ିକୁ ଛୁଇଁବା ମାତ୍ରେ ରଥ ଘୋର ଘର୍ଘର ନାଦରେ ଗଡ଼ି ଚାଲିଲା । କବିଙ୍କ ଆଖିରୁ ବୋହି ଗଲା ଧାର ଧାର ଲୁହ । କବିଙ୍କ ଏହି ଚିନ୍ତା ଓ ଚେତନାର ପରିପ୍ରକାଶ ଘଟିଛି ୭୫୦ ଶ୍ଳୋକ ସମନ୍ୱିତ 'ଭାବସମୁଦ୍ର' ଗ୍ରନ୍ଥରେ । ଭକ୍ତ ପ୍ରାଣର ଉତ୍ତାଳ ଅନୁଚିନ୍ତାର ଆଜି ମଧ୍ୟ ଆମେ ସ୍ପଷ୍ଟ ଅନୁଭବ କରିପାରୁ । କବିଙ୍କ ଭାଷାରେ -

'ହରିହୋ ! ତୁ ମୋତେ ବାନ୍ଧିଲୁ ରାଜାର ହାତେ
ମୁଁ ତୋତେ ବାନ୍ଧିଲି ମୋ ମନ ଗୁପ୍ତେ ।
ନାଥ ତୁ ବନ୍ଧା ହେଲୁ ଟିକି କହ
ଏବେ ସନ୍ତୋଷ ହୋଇଲା ମୋ ଦେହ ।'

ସେହିପରି ଭକ୍ତ ସାଲବେଗଙ୍କ ଆକୁଳ ନିବେଦନ କ୍ରମେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା । ଭାବବିନୋଦିଆ କାଳିଆ ଠାକୁର ଭକ୍ତର ଡାକକୁ ନଶୁଣି କିପରି ବା ପଳାଇ ଯାଇଥାନ୍ତେ ! ଏହା ଏକ କିମ୍ବଦନ୍ତୀ ବା ଆଖ୍ୟାୟିକା ହୋଇପାରେ, କିନ୍ତୁ ଏହାର ମୂଳରେ ଏକ ମହାନ ସତ୍ୟ ନିହିତ ଅଛି ଯେ, ଜଗନ୍ନାଥ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଂପ୍ରଦାୟର ଠାକୁର ନୁହନ୍ତି, ସେ ହେଉଛନ୍ତି ଜଗତର ନାଥ ପତିତପାବନ । ସେଥିପାଇଁ ସେ ଆସନ୍ତି ବଡ଼ଦାଣ୍ଡକୁ ଅଗଣିତ ଭକ୍ତଗଣଙ୍କ ମଧ୍ୟରେ ଧୂଳି ଧୂସରିତ ହେବା ପାଇଁ । ସେ ଗଡ଼ନ୍ତି, ପଡ଼ନ୍ତି ଓ ଉଠନ୍ତି । ଯେତେ ଅସୀମ ହେଲେ ବି ସସୀମ ମଧ୍ୟରେ ତାଙ୍କ ଲୀଳାଖେଳା । ସେ ସ୍ୱୟଂ ଲୀଳାମୟ ।

ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବହୁ ତାତ୍ତ୍ୱିକ ଆଲୋଚନା ହୋଇ ସାରିଲାଣି ଏବଂ ଭବିଷ୍ୟତରେ ମଧ୍ୟ ହେବ, ତଥାପି ଜଗନ୍ନାଥ ରହସ୍ୟାବୃତ୍ତ । ଯିଏ ଅକଳନ ତଥା ଅନୁପମ ତାଙ୍କୁ ବର୍ଣ୍ଣନା କରିବ କିଏ ? ତାଙ୍କୁ ବର୍ଣ୍ଣନା କରିବା ଆମର ଧୃଷ୍ଟତା ମାତ୍ର । ଏହା ଅନ୍ଧମାନଙ୍କର ହସ୍ତୀ ଉପରେ ହସ୍ତ ସଞ୍ଚାଳନ କରି ତା'ର ରୂପ ସଂପର୍କରେ ବର୍ଣ୍ଣନା କରିବା ସହ ତୁଳନୀୟ ନୁହେଁ କି ?

'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ।
ଦେବ ନଜାନାତି କୁତୋମନୁଷ୍ୟଃ ।।'

ପରଂବ୍ରହ୍ମଙ୍କ ସତ୍ତା ଓ ସୃଷ୍ଟିର ରହସ୍ୟ ଭେଦ କରିବା ପାଇଁ ଇନ୍ଦ୍ରିୟଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ପରଂବ୍ରହ୍ମ ରୂପୀ ଦାରୁବ୍ରହ୍ମ ଜଗନ୍ନାଥ ସେହିପରି ରହସ୍ୟମୟ । ରହସ୍ୟର ତ ଅନ୍ୟନାମ ଜଗନ୍ନାଥ ।

ମହାଭାରତ ମହାସମରରେ ବେଲାଳସେନ କେବଳ ଏକ ସର୍ବଶକ୍ତିମାନ ସୁଦର୍ଶନରେ କରାମତି ଦେଖୁଥିଲେ । ସେହିପରି ଚକାକୃତି ଚକାଡୋଳା ସର୍ବଦ୍ରଷ୍ଟା ଓ ସର୍ବନିୟନ୍ତା ।

ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରମାନଙ୍କର ଅବତାରୀ । ସେ ନିର୍ଗୁଣ, ନିରାକାର ପୁଣି ସଗୁଣ ସାକାର । ସେ ଶୂନ୍ୟ, ପୁଣି ପରଂବ୍ରହ୍ମ ।

ବିବିଧତା ମଧ୍ୟରେ ଏକତ୍ୱ ହେଉଛି ତାଙ୍କ ଅନନ୍ତ ଲୀଳାର ବୈଶିଷ୍ଟ୍ୟ । ତାଙ୍କୁ କିଏ କେଉଁ ରୂପରେ ଦେଖୁଛି । ଆଦ୍ୟରେ ଶବର ଉପଜାତିର ଠାକୁର ଭାବେ ନୀଳମାଧବ ରୂପେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କୁ ପରେ ପରେ ଶୈବ, ଶାକ୍ତ, ବୌଦ୍ଧ, ଜୈନ ଓ ବୈଷ୍ଣବ ଆଦି ବିଭିନ୍ନ ସଂପ୍ରଦାୟ ସ୍ୱ ସ୍ୱ ମତବାଦ ଦ୍ୱାରା ଆଦରି ନେଇଛନ୍ତି । ତାଙ୍କରି ଅମୃତମୟ ଚେତନାରେ ବିଶ୍ୱର ସବୁ ଧର୍ମ, ଦର୍ଶନ, ତତ୍ତ୍ୱ ଓ ମତବାଦର ଅଦ୍ଭୁତ ସମନ୍ୱୟ । ଶ୍ରୀଜଗନ୍ନାଥଙ୍କ ବୈଷ୍ଣବମାନେ ଶ୍ରୀପତି, ଶୈବମାନେ ଭୈରବ, ଶାକ୍ତମାନେ ଶକ୍ତି, ବୌଦ୍ଧମାନେ ବୁଦ୍ଧ ଓ ଜୈନମାନେ ଋଷଭଦେବ ରୂପେ ପରିକଳ୍ପନା କରିଛନ୍ତି । ତାଙ୍କର ସ୍ତୁତିଗାନରେ ଶଙ୍କର, ରାମାନୁଜ, ନାନକ, କବୀର ତଥା ଶ୍ରୀଚୈତନ୍ୟ ଆଦି ଯୁଗପୁରୁଷମାନେ ଶତମୁଖ ।

ତାଙ୍କ ମହିମାରେ ସମସ୍ତେ ମହିମାନ୍ୱିତ । ଦାସିଆ ବାଉରି ଓ ବନ୍ଧୁ ମହାନ୍ତିଙ୍କଠାରୁ ଆରମ୍ଭ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପର୍ଯ୍ୟନ୍ତ, ଶ୍ରୀୟା ଚଣ୍ଡାଳୁଣୀଙ୍କଠାରୁ ଆରମ୍ଭ କରି ମହାରାଣୀ ଗୁଣ୍ଡିଚା ଦେବୀଙ୍କ ପର୍ଯ୍ୟନ୍ତ ଏବଂ ଭକ୍ତ ସାଲବେଗ ତଥା ଯବନ କବି ହରିଦାସଙ୍କଠରୁ ଆରମ୍ଭ କରି ଶ୍ରୀଚୈତନ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ମହାପ୍ରଭୁଙ୍କ ପାଇଁ ପାଗଳ । ଏଠି ଉପାସ୍ୟ, ଉପାସକ ବା ଭକ୍ତ ଓ ଭଗବାନ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତେ କେମିତି ଏକାକାର ହୋଇଯାଇଛନ୍ତି, ସେଥିପାଇଁ ଭାଗବତରେ କୁହାଯାଇଛି -

'ମୋର ହୃଦୟ ଭକ୍ତ ଜନ
ମୁହିଁ ଯେ ତାହାଙ୍କ ଜୀବନ ।'

ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ଯୁଗ ଯୁଗ ଧରି ମାନବ ସମାଜକୁ ପ୍ରେମ, ମୈତ୍ରୀ, ସଂହିତି ଓ ସହନଶୀଳତାର ରଜ୍ଜୁରେ ବାନ୍ଧି ଆସିଛି । ଆଜି ବଡ଼ଦାଣ୍ଡ ବିଶାଳ ଜନ ସମୁଦ୍ରରେ ଭରପୂର । ଧନୀ-ଦରିଦ୍ର, ହିନ୍ଦୁ-ମୁସଲମାନ, ବ୍ରାହ୍ମଣ-ଚାଣ୍ଡାଳ ସମସ୍ତଙ୍କ ସମାବେଶ । ଏଠାରେ ଅହମିକା, ଅହଂକାର, ଆଭିଜାତ୍ୟ ତଥା ବଡ଼ ପଣିଆର ସ୍ଥାନ ନାହିଁ । ସେ ଦାସିଆ ବାଉରି ହାତରୁ ନଡ଼ିଆ ଛଡ଼େଇ ଖାଇଛନ୍ତି ଏବଂ ଭକ୍ତ ସାଲବେଗଙ୍କ ନିବେଦନ କ୍ରମେ ସେଦିନ ବଡ଼ଦାଣ୍ଡରେ ଠାକୁରଙ୍କ ରଥ ଅଟକି ଯାଇଛି । ଗଜପତିଙ୍କ ମାନରକ୍ଷା ପାଇଁ ଜଗନ୍ନାଥ ଓ ବଳଭଦ୍ର କଳା ଓ ଧଳାଘୋଡ଼ା ଚଢ଼ି କାଞ୍ଚି ଅଭିଯାନରେ ବାହାରିଛନ୍ତି । ସେଥିପାଇଁ ସେଦିନ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ -

'ବିଶେଷ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।'

ଜାରା ଶବରର ଶରାଘାତରେ ପ୍ରଭୁ ଇହଲୀଳା ସମ୍ବରଣ କରିଛନ୍ତି । କିନ୍ତୁ ତାଙ୍କରି ବଂଶର ବିଶ୍ୱାବସୁଙ୍କୁ ଦେଇଛନ୍ତି ଆଦି ସେବକର ମର୍ଯ୍ୟାଦା । ସେହି ବିଶ୍ୱାବସୁଙ୍କ ବଂଶର ଦଇତାମାନେ ଆଜି ମହାପ୍ରଭୁଙ୍କ ଜ୍ଞାତି ଭାବେ ଶ୍ରୀମନ୍ଦିରରେ ସେବାରତ । ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଉଦାରତା ଓ ମହାନୁଭବତା ।

ତୁମେ ମଙ୍ଗଳମୟ, କରୁଣାର କଳ୍ପବଟ । କେଉଁ କଥା ଅବା ମହାପ୍ରଭୁଙ୍କୁ ଅଜଣା ? ଶବରୀ ନାରାୟଣରୁ ଦାରୁବ୍ରହ୍ମ ରୂପେ ସେ ଆମର ଉପାସିତ । ସାଲବେଗ, ବନ୍ଧୁ ମହାନ୍ତି ବା ହରି ଦାସଙ୍କ ଭଳି ଆମର ନିଷ୍ଠା ଓ ଭକ୍ତି ଅଥବା ସାଧନା ନାହିଁ । ଆମ ମନ ସଦା ସର୍ବଦା କଳୁଷିତ, ପ୍ରତି ପଦକ୍ଷେପରେ ଆମେ ଭୁଲ କରିଚାଲିଛୁ । ମାତ୍ର କରୁଣାର ସାଗର ଦୀନବନ୍ଧୁ ଜଗବନ୍ଧୁ ଆମକୁ ପ୍ରତିକ୍ଷଣରେ ରକ୍ଷା କରୁଛନ୍ତି । ଅନ୍ୟାୟ, ଅଧର୍ମ, ହିଂସା, ବିଦ୍ୱେଷ, ଅହମିକା ତଥା ଅହଂକାରରେ ଆମେ ଉନ୍ମତ୍ତ । ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ଆମର ଆଚାର-ବ୍ୟବହାର, ଚିନ୍ତା-ଚେତନା ଓ ଚରିତ୍ରରେ ସଂସ୍କାର ଆସୁ, ପ୍ରଭୁଙ୍କ ଚରଣାରବିନ୍ଦରେ ଆମର ମନ ସ୍ଥିର ରହୁ - ଏହା ହିଁ ଆଜିର ଏ ଶୁଭ ଅବସରରେ କାମନା ।

ଅନୁଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

# ଉତ୍କଳୀୟ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳା

ଡକ୍ଟର ବିଦ୍ୟୁତ୍‌ଲତା ରାୟ

ପ୍ରାଚୀନ ତନ୍ତ୍ରଶାସ୍ତ୍ରରେ ଚାରୋଟି ପୀଠର ଅବତାରଣା କରାଯାଇଛି । ଏହି ଚତୁଷ୍ପୀଠ - ଧାରଣାଟି ବୌଦ୍ଧମାନଙ୍କର 'ସହଜଯାନ' ଶାଖା ସହ ସଂଶ୍ଳିଷ୍ଟ ଥିବାର ଅନୁମାନ କରାଯାଏ । ଦାର୍ଶନିକ ଚିନ୍ତାଧାରାନୁଯାୟୀ ପୂର୍ବେ ଚାରୋଟି ପବିତ୍ର ଅଞ୍ଚଳକୁ ଚତୁଷ୍ପୀଠ ନାମରେ ସ୍ୱୀକୃତି ଦିଆଯାଇଛି । ଆମ ଓଡ଼ିଶାର ଯାଜପୁର ନିକଟରେ ଏକ ଚତୁଷ୍ପୀଠ - ପର୍ବତ ରହିଛି । ଏହା ସହିତ ତନ୍ତ୍ର-ସଂସ୍କୃତିର କି ସଂପର୍କ ଅଛି, ତାହା ବର୍ତ୍ତମାନ ସୁଦ୍ଧା ସଠିକ୍ ଭାବେ ନିର୍ଣ୍ଣୟ କରାଯାଇପାରିନାହିଁ ।(୧) ହେବଜ୍ର ତନ୍ତ୍ରରେ ଚାରୋଟି ପବିତ୍ର ଅଞ୍ଚଳର ଉଲ୍ଲେଖ ରହିଛି । ଏଗୁଡ଼ିକ ହେଲା - ଜାଳନ୍ଧର, ଓଡ୍ଡୀୟାନ୍, ପୂର୍ଣ୍ଣଗିରି ଏବଂ କାମରୂପ । କାଳିକା ପୁରାଣରେ ଠିକ୍ ଏହି ପରମ୍ପରା ଅନୁସରଣ କରାଯାଇଛି ।(୨) କେତେକ ଗବେଷକମାନଙ୍କ ମତରେ ଓଡ୍ଡୀୟାନ ପୂର୍ବଭାରତରେ ଅବସ୍ଥିତ ଏବଂ ଏହା ଓଡ୍ର ବା ବର୍ତ୍ତମାନର ଓଡ଼ିଶା ଛଡ଼ା ଅନ୍ୟ କିଛି ନୁହଁ ।(୩)

ତନ୍ତ୍ରରେ ପରମ ଆରାଧ୍ୟା ହେଉଛନ୍ତି ଦେବୀ । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ବିରଜା କ୍ଷେତ୍ର, ବିମଳା କ୍ଷେତ୍ର, ଚର୍ଚ୍ଚିକା କ୍ଷେତ୍ର, ଭଗବତୀ କ୍ଷେତ୍ର ପ୍ରଭୃତିର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଏସବୁ ଦେବୀପୀଠର ମାହାତ୍ମ୍ୟ ଅନନ୍ୟ । ଭାରତୀୟ ଶାକ୍ତପୀଠ ପରମ୍ପରାରେ ୧୦୮ଟି ପୀଠର ବର୍ଣ୍ଣନା ଦେଖିବାକୁ ମିଳେ । ମତ୍ସ୍ୟପୁରାଣରେ ପ୍ରଥମେ ଏହି ୧୦୮ଟି ପୀଠର ସଂପୂର୍ଣ୍ଣ ଚିଠା ପରିବେଷିତ ହୋଇଥିଲା ।(୪) ତନ୍ତ୍ର ସଂସ୍କୃତିରେ ପୀଠଗୁଡ଼ିକୁ ଦେବୀଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ଅବତାରଣା କରାଯାଇଛି ।(୫) ଏହି ୧୦୮ଟି ପୀଠକୁ ୧୦୮ଟି ଦେବୀଙ୍କ ସହିତ ସଂଶ୍ଳିଷ୍ଟ କରାଯାଇଛି । ଏମାନଙ୍କ ମଧ୍ୟରେ ଗୌରୀ, କମଳା, ବିମଳା, ଭଦ୍ରେଶ୍ୱରୀ, କାଳୀ, ମହେଶ୍ୱରୀ, ଚଣ୍ଡୀକା ସୁଭଦ୍ରା, ତାରା ଓ ମଙ୍ଗଳା ପ୍ରଭୃତିଙ୍କ ନାମ ଉତ୍କଳୀୟ ତନ୍ତ୍ର ପରମ୍ପରାରେ ଦେଖିବାକୁ ମିଳେ । ପ୍ରକୃତରେ ଯେଉଁ ସ୍ଥାନରେ ଦେବୀ ବିଭିନ୍ନ ରୂପରେ ପୂଜା ପାଉଛନ୍ତି, ସେଗୁଡ଼ିକ ପରବର୍ତ୍ତୀ କାଳରେ ତୀର୍ଥରେ ପରିଣତ ହୋଇଛି । ଆଲୋଚ୍ୟ ବିଷୟରେ ଆମେ ଉତ୍କଳ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳାଙ୍କ ମହତ୍ୱ ତଥା ମାହାତ୍ମ୍ୟ ପ୍ରତିପାଦନ କରିବା ।

### ତନ୍ତ୍ରରେ ଦେବୀ ବିମଳା

ଶ୍ରୀକ୍ଷେତ୍ରର ଅଧିଶ୍ୱରୀ ବିମଳା ପ୍ରତ୍ୟକ୍ଷ ବରଦା ପରମ ବୈଷ୍ଣବୀ ଭଗବତୀ ଅଟନ୍ତି । ସେ କିପରି ଏହି ପୁରୁଷୋତ୍ତମ କ୍ଷେତ୍ରରେ ଅବିର୍ଭୂତା ହେଲେ ଓ ପରେ ସେ କିପରି ଗାଲବ ରାଜାଙ୍କ ଦ୍ୱାରା ପ୍ରକଟିତ ହେଲେ ଓ କାହିଁକି ତାହାଙ୍କୁ ଶ୍ରୀମହାପ୍ରସାଦ କେବଳ ନୈବେଦ୍ୟ କରାଯାଏ, ତାହା ଜାଣିବାର ଇଚ୍ଛା ସ୍ୱାଭାବିକ ଉଦୟ ହୁଏ ।

ଦେବୀ ପୁରାଣର ବର୍ଣ୍ଣନାନୁଯାୟୀ ସତ୍ୟ ଯୁଗରେ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁ ଶିବଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ସତୀ ବା ଉମା ନିଜେ ଅପମାନିତ ବୋଧକଲେ ଓ ଶିବଙ୍କ ବାରଣ ସତ୍ତ୍ୱେ ଭଗବତୀ ଉମା ନିଜର ମହାବିଦ୍ୟା ଶକ୍ତି ପ୍ରଦର୍ଶନ କରି ଦକ୍ଷପୁରକୁ ଗମନ କଲେ । ପତିଙ୍କ ନିନ୍ଦା ସହ୍ୟ ନକରିପାରି ଯଜ୍ଞ କୁଣ୍ଡରେ ନିପତିତା ହୋଇ ଯଜ୍ଞ ବିଘ୍ନ କରାଇଲେ । ମାତାଶକ୍ତି ଯଜ୍ଞ କୁଣ୍ଡରେ ନିପତିତା ହେବାମାତ୍ରେ ସମସ୍ତ ଯଜ୍ଞସ୍ଥଳୀ ଶକ୍ତିଶୂନ୍ୟ ହୋଇ ବିଲକ୍ଷଣ ହୋଇପଡ଼ିଲା । ଏହା ଯୋଗେଶ୍ୱର ଶିବ ଜାଣି ଶିବସେନାଙ୍କୁ ପଠାଇ ଦକ୍ଷଯଜ୍ଞ ନଷ୍ଟ କଲେ । ଦେବତାମାନଙ୍କୁ ଶକ୍ତିହୀନ କରିବା ଉଦ୍ଦେଶ୍ୟରେ ସେ ସତୀଙ୍କର ଦେହରୁ ଶିବ ଭାବ କାଢ଼ି ନନେଇ ଶକ୍ତିଙ୍କର ଦେହକୁ କାନ୍ଧରେ ରଖି ବ୍ରହ୍ମାଣ୍ଡ ଭ୍ରମଣ ନିମନ୍ତେ ବାହାରିଲେ ।

ବିରହୀ ସଦାଶିବଙ୍କର ଏତାଦୃଶ ଦଶାରେ ସର୍ବଦେବତା ନିଜକୁ ଶକ୍ତିହୀନ ଭାବିଲେ । ଏପରି ଅବସ୍ଥାରେ ଆଦିଦେବ ନାରାୟଣ ନିଜର ଆୟୁଧଶ୍ରେଷ୍ଠ ସୁଦର୍ଶନକୁ ଆଜ୍ଞା ଦେଲେ ଯେ, 'ଶକ୍ତିଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ଖଣ୍ଡ ଖଣ୍ଡ କରି ଭୂପୃଷ୍ଠରେ ପତିତ କରାଅ ।' ଏହି ଅଙ୍ଗ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ତାହା ଶାକ୍ତ ପୀଠ ରୂପେ ପରିଗଣିତ ହେଲା । ଶକ୍ତିଙ୍କ ନାଭିଦେଶ ଯେଉଁ ସ୍ଥାନରେ ପଡ଼ିଲା, ତାହା ବିମଳା କ୍ଷେତ୍ର ନାମରେ ନାମିତ ହେଲା ।

'ଉତ୍କଳେ ନାଭିଦେଶେଷ୍ଟ ବିମଳା ପୁରୁଷୋତ୍ତମେ,
ବିମଳା ଭୈରବୀ ତତ୍ର ଜଗନ୍ନାଥସ୍ତୁ ଭୈରବ ।'

ଯଦିଓ ବିମଳାଙ୍କ ବିଷୟ ମତ୍ସ୍ୟପୁରାଣ, ଅଗ୍ନିପୁରାଣାଦି ପ୍ରାଚୀନ ପୁରାଣମାନଙ୍କରେ ରହିଛି ମାତ୍ର ବିଶେଷ ପ୍ରମାଣରୂପରେ ଉଡ୍ଡୀଶ ତନ୍ତ୍ରରେ

ଉଡ୍ଡୀୟାନ ପୀଠ ନିର୍ଣ୍ଣୟନାମା ତୃତୀୟ ସ୍ତବକରେ ବର୍ଣ୍ଣିତ ହୋଇଥିବା ଜଣାଯାଏ । ତନ୍ତ୍ର ମତରେ ବିମଳାପୀଠରେ ମହାପ୍ରସାଦ ନୈବେଦ୍ୟ ହୁଏ ।

ବିମଳାଙ୍କ ପ୍ରତିମା ଜଗତରେ ଦୁର୍ଲ୍ଲଭ । ସେ ସମସ୍ତ ଜୀବଜଗତର ମାତୃରୂପିଣୀ । ତେଣୁ ଏକ ହସ୍ତରେ ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟକୁ ଧାରଣ କରି ଊର୍ଦ୍ଧ୍ୱଗାମୀ ଓ ଅନ୍ୟହସ୍ତରେ ମାୟା ରୂପିକା ନାଗ କୁଣ୍ଡଳୀ ଧାରଣ କରିଛନ୍ତି । ଅନ୍ୟ ହସ୍ତ ଦ୍ୱୟରେ ଯୋଗରୂପ ସ୍ଫଟିକମାଳା ତଥା ସନାତନ ଭାବ ଜ୍ଞାପକ ଅମୃତକୁଣ୍ଡିଳା ବିରାଜିତା । ତନ୍ତ୍ର ମତରେ ବିମଳା ମୂଳ ପ୍ରକୃତି ଓ ଆତ୍ମଶକ୍ତି ଏବଂ ତାଙ୍କର ଗଣଦେବତା ଛାୟା ଓ ମାୟାଶକ୍ତି ନାମରେ ବିଦିତା । ତାଙ୍କର ଭୈରବ ବାସୁଦେବ, ଯାହାଙ୍କର ମୁକୁଟରେ ସପ୍ତଫଣୀ ନାଗ ଅବସ୍ଥିତ । ସେ ଶଙ୍ଖ, ଚକ୍ର, ଗଦା, ପଦ୍ମ ହସ୍ତ ବିଶିଷ୍ଟ ଜଗନ୍ନାଥ ଅଟନ୍ତି । ବିମଳାଙ୍କ ଉଚ୍ଛିଷ୍ଟ ତାଙ୍କର ଭୈରବ ଜଗନ୍ନାଥଙ୍କ ପାଖରେ ସମର୍ପଣ କରାଯିବାର ବର୍ଣ୍ଣନା ମଧ୍ୟ ରହିଛି ।

‘ରସନା ଉତ୍ତ୍ରଦେଶେ ଚ ବିମଳା ପୁରୁଷୋତ୍ତମେ,
ତଦୁସିଷ୍ଟ ମହାପୀଠେ ଜଗନ୍ନାଥାଖ୍ୟ ଭୈରବଃ ।’

ବିମଳାପୀଠକୁ କେହି କେହି ଜିହ୍ୱାପୀଠ ଏବଂ ପାଦପୀଠ ବୋଲି ମଧ୍ୟ କହନ୍ତି । ଶାସ୍ତ୍ରୀୟ ପ୍ରମାଣ ଦୃଷ୍ଟିରୁ ଏହା ଅତି ପ୍ରାଚୀନ । ତନ୍ତ୍ରଯୁଗରୁ ଏହି ବୈଷ୍ଣବ ପୀଠ ବିଦ୍ୟମାନ ଅଛି । ବିମଳା ସ୍ୱୟଂ ପରମ ବୈଷ୍ଣବୀ । ପ୍ରତ୍ୟହ ଦୁର୍ଗା ମାଧବ ବିମଳା ମନ୍ଦିରରେ ପୂଜା ପାଆନ୍ତି । କେତେକ ଯୁଗ ପରେ ଉତ୍କଳେଶ ଗାଲମାଧବ ବିମଳା ଦେବୀଙ୍କୁ ପୂଜା କରୁଥିଲେ ।(୬) ନୀଳାଦ୍ରି ମହୋଦୟମ୍ ଓ ବାମଦେବ ସଂହିତା ପ୍ରଭୃତି ଗ୍ରନ୍ଥରେ ବିମଳାପୀଠର ବର୍ଣ୍ଣନା ରହିଛି । ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ଏହି ପୀଠର ଅବତାରଣା କରାଯାଇଛି ।

**ଉପସଂହାର**

ବିଭିନ୍ନ ସମୟରେ ଉଡ୍ର, ଉତ୍କଳ ବା ଓଡ଼ିଶା ଦେଶରେ ବିଭିନ୍ନ ଧର୍ମ ତଥା ସଂସ୍କୃତିର ଉଦ୍ରେକ ହୋଇଛି । ଏଠାରେ ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ବୌଦ୍ଧ, ଜୈନ ପ୍ରଭୃତି ଧର୍ମ ଓ ସଂସ୍କୃତିର ପ୍ରଭାବ ପରିଲକ୍ଷିତ ହୁଏ । କିନ୍ତୁ ସମସ୍ତ ଧର୍ମ ଓ ସଂସ୍କୃତିର ସମନ୍ୱୟ ଘଟିଛି ଜଗନ୍ନାଥ ସଂସ୍କୃତିରେ । ବିମଳା କ୍ଷେତ୍ରରେ ଜଗନ୍ନାଥ ଭୈରବ ରୂପରେ ପୂଜିତ ହୋଇ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲାଉଛନ୍ତି ।(୭) ଶୈବଶାକ୍ତ ପରମ୍ପରାର ନିଦର୍ଶନ ମଧ୍ୟ ଏଠାରେ ଦୃଷ୍ଟିଗୋଚର ହୁଏ । ବଡ଼ଠାକୁର ବଳଭଦ୍ରଙ୍କୁ ପଞ୍ଚରାତ୍ର ଦର୍ଶନରେ ଶିବ ଭାବେ ଗ୍ରହଣ କରାଯାଇଛି । ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା, ବିଷ୍ଣୁ ହେଉଛନ୍ତି ପାଳନ କର୍ତ୍ତା ଏବଂ ଶଙ୍କର୍ଷଣ (ଶିବ) ହେଉଛନ୍ତି ସଂହାର କର୍ତ୍ତା । ବିଶ୍ୱକ୍ଷେଣ ସଂହିତାରେ ବଳରାମ, ବଳଭଦ୍ର ଓ ଶଙ୍କର୍ଷଣଙ୍କୁ ଏକରୂପରେ ଚିତ୍ରଣ କରାଯାଇଛି । ସନତ୍ କୁମାର ସଂହିତାରେ ମଧ୍ୟ ଶଙ୍କର୍ଷଣଙ୍କ ବର୍ଣ୍ଣନା ରହିଛି । ଶଙ୍କର୍ଷଣଙ୍କର ଜ୍ଞାନମାର୍ଗଟି ତାଙ୍କୁ ଶିବଙ୍କ ସହିତ ସଂଯୁକ୍ତ କରାଏ । ବିମଳା ଭୈରବୀ ହେଲେ ଜଗନ୍ନାଥ ଭୈରବ । ସେହିପରି ବଳଭଦ୍ର ଶିବ ହେଲେ ବିମଳା ହେଉଛନ୍ତି ଶ୍ରୀକ୍ଷେତ୍ରର ଶକ୍ତି । ଶ୍ରୀମନ୍ଦିରର ପୂଜା ପଦ୍ଧତିରେ ତନ୍ତ୍ରର ପ୍ରଭାବ ରହିଥିବାରୁ ବିମଳାଙ୍କ ସ୍ଥାନ ଅନନ୍ୟ ।

**ସହାୟକ ଗ୍ରନ୍ଥ ଓ ପତ୍ରପତ୍ରିକା ସୂଚୀ**


୧. Sircar, D.C., The Sakta Pithas, Motilal Banarsidass, Delhi, 1973, p.11 and fn.Z.

୨. କାଳିକା ପୁରାଣ, ଅଧ୍ୟାୟ-୬୪, ୪୩-୪୫

୩. India Historical Quarterly, Vol.XI, pp.142 ff.

୪. ମତ୍ସ୍ୟ ପୁରାଣ, ଅଧ୍ୟାୟ-୧୩

୫. Sircar, D.C., The Sakta Pithas, op. cit., p.25 and fn.3

୬. ଶ୍ରୀମନ୍ଦିର ସମାଚାର, ଅକ୍ଟୋବର ୮, ୧୯୬୯

୭. ରାୟ, ବିଦ୍ୟୁତ୍‌ଲତା, କୈବଲ୍ୟରୁ କଣିକାଏ, ଦାରୁଭୂତ ସାଂସ୍କୃତିକ ପରିଷଦ, ନୟାଗଡ଼, ୧୯୯୨, ପୃ.୩୪



ନୀଳମାଧବ ମହାବିଦ୍ୟାଳୟ
କଣ୍ଟିଲୋ, ନୟାଗଡ଼-୭୫୨୦୭୮




# ଶ୍ରୀମନ୍ଦିରରେ ଶାରଦୀୟ ମହୋତ୍ସବ



ବିରଞ୍ଚି ନାରାୟଣ ପାଣିଗ୍ରାହୀ

**ସୀ**ମାହୀନ ଅନନ୍ତ ଆକାଶ, ଦିଗହୀନ ଅଶାନ୍ତ-ପ୍ରଶାନ୍ତ ପବନ, ମାପହୀନ ସୁଗଭୀର ସାଗର ଭଳି କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମର ବୈଚିତ୍ର୍ୟମୟ ଶ୍ରୀମନ୍ଦିର ମଧ୍ୟରେ ମହିମାମୟ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ରହସ୍ୟ ସେଭଳି ଅନନ୍ତ ସୁଗଭୀର, ଦେବମାନବ ଅଗୋଚର ଓ ଅଚିନ୍ତ୍ୟ । ଯିଏ ଯେଉଁ ରୂପରେ ଚିନ୍ତା କରିଛି, ସିଏ ସେଥିରେ ସଫଳତା ଲାଭ କରିଛି । ଯେଉଁ ଭକ୍ତ ଯେଭଳି ରୂପରେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛି ସେ ଦେଖିପାରିଛି । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବେଶରେ ତାହା ପ୍ରତିଫଳିତ ହୋଇଛି । ଶ୍ରୀଜଗନ୍ନାଥଙ୍କୁ ଶ୍ରୀବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ, ଶକ୍ତିମୟୀ କାଳୀ, ବୁଦ୍ଧ, ଜୈନ ଓ ଶୂନ୍ୟ ବ୍ରହ୍ମ ରୂପେ ଓ ଶ୍ରୀବଳଭଦ୍ରଙ୍କୁ ବ୍ରହ୍ମା, କୃଷ୍ଣ ଭଗିନୀ-ସୁଭଦ୍ରା, କୃଷ୍ଣପ୍ରିୟା ଶ୍ରୀରାଧା, ବିଷ୍ଣୁପ୍ରିୟା ମହାଲକ୍ଷ୍ମୀ, ସୀତା ଓ ଯୋଗମାୟା ବିମଳା ରୂପେ ଗ୍ରହଣ କରାଯାଇଛି । ବ୍ରହ୍ମ ରୂପ ଜଗନ୍ନାଥ, ଜୀବ ରୂପି ବଳଭଦ୍ର ଓ ମଝିରେ ପ୍ରକୃତି ସ୍ୱରୂପିଣୀ ରୂପୀ ଯୋଗମାୟା, ଶକ୍ତିମୟୀ, ପରମ ବୈଷ୍ଣବୀ ମା' ସୁଭଦ୍ରା ବିରାଜମାନ କରିଅଛନ୍ତି । ଆଦିଶଙ୍କରଙ୍କ ମତରେ ଶିବ ଓ ବିଷ୍ଣୁଙ୍କ ମଝିରେ ଆଦ୍ୟାଶକ୍ତି, ଶକ୍ତିମୟୀ ସୁଭଦ୍ରା ଥିବାରୁ ଉଭୟେ ହରି ଓ ହର ଶକ୍ତିମାନ୍ ହୋଇପାରିଛନ୍ତି । ତାଙ୍କ ଭାଷାରେ 'ମଧ୍ୟେ ଦେବୀ ପରାତ୍ପରା ଭଗବତୀ, ଯା' ପ୍ରକୃତି ରୂପିଣୀ ନିର୍ଲିପ୍ତା, ଗୁପ୍ତଦେହୀ ତ୍ରିଜଗତ ଜନନୀ, ସୂକ୍ଷ୍ମରୂପା ବିଚିତ୍ରା, ଦେବୀ ଆନନ୍ଦ କନ୍ଦୋ କନକ-ତନୁନ୍ଧରା, ସର୍ବ ସୌଭାଗ୍ୟ ରୂପା, ଦେହି ମେ ଭକ୍ତି, ହରିପଦ ଯୁଗଳଂ, ଯୋଗମାୟା ସ୍ମରାମି । ଅର୍ଥାତ୍, ମଧ୍ୟଭାଗରେ ବିରାଜିତା ମା' ସୁଭଦ୍ରା ତୁମ୍ଭେ ପରାତ୍ପରା ଭଗବତୀ, ପ୍ରକୃତି-ସ୍ୱରୂପିଣୀ, ତ୍ରିଜଗତ ଜନନୀ ନିର୍ଲିପ୍ତା ଗୁପ୍ତଦେହୀ, ସୂକ୍ଷ୍ମରୂପା, ବିଚିତ୍ରା, ଆନନ୍ଦଦାୟିନୀ, ସର୍ବସୌଭାଗ୍ୟ ରୂପିଣୀ, କନକ ବର୍ଣ୍ଣା, ଭକ୍ତି ମୁକ୍ତି ପ୍ରଦାୟିନୀ, ମୁକ୍ତି, ହରିପଦ ଯୁଗଳ ଲାଭ କରିବା ପାଇଁ ମୋତେ ସହାୟ ହୁଅ, ଭକ୍ତି ଓ ମୁକ୍ତି ଦିଅ । ମୁଁ ତୋତେ ସ୍ମରଣ କରିବା ସଂଗେସଂଗେ ପ୍ରଣାମ କରୁଛି । ପୁନଶ୍ଚ ସପ୍ତସତୀ ଚଣ୍ଡୀପାଠରେ ଅଛି - 'ଯା ଦେବୀ ସର୍ବଭୂତେଷୁ, ବିଷ୍ଣୁ ମାୟେତି ଶବ୍ଦିତାଂ ।' ତେଣୁ ଯୋଗମାୟା ହେଉଛନ୍ତି ପରମ ବୈଷ୍ଣବୀ, ନାରାୟଣୀ, ଶ୍ରୀମନ୍ଦିରରେ ମା' ବିମଳା ହେଉଛନ୍ତି ଯୋଗମାୟା, ଭୈରବୀ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ 'ଦେବୀ ଭଗବତରେ'ରେ ଅଛି -

'ଉତ୍କଳେ ନାଭିଦେଶେଶ୍ଚ, ବିମଳା ପୁରୁଷୋତ୍ତମେ
ବିମଳା ଭୈରବୀଯତ୍ର, ଜଗନ୍ନାଥସ୍ତୁ ଭୈରବ ।'

ତେଣୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଥିବା ଭୋଗ ବିମଳାଙ୍କୁ ଅର୍ପଣ କରାଯିବା ପରେ ତାହା ମହାପ୍ରସାଦରେ ପରିଣତ ହୋଇଯାଏ । ପୁରୁଷୋତ୍ତମ ପୀଠର ଦେବୀ ସୁଭଦ୍ରାଙ୍କର ଚଳନ୍ତି ପ୍ରତିମା ରୂପେ କ୍ଷେତ୍ରେଶ୍ୱରୀ ଦେବୀ ବିମଳାଙ୍କର ପୂଜା ଆରାଧନା କରାଯାଏ । ମା'ବିମଳା ହେଉଛନ୍ତି ଆଦ୍ୟାଶକ୍ତି, ପରମ ବୈଷ୍ଣବୀ ନାରାୟଣୀ । ତେଣୁ ଶକ୍ତିମାନ ନାରାୟଣଙ୍କ ନିକଟରେ ଶକ୍ତି ରୂପେ ପୂଜିତ ହୁଅନ୍ତି । ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ମା' ବିମଳାଙ୍କୁ ରାଜରାଜେଶ୍ୱରୀ ବୋଲି କୁହାଯାଇଥାଏ । ଦ୍ୱାଦଶ ଶତାବ୍ଦୀରେ ଉତ୍କଳୀୟ ବୈଷ୍ଣବମାନେ ମାଧବ ଉପାସନା କରୁଥିବାର ଜଣାଯାଏ । ଜୟଦେବଙ୍କ ଗୀତଗୋବିନ୍ଦରେ ମାଧବଙ୍କୁ ମୁଖ୍ୟ-ନାୟକ ରୂପେ ଗ୍ରହଣ କରାଯାଇଛି । ଶବର ରାଜା ବିଶ୍ୱାବସୁ ମଧ୍ୟ ନୀଳ-ମାଧବଙ୍କୁ ପୂଜା କରୁଥିବାର ଜଣାଯାଏ । ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ମାଧବ ପୂଜା ପାଉଛନ୍ତି । ସମସ୍ତ ମଙ୍ଗଳ କାର୍ଯ୍ୟରେ ମଧ୍ୟ ମାଧବଙ୍କୁ ସ୍ମରଣ କରାଯାଏ ।

'ମାଧବୋ ମାଧବୋ ବିଷ୍ଣୁ ମାଧବୋ ମାଧବୋ ହରି
ସ୍ମରନ୍ତି ସାଧବାଃ ନିତ୍ୟଂ ସର୍ବ କାର୍ଯ୍ୟେଷୁ ମାଧବଃ ।'

ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ପ୍ରଚଳିତ ଅଛି । ସବୁଠାରେ ମା'ଦୁର୍ଗାଙ୍କୁ ଶିବ ପ୍ରୀୟା ରୂପେ ପୂଜା କରାଯାଉଥିବାବେଳେ କେବଳ ପୁରୁଷୋତ୍ତମ କ୍ଷେତ୍ରରେ ବିଶେଷତଃ ଶ୍ରୀମନ୍ଦିରରେ ମାଧବଙ୍କ ସହିତ ପୂଜା ପାଉଛନ୍ତି ।

ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ଶାରଦୀୟ ଉତ୍ସବ ଅନ୍ତର୍ଭୁକ୍ତ ନହୋଇଥିଲେ ମଧ୍ୟ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଇଥାଏ । ଦୁର୍ଗା ପୂଜା ସାଧାରଣତଃ ବସନ୍ତ ଓ ଶରତ ଋତୁରେ ପାଳନ କରାଯାଏ ।

ଚୈତ୍ରମାସର ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ନବଦିନ ବ୍ୟାପି ବାସନ୍ତି-ଦୁର୍ଗାପୂଜା ପାଳିତ ହୁଏ । ମାତ୍ର ଶରତ-ଦୁର୍ଗାପୂଜା ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ-ନବମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପୀ ପାଳିତ ହୁଏ । ଏହାକୁ ଷୋଳପୂଜା ମଧ୍ୟ କୁହାଯାଏ ।

ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ରାତ୍ରିରୁ ଆଶ୍ୱିନ ମାସ କୃଷ୍ଣ ଅଷ୍ଟମୀ ଦିବା ଭାଗ ପର୍ଯ୍ୟନ୍ତ ମହାଦେବୀଙ୍କର ଶୟନ କାଳ । ଏଇ ତିଥି ବୃଦ୍ଧି ହେଲେ କୃଷ୍ଣ ସପ୍ତମୀ ଓ ତିଥି ହ୍ରାସ ଘଟିଲେ କୃଷ୍ଣ ଅଷ୍ଟମୀ ଦିନ ପର୍ଯ୍ୟନ୍ତ ଠିକ୍ ପନ୍ଦର ଦିନ ପରେ ଦେବୀ ଉତ୍ଥାନ ପାଳିତ ହୁଏ । ତେଣୁ ଆଶ୍ୱିନ ମାସର କୃଷ୍ଣ ଅଷ୍ଟମୀଠାରୁ ଆଶ୍ୱିନ ମାସ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପି ଷୋଳ ପୂଜା ପାଳିତ ହୁଏ । ଏଇ ଶାରଦୀୟ ଦୁର୍ଗାପୂଜାକୁ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ବୋଲି କୁହାଯାଏ । କେତେକ ଏହାକୁ ଶାରଦୀୟ ରଥଯାତ୍ରା ବା ଶାକ୍ତ-ଗୁଣ୍ଡିଚା ବୋଲି କହିଥାଆନ୍ତି । ଶୁକ୍ଳ ଅଷ୍ଟମୀ ଦିନ ଶାରଦୀୟ ଦୁର୍ଗାପୂଜା ନିମିତ୍ତ ମା' ସୁଭଦ୍ରାଙ୍କୁ ପ୍ରାର୍ଥନା କରାଯାଇଥାଏ । ସକାଳ ଧୂପ ବଢ଼ିବା ପରେ ଦୁର୍ଗାଙ୍କର ଚଳନ୍ତି ପ୍ରତିମା ରତ୍ନସିଂହାସନରେ ବିଜେ ହୁଅନ୍ତି । ଆଜ୍ଞାମାଳ ପାଇବା ପରେ ଦେବୀଙ୍କୁ ମାଜଣା ମଣ୍ଡପରେ ଥିବା ସଜ୍ଜିତ ଖଟ ଉପରେ ବିଜେ କରାଇ ବନଦୁର୍ଗା ମନ୍ତ୍ରରେ ମନ୍ତ୍ରିତ ହୋଇଥିବା ଏକ ଶହ ଆଠ ଗରା ଜଳରେ ଅଭିଷେକ କରାହୁଏ । ଏହାକୁ 'ସହସ୍ର କୁମ୍ଭାଭିଷେକ' କୁହାଯାଏ । ଶ୍ରୀଅଙ୍ଗ ପୋଛା, ବସ୍ତ୍ରଲାଗି, ବେଶ, ପ୍ରସାଦ ଓ ଶୀତଳ ଭୋଗ ପରେ ବନ୍ଦାପନା ବଢ଼ିଲେ ଭଣ୍ଡାର ଘର ଦ୍ୱାର ଦେଶକୁ ନିଆଯାଏ । ଆଜ୍ଞାମାଳ ପାଇ ଶ୍ରୀପୁରୁଷୋତ୍ତମ-ମାଧବ ରୂପେ ଆସି ଦୁର୍ଗାଙ୍କ ସହ ଭଦ୍ରାସନରେ ରୁଦ୍ଧା କିମ୍ବା ମିଳିତ ହୁଅନ୍ତି । ଏହାପରେ ଦୁର୍ଗାମାଧବଙ୍କୁ ରତ୍ନସିଂହାସନ ନିକଟକୁ ନିଆଯାଇ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପଠାରେ ଥିବା ସୁସଜ୍ଜିତ ପାଲିଙ୍କିରେ ବିଜେ କରନ୍ତି । ବିମଳାଙ୍କ ସକାଳ ଧୂପ ପରେ ରଥରେ ବିମଳା ମନ୍ଦିରକୁ ଯାତ୍ରା କରନ୍ତି । କର୍ପୂର ଲାଗି ପରେ ବିମଳାଙ୍କ ମନ୍ଦିରରେ ଥିବା ଖଟ ଉପରେ ଦୁର୍ଗା-ମାଧବ ବିଜେ କରନ୍ତି । ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୁଏ । ଏହିପରି ତିନି ଧୂପ ସାରି ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ଲାଗିପରେ ରଥରେ ବାହୁଡ଼ା ବିଜେ କରି ଭଣ୍ଡାର ଘରେ ବିଜେ ହେବେ । ଏଇଭଳି ନୀତି କୃଷ୍ଣ-ଅଷ୍ଟମୀଠାରୁ ଆରମ୍ଭ ହୋଇ ଆଠଦିନ ପର୍ଯ୍ୟନ୍ତ ଚାଲିଥାଏ । ଦୁର୍ଗାମାଧବ ସେପରି ରୁଦ୍ଧା ବା ମିଳିତ ହୋଇଥାଆନ୍ତି । ପର ଆଠଦିନ ଅର୍ଥାତ୍ ଶୁକ୍ଳ ପ୍ରତିପଦାଠାରୁ ଅଷ୍ଟମୀ ଦିନ ପର୍ଯ୍ୟନ୍ତ ଆଠ ଦିନ ଉକ୍ତ ରୁଦ୍ଧା ହୋଇଥିବା ଦୁର୍ଗା-ମାଧବ ରଥରେ ବିଜେ କରି ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ଯାଆନ୍ତି । ସେଠାରେ ମଧ୍ୟ ବିମଳା ମନ୍ଦିର ଭଳି ନୀତିମାନ ଅନୁଷ୍ଠିତ ହୁଏ । ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ବଢ଼ିଲେ ଶ୍ରୀମନ୍ଦିରକୁ ରଥରେ ବସି ବାହୁଡ଼ା ବିଜେ କରି ଭଣ୍ଡାର ଘରକୁ ଆସନ୍ତି । ପ୍ରଥମ ଆଠଦିନ ରୁଦ୍ଧା ହୋଇଥିବା ଦୁର୍ଗାମାଧବ ବିମଳା ମନ୍ଦିରକୁ ବିଜେ କରିବା ଭଳି ଶେଷ ଆଠଦିନ ଦୋଳ ମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ରଥରେ ବିଜେ କରି ଶ୍ରୀଜୀଉଙ୍କର ଭିତର ଚନ୍ଦନ ପରେ ଷୋହଳ ଦିନ ପର୍ଯ୍ୟନ୍ତ ଭଣ୍ଡାର ଘରେ ରୁଦ୍ଧା ହୋଇ ରହନ୍ତି । ଏହା ଦୁର୍ଗାମାଧବଙ୍କର ଷୋହଳ ଦିନ ବ୍ୟାପି ରଥଯାତ୍ରା ଅଥବା ଶାରଦୀୟ ରଥଯାତ୍ରା କିମ୍ବା ଶାକ୍ତ ଗୁଣ୍ଡିଚା କୁହାଯାଏ ।

ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ମନ୍ଦିର ପାଖ କୂପର ଦକ୍ଷିଣ ଦିଗରେ ଏକ ଅସ୍ଥାୟୀ ରୋଷଘର ନିର୍ମିତ ହୁଏ । ସେଠାରେ ମହାଦେବୀ ବିମଳାଙ୍କର ଅନ୍ନବ୍ୟଞ୍ଜନାଦି ଭୋଗ ପ୍ରସ୍ତୁତ ହୁଏ । ଶ୍ରୀଜଗନ୍ନାଥଙ୍କର ରାତ୍ର ପହୁଡ଼ ପରେ, ମନ୍ଦିରଶୋଧ ହୋଇ ସାରିବା ପରେ ଆମିଷାଦି ପଶୁବଳି ପଶ୍ଚିମ ଦ୍ୱାର ଦେଇ ଭୋଗ ପାଇଁ ଆସିଥାଏ । ସମସ୍ତ ନୀତି ପରେ ଅସ୍ଥାୟୀ ରୋଷଘରେ ଏଭଳି ଆମିଷ ଭୋଗ ପ୍ରସ୍ତୁତ ହୁଏ । ଭୋଗ ସମୟରେ ପୂଜକ ଓ ସେବାୟତମାନଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ସେଠାରେ ରହିପାରନ୍ତି ନାହିଁ । ବିମଳାଙ୍କ ଷୋଳପୂଜା ସଂପାଦିତ ଷୋହଳ ଦିନମାନଙ୍କରେ ସ୍ତ୍ରୀଲୋକମାନେ ବିମଳାଙ୍କୁ ଦର୍ଶନ କରିନପାରିବାର ବାରଣ କରାଯାଇଛି । କୌଣସି ସ୍ତ୍ରୀଲୋକ ଏ ସମୟରେ ଉକ୍ତ ମନ୍ଦିର ମଧ୍ୟରେ ପ୍ରବେଶ କରିପାରିବେ ନାହିଁ । ଗୁରୁବାର ଦିନ ମହାଦେବୀଙ୍କର ଏକାନ୍ତ ପୂଜାନୀତି ହୁଏ । କୌଣସି ବ୍ୟକ୍ତିଙ୍କର ପଶୁବଳି ଦେବାର ମାନସିକ ଥିଲେ, ମନ୍ଦିର ବାହାରେ ଥିବା 'କାକୁଡ଼ିଖାଇ' ମନ୍ଦିରରେ ଉକ୍ତ ବଳି ଦେବାର ପ୍ରଥା ଅଛି । ମହାନବମୀ ଦିନ ଭିତର ଚନ୍ଦନ ବଢ଼ିବା ପରେ ମନ୍ଦିର ଶୋଧ କରାଯାଏ । ନିଶାର୍ଦ୍ଧରେ ମହାଦେବୀ ବିମଳାଙ୍କର ବଳି, ହୋମ ଇତ୍ୟାଦି ଶେଷ ହେବା ପରେ ଶ୍ରୀମନ୍ଦିରରେ ଶାରଦୀୟ ପୂଜାର ସମସ୍ତ ପୂଜା ଶେଷ ହୋଇଥାଏ । ଶ୍ରୀମନ୍ଦିରରେ ଆମିଷ ସଂପୂର୍ଣ୍ଣ ନିଷେଧ ହେଲେ ମଧ୍ୟ, କେବଳ ଏଇ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ନିକଟରେ ହେଉଥିବା ଆମିଷ ଭୋଗ ଏକ ବ୍ୟତିକ୍ରମ ହେଲେ ମଧ୍ୟ ଏହା ବୈଷ୍ଣବ ଓ ଶାକ୍ତ ଧର୍ମର ଏକ ମଧୁର ମିଳନ ମାତ୍ର । ଷୋହଳ ଦିନ ପୂଜା ମଧ୍ୟରୁ ଏଗାର ଦିନ ମହାଦେବୀ ବିମଳାଙ୍କୁ ଭୁବନେଶ୍ୱରୀ, ବନଦୁର୍ଗା, ରାଜରାଜେଶ୍ୱରୀ, ଉଗ୍ରତାରା, ମାତଙ୍ଗିନୀ, ବଗଳା, ନାରାୟଣୀ, ସିଂହବାହିନୀ, ଜୟଦୁର୍ଗା ଶୂଳାଦୁର୍ଗା, ହରଚଣ୍ଡି ପ୍ରଭୃତି ଏଗାର ଗୋଟି ବେଶ କରାଯାଏ । ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗଦୀଶ୍ୱର ଓ ମା' ବିମଳା ହେଉଛନ୍ତି ଜଗଦୀଶ୍ୱରୀ । ଶ୍ରୀଜଗନ୍ନାଥ ନାରାୟଣ ହେଲେ ମା' ବିମଳା ନାରାୟଣୀ ଏବଂ ଶ୍ରୀଜଗନ୍ନାଥ ପରମ ବୈଷ୍ଣବ ହେଲେ ମା' ବିମଳା ହେଉଛନ୍ତି ପରମ ବୈଷ୍ଣବୀ । ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱର ଓ ମା' ବିମଳା ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱରୀ । ଶ୍ରୀଜଗନ୍ନାଥ ହେଉଛନ୍ତି ଭଗବାନ ଓ ମା' ବିମଳା ହେଉଛନ୍ତି ଭଗବତୀ । ଶ୍ରୀଜଗନ୍ନାଥ ରୂପୀ ମାଧବ ଓ ମା' ବିମଳା ରୂପୀ ଦୁର୍ଗାଙ୍କ ମଧ୍ୟରେ ଅଭେଦ ସଂପର୍କ ରହିଛି । 'ଦୁର୍ଗା ମାଧବ' ହେଉଛନ୍ତି ସୁଖ, ଶାନ୍ତି ବିଦ୍ୟା, ଐଶ୍ୱର୍ଯ୍ୟ ଓ ସମସ୍ତ ମଙ୍ଗଳକାରକର ପ୍ରତୀକ । ଶାସ୍ତ୍ରରେ ଅଛି -

'ଦୁର୍ଗାମାଧବ ସଂଚିନ୍ତ୍ୟଂ-ସର୍ବକାର୍ଯ୍ୟ ସମାଚରେତ୍ ।
ଦୁର୍ଗା ବିଘ୍ନହନ୍ତ୍ରା ଦେବୀ, ମାଧବ ଶୁଭ ଦାୟକ ॥'

ଅର୍ଥାତ୍ ଦୁର୍ଗା ବିଘ୍ନନାଶକାରିଣୀ ଓ ମାଧବ ଶୁଭଦାୟକ ହୋଇଥିବାରୁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ 'ଦୁର୍ଗା ମାଧବ'ଙ୍କୁ ସ୍ମରଣ କରାଯାଇଥାଏ ।

ଦଶହରା ଦିନ ଅବକାଶ ନୀତି ଓ ଚନ୍ଦନ ଲାଗି ବଢ଼ିଲେ ଜୀଉମାନଙ୍କୁ ନୂତନ ବସ୍ତ୍ର ଓ ଅଳଙ୍କାରରେ ମଣ୍ଡିତ କରାଯାଇ ରାଜରାଜେଶ୍ୱର ବା ସୁନାବେଶ କରାଯାଏ । ଗୋପାଳବଲ୍ଲଭ ଓ ଅବକାଶ ଧୂପ ଶେଷ ହେବା ପରେ ଭଣ୍ଡାର ଘରେ ଚାରିଦିନ ପୂର୍ବରୁ ପୂଜା ପାଇ ଆସୁଥିବା ହଳ ମୂଷଳ, ତଡ଼ଗୀ, ଶଙ୍ଖ-ଚକ୍ର ପ୍ରଭୃତି ଆୟୁଧମାନଙ୍କୁ ପୂଜାନୀତି ପରେ ରୁପା ଥାଳିରେ ରଖି ପଟୁଆର ସହ ତିନିଥର ମନ୍ଦିର ପରିକ୍ରମା କରାଇ ରତ୍ନସିଂହାସନରେ ଜୀଉମାନଙ୍କୁ ଆୟୁଧ ଲାଗି ହୁଏ । ଭିତର ଆଳତୀ ବଢ଼ିଲେ ନୀତି ସହ ରୁନ୍ଧା ହୋଇଥିବା ଦୁର୍ଗା ମାଧବଙ୍କୁ ଭଣ୍ଡାର ଘରୁ ମଦନମୋହନ, ରାମ ଓ କୃଷ୍ଣଙ୍କୁ ଦକ୍ଷିଣ ଘରୁ ବୀର ବେଶରେ ସଜାଇ ଭିତର ସିଂହାସନକୁ ଅଣାଯାଇଥାଏ । ନୀତି ବଢ଼ିବା ପରେ ପାଞ୍ଚଗୋଟି ଆଜ୍ଞାମାଳ ପାଇ ଦେବତାମାନେ ହାତରେ ବିଜେ ହୋଇ ବଟ ମୂଳକୁ ଆସନ୍ତି । ସେଠାରେ ରୁନ୍ଧା ପଡ଼ିଥିବା ଦୁର୍ଗାମାଧବଙ୍କୁ ସଜ୍ଜିତ ରଥରେ ବସାଇ ଦିଆଯାଏ । ମଦନମୋହନଙ୍କୁ ବିମାନରେ, ରାମ-କୃଷ୍ଣଙ୍କୁ ପାଲିଙ୍କିରେ ବସାଯାଏ । ରୁନ୍ଧା ଖୋଲାଯାଇ ଦେବତାମାନଙ୍କୁ ଗୋପାଳବଲ୍ଲଭ ମଠକୁ ବିଜୟଯାତ୍ରାରେ ନିଆଯାଏ । ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ଠାକୁରମାନଙ୍କର ବାହୁଡ଼ା ବିଜେ ହୋଇଥାଏ । ଶ୍ରୀମନ୍ଦିରକୁ ଆସିବା ପରେ ମାଧବଙ୍କୁ ରତ୍ନସିଂହାସନରେ, ଦୁର୍ଗାଙ୍କୁ ଭଣ୍ଡାର ଘରେ ଓ ମଦନମୋହନ, ରାମକୃଷ୍ଣଙ୍କୁ ଦକ୍ଷିଣ ଘରେ ବିଜେ କରାଯାଏ । ଦୁର୍ଗାମାଧବ ରଥରେ ବିଜେ କରୁଥିବାରୁ ଏହି ଦୁର୍ଗାମାଧବ ଉପାସନାକୁ ଶାରଦୀୟ ଦୁର୍ଗାପୂଜା କିମ୍ବା ଶାକ୍ତ ଗୁଣ୍ଡିଚା କୁହାଯାଏ । ଯାହାକି ଅନ୍ୟ କୌଣସିଠାରେ ଦେଖାଯାଏ ନାହିଁ ।

ଶୁକ୍ଳ ଏକାଦଶୀ ଦିନ ପୁରୀର ବିଭିନ୍ନ ସାହି, ଗଳି କନ୍ଦି, ଆଖଡ଼ା ଘର ବା ଜାଗାଘରଠାରେ ପୂଜିତ ଓ ପୂଜା ଶେଷରେ ବିସର୍ଜନ ହେବାକୁ ଥିବା ମୃଣ୍ମୟୀ ଦେବୀ ମୂର୍ତ୍ତିମାନଙ୍କୁ ପଟୁଆର ସହ ସିଂହଦ୍ୱାର ସମ୍ମୁଖରେ ସନ୍ଧ୍ୟା ସମୟରେ ସମାବେଶ କରାଯାଏ । ଏହା ଗୋଷାଣୀ ଯାତ୍ରା ନାମରେ ପ୍ରସିଦ୍ଧ । ଏହାପରେ ବିଗ୍ରହମାନଙ୍କୁ ବର୍ଣ୍ଣାଢ଼୍ୟ ପଟୁଆରରେ ନିଆଯାଇ ବିସର୍ଜନ କରାଯାଏ । ସମୁଦ୍ରରେ ବିସର୍ଜନ ହେଉଥିବାରୁ ସମୁଦ୍ର କୂଳ ବେଶ୍ ଲୋକାରଣ୍ୟ ଓ କୋଳାହଳମୟ ହୋଇଥାଏ । ଆଶ୍ୱିନ ମାସ ଶୁକ୍ଳ ଏକାଦଶୀ ଦିନଠାରୁ ରାଧାଦାମୋଦର ବେଶ ଓ ଉପାସନା ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ଦିନ ପର୍ଯ୍ୟନ୍ତ ଚାଲେ ।

### ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣମୀ

କୁମାର ପୂର୍ଣ୍ଣମୀ ଦିନ ଜୀଉମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହେବା ପରେ, ସିଂହାସନରୁ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଆଣି ଖଟ-ଶେଜ ଘରେ ବସାଇବା ପରେ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ବିଜେ ହୋଇ ଆସି ଜଗମୋହନରେ ଚଉଦଳାରେ ବସନ୍ତି । ପାଟପଟନୀ ଲାଗି ପରେ, ଚୁଳ ଲାଗି କରାଯାଇ, ଚଉଦଳାରେ ବସାଇ ଝୁଲଣ ମଣ୍ଡପ ନିକଟକୁ ନିଆଯାଏ । ସେଠାରେ ବିଭିନ୍ନ ଅଳଙ୍କାର ଲାଗି ପରେ, ଶ୍ରୀମନ୍ଦିରକୁ ପ୍ରଦକ୍ଷିଣ କରାଯାଇ ଘଣ୍ଟ, ଘଣ୍ଟା କାହାଳୀ ସହ ବଡ଼ ଦାଣ୍ଡ ବାଟେ ଯାଇ ଉଗ୍ରସେନାଦି ମଠରେ ପୂଜା ଓ ବନ୍ଦାପନା ପରେ ଭୋଗ ଲାଗି ହୋଇ ସାରିବା ପରେ ପଶ୍ଚିମ ଦ୍ୱାର ଚକଡ଼ାକୁ ଆସି ପୂଜା, ବନ୍ଦାପନା ଓ ଭୋଗ ଲାଗିପରେ ଚଉଦଳାରେ ବସି ଜୟବିଜୟ ଦ୍ୱାର ନିକଟକୁ ଯାଇ ରୁନ୍ଧାଖୋଲା ହେବା ପରେ ସୁଦର୍ଶନଙ୍କୁ ସିଂହାସନରେ ବିଜେ କରାଇ ସିଂହାସନ ଶୋଧ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ମହାସ୍ନାନ କରାଯାଏ । ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଖଟ-ଶେଜ ଘରୁ ସିଂହାସନକୁ ନିଆଯାଇ ସର୍ବାଙ୍ଗ ନୂଆଲୁଗା ଲାଗି ହୋଇ ବେଶ ବଢ଼େ । ସନ୍ଧ୍ୟା ଆଳତି ପରେ ଚାରିବାଡ଼ରେ ସନ୍ଧ୍ୟାଧୂପ ପୂଜା ବଢ଼ିଲେ ସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇ ବନ୍ଦାପନା କରାଯାଏ । ପରେ ପାଣି ପଡ଼ିସାରିବା ପରେ ଦକ୍ଷିଣଘରୁ ମଦନମୋହନଙ୍କୁ ଆଣି ସିଂହାସନରେ ବିଜେ କରାଯାଏ । ମଦନମୋହନ ଓ ଲକ୍ଷ୍ମୀ ଆଜ୍ଞାମାଳ ପାଇବା ପରେ ହାତରେ ନେଇ ସାତ ପାହାଚରେ ପାଲିଙ୍କିରେ ଯାଇ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଥିବା ଖଟ ଉପରେ ବିଜେ କରନ୍ତି । ଶ୍ରୀମଦନମୋହନ ଓ ଲକ୍ଷ୍ମୀଙ୍କ ମଧ୍ୟରେ ପଶା, କଉଡ଼ି, ଜୁଆ ଇତ୍ୟାଦି ଖେଳ ହୁଏ । ଶୀତଳ ଭୋଗ ପରେ ବାହୁଡ଼ା ଯାତ୍ରା ହୁଏ । ଲକ୍ଷ୍ମୀ ସିଂହାସନକୁ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେ କରନ୍ତି । ଭିତର ଚନ୍ଦନ ଲାଗି ଓ ବଡ଼ସିଂହାର ବେଶରେ ଛଅ ମୂର୍ତ୍ତିଙ୍କୁ ପତନୀ ଲୁଗା ଓ ତଡ଼ପ ଲାଗି ପରେ ବଡ଼ସିଂହାର ବେଶ ହୁଏ । ଏହାପରେ ସିଂହାସନ ତଳେ ପଶା, କଉଡ଼ି, ଜୁଆ ଓ ଶକଟ ଖେଳ ହୁଏ । ପରେ ସିଂହାସନ ଉପରେ ମଧ ଏ ଖେଳ ହୋଇଥାଏ । ଏ ଖେଳରେ ମା' ଲକ୍ଷ୍ମୀଙ୍କଠାରୁ ଶ୍ରୀଜଗନ୍ନାଥ ହାରି ଯାଆନ୍ତି । ତେଣୁ ମାଧବ ହାତରେ ଯାଇ ଲକ୍ଷ୍ମୀ ମନ୍ଦିରରେ ବିଜେ ହେବା ସଙ୍ଗେ ସଙ୍ଗେ ବନ୍ଧା ହୋଇ ସାତ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି । କାର୍ତ୍ତିକ ମାସ କୃଷ୍ଣ ଅଷ୍ଟମୀ ତିଥିରେ ଲକ୍ଷ୍ମୀ ମନ୍ଦିରରୁ ଆସି ଶ୍ରୀମନ୍ଦିରର ରତ୍ନସିଂହାସନରେ ବିଜେ କରନ୍ତି ।

କ୍ଷେତ୍ରମାନଙ୍କର ରାଜା ଶ୍ରୀଧାମ, ଶ୍ରୀପୀଠ, ଶ୍ରୀକ୍ଷେତ୍ର ପୁରୁଷୋତ୍ତମର ଶ୍ରୀମନ୍ଦିରରେ ପାଳିତ ହେଉଥିବା ଶାରଦୀୟ ମହୋତ୍ସବ ଯେପରି ଆନନ୍ଦଦାୟକ ରାଧାମାଧବ ଉପାସନା ସେପରି ତତ୍ତ୍ୱମୟ ଓ ସ୍ୱତନ୍ତ୍ରତା ଲାଭ କରିଛି । ଉତ୍କଳୀୟ ସଂସ୍କୃତିର ସାମାଜିକ ଓ ଦାମ୍ପତ୍ୟ ଜୀବନର ପ୍ରତିଫଳନ ସଂପୂର୍ଣ୍ଣ ରୂପେ କୁମାର ପୂର୍ଣ୍ଣମୀ ନୀତିରେ ରୂପାୟିତ ହୋଇପାରିଛି । ସେଥିପାଇଁ ସାରା ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତ ଦେବତାମାନଙ୍କର ରାଜାଧିରାଜ ହେଲେ ମଧ ଉତ୍କଳୀୟମାନଙ୍କର ଅତି ନିଜର ଚକାଡୋଳା, କାଳିଆ ଓ ବଳିଆର ଭୁଜ ହୋଇ ରହିଛନ୍ତି ।

ଘର ନଂ- ୱାନ-ଏଫ୍
'ଭରଷା ପ୍ଲାଜା'', ମହତାବ ରୋଡ
ପୁରୁଣା ଭୁବନେଶ୍ୱର-୭୫୧୦୦୨

# ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ

ସତ୍ୟନାରାୟଣ ମହାପାତ୍ର

ଉତ୍ତାଳ ତରଙ୍ଗମାଳାରେ ଉଦ୍‌ବେଳିତ ହୋଇ ଉଠିଲା ସମୁଦ୍ର । ପ୍ରତ୍ୟେକଟି ତରଙ୍ଗ ସତେ ଯେମିତି ଅନ୍ୟ ଉତ୍ତୋଳିତ ତରଙ୍ଗ ସହିତ ପ୍ରତିଯୋଗିତା କରୁଛି । ଉଦ୍ୟମ କରୁଛି ତାକୁ ଟପି ଆଉ ଟିକିଏ ଉଚ୍ଚକୁ ଉଠିବ, କୂଳ ଲଘିଂ ଆଉ ଟିକିଏ ଆଗକୁ ମାଡ଼ିଯିବ ।

ପ୍ରକୃତି କୋଳରୁ ଆନନ୍ଦ ଉପଭୋଗ କରୁଥିବା ଦର୍ଶକ ମଣ୍ଡଳୀ ମନରେ ଆନନ୍ଦ ପରିବର୍ତ୍ତେ ଆଶଙ୍କା ମେରୁ ଅଞ୍ଚଳର ବରଫ ପାହାଡ଼ ପରି ଜମାଟ ବାନ୍ଧିଲା । ସମୁଦ୍ର କୂଳରେ ସୁଦୀର୍ଘ ବାଲୁକା ଗାଲିଚା ଛାଡ଼ି ସେମାନେ ଯଥାଶୀଘ୍ର ଅପସାରିତ ହେଲେ ସହର ଭିତରକୁ । ତୁଣ୍ଡ ବାଇଦ ବାଜଣାରେ କମ୍ପି ଉଠିଲା ସମଗ୍ର ଶ୍ରୀକ୍ଷେତ୍ର ଅଞ୍ଚଳ । ସମୁଦ୍ର ଲହରି ଖୁବ୍ ବଡ଼ ବଡ଼ ଢେଉ ଭାଙ୍ଗୁଛି ... ତଟ ଟପି ଯାଉଛି ଅତି ଅସ୍ୱାଭାବିକ ଭାବେ ..

ସାରା ପୁରୀ ଅଞ୍ଚଳବାସୀଙ୍କ ମୁହଁ ସମୁଦ୍ର ଆଡ଼କୁ

ଉଗ୍ର ରୂପ ନେଉଛି ମହୋଦଧି ।

ଏ କ'ଣ !

ଅତି ଅଳ୍ପ ସମୟର ବ୍ୟବଧାନ ମଧ୍ୟରେ କୂଳ ଲଘିଂ ସମୁଦ୍ର ମାଡ଼ି ଆସିଲା ଶ୍ରୀମନ୍ଦିର ଦିଗକୁ । ସ୍ପର୍ଶ କଲା ଶ୍ରୀମନ୍ଦିର ମଧ୍ୟସ୍ଥ ରତ୍ନ ସିଂହାସନକୁ ।

ହେଇ ଦେଖୁ ଦେଖୁ ଆଉ କେତୋଟି ମୁହୂର୍ତ୍ତ ମଧ୍ୟରେ ସିଂହାସନାସୀନ ଠାକୁରମାନଙ୍କୁ ସମ୍ଭବତଃ ଜଳ ପ୍ଲାବିତ କରି ପକାଇବ ସମୁଦ୍ର । ସାରା ଜଗତ ଲୀନ ହୋଇଯିବ ସାଗର ଗର୍ଭରେ । ଠାକୁରେ ଯେଉଁଠି ଜଳମଗ୍ନ ହେବେ, ଆଉ ଜୀବଜଗତର ସ୍ଥିତି ରହିବ କେଉଁଠି ? ଉପସ୍ଥିତ ମହାକାଳ । କଳି କାଳର ଭୟଙ୍କର ରୂପ ।

ଉପସ୍ଥିତ ଜନ-ମାନବର ଆର୍ତ୍ତ ଚିତ୍କାରରେ କମ୍ପି ଉଠିଲା ଧରଣୀ । ଯୁଗାନ୍ତର ବେଳେ ଏଭଳି ଅସମ୍ଭବ ଘଟଣା କେବଳ ସମ୍ଭବ ହୋଇଥାଏ ବୋଲି ସୁଧି ସମାଜ ଆପଣା ମଧ୍ୟରେ ମତ ବିନିମୟ କରୁଥିଲେ । ଦୁଇ ହାତ ଉପରକୁ ଉଠିଯାଉଥିଲା ନିରୁପାୟ ଆର୍ତ୍ତ



ମଣ୍ଡଳୀର । ଆର୍ତ୍ତ ତ୍ରାଣଙ୍କ ନିକଟରେ ସମସ୍ତଙ୍କର ସମର୍ପଣର ଭାବ । ଅଜଣା ଆଶଙ୍କାର ଘନଘୋର ଅନ୍ଧାର ଭିତରେ ବୁଡି ରହିଥିଲେ ସମସ୍ତେ । ସମସ୍ତଙ୍କ ମୁହଁରେ ହରିନାମ । ତ୍ରାହି ତ୍ରାହି ଡାକ । ମାନବ ସମାଜକୁ ରକ୍ଷା କରିବା ପାଇଁ ଠାକୁରଙ୍କୁ ଆକୁଳ ନିବେଦନ । ଜଗତର ମଙ୍ଗଳ ପାଇଁ ଜଗତ ଠାକୁରଙ୍କୁ ପ୍ରାର୍ଥନା ପ୍ରତି କୋଣ ଅନୁକୋଣରେ ।

ସମସ୍ତଙ୍କ ଆକୁଳ ଆବେଦନ ଠାକୁରେ ଶୁଣିଲେ କି କ'ଣ କେଜାଣି, ସମୟକ୍ରମେ ଜଳ ପ୍ଲାବନର ଗତି ମନ୍ଥର ହୋଇ ଉଠିଲା । ଆଉ ଅଧିକ ଅଗ୍ରସର ହେଉନି ସମୁଦ୍ର ତରଙ୍ଗ । କିନ୍ତୁ ତଥାପି ଜଳଧାରା ଲାଗି ରହିଛି ଠାକୁରମାନଙ୍କ ରତ୍ନ ସିଂହାସନକୁ । ମହାସମୁଦ୍ରର ତରଙ୍ଗ ଉତ୍ତାଳ ନହେଲେ ବି ଜଳଧାରା ଅପସାରିତ ହେଉନି ସମୟକ୍ରମେ ।

ଭକ୍ତଗଣଙ୍କ ହୃଦୟରେ ଆଲୋଡ଼ନ । ସାଧୁସନ୍ଥମାନେ ଭୟଭୀତ । ପୂଜକମାନଙ୍କ ମନରେ ଗଭୀର ଉଦ୍‌ବେଗ । ପଣ୍ଡା ପଡ଼ିଆରୀ ତଥା ଅନ୍ୟାନ୍ୟ ସେବକ ଗଣ ତଟସ୍ଥ । ତଥାପି ସମସ୍ତେ

ନିରୁପାୟ । ସଂଶୟକ୍ରମେ ଜମାଟ ବାନ୍ଧୁଛି ସମସ୍ତଙ୍କ ମନରେ । ସମସ୍ତଙ୍କ ମନରେ ଜନ୍ମ ନେଉଛି ଭାବାନ୍ତର ।

- ଜଗତ ଠାକୁରେ ଏଇ ସ୍ଥାନ ଛାଡ଼ିବା ସମୟ ଉପନୀତ ।

- ଏଇତ ପ୍ରଳୟର ଆଦି ସୂଚନାର ମାତ୍ର । ଦେଖ, କ'ଣ ହେଉଛି ।

- ଆମେ ସବୁ ଏଇନେ କ'ଣ କରିବା ?

- ପ୍ରାର୍ଥନା, ପ୍ରାର୍ଥନା । କେବଳ ନାରାୟଣଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ତୁମେ ସବୁ କ'ଣ କରିପାରିବ ? ଯୋଗ କର । ଧ୍ୟାନ କର, ତପକର, 'ରଖ ହେ ନାରାୟଣ' ମନ୍ତ୍ର ଜପକର । କେବଳ ଠାକୁରଙ୍କୁ ଡାକ । ତାଙ୍କରି ପାଦତଳେ ଆପଣାକୁ ସମର୍ପଣ କର ।

- ମହାବିପଦର ବେଳ ମାଡ଼ି ଆସିଲା । ଚାଲ, ରାଜନଅର ଯିବା । ଠାକୁର ରାଜାଙ୍କୁ ଭେଟିବା ।

- ନିୟତିର ଏଇ ବିଧାନକୁ ରାଜା ବା କ'ଣ କରିପାରିବେ । ରଖିଲେ ରଖିବେ କଳା ଠାକୁରେ ।

ଏଭଳି କିଛିଟା ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ କିଛି ଲୋକ ଚାଲିଲେ ରାଜପ୍ରାସାଦ ଆଡ଼କୁ । ସେତେବେଳକୁ ଠାକୁର ରାଜା ପ୍ରତାପ ରୁଦ୍ର ଦେବ ବଡ଼ ଦେଉଳରେ ସମୁଦ୍ର ପାଣି ପଶିବା ଖବର ପ୍ରାପ୍ତ ହୋଇ ସାରିଥିଲେ । ସେହି ଦୈବୀ ଦୁର୍ଘଟଣାରେ ବ୍ୟସ୍ତ ବିବ୍ରତ ହୋଇ ଠାକୁରଙ୍କ ନିକଟରେ ଆତ୍ମନିବେଦନ କରି ଶରଣାଗତ ହୋଇ ସାରିଥିଲେ ।

ଲୀଳାମୟଙ୍କ ବ୍ୟତୀତ ଏଇ ସମସ୍ୟାର ସମାଧାନ କରିପାରିବ ବା କିଏ ?

ଅପଲକ ନୟନରେ ରତ୍ନ ସିଂହାସନାସୀନ ଦାରୁଭୂତୋମୁରାରୀ ଦେଖୁଥିଲେ ଆପଣାର ପଦଧୌତ କରୁଥିବା ମହୋଦଧିର ଜଳଧାରାକୁ । ଅଙ୍ଗ ପ୍ରତ୍ୟଙ୍ଗ ସତେ ଯେମିତି ଶୀତଳ ଲାଗୁଥିଲା । ଅଧିକ ପ୍ରଶାନ୍ତ ଦିଶୁଥିଲା ମୁଖମଣ୍ଡଳ । କାନ ନଥାଇ ଶୁଣି ପାରୁଥିଲେ ମହୋଦଧି ଜଳଧାରାର କୁଳୁ କୁଳୁ ତାନ, ଏକ ନୈସର୍ଗିକ ସଂଗୀତର ମୂର୍ଚ୍ଛନା ।

କିନ୍ତୁ ସେଇ ପ୍ରଶାନ୍ତି ନିମିଷକ ମଧ୍ୟରେ ଅନ୍ତର୍ହିତ ହୋଇଥିଲା ଭକ୍ତଗଣଙ୍କ ଆର୍ତ୍ତ ଚିତ୍କାରରେ । ଭଗବାନ ସବୁବେଳେ ଭକ୍ତର ଭକ୍ତିରେ ବନ୍ଧା । ଭକ୍ତିଭରା ଆକୁଳ ନିବେଦନ କେବେବି ବ୍ୟର୍ଥ ହୁଏ ନାହିଁ ।

ଭ୍ରୂଲତା ବିହୀନ କାଳିଆ ଠାକୁରେ ଅପଲକ ନେତ୍ରରେ ଦେଖୁଥିଲେ ତାଙ୍କରି ପରମାଶ୍ରିତ ଭକ୍ତମାନେ ଅତ୍ୟନ୍ତ କାତର, ପୂଜକମାନେ ମ୍ରିୟମାଣ । ରାଉତ ପ୍ରତାପରୁଦ୍ର ଦେବ ଅତ୍ୟନ୍ତ ବେଦନାଗ୍ରସ୍ତ ଏବଂ ଶରଣାପନ୍ନ ମଧ୍ୟ । କାଳେ କାଳେ ପ୍ରଭୁଙ୍କ ଶଙ୍ଖ-ଚକ୍ର, ଗଦା-ପଦ୍ମ ଧାରଣ ତ ଭକ୍ତମାନଙ୍କ ପାଇଁ, ସେଇ ଭକ୍ତମାନଙ୍କ ପାଇଁ ଚତୁର୍ଭୁଜ ମହାବାହୁ ସଂକୁଚିତ ଅଙ୍ଗପ୍ରତ୍ୟଙ୍ଗଯୁକ୍ତ ହୋଇ 'ମହାଭାବା' ବେଶରେ ରତ୍ନସିଂହାସନାସୀନ । କଳିଯୁଗରେ ଧର୍ମ ଓ ଆଧ୍ୟାତ୍ମିକ ଚେତନା ବାସ୍ତବିକ ବହୁଭାବରେ ବିଖଣ୍ଡିତ ହେଲେ ସୁଦ୍ଧା ଶରଣାଗତ ଭକ୍ତମାନଙ୍କ ସୁରକ୍ଷା ତ ଆବଶ୍ୟକ । ନଚେତ ସନାତନ ଧର୍ମର ସଂସ୍ଥାପନ ହେବ କିପରି । ପ୍ରକୃତ ଭକ୍ତମାନେ ଆଶ୍ରୟ ନେବେ କାହାରି ବାହୁଛାୟା ତଳେ ।

ଭକ୍ତମାନଙ୍କ ଆକୁଳ ଆବେଦନକୁ ସ୍ୱୀକାର କରିଥିଲେ କାଳିଆ ଠାକୁରେ । ତାଙ୍କର ପ୍ରଥମ ସେବକ ଧ୍ୟାନମଗ୍ନ ଠାକୁର ରାଜାଙ୍କୁ ସ୍ୱପ୍ନାବେଶ ଦେଲେ - ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ବାରାଣାସୀରେ ରହୁଥିବା ସନ୍ଥ କବୀର ମୋର ପରମାଶ୍ରିତ । ତାହାଙ୍କୁ ନିମନ୍ତ୍ରଣ କରି ଏଠାକୁ ଆଣ । ସେ ନଆସିବା ପର୍ଯ୍ୟନ୍ତ ସମୁଦ୍ର ମତେ ଛାଡ଼ି ଯିବ ନାହିଁ ।

ସେଇ ଜଟିଳ ସମସ୍ୟା ସମାଧାନର ସୂତ୍ର ପାଇଗଲେ ଜଗତ ଠାକୁର ଜଗନ୍ନାଥଙ୍କ ପ୍ରଥମ ସେବକ ଠାକୁର ରାଜା । ତତ୍‌କ୍ଷଣାତ୍ ସ୍ୱପ୍ନାଦେଶ ପାଳିତ ହୋଇଥିଲା ।

ସନ୍ଥ କବୀର ସିଦ୍ଧିର ଶୀର୍ଷ ସ୍ଥାନରେ ପହଞ୍ଚି ସାରିଥିଲେ ସେତେବେଳକୁ । ସମସ୍ତ ଆଧ୍ୟାତ୍ମିକ କାମନାର ସଫଳ ରୂପାୟନ ହୋଇ ପାରୁଥିଲା । ଅନନ୍ୟ 'ନିର୍ଗୁଣ ସମାଧି' ସାଧନାରେ ସିଦ୍ଧହସ୍ତ ହୋଇ ସାରିଥିଲେ । ମୁହୂର୍ତ୍ତକ ମଧ୍ୟରେ ବ୍ରହ୍ମାଣ୍ଡ ଭ୍ରମଣ ସମ୍ଭବପର ଥିଲା ତାଙ୍କରି ପାଇଁ ।

ଖୋଦ୍ ଜଗନ୍ନାଥଙ୍କ ନିମନ୍ତ୍ରଣ ପାଇ ପୁଲ୍‌କିତ ହୋଇ ଉଠିଥିଲେ ସେ । ସେ ସମ୍ଭବତଃ ଅନୁଭବ କରିଥିଲେ ମହାବାହୁଙ୍କ ସୁଦୀର୍ଘ ପ୍ରସାରିତ ହସ୍ତର କୋମଳସ୍ପର୍ଶ । ଶତାୟୁର୍ଦ୍ଧ କବୀରଙ୍କ ମନରେ ଯୁବ ସୁଲଭ ସ୍ଫୂର୍ତ୍ତି ପ୍ରକଟିତ ହୋଇଥିଲା ।

ଶ୍ରୀକ୍ଷେତ୍ର ଅଭିମୁଖେ ଅବିଳମ୍ବେ ବାହାରିଥିଲେ ସେ । କେବଳ ଆଧ୍ୟାତ୍ମିକ ଚେତନାରେ ଆତ୍ମ ବିସ୍ମୃତ କବୀର ପୁରୀଠାରେ ପହଞ୍ଚିବା ପରେ ଦେଖିଥିଲେ ଏକ ଅଭାବିତ ଦୃଶ୍ୟ । ଶ୍ରୀମନ୍ଦିର ପର୍ଯ୍ୟନ୍ତ ଲମ୍ବି ଆସିଥିଲା ମହାସାଗରର ଜଳଧାରା । ସ୍ପର୍ଶ କରିଥିଲା ରତ୍ନସିଂହାସନକୁ । ମହାଯୋଗୀଙ୍କ ବିସ୍ମୃତିର କବରତଳୁ ଉଙ୍କି ମାରି ଉଠିଲା ବିଗତ ସ୍ମୃତି । ତାଙ୍କର ମନେ ପଡ଼ିଗଲା ସେଇ ପବିତ୍ର କ୍ଷେତ୍ରରେ ଜଳାର୍ଣ୍ଣବ ପାଇଁ ପ୍ରକାରାନ୍ତରେ ସେ ନିଜେ ହିଁ ଦାୟୀ । ମନ ଭିତରେ ସହସା ଜୀବନ୍ୟାସ ପାଇଥିଲା ନିକଟ ଅତୀତର ଘଟଣାବଳୀ ।

ସିଦ୍ଧଯୋଗୀ କବୀରଙ୍କ ଇଚ୍ଛାର ପରିଧି ଭିତରକୁ ଅକସ୍ମାତ୍ ପ୍ରବେଶ କରିଥିଲା ଜଗନ୍ନାଥ ଚେତନା । ସେତେବେଳ ପର୍ଯ୍ୟନ୍ତ ବାସ୍ତବରେ କବୀର ଜଗନ୍ନାଥ ଦର୍ଶନ କରି ନଥିଲେ । ଶତାୟୁ ହେବା ପରେ ପ୍ରଥମ ଦଶକ କେଉଁକାଳୁ ପାର ହୋଇସାରିଥିଲେ ସୁଦ୍ଧା ଶ୍ରୀକ୍ଷେତ୍ର

ପରିଦର୍ଶନରେ ଯାଇନଥିଲେ ସେତେବେଳ ପର୍ଯ୍ୟନ୍ତ । ବାରଣାସୀର ସାଧନାପୀଠ ହିଁ ଥିଲା ତାଙ୍କ ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର ।

ସେଦିନ ଅକସ୍ମାତ୍ ଜଗନ୍ନାଥଙ୍କ ଦାରୁ ବିଗ୍ରହ (ଭୂପତି ବେଶ) ଦର୍ଶନ ଅଭିଳାଷ ବଳବତ୍ତର ହେବାରୁ ସେଥିପାଇଁ ଆତ୍ମ ନିବେଦନ କରି ସମାଧିସ୍ଥ ହୋଇ ଯାଇଥିଲେ ତପୋସିଦ୍ଧ ସନ୍ଥ ମହୋଦୟ । ତାଙ୍କର ମନୋକାମନା ଅପୂରଣୀୟ ହୋଇ ରହିବାର କୌଣସି କାରଣ ନଥିଲା । କଠୋର ତପସ୍ୟାର ପରିଣାମ ତାଙ୍କ ପାଇଁ ସ୍ମରଣୀୟ ହୋଇଥିଲା ନିଶ୍ଚୟ ।

ସନ୍ଥ କବୀରଙ୍କ କଠୋର ତପର ଭାବ ତରଙ୍ଗ ରତ୍ନସିଂହାସନରେ କମ୍ପନ ସୃଷ୍ଟି କରିଥିଲା । ଭଗବାନ ଯଥାର୍ଥରେ ଅନୁଭବ କରିଥିଲେ ଭକ୍ତର ମନୋକାମନା । ଶରଣାଗତଙ୍କ ନିକଟରେ ଉପସ୍ଥିତ ହେବା ପାଇଁ ସାମାନ୍ୟତମ କୁଣ୍ଠା ନଥିଲା ତାଙ୍କର । ଭକ୍ତ ପାଇଁ ଚତୁର୍ଦ୍ଧାମୂର୍ତ୍ତିରେ ଉଭା ହୋଇଯାଇଥିଲେ ସମାଧିସ୍ଥ କବୀରଙ୍କ ସମକ୍ଷରେ ।

ଧ୍ୟାନସ୍ଥ ଯୋଗୀ ମହାପ୍ରଭୁଙ୍କ ଦିବ୍ୟ ଜ୍ୟୋତିର୍ମୟ ରୂପ ଦର୍ଶନ କରିବା ବେଳେ ଅତ୍ୟନ୍ତ ଉନ୍ମାଦଗ୍ରସ୍ତ ହୋଇ ପଡ଼ିଥିଲେ । ଆତ୍ମ ସନ୍ତୋଷ ଲାଭ କରିଥିଲେ ଜୀବନ ସଫଳ ହୋଇଗଲା ବୋଲି । ଦିବ୍ୟ ଆନନ୍ଦପ୍ରାପ୍ତିରେ ଉଲ୍ଲସିତ କବୀର ସେ ଅବସରରେ ଆନ୍ତରିକ କାମନା କରିଥିଲେ ପ୍ରଭୁଙ୍କ ପାଦପଦ୍ମକୁ ପ୍ରକ୍ଷାଳିତ କରନ୍ତେ । ସେଥିପାଇଁ ଯୋଗାବିଷ୍ଟ ମହାସନ୍ଥ ମହୋଦଧିଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ ।

ମହାସମୁଦ୍ର କିଭଳି ଅସ୍ୱୀକାର କରିଥାନ୍ତେ କବୀରଙ୍କ ପ୍ରାର୍ଥନା । ଉଦ୍‌ବେଳିତ ତରଙ୍ଗ ସୃଷ୍ଟି ହୋଇଥିଲା ସମୁଦ୍ର ବକ୍ଷରେ । ସେଇ ସାଗର ଲହରୀ ପାଗଳଙ୍କ ଭଳି ଦୌଡ଼ିଥିଲେ ରତ୍ନ ସିଂହାସନ ଆଡ଼କୁ ବଳିଆର ଭୁଜଙ୍କ ପାଦଧୌତ କରିବା ପାଇଁ । ସିଂହାସନାସୀନ ଭାବଗ୍ରାହୀଙ୍କ ପାଦପଦ୍ମକୁ ଧୌତ କରିବା ପରେ ପରେ କେବଳ ନିଜକୁ ଗୌରବାନ୍ୱିତ ମନେ କରିନଥିଲେ ମହୋଦଧି, ଗଭୀର ଆତ୍ମ ସନ୍ତୋଷ ଲାଭ କରିଥିଲେ ମଧ । ଥରେ ଜଗତ ଠାକୁରଙ୍କ ଚରଣାମୃତ ଲାଭ କରିବା ପରେ ସେଇ ସାନ୍ନିଧ ତ୍ୟାଗ କରିବା ପାଇଁ ତାଙ୍କର ଇଚ୍ଛା ହୋଇନଥିଲା । ଇଚ୍ଛା ହୋଇ ନଥିଲା ସେଇ ମଧୁରତମ ମୁହୂର୍ତ୍ତଗୁଡ଼ିକୁ ହାତଛଡ଼ା କରିବା ପାଇଁ । ଶାନ୍ତ, ସ୍ନିଗ୍ଧ କୁଳୁକୁଳୁ ନିନାଦିତ ଜଳଧାରା ଲାଗି ହୋଇ ରହିଥିଲା ଠାକୁରଙ୍କ ପାଦପଦ୍ମ ସହିତ । ଆଃ ବ୍ରହ୍ମାନନ୍ଦ ପ୍ରାପ୍ତିରେ କି ମାଧୁର୍ଯ୍ୟ ସତେ !

ତେଣେ ଗଭୀର ସମାଧିସ୍ଥ ସନ୍ଥ କବୀରଙ୍କ ସାମନାରେ ଉଭା ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି ଅଚାନକ ଅନୁଭବ କରିଥିଲେ ଆପଣାର ପାଦ ଧୌତ ହେବାର ଶୃଙ୍ଖଳା । ପାଦରେ ପାଦରେ ଶୀତଳତାର ଶିହରଣ । ଅଚାନକ ମହୋଦଧିଙ୍କ ସ୍ପର୍ଶ ପାଇବା ପରକ୍ଷଣରେ ଭାବଗ୍ରାହୀ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ସେଠାରୁ । ଜଗନ୍ନାଥ ସ୍ୱସ୍ଥାନକୁ ଫେରିଯିବା ପରେ ପରେ ସନ୍ଥ କବୀରଙ୍କ ଧ୍ୟାନ ମଧ ଭଗ୍ନ ହୋଇ ଯାଇଥିଲା । ଆପଣାକୁ କୃତକୃତ୍ୟ ମନେ କରିବା ଅବସରରେ ସେ ଭୁଲି ଯାଇଥିଲେ ମହୋଦଧିଙ୍କୁ ଫେରିଯିବା ଲାଗି ଅନୁରୋଧ ଜଣାଇବାକୁ ।

ଅନ୍ୟପକ୍ଷରେ କିଏ ବା ଚାହେଁ ଭଗବତ ଆନନ୍ଦ ପ୍ରାପ୍ତିରୁ ବଂଚିତ ହେବା ପାଇଁ । ମହୋଦଧି ବା ସେଥିରୁ ବ୍ୟତିକ୍ରମ ହୁଅନ୍ତେ କାହିଁକି ? ଶ୍ରୀଚରଣ ପ୍ରାପ୍ତି ଜନିତ ଆନନ୍ଦରୁ କିୟତ୍‌କ୍ଷଣ ବଂଚିତ ହେବାକୁ ଇଚ୍ଛା କରିନଥିଲେ ମହୋଦଧି । ଥରେ ବ୍ରହ୍ମାନନ୍ଦ ପ୍ରାପ୍ତି ହେବା ପରେ କିଏ ବା ଚାହେଁ ସେଥିରୁ ନିବୃତ୍ତ ହେବା ପାଇଁ ? ସେହିଭଳି ଅବସ୍ଥା ଲାଗି ରହିଥିଲା କବୀର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ।

କିଛି ମୁହୂର୍ତ୍ତର ପଶ୍ଚାତ୍ ଦର୍ଶନ ପରେ ପରେ ସନ୍ଥଜୀ ପ୍ରକୃତିସ୍ଥ ହୋଇଥିଲେ । ଆପଣାକୃତ ତ୍ରୁଟି ସୁଧାରିବା ପାଇଁ ପ୍ରଥମେ ପ୍ରୟାସ କରିଥିଲେ ସେ । ସେ ଅନୁଭବ କରିଥିଲେ ଯେ ସ୍ୱୟଂ ଜଗନ୍ନାଥଙ୍କ ତାଙ୍କୁ ନିମନ୍ତ୍ରଣରେ ମଧ ସେଇ ଉଦ୍ଦେଶ୍ୟ ନିହିତ ।

କବୀର ସିଧା ଚାଲିଲେ ସମୁଦ୍ର କୂଳକୁ । ସ୍ୱର୍ଗଦ୍ୱାର ନିକଟରେ ପହଞ୍ଚିଥିଲେ । ଆପଣା ହାତର ସାଥି ତପୋସିଦ୍ଧ ଦଣ୍ଡଟିକୁ ସେଇଠି ସେ ପୋତି ଦେଇଥିଲେ । ସତେ ଯେମିତି ସମୁଦ୍ର ଲହରୀ ପାଇଁ ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା । ତା'ପରେ ମହୋଦଧିଙ୍କୁ ଆନ୍ତରିକ ଆତ୍ମନିବେଦନ କରିଥିଲେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ ପାଇଁ । ସିଦ୍ଧଯୋଗୀଙ୍କ ତ୍ୟାଗପୂତ ପ୍ରାର୍ଥନା ନିଷ୍ଫଳ ହେବାର ନଥିଲା । ପୁଣି ତାଙ୍କର ପୂର୍ବସୀମା ପର୍ଯ୍ୟନ୍ତ ଫେରି ଯାଇଥିଲେ ସମୁଦ୍ର । ମହାସମୁଦ୍ର ମାନି ନେଇଥିଲେ ମହାସନ୍ଥଙ୍କ ସୀମା ନିର୍ଦ୍ଧାରଣ ।

ଆଶ୍ୱସ୍ତ ହୋଇଥିଲେ ଶ୍ରୀକ୍ଷେତ୍ରବାସୀ । ରାଜା-ପ୍ରଜା, ଭକ୍ତ-ପୂଜକ, ପଣ୍ଡା-ପଢ଼ିଆରୀ ସମସ୍ତେ ପ୍ରକୃତିସ୍ଥ ହୋଇଥିଲେ । ଜଗତ ଠାକୁରଙ୍କ ମହିମାରେ ମହିମାନ୍ୱିତ ହୋଇଥିଲା ସାରା ଭୂଖଣ୍ଡ । ସମସ୍ତେ ଏକ ସ୍ୱରରେ ଗାନ କରିଥିଲେ ଜୟ ଜଗନ୍ନାଥ ଜୟ ... ।

ପ୍ରକୃତ ଆଶ୍ୱସ୍ତି ଅନୁଭବ କରିଥିଲେ କବୀର । ତା'ପରେ ମୁହାଁଇ ଥିଲେ ଶ୍ରୀମନ୍ଦିର ଆଡ଼କୁ । ଯାଉ ଯାଉ ହଠାତ୍ ଏକ ଅଦ୍ଭୁତ ଖିଆଲର ବଶବର୍ତ୍ତୀ ହୋଇ ପଡ଼ିଥିଲେ ସେ । ଜଗତର ନାଥ ଜଗନ୍ନାଥ ସର୍ବଧର୍ମର ପ୍ରତୀକ । ସେ ତ ସବୁଧର୍ମ, ସବୁଜାତି, ସବୁ ସଂପ୍ରଦାୟର ଊର୍ଦ୍ଧ୍ୱରେ । ସାରା ଜଗତର ଠାକୁର ସେ, ସେ ଠାକୁର ସମଗ୍ର ମାନବ ଜାତିର । ତାଙ୍କରି ନିକଟରେ ହିନ୍ଦୁ ବା ମୁସଲମାନର ପ୍ରଶ୍ନ ନାହିଁ । ଭକ୍ତ, କେବଳ ଭକ୍ତିର ପରାକାଷ୍ଠା ହିଁ ତାଙ୍କ ପାଇଁ ଏକମାତ୍ର ସତ୍ୟ । ତାହା ହିଁ ତାଙ୍କୁ ପ୍ରାପ୍ତିର ଗୂଢ଼ ରହସ୍ୟ । ସେତିକିବେଳେ ସମ୍ଭବତଃ ତାଙ୍କରି ମନେପଡ଼ି ଯାଇଥିବ ଭକ୍ତ ସାଲବେଗଙ୍କ କଥା, ତାଙ୍କରି ଭକ୍ତିର ପରାକାଷ୍ଠା - ପ୍ରଭାବ ।

ଏଇ ନୀଳକନ୍ଦରବାସୀଙ୍କୁ ଆପଣାଇ ନେଇଥିଲେ ସାଲବେଗ । ତାଙ୍କରି ପାଇଁ ଅନ୍ତର ଅନ୍ତରରେ ଭକ୍ତିର ଉଚ୍ଛ୍ୱାସ । ଭୋକ ଶୋଷ ଭୁଲି

ଯାଉଥିଲେ ଜଗନ୍ନାଥଙ୍କ ଭାବରେ ବିଭୋର ହୋଇ ଯାଉଥିବାବେଳେ । ଅନ୍ତର୍ଯ୍ୟାମୀ ମଧ୍ୟ ଭକ୍ତ ଅନ୍ତରର ନିର୍ଯ୍ୟାସକୁ ଉପଲବ୍ଧ କରୁଥିଲେ ଯଥାର୍ଥ ଭାବେ ।

ସେଇଥି ପାଇଁ ତ ଥରେ ରଥଯାତ୍ରାବେଳେ ବଡ଼ଦାଣ୍ଡ ମଝିରେ ଅଟକି ଯାଇଥିଲା ନନ୍ଦିଘୋଷ । ସାଲବେଗ ପରା ଆସୁଛି ରଥରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ । ତଥାପି ତ ସେ ଅନେକ ଦୂରରେ । ଚାଲି ଚାଲି ପାଦ ରକ୍ତାକ୍ତ ହେଲାଣି । ତଥାପି ଦୌଡୁଛି ଶ୍ରୀକ୍ଷେତ୍ର ପାଇଁ । ତାକୁ ଆସିବାକୁ ଦିଅ । ଲୀଳାମୟଙ୍କ ଲୀଳା । ସମସ୍ତଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ ରଥ ଚାଲୁନି । ସମୟ ଗଡ଼ି ଯାଉଛି । ରାଜା ଅଧିଆ ପଡ଼ିଲେ । ସ୍ୱପ୍ନାଦେଶ ଦେଲେ ଠାକୁରେ । ଯବନ ସାଲବେଗ ଲୋକ ଭିଡ଼ ଭିତରେ ନାଚୁଛି । ପୂଜକମାନେ ତାଙ୍କୁ ଅସମ୍ମାନ କରି ତଡ଼ି ଦେଉଛନ୍ତି । ସେ ମୋର ଜଣେ ପରମ ଭକ୍ତ । ତାକୁ ଟିକିଏ ରଥ ଦଉଡ଼ି ଧରାଇ ଦିଅ । ଅନ୍ତଃକରଣ ସୁଦ୍ଧ ଥିବା ଭକ୍ତର ମନୋକାମନା ପୂର୍ଣ୍ଣ ହେଉ । ସେଇୟା ହିଁ ହୋଇଥିଲା । ଭକ୍ତର ଜୟ ହୋଇଥିଲା, ବିଜୟ ହୋଇଥିଲା ଭକ୍ତିର । ସହଜ ସ୍ୱାଭାବିକ ଭାବେ ରଥ ଗଡ଼ି ଚାଲିଥିଲା ଆଗକୁ ଆଗକୁ ... ।

ସେତିକିବେଳେ ତାଙ୍କ ଖିଆଲି ମନରେ ଆସିଲା ସାଲବେଗ ବ୍ୟବହାର କରୁଥିବା ମୁସଲମାନୀ ସଂପ୍ରଦାୟର ଟୋପିଟିଏ ପିନ୍ଧନ୍ତେ । ବିଶେଷ କରି ସବୁ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟ କାଳରେ ସେମାନେ ତାହାକୁ ପରିଧାନ କରିଥାନ୍ତି । ସେଇ ଖିଆଲକୁ କାର୍ଯ୍ୟକାରୀ କରିଥିଲେ କବୀର । ତେବେ ତାଙ୍କର ଅନ୍ୟାନ୍ୟ ପୋଷାକ ପରିଚ୍ଛଦ ଥିଲା ସଂପୂର୍ଣ୍ଣ ହିନ୍ଦୁ ଢାଞ୍ଚାର ।

ଗରୁଡ଼ ସ୍ତମ୍ଭ ନିକଟରେ ପହଞ୍ଚିବା ପରମୁହୂର୍ତ୍ତରେ ଦଳେ ପଣ୍ଡା ଘେରି ଯାଇଥିଲେ ମୁସଲମାନ ଟୋପି ପିନ୍ଧା କବୀରଙ୍କୁ । ବିଭିନ୍ନ ପଣ୍ଡାଙ୍କ ବିଭିନ୍ନ ପ୍ରଶ୍ନବାଣ । ହଜାରେ ପ୍ରକାରର କଟୁକ୍ତି । ଶାଳୀନତା ବିହୀନ ବ୍ୟବହାର । ମନ୍ଦିର ଭିତରକୁ ପ୍ରବେଶ କରାଇ ନଦେବା ପାଇଁ ସମସ୍ତ ଉଦ୍ୟମ ।

- ଓ ବେଟା, ମୁସଲମାନ ହୋଇ ମନ୍ଦିର ଭିତରକୁ ଧସେଇ ପଶୁଛୁ କାହିଁକି ?
- ତୁ କ'ଣ ଜାଣୁନା, ଏଇଟା ଏକ ହିନ୍ଦୁ ମନ୍ଦିର । କେବଳ ହିନ୍ଦୁମାନେ ହିଁ ଏଇ ଠାକୁରଙ୍କୁ ଉପାସନା କରିବାର ଅଧିକାର ରହିଛି । ଜାଣିଶୁଣି ଆମ ମନ୍ଦିର ଅପବିତ୍ର କରିବାକୁ ଯାଉଛୁ ?
- ତୋର ଯଦି ଏଇ ଠାକୁରଙ୍କୁ ଦର୍ଶନ କରିବାର ଏତେ ଆଗ୍ରହ ଅଛି, ଅପେକ୍ଷା କର ରଥଯାତ୍ରାକୁ । ସେତିକିବେଳେ ସାରା ଜଗତର ଲୋକେ ଏକତ୍ର ହେବେ ବଡ଼ଦାଣ୍ଡରେ । ରଥରେ ଠାକୁରଙ୍କୁ ଦେଖିବେ । ବାମନଙ୍କୁ ରଥରେ ଦେଖିଲେ ମୁକ୍ତି ପାଇଯିବୁ ବେଟା, ପୁନର୍ଜନ୍ମରୁ ମୁକ୍ତି ମିଳିଯିବ କାଳ କାଳ ପାଇଁ ।
- ବିଧର୍ମୀ ପଠାଣମାନେ ମନ୍ଦିର ପ୍ରବେଶ କରିପାରିବେ ନାହିଁ । ଯା, ଫେରିଯା - ତାଗିଦ୍‌ମୂଳକ କଣ୍ଠସ୍ୱର ଜଣେ ବୟସ୍କ ପଣ୍ଡାଙ୍କର ।
- ଆଉ ତଥାପି ଯଦି ଅଧିକ ଉଦ୍ୟମ କରିବୁ ତେବେ ଅବସ୍ଥା ଅସମ୍ଭାଳ ହୋଇ ଉଠିବ । ସେଥିପାଇଁ ତୁ ନିଜେ ହିଁ ଦାୟୀ ରହିବୁ ।

ତଥାପି ସ୍ଥିରମନା କବୀର ପଣ୍ଡାମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ । ଉଦ୍ୟମ କରୁଥିଲେ ମନ୍ଦିର ଭିତରେ ଠାକୁର ଦର୍ଶନ ପାଇଁ । ବେଳକୁ ବେଳ ପଣ୍ଡାମାନଙ୍କ ବ୍ୟବହାର ତାହାଙ୍କୁ ଅଧିକରୁ ଅଧିକ କୌତୂହଳୀ କରି ଦେଉଥିଲା । ଅବିଚଳିତ ସନ୍ଥ ଶାନ୍ତ ଭାବରେ ଉପସ୍ଥିତ ପଣ୍ଡାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ - ଭାଇମାନେ, ଆପଣମାନେ ତ ମୋ' ଭଳି ସମସ୍ତଙ୍କୁ ମନ୍ଦିର ଭିତରକୁ ଛାଡ଼ି ସାରିଛନ୍ତି । ଆଉ ମୋରି ବେଳକୁ ଏତେ ନୀତି ନିୟମ ଶୁଣାଉଛନ୍ତି କାହିଁକି ?

- ସେମାନେ ସବୁ ତୋରିଭଳି ନୁହନ୍ତି । ସେମାନେ ସବୁ ହିନ୍ଦୁ । ବେଶ ପୋଷାକରୁ ଜାଣିପାରୁନୁ ?
- ମୁରୁକିତ ସେଇୟା କହୁଛି ଭାଇମାନେ । ମୋ' ବେଶ ପୋଷାକ ମଧ୍ୟ ଠିକ୍ ସେଇମାନଙ୍କ ଭଳି । ଆପଣମାନେ ସମସ୍ତେ ତ ବିଜ୍ଞ ଲୋକ । ଠାକୁରଙ୍କ ସେବକ । କଦାପି ମିଛ କହିବେ ନାହିଁ, ମିଛ ଭାବିବେ ନାହିଁ । ଦେଖନ୍ତୁତ ମନ୍ଦିର ଭିତରର ଠାକୁର ଦର୍ଶନାର୍ଥୀମାନଙ୍କୁ ।

ଉପସ୍ଥିତ ସବୁ ପଣ୍ଡା ପଛକୁ ଫେରି ଚାହିଁଲେ । ଚାହିଁଲେ ମନ୍ଦିର ଭିତରକୁ ।

କିନ୍ତୁ, ଏ କି ଦୃଶ୍ୟ !

ମେଘନାଦ ପାଚେରୀ ଭିତରେ ଯେତେ ଲୋକ ଦୃଶ୍ୟ ହେଉଥିଲେ ସମସ୍ତଙ୍କ ମୁଣ୍ଡରେ ମୁସଲମାନ ଟୋପି । ସେମାନେ ସବୁ ଠାକୁର ଦର୍ଶନାର୍ଥୀ । ସେମାନେ ପିନ୍ଧିଥିବା ଟୋପି ସବୁ ଏକା ପ୍ରକାରର, କବୀରଜୀ ପିନ୍ଧିଥିବା ଭଳି । ପଣ୍ଡାମାନଙ୍କ ମନରେ ପ୍ରବଳ ସନ୍ଦେହ ହେଲା । ସେମାନଙ୍କ ମଧ୍ୟରୁ ଅନେକେ ଦୌଡ଼ିଗଲେ ମନ୍ଦିର ଭିତରକୁ । ଦେଖିଲେ ଏପରିକି ବେଢ଼ା ଭିତରେ ଥିବା ବିଭିନ୍ନ ମନ୍ଦିର ମଧ୍ୟରେ ଯେତେଲୋକ ଥିଲେ ସମସ୍ତଙ୍କ ଅବସ୍ଥା ସେଇ ଏକାପ୍ରକାରର ।

ବିସ୍ମୟାଭିଭୂତ ହୋଇ ପଡ଼ିଥିଲେ ସମସ୍ତେ ।

ଅନେକଙ୍କ ମନ ଭିତରେ ସେଇ ଏକା ଧାରଣା । ଏ ଲୋକଟି ନିଶ୍ଚୟ ଏକ ପଠାଣ ଯାଦୁକର ଅଛି । ସେଇ ଧାରଣାକୁ ଦୃଢ଼ୀଭୂତ କରି ସମସ୍ତେ ଫେରି ଆସିଲେ ସିଂହଦ୍ୱାର ପର୍ଯ୍ୟନ୍ତ । ଭଲକରି ନୀରିକ୍ଷଣ କଲେ ଲୋକଟିକୁ । କିନ୍ତୁ ଲୋକଟି ସେମିତି ଧୀର, ସ୍ଥିର, ଶାନ୍ତ । ଆଖିରେ

ଆଖିରେ ଏବଂ ଓଠ ଚାଳନାରେ ଏକ କୌତୁହଳୀ ଭାବ । ପଣ୍ଡାମାନଙ୍କର ପୁଣି ଆକ୍ଷେପ -

- ତୁ ଜଣେ ଦକ୍ଷ ଯାଦୁକର ଅଛୁ । ଆମେ ଏହା ସ୍ପଷ୍ଟ ଜାଣିପାରୁଛୁ ।
- ତୋ' ଯାଦୁ ବିଦ୍ୟା ଏଇଠି କିଛି କାମ କରିବ ନାହିଁ । ଆମେ କେହି ତୋ' ବିଦ୍ୟାରେ ଭେଳିକି ଯିବୁ ନାହିଁ । ମନେରଖ, ଏସବୁ ପରେ ବି ମନ୍ଦିର ଭିତରକୁ ଆଉ ପାଦେ ଆଗେଇ ପାରିବୁ ନାହିଁ ।
- ତୁ କି ଯାଦୁ ଦେଖାଉଛୁରେ ପଠାଣ ଟୋକା । ଆମ ଠାକୁରେ ବି ତୋ'ଠାରୁ ଅଧିକ ଯାଦୁକର, ଜାଣିଥା । ଏଇ ମୁହୂର୍ତ୍ତକ ଆଗରୁ ସମୁଦ୍ରର ଜଳଧାରାକୁ ମନ୍ଦିର ଭିତରୁ ତଡ଼ି ଦେଲେ ତା' ଜାଗାକୁ । ତୋ' ଯାଦୁ ସବୁ ତାଙ୍କଠାରେ ହାର ମାନିଯିବ ।
- ଆଉ ବିଳମ୍ବ ନକରି ପଛକୁ ହଟିଯା' । ନଚେତ୍ ଗଳାଧକ୍କା ଦେଇ ବାହାର କରିଦେବୁ ।

ସନ୍ଥ କବୀର ଦେଖିଲେ ଅବସ୍ଥା କ୍ରମଶଃ ଅଧିକରୁ ଅଧିକ ଜଟିଳ ହେବାକୁ ଯାଉଛି । ପଣ୍ଡାମାନେ ସାଲିସ୍ କରିବା ଅବସ୍ଥାରେ ନାହାନ୍ତି । ସନ୍ଥ ମହୋଦୟ ଶେଷ ଅସ୍ତ୍ର ପ୍ରୟୋଗ କରିଥିଲେ । ଭକ୍ତି ଅର୍ଘ୍ୟ ସମର୍ପଣ କରିଥିଲେ ଜଗନ୍ନାଥଙ୍କୁ । ଜଗତ ଠାକୁରଙ୍କୁ ମନେ ମନେ ସ୍ମରଣ କଲେ - ତୁମରି ଆହ୍ୱାନ ନିକଟକୁ ଆସି ତୁମରି ଦର୍ଶନ ବିନା ଫେରିବି କିପରି ପ୍ରଭୁ ! ପ୍ରଭୁ, ଆପଣ ମତେ ସହାୟ ହୁଅନ୍ତୁ ।

ସଙ୍ଗେ ସଙ୍ଗେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଲେ କାଳିଆ ଠାକୁରେ । ଭକ୍ତମାନଙ୍କ ପାଇଁତ ମୋର ସ୍ଥିତି ବଡ଼ପଣ୍ଡା ମହୋଦୟ । ମୋର ଏକ ଭକ୍ତ ସିଂହଦ୍ୱାରଠାରେ ଅଟକି ରହିଛି । ପଣ୍ଡାମାନେ ବେଶ୍ ଭ୍ରମରେ ପଡ଼ି ଯାଇଛନ୍ତି । ତାହାଙ୍କୁ ଘେରି ରହିଛନ୍ତି । ମନ୍ଦିର ଭିତରକୁ ଛାଡୁ ନାହାନ୍ତି । ତୁମେ ଯାଅ । ତାହାଙ୍କୁ ମୋର ଦର୍ଶନ କରାଇଦିଅ ।

ପୂଜାପଣ୍ଡା ଅବିଳମ୍ବେ ପହଞ୍ଚିଲେ ସିଂହଦ୍ୱାର ନିକଟରେ । ଜଗନ୍ନାଥଙ୍କ ପରମ ଭକ୍ତଙ୍କୁ ଚିହ୍ନିବାରେ ଅସୁବିଧା ହୋଇ ନଥିଲା । ତାହାଙ୍କୁ ନେଇ ଠାକୁର ଦର୍ଶନ କରାଇବାର ସୁବନ୍ଦୋବସ୍ତ କରାଇ ଦେଇଥିଲେ । ପ୍ରଚଳିତ ପରମ୍ପରା ଅନୁଯାୟୀ ମୁଣ୍ଡରୁ ଟୋପି ଓହ୍ଲାଇ ରତ୍ନସିଂହାସନରେ ଠାକୁରମାନଙ୍କୁ ଦର୍ଶନ କରିଥିଲେ ସନ୍ଥ କବୀର ।

ଆତ୍ମ ସନ୍ତୋଷରେ ମନ ପୂରି ଉଠିଥିଲା ।

ଭକ୍ତ ପାଇଁ ନିକଟ ଅତୀତରେ ସମାଧିସ୍ଥ ଅବସ୍ଥାରେ ଶଙ୍ଖ-ଚକ୍ରଧାରୀ ଚତୁର୍ଦ୍ଧାମୂର୍ତ୍ତି ଧାରଣ କରିଥିବା ଜଗନ୍ନାଥଙ୍କୁ ବର୍ତ୍ତମାନ ରତ୍ନସିଂହାସନରେ ସାକ୍ଷାତ ଦର୍ଶନ କରିଥିଲେ କବୀର ।

ଆପଣାକୁ କୃତାର୍ଥ ମନେ କରିଥିଲେ ଜୀବନର ଶେଷ ପାବଚ୍ଛରେ ଶ୍ରୀକ୍ଷେତ୍ର ଧାମରେ ଜଗନ୍ନାଥ ଦର୍ଶନ ଲାଭକରି ।

ଏଚ୍.ଆଇ.ଜି-୨/୧୧୧
ସତ୍ୟସାଇ ଏନ୍‌କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

# ବଡ଼ଦାଣ୍ଡ

ସୌଭାଗ୍ୟ ଲକ୍ଷ୍ମୀ

ଶ୍ରୀକ୍ଷେତ୍ରରେ ବଡ଼ଦାଣ୍ଡ
ପ୍ରକମ୍ପିତ ଆଜି,
ଜନକ ପୁରୀକୁ ତୁମ
ନବଦିନ ଯାତ୍ରା ...
ସେଥିପାଇଁ ମମତା ଅପାର
ତୁମେ ଜନ୍ମ ନେଇଥିଲ ସେଇଠାରେ ।।
ପ୍ରତିଶ୍ରୁତି ଦେଇଥିଲ -
ଜନ୍ମଠାରୁ ଆଜିଯାଏଁ
ଜ୍ୟେଷ୍ଠଭ୍ରାତା ଭଗ୍ନି ସଙ୍ଗେ
ବିଜୟ କରିବ ତୁମେ
ନନ୍ଦୀଘୋଷ ରଥେ ।

ଜନମାନସରେ ଅପୂର୍ବ ମୂର୍ଚ୍ଛନା ... !
ହାତ ନାହିଁ, ପାଦ ନାହିଁ,
ତଥାପି ଏ' ବିଶ୍ୱ ବ୍ରହ୍ମାଣ୍ଡକୁ -
ତୁମେ କର ପ୍ରସାରିଛ ।
ଚକ୍ଷୁ ଦୁଇଟି ଲାଗି ତୁମେ
ସବୁରି ଚକ୍ଷୁର ଚମକ !!
ମେଘମାଳ ପରି କଳା ରୂପ ଯୋଗୁଁ
ତୁମେ ସର୍ବ ହୃଦୟର ଆନନ୍ଦ ଦାୟକ ।
ସାଧକର ପଥପ୍ରଦର୍ଶକ ।

୧୨-ଡି, ଆରାମବାଗ
ନୂଆଦିଲ୍ଲୀ-୧୧୦୦୫୫

# ଶ୍ରୀମନ୍ଦିର ସୁରକ୍ଷା ଓ ସାର୍ବଜନୀନ ପ୍ରବେଶ

ଡକ୍ଟର ନୀଳକଣ୍ଠ ମିଶ୍ର

ବହୁ ଚର୍ଚ୍ଚିତ ଶ୍ରୀମନ୍ଦିର ସୁରକ୍ଷା ଏକ ରହସ୍ୟାବୃତ ତଥା ସ୍ପର୍ଶକାତର ପ୍ରଶ୍ନ । ସଂପ୍ରତି ବହୁ ଆତଙ୍କବାଦୀ ଗୋଷ୍ଠୀମାନଙ୍କ ଦ୍ୱାରା ବହୁ ଧାର୍ମିକ ଅନୁଷ୍ଠାନ ଉପରେ ହେଉଥିବା ଆକ୍ରମଣ ଏତେ ଆକସ୍ମିକ ଭାବେ ଘଟିଯାଏ ଯେ ଏହାକୁ ଦୁର୍ଘଟଣା କହିବା ଅଧିକ ସମୀଚୀନ ହେବ । ଏ ଘଟଣାର ଉଦୟ ଓ ଅସ୍ତ ବିଷୟ ଚିନ୍ତା କରିବା ପୂର୍ବରୁ ଏହା ସମାହିତ ହୋଇଥାଏ । ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆବଶ୍ୟକ କରେ ଅନନ୍ତ ସଚେତନତା ଓ ଅଖଣ୍ଡ ପ୍ରସ୍ତୁତି ।



ସାଧାରଣ ଭକ୍ତଟିଏ ଶ୍ରୀଜଗନ୍ନାଥ ତାକୁ ସୁରକ୍ଷା ଓ ସମୃଦ୍ଧି ଦେବେ ଏହି ବିଶ୍ୱାସରେ ମହାପ୍ରଭୁଙ୍କର ଶରଣାପନ୍ନ ହୁଏ । ସେ ପୁଣି ମହାପ୍ରଭୁଙ୍କର ସୁରକ୍ଷା ବ୍ୟବସ୍ଥାରେ କିଭଳି ଅଂଶୀଦାର ହେବ ଏହା ତାକୁ ରହସ୍ୟମୟ ଜଣାପଡ଼େ । ପୁଣି ଶ୍ରୀମନ୍ଦିର ସୁରକ୍ଷା ଲାଗି ନିକଟରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଯଥା- ଆରକ୍ଷୀ ବା ଅନ୍ୟମାନେ ମନ୍ଦିରରେ ପ୍ରବେଶ କରୁଥିବା ଯାତ୍ରୀମାନଙ୍କୁ ଭଲ ଭାବେ ତନଖି କରିବା, ମନ୍ଦିର ଭିତରକୁ କ୍ୟାମେରା ମୋବାଇଲ, ଚମଡ଼ାବସ୍ତୁ, ମାରଣାସ୍ତ୍ର ଆଦି ନିଷିଦ୍ଧ ଦ୍ରବ୍ୟ ନେଇ ଯାତ୍ରୀ ଯେଭଳି ପ୍ରବେଶ କରି ନପାରେ ସେଥିପ୍ରତି ଦୃଷ୍ଟି ଦେବା, ଶ୍ରୀମନ୍ଦିରର ୧୦୦ ମିଟର ପରିବ୍ୟାପ୍ତି ଭିତରେ ଥିବା ସମସ୍ତ ପ୍ରାଚୀନ ଅଟ୍ଟାଳିକାକୁ ଭାଙ୍ଗିବା, ସିଂହଦ୍ୱାର ବାଟେ ପ୍ରବେଶ କରି ପଶ୍ଚିମ ଦ୍ୱାର ପଥରେ ପ୍ରସ୍ଥାନ କରିବା ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରଶ୍ନ ।

ଏବେ ମଧ୍ୟ ଇଂରେଜ ଅମଳରୁ ଶ୍ରୀମନ୍ଦିର ପ୍ରବେଶ ପଥରେ ମାର୍ବଲ ଫଳକଟିଏ ଲାଗିଛି । (ଯାହା ଅବଶ୍ୟ ସମୟ ପ୍ରଭାବରୁ ଅସ୍ପଷ୍ଟ ଓ ସର୍ବସାଧାରଣଙ୍କ ଦୃଷ୍ଟି ଅନ୍ତରାଳରେ ଅଦୃଶ୍ୟ) ଏହି ମାର୍ବଲ ଫଳକରେ କେବଳ ରକ୍ଷଣଶୀଳ ହିନ୍ଦୁମାନଙ୍କର ଶ୍ରୀମନ୍ଦିରରେ ପ୍ରବେଶ ଅଧିକାରକୁ ସ୍ୱୀକୃତି ଦିଆଯାଇଛି ।

ଶ୍ରୀମନ୍ଦିରରେ ଅସବର୍ଣ୍ଣ ହିନ୍ଦୁମାନଙ୍କର ପ୍ରବେଶ ପାଇଁ ପ୍ରାକ୍ ସ୍ୱାଧୀନତା କାଳରେ ବହୁ ଉଦ୍ୟମ ହୋଇଛି । ଖ୍ରୀ:୧୯୩୪ରେ ଶ୍ରୀକ୍ଷେତ୍ରର ମଠାଧୀଶମାନେ ଏମାର ମଠ ମହନ୍ତ ଶ୍ରୀନିବାସ ରାମାନୁଜ ଦାସଙ୍କ ନେତୃତ୍ୱରେ ତତ୍କାଳୀନ ଭାଇସ୍‌ରାୟଙ୍କୁ ସବର୍ଣ୍ଣଙ୍କ ବ୍ୟତୀତ ଅନ୍ୟ ହିନ୍ଦୁ ଜାତିମାନଙ୍କୁ ମନ୍ଦିର ପ୍ରବେଶ ବାରଣ କରିବାକୁ ଏକ ଆବେଦନପତ୍ର ଦେଇଥିଲେ । ସେହିବର୍ଷ କଟକ ଓ ଖୋର୍ଦ୍ଧାର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀମନ୍ଦିର ପରିଚାଳକ (Superintendent) ଗଜପତି ରାମଚନ୍ଦ୍ର ଦେବଙ୍କୁ ହରିଜନମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ଦେବାକୁ ଅନୁରୋଧ କରିଥିଲେ ଯାହା ପ୍ରତ୍ୟାଖ୍ୟାତ ହୋଇଥିଲା । ଅବଶ୍ୟ ପଞ୍ଚସଖାର ବରିଷ୍ଠ ସାଧକ ବଳରାମ ଦାସଙ୍କ ରଚନାରୁ ଜଣାଯାଏ ସୂର୍ଯ୍ୟବଂଶୀ ଗଜପତି ପ୍ରତାପରୁଦ୍ର ଦେବ (ଖ୍ରୀ:୧୪୯୭-୧୫୩୪)ଙ୍କ ସମୟରେ ଶ୍ରୀମନ୍ଦିର ଭିତର ବେଢ଼ାର ମୁକ୍ତିମଣ୍ଡପ ତଳେ ବଳରାମ ଦାସଙ୍କ ଆଧାତ୍ମିକ ପ୍ରଭାବରେ ଜନୈକ ବାଉରୀ ବ୍ରହ୍ମବିଦ୍ୟା ବ୍ୟକ୍ତ କରିଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ପଞ୍ଚଦଶ / ଷୋଡଶ ଶତାବ୍ଦୀ ବେଳକୁ ହିନ୍ଦୁ ଅସବର୍ଣ୍ଣମାନେ ମଧ୍ୟ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିପାରୁଥିଲେ । ଏହି ସମୟରେ ମୁସଲମାନ/ହୀନଜାତି ('କହେ ସାଲବେଗ ହୀନ ଜାତି') ମଧ୍ୟ ମନ୍ଦିରରେ ପ୍ରବେଶ ଅଧିକାର ପାଇଥିବା ସାଲବେଗଙ୍କ (ଖ୍ରୀ:୧୬୦୮-୧୬୫୮) 'ଆହେ ନୀଳଗିରି' ଭଜନରୁ ସ୍ପଷ୍ଟ ପ୍ରତିପାଦିତ । ଜଣେ ପ୍ରତ୍ୟକ୍ଷଦର୍ଶୀର ଅନୁଭବ ନେଇ ତାଙ୍କର ରଚନା ଯେମିତି ଓଜସ୍ୱୀମୟ ସେମିତି ପ୍ରାଣବନ୍ତ । ଉଦାହରଣ ସ୍ୱରୂପ, 'ସିଂହଦ୍ୱାରେ ବାଜେ ବେତ ବାଡ଼ି, ବାଜନ୍ତେ ପାତକ ଯାଏ ଛାଡ଼ି । ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଏକକୁ ଆରେକ ହୁଡ଼ାହୁଡ଼ି । ବାଇଶି ପାବଛେ ଯାଇ ସୁଖେ, କୈବଲ୍ୟ ପସରା ବେନି ପାଖେ, ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ସୁଖେ ମୁଖେ ।(୪)

ଗରୁଡ଼ ପଛରେ ରହି ଦେଖ, କି ଶୋଭା ପାଉଛି ପଦ୍ମମୁଖ ।
ହୀରାନୀଳା ମୋତି ମାଣିକ୍ୟ ଜଳୁଛି, ହୃଦେ ଲମ୍ବି ଅଛି ବ୍ୟାଘ୍ର ନଖ ।(୬)

ମାତ୍ର ଏହି ଭଜନର ପଞ୍ଚମ ପଦ ଯଥା- (ନିମ୍ନ ରେଖାଙ୍କିତ ଖଣ୍ଡବାକ୍ୟ) 'ରୋହିଣୀ ପାଦୁକ କୁଣ୍ଡରଜ, ସିଂହ ମାଡ଼ି ବସିଅଛି ଗଜ । ସତେ କି ଏ ନେତ୍ର ସଫଳ ହୋଇବ କାକ ପଡ଼ି ହେଲା ଚତୁର୍ଭୁଜ ... ବିଶ୍ଳେଷଣରୁ ଶ୍ରୀମନ୍ଦିରରେ ସାଲବେଗ ପ୍ରବେଶ କରିନଥିଲେ, ପ୍ରବେଶର ଆଶା/ଲାଳସା ରଖିଥିଲେ ବୋଲି ଜଣାପଡ଼େ । ତେବେ ତାଙ୍କ ସମୟରେ ହିନ୍ଦୁ ଓ ମୁସଲମାନ ଗୋଷ୍ଠୀ ମଧ୍ୟରେ ସଂପ୍ରୀତି ଥିବା କିମ୍ବା ଉଭୟ ଏକତ୍ର ବସି ମହାପ୍ରସାଦ ଭୋଜନ କରୁଥିବା ବିବରଣୀ ମେ' ମାସ ୨୦ ତାରିଖ ୧୬୯୬ ମସିହାରେ ଶ୍ରୀକ୍ଷେତ୍ର ଆସିଥିବା ପରିବ୍ରାଜକ ମହମ୍ମଦ ଅମୀର ୱାଲିଙ୍କ ବିବରଣୀରୁ ଜଣାପଡ଼େ । ତେବେ ଅତୀତରେ ଶ୍ରୀକ୍ଷେତ୍ରରେ ଧର୍ମୀୟ ସଂହତିର ଏକ ବଳିଷ୍ଠ ପରମ୍ପରା ଥିଲା ଓ ସାଲବେଗ ମହାପ୍ରଭୁଙ୍କର ଜଣେ ନୈଷ୍ଠିକ ଭକ୍ତ ଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ପାଇଥିବା ଅନୁମିତ ହୁଏ ।

ପ୍ରାକ୍ ସ୍ୱାଧୀନତା କାଳରେ ଖ୍ରୀ:୧୪.୨.୧୯୪୭ରେ ଅସବର୍ଣ୍ଣମାନଙ୍କ ମନ୍ଦିର ପ୍ରବେଶ ଅଧିକାର ଦେବାକୁ ଓଡ଼ିଶା ଆସେମ୍ବ୍ଲିରେ 'Orissa Temple Entry Authorisation and Indemnity Bill' ଆଗତ ହୋଇ ସେହି ଦିନ ହିଁ ଗୃହୀତ ହୋଇଥିଲା ଓ ତା.୯.୭.୧୯୪୭ରେ ରାଜ୍ୟପାଳଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇଥିଲା । ସାମାଜିକ ପ୍ରତିରୋଧକୁ ପ୍ରତିହତ କରିବା ଲାଗି ଫେବୃଆରୀ-୧୨, ୧୯୪୮ ମସିହାରେ ମୋହନ ନାୟକ ଶ୍ରୀମନ୍ଦିର ସମ୍ମୁଖରେ ଅନଶନ କରିଥିଲେ ।

ମହାପ୍ରଭୁଙ୍କ 'ଶ୍ରୀଜଗନ୍ନାଥ' ନାମକୁ ଭିତ୍ତିକରି କେତେକ ସମଗ୍ର ଜଗତବାସୀଙ୍କର ଶ୍ରୀମନ୍ଦିରରେ ପ୍ରବେଶ ଓ ଉପାସନା ଅଧିକାର ଅଛି ବୋଲି ମତ ଦେଇଥାନ୍ତି । ଧର୍ମାନ୍ତରିତ ହିନ୍ଦୁମାନଙ୍କ ପାଇଁ ଶ୍ରୀମନ୍ଦିରରେ ପ୍ରବେଶ କରିବା ଏକ ବଡ଼ କୃତିତ୍ୱ ବୋଲି ସେମାନେ ମନେ କରିଥାନ୍ତି । ଅତୀତରେ ଜନୈକ ଆମେରିକାନ୍ ମହିଳା 'ଯୋଗାନନ୍ଦ ସତ୍‌ସଙ୍ଗ ମଠ'ର ପ୍ରତିଷ୍ଠାତା ଯୋଗାନନ୍ଦଙ୍କର ଶିଷ୍ୟା ହୋଇ 'ଜୟମାତା' ନାମରେ ପରିଚିତ ଥିଲେ ଓ ଯୋଗାନନ୍ଦଙ୍କ ପରେ ତାଙ୍କର ଉତ୍ତରାଧିକାରୀ ହୋଇ ଫେବୃଆରୀ ୭ ତାରିଖ ୧୯୫୯ ମସିହାରେ ଗଜପତି ବୀରକିଶୋର ଦେବ - ଚତୁର୍ଥ ଶ୍ରୀମନ୍ଦିର ପରିଚାଳକ ଥିବାବେଳେ ଗଜପତିଙ୍କସହିତ ମନ୍ଦିର ଭିତରେ (Sanctum sanctorum of Lord Jagannath) ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ସେହି ଆଧାରରେ ଆଜି ଅନେକ ଧର୍ମାନ୍ତରିତ ହିନ୍ଦୁ ଶ୍ରୀମନ୍ଦିରରେ ପ୍ରବେଶ ଆଶାୟୀ ଓ ଆବେଦନପ୍ରାର୍ଥୀ ଏଥିପାଇଁ ବିଚାର ବିମର୍ଷର ବିରାମ ନାହିଁ ।

ମନେ ରଖିବା କଥା ସମାଜରେ ପ୍ରାଚୀନ ପରମ୍ପରାର ଉଚ୍ଛେଦ ହୋଇ କୌଣସି ନୂତନ ବିଧିବ୍ୟବସ୍ଥାର ଉଦ୍‌ଭବ ହେବା ବେଳେ ଏହା ବହୁ ଅନୁଭୂତି ଓ ବିଚାର ଆଲୋଚନା ଆଧାରିତ ହୋଇଥାଏ ।

ଆବଶ୍ୟକତାର ଉତ୍ପୀଡ଼ନ ହିଁ ସୃଜନର ଜନକ । ଇତିହାସରୁ ଜଣାଯାଏ ଶ୍ରୀକ୍ଷେତ୍ରର ଉପାସିତ ଦେବତାଙ୍କ ପ୍ରସିଦ୍ଧି ଖ୍ରୀ: ଚତୁର୍ଥ ଶତକ ବେଳକୁ ସାରା ଭାରତରେ ପରିବ୍ୟାପ୍ତ ହୋଇଥିଲା । ଏଥିପାଇଁ ମାଦଳାପାଞ୍ଜି ବିବରଣୀ ଅନୁସାରେ ରାଜା ଶୋଭନ ଦେବଙ୍କ ସମୟରେ ଅନ୍ୟ ରାଷ୍ଟ୍ରୀୟ ଆକ୍ରମଣକାରୀ ରକ୍ତବାହୁ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା, ଯେଉଁଥିପାଇଁ ଦେବତାମାନଙ୍କୁ ବୌଦ ସୀମାନ୍ତର ଗୋପାଳି ଗ୍ରାମକୁ ସ୍ଥାନ୍ତରିତ କରାଯାଇଥିଲା । ଖ୍ରୀ:୧୧୯୨ରେ ହୋଇଥିବା ତାରାୟଣ ଯୁଦ୍ଧ ପରେ ଧର୍ମାନ୍ଧ ଯବନମାନଙ୍କ ପାଇଁ ଶ୍ରୀକ୍ଷେତ୍ର ଲୁଣ୍ଠନ ତଥା ସନାତନୀ ଧର୍ମ ଚେତନାକୁ ଆହତ କରିବା ପାଇଁ ପ୍ରମୁଖ ପୀଠରେ ରୂପାନ୍ତରିତ ହୋଇଥିଲା । ଖ୍ରୀ:୧୫୬୮ରେ ଗୋହିରାଟିକିରି ଯୁଦ୍ଧରେ ବିଶ୍ୱାସ ଘାତକତାର ଶରାଘାତରେ ନିହିତ ଚାଲୁକ୍ୟ ମୁକୁନ୍ଦ ଦେବ, ଏହାପରେ କୃତଘ୍ନ ଶିଖି ମନାଇଙ୍କ ସହାୟତାରେ ଆହ୍ଲାଦାଦ ମିଆଁର (କଳାପାହାଡ଼) ପେସ୍ତାର ଆଫଗାନୀ ଶାସକ ସୁଲେମାନ କରାନୀର ବିଶ୍ୱସ୍ତ ସେନାପତି, ଶ୍ରୀମନ୍ଦିର ଲୁଣ୍ଠନ ତଥା ବିଗ୍ରହମାନଙ୍କୁ ହାତୀ ପିଠିରେ ନେଇଯିବା, ଏହା ପୂର୍ବରୁ ଖ୍ରୀ:୧୫୦୯ରେ ସୂର୍ଯ୍ୟବଂଶୀ ସମ୍ରାଟ ପ୍ରତାପରୁଦ୍ର ଦେବ ଦାକ୍ଷିଣାତ୍ୟ ବିଜୟରେ ଥିବାବେଳେ ବଙ୍ଗ ସୁଲତାନ୍‌ର ସେନାପତି ଇସ୍‌ମାଇଲ୍ ଗାଜିର ଓଡ଼ିଶା ଆକ୍ରମଣ ଓ ଶ୍ରୀମନ୍ଦିର ଲୁଣ୍ଠନ ଯୋଗୁଁ ଶ୍ରୀମନ୍ଦିରରେ ଅର୍ଚ୍ଚିତ ବିଗ୍ରହମାନଙ୍କର ସ୍ଥାନାନ୍ତର, ଖ୍ରୀ:୧୬୦୯ରେ ଭୋଇବଂଶ ରାଜା ପୁରୁଷୋତ୍ତମ ଦେବଙ୍କ ସମୟରେ ରଥଯାତ୍ରା ଅବକାଶରେ ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବାବେଳେ ହିନ୍ଦୁ ରାଜପୁତ କେଶୋଦାର ମାରୁ ତୀର୍ଥଯାତ୍ରୀର ଛଦ୍ମବେଶରେ ଶ୍ରୀମନ୍ଦିରରେ ପ୍ରବେଶ କରି ଅନ୍ୟୁନ ତିନିକୋଟି ଟଙ୍କା ମୂଲ୍ୟର ରତ୍ନ ଅଳଙ୍କାର ପ୍ରଭୃତି ଲୁଣ୍ଠନ କରି ନେଇଥିଲା । ଏହିଭଳି ବହୁ ଦୁର୍ଘଟଣା ମୁସଲମାନ/ମୋଗଲ ଶାସକମାନଙ୍କ ପ୍ରୋତ୍ସାହନରେ ଖ୍ରୀ:୧୭୩୩ ଯାଏ ଶ୍ରୀମନ୍ଦିର ଉପରେ ଘଟିଯାଇଛି । ଧର୍ମାନ୍ଧମାନଙ୍କ ଶ୍ୟେନ ଦୃଷ୍ଟିରେ ଥିବା ଶ୍ରୀମନ୍ଦିର ଖ୍ରୀ:୧୮୦୩-ଖ୍ରୀ:୧୮୦୬ ପର୍ଯ୍ୟନ୍ତ ଇଂରେଜମାନଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଥିଲା । ଏହି ସମୟରେ ହିନ୍ଦୁ ପଣ୍ଡିତ ତଥା ସମ୍ଭ୍ରାନ୍ତମାନଙ୍କ ଅନୁରୋଧକୁ ବିଚାର କରି ଇଂରେଜ ସରକାର ଏହି ମାର୍ବଲ ଫଳକ ଲଗାଇଥିବା ଜଣାଯାଏ ।

ଭାରତ ସ୍ୱାଧୀନ ହେବା ପରେ ଏହି ଧର୍ମାନ୍ଧ ଆକ୍ରମଣର ଆଶଙ୍କା ଅଧିକ ହୋଇଛି । ବିଗତ ଦଶନ୍ଧିରେ ହିନ୍ଦୁ ଓ ବୌଦ୍ଧ ଧର୍ମ ଉପରେ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ଆକମ୍ରଣ ବଢ଼ି ଚାଲିଛି । ତାଲିବାନ୍‌ମାନଙ୍କ ଦ୍ୱାରା ବିରାଟ ବୌଦ୍ଧ ବିଗ୍ରହକୁ ଭୂମିଶାୟୀ କରାଇବା, ଇଂଲଣ୍ଡ, ରୁଷ, ବଙ୍ଗଳା ଦେଶ ପ୍ରଭୃତିରେ ହିନ୍ଦୁ ମନ୍ଦିର ଓ ଧର୍ମାନୁଷ୍ଠାନ ପ୍ରଭୃତିକୁ ଭାଙ୍ଗି ଦେବା, ସନ୍ତ୍ରାସବାଦୀମାନଙ୍କ ଦ୍ୱାରା ଅକ୍ଷର ଧାମ ପ୍ରଭୃତି ଉପରେ ଆକ୍ରମଣ, ଜାମ୍ମୁ ଓ କାଶ୍ମୀରର ଡୋଡ଼ା ତଥା ଅନ୍ୟାନ୍ୟ ସୀମାନ୍ତ ଓ ସ୍ପର୍ଶକାତର ଜିଲ୍ଲା ପ୍ରଭୃତିରେ ହିନ୍ଦୁମାନଙ୍କର ନରସଂହାର, ନିକଟରେ ଭାରତୀୟ ଗୁପ୍ତଚର ବିଭାଗ ଦ୍ୱାରା ଶ୍ରୀମନ୍ଦିର ଆତଙ୍କବାଦୀମାନଙ୍କର

ଆକ୍ରମଣ ତାଲିକାରେ ଥିବା କଥା ସୂଚନା ପାଇଲା ପରେ ଶ୍ରୀମନ୍ଦିରରେ ସାର୍ବଜନୀନ ପ୍ରବେଶ ଆହୁରି ପ୍ରଶ୍ନବାଚୀ ହୋଇଯାଇଛି ।

ପୃଥିବୀରେ ଧର୍ମାନ୍ଧମାନଙ୍କର ଆକ୍ରମଣର ଆଶଙ୍କା ଜ୍ୟେଷ୍ଠର କର୍ମବର୍ଦ୍ଧିଷ୍ଣୁ ଉତ୍ତାପ ଭଳି ବଢ଼ିଲା ବେଳେ ସଂକୀର୍ଣ୍ଣ ଧର୍ମୀୟତାରୁ ମୁକ୍ତ ହୋଇ ଆଜି ବହୁ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ହିନ୍ଦୁ ଧର୍ମକୁ ଜୀବନର ଆଚରଣ ଓ ଉଚ୍ଚାରଣରେ ଆପଣେଇ ନେଇଛନ୍ତି । ସୁଇଜରଲ୍ୟାଣ୍ଡ, ଜେନିଭା ଅନ୍ତର୍ଗତ ଆର୍‌ବୁରୋଠାରେ ରହୁଥିବା ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ମହିଳା ଓକିଲ ଏଲିଜା ସାନାଥ ଜଗତୟର ଏପ୍ରିଲ ୨୦୦୬ ମସିହାରେ ଶ୍ରୀମହାପ୍ରଭୁଙ୍କ ସେବା ପୂଜା, ଧ୍ୱଜା ବାନ୍ଧିବା, ଦରିଦ୍ର ନାରାୟଣଙ୍କର ସେବା ଲାଗି ଶ୍ରୀମନ୍ଦିର ପାଣ୍ଠିକୁ ଏକ କୋଟି ଅଠସ୍ତରୀ ଲକ୍ଷ ଟଙ୍କା ଦେଇ ଏକ ଅନନ୍ୟ ଅଭିନନ୍ଦନୀୟ ପରମ୍ପରା ସୃଷ୍ଟି କରିଛନ୍ତି ।

ଏହିଭଳି ବହୁ ଧର୍ମାନ୍ତରିତ ହିନ୍ଦୁଙ୍କର ମହାପ୍ରଭୁଙ୍କ ପାଖେ ନିଷ୍ଠା ଅନନ୍ୟ । ହିନ୍ଦୁ ଭାବେ ଜନ୍ମ ହୋଇଥିବା ବହୁ ବ୍ୟକ୍ତିଙ୍କଠାରୁ ସେମାନଙ୍କର ଧାର୍ମିକ ଆଚରଣ ଉନ୍ନତ । ହିନ୍ଦୁ ଧର୍ମ ଗ୍ରହଣ କରିଥିବା ଏହି ଶ୍ୱେତାଙ୍ଗମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ବହୁ ଧାର୍ମିକ, ସାମାଜିକ ଏଭଳିକି ରାଜନୈତିକ ସଂଗଠନ ସହାୟତାରେ ଆନ୍ଦୋଳନ ଚଳାଇଛନ୍ତି । ମାତ୍ର ମନେ ରଖିବା ଉଚିତ ଯେ ଏହି ଧର୍ମାନ୍ତରୀମତ ଶ୍ୱେତାଙ୍ଗଙ୍କ ଛଦ୍ମବେଶରେ ଯେ ଧର୍ମାନ୍ଧମାନେ ଶ୍ରୀମନ୍ଦିରରେ ନ ପଶିବେ, କ୍ଷତି ନକରିବେ ଏହି ନିଶ୍ଚିତ ପ୍ରତିଶ୍ରୁତି ଦେବ କିଏ ?

ଏହାଛଡ଼ା ଦୈହିକ ଓ ମାନସିକ ତତ୍ତ୍ୱ ଅନୁସାରେ ବିଗତ ବହୁ ଜନ୍ମର ସଂସ୍କାର ନେଇ ମନୁଷ୍ୟର ଅବଚେତନ ସଂଗଠିତ ହୋଇଥାଏ, ଯାହା ବ୍ୟକ୍ତିର ସମଗ୍ର ସତ୍ତାକୁ ନିୟନ୍ତ୍ରଣ କରିଥାଏ । ହିନ୍ଦୁ ଧର୍ମ ଏହାକୁ ଜନ୍ମ ଜନ୍ମାନ୍ତରର ତପସ୍ୟା ବୋଲି ଆଖ୍ୟା ଦେଇଥାଏ, ଯାହା ତା'ର ଆଗାମୀ ଜନ୍ମର ଧର୍ମ, ଗୁଣ, ଜାତି, କୁଳ, ଗୋତ୍ର ଆଦି ନିର୍ଦ୍ଧାରଣ କରିଥାଏ । ତେଣୁ ଆବେଶ, ଉଲ୍ଲାସ, ଅନୁରୋଧ, ଉତ୍ପ୍ରୋଧରେ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିର ଅଚେତନ, ଅବଚେତନରେ ପୂର୍ବ ଧର୍ମସତ୍ତା ଉଜ୍ଜୀବିତ (ପେଡ଼ି ଭିତରେ ସାପଭଳି) ଥାଏ । ଏକାକୀ ବା ଦୁର୍ବଳ ମୁହୂର୍ତ୍ତରେ ସୁବିଧା ସୁଯୋଗ ପାଇଲେ ଏହା ଆତ୍ମପ୍ରକାଶ କରିଥାଏ । ମାତ୍ର ହିନ୍ଦୁଧର୍ମର ପରମ୍ପରା ଓ ପରିବେଶରେ ଜନ୍ମିତ ବ୍ୟକ୍ତି ଅବହେଳା ଓ ସଙ୍ଗଦୋଷରୁ ଧର୍ମାଚରଣରୁ ବିଚ୍ୟୁତ ହୋଇପାରେ । ତେଣୁ ମନ୍ଦିର ପ୍ରବେଶ ବେଳେ ଏହି ତତ୍ତ୍ୱ ଅବିସ୍ମରଣୀୟ । ଇତିହାସରୁ ଜଣାଯାଏ ଭୋଇ ବଂଶର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ (ଶାସନ କାଳ ଖ୍ରୀ:୧୭୨୭-୧୭୩୬) ଯେ କି ମହାପ୍ରଭୁଙ୍କର ଏକନିଷ୍ଠ ଭକ୍ତ (ଜଗନ୍ନାଥଙ୍କର ଅନ୍ୟତମ ଭକ୍ତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ପିଯୁସୀ ପୁଅ ଭାଇ) ଶ୍ରୀମନ୍ଦିର ଓ ଶ୍ରୀବିଗ୍ରହଙ୍କ ସୁରକ୍ଷା ପାଇଁ ମୁସଲମାନ ଧର୍ମ ଗ୍ରହଣ କରି 'ହାଫିଦ୍‌କାଦାର' ନାମରେ ନାମିତ ହୋଇଥିଲେ । କେତେକଙ୍କ ମତରେ ମୁସଲମାନ ରାଜବଂଶୀୟ 'ସୁରୈୟା' ପ୍ରେମ ଓ ପରିଣୟ ଯୋଗୁଁ ସେ ଧର୍ମାନ୍ତରିତ ହୋଇଥିଲେ । ଧର୍ମାନ୍ତର ହେବା ପରେ ମଧ୍ୟ ମହାପ୍ରଭୁଙ୍କଠାରେ ତାଙ୍କର ଅଟଳ ନିଷ୍ଠା ଥିଲା । ତାଙ୍କରି ଉଦ୍ୟମରେ ଖଲିକୋଟ ଟିକିଲିଠାରୁ ବିଗ୍ରହମାନଙ୍କୁ ଶ୍ରୀକ୍ଷେତ୍ର ଫେରାଇ ଆଣି ନବକଳେବର କରାଇ ଜୁଲାଇ ୨ ତାରିଖ ୧୭୩୩ ମସିହାରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଉତ୍ସବ ଆୟୋଜନ କରାଇଥିଲେ । ମହାପ୍ରଭୁଙ୍କର ଆଦ୍ୟ ସେବକ ଖ୍ରୀ:୧୭୩୩ରେ ନୟାଗଡ଼ ସନ୍ନିକଟ 'ବୋଲଗଡ଼'ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରି ବର୍ତ୍ତମାନର ତୃତୀୟ ପଡ଼ା ଗ୍ରାମରେ 'ତ୍ରିଦେବଙ୍କ ସ୍ଥାପନା ଓ ଉପାସନା କରିଥିଲେ । ସମ୍ଭ୍ରାନ୍ତ ରାଜକୁଳ ସମ୍ଭୂତ ଜଗନ୍ନାଥ ସର୍ବସ୍ୱ ଗଜପତି ରାମଚନ୍ଦ୍ର ଦେବ ମୂଳତଃ ହିନ୍ଦୁ ହେଲେ ମଧ୍ୟ ମୁସଲମାନ ଧର୍ମ ଗ୍ରହଣ କରିଥିବାରୁ ତାଙ୍କୁ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ଦେଇନଥିଲେ । ଯେଉଁମାନେ ଦୂରାରୋଗ୍ୟରେ ପୀଡ଼ିତ, ଅସ୍ପୃଶ୍ୟ ଅଶୌଚ, ଶ୍ରୀମନ୍ଦିର ପ୍ରବେଶ ଅଧିକାର ରହିତ (ଗଜପତି ରାମଚନ୍ଦ୍ର ଦେବଙ୍କ ଭଳି) ସେମାନେ ସିଂହଦ୍ୱାର ଗୁମୁଟ ଭିତରେ ଥିବା ଶ୍ରୀପତିତପାବନଙ୍କୁ ଦର୍ଶନ କରି ଅଭୀଷ୍ଟ ଫଳ ଲାଭ କରିଥାନ୍ତି । ଏବେ ମଧ୍ୟ ବହୁ ଅନ୍ୟ ଧର୍ମାବଲମ୍ବୀ ଅରୁଣସ୍ତମ୍ଭ ନିକଟରେ ପତିତପାବନଙ୍କ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥାନ୍ତି ।

ଅନ୍ୟ ଧର୍ମାବଲମ୍ବୀମାନଙ୍କର ଭକ୍ତିକେନ୍ଦ୍ର ତଥା ଆମର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ, ଶ୍ରୀମନ୍ଦିର ତଥା ଏହାର ସାଂସ୍କୃତିକ ଓ ଭୌତିକ ପରିବେଶର ସୁରକ୍ଷା ଆମର ପରମ କର୍ତ୍ତବ୍ୟ ।

ଶ୍ରୀବିଗ୍ରହର ସୁରକ୍ଷା କଥା ଉଠିଲାବେଳେ ଅନେକ ପ୍ରଶ୍ନ କରନ୍ତି ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ମହାପ୍ରଭୁ ପ୍ରାସାଦ ପ୍ରତିମା ଭଗ୍ନ ହେଲେ ମଧ୍ୟ ଅନ୍ୟତ୍ର ଯାଆନ୍ତି ନାହିଁ ବୋଲି ଆଶ୍ୱାସନା ଓ ଅଙ୍ଗୀକାର କଲାବେଳେ ବିଧର୍ମୀଙ୍କ ଦ୍ୱାରା ଆକ୍ରମିତ ହୋଇ ଖ୍ରୀ:୧୬୧୭ରେ ଗବପଦର ଗ୍ରାମରେ ଖ୍ରୀ:୧୬୧୯ରେ ବାଣପୁରର ଅନ୍ଧାରୀମୂଳକ, ଖ୍ରୀ:୧୭୩୨ରେ ନଇରୀର ହରିଶ୍ୱର (ହରି+ଈଶ୍ୱର) ମଣ୍ଡପ ପ୍ରଭୃତିରେ ବିଜେ ହେଲେ କିଭଳି ? ମନେ ରଖିବା କଥା ଠାକୁର ଯାଇ ନଥିଲେ, ଆମର ପୂର୍ବପୁରୁଷ ସେମାନଙ୍କ ପ୍ରାଣବଳି ଦେଇ ସ୍ୱାଭିମାନ ରକ୍ଷା ଲାଗି ଏହି ସ୍ଥାନକୁ ନେଇଯାଇଥିଲେ । ଆମେ ସେହିମାନଙ୍କର ଦାୟାଦ ।

ପୁଣି ପ୍ରଶ୍ନ ଉଠେ ଠାକୁର ଏହି ବିଧର୍ମୀମାନଙ୍କୁ ଦଣ୍ଡ ନଦେଲେ କାହିଁକି ? ଆହ୍ଲାଦାଜଦ୍ ମିଆଁର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିବା, ଧର୍ମାନ୍ଧ ଆଉରଙ୍ଗଜେବ ଜୀବନର ଅନ୍ତିମ ଅଶ୍ମୁଳ ପରିଣତି ପ୍ରଭୃତି କେତେକ ବିଷୟ ବାଦ ଦେଲେ ଇତିହାସ ଏ ବିଷୟରେ ନିରବ । ନିରବତା ସେମାନଙ୍କ ଜୀବନରେ ଦୁର୍ଘଟଣା ଘଟି ନାହିଁର ସୂଚକ ହୋଇପାରେ ଅଥବା ଘଟିଥିବା ଘଟଣା ଲିପିବଦ୍ଧ ନହୋଇଥିବାର ମଧ୍ୟ ଦ୍ୟୋତକ ହୋଇପାରେ ।

ପୁଣି ଏକ ସମ୍ଭାବ୍ୟ ଉଦାର ଦୃଷ୍ଟିରେ ବିଚାର କରାଯାଇପାରେ । ମହାପ୍ରଭୁ ଶ୍ରୀଜଗନ୍ନାଥ ସୃଷ୍ଟିର ପିତା । ଜଣେ କ୍ଷମାଶୀଳ ପିତା ତା'ର

ସନ୍ତାନ ଦଣ୍ଡଯୋଗ୍ୟ ସୀମାରେ ନ ପହଞ୍ଚିଲା ଯାଏ (ଯେଉଁଭଳି ଭଗବାନ ଶ୍ରୀକୃଷ୍ଣ ଶିଶୁପାଳର ଏକଶତ ଦୋଷ ନ ଦେଖିବା ଯାଏ ତାକୁ ଦଣ୍ଡ ଦେଇନଥିଲେ, ବା ଚରମ ଉତ୍ପୀଡ଼ନରେ ଥିବା ପରମ କ୍ଷମାଶୀଳ ପିତାଟିଏ (ଯେମିତି ଆଜିକାଲି ଜମି ବିକ୍ରୟ ଅବସରରେ 'ମୋର ପିତା ବୟସ ଅଧିକ ହେବା ଯୋଗୁଁ ତାଙ୍କ ମସ୍ତିଷ୍କ ବିକୃତି ହେବାରୁ ତାଙ୍କ ନାମରେ ଥିବା ଜମି ବିକ୍ରୟ କରୁଛନ୍ତି - ଏହାକୁ କେହି କ୍ରୟ କଲେ ଆମ୍ଭେ ଦାୟୀ ହେବୁ ନାହିଁ) ଅର୍ବାଚୀନ ସନ୍ତାନର ସମସ୍ତ ଅପରାଧ ପ୍ରତିରୋଧକୁ ମହାପ୍ରଭୁ କ୍ଷମା କରି ଚାଲିଛନ୍ତି ।

ଅନ୍ୟ ଭାବରେ ଦେଖିଲେ ମହାପ୍ରଭୁଙ୍କୁ ସ୍ଥାନାନ୍ତର କଲେ ମଧ ତାଙ୍କର ଅବର୍ତ୍ତମାନରେ ତାଙ୍କର ଚେତନା ଅଧିକ ପ୍ରଜ୍ଜ୍ୱଳିତ ହୋଇ ଜନମାନସକୁ ପରାୟଣ କରି ଦେଲା । ଏହି ସଂପ୍ରସାରିତ ସଂଘବଦ୍ଧ ଚେତନା ପରବର୍ତ୍ତୀ କାଳରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପୁନଃ ଆଗମନ ପଥକୁ ଅଧିକ ପ୍ରଶସ୍ତ କରି ଦେଲା । ମନେ ରଖିବା କଥା ସବୁ ଯୁଗରେ ଚେତନାକୁ ନେଇ ପ୍ରତୀକ । ପ୍ରତୀକର ପରବର୍ତ୍ତୀ ପ୍ରକାଶ ପ୍ରତିମା । ବିଗ୍ରହ ସ୍ଥାନାନ୍ତରିତ ହେଲେ ମଧ ଚେତନା ଓ ତା'ର ପରିପ୍ରକାଶ ପ୍ରତୀକ ବିଗ୍ରହ 'ମାଧବ' (କ୍ଷୁଦ୍ର ଜଗନ୍ନାଥ-ଶ୍ରୀଦେବୀଙ୍କ ପୃଷ୍ଠଭାଗରେ ଅଙ୍କିତ) ସ୍ଥାନାନ୍ତରିତ ହେବା ଇତିହାସରୁ ଉପଲବ୍ଧ ନୁହେଁ ।

ଏଠାରେ ପ୍ରଶ୍ନ ଉଠେ ତେବେ କ'ଣ ଧର୍ମାନ୍ତରିତ ଭକ୍ତମାନଙ୍କର ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ପ୍ରବେଶ କରି ମୂଳ ବିଗ୍ରହମାନଙ୍କ ଦର୍ଶନ ଅସମ୍ଭବ ? ଏହାର ଉତ୍ତରରେ କୁହାଯାଇପାରେ ଆମେ ମହାପ୍ରଭୁଙ୍କୁ ସର୍ବଶକ୍ତିମାନ ସର୍ବଦ୍ରଷ୍ଟା ତଥା ସର୍ବତ୍ର ବିରାଜିତ ଜ୍ଞାନରେ ଅର୍ଚ୍ଚନା କରୁଛୁ । ଯଦି ସେ ଏଠି ସେଠି ସର୍ବତ୍ର ଅଛନ୍ତି ତା'ହେଲେ ଆମ ଚିନ୍ତା, ଚେତନାରେ ମଧ ସେ ବିରାଜିତ । ତେଣୁ 'ମନ ଅଟେ ଚତୁର୍ଦ୍ଧାମୂରତୀ' ବା ମନ ଏବ ମନୁଷ୍ୟାଣାଂ କାରଣଂ ବର୍ନ୍ଧ ମୋକ୍ଷୟେ' । ତେଣୁ ସେ ତ ଦୃଶ୍ୟ ଅଦୃଶ୍ୟ ରୂପରେ ନିରନ୍ତର ଧାମ ପାଖରେ ବିଦ୍ୟମାନ । ଶୁଭ ଅଶୁଭ ଭବିଷ୍ୟତ ବର୍ତ୍ତମାନର ସୂଚନା ଦେଇ ପ୍ରକୃତ ଭକ୍ତକୁ ବିଭିନ୍ନ ସମୟରେ ସେ ବାଟ ଦେଖାଇଥାନ୍ତି । ଯେମିତି ଆମେରିକାର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ତାଙ୍କର ଭକ୍ତ ଡାକ୍ତର ସାହୁଙ୍କୁ ବିଭିନ୍ନ ସଂଶୟ ମୁହୂର୍ତ୍ତରେ ଶ୍ରୀବିଗ୍ରହରୁ ଆଭୂଷଣମାଳ ଖସାଇ କାମ କରିବାକୁ ସୂଚନା ଦେଇଥାନ୍ତି । ପ୍ରତ୍ୟକ୍ଷ ଦର୍ଶନ ଅପେକ୍ଷା ତାଙ୍କର ପରୋକ୍ଷ ଦର୍ଶନ (ଚିନ୍ତନ) ଅଧିକ ଫଳପ୍ରଦ ବୋଲି ଅନୁଭବୀମାନଙ୍କ ମତ ।

'ଦୂରେ ଥାଇ ଡାକ ଦେଲେ ଡେରି ଥାଅ କର୍ଣ୍ଣକୁ
ନିକଟରେ ନ ଶୁଣୁଛ ମୋ କର୍ମ ଅବଳକୁ ।'

ଜଣେ ଯେ ମନ୍ଦିରକୁ ଗଲେ ନିଶ୍ଚିନ୍ତ ନିଶ୍ଚିତ ଦର୍ଶନ ପାଇବ ଏହାର ସ୍ଥିରତା ନଥାଏ । ବ୍ୟସ୍ତ ଜୀବନରୁ ସମୟ ବାହାର କରି ମନ୍ଦିର ଭିତରକୁ ଗଲେ କେତେବେଳେ ଗୋପାଳବଲ୍ଲଭ ବା ଅନ୍ୟପୂଜା ଯୋଗୁଁ କଳାହାଟ ଦ୍ୱାର ବନ୍ଦ ଥାଏ । ଆଉ କେତେବେଳେ ଜୟ ବିଜୟ ଦ୍ୱାର ବନ୍ଦ ଥାଏ । ସ୍ନାନ ପୂର୍ଣ୍ଣିମା ପରେ ୧୫ ଦିନ ତ ପଟି ଦିଅଁଙ୍କ ଦର୍ଶନ ମିଳେ । ମହାପ୍ରଭୁ ଶ୍ରୀଚୈତନ୍ୟ ପ୍ରଭୃତି ଏହି ସମୟରେ ନହରପଦା ଯାଇ ଅଲବାରନାଥଙ୍କ ଦର୍ଶନ କରି ଦର୍ଶନ ତୃଷା ମେଣ୍ଟାଇଥାନ୍ତି । ଯଦି ବିକଳ୍ପଙ୍କ (ଅଲାରନାଥ) ଦର୍ଶନରେ ଶ୍ରୀଚୈତନ୍ୟଙ୍କ ସଂକଳ୍ପ ସିଦ୍ଧି ହେଲା ତା'ହେଲେ ପତିତପାବନ ବା ଅନ୍ୟ ବିକଳ୍ପଙ୍କ ଦର୍ଶନରେ ଆମ ଭକ୍ତି ତୃଷା ପ୍ରଶମିତ ନହେବ କାହିଁକି ?

ଏସବୁ ସତ୍ତ୍ୱେ ନିହାତି ପ୍ରତ୍ୟକ୍ଷ ଦର୍ଶନ ଆଶାୟୀ ପାଇଁ ସେ ସ୍ନାନ, ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସ୍ଥିର କରି ନେଇଛନ୍ତି । ବିଧି ପରମ୍ପରା ଅନୁସାରେ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ଠାକୁରମାନେ ରଥ ଉପରେ ବିଜେ କରିଥାନ୍ତି । ଏହି ସମୟରେ ବିଗ୍ରହମାନଙ୍କୁ ଦର୍ଶନ ଓ ଆଲିଙ୍ଗନ ମଧ ଆଗ୍ରହୀ ଭକ୍ତମାନେ କରିପାରିଥାନ୍ତି । ଗୁଣ୍ଡିଚା ଓ ବାହୁଡ଼ା ସମୟରେ ଠାକୁରମାନଙ୍କର ସୁରକ୍ଷା ଲାଗି ପ୍ରଶାନ ମଧ ପ୍ରସ୍ତୁତ ହୋଇଥାଏ ।

ମନରେ ପ୍ରଶ୍ନ ଉଠେ ଏତେ ବଡ଼ ଠାକୁର, ଏତେ ବଡ଼ ମନ୍ଦିର ଏହାଙ୍କ ସୁରକ୍ଷା ଆମଭଳି ସାଧାରଣ ଲୋକ ପକ୍ଷରେ କ'ଣ ସମ୍ଭବ ? ଏହାର ଉତ୍ତର ନିଶ୍ଚିତ ଅସ୍ତିବାଚକ । ସେତୁବନ୍ଧ ବାନ୍ଧିବା ମୁହୂର୍ତ୍ତରେ ବୁଦ୍ଧି, ଜ୍ଞାନ ଓ ବିଶେଷ ଶକ୍ତି ନଥିବା ସାଧାରଣ ଗୁଣ୍ଡୁଚି ମୂଷାଟିଏ ଓଦା ଦେହରେ ସେତୁ ଉପରେ ବାଲିଝାଡ଼ି ମହାପ୍ରଭୁଙ୍କ ଅଙ୍ଗୁଳି ସ୍ପର୍ଶରେ କାଳଜୟୀ କୀର୍ତ୍ତି ଅବା ତା' ଦେହରେ ଲେଖି ଦେଇଗଲା । ଆଉ ଆମେମାନେ ତ ମଣିଷ । ଅନନ୍ତ ବିଦ୍ୟା, ବୁଦ୍ଧିର ଅଧିକାରୀ । ସୂର୍ଯ୍ୟ ଯେଉଁଭଳି ଗ୍ରୀଷ୍ମ ଋତୁରେ ସାମାନ୍ୟ ଜଳ ଶୋଷଣ କରି ବର୍ଷା ଋତୁରେ ଅଜସ୍ର ଜଳ ଢାଳିଦିଏ ସେହିଭଳି ଭଗବାନଙ୍କ ପ୍ରୀତି ଲାଗି କରିଥିବା ସାମାନ୍ୟ କର୍ମ ସହସ୍ର ଗୁଣ ହୋଇ କରିଥିବା ଲୋକ ନିକଟକୁ ଯେପରି ଆସେ । ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ ନିଜ ପଣତ ଚିରି ଚିରୁଡ଼ାଏ କନା ପିନ୍ଧିଥିବା ଦ୍ରୌପଦୀ କୁରୁସଭା ତଳେ ପ୍ରଭୁ ପ୍ରଦତ୍ତ ଅଜସ୍ର ବସ୍ତ୍ର ଦ୍ୱାରା ସମ୍ମାନ ରକ୍ଷା କରିବା ପ୍ରସଙ୍ଗ ଏ ଦିଗରେ ଏକ ସାମାନ୍ୟ ଉଦାହରଣ ମାତ୍ର । ସେଥିପାଇଁ କୁହାଯାଇଛି 'ସ୍ୱଳ୍ପଂ ଅପି ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' । ଏହି ସୁରକ୍ଷାରେ ଯୋଗ ଦେଇ ଆମର ଯଦି କ୍ଷତି ହେଲା ଏହା ଆମର ପରମ ସୌଭାଗ୍ୟ ବୋଲି ଗ୍ରହଣ କରିବା ଉଚିତ । ପୁଣ୍ୟ ଯୁଦ୍ଧ ସଂଗ୍ରାମୀମାନଙ୍କ ପାଇଁ ସ୍ୱର୍ଗର ଦ୍ୱାର ତଥା ପୃଥିବୀରେ କୀର୍ତ୍ତିସ୍ତମ୍ଭ ସ୍ଥାପନର ଅନବଦ୍ୟ ଉପାୟ ।

ଅତୀତରେ ବହୁ ସେବାୟତ ଓ ସାଧାରଣ ନାଗରିକ ସୁରକ୍ଷା ଯଜ୍ଞରେ ଯୋଗ ଦେଇ ପ୍ରାଣ ଆହୂତି ଦେଇଥିବା କଥା ସାହିତ୍ୟ ପୃଷ୍ଠାରେ ଚିତ୍ରିତ । ସାଲବେଗ ଯବନ ଆକ୍ରମଣର ତଥା ବିଗ୍ରହମାନଙ୍କର ସ୍ଥାନାନ୍ତରର ପ୍ରତ୍ୟକ୍ଷଦର୍ଶୀ ଥିବା ତାଙ୍କର ଭଜନାବଳୀ ବିଶ୍ଳେଷଣରୁ ଜଣାପଡ଼େ । ତାଙ୍କର କେଣେ ଯାଉଛ ଜଗନ୍ନାଥଙ୍କ ଭଜନରେ 'କୁଳବଧୂଙ୍କର ରଡ଼ି, ପଣ୍ଡାଏ ଗଡ଼ାଗଡ଼ି ବିଧାତା ବାମ ହେଲା ଓଡ଼ିଶାକୁ' । ଏହାର ପ୍ରତ୍ୟକ୍ଷ ବିବରଣୀ ବର୍ଣ୍ଣିତ ।

ସନ୍ତାନର ସମସ୍ତ ଉଦ୍ୟମ ବିଫଳ ହେଲେ ପରମପିତାଙ୍କର ଅମୃତ ହସ୍ତ ପ୍ରସାରିତ ହୁଏ ସନ୍ତାନର ଉଦ୍ୟମକୁ ସଫଳ କରିବାକୁ । ଆଚାର୍ଯ୍ୟ ରାମାନୁଜଙ୍କର ଭକ୍ତ ସେବାୟତଙ୍କର ପ୍ରାର୍ଥନାରେ ଶ୍ରୀକ୍ଷେତ୍ରରୁ ନିର୍ବାସନ, ପରାଜିତ ସୂର୍ଯ୍ୟବଂଶୀ ସମ୍ରାଟ ଶ୍ରୀପୁରୁଷୋତ୍ତମ ଦେବଙ୍କର ମହାପ୍ରଭୁଙ୍କର କୃପାରୁ ବିଜୟଶ୍ରୀ ମଣ୍ଡିତ ହେବା ଏହାର ସାମାନ୍ୟ କେତେକ ଉଦାହରଣ । ସେହିଭଳି ଭୋଇବଂଶ ରାଜତ୍ୱ କାଳରେ ଖ୍ରୀ:୧୬୮୬ରେ ଧର୍ମାନ୍ଧ ଆଉରଙ୍ଗଜେବଙ୍କର ସମ୍ପର୍କୀୟ କକା (ଶାୟସ୍ତାଖାଁ)ଙ୍କ ପୁତ୍ର ଆବୁ ନସୀର ଖାଁ ଯାଜପୁରରେ ବିନା ପ୍ରତିରୋଧରେ ଏକ ମନ୍ଦିର ଭାଙ୍ଗି ମସ୍‌ଜିଦ୍ ନିର୍ମାଣ କଲାପରେ ଖ୍ରୀ:୧୬୮୭ରେ ପୁରୀ ମନ୍ଦିର ଆକ୍ରମଣର ଅଭିଯାନ ଆରମ୍ଭ କରିଥିଲା । ମାତ୍ର ସେ ପିପିଲିରେ ପହଞ୍ଚିଲା ପରେ ବଜ୍ର ଓ ତୋଫାନ ଏଡ଼େ ତୀବ୍ରତର ହେଲା ଯେ ସେ ଏହାକୁ ଦୈବୀ ବିପତ୍ତି ମନେ କରି ଭୟରେ ସେହିଠାରୁ ହିଁ ଫେରିଯାଇଥିଲା । ତେଣୁ ଆନ୍ତରିକ ଚେଷ୍ଟା ଓ ନିଷ୍ଠା ମହାପ୍ରଭୁଙ୍କର ଅସ୍ତିତ୍ୱକୁ ସତତ ପରୋକ୍ଷରେ ପ୍ରମାଣିତ କରିଥାଏ ଯଦି ଓ ଏହାର କୌଣସି ସରଳ ରୈଖିକ ଯୁକ୍ତିସିଦ୍ଧ ମାନବ ବୋଧଗମ୍ୟ ପ୍ରମାଣ ନାହିଁ ।

ସୁରକ୍ଷା ପ୍ରଶ୍ନ ଉଠିଲାବେଳେ ଶ୍ରୀବିଗ୍ରହ, ଶ୍ରୀମନ୍ଦିର ତଥା ଯାତ୍ରୀ, ସେବାୟତ ତଥା ରାଷ୍ଟ୍ର ସୁରକ୍ଷାର ପ୍ରସଙ୍ଗ ଉଠିଥାଏ । ସୁରକ୍ଷାର ଶୀର୍ଷବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ । ଓଡ଼ିଆ ଜାତି, ହିନ୍ଦୁ ପରମ୍ପରାର ସୁରକ୍ଷା ତାଙ୍କ ସୁରକ୍ଷା ଉପରେ ନିର୍ଭର କରିଥାଏ । ଐହିକ ସୁଖ ଶାନ୍ତି ଓ ପରମାର୍ଥିକ ଉତ୍ତରଣ, ତାଙ୍କରି ଆଶୀର୍ବାଦରେ ହିଁ ସମ୍ଭବ । ମହାପ୍ରଭୁମାନଙ୍କର ଶ୍ରୀମନ୍ଦିରରେ, ସ୍ଥିତି ଓ ନିୟମିତ ନିରାଜନା ଜାତୀୟ ସଂହତି ତଥା ପୁରୀର ଅର୍ଥନୀତିକୁ ସମୃଦ୍ଧି କରିଛି । ଖ୍ରୀ:୧୭୦୭ରେ ଆଲେକ୍‌ଜାଣ୍ଡାର ହେମିଲଟନ୍ ସାହେବଙ୍କ ବିବରଣୀ ଅନୁସାରେ ପୁରୀକୁ ଆସୁଥିବା ଯାତ୍ରୀମାନେ ଅଧାକ୍ରାଉନ (Half a crown) ତୀର୍ଥକର ଦେଉଥିଲେ । ଏଥିରୁ ବାର୍ଷିକ ୭୫୦୦୦ ପାଉଣ୍ଡ ବା ଆନୁମାନିକ ଟ.୬,୬୬,୬୬୬ଙ୍କା ଆୟ ହେଉଥିଲା । ସେହିଭଳି ଗଜପତି ରାମଚନ୍ଦ୍ର ଦେବଙ୍କ ଉଦ୍ୟମରେ ନବକଳେବର ପରେ ଜୁଲାଇ ୨, ୧୭୩୩ରେ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ଡିସେମ୍ବର ୨୯ ତାରିଖ ଖ୍ରୀ:୧୭୩୩ରେ ଧର୍ମାନ୍ଧ ତକା ଖାଁର ଶ୍ରୀମନ୍ଦିର ଆକ୍ରମଣ ଯୋଗୁଁ ରାମଚନ୍ଦ୍ର ଦେବ ତିନିମୂର୍ତ୍ତିଙ୍କୁ ଗଞ୍ଜାମ ଆଠଗଡ଼ ଘଞ୍ଚ ଅରଣ୍ୟ ପରିବେଷ୍ଟିତ (ପୋଲସରା ବ୍ଲକ୍‌ର ମଥୁରା ଗ୍ରାମରୁ ସାତ କିଲୋମିଟର ଭିତରକୁ) ଗ୍ରାମକୁ ସ୍ଥାନାନ୍ତର କରିଥିଲେ । ଯେଉଁଠାରେ ବିଗ୍ରହମାନେ ପ୍ରାୟ ଅଢ଼େଇ ବର୍ଷ କାଳ ଅର୍ଚ୍ଚିତ ହେଉଥିଲେ । ଏହି ମନ୍ଦିରରେ ସ୍ଥାପିତ ବିଗ୍ରହମାନେ ଯେଉଁ ପଥର ଚକା ଉପରେ ଅର୍ଚ୍ଚିତ ହେଉଥିଲେ ଆଜି ଏହି ଶୂନ୍ୟ ମନ୍ଦିରରେ ଏହି ପଥର ଖଣ୍ଡମାନ ଚକାଦେବତା ଭାବେ ପୂଜା ପାଉଛନ୍ତି । ଇତିହାସରୁ ଜଣାଯାଏ ଠାକୁରମାନେ ଶ୍ରୀକ୍ଷେତ୍ରରେ ନଥିବାରୁ ବିଦେଶାଗତ ଯାତ୍ରୀମାନଙ୍କ ଆଗମନ କମିଗଲା ଓ ରାଷ୍ଟ୍ରୀୟ ଅର୍ଥନୀତି ବାଧାପ୍ରାପ୍ତ ହେଲା । ତେଣୁ ବଙ୍ଗନବାବ ମୁର୍ସିଦ କୁଲି ଖାଁ ଏହି ବିକଳାଙ୍ଗ ଅର୍ଥନୀତିକୁ ସଜାଡ଼ିବାକୁ ସେବାୟତମାନଙ୍କ ସହାୟତାରେ ଖ୍ରୀ:୧୭୩୫ରେ ଠାକୁରମାନଙ୍କୁ ପୁଣି ଶ୍ରୀମନ୍ଦିର ରତ୍ନସିଂହାସନସ୍ଥ କରିଥିଲେ । ରାଜ୍ୟର ରାଜା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କରି ପ୍ରତିନିଧି (ରାବୁତ / ରାଉତ) ଭାବେ ଶୌର୍ଯ୍ୟ ଦୀପ୍ତ ନରପତିମାନେ ଏ ରାଜ୍ୟ ଶାସନ କରି ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟର ଏକ ମହନୀୟ ପରମ୍ପରା ପ୍ରତିଷ୍ଠା କରିଥିବା କଥା ସନନ୍ଦ ଓ ଶିଳାଲେଖରୁ ଜଣାଯାଏ । ଯେତେବେଳେ ମହାପ୍ରଭୁଙ୍କୁ ଏ ଜାତି ଭୁଲି ଯାଇଛି ସେତେବେଳେ ସେ ହୀନମନ୍ୟତା ଓ ହାଅନ୍ନର ଶିକାର ହୋଇଛି ।

ଶ୍ରୀବିଗ୍ରହ ସୁରକ୍ଷା ପରେ ଶ୍ରୀମନ୍ଦିର ସୁରକ୍ଷା ଅନ୍ୟତମ ମୌଳିକ ପ୍ରଶ୍ନ । ଗଙ୍ଗବଂଶୀ ସମ୍ରାଟମାନଙ୍କ ଦ୍ୱାରା ନିର୍ମିତ ମୂଳ ମନ୍ଦିର ବହୁ ସମୟରେ ଆକ୍ରମିତ ହୋଇ ତଥା ସମୟର ଅବକ୍ଷୟକାରୀ ପ୍ରଭାବ ଯୋଗୁଁ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଏଥିସହିତ ଉତ୍କଳର ଗଜପତିମାନେ ବିଭିନ୍ନ ସମୟରେ ବହୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରିଛନ୍ତି । ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସପ୍ତମ ଅଙ୍କରେ ଭୋଗ ମଣ୍ଡପ ନିର୍ମାଣ/ ସଂସ୍କାର, ଖ୍ରୀ:୧୬୧୬ରେ ମୋଗଲ ରାଜତ୍ୱରେ ତୋଡ଼ରମଲ୍ଲଙ୍କ ପୁତ୍ର କଲ୍ୟାଣ ମଲ୍ଲଙ୍କ ଅନୁମୋଦନରେ ଶ୍ରୀମନ୍ଦିରର ଜଗମୋହନ ବା ନାଟମନ୍ଦିର ନିର୍ମାଣ ଖ୍ରୀ:୧୬୩୨ରେ ମୋଗଲ ସୁବେଦାର ମୁତକତ ଖାଁ ସହାୟତାରେ ଶ୍ରୀମନ୍ଦିର ମରାମତି ଖ୍ରୀ:୧୬୩୬ରେ ଲୁଣି ପବନରୁ ରକ୍ଷା କରିବାକୁ ଭୋଇ ବଂଶ ରାଜା ନରସିଂହ ଦେବ ୯୧୫୩୮ କାହାଣ ୯ ପଣ ୧୦ ଗଣ୍ଡା କଉଡ଼ି (ଆନୁମାନିକ ତେଇଶି ହଜାର ଟଙ୍କା) ଖର୍ଚ୍ଚ କରି ତା.୨୦.୧୨.୧୬୩୬ରୁ ତା.୨୪.୧୨.୧୬୩୭ ଯାଏ ଶ୍ରୀମନ୍ଦିର ଚୂନ ପଲସ୍ତରା, ବରିଷ୍ଠ ଗବେଷକ ଶ୍ରୀ ଶରତଚନ୍ଦ୍ର ମହାପାତ୍ରଙ୍କ ବିବରଣୀ (ସମାଜ ତା.୨୦.୫.୨୦୦୬) ଅନୁସାରେ 'ରାମଚନ୍ଦ୍ର ଦେବ (ଖ୍ରୀ:୧୫୬୮-୧୬୦୦)ଙ୍କ ସମୟରେ ପ୍ରବଳ ଝଡ଼ ଫଳରେ ଶ୍ରୀମନ୍ଦିର ନୀଳଚକ୍ର ଧାନ ବିଲରେ ପଡ଼ିବା ଓ ରାଜାଙ୍କ ଦ୍ୱାରା ପୁନଃ ସ୍ଥାପିତ ହେବା', ଭୋଇବଂଶର ମୁକୁନ୍ଦ ଦେବ ପ୍ରଥମ (୧୬୫୯-୧୬୮୮) (ଯିଏ ବସନ୍ତ ରୋଗରେ ପ୍ରାଣତ୍ୟାଗ କରିଥିଲେ)ଙ୍କର ମନ୍ତ୍ରୀ ପିତାମ୍ବର ବିଦ୍ୟାଧର ମହାପାତ୍ର ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ନିର୍ମାଣ, ତାଙ୍କର ଉତ୍ତରାଧିକାରୀ ଦିବ୍ୟସିଂହ ଦେବ (ଶାସନ କାଳ ୨୨.୧୧.୧୬୮୮ରୁ ୧୭୧୫) ସମୟରେ ଶ୍ରୀମନ୍ଦିର ରୋଷଗୃହ ନିର୍ମାଣ ଓ ସଂସ୍କାର, ଏହାଙ୍କ ସମୟରେ 'ନୀଳଚକ୍ର ଖଣ୍ଡ ଖଣ୍ଡ ହୋଇ ଭଣ୍ଡ ଗଣେଶଙ୍କ ସମ୍ମୁଖରେ ପଡ଼ିବା ଓ ପରେ ଏହାର ଉଦ୍ଧାର ଓ ସ୍ଥାପନ ଓ ଗଜପତି ହରେକୃଷ୍ଣ ଦେବ (ଶାସନକାଳ ଖ୍ରୀ:୧୭୧୫-୧୭୨୦)ଙ୍କ ରାଜତ୍ୱରେ ୨୬ ଜାନୁଆରୀ ଖ୍ରୀ:୧୭୧୫ରେ ଧର୍ମୁ ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଧାତୁ ନିର୍ମିତ ନୀଳଚକ୍ର ସ୍ଥାପନ, ବେଢ଼ା ଦ୍ୱାରଠାରୁ ଜଗମୋହନ ଯାଏ ପାବଛ ନିର୍ମାଣ ଶ୍ରୀମନ୍ଦିରରେ ଚୂନ ପଲସ୍ତରା ପ୍ରଭୃତି ସହିତ ଖ୍ରୀ:୧୭୨୭ରେ ରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟ (ହାଫିଜ୍

କାଦାର) ଖ୍ରୀ:୧୭୨୭-୧୭୩୬) ମନ୍ତ୍ରୀ ଖ୍ୱାଜା ବକ୍ସି ବେଣୁ ଭ୍ରମରବର ରାୟଙ୍କ ଦ୍ୱାରା ଗୁଣ୍ଡିଚା ଘର ଜଗମୋହନ ନିର୍ମାଣ ବିଷୟ ଇତିହାସ ସମର୍ଥିତ । ଗବେଷକ ମହାପାତ୍ରଙ୍କ ମତରେ 'ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟରୁ ମିଳିଥିବା ଦୁଇଟି ଶିଳାଲେଖ ଅନୁଯାୟୀ ରାଜା ବୀରକିଶୋର ଦେବଙ୍କ (ଖ୍ରୀ:୧୭୩୯-୧୭୪୩) ସମୟରେ ମନ୍ଦିରରେ ବ୍ୟାପକ ମରାମତି ହୋଇଥିଲା । ଶ୍ରୀମନ୍ଦିର ଗର୍ଭଗୃହ ଉପର ମହଲାରୁ ମିଳିଥିବା ଏକ ଶିଳାଲେଖ ଅନୁଯାୟୀ ମହାରାଜା ବୀରକିଶୋର ଦେବଙ୍କ ୨୮ ଅଙ୍କରେ ବଡ଼ ଦେଉଳର ଚୂନ ନିଳାଦ୍ରୀ ପାଟ ମହାଦେଈ ... । ବୀର କିଶୋର ଦେବଙ୍କ ୨୮ ଅଙ୍କ ଖ୍ରୀ:୧୭୬୮ ବୋଲି ଜଣାଯାଏ । 'ଅନୁରାଗ କଳ୍ପଲତା' ନାମକ ଅପ୍ରକାଶିତ ଶ୍ୟାମ ସୁନ୍ଦର ଦେବଙ୍କ ଦ୍ୱାରା ରଚିତ ଏକ କାବ୍ୟରୁ ଜଣାଯାଏ ଯେ ତାଙ୍କ ମା' (ନିଳାଦ୍ରୀ ପାଟ ମହାଦେଈ) ଭଣ୍ଡାରରେ ଥିବା ସମସ୍ତ କଉଡ଼ିକୁ ପୋଡ଼ି ଶ୍ରୀମନ୍ଦିରରେ ଚୂନ ଲଗାଇଥିଲେ ।' ଏହାଥିଲା ଏ ଜାତିର ବରେଣ୍ୟ ପୂର୍ବପୁରୁଷଙ୍କର ଶ୍ରୀମନ୍ଦିର ସ୍ଥାପତ୍ୟ ସୁରକ୍ଷା ଦିଗରେ ଅଙ୍ଗୀକୃତ ଅବଦାନ । ସେହି ଜାତିର ଉତ୍ତରାଧିକାରୀ ଭାବେ ଏହାର ସୁରକ୍ଷା ଓ ସଂରକ୍ଷଣ ଆମର କର୍ତ୍ତବ୍ୟ ଓ ଧର୍ମ ନୁହେଁ କି ?

ସର୍ବଗ୍ରାସୀ କାଳର ସାର୍ବଭୌମ ଆଧିପତ୍ୟ ସର୍ବତ୍ର ସୂଚିତ । ତେଣୁ ଏହି ଅନବଦ୍ୟ ପାଷାଣର ମହାକାବ୍ୟ ବିଭିନ୍ନ ସମୟରେ କାଳ କବଳିତ ହୋଇଛି । ଗବେଷକ ମହାପାତ୍ର କହନ୍ତି -

'୧୮୭୫ ମସିହା ଜୁଲାଇ ୯ ତାରିଖରେ ଗୋଟିଏ ବିରାଟ ପଥର ମନ୍ଦିରର ଭିତରପଟୁ ଜଗନ୍ନାଥଙ୍କ ଗମ୍ଭୀରା ଭିତରେ ପଡ଼ିଥିଲା ... ଖ୍ରୀ:୧୯୩୯ ମସିହା ଡିସେମ୍ବର ୧୪ ତାରିଖରେ ଆଉ ଏକ ବିରାଟ ପଥର ଠିକ୍ ରତ୍ନବେଦୀ ସାମନାରେ ପଡ଼ିଲା ... ୧୯୬୧ ମସିହାରେ ଜାନୁଆରୀ ୨୦ ତାରିଖରେ ଦେଉଳ ବାହାରପଟୁ ଏକ ଚୂନ ଅତଡ଼ା ପଡ଼ିଥିଲା, ୧୯୬୯ ମସିହା ଜାନୁଆରୀ ୨୨ ତାରିଖରେ ମନ୍ଦିରର ଦକ୍ଷିଣ-ପୂର୍ବ କୋଣରୁ ଆଉ ଏକ ବିରାଟ ଚୂନ ପଲସ୍ତରା ... ୧୯୮୮ ମସିହା ସେପ୍ଟେମ୍ବର ୧୯ ତାରିଖରେ ଦକ୍ଷିଣପଟୁ ଏକ କ୍ଷୁଦ୍ରାକୃତି ପଥର ପଡ଼ିଥିଲା । ୧୯୯୦ ମସିହା ଜୁନ୍ ୧୦ ତାରିଖରେ ଅଁଳାବେଢ଼ା ତଳପଟୁ ପ୍ରାୟ ୫ ଟନ୍ ଓଜନର ଏକ ପଥର ପଶ୍ଚିମ ଦ୍ୱାର ପଟକୁ ପଡ଼ିଥିଲା । ୧୯୯୨ ମସିହା ଜୁନ୍ ୧୩ ତାରିଖରେ ପ୍ରାୟ ୧ ଟନ୍ ଓଜନର ଦୁଇଟି ପଥର ଗର୍ଭଗୃହ ମଧ୍ୟରେ ପଡ଼ିଥିଲା (ସମ୍ବାଦ ୨୦.୫.୦୬) ଗର୍ଭଗୃହ ପଥର ଖସିବା ଯୋଗୁଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଶ୍ରୀମନ୍ଦିର ଗର୍ଭଗୃହ ତଥା ସମୟକ୍ରମେ ଗୁଣ୍ଡିଚା ମନ୍ଦିର ଗର୍ଭଗୃହ ସଂସ୍କାର କରାଯାଉଥିଲା । ତେବେ ଏହି ସଂସ୍କାର କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ତଥା ସର୍ବସାଧାରଣ ବିଶେଷ କରି ବୈଷୟିକ ଜ୍ଞାନ ସମ୍ପନ୍ନ ଲୋକ ସଚେତନ ହୋଇ ସହଯୋଗ କରିବା ଉଚିତ । ମନେ ରଖିବା ଦରକାର ଶ୍ରୀମନ୍ଦିର ଆଉ କାହାର ନୁହେଁ, ଆମର । ଆମର ଏହା ଏକ ମହାର୍ଘ୍ୟ ଜାତୀୟ ସମ୍ପତ୍ତି ।

ହୃଦୟରେ ଦେବତା ବିରାଜିତ । ତଥାପି ବହୁଲୋକ ଅର୍ଥ ଖର୍ଚ୍ଚ, ଅପମାନିତ, ଶରୀର ପୀଡ଼ା ନେଇ ଶ୍ରୀମନ୍ଦିରକୁ ଆସିଥାନ୍ତି । କାରଣ ଶ୍ରୀମନ୍ଦିରରେ ତାଙ୍କର ପରମ ଇଷ୍ଟ ବିରାଜିତ । ମନ୍ଦିରର ପରିବେଶ ଶୁଦ୍ଧ ଓ ସାତ୍ତ୍ୱିକ ବୋଲି ସେମାନଙ୍କର ଧାରଣା । ଏହି ଦର୍ଶନ ପରିବେଶର ସ୍ମୃତି ସେମାନଙ୍କୁ ବେଶ୍ କେତେ ବର୍ଷ ଭଗବାନଙ୍କ ରଜ୍ଜୁରେ ବାନ୍ଧି ରଖିଥାଏ । ଯଦି ପରିବେଶ ଅପରିଷ୍କାର, (ମହାପ୍ରସାଦ ସେବନ କାଳରେ ଭିକାରୀ ମାଙ୍କଡ଼, ବିଲେଇମାନଙ୍କ ଦୌରାତ୍ମ୍ୟ ବା ମହାପ୍ରସାଦ ଖାଇଥିବା କଦଳୀପତ୍ର ବା ପାନପିକ ବା ପରିସ୍ରା ଦ୍ୱାରା) ଦୂଷିତ ହୁଏ ତା'ହେଲେ ଏହା ଭକ୍ତିକ ଆବେଗର ଅବକ୍ଷୟ ଘଟାଇବ ।

ଯାତ୍ରୀର ସୁରକ୍ଷା ଅନ୍ୟ ଏକ ବିଶିଷ୍ଟ ଦିଗ । ସେମାନଙ୍କ ଜିନିଷପତ୍ରର ସୁରକ୍ଷା ସହିତ ଏକାନ୍ତ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ସେମାନଙ୍କ ଶାନ୍ତି ପାଇବା ପ୍ରଶାସନ ସମେତ ଅନ୍ୟ ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ପୂଜକ, ସେବାୟତମାନଙ୍କର ଶାଳୀନ ବ୍ୟବହାର, ଅନ୍ୟଯାତ୍ରୀମାନଙ୍କର ସହଯୋଗ ସେମାନଙ୍କର ପୁନଃ ଆଗମନର ପଥକୁ ସୁଗମ କରିଥାଏ । ପ୍ରତ୍ୟେକ ଯାତ୍ରୀ ମଧ୍ୟ ଅନ୍ୟର ଭକ୍ତି ଭାବାବେଶ ପ୍ରତି ଧ୍ୟାନ ଦେଇ ଉଚ୍ଚସ୍ୱରରେ ଭଜନ କୀର୍ତ୍ତନ, ଗୃହର ଭଲମନ୍ଦ ଆଲୋଚନା ମତେ ସମ୍ଭବ । କିନ୍ତୁ ମନ୍ଦିର ପରିସର ମଧ୍ୟରେ ବର୍ଜନ କରିବା ବିଜ୍ଞତାର କାର୍ଯ୍ୟ ହେବ । ପ୍ରଶାସନ ଦ୍ୱାରା ନିବାରଣ କରାଯାଇଥିବା ବିଭିନ୍ନ ଶ୍ରାବ୍ୟ (ମୋବାଇଲ, କ୍ୟାମେରା, ଚମଡ଼ା ଜିନିଷ ପ୍ରଭୃତି) ନିଜ ଜ୍ଞାତ ଅଜ୍ଞାତରେ ମନ୍ଦିର ଭିତରକୁ ନେବା ଉଚିତ ନୁହେଁ । ଏହାଛଡ଼ା ପ୍ରଶାସନ କରିଥିବା ଅନ୍ୟ ନିୟମ (ଯେଭଳି ଛୋଟ ପିଲାଙ୍କୁ ଜୟ ବିଜୟ ଦ୍ୱାର ଅତିକ୍ରମ କରି ଭିତରକୁ ନେବା ଇତ୍ୟାଦି) ପ୍ରତ୍ୟେକ ନିଷ୍ଠାର ସହିତ ପାଳନ କରିବା ଉଚିତ ।

ସେବାୟତମାନେ ମନ୍ଦିର ସୁରକ୍ଷାର ଆଦ୍ୟ ପ୍ରହରୀ । ସେମାନେ ସୁରକ୍ଷା ପିଣ୍ଡ ବ୍ରହ୍ମାଣ୍ଡର ହୃଦ୍‌ପିଣ୍ଡ ସ୍ୱରୂପ । ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସେମାନେ ହେଲେ ସେତୁ । ଅନେକ ସେବାୟତଙ୍କର ବାଚନିକ ସଂଯମତା ଓ ସିଦ୍ଧତା ସେମାନଙ୍କୁ ତୀର୍ଥାଗତଙ୍କ ମଧ୍ୟରେ ଦେବତାର ମାନ୍ୟତା ଦେଇଥାଏ । ଶ୍ରୀବିଗ୍ରହ ଓ ଶ୍ରୀମନ୍ଦିରର ସୁରକ୍ଷା ଲାଗି ଅତୀତରେ ବହୁ ସେବାୟତ ଆତ୍ମବଳି ଦେଇଥିବା କଥା ଇତିହାସ ସମର୍ଥିତ । ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କ ଆଚରଣ ଓ ଉଚ୍ଚାରଣକୁ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ । ତେଣୁ ଯାତ୍ରୀମାନଙ୍କୁ ମହାପ୍ରଭୁଙ୍କ ଦର୍ଶନକୁ ନେଇ କରି ଗଲାବେଳେ ଯାତ୍ରୀମାନେ ଯେଭଳି କୌଣସି ନିଷେଧାତ୍ମକ ଦ୍ରବ୍ୟ ନେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ନକରନ୍ତି ଏହା ଦେଖିବା ସେମାନଙ୍କର କର୍ତ୍ତବ୍ୟ । ଶ୍ରୀମନ୍ଦିର ଦ୍ୱାରରକ୍ଷୀ ପ୍ରବେଶାର୍ଥୀମାନଙ୍କୁ ତନଖି କଲାବେଳେ ଏମାନେ ସମ୍ପୂର୍ଣ୍ଣ ସହଯୋଗ କରିବା ଉଚିତ ।

ଅନେକ ସନ୍ତ୍ରାସବାଦୀ ତୀର୍ଥଯାତ୍ରୀ ବେଶରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବାର ପଣ୍ଡା / ସେବାୟତମାନଙ୍କ ମାଧ୍ୟମରେ ଉଦ୍ୟମ

କରିଥାନ୍ତି । ତେଣୁ ସେବାୟତମାନେ ସେମାନଙ୍କ ପାଖେ ଯାତ୍ରୀଖାତା ଆଧାରରେ ସେମାନଙ୍କ ବଂଶାବଳୀ ଉତ୍ତମ ରୂପେ ଯାଞ୍ଚ କରିବା ଉଚିତ ।

ଅନେକ ବେଳେ ନିଜ ଯାତ୍ରୀକୁ ଅଧିକ ସୁରକ୍ଷା ଦେବା ପାଇଁ ସେବାୟତମାନେ ସେମାନଙ୍କୁ ସୁରକ୍ଷାର ହାତ ବେଠି ଦେଇ ମନ୍ଦିରରେ ଦର୍ଶନ କରାଇଥାନ୍ତି । ଏକା ସମୟରେ ଏକ ସ୍ଥାନରେ ଏକାଧିକ ହାତବେଠି ହେଲେ ସାଧାରଣ ଯାତ୍ରୀ ସ୍ୱଚ୍ଛନ୍ଦ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି । ବେଳେ ବେଳେ ଏହି କାରଣରୁ ସେବାୟତମାନଙ୍କ ମଧ୍ୟରେ ସଂଘର୍ଷ ଘଟି ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପରୋକ୍ଷ ବିପତ୍ତି ସୃଷ୍ଟି ହୋଇଥାଏ ।

କିଛି ସେବାୟତମାନଙ୍କର ଅଧିକ ରକ୍ଷଣଶୀଳ ଆଚରଣ ଯାତ୍ରୀମାନଙ୍କୁ ଆଘାତ ଦେଇଥାଏ । ଯୁଗର ପରିବର୍ତ୍ତନ ସହିତ ଦୃଷ୍ଟିଭଙ୍ଗୀ ଓ ଆଚରଣର ପରିବର୍ତ୍ତନ ସେବାୟତମାନେ କରିବା ଉଚିତ । ଏହି ଭାରସାମ୍ୟ ଯାତ୍ରୀମାନଙ୍କୁ ପ୍ରୀତ କରିଥାଏ । ଯାତ୍ରୀ ପ୍ରୀତ ହେଲେ ସେ ବାରମ୍ବାର ପୁରୀ ଆସିବାକୁ ଚେଷ୍ଟା କରିଥାଏ, ଯାହା ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ଓ ଆଧିଭୌତିକ ବିଭୂତିକୁ ମହିମାବନ୍ତ କରିଥାଏ ।

ମନେ ରଖିବା ଉଚିତ, ମହାପ୍ରଭୁ ଶ୍ରୀଜଗନ୍ନାଥ କାଠପାଷାଣର ଦେବତା ନୁହଁନ୍ତି । ସେ କିଛି ନକହି ମଧ୍ୟ ଅନେକ କିଛି କରିଥାନ୍ତି ଓ କର୍ମରେ ପ୍ରମାଣିତ କରି ଦେଇଥାନ୍ତି । ଖ୍ରୀ:୧୮୭୭ରେ ଅଲଭ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ଥାନରେ ତାଙ୍କର ଅଦ୍ୟସେବକ ଦିବ୍ୟସିଂହ ଦେବଙ୍କ ଆଚରଣରେ ବ୍ୟତିକ୍ରମ ବ୍ୟତିକ୍ରମ ଯୋଗୁଁ ଖ୍ରୀ:୧୮୭୮ରେ ରାଜାଙ୍କର କଳାପାଣି ନିର୍ବାସ ତାଙ୍କର ଇଚ୍ଛାର ଅଭିସିକ୍ତ ମାତ୍ର । ଭକ୍ତଟି ଶ୍ରୀକ୍ଷେତ୍ରରେ ପାଦ ଦେବାଠାରୁ ପ୍ରସ୍ଥାନ କରିବା ଯାଏଁ ଯେଉଁଭଳି ଶାନ୍ତି ସନ୍ତୋଷରେ ରହିବ ଏହା ଦେଖିବା ପ୍ରତ୍ୟେକ ସେବାୟତର କର୍ତ୍ତବ୍ୟ । ବରିଷ୍ଠ ସେବାୟତମାନଙ୍କ ଭାଷାରେ ପ୍ରଥମେ ସେବା ସଂପାଦନ ପରେ ଜୀବନ ନିର୍ବାହ ପାଇଁ ସକରୁଣ ଆନ୍ତରିକ ପ୍ରାର୍ଥନା ଯେଉଁ ସେବକ ଏହାର ବ୍ୟତିକ୍ରମ କରିଛନ୍ତି ମହାପ୍ରଭୁଙ୍କର ଶ୍ରେଷ୍ଠ ସେବାକାରିଣୀ ମହାଲକ୍ଷ୍ମୀ ତାଙ୍କୁ କଦାପି କ୍ଷମାକରି ନାହାନ୍ତି ଏହା ଅନୁଭବର କଥା ।

ଶ୍ରୀଜଗନ୍ନାଥ ବ୍ରହ୍ମାଣ୍ଡ ନାଥ ହୋଇମଧ୍ୟ ଆମର ପରମ ସୌଭାଗ୍ୟ ଯୋଗୁଁ ସେ ଓଡ଼ିଶାରେ ତାଙ୍କ ମୁଖ୍ୟ ରହଣିସ୍ଥଳ ଭାବେ ବାଛି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଧର୍ମଦ୍ୱେଷୀମାନେ ଅତୀତଠାରୁ ଆଜି ଅଧିକ ତୀବ୍ରତାର ସହିତ ଏହି ସଂସ୍କୃତିର ଧ୍ୱଂସ ପାଇଁ ସେମାନଙ୍କ ଜେହାଦ (ଧର୍ମଯୁଦ୍ଧ) ଅବ୍ୟାହତ ରଖିଛନ୍ତି । ତେଣୁ ଏକ ଗୌରବାହ ପରମ୍ପରାର ଯଥାର୍ଥ ଉତ୍ତରାଧିକାରୀ ଭାବେ ସେମାନଙ୍କୁ କଠିନ ଜବାବ ଦେଇ ଏହି ଗୌରବାବହ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ମ ନୁହେଁ ଧର୍ମ ଅଟେ । ଶ୍ରୀଜଗନ୍ନାଥ ଆମ୍ଭମାନଙ୍କର ଇଷ୍ଟ, ଅଭୀଷ୍ଟ ତଥା ରାଷ୍ଟ୍ରଦେବତା । ସେଇଥିପାଇଁ ମାଟିର ମହାକବି ସାରଳା ଦାସ ଭାବ ଗଦଗଦ କଣ୍ଠରେ ଗାଇ ଉଠିଥିଲେ-

'ଜଗନ୍ନାଥ ପିତା ଜଗନ୍ନାଥ ମାତା ଜଗନ୍ନାଥ ତୋର ଭ୍ରାତା ବନ୍ଧୁ ଭ୍ରାତା ଜଗନ୍ନାଥ ସୁମର ନରଜୀବ ଯିବା ଯାଏ,

ଜଗନ୍ନାଥ ଶ୍ରୀଚରଣ ସାରଳା 'ବିନୋୟେ' ।'

ଶ୍ରୀସିଦ୍ଧ ତପୋବନ
ଟିକରପଡ଼ା ସାହି, ଶ୍ରୀକ୍ଷେତ୍ର-୨

# ରଥଯାତ୍ରା

ଓମ୍ ପ୍ରକାଶ ମହାପାତ୍ର

ବାରମାସେ ତେର ଯାତରା ଯାହାର
ପ୍ରଭୁ ଜଗନ୍ନାଥ ଜଗତର ନାଥ ପୁରୁଷୋତ୍ତମର ।
ରଥଯାତ ତା'ର ଆଷାଢ଼ ଶୁକ୍ଳପକ୍ଷ ତିଥି ଦ୍ୱିତୀୟାର
ଛାତିଏ ପଉଟି ଭୋଗ ସେ ଭୁଞ୍ଜେ ପେଟୁ ସରଦାର ।
ଦେଉଳେ ଯାହାର ଆନନ୍ଦ ବଜାର ପଙ୍ଗତ ଜାତି ଅଜାତିର
ରଥରେ ଯାହାର ଛେରାପହଁରା ରାଜା ଚଣ୍ଡାଳ ବେଶର ।
ଦାଣ୍ଡ ଯାହାର ବଡ଼ଦାଣ୍ଡର ପାଚେରୀ ମେଘନାଦର
ଦୁଆର ଯାହାର ସିଂହ ଦୁଆର ସମ୍ମୁଖେ ଗରୁଡ଼ ସ୍ତମ୍ଭର ।
ଅଭଡ଼ା ଯାହାର ମହାପ୍ରସାଦ ଶୁଖି ହୁଏ ନାମ ନିରିମାଇଲର
ଯୁଦ୍ଧେ ଥିଲା ଯାଇ ବାଟେ ଦହି ଖାଇ ରତ୍ନ ମୁଦି ବନ୍ଧା ଦେଇ
ପିନ୍ଧାଇ ଥିଲା ଦିନେ ବିଜୟ ଟୀକା ରାଜନର
ଭକତ ନଡ଼ିଆ ନେଲା ଉଠାଇ ଖଣ୍ଡିଆ ହାତର ।

ନୀଳଚକ୍ର ପତିତପାବନ ବାନା ଉଡ଼େ ଫରଫର
ବରଷକେ ଥରେ ଭୁଲେନି ଯିବାକୁ ଜନମ ମାଟିର ।
ତିନି ରଥେ ଭାଇ ଭଉଣୀ ନେଇ ଯାଏ ଗୁଣ୍ଡିଚା ଦୁଆର
ଭକ୍ତ ସାଲବେଗ ସଙ୍ଗୀତ ଯାହାର ପ୍ରିୟ ଶରଧା ବାଲିର ।
ଲକ୍ଷ୍ମୀ ଠାକୁରାଣୀ ରାଗେ ଗରଗର ହେରାପଞ୍ଚମୀର
ରତ୍ନସିଂହାସନେ ବାଇଶି ପାହାଚେ ଚକାଡୋଳା କଳା ମଚମଚ
ଘୁରି ବୁଲୁ ଥାଏ ପାପପୁଣ୍ୟ ଦେଖି ଦଣ୍ଡବିଧାନେ ଲଗାଏ ମାର ପେଞ୍ଚ ।
ଦେଉଳେ ଆସଇ ଫେରି ରଥ ଯାତରା ସାରି କାଳିଆ ହରି
ସେଇ ସେ ଠାକୁର ଆରାଧ୍ୟ ଦେବତା ଉତ୍କଳର
ଚକା ଆଖିକୁ ସୁମରି ଦୂରୁ କରୁଛି ଜୁହାର ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର

# ଭଟଲିର ଦଧିବାମନ ବିଷ୍ଣୁ

ଡକ୍ଟର ଉଦ୍ଧବ ଚରଣ ନାୟକ

**ଶ୍ରୀ**ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ ବା ରଥଯାତ୍ରା ଓଡ଼ିଶାର ନିଜସ୍ୱ ମହୋତ୍ସବ । ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ରଥଯାତ୍ରା ମହାସମାରୋହରେ ପାଳିତ ହୁଏ । ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ମା' ସୁଭଦ୍ରା ରଥରେ ବିଜେ କରନ୍ତି । ରଥ ମନ୍ଦିରରୁ ଗୁଣ୍ଡିଚା ଘରଯାଏ ଗତି କରେ । ଜୀଉମାନେ ନଅ ଦିନ ଗୁଣ୍ଡିଚା ଘରେ ବା ମାଉସୀମା ଘରେ ରହି ମନ୍ଦିରକୁ ଫେରନ୍ତି । ଫେରିବା ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ । ଏହା ରଥଯାତ୍ରାର ପରମ୍ପରା ।

ବରଗଡ଼ ଜିଲ୍ଲାର ଭଟଲି ଓ ଭେଡ଼େନରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ - ସେଥିରେ ଦଧିବାମନ ବିଷ୍ଣୁ ରଥରେ ବିଜେ କରନ୍ତି । ଭଟଲିର ଦଧିବାମନ ଜୀଉଙ୍କ ରଥଯାତ୍ରା ବଡ଼ ପ୍ରସିଦ୍ଧ । ଏଠାରେ ହଜାର ହଜାର ଯାତ୍ରୀଙ୍କର ସମାବେଶ ଘଟେ । ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ । ଭଟଲି ରଥଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଗ୍ରହ ରଥରେ ବିଜେ କରନ୍ତି ନାହିଁ । ବରଗଡ଼ଠାରୁ ମାତ୍ର ଊଣେଇଶ କିଲୋମିଟର ଦୂରରେ ଭଟଲି ଅବସ୍ଥିତ । ଏଠାରେ ଦଧିବାମନ ବିଷ୍ଣୁଙ୍କର ଏକ ବର୍ଣ୍ଣାଢ଼୍ୟ ମନ୍ଦିର ରହିଛି । ଏହି ମନ୍ଦିର ଗାତ୍ରରେ ପୁରାଣର କଥା ବସ୍ତୁକୁ ନେଇ ଅନେକ ଚିତ୍ର ଅଙ୍କନ କରାଯାଇଛି । ଭଟଲିରେ ବିଜେ ଦଧିବାମନ ବିଷ୍ଣୁଙ୍କ ସମ୍ପର୍କରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ ।

ଗାଙ୍ଗପୁର ଏକ ପୂର୍ବତନ ଗଡ଼ଜାତ ରାଜ୍ୟ । ବର୍ତ୍ତମାନ ଏହା ଆଧୁନିକ ସୁନ୍ଦର ଗଡ଼ ଜିଲ୍ଲା ଅନ୍ତର୍ଭୁକ୍ତ । ପ୍ରାୟ ଦେଢ଼ଶହ ବର୍ଷ ତଳେ ଗାଙ୍ଗପୁର ରାଜ୍ୟରେ ପରମାନନ୍ଦ ସାହୁ ନାମରେ ଜଣେ ଧର୍ମପ୍ରାଣ ବ୍ୟକ୍ତି ପରିବାର ସହ ବାସ କରୁଥିଲେ । ତାଙ୍କ ପରିବାର କହିଲେ ସେ, ତାଙ୍କ ସ୍ତ୍ରୀ, ତାଙ୍କ ପୁଅ ଓ ପୁତ୍ରବଧୂ । ପୁତ୍ର ବଧୂର ନାମ କମଳା । ପରମାନନ୍ଦଙ୍କ ଘରେ କାଷ୍ଠ ନିର୍ମିତ ଦଧିବାମନ ବିଷ୍ଣୁ ପୂଜା ପାଉଥିଲେ । ୧୯୦୦ ମସିହାର କଥା । ଏହି ବର୍ଷ ଗାଙ୍ଗପୁର ରାଜ୍ୟରେ ଭୀଷଣ ମରୁଡ଼ି ପଡ଼ିଲା । ପରମାନନ୍ଦ ଉପାୟ ନପାଇ ପରିବାର ସହ ଗାଙ୍ଗପୁର ତ୍ୟାଗ କଲେ । ସଙ୍ଗରେ ଆଣି ଆସିଲେ ମହାପ୍ରଭୁ ଦଧିବାମନ ବିଷ୍ଣୁଙ୍କର କାଷ୍ଠ ନିର୍ମିତ ବିଗ୍ରହକୁ । କାରଣ ସେ ତାଙ୍କର କୁଳ ଦେବତା । ପରମାନନ୍ଦ



ସପରିବାରେ ଆସି ପହଞ୍ଚିଲେ ବରଗଡ଼ ରାଜ୍ୟରେ । ଭଟଲି ଗ୍ରାମକୁ ଯାଇ ସେଠାରେ ଘରଦ୍ୱାର କରି ରହିଲେ । ବ୍ୟବସାୟ କରି ପରିବାର ଚଳାଇଲେ । ଆସ୍ତେ ଆସ୍ତେ ତାଙ୍କର ଧନ ବଢ଼ିଲା । ଜମିବାଡ଼ି କିଣିଲେ । ପରମାନନ୍ଦ ଧାର୍ମିକ ବ୍ୟକ୍ତି ଭାବରେ ଚାରିଆଡ଼େ ପ୍ରସିଦ୍ଧି ଲାଭ କଲେ । ଲୋକେ ତାଙ୍କୁ ଗାଁର ମୁଖିଆ ବା ପ୍ରଧାନ କରିଦେଲେ । ଗାଁରେ ଥିବା ଠାକୁରଙ୍କ ସମ୍ପତ୍ତିବାଡ଼ି ଓ ଜମିବାଡ଼ି ପରମାନନ୍ଦଙ୍କ ଦାୟିତ୍ୱରେ ରହିଲା । ଗାଁକୁ ଆସୁଥିବା ଅତିଥି, ଅଭ୍ୟାଗତ, ସାଧୁସନ୍ଥ ଓ ଅନ୍ୟାନ୍ୟ ଆଗନ୍ତୁକମାନଙ୍କର ଖର୍ଚ୍ଚ ବହନ ପାଇଁ ଗାଁଲୋକେ ଏହିସବୁ ଜମିବାଡ଼ି ଖଞ୍ଜି ଦେଇଥିଲେ । ଏମିତି କିଛି ଦିନ ବିତିଗଲା । ବରଗଡ଼ ଅଞ୍ଚଳରେ ଲାଗ ଲାଗ ଦୁଇ ତିନି ବର୍ଷ ଦୁର୍ଭିକ୍ଷ ପଡ଼ିଲା । ପରମାନନ୍ଦଙ୍କର ଜମିବାଡ଼ି ସମେତ ଠାକୁରଘର ଜମିବାଡ଼ି ସବୁ ଉଠିଗଲା । ଫଳରେ ପରମାନନ୍ଦ ବଡ଼ ଦୁଃଖରେ କାଳ କାଟିବାରେ ଲାଗିଲେ । କାରଣ ଜମି ଚାଷ ବ୍ୟତୀତ ଆୟ ନିମନ୍ତେ ତାଙ୍କର ଅନ୍ୟ କୌଣସି ପନ୍ଥା ନଥିଲା ।

ଏହିପରି ଅଭାବ ଅନଟନ ସମୟରେ ଆଉ ଗୋଟିଏ ଘଟଣା ଘଟିଲା । ଦିନକର କଥା । କେଉଁଆଡୁ ଦଳେ ସନ୍ନ୍ୟାସୀ ଭଟଳିରେ ଆସି ପହଞ୍ଚିଲେ । ପରମାନନ୍ଦଙ୍କ ଘର ସାମନାରେ ବସି ଖାଇବା ନିମନ୍ତେ ଜିଦ୍ ଧରି ବସିଲେ । ଘରେ କିଛି ନାହିଁ । ଅତିଥିମାନଙ୍କୁ କ'ଣ ଖାଇବାକୁ ଦେଇ ସତ୍କାର କରିବେ ? ପରମାନନ୍ଦ ଓ ତାଙ୍କ ସ୍ତ୍ରୀ ବଡ଼ଚିନ୍ତାରେ ପଡ଼ିଲେ । ଅତିଥି ଦେବତାମାନେ ଘରୁ ଖାଲି ପେଟରେ ଫେରିଗଲେ ପାପ ହେବ । କିଛି ଉପାୟ ନପାଇ ପରମାନନ୍ଦ ସନ୍ନ୍ୟାସୀମାନଙ୍କୁ ଘରେ ବସେଇ ଦେଇ ପ୍ରଭୁ ଦଧିବାମନଙ୍କ ନାମ ଜପ କରି କରି ଘରୁ ବାହାରି ଗଲେ । କୌଣସି ବଡ଼ଲୋକଙ୍କୁ ଭେଟି ଖାଇବା ଜିନିଷ ଆଣିବା ପାଇଁ ପରମାନନ୍ଦ ମନେ ମନେ ଠିକ୍ କଲେ । ସେ ତରବରରେ ଯାଇ ପାଖ ଗାଁରେ ପହଞ୍ଚିଲେ । ହେଲେ ସେ କାହାକୁ କ'ଣ କହିବେ, କେମିତି ମାଗିବେ ? ଏଇ ଚିନ୍ତାରେ ସେ ବୁଲୁଛନ୍ତି । ମୁଣ୍ଡରେ କିଛି ଉପାୟ ଫୁଟୁ ନାହିଁ ।

ଏଣେ ତାଙ୍କ ଘରେ ଗୋଟିଏ ଅପୂର୍ବ ଘଟଣା ଘଟିଲା । ପରମାନନ୍ଦ ଘର ଛାଡ଼ିବାର କିଛି ସମୟ ପରେ ପରମାନନ୍ଦଙ୍କ ପରି ଅବିକଳ ଜଣେ ଲୋକ ତାଙ୍କ ଘରେ ଯାଇ ପହଞ୍ଚିଲେ । ତାଙ୍କ ସ୍ତ୍ରୀକୁ ଡାକିଲେ । ଆଉ ସ୍ତ୍ରୀଙ୍କ ହାତରେ ଗୋଟିଏ ଚାବିକାଠି ଧରେଇ ଦେଇ କହିଲେ, 'ହଁ ହଁ, ମୋର ମନେ ପଡ଼ିଗଲା । ଏଇ ନିଅ ଏଇ ଚାବି । ଅମାର ଘର ଖୋଲିବ । ମୁଁ କାଲି କିଛି ଖାଦ୍ୟ ଜିନିଷ ଆଣି ରଖିଥିଲି । ତାକୁ ବାହାର କରିବ । ଆଉ ସେଥିରେ ଅତିଥିମାନଙ୍କର ସେବା କରିବ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି ।' ଏମିତି ପରମାନନ୍ଦଙ୍କ ପରି କହି ଲୋକଟି ବଡ଼ ତରତରରେ ପରମାନନ୍ଦଙ୍କ ଘର ଛାଡ଼ିଲେ । ପରମାନନ୍ଦଙ୍କ ସ୍ତ୍ରୀ ଘର ଖୋଲିଲେ । ବଡ଼ ଆଶ୍ଚର୍ଯ୍ୟ କଥା ଏ କ'ଣ ? ଘରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇ ଥୁଆ ହୋଇଛି । ପରମାନନ୍ଦଙ୍କ ସ୍ତ୍ରୀ ଏକଥା କିଛି ବୁଝିପାରିଲେ ନାହିଁ । ଶାଶୁ ବୋହୂ ମିଶି ସନ୍ନ୍ୟାସୀମାନଙ୍କୁ ମନ ଭରିଖାଇବାକୁ ଦେଲେ । ସନ୍ନ୍ୟାସୀମାନେ ମନଖୁସିରେ ଖାଇ ପେଟ ଆଉଁଶି ଆଉଁଶି ଚାଲିଗଲେ ।

ସନ୍ନ୍ୟାସୀମାନେ ତାଙ୍କ ଘରୁ ଚାଲିଯିବାର କିଛି ସମୟ ପରେ ପରମାନନ୍ଦ ବୁଲି ବୁଲି ଘରେ ଆସି ପହଞ୍ଚିଲେ । ମୁହଁ କଳା ପଡ଼ିଯାଇଛି । ଦେହରେ ଝାଳ । ମୁଣ୍ଡରେ ହାତ ଦେଇ କଚାଡ଼ି ହୋଇ ବସିପଡ଼ିଲେ । ବଡ଼ଦୁଃଖରେ ସ୍ତ୍ରୀଙ୍କୁ କହିଲେ, 'ବୁଝିଲ ! ଅତିଥିମାନଙ୍କର ସେବା ପାଇଁ ବୁଲି ବୁଲି କେଉଁ ଆଡୁ କିଛି ପାଇଲି ନାହିଁ । ଅତିଥିମାନେ ମୋ ଘରୁ ଖାଲି ପେଟରେ ଚାଲିଗଲେ ନା ? ଜାଣିଛ ନା ଏଥିରେ ଆମର ବହୁତ କ୍ଷତି ହେବ ।' ସ୍ତ୍ରୀ କହିଲେ, 'ତୁମେ ଏମିତି କ'ଣ କହୁଛ ? ତୁମେ ପରା ମଝିରେ ଆସିଥିଲ । ମୋତେ ଅମାର ଘର ଚାବିକାଠି ଦେଇ କହିଗଲ, ଯେ ଅମାର ଘରେ ଯେଉଁ ସବୁ ଖାଇବା ଜିନିଷ ଅଛି ତାହା ସନ୍ନ୍ୟାସୀମାନଙ୍କୁ ଦେଇ ସନ୍ତୁଷ୍ଟ କରିବ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି । ତୁମେ ତ ତରବର ହୋଇ ଚାଲିଗଲ । ମୁଁ ଘରର ଚାବି ଖୋଲିଲି । ଦେଖିଲା ବେଳକୁ - ନାନା ରକମର ସୁସ୍ୱାଦୁ ଖାଇବା ଜିନିଷ ଥୁଆ ହୋଇଛି । ବାସ୍, ସେଇସବୁ ଖାଦ୍ୟ ସନ୍ନ୍ୟାସୀମାନଙ୍କୁ ଖାଇବା ପାଇଁ ଦେଲି । ସେମାନେ ମନଖୁସିରେ ଖାଇପିଇ ଚାଲିଗଲେ । ମୁଁ ସେତେବେଳେ ଭାବି ପାରିଲି ନାହିଁ ଯେ, ଆମ ଘରକୁ ଏସବୁ ଖାଦ୍ୟ ପଦାର୍ଥ ଆସିଲା କେମିତି ? ହେଲେ ତୁମର କ'ଣ କିଛି ମନେ ନାହିଁ ? ତମେ ଏମିତି କିଆଁ ହେଉଛ ? ମୁଁ ତ ତୁମ କଥା କିଛି ବୁଝିପାରୁ ନାହିଁ ।' ପରମାନନ୍ଦଙ୍କ ସ୍ତ୍ରୀ ଏମିତି କଥା ବାରମ୍ବାର କହୁଥାଆନ୍ତି ।

ପରମାନନ୍ଦ ଭକ୍ତ । ସେ ସବୁକଥା ହୃଦୟଙ୍ଗମ କଲେ । ସେ ଠିକ୍ ଭାବରେ ଜାଣିପାରିଲେ ଏ ହେଉଛି ମାୟାଧରର ମାୟା । ସେ ଆନନ୍ଦରେ ବିଭୋର ହୋଇ କାନ୍ଦି ଉଠିଲେ । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହିବାରେ ଲାଗିଲା । ତା' ପରେ ସେ ପିଲାଙ୍କ ପରି ଭେଁ ଭେଁ କରି କାନ୍ଦି ସ୍ତ୍ରୀଙ୍କ ଗୋଡ଼ ତଳେ ଲୋଟି ଯାଇ କହିଲେ, 'ତୁମେ ହେଉଛ ମହାନ୍ ଭାଗ୍ୟବତୀ ! ତୁମେ ପୂର୍ବ ଜନ୍ମର ତପସ୍ୟା ବଳରେ ସ୍ୱୟଂ ଭଗବାନ ଦଧିବାମନଙ୍କର ଦର୍ଶନ ଲାଭ କଲ । ତୁମେ ଧନ୍ୟ, ତୁମେ ଧନ୍ୟ ।' ତା'ପରେ ପରମାନନ୍ଦ ସବୁକଥା କହିଲେ । ତାଙ୍କର ସ୍ତ୍ରୀ ଜାଣିପାରିଲେ ଯେ ପ୍ରକୃତରେ ତାଙ୍କ ସ୍ୱାମୀ ପରମାନନ୍ଦ ଚାବି ଦେବାକୁ ଆସିନଥିଲେ କି କିଛି କହି ନଥିଲେ । ସେମାନେ ଜାଣିପାରିଲେ ସ୍ୱୟଂ ଭଗବାନ ଅଖିଳବିହାରୀ ଦଧିବାମନ ତାଙ୍କ ଘରକୁ ଆସି ସେମାନଙ୍କୁ ସଂକଟରୁ ଉଦ୍ଧାର କରିଥିଲେ । ସେହି ଦିନଠାରୁ ପରମାନନ୍ଦଙ୍କ ଘରେ ନାନା ଆଧ୍ୟାତ୍ମିକ ପରିବର୍ତ୍ତନ ଦେଖା ଦେଲା । ବୋହୂ କମଳା ଆହୁରି ଅଧିକ ଭକ୍ତି ସହକାରେ ଘରର ଇଷ୍ଟ ଦେବ ଦଧିବାମନଙ୍କର ପୂଜା କଲେ । ପୂରାପୂରି ସେ ମୀରାବାଈଙ୍କ ପରି ଦଧିବାମନଙ୍କ ପାଖରେ ନିଜକୁ ଅର୍ପଣ କରି ଦେଲେ । ଏଇମିତି ଆନନ୍ଦ ଓ ସୁଖରେ କିଛିଦିନ ବିତିଗଲା ।

ପରମାନନ୍ଦ ଗୋଟିଏ ଅଲଗା ଚାଳ ଛପର ଘରେ ମହାପ୍ରଭୁ ଦଧିବାମନଙ୍କ କାଷ୍ଠ ପ୍ରତିମାକୁ ରଖି ପୂଜା କରିବାରେ ଲାଗିଲେ । କମଳା ସର୍ବଦା ପ୍ରଭୁଙ୍କର ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଲେ ହେଲେ ଏ କ'ଣ ହେଲା ? ହଠାତ୍ ଦିନେ ସେଇ ଠାକୁର ଘରେ ନିଆଁ ଲାଗିଗଲା । ନିଆଁ ଏମିତି ହୁ ହୁ ହୋଇ ଜଳୁଥାଏ ଯେ ଠାକୁରଙ୍କ ପ୍ରତିମାକୁ କେହି ଉଦ୍ଧାର କରିବାକୁ ସକ୍ଷମ ହୋଇପାରିଲେ ନାହିଁ । କିନ୍ତୁ କମଳା ନାରୀ ହେଲେ ବି ତା'ର ଆରାଧ୍ୟ ଦେବତା ପ୍ରଭୁ ଦଧିବାମନଙ୍କୁ ରକ୍ଷା କରିବା ପାଇଁ ଅଣ୍ଟା ଭିଡ଼ିଲା । ସେ କାହାରି କଥା ଶୁଣିଲା ନାହିଁ । ନିଜ ଜୀବନକୁ ପାଣି ଛଡ଼େଇ ନିଆଁ ଭିତରକୁ ପଶିଗଲା । ହେଲେ ଆଉ ଫେରିଲା ନାହିଁ । ଘରଟି ନିମିଷକ ଭିତରେ ପୋଡ଼ି ପାଉଁଶ ହୋଇଗଲା । ବଡ଼ ଆଶ୍ଚର୍ଯ୍ୟର କଥା । ପ୍ରଭୁଙ୍କ ମୂର୍ତ୍ତିର କୌଣସି ଅଂଶ ବା କମଳାର ଦେହାବଶେଷ ପାଉଁଶ ଭିତରୁ ମିଳିଲା ନାହିଁ । ଗ୍ରାମବାସୀମାନେ ବିଶ୍ୱାସ କଲେ ଯେ କମଳା ପୂରାପୂରି ପ୍ରଭୁଙ୍କ ସହିତ ଲୀନ ହୋଇଗଲା । ଏଥିରେ ପରମାନନ୍ଦଙ୍କର ପରିବାର ଦୁଃଖରେ ଭାଙ୍ଗି ପଡ଼ିଲେ ।

ରାତିରେ ପରମାନନ୍ଦ ଦେଖିଲେ ଏକ ଅଦ୍ଭୁତ ସ୍ୱପ୍ନ । ପ୍ରଭୁ ଦଧିବାମନ ତାଙ୍କ ସମ୍ମୁଖରେ ଆବିର୍ଭୁତ ହୋଇଛନ୍ତି । ଆଉ କହୁଛନ୍ତି, 'ପରମାନନ୍ଦ ! ତୁମର ପୁତ୍ରବଧୂ କମଳା ମୋ ଦେହରେ ଲୀନ ହୋଇଗଲା । ଗୋଟିଏ କାଠଗଣ୍ଡି କାଲି ସକାଳୁ ତୁମ ଗାଁ ପୋଖରୀ 'ଚକ୍ରବନ୍ଧ'ରେ ଆସି ଲାଗିବ । ତୁମେ ସେଇ କାଠକୁ ଆଣି କମଳା ଓ ମୋର ପ୍ରତିମା ତିଆରି କରିବ । ଗାଁରେ ଗୋଟିଏ ମନ୍ଦିର ତିଆରି କରି ସେହି କାଠ ପ୍ରତିମା ଦୁଇଟିକୁ ସେଠାରେ ସ୍ଥାପନ କରି ଦୈନିକ ପୂଜା ଅର୍ଚ୍ଚନା କରିବ । ଏଥିରେ ତୁମର ମଙ୍ଗଳ ହେବ । ତୁମ ଗ୍ରାମବାସୀମାନଙ୍କର ବହୁତ ମଙ୍ଗଳ ହେବ ।' ପରମାନନ୍ଦ ସକାଳୁ ଉଠି ନିଜ ପରିବାର ଓ ଗ୍ରାମବାସୀମାନଙ୍କୁ ସ୍ୱପ୍ନ ବୃତ୍ତାନ୍ତ କହିଲେ । କାଳବିଳମ୍ବ ନକରି ସକାଳୁ ସକାଳୁ ଗ୍ରାମବାସୀମାନେ 'ଚକ୍ରବନ୍ଧ' କୂଳରେ ଯାଇ ଉପସ୍ଥିତ ହେଲେ । ଦେଖିଲେ ସତକୁ ସତ ଖଣ୍ଡିଏ କାଠଗଣ୍ଡି ପୋଖରୀର ଆର ପଟରେ ଭାସୁଛି । ପରମାନନ୍ଦ ପୋଖରୀ କୂଳରେ ହାତଯୋଡ଼ି ଠିଆ ହୋଇଛନ୍ତି । ଏ କ'ଣ ସେ ଠିଆ ହୋଇଥିବା ଦିଗକୁ କାଠ ଗଣ୍ଡିଟି ଧୀରେ ଧୀରେ ମୁହାଁଇଲା । ପରମାନନ୍ଦ ମଧ୍ୟ ଧୀରେ ଧୀରେ ପାଣିରେ ପଶିଲେ । ବେକକ ପାଣିରେ ଠିଆ ହୋଇଛନ୍ତି କାଠଗଣ୍ଡିଟି ଦ୍ରୁତ ଗତିରେ ତାଙ୍କ ଆଡ଼କୁ ଭାସି ଆସିଲା । ପରମାନନ୍ଦ ଗଭୀର ଆବେଗରେ କାଠଗଣ୍ଡିଟିକୁ କୁଣ୍ଢାଇ ଧରି ଖୁବ୍ ଉଚ୍ଚ ସ୍ୱରରେ କହି ଉଠିଲେ, 'ହେ ପ୍ରଭୁ ଦଧିବାମନ ! ହେ ମୋର ମା' କମଳା ! ତୁମେ ଦୁହେଁ ଆସିଛ ପ୍ରଭୁ !! ତାଙ୍କ ଆଖିରୁ ଆନନ୍ଦର ଲୁହ ବୋହି ପଡ଼ିଲା । କୂଳରେ ଉପସ୍ଥିତ ଥିବା ଗ୍ରାମବାସୀମାନେ ହରିବୋଲ ହୁଳହୁଳି ଧ୍ୱନିରେ ଗଗନ ପବନ କମ୍ପାଇ ଦେଲେ । ଲୋକମାନଙ୍କ ମନରେ ନାହିଁ ନଥିବା ଆନନ୍ଦ ।

ସେହି କାଠରେ ଅତି ସୁନ୍ଦର ଭାବରେ ମହାପ୍ରଭୁ ଦଧିବାମନ ଓ ମା' କମଳାଙ୍କର ଦୁଇଟି ମୂର୍ତ୍ତି ନିର୍ମାଣ କରାଗଲା । ମୂର୍ତ୍ତି ଦୁଇଟି ଖୁବ୍ ମନଲୋଭା ଗ୍ରାମବାସୀମାନେ ଅକୁଣ୍ଠିତ ଚିତ୍ତରେ ମନ୍ଦିର ନିର୍ମାଣ ପାଇଁ ଟଙ୍କା ପଇସା ଦାନ କଲେ । ଲୋକମାନେ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରି ମନ୍ଦିର ନିର୍ମାଣ କଲେ ଅଳ୍ପ ଦିନ ଭିତରେ ଗଗନଚୁମ୍ବୀ ମନ୍ଦିର ନିର୍ମାଣ ହୋଇଗଲା । ମହାସମାରୋହରେ ଦୁଇଟି ଯାକ ମୂର୍ତ୍ତିଙ୍କୁ ସେହି ମନ୍ଦିରରେ ସ୍ଥାପନ କରାଗଲା । ପ୍ରଭୁଙ୍କ ନିର୍ଦ୍ଦେଶରେ ସେଠାରେ ରନ୍ଧା ଅନ୍ନ ଭୋଗ ପ୍ରସାଦ ହୁଏ ନାହିଁ । ଦୈନିକ ବାଲଭୋଗ ପ୍ରସାଦ ପ୍ରଭୁଙ୍କୁ ସର୍ମପଣ କରାଯାଏ । ସେହି ମହାମହିମ ମହାପ୍ରଭୁଙ୍କର ରଥଯାତ୍ରା ଏଠାରେ ଅନୁଷ୍ଠିତ ହୁଏ । ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ହୋଇ ପ୍ରଭୁଙ୍କର ରଥକୁ ଟାଣି ଏକ ମାଇଲ ଦୂରରେ ଥିବା ମାଉସୀ ଘରକୁ ନେଇ ଯାଆନ୍ତି । ଧନ୍ୟ ମହାପ୍ରଭୁ, ଧନ୍ୟ ତୁମର ମହିମା !

ସାଇ ଦିଗ୍‌ବଳୟ
ଇ-୬୫, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

# ଜଗନ୍ନାଥ ଯାହାର ଠାକୁର

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

ଜଗନ୍ନାଥ ଯେଉଁ ଜାତିର ଆରାଧ୍ୟ ଦେବତା
ସେ ଜାତି ଅନାଥ ହୋଇପାରେ ନାହିଁ
କିଏ କହେ ପଛୁଆ ଏ ରାଜ୍ୟ
କିଏ କହେ ଦରିଦ୍ର ଏ ଜାତି
ମିଥ୍ୟା କଥା ଆଉ କୁହ ନାହିଁ ଭାଇ ।

ରତ୍ନଗର୍ଭା ଅଟେ ଏ ଉତ୍କଳ
ମନ୍ଦିର ତା' ଶ୍ରୀମନ୍ଦିର
ଠାକୁର ତା' ନିଜେ ଜଗନ୍ନାଥ
ସାଗର ତା' ମହୋଦଧି
ଶମଶାନ ନାମ ସ୍ୱର୍ଗଦ୍ୱାର
ଦାଣ୍ଡ ପୁଣି ଅଟେ ବଡ଼ଦାଣ୍ଡ ।

ନଦୀ ତା'ର ମହାନଦୀ
ପର୍ବତର ନାମ ମେଘାସନ
ହ୍ରଦ ତା' ଚିଲିକା ହ୍ରଦ
କ୍ଷେତ୍ର ଅଟେ ପୁରୁଷୋତ୍ତମ

କଳାଘୋଡ଼ା ଧଳା ଘୋଡ଼ା ଚଢ଼ି
ଜଗନ୍ନାଥ ବଳଭଦ୍ର ବେନି ଭାଇ
ଯାଇଥିଲେ କାଞ୍ଚି ଅଭିଯାନେ
ଏ ଜାତିର ମାନ ରକ୍ଷା ପାଇଁ ।

ଭକତ ବତ୍ସଳ ପ୍ରଭୁ
ଭକ୍ତ ଅଟେ ତାଙ୍କରି ଜୀବନ
ଦାସିଆ, ସାରିଆ ଆଉ ସାଲବେଗ
କବି ଜୟଦେବ, ଦାସ ଜଗନ୍ନାଥ
କରିଥିଲେ ଏ ଭୂମି ମଣ୍ଡନ
ଛୋଟିଆ ନୁହେଁ ଏ ଜାତି
ବଡ଼ ଠାକୁର ସହାୟ ତାହାର
ହୀନ ମନ୍ୟତା କରି ପରିତ୍ୟାଗ
ଉଠ ଉଠ ଉତ୍କଳ କୁମର ।

ବିଧାୟକ, ମାହାଙ୍ଗା

# କାନ୍ତ ସାହିତ୍ୟରେ ଜଗନ୍ନାଥ ଚେତନା



ଗୁରୁକଲ୍ୟାଣ ମହାପାତ୍ର

**ଶ୍ରୀ**ଜଗନ୍ନାଥ କେବଳ ଓଡ଼ିଆ ବା ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ନୁହନ୍ତି, ସମଗ୍ର ବିଶ୍ୱରେ ଓ ସକଳ ଧର୍ମାବଲମ୍ବୀଙ୍କ ନିକଟରେ ସମ୍ଭବତଃ ସେ ହେଉଛନ୍ତି ସର୍ବାଧିକ ଚିତ୍ତାକର୍ଷକ ଦେବତା । ତାଙ୍କର ରଥଯାତ୍ରା ସେଥିପାଇଁ ହୁଏ ତ ଶ୍ରୀକ୍ଷେତ୍ର ପ୍ରସିଦ୍ଧ ନହୋଇ ବିଶ୍ୱପ୍ରସିଦ୍ଧ । ଜଗନ୍ନାଥଙ୍କ ଲାଗି ସତେ ଯେପରି ଧର୍ମର ସୃଷ୍ଟି, ଆଉ ତାଙ୍କୁ ନେଇ କିମ୍ବା ତାଙ୍କର ଧର୍ମ ବା ଧାମକୁ ଭିତ୍ତିକରି ଯେଉଁ ସାହିତ୍ୟ ଆମର ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ମନୋମୁଗ୍ଧକର, ଋଦ୍ଧିମନ୍ତ ଓ ସମୃଦ୍ଧ । ଅନ୍ୟାନ୍ୟ ସାହିତ୍ୟରେ ଏପରି ହୁଏତ ଘଟି ନାହିଁ । ପ୍ରାଚୀନ କାଳରେ ଆମ ସାହିତ୍ୟରେ ଭକ୍ତି ହିଁ ପ୍ରାଧାନ୍ୟ ବିସ୍ତାର କରିଥିଲା - ପରବର୍ତ୍ତୀ କାଳରେ ଦେଶଭକ୍ତି କିନ୍ତୁ ଆମ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ଆଶ୍ଚର୍ଯ୍ୟର କଥା ଯେ ଉଭୟ ଭକ୍ତି ଓ ଦେଶଭକ୍ତିମୂଳକ ସାହିତ୍ୟ ସର୍ଜନା କରି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଶା ମାଟିରେ ସ୍ୱତନ୍ତ୍ର ଭାବରେ ତାଙ୍କର ସ୍ଥାନ ରଖିଯାଇଛନ୍ତି । ତାଙ୍କର ବିପୁଳ ସୃଷ୍ଟି ସଂପଦ ମଧ୍ୟରୁ ଜଗନ୍ନାଥ ଚେତନାର ମହକ ଅନୁଭବ କରି, ସ୍ୱତନ୍ତ୍ର ଭାବେ ପୂର୍ବରୁ ପ୍ରାୟ ଆଲୋଚନା ହୋଇନାହିଁ । ସୁତରାଂ ସେ ଦିଗରେ ଏହି ଲେଖାଟି ସାମାନ୍ୟ ପ୍ରୟାସ ମାତ୍ର ।

କଟକ ସହର ଅନ୍ତର୍ଗତ ବାଖରାବାଦର ଧୂଆଁ ପତରିଆ ଗଳିରେ ୧୮୮୮ ମସିହା ଡିସେମ୍ବର ୯ ତାରିଖରେ ମାଣବସା ଗୁରୁବାର ଦିନ ଯେତେବେଳେ ସମସ୍ତେ ଘରେ ଘରେ ଲକ୍ଷ୍ମୀଙ୍କର ଆବାହନ କରୁଥିଲେ, ସେତିକିବେଳେ ଲକ୍ଷ୍ମୀକାନ୍ତଙ୍କର ସେଠାରେ ଆବିର୍ଭାବ ଘଟିଥିଲା । ପରିସ୍ଥିତିର ତାଡ଼ନାରେ ଜୀବନର ଅପରାହ୍ନରେ ଲକ୍ଷ୍ମୀକାନ୍ତ କେବଳ ରୋଗାକ୍ରାନ୍ତ ହୋଇ ନଥିଲେ, ଲକ୍ଷ୍ମୀଛଡ଼ା ମଧ୍ୟ ହୋଇଥିଲେ ।

ସେ ଯାହା ହେଉ, ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା ଭାବେ ପ୍ରତିଷ୍ଠିତ ହେବାର ବହୁପୂର୍ବରୁ ଲକ୍ଷ୍ମୀକାନ୍ତ ଗ୍ରାମବହୁଳ ଓଡ଼ିଶାର ଗାଁଗହଳରେ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ...' କିମ୍ବା 'ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା/ନାଚିବି ମୁଁ ଲଙ୍ଗଳା ହୋଇ ତୁ ତାଳିମାରି ଦେଖିବୁ ମଜା' ପରି ଭକ୍ତି ସଙ୍ଗୀତଗୁଡ଼ିକ ପାଇଁ ପ୍ରସିଦ୍ଧ ଥିଲେ । ପ୍ରାକ୍ ସ୍ୱାଧୀନତା କାଳରେ ମହାତ୍ମା ଗାନ୍ଧୀଙ୍କ 'ଆଶ୍ରମ ଭଜନ'ରେ ଓଡ଼ିଶାରୁ କେବଳ ଓଡ଼ିଆ ଭାଷାର ଏହି 'ସବୁଥିରୁ ବଞ୍ଚିତ କରି ...' ସଙ୍ଗୀତଟି ସ୍ଥାନ ପାଇଥିଲା । ସେହିପରି ଗ୍ରାମଫୋନ୍ ରେକର୍ଡ଼ ଆରମ୍ଭ ହେବାବେଳେ ଯେଉଁ ଅଳ୍ପ କେତେଗୋଟି ଓଡ଼ିଆ ସଙ୍ଗୀତର ରେକର୍ଡ଼ିଂ ହୋଇଥିଲା, ତନ୍ମଧ୍ୟରେ 'ଦେ ମୋତେ ବାଇଆ କରି ...' ସଂଗୀତଟି ଅତ୍ୟନ୍ତ ଲୋକପ୍ରିୟ ହୋଇ ଉଠିଥିଲା ବୋଲି ଶୁଣିବାକୁ ମିଳିଥାଏ । ଅଥଚ କାନ୍ତକବିଙ୍କ ରଚିତ ଏ ଦୁଇଟି ଲୋକପ୍ରିୟ ଭକ୍ତି ସଙ୍ଗୀତ ସମେତ 'ଜୀବନ ସଙ୍ଗୀତ'ରେ ରହିଛି ଆହୁରି ଅନେକ ରହସ୍ୟଘନ ଭକ୍ତିବିଭୋର ସଙ୍ଗୀତ, ଯେଉଁଥିରୁ ଜଗନ୍ନାଥ ଚେତନାର ସ୍ପର୍ଶ ମିଳିପାରିବ । 'ସବୁଥିରୁ ବଞ୍ଚିତ କରି' କିମ୍ବା 'ଦେ ମୋତେ ବାଇଆ କରି' ପରି ସଙ୍ଗୀତ ଦୁଇଟିକୁ ଜଗନ୍ନାଥଙ୍କ ଭକ୍ତମାନେ ଗାନ କରି ଅପାର ଆନନ୍ଦ ଅନୁଭବ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଥାଏ ।

'ଶ୍ରୀକ୍ଷେତ୍ର' କ୍ଷୁଦ୍ର କବିତାରେ କାନ୍ତକବି ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଚିରାଚରିତ ରୀତିରେ ପ୍ରତିପାଦିତ ନକରି ଭକ୍ତି ଓ ଦେଶଭକ୍ତିର ସମନ୍ୱୟରେ ସତେ ଯେପରିକି ଜଗନ୍ନାଥ ଚେତନାର ଏକ ନୂତନ ପରିଭାଷା ସୃଷ୍ଟି କରିଯାଇଛନ୍ତି । ନିମ୍ନଲିଖିତ ପଦ କତିପୟରୁ ତାହାର ସମ୍ୟକ ସୂଚନା ମିଳିଥାଏ । ଯଥା-

'ସେ କାଳ ଉତ୍କଳଗୌରବ ଭାସ୍କର,  
ଗଜପତି-ଗୌଡ଼େଶ୍ୱର-ବଂଶଧର ।  
ତୋ'ର ତହିଁ ସ୍ୱାଧୀନତା-ବୈଜୟନ୍ତୀ,  
ଉଡାଇ ରଖିଲେ ଅପୂର୍ବ କୀରତି ।  
ସହସ୍ର ସହସ୍ର ତୀର୍ଥ ଯାତ୍ରୀଗଣ,  
'ଜୟ ଜଗନ୍ନାଥ' କରି ଉଚ୍ଚାରଣ ।

ଗତ ବାଧାବିଘ୍ନ କରି ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା ।'

'ଜଗନ୍ନାଥ' ଶୀର୍ଷକ ଅନ୍ୟ ଏକ କବିତା କାନ୍ତକବି ରଚନା କରିଥିଲେ ଯାହା ତାଙ୍କର ତା.୭.୭.୧୯୨୮ ମସିହାର ଡାଏରୀ ପୃଷ୍ଠାରୁ ଉଦ୍ଧାର କରିଥିଲେ ତାଙ୍କର କନିଷ୍ଠ ପୁତ୍ର, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଗୌରଚନ୍ଦ୍ର ମହାପାତ୍ର । ଏହାକୁ ୧୯୯୫ ମସିହା ଜୁଲାଇ ସଂଖ୍ୟା 'ସଚିତ୍ର ବିଜୟା' ପତ୍ରିକାରେ ପ୍ରକାଶ କରିଥିଲେ ତତ୍କାଳୀନ ସଂପାଦକ, ସୁଲେଖକ ଶ୍ରୀ ଅଭୟ ସିଂ । ଦୁଃଖର କଥା, ଜଗନ୍ନାଥଙ୍କ ସାହିତ୍ୟର ଆଲୋଚନା କାଳରେ ଏହା ଉପରେ ଆମର ସାହିତ୍ୟ ସମାଲୋଚକମାନେ ମଧ୍ୟ ଆଲୋଚନା କରିନାହାନ୍ତି । କବିତାଟିର ଆରମ୍ଭ ଏହିପରି -

'ଶ୍ରୀକ୍ଷେତ୍ର ମହୋଦଧି କୂଳେ,
ବଡ଼ ଦେଉଳେ ନୀଳାଚଳେ,
ଭାଇଭଉଣୀ ଘେନି ସାଥ,
ବିଜେ କରିଛ ଜଗନ୍ନାଥ,
ଖଟିଛି ଛତିଶା ନିଯୋଗ,
ନିତି ଭୁଂଜୁଛ ରାଜ ଭୋଗ,
ଛପନ କୋଟି ଜୀବକୁଳ,
ଖାଳୁଛ ଆହେ ଆଦିମୂଳ,
ଟେକି ଦେଇଛ ଦୁଇ ବାହା,
ଗରିବ ଦୁଃଖୀଙ୍କର ସାହା,
x x x x
କାଳିଆ ରୂପ ମନୋରମ,
ଭକତ ଜନ ଗଣ୍ଠିଧନ ।
x x x x
ତୋ'ଠାରେ ଉଚ୍ଚନୀଚ ନାହିଁ,
ତୁ ଅଟୁ ଜଗତର ସାଇଁ ।
ଚଣ୍ଡାଳ କ୍ଷତ୍ରିୟ ବ୍ରାହ୍ମଣ,
ତୋ' ଧାମେ ସକଳ ସମାନ ।
x x x x

ଏହି କବିତାରେ ଜଗନ୍ନାଥଙ୍କ ମହିମା କେବଳ ବର୍ଣ୍ଣିତ ନୁହେଁ, ସେ କିପରି ଦୁଃଖୀ ଓ ଦରିଦ୍ର ଜନତାଙ୍କର ସାହାଭରସା, ତାହାକୁ କବି ଯଥାର୍ଥ ଭାବେ ଦର୍ଶାଇଛନ୍ତି । ପୁଣି ଉଚ୍ଚନୀଚ ଭେଦଭାବ ଜଗନ୍ନାଥଙ୍କ ନିକଟରେ ନାହିଁ ବୋଲି ସେ ପ୍ରତିପାଦିତ କରିଛନ୍ତି । ଏଥିରୁ କବିଙ୍କର ସଂସ୍କାରମୂଳକ ସାମ୍ୟବାଦୀ ଓ ପ୍ରଗତିଶୀଳ ଚିନ୍ତାଧାରାର ସ୍ପଷ୍ଟ ସୂଚନା ମିଳିଥାଏ । କେବଳ ମାର୍କ୍ସବାଦୀ ସାହିତ୍ୟରେ ନୁହେଁ, ଓଡ଼ିଆ ସାହିତ୍ୟର ଅନେକ ପ୍ରସିଦ୍ଧ ଲେଖକ ଲେଖିକାଙ୍କ ସୃଷ୍ଟିରେ ସର୍ବହରାଙ୍କ ପାଇଁ ରହିଛି ଦାବି ବା ନିବେଦନ ।

କାନ୍ତକବିଙ୍କ ରଚିତ 'ପତିତପାବନ ଜଣାଣ'ଟି ଅନ୍ୟତମ ସାର୍ଥକ ଓ ହୃଦୟସ୍ପର୍ଶୀ ସୃଷ୍ଟି । 'କ' ଅକ୍ଷରରୁ ଆରମ୍ଭ କରି 'କ୍ଷ' ଅକ୍ଷର ପର୍ଯ୍ୟନ୍ତ 'ଦୂତୀକର ଧରି ରହି' ବୃତ୍ତରେ ଲିଖିତ ଏହି ଚଉତିଶାଟି ପ୍ରଥମେ ଏକ ଚଟି ବହି ଆକାରରେ ଭଦ୍ରକର ଗୋପୀନାଥ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା, ସ୍ୱାଧୀନତାର ବହୁ ବର୍ଷ ପୂର୍ବେ । ଏବେ ଏହା ଦୁଷ୍ପ୍ରାପ୍ୟ । କବି ଦୀନକୃଷ୍ଣ ଦାସଙ୍କ ରଚିତ ଜଗନ୍ନାଥ ଚଉତିଶା ପରି ପ୍ରଥମେ ଏହା ମନେ ହେଲେ ମଧ୍ୟ ଉଭୟ ଆଶୟ (Form) ଓ ବିଷୟ (Content) ଦୃଷ୍ଟିରୁ ଏହା ସଂପୂର୍ଣ୍ଣ ଭିନ୍ନ ଧରଣର ଜଣାଣ ବୋଲି ଜଣାପଡ଼ିବ । ଜଣେ ସାଧାରଣ ଭକ୍ତର ଦୁଃଖ ଦୁର୍ଦ୍ଦଶା ଓ ନିସ୍ତାର ପାଇଁ ବ୍ୟାକୁଳ ପ୍ରାର୍ଥନା ଓ ଆର୍ତ୍ତି ଏଥିରେ ଅତି ସଫଳତାର ସହ ମନଛୁଆଁ ଭାବ ଓ ଭାଷାରେ ପ୍ରକଟିତ । ଏହାର ଆରମ୍ଭ ଏହିପରି -

'କରମ ବିପାକେ ପଡ଼ି କେଉଁ ଦୀନଜନ,
କାତରେ କାକୁସ୍ଥ ହୋଇ କରାଇ ଜଣାଣ ।
ପ୍ରଭୁ ହେ କି କହିବି ତୋତେ,
କେଉଁ କଥା ନ ଜାଣିଛୁ ଥାଇ ହୃଦଗତେ !'
x x x x

ପ୍ରଥମେ ଉହଳ ବିକଳ ହୋଇ ଜଣେ ଜଗନ୍ନାଥଙ୍କ ନିକଟରେ ଆର୍ତ୍ତି କରୁଛି ଓ ପରେ ଅଭିମାନ କରି ବିପ୍ଳବର ସ୍ଫୁଲିଙ୍ଗରେ ଉତ୍ତେଜିତ ହୋଇ ସ୍ୱର ଉତ୍ତୋଳନ କରୁଛି -

'ଜହର ନ ଦେଲ କିଆଁ ଜନନୀ ଜଠରେ,
ଜାତ କଲ ଏହି ହେତୁ କିମ୍ପା ଜଗତରେ ।
ପ୍ରଭୁ ହେ ଜୀବନଟା ଯାଉ,
ଜଳି ଜାଳି କୋହ ଦହ ହେବାକୁ ବିବାକ !'

କାନ୍ତକବି ଶେଷରେ ଆପଣାକୁ ସର୍ବହରାର ନାମ ବାଛି ନେବାକୁ ଶ୍ରେୟ ବୋଲି ମନେ କରି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସେଥିପାଇଁ ଲେଖିଛନ୍ତି -

'ସମର୍ପି ତୋହରିଠାରେ ମୋର ଯାହା କିଛି,
ସର୍ବହରା ନାମ ଆପେ ବାଛି ମୁଁ ନେଇଛି,
ପ୍ରଭୁ ହେ ସେହି ଆଣ୍ଟ ଧରି,
ସକଳ ସନ୍ତାପଯାକ ଦେଇଛି ପାଶୋରି ।'

ଶ୍ରୀମଦ୍ ଭଗବତ ଗୀତା ନିହିତ ଶାନ୍ତ, କାନ୍ତ ଓ ସ୍ଥିତପ୍ରଜ୍ଞ ଭାବ ହିଁ କବି ହୃଦୟକୁ ଆଛନ୍ନ କରିଛି । ସେଥିପାଇଁ ଏହି ପତିତପାବନ ଜଣାଣର ଅନ୍ତିମ ପଦରେ କାନ୍ତକବି ଗାଇଛନ୍ତି -

'କ୍ଷତି ନାହିଁ ଗଲାଣି ତ ଯାଉ ଏବେ ଜୀବ,
କ୍ଷୋଭ କରିବାକୁ ଆଉ କିଏ କାହିଁଥିବ,
ପ୍ରଭୁ ହେ କ୍ଷଣେ ନିଅ ହରି,
କ୍ଷମି ଏ କାନ୍ତର ଦିଅ ସବୁ ଅନ୍ତ କରି ।'

ଲକ୍ଷ୍ମୀକାନ୍ତ ଜୀବନର ଅପରାହ୍ଣରେ କାନ୍ତକବି ଭାବେ ପ୍ରତିଷ୍ଠିତ ହୋଇଥିଲେ ହେଁ ପରିସ୍ଥିତିର ତାଡ଼ନାରୁ ଲକ୍ଷ୍ମୀଛଡ଼ା ହୋଇ ଯାଇଥିଲେ ସିନା, 'ଲକ୍ଷ୍ମୀ ଚଣ୍ଡାଳୁଣୀ' ନାମକ ଏକ ଅଦ୍ୱିତୀୟ ନାଟକ ସେ ରଚନା କରିଥିଲେ - ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥଧାମକୁ ଆଧାର କରି । ୧୯୪୩ରେ ପ୍ରାକ୍ ସ୍ୱାଧୀନତା କାଳରେ ଏହି ନାଟକଟି ରଚନା କରାଯାଇଥିଲେ ହେଁ ପୁସ୍ତକାକାରରେ ଏହା ପ୍ରକାଶିତ ହୋଇଥିଲା ୧୯୫୮ ମସିହାରେ । ଏହି ପୁସ୍ତକର ସୂଚନାନୁଯାୟୀ ଜଣାଯାଇଥାଏ ଯେ ସେହି ନାଟକଟି ପ୍ରଥମେ ଗ୍ରାମଫୋନ୍ ରେକର୍ଡ଼ ପାଇଁ ଲିଖିତ ହୋଇଥିଲା । ତାହା ସମ୍ଭବ ନହେବାରୁ ନାଟକର ନବକଳେବର ଘଟିଥିଲା । ମାତ୍ର ରଙ୍ଗମଞ୍ଚରେ ତାହା ମଧ୍ୟ ମଞ୍ଚସ୍ଥ ହୋଇନଥିଲା । ଭାବ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହି ନାଟକଟି ପୁରାତନ ବୋଲି ମନେ ହେଲେ ମଧ୍ୟ ଏହାର ପରିବେଷଣ କ୍ଷେତ୍ରରେ କାନ୍ତକବି ଆଧୁନିକତାର ପୁଟ ଦେଇଥିଲେ । ତେଣୁ ପୁସ୍ତକର ପ୍ରକାଶକ ଲେଖିଥିଲେ 'ପୁରାଣ ଦେହରୁ ପୁରୁଣା ରହଣିଆ ଗନ୍ଧ ଛଡ଼ାଇ ନୂଆ ଅଙ୍ଗରାଗରେ ରଂଜିତ କରି ନୂଆ ମୁଦ୍ରାରେ ଉପସ୍ଥାପନ କରିବାରେ ବିଶେଷତ୍ୱ କିପରି ରହିପାରେ, ତାହା ଏହି ପୁସ୍ତିକାଟି ପ୍ରମାଣ କରିବ ।'

ପ୍ରକୃତରେ ପ୍ରାସଙ୍ଗିକ ସଙ୍ଗୀତ ପରିପୂର୍ଣ୍ଣ ଏହି ନାଟକରେ କଳାତ୍ମକ ପରିବେଷଣ ଶୈଳୀ ସହିତ ସାମାଜିକ ମୂଲ୍ୟବୋଧର ପରିପ୍ରକାଶ ହିଁ ଏହି ନାଟକକୁ ଏକ ଅଦ୍ୱିତୀୟ ସଫଳ ନାଟକର ମାନ୍ୟତା ଦେଇଛି । ଅସ୍ପୃଶ୍ୟତା ଦୂରୀକରଣ ସମ୍ବନ୍ଧରେ ଏହି ନାଟକରେ ଯାବତୀୟ ସାମାଜିକ ଆବର୍ଜନାକୁ ଆଡ଼େଇ ଦେଇ ଦଳିତ ଜାତିର ଲୋକଙ୍କ ସେବା ପାଇଁ ଏଥିରେ ରହିଛି ଅନେକ ଉପାଦାନ । ସରକାରୀ କିମ୍ବା ଧାର୍ମିକ ସ୍ତରରେ ଏହି ନାଟକଟିର ପ୍ରଚାର ଯେପରି ହେବା କଥା କୌଣସି କାରଣରୁ ଅବଶ୍ୟ ହୋଇ ପାରିନାହିଁ । କିନ୍ତୁ ଜଗନ୍ନାଥ ଚେତନାର ସ୍ପର୍ଶ ଏହାର ପ୍ରତ୍ୟେକ ପଂକ୍ତିରେ ଅନୁଭବ କରି ହେବ । ଏହି ନାଟକର ଶେଷ ଦୃଶ୍ୟରେ ମହାରାଜାଙ୍କର ସଂଳାପରୁ ଜଗନ୍ନାଥଙ୍କ ପତିତପାବନ ନାମର ସାର୍ଥକତା ପ୍ରତିପାଦିତ ହୋଇଥାଏ । ତାହା ଏହିପରି -

ମହାରାଜ -

'ପ୍ରଜାବୃନ୍ଦ,
ପାତ୍ରମନ୍ତ୍ରିଗଣ,
ସେବକ, ମହନ୍ତ ଆଉ ଦେଉଳ କରଣ,
କର ସର୍ବେ ଅବଧାନ,
କାଲି ରାତ୍ରେ ପ୍ରଭୁଙ୍କର ହେଲା ସ୍ୱପ୍ନାଦେଶ
ନ ରହିବ ଉଚ୍ଚନୀଚ ଜାତି ଭେଦ ଲେଶ -
ଆଜିଠାରୁ ଶ୍ରୀମନ୍ଦିରେ ମୋର ।
ବ୍ରାହ୍ମଣ ଚଣ୍ଡାଳ ଆଦି ଛତିଶ ପାଟକେ-
ଯେତେ ନରନାରୀ,
ମନ୍ଦିର ପ୍ରବେଶେ ହେବେ ସମ ଅଧିକାରୀ ।
ସାମ୍ୟବାଦ ମହାଧର୍ମ୍ମ ମହିମା ପ୍ରଚାରି
ପତିତପାବନ ବାନା ଉଡ଼ିବ ଗୌରବେ ।

କାନ୍ତ ସାହିତ୍ୟ ବିଭିନ୍ନ ବିଭାଗକୁ ବିସ୍ତାରିତ । କୋମଳମତି ବାଳକ ଓ ବାଳିକାଙ୍କ ଉଦ୍ଦେଶ୍ୟରେ ଲିଖିତ କାନ୍ତକବିଙ୍କ କ୍ଷୁଦ୍ର ପୁସ୍ତିକା 'ଧର୍ମ ସଂଗୀତ'ରେ 'ଗୁହାରି' ଶୀର୍ଷକ ସଙ୍ଗୀତରୁ ମଧ୍ୟ ଜଗନ୍ନାଥଙ୍କ ପ୍ରତି କବିଙ୍କର ଥିବା ଅଚଳାଚଳ ଭକ୍ତିର ପ୍ରମାଣ ମିଳିଥାଏ । ତାହା ଏହିପରି -

ମୁଁ ତ ବାଳକମତି,
ଆସେ ନାହିଁ ମୋତେ କରି ଭକତି ହେ,
ମୋତେ ଶିଖାଅ ଜଗତପତି, ମୋ ପ୍ରଭୁ ହେ ।
ମୁଁ ହିଁ ତ ହୀନ ଅଜ୍ଞାନ,
ତୁମ୍ଭେ କେଡ଼େ ବଡ଼, କେଡ଼େ ମହାନ ହେ,
ମୋତେ ଶ୍ରୀପଦରେ ଦିଅ ସ୍ଥାନ, ମୋ ପ୍ରଭୁ ହେ ।

ଡି-୧୦/୫, ୟୁନିଟ୍-୮
ଭୁବନେଶ୍ୱର-୧୨

# ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଓ ଶ୍ରୀଜଗନ୍ନାଥ

ରଜତ କୁମାର କର



**ଶ୍ରୀ**ମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତିଙ୍କ ବିଷୟ ଆଲୋଚନା କରି ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ ସମ୍ବନ୍ଧରେ କିଛି ସୂତ୍ର ବାହାର କରାଯାଇପାରେ । କେତେ ନୂତନ ସୂତ୍ର, ଅନେକ ନୂତନ ତଥ୍ୟ ମନକୁ ଆସିଛି । ତାକୁ ହିଁ ବୋଇତ କରି ଶ୍ରୀଜଗନ୍ନାଥ ରହସ୍ୟ ସାଗରରେ ପୁରାତନ ରୀତିରେ ପାଲ ଟାଣି ଅନୁକୂଳ ପବନରେ ଦୂରକୁ ଭାସି ଯିବାକୁ ବସିଲାବେଳେ ପୁଣି ପାଗ ପ୍ରତିକୂଳ । ଲୀଳାମୟଙ୍କ ରହସ୍ୟ ସିନ୍ଧୁର ଉତ୍ତାଳ ତରଙ୍ଗ କାଟି ତରୀର ସ୍ୱଚ୍ଛନ୍ଦ ଉତ୍ତରଣ ସହଜସାଧ୍ୟ ନୁହେଁ । କୃତଃ ମନୁଷ୍ୟଃ ଦେବାଃ ନ ଜାନନ୍ତି । ପ୍ରତିବର୍ଷ ରଥଯାତ୍ରା ଅବକାଶରେ କିଛି ଅନୁସନ୍ଧାନ, ଅନୁଶୀଳନ ଓ ଏଥିପାଇଁ ଆଲୋଡ଼ନ ଆନନ୍ଦଦାୟକ । ଏହା ଗବେଷଣା ନୁହେଁ । ଏହା ତାଙ୍କ ଗାଥାଗାୟନର ସାମାନ୍ୟ ପ୍ରୟାସ ମାତ୍ର । 'ଅଥାତୋ ବ୍ରହ୍ମ ଜିଜ୍ଞାସା' ଭଳି ଅଥାତୋ ବିଷୟ ଜିଜ୍ଞାସା । ଏଥରକ ବିଷୟ ସମ୍ବନ୍ଧରେ ଆଲୋଚନା । ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଭାବରେ ବାଇଶି ପାହାଚ କଡ଼ରେ ଥିବା କ୍ଷୁଦ୍ର ନୃସିଂହ ବିଗ୍ରହ, କଳ୍ପବଟ ପାଖରେ ଥିବା ଅନନ୍ତ ପୁରୁଷୋତ୍ତମ ଓ ବର୍ତ୍ତମାନ ସୂର୍ଯ୍ୟମନ୍ଦିର ବୋଲାଉଥିବା ତଥାକଥିତ ଇନ୍ଦ୍ର ମନ୍ଦିରରେ ଇନ୍ଦ୍ର ବୋଲାଉଥିବା ବିରାଟ ବୁଦ୍ଧ ମୂର୍ତ୍ତି ଆଲୋଚନା ପରିସରକୁ ଆସିବ ।

ଏ ପ୍ରସଙ୍ଗରେ ପ୍ରଶ୍ନ ଉଠିପାରେ ଯେ ସତ୍ୟନାରାୟଣ ରୂପେ ପରିଚିତ ବିଗ୍ରହଙ୍କୁ କାହିଁକି ପ୍ରାଚୀନ ବୋଲି ଧରାଯାଉ ନାହିଁ ? ଏହି ସତ୍ୟନାରାୟଣ ମୂର୍ତ୍ତି ପୁରାତନ ପୁରୁଷୋତ୍ତମ ବିଗ୍ରହ ହୋଇପାରନ୍ତି ବୋଲି ଗୋଟିଏ ମତ ପ୍ରକାଶ ପାଇଛି । ଏହି ସତ୍ୟନାରାୟଣ ବର୍ତ୍ତମାନ ଗୋଟିଏ କ୍ଷୁଦ୍ରକାୟ ମନ୍ଦିରରେ ଅଛନ୍ତି । ତାଙ୍କ ଉଚ୍ଚତା ଅନୁସାରେ ସେ ଆଉ ଗୋଟିଏ ବଡ଼ମନ୍ଦିରର ସ୍ଥାନାନ୍ତରିତ ବିଗ୍ରହ ବୋଲି ମନେ କରାଯାଉଛି । ଶାସ୍ତ୍ରାନୁଯାୟୀ ପ୍ରସ୍ତର ବିଗ୍ରହ ଥରେ ସ୍ଥାନାନ୍ତରିତ ହେଲେ ଆଉ ପୂର୍ବ ମନ୍ଦିରକୁ ଫେରିପାରିବ ନାହିଁ । ତାଙ୍କୁ ଅନ୍ୟସ୍ଥାନରେ ପୂଜା କରିବା ବିଧାନ ରହିଛି ।

ନୃସିଂହ ମନ୍ଦିର ପୁରୁଷୋତ୍ତମ ବିଷ୍ଣୁ ମନ୍ଦିର ନଥିଲା । ଏହା ନୃସିଂହଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିବାରୁ ଏହାର ପ୍ରବେଶ ଦ୍ୱାରର ଉପରିଭାଗରେ ନୃସିଂହ ମୂର୍ତ୍ତି ରହିଛନ୍ତି । ଦକ୍ଷିଣ ଭାରତର ବହୁ ମନ୍ଦିରର ମୂଳ ବିଗ୍ରହଙ୍କ ସଦୃଶ ମୂର୍ତ୍ତି ପ୍ରବେଶ ଦ୍ୱାର ଉପରେ ରହିଥିବା ଦେଖାଯାଏ । ଏ ମନ୍ଦିରରେ ନୃସିଂହ ମୂଳ ବିଗ୍ରହ ହୋଇଥିବାରୁ ପାର୍ଶ୍ୱଦେବତା ଭାବରେ ତାଙ୍କୁ ରଖାଯାଇନାହିଁ । ବରାହ, ତ୍ରିବିକ୍ରମ ପାର୍ଶ୍ୱଦେବତା ଭାବରେ ରହିଥିବାବେଳେ ନୃସିଂହଙ୍କ ସ୍ଥାନରେ ବିଷ୍ଣୁଙ୍କ ଅନ୍ୟ ଏକ ମୂର୍ତ୍ତି ପାର୍ଶ୍ୱଦେବତା ଭାବେ ରହିଛନ୍ତି । ଶ୍ରୀମନ୍ଦିର ନିର୍ମାଣବେଳେ ନୃସିଂହ ମନ୍ଦିରକୁ ବାଲିରେ ପୋତି ଶ୍ରୀମନ୍ଦିର ଉପରକୁ ପ୍ରସ୍ତର ନେବା ଆବଶ୍ୟକତା ଥାଇପାରେ । ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେବାପରେ ପୂର୍ବ ନୃସିଂହ ବିଗ୍ରହଙ୍କୁ ଫେରାଇ ଅଣାନଯାଇ ଅନ୍ୟ ଗୋଟିଏ ମୂର୍ତ୍ତି ରଖାଗଲା । ପୂର୍ବ ନୃସିଂହ ମୂର୍ତ୍ତି ଆଦି ନୃସିଂହ ମୂର୍ତ୍ତି ବୋଲି ଚିହ୍ନିପାରି ଚୈତନ୍ୟ ଦେବ ବାଇଶିପାହାଚ ଉଠିଲାବେଳେ ମଝି ପାହାଚର ବାମ ଭାଗରେ ଥିବା ନୃସିଂହଙ୍କୁ ପ୍ରଣାମ କରୁଥିଲେ । ଆଂଶିକ ଭଗ୍ନ ମନ୍ଦିର ମରାମତି ହେବା ପରେ ନୂତନ ନୃସିଂହ ପ୍ରତିଷ୍ଠା ପାଇଲେ । ଶ୍ରୀମନ୍ଦିରରେ ଦୀପଦାନ, ଭୋଗ ପ୍ରଦାନ, ପୁଷ୍ପ ବେଶ ପାଇଁ ଜମି ଦାନ ବିଷୟ ସେହି ମନ୍ଦିରର ଗାତ୍ରରେ ଲେଖା ନଯାଇ ନୃସିଂହ ମନ୍ଦିର ଓ ପାତାଳେଶ୍ୱର ମନ୍ଦିରରେ ସ୍ଥାନିତ ହୋଇଥିଲା । ବିଗ୍ରହଙ୍କୁ ଦାନ ବିଷୟକ କଥା ସେହି ମନ୍ଦିର ଗାତ୍ରରେ ଲେଖାହେବା ଅହଙ୍କାର ସୂଚକ ବୋଲି ବୋଧହୁଏ ଏହା ଅନୁମୋଦିତ ନଥିଲା । କଳ୍ପବଟରେ ଥିବା ମନ୍ଦିରର ନୃସିଂହ ବିଗ୍ରହ ଆଦି ଦେବତା । ତାଙ୍କ ମନ୍ତ୍ରରେ ଓ ତାଙ୍କ ଢାଞ୍ଚାରେ ଶ୍ରୀଜଗନ୍ନାଥଙ୍କ ଶରୀର ପୁଷ୍ଟ । ପ୍ରଭୁଙ୍କ ନବକଳେବର

ଅନୁଷ୍ଠାନରେ ନୃସିଂହଙ୍କ ପ୍ରଭାବ ଗଭୀର । ଦୈନିକ ପୂଜାରେ ମଧ୍ୟ ସେ ନୃସିଂହ ରୂପୀ । ତାଙ୍କ 'ଉଗ୍ରବୀରଂ ମହାବିଷ୍ଣୁମନ୍ତ୍ର'ର ଉଗ୍ର ଓ ଭୀଷଣ ଭାବ ରୁଦ୍ର ବଳଭଦ୍ରଙ୍କୁ ଦେଇ ସେ ସୁଭଦ୍ରାଙ୍କୁ ଭଦ୍ରଦାୟିନୀ କରାଇଛନ୍ତି ଓ ନିଜେ ମହାବିଷ୍ଣୁ ଭାବେ ବିଭିନ୍ନ ଅବତାର ରୂପରେ ବେଶ ହେଉଛନ୍ତି ।

ଶ୍ରୀଜଗନ୍ନାଥଙ୍କୁ ଦେଖିବା ମାତ୍ରେ ନୃସିଂହଙ୍କ ରୂପ ଆକ୍ଷିରେ ଝଲସି ଯିବ । ସିଂହ ସଦୃଶ ତାଙ୍କର ଗୋଲାକାର ଚକ୍ଷୁ । ମୁଖର ଆକାର ମନୁଷ୍ୟ ଭଳି ନ ହୋଇ ସେହି ବେଦର ଗର୍ଜନକାରୀ ଭୀଷଣ ଦେବତା ଗିରି ଗହ୍ୱରର 'କୁଚର' ବା ଭୀଷଣ ସିଂହ । ସେ ହିଁ ହରି । ଦୁଃଖ ହରଣକାରୀ ଅର୍ଥରେ ହରି ଓ ସିଂହ, ଅର୍ଥରେ ମଧ୍ୟ ହରି । 'ହରେ ରାମ କୃଷ୍ଣ' ମନ୍ତ୍ରର ପ୍ରଥମ ନାମ ଏଇ ନୃସିଂହ ହରି । ନୃସିଂହ ମହାପ୍ରଭୁଙ୍କ ଦାରୁରୂପୀ ଜଗନ୍ନାଥ ଭାବେ ବିବର୍ତ୍ତନ ସ୍କନ୍ଦ ପୁରାଣ ଓ ବ୍ରହ୍ମ ପୁରାଣରେ ସାଙ୍କେତିକ ଭାବେ ବର୍ଣ୍ଣିତ ହୋଇଛି । ବ୍ରହ୍ମାଙ୍କ ସମ୍ମୁଖରେ ନୃସିଂହଙ୍କ ଆବିର୍ଭାବ ଓ ଯଜ୍ଞରୁ ତାଙ୍କର ଉଦ୍ଭବ ସେହି ନୃସିଂହ ଭଗବାନଙ୍କ ଜଗନ୍ନାଥ ଭାବେ ବିବର୍ତ୍ତନର ମନୋରମ କାହାଣୀ ବୋଲି ମନେ ହେଉଛି ।



ରାଜରାଣୀ ମନ୍ଦିର ବହିର୍ଭାଗରେ ଥିବା ଜଗନ୍ନାଥ ମୂର୍ତ୍ତି

୧୯୯୯ ମସିହା ଇଂରାଜୀ 'ଓଡ଼ିଶା ରିଭ୍ୟୁ' ପତ୍ରିକାରେ ପ୍ରକାଶ ପାଇଥିବା ଦୀପକ ଭଟ୍ଟାଚାର୍ଯ୍ୟଙ୍କ ଉତ୍ତୋଳିତ ଏକ ଫଟୋଗ୍ରାଫ ନିକଟରେ ମୋ ଆକ୍ଷିରେ ପଡ଼ିଲା । ତାହା ରାଜରାଣୀ ମନ୍ଦିର ଗାତ୍ରରେ ଥିବା ଜଗନ୍ନାଥ ମୂର୍ତ୍ତି ବୋଲି ଲିଖିତ ଥିଲା । ରାଜରାଣୀ ମନ୍ଦିର ଗାତ୍ରରେ ଜଗନ୍ନାଥ ମୂର୍ତ୍ତି ଥିବା କଥା ଚମକପ୍ରଦ ମନେ ହେଲା । ବହୁବାର ଯାଇ ଗାତ୍ରରେ ଥିବା ଅଳଙ୍କାର ରୂପେ ମନ୍ଦିରକୁ ମଣ୍ଡନ କରିଥିବା ଗୋଟିଏ ପ୍ରସ୍ତର ବେଷ୍ଟନୀ ମଧ୍ୟରେ କ୍ଷୁଦ୍ର ଏକ ଜଗନ୍ନାଥ ସଦୃଶ ମୁଖ ଦିଶୁଛି । ନିଜେ ବହୁବାର ଯାଇ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ଦେଖାଇଲି । ଜଗନ୍ନାଥ ବୋଲି ସମସ୍ତେ ଚିହ୍ନଟ କଲେ  ଛୋଟ ହାତ ଦୁଇଟି ଜଗନ୍ନାଥଙ୍କ ଭଳି ଅଙ୍ଗୁଷ୍ଠି ବିହୀନ, ମସ୍ତକ କିନ୍ତୁ ଶ୍ରୀଜଗନ୍ନାଥଙ୍କ ଭଳି ସମତଳ ନୁହେଁ । ଚକ୍ଷୁ ବଡ଼ କିନ୍ତୁ ମୁଖ ଖୋଲା ରହିଛି । ପଥର ଘୋରି ହୋଇଯାଇଥିଲେ ବି ନାକ ତଳେ ନିଶ ବାରି ହୋଇପଡୁଛି । ଏତ ଜଗନ୍ନାଥ ନୁହନ୍ତି ! ଏ ଯେ ନୃସିଂହ ! ତାଙ୍କ ଦୟାରୁ ଏକଥା ମନକୁ ଆସିଲା । ମନ୍ଦିରଟି କେଶରୀ ବଂଶୀୟ ରାଜା ଇନ୍ଦ୍ରରଥଙ୍କ ଦ୍ୱାରା ନିର୍ମିତ । ଯୁଦ୍ଧ କ୍ଷେତ୍ରରେ ନିହତ ହେଲେ । ସେ ସାବତ ମା'ଙ୍କ ସନ୍ତାନ ବା ମୃତ ରାଜାଙ୍କ ଦୂର ସମ୍ପର୍କୀୟ ହୋଇଥିବାରୁ ଉଦ୍ୟୋତ କେଶରୀଙ୍କ ଶିଳାଲିପିରେ ତାଙ୍କ ନାମର ଉଲ୍ଲେଖ ନାହିଁ ।

ଦଶମ ଶତାବ୍ଦୀରେ ନିର୍ମିତ ଏ ମନ୍ଦିର ନିର୍ମାଣ ବେଳକୁ ନୃସିଂହଙ୍କ କେବଳ ମୁଖ ଓ ହସ୍ତ ଥିବା ମୂର୍ତ୍ତି ମନ୍ଦିରମାନଙ୍କରେ ସ୍ଥାନ ପାଇଲାଣି । ନୃସିଂହଙ୍କ ସାଦୃଶ୍ୟ ମୂର୍ତ୍ତିରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବିବର୍ତ୍ତିତ ହେବାର ଏଥିରୁ ସୂଚନା ମିଳୁଛି । ବ୍ୟକ୍ତ ଅବ୍ୟକ୍ତ ରୂପୀ ଓ ପ୍ରକଟ ଅପ୍ରକଟର ବ୍ରହ୍ମ ରୂପେ ନୃସିଂହ ପ୍ରସିଦ୍ଧ । ତାଙ୍କୁ ବ୍ରହ୍ମରୂପୀ ଦାରୁ ବିଗ୍ରହରେ ରୂପାୟିତ କରି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ପରିକଳ୍ପନା ଏକ ପରିପକ୍ୱ ଦାର୍ଶନିକ ଚିନ୍ତାର ପ୍ରତିଫଳନ ବୋଲି ମନେହୁଏ ।

ବାଇଶି ପାହାଚ କଡ଼ରେ ଥିବା ନୃସିଂହ ମୂର୍ତ୍ତି ଗଠନ ଦିଗରୁ ବର୍ତ୍ତମାନର ମନ୍ଦିରରେ ପୂଜା ପାଉଥିବା ବିଗ୍ରହଙ୍କଠାରୁ ପ୍ରାଚୀନ । ବୈଷ୍ଣବ ଧର୍ମ ଆଦ୍ୟରୁ ଭାଗବତ ଧର୍ମ ଭାବେ ପରିଚିତ । ଏଥିରେ କୃଷ୍ଣ ବାସୁଦେବ ଓ ସଙ୍କର୍ଷଣ ପୂଜା ଓ ପରେ ଏକାନଂଶା ଦେବୀଙ୍କ ପୂଜା ବ୍ୟବସ୍ଥା ଆସିଲା । ଏହା ପୂର୍ବରୁ ନୃସିଂହ ବିଷ୍ଣୁଙ୍କ ଅବତାର ଭାବେ ଥିଲେ । ସ୍ୱତନ୍ତ୍ର ଭାବେ ତାଙ୍କୁ ପୂଜା କରିବା ଆରମ୍ଭ ହେଲା, ଯେତେବେଳେ ଶିବଙ୍କ ଭୀଷଣ ରୂପ, ଭୈରବ ପୂଜା ପାଇଲେ । ତନ୍ତ୍ରର ପ୍ରଭାବରେ ନୃସିଂହ ହେଲେ ବିଷ୍ଣୁଙ୍କ ଭୈରବ ରୂପ । ସ୍ୱତନ୍ତ୍ର ଭାବେ ତାଙ୍କର ପୂଜା ଆରମ୍ଭ ହୋଇଗଲା । କୃଷ୍ଣ ବାସୁଦେବ ପୂଜାର ପ୍ରଚଳନ ପୂର୍ବରୁ ନୃସିଂହଙ୍କ ଭୈରବ ଓ ଭୀଷଣ ରୂପ ଜନପ୍ରିୟ ହୋଇ ସାରିଲାଣି । 'ରୁଦ୍ର' ଶବ୍ଦ ରୋଦନରୁ ଆସିଛି । ବୈଦିକ 'ରୁଦ୍ର' ଆତ୍ମପ୍ରକାଶ ମାତ୍ରେ ରୋଦନ କଲେ । ସେ ରୋଦନରେ ବିଶ୍ୱ ପ୍ରକମ୍ପିତ ହେଲା । ଗର୍ଜନ ଓ କ୍ରୋଧ ତାଙ୍କର ଦୁଇ ପ୍ରଧାନ ବିଭାବ । ସେହି ବିଭାବ ମଧ୍ୟ ନୃସିଂହଙ୍କର । ରୁଦ୍ର ଶିବ 'ବୀର' ଓ ନୃସିଂହ ମଧ୍ୟ ବୀର । ତାଙ୍କ ମନ୍ତ୍ରରେ ସେ 'ଉଗ୍ରଂ ବୀରଂ ମହାବିଷ୍ଣୁ' । ତାନ୍ତ୍ରିକ ପ୍ରୟୋଗ ବେଳେ ତାଙ୍କୁ କୁହାଯିବ - 'ଗର୍ଜ ଗର୍ଜ, ସ୍ଫୁର ସ୍ଫୁର, ଛିନ୍ଦି ଛିନ୍ଦି, ଭିନ୍ଦି ଭିନ୍ଦି' । ଏହି ମନ୍ତ୍ରର ପ୍ରୟୋଗ ହୁଏ ନବକଳେବରର ଦାରୁ ପୂଜା ଅବକାଶରେ । ମହାକାଳ ରୂପୀ ପରମଶିବ ଭୈରବ ଓ ମହାବିଷ୍ଣୁ ନୃସିଂହ ସମାନ ସ୍ତରର ଚେତନାରେ ଜାଗ୍ରତ । ଶୈବ ଓ ଶାକ୍ତଙ୍କ ପାଖରେ ନୃସିଂହ ଗ୍ରହଣୀୟ । ତେଣୁ ବିଷ୍ଣୁ ହୋଇ ମଧ୍ୟ ସେ ଭୈରବ ଭାବ ସମନ୍ୱିତ ବୋଲି ସ୍ୱୀକୃତ । ଏଥିପାଇଁ କୁହାଗଲା ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ । ଭୈରବ ରୂପୀ ନୃସିଂହ ଜଗନ୍ନାଥ ଭୈରବୀ ବିମଳାଙ୍କ ଭୈରବ ।

ଏଥରକ ବୁଦ୍ଧଙ୍କ କଥା ଆସୁ । ଶ୍ରୀଜଗନ୍ନାଥଙ୍କ ବୁଦ୍ଧତ୍ୱ ବିଷୟରେ ଏ ଲେଖକ ବହୁ ଆଲୋଚନା କରିଛି । ସେ ହୀନ ଯାନିଙ୍କ ଶୁଦ୍ଧୋଦନ ପୁତ୍ର ବୁଦ୍ଧ ନ ହୋଇ ପରବର୍ତ୍ତୀ ସପ୍ତମ ଶତାବ୍ଦୀର ମହାଶୂନ୍ୟ ଓ ଜଗନ୍ନାଥ ନାମଧାରୀ ଆଦିବୁଦ୍ଧ । ଉଭୟ ହୀନଯାନ ଓ ମହାଯାନରେ ବୁଦ୍ଧଙ୍କ ଇଚ୍ଛା ବିରୁଦ୍ଧରେ ବୁଦ୍ଧ ପୂଜା ଆରମ୍ଭ ହୋଇଗଲା । ବୌଦ୍ଧ ସ୍ତୁପରେ ବୁଦ୍ଧଙ୍କ ମୂର୍ତ୍ତି ପୂଜିତ । ବର୍ତ୍ତମାନ ଧଉଳି ମୂର୍ତ୍ତି ଭଳି ବୁଦ୍ଧ ମୁଁ ଥାଇଲାଣ୍ଡ

ଓ ଭିଏତ୍‌ନାମରେ ଦେଖିଛି । ଇନ୍ଦ୍ର ରୂପେ ଚିହ୍ନିତ ବୁଦ୍ଧ ଏହି ନୀଳକନ୍ଦରରେ ଥିବା ଏକ ପ୍ରାଚୀନ ବୌଦ୍ଧସ୍ତୁପର ବୁଦ୍ଧ ଦେବ । ହୁଏନସାଂ ସମୁଦ୍ରରେ ଗଲାବେଳେ ଏହି ବୁଦ୍ଧ ସ୍ତୁପରେ ବହୁ ଉଚ୍ଚରେ ଦୀପ ଜଳୁଥିବା ଦେଖିଛନ୍ତି ।

ହୁଏତ ଏହା ଭାଙ୍ଗି ପଡ଼ିଲା ବା ବୌଦ୍ଧ ହିନ୍ଦୁଙ୍କ କଳହର ଶୀକାର ହେଲା । ଧର୍ମ ନାମରେ ଧର୍ମ ବିଦ୍ୱେଷ ବହୁକାଳରୁ ସାରା ବିଶ୍ୱରେ ଆରମ୍ଭ ହୋଇ ମଣିଷର ମୂଢ଼ତା ପ୍ରକାଶ କରିଛି ମାତ୍ର । ତାଲିବାନମାନେ ଆଫଗାନିସ୍ଥାନର ବିରାଟ ବୁଦ୍ଧ ମୂର୍ତ୍ତି ଭାଙ୍ଗି ଦେଲେ । ଏଠି ମନ୍ଦିର ଭାଙ୍ଗିଲା, କିନ୍ତୁ ବୁଦ୍ଧ ହିନ୍ଦୁ ଦେବତା ବିଷ୍ଣୁଙ୍କ ଅବତାର ହୋଇଗଲେ । ହିନ୍ଦୁଧର୍ମ ବୌଦ୍ଧତନ୍ତ୍ରର ଉପାସନା, ଚଳଣି ଓ ମହାଯାନର ସମସ୍ତ ଦେବଦେବୀଙ୍କୁ ଗ୍ରହଣ କରି ନେବାରୁ ଆଉ ବୌଦ୍ଧ ଧର୍ମର ଆବଶ୍ୟକତା ରହିଲା ନାହିଁ । ହିନ୍ଦୁଧର୍ମରେ ସ୍ୱତନ୍ତ୍ର ଭାବେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ପୂଜା ନାହିଁ । ଇନ୍ଦ୍ରାଣୀ ଦୁର୍ଗାଙ୍କ ଶକ୍ତି ଭାବେ ଅନ୍ୟ ଶକ୍ତି, କୌମାରୀ ବାରାହୀ, ମାହେଶ୍ୱରୀଙ୍କ ସହ ଅଷ୍ଟସ୍ଥାନରେ ପୂଜିତା । ଦକ୍ଷିଣ ବାଟେ ଗରୁଡ଼ ସ୍ତମ୍ଭକୁ ଯିବାବେଳେ ରହିଛନ୍ତି ଦୁଆର ମୁହଁରେ ଇନ୍ଦ୍ରାଣୀ । କେବଳ ଇନ୍ଦ୍ରାଣୀ କାହିଁକି ରହିଲେ ? କୁଆଡ଼େ ଗଲେ ଅନ୍ୟାଶକ୍ତିମାନେ ? ସ୍ତୁପରେ ଥିବା ବୁଦ୍ଧ ଇନ୍ଦ୍ର ହେବାପରେ ସେଠୁ ମିଳିଥିବା କୌଣସି ଏକ ବୌଦ୍ଧ ଦେବୀ ଇନ୍ଦ୍ରାଣୀରେ ପରିଣତ ହେଲେ । ଏଥିରୁ ବୌଦ୍ଧ ସ୍ତୁପର ଅସ୍ତିତ୍ୱ ଥିଲା ବୋଲି ଭାବିବାକୁ ହେବ ।

କୋଣାର୍କ ମନ୍ଦିର ଭାଙ୍ଗିବା ପରେ ସେଠାରେ ସୂର୍ଯ୍ୟ ପୂଜା ବ୍ୟବସ୍ଥା ନ କରି ଖୋର୍ଦ୍ଧା ଭୋଇବଂଶ ଗଜପତି ନରସିଂହ ଦେବ ଏହି ବୁଦ୍ଧ ମୂର୍ତ୍ତିଙ୍କ ଉପରେ ସୂର୍ଯ୍ୟ ମୂର୍ତ୍ତିଙ୍କୁ ସ୍ଥାପନା କଲେ । ପଣ୍ଡାଏ କହନ୍ତି ଇନ୍ଦ୍ରଙ୍କ ଭଗ୍ନମୂର୍ତ୍ତି ଉପରେ ସୂର୍ଯ୍ୟ ପ୍ରତିଷ୍ଠିତ ହେଲେ । କୋଣାର୍କରୁ ସୂର୍ଯ୍ୟପୂଜା ପରମ୍ପରା ଲୋପ କରିବା ଏକ ଦୁଃଖଦାୟକ ବ୍ୟବସ୍ଥା ହୋଇଛି । ବିବର୍ତ୍ତନର ଧାରାରେ ଶ୍ରୀଜଗନ୍ନାଥ ଏଠାରେ ପ୍ରଚଳିତ ବୌଦ୍ଧଧର୍ମର କିଛି ପଦ୍ଧତିକୁ ଆପଣାର କରି ନେଇଛନ୍ତି । ଆଲୋଚନା ପରିସରରେ ଶେଷକୁ ଆସିଲେ ଶେଷଶାୟୀ ବିଷ୍ଣୁ ବା ଅନନ୍ତ ପୁରୁଷୋତ୍ତମ ନାମରେ ପରିଚିତ ଅନନ୍ତ ଶୟନ ବିଷ୍ଣୁ ମୂର୍ତ୍ତି । କଳ୍ପବଟ ମୂଳରେ ଏକ ଗୁମ୍ଫା ଭଳି ମନ୍ଦିରରେ ଅନନ୍ତଶୟନ ରହିଛନ୍ତି, ଲକ୍ଷ୍ମୀ ତାଙ୍କର ପାଦସେବା କରୁଛନ୍ତି । ଦକ୍ଷିଣ ଭାରତରେ ଅନନ୍ତ ଶୟନ ମୂର୍ତ୍ତି ବହୁଳ ଭାବେ ପୂଜିତ । କେରଳ, ଆନ୍ଧ୍ର ଓ ମାଡ୍ରାଜରେ ପୂଜା ଚାଲିଛି । ପୂର୍ବ ରଥଯାତ୍ରା ସଂଖ୍ୟାରେ ମୁଁ ଆଲୋଚନା କରିଛି ଯେ ମାଡ୍ରାଜ ପ୍ରଦେଶର ଶ୍ରୀରଙ୍ଗ ପାଟଣାର ଅନନ୍ତଶୟନ ମୂର୍ତ୍ତି ବିଭୀଷଣ ପୂଜିତ ହୋଇ ପରେ ଶ୍ରୀରାମଙ୍କୁ ଦତ୍ତ ହୋଇଥିଲା । ଶ୍ରୀରାମଙ୍କ ସ୍ୱର୍ଗ ଗମନ ପରେ ବରୁଣ ଆଣି ତାହା ଶ୍ରୀକ୍ଷେତ୍ରରେ ରଖିଛନ୍ତି । ଏହା ବ୍ରହ୍ମ ପୁରାଣ ସମର୍ଥିତ । ବଳରାମ ଦାସ ମଧ୍ୟ ଦାଣ୍ଡି ରାମାୟଣରେ ଏହା ଉଲ୍ଲେଖ କରିଛନ୍ତି । ଶ୍ରୀରଙ୍ଗ ପତ୍ତନ କାହାଣୀ ଅନୁଯାୟୀ ରାବଣ ଏ ମୂର୍ତ୍ତି ଆଣି ଲଙ୍କା ନେଇ ନପାରି ଛାଡ଼ି ଦେଇଗଲା । ରାମାନୁଜ ଶ୍ରୀରଙ୍ଗମ୍‌ରେ ଏ ମୂର୍ତ୍ତି ପୂଜା କରିଥିଲେ । ଚୋଡ଼ଗଙ୍ଗଙ୍କ ସମୟରେ ପୁରୀ ଆସି ସେ କଳ୍ପବଟ ମୂଳେ ଅନନ୍ତଶୟନ ରୂପୀ ପ୍ରାଚୀନ ପୁରୁଷୋତ୍ତମଙ୍କୁ ନିଶ୍ଚୟ ଦର୍ଶନ କରିଥିବେ । ଏହାଙ୍କ ନାମାନୁସାରେ ପୁରୀର ନାମ ପୁରୁଷୋତ୍ତମ ହୋଇପାରିଥାଏ । ଅପୂର୍ବ ଏ ଜଗନ୍ନାଥ । ସବୁ ଦେବଦେବୀଙ୍କ ସାରବତ୍ତା ଅଙ୍ଗୀଭୂତ କରି ସେ ସର୍ବ ଦେବମୟ ଶ୍ରେଷ୍ଠ ବିଗ୍ରହ ରୂପେ ଜନମାନସ ହରଣ କରୁଛନ୍ତି ।

ଅନନ୍ୟ ନିକେତନ
ଏନ୍-୧/୧୮୩, ନୂଆପଲ୍ଲୀ
ଭୁବନେଶ୍ୱର

---

# ଜଗନ୍ନାଥଙ୍କୁ ପଦେ

ଦୟାନିଧି ବେହେରା

ପ୍ରଭୁ ! ତୁମେ ନ ବସି ନନ୍ଦିଘୋଷ ରଥେ
ବସ ସର୍ବ ପ୍ରାଣୀ ମନ ରଥେ ।
ଜଣେ ଶୋଷେ ଅନ୍ୟର ରକତ
ହୋଇ ସେ ଉଲ୍ଲସିତ ।
ମୁଖେ ନ କହି ଅମିୟ ଭାଷା
ବନ୍ଦୀ କରି ରଖେ ସେନେହ ଶରଧା ।
ପ୍ରଭୁ ! ଭୁଲି ତୁମ ଖେଳ
ଜଣେ ଲଗାଏ ଅନ୍ୟ ମନେ ଅନଳ ।
ଭାଇ ବନ୍ଧୁ କୁଟୁମ୍ବ ଭିତରେ ଲାଗେ କଳି ଗୋଳ

ସତ୍ୟ, ନ୍ୟାୟ, ଦୟା, କ୍ଷମା
କରୁଣାର ଅବତାର ତୁମେ ।
ଅବତରି ଏ ସୃଷ୍ଟିର ପ୍ରତି ଜୀବ ମନେ
ହସ ଫୁଲେ ଭରିଦିଅ ଏ ମାୟା ସଂସାର ବଗିଚା ।
ତୁମ ପାଦ ପଦ୍ମେ ମୁଁ କରୁଛି ବନ୍ଦନା
ନ ରହୁ ପ୍ରତି ଜୀବ ମନେ ହିଂସାର ଭାବନା
ସୃଷ୍ଟିର ପ୍ରତି କୋଣେ ଅନୁକୋଣେ
ଭୂଷିତ ହୁଅନ୍ତୁ ସର୍ବେ ମମତାର ମଧୁଝରା ଅମିୟ ଭୂଷଣେ ।

ମାର୍ଫତ- ମାଗୁଣି ଚରଣ ବେହେରା
ସାନ୍ତସାହି, କେନ୍ଦ୍ରାପଡ଼ା

# ଦାରୁବ୍ରହ୍ମଙ୍କର ରଥଯାତ୍ରା

ପୂର୍ଣ୍ଣେନ୍ଦୁ କୁମାର ନନ୍ଦ

**ଦା**ରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରାର ପରମ୍ପରା ଅତି ପ୍ରାଚୀନ କାଳରୁ ପ୍ରଚଳିତ ରହିଛି । ପୁରୁଷୋତ୍ତମଙ୍କ ରଥଯାତ୍ରାର ପ୍ରଚଳନ ପୂର୍ବରୁ ଭାରତବର୍ଷରେ ପୁରାଣ ଯୁଗରେ ରାଜା, ସୈନ୍ୟସାମନ୍ତ ଓ ଜମିଦାରଗଣ ଅଶ୍ୱଚାଳିତ ରଥ ବ୍ୟବହାର କରୁଥିଲେ । ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ସାରଥି ହୋଇଥିଲେ । କୂର୍ମ ଓ ଭବିଷ୍ୟ ପୁରାଣରେ ବର୍ଣ୍ଣନା ରହିଛି ଯେ ମାଘମାସରେ ସୂର୍ଯ୍ୟଦେବ ରଥରେ ଯାତ୍ରା କରନ୍ତି । ଶିବଙ୍କ ରଥଯାତ୍ରା ସଂପର୍କରେ ମତ୍ସ୍ୟ ଓ ଏକାମ୍ର ପୁରାଣରେ ବର୍ଣ୍ଣନା ରହିଛି । ଭୁବନେଶ୍ୱରରେ ଚୈତ୍ର ମାସରେ ଲିଙ୍ଗରାଜ ମହାପ୍ରଭୁଙ୍କର ରକୁଣା ରଥଯାତ୍ରା ବା ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୁଏ । ଦେବୀ ବିରଜାଙ୍କ ଚଳନ୍ତି ପ୍ରତିମା ଆଶ୍ୱିନ ମାସରେ ରଥଯାତ୍ରା କରିଥାନ୍ତି । ପୂର୍ବେ ବୁଦ୍ଧଙ୍କର ଏକ ମୂର୍ତ୍ତିକୁ ପାଟଳିପୁତ୍ରରେ ରଥରେ ବସାଇ ଯାତ୍ରା କରାଯାଉଥିଲା । ଜୈନ ତୀର୍ଥଙ୍କରମାନେ ମଧ୍ୟ ଏହିପରି ରଥରେ ଯାତ୍ରା କରୁଥିଲେ ।



ଏହି ପରିପ୍ରେକ୍ଷୀରେ ଅନେକ ଗବେଷକ ମୁରାରି ମିଶ୍ରଙ୍କ ରଚିତ 'ଅନର୍ଘ ରାଘବ' ନାଟକରେ ବର୍ଣ୍ଣିତ ପୁରୁଷୋତ୍ତମଙ୍କ ଯାତ୍ରା ପ୍ରସଙ୍ଗକୁ ଲକ୍ଷ୍ୟ କରି ରଥଯାତ୍ରା ନବମ ଶତାବ୍ଦୀରେ ପ୍ରଚଳିତ ହୋଇଥିଲା ବୋଲି ମତ ଦେଇଥାନ୍ତି । ଏପରିକି ଆଦି ଶଙ୍କରାଚାର୍ଯ୍ୟ ଏହି ନବମ ଶତାବ୍ଦୀରେ ପୁରୁଷୋତ୍ତମଙ୍କ ରଥଯାତ୍ରାକୁ ଲକ୍ଷ୍ୟ କରି କହିଥିଲେ 'ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈ ।' କିନ୍ତୁ ଡଃ ସତ୍ୟନାରାୟଣ ରାଜଗୁରୁ ପ୍ରମୁଖ ଅନେକ ଗବେଷକ ମତ ଦେଇଛନ୍ତି ଯେ ୧୨୩୦ ଖ୍ରୀ: ପୂର୍ବରୁ ରଥଯାତ୍ରା ପ୍ରଚଳିତ ନଥିଲା । ଏହାର କାରଣ ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ସ୍ମୃତିକାର ଶତାନନ୍ଦଙ୍କ 'ଭାସ୍ୱତୀ' ଗ୍ରନ୍ଥ ଓ ଶମ୍ଭୁକର ବାଜପେୟୀଙ୍କ ସ୍ମୃତି ଗ୍ରନ୍ଥରେ ରଥଯାତ୍ରାର ବର୍ଣ୍ଣନା ନାହିଁ । ତାଙ୍କ ମତରେ ୧୨୩୦ ଖ୍ରୀ:ରେ ତୃତୀୟ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରରେ ତ୍ରିମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ । ପ୍ରଥମ ନରସିଂହ ଦେବଙ୍କ ସମୟରେ ଦାରୁବିଗ୍ରହ ପୂଜା ପାଇଲେ ଓ ସେହିଦିନଠାରୁ ରଥଯାତ୍ରା ପ୍ରଚଳିତ ହେଲା ।

ଭାରତବର୍ଷରେ ଦାକ୍ଷିଣାତ୍ୟ ଓ ଅନ୍ୟାନ୍ୟ ରାଜ୍ୟରେ ମୂଳ ବିଗ୍ରହମାନଙ୍କର ଉତ୍ସବମୂର୍ତ୍ତିଙ୍କୁ ନେଇ ରଥଯାତ୍ରା ହୋଇଥାଏ । କିନ୍ତୁ ଶ୍ରୀକ୍ଷେତ୍ରରେ ଦାରୁବିଗ୍ରହମାନଙ୍କୁ ରଥାରୂଢ଼ କରାଯାଏ । ଏହାର କାରଣ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା 'ଯଜ୍ଞବେଦୀ' ବା 'ମହାବେଦୀ'ରେ ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ ପ୍ରଥମେ ବ୍ରହ୍ମାଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ସହ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ଏଣୁ ପ୍ରତିବର୍ଷ ଦାରୁବ୍ରହ୍ମ ନିଜର ପିତୃସଦନ ଅର୍ଥାତ୍ ଜନକପୁରୀ ନାମକ ଗୁଣ୍ଡିଚା ମନ୍ଦିରକୁ ଯଜ୍ଞବେଦୀରେ ଅବସ୍ଥାନ ପାଇଁ ଯାତ୍ରା କରିଥାନ୍ତି । ଏଣୁ 'ବାମଦେବ ସଂହିତା'ରେ ରଥଯାତ୍ରାକୁ 'ଯଜ୍ଞୋତ୍ସବ' ରୂପେ ବର୍ଣ୍ଣନା କରାଯାଇଛି । ଏହି ନବଦିନ ଯାତ୍ରା ଅବସରରେ ଯେଉଁମାନେ ଗୁଣ୍ଡିଚା ମନ୍ଦିରରେ ଦାରୁବ୍ରହ୍ମଙ୍କୁ ଦର୍ଶନ କରନ୍ତି, ସେମାନେ ବୈକୁଣ୍ଠ ଧାମ ପ୍ରାପ୍ତ ହୋଇଥାନ୍ତି । 'ମହାବେଦୀ ମହୋତ୍ସବ' ରୂପେ ବର୍ଣ୍ଣିତ ଏହି ଯାତ୍ରା ସମୟରେ ଦେବତାମାନେ ସ୍ୱର୍ଗରୁ ଆସି ଦାରୁବ୍ରହ୍ମଙ୍କ ଦର୍ଶନ କରିଥାନ୍ତି । ଯଥାର୍ଥରେ 'ସ୍କନ୍ଦ ପୁରାଣ'ରେ କୁହାଯାଇଛି -

'ନାତଃ ପରତରୋ ଲୋକେ ମହାବେଦୀ ମହୋତ୍ସବାତ୍
ସର୍ବପାପ ହରୋ ଯୋଗଃ ସର୍ବତୀର୍ଥ ଫଳପ୍ରଦଃ ।'

ଦାରୁବ୍ରହ୍ମ ଗୁଣ୍ଡିଚା ମନ୍ଦିରରୁ ଫେରିବା ପରେ ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ସହିତ ତାଙ୍କର ଯେଉଁ ଗଇଁଠାଳ ନୀତି ପାଳନ ହୁଏ, ତାହାକୁ

ଲକ୍ଷ୍ୟ କରି ଡଃ ରାଜଗୁରୁ ରଥଯାତ୍ରାକୁ 'କଲ୍ୟାଣୋତ୍ସବ' ଭାବରେ ବର୍ଣ୍ଣନା କରିଛନ୍ତି ।

ଲୋକାଚାରରେ ଏହାକୁ 'ପତିତପାବନ' ଯାତ୍ରା ଓ 'ଘୋଷଯାତ୍ରା' କୁହାଯାଏ । ବର୍ଷରେ ଥରେ ନନ୍ଦିଘୋଷ ରଥରୁ ପତିତମାନଙ୍କୁ ଦର୍ଶନ ଦେଇ ଶ୍ରୀଜଗନ୍ନାଥ ସେମାନଙ୍କୁ ସକଳ ପାପତାପରୁ ମୁକ୍ତି ଦେଇଥାନ୍ତି ବୋଲି କୁହାଯାଏ । ଏକତା ଓ ଧାର୍ମିକ ସମନ୍ୱୟର ବାର୍ତ୍ତା ପ୍ରଚାର କରି ଦାରୁବ୍ରହ୍ମ ପ୍ରତିବର୍ଷ ବଡ଼ଦାଣ୍ଡରେ ଉଭା ହୋଇଆସୁଛନ୍ତି ।

ଦାର୍ଶନିକମାନେ ରଥଯାତ୍ରାକୁ କଠୋପନିଷଦର ଭାଷାରେ ଶରୀର ରୂପକ ରଥରେ ଆତ୍ମାରୂପକ ରଥୀର ଯାତ୍ରା ରୂପେ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ବିଷ୍ଣୁଙ୍କର ଦଶାବତାର ବର୍ଣ୍ଣନାରେ ବଳୀର ଦର୍ପନାଶ କରିବାକୁ ଯେଉଁ ପ୍ରଭୁ 'ବାମନ' ଅବତାର ନେଇଥିଲେ, ସେହି ପ୍ରଭୁ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ 'ବାମନ' ରୂପରେ ରଥାରୂଢ଼ ହୋଇଆସୁଛନ୍ତି । ଏଣୁ କୁହାଯାଏ ଯେ ରଥରେ ବାମନରୂପୀ ଦାରୁବ୍ରହ୍ମଙ୍କ ଦର୍ଶନରେ ପୁନଃଜନ୍ମ ହୁଏ ନାହିଁ ।

ରଥଯାତ୍ରା ଏକ ଗଣତାନ୍ତ୍ରିକ ଯାତ୍ରା । ସମାଜର ସକଳ ବର୍ଣ୍ଣର ନରନାରୀଙ୍କୁ ସାମ୍ୟ ଓ ଏକତାର ମନ୍ତ୍ର ଉଦ୍‌ଘୋଷଣା କରି ପ୍ରତିବର୍ଷ ଦାରୁବ୍ରହ୍ମ ରଥାରୂଢ଼ ହୋଇଆସୁଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ନରନାରୀ ନିଜକୁ ପବିତ୍ର କରି ଏହି ଯାତ୍ରାରେ ଦାରୁବ୍ରହ୍ମଙ୍କର ଦର୍ଶନ କରିଆସୁଛନ୍ତି ।

ଯୁଗ୍ମ ଶାସନ ସଚିବ
ବାଣିଜ୍ୟ ବିଭାଗ

# ନୀଳାଦ୍ରି ଚନ୍ଦ୍ରମା

ଇଂ. ରଘୁନାଥ ପାତ୍ର

ଗଂଗା ଯମୁନା କାବେରୀ କୃଷ୍ଣା ଗୋଦାବରୀ
ସବୁ ତୀର୍ଥ ଯିବା ପାଇଁ କହୁଛ ତ ପ୍ରିୟା !
ସବୁ ତୀର୍ଥ ପରା ଆସି ମିଶିଛି ସିନ୍ଧୁରେ
ତୀର୍ଥରାଜ ଦର୍ଶନରେ ପୂରି ଉଠେ ହିଆ ।

ତ୍ରିବେଣୀ ପବିତ୍ରଧାରା ମିଶିଛି ଏଇଠି
ମହୋଦଧି ଜଳେ ପରା ସବୁ ତୀର୍ଥ ଠୁଳ
ସେଥିପାଇଁ ବସିଛନ୍ତି ନୀଳାଦ୍ରି ଚନ୍ଦ୍ରମା
ପତିତପାବନ ବାନା ଉଡ଼େ ଫର ଫର ।

କେତେ ଜାତି କେତେ ଧର୍ମ କେତେ ଯେ ସଂସ୍କୃତି
ସବୁରି ସ୍ରୋତ ମିଶିଛି ସାଗର ସଲିଳେ
କେତେ ସାଧୁସନ୍ଥଙ୍କର କାଉଁରୀ ପରଶେ
ପବିତ୍ର ଏ ଭୂଇଁ ପ୍ରିୟା ! ଚିନ୍ତା କର ବାରେ ।

ସନ୍ଥ ତୁଳସୀ ନାନକ କବୀର ଚୈତନ୍ୟ
ମୀରାବାଈ ରାମାନୁଜ ବଲ୍ଲଭ ଆଚାର୍ଯ୍ୟ
ଶଙ୍କରାଚାର୍ଯ୍ୟ ଓ ଗଣପତି ଭଟ୍ଟ କେତେ
ନୀଳାଚଳେ ଠୁଳ ସନ୍ଥ ମହାତ୍ମା ସମାଜ ।

କହୁଛ ଅଯୋଧ୍ୟା ଯାଇ କରିବ ଦର୍ଶନ
ଭଗବାନ ଶ୍ରୀରାମଙ୍କୁ ଏତ ଭଲ କଥା
ବୃନ୍ଦାବନେ ଦ୍ୱାରକାରେ ଶ୍ରୀକୃଷ୍ଣ ଦର୍ଶନେ
ମୁଞ୍ଚିବ ଅଚିରେ ପ୍ରିୟା ଭବ ଦୁଃଖ ବ୍ୟଥା ।

ଜଗନ୍ନାଥ ମହାସ୍ରୋତେ ରାମକୃଷ୍ଣ ସ୍ରୋତ
ସବୁମିଶି ଏକାକାର ପ୍ରଶାନ୍ତ ସୁନ୍ଦର
ଜଗନ୍ନାଥଙ୍କ ଭୁଜରୁ ଆଜ୍ଞାମାଳ ପାଇ
ଲଭନ୍ତି ଜନମ ରାମକୃଷ୍ଣ ଅବତାର ।

ନିଜେ ପ୍ରଭୁ ରାମ କୃଷ୍ଣ ବାମନ ରୂପରେ
ଅପୂର୍ବ ଲୀଳା ବିଳାସ ପ୍ରଦର୍ଶନ କରି
ହରିଥାନ୍ତି ଭକ୍ତ ଚିତ୍ତ ବିବିଧ ପ୍ରକାରେ
ଜଗନ୍ନାଥ ସଂଗେ ପ୍ରିୟା ! ହେବ କିଏ ସରି !

କିଏ କହେ ଜଗନ୍ନାଥ ବୈକୁଣ୍ଠ ବିହାରୀ
କିଏ କହେ ଗଜାନନ, ଈଶାନ, ତପନ
ଦକ୍ଷିଣକାଳୀ ରୂପରେ ଚିନ୍ତାକରେ ଶାକ୍ତ
ଧନ୍ୟ ନୀଳାଦ୍ରି କାଳିଆ ବିଶ୍ୱ ବିମୋହନ !

ସବୁ ଅବତାର ଲୀଳା ଚାଲେ ନୀଳାଚଳେ
ଅଂଶ ଅଂଶୀ ସବୁ ସେହି ନୀଳାଦ୍ରି ଚନ୍ଦ୍ରମା
ଜଗନ୍ନାଥ-ସୁବର୍ଣ୍ଣରୁ ସବୁ ଅଳଙ୍କାର
ବାଞ୍ଛା କଳ୍ପ ପାଦପକୁ କି ଦେବା ଉପମା !

ବର୍ଷ ସାରା ଲୀଳାଚଳ ଲୀଳା ମୁଖରିତ
ଏପରି କେଉଁଠି ତୁମେ ଦେଖିଛ କୁହନି
ଶ୍ରୀରାମ ମନ୍ଦିରେ କେବେ ହୁଏ କୃଷ୍ଣ ଲୀଳା ?
ବିଷ୍ଣୁ ମନ୍ଦିରରେ କେବେ ଈଶାନ ଭବାନୀ ?

ରୁକ୍ମିଣୀଙ୍କ ପରିଣୟ ଉତ୍ସବ ସମୟେ
ଜଗନ୍ନାଥଙ୍କର ବାମ ଭୁଜୁ ଆଜ୍ଞାମାଳ
ଦିଆଯାଏ ରୁକ୍ମିଣୀଙ୍କୁ ରତ୍ନ ସିଂହାସନେ
ଦକ୍ଷିଣ ହସ୍ତୁ ପାଆନ୍ତି ଦ୍ୱାରକାଧୀଶ୍ୱର ।

ଏଥିରୁ ସୂଚିତ ହୁଏ ନୀଳାଚଳ ନାଥ
ପୁରୁଷ ଓ ପ୍ରକୃତିର ସମନ୍ୱୟ ରୂପ
ସେଥିପାଇଁ ମହାପ୍ରଭୁ ଚୈତନ୍ୟ କହନ୍ତି
ରାଧାକୃଷ୍ଣ ମିଶ୍ର ତନୁ ନୀଳାଦ୍ରି ଅରୂପ ।

ଜେଉଡ଼ ଖଟା ନୈବେଦ୍ୟ ରୂପେ ଦିଆଯାଏ
ରାମକୃଷ୍ଣ ଜନ୍ମୋତ୍ସବ ହେବା ପୂର୍ବଦିନ
କୌଶଲ୍ୟା ଦେବକୀ ପାଇଁ ଯାହାଗୋ ଉଦ୍ଦିଷ୍ଟ
ଭକ୍ଷିଥାନ୍ତି ମାତା ରୂପେ ନୀଳାଦ୍ରି ମୋହନ ।

ଜାଣିଲ ତ ଏବେ କିଏ ନୀଳାଚଳ ନାଥ ?
ସର୍ବ ଅବତାର ଉତ୍ସ, ସ୍ୱୟଂ ଅବତାରୀ
ମୂଳା ପ୍ରକୃତି ପରମ ପୁରୁଷ ମିଳନ
ଭୂମା ପୁରୁଷ ଅନାଦି ନୀଳାଦ୍ରି ବିହାରୀ ।

ବୃନ୍ଦାବନ ଧାମ
ଲୋକନାଥ ରୋଡ଼, ପୁରୀ-୧

# ଜଗନ୍ନାଥ ଧର୍ମ ଓ ଶ୍ରୀମହାଭାବ ତତ୍ତ୍ୱ

ଦୁର୍ଗାମାଧବ ଦାଶ



**ଜ**ଗନ୍ନାଥ ସଂସ୍କୃତି ଏକ ବିଶାଳ ସଂସ୍କୃତିର ଛାୟାରେ ବିଶ୍ୱବ୍ୟାପକ । ଏହି ସଂସ୍କୃତି କେଉଁଠୁ ଆରମ୍ଭ ହୋଇ କେଉଁଠି ଶେଷ ହୋଇଛି ବା ଶେଷ ହେବ, ତାହା ସାଧାରଣ ମଣିଷର ପରିକଳ୍ପନାର ବହୁ ଊର୍ଦ୍ଧ୍ୱରେ । ଶ୍ରୀକ୍ଷେତ୍ର ଭଗବାନଙ୍କ ଲୀଳା ଯେ ଅକଳନ ଓ ବୈଚିତ୍ର୍ୟମୟ, ଏଥିରେ କୌଣସି ସନ୍ଦେହ ନାହିଁ । ବୈଷ୍ଣବ ଭକ୍ତଙ୍କ ମତରେ ଜଗନ୍ନାଥ କ୍ଷେତ୍ରର ଅନ୍ୟନାମ 'ପୁରୀ' ହୋଇଥିବା ଦୃଷ୍ଟିରୁ ଏହି ଧାମ ସର୍ବୋତଭାବେ ନିଜର ସ୍ୱତନ୍ତ୍ରତା ରକ୍ଷା କରି ଶ୍ରୀକୃଷ୍ଣ ଭଗବାନଙ୍କ ନିତ୍ୟ ଗୃହ ବା ପୁର ଭାବେ ସର୍ବବିଦିତ । ଏହି ଦିବ୍ୟ କ୍ଷେତ୍ରରେ ରସରାଜ ଶ୍ରୀକୃଷ୍ଣ, ଅଗ୍ରଜ ବଳଦେବ ଓ ଭଗିନୀ ସୁଭଦ୍ରାଙ୍କ ସହ ଦାରୁବ୍ରହ୍ମ ରୂପରେ ନିତ୍ୟ-ଲୀଳାରେ ମଗ୍ନ ହୋଇ ରତ୍ନବେଦୀରେ ଅଧିଷ୍ଠିତ ହୋଇଛନ୍ତି । ସମୟେ ସମୟେ ମନରେ ପ୍ରଶ୍ନ ଉଠେ, ପ୍ରଭୁ ଜଗନ୍ନାଥ ଯଦି ଶ୍ରୀକ୍ଷେତ୍ରରେ ନିତ୍ୟ ନବକିଶୋର ରୂପରେ ସମସ୍ତଙ୍କ ସେବା ଗ୍ରହଣ କରୁଛନ୍ତି, ତାହାହେଲେ ସେ କାହିଁକି ଏଠାରେ ନଟବର ଶ୍ୟାମସୁନ୍ଦର ରୂପରେ ପ୍ରକଟିତ ନହୋଇ ଏକ ଅର୍ଦ୍ଧନିର୍ମିତ ବିଗ୍ରହ ରୂପରେ ପୂଜା ପାଇ ଆସୁଛନ୍ତି । ଏହାର କାରଣ କ'ଣ ହୋଇପାରେ ? ଅର୍ଦ୍ଧନିର୍ମିତ ବିଗ୍ରହତ କେଉଁଠି ବି ପ୍ରତିଷ୍ଠା ଯୋଗ୍ୟ ନୁହଁକି ? ପୂଜା ଯୋଗ୍ୟବି ନୁହଁ । ଅଥଚ ଶାସ୍ତ୍ରୋକ୍ତି ମୁତାବକ ବ୍ରହ୍ମାଦି ଦେବ କେମିତି ଏକ ଅର୍ଦ୍ଧନିର୍ମିତ ବିଗ୍ରହକୁ ଏଠାରେ ପ୍ରତିଷ୍ଠା କରିଥିଲେ ? ସରଳ ଭାଷାରେ ପ୍ରକାଶ କରିବାକୁ ଗଲେ, ଏହାର ଉତ୍ତର ଜଗନ୍ନାଥ ଧର୍ମର 'ଶ୍ରୀମହାଭାବ' ତତ୍ତ୍ୱ ଉପରେ ପ୍ରତିଷ୍ଠିତ ।

ଶ୍ରୀଲ ଗୌରଗୋବିନ୍ଦ ଗୋସ୍ୱାମୀଙ୍କ ଭାଷାରେ ଶ୍ରୀଜଗନ୍ନାଥ ପ୍ରେମର ଠାକୁର ଅଟନ୍ତି । ଶ୍ରୀକ୍ଷେତ୍ର ପୁରୀରେ ସର୍ବୋଚ୍ଚ ପ୍ରେମାବସ୍ଥାରେ ବିଭାବିତ ହୋଇ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣ ଶ୍ରୀଜଗନ୍ନାଥଙ୍କ ରୂପରେ ପ୍ରକଟିତ ହେବା ବିଧାତାଙ୍କ ଏକ ଅପୂର୍ବ ପରିକଳ୍ପନା । ଏହା ହିଁ ତାଙ୍କ ଶ୍ରୀମହାଭାବର ଏକ ଅପୂର୍ବ ପ୍ରତିଫଳନ । ଏହି ପ୍ରେମାବସ୍ଥାରେ ଭକ୍ତର ଭାବସହ ଭଗବାନଙ୍କ ଭାବ ବି ସ୍ୱୟଂ ପ୍ରକାଶିତ ହୋଇଥାଏ । ଭଗବାନଙ୍କ ପ୍ରତି ଭକ୍ତର ଭାବ ସତତ ବିରହାପ୍ଲୁତ ହୋଇଥିବାବେଳେ ଭଗବାନଙ୍କ ଭାବ ଭକ୍ତ ପ୍ରତି ବିରହୀର ଦରଦରେ ଗୋଚରୀଭୂତ ହୋଇଥାଏ । ଭକ୍ତ ପକ୍ଷରେ ଭକ୍ତିର ଭାବ ବିଶୁଦ୍ଧ ପ୍ରେମରେ ରସାପ୍ଲୁତ ହୋଇଥିବାରୁ ଏହି ବିଷୟାଭୂତ ଜଗତରେ ପ୍ରେମର ଠାକୁର ସହଜରେ ନିଜର ସତ୍ତା ଭୁଲିଯାଇ ଭକ୍ତ ପାଖରେ ତାର ଭାବ ଓ ଦୈନନ୍ଦିନ ପରିକଳ୍ପନାକୁ ଗ୍ରହଣ କରି ସହଜରେ ବନ୍ଧା ପଡ଼ିଯାନ୍ତି । ତେଣୁ କୁହାଯାଏ ଯେ ଭକ୍ତ ପ୍ରେମରେ ବିଭାବିତ ହୋଇ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ ନିଜ ବାସ୍ତବ ସତ୍ତା ହରାଇ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଓ ପ୍ରାକୃତ ବିଗ୍ରହ ରୂପରେ ଶ୍ରୀଜଗନ୍ନାଥଙ୍କ ନାମ ନେଇ ଶ୍ରୀକ୍ଷେତ୍ର ପୁରୀରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି । ଭାରତ ପ୍ରସିଦ୍ଧ ଚାରିଧାମ ମଧ୍ୟରେ ଏହି ପୁରୀ ଧାମ ହିଁ ଏକମାତ୍ର ଭୋଗ କ୍ଷେତ୍ର, ଯାହାକି ଭୌମ୍ୟ କ୍ଷେତ୍ର, ଦିବ୍ୟକ୍ଷେତ୍ର, ଶୈବକ୍ଷେତ୍ର, ନାଭିକ୍ଷେତ୍ର ଓ ଶ୍ରୀକ୍ଷେତ୍ର ବୋଲି କୁହାଯାଇଥାଏ । ପଣ୍ଡିତମାନଙ୍କ ମତରେ ସ୍ୱୟଂ ପରମପୁରୁଷ ଜଗନ୍ନାଥ ମହାପ୍ରଭୁ ରାମେଶ୍ୱରରେ ସ୍ନାନ କରିଥିବାବେଳେ, ଦ୍ୱାରିକାରେ ଅଙ୍ଗ ବେଶ ହୋଇ ଶ୍ରୀକ୍ଷେତ୍ର ପୁରୀରେ ଭୋଜନ କରିଥାନ୍ତି ଓ ପରିଶେଷରେ ବଦ୍ରିକାରେ ଶୟନ କରିଥାନ୍ତି । ଏହି ଦୃଷ୍ଟିରୁ ପୁରୀ କ୍ଷେତ୍ର ପ୍ରକଳ୍ପ ବହିର୍ଭୂତ । ଏହି ପରମକ୍ଷେତ୍ରର ମହିମାକୁ କେହି ବି ଠାବ କରିବାପାଇଁ ସକ୍ଷମ ନୁହନ୍ତି । ଏସବୁ ମହନୀୟତା ଓ ଉତ୍କର୍ଷତା ଦୃଷ୍ଟିରୁ ପୁରୀ କ୍ଷେତ୍ରରେ ଶ୍ରୀମହାଭାବର ଅଦ୍ୱିତୀୟ ପ୍ରତିଫଳନ ହୋଇଛି । ଏହି ମହାଭାବ ଯୋଗୁଁ ପ୍ରଭୁ ଜଗନ୍ନାଥଙ୍କ ରୂପ ଥାଇବି ଅରୂପ । ଆଖି ଥାଇବି ପଲକଶୂନ୍ୟ, ପାଦ ନଥାଇବି ସେ ସର୍ବବ୍ୟାପୀ । ହାତ ନ ଥାଇବି ସେ ଷାଠିଏ ପଉଟି ଭୋଗ ଗ୍ରହଣ କରିଥାନ୍ତି । ପରିଶେଷରେ ସେ ସଗୁଣ, ନିର୍ଗୁଣ ଉଭୟ ବିଭୂତିରେ ଉଦ୍‌ଭାସିତ ହୋଇ ପୁରୁଷୋତ୍ତମ ଧାମରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି । ଏହା ହିଁ ସେହି ମହାଭାବର ଅପୂର୍ବ ପରାକାଷ୍ଠା !

ଏହି ମହାଭାବ ସୃଷ୍ଟି ହୁଏ ବ୍ରଜର ପବିତ୍ର ଭୂମିରେ, ଯେଉଁ ଶ୍ରୀକୃଷ୍ଣଙ୍କ ଅଙ୍ଗ ସ୍ପର୍ଶକରି ଯେଉଁ ବାୟୁ ପ୍ରବାହିତ ହୁଏ, ତାହା ସଂଜୀବନୀ ପରି କାର୍ଯ୍ୟ କରିଥାଏ । ସେହି ମହାଭାବର ଉତ୍କର୍ଷତା ଶ୍ରବଣ କରି ଏପରିକି ଭଗବାନ ଶ୍ରୀକୃଷ୍ଣ, ଅଗ୍ରଜ ବଳରାମ ଓ ଭଗିନୀ ସୁଭଦ୍ରାବି ନିଜ ନିଜର ସତ୍ତା ହରାଇ ଏକ ବିଚିତ୍ର ରୂପ ସମ୍ଭାରରେ ପ୍ରତୀୟମାନ ହୋଇଥିଲେ । ତାହା ନିମ୍ନଲିଖିତ ପ୍ରସଙ୍ଗରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ ।

ଦ୍ୱାପର ଯୁଗର ଅଦ୍ୱିତୀୟ ଘଟଣାଟିଏ । ଭଗବାନ ଶ୍ରୀକୃଷ୍ଣ ବ୍ରଜଧାମ ପରିତ୍ୟାଗ କରି ଏକ ମହାନ୍ ଲକ୍ଷ୍ୟ ନେଇ ଦ୍ୱାରିକା ପୁରୀରେ ଅବସ୍ଥାନ କରୁଥାନ୍ତି । ରାଜକୀୟ ପରିବେଷ୍ଟନୀରେ ଥାଇବି ସେ ବ୍ରଜଭୂମି ବିଶେଷ କରି ଗୋପୀମାନଙ୍କ ନିର୍ମଳ ଭକ୍ତିକୁ କେବେହେଁ ଭୁଲି ପାରୁନଥାନ୍ତି । ଏପରିକି ସ୍ୱପ୍ନରେ ବି ବ୍ରଜ ଜନମାନଙ୍କ କଥାଭାବି ସମୟେ ସମୟେ ରାତ୍ରିରେ ଅଦ୍ଭୁତ ପ୍ରଳାପ କରୁଥାନ୍ତି । ବହୁବାର ଏମିତିକା ଅପ୍ରତିଭ ଘଟଣାମାନ ଦ୍ୱାରିକାର ଅଷ୍ଟପାଟରାଣୀମାନଙ୍କ କର୍ଣ୍ଣଗୋଚର ହେବା ପରେ ସେମାନେ ଚିନ୍ତାରେ ବିମର୍ଷ ହୋଇପଡ଼ିଲେ ।

ଦିନକର ଘଟଣା । ଶ୍ରୀକୃଷ୍ଣ ରାଜସଭାରେ ଯୋଗ ଦେବାପାଇଁ ବ୍ୟଗ୍ରତାର ସହ ପ୍ରସ୍ତୁତ ହେଉଥାନ୍ତି । ଏମିତିକା ଏକ ସମୟରେ ରୁକ୍ମିଣୀ ଭଗବାନଙ୍କ ସଦନକୁ ଯାଇ ଉପରୋକ୍ତ ଘଟଣା ସଂପର୍କରେ ତାଙ୍କୁ ଜିଜ୍ଞାସା କରିଥିଲେ । ଶ୍ରୀକୃଷ୍ଣତ ରାଜସଭାକୁ ଯିବା ପାଇଁ ଉଦ୍ୟତ ହେଉଥାନ୍ତି । ସେ ସବୁ ଶୁଣିବି କିଛି ନ ଶୁଣିଲା ପରି କହିଲେ, ଦେବୀ, ମୋର ବର୍ତ୍ତମାନ ସମୟ ନାହିଁ । ଯାହାକିଛି ପଚାରିବାର କଥା ମାତା ରୋହିଣୀଙ୍କୁ ପଚାର । ସେ ତୁମର ସଙ୍କା ବିମୋଚନ କରିପାରିବେ । ରୁକ୍ମିଣୀ ଆଉ କିଛି ପଚାରିନଥିଲେ । ଶ୍ରୀକୃଷ୍ଣ ତାଙ୍କ ବାଟରେ ରାଜସଭାକୁ ଚାଲି ଯାଇଥିଲେ । ଶେଷରେ ରୁକ୍ମିଣୀ ଦୁଃଖଭରା ହୃଦୟରେ ନିଜ ସଦନକୁ ଫେରିବା ପାଇଁ ବାଧ ହୋଇଥିଲେ । ତାଙ୍କ ବିଷର୍ଣ୍ଣଭରା ମୁହଁକୁ ଦେଖି ରୋହିଣୀ ରୁକ୍ମିଣୀଙ୍କୁ ପ୍ରଶ୍ନ କଲେ, 'ବୋହୂ, କ'ଣ ହୋଇଛି ତୁମର ? ଆଜି ତୁମ ମନ ଭଲ ନଥିଲା ପରି ଜଣାଯାଉଛି ! ଘଟଣା କ'ଣ ?

ସତରେ ସେଦିନ ରୁକ୍ମିଣୀଙ୍କ ମନ ଭଲ ନଥିଲା । ରୁକ୍ମିଣୀ କହିଥିଲେ, 'ମାତା, ଆମ ପ୍ରାଣପ୍ରିୟଙ୍କୁ ଦେଖି ଆମେ ଅଷ୍ଟପାଟରାଣୀ ଦୁଃଖ ଓ ହତାଶରେ ଭାଙ୍ଗି ପଡ଼ିଛୁ । ଆମେ ସଭିଏଁ ନିଷ୍ଠାର ସହ ପ୍ରଭୁଙ୍କ ସେବା କଲେ ବି ସେ କୌଣସି ସମୟରେ ଆମ ବ୍ୟବହାରରେ ସନ୍ତୁଷ୍ଟ ନଥିଲା ପରି ଜଣାଯାଉଛନ୍ତି । କାୟ, ମନ, ବାକ୍ୟରେ ସେ ଗୋପୀମାନଙ୍କୁ ମନେପକାଇ ସର୍ବଦା ଆତ୍ମହରା ହୋଇପଡ଼ନ୍ତି । ଏପରିକି ସ୍ୱପ୍ନରେ ବି ତାଙ୍କ କଥା ହିଁ ମନେ ପକାନ୍ତି । ଏହାର କାରଣ କ'ଣ, ଆମେ ବୁଝିପାରୁନୁ । ଆପଣ ଦୟାବହି ଆମର ସଙ୍କା ବିମୋଚନ କରନ୍ତୁ ।'

ରୋହିଣୀ ଉତ୍ତରରେ କହିଲେ, 'ଭଲ କଥାଟିଏ କହିଲ, ରୁକ୍ମିଣୀ । ବାସ୍ତବରେ କଥାଟି ଅତ୍ୟନ୍ତ ଗୁରୁତର । ତୁମେ ଯାହା ପଚାରୁଛ, ତାହା ଏକ ଗୂଢ଼ତତ୍ତ୍ୱ ଅଟେ । ତୁମେ ଯେଉଁ ରାଧା ଓ ଗୋପୀମାନଙ୍କ କଥା ସ୍ମରଣ କରି ଏତେଟା ବିବ୍ରତ ହୋଇ ପଡୁଛ, ସେମାନେ ସାଧାରଣ ପ୍ରାଣୀ ନୁହନ୍ତି । ସେଇ ବ୍ରଜ କଥାରେ ଏତେଟା ଆକର୍ଷଣ ରହିଛି ଯେ, ତାହା ଶୁଣିବା ମାତ୍ରେ କୃଷ୍ଣ ଆତ୍ମ ବିଭୋର ହୋଇପଡ଼େ । ତା'ଛଡ଼ା ଯେଉଁଠାରେ ଏହି କଥା ଆଲୋଚନା ହୁଏ, ତା'ର ମାଧୁର୍ଯ୍ୟ ସମ୍ଭୋଗ କରିବା ପାଇଁ ସେ ସେହି ସ୍ଥାନରେ ତୁରନ୍ତ ଉପସ୍ଥିତ ହୋଇଯାଏ । ତେଣୁ ମୁଁ କେମିତି ଏ ବିଷୟ ଆଲୋଚନା କରିବି କହିଲ ?

ଏକ ଗମ୍ଭୀର ପରିବେଶ ଭିତରେ ରୋହିଣୀ ଓ ରାଣୀମାନଙ୍କ ଭିତରେ ଆଲୋଚନା ଚାଲିଥାଏ । ବିଧିରେ ସେଠାରେ ରାଜବାଟୀର ପରିଚାରିକାମାନେବି ଉପସ୍ଥିତ ରହିଥାନ୍ତି । ସମସ୍ତଙ୍କ ଅନୁରୂପ ପ୍ରଶ୍ନ । କ'ଣ ସେ ବ୍ରଜଭୂମି ? କେଉଁ ପ୍ରକାରର ପ୍ରାଣୀ ସେହି ଗୋପୀଏ ? କ'ଣ ତାଙ୍କ ଆଭିମୁଖ୍ୟ, ଏମିତି କି ଛଟା ରହିଛି ସେ ରାଧାରାଣୀଙ୍କ ସ୍ୱରୂପରେ ଯେ ଦ୍ୱାରିକାଧୀଶ ତାଙ୍କ ପ୍ରତି ଏତେ ପରିମାଣରେ ଆକର୍ଷିତ ହୋଇପଡ଼ନ୍ତି ? ଏ ସବୁର ରହସ୍ୟକୁ ନିଶ୍ଚିତ ଭାବେ ଉନ୍ମୋଚନ କରିବାକୁ ପଡ଼ିବ । ରୁକ୍ମିଣୀ ଏମିତି ମନେ ମନେ ଭାବୁଥାନ୍ତି ।

ଶେଷରେ ରୋହିଣୀ ମାତା କହିଲେ, 'ଶୁଣ ରୁକ୍ମିଣୀ । ଗୋପପୁରର ସବୁ ରହସ୍ୟ ମୁଁ ନିଶ୍ଚିତ ଭାବେ କହିବି, କିନ୍ତୁ ଆମ କୋଠରିର ଦ୍ୱାର ଦେଶରେ ଜଣେ କେହି ଜଗୁଆଳ ଭାବରେ ରହିବାକୁ ପଡ଼ିବ । ଯେମିତି ବଳରାମ ଓ କୃଷ୍ଣ ଏଇ ସ୍ଥାନକୁ ପ୍ରବେଶ ନକରନ୍ତି । କାରଣ ସେମାନେ ଆସିଗଲେ କଥା ସରିଲା । ଗୋପପୁରର କଥା ଶୁଣିବା ମାତ୍ରେ ସେମାନେ ସଂଜ୍ଞାହୀନ ହୋଇଯାଆନ୍ତି । କିନ୍ତୁ ଜଗିବ କିଏ ? ରୋହିଣୀ ଜଣ ଜଣ  କରି ସବୁରାଣୀଙ୍କୁ ପଚାରିଲେ । କିନ୍ତୁ କେହିବି ଜଗିବା ପାଇଁ ରାଜି ହେଲେନି । କାରଣ ସମସ୍ତେ ଗୋପପୁର ରହସ୍ୟ ଶୁଣିବା ପାଇଁ ତତ୍ପର । ତେଣୁ ସବୁ ରାଣୀଏ ଅଳିଅଳୀ ନଣନ୍ଦ ସୁଭଦ୍ରାଙ୍କୁ ଦ୍ୱାରଦେଶ ଜଗିବାପାଇଁ ଅନୁରୋଧ କରିଥିଲେ । ରାଣୀମାନଙ୍କ ପ୍ରସ୍ତାବରେ ସୁଭଦ୍ରା ଆପତ୍ତି କରିନଥିଲେ । ତା'ପରେ ରୋହିଣୀ ବ୍ରଜପୁରୀର ଗହନ ବିଷୟ ସମସ୍ତଙ୍କ ଆଗରେ ଆଲୋଚନା କରିଥିଲେ ।

ବ୍ରଜପୁର ! ଏକ ଅପୂର୍ବ ଶୀହରଣ ଓ ପରିବେଶର ଜ୍ୱଳନ୍ତ ଉଦାହରଣ ଥିଲା । ରୋହିଣୀ ମାତା ବ୍ରଜପୁର ଓ ଦ୍ୱାରିକାପୁରର ତୁଳନାତ୍ମକ ବିବରଣୀ ପରିବେଷଣ କରି କହିଲେ, 'ଶୁଣ ରୁକ୍ମିଣୀ ବ୍ରଜପୁରର ଫଳ, ପୁଷ୍ପ, ଲତା, କୁଞ୍ଜ ସବୁଥିରେ କୃଷ୍ଣଙ୍କ ଆବେଗଭରା ପ୍ରେମାଭାସ ସତତ ପରିପୂର୍ଣ୍ଣ ହୋଇ ରହିଥାଏ । ସେଠାର ଶୁକ, ଶାରୀ ସଭିଏଁ କାକଳୀର ଝଙ୍କାର ଭିତରେ ସତେ ଯେମିତି ଭକ୍ତିର ସହ 'କୃଷ୍ଣ କୃଷ୍ଣ' ନାମକୁ ବାରମ୍ବାର ଉଚ୍ଚାରଣ କରୁଥାନ୍ତି । ଗୋପୀଏ ସର୍ବସ୍ୱ ପରିତ୍ୟାଗ କରି କୃଷ୍ଣ ସେବାରେ ନିଜକୁ ଅହର୍ନିଶି ନିୟୋଜିତ କରିଥାନ୍ତି । ଗୋପବାସୀ କୃଷ୍ଣଙ୍କ ଅଲୌକିକତାକୁ ଭଲଭାବେ ଉପଲବ୍ଧି କରିଥିଲେ । ସେମାନେ କାହ୍ନାକୁ ଗୋପର ରକ୍ଷାକାରୀ ଦେବଦୂତ ସଦୃଶ୍ୟ ମଣୁଥିଲେବି, ଯଶୋଦାଙ୍କ କୋଳରେ ସେ ଜଣେ ସାମାନ୍ୟ ପୁତ୍ରର ଲୀଳା ପ୍ରକଟକରି ମା'ଙ୍କୁ ଅପାର ଆନନ୍ଦ ପ୍ରଦାନ କରୁଥିଲେ । ରାଜା ନନ୍ଦଙ୍କଠାରୁ ଆରମ୍ଭ କରି ବ୍ରଜର ନରନାରୀ ସଭିଏଁ କୃଷ୍ଣଙ୍କ ଆନନ୍ଦ ବିଧାନରେ ମଗ୍ନ ରହି ତାଙ୍କୁ ଗଭୀର ଅନୁରାଗ ପ୍ରଦର୍ଶନ କରୁଥାନ୍ତି । ଜଣାଯାଏ, ସତେ ଯେମିତି ସମଗ୍ର ବ୍ରଜଭୂମି କୃଷ୍ଣଙ୍କ ଅତୁଟ ସେବାରେ ଅଧୀରତା ପ୍ରକାଶ କରି ନିଜର ମୌଳିକ ଧର୍ମ ଅଙ୍ଗୀକାର କରିବାରେ ସବୁବେଳେ ତତ୍ପର ଓ ବ୍ୟଗ୍ର । ଭକ୍ତ ଯେମିତି ଭଗବାନଙ୍କ ସେବାପାଇଁ ବ୍ୟାକୁଳ, ଭଗବାନ ସେମିତି ଭକ୍ତର ସୁରକ୍ଷା ପାଇଁ ଅସ୍ଥିର । ରୁକ୍ମିଣୀ ତୁମେ ଜାଣ, ଦ୍ୱାରିକାରେ କୃଷ୍ଣତ ନିଶ୍ଚିତ ଭାବେ ରାଜାର ସମ୍ମାନରେ

ଉଦ୍‌ଭାସିତ । ହେଲେ ବ୍ରଜଭୂମିର ଐକାନ୍ତିକ ପ୍ରେମ ଓ ଭକ୍ତି ଦ୍ୱାରିକାରେ ତୁମେ କେଉଁଠୁ ପାଇବ କହିଲ ? ଗୋପପୁରର କୁଞ୍ଜଲତା ଓ ଦ୍ୱାରିକାର ରାଜପ୍ରାସାଦ - ଏ ଦୁହିଁଙ୍କ ମଧ୍ୟରେ ଗୋପପୁରର କୁଞ୍ଜ ଲତା ହିଁ ନିବିଡ଼ତାର ତରାଜୁରେ ଅଧିକ ଭାରସାପେକ୍ଷ । ପ୍ରଥମଟି ପ୍ରେମାଶିକ୍ତ ଭକ୍ତିରସରେ ରସାପ୍ଲୁତ ହୋଇଥିବାବେଳେ, ଅନ୍ୟଟି ଅପ୍ରାକୃତ, କୃତ୍ରିମ ପ୍ରେମ ଡୋରିରେ ଅନୁବନ୍ଧିତ ଥିଲାପରି ଅନୁଭୂତ ହୋଇଥାଏ । ଏ ସବୁର ତାତ୍ପର୍ଯ୍ୟକୁ ତୁମେ କ'ଣ ଅସ୍ୱୀକାର କରିପାରିବ, ରୁକ୍ମିଣୀ ।'

ରୋହିଣୀ ଆହୁରି କହିବାକୁ ଲାଗିଲେ, 'ଗୋପପୁରର ଯେଉଁ ସ୍ୱତନ୍ତ୍ର ମହାତ୍ମ୍ୟ ରହିଛି, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଜଗତରେ ଭକ୍ତି ରସକୁ ଅନୁଭବ ଦ୍ୱାରା ହିଁ ଉପଲବ୍ଧ କରାଯାଇପାରିବ । ଥରେ ଭକ୍ତବତ୍ସଳ ନାରଦ ଗୋପପୁରରେ ଅବତୀର୍ଣ୍ଣ ହୋଇ ବାଳକ କୃଷ୍ଣଙ୍କୁ ଦେଖିବା ପରେ ମୋହ ଗ୍ରସ୍ତ ହୋଇ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇ ପଡ଼ିଥିଲେ । କୃଷ୍ଣ ଯେତେବେଳେ ଦ୍ୱାରିକାରେ ଅଛନ୍ତି ଦ୍ୱାରିକାତ ନିଶ୍ଚିତ ଭାବେ ଆକର୍ଷଣୀୟ ହେବ ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଗୋପପୁରର ଆକର୍ଷଣ ଯେ ସବୁଠାରୁ ଅତି ବିଚିତ୍ର, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଏହି ପାବନ ଭୂମିରେ ପରମାତ୍ମା ଜୀବ ପଛରେ ଗୋଡାଇ ଥାନ୍ତି ଜୀବକୁ ମୁକ୍ତି ଦେବାପାଇଁ । ଜୀବ ପରମାତ୍ମାଙ୍କ ପଛରେ ଧାଇଁ ନଥାଏ ।

ଥରେ ନାରଦ ଗୋପପୁରରେ ଅବତୀର୍ଣ୍ଣ ହୋଇ ନନ୍ଦରାଜାଙ୍କ ଅଗଣାରେ ବାଳଗୋପାଳଙ୍କୁ ଦର୍ଶନ କରିଥିଲେ । ସେଦିନ କାହ୍ନା ସକାଳୁ ସକାଳୁ ମା'ଙ୍କ ପଛରେ ଦୌଡ଼ି ମାଖନ ଖାଇବା ପାଇଁ ଭାରି ହଟ କରୁଥାନ୍ତି । ଯଶୋଦା ମାତା ଘର କାର୍ଯ୍ୟରେ ବ୍ୟସ୍ତରହି କୃଷ୍ଣଙ୍କ ଆବଶ୍ୟକତାକୁ ପରିତୃପ୍ତ କରିପାରୁନଥାନ୍ତି । କାହ୍ନା ମା'ଙ୍କ ପଣତକାନି ଧରି କାନ୍ଦି କାନ୍ଦି ଯଶୋଦାଙ୍କ ପଛରେ ଗୋଡାଇ ଥିବାବେଳେ ଯଶୋଦା ନିଜ କାର୍ଯ୍ୟରେ ବ୍ୟସ୍ତ ରହି ଏପଟ ସେପଟ ଘୁରି ବୁଲୁଥାନ୍ତି । ଏତିକିବେଳେ ନାରଦ କୃଷ୍ଣଙ୍କ ଦିବ୍ୟ ସ୍ୱରୂପ ଦର୍ଶନ କରି ନିଜକୁ କୃତ କୃତ ମଣିଥିଲେ । ସେ ଭାବିଥିଲେ, ପରମାତ୍ମାଙ୍କ ଫେରେ ଏମିତିକା ଅବସ୍ଥା ! ଭକ୍ତବତ୍ସଳ ନାରଦ ନିଜ ଚକ୍ଷୁ ଯୁଗଳକୁ ବିଶ୍ୱାସ କରିପାରିନଥିଲେ । ଶେଷରେ ସେ ନିଜର ଭାବୋଶୃଙ୍ଖଳତାକୁ ପରିହାର କରି ଗୋପପୁରର ରହସ୍ୟାଦି ପ୍ରତି ନିଜର ଭକ୍ତିପୂତ ଅଭିବାଦନ ଜଣାଇଥିଲେ । ଗୋପପୁରର ରାସଲୀଳାତ ଆହୁରି ଅଲୌକିକ, ଏହାକୁ ଭାଷାରେ ବର୍ଣ୍ଣନା କରିହେବନି, ରୁକ୍ମିଣୀ । ଏଥିପାଇଁ ଭକ୍ତି ରସାପ୍ଲୁତ ହୃଦୟ ଆବଶ୍ୟକ । କାହୁଁ ମିଳିବ ଏସବୁର ଭାବାନ୍ତର ଦ୍ୱାରିକାପୁରରେ, କହିଲ ? ଏଠି ଯାହା ଦେଖୁଛ ସବୁ ଅପ୍ରାକୃତ, ସବୁକିଛି ଯେମିତି ସ୍ୱାଭାବିକ ରୀତିରେ ଗଡ଼ି ଚାଲିଛି ।

ତୁମେ ଜାଣ ରୁକ୍ମିଣୀ, କୃଷ୍ଣ ଯେତେବେଳେ କଂସ ରାଜାର ବଂଦିଶାଳାରେ ଜନ୍ମ ଗ୍ରହଣ କରିଥିଲା, ବାସୁଦେବ ସେତେବେଳେ କୃଷ୍ଣର ସୁରକ୍ଷା କାମନା କରି ଯଜ୍ଞଟିଏ ସହ ଗୋଦାନ ବିଚାରରେ ଲକ୍ଷେ ଗାଇ ଦାନ କରିବା ପାଇଁ ଗୋଟିଏ ବଡ଼ ସଂକଳ୍ପ କରିଥିଲେ ।

ପରବର୍ତ୍ତୀ ସମୟରେ ନାରଦମୁନି ସେହି କଥାଟିକୁ ମନେପକାଇ ଦେବାରୁ ବାସୁଦେବ ପୂର୍ବ ନିର୍ଦ୍ଧାରିତ ସଂକଳ୍ପ ଅନୁଯାୟୀ ସେହି ଯଜ୍ଞକୁ ଦ୍ୱାରିକାରେ ଆୟୋଜନ କରିଥିଲେ, ଯାହା ତୁମେମାନେ ଭଲଭାବେ ଜାଣିଛ । କିନ୍ତୁ ଏ ଯଜ୍ଞର ଗୁହ୍ୟ କଥାଟିକୁ ଜାଣିବାପାଇଁ ତୁମେ କେତେବେଳେ ସୁଯୋଗ ପାଇନଥିଲ । ଆଜି ତାହା ମୁଁ ତୁମ ଆଗରେ ପ୍ରକାଶ କରୁଛି, ମନ ଦେଇ ଶୁଣ ।

ଯଜ୍ଞର ଆୟୋଜନ କରୁଥାନ୍ତି କଂସଙ୍କ ମାତା ମହାରାଣୀ ପଦ୍ମା । ଦେବକୀ ବସୁଦେବଙ୍କ ପତ୍ନୀ ହେଲେବି ଯଜ୍ଞାନୁଷ୍ଠାନ କାର୍ଯ୍ୟରେ ତାଙ୍କର କୌଣସି ବିଶେଷ ଭୂମିକା ଗ୍ରହଣ କରିବାର ସୁଯୋଗ ନଥିଲା । ସବୁ କାର୍ଯ୍ୟ ମହାରାଣୀ ପଦ୍ମାଙ୍କ ନିର୍ଦ୍ଦେଶରେ ହିଁ ଆୟୋଜିତ ହେଉଥାଏ । ଏଥିପାଇଁ ପଦ୍ମା କେବଳ ଗୋପପୁରକୁ ଛାଡ଼ି ତ୍ରିପୁରର ଅନ୍ୟ ସବୁରାଜ୍ୟକୁ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ ଆବଣ୍ଟନର ଦାୟିତ୍ୱ ଦିଆଯାଇଥିଲା ନାରଦ ମୁନିଙ୍କୁ । ସେ ସର୍ବତ୍ର ବିଚରଣ କରି ପଦ୍ମାଙ୍କ ନିର୍ଦ୍ଦେଶ ମୁତାବକ ନିମନ୍ତ୍ରଣ ପତ୍ର ଆବଣ୍ଟନ କରିଥିଲେ । ତୁମେ ଜାଣ ରୁକ୍ମିଣୀ, ଗୋପପୁରକୁ ସେ କାହିଁକି ନିମନ୍ତ୍ରଣ କରିନଥିଲେ ? ସେଇଟା ବି ଗୋଟିଏ ଗୁମର କଥାଟିଏ । ପ୍ରତ୍ୟକ୍ଷ ଭାବେ ହେଉ ବା ପରୋକ୍ଷ ଭାବେ ହେଉ, ସବୁକିଛି ସେଇ କୃଷ୍ଣଙ୍କ ଇଙ୍ଗିତରେ ହିଁ ସମାହିତ ହେଉଥାଏ । କିନ୍ତୁ ଲୋକ ଦେଖାଣିଆ ଦୃଷ୍ଟିରୁ ଯାହା ଜଣାଯାଉଥିଲା, ପଦ୍ମା ହିଁ ଯଜ୍ଞାନୁଷ୍ଠାନ କାର୍ଯ୍ୟରେ ସବୁକିଛି ଯେମିତି ଚୟନ କରୁଥାନ୍ତି । ଏ ସଂକ୍ରାନ୍ତରେ ଅସଲ ରହସ୍ୟଟିକୁ କେହି ବି ଠଉରେଇ ପାରିନଥିଲେ । କୃଷ୍ଣ ଭଲ ଭାବେ ଜାଣିଥିଲେ ଯେ, ଗୋପପୁରକୁ ନିମନ୍ତ୍ରଣ ନକଲେ ବି ଗୋପର ସମସ୍ତେ ନିଶ୍ଚିତ ଭାବେ ଦ୍ୱାରିକାକୁ ଆସି ଯଜ୍ଞାନୁଷ୍ଠାନରେ ଆନ୍ତରିକ ଭୂମିକା ଗ୍ରହଣ କରିବେ । ଫଳରେ ସେମାନେ ମହାନୁଭାବତା ବିଶେଷ ଭାବେ ପ୍ରକଟିତ ହୋଇପାରିବ ।

ନାରଦ ମୁନି ଘୁରି ଘୁରି ସବୁ ରାଜ୍ୟକୁ ନିମନ୍ତ୍ରଣ କରି ଶେଷରେ ଗୋପପୁରରେ ପହଞ୍ଚି ଥିଲେ । ପରେ ପରେ ସେ ନନ୍ଦରାଜାଙ୍କୁ ଭେଟି ସବୁକଥା ଜଣାଇ ଥିଲେ । ଘଟଣା ଚକ୍ରରେ ସବୁକଥା ଶୁଣି ନନ୍ଦରାଜ ପ୍ରଥମେ ଭାଙ୍ଗି ପଡ଼ିଥିଲେ । ଭାଙ୍ଗି ପଡ଼ିବା ବି ସ୍ୱାଭାବିକ । କାରଣ କୃଷ୍ଣର ଯଜ୍ଞରେ ନନ୍ଦ ଓ ଯଶୋଦାଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଅସମ୍ଭବ । ତାହା କେମିତି ହେବ କଥାଟି ଶୁଣି, ସେ ବାରମ୍ବାର ନିଜକୁ ଧୀକ୍କାର କରୁଥାନ୍ତି । କିନ୍ତୁ ଯଶୋଦାଙ୍କ କୌଣସି ପ୍ରତ୍ୟକ୍ଷ ପ୍ରତିକ୍ରିୟା ହିଁ ନଥିଲା । ଭିତରେ ଭିତରେ ଭାଙ୍ଗି ପଡ଼ିଥିଲେ ବି, ବାହାରକୁ ସେ କୌଣସି କଥା ପ୍ରକାଶ କରୁନଥାନ୍ତି । କଥାଟି ଶୁଣିବା ପରେ ତାଙ୍କର କୌଣସି ଉତ୍ତେଜନା ନଥିଲାକି ଅବସାଦ ବି ନଥିଲା । ମା' ଯେତେବେଳେ, ପୁଅର ସବୁକଥା ଘୋଡାଇ ରଖିବାତ ତାଙ୍କର ପବିତ୍ର ଧର୍ମ । ନାରଦଙ୍କଠାରୁ ଯଜ୍ଞାନୁଷ୍ଠାନ କଥା ଶୁଣି ସେ ବରଂ ଖୁସୀ ଥିବାପରି ବାହାରକୁ ପ୍ରକାଶ କରୁଥାନ୍ତି । ଶେଷରେ ଠିକ୍ ହେଲା ସେମାନେ ବହୁବିଧ ସମ୍ଭାର ନେଇ ଦ୍ୱାରିକାରେ ଯଥାଶୀଘ୍ର ଉପସ୍ଥିତ ରହିବେ । ପରେ ପରେ ନନ୍ଦରାଜାଙ୍କ ସହ ଯଶୋଦା ଗୋପ, ଗୋପୀ, ରାଧାରାଣୀ ଏମିତି

ସଭିଏଁ ଯଥୋଚିତ ଦହି ଦୁଧ ଲବଣୀ, ସର ଇତ୍ୟାଦି ନେଇ ପ୍ରଭାସ କ୍ଷେତ୍ରକୁ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ।

ଅନ୍ୟପକ୍ଷରେ ନାରଦ ଏମାନଙ୍କ ଯାତ୍ରାରମ୍ଭ ପୂର୍ବରୁ ଦ୍ୱାରିକାରେ ପହଞ୍ଚି ସବୁ ତଥ୍ୟ ପଦ୍ମାବତୀଙ୍କୁ ଜଣାଇଥିଲେ । ନାରଦ କହିଲେ ଦେବୀ, ଆପଣ କହିଥିବା ପ୍ରକାରେ ମୁଁ ସବୁ ରାଜ୍ୟକୁ ଯାଇ ଆପଣଙ୍କ ନିମନ୍ତ୍ରଣ ଜଣାଇ ଫେରିଛି । କିନ୍ତୁ ଭୁଲକ୍ରମେ ଆପଣ ଗୋଟିଏ ରାଜ୍ୟକୁ ଆପଣଙ୍କ ନିମନ୍ତ୍ରଣରୁ ବାଦ୍ ଦେଇଥିଲେ । ସେଇ ରାଜ୍ୟଟି ଯମୁନା କୂଳରେ ଅବସ୍ଥିତ । ମୁଁ କିନ୍ତୁ ସେଠାକୁ ଯାଇ ଆପଣଙ୍କ ନିମନ୍ତ୍ରଣ ଜଣାଇ ଦେଇଛି । ଏହା ଶୁଣି ଆପଣ ନିଶ୍ଚିତ ଭାବେ ଖୁସି ହେବେନା ?

ମୁନିବର ନାରଦଙ୍କ କଥା ଶୁଣି ପଦ୍ମାଙ୍କ ହଂସା ଭିଡ଼ିଯାଇଥିଲା । ସେତ ଗୋପପୁରକୁ ନିମନ୍ତ୍ରଣ କରିବା ପାଇଁ ଆଦୌ ଇଚ୍ଛା କରିନଥିଲେ । ପଦ୍ମା କହିଲେ, ହେ ମୁନି ନାରଦ, ତୁମେ ଗୋପପୁରକୁ ନିମନ୍ତ୍ରଣ କରି ମୋତେ ଗଭୀର ଉତ୍ତେଜନା ଭିତରକୁ ଠେଲି ଦେଇଛ । ତୁମେ ସେ ସ୍ଥାନକୁ କାହିଁକି ଗଲ, କହିଲ ? ସବୁ ପଣ୍ଡ ହୋଇଗଲା, ମୁଁ ଗୋପପୁରକୁ ନିମନ୍ତ୍ରଣ କରିବା ପାଇଁ ଆଦୌ ଇଚ୍ଛା କରିନଥିଲି । ଗୋପପୁର ଓ ସେଠାର ଶାସକ ନନ୍ଦରାଜାଙ୍କୁ ତୁମେ କ'ଣ ଜାଣିନ, ନାରଦ ?

ନାରଦ ପଦ୍ମାଦେବୀଙ୍କ ନିଷ୍ଠୁରତା ଦେଖି କହିଲେ, ମା' ମୁଁ କ'ଣ ଜାଣିଥିଲି ସେଇଟା ଗୋପପୁର ବୋଲି ? ଜାଣିଥିଲେ କ'ଣ ମୁଁ ସେଠାକୁ ଯାଇଥାନ୍ତି ? ସେ ଯାହାହେଉ, ବର୍ତ୍ତମାନ ସେମାନେ ଆସିଯିବେ ଯେତେବେଳେ, ଆମେ କ'ଣ କରିବା, କହିଲେ ?

ପଦ୍ମାଙ୍କ କ୍ରୋଧଦେଖି ଦେବକୀ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ମାତା, ଯଜ୍ଞ ସ୍ଥଳରେ ଶହ ଶହ ପ୍ରହରୀ ରହିଥିବେ ତା'ଛଡ଼ା, ଆମେ ଯଦି ପ୍ରହରୀମାନଙ୍କୁ ସତର୍କ କରେଇଦେବା, ଗୋପପୁରର କେହିବି ଯଜ୍ଞ ସ୍ଥଳରେ ପହଞ୍ଚି ପାରିବେନି । ପଦ୍ମା ଶେଷରେ ଶାନ୍ତ ହୋଇଯାଇଥିଲେ ।

ଏଣେ ନନ୍ଦରାଜା ସେମାନଙ୍କ ପ୍ରଜାଗଣଙ୍କୁ ଧରି ଦ୍ୱାରିକାଭିମୁଖେ ଯାତ୍ରା କରୁଥାନ୍ତି । ବହୁଦିନ ପରେ ସେମାନେ କୃଷ୍ଣଙ୍କୁ ଦେଖିବେ । ଆଧିକ୍ୟ କ୍ଲାନ୍ତ ସତ୍ତ୍ୱେ ସେମାନଙ୍କ ଉତ୍ସାହ ଉଦ୍ଦିପନାରେ ସାମାନ୍ୟତମ ପରିବର୍ତ୍ତନ ଦେଖା ଦେଇନଥିଲା । ବରଂ ସେମାନେ ମହାନନ୍ଦ ତରଙ୍ଗରେ ଭାସୁଥାନ୍ତି ଶେଷରେ ସେମାନେ ଯଜ୍ଞସ୍ଥଳର ଦ୍ୱାର ଦେଶରେ ପହଞ୍ଚିଥିଲେ । ସେମାନଙ୍କୁ ଦେଖି ପଦ୍ମାଦେବୀ ଅନେକ କୁବାକ୍ୟ ପ୍ରୟୋଗ କରିବାକୁ ଲାଗିଲେ । ପଦ୍ମାଙ୍କ ମୁଖରୁ ଏମିତି ବିରସ ବାଣୀ ଶୁଣି ଯଶୋମତି କାଠ ପିତୁଳା ସଦୃଶ୍ୟ ଠିଆ ହୋଇ ରହିଥାନ୍ତି । ନନ୍ଦରାଜାଙ୍କ ସହ ଗୋପବାସୀଏ ବି ଦୁଃଖରେ କାତର ହେବା ସ୍ୱାଭାବିକ । ଗୋପବାସୀମାନଙ୍କର ଏପରି ବିପଦ ଅବସ୍ଥାରେ ଦେବକୀ ଆଶାର ବାଣୀ ସଂଚାର କରିଥିଲେ । ପଦ୍ମାଙ୍କୁ ଦେବକୀ କହିଲେ, 'ମାତା, ଯେତେହେଲେବି ସେମାନେ ଆମର ଅତିଥି । ଠିକ୍ ହେଉ ବା ଭୁଲ୍ ହେଉ, ନାରଦ ସେମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ଅତିଥିକୁ ଅସନ୍ତୁଷ୍ଟ କରିବା ଆଦୌ ଉଚିତ ନୁହଁ । କାରଣ ଅତିଥିର ଅସନ୍ତୋଷରେ ସବୁ କିଛି ଅମଙ୍ଗଳ ହୋଇଥାଏ । ଏହା ତୁମକୁ ଭଲ ଭାବରେ ଜଣା । ତା'ଛଡ଼ା ଗୋପବାସୀଏ ଅତି ସରଳ । ଦେଖନ୍ତୁତ, କେମିତି ସବୁ ସହ୍ୟ କରିଛନ୍ତି । କୃଷ୍ଣ ଏଠାକୁ ଆସିଗଲେ, ସେମାନେ ଯଜ୍ଞସ୍ଥଳକୁ ଯିବାକୁ ଆଦୌ ଇଚ୍ଛା କରିବେନି ।'

ଦେବକୀର କଥାଗୁଡ଼ାକ ପଦ୍ମାଙ୍କ ମନକୁ ବେଶ ପାଇଥିଲା, ତା'ପରେ ପଦ୍ମା କୃଷ୍ଣଙ୍କୁ ସେଠାକୁ ଡାକିବା ପାଇଁ ନାରଦଙ୍କୁ ଅନୁରୋଧ କରିଥିଲେ । ନାରଦ ଏହା ହିଁ ଚାହୁଁଥିଲେ । ନାରଦ ମହାରାଣୀ ପଦ୍ମାଙ୍କୁ କହିଲେ, ମାତା ତାହା କେବେ ସମ୍ଭବପର । ମୁଁ କେମିତି କୃଷ୍ଣଙ୍କୁ ଉଚ୍ଚସ୍ୱରରେ ଡାକିବି ? ମୁ ତ ମୁନି ଗୋଷ୍ଠୀର ଜଣେ ସଦସ୍ୟ । ଏଣେ ଯଜ୍ଞ ଚାଲିଛି, ଅନେକ ସାଧୁ, ସନ୍ଥ ଉପସ୍ଥିତ ଅଛନ୍ତି । ମୁଁ ଡାକିଲେ କଥାଟା ସୁନ୍ଦର ହେବନି । ଯେତେ ହେଲେ ସେ ମୋର ପ୍ରଭୁ । ତାକୁ କେମିତି ଏଠାରୁ ଉଚ୍ଚସ୍ୱରରେ ଡାକିବି କହିଲେ ? ପଦ୍ମାବି ଏଥିରେ ରାଜି ହେବା ପାଇଁ ବାଧ ହୋଇଥିଲେ, ଅନ୍ୟ କୌଣସି ଉପାୟ ନପାଇ ଶେଷରେ ସେ ଦେବକୀଙ୍କୁ କହିଲେ, ଶୁଣ ଦେବକୀ, ତୁମେ ଡାକିବାରେ କିଛି ଅସୁବିଧା ନାହିଁ । ତୁମେ ତା'ର ମା' । ତୁମେ ଡାକ । ଶେଷରେ ଦେବକୀ କୃଷ୍ଣଙ୍କୁ ଉଚ୍ଚସ୍ୱରରେ ଡାକିଥିଲେ କିନ୍ତୁ କିଛି ଫଳ ହେଲାନି । କୃଷ୍ଣ ଦେବକୀଙ୍କ ଡାକ ଶୁଣି ପାରିନଥିଲେ । ନାରଦ ମୁନି ତା'ପରେ ଦେବୀ ପଦ୍ମାଙ୍କୁ କହିଲେ, ଦେବକୀଙ୍କ ଡାକ କୃଷ୍ଣଙ୍କ କର୍ଣ୍ଣଗୋଚର ହେଲାନି । କ'ଣ କରିବା ବର୍ତ୍ତମାନ ? ପଦ୍ମା କିଂକର୍ତ୍ତବ୍ୟ ବିମୂଢ଼ । ଏଇ ସୁଯୋଗର ଫାଇଦା ନେଇ ନାରଦ ଯଶୋମତିଙ୍କ ଆଡ଼କୁ ଚାହିଁଥିଲେ । ଯଶୋମତି ସେମିତି ଉତ୍କଣ୍ଠାର ସହ ଠିଆ ହୋଇଥାନ୍ତି । ସେ ଯଶୋମତିଙ୍କୁ ଚାହିଁ କହିଲେ, 'ମାତେ, ତୁମେବି କାହ୍ନୁଙ୍କ ପାଇଁ କାନ୍ଦୁଥିଲ ନା ? ତୁମେ ଏଥର ଡାକ ।' ଦେବକୀ ଯଶୋଦାଙ୍କୁ ଅନୁରୋଧ କରିଥିଲେ, 'ନାନୀ ତୁମେ ଥରେ ଡାକ ଦିଅତ ! କାଳେ ତୁମ ଡାକରେ କାହ୍ନା ଆସିଯିବ ।'

ବର୍ତ୍ତମାନ ରୋହିଣୀଙ୍କ ଆଖିରେ ଲୁହ ଆସି ଯାଇଥିଲା । ରୁକ୍ମିଣୀଙ୍କ ସହ ଅନ୍ୟ ରାଣୀମାନେବି ଉତ୍କଣ୍ଠାର ସହ ରୁକ୍ମିଣୀଙ୍କୁ ଚାହିଁ ରହିଥାନ୍ତି । ପ୍ରକୃତରେ ମା' କିଏ ? ଯଶୋଦା ନା ଦେବକୀ ? ସବୁ ପ୍ରଭୁଙ୍କ ମାୟାରେ ସଂଘଟିତ ହେଉଥାଏ । ଦେବକୀ ଓ ନାରଦକୁ କିଛି ଅଛପା ନଥିଲା ।

ଏଣେ ବ୍ରଜବାସୀଙ୍କ ମନରେ ମହାନନ୍ଦର ଢେଉ ଖେଳିଯାଇଥାଏ । ସେମାନେ ଭାବୁଥାନ୍ତି । ଯଶୋଦାଙ୍କ ଡାକଶୁଣି କୃଷ୍ଣ ନିଶ୍ଚିତ ଭାବେ ସେଠାକୁ ଦୌଡ଼ି ଆସିବେ । ତା'ପରେ ନନ୍ଦରାଣୀ ଡାକ ପକେଇଥିଲେ । 'କାହ୍ନୁ, ଏ କାହ୍ନୁ, ତୁ କେଉଁଠି ଅଛୁ ଚଞ୍ଚଳ ଏଠାକୁ ଆସିଯା । ତୋ' ମା' ଯଶୋମତି ତୋତେ ଡାକୁଛି ।' ନାରଦ ମନେ ମନେ ନାରାୟଣ, ନାରାୟଣ କହି ପ୍ରଭୁଙ୍କୁ ଆବାହନ କରୁଥାନ୍ତି । ଗୋପୀଏ ଭକ୍ତିର ସହ କୃଷ୍ଣଙ୍କୁ ଧ୍ୟାନ କରୁଥାନ୍ତି । ନନ୍ଦରାଜ ଉତ୍କଣ୍ଠାର ସହ 'କାହ୍ନା କାହ୍ନା' କହି ମନ ଭିତରେ କୃଷ୍ଣଙ୍କୁ ସ୍ମରଣ କରୁଥାନ୍ତି । ଏତେ ଲୋକଙ୍କ କରୁଣ ଡାକ, କୃଷ୍ଣ କେମିତିବା ନଶୁଣିବେ ।

ଶେଷରେ 'କାହ୍ନା' ଡାକ ପ୍ରଭୁଙ୍କ କର୍ଣ୍ଣଗୋଚର ହୋଇଥିଲା । ସେ ମନକୁ ମନ କହିଲେ, 'ଏତ ମୋ ମା'ଙ୍କ କରୁଣ ସ୍ୱର ।' କୁଶାଦି ଯଜ୍ଞୋପକରଣ ଦୂରକୁ ଠେଲି ଦେଇ ମା' ମା' କହି ଏକ କ୍ଷୁଦାର୍ତ୍ତ ଗୋବତ୍ସ ସଦୃଶ ସେ ଯଜ୍ଞସ୍ଥଳରୁ ଚାଲି ଆସିଥିଲେ । ଦେଖିଲେ, ବାହାରେ ଯଶୋଦା ଠିଆ ହୋଇଛନ୍ତି । ସେ ଦୌଡ଼ି ଆସି ଯଶୋଦାଙ୍କ କୋଳରେ ଲୋଟି ପଡ଼ିଥିଲେ । ତା'ପରେ ମା', ପୁଅର ଅପୂର୍ବ ମିଳନ ଘଟିଥିଲା । ଯଜ୍ଞସ୍ଥଳ ସ୍ତବ୍ଧ ହୋଇଯାଇଥିଲା । ସମସ୍ତେ ସେହି ଅପୂର୍ବ ମିଳନକୁ ଅନୁଭବ କରୁଥାନ୍ତି । ଏଇ ଅବସ୍ଥାକୁ ହିଁ 'ମହାଭାବ'ର ନିର୍ମଳ ପ୍ରତିଫଳନ କୁହାଯାଏ । ସଭିଏଁ ସେହି ମହାଭାବରେ ଦ୍ରବିଭୂତ ହୋଇଯାଇଥିଲେ ।

ସେତେବେଳକୁ କୃଷ୍ଣ ଯଶୋଦାଙ୍କୁ ଟାଣି ନେଇ ଦେବକୀଙ୍କ ପାଖରେ ପହଞ୍ଚିଥିଲେ । ତା'ପରେ ସେ ଉଭୟଙ୍କୁ ବାହୁ ଯୁଗଳ ଭିତରେ କୋଳାଗ୍ରତ କରିଥାନ୍ତି । ଚକ୍ଷୁ ଯୁଗଳରୁ ଲୋତକର ମନ୍ଦାକିନୀ ବୋହି ଚାଲିଥାଏ ।

ତା'ପରେ ରୋହିଣୀ ଆଉ କିଛି ବର୍ଣ୍ଣନା କରି ପାରିନଥିଲେ । ରାଣୀମାନଙ୍କ ଚକ୍ଷୁବି ଲୁହରେ ଛଳ, ଛଳ ହୋଇଯାଇଥିଲା । ସମସ୍ତେ ଏକ ଦିବ୍ୟ ଆବେଗ ଭିତରେ ଆତ୍ମହରା ହୋଇପଡ଼ିଥିଲେ । ଏହି ଉଚ୍ଛ୍ୱାସମୟ ପରିବେଶକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହଁ । ଏଥିପାଇଁ ମହାଭାବର ଲେଖନୀ ଆବଶ୍ୟକ ହୋଇଥାଏ । ଏହାକୁ ହିଁ ମହାଭାବର ପରାକାଷ୍ଠା କୁହାଯାଏ । ଯଦି ଏହାକୁ ମହାଭାବ କୁହାଯିବ, ତେବେ ଶ୍ରୀମହାଭାବ ଫେରେ କ'ଣ ? ଯାହା ତ୍ରିମୂର୍ତ୍ତିଙ୍କ ଭିତରେ ପ୍ରତିଫଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ 'ଶ୍ରୀମହାଭାବ'ର ପରାକାଷ୍ଠାକୁ ବିଚାର କରିବା ।

ହଁ, ଏତିକିବେଳେ ନାରଦ ମାତ୍ର ତତ୍ତ୍ୱର ସ୍ପଷ୍ଟିକରଣ ଦେବାକୁ ଯାଇ ଉଚ୍ଚସ୍ୱରରେ କହିଥିଲେ, 'ନାରାୟଣ, ନାରାୟଣ ପ୍ରଭୁ, ମୋର ଗୋଟିଏ ଛୋଟିଆ ନିବେଦନ ରହିଛି । ବର୍ତ୍ତମାନର ଅବସ୍ଥା ଯାହା, ଆପଣ ଦୁଇମାତାଙ୍କର ପୁତ୍ର ହୋଇଗଲେ । କିନ୍ତୁ ସାମାଜିକ ରୀତିର ଚଳନୀରେ ଦୁଇ ମାତାଙ୍କ ଗୋଟିଏ ପୁତ୍ରତ କେବେହେଁ ସମ୍ଭବପର ନୁହଁ । ମୁଁ କିଛି ବୁଝିପାରୁନି, ପ୍ରଭୁ ! ବାସ୍ତବରେ ଆପଣ କାହାର ପୁଅ । ଦୟାକରି ସ୍ପଷ୍ଟୀକରଣ କରନ୍ତୁ ।' ସେଦିନ ଭଗବାନ ବିଷମାବସ୍ଥାରେ ପଡ଼ିଯାଇଥିଲେ । ଭଗବାନ ଇଙ୍ଗିତର ସହ ନାରଦଙ୍କୁ କହିଲେ, 'ଶୁଣ ନାରଦ, ତୁମେତ ତ୍ରିକାଳଜ୍ଞ । ଏହାର ସ୍ପଷ୍ଟୀକରଣ ପାଇଁ ତୁମେ ହିଁ ଏକମାତ୍ର ଯୋଗ୍ୟ ମାଧ୍ୟମ । ମୋର ଏଥିରେ କିଛି କହିବାର ନାହିଁ ।'

ନାରଦ ଶେଷରେ କହିଲେ, 'ପ୍ରଭୁ, ଆପଣ ଯେତେବେଳେ ମୋତେ ଏ ଦାୟିତ୍ୱ ଅର୍ପଣ କରିଛନ୍ତି । ତେବେ ମୋ' ମନକୁ ଯାହା ଆସୁଛି ମୁଁ ତାହା ହିଁ କରିବି । ମୋର ନିଷ୍ପତ୍ତି ମୁତାବକ ଆପଣଙ୍କ ନାମ ସ୍ମରଣ କରିବା ପରେ ଯାହାର ସ୍ତନ ଯୁଗଳରୁ ଦୁଗ୍ଧର ମନ୍ଦାକିନୀ କ୍ଷରିତ ହେବ, ସେ ହିଁ ଆପଣଙ୍କ ମାତା ବୋଲାଇବେ' ଏହା ଶୁଣିବା ମାତ୍ରେ ଯଶୋଦାଙ୍କ ସ୍ତନ ଯୁଗଳରୁ ଦୁଗ୍ଧ କ୍ଷରିତ ହୋଇଥିଲା । ଏହା ଦେଖି ସଭିଏଁ ଅବାକ୍ । ନନ୍ଦରାଣୀଙ୍କ ବାତ୍ସଲ୍ୟ ଭାବ ସେଦିନ ତା'ର ସୀମା ଟପି ଯାଇଥିଲା । 'ଯଶୋଦା ମାଇଙ୍କ ଜୟ, ନନ୍ଦଲାଲଙ୍କ ଜୟ' ଧ୍ୱନିରେ ସେଦିନ ଗଗନ, ପବନ ପ୍ରକମ୍ପିତ ହୋଇଉଠିଥିଲା ।

ରୋହିଣୀ ଆଉ ଆଗକୁ ଆଗେଇ ପାରିନଥିଲେ । ରାଣୀଏ ମୂର୍ଚ୍ଛାଗତ ପ୍ରାୟ ଜଣାଯାଉଥିଲେ । ଅନ୍ୟ ଯେଉଁମାନେ ଗୋପକଥା ଶୁଣୁଥିଲେ, ସଭିଏଁ ପ୍ରାୟ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଏତିକିବେଳେ ଯଶୋଦା ମା' ଓ ନନ୍ଦରାଜାଙ୍କ ଜୟଧ୍ୱନୀ ଶୁଣି ରାମ ଓ କୃଷ୍ଣ ଦ୍ୱାରଦେଶରେ ଉପସ୍ଥିତ ରହି ବ୍ରଜକଥା ଶୁଣିବାରେ ବିଭୋର ଜଣାଯାଉଥିଲେ । ସୁଭଦ୍ରା ପୂର୍ବବତ୍ ଦୁଇପାର୍ଶ୍ୱକୁ ହସ୍ତ ପ୍ରସାରଣ କରି କାଷ୍ଠବତ୍ ଦଣ୍ଡାୟମାନ ହୋଇଥାନ୍ତି । ଭକ୍ତର ମହିମା, ଭକ୍ତିର ମହିମା, ଧାମର ମହିମା ଓ ଭକ୍ତି ରସର ମହିମା ଶ୍ରବଣ କରି ରାମ ଓ କୃଷ୍ଣଙ୍କ ଭିତରେ ମହାପ୍ରେମ ଭାବ ଜାଗ୍ରତ ହୋଇଥିଲା । ସେମାନଙ୍କ ଚକ୍ଷୁ ସମୂହ ସୁଦର୍ଶନଙ୍କ ସହ ମଣ୍ଡଳାକୃତିରେ ବିସ୍ତାରିତ ହୋଇ ସଂକୁଚିତ ଗୌରବରେ ଅବଗାହନ କରୁଥିଲେ । ସୁଭଦ୍ରାଙ୍କ ହସ୍ତ ଯୁଗଳ ବାହାରକୁ ଦୃଶ୍ୟମାନ ହେଉନଥିଲା । ବୈଷ୍ଣବ ସାଧୁମାନଙ୍କ ମତରେ ଏହି ଭାବକୁ ହିଁ 'ଶ୍ରୀମହାଭାବାବସ୍ଥା' କୁହାଯାଏ । ଏହା ହିଁ ବର୍ତ୍ତମାନ ଶ୍ରୀବଳଦେବ, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହରେ ପ୍ରତିଫଳିତ ହୋଇଛି ।

ଏତିକିବେଳେ ନାରଦମୁନି ସେଠାରେ ପହଞ୍ଚିଥିଲେ । ସେଦିନର ଅପରୂପ ଦର୍ଶନ କରି ସେ ମହାନନ୍ଦରେ କହିଥିଲେ, ପ୍ରଭୁ, ବହୁ ଯୁଗରେ ଆପଣଙ୍କ ବହୁରୂପ ଦର୍ଶନ କରିଛି, ହେଲେ ଆଜିର ଏ ଅପରୂପ ବାସ୍ତବରେ ଅଦ୍ୱିତୀୟ । ପ୍ରଭୁ, ଆପଣଙ୍କ ଚରଣ କମଳରେ ମୋର ବିନୀତ ପ୍ରାର୍ଥନା, ଆପଣ ଏହି ପତିତପାବନ ରୂପକୁ ନେଇ ଶ୍ରୀକ୍ଷେତ୍ରରେ ବିରାଜମାନ କରନ୍ତୁ । ଶ୍ରୀକୃଷ୍ଣ 'ତଥାସ୍ତୁ' କହି ସେଦିନ ସମସ୍ତଙ୍କୁ ପ୍ରୀତ କରିଥିଲେ ।

ଭଗବାନଙ୍କ ଏହି ନିତ୍ୟ ଲୀଳାକୁ ଆମେ ଆଜି ରତ୍ନବେଦୀ ଉପରେ ଦର୍ଶନ କରୁଛେ, ସୁତରାଂ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମହାଭାବ ଅବସ୍ଥା ହିଁ ଶ୍ରୀଜଗନ୍ନାଥ ଅଟନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ହିଁ ଶ୍ରୀଜଗନ୍ନାଥଙ୍କ ଲୀଳା ।

ଶ୍ରୀମାନ ଗୌରାଙ୍ଗ ମହାପ୍ରଭୁଙ୍କ ଅତିପ୍ରିୟ ପାର୍ଷଦ ଶ୍ରୀପାଦ କହ୍ନେଇ ଖୁଣ୍ଟିଆ ମହାଶୟ ତାଙ୍କ ଗ୍ରନ୍ଥ 'ଶ୍ରୀଜଗନ୍ନାଥ ମହାଭାବ'ରେ ଏହି 'ଶ୍ରୀମହାଭାବ'ର ଅପୂର୍ବ ପରାକାଷ୍ଠାକୁ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି । ଏଣୁ କଳିଯୁଗରେ ଆମେ ବଳଦେବ, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଅପାଦପାଣୀ ରୂପରେ ଦର୍ଶନ କରୁଛେ । ଏହା ବୈଷ୍ଣବ ଧର୍ମାବଲମ୍ବୀଙ୍କ ନିଛକ ଐକାନ୍ତିକ ମତ ।

ସି-୮୦
ପଳାସପଲ୍ଲୀ, ଭୁବନେଶ୍ୱର

# ସନ୍ଥକବି ହାଡ଼ିଦାସଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ

ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା



ସାଧୁସନ୍ଥମାନେ ଏ ଧରାଧାମରେ ଭିନ୍ନ ଭିନ୍ନ ସମୟରେ ଆବିର୍ଭାବ ହୋଇ ନିଜର ସାଧନା ଓ ସିଦ୍ଧି ଦ୍ୱାରା ଉପଲବ୍ଧି କରିଥିବା ଆଧ୍ୟାତ୍ମିକ ଚେତନାକୁ ଜନସମାଜରେ ବିତରଣ କରିଥାନ୍ତି । ଏହି ପରମ୍ପରାରେ ଓଡ଼ିଶା ମାଟିରେ ବହୁ ସାଧୁସନ୍ଥଙ୍କର ଆବିର୍ଭାବ ହୋଇଛି । ସେମାନଙ୍କ ମଧ୍ୟରୁ ହାଡ଼ିଦାସ ଥିଲେ ଅନ୍ୟତମ । ଆମେ ହାଡ଼ିଦାସ ନାମଧାରୀ ଦୁଇଜଣ ସନ୍ଥକବିଙ୍କୁ ଓଡ଼ିଶା ମାଟିରେ ଦେଖିବାକୁ ପାଇଥାଉ । ପ୍ରଥମ ବ୍ୟକ୍ତି ଜଣକ ଥିଲେ ଅଷ୍ଟାଦଶ ଶତାବ୍ଦୀର ସାଧକ ଏବଂ ଦ୍ୱିତୀୟ ହାଡ଼ିଦାସ ଥିଲେ ବିଂଶ ଶତାବ୍ଦୀର ଆଦ୍ୟ ପାଦର ସାଧକ । ପ୍ରଥମ ହାଡ଼ିଦାସଙ୍କ ସାଧନାପୀଠ ଆଜିର ପ୍ରସିଦ୍ଧ ଛତିଆବଟ । ସେ ଥିଲେ ଜାତିରେ କମାର । ଦ୍ୱିତୀୟ ହାଡ଼ିଦାସଙ୍କ ସାଧନାପୀଠ ହେଉଛି କଟକ ଜିଲ୍ଲାର ଟାଙ୍ଗୀ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥ ସିଦ୍ଧଗିରି ପାହାଡ଼ । ଏହାଙ୍କର ଜନ୍ମସ୍ଥାନ ଗୋବିନ୍ଦପୁର ଗ୍ରାମରେ ଏବଂ ସେ ଜାତିରେ ଥିଲେ ତନ୍ତୀ । ପରମହଂସ ଅଭିରାମ ଦାସ ତୀର୍ଥାଟନ ଅବସରରେ ବହୁଦିନ ଏହି ସିଦ୍ଧଗିରି ପାହାଡ଼ରେ ରହି ହାଡ଼ିଦାସଙ୍କୁ ଗୁରୁ ରୂପେ ଗ୍ରହଣ କରିଥିବା କଥା ତାଙ୍କ ଜୀବନରୁ ଜଣାଯାଏ । ଏହି ସାଧୁ ନିଜର ସାଧନା ବଳରେ ଅଲୌକିକ ପ୍ରତିଭାର ଅଧିକାରୀ ଥିବା ଏବଂ ସିଦ୍ଧିଲାଭ କରି ଅସୀମ ବିଭୂତି ଲାଭ କରିଥିବା କଥା ଶୁଣା ଯାଇଥାଏ । ସେ ଜ୍ଞାନ ମିଶ୍ରା ଭକ୍ତିର ଉପାସକ ଏବଂ ପଞ୍ଚସଖାଙ୍କର ଅନୁଗାମୀ ଥିଲେ । ଦ୍ୱିତୀୟ ହାଡ଼ିଦାସ ପ୍ରଥମ ହାଡ଼ିଦାସଙ୍କର ଅନୁଗାମୀ ଥିଲେ । ସିଦ୍ଧଗିରି ପାହାଡ଼ରେ ତାଙ୍କର ସମାଧି ରହିଅଛି । ବର୍ତ୍ତମାନ ଆମର ଆଲୋଚ୍ୟ ସନ୍ଥ ହେଉଛନ୍ତି ପ୍ରଥମ ହାଡ଼ିଦାସ ।

ହାଡ଼ିଦାସଙ୍କ ଆବିର୍ଭାବ ସମୟ ହେଉଛି ଓଡ଼ିଶାର ଏକ ଦୁର୍ଦ୍ଦିନର ସମୟ । ମରହଟ୍ଟାମାନଙ୍କ ଶାସନରେ ସାମାଜିକ ଜୀବନ ବିପର୍ଯ୍ୟସ୍ତ, ସାଧାରଣ ଜନତା ନିଷ୍ପେଷିତ ଓ ଅତ୍ୟାଚାରିତ । ସାଂସ୍କୃତିକ ମର୍ଯ୍ୟାଦା ମଧ୍ୟ ଅବଲୁଣ୍ଠିତ । ଏହିଭଳି ଏକ ସଂକଟଜନକ ସନ୍ଧିକ୍ଷଣରେ ଅର୍ଥାତ୍ ୧୭୭୨ ଖ୍ରୀଷ୍ଟାବ୍ଦ ପବିତ୍ର ମକର ସଂକ୍ରାନ୍ତି ଦିନ ପ୍ରତ୍ୟୁଷରୁ ପିତା ଚେମେଇ ଓଝା ଓ ମାତା ଦେବକୀଙ୍କ କୋଳମଣ୍ଡନ କରିଥିଲେ ହାଡ଼ିଦାସ । ପିତା ଥିଲେ ଶୁଦ୍ର କୁଳର । ଜାତିରେ ଥିଲେ କମାର । ଚେମେଇଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିଲା । ନିଜର କୌଳିକ ବୃତ୍ତି କମାରଶାଳର ହାଡ଼ଭଙ୍ଗା ପରିଶ୍ରମରୁ ଯାହା ପାଉଥିଲେ ସେଥିରେ ବହୁ କଷ୍ଟରେ ପରିବାରର ଭରଣପୋଷଣ କରୁଥିଲେ । ଏପରିକି ଭଲ ଲୁଗା ଖଣ୍ଡେ ପିନ୍ଧିବା ମଧ୍ୟ ତାଙ୍କ ଭାଗ୍ୟରେ ଯୁଟୁ ନଥିଲା । ଏହିଭଳି ଏକ ଦରିଦ୍ର ପରିବାରରେ ହାଡ଼ିଦାସ ଜନ୍ମଗ୍ରହଣ କରିଥିଲେ । ଅବିଭକ୍ତ କଟକ ଜିଲ୍ଲା ଅଧୁନା ଯାଜପୁର ଜିଲ୍ଲାର ଛତିଆ ନିକଟବର୍ତ୍ତୀ ଚମ୍ପାପୁର ଗ୍ରାମ ଥିଲା ହାଡ଼ିଦାସଙ୍କ ଜନ୍ମସ୍ଥାନ । ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତ ହୋଇ ବାଲ୍ୟଜୀବନ ଅତିବାହିତ କରିସାରିବା ପରେ ଗାଁ ଚାଟଶାଳୀରେ ଅଧ୍ୟୟନ କଲେ ହାଡ଼ିଦାସ । ବହୁତ ଦିନ ପଢ଼ିବାର ସୁଯୋଗରୁ ବଞ୍ଚିତ କଲା ତାଙ୍କୁ ତାଙ୍କ ପରିବାରର ଅବସ୍ଥା । କୌଳିକ ବୃତ୍ତିରେ ପିତାଙ୍କୁ ସାହାଯ୍ୟ କଲେ ସେ । ପିଲାଟି ଦିନରୁ କିନ୍ତୁ ବିଭୁ ଚିନ୍ତାରେ ସେ ମନକୁ ନିୟୋଜିତ କରୁଥିଲେ । ତାଙ୍କର ଚାଲିଚଳନ, ଚିନ୍ତା ଓ ଚେତନାରେ ଆଧ୍ୟାତ୍ମିକ ଭାବଧାରା ପରିଲକ୍ଷିତ ହେଉଥିଲା । କୈଶୋର ଜୀବନରେ ପିତାମାତା ଓ ଭଗ୍ନୀର ମୃତ୍ୟୁ ଘଟିବାରୁ ଏବଂ ନିଜର ଜୀବିକାର୍ଜନରେ ଅସୁବିଧା ଉପୁଜିବାରୁ ଚମ୍ପାପୁରରୁଆସି ଛତିଆ ଗ୍ରାମରେ ବାସ କଲେ । ଛତିଆରେ ରହିବା ସମୟରେ ତାଙ୍କର ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା । କିନ୍ତୁ ସ୍ତ୍ରୀର ଦେହାନ୍ତ ପରେ ୩୦ ବର୍ଷ ବୟସରେ ପୁଣି ନିଜର ଜନ୍ମସ୍ଥାନ ଚମ୍ପାପୁରର ନିବାସୀ ଦାମୋଦର ମହାରଣାଙ୍କ ଝିଅ ପଦ୍ମାବତୀଙ୍କୁ ବିବାହ କଲେ । ସାଂସାରିକ ଜୀବନରେ ଅଭାବ ଅନାଟନ ତାଙ୍କର ସହଚର ଥିଲା । କିଛି ଦିନ ପରେ ଅଭାବ ଅନାଟନର ତାଡ଼ନାରେ ସ୍ତ୍ରୀ ପଦ୍ମାବତୀ ତାଙ୍କୁ ପରିତ୍ୟାଗ କଲେ । ଏହିଭଳି ଏକ ଦୁର୍ବିସହ ଜୀବନ ନେଇ ସେ କାଳାତିପାତ କରୁଥିଲେ । ଦୁଃଖଦୁର୍ଦ୍ଦଶା ମଧ୍ୟରେ ମଧ୍ୟ ସେ ଭଗବତ୍ ଚିନ୍ତାରୁ ନିବୃତ୍ତ ହେଉନଥିଲେ । ଈଶ୍ୱରଙ୍କ ଅନୁଗ୍ରହ ଓ ଦିବ୍ୟ ପ୍ରେରଣା

ଲାଭ କରି ସେ ନିଜର ସାଧନା ଆରମ୍ଭ କଲେ । ଏହି ସମୟରେ ଶ୍ରୀକ୍ଷେତ୍ର ନିବାସୀ ମନ୍ତରାମ ନାମଧାରୀ ଜଣେ ପଶ୍ଚିମା ସନ୍ନ୍ୟାସୀଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହି ଦୀକ୍ଷା ଗ୍ରହଣ ପରେ କୁଳ ସଂଜ୍ଞା ଓଝା ପରିବର୍ତ୍ତେ ଦାସ ରଖିଲେ । ସାଧନା ବଳରେ ବହୁ ବିଭୂତିର ଅଧିକାରୀ ହୋଇପାରିଥିଲେ । ଆଜୀବନ ରୋଗଗ୍ରସ୍ତ ହୋଇ ମଧ୍ୟ ନିଜର ସାଧନା ଦ୍ୱାରା ଯେଉଁ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିଥିଲେ, ତାହା ସମସ୍ତଙ୍କୁ ଚମକୃତ କରିଥିଲା ।

ସନ୍ଥ ହାଡ଼ିଦାସ ଥିଲେ ଜ୍ଞାନିମିଶ୍ରାର ଉପାସକ ଉତ୍କଳୀୟ ବୈଷ୍ଣବ । ତାଙ୍କର ମହାମନ୍ତ୍ର ଥିଲା 'ହରେ ରାମକୃଷ୍ଣ' । ପଞ୍ଚସଖାଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ତାଙ୍କର ଆଦର୍ଶ ଥିଲେ । ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ନରଖି ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ସମସ୍ତଙ୍କ ସହିତ ଅବାଧ ମିଳାମିଶା କରୁଥିଲେ । ତତ୍କାଳୀନ ସମାଜରେ କିନ୍ତୁ ଜାତି ପ୍ରଥା ଅତ୍ୟନ୍ତ କଠୋର ଥିଲା । ତାଙ୍କର ଏହି ଜାତିଭେଦ ଶୂନ୍ୟ ବ୍ୟବହାରରେ ରକ୍ଷଣଶୀଳ ବ୍ରାହ୍ମଣ ଗୋଷ୍ଠୀ ତତ୍କାଳୀନ ଦର୍ପଣୀଗଡ଼ର ଯବନରାଜା ଗୁଲୁଜାର ହୋସେନ୍‌ଙ୍କ ନିକଟରେ ହାଡ଼ିଦାସଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ହାଡ଼ିଦାସଙ୍କୁ ଦଣ୍ଡିତ କରିବା ପାଇଁ ରାଜା ଗୁଲୁଜାର ହୋସେନ୍ ଡକାଇଲେ । ରାଜାଙ୍କ ନିକଟକୁ ଯାଇ ହାଡ଼ିଦାସ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ଏବଂ ଗୋଟିଏ ଈଶ୍ୱରଙ୍କ ସନ୍ତାନ ବୋଲି ଯୁକ୍ତି ବାଢ଼ିଲେ । ଏହାସହିତ ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ପୀଠ ପୁରୁଷୋତ୍ତମରେ ସମସ୍ତେ ସମାନ । ତାହା ସର୍ବଧର୍ମ ସମନ୍ୱୟର ପୀଠ, ମହାପ୍ରସାଦକୁ ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ର ଭକ୍ଷଣ କରନ୍ତି ବୋଲି ନିଜର ଯୁକ୍ତି ଉପସ୍ଥାପନା କଲେ । କିନ୍ତୁ ପୁରୁଷୋତ୍ତମ କ୍ଷେତ୍ର ବ୍ୟତୀତ ଅନ୍ୟତ୍ର ମହାପ୍ରସାଦ ନଥିବାରୁ ଜାତିଭେଦ ପ୍ରଥା ବିଲୋପ ହେବା ଅସମ୍ଭବ ବୋଲି ରାଜା କହିଲେ । ହାଡ଼ିଦାସ ତତ୍‌କ୍ଷଣାତ୍ ନିଜର ଅଲୌକିକ ବିଭୂତି ବଳରେ ଏକ କାଠସରାରେ ମହାପ୍ରସାଦ ଶୂନ୍ୟରୁ ଆଣି ସମସ୍ତଙ୍କୁ ବିତରଣ କରିଥିଲେ । ଏହି ଅଲୌକିକ କାର୍ଯ୍ୟରେ ରାଜା ପ୍ରୀତ ହୋଇ ତାଙ୍କୁ କିଛି ଦାନ ଦେବାକୁ ଘୋଷଣା କଲେ । ହାଡ଼ିଦାସ ଧନସଂପତ୍ତି ପ୍ରତି ଆଗ୍ରହ ପ୍ରକାଶ ନକରି ଛତିଆ ପାହାଡ଼ ଉପରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟସ୍ଥ ଏକ ବଟବୃକ୍ଷ ମୂଳ ସ୍ଥାନକୁ ରାଜାଙ୍କଠାରୁ ନିଜର ସାଧନା ପାଇଁ ଗ୍ରହଣ କରିଥିଲେ । ସେହି ସ୍ଥାନରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ସାଧନା କରି ସମାଧି ଗ୍ରହଣ କରିଥିଲେ । ଅଧୁନା ସେହି ସ୍ଥାନ ଆଜିର ଛତିଆବଟ ।

ସାଧନା ଦ୍ୱାରା ଅଲୌକିକ ପ୍ରତିଭାର ଅଧିକାରୀ ହେବାରୁ ବହୁ ଧର୍ମପ୍ରାଣ ବ୍ୟକ୍ତି ତାଙ୍କ ନିକଟକୁ ଆସିବାକୁ ଲାଗିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କର ସାନ୍ନିଧ ଲାଭ କରି କୃତ୍ୟ କୃତ୍ୟ ହେଲେ । ସେ ଥିଲେ ପିଣ୍ଡ ବ୍ରହ୍ମାଣ୍ଡବାଦୀ, ହଠଯୋଗୀ । ଜଗନ୍ନାଥ ହିଁ ତାଙ୍କର ଆରାଧ୍ୟ । ଜଗନ୍ନାଥଙ୍କୁ ପରଂବ୍ରହ୍ମ, ପରମାତ୍ମା ରୂପରେ ସେ ଗ୍ରହଣ କରିଛନ୍ତି । ସେ ଓଁକାର ସ୍ୱରୂପୀ ପ୍ରଣବ । ଯୋଗର ସମାଧି । ଷଟ୍ ଚକ୍ର ସାଧନାରେ ତାଙ୍କର ସ୍ଥାନ ସହସ୍ରାଧାରରେ ବୋଲି କହିଛନ୍ତି । ଏଣୁ ତାଙ୍କର ରଚନାରେ ଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ବର୍ଣ୍ଣନା କରିବା ସହିତ କ୍ଷେତ୍ରର ପ୍ରଶସ୍ତି ମଧ୍ୟରେ ଦେଖିବାକୁ ମିଳିଥାଏ । ଜଗନ୍ନାଥଙ୍କୁ ସେ ସମଗ୍ର ବିଶ୍ୱର ଠାକୁର ଏବଂ ସମସ୍ତଙ୍କର ପିତା ବୋଲି କହିଛନ୍ତି । ତାଙ୍କ ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟ ଭାବନାବର, ଶଙ୍ଖନାଭି, ବ୍ୟାସବିକ୍ଷେ, କ୍ଷେତ୍ରମହାତ୍ମ୍ୟ, ଲକ୍ଷ୍ମୀଧର ବିଳାସ, ହନୁମନ୍ତ ଗୀତା, ଶଙ୍ଖନାଭି ଭୈରବସ୍ତୁତି, ଅନନ୍ତଗୁପ୍ତ ଟୀକା, ଅନନ୍ତଗୋଇ, ଗୃହସମ, ସ୍ୱରଶାସ୍ତ୍ର, ନିଶ୍ଚଳଜ୍ଞାନ ଗୀତା, ନୀଳମାଧବ ଗୀତା, ବହୁ ଭଜନ, ଜଣାଣ, ଚଉତିଶା ଓ ମାଳିକା ଅନ୍ତର୍ଭୁକ୍ତ । ସନ୍ଥ ହାଡ଼ିଦାସଙ୍କର ଜଗନ୍ନାଥ ପ୍ରାଣତାର ପରିଚୟ ସହିତ ଦାର୍ଶନିକ ଚିନ୍ତାଧାରା ଏଥିରେ ପ୍ରକାଶିତ । ନାମର ମହାତ୍ମ୍ୟ, ମହାମନ୍ତ୍ରର ପ୍ରଚାର, ଜ୍ଞାନ ଭକ୍ତିର ସମନ୍ୱୟ, ସଗୁଣ ନିର୍ଗୁଣ ଉପାସନା, ଷଟ୍‌ଚକ୍ର ସାଧନା ପିଣ୍ଡ ବ୍ରହ୍ମାଣ୍ଡ ବାଦ, ଶୂନ୍ୟବାଦ, ସୃଷ୍ଟି ତତ୍ତ୍ୱ ଓ ଗୁରୁବାଦର ଆଲେଖ୍ୟ ଏହିସବୁ ଗ୍ରନ୍ଥରେ ସ୍ଥାନ ପାଇଥିଲେ ହେଁ ଜଗନ୍ନାଥ ହିଁ ତାଙ୍କର ଆରାଧ୍ୟ ଏବଂ ଧ୍ୟେୟ ହୋଇଛନ୍ତି । ତାଙ୍କ ଦୃଷ୍ଟିରେ ପରଂବ୍ରହ୍ମ ପରମାତ୍ମା ଜଗନ୍ନାଥ ସମସ୍ତ କାର୍ଯ୍ୟ ଓ କାରଣର ହେତୁ । ସେ ଆଦି ଅନାଦି, ଅନନ୍ତ, ସାକାର ପୁଣି ନିରାକାର ସଚ୍ଚିଦାନନ୍ଦ ବିଗ୍ରହ । ଯେ ଜ୍ଞାନୀ ସେ ଯଥାର୍ଥରେ ଏହି ଅପ୍ରାକୃତ ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରିବା ପାଇଁ ତାଙ୍କର ରଚନାରେ ଆହ୍ୱାନ ଦେଇଛନ୍ତି । ମାଳିକା ଗ୍ରନ୍ଥର ଆରମ୍ଭରେ ଜଗନ୍ନାଥଙ୍କୁ ଗଣ ଦେବତାର ସମ୍ମାନ ପ୍ରଦର୍ଶନ କରି ପତିତପାବନ ବୋଲି ସମ୍ବୋଧନ କରିଛନ୍ତି -

'ଜୟ ଜଗନ୍ନାଥ ପତିତପାବନ ଓଡ଼ିଶା ବଡ଼ ଠାକୁର
କଳ୍ପବଟବାସୀ ପ୍ରଭୁ ବ୍ରହ୍ମରାଶି କଳି କଳୁଷ ନିସ୍ତାର ।'

କଳିଯୁଗର ବିପଥଗାମୀ ମନୁଷ୍ୟର ପାପରୂପକ କଳୁଷ ନିବାରଣ ପାଇଁ ପରଂ ବ୍ରହ୍ମରୂପୀ ପତିତପାବନ ଜଗନ୍ନାଥ ହିଁ ଏକମାତ୍ର ଠାକୁର । ଜଗନ୍ନାଥ ମନ୍ଦିରର ଭବିଷ୍ୟତ ଘଟଣା ସଂପର୍କରେ ଦିବ୍ୟ ଦ୍ରଷ୍ଟା ଯେଉଁ ସୂଚନା ପ୍ରଦାନ କରିଥିଲେ, ପରବର୍ତ୍ତୀ ସମୟରେ ଘଟିଥିବା ଘଟଣା ତା'ର ସତ୍ୟତା ପ୍ରମାଣ କରିଛି । ସେ ଲେଖିଥିଲେ -

'ଆକାଶୁ ବଜ୍ର ପଡ଼ିବ ଲୋ ବଉଳ ଜାଳି ଦେବ ଭୁମଣ୍ଡଳ
ଶ୍ରୀଜଗନ୍ନାଥଙ୍କ ରତ୍ନ ଚାନ୍ଦୁଆରେ ଲାଗିବ ଯେ ଅନଳ ।'

ଏହି ମାଳିକାରେ ଜଗନ୍ନାଥ ଓ ବଳଭଦ୍ର କଳ୍କୀ ଅବତାର ଗ୍ରହଣ କରି ଧଳା ଘୋଡ଼ା ଓ କଳା ଘୋଡ଼ାରେ ଚଢ଼ି ମ୍ଳେଚ୍ଛ ସଂହାର କରିବେ ବୋଲି ସୂଚାଇ ଅଛନ୍ତି । ନିଜ ଜୀବନର ସୁଖ ଦୁଃଖର କଥା ଅଭିମାନ ଭରା ହୃଦୟରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣାଇଅଛନ୍ତି । ନିଜର ଅଳି ଅର୍ଦ୍ଦଳିକୁ ଉପସ୍ଥାପନା କରିବା ସହିତ ସଂସାରରୁ ଦୁଃଖର ପରିସମାପ୍ତି ପାଇଁ ମଧ୍ୟ କାମନା କରିଛନ୍ତି ।

ରତ୍ନ ସିଂହାସନ ମଉଡ଼ମଣିକି କହିବ ଟିକି କଥାଏ,
କିଭାବେ ଦ୍ରୌପଦୀ ମୃଗୁଣୀ ରକ୍ଷଣ ଏବେ କି ପାଶୋର ଯାଏ ।
ମହୋଦଧି କୂଳେ କଳ୍ପବଟ ମୂଳେ କରି ଅଛନ୍ତି ବିଜୟେ,
ସେ ଚାନ୍ଦ ବଦନ ପଙ୍କଜ ଲୋଚନ ଥାଉ ଥାଉ କିମ୍ପା ଭୟେ ।
ବାହୁ ତୋଳି ବସ ମୃଦୁ ମୃଦୁ ହସ ସଂସାର ଏଡ଼େ ଅଥୟେ,
ମୋହ ପାଇଁ କିଛି ଧନ ମାଗୁଛିକି ନଗୁଣ ଦେବାଧିରାୟେ ।
ଛତିଆ ଗ୍ରାମରେ ରହି ଦୀନ ହାଡ଼ି ଜଣାଉଛି ପଦ୍ମ ପାୟେ,
ତୁମ୍ଭଙ୍କୁ ତୁମ୍ଭ ଭକ୍ତରାଣ ଅଛିଟି ନୋହୁ ଅଛି ଯେବେ ନ୍ୟାୟେ ।

ପୁଣି ଅନ୍ୟ ଏକ ଚଉତିଶାରେ ଶ୍ରୀଜଗନ୍ନାଥଙ୍କ ସୁକୋମଳ ଶ୍ରୀଅଙ୍ଗରେ ଡାମ୍ଫଣ ଆଘାତ କରି ନିଦ୍ରା ଭଙ୍ଗ କରିବାକୁ ପ୍ରସ୍ତୁତ । ସଂସାରର ପଡ଼ିଦାତା ହୋଇ ଦୁଃଖ ଓ ଅଭାବ ଗ୍ରସ୍ତ ମାନବକୁ ଦୟା ଏବଂ ନିଜର ବାଉନ କୋଟି ଭଣ୍ଡାରକୁ ସମଭାବରେ ବିତରଣ କରିବାକୁ ପ୍ରାର୍ଥନା କରିଛନ୍ତି -

'ବାଉନ କୋଟି ଭଣ୍ଡାରକୁ ବାଣ୍ଟିଦିଅ ଗୋସାଇଁ ।
ବରଷକୁ ଅନ୍ନ ଦେଇଣ ପୁଣ ସଞ୍ଚ ତା' ନେଇ ।।
ମହାପ୍ରଭୁ ଯେବେ ହୋଇଛ ଘେନ ଭୃତ୍ୟଙ୍କ କଥା ।
ମାଗୁଣି ଅନ୍ୟ ମୋ' ନାହିଁ ପଦ୍ମ ଚରଣେ ମଥା ।।
ରଖିଲେ ରଖ ଜଗନ୍ନାଥେ ତୁମ୍ଭ ଲୀଳା ସଂସାର ।
ରାହୁ ପରାୟେ ଗରାସିଲା ଅଘ-ତିମିର ଘୋର ।।
ବସିଯିବାକୁ ବଡ଼ ଆଣ୍ଟେ ଭାରା ହେଲାଣି ଆସି ।
ବାସୁଦେବ ସିନା ଶୟନେ ଅଛ ନିଦ୍ରା ଆଳସି ।
ଶ୍ରୀପାଦପଦ୍ମ ବାସନାରୁ ସ୍ୱାମୀ ଦେଖିଲି ଏହା ।
ଶ୍ରୀଅଙ୍ଗେ ଡାମ୍ଫଣ ମାଇଲେ କିମ୍ପା ନୋହୁଛି ଦୟା ।।'

ଜଗନ୍ନାଥ ପ୍ରାଣ ହାଡ଼ିଦାସ ନିଜର ସାଧନା ପୀଠକୁ ଜଗନ୍ନାଥଙ୍କୁ ଆଣିବା ପାଇଁ ପ୍ରାର୍ଥନା କରିଛନ୍ତି ଏବଂ ଦିନେ ନା ଦିନେ ଛତିଆବଟରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ବିରାଜମାନ କରିବେ ବୋଲି ମାଳିକାରେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ଜଗନ୍ନାଥ ସର୍ବସ୍ୱ ହାଡ଼ିଦାସ ଜଗନ୍ନାଥଙ୍କୁ ଗଣଦେବତା ରୂପେ ଯେଉଁଭଳି ପ୍ରତ୍ୟକ୍ଷ କରିଛନ୍ତି, ତାହାର ନିଦର୍ଶନ ନିଜ ରଚନାରେ ପ୍ରତିଫଳିତ ହୋଇଛି ଏହା ନିଃସନ୍ଦେହ ।

ପ୍ରାଧ୍ୟାପକ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)
ପୁରୀ

# ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି

ଦେବରାଜ ସାମନ୍ତରାୟ

ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର
ଦହଗଞ୍ଜ ଆଉ ଦିଅନା ମତେ
ଜଞ୍ଜାଳ-ଜାଲରୁ ଫିଟିବାକୁ ଚାହେଁ
ରହିବା ସକାଶେ ସାଯୁଜ୍ୟ-ପଥେ ।
ଅଭିନୟ କଲି ଭବରଙ୍ଗ ଭୂମେ
ଦେଖିଲା ଦୁନିଆ ଦେଖିଲ ତ ତୁମେ
ବନ୍ଧୁ-ସୁତାସୁତ-କଳତ୍ର ସହିତ
ଦିନ ମୋ ବିତିଲା ସଂସାର ମତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ଲଭିବାକୁ ସିଦ୍ଧି କରିଲି କରମ
ପରମ ନ ପାଇ ପାଇଲି ସରମ
ବିଷୟାରେ ମଜ୍ଜି ତୁମକୁ ନଭଜି
କେଡ଼େ ଅକରମ କଲି ମୁଁ ସତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
'ମୃଗୀ' ଡାକଦେଲା ପରାଣ ବିକଳେ
'କରୀ' ପଡ଼ିଥିଲା କୁମ୍ଭୀର କବଳେ
ଶରଣ ସୋଦର ହଟିଲା ବିପତ୍ତି
କେବଳ ତୁମରି ନାମ ଧରନ୍ତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପାପୀ 'ଅଜାମିଳ' ପୁତ୍ର ନାମ ଧରି
କ୍ଷଣକେ ପାଇଲା ମହାନନ୍ଦ-ତରୀ
ମୋ ପାଇଁକି ସାହା ହୋଇ ଚଉବାହା
ମହିମା-ଫଡ଼କା ଉଡ଼ା ମରତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପ୍ରଭୁ ହେ କରିବ 'ନନ୍ଦିଘୋଷେ' ବିଜେ
ଦାରୁବ୍ରହ୍ମ ରୂପ ଦେଖନ୍ତି ମୁଁ ନିଜେ
ଆହେ ସର୍ବଧାତା ସୁଯୋଗ ପାଉନି
ଆବିର୍ଭୂତ ହୁଅ ମୋ ହୃଦ-ରଥେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପ୍ରଣତ ହୋଇ ମୁଁ ଜଣାଏ ପ୍ରଣତି
କରୁଣା କଣିକା ଦିଅ ବିଶ୍ୱପତି
ନମୋ ନାରାୟଣ ନିଖିଳ ନିଦାନ
ସନ୍ନିକଟେ ମୋର ଥାଅ ନିରତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।

ଉପସଭାପତି
ରାଜଧାନୀ ଶିଶୁ ସାହିତ୍ୟ ସଂସଦ, ଭୁବନେଶ୍ୱର

# ରଥସେବାରେ ଘଣ୍ଟୁଆ ନିଯୋଗ



ଡକ୍ଟର ଜନ୍ମେଜୟ ଚୌଧୁରୀ

ଦେବ ମନ୍ଦିରରେ ଘଣ୍ଟ ନାଦ ଅତ୍ୟନ୍ତ ପୁଣ୍ୟପ୍ରଦ । ଦେବ ଦେବୀଙ୍କ ପୂଜୋପଚାରରେ ଅଙ୍ଗ ହିସାବରେ ଘଣ୍ଟ, ଘଣ୍ଟା ଓ ଘଣ୍ଟି ବାଦନ ଆବଶ୍ୟକ ତତ୍ତ୍ୱ ରୂପେ ବିବେଚିତ ହୁଏ । ଦେବତାଙ୍କ ଶ୍ରୀବିଗ୍ରହର ସ୍ନାନ ଧୂପଦାନ, ଦୀପ ପ୍ରଦାନ, ନୈବେଦ୍ୟ ନିବେଦନ, ଆଭୂଷଣ ଅଳଙ୍କରଣ ସମୟରେ ଘଣ୍ଟନାଦ କରଣୀୟ । ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଭଗବାନଙ୍କର ଶ୍ରୀବିଗ୍ରହ ନିକଟରେ ପୂଜା ସମୟରେ ଘଣ୍ଟବାଦନ କଲେ ଉତ୍ତମ ଫଳ ମିଳିଥାଏ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ମଙ୍ଗଳା ଚରଣରେ ଶ୍ରୀକ୍ଷେତ୍ରରେ ଆଳଙ୍କାରିକ ବର୍ଣ୍ଣନା କରିବା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହାପ୍ରସାଦ ଭକ୍ଷଣ ଏବଂ ଘଣ୍ଟଘୋଷର ଶ୍ରବଣରେ ପାପନାଶ ହେବାର ସୂଚନା ଦେଇଛନ୍ତି ।

'ଶ୍ରୀମହାପ୍ରସାଦ ଗଦପଦ ଘଣ୍ଟଘୋଷ
ଭକ୍ଷଣେ ଶ୍ରବଣେ ଯେ କଳ୍ମିଷ ନାଶ ହେ ।'

ଘଣ୍ଟ, ଘଣ୍ଟା ଓ ଘଣ୍ଟି ସଙ୍ଗୀତ ଶାସ୍ତ୍ରରେ ଘନବାଦ୍ୟର ଅନ୍ତର୍ଗତ ଅଟେ । ଏହାର ପାଞ୍ଚୋଟି ଭେଦ ରହିଛି ଯଥା- କାଂସ୍ୟତଳ (ଝାଞ୍ଜ), ତାଳ (ମଞ୍ଜୀରା, ଗିନି), ଘଟିକା (ବୃହଦାକାର ଘଣ୍ଟି), ଜୟ ଘଣ୍ଟିକା (ବିଜୟ ଘଣ୍ଟ), କ୍ଷୁଦ୍ର ଘଣ୍ଟ (ପୂଜାର ଘଣ୍ଟା) ଏବଂ କ୍ରମ (ଦୋଳାୟମାନ ଘଣ୍ଟି) । ଏସବୁର ଉପଯୋଗ ପ୍ରାୟ ପ୍ରତ୍ୟେକ ମନ୍ଦିରରେ ହେବାର ଦେଖାଯାଏ । ପୂଜାଘଣ୍ଟିର ଧାତୁମୟ ଦଣ୍ଡକୁ ବାମହସ୍ତ ମୁଷ୍ଟିରେ ଧାରଣ କରି ବଜାଇବାକୁ ହୁଏ । ଦଣ୍ଡର ଅଗ୍ରଭାଗରେ ଚକ୍ର, ଗରୁଡ଼, ହନୁମାନ, ପଞ୍ଚମୁଖୀ ସର୍ପର ପ୍ରତିକୃତି ରହିଥାଏ । ଶାସ୍ତ୍ର ଦୃଷ୍ଟିରୁ ସବୁ ପ୍ରତିକୃତି ମଧ୍ୟରୁ ଯେକୌଣସି ଗୋଟିଏ ଘଣ୍ଟିରେ ରଖିବାର ବିଧାନ ଅଛି । ଚକ୍ରଯୁକ୍ତ ଘଣ୍ଟିର ଧ୍ୱନିରେ ଆସୁରୀ ଶକ୍ତିର ପ୍ରସ୍ଥାନ ହୁଏ । ମୃତ୍ୟୁକାଳରେ ପ୍ରାଣ ପ୍ରୟାଣ ସମୟରେ ଚକ୍ରଯୁକ୍ତ ଘଣ୍ଟିର ଧ୍ୱନି କଲେ ଯମଦୂତମାନେ ସମୀପକୁ ଆସନ୍ତି ନାହିଁ । ଗରୁଡ଼ ଯୁକ୍ତ ଘଣ୍ଟିର ଶବ୍ଦରେ ସର୍ପ, ଅଗ୍ନି, ତଥା ବିଜୁଳିର ଭୟ ଦୂର ହୁଏ । ପୁରାଣମାନଙ୍କରେ ଘଣ୍ଟି, ଘଣ୍ଟା ନାଦର ମାହାତ୍ମ୍ୟ ବର୍ଣ୍ଣିତ ଥିବାର ଦେଖାଯାଏ । କାଳିକା ପୁରାଣରେ ବର୍ଣ୍ଣିତ ଅଛି -

'ସ୍ନାନେ ଧୂପେ ତଥା ଦୀପେ ନୈବେଦ୍ୟେ ଭୂଷଣେ ତଥା ।
ଘଣ୍ଟନାଦଂ ପ୍ରକୁର୍ବୀତ ତଥା ନୀରାଜନେଽପି ଚ ।।'

ଦୋଳାୟମାନ ଘଣ୍ଟି ଉପରେ ଦେବତାମାନଙ୍କର ନାମ ଅଥବା ମନ୍ତ୍ରାଦି ଅଙ୍କିତ ହୋଇଥାଏ । ଦେବ ମନ୍ଦିରର ଦ୍ୱାର ଦୁନ୍ଦୁଭି, ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, ଝାଞ୍ଜ, ଶଙ୍ଖାଦି ବାଦନ କରି ଉନ୍ମୁକ୍ତ ହୋଇଥାଏ । କୌଣସି ବାଦ୍ୟ ନଥିଲେ ଘଣ୍ଟି ବାଦନ ଯଥେଷ୍ଟ । ଘଣ୍ଟ ସର୍ବବାଦ୍ୟମୟ ଏବଂ ସମସ୍ତ ଦେବଦେବୀଙ୍କର ପ୍ରିୟ ଅଟେ । ବିନା ଘଣ୍ଟଘଣ୍ଟିରେ ପୂଜା ନିଷେଧ । ଘଣ୍ଟ, ଘଣ୍ଟିର ଧ୍ୱନି ଦେବଦେବୀମାନଙ୍କର ଆନନ୍ଦ ବିଧାୟକ ଏବଂ ଅନିଷ୍ଟକାରୀ ଆସୁରିକ ଶକ୍ତିର ଭୟପ୍ରଦ । ଏହା ପାପ ନିବାରକ ଓ ଅନିଷ୍ଟନାଶକ ଅଟେ । ଦେବ ପୂଜନ, ଯାନିଯାତ୍ରା ସହ ପିତୃ ପୂଜନରେ ମଧ୍ୟ ଘଣ୍ଟ ଘଣ୍ଟି ବଜାଇବାର ବିଧି ରହିଛି । କେତେକ ବାସ୍ତୁଶାସ୍ତ୍ର ଓ ତନ୍ତ୍ରଶାସ୍ତ୍ରରେ ବାସଗୃହରେ ଘଣ୍ଟା ଝୁଲାଇ ତା'ର ଧ୍ୱନି ଶୁଣିବାର ବ୍ୟବସ୍ଥା ରହିଛି । ଚିକିତ୍ସା ଶାସ୍ତ୍ରରେ କେତେକ ରୋଗର ଆରୋଗ୍ୟ ପାଇଁ ଘଣ୍ଟିର ଅନୁରଣନ ଧ୍ୱନି ଉପାଦେୟତା ସମ୍ପର୍କରେ ଉଲ୍ଲେଖ ଅଛି । ଘଣ୍ଟଧ୍ୱନି ଦୈତ୍ୟମାନଙ୍କର ତେଜକୁ ବିନଷ୍ଟ କରି ପ୍ରତ୍ୟେକ ପ୍ରକାର ଭୟ ଓ ପାପରୁ ରକ୍ଷା କରିଥାଏ । ଦେବତାମାନେ ଦେବୀ ଭଦ୍ରକାଳୀଙ୍କୁ ସ୍ତୁତିକରି କହିଛନ୍ତି -

'ହିନସ୍ତି ଦୈତ୍ୟତେଜାଂସି ସ୍ୱନେନାପୂର୍ଯ୍ୟ ଯା ଜଗତ୍ ।
ସା ଘଣ୍ଟା ପାତୁ ନୋ ଦେବି ! ପାପେଭ୍ୟୋନଃ ସୁତାନିବ ।।'
(ଶ୍ରୀଦୁର୍ଗା ସପ୍ତଶତୀ ୧୧/୨୭)

ଶ୍ରୀମନ୍ଦିରରେ ଶାଢ଼ୀ ବନ୍ଧା ଶୁଦ୍ର ସେବକ ବଂଶାନୁକ୍ରମିକ ଘଣ୍ଟ ସେବା କରନ୍ତି । ଘଣ୍ଟ ସେବକ ଶ୍ରୀମନ୍ଦିରରେ ପ୍ରତ୍ୟେକ ଧୂପରେ ଘଣ୍ଟ ବାଦନ କରନ୍ତି । ପ୍ରତ୍ୟେକ ପର୍ବପର୍ବାଣି ଯାତ୍ରା ଓ ବେଢ଼ାରେ ଘଣ୍ଟ ବାଦନ ସହ ବିମଳାଙ୍କ ଷୋଳପୂଜା, ତ୍ରିକାଳ ପୂଜା, ପ୍ରତି ଗୁରୁବାର

ମାଜଣା, ଏକାନ୍ତ, ପାର୍ଶ୍ୱଦେବତା (ସରସ୍ୱତୀ, ଗଣେଶ, ସୂର୍ଯ୍ୟ, ଅନନ୍ତ ନୃସିଂହ, ମହାବୀର ଆଦି)ଙ୍କ ପର୍ବପର୍ବାଣି, ଆଜ୍ଞାମାଳ ବିଜେ, ପ୍ରତ୍ୟେକ ଦେବଦେବୀଙ୍କ ବିଜେ, ସ୍ନାନ ପୂର୍ଣ୍ଣିମାର ଜଳ ଛେକ ବିଜେ, ହାତୀବେଶ, ପ୍ରତ୍ୟେକ ବେତ, ଗଳିଖଡ଼ି ବିଜେ, ଚାପ, ଚନ୍ଦନ ଓ ଦୋଳ ଆଦି ସମୟରେ କାହାଳୀ ବାଜିବା ସହିତ ଘଣ୍ଟ ମଧ୍ୟ ବାଜିଥାଏ । ଶ୍ରୀମନ୍ଦିରର ଏହି ଘଣ୍ଟ ବାଦନ ସେବା ମାସକରେ ଛଅଟି ପରିବାର ମଧ୍ୟରେ ଆବର୍ଣ୍ଟିତ ହୋଇଛି । ତନ୍ମଧ୍ୟରୁ ବାଲିସାହିର ଚନ୍ଦ୍ର ପ୍ରଧାନ/ବୃନ୍ଦାବନ ପ୍ରଧାନଙ୍କ ବଂଶଧର ୫ ଦିନ, ନରସିଂହ ପ୍ରଧାନଙ୍କ ବଂଶଧର ୫ ଦିନ, ଦୁର୍ଯ୍ୟୋଧନ ପ୍ରଧାନଙ୍କ ୫ ଦିନ, ଗଉଡ଼ସାହିର ପୂର୍ଣ୍ଣଚନ୍ଦ୍ର ଜେନାଙ୍କର ୪ ଦିନ, ବାଲିସାହି ତୀର୍ଥବାସୀ ମହାପାତ୍ର ୧ ଦିନ ଓ ମାର୍କେଣ୍ଡଶ୍ୱର ସାହିର ମଦନ ମହାନ୍ତି/ମୋହନ ମହାନ୍ତିଙ୍କ ବଂଶଧର ୧୦ ଦିନ ଶ୍ରୀମନ୍ଦିରରେ ଘଣ୍ଟ ସେବା କରିଥାନ୍ତି । ମାତ୍ର ଶ୍ରୀମନ୍ଦିର ମଧ୍ୟରେ ଘଣ୍ଟସେବା କରୁଥିବା ସେବକମାନେ ରଥଯାତ୍ରାରେ ଘଣ୍ଟ ବାଦନ କରିନଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରସିଦ୍ଧ ଘୋଷଯାତ୍ରା କାଳୀନ ଅପୂର୍ବ ଦୃଶ୍ୟରାଜି ମଧ୍ୟରେ ଘଣ୍ଟୁଆଙ୍କ ଘଣ୍ଟବାଦ୍ୟ ପରିବେଷଣ ଅନନ୍ୟ । ରତ୍ନବେଦୀରୁ ବାଇଶି ପାହାଚ ଦେଇ ସେବକମାନେ ତିନି ଦିଅଁଙ୍କୁ ପହଣ୍ଡି ବିଜେ କରିବାବେଳେ ଶ୍ରୀଜୀଉଙ୍କ ମଥାର ସଦୃଶ ଟାହିଆ ଦୋଳାୟମାନ ହେଉଥାଏ । ଘଣ୍ଟୁଆଙ୍କ ଘଣ୍ଟନାଦ ସହ ସମନ୍ୱୟ ରକ୍ଷା କରି ଘଣ୍ଟୁଆଙ୍କ ବିଭିନ୍ନ ତାଳ ଓ ଲୟରେ ସମାବିଷ୍ଟ ଭକ୍ତ ଉଲ୍ଲସିତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ସହିତ ଘଣ୍ଟୁଆ ସେବାୟତମାନଙ୍କର ସମ୍ପର୍କ ରହିଆସିଛି କେଉଁ ଆବାହନ କାଳରୁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିବିଧ ସେବାପୂଜାରେ ନିଯୁକ୍ତ ଥିବା ସେବାୟତମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ - ଦୈନନ୍ଦିନ ସେବାପୂଜା ସେବାୟତ ଓ ନିର୍ଦ୍ଦିଷ୍ଟ କାଳର ସେବାୟତ । ଘଣ୍ଟୁଆମାନେ ହେଉଛନ୍ତି ନିର୍ଦ୍ଦିଷ୍ଟ କାଳର ସେବାୟତ । କଂସା, ପିତଳର ଉତ୍କୃଷ୍ଟ ବାସନକୁସନ ପ୍ରସ୍ତୁତ ତଥା ଏହି ଧାତୁର କମନୀୟ ହସ୍ତକଳା ନିମନ୍ତେ ପ୍ରସିଦ୍ଧ କଟକ ଜିଲ୍ଲାର ଭଟିମୁଣ୍ଡା ଗ୍ରାମରୁ ଘଣ୍ଟୁଆ ସେବାୟତମାନେ ମହାପ୍ରଭୁଙ୍କ ଏହି ସେବାପାଇଁ ଶ୍ରୀକ୍ଷେତ୍ରକୁ ପ୍ରତିବର୍ଷ ଆସିଥାନ୍ତି । ଶାଢ଼ୀ ନ ବନ୍ଧାଇ ବଂଶାନୁକ୍ରମିକ ଭାବରେ ପୁରୀ ତଥା ପୁରୀ ବାହାର ଭଟିମୁଣ୍ଡା ଗ୍ରାମର କଂସାରୀ ଓ ଖୁରୁଡ଼ା ଗୋଷ୍ଠୀର ନାୟକ, ଚୌଧୁରୀ, ନାଏକ, ସାହୁ, ମହାରଣା, ପୃଷ୍ଟି ଆଦି ସଂଜ୍ଞାଧାରୀ ଘଣ୍ଟୁଆ ସେବକମାନେ ସ୍ନାନ ଯାତ୍ରା ଏବଂ ରଥଯାତ୍ରା ଅବସରରେ ଘଣ୍ଟର ବୃନ୍ଦବାଦନ ପ୍ରସ୍ତୁତ କରନ୍ତି । ଘଣ୍ଟୁଆ ସେବକମାନେ ସ୍ନାନ ପୂର୍ଣ୍ଣିମା ଦିନ ଘଣ୍ଟ ବଜାନ୍ତି । ଶ୍ରୀଗୁଣ୍ଡିଚା ଓ ଶ୍ରୀବାହୁଡ଼ା ବିଜେ, ଗୁଣ୍ଡିଚା ଘରକୁ ବିଜେ, ନୀଳାଦ୍ରି ବିଜେ, ରଥତ୍ରୟର ଦକ୍ଷିଣୀ ମୋଡ଼ରେ ରଥଟଣା, ବିଜେ ରାମକୃଷ୍ଣ ଓ ମଦନମୋହନଙ୍କ ବିଜେ ସମୟରେ ଘଣ୍ଟ ବଜାନ୍ତି । ଭଟିମୁଣ୍ଡାର ଘଣ୍ଟୁଆ ସେବାୟତମାନଙ୍କ ସହିତ ପୁରୀର ସ୍ଥାନୀୟ ଘଣ୍ଟୁଆ ସେବାୟତମାନେ ମଧ୍ୟ ଏହି ସେବା କରିଥାନ୍ତି । ଉଭୟ ସେବକଙ୍କ ମିଳିତ ସହଯୋଗରେ ଘଣ୍ଟ ସେବା ସମ୍ପୂର୍ଣ୍ଣ ହୋଇଥାଏ ।

ଘଣ୍ଟସେବା ଏକ ପ୍ରାଚୀନ ସେବା ପରମ୍ପରା । ମାଦଳାପାଞ୍ଜିରେ ଏହି ସେବା ଓ ସେବାୟତମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରଥମ ଥର ଲାଗି ଭଟିମୁଣ୍ଡାର କଂସାରୀ ଘଣ୍ଟୁଆ ସେବାୟତଙ୍କ ମୁଣ୍ଡନରେ ଶାଢ଼ୀ ବନ୍ଧନ ପୂର୍ବକ ଯୁଗ ଯୁଗ ଧରି ଏହି ପବିତ୍ର ସେବା ସମ୍ପାଦନ କରିବାର ଅଧିକାର ପ୍ରଦାନ କରିଥିଲେ ଗଜପତି ଶ୍ରୀ ମୁକୁନ୍ଦ ଦେବ । ଏହି ସେବା ସନନ୍ଦ ଲାଭ କରି ଘଣ୍ଟୁଆ ସେବାୟତମାନେ ପୁରୁଷାନୁକ୍ରମେ ଏହି ପବିତ୍ର ସେବା କରି ଆସୁଛନ୍ତି । ପରବର୍ତ୍ତୀ କାଳରେ ଗଜପତି ମହାରାଜା ଶ୍ରୀ ରାମଚନ୍ଦ୍ର ଦେବ ମଧ୍ୟ ଅନୁରୂପ ସନନ୍ଦରେ ଭଟିମୁଣ୍ଡାର ବାରଘର ଘଣ୍ଟୁଆ ସେବାୟତ ଏହି ସେବା କରିପାରିବେ ବୋଲି ଆଦେଶ ଦେଇଥିଲେ । ସେ ଏଥିରେ ଉଲ୍ଲେଖ କରିଥିଲେ ଯେ, କୌଣସି ସେବାୟତଙ୍କ ଦେହାନ୍ତ ହେଲେ ଶ୍ରୀମନ୍ଦିର ରୋଷଶାଳାରୁ ପବିତ୍ର ବୈଷ୍ଣବାଗ୍ନି ପ୍ରଦାନ କରାଯିବ । ତେବେ ଏହି ସେବା ନିମିତ୍ତ ତତ୍କାଳୀନ ଗଜପତି କିମ୍ବା ଶ୍ରୀମନ୍ଦିର ପକ୍ଷରୁ କୌଣସି 'ଖେଇ' କିମ୍ବା ପାଉଣାର ବ୍ୟବସ୍ଥା ନଥିଲା । ଗଜପତି ବୀରକିଶୋର ଦେବଙ୍କ ରାଜତ୍ୱ କାଳରେ ଘଣ୍ଟୁଆ ସେବାୟତଙ୍କ ପକ୍ଷରୁ ଏକ 'ଚଢ଼େଇ ନଦା ତାଡ଼' ପ୍ରଦାନ କରିବାକୁ ଆନ୍ଦୋଳନ କରାଯାଇଥିଲା । ଏହି ଆବେଦନକୁ ବିଚାରକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ତାଙ୍କର ୧୦୪/୫୯ ଚିଠିରେ ଘଣ୍ଟୁଆ ସେବାୟତଙ୍କୁ ପ୍ରତିବର୍ଷ ରଥଯାତ୍ରା ଶେଷ ପରେ ଅର୍ଥାତ୍ ନୀଳାଦ୍ରି ବିଜେ ପରେ ଏକ 'ଚଢ଼େଇନଦା ତାଡ଼' ପ୍ରଦାନର ବ୍ୟବସ୍ଥା କରିଥିଲେ । ଏହି ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ । ପରିବର୍ତ୍ତିତ ପରିସ୍ଥିତିରେ ଶ୍ରୀମନ୍ଦିର ପରିଚାଳନା ଭାର ଗଜପତିଙ୍କ ହସ୍ତରୁ ହସ୍ତାନ୍ତର ହେବା ପରେ ଘଣ୍ଟୁଆ ସେବାୟତଙ୍କ ପକ୍ଷରୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ 'କାନିକା ଭୋଗ' ପ୍ରଦାନ କରାଯିବାକୁ ଆବେଦନ କରାଯାଇଥିଲା ଓ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସକ ୧୫୮୮/(୨) ୮୧ ଚିଠିରେ ଏକ ସ୍ୱତନ୍ତ୍ର ଆଦେଶନାମାରେ 'କାନିକା ଭୋଗ' ବାବଦକୁ ୩୦ ଟଙ୍କା ମଞ୍ଜୁର କରିଥିଲେ । ପରେ ଏହା ୧୧୦ ଟଙ୍କା ଓ ଏବେ ସାମାନ୍ୟ ଅଧିକ ହୋଇଛି । କେଉଁ କାଳେ ଗଜପତି ମହାରାଜା ଭଟିମୁଣ୍ଡାର ଏହି କଂସାରୀ-ଘଣ୍ଟୁଆମାନଙ୍କ ନାମରେ ବାରମାଣ, ବାରଗୁଣ୍ଠ, ବାରବିଶ୍ୱା ଜମି ଖଞ୍ଜି ଦେଇଥିଲେ । ତେବେ ଏହି ଜମି ପ୍ରକୃତରେ ସେମାନେ କେବେ ପାଇନାହାନ୍ତି ବୋଲି କୁହନ୍ତି । ଏ କାଳରେ ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କ ସେବାକୁ ମଧ୍ୟ ପ୍ରାୟ କିଛି ଦେଉନାହିଁ । କେବଳ ଭଟିମୁଣ୍ଡାରୁ ପୁରୀ ଆସିବା ପାଇଁ ଯାତାୟତ ଖର୍ଚ୍ଚ ବାବଦକୁ ୮୦୦ ଟଙ୍କା, ଖେଚେଡ଼ି-କାନିକା ପ୍ରସାଦ ଲାଗି ୫୦୦ ଟଙ୍କା ମିଳିଥାଏ । ଦକ୍ଷିଣମୋଡ଼ ସେବାବେଳେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରୁ ୧୧୦୦ ଟଙ୍କା ମିଳେ । ପୁରୀ ରହଣି କାଳରେ ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କ ରହିବା ବ୍ୟବସ୍ଥା ବଗଲା ଧର୍ମଶାଳାରେ କରିଥାଏ । ସେବା କାର୍ଯ୍ୟ ଶେଷରେ ଏମାନଙ୍କୁ ମିଳେ ଚଢ଼େଇନଦା ତାଡ଼ ଓ ଖେଚେଡ଼ି-କାନିକା ଭୋଗ । ମାତ୍ର ଏ ସମସ୍ତ ବ୍ୟବସ୍ଥା ୨୧ ଜଣଙ୍କ ପାଇଁ ହୋଇଥାଏ ।

ସମଗ୍ର ଭଟିମୁଣ୍ଡା ହେଉଛି ଘଣ୍ଟୁଆ ସେବକଙ୍କ ଆସ୍ଥାନ । ବାରଟି ପଡ଼ାରେ ରହନ୍ତି ପ୍ରାୟ ୭୦୦ ଘର କଂସାରୀ । ବର୍ଷସାରା ଶାଳରେ କଂସା-ବାସନ ତିଆରି କରି ଏମାନେ ବିକ୍ରୟ କରିଥାନ୍ତି । ଓଡ଼ିଶାର ଏକାଧିକ ଗ୍ରାମ ଯଥା- କଣ୍ଟିଲୋ, ବାଳକାଟି, ରେମୁଣା, ଭୁବନ ଓ ତରଭା ଆଦି କୌଳିକ ବୃତ୍ତିଧାରୀ କଂସାରୀଙ୍କ ବାସସ୍ଥାନ ହୋଇଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ମୁଖ୍ୟତଃ ଭଟମୁଣ୍ଡା କଂସାରୀମାନେ ଜଡ଼ିତ ଏବଂ କଂସାରୀ କୁଳରେ ଏମାନଙ୍କ ସ୍ଥାନ ସ୍ୱତନ୍ତ୍ର । ଶ୍ରୀମନ୍ଦିର ସ୍ୱତଲିପି (Record of Rights)ରେ ୨୦୩ ନମ୍ବର ସେବା କାର୍ଯ୍ୟଟି ହେଲା ଘଣ୍ଟ ବଜାଇବା । ଏଥିନିମନ୍ତେ ରହିଛନ୍ତି ଭିତର ଘଣ୍ଟୁଆ ଓ ବାହାର ଘଣ୍ଟୁଆ । ଭିତର ଘଣ୍ଟୁଆମାନେ ବର୍ଷସାରା ଶ୍ରୀମନ୍ଦିର ଭିତରେ ଘଣ୍ଟ ବଜାଉଥିବା ବେଳେ ବାହାର ଘଣ୍ଟୁଆ କେବଳ ରଥଯାତ୍ରା ସମୟରେ ରଥ ଉପରେ ଘଣ୍ଟ ବଜାଇଥାନ୍ତି । ପୁଣି ଏହି ବାହାର ଘଣ୍ଟୁଆମାନେ ମଧ୍ୟ 'କ' ଓ 'ଖ' ଶ୍ରେଣୀରେ ବିଭକ୍ତ । 'କ' ଶ୍ରେଣୀରେ ସେବକ କହିଲେ ଶ୍ରୀକ୍ଷେତ୍ର ଖରୁଡ଼ା କୁଳ ଛାମୁ ଘଣ୍ଟୁଆ ନିଯୋଗ ଏବଂ 'ଖ' ଶ୍ରେଣୀ କହିଲେ ଶ୍ରୀଶ୍ରୀଜଗନ୍ନାଥ ଦେବ ଜୀଉ କଂସାରୀ ଘଣ୍ଟସେବା ନିଯୋଗକୁ ବୁଝାଏ । ଏହି 'ଖ' ଶ୍ରେଣୀ ଘଣ୍ଟ ସେବା ନିଯୋଗ ସହ ଭଟିମୁଣ୍ଡାର କଂସାରୀମାନେ ସଂପୃକ୍ତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହାର ଘଣ୍ଟୁଆ ସେବକମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବା ପଛରେ ରହିଛି ଏକ ଘଟଣାବହୁଳ କାହାଣୀ ।

ତିନିପୁରୁଷ ତଳର କଥା । ରଥଯାତ୍ରା ଉପଲକ୍ଷେ ସେବାକାର୍ଯ୍ୟ ତୁଲାଇବା ପାଇଁ ଭଟିମୁଣ୍ଡାର କଂସାରୀ-ଘଣ୍ଟୁଆମାନେ ପୁରୀ ଯାଇଥାନ୍ତି । ଏହି ସମୟରେ ତାଙ୍କ ଗାଁରେ ହଇଜା ଲାଗିବାର ଖବର ଶୁଣି ସେମାନେ ମହାପ୍ରଭୁଙ୍କ କାର୍ଯ୍ୟ ଅଧାରୁ ଛାଡ଼ି ଗାଁକୁ ଫେରିଲେ । ତେଣେ ମହାପ୍ରଭୁଙ୍କ କାର୍ଯ୍ୟ ବ୍ୟାହତ ହେବାର ଆଶଙ୍କାରେ ଗଜପତି ମହାରାଜାଙ୍କ ମହାରାଣୀ ସେହି ସେବା ଦାୟିତ୍ୱକୁ ଏହି ମୁହୂର୍ତ୍ତରେ ହସ୍ତାନ୍ତର କଲେ ଖରୁଡ଼ା ଜାତିର ବ୍ୟକ୍ତିବିଶେଷଙ୍କୁ । ମହାରାଣୀଙ୍କ ସନନ୍ଦ ପାଇ ଖରୁଡ଼ାମାନେ ସେବକ ପାଲଟିଲେ ଓ ମହାପ୍ରଭୁଙ୍କ ସେବା ସମ୍ପନ୍ନ ହେଲା ।

ଏକଦା ଭଟିମୁଣ୍ଡାର କଂସାରୀମାନେ ପୁରୀର ମରିଚକୋଟ ସାହି ରାଧାବଲ୍ଲଭ ମଠ ନିକଟରେ କଂସାବାସନ ବଜାର ବସାଇଥିଲେ । ସେ ଅଞ୍ଚଳ ସେତେବେଳେ କଂସାରୀ ପଟି ନାମରେ ଖ୍ୟାତ ଥିଲା । ଏହି କଂସାରୀ ମହାଜନଙ୍କ ନିକଟରେ ଗଞ୍ଜାମ ଅଞ୍ଚଳର ଖରୁଡ଼ା ଜାତିର ଲୋକେ କାମ କରୁଥିଲେ । କଂସାରୀ ମହାଜନମାନେ ପୁରୀକୁ ଆପଣେଇ ନପାରି ମୁଖ୍ୟତଃ ନିଜ ଗ୍ରାମ ଭଟିମୁଣ୍ଡାକୁ ନିଜ ନିଜ ବ୍ୟବସାୟ କେନ୍ଦ୍ର କଲେ । ଏହାର ସୁଯୋଗ ନେଲେ ଖରୁଡ଼ାମାନେ । ଏ ସମୟରେ ଖରୁଡ଼ାମାନେ କଂସାରୀ-ଘଣ୍ଟୁଆଙ୍କ ବ୍ୟବସାୟ କ୍ରୟ କରି ନେଇ ପୁରୀରେ ସ୍ଥାୟୀ ଭାବରେ ଅବସ୍ଥାନ କଲେ । ଏମିତି ଏକ ସମୟରେ ସୌଭାଗ୍ୟବଶତଃ ମହାରାଣୀଙ୍କ ସନନ୍ଦ ପାଇ ମହାପ୍ରଭୁଙ୍କ ସେବକ ବି ହେଲେ । ଭଟିମୁଣ୍ଡା ଘଣ୍ଟୁଆ ସେବକଙ୍କ ପାଖରେ ସେବା କାର୍ଯ୍ୟ ପାଇଁ ରାଜାଙ୍କ ସନନ୍ଦ ଥିବାବେଳେ ଖରୁଡ଼ାମାନଙ୍କ ପାଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘଣ୍ଟସେବା ପାଇଁ ମହାରାଣୀଙ୍କ ସନନ୍ଦ ରହିଛି । ତେଣୁ ଏହି ଦୁଇ ଗୋଷ୍ଠୀର ବିବାଦକୁ ସମାଧାନ କରି ଶ୍ରୀମନ୍ଦିର ପ୍ରଶାସନ ଉଭୟ ଗୋଷ୍ଠୀକୁ ସେବା କାର୍ଯ୍ୟ ପାଇଁ ସୁଯୋଗ ଦେଇଛନ୍ତି । ରଥଟଣା ହେଲାବେଳେ ବା ପହଣ୍ଡି ସମୟରେ ତିନିଠାକୁରଙ୍କ ବାମପାର୍ଶ୍ୱରେ ରହିବେ ଭଟିମୁଣ୍ଡା ଘଣ୍ଟୁଆ ଓ ଡାହାଣ ପାର୍ଶ୍ୱରେ ରହିବେ ଖରୁଡ଼ା ଘଣ୍ଟୁଆ । ମାତ୍ର ଶ୍ରୀମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିରେ ଭଟିମୁଣ୍ଡା ଘଣ୍ଟୁଆ ସେବକ ଆତ୍ମ ସନ୍ତୋଷ ଲାଭ କରିପାରିନାହାନ୍ତି । ସେମାନେ କୁହନ୍ତି ଖରୁଡ଼ାମାନେ କଂସାରୀ ନୁହନ୍ତି । ଖରୁଡ଼ାମାନେ କଂସାରୀମାନଙ୍କ ପାଖରେ ଚାକିରି କରିଥିଲେ । ତେଣୁ ଯଦି ଭେଟିମୁଣ୍ଡା ଗ୍ରାମର ଘଣ୍ଟୁଆ ସେବକମାନେ ଶ୍ରୀମହାପ୍ରଭୁଙ୍କ କାର୍ଯ୍ୟରେ ହେଳା କଲେ ତେବେ କର୍ତ୍ତୃପକ୍ଷ ଅନ୍ୟ ଗ୍ରାମର କଂସାରୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସେବକ ଭାବରେ ନିଯୁକ୍ତି ଦେବା ଉଚିତ ଥିଲା । କିନ୍ତୁ ଅଣ କଂସାରୀ ଖରୁଡ଼ାଙ୍କୁ ସେହି ଦାୟିତ୍ୱ ଦେବାର ନଥିଲା । ସେହି ବିବାଦର କୌଣସି ସର୍ବସମ୍ମତ ସମାଧାନ ହୋଇନଥିଲେ ସୁଦ୍ଧା ଉଭୟ ସଂପ୍ରଦାୟ ସେବାକାର୍ଯ୍ୟ ଜାରି ରଖିଛନ୍ତି । ଏହି ବାର୍ଷିକ ସେବା କାର୍ଯ୍ୟ ଆରମ୍ଭ ହୁଏ ଦେବସ୍ନାନ ପୂର୍ଣ୍ଣମୀରୁ, ଆଉ ଶେଷ ହୁଏ ନୀଳାଦ୍ରି ବିଜେ ପରେ । ଦେବସ୍ନାନ ପୂର୍ଣ୍ଣମୀ ଦିନ ତିନିଠାକୁରଙ୍କୁ ପହଣ୍ଡି କରି ବେଢ଼ା ପରିକ୍ରମା କରାଯାଇ ସ୍ନାନ କାର୍ଯ୍ୟ କରାଗଲା ବେଳେ ବାହାର ଘଣ୍ଟୁଆ ଘଣ୍ଟ ବଜାଇ ପ୍ରଥମ ସେବା କରନ୍ତି । ତିନିଠାକୁରଙ୍କୁ ସ୍ନାନ ବେଦୀରୁ ଅଣସର ବେଦୀକୁ ନେବା ବେଳେ ଦ୍ୱିତୀୟ ସେବା କରିଥାନ୍ତି । ଅଣସର ବେଦୀରୁ ରଥକୁ ନେବାବେଳେ ତୃତୀୟ ସେବା କରିଥାନ୍ତି । ରଥ ଉପରୁ ଗୁଣ୍ଡିଚା ଘରକୁ ଗଲାବେଳେ ଚତୁର୍ଥ ସେବା ହୋଇଥାଏ । ବାହୁଡ଼ା ବିଜେ ସମୟରେ ପଞ୍ଚମ ସେବା ହୋଇଥାଏ । ନୀଳାଦ୍ରି ବିଜେ ସମୟରେ ଷଷ୍ଠ ସେବା ହୋଇଥାଏ । ଏତଦ୍‌ବ୍ୟତୀତ ବାହାର ଘଣ୍ଟୁଆମାନେ ବଡ଼ଦାଣ୍ଡରେ ଥିବା ରଥକୁ ଶ୍ରୀଗୁଣ୍ଡିଚା ପୂର୍ବଦିନ ଶ୍ରୀମନ୍ଦିର ସମ୍ମୁଖକୁ ଘଣ୍ଟ ବଜାଇ ଆଣିଥାନ୍ତି । ଏହାକୁ 'ଉଭାଯାତ୍ରା' କୁହାଯାଏ । ଶ୍ରୀଗୁଣ୍ଡିଚା ମନ୍ଦିରକୁ ଠାକୁର ନବଗ୍ରହ ଦ୍ୱାର ଦେଇ ଯାଇଥାନ୍ତି ଓ ଫେରନ୍ତି ନାକଚଣା ଦ୍ୱାର ଦେଇ । ତେଣୁ ଗୁଣ୍ଡିଚା ମନ୍ଦିରର ନବଦ୍ୱାରଠାରୁ ନାକଚଣା ଦ୍ୱାର ପର୍ଯ୍ୟନ୍ତ ରଥକୁ ନେବାବେଳେ ମଧ୍ୟ ଘଣ୍ଟ ବଜାଯାଇଥାଏ । ଏହାକୁ ଦକ୍ଷିଣ ମୋଡ଼ ସେବା କୁହାଯାଏ । ଯାବତ୍ ଚନ୍ଦ୍ରାର୍କ ବର୍ଷକୁ ଥରେ ଏହି ଅଷ୍ଟସେବା ପାଇଁ ଭଟିମୁଣ୍ଡାର କଂସାରୀ ଘଣ୍ଟୁଆ ସେବକ ପ୍ରତିଜ୍ଞାବଦ୍ଧ ।

ଶ୍ରୀମନ୍ଦିର ସ୍ୱତ୍ୱଲିପିର ୧୦୩ ନମ୍ବର ସେବା ପରିଶିଷ୍ଟରେ ଘଣ୍ଟୁଆ ସେବକମାନଙ୍କ ସେବା ବିଷୟରେ ଉଲ୍ଲେଖ ଅଛି । ପୁରୀ ସହରର ୨୩ ଘର ଖରୁଡ଼ା ଓ ଭଟିମୁଣ୍ଡାର ୧୨ ଘର କଂସାରୀଙ୍କୁ ଘଣ୍ଟୁଆ ସେବା ଅଧିକାର ମିଳିଛି । ଏମାନଙ୍କୁ ଗୋଟିଏ ଲେଖାଏଁ ଚଢ଼େଇନେଦା ଡାଡ଼ ମିଳେ । ଖେଇ ବାବଦରେ ସେମାନଙ୍କୁ ଖେଚୁଡ଼ି ଭୋଗ ମିଳିବାର ବିଧି ଅଛି । ପ୍ରତ୍ୟେକ ଘଣ୍ଟୁଆ ଶାଢ଼ୀ ପାଇବା କଥା ସ୍ୱତ୍ୱଲିପିରେ

ଉଲ୍ଲେଖ ଥିଲେ ମଧ ସେମାନଙ୍କୁ ବାହୁଡ଼ା ସମୟରେ କେବଳ ୬ ଖଣ୍ଡ ଶାଢ଼ୀ ମିଳିଥାଏ । ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟସ୍ଥ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର ଖରୁଡ଼ାକୁଳ ଘଣ୍ଟୁଆ ନିଯୋଗ । ପୁରୀ ଘଣ୍ଟୁଆ ନିଯୋଗ ନାମରେ ମଧ ଏହା ବିଶେଷ ଜଣାଶୁଣା । ଏହି ଗୋପୀନାଥ ମନ୍ଦିର ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ । ନିଯୋଗ ପକ୍ଷରୁ ପ୍ରତିବର୍ଷ ଘଣ୍ଟୁଆମାନଙ୍କୁ ପଟେ ନୂଆ ଘଣ୍ଟ ଓ ଗୋଟିଏ ଗାମୁଛା ଯୋଗାଇ ଦିଆଯାଏ । ରଥଯାତ୍ରା ପରେ ଘଣ୍ଟୁଆ ସେବକମାନେ ଏହି ଘଣ୍ଟ ଫେରାଇ ଦିଅନ୍ତି । ପହଣ୍ଡି ଓ ରଥଟଣା ବେଳେ ଘଣ୍ଟୁଆ ସେବକମାନେ ନୂତନ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି । ଏ ସମୟରେ କୌଣସି ଘଣ୍ଟୁଆ ସେବକ ଆମିଷ ଭକ୍ଷଣ କରନ୍ତିନାହିଁ । ନିଯୋଗରେ ୯୦ ଘର ଖରୁଡ଼ା ସଦସ୍ୟ ରହିଛନ୍ତି । ଶାଢ଼ୀ ବନ୍ଧା ସେବା ହୋଇନଥିଲେ ମଧ ଏମାନଙ୍କ ପରିବାରର କୌଣସି ସଦସ୍ୟଙ୍କର ମୃତ୍ୟୁ ଘଟିଲେ ଶବସତ୍କାର ନିମିତ୍ତ ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ମିଳିଥାଏ । ପୁରୀ ସହରର କୌଣସି ଖରୁଡ଼ା ସେବାରେ ତ୍ରୁଟି କଲେ ଭଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ । ସେହିଭଳି ଭଟିମୁଣ୍ଡାର କୌଣସି କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି, ତେବେ ଅନ୍ୟ କଂସାରୀ ସେବକଙ୍କୁ ଏହି ସେବା କରିବାର ସୁଯୋଗ ମିଳେ । ବର୍ତ୍ତମାନ ତାଳଧ୍ୱଜ ରଥରେ ୨୮ ଜଣ, ଦର୍ପଦଳନ ରଥରେ ୨୪ ଜଣ ଓ ନନ୍ଦିଘୋଷ ରଥରେ ୩୨ ଜଣ ଘଣ୍ଟୁଆ ସେବକ ଘଣ୍ଟ ବାଦନ କରୁଛନ୍ତି ।

ଅଧ୍ୟାପକ, ଇତିହାସ ବିଭାଗ
ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ
କାଇପଦର, ଖୋର୍ଦ୍ଧା

---

# ଚିଦାନନ୍ଦେ ପ୍ରାଣ ଉଠେ ମୋ' ପୁଲକି

ପଣ୍ଡିତ ଜଗନ୍ନାଥ ଶତପଥୀ

ବିଶ୍ୱର ବିସ୍ମୟ ଏ ରଥଯାତରା
ଓଡ଼ିଆ ଜାତିର ଗର୍ବ ପରମ୍ପରା,
ନୀଳାଦ୍ରି ବିହାରୀ କରନ୍ତି ବିଜୟ
ବିଶ୍ୱଚେତନାର ଦାରୁ ବ୍ରହ୍ମମୟ ।

ସେ ତ କରୁଣାର ପ୍ରେମ ପାରାବାର
ବ୍ରାହ୍ମଣ ଚଣ୍ଡାଳ ସଭିଏଁ ତାହାର,
ନାହିଁ ଭେଦାଭେଦ ସେଠି ବଡ଼ସାନ
ସରବେ ତାହାର ପ୍ରିୟ ପରିଜନ ।

ଅପରୂପ ସେତ ସବୁବେଳେ ନୂଆ
କାଳିଆ ଠାକୁର ଭାବ ବିନୋଦିଆ,
ସେ ଆଦି, ଅନାଦି, ଏକରୁ ଅନେକ
ତା'ପରି ଅଛି କେ ବ୍ରହ୍ମାଣ୍ଡ ନାୟକ ।

ସମର୍ପଣ ତା'ରେ ଏ ଧନ ଜୀବନ
ତା' ସେବାରେ ମୋର ବିତି ଯାଉଦିନ,
ରୋଗ-ଶୋକ-କ୍ଲେଶ-ତାପେ ଜର୍ଜରିତ
ନାନା ଯନ୍ତ୍ରଣାରେ ଆଜନ୍ମ-ପିହିତ ।

ମନେ ମନେ ଥିଲା ଅନେକ ବାସନା
କଳପନା ଜାଲେ ରହିଗଲା ସିନା,
ତା' ମନ୍ଦିର ପାଶେ ରଚିଥାନ୍ତି ବାସ
ନିତି ଦେଖୁଥାନ୍ତି ପ୍ରଭୁ ନୀଳାଦ୍ରୀଶ ।

ଗଡ଼ିଯାଉଥାନ୍ତି ଶରଧା ବାଲିରେ
ନାଚି ଯାଉଥାନ୍ତି ତା' ସଙ୍ଗୀତ ସୁରେ,
ତା' କୈବଲ୍ୟ ପାନେ ହେଉଥାନ୍ତି ଭୋଳ
ଦିବ୍ୟାନନ୍ଦେ ମଜ୍ଜି ଭୁଲି ମୁଁ ସକଳ ।

ସେ ଚକା ନୟନେ, ଏ ପାପ ନୟନ
ଲୟ ରଖି ସଦା ଯାଉଥାନ୍ତା ଦିନ,
ସାଧୁଜନଙ୍କର ପାଦ ପଙ୍କ ଧୂଳି
ମୋ ମୁଣ୍ଡରେ ସଦା ହେଉଥାନ୍ତି ବୋଳି ।

କାହିଁ ସେ ସୌଭାଗ୍ୟ, ଇହ ଜନମରେ
ଭାଳି ହୁଏ ସିନା ବୃଥା ଭାବନାରେ,
ସେ ତ କରୁଣାର ପ୍ରେମମୟ ସିନ୍ଧୁ
ମିଳନ୍ତା କି ତହୁଁ ମାତ୍ର ଏକ ବିନ୍ଦୁ ।

ନାହିଁ ସେ ପ୍ରତ୍ୟୟ କେବେ ତା' କରୁଣା
ହେବ ଅକିଞ୍ଚନେ, ତାହା ତାଙ୍କୁ ଜଣା,
ବିଷୟ ବିଷରେ ହେଲି ମୁଁ ପାଗଳ
ଯୌବନ-ମଦରେ ଭୁଲିଲି ସକଳ ।

କରିନି ତ କିଛି ଜୀବନେ ସୁକୃତ
ଜୀବନ-ସାୟାହ୍ନ ଏବେ ଉପଗତ,
ମାୟାଜାଲେ ଛନ୍ଦି ଗଲା ଏ ଜୀବନ
ପୁତ୍ର ଦାର ମୋହେ ହରାଇଲି ଜ୍ଞାନ ।

ଭରସା କେବଳ ତା' କଞ୍ଜ-ଚରଣ
ତା' ବିନୁ ଜୀବନେ କାହୁଁ ପରିତ୍ରାଣ ?
ଶରଣ ଯାଉଛି ତା' ଚରଣ ତଳେ
ମରଣ ନିକଟେ ପ୍ରଣତିର ଧାରେ ।

ଚନ୍ଦ୍ରାଳୟ
ସେଲଟର ଛକ, କଟକ-୮



# ଇଚ୍ଛାମୟଙ୍କ ସ୍ୱେଚ୍ଛାଯାତ୍ରା

ଶରତ କୁମାର କର

ଯାତ୍ରାର ସଂଜ୍ଞା ଅନେକ ପ୍ରକାର । ଯିଏ ଯେଭଳି ବୁଝିବ ତାକୁ ସେଭଳି ସେତେ ପ୍ରକାରର ଯାତ୍ରା । ଜୀବ, ବ୍ରହ୍ମ, ବସ୍ତୁ, ବ୍ରହ୍ମାଣ୍ଡ, ବୃକ୍ଷଲତା, ପଶୁପକ୍ଷୀ, କୀଟପତଙ୍ଗ, ଗ୍ରହ, ଉପଗ୍ରହ, ଅସଂଖ୍ୟ ତାରା, ତାରାପୁଞ୍ଜ, କିଏ ଯାତ୍ରା ନକରୁଛି ? ଆଜନ୍ମରୁ, ଜନ୍ମଯାତ୍ରାଠୁ ଶେଷ ମହାଯାତ୍ରା, ମୃତ୍ୟୁ ପର୍ଯ୍ୟନ୍ତ - ପୁନର୍ବାର ଜନମ, ପୁନରପି ମରଣ, ଭଙ୍ଗାଗଢ଼ା, ଧ୍ୱଂସ ପୁଣି ସୃଷ୍ଟି, ଏକତ୍ରୀକରଣ ପୁଣି ବିଚ୍ଛିନ୍ନକରଣ ଆଦି ସବୁଧାରା, ସୂକ୍ଷ୍ମ ଅବା ସ୍ଥୂଳଭାବେ ଗତିଶୀଳ - ସଦା ଯାତ୍ରା, ଶୋଭାଯାତ୍ରା, ମହାଯାତ୍ରା, ଘୂର୍ଣ୍ଣନ ପ୍ରବଚନ, ଅପସାରଣ, ବିକେନ୍ଦ୍ରୀକରଣ, ବିକିରଣ, ବିଚ୍ଛୁରଣ, ବିଭକ୍ତିକରଣ, ଏକୀଭୂତ କରଣ, ଆକର୍ଷଣ, ବିକର୍ଷଣ ଆଦି ସବୁ ପ୍ରକ୍ରିୟା ଏ ସୃଷ୍ଟି, ସଂସାର ବା ବ୍ରହ୍ମାଣ୍ଡର 'ଯାତ୍ରା' ନାମରେ ବିଦିତ । ଅତି ଦ୍ରୁତ ଗତିରେ ଧାଉଁଥିବା ଶବ୍ଦ, ଆଲୋକ, ଅଦୃଷ୍ଟ, ସମୟ - ଆମ ଚକ୍ଷୁ, କଳ୍ପନାର ଦୃଷ୍ଟି ତଥା ଭାବନାର ଅନ୍ତରାଳରେ ଘଟୁଥିବା ଅସଂଖ୍ୟ, ଅଜସ୍ର ମହାଶକ୍ତିର ଘୂର୍ଣ୍ଣନ, ଚଳନ, ଧାବମାନ ମହାଗତିକୁ କ'ଣ ଆମେ ଅନୁଭବ କରିପାରୁ ? ଆମେ ବସବାସ କରୁଥିବା ଧାବମାନ ଗତିଶୀଳ ପୃଥିବୀ ଆମ ପାଇଁ ସଦା ସ୍ଥିର ମନେ ହୋଇଥାଏ । ପ୍ରତୀୟମାନ ହେଉଥିବା ସୂର୍ଯ୍ୟ ଚନ୍ଦ୍ରର ଗତି ସ୍ଥିର ବୋଲି ବୈଜ୍ଞାନିକ କହନ୍ତି । କିନ୍ତୁ ପରମାର୍ଥିକ ସମ୍ମତ ବିଜ୍ଞାନ ଅନୁସାରେ ସେମାନେ ମଧ୍ୟ ଯାତ୍ରାରତ । ତେଣୁ ସୃଷ୍ଟି ମାତ୍ରକେ ଗତିଶୀଳ, ଯାତ୍ରାରତ - ଯଥାର୍ଥରେ ସେ 'ଜଗତ୍' ଯା ଓ ଗମ୍ ଧାତୁରୁ ଉତ୍ପନ୍ନ ଶବ୍ଦ ଯାତ୍ରା ଯାହା ସଦା ଗତିଶୀଳ । ଏ ସମସ୍ତ ଯାତ୍ରା ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରରେ ପରଂବ୍ରହ୍ମଙ୍କର ଦାରୁବିଗ୍ରହର ଶ୍ରୀଗୁଣ୍ଡିଚା ଉପଲକ୍ଷେ ରଥଯାତ୍ରା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ମନୋରଥ ପୂର୍ଣ୍ଣକାରୀ, ଜୀବାତ୍ମା ପରମାତ୍ମାର ସାକ୍ଷାତକାର ଯାତ୍ରା । ଏହା ସ୍ରଷ୍ଟା ଇଚ୍ଛାମୟଙ୍କ ନିଜ ଇଚ୍ଛାରେ ସଂଘଟିତ ନୟନାଭିରାମ ନନ୍ଦିଘୋଷଙ୍କର ଘୋଷଯାତ୍ରା । ସାଙ୍କେତିକ, ପାରମାର୍ଥିକ, ମାହାତ୍ମ୍ୟପୂର୍ଣ୍ଣ, ମହାନ୍ ଭାବଦ୍ୟୋତକ ପତିତପାବନ ଯାତ୍ରା । ଭଜନ, ଦର୍ଶନ, ଭୋଜନ, ଭୋଗ ଭୁଞ୍ଜନ, ତ୍ୟାଗ, ସମର୍ପଣ, ଦୃଷ୍ଟି ଆଦାନପ୍ରଦାନ, ମନସ୍କାମନା ପୂରଣ, ବରପ୍ରାପ୍ତି, ପାପମୁକ୍ତି, ଜନ୍ମ ଜନ୍ମାନ୍ତରର ପୁଣ୍ୟ ଅର୍ଜନର ସୁବର୍ଣ୍ଣ ସୁଯୋଗ, ଅଲଭ୍ୟ, ଅମୂଲ୍ୟ ମୁହୂର୍ତ୍ତ ଏ ରଥଯାତ୍ରା ।

ତେଣୁ ଏହା ସର୍ବଶ୍ରେଷ୍ଠ ଯାତ୍ରା । ଏ ବିଶ୍ୱାସରେ ଅନ୍ଧଭାବେ ବା ଜ୍ଞାନୀ ଭାବେ ଲମ୍ଫ ପ୍ରଦାନ କରି ଏ ବିଶ୍ୱାସରେ ଅବଗାହନ କରି ଏ ମୁହୂର୍ତ୍ତର ଦୁଃଖ ବା ସୁଖ ବା ଭକ୍ତି ବା ସ୍ନେହ ବା ମୁକ୍ତିର କାମନା କରି ଇଚ୍ଛାମୟର ପ୍ରସାରିତ ବାହୁ, ବିଶାଳ ଗୋଲାକାର ଚକ୍ଷୁରେ, ରକ୍ତିମ ଅଧର, ଧଳାକଳା ରଙ୍ଗର ପୁଣ୍ୟବନ୍ତ ଦାରୁ ଶରୀର ତଥା କର୍ପୂର ଚନ୍ଦନ, ଚୁଆ ତୁଳସୀ, ଦୟଣା ଶୋଭିତ ରୂପ, ରସାମୃତକୁ ଓ ବଦନ କମଳକୁ ଆକଣ୍ଠ ପାନ କରି ଅପଲକ ନେତ୍ର ଦେଇ ସେ ଜ୍ୟୋତିକୁ ଗ୍ରହଣ କର, ରଥ ଉପରେ ଉପବିଷ୍ଟ ଜଗନ୍ନାଥଙ୍କ ନୟନ ପଥରେ ନିଜ ମନ, ମୁନ, ଚୈତନ୍ୟ ଓ ନୟନକୁ ମିଶାଇ ଦିଅ, ସେ ପଥରେ ମନ ଦଉଡ଼ାଇ ମହାର୍ଗ ପଥର ପଥିକ ହୋଇଯାଅ - ଏ ମଣିଷର ସଂସାର ଯାତ୍ରା ସାର୍ଥକ ହୋଇ ଉଦ୍ଧାର ପାଇଯିବ ।

ଏହିଭଳି ଏକ ମହାନ୍ ଯାତ୍ରା ଏ ରଥଯାତ୍ରା । ପରଂବ୍ରହ୍ମ ବିଦେହୀ ପୁରୁଷୋତ୍ତମ ଏଠି ଦାରୁରୂପରେ ଦେହ ବହି ଥିବାରୁ ଏ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର, ନୀଳାଚଳଧାମ, ଭାରତର ଏକ ଶ୍ରେଷ୍ଠ ପୁଣ୍ୟଧାମ ତଥା ବିଶ୍ୱବ୍ରହ୍ମାଣ୍ଡର ମନୁଷ୍ୟ ସମାଜ ପାଇଁ ଆଧ୍ୟାତ୍ମିକ, ପାରମାର୍ଥିକ ରାଜଧାନୀ । ଏ ବିଶ୍ୱକେନ୍ଦ୍ରର ନିୟନ୍ତ୍ରଣରେ ଭାବ ଆହରଣ କରିପାରିଲେ ବିଶ୍ୱମାନବ ସମାଜ ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ପ୍ରେମ, ସ୍ନେହ ଭାବରେ ବାନ୍ଧି ହୋଇଯିବ । ପତିତମାନେ ଉଦ୍ଧାର ହେବେ । ସବୁଠି ଲହରୀ ଖେଳିବ ସତ୍, ଚିତ୍, ଆନନ୍ଦ, ଚୈତନ୍ୟ, ବିବେକ, ପ୍ରେମ, ଶାନ୍ତି, ସମାଜରେ ସଦା ବିରାଜମାନ ହେବ । ଅସତ୍‌ର ସତ୍ ମାର୍ଗକୁ, ଅନ୍ଧାକାରରୁ ଆଲୋକ ଓ ଜ୍ୟୋତି ମାର୍ଗକୁ ମୃତ୍ୟୁ, କ୍ଷୟ, ଧ୍ୱଂସରୁ ଅମୃତ, ଅକ୍ଷୟ, ଚିରନ୍ତନଧାମକୁ ମଣିଷ ସମାଜ ଆଗେଇଯିବ । ସେହି ଅମର, ସତ୍ୟାର୍ଥୀ, ଆଲୋକର ଯାତ୍ରା ହିଁ ରଥଯାତ୍ରା । ମାନବଜାତିର ବଡ଼ଦାଣ୍ଡରେ ବଡ଼ଯାତ୍ରା । ଘୋଷଯାତ୍ରା ଘୋଷଣା କରି କରି ଯାଏ ଯେ ଏହା ବିଜୟର ଯାତ୍ରା, ପୁଣ୍ୟର ଯାତ୍ରା, ପ୍ରେମର ଯାତ୍ରା, ମୁକ୍ତିର ଯାତ୍ରା, ଶାନ୍ତିର ଯାତ୍ରା, ଆନନ୍ଦର ଯାତ୍ରା - ଯାହା ଜୀବାତ୍ମାର ଏକମାତ୍ର କାମ୍ୟ ଯାତ୍ରା । ଅସୀମ, ଅନନ୍ତ, ଚିରନ୍ତନ ଯାତ୍ରା - ଯେଉଁଥିରେ କି ନିଜ ନିଜର ମନ, ବୁଦ୍ଧି, ଅହଂକାରକୁ ମିଶାଇ ଦେବା ଉଚିତ ।

କଳିଯୁଗରେ ନାନା ଭ୍ରାନ୍ତ, ଭ୍ରଷ୍ଟାଚାରୀ, ପତନମୁଖୀ, ହିଂସ୍ର, ବିବେକହୀନ, ସ୍ୱାର୍ଥାନ୍ୱେଷୀ କଳହକାରୀ, ପାପାଚାରୀ ବିଭୀଷିକାକୁ ପଦ୍ମବନ ଦଳିଦେବା ପରି ଦାରୁବ୍ରହ୍ମଙ୍କ ରଥଯାତ୍ରା ପ୍ରବଳ ମତ୍ତବାରଣ (ପାଗଳାହାତୀ) ପରି ଦଳି ଚକଟି ଦେବ । ଭକ୍ତ ସାଲବେଗଙ୍କ ଭାବ ନେଇ, ଚୈତନ୍ୟଙ୍କ ଭଜନ କୀର୍ତ୍ତନ ଆନନ୍ଦ ନେଇ, ଯୁଗ ଯୁଗ ଧରି ଭାରତର ବିଭିନ୍ନ କୋଣରୁ ଆସିଥିବା ଭିନ୍ନ ଭାଷାଭାଷୀ ବିଭିନ୍ନ ମତ, ପଥ, ପନ୍ଥାର ସାଧୁ, ସନ୍ନ୍ୟାସୀ, ଭକ୍ତ, ଦ୍ରଷ୍ଟାଙ୍କ ଅନୁଭୂତି, ଅଭିଜ୍ଞତା, ବାଣୀ ସ୍ମରଣ କରି ଥରେ ହେଲେ ଏ ସନ୍ତ୍ରାନ୍ତ, କୋଳାହଳମୟ ରାଜାଧିରାଜ ଜଗତ (ଯାତ୍ରା)ର ନାଥ ଜଗନ୍ନାଥଙ୍କର ଏ ବିଶାଳ ଜନ ସମୁଦ୍ର ମଧ୍ୟରେ ରଥଯାତ୍ରାକୁ ଦେଖି, ଚାହିଁ, ଗାଇ, ଖାଇ, ଦଉଡ଼ି ଟାଣି, ରଥ ଚକ ଛୁଇଁ, ଦାଣ୍ଡଧୂଳି ମୁଣ୍ଡରେ ମାରି, ତୁଳସୀ ଚନ୍ଦନ ତୁଣ୍ଡରେ ଦେଇ ଗଳା ଫଟାଇ ଲୋକଙ୍କ ହରିବୋଲ ଧ୍ୱନିରେ ହରିବୋଲ ଦେଇ ନିଜକୁ ମଜ୍ଜାଇ ଦିଅ, ଜୀବନକୁ ସମର୍ପଣ ଭାବରେ ହଜାଇ ଦିଅ । ଜୀବନର ସବୁ ସଙ୍କଟ ଦୂର ହୋଇଯିବ । ସବୁ ସମସ୍ୟା ତୁଟିଯିବ । ସବୁ ଅବିଶ୍ୱାସ କଟିଯିବ । ସବୁ ଅନ୍ଧକାରରେ ବାଟ ଦିଶିଯିବ ।

ଏ ବିଶ୍ୱାସଟିକୁ ହାସଲ କରି ନିଜର ପତିତ ଜୀବନଟିକୁ ପତିତପାବନର ମୁଖଦର୍ଶନ ପତିତପାବନ ବାନା ଦର୍ଶନ କଲେ ଆତ୍ମଦର୍ଶନ ଫୁଟି ଉଠିବ । ନିଜର ଅହଂକାର ଯାତ୍ରାର ବେଗ ରଥଚକ୍ରର ଧୂଳିରେ ମିଳାଇଯିବ । ନିଜର ପୁନର୍ଜନ୍ମ ହେଲାଭଳି ଲାଗିବ । ଅନୁଭବ ହେବ ଆମେ ସବୁ ଅମୃତର ସନ୍ତାନ । ଜଗତରେ କିଛି ବଡ଼ ନାହିଁ । ବଡ଼ ଲୋକଙ୍କ ଆକୁଳ ବିକଳ, ପ୍ରାଣ କାତରତା ଜଗତରନାଥ ଜଗନ୍ନାଥ ଏ ରଥଯାତ୍ରାକୁ ଦେଖିବା ପାଇଁ - ଆପଣଙ୍କୁ ଆକୁଳ, ବ୍ୟାକୁଳ ପାଗଳ କରୁ । ତା'ହେଲେ ରଥଯାତ୍ରା ଦେଖିଲା ଭଳିଆ ହେବ ।

ନଚେତ୍ ଯାତ୍ରା, ଥିଏଟର ଦେଖି ତାକୁ ମିଛ ମରୀଚିକା ଭଳି ଭୁଲିଗଲା ପରି ଏ ଯାତ୍ରାକୁ ଅନ୍ଧବିଶ୍ୱାସୀ ଧର୍ମାନ୍ଧମାନଙ୍କର ଏକ ମରୀଚିକାପୂର୍ଣ୍ଣ । ପିଲାଙ୍କ-ଖେଳ ଭଳି ଏକ ବହୁ ବ୍ୟୟବହୁଳ ନାଟକ ବୋଲି ଭାବିଲେ ରଥଚକ ଗଡ଼ିଯିବ, ତୁମେ ପଛରେ ପଡ଼ିଯିବ, ଅନ୍ଧାରରେ ବୁଡ଼ିଯିବ । ସମସ୍ୟା ଦୁଃଖର ଅନ୍ଧାର ଘେରିଯିବ । ଅନିଶ୍ଚିତତା, ଅପରିଣାମଦର୍ଶିତାର ବେଡ଼ି ଗୋଡ଼ରେ ହାତରେ ପଡ଼ିଯିବ ।

ଉଠ, ମନସ୍ଥିର କର, ମହାନ୍ ସାଧୁ ସନ୍ଥଙ୍କ - ବାଣୀ ସ୍ମରଣ କର - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ଭବେତ୍ ।'

'ଭୁଜତଳେ ମତେ ରଖ ମହାବାହୁ, ବାହୁତଳେ ମତେ ରଖ
ବିପୁଳ ଭୁଜ ବିସ୍ତାରି ଦେଲେ ପ୍ରଭୁ ଛାର କରିକି କହିବ ଦୁଃଖ ।'
(ଚନ୍ଦନ ହଜୁରୀ)

'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ ।'
(ସାଲବେଗ)

'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତତେ
ଧନ ମାଗୁନାହିଁ, ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ ।'
(ବନମାଳୀ ଦାସ)

'ଚକାଡୋଳା ଚିକ୍କଣ କଳା
ଚାହିଁବା ମାତ୍ରକେ ଦୂରିତ ପଳାଏ, ସୋରିଷେ ନ ରହେ ସଂସାର ଜ୍ୱାଳା ।'
(ବିଛନ୍ଦ ଚରଣ)

'ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ
ଅନ୍ତର୍ଯ୍ୟାମୀ ଅନ୍ତର୍ଗତ ବାରତା ଜାଣ ।
ସେହି ପ୍ରଭୁ ନୁହେଁ କି ତୁମ୍ଭେ, ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ ।'
(ଉପେନ୍ଦ୍ର ଭଞ୍ଜ)

ରଥଯାତ୍ରାରେ ମନୋରଥ ପୂରଣ କରିବାର ସବୁଠାରୁ ବଡ଼ ସୁଯୋଗ ଜୀବମାନଙ୍କୁ ଦେବାପାଇଁ ପରମାତ୍ମାଙ୍କର ଇଚ୍ଛାନୁସାରେ ବର୍ଷକେ ଥରେ ବଡ଼ଦାଣ୍ଡକୁ ଯିବା ଆସିବା ହୁଏ । ନଅ ଦିନ ଯାତ୍ରାରେ ଏହି ଠାକୁର ସର୍ବସାଧାରଣଙ୍କର ପାରମ୍ପରିକ ବୈଦିକ ମନ୍ତ୍ର, ତନ୍ତ୍ର, ଯନ୍ତ୍ର ସମନ୍ୱିତ ପୂଜାର ଊର୍ଦ୍ଧ୍ୱରେ ଆଦିମ ମାନବ (ଶବର)ର ଅନୌପଚାରିକ, ସରଳ ସହଜ, ଅମାୟିକ ଭାବ ଗଦ୍‌ଗଦ୍‌ତାରେ ପୂଜା ପାଇବା ପାଇଁ ବ୍ୟାକୁଳ ହୋଇ ଦାଣ୍ଡକୁ ଆସନ୍ତି । ସେ ସ୍ରଷ୍ଟା, ସର୍ବଶକ୍ତିମାନ, ସର୍ବଦ୍ରଷ୍ଟା, ସର୍ବଶକ୍ତିସମ୍ପନ୍ନ ହୋଇଥିଲେ ହେଁ ସାଧାରଣ ମାନବ, ପତିତ, ଦଳିତମାନଙ୍କୁ ଧରାଦେବା ପାଇଁ ବୈକୁଣ୍ଠ ପୁରରୁ ରତ୍ନ ସିଂହାସନରୁ ଓହ୍ଲାଇ ଆସି ସର୍ବସାଧାରଣଙ୍କୁ ଦର୍ଶନ ଦେବା ପାଇଁ ସ୍ନେହ, ଭକ୍ତି, ଗାଳି, ମନନ, ଧ୍ୟାନ, ଅଶ୍ରୁମୋଚନ, ସମର୍ପଣ ଭାବରେ ଭାବଗ୍ରାହୀ ହେବାକୁ ଆସନ୍ତି । ଏ ରଥଯାତ୍ରାର ଏହା ହିଁ ବୈଶିଷ୍ଟ୍ୟ । ଏହା ଏକ ଭାବ, ଭକ୍ତିର ଯାତ୍ରା ।

ଅଭିମନ୍ତ୍ରିତ, ନିତ୍ୟସେବିତ, ପୂଜିତ ଏହି ଦାରୁବ୍ରହ୍ମ ଜାତି ଧର୍ମ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ, ଭାବଗ୍ରାହୀ, ଭାବଦାୟୀ ପିଣ୍ଡ ଓ ବ୍ରହ୍ମାଣ୍ଡରେ ଥିବା ସେହି ଆତ୍ମା ଯାହା ଅମର, ଅଜେୟ, ଆନନ୍ଦମୟ, ପ୍ରେମମୟ । ସେହି ଆତ୍ମାକୁ ଅନୁଭବ, ଦୃଷ୍ଟି, ଭାବ ମଧ୍ୟରେ ସମସ୍ତେ ଧରି ରଖନ୍ତୁ ବୋଲି ଆମକୁ ଶିକ୍ଷା ଦେବା ପାଇଁ, ଚେତନା ଦେବାପାଇଁ, ଆନନ୍ଦ ପ୍ରେମଭାବ, ଦୟା, କରୁଣା ଦେବାପାଇଁ ବିଶ୍ୱାସର ଯାତ୍ରା ମଧ୍ୟରେ ସେ ଆସନ୍ତି । ତାଙ୍କୁ ଭକ୍ତିରେ ଧରି ରଖିବାକୁ ହେବ । ପ୍ରେମରେ ବାନ୍ଧି ରଖିବା, ତାଙ୍କୁ ସାକ୍ଷୀ ରଖି ସମସ୍ତଙ୍କୁ ସ୍ନେହ, ପ୍ରେମ, ଶାନ୍ତି ଦେବା, ସେବା ମଧ୍ୟରେ ଜଗନ୍ନାଥଙ୍କ ସେବା କରିବା ଆମର ଧର୍ମ । ଜଗନ୍ନାଥ ଧର୍ମ, ଜଗନ୍ନାଥ ସଂସ୍କୃତି ଏହି ରଥଯାତ୍ରାରେ ପ୍ରତିଫଳିତ । ରାଜଶକ୍ତି ଗଜପତି ଏଠି ମାର୍ଜନା କାମ କରି ନିଜକୁ ଦାସାନୁଦାସ ସଜାଇ ସମର୍ପଣ ଭାବରେ ଆଦର୍ଶ ଦେଖାନ୍ତି ।

ଏହି ଭାବର ରଥଯାତ୍ରା ମାନବ ସମାଜ, ସଭ୍ୟତା, ରାଜନୀତି, ଦେଶ ଦେଶ ମଧ୍ୟରେ ସମ୍ପର୍କନୀତି, ସମାଜନୀତି, ଗତିକୁ ନିୟନ୍ତ୍ରିତ

କରୁ ତେବେ ଯାଇ ମାନବ ସଭ୍ୟତାର ରଥ ଆମର ଆନନ୍ଦ ଶକ୍ତି, ଦୟା, କ୍ଷମା, ପ୍ରେମ ଭାବରେ ଘର୍ଘର ନାଦରେ ଗଡ଼ି ଚାଲିବ । ବିଶ୍ୱକୁ ଏ ଶିକ୍ଷା ଦେବା ପାଇଁ ଏ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଜଗନ୍ନାଥ ଜୀଉଙ୍କ ଏ ଯାତ୍ରା ବିଭିନ୍ନ ସ୍ଥାନରେ ଅନୁସରିତ ହେଉଛି । କାହାରିକୁ ନ୍ୟୂନ କରି କହିହେବ ନାହିଁ । ସେ ସବୁ ମଧ୍ୟ ଭାବର ଯାତ୍ରା । ପୁରୀର ରଥଯାତ୍ରା ଧାରାରେ ପରିଚାଳିତ ।

ତଥାପି ଶ୍ରୀକ୍ଷେତ୍ରରେ ଯୁଗ ଯୁଗରୁ ପରିକଳ୍ପିତ, କଳିଯୁଗରେ ଏ ଆଧ୍ୟାତ୍ମିକ ରାଜଧାନୀରେ ବାରମ୍ବାର ତାଙ୍କ ଇଚ୍ଛାରେ, ଆଜ୍ଞାରେ ଦାରୁରୂପରେ ଆସି, ନିଜେ ନିଜକୁ ନିର୍ମାଣ କରି ମଣିଷ ପରି ନବକଳେବର କରାଇ, ସେବା ପାଇଁ, ସେବା ଦେଇ ଏ ପୁରୁଷୋତ୍ତମ ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି । ବିଶ୍ୱାସର ନୀଳାଚଳ ସୃଷ୍ଟି କରି, ମହାପ୍ରସାଦ (ଅବଢ଼ା), ନିର୍ମାଲ୍ୟ ଭୋଜନ, ସେବନ କରାଇ ଯେ ଯାହା ଭକ୍ତିରେ ପ୍ରଦାନ କରେ ସେଇ ଯତ୍ ସାମାନ୍ୟ ତୁଳସୀ, କର୍ପୂର, ଜଳ, ଦୀପ, ଧୂପ ବିନିମୟରେ ଅଜସ୍ର କରୁଣା, ଦୟା ଅଜାଡ଼ି ଦିଅନ୍ତି ପ୍ରଭୁ ଜଗନ୍ନାଥ । ପୂଜକର ନାନା ପରମ୍ପରାର ନିୟନ୍ତ୍ରଣରେ ସର୍ବସାଧାରଣ ସବୁବେଳେ ତାଙ୍କୁ ଭେଟ କରିପାରନ୍ତି ନାହିଁ । କିନ୍ତୁ ପୁରୀର ରଥଯାତ୍ରା ପୁରୁଷୋତ୍ତମଙ୍କର ନିୟନ୍ତ୍ରଣ ମୁକ୍ତ, ହୋଲି, ମେଳଣ, ମେଳା ମଉଚ୍ଛବ ପରି ଲୋକଙ୍କ ହାଟ, ଘାଟ, ବାଟ, ନାଟ ପରି ହରିବୋଲିଆ ଯାତ୍ରା । ଠେଲା, ପେଲା, ଧାଁ ଧପଡ଼, ଭିଡ଼ ମଧ୍ୟରେ ଠାକୁରଙ୍କୁ ଦିନସାରା ସାହାଣ ମେଳାରେ ଦେଖିଲା ପରି ଦେଖି ନିଜେ ଫୋପାଡ଼ି, ନିଜେ ବଢ଼େଇ ନିଜ ଭୋଗ ଟେକି ଦେଇ ଶୂନ୍ୟେ ଶୂନ୍ୟେ ନିଜେ ପୂଜା କରିପାରିବ । ନିଜ ମନରୁ ସମର୍ପଣରେ ଯାହା ପାଟିରୁ ବାହାରିଲା ସେଇ ମନ୍ତ୍ରରେ - ଜୟ ଜଗନ୍ନାଥ, ଚକାଡୋଳା, କାଳିଆଭୁଜ, ହରିହେ, ଜଗଦୀଶ, ପୁରୁଷୋତ୍ତମ ବା ହରିବୋଲ ଡାକରାରେ ପୂଜାବିଧି ଦାଣ୍ଡେ ଦାଣ୍ଡେ ଚାଲିଥିବ । ଅନ୍ତର୍ଯ୍ୟାମୀ ତୁମ ଅନ୍ତରଭାବକୁ ନେଇ ଖୁସ୍ । ଏତେ ଶସ୍ତା, ଏତେ ସୁଲଭ ଅଥଚ ଏଡ଼େ ଅମୂଲ୍ୟ ଏଡ଼େ ଦୁର୍ମୂଲ୍ୟ ଧର୍ମ ଅର୍ଜନ ଆଉ କେଉଁ ଶାସ୍ତ୍ର, ବିଧି ବା ଧର୍ମ ସମ୍ପ୍ରଦାୟରେ ଅଛି ? ତେଣୁ ଏ ପତିତପାବନଙ୍କର ଡାକି ହାକି ଧର୍ମର ଜୟଯାତ୍ରା । ଲୋକଙ୍କୁ ଧର୍ମ, ଦୟା, ପୁଣ୍ୟ ବାଣ୍ଟି ବାଣ୍ଟି ଦେଇ ଯିବା ଦାନୀ ଦୟାଳୁ ପରଂବ୍ରହ୍ମ ଆଉ କିଏ ହୋଇପାରେ ? ସେ ଠାକୁର ଜଗନ୍ନାଥ ଓ ତାଙ୍କ ବଡ଼ଦାଣ୍ଡରେ ସର୍ବବୃହତ୍ ବଡ଼ଯାତ୍ରା । ସବୁଥିରେ ବଡ଼ । ଭାବ, ଧର୍ମ, ପୁଣ୍ୟ, ସରଳତା, ସମାନତା, ଆଦାନପ୍ରଦାନ ଭକ୍ତି, ଦାର୍ଶନିକତା, ମହାନତା, ମର୍ଯ୍ୟାଦା, ମାନବତା, ପାରମାର୍ଥିକତା, ବଦାନ୍ୟତା, ବହୁଶାସ୍ତ୍ର ଦର୍ଶିତା ଧର୍ମ ଧାରଣା ରହସ୍ୟ ଉନ୍ମୋଚନତାର ଅପୂର୍ବ, ଅକଳନୀୟ, ଅବର୍ଣ୍ଣନୀୟ ଏହି ରଥଯାତ୍ରା । ଏହାର ବିସ୍ତୃତ ପ୍ରମାଣ ତଥ୍ୟ ଶାସ୍ତ୍ର ଉଦାହରଣ ଦେଇ ଏ କ୍ଷୁଦ୍ର ପ୍ରବନ୍ଧରେ ବର୍ଣ୍ଣନା କରାଯାଇପାରିବ ନାହିଁ ।

ତଥାପି ଭାବ ଦୃଷ୍ଟିରୁ ଏ ଯାତ୍ରା ଭାବ ସମୁଦ୍ରର ଲହଡ଼ି ଭାଙ୍ଗି ଭାଙ୍ଗି ଅବଗାହୀ ଦାରୁରୂପୀ ପରଂବ୍ରହ୍ମଙ୍କୁ 'ଭାବଗ୍ରାହୀ' ପୁରୁଷୋତ୍ତମ, ଲୀଳାମୟ ଲୀଳାଧର, ଇଚ୍ଛାମୟ ଈଶ୍ୱର ତଥା ଦୟାର ସାଗର, ସର୍ବେଶ୍ୱର ଅଥଚ ପତିତପାବନ ବୋଲି ଏ ଯାତ୍ରାକାଳରେ ନିଜକୁ ନିଜେ ପ୍ରମାଣିତ କରନ୍ତି - ଏହା ସର୍ବଜନସିଦ୍ଧ ।

ବିଶ୍ୱାବସୁର ନୀଳରତ୍ନ ନୀଳମାଧବ ଜ୍ୟୋତି ସମସ୍ତଙ୍କ ଅଜ୍ଞାତ ଅଶ୍ରୁତ, ଅଦୃଶ୍ୟ ଗୁମ୍ଫାରୁ ଆସି ନୀଳାଚଳରେ ପତିତପାବନ ପତାକା ଉଡ଼ାଇ, ବିପୁଳ ଭୁଜ ବିସ୍ତାର କରି ଅସାଧାରଣ ଚକ୍ଷୁ, ହସ୍ତ, କଳେବର ପ୍ରସାର କରି ପରିଶେଷରେ ସ୍ୱୟଂ ଭକ୍ତକୁ ଦର୍ଶନ ଦେବା ପାଇଁ ରଥରେ ବିଜେ କରି ଯାତ୍ରା କରିବା ତାଙ୍କର ଅଯାଚିତ ଦୟାର ଯାତ୍ରା । ମହାନ୍ ଯାତ୍ରା ଇଚ୍ଛାମୟଙ୍କ ସ୍ୱ-ଇଚ୍ଛାରେ ଯାତ୍ରା, ରଥଯାତ୍ରା ।

ଏହା ପିଲାଖେଳ ବା କ୍ରୀଡ଼ା କାର୍ଯ୍ୟକ୍ରମ ପରି ପ୍ରତୀତ ହେଉଥିଲେ ହେଁ ଏହା ହିଁ ଜଗତର ସୃଷ୍ଟିର ସାରାଂଶ, ସାରତଥ୍ୟ, ରହସ୍ୟ ଓ ପାରମାର୍ଥିକ ତଥ୍ୟ । ଜୀବାତ୍ମା ଓ ପରମାତ୍ମାର ସାକ୍ଷାତ କର, ମିଳନ ମୁହୂର୍ତ୍ତ - ଭକ୍ତ ଭଗବାନର ଚିରନ୍ତନ ସମ୍ପର୍କର ଉଦ୍‌ଘୋଷଣ ଯାତ୍ରା-ଘୋଷ ଯାତ୍ରା - ରଥଯାତ୍ରା ।

ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ ଭବତୁ ମେ ।

ଶହୀଦ ନଗର
ଭୁବନେଶ୍ୱର





# ଦେହି ପଦ ପଲ୍ଲବ ମୁଦିତ ମୁଦାରଂ

ତାରାକାନ୍ତ ମହାନ୍ତି

**ଭ**ଗବାନ ଭକ୍ତର ଅଧୀନ ନା ଭକ୍ତ ଭଗବାନଙ୍କର ଅଧୀନ ? ଏହା ଜିଜ୍ଞାସୁ ଓ ଜ୍ଞାନୀ ଭକ୍ତମାନଙ୍କର ମଧ୍ୟରେ ଏକ ଦ୍ୱନ୍ଦ୍ୱ ଓ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯାହାର ସନ୍ତୋଷଜନକ ଉତ୍ତର ଜଗନ୍ନାଥ ପଞ୍ଚସଖା ମଧ୍ୟରୁ ଅନ୍ୟତମ ସଖା ଅଚ୍ୟୁତାନନ୍ଦ ନିମ୍ନମତେ ବର୍ଣ୍ଣନା କରିଛନ୍ତି ।

ଭାବ ବିନୋଦିଆ ଠାକୁର ଭକ୍ତ ବତ୍ସଳ ହରି,
ଭକ୍ତଙ୍କ ପାଇଁ କଳେବର ଦଶ ମୂରତି ଧରି ।
ଭକ୍ତ ତୁମ୍ଭର କି କରିବ ଭକ୍ତ ବୋଲରେ ଥାଅ,
ଭକ୍ତ ପେଷିଲା ହସ୍ତିନାକୁ ଦୂତ ପଣରେ ଯାଅ ।
ଭକ୍ତ ଦେଖାଇଲା ସ୍ତମ୍ଭକୁ ସ୍ତମ୍ଭୁ ହେଲ ଉଦିତ,
ଭୃତ୍ୟର ଭୃତ୍ୟ ପରିଭୃତ୍ୟ ଭଣେ ଦୀନ ଅଚ୍ୟୁତ ।

ଯୁଗେ ଯୁଗେ ଭଗବାନ ଭକ୍ତର ଅଧୀନ ହୋଇଛନ୍ତି ଏବଂ ଯୁଗେ ଯୁଗେ ଭଗବାନ ଭକ୍ତ ପାଇଁ ଲୀଳା କରିଆସିଛନ୍ତି । ଭଗବାନ ଭକ୍ତର ପଦରଜ ମୁଣ୍ଡରେ ବୋଳିବାକୁ ସର୍ବଦା ତତ୍ପର ଓ ଏଥିପାଇଁ ଗଭୀର ଶ୍ରଦ୍ଧା ଦେଖେଇ ଆସିଛନ୍ତି । ପୁରାଣ ଯୁଗର କଥା- ଦ୍ୱାପର ଯୁଗରେ କୃଷ୍ଣ ନରୋତ୍ତମ ବିଭିନ୍ନ ଆଖ୍ୟାୟିକା ମାଧ୍ୟମରେ ଏହା ପ୍ରକଟ କରିଛନ୍ତି । ତାହା ହେଉଛି କୃଷ୍ଣନାରଦ ଉପଖ୍ୟାନ । ଥରେ ପ୍ରଭୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଜ୍ୱର ହୋଇଥିଲା । ସେ ଲୀଳାମୟ ଏବଂ ତାଙ୍କ ଅଷ୍ଟ ପାଟରାଣୀଙ୍କ ଆନ୍ତରିକତାର ପ୍ରମାଣ ନେବା ପାଇଁ ନିଜେ ଜ୍ୱର ଭିଆଇଲେ । ଅନେକ ଦିନ ଧରି ସେ ଜ୍ୱରରେ ଆକ୍ରାନ୍ତ ହେଲେ । ଜ୍ୱର କମିବାର ଲେଶମାତ୍ର ଚିହ୍ନ ତାଙ୍କ ଶରୀରରେ ଦେଖାଗଲା ନାହିଁ । ନାରଦ ଏଥିରେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଓ ଏ ଜ୍ୱର କିପରି ଉପଶମ ହେବ ତା'ର ଜିଜ୍ଞାସା କଲେ । ଭଗବାନ ଲୀଳାମୟ ଶ୍ରୀକୃଷ୍ଣ ନାରଦଙ୍କୁ ଏହାର ଏକ ସରଳ ସହଜ ଉପଚାର ବିଷୟରେ କହିଲେ, ତାହାଥିଲା ସମଗ୍ର ଦ୍ୱାରକାନଗରୀ ଓ ଅନ୍ତପୁରରୁ ସମଗ୍ର ଦ୍ୱାରକା ଅନ୍ତର୍ଗତ ଜନପଦରୁ ଯେକୌଣସି ନାରୀ ବା ପୁରୁଷ ଯଦି ତାଙ୍କ ଜ୍ୱର ଉପଶମ ପାଇଁ ଲେଶ ମାତ୍ର ପଦରଜ ଦାନ କରନ୍ତି ଏବଂ ତାହାକୁ ସେ ତାଙ୍କ ମସ୍ତକରେ ଛିଞ୍ଚନ୍ତି ତା'ହେଲେ ତାଙ୍କ ଜ୍ୱରରୁ ଯନ୍ତ୍ରଣା ଲାଘବ ହୋଇପାରିବ ।

ଏଥିପାଇଁ ନାରଦ ଦ୍ୱାରକା ରାଣୀପୁରଠାରୁ ସମସ୍ତଙ୍କୁ ଏହି ପ୍ରୀତିକର ସମ୍ବାଦଟି ଶୁଣାଇଲେ । କୃଷ୍ଣଙ୍କ ରାଣୀ ଅନ୍ତପୁରରେ ଅଷ୍ଟ ପାଟମହିଷୀ ପ୍ରମାଦ ଗଣିବାକୁ ଲାଗିଲେ ଯେ କିଏ ପଦରଜ ଦେଇ ସବୁଦିନ ପାଇଁ ପାପ ଅର୍ଜିବ । ଏ କଥା ଅସମ୍ଭବ । ନାରଦ ସେ କଥା ଶ୍ରୀକୃଷ୍ଣଙ୍କୁ ଶୁଣାଇଲେ । ଶ୍ରୀକୃଷ୍ଣ ତା'ର ଅନ୍ୟ ଏକ ଦିଗପ୍ରତି ଧ୍ୟାନ ଦେଇ କହିଲେ ବର୍ତ୍ତମାନ ଦ୍ୱାରିକାରୁ ଗୋପପୁରକୁ ଯାଅ । ସେଠାରୁ ଯଦି ଗୋପାଙ୍ଗନାମାନେ ତାଙ୍କର ପଦରଜ ଦିଅନ୍ତି ତେବେ ତାଙ୍କର ଜ୍ୱରର ଯନ୍ତ୍ରଣା ଲାଘବ ହୋଇପାରିବ । ଗୋପପୁରରେ ମଧ୍ୟ ଭାଳେଣି ପଡ଼ିଗଲା । କେହି ଗୋପାଙ୍ଗନା ଏ ରକମର ଦୁଃସାହସିକତା କରିବାକୁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିପାରିଲେ ନାହିଁ । ଶେଷରେ ଭକ୍ତ ଶ୍ରେଷ୍ଠ ରାଧାଙ୍କ ନିକଟରେ ପହଞ୍ଚିଲେ । ଶ୍ରୀରାଧା ଏ ସମ୍ବାଦ ଶ୍ରବଣ କରି ଟିକିଏ ହେଲେ ବିଚଳିତ ହେଲେ ନାହିଁ ଏବଂ ନାରଦଙ୍କୁ କହିଲେ ତୁମେ ଅଚିରେ ମୋ ପଦରଜ ନିଅ । ତାକୁ ଯଦି ମୋର ପ୍ରିୟତମ ସଖା ମୁଣ୍ଡରେ କିମ୍ବା ଦେହରେ ବୋଳିଲେ ସେ ନିଶ୍ଚୟ ଆରୋଗ୍ୟ ହୋଇଯିବେ । ଶ୍ରୀରାଧା ତା'ର ପୂର୍ବାପରି ପରିଣାମ କ'ଣ ହେବ ତାହା ଶୋଚନା କରିପାରିଲେ ନାହିଁ । ସେ ହସି ହସି କହିଲେ ଯଦି ଏଥିରେ ମୋର ପ୍ରିୟତମ ସଖା ଶ୍ରୀକୃଷ୍ଣଙ୍କର ଜ୍ୱର ଲାଘବ ହୋଇଯାଏ ତେବେ ଯାହା ପରିଣାମ ହେଉନା କାହିଁକି ସେଥିପାଇଁ ମୋର ଟିକିଏ ହେଲେ ଅନୁଶୋଚନା ନାହିଁ । ନାରଦ ତତ୍‌କ୍ଷଣାତ୍ ଶ୍ରୀରାଧାଙ୍କ ପଦରଜ ନେଇ ଶ୍ରୀକୃଷ୍ଣଙ୍କୁ ଦେଲେ । ଏଥିରେ ଶ୍ରୀକୃଷ୍ଣଙ୍କ ଆନନ୍ଦ କହିଲେ ନସରେ । ସେ ଅଷ୍ଟ ପାଟମହିଷୀଙ୍କ ଉଦ୍ଦେଶ୍ୟରେ କହିଲେ ତୁମ୍ଭେମାନେ ମୋର ଐଶ୍ୱର୍ଯ୍ୟ ପାଇଁ ବ୍ୟସ୍ତ କିନ୍ତୁ ଆଉ ଜଣେ ଚରମ ତ୍ୟାଗ କରିବାକୁ ପ୍ରସ୍ତୁତ । ଏଣୁ ତ୍ୟାଗ ଓ ଭୋଗ ମଧ୍ୟରେ ଚରମ ପାର୍ଥକ୍ୟ କ'ଣ ? ସେ କହିଲେ ତୁମ୍ଭମାନଙ୍କର ପ୍ରେମ କରିବାରେ ସର୍ତ୍ତ ନିହିତ ଅଛି । କିନ୍ତୁ ଶ୍ରୀରାଧାଙ୍କ ପ୍ରେମରେ ନିସର୍ତ୍ତ ପ୍ରେମ ଅଛି । ରାଧାକୃଷ୍ଣ ପ୍ରେମ ହେଉଛି ଅପ୍ରାକୃତ, ଅବ୍ୟକ୍ତ, ନିରନ୍ତର ଓ ନିତ୍ୟ ଶାସ୍ୱତ । ସେଥିପାଇଁ ଓଡ଼ିଶାର ଜଣେ ପରମସନ୍ଥ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ (୧୯୧୮-୧୯୮୩) ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାକ୍ତନ କ୍ଷେତ୍ରଜ୍ଞ ତାଙ୍କର ରାଧାକୃଷ୍ଣ ପ୍ରେମ କବିତାରେ ଲେଖିଛନ୍ତି -

'ପ୍ରେମଡୋରେ ବନ୍ଧା ସେହି ପ୍ରେମ ମୂରତି ।
ଆତ୍ମାକୁ ଆତ୍ମା ସ୍ମରିଣ ପ୍ରେମ କରନ୍ତି
ସେ ପ୍ରେମରେ ପାପ ନାହିଁ
ରଜଃ ବୀର୍ଯ୍ୟ ନଟଳଇ ନାହିଁ ଆସକ୍ତି ।
ଧର୍ମ, ଅର୍ଥ, କାମ, ମୁକ୍ତି
ସେ ପ୍ରେମ ପଛେ ଗୋଡାନ୍ତି ।
କହେ ମଧୁଦାସ ମତି
ଭଜରେ ଚେତି ।'

ସେଥିପାଇଁ ବିବାଦୀୟ କବି ଭକ୍ତକବି ଜୟଦେବ ତାଙ୍କର ଗୀତଗୋବିନ୍ଦ ଯାହାକି ଏକ କାଳଜୟୀ ସୃଷ୍ଟି ସେଥିରେ ସେ ଉଲ୍ଲେଖ କରିଛନ୍ତି -

'ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରଂ ।'

ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଭଗବାନ ସବୁବେଳେ ଭକ୍ତର ଅଧୀନ । ଭକ୍ତ ପାଇଁ ସେ ସବୁବେଳେ ଲୀଳା କରିଆସୁଛନ୍ତି । ଭଗବାନ ଶ୍ରୀକୃଷ୍ଣ ଯେ କେବଳ ଗୋପବାସୀ, ଗୋପାଙ୍ଗନା ବା ରାଧାଙ୍କର ପଦରଜ ମସ୍ତକରେ ବୋଳି ହୋଇ ଧନ୍ୟ ମଣିଛନ୍ତି ତା'ନୁହେଁ, ସେହି ମହାଭାରତରେ ଆଉ ଏକ ନଜୀର ରହିଛି । ସେ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଅତି ଅନ୍ତରଙ୍ଗ ସଖା ଓ ପଞ୍ଚପାଣ୍ଡବଙ୍କ ପତ୍ନୀ ଦ୍ରୌପଦୀ । ଦ୍ରୌପଦୀଙ୍କର ପାଦୁକା ରଜ ସେ ମଧ୍ୟ ମୁଣ୍ଡରେ ବୋଳି ହୋଇଛନ୍ତି । ମହାଭାରତ ଯୁଦ୍ଧ ସମୟରେ ପିତାମହ ଭୀଷ୍ମ ମହାମାନୀ ଦୁର୍ଯ୍ୟୋଧନଙ୍କୁ ମହାଭାରତ ଯୁଦ୍ଧରେ ଜୟୀ ହେବାକୁ ଆଶୀର୍ବାଦ ନକରି ଦୁର୍ଯ୍ୟୋଧନଙ୍କ ରାଣୀ ଭାନୁମତିଙ୍କୁ ଏକାନ୍ତ ନିଶିଥରେ ତାଙ୍କ ଶିବିରକୁ ଆସି ତାଙ୍କର ମନୋବାଞ୍ଛା ପୂରଣ ଲାଗି ଯାହା ବର ମାଗିବେ ତାହା ପୂରଣ କରିବେ ବୋଲି ଶୁଣାଇଥିଲେ । ଏ ସମ୍ବାଦ ନଟଖଟିଆ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲା ପରେ ନଟବର କୃଷ୍ଣ ଏହାକୁ ହାତଛଡ଼ା କରିବାକୁ ଚାହିଁ ନାହାନ୍ତି । ରାଣୀ ଭାନୁମତୀ ତାଙ୍କର ପାଟଥାଟ ନେଇ ଭୀଷ୍ମଙ୍କ ଶିବିରକୁ ଯିବା ପାଇଁ ସଜବାଜ ହେଉଥିବାବେଳେ ସେ ଯାଜ୍ଞସେନୀଙ୍କୁ ଏ ସୁଯୋଗ ହାତଛଡ଼ା ନକରିବା ପାଇଁ ପ୍ରବର୍ତ୍ତାଇଲେ । ରାଣୀ ଭାନୁମତୀ ସେଠାରେ ପହଞ୍ଚିବାର ବହୁପୂର୍ବରୁ ଅତି ସାବଧାନ ଓ ଚତୁରତା ସନ୍ତର୍ପଣର ସହ ସଙ୍ଗେ ସଙ୍ଗେ ଦ୍ରୌପଦୀଙ୍କୁ ଧରି ଭୀଷ୍ମଙ୍କ ଶିବିରକୁ ଡାକି ନେଇ ଯାଇଥିଲେ । ପିତାମହ ଭୀଷ୍ମ ସେତେବେଳେ ବିଶ୍ରାମ କରୁଥିଲେ ଏବଂ ଦ୍ରୌପଦୀଙ୍କୁ ଖୁବ୍ ଶୀଘ୍ର ସେଠାରେ ପହଞ୍ଚିବା ପାଇଁ ଡାକି ଆଣିଲେ ଏବଂ ନିଜେ ଦ୍ରୌପଦୀ ପାଦୁକା ପିନ୍ଧି ଥିବାବେଳେ ଏହା କାଳେ ଶବ୍ଦଭ୍ରମ ସୃଷ୍ଟି କରିବ ସେଥିପାଇଁ ସେ ଦ୍ରୌପଦୀଙ୍କ ପାଦୁକାକୁ ସେ ନିଜେ ଓହ୍ଲାଇ ଦେଇ ନିଜେ ଧରିଥିଲେ ଏବଂ ଦ୍ରୌପଦୀଙ୍କୁ ଅତି ସନ୍ତର୍ପଣର ସହ ଭୀଷ୍ମଙ୍କ ଶିବିରରେ ପହଞ୍ଚିବାକୁ କହିଲେ । ସେତେବେଳେ ଘୋର ଅନ୍ଧାର ରାତି । ସମସ୍ତଙ୍କ ଅଗୋଚରରେ ଭୀଷ୍ମଙ୍କ ଶିବିରକୁ ନେବା ସମ୍ବାଦ କାଳେ ଅନ୍ୟମାନେ ଜାଣିଯିବେ ସେଥିପାଇଁ ସେ ଖୁବ୍ ଶୀଘ୍ର ଯିବା ପାଇଁ କହିଲେ । କୃଷ୍ଣ ଆଗେ ଆଗେ ହାତ ଦେଖାଇ ଦ୍ରୌପଦୀଙ୍କୁ ବାଟ ଦେଖାଇଲେ ଏବଂ ଆରପଟ ହସ୍ତରେ ତାଙ୍କର କାଷ୍ଠ ପାଦୁକାକୁ ନିଜ ମୁଣ୍ଡ ଉପରେ ଥୋଇଲେ । ପିତାମହ ଭୀଷ୍ମ ଏତେ ଅନ୍ଧକାର ରାତ୍ରିରେ ଦ୍ରୌପଦୀ ଯେ କି ଅବଗୁଣ୍ଠନବତୀ ହୋଇଥିଲେ ଓ ଭୀଷ୍ମଙ୍କର ସେ ଭାନୁମତୀ କି ଦ୍ରୌପଦୀ ତାହା ଜାଣିବାର ଅବକାଶ ନଥିଲା । ଶ୍ରୀକୃଷ୍ଣ ଶିବିରର କିଛି ବାଟ ଆଗରୁ ଲୁଚି ରହିଥିଲେ ଏବଂ ଦ୍ରୌପଦୀ ପିତାମହ ଭୀଷ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲାପରେ ସେ ତାଙ୍କୁ କଲ୍ୟାଣମସ୍ତୁ ଓ ଅଖଣ୍ଡ ସୌଭାଗ୍ୟବତୀ ଭବ ଏବଂ ତାଙ୍କ ସ୍ୱାମୀ ଏ ଯୁଦ୍ଧରେ ନିଶ୍ଚୟ ବିଜୟ ହେବେ ଏ ଆଶୀର୍ବାଦ କରିଥିଲେ । ତା'ପରେ ଦ୍ରୌପଦୀ ତାଙ୍କର ଅବଗୁଣ୍ଠନ ଖୋଲି ଦେଇଥିଲେ ଏବଂ ଭୀଷ୍ମ ଯେତେବେଳେ ଜାଣିଲେ ସେ ଭାନୁମତୀ ନୁହନ୍ତି ସେ ହେଉଛନ୍ତି ଦ୍ରୌପଦୀ ତେଣୁ ତାଙ୍କର ବାକ୍‌ସ୍ଫୂର୍ତ୍ତି ହୋଇନଥିଲା । ଆଗରୁ ତ ସେ ଦ୍ରୌପଦୀଙ୍କୁ ଆଶୀର୍ବାଦ କରିଛନ୍ତି । ତାକୁ କିପରି ସତ୍ୟବ୍ରତ ତାହା ଲେଉଟାଇ ନେବେ ? ତା' ପରେ ସେ ପୁଣି ପିତାମହ ଭୀଷ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ବିଦାୟ ନେଲେ । ଏଣେ ଏ ଶୁଭ ସମ୍ବାଦ ଶୁଣି ଶ୍ରୀକୃଷ୍ଣଙ୍କର ଆନନ୍ଦର ସୀମା ରହିଲା ନାହିଁ । ଭଗବାନ କିପରି ସଖା ବତ୍ସଳ, ଭକ୍ତବତ୍ସଳ ଓ ଭକ୍ତର ପାଦୁକାକୁ ମୁଣ୍ଡରେ ରଖି ଆନନ୍ଦ ପାଇଥିଲେ ଏ ପ୍ରକାର ନଜୀର କୁତ୍ରାପି ଦେଖାଯାଏ ନାହିଁ ବା ବିରଳ ।

ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ ।

ଦେହି ପଦ ପଲ୍ଲବ ମୁଦିତ ମୁଦାରଂକୁ କାର୍ଯ୍ୟରେ ପରିଣତ କରିଥିଲେ ଓ ଅର୍ଜୁନ ରଥର ସାରଥୀ ହୋଇଥିଲେ । ସେହି ଲଳିତ କୋମଳ ଶବ୍ଦ ସଂଯୋଜନାର ଯେଉଁଥିରେ ଅପୂର୍ବ ଲାଳିତ୍ୟ ରହିଛି ତାହାର ସଂଯୋଜକ ଥିଲେ ଭକ୍ତ କବି ଜୟଦେବ । ଭକ୍ତକବି ଜୟଦେବ ଏକ ବିବାଦୀୟ କବି । ବଙ୍ଗଳାବାସୀ ତାଙ୍କୁ ଆମାଦେର ଜୟଦେବ ଓଡ଼ିଆର କୁଛିନୟେ କହୁଥିବାବେଳେ ତାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର ଏକ କାବ୍ୟରେ ଲେଖିଛନ୍ତି -

'କହେ କବି ଉପଇନ୍ଦ୍ର ଟେକି ବେନି ବାହାକୁ
ରବି ତଳେ କବି ପଣେ ନମାନେ ମୁଁ କାହାକୁ
ଜୟଦେବ ଦୀନକୃଷ୍ଣ ପଦରେ ମୋ' ଶରଣ
ଆଉସବୁ କବିଙ୍କର ମସ୍ତକେ ମୋ ଚରଣ ।'

କାଳଜୟୀ ସୃଷ୍ଟି ଗୀତ ଗୋବିନ୍ଦର ରଚୟିତା ଭକ୍ତକବି ଜୟଦେବ ସେ ଯେ ଓଡ଼ିଶାର ତାହାକୁ ଅନେକ ମାନିବାକୁ ନାରାଜ । ଏ ସମ୍ପର୍କରେ

ଜଣେ ସିଂହଳୀୟ କବି ଜର୍ଜ କେଟ୍ (George Keyt) ତାଙ୍କର Song of Love କବିତାର ପରିଚିତିରେ ଜଣାଇଛନ୍ତି ଯେ, ଜୟଦେବ ହେଉଛନ୍ତି ବଙ୍ଗଳାର ରାଜା ଲକ୍ଷ୍ମଣ ସେନ୍‌ଙ୍କ ଦରବାରର ଜଣେ ଦରବାରୀ କବି ଏବଂ ତାଙ୍କର ସମୟକାଳ ନିର୍ଦ୍ଧାରଣ କରିଛନ୍ତି ଖ୍ରୀଷ୍ଟାବ୍ଦ ୧୨ଶ ଶତାବ୍ଦୀ । ଏବେବି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାତ୍ରି ପହଡ଼ ପୂର୍ବରୁ ପ୍ରସିଦ୍ଧ ଦଶାବତାର ଶ୍ଳୋକ ୧୨ଶ ଶତାବ୍ଦୀରୁ ଏ ପର୍ଯ୍ୟନ୍ତ ଗାନ କରାଯାଉଛି ।

ଶ୍ରୀଜୟଦେବଙ୍କ ଜନ୍ମ ସ୍ଥାନ ଓ କାଳ ନିରୂପଣ ଏବଂ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଉପରେ ଅନେକ ଗବେଷକ ଗବେଷଣା କରିଯାଇଛନ୍ତି ଏବଂ ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ତାଙ୍କ ଜନ୍ମଭୂମି ସମ୍ବନ୍ଧରେ ବଙ୍ଗୀୟ ଆଲୋଚକମାନଙ୍କ ମଧ୍ୟରୁ କେତେକ ନିତାନ୍ତ ଅବାନ୍ତର, ଅସମ୍ଭବ ତଥା କପୋଳକଳ୍ପିତ ଯୁକ୍ତି ଦର୍ଶାଇ ତାଙ୍କୁ ବଙ୍ଗଦେଶୀୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ଓଡ଼ିଶାର ଜଣେ ତଥାକଥିତ ଆଲୋଚକ ବଙ୍ଗୀୟ ଆଲୋଚନାର ଅବତାରଣା କରି ନିତାନ୍ତ ପିଲାଳିଆ ଯୁକ୍ତି କରିଛନ୍ତି । କିନ୍ତୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ସାହିତ୍ୟ ସମାଲୋଚକ ସ୍ୱର୍ଗତ କେଦାର ନାଥ ମହାପାତ୍ର ସମସ୍ତ ଯୁକ୍ତିକୁ ଖଣ୍ଡନ କରି ଜୟଦେବ ଓଡ଼ିଶାର ବରପୁତ୍ର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ ସେବକ ଥିଲେ ବୋଲି ପ୍ରମାଣିତ କରିଛନ୍ତି । ସ୍ୱର୍ଗତଃ କେଦାରନାଥ ମହାପାତ୍ର ଶ୍ରୀଜୟଦେବ ଓ ଗୀତଗୋବିନ୍ଦ ପୁସ୍ତକ ଅଦ୍ୟାପି ଗୀତଗୋବିନ୍ଦ ଓ କବି ଜୟଦେବଙ୍କ ସମ୍ବନ୍ଧରେ ସମସ୍ତ ଆଲୋଚନା ମଧ୍ୟରେ ସର୍ବଶ୍ରେଷ୍ଠ ପୁସ୍ତକ ରୂପେ ପରିଗଣିତ ହୁଏ । ସ୍ୱର୍ଗତ ମହାପାତ୍ରଙ୍କ ସାଧନାର ଉକ୍ତ ପୁସ୍ତକଟି ଅନନ୍ୟ ସାଧାରଣ କୃତୀ ବୋଲି ବିଦ୍ୱାନମାନେ ମତ ଦିଅନ୍ତି ।

ବିଶ୍ୱ ବିଖ୍ୟାତ 'ଗୀତଗୋବିନ୍ଦ' କାବ୍ୟର ଆରମ୍ଭରୁ ହିଁ କବି ଜୟଦେବ ରାଧାମାଧବଙ୍କୁ ସ୍ମରଣ କରିଛନ୍ତି । ରାଧାମାଧବଙ୍କୁ ନାୟକ ନାୟିକା ରୂପେ ଅବତୀର୍ଣ୍ଣ କରାଇ କବି ଦ୍ୱାଦଶସର୍ଗ ବିଶିଷ୍ଟ ସମୁଦାୟ ଗୀତ ଗୋବିନ୍ଦ କାବ୍ୟକୁ ତାଙ୍କରି ଅପ୍ରାକୃତ ପ୍ରେମଲୀଳା ବର୍ଣ୍ଣନା ଦ୍ୱାରା ପରିପୂର୍ଣ୍ଣ କରି ନିଜର ଅଗାଧ ଭକ୍ତିର ପରିଚୟ ଦେଇଛନ୍ତି । ଲୀଳା ରହସ୍ୟ ଆରମ୍ଭ ପରେ 'ମାଧବ' ଶବ୍ଦ ଗୀତଗୋବିନ୍ଦର ନିମ୍ନୋଦ୍ଧୃତ ପଂକ୍ତିଗୁଡ଼ିକରେ ଉଲ୍ଲେଖ କରାଯାଇଥିବାର ଦେଖାଯାଏ ।

ରାଧାମାଧବୟୋଜୟନ୍ତୀ ଯମୁନାକୂଳେ ରହଃ କେଳୟଃ (ପ୍ରଥମ ସର୍ଗ ପ୍ରଥମ ଶ୍ଳୋକ) ମାଧବ ମାନସିଜ ବିଶିଖଭୟାଦିବ ଭାବନୟା ତ୍ୱୟି ଲୀଳା (ଚତୁର୍ଥ ସର୍ଗ ଅଷ୍ଟମ ପ୍ରବନ୍ଧ), ତସ୍ମିନ୍ନେବ ନିକୁଞ୍ଜ ମନ୍ମଥ ମହାତୀର୍ଥେ ପୁନର୍ମାଧବଃ (ପଞ୍ଚମ ସର୍ଗ ଦଶମ ପ୍ରବନ୍ଧ), ପ୍ରସରତି ଶଶଧର ବିମ୍ବେ ବିହିତ ବିଳମ୍ବେ ଚ ମାଧବେ ବିଧୁରା (ସପ୍ତମ ସର୍ଗ), ଅଥାଗତାଂ ମାଧବ ମନ୍ତରେଣ (ସପ୍ତମ ସର୍ଗ ଚତୁର୍ଥ ଶ୍ଳୋକ), କ୍ଷଣଂ ଜଗତ୍ରାଣ ବିଧାୟ ମାଧବମ୍ (ସପ୍ତମ ସର୍ଗ ଷୋଡ଼ଶ ପ୍ରବନ୍ଧ), ହରି ହରି, ଯାହି ମାଧବ ଯାହି କେଶବ, ମାଧବ କୈତବବାଦମ୍ (ଅଷ୍ଟମ ସର୍ଗ ସପ୍ତଦଶ ପ୍ରବନ୍ଧ) ମାଧବେ ମା' କୁରୁ ମାନିନୀ ମାନମୟେ ନବମ ସର୍ଗ ଅଷ୍ଟାଦଶ ପ୍ରବନ୍ଧ), ପ୍ରବୀଣ ରାଧେ ମାଧବ ସମୀପମିହ (ଏକାଦଶ ସର୍ଗ ଏକବିଂଶ ପ୍ରବନ୍ଧ) ।

ମାଧବ ପୂଜା ଓ ମାଧବ ଶବ୍ଦର ପ୍ରଚଳନ ତତ୍କାଳୀନ କଳିଙ୍ଗ ସମାଜରେ ନଥିଲେ ମହାକବି ଜୟଦେବ କେବେ ହେଲେ ସ୍ୱକୀୟ ଗୀତଗୋବିନ୍ଦର ନାୟକ କୃଷ୍ଣଙ୍କୁ ମାଧବ ରୂପେ ନେଇନଥାନ୍ତେ । କଳିଙ୍ଗରେ ମାଧବ ବିଷ୍ଣୁଙ୍କ ପୂଜା ସମ୍ପର୍କରେ ସମ୍ୟକ୍ ଆଲୋଚନା କଲେ ଏହାର ଏକ ସ୍ପଷ୍ଟ ଚିତ୍ର ମିଳିଥାଏ । ପୁରାତନ ପ୍ରାଚୀ ନଦୀର ଅବବାହିକାରେ ଗଢ଼ି ଉଠିଥିବା ଜନସଭ୍ୟତା ଖ୍ରୀଷ୍ଟପୂର୍ବର ବୋଲି ବିଶ୍ୱାସ କରାଯାଇଥାଏ । ପ୍ରାଚୀ ଉପତ୍ୟକାର ବୈଶିଷ୍ଟ୍ୟ ହେଲା ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ମାଧବ ନାମଧାରୀ ଚତୁର୍ଭୁଜ ବିଷ୍ଣୁ ବିଗ୍ରହଙ୍କ ପୂଜା । ଭୌମକର ବଂଶର ମାଧବୀ ଦେବୀ ମଧ୍ୟ ମାଧବ ପୂଜାର ପୃଷ୍ଠପୋଷକତା କରିଥିଲେ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ରାଷ୍ଟ୍ରଦେବତା ଓ ତାଙ୍କର ପ୍ରଥମ ନାମକରଣ ମାଧବ ହୋଇଥିବା ହେତୁ ହିଁ ମାଧବ ପୂଜାର ବ୍ୟାପକତା କଳିଙ୍ଗରେ ଦେଖା ଦେଇଥିବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଓଡ଼ିଶାରେ ପ୍ରବାହିତ ପୁରାତନ ବୈତରଣୀ ନଦୀକୂଳରେ ଦ୍ୱାଦଶ ମାଧବ ପୀଠ ଥିବାର ଦଶମ ଶତାବ୍ଦୀରେ ଲିଖିତ ବିରଜା ମାହାତ୍ମ୍ୟରେ ଉଲ୍ଲେଖ ଅଛି । ପ୍ରାଚୀନଦୀ କୂଳରେ ଥିବା ବିଶ୍ୱବନ୍ଦିତ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲି ଗ୍ରାମ ଚତୁଃପାର୍ଶ୍ୱରେ କିଭଳି ମାଧବ ପୀଠମାନ ଗଢ଼ି ଉଠିଥିଲା, ତାହା ଆଲୋଚନା କଲେ ମାଧବ ଉପାସନା ସମ୍ପର୍କରେ ସମ୍ୟକ୍ ସୂଚନା ମିଳେ । ଅଷ୍ଟାଦଶ ଶତାବ୍ଦୀରେ ରଚିତ ପ୍ରାଚୀ ମାହାତ୍ମ୍ୟରେ ଏହି ଅଞ୍ଚଳରେ ଦ୍ୱାଦଶ ମାଧବ ପୀଠ ଥିବାର ବର୍ଣ୍ଣନା ଅଛି ।

ସେହି ଦ୍ୱାଦଶ ମାଧବ ହେଉଛନ୍ତି ନିଆଳି ମାଧବ, ଗୋବିନ୍ଦପୁର ମାଧବ, ଅଙ୍ଗେଶ୍ୱର ମାଧବ, ଅମରେଶ୍ୱର ମାଧବ, ନୀଳକଣ୍ଠେଶ୍ୱର ମାଧବ, ଜଙ୍ଗଲୀ ମାଧବ, ନୀଳ ମାଧବ, ଲତାହରଣ ମାଧବ, ମୁଦ୍‌ଗଲ ମାଧବ, ଲଳିତ ମାଧବ, ମଙ୍ଗଳା ମାଧବ, ମାଧବାନନ୍ଦ ।

ପୁନଶ୍ଚ ଜଗନ୍ନାଥଙ୍କ ପ୍ରଥମ ନାମ ଥିଲା ନୀଳମାଧବ ଯେ କି ବିଶ୍ୱାବସୁ ଶବରଙ୍କ ଦ୍ୱାରା ପ୍ରଥମେ ପୂଜିତ ହେଉଥିଲେ ।

ମାଧବ ବିଗ୍ରହର ପୂଜା ଓ ଉପାସନା ଓଡ଼ିଆମାନଙ୍କ ନିକଟରେ କେତେ ପବିତ୍ର ତାହା ନିମ୍ନୋକ୍ତ ଉକ୍ତିରୁ ମିଳିଥାଏ ।

ମଙ୍ଗଳଂ ଭଗବାନ ବିଷ୍ଣୁ ମଙ୍ଗଳଂ ମଧୁସୂଦନ
ମଙ୍ଗଳଂ ପୁଣ୍ଡରିକାକ୍ଷଃ ମଙ୍ଗଳଂ ଗରୁଡ଼ ଧ୍ୱଜ ॥
ମାଧବ ମାଧବ ହରି ମାଧବ ମାଧବ ବିଷ୍ଣୁ
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବ କାର୍ଯ୍ୟେ ସୁମାଧବଂ ॥

ମଙ୍ଗଳମୟ ମାଧବ ବିଷ୍ଣୁ ଉତ୍କଳୀୟମାନଙ୍କର ପ୍ରାତଃ ସ୍ମରଣୀୟ । ସେ ଲକ୍ଷ୍ମୀ-ମାଧବ, କାଳୀକା ମାଧବ, ଦୁର୍ଗାମାଧବ ହୁଅନ୍ତୁ ପଛକେ ଉତ୍କଳୀୟମାନେ ମାଧବନାମ ସ୍ମରଣ କରି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଯାଇଥାନ୍ତି । ସୂର୍ଯ୍ୟବଂଶୀୟ ଗଜପତି ଶ୍ରୀପୁରୁଷୋତ୍ତମ ଦେବ କାଞ୍ଚି ଅଭିମୁଖେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ଦୁର୍ଗାମାଧବ ମୂର୍ତ୍ତି ଦର୍ଶନ କରିଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ।

**ଜୟଦେବ କାବ୍ୟର ବିଷୟବସ୍ତୁ**

ରାଧାକୃଷ୍ଣ ଲୀଳା ମଣ୍ଡନ କରିଥିବା ଏହି କାବ୍ୟରେ ଶ୍ରୀକୃଷ୍ଣ ନାୟକ, ଶ୍ରୀରାଧା ଓ ଗୋପୀମାନେ ହେଲେ ନାୟିକା । ଶ୍ରୀକୃଷ୍ଣ ରାତ୍ରିଟି କେଉଁ ପ୍ରଣୟ କୁଞ୍ଜରେ ବିତାଇ ପ୍ରଭାତ କାଳରେ ସୁରତ ସଙ୍କେତ ଅଙ୍ଗରେ ଧାରଣ କରି ଶ୍ରୀରାଧାଙ୍କ କୁଞ୍ଜରେ ପ୍ରବେଶ କରିଛନ୍ତି । ଏ ଦୃଶ୍ୟ ଦେଖି ଶ୍ରୀରାଧା ଖଣ୍ଡିତା ଓ କଳହାନ୍ତରିତା ନାୟିକାରେ ପରିଣତ ହୋଇ ପ୍ରାଣପ୍ରିୟାଙ୍କୁ ନିର୍ଦ୍ଦୟ ଭାବରେ ଭର୍ତ୍ସନା କରିଛନ୍ତି ।

'ଯାହି ମାଧବ ଯାହି କେଶବ, ମାଧବ କଇତବ ବାଦଂ
ତାମନୁସୁର ସରସି ରୁହ ଲୋଚନ ଯାତବ ହରତି ବିଶାଦଂ ।'

ପ୍ରାଣପ୍ରିୟାଙ୍କଠାରୁ ଅପମାନିତ ହୋଇ ଶ୍ରୀକୃଷ୍ଣ ଫେରିଯିବା ପରେ ସଖୀ ଶ୍ରୀମତୀଙ୍କୁ ଅନେକ ପ୍ରକାର ବୁଝାଇଛନ୍ତି । ପୁଣି ସନ୍ଧ୍ୟା ସମୟରେ ଶ୍ରୀକୃଷ୍ଣ ଶ୍ରୀମତୀଙ୍କ କୁଞ୍ଜକୁ ଆସି ମାନିନୀଙ୍କ ମାନ ଭଞ୍ଜନ କରିବା ଲାଗି ଚେଷ୍ଟା କରି ବିଫଳ ହୁଅନ୍ତେ, ପରିଶେଷରେ ତାଙ୍କ ପାଦତଳେ ପଡ଼ି ଅନୁନୟ ହୋଇଛନ୍ତି -

ସ୍ମରଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରଂ

ମାନିନୀର ମାନ ଭଞ୍ଜନ ହୋଇଛି । ସଖୀ ତାଙ୍କୁ ବେଶ ଭୂଷଣରେ ସଜ୍ଜିତ କରି ମାଧବଙ୍କ କୁଞ୍ଜରେ ପ୍ରବେଶ କରାଇଛି ।

ଏହି ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ ।

ଦେହି ପଦ ପଲ୍ଲବ ମୁଦିତ ମୁଦାରଂ ସମ୍ପର୍କରେ ଶୁଣିବାକୁ ମିଳେ ଯେ ଶ୍ରୀଜୟଦେବ ଗାଧୋଇ ଯିବା ପୂର୍ବରୁ ସ୍ମରଗରଳ ଖଣ୍ଡନଂ ମମ ଶିରଶି ମଣ୍ଡନଂ ତାଳପତ୍ର ପୋଥିରେ ଲେଖି ଯାଇଥିଲେ କିନ୍ତୁ ଶେଷ ଶ୍ଳୋକଟି କ'ଣ ହେବ ତାହା ତାଙ୍କର ମନେ ପଡ଼ିଲା ନାହିଁ । ଠିକ୍ ଏହି ସମୟରେ ଏକ କୋମଳମତି କିଶୋର ଜୟଦେବଙ୍କ ପତ୍ନୀଙ୍କ ପାଖକୁ ଆସି ଜୟଦେବ କ'ଣ ଲେଖିଛନ୍ତି ତାହା ଦେଖିବାକୁ ତାଙ୍କୁ ଅନୁନୟ କଲେ । ତା'ପରେ ତାଙ୍କ ପତ୍ନୀ ସେହି ବାଳକଙ୍କ ପାଇଁ କିଛି ଖାଦ୍ୟ ଆଣିବାକୁ ଯିବା ସମୟରେ ସେ ବାଳକ ଶେଷ ଶ୍ଳୋକଟିକୁ ଲେଖିଦେଇ ଯାଇଥିଲେ । ତା'ପରେ ଜୟଦେବ ଗାଧୋଇ ଆସି ଉକ୍ତ ପୋଥିଟିକୁ ପ୍ରଣାମ କଲାବେଳେ ତନ୍ମୟ ଓ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ଶେଷ ଶ୍ଳୋକ ଯାହା ମନେ ପଡୁନଥିଲା ତାହା ଦେହି ପଦପଲ୍ଲବ ମୁଦିତ ମୁଦାରଂ ବୋଲି ଆଉ କେହି ଲେଖି ଦେଇଯାଇଛି । ତା'ପରେ ସେ ତାଙ୍କ ପତ୍ନୀଙ୍କୁ ଆଉ କେହି ଆସି ଉକ୍ତ ପଦ ପୂରଣ କରିଛି ବୋଲି ପଚାରିବାରୁ ସେ କହିଲେ ଯେ, ଜଣେ ଶ୍ୟାମଳ ବର୍ଣ୍ଣର କିଶୋର ଏହି ପଦ ପୂରଣ କରିଛି । ସେ ମନେ ମନେ ଏହି ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣିପାତ କରି ଖୋଦ ଲୀଳାମୟ ଶ୍ରୀକୃଷ୍ଣ କିପରି ତାଙ୍କ ପ୍ରତି ଅପୂର୍ବ କରୁଣାରାଶି ଢାଳି ଦେଇଛନ୍ତି ସେ ଉଦ୍ଦେଶ୍ୟରେ ହାତ ଯୋଡ଼ି ବାରମ୍ବାର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବାକୁ ଲାଗିଲେ ।

ଡି-୧୧, ବ୍ଲକ୍-୨
ଜୟଦେବ ବିହାର, ନୟାପଲ୍ଲୀ
ଭୁବନେଶ୍ୱର

---

# ସ୍ରଷ୍ଟା

ଗୌରହରି ରାଉତ

ବିଶ୍ୱର ତ ସ୍ରଷ୍ଟା ତମେ ତମରି ପାଇଁ ନିଖିଳ ହସେ
ଈଶ୍ୱର ହେ ଭାସ୍ୱର ହେ ତମରି ଦାନେ କୁସୁମ ବାସେ ।
ସୁନ୍ଦର ଏ ଭୁବନ ପରେ ତମେ ତ ରଚ ନିତ୍ୟ ଖେଳ
ନଶ୍ୱର ମୋ' ମଥାଟି ନଏଁ ସେ ପାଇଁ ତବ ଚରଣ ତଳ ।

ତମେଇ ରଚ ମଳୟ ରାସ ଫୁଲର ପରେ ଭଅଁର ରଖି
ପ୍ରେମର ଲୁହ ଆଖିରୁ ଝରେ ଶରତ ଶୀତ ବରଷା ଦେଖି ।
ସୁନ୍ଦର ଏ ଚୁନ୍ଦରର ଏକଇ ସିନା କାରଣ ତମେ
'ଈଶ୍ୱର ସେ ବିଶ୍ୱର କେ' - ନାସ୍ତିକ ସେ କେ କହେ ଜଣେ ??

ସତ୍ୟ ଶିବ ସୁନ୍ଦରର ଜାଣେ ତ ତମେ ଏକଇ ରୂପ
ତମରିଠାରେ ଅଛି ବି ପୁରି ତାଣ୍ଡବର ରୁଦ୍ର ଛାପ ।
ଝଞ୍ଜା ଉଠେ ଆକାଶେ ଯେବେ ତୋଫାନ୍ ଆସେ କରାଳେ ମାଡି
ତମେଇ କର ପ୍ରଳୟଲୀଳା ତାଣ୍ଡବରେ ଥରାଇ ଛାତି ।

ବିଶ୍ୱପ୍ରାଣ, ତମେ ତ କେବେ ସୃଷ୍ଟିକର ଧ୍ୱଂସ କର ଥରକୁ ଥର
ଭଦ୍ର ତମେ ରୁଦ୍ର ତମେ ତମକୁ କୋଟି ନମସ୍କାର ।

ଚିତ୍ରକଳା ବିଭାଗ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ସଲଟ ଲେକ୍
କୋଲକାତା-୬୪

# ଜଗନ୍ନାଥଙ୍କ ବଢ଼େଇ

ମଧୁସୂଦନ ପଟ୍ଟନାୟକ

ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ । ଯଦି କାହାର ଜୀବନରେ ଏପରି ଘଟେ, ତେବେ ଏ ଶ୍ରେଣୀୟ ଲୋକମାନଙ୍କୁ କେହି କେହି ଆଳସ୍ୟ ପରାୟଣ ବୋଲି କହିଥାନ୍ତି । କିନ୍ତୁ ଏ କଥା ସତ ଯେ ଅନେକଙ୍କ ଭାଗ୍ୟରେ ଏପରି ଘଟିଥାଏ । ଏମାନଙ୍କୁ ଭାଗ୍ୟବାଦୀ ବୋଲି ନ କହି ଆଉ କ'ଣ କୁହାଯାଇପାରେ । ଓଡ଼ିଶାରେ କାଶୀଆ କପିଳା କାହାଣୀ ଘରେ ଘରେ ପରିଚିତ । ପିଲା ଦିନର କପିଳ ଥିଲେ ଜଣେ ଗରିବ କ୍ଷତ୍ରୀୟ ସନ୍ତାନ । ଜଣେ ବ୍ରାହ୍ମଣ ଘରେ ଗାଈ ଜଗି ପେଟ ପୋଷୁଥିଲେ । ପେଟ ଚାଖଣ୍ଡକ ପାଇଁ ଜାତିଅଜାତି ଭୁଲିଯାଏ । କୁଳମର୍ଯ୍ୟାଦା ଉଲଙ୍ଘନ କରେ । ନାନା ଫନ୍ଦିରେ ପଶେ ।

ଏମିତି ଦିନେ ଏକ ଅଘଟଣ ଘଟିଲା । ବୈଶାଖ ମାସ ଟାଣ ଖରା । ଦିପ୍ରହର । ଗାଈ ଚରାଇ ଚରାଇ ଥକି ଗଲେ କପିଳ । ଦେହରୁ ଗମ୍ ଗମ୍ ଝାଳ ନିଗିଡ଼ି ଗଲା । ପାଦ ଥକିଗଲା । ଗାଈମାନଙ୍କୁ ତୋଟା ମୂଳେ ଛାଡ଼ି ଦେଇ ଗଛ ମୂଳେ ଶୋଇ ପଡ଼ିଲେ କପିଳ । ବ୍ରାହ୍ମଣ ମାଲିକ କପିଳର ଗାଈ ଚରା ପରଖିବା ପାଇଁ ବାହାରି ପଡ଼ିଲେ ବୁଲି ବୁଲି ଆସି ଦେଖନ୍ତି - କପିଳ ଯୋରରେ ଘୁଙ୍ଗୁଡ଼ି ମାରୁଛି । ପାଖରେ ଗୋଟିଏ ନାଗସାପ ଫଣା ମେଲାଇ ମୁଣ୍ଡ ଉପରେ ରହିଛି । ବ୍ରାହ୍ମଣ ଦେବଙ୍କୁ ଦେଖି ସାପଟି ଅପସରି ଗଲା ସିନା, ସେ ଭାବିଲେ ନିଶ୍ଚୟ ଦଂଶନ କରିଥିବ । ସେମିତି କିଛି ହୋଇ ନାହିଁ ଦେଖିଲେ । ଘରକୁ ଡାକି ନେଲେ ।

କପିଳକୁ ବଡ଼ ଅଡୁଆ ଅଡୁଆ ଲାଗିଲା । ପେଟ ପାଇଁ ଆଉ ଏତେ କଷ୍ଟ ସହି ନ ପାରି ଘର ଛାଡ଼ି ଚାଲି ଆସିଲେ କପିଳ । କରିବେ କ'ଣ ? ଭାବି ଭାବି ଠିକ୍ କଲେ, ଚୋରି କରିବେ । ଏକାବେଳେକେ ଧନୀ ହୋଇଯିବେ । ଆଉ କଷ୍ଟ ସହିବାକୁ ପଡ଼ିବନି । ବନମାଳି ଦାସ ପୁଅ କାଶୀନାଥ । କପିଳେନ୍ଦ୍ରର ବଡ଼ସାଙ୍ଗ । 'କାଶୀଆକପିଳା'ର ସେ ହିଁ ଥିଲେ କାଶୀଆ । ଉଭୟେ ମିଶି ଚୋରି ଆରମ୍ଭ କଲେ । ବହୁତ ଧନ ମିଳିଲା । ଦିନ କେତେ ଗଲା । ହେଲେ କପିଳ ମନରେ ବଡ଼ ଘୃଣାଭାବ ଜାତ ହେଲା । ଛି ଛି ଚୋରୀ କରି ପେଟ ପୋଷିବ ! ଚୋରି କରିବା ମହାପାପ । ବରଂ ମାଗି ଖାଇବା ଭଲ । ଆଉ ଏ କାର୍ଯ୍ୟ କରିବିନି ।



ଦିନେ ମନକୁ ଆସିଲା - ପୁରୁଷୋତ୍ତମ କ୍ଷେତ୍ରରେ ଅନ୍ନଛତ୍ର ତ ବହୁତ ମିଳେ । ସେଠାକୁ ଯାଇ ବରଂ ମାଗିକରି ଖାଇବ । ଏହାଭାବି କପିଳ ପୁରୀ ଚାଲି ଆସିଲେ ।

ଆନନ୍ଦବଜାର ଭିତରେ ଅନେକ ଖାଇ ଖପରା ପକାଇ ଦେଇଥାନ୍ତି । ସେହି ଖପରାରେ ଲାଗିଥିବା ଅନ୍ନ ଖାଇ କିଛି ଦିନ କଟିଗଲା । ନାନା କଥା ଭାବି ଭାବି ଦିନେ କପିଳେନ୍ଦ୍ର ବିମଳା ମନ୍ଦିର ପାଖରେ ବସିଥିଲେ । ସେତେବେଳେ ଓଡ଼ିଶାର ରାଜା ଥିଲେ ଶେଷଭାନୁ ବା ଅକଟାଅବଟା ଭାନୁ । ସେ ଜଗନ୍ନାଥ ଦର୍ଶନ ସାରି ବିମଳାଙ୍କ ଦର୍ଶନ ପାଇଁ ଗଲାବେଳେ ଆଖି ପଡ଼ିଲା କପିଳେନ୍ଦ୍ର ଉପରେ । ରାଜାଙ୍କ ଗୋଡ଼ ଅଟକି ଗଲା । ମନରେ କପିଳେନ୍ଦ୍ରଙ୍କ ପ୍ରତି କରୁଣା ଉଦ୍ରେକ ହେଲା । ରାଜା ପଚାରିଲେ - ତୁମେ କିଏ ? କପିଳେନ୍ଦ୍ର କହିଲେ - ମୁଁ ଜଣେ ନିରାଶ୍ରୟ ଦରିଦ୍ର କ୍ଷତ୍ରୀୟ ପୁତ୍ର । ତୁମେ ଏଠାରେ କ'ଣ କର ? କପିଳେନ୍ଦ୍ର କହିଲେ - ମୁଁ ଏଠି ସେଠି ରହୁଛି । ପେଟ ପୋଷିବା ପାଇଁ କାମ ବୁଝୁଛି ।

କପିଳେନ୍ଦ୍ରଙ୍କର ଭାଗ୍ୟୋଦୟ ହେଲା । ରାଜାଙ୍କ ମନ ତରଳିଗଲା । ମନ କୌଣସି କଥାରେ ଥରେ ଲାଗିଗଲେ ଆଉ ଛାଡ଼ି ପାରେ ନାହିଁ । ସ୍ନେହ, ପ୍ରେମ ଅନ୍ଧ । ତା'ର ସ୍ଥାନଅସ୍ଥାନ, ଜାତିଗୋତ୍ର, କୁଳଶୀଳ ଧନୀଦରିଦ୍ର ସ୍ଥାନଅସ୍ଥାନ ବାଛବିଚାର ନାହିଁ । ଏହା ଏକ ନୈସର୍ଗିକ ନିୟମ । ରାଜା ଏହି ନିୟମର ବଶବର୍ତ୍ତୀ ହୋଇ ପଚାରିଲେ, 'ଆଚ୍ଛା ତୁ ଆମ ପାଖରେ ରହି ଚାକିରି କରିବୁ ? କପିଳେନ୍ଦ୍ର ମନେ ମନେ ଭାବିଲେ - ଏ କ'ଣ ? ମୁଁ କିଏ, ରାଜା କିଏ ? ମୁଁ ଦୀନଦରିଦ୍ର । ଏହାଙ୍କ ସୁଦୃଷ୍ଟିରେ ପଡ଼ିଲି କିପରି ? ଏ ମୋର ଭାଗ୍ୟ । ରାଜା ସାଥିରେ ନେଇଗଲେ । କପିଳେନ୍ଦ୍ର ସୁଖଶାନ୍ତିରେ ରାଜାଙ୍କ ଘରେ ରହିଲେ ।

ଶେଷ ଭାନୁ ଥିଲେ ଅପୁତ୍ରିକ । ସେ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ । ମଣିମା, ମୋ ପରେ ରାଜା ହେବ କିଏ ? ଜଗନ୍ନାଥ ଆଜ୍ଞା ଦେଲେ - କପିଳ ରାଜା ହେବ । ମହାପ୍ରଭୁଙ୍କର ଆଦେଶ ଅଲଙ୍ଘ୍ୟ । କପିଳ ରାଜସିଂହାସନ ଆରୋହଣ କରି କପିଳେନ୍ଦ୍ର ଦେବ ବୋଲାଇଲେ ।

ପିଲାଦିନ ସାଙ୍ଗ କାଶିଆ ଏଣେ ପୂର୍ବବତ୍ ଚୋରୀବୃତ୍ତି କରି ପେଟ ପାଳୁଥାଏ । ଦିନେ ମନକୁ ଆସିଲା - ମୋ' ସାଙ୍ଗ କପିଳା ଏବେ କପିଳେନ୍ଦ୍ର ଦେବ ହୋଇ ରାଜା ବୋଲାଇଲେ । ଆଉ ମୁଁ ଯେଉଁ ଚୋରକୁ ସେହି ଚୋର । ହଉ ତାରି ଘରୁ ଯାଇ ଚୋରୀ କରିବି । ଉଆସରେ ପଶି ଚୋରୀ କଲା । ଧରା ହୋଇ ଛାମୁକୁ ଅଣାଗଲା । ରାଜା ପଚାରିଲେ - ଚୋରୀ କଲ କାହିଁକି ? କାଶୀନାଥ ଉତ୍ତର ଦେଲା - ତୁମେ ମୋତେ ତ ପଚାରିଲନି । ମୁଁ ଚୋରୀ କଲି । ରାଜା ପୂର୍ବ କଥା ମନେ ପକାଇଲେ । କହିଲେ - କ'ଣ ମାଗୁଛ, ମାଗ । ମୋତେ ବଡ଼ଲୋକ କରି ଦିଅ । କପିଳେନ୍ଦ୍ର ଦେବ ତତ୍କ୍ଷଣାତ୍ କହିଲେ, ଆଜଠୁ ତୁମକୁ ରାଜପୁରୋହିତ କରାଗଲା ।

ଏତାଦୃଶ କପିଳେନ୍ଦ୍ର ଦେବ ଖ୍ରୀ:୧୪୩୫ରୁ ଖ୍ରୀ:୧୪୬୫ ପର୍ଯ୍ୟନ୍ତ ରାଜା ହେଲେ । ଛତ୍ରଗଡ଼ ଓ ଖେମଣ୍ଡି ଜୟ କଲେ । ତୁଳସୀପୁର ଶାସନ ବସାଇଲେ । କପିଳେଶ୍ୱରପୁର ଶାସନ ପ୍ରତିଷ୍ଠା କଲେ । ଆଳି, କନିକା, କୁଜଙ୍ଗ ଜୟ କଲେ । ଦାମୋଦରପୁର ଶାସନ ବସାଇଲେ । କୁଣ୍ଡଘୋରି ଆକ୍ରମଣ କରି ଚନ୍ଦ୍ରାବତୀ ଦେଇଙ୍କୁ ବନ୍ଦୀ କରି ଆଣିଲେ । ସେଠାରେ ନରସିଂହ ରାଏଙ୍କୁ ରାଜା କରାଇଲେ । ଏହାଙ୍କର ସ୍ୱପତ୍ନୀ ଗର୍ଭରୁ ୧୮ ପୁତ୍ର ଜାତ ହେଲେ ମାତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ୱପ୍ନାଦେଶମତେ ଫୁଲବିବାହୀ ପୁତ୍ର ପୁରୁଷୋତ୍ତମ ଦେବ ରାଜା ହେଲେ । ଜଗନ୍ନାଥ ମନ୍ଦିରର ବାହାରବେଢ଼ା ନିର୍ମାଣ କରାଇ କପିଳେନ୍ଦ୍ର ଦେବ ଅମର ହୋଇଛନ୍ତି ।

ଖ୍ରୀ: ୧୪୬୫ରେ ପୁରୁଷୋତ୍ତମ ଦେବ ରାଜା ହେବା ଶୁଣି ଅଠରଭାଇ କ୍ରୋଧାନ୍ଧ ହେଲେ । ଆମ୍ଭେମାନେ ଥାଉ ଥାଉ ପୁରିଆ (ପୁରୁଷୋତ୍ତମ ଦେବ) ରାଜା ହୋଇଗଲା । ସେମାନେ ତାଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରି ବିଫଳ ହେଲେ । କଥାରେ ଅଛି - ଯାହାର ସହାୟ ଅନନ୍ତ, କିସ କରିବ ବଳବନ୍ତ । ଯାହାଙ୍କୁ ଦେବ ଦେବ ଜଗନ୍ନାଥ ସହାୟ, ଏମାନେ କ'ଣ କରିପାରିବେ । ଜ୍ୟେଷ୍ଠପୁତ୍ର କଳାମିହିର ସିଂହଦ୍ୱାରକୁ ଆସି ଆକ୍ରମଣ କଲେ । ଗର୍ଜନ କରି କହିଲେ, 'ପ୍ରଭୁ ! ପୁରିଆକୁ ଆଉ ତୁମେ ଚକ୍ର ଉହାଡ଼ କଲେ ବି ରଖିପାରିବନି । ଜୀବନରେ ଆଶା ଥିଲେ ସିଂହଦ୍ୱାର କବାଟ ଫିଟା ।' ଦ୍ୱାରପାଳ କହିଲା - ଠାକୁରଙ୍କ ଆଜ୍ଞା ନାହିଁ । କଳାମିହିର ଗର୍ଜି ଉଠିଲେ - ପୁରିଆକୁ କହ, ଯଦି ରାଜା ହେବାକୁ ଇଚ୍ଛା ଅଛି, ଯେବେ ଏ ଶାବଳ ମୁଠାକୁ ତେଢ଼ି ପାରିବ, ତେବେ ସେ ଏ ରାଜ୍ୟରେ ରାଜା ହେବ । ପୁରୁଷୋତ୍ତମ ଏହାଶୁଣି କବାଟ ଫିଟାଇ ଦେଲେ । କଳାମିହିର ଶାବଳ ମାରିଲେ । ପୁରୁଷୋତ୍ତମଙ୍କର କିଛି ହେଲା ନାହିଁ । ସେ ସମ୍ଭାଳି ନେଲେ । କଳାମିହିର ବିସ୍ମିତ ହେଲେ । ମନେ ମନେ ପାଞ୍ଚିଲେ, ଏ ମହାପ୍ରଭୁଙ୍କ କୂଟ । ସେ କ୍ଷେତ୍ର ତ୍ୟାଗ କରି ପାରଳାଖେମୁଣ୍ଡିରେ ବାସ କଲେ । ବର୍ତ୍ତମାନ ପାରଳାର ରାଜବଂଶ ଏହାଙ୍କ ବଂଶଧର । କନିଷ୍ଠପୁତ୍ର ସୁଭକ୍ତ ବାମଣ୍ଡାରେ ବାସ କଲେ ।

ପୁରୁଷୋତ୍ତମ ଦେବ ଦେଉଳର ଭୋଗମଣ୍ଡପ ନିର୍ମାଣ କରାଇଲେ । ଠାକୁରଙ୍କର ପୋଡ଼ପୀଠା ଭୋଗ ଏହାଙ୍କ ଅମଳରେ ଆରମ୍ଭ ହେଲା । ପୁରୁଷୋତ୍ତମ କାଞ୍ଚି ଅଭିଯାନ କଲେ ରାଜକନ୍ୟା ପଦ୍ମିନୀଙ୍କୁ ପାଇବା ପାଇଁ । କନ୍ୟାଦାନ ପାଇଁ ପ୍ରଥମେ କାଞ୍ଚିରାଜା ସମ୍ମତ ଥିଲେ । ମାତ୍ର ରଥଯାତ୍ରା ସମୟରେ ପୁରୁଷୋତ୍ତମ ଦେବ ରଥରେ ଛେରାପହଁରା କରୁଥିବା ଦେଖି ସେ ଚଣ୍ଡାଳ କାମକୁ ଘୃଣାକରି କନ୍ୟା ଦେବାକୁ ଅସ୍ୱୀକାର କଲେ । କାଞ୍ଚିରାଜା ଭାବି ପାରିଲେ ନାହିଁ ଯେ ଦେବ ଦେବ ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁଙ୍କର ଛେରାପହଁରା ସେବାଠାରୁ ଆଉ ପବିତ୍ର କାର୍ଯ୍ୟ ଇହରେ ନାହିଁ । ଈଶ୍ୱର ସର୍ବଦା ଭକ୍ତାଧୀନ । ପୁରୁଷୋତ୍ତମ ଦେବ ପ୍ରଭୁଙ୍କର ପରମ ଭକ୍ତ । ଭକ୍ତର ଅପମାନ ସେ ସହିପାରନ୍ତି ନାହିଁ । ପ୍ରବାଦ ଅଛି, ସ୍ୱୟଂ ଜଗନ୍ନାଥ, ବଳଭଦ୍ର ଧଳାଘୋଡା ଓ କଳାଘୋଡା ଚଢ଼ି ରାଜାଙ୍କୁ ସହାୟକ ହୋଇଥିବାରୁ ରାଜା ଯୁଦ୍ଧରେ ଜୟଲାଭ କରି ପଦ୍ମାବତୀ କନ୍ୟା ଓ ଗୋପୀନାଥଙ୍କୁ ନେଇ ଆସିଲେ । କନ୍ୟାଙ୍କ ସହ କଟକରେ ବିବାହ କଲେ । ସତ୍ୟବାଦୀ-ଗୋପୀନାଥଙ୍କୁ ଚଉଦ୍ୱାରଠାରେ ରଖାଇଲେ । ଆଣିଥିବା ଗଣେଶ ମୂର୍ତ୍ତି କାଞ୍ଚି ଗଣେଶ ବା ଭଣ୍ଡ ଗଣେଶ ନାମରେ ଶ୍ରୀମନ୍ଦିରରେ ସ୍ଥାପିତ । ପଦ୍ମାବତୀଙ୍କ ଗର୍ଭରୁ ଜାତ ପୁତ୍ର ପ୍ରତାପରୁଦ୍ର ଦେବ ଖ୍ରୀ: ୧୪୯୫ରୁ ଖ୍ରୀ:୧୫୩୧ ପର୍ଯ୍ୟନ୍ତ ରାଜତ୍ୱ କଲେ ।

କୈବଲ୍ୟ
ଦଉତୋଟା, ପୁରୀ





# ପ୍ରିୟଦର୍ଶୀ ଶ୍ରୀଜଗନ୍ନାଥ

ନିର୍ମଳା କୁମାରୀ ମହାପାତ୍ର

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରା ସହ ଶ୍ରୀଜଗନ୍ନାଥ ଅତି ଘନିଷ୍ଠ ଭାବେ ସହ ସଂପର୍କିତ । ସେ ବିଶ୍ୱାସ ଓ ଧର୍ମଧାରଣାର ମୂର୍ତ୍ତିମନ୍ତ ଅବତାର । କମ୍ବୁକଟକର ରାଜା ଶ୍ରୀଜଗନ୍ନାଥ, ଦାରୁରୂପଧାରୀ, ସେ ଅଖିଳ ଜଗତର ନାଥ ଭକ୍ତଜନଙ୍କ ମନ ଆକାଶର ଜହ୍ନମାମୁଁ ସେ । ସେ ବଳିଆର ବାହା, ଆଉ କରୁଣାର ନିଧାନ, ତେଣୁ ତାଙ୍କ ଦର୍ଶନ ନିମନ୍ତେ ଭକ୍ତପ୍ରାଣରେ ଅକଳନ ଆକୁଳତାର ନିଦର୍ଶନ । ବଡ଼ଦାଣ୍ଡର ବଡ଼ଠାକୁରଙ୍କ ପାଇଁ ମନରେ, ଧ୍ୟାନରେ, ଗାନରେ, ନୃତ୍ୟରେ, ଚିତ୍ରରେ - ପ୍ରତିଟି କାର୍ଯ୍ୟକରଣୀରେ ଭକ୍ତିର ପ୍ରତିଫଳନ । ସେ ନୀଳାଚଳ ଧାମର ନୀଳାଦ୍ରିସିଂହ, ନୀଳସୁନ୍ଦର, ନୀଳାଚଳ-ସୁଧାକର । କଳିଯୁଗର କଳ୍ପଦ୍ରୁମ । ଅନୁପମ ସେ ବିଗ୍ରହ ପ୍ରତି ଭକ୍ତର ଆହ୍ୱାନ- 'ହେ ଚକ୍ରଧର, ହେ ବଡ଼ଠାକୁର, ହେ ତ୍ରିତାପହର, ଦର୍ଶନ ଦିଅ ପ୍ରଭୋ ।'

'ମହାବାହୁ, ଏହି କଥାରେ ମୋ' ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ
କଞ୍ଜସୁନ୍ଦର ବଦନ .....' (କବି ବନମାଳୀ)

ମନ-ବଚନ-କର୍ତ୍ତବ୍ୟରେ ଶ୍ରୀଜଗନ୍ନାଥଗତପ୍ରାଣ କବି ବନମାଳୀ, ସଂପୂର୍ଣ୍ଣ ସମର୍ପିତ । ପୁଣି ମାଗିଛନ୍ତି -

'ମଣିମା ହେ, ଏତିକି ମାଗୁଣି ମୋର
ମରଣ କାଳରେ ଦରଶନ ଦେବ
କଳାମୁଖ କଳାକର ହେ ...'

ଏବଂ

'ସେବାରୁ ଅନ୍ତର ନ ହୋଇବି ପ୍ରଭୁ ଏହି ଅଳି ଶ୍ରୀଚରଣେ
ମରଣ ଅବଧି ଶ୍ରୀମୁଖ ଦର୍ଶନୁ ବଞ୍ଚିତ ନୋହିବି କ୍ଷଣେ
ମହାବାହୁ କାହାକୁ କହିବି ...'

ସଗୁଣ ଭକ୍ତମାନେ ଦର୍ଶନକୁ ସବୁଠୁଁ ବେଶୀ ଗୁରୁତ୍ୱ ଦେଇ ଥାଆନ୍ତି । ସେମାନଙ୍କ ମତରେ ଦର୍ଶନ ପରେ ପରେ ଆସେ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ ବା ଭକ୍ତଭାବେ ଭକ୍ତି ନିବେଦନ । ନବଧା ଭକ୍ତିରେ ଦର୍ଶନର ସ୍ଥାନ ବେଶ୍ ଉଚ୍ଚରେ । ଶ୍ରୀଜଗନ୍ନାଥଙ୍କୁ ନିତି ଦର୍ଶନ କରିବାକୁ ମନ, ପୁଣି ମନ ଉଚ୍ଛନ୍ନ । ଶ୍ରୀମନ୍ଦିରର ନୀଳଚକ୍ର, ପାଟନେତ/ପତିତପାବନ ବାନା ଦର୍ଶନରେ ମହାପୁଣ୍ୟ ଅର୍ଜନ ହୁଏ । ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବା ରଥଯାତ୍ରାବେଳେ ରଥ ଉପରେ ତାଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ, ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ । ଏଣୁ କୁହାଯାଏ ଯେ -

'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ ।'

ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ -

'ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ
ସ୍ତୁତିଃ ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ
ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତୟା
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ... ।'

ଅର୍ଥାତ୍, 'ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ, ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ । ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର, ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।'

ନୟନରେ ଜଗନ୍ନାଥଙ୍କୁ ଦେଖିବାର ସୌଭାଗ୍ୟ ପ୍ରାପ୍ତି ପାଇଁ ଜାତି-ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ସମସ୍ତେ ବ୍ୟାକୁଳ । ମନେପଡ଼େ ଭାରତର ବଡ଼ଲାଟ୍ ଲର୍ଡ଼କର୍ଜନ ଚାହିଁଥିଲେ ରତ୍ନ ସିଂହାସନ ପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ, ଆଉ ପ୍ରଣାମୀ ଦେଇଥାନ୍ତେ ଶ୍ରୀମନ୍ଦିର ଓ ବେଢ଼ାର ବିକାଶ ପାଇଁ ସମସ୍ତ ଖର୍ଚ୍ଚ ତତ୍କାଳୀନ ଭାରତୀୟ ମୁଦ୍ରାରେ କୋଟି ଅଙ୍କରେ । ତେବେ ଇତିହାସରୁ ଜଣାଯାଏ ଯେ ଲର୍ଡ଼ କର୍ଜନଙ୍କର ଏଇ ଇଚ୍ଛା କୁଆଡ଼େ ପୂର୍ଣ୍ଣ ହୋଇ ନଥିଲା ।

ରଥଯାତ୍ରାରେ ବଡ଼ଦାଣ୍ଡରେ ସମସ୍ତେ ତାଙ୍କୁ ଦର୍ଶନ କରିପାରିବେ । ଜାତି-ଧର୍ମ-ମତର ବାରଣ ନାହିଁ । ସ୍ୱଚ୍ଛନ୍ଦ ଦର୍ଶନ । ମୁକ୍ତ ଦର୍ଶନ । ସେଇଠି ତ ଦେବତା ନିଜକୁ ଭକ୍ତ ପାଖକୁ ନେଇ ଆସିଥା'ନ୍ତି । ଦେବତା ଆସିଥାନ୍ତି ଜଗତଜନଙ୍କୁ ଦେଖିବା ପାଇଁ । କୁଶଳ କାମନା କରିବା ପାଇଁ, ଦର୍ଶନ ଦେବା ପାଇଁ ।

ସାଲବେଗଙ୍କର ଦର୍ଶନ ଇଚ୍ଛା ପ୍ରକଟ ହୋଇଛି ନିମ୍ନଭାବେ -

‘ଚାଲ ସଖୀ ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ
କେଉଁ ସୁରପତି ବେଶ କରିଅଛି ଗିରିବର ତୋଳିଆକୁ
ସେ ଯେ ଶ୍ରୀମୁଖ ତୋରା ...
ଶିରେ ସୁନାଦୁବ କେରା କେରା
ସେ ଯେ ଶ୍ରୀମୁଖ ତୋରା ...’

ସେଦିନ ସାଲବେଗ ବୃନ୍ଦାବନରୁ ଆସୁଥାଆନ୍ତି ଶ୍ରୀକ୍ଷେତ୍ର, ବେଶ୍ ଦୂର ପଥ, ଆଖି ପାଉନାହିଁ, ପହଞ୍ଚୁ ପହଞ୍ଚୁ ଯଦି ରଥଯାତ୍ରା ସରିଯାଏ, ତେବେ ତ ସାଲବେଗ ଆଉ ଦର୍ଶନ କରିପାରିବେ ନାହିଁ । ସେ ଲାଗି ତାଙ୍କର ପ୍ରାର୍ଥନା -

‘ସାତଶ ପଚାଶ କୋଶ ଚାଲି ନ ପାରଇ
ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି ...’

ଭକ୍ତର ଅଶ୍ରୁଳ ବ୍ୟାକୁଳ ଆବେଦନକ୍ରମେ ସେଦିନ କୁଆଡ଼େ ମହାମହିମ ନନ୍ଦିଘୋଷ ବଡ଼ଦାଣ୍ଡର ମଧ୍ୟସ୍ଥଳରେ ଅଟକି ରହିଥିଲା ସାଲବେଗ ଆସିବା ପର୍ଯ୍ୟନ୍ତ । ପ୍ରିୟଦର୍ଶୀ ଜଗନ୍ନାଥ କ’ଣ ନବୁଝନ୍ତି ସତେ !

କ୍ଷେତ୍ରର ରାଜ ପୁରୁଷୋତ୍ତମ, ପୁଣି ସେଇଠି ଶ୍ରୀଜଗନ୍ନାଥ ଦର୍ଶନରେ ପ୍ରାଣର ଆୟାମ, ବିଶ୍ରାମ, ତୃପ୍ତି । ଶ୍ରୀଚୈତନ୍ୟ ଚରିତାମୃତ (ଅଧ୍ୟାୟ ୧୫)ରେ ନିମାଇଁ କହନ୍ତି -

‘ଦାରୁ ଜଳ ରୂପ କୃଷ୍ଣ ପ୍ରକଟ ସଂପ୍ରତି
ଦରଶନ ସ୍ନାନ କଲେ ଜୀବେର ମୁକତି ।’

ମନକୁ ବୋଧ ଦେଇ ଭକ୍ତଚରଣ ଦାସ (ମନବୋଧ ଚଉତିଶା)ରେ କହନ୍ତି -

‘କହଇ ମନ ଆରେ ମୋ’ ବୋଲ କର
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ...’

କବି ବିପ୍ର ନରହରି ତାଙ୍କର ଥକାମନକୁ ଉଦ୍‌ବୋଧନ ଦେଇ କହନ୍ତି -

‘ଥକା ମନ ଚାଲଯିବା,
ଚକା ନୟନ ଦେଖିବା,
ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା
ଥକା ମନ ଚାଲଯିବା ...’

ପ୍ରିୟଦର୍ଶୀ ଜଗନ୍ନାଥ ସର୍ବ ବୁଦ୍ଧମୟ, ସର୍ବସିଦ୍ଧିରେ ବ୍ୟାପ୍ତ ଗଗନ ସଦୃଶ ଅସୀମ, ବ୍ୟାପକ ସର୍ବଜ୍ଞ ଶ୍ରେଷ୍ଠ ବଦ୍ରୀଙ୍କୁ ମୋର ପ୍ରଣାମ, ଅନନ୍ତ କୋଟି ପ୍ରଣାମ ।

**ସହାୟକ ପୁସ୍ତକ :**

୧. ପ୍ରାଚୀନ ଓଡ଼ିଆ ଗୀତି କବିତାରେ ଶ୍ରୀଜଗନ୍ନାଥ, ଲେ- ଡଃ ହରିଶ୍ଚନ୍ଦ୍ର ବେହେରା, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ-୨

ଟିଚର ଏଡୁକେଟର
ଡି.ଆଇ.ଇ.ଟି. ଟିକାବାଲି
କନ୍ଧମାଳ

# ବଡ଼ ଦେଉଳର ବଡ଼ ଠାକୁର

ବସନ୍ତ କୁମାର ଦେବ

ଜଗନ୍ନାଥ ! ତୁମେ ବଡ଼ ଦେଉଳର ବଡ଼ ଠାକୁର,
ଅଶେଷ ମହିମା ତୁମ କରୁଣା ଅପାର ।
ଆହେ ଜଗବନ୍ଧୁ, ଦୀନବନ୍ଧୁ, କୃପାସାଗର,
କୁହ କୃପା କରି ପାରି ହେବି କେବେ ଭବ ପାରାବାର ।
ବିଷମ ଜଞ୍ଜାଳ ଜାଲରେ ପଡ଼ି,
ଛଟପଟ ହୋଇ ମୁଁ ଛାଡୁଛି ରଡ଼ି ।
ଏ ଘୋର କଳିକାଳ ଆସଇ ମାଡ଼ି
ପାପ ଭାରେ ମୁଁ ଏବେ ଗଲିଣି ବୁଡ଼ି ।
ଏ ଛାର ଇନ୍ଦ୍ରିୟ ଲାଳସା,
ମନେ ମୋର ଜଗାଇଲା ଆଶା ।
ବଢ଼ାଇ ଦେଲା ମୋ’ ମନର ତୃଷା,
ଘାରୁଅଛି ମୋତେ ବିଷୟା ନିଶା ।
ଅସହ୍ୟ ଏ ବିଷୟାର ଦାଉ,
ସହି ପାରିବିନି ଆଉ ।



ସରି ମୋ’ ଯାଉଛି ଆୟୁ,
ରଖ ମୋତେ ଶରଣ ରକ୍ଷଣ ମହାବାହୁ ।
ଆହେ ଜଗନ୍ନାଥ ଜଗତପତି,
ଭରି ଦିଅ ମୋ’ ହୃଦୟେ ଶାନ୍ତି, ମୈତ୍ରୀ, ପ୍ରୀତି ।
ଗାଉଥିବି ନିତି ତୁମ ଗୁଣ କୀରତି,
କୁହ ପ୍ରଭୁ କୁହ କେବେ ଏ ଭବ ସାଗରୁ ମିଳିବ ମୁକତି ।
କୃପାସିନ୍ଧୁ ବୋଲି ନାମ ତୁମ୍ଭରି,
ଆଉ କେବେ ପୁନର୍ଜନ୍ମ ନ ହେଉ ମୋହରି,
ଏ ଭବ ସାଗର ହେବି ମୁଁ ପାରି,
ପ୍ରଭୁ ଏତିକି ମାଗୁଣି ମୋର ଏତିକି ଗୁହାରି ।

କ୍ୱାର୍ଟର ନଂ- ଇ-୭୫
ୟୁନିଟ୍-୮, ଭୁବନେଶ୍ୱର - ୧୨



# ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ

କୃଷ୍ଣପ୍ରିୟା ଦାସ

**ବି**ଶ୍ୱରେ ଯଦି କିଛି ଶ୍ରେଷ୍ଠରୁ ଶ୍ରେଷ୍ଠତର କାର୍ଯ୍ୟଥାଏ, ତାହା ହେଉଛି ଜୀବକୁ ଜାଗ୍ରତ କରି ଶିବତ୍ୱରେ ସ୍ଥାପିତ କରିଦେବା । ପ୍ରକୃତିର ପରାଧୀନତାରୁ ଟାଣିଆଣି ମୁକ୍ତ କରିଦେବା । ଏ କାର୍ଯ୍ୟ କେବଳ ବ୍ରହ୍ମନିଷ୍ଠ ମହାପୁରୁଷମାନେ ସ୍ୱାଭାବିକ ଭାବେ କରିବାକୁ ସମର୍ଥ ହୋଇପାରନ୍ତି ।

ସେହିପରି ପରମ ଚୈତନ୍ୟ ସ୍ୱରୂପ ସଦ୍‌ଗୁରୁ ସନ୍ଥ ନାନକଜୀଙ୍କ ଦ୍ୱାରା ବ୍ରହ୍ମ ସ୍ୱରୂପରେ ଚୈତନାନନ୍ଦ ପ୍ରକଟ ହେବାର ଦେଖାଯାଇଥିଲା ।

ନାନକ ଭାରତ ଭ୍ରମଣ ସାରି ସୁଦୂର ପଞ୍ଜାବରୁ ପୁରୁଷୋତ୍ତମ କ୍ଷେତ୍ରକୁ ବ୍ରହ୍ମ ଦର୍ଶନର ଅଭିଳାଷ ପୋଷଣ କରି ପହଞ୍ଚି ଯାଇଥିଲେ । ସାଙ୍ଗରେ କେଇଜଣ ବିଶ୍ୱାସୀ ଶିଷ୍ୟ । ତାଙ୍କର ଲମ୍ବା, ଚୌଡ଼ା, ବଳିଷ୍ଠ ବପୁ, ସୁଦୀର୍ଘନାସା, ସୁଗଠିତ କପୋଳ, ଗୌରବର୍ଣ୍ଣ, ତେଜଦୀପ୍ତ ନେତ୍ର ସହିତ ମୁଣ୍ଡରେ ପଗଡ଼ି, ଦେହରେ ଫତେଇ, ଫାଳଟାମରା ଲୁଗାପିନ୍ଧା ବେଶ୍ ମନଉଥିଲା । ଦେଖିବା ଲୋକ ଆକୃଷ୍ଟ ହୋଇ ତାଙ୍କ ପିଛା ଛାଡୁ ନଥିଲେ ।

ପଦବ୍ରଜରେ ଅରୁଣ ସ୍ତମ୍ଭକୁ ମୁଣ୍ଡ ଲଗାଇ ଯେତେବେଳେ ସିଂହଦ୍ୱାର ଟପିବାକୁ ଇଚ୍ଛା କରନ୍ତି, ବେତ୍ରକାର, କେତେକ ପଣ୍ଡା ପ୍ରତିହାରି ତାଙ୍କୁ ବିଧର୍ମୀ ମନେ କରି, ଭିତରକୁ ବିରୋଧ କରି, ପଥ ଓଗାଳି ଠିଆ ହେଲେ । ସେ ଜଣେ ନୈଷ୍ଠିକ ହିନ୍ଦୁ ହେଲେ ମଧ୍ୟ ବେଶ, ପୋଷାକ ଥିଲା ଅନ୍ୟପ୍ରକାର । ସେବକମାନେ ଜାଣନ୍ତେ କିପରି ?

ଏଥିରେ ନାନକ ମର୍ମାହତ ହେବା ଭଳି ବ୍ୟକ୍ତି ନୁହନ୍ତି । ସେ ପଛକୁ ଦୁଇପାଦ ଘୁଞ୍ଚିଯାଇ କରାଞ୍ଜଳି ପ୍ରସାର କରି କହିଲେ - ହେ ଲୀଳାମୟ ! ତୁମ ଲୀଳା ରହସ୍ୟ ତୁମଛଡ଼ା କିଏ ବୁଝିବ ? କେଉଁ କ୍ରୀଡ଼ାରେ କେବେ କେଉଁଠି କିପରି ଭାବରେ ପାଦ ଥାପୁଛ ଏବଂ ଏହାଦ୍ୱାରା ଜଗତର ଅଚିନ୍ତ୍ୟ ପରିବର୍ତ୍ତନ କିପରି ଆସି ଯାଉଛି ଏକଥା ତୁମକୁ ହିଁ ଜଣା । ହେଲେ ଏ ନାନକ ତୁମ ଦର୍ଶନ ବିନା କଦାପି ଫେରିପାରିବ ନାହିଁ ।

'ହେ ପ୍ରେମର ମାଦକତା ! ତୁମେ ଶୀଘ୍ର ଆସ । ହେ ଆତ୍ମଜ୍ଞାନ, ଆତ୍ମ ରସର ମଦିରା ! ତୁମେ ଆଚ୍ଛାଦିତ ହୋଇ ଯାଅ କରପୁଟରେ । ତୁରନ୍ତ ବୁଡ଼ାଇ ଦିଅ ଆତ୍ମରସରେ । ଏ ମନ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଳମ୍ବ ସହି ପାରୁନାହିଁ । ମୋତେ ଆଶ୍ରୟ କିମ୍ବା ବିଶ୍ରାମ ଲୋଡ଼ା ନାହିଁ । ଆଶା, ଆଶଙ୍କା ତ ଅନେକ ଦିନରୁ ବଳି ଦେଇସାରିଛି । କେବଳ ବାକି ରହିଛି ଦିବ୍ୟ ଦର୍ଶନର ତୃଷ୍ଣା ।'



'ମୁଝେ ମନ୍ଦିର ମସ୍‌ଜିଦ ଜାନା ନହିଁ ।
ମୁଝେ ପ୍ରେମିକାରଙ୍ଗ ଚଢ଼ା ଦେ କୋଇ ।।
ଜହାଁ ଉଁଚୟା ନୀଚ କା ଭେଦ ନହାଁ ।
ଜହା ଜାତ ୟା ପାଁତ କୀ ବାତ୍ ନହାଁ ।।'

ବର୍ତ୍ତମାନ ଯାହାକିଛି ଘଟିଗଲା ବା ଘଟିବାକୁ ଯାଉଛି, ତାକୁ କିପରି ରୂପ ଦେଇ, କି ପରିଣାମ ଘଟାଇବ ତାହା ତୁମକୁ ଜଣା ଏବଂ ସେହି ଖେଳର ପଟ୍ଟ ପରିବର୍ତ୍ତନ କେବେ, କେଉଁଠି କିପରି ଭାବେ ହେବ, ତାହା କେବଳ ତୁମେ ହିଁ ଜାଣିଛ । ଏଠି ଯେଉଁ ସମସ୍ତେ ବାକ୍‌ଚାତୁରୀ ଦେଖାଇ ଅନ୍ୟମାନଙ୍କୁ ସିଦ୍ଧାନ୍ତ ଶୁଣାଉଛନ୍ତି, ଅଥଚ ନିଜେ ଶଙ୍କାରେ ପରିପୂର୍ଣ୍ଣ । ତେବେ ଏତିକି ଅବଶ୍ୟ କୁହାଯାଇପାରିବ ଯେ ସବୁକିଛି ତୁମ ଲୀଳାର ଏକ ପ୍ରଭାବ ମାତ୍ର ।

ତୁମେ ଜଣେ ସଫଳ ଖେଳାଳୀ, ତେଣୁ ସମସ୍ତଙ୍କୁ ସାଙ୍ଗରେ ନେଇ ଖେଳିବାରେ ଆନନ୍ଦ ପାଇ ଆସିଛ । ଏହି ଅବିଚ୍ଛିନ୍ନ ଲୀଳା ପ୍ରବାହ ସର୍ବଦା ଚାଲିଥାଉ ଆମର ଆପତ୍ତି କାହିଁକି ? ମାତ୍ର କୃପା ପୂର୍ବକ ମୋ' ଆଖି ଏପରି ଖୋଲି ଦିଅ, ଯେପରି ତୁମ ସଂକଳ୍ପିତ ଆଧାର ଉପରେ ସ୍ଥିର ନିଶ୍ଚଳ ରହି, ନିଜର ଭିନ୍ନ ଭିନ୍ନ ଅସ୍ତିତ୍ୱ ବ୍ୟତୀତ ବାକି ସବୁଥିରେ ସବୁଖେଳରେ କେବଳ ତୁମର ଛବି ହିଁ ମୋର ନେତ୍ରରୂଢ଼ ହେଉଥିବ । ତୁମେ ଆଉ ମୁଁ ପରସ୍ପର ପରସ୍ପରକୁ ଉପଲବ୍‌ଧି କରୁଥିବା । ବାସ୍ ... ମୋର ପ୍ରାର୍ଥନା କେବଳ ଏତିକି ।'

ହଠାତ୍ ଶ୍ରୀମନ୍ଦିର ଚୂଡ଼ାରୁ ଗୋଟାଏ ଦିବ୍ୟ ଜାଜୁଲ୍ୟମାନ ଜ୍ୟୋତି ଖସି ଆସିଲା ସନ୍ଥ ନାନକଙ୍କ କରପତ୍ରକୁ । ନାନକଙ୍କ ସହିତ ଚକଡ଼ାରେ ଥିବା ସମସ୍ତ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ଦେଖିପାରୁଥିଲେ ହାତ ପାପୁଲୀରେ ଶ୍ରୀଜଗନ୍ନାଥଙ୍କ ପୂର୍ଣ୍ଣ ବିଗ୍ରହ । ସତେ ଯେପରି ରତ୍ନ ସିଂହାସନ ତ୍ୟାଗ କରି ଭକ୍ତ କରପୁଟକୁ ସାଫଲ୍ୟ କରିବା ନିମନ୍ତେ ବିରାଜମାନ ହୋଇଅଛନ୍ତି ।

ଭକ୍ତି ଗଦ୍ ଗଦ୍ ନାନକ ଦୁଇ ପାପୁଲୀକୁ ମୁଣ୍ଡରେ ଲଗାଇ ସିଧା ଚାଲିଲେ ଦକ୍ଷିଣ ଦିଗକୁ । ପଛରେ ପଣ୍ଡାମାନଙ୍କ ଆହ୍ୱାନ ତାଙ୍କୁ ଆଉ ଫେରସ୍ତ କରିପାରୁନଥିଲା । ସେ ବା, ଫେରିଥାନ୍ତେ କାହିଁକି ? ଯାହାଙ୍କ ପାଇଁ ଆସିଛନ୍ତି ସେ ତ ତାଙ୍କ କରପୁଟରେ । ଆଉ ମନ୍ଦିରରେ କି କାର୍ଯ୍ୟ ? ସେ କ'ଣ ମନ୍ଦିର ଦେଖିବାକୁ ଆସିଥିଲେ କି ?

ପାଦତଳେ ମହୋଦଧିର ଧୂଷର ବାଲୁକାରାଶି, ସମ୍ମୁଖରେ ନୀଳସାଗର ଉପରେ ସୁନୀଳ ଆକାଶ । ଶିକର ଶିକ୍ତ ବାୟୁମଣ୍ଡଳ ସ୍ୱପ୍ନିଳ ତରଙ୍ଗ ମାଳାକୁ ଚାହିଁ କହି ଉଠିଲେ ନାନକ ।

'ବିଗିଡ଼େ ତବ ଜବ ହୋ କୋଇ ବିଗଡ଼ନେ ବାଲିଶୟ
ଅକାଳ ଅଚ୍ଛେଦ୍ୟ ଅଭେଦ୍ୟ କୋ କୌନ୍ ବସ୍ତୁକା ଭୟ ।'

ଅନର୍ଗଳ ଅଭିଭାଷଣ ନିର୍ଗତ ହେବାକୁ ଲାଗିଲା -

ମୁଁ ଚୈତନ୍ୟ ! ମୁଁ ଆତ୍ମା ! ମୋର କ'ଣ ବା କ୍ଷତି ହୋଇଯିବ ? କ'ଣ ବା ପ୍ରାପ୍ତି ଅଛି ? ଯାହା କ୍ଷତି ହେବ, ଏହି ନଶ୍ୱର ଦେହଟାର ହୋଇପାରେ । ସେ ବି, ଅନେକ ଦିନରୁ ଜ୍ଞାନ ଅଗ୍ନିରେ ଭସ୍ମ ହୋଇସାରିଛି । ଆଉ ଡର କ'ଣ ? ବାହ୍ୟ ଦୁଃଖ ଓ ପ୍ରଲୋଭନ ଆଗରେ ମୁଣ୍ଡ ତଳକୁ କରି କି ଆବଶ୍ୟକ ?

ବର୍ତ୍ତମାନ ସମୟ ଆସିଛି ଅଚିନ୍ତ୍ୟ ଜୀବନଯାପନ କରି ସାଧନାର ପଥ ପରିଷ୍କାର କରି ଆଗେଇ ଯିବା । ଯେତେ ବିଘ୍ନ ଆସୁ ଲକ୍ଷ ଲକ୍ଷ ପ୍ରଲୋଭନ ପାଦ ତଳେ ଅଜାଡ଼ି ପଡୁ, ସେଥିରେ ଯାଏ, ଆସେ କାହାର ? ମୁଁ ତ, ମୋହ ନିଶାରୁ ଜାଗ୍ରତ ହୋଇସାରିଛି ।

'ହମେ ରୋକ୍ ସକେ ୟେ ଜମାନେ ମେଁ ଦମ୍ ନହିଁ
ହମ୍‌ସେ ଜମାନା ହେ ଜମାନେ ସେ ହମ୍ ନହିଁ ।'

ଭଗବାନଙ୍କର ଆଡ଼କୁ ମାଡ଼ି ଯିବାର ଶକ୍ତି ଯାହାର ଅଛି, ତାକୁ ରୋକିବ କିଏ ? ସଂସାର ଭିତରେ ଥିଲେ ସୁଧା ସଂସାର ଯାହା ଭିତରେ ନଥାଏ ସେ କାହାକୁ ଖାତିର କରିବ ବା ଭୟ କରିବ କାହିଁକି ?

ଲୁହାରେ ସିନା କଳଙ୍କି ଲାଗେ, ଯଦି ଲୁହାକୁ ପରଶମଣି ଦ୍ୱାରା ସ୍ପର୍ଶ କରାଇ ସୁବର୍ଣ୍ଣ କରାଇ ଦିଆଯାଏ ଆଉ କଳଙ୍କ ଲାଗିବ କେମିତି ?

ସେହିପରି ମନ ଯଦି ଥରେ ଆତ୍ମ ସାକ୍ଷାତ୍କାର ହୋଇଯାଏ, ତା'ପରେ ତାକୁ ଯେମିତି ନଚାଇବ ନଚାଅ, ସେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ରହିବ । ଯାହା ବଳରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ମଧ୍ୟ ତୁମ ଆତ୍ମା ସ୍ୱରୂପରେ ଉଦ୍‌ଭାସିତ ହେବାକୁ ଭୁଲିବେ ନାହିଁ । ଏହା ହିଁ ପ୍ରାଣୀର ଆତ୍ମା-ପରମାତ୍ମା ସ୍ୱରୂପ । ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ।

ସନ୍ଥ ନାନକଙ୍କ ଓଜସ୍ୱିନୀ ଅଭିଭାଷଣରେ ଭାରତୀୟ ମହାପୁରୁଷଙ୍କ ତ୍ୟାଗ ଓ ମର୍ଯ୍ୟାଦା ଏତେ ମାତ୍ରାରେ ଭରପୂର ଥିଲା ଯେ ବିଦଗ୍ଧ ଶ୍ରୋତାମଣ୍ଡଳୀ ସମୟ ଜ୍ଞାନକୁ ମଧ୍ୟ ଭୁଲି ଯାଇ ଶ୍ରବଣ ସୁଖକୁ ଶ୍ରେଷ୍ଠ ମନେ କରୁଥିଲେ । ସେ ପଞ୍ଜାବୀ ଭାଷା ହେଲେ ମଧ୍ୟ କାହାର ଆପତ୍ତି ନଥିଲା । ଅମୃତର ଧାରା ପ୍ରବାହ ପରି ସବୁରିମନକୁ ଛୁଇଁ ଯାଉଥିଲା ସେ ବାଣୀ । ମଝିରେ ମଝିରେ କେବଳ ହରିବୋଲ ଜୟ ଧ୍ୱନୀ ଉଚ୍ଛୁଳି ଉଠୁଥିଲା ... ସେତିକି ।

ସନ୍ଧ୍ୟା ଆଗତ ପ୍ରାୟ । କେଇ ଜଣ ଶ୍ରୋତା ସାମାନ୍ୟ ଇତଃସ୍ତତଃ ହେବା ଭଳି ମନେ ହେଉଥାଏ । କାରଣ ଅନେକେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତୀ ଦର୍ଶନ କରିବା ପାଇଁ ବ୍ୟାକୁଳ । ଏକଥା ଯୁଗପୁରୁଷ ନାନକଙ୍କୁ ଅଛପା ରହନ୍ତା କିପରି ? ସେ ଉଚ୍ଚକଣ୍ଠରେ କହିଲେ ... ଭକ୍ତ ମଣ୍ଡଳୀ ! ବର୍ତ୍ତମାନ ସନ୍ଧ୍ୟା ହେବାକୁ ଯାଉଛି, ଆପଣମାନେ ଧୀର ସ୍ଥିର ଭାବରେ ଅପେକ୍ଷା କରନ୍ତୁ, ଏଠାରେ ଶ୍ରୀଜଗନ୍ନାଥଙ୍କ ଆଳତୀ ବଢ଼ାଯିବ ।

ହଠାତ୍ ଅନ୍ଧକାରକୁ ହଟାଇ ଜଳି ଉଠିଲା ଦିହୁଡ଼ିମାଳା । ଊର୍ଦ୍ଧ୍ୱରୁ ଖସି ଆସିଲା ସମସ୍ତ ଆଳତୀ ସରଞ୍ଜାମ । ନାନକଙ୍କ ପ୍ରସାରିତ ହସ୍ତରେ ରୁପାର କର୍ପୂର ଦାନୀ ଓ ସୁବର୍ଣ୍ଣ ଘଣ୍ଟି । ସେ ଭାବ ବିହ୍ୱଳିତ ହୋଇ 'ଓଁ ଜୟ ଜଗଦୀଶ ହରେ' କହି କର୍ପୂର ଦାନୀ ଧରି ଆଳତୀ ପର୍ବ ଚଳାଇଥାନ୍ତି ।

ସମୁଦ୍ର ପଛା ସତେ ଯେପରି ରତ୍ନ ଗମ୍ଭିରା ପାଲଟି ଗଲା, ଜଣ ଜଣ ହୋଇ ତିନିଠାକୁର ସବୁରି ସାମ୍ନାରେ ଦୃଶ୍ୟମାନ ହେବାକୁ ଲାଗିଲା । ମହକି ଉଠିଲା ବେଳାଭୂମି । ଆକାଶରୁ ନୃତ୍ୟ, ଗୀତ, ବିଭିନ୍ନ ବାଦ୍ୟନାଦ ସହିତ ପୁଷ୍ପ ବୃଷ୍ଟି, ଦେଖେଣାହାରିଙ୍କୁ ବିସ୍ମିତ କରାଇ ଦେଉଥାଏ । ସମସ୍ତେ ପାଳିଧରି ଗାଉଥାନ୍ତି 'ଜୟ ଜଗଦୀଶ ହରେ ।' ବିଧିପୂର୍ବକ ଆଳତୀ ବଢ଼ିଲା । ସାଷ୍ଟାଙ୍ଗ ହେଉଥିଲେ ନାନକ ।

ଇତିମଧ୍ୟରେ ଶ୍ରୀମନ୍ଦିରରୁ କେତେ ଜଣ ପଣ୍ଡା, ପ୍ରତିହାରୀ, ସେବକ, ପୁଷ୍ପାଳକ ପହଞ୍ଚି କହିଲେ ... ଆରେ, ହେଇରେ ... ମା'କେ, ଏଇଠି ସବୁ ଆଳତୀ ସରଞ୍ଜାମ ଗଦା ହେଇଛି । କ'ଣନା .. ସମସ୍ତେ ବାଉଳା ... ।

ସେମାନଙ୍କ ପାଟିରୁ କଥା ସରୁ ସରୁ ସବୁ ଅଦୃଶ୍ୟ । ସମସ୍ତେ ଆଶ୍ଚର୍ଯ୍ୟ ମନେକରି ଟୁପୁରୁ ଟାପୁରୁ ହେବାକୁ ଲାଗିଲେ । କିଏ କହିଲା ନାନକଜୀ ମହାନ୍ ପ୍ରଚେତା ! ଏପରି ଚମତ୍କାରିତା କେବେ ଶୁଣାଥିଲା ନା ଦେଖାଥିଲା ? ଏସବୁ ତାଙ୍କ ସଂଯମତାର ଫଳ । ସେ ଜଣେ ଆତ୍ମସାକ୍ଷାତକାରୀ ପୁରୁଷ ! ନହେଲେ କି ତାଙ୍କ ଇଚ୍ଛା ମାତ୍ରକେ ମନ୍ଦିରରୁ ଆଳତୀ ସରଞ୍ଜାମ ସହ ଠାକୁରେ ଆସି ଉଭା ହୋଇଯାଆନ୍ତେ ? ପୁଣି ସବୁ କିଛିର ଅନ୍ତର୍ଦ୍ଧାନ ଘଟି, ଶ୍ରୀମନ୍ଦିର ପୂର୍ଣ୍ଣ ହୋଇ ଯାଆନ୍ତା ?

ଉତ୍ତମ ଲୋକ ଭିଡ଼ରେ ଖଳ ଲୋକଙ୍କର ମଧ୍ୟ ଅଭାବ ନଥାଏ । କିଛି ଖଳ ବ୍ୟକ୍ତି ଦୂରକୁ ଘୁଞ୍ଚିଯାଇ କହିଲେ ଆହେ ... ଏପରି ଚମତ୍କାରିତା ଯାହା ଦେଖିଲ, ତାହା ଭକ୍ତି ଭାବରେ ନାଁ, ଗୁଣି ଗାରେଡ଼ିରେ ? ଦେଖି ନାହଁ ... ଗାରେଡିଆ କେଳାମାନେ କିପରି ମଇଦାନରେ ଚକ୍ଷୁ ବନ୍ଧନ କରି ଖେଳ ଦେଖାନ୍ତି ? ୟେ' ଆଉ ତାଙ୍କରିପରି ଜଣେ ନୁହେଁ ତ ?

ଜଣକ କଥାରେ ପାଳିଧରି ଆଉ ଜଣେ ଆରମ୍ଭ କଲା ... ଆରେ ... ଇଏ ଜଣେ ପ୍ରସିଦ୍ଧ ତାନ୍ତ୍ରିକ । ପଞ୍ଜାବରୁ ତଡ଼ା ଖାଇ ପୁରୁଷୋତ୍ତମକୁ ପଳାଇଆସିଛି । ଭାବିଛି ଲୋକମାନଙ୍କୁ ଗୁଣି ଦ୍ୱାରା ଟାଣି ନେବ । ଏହାଦ୍ୱାରା ଲୋକେ ଶ୍ରୀଜଗନ୍ନାଥଙ୍କୁ ଛାଡ଼ି ୟା'କୁ ଭଜିବେ ।

କଥା ଛଡ଼ାଇ ଆଉ ଜଣେ କହିଲା ... ହଇ ହୋ ... ଏଇଟାପରା ପୁରା ତନ୍ତ୍ର ପୀଠ । ଶ୍ରୀଜଗନ୍ନାଥ ହେଉଛନ୍ତି ମନ୍ତ୍ରତନ୍ତ୍ରର ମୁଖ୍ୟ ଦେବତା । ଏଇଠି କି ତନ୍ତ୍ର କାଟୁ କରିବ ? ଏ କ୍ଷେତ୍ରକୁ ତ କେତେ ବଡ଼ ବଡ଼ ତାନ୍ତ୍ରିକ ଆସି ହାର ମାନି ମୁଣ୍ଡ ତଳକୁ କରି ଫେରିଯାଇଛନ୍ତି ।

ତା'ହେଲେ ନାନକ କ'ଣ ଭଗବାନଙ୍କର ପରମଭକ୍ତ ! ସେ ଯଦି ଏତେ ବଡ଼ ସାଧକ ତା'ହେଲେ ସର୍ବ ସମ୍ମୁଖରେ ଶ୍ରୀଜଗନ୍ନାଥଙ୍କୁ ମାନବ ରୂପରେ ଦେଖାଇ ଦେଇ ପାରିବେ ?

ଜନତା ଜନାର୍ଦ୍ଦନଙ୍କ ବିଚାର ବିମର୍ଷ, ନାନକଙ୍କ ପ୍ରଜ୍ଞାଚକ୍ଷୁରୁ ବାଦ୍ ପଡ଼ିନଥିଲା । ତାଙ୍କ ଅଧର ପୁଟରୁ ଫୁଟି ଉଠିଥିଲା ଧାରେ ସ୍ମିତ ହସ । ମନକୁ ମନ କହି ଉଠିଲେ -

'ବଚ୍ଚୋ କା ଖେଲ୍ ନହିଁ ମୈଦାନେ ମୁହବତ୍ ।
ୟହାଁ ଜୋଭି ଆୟା ସିର ପର କଫନ ବାନ୍ଧକର ଆୟା ।।'

ଦେଖାଯାଉ ବିଶ୍ୱ ଖେଳାଳୀର ଖେଳ କେତେ ଦୂର ଜମିପାରୁଛି । ଯାହାର ଇଙ୍ଗିତରେ ନାନକ ଏଠାକୁ ଆସିଛି, ସେ ହିଁ ସବୁ ବୁଝିବ । ତା'ର ଯଦି ଦେବତ୍ୱରୁ ମାନବତ୍ୱକୁ ଓହ୍ଲାଇବାର ଇଚ୍ଛାଥାଏ, ତା'ହେଲେ କିଏ ନାସ୍ତି କରୁଛି ?

ମାୟାଧୀନ ମାନବ କିଛି ନବୁଝି ଦ୍ୱନ୍ଦ୍ୱ ଆରମ୍ଭ କରି ଦେଉଛି । ଯେଉଁଠି ସତ୍‌ସଙ୍ଗ, ହରି ନାମ ଭଗବାନ ସେ ସ୍ଥାନ ଛାଡ଼ି ଆଉ ଯିବେ କୁଆଡ଼େ ? 'ବିଶ୍ୱାସେ ମଳନ୍ତି ହରି, ତର୍କେ ବହୁ ଦୂର' ତାଙ୍କୁ କ'ଣ ଯୁକ୍ତିରେ କିଏ ପାରିଛି ?

ହୃଦୟ ଯଦି ପ୍ରକୃତ ପ୍ରସ୍ତୁତି ହୋଇପାରିବ ନିଜ ମହିମାରେ ଜାଗ୍ରତ ହେବା କିଛି କଠିନ କାର୍ଯ୍ୟ ନୁହେଁ । ଯିଏ ଶରୀରଠାରୁ ସର୍ବଦା ଊର୍ଦ୍ଧ୍ୱରେ, ସେ କାହିଁକି ପରମାତ୍ମାକୁ ଧରି ପାରିବେ ନାହିଁ । ଭଗବାନ ତ ଆପଣାଛାଏଁ ଚିହ୍ନଟ ହୋଇଯିବେ ।

ହଠାତ୍ ନାନକ ଜଣେ କୃଷ୍ଣକାୟ ବଳିଷ୍ଠ ବ୍ୟକ୍ତିଙ୍କୁ କୋଳାଗ୍ରତ କରୁ କରୁ କହିଲେ ହେ ନିର୍ଗୁଣ ... ତୁମେ ଭକ୍ତି ବଶରେ ସଗୁଣ ହୋଇ ଏଠାରେ ଦେଖା ଦେଇଛ ଯଦି ସମସ୍ତ ସଭାସଦଙ୍କୁ ଦିବ୍ୟ ଦୃଷ୍ଟି ପ୍ରଦାନ କର । ସେମାନେ ମଧ୍ୟ ତୁମକୁ ଦର୍ଶନ କରି କୃତାର୍ଥ ପାଲଟି ଯାଆନ୍ତୁ ।

ଏକତ୍ର ବସିଥିବା ତିନି ଜଣରୁ ନାନକ ଜଣକୁ ଧରି ଏପରି କହିଲା ବେଳେ ଅନ୍ୟ ଦୁଇ ଜଣ, ଜଣେ ସ୍ତ୍ରୀ, ଜଣେ ପୁରୁଷ ସେଠାରୁ ଉଠି କ୍ଷିପ୍ର ଗତିରେ ବାହାରି ଯାଉ ଯାଉ କିଛି ଲୋକଙ୍କ ନଜର ପଡ଼ିଯିବାରୁ ସେମାନେ ପାଟି କରି ଉଠିଲେ ... ଆରେ ... ସେ ଆଡ଼େ କୁଆଡ଼େ ଯାଉଛ ? ଆଗରେ ନଣ୍ଡାକୂଅ ... ଅନ୍ଧାରରେ ମାଡ଼ି ଯାଉଛ କାହିଁକି ? ହେଲେ ଶ୍ୱେତବର୍ଣ୍ଣର ପୁରୁଷ, ପୀତବର୍ଣ୍ଣର ସ୍ତ୍ରୀ, ଜଣକ କିଛି ନଶୁଣି କୁଆଡ଼େ ଉଭେଇ ଯାଇଥିଲେ ଯେ ସମସ୍ତେ ଅବାକ୍ ହୋଇଯାଇଥିଲେ ମୁହୂର୍ତ୍ତେ ।

ଏଣେ ନାନକ ନଛୋଡ଼ ବନ୍ଧା । କୃଷ୍ଣାଙ୍ଗ ବ୍ୟକ୍ତିଙ୍କୁ ଧରି ଭାବ ବିହ୍ୱଳ ହୋଇ କହୁଥାନ୍ତି - ହେ ନିର୍ଗୁଣ ତୁମେ ସଗୁଣ ରୂପରେ ଦର୍ଶନ ଦେଇଛ ଯଦି ଏମାନଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରି ଜାଗ୍ରତ କରାଇ ଦିଅ । ମୋହ ଭଙ୍ଗ ହେଲେ ତୁମକୁ ଚିହ୍ନିପାରିବେ ଯେପରି ।

ତାହା ହିଁ ହେଲା । ଭକ୍ତ ବାଞ୍ଛା କଳ୍ପତରୁ ଭକ୍ତ ନିକଟରେ ଧରାଦେଇ ମାନବରୁ ମାଧବ ରୂପରେ ରୂପାନ୍ତରିତ ହୋଇଗଲେ । ସମସ୍ତେ ଦେଖୁ ଦେଖୁ କଳା ମିଚ୍ ମିଚ୍ ମୋଟା ଲୋକଟା ଶ୍ରୀଜଗନ୍ନାଥଙ୍କ ରୂପରେ ବିକଶି ଉଠିଥିଲା । ହଜାର ହଜାର ଜନତା ଏ ଦୃଶ୍ୟ ଦେଖିବାରୁ ବାଦ୍ ପଡ଼ିନଥିଲେ । ବାଲୁକା ରାଶିରେ ସବୁରି ଦଣ୍ଡ ପ୍ରଣାମ ଗ୍ରହଣ କରି ଅଦୃଶ୍ୟ ହୋଇଯାଇଥିଲେ ଶ୍ରୀଜଗନ୍ନାଥ । ବାସ୍ତବରେ ଭଗବତ୍ ପ୍ରାପ୍ତି ମାର୍ଗରେ ଚାଲିଥିବା ବ୍ୟକ୍ତିର ସହାୟତା ସ୍ୱୟଂ ଭଗବାନ ହିଁ କରିଥାଆନ୍ତି ଏହା ନିଃସନ୍ଦେହ ଅଟେ ।

'ଯେଉଁ ଦିଗକୁ ବଳଭଦ୍ର ଓ ସୁଭଦ୍ରା ଖସି ଯାଇଥିଲେ - ସେ ଦିଗରେ ଥିବା ଲଣ୍ଡା କୁଅର ନାମ ଆଜି 'ଦେଢ଼ଶୁର, ଭାଇବୋହୂ କୂଅ' ନାମରେ ନାମିତ । ସୁଭଦ୍ରା ଶ୍ରୀଜଗନ୍ନାଥଙ୍କ ଇଚ୍ଛାଶକ୍ତି ହେବା ହେତୁ ତାଙ୍କୁ 'ଭଗିନୀ, ସ୍ତ୍ରୀ, ପ୍ରବର୍ତ୍ତିକା' ଭାବରେ ଗ୍ରହଣ କରାଯାଉଛି । ଶ୍ରୀବଳଭଦ୍ର ଅଗ୍ରଜ ହୋଇଥିବାରୁ ଲକ୍ଷ୍ମୀ ଅଂଶ ସୁଭଦ୍ରା ତାଙ୍କ ଭ୍ରାତୃବଧୂ । ଏହି ମର୍ମରେ 'ଦେଢ଼ଶୁର ଭାଇବୋହୂ' କୂଅ ଆଜି ବି ପ୍ରସିଦ୍ଧ । ଯାତ୍ରୀମାନେ ଶ୍ରଦ୍ଧା ଭକ୍ତିରେ ଦର୍ଶନ କରିଥାଆନ୍ତି ଏବଂ ଏହି କିମ୍ବଦନ୍ତୀ ସ୍ମରଣ କରି ପୁଲକ, ପ୍ରଫୁଲ୍ଲିତ ହୋଇ ଫେରି ଯାଆନ୍ତି ନିଜ ନିଜ ଦେଶକୁ ।

ଗଜପତି ନଗର-୫୮
ମୈଥିଳୀ ନିବାସ
ପୁରୀ-୨

---

# ଶ୍ରୀଜଗନ୍ନାଥ ଓ ପବିତ୍ର ଧାମ ଶ୍ରୀକ୍ଷେତ୍ର



ଶ୍ରୀନିବାସ ଆଚାର୍ଯ୍ୟ

**ଭ**ଗବାନ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ନାମ ଅନ୍ୟତମ । ଭଗବାନ ଶ୍ରୀଶଙ୍କରାଚାର୍ଯ୍ୟ (୭୮୮-୮୨୦ ଖ୍ରୀଷ୍ଟାବ୍ଦ) ବିରଚିତ 'ବିଷ୍ଣୁ ସହସ୍ର ନାମ ଭାଷ୍ୟମ'ରେ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ନାମ ଗୋଟିଏ ବୋଲି ପ୍ରାଧାନ୍ୟ ଦିଆଯାଇଅଛି ।

'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ
ବିଷ୍ଣୋର୍ନାମସହସ୍ରଂ ମେ ଶୃଣୁ ପାପଭୟାପହମ୍ ।'

ଆଉ ମଧ୍ୟ ଶ୍ରୀମଦ୍ ଭଗବଦ୍ ଗୀତା (ଦଶମ ଅଧ୍ୟାୟ ୧୫ ଶ୍ଳୋକ)ରେ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ ବୋଲି ସମ୍ବୋଧନ କରାଯାଇଛି ।

'ସ୍ୱୟମେବାତ୍ମନାତ୍ମନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।
ଭୂତ ଭାବନ ଭୂତେଶ ଦେବ ଦେବ ଜଗତ୍ପତେ ।।'

ଉଦ୍ଧୃତ ଶ୍ଳୋକରୁ ପ୍ରତିପାଦିତ ହୁଏ ଯେ, ଶ୍ରୀକ୍ଷେତ୍ରରେ ବଡ଼ ଦେଉଳର ରତ୍ନ ସିଂହାସନରେ ବିରାଜିତ ଶ୍ରୀଜଗନ୍ନାଥ ଜୀବଜଗତ ସୃଷ୍ଟିର ପ୍ରାରମ୍ଭରୁ ସମଗ୍ର ବିଶ୍ୱରେ ପୁରୁଷୋତ୍ତମ ବିଷ୍ଣୁ ରୂପେ ଖ୍ୟାତି ଲାଭ କରିଛନ୍ତି । ସେ ଦେଉଛନ୍ତି ପରଂବ୍ରହ୍ମ, ପ୍ରଭୁ ପରମେଶ୍ୱର, ଅଖିଳ ବ୍ରହ୍ମାଣ୍ଡର ପତି, ସର୍ବମଙ୍ଗଳ କର୍ତ୍ତା ଓ ଜଗତରନାଥ ଶ୍ରୀଜଗନ୍ନାଥ । ସେ ଯେଉଁ ପୀଠରେ ଅଧିଷ୍ଠିତ ସେ ପୀଠ ସମଗ୍ର ବିଶ୍ୱର ଏକ ମହାନ ପବିତ୍ର ପୀଠ, ଧର୍ମକ୍ଷେତ୍ର ଓ ତୀର୍ଥସ୍ଥାନ ଭାବରେ ସୁବିଦିତ । କାରଣ ଏହି କ୍ଷେତ୍ରର କ୍ଷେତ୍ରାଧିପତି ରୂପେ ସ୍ୱୟଂ ପୁରୁଷୋତ୍ତମ, ନିରାକାର, ଜଗତର ବନ୍ଧୁ । ଅସୀମ କରୁଣାର ସାଗର ଓ ଅସରନ୍ତି ଆଶୀର୍ବାଦର ଭଣ୍ଡାର ଶ୍ରୀଜଗନ୍ନାଥ ବିରାଜିତ । ତେଣୁ ସେ ଯେ କେବଳ ଭାରତର ବଡ଼ ଠାକୁର ଭାବରେ ଅଧିଷ୍ଠିତ ତାହା ନୁହେଁ, ସେ ହେଉଛନ୍ତି ସମଗ୍ର ବିଶ୍ୱ ଜନତାର ବଡ଼ଠାକୁର । ତାଙ୍କରି ଅପାର କରୁଣା, ଦୟା, କ୍ଷମା ଓ ଆଶୀର୍ବାଦ ବଳରେ ତିଷ୍ଠି ରହି ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳାତିପାତ କରୁଛନ୍ତି ସମଗ୍ର ଜୀବଜଗତ ।

ଜଗତର ଶ୍ରେଷ୍ଠ ପୁରୁଷ ଶ୍ରୀପୁରୁଷୋତ୍ତମର ନାମ, ଯଶ, ଖ୍ୟାତି ପାଇଁ ଆଜି ଆମ ଓଡ଼ିଶାର ସନ୍ତାନ ଓ ଓଡ଼ିଆ ମାଟି ସମଗ୍ର ବିଶ୍ୱରେ ଧନ୍ୟ ହୋଇପାରିଛି । ଓଡ଼ିଶା ଗୋଟିଏ ଧର୍ମପରାୟଣ ଓ ମନ୍ଦିରମାଳିନୀ ରାଜ୍ୟ । ପ୍ରାଚୀନ ଓଡ଼ିଶାର କୀର୍ତ୍ତିରାଜି, କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ମୂକସାକ୍ଷୀ ସଦୃଶ ଶ୍ରୀକ୍ଷେତ୍ର ପୁରୀର ବଡ଼ ଦେଉଳର ବଡ଼ ଠାକୁର ଶ୍ରୀଜଗନ୍ନାଥ । ଅନନ୍ତ ଆକାଶ ପରି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ମଧ୍ୟ ଅସୀମ । ତାଙ୍କରି ମହାମହିମା ଯୋଗୁଁ କେବଳ ଭାରତର ପୁରପଲ୍ଲୀରେ ଓଡ଼ିଶାକୁ ଜାଣନ୍ତି ତାହା ନୁହେଁ, ସମଗ୍ର ବିଶ୍ୱ ଦରବାରରେ ପୂଜ୍ୟ ଓ ବନ୍ଦନୀୟ ହୋଇପାରିଛନ୍ତି । ଜଗନ୍ନାଥ ଦେଶ ବୋଲି କହିଲେ ବିଶ୍ୱବାସୀ ଓଡ଼ିଶାକୁ ଜାଣିବା ସଂଗେସଂଗେ ସମ୍ମାନିତ କରିଥାନ୍ତି । ତେଣୁ ଆଜି ଓଡ଼ିଶାବାସୀ ପୁରୀ ପବିତ୍ରଧାମ ଓ ଶ୍ରୀଜଗନ୍ନାଥଙ୍କ ପାଇଁ ବିଶ୍ୱ ଦରବାରରେ ଗର୍ବିତ ଓ ଗୌରବାନ୍ୱିତ ।

ବିଶ୍ୱର ଏକ ଆଧ୍ୟାତ୍ମିକ ଧାମ ତଥା ପବିତ୍ର ଧର୍ମପୀଠ ଭାବରେ ଶ୍ରୀକ୍ଷେତ୍ର ପୁରୀର ନୀଳାଚଳ ଧାମ ସୁପ୍ରସିଦ୍ଧି ଲାଭ କରିଅଛି । ଏହି ଧାମର ନାଥ ରୂପେ ଜଗତର ନାଥ ଶ୍ରୀଜଗନ୍ନାଥ, ବିଷ୍ଣୁ ନାମଧାରୀ ଶ୍ରୀପୁରୁଷୋତ୍ତମ, ଜଗତ ପ୍ରାପ୍ତିର ପ୍ରତୀକାତ୍ମକ, ଜଗଦୀଶ, ଜଗନ୍ନିବାସ, ଜଗଜ୍ଜନ ଇଷ୍ଟ, ଜଗବନ୍ଧୁ, ଜଗାକାଳିଆ, ଚକାଆଖିଆ ଓ ଚକାଡୋଳିଆ ଇତ୍ୟାଦି ନାମରେ ନାମିତ ହୋଇ ରତ୍ନ ସିଂହାସନରେ ଅଧିଷ୍ଠିତ । ତାଙ୍କର ଅପାର କରୁଣା ଓ ଅସରନ୍ତି ଆଶୀର୍ବାଦ ବଳରେ ସେ ହୋଇପାରିଛନ୍ତି ଜାତି, ଧର୍ମ, ବର୍ଣ୍ଣ, ସାନ, ବଡ଼ ଧନୀ, ଦରିଦ୍ର ଓ ଛୁଆଁଅଛୁଆଁ ଭେଦଭାବ ନିର୍ବିଶେଷରେ ସମଗ୍ର ମାନବ ଜାତିର ପରମ ଓ ପୂଜ୍ୟ ଠାକୁର । ଆଉମଧ୍ୟ ସତ୍ୟ, ନ୍ୟାୟ, ଭକ୍ତି, ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ ରୂପେ ପୂର୍ଣ୍ଣ ବିଶ୍ୱାସଭାଜନ ହୋଇପାରିଛନ୍ତି ସମଗ୍ର ବିଶ୍ୱବାସୀଙ୍କର । ତେଣୁ ତାଙ୍କରି ଅସରନ୍ତି ମହିମା, ଅସୀମ କୃପା ଓ ପ୍ରେମ ରସବାଣୀ କିଣି ନେଇଛି

ଅଗଣିତ ଭକ୍ତ ଓ ଜନସମାଜକୁ । ସେହି ନୀତି ଓ ଆଦର୍ଶର ସଂସ୍କୃତି ଘନ ଅନ୍ଧକାର ପରି ଘେରି ରହିଥିବା ଅନ୍ୟାୟ, ଅତ୍ୟାଚାର, କୁସଂସ୍କାର, ଦୌରାତ୍ମ୍ୟ ଓ ଅହଂଭାବ ପରିବେଶକୁ ଦୂରେଇ ଦେଇ ସୃଷ୍ଟି କରିପାରିଛି ସତ୍ୟ ଓ ନ୍ୟାୟର ଯୁଗ । ସର୍ବୋପରି କହିଲେ ସେ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ ଭଗବାନ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି -

'କରି କରାଉ ଥାଏ ମୁହିଁ ।
ମୋ ବିନୁ ଅନ୍ୟ ଗତି ନାହିଁ ।।'

ସ୍ୱୟଂ ମାନବରୂପୀ ଶ୍ରୀକୃଷ୍ଣ ପରମ ଭକ୍ତ ତଥା ସଖା ଧନୁର୍ଦ୍ଧାରୀ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି ଯେ ଯାହାକିଛି ଏ ସୃଷ୍ଟିରେ ଘଟୁଅଛି, ସେଗୁଡ଼ିକ ମୁଁ ନିଜେ କରୁଅଛି । ମୋ' ବ୍ୟତୀତ ଆଉ କେହି ଏହାକୁ କରି ନାହାନ୍ତି ବା କରିବା ସମ୍ଭବପର ନୁହେଁ । ତାଙ୍କର ଏହି ବିଚିତ୍ର ଲୀଳା ସୃଷ୍ଟି କରିପାରିଛି ତାଙ୍କ ପ୍ରତି ଗଭୀର ଆତ୍ମବିଶ୍ୱାସ ଓ ଅମାପ ଭକ୍ତିଭାବ । ଏକ ପ୍ରବାଦ ଅଛି, ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଓ ସର୍ବବ୍ୟାପକ । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଭଗବାନ ଓ ଅବତାରୀ ଦାରୁମୂର୍ତ୍ତି ମୁରାରୀ । ଆଉ ମଧ ତା'ର ଅପାର କରୁଣା ଓ ମହିମା ବଳରେ ଶ୍ରୀକ୍ଷେତ୍ର ଧାମଟି ହୋଇପାରିଛି ସମସ୍ତ ମଠର କେନ୍ଦ୍ରସ୍ଥଳୀ । ସେହି ପୀଠସ୍ଥଳୀରେ ବିଭିନ୍ନ ଧର୍ମର ମହୀୟସୀ ମୁନିଋଷି ଓ ସାଧୁ ସନ୍ଥମାନେ ବିଭିନ୍ନ ମଠ, ଗାଦି, ଆଶ୍ରମ ଓ ମନ୍ଦିର ନିର୍ମାଣ କରି ଜଗନ୍ନାଥଙ୍କ ନାମକୁ ସଂକୀର୍ତ୍ତନ, ସଂଗୀତ, ପାଲା, ହରିବୋଲ ଓ ହୁଳହୁଳି ଇତ୍ୟାଦି ମାଧ୍ୟମରେ ସୁବିସ୍ତାର କରିପାରିଛନ୍ତି ।

ବିଶ୍ୱ ପ୍ରସିଦ୍ଧ ଜଗତର ନାଥ ଶ୍ରୀଜଗନ୍ନାଥ ତଥା ଦେବାଧିଦେବ ମାନ୍ୟତାପ୍ରାପ୍ତ ବଡ଼ ଠାକୁର ସୀମିତ ନୁହନ୍ତି, ସେ ଅଟନ୍ତି ପରମ ଭକ୍ତବତ୍ସଳ, ମାନବଧର୍ମର ଗଣଦେବତା, ସର୍ବସାଧାରଣର ଆରାଧ ପରମେଶ୍ୱର ଓ ନୀଳାଚଳ ଧାମର ଶ୍ରେଷ୍ଠ ନାୟକ । ତାଙ୍କରି ମହିମା, କରୁଣା, ଆଶୀର୍ବାଦ ପାଇଁ ତାଙ୍କୁ 'ବଡ଼' ଶବ୍ଦର ଆଖ୍ୟାରେ ନାମିତ କରାଯାଇଅଛି । ବଡ଼ ଶବ୍ଦର ଆଖ୍ୟାଟି ଆଉ କୌଣସି ଠାକୁରଙ୍କୁ ଦିଆଯାଇନାହିଁ । ତାଙ୍କ ମନ୍ଦିରକୁ ବଡ଼ ମନ୍ଦିର, ଦାଣ୍ଡକୁ ବଡ଼ ଦାଣ୍ଡ, ବଡ଼ ଧଣ୍ଡାମାଳ, ବଡ଼ଧ୍ୱଜା, ବଡ଼ଚୂଳ, ମଡ଼ମଠ, ବଡ଼ଛତା, ପଡ଼ପଣ୍ଡା ଶବ୍ଦରେ ନାମିତ ହୋଇ ବିଶ୍ୱବନ୍ଦିତ ହୋଇଛନ୍ତି ।

ଶ୍ରୀଜଗନ୍ନାଥଙ୍କର ଲୀଳା ଯେପରି ରହସ୍ୟମୟ, ତାଙ୍କର ସଂସ୍କୃତି, ମେଳା ମହୋତ୍ସବ, ପର୍ବପର୍ବାଣି, ବେଶଭୂଷା ମଧ ସେପରି ରହସ୍ୟମୟ । ଯୁଗ ଯୁଗ ଧରି ସେ ବହୁ ରୂପରେ ଓ ବହୁ ଭାବରେ ଧରାପୃଷ୍ଠରେ ପ୍ରକଟିତ ହୋଇଛନ୍ତି । ବିଭିନ୍ନ ଶାସ୍ତ୍ର, ବେଦ, ବେଦାନ୍ତ ଉପନିଷଦ, ପୁରାଣ ଓ ଭାଗବତ ଇତ୍ୟାଦିରେ ଏହାର କିମ୍ବଦନ୍ତୀମାନ ଲିଖିତ ହୋଇଅଛି । ଏହି ସମସ୍ତ ପ୍ରକାରର ଅବତାରୀ ରୂପ, ଗୁଣ ଓ ଲୀଳା ଇତ୍ୟାଦିକୁ ଧାରଣ କରିବାର ଅଧିକାର ତାଙ୍କ ପାଖରେ ନିହିତ । ତାଙ୍କର ପରମ ଭକ୍ତ ତଥା ବୈଷ୍ଣବକୁଳ ତିଳକ କବିରାଜ ଜୟଦେବଙ୍କ ରଚିତ 'ଗୀତଗୋବିନ୍ଦ' କାବ୍ୟ ମୁକସାକ୍ଷୀ ସଦୃଶ । ଏହି କାବ୍ୟଟିରେ ସ୍ୱୟଂ ଭଗବାନଙ୍କର କିମ୍ବଦନ୍ତୀ ଲିପିବଦ୍ଧ ହୋଇ ମହିମା ସମ୍ପର୍କରେ ବିଶ୍ୱାସ ଜନ୍ମାଇଛି । ଜୟଦେବଙ୍କ ଅନୁପସ୍ଥିତିରେ ତାଙ୍କ ଆଶ୍ରମରେ ସ୍ୱୟଂ ଭଗବାନ ଆବିର୍ଭାବ ହୋଇ ଅସମ୍ପୂର୍ଣ୍ଣ ଥିବା ଗୀତଗୋବିନ୍ଦ କାବ୍ୟକୁ ସ୍ୱ-ହସ୍ତରେ ପୂରଣ କରାଇବା ସଂଗେସଂଗେ ପଦ୍ମାବତୀଙ୍କୁ ଦର୍ଶନ ଦେଇଥିଲେ । ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ବାତ୍ସଲ୍ୟ ଓ ମାଧୁର୍ଯ୍ୟ ଆଦିରସରେ ରସାଣିତ ହୋଇ ପରମଭକ୍ତମାନଙ୍କର ଦୁଃଖମୋଚନ କରିଥାନ୍ତି । ତାଙ୍କର ବଡ଼ ଅଭିମାନୀ ଭକ୍ତ କବି ବୈଷ୍ଣବ ପାଣିଙ୍କ ରଚିତ 'ମାଉସୁଆ ଗୋସାଇଁ' କବିତାରେ ତାଙ୍କୁ ମାଉସୁଆ ଗୋସାଇଁ ଆଖ୍ୟା ଦିଆଯାଇଅଛି । ସେ ମଧ ବିପଦରେ ପଡ଼ିଥିବା ଭକ୍ତମାନଙ୍କୁ ମୁକ୍ତି କରିବାକୁ ପଛାଇ ନାହାନ୍ତି । କାଞ୍ଚି ଅଭିଯାନ ଯୁଦ୍ଧରେ ତାଙ୍କର ପ୍ରଧାନ ସେବକ ତଥା ଠାକୁର ରାଜାଙ୍କୁ ସାହାଯ୍ୟ କରିଥିଲେ । କଳା ଓ ଧଳା ଘୋଡ଼ାରେ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ର ଦୁଇ ଭାଇ ବାଟରେ ଗଉଡୁଣୀଠାରୁ ଦହି ପିଇ ସ୍ୱ-ଅଙ୍ଗୁଳିର ରତ୍ନ ମୁଦିଟି ବନ୍ଧା ଦେବା, ଦାସିଆ ବାଉରି ହସ୍ତରୁ ନାରିକେଳ ଗ୍ରହଣ କରିବାର କିମ୍ବଦନ୍ତୀମାନ ଇତିହାସ ପ୍ରସିଦ୍ଧିଲାଭ କରିଛି ।

ଶ୍ରୀଜଗନ୍ନାଥଙ୍କର ପ୍ରେମ ରସବାଣୀ ଓ ମହିମା ମାଧ୍ୟମରେ ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର ଯୁଗ ସୃଷ୍ଟି । ସାହିତ୍ୟ ଜଗତରେ ଶ୍ରୀଜଗନ୍ନାଥଙ୍କୁ ଦାରୁ ଦେବତା ରୂପେ ଆଖ୍ୟା ଦିଆଯାଇଅଛି । ତାଙ୍କରି ନାମ, ଯଶ ଓ କୀର୍ତ୍ତି ସୁଦୂର ପ୍ରସାରୀ ଓ କାଳଜୟୀ । ପ୍ରାୟ ପୃଥିବୀର କୋଣ ଅଣୁକୋଣକୁ ତାଙ୍କରିବାଣୀ ଉଦ୍‌ବୁଦ୍ଧ କରୁଅଛି । ବିଭିନ୍ନ ଦେଶର ଭାଷା ମାଧ୍ୟମରେ ଏହି ଭୂସ୍ୱର୍ଗ ବାଣୀର କାବ୍ୟ କବିତା ପ୍ରକାଶିତ ହୋଇ ମହିମାକୁ ଦ୍ୱିଗୁଣିତ କରିଅଛି । ସେ ଯେ କେବଳ ହିନ୍ଦୁଧର୍ମର ଠାକୁର ରୂପେ ବିବେଚିତ ତାହା ନୁହେଁ, ବିଭିନ୍ନ ଧର୍ମରେ ବଡ଼ ଠାକୁର ରୂପେ ବିବେଚିତ ହୋଇଛନ୍ତି । ସେ ହେଉଛନ୍ତି ବିଶ୍ୱଧର୍ମ ତଥା ସର୍ବଧର୍ମର ପ୍ରତୀକ । ସେ ହେଉଛନ୍ତି ସକଳ ଜୀବଜଗତର ପରମ ପିତା ସଦୃଶ । ସେ ବାନ୍ଧି ରଖିଛନ୍ତି ତାଙ୍କ ପ୍ରାଣକେନ୍ଦ୍ରରେ ଅଗଣିତ ଭକ୍ତପ୍ରେମୀଙ୍କୁ । ତେଣୁ ସେ ହେଉଛନ୍ତି ଜଗତର ନାଥ ।

ବିଶ୍ୱ ସମାଜର ସେ ହେଉଛନ୍ତି ପ୍ରାଚୀନତମ ଠାକୁର । ସାମାଜିକ ଚାଲିଚଳଣ, ଦୈନନ୍ଦିନ ରୀତିନୀତି ଓ ପରମ୍ପରା ଜଗନ୍ନାଥଙ୍କ ସଂସ୍କୃତିରୁ ଜନ୍ମଲାଭ କରିଅଛି । ଏହି ପୀଠରେ ବର୍ଷକ ବାରମାସରେ ଥିବା ନିର୍ଦ୍ଦିଷ୍ଟ ବିଭିନ୍ନ ପର୍ବପର୍ବାଣି, ବେଶଭୂଷା, ମେଳାମହୋତ୍ସବ ସମାଜକୁ ଶିକ୍ଷା ଦିଅନ୍ତି, ସ୍ନେହ, ଶ୍ରଦ୍ଧା, ସାଧୁତା, ସତ୍ୟବାଦିତା, ଦୟା, କ୍ଷମା, ଜାତୀୟତାବାଦ, ଐଶ୍ୱରିକ ଶକ୍ତି ଇତ୍ୟାଦିର ମହତ୍ ଗୁଣ । ଓଡ଼ିଆ ଜାତିକୁ ସମଗ୍ର ମାନବ ଜାତି ମଧ୍ୟରେ ଏକ ଶ୍ରେଷ୍ଠ ଜାତି ଭାବରେ ପ୍ରତିଷ୍ଠିତ କରାଇପାରିଛି । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ଜାତିର ଗର୍ବ ଓ ଗୌରବ । ଏହାର ମହାପ୍ରସାଦ ଭକ୍ତଙ୍କର କ୍ଷୁଧା ନିବାରଣ କରିବା ସଂଗେସଂଗେ ସୃଷ୍ଟି କରିଥାଏ ପରସ୍ପର ମଧ୍ୟରେ ଭ୍ରାତୃପ୍ରୀତି । ସମଗ୍ର ବିଶ୍ୱବାସୀଙ୍କୁ ମହାପ୍ରସାଦ ବାନ୍ଧି ରଖିଛି ଗୋଟିଏ ପରିବାରର ସଦସ୍ୟ ପରି । ଏହାର କୈବଲ୍ୟ କଣିକାକୁ ବର୍ଷ ବର୍ଷ ଧରି ଘରେ

ସାଇତି ରଖିଥାନ୍ତି ସମସ୍ତ ପରମ ଭକ୍ତ । କାରଣ ବୈଦିକ ନୀତିରେ ଏହାର ଉପଯୋଗିତା ମହାନ ଅଟେ । ଏହା ସମାଜରେ ସାଧୁତା, ଆଦର୍ଶବାଦୀ ଓ ପବିତ୍ରତାର ମଧୁର ପରିବେଶ ସୃଷ୍ଟି କରିବା ସଂଗେସଂଗେ ହୋମ, ଯଜ୍ଞ, ବିଭା, ବ୍ରତ ଇତ୍ୟାଦି ମଙ୍ଗଳ ଓ ଶୁଭ କାର୍ଯ୍ୟରେ ଏକାନ୍ତ ଆବଶ୍ୟକ ହୋଇଥାଏ । ତା'ରି ଆନନ୍ଦ ବଜାରର ମହାପ୍ରସାଦ, ବିଭିନ୍ନ ପ୍ରକାର ଭୋଗ ସାମଗ୍ରୀ ପ୍ରସ୍ତୁତିର ସ୍ଥାନ 'ହିଙ୍ଗୁଳା ପୀଠ' ପୃଥିବୀର ବୃହତ୍ତମ ରୋଷେଇ ଘର ବା ଭୋଜନ ଶାଳା । ଶ୍ରୀଜଗନ୍ନାଥଙ୍କ ପୀଠରେ ପାଳିତ ହେଉଥିବା ପର୍ବପର୍ବାଣି ଓ ମେଳା ମହୋତ୍ସବ ମଧ୍ୟରେ 'ଶ୍ରୀଗୁଣ୍ଡିଚା' ବା 'ରଥଯାତ୍ରା' ସମଗ୍ର ବିଶ୍ୱରେ ଅଦ୍ଭୁତ ପ୍ରସିଦ୍ଧି ଲାଭ କରିଅଛି । ମାନବ ଜାତିର ଦିଗ୍‌ଦର୍ଶକ ବଡ଼ଭାଇ ବଳଭଦ୍ର, ସାନଭାଇ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରା ତିନୋଟି ସୁସଜ୍ଜିତ ରଥରେ ଉପବେଶନ ହୋଇ ସର୍ବସାଧାରଣରେ ଦର୍ଶନ ଦେଇଥାନ୍ତି । ବଡ଼ ମନ୍ଦିରର ରତ୍ନ ସିଂହାସନର ଭୋଗ, ବିଳାସ ଓ ଐଶ୍ୱର୍ଯ୍ୟକୁ ଖାତିର ନକରି ବାଇଶ ପାବଚ୍ଛ ବାଟ ଦେଇ ଓହ୍ଲାଇ ଆସିଥାନ୍ତି ସିଂହଦ୍ୱାର ପାଖରେ ଥିବା ସେମାନଙ୍କର ରଥକୁ । ଦୀର୍ଘ ବାର ଦିନ କଟାଇ ଥାଆନ୍ତି ସେମାନଙ୍କର ପରମ ଭକ୍ତ ଓ ଦର୍ଶକମାନଙ୍କ ଗହଣରେ ବିଭିନ୍ନ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଏହି ମହାବେଦୀ ମହୋତ୍ସବକୁ ପବିତ୍ରତା ସହିତ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତା'ର ଶତ କୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୋଇଯାଏ । ଆଉ ମଧ୍ୟ ସେ ଅଜାଚିତ ଚିତ୍ତରେ ବିତରଣ କରିଥାନ୍ତି ଭକ୍ତମାନଙ୍କୁ ଶୁଭାଶୀର୍ବାଦ ଓ ମଧୁର ପ୍ରେମରସ ବାଣୀ । ବହୁ ଆବହମାନ କାଳରୁ ଶ୍ରୀକ୍ଷେତ୍ରର ରାଜା ଗଜପତି ଉପାଧିରେ ଭୂଷିତ ହୋଇଥିଲେ ମଧ୍ୟ ସେ ହେଉଛନ୍ତି ଜଗନ୍ନାଥଙ୍କର ଆଦ୍ୟ ଓ ଶ୍ରେଷ୍ଠ ସେବକ । ଶ୍ରୀଜଗନ୍ନାଥଙ୍କ ପାଖରେ ଆଲଟ ଚାମର ପକାଇବା ସଂଗେସଂଗେ ରଥଯାତ୍ରାରେ ଝାଡୁରେ ଛେରାପହଁରା କରିବା ତାଙ୍କର ମୁଖ୍ୟ କାମ । ଯେ ଭଗବାନଙ୍କର ଭୃତ୍ୟ, ତାଙ୍କର ସ୍ଥାନ ଜନମାନସଠାରୁ ବହୁ ଉଚ୍ଚରେ । ତାଙ୍କରି ମହିମା ଯୋଗୁଁ ସେ ହୋଇପାରିଛନ୍ତି ସମ୍ମାନୀୟ ଓ ବିଶ୍ୱବନ୍ଦିତ ।

ଶ୍ରୀଜଗନ୍ନାଥଙ୍କର ଅପାର ମହିମା ଓ କରୁଣା ଯେପରି ଚୁମ୍ବକୀୟ ଶକ୍ତି ପରି ଟାଣି ରଖିଛି ପୃଥିବୀର ଭକ୍ତ, କବି, ଲେଖକ, ମୁନିଋଷି, ମହାପୁରୁଷ ଓ ସର୍ବସାଧାରଣଙ୍କୁ, ଠିକ୍ ସେପରି ମଧ୍ୟ ତା'ର ବିରାଜିତ ପୀଠସ୍ଥଳୀ ଶ୍ରୀକ୍ଷେତ୍ରର ପବିତ୍ରତା ସୁବାସିତ କରିପାରିଛି ବିଶ୍ୱର ପରିବେଶକୁ । ତାଙ୍କରି କ୍ରୀଡ଼ାଭୂମି ଉପରେ ଯିଏ ପାଦ ଦିଏ, ସେ ସମସ୍ତ ପାପରୁ ମୁକ୍ତିଲାଭ କରିଥିବାର ଆଜି ନୁହେଁ ବହୁ ପ୍ରାଚୀନ ଯୁଗରୁ ଶ୍ରୀକ୍ଷେତ୍ର ପୁରୀ ପୀଠର ମହାତ୍ମ୍ୟ ନୂତନ ଜୀବନ ସଂଚାର କରିପାରିଛି । ଏହି ପବିତ୍ର ଧାମରେ ଆବିର୍ଭୂତ ହୋଇଛନ୍ତି ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟ ଓ ଭକ୍ତିରସ ବାଣୀ । ତାଙ୍କରି ପଦବ୍ରଜର ସ୍ପର୍ଶରେ ପୁରୀ ଧାମର ସମସ୍ତ ଧୂଳି କଣିକାର ଲୀଳା ଚଳଚଞ୍ଚଳ ହେବା ସଂଗେସଂଗେ ସୃଷ୍ଟି କରିପାରିଛି ଏହି ପୀଠ ଉପରେ ଅସଂଖ୍ୟ ଧର୍ମପୀଠ, ପବିତ୍ର ମଣ୍ଡପ, ମଠ, ଆଶ୍ରମ, ତୀର୍ଥକ୍ଷେତ୍ର ଓ ମୁକ୍ତିକାମୀ ସ୍ୱର୍ଗଦ୍ୱାର । ଏହି ସମସ୍ତ ପୀଠସ୍ଥଳୀ ସହିତ ଶ୍ରୀଜଗନ୍ନାଥଙ୍କର ନିବିଡ଼ ସମ୍ପର୍କ ରହିଅଛି । ଏହି ପୀଠକୁ ଏକାଧାରରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର କେନ୍ଦ୍ରସ୍ଥଳୀ ବୋଲି କୁହାଯାଏ । ତାଙ୍କର ଚାରିଧାମ ଭିତରୁ ଶ୍ରୀକ୍ଷେତ୍ରକୁ ଗୋଟିଏ ଧାମ ରୂପେ ଆଖ୍ୟା ଦିଆଯାଇଅଛି । ସେହି ଚାରିଧାମ ହେଲା, ଉତ୍ତରରେ ବଦ୍ରୀନାଥ - ସ୍ନାନ ପୀଠ, ପଶ୍ଚିମରେ ଦ୍ୱାରକା - ବେଶଲାଗି ପୀଠ, ପୂର୍ବରେ ଶ୍ରୀକ୍ଷେତ୍ର- ଭୋଜନ ପୀଠ ଓ ଦକ୍ଷିଣରେ ରାମେଶ୍ୱର- ଶୟନ ପୀଠ ରୂପେ ବିବେଚିତ ।

ବିଶ୍ୱର ପ୍ରାଚୀନ ଇତିହାସ ତଥା ବେଦ, ଉପନିଷଦ, ଶ୍ରୀମଦ୍ ଭାଗବତ ଓ ପୁରାଣ ଶାସ୍ତ୍ରରେ ପୁରୀକୁ ପଞ୍ଚତୀର୍ଥ ପୀଠ ବୋଲି କୁହାଯାଇଅଛି । ବହୁ ଧର୍ମାବଲମ୍ବୀ ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ପଞ୍ଚତୀର୍ଥ ଦର୍ଶନ କରିଥାନ୍ତି । ସେଗୁଡ଼ିକ ହେଲା - ପୁରୀ ଶଙ୍ଖକ୍ଷେତ୍ର, ଭୁବନେଶ୍ୱର-ଚକ୍ରକ୍ଷେତ୍ର, ଯାଜପୁର-ଗଦାକ୍ଷେତ୍ର, କୋଣାର୍କ-ପଦ୍ମକ୍ଷେତ୍ର । ଏତଦ୍‌ବ୍ୟତୀତ ସ୍ୱୟଂ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ସେମାନଙ୍କ ମଧ୍ୟରେ ଅଧିଷ୍ଠିତ ହେତୁ ଶଙ୍ଖକ୍ଷେତ୍ର ପୁରୀ ମଧ୍ୟ ଶ୍ରୀକ୍ଷେତ୍ର ରୂପେ ବିବେଚିତ । ଏହିପରି ପଞ୍ଚତୀର୍ଥ କୁହାଯାଇଥାଏ ।

ମନ୍ଦିରର ଚତୁଃପାର୍ଶ୍ୱରେ ଶତ ଶତ ଦେବାଦେବୀ ମନ୍ଦିର, ମଣ୍ଡପ, ତୀର୍ଥସ୍ଥାନ ବିଦ୍ୟମାନ । ଏତଦ୍‌ବ୍ୟତୀତ ଏହି ପୀଠରେ ଶତ ଶତ ଜନ୍ମର ପାପ ମୋଚନ ପାଇଁ ଥିବା ତୀର୍ଥକ୍ଷେତ୍ର ମଧ୍ୟରେ ଶ୍ୱେତଗଙ୍ଗା ମାର୍କଣ୍ଡେୟ ପୁଷ୍କରିଣୀ, ରୋହିଣୀକୁଣ୍ଡ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ସର ସମେତ ତର୍ପଣ ଓ ଶ୍ରାଦ୍ଧ ପିଣ୍ଡ ଦାନ ପୀଠ ଇତ୍ୟାଦି ପ୍ରଧାନ । ଜଗନ୍ନାଥଙ୍କ ମହିମା, ନିତ୍ୟଭୂମି ଶ୍ରୀକ୍ଷେତ୍ରସ୍ଥ ମହୋଦଧି, ବାଇଶିପାହାଚ, ବାଟମଙ୍ଗଳା, କଳ୍ପବଟ, ସିଂହଦ୍ୱାର, ବଡ଼ଦାଣ୍ଡ, ଶରଧାବାଲି, ମୁକ୍ତିମଣ୍ଡପ, ଜଗମୋହନ ଘର, ଗରୁଡ଼ଖମ୍ବ ଇତ୍ୟାଦିର ପବିତ୍ରତାକୁ 'ସ୍ୱର୍ଗପୁରୀ' ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଉ ମଧ୍ୟ କେହି କେହି ଏହି ପୀଠକୁ 'ଐଶ୍ୱର୍ଯ୍ୟପୁରୀ' ବୋଲି କହିଥାନ୍ତି ।

ବାସ୍ତବିକ ଶ୍ରୀଜଗନ୍ନାଥଙ୍କର ମହିମା ସର୍ବବ୍ୟାପୀ ଓ ଏହି ପୀଠର ଗୋଡ଼ିମାଟିଠାରୁ ଆରମ୍ଭ କରି ପାଣିପବନ ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ଶୁଦ୍ଧପୂତ । ଧୂପ, ଦୀପ, ଫୁଲ, ଚନ୍ଦନ, କର୍ପୂରର ସୁଗନ୍ଧ ପରିବେଶ ମଧ୍ୟରେ ଏହି ପୀଠର ମହିମା ବ୍ୟାପକ ହୋଇପାରିଛି ସମଗ୍ର ବ୍ରହ୍ମାଣ୍ଡରେ । ଏହା ତ୍ରିବାର ସତ୍ୟ ଯେ କେବଳ ହିଁ ତା'ରି ଅପାର ମହିମା ବଳରେ ସେ ହୋଇପାରିଛନ୍ତି ତ୍ରୈଲୋକ୍ୟର ତିଳକ ସଦୃଶ । ଅଖିଳ ବ୍ରହ୍ମାଣ୍ଡର ଆଧ୍ୟାତ୍ମିକବାଦ ଇତିହାସରେ ଲିପିବଦ୍ଧ ଥିବା ସମସ୍ତ ଘଟଣା ଓ ବିଭିନ୍ନ ରୂପ ଓ ଆକାରରେ ଧରାପୃଷ୍ଠରେ ଅବତାରଣା କରିଥିବା ଭଗବାନଙ୍କ ଲୀଳା ଇତ୍ୟାଦି ଏହି ଧାମରେ ଦେଖିବାକୁ ମିଳିଥାଏ । ତେଣୁ ସେ ଠାକୁରଙ୍କୁ ବଡ଼ ମହିମାଧାରୀ ଠାକୁର ଓ ପୀଠକୁ ଏକ ମହାନ ପବିତ୍ର ପୀଠ କହିବା ଏକାନ୍ତ ବାଞ୍ଛନୀୟ । ସମାଜରୁ ଲୋଭ, ମୋହ, କାମ, କ୍ରୋଧ, ସ୍ୱାର୍ଥ, ମିଛ ଇତ୍ୟାଦିକୁ ଜଳାଞ୍ଜଳି ଦେଇ ସତ୍ୟ, ନ୍ୟାୟ, ଧର୍ମ, ସାଧୁତା ଓ ପବିତ୍ରତାର ଯୁଗ ସୃଷ୍ଟି କରିବା ପାଇଁ ମାନବ ସମାଜ ତାଙ୍କରି ଚରଣାରବିନ୍ଦରେ ଶୁଦ୍ଧପୂତ ମନରେ ସବିନୟ କୃପା ଭିକ୍ଷା କରିବା ଏକାନ୍ତ କାମ୍ୟ ।

ଘ.ନଂ.-ଟୁ.ଆର୍.ଏ.-୩୫/୭
୮ ନମ୍ବର, ଭୁବନେଶ୍ୱର

# ଶ୍ରୀଗୁଣ୍ଡିଚା ରଥଯାତ୍ରାର ପୃଷ୍ଠଭୂମି

ପଙ୍କଜ ସାହୁ

ଐକାନ୍ତିକ ଭକ୍ତି ଆତିଶଯ୍ୟରୁ ସର୍ବଧର୍ମ ସମନ୍ୱୟର ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥଙ୍କୁ ସ୍ୱୀୟ ଉପାସ୍ୟ ଭାବେ ପ୍ରମାଣିତ କରିବାକୁ ବିଭିନ୍ନ ଧର୍ମମତାବଲମ୍ବୀ ଯେପରି ଅଦମ୍ୟ ଉଦ୍ୟମ କରିଆସିଛନ୍ତି, ସେହିପରି ଶ୍ରୀଗୁଣ୍ଡିଚା ରଥଯାତ୍ରାନୁଷ୍ଠାନର ପ୍ରବର୍ତ୍ତନ ସମ୍ବନ୍ଧରେ ଅନେକେ ସ୍ୱ ସ୍ୱ ସଂସ୍କୃତିର ପୁଟ ଦେବାପାଇଁ କମ୍ ପ୍ରୟାସ ମଧ୍ୟ କରିନାହାନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀଗୁଣ୍ଡିଚା ରଥ ମହୋତ୍ସବର ପୃଷ୍ଠଭୂମି ଉପରେ ଆଲୋକପାତ କରିବା ପ୍ରାସଙ୍ଗିକତା ଦୃଷ୍ଟିରୁ ଅପରିହାର୍ଯ୍ୟ ମନେହୁଏ ।

ଶାବରୀୟ ସାଂସ୍କୃତିକ ଚେତନାର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ଉଦ୍ଭବ ହୋଇଅଛି ବୋଲି ବହୁମତ ପ୍ରକାଶ ପାଇଛି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ ଆଦିବାସୀ ସମାଜରେ କେତେକ ସ୍ଥାନରେ ଆଷାଢ଼ ଶୁକ୍ଳ ପ୍ରତିପଦ ତିଥିରେ 'ଇନ୍ଦ୍ରଦ୍ୟୁମ୍ନ ପୂଜା' ବା 'କାଠଗଣ୍ଡି ପୂଜା' ଅନୁଷ୍ଠିତ ହୋଇଥାଏ । ବୈଦିକ ଯୁଗରେ ଓଡ଼ିଶାର ଶବରମାନଙ୍କ ମଧ୍ୟରେ 'ପଳଖାସ୍ତୀର୍ଣ୍ଣ' ରଥ ପ୍ରଚଳନ ଥିବାର ପ୍ରମାଣ ମିଳେ । ଆର୍ଯ୍ୟୋତ୍ତର ଶବରମାନେ ଚନ୍ଦ୍ରଦର୍ଶନ ଅନୁସାରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାକୁ ବର୍ଷର ପ୍ରଥମ ଦିବସ ରୂପେ ଗ୍ରହଣ ପୂର୍ବକ ପ୍ରୋକ୍ତ ରଥଯାତ୍ରା ପାଳନ କରିଥାନ୍ତି । ଦାରୁଦେବତା ଶ୍ରୀଜଗନ୍ନାଥଙ୍କୁ ଶବର-ଉପାସ୍ୟ ଭାବେ ପ୍ରତିପାଦନ କରିବା ସହିତ ଶାବର ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହୋଇଆସୁଛି ବୋଲି ଡଃ ବେଣୀମାଧବ ପାଢ଼ୀ ମତପୋଷଣ କରିଛନ୍ତି ।

ଜୈନମାନେ ଶ୍ରୀଜଗନ୍ନାଥଙ୍କୁ ଜୀନନାଥ ବା ଜୀନେଶ୍ୱର ଭାବରେ ଉପାସନା କରିଥାନ୍ତି । ଜୈନମାନଙ୍କର ଋଷଭନାଥ, ପାର୍ଶ୍ୱନାଥ, ଶୀତଳନାଥ ପ୍ରଭୃତି ଉପାସ୍ୟମାନଙ୍କର ନାମ ସହିତ ଶ୍ରୀଜଗନ୍ନାଥଙ୍କ ନାମକରଣର ସାମଞ୍ଜସ୍ୟ ନିହିତ ଅଛି ବୋଲି ପଣ୍ଡିତ ନୀଳକଣ୍ଠ ଦାସ ମତବ୍ୟକ୍ତ କରିଛନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ହେଉଛି ପ୍ରଥମ ଜୈନ ତୀର୍ଥଙ୍କର ଋଷଭନାଥଙ୍କ ଗର୍ଭକଲ୍ୟାଣ ଦିବସ । 'ଅଭିଧାନ ରାଜେନ୍ଦ୍ର' ମତରେ ଜୈନ ପ୍ରତିମାଙ୍କର ଯଥାରୀତି ଅଭିଷେକ ଓ ସ୍ନାନୋତ୍ସବ କରାଯାଇ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ତାଙ୍କୁ ଚୈତ୍ୟ ନିର୍ମିତ ରଥରେ ସ୍ଥାପନ ପୂର୍ବକ ନଗର ପରିକ୍ରମା କରାଯାଇଥାଏ । ଏହି ପବିତ୍ର ଉତ୍ସବର



ଅନୁକରଣରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ବୋଲି ଜୈନ ଧର୍ମାବଲମ୍ବୀମାନଙ୍କର ଅଭିମତ ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଫାହିୟାନଙ୍କ ଲିଖିତ 'ଭାରତ ଭ୍ରମଣ ବିବରଣୀ' ଉପରେ ଆସ୍ଥା ସ୍ଥାପନ କରି ଡଃ ରାଜେନ୍ଦ୍ରଲାଲ ମିତ୍ର 'Antiquities of Orissa Vol-II'ରେ ବର୍ଣ୍ଣନା କରିଛନ୍ତି ଯେ ଗୌତମ ବୁଦ୍ଧଙ୍କ ଜନ୍ମୋତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରଥମ ରଥଯାତ୍ରାର ସ୍ମୃତିରେ ବୁଦ୍ଧ ଦନ୍ତଗର୍ଭିତ ବୁଦ୍ଧାବତାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି । ଶ୍ରୀଜୀଉଙ୍କ ଏହି ରଥଯାତ୍ରା ବୁଦ୍ଧ ଜନ୍ମୋତ୍ସବର ଏକ ସଚେତନ ଅନୁକୃତି ବୋଲି ୱିଲିୟମ ହଣ୍ଟର ଓ ଫର୍ଗୁସନ ପ୍ରଭୃତି ପାଶ୍ଚାତ୍ୟ ବିଶେଷଜ୍ଞମାନେ ମଧ୍ୟ ମତ ପ୍ରଦାନ କରିଛନ୍ତି । ମାତ୍ର ପାର୍ଟିଜାର ସାହେବ ଏହି ମତର ତୀବ୍ର ବିରୋଧ କରିଛନ୍ତି । 'ବୌଦ୍ଧ ଜାତକ' ଅନୁସାରେ ପ୍ରବ୍ରଜ୍ୟା ଗ୍ରହଣ ପୂର୍ବରୁ ଗୌତମ ରଥାରୋହଣ ପୂର୍ବକ ପ୍ରମୋଦ ଯାତ୍ରା କରିଥିଲେ । ବୁଦ୍ଧ ଜୀବନୀର ଏହିସବୁ ପବିତ୍ର ସ୍ମୃତିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି ବୋଲି ଇଞ୍ଜିନିୟର ବିଷନ ସ୍ୱରୂପଙ୍କ ମତ । ମାତ୍ର ସେ ମହାଶୟ ସ୍ୱରଚିତ ଇଂରାଜୀ ଗ୍ରନ୍ଥ 'କୋଣାର୍କ'ରେ ଗୌତମଙ୍କ ପ୍ରବ୍ରଜ୍ୟା ସମୟ ଆସାଲ୍‌ହି ପୂର୍ଣ୍ଣିମାକୁ ଫାଲ୍‌ଗୁନ ବା ଚୈତ୍ର ପୂର୍ଣ୍ଣମୀ ବୋଲି ନିର୍ଦ୍ଧାରଣ କରି ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ ଏହାର ସ୍ମାରକ ବୋଲି ମତପୋଷଣ କରିବା ଆପାତତଃ ଦୁର୍ବଳ ଯୁକ୍ତି ଆଧାରିତ ଅଟେ । ପୁନଶ୍ଚ ବୌଦ୍ଧଭିକ୍ଷୁମାନେ

ଆଷାଢ଼ ପୂର୍ଣ୍ଣିମାଠାରୁ ଗିରିଗୁହା ଅଭିମୁଖେ ଗମନ ପୂର୍ବକ ସେଠାରେ ଚାରିମାସ ଅବସ୍ଥାନ କରିବା ପରେ କାର୍ତ୍ତିକ ପୂର୍ଣ୍ଣିମାରେ ବିହାର ପ୍ରତ୍ୟାବର୍ତ୍ତନ କରିଥାନ୍ତି । ପ୍ରୋକ୍ତ ଚତୁର୍ମାସ୍ୟା ବ୍ରତ ପାଳନ ନିମିତ୍ତ ଆଚରିତ ପ୍ରଥାକୁ 'ଯାତ୍ରା' କୁହାଯାଏ । ସେହି ସ୍ମୃତିରେ ପ୍ରାକ୍ ବର୍ଷାକାଳୀନ ଆଷାଢ଼ରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା : ଉପଯୁକ୍ତ ବୌଦ୍ଧଯାତ୍ରା ଉପରେ ଆଧାରିତ ବୋଲି ଅନେକଙ୍କର ମତ । ସର୍ବୋପରି ପାଲି 'ଦାଠାବଂଶ' ବର୍ଣ୍ଣନାନୁସାରେ ମଗଧରାଜ ପଣ୍ଡୁଙ୍କ ଦ୍ୱାରା ଆଦିଷ୍ଟ ହୋଇ କଳିଙ୍ଗରାଜ ଗୁହଶିବ ଉପାୟଶୂନ୍ୟ ଭାବେ କ୍ଷେମଥେରଙ୍କଠାରୁ ପ୍ରାପ୍ତ ବୁଦ୍ଧଦନ୍ତ ପେଟିକାକୁ ମସ୍ତକରେ ଧାରଣ କରି ଏକ ସୁନ୍ଦର ରଥରେ ବସି ପାଟଳିପୁତ୍ର ଯାତ୍ରା କରିଥିଲେ । ଏହି ବିଷାଦପୂର୍ଣ୍ଣ ଦନ୍ତଯାତ୍ରାର ଅନୁକରଣରେ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ମୁଖରିତ ରଥଯାତ୍ରା ମହୋତ୍ସବ ହେଉଅଛି ବୋଲି ଯେଉଁମାନେ ମତପୋଷଣ କରନ୍ତି, ସେମାନଙ୍କର ମତ ଉଦ୍ଭଟ ପରିକଳ୍ପନା ଉପରେ ପର୍ଯ୍ୟବସିତ ହେବା ସ୍ୱାଭାବିକ ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖୋଦିତ କେତେକ ଭାସ୍କର୍ଯ୍ୟରେ ସୂର୍ଯ୍ୟ ରଥଯାତ୍ରାର ପ୍ରମାଣ ମିଳିଥାଏ । ଡଃ ରାଜବଲ୍ଲି ପାଣ୍ଡେଙ୍କ ମତରେ ଉକ୍ତ ସୌର ରଥଯାତ୍ରାର ପ୍ରଭାବରେ ସୂର୍ଯ୍ୟ ରୂପୀ ବାମନ (ରଥେତୁ ବାମନ ଦୃଷ୍ଟ୍ୱା) ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହୋଇଥିବା ସମ୍ଭବ । ପୁନଶ୍ଚ 'ଧର୍ମସିନ୍ଧୁ' ରଚୟିତା କାଶିନାଥ ଉପାଧ୍ୟାୟ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ 'ରାମର ରଥଯାତ୍ରା' ବୋଲି ଅଭିହିତ କରି କହିଛନ୍ତି - 'ଆଷାଢ଼ ଶୁକ୍ଳ ଦ୍ୱିତୀୟାଂ ପୁଷ୍ୟାନକ୍ଷତ୍ର ଯୁତାୟାମ୍/କେବଳାୟାଂ ବା ଶ୍ରୀରାମସ୍ୟ ରଥୋତ୍ସବଂ ସମାଚରେତ୍ ।' ସର୍ବୋପରି ବ୍ରହ୍ମବାଦୀମାନଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ବ୍ରହ୍ମାଣ୍ଡ ମଧ୍ୟରେ ବ୍ରହ୍ମର ଏକ ବାହ୍ୟିକ ଲୀଳାମାତ୍ର । ବର୍ଷାର ପ୍ରଥମ ଆଗମନୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ Fertility Rite ରୂପେ ପାଳନ କରାଯାଇଥାଏ ବୋଲି 'ଝଙ୍କାର' ପୃଷ୍ଠାରେ ସଚ୍ଚିଦାନନ୍ଦ ମିଶ୍ର ମତ ଉପସ୍ଥାପନ କରିଛନ୍ତି ।

ବୈଷ୍ଣବୀୟ ଚିନ୍ତନରେ ବ୍ରଜବାସୀ ଭକ୍ତଗଣ ଶ୍ରୀକୃଷ୍ଣଙ୍କ ମଥୁରା ଯାତ୍ରାର ପ୍ରତୀକ ଭାବରେ ପରବର୍ତ୍ତୀ କାଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରବର୍ତ୍ତିତ ହୋଇଛି ବୋଲି କହିଥାନ୍ତି । ଏକ ପୌରାଣିକ ପ୍ରକରଣ ଅନୁଯାୟୀ ଏକଦା ସୂର୍ଯ୍ୟ ପରାଗ ଅବସରରେ ଗୋପୀମାନେ କୁରୁକ୍ଷେତ୍ରରେ ସ୍ୱଳ୍ପ ସମୟ ପାଇଁ ଶ୍ରୀକୃଷ୍ଣ ଦର୍ଶନ ସୁଯୋଗ ଲାଭ କରିଥିଲେ । କିନ୍ତୁ ଏତାଦୃଶ କ୍ଷଣିକ ଦର୍ଶନରେ କୃଷ୍ଣଗତ ପ୍ରାଣା ଗୋପାଙ୍ଗନାଗଣ ପରିତୁଷ୍ଟ ହୁଅନ୍ତେ ବା କିପରି ? ସେମାନଙ୍କ ଅନୁରୋଧକ୍ରମେ ଶ୍ରୀକୃଷ୍ଣ ରଥାରୋହଣ ପୂର୍ବକ ବୃନ୍ଦାବନ ଯାତ୍ରା କରିଥିଲେ । ଏହି ପବିତ୍ର ଯାତ୍ରାର ସ୍ମୃତିଚାରଣ ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି । ଭିନ୍ନ ଏକ କିମ୍ବଦନ୍ତୀ ଅନୁଯାୟୀ ଏକଦା ଦ୍ୱାରକାରେ, ଦେବୀ ସୁଭଦ୍ରା ନଗର ଭ୍ରମଣ ନିମିତ୍ତ ଅଭିଳାଷ ପୋଷଣ କରିବାରୁ କୃଷ୍ଣ ବଳରାମ ତାଙ୍କୁ ଏକ ସ୍ୱତନ୍ତ୍ର ରଥରେ ମଝିରେ ବସାଇ ନଗର ପରିକ୍ରମା କରିଥିଲେ । ପ୍ରୋକ୍ତ ଉତ୍ସବକୁ ସ୍ମରଣୀୟ କରିବା ନିମିତ୍ତ ସମ୍ପ୍ରତି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରଥଯାତ୍ରାନୁଷ୍ଠାନ ପରିକଳ୍ପିତ ହୋଇଅଛି ।

ବଡ଼ ସୌଭାଗ୍ୟର ବିଷୟ ଏହି ଯେ ଶ୍ରୀଜଗନ୍ନାଥ ବିଶ୍ୱର ଏକମାତ୍ର ଦେବତା, ଯାହାଙ୍କୁ ସମସ୍ତେ ନିର୍ବିବାଦରେ ନିଜର ଉପାସ୍ୟ ଭାବେ ଗ୍ରହଣ କରି ନେଇଛନ୍ତି । କେବଳ ସେତିକି ନୁହେଁ ଉପର୍ଯ୍ୟୁକ୍ତ ଆଲୋଚନାରୁ ଉପଲବ୍ଧି ଜନ୍ମେ ଯେ ପ୍ରତ୍ୟେକେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ବିନାଦ୍ୱିଧାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନିଜର ସାଂସ୍କୃତିକ ମହୋତ୍ସବ ରୂପେ ପ୍ରାଧାନ୍ୟ ଦେଇଆସିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଧର୍ମମତ ନିର୍ବିଶେଷରେ ସମ୍ପ୍ରତି ଶ୍ରୀଜଗନ୍ନାଥ ବିଶ୍ୱର ଏକ ସାର୍ବଜନୀନ ଉପାସ୍ୟ ରୂପେ ସ୍ୱୀକୃତ ହେବା ସହିତ ବିଶ୍ୱର ବଡ଼ଦାଣ୍ଡମାନଙ୍କରେ ତାଙ୍କର ଶ୍ରୀଗୁଣ୍ଡିଚା ରଥଯାତ୍ରାନୁଷ୍ଠାନ ପ୍ରଚଳିତ ଅଛି ।

ରଥ ହିଁ ବେଦର ପ୍ରାଚୀନତମ ଯାନ ଅଟେ ଓ ରଥଯାତ୍ରା ବୈଦିକ ସଂସ୍କୃତିର ଏକ ବଳିଷ୍ଠ ବିଭାବ । ଅତଏବ ବେଦ ବିଗ୍ରହ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହିଁ ସ୍ୱୟଂ ଏହି ପ୍ରାଚୀନତାର ପ୍ରମାଣ ଫଳକ । ସମସ୍ତ ଯୁଗାବତାର ଯଥା- ସତ୍ୟରେ ନୃସିଂହ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳିରେ ବୁଦ୍ଧ ସମସ୍ତେ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରେ ସମନ୍ୱିତ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ମୌଳିକ ଉତ୍ସ ଭାବେ ଗ୍ରହଣ କରାଯାଇପାରେ । ପୁନଶ୍ଚ ପ୍ରାକ୍‌ବୈଦିକ ସନାତନ ଧର୍ମ ସର୍ବପ୍ରାଚୀନ ହୋଇଥିବାରୁ ଏବଂ ବୌଦ୍ଧ ଓ ଜୈନଧର୍ମ ଏହାର ବୈପ୍ଳବାତ୍ମକ ପଦକ୍ଷେପ ହୋଇଥିବାରୁ ସନାତନ ଧର୍ମର ନୀତି ଓ ଯାତ୍ରା ପରବର୍ତ୍ତୀକାଳୀନ ଧର୍ମରେ ଗ୍ରହଣଯୋଗ୍ୟତା ଲାଭ କରିବା ସ୍ୱାଭାବିକ । ତେଣୁ ହିନ୍ଦୁ ସଂସ୍କୃତିରୁ ରଥଯାତ୍ରା ଅନ୍ୟ ଧର୍ମ ସମ୍ପ୍ରଦାୟକୁ କ୍ରମେ ସମ୍ପ୍ରସାରିତ ହୋଇଅଛି । ଅତଏବ ଶ୍ରୀଜଗନ୍ନାଥ ରଥଯାତ୍ରା କୌଣସି ଧର୍ମ ସମ୍ପ୍ରଦାୟ ପ୍ରଭାବରେ ଅନୁସୃତ ହୁଏ ନାହିଁ । ହିନ୍ଦୁ ସଂସ୍କୃତିରେ ମୂର୍ତ୍ତିପୂଜାର ଉନ୍ମେଷ କାଳରୁ ରଥଯାତ୍ରାର ପ୍ରବର୍ତ୍ତନ ହୋଇଥିବା ଅବଶ୍ୟମ୍ଭାବୀ । ବୈଦିକ ବିଗ୍ରହ-ପ୍ରତିଷ୍ଠା-ବିଧାନ ଅନୁଯାୟୀ ଅନୁକୂଳଯାନ ବା ନୂତନ ରଥରେ ନୂତନ ବିଗ୍ରହମାନଙ୍କୁ ସମାସୀନ ପୂର୍ବକ ନଗର ପରିକ୍ରମା କରାଇବା ଏକ ବୈଦିକ ପରମ୍ପରା ଅଟେ । ସେହି ପାରମ୍ପରିକତା ରକ୍ଷା ପୂର୍ବକ ନବକଳେବର ବିଧାନ ପରେ ତଥା ଅଣସର ପରବର୍ତ୍ତୀ ସାମ୍ବତ୍ସରିକ ନବଯୌବନ ଲାଭ ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୂତନ ରଥରେ ଉପବେଶନ କରାଇ ଶ୍ରୀକ୍ଷେତ୍ର ପର୍ଯ୍ୟଟନ ପୂର୍ବକ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରାଯାଇଥାଏ । ମାତ୍ର ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ପ୍ରାଚୀନ କଳିଙ୍ଗର ଗଙ୍ଗବଂଶୀ ନରପତିଗଣ ଲକ୍ଷ୍ମୀନୃସିଂହ ବିବାହ ଉପଲକ୍ଷେ ଯେପରି କଲ୍ୟାଣୋତ୍ସବ ପାଳନ କରୁଥିଲେ, ସେହି ରାଜବଂଶ ଓଡ଼ିଶା ଶାସନ କାଳରେ ମହୋଦଧି କନ୍ୟା ମହାଲକ୍ଷ୍ମୀ (ରୁକ୍ମଣୀ)ଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ବିବାହ

(କଲ୍ୟାଣ) ଉତ୍ସବ ପାଳନ ଭିତ୍ତିରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପ୍ରବର୍ତ୍ତନ କରିଥିଲେ ।

ଉପଯୁକ୍ତ ସିଦ୍ଧାନ୍ତଗୁଡ଼ିକୁ ସମୀକ୍ଷାପୂର୍ବକ ସର୍ବଜନଗ୍ରାହ୍ୟ, ସମଧିକ ବିଶ୍ୱାସଯୋଗ୍ୟ ସର୍ବୋପରି ସତ୍ୟର ନିକଟବର୍ତ୍ତୀ ଏକ ସିଦ୍ଧାନ୍ତରେ ଉପନୀତ ହେବା ନିମିତ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ସର୍ବୋତ୍ତମ ପ୍ରାମାଣିକ ଗ୍ରନ୍ଥ ସ୍କନ୍ଦଗୁପ୍ତ ଲିଖିତ 'ସ୍କନ୍ଦପୁରାଣ' ଅନୁଶୀଳନୀୟ । 'କ୍ଷେତ୍ରମାହାତ୍ମ୍ୟ' ଆଧାରରେ ମହୋଦଧିରୁ ଉତ୍ତୋଳିତ ବେଦବିଦିତ ଅପୁରୁଷେୟ ପ୍ଲବମାନ ବ୍ରହ୍ମଦାରୁରୁ ଶ୍ରୀବିଗ୍ରହମାନେ ଯଜ୍ଞବେଦୀରେ ରୂପ ପରିଗ୍ରହ କରି ଯେଉଁଦିନ ରଥାରୋହଣ ପୂର୍ବକ ଆସି ଶ୍ରୀମନ୍ଦିରସ୍ଥ ରତ୍ନବେଦୀରେ ପ୍ରତିଷ୍ଠିତ ହେଲେ, ସେହି ଦିନର ପବିତ୍ର ସ୍ମୃତିବହନ କରି ଆଜି ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁସୃତ ହେଉଅଛି । ପୁନଶ୍ଚ ଶ୍ରୀଜୀଉଙ୍କ ରଥଯାତ୍ରା ହେଉଛି ବାତ୍ସଲ୍ୟର ଜୟଯାତ୍ରା । ଗୁଣ୍ଡିଚା ମଣ୍ଡପରେ ଶ୍ରୀବିଗ୍ରହ ସଂରଚନା କାଳରେ ଭକ୍ତିମତୀ ଗୁଣ୍ଡିଚା : ମହାପ୍ରଭୁଙ୍କୁ କେତେ କ'ଣ ଖୁଆଇବେ, କେତେ କ'ଣ ପିନ୍ଧାଇବେ ବୋଲି ମନରେ କଳ୍ପନାପୋଷଣ କରିଥିଲେ । ମାତ୍ର ଯେଉଁ ଦିନ ଶ୍ରୀଜୀଉମାନେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କଲେ, ସେଦିନ ରାଣୀଗୁଣ୍ଡିଚା ଏକ ଅଭାବବୋଧର ଶିକାର ହୋଇ ଅଶ୍ରୁତର୍ପଣ କରିଥିଲେ । ଅନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥ ଗୁଣ୍ଡିଚା ମହାଦେଈଙ୍କ ଅନ୍ତର୍ଦାହ ଉପଲବ୍ଧି କରି ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ଦେଲେ ଯେ 'ଗୁଣ୍ଡିଚା ମନ୍ଦିର ମୋର ପ୍ରିୟ ଜନ୍ମସ୍ଥଳୀ ଅଟେ । ସେଠାକୁ ପ୍ରତିବର୍ଷ ଥରେ ଆଗମନ ନିମିତ୍ତ ରଥୋତ୍ସବର ଆୟୋଜନ କର ।' ବେଦପତି ବ୍ରହ୍ମାଙ୍କ ପ୍ରାର୍ଥନାରେ ଅଶ୍ୱମେଧୀ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଗାଢ଼ ଭକ୍ତିରେ ପ୍ରସନ୍ନ ହୋଇ ସର୍ବୋପରି ଗୁଣ୍ଡିଚା ରାଣୀଙ୍କ ମମତାସିକ୍ତ ମାତୃହୃଦୟର ଆକର୍ଷଣୀୟ ଶକ୍ତିଦ୍ୱାର ଆକୃଷ୍ଟ ହୋଇ ମହାପ୍ରଭୁଙ୍କର ନବଦିନାତ୍ମିକା ରଥଯାତ୍ରା ହୋଇଆସୁଅଛି, 'ଶ୍ରୀଗୁଣ୍ଡିଚାଯାତ୍ରା' ନାମରେ ସର୍ବଜନବିଦିତ ଅଟେ । ବିଶେଷତଃ ଶ୍ରୀୟା କୁଟୀରରେ ପୂଜା ଗ୍ରହଣ କରି ଶ୍ରୀ(ମହାଲକ୍ଷ୍ମୀ) ଯେଉଁ 'ପତିତପାବନ ଧର୍ମ'ର ଭିତ୍ତି ସ୍ଥାପନ କରିଥିଲେ, ତାହାର ପରିପ୍ରସାର ନିମିତ୍ତ ମହାପ୍ରଭୁଙ୍କ ଏହି ମହାନ୍ ରଥଯାତ୍ରାର ପରିକଳ୍ପନା, ଯାହାକି ସମାଜରୁ ଜାତିଗତ ବୈଷମ୍ୟ ଦୂର କରିବା ସହିତ ଧାର୍ମିକ ସଂହତି ପ୍ରତିଷ୍ଠା ପାଇଁ ଏକ ସଂସ୍କାରଶୀଳ ପଦକ୍ଷେପ । ଏଥିପାଇଁ ଯଥାର୍ଥରେ କୁହାଯାଇଛି - 'ପତିତଜନକୁ ଉଦ୍ଧାରି ପାପ ତାପ ନାଶିବେ/ପତିତପାବନ ନାମକୁ ସ୍ୱଭାବରେ ବହିବେ ।' ଏହି ଉକ୍ତିରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନନ୍ୟ ସାଧାରଣ ରଥଯାତ୍ରାର ସ୍ୱାତନ୍ତ୍ର୍ୟ ହିଁ ଉଦ୍‌ଘୋଷିତ ହୋଇଥାଏ ।

ଗବେଷକ, ଶ୍ରୀଜଗନ୍ନାଥ ସଂସ୍କୃତି
ନୂଆଗାଁ, ଇତିପୁର, ଭୁବନେଶ୍ୱର-୨

---

# ଜଗନ୍ନାଥ ଏତିକି କରୁଣାକର

ଶକୁନ୍ତଳା ଆଚାର୍ଯ୍ୟ

ହେ ପ୍ରଭୁ ! ଦେଖା ଦେ କହି ନାହିଁ
ଟଙ୍କା ଦେ ମାଗିନାହିଁ
ଅନ୍ୟ କିଛି ଧନ ଦଉଲତ,
ବିଳାସର ଇଚ୍ଛା କରି ନାହିଁ -
ହେ ପ୍ରଭୁ ! ମହାଜ୍ଞାନୀ
ଗୁଣି ଜନେ ....
ମର୍ତ୍ତ୍ୟରେ ଜନ୍ମ ନେଲେ
ରୋଗ, ଶୋକ, ଦୁଃଖ ଜ୍ୱାଳା, ଜରା-
ଜୀବନ ଯନ୍ତ୍ରଣାରେ
ପୁନର୍ବାର ଜନ୍ମ ନୋହିବାକୁ
ଶ୍ରୀପୟରେ କାମନା କରନ୍ତି ନା ??
ପ୍ରଭୁ ! ତୁମେ କିନ୍ତୁ ସର୍ବ ହୃଦୟର
କାମନା ଜାଣ ତ ?
କେବେ ହେଲେ ନିର୍ବାଣ
ମୁକ୍ତି ମାଗି ନାହିଁ, ...
ତୁମେ ଦୟାର ଜଳଧି ବୋଲି
କହି ନାହିଁ ।
କାରଣ ସମୁଦ୍ର ତୁମର ଦୟାର --
ବିନ୍ଦୁଏ ମାତ୍ର !!
ଧୂପ, ଦୀପ, ପୂଜାର୍ଚ୍ଚନା ନୈବେଦ୍ୟ ବିଧିରେ
ମନ ବଳାଇନି ।
ଶ୍ରୀପୟରେ ଏହା ହିଁ ମାଗୁଛି
ମର୍ତ୍ତ୍ୟ ଲୋକରୁ ସୂର୍ଯ୍ୟ ଲୋକ
ପୁଣି ସୂର୍ଯ୍ୟ ଲୋକରୁ ମର୍ତ୍ତ୍ୟ ଲୋକ
ବାରମ୍ବାର ଜନ୍ମ ହେବି
ଶ୍ରୀକ୍ଷେତ୍ର ଧାମରେ ।
'ଜୀବନର ସମସ୍ତ ଯନ୍ତ୍ରଣା ଭୁଲି
ନନ୍ଦୀ ଘୋଷେ ଦେଖୁଥିବି
ତୁମର ସେ ଅନିନ୍ଦ୍ୟ ମାଧୁରୀ ରୂପ
ଆନନ୍ଦାଶ୍ରୁ ଝରୁଥିବ
ଟାଣି ଟାଣି ତୋ' ରଥ ଦଉଡ଼ି,
ଗାଉଥିବି ଭାବ ବିଭୋଳରେ
ଜଗନ୍ନାଥ ହେ !
ଏତିକି କରୁଣା କର .... ।'

ଖାକି ମଠ ସାହି
ପୁରୀ-୨



# ସତ୍ୟ, ସୁକୃତ ଓ ଜଗନ୍ନାଥ

ନିବେଦିତା ଭଂଜ

‘ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜାଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ ରାଜାଶ୍ରୀ ପୁରୁଷୋତ୍ତମଃ ।’

ତ୍ରୈଲୋକ୍ୟ ବନ୍ଦିତ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ କ୍ଷେତ୍ରାଧିକାରୀ ନୁହନ୍ତି । ସେ ଦେବତାଗଣଙ୍କ ଉପରେ ଦେବରାଜ ! ନରମାନଙ୍କ ଉପରେ ନରୋତ୍ତମ । ସମଗ୍ର ବିଶ୍ୱ ବା ପୁର (ଅର୍ଦ୍ଧ, ମଧ, ଉର୍ଦ୍ଧ୍ୱ) ତିନିଲୋକର ତ୍ରୈଲୋକ୍ୟନାଥ ରାଜା ଶ୍ରୀପୁରୁଷୋତ୍ତମ !

ସେହିପରି ଅଖିଳ ବ୍ରହ୍ମାଣ୍ଡ ନିଖିଳ ବିଶ୍ୱ, ତିନିଲୋକର ପଡ଼ିଦାତ୍ରୀ ହେଉଛନ୍ତି ଆଦ୍ୟାଶକ୍ତି ମାହେଶ୍ୱରୀ ଲକ୍ଷ୍ମୀ !

‘ସର୍ବସାଦ୍ୟା ମହାଲକ୍ଷ୍ମୀ ତ୍ରିଗୁଣା ପରମେଶ୍ୱରୀ
ଲକ୍ଷ ଲକ୍ଷ ସ୍ୱରୂପା ସା ବ୍ୟାପ୍ୟକୃତ୍ସ୍ନଂ ବ୍ୟବସ୍ଥିତା ।
ତପ୍ତ କାଞ୍ଚନ ବର୍ଣ୍ଣାଭ୍ୟାଂ ତପ୍ତକାଞ୍ଚନ ଭୂଷଣା
ସୂନ୍ୟଂ ତଦଖିଳଂ ସ୍ୱେନ ପୂରୟା ମାସ ତେଜସା ।।’

ଜଗତର ପିତାମାତା ହେଉଛନ୍ତି - ‘ଲକ୍ଷ୍ମୀ, ଜଗନ୍ନାଥ ।’ ତାଙ୍କର ନିର୍ଦ୍ଦେଶରେ ସଚରାଚର ଜଗତ ପରିଚାଳିତ ହୁଏ । ମା ଆଦ୍ୟାଶକ୍ତି ଲକ୍ଷ୍ମୀ ନିଜ ଅଂଶରୁ ସମଗ୍ର ଦେବୀ ଶକ୍ତି ଉତ୍ପନ୍ନ କରାଇ ସୃଷ୍ଟି, ସ୍ଥିତି, ପ୍ରଳୟ କାର୍ଯ୍ୟ ନିର୍ବାହ କରାଇଥାନ୍ତି ।

ରତ୍ନାକର ଗର୍ଭ ଗୃହରେ, ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ଥାପନ କରାଇଥିବା କୁବେର ଭଣ୍ଡାର ଭିତରେ ଅମାପ ଧନ ସଂପଦ ପରିପୂର୍ଣ୍ଣ ଯାହାକି ଅକ୍ଷୟ ଭଣ୍ଡାର ନାମରେ ନାମିତ । ସେଠାକାର ରକ୍ଷକ ହେଉଛନ୍ତି କୁବେର ନାମକ ଜଣେ ମହାଯକ୍ଷ । ଦ୍ୱାର କୋଠାଧିଶ୍ୱର ହେଉଛନ୍ତି ଦେବ ଦେବ ସ୍ୱୟଂ ମହାଦେବ ଲୋକନାଥ ।

ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶରେ ଲୋକନାଥ ଦ୍ୱାର ଉନ୍ମୋଚନ କରନ୍ତି । କୁବେର ଧନ ଗଣନା କରନ୍ତି ଏବଂ ଶ୍ରୀମହାଲକ୍ଷ୍ମୀ ଧନ ବଣ୍ଟନ କରନ୍ତି । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ଯେଉଁ ଦିନ ଯାହାର ଯାହା ପ୍ରାପ୍ୟ ସେ’ ଦିନ ତାକୁ ସେତିକି ପରିମାଣରେ ଦିଆଯାଏ । ଗୋଟିଏ ପଇସା ଏପଟ ସେପଟ ହେବାର ନାହିଁ । ବର୍ଷ ଶେଷ ମହା ଶିବରାତ୍ରୀରେ ମୋଟା ମୋଟି ହିସାବ ରଖାଯାଏ ।

‘ଶ୍ରୀକ୍ଷେତ୍ର ଧାମରେ ଏହି ଉତ୍ସବକୁ ହରିହର ଭେଟ କହନ୍ତି । ବାଲିଘାଟରୁ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଶ୍ରୀମଦନମୋହନ ବିଜେ ମାର୍ଗରୁ ପାଛୋଟି ଆଣିବା ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥାଏ ।’

ଏହାଛଡ଼ା ଆଉ ଏକ ବୋନସ୍ ମଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତରଫରୁ ରହିଛି, ଯାହାକି ତାଙ୍କର ଏକାନ୍ତ ଭକ୍ତମାନଙ୍କୁ ମିଳିଥାଏ । ଯେଉଁମାନେ ସତ୍ୟ, ଧର୍ମ, ନ୍ୟାୟକୁ ଆଖି ଆଗରେ ରଖି କାର୍ଯ୍ୟ କରନ୍ତି, ଗୁରୁ ଗଉରବ ରକ୍ଷାକରି, ପିତା, ମାତାଙ୍କ ସେବା ସମ୍ମାନ ଭଳି ସୁକୃତ ଅର୍ଜନ କରନ୍ତି ଓ ଜୀବେ ଦୟା ସ୍ୱଧର୍ମରେ ଜୀବନଯାପନ, ନିର୍ମୋହ, ନିରହଙ୍କାର ଗୁଣ ଥାଏ, ସେମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଅତୀବ ଦୟା । ଯେପରି ବାଳକ ପଛରେ ମା ଅହରହ ଦୃଷ୍ଟି ରଖିଥାଏ । ଜଗନ୍ନାଥଙ୍କ ଦୃଷ୍ଟି ଠିକ୍ ସେହିପରି ତାକୁ ରକ୍ଷା କରୁଥାଏ ।

ସେଠି ଜାତି, ଅଜାତିର ପ୍ରଶ୍ନ ଉଠେନି । ଧନୀ ଗରିବର ସଂଜ୍ଞା ମିଳେନି । ପାପୀ, ତପିର ହିସାବ ନଥାଏ । ଏଣୁ ଶ୍ରୀମଦ୍ ଭାଗବତରେ କୁହାଯାଇଛି -

‘ବିଷ୍ଣୁ ଭଗତ ଜନସଙ୍ଗେ, ଯେ କ୍ଷଣେ ବଞ୍ଚେ ନର ଅଙ୍ଗେ ।
ସେ ସାଧୁ ସଙ୍ଗେ ସ୍ୱର୍ଗମୋକ୍ଷ । କେ’ ତ ତୁଲ୍ୟ କରିବ ପ୍ରତ୍ୟକ୍ଷ ।।’

ସେ ହିଁ ଭକ୍ତ ! ତା’ର ଅଙ୍ଗ ସଙ୍ଗୀକୁ ଭକ୍ତିରେ ଯିଏ ପରିଣତ କରାଇପାରେ ଏବଂ ସ୍ୱର୍ଗ, ମୋକ୍ଷର ପଥ ଦେଖାଇପାରେ, ସେ ହିଁ ଅତୁଳ୍ୟ, ଅନନ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାପାତ୍ର । ସେହି ମର୍ମରେ ଅନେକ ଉଦାହରଣ ଭିତରୁ ଉଦାହରଣଟିଏ ନିମ୍ନରେ ପ୍ରଦାନ କରି ମାରାତ୍ମକ ଲୋଭ ରୂପକ ଗ୍ରହ ପୀଡ଼ାରୁ ରକ୍ଷା ପାଇବା ପାଇଁ ଜନସମାଜ ସଚେତନ ହେବାକୁ ପ୍ରାର୍ଥନା କରାଯାଉଛି । ଯାହା ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ବୋନସ୍ ପାଇବାକୁ ହକ୍‌ଦାର କରାଇପାରିବ ।

ବୈତରଣୀ ନଦୀର ଉତ୍ତର ପାର୍ଶ୍ୱରେ ବେଦପୁର ନାମକ ରାଜ୍ୟ, ରାଜାଙ୍କ ନାମ କୁଶଧ୍ୱଜ । ସେ ଜଣେ ଧାର୍ମିକ ଓ ନ୍ୟାୟ ପରାୟଣ ରାଜା ହୋଇଥିବା ହେତୁ ବହୁ ଦୂର ଦୂରାନ୍ତରୁ ବ୍ରାହ୍ମଣମାନେ ଆସି ସେ

ରାଜ୍ୟରେ ବସବାସ କରି ରହିଲେ । ରାଜକୃପାରୁ ସେ ସମସ୍ତଙ୍କ ଭରଣପୋଷଣର ଅଭାବ ନଥିଲା । ରାଜା କ୍ଷିତିବାନ ବ୍ରାହ୍ମଣ ଶାସନ ଗଢ଼ି ସବୁଦିନ ପାଇଁ ପଟ୍ଟା ପାଉତି ଲେଖି ଦେଇଥିଲେ ।

ସେହି ବ୍ରାହ୍ମଣ ଶାସନରେ କୃପଣ ପଣ୍ଡା ନାମକ ଜଣେ ବ୍ୟକ୍ତି ମଧ୍ୟ ରହୁଥାନ୍ତି । ତାଙ୍କ ନିକଟରେ ଧନ ଭଲ ତ ସବୁ ଭଲ । ବିନା ଧନରେ ସେ କାହାକୁ ଚିହ୍ନନ୍ତି ନାହିଁ । ମହାଜନି କାରବାରରେ ଦିନରାତି ଲାଗିପଡ଼ି ଧନବୃଦ୍ଧି କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ।

ଦିନକର ଘଟଣା, କୃପଣ ପଣ୍ଡା ହିସାବ ଖାତା ଧରି ଜଣେ ଖାତକ ନିକଟରୁ ଧନ ଆଦାୟ ନିମନ୍ତେ ଦୂର ଗ୍ରାମକୁ ଯାଇ ଫେରୁ ଫେରୁ ରାତ୍ରୀ ଅନ୍ଧାର ଘୋଟି ଆସିଲା । ବାଧ ହୋଇ ଗୋଟାଏ ପର୍ବତ କଡ଼ରେ ଧନର ଗଣ୍ଠିଲୀ ଧରି ଲୁଚ୍ଚାୟତ ଭାବରେ ରାତ୍ରୀଯାପନ କରୁ କରୁ ହଠାତ୍ ପର୍ବତ ଉପରୁ କିଛି କଥାବାର୍ତ୍ତାର ଆଭାଷ ଶୁଣାଗଲା । ସେ ଅତି ସନ୍ତର୍ପଣରେ ଉପରକୁ ଯାଇ ଦେଖନ୍ତିତ ପର୍ବତ ଉପରେ ଜାଜ୍ଜୁଲ୍ୟମାନ ଦେବସଭା ବସିଛି ଏବଂ ସଭାପତିତ୍ୱ କରୁଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ... !

ବ୍ରାହ୍ମଣ କୃପଣ ହେଲେ ମଧ୍ୟ ବେଦ ଧର୍ମର ପ୍ରାରବ୍ଧ ବଳରେ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ଦିବ୍ୟ ସ୍ୱରୂପ ଦର୍ଶନ କରିପାରିଥିଲେ ସୁଦ୍ଧା ଲୋଭାଶକ୍ତ ମନକୁ କୌତୁହଳତାରୁ ବଞ୍ଚାଇ ପାରିନଥିଲେ । ଛପିରହି ଘଟଣାଚକ୍ରକୁ ଅନୁଧ୍ୟାନ କରିବା ଥିଲା ତାଙ୍କର କାମ ।

ଶ୍ରୀଜଗନ୍ନାଥଙ୍କ ଆଦେଶରେ କୋଠକରଣ ତାଳପତ୍ରର ନଥି ଖୋଲି ସେ ଦିନର ହିସାବ ନିକାଶ ବୁଝାଇ କେଉଁମାନଙ୍କୁ ପଡ଼ିକାଟ ହୋଇଛି, ଆଉ କାହିଁକି ହୋଇଛି, କାରଣ ଦର୍ଶାଇବାକୁ ଯାଇ କହିଲେ -

'ବେଦପୁର ଚଣ୍ଡାଳ ସାହିର ସତ୍ୟ, ସୁକୃତ ନାମକ ଦୁଇ ଭାଇଙ୍କୁ ପଡ଼ି ମିଳିନାହିଁ । କାରଣ ସେମାନଙ୍କ କାର୍ଯ୍ୟ ମୂର୍ଦ୍ଦାର ପୋଡ଼ିବା । ଆଜି ସେ ଦୁହେଁ ହରିନାମ ସଂକୀର୍ତ୍ତନ ମେଳରେ ସଂକୀର୍ତ୍ତନ କରି ଏତେ ଭୋଳ ହୋଇଗଲେ ଯେ କର୍ତ୍ତବ୍ୟ ଜ୍ଞାନ ମଧ୍ୟ ରହିଲା ନାହିଁ । ଏହି ତ୍ରୁଟି ହେତୁ ନଗର ରକ୍ଷକ ତାଙ୍କୁ ମଜୁରୀ ବନ୍ଦ କରିଦେବାରୁ ସେ ଦୁହେଁ ସପରିବାର ସହିତ ଉପବାସରେ ଦିନ କଟାଉ ଅଛନ୍ତି । ଏକଥା ଶୁଣିଲା ପରେ କରୁଣାମୟ ଶ୍ରୀଜଗନ୍ନାଥଙ୍କ ନେତ୍ରଦ୍ୱୟ ସଜଳ ହୋଇ ଆସିଲା । ସେ କହିଲେ - ହରିନାମ ସଂକୀର୍ତ୍ତନର ଫଳ ଉପବାସ ନୁହେଁ, ବରଂ ଅମୃତ ମଣୋହି । ଯାଅ, କାଲି ହଜାରେ ସ୍ୱର୍ଣ୍ଣ ମୁଦ୍ରା ତାଙ୍କ ଗୃହରେ ପହଞ୍ଚାଇ ଦିଅ । ଏଥିରେ ଯେପରି ଅନ୍ୟଥା ନହୁଏ ।

ଏତିକି ଶୁଣିବା କ୍ଷଣି କୃପଣ ପଣ୍ଡା ଆଉକି ଥୟ ଧରନ୍ତି, ରାତି, ଅନ୍ଧାର କଣ୍ଟା, ପଥର କିଛି ନମାନି ଦରାଣ୍ଡି ଦରାଣ୍ଡି ଯାଇ ହରିଜନ ବସ୍ତିରେ ପହଞ୍ଚିଗଲେ । ଉପବାସ ଜନିତ ଦୁଃଖରେ ସତ୍ୟ, ସୁକୃତ ଦାଣ୍ଡ ପିଣ୍ଡାରେ ବସିଥାନ୍ତି । ବ୍ରାହ୍ମଣଙ୍କୁ ଦେଖୁ ଦେଖୁ କାକୁସ୍ଥ ଭାବରେ ଦଣ୍ଡବତ ହୋଇ ଆସିବା କାରଣ ପଚାରନ୍ତେ, ସ୍ୱାର୍ଥନ୍ୱେଷୀ ବ୍ରାହ୍ମଣ ମଧୁର କଣ୍ଠରେ ଆଶୀର୍ବାଦ ଦେଇ ଭବିଷ୍ୟବାଣୀ ଉଚ୍ଚାର କରି କହିଲେ - ମୁଁ ଜାଣେ, ତୁମେ ଦୁଇ ଭାଇ, ସପରିବାର ସହ ଉପବାସରେ ଦିନ ଗଣୁଛ, ଆରେ ହରିନାମରେ କିଏ କେବେ ଉପାସ ରହିଛି ନା ରହିବ ? ଏବେ ମୋର ଖମାର ଘରକୁ ପରିବାର ସହ ଯାଇ ଅତି ଆନନ୍ଦରେ ଖିଆପିଆ କରି କାଲି ସକାଳ ପର୍ଯ୍ୟନ୍ତ ରହ । ଏଥିପାଇଁ ତିନି ଶହ ଟଙ୍କା ତୁମକୁ ଦାନ ଆକାରରେ ଦେଉଛି, ଯାହା ଯାହା ମନ ହେବ ରାନ୍ଧିବାଢ଼ି ଖାଇବ ।

କଥା କଣକି ... ମୋତେ ଘାତଚନ୍ଦ୍ର ଦଶା ପଡ଼ିଛି । ଗଣନା କହୁଛି, ଯଦି ଗୋଟାଏ ରାତି ନିଜ ବାସ ଛାଡ଼ି ଚଣ୍ଡାଳବାସରେ କଟାଇ ଦିଏ, ତା'ହେଲେ ମୋର ଗ୍ରହ କଟିଯିବ । ଆଜି ରାତିକ ତୁମେ ସମସ୍ତେ ମୋ ଘରେ ରହିଯାଅ । ମୁଁ ତୁମ କୁଡ଼ିଆରେ । ରାତି ପାହିଲେ ପୁଣି ଯେ'ଝା ସ୍ଥାନକୁ । ଏଇ ନିଅ ଟଙ୍କା ଆଉ ଖମାର ଘର ଚାବି । ଯାଅ ... ବାବା ... । ଶୁଭସ୍ୟ ଶୀଘ୍ରମ୍ ... !

ବିଷ୍ଣୁ ଭକତ ଜନଙ୍କର । ଜଗତେ ନାହିଁ ଆତ୍ମାପର ॥
ଦୟା କରନ୍ତି ସର୍ବ ଲୋକେ । ଦିନ ହରନ୍ତି ଦୁଃଖେ ସୁଖେ ॥

ସତ୍ୟ, ସୁକୃତ ଦୁଇ ଭାଇ ଅତ୍ୟନ୍ତ ବିଷ୍ଣୁ ଭକ୍ତ । ତାଙ୍କ ମନରେ ପର, ଆପଣା ଭାବ ନଥାଏ । ଅହରହ ଜୀବେ ଦୟା, ସୁଖ, ଦୁଃଖ ସବୁ ସମାନ । ବ୍ରାହ୍ମଣଙ୍କ ଗ୍ରହଦଶା ଉପଶମ ସକାଶେ ନିଜ କୁଡ଼ିଆ ତ୍ୟାଗ କରି ପରିବାରବର୍ଗଙ୍କୁ ନେଇ ଖମାର ଘରେ ବେଶ୍ ରନ୍ଧାରନ୍ଧି ଖିଆପିଆ କରି ଧାନ ଓଳିଆ ଉପରେ ଶୋଇବାକୁ ଯାଉଛନ୍ତି, ଏତିକିବେଳେ କେହି ଜଣେ ଆସି ଡାକ ପକାଇବାରୁ ସେ ଦୁହେଁ ବାହାରକୁ ବାହାରି ଦେଖିଲେ, ଏକ ହଜାର ସ୍ୱର୍ଣ୍ଣ ମୁଦ୍ରାର ଥଳିଟିଏ ଧରାଇ ଦେଇ କହିଲେ - କାଲି ତୁମ ଭକ୍ତି ଭାବରେ ସନ୍ତୁଷ୍ଟ ହୋଇ ପ୍ରଭୁ ଏହାକୁ ପଠାଇଛନ୍ତି ନିଅ ।

ରାତି ପାହିଲା । ସତ୍ୟ, ସୁକୃତ ପରିବାର ସହ ନିଜ ଘରକୁ ଫେରି ଦେଖନ୍ତି କୃପଣ ପଣ୍ଡା, ମଶା, ଡାଉଁଶ, ଅଳିଆ, ଅରମା ବସ୍ତିଘରେ ରାତିସାରା ଅନିଦ୍ରା ରହି ସକାଳ ହେବାରୁ ମୁଣ୍ଡ କୋଡ଼ି, ନିଜ ଭାଗ୍ୟକୁ ନିନ୍ଦା କରୁଛନ୍ତି ଏବଂ ନିଜ ହାତରୁ ତିନି ଶହ ଟଙ୍କା ଦେଇ ଗ୍ରହକୂଟ ଭୋଗ କରିବା ଭଳି ମୁର୍ଖାମୀ ଜନିତ ବିଳାପ ଅଯାଗାକ୍ଷତ ଭଳି ପୀଡ଼ା ଦେଉଛି ।

ସତ୍ୟ, ସୁକୃତ ପ୍ରଣାମ ଜଣାଇ ପଚାରିଲେ - ଗ୍ରହଦଶା ନିବାରଣ ହେଲା ତ... ? ଗୋସେଇଁଙ୍କର କୃପାରୁ ରାତିଟି ଆମ ପକ୍ଷରେ ଅତ୍ୟନ୍ତ ଉତ୍ତମ ଥିଲା ।

ପଣ୍ଡା ସେମାନଙ୍କ ମୁହଁରୁ ସବୁ ଶୁଣିବା ପରେ କ୍ରୋଧାନ୍ୱିତ ହୋଇ କହିଲେ, ତୁମ ପକ୍ଷେ ସିନା ଉତ୍ତମ, ହେଲେ ମୋର ତ ଗ୍ରହ ଖରାପ ନଥିଲା । ମୁଁ କାହିଁକି ଅର୍ଥହାନୀ, ପ୍ରାଣପୀଡ଼ା ଭୋଗ କଲି ? ହଠାତ୍ ଶୂନ୍ୟବାଣୀ ପ୍ରସାରି ଆସିଲା -

'ଲୋଭ ରୂପକ ଗ୍ରହ ଯାହାକୁ ଗ୍ରାସେ, ତା'ର ଏପରି ଦଶା ଭୋଗ ହୁଏ । ଅଯଥା ବିଷ୍ଣୁ ଭକ୍ତଙ୍କ ଧନ ହରଣ କରିବାକୁ ଯେଉଁ ଉପାୟ ସ୍ଥିର କଲ, ଯେ' ହେଉଛି ତା'ରି ଫଳ ।'

ଅର୍ଥ ସଞ୍ଚନ୍ତି ଯେତେ ନର । କେବଳ ଶ୍ରମ ତାହାଙ୍କର ॥
ଅର୍ଥେ ନପାଇ କାମ ମୋକ୍ଷ । ସେ ପ୍ରାଣୀ ଅଧମ ପ୍ରତ୍ୟକ୍ଷ ॥

ଏବେବି ସମୟ ଅଛି, ସତ୍ୟକୁ ଆଶ୍ରୟ କର । ଧନରେ ମୋକ୍ଷ ନଥାଏ, ଧନରେ ବିଭୋର ହେବା ଅପେକ୍ଷା ଦରିଦ୍ର ହୋଇ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମକୁ ଚୀର ଆଶ୍ରିତ ହେବା ଭଲ ।

ସତ୍ୟ ପରମାନନ୍ଦ ହରି, ଯାହା ଭଜିଲେ ଭବୁ ତରି ।
ଭଜି ମରଇ ଯେବେ ଦୁଃଖେ, କେବେହେଁ ନ ପଡ଼େ ନରକେ ॥

ଶ୍ରୀମଦ୍ ଭାଗବତର ଅମୃତବାଣୀରେ ବ୍ରାହ୍ମଣଙ୍କ ଚୈତନ୍ୟ ଉଦୟ ହେଲା । ସେ ସତ୍ୟ, ସୁକୃତଙ୍କ ଭାଗ୍ୟକୁ ମନେ ମନେ ପ୍ରାଧାନ୍ୟତା ଦେଇ ସେଠାରୁ ପ୍ରତ୍ୟାଗମନ କରୁ କରୁ ଗାଇ ଉଠିଲେ -

ନିରତେ ହୃଦୟ ନିର୍ଦ୍ଦୟ, ଏଣୁଟି ଧନ ଦୁଃଖମୟ ।
ଦୁଃଖେ ଅର୍ଜିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ ।
ହେ ଜଗନ୍ନାଥ ନାରାୟଣ, ତୋ ପାଦେ ପଶିଲି ଶରଣ ।
ତୋ ନାମ ଦୁରିତ ଦହନ, ମୋ ପାପ କର ବିମୋଚନ ॥

୮୬, ସତ୍ୟନଗର
ଭୁବନେଶ୍ୱର

---

# ଉତ୍କଳୀୟ ମହାକବି ଜୟଦେବ : ଶ୍ରଦ୍ଧାଞ୍ଜଳି

ଇଂ ଗଦାଧର ମିଶ୍ର

ହେ ଅମର କବି ଜୟଦେବ !
ତୁମେ ଲେଖିଅଛ ମହାନ ଗୀତି କାବ୍ୟ ଗୀତଗୋବିନ୍ଦ
ତୁମ ଅନବଦ୍ୟ ଅବଦାନ ବିଶ୍ୱ ସାହିତ୍ୟକୁ
ଯହିଁ ପ୍ରବାହିତ ହୁଏ ଉତ୍କଳୀୟ ତାଳ, ରାଗ ରାଗିଣୀ ଓ ଛନ୍ଦ ।

ହେ ଭକ୍ତ କବି କାବ୍ୟର ମୁଖଶାଳାରେ ଆଙ୍କିଛ ଦଶାବତାରର ଚିତ୍ର
ଯାହା କେବେ ହୋଇ ନାହିଁ ଲେଖା କାବ୍ୟ ଇତିହାସେ ଏହା ଅତିବ ବିଚିତ୍ର ।

ପ୍ରଳୟ ପୟୋଧି ଜଳେ ମୀନ ରୂପେ ହରି
କରିଥିଲେ ବେଦର ଉଦ୍ଧାର
ଏହା ଏକ ବିଜ୍ଞାନର ଭାଷା କରିଛ ସୃଷ୍ଟି
କାବ୍ୟେ ତବ ଅତି ଚମତ୍କାର ।

ଭକ୍ତି ଭରେ ଗାଇଅଛ ଶ୍ରୀତ କମଳା କୁଚମଣ୍ଡଳ
ମଙ୍ଗଳ ଗୁର୍ଜ୍ଜରୀ ରାଗେ
କି ଅପୂର୍ବ କି ସୁନ୍ଦର ସରଳ ସାବଲୀଳ ଭାଷା
ବର୍ଣ୍ଣନା ହୋଇଛି ତବ କାବ୍ୟେ ।

ରଚିଛ ଶୃଙ୍ଗାର ବିଦଗ୍ଧ କାରୁଣ୍ୟ କାବ୍ୟ
ରସଭରା ସରଳ ସାବଲୀଳ ସଂସ୍କୃତ ଭାଷାରେ
ଅପୂର୍ବ ମିଳନ ରାଧାମାଧବଙ୍କର କରିଛ ବର୍ଣ୍ଣନା
ଗ୍ରନ୍ଥର ଛତ୍ରେ ଛତ୍ରେ ସୁନ୍ଦର ଶବ୍ଦ ଚାତୁରୀରେ ।

ରାଧା ରାଧା ବୋଲି ଅନ୍ତରେ ଝୁରି ମନ୍ମଥ ବାଣରେ ମଦନ
ପଶିଲେ ଶରଣ କିଶୋରୀ ପଦାଙ୍କେ
ହେ ପ୍ରିୟେ ରଖ ମୋ ପରାଣ ।

ତୋ ପଦ ନିନ୍ଦଇ ସ୍ଥଳକମଳର
ରଙ୍ଗ ଶୋଭାକୁ ସୁନ୍ଦରୀ
ରତିରଙ୍ଗ ଆଶେ ଆସ ମୋର ପାଶେ
କରୁଛି ସଖି ମୁଁ ଗୁହାରୀ ।

ମଦନର ଶରେ ଅସ୍ଥିର ମୋହର ପରାଣ
କରତୁ କରୁଣା ସରୋରୁହ ମୁଖୀ
ମସ୍ତକେ ଦେଇ ଚରଣ ।

ତୁମ କାବ୍ୟଭାଷା ବର୍ଣ୍ଣନା ପାଟବ
ଲଳିତ କୋମଳ କାନ୍ତ ପଦାବଳୀ
ମାହାରିର ନୃତ୍ୟ ଗୀତଗୋବିନ୍ଦର ଗୀତ
ପଦ, ଛନ୍ଦ, ରାଗ, ରାଗିଣୀର ଗାୟନ ଧାରା
କରେ ଆକର୍ଷିତ ବଡ଼ ଠାକୁରଙ୍କୁ
ସେ ଶୁଣନ୍ତି ନିତି ପହଡ଼ ପଡ଼େ ତାଙ୍କର ପରା ।

ତୁମ ଅମର କାବ୍ୟକୃତି ଗୀତଗୋବିନ୍ଦର
ସମକାବ୍ୟ ହୋଇନି ରଚନା
ଉତ୍କଳର କାବ୍ୟ ଆକାଶରେ
ତୁମେ ବିଶ୍ୱ ବକ୍ଷେ ବଞ୍ଚିବ ହେ କବି
ଜାଜ୍ଜ୍ୱଲ୍ୟମାନ ରବି ସମ
ଯେତେଦିନ ଉତ୍କଳ ଥିବ ଭାରତ ବକ୍ଷରେ ।

ବହୁ ବହୁ ପ୍ରଣାମ ଘେନ ଏ ଜାତିର
ହେ ଭକ୍ତ କବି ରହି ବହୁ ଦୂରେ
ଏ ଜାତି ଭୁଲିବ ନାହିଁ ତୁମ ଅମର ସୃଷ୍ଟିକୁ
ସୂର୍ଯ୍ୟ ଚନ୍ଦ୍ର ଥିବେ ଯେତେଦିନ ନୀଳ ଗଗନରେ ।

ଅଭ୍ୟୁଦୟ ନଗର
ତୁମୁଡୁମା, ଭୁବନେଶ୍ୱର



# ଶ୍ରୀମନ୍ଦିର ଓ ଦକ୍ଷିଣ ଘର

ପଣ୍ଡିତ ରାମକୃଷ୍ଣ ପତି (ଚାରଣ)

ଶ୍ରୀମନ୍ଦିରର ରତ୍ନ ସିଂହାସନ ଉପରେ ଦୈନିକ ସପ୍ତାବରଣ ମୂର୍ତ୍ତି ପୂଜିତ ହେଉଛନ୍ତି । ସେମାନେ ହେଲେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ସ୍ତମ୍ଭାକୃତି ଶ୍ରୀସୁଦର୍ଶନ, ଜଗନ୍ନାଥଙ୍କ ଦୁଇ ପାଖରେ ଶ୍ରୀଦେବୀ ଭୂଦେବୀ ତଥା ବାମଭାଗର ପଶ୍ଚାତ୍ ଦେଶରେ ଶ୍ରୀନୀଳମାଧବ । ସ୍ନାନଯାତ୍ରା ଓ ଗୁଣ୍ଡିଚା ବେଳେ ବର୍ଷରେ ଦୁଇଥର ଚତୁର୍ଦ୍ଧାମୂର୍ତ୍ତି ସିଂହାସନ ଛାଡ଼ି ପଦାକୁ ଆସନ୍ତି । ଏହି ଦୁଇଟି ଯାତ୍ରା ବ୍ୟତୀତ ବର୍ଷ ମଧ୍ୟରେ ଛୋଟବଡ଼ ବହୁ ଯାନିଯାତ୍ରାରେ ଦେଉଳର ପ୍ରତିନିଧି ଭାବରେ ବହୁ ବିଜେ ପ୍ରତିମା ମନ୍ଦିର ନୀତିରେ ଭାଗ ନେଇଥାନ୍ତି । ଏହି ବିଜେ ପ୍ରତିମା ବା ଉତ୍ସବ ଦିଅଁମାନଙ୍କ ଆସ୍ଥାନ ଗୃହ ହେଉଛି - 'ଦକ୍ଷିଣ ଘର' । ଶ୍ରୀମନ୍ଦିର ସହ ଏହା ନିତ୍ୟ ସଂଶ୍ଳିଷ୍ଟ । ଏହାକୁ ଦେଉଳ ଦେବତାଙ୍କ ପ୍ରତିନିଧି ଭବନ ବା ଦେବ ବିଶ୍ରାମ କକ୍ଷ ବୋଲି ମଧ୍ୟ କୁହାଯାଇପାରେ ।

ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତି ଜ୍ୟେଷ୍ଠ ପୂର୍ଣ୍ଣମୀର ପ୍ରାତଃକାଳରେ ସିଂହାସନରୁ ଓହ୍ଲାଇଥାନ୍ତି । ପୁଣି ଦୀର୍ଘଦିନ ପରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ବା ତ୍ରୟୋଦଶୀ ଦିନ ନୀଳାଦ୍ରି ବିଜେ କରି ମଧ୍ୟରାତ୍ରିରେ ସିଂହାସନ ଆରୋହଣ କରନ୍ତି । ଏହି ଦୀର୍ଘ ସମୟ ସିଂହାସନ ଶୂନ୍ୟ ଭଳି ଜଣା ଯାଉଥିଲେ ମଧ୍ୟ ଏକାକୀ ନୀଳମାଧବ ରହିଥାନ୍ତି । ସିଂହାସନ ସଂପୂର୍ଣ୍ଣ ଶୂନ୍ୟ ହୁଏ ନାହିଁ । ଗୁଣ୍ଡିଚା ବେଳେ ଲକ୍ଷ୍ମୀ ଓ ସରସ୍ୱତୀ ଖଟଶେଯ ଘରେ ରହନ୍ତି । ମହାଜନ ସେବକ ସେଠାରେ ବଲ୍ଲଭ କରିଥାନ୍ତି ।

ଶ୍ରୀମନ୍ଦିରର ଯାତ୍ରାଗୁଡ଼ିକରେ ଦୁଇଟି ସ୍ଥାନରୁ ଦେବଦେବୀ ଆସି ସିଂହାସନରେ ବସନ୍ତି । ଏହି ଦୁଇଟି ଘର ହେଉଛି ଭଣ୍ଡାର ଘର ଓ ଦକ୍ଷିଣ ଘର । ଭଣ୍ଡାର ଘରେ ଭଣ୍ଡାର ଲୋକନାଥ, ଶୟନ ଠାକୁର ଓ ଦୁର୍ଗା ଠାକୁରାଣୀ ରହନ୍ତି । ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ବଲ୍ଲଭ ସରିଲେ ଏଠାରେ କୋରାଭୋଗ କରିଥାନ୍ତି । ଏଠାରୁ ପ୍ରତିଦିନ ଶୟନ ଠାକୁର ପହୁଡ଼ ନୀତି ବେଳେ ବିଜେ କରିଥାନ୍ତି । ଶ୍ରୀଲୋକନାଥ ଶିବରାତ୍ରି ଦିନ ନୀତି ପାଇଁ ଶ୍ରୀଲୋକନାଥ ମନ୍ଦିରକୁ ବିଜେ କରନ୍ତି । ସେପରି ସୋମବାର ଦିନ ଏକାଦଶୀ ପଡ଼ିଲେ 'ଶମ୍ଭୁ ଏକାଦଶୀ'ରେ ଲୋକନାଥଙ୍କ ବିଶେଷ ନୀତି ହୁଏ । ଅଶୋକାଷ୍ଟମୀରେ ଲୋକନାଥ ଈଶାନେଶ୍ୱରଙ୍କ ପାଖକୁ ଯାଇ ଆଜ୍ଞାପ୍ରାପ୍ତ ହେଲା ପରେ ସେଠାରେ ଅଶୋକା ମଣୋହି କରିଥାନ୍ତି । ତେବେ ଅନ୍ୟାନ୍ୟ ଯାନିଯାତ୍ରାଗୁଡ଼ିକରେ 'ଦକ୍ଷିଣ ଘର'ର ଗୁରୁତ୍ୱ ଉପଲବ୍ଧ ଅଟେ ।

'ଦକ୍ଷିଣ ଘର' ଶ୍ରୀମନ୍ଦିରର ପ୍ଳଟ ନମ୍ବର ୨୪ରେ ଅବସ୍ଥିତ । ମୁକ୍ତିମଣ୍ଡପ ପଟୁ ଦକ୍ଷିଣ ଦ୍ୱାର ଦେଇ ମୁଖ୍ୟ ମନ୍ଦିରକୁ ପ୍ରବେଶ କଲାବେଳେ ବାମପଟରେ 'ଦକ୍ଷିଣ ଘର' ରହିଛି । ସମ୍ଭବତଃ ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ଏହା ସଂଲଗ୍ନ ଥିବାରୁ ଦକ୍ଷିଣି ଘର ବା ଦକ୍ଷିଣ ଘର ବୋଲି କଥିତ ଅଟେ । ଗୋଟିଏ କ୍ଷୁଦ୍ର ଆୟତାକାର ଏହି ଘର ଭିତରେ ବିଜେ କରିଥିବା ପ୍ରତିମାଗୁଡ଼ିକ ମଧ୍ୟରୁ କେତେକ ଚଳନ୍ତି ପ୍ରତିମା ଓ ଅନ୍ୟ କେତେକ ଅଚଳନ୍ତି ପ୍ରତିମା । ଅଚଳନ୍ତି ପ୍ରତିମାମାନେ ଆଦୌ ଘରଛାଡ଼ି ବାହାରକୁ ଆସନ୍ତି ନାହିଁ । କେବଳ ଚଳନ୍ତି ପ୍ରତିମାମାନେ ହିଁ ଯାନିଯାତ୍ରାରେ ଉତ୍ସବ ପ୍ରତିମା ଭାବରେ ଭାଗ ନେଇଥାନ୍ତି । ଅଚଳନ୍ତି ପ୍ରତିମାମାନେ ହେଉଛନ୍ତି - ଛୋଟ ରାମକୃଷ୍ଣ, ନାରାୟଣ, ବଦ୍ରିନାରାୟଣ, ଲଡୁଗୋପାଳ, ବାମନ, ଲକ୍ଷ୍ମୀନାରାୟଣ ଓ ଶେଷଦେବ । ଚଳନ୍ତି ପ୍ରତିମାମାନେ ହେଉଛନ୍ତି - ମଦନମୋହନ, ରାମକୃଷ୍ଣ, ଦୋଳଗୋବିନ୍ଦ, ନାରାୟଣ, ବାଡ଼ିନୃସିଂହ, ଲକ୍ଷ୍ମୀନୃସିଂହ, ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ପଞ୍ଚୁପାଣ୍ଡବ । ପଞ୍ଚୁପାଣ୍ଡବଙ୍କ ମଧ୍ୟରୁ ତିନିମୂର୍ତ୍ତି ଚଳନ୍ତି ଅଟନ୍ତି । ଏହାଙ୍କ ସହ ଅଠରମୂର୍ତ୍ତି ଶାଳଗ୍ରାମ ମଧ୍ୟ ରହିଛନ୍ତି । ଏହି ଘରର ଭିତର କାନ୍ଥରେ ମହାଲକ୍ଷ୍ମୀ ଓ ବଳଭଦ୍ର (ବୀରଭଦ୍ର) ମୂର୍ତ୍ତି ରହିଛନ୍ତି । ବାହାର କାନ୍ଥରେ ଦଶଭୁଜା ଦୁର୍ଗା, ଗଣେଶ, କାର୍ତ୍ତିକେୟ, ହନୁମାନ, ଇଶ୍ୱରପାର୍ବତୀ, ଭୀମେଶ୍ୱରୀ, ହରଚଣ୍ଡୀ, ବେଢ଼ାଦୁର୍ଗା ଦନ୍ତେଶ୍ୱରୀ ଓ ହନୁମାନଙ୍କର ଚିତ୍ର ରହିଛି ।

ମହାଜନ ସେବକମାନେ ଏହି ଘରେ ସେବା ଅଧିକାରୀ ଅଟନ୍ତି । ପଶୁପାଳକ ସେବା ଅନ୍ତେ ଏହି ସେବାର ଅଧିକାର ହେତୁ ପୁଷ୍ପାଳକମାନେ ମଧ୍ୟ ଏହି ସେବା କରିଥାନ୍ତି । ଦିଅଁଙ୍କ ମଧ୍ୟାହ୍ନ ଧୂପପରେ ବାହାର ଦେଉଳି ଭୋଗରୁ ଭୋଗ ଆସି ଏହି ଠାକୁରମାନଙ୍କଠାରେ ଭୋଗ ହୋଇଥାଏ । ମହାଜନ ସେବକମାନେ 'ଦକ୍ଷିଣ ଘର'ଠାରେ ସେବା ଓ ବଲ୍ଲଭ ଭୋଗ କରନ୍ତି । ବିଭିନ୍ନ ଯାନିଯାତ୍ରା ଉଦ୍ଦେଶ୍ୟରେ ବିଜେ ପ୍ରତିମାମାନଙ୍କୁ ବିଜେ

କରାଇଥାନ୍ତି । ବିମାନବଡୁଙ୍କ ସହିତ ବିଜେ ସ୍ଥାନକୁ ପ୍ରଭା ଧରି ଯାଆନ୍ତି । ଶ୍ରୀରାମ ଜନ୍ମୋତ୍ସବ ବେଳେ ଏହି ସେବକମାନେ ଦଶରଥ ଓ କୌଶଲ୍ୟା, ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ବସୁଦେବ, ଦେବକୀ, ନନ୍ଦ ଓ ଯଶୋଦା ହୁଅନ୍ତି । ବାମନ ଜନ୍ମରେ ଅଦିତୀ ଓ କଶ୍ୟପଙ୍କ ଭୂମିକା ତୁଲାଇଥାନ୍ତି । ନୀତିରେ ଭାଗ ନିଅନ୍ତି ।

'ଦକ୍ଷିଣ ଘର' ସ୍ଥିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ସମସ୍ତେ ଚଳନ୍ତି ପ୍ରତିମା ଅଟନ୍ତି । ରାମବିଗ୍ରହ-ଶ୍ରୀରାମଙ୍କ ଜନ୍ମୋତ୍ସବ ତଥା ପୁଷ୍ୟାଭିଷେକ ନୀତିରେ ରାମ ରୂପେ ଉପାସିତ ହୁଅନ୍ତି । ରାମଙ୍କ ସହ ଲକ୍ଷ୍ମଣ ଚୈତ୍ରଶୁକ୍ଳ ଦଶମୀ ଦିନ ଯଜ୍ଞରକ୍ଷା ନୀତିରେ ଅଂଶଗ୍ରହଣ କରନ୍ତି । ଏକାଦଶୀ ଦିନ ସୀତାବିବାହ ନୀତିରେ ରାମ, ଲକ୍ଷ୍ମଣଙ୍କ ସହିତ ସୀତା ମଧ୍ୟ ବିଜେ କରନ୍ତି । ହନୁମାନ ମୂର୍ତ୍ତି ପଣାସଂକ୍ରାନ୍ତି ଦିନ ହନୁମାନ ଜନ୍ମଲୀଳାରେ ଭାଗ ନିଅନ୍ତି । ରାମ ନବମୀଠାରୁ ଶ୍ରୀମନ୍ଦିରରେ ସଂପୂର୍ଣ୍ଣ ରାମଲୀଳା ବିଭିନ୍ନ ସାହିର ସହଯୋଗକ୍ରମେ ଅନୁଷ୍ଠିତ ହୁଏ । ନବୀନ ସଂପୃକ୍ତ ଅଭିଷେକ ବିଧି ସେହିଦିନ ହୁଏ ଯେଉଁଦିନ ପୁଷ୍ୟା ସହ କକଡ଼ା ରାଶି ସଂଯୁକ୍ତ ଥାଇ ମହାପ୍ରଭୁଙ୍କ 'ତାରଶୁଦ୍ଧି' ହେଉଥାଏ । ଏହି ଅଭିଷେକ ନୀତିରେ ଦକ୍ଷିଣ ଘରୁ ବିଜେ ହୋଇ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପୂଜା ସ୍ଥାନରେ ଉପସ୍ଥିତ ହୁଅନ୍ତି ।

ମଦନମୋହନ ଓ ରାମକୃଷ୍ଣ ହେଉଛନ୍ତି ଚଳନ୍ତି ପ୍ରତିମା । ଶ୍ରୀମନ୍ଦିର ଯାନିଯାତ୍ରାରେ ଏମାନେ ମୁଖ୍ୟ ବିଜେ ପ୍ରତିମା ଅଟନ୍ତି । ମୁଖ୍ୟଯାତ୍ରା ସ୍ନାନ ଓ ଗୁଣ୍ଡିଚାରେ ପ୍ରଭୁଙ୍କ ପହଣ୍ଡି ସରି ରୁନ୍ଧା ବଢ଼ିଲେ ଏମାନେ ଦିଅଁଙ୍କ ପାଖକୁ ଯାଇଥାନ୍ତି କିନ୍ତୁ ସ୍ନାନ ମଣ୍ଡପ ଓ ରଥରୁ ପହଣ୍ଡି ହୋଇ ଦିଅଁମାନେ ଓହ୍ଲାଇବା ପୂର୍ବରୁ ଏମାନେ ପ୍ରଥମେ ଆସ୍ଥାନ ଛାଡ଼ି ଭଣ୍ଡାର ଘରେ ବିଜେ କରିଥାନ୍ତି । ରଥଯାତ୍ରାରେ ରାମକୃଷ୍ଣ ଦୁଇ ମୂର୍ତ୍ତି ବଡ଼ବାଡ଼ ରଥରେ ଓ ମଦନମୋହନ ମହାପ୍ରଭୁଙ୍କ ବାଡ଼ରେ ରହନ୍ତି । ଆଷାଢ଼ ଶୁକ୍ଳ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ଘରଠାରେ ରାହାସ ହୁଏ । ମଦନମୋହନ ଜଗମୋହନର ସିଂହାସନରେ ବସି ବେଶ ହୁଅନ୍ତି । ଏହି ରାହାସରେ ସେ ନାୟକ ହୋଇଥାନ୍ତି । ମକର ସଂକ୍ରାନ୍ତି ପୂର୍ବଦିନ 'ନବା'ଙ୍କ ନୀତିରେ ବଡ଼ସିଂହାର ବେଶ ପରେ ଆଜ୍ଞା ପାଇ ମଦନମୋହନ ବିଜେ କରି ସିଂହାସନକୁ ସାଢ଼େ ଚାରିଘେରା ଓ ପରେ ମନ୍ଦିରକୁ ସାଢ଼େ ଚାରିଘେରା ବୁଲିଥାନ୍ତି ।

ଶ୍ରାବଣ ଶୁକ୍ଳ ନବମୀ ବା ଦଶମୀଠାରୁ ଏକ ସପ୍ତାହ ଧରି ମୁକ୍ତି ମଣ୍ଡପ ନିକଟରେ ଝୁଲଣ ଯାତ୍ରା ହୁଏ । ମଦନମୋହନ ଦକ୍ଷିଣ ଘରୁ ସିଂହାସନକୁ ବିଜେ ହୋଇ ସେଠାରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଝୁଲଣ ଯାତ୍ରାକୁ ବିଜେ କରନ୍ତି । ଜ୍ୟେଷ୍ଠ ଶୁକ୍ଳ ଦଶମୀରେ ରାଜେନ୍ଦ୍ରାଭିଷେକ ତଥା ରୁକ୍ମିଣୀ ହରଣ ନୀତିରେ ମଦନମୋହନଙ୍କ ଚାତୁରୀ ଓ ମାଧୁରୀ ଲକ୍ଷଣୀୟ ଅଟେ ।

ରାମକୃଷ୍ଣ ପ୍ରତିମା ମଧ୍ୟ ବିଭିନ୍ନ ଯାତ୍ରାରେ ପ୍ରମୁଖ ଅଂଶ ନେଇଥାନ୍ତି । ଚନ୍ଦନଯାତ୍ରା ଏକୋଇଶ ଦିନ ବାହାରେ ହୁଏ । ଏହି ଯାତ୍ରା ଉଦ୍ଦେଶ୍ୟରେ ରାମକୃଷ୍ଣ ଓ ମଦନମୋହନ ପ୍ରଥମେ ସିଂହାସନକୁ ବିଜେ କରନ୍ତି । ସେଠାରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ମିଶି କରି ଯାଆନ୍ତି । ପାଲିଙ୍କି ଆରୋହଣ କରି ରାମକୃଷ୍ଣ ବଡ଼ଚାପରେ ତଥା ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ ବିମାନରେ ଯାଇ ପଛଚାପରେ ଭାଗ ନେଇଥାଆନ୍ତି । ଦଶହରା ଦିନ ରାମକୃଷ୍ଣ ଓ ମଦନମୋହନ ଉଭୟେ ବୀରବେଶରେ ଯାତ୍ରା କରନ୍ତି । ଭଣ୍ଡାରରୁ ରୁନ୍ଧାଥାଇ ଦୁର୍ଗାମାଧବ ମିଶି ସିଂହାସନାରୂଢ଼ ହୁଅନ୍ତି । ସେଠି ମଙ୍ଗଳାର୍ପଣ ପରେ ବଟମୂଳକୁ ଯାଆନ୍ତି । ପାଲିଙ୍କିରେ ରାମକୃଷ୍ଣ, ରଥରେ ଦୁର୍ଗାମାଧବ ଓ ବିମାନରେ ମଦନମୋହନ ମହାଖଳାକୁ ବିଜେ କରିଥାନ୍ତି ।

ଶ୍ରୀକୃଷ୍ଣ ଜନ୍ମୋତ୍ସବ ରାମଜନ୍ମ ପରି ଦୀର୍ଘଦିନ ଧରି ସଂପୂର୍ଣ୍ଣ ଭାବେ ଶ୍ରୀମନ୍ଦିରରେ ପାଳିତ ହୁଏ । କୃଷ୍ଣଙ୍କ ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ ବିଭିନ୍ନ ନୀତିଗୁଡ଼ିକ ହୋଇଥାଏ । ଜନ୍ମାଷ୍ଟମୀରେ ମହାଜନ ସେବକ ମଦନମୋହନଙ୍କୁ ଉଲଗ୍ନ କରି ସିଂହାସନ ଦେଇ ଜନ୍ମ ଚକଡ଼ାକୁ ଆଣିଥାନ୍ତି । ଏଠାରେ ଜନ୍ମବିଧି ହୁଏ । ନନ୍ଦ ଉତ୍ସବ ଦିନ ରାମକୃଷ୍ଣ ଓ ମଦନମୋହନ ଦୋଳିରେ ବିଜେ କରନ୍ତି । ପରେ ଲକ୍ଷ୍ମୀଙ୍କ ଜଗମୋହନରେ ଗୋଦୋହନ ନୀତି ହୋଇଥାଏ । ଏହି ଯାତ୍ରାରେ ଦାହଲୀଳା, କେକେଶି ବଧ ଲୀଳା, କାଳୀୟଦଳନ ଓ ବକାସୁର ବଧରେ ମଦନମୋହନ ବିଜେ କରୁଥିଲାବେଳେ ଅନ୍ଧ ପ୍ରସ୍ତାବ, କୋଳିବିକା, ଲବଣିଖିଆ ତଥା ପ୍ରଳମ୍ବାସୁର ବଧ ନୀତିରେ ରାମକୃଷ୍ଣ ବିଜେ କରିଥାନ୍ତି । ଚୈତ୍ରଶୁକ୍ଳ ତ୍ରୟୋଦଶୀରେ ହେଉଥିବା ଦମନକଚୋରୀ ନୀତିରେ ରାମକୃଷ୍ଣଙ୍କର ପ୍ରମୁଖ ଭୂମିକା ରହିଛି । ଏହିସବୁ ଯାତ୍ରା ବ୍ୟତୀତ ବର୍ଷ ମଧ୍ୟରେ ଅନ୍ୟାନ୍ୟ ଯାତ୍ରାରେ ମଧ୍ୟ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରୁ ଦେବ ପ୍ରତିନିଧିତ୍ୱ କରନ୍ତି ।

ସ୍ନାନ ପୂର୍ଣ୍ଣମୀ ପରଠାରୁ ଉଭା ଅମାବାସ୍ୟା ପର୍ଯ୍ୟନ୍ତ ଗୁପ୍ତ ଅଣସର ନୀତି ଶ୍ରୀମନ୍ଦିରରେ ସଂପାଦିତ ହୁଏ । ଦିଅଁମାନେ ଅନ୍ଧାର ଭିତରେ ଅଣସରପିଣ୍ଡିରେ ରହନ୍ତି । ବାଉଁଶ ତାଟି ବାହାରେ ପଟ୍ଟଚିତ୍ର ପୂଜା ପାଇଥାନ୍ତି । ବଡ଼ବାଡ଼ରେ ବାସୁଦେବ, ମଝିବାଡ଼ରେ ଭୁବନେଶ୍ୱରୀ ଓ ମହାପ୍ରଭୁଙ୍କ ବାଡ଼ରେ ନାରାୟଣ ପଟ୍ଟଚିତ୍ର ପୂଜିତ ହୁଅନ୍ତି । ଏହି ପଟ୍ଟଚିତ୍ରଙ୍କ ସମ୍ମୁଖରେ ସାତମୂର୍ତ୍ତି ମିଶି ଦଶାବତାର ପୂଜା ପାଆନ୍ତି । ଦକ୍ଷିଣଘରୁ ବିଜେ ହୋଇ ଦୋଳଗୋବିନ୍ଦ, ରାମ ଓ ନୃସିଂହ ବଡ଼ବାଡ଼ରେ, ଲକ୍ଷ୍ମୀ ଓ ସରସ୍ୱତୀ ମଝିବାଡ଼ରେ ତଥା ମଦନମୋହନ ଓ ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ବାଡ଼ରେ ରହନ୍ତି । ଏହି ସାତମୂର୍ତ୍ତି ଓ ପଟ୍ଟଚିତ୍ର ତିନିମୂର୍ତ୍ତିଙ୍କ ସମ୍ମୁଖରେ ଶ୍ରୀମନ୍ଦିରର ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ । ପରେ ସନ୍ଧ୍ୟାରେ ଅଣସର ଦିଅଁଙ୍କ ପଣା ପ୍ରଭୃତି ଭୋଗନୀତି ଅନୁଷ୍ଠିତ ହୁଏ ।

ନାରାୟଣ ମୂର୍ତ୍ତି ପ୍ରତି ଅମାବାସ୍ୟା ଦିନ ସାଗର ବିଜେ ନୀତିରେ ବିମାନରେ ଯାଇ ସମୁଦ୍ର କୂଳରୁ ଫେରନ୍ତି । ଲକ୍ଷ୍ମୀ ନୃସିଂହ ବିଗ୍ରହ ନୃସିଂହ

ଜନ୍ମରେ ଓ ନବକଳେବର ସମୟରେ ଦାରୁ ପ୍ରତିଷ୍ଠା ସ୍ଥାନରେ ଉପସ୍ଥିତ ହେଉଥିଲାବେଳେ, ଶ୍ରାବଣ ଶୁକ୍ଳ ନବମୀ ଦିନ 'ବାଡ଼ି ନୃସିଂହ' ମୂର୍ତ୍ତି ଦକ୍ଷିଣ ଘରୁ ବାହାରି ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଓ ଭୃଗୁଙ୍କ ଆଶ୍ରମକୁ ଯାଇ ବୁଲି ଆସନ୍ତି । ବାଡ଼ି ବା ହଇଜା ରୋଗରୁ ମୁକ୍ତିଦାତା ହେତୁ ଏହାଙ୍କ ନାମ ବାଡ଼ି ନୃସିଂହ ରଖାଯାଇଛି ।

ଦୋଳଗୋବିନ୍ଦ ମୂର୍ତ୍ତି ବସନ୍ତ ପଞ୍ଚମୀ, ଫାଲଗୁନ ଶୁକ୍ଳ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀ ଦିନ ବେଣ୍ଟ ଶିକାର ପାଇଁ ଜଗନ୍ନାଥ-ବଲ୍ଲଭ ଖଳାକୁ ବିଜେ କରିଥାନ୍ତି । ଦୋଳବେଦୀଠାରେ ଦୋଳପୂର୍ଣ୍ଣମୀ ବେଳେ ଅବିର ଖେଳରେ ସେ ପ୍ରତିନିଧି ହୁଅନ୍ତି । ପଞ୍ଚୁପାଣ୍ଡବ ଚନ୍ଦନଯାତ୍ରା ଓ ବସନ୍ତ ପଞ୍ଚମୀରେ ଭାଗ ନେଇଥାନ୍ତି ।

'ଦକ୍ଷିଣ ଘରୁ' ଦେବତାମାନଙ୍କ ବିଜେ କାର୍ଯ୍ୟ ସାଧାରଣତଃ ମନ୍ଦିର ନୀତିରେ ମଧ୍ୟାହ୍ନ ଧୂପ ସରିବା ପରେ ହିଁ ହୋଇଥାଏ । ପ୍ରଥମେ ପ୍ରତିମା ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇଥାନ୍ତି ଏବଂ ପରେ ଯାତ୍ରାରେ ଯୋଗ ଦିଅନ୍ତି । ମନ୍ଦିର ମଧ୍ୟରେ ବିଜେ ପ୍ରତିମାକୁ ନେଇ ମହାଜନ ସେବକ ବଟମୂଳେ ଥିବା ପାଲଙ୍କି ପାଖକୁ ଯାଆନ୍ତି । ଦେଉଳ ବାହାରକୁ ଯାତ୍ରା କାଳରେ ବିମାନରେ ବିମାନବଡୁମାନେ କାନ୍ଧରେ ବୋହି ନେଇଥାଆନ୍ତି । ଚାରିଗୋଟି ଆଶାବାଡ଼ି ଏଥିପାଇଁ ପାଇଥାଆନ୍ତି । ବିମାନ ସାଙ୍ଗରେ ଘଣ୍ଟୁଆ, ଛତାର ଓ କାହାଳିଆ ପ୍ରଭୃତି ମଧ୍ୟ ଯୋଗ ଦେଇଥାନ୍ତି ।

ମଦନମୋହନ ଓ ରାମକୃଷ୍ଣ ପ୍ରଭୃତି ବିଜେ ପ୍ରତିମାଙ୍କ ମୁଖର ଗଠନ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏମାନେ ମୁଖ୍ୟ ଦେବତାଙ୍କ ପ୍ରତିନିଧିତ୍ୱ କରୁଥିବାରୁ ସିଂହାସନ ଆରୂଢ଼ ହେବା ପରେ ପ୍ରତିନିଧିର ମାନ୍ୟତା ସ୍ୱରୂପ ଆଜ୍ଞାମାଳ ଖଣ୍ଡିଏ ପାଇବା ପରେ ଦିବ୍ୟଶକ୍ତି ଓ ତେଜଧାରୀ ହୋଇ ମୂଳ ଦେବତାଙ୍କର କର୍ମ ନିର୍ବାହ କରିଥାନ୍ତି । ଯାତ୍ରା, ଉପଯାତ୍ରାଗୁଡ଼ିକ ରାମାୟଣ, ଭାଗବତ ପ୍ରଭୃତି ପୁରାଣ ବର୍ଣ୍ଣିତ ଘଟଣା ଅନୁଯାୟୀ ହୋଇଥିଲା ବେଳେ ଏଥିସହ କିଛି ସାମାଜିକ ବିଧିବ୍ୟବସ୍ଥା ମଧ୍ୟ ସଂଯୁକ୍ତ ହୋଇଛି ।

ସବୁକ୍ଷେତ୍ରରେ ମୁଖ୍ୟ ଦେବତା ଉପସ୍ଥିତ ହେବା ସମ୍ଭବ ନୁହେଁ । କଥିତ ହୁଏ, ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଦୋଳଯାତ୍ରା ପାଇଁ ଦୋଳଦେବୀକୁ ଯାଉଥିଲେ କିନ୍ତୁ ଥରେ ଦଉଡ଼ି ଛିଣ୍ଡି ଯିବାରୁ ମୂର୍ତ୍ତି ଆଘାତ ପ୍ରାପ୍ତ ହେଲେ । ପ୍ରତିନିଧି ସ୍ୱରୂପ ଦୋଳଗୋବିନ୍ଦ ସେଠାକୁ ବିଜେ ହେଲେ । ପ୍ରଶାସନିକ ଓ ଅନ୍ୟାନ୍ୟ କାରଣରୁ ପ୍ରତିନିଧି ବ୍ୟବସ୍ଥା ଆରମ୍ଭ ହେଲା । ଦକ୍ଷିଣ ଘର ଓ ଭଣ୍ଡାର ଘର ଏହି ପ୍ରତିନିଧିଙ୍କ ବିଜେସ୍ଥଳୀ ହୋଇ ଆସିଛି ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ନୀତି ଓ ଯାତ୍ରାଗୁଡ଼ିକୁ ଦେଖିଲେ ଏଥିରେ ଅନୁସୃତ ବିଧି ଓ ଦିଗ ବିଷୟରେ ମନରେ ସ୍ୱତଃ ବହୁ ବିଚାର ଆସିଥାଏ । ପ୍ରଭୁ ଜଗନ୍ନାଥ ସ୍ୱୟଂ ବ୍ରହ୍ମ । ଆକାର ଓ ବିକାର ରହିତ । ସର୍ବ ଦେବମୟ ପୁଣି ସର୍ବ ଭାବମୟ । 'ଏକୋଽହଂ ବହୁସ୍ୟାମ୍'- ଇଚ୍ଛାରେ ଭିନ୍ନ ଭିନ୍ନ ରୂପ ଧାରଣ କରିଥିଲେ ମଧ୍ୟ ସେ କିନ୍ତୁ ମୂଳତଃ ଏକ ଓ ଅଭିନ୍ନ । ଏକ ହୋଇ ସେ ଏକାଧିକ । ବହୁ ରୂପବିନ୍ୟସ୍ତ ଦେବତାଙ୍କ ମଧ୍ୟରେ ସେ ହିଁ ଏକତାର ସୂତ୍ରଧର ।

ଦିନାର ସିଂ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ
ବଇଡ଼ା, କନ୍ଧମାଳ-୭୬୨୦୨୯

# ଛଳନାରୁ ମୁକ୍ତି ଦିଅ

ଇନ୍ଦ୍ରମଣି ମହାଳିକ

ଜଗନ୍ନାଥେ !
ପ୍ରଣତି ଘେନିବ ମୋର
ଜାଣିବ ମୋ କୋହଭରା ମନର ଭାବନା
ଭକ୍ତିଭାବ ବହି ରଙ୍ଗ-
ଅନ୍ତରରେ ଉଙ୍କିମାରେ
ମେଞ୍ଚା ମେଞ୍ଚା ଅବ୍ୟକ୍ତ କାମନା
ବାସନାରେ ପରିପୂର୍ଣ୍ଣ ମୋର ଅନ୍ତଃସ୍ଥଳ ।
ଆକାଂକ୍ଷାର ଅରଣ୍ୟରେ
ରୁଦ୍ଧଶ୍ୱାସ କ୍ଳାନ୍ତ ବାଟୋଇଟି
ନିଜ ସ୍ୱାର୍ଥେ ହେଉଛି ବିକଳ ।

ଜଗତ୍ ପତେ
ଆହେ ପ୍ରଭୁ ବଳିଆର ଭୁଜ ।
କେତେଥର କହିବାକୁ -
ଭାବି ମଧ୍ୟ କହିପାରି ନାହିଁ
ମୁଁ କେମିତି ବ୍ୟସ୍ତ-
ଅବିରତ-ଗଢ଼ିବାକୁ
ଅର୍ଥ-ଭୋଗ-କ୍ଷମତାର
ସ୍ୱର୍ଣ୍ଣିମ ତ୍ରିଭୁଜ ।

ଦେଖାଉଛି ଭକ୍ତିର ବାହାନା
ମନ୍ଦିରକୁ ଡୋନେସନ
ପୁରୀ ଗସ୍ତ ଶୁକ୍ଳ ପରିଧାନ
ଭୋଗ ଭର୍ତ୍ତି ପୂଜା ଥାଳି
ନୀଳଚକ୍ରେ ବାନ୍ଧୁଛି କେତନ
ଆନନ୍ଦ ବଜାରେ ପୁଣି କେବେ
ଅନ୍ନ-ବିତରଣ-
ସବୁଖାଲି ଅହଂର ସାଧନ ।

ଆହେ ପ୍ରଭୋ !
ବିଶ୍ୱପରାତ୍ପର
ମୋକ୍ଷ ଦାତା ଅନ୍ତର୍ଯ୍ୟାମୀ
ନିଖିଳ ମନ୍ମଥ,
ମାଗୁଣି ଏତିକି ଆଜି
ତୁମ୍ଭ ଶ୍ରୀଚରଣେ
ଛଳନାରୁ ମୁକ୍ତି ଦିଅ
ଦିନ ଅକିଞ୍ଚନେ ।

ସୂଚନା ଓ ଲୋକ ସଂପର୍କ ବିଭାଗ
ଲୋକ ସଂପର୍କ ଭବନ, ଭୁବନେଶ୍ୱର

B

# ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା

ଜଗନ୍ନାଥ କୁଅଁର

**ଯେ**ଉଁ ଦେଶ ବା ଜାତି ଯେତେ ସମୃଦ୍ଧ, ଶୃଙ୍ଖଳିତ ବା ସଂଯତ ତାହାର ଐତିହ୍ୟ ବା ସଂସ୍କୃତି ସେତେ ଉନ୍ନତ । ଐତିହ୍ୟ ବା ସଂସ୍କୃତି ସମ୍ବନ୍ଧରେ ପର୍ଯ୍ୟାଲୋଚନା କରିବାକୁ ଗଲେ ଗୀତ, ନୃତ୍ୟ ଏବଂ ବାଦ୍ୟ ବିଷୟରେ ଆଲୋଚନା କରିବାକୁ ପଡ଼ିବ । ଏହି ଗୀତ ନୃତ୍ୟ ବା କଳା ସଂସ୍କୃତିକୁ ବଖାଣିବା ସକାଶେ ଆମକୁ ସହସ୍ର ବର୍ଷର ଅତି ପ୍ରାଚୀନ ମନ୍ଦିର ଏବଂ ଶିଳାଲେଖର ଇତିହାସକୁ ଅବଲୋକନ କରିବାକୁ ପଡ଼ିବ । ସଂସ୍କୃତି ବିଭିନ୍ନ କଳାର ସମାବେଶକୁ ବୁଝାଇଥାଏ । କଳା କହିଲେ ଚାରୁକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଲଳିତ କଳା, ଚିତ୍ରକଳା ଇତ୍ୟାଦି । କିନ୍ତୁ ଏହି କଳାମାନଙ୍କ ମଧ୍ୟରୁ ସଙ୍ଗୀତ କଳାର ସ୍ଥାନ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ । ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା ସମ୍ବନ୍ଧୀୟ ଆଲୋଚନା କରିବାକୁ ଗଲେ ପ୍ରଥମତଃ ସଂଗୀତ ସମ୍ବନ୍ଧୀୟ ସାମାନ୍ୟ ତଥ୍ୟ ଉପସ୍ଥାପନ କରିବାକୁ ହେବ ।

ଆମ ଉତ୍କଳୀୟ ସଂସ୍କୃତି, ଓଡ଼ିଶା ଭାଷା, ଆମର ଓଡ଼ିଶା ବେଶଭୂଷା, ଚାଲିଚଳନ, ରଙ୍ଗଢ଼ଙ୍ଗ ଖାଣ୍ଟି ଓଡ଼ିଶୀ । ପରମ୍ପରା ଆମର ଅତି ସମୃଦ୍ଧ । ଐତିହ୍ୟ ଆମର ଦିଗନ୍ତ ବିସ୍ତାରୀ, ସଂସ୍କୃତି ଆମର ଅତି ପ୍ରାଚୀନ, ସମୃଦ୍ଧ ଏବଂ ଋଦ୍ଧିମନ୍ତ । ଗାୟନ ଶୈଳୀରେ ଆମର ଆସେ ଓଡ଼ିଆ ଢଙ୍ଗ । ବାଦନ ପରମ୍ପରାରେ ଆମର ସ୍ୱତନ୍ତ୍ର ଧ୍ରୁପଦ ଗାୟନ ଶୈଳୀ ସହିତସାମଞ୍ଜସ୍ୟ ଥିଲେ ମଧ୍ୟ ଏହା ହିନ୍ଦୁସ୍ଥାନ ଏବଂ କର୍ଣ୍ଣାଟକୀ ସଙ୍ଗୀତଠାରୁ ଉନ୍ନତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତି ପ୍ରାଚୀନ କାଳର ଉଡ୍ର ମାଗଧି କଳାତ୍ମକ ଶୈଳୀରୁ ଓଡ଼ିଆ ପୁଅର ଉଚ୍ଚ ସଂସ୍କୃତି ସମ୍ପନ୍ନ ସଙ୍ଗୀତକଳା ସମ୍ବନ୍ଧରେ ଆଭାସ ମିଳିଥାଏ । ଉତ୍କଳୀୟ ପରମ୍ପରାରେ ପୁରାତନ ମନ୍ଦିରର ଖୋଦିତ ମୂର୍ତ୍ତି ଏବଂ ବିଭିନ୍ନ ପର୍ବତ ଗୁମ୍ଫାର ଶିଳାଲେଖରୁ ଓଡ଼ିଆ ପୁଅର କଳାତ୍ମକ ଗୁଣଗାରିମା ପ୍ରକାଶ ପାଇଥାଏ । ଯଥାର୍ଥରେ ବିଦ୍ୱାନମାନଙ୍କ ମତରେ -

ଓଡ଼ିଶୀ ସଂଗୀତ ଝୁଙ୍କ । ଓଡ଼ିଶା ଅବଢ଼ା ଛୁଙ୍କ ॥  
ଓଡ଼ିଶୀ ନାଚର ବନ୍ଧ । ଓଡ଼ିଶୀ ଗୀତର ଛନ୍ଦ ॥  
ଓଡ଼ିଆଣୀ ହାତ ଝୋଟୀ । ଓଡ଼ିଆ ବିନ୍ଧାଣୀ କୁଟୀ ॥  
ଓଡ଼ିଆ ପାଇକ ନିଶ । ଓଡ଼ିଆ ମାଇପ ବେଶ ॥

ଗାୟନ ବାଦନ ଏବଂ ନୃତ୍ୟ ଏହି ତିନିକଳା ସଂଗୀତର ଅଂଶ ବିଶେଷ । ବାଦନର କ୍ରିୟା ପ୍ରକ୍ରିୟା ଯୋଗୁଁ ଗାୟନ ଏବଂ ନର୍ତ୍ତନର ସ୍ୱତନ୍ତ୍ରତା ପ୍ରକାଶ ପାଇଥାଏ । କେତେକ ସଙ୍ଗୀତ ଶାସ୍ତ୍ରରେ ବାଦ୍ୟକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ପ୍ରକାର ଭେଦ ଅନୁଯାୟୀ ବାଦ୍ୟ ୪ ଭାଗରେ ବିଭକ୍ତ । ସେହି ଚାରିପ୍ରକାର ବାଦ୍ୟଗୁଡ଼ିକ ହେଲା, ତତ୍, ଘନ, ଅବନଦ୍ଧ ଏବଂ ସୁଷୀର ।

ଚାରିପ୍ରକାର ବାଦ୍ୟ ମଧ୍ୟରୁ ଅବନଦ୍ଧ ବାଦ୍ୟ ସ୍ୱତନ୍ତ୍ର ଏବଂ ଏହା ତାଳବାଦ୍ୟ ନାମରେ ନାମିତ । ତାଳବାଦ୍ୟ ମଧ୍ୟରୁ ମୃଦଙ୍ଗ (ଖୋଳ) ପଖାଓ୍ୱଜ, ଡମ୍ବରୁ, ଖଞ୍ଜଣି, ନାଗରା, ଢୋଲ, ଢୋଲକି, ମର୍ଦ୍ଦଳ, ଢୋଲକ, ତବଲା, ମୃଦଙ୍ଗମ, ତାଳଧୁମ୍‌ସା ଇତ୍ୟାଦି ଅନ୍ୟତମ ।

ଓଡ଼ିଶୀ ସଙ୍ଗୀତ ପଦ୍ଧତି ପୁରାତନ ତଥା ପ୍ରାଚୀନ ଅଟେ । ଏହାର ଗାୟନ ଶୈଳୀରେ ହିନ୍ଦୁସ୍ଥାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତଠାରୁ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଏହି ଗାୟନ ଶୈଳୀରେ ଶାସ୍ତ୍ର ନିୟମ ଅନୁଯାୟୀ ଆଳାପ, ପ୍ରବନ୍ଧ ଗାୟନ, ନିବଦ୍ଧାଳାପ ଏବଂ ତାନ ବିସ୍ତାର ଆଦି କରାଯାଇଥାଏ । ଏହି ଗାୟନ ଶୈଳୀରେ ଏକ ସ୍ୱତନ୍ତ୍ର ଢଙ୍ଗ ପରିପ୍ରକାଶିତ । ସେହି ଉଚ୍ଚମାନର ଗାୟନ ଢଙ୍ଗଟି ହେଲା ପଡ଼ି । ଏହି 'ପଡ଼ି' ଅନ୍ୟ ଦୁଇଟି ସଙ୍ଗୀତ ଶୈଳୀରେ ଦେଖାଯାଏ ନାହିଁ । 'ପଡ଼ି' ସ୍ଥାୟୀ ଗାୟନଠାରୁ ଦ୍ୱିଗୁଣିତ ଲୟରେ ହୋଇଥାଏ । ମର୍ଦ୍ଦଳର ବାଦନ ଶୈଳୀରୁ ଗାୟନର ଢଙ୍ଗ ପ୍ରକାଶ ପାଇଥାଏ । ଯଥାର୍ଥରେ ପଣ୍ଡିତମାନଙ୍କ ମତରେ -

'ଜାଗା ଚଉପାଠୀ ପାଚକ ପାଣି  
ଛାମୁ, ସେବାୟତ ଚମ୍ପୁ ବଖାଣି  
ଗାୟକ ଠାଣି, ମର୍ଦ୍ଦଳବାଣୀ, ଗୁରୁ କରିଥିଲେ ଏମନ୍ତ ଜାଣି ।'

ଭାରତୀୟ ସଂସ୍କୃତିରେ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ ବିଭିନ୍ନ ପୁରାତନ ତଥ୍ୟ ଉଦ୍ଧାର କରାଯାଇଥିଲେ ମଧ୍ୟ ସଙ୍ଗୀତର ଜନ୍ମପରି ଏହି ପୁରାତନ ସଂସ୍କୃତିର ନିର୍ଦ୍ଦିଷ୍ଟତା ପ୍ରକାଶ କରିବା ଏତେ ସହଜସାଧ୍ୟ ନୁହେଁ । ବିଭିନ୍ନ ପୁରାଣ, ପୋଥି, ପଞ୍ଜିକା, ଐତିହାସିକ ତଥ୍ୟ ସମ୍ବଳିତ

ପୁସ୍ତକ ଇତ୍ୟାଦି ମଧ୍ୟରୁ 'ମାଦଳା ପାଞ୍ଜି' ଅନ୍ୟତମ । ଯେପରି ସର୍ବଜ୍ଞ ଚିତ୍ରଗୁପ୍ତଙ୍କ ପଞ୍ଜିକାରୁ ପୃଥିବୀର ସମସ୍ତ ଜୀବଜନ୍ତୁ ମନୁଷ୍ୟ ଆଦିଙ୍କ ଜନ୍ମ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇଥାଏ । ସେହିପରି ମାଦଳା ପାଞ୍ଜିରୁ ଭାରତୀୟ ସଂସ୍କୃତି ସହିତ ଉତ୍କଳୀୟ ପରମ୍ପରାର ସବିଶେଷ ବିବରଣୀ ପୁଙ୍ଖାନୁପୁଙ୍ଖ ଭାବେ ମିଳିଥାଏ । ଓଡ଼ିଆ ପୁଅର ଚାଲିଚଳନ, ରଙ୍ଗଢଙ୍ଗ, ବେଶଭୂଷା, ସଂସ୍କୃତି ଆଦି ସମସ୍ତ ତଥ୍ୟ ମାଦଳା ପାଞ୍ଜିରୁ ମିଳିଥାଏ । ବିଶେଷଜ୍ଞ ମତରେ ବିଭିନ୍ନ ସଂପ୍ରଦାୟ ମଧ୍ୟରୁ ଶବର ସଂପ୍ରଦାୟ ଅନ୍ୟତମ । ଜଗନ୍ନାଥଙ୍କ ସଂସ୍କୃତି ସହିତ ଶବର ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କାରଣ ବିଶ୍ୱାବସୁ ଶବର ଜଗନ୍ନାଥଙ୍କର ଉପାସକ ଥିଲେ ଏବଂ କାଳକ୍ରମେ ତାଙ୍କଠାରୁ ବର୍ତ୍ତମାନ ଯାଏ ସେହି ପ୍ରଥା ଓଡ଼ିଶାରେ ଚଳି ଆସୁଅଛି ।

ଓଡ଼ିଶାରେ ଯେଉଁ ତାଳବାଦ୍ୟଗୁଡ଼ିକ ପ୍ରଚଳିତ ହେଉଛି ସେଗୁଡ଼ିକ ହେଲା ମର୍ଦ୍ଦଳ, ଖୋଳ, ଖଞ୍ଜଣି, ଧୁମ୍‌ସା, ଢୋଲକି, ଢୋଲ ଇତ୍ୟାଦି । କେତେକ ବିଦ୍ୱାନଙ୍କ ମତରେ ମାଦଳ ଶବ୍ଦରୁ ମର୍ଦ୍ଦଳ ବାଦ୍ୟର ସୃଷ୍ଟି । ସେହି ମାଦଳ ଶବ୍ଦରୁ କାଳକ୍ରମେ ମାଦଲ ଏବଂ କ୍ରମେ କ୍ରମେ ମର୍ଦ୍ଦଳ ରୂପରେ ପ୍ରକାଶ ପାଇଛି । ଓଡ଼ିଶୀ ଶାସ୍ତ୍ରୀୟ ଗାୟନ ପଦ୍ଧତିରେ ତାଳବାଦ୍ୟ ମର୍ଦ୍ଦଳର ପ୍ରୟୋଗ ଅତି ପ୍ରାଚୀନ । ମର୍ଦ୍ଦଳ ଉତ୍କଳର ଏକମାତ୍ର ପ୍ରାଚୀନ ତାଳବାଦ୍ୟ ଅଟେ । ଶାସ୍ତ୍ରୀୟ ଗାୟନ ଶୈଳୀ କେବଳ ବାଦନର ପରମ୍ପରା ଯୋଗୁଁ ହିଁ ଜଣାପଡ଼ିଥାଏ । ଓଡ଼ିଶାର ପରିସୀମା ପର୍ଯ୍ୟାପ୍ତ । ଏହାର ଚତୁଃସୀମାରେ ବିଭିନ୍ନ ପ୍ରକାର ଭାଷାଭାଷୀର ଅଧିବାସୀ ବସବାସ କରନ୍ତି । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣାଞ୍ଚଳ ଅନୁଯାୟୀ ଅଧିବାସୀମାନଙ୍କର ଭାଷା ଯେପରି ସ୍ୱତନ୍ତ୍ର ସେମାନଙ୍କର ଚାଲିଚଳଣ ବେଶଭୂଷା, ରୀତିନୀତି, ସର୍ବୋପରି ସେମାନଙ୍କ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ । ପୂର୍ବାଞ୍ଚଳରେ ଯଥା- ପୁରୀ, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଇତ୍ୟାଦି ଅଞ୍ଚଳମାନଙ୍କରେ ଓଡ଼ିଶୀ ଗାୟନ ବ୍ୟତୀତ ଅନ୍ୟ ଯେଉଁ ସଙ୍ଗୀତ ଗାନ କରାଯାଏ ସେଥିରେ ମୃଦଙ୍ଗ ଏବଂ ଢୋଲକି ବାଦନ କରାଯାଇଥାଏ । ସେହିପରି ପଶ୍ଚିମାଞ୍ଚଳ ଯଥା- ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ଫୁଲବାଣୀ, କୋରାପୁଟ ଓ କଳାହାଣ୍ଡି ଇତ୍ୟାଦି ଅଞ୍ଚଳରେ ଗାୟନ ଅନୁଯାୟୀ ଢୋଲ, ମାଦଲ ଏବଂ ନାଗରା ଆଦି ବାଦ୍ୟ ବାଦନ କରାଯାଇଥାଏ । ଦକ୍ଷିଣାଞ୍ଚଳରେ ଯଥା- ଗଞ୍ଜାମ, ପାରଳାଖେମୁଣ୍ଡି, ବ୍ରହ୍ମପୁର ଇତ୍ୟାଦି ସ୍ଥାନମାନଙ୍କରେ ଗାୟନ ପରମ୍ପରା ଅନୁଯାୟୀ ମୃଦଙ୍ଗମ୍, ମର୍ଦ୍ଦଳ ଇତ୍ୟାଦି ବାଦ୍ୟ ବାଦନ କରାଯାଏ । ଉତ୍ତରାଞ୍ଚଳ ଯଥା- ଭଦ୍ରକ, ଯାଜପୁର, ବାଲେଶ୍ୱର, ଜଳେଶ୍ୱର, ମୟୂରଭଞ୍ଜ ଇତ୍ୟାଦି ଅଞ୍ଚଳମାନଙ୍କରେ ଢୋଲକି, ମର୍ଦ୍ଦଳ, ଖୋଳ, ଢୋଲ, ଧୁମ୍‌ସା, ଚଡ଼ଚଡ଼ି ଓ ଡାକ ଇତ୍ୟାଦି ବାଦ୍ୟର ପ୍ରୟୋଗ କରାଯାଇଥାଏ । ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାୟନ ପରମ୍ପରା ଅନୁଯାୟୀ ଖଞ୍ଜଣି, କେନ୍ଦରା, ନାଗରା, ତେଲିଙ୍ଗି, ରଙ୍ଗଢୋଲ ଇତ୍ୟାଦି ବାଦ୍ୟ ବାଦନ କରାଯାଇଥାଏ ।

ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ବାଦ୍ୟର ସଂଜ୍ଞା ଅନୁଯାୟୀ ତା'ର ଉତ୍ପତ୍ତି, ରୂପରେଖ, ଗଢ଼ଣଶୈଳୀ ଏବଂ ବାଦନଶୈଳୀ ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ଗବେଷଣାତ୍ମକ ପର୍ଯ୍ୟାଲୋଚନାରୁ ଉତ୍କଳୀୟ ତାଳବାଦ୍ୟର ପରମ୍ପରା କେତେ ପ୍ରାଚୀନ ଏବଂ ସୁସମୃଦ୍ଧ ତାହା ଜଣାପଡ଼ିଥାଏ ।

ମର୍ଦ୍ଦଳ ବାଦକ
ଉତ୍କଳ ସଂଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର

# ଶ୍ରୀକ୍ଷେତ୍ର କର ଦର୍ଶନ

ବିଚିତ୍ରାନନ୍ଦ ବାରିକ

ଆରେ ବାଇମନ !
ଶ୍ରୀକ୍ଷେତ୍ର କର ଦର୍ଶନ
ଯହିଁ ବିରାଜନ୍ତି ନୀଳାଚଳନାଥ
ଜଗତର ଭଗବାନ ।। ଘୋଷା ।।
ଆରେ ବାଇମନ ...
ମର୍ତ୍ତ୍ୟ ବଇକୁଣ୍ଠ ନାମେ ଏ ଶ୍ରୀକ୍ଷେତ୍ର
ଖ୍ୟାତ ପରା ତ୍ରିଭୁବନେ
କେତେ ପାପୀ ତାପୀ ଲଭିଛନ୍ତି ମୁକ୍ତି
ଆସି ଏ ଶ୍ରୀକ୍ଷେତ୍ର ଧାମେ
ଆରେ ବାଇମନ ... ।

ବଇକୁଣ୍ଠ ପଥ ନାମ ସିଂହଦ୍ୱାର
ଯେଉଁ ଦୁଆରକୁ ନିତି
ପ୍ରବେଶ ମାତ୍ରକେ କୋଟି କୋଟି ମହାଜ୍ଞାନୀ
ସଦା ପ୍ରଣାମ କରନ୍ତି
ଆରେ ବାଇମନ ।
କଳ୍ପବଟ ମୂଳେ ନୀଳଶଇଳରେ
ଶୋଭା ପାଉଛି ମୂରତି
ଭଗିନୀ ସଙ୍ଗରେ କାଳିଆ ବଳିଆ
ସେଠାରେ ଲୀଳା କରନ୍ତି
ଆରେ ବାଇମନ ... ।

ଜଗତର ନାଥ ଜଗନ୍ନାଥ ବୋଲି
ନାମ ପଡ଼ିଅଛି ତକା
ଦେଉଳ ଉପରେ ଭକତ ନିମନ୍ତେ
ପାପୀ ପାବନ ପତାକା
ଆରେ ବାଇମନ ... ।
ଏ ହୃଦ ମଧ୍ୟରେ ଯାହାକୁ ଖୋଜୁରେ
ସେହିଟି ଶ୍ରୀଜଗନ୍ନାଥ
ନିଖିଳ ବିଶ୍ୱର ଈଶ୍ୱର ସେହିରେ
ତା' ଦର୍ଶନେ ହେବୁ ମୁକ୍ତ
ଆରେ ବାଇମନ ... ।

ଗ୍ରା./ପୋ.- ନିଆଳୀ
ଜିଲ୍ଲା- କଟକ



# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତତ୍ତ୍ୱରେ ଭଗବାନ ଗଣେଶ

ସୁରେଶ କୁମାର ପ୍ରଧାନ

ଅସମ୍ପ୍ରଦାୟିକ ଧର୍ମ ଓ ସଂସ୍କୃତିର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ଫଳରେ ସର୍ବଧର୍ମର ଏକ ମହାମିଳନ ସଂଘଟିତ ହୋଇଛି ଏହି ଜଗନ୍ନାଥ ସଂସ୍କୃତିରେ । ଏହି ଦୃଷ୍ଟିରେ ସମସ୍ତ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଆପଣା ଆପଣା ଧର୍ମର ଉପାସ୍ୟ ଦେବତା ରୂପେ ଗ୍ରହଣ କରି ମନାଭୀଷ୍ଟ ପୂରଣ କରିଥାନ୍ତି । ବୌଦ୍ଧ ଓ ଜୈନମାନେ ଜଗନ୍ନାଥଙ୍କ ଭିତରେ ବୁଦ୍ଧ ଓ ଜୀନଙ୍କୁ ଦର୍ଶନ ଲାଭ କରିଥିବାବେଳେ, ଶାକ୍ତମାନେ ବିମଳାଙ୍କୁ ଜଗନ୍ନାଥଙ୍କ ସ୍ୱରୂପ ଭାବେ ଉପଲବ୍ଧ କରି ଧନ୍ୟ ହୋଇଥାନ୍ତି । ସେହିପରି ଗାଣପତ୍ୟମାନେ ଗଜାନନ ଓ ଜଗନ୍ନାଥଙ୍କ ଅଭିନ୍ନତାକୁ ଅବଲୋକନ କରି ଜଗନ୍ନାଥଙ୍କୁ ଗଣନାଥ ଅଥବା ଗଣପତି ଭାବେ ଉପାସନା କରି ବୁଦ୍ଧି, ସିଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାନ୍ତି । ପରିଣାମରେ ଜଗନ୍ନାଥ ଓ ଗଣେଶ ତତ୍ତ୍ୱତଃ ଏକାକାର ହୋଇ ଏକ ଦିବ୍ୟଧାରାକୁ ବିଶ୍ୱବକ୍ଷରେ ପ୍ରବାହିତ କରାଇଥାନ୍ତି । ଏହି ଦୃଷ୍ଟିରେ ଜଗନ୍ନାଥ ସଂସ୍କୃତିରେ ଗଣେଶଙ୍କ ମହିମା ପ୍ରତିଫଳିତ ହୋଇ ଶ୍ରୀମନ୍ଦିର ପରିସର ମଧ୍ୟରେ ଗଣପତିଙ୍କ ବିଭିନ୍ନ ପ୍ରତିମା ଉପାସିତ ହେଉଛନ୍ତି ।

ସକଳ ଶୁଭ କାର୍ଯ୍ୟରେ ସମସ୍ତ ବିଘ୍ନ ଅପସାରଣ ପାଇଁ ସର୍ବପ୍ରଥମେ ସିଦ୍ଧିଦାତା, ଜ୍ଞାନଦାତା ବିଘ୍ନନାଶକଙ୍କୁ ଆରାଧନା କରାଯାଇଥାଏ । ଠିକ୍ ସେହିପରି ସମସ୍ତ ମଙ୍ଗଳ କାର୍ଯ୍ୟରେ ଭଗବାନ ବିଷ୍ଣୁଙ୍କ ସ୍ତୁତି କରାଯାଇ ମଙ୍ଗଳ କାମନା କରାହୁଏ ।

‘ମଙ୍ଗଳଂ ଭଗବାନ ବିଷ୍ଣୁ, ମଙ୍ଗଳଂ ମଧୁସୂଦନଃ ।
ମଙ୍ଗଳଂ ପୁଣ୍ଡରୀକାକ୍ଷଂ, ମଙ୍ଗଳଂ ଗରୁଡ଼ାଧ୍ୱଜଃ ॥
ମାଧବ ମାଧବ ବିଷ୍ଣୁ, ମାଧବ ମାଧବ ହରିଃ ।
ସ୍ମରନ୍ତି ସାଧବଂ ନିତ୍ୟ, ସର୍ବକାର୍ଯ୍ୟେ ସୁମାଧବଃ ॥

ଯଥାର୍ଥରେ ଭଗବାନ ଗଣେଶ ଏବଂ ଭଗବାନ ବିଷ୍ଣୁ ଏକ ଏବଂ ଅଭିନ୍ନ । ଯାହାକି ଗଣେଶଙ୍କ ଜନ୍ମ ବୃତ୍ତାନ୍ତ ପୁରାଣରେ ସୁସ୍ପଷ୍ଟ । ମାତା ଦେବୀ ପାର୍ବତୀ ଯେତେବେଳେ ଭଗବାନ ଶ୍ରୀବିଷ୍ଣୁ ସଦୃଶ ଅଲୌକିକ ମେଧାସମ୍ପନ୍ନ, ସୌମ୍ୟ, ଶାନ୍ତ ଗୁଣବାନ ପୁତ୍ର ପ୍ରାପ୍ତ ନିମନ୍ତେ ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କଲେ, ତତ୍କାଳେ ଭଗବାନ ବିଷ୍ଣୁ ପାର୍ବତୀଙ୍କ ମନୋବାଞ୍ଛା ପୂରଣ କରିବାକୁ ଯାଇ ଶିଶୁ ରୂପରେ ଶଙ୍କରଙ୍କ ବୀର୍ଯ୍ୟ ସହ ସଂଯୁକ୍ତ ହୋଇ ପାର୍ବତୀଙ୍କ ଗର୍ଭରେ ସ୍ଥାନିତ ହୋଇ ପୁତ୍ର ରୂପରେ ଭୂମିଷ୍ଠ ହୋଇଥିଲେ । ଏ ସମ୍ବନ୍ଧେ ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରମାଣ ଦିଏ -

‘ରେତ ପତନ କାଳେ ଚ ସ ବିଷ୍ଣୁ ବିଷ୍ଣୁ ମାୟାୟା
ବିଧାୟ ବିପ୍ର ରୂପଂତୁ ଆଜ ଗାମରତେ ର୍ଗୃହମ୍ ।
(୩-୮-୧୯)

ଏହି ପୁରୋଦୃଷ୍ଟିରେ ପରମ କାରୁଣିକ ପୁରୁଷୋତ୍ତମ ସର୍ବଦେବମୟ । ସମସ୍ତ ଦୈବୀଶକ୍ତି ତାଙ୍କୁ ଆଧାର କରି କ୍ରିୟାଶୀଳ ଓ ଆତଯାତ । ମୋହର ନାଥ ଜଗନ୍ନାଥ, ଯେ କରେ ବିଶ୍ୱ ଆତଯାତ । ତେଣୁ ଯଥାର୍ଥରେ ସେ ସର୍ବଶକ୍ତିମାନ ବ୍ରହ୍ମରୂପୀ ବିଷ୍ଣୁତ୍ୱର ଏକ ନିଖୁଣ ପରିପ୍ରକାଶ ଛଡ଼ା ଆଉ କିଛି ନୁହେଁ ଯାହାକି ବିଷ୍ଣୁ ପୁରାଣରେ ବର୍ଣ୍ଣିତ -

‘ଧ୍ୟାନାବସ୍ଥିତ ତଦ୍‌ଗତେନ
ମନସା ପଶ୍ୟନ୍ତି ଯଂ ଯୋଗିନଃ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁର ଗଣାଃ
ଦେବାୟ ତସ୍ମୈନମଃ ॥
- ବିଷ୍ଣୁ ପୁରାଣ

ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ହୃଦ୍‌ବୋଧ ହୁଏ ଯେ ଭଗବାନ ଗଣେଶ, ଭଗବାନ ଶ୍ରୀବିଷ୍ଣୁ ଓ ଜଗତରନାଥ ଶ୍ରୀଜଗନ୍ନାଥ ହେଉଛନ୍ତି ତ୍ରିଶାଖାଯୁକ୍ତ ଏକ ବିରାଟ କଳ୍ପବଟ । ଅତଏବ ଯିଏ ଗଣେଶ ସେ ହେଉଛନ୍ତି ବିଷ୍ଣୁ ଏବଂ ଯେ ବିଷ୍ଣୁ ସେ ହେଉଛନ୍ତି ଜଗନ୍ନାଥ ।

ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳଭୂମିର ଆରାଧ୍ୟ ଦେବତା ଓ ଉତ୍କଳୀୟ ସ୍ୱାଭିମାନର ପ୍ରତୀକ । ତେଣୁ ଉତ୍କଳୀୟ ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି । ଶ୍ରୀମନ୍ଦିରରେ ସମସ୍ତ ପର୍ବପର୍ବାଣିକୁ ଭିତ୍ତିକରି ଉତ୍କଳର ସମସ୍ତ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ । ଜଗନ୍ନାଥ ସଂସ୍କୃତିରେ ଗଣପତି ଉପାସନା ଏକ ଅବିଚ୍ଛେଦ୍ୟ ଅଂଗ । ତେଣୁ ଶ୍ରୀମନ୍ଦିର ନିର୍ମାଣର ପ୍ରାରମ୍ଭରୁ ଦେବୀ ବିମଳାଙ୍କ ସମ୍ମୁଖ ଭାଗରେ କଳାମୁଗୁନି ପଥରର ଏକ ଗଣେଶ ମୂର୍ତ୍ତି ବିଦ୍ୟମାନ । ଉକ୍ତ ପୀଠର ଉଚ୍ଚତା ଏକ ଫୁଟ ଏବଂ ଫଳକ ପ୍ରାୟ ୬ ଫୁଟ x ୩ ଫୁଟ ଅଟେ । ଗଣେଶ ମୂଷିକ ଉପରେ ଦଣ୍ଡାୟମାନ

ହୋଇ ନୃତ୍ୟରତ । ଏହି ଗଣେଶଙ୍କ ଆଠ ହାତ । ଉପର ଦୁଇ ହସ୍ତରେ ସର୍ପ । ଅନ୍ୟ ଦୁଇ ଡାହାଣ ହାତରେ ଉପରୁ ତଳକୁ ମାଳା, ଦନ୍ତ । ଦୁଇ ହାତ ମୁଦ୍ରା ବାମ ଭାଗରେ ଗୋଟିଏ ହାତରେ ଅଙ୍କୁଶ । ଆଉ ଗୋଟିଏ ହାତରେ ଲଡୁ । ଲଡୁ ଉପରେ ଶୁଣ୍ଢ । ୧୪୪୦ ଖ୍ରୀ:ଅ:ରେ ଗଜପତି କପିଳେନ୍ଦ୍ର ଦେବ କଳ୍ପବଟ ମୂଳରେ 'ବଟଗଣେଶ'ଙ୍କୁ ପ୍ରତିଷ୍ଠା କରିଥିଲେ । ଏହି ଗଣେଶ କାମନାସିଦ୍ଧିକାରୀ 'ଚିନ୍ତାମଣି' ଗଣେଶ ନାମରେ ମର୍ଯ୍ୟାଦାବନ୍ତ । ସନ୍ଥ ଅତିବଡ଼ି ଜଗନ୍ନାଥ ଦାସ ଏହି ଗଣେଶଙ୍କ ନିକଟରେ ପ୍ରତ୍ୟହ ଭାଗବତ ପାଠ କରୁଥିଲେ । ଏହାଛଡ଼ା ଶ୍ରୀମନ୍ଦିରରେ କାଞ୍ଚି ଗଣେଶ ଓ ନୃତ୍ୟ ଗଣେଶଙ୍କ ମୂର୍ତ୍ତି ବିଦ୍ୟମାନ । ଏହି ମୂର୍ତ୍ତି କର୍ଣ୍ଣାଟକ ଶୈଳୀରେ ନିର୍ମିତ । ଏହାଙ୍କୁ ଲମ୍ବୋଦର ଗଣେଶ ଓ ଭଣ୍ଡ ଗଣେଶ ବୋଲି କୁହାଯାଇଥାଏ । କୂର୍ମ ପ୍ରାଚୀର ପଶ୍ଚିମ ଦ୍ୱାରର ଦକ୍ଷିଣ ଭାଗକୁ ଏହି ମୂର୍ତ୍ତି ବିଦ୍ୟମାନ । ଏ ହେଉଛନ୍ତି ଚତୁର୍ବାହୁ । ସ୍ୱଶକ୍ତି ସହିତ ନବଦ୍ୱାର ରୋଧ କରି ସମାଧି ଅବସ୍ଥାରେ ଅଛନ୍ତି । ସୂର୍ଯ୍ୟବଂଶର ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନରେ ଜୟଲାଭ କରି ଏ ଗଣେଶଙ୍କୁ ନେଇ ଆସିଥିବା କିମ୍ବଦନ୍ତୀ ଅଛି । ପୁରୁଷୋତ୍ତମ ଦେବ ଖ୍ରୀ:୧୪୭୪ ଶୁକ୍ଳ ଦଶମୀ ଦିନ କାଞ୍ଚିର ରାଜା ଶାଳ୍ୱ ନରସିଂହ ଦେବଙ୍କୁ ପରାସ୍ତ କରିଥିଲେ । ଏହି ଗଣେଶ ମୂର୍ତ୍ତିଙ୍କୁ ନାଟୁଆ ଗଣେଶ ବା କାମଦ ଗଣେଶ ମଧ୍ୟ କୁହାଯାଏ ।

ଏତଦ୍‌ଛଡ଼ା ଶ୍ରୀମନ୍ଦିର ବେଢ଼ାରେ ବିମଳାଙ୍କ ମନ୍ଦିର ପାର୍ଶ୍ୱଦେବତା ରୂପେ ଶ୍ରୀଗଣେଶ ପୂଜିତ । ଗୋଦାମ ଗଣେଶ, ରୋଷ ଗଣେଶ, ସରଘର ଚିତ୍ର ଗଣେଶ, ଅଠରବାଡ଼ ଗଣେଶ ଇତ୍ୟାଦି ବିଭିନ୍ନ ଗଣେଶ ମନ୍ଦିରରେ ପ୍ରତିଷ୍ଠା ଲାଭ କରିଛନ୍ତି । ସ୍ନାନ ପୂର୍ଣ୍ଣମାଦିନ ଶ୍ରୀମନ୍ଦିରରେ ମହାପ୍ରଭୁ ଗଜାନନ ବେଶ ଧାରଣ ପୂର୍ବକ ଅଗଣିତ ଦର୍ଶନାର୍ଥୀଙ୍କୁ ମୁକ୍ତି ପ୍ରଦାନ କରିଥାନ୍ତି । ଗଣପତି ବେଶ ଧାରଣର ପୂର୍ବଦିନ ବିଜେ ପ୍ରତିମାଙ୍କ ସ୍ନାନ ପାଇଁ ଜଳ ଅଧିବାସ ହୋଇଥାଏ । ମାଆ ଶୀତଳା ଦେବୀଙ୍କ ନିକଟସ୍ଥ ସୁନା କୁଅରୁ ୧୦୮ କୁମ୍ଭଜଳ ଆସି ଚାରି ପଂକ୍ତିରେ ରଖାଯାଇଥାଏ । ସ୍ନାନ ନିମିତ୍ତ ଉଦ୍ଦିଷ୍ଟ ଜଳରେ ସମସ୍ତ ତୀର୍ଥଜଳ ଏହି ସୁନାକୁଅର ଜଳ ସହିତ ଆସି ମିଶିଥାନ୍ତି । ସ୍ନାନ ସେବକ ଗରାବଡୁମାନେ ବୈଦିକ ମନ୍ତ୍ରରେ ପୂଜିତ ହୋଇଥିବା ୧୦୮ କୁମ୍ଭ ଜଳରେ ସ୍ନାନ କାର୍ଯ୍ୟ କରିଥାନ୍ତି । ଏହି ୧୦୮ କୁମ୍ଭ ମଧ୍ୟରୁ ୩୫ ଘଟ ଲାଗେ ମହାପ୍ରଭୁଙ୍କଠାରେ । ବଳରାମଙ୍କଠାରେ ୩୩ ଘଟ । ୨୨ ଘଟ ଆବଶ୍ୟକ ହୁଏ ଦେବୀ ସୁଭଦ୍ରାଙ୍କଠାରେ ଏବଂ ଶ୍ରୀସୁଦର୍ଶନଙ୍କଠାରେ ୧୮ ଘଟ ବ୍ୟବହୃତ ହୁଏ । ଏହି ସ୍ନାନ ମଣ୍ଡପରେ ଜଗମୋହନଙ୍କୁ ଦର୍ଶନ କଲେ ସମସ୍ତ ପାପ ନଷ୍ଟ ହୋଇଯାଏ ଓ ଧର୍ମ, ଅର୍ଥ, କାମ ମୋକ୍ଷ ଏହି ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ । ଭକ୍ତ ଶ୍ରେଷ୍ଠ ଗଣପତି ଭଟ୍ଟଙ୍କ ପାଇଁ ଏହି ତିଥିରେ ମହାପ୍ରଭୁ ଗଜାନନ ବେଶ ଧାରଣ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଅନ୍ୟ କେତେକ ବିଜ୍ଞ ପଣ୍ଡିତ ତତ୍ତ୍ୱଦର୍ଶୀ ଗବେଷକ ମତ ଦିଅନ୍ତି ଯେ ଗଣପତି ଭଟ୍ଟ ନାମକ ଉକ୍ତ ସ୍ନାନ ମଣ୍ଡପରେ ପ୍ରଭୁଙ୍କୁ ଗଣେଶ ରୂପରେ ଦର୍ଶନ କରିବାକୁ ଇଚ୍ଛା କରିବାରୁ ଭାବଗ୍ରାହୀ ହାତୀବେଶ ହୋଇ ଉକ୍ତ ମନୋବାଞ୍ଛା ପୂରଣ କରିଥିଲେ । ଭାଦ୍ର ଶୁକ୍ଳ ଚତୁର୍ଥୀ ଦିନ (ଗଣେଶ ଚତୁର୍ଥୀ) ଦିନ ଶ୍ରୀମନ୍ଦିରରେ ଗଣେଶ ନୀତି ହୋଇ ମାଦଳାପାଞ୍ଜି ପୂଜା କରାଯାଇଥାଏ । ଯଥାର୍ଥରେ ଭଗବାନ ବିନାୟକ ଗଣେଶ ହେଉଛନ୍ତି ପରଂବ୍ରହ୍ମ ଦାରୁଦେବତାଙ୍କ ନିଖୁଣ ପ୍ରକାଶ । ତେଣୁ ବ୍ରହ୍ମଜ୍ଞାନୀଙ୍କ ମୁଖରେ ପ୍ରକାଶ ପାଇଛି - ଗଜବଦନ ଯା'ର ନାହିଁ, ସେ ବ୍ରହ୍ମ ବୋଲାଇବ ନାହିଁ ।

'ତ୍ୱମେବ ବକ୍ର ତୁଣ୍ଡଷ୍ଟ ତ୍ୱମେବ ଗଣନାୟକଂ
ଶୁକ୍ଳ କୃଷ୍ଣ ସ୍ୱରୂପେଣ ଗୌରୀପୁତ୍ର ବିନାୟକଂ
କୃଷ୍ଣ ରୂପମୟ କୃଷ୍ଣଶିବ ରୂପମୟ ହରଃ
ସାକ୍ଷାତ୍ ଦେବ ଜଗନ୍ନାଥ ବିଘ୍ନ ବିନାଶକ ସ୍ୱୟଂ ।।

ସାମ୍ବାଦିକ
ଖୁଣ୍ଟୁଣୀ, ଆଠଗଡ଼, କଟକ

---

# ଭାଗ୍ୟରେ ଲେଖିଲ ନାହିଁ

ମହେନ୍ଦ୍ର କୁମାର ଘଡେଇ

ପ୍ରଭୁ ଦିଅ କାହିଁ ମୋତେ ଭୁଲାଇ
ଦରଶନ ଟିକେ ଦେବ ବୋଲି ରଥେ
ଭାଗ୍ୟରେ ଲେଖିଲ ନାହିଁ ।
ରାଜ ବଇଭବ ଲୋଡ଼ା ନାହିଁ ମୋର
ଲୋଡ଼ା ନାହିଁ ସୁଖ ସମ୍ପଦ ସମ୍ଭାର
ଥରୁଟିଏ ହେଲେ ଦେଖିବି କେବଳ
ତୋ' ରଥ ଦଉଡ଼ି ଛୁଇଁ
ପ୍ରଭୁ ଦିଅ କାହିଁ ... ।

ତୋ' ଦେଉଳ ନେତ ପାଇଁ ମୋ' ରଚିତ
ଡହଳ ବିକଳ କହୁଛି ମୁଁ ସତ
ଇଚ୍ଛାକୁ ମୋହର ପୂରା କର ପ୍ରଭୁ
ଦିଅ ନାହିଁ ବାହୁଡାଇ
ପ୍ରଭୁ ଦିଅ କାହିଁ ... ।

ତିଳଙ୍ଗ, ହଳଦିଆ
ନିଶ୍ଚିନ୍ତ କୋଇଲି, କେନ୍ଦ୍ରାପଡ଼ା



# ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ

ଡକ୍ଟର ହରିହର କାନୁନ୍‌ଗୋ

**ସ**ମଗ୍ର ଭାରତବର୍ଷରେ ରାମ ଓ କୃଷ୍ଣ ଆଦି ଯେଉଁଭଳି ଭଗବାନଙ୍କ ଅଂଶାବତାର ହୋଇ ପୂଜା ପାଇ ଆସୁଛନ୍ତି, ଠିକ୍ ସେହିଭଳି ଓଡ଼ିଶାରେ ଜଗନ୍ନାଥ ପୂର୍ଣ୍ଣାବତାର ରୂପେ ମଧ୍ୟ ପୂଜିତ ହୋଇ ଆସୁଛନ୍ତି । ଭାରତବର୍ଷରେ ଅନ୍ୟତ୍ର ବିଷ୍ଣୁଙ୍କ ଅବତାରମାନଙ୍କୁ ପଦ୍ମଲୋଚନ ବା ଅନ୍ୟ କୌଣସି ନାମରେ ସମ୍ବୋଧିତ କରାଯାଉଥିଲାବେଳେ ଓଡ଼ିଶାରେ ସେହିଭଳି 'ଚକାଡୋଳା' ନାମରେ ଜଗନ୍ନାଥଙ୍କୁ ସମ୍ବୋଧିତ କରାଯାଇ ଆସୁଅଛି । ଏଠାରେ ଯେ ରାମକୃଷ୍ଣଙ୍କର ଉପାସନା ନହୁଏ, ଏକଥା କୁହାଯାଉନାହିଁ । ମାତ୍ର ଜଗନ୍ନାଥଙ୍କର ଉପାସନା ଏହି ଓଡ଼ିଶା ଭୂମିରେ ଏତେ ଜନପ୍ରିୟ ହୋଇ ଉଠିଛି ଯେ ତା' ଆଗରେ ଅନ୍ୟାନ୍ୟ ଉପାସନା ମଳିନ ପଡ଼ିଯାଇ ପ୍ରାଧାନ୍ୟ ହରାଇ ବସିଛି । ତେଣୁ ଓଡ଼ିଶାର ଧର୍ମ କହିଲେ କେବଳ ଜଗନ୍ନାଥଙ୍କର ଉପାସନାକୁ ହିଁ ବୁଝାଏ । ଏହି ପୁଣ୍ୟ ପବିତ୍ର ଧାମରେ ଶୈବ, ନାଥ, ଜୈନ, ବୌଦ୍ଧ, ଭାଗବତ ଓ ବୈଷ୍ଣବ ଆଦି ଅନେକ ଧର୍ମ ମତବାଦର ପ୍ରଭାବ, ପ୍ରତିଷ୍ଠା ଓ ବିଲୟ ଘଟିଥିଲେ ମଧ୍ୟ ଏ ଜାତିର ରାଷ୍ଟ୍ର ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ନିଜ ଆସ୍ଥାନରୁ ତିଳେ ହେଲେ କେହି ଟଳାଇ ପାରିନାହାନ୍ତି । ବିଭିନ୍ନ ଧର୍ମ ମତବାଦର ପ୍ରଭାବରେ ଯେଉଁ ଧର୍ମାଦର୍ଶ ଜନସାଧାରଣଙ୍କ ଦ୍ୱାରା ଆଦୃତ, ତାହା ଜଗନ୍ନାଥଙ୍କଠାରେ କେବଳ ଆରୋପିତ ହୋଇଛି ମାତ୍ର । କିନ୍ତୁ ଜଗନ୍ନାଥଙ୍କୁ ବାଦ୍ ଦେଇ ସେମାନଙ୍କର ଧର୍ମାଦର୍ଶ ସ୍ୱତନ୍ତ୍ର ଭାବେ ତିଷ୍ଠି ପାରିନାହିଁ । ଫଳତଃ ଶାକ୍ତ - ତାନ୍ତ୍ରିକ ଭାଗବତ ଧର୍ମ ଆଦି ପୂଜା-ଉପାସନାକୁ ଜଗନ୍ନାଥ ଉପାସନାରେ ପ୍ରଚଳିତ କରାଇ ସ୍ୱ ସ୍ୱ ଧର୍ମର ବୈଶିଷ୍ଟ୍ୟକୁ ବଜାଇ ରଖିବା ପାଇଁ ଉଦ୍ୟମ କରାଯାଇଛି । କିନ୍ତୁ ଜଗନ୍ନାଥ ଏ ସମସ୍ତ ଧର୍ମ ଦର୍ଶନ ଓ ମତବାଦର ବହୁ ଉର୍ଦ୍ଧ୍ୱରେ । ପ୍ରାଚୀନ ଐତିହ୍ୟ ସଂପନ୍ନ ଓଡ଼ିଆ ଜାତିର ଇତିହାସରେ ଜଗନ୍ନାଥ ହିଁ ଆରାଧ୍ୟ ଦେବତା ରୂପେ ସ୍ୱୀକୃତ । ଅତଏବ ଜଗନ୍ନାଥଙ୍କ ଇତିହାସ ହିଁ ଏ ଜାତିର ଇତିହାସ । ଜଗନ୍ନାଥ ହିଁ ଓଡ଼ିଆ ଜାତିର ସର୍ବସ୍ୱ । ଓଡ଼ିଆ ଜାତିର ଐତିହ୍ୟ, ପରଂମ୍ପରା, ଧର୍ମ-ଦର୍ଶନ ଆଦି ପ୍ରତ୍ୟେକ ସ୍ତରରେ ଜଗନ୍ନାଥ ସଂସ୍କୃତିର ମହିମା ଯୁଗେ ଯୁଗେ ଉଦ୍‌ଘୋଷିତ ହୋଇଛି ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ବିଖ୍ୟାତ କବି ଜୟଦେବ ଭଗବାନଙ୍କ ଦଶାବତାର ସ୍ତୋତ୍ର ବର୍ଣ୍ଣନା କଲାବେଳେ ନବମ ଅବତାର ଭାବରେ ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କୁ ଏକ ଅବତାର ଭାବରେ ଗ୍ରହଣ କରି ନେଇଛନ୍ତି । ଯେପରି -

'ନିନ୍ଦସି ଯଜ୍ଞ ବିଧେରହହ ଶ୍ରୁତି ଜାତମ୍
ସଦୟ ହୃଦୟ ଦର୍ଶିତ ପଶୁଘାତମ୍
କେଶବ ଧୃତ ! ବୁଦ୍ଧ ଶରୀର, ଜୟ ଜଗଦୀଶ ହରେ ।'

ବୁଦ୍ଧ - ଜଗନ୍ନାଥଙ୍କର ଏଭଳି ବର୍ଣ୍ଣନାରେ ସତେ ଯେପରି ପୂର୍ଣ୍ଣତା ପ୍ରାପ୍ତି ହୋଇଛି । ପରବର୍ତ୍ତୀ କାଳରେ ଏହି ବୁଦ୍ଧ - ଜଗନ୍ନାଥଙ୍କୁ କେନ୍ଦ୍ର କରି ବହୁଧର୍ମର ମତବାଦ ମୁଣ୍ଡ ଟେକି ଉଠିଛି । କିନ୍ତୁ ବୌଦ୍ଧ ଧର୍ମର ପ୍ରଚଣ୍ଡ ପ୍ରଭାବକୁ ପ୍ରତିହତ କରିବାରେ କୌଣସି ଧର୍ମ ସଂପ୍ରଦାୟ କ୍ଷମ ହୋଇପାରିନାହିଁ । କିନ୍ତୁ କେବଳ ବ୍ରାହ୍ମଣ୍ୟ ଧର୍ମର ପ୍ରବଳ ବିରୋଧ ହିଁ ବୌଦ୍ଧ ଧର୍ମକୁ ପତନୋନ୍ମୁଖୀ କରିଦେଇଛି । ତଥାପି ଓଡ଼ିଶାରେ ବୌଦ୍ଧ ମହାଯାନର ଶୂନ୍ୟବାଦ, ବଜ୍ରଯାନ, ସହଜଯାନ, ଚୌରାଅଶି ସିଦ୍ଧାଚାର୍ଯ୍ୟ ସମେତ ନାଥଧର୍ମର ପ୍ରଚାର ପ୍ରସାର ସାଙ୍ଗକୁ ଭାଗବତ ଧର୍ମ ଅନ୍ତର୍ଗତ ବୈଷ୍ଣବ ବା ବ୍ରାହ୍ମଣ୍ୟ ଧର୍ମର ବିକାଶ ଘଟିଥିଲା । ଜଗନ୍ନାଥଙ୍କୁ କେନ୍ଦ୍ର କରି ଏସବୁ ପରସ୍ପର ସମ୍ମିଳିତ ହୋଇ ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀ ବେଳକୁ ଏକ ଗଣଧର୍ମରେ ରୂପାନ୍ତରିତ ହୋଇଥିଲେ । ଯୁଗେ ଯୁଗେ ଧର୍ମ ମତବାଦର ସୂକ୍ଷ୍ମ ଦାର୍ଶନିକ ତତ୍ତ୍ୱଗୁଡ଼ିକ ଭିନ୍ନ ଭିନ୍ନ ରୂପେ ବିଭିନ୍ନ ଧର୍ମରେ ପରିଲକ୍ଷିତ ହୋଇଥିଲେ ମଧ୍ୟ ସେ ସବୁର ସାରତତ୍ତ୍ୱକୁ ସାଧାରଣ ଜନତା ଗ୍ରହଣ କରିନେଇ ଗୋଟିଏ ଧର୍ମ ଭାବରେ ଜଗନ୍ନାଥ ଧର୍ମକୁ ମାନି ନେଇଛନ୍ତି । ପ୍ରାଚୀନ ଜଗନ୍ନାଥ ଧର୍ମର ପ୍ରତିଷ୍ଠା ହିଁ ସବୁ ମତବାଦର କେନ୍ଦ୍ରବିନ୍ଦୁ । ଏହି ପ୍ରାଚୀନ ଗଣଧର୍ମ - ଜଗନ୍ନାଥ ଉପାସନାରେ ସର୍ବଧର୍ମ ମତବାଦକୁ ଆତ୍ମସ୍ଥ କରିଛି । ତେଣୁ ଜଗନ୍ନାଥଙ୍କୁ ଆଶ୍ରୟ କରି ଯେଉଁ ଗଣଧର୍ମ ସମଗ୍ର ଓଡ଼ିଶାରେ ସୃଷ୍ଟି ହୋଇଥିଲା, ସେଭଳି ଧର୍ମ ସମନ୍ୱୟ ଭାରତବର୍ଷରେ ଏକ ବିରଳ ଘଟଣା ।

ଅନେକ ଗବେଷକ ଜଗନ୍ନାଥଙ୍କୁ ପତିତପାବନ ନାମରେ ସମ୍ବୋଧିତ କରିଥାନ୍ତି । କିନ୍ତୁ ଏହା ଯଥାର୍ଥ ନୁହେଁ । ଏହି ଗଣଧର୍ମର ଦେବତା ଜଗନ୍ନାଥ କେବେ ପତିତପାବନ ହୋଇନପାରନ୍ତି । ପୃଥିବୀର ଜନସମାଜକୁ ପତିତ ମଣି ସାରା ଜଗତରେ ସାମ୍ୟ ନିୟାମକ, ବିଶ୍ୱ

ସତ୍ୟର ପ୍ରତୀକ ଜଗନ୍ନାଥଙ୍କଠାରେ ଏ ପତିତପାବନ ନାମଟି ଆରୋପ କରାଯାଇନପାରେ । କାରଣ ଗଣର ଦେବତା ଜଗନ୍ନାଥଙ୍କ ପାଖରେ କେହି ପତିତ ନୁହଁନ୍ତି । ସେ କାହାକୁ ସତରେ ପତିତ କରନ୍ତି ନାହିଁ ବା ମଣନ୍ତି ନାହିଁ । ତାଙ୍କ ପାଖରେ ଦରିଦ୍ର-କାଙ୍ଗାଳ ଅପବିତ୍ର ନୁହେଁ, କି ବ୍ରାହ୍ମଣ, ଶିଳ୍ପୀ, ବଣିକ, ରାଜା, ଜମିଦାର ଓ ମଠାଧୀଶ ଆଦି ଧନୀ ବା ପ୍ରଭାବଶାଳୀ ବ୍ୟକ୍ତି ବା ଜାତି ବୋଲି କେହି ବେଶୀ ପବିତ୍ର ନୁହଁନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାହିଁ ବା ପତିତ ବୋଲି କେହି ଅପବିତ୍ର ନୁହଁନ୍ତି, ସେ ପୁଣି ପତିତପାବନ ହେବେ କିପରି ? ଅତଏବ ଜଗନ୍ନାଥ ପତିତପାବନ ନୁହଁନ୍ତି । ସେ ହେଉଛନ୍ତି ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱ ତତ୍ତ୍ୱର ଏକରେ ପ୍ରକାଶ ରୂପ ବହୁ । ସେ ବିଶ୍ୱମୈତ୍ରୀର ପ୍ରତୀକ ଶୁଦ୍ଧ-ବୁଦ୍ଧ-ଜଗନ୍ନାଥ । ବ୍ରାହ୍ମଣର ଉପାସ୍ୟ ଶବର ଦେବତା ଜଗନ୍ନାଥଙ୍କଠାରେ ଯୁଗ ଯୁଗ ଧରି ରହି ଆସିଥିବା ଆରୋପ ଜନିତ ମଳିନତାକୁ ତୁଟାଇ ସେ ହୋଇଛନ୍ତି ନିଷ୍କଳଙ୍କ ଦେବତା ଶ୍ରୀଜଗନ୍ନାଥ । ତାହାଙ୍କର ସେହି ପୂଜା ଉପାସନାରେ ଭାରତୀୟ ସଂସ୍କୃତିର ମୂଳାଧାର ସାଂଖ୍ୟଯୋଗ ଓ ଦର୍ଶନର ସେହି ଭୂତ-ପ୍ରକୃତି-ମୋକ୍ଷର ଯଥାର୍ଥ କୈବଲ୍ୟ ଉପଲବ୍ଧି ହୋଇଥାଏ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ଓଡ଼ିଆ ଜାତିର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ସର୍ବଧର୍ମ ସମନ୍ୱୟର ଦେବତା ଭାବରେ ପରିଚିତ । ଜଗନ୍ନାଥଙ୍କର ମହାପ୍ରସାଦ ହିଁ ଏ ଜାତିର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରେ । କେବଳ ଜଗନ୍ନାଥଙ୍କର ଅଭଡ଼ା ବା ମହାପ୍ରସାଦରେ ଜାତିଭେଦ ନାହିଁ । ଏହା ଏକ ସାମାନ୍ୟ କଥା ନୁହେଁ । ଏହା ଭିତରେ ଲୁଚି ରହିଛି ଏ ଜାତିର ପ୍ରାଚୀନ ଐତିହ୍ୟ ପରମ୍ପରା । ଓଡ଼ିଆ ଜାତି ଆଜି ମହାପ୍ରସାଦ ପାଇଁ ଗର୍ବିତ । କିନ୍ତୁ ଜାତି ଭେଦଶୂନ୍ୟ ମହାପ୍ରସାଦ ସେବନର ପରମ୍ପରା ଶ୍ରୀମନ୍ଦିରରେ ପ୍ରଚଳିତ ଥିବାରୁ ଭାରତର ପଶ୍ଚିମ ଭାଗର ବହୁ ନୈଷ୍ଠିକ ବ୍ରାହ୍ମଣ ଜଗନ୍ନାଥ ଦର୍ଶନ ପାଇଁ ଚାରିଧାମ ଭିତରେ ଶ୍ରେଷ୍ଠତ୍ୱ ଲାଭ କରିଛି । ପୁରୀ ଜଗନ୍ନାଥ ଧାମର ପବିତ୍ରତା ଓ ଏହାର ଭୌଗୋଳିକ ଅବସ୍ଥିତି ଯୋଗୁଁ ପୃଥିବୀର ବିଭିନ୍ନ ଦେଶରୁ ବହୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକ ଏହି କ୍ଷେତ୍ରରେ ସମବେତ ହୁଅନ୍ତି । ବିଶେଷତଃ ଏହି ଶ୍ରୀମନ୍ଦିର ବେଢ଼ାରେ ମହାପ୍ରସାଦ ସେବନରେ ଜାତି-ଧର୍ମ-ନିର୍ବିଶେଷରେ ସମସ୍ତଙ୍କର ପଙ୍କ୍ତିଭୋଜନ ଅଧିକାର ଓ ନିର୍ବିକାରତ୍ୱ ଏହି ଜନପ୍ରିୟତାର ଆଉ ଏକ କାରଣ । ନୈଷ୍ଠିକ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଆଦି ସମସ୍ତ ଜାତିର ଲୋକେ ନିର୍ବିକାର ଚିତ୍ତରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ ସାଙ୍ଗକୁ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରିଥାଏ । ମହାପ୍ରସାଦ ସେବନ ସମୟରେ 'ଜାତିଭେଦ'ର ଗରଳ କାହାରିକୁ ସ୍ପର୍ଶ କରିପାରେ ନାହିଁ । କାୟ ମନୋବାକ୍ୟରେ ଏହି ଜାତିଭେଦ ପ୍ରଥାକୁ ସେ ଦୂରେଇ ଦେଇ ସମବେତ ଶ୍ରଦ୍ଧାଳୁ ଭକ୍ତ ଦର୍ଶକ ବା ଧର୍ମପ୍ରାଣ ବ୍ୟକ୍ତି ମେଳରେ ଆନନ୍ଦ ଓ ନିର୍ମଳ ହୃଦୟରେ ମହାପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ପରମୁଖରେ ମହାପ୍ରସାଦ ଅନ୍ନ ଦେଇ ସେଥିରୁ ଉଚ୍ଛିଷ୍ଟ ଅଂଶ ନିଜେ ସେବନ କରି ସେ ଅଧିକ ପବିତ୍ର ମନେ କରେ । ଏହି ଏକାତ୍ମଭାବ ଓ ଭ୍ରାତୃତ୍ୱ ଭବ ହିନ୍ଦୁ ଜଗତର ଐକ୍ୟ ଓ ଅଖଣ୍ଡତା ପ୍ରତିପାଦିତ କରିବା ସଂଗେସଂଗେ ମାନବ ଧର୍ମର ଉଦାରତା ମଧ ପ୍ରତିପାଦନ କରିଥାଏ । ଏହା ହିଁ ସେହି ପବିତ୍ର ପୀଠର ପରମ୍ପରା ।

ବରିଷ୍ଠ ପ୍ରାଧ୍ୟାପକ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବି.ଜେ.ପି. (ସ୍ୱୟଂଶାସିତ) ମହାବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୧୪

# ଅଦ୍ଭୁତ ବାଜିକର

ସୁବ୍ରତ କୁମାର ଇନ୍ଦ୍ରସିଂହ

ତମେ ଗଢ଼ିଛ
ମାଟି ଆକାଶ
ଚନ୍ଦ୍ର ତପନ ।

ତମେ ରଚିଛ
ନଦୀ, ସମୁଦ୍ର
ବର୍ଷା, ପବନ ।

ତମେ ବିଧାଣି
ସ୍ଥାବର ଜଙ୍ଗମର
ତମେଇ ଶିଳ୍ପୀ
ଚଉଦ ଭୁବନର ।
ତମେ ନିୟାମକ
ଧ୍ୱଂସ ସୃଜନର ।



ତମେ ମହାଦୃଶ୍ୟ
ସକଳ ନୟନର ।

କେତେ ବା ସାମର୍ଥ୍ୟ
ସାମାନ୍ୟ ମାନବର ।
ବୁଝିବ ତମଖେଳ
ବାହ୍ୟ ଅଭ୍ୟନ୍ତର ।

ଅବୋଧ ବାଜିକର
ସଭିଙ୍କ ଅଗୋଚର ।
ତମେଇ ଜ୍ଞାନାତୀତ
ନିଖିଳ ବ୍ରହ୍ମାଣ୍ଡର ।

ବଡମ୍ବା, କଟକ



# ଜଗତର ନାଥ ଜଗନ୍ନାଥ

ରବି ମହାପାତ୍ର

ଜଗନ୍ନାଥ ଧର୍ମର ସୃଷ୍ଟି ଧର୍ମକୁ ଜନଆଧାରିତ ଓ ଗଣଆଧାରିତ କରିବା ନିମନ୍ତେ । ଜଗନ୍ନାଥ ସଂସ୍କୃତି ହିଁ ମାନବୀୟ ସଂସ୍କୃତି । ଜଗନ୍ନାଥ ଧର୍ମ ଅନୁପସ୍ଥିତିରେ କୌଣସି ଜାଗତିକ ଧର୍ମସଂସ୍କୃତି ହୋଇପାରେନା । ଏହା କେବଳ ଉତ୍କଳର ଧର୍ମ ନୁହେଁ ସାରା ଜଗତର ଧର୍ମ । ସମଗ୍ର ମାନବ ସମାଜର ଧର୍ମ । ସେ ହେଉଛନ୍ତି ପୃଥିବୀର ଏକମାତ୍ର ଦାରୁ ଦେବତା । ବୌଦ୍ଧମାନେ ତାଙ୍କୁ କୁହନ୍ତି ବୁଦ୍ଧ । ଜୈନମାନେ ତାଙ୍କୁ କୁହନ୍ତି ଜୀନ । ଶୈବମାନଙ୍କର ସେ ଶିବ । ଶାକ୍ତମାନଙ୍କର ଭୈରବୀ । ଗଣପତ୍ୟମାନଙ୍କର ଗଣପତି । ବୈଷ୍ଣବମାନେ କହନ୍ତି ତାଙ୍କର ସେ ବିଷ୍ଣୁ । କିନ୍ତୁ ପ୍ରକୃତରେ ସେ କାହାରି ନୁହନ୍ତି । ଚିରାଚରିତ ଭାବରେ ସଦା ରହସ୍ୟମୟ । ବିଶ୍ୱର ମାନବ ସମାଜକୁ ରୀତି, ନୀତି ଓ ଗୀତିରେ ବାନ୍ଧି ରଖିଛନ୍ତି ଯୁଗଯୁଗାନ୍ତର ପାଇଁ । ତାଙ୍କର ରଥ ହେଉଛି ସମାଜବାଦର ଚିନ୍ତା-ଚୈତନ୍ୟର ରଥ । ପତିତପାବନ ରଥଯାତ୍ରା ହେଉଛି ସାମ୍ୟବାଦ ରଥଯାତ୍ରା । ପ୍ରତିକ୍ରିୟାଶୀଳ ଗୋଷ୍ଠୀ, ଜାତି, ବର୍ଣ୍ଣବିଦ୍ୱେଷୀମାନଙ୍କୁ ନାଶ କରିବାର ଯାତ୍ରା । ଏକଥା କହି ଆସିଛନ୍ତି ଆମ ଓଡ଼ିଶାବାସୀ - ରାଜ୍ୟ ତଥା ଦେଶର ବହୁ ପ୍ରତିଷ୍ଠିତ ଲେଖକ, ମନିଷୀ, ମହାପୁରୁଷମାନେ । କିନ୍ତୁ ମନରେ ସ୍ୱତଃ ପ୍ରଶ୍ନ ଉଠେ ବର୍ତ୍ତମାନର ମାନବସମାଜର ଅଧିକାଂଶ ହିଂସାଦ୍ୱେଷ, ଅସହନଶୀଳତା, ଧର୍ମାନ୍ଧତା ଓ ଅସହାୟତାର ସଂକୀର୍ଣ୍ଣ ଜାତିଆଣ ମନୋଭାବର ପ୍ରାବଲ୍ୟରେ କଳୁଷିତ । ଉପରୋକ୍ତ ତଥ୍ୟକୁ ଭିତ୍ତିକରି ଜଗନ୍ନାଥଙ୍କୁ ଜଗତର ନାଥ ତଥା ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ବା ମାନବୀୟ ସଂସ୍କୃତି ଭାବରେ ସ୍ୱତଃସ୍ଫୁର୍ତ୍ତ ଭାବରେ ଗ୍ରହଣ କରିପାରିବେ ତ ? ବିଶେଷତଃ ଏବେକାର ଯୁବପିଢ଼ି ଯେଉଁମାନଙ୍କୁ ସମାଜର ବଡ଼ପଣ୍ଡାମାନେ କହୁଛନ୍ତି ପଥଭ୍ରଷ୍ଟ, ସେମାନେ ଭାବୁଛନ୍ତି ତଥାକଥିତ ସମାଜ ସେମାନଙ୍କୁ ନ୍ୟାୟ ଦେବାରେ ଅସମର୍ଥ । ଏହି ଘୁଣଧରା ସମାଜକୁ ସେମାନେ ଚାହାନ୍ତି ଭାଙ୍ଗି ଖଣ୍ଡବିଖଣ୍ଡିତ କରିବାକୁ । କିନ୍ତୁ ତାକୁ ଭାଙ୍ଗି ସାରିବା ପରେ କ'ଣ କେମିତି ନୂଆକରି ତୋଳିବେ ତାଙ୍କୁ ଜଣାନାହିଁ । ସେମାନେ କେବଳ ଭାଙ୍ଗିବାର ମତୱାରେ ପ୍ରମତ୍ତ । ସମାଲୋଚକମାନଙ୍କ ଭାଷାରେ ସେମାନେ ନିଜର ଗୌରବୋଜ୍ଜ୍ୱଳ ଐତିହ୍ୟଭରା ସଂସ୍କୃତିକୁ ଛାଡ଼ି ଅପସଂସ୍କୃତିକୁ ଆପଣେଇ ନେଉଛନ୍ତି । ସେମାନେ ଏବେବି କ'ଣ ଜଗନ୍ନାଥଙ୍କୁ ଜଗତର ନାଥ ଏବଂ ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସଂସ୍କୃତି ଭାବରେ ଆଦରି ନେବାକୁ ପ୍ରସ୍ତୁତ ? ସେଥିପାଇଁ ଯେଉଁମାନେ ଜଗନ୍ନାଥଙ୍କର ପରମଭକ୍ତ, ତାଙ୍କ ଧର୍ମର ପ୍ରଚାରକ, ତାଙ୍କ ସଂସ୍କୃତି ନିଜର ସଂସ୍କୃତି ଭାବରେ ଗ୍ରହଣ କରିଛନ୍ତି । ସେମାନଙ୍କର ଜଗତର ନାଥ ଜଗନ୍ନାଥଙ୍କ ତତ୍ତ୍ୱ ଉପରେ ବିଶ୍ୱାସ ଅତୁଟ ରଖିବା ପାଇଁ ଅବକ୍ଷୟଗ୍ରସ୍ତ ଏହି ମାନବ ସମାଜରେ ସାର୍ବଜନୀନ କରିବା ପାଇଁ କେଉଁ ପଥ ଅବଲମ୍ବନ କରିବା ଉଚିତ ?

ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ସୃଷ୍ଟି ହୋଇଥିଲା ଭାରତର ବିରାଟ ପ୍ରାଣବନ୍ତ ପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ସମୟରେ । ସେତେବେଳେ ଭାବବାଦର ପ୍ରାଚ୍ୟ ସଂସ୍କୃତି ଏବଂ ବସ୍ତୁବାଦର ପାଶ୍ଚାତ୍ୟ ସଂସ୍କୃତି ମଧ୍ୟରେ ସୃଷ୍ଟି ହୋଇଥିଲା ତୀବ୍ର ପ୍ରତିଦ୍ୱନ୍ଦିତା । ଗୋଟିଏ ପଟେ ଥିଲା ଶାନ୍ତ ସମାହିତ ଆଧ୍ୟାତ୍ମିକଭରା ପ୍ରାଚ୍ୟଦର୍ଶନ । ଅନ୍ୟପକ୍ଷେ ପ୍ରତୀଚିର ବସ୍ତୁତାନ୍ତ୍ରିକ ଜଡ଼ବାଦୀ ଦର୍ଶନ । ଆତ୍ମବିଶ୍ୱାସର ମୂର୍ତ୍ତିମନ୍ତ ପ୍ରତୀକ ତଥା ଅପୂର୍ବ ପ୍ରତିଭାସମ୍ପନ୍ନ ସ୍ୱାମୀ ବିବେକାନନ୍ଦ ଆଣି ପାରିଥିଲେ ଏହି ଦୁଇ ସଂସ୍କୃତି ମଧ୍ୟରେ ଏକ ଅପୂର୍ବ ସମନ୍ୱୟ । ପାଶ୍ଚାତ୍ୟ ଦର୍ଶନରୁ ନିର୍ଯ୍ୟାସଗୁଡ଼ିକୁ ଆଣି ସେଗୁଡ଼ିକୁ ଇଣ୍ଡିଆନାଇଜ୍ କରି ଆମ ପରିବେଶ ସଂସ୍କୃତି ସହିତ ଖାପଖୁଆଇ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ସେତେବେଳେ ତାହା ସବୁପିଢ଼ିର ଲୋକମାନଙ୍କ ପାଇଁ ଅନେକାଂଶରେ ଗ୍ରହଣୀୟ ହୋଇପାରିଥିଲା । ବର୍ତ୍ତମାନ ଜଗନ୍ନାଥ ତତ୍ତ୍ୱ, ଧର୍ମ ଓ ସଂସ୍କୃତିକୁ ସେହିଭଳି ଜଗତବାସୀଙ୍କ ସମ୍ମୁଖରେ ଉପସ୍ଥାପନା କରିବାର ଆବଶ୍ୟକତା ଅଛି କି ? ମୋ' ମତରେ ଗତାନୁଗତି ପନ୍ଥାରେ ଆମେ ଗୁଣଗାନ ନକରି ତାହାକୁ ଯୁକ୍ତିଶାସ୍ତ୍ରର ସାହାଯ୍ୟରେ ଜ୍ୟାମିତିକ ଉପପାଦ୍ୟ ପରି ପ୍ରମାଣ କରିବାର ସମୟ ଆସିଛି । ଫଳରେ ବର୍ତ୍ତମାନ ପରିସ୍ଥିତିରେ ଅଧିକ ଗ୍ରହଣୀୟ ହୋଇପାରିବ । ଏପ୍ରକାର ଉଦ୍ୟମ ଆଗରୁ କେତେଜଣ ଯଶସ୍ୱୀ ଲେଖକଙ୍କ ଦ୍ୱାରା କରାଯାଇଛି । କିଛିଦିନ ପୂର୍ବରୁ ପୁଣି ଏକ ଲେଖା ଉତ୍କଳ ପ୍ରସଙ୍ଗ କିମ୍ବା ଅନ୍ୟ କୌଣସି ପତ୍ରିକାରୁ ପଢ଼ିଥିଲି ଏବଂ ତାହାକୁ ଭିତ୍ତିକରି ବହୁ ସ୍ଥାନରେ ମୁଁ ମୋର ନିଜର ଅଭିଭାଷଣରେ ତର୍କଶାସ୍ତ୍ର ସାହାଯ୍ୟରେ ଜଗନ୍ନାଥଙ୍କ ତତ୍ତ୍ୱ ଉପସ୍ଥାପନ କରିଛି । ଏବେ ତାହାରି ଅନୁସରଣରେ ଉକ୍ତ ପ୍ରବନ୍ଧଟି ଲେଖିବା ପାଇଁ ଉଦ୍ୟମ କରିଛି ।

ଜଗନ୍ନାଥ ହେଉଛନ୍ତି ବିଶ୍ୱ ସଂସ୍କୃତି ତଥା ମାନବୀୟ ସଂସ୍କୃତିର ପ୍ରତୀକ ଏବଂ ପୃଥିବୀର ଅଦ୍ୱିତୀୟ ସାଂସ୍କୃତିକ ଦେବତା । ଏହି ଉକ୍ତିକୁ ଯଥାର୍ଥ ବୋଲି ଜ୍ୟାମିତିର ଉପପାଦ୍ୟ ଢଙ୍ଗରେ ଯଦି ପ୍ରମାଣ କରିବାକୁ ପଡ଼େ ତାହାହେଲେ ଆମକୁ ପ୍ରଥମେ ଜାଣିବାକୁ ପଡ଼ିବ ସଂସ୍କୃତି କ'ଣ ? ବିଶ୍ୱ ସଂସ୍କୃତି ବା ମାନବୀୟ ସଂସ୍କୃତି କାହାକୁ କୁହାଯାଏ ଏବଂ ସାଂସ୍କୃତିକ ଦେବତାର ଅର୍ଥ କ'ଣ ? ତା'ପରର କାର୍ଯ୍ୟ ହେବ ଏହା ଜଗନ୍ନାଥଙ୍କ କ୍ଷେତ୍ରରେ କିପରି ସଫଳ ଭାବରେ ପ୍ରୟୋଗ କରାଯାଇପାରିଛି ।

ସଂସ୍କୃତି ଅର୍ଥ ହେଉଛି ପରମ୍ପରା । ଜୀବନଧାରଣର ଶୈଳୀ । ପ୍ରାଣ ବିନା ଶରୀର ଯେପରି ମୂଲ୍ୟହୀନ ସଂସ୍କୃତି ବିନା ଜାତି ସେହିପରି ଅର୍ଥହୀନ । ଯେଉଁ ଦେବତା ଗୋଟିଏ ଜାତି କିମ୍ବା ମାନବସମାଜର ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଜଡ଼ିତ ତାଙ୍କୁ ସାଂସ୍କୃତିକ ଦେବତା କୁହାଯାଇପାରେ । ବର୍ତ୍ତମାନ ଆମକୁ ପ୍ରମାଣ କରିବାକୁ ହେବ ଜଗନ୍ନାଥଙ୍କୁ ସାଂସ୍କୃତିକ ଦେବତା ବୋଲି କାହିଁକି କୁହାଯିବ ?

କେତେକଙ୍କ ମତରେ ପୃଥିବୀରେ ସମସ୍ତ ଦେବତାମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ -

**୧. ଆଧାମ୍ରିକ ଦେବତା -** ଏମାନଙ୍କୁ ସର୍ବୋଚ୍ଚ-ସର୍ବବ୍ୟାପୀ ଦେବ ଶ୍ରେଷ୍ଠ ବୋଲି କୁହାଯାଇପାରେ । ଖ୍ରୀଷ୍ଟିଆନମାନଙ୍କର ଏହି ଶ୍ରେଣୀ ଦେବତାଙ୍କୁ କୁହାଯାଏ ସୁପ୍ରିମ୍ ଗଡ୍ । ହିନ୍ଦୁମାନଙ୍କର ବିଷ୍ଣୁ, ଶିବ, ଲକ୍ଷ୍ମୀ, ବ୍ରହ୍ମା ଇତ୍ୟାଦି । ଶବରମାନଙ୍କର କିତୁଙ୍ଗ । ମୁସଲମାନଙ୍କର ଆହ୍ଲା । ସମ୍ପୃକ୍ତ ଧର୍ମଶାସ୍ତ୍ରାନୁସାରେ ସେମାନଙ୍କୁ ଆଦିସ୍ରଷ୍ଟା ଆଖ୍ୟା ଦିଆଯାଇଛି । ସେମାନଙ୍କର ସ୍ଥିତି ପାର୍ଥିବ ଜଗତରୁ ବହୁଉର୍ଦ୍ଧ୍ୱରେ ଯଥା- ସ୍ୱର୍ଗ, ବୈକୁଣ୍ଠ, ଜହ୍ନତ୍, କୈଳାଶ, ଗୋଲକ ଇତ୍ୟାଦି । ସେମାନଙ୍କର ରୂପକୁ କେବଳ କଳ୍ପନା ମାଧ୍ୟମରେ ରୂପାୟିତ କରାଯାଇଥାଏ ।

**୨. ଅବତାରିକ -** ଦେବଶ୍ରେଷ୍ଠମାନଙ୍କର ଆଂଶିକ କଳା ଧାରଣ କରି ପୃଥିବୀର କୌଣସି ପିତାଙ୍କ ଔରସରେ ମାତାଙ୍କ ଗର୍ଭରୁ ବିଭିନ୍ନ ସମୟରେ ଜନ୍ମ ନେଇଥାନ୍ତି । ବିଭିନ୍ନ ପ୍ରକାର ଅଭୁତପୂର୍ବ କାର୍ଯ୍ୟ କରି ସେ ନିଜ ଅଲୌକିକ ଶକ୍ତିର ପରିଚୟ ଦେଇଥାନ୍ତି । ଯେତେବେଳେ ମାନବସମାଜ ଦୁଷ୍ଟମାନଙ୍କର ଦୌରାତ୍ମ୍ୟରେ ଶିକାର ହୋଇଥାଏ, ସେତେବେଳେ ସେ ମାନବଜାତିର କଲ୍ୟାଣ ନିମନ୍ତେ ଦୁଷ୍ଟମାନଙ୍କୁ ନିବାରଣ କରି ଶାନ୍ତି ସ୍ଥାପନ କରିବାରେ ସହାୟକ ହୋଇଥାନ୍ତି । ଏହିଭଳି ଘଟଣାର ପ୍ରକୃଷ୍ଟ ଉଦାହରଣ ହେଉଛି ହିନ୍ଦୁମାନଙ୍କର ରାମକୃଷ୍ଣ, ଖ୍ରୀଷ୍ଟିଆନମାନଙ୍କର ଯୀଶୁ, ମୁସଲମାନଙ୍କର ମହମ୍ମଦ ଇତ୍ୟାଦି ।

**୩. ସାଂସ୍କୃତିକ ଦେବତା -** ଏହି ଦେବତା ମାନବ ଜାତିର ସଂସ୍କୃତି ସହ ଓତଃପ୍ରୋତ ଭାବରେ ଜଡ଼ିତ ଥାଆନ୍ତି । ଜଣେ ମଣିଷ ଭଳି ଏମାନଙ୍କର ରୀତି, ନୀତି ଓ ଜୀବନଯାପନ ପ୍ରଣାଳୀ ହୋଇଥାଏ । ଏ ବାବଦରେ ଅନୁଧ୍ୟାନ କଲେ ଜଣାଯାଏ ଯେ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି, କୃଷି, ସଭ୍ୟତା ସମସ୍ତ ସମର୍ପିତ ହୋଇଛି ଜଗନ୍ନାଥଙ୍କୁ । ଏହି ଜାତିର ସାହିତ୍ୟ ମୂଳରୁ ଶେଷ ଯାଏଁ ଜଗନ୍ନାଥଙ୍କ କଥା, କାହାଣୀ, ଗୀତିଗାଥା, ଚେତନା, ବନ୍ଦନା, ଜଣାଣ, ସ୍ତୁତି, ଆଶୀର୍ବାଦ, ଭିକ୍ଷାରେ ଭରପୂର । ତାଙ୍କୁ କୁହାଯାଇଛି ଜଗତର ନାଥ । ସହାବସ୍ଥାନ, ସମନ୍ୱୟ, ଶାନ୍ତି, ମୁକ୍ତି ତଥା ଦେହାତୀତ ଚେତନାକୁ ଦେହ ଭିତରେ ଚେତେଇ ଦେବାପାଇଁ ତାଙ୍କୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ସେ ସଗୁଣ ଓ ନିର୍ଗୁଣ । ସାକାର ଓ ନିରାକାର । ସେ କେବଳ ଓଡ଼ିଆମାନଙ୍କର ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟର ପ୍ରତୀକ ନୁହଁନ୍ତି ବରଂ ବହୁ ଧର୍ମ ଓ ସଂସ୍କୃତିର ସମନ୍ୱୟ ତାଙ୍କରିଠାରେ ଘଟିଛି । କହିବାକୁ ଗଲେ ଜଗନ୍ନାଥ ମାନବଜାତିର ଚିନ୍ତା, ଚେତନା ଓ ସଂସ୍କୃତିର ସଂକେତ । ତାଙ୍କର ଜୀବନଯାପନ ପ୍ରଣାଳୀ ଜଣେ ମଣିଷର ଦୈନନ୍ଦିନ କାର୍ଯ୍ୟକ୍ରମ ପରି । ପ୍ରତିହାରୀମାନଙ୍କର ମଣିମା ଡାକରେ ଜଗନ୍ନାଥଙ୍କର କର୍ମବହୁଳ ଦିନଟି ଆରମ୍ଭ ହୁଏ । ତା'ପରକୁ ପର ତିନି ଆଳତି, ବେଶ ପରିବର୍ତ୍ତନ, ଦାନ୍ତଘଷା, କର୍ପୂରମିଶା ଜଳସ୍ନାନ । ତା'ପରେ ସର୍ବଦର୍ଶନ ପାଇଁ ସାହାଣ ମେଲା । ସକାଳ ୮ଟାରୁ ୮.୩୦ ମଧ୍ୟରେ ବସ୍ତ୍ର ଓ ଅଳଙ୍କାର ଭୂଷିତ ହେବା । ୯ଟା ବେଳେ ପ୍ରାତଃ ଭୋଜନ ପାଇଁ ଗୋପାଳବଲ୍ଲଭ ଭୋଗ । ତା'ର ଘଣ୍ଟେ ପରେ ରାଜଭୋଗ । ଦିନ ୧୧ଟା ବେଳକୁ ପୁଣି ବେଶ ପରିବର୍ତ୍ତନ ଏବଂ ପରେ ପରେ ଭୋଜନ ପାଇଁ ଭୋଗମଣ୍ଡପରେ ଭୋଗ । ୧୨.୩୦ରୁ ୧ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ପିଠା ପରସା । ମଧ୍ୟାହ୍ନରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ବିଶ୍ରାମ । ତା'ପରେ ଠାକୁରଙ୍କୁ ଉଠିବା ପାଇଁ ଡାକ ପଡ଼େ । ସନ୍ଧ୍ୟା ୭ରୁ ୮ଟା ମଧ୍ୟରେ ସନ୍ଧ୍ୟାଧୂପ ମାଧ୍ୟମରେ ବାଳଭୋଗର ବ୍ୟବସ୍ଥା । ତା'ପରେ ପୁଣି ସାହାଣ ମେଲା । ରାତି ୧୦ଟା ବେଳେ ବେଶ ପରିବର୍ତ୍ତନ ଓ ଚନ୍ଦନ ପ୍ରଲେପ । ୧୦.୩୦ ବେଳେ ବଡ଼ଶୃଂଗାର ବେଶ ଏବଂ ମୂଲ୍ୟବାନ ଅଳଙ୍କାରରେ ମଣ୍ଡିତ । ୧୧.୩୦ଟା ବେଳେ ବଡ଼ଧୂପ ଏବଂ ରାତ୍ରି ଭୋଜନ । ତା'ପରେ ଦେବଦାସୀର ନୃତ୍ୟ ଓ ଗୀତ ଶୁଣୁ ଶୁଣୁ ନିଦ୍ରାର ଆଗମନ । ଏଥିପାଇଁ ମାନବଜାତି ସଂସ୍କୃତିର ଚିର ଆଦର୍ଶ ଜଗନ୍ନାଥଙ୍କୁ କୁହାଯାଏ ସାଂସ୍କୃତିକ ଦେବତା । ସେହିପରି ରୀତିନୀତି ସଂସାରର ଅନ୍ୟ କୌଣସି ଦେବତାଙ୍କ ପାଇଁ ଅନୁସରଣ କରାଯାଇ ପାରୁନଥିବାରୁ ତାଙ୍କୁ ଯଥାର୍ଥରେ କୁହାଯାଇପାରେ 'ବିଶ୍ୱର ଦ୍ୱିତୀୟ ସାଂସ୍କୃତିକ ଦେବତା' । ସେ ହିଁ ମାନବ ଜାତିର ହସ-କାନ୍ଦ, ଲହୁ-ଲୁହାଣ, ଭାବ-ଭାବାନ୍ତର, ଅଭାବ-ଅନଟନ, ଉତ୍ଥାନ-ପତନର ସାଥୀ ତଥା ମାନବିକତା ଓ ମଣିଷତାର ପ୍ରତୀକ ।

ପୃଥିବୀର ବିଭିନ୍ନ ପ୍ରକାର ସଂସ୍କୃତିର ସୃଷ୍ଟି ଓ ବିଲୁପ୍ତି ଘଟି ଚାଲିଛି । ସେଗୁଡ଼ିକ ହେଲା ଗ୍ରୀକ୍, ରୋମ୍, ଆଙ୍ଗ୍ଲୋସେକ୍ସନ୍, ଆର୍ଯ୍ୟ ଦ୍ରାବିଡ଼, ଶବର ଇତ୍ୟାଦି । ପ୍ରତ୍ୟେକ ସଂସ୍କୃତିର ଭଲ ଗୁଣଗୁଡ଼ିକୁ ଆଣି ଯଦି ଗୋଟିଏ ସ୍ଥାନରେ ରଖାଯାଏ ତା'ହେଲେ ସେଗୁଡ଼ିକ ହେବ ଅହିଂସା, ସାମ୍ୟ, ମୈତ୍ରୀ, ସାମ୍ପ୍ରଦାୟିକତାହୀନ, ଅନ୍ୟଧର୍ମକୁ ସମ୍ମାନ, ନିରହଂକାର, ଭ୍ରାତୃପ୍ରେମ, ଦୀନଦୟାଳୁତା, କୃତଜ୍ଞତା, ସ୍ୱାଧୀନତା

ଇତ୍ୟାଦି । ଏ ସମସ୍ତ ଭଲଗୁଣକୁ ମିଶ୍ରଣ କରି ଯେଉଁ ଗୋଟିଏ ସଂସ୍କୃତି ସୃଷ୍ଟି ହୁଏ ତାହାକୁ ହିଁ କୁହାଯିବ ମାନବୀୟ ସଂସ୍କୃତି ବା ବିଶ୍ୱ ସଂସ୍କୃତି । ଯାହା ହେଉଛି ସାର୍ବକାଳୀନ, ସାର୍ବଜନୀନ ଏବଂ ସାର୍ବସ୍ଥଳୀକ । ଆମକୁ ପ୍ରମାଣ କରିବାକୁ ହେବ ଯେ ଏହି ବିଶ୍ୱସଂସ୍କୃତିର ସମନ୍ୱୟ ଆଣିଛନ୍ତି ପ୍ରଭୁ ଜଗନ୍ନାଥ । ଏହି ପ୍ରମାଣ ସମ୍ଭବ ହେବ ଯଦି ମାନବୀୟ ସଂସ୍କୃତିର ସମସ୍ତ ଗୁଣଗୁଡ଼ିକ ଜଗନ୍ନାଥଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ।

**୧. ଅନ୍ୟଧର୍ମକୁ ସମ୍ମାନ ଓ ସାମ୍ପ୍ରଦାୟିକତାହୀନ -** ଶତାବ୍ଦୀ ଶତାବ୍ଦୀ ଧରି ଭାରତବର୍ଷରୁ ବହୁ ସାଧୁ, ସନ୍ନ୍ୟାସୀ, ସନ୍ଥ, ମହାତ୍ମାଗଣ ଜଗନ୍ନାଥଙ୍କ ପାଖକୁ ଆସି ନିଜକୁ ସମର୍ପଣ କରିଯାଇଛନ୍ତି । ସେମାନଙ୍କ ମଧ୍ୟରେ ଶଙ୍କର, ରାମାନୁଜ, ନାନକ, କବୀର, ଶ୍ରୀଚୈତନ୍ୟ, ମାଧବାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନିମ୍ବାର୍କ, ଯୀଶୁ ଓ ସାଲବେଗଙ୍କ ନାମ ଉଲ୍ଲେଖଯୋଗ୍ୟ । ଜଗନ୍ନାଥ ହେଉଛନ୍ତି ଏକାଧାରରେ ଅନାର୍ଯ୍ୟ ଦେବତା । ଶବର ସଭ୍ୟତାର ପ୍ରତୀକ । ବୈଦିକ ବିଚାରରେ ସେ ହେଉଛନ୍ତି ଆପ୍ରାଣିବାଦ ଦେବତା । ବ୍ରାହ୍ମଣ ମନ୍ତ୍ରରେ ସେ ଉପାସିତ । ଅଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟଙ୍କ ମତରେ ସେ କାଳାତୀତ, କାଳଭୈରବ । ଜୈନ ପରମ୍ପରାର ସେ ଜୀନ । ବୌଦ୍ଧବାଦୀଙ୍କ ଅନୁଚିନ୍ତନରେ ସେ ହେଉଛନ୍ତି ଆଦିବୁଦ୍ଧ- ତ୍ରିରତ୍ନ- ସଂଘ, ଶରଣ, ଧର୍ମର ପ୍ରତୀକ । ବେଦାନୁସାରେ ସେ ବେଦ ପୁରୁଷ । ଉପନିଷଦରେ ସେ ହେଉଛନ୍ତି ବ୍ରହ୍ମ । ନିର୍ଗୁଣବାଦୀଙ୍କ ମତରେ ସେ ହେଉଛନ୍ତି ନିର୍ଗୁଣ ବ୍ରହ୍ମ । ଇସ୍‌ଲାମଧର୍ମୀ ସାଲବେଗଙ୍କର ଜଗନ୍ନାଥ ପ୍ରୀତି, ତାଙ୍କ ଜଗନ୍ନାଥ ଜଣାଣ ସର୍ବବିଦିତ । ସବୁଠାରୁ ଚମକପ୍ରଦ ତଥ୍ୟ ହେଉଛି ଏଲ୍ ସିଲାଭିନ୍ ଲେଭିଙ୍କ ଗ୍ରନ୍ଥର 'ଦି ଲାଇଫ୍ ଅଫ୍ ଯୀଶୁ ଇନ୍ ଇଣ୍ଡିଆ' ପରିଚ୍ଛେଦ ଅନୁସାରେ ଖ୍ରୀଷ୍ଟିଆନ ଧର୍ମପ୍ରଚାରକ ଯୀଶୁଖ୍ରୀଷ୍ଟ ଚାରିବର୍ଷ ଧରି ଜଗନ୍ନାଥ ମନ୍ଦିରରେ ରହି ତାଙ୍କ ଧର୍ମର ପ୍ରଚାର ପାଇଁ ଜଗନ୍ନାଥ ଧର୍ମର ଚେତନା ଓ ଆଧ୍ୟାତ୍ମିକ ପ୍ରେରଣା ଲାଭ କରିଥିଲେ ।

ବର୍ଣ୍ଣ ବିଦ୍ୱେଷ ଧର୍ମମତ ବିରୁଦ୍ଧରେ ସଂଗ୍ରାମରତ ମାନବସମାଜର ଲୋକମାନଙ୍କୁ ୩ ଭାଗରେ ବିଭକ୍ତ କରାଯାଇପାରେ । କୃଷ୍ଣବର୍ଣ୍ଣର ନିଗ୍ରୋ ଯାହାକି ଜଗନ୍ନାଥଙ୍କ ରଙ୍ଗ । ଧଳାବର୍ଣ୍ଣର ୟୁରୋପୀୟ ଯାହାକି ବଳଭଦ୍ରଙ୍କ ରଙ୍ଗ । ହଳଦିଆବର୍ଣ୍ଣର ମଙ୍ଗୋଲିଆ ଯାହାକି ଶୁଭଦ୍ରାଙ୍କର ରଙ୍ଗ । ତା'ଛଡ଼ା ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ପତିତପାବନ ରଥଯାତ୍ରା ହେଉଛି ଗୋଷ୍ଠୀ, ଜାତି, ବର୍ଣ୍ଣବିଦ୍ୱେଷମାନଙ୍କୁ ନାଶ କରିବାର ଯାତ୍ରା । ତେଣୁ ମାନବୀୟ ସଂସ୍କୃତିର ଉପରୋକ୍ତ ଗୁଣଟି ଜଗନ୍ନାଥଙ୍କ କ୍ଷେତ୍ରରେ ଯଥାର୍ଥ ଭାବରେ ପ୍ରଯୁଜ୍ୟ ।

**ସାମ୍ୟଭାବ -** ଜଗନ୍ନାଥ ମନ୍ଦିରରେ କଳା-ଗୋରା, ଧନୀ-ଦରିଦ୍ର, ସାମନ୍ତବାଦୀ କିମ୍ବା ସମାଜବାଦୀ, ହିନ୍ଦୁ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ପଶୁପତ, ଗାଣପତ୍ୟ ଓ ସୌର ସମସ୍ତେ ଅବାଧରେ ଯାଇ ଉପାସନା କରିପାରିବେ । ନିକଟରେ କେତେକ ଅଣହିନ୍ଦୁ ବ୍ୟକ୍ତିଙ୍କୁ ମନ୍ଦିରକୁ ଛାଡ଼ିବା ଉପରେ ସୃଷ୍ଟି ହୋଇଥିବା ବିବାଦମାନ ପରିସ୍ଥିତିକୁ ବହୁ ମନିଷୀ ଓ ପଣ୍ଡିତମାନେ ନିନ୍ଦାବାଦ କରିଥିଲେ ।

**ଭ୍ରାତୃଭାବ -** ଜଗନ୍ନାଥ ବଳଭଦ୍ରଙ୍କ ମଧ୍ୟରେ ଅଛନ୍ତି ଦେବୀ ସୁଭଦ୍ରା । ଦୁଇଭାଇଙ୍କର ସୁରକ୍ଷିତ ବଳୟ ମଧ୍ୟରେ ବିରାଜମାନ ଅଛନ୍ତି ସୁଭଦ୍ରା ଯାହା ହେଉଛି ଭ୍ରାତୃ ଭଗିନୀଙ୍କର ଏକ ପବିତ୍ର - ଶୃଙ୍ଖଳିତ ପ୍ରେମର ପ୍ରତୀକ । ରାଧାକୃଷ୍ଣ, ରାମସୀତା, ହରଗୌରୀ, ଇନ୍ଦ୍ରଶଚୀ ପରି ଦାମ୍ପତ୍ୟ ସମ୍ବନ୍ଧ ଅପେକ୍ଷା ଭାଇ ଭଗିନୀର ପବିତ୍ର ପ୍ରେମ ସମାଜକୁ କରିଥାଏ ଅଧିକ ଶୃଙ୍ଖଳିତ ।

**ଦୀନଦୟାଳୁ -** ଲିଭ୍ ଆଣ୍ଡ୍ ଲେଟ୍ ଲିଭ୍ । ତମେ ଯଦି ବଡ଼ ଅନ୍ୟକୁ ବଡ଼ କରିବାର ସହାୟକ ହୁଅ ତାହା ହିଁ ମାନବୀୟ ସଂସ୍କୃତିର ମୂଳମନ୍ତ୍ର । ଷାଠିଏ ପଉଟିଖିଆ, ତ୍ରିଭୁବନର ରାଜା, ଛପନ ଭୋଗର ଅଧିକାରୀ ଶ୍ରୀଜଗନ୍ନାଥ ବନ୍ଧୁ ମହାନ୍ତି, ଦାସିଆ ବାଉରି, ରଘୁ ଅରକ୍ଷିତ ପରି ଦୀନଦରିଦ୍ର ଭକ୍ତମାନଙ୍କୁ ନିଜର ସ୍ୱତନ୍ତ୍ର ଆଶୀର୍ବାଦ ଜରିଆରେ ସେମାନଙ୍କୁ ସମାଜର ଅଗ୍ରଗଣ୍ୟ ବ୍ୟକ୍ତିର ସ୍ଥାନ ଦେଇଛନ୍ତି । ଦୀନକୃଷ୍ଣ ଜଗନ୍ନାଥଙ୍କ ସମ୍ମୁଖରେ ଜଣାଣ ଗାଇ ଗାଇ କୁଷ୍ଠରୋଗ ପରି ଦୁରାରୋଗ୍ୟରୁ ମୁକ୍ତି ଆରୋଗ୍ୟଲାଭ କରିବାର ପ୍ରଥା ସର୍ବଜନବିଦିତ । ତାଙ୍କୁ କୁହାଯାଏ ଭକ୍ତର ଭଗବାନ । ସେ ଭକ୍ତର ଅଧୀନ । ସାତଶହ ପଚାଷ କୋଶ ଦୂରରେ ଥିବା ସାଲବେଗଙ୍କର ଡାକ ଶୁଣି ନନ୍ଦିଘୋଷ ରଥ ବନ୍ଦ ହୋଇଯିବାର କିମ୍ବଦନ୍ତୀ ତାଙ୍କର ଦୀନଦୟାଳୁତାର ସୁସ୍ପଷ୍ଟ ପରିଚୟ ପ୍ରଦାନ କରେ ।

**ମୈତ୍ରୀ -** ଯେକୌଣସି ଧର୍ମର ଲୋକ ଯେକୌଣସି ବାଟରେ କିଏ ହାତଯୋଡ଼ି, କିଏ ହାତ ଟେକି, କିଏ ପ୍ରଣିପାତ କରି ଜଗନ୍ନାଥଙ୍କୁ ଗୁହାରି କରନ୍ତି । ପୂଜା କରିବାରେ ବିଧି ମଧ୍ୟ ତଦ୍ରୁପ । ଜଗନ୍ନାଥ ପୂଜା ପାଆନ୍ତି ଜୈନର କୈବଲ୍ୟରେ - ଶବରର ସମର୍ପଣରେ - ବ୍ରାହ୍ମଣର ମନ୍ତ୍ରପାଠରେ - ଶୈବର ନିର୍ମାଲ୍ୟରେ । ଶାକ୍ତର ବ୍ରିହୀବଳିରେ । ସବୁ ମତବାଦ ସବୁ ସମ୍ପ୍ରଦାୟ ନିଜ ନିଜ ବାଟରେ ଉପାସନା କରିଥାନ୍ତି ପ୍ରଭୁ ଜଗନ୍ନାଥଙ୍କୁ ।

**ସ୍ୱାଧୀନତା -** ଯେକୌଣସି ଲୋକ ଯେକୌଣସି ପୋଷାକରେ ମନ୍ଦିରରେ ପଶି ଜଗନ୍ନାଥଙ୍କୁ ଉପାସନା କରିପାରିବ । ଯିଏ ଯେମିତି ବାଟରେ ଗୁହାରି କରିପାରିବ । ମହାପ୍ରସାଦ ଖାଇପାରିବ । କିଏ ଧୋତି ପିନ୍ଧୁ, କିଏ ପେଣ୍ଟ୍ ପିନ୍ଧୁଥାଉ, କିଏ ଅତ୍ୟାଧୁନିକ ପୋଷାକରେ ସଜ୍ଜିତ ହୋଇଥାଉ ସମସ୍ତଙ୍କ ପାଇଁ ସେଠାରେ ସ୍ୱାଧୀନତା ଭରପୂର ।

**ନିରହଂକାର -** ସେ ହେଉଛନ୍ତି ବଡ଼ଠାକୁର । ତାଙ୍କର ଅଛି ବଡ଼ଦେଉଳ, ବଡ଼ଭୋଗ, ବଡ଼ଦାଣ୍ଡ । ସେ ହୁଅନ୍ତି ବଡ଼ସିଂହାର ବେଶ । ତାଙ୍କର ଅଛନ୍ତି ବଡ଼ପଣ୍ଡା, ବଡ଼ସୁଆର । ପ୍ରସାଦ ତାଙ୍କର ମହାପ୍ରସାଦ । ସିଏ ଖାଆନ୍ତି ଷାଠିଏ ପଉଟିର ଛପନ ଭୋଗ । ସବୁ ବଡ଼ର ସମାହାର

ସେଠି । ତଥାପି ସେ ମାଉସୀ ମା' ବୁଢ଼ୀର କ୍ଷୁଦ୍ର ମନ୍ଦିରକୁ ଯାଆନ୍ତି ବଡ଼ମନ୍ଦିରରେ ତୂର୍ଯ୍ୟନାଦ କରି କିଛିଦିନ ରହି ପୋଡ଼ାପିଠା ଖାଇ ସେ ପୁଣି ଫେରି ଆସନ୍ତି ନିଜ ଦେଉଳକୁ । ଏହା କ'ଣ ନିରହଂକାରର ଲକ୍ଷଣ ନୁହେଁ ?

**କୃତଜ୍ଞତା -** ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରି ତାହାର ସୁପରିଚାଳନା ଏବଂ ଜଗନ୍ନାଥଙ୍କ ତ୍ରୁଟିଶୂନ୍ୟ ଉପାସନା ପାଇଁ ସବୁପ୍ରକାର ବ୍ୟବସ୍ଥା କରିସାରିବା ପରେ ଜଗନ୍ନାଥ ତାଙ୍କର ଏହି ମହତ୍ କାର୍ଯ୍ୟରେ ପ୍ରୀତ ହୋଇ ବରଦାନ କରିବାକୁ ଇଚ୍ଛାପ୍ରକାଶ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ କହିଥିଲେ, 'ହେ ପ୍ରଭୁ ତୁମେ ଯଦି ପ୍ରକୃତରେ ମୋତେ ତୁମର ଭକ୍ତ ରୂପରେ ଗ୍ରହଣ କରିଛ, ମୋ' କାର୍ଯ୍ୟରେ ପ୍ରୀତ ହୋଇଛ ତା'ହେଲେ ତୁମେ ମୋତେ ନିବଂଶ କରିଦିଅ ।' ଜଗନ୍ନାଥ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଇନ୍ଦ୍ରଦ୍ୟୁମ୍ନ କହିଲେ, ହେ ପ୍ରଭୁ ଏ ମନ୍ଦିର ମୁଁ ପ୍ରଜାଙ୍କର ପ୍ରତିନିଧି ରାଜା ଭାବରେ ନିର୍ମାଣ କରିଛି । ଏହା ନିର୍ମାଣ ହୋଇଛି ପ୍ରଜାଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥରେ । ତେଣୁ ଏହି ମହତ୍ କାର୍ଯ୍ୟ କରି ମୁଁ ଯଦି କିଛି ପୁଣ୍ୟ ଲାଭ କରିଥାଏ, ତା'ହେଲେ ସେ ସମସ୍ତ ଧୂଳିସାତ ହେବ ଯଦି କେବେ ମୋର ପୁତ୍ର କିମ୍ବା ଅନ୍ୟ କେହି ବଂଶଧର ଏହାକୁ ମୋର ପିତା କିମ୍ବା ପ୍ରପିତା ନିର୍ମାଣ କରିଛନ୍ତି ବୋଲି କହେ । ତେଣୁ ମୁଁ ନିବଂଶ ହୋଇଗଲେ ସେ ଆଶଙ୍କା ମୋ' ମନରୁ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇଯିବ ଏବଂ ଯଦି କିଛି ପୁଣ୍ୟ ପ୍ରାପ୍ତି କରିଥାଏ ତେବେ ତାହା ଗ୍ଲାନିଶୂନ୍ୟ ହୋଇରହିବ । ଜଗନ୍ନାଥ ପ୍ରୀତ ହୋଇ କହିଥିଲେ 'ତଥାସ୍ତୁ' । କିନ୍ତୁ ଯେଉଁଦିନ ସେହି ଅପୁତ୍ରିକ ଇନ୍ଦ୍ରଦ୍ୟୁମ୍ନଙ୍କର ଶ୍ରାଦ୍ଧ ଦିବସ ଉପସ୍ଥିତ ହେଲା ସେଦିନ ଜଗନ୍ନାଥ ନିଜେ ତାଙ୍କର ପୁତ୍ର ସାଜି ଶ୍ରାଦ୍ଧ ଅର୍ପଣ କରିଥିଲେ ରାଜାଙ୍କର ସେହି ଅମର ଆତ୍ମାକୁ । ତା'ଠାରୁ ବଳି କୃତଜ୍ଞତା ଆଉ କ'ଣ ବା ସେ ଦେଖାଇ ପାରିଥାନ୍ତେ ?

ମାନବୀୟ ବା ବିଶ୍ୱ ସଂସ୍କୃତିର ସମସ୍ତ ଗୁଣ ଜଗନ୍ନାଥଙ୍କ ନିକଟରେ ଯେ ପ୍ରଯୁଜ୍ୟ ତାହା ସୁସ୍ପଷ୍ଟ ହୋଇଯାଇଛି ଉପରୋକ୍ତ ଆଲୋଚନାରୁ । ତେଣୁ ନିର୍ବିବାଦରେ ତଥା ନିର୍ଦ୍ୱନ୍ଦ୍ୱରେ ପ୍ରମାଣିତ ଯେ ଜଗନ୍ନାଥ ହେଉଛନ୍ତି ମାନବୀୟ ବା ବିଶ୍ୱ ସଂସ୍କୃତିର ପ୍ରତୀକ ଏବଂ ସମନ୍ୱୟକାରୀ ।

ଗଜ ଉଦ୍ଧାରଣ, ଦ୍ରୌପଦୀଙ୍କ ବସ୍ତ୍ରହରଣ, ମୃଗୁଣୀ ରକ୍ଷଣ, ବାଳି ଦମନ, ବିଭୀଷଣଙ୍କ ଅଭିଷେକ, ହରିଣ୍ୟକଶିପୁ ବିନାଶନ ପ୍ରଭୃତି ଉଦାହରଣ ଅପେକ୍ଷା ଉପରୋକ୍ତ ଯୁକ୍ତିସମୂହ ଏବେକାର ଅବକ୍ଷୟଗ୍ରସ୍ତ ସମାଜର ମାନବ ବିଶେଷତଃ ଯୁବପିଢ଼ିଙ୍କୁ ଜଗନ୍ନାଥଙ୍କ ଚେତନା, ଧର୍ମ ଓ ସଂସ୍କୃତି ସମ୍ବନ୍ଧରେ ଅଧିକ ପ୍ରଭାବିତ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ବିକାଶ ନିଗମ
ଅଶୋକା ମାର୍କେଟ, ଭୁବନେଶ୍ୱର

# ଜଗତ କାରଣ

ବିକ୍ରମ ମହାରଣା

ଏ କଳିକାଳରେ
କଳା କଳେବରେ
ଜୟଦେବ କରେ
ଗୀତଗୋବିନ୍ଦରେ
ଭକ୍ତ ମନ ଝୁରେ
ରଖିଲ ହୃଦରେ
ବାଉରୀ ଦାସିଆ
ବଢ଼ାଏ ଶ୍ରୀଫଳ
ନିଜ ହାତ ପାତି
କର ହେ ଗ୍ରହଣ
ସାଲବେଗ ହୀନ
ରଖିଲ ତା'ମାନ
ବଡ଼ଦାଣ୍ଡେ ଆସ
ଭକ୍ତ ମନ ତୋଷ

ଅନବସରର
ଜରପୀଡ଼ା ପରେ
ଆୟୁର୍ବେଦ ସେବି
ନବଯୌବନରେ
ନେତ୍ରୋତ୍ସବ ଚାହାଁ
'ମୁଁ' କାର ହରଣ
ନେତର ଯୁଗଳ
ଧନ୍ୟ ତନ ମନ
ଛାଡ଼ି ଶ୍ରୀମନ୍ଦିର
ରତ୍ନ ସିଂହାସନ
ପତିତ ଉଦ୍ଧାର
ପତିତପାବନ
ସଂସାର ଦାଣ୍ଡରେ
ଭକତ ମୋହରେ

ତିନିରଥେ ବିଜେ
ତିନି ଠାକୁରେ
ଦର୍ଶନ ମାଗୁଣୀ
କରହେ ପୂରଣ
ଭବ ପାରାବାରୁ
ତରିଯାଉ ପ୍ରାଣ
ଭେଦଭାବ ଛାଡ଼ି
ରଥର ଦଉଡ଼ି
ସଭିଏଁ ନିଅନ୍ତୁ
ଆଗକୁ ଭିଡ଼ି
ତାଳଧ୍ୱଜେ ଥା'ନ୍ତୁ
ବଡ଼ ଠାକୁର ହେ

ମଧ୍ୟେ ଦେବୀଙ୍କର
ଦେବ ଦଳନ
ପଛେ ନନ୍ଦିଘୋଷ
ଡଙ୍ଗେ ଢଳି ଆସେ
ରଙ୍ଗଭଙ୍ଗୀ ଠାଣ
ସଂସାର ତାରଣ
ବାରହାତ ଖଡ୍ଗ
ବାଟେ ଛତ୍ୟାବଟ
କଳିକୁ ସଂହାରୀ
କଳ୍କୀ ଅବତାରୀ
ସତ୍ୟ ଆଗମନ
ଜଗତ କାରଣ ।

ଶ୍ରୀନୀଳମାଧବ ଧାମ
କଣ୍ଟିଲୋ

# ଶ୍ରୀଜଗନ୍ନାଥଙ୍କ ମାଉସୀ ଏବେବି ବାଟ ଚାହିଁ ବସିଛି

ରମେଶ ପ୍ରସାଦ ସିଂହ

**ଶ**ଙ୍ଖ କ୍ଷେତ୍ରର ନୀଳକନ୍ଦରରେ ଶ୍ରୀମନ୍ଦିର ମଧ୍ୟରେ ଅଧିଷ୍ଠିତ ଅଖିଳ ବ୍ରହ୍ମାଣ୍ଡ ପତି ଦାରୁ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନ କେବଳ ଓଡ଼ିଆ ଜାତିର ପ୍ରାଣପ୍ରିୟ ନୁହଁନ୍ତି, ସାରା ବିଶ୍ୱର ନାଥ ଭାବରେ ନମସ୍ୟ ଓ ଆଦରଣୀୟ । ଭାରତବର୍ଷରେ ଅନ୍ୟ ଦେବତାଙ୍କଠାରୁ ତାଙ୍କର ସ୍ୱାତନ୍ତ୍ର୍ୟ ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିରରେ ରାଜକୀୟ ଢାଞ୍ଚାରେ ସାତ୍ତ୍ୱିକ ତଥା ତାମସିକ ଦୈନିକ ସେବା, ପୂଜା ଓ ନୀତିରୁ ଏହା ସ୍ପଷ୍ଟ ଅନୁମେୟ । ଶ୍ରୀମନ୍ଦିରରେ ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହେଉଥିବା ଦୈନନ୍ଦିନ ନୀତିରେ ଛତିଶିଟି ବିଭିନ୍ନ ସେବା ସମ୍ବଳିତ ୩୬ଟି ନିଯୋଗର ପ୍ରାୟ ଶତାଧିକ ସେବାୟତ ଦେବାଧିଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜକୀୟ ଆଡମ୍ବରରେ ସେବା କରିଥାନ୍ତି । ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହେଉଥିବା ଶ୍ରୀମନ୍ଦିରର ନୀତି ଦିନତମାମ ଚାଲୁ ଚାଲୁ କେତେବେଳେ ଯେ ରାତ୍ରୀ ହୋଇଯାଏ ତାହା ଜଣାପଡ଼େ ନାହିଁ । ବେଳେ ବେଳେ ନିରଳସ ଭାବରେ ନୀତି ସମ୍ପାଦନ କରୁ କରୁ ରାତି ପାହିଯାଏ । ଦୈନନ୍ଦିନ ନୀତି ଛଡ଼ା ଜଗନ୍ନାଥଙ୍କର ବର୍ଷକ ମଧ୍ୟରେ ହେଉଥିବା ତେର ଯାତ୍ରା ମଧ୍ୟରୁ ଘୋଷଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହି ଯାତ୍ରାକୁ ପତିତପାବନ ଯାତ୍ରା ମଧ୍ୟ କୁହାଯାଏ । ପତିତମାନଙ୍କୁ ଦର୍ଶନ ଦେଇ ମୋକ୍ଷ ପ୍ରଦାନ କରିବାକୁ ମହାପ୍ରଭୁ ବାମନ ଅବତାରରେ ନନ୍ଦିଘୋଷ ଚଢ଼ି ବଡ଼ଦାଣ୍ଡରେ ଉଭା ହୁଅନ୍ତି ।



ଶ୍ରୀଜଗନ୍ନାଥଙ୍କ ରଥଦାଣ୍ଡ ବା ବଡ଼ଦାଣ୍ଡର ଦୈର୍ଘ୍ୟପ୍ରାୟ ସାଢ଼େ ତିନି କିଲୋମିଟର ଏବଂ ଏହି ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଛୋଟ ଛୋଟ ମନ୍ଦିରରେ ଅନେକ ଦେବାଦେବୀ ରହିଛନ୍ତି । ପୁରୀ ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିସ୍ତୃତ ଇତିହାସ ପ୍ରସିଦ୍ଧ ବଡ଼ଦାଣ୍ଡରେ ଦୁଇ ପାର୍ଶ୍ୱରେ ଥିବା ଛୋଟ ବଡ଼ ମନ୍ଦିର ମଧ୍ୟରେ ୩ ଗୋଟି ପୁରାତନ ଦେବୀ ମନ୍ଦିର ରହିଛି । ସେଗୁଡ଼ିକ ହେଲା - ଚର୍ଚ୍ଚିକା ଦେବୀ ମନ୍ଦିର, ମର୍ଚ୍ଚିକା ଦେବୀ ମନ୍ଦିର ଓ ମାଉସୀମା ବା ଅର୍ଦ୍ଧାଶୀନି ଦେବୀ ମନ୍ଦିର ।

ମା' ଚର୍ଚ୍ଚିକା ଦେବୀଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ଅଳ୍ପ ଦୂରରେ ବଡ଼ଦାଣ୍ଡର ବାମପଟେ ରାଜନଅରର ସମ୍ମୁଖରେ ଅବସ୍ଥିତ । ମା' ଚର୍ଚ୍ଚିକା ପରମ ବୈଷ୍ଣବୀ ହେଲେ ମଧ୍ୟ ଶାରଦୀୟ ଦୁର୍ଗା ଉତ୍ସବ ସମୟରେ ସେଠାରେ ତନ୍ତ୍ରପୂଜା ପ୍ରଚଳିତ । ସେଠାରେ ବିଭିନ୍ନ ଯାତ୍ରା ସମୟରେ ମହାପ୍ରଭୁଙ୍କର ପହିଭୋଗ ହୁଏ ।

ମା' ମର୍ଚ୍ଚିକାଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ଅଧା କିଲୋମିଟର ଦୂରରେ ମରିଚିକୋଟ ଛକ ନିକଟରେ ଅବସ୍ଥିତ । ମା' ମର୍ଚ୍ଚିକା ପରମ ବୈଷ୍ଣବୀ ହେଲେ ମଧ୍ୟ ଶାରଦୀୟ ଦୁର୍ଗା ଉତ୍ସବ ସମୟରେ ସେଠାରେ ତନ୍ତ୍ରପୂଜା ସହ ଆମିଷ ଭୋଗର ପ୍ରଚଳନ ରହିଛି । ଏହି ଦେବୀ ମନ୍ଦିରରେ ମହାପ୍ରଭୁଙ୍କର ବିଭିନ୍ନ ଯାତ୍ରା ସମୟରେ ବିଶ୍ରାମ ମଣୋହି ବା ପଂକ୍ତିଭୋଗ ଲାଗିର ବ୍ୟବସ୍ଥା ରହିଛି ।

ଏହି ଦୁଇ ଦେବୀ ମନ୍ଦିର ଛଡ଼ା ବଡ଼ଦାଣ୍ଡରେ ସବୁଠାରୁ ପୁରାତନ ତଥା ପ୍ରାଚୀନ ମନ୍ଦିର ମା' ମାଉସୀମା ବା ମା' ଅର୍ଦ୍ଧାଶୀନିଙ୍କ ମନ୍ଦିର । ପୁରୀ ବଡ଼ଦାଣ୍ଡରେ ଶ୍ରୀମନ୍ଦିରଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ରାସ୍ତାର ଡାହାଣ ପଟେ ଏହି ପ୍ରାଚୀନ ମନ୍ଦିର ଅବସ୍ଥିତ । ମନ୍ଦିର ପ୍ରାୟ ୨୫ ହାତ ଉଚ୍ଚ । ମନ୍ଦିରରେ ପୂଜିତା ଦେବୀଙ୍କ ନାମ ଯେପରି ଲୌକିକ ତାଙ୍କର ଗଠନ ଶୈଳୀ ଏବଂ ପରିପାଟୀ ମଧ୍ୟ ସେପରି ଅଲୌକିକ । ମନ୍ଦିରରେ ପୂଜାପାଉଥିବା ଅର୍ଦ୍ଧାଶିନୀ ଦେବୀ ଦେଖିବାକୁ ଶ୍ରୀମନ୍ଦିରରେ ପୂଜା ପାଉଥିବା ଚତୁର୍ଦ୍ଧା ମୂର୍ତ୍ତି ମଧ୍ୟସ୍ଥ ମା' ସୁଭଦ୍ରାଙ୍କ ଭଳି ଏବଂ ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାଉସୀମା ଭାବରେ ପୂଜିତା । ଗୁଣ୍ଡିଚା ମନ୍ଦିର ଜଗନ୍ନାଥ ପ୍ରଭୁଙ୍କର ପ୍ରକୃତ ମାଉସୀ ଘର ନୁହେଁ । ମାଉସୀମା ମନ୍ଦିର ହିଁ ପ୍ରକୃତ ମାଉସୀ ଘର । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯଦିଓ ଏହା ଏକ ଦେବୀ ମନ୍ଦିର, ଏଠାରେ ଶାରଦୀୟ ବା ବାସନ୍ତିକ ଦୁର୍ଗାପୂଜା କରାଯାଏ ନାହିଁ । ଦେବୀ ପରମ ବୈଷ୍ଣବୀ । ଏହି ପୀଠରେ ଅନ୍ନଭୋଗ କରାଯାଏ ନାହିଁ । ମାଉସୀମା ସମ୍ପୂର୍ଣ୍ଣ ଭାବରେ ଆସନରେ ନ ବସି

ଅର୍ଦ୍ଧ ଦଣ୍ଡାୟମାନ ଅବସ୍ଥାରେ ବସିଥିବା ଏବଂ ମୂର୍ତ୍ତି ସମ୍ମୁଖରେ ମା' ସୁଭଦ୍ରାଙ୍କର ଆକୃତିକ ମୁଖା ବହୁ ପୁରାତନ କାଳରୁ ମଣ୍ଡିତ । ଏହି ମୁଖାର ମରାମତି କେବଳ ନବକଳେବର ସମୟରେ ହୁଏ । ଦେବୀ ମନ୍ଦିର ହୋଇଥିଲେ ମଧ୍ୟ ଏଠାରେ କେବେହେଲେ ତନ୍ତ୍ରପୂଜା କରାଯାଏ ନାହିଁ । କେବଳ ନୃସିଂହ ଚତୁର୍ଦ୍ଦଶୀ ଦିନ ଦେବୀଙ୍କୁ ମହାଭିଷେକ କରାଯାଏ ଓ ଶ୍ରୀମୁଖ ପର୍ଯ୍ୟନ୍ତ ସୁଗନ୍ଧିତ ଜଳରେ ଆବୃତ କରାଯାଏ ।

ଘୋଷଯାତ୍ରାରେ ଅନ୍ୟ ଏକ ଆକର୍ଷଣ ମା' ମାଉସୀମା ମନ୍ଦିର । ସମସ୍ତେ ଜାଣନ୍ତି ଜଗନ୍ନାଥ ନବଦିନ ଯାତ୍ରାରେ ମାଉସୀମା ଘରକୁ ଯାନ୍ତି । କିନ୍ତୁ ମାଉସୀମାଙ୍କୁ ସାଧାରଣ ଲୋକ ଜାଣନ୍ତି ନାହିଁ । ସବୁ ସମୟରେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ସେବାପୂଜା ସାଧାରଣ ମନୁଷ୍ୟର କାର୍ଯ୍ୟଶୈଳୀ ରାଜକୀୟ ଆଡ଼ମ୍ବର ମାଧ୍ୟମରେ ଓ ସାମାଜିକ ଚଳଣି ବା ସାମାଜିକ ବନ୍ଧନରେ ପରିସ୍ଫୁଟ । ମହାପ୍ରଭୁ ଜଗନ୍ନାଥଙ୍କ ସକାଳଠାରୁ ରାତି ପର୍ଯ୍ୟନ୍ତ ନୀତି ବା କାର୍ଯ୍ୟଧାରାରେ ଜଣେ ସାଧାରଣ ମଣିଷର ଦିନଚର୍ଯ୍ୟା ସ୍ପଷ୍ଟ ଭାବରେ ବାରି ହୋଇପଡ଼େ । ଖାଲି ସେତିକି ନୁହେଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସାମାଜିକ ବନ୍ଧନ ମଧ୍ୟ କମ୍ ନୁହେଁ । ତାଙ୍କର ଶ୍ୱଶୁର ଘର ସମୁଦ୍ରକୂଳରେ ଅବସ୍ଥିତ ଥିଲାବେଳେ, ମନ୍ଦିର ଚାରିପଟେ ପଞ୍ଚସଖା (ପଞ୍ଚୁପାଣ୍ଡବ) ଯଥା- ଜମେଶ୍ୱର, ମାର୍କଣ୍ଡେଶ୍ୱର, ଶ୍ରୀଲୋକନାଥ, କପାଳମୋଚନ, ନୀଳକଣ୍ଠେଶ୍ୱରଙ୍କର ମନ୍ଦିର ବିରାଜମାନ ।

ମା' ଅର୍ଦ୍ଧାଶିନୀ ମାଉସୀମା ଘର ଗୁଣ୍ଡିଚା ମନ୍ଦିର ଯିବା ବାଟରେ ପଡ଼ିଲେ ମଧ୍ୟ ଆଜିକାଲି ରଥଯାତ୍ରା ସମୟରେ ତରବରରେ ଥିବାରୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀଙ୍କୁ ନେଇ ମାଉସୀମାଙ୍କୁ କେବଳ ଦେଖାକରି ଦେଇ ଗୁଣ୍ଡିଚା ମନ୍ଦିର ଚାଲିଯାଆନ୍ତି । ବାହୁଡ଼ାଯାତ୍ରାରେ ଆସିଲାବେଳେ ଭାଇଭଉଣୀ ମାଉସୀର ସ୍ନେହ ଶ୍ରଦ୍ଧାକୁ ଏଡ଼େଇ ଯାଇ ପାରନ୍ତି ନାହିଁ । ମାଉସୀ ଅପେକ୍ଷା କରିଥାନ୍ତି ଶ୍ରୀଜଗନ୍ନାଥଙ୍କର ଫେରିବା ବାଟକୁ ହାତରେ ପୋଡ଼ପିଠା ଥାଳି ଧରି । ମା' କିଏ - ମାଉସୀ କିଏ ? ପ୍ରଭୁ ସେଠାରେ ଅଟକି ଯାନ୍ତି । ଶ୍ରଦ୍ଧାର ନୈବେଦ୍ୟ ପୋଡ଼ପିଠାର ଲୋଭ ସମ୍ବରଣ ନକରିପାରି । ତିନିରଥରେ ଚାରି ଠାକୁର ସେଠାରେ ପୋଡ଼ପିଠା ମଣୋହି କରି ମାଉସୀର ଆତିଥ୍ୟ ସ୍ୱୀକାରକରି ଫେରିଯାନ୍ତି ଶ୍ରୀମନ୍ଦିର ଅଭିମୁଖେ । ଶ୍ରୀଗୁଣ୍ଡିଚା ଦିନ ପୋଡ଼ପିଠା ଭୋଗ ଲାଗେ ବୋଲି ଏବେ ପର୍ଯ୍ୟନ୍ତ ଅନେକ ଲୋକଙ୍କ ଧାରଣା ରହିଛି, କିନ୍ତୁ ଏହି ଭୋଗ ପ୍ରଭୁଙ୍କର ବାହୁଡ଼ା ଯାତ୍ରା ଦିନ ହୁଏ ।

ଇତିହାସ କହେ - ଅତୀତରେ ବଡ଼ଦାଣ୍ଡର ବଳଗଣ୍ଡି ନିକଟରେ ଏକ ନଦୀ ବୋହିଯାଇ ବାଙ୍କି ମୁହାଣରେ ମହୋଦଧିରେ ମିଶୁଥିଲା ଏବଂ ବଳଗଣ୍ଡି ନିକଟରେ ଏକ ଗଭୀର ଗଣ୍ଡ ଥିଲା । ତେଣୁ ଗୁଣ୍ଡିଚା ଯାତ୍ରା ନିମନ୍ତେ ଛଅଗୋଟି ରଥ ଓ ମହାପ୍ରଭୁମାନେ ନଦୀପାର ହେବାପାଇଁ ଚାପ ବା ଭେଳା ନିର୍ମାଣ କରାଯାଉଥିଲା । ସେହି ସମୟରେ ମା' ଅର୍ଦ୍ଧାଶୀନ (ମାଉସୀମା) ନଦୀଗଣ୍ଡର ଅଧିଷ୍ଠାତ୍ରୀ ଦେବୀ ଭାବରେ ନିଜର ପୁତ୍ର ସଦୃଶ ମହାପ୍ରଭୁ ଜଗନ୍ନାଥଙ୍କ ଯତ୍ନ ନେବା ସହ ନିଜର ଶକ୍ତି ବଳରେ ନଦୀ ଗଣ୍ଡର ଜଳକୁ ଶୋଷଣ କରି ତାଙ୍କର ଜଳଯାତ୍ରା ସୁଗମ କରୁଥିଲେ ।

ଆଜି କିନ୍ତୁ ସେ ନଦୀ ସେଠାରେ ନାହିଁ । ତାହା ଅଠରନଳା ନିକଟରେ ନାଳ ଭାବରେ ସୀମିତ । ନଦୀର ମୁହାଣ ବାଙ୍କି ମୁହାଣ ସିମେଣ୍ଟ ଓ କଂକ୍ରିଟ ଜବରଦଖଲରେ ନିଜର ସତ୍ତା ହରାଇଛି । ଛଅଗୋଟି ରଥର ଆବଶ୍ୟକତା ବହୁଦିନରୁ ଲୋପ ପାଇଯାଇଛି । ନଦୀପଥ ଅତିକ୍ରମ କରିବାକୁ ଆଉ ପ୍ରଭୁଙ୍କୁ ଚାପର ଆବଶ୍ୟକତା ପଡୁ ନାହିଁ । ସାଧାରଣ ଲୋକଙ୍କ ପରି ପ୍ରଭୁ ମଧ୍ୟ ନିଜ ମାଉସୀଙ୍କୁ ପାଶୋରି ଦେଲେଣି । କେବଳ ଲୋକ ଅପବାଦ ଭୟରେ ଭାଇ ଭଉଣୀ ତିନିଜଣ ମାଉସୀମା ମନ୍ଦିର ନିକଟରେ ଅଟକିଯାନ୍ତି ରଥଯାତ୍ରା ସମୟରେ । ପ୍ରଭୁ ଜାଣନ୍ତି ନାହିଁ ଶୃଙ୍ଖଳା ଚୁଡ଼ା, ଖଇ ଖାଇ ଖାଇ ରାସ୍ତାକଡ଼ରେ ଆଧୁନିକ ଯୁଗର ରାଜା ମହାରାଜାଙ୍କର ଅତ୍ୟାଚାର ସହି ଅନ୍ଧାରରେ ପଡ଼ିଥିବା ତାଙ୍କର ମାଉସୀ କେଉଁଠୁ ଆଣେ ଧନ ତାଙ୍କୁ ପୋଡ଼ପିଠା ଖୋଇବା ପାଇଁ । ରାଜାଧିରାଜ ଦେବାଧିଦେବ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ମାଉସୀଙ୍କର ଦୟନୀୟ ଅବସ୍ଥା ପାଇଁ ଦାୟୀ କ'ଣ ପ୍ରଭୁ ନିଜେ ନୁହନ୍ତି । ସ୍ୱାଭିମାନୀ ମାଉସୀମାଙ୍କର କିନ୍ତୁ କୌଣସି ଆପତ୍ତି ଅଭିଯୋଗ ନାହିଁ । ସେ ସହ୍ୟ କରନ୍ତି ସେବକ ଜଞ୍ଜାଳ, ଉତ୍ପୀଡ଼ନ, ପାଗଳମାନଙ୍କର ଆକ୍ରମଣ, ନିଶାଖୋରମାନଙ୍କର ଦୈନିକ ଅତ୍ୟାଚାର । କେହି ଯେପରି ତା'ର ଦୁଃଖ ବୁଝିବାକୁ ନାହିଁ । ହଁ, ପାଖ ବସ୍ତିରେ ଯୁବକମାନେ ମାଉସୀଙ୍କୁ ସାହା । ସେମାନେ ତାଙ୍କୁ ଗ୍ରାମଦେବୀ ଭାବରେ ଯୁଗ ଯୁଗ ଧରି ମାନି ଆସୁଛନ୍ତି । ସେମାନେ ମାଉସୀର ଭଲମନ୍ଦରେ ସେମାନେ ଠିଆ ହୁଅନ୍ତି । ବର୍ଷ ତମାମ ବୁଢ଼ୀ ମାଉସୀର ଭଲ ମନ୍ଦ ବୁଝନ୍ତି । ନୃସିଂହ ଚତୁର୍ଦ୍ଦଶୀରେ ପାଞ୍ଚଶହ ଏକ କଳସୀ ସୁଗନ୍ଧିତ ଜଳରେ ମାଉସୀଙ୍କୁ ଜଳଶୟୀ କରନ୍ତି ଓ ଛେନା ତାଡ଼ିଆ ଅର୍ପଣ କରନ୍ତି ।

ଦେଖାଯାଉ କେବେ ମହାପ୍ରଭୁଙ୍କ ମନ ପଡ଼ିବ ମାଉସୀମାର ସ୍ନେହ ଓ ଶ୍ରଦ୍ଧାର ପ୍ରତିଦାନ ଦେବାକୁ ।

ଆଡଭୋକେଟ
ଦାଣ୍ଡିମାଳ ସାହି, ପୁରୀ

# ଗଜବଦନ ଯା'ର ନାହିଁ



ଓମ୍ ପ୍ରକାଶ

**ହି**ନ୍ଦୁ ଧର୍ମ କହିଲେ କେବଳ ଯେ ବୈଷ୍ଣବ ଧର୍ମକୁ ଏବଂ ତାହା ଉପାସ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ବୁଝାଏ, ତାହା ନୁହେଁ ବରଂ ଏହି ଧର୍ମ ଏବଂ ଦେବତାଙ୍କଠାରେ ଅନ୍ୟ ଧର୍ମର ଦେବାଦେବୀମାନଙ୍କର ମିଳନ ଘଟିଛି । ଯାହାଫଳରେ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି ସର୍ବଧର୍ମ ସମନ୍ୱୟର ପ୍ରତୀକ । ଉତ୍କଳର ଧର୍ମପୀଠ ଶ୍ରୀଜଗନ୍ନାଥ କ୍ଷେତ୍ର ପୁରୁଷୋତ୍ତମକୁ ମହାନ ଜ୍ଞାନୀ ଗୁଣୀମାନେ ପଞ୍ଚକ୍ଷେତ୍ର ବୋଲି ଅଭିହିତ କରିଥାନ୍ତି । ଏହି କ୍ଷେତ୍ର ବୈଷ୍ଣବ ଧର୍ମ ବ୍ୟତୀତ ଗାଣପତ୍ୟ, ଶୈବ, ଶାକ୍ତ ଏବଂ ସୌରଙ୍କ ଉପାସନାର କ୍ଷେତ୍ର ବୋଲି ମଧ୍ୟ ପ୍ରମାଣ ରହିଛି । ତେଣୁ ଯଥାର୍ଥରେ କୁହାଯାଇଛି -

'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କର ତଥା
ଭିନ୍ନ ପଞ୍ଚଦେବ ଭିନ୍ନ ନ କର୍ତ୍ତବ୍ୟଂ ଶ୍ରୀଜଗନ୍ନାଥ ନମଃସ୍ତୁତେ ।।'

ତେଣୁ ଏଥିରୁ ଯାହା ଜଣାପଡ଼େ ସର୍ବ ଦେବଦେବୀଙ୍କର ମିଶ୍ରଣ ଘଟିଛି ଏହି ଶ୍ରୀଜଗନ୍ନାଥଙ୍କଠାରେ । ଯିଏ ଯେତେବେଳେ ଆସି ଯେଉଁ ରୂପରେ ଖୋଜିଛି ଏବଂ ନିଜର ମତ ପ୍ରତିଷ୍ଠା କରିବାକୁ ଚାହିଁଛି ପ୍ରଭୁ ଶ୍ରୀଜଗନ୍ନାଥ ତାକୁ ସେହିପରି ଦେଖାଦେଇଛନ୍ତି ଓ ବାହୁ ମେଲେଇ ଆଲିଙ୍ଗନ କରିଛନ୍ତି । ତେଣୁ ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବା ସଂପ୍ରଦାୟର ନହୋଇ ସେ ଏକ ଚେତନା ପାଲଟି ଯାଇଛନ୍ତି ଓ ସର୍ବଧର୍ମ ସମନ୍ୱୟ ରକ୍ଷା କରିଛନ୍ତି । କେତେକ କ୍ଷେତ୍ରରେ ଜଗନ୍ନାଥଙ୍କୁ ଅବତାରି ବୋଲି ଗ୍ରହଣ କରାଯାଇଛି, କାରଣ ଜଗନ୍ନାଥଙ୍କଠାରେ ଦଶବତାରର ସମସ୍ତ ସାମଞ୍ଜସ୍ୟ ରହିଛି । ସ୍ନାନ ପୂର୍ଣ୍ଣିମା ପରେ ଅନବସର ସମୟରେ ନୃସିଂହ ବିଗ୍ରହଙ୍କୁ ଭୋଗ ଅର୍ପଣ କରାଯିବା ପରେ ମା' ବିମଳାଙ୍କ ପାଖରେ ଅର୍ପିତ ହୋଇ ସେହି ପ୍ରସାଦ ମହାପ୍ରସାଦର ରୂପ ନିଏ । ଯାହା ମା' ପ୍ରସାଦରୁ ମହାପ୍ରସାଦ ହୋଇଛି । ଯେଉଁ ପ୍ରସାଦରୁ ଅର୍ଣ୍ଣତ୍ୱ ଲୋପ ପାଇଁ ବ୍ରହ୍ମତ୍ୱ ପ୍ରବେଶ କରେ । ପ୍ରମାଣ ରହିଛି ଯେ ଜଗନ୍ନାଥଙ୍କର ଆଦିରୂପ ହେଉଛି ନୃସିଂହ । ତେଣୁ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲାପରେ ଶ୍ରୀମନ୍ଦିରରେ ନୃସିଂହ ବିଗ୍ରହ ପୂଜିତ ହୋଇଥା'ନ୍ତି । ସେହି ନୃସିଂହ ନାରାୟଣଙ୍କର ପରବର୍ତ୍ତୀ ରୂପ ଶ୍ରୀକୃଷ୍ଣ ଓ ତାଙ୍କରି ଅପୋଡ଼ା ନାଭିମଣ୍ଡଳ ଦାରୁବ୍ରହ୍ମ ରୂପ ନେଇ ସୃଷ୍ଟି ହେଲେ ଶ୍ରୀଜଗନ୍ନାଥ । ଏଣୁ ଯେ ନୃସିଂହ, ସେ କୃଷ୍ଣ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ସେଥିପାଇଁ ଶ୍ରୀବିଷ୍ଣୁ ସହସ୍ର ନାମରେ ଉଲ୍ଲେଖ କରାଯାଇଛି ଯେ - 'ନରସିଂହ ବପୁ ଶ୍ରୀମାନ କେଶବଃ ପୁରୁଷୋତ୍ତମଃ ।' ଦଶାବତାର କ୍ରମରେ ନୃସିଂହ ଚତୁର୍ଥ ଅବତାର ହୋଇଥିବାବେଳେ ଶ୍ରୀଜଗନ୍ନାଥ ବର୍ତ୍ତମାନ ଧ୍ୟାନସ୍ଥ ବୌଦ୍ଧ ରୂପରେ ଅବସ୍ଥାନ କରିଛନ୍ତି । ଏହାବ୍ୟତୀତ ହିନ୍ଦୁ ଧର୍ମ ଧାରାରେ ଯେଉଁ ଚାରିଯୁଗ - ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ରହିଛି ଏହାର ଉପାସ୍ୟ ଦେବତା ହିସାବରେ ଯଥାକ୍ରମେ ନୃସିଂହ, ରାମ, କୃଷ୍ଣ ଓ ଜଗନ୍ନାଥ ସ୍ୱୀକୃତ ହୋଇଛନ୍ତି । ଯେହେତୁ ଜଗନ୍ନାଥଙ୍କର ଆଦିରୂପ ହେଉଛନ୍ତି ଶ୍ରୀନୃସିଂହ ତେଣୁ ଜଗନ୍ନାଥଙ୍କର ପ୍ରାଣ ପ୍ରତିଷ୍ଠା ସତ୍ୟ ଯୁଗର ଦେବତା ନୃସିଂହ ମହାମନ୍ତ୍ରରେ ଏପରି ଭାବରେ କରାଯାଏ - 'ଉଗ୍ରଂବୀରଂ ମହାବିଷ୍ଣୁ ଜ୍ୱଳନ୍ତଂ ସର୍ବୋତ ମୁଖଂ ନୃସିଂହ ଭୀଷଣ ଭଦ୍ରଂ ମୃତ୍ୟୁ ମୃତ୍ୟୁନମାମ୍ୟହଂ ।' ଏହାବ୍ୟତୀତ ଜଗନ୍ନାଥ ମଧ୍ୟ ରାମଚନ୍ଦ୍ରଙ୍କ କୋଦଣ୍ଡଧରି ରାମ ରୂପରେ ଉଭା ହୁଅନ୍ତି । ତ୍ରେତୟା ଯୁଗର ଉପାସ୍ୟ ଦେବତା ରାମଚନ୍ଦ୍ରଙ୍କ ଜନ୍ମ ପୁଷ୍ୟାକକଡ଼ା ନକ୍ଷତ୍ର ଥାଇ ଯେଉଁଦିନ ମହାପ୍ରଭୁଙ୍କ ତାରା ଶୁଦ୍ଧି ହୁଏ ସେହି ଦିନ ଅଭିଷେକ ନୀତି ପାଳନ କରାଯାଏ । ଦ୍ୱାପର ଯୁଗର ଉପାସ୍ୟ ଦେବତା କୃଷ୍ଣ ଓ ଜଗନ୍ନାଥ ଏକ ଓ ଅଭିନ୍ନ ହୋଇଥିବାରୁ - 'ଓଁ ନମୋଃ ଭଗବତେ ବାସୁଦେବାୟୋ' ମନ୍ତ୍ର ଓ କୃଷ୍ଣଙ୍କୁ ଗୋପାଳ ଭାବେ ଗ୍ରହଣ କରି ଗୋପାଳ ମନ୍ତ୍ର - 'କ୍ଳୀଂ କୃଷ୍ଣାଂୟ ଗୋବିନ୍ଦାୟ ଗୋପୀଜନ ବଲ୍ଲବାୟ'ରେ ମଧ୍ୟ ଉପାସନା କରାଯାଏ । ଅତଏବ ଏହି ଚାରିଯୁଗର ଦେବତାଙ୍କର ସମନ୍ୱୟର ବିଗ୍ରହ ହେଉଛନ୍ତି ଶ୍ରୀଜଗନ୍ନାଥ । ପୁଣି ଜଗନ୍ନାଥଙ୍କୁ ଶ୍ରୀବିଷ୍ଣୁଙ୍କ ସହିତ ଗ୍ରହଣ କରାଯାଇ ଯେପରି ବିଷ୍ଣୁଙ୍କର କେହି ମାତାପିତା ନାହାନ୍ତି ସେ ସ୍ୱୟଂ ନିଜର ସୃଷ୍ଟି କର୍ତ୍ତା, ସେ ନିରାକାର - ପରଂବ୍ରହ୍ମ, ସେ ଶୂନ୍ୟ-ମହାଶୂନ୍ୟ ଠିକ୍ ସେହିପରି ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ ନିରାକାର । ଜଗନ୍ନାଥ ପ୍ରାଚୀନତା ସମ୍ପର୍କରେ ଶ୍ରୀବିଷ୍ଣୁ ସହସ୍ର ନାମରେ ମଧ୍ୟ ଏପରି ଭାବରେ ଉଲ୍ଲେଖ ରହିଛି ଯେ 'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ' । ଅତଏବ ଏହି ସହସ୍ର ନାମକୁ କୌଣସି ବ୍ୟକ୍ତି ରଚନା କରିନାହାନ୍ତି । ମହାଭାରତ ଯୁଦ୍ଧ ଶେଷରେ ପିତାମହ ଭୀଷ୍ମ ଶରଶଯ୍ୟା ଥିବା ସମୟରେ ଯୁଧିଷ୍ଠିରଙ୍କୁ କହିଥିଲେ ଏବଂ ସେ ସମୟରେ ସ୍ୱୟଂ

ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଉପସ୍ଥିତ ଥିଲେ । ଏଣୁ ଏଠାରେ ହୃଦ୍‌ବୋଧ କରିବାକୁ ହେବ ଯେ ଜଗନ୍ନାଥ କେଉଁ କାଳର ଦେବତା ! ସେଥିପାଇଁ ଜଗନ୍ନାଥଙ୍କୁ ବିଷ୍ଣୁଙ୍କ ସହିତ ଏକାକାର କରାଯାଇ ଶ୍ରୀବିଷ୍ଣୁ ସହସ୍ର ନାମରେ ବିଷ୍ଣୁଙ୍କ ଉତ୍ପତ୍ତି ସମ୍ପର୍କରେ ଏପରି ଉଲ୍ଲେଖ ଅଛି ଯେ -

‘ଯଜ୍ଞଭୃଦ୍ ଯଜ୍ଞକୃଦ୍‌ଯଜ୍ଞୀ ଯଜ୍ଞଭୁଗ୍‌ଯଜ୍ଞ ସାଧନଃ
ଯଜ୍ଞାନ୍ତକୃଦ୍‌ଯଜ୍ଞ ଗୁହ୍ୟମନ୍ନମନ୍ନାଦ ଏବଚ
ଆତ୍ମଯୋନିଃ ସ୍ୱୟଂଜାତୋ ବୈଖାନଃ ସାମଗାୟନଃ
ଦେବକୀନନ୍ଦନଃ ସ୍ରଷ୍ଟାକ୍ଷିତୀଶଃ ପାପନାଶନଃ ।’

ତେଣୁ ଜଗନ୍ନାଥ ଏ ଯେଉଁ ସମନ୍ୱୟ ପ୍ରତିଷ୍ଠା କରିଛନ୍ତି, ଏଥିରୁ ସ୍ପଷ୍ଟ ହୋଇଛି ଜଗନ୍ନାଥଙ୍କୁ ଅନ୍ୟ ଧର୍ମ ସହିତ ଯୋଡ଼ିବାର ପ୍ରକ୍ରିୟା । ଜଗନ୍ନାଥ ଯଦିବା ବାହ୍ୟତଃ ରୂପରେ ଏବଂ ଉପଚାରରେ ବୈଷ୍ଣବତ୍ୱ ପ୍ରତିପାଦନ କରନ୍ତି, ତଥାପି ତାଙ୍କର ଅନ୍ୟଧର୍ମର ଦେବାଦେବୀମାନଙ୍କଠାରେ ମିଳନ ଘଟିଛି । ଶ୍ରୀମନ୍ଦିରରେ ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ଜ୍ୟେଷ୍ଠପୂର୍ଣ୍ଣିମା ହେଉଛି ଜଗନ୍ନାଥଙ୍କର ପବିତ୍ର ଜନ୍ମଦିବସ । ଏହି ଦିନ ପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଏଣୁ ଏହାକୁ ଦେବସ୍ନାନ ପୂର୍ଣ୍ଣିମା କହନ୍ତି । ଶ୍ରୀଜୀଉମାନେ ଯେଉଁ ମଣ୍ଡପରେ ବସି ସ୍ନାନ କରନ୍ତି ତାହାକୁ ସ୍ନାନ ମଣ୍ଡପ କୁହାଯାଏ । ଏହି ଦିନ ଚତୁର୍ଦ୍ଧାମୂର୍ତ୍ତି- ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନଯାତ୍ରା ପାଳନ କରାଯାଏ । ସେଥିପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାଆଡ଼ମ୍ବର ସହକାରେ ଘଣ୍ଟା, ଭେରୀ, ଶଙ୍ଖ ଓ କାହାଳୀ ବଜାଇ ଗୋଟି ପହଣ୍ଡିରେ ଅଣାଯାଇ ଶ୍ରୀମନ୍ଦିର ପରିସର ଈଶାନ୍ୟ କୋଣରେ ଥିବା ମଞ୍ଚ ଅର୍ଥାତ୍ ଆନନ୍ଦବଜାର ସଂଲଗ୍ନ ସ୍ନାନମଣ୍ଡପ ଉପରକୁ ନିଆଯାଇଥାଏ । ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଚିତ୍ରକାର ମଣ୍ଡପକୁ ସୁନ୍ଦର ଭାବେ ଚିତ୍ରକରି ସଜାଇ ଦେଇଥାଏ । ପଥରରେ ତିଆରି ଏହି ମଣ୍ଡପର ଲମ୍ବ ୫୦ ଫୁଟ ଓ ଓସାର ୫୦ ଫୁଟ । ଏହାର ଉପରି ଭାଗରେ ୨୦ ଫୁଟ ଲମ୍ବ ୫ ଫୁଟ ଉଚ୍ଚତାର ଆଉ ଗୋଟିଏ ମଣ୍ଡପ ରହିଛି । ଏହି ଛୋଟ ମଣ୍ଡପ ଉପରେ ତିନୋଟି ଗୋଲାକୃତି ପିଣ୍ଡି କଳାମୁଗୁନି ପଥରରେ ନିର୍ମିତ ହୋଇଛି । ଜଗନ୍ନାଥଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୩୯ ଇଞ୍ଚ ଓ ଗୋଲେଇ ୯ ଫୁଟ ୬ ଇଞ୍ଚ । ବଳଭଦ୍ରଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୨୭ ଇଞ୍ଚ ଓ ଗୋଲେଇ ୭ ଫୁଟ ୩ ଇଞ୍ଚ ଏବଂ ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୨୪ ଇଞ୍ଚ ଓ ଗୋଲେଇ ହେଉଛି ୬ ଫୁଟ ୫ ଇଞ୍ଚ । ଶ୍ରୀଜୀଉମାନଙ୍କର ସ୍ନାନ ନିମନ୍ତେ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ମା’ ସନ୍ତୋଷୀ ଶୀତଳା ମନ୍ଦିର ଆଗରେ ଥିବା ସୁନା କୂଅରୁ ଚତୁର୍ଦ୍ଦଶୀ ଦିନ ୧୦୮ କୁମ୍ଭ ବା ଗରା ଜଳ ସୁନାଗୋସାଇଁ ଓ ମୁଦିରସ୍ତ ନେଇ ଅଧିବାସ ଘରେ ରଖନ୍ତି ଏବଂ ପରଦିନ ଉକ୍ତ ଜଳକୁ ଷୋଡ଼ଶ ଉପଚାର ପୂଜା ମାଧ୍ୟମରେ ମହାପ୍ରଭୁଙ୍କୁ ସେହି ସୁବାସିତ ଜଳରେ ସ୍ନାନ କରାଇଥାନ୍ତି । ଏହି ୧୦୮ ଗରା ଜଳ ମଧ୍ୟରୁ ୩୫ ଗରା ଜଳ ଜଗନ୍ନାଥଙ୍କ ଉପରେ, ୩୩ ଗରା ଜଳ ବଳଭଦ୍ରଙ୍କ ଉପରେ ଓ ୨୨ ଗରା ଜଳ ମା’ ସୁଭଦ୍ରାଙ୍କ ଉପରେ ଏବଂ ୧୮ ଗରା ଜଳ ସୁଦର୍ଶନଙ୍କ ଉପରେ ଢଳା ଯାଇଥାଏ । ମହାପ୍ରଭୁଙ୍କର ଏହି ପବିତ୍ର ସ୍ନାନ କରିବା ଉତ୍ସବକୁ ସ୍କନ୍ଦ ପୁରାଣ ଓ ଆଦି ବ୍ରହ୍ମ ପୁରାଣ ଅତି ପବିତ୍ର ଏବଂ ପାବନ ଉତ୍ସବ ବୋଲି ମାନ୍ୟତା ପ୍ରଦର୍ଶନ କରିଛନ୍ତି । ଆଉ ମହାପ୍ରଭୁଙ୍କର ଏହି ସ୍ନାନବେଦୀରେ ସ୍ନାନ କରିବାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ - ଠାକୁରମାନେ ଶ୍ରୀମନ୍ଦିରର ପରିସର ମଧ୍ୟରେ ବର୍ଷକରେ ପ୍ରଥମ ଥର ପାଇଁ ବାହାରକୁ ଆସି ସ୍ନାନ କରିବା ଏବଂ ଏହି ଦିନକ ପାଇଁ ଯେଉଁ କୂଅର ଜଳରେ ସ୍ନାନ କରନ୍ତି ସେହି କୂଅ କେବଳ ବର୍ଷରେ ସେହି ଥରକ ପାଇଁ ଉନ୍ମୁକ୍ତ ହେବା ସହିତ ସେହି କୂଅରେ ସେହି ସମୟରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହେବା ହେଉଛି ଏହାର ପ୍ରସିଦ୍ଧି । ସ୍ନାନ ପରେ ଛେରାପହଁରା ନୀତି ସମ୍ପନ୍ନ ହୋଇ ଶ୍ରୀଜୀଉଙ୍କର ହାତୀବେଶ ଅନୁଷ୍ଠିତ ହୁଏ । ଏହି ବେଶରେ ବଳଭଦ୍ରଙ୍କୁ ଧଳାହାତୀ ଓ ଜଗନ୍ନାଥଙ୍କୁ କଳାହାତୀ ବେଶ କରାଯାଏ । ତେବେ ମା’ ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ହାତୀବେଶ କରାନଯାଇ ଅନ୍ୟ ଆଭୂଷଣରେ ଭୂଷିତ କରାଯାଏ ।

ଏହି ଦିନ ଗଣପତି ଭଟ୍ଟ ନାମକ ଏକ ଭକ୍ତଙ୍କର ନାମ ଶ୍ରଦ୍ଧାରୁ ଜଗନ୍ନାଥ ପ୍ରେମୀ ଭକ୍ତମାନେ ସ୍ମରଣ କରୁଥିବାବେଳେ ସ୍ୱୟଂ ଶ୍ରୀଜଗନ୍ନାଥ ମଧ୍ୟ ସେହି ଭକ୍ତଙ୍କର ଅନୁରୋଧ ରକ୍ଷା କରିଆସୁଛନ୍ତି । କଥିତ ଅଛି, ମହାରାଷ୍ଟ୍ର ପ୍ରଦେଶରୁ ଯେତେବେଳେ ଗଣପତି ଭଟ୍ଟ ନିଜର ନିର୍ବାଣ ଉଦ୍ଦେଶ୍ୟ ନେଇ ବ୍ରହ୍ମ ଦର୍ଶନ କରିବାକୁ ପୁରୁଷୋତ୍ତମ ଆସିଥିଲେ ସେହିଦିନ ଥିଲା ସ୍ନାନ ପୂର୍ଣ୍ଣିମା ଏବଂ ସ୍ନାନବେଦୀରେ ବିଜେ କରିଥିଲେ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା । ତେଣୁ ସେ ବିଗ୍ରହମାନଙ୍କୁ ଦେଖି ସେଠାରେ ଆଶ୍ଚର୍ଯ୍ୟ ହେଲେ ଏବଂ ତାଙ୍କର ମନ ମାନିଲା ନାହିଁ । ବ୍ରହ୍ମ କହିଲେ ହିଁ ଥୋଡ଼ ପାହୁଲ ଯୁକ୍ତ ଗଜବଦନକୁ ବୁଝାଏ । ଏ କେବେ ହେଲେ ମୋର ପରମ ଆରାଧ୍ୟ ଦେବତା ହୋଇ ନପାରନ୍ତି । ଯାଙ୍କରତ କିମ୍ଭୁତ କିମ୍ଭାକାର ଆକାର ଏ କ’ଣ ଭକ୍ତି, ମୁକ୍ତି ନିର୍ବାଣ ଦେବେ ? ସବୁ ଶ୍ରମ ବୃଥା ହୋଇଗଲା ଭାବି ବ୍ୟାକୁଳ ଚିତ୍ତରେ କାନ୍ଦି କାନ୍ଦି କହନ୍ତି - ଗଜବଦନ ଯା’ର ନାହିଁ, ସେ ବ୍ରହ୍ମ ବୋଲାଇବ କାହିଁ । ତେଣୁ ସେ ଦୁଃଖରେ ମର୍ମାହତ ହୋଇ ଲୋତକ ପ୍ଲାବିତ ଭାବେ ଲକ୍ଷ୍ମୀଙ୍କ ଜଗମୋହନର ଗୋଟିଏ କୋଣରେ ପଡ଼ି ରହିଲେ ତାଙ୍କର ସେହି ପରଂବ୍ରହ୍ମଙ୍କୁ ସ୍ମରଣ କରି । ଏଣେ ମୁଦିରସ୍ତଙ୍କୁ ଶୂନ୍ୟବାଣୀ ହେଲା ଯେ, ତୁମେ ଯାଅ ମୁଦିରସ୍ତ, ମୋର ଗୋଟିଏ ଅଝଟିଆ ଅଭିମାନୀ ଭକ୍ତିଟିଏ ଲକ୍ଷ୍ମୀଙ୍କର ଜଗମୋହନରେ ଶୋଇଛି, ତାକୁ ଯାଇ ଉଠାଇ କହିବ ସେ ତା’ର ଭକ୍ତି ନେତ୍ରରେ ମୋତେ ଦର୍ଶନ କରୁ, ତା’ପରେ ଜାଣିବ ଯେ ମୁଁ ପ୍ରକୃତରେ ତା’ର ସେହି ପରଂବ୍ରହ୍ମ, ସର୍ବରୂପୀ, ସର୍ବବ୍ୟାପୀ ଓ ସର୍ବନାମରେ ଅଛି କି ନାହିଁ ? ତାହା ହିଁ ହେଲା ପ୍ରଭୁଙ୍କର ଅପାର କୃପାରୁ ଭକ୍ତର ବ୍ରହ୍ମଦର୍ଶନ । ସତେ ଯେପରି କଳାଧଳା ହାତୀ ଦୁଇଟି ଥୋଡ଼ ପାହୁଲ ଲମ୍ବାଇ

ମତୁଆଲା ଭାବରେ ନୀଳକନ୍ଦରରୁ ଓହ୍ଲାଇ ଆସୁଛନ୍ତି, ସତେ ଯେପରି ଭକ୍ତକୁ ନିର୍ବାଣ ଦେବାକୁ । ଭକ୍ତ ବିଭୋର ହୋଇ ଆଖିରୁ ପ୍ରେମାଶ୍ରୁ ବୋହିଗଲା ଏବଂ ସେ ତାହାର ଅଷ୍ଟାଙ୍ଗ ପ୍ରଭୁଙ୍କର ଶ୍ରୀଚରଣରେ ସମର୍ପଣ କରି ଗଡ଼ି ଗଡ଼ି କହୁଥିଲେ ହେ ଭକ୍ତବତ୍ସଳ ଭାବଗ୍ରାହୀ, ଛାର ଦାସଟା ପାଇଁ ଏଡ଼େ ବଡ଼ ଶାଆନ୍ତଙ୍କୁ ପୁଣି ତା'ର ରୂପ ପରିବର୍ତ୍ତନ କରିବାକୁ ପଡ଼ିଲା । କାହିଁକି ପ୍ରଭୁ ଏ ଦାସଟା କ'ଣ ମରିଯାଇଥିଲେ, ଏ ନିଷ୍କଳଙ୍କ ଚନ୍ଦ୍ରମାରେ କଳଙ୍କ ଲାଗିଯାଇଥାନ୍ତା । ତେଣୁ ଭକ୍ତ ଏଠାରେ ବିଭୋର ହୋଇ କହିଉଠିଲେ -

'ତୋର ନୋହିଲେ କରୁଣା, ବ୍ରହ୍ମା ଶଙ୍କର ହୋନ୍ତି ବଣା ।
ତୋହର ହୋଇଲେ ସଦୟ, ଜ୍ଞାନତା ହୃଦରୁ ଉଦୟ ।।'

ହେ ପ୍ରଭୁ, ଏ ଅପରାଧ ମୋର କ୍ଷମା କର । ହେ ଗଜାନନ, ହେ ଗଣନାୟକ, ହେ ଗଣଦେବତା ମୋର ଭକ୍ତିପୁତ ପ୍ରଣାମ ଗ୍ରହଣ କରି ନିର୍ବାଣ ଦେବା ପୂର୍ବକ ମୋର ଗୋଟିଏ ଆପଣଙ୍କ ପାଖରେ ଗୁହାରୀ ଯେ ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଅର୍ଥାତ୍ ସ୍ନାନୋତ୍ସବ ଦିନ ସ୍ନାନ ବେଦୀରେ ଏହି ବେଶରେ ବିରାଜମାନ ହୋଇ ଜଗତର କଲ୍ୟାଣ ନିମିତ୍ତ ଜଗତବାସୀଙ୍କର ବିଘ୍ନ ବିନାଶ କରିବେ । ପ୍ରଭୁର ଆଦେଶକୁ ଯେପରି ଭୃତ୍ୟ ଆଜ୍ଞାଧୀନ ପରି ପାଳନ କରେ ସେହିପରି ଭକ୍ତର ଭାବକୁ ଶିରଧାର୍ଯ୍ୟ କରି, ସେହି ଦିନଠାରୁ ମହାପ୍ରଭୁଙ୍କର ଗଜାନନ ବେଶ ହୋଇଆସୁଅଛି । ଭକ୍ତ ବେଶରେ ସଞ୍ଜୁଡ଼ି ଭୋଗ ଲାଗିବା ପରେ ମହାପ୍ରଭୁ ପହଣ୍ଡି ବିଜେ ହୋଇ ଅନବସର ଗୃହକୁ ପ୍ରବେଶ କରନ୍ତି ।

ଜୟ ଜଗନ୍ନାଥ !

ମାନବିକ ଅଧିକାର ସୁରକ୍ଷା କର୍ମୀ ତଥା
ସଲିସିଟର ଓ ଆଡ୍‌ଭୋକେଟ୍, ହାଇକୋର୍ଟ
ଇ-୨୦୮, ଭୁବନେଶ୍ୱର-୧୨

---

# ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ

ଦେଶବନ୍ଧୁ ମିଶ୍ର

ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ
ଅସଜଡ଼ା କେଶ ମଳିନ ବାସ
କାହା ସାଥେ କଥା ହେଉ ନାହାନ୍ତି
କେଉଁଥିରେ ମନ ଦେଉ ନାହାନ୍ତି ।
ଶରଧା ବାଲିରେ ଶରଧା ଭାରି
ପ୍ରଭୁ ଜଗନ୍ନାଥ ଗୁଣ୍ଡିଚା ବାଡ଼ି
ବୁଲି ଯାଉଛନ୍ତି ହରଷ ମନେ,
ଭେଟିବେକି ରାଧା କଦମ୍ବ ବନେ ।
ଭ୍ରାତା ବଳଭଦ୍ର ଭଗ୍ନୀ ସୁଭଦ୍ରା
ଦେବ ସୁଦର୍ଶନ ଇଚ୍ଛୁକ ସଦା
ସକଳ ଚଳିବେ ତିନି ରଥରେ
ବିଚାରୀ ଲକ୍ଷ୍ମୀ କି କିଏ ପଚାରେ ।
ପ୍ରଭୁ ଯାଉଛନ୍ତି ଗୁଣ୍ଡିଚା ବାଡ଼ି
ଅଲୋଡ଼ା କାହିଁକି ଲକ୍ଷ୍ମୀ ବିଚାରୀ
ନଥିଲେ କମଳା ରଥେ ସୁନ୍ଦର
ଦିଶିବେନି ଯମା କମଳା ବର ।
ପଥେ ସାଲବେଗ ସମାଧି ସ୍ଥଳ
ପଡ଼ିବ ପ୍ରଭୁଙ୍କ ଚକ୍ଷୁ ଯୁଗଳ
ନିଶ୍ଚେ ଲୋତକରେ ହୋଇବ ଓଦା
ଭକ୍ତ ଉଚ୍ଚେ ପ୍ରଭୁ ନିଚେ ସର୍ବଦା ।



ପଥରେ ପଡ଼ିବ ମାଉସୀ ଘର
ପ୍ରଭୁଙ୍କୁ ଅତ୍ୟନ୍ତ ସ୍ନେହ ଯାହାର
କରିଥିବେ ପୋଡ଼ ପିଠା ତିଆରି
ସୁସ୍ୱାଦୁ ପ୍ରଭୁଙ୍କ ବାସନା ବାରି
ଲକ୍ଷ୍ମୀ ଠାକୁରାଣୀ ଆଜି ବିଷଣ୍ଣ
କହି ଚାଲିଛନ୍ତି ମନକୁ ମନ
ପ୍ରିୟତମା ଡାକ ଖାଲି ତୁଣ୍ଡକୁ
ଲକ୍ଷ୍ମୀ ସବୁବେଳେ ଚୁଲି ମୁଣ୍ଡକୁ ।
ଭାବୁଛନ୍ତି ରାଗ ଶୁଝାଇବାକୁ
ଭାବୁଛନ୍ତି ରଥ ଭାଙ୍ଗି ଦେବାକୁ
ଲେଉଟିଲେ ପ୍ରଭୁ ଶ୍ରୀମନ୍ଦିରକୁ
ସିଂହଦ୍ୱାର ଜମା ନ ଖୋଲିବାକୁ
ଠାକୁର ଯେଉଁଠି ମଣିଷ ପରି
ଠାକୁରାଣୀ ଭିନ୍ନ ହେବେ କିପରି
ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ
ପ୍ରଭୁଙ୍କ ଶ୍ରୀମୁଖେ ଅଳପ ହସ ।

ଦଇତାପଡ଼ା ସାହି
ପୁରୀ

# ରଣପୁର ଜଗନ୍ନାଥ ମନ୍ଦିର ଏବଂ ରଥଯାତ୍ରା

ବ୍ରଜ ପାଇକରାୟ

ଅତୀତରେ ରଣପୁର ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଥିବା ସମୟରେ ଏବଂ ରାଜା ଉଦ୍ଧବ ସିଂହ ନରେନ୍ଦ୍ରଙ୍କ ରାଜତ୍ୱ କାଳରେ (୧୩୨୪-୧୩୬୩) ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରେ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମଣିନାଗ ପର୍ବତ ଶିଖରୀ ଉପରେ ଦଣ୍ଡାୟମାନ ମଣିନାଗ ଦୁର୍ଗାଙ୍କ ମନ୍ଦିର ନିର୍ମିତ ହୋଇଥିବାର ଜଣାଯାଏ ।

ରଣପୁରଗଡ଼ରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସଂପର୍କୀୟ ଏକ କିମ୍ବଦନ୍ତୀ ପାଠକମାନଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି - 'ରାଜା ଉଦ୍ଧବ ସିଂହ ନରେନ୍ଦ୍ର ପ୍ରତିଦିନ ଅଶ୍ୱପୃଷ୍ଠରେ ଚଢ଼ି ଶ୍ରୀକ୍ଷେତ୍ର ଯାଇ ଜଗନ୍ନାଥ ଦର୍ଶନ କରି ରଣପୁରଗଡ଼ ଫେରି ଆସନ୍ତି । (ରଣପୁରଠାରୁ ଜଙ୍କିଆଗଡ଼ ସାହି ପର୍ଯ୍ୟନ୍ତ ଗୋଟିଏ ଅଶ୍ୱରେ ଯାଇ ସେଠାରୁ ଅନ୍ୟ ଏକ ଅଶ୍ୱରେ ପୁରୀ ଯାଇ ରଣପୁର ଫେରି ଆସନ୍ତି ବୋଲି ପ୍ରବାଦ ରହିଛି) ଏକଦା ରଣପୁରଠାରୁ ଜଙ୍କିଆଗଡ଼ ସାହି ପର୍ଯ୍ୟନ୍ତ ଯାଇ ଲୁଣା ନଦୀରେ ବନ୍ୟା ଯୋଗୁଁ ରାଜା ଶ୍ରୀକ୍ଷେତ୍ର ଯାଇପାରିଲେ ନାହିଁ । ନଦୀ ବଢ଼ି କମିବା ପରେ ରାଜା ପୁରୀ ଯାତ୍ରା କଲେ । ହେଲେ ଶ୍ରୀକ୍ଷେତ୍ର ଯିବା ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି ଯୋଗୁଁ ଏବଂ ରାଜା ଜଗନ୍ନାଥ ଦର୍ଶନରୁ ବଞ୍ଚିତ ହୋଇଥିବା କାରଣରୁ ପୁରୀ ଜଗନ୍ନାଥ ମନ୍ଦିର ବେଢ଼ା ବଟବୃକ୍ଷ ମୂଳରେ ୭ ଦିନ ଧରି ଉପବାସ ରହି ଜଗନ୍ନାଥଙ୍କ ଶରଣାପନ୍ନ ହେଲେ । ଉକ୍ତ ରାଜାଙ୍କ ଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ ହୋଇ ପ୍ରଭୁ ଶ୍ରୀଜଗନ୍ନାଥ ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ଦେଲେ ଯେ ଠାକୁରଙ୍କ ଷୋଳ କଳାରୁ ଏକ କଳା ରଣପୁର ଯିବ ଏବଂ ରାଜା ଉଦ୍ଧବ ସିଂହ ରଣପୁରଗଡ଼ରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରି ଠାକୁର ପ୍ରତିଷ୍ଠା କରିବେ । ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁଯାୟୀ ଗଜପତି ପ୍ରତାପରୁଦ୍ର ଦେବ ରାଜା ଉଦ୍ଧବ ସିଂହଙ୍କୁ ମାଧବ ଗୋସାଇଁଙ୍କ ମୂର୍ତ୍ତି ପ୍ରଦାନ କରିବା ସହ ପାଟଶାଢ଼ୀ ଏବଂ 'ନରେନ୍ଦ୍ର' ପଦବୀ ଦ୍ୱାରା ସମ୍ମାନିତ କରିଥିଲେ । ସୁତରାଂ ରାଜା ଉଦ୍ଧବ ସିଂହ ନରେନ୍ଦ୍ରଙ୍କ ରାଜତ୍ୱ କାଳରେ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ଓ ପ୍ରତିଷ୍ଠିତ ହୋଇ ବିଧିବଦ୍ଧ ଭାବେ ଶ୍ରୀଜୀଉମାନଙ୍କ ସେବାପୂଜା ଅଦ୍ୟାବଧି ଚାଲୁ ରହିଛି । ରଣପୁର ଜଗନ୍ନାଥ ମନ୍ଦିର ମଧ୍ୟରେ



ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ୩ ଗୋଟି ଦୀର୍ଘ ବିଗ୍ରହ ପ୍ରତିଷ୍ଠା ସହ ସେମାନଙ୍କ ନିକଟରେ ୩ ଗୋଟି କ୍ଷୁଦ୍ର ବିଗ୍ରହ ମଧ୍ୟ ବିଦ୍ୟମାନ ଅଛନ୍ତି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ଉକ୍ତ କ୍ଷୁଦ୍ର ବିଗ୍ରହଗୁଡ଼ିକ 'ଘରବାବୁ' ଭାବେ ସୁପରିଚିତ ।

ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ସଂପ୍ରତି ମୁଖ୍ୟ ସେବାୟତ ରୂପେ ଶ୍ରୀଜୀଉମାନଙ୍କ ସେବାପୂଜା କରୁଥିବା ରବି ନନ୍ଦଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ସକାଳ ୭ଟା ୩୦ ମିନିଟ୍ ସମୟରେ ଠାକୁରମାନଙ୍କ ଅବକାଶ (ନିତ୍ୟକର୍ମ) ସଂପାଦନ ପରେ ୮ଟା ସମୟରେ ବଲ୍ଲଭ ଧୂପ ଲାଗି ହୁଏ । ବଲ୍ଲଭ ଧୂପରେ ଲିଆ ମୁଆଁ ଏବଂ ଦହି ଲାଗି ବିଧି ପ୍ରଚଳିତ ଅଛି । ୧୨ଟା ୩୦ ମିନିଟ୍ ବେଳେ ସକାଳ ଧୂପରେ ଅନ୍ନ ପ୍ରସାଦ, ଡାଲି, ତରକାରୀ, ବେସର, ଶାଗ, ମହୁର, ଖଟା ଓ କ୍ଷିରୀ ଭୋଗ କରାଯାଏ । ଏହା ପରେ ଠାକୁର ପହୁଡ଼ ଯାଆନ୍ତି ଏବଂ ଅପରାହ୍ନ ୩ଟା ବେଳକୁ ପହୁଡ଼ ଭାଙ୍ଗେ । ସଂଧ୍ୟା ୭ଟା ସମୟରେ ସଂଧ୍ୟା ଆଳତି କରାଯାଏ ଏବଂ ମନ୍ଦିର ନିଯୋଗ ବିଧିବିଧାନ ଅନୁଯାୟୀ ପତ୍ରୀ ଆଳତି କାଠି ଏବଂ ପଢ଼ିଆରୀ ଠା'ସଜ ଯଥା- ପୀଢ଼ା, ଘଣ୍ଟି, ଦର୍ପଣ ଇତ୍ୟାଦି ଯୋଗାଇ ଥାଆନ୍ତି । ମାଳି ମନ୍ଦିର ବେଢ଼ା ଭିତର ସଫା କରିବା ସହ ତୁଳସୀ ଓ ପାଣି ଯୋଗାଇବା ଦାୟିତ୍ୱ ନେଇଥାଆନ୍ତି । ସାମନ୍ତ ବ୍ରାହ୍ମଣ ମନ୍ତ୍ରପାଠ ଏବଂ ପୂଜା ଅର୍ଚ୍ଚନା କରିଥାଆନ୍ତି । ରାତ୍ରୀ ୮ଟା ବେଳେ ସଂଖୁଡ଼ି ଭୋଗରେ ଠାକୁରମାନଙ୍କୁ ଛେନା, ବିରି, ନଡ଼ିଆ ଓ ଘିଅରେ ପ୍ରସ୍ତୁତ ପୁଳି ଏବଂ ଏଣ୍ଡୁରି ପିଠା

ଭୋଗ ଲାଗି ହୁଏ । ରାତ୍ରୀ ୯ଟା ପରେ ବଡ଼ସିଂହାର ଧୂପରେ ଖଜା ଓ ସରପୁଳି ଭୋଗ ଅର୍ପଣ କରାଯାଏ ଏବଂ ରାତ୍ରୀ ୧୦ଟା ବେଳକୁ ଶ୍ରୀଜୀଉମାନେ ପହୁଡ଼ ବିଜେ କରନ୍ତି ।

ରଣପୁର ଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କୁ ପ୍ରଦତ୍ତ ଭୋଗ ପ୍ରସାଦରୁ ଅର୍ଦ୍ଧେକ ସେବାୟତ ପରିବାର, ଏକ ଚତୁର୍ଥାଂଶ ଖେଇ ଆକାରରେ ରାଜ ପରିବାର ଏବଂ ଅବଶିଷ୍ଟ ଭୋଗ ଭକ୍ତମାନେ ସେବନ କରିବାର ବିଧିବ୍ୟବସ୍ଥା ଅଦ୍ୟାପି ମଧ୍ୟ ପ୍ରଚଳିତ ରହିଛି ।

ରଣପୁର ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିସର ମଧ୍ୟରେ ପାର୍ଶ୍ୱଦେବତା ଭାବେ ଶ୍ରୀହରିହରଶ୍ୱର, ବୃନ୍ଦାବନ ବିହାରୀ ଦେବ, ବ୍ରଜ ବିହାରୀ ଦେବ, କୁଂଜ ବିହାରୀ ଦେବ, ରାଧାକାନ୍ତ ଦେବ, ମହାଲକ୍ଷ୍ମୀ, ସରସ୍ୱତୀ ଏବଂ ଶ୍ରୀଗଣେଶ ପ୍ରଭୃତି ପ୍ରାଚୀନ କାଳରୁ ପୂଜା ପାଇ ଆସୁଛନ୍ତି । ମନ୍ଦିର ବେଢ଼ା ପରିସରରେ ଶ୍ରୀଜୀଉମାନଙ୍କ ପାଇଁ ଦେବସ୍ନାନ ମଣ୍ଡପ ବିଦ୍ୟମାନ ଅଛି ।



ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ବିଧିବିଧାନ ଅନୁଯାୟୀ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବାର ମାସରେ ବାର ଯାତ୍ରା ଅନୁଷ୍ଠିତ ହୋଇଥାଏ । ଠାକୁରମାନଙ୍କ ସେବାପୂଜା ପାଇଁ ସାମନ୍ତ ବ୍ରାହ୍ମଣମାନଙ୍କୁ ରାଜା ଭୂ-ସଂପତ୍ତି ପ୍ରଦାନ କରିଥିଲେ ମଧ୍ୟ ପୂଜାରୀ ଶ୍ରେଣୀର ବ୍ରାହ୍ମଣମାନଙ୍କୁ 'ସୁଆର ବେଠି'ରେ ନିୟୋଜିତ କରାଯାଇଥିବା ଜଣାଯାଏ । ରଣପୁରରେ ଗଡ଼ଜାତି ଶାସନ ଚାଲିଥିବାବେଳେ ରାଜା ଜଗନ୍ନାଥ ମନ୍ଦିରର ଉତ୍ସବ ଦିନମାନଙ୍କରେ ବେଳେବେଳେ ଚାନ୍ଦପୁରସ୍ଥିତ ରାଜ ନଅରରେ ଅବସ୍ଥାନ କରୁଥିବାରୁ ପୂଜାରୀ ବ୍ରାହ୍ମଣମାନେ ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଧୂପ ଉଠିବା ପରେ ପ୍ରସାଦ ନେଇ ସେହି ରାତ୍ରୀରେ ଚାଲି ଚାଲି ଚାନ୍ଦପୁର ଯାଉଥିଲେ । ଏତଦ୍‌ବ୍ୟତୀତ ରାଜାଙ୍କ ଅମଲା ଏବଂ ଧର୍ମପୁତ୍ର ଅଗାଧୁ ରାଉତରାୟଙ୍କ ବାସସ୍ଥାନ ଯଦୁପୁର ଗ୍ରାମକୁ ବ୍ରାହ୍ମଣମାନେ ପ୍ରସାଦ ବହନ କରି ନେଉଥିଲେ, କାରଣ ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ ଜାତିର ପ୍ରଜା ପ୍ରସାଦ ବହନ କରିବାରେ ବାରଣ ଥିଲା । ୧୯୪୩ ମସିହାରେ ରଣପୁରର ତତ୍କାଳୀନ ଦେଓ୍ୱାନ ଏବଂ Superintendent ବାମଦେବ ରଥ ଉକ୍ତ 'ସୁଆର ବେଠି' ପ୍ରଥାର ବିଲୋପ ସାଧନ କରିଥିଲେ । କାରଣ ୧୯୩୯ ମସିହା ଜାନୁଆରୀ ୫ ତାରିଖରେ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ ରଣପୁର ପ୍ରଜାଙ୍କ ଲାଠିମାଡ଼ରେ ମୃତ୍ୟୁ ବରଣ କରିବାରୁ ରାଜାଙ୍କଠାରୁ ସମସ୍ତ କ୍ଷମତା କାଢ଼ି ନିଆଯାଇ ୧୯୪୧ ମସିହାଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ରଣପୁରରେ Court of Wards ହୋଇଥିଲା । ଦେଓ୍ୱାନ ବାମଦେବ ରଥ ରଣପୁର ରାଜ୍ୟର ସୁପରିଟେଣ୍ଡେଣ୍ଟ ରୂପେ ରାଜାଙ୍କ କ୍ଷମତା ଉପଭୋଗ କରୁଥିବାରୁ 'ସୁଆର ବେଠି' ପ୍ରଥାର ଉଚ୍ଛେଦ ସାଧନ କରିବାକୁ ସମର୍ଥ ହୋଇଥିଲେ ।

ରଣପୁର ରାଜା ସାରଙ୍ଗଧର ବଜ୍ରଧର ନରେନ୍ଦ୍ର ମହାପାତ୍ରଙ୍କ (୧୭୨୭-୧୭୫୪) ରାଜତ୍ୱ କାଳରେ ପ୍ରଥମ କରି ରଣପୁରରେ ରଥଯାତ୍ରା ଆରମ୍ଭ ହୋଇଥିଲା ଏବଂ ସେହି ସମୟରୁ ଅଦ୍ୟାବଧି ରଣପୁରଗଡ଼ରେ ରଥଯାତ୍ରା ଅନୁଷ୍ଠିତ ହେଉଅଛି । ଜ୍ୟେଷ୍ଠ ମାସ ଅକ୍ଷି ତୃତୀୟା ଦିନ ରଥ ନିର୍ମାଣ ନିମିତ୍ତ କାଠ ଅନୁକୂଳ କରାଯାଇଥାଏ । ସାଧାରଣତଃ ରଣପୁର ଅନ୍ତର୍ଗତ ବରବରା, ରଣ୍ଡା, ଗିରିଣ୍ଡା, ବନ୍ଧମୁଣ୍ଡା ଓ ଜାମୁଗଣ୍ଡ ଜଙ୍ଗଲରୁ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯାଇଥାଏ । ଓଡ଼ିଶା ପ୍ରଦେଶରେ ରଣପୁର ଗଡ଼ଜାତ ରାଜ୍ୟର ମିଶ୍ରଣ ପରେ ଏବଂ ରଣପୁର ଏକ ତହସିଲରେ ପରିଣତ ହେବା ପରେ ରଣପୁର ତହସିଲଦାର ତାଙ୍କ ପଦବୀ ବଳରେ ସ୍ୱତଃ ଜଗନ୍ନାଥ ମନ୍ଦିରର Ex-officio ଏକଜିକ୍ୟୁଟିଭ୍ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ତେଣୁ ରଥଯାତ୍ରା ହେବା ପାଇଁ ଆବଶ୍ୟକୀୟ ବିଧିବିଧାନ ରଣପୁର ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଗଠିତ ଓ ସଂପାଦିତ ହୋଇଥାଏ । ସାଂପ୍ରତିକ କାଳରେ ତହସିଲଦାର ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ଯୋଗାଇବା ପରେ ରଣପୁରଗଡ଼ ସିକୋ, ରାଜସୁନାଖଳା, ଲେଖନପୁର, ଗୋପାଳପୁର ଏବଂ ମଝିଆଖଣ୍ଡର ବଢ଼େଇମାନେ ଶ୍ରୀଗୁଣ୍ଡିଚା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ କରିଥାଆନ୍ତି । ରଥ ଟାଣିବା ପାଇଁ ଦଉଡ଼ି ଏବଂ ଆବଶ୍ୟକୀୟ ସରଞ୍ଜାମ ଯୋଗାଡ଼ କରିବା ଏବଂ ରଥଯାତ୍ରାର ଅନ୍ୟାନ୍ୟ ବିଧିବ୍ୟବସ୍ଥାର ଦାୟିତ୍ୱ ରଣପୁର ତହସିଲଦାର ବହନ କରିଥାଆନ୍ତି । ରଣପୁର ରାଜା ଶ୍ରୀଗୁଣ୍ଡିଚା ଦିନ ରାଜନଅରରୁ ଛତ୍ର ଚାମର ମଶାଲ ସହ ଶୋଭାଯାତ୍ରାରେ ଆସି ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମା ସୁଭଦ୍ରାଙ୍କତିନି ରଥକୁ ପର୍ଯ୍ୟାୟକ୍ରମେ ଛେରାପହଁରା କରିଥାଆନ୍ତି । ପ୍ରତି ରଥ ଛେରାପହଁରା ଲାଗି ୧୦୧ ଟଙ୍କା ହିସାବରେ ମୋଟ ୩୦୩ ଟଙ୍କା ରାଜାଙ୍କୁ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ସମିତି ତରଫରୁ ପ୍ରଦାନ କରାଯିବାର ବିଧିବ୍ୟବସ୍ଥା ରହିଛି ବୋଲି ମୁଖ୍ୟ ସେବାୟତଶ୍ରୀ ରବି ନନ୍ଦ ପ୍ରକାଶ କରନ୍ତି ।

ରଣପୁର ଏକ ଗଡ଼ଜାତ ରାଜ୍ୟ ଥିବା ସମୟରେ ଏବଂ ରାଜାମାନଙ୍କ ଶାସନ ଅମଳରେ ରଥଯାତ୍ରା ପାଇଁ ଦୀର୍ଘ ଦୁଇମାସ

ଧରି 'ରଥବେଠି' ଚାଲୁ ଥିଲା । ବିନାମୂଲ୍ୟରେ କାର୍ଯ୍ୟ କରିବାକୁ 'ବେଠି' କୁହାଯାଏ । ଗଣତନ୍ତ୍ର ଶାସନରେ ବିନା ମୂଲ୍ୟରେ କାର୍ଯ୍ୟ କରିବା କଥା କେହି କଳ୍ପନା ମଧ କରିପାରିବେନି । ସାଂପ୍ରତିକ କାଳରେ ଶାସକମାନେ ନାଗରିକମାନଙ୍କୁ ବେଠି କରିବାକୁ ବାଧ କରିପାରିବେ ନାହିଁ । ହେଲେ ସ୍ୱାଧୀନତାର ପ୍ରାକ୍‌କାଳରେ ଗଡ଼ଜାତ ରାଜ୍ୟଗୁଡ଼ିକରେ ବେଠି କରିବା ବାଧ୍ୟତାମୂଳକ ଥିଲା । ରଥଯାତ୍ରା ଏକ ଧର୍ମକାର୍ଯ୍ୟ ହେଲେ ମଧ ରଣପୁର ରାଜ୍ୟରେ 'ରଥବେଠି' ବାଧ୍ୟତାମୂଳକ ଥିଲା । ରଥଯାତ୍ରା ନିମିତ୍ତ ଆବଶ୍ୟକ ସମସ୍ତ କାଠ ଓ ଦଉଡ଼ି ବେଠିଆ ପ୍ରଜାମାନେ ନିଜ ଶଗଡ଼ ଓ କାନ୍ଧରେ ବୋହି ଆଣୁଥିଲେ । ସେତେବେଳେ ରଣପୁରରେ ନିର୍ମିତ ହେଉଥିବା ରଥଗୁଡ଼ିକ ସାଂପ୍ରତିକ କାଳର ପୁରୀ ରଥମାନଙ୍କ ଅପେକ୍ଷା ଆକାରରେ ଦୁଇ କିମ୍ବା ତିନି ଗୁଣ ଅଧିକ ଥିଲା । କାରଣ ପୁରୀ ରଥଯାତ୍ରା ଅନୁକରଣରେ ରଣପୁର ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ରାଜାଙ୍କର ନିର୍ଦ୍ଦେଶ ଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ବିରାଟ ତିନି ଗୋଟି ରଥ ଏବଂ ମଦନମୋହନ ଓ ସୁଦର୍ଶନ ଚକ୍ର ପାଇଁ ଦୁଇଟି କ୍ଷୁଦ୍ର ରଥକୁ ଟାଣିବା ସମୂହ ବେଠି ଦ୍ୱାରା ସମ୍ପନ୍ନ ହେଉଥିଲା । ରଥଗୁଡ଼ିକୁ ଜୋର୍‌ରେ ଟାଣିବା ପାଇଁ ରାଜାଙ୍କ ସିପାହୀମାନେ ପ୍ରଜାଙ୍କୁ ନିସ୍ତୁକ ପ୍ରହାର କରୁଥିଲେ । ଧନୀ, ମାନୀ ପ୍ରଜାବୃନ୍ଦ ରଥବେଠିରୁ ମୁକ୍ତି ପାଇବା ପାଇଁ ରାଜାଙ୍କ ସିପାହୀ, ଦାରୋଗା ଓ ଚୌକିଦାରମାନଙ୍କୁ ଉତ୍କୋଚ ପ୍ରଦାନ କରୁଥିଲେ । ରଣପୁରଗଡ଼ରେ ଅନୁଷ୍ଠିତ ରଥଯାତ୍ରା ଏବଂ ରଣପୁର ଜଗନ୍ନାଥ ମନ୍ଦିର ଏବେ ମଧ ରହିଛି ହେଲେ ଅତୀତ କାଳର 'ରଥବେଠି' ଓ 'ସୁଆରବେଠି' ସବୁଦିନ ଲାଗି ବିଲୋପ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ**

୧. ରଣପୁର ବିଦ୍ରୋହ - ଶ୍ରୀ ସତ୍ୟବାଦୀ ବଳିୟାର ସିଂହ

ସରକାରୀ ଓକିଲ
୩୪୨/ବି, ଜାଗମରା (ବରବାରି)
ଭୁବନେଶ୍ୱର-୩୦

# ଦାଣ୍ଡେ ପଡ଼ିଯିବ ହୁରି

ଜଳଧର ନାୟକ

ପ୍ରତି ବର୍ଷ ପରି
ବେଦିରୁ ଓହ୍ଲାଇ
ଯିବୁ ରଥେ ବିଜେ କରି ।
ନ ଛୁଇଁଲେ ନାଇଁ
ତୋତେରେ କାଳିଆ
ଦେଖିବି ହୃଦୟ ଭରି ... ।
ଝରି ପଡୁଥିବ
ପାଦଧୂଳି ତୋର
ବୋଳି ହେବି ଦେହସାରା ।
ଆପଣାକୁ ଚାହିଁ
ରଖିବୁ ମହତ
ଦାଣ୍ଡେ ପଡ଼ିଯିବ ହୁରି ... ।
ମନୁଆ ଠାକୁର
ମନେ ଥିବ ତୋର
ଦାରୁବ୍ରହ୍ମ ଦେହ ଧରି ।
ଘର୍ଘର ନାଦରେ
ରଥ ଗଡ଼ିଯିବ
ଚାହିଁ ଦେବୁ ଆଖି ଫେରି ... ।

ଭକତ ମନକୁ
ବାନ୍ଧିବୁ ଡୋରିରେ
କରି ସବୁ ଏକାପରି ।
ଥିବା ଯାଏ ଜୀବ
ନାମ ବ୍ରହ୍ମ ଗୋଟି
ଶ୍ରୀକ୍ଷେତ୍ରେ ମୁଁ ହେବି ଝୁରି ... ।
କୋଟି ଦଣ୍ଡବତ
ପାଦ ତଳେ ପ୍ରଭୁ
ଶଙ୍ଖ, ଚକ୍ର ଗଦାଧାରୀ ।
ପଦ୍ମପରି ମୁଖେ
ହସ ଫୁଟାଇଣ
ନେବୁ ମତେ ଭବୁ ତରି .. ।

ଗ୍ରାମ/ପୋ- ତଳଙ୍ଗା
ମୟୂରଭଂଜ

# ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ ଉତ୍କଳୀୟ ଲିପି



ଡଃ ରମାକାନ୍ତ କର

**ଶ୍ରୀ**ଜଗନ୍ନାଥ ଉତ୍କଳୀୟ ସଂସ୍କୃତି, ପରମ୍ପରା, ଭାଷା, ବିଜ୍ଞାନ ତଥା ଲିପିତତ୍ତ୍ୱର ମୂଳଭିତ୍ତି । ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ । ପରମେଶ୍ୱର ଭାବରେ ସେ ଜଗତର ହିଁ ସୃଷ୍ଟିକର୍ତ୍ତା । ଶ୍ରୀଜଗନ୍ନାଥ ହିଁ ପ୍ରକୃତି ଓ ପୁରୁଷର ସମନ୍ୱୟର ଦେବତା । ଏକାଧାରାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା କ୍ରମାନ୍ୱୟରେ ଶ୍ରୀବିଷ୍ଣୁ, ଶ୍ରୀମହେଶ୍ୱର ଓ ଶ୍ରୀବ୍ରହ୍ମା ତିନିପୁରୁଷ ଅଟନ୍ତି । ସେ ମଧ୍ୟ ତନ୍ତ୍ରାନୁସାରେ ମା' ଦକ୍ଷିଣକାଳୀ, ତାରା ଓ ଭୁବନେଶ୍ୱରୀ ତିନି ପ୍ରକୃତି ବା ଦେବୀ ଅଟନ୍ତି ବୋଲି ଶାସ୍ତ୍ରୀୟ ଉକ୍ତି ରହିଛି । ଯଥା-

'ତାରା ସାକ୍ଷାତ୍ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ ।
ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା ॥'

ପରମେଶ୍ୱର ହିଁ ଜଣେ, ଯାହାର ସତ୍ତା ଅନନ୍ତ ଓ ଦିଗନ୍ତ ପରିବ୍ୟାପ୍ତ । ଯେଉଁ ଚିରନ୍ତନ ନିତ୍ୟ ଶାଶ୍ୱତ ସତ୍ତାରୁ ଏ ଜଗତର ସୃଷ୍ଟି, ସେହି ଅନନ୍ତ ସତ୍ତା ସମ୍ବନ୍ଧରେ 'ଛାନ୍ଦୋଗ୍ୟ ଉପନିଷଦ୍' କହେ -

'ସ ବେଦ ସୌମ୍ୟମିଦମଗ୍ରମା-
ସୀଦେକମେବାଦ୍ୱିତୀୟମ୍ ॥'

ଏହି ହିଁ ପରମ ପୁରୁଷ ଭାବରେ ରୁଦ୍ରାଷ୍ଟାଧ୍ୟାୟୀ ଯଜୁର୍ବେଦରେ ବର୍ଣ୍ଣିତ -

ସହସ୍ରଶୀର୍ଷାପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।'

ଯେତେ ପୁରୁଷ ଅଛନ୍ତି, ସେ ହେଉଛନ୍ତି ସେମାନଙ୍କ ମଧ୍ୟରେ ଉତ୍ତମ ହୋଇଥିବାରୁ ସେ ପୁରୁଷୋତ୍ତମ ଓ ଏହାଙ୍କ କ୍ଷେତ୍ର ହିଁ ପୁରୁଷୋତ୍ତମ କ୍ଷେତ୍ର । ସେ ହେଉଛନ୍ତି କ୍ଷରାକ୍ଷରର ସ୍ରଷ୍ଟା ଓ କ୍ଷରାକ୍ଷରରୁ ଅତୀତ । ଶିଶୁ ସଂହିତା ଗ୍ରନ୍ଥରୁ ଜଣାଯାଏ ଯେ ରତ୍ନ ସିଂହାସନ ଉପରେ ଥିବା ଚତୁର୍ଦ୍ଧାମୂର୍ତ୍ତି ଜ-ଜଗନ୍ନାଥ, ଗ-ବଳଭଦ୍ର, ନା-ସୁଭଦ୍ରା, ଥ-ସୁଦର୍ଶନଙ୍କୁ ନେଇ ମୁଖ୍ୟ ମନ୍ଦିରର ନାମ ଜଗନ୍ନାଥ ମନ୍ଦିର ଓ ଚକାଆଖି କାଳିଆ ଠାକୁରଙ୍କ ନାମ ଜଗତର ନାଥ ଶ୍ରୀଜଗନ୍ନାଥ । ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କୁ ନେଇ ମନ୍ଦିରର ନାମ ଶ୍ରୀଜଗନ୍ନାଥ ମନ୍ଦିର ହୋଇଯାଇଛି ବୋଲି ଶିଶୁ ସଂହିତାରୁ ପ୍ରମାଣ ମିଳେ । ଯଥା-

'ଜକାରସ୍ତୁ ଜଗନ୍ନାଥ ବଳଭଦ୍ରୋ ଗକାରକଃ
ନାକାର ସୁଭଦ୍ରା ରୂପୀ ଚ ଥକାରୋଽପି ସୁଦର୍ଶନଃ ॥'

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ଏହି ତିନିମୂର୍ତ୍ତି ଯଥାକ୍ରମେ ଶ୍ରୀବିଷ୍ଣୁ, ଶ୍ରୀଶିବ ଓ ଶ୍ରୀବ୍ରହ୍ମା ଭାବରେ ପରିକଳ୍ପିତ ହୋଇଥିବାରୁ ଏହି ତିନିମୂର୍ତ୍ତି ମଧ୍ୟରେ ଏକତ୍ୱ ପ୍ରତିପାଦିତ ହୋଇପାରିଛି । ଏହି ତିନିମୂର୍ତ୍ତି ଏକ ଦାରୁରୁ ହିଁ ଗଠିତ । ଏଣୁ ଏହାଙ୍କୁ ଦାରୁଦେବତା ବୋଲି କୁହାଯାଇଛି । ଏହାର ପ୍ରମାଣ ମଧ୍ୟ ଅଥର୍ବ ବେଦରେ ରହିଛି -

'ଯଃ ବ୍ରହ୍ମା ସଃ ବିଷ୍ଣୁଃ ସ ଏବ ମହେଶ୍ୱରଃ ।'

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ହେଁ ଭିନ୍ନ ହୋଇଥିଲେ ହେଁ ଶାସ୍ତ୍ରୀୟ ମତାନୁଯାୟୀ ଅଭିନ୍ନ । ଦାରୁଦେବତାଙ୍କୁ ଦାରୁବ୍ରହ୍ମ ବୋଲି ଶୂନ୍ୟ ସଂହିତା ସ୍ୱୀକାର କରେ । ଯଥା-

'ଜଗନ୍ନାଥଃ ବଳଭଦ୍ରଃ ସୁଭଦ୍ରା ଚ ସୁଦର୍ଶନଃ
ମହାମନ୍ତ୍ରଃ ମନ୍ତ୍ରରାଜଃ ରୂପଂ ଚ ଦାରୁବ୍ରହ୍ମବତ୍ ।'

'ଅକ୍ଷରଃ ବ୍ରହ୍ମ ଇତ୍ୟୁଚ୍ୟତେ' ନ୍ୟାୟରେ ଅକ୍ଷର ହିଁ ବ୍ରହ୍ମ । ଲିପି ହିଁ ଅକ୍ଷର ।

ଏହି ପରିପ୍ରେକ୍ଷୀରେ ଭାଷା, ଲିପିର ସ୍ରଷ୍ଟା ହିଁ ପରମେଶ୍ୱର ବା ପରଂବ୍ରହ୍ମ ଅଟନ୍ତି । ବିଭିନ୍ନ ପ୍ରମାଣରୁ ପ୍ରମାଣିତ ଯେ ଉତ୍କଳୀୟ ଭାଷାର ସାକାର ରୂପ ହିଁ ଓଡ଼ିଆ ଅକ୍ଷର ବା ଉଡ୍ରଲିପି । ଏହି ଉଡ୍ରଲିପି ହିଁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସମ୍ପୂର୍ଣ୍ଣ ଆଧାରିତ । ଭାଷା ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତୀୟ ଆଦି ଭାଷାରୁ ହିଁ ଉଡ୍ର ଭାଷାର ସୃଷ୍ଟି । ଭାଷାର କ୍ରମ ବିକାଶକୁ ସମୀକ୍ଷା କଲେ ଓଡ଼ିଆ ଭାଷାର ଦୃଷ୍ଟାନ୍ତ ମିଳେ । ବେଦ ଭାଷା ହିଁ ବିଶ୍ୱଭାଷା । ବେଦ ହିଁ ବିଜ୍ଞାନ, ଯାହାକି ସାରା ବିଶ୍ୱବିଜ୍ଞାନର ଆଧାର ।

**ଆର୍ଯ୍ୟଭାଷା -** ପ୍ରାକୃତ, ସଂସ୍କୃତ (ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା)

**ପ୍ରାକୃତ -** ଜର୍ମାନ୍, ଗ୍ରୀସ୍, ଲାଟିନ୍, ଆମେରିକା

**ସଂସ୍କୃତ -** ପ୍ରାକୃତ, ଆଧୁନିକ ସଂସ୍କୃତ

ପ୍ରାକୃତ - କୌଶଳୀୟ, ମାଗଧ, ଉଡ୍ର, ଆଧୁନିକ ଓଡ଼ିଆ

ଏହି ଉଡ୍ର ବା ଉତ୍କଳ ବା ଓଡ଼ିଆ ଭାଷାର ଉତ୍ପତ୍ତି ଜୈନଧର୍ମ ଓ ବୌଦ୍ଧଧର୍ମର ବହୁ ପୂର୍ବର ବୋଲି ସାହିତ୍ୟିକମାନେ ସ୍ୱୀକାର କରିଛନ୍ତି । ଜୈନଧର୍ମର ନନ୍ଦୀ ସୂତ୍ରରେ ମଧ୍ୟ ଉଡ୍ର ଲିପିର ଉଲ୍ଲେଖ ରହିଛି । ଅତଏବ ଏହି ଭାଷାର ସୃଷ୍ଟି ପ୍ରାୟ ତିନି ହଜାର ବର୍ଷ ପୂର୍ବରୁ ବୋଲି କୁହାଯାଇପାରେ । ଭାଷା କହିଲେ ବର୍ଣ୍ଣ ଓ ଲିପିର ସମନ୍ୱୟାବର୍ଣ୍ଣ ଉଚ୍ଚାରିତ ହୁଏ ଓ ଲିଖିତ ହେଲେ ତାହା ଲିପିରେ ପରିଣତ ହୁଏ । ପୁରୁଷୋତ୍ତମଙ୍କ ଧ୍ୱନିଗତ ସତ୍ତା ବା ନିରାକାର ରୂପ ହିଁ ବର୍ଣ୍ଣ, କିନ୍ତୁ ପୁରୁଷୋତ୍ତମଙ୍କର ସାକାର ବା ରୂପଗତ ସତ୍ତା ହିଁ ଲିପି । ଓଡ଼ିଆ ଲିପିର ଉତ୍ପତ୍ତି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସାକାର ରୂପରୁ ହିଁ ସମ୍ଭବ ହୋଇଛି ବୋଲି ସ୍ପଷ୍ଟ ପ୍ରମାଣିତ । 'ଶବ୍ଦ ବ୍ରହ୍ମେତି ତଂ ଗ୍ରାହ ସାକ୍ଷାଦ୍ଦେବଃ ଜଗନ୍ନାଥଃ ।' ବୋଲି ମଧ୍ୟ କୁହାଯାଇଛି । ଭାବ ପ୍ରକାଶର ଧ୍ୱନି ହିଁ ବର୍ଣ୍ଣ, ଭାବ ପ୍ରକାଶର ମାଧ୍ୟମ ହିଁ ଭାଷା ଓ ଭାବ ପ୍ରକାଶର ସଙ୍କେତ ବା ରୂପ ହିଁ ଲିପି ।

ଓଡ଼ିଶାର ଶିକ୍ଷା ପରମ୍ପରା ଅନୁସାରେ ଶିଶୁକୁ ଓଡ଼ିଆ ପଢ଼ାଇବା ପୂର୍ବରୁ ଚାଟଶାଳୀରେ ଅବଧାନଙ୍କ ପାଖରେ ଶିଶୁକୁ ଛାଡ଼ିବାକୁ ହୋଇଥାଏ । ଅବଧାନେ ଶିଶୁ ହାତରେ ସ୍ଲେଟ୍ ଓ ଖଡ଼ି ପୂଜା କରି ହାତରେ ଛୁଆଁଇ ଆଧ୍ୟାତ୍ମିକ ଶିକ୍ଷା ମାଧ୍ୟମରେ ଶିଶୁ ହାତରେ ସ୍ଲେଟ୍ ଉପରେ ତିନୋଟି ଶୂନ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ବୋଲି ଉଚ୍ଚାରଣ କରି ଲେଖାଇ ଥାଆନ୍ତି । ସମୟେ ସମୟେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ହେଁ ଭିନ୍ନ ହୋଇଥିଲେ ମଧ୍ୟ ଅଭିନ୍ନ ନ୍ୟାୟରେ, 'ନ ଭିନ୍ନୋ ଜାୟତେ ତ୍ରିଭିଃ' ଶାସ୍ତ୍ରୀୟ ଉକ୍ତି ଅନୁସାରେ ଅବଧାନ ଏକମାତ୍ର ଶୂନ ଘୋଷାଇ ଥା'ନ୍ତି । ଓଡ଼ିଆ ଲିପି ସାଧନ କରିବା ପାଇଁ ମୁଖ୍ୟତଃ ତିନୋଟି ଉପାଦାନର ଆବଶ୍ୟକତା ରହିଛି । ୧- ପୂର୍ଣ୍ଣବ୍ରହ୍ମ ବା ବୃତ୍ତ ବା ଶୂନ, ୨- ବ୍ରହ୍ମାଂଶ (ବୃତ୍ତର ଅଂଶ), ୩- ସୁଦର୍ଶନ ରେଖା ବା ସିଧାଗାର । ଏହି ତିନୋଟି ଉପାଦାନକୁ ଶିଶୁ ଲେଖି ଜାଣିଲେ ସେ 'ଅ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ଓ '୧'ଠାରୁ '୯' ପର୍ଯ୍ୟନ୍ତ ସଂଖ୍ୟା ଲେଖି ଦେଇପାରିବ ।

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।'

ଶୂନ ହିଁ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ବା ବିଷ୍ଣୁ, ଶିବ ଓ ବ୍ରହ୍ମା ଅଟନ୍ତି । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ବାମ ଓ ଆମର ଡାହାଣ ପାଖରେ ରତ୍ନ ସିଂହାସନ ଉପରେ ଶ୍ରୀସୁଦର୍ଶନ ସ୍ତମ୍ଭ ଆକାରରେ ବିଦ୍ୟମାନ । ଏଣୁ ଏହାକୁ ଲିପି ତତ୍ତ୍ୱରେ ସୁଦର୍ଶନଙ୍କୁ ସରଳରେଖା ରୂପ ଦିଆଯାଇଛି । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭାବରେ ଶ୍ରୀସୁଦର୍ଶନ ଓ ମଦନମୋହନ କାର୍ଯ୍ୟ କରିଥାନ୍ତି । ରଥଯାତ୍ରା ସମୟରେ ଜୀଉଙ୍କ ପହଣ୍ଡି ନିର୍ଦ୍ଦିଷ୍ଟ ଦିଗ ନେଉଥିବାବେଳେ ସୁଦର୍ଶନଙ୍କ ପହଣ୍ଡିର ନିର୍ଦ୍ଦିଷ୍ଟ ଦିଗ ନାହିଁ । ସେବକ ଓ ଦଇତାପତିମାନେ ତାଙ୍କୁ କାନ୍ଧରେ ଧରି ଚାରିଆଡ଼େ ବୁଲାଇଥାନ୍ତି । ଏହି ଦୃଷ୍ଟିରୁ ସୁଦର୍ଶନ ରେଖା ଲିପିତତ୍ତ୍ୱ ଅନୁସାରେ ପ୍ରାୟ ସର୍ବଦା ଅକ୍ଷରର ବାମ ଓ ଆମର ଡାହାଣ ପାର୍ଶ୍ୱରେ ସୁଦର୍ଶନ ରେଖା ବ୍ୟବହୃତ ହୁଏ । ସମୟେ ସମୟରେ ମଧ୍ୟ ସୁଦର୍ଶନ ରେଖା ବା ଗାରର ନିର୍ଦ୍ଦିଷ୍ଟ ଦିଗ ନରହି ଲିପି ମଧ୍ୟରେ ବ୍ୟବହୃତ ହୋଇଥାଏ । ଯଥା- 'ଅ' ଏହି ଅକ୍ଷରରେ ତିନୋଟି ବ୍ରହ୍ମାଂଶ ଓ ଗୋଟିଏ ସୁଦର୍ଶନ ରେଖା ବ୍ୟବହୃତ ହୋଇଛି । 'କ୍ଷ' ଏହି ଲିପିରେ ତିନୋଟି ସୁଦର୍ଶନ ରେଖା (ଏକ ନିର୍ଦ୍ଦିଷ୍ଟ ଓ ଦୁଇଟି ଅନିର୍ଦ୍ଦିଷ୍ଟ ଦିଗରେ) ବ୍ୟବହୃତ ହୋଇଛନ୍ତି । ଦୁଇଟି ବ୍ରହ୍ମାଂଶ ବ୍ୟବହୃତ ହୋଇଛି । '୧' ଏକ ସଂଖ୍ୟାରେ ଗୋଟିଏ ସୁଦର୍ଶନ ରେଖା ଓ ଏକ ପୂର୍ଣ୍ଣବ୍ରହ୍ମ ବ୍ୟବହୃତ ହୋଇଛନ୍ତି । ଏହିପରି '୯' ନଅ ସଂଖ୍ୟାରେ ଗୋଟିଏ ବ୍ରହ୍ମାଂଶ ଓ ଏକ ସୁଦର୍ଶନ ରେଖା ବ୍ୟବହୃତ ହୋଇଛି । ଏହି ତତ୍ତ୍ୱ ହିଁ ଲିପିତତ୍ତ୍ୱର ଭିତ୍ତି । କିନ୍ତୁ ବିଭିନ୍ନ ସ୍ଥାନରେ ଏହି ଉଡ୍ରଲିପିକୁ ବିଭିନ୍ନ ପ୍ରକାରରେ ରୂପାନ୍ତର କରାଯାଇଛି ।

ପୁରାତନ ଉଡ୍ରଲିପି ପ୍ରାକୃତ ଓ ପରେ କରଣି ଅକ୍ଷର ଭାବରେ ପରିଚିତ ଥିଲା । ପରେ ଏହାର ରୂପାନ୍ତର ହୋଇଛି । ଉଡ୍ରଲିପି ବିବର୍ତ୍ତନ ଅନୁସାରେ ଭିନ୍ନ ରୂପ ଗ୍ରହଣ କରିଥିଲେ ହେଁ ଶ୍ରୀଜଗନ୍ନାଥ ତତ୍ତ୍ୱର ସୂତ୍ର ଚିରନ୍ତନ ପରି ନିରନ୍ତର ବ୍ୟବହୃତ ହେଉଛି । ଉଡ୍ରଲିପି ବା ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଭାବେ ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ, ଏଥିରେ ସନ୍ଦେହର ଅବକାଶ କେଉଁଠି ?

ସଂସ୍କୃତ ଶିକ୍ଷକ
ପୁରୀ ଜିଲ୍ଲା ସ୍କୁଲ, ପୁରୀ-୨



# ଭକ୍ତପ୍ରିୟ ଜଗନ୍ନାଥ

ରବିନାରାୟଣ ପାଣି

ଭକ୍ତ-ଜନ-ମନ ହରଣକାରୀ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଭକ୍ତମାନେ ଲାଭ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ଲୀଳା, ଦର୍ଶନ, ଶ୍ରବଣ ଓ କୀର୍ତ୍ତନରେ ସେମାନେ ଆତ୍ମହରା ହୋଇଥାଆନ୍ତି । ଭଗବାନଙ୍କ ଉପରେ ଭକ୍ତର ଯେଭଳି ଅତୁଟ ବିଶ୍ୱାସ ଥାଏ, ଠିକ୍ ସେପରି ଭଗବାନଙ୍କ ଭକ୍ତ ଅତ୍ୟନ୍ତ ପ୍ରିୟ ହୋଇଥାଏ । ଶ୍ରୀଜଗନ୍ନାଥ କର୍ମ, ଭକ୍ତି ଓ କର୍ମର ଦେବତା । ସେ ବିଭବର ଦେବତା ନ ହୋଇ ଭାବର ଦେବତା ହୋଇଛନ୍ତି । ନିର୍ଦ୍ଧନର ସେ ଧନ, ଦୁର୍ବଳର ବଳ ଓ ନିରାଶ୍ରୟର ଆଶ୍ରୟ । ସେ ଭକ୍ତ ବତ୍ସଳ । ସର୍ବଶାସ୍ତ୍ର ଶିରୋମଣୀ ଭଗବତ ଗୀତାର ଷଷ୍ଠ ଅଧ୍ୟାୟ 'ଜ୍ଞାନଯୋଗ' ଅଛି - 'ଯୋଗୀନାଂ ମପି ସର୍ବେଷାଂ, ମଦ୍‌ଗତେ ନାନ୍ତରତ୍ମନା । ଶ୍ରଦ୍ଧାବାନ ଭବତେ ଯୋ ମାଂ, ସମେଯୁକ୍ତଂ ତମୋ ମତଃ ।।(୪୬), ଅର୍ଥାତ୍ ସମସ୍ତ ଯୋଗୀମାନଙ୍କ ମଧ୍ୟରେ ଯେଉଁମାନଙ୍କର ମୋ'ଠାରେ ଆସକ୍ତି, ଶ୍ରଦ୍ଧା ଓ ଭକ୍ତି ଥାଏ, ସେମାନେ ସର୍ବଶ୍ରେଷ୍ଠ ଅଟନ୍ତି । ଭଗବାନ ନାରଦଙ୍କୁ କହିଛନ୍ତି ଯେ - 'ନାହଂ ତିଷ୍ଠାମୀ ବୈକୁଣ୍ଠେ - ଯୋଗୀ ନାଂ ହୃଦୟେ ନ ଚ । ମଦଭକ୍ତ୍ୟା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ । ଅର୍ଥାତ୍ ମୁଁ ବୈକୁଣ୍ଠରେ କିମ୍ବା ଯୋଗୀମାନଙ୍କର ହୃଦୟରେ ନଥାଏ । ମୋର ଭକ୍ତ ଯେଉଁଠାରେ ମୋର ଗୁଣ ଗାନ କରୁଥାଏ, ମୁଁ ସେଇଠାରେ ଥାଏ । ଭକ୍ତବତ୍ସଳ ପ୍ରଭୁ ଜଗନ୍ନାଥଙ୍କର ଲୀଳା ବଳରାମ ଦାସ, ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ କରି ସାଲବେଗ, ଦାସିଆ ବାଉରୀ, ରଘୁ ଅରକ୍ଷିତ ଓ ବନ୍ଧୁ ମହାନ୍ତି ଇତ୍ୟାଦି ଅନେକ ଜୀବନକୁ ପରିତୁଷ୍ଟ ଓ ପରିପୂର୍ଣ୍ଣ କରିପାରିଛି । ସେମାନେ ପ୍ରଭୁଙ୍କର ଅତି ପ୍ରିୟ ହୋଇପାରିଛନ୍ତି । ସେହି ଲୀଳାର କେତେକ ଅବତାରଣା ନିମ୍ନରେ କରାଯାଇଛି ।

**୧. ବଳରାମ ଦାସ -** ପଞ୍ଚସଖା କବି ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ଅତ୍ୟନ୍ତ ପ୍ରିୟ ଭକ୍ତ ଥିଲେ । ସେ ଜଗନ୍ନାଥ ମନ୍ଦିରର ଜଗମୋହନରେ ବସି ଓଡ଼ିଆ ରାମାୟଣ ରଚନା କରିଥିଲେ । ଏହାକୁ ଜଗମୋହନ ରାମାୟଣ ମଧ୍ୟ କୁହାଯାଏ । ଦିନେ ବଳରାମ ଦାସ ବେଶ୍ୟାଳୟରେ ଥିବା ସମୟରେ ହଠାତ୍ ସ୍ମରଣ ହେଲା ଯେ ଶ୍ରୀଜଗନ୍ନାଥ ପହଣ୍ଡି ହୋଇସାରି ରଥରେ ବିଜେ ହୋଇସାରିଥିବେ । ତତ୍‌କ୍ଷଣାତ୍ ସେ ବେଶ୍ୟାଳୟରୁ ବାହାରି ଆସି ରଥକୁ ଆସି ଚଢ଼ିବାକୁ ଉଦ୍ୟମ କରିବାରୁ ସେବକମାନେ ତାଙ୍କୁ ଧକ୍କା ମାରି ଅପମାନ ଦେଇ ରଥ ଉପରୁ ଓହ୍ଲାଇ ଦେଲେ । ତଳେ ଠିଆ ହୋଇ ଜଗନ୍ନାଥଙ୍କୁ ଚାହିଁ ଚାହିଁ ସେ କାନ୍ଦୁଥାନ୍ତି । ପରେ ସେ ଚାଲିଲେ ସମୁଦ୍ର କୂଳକୁ । ବାଙ୍କି ମୁହାଣ ନିକଟରେ ବାଲିରେ ଏକ ରଥ କରି ତା'ଭିତରେ ବାଲିରେ ଜଗନ୍ନାଥ ମୂର୍ତ୍ତି କରି ବସାଇଲେ । ରଥ ଟିକିଏ ଚାଲିଲା । ଆଶ୍ଚର୍ଯ୍ୟ ହେଲେ ବଳରାମ ଦାସ । ଜଗନ୍ନାଥ ତାଙ୍କ ଡାକ ଶୁଣୁଛନ୍ତି । ବାଲିରଥ ଚାଲିଛି । ମାତ୍ର ବଡ଼ଦାଣ୍ଡରେ ଅଟକି ରହିଛି ନନ୍ଦିଘୋଷ । ଯେତେ ଚେଷ୍ଟା କଲେ ମଧ୍ୟ ରଥ ଚଳୁନାହିଁ । ଗଜପତି ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ହେଲା - ବଳରାମ ଦାସଙ୍କୁ ବାଙ୍କି ମୁହାଣରୁ କ୍ଷମା ଭିକ୍ଷା କରି ଫେରାଇ ଆଣିବା ପାଇଁ । ରାଜା ବାଙ୍କି ମୁହାଣକୁ ଯାଇ କ୍ଷମାଭିକ୍ଷା ମାଗି ବଳରାମ ଦାସଙ୍କୁ ନନ୍ଦିଘୋଷ ରଥ ନିକଟକୁ ଫେରାଇ ଆଣିଲେ । ରଥ ଚକ ଗଡ଼ି ଚାଲିଲା । ଗଜପତିଙ୍କଠାରୁ ଆରମ୍ଭ କରି ପ୍ରଜାମାନଙ୍କ ହୃଦୟରେ ମନରେ ଭକ୍ତର ଭକ୍ତି ନିକଟରେ ଭକ୍ତବତ୍ସଳ ଜଗନ୍ନାଥଙ୍କର ଲୀଳା କାହାଣୀ ହୋଇ ଚିରଦିନ ରହିଗଲା ।

**୨. ଅତିବଡ଼ି ଜଗନ୍ନାଥ ଦାସ -** ଶ୍ରୀଜଗନ୍ନାଥଙ୍କ ଈଶ୍ୱରୀୟ ପ୍ରେରଣାରେ ଅତିବଡ଼ି ଜଗନ୍ନାଥ ଦାସ ଖୁବ୍ ସରଳ ଭାଷାରେ ଓଡ଼ିଆ ଭାଗବତ ରଚନା କରିଛନ୍ତି । ଏହା ଏତେ ଲୋକପ୍ରିୟ ହେଲା ଯେ ପୁରୀର ସ୍ତ୍ରୀଲୋକମାନେ ମଧ୍ୟ ଏହା ଶୁଣିବା ପାଇଁ ଶ୍ରୀମନ୍ଦିରକୁ ପ୍ରତ୍ୟହ ଆସୁଥିଲେ । କେତେକ ପୁରାଣ ପଣ୍ଡା ଏହାକୁ ସହ୍ୟ କରିନପାରି ଗଜପତିଙ୍କ ନିକଟରେ ଜଗନ୍ନାଥ ଦାସଙ୍କ ଚରିତ୍ରରେ କଳାଦାଗ ଲଗାଇ ଅଭିଯୋଗ କଲେ । ଗଜପତି ଏହାର କାରଣ ପଚାରିବାରୁ ଜଗନ୍ନାଥ ଦାସ ଉତ୍ତର ଦେଲେ ଯେ ପୁରୁଷ ନିକଟରେ ସେ ପୁରୁଷ ଓ ସ୍ତ୍ରୀ ନିକଟରେ ସେ ସ୍ତ୍ରୀ । ଗଜପତି ପ୍ରତାପରୁଦ୍ର ଦେବ କ୍ରୋଧିତ ହୋଇ ତାଙ୍କୁ ବନ୍ଦୀଶାଳାକୁ ପଠାଇ ଦେଲେ । ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁସାରେ ଗଜପତି ବନ୍ଦୀଶାଳାକୁ ଯାଇ ଏକ ସ୍ତ୍ରୀ ଲୋକ ବସିଥିବାର ଦେଖିଲେ । ସକଳ ପରୀକ୍ଷାନିରୀକ୍ଷା ପରେ ସ୍ତ୍ରୀଲୋକ ବୋଲି ପ୍ରତ୍ୟୟ ହେବା ପରେ, ନିଜର ଭୁଲ ବୁଝିପାରି ତାଙ୍କୁ କ୍ଷମାଭିକ୍ଷା କରିବା ସଙ୍ଗେ ସଙ୍ଗେ ଏକ ପ୍ରାସାଦ ଉପହାର ଦେଲେ । ମହାରାଣୀ ମଧ୍ୟ ଜଗନ୍ନାଥ

ଦାସଙ୍କୁ ନିଜର ଦୀକ୍ଷାଗୁରୁ ରୂପେ ଗ୍ରହଣ କରିଥିଲେ । ଜଗନ୍ନାଥ ଦାସ ଉପହାର ପାଇଥିବା ପ୍ରାସାଦ 'ଓଡ଼ିଆ ମଠ' ହେଲା । ଭକ୍ତବତ୍ସଳ ଜଗନ୍ନାଥଙ୍କର ଏହା ମଧ୍ୟ ଏକ ଲୀଳା ରୂପେ ଜନମାନସରେ ରହିଯାଇଛି ।

**୩. ଭକ୍ତକବି ଦୀନକୃଷ୍ଣ ଦାସ -** ଭକ୍ତକବି ଦୀନକୃଷ୍ଣ ଦାସ ନିଜ ରଚନା 'ରସକଲ୍ଲୋଳ' ପାଇଁ ଖ୍ୟାତିଲାଭ କରିଛନ୍ତି । ସେ ଗଜପତିଙ୍କର ପ୍ରଶସ୍ତିଗାନ ନକରିବାରୁ ଗଜପତି କ୍ରୋଧାନ୍ୱିତ ହୋଇ ତାଙ୍କ ଉପରେ ଏକ ପଥର ଲଦି ଦେଇ ଏକ ରୁଦ୍ଧ କୋଠରୀରେ ରଖିଲେ । ଦୀନକୃଷ୍ଣ କାନ୍ଦି କାନ୍ଦି ସବୁବେଳେ ଭଗବାନ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାନ୍ତି । ରସକଲ୍ଲୋଳର ନାୟକ ଶ୍ରୀକୃଷ୍ଣ ରୂପୀ ଜଗନ୍ନାଥ ଦୀନକୃଷ୍ଣଙ୍କ ଡାକ ଶୁଣି ରୁଦ୍ଧ କୋଠରୀକୁ ଯାଇ ତାଙ୍କୁ ଅବଢ଼ା ଭୋଜନ କରାଇଲେ ଏବଂ ଗଜପତିଙ୍କୁ ସ୍ୱପ୍ନାଦେଶ ଦେଇଥିଲେ । ଗଜପତି ବନ୍ଦୀଶାଳାକୁ ଯାଇ ଦୀନକୃଷ୍ଣଙ୍କୁ ଦେଖିବା ସଂଗେ ସଂଗେ ଅବଢ଼ାକୁ ଦେଖି ସ୍ୱ-କର୍ମ ପାଇଁ ଅନୁତାପ କରିବା ସଙ୍ଗେ ସଙ୍ଗେ କ୍ଷମାଭିକ୍ଷା କରି କାରାମୁକ୍ତ କଲେ । ଶ୍ରୀଜଗନ୍ନାଥଙ୍କ ଭକ୍ତ ବତ୍ସଳତାର ଏହା ଅନ୍ୟ ଏକ ପୁଷ୍ପିତ ଲୀଳା ।

**୪. ନୀଳାମ୍ବର ଦାସ -** ଉତ୍ତର ପ୍ରଦେଶର ଏହି ବ୍ରାହ୍ମଣ ପୁରୀ ରଥଯାତ୍ରା ଦେଖିବା ପାଇଁ ଇଚ୍ଛାପ୍ରକାଶ କରି ଆସିଲା । ରାସ୍ତାରେ ଗଙ୍ଗାନଦୀ ପାର ହେଉଥିବାବେଳେ ନାଉରୀକୁ ପଇସା ଦେଇନପାରିବାରୁ ଗଙ୍ଗାନଦୀରେ ଫିଙ୍ଗି ଦେବାକୁ ନାଉରୀ ଧମକ ଦେଲା । ଭୟରେ ନୀଳାମ୍ବର ଚକ୍ଷୁରୁ ଲୋତକ ଝରିଲା । ବିକଳ ହୋଇ ସେ ଜଗନ୍ନାଥଙ୍କୁ ଡାକୁ ଥାଆନ୍ତି । ହଠାତ୍ ନାଆରେ ଧନୁଶର ଧରି ଏକ ରାଜକୁମାର ଆବିର୍ଭାବ ହେଲେ ଏବଂ ଗଙ୍ଗାନଦୀର ଅପରପାର୍ଶ୍ୱରେ ଛାଡ଼ିଦେବାକୁ କହିଲେ, ନଚେତ୍ ଶର ମାରିବା ପାଇଁ ତାକୁ ଭୟ ଦେଖାଇଲେ । ନାଉରୀ ଭୟରେ ନୀଳାମ୍ବରକୁ ନଦୀର ଅପରପାର୍ଶ୍ୱରେ ଛାଡ଼ିଲା । ସେ ରାଜକୁମାର ଆଉ କେହି ନୁହନ୍ତି, ସ୍ୱୟଂ ଶ୍ରୀଜଗନ୍ନାଥ । ରାସ୍ତାରେ ଚାଲୁଥିବା ବେଳେ କ୍ଷୁଧାତୁର ନୀଳାମ୍ବରକୁ ସୁସ୍ୱାଦୁ ଖାଦ୍ୟ ଦେଇ କ୍ଷୁଧା ନିବାରଣ କରାଇଥିଲେ । ନୀଳାମ୍ବର ଚକ୍ଷୁରୁ ଲୋତକ ଝରିଲା । ରାସ୍ତାକଡ଼ରେ ସେ ଶୋଇପଡ଼ିଲେ ଖାଦ୍ୟ ଦେଉଥିବା ବାଳକକୁ ମନେ ପକାଇ ପକାଇ । ତା'ର ନିଦ୍ରା ଭଙ୍ଗ ହେଲାବେଳେ ସେ ଦେଖିଲେ ଯେ ସେ ଶ୍ରୀକ୍ଷେତ୍ରରେ ଅଛନ୍ତି । ସେଦିନ ରଥଯାତ୍ରା । ନୀଳାମ୍ବର ରଥଯାତ୍ରା ଦେଖିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କୁ ଶ୍ରଦ୍ଧାପୂତ ପ୍ରଣାମ କଲେ । ଆଖିରୁ ଝରୁଥିବା ଅସରନ୍ତି ଲୁହ - ଆନନ୍ଦର ଏହି ଜଗନ୍ନାଥ ତାଙ୍କୁ ରାଜକୁମାର ରୂପରେ ଗଙ୍ଗାନଦୀରେ ଓ ତେଜସ୍ୱୀ ବାଳକ ରୂପରେ ରାସ୍ତାରେ ସାହାଯ୍ୟ କରିଥିଲେ । ତାଙ୍କ ପାଟିରୁ ବାହାରିଥିଲା, ହେ ଜଗନ୍ନାଥ ଯାହା ଚାହିଁଥିଲି ମୋ' ପାଇଁ ଅସାଧ ହେଲେ ମଧ ଦେଖିପାରିଲି । ଜୀବନକୁ ଧନ୍ୟ କଲି ତୁମକୁ ଦର୍ଶନ କରି । ଦ୍ୱାପରର ସୁଦାମା ଭଳି ଶ୍ରୀଜୀଉଙ୍କ ଶରଣ ପାଇ ।

ବୋହି ନେଲେ ନଈରୁ ବାଲି ଶେଷ ହୋଇଯିବ । କହି ବସିଲେ ଅନେକ ରାତି ପାହିଯିବ । ଦିନ ବିତିଯିବ ହେଲେ ଜଗନ୍ନାଥଙ୍କ ମହିମା କହି ବସିଲେ ଆଦୌ ଶେଷ ହେବ ନାହିଁ । ଯେପରି ପବନର ଦିଗ, ଅନନ୍ତ ଆକାଶର ସୀମା ଓ ମହାସାଗରର ଗଭୀରତା ମାପି ହୋଇପାରେ ନାହିଁ, ସେହିପରି ଶ୍ରୀଜଗନ୍ନାଥଙ୍କର ମହିମାର ଗଭୀରତା କଳନା କରି ହୁଏନି । 'ଭକ୍ତ୍ୟା ତୁଷ୍ୟନ୍ତି ନଚଗୁଣ କେବଳଂ - ଭକ୍ତପ୍ରିୟ ମାଧବ ।'

ଏଚ୍.ଆଇ.ଜି.-୨୬
କଳିଙ୍ଗ ବିହାର, ଭୁବନେଶ୍ୱର

# ସବୁଠାରେ ତମେ

ପ୍ରକାଶଚନ୍ଦ୍ର ବଳିଆର ସିଂହ ମହାପାତ୍ର

ପୁଣ୍ୟ ତିଥିରେ ସ୍ୱର୍ଣ୍ଣ ବିଥୀରେ ଲାଗିଛି ଏ ରଥଯାତ
ଧରା ହରସାଇ ପ୍ରାଣ ପରଶାଇ ରଥାରୂଢ଼ ତମେ ନାଥ ।
କୋଟି କଣ୍ଠର ଆକୁଳ ଆର୍ତ୍ତି ଆହେ ନୀଳଗିରି ସାଇଁ
ଦିଅ ଦରଶନ ଦିଅ ସ୍ପର୍ଶନ ଦୂରରୁ ଆସିଛି ଧାଇଁ ।
ତମେ ସୃଷ୍ଟିର ଆଦିମ ଆଲୋକ ନବସୂର୍ଯ୍ୟର ଭାତି
ତମେ ମୋ ଜୀବନ କଳା କଉଶଳ ନିଝୁମ ରାତିର ସାଥୀ ।
ନଦୀ ବନ ଗିରି ଶୋଭା ସମ୍ଭାର ସଜାଡ଼ି ଦେଇଛ କେତେ
ଅଜାଡ଼ି ଦେଇଛ ଶୀରି ସୌରଭ ସବୁଜ ଶସ୍ୟ କ୍ଷେତେ ।
ବରଷା ବତାସ ଅମା ପୂର୍ଣ୍ଣିମା ଭୀମ କାନ୍ତ ଏ ରୂପ
ଝିଲ୍ଲୀ-ଝଙ୍କୃତ ତାମସୀ ରଜନୀ ଦଗ୍ଧ ପରାଣ ଧୂପ ।
କଳାମେଘ କୋଳେ ଚପଳାଚମକ ମନ ଯାଉଥାଏ ଛୁଇଁ
ପ୍ରାନ୍ତର ଡେଇଁ ଡେଇଁ ଚାଲିଥାଏ ଭୋଦୁଅ ବାଦଲ ଛାଇ ।
ତମେ ତ ଦେଇଛ ଧନ ଦଉଲତ ସୁଖ ସମ୍ଭୋଗ ମତେ
ଦେଇଛ ବି ତମେ ଦୁଃଖଯନ୍ତ୍ରଣା ଶୋକ ସନ୍ତାପ ଯେତେ ।

ବାଲ୍ୟ କୈଶୋର ଜରା ଯଉବନ ଜୀବନର ଜଉଘର
ଏ ମହାଜୀବନ ପଲକ ପତନେ ହୋଇଯାଏ ସାତପର ।
ଅକାଳେ ଅବେଳେ ଝଡ଼ିଯାଏ କିଏ ଜଣାପଡ଼େ ନାହିଁ ଜମା
ଭରା ଯଉବନ ଛୁଇଁପାରେ ନାହିଁ ସୁଖ ପରିଧିର ସୀମା ।
ଏ ସବୁ ଖେଳର ତମେ ଖେଳିକାର ହସାଇ କନ୍ଦାଇ ଦେଉଛ
ସର୍ପ ସମାନ ଖେଳାଇ ଖେଳାଇ ପେଡ଼ିରେ ପୂରାଇ ନେଉଛ ।
ଆସିବା ଯିବାତ ଲାଗିଥିବ ଭବେ କେ କରିପାରିବ ଆନ
ନିତ୍ୟ ନୂତନ ନୁହଇ ଏ ଧରା ସୃଷ୍ଟି ଏ ଚିରନ୍ତନ ।
ନୂଆ ଜୀବନର ମିଳନ ବେଦି ଏ ସଂସାର ପରିବାର
ଅମୃତମୟ ଜୀବନ ଜଗତେ ଭବ୍ୟ ଏ ସମାହାର ।

କବି କୁଟୀର
ଦୁର୍ଗେଶ୍ୱରଗଡ଼, ବାହାରଣା, ନୟାପଲମ ହାଟ, ପୁରୀ



# ମହାଲକ୍ଷ୍ମୀଙ୍କ ବୈଭବ

ଶିବସୁନ୍ଦର ପଟ୍ଟନାୟକ

ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଥମେ ନିର୍ମାଣ କରିଥିଲେ ହେଁ, ମହାଲକ୍ଷ୍ମୀଙ୍କୁ ସେଠାରେ ପ୍ରତିଷ୍ଠା କରି ନଥିଲେ । ପରବର୍ତ୍ତୀ ସମୟରେ ଏହାର ଅଭାବ ପରିଲକ୍ଷିତ ହେବାରୁ ଶ୍ରୀମନ୍ଦିର ପରିସର ମଧ୍ୟରେ ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କରାଗଲା ଏବଂ ଏପରିକି ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିମ୍ନ ଭାଗରେ ଶ୍ରୀ(ମହାଲକ୍ଷ୍ମୀ)ଙ୍କୁ ମଧ୍ୟ ସ୍ଥାପନ କରାଗଲା । କେବଳ ରତ୍ନ ସିଂହାସନ ନୁହେଁ ମହାଲକ୍ଷ୍ମୀ ମନ୍ଦିରର ସମ୍ମୁଖ ଭାଗ ଦକ୍ଷିଣ ପାର୍ଶ୍ୱୋଦ ଶ୍ରୀଲକ୍ଷ୍ମୀନୃସିଂହ ମୂର୍ତ୍ତି ଶ୍ରୀଜଗନ୍ନାଥ ସର୍ବଦା ଶ୍ରୀଯୁକ୍ତ ବୋଲି ସୂଚନା ଦିଏ । ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର କେବେ ହେଲେ ସଙ୍ଗ ଛାଡ଼ି ନାହାନ୍ତି । ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ ଯେଉଁ ଯେଉଁ ଅବତାର ନେଇଅଛନ୍ତି ବା ଯେପରି ଭାବରେ ପ୍ରକାଶିତ ହୋଇଅଛନ୍ତି, ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ସଙ୍ଗ ଦେବାପାଇଁ ବା ସେବା କରିବା ପାଇଁ ସେହିଭଳି ପ୍ରକାଶିତ ହୋଇଅଛନ୍ତି ।

'ଶ୍ରୀବିଷ୍ଣୁ ପୁରାଣ'ରେ ସ୍କ-୧/୮/୧୭-୩୫ ଶ୍ଳୋକ ମଧ୍ୟରେ ମହର୍ଷି ପରାଶର ଶ୍ରୀମୈତ୍ରେୟ ଋଷିଙ୍କୁ ଶ୍ରୀଲକ୍ଷ୍ମୀ ଓ ଶ୍ରୀବିଷ୍ଣୁଙ୍କ ସଂପର୍କରେ ବିଶେଷ ବ୍ୟାଖ୍ୟା କରିଅଛନ୍ତି, ସେହି ପୁରାଣରେ ବର୍ଣ୍ଣନା ଅଛି ଯେ ବିଷ୍ଣୁଙ୍କ କେବେ ସଙ୍ଗ ଛାଡୁ ନଥିବା ଜଗତମାତା ଲକ୍ଷ୍ମୀ ନିତ୍ୟ ଏବଂ ଯେଉଁ ପ୍ରକାରେ ବିଷ୍ଣୁ ସର୍ବବ୍ୟାପକ ଏ ମଧ୍ୟ ସେହିପରି ଅଟନ୍ତି । ବିଷ୍ଣୁ ଅର୍ଥ ହେଲେ ଲକ୍ଷ୍ମୀ ବାଣୀ ଅଟନ୍ତି । ହରି ନ୍ୟାୟ ହେଲେ ଲକ୍ଷ୍ମୀ ନୀତି ଅଟନ୍ତି । ହରି ବୋଧ ହେଲେ ଲକ୍ଷ୍ମୀ ବୁଦ୍ଧି ଅଟନ୍ତି । ବିଷ୍ଣୁ ଧର୍ମ ହେଲେ ଲକ୍ଷ୍ମୀ ଶକ୍ତି ଅଟନ୍ତି । ଭଗବାନ ସ୍ରଷ୍ଟା ହେଲେ ଲକ୍ଷ୍ମୀ ସୃଷ୍ଟି ଅଟନ୍ତି । ହରି ରାଜା ହେଲେ ଲକ୍ଷ୍ମୀ ଭୂମି ଅଟନ୍ତି । ଭଗବାନ ସନ୍ତୋଷ ହେଲେ ଲକ୍ଷ୍ମୀ ତୁଷ୍ଟି ଅଟନ୍ତି । ଭଗବାନ କାମ ହେଲେ ଲକ୍ଷ୍ମୀ ଇଚ୍ଛା ଅଟନ୍ତି । ଭଗବାନ ଯଜ୍ଞ ହେଲେ ଲକ୍ଷ୍ମୀ ଦକ୍ଷିଣା ଅଟନ୍ତି । ଜନାର୍ଦ୍ଦନ ପୁରଡାଶ (ପୁରୋହିତ) ହେଲେ ଲକ୍ଷ୍ମୀ ଆଜ୍ୟାହୂତି (ଆହୂତି) ଅଟନ୍ତି । ମଧୁସୂଦନ ଯଜମାନ ଗୃହ ହେଲେ ଲକ୍ଷ୍ମୀ ପତ୍ନିଶାଳା ଅଟନ୍ତି । ହରି ଯୂପ ହେଲେ ଲକ୍ଷ୍ମୀ ଚିତି ଅଟନ୍ତି । ଭଗବାନ କୁଷା ହେଲେ ଲକ୍ଷ୍ମୀ ସମିଧ ଅଟନ୍ତି । ଭଗବାନ ଶାମ ସ୍ୱରୂପ ହେଲେ ଲକ୍ଷ୍ମୀ ଉଦୀତି ଅଟନ୍ତି । ବାସୁଦେବ ହୁତାସନ ହେଲେ ଲକ୍ଷ୍ମୀ ସ୍ୱାହା ଅଟନ୍ତି । ଭଗବାନ ଶଙ୍କର ହେଲେ ଲକ୍ଷ୍ମୀ ଗୌରୀ ଅଟନ୍ତି । କେଶବ ସୂର୍ଯ୍ୟ ହେଲେ କମଳବାସିନୀ ଲକ୍ଷ୍ମୀ ତାଙ୍କର ପ୍ରଭା ଅଟନ୍ତି । ବିଷ୍ଣୁ ପିତୃଗଣ ହେଲେ ଲକ୍ଷ୍ମୀ ନିତ୍ୟ ପୁଷ୍ଟିଦାୟିନୀ ସ୍ୱାଧା ଅଟନ୍ତି । ବିଷ୍ଣୁ ଅତି ବିସ୍ତୀର୍ଣ୍ଣ ସର୍ବାତ୍ମକ ଆକାଶ ହେଲେ ଲକ୍ଷ୍ମୀ ସ୍ୱର୍ଗଲୋକ ଅଟନ୍ତି । ବିଷ୍ଣୁ ଶଶାଙ୍କ ହେଲେ ଲକ୍ଷ୍ମୀ ଅକ୍ଷୟ କାନ୍ତି ଅଟନ୍ତି । ଶ୍ରୀହରି ସର୍ବଗାମୀ ବାୟୁ ଲକ୍ଷ୍ମୀ ଜଗତର ଗତି ଓ ଆଧାର ଅଟନ୍ତି । ଗୋବିନ୍ଦ ଜଳଧି ହେଲେ ଲକ୍ଷ୍ମୀ ତାଙ୍କର ତଟଭୂମି ଅଟନ୍ତି । ମଧୁସୂଦନ ଦେବରାଜ ଇନ୍ଦ୍ର ହେଲେ ଲକ୍ଷ୍ମୀ ଇନ୍ଦ୍ରାଣୀ ଅଟନ୍ତି । ଚକ୍ରଧର ଯମ ହେଲେ ଲକ୍ଷ୍ମୀ ଧୂର୍ମଣା (ଯମ ପତ୍ନୀ) ଅଟନ୍ତି । ବିଷ୍ଣୁ କୁବେର ହେଲେ ଲକ୍ଷ୍ମୀ ଋଦ୍ଧି ଅଟନ୍ତି । କେଶବ ବରୁଣ ହେଲେ ଲକ୍ଷ୍ମୀ ଗୌରୀ ଅଟନ୍ତି । ହରି ଦେବ ସେନାପତି କାର୍ତ୍ତିକେୟ ହେଲେ ଲକ୍ଷ୍ମୀ ଦେବସେନା ଅଟନ୍ତି । ଭଗବାନ ଗଦାଧର ହେଲେ ଲକ୍ଷ୍ମୀ ଶକ୍ତି ଅଟନ୍ତି । ଭଗବାନ ନିମିଷ ହେଲେ ଲକ୍ଷ୍ମୀ କାଷ୍ଠା ଅଟନ୍ତି । ସେ ମୁହୂର୍ତ୍ତ ହେଲେ ଇଏ କଳା ଅଟନ୍ତି । ହରି ଦୀପ ହେଲେ ଲକ୍ଷ୍ମୀ ଜ୍ୟୋତି ଅଟନ୍ତି । ଭଗବାନ ବୃକ୍ଷ ହେଲେ ଲକ୍ଷ୍ମୀ ଲତା ଅଟନ୍ତି । ଭଗବାନ ଦିନ ହେଲେ ଲକ୍ଷ୍ମୀ ରାତ୍ରୀ ଅଟନ୍ତି । ହରି ବର ହେଲେ ଲକ୍ଷ୍ମୀବଧୂ ଅଟନ୍ତି । ଭଗବାନ ନଦ ହେଲେ ଲକ୍ଷ୍ମୀ ନଦୀ ଅଟନ୍ତି । ଭଗବାନ ଧ୍ୱଜା ହେଲେ ଲକ୍ଷ୍ମୀ ପତାକା ଅଟନ୍ତି । ନାରାୟଣ ଲୋଭ ହେଲେ ଲକ୍ଷ୍ମୀ ତୃଷ୍ଣା ଅଟନ୍ତି । ରତିରାଗ ମଧ୍ୟ ଲକ୍ଷ୍ମୀ ଗୋବିନ୍ଦ ଅଟନ୍ତି । ଅଧିକ କଥା କୁହାଯାଇପାରେ । ସଂକ୍ଷିପ୍ତରେ କହିଲେ କି ଦେବ, ତୀର୍ଯ୍ୟକ ଓ ମନୁଷ୍ୟ ଆଦିରେ ପୁରୁଷାର୍ଥ ଶବ୍ଦ ଶ୍ରୀହରି ଓ ସ୍ତ୍ରୀବାଚୀ ଶବ୍ଦ ଲକ୍ଷ୍ମୀଙ୍କୁ ବୁଝାଯାଏ ।

ପରାଶର ମହର୍ଷିଙ୍କର ଏହି ବିଶ୍ଳେଷଣ ସୂଚନା ଦେଉଅଛି ଯେ, ଶ୍ରୀଜଗନ୍ନାଥ ସଦାସର୍ବଦା ଲକ୍ଷ୍ମୀଯୁକ୍ତ ଓ ଲକ୍ଷ୍ମୀ କେବେହେଲେ ଶ୍ରୀଜଗନ୍ନାଥଙ୍କର ସଙ୍ଗ ତ୍ୟାଗ କରିନାହାନ୍ତି । ତା'ଛଡ଼ା ପରସ୍ପର ପ୍ରତି ପ୍ରୀତି ଅତି ନିବିଡ଼ । ବାଲ୍ମିକୀ ରାମାୟଣରେ ଉଲ୍ଲେଖ ଅଛି 'ଅନନ୍ୟା ରାଘବେଣାହଂ ଭାଷ୍କରେଣ ଯଥା ପ୍ରଭା', (ବା.ରା.୫/୨୧/୧୫) ଏବଂ 'ଅନନ୍ୟା ହି ମୟା ସୀତା ଭାଷ୍କରସ୍ୟ ପ୍ରଭା ଯଥା' (ବା.ରା.୬/୧୧୮/୧୯) । କେବଳ 'ଶ୍ରୀଜଗନ୍ନାଥ', 'ଶ୍ରୀହରି' ନାମ ଶ୍ରୀଯୁକ୍ତ ନୁହନ୍ତି । ଭଗବାନଙ୍କ ଧାମ ମଧ୍ୟ ଶ୍ରୀଯୁକ୍ତ - ଯଥା 'ଶ୍ରୀକ୍ଷେତ୍ର', 'ଶ୍ରୀଧାମ

ପୁରୀ', 'ଶ୍ରୀନୀଳାଚଳ ଧାମ', 'ଶ୍ରୀବୃନ୍ଦାବନ ଧାମ' ଇତ୍ୟାଦି । ଏପରିକି 'ଜଗନ୍ନାଥ' ଶବ୍ଦ ଜଗତ+ନାଥ ଶବ୍ଦ ଦୁଇଟିର ସମଷ୍ଟି - ଏଥିରୁ ଜଗତ୍‌ମାତା ମହାଲକ୍ଷ୍ମୀ ଯୁକ୍ତ ହୋଇଥିବା ସ୍ପଷ୍ଟ ରୂପେ ଜଣାପଡୁଅଛି ।

'ଶ୍ରୀମଦ୍ ଭାଗବତମ୍'ରେ ବର୍ଣ୍ଣନା ଅଛି ଯେ, ବ୍ରଜରେ ଶ୍ରୀକୃଷ୍ଣ ରହିଥିବାରୁ ନନ୍ଦଙ୍କର ଓ ବ୍ରଜର ସମୃଦ୍ଧିମାନ ହେଲା ଏବଂ ଏହା ରମା (ଲକ୍ଷ୍ମୀ)ଙ୍କର କ୍ରୀଡ଼ାସ୍ଥଳ ହୋଇଗଲା ।

'ତତ ଆରଭ୍ୟ ନନ୍ଦସ୍ୟ ବ୍ରଜଃ ସର୍ବ ସମୃଦ୍ଧିମାନ୍ ।
ହରେ ନିର୍ବାସାତ୍ମଗୁଣୈ ରମାକ୍ରୀଡ଼ମଭୂନ୍ନୃପ ।।'
(ଭା-୧୦/୫/୧୮)

ଶୁକଦେବ କହିଲେ, 'ହେ ନୃପ-ପରୀକ୍ଷିତ ! ସେହି ସମୟରୁ ନନ୍ଦଙ୍କର ଓ ବ୍ରଜର ସମସ୍ତ ସମୃଦ୍ଧିମାନ ହେଲା । ହରିଙ୍କର (କୃଷ୍ଣଙ୍କର) ନିବାସ ହେବା ହେତୁ, ତାହା ରମା (ଲକ୍ଷ୍ମୀ) ଦେବୀଙ୍କର କ୍ରୀଡ଼ାସ୍ଥଳ ହୋଇଗଲା ।

ଋକ୍‌ବେଦରେ ଶ୍ରୀସୂକ୍ତରେ ଶ୍ରୀୟାଙ୍କ ସମ୍ବନ୍ଧରେ ଯାହା ବର୍ଣ୍ଣନା ହୋଇଛି ସେଥିରୁ ଜଣାଯାଏ ଯେ ଲକ୍ଷ୍ମୀ 'ହରିଣ୍ବର୍ଣ୍ଣା ହରିଣୀମ୍' ଅଟନ୍ତି । ଅର୍ଥାତ୍ ଲକ୍ଷ୍ମୀ ବା ଶ୍ରୀୟା ସ୍ୱର୍ଣ୍ଣବର୍ଣ୍ଣର ଓ ହରିଣ ପରି ବିଶାଳ ବା ଲମ୍ବା ନେତ୍ର ଥିବା ସୁନ୍ଦରୀ ସ୍ତ୍ରୀ ଲୋକ ଅଟନ୍ତି । ଏହିପରି ଅର୍ଥ କରିବା ଦ୍ୱାରା ହରିପ୍ରିୟାଙ୍କର ପ୍ରକୃତ ପରିଚୟ ଦିଆଯାଇପାରିଲା ନାହିଁ । 'ହିରଣ୍ୟ ବର୍ଣ୍ଣା'ର ପ୍ରକୃତ ଅର୍ଥ 'ସ୍ପୃହଣୀୟ ଅଟେ । ସୁତରାଂ ଭଗବାନଙ୍କୁ ଆନନ୍ଦ ଦେବା ଭଳି ଲକ୍ଷ୍ମୀ ସ୍ପୃହଣୀୟ ବର୍ଣ୍ଣର ଅଟନ୍ତି । 'ହରିଣୀ' ଶବ୍ଦର ଅନ୍ୟ ଅର୍ଥ ହେଲା - 'ହରିନୟତି ଚେତନମିତି ହରିଣୀ' ଅର୍ଥାତ୍ ଯେଉଁ ଦେବୀ ଜୀବର ଚେତନା ହରଣ କରି ଭଗବାନଙ୍କ ଆଶ୍ରିତ କରିବାକୁ ନିରନ୍ତର ପ୍ରଯତ୍ନଶୀଳ ଅଟନ୍ତି ।

ଋକ୍ ବେଦରେ ଶ୍ରୀସୂକ୍ତରେ ଲକ୍ଷ୍ମୀଙ୍କର ବିଭିନ୍ନ ନାମ ଭିତରୁ ଶ୍ରୀୟା ଏକ ନାମ ବର୍ଣ୍ଣନା ଅଛି । 'ଶ୍ରୀ' ଶବ୍ଦର ଛ'ପ୍ରକାର ଅର୍ଥ ଉତ୍ପନ୍ନ ହେଉଅଛି -

'ଶ୍ରିତାସ୍ୟନୈଃ ସର୍ବୈଃ ଶ୍ରୟଷିରମଣଂ ସଂଶ୍ରିତଗିରଃ
ଶୃଣୋଷି ପ୍ରେୟାଂସଂ ଶ୍ରିତଜନ ବଚଃ ଶ୍ରାବୟସି ଚ ।
ଶୃଣାସ୍ୟୈତ ହୋଷାଞ୍ଜନନି ନିଖିଳାନ୍ ସର୍ବ ଜଗତୀଂ
ଗୁଣୈଃ ଶ୍ରୀଣାସିତ୍ୱ ତଦିହ ଭବତୀଂ ଶ୍ରୀରିତି ବିଦୁଃ ।।'

'ହେ ଜନନୀ ! ୧. ସମସ୍ତ ଜୀବମାନଙ୍କ ଦ୍ୱାରା ଆପଣ ସେବିତ ଅଟନ୍ତି, ୨. ଆପଣ ଭଗବାନଙ୍କ ସେବାରେ ନିଯୁକ୍ତ ଅଟନ୍ତି, ୩. ଆଶ୍ରିତଙ୍କ ପ୍ରାର୍ଥନା ଶୁଣନ୍ତି ତଥା, ୪. ପ୍ରଭୁଙ୍କୁ ମଧ ଶୁଣାନ୍ତି, ୫. ଆଶ୍ରିତଙ୍କ ସମ୍ପୂର୍ଣ୍ଣ ଦୋଷ ବିନାଷ କରନ୍ତି ତଥା, ୬. ଆପଣଙ୍କ ଦିବ୍ୟଗୁଣରେ ଜଗତକୁ ବିସ୍ତାର କରନ୍ତି । ତେଣୁ ଆପଣଙ୍କୁ ବେଦଜ୍ଞଜନ ଶ୍ରୀ କହନ୍ତି ।'

ଶ୍ରୀଜଗନ୍ନାଥ ବା ଭଗବାନଙ୍କର ଏକ ନାମ ସଚ୍ଚିଦାନନ୍ଦ ଅଟେ । ଏହାର କାରଣ 'ସତ୍', 'ଚିତ୍' ଏବଂ 'ଆନନ୍ଦ' ଶ୍ରୀଜଗନ୍ନାଥଙ୍କର ତିନି ବୈଭବ ଅଟେ । ସେହିପରି ମହାଲକ୍ଷ୍ମୀଙ୍କର 'ସଂଧିନୀ', 'ସଂବିତ୍' ଏବଂ 'ଆହ୍ଲାଦିନୀ' ତିନି ବୈଭବ ଅଟେ ।

'ହ୍ଲାଦିନୀ ସଂଧିନୀ ସଂବିତ୍ୱ[illegible]ୟକା ସର୍ବସଂସ୍ଥିତୌ ।
ହ୍ଲାଦତାପକରୀ ମିଶ୍ରା ତ୍ୱୟି ନୋ ଗୁଣ ବର୍ଜିତେ ।।'
(ବିଷ୍ଣୁ ପୁରାଣ - ୧/୧୨/୬୯)

'ସମସ୍ତ ଆଧାର ରୂପେ ହ୍ଲାଦିନୀ (ଆନନ୍ଦ), ସଂଧିନୀ (ବିଚ୍ଛେଦ ରହିତ) ଓ ସଂବିତ୍ (ବିଦ୍ୟା ଶକ୍ତି) କରିବା ବ୍ୟକ୍ତି ଆପଣ ଅଟନ୍ତି । ଏଥିରେ ରାଜସ ଓ ତାମସ ଭାବ ମିଶ୍ରିତ ନୁହେଁ । ଏହା ନିର୍ଗୁଣ ଭାବ ଅଟେ ।'

ହ୍ଲାଦିନୀର ଶ୍ରେଷ୍ଠତ୍ୱ ହେଲେ ଭଗବତସ୍ତ୍ର ପ୍ରଦାନ କରେ । ସଂଧିନୀର ଶ୍ରେଷ୍ଠତ୍ୱ ହେଲେ ଭୂଲୋକରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ବୈଭବ ପ୍ରଦାନ କରେ । ସଂବିତର ଶ୍ରେଷ୍ଠତ୍ୱ ହେଲେ କୈବଲ୍ୟ ମୁକ୍ତି ପ୍ରଦାନ କରେ ।

ମହାଲକ୍ଷ୍ମୀଙ୍କ କୃପାର ସାମାନ୍ୟ ପରଶ ସମସ୍ତ ଜଗତକୁ ବିକଶିତ ଓ ଐଶ୍ୱର୍ଯ୍ୟମୟ କରାଏ । କୃପାର ଅଭାବରେ ଜଗତ ନଷ୍ଟଭ୍ରଷ୍ଟ ହୋଇଯାଏ । ମହାଲକ୍ଷ୍ମୀଙ୍କ ବିନା ଭଗବତ୍ ଲୀଳା ରସମୟ ହୁଏ ନାହିଁ । ମହାଲକ୍ଷ୍ମୀଙ୍କ ମହିମା ଭଗବାନ ଅସୀମ ଓ ଅନନ୍ତ ରୂପେ ଜାଣନ୍ତି । ଶ୍ରୀଯମୁନାଚାର୍ଯ୍ୟ ତାଙ୍କର 'ଚର୍ତୁଶ୍ଳୋକୀ'ରେ ମହାଲକ୍ଷ୍ମୀଙ୍କ ମହିମା ଏପରି ବର୍ଣ୍ଣନା କରିବା ସଂଗେ ସଂଗେ ମଧ କହିଅଛନ୍ତି ଯେ ଶ୍ରୀହରି ମଧ ମହାଲକ୍ଷ୍ମୀଙ୍କ ମହିମାର ସୀମା ଜାଣିପାରନ୍ତି ନାହିଁ । ଶ୍ରୀବତ୍ସାଙ୍କ ମିଶ୍ର 'ଶ୍ରୀସ୍ତବ'ରେ ଶ୍ରୀଯମୁନାଚାର୍ଯ୍ୟଙ୍କ କଥା ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯେ ଶ୍ରୀଦେବୀ ନିଜ ମହିମାର ସୀମା ନିଜେ ଜାଣନ୍ତି ନାହିଁ ତଥା ଶ୍ରୀହରି ମଧ ଜାଣିପାରନ୍ତି ନାହିଁ, ଏହାଦ୍ୱାରା ଶ୍ରୀଦେବୀ ଓ ଶ୍ରୀହରିଙ୍କ ସର୍ବଜ୍ଞାତା କ୍ଷୁଣ୍ଣ ହେବ ନାହିଁ । କାରଣ ଯେଉଁ ବସ୍ତୁ ନାହିଁ ସେ ବିଷୟରେ ନ ଜାଣିଲେ ସର୍ବଜ୍ଞାତା କ୍ଷୁଣ୍ଣ ହେବ ନାହିଁ । ଶ୍ରୀଦେବୀଙ୍କର ମହିମାର ଯଦି ସୀମା ନାହିଁ, ସେ ବିଷୟରେ ଜାଣିବାର ଆବଶ୍ୟକତା କିଛି ନାହିଁ । ତେଣୁ ଶ୍ରୀଦେବୀ ନିଜର ମହିମା ଅସୀମ ରୂପରେ ଜାଣନ୍ତି, ସର୍ବାଧିକ ରୂପରେ ନୁହେଁ ।

ମହାଲକ୍ଷ୍ମୀଙ୍କ ସାନିଧ୍ୟ ଲାଭ କଲେ ଶ୍ରୀଜଗନ୍ନାଥଙ୍କ କୃପାର ଧାରା ଅଜସ୍ର ପ୍ରଭାବିତ ହୁଏ । ପ୍ରତ୍ୟେକ ଜୀବର ଲକ୍ଷ୍ୟ - ଭୋଗ, ମୋକ୍ଷ ଓ ପରମପଦ । ଏହି ତିନି ବୈଭବ ମହାଲକ୍ଷ୍ମୀଙ୍କ କରୁଣାରୁ ଲାଭ କରିପାରିବ । ଯେଉଁ ବ୍ୟକ୍ତି ମହାଲକ୍ଷ୍ମୀଙ୍କ କୃପା ପାଇପାରିବ, ସେ ସର୍ବଗୁଣ ସଂପନ ହୋଇପାରିବ ଏବଂ ଯିଏ ନ ପାଇପାରିବ ସେ ଗୁଣହୀନ ହୋଇଯିବ ।

ଆଡ୍‌ଭୋକେଟ
ଜେଲ୍ ରୋଡ଼, ଖୋର୍ଦ୍ଧା



# ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ

ଇଂ ଗଣେଶ ଚନ୍ଦ୍ର ପଣ୍ଡା

**କ**ଲ୍ୟାଣମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ । ସନ୍ଥ ତୁଳସୀ ଦାସଙ୍କ ରଚନାରୁ ପରଂବ୍ରହ୍ମଙ୍କ ବିଷୟରେ ଆମ୍ଭେ ଜାଣୁ 'ଯେ ବିନା ପାଦରେ ଚାଲି ପାରନ୍ତି, ବିନା କର୍ଣ୍ଣରେ ଶୁଣିପାରନ୍ତି ଏବଂ ବିନା ହାତରେ ସମସ୍ତ କର୍ମ କରିପାରନ୍ତି, ସେ ହିଁ ଲୀଳାମୟ ପରଂବ୍ରହ୍ମ ଏବଂ ତାଙ୍କର ଲୀଳା ଆମ୍ଭଙ୍କୁ ଅଗୋଚର ।'

ଏହି ପରଂବ୍ରହ୍ମଙ୍କ ସତ୍ତା ହୃଦୟଙ୍ଗମ କରି କେତେ ଯେ ସାଧୁସନ୍ଥ ଏହି ଶ୍ରୀକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି, ତାହାର ଉଦାହରଣ ଦେବା ଆମ ପକ୍ଷରେ ଦୁରୁହ ବ୍ୟାପାର । ସେ ରତ୍ନବେଦୀରେ କେବଳ କାଠଗଣ୍ଡି ହୋଇ ବସିନାହାନ୍ତି । ସେ ପ୍ରତିଦିନ ମଣିଷର ସୁଖ ଦୁଃଖର ଭାଗି ହେଉଥିବା ଏବଂ ମଣିଷର ଆତ୍ମୀୟତାର ଡୋରିରେ ବାନ୍ଧି ହୋଇଥିବା ଏକ ଜୀବନ୍ତ ଠାକୁର । ସେ କାହାର ନିତିଦିନର ବନ୍ଧୁବାନ୍ଧବ ତ କାହାର ସଖା, ସହୋଦର ତାହା ତାଙ୍କୁ ହିଁ ଜଣା । କେଉଁ କାଳରୁ ଭକ୍ତର ଭକ୍ତିକୁ ଉର୍ଦ୍ଧ୍ୱରେ ରଖି ତାଙ୍କର ସମସ୍ତ ମନୋବାଞ୍ଛା ପୂରଣ କରୁଅଛନ୍ତି ତା'ର ଦୃଷ୍ଟାନ୍ତ ଦେବା ଆମର ମୂଳ ଉଦ୍ଦେଶ୍ୟ ନୁହଁ, କିନ୍ତୁ ଭକ୍ତର ଡାକ ତାଙ୍କର କର୍ଣ୍ଣରେ ଗୁଞ୍ଜରିତ ହେଲେ, ସେ ତତ୍‌କ୍ଷଣାତ୍ ଭକ୍ତର ଭାବକୁ ପୂରଣ କରନ୍ତି । ଏହା ହିଁ ତାଙ୍କର ମହାନୁଭବତାର ପରିପ୍ରକାଶ । ସେହିପରି କିଛି ଭକ୍ତଙ୍କ ବିଷୟରେ ଆମ୍ଭେ ଜାଣିଛୁ ଯେ, ମହାରାଷ୍ଟ୍ରର କର୍ଣ୍ଣିୟାରୀ ଗ୍ରାମରୁ ଆସିଥିବା ଅଭିମାନିଆ ଭକ୍ତ ଗଣପତି ଭଟ୍ଟ ସ୍ୱୟଂ ପରଂବ୍ରହ୍ମଙ୍କୁ ଗଜାନନ ହିସାବରେ ଦର୍ଶନ କରିବାକୁ ଚାହିଁବାରୁ ତାଙ୍କ ଅଭିମାନ ଭଙ୍ଗକରି ଗଜାନନ ବେଶରେ ୧୪୩୨ ଖ୍ରୀଷ୍ଟାବ୍ଦରେ ସ୍ନାନବେଦୀରେ ଦର୍ଶନ ଦେଇଥିଲେ ଏବଂ ଭକ୍ତ ପ୍ରାର୍ଥନା କରିଥିବା 'ହେ ଗଣର ଦେବତା ! ଗଣନାୟକ ! ମୋର ଭକ୍ତି ଅର୍ଘ୍ୟ ଗ୍ରହଣ କରି ନିର୍ବାଣ ଦେବା ପୂର୍ବରୁ, କଥାଟିଏ ସ୍ମରଣ ରଖ । ପ୍ରତିବର୍ଷ ସ୍ନାନାନ୍ତେ, ଏହି ବେଶରେ ବିରାଜମାନ ହୋଇ ଜଗତ୍‌ବାସୀ ବିଘ୍ନ ବିନାଶନ କରିବା ପାଇଁ ସମ୍ମତି ପ୍ରଦାନ କରୁଥିବ ।' ତାହା ହିଁ ଏବେ ବି ହୋଇଆସୁଛି । ସନ୍ଥ ତୁଳସୀ ଦାସ ତାଙ୍କର ପରିଣତ ବୟସରେ ଆସିଥିଲେ ଶ୍ରୀକ୍ଷେତ୍ରକୁ ଯେ, ସ୍ୱୟଂ ପରଂବ୍ରହ୍ମ ହେବା ହେତୁ କୋଦଣ୍ଡଧାରୀ ନୟନାଭିରାମ ରୂପେ ଦର୍ଶନ କରିବେ । ଭାବଗ୍ରାହୀ ତାହା ହିଁ ପୂରଣ କଲେ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କୁ କୃଷ୍ଣ ରୂପରେ ଦେଖି ଗାଇ ଉଠିଲେ - 'କଦାଚିତ୍ କାଳନ୍ଦୀତଟ ବିପିନ ... ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।'

ସେହିପରି ସନ୍ଥ କବୀର ତାଙ୍କୁ ଦେଖି ଗାଇଥିଲେ, - 'କବ୍‌ସେ ଛୋଡ଼ି ମଥୁରା ...' । ତାଙ୍କୁ କୃଷ୍ଣ ରୂପରେ ଦେଖି ତାଙ୍କ ନୟନ ପବିତ୍ର କରିଥିଲେ । ଗୁରୁନାନକଙ୍କୁ ମଧ୍ୟ ତାଙ୍କ ନିଜ ପାପୁଲିରେ ମହାପ୍ରଭୁଙ୍କୁ ଦର୍ଶନ ଦେଇ ତାଙ୍କ ଭକ୍ତ ମର୍ଦ୍ଦନାନ୍‌ଙ୍କ ନିମିତ୍ତ ଆରତୀର ଥାଳି ନିଜେ ରତ୍ନବେଦୀରୁ ଉଡ଼ାଇ ନେଇ ଗୁରୁ ନାନକଙ୍କ ମୁଣ୍ଡ ଉପରେ ଆଶୀର୍ବାଦ ସୂଚକ ରଖି ଦେଇଥିଲେ, ଭକ୍ତର ଭାବକୁ ସମ୍ମାନ ଦେଇ । ସେହି କାଳିଆର ଭୁଜ ମଧ୍ୟ ଦାସିଆ ବାଉରୀର ହାତରୁ ପରଂବ୍ରହ୍ମ ହୋଇ ନିଜେ ନିଜ ହାତରେ ଉଠାଇ ନେଇଥିଲେ ଦାସିଆର ଶ୍ରୀଫଳକୁ, ଜାତିଭେଦ କିଛି ନରଖିବା ପାଇଁ । ରାତ୍ରି ଅଧରେ ବନ୍ଧୁ ମହାନ୍ତି ପାଇଁ ପରଶି ଦେଲ - ଭୋଗଥାଳି ଓ ସମସ୍ତଙ୍କର ସମ୍ମୁଖରେ ବନ୍ଧୁ ମହାନ୍ତି ବୋଲି - ଗଜପତି ଦେବଙ୍କ ଦ୍ୱାରା ଶିରିପା ବାନ୍ଧିଲ କେଉଁ କାଳରୁ । ହେ ପ୍ରଭୁ ! ତୁମ୍ଭେ ଆମ ସମସ୍ତଙ୍କର ପ୍ରାଣର କେନ୍ଦ୍ରବିନ୍ଦୁ । ତୁମ୍ଭେ ଯେ ଅନାଥର ନାଥ ଜନତା ଜନାର୍ଦ୍ଦନର ବନ୍ଧୁ - ଅସୀମ କରୁଣାର ସାଗର, ଜଗତର କର୍ତ୍ତା । ସେଥିପାଇଁ ଭକ୍ତ ଦୀନବନ୍ଧୁ ଦାସ ଗାଇଥିଲେ -

'ଭକତ ଶଙ୍ଖାଳି ମୁକତିର ଘର ।
ଶରଣ ମାଗଇ ଦୀନକୃଷ୍ଣ ଦାସ ଛାର ।।'

ଏହା ହିଁ ହେଉଛି, ଭାବର ପରିପ୍ରକାଶ । ଆମ୍ଭେ କେବେହେଲେ ମହାପ୍ରଭୁଙ୍କୁ ପ୍ରୀତିରେ କିମ୍ବା ସ୍ନେହରୂପକ ରଜ୍ଜୁରେ କିମ୍ବା ଭକ୍ତିରେ ସେବାପୂଜା କରିବା ପ୍ରୟାସରେ ରଖୁନାହୁଁ । ଆମ୍ଭେ କେବଳ ଉପର ଠାଉରିଆ ଭାବରେ ତାହାଙ୍କୁ ବାନ୍ଧି ରଖିବାକୁ ପ୍ରୟାସ କରୁଛୁ । ମନରେ କେବେହେଲେ ଭାବନ୍ତୁ ନାହିଁ ଯେ, ମୋ' ମହାପ୍ରଭୁ ଆସିବେ ନାହିଁ, କାରଣ ସେ ଲୀଳାମୟ, ଭାବଗ୍ରାହୀ ଓ ଭକ୍ତର ଭଗବାନ !

ସେଚସଦନ
ଭୁବନେଶ୍ୱର

# ଶ୍ରୀଶ୍ରୀଜଗନ୍ନାଥାଷ୍ଟକମ୍

ଦାସଜୀ ମହାରାଜ

ଭଜାମି ଶ୍ରୀଜଗନ୍ନାଥ ଜଗଦ୍‌ଗୁରୁଂ
ଜାନାମି ଶ୍ରୀଜଗନ୍ନାଥ ରୂପ ଚାରୁଂ
ସ୍ମରାମି ଶ୍ରୀଜଗନ୍ନାଥ କଳ୍ପତରୁଂ
ନମାମି ଶ୍ରୀଜଗନ୍ନାଥ ବ୍ରହ୍ମ ଦାରୁଂ ।
ଭଜାମି ଶ୍ରୀଜଗନ୍ନାଥ ଜଗତ୍ ପିତାଂ
ଜାନାମି ଶ୍ରୀଜଗନ୍ନାଥ ଜଗତ୍ କର୍ତ୍ତାଂ
ସ୍ମରାମି ଶ୍ରୀଜଗନ୍ନାଥ ମମ ଭର୍ତ୍ତାଂ
ନମାମି ଶ୍ରୀଜଗନ୍ନାଥ ଦୁଃଖ ହର୍ତ୍ତାଂ ।
ଭଜାମି ଶ୍ରୀଜଗନ୍ନାଥ ଜଗଦ୍‌ବନ୍ଧୁଂ
ଜାନାମି ଶ୍ରୀଜଗନ୍ନାଥ କୃପାସିନ୍ଧୁଂ
ସ୍ମରାମି ଶ୍ରୀଜଗନ୍ନାଥ ନାମ ମଧୁଂ
ନମାମି ଭକତବୃନ୍ଦ ହୃଦଇନ୍ଦୁଂ ।
ଭଜାମି ଶ୍ରୀଜଗନ୍ନାଥ ସଦାଶାନ୍ତଂ
ଜାନାମି ଶ୍ରୀଜଗନ୍ନାଥ ଜଗତ୍ କାନ୍ତଂ
ସ୍ମରାମି ସଦାଶ୍ରୀ ଅନାଦି ଅନନ୍ତଂ
ନମାମି ପ୍ରଭୁ ଶ୍ରୀନୀଳାଚଳ ନାଥଂ ।
ଭଜାମି ଶ୍ରୀଜଗନ୍ନାଥ ଗୁଣ, ରୂପଂ
ଜାନାମି ଶ୍ରୀଜଗନ୍ନାଥ ଶ୍ରୀସ୍ୱରୂପଂ
ସ୍ମରାମି ଶ୍ରୀହରିହର ପାପ ତାପଂ
ନମାମି ଶ୍ରୀଜଗନ୍ନାଥ ବିଶ୍ୱରୂପଂ ।
ଭଜାମି ଶ୍ରୀଜଗନ୍ନାଥ ଦୟା ନିଧିଂ
ଜାନାମି ଭକତ ପ୍ରାଣ ପ୍ରିୟ ବିଧିଂ
ସ୍ମରାମି ଶ୍ରୀହରି ଜାତା ସର୍ବ ସିଦ୍ଧିଂ
ନମାମି ଶ୍ରୀଜଗନ୍ନାଥ ନବ ନିଧିଂ ।
ଭଜାମି ଶ୍ରୀଜଗନ୍ନାଥ ହରିହରଂ
ଜାନାମି ଶ୍ରୀଜଗନ୍ନାଥ ନାମ ସାରଂ
ସ୍ମରାମି ପ୍ରଭୁ ଶ୍ରୀକୃପାପାରା ବାରଂ
ନମାମି ଶ୍ରୀନିରଞ୍ଜନ ନିରାକାରଂ ।
ଭଜାମି ଶ୍ରୀଜଗନ୍ନାଥ ପଦତ୍ରାଣଂ
ଜାନାମି ଶ୍ରୀଜଗନ୍ନାଥ ମୁକ୍ତିଦାତାଂ
ସ୍ମରାମିହମ୍ ସର୍ବାରିଷ୍ଟ ଶାନ୍ତି କର୍ତ୍ତାଂ
ନମାମି ଶ୍ରୀଜଗନ୍ନାଥ ଜଗନ୍ମାତାଂ ।

ପଞ୍ଚବଟୀ ଆଶ୍ରମ
ପରମାନନ୍ଦ ପୁର, ଭଣ୍ଡାରି ପୋଖରୀ, ଭଦ୍ରକ

# ଦାରୁ ହେଲେ ଜଗନ୍ନାଥ ...

ଡକ୍ଟର ପ୍ରଦୀପ୍ତ କୁମାର ବାରିକ

କି ଅଦ୍ଭୁତ ମୁହୂର୍ତ୍ତ ସେ
ମନ-ଜ୍ଞାନ-ବଚନ ଅତୀତ,
ନୀଳ ଉର୍ମି ତାଳେ ତାଳେ
ଶଙ୍ଖ ସବୁ ହେଲେ ଅନ୍ତର୍ହିତ
ତା ଆଲୋକେ ଉଦ୍‌ଭାସିତ
ମାଟି-ପାଣି-ପବନ-ଆକାଶ
ଦିବ୍ୟ ଗନ୍ଧ ମୋଦେ ତା'ର
ପୁଲକିତ ସମୟର ପ୍ରତିଟି ନିଃଶ୍ୱାସ
ସେ ଯେ ଏକ ପ୍ରତ୍ୟୟ ଅଦ୍ଭୁତ !
ମହୋଦଧି ପୁଣ୍ୟତଟେ
ଆର୍ଯ୍ୟ ଓ ଅନାର୍ଯ୍ୟ ସବୁ ହେଲେ ସମନ୍ୱିତ ।
ସ୍ରୋତ୍ରୀୟ ବ୍ରାହ୍ମଣେ ଯାଇ ପ୍ରବୋଧିଲେ -
ବନବାସୀ ଶବର ପଲ୍ଲୀରେ
ଆସ ଭାଇ ! ଦେଖିଯାଅ କି ଅଦ୍ଭୁତ-
ଦ୍ରବ୍ୟ ଥୁଆ ମହୋଦଧି ବିଜନ ବାଲିରେ
ସାମାନ୍ୟ ବିଳମ୍ବ ହେଲେ ବିଡ଼ମ୍ବନା-
ପ୍ରବଞ୍ଚନା ଆମ ଭାଗେ ଥୁଆ
ତମ ଆମ ପାଇଁ ନୁହଁ, ବିଶ୍ୱ ପାଇଁ
ଏ ଯେ ଏକ ଇତିହାସ ନୂଆ ।
ଆର୍ଯ୍ୟ ଓ ଅନାର୍ଯ୍ୟ ସବୁ
ଆଚମ୍ବିତେ କମର କଷିଲେ,
ପରସ୍ପରେ ଘେନାଘେନି-
କୋଳାକୋଳି ମହୋଦଧି ତୀରେ ।
ଉଠାଇଲେ ଦାରୁଖଣ୍ଡ
ସଂଭ୍ରମରେ ଜୟଧ୍ୱନି କରି
ଓଁକାରର ମୂର୍ଚ୍ଛନାରେ
ଭିଜିଗଲା ଦିବସ ଶର୍ବରୀ ।
ଗଢ଼ା ହେଲା ମୂର୍ତ୍ତି !
ଖୁସି ହେଲେ ଇନ୍ଦ୍ରଦ୍ୟୁମ୍ନ
ଖୁସି ହେଲେ ବିପ୍ର ବିଦ୍ୟାପତି
ସମସ୍ତଙ୍କ ମନରେ ପୁଲକ
ଗୁଣ୍ଡିଚା ପାଇଲା ସତେ
ମର୍ତ୍ତ୍ୟପୁରେ ଅମର୍ତ୍ତ୍ୟ ଆଲୋକ ।
ଇତିହାସ କିଏ ତାର କରିବ କଳନା ?
ଜୀବନର ମରୁପଥେ ଚିରନ୍ତନ ସତ୍ୟ ସିଏ
ଅଭୟଦ ଚିନ୍ମୟ ଚେତନା ।

ବରିଷ୍ଠ ଓଡ଼ିଆ ଅଧ୍ୟାପକ
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର

ସମ୍ପାଦକୀୟ



# କିଛି ମାଗୁ ନାହିଁ ତୋତେ

'ପ୍ରସରିଣ ଥିଲା ଆଗେ ଅଶରୀରୀ-ବାଣୀ
ଦେବ ଲୋକେ କୃଷ୍ଣ କରୁଁ ଆସି ଚକ୍ରବର
ପଡ଼ିବ ଯେଠାରେ ତହିଁ ହେବ କଳିଯୁଗ
ଭାବଗ୍ରାହୀ କେଶବର ଭାବି ଅବତାର
ପତିତପାବନ ବାନା ଉଡ଼ିବ ଭୂତଳେ ।'

ମହାଯାତ୍ରା ମହାକାବ୍ୟର ଏ ଉଦ୍ଧୃତିର ଉତ୍ସର ପ୍ରାମାଣିକତା ଯାହା ଥାଉନା କାହିଁକି, ପୌରାଣିକତା, ଆଧାତ୍ମିକତା ଓ ଲୋକ ବିଶ୍ୱାସର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତୀକାତ୍ମକ ପ୍ରୟୋଗ ଏହାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି । ଏ ପଂକ୍ତିରେ ଜଣେ କବି ପ୍ରାଣର ଆବେଗିକ ତଲ୍ଲୀନତା କେବଳ ପ୍ରକାଶିତ ହୋଇନାହିଁ - ମହିମା ମଣ୍ଡିତ ଏକ ରାଜ୍ୟ ଓ ପୁରାଣ ପ୍ରସିଦ୍ଧ ଏକ ସ୍ଥାନକୁ ଅଧିକ ପରିଚିତ କରାଇବାର ଯେ ପ୍ରୟାସ ଏହା ମାଧ୍ୟମରେ କରାଯାଇଛି ତାହା ଅନସ୍ୱୀକାର୍ଯ୍ୟ ।

କୃଷ୍ଣଙ୍କ ଲୀଳାର ଆବଶ୍ୟକତାର ଅନ୍ତ ହେଲା ଦ୍ୱାପରରେ । ଲୀଳାମୟଙ୍କର ଅନ୍ୟ ଏକ ରୂପର ଆବିର୍ଭାବ ଘଟିବାର ଏ ସଙ୍କେତ ପଛରେ ସଂଗୁପ୍ତ ଉଦ୍ଦେଶ୍ୟକୁ ଚେତାଇ ଦେବା ହୁଏତ ଏ ପଂକ୍ତିର ମର୍ମବାଣୀ ।

ଚକ୍ର । ଆଦି ଅନ୍ତହୀନ ଏକ ଅଦ୍ଭୁତ ଆୟୁଧ । ଯେଉଁଠୁ ଯାଏ କର୍ତ୍ତବ୍ୟ ସାଧନ କରି ସେଇଠିକୁ ହିଁ ଫେରେ । ପୁଣି ସହସ୍ର ଆଦିତ୍ୟ ତେଜଦୀପ୍ତ ପ୍ରଚଣ୍ଡ ଶକ୍ତିର ଉତ୍ସ । ସନ୍ଥ ପାଳନ ଓ ଦୁଷ୍ଟ ନିବାରଣର କାର୍ଯ୍ୟ ସାଧନ କରେ । ସେହି ଚକ୍ର ଉତ୍କଳ ଖଣ୍ଡରେ ନିପତିତ ହୋଇ ଚକ୍ର କ୍ଷେତ୍ରରେ ପରିଣତ କରିଛି ଏ ସ୍ଥାନକୁ । ସବୁ ରାତିର ଅନ୍ତ ଥିଲା ଭଳି, ସବୁ ସୂର୍ଯ୍ୟୋଦୟର ଅନନ୍ୟ ସଙ୍କେତ ଥିଲା ଭଳି, ସବୁ ବାରିପାତର ଏକ ମନୋରମ ରାଗିଣୀ ଥିଲା ଭଳି - ଏ ଅବତାରର ଆବିର୍ଭାବ । କେଉଁଠୁ ଖୋଜିବେ ତା'ର ଅନ୍ତ - କେଉଁଠୁ ପୁଣି ତା'ର ଆରମ୍ଭ । କେଉଁଠୁ ତା'ର ଯାତ୍ରା - କେଉଁଠି ତା'ର ଶେଷ ? କେଉଁଠି ତା'ର ପ୍ରକାଶ ? କେଉଁଠି ତା'ର ବ୍ୟାପ୍ତି ସବୁର ସତର୍କ ପ୍ରଶ୍ନ ମଧ୍ୟରେ ତା'ର ଉତ୍ତର ହୀନତା ହିଁ ଅଲୌକିକତାର ସୂଚକ । ଥକିଯାଏ ଆଖି । ଅବିଶ୍ରାନ୍ତ ଚିନ୍ତନରେ ହାଲୁକା ହୋଇଯାଏ ତନୁ ମନ । ଏ ସେଇ ଦେବତା ଗଣଦେବତା । ସବୁରି ମିତ୍ର - ସବୁରି ତ୍ରାଣକର୍ତ୍ତା, ସବୁରି ସ୍ୱପ୍ନ - ସବୁରି ପ୍ରାପ୍ତି, ସବୁ ଅବଶୋଷର ଏକ ଆପାତତଃ ତୃପ୍ତ ପରିସମାପ୍ତି ।

ତା'ରି ଘୋଷଯାତ୍ରା । ବିଶ୍ୱ ଜନତାର କୋଳକୁ ଫେରିଆସେ ଐଶ୍ୱର୍ଯ୍ୟ ଓ ସମ୍ଭୋଗରେ ପ୍ରମତ୍ତ ଚେତନାଟିଏ । ଧୂଳିରେ ବୋଳି ହୁଏ, ଅନୁରାଗରେ ରଞ୍ଜିତ ହୋଇଯାଏ - ସବୁକୁ ଆତ୍ମମ୍ଭରିତାରୁ ମୁକ୍ତ କରି, ଅହଂ ସର୍ବସ୍ୱ ପ୍ରବଣତାର ଉର୍ଦ୍ଧ୍ୱକୁ ନେବାର ଆଶ୍ୱାସତା ନେଇ ସେ ଉଦ୍‌ବାହୁ କରିଦିଏ ଜନମାନସକୁ । ଅଭିସାରରେ ପ୍ରଲୁବ୍ଧ କରିଦିଏ ସକଳ ମାନବାତ୍ମାକୁ । ଏକ ଦୁରନ୍ତ ଆହ୍ୱାନରେ ମୂର୍ଚ୍ଛନାରେ ଅଭିମନ୍ତ୍ରିତ କରିଦିଏ ତନୁ ମନ । ସବୁ ହଜିଯାଏ ପଲକରେ - ଖୋଜିବାର ବି ଆବଶ୍ୟକତା ନଥାଏ । ଜ୍ଞାନୀର, ମାନୀର, ଦୁଃଖୀର, ସୁଖୀର, ରାଜାର କି ରଙ୍କର । ସବୁ ଶୂନ୍ୟତାରେ ପୂର୍ଣ୍ଣ ହେବାର ଆଶ୍ୱାସନାରେ ପରିପୂର୍ଣ୍ଣ କରିଦିଏ ଜଳ, ସ୍ଥଳ, ଆକାଶକୁ ।

କଳିର ମଣିଷ ବର୍ତ୍ତମାନ ଅହଂକାର ସର୍ବସ୍ୱ ହୋଇପଡ଼ିଛି । ଅହଂକାର ସ୍ୱର୍ଗଦ୍ୱାରର ପଥରୋଧ କରେ । ତୁମକୁ ପାଇବାରେ ପ୍ରତିବନ୍ଧକ ସୃଷ୍ଟି କରେ । ତୁମେ ତ ଲୀଳାମୟ, ଅବତାରମାନଙ୍କର ଅବତାରୀ । ଯୁଗେ ଯୁଗେ ଅବତାର ନେଇ ସଂସାର ସଙ୍କଟମୋଚନ କରିଛ । ସାଧୁସନ୍ଥଙ୍କୁ ପରିତ୍ରାଣ କରିଛ । ଦୀନ, ଦୁଃଖୀ, ଦୁର୍ଗତଙ୍କ ଦୁଃଖ ଦୂର କରିଛ । ସତ୍ୟଯୁଗରେ ନୃସିଂହ ନାରାୟଣ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ପୁଣି କଳିଯୁଗରେ ଶ୍ରୀଜଗନ୍ନାଥ ରୂପରେ ଅବତୀର୍ଣ୍ଣ ହୋଇ କେତେ ଅଲୌକିକ ଲୀଳା ପ୍ରଦର୍ଶନ କରିଛ । ଦାରୁଦେବତାରୁ ପରିଗ୍ରହ କରିଛ ପରଂବ୍ରହ୍ମ ସ୍ୱରୂପ ।

ତତ୍ତ୍ୱଦର୍ଶୀମାନଙ୍କ ଦୃଷ୍ଟିରେ ତୁମେ ଶୂନ୍ୟ, ନିର୍ଗୁଣ, ନିରାକାର କିନ୍ତୁ ସାଧାରଣ ଭକ୍ତ ପାଖରେ ସଗୁଣ ସାକାର । ପରମପୁରୁଷ ପୁରୁଷୋତ୍ତମ, ପତିତପାବନ, ଆର୍ତ୍ତତ୍ରାଣ, ଦୟାନିଧି, ଦୀନବନ୍ଧୁ । ଅନାଥର ନାଥ ସର୍ବମଙ୍ଗଳ ଜଗନ୍ନାଥ । ତୁମେ ନିଖିଳ ବ୍ରହ୍ମାଣ୍ଡର ଅଧିଶ୍ୱର । ସୃଷ୍ଟି, ସ୍ଥିତି, ସଂହାରର କାରଣ ସ୍ୱୟଂ ନାରାୟଣ । ତୁମ ପାଖରେ ସବୁ ତତ୍ତ୍ୱ ତୁଚ୍ଛ । ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ତୁମକୁ ନେଇ ଗଢ଼ି ଉଠିଛି ସାମ୍ୟ ଓ ସମନ୍ୱୟର ସଂସ୍କୃତି । ସଂହତି ଓ ସଂପ୍ରୀତିର ମହାମନ୍ତ୍ରରେ ଅନୁରଣିତ ହୋଇ ଉଠିଛି ତୁମର ପବିତ୍ର ପୀଠ ।

ତୁମର ଅମୃତମୟ ଚେତନାରେ ଘଟିଛି ବିଶ୍ୱର ସବୁଧର୍ମ ଦର୍ଶନ, ତତ୍ତ୍ୱ ଓ ମତର ଅଦ୍ଭୁତ ସମନ୍ୱୟ । ଶବର, ବୌଦ୍ଧ, ଜୈନ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ସୌର-ସବୁ ସମ୍ପ୍ରଦାୟର ତୁମେ ଆରାଧ୍ୟ ଦେବତା । ତୁମର ସଂସ୍କୃତି ବିଶ୍ୱ ସଂସ୍କୃତି, ଧର୍ମ ମାନବ ଧର୍ମ । ତୁମେ ଆର୍ଯ୍ୟ - ଅନାର୍ଯ୍ୟର ପରମାରାଧ୍ୟ । ତୁମେ ବିଶ୍ୱମୈତ୍ରୀର ମାନବ ଜାତିର ପ୍ରତୀକ ।

ପୂର୍ଣ୍ଣ କରିବାର ଅଭୟ ଆଶୀର୍ବାଦରେ ଆଜି ଏ ରାଜଦାଣ୍ଡ ପରିପୂର୍ଣ୍ଣ - ବେଳାଭୂମିର ସୈକତ ରେଣୁରେ ତା'ର ମନୋରମ ଗନ୍ଧର ସ୍ପର୍ଶ । ସମୁଦ୍ରର ଅନନ୍ତ ବ୍ୟାପ୍ତିରେ ତା'ର ମଧୁର ଆଶ୍ଳେଷ । ସବୁ ଏଇଠି ଯେମିତି ସୁରକ୍ଷିତ ।

ଚିହ୍ନି ନେବେତ ଚିହ୍ନରା ଗ୍ରାହକ ହୁଅନ୍ତୁ । ଅନ୍ତତଃ ଏଭଳି ଏକ ପବିତ୍ର ତିଥିରେ ଏହା ହିଁ କାମନା । ଏହି ପରିପ୍ରେକ୍ଷୀରେ କବିବର ରାଧାନାଥ ରାୟଙ୍କ ମହାଯାତ୍ରା କାବ୍ୟର ଏକ ପଂକ୍ତି ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ -

'ପୁଣ୍ୟ ତମ ଏ ସୈକତ ବିଶ୍ୱ ଚରାଚରେ,
ବାଛି ନେଇଛନ୍ତି ଯାହା ନିଜେ ଲୀଳାମୟ
ପୁଣି ମର୍ତ୍ତ୍ୟ ଲୀଳା ଲାଗି ଅଖିଳ ଭାରତେ,
ପର୍ଣ୍ଣ ଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରିୟସୀ,
ଯାମେ ଯା'ର ଋଷିକୁଲ୍ୟା କପିଶା ଉତ୍ତରେ
ପଶ୍ଚିମେ ଭାର୍ଗବାଶ୍ରମ ମହେନ୍ଦ୍ର ଶିଖରୀ,
ଚିର କୋଳାହଳମୟ ପୂର୍ବେ ପୟୋନିଧି
ପୁଷ୍ପ କୁଣ୍ଡେ ଶ୍ରେଷ୍ଠତାର କେଶର ଯେସନେ,
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ
ନିବସନ୍ତି ନାନା ସ୍ଥାନେ ଦେବ ଦେବୀ ଯେତେ
ଭାରତ, ଭାରତ ଖଣ୍ଡେ ଆସି ଏ ପ୍ରଦେଶେ,
ବିହରୀବେ ଠାବେ ଠାବେ ନିଜ ରୁଚି ମତେ
ଠୁଳ ହେବ ଅବଶେଷେ ପୁଣି ଏ ପୁଳିନେ
ଅଖିଳ ଭାରତ ତୀର୍ଥ ଭ୍ରମଣ ସୁକୃତ ।'

॥ ଜୟ ଜଗନ୍ନାଥ ॥



# ଉତ୍କଳ ପ୍ରସଙ୍ଗ

**The Utkal Prasanga**

୬୨ ଭାଗ | ୧୧ଶ ସଂଖ୍ୟା | ଜ୍ୟେଷ୍ଠ-ଆଷାଢ଼ | ଜୁନ - ୨୦୦୬

**ଦିଗମ୍ବର ମହାନ୍ତି**
କମିଶନର ତଥା ଶାସନ ସଚିବ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

**ଶରତଚନ୍ଦ୍ର ସାମନ୍ତରାୟ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
**ମାନସ ନାୟକ**
ଫଟୋ : ସୂଚନା ଓ ଲୋକ ସଂପର୍କ ବିଭାଗ ସୌଜନ୍ୟରୁ

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
**ମନୋଜ କୁମାର ପାତ୍ର**
**ହେମନ୍ତ କୁମାର ସାହୁ**

**ବାର୍ଷିକ ଦେୟ : ଟ.୫୦.୦୦**
**ପ୍ରତିଖଣ୍ଡ : ଟ.୫.୦୦**


ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧
ଫୋନ : ୨୩୯୪୫୧୩, ଇ-ମେଲ୍ : iprsec@rediffmail.com, ୱେବ୍ସାଇଟ୍ : www.orissagov.nic.in

# ସୂଚୀ


| | | | |
|---|---|---|---|
| • ସମନ୍ୱୟ ଚେତନା ଓ ଶ୍ରୀଜଗନ୍ନାଥ | ଡଃ ଶରତ ଚନ୍ଦ୍ର ରଥ | --- | ୧ |
| • ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର | --- | ୬ |
| • ବୈଦିକ ଆକାଶରୁ ବଡ଼ଦାଣ୍ଡ : ପ୍ରସଙ୍ଗ ରଥ ପରମ୍ପରା | ଡକ୍ଟର ସନ୍ତୋଷ ତ୍ରିପାଠୀ | --- | ୧୩ |
| • ମହାଲକ୍ଷ୍ମୀ | ପ୍ରଫୁଲ୍ଲ ଚନ୍ଦ୍ର ସାହୁ | --- | ୧୯ |
| • ଶ୍ରୀଜଗନ୍ନାଥ ଭାବଚେତନାରେ ଶ୍ରୀନୀଳଚକ୍ର | ଦେବାଶିଷ ଚକ୍ରବର୍ତ୍ତୀ | --- | ୨୩ |
| • ତୁମେ ପରିବାର ମୋର | ବୀର କିଶୋର ପାଢ଼ୀ | --- | ୨୬ |
| • ପୁରୀ | ମହୀମୋହନ ତ୍ରିପାଠୀ | --- | ୨୭ |
| • ଆତ୍ମ ଜିଜ୍ଞାସା | ସବିତା ରଥ | --- | ୨୮ |
| • ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମହୋତ୍ସବ ଶ୍ରୀକ୍ଷେତ୍ର ରଥଯାତ୍ରା | ସଦାଶିବ ମିଶ୍ର | --- | ୨୯ |
| • ଏହି ଅଳି ଶ୍ରୀଛାମୁରେ | ଡକ୍ଟର ବଳରାମ ଦାସ | --- | ୩୧ |
| • ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ଶ୍ରୀନୀଳାଚଳ | ପ୍ରମୋଦ କୁମାର ନାୟକ | --- | ୩୩ |
| • ଶ୍ରୀଜଗନ୍ନାଥ ଚେତନାରେ 'ଶଙ୍କା ପଞ୍ଚକମ୍' | ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା | --- | ୩୬ |
| • ମହାପ୍ରସାଦ ଚେତନାରେ ମହନୀୟ ମହାବାକ୍ୟ | ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର | --- | ୩୯ |
| • ଶ୍ରୀଜଗନ୍ନାଥ ଅଲାରନାଥ | କୁମାର କବି ଅରକ୍ଷିତ ପ୍ରଧାନ | --- | ୪୧ |
| • ଶ୍ରୀମନ୍ଦିରର ଦଶଦ୍ୱାର ଭଗତେ ହେତୁ କର | କାଞ୍ଚି ନାରାୟଣ ମହାନ୍ତି | --- | ୪୨ |
| • କାଳିଆ କରୁଣା | ଚନ୍ଦ୍ରଶେଖର ପଣ୍ଡା | --- | ୪୫ |
| • ଅଭିଶପ୍ତ କବିର ମୁକ୍ତିଗାଥା | ଡକ୍ଟର ତ୍ରିନାଥ ପଟ୍ଟନାୟକ | --- | ୪୬ |
| • ଶ୍ରୀପୁରୁଷୋତ୍ତମ ପୀଠର ମଠ ଆଶ୍ରମ ସଂସ୍କୃତି | ପ୍ରଫେସର ଜଗନ୍ନାଥ ମହାନ୍ତି | --- | ୪୯ |
| • ସେ ରଥ ହେଉ ପୁଣ୍ୟର | ବିମଳା ସିଂହ | --- | ୫୦ |
| • ମୋର ହୃଦୟ ଭକ୍ତଜନ | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ | --- | ୫୧ |
| • ଉତ୍କଳୀୟ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳା | ଡକ୍ଟର ବିଦ୍ୟୁତ୍‌ଲତା ରାୟ | --- | ୫୩ |
| • ଶ୍ରୀମନ୍ଦିରରେ ଶାରଦୀୟ ମହୋତ୍ସବ | ବିରଞ୍ଚି ନାରାୟଣ ପାଣିଗ୍ରାହୀ | --- | ୫୫ |
| • ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ | ସତ୍ୟ ନାରାୟଣ ମହାପାତ୍ର | --- | ୫୮ |
| • ବଡ଼ଦାଣ୍ଡ | ସୌଭାଗ୍ୟ ଲକ୍ଷ୍ମୀ | --- | ୬୨ |
| • ଶ୍ରୀମନ୍ଦିର ସୁରକ୍ଷା ଓ ସାର୍ବଜନୀନ ପ୍ରବେଶ | ଡକ୍ଟର ନୀଳକଣ୍ଠ ମିଶ୍ର | --- | ୬୩ |
| • ରଥଯାତ୍ରା | ଓମ ପ୍ରକାଶ ମହାପାତ୍ର | --- | ୬୯ |
| • ଭଟଲିର ଦଧିବାମନ ବିଷ୍ଣୁ | ଡକ୍ଟର ଉଦ୍ଧବ ଚରଣ ନାୟକ | --- | ୭୦ |
| • ଜଗନ୍ନାଥ ଯାହାର ଠାକୁର | ଅଧ୍ୟାପକ ବିକ୍ରମ କେଶରୀ ବର୍ମା | --- | ୭୨ |
| • କାନ୍ତ ସାହିତ୍ୟରେ ଜଗନ୍ନାଥ ଚେତନା | ଗୁରୁକଲ୍ୟାଣ ମହାପାତ୍ର | --- | ୭୩ |
| • ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଓ ଶ୍ରୀଜଗନ୍ନାଥ | ରଜତ କୁମାର କର | --- | ୭୬ |
| • ଜଗନ୍ନାଥଙ୍କୁ ପଦେ | ଦୟାନିଧି ବେହେରା | --- | ୭୮ |
| • ଦାରୁବ୍ରହ୍ମଙ୍କର ରଥଯାତ୍ରା | ପୂର୍ଣ୍ଣେନ୍ଦୁ କୁମାର ନନ୍ଦ | --- | ୭୯ |
| • ନୀଳାଦ୍ରି ଚନ୍ଦ୍ରମା | ଇଂ. ରଘୁନାଥ ପାତ୍ର | --- | ୮୦ |

| | | | |
|---|---|---|---|
| • ଜଗନ୍ନାଥ ଧର୍ମ ଓ ଶ୍ରୀମହାଭାବ ତତ୍ତ୍ୱ | ଦୁର୍ଗାମାଧବ ଦାଶ | --- | ୮୧ |
| • ସନ୍ଥକବି ହାଡ଼ିଦାସଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ | ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା | --- | ୮୬ |
| • ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି | ଦେବରାଜ ସାମନ୍ତରାୟ | --- | ୮୮ |
| • ରଥସେବାରେ ଘଣ୍ଟୁଆ ନିଯୋଗ | ଡକ୍ଟର ଜନ୍ମେଜୟ ଚୌଧୁରୀ | --- | ୮୯ |
| • ଚିଦାନନ୍ଦେ ପ୍ରାଣ ଉଠେ ମୋ' ପୁଲକି | ପଣ୍ଡିତ ଜଗନ୍ନାଥ ଶତପଥୀ | --- | ୯୨ |
| • ଇଚ୍ଛାମୟଙ୍କ ସ୍ୱେଚ୍ଛାଯାତ୍ରା | ଶରତ କୁମାର କର | --- | ୯୩ |
| • ଦେହି ପଦ ପଲ୍ଲବ ମୁଦିତ ମୁଦାରଂ | ତାରାକାନ୍ତ ମହାନ୍ତି | --- | ୯୬ |
| • ସ୍ରଷ୍ଟା | ଗୌରହରି ରାଉତ | --- | ୯୯ |
| • ଜଗନ୍ନାଥଙ୍କ ବଢ଼େଇ | ମଧୁସୂଦନ ପଟ୍ଟନାୟକ | --- | ୧୦୦ |
| • ପ୍ରିୟଦର୍ଶୀ ଶ୍ରୀଜଗନ୍ନାଥ | ନିର୍ମଳା କୁମାରୀ ମହାପାତ୍ର | --- | ୧୦୨ |
| • ବଡ଼ଦେଉଳର ବଡ଼ଠାକୁର | ବସନ୍ତ କୁମାର ଦେବ | --- | ୧୦୩ |
| • ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ | କୃଷ୍ଣପ୍ରିୟା ଦାସ | --- | ୧୦୪ |
| • ଶ୍ରୀଜଗନ୍ନାଥ ଓ ପବିତ୍ରଧାମ ଶ୍ରୀକ୍ଷେତ୍ର | ଶ୍ରୀନିବାସ ଆଚାର୍ଯ୍ୟ | --- | ୧୦୭ |
| • ଶ୍ରୀଗୁଣ୍ଡିଚା ରଥଯାତ୍ରାର ପୃଷ୍ଠଭୂମି | ପଙ୍କଜ ସାହୁ | --- | ୧୧୦ |
| • ଜଗନ୍ନାଥ ଏତିକି କରୁଣା କର | ଶକୁନ୍ତଳା ଆଚାର୍ଯ୍ୟ | --- | ୧୧୨ |
| • ସତ୍ୟ, ସୁକୃତ ଓ ଜଗନ୍ନାଥ | ନିବେଦିତା ଭଞ୍ଜ | --- | ୧୧୩ |
| • ଉତ୍କଳୀୟ ମହାକବି ଜୟଦେବ : ଶ୍ରଦ୍ଧାଞ୍ଜଳି | ଇଂ. ଗଦାଧର ମିଶ୍ର | --- | ୧୧୫ |
| • ଶ୍ରୀମନ୍ଦିର ଓ ଦକ୍ଷିଣ ଘର | ପଣ୍ଡିତ ରାମକୃଷ୍ଣ ପତି | --- | ୧୧୬ |
| • ଛଳନାରୁ ମୁକ୍ତି ଦିଅ | ଇନ୍ଦ୍ରମଣି ମହାଳିକ | --- | ୧୧୮ |
| • ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା | ଜଗନ୍ନାଥ କୁଅଁର | --- | ୧୧୯ |
| • ଶ୍ରୀକ୍ଷେତ୍ର କର ଦର୍ଶନ | ବିଚିତ୍ରାନନ୍ଦ ବାରିକ | --- | ୧୨୦ |
| • ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତତ୍ତ୍ୱରେ ଭଗବାନ ଗଣେଶ | ସୁରେଶ କୁମାର ପ୍ରଧାନ | --- | ୧୨୧ |
| • ଭାଗ୍ୟରେ ଲେଖିଲ ନାହିଁ | ମହେନ୍ଦ୍ର କୁମାର ଘଡ଼େଇ | --- | ୧୨୨ |
| • ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ | ଡକ୍ଟର ହରିହର କାନୁନ୍‌ଗୋ | --- | ୧୨୩ |
| • ଅଦ୍ଭୁତ ବାଜିକର | ସୁବ୍ରତ କୁମାର ଇନ୍ଦ୍ରସିଂହ | --- | ୧୨୪ |
| • ଜଗତର ନାଥ ଜଗନ୍ନାଥ | ରବି ମହାପାତ୍ର | --- | ୧୨୫ |
| • ଜଗତ କାରଣ | ବିକ୍ରମ ମହାରଣା | --- | ୧୨୮ |
| • ଶ୍ରୀଜଗନ୍ନାଥଙ୍କ ମାଉସୀ ଏବେବି ବାଟ ଚାହିଁ ବସିଛି | ରମେଶ ପ୍ରସାଦ ସିଂହ | --- | ୧୨୯ |
| • ଗଜବଦନ ଯା'ର ନାହିଁ | ଓମ ପ୍ରକାଶ | --- | ୧୩୧ |
| • ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ | ଦେଶବନ୍ଧୁ ମିଶ୍ର | --- | ୧୩୩ |
| • ରଣପୁର ଜଗନ୍ନାଥ ମନ୍ଦିର ଏବଂ ରଥଯାତ୍ରା | ବ୍ରଜ ପାଇକରାୟ | --- | ୧୩୪ |
| • ଦାଣ୍ଡେ ପଡ଼ିଯିବ ହରି | ଜଳଧର ନାୟକ | --- | ୧୩୬ |
| • ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ ଉତ୍କଳୀୟ ଲିପି | ଡଃ ରମାକାନ୍ତ କର | --- | ୧୩୭ |
| • ଭକ୍ତପ୍ରିୟ ଜଗନ୍ନାଥ | ରବିନାରାୟଣ ପାଣି | --- | ୧୩୯ |
| • ସବୁଠାରେ ତମେ | ପ୍ରକାଶ ଚନ୍ଦ୍ର ବଳିଆର ସିଂହ ମହାପାତ୍ର | --- | ୧୪୦ |
| • ମହାଲକ୍ଷ୍ମୀଙ୍କ ବୈଭବ | ଶିବସୁନ୍ଦର ପଟ୍ଟନାୟକ | --- | ୧୪୧ |
| • ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ | ଇଂ. ଗଣେଶ ଚନ୍ଦ୍ର ପଣ୍ଡା | --- | ୧୪୩ |
| • ଶ୍ରୀଶ୍ରୀଜଗନ୍ନାଥାଷ୍ଟକମ୍ | ଦାସଜୀ ମହାରାଜ | --- | ୧୪୪ |
| • ଦାରୁ ହେଲେ ଜଗନ୍ନାଥ | ଡକ୍ଟର ପ୍ରଦୀପ୍ତ କୁମାର ବାରିକ | --- | ୧୪୪ |



# ଶ୍ରୀକ୍ଷେତ୍ର



ଜଗତ ଜୀବନ ଦିନମଣି ରବି
ପ୍ରକାଶି ଜଗତେ ଅଭିନବ ଛବି,
ମଣ୍ଡିଣ ଜଗତ ସୁବର୍ଣ୍ଣ କିରଣେ,
ସଜାଇ ଧରଣୀ ନବ ଆଭରଣେ,
ମୃତ ଜଗତକୁ ନିଦ୍ରାରୁ ଉଠାଇ
ନବୀନ ଉଦ୍ୟମ ଉତ୍ସାହେ ମତାଇ,
ଜଗତର ଯେତେ ନାଶି ଦୁଃଖରାଶି
ପ୍ରଭାତେ ନମନ୍ତି ତୋହ ପଦେ ଆସି ।



ଯୋଗନିଦ୍ରା ଯହିଁ ଅନାଦି ପୁରୁଷ,
ନାଶ ଯାଏ ଯାହା ପରଶେ କଳୁଷ,
ଯା'ର ଗର୍ଭୁ ଜାତ ହେଲେ ସୁଧାକର,
ସୁଧା-ପ୍ରସୂ ସେହି ରତ୍ନର ଆକର,
ନାହିଁ ଯା'ର ଅନ୍ତ, ନାହିଁ ଯା'ର ଆଦି,
ହ୍ରାସ-ବୃଦ୍ଧି-ହୀନ ସେହି ବାରାନିଧି
ବଢ଼ାଇ ନିଜର ତରଙ୍ଗ-ଅଧର
ଦାସ ପ୍ରାୟେ ଚୁମ୍ବେ ତୋହର ପୟର ।

ଉତ୍ତାଳ ତରଙ୍ଗ ଉଠାଇ ସାଗର
ବଜ୍ରସମ କରି ଶବ୍ଦ ଭୟଙ୍କର
ଉଦ୍‌ଗାରିଣ ଫେନ ଗ୍ରାସିବାକୁ ଧରା
ମହାଆଡ଼ମ୍ବରେ ଆସୁଥାଇ ପରା ।
ଶୁଭ୍ର ବକମାଳା ମୁକ୍ତା-ହାରସମ
ଦିଶୁଥାନ୍ତି ଆହା କେଡ଼େ ମନୋରମ ।



ଇନ୍ଦ୍ରଧନୁ-ବର୍ଣ୍ଣ ନିଜ ଅଙ୍ଗେ ବହି
ଶୋଭୁଥାନ୍ତି ନାନା ଶକ୍ତିପୁଞ୍ଜ ତହିଁ ।
ଆର୍ଯ୍ୟ-ଗୌରବର ବିଜୟ-କେତନ,
ଉତ୍କଳ-ଶିଳ୍ପର ନିଜ ନିକେତନ
ସମୟ-ସାଗର-ତରଙ୍ଗ-ଆଘାତେ
କାଳର କରାଳ ମହା ଝଞ୍ଜାବାତେ
ହୋଇ ବିପର୍ଯ୍ୟସ୍ତ ଅବଶିଷ୍ଟ ଯାହା
ଅଛି, ତୋର ତହିଁ ଅଛି ସିନା ତାହା ।

କେନ୍ଦ୍ରସ୍ଥଳୀ ସାମୁଦ୍ରିକ ବାଣିଜ୍ୟର,
ରାଜନୈତିକର ସୁଦୃଢ଼ ଶିଖର,
ଅର୍ଦ୍ଧଚନ୍ଦ୍ରାଙ୍କିତ ବିଜୟ ନିଶାଣ,
ଉଡ଼ାଇ ଭାରତେ ଧରିଣ କୃପାଣ

ହିମାଚଳଠାରୁ କୁମାରିକା ଯାଏ
କମ୍ପାଇଲେ ଯେବେ ଯବନ ରଜାଏ,
ସେ କାଳେ ଉତ୍କଳ-ଗୌରବ-ଭାସ୍କର
ଗଜପତି-ଗୌଡ଼େଶ୍ୱର-ବଂଶଧର
ତୋ'ର ତହିଁ ସ୍ୱାଧୀନତା-ବୈଜୟନ୍ତୀ
ଉଡ଼ାଇ ରଖିଲେ ଅପୂର୍ବ କୀରତି ।



ସହସ୍ର ସହସ୍ର ତୀର୍ଥ-ଯାତ୍ରୀଗଣ
ଜୟ ଜଗନ୍ନାଥ କରି ଉଚ୍ଚାରଣ,
ଶତ ବାଧାବିଘ୍ନ କରି-ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା,
ଭୁଲି କ୍ଷୁଧା-ଜ୍ୱାଳା ଭୁଲିଣ ପିପାସା,
ଭୁଲି ପଥଶ୍ରମ, ଧରି ଏକ ଆଶା,
'ଜୟ ଜଗନ୍ନାଥ' ଗୀତ ଗାଇ ଗାଇ
ତୋହରି ଆଡ଼କୁ ଯାଉଛନ୍ତି ଧାଇଁ ।

ସାମ୍ୟବାଦିତାର ଉଡୁଛି ନିଶାଣ,
ପଣ୍ଡିତ ପାଷଣ୍ଡ ସକଳେ ସମାନ ।
ବ୍ରାହ୍ମଣ ଚଣ୍ଡାଳ ବସି ଏକାସନେ
କରନ୍ତି ଆହାର ଆନନ୍ଦିତ ମନେ ।
ଜାତି ଧର୍ମନିର୍ବିଶେଷେ ସର୍ବଜନ
ଏକାଧାରେ ବସି କରନ୍ତି ଭୋଜନ ।



ପତିତପାବନ ବାନା ଫର ଫର
ଉଡ଼ି ପତିତକୁ ତାରେ ନିରନ୍ତର ।
ଶ୍ରୀହସ୍ତ ବଢ଼ାଇ ଜଗତ ଗୋସାଇଁ
ପାପୀଙ୍କୁ ଡାକନ୍ତି ନିସ୍ତାରିବା ପାଇଁ ।



ଧନ୍ୟରେ ଶ୍ରୀକ୍ଷେତ୍ର ତୋ'ର ବଡ଼ପଣ,
ଉତ୍କଳ ମାତାର ତୁହି ସାର ଧନ ।
ତୋ' ଲାଗି ଉତ୍କଳ ବିଖ୍ୟାତ ଜଗତେ,
ନୋହିଲେ ରହିଣ ଥାଆନ୍ତା ଗୁପତେ ।
ଜାଗୁ ଏ ଉତ୍କଳ ତୋ' ଧର୍ମକୁହାଟେ,
ଚାଲନ୍ତୁ ସରବେ ଏବେ ସତବାଟେ ।
ତୋ'ର ସାରଶିକ୍ଷା ଶିଖା ଉତ୍କଳରେ
ତରନ୍ତୁ ଓଡ଼ିଆ ତୋ' ଧର୍ମ ବଳରେ ।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ପ୍ରାଚୀନ କାଳର ସ୍କନ୍ଦ ପୁରାଣ, ବାମଦେବ ସଂହିତା ଓ ସୁତ ପୁରାଣରେ ବର୍ଣ୍ଣିତ ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ ଶଙ୍ଖକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି ।

## ପୁରାଣ ବର୍ଣ୍ଣନା ଅନୁସାରେ ଶଙ୍ଖକ୍ଷେତ୍ରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନମାନଙ୍କର ନାମ

୧. ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ
୨. ଶ୍ରୀକ୍ଷେତ୍ରେଶ୍ୱରୀ ବିମଳା
୩. ଶ୍ରୀମହାଲକ୍ଷ୍ମୀ
୪. ଉତ୍ତର ଦୁର୍ଗ
୫. ବାଟମଙ୍ଗଳା
୬. ଗରୁଡ଼ସ୍ତମ୍ଭ
୭. ଭୋଗମଣ୍ଡପ
୮. କଳ୍ପବୃକ୍ଷ
୯. ରୋହିଣୀକୁଣ୍ଡ
୧୦. ବାଟଗଣେଶ
୧୧. ଉସ୍ବ ଗଣପତି
୧୨. ଶ୍ରୀସରସ୍ୱତୀ ଦେବୀ
୧୩. ନବଗ୍ରହ
୧୪. କୋଣାର୍କ ସୂର୍ଯ୍ୟଦେବ
୧୫. ପାଦପଦ୍ମ
୧୬. ଯଜ୍ଞବଟ
୧୭. ଅଗ୍ନେଶ୍ୱର
୧୮. ଇନ୍ଦ୍ରାଣିଦେବୀ
୧୯. କ୍ଷେତ୍ରପାଳ
୨୦. ସ୍ନାନ ଭୈରବୀ
୨୧. ମୁକ୍ତେଶ୍ୱରୀ
୨୨. ଛତ୍ରକାଳୀ
୨୩. ବାଟ ମାର୍କେଣ୍ଡେୟ
୨୪. କାତ୍ୟାୟନୀ
୨୫. ଗୋପେଶ୍ୱର
୨୬. ବେଦ କାଳୀ
୨୭. ପାତାଳେଶ୍ୱର
୨୮. ଭୁବନେଶ୍ୱରୀ
୨୯. ବୈକୁଣ୍ଠେଶ୍ୱର
୩୦. ଯାଜ୍ଞ୍ୟଶ୍ୱେରୀ
୩୧. ଈଶାନେଶ୍ୱର
୩୨. ଶୀତଳା ଦେବୀ
୩୩. ପାକଶାଳା
୩୪. ଦକ୍ଷିଣେଶ୍ୱର
୩୫. କୁଣ୍ଡଳେଶ୍ୱର
୩୬. ରାମ ଚୈତନ୍ୟ ମନ୍ଦିର
୩୭. ବରଭୈ ହନୁମାନ
୩୮. ନିର୍ମାଲ୍ୟ ହନୁମାନ
୩୯. ଅଳକା ବାଟିକା
୪୦. ଚକ୍ର ନାରାୟଣ
୪୧. ରାମେଶ୍ୱର
୪୨. ଚତୁର୍ଧାମ
୪୩. କାନପଟା ହନୁମାନ
୪୪. ନିଳାଦ୍ରୀ ବିହାରୀ
୪୫. ବଟେଶ୍ୱର
୪୬. ଶିଆଳି ଲଟା
୪୭. କୋଇଲି ବୈକୁଣ୍ଠ
୪୮. ତପସ୍ୱୀ ହନୁମାନ
୪୯. ସୁବର୍ଣ୍ଣ କୂପ
୫୦. ଆନନ୍ଦ ବଜାର
୫୧. ଦେବସ୍ନାନ ମଣ୍ଡପ
୫୨. ମେଘନାଦ ପାଚେରୀ
୫୩. ସିଂହଦ୍ୱାର (ପୂର୍ବଦ୍ୱାର)
୫୪. ଅରୁଣ ସ୍ତମ୍ଭ
୫୫. ବଡ଼ଛାଟ ମଠ
୫୬. ଛାଉଣି ମଠ
୫୭. ପଜନତା
୫୮. ପ୍ରହରୀ ହନୁମାନ
୫୯. ଦକ୍ଷିଣ ଦ୍ୱାର
୬୦. ଦୁର୍ଗାମାଧବ
୬୧. ମଙ୍ଗଳେଶ୍ୱରୀ
୬୨. ପଶ୍ଚିମ ଦ୍ୱାର
୬୩. ଉତ୍ତର ଦ୍ୱାର
୬୪. ଶ୍ରୀଲୋକନାଥ
୬୫. ରାମେଶ୍ୱର
୬୬. କାନ୍ଦୁ ନୃସିଂହ
୬୭. କାନ୍ଦୁ ଆଶ୍ରମ
୬୮. ନିକୁମ୍ଭିଳାବଟ
୬୯. ହରଚଣ୍ଡୀ
୭୦. ଚାମୁଣ୍ଡେଶ୍ୱରୀ
୭୧. ବନଦୁର୍ଗା
୭୨. ବାସେଲୀ
୭୩. କପାଳମୋଚନ
୭୪. ମଣିକର୍ଣ୍ଣିକା ତୀର୍ଥ
୭୫. ଘାଟମଙ୍ଗଳା
୭୬. ଭଗବତୀ
୭୭. ମାର୍କେଣ୍ଡେଶ୍ୱର
୭୮. ମାର୍କେଣ୍ଡେୟ ତୀର୍ଥ
୭୯. ସପ୍ତମାତୃକା
୮୦. ଅଳମ୍ୱା ଦେବୀ
୮୧. ଅଠରନାଥ
୮୨. ମକରଧ୍ୱଜ ହନୁମାନ
୮୩. ଭାର୍ଗବୀ ନଦୀ
୮୪. ମୁକ୍ତାଶ୍ୱର
୮୫. ବାଟମଙ୍ଗଳା
୮୬. କପାଟେଶ୍ୱର
୮୭. ଭିଲ୍ୱେଶ୍ୱର
୮୮. ସିଦ୍ଧ ହନୁମାନ
୮୯. ଇନ୍ଦ୍ରଦ୍ୟୁମ୍ନ ତୀର୍ଥ
୯୦. ନୀଳକଣ୍ଠେଶ୍ୱର
୯୧. ଆଦି ନୃସିଂହ
୯୨. ଗୁଣ୍ଡିଚା ମଣ୍ଡପ
୯୩. ଅର୍ଦ୍ଧ ସୁଶାନି (ମାଉସୀମା)
୯୪. ମାର୍ଚ୍ଚିକା ଦେବୀ
୯୫. ଚର୍ଚ୍ଚିକା ଦେବୀ
୯୬. ଷୋଡ଼ଶ ପୁତ୍ରୀ
୯୭. ନାରାୟଣୀ
୯୮. ଅଙ୍ଗିରାଶ୍ରମ
୯୯. ଅଙ୍ଗିରାବଟ
୧୦୦. ଦକ୍ଷିଣକାଳୀ
୧୦୧. ଉଗ୍ରେଶ ଆଶ୍ରମ
୧୦୨. ଶ୍ୱେତଗଙ୍ଗା
୧୦୩. ମୁକ୍ତିଶୀଳା
୧୦୪. ଆଦିଶଙ୍କର ପୀଠ
୧୦୫. ସ୍ୱର୍ଗଦ୍ୱାର
୧୦୬. ବରାହୀ ଦେବୀ
୧୦୭. ଶ୍ୟାମାକାଳୀ
୧୦୮. ବଟ ହନୁମାନ
୧୦୯. ଚକ୍ରତୀର୍ଥ
୧୧୦. ଚକ୍ର ନାରାୟଣୀ
୧୧୧. ମହୋଦଧୀ ତୀର୍ଥ
୧୧୨. ଜଗନ୍ନାଥ ବଲ୍ଲଭ
୧୧୩. କାଶୀ ବିଶ୍ୱନାଥ
୧୧୪. ବିଶ୍ୱେଶ୍ୱରୀ
୧୧୫. ନରେନ୍ଦ୍ର ସରୋବର



# ଶ୍ରୀଜଗନ୍ନାଥାଷ୍ଟକମ୍

**କଦାଚିତ୍ କାଳିନ୍ଦୀ-ତଟବିପିନ ସଙ୍ଗୀତ କରବୋ**
**ମୁଦାଭୀରୀ-ନାରୀବଦନ-କମଳା ସ୍ୱାଦ-ମଧୁପଃ**
**ରମା-ଶମ୍ଭୁ-ର୍ବହ୍ମାସୁରପତି ଗଣେଶାର୍ଚ୍ଚିତପଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୧)**

(ଶ୍ରୀକୃଷ୍ଣ ରୂପରେ ଯମୁନା ତଟର ବନରେ ବଂଶୀବାଦନ,
ଆନନ୍ଦେ କରିଣ ଗୋପୀ-ମୁଖପଦ୍ମୁଁ କରିଅଛ ସୁଧାପାନ ।
ରମା-ଶିବ-ବ୍ରହ୍ମା ବାସବ ଗଣେଶ ପୂଜନ୍ତି ପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ**
**ଦୁକୂଳଂ ନେତ୍ରାନ୍ତେ ସହଚରକଟାକ୍ଷଂ ବି ଦଧତେ**
**ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା-ପରିଚୟୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୨)**

(ବାମ ହସ୍ତେ ବଂଶୀ ଶିରେ ଶିଖିପୁଚ୍ଛ କଟିଦେଶେ ପୀତାମ୍ବର,
ସହଚର ଗଣେ କହୁଥିଲ ପ୍ରଭୁ ସଙ୍କେତରେ ନୟନର ।
ଶ୍ରୀବୃନ୍ଦାବନର ବାସ ଆଉ ଲୀଳା ଅତ୍ୟନ୍ତ ପ୍ରିୟ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ମହାମ୍ଭୋଧେସ୍ତୀରେ କନକ ରୁଚିରେ ନୀଳ ଶିଖରେ**
**ବସନ୍ ପ୍ରାସାଦାନ୍ତେ ସହଜ ବଳଭଦ୍ରେଣ ବଳିନା**
**ସୁଭଦ୍ରା ମଧ୍ୟସ୍ଥଃ ସକଳ ସୁରସେବାବସରଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୩)**

(ମହୋଦଧି ତୀରେ କନକ ବରନ ଶ୍ରୀନୀଳଗିରି-ଶିଖରେ,
ମନ୍ଦିରେ ବସିଛ ମହାବଳୀ ଭ୍ରାତା ବଳଭଦ୍ର ସହିତରେ ।
ମଧ୍ୟରେ ସୁଭଦ୍ରା, ସକଳ ଦେବଙ୍କୁ ଦିଅ ସେବା ଅବସର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**କୃପାପାରାବାରଃ ସକଳଜଳଦ ଶ୍ରେଣୀରୁଚିରୋ**
**ରମାବାଣୀ ରାମଃ ସ୍ଫୁରଦମଳ ପଦ୍ମେକ୍ଷଣ ମୁଖୈଃ**
**ସୁରେନ୍ଦ୍ରୈରାରାଧ୍ୟଃ ଶ୍ରୁତି ଗଣଶିଖା ଗୀତଚରିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୪)**

(କୃପାସିନ୍ଧୁ ପ୍ରଭୁ ସଜଳ ଜଳଦ-ସମ ଶ୍ରୀଅଙ୍ଗର ବର୍ଣ୍ଣ,
ରମା-ବାଣୀ-ରତ ପ୍ରଫୁଲ୍ଲ-କମଳ-ତୁଲ୍ୟ ନୟନ ବଦନ ।
ସୁରେଶାଦି-ବନ୍ଦ୍ୟ ଉପନିଷଦଟି ଘୋଷଇ କୀର୍ତ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ**
**ସ୍ତୁତି ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ**
**ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତୟା**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୫)**







(ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ,
ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ ।
ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ପରଂ ବ୍ରହ୍ମାପୀଡ଼୍ୟଃ କୁବଳୟଦଳୋତ୍‌ଫୁଲ୍ଲ ନୟନୋ**
**ନିବାସୀ ନୀଳାଦ୍ରୌ ନିହିତ ଚରଣୋ□ନ୍ତ ଶିରସି**
**ରସାନନ୍ଦୀରାଧା ସରସବପୁରାଲିଙ୍ଗନସୁଖୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୬)**

(ନିରାକାର ବ୍ରହ୍ମ ହୋଇ ସର୍ବ ପୂଜ୍ୟ ଉତ୍ପଳ ଦଳ ନୟନ,
ନୀଳଗିରି-ବାସୀ ଅନନ୍ତଙ୍କ ଶିରେ ସ୍ଥାପିଛ ପ୍ରଭୁ ଚରଣ ।
ଶ୍ରୀରାଧା ଦେବୀଙ୍କ ପ୍ରେମ ପୂର୍ଣ୍ଣ ତନୁ ଆଲିଙ୍ଗନରେ ବିଭୋର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)



**ନ ବୈ ପ୍ରାର୍ଥ୍ୟ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବମ୍**
**ନ ଯାଚେ□ହଂ ରମ୍ୟାଂ ସକଳ ଜନକାମ୍ୟାଂ ବରବଧୁମ୍**
**ସଦାକାଳେ କାଳେ ପ୍ରମଥ ପତିନା ଗୀତ ରଚିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୭)**

(ମାଗେ ନାହିଁ ପ୍ରଭୁ ରାଜ୍ୟଟି ତୁମ୍ଭଙ୍କୁ ସ୍ୱର୍ଣ୍ଣ ଧନଧାନ୍ୟ ମଣି,
ମାଗେ ନାହିଁ ପ୍ରଭୁ ସର୍ବଜନକାମ୍ୟା ଅତି ସୁନ୍ଦର ରମଣୀ ।
ସଦାବେଳେ ପ୍ରଭୁ ଦେବ ମହେଶ୍ୱର ସ୍ତୁତି କରନ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ**
**ହରତ୍ୱଂ ପାପାନାଂ ବିତତିମପରାଂ ଯାଦବପତେ**
**ଅହୋ ଦୀନନାଥୋ ନିହିତମଚଳଂ ନିଶ୍ଚିତ ପଦମ୍**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୮)**

(ଆହେ ସୁରବର ! ଶୀଘ୍ର ଦୂରକର ମୋର ଅସାର ସଂସାର,
ଆହେ ଯଦୁପତି ହର ମୋ ଝଟିତି ବିରାଟ ପାପର ଭାର ।
ଦୀନ ଅନାଥକୁ ଦେଇଥାଅ ପ୍ରଭୁ ମୋକ୍ଷ ସଂପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)



**ଜଗନ୍ନାଥାଷ୍ଟକଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ଶୁଚିଃ**
**ସର୍ବପାପ ବିଶୁଦ୍ଧାତ୍ମା ବିଷ୍ଣୁଲୋକଂ ସ ଗଚ୍ଛତି ।**
**ଇତିଶ୍ରୀ ଶଙ୍କରାଚାର୍ଯ୍ୟ ପ୍ରଣୀତଂ**
**ଶ୍ରୀଜଗନ୍ନାଥାଷ୍ଟକମ୍ ସମ୍ପୂର୍ଣ୍ଣମ୍ ।**

(ଯେଉଁ ବ୍ୟକ୍ତି ସଂଯତ ଓ ପବିତ୍ର ମନରେ ସର୍ବଦା ଏହି ପୁଣ୍ୟଜନକ ଜଗନ୍ନାଥାଷ୍ଟକମ୍ -
ସ୍ତୋତ୍ର ପାଠ କରନ୍ତି, ସେ ସମସ୍ତ ପାପରୁ ମୁକ୍ତ ହୋଇ ବିଷ୍ଣୁ ଲୋକକୁ ଗମନ କରନ୍ତି ।)

**ଜଗନ୍ନାଥାଷ୍ଟକ ସମାପ୍ତ**

('ଶ୍ରୀଜଗନ୍ନାଥାଷ୍ଟକ' ଶ୍ରୀ ଶଙ୍କରଚାର୍ଯ୍ୟଙ୍କର ନା ଶ୍ରୀ ଚୈତନ୍ୟଙ୍କର ନା ପଣ୍ଡିତରାଜ ଜଗନ୍ନାଥଙ୍କର ରଚନା ତାହା ଗବେଷଣା ସାପେକ୍ଷ । କିନ୍ତୁ ଏହାର ପଦ୍ୟାନୁବାଦ ସୁନ୍ଦରଭାବେ କରିଛନ୍ତି ଓଡ଼ିଶାର ବିଶିଷ୍ଟ ସଂସ୍କୃତଜ୍ଞ ପ୍ରଫେସର ଡଃ ସଦାଶିବ ପ୍ରହରାଜ । ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ 1994 ରଥଯାତ୍ରା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ଭଜନ ସାର ସଂଗ୍ରହ ନାମରେ ଏକ ପୁସ୍ତକ ସ୍ୱର୍ଗୀୟ ପଣ୍ଡିତ ନୀଳକଣ୍ଠ ମିଶ୍ର ଓ ପ୍ରଫେସର ରାଜକିଶୋର ମିଶ୍ରଙ୍କ ମିଳିତ ସଂପାଦନାରେ ପ୍ରକାଶ ପାଇଥିଲା । ସେହି ପୁସ୍ତକରୁ ଉପରୋକ୍ତ ପଦ୍ୟାନୁବାଦ ଉଦ୍ଧୃତ)

# ସମନ୍ୱୟ ଚେତନା ଓ ଶ୍ରୀଜଗନ୍ନାଥ

ଡଃ ଶରତ ଚନ୍ଦ୍ର ରଥ



ଶ୍ରୀଜଗନ୍ନାଥ କୌଣସି ସଂପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି । ବରଂ ସବୁ ସଂପ୍ରଦାୟ ତାଙ୍କର । ସେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ନୁହନ୍ତି ବରଂ ସମଗ୍ର ବିଶ୍ୱର । ସେ ଏକାଧାରରେ ଏକ ଏବଂ ବହୁ । ଏକ ଦିବ୍ୟ ଚେତନା ସେ ବହୁରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ଆତ୍ମିକ ଚେତନା ରୂପରେ ସେ ସବୁଠାରେ ବିରାଜିତ । ସେ ଧନୀର ଦେବତା ପୁଣି ଗରିବର ଦେବତା, ଜ୍ଞାନୀର ଦେବତା ପୁଣି ନିରକ୍ଷରର ଦେବତା । ସବୁ ଭିତରେ ସେ ରହିଛନ୍ତି ଏବଂ ସବୁଠାରେ ରହି ସେ ଏହି ବିରାଟ ବିଶ୍ୱକୁ ପରିଚାଳନା କରୁଛନ୍ତି । ଯିଏ ତାଙ୍କୁ ଯେପରି ଦେଖିବାକୁ ଚାହାନ୍ତି, ତାଙ୍କୁ ସେ ସେପରି ଦିଶନ୍ତି ।

ଭକ୍ତିରେ ସେ ସୁଲଭ, ଯୁକ୍ତିରେ ନୁହେଁ । ବିଶ୍ୱାସରେ ସେ ସୁଲଭ, ତର୍କରେ ନୁହେଁ । ଭକ୍ତି ଓ ବିଶ୍ୱାସ ମାଧ୍ୟମରେ ତାଙ୍କ କୃପା ମିଳେ ଏବଂ ଏହି କୃପାବଳରେ ଚତୁର୍ବର୍ଗ ଫଳପ୍ରାପ୍ତି ସମ୍ଭବ ହୁଏ । ଭକ୍ତର ଗାଳି ମଧ୍ୟ ସେ ହସି ହସି ଗ୍ରହଣ କରନ୍ତି । ଅହଂକାରୀ ଲୋକ ଅପେକ୍ଷା ଗାଳି ଦେଉଥିବା ଭକ୍ତର ସେ ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି । ଭକ୍ତର ଗାଳି ଓ ଫୁଲମାଳ ତାଙ୍କ ନିକଟରେ ସମାନ ହୋଇଥାଏ । ଭାବକୁ ସେ ଗ୍ରହଣ କରନ୍ତି ବୋଲି ତାଙ୍କ ନାମ ଭାବଗ୍ରାହୀ । ଭାବକୁ ନିକଟ ସେ ଅଭାବକୁ ଦୂର । ଭକ୍ତିରେ ପତ୍ର, ପୁଷ୍ପ, ଫଳ ଓ ଜଳ ଯିଏ ଯାହା ଅର୍ପଣ କରେ, ସେ ତାହା ଆଗ୍ରହରେ ଗ୍ରହଣ କରନ୍ତି । କରମା ବାଈଙ୍କର ଖେଚେଡ଼ି, ସୁଦାମାଙ୍କର ଖୁଦଭଜା ଏବଂ ଦାସିଆଙ୍କର ନଡ଼ିଆ ସେ ଆଗ୍ରହରେ ଗ୍ରହଣ କରିଥିଲେ । କାରଣ ସେଥିରେ ଅହମିକା ନଥିଲା ବରଂ ଥିଲା ଭାବର ଅମୃତସ୍ପର୍ଶ । ସବୁଧର୍ମ ଓ ଦର୍ଶନରେ ନିଜକୁ ଏବଂ ନିଜ ଭିତରେ ସବୁଧର୍ମ ଓ ଦର୍ଶନକୁ ପ୍ରକଟ କରିବାର ଗୌରବରେ ଜଗନ୍ନାଥ ଧର୍ମ ଓ ଦର୍ଶନ ଗୌରବାନ୍ୱିତ ହୋଇ ଅସୀମ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଆସିଛି । ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ଯାହାଙ୍କଠାରେ ସବୁ ସଂପ୍ରଦାୟର ଦେବତା ନିଜକୁ ପ୍ରକାଶ କରିପାରନ୍ତି । ନୀଳାଚଳ କ୍ଷେତ୍ର ସମଗ୍ର ଭାରତ ବର୍ଷରେ ଏକ ମାତ୍ର କ୍ଷେତ୍ର ଯାହାକୁ ମହାମିଳନ ପୀଠ ଭାବରେ ଅଭିହିତ କରାଯାଇପାରେ । ଯେଉଁ ଚେତନା ଯୋଗୁଁ ଏତେ ପ୍ରଶସ୍ତ ଓ ପରିବ୍ୟାପ୍ତ ହୋଇଛି ଜଗନ୍ନାଥ ଚେତନା, ତାହା ହେଉଛି ସମନ୍ୱୟ ଚେତନା । ନିଜକୁ ଅନ୍ୟଠାରେ ଅନ୍ୟକୁ ନିଜଠାରେ ଅନୁଭବ କରିବାର ପ୍ରଶାନ୍ତ ବିଶାଳତା ଏଥିରେ ରହିଛି ବୋଲି ଏହାର ଖ୍ୟାତି ହୋଇଛି ସୁଦୂରପ୍ରସାରୀ । ଜଗନ୍ନାଥ ଦର୍ଶନ କହିଲେ ରତ୍ନସିଂହାସନାସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କର ଓ ଦର୍ଶନକୁ ବୁଝାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକତ୍ର ଅବସ୍ଥିତି, ଆଙ୍ଗିକ ରଙ୍ଗ ଶୋଭା, ସେବାପୂଜା ଇତ୍ୟାଦିରେ ଏହି ସମନ୍ୱୟ ଚେତନା ମୂର୍ତ୍ତିମନ୍ତ ହେଲାପରି ମନେହୁଏ । ଶ୍ରୀଜଗନ୍ନାଥଙ୍କୁ ରାଜା ଭାବରେ ଓ ଜଗନ୍ନାଥ କ୍ଷେତ୍ରକୁ କ୍ଷେତ୍ରରାଜ ଭାବରେ ପରିକଳ୍ପନା କରାଯାଇ କୁହାଯାଏ ।

'ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂସର୍ବ ଦେବାନଂ ରାଜା ଶ୍ରୀପୁରୁଷୋତ୍ତମଃ ।'

କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ ବ୍ୟାବାହାରିକ ଦିଗରୁ ଉକ୍ତ ସମନ୍ୱୟ ବାଦୀ ଚିନ୍ତା ଓ ଚେତନା ଆଜିର ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଛି । ସମନ୍ୱୟ ଆଜିର ବିଶ୍ୱ ସମସ୍ୟାର ସମାଧାନର ଚାବିକାଠି ବୋଲି କହିବା ଯଥାର୍ଥ । ଏହି ଚେତନାକୁ ଜଗନ୍ନାଥ ଦର୍ଶନ ନିରବଚ୍ଛିନ୍ନ ଭାବେ ସମୟରୁ ସମୟକୁ ପ୍ରଚାର କରିଚାଲିଛି । ଆଜି ବିଶ୍ୱ ଜୀବନଧାରାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୁଏ ଯେ ଅଶାନ୍ତି, ଅସନ୍ତୋଷ, ଅସହାୟତା, ହିଂସା ଓ ଘୃଣା ବିଶ୍ୱଜୀବନକୁ ଶାସନ

କରୁଛି । ଦେଶ ଦେଶ ଭିତରେ ଧର୍ମ ଧର୍ମ ଭିତରେ, ଜାତି ଜାତି ଭିତରେ, ଭାଷା ଭାଷା ଭିତରେ ଅସହିଷ୍ଣୁତା ମାନବ ଜାତିକୁ ବେଳକୁ ବେଳ ଧ୍ୱଂସମୁଖୀ କରାଉଛି । ମଣିଷର ଗଣତି ସଂଖ୍ୟା ବଢ଼ିଛି ମାତ୍ର ମାନବିକ ମୂଲ୍ୟବୋଧ ଦିନକୁ ଦିନ କମିଯାଉଛି । ପାରମ୍ପରିକ ଏକତା, ଆନ୍ତରିକତା, ସହାନୁଭୂତି କ୍ରମଶଃ ସୁଦୂର ପରାହତ ଓ ବିପର୍ଯ୍ୟସ୍ତ ହୋଇ ବିଶ୍ୱଜୀବନରେ ଘନୀଭୂତ ଗ୍ଲାନି ଓ ମ୍ଲାନିମା ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ନ ହୋଇଛି ତାହା ନୁହେଁ, ମାତ୍ର ସେ ପ୍ରଚେଷ୍ଟା ଦ୍ୱାରା ସମସ୍ୟାର ସମାଧାନ ହୋଇନାହିଁ । ଏ ପ୍ରଚେଷ୍ଟା ରାଜନୀତିର ପରିବର୍ତ୍ତନ, ନୂତନ ଅର୍ଥନୀତିର ଅନୁବର୍ତ୍ତନ, ସମାଜନୀତିର ପ୍ରବର୍ତ୍ତନକୁ ଭିତ୍ତିକରି ସଂଗଠିତ ହୋଇ ଫଳପ୍ରସୂ ହୋଇନାହିଁ । ଭୌତିକ ସମ୍ପତ୍ତିର ସମବଣ୍ଟନ ଗୋଟିଏ ଦେଶରେ ଶାନ୍ତି, ସଂହତି ଓ ଯଥାର୍ଥ ପ୍ରଗତି ଆଣିପାରିବ ନାହିଁ, ଏହା ମଧ୍ୟ କେତେକ ଦେଶରେ ପରୀକ୍ଷିତ ହୋଇ ପ୍ରମାଣିତ ହୋଇସାରିଛି । ସାମାଜିକ ଚଳଣିରେ ଆବଶ୍ୟକୀୟ ପରିବର୍ତ୍ତନ ଆସିଗଲେ ବିଶ୍ୱଶାନ୍ତି ଯେ ଆସିଯିବ ଏପରି ମଧ୍ୟ ନୁହେଁ । ସବୁ ଧର୍ମକୁ ମିଶାଇ ବା ସବୁଧର୍ମରୁ ସାର ସଂଗ୍ରହ କରି ଗୋଟିଏ ଧର୍ମ ପ୍ରବର୍ତ୍ତନ କଲେ ଶାନ୍ତି ଆସିଯିବ ତାହା ଆଶା କରିବା ବୃଥା । ସବୁଭାଷାରୁ କିଛି କିଛି ଶବ୍ଦ ନେଇ ଗୋଟିଏ ଭାଷା ଗଠନ କଲେ ଏବଂ ସେହି ଭାଷାକୁ ପ୍ରଚଳନ କଲେ ବିଶ୍ୱ ଜୀବନରେ ଶାନ୍ତି ଓ ସଂହତି ପ୍ରତିଷ୍ଠିତ ହେବ ନାହିଁ । ସବୁଧର୍ମ ରହିଲେ କିଛି କ୍ଷତି ନାହିଁ, କେବଳ ଧର୍ମ ଧର୍ମ ଭିତରେ ମର୍ଯ୍ୟାଦାବୋଧ ଓ ସହନଶୀଳତା ରହିବା ଆବଶ୍ୟକ । ସବୁଭାଷା, ଚଳଣି, ଦର୍ଶନ ରହିଲେ କିଛି କ୍ଷତି ନାହିଁ, କେବଳ ଭାଷା ଭାଷା ଭିତରେ, ଚଳଣି ଚଳଣି ଭିତରେ, ଦର୍ଶନ ଦର୍ଶନ ଭିତରେ ସହିଷ୍ଣୁତା ରହିବା ଏକାନ୍ତ ଆବଶ୍ୟକ । ଏସବୁ ସମ୍ଭବ ହେବ ଗୋଟିଏ ଚେତନା ଦ୍ୱାରା ତାହା ହେଉଛି ସମନ୍ୱୟ ଚେତନା ଯାହାର ମୂଳଉତ୍ସ ଭାବରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ଭୂମି ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚେତନା ସ୍ତରରେ ସମନ୍ୱୟ ଭାବନା ଆସିଗଲେ ସମଗ୍ର ମାନବ ଜାତିର ସମସ୍ୟା ସୁବିଧାରେ ଓ ସହଜରେ ସମାହିତ ହୋଇଯିବ । ଦୂର ଅତୀତରୁ ଜଗନ୍ନାଥଙ୍କଠାରେ ସମନ୍ୱୟ ଭାବନା ପ୍ରକଟିତ ହୋଇ ଆସୁଛି ଯାହା ଆଜିର ଏକାନ୍ତ ଧ୍ୟେୟ ବୋଲି ଗୃହୀତ ।

ସମନ୍ୱୟ ନୀତି ବଳରେ ଜଗନ୍ନାଥ ଭାରତରେ ପ୍ରଚଳିତ ବହୁ ସଂପ୍ରଦାୟର ଦେବତାଙ୍କର ସୂକ୍ଷ୍ମ ଚେତନାକୁ ନିଜଠାରେ ମୂର୍ତ୍ତ କରିଛନ୍ତି । ଓଡ଼ିଆ ସାହିତ୍ୟର ଆଦିକବି, ଆତ୍ମଜ୍ଞାନୀ କବି ସାରଳା ଦାସ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବୋଲି ପରିକଳ୍ପନା କରିଛନ୍ତି, ତାଙ୍କ ଭାଷାରେ -

‘ପୀତ କୁଙ୍କୁମ ବରନ ସେହି ବ୍ରହ୍ମମୂର୍ତ୍ତି
ଡାହାଣେ ଶୁକଳ ବର୍ଣ୍ଣ ମହାଦେବ ଜ୍ୟୋତି
ରୂପରେ ତ ଜଗନ୍ନାଥ ବର୍ଣ୍ଣ ଅଟେ କଳା
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ଦେବ ମେଳା ।’

କବି ବଳରାମ ଦାସ ତାଙ୍କ ‘ବେଦାନ୍ତ ସାର ଗୁପ୍ତ ଗୀତା’ ଗ୍ରନ୍ଥରେ ଜଗନ୍ନାଥଙ୍କୁ ସମସ୍ତ ଅବତାରର ସ୍ରଷ୍ଟା ବୋଲି ଅଭିହିତ କରିଛନ୍ତି । ତାଙ୍କ ଭାଷାରେ -

‘ସର୍ବଦା ନୀଳାଦ୍ରିରେ ସ୍ଥିତି, ଏଥୁ ସକଳ ଜାତ ହୋନ୍ତି
ସମସ୍ତ ଅବତାରମାନ ଜାତ ହୋଇଣ ପଶେପୁଣ ।’

ଶ୍ରୀକ୍ଷେତ୍ର ଯେ ସର୍ବ ଶ୍ରେଷ୍ଠ କ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ଯେ ସର୍ବଶ୍ରେଷ୍ଠ ଦେବତା ଏକଥା ବହୁ କବି ଉଦ୍‌ଘୋଷଣା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ନାଭିକମଳରୁ ବ୍ରହ୍ମା ଜାତ ହେଲେ ବୋଲି ମହାଦେବ ଦାସ ସ୍ୱରଚିତ ‘ନୀଳାଦ୍ରି ମହୋଦୟ’ ପୁରାଣରେ ଉଲ୍ଲେଖ କରିଛନ୍ତି । ଭକ୍ତକବି ଦୀନକୃଷ୍ଣ ଦାସ ତାଙ୍କର ରସକଲ୍ଲୋଳ ଗ୍ରନ୍ଥରେ ଜଗନ୍ନାଥଙ୍କୁ ଅବତାରୀ ଭାବରେ ପରିକଳ୍ପନା କରି କହିଛନ୍ତି -

‘କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ ।’

ଚତୁର୍ଦ୍ଧାମୂର୍ତ୍ତି ଯେ ଏକ ବିଷ୍ଣୁଙ୍କର ଚାରିଗୋଟି ରୂପ ଏକଥା ବହୁ ପୁରାଣରେ ଉଲ୍ଲେଖ କରାଯାଇଛି । ବହୁ ପୂର୍ବେ ଭାରତରେ ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ମତାନ୍ତର ଥିଲା । ବ୍ରହ୍ମ ପୁରାଣ ଅନୁସାରେ ପୁରୁଷୋତ୍ତମ କ୍ଷେତ୍ର ବୈଷ୍ଣବ କ୍ଷେତ୍ର ଭାବରେ ପ୍ରତିଷ୍ଠା ଅର୍ଜନ କରିବାରୁ ଶୈବମାନେ ମର୍ମାହତ ହେବା ଭୟରେ ପ୍ରଳୟ କାଳରେ ମାର୍କଣ୍ଡେୟ ମୁନି ବିଷ୍ଣୁଙ୍କୁ ପ୍ରାର୍ଥନା କରିବା ଫଳରେ ପ୍ରାର୍ଥନାର ଉତ୍ତର ସ୍ୱରୂପ ଭଗବାନ ମାର୍କଣ୍ଡେୟଙ୍କୁ କହିଥିଲେ ଯେ ନୀଳାଚଳ ଧାମରେ ହରିହର ପୂଜାର ଏକତ୍ର ସମାବେଶ ଘଟିବ । ଫଳରେ ଶ୍ରୀମନ୍ଦିରରେ ଜଗନ୍ନାଥ କୃଷ୍ଣ ରୂପରେ ଓ ବଳଭଦ୍ର ଶିବ ରୂପରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ଜଣାଯାଏ । ପୁନଶ୍ଚ ଏକଥା ମଧ୍ୟ ଜଣାଯାଏ ଯେ ଅତୀତରେ ଶୈବ, ଶାକ୍ତ ଓ ବୈଷ୍ଣବ ସଂପ୍ରଦାୟ ମଧ୍ୟରେ ମତାନ୍ତର ଥିଲା । ଶ୍ରୀକ୍ଷେତ୍ରରେ ଅର୍ଥାତ୍ ଶ୍ରୀମନ୍ଦିରର ରତ୍ନସିଂହାସନରେ ତିନି ସଂପ୍ରଦାୟର ସମନ୍ୱୟ ହେବା ଫଳରେ ସ୍ଥାୟୀ ଭାବରେ ସେଠାରେ ବଳଭଦ୍ର ଶିବ ଭାବରେ, ସୁଭଦ୍ରା ବ୍ରହ୍ମା ରୂପରେ ଓ ଜଗନ୍ନାଥ ବିଷ୍ଣୁ ରୂପରେ ପୂଜା ପାଉଛନ୍ତି । ସୁଦର୍ଶନ ସୂର୍ଯ୍ୟଙ୍କ ପ୍ରତୀକ ଭାବରେ ପରିକଳ୍ପିତ ହୋଇଥିବାରୁ ସୌରମାନଙ୍କର ମତବାଦର ସମନ୍ୱୟ ମଧ୍ୟ ଘଟିଛି ।

କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ପ୍ରଥମେ ଶବର ଦେବତା ନୀଳମାଧବ ଭାବରେ ପୂଜିତ ହେଉଥିଲେ । ବିଦ୍ୟାପତିଙ୍କ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର ସନ୍ଧାନ କରାଇଥିଲେ । ବିଦ୍ୟାପତି ଓ ଲଳିତାଙ୍କର ବିବାହରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟ ଘଟିଥିଲା । ଏହି ସମନ୍ୱୟକୁ ଯଥାମାନ୍ୟ ଦେବା ପାଇଁ ସମନ୍ୱୟର ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବିଦ୍ୟାପତି ଓ ଲଳିତାଙ୍କର ବଂଶଧରଙ୍କୁ ଠାକୁରଙ୍କ ସେବାପୂଜାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଆଯାଇଛି । ସେହି

ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଦାରୁ ରୂପରେ ବାଙ୍କି ମୁହାଣରେ ଆବିର୍ଭୁତ ହେଲେ ଏବଂ ତହିଁରୁ ମୂର୍ତ୍ତିମାନ ଗଠିତ ହେଲା ବୋଲି ଜନଶ୍ରୁତି ରହିଛି । ଅତଏବ ଏକଥା ସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ଆର୍ଯ୍ୟ ଅନାର୍ଯ୍ୟ ଉଭୟ ସଂସ୍କୃତିର ସମନ୍ୱିତ ଭିତ୍ତି ଉପରେ ପ୍ରତିଷ୍ଠିତ ପରିବ୍ୟାପ୍ତ । ଦଇତାପତିମାନେ ନବକଳେବର, ରଥଯାତ୍ରା ଏବଂ ଅଣସର ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସେବା ପୂଜାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ।

ଜଗନ୍ନାଥ ଦାସ ତାଙ୍କର ବଟ ଅବକାଶ ଗ୍ରନ୍ଥରେ ଜଗନ୍ନାଥ ଯେ ସମନ୍ୱୟର ଦେବତା ଏକଥା ଉଲ୍ଲେଖ କରିଛନ୍ତି । ସେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଶିବ, ବିଷ୍ଣୁ ଓ ଦୁର୍ଗା ରୂପରେ ପରିକଳ୍ପନା କରିଛନ୍ତି । ମରହଟ୍ଟା ଯୁଗର ଓଡ଼ିଆ କବି ପୀତାମ୍ବର ଦାସ ସ୍ୱରଚିତ ନୃସିଂହ ପୁରାଣ ଗ୍ରନ୍ଥରେ ଚାରିବୈଷ୍ଣବ ସଂପ୍ରଦାୟର ସମନ୍ୱୟ ଚିତ୍ର ଜଗନ୍ନାଥ ମନ୍ଦିରରେ ଦେଖିପାରିଛନ୍ତି । ଏକ ଜଗନ୍ନାଥଙ୍କ ନିକଟକୁ ଯିବାକୁ ଯେପରି ଚାରିଗୋଟି ଦ୍ୱାରରେ ଚାରିଗୋଟି ମାର୍ଗ, ଏକ ଭଗବତ ସତ୍ତା ନିକଟକୁ ଚାରି ବୈଷ୍ଣବ ସଂପ୍ରଦାୟ ସେପରି ଚାରିଗୋଟି ମାର୍ଗ ବୋଲି ସେ ସୂଚନା ଦେଇ କହିଛନ୍ତି -

‘ଚାରି ସଂପ୍ରଦାୟଙ୍କ ନଥାଇ ହୃଦେଛନ୍ଦ
ନଜାଣିଣ ପାପୀଜନେ କରୁଥାନ୍ତି ଦ୍ୱନ୍ଦ୍ୱ
ଶ୍ରୀବୈକୁଣ୍ଠ ମୋହର ଚାରିଦ୍ୱାର ସରି
ଯେ ଯେଉଁ ଦ୍ୱାରେ ସେବିଲେ ଏକା ନରହରି ।’

ଜଗନ୍ନାଥଙ୍କ ଚକାଡୋଳାରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଅବତାରଣା କରିଛନ୍ତି ପଞ୍ଚସଖା ଯୁଗର ସାହିତ୍ୟ ସାଧକମାନେ । ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଯେ ଅନିର୍ବଚନୀୟ ଏକଥା କେତେକ ପୁରାଣ ପୃଷ୍ଠାରେ ଉପସ୍ଥାପିତ । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ‘ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତଚାପି ସୁଦୁର୍ଲ୍ଲଭମ୍’ ଅର୍ଥାତ୍ ଏ କ୍ଷେତ୍ରର ମାହାତ୍ମ୍ୟ ସହଜରେ ଜଣାଯାଏ ନାହିଁ ।

ତନ୍ତ୍ର ମତବାଦର ପ୍ରଚାର ଓ ପ୍ରସାର ଭାରତରେ ବହୁଳ ଭାବରେ ଦେଖିବାକୁ ମିଳେ । ଜଗନ୍ନାଥଙ୍କଠାରେ ତନ୍ତ୍ରବାଦର ଆରୋପ ମଧ୍ୟ କରାଯାଇଛି । ତନ୍ତ୍ରମତରେ ଜଗନ୍ନାଥଙ୍କୁ ମହାକାଳ ଭୈରବ ରୂପେ ପୂଜା କରାଯାଏ । ‘ହେ ବଜ୍ରତନ୍ତ୍ର’ ଗ୍ରନ୍ଥରୁ ଜଣାଯାଏ ଯେ ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ ।

କୃଷ୍ଣ ରୂପରେ ଜଗନ୍ନାଥଙ୍କୁ ଦେଖିବାର ଧାରା ଓ ପରମ୍ପରା ଓଡ଼ିଶାରେ ତଥା ଭାରତବର୍ଷରେ ବହୁ ପ୍ରାଚୀନ ଓ ପ୍ରତିଷ୍ଠିତ । ଦ୍ୱାଦଶ ଶତାବ୍ଦୀରେ ରଚିତ ଗୀତଗୋବିନ୍ଦ ଗ୍ରନ୍ଥରେ କବି ଜୟଦେବ ଜଗନ୍ନାଥଙ୍କୁ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଭାବରେ ଗ୍ରହଣ କରିଛନ୍ତି ।

ପଞ୍ଚସଖା ସାଧକ ଅଚ୍ୟୁତାନନ୍ଦ ଦାସ ଦଶାକ୍ଷରୀ ମନ୍ତ୍ର ‘ଗୋପୀଜନ ବଲ୍ଲଭାୟ ନମଃ’ ପ୍ରୟୋଗପୂର୍ବକ ଘୋଷଣା କଲେ ଯେ ଜଗନ୍ନାଥ ହିଁ ଶ୍ରୀକୃଷ୍ଣ । ଏବେ ମଧ୍ୟ ଗୋପୀଜନ ବଲ୍ଲଭାୟ ଶବ୍ଦ ତାଙ୍କ ପୂଜାମନ୍ତ୍ରରେ ବ୍ୟବହୃତ ହେଉଛି । ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ରାୟରାମାନନ୍ଦ କହିଲେ ଯେ ଜଗନ୍ନାଥ ହେଉଛନ୍ତି କୃଷ୍ଣ । ହରେ ରାମକୃଷ୍ଣ ମନ୍ତ୍ରସ୍ଥ ରାମ ଶବ୍ଦ ରାଧା ଭାବ ଓ କୃଷ୍ଣ ଭାବର ସମନ୍ୱିତ ଭାବର ଦ୍ୟୋତକ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଜଗନ୍ନାଥଙ୍କୁ ରାମ ଉପାସକ ଭକ୍ତମାନେ ରାମ ଭାବରେ ଗ୍ରହଣ କରିଥାନ୍ତି । ରାମ, ଲକ୍ଷ୍ମଣ, ସୀତାଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କଠାରେ ସେମାନେ ଦର୍ଶନ କରିଥାନ୍ତି । ସନ୍ଥ ତୁଳସୀ ଦାସ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କୁ ଦେଖି ରାମ, ଲକ୍ଷ୍ମଣ, ସୀତା ଭାବରେ ଗ୍ରହଣ କରି ଅଭିଭୂତ ହୋଇ ପଡ଼ିଥିଲେ । ପୌଷ ପୂର୍ଣ୍ଣିମା ତିଥିରେ ପୁଷ୍ୟାଭିଷେକ ଯାତ୍ରା ଅବକାଶରେ ତ୍ରିମୂର୍ତ୍ତି ଏବେ ମଧ୍ୟ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରୁଛନ୍ତି । ବଳରାମ ଦାସ, ଶ୍ରୀଜଗନ୍ନାଥଙ୍କୁ ରାମଚନ୍ଦ୍ର ଭାବରେ ପରିକଳ୍ପନା କରିଛନ୍ତି । ଏବେ ମଧ୍ୟ ମିଥିଳା ଓ ଅଯୋଧ୍ୟାରୁ ଆସୁଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଅଯୋଧ୍ୟା ପୁରୀ ଓ ଗୁଣ୍ଡିଚାବାଡ଼ିକୁ ଜନକ ପୁରୀ ରୂପରେ ବିଚାର କରିଥାନ୍ତି ।

ବୌଦ୍ଧ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଦେଖି ତାଙ୍କଠାରେ ବୁଦ୍ଧତ୍ୱ ଆରୋପ କରିଥାନ୍ତି, ଜଗନ୍ନାଥଙ୍କ ନାଭିକମଳରେ ବୁଦ୍ଧ ଦେବଙ୍କ ଦାନ୍ତ ରହିଛି ବୋଲି ଜନଶ୍ରୁତି ରହିଛି । ବୌଦ୍ଧମାନେ ତ୍ରିମୂର୍ତ୍ତିଙ୍କୁ ବୁଦ୍ଧ, ସଂଘ ଓ ଧର୍ମର ପ୍ରତୀକ ରୂପରେ ଗ୍ରହଣ କରନ୍ତି । ବର୍ଷାରମ୍ଭ ପରେ ବୁଦ୍ଧ ମୂର୍ତ୍ତି ରଥରେ ବସି ପରିକ୍ରମା କରିବାର ପ୍ରଥାରୁ ବର୍ଷା କାଳରେ ହେଉଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୃଷ୍ଟି ବୋଲି କେତେକ ଆଲୋଚକ ମତ ଦିଅନ୍ତି । ପୁରୀ ଶବ୍ଦ ଦନ୍ତପୁରୀ ଶବ୍ଦରୁ ଆସିଛି ବୋଲି ମଧ୍ୟ କୁହାଯାଏ । ଓଡ଼ିଆ ସାହିତ୍ୟର ଆଦିକବି ଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ପରିକଳ୍ପନା କରି ସ୍ୱରଚିତ ମହାଭାରତ ଗ୍ରନ୍ଥର ବିରାଟ ପର୍ବରେ କହିଛନ୍ତି -

‘ମହୋଦଧି ତୀରେ ବଡ଼ ଦେଉଳରେ ବସି
ଦରିଦ୍ରମାନଙ୍କ ଦୁଃଖ ଦେଉ ଅଛ ଧ୍ୱଂସି
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ଉଦ୍ଧାର ।’

ଜୈନମାନେ ଜଗନ୍ନାଥଙ୍କୁ ନିଜର ଦେବତା ଜ୍ଞାନ କରନ୍ତି । ସେମାନଙ୍କ ବିଚାରରେ ଜୀନନାଥ ଶବ୍ଦରୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି । ଜୈନ ସାଧକମାନଙ୍କୁ କେବଳୀ କୁହାଯାଏ । କେବଳୀ ଶବ୍ଦରୁ ଜଗନ୍ନାଥଙ୍କର କୈବଲ୍ୟ ଶବ୍ଦ ସୃଷ୍ଟି ହୋଇଛି ବୋଲି କେତେକ ଆଲୋଚକ ମତ ଦିଅନ୍ତି ।

ଶ୍ରୀଜଗନ୍ନାଥଙ୍କ ସେବକ ସଂପ୍ରଦାୟକୁ ବିଚାର କଲେ ଜଣାଯାଏ ଯେ ଜଗନ୍ନାଥଙ୍କ ସେବାପୂଜା ବହୁ ସଂପ୍ରଦାୟର ସମନ୍ୱୟରେ ହିଁ ସମାହିତ

ହୁଏ । ଜନଶ୍ରୁତି ଅଛି ଯେ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସେବାରେ ଛତିଶ ପ୍ରକାର ସେବକ ଅଛନ୍ତି । କିନ୍ତୁ ପ୍ରକୃତରେ ସେବକ ସଂପ୍ରଦାୟର ସଂଖ୍ୟା ଛତିଶରୁ ଅଧିକ । ୧୮୦୭ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଗ୍ରୋମ ସାହେବ ଯେଉଁ ରିପୋର୍ଟ ଦାଖଲ କରିଥିଲେ, ସେଥିରେ ସେବକ ସଂପ୍ରଦାୟର ସଂଖ୍ୟା ୨୫୦ ଥିବାର ଜଣାଯାଏ । ଗଜପତି ମହାରାଜା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ । ମନ୍ଦିରରେ ତାଙ୍କ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରଥଯାତ୍ରା ବେଳେ ରଥରେ ଛେରା ପହଁରା କାର୍ଯ୍ୟ ତାଙ୍କର ଅତି ମହତ୍ୱପୂର୍ଣ୍ଣ । ତାଙ୍କ ବ୍ୟତୀତ ଅନ୍ୟାନ୍ୟ ସେବକମାନଙ୍କ ମଧରେ ମୁଦିରଥ ରାଜାଙ୍କ ଅନିବାର୍ଯ୍ୟ କାରଣ ଜନିତ ଅନୁପସ୍ଥିତିରେ ରଥରେ ଛେରାପହଁରା କାର୍ଯ୍ୟ କରିଥାନ୍ତି । ଏହାବ୍ୟତୀତ ପ୍ରତିଦିନର ନୀତିଗତି ଭିତରେ ଭିତର ଛୋ ମହାପାତ୍ର ଦ୍ୱାର ଫିଟାନୀତି କରନ୍ତି, ସର୍ବପ୍ରଥମେ ମନ୍ଦିର ପ୍ରବେଶ କରି ଶାଢ଼ୀ ବନ୍ଧା ନୀତି କରିବା ସହିତ ଅମୁଣିଆ ପରୀକ୍ଷା କରି ଦେଖନ୍ତି । ତଳିଛୋ ମହାପାତ୍ରଙ୍କର ରୋଷ ଉପରେ କର୍ତ୍ତୃତ୍ୱ ଅଧିକ ଥାଏ । ଭଣ୍ଡାରମେକାପ ସଂପ୍ରଦାୟ ସଂହାସନାସୀନ ଦେବତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅଳଙ୍କାରାଦି ବସ୍ତୁ ଭଣ୍ଡାର ଘରୁ ବାହାର କରିଥାନ୍ତି । ପୂଜକ, ପୂଜାପଣ୍ଡା ଓ ବଡ଼ପଣ୍ଡା ପୂଜା କରିବାର ଦାୟିତ୍ୱ ନେଇଥାନ୍ତି । ସିଂହାରୀ ଓ ପଶୁପାଳକ ଠାକୁରମାନଙ୍କୁ ବେଶ କରି ଦିଅନ୍ତି ଓ ଫୁଲ ଲାଗି କରନ୍ତି । ଗରାବଡୁ ଯୋଗାନ୍ତି ପୂଜା ଅବସରରେ ଜଳ । ପତ୍ର ବଡୁ ଦିଅନ୍ତି ପୂଜାର ଅନ୍ୟାନ୍ୟ ଉପକରଣ । ଶଙ୍ଖୁଆ ବଜାନ୍ତି ଶଙ୍ଖ, ମାଦେଳୀ ବଜାନ୍ତି ମାଦଳ । କାହାଳିଆ ବିଜେ କାହାଳୀ ବଜାଇ ପରିବେଶରେ ଆନନ୍ଦ ଓ ତଲ୍ଲୀନଭାବ ଭରି ଦିଅନ୍ତି । ବୀଣାକାର ଠାକୁରଙ୍କ ପହଡ଼ ପୂର୍ବରୁ ବୀଣା ବଜାନ୍ତି । ଦଇତାମାନେ ନବକଳେବର, ରଥଯାତ୍ରା ଓ ଅଣସର ବେଳେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରନ୍ତି ଜଗନ୍ନାଥଙ୍କ ସେବା କାର୍ଯ୍ୟରେ । ପାଣିଆପଟ ଦିନସାରା ମନ୍ଦିରରେ ଆବଶ୍ୟକୀୟ ପାଣି ଯୋଗାନ୍ତି । ବଳିତା ସେବକ ଦିଅନ୍ତି ବଳିତା, ମାଳିଆ ସୁଆସିଆଁ ଯୋଗାନ୍ତି କାଠର ପିଢ଼ା । ଘଟୁଆରୀ ଦୈନିକ ନୀତି ନିମନ୍ତେ ଅଁଳା, ଚନ୍ଦନ ଓ ମହାଦୀପ ଯୋଗାଇଥାନ୍ତି । ରଥ ଭୋଇ ରଥ କାର୍ଯ୍ୟ କରିଥାନ୍ତି । ଚିତ୍ରକାର ଓ ରୂପକାରମାନେ ରଥପାଇଁ ନିର୍ମାଣ କରିଥାନ୍ତି ପ୍ରତିମା ଓ ପ୍ରତିମାର କେତେକ ଚିତ୍ର । ଅଣସର ବେଳେ ଠାକୁରଙ୍କୁ ପାଚନ ଦେଇଥାନ୍ତି ବୈଦ୍ୟ । ଏହାଛଡ଼ା ଆହୁରି ଅନେକ ସେବକ ସଂପ୍ରଦାୟ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ନିଯୁକ୍ତ ହୋଇଥାନ୍ତି । ସମସ୍ତଙ୍କର ସହଯୋଗରେ ଠାକୁରଙ୍କ ସେବା କାର୍ଯ୍ୟ ସମାହିତ ହୁଏ । ବିଭିନ୍ନ ସଂପ୍ରଦାୟର କାର୍ଯ୍ୟ ଦକ୍ଷତାର ସମନ୍ୱୟରେ ପ୍ରଭୁଙ୍କ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୁଏ ।

ଶ୍ରୀଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଅନାର୍ଯ୍ୟ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ସମ୍ୟକ ସମନ୍ୱୟ ଦେଖାଯାଏ । ଏହି ସମନ୍ୱୟ ଚେତନା ଯୋଗୁଁ ଯୁଗେ ଯୁଗେ ବହୁ ଗବେଷକ, ସାଧକ, ଭକ୍ତ, ଦାର୍ଶନିକ ଓ ପରିବ୍ରାଜକ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ମତକୁ ଆଶ୍ରୟ କରିଥିବା ବିଶିଷ୍ଟ ଦେବତା । ଏହି ପରିପ୍ରେକ୍ଷୀରେ ଦ୍ୱାଦଶ ଶତାବ୍ଦୀର କବି ଉଦୟନାଚାର୍ଯ୍ୟଙ୍କ ଉକ୍ତି ସ୍ମରଣକୁ ଆସେ -

'ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନଃ
ବୌଦ୍ଧଃ ବୁଦ୍ଧି ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନ ଶାସନ ରତାଃ କର୍ମେତି ମୀମାଂସକାଃ
ସୋଽୟଂ ବଃ ବିଦ୍‌ଧାତୁ ବାଞ୍ଛିତ ଫଳଂ ତ୍ରୈଲୋକ୍ୟ ନାଥ ହରିଃ ।'

ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ଼, ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଶିଖ ପ୍ରଭୃତି ବହୁ ଦର୍ଶନରେ ପରିପୁଷ୍ଟ ହୋଇଛି ଜଗନ୍ନାଥ ଦର୍ଶନ । ସମନ୍ୱୟ ଚେତନା ବଳରେ ଏହା ସମ୍ଭବ ହୋଇଛି । ଶବର ବିଶ୍ୱାବସୁ, ବୈଷ୍ଣବ ଇନ୍ଦ୍ରଦ୍ୟୁମ୍ନ ବୌଦ୍ଧ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ସନକ ସଂପ୍ରଦାୟର ନିମ୍ବାର୍କଚାର୍ଯ୍ୟ, ଶୁଦ୍ଧ ଭକ୍ତିବାଦୀ ଶ୍ରୀଚୈତନ୍ୟ, ଶୂନ୍ୟବାଦୀ ବଳରାମ, ଶିଖ ଗୁରୁନାନକ, ଯବନ ହରିଦାସ, ମହାପୁରୁଷ କବୀର, ଗାଣପତ୍ୟ ଗଣପତିଭଟ୍ଟ, ରାମ ପ୍ରେମୀ ସନ୍ଥ ତୁଳସୀ ଦାସ ଇତ୍ୟାଦି ବିଶିଷ୍ଟ ଆଚାର୍ଯ୍ୟଗଣ ଜଗନ୍ନାଥଙ୍କୁ ନିଜ ନିଜ ଦର୍ଶନର କଷଟି ପଥରରେ କଷି ଶେଷରେ ଆପଣାର କରି ନେଇଛନ୍ତି । ବୌଦ୍ଧମାନଙ୍କ ପାଇଁ ସେ ବୁଦ୍ଧ, ଜୈନମାନଙ୍କ ଜୀନଦେବ, ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ, ଶୈବମାନଙ୍କ ପାଇଁ ପରମ ଶିବ, ଶାକ୍ତମାନଙ୍କ ପାଇଁ ଦକ୍ଷିଣ କାଳିକା, ସୌରମାନଙ୍କ ପାଇଁ ସୂର୍ଯ୍ୟ, ଗାଣପତ୍ୟମାନଙ୍କ ପାଇଁ ଗଣପତି ରୂପରେ ଆତ୍ମପ୍ରକାଶ କରିଛନ୍ତି । ଜଗନ୍ନାଥ ସଂସ୍କୃତି କୌଣସି ସୀମାରେ ଆବଦ୍ଧ ନୁହେଁ ବରଂ ଆକାଶ ପରି ତାହା ପରିବ୍ୟାପ୍ତ ଓ ସାଗର ପରି ଗଭୀର । ନଦୀଗୁଡ଼ିକ ଆସି ସମୁଦ୍ରରେ ମିଶିଲାପରି ଜଗନ୍ନାଥ ସଂସ୍କୃତିରେ ସବୁ ସଂସ୍କୃତି ଆସି ସମନ୍ୱିତ ହୋଇଛନ୍ତି । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଗଠନରେ ଶବର ପ୍ରଭାବ, ଉପାସନା ପଦ୍ଧତିରେ ଦ୍ରାବିଡ଼ ପ୍ରଭାବ, ପର୍ବପର୍ବାଣି ତଥା ଯାତ୍ରାନୁଷ୍ଠାନମାନଙ୍କରେ ପୁରାଣର ପ୍ରଭାବ ପରିଲକ୍ଷିତ ହୁଏ । ପୂଜାମନ୍ତ୍ରରେ ପ୍ରୟୋଗ ଓଁକୁ ବୈଦିକ ସଂସ୍କୃତିର ଚିହ୍ନ ଭାବରେ ଓ କ୍ଲୀଂ, ହ୍ଲୀଂ, ଶ୍ରୀଂକୁ ତାନ୍ତ୍ରିକ ସଂସ୍କୃତିର ଚିହ୍ନ ଭାବରେ ଗ୍ରହଣ କରାଯାଏ । ଜଗନ୍ନାଥ ଦର୍ଶନରେ ସର୍ବତ୍ର ସମନ୍ୱୟ ହିଁ ଲକ୍ଷ୍ୟଣୀୟ । ମନେହୁଏ ଜଗନ୍ନାଥ ଚେତନା ଯେପରି ବିଶ୍ୱବ୍ୟାପ୍ତ ସମନ୍ୱୟ ଚେତନାର ସାର୍ଥକ ପ୍ରତିନିଧି ଓ ସୁରମ୍ୟ ପ୍ରତୀକ ।

ଶବରର ମେଣ୍ଢା ମୁଣ୍ଡିଆ ଖେଚେଡ଼ି ଅର୍ପଣ, ଜୈନର କୈବଲ୍ୟ, ଶୈବର ନିର୍ମାଲ୍ୟ, ଶାକ୍ତର ପଞ୍ଚମକାର ବ୍ରାହ୍ମଣର ମୁଦ୍ରାମଣ୍ଡଳ ମନ୍ତ୍ରପାଠ ସବୁ ମିଶି ଏକ ମର୍ଯ୍ୟାଦା ଆଣି ଦେଇଛି ଜଗନ୍ନାଥଙ୍କର ଉପାସନା ଧାରାକୁ । ଶ୍ରୀଜଗନ୍ନାଥ ବେଶଭୂଷା, ଅଳଙ୍କାର ପରିଧାନ, ଖାଦ୍ୟ ବ୍ୟବସ୍ଥା, ପର୍ବପର୍ବାଣି ଇତ୍ୟାଦିକୁ ଅନୁଧ୍ୟାନ କଲେ ସେ ଯେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ସଂପ୍ରଦାୟର ଅନ୍ତର୍ଭୁକ୍ତ ନୁହନ୍ତି ଏହା ସହଜରେ

ଜଣାପଡ଼େ । ସେ ବହୁ ସଂପ୍ରଦାୟର ସମନ୍ୱିତ ଚେତନାର ପ୍ରତୀକ ହୋଇ ରହିଛନ୍ତି ନୀଳାଚଳ ଧାମରେ ଭକ୍ତ ଜନତାର କଲ୍ୟାଣ ନିମନ୍ତେ ଏଥିରେ ସନ୍ଦେହ ନାହିଁ । ବିଶ୍ୱ ପରିବାର ଗଠନ ନିମନ୍ତେ ସମନ୍ୱୟର ଯେଉଁ ଉପାଦାନ ଜଗନ୍ନାଥ ଚେତନାରେ ରହିଛି ତାହାର ପଟ୍ଟାନ୍ତର ନାହିଁ । ସମଗ୍ର ମାନବ ଜାତିର ଦେହର ରଙ୍ଗକୁ ଦୃଷ୍ଟିରେ ରଖି ଚତୁର୍ଦ୍ଧାମୂର୍ତ୍ତିଙ୍କର ବର୍ଣ୍ଣ ଯୋଜନା ହେଲାପରି ମନେହୁଏ । ଭାରତ, ଆଫ୍ରିକା, ଗ୍ରୀସ୍ ଓ ତୁର୍କି ଆଦି ସ୍ଥାନମାନଙ୍କର ଅଧିବାସୀମାନଙ୍କ ପରି ଶ୍ରୀଜଗନ୍ନାଥ ହୋଇଛନ୍ତି କୃଷ୍ଣବର୍ଣ୍ଣ । ୟୁରୋପ, ଆମେରିକାର ଅଧିବାସୀଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ବଳଭଦ୍ରଙ୍କର ବର୍ଣ୍ଣ, ଚୀନା ଓ ମଙ୍ଗୋଲିୟମାନଙ୍କ ରଙ୍ଗର ପ୍ରତିନିଧିତ୍ୱ କରେ ସୁଭଦ୍ରାଙ୍କ ବର୍ଣ୍ଣ । ଲୋହିତ ଭାରତୀୟଙ୍କ ପରି ସୁଦର୍ଶନ ଲୋହିତ ରଙ୍ଗରେ ରଞ୍ଜିତ ହୋଇ ଶୋଭା ପାଉଛନ୍ତି । ସମନ୍ୱୟର ଅନ୍ୟ ଏକ ପ୍ରମାଣ ଭାବରେ ବର୍ଣ୍ଣ ଯୋଜନାକୁ ଗ୍ରହଣ କରାଯାଇପାରେ ।

ଅସ୍ପୃଶ୍ୟତାକୁ ସାମାଜିକ କଳଙ୍କ କହି ତା'ର ଦୂରୀକରଣ ନିମନ୍ତେ ବହୁ ପ୍ରଚେଷ୍ଟା ଏବେ କରାଯାଉଥିବା ବେଳେ ବହୁପୂର୍ବରୁ ଜଗନ୍ନାଥ ସଂସ୍କୃତିରେ ଏଥିନିମନ୍ତେ ନିଆଯାଇଥିବା ପଦକ୍ଷେପ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରେ । ଶ୍ରୀୟା ଚାଣ୍ଡାଳୁଣୀ ଘରେ ମହାଲକ୍ଷ୍ମୀ ପ୍ରବେଶ କରିବା ଦ୍ୱାରା ଅସ୍ପୃଶ୍ୟତା ନିବାରଣ ନିମିତ୍ତ ଦୃଢ଼ ପଦକ୍ଷେପ ଜଗନ୍ନାଥ ସଂସ୍କୃତିରେ ଗ୍ରହଣ କରାଯାଇଛି । ଜଗନ୍ନାଥ ତ ଭାବଗ୍ରାହୀ ଭାବରେ ସେ ବନ୍ଧା । ଭକ୍ତର ଆଡମ୍ବର, ବଂଶ ମର୍ଯ୍ୟାଦା ଉପରେ ସେ ଗୁରୁତ୍ୱ ନଦେଇ ହୃଦୟର ଭାବ ଉପରେ ଗୁରୁତ୍ୱ ଦେଇଥାନ୍ତି । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଭେଦ ତାଙ୍କ ପାଖରେ ନାହିଁ । ସାତଶ ପଞ୍ଚାଶ କୋଶ ଦୂରରୁ ଭକ୍ତର ହୃଦୟର ଡାକ ସେ ଶୁଣି ପାରି ରଥକୁ ଟିକିଏ ଅଟକାଇ ଦେଇଥିଲେ ବଡ଼ଦାଣ୍ଡରେ । ସାଲବେଗଙ୍କର ସଂଗୀତ ପ୍ରଭୁଙ୍କ ପାଇଁ ଯେତିକି ଆକର୍ଷଣୀୟ ଦାସିଆ ବାଉରୀର ନଡ଼ିଆ ତାଙ୍କ ପାଇଁ ସେତିକି ଲୋଭନୀୟ । ମାଦଳାପାଞ୍ଜିର ରାଜଭୋଗ ବର୍ଣ୍ଣନା ଅନୁସାରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ତାଙ୍କ ନାଏବ ନାଜିମ ସୁଜା ଖାଁଙ୍କ କନ୍ୟାକୁ ବିବାହ କରି ମୁସଲମାନ ଧର୍ମୀ ହେବାରୁ ଶ୍ରୀଜଗନ୍ନାଥ ତାଙ୍କ ପାଇଁ ସିଂହଦ୍ୱାର ଗୁମୁଟ ଭିତରେ ପତିତପାବନ ରୂପରେ ଆବିର୍ଭୂତ ହୋଇଥିଲେ । ଯବନ ହରିଦାସଙ୍କ ହୃଦୟରେ ଥିଲା ଜଗନ୍ନାଥଙ୍କ ନିମନ୍ତେ ସୀମାହୀନ ଭକ୍ତିଭାବ ।

ବିଭିନ୍ନ ଦିଗରୁ ବିଚାର କଲେ ଏହା ସ୍ପଷ୍ଟ ପ୍ରମାଣିତ ଯେ ଜଗନ୍ନାଥ ଚେତନା ହିଁ ସମନ୍ୱିତ ଚେତନା ଯାହାର କଳନା ତୁଳନା ନାହିଁ । ଏହି ଚେତନାର ଧାର୍ମିକ ମୂଲ୍ୟବୋଧ ଯେପରି ରହିଛି ସାମାଜିକ କ୍ଷେତ୍ରରେ ବ୍ୟବହାରିକ ମୂଲ୍ୟବୋଧ ମଧ୍ୟ ସେପରି ରହିଛି । ବିଶ୍ୱଜୀବନର ବହୁ ସମସ୍ୟା ସମାଧାନ ନିମନ୍ତେ ଜଗନ୍ନାଥ ଚେତନା ଓ ଧର୍ମଦର୍ଶନ ଯେ ଦିଗ୍‌ଦର୍ଶନ ଦେଇପାରିବ ଏଥିରେ ସନ୍ଦେହ ନାହିଁ । ଆଜି ଏଇ ଅବକାଶରେ ସେହି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଚରଣରେ ସହସ୍ର ପ୍ରଣାମ ଜଣାଉଛି ।

'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ
ଜଗଦାନନ୍ଦ କନ୍ଦାୟ ପ୍ରଣତାର୍ତ୍ତି ହରାୟଚ
ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ ।'

ଜୟ ଜଗନ୍ନାଥ

ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର



# ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର



ପୁରୁଷୋତ୍ତମ ଜଗନ୍ନାଥଙ୍କ ସ୍ୱରୂପ ଅଚିନ୍ତ୍ୟ, ଅବ୍ୟକ୍ତ ଓ ରହସ୍ୟମୟ । ଜ୍ଞାନୀ, ଭକ୍ତ, ତତ୍ତ୍ୱଦର୍ଶୀ, ଗବେଷକ, ପଣ୍ଡିତ ଓ ଦାର୍ଶନିକବୃନ୍ଦ ତାଙ୍କୁ ଅନନ୍ତ, ଅକ୍ଷୟ, ଅବ୍ୟୟ, ଅବିନଶ୍ୱର, ସର୍ବାନ୍ତର୍ଯ୍ୟାମୀ, କ୍ଷରଅକ୍ଷର, ସାକାର ନିରାକାର ଓ ସଗୁଣ ନିର୍ଗୁଣ ଦାରୁବ୍ରହ୍ମ ରୂପରେ ଚିତ୍ରଣ କରିଛନ୍ତି । ତତ୍ତ୍ୱତଃ ସେ ଅଖିଳ ବିଶ୍ୱର ସର୍ବନିୟନ୍ତା ହେଲେହେଁ ତାଙ୍କ ଶ୍ରୀବିଗ୍ରହ ନଶ୍ୱର କ୍ଷୟଶୀଳ ଦାରୁରେ ନିର୍ମିତ । ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳରେ ସେ ଦିବ୍ୟଲୀଳା ସଂରଚନା ପୂର୍ବକ ବିଶ୍ୱର ସର୍ବପ୍ରାଚୀନ ଦେବତା ସ୍ୱରୂପରେ ମହିମାବନ୍ତ । ତାଙ୍କ ନିତ୍ୟନୈମିତ୍ତିକ ପୂଜାବିଧାନ, ପର୍ବପର୍ବାଣି, ଯାନିଯାତ୍ରା ଲୌକିକ ହୋଇ ମଧ୍ୟ ଦିବ୍ୟ, ଅନନ୍ୟ ଓ ଅସାଧାରଣ । ତାଙ୍କ ରୂପ, ଲୀଳା, ଧାମ, ତତ୍ତ୍ୱ ଓ ଦର୍ଶନରେ ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ଭରି ରହିଛି । ପୁରୁଷୋତ୍ତମ ଜଗନ୍ନାଥଙ୍କ ଏହି ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟକୁ ଉଦ୍‌ଘାଟନ କରିବାକୁ ଯୁଗ ଯୁଗ ଧରି ଅଗଣିତ ସାଧୁ, ସନ୍ଥ, ମହାତ୍ମା, ଶୂରୀ, ସାଧକ, ଗବେଷକ, ତତ୍ତ୍ୱାନୁସନ୍ଧାନୀ, ସମାଲୋଚକ ତଥା ଗୁଣଜ୍ଞ ବିଦ୍ୱାନ୍ ପ୍ରୟାସ କରିଥିଲେ ହେଁ ଅଦ୍ୟାବଧି ତାଙ୍କ ମୌଳିକତା ଦୁର୍ବୋଧ ଓ ରହସ୍ୟାଚ୍ଛନ୍ନ । ଭିନ୍ନ ଭିନ୍ନ ତଥ୍ୟାଭିଜ୍ଞ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ମୂଳତଃ ଶାବର, ବୈଦିକ, ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ବିବେଚନା ପୂର୍ବକ ଅନେକ ଅନାଲୋଚିତ ତଥ୍ୟ ପରିବେଷଣ କରିଯାଇଛନ୍ତି, ତଥାପି ଗବେଷଣାର ଅନ୍ତ ହୋଇନାହିଁ । ସକଳ ଦାର୍ଶନିକ ଓ ତାତ୍ତ୍ୱିକ ବିଶ୍ଳେଷଣ ସତ୍ତ୍ୱେ ସେ ଅଧିକରୁ ଅଧିକ ରହସ୍ୟମୟ ହୋଇଯାଇଛନ୍ତି । ସତେ ଯେପରି ବିଶ୍ୱ ସମ୍ବିଧାନର ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥ ଅସରନ୍ତି ରହସ୍ୟର ଗନ୍ତାଘର । ଯଥାର୍ଥରେ କୁହାଯାଇଛି -

'ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ<br>
ଦେବାଃ ନଜାନନ୍ତି କୁତଃ ମନୁଷ୍ୟାଃ ।'

ପୁରୁଷୋତ୍ତମ ଜଗନ୍ନାଥଙ୍କ ମୂଳସ୍ୱରୂପ ଅନୁସନ୍ଧାନୀଙ୍କ ମଧ୍ୟରୁ ଯେଉଁ ବିଶିଷ୍ଟ ବିଦ୍ୱାନବୃନ୍ଦ ଗବେଷଣା ମାଧ୍ୟମରେ ତାଙ୍କୁ ବୌଦ୍ଧ ଦେବତା ସ୍ୱରୂପରେ ବିବେଚନା କରିଛନ୍ତି, ସେମାନେ ହେଉଛନ୍ତି ଜେନେରାଲ କନିଂହୋମ, ପ୍ରଫେସର ଉଇଲ୍‌ସନ, ଡକ୍ଟର ହରେକୃଷ୍ଣ ମହତାବ, ଜେମସ୍ ଫର୍ଗୁସନ, ଲୁଇସ୍ ରୋଜ୍‌ଭିଟ୍ ଏବଂ ଏନ୍.ଏନ୍. ବୋଷ ପ୍ରଭୃତି । ସେମାନଙ୍କ ମତରେ ବୌଦ୍ଧଧର୍ମର ତ୍ରିରତ୍ନ ଅର୍ଥାତ୍ ବୁଦ୍ଧ, ଧର୍ମ ଓ ସଂଘର ପ୍ରତୀକ ହେଉଛନ୍ତି ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର । ଏହିସବୁ ଗବେଷକବୃନ୍ଦଙ୍କ ସିଦ୍ଧାନ୍ତକୁ ଡକ୍ଟର ହରେକୃଷ୍ଣ ମହତାବ ସ୍ୱରଚିତ ଓଡ଼ିଶା ଇତିହାସରେ ପ୍ରାଞ୍ଜଳ ଭାବରେ ବାଇଶି ଗୋଟି ଚିତ୍ର ମାଧ୍ୟମରେ ଉପସ୍ଥାପନା କରିଛନ୍ତି । (୧) ଡକ୍ଟର ମହତାବ ଏହି ପରିଚ୍ଛେଦରେ ସମସ୍ତ ବୌଦ୍ଧ ମତବାଦୀ ଗବେଷକଙ୍କର ଉକ୍ତିକୁ ବିସ୍ତୃତ ଓ ବ୍ୟାପକ ଭାବରେ ଆଲୋଚନା କରିଛନ୍ତି । ସେ ଯେଉଁ ତିନି ଗୋଟି ମୁଖ୍ୟ ପ୍ରସଙ୍ଗ ବର୍ଣ୍ଣନା ପୂର୍ବକ ବୌଦ୍ଧ ମତବାଦକୁ ବିଶ୍ୱାସ କରିଛନ୍ତି, ତାହା ହେଉଛି ଶ୍ରୀଜଗନ୍ନାଥଙ୍କ ନାମ, ମୂର୍ତ୍ତି ଓ ଦେବୀ ସୁଭଦ୍ରାଙ୍କ ସମାବେଶ, ଅଶୋକଙ୍କ ସମୟ ଅର୍ଥାତ୍ ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ଓଡ଼ିଶାର ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ପୁରୀରେ ପୂର୍ବରୁ ନିର୍ମିତ ବୌଦ୍ଧ ସ୍ତୁପରେ ତ୍ରିରତ୍ନ ପୂଜା କଲେ ତଥା ରଥଯାତ୍ରା ବୌଦ୍ଧ ବିଧାନର ମୁଖ୍ୟପର୍ବ । ଏହି ତିନିଗୋଟି ପ୍ରସଙ୍ଗକୁ ଭିତ୍ତିକରି ସେ ତାଙ୍କର ବିବେଚନା ଉପସ୍ଥାପନା କରିବା ସହିତ ଜଗନ୍ନାଥ ମୂଳତଃ ବୌଦ୍ଧ ଦେବତା ବୋଲି ସୂଚନା ପ୍ରଦାନ କରିଅଛନ୍ତି । ସୂଚନାଯୋଗ୍ୟ ଯେ, ଡକ୍ଟର ମହତାବ ଓଡ଼ିଶା ଇତିହାସ ରଚନା କରିବା ସମୟ ଅର୍ଥାତ୍ ୧୯୪୮ ପୂର୍ବରୁ ବିଦେଶୀ

ବିଦ୍ୱାନବୃନ୍ଦ ଜଗନ୍ନାଥ ମୂଳତଃ ବୌଦ୍ଧଦେବତା ବୋଲି କେତେକ ତଥ୍ୟ ଅବତାରଣା କରିଥିଲେ । ସେମାନେ ଯେଉଁ ଯୁକ୍ତି ଉପରେ ଭିତ୍ତିପୂର୍ବକ ଏହି ତଥ୍ୟ ପ୍ରଦାନ କରିଥିଲେ, ସେଗୁଡ଼ିକ ହେଉଛି ପୁରାତନ ପାଲି ସାହିତ୍ୟ ଏବଂ ତନ୍ତ୍ର ସାହିତ୍ୟରେ 'ଜଗନ୍ନାଥ' ବୁଦ୍ଧଙ୍କର ଏକ ନାମ, ଏଲୋରା ଗୁମ୍ଫାରେ ଖୋଦିତ ଏକ ବୁଦ୍ଧ ମୂର୍ତ୍ତିର ନାମ 'ଜଗନ୍ନାଥ', ବୌଦ୍ଧଧର୍ମରେ 'ଧର୍ମ୍ମ' ନାରୀ ଭାବରେ କଳ୍ପିତ ଏବଂ ଫାହିୟାନଙ୍କ ବର୍ଣ୍ଣିତ ଖୋଟାନ୍ ରଥଯାତ୍ରାରୁ ଅନୁମିତ ପୁରୀ ରଥଯାତ୍ରା ବୌଦ୍ଧଧର୍ମର ମୁଖ୍ୟପର୍ବ । ଏହି ଯୁକ୍ତିସମୂହ ଉପରେ ଗଭୀର ରେଖାପାତ କଲେ ହୃଦ୍‌ବୋଧ ହୁଏ ଯେ, ପାଲି ସାହିତ୍ୟ ପୂର୍ବରୁ ସଂସ୍କୃତ ସାହିତ୍ୟରେ 'ଜଗନ୍ନାଥ' ଶବ୍ଦ ବିଦ୍ୟମାନ, ଅଧିକନ୍ତୁ ବିଷ୍ଣୁ ଓ ଶିବଙ୍କର ନାମ ରୂପେ ବ୍ୟବହୃତ । ଉଲ୍ଲେଖଯୋଗ୍ୟ ଯେ, ବ୍ରଜଯାନୀ ସାଧକ ଇନ୍ଦ୍ରଭୂତି ଏବଂ ତଦୀୟଗୁରୁ ଅନଙ୍ଗବ୍ରଜଙ୍କ ଲିଖିତ 'ଜ୍ଞାନସିଦ୍ଧି' ତଥା 'ପ୍ରଜ୍ଞାପାୟୋ ବିନିଶ୍ଚୟ ସିଦ୍ଧି'ରେ 'ଜଗନ୍ନାଥ' ନାମ ପ୍ରଥମେ ପରିଦୃଷ୍ଟ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି, କିନ୍ତୁ ତତ୍‌ପୂର୍ବରୁ ସଂସ୍କୃତ ପୁରାଣ ଓ ବିଷ୍ଣୁ ସହସ୍ର ନାମ ଇତ୍ୟାଦିରେ 'ଜଗନ୍ନାଥ' ନାମ ବହୁବାର ଉଲ୍ଲେଖ ଥିଲେ ହେଁ ତାହା ବିଚାରକୁ ନେଇନଥାନ୍ତି । ଏହା ସତ୍ୟ ଯେ, ପାଲି ସାହିତ୍ୟରେ ଜଗନ୍ନାଥ ଶବ୍ଦ ବିଶେଷଣ ଭାବରେ ବ୍ୟବହାର କରାଯାଇଛି ଏବଂ ତାହାଠାରୁ ପ୍ରାଚୀନ ବିଷ୍ଣୁ ପୁରାଣରେ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ତଥା ଶିବ ପୁରାଣରେ ମହାଦେବଙ୍କୁ ଜଗନ୍ନାଥ ବୋଲି କୁହାଯାଇ ଶବ୍ଦଟି ବିଶେଷ୍ୟ ଭାବରେ ବ୍ୟବହୃତ । ସର୍ବୋପରି ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମତରେ 'ଜଗନ୍ନାଥ' ଶବ୍ଦଟି ମୂଳ ପାଲି ଶବ୍ଦ ନୁହେଁ, ଏହା ଶାବର ଶବ୍ଦ 'ଜଗନ୍ତ'ରୁ ନିଷ୍ପନ୍ନ ହୋଇ ସଂସ୍କୃତରେ ଜଗନ୍ନାଥ ରୂପ ଧାରଣ କରିଛି । (୨) ଅତଏବ, ନିଃସନ୍ଦେହରେ ବିଚାର କରାଯାଇପାରେ ଶାବର ଶବ୍ଦରୁ ସଂସ୍କୃତରେ ଜଗନ୍ନାଥ ଶବ୍ଦ ରୂପାନ୍ତରିତ ହୋଇ ବହୁ ପ୍ରାଚୀନ କାଳରୁ ପୁରାଣରେ ବ୍ୟବହୃତ । ଅବଶ୍ୟ, ଏହାର ପ୍ରଭାବରେ ପାଲି ଭାଷାରେ ବୁଦ୍ଧଙ୍କୁ ଜଗନ୍ନାଥ ନାମରେ ସମ୍ବୋଧନ କରାଯାଇଛି । ଏହି ଦୃଷ୍ଟିକୋଣରୁ ପାଲି ସାହିତ୍ୟରେ ଉଲ୍ଲିଖିତ ଜଗନ୍ନାଥ ଶବ୍ଦରୁ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବୌଦ୍ଧ ଦେବତା ବିବେଚନା କରିବା ସମୀଚୀନ ନୁହେଁ । ଦ୍ୱିତୀୟ ଯୁକ୍ତି ହେଉଛି, ଏଲୋରା ଗୁମ୍ଫାରେ ଖୋଦିତ ବୌଦ୍ଧ ମୂର୍ତ୍ତିର ନାମ ଜଗନ୍ନାଥ । ସପ୍ତମ ଶତାବ୍ଦୀରେ ଏହି ମୂର୍ତ୍ତି ଖୋଦିତ ହୋଇଥିଲା ଏବଂ ସେହି ସମୟ ବେଳକୁ ବୌଦ୍ଧ ଧର୍ମରେ ଜଗନ୍ନାଥ ନାମ ପ୍ରସିଦ୍ଧି ଲାଭ କରି ସାରିଲାଣି । ତୃତୀୟ ଯୁକ୍ତି ହେଉଛି, ବୌଦ୍ଧ ଧର୍ମରେ 'ଧର୍ମ୍ମ' ନାରୀ ଭାବରେ କଳ୍ପିତ । ନାରୀ ଧର୍ମ ଭାବରେ ଚିତ୍ରିତ ହେବା କୌଣସି ସଂସ୍କୃତ ପୁରାଣରେ ଉଲ୍ଲିଖିତ ନାହିଁ । ପରନ୍ତୁ, ବୌଦ୍ଧ ଧର୍ମରେ ବୁଦ୍ଧ ହିଁ ପୁରୁଷ, ଧର୍ମ ହେଉଛି ପ୍ରକୃତି ଏବଂ ସଂଘ ହିଁ ଉଭୟ ଅର୍ଥାତ୍ ପୁରୁଷ ଓ ପ୍ରକୃତିର ସଂଯୋଗ । ତେଣୁ ବୌଦ୍ଧ ମତରେ ଧର୍ମ୍ମ ହିଁ ପ୍ରକୃତି, ନାରୀ ନୁହେଁ । ଚତୁର୍ଥ ଯୁକ୍ତି ହେଉଛି ଚୀନ୍ ପରିବ୍ରାଜକ ଫାହିୟାନ୍ ଖୋଟାନ୍‌ରେ ଦେଖିଥିବା ରଥଯାତ୍ରା ବର୍ଣ୍ଣନାରୁ ବିଚାର କରାଯାଏ ଯେ ପୁରୀର ରଥଯାତ୍ରା ବୌଦ୍ଧ ଯାତ୍ରା ବିଶେଷ । ସୂଚନାଯୋଗ୍ୟ ଯେ, ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ବୌଦ୍ଧ ମତର ଉନ୍ମେଷ । ତାହାର ବହୁପୂର୍ବରୁ ବେଦ, ରାମାୟଣ, ମହାଭାରତ ଓ ପୁରାଣାଦିରେ ରଥର ବହୁବିଧ ବର୍ଣ୍ଣନା ବିଦ୍ୟମାନ । ଏତଦ୍‌ଭିନ୍ନ, ପୁରୀରେ ମହାଦାରୁରୁ ମୂର୍ତ୍ତି ନିର୍ମାଣ କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି, ଯାହାର ସମୟ ପ୍ରାଗ୍‌ବୈଦିକ ତଥା ସେହି ସମୟରେ ବୌଦ୍ଧ ଧର୍ମର ଉନ୍ମେଷ ଘଟି ନଥିଲା । ଏଥିରୁ ହୃଦ୍‌ବୋଧ ହେଉଛି, ଚାରିଗୋଟି ଯାକ ଯୁକ୍ତି ଭିତ୍ତିହୀନ ତଥା ପୁରୁଷୋତ୍ତମ ଜଗନ୍ନାଥ ମୂଳତଃ ବୌଦ୍ଧ ଦେବତା ନୁହନ୍ତି । ଏ ସଂପର୍କରେ ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁଦେବତା' ଗ୍ରନ୍ଥରେ ସବିଶେଷ ଆଲୋଚନା କରି ସିଦ୍ଧାନ୍ତ ନେଇଛନ୍ତି ଯେ, ଜଗନ୍ନାଥ ମୂଳତଃ ଶାବର ଦେବତା ଏବଂ ପରବର୍ତ୍ତୀ କାଳରେ ଆର୍ଯ୍ୟ, ଅନାର୍ଯ୍ୟ ଉଭୟ ଗୋଷ୍ଠୀ ତାଙ୍କୁ ଆପଣେଇ ନେଇ ସମନ୍ୱୟର ମହାଭାବରେ ଉଦ୍‌ବୁଦ୍ଧ ହୋଇଛନ୍ତି । ଅନ୍ୟତମ ଗବେଷକ ଡକ୍ଟର ଗୋପୀନାଥ ମହାପାତ୍ର ସ୍ୱରଚିତ 'The land of Vishnu' ପୁସ୍ତକରେ ବୌଦ୍ଧ ମତବାଦୀଙ୍କର ସକଳ ଯୁକ୍ତିକୁ ଖଣ୍ଡନ କରିଛନ୍ତି । (୩) ତାଙ୍କ ମତରେ ୧୯୪୮ ମସିହା ବେଳକୁ ବୌଦ୍ଧ ମତବାଦ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସମର୍ଥନ ଲାଭ ପୂର୍ବକ ପ୍ରତିଷ୍ଠିତ ହୋଇସାରିଥିଲା । ଡକ୍ଟର ମହତାବ ମଧ ସେହି ମତକୁ ସମର୍ଥନ କରି ବିଚାର କରିଥିଲେ ଯେ ଜଗନ୍ନାଥ ମୂଳତଃ ବୌଦ୍ଧ ଓ ପରେ ଶାବର । (୪) ପୁନଶ୍ଚ, ଡକ୍ଟର ମହତାବ ବୌଦ୍ଧ ମତବାଦକୁ ବିଶ୍ୱାସ କରି ଅଶୋକଙ୍କ ସମୟରେ ଓଡ଼ିଶାର ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ତ୍ରିରତ୍ନ ପୂଜା କଲେ ବୋଲି ଉଲ୍ଲେଖ କରିଛନ୍ତି, କିନ୍ତୁ ତାହାର କୌଣସି ଶାସ୍ତ୍ରୀୟ ବା ଆଭିଲେଖିକ ପ୍ରମାଣ ପ୍ରଦାନ କରିନାହାନ୍ତି । ଅନ୍ୟାନ୍ୟ ବୌଦ୍ଧ ମତବାଦୀଗଣ କିମ୍ବଦନ୍ତୀ, ଲୋକକଥା ଓ ଜାତକଗଳ୍ପ ପ୍ରଭୃତିକୁ ଆଧାର କରି ଅନେକ କିମ୍ଭୂତ କିମ୍ଭାକାର କପୋଳକଳ୍ପିତ ତଥ୍ୟ ଅବତାରଣା କରିଛନ୍ତି, ଯାହାକି ସର୍ବଜନଗ୍ରାହ୍ୟ ନୁହେଁ । ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଗବେଷକ ଉଲ୍‌ଡଫିଲ୍‌ଡ ମତରେ ବୌଦ୍ଧମାନେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଘୋଷଯାତ୍ରା ଅନୁକରଣରେ ରଥଯାତ୍ରା ଆରମ୍ଭ କରିଥିଲେ । 'The Buddhist festival is evidently adopted from the Hindu festival of Jagannath and his broher Balaram and sister Subhadra' । ଅତଏବ ଜଗନ୍ନାଥ ମୂଳତଃ ବୌଦ୍ଧ ଅଥବା ରଥଯାତ୍ରା ବୌଦ୍ଧ ପର୍ବ ନୁହେଁ ।

ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଜୈନ ଦେବତା ବୋଲି ଯେଉଁ ବିଦ୍ୱାନବୃନ୍ଦ ବିଚାର କରିଛନ୍ତି, ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ଐତିହାସିକ କେଦାରନାଥ ମହାପାତ୍ର, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ ପଣ୍ଡିତ ବିନାୟକ ମିଶ୍ର ପ୍ରଭୃତି । ସେମାନଙ୍କ ମତରେ ଇନ୍ଦ୍ରଦ୍ୟୁମ୍ନ ଜଣେ ଜୈନଧର୍ମାବଲମ୍ବୀ ରାଜା । ପଣ୍ଡିତ ବିନାୟକ ମିଶ୍ର ଓ କେଦାରନାଥ

ମହାପାତ୍ର ଖାରବେଳଙ୍କୁ ମଧ୍ୟ ଇନ୍ଦ୍ରଦ୍ୟୁମ୍ନ ସ୍ୱରୂପରେ ଅବତାରଣା କରିଛନ୍ତି । କିନ୍ତୁ ପୁରାଣ ଓ କିମ୍ବଦନ୍ତୀ ବର୍ଣ୍ଣିତ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଅର୍ଥାତ୍ ବେଦ ପରବର୍ତ୍ତୀ ପୁରାଣକାଳୀନ ବୋଲି ସେମାନେ ବିଚାର ନକରି ଖ୍ରୀ:ପୂ: ପ୍ରଥମ ଶତକର ଜୈନ-ଧର୍ମାବଲମ୍ବୀ ଖାରବେଳଙ୍କୁ ଇନ୍ଦ୍ରଦ୍ୟୁମ୍ନ ଭାବରେ ଚିତ୍ରଣ କରିଛନ୍ତି । ଏପରିକି ଐତିହାସିକ କେଦାରନାଥ ମହାପାତ୍ର ଖାରବେଳଙ୍କୁ ପଦ୍ମପୁରାଣ ବର୍ଣ୍ଣିତ ଶବର ବାଳକ ରୂପେ ବିବେଚନା କରି ଶାବର ମତକୁ ପ୍ରକାରାନ୍ତରେ ସ୍ୱୀକାର କରିଛନ୍ତି । (୫) ମନୀଷୀ ନୀଳକଣ୍ଠ ଦାସଙ୍କ ମତରେ ପ୍ରାଚୀନ ବେବିଲୋନ୍ ସଭ୍ୟତା କାଳରୁ ଜଗନ୍ନାଥଙ୍କ ଅସ୍ତିତ୍ୱ ଥିଲା ତଥା ଶବରମାନେ ଥିଲେ ତାଙ୍କର ଉପାସକ । (୬) ଏହି ମତଦ୍ୱାରା ଜୈନ ମତବାଦୀ ପଣ୍ଡିତ ନୀଳକଣ୍ଠ ଦାସ ଜଗନ୍ନାଥଙ୍କୁ ଶବର ଦେବତା ବୋଲି ବିଚାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଡକ୍ଟର ବେଣୀମାଧବ ପାଢ଼ୀ ସ୍ୱରଚିତ 'ଦାରୁଦେବତା' ଗ୍ରନ୍ଥର ଷଷ୍ଠ ପ୍ରକାଶରେ ଦାରୁଦେବତାଙ୍କ ଉପରେ ଜୈନ ପ୍ରଭାବ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଛନ୍ତି । (୭) ଏହି ପରିଚ୍ଛେଦରେ ତାଙ୍କ ବିବେଚନାର ନିଷ୍କର୍ଷ ହେଉଛି ଜଗନ୍ନାଥ ଶବର ଦେବତା ଓ ପରବର୍ତ୍ତୀ କାଳରେ ଜୈନମାନଙ୍କ ଦ୍ୱାରା ଉପାସିତ । କେତେକ ଗବେଷକଙ୍କର ମତ, ଜୈନ ତୀର୍ଥଙ୍କର ଓଡ଼ିଶାରେ ରାଜତ୍ୱ କରୁଥିବା ସମୟରେ ଜଗନ୍ନାଥ ଉପାସନାର ଅୟମାରମ୍ଭ ହୋଇଥିଲା । କିନ୍ତୁ ଏହି ମତ ଶାସ୍ତ୍ର ବା ଅଭିଲେଖ ସମ୍ମତ ନୁହେଁ । ଅନ୍ୟ କେତେକଙ୍କ ମତରେ ଜୈନ ଧର୍ମାବଲମ୍ବୀ ଖାରବେଳ ମଗଧ ବିଜୟ ପୂର୍ବକ ଯେଉଁ ଜୀନାସନ ଓଡ଼ିଶାକୁ ଫେରାଇ ଆଣିଥିଲେ, ତାହା ହିଁ ଜଗନ୍ନାଥ ବା ତାଙ୍କ ରତ୍ନସିଂହାସନ । ଖାରବେଳ ଏହି ଜୀନାସନକୁ କେଉଁ ସ୍ଥାନରେ ପ୍ରତିଷ୍ଠା କରିଥିଲେ ସେ ସଂପର୍କରେ ଇତିହାସ ନୀରବ । ଅଧିକନ୍ତୁ, ଖାରବେଳଙ୍କ ଶିଳାଲେଖରେ ଏ ସଂପର୍କରେ ମଧ୍ୟ ସୂଚନା ନାହିଁ । ଏଠାରେ ସ୍ପଷ୍ଟ କରି ଦିଆଯାଏ ଯେ, ଜୈନ ଧର୍ମାବଲମ୍ବୀଗଣ ସେମାନଙ୍କର କୌଣସି ତୀର୍ଥଙ୍କରଙ୍କର କାଷ୍ଠ ନିର୍ମିତ ମୂର୍ତ୍ତି ପୂଜା କରିବାର ପରମ୍ପରା ଅଦ୍ୟାବଧି ପରିଦୃଷ୍ଟ ହୋଇନାହିଁ । ଜୈନ ମତବାଦୀଙ୍କର ଅନ୍ୟ ଏକ ଯୁକ୍ତି ହେଲା 'ନାଥ' ଶବ୍ଦ ଜୈନଧର୍ମର ଶବ୍ଦ ଏବଂ ତୀର୍ଥଙ୍କରଙ୍କୁ 'ନାଥ' ମଧ୍ୟ କୁହାଯାଏ । ଅତଏବ ଜୀନନାଥ ହିଁ ଜଗନ୍ନାଥ ସ୍ୱରୂପରେ ପୂଜିତ । ସୂଚନାଯୋଗ୍ୟ ଯେ, ଜଗନ୍ନାଥ ଶବ୍ଦର ଉତ୍ପତ୍ତି ସଂପର୍କରେ ପୂର୍ବରୁ ଏହି ପ୍ରବନ୍ଧରେ ଆଲୋଚନା ହୋଇଥିବାରୁ ତାହାର ପୁନରାଲୋଚନା ନିଷ୍ପ୍ରୟୋଜନ । ଶ୍ରୀମନ୍ଦିର ପରିସରରେ ଅବସ୍ଥିତ କଳ୍ପବୃକ୍ଷକୁ ମଧ୍ୟ ଜୈନ ମତବାଦୀଗଣ ଜୈନଧର୍ମର ପ୍ରତୀକ ଭାବରେ ଗ୍ରହଣ କରିଥାନ୍ତି । ଖାରବେଳ ମଧ୍ୟ ମଗଧରୁ ଜୀନାସନ ସହିତ କଳ୍ପବୃକ୍ଷ ଆଣିଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ରହିଛି । (୮) ଅବଶ୍ୟ, କେଉଁଠାରେ ରଖିଲେ ସେ ସଂପର୍କରେ ସୂଚନା ନାହିଁ । ଏହା ସତ୍ୟ ଯେ, ଜୈନ ତୀର୍ଥଙ୍କର ବୃନ୍ଦ ବୃକ୍ଷମୂଳରେ ତପସ୍ୟାରତ ରହି ଜଗତକୁ ଆଲୋକ ପ୍ରଦାନ କରିଥାନ୍ତି ଏବଂ ଏହି କାରଣରୁ ଜୈନମୂର୍ତ୍ତି ସନ୍ନିକଟରେ ବୃକ୍ଷ ଚିହ୍ନ ରହିଥାଏ । ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ମଧ୍ୟ କଳ୍ପବୃକ୍ଷର ଚିତ୍ର ରହିଅଛି । ଏପରିସ୍ଥଳେ ଶ୍ରୀମନ୍ଦିର କଳ୍ପବୃକ୍ଷକୁ ଜୈନଧର୍ମର ନିଦର୍ଶନ ସ୍ୱରୂପରେ ବିଚାର କରିବା ସମୀଚୀନ ନୁହେଁ । ଅନ୍ୟତମ ଯୁକ୍ତି ହେଉଛି, ଶ୍ରୀମନ୍ଦିରରେ ମହାପ୍ରସାଦକୁ କୈବଲ୍ୟ କୁହାଯାଇଥାଏ, ଯାହାକି ଜୈନଧର୍ମର ଏକ ଅନ୍ତରଙ୍ଗ ବିଭବ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଜୈନଧର୍ମର କେବଳୀ ଭାବରୁ କୈବଲ୍ୟ ଶବ୍ଦର ସୃଷ୍ଟି । (୯) ପ୍ରକୃତ ପକ୍ଷେ କୈବଲ୍ୟ ପ୍ରାପ୍ତି ହିଁ ନିର୍ବାଣ ପ୍ରାପ୍ତି, ଯାହା ଉଚ୍ଚାଙ୍ଗ ସାଧନା ଦ୍ୱାରା ସମ୍ଭବ ହୋଇଥାଏ । ମହାପ୍ରସାଦ ରୂପୀ କୈବଲ୍ୟ ସହିତ ଏହାର ସାମଞ୍ଜସ୍ୟ ନାହିଁ । ଅବଶ୍ୟ ଗବେଷକବୃନ୍ଦଙ୍କ ବିଚାରରୁ ହୃଦ୍‌ବୋଧ ହୁଏ, ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଜୈନଧର୍ମର ପ୍ରଭାବ ବିଦ୍ୟମାନ । କିନ୍ତୁ ଜଗନ୍ନାଥଙ୍କୁ ମୂଳତଃ ଜୈନ ଦେବତା ବିଚାର କରିବା ସାର୍ବଜନୀନ ସିଦ୍ଧାନ୍ତ ନୁହେଁ । ଗବେଷକ ଓ ବିଦ୍ୱାନଙ୍କର ବଳିଷ୍ଠଯୁକ୍ତି ହେଉଛି ଶ୍ରୀଗୁଣ୍ଡିଚା ବା ଆଷାଢ଼ ଶୁକ୍ଳ ଦ୍ୱିତୀୟା ହେଉଛି ଜୈନ ତୀର୍ଥଙ୍କର ଋଷଭନାଥଙ୍କର ଗର୍ଭ କଲ୍ୟାଣ ତିଥି ତଥା ସେହି ତିଥିରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ଜଗନ୍ନାଥ ମୂଳତଃ ଜୈନ ଦେବତା । ସୂଚନାଯୋଗ୍ୟ ଯେ, ମହାଦାରୁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ହେବା କାଳରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଅଛି, ଯେଉଁ ସମୟରେ ଜୈନଧର୍ମର ଉନ୍ମେଷ ଘଟିନଥିଲା । ଅଧିକନ୍ତୁ, ଶ୍ରୀଗୁଣ୍ଡିଚା ତିଥି ଜୈନତୀର୍ଥଙ୍କର ଋଷଭନାଥଙ୍କର ଗର୍ଭ କଲ୍ୟାଣ ତିଥି ବୋଲି କୌଣସି ଜୈନଶାସ୍ତ୍ରରେ ଉଲ୍ଲେଖ ନାହିଁ । ଅତଏବ, ନିର୍ବିବାଦରେ ବ୍ୟକ୍ତ କରାଯାଇପାରେ ଯେ ଜୈନଧର୍ମ ହିନ୍ଦୁଧର୍ମର ଅଂଶ ବିଶେଷ ହୋଇଥିବାରୁ ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଜୈନଧର୍ମର ପ୍ରଭାବ ପଡ଼ିବା ସ୍ୱାଭାବିକ । ଏହାର ଅର୍ଥ ନୁହେଁ ଯେ ଜଗନ୍ନାଥ ମୂଳତଃ ଜୈନ ଦେବତା ।

ଐତିହାସିକ ମନମୋହନ ଗାଙ୍ଗୁଲି, ଗବେଷକ ପିଟର୍‌ସନ, ଅଧ୍ୟାପକ ପ୍ରଭାତ ମୁଖାର୍ଜୀ, ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଓ ଡକ୍ଟର ଗୋପୀନାଥ ମହାପାତ୍ର ପ୍ରଭୃତି ବିଦ୍ୱାନବୃନ୍ଦ ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟଧର୍ମର ଦେବତା ବୋଲି ବିଚାର କରିଛନ୍ତି । ଐତିହାସିକ ଗାଙ୍ଗୁଲିଙ୍କ ମତରେ ଉପନିଷଦ୍ ବର୍ଣ୍ଣିତ ତ୍ରିବର୍ଣ୍ଣ (ଅ+ଉ+ମ୍)ରୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ମୂର୍ତ୍ତିର ପରିକଳ୍ପନା ଉଦ୍ଭବ ହୋଇଛି । (୧୦) ଗବେଷକ ପିଟର୍‌ସନ୍ ମଧ୍ୟ ଏହି ମତର ପ୍ରଚାରକ । ପଣ୍ଡିତ ସଦାଶିବ ମିଶ୍ର ସ୍ୱରଚିତ 'ଜଗନ୍ନାଥ ମନ୍ଦିର' ଏବଂ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ସ୍ୱରଚିତ 'ଶ୍ରୀଜଗନ୍ନାଥ ମନ୍ଦିର ଓ ତତ୍ତ୍ୱ' ପୁସ୍ତକରେ ବିସ୍ତୃତ ଆଲୋଚନା ପୂର୍ବକ ପ୍ରମାଣ କରିଛନ୍ତି ଯେ ଜଗନ୍ନାଥ ମୂଳତଃ ବ୍ରାହ୍ମଣ୍ୟ ଧର୍ମର ଦେବତା । ଗୌରବର କଥା, ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ଶାସ୍ତ୍ର, ପୁରାଣ ଓ ଶିଳାଲେଖ ପ୍ରଭୃତି ଉପାଦେୟ ତଥ୍ୟକୁ ଆଧାର କରି ପ୍ରମାଣ କରିଛନ୍ତି ଯେ କୃଷ୍ଣ ବାସୁଦେବ ଉପାସନା ହିଁ ପୁରୁଷୋତ୍ତମ ଜଗନ୍ନାଥ ଉପାସନାର ମୂଳ ସ୍ୱରୂପ । ତଦନୁରୂପ ଗୋପୀନାଥ ମହାପାତ୍ର ସ୍ୱରଚିତ 'ଶ୍ରୀଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ବହୁବିଧ

ଯୁକ୍ତିଯୁକ୍ତ ପ୍ରମାଣ ଉପସ୍ଥାପନା ପୂର୍ବକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଜଗନ୍ନାଥ ମୂଳତଃ ବ୍ରାହ୍ମଣ୍ୟ ଦେବତା । ଉଲ୍ଲେଖନୀୟ ଯେ, ମହାଭାରତ ଯୁଗ ପରେ କୃଷ୍ଣ ବାସୁଦେବ ଉପାସନା ସାତ୍ତ୍ୱତଧର୍ମ ଭାବରେ ବିକାଶ ଲାଭ କରିଥିଲା । କିନ୍ତୁ ଏହାର ବହୁପୂର୍ବରୁ ପୁରୁଷୋତ୍ତମ ଜଗନ୍ନାଥ ଉପାସନା ପ୍ରଚଳିତ ଥିବାର ବହୁ ପ୍ରମାଣ ଉପଲବ୍ଧ । (୧୧) ଏହି ଦୃଷ୍ଟିକୋଣରୁ ଜଗନ୍ନାଥ ଉପାସନା ଯେ କୃଷ୍ଣ ବାସୁଦେବ ଉପାସନାର ବିକଶିତ ସ୍ୱରୂପ ଭାବିବା ଭୁଲ ହେବ । ପୂର୍ବୋକ୍ତ ଗବେଷକଙ୍କ ବ୍ୟତୀତ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଗୌରୀକୁମାର ବ୍ରହ୍ମା, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ପ୍ରହ୍ଲାଦ ପ୍ରଧାନ, ଡକ୍ଟର ନବୀନ କୁମାର ସାହୁ, ଡକ୍ଟର କରୁଣା ସାଗର ବେହେରା, ଡକ୍ଟର ମନ୍ମଥନାଥ ଦାସ, ଡକ୍ଟର ଗଣେଶ୍ୱର ମିଶ୍ର, ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର, ଡକ୍ଟର ଗୟାଚରଣ ତ୍ରିପାଠୀ, ଷ୍ଟିଟେନ୍‌କ୍ରୋନ୍, ଡକ୍ଟର ହରମାନ କୁଲ୍‌କେ, ଆଙ୍କରଲଟ୍ ଏସ୍‌ମାନ, ପ୍ରଫେସର ଭି. ରାଘବନ୍, ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁ ପ୍ରଭୃତି ବିଜ୍ଞପ୍ରାଜ୍ଞବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କ ସଂପର୍କରେ ଯଥେଷ୍ଟ ଆଲୋକପାତ କରିଛନ୍ତି । କିନ୍ତୁ ଏ ଅବଧି ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା ଦୁର୍ବୋଧ । ଉନବିଂଶ ଶତାବ୍ଦୀର ଶେଷଭାଗରୁ ଭିନ୍ନ ଭିନ୍ନ ଗବେଷକଙ୍କ ଦ୍ୱାରା ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନ ପ୍ରକ୍ରିୟା ଆରମ୍ଭ ହୋଇ ଇତିମଧ୍ୟରେ ଶହେ ବର୍ଷରୁ ଊର୍ଦ୍ଧ୍ୱ କାଳ ବିତିଗଲାଣି । ଗବେଷକଙ୍କ ପ୍ରଦତ୍ତ ତଥ୍ୟ ଦ୍ୱାରା ଜୈନମତ ଓ ବୌଦ୍ଧମତ ପ୍ରଥମେ ଲୋକପ୍ରିୟତା ଲାଭ କରିଥିଲା । ସ୍ୱାଧୀନତା ସମୟକୁ ଅର୍ଥାତ୍ ଗବେଷଣାର ପଚାଶ ବର୍ଷ ପରେ ବୌଦ୍ଧମତ ସବଳ ଓ ଜୈନମତ ଦୁର୍ବଳ ହୋଇ ଶାବର ମତର ପ୍ରାଧାନ୍ୟ ବୃଦ୍ଧି ପାଇଲା । ପରବର୍ତ୍ତୀ କାଳରେ ବ୍ରାହ୍ମଣ୍ୟମତ ସପକ୍ଷରେ ଅଧିକ ତଥ୍ୟ ଓ ତତ୍ତ୍ୱ ଉପଲବ୍ଧ ହୋଇଥିଲେ ହେଁ ଶାବରମତ ସର୍ବାଧିକ ସାର୍ବଜନୀନ ସ୍ୱୀକୃତ ଲାଭ କରିଅଛି । ମହନୀୟତା ହେଉଛି, ବିଜ୍ଞପ୍ରାଜ୍ଞ ଗବେଷକବୃନ୍ଦ ନୂତନ ନୂତନ ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନ ପୂର୍ବକ ଗବେଷଣାକୁ ପୁଷ୍ଟ କରିଅଛନ୍ତି । ତଥାପି ପୁରୁଷୋତ୍ତମ ଜଗନ୍ନାଥଙ୍କ ସୃଷ୍ଟି ଓ ଐତିହ୍ୟ ସଂପୂର୍ଣ୍ଣ ଅନୁପଲବ୍ଧ । ଗୁରୁତ୍ୱପୂର୍ଣ୍ଣ ହେଉଛି, ଅଜସ୍ର ଧନ ବ୍ୟୟରେ କେତେକ ଦେଶୀ ଓ ବିଦେଶୀ ଗବେଷକଙ୍କୁ ନେଇ ଯେଉଁ ବିଧିବଦ୍ଧ ଗବେଷଣା ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ଇଂରାଜୀରେ ପୁସ୍ତକ ପ୍ରକାଶନ ହେଲା ସେଥିରେ ଅନେକ ଅଜ୍ଞାତ ତଥ୍ୟ ଲୋକଲୋଚନକୁ ଆସିପାରିଲା, ଅଥଚ ପୁରୁଷୋତ୍ତମ ଜଗନ୍ନାଥ ଅଧିକରୁ ଅଧିକ ରହସ୍ୟମୟ ହୋଇଗଲେ ।

ଗବେଷକମାନଙ୍କୁ ବାଦ୍ ଦେଲେ ସାଧୁ, ସନ୍ଥ, ମହାତ୍ମା ଓ କବି କୋବିଦବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଭିନ୍ନ ଭିନ୍ନ ଭାବରେ ଚିତ୍ରଣ କରିଛନ୍ତି ଏବଂ ଗବେଷକମାନେ ଏଥିରେ ମଧ୍ୟ କିଛିଟା ନିର୍ଭର କରି ତଥ୍ୟ ଓ ତତ୍ତ୍ୱାଶ୍ରୟୀ ହୋଇଛନ୍ତି । ନିରିଖେଇ ଦେଖିଲେ ହୃଦ୍‌ବୋଧ ହୁଏ, ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗନ୍ନାଥ କବିକୋବିଦଙ୍କ ଲେଖନୀରେ ଭିନ୍ନ ଭିନ୍ନ ସ୍ୱରୂପରେ ଚିତ୍ରଣ ହୋଇଛନ୍ତି ତଥା ଜନସମାଜ ସେଥିରେ ବିଶେଷ ପ୍ରଭାବିତ ହୋଇଛନ୍ତି । କାରଣ କବିକୋବିଦଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ ହିଁ ସମାଜର ପ୍ରତିଫଳନ ଓ ଉଚ୍ଚାରଣ । ଏହି ଦୃଷ୍ଟିକୋଣରୁ ସାହିତ୍ୟପ୍ରତି ଦୃଷ୍ଟି ନିକ୍ଷେପ କଲେ ଆମ ଆଗରେ ବେଦ ବିଶ୍ୱର ପ୍ରାଚୀନତମ ସାହିତ୍ୟ ସ୍ୱରୂପରେ ପ୍ରତିଭାତ ହୁଏ । ଅନେକ ଗବେଷକଙ୍କର ମତ, ବେଦରେ ଜଗନ୍ନାଥଙ୍କ ସଂପର୍କରେ କୌଣସି ଉଲ୍ଲେଖ ନାହିଁ । ଏହା ସତ୍ୟ ଯେ, ଜଗନ୍ନାଥଙ୍କ ସଂପର୍କରେ ଉଲ୍ଲେଖ ନଥିଲେ ହେଁ ଦାରୁ ସଂପର୍କରେ ଉଲ୍ଲେଖ ରହିଛି । ସକଳ ଗବେଷକ ଗୋଟିଏ ତଥ୍ୟରେ ଏକମତ ହୋଇଛନ୍ତି ଯେ, ଜଗନ୍ନାଥଙ୍କ ମୂଳସ୍ୱରୂପ ଦାରୁ, ଯାହାକି ତାଙ୍କର ସ୍ୱତନ୍ତ୍ରତା । ପ୍ରାଚୀନତମ ସାହିତ୍ୟ ବେଦରେ ଦାରୁ ଉପାସନାର ପର୍ଯ୍ୟାପ୍ତ ପ୍ରମାଣ ବିଦ୍ୟମାନ ।

'ଅଦୌ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍,
ତଦାରଭସ୍ୟ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।' (୧୨)

ମହତ୍ୱପୂର୍ଣ୍ଣ ହେଉଛି, ଏହି ମନ୍ତ୍ରଟିରେ ସିନ୍ଧୁ ତୀରରେ ଥିବା ଦାରୁ ସଂପର୍କରେ କୁହାଯାଇଛି । ଲବ୍ଧ ପ୍ରତିଷ୍ଠ ଗବେଷକବୃନ୍ଦ ମନ୍ତ୍ରଟିରେ ଗୁରୁତ୍ୱାରୋପ କରିଥିଲେହେଁ ବେଦର ଭିନ୍ନ ଭିନ୍ନ ଭାଷ୍ୟକାରଙ୍କ ବ୍ୟାଖ୍ୟା ସେମାନଙ୍କୁ ସନ୍ଦେହରେ ପକାଇଛି । ତେଣୁ ଗବେଷଣା କାଳରେ ଦାରୁ ଉପାସନାର ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନରେ ବାଧା ଉପୁଜିଛି । ସ୍ମରଣଯୋଗ୍ୟ ଯେ, କେବଳ ଋଗ୍‌ବେଦର ପୂର୍ବୋକ୍ତ ମନ୍ତ୍ରଟିରେ ଦାରୁ ସଂପର୍କରେ ସୂଚନା ପ୍ରଦାନ କରାଯାଇନାହିଁ, ଅଥର୍ବ ବେଦରେ ମଧ୍ୟ ଅନୁରୂପ ମନ୍ତ୍ରଟିଏ ଦୃଷ୍ଟିଗୋଚର ହୋଇଥାଏ ।

'ଅଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋର୍ମଧ୍ୟେ ଅପୁରୁଷମ୍,
ତଦାଲଭସ୍ୱ ଦୁର୍ଦ୍ଦାନୋ ତେନ ଯାହି ପରଂସ୍ଥଳମ୍ ।' (୧୩)

ଏଥିରୁ ହୃଦ୍‌ବୋଧ ହୁଏ, ଋଗ୍‌ବେଦ ରଚନା ସମୟରୁ ଅଥର୍ବ ବେଦ ରଚନା ସମୟ ପର୍ଯ୍ୟନ୍ତ ଦୀର୍ଘକାଳ ସିନ୍ଧୁ ତୀରରେ ଦାରୁ ଉପାସନା ଧାରା ଅବ୍ୟାହତ ରହିଥିଲା । କିନ୍ତୁ ଏହି ଉପାସନା କେଉଁ ସଂପ୍ରଦାୟ ଦ୍ୱାରା ହେଉଥିଲା, ତାହା ହିଁ ପ୍ରଶ୍ନବାଚୀ । ଅବଶ୍ୟ ଆମର ବହୁ ଗବେଷକ ଓ ବିଦ୍ୱାନ ଏହା ଶବରମାନଙ୍କ ଦ୍ୱାରା ହେଉଥିବାର ମତପୋଷଣ କରିଛନ୍ତି । ଏହି ଦୃଷ୍ଟିରୁ ମନ୍ତ୍ର ଦୁଇଟିର ଅର୍ଥ ଓ ତତ୍ତ୍ୱାର୍ଥ ନିର୍ଣ୍ଣୟ କରିବା ପ୍ରାସଙ୍ଗିକ ବୋଧହୁଏ । ବେଦର ପ୍ରାଚୀନ ଭାଷ୍ୟକାରବୃନ୍ଦ ଋଗ୍‌ବେଦର ମନ୍ତ୍ରଟିକୁ ଅଲକ୍ଷ୍ମୀସୂକ୍ତ ରୂପରେ ଅଭିହିତ କରିଛନ୍ତି । ସେମାନଙ୍କ ମତରେ ସାକାର ଉପାସନା ବେଦ ସମ୍ମତ ନୁହେଁ ଏବଂ ଦାରୁ ଉପାସନା ଆର୍ଯ୍ୟୋଚିତ କର୍ତ୍ତବ୍ୟ ନୁହେଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ସିନ୍ଧୁ ତଟରେ ଦାରୁଉପାସନା କୌଣସି ଆର୍ଯ୍ୟେତର ସଂପ୍ରଦାୟ ଦ୍ୱାରା ହେଉଥିଲା ତଥା ଆର୍ଯ୍ୟ ପ୍ରଚେତାବୃନ୍ଦ ଏତାଦୃଶ ଉପାସନାକୁ ଭଲ

ଦୃଷ୍ଟିରେ ନଦେଖି ଅଲକ୍ଷ୍ମୀ ସୂଚକ ମନ୍ତ୍ର ରଚନା କରିଥିଲେ । ପୂର୍ବ ଭାଷ୍ୟକାରଙ୍କ ପଦାଙ୍କ ଅନୁସରଣ ନକରି ସାୟଣାଚାର୍ଯ୍ୟ ଚତୁର୍ଦ୍ଦଶ ଶତାବ୍ଦୀରେ ଆପଣାର ଭାଷ୍ୟରେ ମନ୍ତ୍ରଟି ଦାରୁଦେବତା ପୁରୁଷୋତ୍ତମ ଜଗନ୍ନାଥଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । (୧୪) ଅନେକ ମତପ୍ରଦାନ କରିଥାନ୍ତି ଯେ, ସାୟଣାଚାର୍ଯ୍ୟ ଭାଷ୍ୟରେ 'ପୁରୁଷୋତ୍ତମାଖ୍ୟ' ଉଲ୍ଲେଖ କରିଥିବାରୁ ଅନୁମିତ ହୁଏ ଚତୁର୍ଦ୍ଦଶ ଶତାବ୍ଦୀରେ ପ୍ରବାହିତ ପୁରୁଷୋତ୍ତମ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ଏ ପ୍ରକାର ବ୍ୟାଖ୍ୟା କରିଛନ୍ତି । ବିଜ୍ଞପ୍ରାଜ୍ଞ ଗବେଷକଙ୍କ ମତରେ ସାୟଣାଚାର୍ଯ୍ୟ ମନ୍ତ୍ରଟିକୁ ବ୍ୟାଖ୍ୟା କରିବାର ସିଦ୍ଧାନ୍ତରେ ଦୃଢ଼ ନିଶ୍ଚିତ ନଥିଲେ । କୌଣସି ଭାଷ୍ୟକାରଙ୍କ ବ୍ୟାଖ୍ୟା ଅନୁସରଣ ନକରି ସରଳ ଭାବରେ ମନ୍ତ୍ରଟିର ଅର୍ଥ କଲେ ଜଣାଯାଏ, ଅଦୌ ଅର୍ଥାତ୍ ସଂପ୍ରତି, ଯଦ୍‌ଦାରୁ ବା ଯେଉଁଦାରୁ, ପ୍ଲବତେ ଅର୍ଥାତ୍ ଭାସମାନ, ସିନ୍ଧୋପାରେ ଅର୍ଥାତ୍ ସମୁଦ୍ରରେ, ଅପୁରୁଷମ୍ ଅର୍ଥାତ୍ ପୁରୁଷ ଦ୍ୱାରା ନିର୍ମିତ ନୁହେଁ ବା ଯାହାର କୌଣସି ମାଲିକ ନାହାନ୍ତି, ତଦାରଭସ୍ୱ ଅର୍ଥ ତହିଁରେ ଆରୋହଣ କରି, ଦୁର୍ହଣୋ ଅର୍ଥାତ୍ ଅଲକ୍ଷ୍ମୀ, ତେନଗଚ୍ଛ ପରସ୍ତରମ୍ ଅର୍ଥାତ୍ ଦୂରଦେଶକୁ ପଳାୟନ କର । ସାଧାରଣ ଭାବରେ ବିଚାର କଲେ ମନ୍ତ୍ରଟି ଅଲକ୍ଷ୍ମୀନାଶକ ମନ୍ତ୍ର ରୂପେ ବେଦରେ ପ୍ରତିପାଦିତ । ଅନୁମିତ ହୁଏ, ନିରାକାରବାଦୀ ଆର୍ଯ୍ୟ ପ୍ରଚେତାବୃନ୍ଦ ଅନ୍ୟ ସଂପ୍ରଦାୟର ଦାରୁପୂଜା ପ୍ରତି ଅସହିଷ୍ଣୁ ହୋଇ ସିନ୍ଧୁ ତୀରରେ ପୂଜିତ ବିଶାଳ ଦାରୁ ଆରୋହଣ ପୂର୍ବକ ଦୂରଦେଶ ପଳାୟନର କାମନା କରିଛନ୍ତି ଏହି ମନ୍ତ୍ରଟିରେ ତଥା ପରବର୍ତ୍ତୀକାଳରେ ମନ୍ତ୍ରଟି ଅଲକ୍ଷ୍ମୀନାଶକ ମନ୍ତ୍ର ରୂପେ ବ୍ୟବହୃତ । କେହି କେହି ଗବେଷକ ବିଚାର କରିଥାନ୍ତି ଯେ ଦୁର୍ଭିକ୍ଷର ନିବାରଣ ଚାହୁଁଥିବା ମନୁଷ୍ୟଗଣ ଦାରୁ ଉପରେ ଆରୋହଣ ପୂର୍ବକ ଦୂର ଦେଶକୁ ପଳାୟନ ନିମିତ୍ତ ମନ୍ତ୍ରଟିରେ ଆହ୍ୱାନ ଦିଆଯାଇଛି । ସେ ଯାହାହେଉ, ମନ୍ତ୍ରଟି ଦାରୁଙ୍କ ନିମିତ୍ତ ପ୍ରଯୁଜ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ । ଅଧିକନ୍ତୁ, ଏହି ଦାରୁଙ୍କୁ ଅପୌରୁଷ ଅର୍ଥାତ୍ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ମିତ ନୁହେଁ ବୋଲି କୁହାଯାଇଛି । ଋଗ୍‌ବେଦ କାଳରୁ ଅଥର୍ବବେଦ କାଳ ପର୍ଯ୍ୟନ୍ତ ଦୀର୍ଘକାଳ ଧରି ଏହି ଅପୌରୁଷଦାରୁ ସିନ୍ଧୁ ତୀରରେ ପୂଜା ପାଉଥିବାର ପ୍ରମାଣ ମଧ୍ୟ ମନ୍ତ୍ରଟିର ପୁନରୁକ୍ତିରୁ ଉପଲବ୍ଧ ହୋଇଥାଏ । ମନ୍ତ୍ରଟିରେ 'ତେନ ଗଚ୍ଛ ପରସ୍ତରମ୍' ଉଲ୍ଲିଖିତ ଥିବାରୁ ହୃଦ୍‌ବୋଧ ହୁଏ । ସେହି ଦିବ୍ୟଦାରୁ ଉପାସନାରେ ପରମଲୋକ ପ୍ରାପ୍ତି ହୋଇଥାଏ । ଅଥର୍ବବେଦର ପରବର୍ତ୍ତୀ କାଳୀନ ମହର୍ଷି ସାଂଖ୍ୟାୟନ ସ୍ୱରଚିତ ଭାଷ୍ୟରେ ଉଲ୍ଲେଖ କରିଛନ୍ତି 'ବର୍ତ୍ତମାନ ସମୁଦ୍ରରେ ପୁରୁଷୋତ୍ତମ ନାମକ ଦେବତା ଶରୀର ଭାସୁଅଛି । ନିର୍ମାଣ ରହିତ ଯୋଗୁଁ ସେ ଅପୌରୁଷ । ଏହି ଦାରୁମୟ ଦେବତାଙ୍କ ଉପାସନା କରିବା ଲୋକ ବୈଷ୍ଣବଲୋକକୁ ଗମନ କରନ୍ତି ।' ଏଥିରୁ ପ୍ରମାଣିତ ହେଉଛି ବୈଦିକ କାଳର ଶେଷ ସମୟରେ ଅଣଆର୍ଯ୍ୟଙ୍କ ଦାରୁପୂଜା ଆର୍ଯ୍ୟମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା ତଥା ଅପୌରୁଷ ଦାରୁ ପୁରୁଷୋତ୍ତମ ମାନ୍ୟତା ଲାଭ ପୂର୍ବକ ପରମଲୋକ ପ୍ରାପ୍ତିର ଅବଲମ୍ବନ ଭାବରେ ପ୍ରତିଭାତ ହୋଇଥିଲେ ।

ବୈଦିକକାଳୀନ ଭାରତବର୍ଷରେ ତିନିଗୋଟି ସଂସ୍କୃତି ଓ ସଭ୍ୟତା ମୁଣ୍ଡଟେକି ଥିଲା । ଉତ୍ତର-ପଶ୍ଚିମ ଭୂଖଣ୍ଡରେ ଆର୍ଯ୍ୟ ସଭ୍ୟତା, ଦକ୍ଷିଣ-ପୂର୍ବ ଭୂଖଣ୍ଡରେ ଦ୍ରାବିଡ଼ ସଭ୍ୟତା ତଥା ବିନ୍ଧ୍ୟାଞ୍ଚଳ ସମେତ ମଧ୍ୟ ଭୂଖଣ୍ଡରେ ଶବର ସଭ୍ୟତାର ପ୍ରାବଲ୍ୟ ବୈଦିକ ଯୁଗରେ ଥିଲା ବୋଲି ବିଦ୍ୱାନମାନେ ବିଶ୍ୱାସ କରନ୍ତି । ବୈଦିକ ସାହିତ୍ୟରେ ଦ୍ରାବିଡ଼ମାନଙ୍କୁ ଅସୁର ବା ଦୈତ୍ୟ ଏବଂ ଶବରମାନଙ୍କୁ ନିଷାଦ, ବ୍ୟାଧ ପ୍ରଭୃତି ନାମରେ ପରିଚିହ୍ନିତ କରାଯାଇଛି । ଆର୍ଯ୍ୟମାନଙ୍କ ସଦୃଶ ଦ୍ରାବିଡ଼ମାନେ ପୁର, ନଗର ଓ ଦୁର୍ଗ ନିର୍ମାଣ ପୂର୍ବକ ବସତି ସ୍ଥାପନ କରୁଥିଲେ ଏବଂ ଶବରମାନେ ପଲ୍ଲୀରେ ନିବାସ କରୁଥିଲେ । ଆର୍ଯ୍ୟମାନଙ୍କ ଧର୍ମଧାରଣାଠାରୁ ଦ୍ରାବିଡ଼ମାନଙ୍କ ଧର୍ମଧାରଣା ଭିନ୍ନ ଥିଲା । ଆର୍ଯ୍ୟମାନେ କୌଣସି ଦେବଦେବୀଙ୍କୁ ବୈଦିକ କାଳରେ ପୂଜା କରୁନଥିଲେ ହେଁ ଦ୍ରାବିଡ଼ମାନେ ନାଗ, ସର୍ପ, ମଗର ଓ ହାତୀ ପ୍ରଭୃତିଙ୍କର ପ୍ରତୀକାତ୍ମକ ଉପାସନା କରୁଥିଲେ । (୧୫) ସେମାନେ ଏତାଦୃଶ ପୂଜା ଶବରମାନଙ୍କଠାରୁ ଶିକ୍ଷା କରିଥିଲେ ବୋଲି ଗବେଷକମାନେ ବିଶ୍ୱାସ କରନ୍ତି । ଦ୍ରାବିଡ଼ମାନେ ବୃକ୍ଷ ଉପାସକ ଥିବାର ପ୍ରମାଣ ମଧ୍ୟ ଉପଲବ୍ଧ ହୋଇଛି । (୧୬) ମହେଞ୍ଜୋଦାର ଓ ହରପ୍ପାର ଭୂଖନନ ଫଳରେ ଏତାଦୃଶ ପ୍ରତୀକାତ୍ମକ ଉପାସନାର ସନ୍ଦେଶ ମିଳିଥିବାରୁ ଅନୁମିତ ହୁଏ ଦ୍ରାବିଡ଼ମାନଙ୍କ ଦ୍ୱାରା ପ୍ରଥମେ ଏହି ଅଞ୍ଚଳରେ ସଭ୍ୟତାର ବିକାଶ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ସେମାନେ ଦକ୍ଷିଣ-ପୂର୍ବ ଦିଗକୁ ଆର୍ଯ୍ୟମାନଙ୍କ ଦ୍ୱାରା ବିତାଡ଼ିତ ହେଲେ । ବିଶେଷତଃ, ଋଗ୍‌ବେଦ ରଚନା କାଳରେ ଦ୍ରାବିଡ଼ମାନେ ଦ୍ରମିଳ, ଦୈତ୍ୟ, ଦାସ ଓ ଦସ୍ୟୁ ନାମରେ ଆର୍ଯ୍ୟ ସମାଜରେ ପରିଚିତ ଥିଲେ । (୧୭) ସେମାନେ ଦକ୍ଷିଣ ଓ ପୂର୍ବ ଭାରତରେ ଆସି ସ୍ଥାୟୀ ବସବାସ ଆରମ୍ଭ କରିଥିଲେ ତଥା ଶବରମାନଙ୍କର ବୃକ୍ଷ ଉପାସନାକୁ ଆପଣାର କରି ନେଇଥିଲେ । (୧୮) ଏତଦ୍‌ଭିନ୍ନ ସେମାନେ ମୂର୍ତ୍ତି ଓ ଲିଙ୍ଗ ପୂଜା ମଧ୍ୟ କରୁଥିଲେ, ଯାହାକି ଆର୍ଯ୍ୟ ଗୋଷ୍ଠୀ ଦ୍ୱାରା ନିନ୍ଦନୀୟ କାର୍ଯ୍ୟ ରୂପେ ବିବେଚନା କରାଯାଉଥିଲା । ପ୍ରମାଣିତ ହୁଏ, ସେହି ଦ୍ରାବିଡ଼ ଗୋଷ୍ଠୀର ଏକ ଶାଖା ପୂର୍ବ ମହୋଦଧି ତୀରରେ ଏକ ବିଶାଳକାୟ ଚତଃଶାଖାଯୁକ୍ତ ମହାଦାରୁ ଭାସିଆସି କୂଳରେ ଲାଗିଥିବାର ଦେଖି ସେଠାରେ ସ୍ଥାୟୀବସତି ସ୍ଥାପନ ପୂର୍ବକ ସେହି ଅପୌରୁଷ ଦାରୁର ଉପାସନା କରିଥିଲେ । ଦ୍ରାବିଡ଼ମାନଙ୍କର ଏହି ଦାରୁ ଉପାସନା ସଂପର୍କରେ ବୈଦିକ ଆର୍ଯ୍ୟଗୋଷ୍ଠୀ ଅବଗତ ଥିଲେ ତଥା ତତ୍‌ସଂପର୍କିତ ମନ୍ତ୍ର ରଚନା କରିଥିଲେ । ଏପରିକି, ଦୁର୍ଗ ନଗର ଓ ପୁର ନିର୍ମାଣରେ ଧୁରନ୍ଧର ଦ୍ରାବିଡ଼ଗୋଷ୍ଠୀ ଏକ ବିଶାଳସ୍ତୂପ ନିର୍ମାଣ ପୂର୍ବକ ଦାରୁ ଉପାସନା କରୁଥିବାର ପ୍ରମାଣ ସଂସ୍କୃତ ମହାଭାରତର ବନପର୍ବରୁ ପରିଦୃଷ୍ଟ ହୋଇଥାଏ । (୧୯) ଶବରମାନେ ସ୍ତୂପ ନିର୍ମାଣ କୌଶଳ

ଜାଣିନଥିବାରୁ ହୃଦ୍‌ବୋଧ ହୁଏ, ଦ୍ରାବିଡ଼ ଗୋଷ୍ଠୀ ହିଁ ସମୁଦ୍ର ତୀରରେ ଦାରୁ ଉପାସନା କରୁଥିଲେ ।

ପୁରୁଷୋତ୍ତମ ଜଗନ୍ନାଥଙ୍କ ଉପାସନାର ଧାରା, ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଦଇତାମାନେ ହିଁ ତାଙ୍କର ଆଦ୍ୟ ଓ ଶ୍ରୀଅଙ୍ଗ ସେବକ । ସ୍ନାନ ପୂର୍ଣ୍ଣିମାଠାରୁ ଅଣସର, ରଥଯାତ୍ରା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସକଳ ପୂଜାକାର୍ଯ୍ୟ ଦଇତାମାନେ ହିଁ ନିର୍ବାହ କରିଥାନ୍ତି । ଏପରିକି ନବକଳେବର, ବ୍ରହ୍ମ ସ୍ଥାପନ ଓ ଅନ୍ୟାନ୍ୟ ଗୁପ୍ତପୂଜା ମଧ୍ୟ ଦଇତାମାନଙ୍କ ଉପରେ ନ୍ୟସ୍ତ । ଉଲ୍ଲେଖଯୋଗ୍ୟ, ଏହିସବୁ ପୂଜା ସେମାନେ ବୈଦିକ ବିଧିରେ ନକରି ସେମାନଙ୍କର ପାରମ୍ପରିକ ରୀତିରେ କରିଥାଆନ୍ତି । ଏଥିରୁ ପ୍ରମାଣିତ ହେଉଛି, ଅଣଆର୍ଯ୍ୟ ଦଇତାମାନେ ହିଁ ପ୍ରଥମେ ଦାରୁପୂଜା ବେଦବାହ୍ୟ ବିଧିରେ ଆରମ୍ଭ କରିଥିଲେ ତଥା ପୂଜା ଉପାସନାର ଯୁଗୋପଯୋଗୀ କ୍ରମବିକାଶ ସାଧିତ ହୋଇଥିଲେହେଁ, ଦଇତାମାନେ ସେମାନଙ୍କ ମୂଳ ଅଧିକାର ଏ ପର୍ଯ୍ୟନ୍ତ ହରାଇନାହାନ୍ତି । ପ୍ରକୃତରେ ଦଇତା ଶବ୍ଦ ହିଁ ଦୈତ୍ୟ ଶବ୍ଦର ଅପଭ୍ରଂଶ । (୨୦) ସେମାନେ ଦୈତ୍ୟ, ଦଇତା ଯେଉଁ ପର୍ଯ୍ୟାୟଭୁକ୍ତ ହେଲେ ହେଁ ଜଗନ୍ନାଥଙ୍କ ପ୍ରଥମ ସେବକ ଏଥିରେ କାହାର ଦ୍ୱିମତ ନାହିଁ । କେତେକ ପୁରାଣକାର ଓ ବିଦ୍ୱାନ ସେମାନଙ୍କୁ ଶବର ରାଜ ବିଶ୍ୱାବସୁଙ୍କ ବଂଶଧର ବୋଲି ବିଚାର କରିଛନ୍ତି । କିନ୍ତୁ ନୃତତ୍ତ୍ୱ ଦୃଷ୍ଟିରୁ ବିବେଚନା କଲେ ଦୟିତାମାନେ ଶବର ବଂଶଧର ନୁହନ୍ତି ବୋଲି ହୃଦ୍‌ବୋଧ ହୁଏ । ଅଦ୍ୟାବଧି ଶବରମାନଙ୍କର ମନ୍ଦିର ପ୍ରବେଶାଧିକାର ସାର୍ବଜନୀନ ସ୍ୱୀକୃତି ଲାଭ କରି ନାହିଁ । ଏପରିକି ଶ୍ରୀମନ୍ଦିରରେ ମଧ୍ୟ ଏ ପର୍ଯ୍ୟନ୍ତ ଶବରମାନେ ପ୍ରବେଶାଧିକାର ପାଇନାହାନ୍ତି । ଦଇତାମାନଙ୍କୁ ଦ୍ରାବିଡ଼ ଗୋଷ୍ଠୀ ବା ଦୈତ୍ୟମାନଙ୍କ ବଂଶଧର ବିଚାର କରିବାରେ କୌଣସି ଅସୁବିଧା ନାହିଁ । ଦୈତ୍ୟମାନେ ଯୁଗେ ଯୁଗେ ବେଦବିରୋଧୀ ତଥା ଏପର୍ଯ୍ୟନ୍ତ ତାଙ୍କରି ବଂଶଧର ଦଇତାମାନେ ଜଗନ୍ନାଥଙ୍କଠାରେ ବେଦବାହ୍ୟ ଉପାସନା ପଦ୍ଧତି ଆରୋପିତ କରି ଆସିଛନ୍ତି । ମହନୀୟତା ହେଉଛି, ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଦାରୁ ଉପାସନାରେ ପ୍ରଭାବିତ ହୋଇ ଆର୍ଯ୍ୟମାନେ ପୂଜିତ ମହାଦାରୁକୁ ଚତୁର୍ଦ୍ଧାମୂର୍ତ୍ତିରେ ରୂପାନ୍ତରିତ କରିଥିଲେହେଁ ଦଇତାମାନେ ଜନ୍ମୋତ୍ସବ, ଅଣସର, ରଥଯାତ୍ରା, ନବକଳେବର, ବ୍ରହ୍ମସ୍ଥାପନା ଓ ଗୁପ୍ତ ପୂଜା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ସେବାପୂଜାରେ ଆପଣା ଅଧିକାରରୁ ବଞ୍ଚିତ ହୋଇନାହାନ୍ତି । ଆର୍ଯ୍ୟମାନେ ଦାରୁ ଉପାସନାକୁ ଆର୍ଯ୍ୟ ଭାବାପନ୍ନ କରିବାର ପରମ ସତ୍ୟଟିକୁ ପୁରାଣକାରବୃନ୍ଦ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ରୂପେ ବର୍ଣ୍ଣନା କରିବା ଛଳରେ ସ୍ୱୀକାର କରିଯାଇଛନ୍ତି । ପ୍ରମାଣିତ ହୁଏ, ମହୋଦଧି କୂଳରେ ପ୍ରଥମେ ଦ୍ରାବିଡ଼ମାନଙ୍କ ଦ୍ୱାରା ଦାରୁ ଉପାସନା ଆରମ୍ଭ କରାଯାଇଥିଲେ ହେଁ ପରବର୍ତ୍ତୀ କାଳରେ ଦୈତ୍ୟ ଦେବତା ଦାରୁ ଆର୍ଯ୍ୟମାନଙ୍କର ଦାରୁଦେବତାରେ ରୂପାନ୍ତରିତ ହୋଇଥିଲେ । ଫଳରେ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କର ମିଳନାତ୍ମକ ପ୍ରକ୍ରିୟା ଆରମ୍ଭ ହୋଇ ପୁରୁଷୋତ୍ତମ ଜଗନ୍ନାଥ ଉପାସନାରେ ଅବୈଦିକ ଓ ବୈଦିକ ବିଧିବିଧାନର ମହାମିଳନ ସଂଘଟିତ ହୋଇଛି । ଇତିମଧ୍ୟରେ ଦ୍ରାବିଡ଼ବଂଶୀ ଦଇତାଗଣ ଆର୍ଯ୍ୟ ଭାବାପନ୍ନ ହୋଇ ଆର୍ଯ୍ୟ ପୁରୋଦୃଷ୍ଟିରେ ଜୀବନଚର୍ଯ୍ୟା ନିର୍ବାହ ପୂର୍ବକ ଆର୍ଯ୍ୟଗୋଷ୍ଠୀଭୁକ୍ତ ହୋଇଗଲେଣି, ଅଥଚ ଜଗନ୍ନାଥଙ୍କଠାରେ ଅବୈଦିକ ପୂଜାବିଧି ଅବ୍ୟାହତ ରଖି ସେମାନଙ୍କ ପରମ୍ପରାର ପରିଧି ଭିତରେ ଆତ୍ମିକ ସନନ୍ଦ ରୂପେ ଠାକୁରଙ୍କର ଏକାନ୍ତ ଆପଣାର ହୋଇପାରିଛନ୍ତି । ଅପରପକ୍ଷରେ ସମଗ୍ର ବିଶ୍ୱକୁ ଆର୍ଯ୍ୟଭାବାପନ୍ନ କରିବା ନିମିତ୍ତ ସଂସ୍କାରବାଦୀ ଆର୍ଯ୍ୟଗଣ ଦ୍ରାବିଡ଼ମାନଙ୍କ ଉପାସିତ ମହାଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ବୈଦିକ ବିଧିରେ ଉପାସନାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଆର୍ଯ୍ୟଗୋଷ୍ଠୀ ବେଦ ବର୍ଣ୍ଣିତ ନିର୍ଗୁଣ ଭାଷ୍ୟକୁ ଦାରୁନିର୍ମିତ ମୂର୍ତ୍ତିରେ ସଗୁଣ ଭାଷ୍ୟ ରୂପେ ପ୍ରତିପାଦନ କରିବା କାମନାରେ ଅପାଣିପାଦ ମୂର୍ତ୍ତି ନିର୍ମାଣ କରିଛନ୍ତି । ଏହାଦ୍ୱାରା ବେଦ ବର୍ଣ୍ଣିତ ବ୍ରହ୍ମାକ୍ଷର ପ୍ରଣବକୁ ଦାରୁମୂର୍ତ୍ତିରେ ରୂପାୟିତ କରି ବିଶ୍ୱବନ୍ଦ୍ୟ କରିବାର ପ୍ରଚେଷ୍ଟା ହୋଇଛି । ଏହି ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗଟି ପରବର୍ତ୍ତୀ କାଳରେ ରଚିତ ସ୍କନ୍ଦ ପୁରାଣରେ ସୂଚାଇ ଦିଆଯାଇଛି ।

‘ଅହୋ ତବାୟ ଖଳୁ ଭାଗ୍ୟରାଶି ର୍ଯେନା ବିରାସୀଦ୍‌ଭୁବି ଦାରୁମୂର୍ତ୍ତି
ଯସ୍ୟାପ୍ୟୁପାସ୍ତିଂ ଶ୍ରୁତିରାହମୁକ୍ତି ପ୍ରଦାନମାସ୍ୱଞ୍ଚ ବିମୋହିତନାମ୍
ଯ(ସ) ଏଷ ପ୍ଳବତେ ଦାରୁଃ ସିନ୍ଧୁପାରେହ୍ୟ ପୌରୁଷଃ
ତମୁପାସ୍ୟ ଦୁରାରାଧଂ ମୁକ୍ତି ଯାତି ସୁଦୁର୍ଲଭମ୍ ।’ (୨୧)

ଶ୍ଳୋକଟି ଋଗ୍‌ବେଦ ଓ ଅଥର୍ବବେଦ ମନ୍ତ୍ର ଅନୁସରଣରେ ରଚିତ ହୋଇ ଆର୍ଯ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ଉଦ୍ଦିଷ୍ଟ ହୋଇଥିଲେହେଁ ଦ୍ରାବିଡ଼ ପୂଜିତ ଦାରୁରୁ ନିର୍ମିତ ମୂର୍ତ୍ତିର ମହନୀୟତା ହିଁ ପ୍ରତିପାଦିତ । ଏଥିରେ ଦାରୁମୂର୍ତ୍ତିର ବୈଚିତ୍ର୍ୟ ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦତ୍ତ । ସ୍କନ୍ଦ ପୁରାଣ ଉଲ୍ଲିଖିତ ଅନ୍ୟ ଏକ ଶ୍ଳୋକରେ ମଧ୍ୟ ପ୍ରତିମାବାଦର ଝଲକରେ ପ୍ରତୀକବାଦର ରହସ୍ୟ ଉନ୍ମୋଚିତ ।

ନେକାନୈକ ସ୍ଥୂଳ ସୂକ୍ଷ୍ମାଣୁ ମୂର୍ତ୍ତେ
ବ୍ୟୋମାତୀତଂ ବ୍ୟୋମରୂପଂ ପ୍ରକାଶଂ
ବ୍ୟୋମାକାରଂ ବ୍ୟାପିନୋ ବ୍ୟୋମସଂସ୍ଥ
ବ୍ୟୋମାରୂଢ଼ଂ ବ୍ୟୋମ କେଶାଦ୍ଧ ଯୋନେ । (୨୨)

ଏହି ଶ୍ଳୋକର ଅର୍ଥ ହେଉଛି ଦାରୁମୂର୍ତ୍ତି ଏକ ଅଥଚ ଅନେକ, ସ୍ଥୂଳ, ସୂକ୍ଷ୍ମ, ସଗୁଣ, ନିର୍ଗୁଣ, ଶୂନ୍ୟ, ଅଶୂନ୍ୟର ପ୍ରତୀକ । ଏପରି ଲକ୍ଷଣର ମୂର୍ତ୍ତି ବିରଳ ହେଲେ ହେଁ ବେଦ ବର୍ଣ୍ଣିତ ପୂର୍ଣ୍ଣ ବ୍ରହ୍ମଙ୍କୁ ଆର୍ଯ୍ୟ ପ୍ରଚେତାବୃନ୍ଦ ପରମପୁରୁଷ ରୂପରେ ମୂର୍ତ୍ତିମନ୍ତ କରି ନିର୍ଗୁଣ ନିରାକାର ନିର୍ବିକଳ୍ପ ବ୍ରହ୍ମଙ୍କୁ ଜଗତ କଲ୍ୟାଣ କାମନାରେ ରୂପବନ୍ତ କରିଛନ୍ତି । ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଗନ୍ନାଥଙ୍କ ପୂଜାବିଧିରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲେ ହେଁ ଅଦ୍ୟାବଧି ବଳଭଦ୍ରଙ୍କୁ ଅ'କାର, ସୁଭଦ୍ରାଙ୍କୁ

ଉ'କାର ଓ ଜଗନ୍ନାଥଙ୍କୁ ମ'କାର ରୂପେ ଚିନ୍ତନ କରାଯାଇ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ବେଦର ନିଷ୍କର୍ଷ ଓଁକାର ସ୍ୱରୂପରେ ପୂଜା କରାଯାଉଛି ।

ଅତଏବ, ନିର୍ବିବାଦରେ ବ୍ୟକ୍ତ କରାଯାଇ ପାରେ ଯେ, ଦ୍ରାବିଡ଼ ଉପାସିତ ମହାଦାରୁ ଆର୍ଯ୍ୟ ପୁରୋଦୃଷ୍ଟିରେ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ମାନ୍ୟତାରେ ରୂପବନ୍ତ ହୋଇ ନୀଳାଚଳରେ ପୂଜା ପାଇ ଆସୁଛନ୍ତି । ଏହା ହିଁ ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା । ପରବର୍ତ୍ତୀ କାଳରେ ଅଗଣିତ ମୁନି, ଋଷି, ମହାତ୍ମା, ସାଧୁ, ସନ୍ଥ ଓ ଦାର୍ଶନିକ ଏହି ଦାରୁଦେବତାଙ୍କୁ ଆପଣା ଆପଣା ଦୃଷ୍ଟିରେ ଦର୍ଶନ କରିଥିଲେ ହେଁ ତାଙ୍କ ମୌଳିକତା ଅକ୍ଷୁଣ୍ଣ ରହିଛି । ଏପରିକି, ଯୁଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈନମତ, ବୌଦ୍ଧମତ, ତନ୍ତ୍ରମତ, ଶାକ୍ତମତ, ବୈଷ୍ଣବମତ, ନାଥମତ ପ୍ରଭୃତି ଦାରୁଦେବତାଙ୍କଠାରେ ଆରୋପିତ କରାଯାଇଥିଲେ ହେଁ ତାଙ୍କ ମୌଳିକତା ପ୍ରତି ଅଦ୍ୟାବଧି ବିପଦ ସୃଷ୍ଟି ହୋଇନାହିଁ । ଅଧିକନ୍ତୁ, ବିଭିନ୍ନ ମତବାଦୀ ତାଙ୍କୁ ଆପଣା ଗୋଷ୍ଠୀର ଦେବତା ବୋଲି ପ୍ରମାଣ କରିବାର ପ୍ରୟାସ କରିଥିଲେ ହେଁ ସେ କୌଣସି ଗୋଟିଏ ଗୋଷ୍ଠୀର ସୀମା ସରହଦରେ ଆବଦ୍ଧ ନହୋଇ ଜଗତର ନାଥ ଜଗନ୍ନାଥ ନାମରେ ମହିମାବନ୍ତ ହୋଇଛନ୍ତି ତଥା ଆପଣା ସୃଷ୍ଟିର ରହସ୍ୟ ଉନ୍ମୋଚନକାରୀଙ୍କ ପାଣ୍ଡିତ୍ୟ, ବାଦବିସମ୍ବାଦ, ତର୍କବିତର୍କ ଓ ଆଲୋଚନା ପ୍ରତି ଆଲୋଚନାରେ ନିର୍ବାକ, ନିଷ୍କଳ ଏବଂ ନିର୍ବିକାର ହୋଇଯାଇଛନ୍ତି ।

'ସ୍ମାରଂ ସ୍ମାରଂ ସ୍ୱଗୃହ ଚରିତଂ ଦାରୁଭୂତୋ ମୁରାରି ।'

**ପାଦଟୀକା :**


୧. ଓଡ଼ିଶା ଇତିହାସ - ଡକ୍ଟର ହରେକୃଷ୍ଣ ମହତାବ, 'ଓଡ଼ିଶାର ଧର୍ମ ପରିଚ୍ଛେଦ', ପୃ.୫୫୪ ।

୨. ଦାରୁଦେବତା - ଡକ୍ଟର ବେଣୀଧର ପାଢ଼ୀ, ପୃ.୫୨ ।

୩. The land of Vishnu - Dr. G. Mohapatra

୪. ଶ୍ରୀଜଗନ୍ନାଥ ତତ୍ତ୍ୱ - ଡକ୍ଟର ଗୋପୀନାଥ ମହାପାତ୍ର, ପୃ.୬ ।

୫. ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର ଐତିହାସିକତା - କେଦାରନାଥ ମହାପାତ୍ର (ଭଞ୍ଜ ପ୍ରଦୀପ, ଆଶ୍ୱିନ-୧୩୪୬) ।

୬. ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ - ପଣ୍ଡିତ ନୀଳକଣ୍ଠ ଦାସ (ଝଙ୍କାର, ଦଶମ ବର୍ଷ, ଦ୍ୱିତୀୟ ସଂଖ୍ୟା, ପୃ.୧୯୦) ।

୭. ଦାରୁଦେବତା, ପୃ.୧୧୩-୧୩୬ ।

୮. ଓଡ଼ିଶା ଇତିହାସ - ପୃ.୨୬ ।

୯. ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ପଣ୍ଡିତ ନୀଳକଣ୍ଠ ଦାସ ।

୧୦. Vaishnavisim in Orissa, P. Mukherjee, p.18

୧୧. ପୁରୁଷୋତ୍ତମ ଜଗନ୍ନାଥ ଉପାସନାର ପ୍ରାଚୀନତା - ଅନ୍ତର୍ଯ୍ୟାମୀ ମିଶ୍ର (ଝଙ୍କାର, ୫୩ ବର୍ଷ,୩ୟ ସଂଖ୍ୟା) ।

୧୨. ଋଗବେଦ, ୧୦ମ ମଣ୍ଡଳ, ୧୫୫ ସୂକ୍ତ, ୩ୟ ମନ୍ତ୍ର

୧୩. ଅଥର୍ବ ବେଦ

୧୪. ଋଗବେଦ ସଂହିତା, ପୃ.୮୪୧

୧୫. The History & Culture of Indian People, Vol.-I-P-152, Ed. by R.C. Majumdar

୧୬. Ibid - p.147

୧୭. ଦାରୁଦେବତା - ପୃ.୭୨

୧୮. Cambridge History of India wheels, p.83

୧୯. ମହାଭାରତ, ବନପର୍ବ, ୧୧୪ ଅ. ୨୨ ଶ୍ଲୋ

୨୦. ଦାରୁଦେବତା, ପୃ.୫୪

୨୧. ସ୍କନ୍ଦ ପୁରାଣ, ଉତ୍କଳଖଣ୍ଡ, ୧୧ଶ ଅଧ୍ୟାୟ

୨୨. ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମହାତ୍ମ୍ୟ - ୧୯/୨୮



ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡେମୀ, ଢେଙ୍କାନାଳ






# ବୈଦିକ ଆକାଶରୁ ବଡ଼ଦାଣ୍ଡ : ପ୍ରସଙ୍ଗ ରଥ ପରମ୍ପରା

ଡକ୍ଟର ସନ୍ତୋଷ ତ୍ରିପାଠୀ

ଆଧିଭୌତିକ ପ୍ରଶାନ୍ତି, ମାନବୀୟ ସମତା, ସାଂସ୍କୃତିକ ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠାକ୍ରମେ ଶ୍ରୀକ୍ଷେତ୍ରର ଶ୍ରୀଦାଣ୍ଡରେ ଶ୍ରୀଜଗନ୍ନାଥଙ୍କ ମାନବବାଦୀ ମହୋତ୍ସବ 'ଶ୍ରୀଗୁଣ୍ଡିଚା-ରଥଯାତ୍ରା' ଶତାବ୍ଦୀ ଶତାବ୍ଦୀ ଧରି ବିଚିତ୍ର ଭାବକଳ୍ପର ତରଙ୍ଗ ଖେଳାଇ ଆସିଛି । ରଥଯାତ୍ରାର ଅହେତୁକ ଦୃଶ୍ୟ ଓ ପବିତ୍ର ଭାବ ପ୍ରତି ସମ୍ବତ୍ସରରେ ନୂଆ ନୂଆ ପ୍ରକାରେ ସାଧାରଣ ଦର୍ଶକକୁ ଭକ୍ତରେ, ଭକ୍ତକୁ ଭାବୁକରେ, ଭାବୁକକୁ ବିଚିତ୍ରକଳ୍ପ କବିରେ ଓ କବିକୁ ପରମାର୍ଥଦର୍ଶୀ ରଷିକ ଆତ୍ମାରେ ପରିଣତ କରିଆସିଛି । ରଥର ଯାତ୍ରା ପଥରେ ପରମ ଗତିପଥର ଆକର୍ଷଣକୁ, ରଥ ଉପରେ ପରମାତ୍ମା ବାମନଙ୍କ ପତିତପାବନ ରୂପକୁ ଓ ରଥନାଦରେ ଅପାର୍ଥିବଙ୍କ ଆହ୍ୱାନକୁ ଦେଖି, ଧ୍ୟାୟୀ ଓ ଶୁଣି ମର୍ତ୍ତ୍ୟବ୍ୟ ଜୀବନର ସକଳ ଅଳୀକତାକୁ ବିସ୍ମରିଯାଇ ପରମ ପ୍ରଶାନ୍ତିକୁ ପାର୍ଥିବ ଆତ୍ମା ଲୋଡ଼ିବାର ଅବକାଶ ପାଇଛି ।

ଏବଂବିଧ ଭାବାବେଗର ବାସ୍ନା, ଆଧାତ୍ମିକ ଅଭିଳାଷ ଓ ଉଚ୍ଚାଙ୍ଗ ଦୃଷ୍ଟିକୋଣକୁ ଆଧାର କରି ଓଡ଼ିଶୀ ଐତିହ୍ୟକଳ୍ପର ବଡ଼ଦାଣ୍ଡରେ ରଥାରୋହୀ ବ୍ରହ୍ମଚତୁର୍ଦ୍ଧାମୂର୍ତ୍ତିଙ୍କ ବିସ୍ମୟକର ରହସ୍ୟବୃତ୍ତରେ ଅନୁବନ୍ଧିତ ହୋଇ ଅଲୌକିକ ଭାବନାର ବିମୁଗ୍ଧ ଶବ୍ଦକ୍ରୀଡ଼ା ଶାସ୍ତ୍ରକାର, ପୁରାଣକାର ଓ କବିମାନେ କରିଆସିଛନ୍ତି । ଏତଦ୍‌ବ୍ୟତୀତ ଲୌକିକ-ଅଲୌକିକ, ଭୂମିକଳ୍ପ-ଭୂମାକଳ୍ପ, ଇନ୍ଦ୍ରିୟ-ଇନ୍ଦ୍ରିୟୋତ୍ତର, ସାକାର-ନିରାକାର, ସସୀମ-ଅସୀମ ଓ ଲଭ୍ୟ-ଅଲଭ୍ୟ ଆଦି ମହାନୁଭବର ବିଚିତ୍ର ଲୀଳାର ସ୍ମାରକୀ ରଥଯାତ୍ରାର ବିଧାନ ଭିତରେ ଆମ ସାଂସ୍କୃତିକ ପରମ୍ପରା ଓ ଗଣପ୍ରତ୍ୟୟାତ୍ମକ ଅସ୍ମିତା ସମୀଭୂତ ହୋଇରହିଛି । ଶ୍ରୀଜଗନ୍ନାଥ ଚେତନା, ପ୍ରତ୍ୟୟ ଓ ପ୍ରତୀକାତ୍ମକ ଲୋକବୃତ୍ତିକୁ ଆଶ୍ରୟ କରି ଆମ ସାଂସ୍କୃତିକ ଭାବମାନସ ଓ ଆଧାତ୍ମିକ ସଂରଚନା ମଧ୍ୟରେ ଜୈନ, ବୌଦ୍ଧ, ବ୍ରାହ୍ମଣ୍ୟ, ଶୈବ, ସୌର, ଶାକ୍ତ୍ୟ, ଗାଣପତ୍ୟ, ବୈଷ୍ଣବ, ବ୍ରାତ୍ୟ ଓ ଆଦିବାସୀ ଶାବରୀୟ ଧର୍ମଧାରାର ସମ୍ମିଶ୍ରଣ ଘଟିଛି । ଏହି ସମ୍ମିଶ୍ରଣର ସ୍ୱାଭିମାନୀ ସ୍ୱରୂପକୁ ରଥଯାତ୍ରାର ବିଧି-ଅନୁବିଧିରେ ସହଜରେ ଲକ୍ଷ୍ୟ କରାଯାଇଥାଏ । ଉଭୟ ଶାସ୍ତ୍ରୀୟ ଓ ଲୌକିକ ସମ୍ବେଗ ମଧ୍ୟରେ ରଥଯାତ୍ରା ଗଣ-ମହୋତ୍ସବର ମାନ୍ୟତା ପାଇଆସିଛି ।

ଦୈବତ-ଭାବ ବିଶ୍ୱାସୀ ଭାରତୀୟ ପରମ୍ପରାରେ ଉପାସ୍ୟ ଦେବାଦେବୀଙ୍କୁ ସମ୍ମାନ କରି, ଶ୍ରଦ୍ଧାକରି, ବ୍ରାତିକ ଭାବନାରେ ମେଳା, ଯାତ୍ରା ଓ ମହୋତ୍ସବ ପାଳନ କରାଯାଇଥାଏ । ପାର୍ବିକ ମଣ୍ଡପକୁ ଆରାଧ୍ୟ ଦେବତାଙ୍କୁ ନେବାବେଳେ ନୌକା, ମେଢ଼, ବିମାନ ଓ କାଷ୍ଠଚକ୍ର ଖଞ୍ଜିତ ରଥର ଆଶ୍ରୟ ନିଆଯାଇଥାଏ । ଏହି କାରଣରୁ ହଜାର ହଜାର ବର୍ଷ ଧରି ରଥ, ମେଢ଼ ଓ ବିମାନ ଆମ ସଂସ୍କୃତିରେ ଦୈବୀ ମାନ୍ୟତାପ୍ରାପ୍ତ ଯାନ ଭାବରେ ଆଦୃତ ହୋଇଆସିଛି । ସର୍ବାପେକ୍ଷା ରଥ ଆମର ବାସନାତତ୍ତ୍ୱ, ପାରମ୍ପରିକ ଅଭିଳାଷ, ଐତିହ୍ୟ ପରିସ୍ପନ୍ଦ, ସଂହତିବୋଧ, ସର୍ଜନଶୀଳ କାବ୍ୟତା, ପାର୍ବିକ ବିଶ୍ୱାସ-ବିଧାନ ଓ ସାମୂହିକ ଅବଚେତନର ଦର୍ଶନ ଓ ଧାରଣାକୁ ପ୍ରୋତ୍ସାହିତ ଓ ଆସକ୍ତ କରିଆସିଛି । ଆମର ଭାବୁକପଣରେ ରଥ ହେଉଛି ପଞ୍ଚଭୂତର ଏକ ପାର୍ଥିବ କଳେବର । ଏଥିରେ ଆରାଧ ଦେବତା ଆରୋହଣ କରି ଆତ୍ମାବତ୍ ବିରାଜମାନ କରନ୍ତି । ଭକ୍ତି-ପ୍ରୀତି-ମୁକ୍ତିର ପରମ ପ୍ରତିଭୂ ଦିବ୍ୟାତ୍ମା ସତ୍ୟକଲ୍ୟାଣ-ସୁନ୍ଦର-ଐଶ୍ୱର୍ଯ୍ୟର ଲୀଳା ସାଧନ ନିମନ୍ତେ ରଥାରୋହୀ ହୋଇ ପାର୍ଥିବ-ପରିଭ୍ରମଣ କରନ୍ତି । ଏହି ପ୍ରକାର ପରିକ୍ରମଣ ଯାତ୍ରାରେ ଦେବତାଙ୍କ ସହିତ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଆତ୍ମଭକ୍ତିର ଗୂଢ଼ ସଂଯୋଗର ଅବକାଶ ଘଟିଥାଏ । ସ୍ଥୂଳତଃ ଆମ ସାଂସ୍କୃତିକ ପ୍ରତ୍ୟୟ ଓ ଅସ୍ମିତାର ଏକ ସମନ୍ୱୟ-ଭାବନାଦ୍ୟୋତକୁ ପକ୍ଷ ହେଉଛି 'ରଥ-ପରମ୍ପରା' । ଏହି ପରମ୍ପରାର ଅନ୍ୟତମ ମହତ୍ତମ ନିଦର୍ଶନ ହେଉଛି ଶ୍ରୀକ୍ଷେତ୍ରର 'ଶ୍ରୀଗୁଣ୍ଡିଚା-ରଥଯାତ୍ରା' । ଏହି ମହୋତ୍ସବରେ ଜାତି-ଜାତି ମଧ୍ୟରେ, ଭାବ-ଭାବ ମଧ୍ୟରେ, ଦର୍ଶନ-ଦର୍ଶନ ମଧ୍ୟରେ, ଜୀବ-ପରମ ମଧ୍ୟରେ, ମାନବ-ଦେବତା ମଧ୍ୟରେ, ସମନ୍ୱୟର ମହାପିଣ୍ଡ ନିର୍ମିତ ହୋଇଥାଏ ।

ଆମ ଶାସ୍ତ୍ରୀୟ ବିଶ୍ୱାସରେ ପ୍ରକୃତି ଦେବତା ରୂପେ ଚରାଚରର କଲ୍ୟାଣ ନିମନ୍ତେ ରଥାରୋହଣ କରି ପରିକ୍ରମଣ କ୍ରମଶଃ ଭାରତୀୟ ପରମ୍ପରାରେ ରଥସଂସ୍କୃତି ଏକ ସମ୍ମାନସ୍ପଦ ଆଭିଜାତ୍ୟବାଦୀ ଐଶ୍ୱର୍ଯ୍ୟବିଳାସୀ ଲୀଳାର ପ୍ରତୀକ ହୋଇଉଠିଛି । ଫଳତଃ ଭାରତୀୟ ଧାର୍ମିକ ଭାବମାନସରେ ଦେବତାଙ୍କୁ, ରାଜାଙ୍କୁ, ପିତୃପୁରୁଷଙ୍କ ପ୍ରତିମା ଓ ସ୍ମାରକୀକୁ ରଥରେ ବିଜେ କରାଇ ଉତ୍ସବମାନ ପାଳନ କରାଯାଇଛି ।

ଉପାସ୍ୟ ଦେବତାଙ୍କୁ ଗଣଦେବତାରେ-ଶାସ୍ତ୍ରୀୟ ଦେବତାରେ-ରାଷ୍ଟ୍ରଦେବତାରେ ପରିଚିତ କରାଇ ରଥରେ ବସାଇ ନଗର ପରିକ୍ରମଣ କରାଇ ଦୈବତ-ମହିମାକୁ ଉନ୍ନତରୁ ଉନ୍ନତତର ଓ ସମୂହ-ନାନ୍ଦନିକ-ବିଶ୍ୱାସର ପ୍ରସଙ୍ଗ କରିବାର ଆବେଗପ୍ରବଣ ମାନସିକତା ବୈଦିକ ଯୁଗରୁ ଧର୍ମ ସଂପ୍ରଦାୟବାଦୀ ସଂରଚନାରେ ପରିବୃଦ୍ଧି ଲାଭ କରିଛି । ରଥ ଦେବଲୀଳାରୁ ମାନବୀୟ ଭୋଗ ଲୀଳାର ଆନୁଷଙ୍ଗିକ ବିଷୟ ଭାବରେ ପରିଗୃହୀତ ହୋଇଛି । ରଥ-ରଥୀ-ରଥ୍ୟା-ରଥଯାତ୍ରାର ଐଶ୍ୱର୍ଯ୍ୟମୟ ଅନୁଭୂତି ଏବଂ ସାଂସ୍କୃତିକ ଅଭିଳାଷ ଭାବରେ କଳା-ସଂଗୀତ-ଭାସ୍କର୍ଯ୍ୟ-ସାହିତ୍ୟ ସମ୍ବନ୍ଧୀ କଳ୍ପନାକୁ ବିଚିତ୍ର-ରସମୟ ପ୍ରେରଣା ଯୋଗାଇ ଦେଇଛି ।

ରଥ ପରମ୍ପରା ଶ୍ରେୟକଳ୍ପୀ ସନାତନୀୟ ମୂର୍ଦ୍ଧନ୍ୟ ଭାବନାରୁ ଆରମ୍ଭ ହୋଇଛି ଏବଂ ଏହାର ବଳିଷ୍ଠ, ବ୍ୟାପକ ଓ ଅବିକଳ୍ପ ସିଦ୍ଧିତ୍ୱକୁ ଶ୍ରୀଜଗନ୍ନାଥଙ୍କ ପରମପାବନୀ, ଭକ୍ତିମୁକ୍ତି ଫଳପ୍ରଦା ରଥ-ମହୋତ୍ସବ ଭିତରେ ଲକ୍ଷ୍ୟ କରାଯାଏ । ଚରାଚର ହିତାର୍ଥେ ଶ୍ରୀଗୁଣ୍ଡିଚାର ପାର୍ବିକ ଓ ବ୍ରାତିକ ରଥ ସଂସ୍କୃତି ସମଗ୍ର ବିଶ୍ୱମାନବର ଅବବୋଧକୁ ଉଦାର-ଉଦାତ୍ତ ମୈତ୍ରୀ ସୂତ୍ରରେ ବାନ୍ଧି ରଖିଛି । ଦିବ୍ୟାଦିବ୍ୟ ଭାବସୂତ୍ରରେ ସଂଯମ-ସୌନ୍ଦର୍ଯ୍ୟ-ସାନନ୍ଦ-ପରମାର୍ଥର ଏକ ମହତ୍ତମ ବିଶ୍ୱାସର ନୀଳାଭ ବଳୟ ଏହି ରହୁବରଯାତ୍ରା/ବ୍ରହ୍ମୋତ୍ସବ ବିଶ୍ୱବ୍ୟାପୀନ କରିଦେଇଛି ।

ଶ୍ରୀଜଗନ୍ନାଥ ସଂସ୍କୃତିର ନାନ୍ଦୀମୁଖ ହେଉଛି ଐଶ୍ୱର୍ଯ୍ୟ ଲୀଳାଦ୍ୟୋତକ ରଥୋତ୍ସବ । ଏହି ଭାଗବତୀୟ ଉତ୍ସବରେ ଅନୁସୃତ ନାନ୍ଦୀକ ଅନୁବିଧିରେ ଯୋଗଲଗ୍ନିକ ହେବାକୁ ସାଂପ୍ରଦାୟିକ ଧର୍ମବିଧାନଗୁଡ଼ିକ ଗୌରବବୋଧ କରିଛନ୍ତି । ପର୍ଯ୍ୟାୟକ୍ରମରେ ରଥଯାତ୍ରାର ଔପଚାରିକ ବିଧିବିଧାନର କ୍ରମପର୍ଯ୍ୟାୟରେ ଜୈନ, ବୌଦ୍ଧି-ବ୍ରାତ୍ୟ-ତନ୍ତ୍ର-ଶାକ୍ତ ଆଦି ସଂପ୍ରଦାୟର ପ୍ରବିଧିଗୁଡ଼ିକ ସମୀଭୂତ ହୋଇଛନ୍ତି । ମାତ୍ର ଏହି ମାନବବାଦୀ ଗଣମହୋତ୍ସବର ଉତ୍ସକଳ୍ପଟି ବୈଦିକ ବ୍ରହ୍ମୋତ୍ସବର ଭାବଭଦ୍ରାୟିତ ପିଣ୍ଡରୁ ଉତ୍ସାରିତ ହୋଇଆସିଛି ।

ବୈଦିକ ସନାତନୀୟ ବିଚାର ଓ ସର୍ଜନଶୀଳ ଋଷିକ କଳ୍ପନାରେ 'ରଥ' କେବଳ ଏକ ବସ୍ତୁବିଶେଷ ପ୍ରତୀକ ଓ ଉପମା ନୁହେଁ, ବ୍ୟବହାର ଯୋଗ୍ୟ ଓ ଆରୋହ-ଉଦ୍ଦେଶ୍ୟମୂଳକ ଯାନ ବିଶେଷ୍ୟ ନୁହେଁ, ଦେବସ୍ୱ ମଧ୍ୟ ନୁହେଁ । ପୁନଶ୍ଚ ବ୍ୟାକରଣ ବିଚାର ସମର୍ଥିତ ଓ ଅଭିଧା ବୃତ୍ତିରେ ପରିଭାଷିତ ରଥ ଓ ଏହାର ସମାର୍ଥ ବାଚକ ଶବ୍ଦ ରହୁ ଓ ସ୍ୟନ୍ଦନଦ୍ୱୟକୁ ଏ କ୍ଷେତ୍ରରେ ବିଶ୍ଳେଷଣ କରାଯାଇପାରେ । ରଥ- ରମ୍+ଥ / ରହୁ-ରହଃ+ଉ-ରମ୍+ଅସ୍+ଉ/ସ୍ୟନ୍ଦନ- ସନ୍ଦ୍+ଅ=ସ୍ୟନ୍ଦ+ଅନ ଇତ୍ୟାଦି ବ୍ୟାକରଣିକ କୃଦନ୍ତପଦ ଭାବରେ ରଥ, ରହୁ ଓ ସ୍ୟନ୍ଦନ ଶବ୍ଦର ଉତ୍ପତ୍ତି ଘଟିଛି । ରମ୍ ଓ ସନ୍ଦ୍ ଧାତୁ ମୁଖ୍ୟତଃ ଗତି, ଗୁପ୍ତଗତି, ସୁନ୍ଦର କଲ୍ୟାଣଙ୍କର ବେଗ ସହିତ ସମ୍ବନ୍ଧିତ । ପୁନଶ୍ଚ ରମ୍+ଥ ଓ ସ୍ୟନ୍ଦ୍+ଅନ୍ ପ୍ରତ୍ୟୟାନ୍ତ ଶବ୍ଦ ଦ୍ୱୟ ଶରୀର ସାଦୃଶ୍ୟବାଚକ ବିହାର ଉପଯୋଗୀ ଯାନ ବିଶେଷ୍ୟ ଅର୍ଥରେ ବ୍ୟବହୃତ ହୁଅନ୍ତି । ତେଣୁ ବ୍ୟାକରଣିକ ବ୍ୟୁତ୍ପତ୍ତିଗତ ପରିଭାଷା ଦିଗରୁ -

ରଥ - ହେଉଛି ବିହାର ଉପଯୋଗୀ ବସ୍ତୁ ଶରୀର ବିଶିଷ୍ଟ ଯାନ ।

ରହୁ - ହେଉଛି ଗୂଢ଼୍ୟ ବା ରହସ୍ୟମୟ ଓ ସୁନ୍ଦର ଉଦ୍ଦେଶ୍ୟରେ ଯାତ୍ରା କରିବାର ସହାୟକ ଯାନ ।

ସ୍ୟନ୍ଦନ - ଚକ୍ରଯୁକ୍ତ ବେଗବାନ ଯାନ ।

ସନାତନୀୟ ସଂହିତା ଓ ପୁରାଣ ସାହିତ୍ୟରେ ରହୁ ଓ ସ୍ୟନ୍ଦନର ବ୍ୟବହାର ହୋଇଥିବାବେଳେ ବେଦ ଉପନିଷଦରେ 'ରଥ'ର ପ୍ରୟୋଗ ଓ ପ୍ରୟୋଜନ ପରିଲକ୍ଷିତ ହୁଏ । ବେଦରେ 'ରଥ' ବ୍ୟୋମଚାରଣ ଉପଯୋଗୀ ଦେବସ୍ୱ କେବଳ ନୁହେଁ, ସେ ସ୍ୱୟଂ ଦେବତା ମଧ୍ୟ । ଚରାଚର ମଙ୍ଗଳ ଉଦ୍ଦେଶ୍ୟରେ ଦେବସ୍ୱ ଭାବରେ ଦେବତାମାନଙ୍କୁ ସଜ୍ଜୀଭୂତ ଶରୀର ଭିତରେ ଆରୂଢ଼ କରାଇ ବ୍ୟୋମ ବିହାର କରାଇବା ସମୟରେ ବେଗବାନ 'ରଥ' ଜଡ଼ଶକ୍ତି ବିଶିଷ୍ଟ ଯାନ । ମାତ୍ର ସ୍ୱୟଂ ମଙ୍ଗଳଦାୟକ ପୁଣ୍ୟାହବାଚକ ଘୋଷନାଦ କରି ଶୂନ୍ୟରେ କାଳ-ମହାକାଳର ଅଧିନିୟମାନୁସାରୀ ହୋଇ ଚକ୍ରାୟିତ ଯାତ୍ରା କରୁଥିବା ବେଳେ ବ୍ରହ୍ମତେଜସ୍‌ରେ ଦେଦୀପ୍ୟମାନ 'ରଥ' ବ୍ରହ୍ମଚେତନାର ଅଂଶୀହୋଇ ସ୍ୱୟଂ ଦେବତା ରୂପେ ପ୍ରତିଭାତ ହୁଅନ୍ତି ।

'ରଥ' ମହାତ୍ମାଙ୍କ ସ୍ଥିତି ସ୍ୱୟଂସିଦ୍ଧ-ସେ ଶୂନ୍ୟରୂପ ଓ ପୂର୍ଣ୍ଣ ସାକାର ରୂପ । ରଥ ଅଦୃଶ୍ୟ ଥା'ନ୍ତି ଓ ସ୍ମରଣ କରିବା ମାତ୍ରେ ବୈଦିକ-ଋଷିକବିଙ୍କ କଳ୍ପନା ଅନୁସାରେ ଗୂଢ଼ପିଣ୍ଡି ତ୍ୟାଗ କରି ରଥୀଙ୍କ ସାମ୍ନାରେ ପ୍ରତ୍ୟକ୍ଷ ସୁରତ ରହୁ ରୂପରେ ଉଭା ହୋଇଯା'ନ୍ତି । ସେ ଚେତସ ଶକ୍ତିରେ ବେଗବାନ ହୋଇ ପ୍ରକୃତିକଳ୍ପ ଇଷ୍ଟ ଦେବତାଙ୍କ (ଇନ୍ଦ୍ର, ବରୁଣ, ଉଷା, ରାତ୍ରି, ଅଗ୍ନି, ବାୟୁ, ସବିତା, ଅଶ୍ୱିନୀ କୁମାର, ପୂଷା ପ୍ରମୁଖଙ୍କୁ) ଜଗତ ପରିକ୍ରମଣ କରାଇଥା'ନ୍ତି । ମହାସେବକ ମହାବାହାନ ରଥଦେବ ସତ୍ୟ-ଶିବ-ସୁନ୍ଦରର ମହାଭାବମାନଙ୍କୁ ସର୍ବତ୍ର ବହି ନିୟନ୍ତି । ଯୁଦ୍ଧର, ଧ୍ୱଂସର, ପୁନଃ ସର୍ଜନ ଓ ଶାନ୍ତିର ପ୍ରତ୍ୟକ୍ଷ ସାକ୍ଷୀ ରୂପରେ ସ୍ୱୟଂ ଘର୍ଘର ନାଦ କରି ରଥ୍ୟାପଥରେ କଲ୍ୟାଣ ବୋଧର ମାଙ୍ଗଳିକ ଗାନ କରିଥା'ନ୍ତି ।

ବେଦ କବିଙ୍କ କଳନାରେ ରଥର କଳେବର ବିଧାନ ଓ ସୃଷ୍ଟି ରହସ୍ୟ ମଧ୍ୟ ବିଚିତ୍ର ଓ ବିସ୍ମୟୋତ୍ପାଦକ । ଋଗବେଦର ୬-୪୭-୨୮ ସୂକ୍ତରେ ରଥର କଳେବର ହେଉଛି ଶବଳିତ ପ୍ରକୃତି-ସ୍ୱରୂପ । ସୂର୍ଯ୍ୟଙ୍କ ହିରଣ୍ମୟ ଗର୍ଭ ଓ ବରୁଣଙ୍କ ଶୀତକର ନାଭିର ସମନ୍ୱୟରେ ରଥ-ପିଣ୍ଡର ସୃଷ୍ଟି । ତେଣୁ ଜନ୍ମକାଳରୁ ରଥ ଦୀପ୍ତି ଓ ଶାନ୍ତିର ପ୍ରତୀକ । ଅଥର୍ବ ବେଦ ସଂହିତାର ସୂକ୍ତି ଅନୁସାରେ (୯-୪-୧-୧୫) ରଥ ଆକାଶାଚ୍ଛାଦିତ ଇନ୍ଦ୍ରଙ୍କ ବଳ, ତୀବ୍ର ଚଳନମାନ ମରୁତ୍‌ଗଣଙ୍କର ପ୍ରବହମାତା ଶକ୍ତି, ସୂର୍ଯ୍ୟଙ୍କ ପ୍ରଖର ତେଜଦୀପ୍ତ ଗର୍ଭ ଓ ବରୁଣଙ୍କ

ଶମନୀୟ ନାଭିକୁ ନେଇ ପରିକଳ୍ପିତ । ଅଥର୍ବ ବେଦୀ କବି ଦୃଷ୍ଟିରେ ରଥ ଶକ୍ତି, ଜ୍ଞାନ, ଜ୍ୟୋତି, ବେଗ ଓ ଶମର ମିଶ୍ରଣରେ ସୃଷ୍ଟିଲାଭ କରିଥିବା ଏକ ମଙ୍ଗଳମୟ ଐଶୀବିଧାନ । ଶତପଥ ବ୍ରାହ୍ମଣର ୧୫ ସଂଖ୍ୟକ ଶ୍ଳୋକାନୁଯାୟୀ ରଥ ସ୍ୱୟଂ ସ୍ୱର୍ଗ ସଂଚାରୀ ଦ୍ୟୋତମାନ ସୂର୍ଯ୍ୟ । ସୂର୍ଯ୍ୟଙ୍କ ଗତି-ତେଜ-କିରଣର ଶ୍ରେଷ୍ଠାଂଶକୁ ଆଧାର କରି ରଥଦେବତାଙ୍କ ଜନ୍ମଜାତକ ନିର୍ଦ୍ଦିଷ୍ଟ ହୋଇଛି । ପୁନଶ୍ଚ ଏହାର ୧-୨-୪-୧ ଶ୍ଳୋକରେ ବର୍ଣ୍ଣିତ ହୋଇଛି ଯେ ଇନ୍ଦ୍ର ବୃତ୍ରାସୁରର ବଧ ଉଦ୍ଦେଶ୍ୟରେ ଯେଉଁ ପ୍ରଚଣ୍ଡ ଆଗ୍ନେୟ, ମରୁତ୍‌ବତ୍ ବେଗବାନ ଓ ପ୍ରଚଣ୍ଡ ଏବଂ ସୂର୍ଯ୍ୟ ତାପବତ୍ ତେଜଦୀପ୍ତ ବଜ୍ର ପ୍ରହାର କରିଥିଲେ ତାହାର ବ୍ରହ୍ମଶକ୍ତିରୁ ରଥର ଉତ୍ପତ୍ତି । ବ୍ରାହ୍ମଣ ମତରେ ରଥ ସର୍ବଦା ଶକ୍ତି ଓ ବିଜୟର ପ୍ରତିନିଧିତ୍ୱ କରୁଅଛି ।

ଅଥର୍ବ ବେଦୀ (୨୦/୧୪/୪-୫)ଙ୍କ ମତରେ ବ୍ରହ୍ମଅଗ୍ନିରୁ ଜାତ ହୋଇଥିବାରୁ ଅଗ୍ନିଙ୍କ ଉପଦେଶ ଓ ନିର୍ଦ୍ଦେଶରେ ଯଜ୍ଞ କ୍ଷେତ୍ରକୁ ବା ବ୍ରହ୍ମବେଦୀଙ୍କ ସ୍ଥଳକୁ ଦେବତାମାନଙ୍କୁ ରଥ ଚରାଚର ହିତାର୍ଥେ ବହନ କରି ଆଣିଥାଏ । ରଥର ଉପଯୋଗିତା ମଙ୍ଗଳବୋଧ ଉପରେ ପ୍ରତିଷ୍ଠିତ । ବେଦାନ୍ତ ଓ ଏହାର କ୍ରମ ପର୍ଯ୍ୟାୟ ରୂପ ଉପନିଷଦ ପରମ୍ପରାରେ ରଥ ସଂସ୍କାର ସୁଖ, ସୌଭାଗ୍ୟର ନଗର ଭ୍ରମଣ ଭିତ୍ତି ଉପରେ ପର୍ଯ୍ୟବସିତ । ଅଥର୍ବ ବେଦ ସଂହିତା ଓ ପ୍ରଶ୍ନୋପନିଷଦର ଆପ୍ତବାଣୀ ବିଚାରରେ ଦେବଶକ୍ତିର ପ୍ରତିଷ୍ଠା ବା ବ୍ରହ୍ମଶକ୍ତିର ପ୍ରତିଷ୍ଠା ପରବର୍ତ୍ତୀ ଦିନ ଶକ୍ତିଙ୍କର ନଗର ଭ୍ରମଣ ଓ ତଦ୍‌ପରବର୍ତ୍ତୀ ଦିନରେ ମୂଳପିଣ୍ଡସ୍ଥଳକୁ ପ୍ରତ୍ୟାବର୍ତ୍ତନ ହେଉଛି ଆପ୍ତବିଧିକ ବ୍ରହ୍ମୋତ୍ସବ । ବ୍ରହ୍ମଶକ୍ତିଙ୍କୁ ରଥରେ ନଗର ଭ୍ରମଣ କରାଇବା ହେଉଛି ଶିବାନୁମୋଦିତ ସଂକଳ୍ପ ବା ମଙ୍ଗଳଦାୟକ ବିଧାନ । ନଗର ଭ୍ରମଣ କାଳରେ ରଥ ବ୍ରହ୍ମାଂଶୀ, ରଥୀ ସ୍ୱୟଂ ବ୍ରହ୍ମ ଓ ରଥ୍ୟା (ରଥପଥଂ) ପରମ ସୁଖକର (ପରମ ସୁଖଂ) । ବୈଦିକ ରଥ ପରମ୍ପରାର ବଳିଷ୍ଠ ଓ ପରମ ରୂପାୟଣ ଘୋଷ ଯାତ୍ରା ହେଉଛି ବ୍ରହ୍ମୋତ୍ସବ ବା ବ୍ରହ୍ମଯାତ୍ରା । ଦାରୁବ୍ରହ୍ମଙ୍କର ବ୍ରହ୍ମାଂଶୀ ଦେବରଥରେ ନବଦିନ ପାଇଁ ଜନ୍ମବେଦୀ/ଆଡ଼ପବେଦୀ/ମହାବେଦୀ ଯାତ୍ରା ନଗର ଭ୍ରମଣ କ୍ରମେ ହୋଇଥାଏ । ରଥ ତ୍ରୟୀ ଏହି ଉତ୍ସବରେ ସ୍ୱୟଂ ସ୍ୱର୍ଗାବତଂଶୀ, ରଥୀ ସ୍ୱୟଂ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତି ଓ ସୁଖଂ ରଥପଥ (ରଥ୍ୟା) ସ୍ୱୟଂ ବଡ଼ଦାଣ୍ଡ, ସ୍କନ୍ଦପୁରାଣ ଅନୁସାରେ 'ସାକ୍ଷାତ୍ ଭୂସ୍ୱର୍ଗଂ ସାଂପ୍ରତଂ'' ।

ଭୂସ୍ୱର୍ଗ ବଡ଼ଦାଣ୍ଡରେ ସ୍ୱୟଂ ରଥ ମହାତ୍ମା ଶ୍ରୀମୂର୍ତ୍ତିମାନଙ୍କୁ ଧାରଣ କରି ଭକ୍ତିମୁକ୍ତି ପ୍ରଦାୟିନୀ ନଗର ପରିକ୍ରମଣ କରିବାର ବେପଥୁବନ୍ତ ଦୃଶ୍ୟକୁ ଦେଖି ପ୍ରାଚୀନ ଓଡ଼ିଆ ଯୋଗ ବଶିଷ୍ଠ ସିଦ୍ଧକବି ଯେତେବେଳେ ନିଜର ଅନୁଭୂତିକୁ ଅଭ୍ରାନ୍ତ କାବ୍ୟତା ରୂପ ଦେବୀକୁ ଯାଇ ଗାଇଛନ୍ତି -

'ଦେହ ନନ୍ଦିଘୋଷେ ଆତ୍ମା ବ୍ରହ୍ମମୂର୍ତ୍ତି
ମନ ପବନ ଯେ ଏଥି ସାରଥି ।'

ସେତେବେଳେ ବୈଦିକ କାବ୍ୟତାର ରଥାନୁଭୂତିକୁ କଠୋପନିଷଦର ଉଦାତ୍ତବାଣୀ ସାଧକ ଦୀର୍ଘ ବ୍ୟବଧାନ ପରେ ଆକାଶଚାରୀ ଭାବନାର ପରିମଣ୍ଡଳରୁ ବଡ଼ଦାଣ୍ଡର ନିରୁତା ମାଟି ମନସ୍କ ପରିବେଶକୁ ଓହ୍ଲାଇ ଆସି ତାଙ୍କର ପବିତ୍ର ତତ୍ତ୍ୱଦର୍ଶୀ ଆପ୍ତବାଣୀ 'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ / ବୁଦ୍ଧିଂ ତୁ ସାରଥି ବିଦ୍ଧି ମନଃ ପ୍ରଗ୍ରହ ମେବ ଚ'କୁ । ଉତ୍କଳୀ ଭାଷାରେ ଭାବାନୁବାଦ କରି ପୁନର୍ବାର ଗାଇଲେ ବୋଲି ବୋଧ ହେଉ ନାହିଁକି ? ଶ୍ରଦ୍ଧାଳୁବର୍ଗ ! ଏହି ଦୃଷ୍ଟିରୁ 'ବ୍ରହ୍ମ ପରେ ବ୍ରହ୍ମ ଏହି' (ଦିବାକର ଦାସ) ଶ୍ରୀମୂର୍ତ୍ତି ଦାରୁବ୍ରହ୍ମଙ୍କ ବ୍ରହ୍ମୋତ୍ସବ ଶ୍ରୀଗୁଣ୍ଡିଚାର ସର୍ବକାରଣ ପରସିଦ୍ଧିକ ଅନୁବିଧିରେ ବୈଦିକ ଦର୍ଶନ ଓ ଉପନିଷଦୀୟ ଲୀଳାବୋଧକୁ ଅନୁଶୀଳନ କରିବା ପୂର୍ବରୁ ଋଗ୍‌ବେଦଠାରୁ ପ୍ରଶ୍ନୋପନିଷଦ ପର୍ଯ୍ୟନ୍ତ ବିବିଧ ଆର୍ଷଚେତନାର କୃତିରେ ରଥପରମ୍ପରା ସମ୍ବନ୍ଧୀ ସ୍ୱତନ୍ତ୍ର ଦୃଷ୍ଟିକୁ ସମ୍ୟକ୍ ଭାବେ ଆଲୋଚନା କରାଯାଉଛି ।

ପ୍ରାୟତଃ ଚାରିହଜାର ବର୍ଷର ପ୍ରାଗ୍ ଐତିହାସିକ ଅସ୍ମିତାର ମହତ୍ୱ ଦାବୀ କରୁଥିବା ଋଗ୍‌ବେଦ (ଯେଉଁଠି ଋଷିକବି ମହାସମୁଦ୍ରର ତରଙ୍ଗରେ ଅପୁରୁଷ - ବ୍ରହ୍ମସତ୍ତାର ଭାସମାସ ଦାରୁରୂପଙ୍କୁ ଦେଖି ତଟସ୍ଥ ହୋଇ ଗାଇଥିଲେ - ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍) ଓ ଋଗ୍‌ବେଦ ସଂହିତାରେ ଆନୁମାନିକ ସର୍ବମୋଟ ୭୨ ଥର ରଥର ବିବିଧ ରୂପ, ପ୍ରୟୋଜନ, ଦୈବ ଭୂମିକା ଓ ତାତ୍ତ୍ୱିକ ମହତ୍ୱ ଇତ୍ୟାଦିକୁ ବର୍ଣ୍ଣନା କରାଯାଇଛି ।

ଋଗ୍‌ବେଦରେ ରଥ ହେଉଛି ବ୍ୟୋମଚାରୀ ଦେବଯାନ । ବେଦବାଦୀ ଦେବତା ଭାବରେ ସୂର୍ଯ୍ୟ, ଇନ୍ଦ୍ର, ଅଗ୍ନି, ବରୁଣ, ଅଶ୍ୱିନୀକୁମାର, ମରୁତ, ସବିତା, ସରସ୍ୱତୀ ପୂଷନ୍, ଉଷା, ବାୟୁ ପ୍ରମୁଖ ଐଶ୍ୱର୍ଯ୍ୟ ଲୀଳା ସଂପାଦନ ପୂର୍ବକ ଓ ଯାଜ୍ଞିକ ଦାୟିତ୍ୱ ସଂସାଧନ ନିମନ୍ତେ ରଥାରୋହଣ କରନ୍ତି । ଋଗ୍‌ବେଦ ସମୟକୁ ହିରଣ୍ୟଗର୍ଭ ସୂର୍ଯ୍ୟ ବିଷ୍ଣୁ ହିଁ ସର୍ବଶକ୍ତିମାନ ଦେବତା । ବେଦର ଋଷି ଦୃଷ୍ଟି ବିଶ୍ୱାସ କରନ୍ତି ଯେ ସାତରଙ୍ଗର କିରଣରୂପୀ ଅଶ୍ୱ ଦ୍ୱାରା ତୀବ୍ରବେଗରେ ଗତିଶୀଳ ଏକଚକ୍ର ବିଶିଷ୍ଟ ରଥରେ ହିରଣ୍ୟଗର୍ଭ ସୂର୍ଯ୍ୟ ଚରାଚର ମଙ୍ଗଳ ଉଦ୍ଦେଶ୍ୟରେ ଭ୍ରମଣ କରନ୍ତି । ଏହି ଏକଚକ୍ରୀୟ ରଥ ବିଧାନରେ ତିନିଗୋଟି ନାଭିକେନ୍ଦ୍ର ବା ମଧ୍ୟଭାଗର ପରିକଳ୍ପନା କରାଯାଇଛି । ଚକ୍ରତ୍ରିନାଭି ତ୍ରିଲୋକ, ତ୍ରିକାଳ ଓ ତ୍ରିଋତୁ (ଭୂଲୋକ-ଦ୍ୟୁଲୋକ-ସ୍ୱର୍ଗଲୋକ/ବିଗତ-ବର୍ତ୍ତମାନ-ଆଗତ/ଗ୍ରୀଷ୍ମ-ବର୍ଷା-ଶୀତ) ଭାବରେ ମାନବ ଜୀବନଚକ୍ରକୁ ନିୟନ୍ତ୍ରଣ କରୁଛି (ସପ୍ତ ଯୁଞ୍ଜନ୍ତି ରଥଂ ଏକଚକ୍ରଂ ଏକୋଶ୍ୱୋବହତି ସପ୍ତନାମା/ତ୍ରିନାଭି ଚକ୍ରମଜର ମନର୍ବଂ ଯତ୍ରେମା ବିଶ୍ୱା ଭୁବନାଧି ତସ୍ଥୁଃ-ଋଗ୍‌ବେଦ ସଂହିତା-୧-୧୬୪-୨) । ବେଦରେ ସୂର୍ଯ୍ୟ ବିଷ୍ଣୁଙ୍କର ସବିତା ଓ ମାର୍ତ୍ତଣ୍ଡ ଅନ୍ୟ ଦ୍ୱିଧ ସ୍ୱରୂପର ବର୍ଣ୍ଣନା କ୍ରମେ ସେମାନଙ୍କର ରଥସଂପୃକ୍ତିକୁ ସମର୍ଥନ କରାଯାଇଛି । ହରିଣ୍ମୟ ସବିତା କୋମଳ, ଶୀତଳ, ମଙ୍ଗଳମୟ କିରଣ ପ୍ରଦାନ ପୂର୍ବକ ସପ୍ତାଶ୍ୱମଣ୍ଡିତ ହୋଇ ସ୍ୱର୍ଣ୍ଣାଭ ରଥରେ ତ୍ରିଭୁବନ ଦର୍ଶନ କରୁଥିବା ବେଳେ ଆଦିତିଦୌସ୍‌ଙ୍କ ପୁତ୍ର ମାର୍ତ୍ତଣ୍ଡ ପୁର୍ବରୁ ପଶ୍ଚିମ

ସ୍ୱର୍ଗମାର୍ଗରେ ପରିକ୍ରମଣ କରି ବିଶ୍ୱକୁ ତେଜମୟ କରନ୍ତି (ହରିଣ୍ୱୟେନ ସବିତା ରଥେନ ଦେବେ ଯାତି ଭୁବନାନି ପଶ୍ୟନ୍-ରୁକ୍‌ବେଦ-୧-୩୫-୨) ।

ପୁନଶ୍ଚ ରଗ୍‌ବେଦ ସଂହିତାରେ ବର୍ଣ୍ଣିତ ହୋଇଛି ଯେ ଅଶ୍ୱିନୀ କୁମାର ତ୍ରିଚକ୍ର ରଥାରୋହୀ ହୋଇ ଗାଇ, ଅଶ୍ୱ ଓ ସନ୍ତାନ ପ୍ରଦାନ କରୁଥିବା ସ୍ଥଳେ ମନାନୁରୂପ ଗତିଶୀଳ ଦଶଚକ୍ରୀୟ ଇଷ୍ଟରଥ କୈବଲ୍ୟ ବା ମୁକ୍ତିଫଳ ଦେବାରେ ସମର୍ଥ । ରଗ୍‌ବେଦୀୟ କବି ଦୃଷ୍ଟିରେ ରଥ ବାୟୁଚାଳିତ, ବିଦ୍ୟୁତ୍‌ଚାଳିତ ଓ ତ୍ରିଲୋକଙ୍କୁ ବ୍ୟାପି ଯାଇପାରୁଥିବା ତ୍ରିତଳ ରଥର ବର୍ଣ୍ଣନା ରହିଛି ।ବୈଦ୍ୟୁତିକ ରଥର କଳ୍ପନା ବେଦ-କବିତ୍ୱ ଶକ୍ତିକୁ ତାତ୍‌କାଳିକ ବିଚାରରେ ଆକାଶ ସଂଚାରୀ ଅତିକଳ୍ପନାର ବୈଚିତ୍ୟରେ ବିଭାଡିତ କରିପାରିଛି (ସ ବେଧବିଦ୍ୟୁଦ୍‌ରଥଃ ସଦ୍‌ମୟତତ୍ରାଗ୍ନିଃ-ରଗ୍‌ବେଦ-୩-୪-୧୧) । ରଗ୍‌ବେଦର ୬/୭୫/୬ ସ୍ୱକ୍ତିରେ ମନକୁ ସକଳ ପଶ୍ଚାଦ୍ ଗତିରୁ ମୁକ୍ତ କରି ସୁସାରଥୀ ଅଶ୍ୱଖଚିତ ବେଗବାନ ରଥ ପରି ଉତ୍ତମ କାମନା ପୂରଣ ଦିଗରେ ଗତିଶୀଳ କରାଇ ନେବାର ସକରାତ୍ମକ ଦୃଷ୍ଟି ମଧ୍ୟ ଉପଲବ୍ଧ ହୁଏ । ଯଜ୍ଞପୀଠର ବ୍ରହ୍ମବେଦୀକୁ ଦେବତାମାନେ ଆସୁଥିବା ରଥଗୁଡ଼ିକ ସତତ ପରିଭ୍ରମଣଶୀଳ, ସମୁଦ୍ର, ପର୍ବତର ଉର୍ଦ୍ଧ୍ୱଭାଗ ଦେଇ ସେଗୁଡ଼ିକ ଆକାଶଚାରୀ, ବିବିଧ ରୂପରେ ରଙ୍ଗରେ ସୁମଣ୍ଡିତ, ସକଳ ନକରାତ୍ମକ ଭାବନାକୁ ଧ୍ୱଂସ କରିବାରେ ରଥଗୁଡ଼ିକ ପ୍ରଚଣ୍ଡ ସାମର୍ଥ୍ୟ ମଧ୍ୟ ରଖନ୍ତି । ସ୍ୱର୍ଣ୍ଣିମ ରଶ୍ମିଯୁକ୍ତ ରଥରେ ଘୋରତମିସ୍ରାକୁ ବିଧ୍ୱଂସି ସବିତା ରଥାରୂଢ଼ ହୋଇ ଓ ହରିଦ୍ରାବର୍ଣ୍ଣର ଅଶ୍ୱଦ୍ୱାରା ଚାଳିତ ସୁବର୍ଣ୍ଣ ବର୍ଣ୍ଣାରଥରେ ଐଶ୍ୱର୍ଯ୍ୟ ଓ ଔଦାର୍ଯ୍ୟ ଲୀଳାର ମହିମା ପ୍ରକଟ ନକରି ଅଗ୍ରଦେବତା ଇନ୍ଦ୍ର ସଶକ୍ତାରୂଢ଼ା ହୋଇ ଜଗତ କଲ୍ୟାଣ ନିମନ୍ତେ ବ୍ରହ୍ମବେଦୀକୁ ଆସନ୍ତି (ଆସ୍ଥାଦ୍ରଥ ସବିତା ଚିତ୍ରଭାନୁଃ କୃଷ୍ଣାରଜାଂସି ତବିଷାଂଦ୍ଧାନଃ-ରୁଗ୍‌ବେଦ ସଂହିତା-୧/୩୫/୪ ଏବଂ ଯୁକ୍ଷ୍ୱାହ୍ୟରୁ ଷୀରଥେ ହରିତୋ ଦେବରୋହିତଃ - ୧/୧୪/୧୨)

କେବଳ ଦେବତା ନୁହନ୍ତି ବୈଦିକ ଦେବୀ ହିରଣ୍ୟବର୍ଣ୍ଣା ପୁରାତନୀ ହୋଇ ମଧ୍ୟ ସର୍ବଦା ନିତ୍ୟନୂତନା ରୂପେ ପ୍ରକାଶିତା ଦେବୀ ଉଷା ରକ୍ତବର୍ଣ୍ଣର ଅଶ୍ୱଖଚିତ ରଥରେ ଦେବତାମାନଙ୍କୁ ସଙ୍ଗରେ ଧରି ଆକାଶମାର୍ଗରେ ବିଚରଣ କରି ସଂସାରରେ ସଦ୍‌ଭାବନାର ଓ ଆଲୋକର ବାର୍ତ୍ତା ପ୍ରଚାର କରନ୍ତି । ତାଙ୍କର ରଥ କୃଷ୍ଣ ଅନ୍ଧକାର ମଧ୍ୟରୁ ଉପରକୁ ଉଠେ ଏବଂ ଅପୂର୍ବ ଜ୍ୟୋତି ପ୍ରକାଶ କରି ମାନବର ଶ୍ରଦ୍ଧା ଓ ସୁଖଦାୟକ ହୁଏ (ପୃଥୁରଥୋ ଦକ୍ଷିଣାୟା ଆୟୋଜ୍ୟୈନଂ ଦେବାସୋ ଅମୃତାସୋ ଅସ୍ଥୁଃ/କୃଷ୍ଣ/ଦୁଦସ୍ଥାଦର୍ଯ୍ୟା ବିହାୟାଶ୍ଚ କିତ୍ସନ୍ତୀ ମାନୁପୋୟ କ୍ଷୟାୟ-ରୁଗ୍‌ବେଦ ସଂହିତା - ୧/୧୦୩/୧) ।

ଆନନ୍ଦ, ଦୀପ୍ତି ଓ ଶୁଭଦୃଷ୍ଟି ସହିତ ଆଶୀଷ ପ୍ରଦାନକାରୀ ଅନ୍ତରୀକ୍ଷବାସୀ ଦେବତା ଓ ପିତୃପୁରୁଷ ସମ୍ମାନପୂର୍ବକ ରଥାରୋହଣ ପାଇଁ ବେଦକବି ଆବାହନ କରିଛନ୍ତି । ବିବିଧ ରଙ୍ଗରେ ବୈଚିତ୍ର୍ୟମୟ ନୀଳାଭ ରଥରେ ବରୁଣ ଦେବତା ଅନ୍ତରୀକ୍ଷରୁ ପବିତ୍ର ଓ ଶୀତଳ ଦୃଷ୍ଟିରେ ଶାନ୍ତି ବିତରଣ କରନ୍ତି । ପିଙ୍ଗଳବର୍ଣ୍ଣା ଅଶ୍ୱଚାଳିତ ରଥରେ ଦେବତାମାନଙ୍କ ସହିତ ସହଗମନ କରି ଅଗ୍ନିଦେବ, ଆକାଶସ୍ପର୍ଶୀ ରଥରେ ଆରୋହଣ କରି ବାୟୁ ଦେବତା ଓ ସଘୋଷ ସୁଦର୍ଶନୀୟ ଓ ଅରୁଣିମା ଆଭାଯୁକ୍ତ ରଥରେ ମରୁତ୍ ଦେବତା, ସଂସାରରୁ ଯଜମାନଙ୍କ ଜୀବନ ଚକ୍ରରୁ ଅଶାନ୍ତି, କଦାଚାର ଓ ଅପାର୍ଥଗୁଡ଼ିକୁ ଜାଳି ଦେଉଛନ୍ତି ଓ ଶୂନ୍ୟକୁ ଉଡ଼େଇ ନେଉଛନ୍ତି । ସ୍ୱଚ୍ଛବସ୍ତ୍ର ପରିଧାନା ସ୍ୱର୍ଣ୍ଣ ରେଖାଙ୍କିତ ରଥରେ ଭ୍ରମଣ କରି ସରସ୍ୱତୀ ସୁଭାଷଣମାନ ଦାନ କରୁଛନ୍ତି । ଇନ୍ଦ୍ର ଓ ବାୟୁଦେବତା, ଅନ୍ୟପକ୍ଷରେ ମିତ୍ର ଓ ବରୁଣ ଦେବତା ମିଶିକରି ସତ୍ୟଧର୍ମ ପାଳକ ଭାବରେ ଆକଶରୁ ସଂସାରରକ୍ଷା ନିମନ୍ତେ ଭୂମିରୁ ଆକାଶବ୍ୟାପୀନ ହୋଇ ଜଳବୃଷ୍ଟି କରି ପୁଷ୍ଟି ସାଧନ କରୁଛନ୍ତି । ରଗ୍‌ବେଦରେ - 'ରତସ୍ୟ ଗୋପାବଧ୍ ତିଷ୍ଠଥୋ ରଥଂ ସତ୍ୟଧର୍ମାଣାଂ ପରମେବ୍ୟୋମନି/... ତସ୍ମୈବୃଷ୍ଟିର୍ମଧୁଂ ଅପି ନ ତେ ଦିବଃ, ମରୁତଶ୍ଚିରଂ ... ଶମଧ୍ୟାୟି ଦର୍ଶିତଃ, ରଥବାହନଂ ହବିରସନାଂ, ଯା ସୁରଥା ରଥୀତମୋଭା, ସୁପେଶସଂ ସୁଖଂ ରଥଂ, ରଥଂ ଯୁଞ୍ଜତେ ମରୁତ, ରଥଂ ଯେ ଚକ୍ରୁ ସୁବୃତଂ ସୁଚେତସୋ, ରଥେ ବିଶ୍ୱନ୍ନୟତ', ଅଥର୍ବ ବେଦରେ - 'ସୁଖୋ ରଥଇବ ଗର୍ଭତାଂ, ରଥଜିତାଂ ରାଥର୍ଜତେ, ଦେବରଥ ପ୍ରତି ହବ୍ୟା, ହବିଷା ରଥଂ ଯୁଜ, ସୁଖଂ ରଥପଥଂ', ଯଜୁର୍ବେଦ ଓ ସାମବେଦରେ - 'ସୁସାରଥିରଶ୍ୱାନିକ ଯନ୍ମନୁଷ୍ୟା ... ମନଃ ଶିବ ସଂକଳ୍ପମସ୍ତୁ, ସୃଜଦଶ୍ୱଂ ରଥୀରିବ' ଏବଂ ବୃହଦାରଣ୍ୟକ, ଛାନ୍ଦୋଗ୍ୟ, କଠ, ମୁଣ୍ଡାକ, ପ୍ରଶ୍ନ ଓ ମାଣ୍ଡୁକ ଆଦି ଉପନିଷଦରେ - 'ରଥନାଭୌ ଚ ରଥନେଭୌ, ରଥୋଭୋଭାଭ୍ୟାଂ, ତସ୍ୟେନ୍ଦ୍ରିୟାଣି ବଶ୍ୟାନି ସଦାଶ୍ୱ ଇବ ସାରଥେଃ ଓ ରଥମାରୁହ୍ୟ ପବ୍ରାଜ' ଇତ୍ୟାଦି ରଥସମ୍ବନ୍ଧୀ ସ୍ୱକ୍ରୀୟ ବର୍ଣ୍ଣନାଗୁଡ଼ିକୁ ବିଶ୍ଳେଷଣ କଲେ ସୁଧୀବର୍ଗ ନିମ୍ନ ସିଦ୍ଧାନ୍ତରେ ଉପନୀତ ହେବେ -

- ରଥ ଏକାଧାରରେ ଯାନ ବ୍ରହ୍ମମୟ ଚେତନାଶକ୍ତିର ପ୍ରତିଭୂ ।
- ରଥାରୋହୀ ଦେବତାମାନେ ସଂସାରର କଲ୍ୟାଣ ନିମନ୍ତେ ରଥଯାତ୍ରା କରନ୍ତି ।
- ଅନ୍ତରୀକ୍ଷରୁ ରଥର ଘୋଷନାଦ ଓ ରଥୀଙ୍କ କରୁଣାର୍ଦ୍ର ଦୃଷ୍ଟି ଶାନ୍ତି, ମଙ୍ଗଳ, ଅପାର୍ଥଖଣ୍ଡନ କରିଥା'ନ୍ତି ।
- ରଥର ଆକାଶୀ ଭାବନା ମର୍ତ୍ତ୍ୟର ସାଂସାରିକ ଜୀବନଚକ୍ରକୁ ଆଲୋକମୟ କରେ ।
- ରଥ ସାଂସାରିକ ବିନ୍ୟାସ ନିମନ୍ତେ କାଳ-ରତୁ-ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତିର ପ୍ରତିଭୂ ।
- ଦେବ ପ୍ରାଧାନ୍ୟ ବେଦ ଯୁଗରୁ ରଥ ସହଗମନର ସ୍ୱର୍ଗୀୟ ପରମ୍ପରାକୁ ଯାତ୍ରାବୋଧ ଭିତ୍ତିରେ ମର୍ତ୍ତ୍ୟ ପ୍ରସିଦ୍ଧି ଦେଇଛି ।

ବୈଦିକ ଋଷିକ-କାବ୍ୟଦୃଷ୍ଟି ରଥ ଓ ରଥୀଙ୍କ ସମ୍ବନ୍ଧରେ ଦେବରଥଙ୍କୁ ବେଦରଥ ସହିତ ତୁଳନା କରିବା, ରଥୀ ଭାବରେ ଆତ୍ମାର ଉତ୍ତରଣ କଳନା କରିବା, ରଥର ବିଚିତ୍ର ରୂପ ବିଧାନ ଓ ମନୁ ସ୍ନାନ ବିଧାନ କଳ୍ପନା କରିବା ଏବଂ ରଥକୁ ଚେତନାଶକ୍ତି ଭାବରେ ବିଚାର କରି ଚେତସପୁରୁଷଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିବା ପ୍ରସଙ୍ଗରେ ଆବେଗପ୍ରବଣ ହୋଇଉଠିଛି । ଜଳପୁତ୍ର ଆପାନପାତ୍ ଓ ସୂର୍ଯ୍ୟାଂଶୀ ପୂଷନ୍ ଦେବ ରଥକୁ ମନରୂପକ ଅଶ୍ୱଦ୍ୱାରା ପରିଚାଳିତ ଜୀବନରଥ ଭାବରେ ବିବେଚନା କରିଛନ୍ତି । ପୁନଶ୍ଚ ସ୍ୱୟଂ ପୂଷନ୍ ସୂର୍ଯ୍ୟରଥର ଚକ୍ରଶକ୍ତି ଭାବରେ ଦାୟିତ୍ୱ ସଂପାଦନ କରି କାଳଚକ୍ରରେ ରୂପାନ୍ତର ଘଟନା କରୁଛନ୍ତି । ପ୍ରଥମଟିରେ କଳ୍ପନା ଉପମାଦ୍ୟୋତକ ଓ ଦ୍ୱିତୀୟ ଭାବନାଟିରେ କବିତ୍ୱ ବିଜ୍ଞାନବୋଧାତ୍ମକ ତର୍କଣା ଦ୍ୱାରା ବିଳସିତ । ଉଭୟ ତର୍କଣା ଓ ଉପମାକଳ୍ପର ସମନ୍ୱୟାତ୍ମକ ବର୍ଣ୍ଣନା ଭଙ୍ଗୀକୁ ପ୍ରଦତ୍ତ ରଥାନୁଗ ବେଦ-ମନ୍ତ୍ର ତ୍ରୟରୁ ଅନୁଭବ କରାଯାଇପାରେ । ଯଥା- କ) ସୁସାରଥିର ଶ୍ୱାନିବ ଯନ୍ମନୁଷ୍ୟାର୍ନେନୀୟତେ ତଭୀଶୁଭିର୍ବାନିବ ଇବ/ହୃଦ୍ ପ୍ରତିଷ୍ଠଂ ଯଦପରିଂ କବିଷ୍ଠଂ ତନ୍ମେ ମନଃ ଶିବସଂକଳ୍ପମସ୍ତୁ (-ଯଜୁଃବେଦ-୩୪-୬), ଖ) ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ ... (କଠୋପନିଷଦ-୧/୩/୩), ଗ) ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାଦ୍/... ତସ୍ୟେନ୍ଦ୍ରିୟାଣ୍ୟବଶ୍ୟାଦି ଦୃଷ୍ଟାଶ୍ୱା ଇବସାରଥେଃ/ଯସ୍ତୁବିଜ୍ଞାନବାନ୍ ଭବତି ଯୁକ୍ତେନ ମନସା ସଦା/ ତସ୍ୟେନ୍ଦ୍ରିୟାଣୀ ବଶ୍ୟାନି ସଦାଶ୍ୱ ଇବ ସାରଥେଃ - (ତତ୍ରୈବ-୧/ ୩-୪, ୫, ୬) ।

ଏଠାରେ ଉଭୟ ଯୁଜୁର୍ବେଦୀୟ ଓ ଉପନିଷଦୀୟ କବିଦୃଷ୍ଟି ଭାବବାଦୀ ଦିଗରୁ ମନୁଷ୍ୟର ସାମଗ୍ରିକତାକୁ ରଥ ରୂପରେ ଉପମାୟିତ କରିଛି । ଉଭୟର ଶାସ୍ତ୍ରୀୟ କବିତ୍ୱ ଦେହକୁ ରଥ ସ୍ୱରୂପ ଓ ରଥରୂପୀ ଦେହରେ ବିଜେ ପ୍ରତିମା ରୂପେ ଆତ୍ମାକୁ ସ୍ୱୀକାର କରନ୍ତି । ଆତ୍ମା ରଥୀ, ମନସାରଥି । ଇନ୍ଦ୍ରିୟମାନେ (କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଭାବରେ) ଅଶ୍ୱ ଅଳୀକ ବାସନାଗୁଡ଼ିକ ରଜ୍ଜୁ । ସାରଥି ମନ ବିବେକବାନ୍ ଅଥବା ଅବିବେକୀ ହୋଇପାରନ୍ତି । ବିବେକୀ ମନସାରଥି ସୁସାରିଥି ରୂପେ ସକୁଶଳ ଇନ୍ଦ୍ରିୟାଶ୍ୱମାନଙ୍କୁ ସଂଯତ ଓ ସଦାଚାରୀ କରି ଦ୍ରୁତଗାମୀ କରିଥାଏ । ଫଳତଃ ଦେହରଥ ଆତ୍ମାରଥୀଙ୍କୁ ବସାଇ ଜୀବନଚକ୍ରର ଅଭୀଷ୍ଟ ମହତ୍ତମ ବିନ୍ଦୁରେ ପହଞ୍ଚିପାରେ । ଅବିବେକୀ ସାରଥୀଙ୍କ ପାଖରେ ରଥଗତି ଲକ୍ଷ୍ୟନିଷ୍ଠ ହେବାରେ ବାଧାର ସମ୍ମୁଖୀନ ହୁଏ । ବୈଦିକ ରଥ ଉପମା ଏବଂ ତା'ର ପାରମ୍ପରିକ ସଂସ୍କାରବୋଧର ଅର୍ଥବୃତ୍ତି ଯେଉଁ ସନାତନୀୟ ସତ୍ୟର ଉଦ୍‌ଘୋଷଣ କରୁଛି ତାହା ହେଉଛି - ରଥର ଶରୀର ଅଛି । ମାନବର ଦେହ ବି ଏକ ରଥ । ରଥର କଳେବରରେ ରଥୀ ବସି ବ୍ରହ୍ମ-ଉତ୍ସବ ପାଳନ କରନ୍ତି । ଦେହରଥରେ ଆତ୍ମାରଥୀ ଆରୂଢ଼ ହୋଇ ମହତ୍ତମ ମିଳନ ଉଦ୍ଦେଶ୍ୟରେ (ଆତ୍ମା-ପରମାତ୍ମାର ମିଳନ) ପାର୍ଥିବ ସ୍ତରରୁ ଅପାର୍ଥିବକୁ ଯାତ୍ରା କରିଥାନ୍ତି । ଦେବରଥରେ ଋଭୁଗଣ /ଦିଗପାଳଗଣ ସାରଥି ହୋଇ ସଂସାର ମଙ୍ଗଳମୟତା ଉଦ୍ଦେଶ୍ୟରେ ଦେବତାଙ୍କୁ ଚରାଚର ଭ୍ରମଣ କରାନ୍ତି । ଦେହ ରଥରେ ଶୁଦ୍ଧ-ଆତ୍ମବ୍ରହ୍ମଙ୍କୁ ବସାଇ ମହତ ସଂକଳ୍ପାବଦ୍ଧ ମନସାରଥି ଇନ୍ଦ୍ରିୟ ଅଶ୍ୱମାନଙ୍କୁ ସଦ୍‌ଗୁଣରେ ସଚିତ୍ର କରି ଆୟତ୍ତରେ ରଖି ପରମ ସୁନ୍ଦର ଓ ସତ୍-ଚିତ୍-ଆନନ୍ଦଙ୍କ ନିତ୍ୟ କଲ୍ୟାଣ ବେଦୀ ଉଦ୍ଦେଶ୍ୟରେ ଚଳାଇ ନିଅନ୍ତି ।

ଅଥର୍ବ ବେଦ ସଂହିତାଙ୍କ ମତରେ ରଥ ସ୍ୱୟଂ ଦେବତା । ମହତ ବୃକ୍ଷମାନଙ୍କ କାଷ୍ଠ ରୂପ ମାଧ୍ୟମରେ ନିର୍ମିତ ରଥ ଦେବତାଙ୍କ ଅଭୀଷ୍ଟ ଯାତ୍ରାର ଶୁଭ ସାଧନ ନିମନ୍ତେ ମନୁସ୍ନାନ କରନ୍ତି । ଇନ୍ଦ୍ର-ବରୁଣ-ମରୁତ-ଅଗ୍ନି-ସୂର୍ଯ୍ୟଙ୍କ ଶକ୍ତି ଓ ଦଶଦିଗପାଳଙ୍କ ସୌନ୍ଦର୍ଯ୍ୟକୁ ସମୁଦାୟ କରି ରଥମହାତ୍ମାଙ୍କୁ ବଳଶାଳୀ, ଗୁଣଶାଳୀ ଓ ରୂପଶାଳୀ କରାଯାଏ । ରଥଙ୍କ ରଥ୍ୟା (ରଥମାର୍ଗ)କୁ ସୁଖକର କରିବା ପାଇଁ ପବିତ୍ର, ପରିଷ୍କୃତ କରିବା ପାଇଁ ଇନ୍ଦ୍ର-ବରୁଣ-ମରୁତ ମନୁଶୋଧନ କରନ୍ତି । ଜଗତର ଜୟ ପାଇଁ ରଥଯାତ୍ରା ବିଜୟ ଉତ୍ସବ ଭାବରେ 'ବୃହଦ୍ରଥା ବୃହତା' ପରମ୍ପରାର ସ୍ମାରକୀ ।

ସହୃଦୟବର୍ଗ ! ଋଗ୍‌ବେଦ କାଳରୁ ରଥ ସଂସ୍କୃତି ମଙ୍ଗଳମୟ ସୃଷ୍ଟି ବିଧାନ ସହିତ ଜଡ଼ିତ ଏକ ଆକାଶୀ ବା ନିଃସର୍ଗ ଚେତନାର ପ୍ରସଙ୍ଗ ଭାବରେ ବିବେଚିତ ହୋଇଆସିଛି । ଦେବତାଙ୍କ ନୈସର୍ଗିକ ଐଶ୍ୱର୍ଯ୍ୟ+ଔଦାର୍ଯ୍ୟ ତତ୍ତ୍ୱର ରଥାନୁଭୂତି ବୈଦିକ ଧାରାରୁ ନିର୍ଝରିତ ହୋଇ ଉପନିଷଦ ଓ ସଂହିତା ଯୁଗରେ ମାନବୀୟ ଜୀବନ ପରିଧିକୁ ସ୍ପର୍ଶ କରିଛି । ରଥକୁ ନେଇ ଦେହ, ମନ, ଆତ୍ମାର ପାରମାର୍ଥିକ ଅସ୍ତିତ୍ୱ କ୍ରମଶଃ ଉପମାୟିତ ହୋଇଛି । ରାମାୟଣ, ମହାଭାରତ ଓ ଅଷ୍ଟାଦଶ ପୁରାଣ ପର୍ଯ୍ୟାୟକୁ ଐଶ୍ୱର୍ଯ୍ୟ ଓ ଔଦାର୍ଯ୍ୟ (ସୁନ୍ଦର+ମଙ୍ଗଳ) ତତ୍ତ୍ୱର ରଥ ପରମ୍ପରା ଓ ରଥାନୁଭୂତି ମାଧୁର୍ଯ୍ୟ ଲୀଳାଦ୍ୟୋତକ ହୋଇ ଉଠିଛି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ଶୁକନୀତି, ବାସୁଦେବ ସଂହିତା ସୁତ ସଂହିତା ଓ ଯାତ୍ରା ସଂହିତା ଇତ୍ୟାଦିରେ ରଥ ପରମ୍ପରା କ୍ରମଶଃ ରାଜତାନ୍ତ୍ରିକ ଆଭିଜାତ୍ୟର ସଂରଚନା ଦ୍ୱାରା ମନ୍ଦିର ସଂସ୍କୃତି ସହିତ ଜଡ଼ିତ ହୋଇ ଉଠିଛି । ରାଜକୀୟ ଆଭିଜାତ୍ୟରେ ରଥ ନଗରଭ୍ରମଣ, ଅରଣ୍ୟ ବିହାର, ଉପବନ ବିହାର, ଯୁଦ୍ଧ ସଂଚାଳନ ଯାନ ଭାବରେ ବ୍ୟବହୃତ ହୋଇଛି । ସାଂପ୍ରଦାୟିକ ଧର୍ମାଚାର ଓ ମନ୍ଦିର ପରମ୍ପରାରେ ବୈଦିକ ବ୍ରହ୍ମୋତ୍ସବ ଦେବଯାତ୍ରା ବା ଦେବୋତ୍ସବ ଭାବରେ ପାଳିତ ହୋଇଛି । ଦେବତାଙ୍କ ପ୍ରତିଷ୍ଠା ଦିବସରେ ଦେବପ୍ରତିମାଙ୍କର ଶାନ୍ତିପ୍ରଦ ନଗର ଭ୍ରମଣ ଅବକାଶରେ ରଥାନୁବିଧି ଗ୍ରହଣୀୟ ହୋଇଛି ।

ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ନାରଦ ପୁରାଣ, ପଦ୍ମ ପୁରାଣ ଓ କପିଳ ପୁରାଣ ଇତ୍ୟାଦି ଶ୍ରୀଜଗନ୍ନାଥଙ୍କ ବ୍ରହ୍ମୋତ୍ସବ ରଥଯାତ୍ରାର ମହିମା ପ୍ରଖ୍ୟାପନରେ ବେଦାନୁଭୂତିକୁ ଲୀଳାନୁଭୂତିରେ ପରିଣତ ମାତ୍ର କରିଛନ୍ତି । ପରେ ସନାତନୀୟ ହିନ୍ଦୁଧର୍ମର ବିବର୍ତ୍ତିତ ଧର୍ମାଚାର (ବୌଦ୍ଧ-

ବ୍ରାହ୍ମଣ୍ୟ-ଶାକ୍ତ-ଶୈବ-ସୌର-ବୈଷ୍ଣବବାଦି) ଶ୍ରୀଜଗନ୍ନାଥଙ୍କୁ ବେଦାନୁସାରୀ ରଥଯାତ୍ରାରେ ଅନୁବିଧିରେ ପ୍ରବନ୍ଧ ଭାବରେ ନିବିଷ୍ଟ ହୋଇଉଠିଛି । ସୁତରାଂ ଶ୍ରୀକ୍ଷେତ୍ରର ରଥମାର୍ଗ ବଡ଼ଦାଣ୍ଡ ଉପରେ ଅନୁଷ୍ଠିତ ମୋକ୍ଷଦାୟକ ବିଶ୍ୱ କଲ୍ୟାଣ ଯାତ୍ରାର ମୂଳଉତ୍ସଟିର ଅନୁସନ୍ଧାନ କରି ବିଦ୍ୱାନମାନେ ଯାତ୍ରା ଆରମ୍ଭ କଲେ ନିଶ୍ଚିତ ବେଦ ବର୍ଣ୍ଣିତ ରଥ ପରମ୍ପରାରେ ପହଞ୍ଚିବେ ।

ଉତ୍କଳୀୟ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବିକଳ୍ପକରଣ କରିବାକୁ ଯାଇ ବିଭିନ୍ନ ମନ୍ଦିରଧାରାରେ ଦେବୀରଥ, ଶୈବରଥ, ସୌରରଥ, ପୁଷ୍ପରଥ ଓ ବୈଷ୍ଣବରଥ ଉପନିଷଦ, ସଂହିତା, ଆଗମ ଇତ୍ୟାଦିର ସିଦ୍ଧାନ୍ତ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ, ରଥ ପ୍ରତିଷ୍ଠା, ରଥ ଶୁଦ୍ଧକରଣ, ରଥକୁ ଦେବତାମାନଙ୍କୁ ଆବାହନ, ହୋମ, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା, ମନ୍ତ୍ରସ୍ନାନ, ଯଜ୍ଞ, ବଳିଦାନ, ରଥମଣ୍ଡନ, ରଥକୁ ସହଗମନ ବିଧାନକଳ୍ପେ ଦେବତା, ପାର୍ଶ୍ୱଦେବତା ଓ ସହଚର ଋଷି ମଣ୍ଡଳିଙ୍କୁ ଅଧିଷ୍ଠାନ ଓ ଆରୋହଣ କରାଇବା ବିଧି ମଧ୍ୟରେ ବୈଦିକ-ଉପନିଷଦୀୟ ଶାସ୍ତ୍ରକରଣକୁ ପ୍ରତ୍ୟକ୍ଷ କରାଯାଇପାରେ ।

ଅନୁରାଗୀ ବର୍ଗ ! ବର୍ତ୍ତମାନ ଭାବଚକ୍ଷୁରେ ରଥତ୍ରୟଙ୍କୁ ଲକ୍ଷ୍ୟ କରନ୍ତୁ । ରଥାରୂଢ଼ ପ୍ରତିମାମାନେ ପ୍ରତୀକ ନୁହଁନ୍ତି, ପ୍ରତ୍ୟୟ ନୁହନ୍ତି ସ୍ୱୟଂ ମହାଭାବ ସ୍ୱରୂପ । ସେମାନେ ବୁଦ୍ଧ ନୁହନ୍ତି, ଜୈନ ନୁହନ୍ତି, ବୌଦ୍ଧ ତ୍ରିସତ୍ୟ ଓ ଜୈନତ୍ରିରତ୍ନ ନୁହନ୍ତି - ସେମାନେ ଆମ ପୁରାଣବୋଧ ଅନୁସାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ଶକ୍ତି ସାମର୍ଥ୍ୟର ଅଧିପ୍ରେରଣା ମହାକାଳ-ସୁଦର୍ଶନ । ତାଙ୍କ ସହିତ ବୌଦ୍ଧ-ଜୈନାଦି ସଂସ୍କାରମାନେ ଆତ୍ମଲୀନ ହୋଇଛନ୍ତି ମାତ୍ର । ଏ ଆତ୍ମଲୀନତା ବିଶ୍ୱମୈତ୍ରୀ ଓ ସମତା ଓ ସମନ୍ୱୟର ମହାଭାବ ଉଦ୍ରେକ କରୁଛି । ପୁଣି ଥରେ ସୂକ୍ଷ୍ମ ଚକ୍ଷୁରେ ନିରୀକ୍ଷଣ କରନ୍ତୁ - ସ୍କନ୍ଦ ପୁରାଣଙ୍କ ଭାବନା ଅନୁରୂପ ରଥାରୋହୀ ଚତୁର୍ଦ୍ଧାମୂର୍ତ୍ତି ଚାରିବେଦରେ ରୂପାନ୍ତରିତ ହୋଇଯାଉଛନ୍ତି - 'ଋଗବେଦରୂପୀ ହଳଧୃକ୍ ସାମରୂପୋ ନୃକେଶରୀ/ଯର୍ଜୁମୂର୍ତ୍ତି ସ୍ତ୍ରିୟଂଭଦ୍ରା ଚକ୍ରମାଥର୍ବତାଂ ସ୍ମୃତମ୍' (ବିଷ୍ଣୁ ଖଣ୍ଡ) । ବେଦମନ୍ତ୍ରରେ ବିଶୋଧିତ ଓ ସୁଗନ୍ଧିତ ହୋଇଥିବା ରଥତ୍ରୟ ସ୍ୱୟଂ ବ୍ରହ୍ମ ଆଦେଶ ସ୍ୱରୂପ ବିରାଜମାନ । ତହିଁରେ ବଳରାମ ଋଗବେଦ ରୂପରେ, ନୃକେଶରୀ ଜଗନ୍ନାଥ ସାମବେଦ ରୂପରେ, ଶ୍ରୀଭଦ୍ରା ଯଜୁର୍ବେଦ ରୂପରେ ଓ ଶ୍ରୀସୁଦର୍ଶନ ଅଥର୍ବ ବେଦ ରୂପରେ ଆରୂଢ଼ ହୋଇ ମଙ୍ଗଳମୟ ଦୃଷ୍ଟିରେ ସଂସାରକୁ ଚାହିଁଛନ୍ତି ।

ବେଦାନ୍ତ ତତ୍ତ୍ୱଦର୍ଶୀ ରୂପେ ଦେବତାମାନଙ୍କୁ ଚାହିଁବା ହେଲେ ରଥ ଭିତରୁ ସେମାନେ ମଙ୍ଗଳଦାୟକ ମହାଭବମୂର୍ତ୍ତି-ଭୂଃ-ଭୁବଃ-ସ୍ୱଃ/ ସତ୍-ଚିତ୍-ଆନନ୍ଦ/ସତ୍ୱଃ-ରଜୋ-ତମଃ ରୂପରେ ମାଟିରୁ ଆକାଶ ସୁନ୍ଦରତମ ହୋଇ ବିଶ୍ୱରୂପ ଧାରଣ କରୁଛନ୍ତି । ଦ୍ୱୈତା ଦ୍ୱୈତବାଦୀଙ୍କ ସହିତ ସାଙ୍ଗ ହୋଇ ଦେଖନ୍ତୁ । ବ୍ରହ୍ମରୂପୀ ଓଁକାର ସଦୃଶ ଅ+ଉ+ମ ଦାରୁଦେବତାମାନେ ରଥାରୂଢ଼ ହୋଇ ଅବିନାଶୀ ଅବତାରୀ ଶକ୍ତିର ମହାପ୍ରତ୍ୟୟ ରୂପେ ତତ୍ତ୍ୱମସିଗୁଣ ବିତରଣ କରୁଛନ୍ତି । ଆଗମବାଦୀ ପଛରେ ଛିଡ଼ା ହୋଇ ମୁଦ୍ରାୟିତ ଭଙ୍ଗୀରେ ଦେଖାଯାଉ । ରଥତ୍ରୟୀ ଚକ୍ର-ସାଧନ ବେଦୀ ଓ ଏହି ବେଦୀ ଉପରେ ଶ୍ରୀଜଗନ୍ନାଥ କ୍ଳୀଂ ରୂପରେ, ସୁଭଦ୍ରା ହ୍ଲୀଂ ରୂପରେ ଓ ବଳଭଦ୍ର ଶ୍ରୀଂ ରୂପରେ ଶକ୍ତି-ମୁକ୍ତି-ବିଭୂତି ପ୍ରଦାନ କରୁଛନ୍ତି ।

ହିରଣ୍ୟମୟ ନନ୍ଦିଘୋଷ ରଥରେ ହିରଣ୍ୟଗର୍ଭ ସୂର୍ଯ୍ୟ-ବାମନଙ୍କ ରୂପରେ ଶ୍ରୀଜଗନ୍ନାଥ ଅମୃତମୟ ଆଲୋକମୟ ହୋଇଉଠୁଛନ୍ତି ଏବଂ ତାଙ୍କୁ ଦର୍ଶନ କରି ସ୍ୱତ ସଂହିତାର ବେଦାନ୍ତବାଦୀ ଋଷିକବି ଗାଇ ଉଠୁଛନ୍ତି ବାରମ୍ବାର - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।' ରଥାରୂଢ଼ ଦ୍ୟୁତିବାମନ ଭକ୍ତଙ୍କୁ ଆତ୍ମବିସ୍ମୃତ କେବଳ କରି ଦେଉ ନାହାନ୍ତି ଦଶ ମହାବିଦ୍ୟାଙ୍କୁ ମହାଶକ୍ତି ଭାବରେ ସାଙ୍ଗରେ ଧରି ସଂସାରରୁ ଦଶ ମହାପାପର ହରଣ କରିଚାଲିଛନ୍ତି ।

ପରିଶେଷରେ ରଥ ପ୍ରଲୁବ୍ଧ ମହାଭାବର ଅଭିଳାଷୀ ବର୍ଗ ! ଆପଣମାନଙ୍କ ପାଖରେ ମୋର ନିଷ୍କର୍ଷଟକୁ ଏହିପରି ରଖୁଛି -

- ଶାସ୍ତ୍ରୀୟଚର୍ଯ୍ୟା, ଆହ୍ନିକ କ୍ରିୟା ଓ ଲୌକିକ ବିଗ୍ରହ ପୂଜନ ବିଧାନ କ୍ରମେ ପାର୍ଥିବ ଜୀବନରେ ଆନନ୍ଦ ଓ ପରମାର୍ଥୀମୋକ୍ଷର ସକ୍ରିୟ ଫଳକୁ ଉପଲବ୍ଧି କରିବା ପାଇଁ ଦେବବିଗ୍ରହ ସ୍ଥାପନ ତିଥିରେ ଯେଉଁ ବ୍ରହ୍ମୋତ୍ସବ ଶୋଭାଯାତ୍ରା ନାମରେ ପାଳିତ ହୋଇଥାଏ, ସେହି ସନାତନୀୟ ପରମ୍ପରାର ଅନୁସରଣରେ ଶ୍ରୀଗୁଣ୍ଡିଚା ରଥ ସଂସ୍କୃତି ପ୍ରତିଷ୍ଠା ପାଇଛି । ସକଳ ସଂକୀର୍ଣ୍ଣ ବ୍ୟବଧାନ ଉର୍ଦ୍ଧ୍ୱରେ ଶାନ୍ତି-ମୈତ୍ରୀ-ସମତା-ମୋକ୍ଷ ପ୍ରଦାୟିନୀ ମହୋତ୍ସବ ରୂପେ ଏ ଯାତ୍ରା ମାନବାତ୍ମାକୁ ଅଳୀକ-ଭବ-ବନ୍ଧନରୁ ବିଚ୍ୟୁତ ହେବାର ଅବକାଶ ସୃଷ୍ଟି କରୁଛି । ପୁନଶ୍ଚ ସମୂହ ଭିତରେ ରହି ଅହେତୁକ ହୃଦୟରେ ସହଗମନ କରିବାର ପ୍ରେରଣା ଦେଉଛି ।
- ସର୍ବଧର୍ମ ସମନ୍ୱୟର ପ୍ରତୀକ ଏହି ମହୋତ୍ସବ ମର୍ମବାଣୀ ହେଉଛି ବୈଦିକ ସମତା । ରାଜା-ପ୍ରଜା, ସାଧୁ-ଅସାଧୁ, ନାସ୍ତିକ-ଆସ୍ତିକ, ଧନୀ-ଦରିଦ୍ର ସମସ୍ତଙ୍କୁ ସମାନମର୍ଯ୍ୟାଦା ଦେଇ ଆସିଥିବା ଏହି ଯାତ୍ରା କଳ୍ପର ସଂରଚନା ଜାତୀୟ-ଐତିହ୍ୟର ସୂଚକ ଓ ବିଶ୍ୱାୟିତ ଐକ୍ୟର ପ୍ରତୀକ ।
- ବୈଦିକ ଦର୍ଶନର ଅମୃତମୟ-ସୁଖମୟ-କଲ୍ୟାଣମୟ-ନିରାମୟ ବସୁଧୈବ କୁଟୁମ୍ବକତାର ମହାବୋଧକୁ ଧାରଣ କରିଥିବା ଶ୍ରୀଗୁଣ୍ଡିଚା-ଅବକାଶରେ ସ୍କନ୍ଦ ପୁରାଣାକାରଙ୍କ ନିର୍ମଳ କାବ୍ୟତାର ମାନ୍ତ୍ରିକ ସଂଗୀତଟିକୁ ଆସନ୍ତୁ ସମସ୍ୱରରେ ଗାଇବା - 'ଦରିଦ୍ରୋ କୃପଣୋବାପି ଗୃହସ୍ଥ ପ୍ରଭୁରେବବା/ସ୍ୱଦେଶ୍ୟା ପରଦେଶ୍ୟା ବା ସର୍ବତ୍ରତ୍ର ସମାନତାଃ ।'

ବରିଷ୍ଠ ଅଧ୍ୟାପକ
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର



# ମହାଲକ୍ଷ୍ମୀ

ପ୍ରଫୁଲ୍ଲ ଚନ୍ଦ୍ର ସାହୁ

**ଚ**କ୍ରବତ୍ ଘୂର୍ଣ୍ଣାୟମାନ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱବ୍ରହ୍ମାଣ୍ଡରେ ସଚରାଚର ପ୍ରାଣୀଜଗତ ନିଜ ନିଜର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୃଶ୍ୟମାନ ପ୍ରକୃତି ଉପରେ ନିର୍ଭରଶୀଳ ଥିଲାବେଳେ ମନୁଷ୍ୟ ତା'ର ନିର୍ଦ୍ଦିଷ୍ଟ ସୀମାରେଖା ଭିତରେ ପ୍ରଜ୍ଞା ଓ ଉନ୍ନତ ଚେତନା ଦ୍ୱାରା ନିର୍ଗୁଣ, ନିରାକାର, ପରାତ୍ପର ପରମେଶ୍ୱରଙ୍କର ଅନ୍ତର୍ନିହିତ ତ୍ରିଗୁଣ ମଧ୍ୟରୁ ରଜୋଗୁଣା ଶକ୍ତିକୁ ମହାଲକ୍ଷ୍ମୀ ରୂପେ ଉପାସନା ଓ ପ୍ରଚୋଦନା କରି ନିଜର ସୁଖ ସମୃଦ୍ଧି ପର୍ଯ୍ୟାପ୍ତ କରିବା ସହିତ ତାଙ୍କର କୃପାର୍ଜିତ ଧନରେ ଧର୍ମପାଳନ କରି ନିଜର ମୁକ୍ତିପଥକୁ ସୁଗମ କରିଥାଏ । ଲକ୍ଷୟତି ବା ପଶ୍ୟତୀତି ଲକ୍ଷ୍ମୀ - ଯାହା ବିଭୂତି ବା ଏଶ୍ୱର୍ଯ୍ୟ ବାଚକ, ଯିଏ ଅର୍ଥ ଓ ଐଶ୍ୱର୍ଯ୍ୟର ଦେବୀ, ପଡ଼ିଦାତ୍ରୀ, ପାଳନକର୍ତ୍ତୀ - ଯିଏ ନଥିଲେ ବା ଯାହାର କୃପା ନମିଳିଲେ ସାମାଜିକ ପ୍ରାଣୀ ମନୁଷ୍ୟର ସ୍ଥିତି ଓ ପ୍ରଗତି ଅସମ୍ଭବ । ଯଥାର୍ଥରେ ଶାସ୍ତ୍ରରେ କୁହାଯାଇଛି -

ଯସ୍ୟାର୍ଥ ସ୍ତସ୍ୟ ମିତ୍ରାଣୀ, ଯସ୍ୟାର୍ଥ ସ୍ତସ୍ୟ ବାନ୍ଧବାଃ ।
ଯସ୍ୟାର୍ଥ ସଃ ପୁମାଂଲ୍ଲୋକେ, ଯସ୍ୟାର୍ଥ ସ ହି ପଣ୍ଡିତଃ ।।

ଅର୍ଥାତ୍, ଯାହାର ଅର୍ଥ ଅଛି, ତା'ର ମିତ୍ର ଅଛନ୍ତି, ବନ୍ଧୁବାନ୍ଧବ, କୁଟୁମ୍ବ ଅଛନ୍ତି । ଅର୍ଥ ଥିବାରୁ ସେ ପୁରୁଷ ପ୍ରବର ଓ ବିଦ୍ୱତ୍ତା ନଥାଇ ମଧ୍ୟ ସେ ଧନବଳରେ ପଣ୍ଡିତ ।

ବର୍ତ୍ତମାନର ଅର୍ଥ ସର୍ବସ୍ୱ ବସ୍ତୁବାଦୀ ଦୁନିଆଁରେ ଏ ଉକ୍ତିର ବାସ୍ତବତା ସର୍ବଜନ ସ୍ୱୀକୃତ ହେଲେ ମଧ୍ୟ ପ୍ରାଚୀନ ସଭ୍ୟତାରେ ବି ଧନର ପ୍ରାସଙ୍ଗିକତା ଯେ କମ୍ ନଥିଲା, ତାହା ରାଜା ଭର୍ତ୍ତୃହରିଙ୍କ ନୀତି ଶ୍ଳୋକରୁ ଜଣାପଡ଼େ ।

'ମାତା ନିନ୍ଦତି, ନାଭିନନ୍ଦତି ପିତା, ପୁତ୍ରୋ ନସମ୍ଭାଷତେ
ଭୃତ୍ୟଃ କୁପ୍ୟତି, ନାନୁଗଚ୍ଛତି ସୂତା, କାନ୍ତା ନ ସନ୍ତୁଷ୍ୟତେ ।
ଅର୍ଥ ପ୍ରାର୍ଥବ ଶଙ୍କୟା ନକୁରୁତେ ଆଳାପ ମାତ୍ରଂ ସୁହୃଦ୍,
ତସ୍ମାଦର୍ଥମୁପାର୍ଜନଂ କରୁ ସଖେ, ଅର୍ଥେନ ସର୍ବେ ବଶାଃ ।।'

ତେବେ ଯେଉଁ ମହାଶକ୍ତିଙ୍କୁ ଆମେ ଧନପାଇଁ ଆରାଧନା ଓ ପ୍ରାର୍ଥନା କରୁ, ତାଙ୍କର ଉତ୍ପତ୍ତିର ରହସ୍ୟ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣିତ ଅଛି ।

**ପ୍ରଥମ ମତ** (ଶ୍ରୀମଦ୍ ଭାଗବତ ଓ ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ସୃଷ୍ଟିର ପ୍ରାକ୍‌କାଳରେ ମହାଶୂନ୍ୟରୂପୀ, ନିରାକାର, ନିର୍ଗୁଣ, ସର୍ବବ୍ୟାପୀ, ଅନନ୍ତ ପରମେଶ୍ୱର ବହୁକାଳ ଯୋଗନିଦ୍ରାରେ ନିଶ୍ଚଳ ଥିଲାବେଳେ ତାଙ୍କର ଅନ୍ତର୍ନିହିତ ଶକ୍ତି ବା ସ୍ୱମାୟା ସୃଷ୍ଟି ଇଚ୍ଛାରେ ଚଳଚଞ୍ଚଳ ହେଲେ ବା ବିକ୍ଷୁବ୍ଧ ହେଲେ । କେତେ କାଳ ବା ଏକା ଏକା ରହିବେ ? ତେଣୁ ଜଣେ ବ୍ୟକ୍ତି ଚେସ୍‌ର କଳାଧଳା - ଉଭୟ ଗୋଟିକୁ ଚଳାଇବା ପରି ବା ଜଣେ ବ୍ୟକ୍ତି ତାସ୍ ବିଡ଼ାକୁ ଦି'ଭାଗ କରି ଉଭୟ ପକ୍ଷରୁ ଖେଳିଲା ପରି ନିର୍ଗୁଣ, ନିରାକାର ପରମେଶ୍ୱର ତ୍ରିଗୁଣ ସହିତ ଶୁଭ ଅଶୁଭର ମିଶ୍ରଣରେ (ଶୁଭାଶୁଭାତ୍ମିକାୟାତୁ ଦୈବ ସୃଷ୍ଟିଃ ପ୍ରଶସ୍ୟତେ) ସଗୁଣ ହେଲେ । ସୃଷ୍ଟି ଇଚ୍ଛା କରି (ଏକୋଽହମ୍, ବହୁଷ୍ୟାମ) ଅଣ୍ଡ ବା ଡିମ୍ବଟିଏ ସୃଷ୍ଟି କଲେ, ଯାହାକୁ ବ୍ରହ୍ମଙ୍କ ଅଣ୍ଡ ବା ବ୍ରହ୍ମାଣ୍ଡ କୁହାଗଲା । ନିରାକାର ପରାତ୍ପରଙ୍କର ପ୍ରତି ଲୋମକୂପରେ ଏକ ଏକ ବ୍ରହ୍ମାଣ୍ଡ ସୃଷ୍ଟି ହେଲେ । ଏହି ବ୍ରହ୍ମାଣ୍ଡ ଭିତରେ ବିରାଟ ପୁରୁଷ ଜନ୍ମ ନେଲେ ଓ ତାଙ୍କୁ ଆବୃତ୍ତ କରି ଜଳ ପୂରି ରହିଲା । ବିରାଟ ପୁରୁଷ ନିଜକୁ ତିନି ଭାଗରେ ବିଭକ୍ତ କଲେ ବା ତ୍ରିଧାରାରେ ଉଚ୍ଛୁଳିଲେ । ଏମାନେ ହେଲେ ଆଦିବ୍ରହ୍ମା, ବିଷ୍ଣୁ ଓ ଶଙ୍କର । ବିରାଟ ପୁରୁଷ ସୃଷ୍ଟି ସର୍ଜନା, ପାଳନ ଓ ସଂହାର ପାଇଁ ଯଥାକ୍ରମେ ଆଦିବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କୁ ଦାୟିତ୍ୱ ଦେଲେ ।

କିନ୍ତୁ ଆଦିବ୍ରହ୍ମା ସୃଷ୍ଟି ସର୍ଜନା କରିବାରେ ଅସମର୍ଥ ହୋଇ ବିରାଟ ପୁରୁଷଙ୍କୁ ସ୍ତୁତି କଲେ । ତେଣୁ ବିରାଟ ପୁରୁଷ ବା ମହାବିଷ୍ଣୁଙ୍କ ନାଭିରୁ ଚତୁର୍ମୁଖ ବ୍ରହ୍ମାଙ୍କୁ ଧରି ଏକ ପଦ୍ମଫୁଲ ସୁଦୀର୍ଘ ମୃଣାଳ ସହିତ ଉଦ୍‌ଭବ ହେଲେ । ବିରାଟ ପୁରୁଷଙ୍କ ଆଜ୍ଞାରେ ଚତୁର୍ମୁଖ ବ୍ରହ୍ମା ପ୍ରଥମେ ସନକ, ସନନ୍ଦନ, ସନାତନ ଓ ସନତ୍ କୁମାର ନାମକ ଚାରି ମାନସ ପୁତ୍ରଙ୍କୁ ଜନ୍ମ ଦେଲେ, ମାତ୍ର ଏହି ଚାରିପୁତ୍ର ସୃଷ୍ଟି ପାଇଁ ଅନିଚ୍ଛୁକ ହୋଇ ତପସ୍ୟା କରି ଚାଲିଗଲେ । ଚତୁର୍ମୁଖ ବ୍ରହ୍ମା ତେଣୁ ଆଉ ୧୦ଟି ସନ୍ତାନ ସୃଷ୍ଟି କଲେ - ମରିଚି, ଅତ୍ରି, ଅଙ୍ଗିରସ, ପୌଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ, ଭୃଗୁ, ଦକ୍ଷ ଓ ନାରଦ । ବ୍ରହ୍ମାଙ୍କର ଦକ୍ଷ ଅଙ୍ଗୁଷ୍ଠିରୁ ଜାତ ଦକ୍ଷ ପ୍ରଜାପତିଙ୍କ ପ୍ରଥମ ଝିଅ ସତୀ ଶିବଙ୍କୁ ବିବାହ କଲେ ଓ ବାକି ତେର

ଝିଅ କଶ୍ୟପଙ୍କୁ ବିବାହ କରି ସୁର, ଅସୁର, ନାଗ, ପକ୍ଷୀ, କୀଟ ପତଙ୍ଗ ଆଦି ସମସ୍ତ ପ୍ରାଣୀ ଜଗତ ସୃଷ୍ଟି କଲେ । ଚତୁର୍ମୁଖ ବ୍ରହ୍ମା ନିଜକୁ ଦୁଇ ଭାଗରେ ବିଭକ୍ତ କରି ସ୍ୱୟଂଭୂବ ମନୁ ଓ ଶତରୂପାଙ୍କୁ ଜାତ କଲେ, ଯାହାଙ୍କ ମୈଥୁନରୁ ମାନବ ସମାଜ ଜନ୍ମ ନେଲେ । ଚତୁର୍ମୁଖ ବ୍ରହ୍ମାଙ୍କ ଧ୍ୟାନାବସ୍ଥାରେ ଚାରି ମୁଖରୁ ଚାରି ବେଦ ଆବିର୍ଭୂତ ହେଲେ ଓ ବେଦ ଧ୍ୱନିରୁ ଗାୟତ୍ରୀ ସମ୍ଭୂତ ହେଲେ ଓ ସମସ୍ତ ସୃଷ୍ଟିର ବିକାଶ ଓ ବିସ୍ତାର ହେଲା ।

ଏକଦା ଦୁର୍ବାସା ବୈକୁଣ୍ଠରୁ ପ୍ରଭୁଙ୍କ ଦର୍ଶନ କରି ଫେରୁଥିଲେ । ତାଙ୍କ ବେକରେ ବିଷ୍ଣୁଙ୍କ ପ୍ରଦତ୍ତ ଛଡ଼ା ଫୁଲମାଳଟିଏ ଥିଲା । ବାଟରେ ସେ ଇନ୍ଦ୍ରଙ୍କୁ ଦେଖି ଫୁଲମାଳଟିକୁ ନିଜ ବେକରୁ କାଢ଼ି ଇନ୍ଦ୍ରଙ୍କୁ ଦେଲେ । ଦେବରାଜ ଇନ୍ଦ୍ର ସେ ମାଳଟିକୁ ତାଙ୍କ ବାହନ ଐରାବତ ବେକରେ ପକାଇ ଦେଲେ । କିନ୍ତୁ ଐରାବତ ମଦମତ୍ତ ହୋଇ ମାଳଟିକୁ ତଳେ ପକାଇ ଗୋଡ଼ରେ ଦଳି ଦେଲା । ବିଷ୍ଣୁ ମାଳର ଅବଜ୍ଞା ଦେଖି ଦୁର୍ବାସା ଅପମାନିତ ହୋଇ ଇନ୍ଦ୍ରଙ୍କୁ ଲକ୍ଷ୍ମୀଛଡ଼ା ହେବାକୁ ଅଭିଶାପ ଦେଲେ । ଅଭିଶପ୍ତ ଇନ୍ଦ୍ର ଶ୍ରୀହୀନ ହୋଇ ଘୂରି ବୁଲିଲେ ଏବଂ ସ୍ୱର୍ଗ ଅସୁରମାନଙ୍କ କବଳିତ ହେଲା । ଦେବତାମାନଙ୍କ ଦୁଃଖ ଦେଖି ଦେବଗୁରୁ ବୃହସ୍ପତି କ୍ଷୀର ସାଗରରେ ବିଷ୍ଣୁଙ୍କୁ ସ୍ତୁତି କରିବା ପାଇଁ ପରାମର୍ଶ ଦେଲେ । ଇନ୍ଦ୍ର ଓ ଦେବଗଣ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁ ସାଗର ମନ୍ଥନ ପାଇଁ ଉପଦେଶ ଦେଲେ । ଇନ୍ଦ୍ର ଅସୁରରାଜ ବଳୀଙ୍କ ସହ ସଖ୍ୟସ୍ଥାପନ କରି, ସାଗର ମଧ୍ୟରେ ବିଭିନ୍ନ ଔଷଧୀୟ ବୃକ୍ଷ ପକେଇ ମନ୍ଦର ପର୍ବତ ଆଣି ସମୁଦ୍ର ମନ୍ଥନ କଲେ । ବାସୁକି ସର୍ପକୁ ରଜ୍ଜୁ କରି ତା'ର ମୁଣ୍ଡପଟ ଧରିଲେ ଅସୁରମାନେ ଓ ଲାଞ୍ଜ ପଟ ଧରିଲେ ଦେବତାମାନେ । ବିଷ୍ଣୁ ମହାକୂର୍ମ ହୋଇ ମନ୍ଦିର ତଳେ ରହିଲେ । ସାଗର ମନ୍ଥନ ହେଲା ଓ ତନ୍ମଧ୍ୟରୁ ଅମୃତଭାଣ୍ଡ ଧରି ଧନ୍ୱନ୍ତରୀ, ଉଚ୍ଚୈଶ୍ରବା ଅଶ୍ୱ, କୌସ୍ତୁଭମଣି ଆଦି ସହିତ ଜଗତମାତା ଲକ୍ଷ୍ମୀ ଆବିର୍ଭୁତା ହେଲେ ।

**ଦ୍ୱିତୀୟ ମତ** (ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ଯେତେବେଳେ କଶ୍ୟପ ଓ ତାଙ୍କ ତେର ସ୍ତ୍ରୀଙ୍କ ଔରସରୁ ସମସ୍ତ ଜୀବଜନ୍ତୁ ଓ ସ୍ୱୟଂଭୂବ ମନୁ ଓ ଶତରୂପାଙ୍କଠାରୁ ମାନବମାନେ ସୃଷ୍ଟି ହେଲେ, ସେତେବେଳେ ସେମାନେ ଖାଇବା ବିନା ଡହଳବିକଳ ହେଲେ । ଚତୁର୍ଭୁଜ ବ୍ରହ୍ମା ନିଜ ମାନସ ସନ୍ତାନ ଭୃଗୁଙ୍କୁ ଏମାନଙ୍କ ପାଳନ ପୋଷଣର ଉପାୟ ପଚାରିଲେ । ଭୃଗୁ ନିରାକାର ବ୍ରହ୍ମଙ୍କୁ ଧ୍ୟାନ କଲେ ଓ ତାଙ୍କ ଆଦେଶରେ ବେଦମାନଙ୍କରୁ ଅକ୍ଷର ଛନ୍ଦି ଗାୟତ୍ରୀ ମନ୍ତ୍ର ରଚନା କରି ଏକ ଲକ୍ଷ ମନ୍ତ୍ର ଜପ କଲେ । ମନ୍ତ୍ର ଜପର ଫଳ ସ୍ୱରୂପ ବ୍ରହ୍ମ ଦୁଇ ଭାଗ ହୋଇ ଶ୍ରୀ ଜନ୍ମ ନେଲେ । ଏହି ଶ୍ରୀ ବା ଲକ୍ଷ୍ମୀ ନିରାକାରଙ୍କ ଆଦେଶରେ ବିଛାମାସ ଶୁକ୍ଳ ଦଶମୀ ଗୁରୁବାର ଦିନ ଧ୍ୟାନରତ ଭୃଗୁଙ୍କ କୋଳରେ ସିଧା ଆସି ବସି ପଡ଼ିଲେ । ଆଶ୍ଚର୍ଯ୍ୟ ଚକିତ ଭୃଗୁ ପଚାରିଲେ - 'ମା' ତୁମେ କିଏ ?' ଲକ୍ଷ୍ମୀ ଉତ୍ତର ଦେଲେ - 'ମୁଁ ତୁମ କନ୍ୟା - ଭାର୍ଗବୀ' ।

'ଇନ୍ଦିରା ଲୋକମାତା ଚ ରମା ମଙ୍ଗଳ ଦେବତା
ଭାର୍ଗବୀ ଲୋକ ଜନନୀ କ୍ଷୀର ସାଗର କନ୍ୟାକା ।'

ବ୍ରହ୍ମର୍ଷି ଭୃଗୁ ମା' ଲକ୍ଷ୍ମୀଙ୍କ କଥାନୁସାରେ ତାଙ୍କୁ ନେଇ ବରୁଣ ପୁରୀରେ ଛାଡ଼ି ଆସିଲେ । ଯେତେବେଳେ ସାଗର ମନ୍ଥନ ହେଲା, ଅନ୍ୟାନ୍ୟ ପଦାର୍ଥ, ଧନ୍ୱନ୍ତରୀ, ଅମୃତ ଭାଣ୍ଡ ଆଦି ସହିତ ଲକ୍ଷ୍ମୀ ସାଗର ମଧ୍ୟରୁ ଆବିର୍ଭୂତ ହେଲେ । ନିଜେ ବରୁଣ ତାଙ୍କୁ ଅଭିଷେକ କଲେ । ଦୁଇଟି ହାତୀ - ଐରାବତ ଓ ପୁଣ୍ଡରିକ ତାଙ୍କୁ ଶୁଣ୍ଢ ଟେକି ପୂର୍ଣ୍ଣ କଳସୀ ଦ୍ୱାରା ଜଳାଭିଷେକ କଲେ । ସେଇଠୁ ସେ ଗଜଲକ୍ଷ୍ମୀ ରୂପେ ପୂଜିତା ହେଲେ ।

'ଅବର୍ଜିତ ଘଟଂ କାର୍ଯ୍ୟଂ ତତ୍‌ପୃଷ୍ଟେ କୁଂଜର ଦ୍ୱୟମ୍ ।'
ବିଷ୍ଣୁ ଧର୍ମୋତ୍ତର

ଜଳାଭିଷେକ ପରେ ସେଇ ଭିଜା ଦେହରେ ଲକ୍ଷ୍ମୀ ବରଣମାଳାଟିଏ ଧରି ବିଷ୍ଣୁଙ୍କ ଗଳାରେ ପକେଇ ତାଙ୍କୁ ସ୍ୱାମୀ ରୂପରେ ବରଣ କଲେ । ବ୍ରହ୍ମା, ରୁଦ୍ର, ଇନ୍ଦ୍ର ଓ ଅନ୍ୟ ଦେବତାମାନେ ଥାଇ ମଧ୍ୟ ଲକ୍ଷ୍ମୀ ସବୁଠୁ ଅଧିକ ତେଜସ୍ୱୀ ପୁରୁଷ ବିଷ୍ଣୁଙ୍କୁ ହିଁ ପତି ରୂପରେ ବରଣ କରି ସୃଷ୍ଟିର ସମସ୍ତ ଜୀବଜଗତକୁ ପଡ଼ି ବାଣ୍ଟି ଦେଲେ । ସୃଷ୍ଟିରେ ସବୁଠି, ସବୁକାଳେ ଅଧିକ ତେଜସ୍ୱୀ (ରୂପ, ଗୁଣ ଓ ଆର୍ଥିକ ସଂଗତି ସଂପନ୍ନ) ପୁରୁଷଙ୍କୁ ସ୍ତ୍ରୀମାନେ ପସନ୍ଦ କରିଥାନ୍ତି । ସେଥିପାଇଁ କବି ଲେଖିଲେ -

ତେଜସ୍ୱୀର କରେ କର ଛନ୍ଦିବାକୁ
ପ୍ରୟାସି ସଦା ସୁନ୍ଦରୀ,
ନୋହିଲେ କି ଫୁଲରାଣୀ କମଳିନୀ
ରବିଙ୍କୁ ଥାଆନ୍ତା ବରି ।
ପାର୍ବତୀ - ରାଧାନାଥ ରାୟ

**ତୃତୀୟ ମତ** (ମହାଲକ୍ଷ୍ମୀ ପୁରାଣ ଅନୁଯାୟୀ)

ଏକଦା ବିଷ୍ଣୁଙ୍କ ଚିରବସନ୍ତ ବିରାଜିତ ନିତ୍ୟରାସ ସ୍ଥଳୀରେ ଗୋପୀମାନଙ୍କ ସହିତ ପ୍ରଭୁ ରାସଲୀଳାରେ ମଗ୍ନ ଥିଲେ । ଆନନ୍ଦରେ ନୃତ୍ୟ କଲାବେଳେ ତାଙ୍କ ବାମ ଅଙ୍ଗରୁ ଏକ ଅପୂର୍ବ ସୁନ୍ଦରୀ ସ୍ତ୍ରୀ ଜାତ ହେଲେ । ଶ୍ରୀହରିଙ୍କ ସଂକଳ୍ପରୁ ସେ ସ୍ତ୍ରୀ ଦୁଇ ଭାଗରେ ବିଭକ୍ତ ହୋଇ ଦୁଇଟି ସ୍ତ୍ରୀରେ ପରିଣତ ହେଲେ ।

'ମହାଲକ୍ଷ୍ମୀ ରୂପ ଗୋଟି ବାମେ ବିରାଜିଲେ
ଶ୍ରୀରାଧା ରୂପେ ଶ୍ରୀହରି ଦକ୍ଷିଣେ ଶୋଭିଲେ ।'
ମହାଲକ୍ଷ୍ମୀ ପୁରାଣ

ମହାଲକ୍ଷ୍ମୀ ବାମ ପାର୍ଶ୍ୱରେ ଓ ଶ୍ରୀରାଧା ଦକ୍ଷିଣ ପାର୍ଶ୍ୱରେ ରହିବାରୁ ଶ୍ରୀହରି ମହାଭାବରେ ନିଜେ ଦୁଇ ଭାଗ ହୋଇଗଲେ । ତାଙ୍କର ଦକ୍ଷ ଅଂଗରୁ ଜାତ ଦ୍ୱିଭୁଜ ଶ୍ରୀକୃଷ୍ଣଙ୍କୁ ଶ୍ରୀରାଧା ବରଣ କଲେ ଓ

ବାମାଂଗରୁ ଜାତ ଚତୁର୍ଭୁଜ ଶ୍ରୀବିଷ୍ଣୁଙ୍କୁ ଲକ୍ଷ୍ମୀ ବରଣମାଳା ପିନ୍ଧେଇଲେ । ପାଳନକର୍ତ୍ତା ବିଷ୍ଣୁ ଓ ପଡ଼ିଦାତ୍ରୀ ଲକ୍ଷ୍ମୀଙ୍କର ଅପୂର୍ବ ମିଳନ ଫଳରେ ସଂସାରବାସୀମାନେ ନିଜର ଭରଣ ପୋଷଣର ଅଭୟ ଲାଭ କଲେ । ତେଣୁ ଲକ୍ଷ୍ମୀଙ୍କୁ ଯାଚି କରି ବିଷ୍ଣୁ ବର ଦେଲେ ଯେ -

ଜଗତର ହିତେ ତୁହି ହେବୁ ଜଗନ୍ମାତ
ପଡ଼ି ବାଣ୍ଟି ଦେଉଥିବୁ ପ୍ରାଣୀଗଣେ ନିତ୍ୟ ।
ତୁହି ଯେବେ ହାତ ଟେକି ଦେବୁ ମତେ ଅନ୍ନ
ଭୁଂଜିବି ନୋହିଲେ ଉପବାସ ନିଶ୍ଚେ ଜାଣ ।।
ମହାଲକ୍ଷ୍ମୀ ପୁରାଣ

**ଚତୁର୍ଥ ମତ** (ଶ୍ରୀଦୁର୍ଗା ସପ୍ତଶତୀରୁ)

'ସର୍ବସ୍ୟାଦ୍ୟା ମହାଲକ୍ଷ୍ମୀଃ ତ୍ରିଗୁଣା ପରମେଶ୍ୱରୀ
ଲକ୍ଷ୍ୟାଲକ୍ଷ୍ୟ ସ୍ୱରୂପା ସା ବ୍ୟାପ୍ୟକୃତ୍ସ୍ନଂ ବ୍ୟବସ୍ଥିତା ।'
ପ୍ରାଧାନିକଂ ରହସ୍ୟମ୍-ଶ୍ରୀଦୁର୍ଗାସପ୍ତଶତୀ

ସୃଷ୍ଟି ପୂର୍ବରୁ ପରାତ୍ପର ପରମେଶ୍ୱର ଓ ତାଙ୍କର ଅନ୍ତର୍ନିହିତ ମହାଶକ୍ତି ମହାଶୂନ୍ୟରେ ନିଷ୍କଳ ଭାବରେ ସର୍ବବ୍ୟାପ୍ତ, ନିରନ୍ଧ୍ର ହୋଇ ରହିଥିଲେ । ସେ ଦୃଶ୍ୟ ଏବଂ ଅଦୃଶ୍ୟ ରୂପରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ବ୍ୟାପି କରି ସ୍ଥିତ ଥିଲେ । ଏହି ମହାଶକ୍ତିକୁ ପଣ୍ଡିତମାନେ ଆଦ୍ୟା ପ୍ରକୃତି ବା ଆଦ୍ୟା ମହାଲକ୍ଷ୍ମୀ କହିଅଛନ୍ତି, ଯିଏ ସତ୍ତ୍ୱ, ରଜ ଓ ତମ - ତିନିଗୁଣର ସମାନ ଅଧିକାରୀ ଥିଲେ । ସୃଷ୍ଟି ବାସନା ଜାଗ୍ରତ ହେବାରୁ ନିଜକୁ ତ୍ରିଗୁଣ କ୍ରମରେ ତିନିଭାଗ କଲେ - ତମୋଗୁଣା ମହାକାଳୀ, ରଜୋଗୁଣା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀ । କିନ୍ତୁ ପୁରୁଷ ଓ ପ୍ରକୃତିର ସଂଯୋଗ ବିନା ସୃଷ୍ଟି ସମ୍ଭବ ନହେବାରୁ, ନିଜ ନିଜ ମଧ୍ୟରୁ ମିଥୁନମାନ ସୃଷ୍ଟି କଲେ । ମହାକାଳୀଙ୍କଠାରୁ ଶିବ ଓ ସରସ୍ୱତୀ, ମହାଲକ୍ଷ୍ମୀଙ୍କଠାରୁ ବ୍ରହ୍ମା ଓ ଲକ୍ଷ୍ମୀ ଏବଂ ମହାସରସ୍ୱତୀଙ୍କଠାରୁ ବିଷ୍ଣୁ ଓ ଗୌରୀ ଉଦ୍‌ଭବ ହେଲେ । ଆଦ୍ୟା ମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ବ୍ରହ୍ମା-ସରସ୍ୱତୀ, ବିଷ୍ଣୁ-ଲକ୍ଷ୍ମୀ ଓ ଶିବ-ଗୌରୀ ଯୋଡ଼ିଙ୍କ ସଂଯୋଗରେ ସୃଷ୍ଟି ସର୍ଜନା, ପାଳନ ଓ ସଂହାର ସମ୍ଭବ ହେଲା ।

ତ୍ରିଗୁଣମୟୀ ଆଦ୍ୟାପ୍ରକୃତି ବା ଆଦ୍ୟା ମହାଲକ୍ଷ୍ମୀ -

* ତମୋଗୁଣା ମହାକାଳୀ - ଶିବ (ଶିବ+ଗୌରୀ) ଓ ସରସ୍ୱତୀ
* ରଜୋଗୁଣା ମହାଲକ୍ଷ୍ମୀ - ବ୍ରହ୍ମା (ବ୍ରହ୍ମା+ସରସ୍ୱତୀ) ଓ ଲକ୍ଷ୍ମୀ
* ସତ୍ତ୍ୱଗୁଣା ମହାସରସ୍ୱତୀ - ବିଷ୍ଣୁ (ବିଷ୍ଣୁ+ଲକ୍ଷ୍ମୀ) ଓ ଗୌରୀ

ଉପରୋକ୍ତ ରେଖାଚିତ୍ରରୁ ଦେଖିବା ଯେ ତ୍ରିଗୁଣମୟୀ ଆଦ୍ୟା ମହାଲକ୍ଷ୍ମୀ, ତମୋଗୁଣା ମହାକାଳୀ, ରଜୋଗୁଣା ମହାଲକ୍ଷ୍ମୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀରେ ତ୍ରିବିଧ ବିଭକ୍ତ ହେଲେ । ତେବେ ତମୋଗୁଣା ମହାକାଳୀଠାରୁ ସତ୍ତ୍ୱଗୁଣା ସରସ୍ୱତୀ ଓ ସତ୍ତ୍ୱଗୁଣା ମହାସରସ୍ୱତୀଙ୍କଠାରୁ ତମୋଗୁଣା ଗୌରୀ ଜାତ ହେଲାବେଳେ ରଜୋଗୁଣା ମହାଲକ୍ଷ୍ମୀଙ୍କଠାରୁ ରଜୋଗୁଣା ଲକ୍ଷ୍ମୀ ଜାତ ହୋଇଛନ୍ତି । ଅର୍ଥାତ୍ ତମଶକ୍ତିରୁ ସତ୍ତ୍ୱଶକ୍ତି ଓ ସତ୍ତ୍ୱଶକ୍ତିରୁ ତମଶକ୍ତି ଜାତ ହୋଇ ପାରିଛନ୍ତି ଓ ରଜଶକ୍ତି ମହାଲକ୍ଷ୍ମୀଙ୍କଠାରୁ ଜାତ ରଜଶକ୍ତି ଲକ୍ଷ୍ମୀ ପ୍ରାଧାନ୍ୟ ଲାଭ କରିଛନ୍ତି, ଯେହେତୁ ସୃଷ୍ଟି ପାଳନ କର୍ତ୍ତା ଓ ମୋକ୍ଷଦାତା ବିଷ୍ଣୁଙ୍କ ସହିତ ସଂଯୁକ୍ତ ହୋଇ ସେ ସଂସାରବାସୀଙ୍କୁ ପାଳନ ପୋଷଣ କରି ସୁଖସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦିଅନ୍ତି ।

ତେବେ ପରମେଶ୍ୱରଙ୍କ ଅନ୍ତର୍ନିହିତ ତ୍ରିଗୁଣମୟୀ ଆଦ୍ୟାଶକ୍ତି ବା ଆଦ୍ୟାମହାଲକ୍ଷ୍ମୀ ଯେମିତି ସର୍ବବ୍ୟାପୀ ଓ ପୂର୍ଣ୍ଣ, ତାଙ୍କଠାରୁ ସମ୍ଭୂତ ତମଶକ୍ତି ଓ ସତ୍ତ୍ୱଶକ୍ତି ସହିତ ରଜଶକ୍ତି ମହାଲକ୍ଷ୍ମୀ ଏବଂ ତାଙ୍କଠୁ ସମ୍ଭୂତ ଲକ୍ଷ୍ମୀ ମଧ୍ୟ ସେମିତି ପୂର୍ଣ୍ଣ । ଶାସ୍ତ୍ରରେ ଅନ୍ୟତ୍ର କୁହାଯାଇଛି -

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।'

ମହାସାଗର ମଧ୍ୟରେ ବୁଡ଼ି, ପାଣି ଭିତରେ ଢାଳେ ପାଣି ଧରିଲେ, ମହାସାଗର ଯେମିତି ପୂର୍ଣ୍ଣ, ଢାଳକ ପାଣି ସେମିତି ପୂର୍ଣ୍ଣ, କାରଣ ପାଣି ଢାଳକ ସେଇ ମହାସାଗର ଜଳ ମଧ୍ୟରେ ଅଛି । ମହାସାଗର ବାହାରକୁ ଆସିଲେ, ଢାଳକ ଜଳ ମହାସାଗର ପରିପୂର୍ଣ୍ଣ ନୁହେଁ । ସେମିତି ସର୍ବବ୍ୟାପୀ ଅନନ୍ତ ବ୍ରହ୍ମଙ୍କ ହିରଣ୍ୟଗର୍ଭରେ ମହାଲକ୍ଷ୍ମୀ ଯେମିତି ପୂର୍ଣ୍ଣ, ଲକ୍ଷ୍ମୀ ସେମିତି ପୂର୍ଣ୍ଣ ଓ ଅଭିନ୍ନ । ବେଦରେ ଲକ୍ଷ୍ମୀସୂକ୍ତରେ ଓ ଗାୟତ୍ରୀରେ ମଧ୍ୟ କୁହାଯାଇଛି -

'ମହାଲକ୍ଷ୍ମୈ ଚ ବିଦ୍ମହେ ବିଷ୍ଣୁପତ୍ନୈ ଚ ଧୀମହି ।
ତନ୍ନୋ ଲକ୍ଷ୍ମୀଃ ପ୍ରଚୋଦୟାତ୍ ।।'

ତେଣୁ ଯେ ମହାଲକ୍ଷ୍ମୀ, ସେ ହିଁ ଲକ୍ଷ୍ମୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେବେ ମା' ଲକ୍ଷ୍ମୀଙ୍କ ମାହାତ୍ମ୍ୟର ବିଶେଷତ୍ୱ ହେଲା ଯେ ସେ ସୃଷ୍ଟିର ପାଳନକର୍ତ୍ତ୍ରୀ ଓ ପଡ଼ିଦାତ୍ରୀ ଠାକୁରାଣୀ । ପୃଥିବୀର ସର୍ବପ୍ରାଚୀନ ଋଗ୍‌ବେଦରେ ଲକ୍ଷ୍ମୀଙ୍କୁ ଶ୍ରୀସୂକ୍ତ ଓ ଲକ୍ଷ୍ମୀ ସୂକ୍ତରେ ଯେଉଁ ପ୍ରାର୍ଥନା କରାଯାଇଛି, ତାହା ଦାରିଦ୍ର୍ୟ ଦୂରକରିବା ପାଇଁ ଅବ୍ୟର୍ଥ ଔଷଧ । ସେଥିରୁ କିୟଦଂଶ ନିମ୍ନରେ ଉଦ୍ଧୃତ ହେଲା -

'ପଦ୍ମାନନେ, ପଦ୍ମବିପଦ୍ମପତ୍ରେ, ପଦ୍ମପ୍ରିୟେ, ପଦ୍ମଦଲାୟତାକ୍ଷି
ବିଶ୍ୱପ୍ରିୟେ, ବିଷ୍ଣୁମନୋଽନୁକୂଳେ, ତ୍ୱତପାଦପଦ୍ମଂମୟିସଂନିଧତ୍ସ୍ୱ ।
ପଦ୍ମାନନେ, ପଦ୍ମଊରୁ, ପଦ୍ମାକ୍ଷି, ପଦ୍ମସମ୍ଭବେ ।
ତନ୍ମେ ଭଜସି ପଦ୍ମାକ୍ଷି, ଯେନ ସୌଖ୍ୟଂ ଲଭ୍ୟାମ୍ୟହମ୍ ।।
ଶ୍ରୀର୍ବର୍ଚସ୍ୱମାୟୁଷ୍ୟ ମାରୋଗ୍ୟ ମାବିଧାଚ୍ଛୋଭମାନଂ ମହୀୟତେ ।
ଧନଂ ଧାନ୍ୟଂ ପଶୁଂ, ବହୁପୁତ୍ର ଲାଭଂ, ଶତ ସମ୍ବତ୍ସରଂ ଦୀର୍ଘମାୟୁଃ ।।'

ଅର୍ଥାତ୍, ହେ ପଦ୍ମମୁଖୀ, ପଦ୍ମଗାତ୍ରୀ, ପଦ୍ମନୟନା, କମଳପ୍ରିୟା ଲକ୍ଷ୍ମୀ, ତୁମେ ବିଷ୍ଣୁ ପ୍ରାଣ ବଲ୍ଲଭା ଓ ବିଶ୍ୱର ସବୁଠୁ ପ୍ରିୟ ଦେବୀ, ତୁମର ଚରଣ-କମଳ ମୋ ଘରେ, ମୋ ଉପରେ ସବୁବେଳେ ବିରାଜମାନ କରୁ । ହେ ପଦ୍ମମୁଖୀ, ପଦ୍ମସମ୍ଭବା, କୋମଳାଂଗୀ ଦେବୀ, ମୁଁ ତୁମକୁ ଭଜନ କରୁଛି, ମୋ ଉପରେ ଦୟା ଦୃଷ୍ଟି ରଖିଥାଅ, ଯେମିତି ସବୁପ୍ରକାର ସୁଖ ସମୃଦ୍ଧି ମତେ ମିଳୁ । ଏହି ଋଗ୍ ବେଦୋକ୍ତ ଶ୍ରୀସୂକ୍ତ ଓ ଲକ୍ଷ୍ମୀସୂକ୍ତ ପାଠ କଲେ ଧନସଂପତ୍ତି, ତେଜ, ଆୟୁ ଓ ଆରୋଗ୍ୟ ଲାଭ ହୁଏ । ଶରୀରର ଶୋଭା ବୃଦ୍ଧି ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ । ଧନଧାନ୍ୟ, ଗୋ-ମହିଷାଦି, ପୁତ୍ର ପୁତ୍ରୀ ପ୍ରାପ୍ତ ହୁଏ ଓ ଆୟୁ ଶହେ ବର୍ଷ ହୁଏ ।

ମହାଲକ୍ଷ୍ମୀଙ୍କର ଏ ସମସ୍ତ ଜନ୍ମ ରହସ୍ୟ ଓ ଋଗ୍‌ବେଦୀୟ ମାହାତ୍ମ୍ୟ, ଆମ ଓଡ଼ିଆଙ୍କ ଆରାଧ୍ୟ ସର୍ବଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳରେ ବିଶେଷ ଭାବରେ ପ୍ରତିଫଳିତ । ସିଂହଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବା ଶ୍ରୀଙ୍କର ସ୍ୱାଗତ ଭଙ୍ଗୀରେ ଉପବିଷ୍ଟ ମୂର୍ତ୍ତି - 'ଶ୍ରୀମନ୍ଦିର' ନାମକରଣର ଔଚିତ୍ୟ ପ୍ରମାଣ କରେ । ପରଂବ୍ରହ୍ମ ଜଗନ୍ନାଥଙ୍କ ପଶ୍ଚାତଭାଗରେ ତାଙ୍କର ତ୍ରିଗୁଣ ଶକ୍ତି ହେଲେ - ମହାକାଳୀ-ବିମଳା, ମହାସରସ୍ୱତୀ ଓ ମହାଲକ୍ଷ୍ମୀ । ଜଗନ୍ନାଥଙ୍କ ପ୍ରସାଦ ମହାଲକ୍ଷ୍ମୀ ଗ୍ରହଣ କରନ୍ତି ନାହିଁ । ତାଙ୍କର ସ୍ୱତନ୍ତ୍ର ପାକଶାଳା ଓ ଘୃତପାକ ପିଠା ହିଁ ତାଙ୍କର ପ୍ରସାଦ । ତାଙ୍କଠୁ ସମ୍ଭୂତ ଲକ୍ଷ୍ମୀ, ଶ୍ରୀଦେବୀ ନାମରେ ଜଗନ୍ନାଥଙ୍କ ପାଖରେ - ରତ୍ନସିଂହାସନରେ ବସିଛନ୍ତି । ଗୁରୁବାରମାନଙ୍କରେ ସେହି ଲକ୍ଷ୍ମୀ, ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହିତ ପାଲିଙ୍କିରେ ବସି ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଯାଇ ଏକାନ୍ତ ବାସ କରନ୍ତି ।

'ଯଥା ଦେବେ, ତଥା ଦେହେ' - ନୀତିରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତି ମଣିଷଙ୍କ ପରି ହୁଏ । ଜ୍ୟେଷ୍ଠ ମାସ ଏକାଦଶୀରେ ଲକ୍ଷ୍ମୀ ସ୍ୱରୂପା ରୁକ୍ମିଣୀଙ୍କ (କୃଷ୍ଣସ୍ତୁ ଜଗନ୍ନାଥସ୍ୱୟମ୍) ଜଗନ୍ନାଥଙ୍କ ସହିତ ବିବାହ ହୁଏ । ତା'ପରଦିନ ଦ୍ୱାଦଶୀରେ ମଦନମୋହନ ଓ ଲକ୍ଷ୍ମୀ-ଯମେଶ୍ୱର ମନ୍ଦିରକୁ ଭ୍ରମଣ କରି ଯାଆନ୍ତି । ଚତୁର୍ଦ୍ଦଶୀ ଦିନ ଚତୁର୍ଥୀ ହୋମ ହୁଏ । ଏହି ବିବାହ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ସ୍ନାନ ପୂର୍ଣ୍ଣିମା ଦିନ ସୁନାକୂଅ ପାଣିରେ ସ୍ନାନ କରି ପ୍ରଭୁ ଜ୍ୱରରେ ପୀଡ଼ିତ ହୁଅନ୍ତି । ଆରୋଗ୍ୟ ହେବା ପରେ ନବଯୌବନ ପ୍ରାପ୍ତ ହୋଇ ଭାଇଭଉଣୀଙ୍କ ସହିତ ଗୁଣ୍ଡିଚା ଯାତ୍ରାରେ ବାହାରି ଯାଆନ୍ତି । ଲକ୍ଷ୍ମୀ ତାଙ୍କ ବିରହରେ ଦାଲୁଅ ଚାଉଳ ଭାତ ଓ କଳମ୍ବ ଶାଗ ଖାଇ ଅପେକ୍ଷା କରନ୍ତି । ହେରା ପଞ୍ଚମୀ ଦିନ ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ପ୍ରଭୁଙ୍କୁ ଡାକିବାକୁ ଯାଆନ୍ତି ଓ ନବଦିନ ପୂର୍ଣ୍ଣ ହୋଇନଥିବାରୁ ଶ୍ରୀଜଗନ୍ନାଥ ଆସନ୍ତି ନାହିଁ । ତେଣୁ ରାଗରେ ରଥ ଭାଙ୍ଗି ହେରାଗୋହିରୀ ବାଟେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ମା' ଲକ୍ଷ୍ମୀଙ୍କ ପ୍ରୀତିପୂର୍ଣ୍ଣ ନିମନ୍ତ୍ରଣକୁ ସମ୍ମାନ ଜଣାଇ ଅଷ୍ଟମୀ ଦିନ ନନ୍ଦିଘୋଷ ରଥ ପ୍ରଥମେ ଦକ୍ଷିଣ ମୋଡ଼ ହୁଏ । ବାହୁଡ଼ା ଦିନ ନନ୍ଦିଘୋଷ ଶ୍ରୀନଅର ପାଖରେ ପହଞ୍ଚିଲା ମାତ୍ରକେ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ପାଛୋଟି ନେବାକୁ ଆସନ୍ତି, ଯାହାକୁ ଲକ୍ଷ୍ମୀ-ନାରାୟଣ ଭେଟ କୁହାଯାଏ ଓ ଏହି ନୀତି ଗଜପତି ମହାରାଜା ନିଜେ କରାନ୍ତି । ନୀଳାଦ୍ରି ବିଜୟ ଦିନ ଚାହାଁଣୀ ମଣ୍ଡପରୁ ଲକ୍ଷ୍ମୀ ଆରତୀ ବନ୍ଦାପନା କରନ୍ତି । ଲକ୍ଷ୍ମୀଙ୍କ ମାନଭଂଜନ ପାଇଁ ସେଦିନ ରସଗୋଲା ଭୋଗ ହୁଏ ଓ ଗୋଟି ପହଣ୍ଡିରେ ତିନି ଦିଅଁ ଶ୍ରୀମନ୍ଦିରରେ ପ୍ରବେଶ କରନ୍ତି । ମାତ୍ର ପ୍ରଭୁ ଜଗନ୍ନାଥ ଜୟବିଜୟ ଦ୍ୱାର ପାଖରେ ପହଞ୍ଚିଲା କ୍ଷଣି, ମା' ଲକ୍ଷ୍ମୀ ଦ୍ୱାର ବନ୍ଦ କରି ଦିଅନ୍ତି । ପ୍ରଭୁ ଜଗନ୍ନାଥ ବହୁତ କାକୁତି ମିନତି କରି, ଲକ୍ଷ୍ମୀ ଶ୍ରୀୟା ଚାଣ୍ଡାଳୁଣୀ ଘରକୁ ବିଜେ କଲାପରି ସେ 'ପତିତପାବନ' ନାମକୁ ସାର୍ଥକ କରି ଘୋଷଯାତ୍ରା କରିଥିଲେ ବୋଲି କହି ପ୍ରେମପୂର୍ଣ୍ଣ ଭାଷାରେ 'ଦ୍ୱାର ଖୋଲ ସିନ୍ଧୁ ଜେମା' ବୋଲି ଅନୁରୋଧ କରନ୍ତି । ତା'ପରେ ବିରହିଣୀ ଲକ୍ଷ୍ମୀ ଦ୍ୱାର ଖୋଲି ପ୍ରଭୁଙ୍କୁ ପାଛୋଟି ନେଇ ଗଇଁଠାଳ ଖୋଲି ରତ୍ନ ସିଂହାସନରେ ବସେଇ ଦିଅନ୍ତି ।

ଓଡ଼ିଆ ରୀତିନୀତିରେ ଅବଗାହୀତା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଝୋଟି-ଚିତାରେ ଶ୍ରଦ୍ଧା ଓ ଶ୍ରୀୟା ଚଣ୍ଡାଳୁଣୀ ଘରେ ଅକାତରେ ପ୍ରବେଶ ଓ ବରଦାନ ପତିତପାବନ ଶ୍ରୀଜଗନ୍ନାଥଙ୍କ ପରି ତାଙ୍କର ସାର୍ବଜନୀନତାର ଅକାଟ୍ୟ ପ୍ରମାଣ ।

'ଓଁ ନମୋସ୍ତେସ୍ତୁ ମହାମାୟେ ଶ୍ରୀପୀଠେ ସୁର ପୂଜିତେ
ଶଙ୍ଖ ଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମୋସ୍ତୁତେ ।'

ପୂର୍ବତନ ବରିଷ୍ଠ ଉପ-ଆଞ୍ଚଳିକ ନିର୍ଦ୍ଦେଶକ
ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର
ବୁଢ଼ିମା ଲେନ୍, ଦଉତୋଟା, ପୁରୀ

# ଶ୍ରୀଜଗନ୍ନାଥ ଭାବଚେତନାରେ ଶ୍ରୀନୀଳଚକ୍ର

ଦେବାଶିଷ ଚକ୍ରବର୍ତ୍ତୀ



**ଶ୍ରୀ**ଜଗନ୍ନାଥ କେବଳ ଉତ୍କଳର ନାଥ ନୁହନ୍ତି, ବରଂ ସେ ଜଗତର ନାଥ ରୂପେ ବିଦିତ ହୋଇ ଏହି ଜାତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । ସମୁଦ୍ରର ଅନନ୍ତବକ୍ଷରେ ନଦୀମାନେ ବିଲୀନ ହେବାଭଳି ଶ୍ରୀଜଗନ୍ନାଥଙ୍କ ନିକଟରେ ବହୁ ମତ ପନ୍ଥ ମିଶି ଏକାକାର ହୋଇଯାଇଛି । ଆଦ୍ୟରେ ଶବର ପୂଜିତ ଶ୍ରୀଜଗନ୍ନାଥ ପରବର୍ତ୍ତୀ କାଳରେ ବୌଦ୍ଧଙ୍କର ତ୍ରିତତ୍ତ୍ୱ, ଜୈନଙ୍କର ତ୍ରିରତ୍ନ, ବୈଷ୍ଣବଙ୍କର ଶ୍ରୀପତି, ଶୈବଙ୍କର ଭୈରବ, ଗାଣପତ୍ୟଙ୍କର ଶ୍ରୀଗଣେଶ ଏବଂ ତାନ୍ତ୍ରିକଙ୍କର ଦକ୍ଷିଣ କାଳିକା ରୂପେ ଅଭିହିତ ହୋଇଛନ୍ତି । ବେଦମନ୍ତ୍ରରେ ସେ ପୁଣି ସାଜିଛନ୍ତି ପ୍ରଣବ ଓଁକାର । ତେଣୁ କୌଣସି ନିର୍ଦ୍ଦିଷ୍ଟ ମତପନ୍ଥ ମଧ୍ୟରେ ସେ ନିଜକୁ ସୀମିତ କରି ଦେଇ ନାହାନ୍ତି । ବରଂ ବହୁ ମତ ପନ୍ଥକୁ ଆତ୍ମସ୍ଥ କରି ସେ ଗଣ ଦେବତାର ମାନ୍ୟତା ପାଇଛନ୍ତି । ଶ୍ରୀଜଗନ୍ନାଥ କେବଳ ଲୀଳାମୟ ନୁହନ୍ତି, ସେ ମଧ୍ୟ ରହସ୍ୟମୟ । ତାଙ୍କ ରହସ୍ୟକୁ ଭେଦ କରିବା ସାଧ୍ୟାତୀତ । ତେଣୁ କୁହାଯାଇଛି - 'ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନ ଜାନାନ୍ତି କୁତୋ ମନୁଷ୍ୟାଃ ।'

ଶ୍ରୀଜଗନ୍ନାଥଙ୍କ ଅଧିଷ୍ଠାନ କ୍ଷେତ୍ର ଶ୍ରୀକ୍ଷେତ୍ର ଓ ତାଙ୍କ ମନ୍ଦିର ଶ୍ରୀମନ୍ଦିର ରୂପେ ପରିଚିତ । 'ପୁରୁଷୋତ୍ତମ' ଉଭୟ କ୍ଷେତ୍ର ଓ କ୍ଷେତ୍ରୀଙ୍କୁ ସୂଚୀତ କରୁଛି । ଶ୍ରୀଜଗନ୍ନାଥଙ୍କ ପରି ଶ୍ରୀକ୍ଷେତ୍ରର ଗାରିମା ମଧ୍ୟ ଧ୍ୱନିତ ହେଉଛି । ତେଣୁ ସ୍କନ୍ଦ ପୁରାଣ ପ୍ରକାଶ କରିଛି - 'ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମ, ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମ ।' ଶ୍ରୀକ୍ଷେତ୍ର ପରି ଶ୍ରୀମନ୍ଦିର ମଧ୍ୟ ମହିମାମଣ୍ଡିତ ହୋଇଉଠିଛି । ଶହେ କୋଡ଼ିଏ ହାତ ପରିମିତ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର କେବଳ ଉତ୍କଳୀୟ ଗାରିମା ପ୍ରଖ୍ୟାପନ କରୁନାହିଁ, ବରଂ ଏହା ମଧ୍ୟରେ ବିବିଧ ଧାର୍ମିକ ଚିନ୍ତନର ରୂପାୟନ ଘଟିଛି । ଶ୍ରୀମନ୍ଦିର ଚୂଡ଼ାରେ ସ୍ଥାପିତ ନୀଳଚକ୍ର ଏହାର ଶୋଭାବର୍ଦ୍ଧନକାରୀ ଧାତୁ ନିର୍ମିତ ଚକ୍ର ନୁହେଁ, ବରଂ ଏହା ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଲୀଳାରହସ୍ୟ ଗୁମ୍ଫିତ ହୋଇରହିଛି । ଶ୍ରୀଜଗନ୍ନାଥ ଭାବଚେତନାରେ ସଦା ତଲ୍ଲୀନ ଭକ୍ତ ମାନସକୁ ଶ୍ରୀନୀଳଚକ୍ରଙ୍କ ସଂପର୍କରେ ଅବହିତ କରିବାକୁ ସଂଶିତ ଆଲୋଚନା ଏକ କ୍ଷୀଣ ପ୍ରୟାସ ମାତ୍ର ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳ ଶବ୍ଦର ବ୍ୟାପକ ପ୍ରୟୋଗ ପରିଲକ୍ଷିତ ହୋଇଥାଏ । ତାଙ୍କର ଆଦ୍ୟ ରୂପ 'ନୀଳମାଧବ' । ଏତଦ୍‌ଭିନ୍ନ ତାଙ୍କର ଧାମ ନୀଳାଚଳ, ନୀଳଗିରି, ନୀଳକନ୍ଦର ଓ ନୀଳାଦ୍ରି ରୂପେ ପରିଚିତ ଲାଭ କରିଛି । ତେଣୁ ଭକ୍ତ ମାନସରେ ସେ କେତେବେଳେ ନୀଳାଚଳନାଥ, ନୀଳାଦ୍ରି କେଶରୀ, ନୀଳାଦ୍ରିବିହାରୀ ତ ପୁଣି କେତେବେଳେ ନୀଳଲୋହିତ ଓ ନୀଳମଣି । ତେଣୁ ତାଙ୍କ ଆୟୁଧ ସୁଦର୍ଶନ ସାଜିଛନ୍ତି 'ନୀଳଚକ୍ର' । ତେବେ ଆୟୁଧ ରାଜ ସୁଦର୍ଶନ ଚକ୍ରାକୃତିରେ ପ୍ରକାଶିତ ହୋଇ ଶ୍ରୀମନ୍ଦିର ଚୂଡ଼ାରେ ସଂସ୍ଥାପିତ ହେବାର କାରଣ ସଂପର୍କରେ ବିଭିନ୍ନ ପୁରାଣରେ ଭିନ୍ନମତ ପ୍ରକାଶ ପାଇଛି ।

ଆୟୁଧ ରାଜ ସୁଦର୍ଶନଙ୍କର ଉତ୍ପତ୍ତି ସଂପର୍କରେ ମତ୍ସ୍ୟ ପୁରାଣରେ ପ୍ରଦତ୍ତ ବିବରଣୀ ଅତ୍ୟନ୍ତ ପ୍ରଣୀଧାନଯୋଗ୍ୟ । ଏକଦା ସୂର୍ଯ୍ୟଦେବତା ତାଙ୍କର ପ୍ରଖର ତେଜରାଶିକୁ ହ୍ରାସ କରି ତାଙ୍କୁ ଲୋକାନନ୍ଦକର କରିବା ପାଇଁ ବିଷ୍ଣୁଙ୍କୁ ବିନୀତ ପ୍ରାର୍ଥନା କଲେ । ସୂର୍ଯ୍ୟ ଦେବତାଙ୍କ ପ୍ରାର୍ଥନାରେ ପ୍ରୀତ ହୋଇ ତାଙ୍କର ତେଜ ହ୍ରାସ କରି ତାଙ୍କୁ ଲୋକାନନ୍ଦକର କରିବା ପାଇଁ ସେ ପ୍ରତିଶ୍ରୁତି ଦେଲେ । ଭଗବାନ ବିଷ୍ଣୁଙ୍କର ନିର୍ଦ୍ଦେଶରେ ସ୍ୱର୍ଗଶିଳ୍ପୀ ବିଶ୍ୱକର୍ମା ତାଙ୍କର ତେଜୋରାଶିକୁ ପୃଥକ୍ କରି

ଦେଲେ । ଫଳସ୍ୱରୂପ ବିଷ୍ଣୁଙ୍କ ଆୟୁଧ ଚକ୍ର, ଶିବଙ୍କ ଆୟୁଧ ତ୍ରିଶୂଳ ଓ ଇନ୍ଦ୍ରଙ୍କ ଆୟୁଧ ବଜ୍ରର ଉତ୍ପତ୍ତି ଘଟିଲା । ସୂର୍ଯ୍ୟଙ୍କ ତେଜୋରାଶିରୁ ଉଦ୍ଭୁତ ଆୟୁଧସମୂହ ଦନୁଜ ଦଳନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେଲା । ମତ୍ସ୍ୟ ପୁରାଣ ଏହି ପ୍ରସଙ୍ଗର ଅବତାରଣା କରି ପ୍ରକାଶ କରିଛି - 'ପୃଥକ୍ ଚକାର ତତ୍ତେଜଶ୍ଚକ୍ରଂ ବିଷ୍ଣୋର କଳ୍ପୟେତ୍ / ତ୍ରିଶୂଳାଞ୍ଚାପି ରୁଦ୍ରସ୍ୟ ବଜ୍ର ମିନ୍ଦସ୍ୟ ଚାଧିକଂ ।'

ଅତ୍ୟାଚାରୀ ଅସୁରମାନଙ୍କର ବିନାଶ ପାଇଁ ଦେବତାମାନଙ୍କର ସମ୍ମିଳିତ ତେଜପୁଞ୍ଜରୁ ସୁଦର୍ଶନଙ୍କର ଉତ୍ପତ୍ତି ଘଟିଛି ବୋଲି ବାମନ ପୁରାଣ ଉଲ୍ଲେଖକରି ଭିନ୍ନମତ ପୋଷଣ କରିଥାଏ । ଏକଦା ଅସୁରମାନଙ୍କର ଅତ୍ୟାଚାରରେ ଅତିଷ୍ଠ ଦେବଗଣ ପ୍ରତିକାର ବିଧାନ କରିବାକୁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ପ୍ରବଳ ପ୍ରତାପୀ ଅସୁରମାନଙ୍କୁ ଦେବତାମାନେ ନିଜ ନିଜର ଶକ୍ତିରେ ପ୍ରତିହତ କରିପାରିବେ ନାହିଁ । ସେମାନଙ୍କୁ ପ୍ରତିହତ କରିବାକୁ ଦେବତାମାନଙ୍କର ସମ୍ମିଳିତ ଶକ୍ତିର ପ୍ରୟୋଜନୀୟତା ରହିଛି । ତେଣୁ ବିଷ୍ଣୁଙ୍କର ନିର୍ଦ୍ଦେଶରେ ଦେବତାମାନେ ନିଜର ତେଜୋରାଶି ପ୍ରଦାନ କଲେ । ବିଷ୍ଣୁ ସମେତ ସମସ୍ତ ଦେବତାଙ୍କର ତେଜରେ ଭଗବାନ ଶଙ୍କର ସୁଦର୍ଶନ ଚକ୍ର ନିର୍ମାଣ କରି ଭଗବାନ ବିଷ୍ଣୁଙ୍କୁ ଅର୍ପଣ କରିଥିଲେ । 'କପିଳ ସଂହିତା' ଏହି ପ୍ରସଙ୍ଗର ଅବତାରଣା କରିଛି - 'ଭକ୍ତ ପ୍ରିୟ ନମସ୍ତୁଭ୍ୟ ବିଷ୍ଣୁ ଚକ୍ର ପ୍ରଦାୟକ/ତ୍ରିପୁରଘ୍ନ ନମସ୍ତେସ୍ତୁ ବାଣାସୁର ବରପ୍ରଦ ।' ସୁଦର୍ଶନଙ୍କୁ ନିର୍ମାଣ କରିବା ପରେ ଅବଶିଷ୍ଟ ତେଜରେ 'ବଜ୍ର' ନିର୍ମିତ ହୋଇଥିଲା । ବଜ୍ର ଦେବରାଜ ଇନ୍ଦ୍ରଙ୍କର ଆୟୁଧ ଭାବରେ ବ୍ୟବହୃତ ହୋଇଥିଲା ।

ଚକ୍ରରାଜ ସୁଦର୍ଶନଙ୍କର ନୀଳଚକ୍ର ରୂପେ ଶ୍ରୀମନ୍ଦିର ଚୂଡ଼ାରେ ଅବସ୍ଥାନ ସଂପର୍କୀୟ ବିବରଣୀ ଆମେ 'ସୁତସଂହିତା'ରୁ ପ୍ରାପ୍ତ ହୋଇଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥ ହସ୍ତପଦ ରହିତ ହୋଇ ଶ୍ରୀମନ୍ଦିରରେ ପୂଜିତ ହେଲେ । କର ରହିତ ହୋଇଥିବାରୁ ସେ ସୁଦର୍ଶନଙ୍କୁ ଧାରଣ କଲେ ନାହିଁ । ତାଙ୍କ ବ୍ୟତିରେକେ ମହାପ୍ରଭୁ ଦୁର୍ବଳ ହୋଇ ପଡ଼ିଛନ୍ତି ବୋଲି ଚିନ୍ତାକରି ସୁଦର୍ଶନଙ୍କ ମଧ୍ୟରେ ଅହଂକାର ପ୍ରକାଶ ପାଇଲା । ମହାପ୍ରଭୁତ ଚିରକାଳ ଗର୍ବଗଞ୍ଜନ କରି ଆସିଛନ୍ତି । ତେଣୁ ସେ ସୁଦର୍ଶନଙ୍କର ଅହେତୁକ ଅହଂକାରକୁ ବା ପ୍ରଶ୍ରୟ ଦିଅନ୍ତେ କିପରି ? ତାଙ୍କର ଗର୍ବଗଞ୍ଜନ କରିବା ପାଇଁ ସେ ତାଙ୍କୁ ହନୁମାନଙ୍କୁ ଡାକି ଆଣିବାକୁ ପଠାଇଲେ । ଦୂତର ଭୂମିକା ନିର୍ବାହ କରିବାକୁ ପଡ଼ିବାରୁ ସୁଦର୍ଶନ ମନେ ମନେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡ଼ିଲେ । ତେଣୁ ସେ ହନୁମାନଙ୍କୁ ଡାକି ଆଣିଥିଲେ ମଧ୍ୟ ତାଙ୍କୁ ଭିତରକୁ ନଛାଡ଼ି ଶ୍ରୀମନ୍ଦିରର ଚାରିଦ୍ୱାରକୁ ଅବରୋଧ କରିଥିଲେ । ହନୁମାନ ସୁଦର୍ଶନଙ୍କର ଅହଂଭାବ ଜାଣିପାରି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ । ଲୀଳାମୟ ଜଗନ୍ନାଥଙ୍କ କରୁଣାରେ ତାଙ୍କର ଅଷ୍ଟଭୁଜ ପ୍ରକଟିତ ହେଲା । ସେ ଚତୁର୍ଭୁଜରେ ସୁଦର୍ଶନଙ୍କୁ ଧାରଣ କଲେ । ଦ୍ୱିଭୁଜରେ ମହାପ୍ରଭୁଙ୍କୁ ପ୍ରଣାମ କରିବା ସହିତ ଅବଶିଷ୍ଟ ଦୁଇଭୁଜରେ ନାମାବଳୀ ଜପ କରି ରତ୍ନ ସିଂହାସନ ନିକଟରେ ଉପସ୍ଥିତ ହେଲେ । କଳିଯୁଗରେ ଭକ୍ତଙ୍କର ଦର୍ଶନର ସୁବିଧା ନିମିତ୍ତ ଜ୍ୱାଳାମୟ ସୁଦର୍ଶନଙ୍କର ତେଜୋରାଶି ହ୍ରାସ କରିବାକୁ ହନୁମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ହନୁମାନଙ୍କ ପ୍ରାର୍ଥନାରେ ତେଜୋମୟ ସୁଦର୍ଶନ ତେଜରହିତ ହୋଇ ସ୍ତମ୍ଭାକାର ଧାରଣ କରି ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ଅବସ୍ଥାପିତ ହୋଇ ନିକଟରେ 'ତପସ୍ୱୀ ହନୁମାନ' ରୂପରେ ପୂଜା ପାଉଛନ୍ତି ।

ତେଜରହିତ ହେବାରୁ ସୁଦର୍ଶନ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇ ପଡ଼ିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତି ଦ୍ରୋହ ଆଚରଣ କରିଥିବାରୁ ସେ ଲଜ୍ଜିତ ହୋଇ କ୍ଷମା ପ୍ରାର୍ଥନା କଲେ । ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ସୁଦର୍ଶନଙ୍କର ମର୍ଯ୍ୟାଦା ରକ୍ଷା କରିବାକୁ ସେ ତାଙ୍କୁ ନୀଳଚକ୍ର ରୂପେ ମନ୍ଦିର ଚୂଡ଼ାରେ ଅବସ୍ଥାପିତ କଲେ । ଭକ୍ତଗଣ ଦୂରରୁ ନୀଳଚକ୍ରଙ୍କୁ ଦେଖି ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ପୁଣ୍ୟ ଲାଭ କରିଥାନ୍ତି । ଫଳତଃ ତେଜ ରହିତ ହୋଇ ମଧ୍ୟ ସୁଦର୍ଶନଙ୍କ ବୈଶିଷ୍ଟ୍ୟ ଅକ୍ଷୁଣ୍ଣ ରହିଲା ।

ବେଦମତରେ ସୂର୍ଯ୍ୟଦେବତା ସପ୍ତାଶ୍ୱଯୋଚିତ ରଥରେ ଆକାଶ ମାର୍ଗରେ ବିଚରଣ କରିଥାନ୍ତି । ତାଙ୍କ ରଥ ଏକଚକ୍ର ବିଶିଷ୍ଟ । ସୌର ମତାନୁସାରେ ସୂର୍ଯ୍ୟ ଦେବତାଙ୍କ ତ୍ରିଗୁଣରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀସୁଭଦ୍ରା ରତ୍ନସିଂହାସନରେ ବିରାଜିତ ହୋଇଛନ୍ତି । ଏକଚକ୍ର ବିଶିଷ୍ଟ ସୂର୍ଯ୍ୟ ରଥର ପ୍ରତୀକ ସ୍ୱରୂପ ମନ୍ଦିର ଚୂଡ଼ାରେ ନୀଳଚକ୍ର ବିରାଜିତ । ସୂର୍ଯ୍ୟଙ୍କର ସାରଥୀ ଅରୁଣଙ୍କ ନାମାନୁସାରେ ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖସ୍ଥ ଅରୁଣସ୍ତମ୍ଭ ଶୋଭା ପାଉଛି ।

ଗବେଷକ ଡକ୍ଟର ବଂଶୀଧର ମହାନ୍ତି ତାଙ୍କର 'ଶ୍ରୀଜଗନ୍ନାଥ ଧର୍ମ' ଶୀର୍ଷକ ପୁସ୍ତକରେ ନୀଳଚକ୍ରର ଉତ୍ପତ୍ତି ସଂପର୍କରେ ଭିନ୍ନମତ ପୋଷଣ କରନ୍ତି । କଳିଯୁଗ ପ୍ରବେଶ କରିବାରୁ 'ନୀଳମଣି ନାଗ' ବିନଷ୍ଟ ହେଲା । ତେଣୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନୀଳବର୍ଣ୍ଣର ମଣିକୁ ଉଦ୍ଧାର କରି ଶ୍ରୀକ୍ଷେତ୍ର ଅଣାଇ ଶିଳ୍ପୀଙ୍କ ଦ୍ୱାରା ଚକ୍ର ଆକାରରେ ନୀଳଚକ୍ର ଗଢ଼ାଇଲେ । ପରେ ଏହା ପ୍ରଭୁଙ୍କ ଆଜ୍ଞାରେ ଶୂନ୍ୟକୁ ଯାଇ ମନ୍ଦିର ଶିଖରରେ ଅବସ୍ଥାପିତ ହେଲା । ଏହି ପ୍ରସଙ୍ଗର ଅବତାରଣା କରି ଅଗ୍ନି ପୁରାଣ ଉଲ୍ଲେଖ କରିଛି - 'ପ୍ରଭୁଙ୍କ ଆଜ୍ଞାରେ ଚକ୍ର ଶୂନ୍ୟକୁ ଗମଇ / ଦେଉଳ ଚୂଡ଼ାରେ ବସେ ମୂର୍ତ୍ତିମନ୍ତ ହୋଇ । ନୀଳକନ୍ଦର ଦେଉଳରେ ନୀଳଚକ୍ର ଟାଣ / ସଂସାରରେ ଖ୍ୟାତନାମ ନୀଳଚକ୍ର ଜାଣ । ଏମନ୍ତ ବିଧାନେ ଚକ୍ର ଅଟଇ ବିଧାନ । ଅଗ୍ନି ପୁରାଣରେ ଖ୍ୟାତ ନୀଳଚକ୍ର ଜାଣ ।'

ଶ୍ରୀନୀଳଚକ୍ର ଯେପରି ମହିମାମୟ ତାଙ୍କର ଆକାର ଓ ସୌନ୍ଦର୍ଯ୍ୟ ମଧ୍ୟ ସେହିପରି ଆକର୍ଷଣୀୟ । ବଡ଼ଦାଣ୍ଡରୁ ଶ୍ରୀମନ୍ଦିରର ଅନ୍ତର୍ବେଦୀର ଉଚ୍ଚତା ପ୍ରାୟ ତେତିଶ (୩୩) ଫୁଟ । ଅନ୍ତର୍ବେଦୀରୁ ଶ୍ରୀମନ୍ଦିରର ଉଚ୍ଚତା ଏକଶହ ଏକାଅଶୀ (୧୮୧) ଫୁଟ । ତେଣୁ ବଡ଼ଦାଣ୍ଡରୁ ଶ୍ରୀମନ୍ଦିରର ଶୀର୍ଷ ଦେଶର ଉଚ୍ଚତା ଦୁଇ ଶହ ଚଉଦ

(୨୧୪) ଫୁଟ । ଏହା ଉପରେ ଶୋଭିତ ଶ୍ରୀନୀଳଚକ୍ରଙ୍କର ଉଚ୍ଚତା ଏଗାର ଫୁଟ ଆଠ ଇଞ୍ଚ । ବ୍ୟାସ ସାତ ଫୁଟ ନଅ ଇଞ୍ଚ । ପରିଧି ଫଳକର ମୋଟେଇ ଦୁଇ ଇଞ୍ଚ । ପରିଧି ଫଳକର ଓସାର ନଅ ଇଞ୍ଚ । ଶ୍ରୀନୀଳଚକ୍ରଙ୍କର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ବୃତ୍ତାକାର କ୍ଷେତ୍ରର ବ୍ୟାସ ଦୁଇ ଫୁଟ ଅଢ଼େଇ ଇଞ୍ଚ । ଏଥିରେ ଏକ ଫୁଟ ଦଶ ଇଞ୍ଚ ଉଚ୍ଚତା ବିଶିଷ୍ଟ ଆଠଖଣ୍ଡ ଅର ସଂଯୋଜିତ ହୋଇଛି । ଏହା ଅଷ୍ଟଧାତୁ ନିର୍ମିତ । ଏଥିରେ ଅର୍ଦ୍ଧେକ ପରିମାଣର ଲୁହା, ଏକ ଚତୁର୍ଥାଂଶ ପରିମାଣର ତମ୍ବା ଏବଂ ଅବଶିଷ୍ଟ ଏକ ଚତୁର୍ଥାଂଶ ସୁନା, ରୂପା, ରଙ୍ଗ, ଦସ୍ତା, ସୀସା ଓ ପାରଦ ରହିଛି ।

ସୂର୍ଯ୍ୟୋଦୟ ସମୟରେ ଏହା ଶ୍ୱେତବର୍ଣ୍ଣଯୁକ୍ତ ହୋଇଥିବାବେଳେ ଦିବସର ବୃଦ୍ଧି ସଙ୍ଗେ ସଙ୍ଗେ ଏହା ଗାଢ଼ ନୀଳବର୍ଣ୍ଣ ଧାରଣ କରେ । ନୀଳଚକ୍ରରେ ଉଡୁଥିବା ଧ୍ୱଜାର ନାମ 'ପତିତପାବନ' । ମନ୍ଦିର ପ୍ରବେଶ ପୂର୍ବରୁ ମନ୍ଦିର ଉପରେ ଉଡୁଥିବା ଏହି ବାନାକୁ ଭକ୍ତ ପ୍ରଥମେ ସଭକ୍ତି ପ୍ରଣାମ ଜଣାଇଥାଏ । ଏହି ଧ୍ୱଜାରେ କୌଣସି କାରଣରୁ ଗ୍ରନ୍ଥି ସୃଷ୍ଟି ହେଲେ ଗ୍ରନ୍ଥିସିକ୍ତ ଜଳପାନ କଲେ ଗର୍ଭ କଷ୍ଟ ଦୂର ହୁଏ ବୋଲି ଲୋକମାନେ ବିଶ୍ୱାସ କରନ୍ତି । ନୀଳଚକ୍ରରେ ଧ୍ୱଜା ନଥିଲେ ଶ୍ରୀଜୀଉଙ୍କୁ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ । ଶ୍ରୀଜୀଉଙ୍କ ପାଖରେ ଭୋଗ (ଅନ୍ନଭୋଗ ବ୍ୟତୀତ) ସମର୍ପଣ ହୋଇ ନପାରିଲେ ବାହାର ଦେଉଳି ରୋଷରେ ପ୍ରସ୍ତୁତ ଗଜା, ମଗଜଲଡୁ, ଲଡୁ, ଖୁରୁମା ଇତ୍ୟାଦି ଭୋଗ ଦ୍ରବ୍ୟକୁ ପୂଜକ ଶ୍ରୀନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହାକୁ 'ଶ୍ରୀଚକ୍ର ମଣୋହି' କୁହାଯାଏ । ଶ୍ରୀସୁଦର୍ଶନ ଓ ଶ୍ରୀନୀଳଚକ୍ର ଅଭିନ୍ନ ହୋଇଥିବା ହେତୁ ଉଭୟଙ୍କର ପୂଜାବିଧିରେ ସାମ୍ୟ ପରିଲକ୍ଷିତ ହୋଇଥାଏ ।

ଶ୍ରୀଜଗନ୍ନାଥ ଉତ୍କଳୀୟର ପ୍ରାଣଧନ । ସେ ଏହି ଜାତିର ଆସ୍ଥା ଓ ସ୍ୱାଭିମାନର ଜୀବନ୍ତ ବିଗ୍ରହ । ତେଣୁ ଦୁର୍ଦ୍ଧର୍ଷ ଓଡ଼ିଆ ଜାତିର ମନୋବଳ ଭାଙ୍ଗି ତାକୁ କରାୟତ୍ତ କରିବା ପାଇଁ ମୁସଲମାନ ଆକ୍ରମଣକାରୀମାନେ ଶ୍ରୀମନ୍ଦିରକୁ ଲୁଣ୍ଠନ କରିଛନ୍ତି । ସେମାନଙ୍କର ଆକ୍ରମଣ ଦ୍ୱାରା ଶ୍ରୀଜୀଉଙ୍କ ବିଗ୍ରହ ସମେତ ନୀଳଚକ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କାକୁ ସଂପୂର୍ଣ୍ଣ ଉଡ଼ାଇ ଦିଆଯାଇନପାରେ । କଳାପାହାଡ଼ର ଆକ୍ରମଣବେଳେ କ୍ଷତିଗ୍ରସ୍ତ ହୋଇଥିବା ନୀଳଚକ୍ରକୁ ୧୫୯୫ ଖ୍ରୀଷ୍ଟାବ୍ଦରେ ପ୍ରଥମ ରାମଚନ୍ଦ୍ର ଦେବ ନୀଳଚକ୍ରକୁ ପୁନଃ ସ୍ଥାପନ କରିଥିଲେ । ୧୬୯୪ ଖ୍ରୀଷ୍ଟାବ୍ଦରେ ପ୍ରବଳ ଝଡ଼ବତାସରେ ନୀଳଚକ୍ର ଭାଙ୍ଗି ପଡ଼ିଥିଲା । ଏ ସଂପର୍କରେ ସୂଚନା ଦେଇ ମାଦଳାପାଞ୍ଜି ପ୍ରକାଶ କରିଛି - 'ଦିବ୍ୟସିଂହ ଦେବ ମହାରାଜାଙ୍କ ନଅ ଅଙ୍କ ତୁଳା ସାତ ଦିନେ ଶନିବାରେ ବଡ଼ ବତାସ କଲା । ବଡ଼ ଦେଉଳ ଉପରୁ ନୀଳଚକ୍ର ଭାଙ୍ଗି ଭଣ୍ଡ ଗଣପତିଙ୍କ ଆଗେ ତଳେ ପଡ଼ିଗଲା ।' ଏହି ଘଟଣାରେ ଦୀର୍ଘ କୋଡ଼ିଏ ବର୍ଷ ଧରି ଶ୍ରୀମନ୍ଦିର ଚୂଡ଼ାରେ ନୀଳଚକ୍ର ନଥିଲା । ମହାରାଜା ଦିବ୍ୟସିଂହ ଦେବ ୩୩ ଅଙ୍କ ଅର୍ଥାତ୍ ୧୭୧୫ ଖ୍ରୀଷ୍ଟାବ୍ଦ ମାଘ ଶୁକ୍ଳ ଦ୍ୱିତୀୟା ତିଥିରେ ନୀଳଚକ୍ର ସ୍ଥାପନ କରାଯାଇଥିଲା । ଏହାପରେ ମହାରାଜା ମୁକୁନ୍ଦ ଦେବଙ୍କ ସମୟରେ ନୀଳଚକ୍ରରେ କେତେକ ମରାମତି ହୋଇଥିବା କଥା ନୀଳଚକ୍ରର ପଛପାଖ ଅର୍ଥାତ୍ ପଶ୍ଚିମ ପଟକୁ ଥିବା ଫଳକରେ ଉଲ୍ଲେଖ ଅଛି ।

ଶ୍ରୀନୀଳଚକ୍ରଙ୍କର ସେବକମାନେ ଗରୁଡ଼ ସେବକ ରୂପେ ପରିଚିତ ହୋଇଥାନ୍ତି । ବିନତାନନ୍ଦନ ଗରୁଡ଼ ହେଉଛନ୍ତି ସେମାନଙ୍କର ଇଷ୍ଟ ଦେବତା । ଏମାନେ ଶ୍ରୀମନ୍ଦିରର ଶାଢ଼ୀବନ୍ଧା ଅବ୍ରାହ୍ମଣ ସେବକ । ବିବାହ ପରେ ଶାଢ଼ୀବନ୍ଧା ବିଧି ଅନୁଷ୍ଠିତ ହୋଇଥାଏ । ମାତ୍ର ଶାଢ଼ୀବନ୍ଧା ପୂର୍ବରୁ ନୀଳଚକ୍ରରେ ଧ୍ୱଜା ବାନ୍ଧିବାରେ କୌଣସି ବାରଣ ନଥାଏ । ଏମାନେ ଗରୁଡ଼ଙ୍କ ସେବା କରିବା, ଏକାଦଶୀ ଦିନ ନୀଳଚକ୍ରଙ୍କଠାରେ ମହାଦୀପ ଜାଳିବା ଓ ଧ୍ୱଜା ବାନ୍ଧିବା ଭଳି ସେବା କରିଥାନ୍ତି । ନୀଳଚକ୍ର ଉପରେ ପ୍ରାୟ ଚବିଶ ହାତ (ଚାଳିଶ ଫୁଟ) ଉଚ୍ଚର ବାଉଁଶ ବନ୍ଧା ହୋଇଥାଏ । ଏହି ବାଉଁଶରେ ବାନା ବନ୍ଧା ଯାଏ । ପରମ୍ପରା ଅନୁସାରେ ବାନା ଧଳା, ନାଲି ଓ ହଳଦିଆ ରଙ୍ଗର ହୋଇଥାଏ । ଏହି ପତାକାର ଆକାର ତ୍ରିଭୂଜ ସଦୃଶ । ମଝିରେ ଉର୍ଦ୍ଧ୍ୱମୁହଁ ହୋଇ ଚନ୍ଦ୍ର ଓ ତା'ମଧ୍ୟରେ ସୂର୍ଯ୍ୟର ଚିତ୍ର ଥାଏ । ଗୋଟିଏ ବାନା ଗୋଟିଏ ଦିନରୁ ଅଧିକ ରଖିବା ବିଧି ନିଷିଦ୍ଧ । ଭକ୍ତମାନେ ମାନସିକ ଅନୁସାରେ ବାନା ବାନ୍ଧିଥାନ୍ତି । ଭକ୍ତମାନଙ୍କ ମାନସିକ ଅନୁସାରେ ବାନାର ଆକାର ନିର୍ଦ୍ଧାରିତ ହୋଇଥାଏ । ସବୁଠାରୁ ବଡ଼ ବାନାର ନାମ 'ପାଦୁକଖିଆ ବାନା' । ଏହାକୁ ଭିତର ପୋଖରିଆର ପାଦୁକ କୁଣ୍ଡରେ ବୁଡ଼ାଇ ନୀଳଚକ୍ରରେ ବନ୍ଧାଯାଏ । ଏହା ନୀଳଚକ୍ରରୁ ଉଡ଼ିଆସି ଉତ୍ତର ପାର୍ଶ୍ୱର ପାଦୁକ କୁଣ୍ଡ ଯାଏ ବିସ୍ତୃତ ହୋଇଥାଏ । ନୀଳଚକ୍ରର ପତିତପାବନ ବାନା ମହୋଦଧି ପଟକୁ ଉଡ଼ିବାର ନିୟମ ରହିଛି । ନୀଳଚକ୍ରରୁ ଓହ୍ଲାଇ ଯାଇଥିବା ବାନାକୁ ଭକ୍ତମାନେ ଡୋର ରୂପେ ବେକରେ ପକାଇଥାନ୍ତି । ଏହାକୁ ରକ୍ଷା କବଚ ବୋଲି ମଧ୍ୟ କୁହାଯାଏ ।

ଗରୁଡ଼ ସେବକମାନେ ଶ୍ରୀମନ୍ଦିରରେ ଚୂନ ଦେବା ସହିତ ମକର ସଂକ୍ରାନ୍ତି ଦିନ ଦଧି ନଉତିରେ ଚୂନ ଓ ଗେରୁ ଲଗାଇଥାନ୍ତି । ଏଣୁ ଏମାନଙ୍କୁ ଚୂନରା ସେବକ ବୋଲି ମଧ୍ୟ କୁହାଯାଏ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ଚୂନରା ସେବକଙ୍କ କାର୍ଯ୍ୟ ହେଲା - 'ଏ ପ୍ରତିକାଳେ ବଡ଼ ଦେଉଳ ଗଛବୃକ୍ଷ ହେଲେ, ବଇତମ ହେଲେ ଚୂନ କରି ଦେବେ । ଆପଣା ନୀତି ଧ୍ୱଜାବାନ୍ଧି କଉଡ଼ି ନେବେ । ଧ୍ୱଜା ଡାଗା ବାନ୍ଧିବେ । ପାଦୁକା ଶୋଷା ବାନ୍ଧିଲେ ସୁନିଆଁ ପାଇବେ । ପ୍ରତି ଏକାଦଶୀକୁ ଚନ୍ଦ୍ରଉଦିଆ ଦେଇ ପରମେଶ୍ୱରଙ୍କୁ ଦେଉଳେ ମହାଦୀପ ଦେଇ ଡାକିବେ । ମହାଶ୍ରମଙ୍କୁ ବୋଲି ଡାକି ଚନ୍ଦ୍ର ଉଦିଆ ଜାଳିବେ । ଏମନ୍ତ ଏ ନିଯୋଗ ସିଦ୍ଧ ଭିଆଣ ।' ମହାନ୍ତି ଓ ମହାପାତ୍ର ସାଞ୍ଜାଧାରୀ ଏହି ସେବକମାନେ ପୁରୁଷାନୁକ୍ରମିକ ଭାବରେ ଏହି ସେବାରେ ନିୟୋଜିତ ହୋଇଥାନ୍ତି ।

ଯୋଗ ମତରେ ଶ୍ରୀମନ୍ଦିର ଏକ ଶରୀର ରୂପେ ପରିକଳ୍ପିତ ହୋଇଛି । ମନ୍ଦିର ଚୂଡ଼ାରେ ଅବସ୍ଥାପିତ ନୀଳଚକ୍ର ଏହି ଶରୀରର

ମସ୍ତକ ସଦୃଶ । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ଇଡ଼ା, ସୁଷମ୍ନା ଓ ପିଙ୍ଗଳାଦି ତ୍ରିଧାରା । ଯୋଗୀ ଯୋଗବଳରେ ସୁଷମ୍ନା ଦେଇ ଷଡ଼ଚକ୍ର ଭେଦ କରିଗଲେ ବ୍ରହ୍ମ ପୁରୁଷଙ୍କର କାଂକ୍ଷିତ ଦର୍ଶନ ଅର୍ଥାତ୍ ସୁଦର୍ଶନ ଲାଭ କରି ଶୋକ ରହିତ ହୋଇଥାଏ । ଜୀବ ଓ ବ୍ରହ୍ମ ଏକତ୍ର ହେଲେ ଶୋକ ବା ମୋହ ବିଦୂରିତ ହୁଏ । ତେଣୁ ତୈତେରୀୟ ଉପନିଷଦ ପ୍ରକାଶ କରିଛି - 'ତତ୍ର କଃ ମୋହଃ, କଃ ଶୋକଃ, ଏକତ୍ୱଂ ଅନୁପଶ୍ୟତ' । ପୃଥିବୀର ସୃଷ୍ଟିତତ୍ତ୍ୱ ସହିତ ସୁଦର୍ଶନଙ୍କ ସାମ୍ୟ ଲକ୍ଷଣୀୟ । ସୁଦର୍ଶନଙ୍କ ସୃଷ୍ଟି ସଂପର୍କରେ ଭିନ୍ନମତ ପ୍ରକାଶ ପାଇଥିଲେ ମଧ୍ୟ ସେ ତେଜୋପୁଞ୍ଜରୁ ଉଦ୍ଭୁତ ହୋଇଥିବା ସଂପର୍କରେ ମତଦ୍ୱୈଧ ପରିଲକ୍ଷିତ ହୁଏ ନାହିଁ । ସେହିପରି ତେଜୋପୁଞ୍ଜରୁ ପୃଥିବୀର ଉତ୍ପତ୍ତି ଘଟିଛି ବୋଲି ବୈଜ୍ଞାନିକମାନେ ମତପୋଷଣ କରିଥାନ୍ତି ।

ନୀଳଚକ୍ରରେ ଉଡୁଥିବା ପତାକା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବଳୀୟାର ଭୁଜ ସଦୃଶ । ପବନର ହିଲ୍ଲୋଳର ଦୋଳାୟିତ ହୋଇ ଏହା ଭକ୍ତଙ୍କୁ ଅଭୟ ଆଶ୍ରୟ ଦେବାକୁ ଆହ୍ୱାନ ଦେଉଛି । ଆପଣବି ନୀଳଚକ୍ରରେ ଲୟ ରଖନ୍ତୁ । ଦେଖିବେ, ଆକାଶ ରାଜିରେ ପହଁରୁଥିବା ବାନା ଆପଣଙ୍କ ମନରୁ ସମସ୍ତ ଗ୍ଲାନିକୁ ଖରକି ନେଇ ଏକ ନିର୍ମେଘ ସକାଳକୁ ପାଛୋଟି ଆଣିବ । ଆଉ ଆପଣ ବି ଭକ୍ତିର ଅସରାଧାରାରେ ଗାଧୋଇ ଶୁଦ୍ଧ ସୁମନଟିଏ ହୋଇ କରୁଣା ନିଧାନ ଶ୍ରୀଜଗନ୍ନାଥଙ୍କ ପଦପଲ୍ଲବରେ ଅଭୟ ଆଶ୍ରୟ ଲାଭ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

ମଣ୍ଡୁଆ
କେନ୍ଦୁଝରଗଡ଼-୭୫୮୦୭୪

---

# ତୁମେ ପରିବାର ମୋର

ବୀର କିଶୋର ପାଢ଼ୀ

କଳା, ଧଳା ମୋର ଦୁଇ ଭାଇ ଭଳି ଆଉ କିଏ ଅଛି କାହିଁରେ
ହଳଦୀ ବରଣି ମୋ ସୁନା ଭଉଣୀ ଜଗତେ ଉପମା ନାହିଁରେ ।
ଏମିତି ଠାଣିରେ ଅପରୂପ ଛବି କିଏ କି ଦେଖିଚ କେଉଁଠି
ଆଖି ଲାଖିଯାଏ, ପେଟ ପୂରିଉଠେ ମର୍ତ୍ତ୍ୟ ବଇକୁଣ୍ଠ ଯେଉଁଠି ।
ଯୁଆଡ଼େ ଖୋଜିବ ସିଆଡ଼େ ପାଇବ କାଳିଆ ମୋ ଗଳାମାଳିଆ
ଭିତରେ ଭିତରେ ଚିତ୍ତରେ କହୁଚି - ହୋଇ ଯା' ତୁ ନୀଳାଚଳିଆ ।
ଏଇଠି ରହିଯା', ମୋ ଗୀତ ଗାଇଯା', ଖାଇଯା' ଅବଢ଼ା ଡାଲିକୁ
ପୋଛି ପକା ସବୁ ପଛ ହାନିଲାଭ, କିଲାଭ ଭାଳିବା କାଲିକୁ ?
କାଲି ଯେତେ ଲୁହ ଝରିଥିଲା ତୋର, ଆଜି ନାହିଁ ସେଇ ପୀଡ଼ାରେ
ସଳଖ, ସୁନ୍ଦର, ସିଧା ମଣିଷ ତୁ ଖେଳିବୁଲୁ ଛିଡ଼ାଛିଡ଼ାରେ ।
ଏମିତି ଏମିତି ଖେଳୁଥା', ଚଳୁଥା' ଏକା ପରିବାର ପରିକା
ନାହିଁ ବାଦଖେଦ, ନାହିଁ ଭେଦାଭେଦ, କେହି ନାହିଁ ଏକ ଘରିକା ।
ରାଗଛଳ ପାଇଁ ପାଟିଫିଟା ନାହିଁ ଏଡ଼େ ଅଭିମାନ କାହିଁକି
ଭାଇ ହୋଇ ଭାଇ ମୁହଁକୁ ଚାହୁଁନି, ଅଳପଦିନର ପାଇଁକି !
ଅଳପ ଜୀବନ, ଅଳପ ପବନ, ଅଳପ ବକଟେ ନାଡ଼ୀରେ
ନିମିଷକେ ଯିବ, ଡକା ପଡ଼ିଥିବ, ପଳେଇବେ ସବୁ ଛାଡ଼ିରେ ।
ଭୁଲି ଯା', ଭୁଲି ଯା' ସବୁ ଟାଣପଣ, ବୁଲୁଥା' ମୋର ପାଶରେ
ମେଳା ବସାଇଚି ଲୀଳା ଖେଳା ପାଇଁ ହସ, କଉତୁକ ରାସରେ !
ଆସରେ, ବସରେ ଆନନ୍ଦ ବଜାରେ, ଖାଉଥା' ପାଉଥା' ଆନନ୍ଦ
ପୁରୀ ମୋର ଗୋପ, ମଥୁରା, ଦ୍ୱାରିକା, ତୁମେ ମୋ ସୁଦାମ, ସାନନ୍ଦ ।
ତୁମେ ମୋ ଦେବକୀ, ଯଶୋଦା ଜନନୀ, ରୁକ୍ମିଣୀ, ରାଧାରାଣୀଟି
ତୁ ମୋ ଭଉଣୀ-ଭାଇ ପରିବାର, କୋଟିଏ ଜଗତ ଜାଣିକି !!!

ସଂପାଦକ, 'ଗାଁ ଭୂଇଁ'
କୋଟପୁର, ଯାଜପୁର



# ପୁରୀ

ମହୀମୋହନ ତ୍ରିପାଠୀ

ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ରଧାମ ପୁରୀର ଅନେକ ପାରମ୍ପରିକ ନାମ କେତେକ ପୁରାଣ ତଥା ପ୍ରାଚୀନ ଧର୍ମଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ସେହି ନାମମାନ ହେଲା - ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷୋତ୍ତମ ଧାମ, ପୁରୁଷୋତ୍ତମ-ପୁରୀ, ନୀଳାଦ୍ରି ଇତ୍ୟାଦି । କେତେଜଣ ବିଦ୍ୱାନଙ୍କ ମତରେ 'ପୁରୀ' ଶବ୍ଦ 'ପୁରୁଷୋତ୍ତମ-ପୁରୀ' ବା ଅପଭ୍ରଂଶରେ 'ପୁରସ୍ତମ-ପୁରୀ'ରୁ ହ୍ରାସ ହୋଇ ଆସିଅଛି । ବ୍ରିଟିଶ ଶାସନର ନଥିପତ୍ରରେ ଠାଏଁ ଠାଏଁ 'ପୁରୀ' ଜାଗାରେ 'ଜଗନ୍ନାଥ' ଶବ୍ଦ ବ୍ୟବହୃତ ହୋଇଅଛି । ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ ।

ପୁର ଓ ପୁରୀ ଶବ୍ଦର ଅନେକ ଅର୍ଥ ରହିଛି । ପୁର ଅର୍ଥ ଗୃହ, ଦେଶ, ନଗର, ଦେହ ଇତ୍ୟାଦି । ଆତ୍ମା ସମସ୍ତ ପ୍ରାଣୀମାନଙ୍କର ପୁରରେ ଅର୍ଥାତ୍ ଦେହରେ ଅବସ୍ଥାନ କରେ ବା ତାହାକୁ ପୂର୍ଣ୍ଣ କରି ରହେ ବା ସେଥିରେ ଶୟନ କରେ । ତେଣୁ ଆତ୍ମାକୁ ପୁରୁଷ କୁହାଯାଏ । ପୁରୁଷ ଉତ୍ତମ, ପୁରୁଷୋତ୍ତମ - ଜଗନ୍ନାଥଙ୍କ ପୁର ହେତୁ ଏହି ଧାମର ନାମ ପୁରୁଷୋତ୍ତମ-ପୁରୀ ବା ସଂକ୍ଷେପରେ ପୁରୀ !

ପ୍ରଫେସର ପଞ୍ଚାନନ ମହାନ୍ତି ଆଦିବାସୀ ଭାଷାତତ୍ତ୍ୱ ଦୃଷ୍ଟିରୁ 'ପୁରୀ' ନାମର ବ୍ୟାଖ୍ୟା କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ଗୋଟିଏ ମୁଣ୍ଡାଭାଷୀ ଅଧ୍ୟୁଷିତ ରାଜ୍ୟ । ସମୁଦାୟ ପ୍ରାୟ ୧୬ଟି ମୁଣ୍ଡାଭାଷା ମଧ୍ୟରୁ ଅନ୍ୟୂନ ୧୦ଟି ଭାଷା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କଥିତ ହୁଏ । ଜଗନ୍ନାଥ ମୁଖ୍ୟତଃ ଶବର ଦେବତା । ଶବରମାନେ ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ । ସାରଳା ମହାଭାରତ ଅନୁଯାୟୀ ନୀଳାଚଳ ଥିଲା ଗୋଟିଏ ଶବର ଅଧ୍ୟୁଷିତ ସ୍ଥାନ । ଐତିହାସିକମାନେ ମଧ୍ୟ ପୁରୀରେ ଶବରମାନେ ରାଜତ୍ୱ କରୁଥିଲେ ବୋଲି ମତପୋଷଣ କରନ୍ତି । ଏ ମତକୁ ଗ୍ରହଣ କଲେ ଶବରମାନେ ଏ ସ୍ଥାନଟିର କିଛି ଗୋଟିଏ ନାମ ଦେଇଥିବେ ଓ ସେହି ନାଁଟି ଯେ ମୁଣ୍ଡାଶବ୍ଦ ହୋଇଥିବ, ଏ କଥା ସ୍ୱୀକାର କରିବାକୁ ପଡ଼ିବ । ଆମର ବିଶ୍ୱାସ ଏହି ପ୍ରାଚୀନ ନାମଟି 'ପୁରୀ' । କାରଣ ମୁଣ୍ଡାଗୋଷ୍ଠୀର ବିଭିନ୍ନ ଭାଷାରେ ଏହି ଶବ୍ଦଟି ଜଳାଶୟ ଓ ସମୁଦ୍ର ସହିତ ସଂପୃକ୍ତ । ବଣ୍ଡା ଭାଷାରେ ପୁର (Pur)ର ଅର୍ଥ Flood ଓ ସାନ୍ତାଳୀରେ ପୁରୀର ଚାରୋଟି ଅର୍ଥ ଅଛି - World, sea, place, abode । ଆମର ଯୁକ୍ତି ହେଲା - ପୁରି (ପୁରୀ) ଗୋଟିଏ ମୁଣ୍ଡାଶବ୍ଦ ଓ ଏହା ସମୁଦ୍ର ପାଇଁ ବ୍ୟବହୃତ ହୋଇ ପରେ ସମୟକ୍ରମେ ସମୁଦ୍ର କୂଳସ୍ଥିତ ସ୍ଥାନଟିର ନାମରେ ପରିଣତ ହୋଇଯାଇଛି । ('ପୁରୀ'ର ନିତିଆନି', 'ଝଙ୍କାର', ଅକ୍ଟୋବର, ୧୯୯୭)

ଇଣ୍ଡୋନେସିଆର ବାଲିଦ୍ୱୀପ ସହିତ ପ୍ରାଚୀନ ଭାରତର ବାଣିଜ୍ୟ ସମ୍ପର୍କ ରହିଥିଲା । ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀ ଭିତରେ ଭାରତୀୟ ସାଧବମାନେ ଏହି ଦ୍ୱୀପପୁଞ୍ଜରେ ପହଞ୍ଚି ଯାଇଥିଲେ । ପ୍ରାଚୀନ ଉତ୍କଳ ତଥା କଳିଙ୍ଗରୁ ବହୁ ସାଧବ ସେଠାକୁ ଯାଇଥିବା ଜଣାଯାଏ । ସେମାନଙ୍କର ସଂସ୍କୃତିର ପ୍ରଭାବ ସେଠାରେ ପଡ଼ିଥିଲା । ବିଶିଷ୍ଟ ଗବେଷକ ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ ଲେଖିଛନ୍ତି ଯେ, ବାଲିଦ୍ୱୀପରେ ଲୋକମାନେ ମନ୍ଦିରକୁ 'ପୁର' କହନ୍ତି । ଏହି 'ପୁର' ନାମଟି ପ୍ରାଚୀନତମ ଦେବାଳୟରୁ ଆରମ୍ଭ ହୋଇଥିବା ଜଣାଯାଏ । ଏହାଛଡ଼ା ମନ୍ଦିରକୁ ପ୍ରାସାଦ (Palace) ମଧ୍ୟ କୁହାଯାଏ । ବାଲିର 'ପୁରବୈଶାଖୀ' ମନ୍ଦିରକୁ ଠିକ୍ ପୁରୀର ଜଗନ୍ନାଥ ମନ୍ଦିର ଭଳି 'ପ୍ରାସାଦ' କୁହାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଏକଦା ଆମ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରକୁ ଲୋକେ 'ପୁର' କହୁଥିଲେ ଓ କାଳକ୍ରମେ ଏହାର ନିକଟବର୍ତ୍ତୀ ଅଞ୍ଚଳ 'ପୁରୀ' ନାମରେ ବିଖ୍ୟାତ ହେଲା ('ଝଙ୍କାର', ରଥସଂଖ୍ୟା, ୨୦୦୨) ।

ପୁରୀର ଶ୍ରୀମନ୍ଦିରକୁ 'ପ୍ରାସାଦ' ବୋଲି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି -

'ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର,
ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।'
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଜୀବଦେବାଚାର୍ଯ୍ୟ (୧୬ଶ ଶତାବ୍ଦୀର ଉତ୍କଳୀୟ କବି) ତାଙ୍କର ସଂସ୍କୃତ ରଚନା 'ଉତ୍ସାହବତୀ ରୂପକ'ରେ ଲେଖିଛନ୍ତି - 'ଅସ୍ମିନ୍ ବସନ୍ତ ସମୟେ ପୁରୁଷୋତ୍ତମସ୍ୟ ପ୍ରାସାଦ ...' । ଗଙ୍ଗବଂଶର ପ୍ରତିଷ୍ଠାତା

ଚୋଡ଼ଗଙ୍ଗ ଦେବଙ୍କ ପ୍ରଦତ୍ତ ଏକ ଅଭିଲେଖରେ ମଧ୍ୟ 'ପ୍ରାସାଦଂ ପୁରୁଷୋତ୍ତମସ୍ୟ' ଉଲ୍ଲେଖ ରହିଛି ।

ବ୍ରହ୍ମଦେଶର ପ୍ରତ୍ନତାତ୍ତ୍ୱିକ ସର୍ଭେ ରିପୋର୍ଟ (୧୯୧୬)ରୁ ଜଣାଯାଏ ଯେ, ସେଠାରେ 'ପ୍ରାଚୀନ ପ୍ରୋମ୍'ର ନାମ ଥିଲା 'ଶ୍ରୀକ୍ଷେତ୍ର' ଏବଂ ସମଗ୍ର 'ପ୍ରୋମ୍' ଅଞ୍ଚଳ 'ଉକ୍କଳାପ୍' ନାମରେ ଆଖ୍ୟାତ ଥିଲା । ଓଡ଼ିଶା ବା ଉତ୍କଳର ଉପନିବେଶକାରୀମାନେ ବ୍ରହ୍ମ ଦେଶର ପ୍ରୋମ୍ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲେ । ଏହି ଅଞ୍ଚଳ ରେଙ୍ଗୁନଠାରୁ ଟଣ୍ଟେ ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା ('ଶ୍ରୀଜଗନ୍ନାଥ' - ଓ.ସା.ଏ., ପ୍ରଥମ ସଂସ୍କରଣ, ୧୯୮୨, ପୃ.୨୩୪-୨୩୫) । ଖ୍ରୀ:ପୂ: ୨୦୦ରେ ଉତ୍କଳୀୟମାନେ ବ୍ରହ୍ମଦେଶରେ ଉପନିବେଶ ସ୍ଥାପନ କରିଥିଲେ ବୋଲି ବର୍ମା ଗେଜେଟିୟର, ସିରିୟମ୍ ଡିଷ୍ଟ୍ରିକ୍ଟ ପ୍ରଥମ ଭାଗରେ ଉଲ୍ଲେଖ ଅଛି । ଉକ୍ତ ଗେଜେଟିୟରରେ କଳିଙ୍ଗ ଶବ୍ଦକୁ ତାଲିଙ୍ଗ୍ (Taling) ଲେଖାଅଛି । ଏହି ତାଲିଙ୍ଗ୍‌ମାନେ ମହାନଦୀ ଓ ଗୋଦାବରୀ ନଦୀର ମଧ୍ୟସ୍ଥ ଭୂଖଣ୍ଡରେ ବାସ କରୁଥିଲେ । ରେଙ୍ଗୁନ୍ ସହର 'ବଡ଼ଫୁୟା' ମନ୍ଦିର ନିକଟରେ 'ଆଉକାଲା' ନାମରେ ଏକ ଛୋଟଗ୍ରାମ ଅଛି । ଏହି ଆଉକେଲାର ପୂର୍ବନାମ ଥିଲା ଉତ୍କଳ ନଗର । କାଳକ୍ରମେ 'ଉତ୍କଳ' ଶବ୍ଦରୁ ଉକାଲା ବା ଆଉକାଲା ନାମରେ ପରିଣତ ହୋଇଛି ବୋଲି ଉକ୍ତ ଗେଜେଟିୟରରେ ଉଲ୍ଲେଖ ଅଛି ('ମାନସ', ଫେବୃଆରୀ, ୧୯୭୫) । ସେହିପରି ବର୍ମାର ଶ୍ରୀକ୍ଷେତ୍ରର 'ପ୍ରୋମ୍' ନାମଟି ହୁଏତ 'ପୁରମ୍' (ପୁର) ଶବ୍ଦରୁ ସୃଷ୍ଟି ହୋଇଥିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରାଚୀନ ମିଶରୀୟ ଭାଷାରେ ପୁର ବା ପ୍ରାସାଦକୁ 'ପର୍-ଆ' (Per-aa) କୁହାଯାଉଥିଲା । ପର୍-ଆରେ ବାସ କରୁଥିବାରୁ ସେଠାକାର ରାଜାଙ୍କୁ ଫାରୋ (Pharaoh) କୁହାଯାଉଥିଲା ।

ଅନୁମାନ କରି କୁହାଯାଇପାରେ ଯେ, 'ପୁର' ବା ମନ୍ଦିର ନାମରୁ 'ପୁରୀ' ନାମର ଉଦ୍ଭବ ହୋଇଛି ।

୫୬, ସୂର୍ଯ୍ୟନଗର
ଭୁବନେଶ୍ୱର-୩

---

# ଆତ୍ମ ଜିଜ୍ଞାସା

ସବିତା ରଥ

ସତରେ ତୁମେ କେଉଁଠି ?
ତୁମେ ମନ୍ତ୍ରରେ ନା ମନରେ
ଚନ୍ଦନରେ ନା ଫୁଲରେ
ତୁମେ କେଉଁଠି ସତରେ ?
ତୁମେ ମନ୍ଦିରରେ ନା ହୃଦୟରେ
ଧ୍ୟାନରେ ନାଁ ସମାଧିରେ
ତୁମେ କେଉଁଠି ସତରେ ?
ତୁବେ ବିଧିରେ ନା ବିଧାନରେ
ଭାଗ୍ୟରେ ନା କର୍ମରେ
ତୁମେ କେଉଁଠି ସତରେ ?
ତୁମେ ଆତ୍ମାରେ ନା ପରମାତ୍ମାରେ
ମୋହରେ ନା ମୁକ୍ତିରେ
ତୁମେ କେଉଁଠି ସତରେ ?
ଏମିତି ତୁମକୁ ବୁଝୁବୁଝୁ
ବହୁତ ଡେରି ହୋଇ ଯାଇଥିବ
ବୋଧହୁଏ ମୋର ଏ ଜୀବନ ସରି ଯାଇଥିବ କି
କୋଟିକଳ୍ପ ବିତିଯାଇଥିବ !

ଦୋଳମଣ୍ଡପ ସାହି
ହାବେଳି ଗଳି, ପୁରୀ

# ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମହୋତ୍ସବ



## ଶ୍ରୀକ୍ଷେତ୍ର ରଥଯାତ୍ରା

ସଦାଶିବ ମିଶ୍ର

ପୃଥିବୀ ମଧ୍ୟରେ ଭାରତ ଏକ ପ୍ରାଚୀନ ଦେଶ । ଏହାର ସଭ୍ୟତା ସଂସ୍କୃତି ଅତି ପ୍ରାଚୀନ । ଭାରତ ମଧ୍ୟରେ ଭୂଖଣ୍ଡ ବା ପ୍ରଦେଶ ଓଡ଼ିଶା ଆଜି ଦେଶ ବିଦେଶରେ ବେଶ୍ ପରିଚିତ । ଅତୀତରେ ଏ ଜାତି ବୀରତ୍ୱ, ଶିଳ୍ପକଳା, କାରିଗରି, ବାଣିଜ୍ୟ ଓ ସଂସ୍କୃତି ଯୋଗୁଁ ଦେଶ ବିଦେଶରେ ମଧ୍ୟ ପରିଚିତ ଥିଲା । ଏ ଜାତିର ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ଓଡ଼ିଶୀ ନୃତ୍ୟ ଓ ଖଣିଜ ସଂପଦ ପାଇଁ ଦେଶ ବିଦେଶରେ ପରିଚିତ । ଓଡ଼ିଶା ମଧ୍ୟରେ ଶ୍ରୀକ୍ଷେତ୍ର ବା ପୁରୀ ହେଉଛି ଏକ ମହାନ୍ ଐତିହାସିକ, ପୌରାଣିକ, ଦର୍ଶନୀୟ, ତୀର୍ଥକ୍ଷେତ୍ର ଓ ଓଡ଼ିଆ ଜାତିର ମହାନ୍ ସାଂସ୍କୃତିକ ପୀଠ । ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଏହି ସହର ବେଶ୍ ପରିଚିତ, ବଙ୍ଗୋପସାଗରର ଉତ୍ତମ ବେଳାଭୂମି ମଧ୍ୟ ଏହାର ଅନ୍ୟ ଏକ ଆକର୍ଷଣ । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ମୁଖ୍ୟତଃ ଓଡ଼ିଶାର ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା ପାଳନ କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା, ରଥଯାତ୍ରା, ଚନ୍ଦନଯାତ୍ରା, ଦୋଳଯାତ୍ରା ଓ ଝୁଲଣଯାତ୍ରା ପ୍ରଧାନ । ଏହି ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା ଓ ରଥଯାତ୍ରାରେ ସ୍ୱୟଂ ଦାରୁମୂର୍ତ୍ତିମାନେ ବିଜେ ହେଉଥିବାବେଳେ, ଅନ୍ୟାନ୍ୟ ଯାତ୍ରାରେ ପ୍ରଭୁ ବା ଜୀଉମାନଙ୍କର ଚଳନ୍ତି ପ୍ରତିମା ବିଜେ କରନ୍ତି । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ପୃଥିବୀ ପ୍ରସିଦ୍ଧ ଓ ଜଗତର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ।

‘ଆଷାଢ଼ସ୍ୟା ମଳେ ପକ୍ଷେ
ଦ୍ୱିତୀୟା ପୁଷ୍ୟା ସଂଯୁତେ
ଚରାଚର ଓ ହିତାର୍ଥାୟ
ଘୋଷଯାତ୍ରା ବିଧିୟତେ ।’
- ଇନ୍ଦ୍ରନୀଳମଣି ପୁରାଣ

ଶ୍ରୀକ୍ଷେତ୍ରରେ ଏହି ରଥଯାତ୍ରା କେବେଠାରୁ ଆରମ୍ଭ ହୋଇଛି ସେ ସଂପର୍କରେ ଅଦ୍ୟାବଧି କୌଣସି ସଠିକ୍ ପ୍ରମାଣ ବା ତଥ୍ୟ ମିଳି ନାହିଁ କିନ୍ତୁ ଏହି ରଥଯାତ୍ରା ଆଜି ଓଡ଼ିଶା, ଭାରତ ଅତିକ୍ରମ କରି ପୃଥିବୀର ବିଭିନ୍ନ ଦେଶର ଅଧିବାସୀମାନଙ୍କୁ ଆକୃଷ୍ଟ କରିପାରିଛି । ଏହା କେବଳ ଠାକୁରମାନଙ୍କର ରଥରେ ଯାତ୍ରା କରିବାର ଦୃଶ୍ୟ ବା ଘଟଣା ହୋଇ ରହି ନାହିଁ । ଏହା ଆଜି ସମଗ୍ର ମାନବ ଜାତିର ମହାମିଳନର ପର୍ବ ହୋଇଯାଇଛି । ଶ୍ରୀଜଗନ୍ନାଥ ପ୍ରେମୀ ବିଶ୍ୱର କୋଟି କୋଟି ଅଧିବାସୀ ଉତ୍ସୁକତାର ସହ ଏହି ଦିନଟିକୁ ଅପେକ୍ଷା କରିଥାନ୍ତି, ଅପେକ୍ଷା କରିଥାନ୍ତି ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ଜଗନ୍ନାଥ ପୁରାଣର ମହାପ୍ରଭୁ ଶ୍ରୀଜଗନ୍ନାଥ କହିଛନ୍ତି -

‘ଗୁଣ୍ଡିଚା ନାମେ ମୋ’ ଯାତ୍ରା ପରମ ପାବନୀ
ରଥଯାତ୍ରା ନାମେ ଖ୍ୟାତ ହେବ ଯେ ଅବନୀ ।’

ରଥଯାତ୍ରାରେ ଭକ୍ତର ଉଦଣ୍ଡ ନୃତ୍ୟ ଦେଖିତ, କେହି ସେବାୟତମାନଙ୍କର ସେବାକାର୍ଯ୍ୟ ଦେଖି, କେହି ଠାକୁର ରାଜାଙ୍କ ରଥରେ ଝାଡୁଧରି ଛେରାପହଁରା ଦେଖିତ, କେହି ରଥାରୂଢ଼ ମହାପ୍ରଭୁ ଓ ରଥର ଶୋଭା ଦେଖି ଆତ୍ମହରା ହୋଇ ଗାଇ ଉଠେ -

‘କାଳିଆ କାହ୍ନୁ, ଆଉ ବିଳମ୍ବ କର କାହିଁକି
ବରଷକେ ଥରେ ବିଜୟ ରଥରେ
ପତିତ ତାରିବା ପାଇଁକି
ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି
ଦର୍ଶନ କରିବା ପାଇଁକି ।’

ପ୍ରତିଦିନ ପୃଥିବୀର କୋଣ ଅନୁକୋଣେ ବିଭିନ୍ନ ସ୍ଥାନରେ ଯାତ୍ରା, ଉତ୍ସବ, ମହୋତ୍ସବ ଅନୁଷ୍ଠିତ ହେଉଅଛି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀଠାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ଅନନ୍ୟ ଓ ଅସାଧାରଣ । ଏହି ଯାତ୍ରା କେବଳ ଓଡ଼ିଶାର ନୁହେଁ କି ଭାରତର ଏକ ମହାନ୍ ଯାତ୍ରା ନୁହେଁ, ଏହା ହେଉଛି ସମଗ୍ର ମାନବ ଜାତିର ଏକ ମହାନ୍ ଯାତ୍ରା । ଏହି ଯାତ୍ରାରେ ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ପୃଥିବୀର ସମସ୍ତ ଗୋଷ୍ଠୀର ଲୋକଙ୍କର ସମାବେଶ ବା ମିଳନ ହୋଇଥାଏ । ରଥଗଢ଼ାଠାରୁ ରଥଟଣା ପର୍ଯ୍ୟନ୍ତ ବିଭିନ୍ନ କାମରେ ଆମ ହିନ୍ଦୁ ସମାଜର ଚାରିଜାତି ଯଥା- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ରମାନଙ୍କର ଯୋଗଦାନ ଦେଖିବାକୁ ମିଳେ । ଯେଉଁମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଠାକୁରମାନଙ୍କୁ ଦର୍ଶନ କରିବାର ସୁଯୋଗ ନାହିଁ ରଥଯାତ୍ରାରେ ରଥାରୂଢ଼ ପ୍ରଭୁମାନଙ୍କୁ ଦର୍ଶନ କରିବା ପାଇଁ ଏହା ଏକ ମହାନ୍ ସୁଯୋଗ । ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଓଡ଼ିଶାର ବିଭିନ୍ନ ସ୍ଥାନରେ, ଦେଶର ବିଭିନ୍ନ ସ୍ଥାନରେ, ବିଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ହେବା ସହିତ ରେଡ଼ିଓ ଓ ଦୂରଦର୍ଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସାରା ବିଶ୍ୱରେ ପ୍ରଚାର

କରାଯାଉଥିଲେ ମଧ୍ୟ ଏ ଯାତ୍ରାର ଆକର୍ଷଣ ଅନନ୍ୟ ଓ ସ୍ୱତନ୍ତ୍ର । ଯାହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଯାତ୍ରୀ ତଥା ଦର୍ଶକ ପୁରୀ ବଡ଼ଦାଣ୍ଡରେ ସମବେତ ହୋଇଥାନ୍ତି ।

ମାନବ ପ୍ରୀତିର ମହାମିଳନ ପର୍ବ ହେଉଛି ଶ୍ରୀକ୍ଷେତ୍ର ରଥଯାତ୍ରା । ଭାଇଭଉଣୀଙ୍କ ସହ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ଅଧିଷ୍ଠିତ । ସେହିପରି ଭାଇ-ଭଉଣୀଙ୍କୁ ଧରି ରଥରେ ବିଜେ କରି ଯାତ୍ରା କରନ୍ତି ଜନକ ପୁରୀ ଗୁଣ୍ଡିଚା ମନ୍ଦିରକୁ । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ରତ୍ନ ସିଂହାସନ ତ୍ୟାଗ କରି ବଡ଼ଦାଣ୍ଡରେ ରଥରେ ବିଜେ କରନ୍ତି, ଭକ୍ତ କୋଳାଗ୍ରତ କରେ ପ୍ରଭୁଙ୍କୁ, ପ୍ରଭୁ କୋଳାଗ୍ରତ କରନ୍ତି ଭକ୍ତଜନଙ୍କୁ । ବିଶ୍ୱର ସବୁ ବର୍ଣ୍ଣ, ଧର୍ମ, ଜାତି, ସଂପ୍ରଦାୟ ଲୋକଙ୍କର ଏକତ୍ର ସମାବେଶ ଦେଖିଲେ ମନେହୁଏ ସତେ ଯେପରି ବିଶ୍ୱ ଏଠାରେ ଏକାକାର ହୋଇଯାଇଛି । କେହି କେହି ଶ୍ରୀଜଗନ୍ନାଥଙ୍କ ରୂପରେ ନିଜର ଇଷ୍ଟକୁ ଦେଖି ତୁଷ୍ଟ ହୁଅନ୍ତି ତ କେହି କେହି ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ମହାନତା ଓ ବିଶ୍ୱପ୍ରାଣତା ଭିତରେ ନିଜକୁ ହଜାଇ ଦିଅନ୍ତି । କବି ସଚ୍ଚିଦାନନ୍ଦ ରାଉତରାୟ ଭାଷାରେ -

'ତୁମେ ପରା ଚିର ଶାନ୍ତି ପ୍ରତୀତି
ନୀଳ ଚକ୍ରରେ ବାନ୍ଧିଛ ବନାତି ।'

ବର୍ତ୍ତମାନ ବିଜ୍ଞାନର ଯୁଗ । ବିଜ୍ଞାନର ଅଗ୍ରଗତି ଯୋଗାଯୋଗ ଓ ପରିବହନର ବିକାଶ ହେତୁ ଗୋଟିଏ ସ୍ଥାନକୁ ଆସିବା ପାଇଁ ଅଳ୍ପ ସମୟ ମଧ୍ୟରେ ଉଡ଼ାଜାହାଜ, ରେଳଗାଡ଼ି, ବସ୍, କାର୍, ମଟର ସାଇକେଲ୍ ଆଦିର ସୁବିଧା ଅଛି । ଅତୀତରେ ରାସ୍ତା ନଥିଲା କି ବର୍ତ୍ତମାନ ଭଳି ଯାନବାହନର ସୁବିଧା ନଥିଲା । ଲୋକମାନେ ଚାଲିଚାଲି ଶଗଡ଼ରେ, ପାଲିଙ୍କିରେ, ଦୋଳାରେ, ଘୋଡା ଉପରେ ବସି ରଥଯାତ୍ରା ଦେଖିବାକୁ ଆସୁଥିଲେ । ଏହି ଦୃଶ୍ୟକୁ କବି ଲୋକନାଥ ବିଦ୍ୟାଧର ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି -

'କେଉଁମାନେ ଅଇଲେ ମାତଙ୍ଗରେ
କେହୁ ଅଇଲେ ତୁରଙ୍ଗ ଉପରେ
କେହୁ ପାଲିଙ୍କି କେହୁ ଶିବିକାରେ
କେହୁ ପଲବାରୁ କେହୁ ଦୋଳାରେ ।'

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସମଗ୍ର ମାନବ ସମାଜର ଏକ ମହାନ ଯାତ୍ରା । ସମସ୍ତ ଭେଦଭାବ ଭୁଲି ମୈତ୍ରୀ ପ୍ରୀତି ସୂତ୍ରରେ ଆବଦ୍ଧ ହୋଇ ମାନବ ସମାଜର କଲ୍ୟାଣ କରିବାପାଇଁ ଏହି ଯାତ୍ରା ପ୍ରେରଣା ଦିଏ, ବାଟ ଦେଖାଏ ମୃତ୍ୟୁରୁ ଅମୃତ ପଥକୁ ଯାତ୍ରା କରିବାକୁ, ଘନ ତମସାରୁ ଆଲୋକ ପଥକୁ ଯାତ୍ରା କରିବାକୁ, ସତ୍ୟ, ନ୍ୟାୟ ପଥରେ ଜୀବନକୁ ପରିଚାଳିତ କରିବାକୁ ।

ପଣ୍ଡିତ ଶାସ୍ତ୍ରକାରମାନଙ୍କ ମତରେ ମନୁଷ୍ୟ ଶରୀର ମଧ୍ୟ ଏକ ରଥ ସ୍ୱରୂପ । ସତ୍ୟ ଓ ସଦାଚାର ଏହି ରଥର ଦୁଇଟି ଚକ । ବଳ, ବିବେକ, ପରୋପକାର ଓ ଇନ୍ଦ୍ରିୟ ନିଗ୍ରହ ହେଉଛନ୍ତି ଏହାର ଅଶ୍ୱ ସଦୃଶ । କ୍ଷମା, କୃପା, ମମତା, ସ୍ନେହ ସଦିଚ୍ଛା ଆଦି ରଜ୍ଜୁ ଦ୍ୱାରା ଅଶ୍ୱମାନେ ନିୟନ୍ତ୍ରିତ । ଶରୀର ରୂପୀ ରଥକୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ହେଲେ ନିଜ ଭିତରେ ଥିବା ମନ, ପ୍ରାଣ, ଶରୀରର ଯଥାର୍ଥ ବିକାଶ ସହିତ ଚୈତ୍ୟ ସତ୍ତାର ବିକାଶ ଅପିରିହାର୍ଯ୍ୟ । ରଥକୁ ଟାଣୁଥିବା ଅଶ୍ୱ ଓ ରଜ୍ଜୁ ଯଦି ଦିଗହରା ହୁଅନ୍ତି ରଥ ଦୁର୍ଘଟଣାର ଶିକାର ହୁଏ । ରଥଯାତ୍ରାରେ ରଥଚକର ଘର୍ଘର ନାଦ ମାନବ ଜାତିକୁ ସତର୍କ କରାଇଦିଏ - 'ଜୀବନର ଲକ୍ଷ୍ୟ ପ୍ରତି ସଚେତନ ହୁଅ, ସଚେତନ ହୁଅ, ଅମୃତସ୍ୟ ପୁତ୍ର ଅମୃତ ପଥର ଯାତ୍ରୀ ହୁଅ ।'

ପୁରୀରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ବିଭିନ୍ନ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଓ ସମଗ୍ର ମାନବ ଜାତିର ଏକ ମହାମିଳନ ପର୍ବ । ଶ୍ରୀଜୀଉମାନେ ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ମୁଖ୍ୟତଃ ରଥଯାତ୍ରା କୁହାଯାଉଥିଲେ ମଧ୍ୟ ଏହି ଯାତ୍ରାର ଅନ୍ୟ ନାମଗୁଡ଼ିକ ହେଲା ଘୋଷଯାତ୍ରା, ଜନକପୁରୀଯାତ୍ରା, ଗୁଣ୍ଡିଚାଯାତ୍ରା ନବଦିନାତ୍ମକ ଯାତ୍ରା, ଆଡପଯାତ୍ରା, ଦଶାବତାରଯାତ୍ରା ଇତ୍ୟାଦି । ପ୍ରତ୍ୟେକ ଯାତ୍ରା ନାମ କରଣର ବୈଶିଷ୍ଟ୍ୟ ମଧ୍ୟ ରହିଛି । ରଥଯାତ୍ରାରେ ଶ୍ରୀଜୀଉମାନେ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମଣ୍ଡପକୁ ଯାତ୍ରା କରନ୍ତି । ଗୁଣ୍ଡିଚା ମଣ୍ଡପ ହେଉଛି ଠାକୁରମାନଙ୍କର ଜନ୍ମସ୍ଥଳ । ସେହିଠାରେ ଦାରୁମୂର୍ତ୍ତି ନିର୍ମାଣ କରାଯାଇ ପ୍ରଥମେ ସେଠାରେ ପୂଜାର୍ଚ୍ଚନା କରାଯାଉଥିଲା । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ନିର୍ମାଣ କରାଯାଇ ଠାକୁରମାନଙ୍କୁ ପ୍ରତିଷ୍ଠା କରାଗଲା । ତେଣୁ ଏହି ଯାତ୍ରାକୁ ଜନକପୁରୀ ଯାତ୍ରା କୁହାଯାଇଛି । ଏହାଦ୍ୱାରା ଶ୍ରୀଜଗନ୍ନାଥ ସମଗ୍ର ମାନବ ସମାଜକୁ ଜନ୍ମଭୂମିର ଆକର୍ଷଣ ଓ ମହାନତାର ଶିକ୍ଷା ଦେଉଛନ୍ତି । ଘୋଷ ଶବ୍ଦ ଏକ ମଙ୍ଗଳ ପ୍ରଦାୟକ ଶବ୍ଦ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ, ତାକୁ ଘୋଷଯାତ୍ରା କୁହାଯାଏ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ଓ ଦର୍ଶନାର୍ଥୀ ରଥଯାତ୍ରାରେ ସାମିଲ ହୋଇ ନିଜକୁ ଧନ୍ୟ ମଣନ୍ତି । ଏଠାରେ ନଥାଏ ଧନୀ-ଦରିଦ୍ରର ଭେଦଭାବ, ବ୍ରାହ୍ମଣ-ଚାଣ୍ଡାଳର ଦୁର୍ଭେଦ୍ୟ ପ୍ରାଚୀର, ଜାତି-ବର୍ଣ୍ଣ ମଧ୍ୟରେ ବୈଷମ୍ୟ ଭାବ । ଚକାନୟନଙ୍କ ଦୃଷ୍ଟିରେ ସଭିଏଁ ସମାନ । ଶ୍ରୀକ୍ଷେତ୍ର ହେଉଛି ପୃଥିବୀରେ ସାମ୍ୟ ଓ ମୈତ୍ରୀର ମହାନ ପୀଠ । ଏହି ପୀଠର ମହାନତା ଉପଲବ୍ଧି କରି ଉତ୍କଳମଣି ଗୋପବନ୍ଧୁ ରଚନା କରିଛନ୍ତି -

'ଜଗତ ସଲିଳେ ଭାରତ କମଳ
ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ
ନାହିଁ ଜାତିଭେଦ, ନାହିଁ ଧର୍ମଭେଦ
ସାମ୍ୟ, ମୈତ୍ରୀବାଣୀ ଗାଏ ଯାର ବେଦ ।'

ଓଡ଼ିଆଙ୍କ ଜନଜୀବନରେ, ସାମାଜିକ ଜୀବନରେ ଓ ସାଂସ୍କୃତିକ ଜୀବନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ମୁଖ୍ୟ ସଂପାଦକ 'ସୁଲେଖା'
ବିମାନବଡୁସାହି, ଚଟିଆପଡ଼ା ଗଳି
ପୁରୀ-୭୫୨୦୦୧



# ଏହି ଅଳି ଶ୍ରୀଛାମୁରେ

ଡକ୍ଟର ବଳରାମ ଦାସ

**କେ**ଉଁ ସ୍ମରଣାତୀତ କାଳରୁ ବିଶ୍ୱ ବିସ୍ମୟର ଅନୁପମ ପ୍ରତୀକ ଶ୍ରୀଜଗନ୍ନାଥ, କେବଳ ଦେବତା ଭାବରେ ନୁହଁନ୍ତି, ଜଣେ ପରମ ଆତ୍ମୀୟ ଭାବରେ ମଧ୍ୟ ମଣିଷର ଉପାସିତ ହୋଇ ଆସୁଛନ୍ତି । ସେଥିପାଇଁ ମଣିଷ ଆପଣାର ସୁଖ ଓ ଦୁଃଖରେ ତାଙ୍କୁ ସ୍ମରଣ କରିଥାଏ । ବିପଦରେ ପଡ଼ିଲେ, ତାଙ୍କ ନାମ ସ୍ମରଣ କରି ସେଥିରୁ ପରିତ୍ରାଣ ଲାଭ କରିବାର ଦୃଢ଼ ଆଶା ମଧ୍ୟ ପୋଷଣ କରିଥାଏ । ଶତାବ୍ଦୀ-ଶତାବ୍ଦୀ ଧରି ମଣିଷର ଏଇ ଆତ୍ମବିଶ୍ୱାସ, ଓଡ଼ିଶାର ସାଧାରଣ ଜନତାକୁ ଯେ କେବଳ ଦେଖାଇଛି ଅନ୍ଧାରରେ ଆଲୋକ ବର୍ତ୍ତିକା, ତାହା ନୁହେଁ, ଓଡ଼ିଆ କବିଙ୍କ ସୃଷ୍ଟିରେ ମଧ୍ୟ ତୋଳିଛି ଅପରୂପ ସ୍ୱର-ଝଙ୍କାର । ସେଥିପାଇଁ ଓଡ଼ିଆ କବିତାରେ, କବିର ଜୀବନ ଜିଜ୍ଞାସା, ଧୂପ-ଦୀପର ପବିତ୍ର ସୁରଭି ପରି ସୁରଭିତ ହୋଇଉଠିଛି ।

କବିତା ଚିରକାଳ କବିର ଆତ୍ମାନୁଭୂତିର ସର୍ବଶ୍ରେଷ୍ଠ ଫସଲ । ତା'ର ସ୍ୱରରେ ତେଣୁ ଅହରହ ମୂର୍ଚ୍ଛିତ ହୋଇଥାଏ ଆତ୍ମୀୟତାର ମଧୁର ମୂର୍ଚ୍ଛନା । କବିତାରେ ସେଇ ଜୀବନ ଜିଜ୍ଞାସାର ଅନାବିଳ ପ୍ରକାଶ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ କବିର ଆକୁଳ ଆକୃତି, ଯେକୌଣସି ଭକ୍ତର ହୃଦୟକୁ ଆଲୋଡ଼ିତ କରିଥାଏ ।

କବି ଯେତେବେଳେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅସଙ୍କୋଚ ଭାବରେ ପ୍ରକାଶ କରେ ତା'ର ଦୁଃଖ-ଦୁର୍ଦ୍ଦଶାର କାହାଣୀ, ସେତେବେଳେ ମନେ ହୁଏ, ଏହି ଆତ୍ମୀୟତା ବୋଧ ହିଁ ଜଗନ୍ନାଥ ସଂସ୍କୃତିର ମୂଳାଧାର । ସେଥିପାଇଁ ଓଡ଼ିଆ କବି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରକାଶ କରେ ତା'ର ବ୍ୟକ୍ତିଗତ ଦୁରବସ୍ଥାର ହୃଦୟସ୍ପର୍ଶୀ ଅନୁଭୂତି । କବି ବନମାଳୀଙ୍କର ଜଣାଣମାନଙ୍କରେ ଏହି ସ୍ୱର ଅତ୍ୟନ୍ତ ବ୍ୟାଥାତୁର ଭାବରେ ପ୍ରକାଶିତ ହୋଇଅଛି । କବି ନିଃସଙ୍କୋଚରେ ପ୍ରକାଶ କରିଛନ୍ତି ତାଙ୍କ ଦୈନ୍ୟର ସ୍ୱରୂପ । ଭେକ ଖଣ୍ଡିଏ ନଥିବାରୁ ସେ ନିୟମିତ ଶ୍ରୀଜଗନ୍ନାଥଙ୍କ ଛାମୁକୁ ଯାଇପାରିନାହାନ୍ତି । ସାହୁକାରର ଜଞ୍ଜାଳ, କୁଟୁମ୍ବଙ୍କ ଗୋଳ, ତାଙ୍କ ଅନ୍ତର ବେଦନାକୁ ବହୁ ଗୁଣିତ କରିଦେଇଛି । ମନରୁ ଲିଭି ଯାଇଛି ଆଶାର ଆଲୋକ, ହୃଦୟ ମଧ୍ୟରେ ଶୁଷ୍କ ହୋଇଯାଇଛି ଆନନ୍ଦ-ନିର୍ଝର । ତାଙ୍କର ଇଚ୍ଛା ସବୁବେଳେ କଳା



ଶ୍ରୀମୁଖକୁ ଅନାଇ ରହିବା ପାଇଁ । ମାତ୍ର ଜଞ୍ଜାଳ - ଜର୍ଜରିତ ଜୀବନରେ, ମନ ତାଙ୍କର ବାତଚକ୍ର ପ୍ରାୟେ ଘୁରୁଛି । ତାଙ୍କ ପରି ନିରେଖ ଜନ ଏ ସଂସାରରେ ଆଉ କିଏ ଅଛି ! କିଏ ଫେଡ଼ିବ ତାଙ୍କର ଏ କଷଣ, ଚଉବର୍ଗ ଦାନୀ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ! ଅଭିମାନ ଭିଜା କଣ୍ଠରେ କବି ଗାଇଛନ୍ତି -

'ଆହେ ପ୍ରଭୁ କଳା ଶ୍ରୀମୁଖ !
କାଳେ କାଳେ ମୋର ନଗଲା ଦୁଃଖ ।'

କିନ୍ତୁ ଦୁଃଖରୁ ପରିତ୍ରାଣ ପାଇଁ କବି କେବେ ମଧ୍ୟ ମାଗି ନାହାନ୍ତି ଧନ, ଜନ, ଐଶ୍ୱର୍ଯ୍ୟ-ବିଭୂତି । ଶ୍ରୀଜଗନ୍ନାଥଙ୍କ ନିକଟରେ ସେ କେବଳ ଅଳି କରିଛନ୍ତି, ତାଙ୍କରି ଶ୍ରୀରଙ୍ଗାଚରଣ ସେବାରେ ନିରନ୍ତର ତାଙ୍କ ମନ ରହିଥାଉ । ତାଙ୍କୁ ପଛେ ଦାନା-କନା ନମିଳୁ, କିନ୍ତୁ ସେ କେବଳ ନୀଳଚକ୍ର ବାନାକୁ ଚାହିଁ ଜୀବନର ସବୁ ଦୁଃଖକୁ ପାରି ହୋଇଯିବେ । ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରିଛନ୍ତି -

'ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ ।'

କେବଳ ସେତିକି ନୁହେଁ, ମହାପ୍ରଭୁଙ୍କ ନିକଟରେ କବି ଅଳି କରିଛନ୍ତି :

'ମହାବାହୁ ! ଏହି କଥାରେ ମୋ ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜ ସୁନ୍ଦର ବଦନ

ଅଞ୍ଜଳିରେ ଜଳ ପିଇ ପିନ୍ଧୁଥିବି ବକଳ କରି ବସନ
ଶଚୀପତି ପଦ ତୁଚ୍ଛ ମଣୁଥିବି ଥିଲେ ତୁମ୍ଭ ସନ୍ନିଧାନ ।'

କବି ପୁଣି କାମନା କରିଛନ୍ତି -

'ବାରମାସେ ତେର ଯାତ୍ରା ଦେଖୁଥିବି
ଶ୍ରୀକ୍ଷେତ୍ରେ ହୋଇ ଭିକାରୀ
ସାଧୁସନ୍ଥଙ୍କର ବୋଲାଇ କିଙ୍କର
ମାଗୁଥିବି ମଧୁକରୀ ।'

କେବଳ ବନମାଳୀ ନୁହଁନ୍ତି, ବହୁ କବି ସେମାନଙ୍କର ପଦ୍ୟାବଳୀମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ଶୁଣାଇଛନ୍ତି ଆପଣାର ଯନ୍ତ୍ରଣା-କ୍ଳିଷ୍ଟ ଜୀବନର ବିଧୁର ବେଦନା । ଦୀନକୃଷ୍ଣଙ୍କର 'କୃପାସିନ୍ଧୁ ବଦନ କରି ଅବଲୋକନ', ଶ୍ୟାମ ଭଞ୍ଜଙ୍କର 'ଆହେ ପ୍ରଭୁ ଘନ କାଳିଆ', 'ଆହେ ପ୍ରଭୁ ଚକା ନୟନ', 'ଆହେ ପ୍ରଭୁ ପଙ୍କଜ ଆଖି', ବିପ୍ର କୃଷ୍ଣଙ୍କର 'ଆହେ ପ୍ରଭୁ ପଙ୍କଜ ଡୋଳା, ଶୋକ ପୟୋଧିରେ ବୁଡ଼ିଲା ଭେଳା', ଗୌରଚରଣଙ୍କର 'ଆହେ ଜଗନ୍ନାଥେ', ସାନନ୍ଦ ଦ୍ୱିଜଙ୍କର 'କାହା ଆଗେ କହିବି ମୁଁ ସାକ୍ଷୀ, ହେ ଚକାଆଖି', ଅଭିମନ୍ୟୁଙ୍କର 'କୃପାସିନ୍ଧୁ-ଦୀନବନ୍ଧୁ ଶ୍ରୀଛାମୁରେ', ଭାଗୀରଥି ଦେବଙ୍କର 'କୃପାସିନ୍ଧୁ ଦୀନବନ୍ଧୁ ଅଘ-ତମ ଇନ୍ଦୁ ହେ', ରାଜକୁମାର ଗୋବିନ୍ଦଙ୍କର 'କୃପାସିନ୍ଧୁ ଦୀନବନ୍ଧୁ ! କାହିଁକି କରୁଣା ଊଣା', ସାଧୁ ଚରଣଙ୍କର 'କରମ ବାମ ମୋର', ହାଡ଼ି ଦାସଙ୍କର 'ଆହେ ପ୍ରଭୁ ମହାବାହୁ', ଭଗବାନଙ୍କର 'ଚକାଆଖି, ଥକା ହୋଇଲ କି ଏବେ', ସୋମନାଥ ସିଂହ ଜଗଦେବଙ୍କର 'ପ୍ରଭୁ ହେ, ବହୁତ ଦୁଃଖ ହୋଇଲା', ବେଣୁଧରଙ୍କର 'ରମା ରମଣ ହେ, କ୍ଷମାକର ମୋ ବିପତ୍ତି ଭାର', 'କେତେ କହିବି ହେ, ମୋ' ଦୁଃଖ କାହାଣୀ ଆଉ' ପ୍ରଭୃତି ଜଣାଣ ସେଇ ମର୍ମସ୍ପର୍ଶୀ ଅନୁଭବର ଏକ ଏକ ଅଶ୍ରୁଳ ଅଭିଲେଖ ।

କେତେକ କବିତାରେ ପୁଣି ବ୍ୟକ୍ତିଗତ ଜୀବନ ଜିଜ୍ଞାସାର ସ୍ୱର ଯେପରି ନିର୍ଦ୍ଦିଷ୍ଟ, ଇତିହାସର ତଥ୍ୟ ଦୃଷ୍ଟିରୁ ସେହିପରି ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ । ଉତ୍କଳର ଗଜପତି ରାଜା ଶ୍ରୀ ବୀର କିଶୋର ଦେବ ଓ ଶ୍ରୀ ଦିବ୍ୟସିଂହ ଦେବଙ୍କର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ଦୁଇଟି ଜଣାଣରେ ସେହି ଐତିହାସିକ ତଥ୍ୟ ଉପଲବ୍ଧ ହୋଇଥାଏ । ମରହଟ୍ଟା ଶାସନ କାଳରେ, ପରିସ୍ଥିତିର ନିଷ୍ଠୁର ତାଡ଼ନାରେ ବୀର କିଶୋର ଦେବ ଉତ୍କଳର ରାଜସିଂହାସନରୁ ଗାଦିଚ୍ୟୁତ ହୋଇଥିଲେ । ଫଳରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବା-ପୂଜାର ପବିତ୍ର ଅଧିକାରରୁ ସେ ହୋଇଥିଲେ ବଞ୍ଚିତ । ବସ୍ତୁତଃ ତାହା ହିଁ ହେଉଛି ରାଜା ସିଂହାସନର ପବିତ୍ର ପରମ୍ପରା । ସେଇ ଅଧିକାରରୁ ବଞ୍ଚିତ ଏହି ରାଜକବି ତେଣୁ ମର୍ମାନ୍ତିକ ବେଦନାରେ ଜର୍ଜରିତ ହୋଇ ଗାଇଛନ୍ତି -

'ସେବାରୁ ଅନ୍ତର ହେଲି ଯେବେ ପ୍ରଭୁ
ଏ ପ୍ରାଣ ଥିବ କିମ୍ପାଇ
ଓହ୍ଲାଇ ନ ଦିଅ କିମ୍ପା ମୋ' ମଥାରୁ
ଜଞ୍ଜାଳ ଭାର ଗୋସାଇଁ ।'

ସେହିପରି ଦିବ୍ୟସିଂହ ଦେବ ନରହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ବ୍ରିଟିଶ ଶାସକଙ୍କ କୋପାନଳରେ ପଡ଼ିଥିଲେ । ପରିଣତିରେ ତାଙ୍କୁ 'କଳାପାଣି' ଯିବାକୁ ହୋଇଥିଲା । ସେ ମଧ ଜଗନ୍ନାଥଙ୍କ ସେବା ପୂଜାରୁ ବଞ୍ଚିତ ହୋଇ ବେଦନା ଭିଜା ସ୍ୱରରେ ଜଣାଇଥିଲେ ଅନ୍ତରର ଆକୁଳ ଆକୁତି -

'ପ୍ରଭୁ ନୀଳାଦ୍ରି ବିହାରୀ
କଟକେ ଅଟକ ହେବାରୁ ମୋ' ଦିନ,
ସରୁ ନାହିଁ ଝୁରି ଝୁରି
କନ୍ଦିରୁ ଅଣାଇ ବନ୍ଦୀ କରାଇଲ
ଶ୍ରୀ ନନ୍ଦିଘୋଷ ବିହାରୀ
ଛନ୍ଦି କରଦ୍ୱୟ ଦେଖାଉଛି ଭୟ,
ଦ୍ୱନ୍ଦ୍ୱୀ ବିଜାତି ପାହାରୀ ।'

ଓଡ଼ିଆ କବି ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜ ମନର ଅଭିଳାଷ କେବଳ ପ୍ରକାଶ କରିନାହାନ୍ତି, ସେ ଅଭିଳାଷ ପୂରଣ ନହେବାରୁ ଅଭିମାନ ମଧ କରିଛନ୍ତି । ଏହି ଅଭିମାନ ମଧ ଅତ୍ୟନ୍ତ ସ୍ୱାଭାବିକ ମନେ ହୋଇଥାଏ । କାରଣ ହୃଦୟର ବନ୍ଧନ ଯେଉଁଠି ଯେତେ ତୀବ୍ର, ସେଠାରେ ଅଭିମାନ ସେତେ ନିବିଡ଼ । ସେଠାରେ ସାମାନ୍ୟ ଅବହେଳା ସୁଦ୍ଧା ଏକ ଦୁଃସହ ଜ୍ୱାଳାରେ ପରିଣତ ହୋଇଥାଏ । ଶ୍ରୀଜଗନ୍ନାଥ ସମଦୃଷ୍ଟିର ପତାକା ଟେକି ମଧ ପକ୍ଷପାତ ନୀତି ଅବଲମ୍ବନ କରୁଥିବାରୁ କବି ତାଙ୍କ ପ୍ରାଣର ଠାକୁରଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ଶେଷରେ ମନ ଭର୍ତ୍ତି କରି ଗାଳି ଦେବାକୁ ମଧ କୁଣ୍ଠାବୋଧ କରିନାହାନ୍ତି । କବିସୂର୍ଯ୍ୟ ବଳଦେବ ରଥଙ୍କର 'ଜଗନ୍ନାଥ ଜଣାଣ' ଓ 'ସର୍ପ ଜଣାଣ'ରେ ଏହି ଅଭିମାନର ସ୍ୱର ଅତ୍ୟନ୍ତ ତୀବ୍ର । କବି ଶ୍ରୀଜଗନ୍ନାଥଙ୍କର ଉପରେ ରାଗ କରି ତାଙ୍କୁ 'କାଳସର୍ପ' ବୋଲି ଅଭିହିତ କରିଅଛନ୍ତି । କବିଙ୍କର ଏହି 'ରାଗ' କିନ୍ତୁ ପ୍ରକୃତରେ 'ଅନୁରାଗ' ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ଅନୁରାଗର ନେପଥ୍ୟରେ ଅଛି ଆତ୍ମୀୟତାର ସେହି ମହାନ୍ ଅନୁଭବ, ଯାହା ଭକ୍ତ ଓ ଭଗବାନଙ୍କ ମଧରେ କାଳକାଳ ଧରି ବାନ୍ଧି ଆସିଛି ମିଳନର ସେତୁ ।

ମନେହୁଏ, ଜଗନ୍ନାଥ ଚେତନାର ଏହା ହିଁ ହେଉଛି ସବୁଠାରୁ ବଳି ରହସ୍ୟମୟ ଅଭିବ୍ୟକ୍ତି ।

କନ୍‌ଭେଣ୍ଟ ଏରିଆ
ଭି.ଆଇ.ପି. ରୋଡ
ପୁରୀ- ୭୫୨୦୦୧



# ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ଶ୍ରୀନୀଳାଚଳ

ପ୍ରମୋଦ କୁମାର ନାୟକ

ନିତ୍ୟ ବୈକୁଣ୍ଠ ଶ୍ରୀନୀଳାଚଳ ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ରୂପେ ବିଦ୍ୟମାନ । ସ୍ରଷ୍ଟାଙ୍କ ସୃଷ୍ଟି ଆଦ୍ୟ କାଳରେ ଆଜି ଯାହା ପୁଣ୍ୟ ନୀଳାଚଳ ଧାମ ନାମରେ ପ୍ରସିଦ୍ଧ ଲାଭ କରିଅଛି, ତାହା ସେତେବେଳେ ଥିଲା ନୀଳ ସୁନ୍ଦର ପର୍ବତ । ଏହି ନୀଳ ସୁନ୍ଦର ପର୍ବତରେ ଥିଲା ଚାରୋଟି ଶୃଙ୍ଗ ଏବଂ ପ୍ରତ୍ୟେକ ଶୃଙ୍ଗରେ ଗୋଟିଏ ଗୋଟିଏ ବିଶାଳ ବୃକ୍ଷ ବିଦ୍ୟମାନ ଥିଲା । ଗୋଟିକରେ ବର, ଗୋଟିକରେ ପିପ୍‌ପଳ, ଗୋଟିକରେ ପାଙ୍କଡ଼ ବା ପର୍କଟୀ ଓ ଅନ୍ୟଟିରେ ଥିଲା ଆମ୍ବ । ନୀଳ ପର୍ବତର ଶିଖର ଦେଶରେ ବିଦ୍ୟମାନ ଥିଲା ସ୍ୱଚ୍ଛ ସୁନିର୍ମଳ ଜଳପୂର୍ଣ୍ଣ ସରୋବର । ସରୋବରର ସୋପାନଗୁଡ଼ିକ ଥିଲା ମଣି ନିର୍ମିତ । ପଦ୍ମପୁଷ୍ପଗୁଡ଼ିକ ସଦା ପ୍ରସ୍ଫୁଟିତ ଥାଇ ସରୋବରର ଶୋଭାଶ୍ରୀ ବର୍ଦ୍ଧନ କରୁଥିଲା । ପଦ୍ମପୁଷ୍ପମାନଙ୍କରେ ଭ୍ରମରମାନଙ୍କର ଗୁଞ୍ଜନ ତଥା ହଂସଗଣମାନଙ୍କ କଳକଳ ସ୍ୱନରେ ଗଗନ ପବନ ମୁଖରିତ ହେଉଥିଲା । ସେହି ନିର୍ଜନ ନୀଳସୁନ୍ଦର ପର୍ବତରେ ବାସ କରୁଥିଲେ ଜାତିସ୍ମର କାକଭୂଷଣ୍ଡ । କଳ୍ପାନ୍ତରେ ସୁଦ୍ଧା ତାଙ୍କର ବିନାଶ ହୁଏ ନାହିଁ । ମିଛମାୟା ଜଗତ ମଧ୍ୟରେ କାମ, ମୋହ, ଅଜ୍ଞାନ ଆଦି ଘୋଟି ରହିଥିଲେ ହେଁ ନୀଳସୁନ୍ଦର ପର୍ବତକୁ ସ୍ପର୍ଶ କରିପାରୁନଥିଲେ । କାକଭୂଷଣ୍ଡ ସେହିଠାରେ ଅବସ୍ଥାନ କରି ସଦାସର୍ବଦା ହରିଗୁଣ ଗାନରେ ତନ୍ମୟ ରହୁଥିଲେ । ସେ ଦିବସର ପ୍ରଥମ ପ୍ରହରରେ ପିପ୍‌ପଳ ବୃକ୍ଷମୂଳେ ସତ୍ୟଯୁଗୋଚିତ କର୍ମ ଧ୍ୟାନ, ଦ୍ୱିତୀୟ ପ୍ରହରରେ ପାଙ୍କଡ଼ ବା ପର୍କଟୀ ବୃକ୍ଷମୂଳେ ତ୍ରେତାଯୁଗୋଚିତ କର୍ମ, ଯଜ୍ଞ, ଜପ, ତୃତୀୟ ପ୍ରହରରେ ଆମ୍ବଗଛ ମୂଳେ ଦ୍ୱାପର ଯୁଗୋଚିତ ମାନସ ପୂଜା ଏବଂ ଚତୁର୍ଥ ପ୍ରହରରେ କଳି ଯୁଗୋଚିତ ହରଭଜନ ବଟବୃକ୍ଷ ମୂଳରେ କରୁଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀମଦ୍‌ଭାଗବତରେ ଜଗନ୍ନାଥ ଦାସ ବର୍ଣ୍ଣନା କରିଛନ୍ତି -

'ସତ୍ୟଯୁଗରେ ଧ୍ୟାନ ବଳେ, ତ୍ରେତାରେ ପୂଜିବ ଯଜ୍ଞରେ,
ଦ୍ୱାପରେ ପଦସେବା କରି, କଳିରେ ସଂକୀର୍ତ୍ତନେ ହରି,
ଏ ରୂପେ ଭଜି ଦୃଢ଼ମତେ, ପ୍ରାଣୀଏ ତରନ୍ତି ଜଗତେ ।'

ଏହି କର୍ମ ବ୍ୟତିରେକ କାକଭୂଷଣ୍ଡ ଅନ୍ୟ କାମ କରୁନଥିଲେ । କାକଭୂଷଣ୍ଡଙ୍କ କଳିଯୁଗୋଚିତ ହରିଭଜନ ଶୁଣିବା ସକାଶେ ଅନେକ ପକ୍ଷୀ ତଥା ସରୋବରସ୍ଥ ହଂସଗଣ ବଟବୃକ୍ଷ ମୂଳରେ ଉପସ୍ଥିତ ହେଉଥିଲେ ଏବଂ ଭକ୍ତି ପ୍ରେମରେ ତନ୍ମୟ ହୋଇଯାଉଥିଲେ । ଏପରିକି ସଂସାରର ସଂହାରକର୍ତ୍ତା ଯୋଗାରୂଢ଼ ପୁରୁଷ ଶିବ ମଧ୍ୟ କୈଳାସ ଛାଡ଼ି ଏହି ଭକ୍ତି ପ୍ରେମରେ ହଂସ ରୂପ ଧାରଣ ପୂର୍ବକ କିଛିଦିନ ନୀଳ ପର୍ବତରେ ଅବସ୍ଥାନ କରିଥିଲେ ।

ନୀଳସୁନ୍ଦର ପର୍ବତର ପାଦ ଦେଶକୁ ସୁଶୋଭିତ କରୁଥିଲା ତମାଳ ବୃକ୍ଷରାଜି । ଅନତି ଦୂରରେ ମହୋଦଧିର ନୀଳ ଉର୍ମିମାଳା ତମାଳ ବନର ପଦ ଧୌତ କରୁଥିଲା । ମହୋଦଧିର ନୀଳଉର୍ମିମାଳା, ତମାଳ ବନର ସବୁଜିମା ମିଶି ସୃଷ୍ଟି ହୋଇଥିଲା ନୈସର୍ଗିକ ସୌନ୍ଦର୍ଯ୍ୟ । କାଳକ୍ରମେ ଏହି ସୌନ୍ଦର୍ଯ୍ୟ ଆଣି ଦେଲା ମୁନିରଷିମାନଙ୍କ ପାଇଁ ଭକ୍ତି ଭାବନାର ଚୂଡ଼ାନ୍ତ ନୈବେଦ୍ୟ । ଇତିହାସ, ପୁରାଣ, କିମ୍ବଦନ୍ତୀ ତଥା ବିସ୍ମୃତି ଗର୍ଭକୁ କଳ୍ପନା ପଟରେ ଦୃଷ୍ଟିପାତ କଲେ ସ୍ପଷ୍ଟ ଅନୁମେୟ ଆସେ, ସମୟର ବିବର୍ତ୍ତନ ଗତିରେ ଏ ସ୍ଥାନଟି କାଳକ୍ରମେ ଗଢ଼ି ଉଠିଲା ବିଭିନ୍ନ ଧର୍ମାବଲମ୍ବୀ ମୁନିରଷି, ଧର୍ମପ୍ରଚାରକମାନଙ୍କ ଅଧ୍ୟୁଷିତ ଆଶ୍ରମ ମଣ୍ଡଳ । ଯାହାର ମୂକସାକ୍ଷୀ ରୂପେ ଆଜି ବିଦ୍ୟମାନ ଶତାଧିକ ମଠ । ସେ କାଳର ମୁନିରଷିମାନଙ୍କ ଦ୍ୱାରା ମହୋଦଧି ତଟଦେଶରେ ପ୍ରଥମେ ପୂଜିତ ହେଲା ଶ୍ରୀପୁରୁଷୋତ୍ତମଙ୍କର ବିଗ୍ରହ । ଲୀଳାମୟଙ୍କର ବିଚିତ୍ର ଲୀଳା । ବିଭିନ୍ନ ଧର୍ମାବଲମ୍ବୀ ଯଥା- ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ନାଥ ଆଦି ପ୍ରତ୍ୟେକ ଧର୍ମମତ ପାର୍ଥକ୍ୟ ରହୁଥିଲେ ହେଁ ଶ୍ରୀପୁରୁଷୋତ୍ତମଙ୍କ ସହିତ ଏକାକାର ହୋଇଯାଉଥିଲେ । ଶାସ୍ତ୍ରରେ ଉଲ୍ଲେଖ ଅଛି -

'ସର୍ବେଷାଂ ସର୍ବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମମ୍
ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମମ୍ ।'

ସମୟର ବିବର୍ତ୍ତନ ଗତିରେ କେତେ ଉତ୍ଥାନ ପତନ ମଧ୍ୟରେ ଦିନ ଗଡ଼ିଗଲା । ଉତ୍କଳ ଭାଗ୍ୟାକାଶରେ ନରପତି ହେଲେ ଯଯାତି କେଶରୀ । ଉତ୍କଳ ନରପତି ହେଲାପରେ ଯଯାତି କେଶରୀ ଶ୍ରୀକ୍ଷେତ୍ର ପୁରୀଠାରେ ହାରାହାରି ଖ୍ରୀ:୧୦ମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶ୍ରୀପୁରୁଷୋତ୍ତମ ଠାକୁରଙ୍କ ପାଇଁ ମନ୍ଦିର ତୋଳାଇ ବିଗ୍ରହ ସ୍ଥାପନ କରିଥିଲେ । ତା'ପରେ ସୋମବଂଶର ଶେଷରାଜା କର୍ଣ୍ଣ କେଶରୀଙ୍କୁ ଯୁଦ୍ଧରେ ପରାସ୍ତ କରି ଖ୍ରୀ:୧୧୧୨ରେ କଳିଙ୍ଗ ନଗରର ଗଙ୍ଗବଂଶୀୟ ମହାରାଜା ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବ ଉତ୍କଳ ଅଧିକାର କରିଥିଲେ । ଚୋଡ଼ଗଙ୍ଗ ଦେବ ଥିଲେ ଭକ୍ତି ପରାୟଣ । ତେଣୁ ଉତ୍କଳ ଅଧିକାର

ପରେ ତାଙ୍କର ପ୍ରଥମ ଦୃଷ୍ଟି ହେଲା, ଶ୍ରୀପୁରୁଷୋତ୍ତମ ବିଗ୍ରହଙ୍କ ପ୍ରତି । ଚୋଡ଼ଗଙ୍ଗ ଦେବଙ୍କ ଆରାଧ ଦେବତା ଥିଲେ, ଶିବ ସ୍ୱରୂପ ବଳଦେବ ଏବଂ ଶକ୍ତି ସ୍ୱରୂପିଣୀ (ବ୍ରାହ୍ମଣୀ) ଦେବୀ ସୁଭଦ୍ରା । ସେ ତିନି ବିଗ୍ରହଙ୍କୁ ନେଇ ନୃସିଂହ ମନ୍ଦିରରେ ସ୍ଥାପନ କରିଥିଲେ । ପରମୁହୂର୍ତ୍ତରେ ଯୁଦ୍ଧରେ ବିଜିତ ଧନକୁ ଧର୍ମ କାର୍ଯ୍ୟରେ ଉତ୍ସର୍ଗୀକୃତ କରିବାକୁ ସଂକଳ୍ପ ନେଇ ସେ ନିର୍ମାଣ କରିବାକୁ ସ୍ଥିର କଲେ ପଞ୍ଚରଥ ବିଶିଷ୍ଟ ଦେବ ମନ୍ଦିର । ତଦନୁସାରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ପଲ୍ଲୁ ନାମକ ଜଣେ 'କର୍ମକାର କୁଳପୁତ୍ର'ଙ୍କୁ ନିଯୁକ୍ତି କରିଥିଲେ । ଯାହାକି ଆଜି ଶ୍ରୀମନ୍ଦିର ରୂପେ ଶ୍ରୀକ୍ଷେତ୍ରରେ ବିଦ୍ୟମାନ । ଚୋଡ଼ଗଙ୍ଗ ଦେବ ଅମାପ ଧନ ବ୍ୟୟ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାରୁ ତାଙ୍କ ନାମରେ ଶ୍ରୀମନ୍ଦିରର କୀର୍ତ୍ତି କାଳକାଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଲା । ଦୁଃଖର କଥା, ଚୋଡ଼ଗଙ୍ଗ ଦେବଙ୍କ ଜୀବଦ୍ଦଶା ମଧ୍ୟରେ ମନ୍ଦିର କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ । ତାଙ୍କ ପରେ ତାଙ୍କ ନାତି ଅନଙ୍ଗଭୀମ ଦେବ (ତୃତୀୟ) ଶ୍ରୀମନ୍ଦିର ପ୍ରତିଷ୍ଠା କରି ଦେବ ବିଗ୍ରହମାନଙ୍କୁ ରତ୍ନ ସିଂହାସନରୂଢ଼ କରିଥିଲେ ।

କାଳକ୍ରମେ ଜଗନ୍ନାଥ ଧର୍ମ ରାଜାନୁଗତ ହୋଇଥିଲା ଏବଂ ରାଜା ନିଜକୁ ଜଗନ୍ନାଥଙ୍କର ପ୍ରଥମ ସେବକ ରୂପେ ଘୋଷଣା କରିଥିଲେ । ଦୁର୍ଭାଗ୍ୟବଶତଃ ଉତ୍କଳ ବିଭିନ୍ନ ସମୟରେ ବିଦେଶୀମାନଙ୍କ ଆକ୍ରମଣ ଓ ବିଧର୍ମୀମାନଙ୍କ ଅତ୍ୟାଚାରର ଶିକାର ହୋଇଥିଲା । ଫଳରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର, ମୂର୍ତ୍ତି ଓ ମୂଲ୍ୟବାନ ସଂପଦ ନଷ୍ଟ ହୋଇ ଯାଇଥିଲା । ଏପରିକି ଠାକୁର ଚିଲିକା କୂଳ, ବାଣପୁର ମାଳ ଓ ଗଞ୍ଜାମ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିଲେ । କାଳର କରାଳ କବଳରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବହୁ ଘାତ, ପ୍ରତିଘାତ ମଧ୍ୟରେ ଗତି କରିଥିଲେହେଁ ଶ୍ରୀମନ୍ଦିରକୁ ଶ୍ରୀମଣ୍ଡିତ କରି ଉଦାର ହୃଦୟରେ ବିଶ୍ୱବାସୀଙ୍କୁ କୋଳକୁ ଟାଣି ରଖିଛନ୍ତି ।

ବିଶ୍ୱଧର୍ମ ଚେତନାରେ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ନୀଳାଚଳ ନାୟକ ସ୍ୱୟଂ ଜଗନ୍ନାଥ ହିଁ ଉପାସ୍ୟ ଦେବତା । ତାଙ୍କର ଚନ୍ଦ୍ରଠାରୁ ଅଧିକ ସୁନ୍ଦର ମୁଖମଣ୍ଡଳ, ଅବଲୋକନ କଲେ ସାଂସାରିକ ସମସ୍ତ ଶୋକ ଦୂରୀଭୂତ ହୋଇଯାଏ । ଜଗନ୍ନାଥଙ୍କର କମଳ ନୟନ କୋଟି ମୁଖ ପ୍ରଦାନ କରିଥାଏ । କମଳନୟନ ମଧ୍ୟରେ ଚକାଡୋଳା ଅଧିକ ମନୋହର ପ୍ରତୀୟମାନ ହୋଇ ପତିତଜନଙ୍କୁ ଉଦ୍ଧାର କରିଥାଏ । ଜଗନ୍ନାଥଙ୍କ କପାଳରେ ସୁବର୍ଣ୍ଣ ବର୍ଣ୍ଣର ଯେଉଁ ରାହୁରେଖା ଶୋଭା ପାଉଥାଏ, ତାହା ପ୍ରତ୍ୟେକ ଲୋକର ଅଙ୍ଗରେ ପୁଲକ ଭରି ଦେଇଥାଏ । ଜଗନ୍ନାଥଙ୍କ ଅଧର ରଙ୍ଗ ବର୍ଣ୍ଣନାତୀତ । ସ୍ୱୟଂ ଜଗନ୍ନାଥଙ୍କର କର୍ଣ୍ଣରେ ଶୋଭା ପାଉଛି ମକର କୁଣ୍ଡଳ । ଭାଲ ପ୍ରଦେଶରେ ଶୋଭା ପାଉଛି ତିଳକଚିତା, ହସ୍ତରେ ବାହୁଟି ବାଜୁବନ୍ଧ, ହୃଦରେ ଶୋଭାପାଉଛି ପଦକ, ତାଙ୍କର ଉନ୍ନତ ଗ୍ରୀବା ପ୍ରଦେଶରେ ଶୋଭା ପାଉଛି କୌସ୍ତୁଭମଣୀ । ସ୍ୱୟଂ ଜଗନ୍ନାଥ ହେଉଛନ୍ତି, ଯାବତୀୟ କଳୁଷ ଅନ୍ଧକାର ପାଇଁ ଏକମାତ୍ର ସୂର୍ଯ୍ୟ । ଅନେକ ସଂଖ୍ୟକ ପୁଷ୍ପହାର ତାଙ୍କର ଗଳାମଣ୍ଡନ କରି ତିନିଲୋକର ପ୍ରାଣୀପୁଞ୍ଜଙ୍କ ମନ ଓ ନେତ୍ରକୁ ଚକିତ କରୁଅଛି । କଳ୍ପତରୁରେ ବିଭିନ୍ନ ଜାତିର ଫଳ ଶୋଭା ପାଇଲା ଭଳି ମୟୂରପୁଚ୍ଛ ଦ୍ୱାରା ଜଗନ୍ନାଥଙ୍କର ଶ୍ରୀଅଙ୍ଗ ଆଚ୍ଛାଦନ ହୋଇଅଛି ।

ସେ କେବଳ ରୂପର ଦେବତା ନୁହନ୍ତି, ସେ ଜଗତର ନାଥ, ତାଙ୍କର ଅପାରକ୍ଷମତା, ଅସୀମ ଶକ୍ତି, ଅମାପଦୟା । ସ୍ୱୟଂ ଜଗନ୍ନାଥ ବିଭିନ୍ନ ବେଶ ଧାରଣ କରିଥାନ୍ତି । ସେ ରୂପରେ ଅନୁପମ, କିନ୍ତୁ ହସ୍ତରେ ଶୋଭାପାଏ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ । ଏସବୁ କେବଳ ଦୁଷ୍ଟମାନଙ୍କୁ ସଂହାର କରି ମହୀଭରା ହରଣ କରିବା ପାଇଁ ଓ ସନ୍ଥମାନଙ୍କୁ ଶାନ୍ତି ସନ୍ତୋଷରେ ପାଳନ କରିବା ପାଇଁ ଧାରଣ କରିଥାନ୍ତି । ଜଗନ୍ନାଥଙ୍କର ମହିମା ଅପାର । ତାଙ୍କର କରୁଣା କଟାକ୍ଷପାତ ହେଲେ ସମସ୍ତ ଭୁବନର ସୁର ନର ନିସ୍ତାର ପାଇ ଯାଇଥାନ୍ତି । ସ୍ୱୟଂ ଜଗନ୍ନାଥ ହେଉଛନ୍ତି - କମ୍ବୁକଟକ ବା ଶଙ୍ଖକ୍ଷେତ୍ରର ଏକମାତ୍ର ନାଗର, ଏକମାତ୍ର ପୁରୁଷ । ସେ ରସିକ ପୁରୁଷ । ସେ ସମସ୍ତ ରସର ଆଧାର । ଯାବତୀୟ କୌତୁକ କଳା ପ୍ରଦର୍ଶନ କରିବା ହେଉଛି ତାଙ୍କର କାର୍ଯ୍ୟ । ସେହି ଜଗନ୍ନାଥ ହିଁ ହେଉଛନ୍ତି କମଳନେତ୍ରୀ କମଳା ବା ପଦ୍ମନୟନା ଲକ୍ଷ୍ମୀଙ୍କର ପ୍ରାଣକାନ୍ତ । କମଳାଙ୍କର ପ୍ରାଣ ନାୟକ ଭାବରେ ସେ ନୀଳାଚଳ ଧାମରେ ନିତ୍ୟଲୀଳା ପ୍ରକାଶ କରିଥାନ୍ତି । ତେଣୁ ତନ୍ତ୍ର ଯାମଳରେ ଉଲ୍ଲେଖ ଅଛି -

'ଭାରତେ ଉତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତାନଂ ଅଭୟ ପ୍ରଦଃ ।'

ସ୍ୱୟଂ ପ୍ରଭୁଙ୍କର ଇଚ୍ଛାରେ ସମସ୍ତ ଜଗତ ହେଉଛି ଆତଯାତ । ସେ ଯାହା ଇଚ୍ଛା କରିବେ, ତାହା ହିଁ ଅଚିରେ ପୂରଣ ହେବ । ଯେତେବେଳେ ସମଗ୍ର ଧରାଧାମ କଂସ ରାକ୍ଷସର ଉତ୍ପୀଡ଼ନରେ ଉତ୍ପୀଡ଼ିତ ହେଲା, ତିନି ଜଗତର ପ୍ରାଣୀପୁଞ୍ଜ ଆର୍ତ୍ତକଣ୍ଠରେ ତ୍ରାହି ତ୍ରାହି ଡାକ ଦେଲେ, ସେତେବେଳ ସ୍ୱୟଂ ଜଗନ୍ନାଥ ଇଚ୍ଛା କରିଛନ୍ତି, ମହୀଭରା ହରଣ କରିବେ । କଂସକୁ ସମୁଚିତ ଦଣ୍ଡ ଦେଇ ପୃଥିବୀର ଦୁଃଖମୋଚନ କରିବେ । କପଟରେ ସେ ବ୍ରଜପୁରରେ ନନ୍ଦରାଜା ଘରେ ପୁତ୍ର ଭାବରେ ଜନ୍ମଗ୍ରହଣ କରିବାକୁ ସ୍ଥିର କରିଛନ୍ତି । ଜଗନ୍ନାଥଙ୍କ ପକ୍ଷରେ ଏକଥା କିଛି ବିଚିତ୍ର ନୁହେଁ । ସେ ଯାହାଇଚ୍ଛା କରିବେ ତାହା ହିଁ କାର୍ଯ୍ୟରେ ପରିଣତ କରିବେ । ଯୁଗେ ଯୁଗେ ଦୁଷ୍ଟଦଳନ କରି ସନ୍ଥ ପାଳନ କରିବା ତାଙ୍କର କାର୍ଯ୍ୟ । ସେଥିପାଇଁ ତାଙ୍କୁ ବିଭିନ୍ନ ଯୁଗରେ ବିଭିନ୍ନ ଅବତାର ଗ୍ରହଣ କରିବାକୁ ହୋଇଥାଏ । ଭଗବତ ଗୀତାରେ ସ୍ୱୟଂ କୃଷ୍ଣ କହିଛନ୍ତି -

'ଅଦୋପି ସନ୍ନ ବ୍ୟୟମା ଭୁତାନାମି ଶ୍ୱରୋପିସନ ।
ପ୍ରକୃତି ସ୍ୱାମଧୀଷ୍ଟୀୟ ସମ୍ଭବାମ୍ୟାତ୍ମନାୟୟା ।।'

ଜଗନ୍ନାଥ ହିଁ ଈଶ୍ୱର, ତେଣୁ ତାଙ୍କର ଜନ୍ମ ନାହିଁ କିମ୍ବା ମୃତ୍ୟୁ ମଧ୍ୟ ନାହିଁ । ସେ ସକଳ ଶକ୍ତିର ଶକ୍ତି, ସକଳ କାର୍ଯ୍ୟର କାରଣ । ସକଳ ଆତ୍ମାର ଆତ୍ମା । ତେଣୁ ବ୍ରହ୍ମସଂହିତାର ଆଦ୍ୟ ଶ୍ଳୋକରେ ଉଲ୍ଲେଖ ଅଛି -

'ଈଶ୍ୱରଃ ପରମ କୃଷ୍ଣଃ ସଚ୍ଚିଦାନନ୍ଦ ବିଗ୍ରହଃ
ଅନାଦିରାଦି ଗୋବିନ୍ଦଃ ସର୍ବକାରଣ କାରଣଃ ।'

ପ୍ରକୃତିକୁ ଆଶ୍ରୟ କରି ସେ ମାୟାମୋହ ଭିତରେ ଘାରି ହୋଇଥାନ୍ତି । କବି ଜୟଦେବ ତାଙ୍କର ଗୀତଗୋବିନ୍ଦ କାବ୍ୟରେ ଦଶାବତାର କଥା ଅବତାରଣା କରିଛନ୍ତି । ଏହି ଅବତାରଗୁଡ଼ିକ ହେଲା,

କୃଷ୍ଣଙ୍କର ବିଭିନ୍ନ ସମୟର ଅବତାର । ପ୍ରଭୁ ଜଗନ୍ନାଥ ବିଭିନ୍ନ କାଳରେ ଭିନ୍ନ ଭିନ୍ନ ରୂପଧାରଣ କରି ପୃଥିବୀର ଭାରା ନିବାରଣ କରିଛନ୍ତି । ଗୀତଗୋବିନ୍ଦରେ ଉଲ୍ଲେଖ ଅଛି -

'ବେଦାନୁଦ୍ଧରତେ ଜଗନ୍ନିବହତେ ଭୂଗୋଳ ମୁଦ୍‌ବିଭ୍ରତେ
ଦୈତ୍ୟାନ୍ ଦାରୟତେ ବଳିଂ ଛଳୟତେ କ୍ଷତ୍ରୀକ୍ଷୟଂକୁର୍ବତେ ।
ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟଂ ମାତନୁତେ
ମ୍ଳେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟଂ ତୁଭ୍ୟଂ ନମଃ ।।'

ସ୍ୱୟଂ ଜଗନ୍ନାଥ ହିଁ ଈଶ୍ୱର, ସେ ପରମଶକ୍ତି ସେ ଧରାଭାର ହରଣ କରିବା ପାଇଁ ପ୍ରକୃତି ସହିତ ମିଳିତ ହୋଇ ମାୟା ଶରୀର ଧାରଣ କରିଥାନ୍ତି । କବି ଦୀନକୃଷ୍ଣ ଲେଖିଛନ୍ତି -

'କରିଏ ବିଚାର କଇବଲ୍ୟ ଦାୟକ,
କଂସ ଆଦି ମାରିବାକୁ ହେଲେ ଉତ୍ସୁକ
କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ,
କରିବାକୁ ଯାଇ ଜଗନ୍ନାଥ ଜନକ ।'

ଜଗନ୍ନାଥଙ୍କର ଅପାର ମହିମା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ ହେଉଛନ୍ତି ହରି, ଅର୍ଥାତ୍ ପ୍ରାଣୀମାନଙ୍କର ସମସ୍ତ ଭାରାଭରକୁ ହରଣ କରିଥାନ୍ତି । ସେ କଳୁଷକୁ ହରଣ କରିଥାନ୍ତି । ତାଙ୍କର ଆଜ୍ଞାରେ, ସୁରଶ୍ରେଷ୍ଠ ଅବ୍‌ଜଯୋନି, ବ୍ରହ୍ମା ହର ଓ ଯାବତୀୟ ରାକ୍ଷସମାନେ, ଦେବ, ଦାନବ, ମାନବ, ଗନ୍ଧର୍ବ, କିନ୍ନର ଓ ସମସ୍ତ ପ୍ରାଣୀପୁଞ୍ଜ ପରିଚାଳିତ ହୋଇଥାନ୍ତି ।

ଜଗନ୍ନାଥ ହେଉଛନ୍ତି ଦୁଃଖ ରୂପକ ପର୍ବତକୁ ବଜ୍ର ସଦୃଶ । ବଜ୍ରାଘାତରେ ପର୍ବତ ଖଣ୍ଡ ବିଖଣ୍ଡିତ ହୋଇଥାଏ, ସେହିପରି ଜଗନ୍ନାଥଙ୍କର ଦୟାରୂପକ ବଜ୍ରବାଣରେ ଯାବତୀୟ କଷ୍ଟରୂପକ ପର୍ବତ ଭାଙ୍ଗି ଯାଇଥାଏ । ବାରଣକୁ ସିଂହ ବିନାଶ କରେ । କଳୁଷରୂପୀ ବାରଣକୁ ଜଗନ୍ନାଥ ରୂପକ ସିଂହ ବିନାଶ କରିବାକୁ ସକ୍ଷମ ହୋଇଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଶ୍ରୀନୀଳଚଳ ଧାମକୁ ବିଭିନ୍ନ ଧର୍ମ ପ୍ରଚାରକଗଣ ବିଭିନ୍ନ ସମୟରେ ଆସି ନିଜ ଧର୍ମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ଦେଖିପାରିଛନ୍ତି । ତନ୍ମଧ୍ୟରୁ ମୁଖ୍ୟ ପୁରୋଧା ଥିଲେ - ଶ୍ରୀଚୈତନ୍ୟ ।

ଭକ୍ତି ଧର୍ମର ପ୍ରଧାନ ପ୍ରବକ୍ତା ଶ୍ରୀଚୈତନ୍ୟ ଖ୍ରୀ:୧୫୦୯ରେ ଓଡ଼ିଶାକୁ ଆଗମନ କରି ସାଂସ୍କୃତିକ ପୀଠସ୍ଥଳୀ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିଲେ । ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଜଣେ ଭକ୍ତିବାଦୀ ଈଶ୍ୱର ପରାୟଣ ବ୍ୟକ୍ତି ଥିଲେ । ସେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମରେ ଦୀକ୍ଷିତ ହୋଇ ବୈଷ୍ଣବ ମହାମନ୍ତ୍ରର ପ୍ରଚାର ଓ ପ୍ରସାର ଦିଗରେ ରାଜ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ଫଳରେ ଉତ୍କଳ ମାଟିରେ ଗୌଡ଼ୀୟ ବୈଷ୍ଣବ ଧର୍ମର ନିର୍ଝରିଣୀ ପ୍ରବାହିତ ହେଲା । ଅପରପକ୍ଷରେ - ଉତ୍କଳୀୟ ପଞ୍ଚସଖା ଅର୍ଥାତ୍ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ପ୍ରମୁଖ ସନ୍ଥକବିମାନେ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମକୁ ସ୍ୱୀକାର କଲେ ମଧ୍ୟ ଉତ୍କଳୀୟ ଜ୍ଞାନ ମାର୍ଗର ସାଧନାକୁ ଜଳାଞ୍ଜଳି ଦେଇ ନଥିଲେ । ଫଳରେ ତତ୍କାଳୀନ ସାହିତ୍ୟ, ସଂସ୍କୃତି ଓ ସମାଜରେ ଏକ ସମ୍ମିଳିତ ଆଧ୍ୟାତ୍ମିକ ଭାବଚେତନା ଜାଗରୂକ ହେଲା । ବୈଷ୍ଣବଧର୍ମକୁ ଓଡ଼ିଶାର ଜାତୀୟ ଧର୍ମ ରୂପେ ଏବଂ ଶ୍ରୀଜଗନ୍ନାଥଙ୍କୁ ଏ ଜାତିର ମୁଖ୍ୟ ଦେବତା ରୂପେ ଗ୍ରହଣ କରାଗଲା ।

ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ଗୌଡ଼ୀୟ ବୈଷ୍ଣବ ଧର୍ମରେ ସୁଧା ଭକ୍ତିର ପ୍ରାଧାନ୍ୟ ପରିଲକ୍ଷିତ ହେଲେହେଁ ପଞ୍ଚସଖା ସାହିତ୍ୟରେ ଜ୍ଞାନ ମିଶା ଭକ୍ତି ଉପରେ ଗୁରୁତ୍ୱ ଦିଆଗଲା । ଭକ୍ତି ସହିତ ଯୋଗଲୟ ପ୍ରଭୃତିର ସମ୍ମିଶ୍ରଣ ଏମାନଙ୍କ ଆଧ୍ୟାତ୍ମିକ ଚିନ୍ତାଧାରାର ଅନ୍ୟତମ ବିଶେଷତ୍ୱ । ପୁନଶ୍ଚ ଗୌଡ଼ୀୟ ବୈଷ୍ଣବମାନେ - 'କୃଷ୍ଣସ୍ତୁ ଭଗବାନ ସ୍ୱୟମ୍' ବୋଲି କହିଲାବେଳେ ପଞ୍ଚସଖାମାନେ 'ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା' ବୋଲି ପ୍ରତିପାଦନ କଲେ ।

ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ ଯେ, କୃଷ୍ଣ ଦାସ, କବିରାଜ ଗୋସ୍ୱାମୀ ସ୍ୱୀୟ ପ୍ରଣୀତ ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ - 'ଯେଇ ଗୌର, ସେଇ କୃଷ୍ଣ, ସେଇ ଜଗନ୍ନାଥ ବୋଲି ପ୍ରତିପାଦନ କରିଛନ୍ତି । ପୁନଶ୍ଚ - ଗୀତଗୋବିନ୍ଦ ପ୍ରଣେତା କବି ଜୟଦେବ ତାଙ୍କ ସ୍ୱରଚିତ କାବ୍ୟରେ ରାଧାକୃଷ୍ଣଙ୍କୁ ଯୁଗଳ ମୂର୍ତ୍ତିର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ପଞ୍ଚଯୁଗର ଶ୍ରେଷ୍ଠ ସାଧକ ଅଚ୍ୟୁତାନନ୍ଦ ଦଶାକ୍ଷରୀ ମନ୍ତ୍ର 'ଗୋପୀଜନ ବଲ୍ଲଭାୟ ନମଃ' ଦ୍ୱାରା ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଅଭିନ୍ନତା ପ୍ରତିପାଦନ କରିଯାଇଛନ୍ତି । ସେହିପରି ଶଙ୍କରାଚାର୍ଯ୍ୟ ସ୍ୱରଚିତ କାବ୍ୟରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ସ୍ତୁତି କରିଛନ୍ତି -

'ଭୁଜେ ସବ୍ୟେ ବେଣୁ ଶିରସି ଶିଖି ପୁଚ୍ଛଂ କଟିତଟେ
ଦୁକୂଳ ନେତାନ୍ତେ ସହଚର କଟାକ୍ଷଂ ବିଦଧତେ ।
ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା ପରିଚୟେ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।।'

ସର୍ବୋପରି ଶ୍ରୀଜଗନ୍ନାଥଙ୍କୁ ପୂଜା ସମୟରେ 'ଓଁ କ୍ଳିଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ନମଃ' ଏବଂ ଶ୍ରୀବଳଭଦ୍ରଙ୍କୁ 'ଓଁ ଭଗବତେ ବାସୁଦେବାୟ ନମଃ' ମନ୍ତ୍ରରେ ପୂଜା କରାଯାଉଥିବା ଦୃଷ୍ଟେ ସ୍ପଷ୍ଟ ଅନୁମେୟ ହୁଏ ଯେ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଏକ ଏବଂ ଅଭିନ୍ନ ।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଉଦ୍‌ବୁଦ୍ଧ ହୋଇ ବିଭିନ୍ନ ସମୟରେ ଶ୍ରୀକ୍ଷେତ୍ରକୁ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମୁସଲମାନ ଓ ଖ୍ରୀଷ୍ଟିଆନ ଆଦି ଧର୍ମ ପ୍ରଚାରକଗଣ ଆସିଥିଲେ । ସେମାନେ ନିଜଧର୍ମ ଭିତରେ ଶ୍ରୀଜଗନ୍ନାଥଙ୍କୁ ଦେଖିପାରିଥିଲେ । ଏଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ଶ୍ରୀଜଗନ୍ନାଥ ଜଗତରନାଥ ନୁହନ୍ତି, ସେ ତ୍ରିଭୁବନର ସ୍ୱାମୀ, ଅଖିଳ ବ୍ରହ୍ମାଣ୍ଡର ନାଥ ଏବଂ ଶ୍ରୀନୀଳାଚଳ ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ରୂପେ ବିଦ୍ୟମାନ ।

ମାର୍ଫତ- ଅନିରୁଦ୍ଧ ନାୟକ
ଚନ୍ଦନ ଖୁଣ୍ଟି
ବିଜୟ ନଗର, ଦେବଗଡ଼

# ଶ୍ରୀଜଗନ୍ନାଥ ଚେତନାରେ 'ଶଙ୍କା ପଞ୍ଚକମ୍'

ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା

'ହଳୀଃ, ଚକ୍ରୀଃ ମହାଶକ୍ତିଂ ଚକ୍ରଶ୍ଚ ମାଧବ ସ୍ୱୟଂ ।
ବିଶ୍ୱଧାତ୍ରୀଂ ମହାଲକ୍ଷ୍ମୀଂ ସପ୍ତୈତେ ପରିଲକ୍ଷ୍ୟତେ ।।
ସପ୍ତାବରଣ ଏତେଷାଂ ଦର୍ଶନାତ୍ ମୁକ୍ତି ନିଶ୍ଚିତମ୍ ।
ଯେ ପଶ୍ୟନ୍ତି ଜଗନ୍ନାଥଃ ଭବ ବାଧା ତରନ୍ତି ତେ ।।'

**ଶ୍ରୀ**ଜଗନ୍ନାଥ ଧାମର ଅନ୍ୟନାମ ପୁରୀ ବା ପୁରୁଷୋତ୍ତମ । ଏହି ପରମ ପାବନ ପୀଠରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ, ସୁଦର୍ଶନ ମୁଖ୍ୟ ଭାବରେ ପ୍ରତିଷ୍ଠିତ ଓ ଉପାସୀତ । ଏହି ଚତୁର୍ଦ୍ଧା ତତ୍ତ୍ୱର ନାମ ପୁରୁଷୋତ୍ତମ ତତ୍ତ୍ୱ ଓ କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର ଅଟେ । ପୁରୁଷୋତ୍ତମ ଚେତନା ଓ ପ୍ରଭୁ ଜଗନ୍ନାଥ ଏପରି ରହସ୍ୟମୟ ଯେ କୌଣସି ଗୋଟିଏ ଶାସ୍ତ୍ର ବା ମତକୁ ମୂଳାଧାର କରି ତାଙ୍କ ବିଷୟରେ କିଛି କୁହାଯାଇନପାରେ । ଜଗନ୍ନାଥ ଚେତନା ସମସ୍ତ ମାର୍ଗର ଏକ ମିଶ୍ରିତ ସମନ୍ୱୟତାର ପ୍ରତୀକ । ସମନ୍ୱୟ ସେହିଠାରେ ସମ୍ଭବ 'ଯେ କି ମୌଳିକ ଓ ଗୂଢ଼ ସିଦ୍ଧାନ୍ତର ପ୍ରତୀକ ହୋଇଥିବେ । ସବୁ ମତକୁ ଏକ ସମନ୍ୱୟ ମାର୍ଗରେ ସଂଯୋଗ ନକଲେ ଜଗନ୍ନାଥ ଚେତନା ବା ତତ୍ତ୍ୱର କ୍ରମପରିଣତି ବିଷୟରେ ଧାରଣା ଆଣିବା କଠିନ ବ୍ୟାପାର ଅଟେ । ଆଜିର ପବିତ୍ର ଘୋଷଯାତ୍ରା ଅବସରରେ ଉତ୍କଳର ଆରାଧ୍ୟ ଦେବତାଙ୍କର ପ୍ରାସଙ୍ଗିକ ଶଙ୍କାକୁ ଉତ୍କଳ ପ୍ରସଙ୍ଗ ମାଧ୍ୟମରେ ମୋଚନ କରିବାର ମୁଖ୍ୟ ଲକ୍ଷ୍ୟ ଅଟେ ।

**ଶଙ୍କା ପଞ୍ଚକମ୍**

୧. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି କ'ଣ ?

୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଛପନ ଭୋଗ କ'ଣ ଓ କେତେବେଳେ ଖାଇଥାନ୍ତି ?

୩. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ବେଶ ଓ ବାର୍ଷିକ ବେଶଗୁଡ଼ିକ କ'ଣ ?

୪. ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ନା ଅବତାର ?

୫. ଏଠାରେ ଶକ୍ତି ନ ରହି ଭଉଣୀ କାହିଁକି ପୂଜା ହେଲେ ?

**୧. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି କ'ଣ ?**



୧. ଦ୍ୱାରଫିଟା, ୨. ମଙ୍ଗଳଆରତୀ, ୩. ମଇଲମ, ୪. ଅବକାଶ, ୫. ମଇଲମ, ୬. ସାହାଣ ମେଲା, ୭. ବେଶ, ୮. ରୋଷ ହୋମ, ୯. ସୂର୍ଯ୍ୟପୂଜା, ୧୦. ଦ୍ୱାରପାଳ ପୂଜା, ୧୧. ଗୋପାଳ ବଲ୍ଲଭ ଭୋଗ, ୧୨. ସକାଳ ଧୂପ, ୧୩. ମଇଲମ ଓ ବେଶ, ୧୪. ଭୋଗମଣ୍ଡପ, ୧୫. ମଧ୍ୟାହ୍ନ ଧୂପ, ୧୬. ମଇଲମ ଓ ବେଶ, ୧୭. ସନ୍ଧ୍ୟା ଆଳତୀ, ୧୮. ସଂଧ୍ୟା ଧୂପ, ୧୯. ମଇଲମ, ୨୦. ଚନ୍ଦନଲାଗି, ୨୧. ବଡ଼ସିଂହାର ବେଶ, ୨୨. ବଡ଼ସିଂହାର ଧୂପ, ୨୩. ଖଟ ଶେଯ ଲାଗି, ୨୪. ପୁଷ୍ପାଞ୍ଜଳି, ପୁଷ୍ପଲାଗି, ୨୫. ପହୁଡ଼ ତଥା ଦ୍ୱାରବନ୍ଦ ।

ଶ୍ରୀଜୀଉମାନଙ୍କର ଏହିପରି କ୍ରମରେ ଦୈନନ୍ଦିନ ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ନୀତିମାନ ଅନୁଷ୍ଠିତ ହୁଏ । ଏହାକୁ ଦୈନନ୍ଦିନ ନୀତି କୁହାଯାଏ । ବିଶେଷ ପର୍ବପର୍ବାଣି, ଯାତ୍ରା ଆଦି ଉତ୍ସବମାନଙ୍କରେ ଅଧିକ ନୀତି ଅନୁଷ୍ଠିତ ହୋଇଥାଏ ।

**୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଛପନ ଭୋଗ କ'ଣ ଓ କେତେବେଳେ ଖାଇଥାନ୍ତି ?**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଶ୍ରୀମନ୍ଦିର ମଧ୍ୟରେ ପ୍ରତ୍ୟେକ ଦିନ ପାଞ୍ଚଥର ଭୋଗ ଲାଗିଥାଏ । ୧. ଗୋପାଳବଲ୍ଲଭ ଭୋଗ, ୨. ସକାଳଧୂପ, ୩. ମଧ୍ୟାହ୍ନ ଧୂପ, ୪. ସନ୍ଧ୍ୟା ଧୂପ, ୫. ବଡ଼ସିଂହାର ଭୋଗ ।

**ଛପନ ଭୋଗ କେତେବେଳେ କ'ଣ ଖାଆନ୍ତି ?**

ପ୍ରଥମ ଭୋଗ-ଗୋପାଳବଲ୍ଲଭ ଭୋଗ - ଏହା ମହାପ୍ରଭୁଙ୍କର ପ୍ରଥମ ଭୋଗ । ଏହି ଭୋଗରେ ୧. ନଡ଼ିଆପାଚି, ୨. ପୁଆଳହୁଣୀ, ୩. ଦହି, ୪. ବଲ୍ଲଭଖଇ, ୫. ନଡ଼ିଆକୋରା, ୬. ଖୁଆମୁଣ୍ଡା ପାପୁଡ଼ି, ୭. ରମ୍ଭାକଦଳୀ, ୮. ଗୁଡ଼କୋରା

ଦ୍ୱିତୀୟ ଭୋଗ-ସକାଳ ଧୂପ - ୯. ଅଦାପଚେଲି, ୧୦. ମହାଦେଇ, ୧୧. ତାଡ଼ିଖେଚୁଡ଼ି, ୧୨. ବଡ଼ିପିଠା, ୧୩. ନାଡ଼ି, ୧୪. କାକଟୁଆ ଝିଲୀ, ୧୫. ହଂସକେଳୀ, ୧୬. ଜେନାମଣି, ୧୭. ମାଠପୁଳି, ୧୮. ଏଣ୍ଡୁରି, ୧୯. କଅଁଳପୁରୀ, ୨୦. ଟାକୁଆ, ୨୧. ଶାଗ

ତୃତୀୟ ଭୋଗ-ମଧ୍ୟାହ୍ନ ଧୂପ - ୨୨. ମାଠପୁଳି ବଡ଼, ୨୩. ଭାତପୁଳି, ୨୪. ଓଡ଼ିଆ ଥାଳି, ୨୫. ସୁଆରୀ, ୨୬. ବଡ଼ା, ୨୭. ମୁଗପାଇତି, ୨୮. ମରିଚିପାଣି, ୨୯. ବଡ଼ିଖିରିଶା, ୩୦. ବୁନ୍ଦିଆ, ୩୧. ସାତପଟିଆ ମିଠା, ୩୨. ସାକରା ମଧୁରୁଚି, ୩୩. ମାଣ୍ଡୁଓ, ୩୪. ଜାଗଆରିଶା, ୩୫. ଖଇରଚୂଳ, ୩୬. ଖିରୀ, ୩୭. ତିପୁରୀ, ୩୮. ବୁନ୍ଦିଆଖିରୀ, ୩୯. ଛେନା ଖିରିଶା, ୪୦. କାନିକା

ଚତୁର୍ଥ ଭୋଗ-ସନ୍ଧ୍ୟାଧୂପ - ୪୧. ମାଠପୁଳି ପୁରଡାସ, ୪୨. ସୁଆରପିଠା, ୪୩. ଚକିଅମାଲୁ, ୪୪. କେଳି, ୪୫. ଖୁଦୁପିତା, ୪୬. ମଣ୍ଡା, ୪୭. ଖୁରୁମା, ୪୮. ସୁଆରୀପିଠା, ୪୯. ଥାଳି ଅନ୍ନ

ପଞ୍ଚମ ଭୋଗ-ବିଡ଼ସିଂହାର - ୫୦. ପାଞ୍ଚପଟିଆ ବିରିପିଠା, ୫୧. ଗଜା, ୫୨. ମିଠା ପଖାଳ, ୫୩. ସୁଗନ୍ଧି ପଖାଳ, ୫୪. ପାରିଜାତକ, ୫୫. ଦହି ପଖାଳ, ୫୬. ଚଢ଼େଇ ନେଦା, ପରଖ ଘୃତ ।

ଏହିପରି ୫୬ ଭୋଗ ଦୈନନ୍ଦିନ କ୍ରମ ଅନୁସାରେ ବିଭିନ୍ନ ଭୋଗ ସମୟରେ ଲାଗିଥାଏ । ଏହାକୁ ଛପନ ଭୋଗ କୁହାଯାଏ । ଏହାବ୍ୟତୀତ ଭୋଗ ମଣ୍ଡପ ଭୋଗ ସ୍ୱତନ୍ତ୍ର ଅଟେ ଓ ବିଶେଷ ପର୍ବପର୍ବାଣି ଉତ୍ସବରେ ମଧ୍ୟ ସ୍ୱତନ୍ତ୍ର ଭୋଗ ଲାଗିଥାଏ ।

**୩. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ବେଶ ଓ ବାର୍ଷିକ ବେଶଗୁଡ଼ିକ କ'ଣ ?**

ଶ୍ରୀଜଗନ୍ନାଥ ଆଦି ଚତୁର୍ଦ୍ଧା ବିଗ୍ରହଙ୍କର ଦୈନନ୍ଦିନ ପାଞ୍ଚଥର ବେଶ ଲାଗି ହୁଅନ୍ତି, ଯଥା- ୧. ତଡ଼ପଉତରୀ ଅବକାଶ ବେଶ, ୨. ଅବକାଶ ପରେ ପାଟଲୁଗା, ମାଳଫୁଲ, ଅଳଙ୍କାର । ଏହି ବେଶରେ ସକାଳ ପୂଜା ଅନୁଷ୍ଠିତ ହୁଏ । ୩. ପାଟ ଫୁଲମାଳ ଲାଗି ହୋଇ ଏହି ବେଶରେ ମଧ୍ୟାହ୍ନ ଭୋଗ ହୁଏ । ୪. ବସ୍ତ୍ର, ମାଳ, ଫୁଲ, ଲାଗି ହୋଇ ସନ୍ଧ୍ୟା ଆଳତୀ ଓ ସନ୍ଧ୍ୟା ଧୂପ ହୁଏ । ୫. ବଡ଼ଶୃଙ୍ଗାର ବେଶରେ ପହୁଡ଼ ହୁଅନ୍ତି ।

ଦୈନନ୍ଦିନ ବେଶକୁ ଛାଡ଼ି ଶ୍ରୀଜୀଉଙ୍କର ବର୍ଷ ତମାମ ଅନେକ ବେଶରେ ପ୍ରଭୁ ଶୃଙ୍ଗାର ହୁଅନ୍ତି, ଯଥା-

୧. ଚନ୍ଦନ ଲାଗି ବେଶ - ଏହି ବେଶ ବୈଶାଖ ଶୁକ୍ଳ ତୃତୀୟାଠାରୁ ୪୨ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ ।

୨. ହାତୀ ବେଶ - ସ୍ନାନ ମଣ୍ଡପ ଉପରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ।

୩. ସୁନା ବେଶ - ଆଷାଢ଼ ଶୁକ୍ଳ ଏକାଦଶୀ ରଥ ଉପରେ ।

୪. ବଣଭୋଜି ବେଶ - ଭାଦ୍ରବ କୃଷ୍ଣ ଦଶମୀ ।

୫. କାଳୀୟଦଳନ ବେଶ - ଭାଦ୍ରବ କୃଷ୍ଣ ଏକାଦଶୀ ।

୬. ପ୍ରଳମ୍ବାବଧ ବେଶ - ଭାଦ୍ରବ କୃଷ୍ଣ ଦ୍ୱାଦଶୀ ।

୭. କୃଷ୍ଣ ବଳରାମ ବେଶ - ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ।

୮. ବଳିବାମନ ବେଶ - ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ।

୯. ସୁନା ବେଶ - ଆଶ୍ୱିନ ଶୁକ୍ଳ ଦଶମୀ ।

୧୦. ରାଧାଦାମୋଦର ବେଶ - ଆଶ୍ୱିନ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ।

୧୧. ଠିଆକିଆ ବେଶ - କାର୍ତ୍ତିକ ଶୁକ୍ଳ ଏକାଦଶୀ ।

୧୨. ବାଙ୍କଚୂଡ଼ା ବେଶ - କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ।

୧୩. ଆଡ଼କିଆ ବେଶ - କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ।

୧୪. ଡାଳିକିଆ ବେଶ - କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ।

୧୫. ରାଜ ରାଜେଶ୍ୱର ବେଶ - କାର୍ତ୍ତିକ ପୂର୍ଣ୍ଣିମା ।

୧୬. ନାଗାର୍ଜୁନ ବେଶ - କାର୍ତ୍ତିକ ପଞ୍ଚୁକ ୬ ଦିନ ପଡ଼ିଲେ ଏହି ବେଶ ହୋଇଥାଏ ।

୧୭. ଘୋଡ଼ ଲାଗି - ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ମାଘ ଶୁକ୍ଳ ଚତୁର୍ଥୀ ପର୍ଯ୍ୟନ୍ତ ।

୧୮. ପୁଷ୍ୟାଭିଷେକ ବେଶ - ପୌଷ ପୂର୍ଣ୍ଣିମା ।

୧୯. ମକର ଚୌରାଶି ବେଶ - ମକର ସଂକ୍ରାନ୍ତି ପୂର୍ବଦିନ ।

୨୦. ମକର ଚୂଳ ଲାଗି ବେଶ - ମକର ସଂକ୍ରାନ୍ତି ।

୨୧. ପଦ୍ମବେଶ - ବସନ୍ତ ପଞ୍ଚମୀର ପୂର୍ବ ବୁଧବାର ବା ଶନିବାର ହୋଇଥାଏ ।

୨୨. ଗଜ ଉଧାରଣ ବେଶ - ମାଘ ପୂର୍ଣ୍ଣିମା ।

୨୩. ଚାଚେରୀ ବେଶ - ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ।

୨୪. ସୁନା ବେଶ - ଦୋଳ ପୂର୍ଣ୍ଣିମା ।

୨୫. ସେନାପଟା ଲାଗି ବେଶ - ମହାପ୍ରଭୁଙ୍କର ପହଣ୍ଡି ବିଜେ ସମୟର ବେଶ ।

ଏହିପରି ଭାବରେ ମହାପ୍ରଭୁଙ୍କର ଏହି ବେଶମାନ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଅଛି । ଏତଦ୍‌ବ୍ୟତୀତ ରଘୁନାଥ ବେଶ ଯାହାକି ଅତ୍ୟନ୍ତ ଆଡ଼ମ୍ବର ପୂର୍ଣ୍ଣ ବେଶ ଅଟେ, ତାହା ହୋଇପାରୁ ନାହିଁ । ପ୍ରଭୁ ଚାହିଁଲେ ନିଶ୍ଚୟ ହେବ ।

**୪. ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ନା ଅବତାର ?**

ବ୍ରହ୍ମ ଅବତାରୀ, ତାଙ୍କର ଅଂଶରୁ ସୃଷ୍ଟ ଅବତାର ପୁରୁଷ । ବ୍ରହ୍ମ ନିର୍ଗୁଣ, ଅବତାରଗଣ ସଗୁଣ । ତେବେ ପ୍ରଶ୍ନ ଉଠେ ନିର୍ଗୁଣ ଓ ସଗୁଣ ମଧ୍ୟରେ କିଛି ଅଛି ନା ନିର୍ଗୁଣ ତୁରନ୍ତ ସଗୁଣ ହୋଇଗଲେ ? ପ୍ରଥମେ ଅନୁଭୂତି ମାଧ୍ୟମରେ ବ୍ରହ୍ମ ଅନୁଭବରେ ଆସୁଥିଲେ, ତେଣୁ ସେ ନିର୍ଗୁଣ ଥିଲେ । ଅନୁଭୂତିକୁ ଯେତେବେଳେ ଋଷିଗଣ ସଙ୍କେତ ମାଧ୍ୟମରେ ସୂଚୀତ କରାଇଲେ, ତାହା ପ୍ରତୀକ ହେଲା । ତାଙ୍କୁ ପରେ ରୂପ ଦିଆଗଲା । ତେଣୁ ବ୍ରହ୍ମ ନିର୍ଗୁଣ, ତାହା ପ୍ରତୀକବାଦ, ପରେ ରୂପବାଦ ହେଲା । ନିର୍ଗୁଣ ଓ ରୂପବାଦ ମଝିରେ ଥିବା ଅବସ୍ଥାର ଏହି ମୂର୍ତ୍ତିମାନେ କେତେ ପ୍ରାଚୀନ ଜାଣୁଥିବେ ।

ନୀଳମଣି ପୁରାଣରେ ପରିଷ୍କାର ଇନ୍ଦ୍ରଦ୍ୟୁମ୍ନଙ୍କୁ ବ୍ରହ୍ମା କହିଛନ୍ତି -

ନିର୍ଗୁଣ ପ୍ରଣବ ବ୍ରହ୍ମଂ ନିର୍ବିକଳ୍ପ ନିରଞ୍ଜନଂ<br>
ଦ୍ୱିତୀୟ ପ୍ରତୀକାଭାସ ପାବକ ପୁରୁଷୋତ୍ତମଂ<br>
ସର୍ଗୁଣ ଦେବତାସର୍ବେ ନରଲକ୍ଷଣଲାଞ୍ଛିତମ୍<br>
ଶୂନ୍ୟାଦୌଚ ପରାଭାସ ଚାନ୍ଦ୍ରେରୂପ ପ୍ରଚୋଦିତଃ ।

ତେଣୁ ଜଗନ୍ନାଥ ବ୍ରହ୍ମଙ୍କର ଦ୍ୱିତୀୟସ୍ତର ଅବତାରୀ, ଅବତାର ଏହାଙ୍କର ପରବର୍ତ୍ତୀ କ୍ରମ ଅଟେ ।

ତେଣୁ ଜଗନ୍ନାଥଙ୍କ ମନ୍ଦିରରେ ଜଗନ୍ନାଥଙ୍କ ପ୍ରସାଦମାଳା ଲାଭ କଲେ ନୃସିଂହ, ରାମ, ବାମନ, କୃଷ୍ଣ ସେହି ସେହି ନାମରେ ଜନ୍ମ ମଣ୍ଡପକୁ ଯାଆନ୍ତି । ଏହି କାରଣରୁ ପରବର୍ତ୍ତୀ କାଳରେ ନିର୍ଗୁଣ ବ୍ରହ୍ମକୁ ନାନା ବେଶରେ ସଜାଇ ସେ ଅବତାରୀ ଓ ଅବତାରର ରୂପ ଗ୍ରହଣ କରନ୍ତି ଏହା ପ୍ରମାଣ କରାଯାଇଛି, ବେଶର ପ୍ରଚଳନ ଦ୍ୱାରା ।

**୫. ଏଠାରେ ଶକ୍ତି ନ ରହି ଭଉଣୀ କାହିଁକି ପୂଜା ହେଲେ ?**

ଏହା ଏକ ପ୍ରାଚୀନତମ ପଦ୍ଧତି । ପରେ ପତିପତ୍ନୀ ପୁରୁଷ ପ୍ରକୃତି ରୂପରେ ପୂଜା ହେଲେ । ପ୍ରଥମେ ନିର୍ଗୁଣ ବ୍ରହ୍ମ ନାରାୟଣ ଥିଲେ । ତାଙ୍କର ଇଚ୍ଛାହେଲା ସେ ଏକରୁ ବହୁ ହେବେ । ତତ୍‌କ୍ଷଣାତ୍ ହିରଣ୍ୟଗର୍ଭ ନାରାୟଣଙ୍କ ନାଭିରୁ ଶକ୍ତିରୂପକ ନାଳଯୁକ୍ତ ପଦ୍ମ ବାହାରିଲା । ସେ ପଦ୍ମରୁ ପ୍ରଥମ ଜୀବ ବ୍ରହ୍ମା ପ୍ରଜାପତି ଓ ମନୁ ଜାତ ହେଲେ । ତାଙ୍କଠାରୁ ଜଗତ ସମ୍ଭବ ହେଲା । ଏହା ଆର୍ଯ୍ୟଙ୍କର ସୃଷ୍ଟିତତ୍ତ୍ୱ । ତାହାହେଲେ ସେତେବେଳେ କେତେଗୋଟି ବସ୍ତୁ ଥିଲେ ? ଉତ୍ତର ହେବ ୨ ଗୋଟି ପୁରୁଷ - ବ୍ରହ୍ମା, କାଳରୂପିଣୀ ଶକ୍ତି ଓ ପୁରୁଷ ପ୍ରଜାପତି ଜୀବ ତେବେ ବ୍ରହ୍ମମାୟା ଓ ଜୀବ ମୂର୍ତ୍ତି ପ୍ରଥମେ ପୂଜନୀୟ ଥିଲେ । ତାହାହେଲେ ବ୍ରହ୍ମାଙ୍କ ସହଜାତା ଭଗିନୀ ମାୟା ହିଁ ସୃଷ୍ଟିର ପ୍ରଥମା ଶକ୍ତି ସେ ଏହି ପ୍ରାଚୀନ ମତରେ ସୁଭଦ୍ରା ଯୋଗମାୟା ରୂପରେ ଅଛନ୍ତି । ତାଙ୍କୁ ପରବର୍ତ୍ତୀ କାଳରେ ଦୁର୍ଗା, ଲକ୍ଷ୍ମୀ, ଏକାଂଶା କୁହାଯାଇଛି । ମାତ୍ର ପ୍ରାଚୀନ ମତରେ ସେ ବ୍ରହ୍ମଙ୍କ ସହ ଜାତ ମାଆ ଅଟନ୍ତି ।

ଓଁ ସର୍ବଲୋକ ଜନନୀ ବିଷ୍ଣୁମାୟା ତପସ୍ୱିନୀ<br>
ସୁଭଦ୍ରା ଭଦ୍ରରୂପାତ୍ୱା ମୂଳଭୂତା ନମାମ୍ୟହମ୍ ।<br>
ସ୍କନ୍ଦପୁରାଣ 'ଉ' ଖଣ୍ଡେ ୩୦/୬୧

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୁରୀ



# ମହାପ୍ରସାଦ ଚେତନାରେ ମହନୀୟ ମହାବାକ୍ୟ

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର



## ଆବାହନୀ

ଭାରତବର୍ଷରେ ସନାତନ ଧାରାରେ ଦେବଦେବୀଙ୍କର ପ୍ରସାଦକୁ ନେଇ ଯେଉଁ ପ୍ରସିଦ୍ଧି ରହିଛି, ସେଥିମଧ୍ୟରେ ଶ୍ରୀଜଗନ୍ନାଥଙ୍କର ପ୍ରସାଦର ମହତ୍ୱ ସର୍ବଶ୍ରେଷ୍ଠ । ମହାପ୍ରଭୁଙ୍କର ପ୍ରସାଦର ପ୍ରଶସ୍ତି ଯେଉଁପରି ସଂସ୍କୃତ ଭାଷାର ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ହୋଇଥିବାର ଦେଖିବାକୁ ମିଳେ, ସେହିପରି ଅନ୍ୟ ଦେବଦେବୀଙ୍କ ପ୍ରସାଦର ପ୍ରଶସ୍ତି ମିଳେ ନାହିଁ ।

ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନପାନାଦିକଞ୍ଚ ଯତ୍ ।
ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦ୍‌ଭକ୍ଷଣେ ଦ୍ୱିଜଃ ।।
ବ୍ରହ୍ମ ବିନିର୍ବିକାର ହି ଯଥା ବ୍ରହ୍ମ ତଥୈବ ତତ୍ ।
ବିକାରଂ ଯେ ପ୍ରକୁର୍ବନ୍ତି ଭକ୍ଷଣେ ତୁ ଦ୍ୱିଜାତୟଃ ।।'
(ବୃହଦ୍‌ବିଷ୍ଣୁ ପୁରାଣେ)

ଶ୍ରୀଜଗନ୍ନାଥଙ୍କ ପ୍ରସାଦର ନାମକରଣରେ ଅନେକ ଦାର୍ଶନିକ ରହସ୍ୟ ଲୁକ୍‌କାୟିତ ରହିଛି । ତାହା କୈବଲ୍ୟ ହେଉ, ନିର୍ମାଲ୍ୟ ହେଉ, ମହାପ୍ରସାଦ ହେଉ ଅଥବା ଅବଢ଼ା ହେଉ ସବୁଥିରେ କିଛି ନା କିଛି ଆଧ୍ୟାତ୍ମ ରହସ୍ୟ ସନ୍ନିବେଶିତ ରହିଛି । ନିର୍ମାଲ୍ୟ ଏବଂ କୈବଲ୍ୟ ତନ୍ତ୍ରଚେତନାର କର୍ମକାଣ୍ଡ ବିଜ୍ଞାନର ପ୍ରାୟୋଗିକ ପ୍ରକ୍ରିୟାର ସଫଳ ପରିପ୍ରକାଶ ହୋଇଥିବାବେଳେ, ମହାପ୍ରସାଦ ଆଚାର ପର୍ଯ୍ୟାୟର ଗୂଢ଼ତମ ସାରନିର୍ଯ୍ୟାସର ସଫଳ ବିନ୍ଦୁ । ଶାନ୍ତିମାର୍ଗରେ ଆଗେଇବାକୁ ହେଲେ ଏହା ଏକ ମାଇଲଖୁଣ୍ଟ । ଯେଉଁଠି ଛୁଆଁଅଛୁଆଁ ଭାବ ସଂକ୍ରମଣ କରିବାର ଅବକାଶ ନଥାଏ । ବିବେଚନା କରିବା ତ ଦୂରର କଥା ।

ନାସ୍ତି ତତ୍ରୈବ ରାଜେନ୍ଦ୍ର ସ୍ପୃଷ୍ଟାସ୍ପୃଷ୍ଟବିବେଚନମ୍ ।
ଯସ୍ୟ ସଂସ୍ପୃଷ୍ଟମାତ୍ରେଣ ଯାନ୍ତ୍ୟମେଧ୍ୟାଃ ପବିତ୍ରତାମ୍ ।।
(ରୁଦ୍ରଯାମଳେ)

## ନିର୍ବିକାର ତତ୍ତ୍ୱ

ସ୍କନ୍ଦ ପୁରାଣରେ ନିର୍ମାଲ୍ୟକୁ ସାକ୍ଷାତ 'ବିଷ୍ଣୁ' ଭାବରେ ଗ୍ରହଣ କରାଯିବାର ପଶ୍ଚାତ୍ ଭାଗରେ ଉପରୋକ୍ତ ଛୁଆଁ ଭାବର ମନୋବିଜ୍ଞାନ ଅନ୍ତର୍ନିହିତ ଥିଲା ପରି ମନେହୁଏ ।

ବିଷ୍ଣ୍ୱାଳୟଗତଂ ତଦ୍ଧି ନିର୍ମାଲ୍ୟଂ ପ୍ରତିପାଦୟଃ ।
ସ୍ପୃଶନ୍ତି ଚେନ୍ନ ଦୁଷ୍ଟଂ ତତ୍ ଯଥା ବିଷ୍ଣୁସ୍ତଥୈବ ତତ୍ ।।
(୨.୨.୩୮.୬)

ପୁନଃ - ନୈବେଦ୍ୟଂ ବାସୁଦେବସ୍ୟ ମହାଭୟ ନିବାରଣମ୍ ।।
(ବ୍ରହ୍ମବୈବର୍ତ୍ତେ)

ମହାଭୟ ନିବାରଣ ନହେଲେ ଶାନ୍ତିମାର୍ଗର ମାଇଲ ଖୁଣ୍ଟ ଅତିକ୍ରମ କରିବା ଅଧ୍ୟାତ୍ମ ରାଜ୍ୟରେ ଅସମ୍ଭବ । ଭୟ ହିଁ ଶାନ୍ତିର ବାଧକ । ତେଣୁ ଭୟ ନିବାରଣ ପାଇଁ ନିର୍ବିକାର ପ୍ରୟୋଜନ । ନିର୍ବିକାରୀ ଲୋକର କାହାରିକୁ ଭୟ ନଥାଏ । ନିର୍ବିକାରୀ ହେବା ପାଇଁ ଶ୍ରୀଜଗନ୍ନାଥ ଚେତନାରେ ନିର୍ମାଲ୍ୟ ଓ କୈବଲ୍ୟ ତତ୍ତ୍ୱର ଅବତାରଣା । କଠିନ 'ଯୋଗ' ଏବଂ ଅସମ୍ଭବ ତପସ୍ୟାରେ ବ୍ୟକ୍ତିଟିଏ ନିର୍ଭୟ ହେଉଥିବା ବେଳେ 'ନିର୍ମାଲ୍ୟ' ଚେତନା ସରଳ ଉପାୟରେ ଭକ୍ତଟିକୁ ନିର୍ଭୟ କରି ଦେଇଥାଏ ।

'ଅବଢ଼ା' ଶବ୍ଦ ମାନବିକ ଚେତନାର ସର୍ବଧର୍ମ ସମନ୍ୱୟର ସହାବସ୍ଥାନ ଭିତ୍ତିକ ମୂଲ୍ୟବୋଧର ପ୍ରତୀକାତ୍ମକ ବ୍ୟବସ୍ଥା । ଯାହା 'ବଢ଼ା' ଯାଏ ନାହିଁ । ଜାତିବର୍ଣ୍ଣ ନିର୍ବିଶେଷରେ ଗୋଟିଏ ପାତ୍ର (କୁଡ଼ିଆ)ରୁ ନିର୍ବିକାର ଭାବରେ ଖାଇବାର ବ୍ୟବସ୍ଥା । ଚତୁର୍ବର୍ଗଯୋଗୀଶ୍ୱରରେ ଏହା ଭଗବାନଙ୍କର ବାକ୍ୟ ବୋଲି ଉଲ୍ଲେଖ ରହିଛି ।

ନାଭିମାନଂ ପ୍ରକୁର୍ବୀରନ୍ ନିର୍ମାଲ୍ୟସ୍ୟୈବ ଭକ୍ଷଣେ ।
ଭକ୍ତ୍ୟା ଲୋଭାଦ୍ କୌତୁବାଦ୍ ବା କ୍ଷୁଧାସଂଯମନେପି ବା ।।
(ସ୍କ.ପୁ.- ୨.୨.୩୮.୯)

ଯଜ୍ଞାନ୍ନଂ ପଚତେ ଲକ୍ଷ୍ମୀ ଭୁଙ୍‌କ୍ତେ ଚ ପୁରୁଷୋତ୍ତମଃ ।
ତତ୍ତୁ ଯତ୍ନେନ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା ।।
(ଚତୁର୍ବର୍ଗଯୋଗୀଶ୍ୱରେ)

**ଭାବଗତ ଏକତା**

ଯେପରି ସହାବସ୍ଥାନଭିତ୍ତିକ ସହଭୋଜନ ବା ଗଣ-ଭୋଜନ ପରମ୍ପରା ପୃଥିବୀରେ ବିରଳ । ବୈଦିକ ଚେତନାଠାରୁ ଏହା ମଧ୍ୟ ଏକ ବିକାଶ ପ୍ରକ୍ରିୟାର ଚରମ ନିଦର୍ଶନ । ସମ୍ମିଳିତ ଭାବରେ ଖାଇବା ବ୍ୟବସ୍ଥା ବୈଦିକ କାଳରୁ ରହିଥିବାସ୍ଥଳେ, ଗୋଟିଏ ପାତ୍ରରୁ ସମ୍ମିଳିତ ଭାବେ ଖାଇବାର ପରମ୍ପରା ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ନିଦର୍ଶନ । ଗୋଟିଏ ପାତ୍ରରେ ଥିବା ମହାପ୍ରସାଦକୁ ଯେତେବେଳେ ୫ରୁ ୧୦ଟି ହାତ ପଶି ଅମୃତପରି ନେଇ ଚାଟି ଚୁଟି ଖାଇବାର ପ୍ରକ୍ରିୟା ଚାଲୁ ରହେ, ସେତେବେଳେ ଖାଉଥିବା ବ୍ୟକ୍ତିମାନଙ୍କର ମାନସିକ ଅବସ୍ଥାର ଏକୀକରଣ ଚେତନାକୁ ଲକ୍ଷ୍ୟ କରିବା କଥା । ଆନନ୍ଦ ଓ ପ୍ରଶାନ୍ତିର କମ୍ପନ ବା ସ୍ପନ୍ଦନ ମନରେ ଏକୀଭୂତ ନହେଲେ ଭାବଗତ ଏକତ୍ରୀକରଣ ସମ୍ଭବ କି ! ଭାବଗତ ଏକତ୍ରୀକରଣ ହେଉଛି ଆମର ସନାତନୀୟ ପରମ୍ପରା । ମହାପ୍ରଭୁ ନିଜେ ସନାତନ । ତାଙ୍କ ପ୍ରସାଦ ମହାପ୍ରସାଦ ହୋଇଯିବା ପରେ ସନାତନ ହେବା ସ୍ୱାଭାବିକ ।

ଦାରବଂ ବପୁରାସ୍ଥାୟ ଭୋକ୍ତା ଜ୍ଞେୟଃ ସନାତନଃ ।
ନିବେଦିତାନ୍ନଂ ତଦ୍‌ବିଷ୍ଣୋର୍ଭୁଞ୍ଜତେ ଯେ ମୁଦାନ୍ୱିତାଃ ।।
(ରୁଦ୍ରଯାମଳେ)

ଶ୍ରୀଜଗନ୍ନାଥ ଉପାସନା ପରମ୍ପରା ସମ୍ୱଳିତ ସମସ୍ତ ଶାସ୍ତ୍ରରେ ତାହା ହିଁ ପ୍ରତିପାଦିତ ହୋଇଅଛି । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ଅବଲୋକନ କଲେ ଜଣାଯାଉଛି ପ୍ରତିଟି କ୍ଷେତ୍ରରେ କିଛି ନା କିଛି ମହତ୍ୱପୂର୍ଣ୍ଣ ଚିନ୍ତାଧାରା ରହିଅଛି । ପ୍ରସାଦର ପ୍ରକାରଭେଦ ହେଉ, ପ୍ରସାଦର ପରିମାଣ ହେଉ, ପ୍ରସାଦର ପ୍ରସ୍ତୁତି ପ୍ରକ୍ରିୟା ହେଉ କିମ୍ବା ପ୍ରସାଦର ଅର୍ପଣ ବ୍ୟବସ୍ଥା ହେଉ, ସବୁଥିରେ କିଛି ନା କିଛି ମାନବିକ ମୂଲ୍ୟବୋଧର ଗୁରୁତ୍ୱ ରହିଛି । ମୁତ୍‌ଫରକା କହି ଗୋଟିଏ ବିଭାବକୁ ଆଡ଼େଇ ଦେବା ସମ୍ଭବ ନୁହେଁ ।

**'ମୁକ୍ତି'ର ଆବାହନୀ**

ପ୍ରସାଦ ଦାନର ମହତ୍ୱ କେତୋଟି ଚେତନା ସମ୍ବଳିତ । ଶାସ୍ତ୍ରରେ କୁହାଯାଏ 'ନିର୍ମାଲ୍ୟ' ଦାନରେ ଭକ୍ତି ଚେତନାର ଉଦ୍‌ଭବ ହୁଏ । ଭକ୍ତିରୁ ବିଜ୍ଞାନପ୍ରାପ୍ତି । ବିଜ୍ଞାନରୁ ମୁକ୍ତି ପ୍ରାପ୍ତି ବୋଲି ମହର୍ଷି ବଶିଷ୍ଠ 'ତତ୍ୱଯାମଳ' ଗ୍ରନ୍ଥରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଧନାତତ୍ତ୍ୱର ସରଳ ଉପାୟଟି ବତାଇ ଦେଇଥିଲେ ।

ନିର୍ମାଲ୍ୟଦାନାତ୍ ପାପାନି କ୍ଷୟଂ ଯାନ୍ତି ନୃପୋତ୍ତମ ।
ଭକ୍ତିରୁତ୍‌ପଦ୍ୟତେ ପାପକ୍ଷୟାର୍ଦବ୍ୟଭିଚାରିଣୀ ।।
ଭକ୍ତ୍ୟା ବିଜ୍ଞାନମାପ୍ନୋତି ଜ୍ଞାନାନ୍ମୁକ୍ତିରବାପ୍ୟତେ ।
ତସ୍ମାଦ୍ ଯତ୍ନେନ ନିର୍ମାଲ୍ୟଦାନଂ ଦଦ୍ୟାଦ୍ ଦ୍ୱିଜାତୟେ ।।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ବିଭିନ୍ନତ୍ୱ ମଧ୍ୟରେ ଏକତ୍ୱ ଯେପରି ଲକ୍ଷ୍ୟ କରାଯାଏ, ମହାପ୍ରଭୁ ପ୍ରସାଦ ବ୍ୟବସ୍ଥାରେ ଠିକ୍ ସେହିପରି ବହୁ ବୈଚିତ୍ର ମଧ୍ୟରେ 'ମୁକ୍ତି'ର ଆବାହନୀ କରାଯାଏ । ତାହା ହିଁ ରୁଦ୍ରଯାମଳ ତନ୍ତ୍ରରେ ପ୍ରତିପାଦନ ହୋଇଛି -

ଯଦନ୍ନଂ ହରୟେ ଦତ୍ତଂ ଧୂପକାଳେ ମହେଶ୍ୱରୀ ।
ତଦନ୍ନ ଭକ୍ଷଣାନ୍ ମୁକ୍ତିଂ ମନେ କରଗତାଂ ନୃଣାମ୍ ।।

* * * * *

ଧୂପତ୍ରୟେଽପି ହରୟେ ଯଦନ୍ନମୁପପାଦିତମ୍ ।
ତଦନ୍ନମମୃତଂ ଜ୍ଞେୟଂ ତଦ୍‌ଭକ୍ତ୍ୟା ମୁକ୍ତିମାପ୍ନୁୟାଦ୍ ।।

'ମୁକ୍ତି'ର ପଟ୍ଟଭୂମିରେ ମହାପ୍ରସାଦର 'ଦୂଷଣ'ତ୍ୱ ଗ୍ରହଣୀୟ ହୁଏ ନାହିଁ । ଏହା କେବଳ ଭକ୍ତିଭାବର କଥା ନୁହେଁ । ବାସ୍ତବରେ ମହାପ୍ରସାଦ ସେବା କରି କେହି କେବେ ରୋଗାକ୍ରାନ୍ତ ହୁଏ ନାହିଁ । ଖାଦ୍ୟ ବିଷାକ୍ତ ହୋଇ କେହି କେବେ ତଦ୍‌ଗତ ଅସୁସ୍ଥ ହେବାର ଜଣାଯାଏ ନାହିଁ । କିଛି ଯଦି ପାର୍ଶ୍ୱପ୍ରତିକ୍ରିୟା ହୁଏ ତାହା ଉତ୍ତରାର୍ଦ୍ଧ (କ୍ଷୀରୀ, ଛେନା, ରସାବଳୀ, କ୍ଷୀରସାଗର) ଜନିତ । ମହାପ୍ରସାଦଜନିତ ନୁହେଁ । ଏହା ଆଜିର କଥା ନୁହେଁ । ଶହ ଶହ ବର୍ଷ ପୂର୍ବରୁ ମୁନି, ଋଷି, ସାଧୁସନ୍ଥଙ୍କର କଥା । ପାକସଂସ୍କାର ଜନ୍ୟ କ୍ରିୟା ଏବଂ ତନ୍ମଧ୍ୟରେ ମହାଲକ୍ଷ୍ମୀ ଚେତନାର ସମ୍ମିଶ୍ରଣ ଉଭୟ ମହାପ୍ରସାଦକୁ କାୟିକ, ବାଚିକ ଓ ମାନସିକ ସ୍ତରରେ ପବିତ୍ର କରିଥାଏ । ତାହା ମହର୍ଷି ବ୍ୟାସଦେବ ପ୍ରଥମେ ଘୋଷଣା କରିଥିଲେ -

ପାକ ସଂସ୍କାର କର୍ତ୍ତୃଣାଂ ସମ୍ପର୍କାଦନ୍ନ ଦୁଷ୍ୟତି ।
ପଦ୍ମାୟାଃ ସନ୍ନିଧାନେନ ସର୍ବେ ତେ ଶୁଚୟଃ ସ୍ମୃତାଃ ।।
(ସ୍କ.ପୁ. - ୨.୨.୩୮.୫)

**ମହନୀୟ ମହାବାକ୍ୟ**

ମହାପ୍ରସାଦ ଭକ୍ଷଣରେ କାଳେ 'ଦୂଷଣ'କୁ ନେଇ କୌଣସି ମାନସିକ ବିକାର ରହିଯିବ, ସେଥିପାଇଁ 'ଚତୁର୍ବର୍ଗ ଯୋଗୀଶ୍ୱର'ରେ ଏକ ମନୋ ବୈଜ୍ଞାନିକ ଦିଗର ସୂଚନା ଦିଆଯାଇଛି । ମାନସିକ ବିକାର ରହିବା ସ୍ୱାଭାବିକ । କାରଣ ସମସ୍ତେ ବନ୍ଧୁ ମହାନ୍ତି କିମ୍ବା ଦାସିଆ ବାଉରୀ ଚେତନା ସ୍ତରକୁ ପ୍ରବେଶ କରିପାରିବେ ନାହିଁ । ତେଣୁ କୁହାଯାଇଛି - 'ଯଚ୍ଚାନ୍ନଂ ପାଚୟେଦ୍ ଲକ୍ଷ୍ମୀର୍ଭୋକ୍ତାଚ ପୁରୁଷୋତ୍ତମଃ' ମା' ଲକ୍ଷ୍ମୀ ଯେଉଁଠି ରାନ୍ଧୁଛନ୍ତି ଏବଂ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ଯାହାକୁ ଗ୍ରହଣ କରୁଛନ୍ତି ତା'ମଧ୍ୟରେ 'ଦୂଷଣତ୍ୱ' ଆସିବ କେଉଁଠୁ ?

ଏହାମଧ୍ୟ କୌଣସି ଭାବପ୍ରବଣତାର କଥା ନୁହେଁ । ଭାବପ୍ରବଣ ହୋଇ ଯେ ଆମେ ଏହା ଉଲ୍ଲେଖ କରୁଛୁ ତାହା ବି ନୁହେଁ । ମହାପ୍ରଭୁଙ୍କ 'ପାକ' ପ୍ରସ୍ତୁତ କରୁଥିବା ଯେ କୌଣସି ସେବାୟତଙ୍କୁ ପଚାରିଲେ

ତା'ର ଉତ୍ତର ସହଜରେ ମିଳିଯିବ । ସେମାନଙ୍କର ସ୍ପଷ୍ଟ ମନ୍ତବ୍ୟ 'ଆମେ ଆମ କାର୍ଯ୍ୟ କରୁଛୁ, ରୋଷେଇ କେମିତି ହେଉଛି କିଏ କରୁଛି ଆମେ କହିପାରିବୁ ନାହିଁ । ସବୁ ମା'ଙ୍କ ଇଚ୍ଛା ।' କାରଣ ଗୋଟିଏ ଦ୍ରବ୍ୟ ରନ୍ଧନ ପାଇଁ ଜଣେ ଲାଗନ୍ତି ନାହିଁ । 'ଗଣ' ଲାଗନ୍ତି । ଅନ୍ନ ପ୍ରସ୍ତୁତକାରୀ 'ଡାଲି' କରେ ନାହିଁ, କିମ୍ବା ବେସର ପ୍ରସ୍ତୁତକାରୀ 'ଅନ୍ନ' ପ୍ରସ୍ତୁତ କରେ ନାହିଁ । ଯେକୌଣସି ଜିଜ୍ଞାସୁ ଯେ ଅନୁଭବର କଥାକୁ ପରୀକ୍ଷା କରିପାରନ୍ତି । କାର୍ପଣ୍ୟ ନାହିଁ ।

ସେହିପରି 'ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଗ୍ରହଣ କରୁଛନ୍ତି' ଯେ କଥା ଭକ୍ତି ପ୍ରାବଲ୍ୟର ବଚନିକା ନୁହେଁ । ଗୋଟିଏ ଉଦାହରଣ ଏଥିପାଇଁ ଯଥେଷ୍ଟ । ରୋଷଶାଳାରୁ ଭୋଗପାଇଁ ମହାପ୍ରସାଦ ଯାଏ । ଗଲାବେଳର ଦୃଶ୍ୟ ଅନେକ ଦେଖିଥିବେ । ଭୋଗ 'ମାରା' ହୋଇଯିବ ସେଥିପାଇଁ ଅପେକ୍ଷା ବି କରିଥିବେ । ଭୋଗ ବୁହାହେଲା ବେଳେ ୪/୬ ଫୁଟ ଦୂରରେ ବି ରହିଥିବେ । କିନ୍ତୁ ଭୋଗ ସରିବାପରେ ମହାପ୍ରସାଦର ଯେଉଁ ମହ ମହ ବାସ୍ନା ତାହା ଭୋଗ ବୁହାବେଳେ ଅନୁଭବ କରିଥିବେ କି ? ଚାରି/ଛଅ ଫୁଟ ଦୂରରେ ରହି ଅନୁଭବ ହେଲା ନାହିଁ ମାତ୍ର କୌଣସି ଯାନରେ କିମ୍ବା ବ୍ୟକ୍ତିବିଶେଷ ବଡ଼ଦାଣ୍ଡରେ ଭୋଗ ପରେ ମହାପ୍ରସାଦ ନେଇ ଯାଉଥିବାବେଳେ ୩୦/୪୦ ଫୁଟ ଦୂରକୁ ମହ ମହ ବାସ୍ନା ଆଚ୍ଛାଦନ କରେ । ମହାପ୍ରଭୁ ତ ଗ୍ରହଣ କଲେ ନାହିଁ ଯେ ମହ ମହ ବାସ୍ନାରେ ମହାପ୍ରସାଦ ରୂପାନ୍ତରିତ ହେଲା କିପରି ?

ରୂପାନ୍ତରିତ ରୂପକଳ୍ପରେ ଘଟାନ୍ତର ପ୍ରକ୍ରିୟାର ପରିସମାପ୍ତି ଅବିସମ୍ବାଦିତ । ଆମକୁ ଚେତେଇ ଦିଆଯାଇଛି । ବତେଇ ଦିଆଯାଇଛି । ଦେଖେଇ ଦିଆଯାଇଛି । ମୁକ୍ତିର ରାସ୍ତା ଖୋଲି ଦିଆଯାଇଛି । କେବଳ ଆପଣେଇ ନେବା କଥା । ଗରୁଡ଼ ମହାପୁରାଣର ମହର୍ଷି ବ୍ୟାସଙ୍କ ବଚନ 'ପ୍ରାପ୍ତିମାତ୍ରେଣ ଭୁଂଜୀୟାଦ୍ ... ଆମର ତ ମହାବାକ୍ୟ ... !!'

**ବି.ଦ୍ର.** - ଶ୍ଲୋକ ସହାୟତା 'ମୁକ୍ତି ଚିନ୍ତାମଣିଃ' ଗ୍ରନ୍ଥ ।

ଗବେଷଣା ଅଧିକାରୀ
ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ-୩

---

# ଶ୍ରୀଜଗନ୍ନାଥ ଅଲାରନାଥ

କୁମାରକବି ଅରକ୍ଷିତ ପ୍ରଧାନ

ଆକାର ତତ୍ତ୍ୱରେ ତୁମେ ନିରାକାର ନୀଳାଦ୍ରିଶ ପୁରୁଷ ଚିନ୍ମୟ
ଗାଣିତିକ ସୂତ୍ରେ ନିତି ଲଗାଇଛ ଜଗତରେ ସୃଷ୍ଟି ସ୍ଥିତି ଲୟ
ମୀମାଂସା ସାଂଖ୍ୟ ବେଦାନ୍ତ ଯୋଗ ନ୍ୟାୟ ବୈଶେଷିକ ଦର୍ଶନ ମହିମା
କାବ୍ୟ କବିତା ପୁରାଣ ଇତିହାସ ଆଗମ ନିଗମ ଶାସ୍ତ୍ର ସୀମା
ଲିପି ଧ୍ୱନି ତାଳ ମାନ ଲୟ ଆଦି ଯେତେ ଯାହା ବିଜ୍ଞାନ ଆଧାର
ପ୍ରତୀକ କେବଳ ମାତ୍ର ତୁମ ମହାଭବ ସିନ୍ଧୁ ଅନନ୍ତ ଅପାର
ଭାରତୀ ଭବନେ ତୁମେ ରସମୟ ସାରସ୍ୱତ କୀର୍ତ୍ତି ସମୁଦାୟ
ତୁରୀୟ ସ୍ୱରୂପ ସ୍ୱାମୀ ଦାରୁ ବ୍ରହ୍ମ ନୀଳଗିରି ପତି ନିରାମୟ
ଏକ ଅଦ୍ୱିତୀୟ ଯେଣୁ ତୁମର ଏ ସୃଷ୍ଟି ମଧ୍ୟେ ଅଛିକି ଉପମା
କମନୀୟ କାନ୍ତି ତେଣୁ ଆଦରିଲ ମହାମେରୁ ଲଳିତ ପ୍ରତିମା
ପରମାନନ୍ଦ ସୁନ୍ଦର ପରାତ୍ପର ପତିତପାବନ ଜଗନ୍ନାଥ
କ୍ଷମା ପାରାବାର ପ୍ରୀୟ ଦୀନବନ୍ଧୁ ଅନାଥର ଏକମାତ୍ର ନାଥ
ଲାବଣ୍ୟ ନୟନ କୋଣୁ ଝରିଆସି ଅବିରତ ପ୍ରେମ ପଞ୍ଚାମୃତ
ଗିରି କେଦାର ସାଗର ଗଗନ ପବନ ବନ କରେ ପ୍ରୀତି ପୂତ
ଅପାଣି ପାଦମୂର୍ତ୍ତିରେ ପାଦ ପାଣି ରହସ୍ୟକୁ ସୂଚାଇବା ଅର୍ଥେ
ଲାଙ୍ଗଳଧାରୀ ଅନୁଜ ଏକ ପକ୍ଷ ବିଜେ କର ବ୍ରହ୍ମଗିରି ତୀର୍ଥେ
ରଥ ଚରଣ କମଳ ଶଙ୍ଖ ଗଦା ଚତୁର୍ଭୁଜେ ଧରି ଭଗବାନ
ନାମ ଶ୍ରୀଅଲାରନାଥ ନାରାୟଣ ପୁରୁଷ ପୁରାଣ ଶ୍ୟାମଘନ
ଥମକ ଶରୀର କାନ୍ତି କାଦମ୍ବିନୀ ସୁଷମାରୁ ବଳି ଶୋଭାବନ
କ୍ଷେତ୍ରବର ଅଣସର ପିଣ୍ଡି ମଧ୍ୟେ ଲୋକ ଭୁଲା ଗୁପତ ଶୟନ
ତ୍ରୟୋଦଶ ଦୁଇଦିନ ବିତାଉଛ ବ୍ରହ୍ମଗିରି କରି ଲୋକାରଣ୍ୟ
ରେବା ସ୍ରୋତ ସମତ ହିଁ ଅକାତରେ ଭକତଙ୍କୁ ବିତରୁଚ ପୁଣ୍ୟ
ଦର ବିକଶିତ ମଲ୍ଲି ଶୁକ୍ଲତାରେ ପ୍ରକ୍ଷାଳିତ କରି ପରିଧେୟ
ରତ୍ନାଭରଣ ଭୂଷିତ ଦିବ୍ୟତନୁ ତବ ପ୍ରାଣ ପୂତ ସରିତ ନିଶ୍ଚୟ
ଶବ୍ଦାର୍ଥ ସମ୍ପର୍କ ସମ ଜୀବ ବ୍ରହ୍ମ ମହାଲୀଳା ଗତି ଯୁଗେ ଯୁଗେ
ନର ନରୋତମ ନାମେ ଏ ମିଳନ ପ୍ରଚଳିତ ହୁଏ ଅନୁରାଗେ
କଳାକର କଳାସମ କ୍ଷୟ ବୃଦ୍ଧି କାଳଚକ୍ର ନୀତି ଚିରନ୍ତନ
ରଚନା ପଦ୍ଧତି ଯେଣୁ ସୁଖ ଦୁଃଖ ହସ କାନ୍ଦ ଜୀବନ ଦର୍ଶନ
ଜନ୍ମ ମରଣ ମଧ୍ୟରେ ଏ ବିଧାନ ପ୍ରତିଘଟେ ଅବଶ୍ୟ ଘଟିବ
ଗତ ଆଗତ ଚିନ୍ତାରେ ଦିନ ରାତି ବ୍ୟସ୍ତ ହୋଇ କେତେ ଲାଭ ହେବ
ନାଶଶୀଳ ଦେହ ଧରି ମୃତ୍ୟୁପଥେ କରିବାକୁ ଅମୃତ ସନ୍ଧାନ
ଥରେ ଅଲାରନାଥଙ୍କୁ ଅଣସର ସମୟରେ କର ଦରଶନ

ବିନୋଦ ବିହାର
ଖଣ୍ଡୁଆଳପୁର, ବ୍ରହ୍ମଗିରି, ପୁରୀ



# ଶ୍ରୀମନ୍ଦିରର ଦଶଦ୍ୱାର, ଭଗତେ ହେତୁକର !

କାଞ୍ଚି ନାରାୟଣ ମହାନ୍ତି

**ଶ୍ରୀ**ଜଗନ୍ନାଥ ଓ ଶ୍ରୀମନ୍ଦିରର ତତ୍ତ୍ୱ ଓ ମାହାତ୍ମ୍ୟ ସଂପର୍କରେ ବହୁ ଗବେଷକମାନଙ୍କର ବିଭିନ୍ନ ମତ ଓ ଦର୍ଶନ ଗ୍ରନ୍ଥ ଆକାରରେ ଉପସ୍ଥାପିତ କରାଯାଇଛି । ତେବେ ବି ସବୁ ତତ୍ତ୍ୱ, ଦର୍ଶନ ମତବାଦର ଊର୍ଦ୍ଧ୍ୱରେ ସେ ବିଶ୍ୱନିୟନ୍ତା, ଯେଉଁଠିକି ଚାହିଁଲେ, ଯେଉଁଠିକି ଛୁଇଁଲେ, ଯେଉଁଠି ବସିଲେ ସବୁଠି ତାଙ୍କରି ସତ୍ତା, ସର୍ଜନା, ରୂପକଳ୍ପ ଓ ଇଚ୍ଛାର ସ୍ୱରୂପ ଲୀଳାୟିତ ହୋଇଛି ।

ମହୋଦଧି ତଟର ମହାମହିମ ପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିତ୍ୟଲୀଳାର ଆଦି ଅନ୍ତ ଚିନ୍ତା କଲାବେଳେ ଭାବୁକ, ଲୋକ, ଗବେଷକ ବାଟବଣା ହୋଇଯାଏ, ସମାଧିସ୍ଥ ହୋଇଯାଏ ।

ଯାହାର ପ୍ରତି ଅଣୁ ପରମାଣୁରେ ଗୁଣପଦ୍ ପବିତ୍ର ପରମ୍ପରା, ଐତିହ୍ୟ ଓ କୃପାବାରିର ମହିମା ସନ୍ନିହିତ ଆଉ ତା'ର କେଉଁ କଥା ବା ବଖାଣି ବସିବା ସାଧାରଣଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସଂପର୍କରେ କିଛିମାତ୍ର ଅବତାରଣା କରିବାର ଏ ଯେମିତି ଅପପ୍ରୟାସ ମାତ୍ର ।

'ଶ୍ରୀମନ୍ଦିର' କହିଲେ ଏ ପୃଥିବୀରେ ଓଡ଼ିଶା ପ୍ରଦେଶର ପୁରୀପ୍ରାନ୍ତେ ଶ୍ରୀକ୍ଷେତ୍ର ଧାମରେ ଏକକ ଓ ଅନ୍ୟତମ ମନ୍ଦିର ।

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କୁ ନେଇ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂରତି ଆରାଧନା । କେଉଁ ଯୁଗରୁ ଚାଲି ଆସିଛି ଏବଂ ସେହି ସର୍ବମୟକର୍ତ୍ତାଙ୍କ ଇଚ୍ଛାରେ କେତେ କାଳ ଚାଲିବ ସେ କଥା ସେ ଜାଣନ୍ତି । ତାଙ୍କ ଅଶେଷ ନାମ ପରି ଜଗତର ବଡ଼ଦିଅଁ ବୋଲି ତାଙ୍କର ତ ସବୁ ବଡ଼ ସେ ରହୁଥିବା ପାଚେରୀ ମଧ ସେହି ମାତ୍ରାରେ ଯଥେଷ୍ଟ ବଡ଼ । ତେଣୁ ତା'ର ନାଁ ମଧ ଦିଆଯାଇଛି 'ମେଘନାଦ' ପାଚେରୀ । କଥାରେ ଅଛି, ପୁରୀ ସମୁଦ୍ରକୂଳରେ ଶ୍ରୀମନ୍ଦିର ଅବସ୍ଥିତି ଥିଲେ ମଧ ମେଘନାଦ ପାଚେରୀକୁ ସମୁଦ୍ର ଗର୍ଜନ ଶୁଭେ ନାହିଁ ।

ପୁରାଣ କହେ ସମୁଦ୍ର ହେଉଛି ଲକ୍ଷ୍ମୀଙ୍କର ବାପଘର । ନିଜ ଝିଅ ଜ୍ୱାଇଁଙ୍କର ପାଖରେ ଶ୍ୱଶୁର ସମୁଦ୍ରଙ୍କର ଗୁରୁଗମ୍ଭୀର ଗର୍ଜ୍ଜନର କି ପ୍ରୟୋଜନ । ଶ୍ରୀମନ୍ଦିର ଚାରିପାଖରେ ଘେରି ରହିଥିବା ପାଚେରୀ ଯାହାକୁ କି 'ମେଘନାଦ' ଭାବରେ ସମସ୍ତେ ଜାଣନ୍ତି ତାହାକୁ ମଧ ବାହାର ବେଢ଼ା ପାଚେରୀ କୁହାଯାଏ । ଏହି ପାଚେରୀର ଉଚ୍ଚତା ସବୁ ସ୍ଥାନରେ ସମାନ ନୁହେଁ । ରାସ୍ତାଠାରୁ ପାଚେରୀର ଉଚ୍ଚତା କେଉଁଠି ୨୦ ଫୁଟ ତ କେଉଁଠି ୨୨ ଫୁଟ, କେତେକ ସ୍ଥାନରେ ୨୪ ଫୁଟ ମଧ ଦେଖାଯାଏ ।

ପାଚେରୀ ଘରକୁ ସୁନ୍ଦର ଓ ସୁରକ୍ଷା କଲାଭଳି ଶ୍ରୀମନ୍ଦିରକୁ ଘେରି ରହିଥିବା ଆୟତାକାର ପାଚେରୀରେ ଆକାଶକୁ ଲକ୍ଷ୍ୟ କରି ତୀର ସଜେଇ ରଖିଥିବା ପଥରଗୁଡ଼ିକ ଆକର୍ଷଣୀୟ ।

ସାରା ଜଗତର ଯିଏ ମାଲିକ ତାଙ୍କ ପାଇଁ ସୀମା ସରହଦ କିଏ ମାପିବ ? ତେବେ ଶ୍ରୀମନ୍ଦିରର ବାହାରବେଢ଼ା ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରୀର ଲମ୍ବ ୬୬୫ ଫୁଟ ଏବଂ ପୂର୍ବପଟର ଲମ୍ବ ୬୪୪ ଫୁଟ । ବାହାରବେଢ଼ାର ସମୁଦାୟ ପରିସୀମା ଚାରିଲକ୍ଷ ଅଠେଇଶି ହଜାର ଦୁଇଶହ ଷାଠିଏ ବର୍ଗ ଫୁଟ । ଶାଣ ପଥରରେ ନିର୍ମିତ ଏହି ପାଚେରୀରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ଲାଗି ଚାରୋଟି ଦ୍ୱାର ରହିଛି । ଏହି ଚାରି ଦ୍ୱାରକୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ କ୍ରମରେ ଯଥାକ୍ରମେ ନାମିତ କରାଯାଇଛି - ସିଂହଦ୍ୱାର, ବାଘଦ୍ୱାର, ହାତୀଦ୍ୱାର ଓ ଘୋଡାଦ୍ୱାର । ଐତିହାସିକମାନଙ୍କର ମତ ଅନୁସାରେ ପ୍ରଥମେ ଭିତରବେଢ଼ା ବା କୂର୍ମବେଢ଼ା ନିର୍ମାଣ ହୋଇଥିଲା । ଶ୍ରୀମନ୍ଦିରକୁ ଶତ୍ରୁମାନଙ୍କର ଆକ୍ରମଣରୁ ରକ୍ଷା କରିବା ପାଇଁ ମେଘନାଦ ପାଚେରୀ ପରବର୍ତ୍ତୀ କାଳରେ ନିର୍ମାଣ କରାଯାଇଥିଲା । ଦୁର୍ଗମାନଙ୍କର ପ୍ରାଚୀର ଭଳି ମେଘନାଦ ପାଚେରୀର ଉଚ୍ଚତା ଓ ଏହାର ଉପରିଭାଗରେ 'ଗାଙ୍ଗଲା' ଥାଏ । ମେଘନାଦ ପାଚେରୀର ଗାଙ୍ଗଲାଗୁଡ଼ିକ ୨୨ ଇଞ୍ଚ ଲେଖାଏଁ ଲମ୍ବା ତୀର ସଦୃଶ ।

ପାଚେରୀ ମୂଳଦୁଆ କେତେ ମଜଭୁତ ତାହା ଅଳ୍ପରେ ଜଣାଯାଏ ଯେ ୧୯ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ପାଚେରୀର ଓସାର ସାତଫୁଟ ଆଉ ତା' ଉପରକୁ ତିନିଫୁଟ ଚଉଡ଼ା ।

ଓଡ଼ିଶାର ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ଅର୍ଥାତ୍ ୧୪୪୮ ଖ୍ରୀଷ୍ଟାବ୍ଦରେ ମେଘନାଦ ପାଚେରୀ ନିର୍ମାଣ ହୋଇଥିଲା ବୋଲି

ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । (୧୫ ଅଙ୍କେ ରାଜାଙ୍କୁ ସିଂହ ବୃହସ୍ପତି ହୋଇଥିଲା । ଏ ଅଙ୍କେ ବଡ଼ ଦେଉଳେ ବାହାର ବେଢ଼ା ବନ୍ଧାଇଲେ) ଏ ଏମିତି ଏକ କ୍ଷେତ୍ର ଯାହା ଉପରେ ବହିଃଶତ୍ରୁର ବାରମ୍ବାର ଆକ୍ରମଣ ହୋଇଛି । ପ୍ରଭୁଙ୍କର ମାନ ତଥା ନିଜ ଜୀବନରକ୍ଷା କରିବା ପାଇଁ ପୁରୀର ସେବାୟତ ଏବଂ ଜନସାଧାରଣ ଶ୍ରୀମନ୍ଦିର ଭିତରେ ଆତ୍ମରକ୍ଷା କରୁଥିଲେ ବୋଲି କୁହାଯାଏ । ତେଣୁ ବାରବାଟି ଦୁର୍ଗ ପରି ଏହା ଏକ ବିରାଟ ଦୁର୍ଗ ।

ଶ୍ରୀମନ୍ଦିରର ପାଚେରୀ ଚାରିପାଖରେ ପ୍ରଶସ୍ତ ରାସ୍ତା ଏପରି ଭାବରେ ରହିଛି, ଯେଉଁଠି ଥାଇ ଲକ୍ଷ ଲକ୍ଷ ଯାତ୍ରୀ ଶ୍ରୀମନ୍ଦିରର ନେତ ଦର୍ଶନ କରିପାରନ୍ତି । ପୂର୍ବଦ୍ୱାର ସିଂହଦ୍ୱାର ସମ୍ମୁଖରେ ପବିତ୍ର ବଡ଼ଦାଣ୍ଡ । ପଶ୍ଚିମ ଦ୍ୱାର ବାଘଦ୍ୱାର ସମ୍ମୁଖରେ ପବିତ୍ର ମଠ ଓ ବ୍ୟବସାୟୀ କ୍ଷେତ୍ର । ଦକ୍ଷିଣ ଦ୍ୱାର ଘୋଡ଼ାଦ୍ୱାର ସମ୍ମୁଖରେ ସେବାୟତ ଏବଂ ମଠ ମନ୍ଦିର (କାଞ୍ଚି ବିଜୟ ଦ୍ୱାର) । ଉତ୍ତର ଦ୍ୱାର ହାତୀଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବଜାର ଏବଂ ପୁରୁଣା ମଠ ଦୋଳବେଦୀ, ଉତ୍ତର ଦ୍ୱାରକୁ ମଧ ଚେମେରୀ ଦ୍ୱାର କୁହାଯାଏ । ଏହି ଦ୍ୱାରରେ ବର୍ଷ ବର୍ଷ ଧରି ହଜାର ହଜାର ସଂଖ୍ୟାରେ ଚେମରୀ ଗୁମୁଟ ସାରା ଝୁଲି ରହିଥାନ୍ତି । ସେମାନଙ୍କର ମଳରେ ଉତ୍ତର ଦ୍ୱାରରୁ କଟୁ ଗନ୍ଧ ଆସିଥାଏ । ଏହି ଦ୍ୱାର ଦେଉଳର ନିୟମ ଅନୁଯାୟୀ ସନ୍ଧ୍ୟା ପୂର୍ବରୁ ପ୍ରତ୍ୟହ ବନ୍ଦ ହୋଇଯାଏ ।

### ସିଂହ ଦ୍ୱାର

ଶ୍ରୀମନ୍ଦିରକୁ ପ୍ରବେଶର ମୁଖ୍ୟପଥ । ରତ୍ନ ସିଂହାସନରେ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ଦୂରଦୂରାନ୍ତର ଯାତ୍ରୀମାନେ ସର୍ବପ୍ରଥମେ ସିଂହଦ୍ୱାର ଗୁମୁଟରେ 'ପତିତପାବନ'ଙ୍କୁ ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଦର୍ଶନ କରିଥାନ୍ତି । ଟିକିଏ ଆଗକୁ ପାଦ ଦେଲେ ପବିତ୍ର ବାଇଶି ପାହାଚ ପଡ଼େ । ସେଇଠୁ ଚାହିଁଲେ ମନ୍ଦିରର ନୀଳଚକ୍ର ଓ ପତିତପାବନ ବାନା ନେତ୍ରରେ ଉଭା ହୁଏ । ସିଂହଦ୍ୱାରଠାରୁ ରତ୍ନ ସିଂହାସନର ଦୂରତା ୩୦୦ ଫୁଟ । ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ପ୍ରକାଣ୍ଡ ସିଂହ ମୂର୍ତ୍ତି ରହିଛି । ପିଉଳ ପାଟିଆରେ ତିଆରି ଛ'ଫୁଟର ଅଧିକ ଓସାର ସିଂହଦ୍ୱାର ଦରଜାର ଉଚ୍ଚତା ପନ୍ଦର ଫୁଟ । ଏହି ସିଂହଦ୍ୱାରରେ ଏକ ଚୋରାଦ୍ୱାର ରହିଛି । ଯାହାର ଆକାର ଅଢ଼େଇ ଫୁଟରେ ଦୁଇ ଫୁଟ । ଏହି ଚୋରାଦ୍ୱାର ଦେଇ ସେବାୟତମାନେ ପ୍ରଥମେ ବ୍ରହ୍ମ ମୁହୂର୍ତ୍ତ ପୂର୍ବରୁ ଯାଇ ଦିଅଁଙ୍କର ନୀତି, ସେବା ସମାପନ କରିଥାନ୍ତି ।

ସିଂହଦରଜାରେ ବହୁ ଦେବାଦେବୀଙ୍କର ମୂର୍ତ୍ତି ଅଙ୍କନ ସହ ଶଂଖ, ଚକ୍ରର ମଧ ଅଳଙ୍କରଣ କରାଯାଇଛି । ଏହି ମୁଖ୍ୟଦ୍ୱାର ଯୁଗଯୁଗ ଧରି ଦେଖି ଆସିଛି କେତେ ସନ୍ଥ, ସିଦ୍ଧପୁରୁଷ, ରାଜା ମହାରାଜା, ପ୍ରଭୁଙ୍କର ବଡ଼ପଣିଆ, ଚୈତନ୍ୟ ରାମତୀର୍ଥ, ସାଲବେଗଙ୍କଠାରୁ ପୁରୀ ଗଜପତି ରାଜାଙ୍କୁ ମନ୍ଦିର ନିଷେଧ ଆଦେଶ, ତେଣୁ ସେ ବିଜେ ହେଲେ ଗୁମୁଟକୁ ଅଛୁବ ଓ ପାତକମାନଙ୍କୁ ଦର୍ଶନ ଦେବାପାଇଁ । ସିଂହଦ୍ୱାରରେ ପ୍ରଭୁଙ୍କ ଦ୍ୱାରପାଳ ଜୟ ବିଜୟ ରହିଛନ୍ତି । ଚାରି ହାତରେ ସେମାନେ ଶଙ୍ଖ, ଚକ୍ର, ଗଦା ଓ ଜପାମାଳ ଧରିଥାନ୍ତି ।

ବିଶାଳ ମନ୍ଦିର ସଦୃଶ ଏହି ଦ୍ୱାରର ଦୁଇ ପାର୍ଶ୍ୱ କାନ୍ଥରେ ଦୁଇଟି ମୂର୍ତ୍ତି ରହିଛି । ପୁଣି ଦୁଇଟି ଆଠ ଫୁଟର ସ୍ତମ୍ଭ ଉପରେ ମଧ ଜୟ ବିଜୟ ମୂର୍ତ୍ତି ରହିଛନ୍ତି । ଦ୍ୱାର ଦେଶ ଉପରକୁ ରହିଛି ଦଶାବତାର ମୂର୍ତ୍ତି ଯେଉଁଥିରେ ଶ୍ରୀଜଗନ୍ନାଥ ହିଁ ନବମ ଅବତାର ଭାବରେ ଖୋଦିତ ହୋଇଛନ୍ତି ଏବଂ ଏହାର ଉପରକୁ ପଦ୍ମାସନରେ ଅଛନ୍ତି ଲକ୍ଷ୍ମୀ । ମୂର୍ତ୍ତିଗୁଡ଼ିକ ଶାଣ ପଥରରେ ନିର୍ମିତ ।

### ପଶ୍ଚିମ ଦ୍ୱାର ବା ବାଘ ଦ୍ୱାର

କୁହାଯାଏ ଯେ, ଏହି ଦ୍ୱାର ସମୟକ୍ରମେ ନିବୁଜ ଥିଲା, ତାହା ମରହଟ୍ଟାମାନଙ୍କ ଦ୍ୱାରା ଖୋଲାଯାଇଥିଲା । ଏହାର ଦୁଇଫାଳ କବାଟ କାଠରେ ତିଆରି । ଉଚ୍ଚତା ସତର ଫୁଟ । ଗୁମୁଟର ନିର୍ମାଣ ଅନ୍ୟାନ୍ୟ ଦ୍ୱାରର ଗୁମୁଟ ପରି କିନ୍ତୁ ଭିତର ନିରାଭରଣ । ମନ୍ଦିର ଭିତରକୁ ପ୍ରବେଶ କଲେ ଦ୍ୱାର ଦେଶରେ ଦେଖିବାକୁ ମିଳେ ପଥର ଖୋଦେଇ ନବଗ୍ରହ ଏବଂ ତା' ଉପରକୁ ନୃତ୍ୟରତ ଗଣେଶ ମୂର୍ତ୍ତି । ଭିତରବେଢ଼ାର ଗୁମୁଟ କାନ୍ଥରେ ପୂର୍ଣ୍ଣକୁମ୍ଭ ଓ ଶ୍ରୀକୃଷ୍ଣ ଲୀଳା ସଂକଳିତ ମୂର୍ତ୍ତି ଦେଖିବାକୁ ମିଳେ ।

ପଶ୍ଚିମ ଦ୍ୱାର ପ୍ରବେଶ ପଥର ଗୁମୁଟର ଓସାର ଷୋହଳ ଫୁଟ । ମେଘନାଦ ପାଚେରୀ ଓ କୂର୍ମ ପାଚେରୀ ମଧରେ ପୂର୍ବ, ଦକ୍ଷିଣ, ଉତ୍ତର ପାର୍ଶ୍ୱର ବ୍ୟବଧାନ ପ୍ରାୟ ସମାନ ଥିବା ବେଳେ ପଶ୍ଚିମ ଦ୍ୱାର ବ୍ୟବଧାନ ଯଥେଷ୍ଟ ଭାବେ କମ୍ । ପଶ୍ଚିମ ଦ୍ୱାରର ପ୍ରବେଶ ପରେ ଦକ୍ଷିଣ ପାର୍ଶ୍ୱରେ ଭିତର ବେଢ଼ା ଓ ବାହାର ବେଢ଼ା ମଝିରେ ପ୍ରଭୁଙ୍କର ଉପବନ । ଏଠାରେ ମଲ୍ଲୀ, ଜୁଇ, ସେବତୀ, ରଜନୀଗନ୍ଧା ଇତ୍ୟାଦି ସୁବାସିତ କୁସୁମ ଉଦ୍ୟାନ ରହିଛି । ଫୁଲପ୍ରିୟ ତିନିଦିଅଁଙ୍କ ପାଇଁ ନିତି ଫୁଲ ବାହାରୁ ଆସିଥିବାବେଳେ ମନ୍ଦିରରେ ମଧ ଫୁଲ ବଗିଚା ରହିଛି । ଏହା ବୁଲି ଦେଖିବା ପାଇଁ ମଧ ଟିକଟ କରି ଅନୁମତି ଦିଆଯାଏ ।

### ଉତ୍ତର ଦ୍ୱାର ବା ଚେମେରି ଦ୍ୱାର ବା ହସ୍ତୀ ଦ୍ୱାର

ଏ ଦ୍ୱାରରେ ପ୍ରବେଶ ମାତ୍ରେ ଚେମେରିମାନଙ୍କର ଶବ୍ଦ ଓ କଟୁ ଗନ୍ଧ ଯାତ୍ରୀମାନଙ୍କୁ ବ୍ୟଥିତ କରେ । ଏ ଦ୍ୱାର ପ୍ରବେଶ ଦ୍ୱାରରେ କୌଣସି ହସ୍ତୀ ନଥାଇ ମଧ ଏହା ହସ୍ତୀ ଦ୍ୱାର । ଗୁମୁଟ ଭିତର ନିରାଭରଣ । କିଛି ପଥ ଆଗେଇଲେ ଦକ୍ଷିଣରେ ପଡ଼େ ସୁନାକୂଅ ଓ ବାମରେ ଆନନ୍ଦବଜାରକୁ ରାସ୍ତା ଏବଂ ସାମ୍ନାରେ ଥିବା ନୂମିବେଢ଼ାର ପ୍ରବେଶ ପଥରେ ଦୁଇଟି ହସ୍ତୀ ଭାସ୍କର୍ଯ୍ୟ । ପୃଷ୍ଠରେ ମାହୁନ୍ତ ଏବଂ ହାତୀ ଦ୍ୱୟ ବିଶାଳ ଓ ସୁଶୋଭନ । ଉଚ୍ଚତା ଅନ୍ୟୂନ ଆଠ ଫୁଟ ।

ଗୁମୁଟର ଭିତର ପଟେ କୌଣସି ବିଶେଷ ମୂର୍ତ୍ତି ବା ଅଳଙ୍କରଣ ଅଭାବ ଥିଲେ ମଧ ଭିତର ଓ ବାହାରପଟେ ନବଗ୍ରହ ଫଳକ କୃଷ୍ଣଙ୍କର ବଂଶୀ ବାଦନ ରୂପ । ପାର୍ଶ୍ୱରେ ତିନି ଅଭିସାରିକାର ଅଙ୍ଗ ଅବୟବ

ଶାଳଭଂଜିକା ଅଳସା, ଦର୍ପଣୀ ପ୍ରଭୃତି ଶୋଭା ପାଉଛନ୍ତି । ଦୁଇ ବାହୁଧାରୀ ଝାଡ଼େଶ୍ୱରୀଙ୍କ ମୂର୍ତ୍ତି ପୂଜା ପାଆନ୍ତି । ସେ ଦୁର୍ଗାଙ୍କ ଦ୍ୱାର ସଂହିତା, ମହିଷାସୁର ସମରକାଳରେ ସୃଷ୍ଟି ହୋଇଥିବା ବହୁ ଶକ୍ତି ରୂପିଣୀ ନାରୀମାନଙ୍କ ମଧ୍ୟରୁ ଜଣେ । କୋଇଲି ବୈକୁଣ୍ଠ ପ୍ରଭୁଙ୍କର ଅନଳଲୀଳା କ୍ଷେତ୍ର ହେତୁ ଏଇ ଉତ୍ତର ଦ୍ୱାରରେ ଦକ୍ଷିଣରେ ଉପବନ ଶିଆଳି ଲତା ଭଣ୍ଡାରଘର ଏବଂ ବହୁ ଦେବଦେବୀ ମନ୍ଦିର ଅବସ୍ଥିତ ।

ପ୍ରଥମେ ଏହି ଦ୍ୱାରର ଗୁରୁତ୍ୱ ଯଥେଷ୍ଟ ଥିଲା ବୋଲି ଅନୁମିତ ହୁଏ । ଶ୍ରୀମନ୍ଦିର ଆରମ୍ଭରେ ତୀର୍ଥଯାତ୍ରୀମାନେ ଏଇପଥରେ ମୁଖ୍ୟତଃ ପ୍ରବେଶ ଅଧିକାର ପାଇଥିଲେ । ଏତଦ୍‌ବ୍ୟତୀତ ଉତ୍ତରଦ୍ୱାରର ପାହାଚ ଅତିକ୍ରମ କରି ଭିତରବେଢ଼ା ପ୍ରବେଶ ପୂର୍ବରୁ ପୂର୍ବରେ ବିଜେ କରିଛନ୍ତି ପାତାଳଫୁଟା ଐଶାନେଶ୍ୱର ମହାଦେବ । ଏହାର ଅନେକ ପୌରାଣିକ ଭିତ୍ତିଭୂମି ରହିଛି । ବାଇଶିଟି ପାହାଚ ତଳେ ୨୫ ଫୁଟ ଗଭୀର ଭୂଗର୍ଭସ୍ଥ ଦେବାଳୟ ବିଷୟରେ ସାଧାରଣ ଯାତ୍ରୀମାନେ ଜାଣିପାରି ନଥାନ୍ତି । ଶ୍ରୀମନ୍ଦିରରେ ଏଇପରି ଅନେକ ମନ୍ଦିର ରହିଛି । ଏହି ମନ୍ଦିରରୁ ଗର୍ଭଗୃହକୁ ସୁଡ଼ଙ୍ଗ ରହିଛି ।

**ଦକ୍ଷିଣ ଦ୍ୱାର ବା ଘୋଡ଼ା ଦ୍ୱାର**

ଗୁମୁଟ ବା ମୁଖଶାଳାର ଉଚ୍ଚତା ୬୦ ଫୁଟ । ବେଶ୍ ମଜଭୁତ ଦରଜା କାଠରେ ତିଆରି । ଦରଜାର ଉଚ୍ଚତା ୨୫ ଫୁଟ । ଦୁଇ ଫାଳ ଦରଜାରେ ମଧ୍ୟ ଚୋରା କବାଟ ରହିଛି । ଗୋଲାକାର ବିରାଟ ବିରାଟ ପିତ୍ତଳଗୋବ ସବୁ ଲାଗି ଦରଜା ସୁନ୍ଦର ଦିଶେ । ଗୁମୁଟର ଓସାର ୪୦ ଫୁଟ । ଗୁମୁଟର ଉତ୍ତରପଟ କାନ୍ଥରେ ପ୍ରାୟ ଦଶ ଇଞ୍ଚ ଉଚ୍ଚ ମୁଗୁନିପଥରର ଗଣେଶ ମୂର୍ତ୍ତି ସ୍ଥାପନା ହୋଇଛନ୍ତି । ପଶ୍ଚିମପଟ କାନ୍ଥରେ ରହିଛି ଦୁଇ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି । ଉତ୍ତରପଟ କାନ୍ଥର ଶୀର୍ଷରେ ରହିଛି ଚୂନ ତିଆରି ନୀଳଚକ୍ର । ଉଭୟପଟ କାନ୍ଥରେ ନୀଳଚକ୍ର ଆକୃତିର ଦୁଇଟି ଶଙ୍ଖ ଏବଂ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ବହୁ ଭାସ୍କର୍ଯ୍ୟ ।

ତିନି ଦିଅଁଙ୍କର ପହୁଡ଼ ପରେ ଅନ୍ୟାନ୍ୟ ଦ୍ୱାର ପରି ଦକ୍ଷିଣ ଦୁଆର ବନ୍ଦ ହୁଏ । ରାତି ଜଗୁଆଳି ଗୁମୁଟରେ ରହି ଦ୍ୱାର ଜଗେ । ଦ୍ୱାର ଖୋଲା ଥିବାବେଳେ ମଧ୍ୟ ଦ୍ୱାରଦେଶରେ ଜଗୁଆଳି ରହିଥାନ୍ତି ।

କିମ୍ବଦନ୍ତୀ ଅନୁଯାୟୀ ଏହି ଦ୍ୱାର ସମ୍ମୁଖରେ ବିଶାଳଘୋଡ଼ା ଦ୍ୱୟରେ ଯେଉଁ ବୀର ପୁଙ୍ଗବମାନେ ବସିଛନ୍ତି ସେମାନେ ଜଗନ୍ନାଥ ଓ ବଳଭଦ୍ର । କେହି କେହି ଏହାଙ୍କୁ କଳି କାଳ ବୋଲି କହିଥାନ୍ତି । କାଞ୍ଚି ଅଭିଯାନ ପରେ ଏହି ମୂର୍ତ୍ତି ରହିଥିବାରୁ ଏହି ଦ୍ୱାରକୁ କାଞ୍ଚି ବିଜୟ ଦ୍ୱାର କୁହାଯାଏ ।

ମେଘନାଦ ପାଚେରୀର ଦକ୍ଷିଣ-ପଶ୍ଚିମ ପଟେ ଏକ ସବୁଦିନିଆ କାଠ ସିଡ଼ିର ବ୍ୟବସ୍ଥା ରହିଛି । ଶ୍ରୀମନ୍ଦିର ବେଢ଼ାରେ ଥିବା ବିମଳା ମାଆଙ୍କ ମନ୍ଦିରର ନୀତି ପାଇଁ ଏ ଦ୍ୱାର କାମରେ ଲାଗେ । ଦୁର୍ଗାପୂଜାରେ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଦୁଇଟି ଲେଖାଏଁ ଛାଗ ବଳି ଏଇ ପଥ ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥାଏ । ବିମଳା ମନ୍ଦିରରେ ବଳି ପ୍ରଥା କେବେଠାରୁ ଚାଲିଛି ସେ ପ୍ରଥାର ମୂକସାକ୍ଷୀ ଏଇ ଦକ୍ଷିଣ ପାର୍ଶ୍ୱର ସାଧାରଣରେ ସବୁରି-ଅଜ୍ଞାନ୍ତ ସିଢ଼ି ପଥ ।

ମେଘନାଦ ପାଚେରୀ ପରି ଆୟତାକାର କ୍ଷେତ୍ର ହେଲା କୂର୍ମ ପାଚେରୀ । ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ମେଘନାଦ ପାଚେରୀରେ ଚାରିଟି ଦ୍ୱାରା ଥିଲାବେଳେ କୂର୍ମପାଚେରୀରେ ଛଅଟି ଦ୍ୱାର ରହିଛି । କୂର୍ମ ପାଚେରୀର ପୂର୍ବ-ପଶ୍ଚିମ ପଟ କାନ୍ଥର ଲମ୍ବ ୩୧୫ ଫୁଟ ଏବଂ ଉତ୍ତର-ଦକ୍ଷିଣ ପଟ କାନ୍ଥ ୪୨୦ ଫୁଟ । କାନ୍ଥର ଓସାର ମଧ୍ୟ ଷୋଳଫୁଟ । ଏହାର ଆକୃତି ମେଘନାଦ ପ୍ରାଚୀର ପରି ପ୍ରାୟତଃ ସମାନ । ପ୍ରାଚୀରର ଉଚ୍ଚତା ପ୍ରାୟ ୨୦ ଫୁଟ ।

ମେଘନାଦ ପାଚେରୀ ଯେଉଁଠାରୁ ଆରମ୍ଭ ସେହି ପଉନରୁ ପ୍ରାୟ ୨୦ଫୁଟ ଉଚ୍ଚରେ କୂର୍ମ ପାଚେରୀ ନିର୍ମିତ ହୋଇଛି । ଦୁଇ ପାଚେରୀମାନଙ୍କ ମଧ୍ୟରେ ଧାଡ଼ି ଧାଡ଼ି ପାହାଚ ରହିଛି । କାରଣ ମେଘନାଦ ପାଚେରୀ ନିକଟରୁ କୂର୍ମ ପାଚେରୀର ଦୂରତା ଯେତେ, ଉଚ୍ଚତା ମଧ୍ୟ ପ୍ରାୟ ସେତେ ସାଧାରଣ ଭାବେ ସେବାୟତ ତଥା ବାସିନ୍ଦାମାନଙ୍କ ଚଳଣିରେ ମେଘନାଦ ପାଚେରୀଠାରୁ କୂର୍ମ ପାଚେରୀ ପର୍ଯ୍ୟନ୍ତ କ୍ଷେତ୍ରକୁ ବାହାରବେଢ଼ା ଏବଂ କୂର୍ମ ପାଚେରୀଠାରୁ ଶ୍ରୀମନ୍ଦିରର ପ୍ରଶସ୍ତ କ୍ଷେତ୍ରକୁ ଭିତରବେଢ଼ା ବୋଲି କୁହାଯାଏ । ମେଘନାଦ ପାଚେରୀରେ ମନ୍ଦିର ପ୍ରବେଶ ପାଇଁ ଚାରୋଟି ଦ୍ୱାର ଥିଲାବେଳେ କୂର୍ମ ପାଚେରୀରେ ଯେଉଁ ଛଅଟି ଦ୍ୱାର ଅଛି ସେଗୁଡ଼ିକ ଭିତରେ ସିଂହଦ୍ୱାର ଟପି ପବିତ୍ର ବାଇଶି ପାହାଚ ଅତିକ୍ରମ କଲାପରେ ଯେଉଁ ଅତି କାରୁକାର୍ଯ୍ୟମୟ ଦ୍ୱାରଟି ପଡ଼େ ଏହା ଭିତର ବେଢ଼ା ପାଚେରୀର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଦ୍ୱାର । ଏଇପଥ ଦେଇ ସାଧାରଣତଃ ପ୍ରତ୍ୟେକ ଭକ୍ତ ସାଧୁସନ୍ଥ ବ୍ୟାକୁଳ ଚିତ୍ତରେ ଶ୍ରୀମନ୍ଦିର ଭିତରବେଢ଼ାରେ ପ୍ରବେଶ କରି ବିଶ୍ୱ ନିୟନ୍ତାଙ୍କୁ ଦର୍ଶନ କରିଥାନ୍ତି । କଳାମୁଗୁନି ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟ ଏହି ଦ୍ୱାରକୁ ଭାସ୍କର୍ଯ୍ୟମୟ କରିଛି । ଏହାର ଉତ୍ତରପଟେ ଶୋଭା ପାଉଛି ଦୁଇଟି ବିରାଟକାୟ ସିଂହ । ସେଇ ପଥେ ଗଲେ ପଡ଼େ ପୃଥିବୀର ସର୍ବଶ୍ରେଷ୍ଠ ଖାଦ୍ୟ ଭଣ୍ଡାର 'ଆନନ୍ଦ ବଜାର' । ବାହାରବେଢ଼ାର ଚାରିଦ୍ୱାର ସହିତ ଭିତର ବେଢ଼ାର ଚାରିଦ୍ୱାର ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ନିର୍ମିତ ହୋଇଛି । ଉତ୍ତର ଦ୍ୱାରରେ ବିରାଟ ହସ୍ତୀ ଏବଂ ଅନ୍ୟାନ୍ୟ କାରୁକାର୍ଯ୍ୟ ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ଦ୍ୱାରଗୁଡ଼ିକ ସାଧାସିଧା । ଏହି ଚାରିଦ୍ୱାର ପରେ ଭିତରବେଢ଼ା ପୂର୍ବପଟ କାନ୍ଥରେ ଦୁଇଟି ଦ୍ୱାର ରହିଛି । ଭିତରବେଢ଼ାର ପୂର୍ବପଟ ପାଚେରୀର ଉତ୍ତରପାର୍ଶ୍ୱରେ ଥିବା ଦ୍ୱାରଟିରେ ଭକ୍ତଜନମାନେ 'ଆନନ୍ଦ ବଜାର' ମଧ୍ୟକୁ ପ୍ରବେଶ କରି ମହାଆନନ୍ଦରେ ମହାପ୍ରସାଦ ସେବନ କରିଥାନ୍ତି ।

ଦେବସ୍ନାନ ମଣ୍ଡପ ଏହି ଆନନ୍ଦବଜାରରେ ରହିଛି । ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଭୁମାନେ ଏଇ ପଥରେ ଆସି ସ୍ନାନବେଦୀରେ ବସି ସ୍ନାନ

କରିଥାନ୍ତି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବେଳେ ମଧ୍ୟ ଏଇପଥରେ ବାହାରି ସିଂହଦ୍ୱାର ଦେଇ ତିନିରଥରେ ବିଜେ କରିଥାନ୍ତି । ଭିତର ବେଢ଼ାରେ ଅନ୍ୟ ଗୋଟିଏ ଦ୍ୱାର ଅଛି । ଦକ୍ଷିଣ-ପୂର୍ବ ଅର୍ଥାତ୍ ଆଗ୍ନେୟ କୋଣରେ ଏହି ଦ୍ୱାର ବାଟେ ଶ୍ରୀଜୀଉଙ୍କର ରୋଷଶାଳାରୁ ପ୍ରସାଦ ରନ୍ଧନ ହୋଇ ସେବକମାନଙ୍କ ଦ୍ୱାରା ଶିକା ବାହୁଙ୍ଗୀରେ ବୁହାହୋଇ ଭୋଗଲାଗି ପାଇ ପୋଖରିଆ ଓ ଭଣ୍ଡାର ଘରକୁ ଆସିଥାଏ । ଏହି ଦ୍ୱାର ଦେଇ ସର୍ବସାଧାରଣଙ୍କର ପ୍ରବେଶ ଅଧିକାର ନାହିଁ । ରନ୍ଧନଶାଳା ବୁଲି ଦେଖିବା ପାଇଁ ଦକ୍ଷିଣପାର୍ଶ୍ୱ କୁର୍ମପାଚେରୀର ପୂର୍ବପଟକୁ ଟିକେଟ୍ କାଟି ପ୍ରବେଶ ସୁଯୋଗ ମିଳିଥାଏ ।

ତେବେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଯୁଗପତ୍ ଆଲୋଚନା କଲେ ତାହା ଶେଷ ହେଇପାରିବ ନାହିଁ । ପ୍ରଭୁଙ୍କର ଅନନ୍ତ ଲୀଳା ଭିତରୁ ତାଙ୍କ କ୍ଷେତ୍ରର ପାଚେରୀ ମଧ୍ୟ ଶ୍ରଦ୍ଧାଳୁ ବିଦ୍‌ଗଧ ଭକ୍ତଜନଙ୍କ ଜ୍ଞାନ୍ତସାରର ବାହାରେ । ପ୍ରଥମେ ବଡ଼ଦାଣ୍ଡରେ ପହଞ୍ଚିଲେ ଦାଣ୍ଡର ଚନ୍ଦନ ସମଧୂଳି ମୁଣ୍ଡରେ ମାରି, ତା'ପରେ ବଡ଼ଶଙ୍ଖ ପାଖରୁ ପତିତପାବନ ନେତ୍ର ଦେଖି ନେତ୍ର ପବିତ୍ର ହେଲା ବୋଲି ଧନ୍ୟ ହୁଏ । ଜଗନ୍ନାଥମୟ ଭକ୍ତପ୍ରାଣ ସେମିତି ସିଂହଦ୍ୱାର ପାଖରେ ତାଙ୍କ ମେଘନାଦ ପାଚେରୀ ଆଉ ଏକ ମହିମାର ପରିପ୍ରକାଶ ।

ମେଘନାଦ ପାଚେରୀ ଦେହରେ ଏତେ ବିଶେଷ ମନ୍ଦିର ଘର ଇତ୍ୟାଦିର ନିର୍ମାଣ ଦେଖିବାକୁ ମିଳୁ ନଥିବାବେଳେ ଭିତରବେଢ଼ା ମଧ୍ୟରେ ଅନେକ ଛୋଟବଡ଼ ମନ୍ଦିର, ଚନ୍ଦନଘର, ବେଢ଼ାକାଳୀ, ସୂର୍ଯ୍ୟମନ୍ଦିର କେତେକ ବୈଦିକ ଅନୁଷ୍ଠାନ ଓ ସେବାୟତମାନଙ୍କର କାର୍ଯ୍ୟାଳୟ ଦେଖିବାକୁ ମିଳିଥାଏ ।

ବହୁ ସାଧୁସନ୍ଥ ସେମାନଙ୍କ ରଚନାରେ ମନ୍ଦିରର ଏହି ଦଶଦ୍ୱାରକୁ ଶରୀରତତ୍ତ୍ୱରେ ବର୍ଣ୍ଣନା କରି ଗୁରୁତ୍ୱାରୋପ କରିଛନ୍ତି । ମଣିଷର ଆଖି, କାନ, ନାକ, ପାଟି ପରି ଏହାକୁ ସାଲବେଗ, ଅଚ୍ୟୁତାନନ୍ଦଙ୍କ ପରି ପଞ୍ଚସଖା ଏବଂ ପୁରାତନ କବିମାନେ ଧର୍ମୀୟ ଚେତନାରେ ଉଦ୍‌ବୁଦ୍ଧ ହେବା ପାଇଁ ଧର୍ମ ସାହିତ୍ୟରେ ପର୍ଯ୍ୟବସିତ କରିଛନ୍ତି ।

ଆଶ୍ରମ
ଶ୍ରୀବିହାର କଲୋନି, କଟକ-୮

---

# କାଳିଆ କରୁଣା

ଚନ୍ଦ୍ରଶେଖର ପଣ୍ଡା

ସଖି ମୁଁ,
ପବିତ୍ର କଲି ପାପ ନେତ୍ର (ରେ)
ଗରୁଡ଼ ପଛରୁ ଦେଖନ୍ତେ ଦୂରରୁ
କମ୍ବୁ କଟକ ସମ୍ରାଟ (ରେ) ।
ହୃଦେ ଧଣ୍ଡାମାଳ ଦୟଣାର ଚୂଳ
ତଥିପରେ ଚନ୍ଦ୍ରାତପ
ମଦନ କମାଣ ଭୁରୁ ନେତ୍ରବାଣ
ଶିହରାଇଲା ମୋ ଗାତ୍ର ।
ଶ୍ରୀରଂଗ ଅଧରେ ନିରେଖିଲି ଯେବେ
ଦରୋଟି ଦରୋଟି ହସ
ପ୍ରତେ ହେଲା ସତେ କାଳନ୍ଦୀ ଜଳେକି
ମାଣିକର ନାବ ସେତ ।
କରି କର ପ୍ରାୟେ ବେନି ଭୁଜ ଶୋହେ
ଚକା ଚକା ବେନି ନେତ୍ର
ଫେଇ ଡାକୁଥିଲେ ମହାପାପୀ ମାନେ
କରିବି ଆସ ମୁକତ ।

ମୃଗ ମଦ ଗନ୍ଧ ଅଗୁରୁ ଚନ୍ଦନ
କର୍ପୁରରେ ସୁବାସିତ
ସେ ଶ୍ରୀଅଂଗ ଶୋଭା କେଡ଼େ ମନଲୋଭା
ବର୍ଣ୍ଣିବି କହ କେମନ୍ତ ।
ବେନି କର୍ଣ୍ଣେ ସଖି ମକର କୁଣ୍ଡଳ
କିଣିଲା ମୋ ଚିତ୍ତ ବିତ୍ତ
ପୂର୍ଣ୍ଣ ସୁଧାକର ନିରେଖି ସାଗର
ପ୍ରାୟ ହେଲା ମନ ଗାତ୍ର ।
ଦେବଙ୍କୁ ଦୁର୍ଲଭ ନୟନ ସୁଲଭ
ଦେଖି କମଳାଙ୍କ କାନ୍ତ
ସୁଧାକର ଦେଖି ଚକୋର ପରାଏ
ଅପଲକ ହେଲା ନେତ୍ର ।
ପତିତ ଉଦ୍ଧାରି ମହୀ ଭାର ହରି
ସଂହାରି କେତେ ଯେ ଦୈତ୍ୟ
ବୀରବର ପଣେ ଉଡ଼ାଉଛନ୍ତି ସେ
ପତିତପାବନ ନେତ ।

ଦରଶନ ସାରି ଫେରିବା ଆଗରୁ
ଚଳିଲି କଳପ ବଟ
ଡୋରି ବାନ୍ଧି ହୁରି କରି ମୁଁ କହିଲି
ଶୁଣ କାଳିଆ ସାଆନ୍ତ ।
ସାରି ମୋ ସଂସାର ସଉଦା ହେ ପ୍ରଭୁ
ଛାଡ଼ିବା ଆଗରୁ ହାଟ
ଦରଶନ ଟିକେ ଦେଲେ ହେ ସାଆନ୍ତେ
ପାଥେୟ୍ ହୁଅନ୍ତା ସେତ ।
ଆଶା ସିନା ଖାଲି କରୁଛି ଲୋ ସଖି
ହାତ ପାହାନ୍ତା କି ସେତ
ଜନମ ଦୁଃଖି ମୁଁ କପାଳଟା ମୋର
ଗଜ ଭକ୍ଷିଲା କପିତ୍ଥ ।

ବ୍ୟକ୍ତିଗତ ସହାୟକ
ଟୁ ଆର.ବି.-୪୨, ରୋଡ୍ ନଂ-୬
ୟୁନିଟ୍-୯, ଭୁବନେଶ୍ୱର



# ଅଭିଶପ୍ତ କବିର ମୁକ୍ତିଗାଥା

ଡକ୍ଟର ତ୍ରିନାଥ ପଟ୍ଟନାୟକ

**ସେ**ଦିନ କବି ବଳରାମ ଦାସ ମା' ଲକ୍ଷ୍ମୀଙ୍କ ପାଇଁ ବହୁତ ଦୁଃଖ ପ୍ରକାଶ କରିଥିଲେ । ଭକ୍ତି ଭାବରେ ଟାଣି ହୋଇ ଅଛବ ଶ୍ରୀୟା ଚାଣ୍ଡାଳୁଣୀ ଘରେ ଲକ୍ଷ୍ମୀ ବସି ଯାଇଥିଲେ ବୋଲି ପ୍ରଭୁ ବଳରାମ କେତେ କଥା କହି ନାହାନ୍ତି । 'ହାଡ଼ି ଘରେ ଥିବ ଲକ୍ଷ୍ମୀ ପାଣ ଘରେ ଥିବ, ସ୍ନାନ ନକରିଣ ବଡ଼ ଦେଉଳେ ପଶିବ । ଏଭଳି ସ୍ତ୍ରୀକୁ ପାଖରେ ରଖି ନଯୋଗାଇ, ଆମ୍ଭ ବାକ୍ୟମାନି ତାକୁ ଦିଅ ଘଉଡାଇ ।' ଶ୍ରୀଜଗନ୍ନାଥ ବଡ଼ଭାଇଙ୍କଠାରୁ ଏମିତି ନିର୍ଦ୍ଦେଶ ପାଇଲେ ସୁଦ୍ଧା ମନରେ କେମିତି ଅମଙ୍ଗ ଅମଙ୍ଗ ଭାବ । କାରଣ ତାଙ୍କ ମନ କହୁଥାଏ - 'ଲକ୍ଷ୍ମୀ ପରା ଭାରିଯାକୁ ଥରେ ଛାଡ଼ିଲେ ଆଉ ନପାଇବା ।' ମାତ୍ର ବଡ଼ ଭାଇ ବଳରାମଙ୍କର ଏକା ଜିଦ୍ - 'ଭାର୍ଯ୍ୟାଠାରେ ଲୋଭ ଯେବେ ଅଛି କହ୍ନାଇ, ତେବେ ମାଇପକୁ ନେଇ ଗ୍ରାମ ବାହାରେ ରହ ତୁହି । ମୋ' ବଡ଼ ଦେଉଳକୁ କିନ୍ତୁ ଆଉ ଆସିବୁନି ।'

ଲକ୍ଷ୍ମୀ ସେଦିନ ବହୁତ କାକୁତିମିନତି ହେଲେ । ସବୁ ଘଟଣା ବୁଝାଇ କହିଲେ । ବଡ଼ଭାଇ ବଳରାମ ଶୁଣିଲେନି କି ଶ୍ରୀଜଗନ୍ନାଥଙ୍କୁ ଆହା ବୋଲି ପଦୁଟିଏ ନକହି ବଡ଼ଦେଉଳରୁ ମା' ଲକ୍ଷ୍ମୀଙ୍କୁ ବାହାର କରିଦେଇଥିଲେ ।

ଏକଥା ଜାଣିଲା ପରେ ଭକ୍ତ ବଳରାମ ଦାସ ଦୁଃଖରେ କାନ୍ଦି ପକାଇ ଥିଲେ । ପରବର୍ତ୍ତୀ ସମୟରେ ଯାହାସବୁ ଘଟିଗଲା ସେସବୁ ଘଟଣାକୁ ନେଇ 'ଲକ୍ଷ୍ମୀପୁରାଣ' ଲେଖିଲେ । ଲକ୍ଷ୍ମୀଙ୍କ ପାଇଁ ତାଙ୍କ ମନ ବିଗଳିତ ହୋଇଯାଇଥିଲା । ସେ ଲକ୍ଷ୍ମୀଙ୍କ ମାହାତ୍ମ୍ୟକୁ ପ୍ରକାଶ କରିବାକୁ ଯାଇ ଲେଖନୀ ଚାଳନ କରିଥିଲେ ।

କିନ୍ତୁ ଆଜି ସେଦିନ ନାହିଁ । ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରାକୁ ସାଥୀରେ ଧରି ଗୁଣ୍ଡିଚା ମନ୍ଦିର ଯାଇଛନ୍ତି ରଥଯାତ୍ରା କରି । ଲକ୍ଷ୍ମୀ ଏବେ ସରଳା ଲକ୍ଷ୍ମୀ ନୁହନ୍ତି । ନିପଟ କଳିହୁଡ଼ି । ବାରକଥା କହି ଶ୍ରୀଜଗନ୍ନାଥଙ୍କୁ ଝଙ୍ଗାସୁଛନ୍ତି । ଯେତେ ଯାହାହେଲେ ସୁଦ୍ଧା କବି ବଳରାମ ହେଉଛନ୍ତି ଶ୍ରୀଜଗନ୍ନାଥ ପ୍ରାଣ । ପ୍ରଭୁ ତାଙ୍କୁ କେତେ ଭଲ ପାଆନ୍ତି । ଥରେ ରଥରେ ବସାଇ ପ୍ରଭୁ ବଳରାମ ଦାସଙ୍କୁ ଶ୍ରୀଲଙ୍କାକୁ ନେଇଯାଇଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ମୂର୍ଖ ମୁହଁରେ ସେ ବେଦାନ୍ତ ଚର୍ଚ୍ଚା କରାଇପାରିଛନ୍ତି । ପ୍ରଭୁଙ୍କଠାରୁ ବଳ ପାଇ ମତ୍ତହସ୍ତୀକୁ ସାବାଡ଼ କରି ଦେଇଛନ୍ତି ସେଇ ଦିନଠାରୁ ଲୋକେ ତାଙ୍କୁ ମତ୍ତ ବଳରାମ ବୋଲି ଡାକନ୍ତି । ପ୍ରଭୁଙ୍କର ଆଜ୍ଞା ହେଲା ସେ ରାମାୟଣ ଭଳି ବିରାଟ ଗ୍ରନ୍ଥକୁ ଅକ୍ଲେଶରେ ରଚନା କରିପାରିଲେ । ଆଉ ନିଜର ସାମାନ୍ୟ ଅପମାନର ପ୍ରତିଶୋଧ ନିମନ୍ତେ ବାଲିରଥରେ ତିନିଠାକୁରଙ୍କୁ ଦିନଦିନ ଧରି ବାନ୍ଧିରଖି ପାରିଛନ୍ତି । ମାନ-ଉଦ୍ଧାର ପ୍ରଭୁ ବଳିଆ ଦାସର ମାନ ରକ୍ଷା କରିଛନ୍ତି ।

ମାତ୍ର ଆଦି ସେବକ ବଳିଆ ଦାସ ପ୍ରଭୁଙ୍କ ନିନ୍ଦା କେମିତି ସହିବ । ପ୍ରଭୁ ଶ୍ରୀଜଗନ୍ନାଥ ସୁଭଦ୍ରାକୁ ସାଥୀରେ ନେଇ ଗୁଣ୍ଡିଚା ମନ୍ଦିରକୁ ଚାଲିଯାଇଛନ୍ତି ବୋଲି ତାଙ୍କର ଏଡ଼େ ଅପରାଧ ହୋଇଯାଇଛି । ଲକ୍ଷ୍ମୀ ଘର କଥା ଘରେ ନରଖି, ବିମଳେଇ ଆଉ ସରସ୍ୱତୀଙ୍କୁ ଡକାଇ ସଭା କରି ବସିଛନ୍ତି । ଛି' ଛି' ସ୍ୱାମୀ ନିନ୍ଦା କିଏ କ'ଣ ପର ଆଗରେ କରେ । ସ୍ୱାମୀ ନିନ୍ଦା ନର୍କେ ଯା'ନ୍ତି । ବଡ଼ଘର ବଡ଼ ଗୁମର କଥା, କିଏ ସେଥିରେ କଥା କହିବ ।

ମହାଲକ୍ଷ୍ମୀ କହୁଥାନ୍ତି - 'ବୁଝିଲ ବିମଳେଇ, ଇଏ ଆସି ମୋତେ କହିଲେ କାଲି ଗୁଣ୍ଡିଚା ଯାତ । ପାପୀମାନଙ୍କୁ ନିସ୍ତାର କରିବା ନିମନ୍ତେ ଆମ୍ଭେ ଦୁଇଭାଇ ରଥ ଚଢ଼ି ଗୁଣ୍ଡିଚା ମନ୍ଦିରକୁ ଯାଉଛୁ । ବାଟରେ ମାଉସୀ ମା'ଙ୍କୁ ମଧ ଭେଟିବୁ । ସାଥୀରେ ଜ୍ୟେଷ୍ଠ ଭାଇ ଯିବେ ତୁମେ କେମିତି ଭାଇ ବୋହୂଟା ହୋଇଯିବ । ଲୋକ ଗହଳିରେ ଛୁଆଁଛୁଇଁ ହୋଇଯିବ । ତୁମେ ବିମଳା ଓ ସରସ୍ୱତୀଙ୍କୁ ପାଖକୁ ଡାକି ସାଥୀ ହୋଇ ପଶା ଖେଳୁଥାଅ । ଆମେ ରଥଯାତ୍ରା ଶେଷ କରି ଫେରି ଆସୁଛୁ ।'

ଏଇ ସମୟରେ ଦାସୀ ଧଇଁସଇଁ ହୋଇ ଧାଇଁ ଆସି କହି ପକାଇଲା - 'ମା' ସାଆନ୍ତାଣୀ ! ପ୍ରଭୁ କ'ଣ ଏକା ଏକା ଗୁଣ୍ଡିଚା ଯାତକୁ ଯାଇଛନ୍ତି କି ସାଥୀରେ ପରା ସେ ଗେହ୍ଲା ଭଉଣୀ ବସନ୍ତ ମୁହିଁକୁ ନେଇଛନ୍ତି । ଆଗରେ ବଳଭଦ୍ର ମଝିରେ ସେ ଫୁଲେଇ ଭଉଣୀ ସୁଭଦ୍ରା ଆଉ ପଛରେ ପ୍ରଭୁ ଜଗନ୍ନାଥ ଯାଉଛନ୍ତି । ସେମାନଙ୍କ ଆଗେ ଆଗେ ଗଜପତି ରାଜା ବିଜେ କରୁଛନ୍ତି । ସେମାନଙ୍କ ରଥ ଏବେ ବଳଗଣ୍ଡି ପାର ହୋଇ ଗଲାଣି ।'

'ମୁଁ କ'ଣ କରିପାରିବି । ମୋତେ ସିନା ନଯିବା ପାଇଁ ତିଆରି କହିଲେ । ଏବେ କିନ୍ତୁ ବଢ଼ିଲା ଭଉଣୀକୁ ସାଥୀରେ ଧରି ଦାଣ୍ଡରେ

ବୁଲୁଛନ୍ତି । ନିଜ ସ୍ତ୍ରୀକୁ ଉପେକ୍ଷା କଲେ । ମୋ' ଦେଢ଼ଶୂରତ ମଉନ ମୁହାଁ କଣ୍ଟିଆ ମାତ୍ର ଭୟେଣୀ ନାରୀକୁ ସଙ୍ଗରେ ଘେନିଣ ରଥ ବାହିଯା'ନ୍ତି । ଆଉ ସେ ଭଉଣୀ ଖଣ୍ଡିକ କମ୍ କି ? ସେ ଗୋଟାଏ ଝାମ୍ପିଲା ବାଘୁଣୀ ।' - ଲକ୍ଷ୍ମୀ ଦୁଃଖ ଓ ଅଭିମାନରେ ଏକଥା କହିଲେ ।

ଏକଥା ଶୁଣି ସରସ୍ୱତୀ ଓ ବିମଳା ମୁହଁ ମୋଡ଼ି ହସି ପକାଇଲେ । ଆଉ ପେଟରେ କପଟ ରଖି ଉପର ମନରେ କହିଲେ - 'ଏବେ ଭିଣୋଇ ହୋଇବେ ସଡ୍ଡୁ । ବାହି ଆଗେ ପିନ୍ଧାଇବେ ଖଡ୍ଡୁ ।'

କବି ବଳରାମ ଦାସ ଆଡୁଆଳରେ ଥାଇ ସବୁ ଶୁଣୁଥାନ୍ତି । ପ୍ରଭୁଙ୍କୁ ରଥଯାତ୍ରାର ଅଧା ବାଟରେ ଛାଡ଼ି ଆସିଛନ୍ତି ମା' ଲକ୍ଷ୍ମୀଙ୍କ ହାଲଚାଲ ବୁଝିବାକୁ । କାରଣ ମା' ଲକ୍ଷ୍ମୀ ଦୁଃଖୀ ହେଲେ ବଳିଆ ଦାସଙ୍କୁ ଅନ୍ନପାଣି ପୀତା ଲାଗେ । ନିଜ ମା'ଙ୍କଠାରୁ ଅଧିକ ଭକ୍ତି କରନ୍ତି ସେ ମହାଲକ୍ଷ୍ମୀ । ବେଳେ ବେଳେ ମା' ପାଖରେ ଛୋଟ ପିଲା ଅଳି କରି ବସିଲା ଭଳି ସେ ଅଳିକରି ବସନ୍ତି ମା' ମହାଲକ୍ଷ୍ମୀଙ୍କ ଆଗରେ । ସେ ଭାବିଥିଲେ ମା'ଙ୍କର ଭଲ ମନ୍ଦ ଖବର ନେଇ ପ୍ରଭୁଙ୍କ ଆଗରେ ଜଣାଇ ପ୍ରଭୁଙ୍କୁ ଖୁସି କରାଇ ଦେବେ । ଆଉ ମହାଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦେଇ ଦିନ କେଇଟା ପ୍ରଭୁଙ୍କ ଅପେକ୍ଷାରେ କଟାଇ ଦେବାପାଇଁ କହିବେ । ଏଠିକୁ ଆସି ସେ ଏସବୁ କ'ଣ ଶୁଣୁଛନ୍ତି । ମହାଲକ୍ଷ୍ମୀଙ୍କ ମନରେ ଏ କି ପ୍ରକାର ଆବିଳତା । ଭଉଣୀକୁ ଭାଇମାନଙ୍କ ସହିତ ଯୋଡ଼ି କୁତ୍ସିତ ଅପନିନ୍ଦା । ସତରେ ନାରୀ ଜାତି ଅତି ଭୟଙ୍କର । ଭାରି ସନ୍ଦେହୀ । ନହେଲେ ଦାସୀଟା ଆସି କହୁଛି - 'ସୁଭଦ୍ରା ସଙ୍ଗରେ ବେନିପ୍ରାଣୀ, ଦିନୁ ଦିନୁ ପ୍ରୀତି ନବ ତରୁଣୀ, ତେଜି ଅଛି ଲଜ୍ଜା, ଏବେ ହୋଇଛି ଭଉଣୀ ଭାରିଯା' । ଲକ୍ଷ୍ମୀ ସ୍ୱାମୀଙ୍କର ଏ ଅପନିନ୍ଦାକୁ ଛାର ଦାସୀଟା ମୁହଁରୁ ଶୁଣୁଛନ୍ତି । ତା'ର ମୁହଁକୁ ବନ୍ଦ କରୁ ନାହାନ୍ତି ।

କବି ବଳରାମ ଦାସ ମନେ ମନେ କହୁଥାନ୍ତି - 'ସ୍ତିରୀ ଜାତି ତୁମେ ଅତି ମୁରୁଖ, ବୁଝାଇଲେ ହେଲେ କଥା ନରଖ, ସୁଭଦ୍ରା ଅଟେ ତୁମ୍ଭ ନଣନ୍ଦ, ପ୍ରିୟ କଥାକହି କର ଆନନ୍ଦ, ସେ ସନ୍ତୋଷ ହେବ, ପ୍ରିୟ ସଖୀ ସଙ୍ଗେ ପ୍ରଶଂସା ଦେବ ।' ମାତ୍ର ମହାଲକ୍ଷ୍ମୀ କିଛି ବୁଝୁଛନ୍ତି । ଅଭିମାନରେ ଫୁଲିଫୁଲି କାନ୍ଦିଲେଣି । କିଛି ବୁଝାଇ ଲାଭ ନାହିଁ । ସେ ସିନା ଜଗନ୍ନାଥଙ୍କ ଉପରେ ରାଗୁଥିଲେ କିନ୍ତୁ ପ୍ରଭୁ ଠିକ୍ କଥା କହିଛନ୍ତି । ସେଦିନ କୋପଭର ହୋଇ କହିଥିଲେ, 'ବାପ ତୋ' ଲୁଣିଆ ଯେ ଗରଜି ମରୁଥାଇ, ଝିଅ ଟେରୀ ତୋ' ଦୁର୍ଗୁଣ କହିଲେ ନସରେ, ବାପର ଗର୍ଜନ ଶବ୍ଦେ କିଏ ରହିପାରେ ?'

- 'ଏ ଟେରୀର ଗୁଣ କମ୍ ନୁହେଁ ।' ବଳରାମ ଦାସ ଆଉ ସହି ପାରିଲେ ନାହିଁ ବଡ଼ପାଟିରେ କହି ପକାଇଲେ । ନିଜ ପ୍ରଭୁଙ୍କୁ ପୁଣି ଏତେ ଅପବାଦ ? ସେ ଅବଶ୍ୟ 'ଭାବସମୁଦ୍ର'ରେ ପ୍ରଭୁଙ୍କୁ ବହୁ ଅପବାଦ ଦେଇଛନ୍ତି । ମାତ୍ର ତାହାଥିଲା ପ୍ରଭୁଙ୍କ ପ୍ରତି ଅଭିମାନ । ଏ ତ ଲକ୍ଷ୍ମୀଙ୍କର ଅଭିମାନ ନୁହେଁ କ୍ରୋଧ । କ୍ରୋଧ ପୁଣି ସନ୍ଦେହର ରୂପ ନେଲାଣି । ସେ ଆଉ ଲୁଚି ରହିପାରିଲେ ନାହିଁ । ଠାକୁରାଣୀଙ୍କ ସମ୍ମୁଖକୁ ଆସି କହି ପକାଇଲେ । ସତେ ଯେମିତି ସେ ମା'ଙ୍କ ସହିତ କଳି କରୁଛନ୍ତି - 'କାଣୀ ହୋଇ ନଥିଲେ ଆଉ କେତେ ପହିଜ କଥା କହିଥାନ୍ତ । ଯିଏ କାଣୀ ତାକୁ ଦୁନିଆଟା ଅଧା ଦେଖାଯାଏ, ପୂରା ନୁହେଁ । ଆଉ ଅଧିକ ତା' ପାଇଁ ଅନ୍ଧାର । ସେ ଭଲ କଥା କାହୁଁ ଦେଖିବ ?'

ବଳରାମ ଦାସଙ୍କୁ ସେଠାରେ ଦେଖି ବିମଳା ଆଉ ସରସ୍ୱତୀ ସେଠାରୁ ଜିଭ କାମୁଡ଼ି ଅପସରି ଗଲେ । ବଳିଆ ବାଲିରଥରେ ପ୍ରଭୁଙ୍କୁ ବସାଇ କି ପ୍ରକାର ଉଲୁଗୁଣା ଦେଇଛି ସେ ଜାଣନ୍ତି । ସବୁ ଗୋହି ଖୋଳି ଦେଇଛି । ଏବେ ସେ ଦୁହିଁଙ୍କୁ ଏଠି ଦେଖିଲେ କ'ଣ ନା କ'ଣ କରି ବସିବ । କ'ଣ ବୁଝିବ ଲଗେଇ ଜଟେଇ ଗୀତ ଲେଖି ଦେବ । ତା' ହାତରେ ଲେଖନୀ । ଜନ-ଜଗତ ତାହା ପଢ଼ି ସେମାନଙ୍କ ଅସଲ ଗୁମର ଜାଣିଯିବେ । ସେ ତ ଆମକୁ ମାନ୍ୟ କରୁଛି । ଏମିତି ମାନ୍ୟ କରୁଥାଉ । ତା' ସାଥୀରେ ଉଚ୍ଚବାଚ ହେଲେ କିଛି ଫଳ ଫଳିବନି ।

ନିଜର ଅନ୍ତରଙ୍ଗ ଆଳାପ ବେଳେ ଏଇଟା କିଏ । ଆମର କ'ଣ ବ୍ୟକ୍ତିଗତ ମତ କିଛି ନାହିଁ । ସ୍ୱାଧୀନତା ବୋଲି କିଛି ନାହିଁ । ପ୍ରଭୁ ବଳିଆଟାକୁ ମୁହଁ ଦେଇଛନ୍ତି ବୋଲି ମାଇପିମାନଙ୍କର କଥାବାର୍ତ୍ତା ବେଳେ ସେ ବିନା ଅନୁମତିରେ ଆସି ନାକ ବୁଡ଼ାଇ ଶୁଣିବ । ଲକ୍ଷ୍ମୀ ରାଗି ଗଲେ । ଲକ୍ଷ୍ମୀ ରାଗିଲେ ତ କାହାରି ନୁହନ୍ତି, ସେ ବାଇ ଠାକୁରାଣୀ ପୁଣି ହଟ କମଳିନୀ । ଲକ୍ଷ୍ମୀଦେବୀ ବଳିଆ ଦାସଙ୍କୁ ଆଙ୍ଗୁଠି ଦେଖାଇ କହିଲେ - 'ଦାସେ ! ତୁମେ କ୍ଷେତ୍ରରେ ଥିଲେ ସିନା ଆମ ସ୍ୱାମୀ ସ୍ତ୍ରୀ କଥାରେ ମୁଣ୍ଡ ପୂରାଉଛ । ମୁଁ ତୁମକୁ ଅଭିଶାପ ଦେଲି ତୁମେ କ୍ଷେତ୍ର ଲାଭ କରିପାରିବ ନାହିଁ ।

ବଳରାମ ଦାସେ ମହାଲକ୍ଷ୍ମୀଙ୍କ ଅଭିଶାପକୁ ମୁଣ୍ଡପାତି ସହିଗଲେ । ବିନା ପ୍ରତିବାଦରେ ସେ ଭାବିଥିଲେ ଶ୍ରୀଗୁଣ୍ଡିଚା ଯାତ ପରେ ପ୍ରଭୁ ଶ୍ରୀମନ୍ଦିର ପ୍ରବେଶ କରିବେ । ଆଉ ମୋତେ ଡକାଇ କିଛିଟା ସମାଧାନ କରିବେ । ସେ ଅଭିମାନ କରି ଆଉ ଶ୍ରୀମନ୍ଦିରକୁ ଗଲେ ନାହିଁ । ପ୍ରଭୁ ବି ଡକାଇଲେ ନାହିଁ । ସତେ ଯେମିତି ବଳିଆ ଦାସ ବୋଲି ଜଣେ ଭକ୍ତକୁ ସେ ଜାଣନ୍ତି ନାହିଁ ।

ବଳରାମ ଦାସ ଧରିନେଲେ ପ୍ରଭୁବୋଧେ ଚାହୁଁଛନ୍ତି ବଳିଆ ଶ୍ରୀକ୍ଷେତ୍ରରେ ବାସ ନକରୁ । ତେବେ ସେ କାହିଁକି ଶ୍ରୀକ୍ଷେତ୍ର ଷୋଳକୋଶ ମଧ୍ୟରେ ବାସ କରିବେ । ଲକ୍ଷ୍ମୀ ଯଦି ତାଙ୍କ ଜିଦ୍‌ରେ ଅଟଳ ତେବେ ସେ ଏତେ ବଡ଼ ପ୍ରଭୁଙ୍କର ଭକ୍ତ ହୋଇ କାହିଁକି ହଟି ଯିବେ । ସେ କ'ଣ ନିଜ ପାଇଁ କି ନିଜ କଥାକୁ ନେଇ ଲକ୍ଷ୍ମୀଙ୍କୁ ଦି'ପଦ ଶୁଣାଇ ଥିଲେ କି ? ଶେଷ ଜୀବନରେ କ୍ଷେତ୍ରଲାଭ ହୋଇପାରିବନି । ସମସ୍ତଙ୍କ ଭାଗ୍ୟରେ କ'ଣ କ୍ଷେତ୍ର ଲାଭ ଅଛି କି ? ଅଚ୍ୟୁତ, ଯଶୋବନ୍ତ ଅନନ୍ତ ପୁଣି କ୍ଷେତ୍ରବାସ କରୁନାହାନ୍ତି । ସେମାନେ କ'ଣ ମୁକ୍ତି ହେବେନି, କେବଳ ସେ କ୍ଷେତ୍ରବାସ କରିଥିଲେ ମୁକ୍ତି ହୋଇଯାଇଥାନ୍ତେ ? ପୁରୀରୁ ନିମାପଡ଼ା ଆସିବା ବାଟରେ ପଡ଼େ ଗୋପ ବୋଲି ସ୍ଥାନଟିଏ । କୁଶଭଦ୍ରା ନଦୀକୂଳ । ସେଇଠି କିଛି ଗାଁଟିଏ, ନା' ତା'ର ଏରବଙ୍ଗ । ଦାସେ ସେଇ ଗାଁକୁ

ଆସି କୁଡିଆଟିଏ ତିଆରି କଲେ । ସେତେବେଳକୁ ତାଙ୍କୁ ବୟସ ଅଧିକ ହୋଇଗଲାଣି । ବଳରାମ ଦାସ ବାବାଜୀଙ୍କ ନା' ଶୁଣି ଗାଁ ଲୋକମାନେ ବହୁତ ସମ୍ମାନ ଦେଲେ । ପାଳିକରି ଲୋକମାନେ ଖାଇବା ପିଇବା ବ୍ୟବସ୍ଥା କରାଇ ଦେଲେ । ଲୋକମାନଙ୍କ ଗହଣରେ ବସି ଦାସେ ଦିନରାତି ଜ୍ଞାନ ଚର୍ଚ୍ଚା କରିବାରେ ଲାଗିଲେ । ଭଜନ କୀର୍ତ୍ତନ ପୂଜାର୍ଚ୍ଚନାରେ ସମୟ କଟିଯାଉଥାଏ । ବେଳେ ବେଳେ ଲେଖନୀ ଧରି କ'ଣସବୁ ତାଳପତ୍ର ଖେଦାରେ ଲେଖୁଥାନ୍ତି ।

ସମୟର ସ୍ରୋତ ବହି ଚାଲିଛି । ସେ ପଞ୍ଚସଖାମାନଙ୍କ ମଧ୍ୟରେ ବଡ଼ । ଏବେ ବୁଢ଼ା ହୋଇଗଲେଣି ମଧ୍ୟ । ହାତ ଗୋଡ଼ ଚଳୁନି । ସେଇଟା ବୋଧେ ତାଙ୍କ ଜୀବନର ଶେଷ ଅବସ୍ଥା । ଦାସେ କାତର ଭାବରେ ପ୍ରଭୁଙ୍କୁ ସ୍ମରଣ କଲେ ବିକଳ ଭାବରେ ଡାକ ପକାଇଲେ - 'ପ୍ରଭୁ ! ବଳିଆର ଭୁଜ ଶ୍ରୀଜଗନ୍ନାଥ ! କାଳିଆ ଠାକୁର ! ଜୀବନରେ ବହୁତ କିଛି ସହିଛି । ବହୁକଥା ଅଙ୍ଗେ ଲିଭାଇଛି । ବହୁତ ଜ୍ଞାନ ଗାରିମା ଓ ଇତିହାସ କଥା ତୁମ ଦୟାରୁ ଲେଖିଗଲି । ଯେଉଁ 'ଲକ୍ଷ୍ମୀପୁରାଣ' ଘରେ ଘରେ ପରିଚିତ ଲକ୍ଷ୍ମୀଙ୍କ ମହିମା ସହିତ ଆପଣଙ୍କର କରୁଣା କଥା ମଧ୍ୟ ଉଲ୍ଲେଖ କରିଛି । ଆଜି ଓଡ଼ିଶାର ପ୍ରତ୍ୟେକ ଚାହାଳୀରେ ପଢ଼ା ଯାଉଥିବା କମଳଲୋଚନ ଚଉତିଶାରେ ଆପଣଙ୍କ କଥା ବର୍ଣ୍ଣନା କରି ଗାଇଛି - 'କମଳଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ରଧାରୀ । ଖଗ ଆସନେ ଖଗପତି, ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।' ଯେଉଁ ଲକ୍ଷ୍ମୀଙ୍କୁ ଏତେ ପ୍ରଶଂସା କରିଥିଲି, ସେହି ଲକ୍ଷ୍ମୀଙ୍କ ଅଭିଶାପରୁ ଆଜି ଅପନ୍ତରାରେ ପଡ଼ିଛି । ବାଟରେ ପଡ଼ି ମରୁଛି । ଲକ୍ଷ୍ମୀ କହିଥିଲେ କ୍ଷେତ୍ର ଲାଭ ହେବନି । ବାଟରେ ପଡ଼ି ମରିବୁ । ସତରେ ତାହା ଘଟିବାକୁ ଯାଉଛି । ମୁଁ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ଥରେ ମାତ୍ର ଏଇ ଚର୍ମ ନେତ୍ରରେ ତୁମକୁ ଦର୍ଶନ କରିବାକୁ ଚାହୁଁଛି । ମୋତେ ସେତିକି କୃପା କରନ୍ତୁ ।

ଶ୍ରୀନୀଳ କନ୍ଦରରେ ଥାଇ ବଳିଆ ଦାସର ବିକଳ କ୍ରନ୍ଦନ ପ୍ରଭୁ ଜଗନ୍ନାଥ ଶୁଣି ପାରିଲେ । ସେ ଭାବଗ୍ରାହୀ । ଭକ୍ତର ବିକଳ ପ୍ରାର୍ଥନା ନ ଶୁଣନ୍ତେ ବା କିପରି ? ଗରୁଡ଼କୁ ଡାକି କହିଲେ ଏରବଙ୍ଗ ଯିବା ପାଇଁ । ଏଇ ସମୟରେ ମହାଲକ୍ଷ୍ମୀ ଆସି ପହଁଚି ଗଲେ । କହିଲେ ପ୍ରଭୁ ! କେଉଁ ଆଡ଼େ ଯିବା ପାଇଁ ବାହାରିଛନ୍ତି କି ?

'ବଳରାମ ଦାସର ମର୍ତ୍ତ୍ୟ ରହଣୀ ସରି ସରି ଆସୁଛି । ସେ ଅସୁସ୍ଥ ତାକୁ ମୁକ୍ତି ଦେବାକୁ ହେବ । ମୁଁ ତା' ନିକଟକୁ ଯାଉଛି ' - ପ୍ରଭୁ ବ୍ୟସ୍ତ ମନ ନେଇ ଉତ୍ତର ଦେଲେ ।

- 'ତେବେ ଅପେକ୍ଷା କରନ୍ତୁ ମୁଁ ଆପଣଙ୍କ ସହିତ ଯିବି ।'
- 'କାହିଁକି ଅଭିଶାପ କେମିତି କାମ ଦେଇଛି ତା' ପରଖିବା ପାଇଁ ?'
- 'ନା ନା ମା' ମନରେ ସେମିତି କିଛି ନଥାଏ । ମା' ଗାଳି ଦାଣ୍ଡ ଧୂଳି । ଅଝଟିଆଟା କ'ଣ ପଦେ କହି ଦେଇଥିଲା ବୋଲି ତା' କଥା କ'ଣ ମୁଁ ଧରି ବସିଛି । ସେ କ୍ଷମା ମାଗିବାକୁ ମୋ' ପାଖକୁ ଆସିଲାନି ବୋଲି ଏ ଶେଷ ବେଳାରେ ମୁଁ କେମିତି ତାକୁ ଦେଖା ନଦେଇ ରହିବି । ଲୋକେ କ'ଣ କହିବେ । ମା'ର ମହତ୍ତ୍ୱ କ'ଣ ରହିବ ?

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ବଳରାମ ଦାସଙ୍କ କୁଡ଼ିଆରେ ପ୍ରବେଶ କଲେ । କୁଟୀରଟି ଦିବ୍ୟ ଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଲା । ଦାସେ ଶେଜରେ ଶୋଇ ସାମାନ୍ୟ ଆଖି ଖୋଲି ଚାହିଁଲେ । ଦେଖିଲେ ଗରୁଡ଼ ପୃଷ୍ଠରେ ଶଙ୍ଖ ଚକ୍ରଧାରୀ ପ୍ରଭୁ ଜଗନ୍ନାଥ ଆଉ କୋଳରେ ମା' ମହାଲକ୍ଷ୍ମୀ । କମଳନୟନୀ କମଳା କରୁଣା ଦୃଷ୍ଟିରେ ତାଙ୍କୁ ଚାହିଁଛନ୍ତି । ଦାସେ କାରୁଣ୍ୟ ହସି ହସି କହିଲେ - 'କିଲୋ କାଣୀ, ଏବେ କ'ଣ ହେଲା ?'

ଲକ୍ଷ୍ମୀ ଉତ୍ତର ଦେଲେ - 'କ'ଣ ହେଲା, ଏ କ'ଣ କ୍ଷେତ୍ର କି ?'

ଦାସେ କହିଲେ - 'କିଲୋ, କ୍ଷେତ୍ର ଆଉ କାହାକୁ କୁହନ୍ତି ? ତୁମେ ଘଇତା ମାଇପ ତ ଯେଉଁଠି, କ୍ଷେତ୍ର ତ ସେଇଠି, ଆଉ କ୍ଷେତ୍ର ଅଇଲା କେଉଁଠି ?

ମହାଲକ୍ଷ୍ମୀ ଏବେ ନିରୁତ୍ତର । ସାମାନ୍ୟ ହସି ଦେଲେ । ଆଉ ଭାବିଲେ ବଳିଆ ମୋ' ପାଇଁ କ'ଣ ନକରିଛି । ଲକ୍ଷ୍ମୀପୁରାଣ ଲେଖି ମୋ' ମହିମା ପ୍ରଚାର କରିଛି । ନାରୀ ଜାତିକୁ ନ୍ୟାଯ୍ୟ ଅଧିକାର ଦେବା ପାଇଁ ବିପ୍ଳବ ସୃଷ୍ଟି କରିଛି । ପ୍ରଭୁଙ୍କୁ ନ୍ୟୂନକରି ନାରୀ ଜାତିର ପ୍ରତିନିଧି ରୂପେ ମୋତେ ଠିଆ କରାଇ ମୋର ବଡ଼ିମା ଗାଇଛି । ମୋ' ପାଇଁ ଯୁକ୍ତି ବାଢ଼ିଛି । ନାରୀ ଜାତିର ଶୃଙ୍ଖଳା ପାଇଁ ବ୍ରତ ବିଧାନ ଓ ନିୟମ ସୃଷ୍ଟି କରିଛି । ସୁଦଶାବ୍ରତ ତାର ଭିଆଣ । ମହାକ୍ରୋଧୀ ମୋ ଦେଢ଼ଶୁରଙ୍କ ମୁହଁରେ କୁହାଇଛି - 'ଆହୁରି କଥାଏ ଶୁଣ ଜଗନ୍ନାଥ ଭାଇ । ଲକ୍ଷ୍ମୀ ବଡ଼ ବୋଲି ଏବେ ଜାଣିଲଇଁ ।' ପୁଣି ଦାସେ ଲେଖିଛନ୍ତି - 'ଏ ପୁରାଣ ପଢ଼ିଲେ ସର୍ବ ସିଦ୍ଧି ହୁଏ । ସୂର୍ଯ୍ୟୋଦୟ ତମସମ ପାପକ୍ଷୟ ଯାଏ । ଏ ପୁରାଣ ଅଟଇ ମୁକତିର ପଥ । ଭାବେ ବଳରାମ ଦାସ ଏ ଗୀତେ ଗାଇଲା ... ।' ତେବେ ମୋର ପ୍ରିୟ ପୁତ୍ର ବଳରାମ ମୁକ୍ତି ପଥରେ ଯାଉ । ବୈକୁଣ୍ଠ ପ୍ରାପ୍ତି ହେଉ । ମୁଁ ମାଆ ହୋଇ ତାକୁ କ୍ଷମା ଦେବି । ସତରେ ଆମେ ଲକ୍ଷ୍ମୀ ନାରାୟଣ ଯେଉଁଠି ସେଇତ ବୈକୁଣ୍ଠ ସେଇତ ଶ୍ରୀକ୍ଷେତ୍ର । ବଳିଆକୁ କ୍ଷେତ୍ର ପ୍ରାପ୍ତି ହେଉ ।

ମହାଲକ୍ଷ୍ମୀ ବଳରାମ ଦାସଙ୍କ ମୁଣ୍ଡକୁ ଧୀରେ ଧୀରେ ଆଉଁସି ଦେଉ ଦେଉ କହିଲେ - 'ବଳିଆ ତୋତେ ଶ୍ରୀକ୍ଷେତ୍ର ପ୍ରାପ୍ତ ହେଉ । ତୋ' ପାଇଁ ଏଇ ଏରବଙ୍ଗ ଦ୍ୱିତୀୟ ଶ୍ରୀକ୍ଷେତ୍ର ହେଲା ।' ଦାସେ ଅଳ୍ପ ହସି ଲକ୍ଷ୍ମୀ ନାରାୟଣଙ୍କୁ ହାତ ଯୋଡ଼ି ପ୍ରଣାମ କରୁ କରୁ ଶେଷ ନିଶ୍ୱାସ ତ୍ୟାଗ କଲେ । ସେତେବେଳକୁ ପଶ୍ଚିମ ଆକାଶରେ ସନ୍ଧ୍ୟା ନଇଁ ଆସୁଥିଲା । ଧନ୍ୟ ଭକ୍ତ, ଧନ୍ୟ ଭଗବାନ ।

ସଂପାଦକ
ପୁରାଣ ପତ୍ରିକା, ନିଆଳୀ, କଟକ



# ଶ୍ରୀପୁରୁଷୋତ୍ତମ ପୀଠର ମଠ ଆଶ୍ରମ ସଂସ୍କୃତି

ପ୍ରଫେସର ଜଗନ୍ନାଥ ମହାନ୍ତି

**ଶ୍ରୀ**ଜଗନ୍ନାଥ ଧାମ ପ୍ରାଚୀନ କାଳରୁ ଶ୍ରୀକ୍ଷେତ୍ର, ଶ୍ରୀପୁରୁଷୋତ୍ତମ ଧାମ, ଶଙ୍ଖକ୍ଷେତ୍ର ଆଦି ନାମରେ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ । ଏହାର ମହିମା ସମଗ୍ର ଆର୍ଯ୍ୟାବର୍ତ୍ତ ତଥା ଭାରତବର୍ଷରେ ପ୍ରଖ୍ୟାତ । ତେଣୁ କହାଯାଇଛି -

‘ଭାରତ ସରସେ ଉତ୍କଳ କମଳ<br>ତା’ ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।’

ଏହି ପବିତ୍ର ନୀଳାଚଳ ଧାମ ଏକ ପୁଣ୍ୟପୀଠ, ତୀର୍ଥକ୍ଷେତ୍ର ନାମରେ ପୁରାଣ ଶାସ୍ତ୍ରରେ କୀର୍ତ୍ତିତ ହୋଇ ନୀଳକନ୍ଦରରେ ବିରାଜିତ ହୋଇଛନ୍ତି ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ । ଚତୁର୍ଦ୍ଧାମୂର୍ତ୍ତି ଭାବରେ ସେମାନେ ଏଠାରେ ପୂଜିତ ସମସ୍ତଙ୍କ ଦ୍ୱାରା ସ୍ୱର୍ଗର ଦେବତାଙ୍କଠାରୁ ନର କିନ୍ନର ଯାଏ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବହୁ ସାଧୁସନ୍ଥ, ବିଦ୍ୱାନ, ପଣ୍ଡିତଙ୍କୁ ଆକୃଷ୍ଟ କରିଛି । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଆଦି ସଂପ୍ରଦାୟର ମହାତ୍ମା ସାଧୁସନ୍ଥଗଣ ଏଠାର ଆଧ୍ୟାତ୍ମିକ ଆକର୍ଷଣରେ ଆକୃଷ୍ଟ ହୋଇ ସମବେତ ହୁଅନ୍ତି । ସେମାନଙ୍କ ସମାବେଶରେ ଶ୍ରୀକ୍ଷେତ୍ର ହେଉଛି ପବିତ୍ର ଏବଂ ସେମାନଙ୍କ ଜୟଗାନରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରତିଧ୍ୱନିତ । ଏଠାକୁ ଆସିଥିଲେ ଆଦି ଶଙ୍କରାଚାର୍ଯ୍ୟ, ନିମ୍ବାର୍କ, ରାମାନୁଜ, ମଧ୍ୱାଚାର୍ଯ୍ୟ, ଶ୍ରୀଚୈତନ୍ୟ, କବୀର, ନାନକ ପ୍ରମୁଖ ସାଧୁସନ୍ଥ । ସେମାନଙ୍କ ସ୍ମାରକୀ ରୂପେ ଏଠାରେ କାଳକ୍ରମେ ଗଢ଼ି ଉଠିଛି କେତେକ ଆଶ୍ରମ । ସେମାନଙ୍କ ସାମୟିକ ରହଣି ଶିଷ୍ୟ ପ୍ରଶିଷ୍ୟମାନଙ୍କ ଅବସ୍ଥାନ, ସେସବୁ ଧର୍ମ ମତର ପ୍ରଚାର ଓ ପ୍ରସାର ନିମିତ୍ତ ଏଠାରେ ଗଢ଼ି ଉଠିଲା ବହୁ ଆଶ୍ରମ, ମଠମନ୍ଦିର ।

ସାଧୁସନ୍ଥମାନଙ୍କ ସ୍ୱକୀୟ କାର୍ଯ୍ୟକଳାପ ବ୍ୟତୀତ ଏହି ମଠ ମନ୍ଦିର ଓ ଆଶ୍ରମମାନ ଶ୍ରୀଜଗନ୍ନାଥଙ୍କ ଲୀଳା, ପୂଜାପାର୍ବଣ, ଯାନିଯାତ୍ରା, ଏମିତିକି ଦୈନନ୍ଦିନ ନୀତିନିୟମ ସହିତ ସଂପୃକ୍ତ ଓ ଅନୁବନ୍ଧିତ ହେଲେ । ସେମାନଙ୍କ ମଧ୍ୟରୁ ଅନେକ ମଠ ଓ ଆଶ୍ରମ ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କ ସହିତ ଘନିଷ୍ଠ ଭାବରେ ସଂଶ୍ଲିଷ୍ଟ ହୋଇ ସେମାନଙ୍କ ଦର୍ଶନ, ଭଜନ, କୀର୍ତ୍ତନ ଉପାସନା, ପର୍ବପର୍ବାଣି ପାଳନରେ କେବଳ ଯୋଗଦାନ କରନ୍ତି ନାହିଁ, ସେମାନେ ସେଥିପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଗ୍ରହଣକୁ ନିଜ ନିଜର ସୌଭାଗ୍ୟ ମନେ କଲେ । ଏହିସବୁ ଦାୟିତ୍ୱ କାଳକ୍ରମେ ପାରମ୍ପରିକ ରୀତିନୀତିରେ ପରିଣତ ହେଲା । ସାଧୁସନ୍ଥଙ୍କ ବ୍ୟତୀତ ଦେଶର ବହୁ ରାଜା ମହାରାଜା, ଧନୀ ଜମିଦାର ଶ୍ରୀକ୍ଷେତ୍ରରେ ନିଜ ନିଜର ବସତି ‘କୋଠି’, ଆଶ୍ରମ, ମଠ, ମନ୍ଦିର ସ୍ଥାପନ କରିବାକୁ ପରମ ଗୌରବ ବୋଲି ବିଚାର କଲେ । ସେମାନେ ମଧ୍ୟ ଶ୍ରୀମନ୍ଦିର ପୂଜାପାର୍ବଣରେ ଭାଗ ନେବା ପାଇଁ ପ୍ରଚୁର ଜମିବାଡ଼ି, ଗ୍ରାମ ଶାସନ ଆଦି ଖଞ୍ଜି ଦେଲେ । ମଠ ମନ୍ଦିର ଓ ଆଶ୍ରମମାନ କ୍ରମେ ସଂପୃକ୍ତ ସଂପ୍ରଦାୟର ଦେବଦେବୀଙ୍କ ଦୈନନ୍ଦିନ ପୂଜାପାର୍ବଣ ସହିତ ଶ୍ରୀଜଗନ୍ନାଥଙ୍କ କେତେକ ଉପାସନା, ଯାନିଯାତ୍ରା ଓ ଭୋଗ, ‘ବେଶ’ ଇତ୍ୟାଦିର ଦାୟିତ୍ୱ ସଂପାଦନ କଲେ । କାଳକ୍ରମେ ପୁରୀରେ ମଠମନ୍ଦିର ଏକ ସ୍ୱତନ୍ତ୍ର ସଂସ୍କୃତିରେ ପରିଣତ ହେଲା ।

ମଠମନ୍ଦିର ଓ ଆଶ୍ରମର ସଂଖ୍ୟା ପୁରୀରେ ଶତାଧିକ ହେଲା । ସେଗୁଡ଼ିକ ମଧ୍ୟରେ ମଙ୍ଗୁମଠ, ରାଧାବଲ୍ଲଭ ମଠ, ଏମାର ମଠ, ଶ୍ୟାମକୁଞ୍ଜ ମଠ, ରାଘବ ଦାସ ମଠ, ଗୋବର୍ଦ୍ଧନ ମଠ, ତ୍ରିମାଳୀ ମଠ, ଶଙ୍କରାନନ୍ଦ ମଠ, ବଡ଼ସନ୍ଥ ମଠ, ସାନସନ୍ଥ ମଠ, ଜଗନ୍ନାଥ ବଲ୍ଲଭ ମଠ, ଉତ୍ତରପାର୍ଶ୍ୱ ମଠ, ଦକ୍ଷିଣପାର୍ଶ୍ୱ ମଠ ଆଦି ଅଧିକ ପ୍ରସିଦ୍ଧ । ଭୃଗୁ ଆଶ୍ରମ, ଅଙ୍ଗୀରା ମଠ, ରାମଦାସ ମଠ, ପଣ୍ଡୁ ଆଶ୍ରମ ମଠ, ଗିରିସ୍ୱାମୀ ମଠ, କବୀର ମଠ ପରାଶର ମଠ ଆଦି କେତେ ମହାତ୍ମା ତଥା ମୁନିଋଷିଙ୍କ ପବିତ୍ର ସ୍ମୃତି ବହନ କରିଛି । ସେମିତି ଟିକିଟି ମଠ ଜୟପୁର ମଠ, କେନ୍ଦୁଝର ମଠ, ଘୁମୁସର ମଠ, ଦର୍ପଣୀ ମଠ ଆଦି ରାଜା ଜମିଦାରଙ୍କ ଦ୍ୱାରା ପ୍ରତିଷ୍ଠିତ । ଗୋଟିଏ ବିବରଣୀରୁ ସ୍ପଷ୍ଟ ହୋଇଛି ଯେ ସନ୍ନ୍ୟାସୀମାନଙ୍କ ସ୍ଥାପିତ ମଠ, ସଂଖ୍ୟା ହେଲା ୫୨, ଆନ୍ଧ୍ରମଠ ସଂଖ୍ୟା ୧୨, ଦ୍ରାବିଡ଼ ମଠ ସଂଖ୍ୟା ୧୮, ମହାରାଷ୍ଟ୍ର ମଠ ସଂଖ୍ୟା ୮, କନୌଜ ମଠ ସଂଖ୍ୟା ୫, ଏକାଦଶୀ ମଠ ସଂଖ୍ୟା ୩, ଓଡ଼ିଆ ମଠ ସଂଖ୍ୟା ୧୪, ଗୌଡୀୟ ମଠ ସଂଖ୍ୟା ୫, ମନୋଦଣ୍ଡୀ ମଠ ସଂଖ୍ୟା ୧୫, ତ୍ରିଦଣ୍ଡୀ ମଠ ସଂଖ୍ୟା ୩ । ମଠମୁଖ୍ୟଙ୍କୁ ମହନ୍ତ ବା ମଠାଧୀଶ କହନ୍ତି ଏବଂ ବରିଷ୍ଠ ଶିଷ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରାଯାଇ ଆବଶ୍ୟକ ପଡ଼ିଲେ ଗାଦିନସୀନ କରନ୍ତି । ସଂଯମ, ଶୃଙ୍ଖଳା ଓ ସଦାଚାର

ଥିଲା ମଠ ଜୀବନଚର୍ଯ୍ୟାର ମୂଳମନ୍ତ୍ର । ଆଧାତ୍ମିକ ଚିନ୍ତନ, ଭକ୍ତିନିଷ୍ଠ ଉପାସନା, କୃଚ୍ଛ୍ରସାଧନ ଓ ସଂଯତ ଜୀବନଧାରଣ ଥିଲା ମଠାଧୀଶମାନଙ୍କଠାରୁ ଆରମ୍ଭ କରି ମଠର ସମସ୍ତ ଅନ୍ତେବାସୀ ପର୍ଯ୍ୟନ୍ତ । ମଠ ଆଶ୍ରମ ଥିଲା ଏକ ସାଂସ୍କୃତିକ ପୀଠ, ସେବାସ୍ଥଳ ଓ ଶିକ୍ଷା କେନ୍ଦ୍ର । ମଠମନ୍ଦିରଗୁଡ଼ିକ ବିଭିନ୍ନ ଯାନିଯାତ୍ରା ସଂଗଠନ କରାଯାଉଥିଲା, ବିଭିନ୍ନ ସେବାକାର୍ଯ୍ୟରେ ସେମାନେ ପ୍ରବୃତ୍ତ ଥିଲେ । କେତେକ ମଠ ଆଶ୍ରମରେ ସଂସ୍କୃତ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିଲା ଏବଂ ଦରିଦ୍ର ଛାତ୍ରଛାତ୍ରୀମାନଙ୍କ ରହଣି ଓ ଅନ୍ନସଂସ୍ଥାନର ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ମଠ ତରଫରୁ ସାଧୁସନ୍ନାସୀ, ତୀର୍ଥଯାତ୍ରୀ, ଭିକ୍ଷୁକମାନଙ୍କୁ ପ୍ରତିଦିନ ମହାପ୍ରସାଦ ବଣ୍ଟନ କରିଥାନ୍ତି । ପୂର୍ବେ ବହୁ ମଠାଧୀଶଙ୍କୁ ନିମନ୍ତ୍ରଣ କରି ଗଜପତି ରାଜା ଶ୍ରୀମନ୍ଦିର ପୂଜା, ପର୍ବପର୍ବାଣି ସଂପର୍କରେ ପରାମର୍ଶ କରୁଥିଲେ ।

ସାଧୁସନ୍ଥ ଓ ମହାତ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକ ଶ୍ରୀଜୀଉମାନଙ୍କର ସେବାପୂଜାରେ ଭାଗ ନେଇ ଧନୀ ହୁଅନ୍ତି । ଦୃଷ୍ଟାନ୍ତ ସ୍ୱରୂପ ପୁରୀର ବୃହତ୍ତମ ମଠ ଏମାର ମଠ ଦ୍ୱାଦଶ ଶତାବ୍ଦୀର ବିଖ୍ୟାତ ଦାର୍ଶନିକ ରାମାନୁଜଙ୍କ ଦ୍ୱାରା ସ୍ଥାପିତ ହୋଇ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ସକ୍ରିୟ ଯୋଗଦାନ କରିଥାନ୍ତି । ସେସମୟରେ ମଧ ରାଘବ ଦାସ ମଠ ତରଫରୁ ଜୀଉମାନଙ୍କ ମନୋରମ ଟାହିଆମାନ ପ୍ରସ୍ତୁତ କରାଇ ଯୋଗାଇଥାନ୍ତି । ଆଦି ଶଙ୍କରାଚାର୍ଯ୍ୟଙ୍କ ସ୍ଥାପିତ ଗୋବର୍ଦ୍ଧନ ମଠ ଆବଶ୍ୟକ ତୁଳସୀମାନ ଶ୍ରୀଜୀଉମାନଙ୍କ ପାଇଁ ଯୋଗାଇଥାନ୍ତି । ପ୍ରାୟ ପ୍ରତ୍ୟେକ ମଠ ଜୀଉମାନଙ୍କ ଉପାସନା ଓ ବେଶ ପ୍ରସାଦ ଆଦି ପାଇଁ ନିଜ ନିଜର କର୍ତ୍ତବ୍ୟ କରିଥାନ୍ତି । ଉଦାହରଣ ସ୍ୱରୂପ, ଉତ୍ତରପାର୍ଶ୍ୱ ମଠ ସୁସ୍ୱାଦ ମିଷ୍ଟାନ୍ନ ସମର୍ପଣ କରିଥାନ୍ତି । ଜୀଉମାନଙ୍କରେ ଶୃଙ୍ଗାର ଓ ସାଜସଜ୍ଜା ପାଇଁ ପ୍ରଚୁର ତୁଳସୀ, ଦୟଣା, ପୁଷ୍ପାଦି ମଠମାନେ ଯୋଗାଇଥାନ୍ତି । ଝାଞ୍ଜପିଟା ମଠ ତରଫରୁ ପ୍ରତିଦିନ ପ୍ରଭାତରୁ ବିଭିନ୍ନ ବାଦ୍ୟବାଦନ କରି ଜୀଉମାନଙ୍କୁ ଜାଗ୍ରତ କରିଥାନ୍ତି । ଝାଡୁମଠ ସେମିତି ପ୍ରତିଦିନ ମନ୍ଦିର ପରିସର ପରିଷ୍କାର କରନ୍ତି । ଏହିପରି ମଠ ସଂସ୍କୃତି ଆଧାତ୍ମିକ, ସାମାଜିକ ଓ ଶୈକ୍ଷିକ କାର୍ଯ୍ୟ କଳାପରେ ଋଦ୍ଧିମନ୍ତ ହୋଇଥିଲା ।

କାଳକ୍ରମେ ମଠ ଆଶ୍ରମଗୁଡ଼ିକରେ ଦୁର୍ନୀତି ଓ ଅପସଂସ୍କୃତି ଅନୁପ୍ରବିଷ୍ଟ ହେଲା । ଦେବୋତ୍ତର ବିଭାଗଗୁଡ଼ିକର ପରିଚାଳନା ଦାୟିତ୍ୱ ଗ୍ରହଣ କରି ମଧ ଆଶାନୁରୂପ ସଂସ୍କାର ଆଣିପାରିନାହିଁ । ମଠ ଆଶ୍ରମଗୁଡ଼ିକର ବହୁ ଭୂସଂପତ୍ତି ଅନେକ ସ୍ୱାର୍ଥପର କୃଷକ ଓ ଭାଗୀଦାରମାନଙ୍କ ଦ୍ୱାରା ଆତ୍ମସାତ୍ ହେଉଛି । ଏବେ ମଧ ଆବଶ୍ୟକ ଆୟ ଅଭାବରୁ ମନ୍ଦିର ମଠଗୁଡ଼ିକର ପରିଚାଳନା ପୂଜାପାର୍ବଣରେ ବାଧା ସୃଷ୍ଟି ହେଉଛି । ଶ୍ରୀମନ୍ଦିର ପ୍ରତି ନିଜର ପାରମ୍ପରିକ କର୍ତ୍ତବ୍ୟ ସଂପାଦନରେ ସେମାନେ ଅସମର୍ଥ ହେଉଛନ୍ତି । ବିଭିନ୍ନ ମଠ ଓ ଆଶ୍ରମରେ ଚଳି ଆସୁଥିବା ସେବା ଓ ଶିକ୍ଷା ସଂପର୍କୀୟ କାର୍ଯ୍ୟ ମଧ ସଂପାଦିତ ହୋଇପାରୁନାହିଁ । ଫଳରେ ଦରିଦ୍ର ରୁଗ୍ଣ ଓ ଅନାଥ ପିଲାଙ୍କୁ ଯେଉଁ ଅନ୍ନଦାନ ହେଉଥିଲା ବନ୍ଦ ହୋଇଗଲାଣି । ଅଥଚ ମଠ ଆଶ୍ରମରେ ମୂଲ୍ୟବାନ ସଂପତ୍ତି ତୋଷରପାତ ହେଉଛି । ସୁତରାଂ ସରକାର ଦୃଢ଼ ପଦକ୍ଷେପ ନେଇ ଦେବୋତ୍ତର ବିଭାଗକୁ ଦୃଢ଼, ସ୍ୱଚ୍ଛ ଓ ସକ୍ରିୟ କରିବା ସହିତ ରାଜସ୍ୱ ଓ ଭିଜିଲାନ୍ସ ବିଭାଗକୁ ଏଥିପ୍ରତି ଯତ୍ନବାନ୍ କରାଇବା ଉଚିତ ।

୨୯୩୫
ଗୌରୀନଗର, ଭୁବନେଶ୍ୱର

# ସେ ରଥ ହେଉ ପୁଣ୍ୟର

ବିମଳା ସିଂହ

ବଡ଼ ଦେଉଳରେ ପୂଜା ପାଉବୋଲି
ନାଆଁଟୋ' ବଡ଼ ଠାକୁର,
ହାତ ପାଦ ନାହିଁ ପଲକ ପଡ଼େନି
ଏକି ତୋ'ର ଅବତାର ! ॥ ୦ ॥
ବଡ଼ଦାଣ୍ଡ ଦିଅଁ ଚତୁର୍ଦ୍ଧା ମୁରତି
ବଳିଆ ଭାଇଙ୍କୁ ନେଇ
ଭଉଣୀ ସୁଭଦ୍ରା ଗେଲବସରିଆ
ସଙ୍ଗେ ରଥେଯାଉ କିପାଇଁ ?
କହିବାକୁ ଥରେ ମଉନ ଗୋସାଇଁ
କି ହୁନ୍ଦର ଏ ତୋ'ର
ବଡ଼ ଦେଉଳରେ ... ॥ ୧ ॥
ପାପ ନାଶ ପାଇଁ ରୂପ ବଦଳାଉ
ଯୁଗ ଯୁଗ ପାଇଁ ତୁହି,
ନିତି ଅଘଟଣ ଘଟେ ତୋ' ଦେଉଳେ
ଜାଣିକି ରହିଛୁ ଶୋଇ,
ମାନ ତେଜିବାରେ ଉଠ ମହାପ୍ରଭୁ
କଳୁଷ କରତୁ ଦୂର
ବଡ଼ ଦେଉଳରେ ... ॥ ୨ ॥

ଦାସୀଆ ବାଉରୀ ଭକ୍ତ ସାଲବେଗ
ସଖା ତୋ' ବିଦୁର ଥିଲେ,
ମହାଭକତଙ୍କ ଡାକ ତୁ ଶୁଣିଲେ
ଦେଖା ଦେଉଥିଲୁ ହେଲେ,
କଳିଯୁଗରେ କି ଦୟାର ପସରା
ଶୂନ୍ୟ ତୋ'ର ହୃଦୟର
ବଡ଼ ଦେଉଳରେ ... ॥ ୩ ॥
ମୁଁ ଯେ ଚିରଦାସୀ ଅଟଇ ତୁମ୍ଭର
ଲୀଳାମୟ ହେ ଗୋସାଇଁ
ଦରଶନ ଦିଅ ମିନତୀ କରୁଛି
ପାପ ନାଶ ହେବା ପାଇଁ
ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠା କର ହେ
ସେ ରଥ ହେଉ ପୁଣ୍ୟର
ବଡ଼ ଦେଉଳରେ ... ॥ ୪ ॥

ଶିକ୍ଷୟିତ୍ରୀ
ଭ୍ରମରବର ବିଦ୍ୟାପୀଠ, ଟମାଣ୍ଡୋ, ଖୋର୍ଦ୍ଧା



# ମୋର ହୃଦୟ ଭକ୍ତଜନ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

'ଅହର୍ନିଶଂ ମେ ତବପାଦପଦ୍ମାନ୍ନାପୈତୁ ମତ୍‌ପ୍ରାର୍ଥିତମେତଦେବ ।
ତ୍ୱାଂ ସଚ୍ଚିଦାନନ୍ଦସୁପୂର୍ଣ୍ଣସିନ୍ଧୁଂ ପ୍ରାପ୍ତାସ୍ତୁ ଯେ ଜନ୍ମ ସହସ୍ରଭାଗୈଃ ।
କିଂ ତେ ହି ପଶ୍ୟନ୍ତି ଲବୈକସୌଖ୍ୟମନେକଦୁଃଖଂ ବିଷୟେନ୍ଦ୍ରଜାଲମ୍ ॥'
(ପୁରୁଷୋତ୍ତମ ମହାତ୍ମ୍ୟ - ୨୧/୧୪,୧୫)

**ହେ** ମହାପ୍ରଭୋ ! ଆପଣଙ୍କର ଅଭୟ ପାଦପଦ୍ମରେ ମୋର ଏହି ପାପୀୟସୀ ବୁଦ୍ଧି ସର୍ବଦା ଯେପରି ଲୀନ ରହୁ ଏବଂ କେବେହେଲେ ତହିଁରୁ ବିଚ୍ୟୁତ ନ ହେଉ, ଏତିକି ମାତ୍ର ମୋର ଅନ୍ତିମ ପ୍ରାର୍ଥନା । ଯେଉଁମାନେ ସହସ୍ର ଜନ୍ମ ସଂଚିତ ସୌଭାଗ୍ୟ ବଳରେ ସଚ୍ଚିଦାନନ୍ଦ ସାଗରରୂପୀ ଆପଣଙ୍କୁ ପ୍ରାପ୍ତ ହୋଇ ଅଛନ୍ତି, ସେମାନେ ସାମାନ୍ୟ ସୁଖଯୁକ୍ତ କେବଳ ଦୁଃଖମୟ ବିଷରୂପ ଇନ୍ଦ୍ରଜାଲ ଦିଗରେ ଦୃଷ୍ଟିପାତ କରନ୍ତି ନାହିଁ ।

ଆଜି ପୁଷ୍ୟାନକ୍ଷତ୍ରଯୁକ୍ତ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି । ଆଦ୍ୟ ଆଷାଢ଼ର ପହିଲି ସ୍ପର୍ଶରେ ଧରିତ୍ରୀ ଆଜି ଶାନ୍ତ ସ୍ନିଗ୍ଧ ଓ କମନୀୟ । ଏହି ମନୋରମ ପରିବେଶ ମଧ୍ୟରେ ଜଗତର ନାଥ ଜଗନ୍ନାଥ, ଯାହାଙ୍କର ଦାଣ୍ଡ ବଡ଼ଦାଣ୍ଡ, ଯାହାଙ୍କର ନେତ ପତିତପାବନ ନେତ, ସେହି ନୀଳାଦ୍ରିବିହାରୀ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

ପାଟ ପୀତାମ୍ବର ପରିହିତ, ଅଳଙ୍କାର ବିମଣ୍ଡିତ, ଚନ୍ଦନ ଚର୍ଚ୍ଚିତ, ପତ୍ରପୁଷ୍ପ ବିଭୂଷିତ ଶ୍ରୀଜଗନ୍ନାଥ ଆଜି ରତ୍ନସିଂହାସନ ଛାଡ଼ି ସିଂହଦ୍ୱାର ସମ୍ମୁଖରେ ଥିବା ରଥରେ ଅଳ୍ପ ସମୟ ମଧ୍ୟରେ ବିଜେ କରିବେ । ଦୟଣା ତୁଳସୀ ମାଳରେ ରଥ ମହମହ ହୋଇ ବାସୁଛି, ଝାଞ୍ଜ, କରତାଳ, ମହୁରୀ, ମର୍ଦ୍ଦଳ, ଗିନି, ମୃଦଙ୍ଗ, ଘଣ୍ଟ, ଶଙ୍ଖ, ଖୋଳ, ଖଞ୍ଜଣି, କାଠି, ଲାଠି, ନୃତ୍ୟ, ବାଦ୍ୟ, ସଙ୍ଗୀତରେ ବଡ଼ଦାଣ୍ଡ ପଡୁଛି ଓ ଉଠୁଛି । ବେଳକୁ ବେଳ ଜନସଂଖ୍ୟା ବଢ଼ିବାରେ ଲାଗିଛି । ସମସ୍ତଙ୍କ ମନ ଆଜି ଉଦ୍‌ବେଳିତ, ଏକମାତ୍ର କାମନା ରଥରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରି ନିଜର ପିପାସା ମେଣ୍ଟାଇବେ ।

'ରଥସ୍ଥଂ ଚ ଜଗନ୍ନାଥଂ ପ୍ରୟାଣଂ ଗୁଣ୍ଡିଚା ଗୃହମ୍
ଯେ ପଶ୍ୟନ୍ତି ନରଶ୍ରେଷ୍ଠା ସ୍ତେ ଧନ୍ୟା ଭୁବନତ୍ରୟେ ।'

ରତ୍ନ ସିଂହାସନରୁ ଟାହିଆ ହଲାଇ ମନୋରମ ଭଙ୍ଗୀରେ ଢଳି ଢଳି ଆସୁଛନ୍ତି ଅଖିଳ ବ୍ରହ୍ମାଣ୍ଡପତି ଶ୍ରୀଜଗନ୍ନାଥ । ମହାପ୍ରଭୁ ସ୍ନାନଯାତ୍ରା ଦିନ ୧୦୮ ଗରାପାଣିରେ ସ୍ନାନ କରିଥିଲେ । ମଣିଷ ପରି ଠାକୁରଙ୍କୁ କୁଆଡ଼େ ଜ୍ୱର ହୋଇଥିଲା । ପ୍ରାୟ ୧୫ ଦିନ ଅଣସର ଘରେ ରହି ପଥ୍ୟପାଚନ ସେବନ କଲାପରେ ଠାକୁରେ ଆଜି ସୁସ୍ଥ ହୋଇ ଭକ୍ତଜନଙ୍କ ଭାବ ଡୋରିରେ ବନ୍ଧାହୋଇ ବାହାରିଛନ୍ତି ଅଗଣିତ ଜନତାଙ୍କୁ ଦର୍ଶନ ଦେବା ପାଇଁ ।

ଏହି ଯାତ୍ରାର ଅନ୍ୟ ନାମ ହେଉଛି ଘୋଷଯାତ୍ରା । ମାଉସୀ ମା' ମନ୍ଦିର ବାଟ ଦେଇ ରଥ ଶରଧାବାଲି ନିକଟସ୍ଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବ । ଏହି ପ୍ରସଙ୍ଗରେ ଗୋଟିଏ କଥା ମନେପଡୁଛି । ଆଜି ଭଳି ସେଦିନ ମଧ୍ୟ ଥିଲା ରଥଯାତ୍ରା । ତରୁଣ ବୟସରେ ଓ ଭକ୍ତି ଜନିତ ଉତ୍ସାହରେ ମାତି ଉଠି କବି ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ରଥ ଚଢ଼ିବାକୁ ପ୍ରୟାସ କରିଥିଲେ । କିନ୍ତୁ ସମବେତ ବିରାଟ ଜନତାଙ୍କ ସମ୍ମୁଖରେ ସେ ପ୍ରହରୀମାନଙ୍କ ଦ୍ୱାରା ସେଠାରୁ ପ୍ରହାରିତ ଓ ବିତାଡ଼ିତ ହୋଇ ବଡ଼ଦାଣ୍ଡରୁ ପଳାଇଗଲେ ସମୁଦ୍ର ସିକତାର ନୀରବତାକୁ । ସେଠାରେ ବାଲିରଥ ଗଢ଼ି ମହାପ୍ରଭୁଙ୍କୁ ଆହ୍ୱାନ କଲେ । ଭକ୍ତର ଡାକରେ ମହାପ୍ରଭୁ ବଡ଼ଦାଣ୍ଡରେ ଥିବା ରଥରୁ ଯାଇ ବଳରାମଙ୍କ ବାଲିରଥରେ ବିରାଜମାନ । ବଡ଼ଦାଣ୍ଡରେ ଆଉ ରଥ ଚାଲିଲା ନାହିଁ । ରାଜାଙ୍କୁ ନିର୍ଦ୍ଦେଶ ହେଲା 'ମୋ ଭକ୍ତ ଆଜି ଅପମାନିତ, ଏହାକୁ ମୁଁ ସହିବି କିପରି ?' ରାଜା ତତ୍‌କ୍ଷଣାତ୍ ବଳରାମଙ୍କ ମାନଭଞ୍ଜନ କରିବା ପାଇଁ ବାଲିରଥ ନିକଟକୁ ଧାଇଁଲେ ଏବଂ ରାଜାଙ୍କ ଅନୁରୋଧ ରକ୍ଷା କରି ବଳରାମ ଦାସ ଆସି ବଡ଼ଦାଣ୍ଡରେ ଥିବା ରଥ ଦଉଡ଼ିକୁ ଛୁଇଁବା ମାତ୍ରେ ରଥ ଘୋର ଘର୍ଘର ନାଦରେ ଗଡ଼ି ଚାଲିଲା । କବିଙ୍କ ଆଖିରୁ ବୋହି ଗଲା ଧାର ଧାର ଲୁହ । କବିଙ୍କ ଏହି ଚିନ୍ତା ଓ ଚେତନାର ପରିପ୍ରକାଶ ଘଟିଛି ୭୫୦ ଶ୍ଳୋକ ସମନ୍ୱିତ 'ଭାବସମୁଦ୍ର' ଗ୍ରନ୍ଥରେ । ଭକ୍ତ ପ୍ରାଣର ଉତ୍ତାଳ ଅନୁଚିନ୍ତାର ଆଜି ମଧ୍ୟ ଆମେ ସ୍ପଷ୍ଟ ଅନୁଭବ କରିପାରୁ । କବିଙ୍କ ଭାଷାରେ -

'ହରିହୋ ! ତୁ ମୋତେ ବାନ୍ଧିଲୁ ରାଜାର ହାତେ
ମୁଁ ତୋତେ ବାନ୍ଧିଲି ମୋ ମନ ଗୁପ୍ତେ ।
ନାଥ ତୁ ବନ୍ଧା ହେଲୁ ଟିକି କହ
ଏବେ ସନ୍ତୋଷ ହୋଇଲା ମୋ ଦେହ ।'

ସେହିପରି ଭକ୍ତ ସାଲବେଗଙ୍କ ଆକୁଳ ନିବେଦନ କ୍ରମେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା । ଭାବବିନୋଦିଆ କାଳିଆ ଠାକୁର ଭକ୍ତର ଡାକକୁ ନଶୁଣି କିପରି ବା ପଳାଇ ଯାଇଥାନ୍ତେ ! ଏହା ଏକ କିମ୍ବଦନ୍ତୀ ବା ଆଖ୍ୟାୟିକା ହୋଇପାରେ, କିନ୍ତୁ ଏହାର ମୂଳରେ ଏକ ମହାନ ସତ୍ୟ ନିହିତ ଅଛି ଯେ, ଜଗନ୍ନାଥ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଂପ୍ରଦାୟର ଠାକୁର ନୁହନ୍ତି, ସେ ହେଉଛନ୍ତି ଜଗତର ନାଥ ପତିତପାବନ । ସେଥିପାଇଁ ସେ ଆସନ୍ତି ବଡ଼ଦାଣ୍ଡକୁ ଅଗଣିତ ଭକ୍ତଗଣଙ୍କ ମଧ୍ୟରେ ଧୂଳି ଧୂସରିତ ହେବା ପାଇଁ । ସେ ଗଡ଼ନ୍ତି, ପଡ଼ନ୍ତି ଓ ଉଠନ୍ତି । ଯେତେ ଅସୀମ ହେଲେ ବି ସସୀମ ମଧ୍ୟରେ ତାଙ୍କ ଲୀଳାଖେଳା । ସେ ସ୍ୱୟଂ ଲୀଳାମୟ ।

ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବହୁ ତାତ୍ତ୍ୱିକ ଆଲୋଚନା ହୋଇ ସାରିଲାଣି ଏବଂ ଭବିଷ୍ୟତରେ ମଧ୍ୟ ହେବ, ତଥାପି ଜଗନ୍ନାଥ ରହସ୍ୟାବୃତ୍ତ । ଯିଏ ଅକଳନ ତଥା ଅନୁପମ ତାଙ୍କୁ ବର୍ଣ୍ଣନା କରିବ କିଏ ? ତାଙ୍କୁ ବର୍ଣ୍ଣନା କରିବା ଆମର ଧୃଷ୍ଟତା ମାତ୍ର । ଏହା ଅନ୍ଧମାନଙ୍କର ହସ୍ତୀ ଉପରେ ହସ୍ତ ସଞ୍ଚାଳନ କରି ତା'ର ରୂପ ସଂପର୍କରେ ବର୍ଣ୍ଣନା କରିବା ସହ ତୁଳନୀୟ ନୁହେଁ କି ?

'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ।
ଦେବ ନଜାନାତି କୁତୋମନୁଷ୍ୟଃ ॥'

ପରଂବ୍ରହ୍ମଙ୍କ ସତ୍ତା ଓ ସୃଷ୍ଟିର ରହସ୍ୟ ଭେଦ କରିବା ପାଇଁ ଇନ୍ଦ୍ରିୟଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ପରଂବ୍ରହ୍ମ ରୂପୀ ଦାରୁବ୍ରହ୍ମ ଜଗନ୍ନାଥ ସେହିପରି ରହସ୍ୟମୟ । ରହସ୍ୟର ତ ଅନ୍ୟନାମ ଜଗନ୍ନାଥ ।

ମହାଭାରତ ମହାସମରରେ ବେଲାଳସେନ କେବଳ ଏକ ସର୍ବଶକ୍ତିମାନ ସୁଦର୍ଶନରେ କରାମତି ଦେଖୁଥିଲେ । ସେହିପରି ଚକାକୃତି ଚକାଡୋଳା ସର୍ବଦ୍ରଷ୍ଟା ଓ ସର୍ବନିୟନ୍ତା ।

ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରମାନଙ୍କର ଅବତାରୀ । ସେ ନିର୍ଗୁଣ, ନିରାକାର ପୁଣି ସଗୁଣ ସାକାର । ସେ ଶୂନ୍ୟ, ପୁଣି ପରଂବ୍ରହ୍ମ ।

ବିବିଧତା ମଧ୍ୟରେ ଏକତ୍ୱ ହେଉଛି ତାଙ୍କ ଅନନ୍ତ ଲୀଳାର ବୈଶିଷ୍ଟ୍ୟ । ତାଙ୍କୁ କିଏ କେଉଁ ରୂପରେ ଦେଖୁଛି । ଆଦ୍ୟରେ ଶବର ଉପଜାତିର ଠାକୁର ଭାବେ ନୀଳମାଧବ ରୂପେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କୁ ପରେ ପରେ ଶୈବ, ଶାକ୍ତ, ବୌଦ୍ଧ, ଜୈନ ଓ ବୈଷ୍ଣବ ଆଦି ବିଭିନ୍ନ ସଂପ୍ରଦାୟ ସ୍ୱ ସ୍ୱ ମତବାଦ ଦ୍ୱାରା ଆଦରି ନେଇଛନ୍ତି । ତାଙ୍କରି ଅମୃତମୟ ଚେତନାରେ ବିଶ୍ୱର ସବୁ ଧର୍ମ, ଦର୍ଶନ, ତତ୍ତ୍ୱ ଓ ମତବାଦର ଅଦ୍ଭୁତ ସମନ୍ୱୟ । ଶ୍ରୀଜଗନ୍ନାଥଙ୍କ ବୈଷ୍ଣବମାନେ ଶ୍ରୀପତି, ଶୈବମାନେ ଭୈରବ, ଶାକ୍ତମାନେ ଶକ୍ତି, ବୌଦ୍ଧମାନେ ବୁଦ୍ଧ ଓ ଜୈନମାନେ ଋଷଭଦେବ ରୂପେ ପରିକଳ୍ପନା କରିଛନ୍ତି । ତାଙ୍କର ସ୍ତୁତିଗାନରେ ଶଙ୍କର, ରାମାନୁଜ, ନାନକ, କବୀର ତଥା ଶ୍ରୀଚୈତନ୍ୟ ଆଦି ଯୁଗପୁରୁଷମାନେ ଶତମୁଖ ।

ତାଙ୍କ ମହିମାରେ ସମସ୍ତେ ମହିମାନ୍ୱିତ । ଦାସିଆ ବାଉରି ଓ ବନ୍ଧୁ ମହାନ୍ତିଙ୍କଠାରୁ ଆରମ୍ଭ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପର୍ଯ୍ୟନ୍ତ, ଶ୍ରୀୟା ଚଣ୍ଡାଳୁଣୀଙ୍କଠାରୁ ଆରମ୍ଭ କରି ମହାରାଣୀ ଗୁଣ୍ଡିଚା ଦେବୀଙ୍କ ପର୍ଯ୍ୟନ୍ତ ଏବଂ ଭକ୍ତ ସାଲବେଗ ତଥା ଯବନ କବି ହରିଦାସଙ୍କଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ମହାପ୍ରଭୁଙ୍କ ପାଇଁ ପାଗଳ । ଏଠି ଉପାସ୍ୟ, ଉପାସକ ବା ଭକ୍ତ ଓ ଭଗବାନ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତେ କେମିତି ଏକାକାର ହୋଇଯାଇଛନ୍ତି, ସେଥିପାଇଁ ଭାଗବତରେ କୁହାଯାଇଛି -

'ମୋର ହୃଦୟ ଭକ୍ତ ଜନ
ମୁହିଁ ଯେ ତାହାଙ୍କ ଜୀବନ ।'

ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ଯୁଗ ଯୁଗ ଧରି ମାନବ ସମାଜକୁ ପ୍ରେମ, ମୈତ୍ରୀ, ସଂହିତି ଓ ସହନଶୀଳତାର ରଜ୍ଜୁରେ ବାନ୍ଧି ଆସିଛି । ଆଜି ବଡ଼ଦାଣ୍ଡ ବିଶାଳ ଜନ ସମୁଦ୍ରରେ ଭରପୂର । ଧନୀ-ଦରିଦ୍ର, ହିନ୍ଦୁ-ମୁସଲମାନ, ବ୍ରାହ୍ମଣ-ଚାଣ୍ଡାଳ ସମସ୍ତଙ୍କ ସମାବେଶ । ଏଠାରେ ଅହମିକା, ଅହଂକାର, ଆଭିଜାତ୍ୟ ତଥା ବଡ଼ ପଣିଆର ସ୍ଥାନ ନାହିଁ । ସେ ଦାସିଆ ବାଉରି ହାତରୁ ନଡ଼ିଆ ଛଡ଼େଇ ଖାଇଛନ୍ତି ଏବଂ ଭକ୍ତ ସାଲବେଗଙ୍କ ନିବେଦନ କ୍ରମେ ସେଦିନ ବଡ଼ଦାଣ୍ଡରେ ଠାକୁରଙ୍କ ରଥ ଅଟକି ଯାଇଛି । ଗଜପତିଙ୍କ ମାନରକ୍ଷା ପାଇଁ ଜଗନ୍ନାଥ ଓ ବଳଭଦ୍ର କଳା ଓ ଧଳାଘୋଡ଼ା ଚଢ଼ି କାଞ୍ଚି ଅଭିଯାନରେ ବାହାରିଛନ୍ତି । ସେଥିପାଇଁ ସେଦିନ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ -

'ବିଶେଷ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।'

ଜାରା ଶବରର ଶସ୍ତ୍ରାଘାତରେ ପ୍ରଭୁ ଇହଲୀଳା ସମ୍ବରଣ କରିଛନ୍ତି । କିନ୍ତୁ ତାଙ୍କରି ବଂଶର ବିଶ୍ୱାବସୁଙ୍କୁ ଦେଇଛନ୍ତି ଆଦି ସେବକର ମର୍ଯ୍ୟାଦା । ସେହି ବିଶ୍ୱାବସୁଙ୍କ ବଂଶର ଦଇତାମାନେ ଆଜି ମହାପ୍ରଭୁଙ୍କ ଜ୍ଞାତି ଭାବେ ଶ୍ରୀମନ୍ଦିରରେ ସେବାରତ । ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଉଦାରତା ଓ ମହାନୁଭବତା ।

ତୁମେ ମଙ୍ଗଳମୟ, କରୁଣାର କଳ୍ପବଟ । କେଉଁ କଥା ଅବା ମହାପ୍ରଭୁଙ୍କୁ ଅଜଣା ? ଶବରୀ ନାରାୟଣରୁ ଦାରୁବ୍ରହ୍ମ ରୂପେ ସେ ଆମର ଉପାସିତ । ସାଲବେଗ, ବନ୍ଧୁ ମହାନ୍ତି ବା ହରି ଦାସଙ୍କ ଭଳି ଆମର ନିଷ୍ଠା ଓ ଭକ୍ତି ଅଥବା ସାଧନା ନାହିଁ । ଆମ ମନ ସଦା ସର୍ବଦା କଳୁଷିତ, ପ୍ରତି ପଦକ୍ଷେପରେ ଆମେ ଭୁଲ କରିଚାଲିଛୁ । ମାତ୍ର କରୁଣାର ସାଗର ଦୀନବନ୍ଧୁ ଜଗବନ୍ଧୁ ଆମକୁ ପ୍ରତିକ୍ଷଣରେ ରକ୍ଷା କରୁଛନ୍ତି । ଅନ୍ୟାୟ, ଅଧର୍ମ, ହିଂସା, ବିଦ୍ୱେଷ, ଅହମିକା ତଥା ଅହଂକାରରେ ଆମେ ଉନ୍ମତ୍ତ । ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ଆମର ଆଚାର-ବ୍ୟବହାର, ଚିନ୍ତା-ଚେତନା ଓ ଚରିତ୍ରରେ ସଂସ୍କାର ଆସୁ, ପ୍ରଭୁଙ୍କ ଚରଣାରବିନ୍ଦରେ ଆମର ମନ ସ୍ଥିର ରହୁ - ଏହା ହିଁ ଆଜିର ଏ ଶୁଭ ଅବସରରେ କାମନା ।

ଅନୁଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

# ଉତ୍କଳୀୟ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳା

ଡକ୍ଟର ବିଦ୍ୟୁତ୍‌ଲତା ରାୟ

ପ୍ରାଚୀନ ତନ୍ତ୍ରଶାସ୍ତ୍ରରେ ଚାରୋଟି ପୀଠର ଅବତାରଣା କରାଯାଇଛି । ଏହି ଚତୁଷ୍ପୀଠ - ଧାରଣାଟି ବୌଦ୍ଧମାନଙ୍କର 'ସହଜଯାନ' ଶାଖା ସହ ସଂଶ୍ଳିଷ୍ଟ ଥିବାର ଅନୁମାନ କରାଯାଏ । ଦାର୍ଶନିକ ଚିନ୍ତାଧାରାନୁଯାୟୀ ପୂର୍ବେ ଚାରୋଟି ପବିତ୍ର ଅଞ୍ଚଳକୁ ଚତୁଷ୍ପୀଠ ନାମରେ ସ୍ୱୀକୃତି ଦିଆଯାଇଛି । ଆମ ଓଡ଼ିଶାର ଯାଜପୁର ନିକଟରେ ଏକ ଚତୁଷ୍ପୀଠ - ପର୍ବତ ରହିଛି । ଏହା ସହିତ ତନ୍ତ୍ର-ସଂସ୍କୃତିର କି ସଂପର୍କ ଅଛି, ତାହା ବର୍ତ୍ତମାନ ସୁଦ୍ଧା ସଠିକ୍ ଭାବେ ନିର୍ଣ୍ଣୟ କରାଯାଇପାରିନାହିଁ ।(୧) ହେବଜ୍ର ତନ୍ତ୍ରରେ ଚାରୋଟି ପବିତ୍ର ଅଞ୍ଚଳର ଉଲ୍ଲେଖ ରହିଛି । ଏଗୁଡ଼ିକ ହେଲା - ଜାଳନ୍ଧର, ଓଡ୍ଡୀୟାନ୍, ପୂର୍ଣ୍ଣଗିରି ଏବଂ କାମରୂପ । କାଳିକା ପୁରାଣରେ ଠିକ୍ ଏହି ପରମ୍ପରା ଅନୁସରଣ କରାଯାଇଛି ।(୨) କେତେକ ଗବେଷକମାନଙ୍କ ମତରେ ଓଡ୍ଡୀୟାନ ପୂର୍ବଭାରତରେ ଅବସ୍ଥିତ ଏବଂ ଏହା ଓଡ୍ର ବା ବର୍ତ୍ତମାନର ଓଡ଼ିଶା ଛଡ଼ା ଅନ୍ୟ କିଛି ନୁହଁ ।(୩)

ତନ୍ତ୍ରରେ ପରମ ଆରାଧ୍ୟା ହେଉଛନ୍ତି ଦେବୀ । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ବିରଜା କ୍ଷେତ୍ର, ବିମଳା କ୍ଷେତ୍ର, ଚର୍ଚ୍ଚିକା କ୍ଷେତ୍ର, ଭଗବତୀ କ୍ଷେତ୍ର ପ୍ରଭୃତିର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଏସବୁ ଦେବୀପୀଠର ମାହାତ୍ମ୍ୟ ଅନନ୍ୟ । ଭାରତୀୟ ଶାକ୍ତପୀଠ ପରମ୍ପରାରେ ୧୦୮ଟି ପୀଠର ବର୍ଣ୍ଣନା ଦେଖିବାକୁ ମିଳେ । ମତ୍ସ୍ୟପୁରାଣରେ ପ୍ରଥମେ ଏହି ୧୦୮ଟି ପୀଠର ସଂପୂର୍ଣ୍ଣ ଚିଠା ପରିବେଷିତ ହୋଇଥିଲା ।(୪) ତନ୍ତ୍ର ସଂସ୍କୃତିରେ ପୀଠଗୁଡ଼ିକୁ ଦେବୀଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ଅବତାରଣା କରାଯାଇଛି ।(୫) ଏହି ୧୦୮ଟି ପୀଠକୁ ୧୦୮ଟି ଦେବୀଙ୍କ ସହିତ ସଂଶ୍ଳିଷ୍ଟ କରାଯାଇଛି । ଏମାନଙ୍କ ମଧ୍ୟରେ ଗୌରୀ, କମଳା, ବିମଳା, ଭଦ୍ରେଶ୍ୱରୀ, କାଳୀ, ମହେଶ୍ୱରୀ, ଚଣ୍ଡୀକା ସୁଭଦ୍ରା, ତାରା ଓ ମଙ୍ଗଳା ପ୍ରଭୃତିଙ୍କ ନାମ ଉତ୍କଳୀୟ ତନ୍ତ୍ର ପରମ୍ପରାରେ ଦେଖିବାକୁ ମିଳେ । ପ୍ରକୃତରେ ଯେଉଁ ସ୍ଥାନରେ ଦେବୀ ବିଭିନ୍ନ ରୂପରେ ପୂଜା ପାଉଛନ୍ତି, ସେଗୁଡ଼ିକ ପରବର୍ତ୍ତୀ କାଳରେ ତୀର୍ଥରେ ପରିଣତ ହୋଇଛି । ଆଲୋଚ୍ୟ ବିଷୟରେ ଆମେ ଉତ୍କଳ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳାଙ୍କ ମହତ୍ତ୍ୱ ତଥା ମାହାତ୍ମ୍ୟ ପ୍ରତିପାଦନ କରିବା ।

### ତନ୍ତ୍ରରେ ଦେବୀ ବିମଳା

ଶ୍ରୀକ୍ଷେତ୍ରର ଅଧିଶ୍ୱରୀ ବିମଳା ପ୍ରତ୍ୟକ୍ଷ ବରଦା ପରମ ବୈଷ୍ଣବୀ ଭଗବତୀ ଅଟନ୍ତି । ସେ କିପରି ଏହି ପୁରୁଷୋତ୍ତମ କ୍ଷେତ୍ରରେ ଅବିର୍ଭୂତା ହେଲେ ଓ ପରେ ସେ କିପରି ଗାଲବ ରାଜାଙ୍କ ଦ୍ୱାରା ପ୍ରକଟିତ ହେଲେ ଓ କାହିଁକି ତାହାଙ୍କୁ ଶ୍ରୀମହାପ୍ରସାଦ କେବଳ ନୈବେଦ୍ୟ କରାଯାଏ, ତାହା ଜାଣିବାର ଇଚ୍ଛା ସ୍ୱାଭାବିକ ଉଦୟ ହୁଏ ।

ଦେବୀ ପୁରାଣର ବର୍ଣ୍ଣନାନୁଯାୟୀ ସତ୍ୟ ଯୁଗରେ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁ ଶିବଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ସତୀ ବା ଉମା ନିଜେ ଅପମାନିତ ବୋଧକଲେ ଓ ଶିବଙ୍କ ବାରଣ ସତ୍ତ୍ୱେ ଭଗବତୀ ଉମା ନିଜର ମହାବିଦ୍ୟା ଶକ୍ତି ପ୍ରଦର୍ଶନ କରି ଦକ୍ଷପୁରକୁ ଗମନ କଲେ । ପତିଙ୍କ ନିନ୍ଦା ସହ୍ୟ ନକରିପାରି ଯଜ୍ଞ କୁଣ୍ଡରେ ନିପତିତା ହୋଇ ଯଜ୍ଞ ବିଘ୍ନ କରାଇଲେ । ମାତାଶକ୍ତି ଯଜ୍ଞ କୁଣ୍ଡରେ ନିପତିତା ହେବାମାତ୍ରେ ସମସ୍ତ ଯଜ୍ଞସ୍ଥଳୀ ଶକ୍ତିଶୂନ୍ୟ ହୋଇ ବିଲକ୍ଷଣ ହୋଇପଡ଼ିଲା । ଏହା ଯୋଗେଶ୍ୱର ଶିବ ଜାଣି ଶିବସେନାଙ୍କୁ ପଠାଇ ଦକ୍ଷଯଜ୍ଞ ନଷ୍ଟ କଲେ । ଦେବତାମାନଙ୍କୁ ଶକ୍ତିହୀନ କରିବା ଉଦ୍ଦେଶ୍ୟରେ ସେ ସତୀଙ୍କର ଦେହରୁ ଶିବ ଭାବ କାଢ଼ି ନନେଇ ଶକ୍ତିଙ୍କର ଦେହକୁ କାନ୍ଧରେ ରଖି ବ୍ରହ୍ମାଣ୍ଡ ଭ୍ରମଣ ନିମନ୍ତେ ବାହାରିଲେ ।

ବିରହୀ ସଦାଶିବଙ୍କର ଏତାଦୃଶ ଦଶାରେ ସର୍ବଦେବତା ନିଜକୁ ଶକ୍ତିହୀନ ଭାବିଲେ । ଏପରି ଅବସ୍ଥାରେ ଆଦିଦେବ ନାରାୟଣ ନିଜର ଆୟୁଧଶ୍ରେଷ୍ଠ ସୁଦର୍ଶନକୁ ଆଜ୍ଞା ଦେଲେ ଯେ, 'ଶକ୍ତିଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ଖଣ୍ଡ ଖଣ୍ଡ କରି ଭୂପୃଷ୍ଠରେ ପତିତ କରାଅ ।' ଏହି ଅଙ୍ଗ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ତାହା ଶାକ୍ତ ପୀଠ ରୂପେ ପରିଗଣିତ ହେଲା । ଶକ୍ତିଙ୍କ ନାଭିଦେଶ ଯେଉଁ ସ୍ଥାନରେ ପଡ଼ିଲା, ତାହା ବିମଳା କ୍ଷେତ୍ର ନାମରେ ନାମିତ ହେଲା ।

'ଉତ୍କଳେ ନାଭିଦେଶେଷ୍ଟ ବିମଳା ପୁରୁଷୋତ୍ତମେ,
ବିମଳା ଭୈରବୀ ତତ୍ର ଜଗନ୍ନାଥସ୍ତୁ ଭୈରବ ।'

ଯଦିଓ ବିମଳାଙ୍କ ବିଷୟ ମତ୍ସ୍ୟପୁରାଣ, ଅଗ୍ନିପୁରାଣାଦି ପ୍ରାଚୀନ ପୁରାଣମାନଙ୍କରେ ରହିଛି ମାତ୍ର ବିଶେଷ ପ୍ରମାଣରୂପରେ ଉଡ୍ଡୀଶ ତନ୍ତ୍ରରେ

ଉଡ୍ଡୀୟାନ ପୀଠ ନିର୍ଣ୍ଣୟନାମା ତୃତୀୟ ସ୍ତବକରେ ବର୍ଣ୍ଣିତ ହୋଇଥିବା ଜଣାଯାଏ । ତନ୍ତ୍ର ମତରେ ବିମଳାପୀଠରେ ମହାପ୍ରସାଦ ନୈବେଦ୍ୟ ହୁଏ ।

ବିମଳାଙ୍କ ପ୍ରତିମା ଜଗତରେ ଦୁର୍ଲ୍ଲଭ । ସେ ସମସ୍ତ ଜୀବଜଗତର ମାତୃରୂପିଣୀ । ତେଣୁ ଏକ ହସ୍ତରେ ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟକୁ ଧାରଣ କରି ଊର୍ଦ୍ଧ୍ୱଗାମୀ ଓ ଅନ୍ୟହସ୍ତରେ ମାୟା ରୂପିକା ନାଗ କୁଣ୍ଡଳୀ ଧାରଣ କରିଛନ୍ତି । ଅନ୍ୟ ହସ୍ତ ଦ୍ୱୟରେ ଯୋଗରୂପ ସ୍ଫଟିକମାଳା ତଥା ସନାତନ ଭାବ ଜ୍ଞାପକ ଅମୃତକୁଣ୍ଡିଳା ବିରାଜିତା । ତନ୍ତ୍ର ମତରେ ବିମଳା ମୂଳ ପ୍ରକୃତି ଓ ଆତ୍ମଶକ୍ତି ଏବଂ ତାଙ୍କର ଗଣଦେବତା ଛାୟା ଓ ମାୟାଶକ୍ତି ନାମରେ ବିଦିତା । ତାଙ୍କର ଭୈରବ ବାସୁଦେବ, ଯାହାଙ୍କର ମୁକୁଟରେ ସପ୍ତଫଣୀ ନାଗ ଅବସ୍ଥିତ । ସେ ଶଙ୍ଖ, ଚକ୍ର, ଗଦା, ପଦ୍ମ ହସ୍ତ ବିଶିଷ୍ଟ ଜଗନ୍ନାଥ ଅଟନ୍ତି । ବିମଳାଙ୍କ ଉଚ୍ଛିଷ୍ଟ ତାଙ୍କର ଭୈରବ ଜଗନ୍ନାଥଙ୍କ ପାଖରେ ସମର୍ପଣ କରାଯିବାର ବର୍ଣ୍ଣନା ମଧ୍ୟ ରହିଛି ।

‘ରସନା ଉତ୍ତ୍ରଦେଶେ ଚ ବିମଳା ପୁରୁଷୋତ୍ତମେ,
ତଦୁସ୍ଥିଷ୍ଟ ମହାପୀଠେ ଜଗନ୍ନାଥାଖ୍ୟ ଭୈରବଃ ।’

ବିମଳାପୀଠକୁ କେହି କେହି ଜିହ୍ୱାପୀଠ ଏବଂ ପାଦପୀଠ ବୋଲି ମଧ୍ୟ କହନ୍ତି । ଶାସ୍ତ୍ରୀୟ ପ୍ରମାଣ ଦୃଷ୍ଟିରୁ ଏହା ଅତି ପ୍ରାଚୀନ । ତନ୍ତ୍ରଯୁଗରୁ ଏହି ବୈଷ୍ଣବ ପୀଠ ବିଦ୍ୟମାନ ଅଛି । ବିମଳା ସ୍ୱୟଂ ପରମ ବୈଷ୍ଣବୀ । ପ୍ରତ୍ୟହ ଦୁର୍ଗା ମାଧବ ବିମଳା ମନ୍ଦିରରେ ପୂଜା ପାଆନ୍ତି । କେତେକ ଯୁଗ ପରେ ଉତ୍କଳେଶ ଗାଲମାଧବ ବିମଳା ଦେବୀଙ୍କୁ ପୂଜା କରୁଥିଲେ ।(୬) ନୀଳାଦ୍ରି ମହୋଦୟମ୍ ଓ ବାମଦେବ ସଂହିତା ପ୍ରଭୃତି ଗ୍ରନ୍ଥରେ ବିମଳାପୀଠର ବର୍ଣ୍ଣନା ରହିଛି । ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ଏହି ପୀଠର ଅବତାରଣା କରାଯାଇଛି ।

**ଉପସଂହାର**

ବିଭିନ୍ନ ସମୟରେ ଉଡ୍ର, ଉତ୍କଳ ବା ଓଡ଼ିଶା ଦେଶରେ ବିଭିନ୍ନ ଧର୍ମ ତଥା ସଂସ୍କୃତିର ଉଦ୍ରେକ ହୋଇଛି । ଏଠାରେ ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ବୌଦ୍ଧ, ଜୈନ ପ୍ରଭୃତି ଧର୍ମ ଓ ସଂସ୍କୃତିର ପ୍ରଭାବ ପରିଲକ୍ଷିତ ହୁଏ । କିନ୍ତୁ ସମସ୍ତ ଧର୍ମ ଓ ସଂସ୍କୃତିର ସମନ୍ୱୟ ଘଟିଛି ଜଗନ୍ନାଥ ସଂସ୍କୃତିରେ । ବିମଳା କ୍ଷେତ୍ରରେ ଜଗନ୍ନାଥ ଭୈରବ ରୂପରେ ପୂଜିତ ହୋଇ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲାଉଛନ୍ତି ।(୭) ଶୈବଶାକ୍ତ ପରମ୍ପରାର ନିଦର୍ଶନ ମଧ୍ୟ ଏଠାରେ ଦୃଷ୍ଟିଗୋଚର ହୁଏ । ବଡ଼ଠାକୁର ବଳଭଦ୍ରଙ୍କୁ ପଞ୍ଚରାତ୍ର ଦର୍ଶନରେ ଶିବ ଭାବେ ଗ୍ରହଣ କରାଯାଇଛି । ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା, ବିଷ୍ଣୁ ହେଉଛନ୍ତି ପାଳନ କର୍ତ୍ତା ଏବଂ ଶଙ୍କର୍ଷଣ (ଶିବ) ହେଉଛନ୍ତି ସଂହାର କର୍ତ୍ତା । ବିଶ୍ୱକ୍ଷେଣ ସଂହିତାରେ ବଳରାମ, ବଳଭଦ୍ର ଓ ଶଙ୍କର୍ଷଣଙ୍କୁ ଏକରୂପରେ ଚିତ୍ରଣ କରାଯାଇଛି । ସନତ୍ କୁମାର ସଂହିତାରେ ମଧ୍ୟ ଶଙ୍କର୍ଷଣଙ୍କ ବର୍ଣ୍ଣନା ରହିଛି । ଶଙ୍କର୍ଷଣଙ୍କର ଜ୍ଞାନମାର୍ଗଟି ତାଙ୍କୁ ଶିବଙ୍କ ସହିତ ସଂଯୁକ୍ତ କରାଏ । ବିମଳା ଭୈରବୀ ହେଲେ ଜଗନ୍ନାଥ ଭୈରବ । ସେହିପରି ବଳଭଦ୍ର ଶିବ ହେଲେ ବିମଳା ହେଉଛନ୍ତି ଶ୍ରୀକ୍ଷେତ୍ରର ଶକ୍ତି । ଶ୍ରୀମନ୍ଦିରର ପୂଜା ପଦ୍ଧତିରେ ତନ୍ତ୍ରର ପ୍ରଭାବ ରହିଥିବାରୁ ବିମଳାଙ୍କ ସ୍ଥାନ ଅନନ୍ୟ ।

**ସହାୟକ ଗ୍ରନ୍ଥ ଓ ପତ୍ରପତ୍ରିକା ସୂଚୀ**


୧. Sircar, D.C., The Sakta Pithas, Motilal Banarsidass, Delhi, 1973, p.11 and fn.Z.

୨. କାଳିକା ପୁରାଣ, ଅଧ୍ୟାୟ-୬୪, ୪୩-୪୫

୩. India Historical Quarterly, Vol.XI, pp.142 ff.

୪. ମତ୍ସ୍ୟ ପୁରାଣ, ଅଧ୍ୟାୟ-୧୩

୫. Sircar, D.C., The Sakta Pithas, op. cit., p.25 and fn.3

୬. ଶ୍ରୀମନ୍ଦିର ସମାଚାର, ଅକ୍ଟୋବର ୮, ୧୯୬୯

୭. ରାୟ, ବିଦ୍ୟୁତ୍‌ଲତା, କୈବଲ୍ୟରୁ କଣିକାଏ, ଦାରୁଭୂତ ସାଂସ୍କୃତିକ ପରିଷଦ, ନୟାଗଡ଼, ୧୯୯୨, ପୃ.୩୪



ନୀଳମାଧବ ମହାବିଦ୍ୟାଳୟ
କଣ୍ଟିଲୋ, ନୟାଗଡ଼-୭୫୨୦୭୮




# ଶ୍ରୀମନ୍ଦିରରେ ଶାରଦୀୟ ମହୋତ୍ସବ



ବିରଞ୍ଚି ନାରାୟଣ ପାଣିଗ୍ରାହୀ

**ସୀ**ମାହୀନ ଅନନ୍ତ ଆକାଶ, ଦିଗହୀନ ଅଶାନ୍ତ-ପ୍ରଶାନ୍ତ ପବନ, ମାପହୀନ ସୁଗଭୀର ସାଗର ଭଳି କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମର ବୈଚିତ୍ର୍ୟମୟ ଶ୍ରୀମନ୍ଦିର ମଧ୍ୟରେ ମହିମାମୟ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ରହସ୍ୟ ସେଭଳି ଅନନ୍ତ ସୁଗଭୀର, ଦେବମାନବ ଅଗୋଚର ଓ ଅଚିନ୍ତ୍ୟ । ଯିଏ ଯେଉଁ ରୂପରେ ଚିନ୍ତା କରିଛି, ସିଏ ସେଥିରେ ସଫଳତା ଲାଭ କରିଛି । ଯେଉଁ ଭକ୍ତ ଯେଭଳି ରୂପରେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛି ସେ ଦେଖିପାରିଛି । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବେଶରେ ତାହା ପ୍ରତିଫଳିତ ହୋଇଛି । ଶ୍ରୀଜଗନ୍ନାଥଙ୍କୁ ଶ୍ରୀବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ, ଶକ୍ତିମୟୀ କାଳୀ, ବୁଦ୍ଧ, ଜୈନ ଓ ଶୂନ୍ୟ ବ୍ରହ୍ମ ରୂପେ ଓ ଶ୍ରୀବଳଭଦ୍ରଙ୍କୁ ବ୍ରହ୍ମା, କୃଷ୍ଣ ଭଗିନୀ-ସୁଭଦ୍ରା, କୃଷ୍ଣପ୍ରିୟା ଶ୍ରୀରାଧା, ବିଷ୍ଣୁପ୍ରିୟା ମହାଲକ୍ଷ୍ମୀ, ସୀତା ଓ ଯୋଗମାୟା ବିମଳା ରୂପେ ଗ୍ରହଣ କରାଯାଇଛି । ବ୍ରହ୍ମ ରୂପ ଜଗନ୍ନାଥ, ଜୀବ ରୂପି ବଳଭଦ୍ର ଓ ମଝିରେ ପ୍ରକୃତି ସ୍ୱରୂପିଣୀ ରୂପୀ ଯୋଗମାୟା, ଶକ୍ତିମୟୀ, ପରମ ବୈଷ୍ଣବୀ ମା' ସୁଭଦ୍ରା ବିରାଜମାନ କରିଅଛନ୍ତି । ଆଦିଶଙ୍କରଙ୍କ ମତରେ ଶିବ ଓ ବିଷ୍ଣୁଙ୍କ ମଝିରେ ଆଦ୍ୟାଶକ୍ତି, ଶକ୍ତିମୟୀ ସୁଭଦ୍ରା ଥିବାରୁ ଉଭୟେ ହରି ଓ ହର ଶକ୍ତିମାନ୍ ହୋଇପାରିଛନ୍ତି । ତାଙ୍କ ଭାଷାରେ 'ମଧ୍ୟେ ଦେବୀ ପରାତ୍ପରା ଭଗବତୀ, ଯା' ପ୍ରକୃତି ରୂପିଣୀ ନିର୍ଲିପ୍ତା, ଗୁପ୍ତଦେହୀ ତ୍ରିଜଗତ ଜନନୀ, ସୂକ୍ଷ୍ମରୂପା ବିଚିତ୍ରା, ଦେବୀ ଆନନ୍ଦ କନ୍ଦୋ କନକ-ତନୁନ୍ଧରା, ସର୍ବ ସୌଭାଗ୍ୟ ରୂପା, ଦେହି ମେ ଭକ୍ତି, ହରିପଦ ଯୁଗଳଂ, ଯୋଗମାୟା ସ୍ମରାମି । ଅର୍ଥାତ୍, ମଧ୍ୟଭାଗରେ ବିରାଜିତା ମା' ସୁଭଦ୍ରା ତୁମ୍ଭେ ପରାତ୍ପରା ଭଗବତୀ, ପ୍ରକୃତି-ସ୍ୱରୂପିଣୀ, ତ୍ରିଜଗତ ଜନନୀ ନିର୍ଲିପ୍ତା ଗୁପ୍ତଦେହୀ, ସୂକ୍ଷ୍ମରୂପା, ବିଚିତ୍ରା, ଆନନ୍ଦଦାୟିନୀ, ସର୍ବସୌଭାଗ୍ୟ ରୂପିଣୀ, କନକ ବର୍ଣ୍ଣା, ଭକ୍ତି ମୁକ୍ତି ପ୍ରଦାୟିନୀ, ମୁକ୍ତି, ହରିପଦ ଯୁଗଳ ଲାଭ କରିବା ପାଇଁ ମୋତେ ସହାୟ ହୁଅ, ଭକ୍ତି ଓ ମୁକ୍ତି ଦିଅ । ମୁଁ ତୋତେ ସ୍ମରଣ କରିବା ସଂଗେସଂଗେ ପ୍ରଣାମ କରୁଛି । ପୁନଶ୍ଚ ସପ୍ତସତୀ ଚଣ୍ଡୀପାଠରେ ଅଛି - 'ଯା ଦେବୀ ସର୍ବଭୂତେଷୁ, ବିଷ୍ଣୁ ମାୟେତି ଶବ୍ଦିତାଂ ।' ତେଣୁ ଯୋଗମାୟା ହେଉଛନ୍ତି ପରମ ବୈଷ୍ଣବୀ, ନାରାୟଣୀ, ଶ୍ରୀମନ୍ଦିରରେ ମା' ବିମଳା ହେଉଛନ୍ତି ଯୋଗମାୟା, ଭୈରବୀ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ 'ଦେବୀ ଭଗବତରେ'ରେ ଅଛି -

'ଉତ୍କଳେ ନାଭିଦେଶେଶ୍ଚ, ବିମଳା ପୁରୁଷୋତ୍ତମେ
ବିମଳା ଭୈରବୀଯତ୍ର, ଜଗନ୍ନାଥସ୍ତୁ ଭୈରବ ।'

ତେଣୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଲାଗି ହେଉଥିବା ଭୋଗ ବିମଳାଙ୍କୁ ଅର୍ପଣ କରାଯିବା ପରେ ତାହା ମହାପ୍ରସାଦରେ ପରିଣତ ହୋଇଯାଏ । ପୁରୁଷୋତ୍ତମ ପୀଠର ଦେବୀ ସୁଭଦ୍ରାଙ୍କର ଚଳନ୍ତି ପ୍ରତିମା ରୂପେ କ୍ଷେତ୍ରେଶ୍ୱରୀ ଦେବୀ ବିମଳାଙ୍କର ପୂଜା ଆରାଧନା କରାଯାଏ । ମା'ବିମଳା ହେଉଛନ୍ତି ଆଦ୍ୟାଶକ୍ତି, ପରମ ବୈଷ୍ଣବୀ ନାରାୟଣୀ । ତେଣୁ ଶକ୍ତିମାନ ନାରାୟଣଙ୍କ ନିକଟରେ ଶକ୍ତି ରୂପେ ପୂଜିତ ହୁଅନ୍ତି । ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ମା' ବିମଳାଙ୍କୁ ରାଜରାଜେଶ୍ୱରୀ ବୋଲି କୁହାଯାଇଥାଏ । ଦ୍ୱାଦଶ ଶତାବ୍ଦୀରେ ଉତ୍କଳୀୟ ବୈଷ୍ଣବମାନେ ମାଧବ ଉପାସନା କରୁଥିବାର ଜଣାଯାଏ । ଜୟଦେବଙ୍କ ଗୀତଗୋବିନ୍ଦରେ ମାଧବଙ୍କୁ ମୁଖ୍ୟ-ନାୟକ ରୂପେ ଗ୍ରହଣ କରାଯାଇଛି । ଶବର ରାଜା ବିଶ୍ୱାବସୁ ମଧ୍ୟ ନୀଳ-ମାଧବଙ୍କୁ ପୂଜା କରୁଥିବାର ଜଣାଯାଏ । ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ମାଧବ ପୂଜା ପାଉଛନ୍ତି । ସମସ୍ତ ମଙ୍ଗଳ କାର୍ଯ୍ୟରେ ମଧ୍ୟ ମାଧବଙ୍କୁ ସ୍ମରଣ କରାଯାଏ ।

'ମାଧବୋ ମାଧବୋ ବିଷ୍ଣୁ ମାଧବୋ ମାଧବୋ ହରି
ସ୍ମରନ୍ତି ସାଧବାଃ ନିତ୍ୟଂ ସର୍ବ କାର୍ଯ୍ୟେଷୁ ମାଧବଃ ।'

ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ପ୍ରଚଳିତ ଅଛି । ସବୁଠାରେ ମା'ଦୁର୍ଗାଙ୍କୁ ଶିବ ପ୍ରୀୟା ରୂପେ ପୂଜା କରାଯାଉଥିବାବେଳେ କେବଳ ପୁରୁଷୋତ୍ତମ କ୍ଷେତ୍ରରେ ବିଶେଷତଃ ଶ୍ରୀମନ୍ଦିରରେ ମାଧବଙ୍କ ସହିତ ପୂଜା ପାଉଛନ୍ତି ।

ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ଶାରଦୀୟ ଉତ୍ସବ ଅନ୍ତର୍ଭୁକ୍ତ ନହୋଇଥିଲେ ମଧ୍ୟ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଇଥାଏ । ଦୁର୍ଗା ପୂଜା ସାଧାରଣତଃ ବସନ୍ତ ଓ ଶରତ ଋତୁରେ ପାଳନ କରାଯାଏ ।

ଚୈତ୍ରମାସର ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ନବଦିନ ବ୍ୟାପି ବାସନ୍ତି-ଦୁର୍ଗାପୂଜା ପାଳିତ ହୁଏ । ମାତ୍ର ଶରତ-ଦୁର୍ଗାପୂଜା ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ-ନବମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପୀ ପାଳିତ ହୁଏ । ଏହାକୁ ଷୋଳପୂଜା ମଧ୍ୟ କୁହାଯାଏ ।

ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ରାତ୍ରିରୁ ଆଶ୍ୱିନ ମାସ କୃଷ୍ଣ ଅଷ୍ଟମୀ ଦିବା ଭାଗ ପର୍ଯ୍ୟନ୍ତ ମହାଦେବୀଙ୍କର ଶୟନ କାଳ । ଏଇ ତିଥି ବୃଦ୍ଧି ହେଲେ କୃଷ୍ଣ ସପ୍ତମୀ ଓ ତିଥି ହ୍ରାସ ଘଟିଲେ କୃଷ୍ଣ ଅଷ୍ଟମୀ ଦିନ ପର୍ଯ୍ୟନ୍ତ ଠିକ୍ ପନ୍ଦର ଦିନ ପରେ ଦେବୀ ଉତ୍‌ଥାନ ପାଳିତ ହୁଏ । ତେଣୁ ଆଶ୍ୱିନ ମାସର କୃଷ୍ଣ ଅଷ୍ଟମୀଠାରୁ ଆଶ୍ୱିନ ମାସ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଷୋହଳ ଦିନ ବ୍ୟାପି ଷୋଳ ପୂଜା ପାଳିତ ହୁଏ । ଏଇ ଶାରଦୀୟ ଦୁର୍ଗାପୂଜାକୁ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ବୋଲି କୁହାଯାଏ । କେତେକ ଏହାକୁ ଶାରଦୀୟ ରଥଯାତ୍ରା ବା ଶାକ୍ତ-ଗୁଣ୍ଡିଚା ବୋଲି କହିଥାଆନ୍ତି । ଶୁକ୍ଳ ଅଷ୍ଟମୀ ଦିନ ଶାରଦୀୟ ଦୁର୍ଗାପୂଜା ନିମିତ୍ତ ମା' ସୁଭଦ୍ରାଙ୍କୁ ପ୍ରାର୍ଥନା କରାଯାଇଥାଏ । ସକାଳ ଧୂପ ବଢ଼ିବା ପରେ ଦୁର୍ଗାଙ୍କର ଚଳନ୍ତି ପ୍ରତିମା ରତ୍ନସିଂହାସନରେ ବିଜେ ହୁଅନ୍ତି । ଆଜ୍ଞାମାଳ ପାଇବା ପରେ ଦେବୀଙ୍କୁ ମାଜଣା ମଣ୍ଡପରେ ଥିବା ସଜ୍ଜିତ ଖଟ ଉପରେ ବିଜେ କରାଇ ବନଦୁର୍ଗା ମନ୍ତ୍ରରେ ମନ୍ତ୍ରିତ ହୋଇଥିବା ଏକ ଶହ ଆଠ ଗରା ଜଳରେ ଅଭିଷେକ କରାହୁଏ । ଏହାକୁ 'ସହସ୍ର କୁମ୍ଭାଭିଷେକ' କୁହାଯାଏ । ଶ୍ରୀଅଙ୍ଗ ପୋଛା, ବସ୍ତ୍ରଲାଗି, ବେଶ, ପ୍ରସାଦ ଓ ଶୀତଳ ଭୋଗ ପରେ ବନ୍ଦାପନା ବଢ଼ିଲେ ଭଣ୍ଡାର ଘର ଦ୍ୱାର ଦେଶକୁ ନିଆଯାଏ । ଆଜ୍ଞାମାଳ ପାଇ ଶ୍ରୀପୁରୁଷୋତ୍ତମ-ମାଧବ ରୂପେ ଆସି ଦୁର୍ଗାଙ୍କ ସହ ଭଦ୍ରାସନରେ ରୁଦ୍ଧା କିମ୍ବା ମିଳିତ ହୁଅନ୍ତି । ଏହାପରେ ଦୁର୍ଗାମାଧବଙ୍କୁ ରତ୍ନସିଂହାସନ ନିକଟକୁ ନିଆଯାଇ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପଠାରେ ଥିବା ସୁସଜ୍ଜିତ ପାଲିଙ୍କିରେ ବିଜେ କରନ୍ତି । ବିମଳାଙ୍କ ସକାଳ ଧୂପ ପରେ ରଥରେ ବିମଳା ମନ୍ଦିରକୁ ଯାତ୍ରା କରନ୍ତି । କର୍ପୂର ଲାଗି ପରେ ବିମଳାଙ୍କ ମନ୍ଦିରରେ ଥିବା ଖଟ ଉପରେ ଦୁର୍ଗା-ମାଧବ ବିଜେ କରନ୍ତି । ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୁଏ । ଏହିପରି ତିନି ଧୂପ ସାରି ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ଲାଗିପରେ ରଥରେ ବାହୁଡ଼ା ବିଜେ କରି ଭଣ୍ଡାର ଘରେ ବିଜେ ହେବେ । ଏଇଭଳି ନୀତି କୃଷ୍ଣ-ଅଷ୍ଟମୀଠାରୁ ଆରମ୍ଭ ହୋଇ ଆଠଦିନ ପର୍ଯ୍ୟନ୍ତ ଚାଲିଥାଏ । ଦୁର୍ଗାମାଧବ ସେପରି ରୁଦ୍ଧା ବା ମିଳିତ ହୋଇଥାଆନ୍ତି । ପର ଆଠଦିନ ଅର୍ଥାତ୍ ଶୁକ୍ଳ ପ୍ରତିପଦାଠାରୁ ଅଷ୍ଟମୀ ଦିନ ପର୍ଯ୍ୟନ୍ତ ଆଠ ଦିନ ଉକ୍ତ ରୁଦ୍ଧା ହୋଇଥିବା ଦୁର୍ଗା-ମାଧବ ରଥରେ ବିଜେ କରି ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ଯାଆନ୍ତି । ସେଠାରେ ମଧ୍ୟ ବିମଳା ମନ୍ଦିର ଭଳି ନୀତିମାନ ଅନୁଷ୍ଠିତ ହୁଏ । ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ବଢ଼ିଲେ ଶ୍ରୀମନ୍ଦିରକୁ ରଥରେ ବସି ବାହୁଡ଼ା ବିଜେ କରି ଭଣ୍ଡାର ଘରକୁ ଆସନ୍ତି । ପ୍ରଥମ ଆଠଦିନ ରୁଦ୍ଧା ହୋଇଥିବା ଦୁର୍ଗାମାଧବ ବିମଳା ମନ୍ଦିରକୁ ବିଜେ କରିବା ଭଳି ଶେଷ ଆଠଦିନ ଦୋଳ ମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ରଥରେ ବିଜେ କରି ଶ୍ରୀଜୀଉଙ୍କର ଭିତର ଚନ୍ଦନ ପରେ ଷୋହଳ ଦିନ ପର୍ଯ୍ୟନ୍ତ ଭଣ୍ଡାର ଘରେ ରୁଦ୍ଧା ହୋଇ ରହନ୍ତି । ଏହା ଦୁର୍ଗାମାଧବଙ୍କର ଷୋହଳ ଦିନ ବ୍ୟାପି ରଥଯାତ୍ରା ଅଥବା ଶାରଦୀୟ ରଥଯାତ୍ରା କିମ୍ବା ଶାକ୍ତ ଗୁଣ୍ଡିଚା କୁହାଯାଏ ।

ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ମନ୍ଦିର ପାଖ କୂପର ଦକ୍ଷିଣ ଦିଗରେ ଏକ ଅସ୍ଥାୟୀ ରୋଷଘର ନିର୍ମିତ ହୁଏ । ସେଠାରେ ମହାଦେବୀ ବିମଳାଙ୍କର ଅନ୍ନବ୍ୟଞ୍ଜନାଦି ଭୋଗ ପ୍ରସ୍ତୁତ ହୁଏ । ଶ୍ରୀଜଗନ୍ନାଥଙ୍କର ରାତ୍ର ପହୁଡ଼ ପରେ, ମନ୍ଦିରଶୋଧ ହୋଇ ସାରିବା ପରେ ଆମିଷାଦି ପଶୁବଳି ପଶ୍ଚିମ ଦ୍ୱାର ଦେଇ ଭୋଗ ପାଇଁ ଆସିଥାଏ । ସମସ୍ତ ନୀତି ପରେ ଅସ୍ଥାୟୀ ରୋଷଘରେ ଏଭଳି ଆମିଷ ଭୋଗ ପ୍ରସ୍ତୁତ ହୁଏ । ଭୋଗ ସମୟରେ ପୂଜକ ଓ ସେବାୟତମାନଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ସେଠାରେ ରହିପାରନ୍ତି ନାହିଁ । ବିମଳାଙ୍କ ଷୋଳପୂଜା ସଂପାଦିତ ଷୋହଳ ଦିନମାନଙ୍କରେ ସ୍ତ୍ରୀଲୋକମାନେ ବିମଳାଙ୍କୁ ଦର୍ଶନ କରିନପାରିବାର ବାରଣ କରାଯାଇଛି । କୌଣସି ସ୍ତ୍ରୀଲୋକ ଏ ସମୟରେ ଉକ୍ତ ମନ୍ଦିର ମଧ୍ୟରେ ପ୍ରବେଶ କରିପାରିବେ ନାହିଁ । ଗୁରୁବାର ଦିନ ମହାଦେବୀଙ୍କର ଏକାନ୍ତ ପୂଜାନୀତି ହୁଏ । କୌଣସି ବ୍ୟକ୍ତିଙ୍କର ପଶୁବଳି ଦେବାର ମାନସିକ ଥିଲେ, ମନ୍ଦିର ବାହାରେ ଥିବା 'କାକୁଡ଼ିଖାଇ' ମନ୍ଦିରରେ ଉକ୍ତ ବଳି ଦେବାର ପ୍ରଥା ଅଛି । ମହାନବମୀ ଦିନ ଭିତର ଚନ୍ଦନ ବଢ଼ିବା ପରେ ମନ୍ଦିର ଶୋଧ କରାଯାଏ । ନିଶାର୍ଦ୍ଧରେ ମହାଦେବୀ ବିମଳାଙ୍କର ବଳି, ହୋମ ଇତ୍ୟାଦି ଶେଷ ହେବା ପରେ ଶ୍ରୀମନ୍ଦିରରେ ଶାରଦୀୟ ପୂଜାର ସମସ୍ତ ପୂଜା ଶେଷ ହୋଇଥାଏ । ଶ୍ରୀମନ୍ଦିରରେ ଆମିଷ ସଂପୂର୍ଣ୍ଣ ନିଷେଧ ହେଲେ ମଧ୍ୟ, କେବଳ ଏଇ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ନିକଟରେ ହେଉଥିବା ଆମିଷ ଭୋଗ ଏକ ବ୍ୟତିକ୍ରମ ହେଲେ ମଧ୍ୟ ଏହା ବୈଷ୍ଣବ ଓ ଶାକ୍ତ ଧର୍ମର ଏକ ମଧୁର ମିଳନ ମାତ୍ର । ଷୋହଳ ଦିନ ପୂଜା ମଧ୍ୟରୁ ଏଗାର ଦିନ ମହାଦେବୀ ବିମଳାଙ୍କୁ ଭୁବନେଶ୍ୱରୀ, ବନଦୁର୍ଗା, ରାଜରାଜେଶ୍ୱରୀ, ଉଗ୍ରତାରା, ମାତଙ୍ଗିନୀ, ବଗଳା, ନାରାୟଣୀ, ସିଂହବାହିନୀ, ଜୟଦୁର୍ଗା ଶୂଳାଦୁର୍ଗା, ହରଚଣ୍ଡି ପ୍ରଭୃତି ଏଗାର ଗୋଟି ବେଶ କରାଯାଏ । ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗଦୀଶ୍ୱର ଓ ମା' ବିମଳା ହେଉଛନ୍ତି ଜଗଦୀଶ୍ୱରୀ । ଶ୍ରୀଜଗନ୍ନାଥ ନାରାୟଣ ହେଲେ ମା' ବିମଳା ନାରାୟଣୀ ଏବଂ ଶ୍ରୀଜଗନ୍ନାଥ ପରମ ବୈଷ୍ଣବ ହେଲେ ମା' ବିମଳା ହେଉଛନ୍ତି ପରମ ବୈଷ୍ଣବୀ । ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱର ଓ ମା' ବିମଳା ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱରୀ । ଶ୍ରୀଜଗନ୍ନାଥ ହେଉଛନ୍ତି ଭଗବାନ ଓ ମା' ବିମଳା ହେଉଛନ୍ତି ଭଗବତୀ । ଶ୍ରୀଜଗନ୍ନାଥ ରୂପୀ ମାଧବ ଓ ମା' ବିମଳା ରୂପୀ ଦୁର୍ଗାଙ୍କ ମଧ୍ୟରେ ଅଭେଦ ସଂପର୍କ ରହିଛି । 'ଦୁର୍ଗା ମାଧବ' ହେଉଛନ୍ତି ସୁଖ, ଶାନ୍ତି ବିଦ୍ୟା, ଐଶ୍ୱର୍ଯ୍ୟ ଓ ସମସ୍ତ ମଙ୍ଗଳକାରକର ପ୍ରତୀକ । ଶାସ୍ତ୍ରରେ ଅଛି -

'ଦୁର୍ଗାମାଧବ ସଂଚିନ୍ତ୍ୟଂ-ସର୍ବକାର୍ଯ୍ୟ ସମାଚରେତ୍ ।
ଦୁର୍ଗା ବିଘ୍ନହନ୍ତା ଦେବୀ, ମାଧବ ଶୁଭ ଦାୟକ ।।'

ଅର୍ଥାତ୍ ଦୁର୍ଗା ବିଘ୍ନନାଶକାରିଣୀ ଓ ମାଧବ ଶୁଭଦାୟକ ହୋଇଥିବାରୁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ 'ଦୁର୍ଗା ମାଧବ'ଙ୍କୁ ସ୍ମରଣ କରାଯାଇଥାଏ ।

ଦଶହରା ଦିନ ଅବକାଶ ନୀତି ଓ ଚନ୍ଦନ ଲାଗି ବଢ଼ିଲେ ଜୀଉମାନଙ୍କୁ ନୂତନ ବସ୍ତ୍ର ଓ ଅଳଙ୍କାରରେ ମଣ୍ଡିତ କରାଯାଇ ରାଜରାଜେଶ୍ୱର ବା ସୁନାବେଶ କରାଯାଏ । ଗୋପାଳବଲ୍ଲଭ ଓ ଅବକାଶ ଧୂପ ଶେଷ ହେବା ପରେ ଭଣ୍ଡାର ଘରେ ଚାରିଦିନ ପୂର୍ବରୁ ପୂଜା ପାଇ ଆସୁଥିବା ହଳ ମୂଷଳ, ତଡ଼ଗୀ, ଶଙ୍ଖ-ଚକ୍ର ପ୍ରଭୃତି ଆୟୁଧମାନଙ୍କୁ ପୂଜାନୀତି ପରେ ରୂପା ଥାଳିରେ ରଖି ପଟୁଆର ସହ ତିନିଥର ମନ୍ଦିର ପରିକ୍ରମା କରାଇ ରତ୍ନସିଂହାସନରେ ଜୀଉମାନଙ୍କୁ ଆୟୁଧ ଲାଗି ହୁଏ । ଭିତର ଆଳତୀ ବଢ଼ିଲେ ନୀତି ସହ ରୁନ୍ଧା ହୋଇଥିବା ଦୁର୍ଗା ମାଧବଙ୍କୁ ଭଣ୍ଡାର ଘରୁ ମଦନମୋହନ, ରାମ ଓ କୃଷ୍ଣଙ୍କୁ ଦକ୍ଷିଣ ଘରୁ ବୀର ବେଶରେ ସଜାଇ ଭିତର ସିଂହାସନକୁ ଅଣାଯାଇଥାଏ । ନୀତି ବଢ଼ିବା ପରେ ପାଞ୍ଚଗୋଟି ଆଜ୍ଞାମାଳ ପାଇ ଦେବତାମାନେ ହାତରେ ବିଜେ ହୋଇ ବଟ ମୂଳକୁ ଆସନ୍ତି । ସେଠାରେ ରୁନ୍ଧା ପଡ଼ିଥିବା ଦୁର୍ଗାମାଧବଙ୍କୁ ସଜ୍ଜିତ ରଥରେ ବସାଇ ଦିଆଯାଏ । ମଦନମୋହନଙ୍କୁ ବିମାନରେ, ରାମ-କୃଷ୍ଣଙ୍କୁ ପାଲିଙ୍କିରେ ବସାଯାଏ । ରୁନ୍ଧା ଖୋଲାଯାଇ ଦେବତାମାନଙ୍କୁ ଗୋପାଳବଲ୍ଲଭ ମଠକୁ ବିଜୟଯାତ୍ରାରେ ନିଆଯାଏ । ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ଠାକୁରମାନଙ୍କର ବାହୁଡ଼ା ବିଜେ ହୋଇଥାଏ । ଶ୍ରୀମନ୍ଦିରକୁ ଆସିବା ପରେ ମାଧବଙ୍କୁ ରତ୍ନସିଂହାସନରେ, ଦୁର୍ଗାଙ୍କୁ ଭଣ୍ଡାର ଘରେ ଓ ମଦନମୋହନ, ରାମକୃଷ୍ଣଙ୍କୁ ଦକ୍ଷିଣ ଘରେ ବିଜେ କରାଯାଏ । ଦୁର୍ଗାମାଧବ ରଥରେ ବିଜେ କରୁଥିବାରୁ ଏହି ଦୁର୍ଗାମାଧବ ଉପାସନାକୁ ଶାରଦୀୟ ଦୁର୍ଗାପୂଜା କିମ୍ବା ଶାକ୍ତ ଗୁଣ୍ଡିଚା କୁହାଯାଏ । ଯାହାକି ଅନ୍ୟ କୌଣସିଠାରେ ଦେଖାଯାଏ ନାହିଁ ।

ଶୁକ୍ଳ ଏକାଦଶୀ ଦିନ ପୁରୀର ବିଭିନ୍ନ ସାହି, ଗଳି କନ୍ଦି, ଆଖଡ଼ା ଘର ବା ଜାଗାଘରଠାରେ ପୂଜିତ ଓ ପୂଜା ଶେଷରେ ବିସର୍ଜନ ହେବାକୁ ଥିବା ମୃଣ୍ମୟୀ ଦେବୀ ମୂର୍ତ୍ତିମାନଙ୍କୁ ପଟୁଆର ସହ ସିଂହଦ୍ୱାର ସମ୍ମୁଖରେ ସନ୍ଧ୍ୟା ସମୟରେ ସମାବେଶ କରାଯାଏ । ଏହା ଗୋଷାଣୀ ଯାତ୍ରା ନାମରେ ପ୍ରସିଦ୍ଧ । ଏହାପରେ ବିଗ୍ରହମାନଙ୍କୁ ବର୍ଣ୍ଣାଢ଼୍ୟ ପଟୁଆରରେ ନିଆଯାଇ ବିସର୍ଜନ କରାଯାଏ । ସମୁଦ୍ରରେ ବିସର୍ଜନ ହେଉଥିବାରୁ ସମୁଦ୍ର କୂଳ ବେଶ୍ ଲୋକାରଣ୍ୟ ଓ କୋଳାହଳମୟ ହୋଇଥାଏ । ଆଶ୍ୱିନ ମାସ ଶୁକ୍ଳ ଏକାଦଶୀ ଦିନଠାରୁ ରାଧାଦାମୋଦର ବେଶ ଓ ଉପାସନା ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ଦିନ ପର୍ଯ୍ୟନ୍ତ ଚାଲେ ।

## ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣମୀ

କୁମାର ପୂର୍ଣ୍ଣମୀ ଦିନ ଜୀଉମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହେବା ପରେ, ସିଂହାସନରୁ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଆଣି ଖଟ-ଶେଜ ଘରେ ବସାଇବା ପରେ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ବିଜେ ହୋଇ ଆସି ଜଗମୋହନରେ ଚଉଦଳାରେ ବସନ୍ତି । ପାଟପତନୀ ଲାଗି ପରେ, ଚୁଳ ଲାଗି କରାଯାଇ, ଚଉଦଳାରେ ବସାଇ ଝୁଲଣ ମଣ୍ଡପ ନିକଟକୁ ନିଆଯାଏ । ସେଠାରେ ବିଭିନ୍ନ ଅଳଙ୍କାର ଲାଗି ପରେ, ଶ୍ରୀମନ୍ଦିରକୁ ପ୍ରଦକ୍ଷିଣ କରାଯାଇ ଘଣ୍ଟ, ଘଣ୍ଟା କାହାଳୀ ସହ ବଡ଼ ଦାଣ୍ଡ ବାଟେ ଯାଇ ଉଗ୍ରସେନାଦି ମଠରେ ପୂଜା ଓ ବନ୍ଦାପନା ପରେ ଭୋଗ ଲାଗି ହୋଇ ସାରିବା ପରେ ପଶ୍ଚିମ ଦ୍ୱାର ଚକଡ଼ାକୁ ଆସି ପୂଜା, ବନ୍ଦାପନା ଓ ଭୋଗ ଲାଗିପରେ ଚଉଦଳାରେ ବସି ଜୟବିଜୟ ଦ୍ୱାର ନିକଟକୁ ଯାଇ ରୁନ୍ଧାଖୋଲା ହେବା ପରେ ସୁଦର୍ଶନଙ୍କୁ ସିଂହାସନରେ ବିଜେ କରାଇ ସିଂହାସନ ଶୋଧ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ମହାସ୍ନାନ କରାଯାଏ । ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଖଟ-ଶେଜ ଘରୁ ସିଂହାସନକୁ ନିଆଯାଇ ସର୍ବାଙ୍ଗ ନୂଆଲୁଗା ଲାଗି ହୋଇ ବେଶ ବଢ଼େ । ସନ୍ଧ୍ୟା ଆଳତି ପରେ ଚାରିବାଡ଼ରେ ସନ୍ଧ୍ୟାଧୂପ ପୂଜା ବଢ଼ିଲେ ସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇ ବନ୍ଦାପନା କରାଯାଏ । ପରେ ପାଣି ପଡ଼ିସାରିବା ପରେ ଦକ୍ଷିଣଘରୁ ମଦନମୋହନଙ୍କୁ ଆଣି ସିଂହାସନରେ ବିଜେ କରାଯାଏ । ମଦନମୋହନ ଓ ଲକ୍ଷ୍ମୀ ଆଜ୍ଞାମାଳ ପାଇବା ପରେ ହାତରେ ନେଇ ସାତ ପାହାଚରେ ପାଲିଙ୍କିରେ ଯାଇ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଥିବା ଖଟ ଉପରେ ବିଜେ କରନ୍ତି । ଶ୍ରୀମଦନମୋହନ ଓ ଲକ୍ଷ୍ମୀଙ୍କ ମଧ୍ୟରେ ପଶା, କଉଡ଼ି, ଜୁଆ ଇତ୍ୟାଦି ଖେଳ ହୁଏ । ଶୀତଳ ଭୋଗ ପରେ ବାହୁଡ଼ା ଯାତ୍ରା ହୁଏ । ଲକ୍ଷ୍ମୀ ସିଂହାସନକୁ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେ କରନ୍ତି । ଭିତର ଚନ୍ଦନ ଲାଗି ଓ ବଡ଼ସିଂହାର ବେଶରେ ଛଅ ମୂର୍ତ୍ତିଙ୍କୁ ପତନୀ ଲୁଗା ଓ ତଡ଼ପ ଲାଗି ପରେ ବଡ଼ସିଂହାର ବେଶ ହୁଏ । ଏହାପରେ ସିଂହାସନ ତଳେ ପଶା, କଉଡ଼ି, ଜୁଆ ଓ ଶକଟ ଖେଳ ହୁଏ । ପରେ ସିଂହାସନ ଉପରେ ମଧ୍ୟ ଏ ଖେଳ ହୋଇଥାଏ । ଏ ଖେଳରେ ମା' ଲକ୍ଷ୍ମୀଙ୍କଠାରୁ ଶ୍ରୀଜଗନ୍ନାଥ ହାରି ଯାଆନ୍ତି । ତେଣୁ ମାଧବ ହାତରେ ଯାଇ ଲକ୍ଷ୍ମୀ ମନ୍ଦିରରେ ବିଜେ ହେବା ସଙ୍ଗେ ସଙ୍ଗେ ବନ୍ଧା ହୋଇ ସାତ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି । କାର୍ତ୍ତିକ ମାସ କୃଷ୍ଣ ଅଷ୍ଟମୀ ତିଥିରେ ଲକ୍ଷ୍ମୀ ମନ୍ଦିରରୁ ଆସି ଶ୍ରୀମନ୍ଦିରର ରତ୍ନସିଂହାସନରେ ବିଜେ କରନ୍ତି ।

କ୍ଷେତ୍ରମାନଙ୍କର ରାଜା ଶ୍ରୀଧାମ, ଶ୍ରୀପୀଠ, ଶ୍ରୀକ୍ଷେତ୍ର ପୁରୁଷୋତ୍ତମର ଶ୍ରୀମନ୍ଦିରରେ ପାଳିତ ହେଉଥିବା ଶାରଦୀୟ ମହୋତ୍ସବ ଯେପରି ଆନନ୍ଦଦାୟକ ରାଧାମାଧବ ଉପାସନା ସେପରି ତତ୍ତ୍ୱମୟ ଓ ସ୍ୱତନ୍ତ୍ରତା ଲାଭ କରିଛି । ଉତ୍କଳୀୟ ସଂସ୍କୃତିର ସାମାଜିକ ଓ ଦାମ୍ପତ୍ୟ ଜୀବନର ପ୍ରତିଫଳନ ସଂପୂର୍ଣ୍ଣ ରୂପେ କୁମାର ପୂର୍ଣ୍ଣମୀ ନୀତିରେ ରୂପାୟିତ ହୋଇପାରିଛି । ସେଥିପାଇଁ ସାରା ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତ ଦେବତାମାନଙ୍କର ରାଜାଧିରାଜ ହେଲେ ମଧ୍ୟ ଉତ୍କଳୀୟମାନଙ୍କର ଅତି ନିଜର ଚକାଡୋଳା, କାଳିଆ ଓ ବଳିଆର ଭୁଜ ହୋଇ ରହିଛନ୍ତି ।

ଘର ନଂ- ଓ୍ୱାନ-ଏଫ୍
'ଭରଷା ପ୍ଲାଜା'', ମହତାବ ରୋଡ
ପୁରୁଣା ଭୁବନେଶ୍ୱର-୭୫୧୦୦୨

# ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ

ସତ୍ୟନାରାୟଣ ମହାପାତ୍ର

ଉତ୍ତାଳ ତରଙ୍ଗମାଳାରେ ଉଦ୍‌ବେଳିତ ହୋଇ ଉଠିଲା ସମୁଦ୍ର । ପ୍ରତ୍ୟେକଟି ତରଙ୍ଗ ସତେ ଯେମିତି ଅନ୍ୟ ଉତ୍ତୋଳିତ ତରଙ୍ଗ ସହିତ ପ୍ରତିଯୋଗିତା କରୁଛି । ଉଦ୍ୟମ କରୁଛି ତାକୁ ଟପି ଆଉ ଟିକିଏ ଉଚ୍ଚକୁ ଉଠିବ, କୂଳ ଲଘିଁ ଆଉ ଟିକିଏ ଆଗକୁ ମାଡ଼ିଯିବ ।

ପ୍ରକୃତି କୋଳରୁ ଆନନ୍ଦ ଉପଭୋଗ କରୁଥିବା ଦର୍ଶକ ମଣ୍ଡଳୀ ମନରେ ଆନନ୍ଦ ପରିବର୍ତ୍ତେ ଆଶଙ୍କା ମେରୁ ଅଞ୍ଚଳର ବରଫ ପାହାଡ଼ ପରି ଜମାଟ ବାନ୍ଧିଲା । ସମୁଦ୍ର କୂଳରେ ସୁଦୀର୍ଘ ବାଲୁକା ଗାଲିଚା ଛାଡ଼ି ସେମାନେ ଯଥାଶୀଘ୍ର ଅପସାରିତ ହେଲେ ସହର ଭିତରକୁ । ତୁଣ୍ଡ ବାଇଦ ବାଜଣାରେ କମ୍ପି ଉଠିଲା ସମଗ୍ର ଶ୍ରୀକ୍ଷେତ୍ର ଅଞ୍ଚଳ । ସମୁଦ୍ର ଲହରି ଖୁବ୍ ବଡ଼ ବଡ଼ ଢେଉ ଭାଙ୍ଗୁଛି ... ତଟ ଟପି ଯାଉଛି ଅତି ଅସ୍ୱାଭାବିକ ଭାବେ ..

ସାରା ପୁରୀ ଅଞ୍ଚଳବାସୀଙ୍କ ମୁହଁ ସମୁଦ୍ର ଆଡ଼କୁ

ଉଗ୍ର ରୂପ ନେଉଛି ମହୋଦଧି ।

ଏ କ'ଣ !

ଅତି ଅଳ୍ପ ସମୟର ବ୍ୟବଧାନ ମଧ୍ୟରେ କୂଳ ଲଘିଁ ସମୁଦ୍ର ମାଡ଼ି ଆସିଲା ଶ୍ରୀମନ୍ଦିର ଦିଗକୁ । ସ୍ପର୍ଶ କଲା ଶ୍ରୀମନ୍ଦିର ମଧ୍ୟସ୍ଥ ରତ୍ନ ସିଂହାସନକୁ ।

ହେଇ ଦେଖୁ ଦେଖୁ ଆଉ କେତୋଟି ମୁହୂର୍ତ୍ତ ମଧ୍ୟରେ ସିଂହାସନାସୀନ ଠାକୁରମାନଙ୍କୁ ସମ୍ଭବତଃ ଜଳ ପ୍ଲାବିତ କରି ପକାଇବ ସମୁଦ୍ର । ସାରା ଜଗତ ଲୀନ ହୋଇଯିବ ସାଗର ଗର୍ଭରେ । ଠାକୁରେ ଯେଉଁଠି ଜଳମଗ୍ନ ହେବେ, ଆଉ ଜୀବଜଗତର ସ୍ଥିତି ରହିବ କେଉଁଠି ? ଉପସ୍ଥିତ ମହାକାଳ । କଳି କାଳର ଭୟଙ୍କର ରୂପ ।

ଉପସ୍ଥିତ ଜନ-ମାନବର ଆର୍ତ୍ତ ଚିତ୍କାରରେ କମ୍ପି ଉଠିଲା ଧରଣୀ । ଯୁଗାନ୍ତର ବେଳେ ଏଭଳି ଅସମ୍ଭବ ଘଟଣା କେବଳ ସମ୍ଭବ ହୋଇଥାଏ ବୋଲି ସୁଧି ସମାଜ ଆପଣା ମଧ୍ୟରେ ମତ ବିନିମୟ କରୁଥିଲେ । ଦୁଇ ହାତ ଉପରକୁ ଉଠିଯାଉଥିଲା ନିରୁପାୟ ଆର୍ତ୍ତ



ମଣ୍ଡଳୀର । ଆର୍ତ୍ତ ତ୍ରାଣଙ୍କ ନିକଟରେ ସମସ୍ତଙ୍କର ସମର୍ପଣର ଭାବ । ଅଜଣା ଆଶଙ୍କାର ଘନଘୋର ଅନ୍ଧାର ଭିତରେ ବୁଡି ରହିଥିଲେ ସମସ୍ତେ । ସମସ୍ତଙ୍କ ମୁହଁରେ ହରିନାମ । ତ୍ରାହି ତ୍ରାହି ଡାକ । ମାନବ ସମାଜକୁ ରକ୍ଷା କରିବା ପାଇଁ ଠାକୁରଙ୍କୁ ଆକୁଳ ନିବେଦନ । ଜଗତର ମଙ୍ଗଳ ପାଇଁ ଜଗତ ଠାକୁରଙ୍କୁ ପ୍ରାର୍ଥନା ପ୍ରତି କୋଣ ଅନୁକୋଣରେ ।

ସମସ୍ତଙ୍କ ଆକୁଳ ଆବେଦନ ଠାକୁରେ ଶୁଣିଲେ କି କ'ଣ କେଜାଣି, ସମୟକ୍ରମେ ଜଳ ପ୍ଲାବନର ଗତି ମନ୍ଥର ହୋଇ ଉଠିଲା । ଆଉ ଅଧିକ ଅଗ୍ରସର ହେଉନି ସମୁଦ୍ର ତରଙ୍ଗ । କିନ୍ତୁ ତଥାପି ଜଳଧାରା ଲାଗି ରହିଛି ଠାକୁରମାନଙ୍କ ରତ୍ନ ସିଂହାସନକୁ । ମହାସମୁଦ୍ରର ତରଙ୍ଗ ଉତ୍ତାଳ ନହେଲେ ବି ଜଳଧାରା ଅପସାରିତ ହେଉନି ସମୟକ୍ରମେ ।

ଭକ୍ତଗଣଙ୍କ ହୃଦୟରେ ଆଲୋଡ଼ନ । ସାଧୁସନ୍ଥମାନେ ଭୟଭୀତ । ପୂଜକମାନଙ୍କ ମନରେ ଗଭୀର ଉଦ୍‌ବେଗ । ପଣ୍ଡା ପଡ଼ିଆରୀ ତଥା ଅନ୍ୟାନ୍ୟ ସେବକ ଗଣ ତଟସ୍ଥ । ତଥାପି ସମସ୍ତେ

ନିରୁପାୟ । ସଂଶୟକ୍ରମେ ଜମାଟ ବାନ୍ଧୁଛି ସମସ୍ତଙ୍କ ମନରେ । ସମସ୍ତଙ୍କ ମନରେ ଜନ୍ମ ନେଉଛି ଭାବାନ୍ତର ।

- ଜଗତ ଠାକୁରେ ଏଇ ସ୍ଥାନ ଛାଡ଼ିବା ସମୟ ଉପନୀତ ।

- ଏଇତ ପ୍ରଳୟର ଆଦି ସୂଚନାର ମାତ୍ର । ଦେଖ, କ'ଣ ହେଉଛି ।

- ଆମେ ସବୁ ଏଇନେ କ'ଣ କରିବା ?

- ପ୍ରାର୍ଥନା, ପ୍ରାର୍ଥନା । କେବଳ ନାରାୟଣଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ତୁମେ ସବୁ କ'ଣ କରିପାରିବ ? ଯୋଗ କର । ଧ୍ୟାନ କର, ତପକର, 'ରଖ ହେ ନାରାୟଣ' ମନ୍ତ୍ର ଜପକର । କେବଳ ଠାକୁରଙ୍କୁ ଡାକ । ତାଙ୍କରି ପାଦତଳେ ଆପଣାକୁ ସମର୍ପଣ କର ।

- ମହାବିପଦର ବେଳ ମାଡ଼ି ଆସିଲା । ଚାଲ, ରାଜନଅର ଯିବା । ଠାକୁର ରାଜାଙ୍କୁ ଭେଟିବା ।

- ନିୟତିର ଏଇ ବିଧାନକୁ ରାଜା ବା କ'ଣ କରିପାରିବେ । ରଖିଲେ ରଖିବେ କଳା ଠାକୁରେ ।

ଏଭଳି କିଛିଟା ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ କିଛି ଲୋକ ଚାଲିଲେ ରାଜପ୍ରାସାଦ ଆଡ଼କୁ । ସେତେବେଳକୁ ଠାକୁର ରାଜା ପ୍ରତାପ ରୁଦ୍ର ଦେବ ବଡ଼ ଦେଉଳରେ ସମୁଦ୍ର ପାଣି ପଶିବା ଖବର ପ୍ରାପ୍ତ ହୋଇ ସାରିଥିଲେ । ସେହି ଦୈବୀ ଦୁର୍ଘଟଣାରେ ବ୍ୟସ୍ତ ବିବ୍ରତ ହୋଇ ଠାକୁରଙ୍କ ନିକଟରେ ଆତ୍ମନିବେଦନ କରି ଶରଣାଗତ ହୋଇ ସାରିଥିଲେ ।

ଲୀଳାମୟଙ୍କ ବ୍ୟତୀତ ଏଇ ସମସ୍ୟାର ସମାଧାନ କରିପାରିବ ବା କିଏ ?

ଅପଲକ ନୟନରେ ରତ୍ନ ସିଂହାସନାସୀନ ଦାରୁଭୂତୋମୁରାରୀ ଦେଖୁଥିଲେ ଆପଣାର ପଦଧୌତ କରୁଥିବା ମହୋଦଧିର ଜଳଧାରାକୁ । ଅଙ୍ଗ ପ୍ରତ୍ୟଙ୍ଗ ସତେ ଯେମିତି ଶୀତଳ ଲାଗୁଥିଲା । ଅଧିକ ପ୍ରଶାନ୍ତ ଦିଶୁଥିଲା ମୁଖମଣ୍ଡଳ । କାନ ନଥାଇ ଶୁଣି ପାରୁଥିଲେ ମହୋଦଧି ଜଳଧାରାର କୁଳୁ କୁଳୁ ତାନ, ଏକ ନୈସର୍ଗିକ ସଂଗୀତର ମୂର୍ଚ୍ଛନା ।

କିନ୍ତୁ ସେଇ ପ୍ରଶାନ୍ତି ନିମିଷକ ମଧ୍ୟରେ ଅନ୍ତର୍ହିତ ହୋଇଥିଲା ଭକ୍ତଗଣଙ୍କ ଆର୍ତ୍ତ ଚିତ୍କାରରେ । ଭଗବାନ ସବୁବେଳେ ଭକ୍ତର ଭକ୍ତିରେ ବନ୍ଧା । ଭକ୍ତିଭରା ଆକୁଳ ନିବେଦନ କେବେବି ବ୍ୟର୍ଥ ହୁଏ ନାହିଁ ।

ଭ୍ରୂଲତା ବିହୀନ କାଳିଆ ଠାକୁରେ ଅପଲକ ନେତ୍ରରେ ଦେଖୁଥିଲେ ତାଙ୍କରି ପରମାଶ୍ରିତ ଭକ୍ତମାନେ ଅତ୍ୟନ୍ତ କାତର, ପୂଜକମାନେ ମ୍ରିୟମାଣ । ରାଉତ ପ୍ରତାପରୁଦ୍ର ଦେବ ଅତ୍ୟନ୍ତ ବେଦନାଗ୍ରସ୍ତ ଏବଂ ଶରଣାପନ୍ନ ମଧ୍ୟ । କାଳେ କାଳେ ପ୍ରଭୁଙ୍କ ଶଙ୍ଖ-ଚକ୍ର, ଗଦା-ପଦ୍ମ ଧାରଣ ତ ଭକ୍ତମାନଙ୍କ ପାଇଁ, ସେଇ ଭକ୍ତମାନଙ୍କ ପାଇଁ ଚତୁର୍ଭୁଜ ମହାବାହୁ ସଂକୁଚିତ ଅଙ୍ଗପ୍ରତ୍ୟଙ୍ଗଯୁକ୍ତ ହୋଇ 'ମହାଭାବା' ବେଶରେ ରତ୍ନସିଂହାସନାସୀନ । କଳିଯୁଗରେ ଧର୍ମ ଓ ଆଧ୍ୟାତ୍ମିକ ଚେତନା ବାସ୍ତବିକ ବହୁଭାବରେ ବିଖଣ୍ଡିତ ହେଲେ ସୁଦ୍ଧା ଶରଣାଗତ ଭକ୍ତମାନଙ୍କ ସୁରକ୍ଷା ତ ଆବଶ୍ୟକ । ନଚେତ ସନାତନ ଧର୍ମର ସଂସ୍ଥାପନ ହେବ କିପରି । ପ୍ରକୃତ ଭକ୍ତମାନେ ଆଶ୍ରୟ ନେବେ କାହାରି ବାହୁଛାୟା ତଳେ ।

ଭକ୍ତମାନଙ୍କ ଆକୁଳ ଆବେଦନକୁ ସ୍ୱୀକାର କରିଥିଲେ କାଳିଆ ଠାକୁରେ । ତାଙ୍କର ପ୍ରଥମ ସେବକ ଧ୍ୟାନମଗ୍ନ ଠାକୁର ରାଜାଙ୍କୁ ସ୍ୱପ୍ନାବେଶ ଦେଲେ - ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ବାରାଣାସୀରେ ରହୁଥିବା ସନ୍ଥ କବୀର ମୋର ପରମାଶ୍ରିତ । ତାହାଙ୍କୁ ନିମନ୍ତ୍ରଣ କରି ଏଠାକୁ ଆଣ । ସେ ନଆସିବା ପର୍ଯ୍ୟନ୍ତ ସମୁଦ୍ର ମତେ ଛାଡ଼ି ଯିବ ନାହିଁ ।

ସେଇ ଜଟିଳ ସମସ୍ୟା ସମାଧାନର ସୂତ୍ର ପାଇଗଲେ ଜଗତ ଠାକୁର ଜଗନ୍ନାଥଙ୍କ ପ୍ରଥମ ସେବକ ଠାକୁର ରାଜା । ତତ୍‌କ୍ଷଣାତ୍ ସ୍ୱପ୍ନାଦେଶ ପାଳିତ ହୋଇଥିଲା ।

ସନ୍ଥ କବୀର ସିଦ୍ଧିର ଶୀର୍ଷ ସ୍ଥାନରେ ପହଞ୍ଚି ସାରିଥିଲେ ସେତେବେଳକୁ । ସମସ୍ତ ଆଧ୍ୟାତ୍ମିକ କାମନାର ସଫଳ ରୂପାୟନ ହୋଇ ପାରୁଥିଲା । ଅନନ୍ୟ 'ନିର୍ଗୁଣ ସମାଧି' ସାଧନାରେ ସିଦ୍ଧହସ୍ତ ହୋଇ ସାରିଥିଲେ । ମୁହୂର୍ତ୍ତକ ମଧ୍ୟରେ ବ୍ରହ୍ମାଣ୍ଡ ଭ୍ରମଣ ସମ୍ଭବପର ଥିଲା ତାଙ୍କରି ପାଇଁ ।

ଖୋଦ୍ ଜଗନ୍ନାଥଙ୍କ ନିମନ୍ତ୍ରଣ ପାଇ ପୁଲ୍‌କିତ ହୋଇ ଉଠିଥିଲେ ସେ । ସେ ସମ୍ଭବତଃ ଅନୁଭବ କରିଥିଲେ ମହାବାହୁଙ୍କ ସୁଦୀର୍ଘ ପ୍ରସାରିତ ହସ୍ତର କୋମଳସ୍ପର୍ଶ । ଶତାୟୁର୍ଦ୍ଧ କବୀରଙ୍କ ମନରେ ଯୁବ ସୁଲଭ ସ୍ଫୁର୍ତ୍ତି ପ୍ରକଟିତ ହୋଇଥିଲା ।

ଶ୍ରୀକ୍ଷେତ୍ର ଅଭିମୁଖେ ଅବିଳମ୍ବେ ବାହାରିଥିଲେ ସେ । କେବଳ ଆଧ୍ୟାତ୍ମିକ ଚେତନାରେ ଆତ୍ମ ବିସ୍ମୃତ କବୀର ପୁରୀଠାରେ ପହଞ୍ଚିବା ପରେ ଦେଖିଥିଲେ ଏକ ଅଭାବିତ ଦୃଶ୍ୟ । ଶ୍ରୀମନ୍ଦିର ପର୍ଯ୍ୟନ୍ତ ଲମ୍ବି ଆସିଥିଲା ମହାସାଗରର ଜଳଧାରା । ସ୍ପର୍ଶ କରିଥିଲା ରତ୍ନସିଂହାସନକୁ । ମହାଯୋଗୀଙ୍କ ବିସ୍ମୃତିର କବରତଳୁ ଉଙ୍କି ମାରି ଉଠିଲା ବିଗତ ସ୍ମୃତି । ତାଙ୍କର ମନେ ପଡ଼ିଗଲା ସେଇ ପବିତ୍ର କ୍ଷେତ୍ରରେ ଜଳାର୍ଣ୍ଣବ ପାଇଁ ପ୍ରକାରାନ୍ତରେ ସେ ନିଜେ ହିଁ ଦାୟୀ । ମନ ଭିତରେ ସହସା ଜୀବନ୍ୟାସ ପାଇଥିଲା ନିକଟ ଅତୀତର ଘଟଣାବଳୀ ।

ସିଦ୍ଧଯୋଗୀ କବୀରଙ୍କ ଇଚ୍ଛାର ପରିଧି ଭିତରକୁ ଅକସ୍ମାତ୍ ପ୍ରବେଶ କରିଥିଲା ଜଗନ୍ନାଥ ଚେତନା । ସେତେବେଳ ପର୍ଯ୍ୟନ୍ତ ବାସ୍ତବରେ କବୀର ଜଗନ୍ନାଥ ଦର୍ଶନ କରି ନଥିଲେ । ଶତାୟୁ ହେବା ପରେ ପ୍ରଥମ ଦଶକ କେଉଁକାଳୁ ପାର ହୋଇସାରିଥିଲେ ସୁଦ୍ଧା ଶ୍ରୀକ୍ଷେତ୍ର

ପରିଦର୍ଶନରେ ଯାଇନଥିଲେ ସେତେବେଳ ପର୍ଯ୍ୟନ୍ତ । ବାରଣାସୀର ସାଧନାପୀଠ ହିଁ ଥିଲା ତାଙ୍କ ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର ।

ସେଦିନ ଅକସ୍ମାତ୍ ଜଗନ୍ନାଥଙ୍କ ଦାରୁ ବିଗ୍ରହ (ଭୂପତି ବେଶ) ଦର୍ଶନ ଅଭିଳାଷ ବଳବତ୍ତର ହେବାରୁ ସେଥିପାଇଁ ଆତ୍ମ ନିବେଦନ କରି ସମାଧିସ୍ଥ ହୋଇ ଯାଇଥିଲେ ତପୋସିଦ୍ଧ ସନ୍ଥ ମହୋଦୟ । ତାଙ୍କର ମନୋକାମନା ଅପୂରଣୀୟ ହୋଇ ରହିବାର କୌଣସି କାରଣ ନଥିଲା । କଠୋର ତପସ୍ୟାର ପରିଣାମ ତାଙ୍କ ପାଇଁ ସ୍ମରଣୀୟ ହୋଇଥିଲା ନିଶ୍ଚୟ ।

ସନ୍ଥ କବୀରଙ୍କ କଠୋର ତପର ଭାବ ତରଙ୍ଗ ରତ୍ନସିଂହାସନରେ କମ୍ପନ ସୃଷ୍ଟି କରିଥିଲା । ଭଗବାନ ଯଥାର୍ଥରେ ଅନୁଭବ କରିଥିଲେ ଭକ୍ତର ମନୋକାମନା । ଶରଣାଗତଙ୍କ ନିକଟରେ ଉପସ୍ଥିତ ହେବା ପାଇଁ ସାମାନ୍ୟତମ କୁଣ୍ଠା ନଥିଲା ତାଙ୍କର । ଭକ୍ତ ପାଇଁ ଚତୁର୍ଦ୍ଧାମୂର୍ତ୍ତିରେ ଉଭା ହୋଇଯାଇଥିଲେ ସମାଧିସ୍ଥ କବୀରଙ୍କ ସମକ୍ଷରେ ।

ଧ୍ୟାନସ୍ଥ ଯୋଗୀ ମହାପ୍ରଭୁଙ୍କ ଦିବ୍ୟ ଜ୍ୟୋତିର୍ମୟ ରୂପ ଦର୍ଶନ କରିବା ବେଳେ ଅତ୍ୟନ୍ତ ଉନ୍ମାଦଗ୍ରସ୍ତ ହୋଇ ପଡ଼ିଥିଲେ । ଆତ୍ମ ସନ୍ତୋଷ ଲାଭ କରିଥିଲେ ଜୀବନ ସଫଳ ହୋଇଗଲା ବୋଲି । ଦିବ୍ୟ ଆନନ୍ଦପ୍ରାପ୍ତିରେ ଉଲ୍ଲସିତ କବୀର ସେ ଅବସରରେ ଆନ୍ତରିକ କାମନା କରିଥିଲେ ପ୍ରଭୁଙ୍କ ପାଦପଦ୍ମକୁ ପ୍ରକ୍ଷାଳିତ କରନ୍ତେ । ସେଥିପାଇଁ ଯୋଗାବିଷ୍ଟ ମହାସନ୍ଥ ମହୋଦଧିଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ ।

ମହାସମୁଦ୍ର କିଭଳି ଅସ୍ୱୀକାର କରିଥାନ୍ତେ କବୀରଙ୍କ ପ୍ରାର୍ଥନା । ଉଦ୍‌ବେଳିତ ତରଙ୍ଗ ସୃଷ୍ଟି ହୋଇଥିଲା ସମୁଦ୍ର ବକ୍ଷରେ । ସେଇ ସାଗର ଲହରୀ ପାଗଳଙ୍କ ଭଳି ଦୌଡ଼ିଥିଲେ ରତ୍ନ ସିଂହାସନ ଆଡ଼କୁ ବଳିଆର ଭୁଜଙ୍କ ପାଦଧୌତ କରିବା ପାଇଁ । ସିଂହାସନାସୀନ ଭାବଗ୍ରାହୀଙ୍କ ପାଦପଦ୍ମକୁ ଧୌତ କରିବା ପରେ ପରେ କେବଳ ନିଜକୁ ଗୌରବାନ୍ୱିତ ମନେ କରିନଥିଲେ ମହୋଦଧି, ଗଭୀର ଆତ୍ମ ସନ୍ତୋଷ ଲାଭ କରିଥିଲେ ମଧ । ଥରେ ଜଗତ ଠାକୁରଙ୍କ ଚରଣାମୃତ ଲାଭ କରିବା ପରେ ସେଇ ସାନ୍ନିଧ ତ୍ୟାଗ କରିବା ପାଇଁ ତାଙ୍କର ଇଚ୍ଛା ହୋଇନଥିଲା । ଇଚ୍ଛା ହୋଇ ନଥିଲା ସେଇ ମଧୁରତମ ମୁହୂର୍ତ୍ତଗୁଡ଼ିକୁ ହାତଛଡ଼ା କରିବା ପାଇଁ । ଶାନ୍ତ, ସ୍ନିଗ୍ଧ କୁଳୁକୁଳୁ ନିନାଦିତ ଜଳଧାରା ଲାଗି ହୋଇ ରହିଥିଲା ଠାକୁରଙ୍କ ପାଦପଦ୍ମ ସହିତ । ଆଃ ବ୍ରହ୍ମାନନ୍ଦ ପ୍ରାପ୍ତିରେ କି ମାଧୁର୍ଯ୍ୟ ସତେ !

ତେଣେ ଗଭୀର ସମାଧିସ୍ଥ ସନ୍ଥ କବୀରଙ୍କ ସାମନାରେ ଉଭା ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି ଅଚାନକ ଅନୁଭବ କରିଥିଲେ ଆପଣାର ପାଦ ଧୌତ ହେବାର ଶୃଙ୍ଖଳା । ପାଦରେ ପାଦରେ ଶୀତଳତାର ଶିହରଣ । ଅଚାନକ ମହୋଦଧିଙ୍କ ସ୍ପର୍ଶ ପାଇବା ପରକ୍ଷଣରେ ଭାବଗ୍ରାହୀ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ସେଠାରୁ । ଜଗନ୍ନାଥ ସ୍ୱସ୍ଥାନକୁ ଫେରିଯିବା ପରେ ପରେ ସନ୍ଥ କବୀରଙ୍କ ଧ୍ୟାନ ମଧ ଭଗ୍ନ ହୋଇ ଯାଇଥିଲା । ଆପଣାକୁ କୃତକୃତ୍ୟ ମନେ କରିବା ଅବସରରେ ସେ ଭୁଲି ଯାଇଥିଲେ ମହୋଦଧିଙ୍କୁ ଫେରିଯିବା ଲାଗି ଅନୁରୋଧ ଜଣାଇବାକୁ ।

ଅନ୍ୟପକ୍ଷରେ କିଏ ବା ଚାହେଁ ଭଗବତ ଆନନ୍ଦ ପ୍ରାପ୍ତିରୁ ବଂଚିତ ହେବା ପାଇଁ । ମହୋଦଧି ବା ସେଥିରୁ ବ୍ୟତିକ୍ରମ ହୁଅନ୍ତେ କାହିଁକି ? ଶ୍ରୀଚରଣ ପ୍ରାପ୍ତି ଜନିତ ଆନନ୍ଦରୁ କିୟତ୍‌କ୍ଷଣ ବଂଚିତ ହେବାକୁ ଇଚ୍ଛା କରିନଥିଲେ ମହୋଦଧି । ଥରେ ବ୍ରହ୍ମାନନ୍ଦ ପ୍ରାପ୍ତି ହେବା ପରେ କିଏ ବା ଚାହେଁ ସେଥିରୁ ନିବୃତ୍ତ ହେବା ପାଇଁ ? ସେହିଭଳି ଅବସ୍ଥା ଲାଗି ରହିଥିଲା କବୀର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ।

କିଛି ମୁହୂର୍ତ୍ତର ପଶ୍ଚାତ୍ ଦର୍ଶନ ପରେ ପରେ ସନ୍ଥଜୀ ପ୍ରକୃତିସ୍ଥ ହୋଇଥିଲେ । ଆପଣାକୃତ ତ୍ରୁଟି ସୁଧାରିବା ପାଇଁ ପ୍ରଥମେ ପ୍ରୟାସ କରିଥିଲେ ସେ । ସେ ଅନୁଭବ କରିଥିଲେ ଯେ ସ୍ୱୟଂ ଜଗନ୍ନାଥଙ୍କ ତାଙ୍କୁ ନିମନ୍ତ୍ରଣରେ ମଧ ସେଇ ଉଦ୍ଦେଶ୍ୟ ନିହିତ ।

କବୀର ସିଧା ଚାଲିଲେ ସମୁଦ୍ର କୂଳକୁ । ସ୍ୱର୍ଗଦ୍ୱାର ନିକଟରେ ପହଞ୍ଚିଥିଲେ । ଆପଣା ହାତର ସାଥି ତପୋସିଦ୍ଧ ଦଣ୍ଡଟିକୁ ସେଇଠି ସେ ପୋତି ଦେଇଥିଲେ । ସତେ ଯେମିତି ସମୁଦ୍ର ଲହରୀ ପାଇଁ ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା । ତା'ପରେ ମହୋଦଧିଙ୍କୁ ଆନ୍ତରିକ ଆତ୍ମନିବେଦନ କରିଥିଲେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ ପାଇଁ । ସିଦ୍ଧଯୋଗୀଙ୍କ ତ୍ୟାଗପୂତ ପ୍ରାର୍ଥନା ନିଷ୍ଫଳ ହେବାର ନଥିଲା । ପୁଣି ତାଙ୍କର ପୂର୍ବସୀମା ପର୍ଯ୍ୟନ୍ତ ଫେରି ଯାଇଥିଲେ ସମୁଦ୍ର । ମହାସମୁଦ୍ର ମାନି ନେଇଥିଲେ ମହାସନ୍ଥଙ୍କ ସୀମା ନିର୍ଦ୍ଧାରଣ ।

ଆଶ୍ୱସ୍ତ ହୋଇଥିଲେ ଶ୍ରୀକ୍ଷେତ୍ରବାସୀ । ରାଜା-ପ୍ରଜା, ଭକ୍ତ-ପୂଜକ, ପଣ୍ଡା-ପଢ଼ିଆରୀ ସମସ୍ତେ ପ୍ରକୃତିସ୍ଥ ହୋଇଥିଲେ । ଜଗତ ଠାକୁରଙ୍କ ମହିମାରେ ମହିମାନ୍ୱିତ ହୋଇଥିଲା ସାରା ଭୂଖଣ୍ଡ । ସମସ୍ତେ ଏକ ସ୍ୱରରେ ଗାନ କରିଥିଲେ ଜୟ ଜଗନ୍ନାଥ ଜୟ ... ।

ପ୍ରକୃତ ଆଶ୍ୱସ୍ତି ଅନୁଭବ କରିଥିଲେ କବୀର । ତା'ପରେ ମୁହାଁଇ ଥିଲେ ଶ୍ରୀମନ୍ଦିର ଆଡ଼କୁ । ଯାଉ ଯାଉ ହଠାତ୍ ଏକ ଅଦ୍ଭୁତ ଖିଆଲର ବଶବର୍ତ୍ତୀ ହୋଇ ପଡ଼ିଥିଲେ ସେ । ଜଗତର ନାଥ ଜଗନ୍ନାଥ ସର୍ବଧର୍ମର ପ୍ରତୀକ । ସେ ତ ସବୁଧର୍ମ, ସବୁଜାତି, ସବୁ ସଂପ୍ରଦାୟର ଊର୍ଦ୍ଧ୍ୱରେ । ସାରା ଜଗତର ଠାକୁର ସେ, ସେ ଠାକୁର ସମଗ୍ର ମାନବ ଜାତିର । ତାଙ୍କରି ନିକଟରେ ହିନ୍ଦୁ ବା ମୁସଲମାନର ପ୍ରଶ୍ନ ନାହିଁ । ଭକ୍ତ, କେବଳ ଭକ୍ତିର ପରାକାଷ୍ଠା ହିଁ ତାଙ୍କ ପାଇଁ ଏକମାତ୍ର ସତ୍ୟ । ତାହା ହିଁ ତାଙ୍କୁ ପ୍ରାପ୍ତିର ଗୂଢ଼ ରହସ୍ୟ । ସେତିକିବେଳେ ସମ୍ଭବତଃ ତାଙ୍କରି ମନେପଡ଼ି ଯାଇଥିବ ଭକ୍ତ ସାଲବେଗଙ୍କ କଥା, ତାଙ୍କରି ଭକ୍ତିର ପରାକାଷ୍ଠା - ପ୍ରଭାବ ।

ଏଇ ନୀଳକନ୍ଦରବାସୀଙ୍କୁ ଆପଣାଇ ନେଇଥିଲେ ସାଲବେଗ । ତାଙ୍କରି ପାଇଁ ଅନ୍ତର ଅନ୍ତରରେ ଭକ୍ତିର ଉଚ୍ଛ୍ୱାସ । ଭୋକ ଶୋଷ ଭୁଲି

ଯାଉଥିଲେ ଜଗନ୍ନାଥଙ୍କ ଭାବରେ ବିଭୋର ହୋଇ ଯାଉଥିବାବେଳେ । ଅନ୍ତର୍ଯ୍ୟାମୀ ମଧ ଭକ୍ତ ଅନ୍ତରର ନିର୍ଯ୍ୟାସକୁ ଉପଲବ୍ଧ କରୁଥିଲେ ଯଥାର୍ଥ ଭାବେ ।

ସେଇଥି ପାଇଁ ତ ଥରେ ରଥଯାତ୍ରାବେଳେ ବଡ଼ଦାଣ୍ଡ ମଝିରେ ଅଟକି ଯାଇଥିଲା ନନ୍ଦିଘୋଷ । ସାଲବେଗ ପରା ଆସୁଛି ରଥରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ । ତଥାପି ତ ସେ ଅନେକ ଦୂରରେ । ଚାଲି ଚାଲି ପାଦ ରକ୍ତାକ୍ତ ହେଲାଣି । ତଥାପି ଦୌଡୁଛି ଶ୍ରୀକ୍ଷେତ୍ର ପାଇଁ । ତାକୁ ଆସିବାକୁ ଦିଅ । ଲୀଳାମୟଙ୍କ ଲୀଳା । ସମସ୍ତଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ ରଥ ଚାଲୁନି । ସମୟ ଗଡ଼ି ଯାଉଛି । ରାଜା ଅଧିଆ ପଡ଼ିଲେ । ସ୍ୱପ୍ନାଦେଶ ଦେଲେ ଠାକୁରେ । ଯବନ ସାଲବେଗ ଲୋକ ଭିଡ଼ ଭିତରେ ନାଚୁଛି । ପୂଜକମାନେ ତାଙ୍କୁ ଅସମ୍ମାନ କରି ତଡ଼ି ଦେଉଛନ୍ତି । ସେ ମୋର ଜଣେ ପରମ ଭକ୍ତ । ତାକୁ ଟିକିଏ ରଥ ଦଉଡ଼ି ଧରାଇ ଦିଅ । ଅନ୍ତଃକରଣ ସୁଦ୍ଧ ଥିବା ଭକ୍ତର ମନୋକାମନା ପୂର୍ଣ୍ଣ ହେଉ । ସେଇୟା ହିଁ ହୋଇଥିଲା । ଭକ୍ତର ଜୟ ହୋଇଥିଲା, ବିଜୟ ହୋଇଥିଲା ଭକ୍ତିର । ସହଜ ସ୍ୱାଭାବିକ ଭାବେ ରଥ ଗଡ଼ି ଚାଲିଥିଲା ଆଗକୁ ଆଗକୁ ... ।

ସେତିକିବେଳେ ତାଙ୍କ ଖିଆଲି ମନରେ ଆସିଲା ସାଲବେଗ ବ୍ୟବହାର କରୁଥିବା ମୁସଲମାନୀ ସଂପ୍ରଦାୟର ଟୋପିଟିଏ ପିନ୍ଧନ୍ତେ । ବିଶେଷ କରି ସବୁ ଧାର୍ମିକ ତଥା ଆଧାତ୍ମିକ କାର୍ଯ୍ୟ କାଳରେ ସେମାନେ ତାହାକୁ ପରିଧାନ କରିଥାନ୍ତି । ସେଇ ଖିଆଲକୁ କାର୍ଯ୍ୟକାରୀ କରିଥିଲେ କବୀର । ତେବେ ତାଙ୍କର ଅନ୍ୟାନ୍ୟ ପୋଷାକ ପରିଚ୍ଛଦ ଥିଲା ସଂପୂର୍ଣ୍ଣ ହିନ୍ଦୁ ଢାଞ୍ଚାର ।

ଗରୁଡ଼ ସ୍ତମ୍ଭ ନିକଟରେ ପହଞ୍ଚିବା ପରମୁହୂର୍ତ୍ତରେ ଦଳେ ପଣ୍ଡା ଘେରି ଯାଇଥିଲେ ମୁସଲମାନ ଟୋପି ପିନ୍ଧା କବୀରଙ୍କୁ । ବିଭିନ୍ନ ପଣ୍ଡାଙ୍କ ବିଭିନ୍ନ ପ୍ରଶ୍ନବାଣ । ହଜାରେ ପ୍ରକାରର କଟୁକ୍ତି । ଶାଳୀନତା ବିହୀନ ବ୍ୟବହାର । ମନ୍ଦିର ଭିତରକୁ ପ୍ରବେଶ କରାଇ ନଦେବା ପାଇଁ ସମସ୍ତ ଉଦ୍ୟମ ।

- ଓ ବେଟା, ମୁସଲମାନ ହୋଇ ମନ୍ଦିର ଭିତରକୁ ଧସେଇ ପଶୁଛୁ କାହିଁକି ?
- ତୁ କ'ଣ ଜାଣୁନା, ଏଇଟା ଏକ ହିନ୍ଦୁ ମନ୍ଦିର । କେବଳ ହିନ୍ଦୁମାନେ ହିଁ ଏଇ ଠାକୁରଙ୍କୁ ଉପାସନା କରିବାର ଅଧିକାର ରହିଛି । ଜାଣିଶୁଣି ଆମ ମନ୍ଦିର ଅପବିତ୍ର କରିବାକୁ ଯାଉଛୁ ?
- ତୋର ଯଦି ଏଇ ଠାକୁରଙ୍କୁ ଦର୍ଶନ କରିବାର ଏତେ ଆଗ୍ରହ ଅଛି, ଅପେକ୍ଷା କର ରଥଯାତ୍ରାକୁ । ସେତିକିବେଳେ ସାରା ଜଗତର ଲୋକେ ଏକତ୍ର ହେବେ ବଡ଼ଦାଣ୍ଡରେ । ରଥରେ ଠାକୁରଙ୍କୁ ଦେଖିବେ । ବାମନଙ୍କୁ ରଥରେ ଦେଖିଲେ ମୁକ୍ତି ପାଇଯିବୁ ବେଟା, ପୁନର୍ଜନ୍ମରୁ ମୁକ୍ତି ମିଳିଯିବ କାଳ କାଳ ପାଇଁ ।
- ବିଧର୍ମୀ ପଠାଣମାନେ ମନ୍ଦିର ପ୍ରବେଶ କରିପାରିବେ ନାହିଁ । ଯା, ଫେରିଯା - ତାଗିଦ୍‌ମୂଳକ କଣ୍ଠସ୍ୱର ଜଣେ ବୟସ୍କ ପଣ୍ଡାଙ୍କର ।
- ଆଉ ତଥାପି ଯଦି ଅଧିକ ଉଦ୍ୟମ କରିବୁ ତେବେ ଅବସ୍ଥା ଅସମ୍ଭାଳ ହୋଇ ଉଠିବ । ସେଥିପାଇଁ ତୁ ନିଜେ ହିଁ ଦାୟୀ ରହିବୁ ।

ତଥାପି ସ୍ଥିରମନା କବୀର ପଣ୍ଡାମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ । ଉଦ୍ୟମ କରୁଥିଲେ ମନ୍ଦିର ଭିତରେ ଠାକୁର ଦର୍ଶନ ପାଇଁ । ବେଳକୁ ବେଳ ପଣ୍ଡାମାନଙ୍କ ବ୍ୟବହାର ତାହାଙ୍କୁ ଅଧିକରୁ ଅଧିକ କୌତୁହଳୀ କରି ଦେଉଥିଲା । ଅବିଚଳିତ ସନ୍ଥ ଶାନ୍ତ ଭାବରେ ଉପସ୍ଥିତ ପଣ୍ଡାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ - ଭାଇମାନେ, ଆପଣମାନେ ତ ମୋ' ଭଳି ସମସ୍ତଙ୍କୁ ମନ୍ଦିର ଭିତରକୁ ଛାଡ଼ି ସାରିଛନ୍ତି । ଆଉ ମୋରି ବେଳକୁ ଏତେ ନୀତି ନିୟମ ଶୁଣାଉଛନ୍ତି କାହିଁକି ?

- ସେମାନେ ସବୁ ତୋରିଭଳି ନୁହନ୍ତି । ସେମାନେ ସବୁ ହିନ୍ଦୁ । ବେଶ ପୋଷାକରୁ ଜାଣିପାରୁନୁ ?
- ମୁରୁଁକିତ ସେଇୟା କହୁଛି ଭାଇମାନେ । ମୋ' ବେଶ ପୋଷାକ ମଧ ଠିକ୍ ସେଇମାନଙ୍କ ଭଳି । ଆପଣମାନେ ସମସ୍ତେ ତ ବିଜ୍ଞ ଲୋକ । ଠାକୁରଙ୍କ ସେବକ । କଦାପି ମିଛ କହିବେ ନାହିଁ, ମିଛ ଭାବିବେ ନାହିଁ । ଦେଖନ୍ତୁତ ମନ୍ଦିର ଭିତରର ଠାକୁର ଦର୍ଶନାର୍ଥୀମାନଙ୍କୁ ।

ଉପସ୍ଥିତ ସବୁ ପଣ୍ଡା ପଛକୁ ଫେରି ଚାହିଁଲେ । ଚାହିଁଲେ ମନ୍ଦିର ଭିତରକୁ ।

କିନ୍ତୁ, ଏ କି ଦୃଶ୍ୟ !

ମେଘନାଦ ପାଚେରୀ ଭିତରେ ଯେତେ ଲୋକ ଦୃଶ୍ୟ ହେଉଥିଲେ ସମସ୍ତଙ୍କ ମୁଣ୍ଡରେ ମୁସଲମାନ ଟୋପି । ସେମାନେ ସବୁ ଠାକୁର ଦର୍ଶନାର୍ଥୀ । ସେମାନେ ପିନ୍ଧିଥିବା ଟୋପି ସବୁ ଏକା ପ୍ରକାରର, କବୀରଜୀ ପିନ୍ଧିଥିବା ଭଳି । ପଣ୍ଡାମାନଙ୍କ ମନରେ ପ୍ରବଳ ସନ୍ଦେହ ହେଲା । ସେମାନଙ୍କ ମଧ୍ୟରୁ ଅନେକେ ଦୌଡ଼ିଗଲେ ମନ୍ଦିର ଭିତରକୁ । ଦେଖିଲେ ଏପରିକି ବେଢ଼ା ଭିତରେ ଥିବା ବିଭିନ୍ନ ମନ୍ଦିର ମଧ୍ୟରେ ଯେତେଲୋକ ଥିଲେ ସମସ୍ତଙ୍କ ଅବସ୍ଥା ସେଇ ଏକାପ୍ରକାରର ।

ବିସ୍ମୟାଭିଭୂତ ହୋଇ ପଡ଼ିଥିଲେ ସମସ୍ତେ ।

ଅନେକଙ୍କ ମନ ଭିତରେ ସେଇ ଏକା ଧାରଣା । ଏ ଲୋକଟି ନିଶ୍ଚୟ ଏକ ପଠାଣ ଯାଦୁକର ଅଛି । ସେଇ ଧାରଣାକୁ ଦୃଢ଼ୀଭୂତ କରି ସମସ୍ତେ ଫେରି ଆସିଲେ ସିଂହଦ୍ୱାର ପର୍ଯ୍ୟନ୍ତ । ଭଲକରି ନୀରିକ୍ଷଣ କଲେ ଲୋକଟିକୁ । କିନ୍ତୁ ଲୋକଟି ସେମିତି ଧୀର, ସ୍ଥିର, ଶାନ୍ତ । ଆଖିରେ

ଆଖିରେ ଏବଂ ଓଠ ଚାଳନାରେ ଏକ କୌତୁହଳୀ ଭାବ । ପଣ୍ଡାମାନଙ୍କର ପୁଣି ଆକ୍ଷେପ -

- ତୁ ଜଣେ ଦକ୍ଷ ଯାଦୁକର ଅଛୁ । ଆମେ ଏହା ସ୍ପଷ୍ଟ ଜାଣିପାରୁଛୁ ।
- ତୋ' ଯାଦୁ ବିଦ୍ୟା ଏଇଠି କିଛି କାମ କରିବ ନାହିଁ । ଆମେ କେହି ତୋ' ବିଦ୍ୟାରେ ଭେଲିକି ଯିବୁ ନାହିଁ । ମନେରଖ, ଏସବୁ ପରେ ବି ମନ୍ଦିର ଭିତରକୁ ଆଉ ପାଦେ ଆଗେଇ ପାରିବୁ ନାହିଁ ।
- ତୁ କି ଯାଦୁ ଦେଖାଉଛୁରେ ପଠାଣ ଟୋକା । ଆମ ଠାକୁରେ ବି ତୋ'ଠାରୁ ଅଧିକ ଯାଦୁକର, ଜାଣିଥା । ଏଇ ମୁହୂର୍ତ୍ତକ ଆଗରୁ ସମୁଦ୍ରର ଜଳଧାରାକୁ ମନ୍ଦିର ଭିତରୁ ତଡ଼ି ଦେଲେ ତା' ଜାଗାକୁ । ତୋ' ଯାଦୁ ସବୁ ତାଙ୍କଠାରେ ହାର ମାନିଯିବ ।
- ଆଉ ବିଳମ୍ବ ନକରି ପଛକୁ ହଟିଯା' । ନଚେତ୍ ଗଳାଧକ୍କା ଦେଇ ବାହାର କରିଦେବୁ ।

ସନ୍ଥ କବୀର ଦେଖିଲେ ଅବସ୍ଥା କ୍ରମଶଃ ଅଧିକରୁ ଅଧିକ ଜଟିଳ ହେବାକୁ ଯାଉଛି । ପଣ୍ଡାମାନେ ସାଲିସ୍ କରିବା ଅବସ୍ଥାରେ ନାହାନ୍ତି । ସନ୍ଥ ମହୋଦୟ ଶେଷ ଅସ୍ତ୍ର ପ୍ରୟୋଗ କରିଥିଲେ । ଭକ୍ତି ଅର୍ଘ୍ୟ ସମର୍ପଣ କରିଥିଲେ ଜଗନ୍ନାଥଙ୍କୁ । ଜଗତ ଠାକୁରଙ୍କୁ ମନେ ମନେ ସ୍ମରଣ କଲେ - ତୁମରି ଆହ୍ୱାନ ନିକଟକୁ ଆସି ତୁମରି ଦର୍ଶନ ବିନା ଫେରିବି କିପରି ପ୍ରଭୁ ! ପ୍ରଭୁ, ଆପଣ ମତେ ସହାୟ ହୁଅନ୍ତୁ ।

ସଙ୍ଗେ ସଙ୍ଗେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଲେ କାଳିଆ ଠାକୁରେ । ଭକ୍ତମାନଙ୍କ ପାଇଁତ ମୋର ସ୍ଥିତି ବଡ଼ପଣ୍ଡା ମହୋଦୟ । ମୋର ଏକ ଭକ୍ତ ସିଂହଦ୍ୱାରଠାରେ ଅଟକି ରହିଛି । ପଣ୍ଡାମାନେ ବେଶ୍ ଭ୍ରମରେ ପଡ଼ି ଯାଇଛନ୍ତି । ତାହାଙ୍କୁ ଘେରି ରହିଛନ୍ତି । ମନ୍ଦିର ଭିତରକୁ ଛାଡ଼ୁ ନାହାନ୍ତି । ତୁମେ ଯାଅ । ତାହାଙ୍କୁ ମୋର ଦର୍ଶନ କରାଇଦିଅ ।

ପୂଜାପଣ୍ଡା ଅବିଳମ୍ବେ ପହଞ୍ଚିଲେ ସିଂହଦ୍ୱାର ନିକଟରେ । ଜଗନ୍ନାଥଙ୍କ ପରମ ଭକ୍ତଙ୍କୁ ଚିହ୍ନିବାରେ ଅସୁବିଧା ହୋଇ ନଥିଲା । ତାହାଙ୍କୁ ନେଇ ଠାକୁର ଦର୍ଶନ କରାଇବାର ସୁବନ୍ଦୋବସ୍ତ କରାଇ ଦେଇଥିଲେ । ପ୍ରଚଳିତ ପରମ୍ପରା ଅନୁଯାୟୀ ମୁଣ୍ଡରୁ ଟୋପି ଓହ୍ଲାଇ ରତ୍ନସିଂହାସନରେ ଠାକୁରମାନଙ୍କୁ ଦର୍ଶନ କରିଥିଲେ ସନ୍ଥ କବୀର ।

ଆତ୍ମ ସନ୍ତୋଷରେ ମନ ପୂରି ଉଠିଥିଲା ।

ଭକ୍ତ ପାଇଁ ନିକଟ ଅତୀତରେ ସମାଧିସ୍ଥ ଅବସ୍ଥାରେ ଶଙ୍ଖ-ଚକ୍ରଧାରୀ ଚତୁର୍ଦ୍ଧାମୂର୍ତ୍ତି ଧାରଣ କରିଥିବା ଜଗନ୍ନାଥଙ୍କୁ ବର୍ତ୍ତମାନ ରତ୍ନସିଂହାସନରେ ସାକ୍ଷାତ ଦର୍ଶନ କରିଥିଲେ କବୀର ।

ଆପଣାକୁ କୃତାର୍ଥ ମନେ କରିଥିଲେ ଜୀବନର ଶେଷ ପାବଚ୍ଛରେ ଶ୍ରୀକ୍ଷେତ୍ର ଧାମରେ ଜଗନ୍ନାଥ ଦର୍ଶନ ଲାଭକରି ।

ଏଚ୍.ଆଇ.ଜି-୨/୧୧୧
ସତ୍ୟସାଇ ଏନ୍‌କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

---

# ବଡ଼ଦାଣ୍ଡ

ସୌଭାଗ୍ୟ ଲକ୍ଷ୍ମୀ

ଶ୍ରୀକ୍ଷେତ୍ରରେ ବଡ଼ଦାଣ୍ଡ
ପ୍ରକମ୍ପିତ ଆଜି,
ଜନକ ପୁରୀକୁ ତୁମ
ନବଦିନ ଯାତ୍ରା ...
ସେଥିପାଇଁ ମମତା ଅପାର
ତୁମେ ଜନ୍ମ ନେଇଥିଲ ସେଇଠାରେ ॥
ପ୍ରତିଶ୍ରୁତି ଦେଇଥିଲ -
ଜନ୍ମଠାରୁ ଆଜିଯାଏଁ
ଜ୍ୟେଷ୍ଠଭ୍ରାତା ଭଗ୍ନି ସଙ୍ଗେ
ବିଜୟ କରିବ ତୁମେ
ନନ୍ଦୀଘୋଷ ରଥେ ।

ଜନମାନସରେ ଅପୂର୍ବ ମୂର୍ଚ୍ଛନା ... !
ହାତ ନାହିଁ, ପାଦ ନାହିଁ,
ତଥାପି ଏ' ବିଶ୍ୱ ବ୍ରହ୍ମାଣ୍ଡକୁ -
ତୁମେ କର ପ୍ରସାରିଛ ।
ଚକ୍ଷୁ ଦୁଇଟି ଲାଗି ତୁମେ
ସବୁରି ଚକ୍ଷୁର ଚମକ !!
ମେଘମାଳ ପରି କଳା ରୂପ ଯୋଗୁଁ
ତୁମେ ସର୍ବ ହୃଦୟର ଆନନ୍ଦ ଦାୟକ ।
ସାଧକର ପଥପ୍ରଦର୍ଶକ ।

୧୨-ଡି, ଆରାମବାଗ
ନୂଆଦିଲ୍ଲୀ-୧୧୦୦୫୫

# ଶ୍ରୀମନ୍ଦିର ସୁରକ୍ଷା ଓ ସାର୍ବଜନୀନ ପ୍ରବେଶ

ଡକ୍ଟର ନୀଳକଣ୍ଠ ମିଶ୍ର

ବହୁ ଚର୍ଚ୍ଚିତ ଶ୍ରୀମନ୍ଦିର ସୁରକ୍ଷା ଏକ ରହସ୍ୟାବୃତ୍ତ ତଥା ସ୍ପର୍ଶକାତର ପ୍ରଶ୍ନ । ସଂପ୍ରତି ବହୁ ଆତଙ୍କବାଦୀ ଗୋଷ୍ଠୀମାନଙ୍କ ଦ୍ୱାରା ବହୁ ଧାର୍ମିକ ଅନୁଷ୍ଠାନ ଉପରେ ହେଉଥିବା ଆକ୍ରମଣ ଏତେ ଆକସ୍ମିକ ଭାବେ ଘଟିଯାଏ ଯେ ଏହାକୁ ଦୁର୍ଘଟଣା କହିବା ଅଧିକ ସମୀଚୀନ ହେବ । ଏ ଘଟଣାର ଉଦୟ ଓ ଅସ୍ତ ବିଷୟ ଚିନ୍ତା କରିବା ପୂର୍ବରୁ ଏହା ସମାହିତ ହୋଇଥାଏ । ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆବଶ୍ୟକ କରେ ଅନନ୍ତ ସଚେତନତା ଓ ଅଖଣ୍ଡ ପ୍ରସ୍ତୁତି ।



ସାଧାରଣ ଭକ୍ତଟିଏ ଶ୍ରୀଜଗନ୍ନାଥ ତାକୁ ସୁରକ୍ଷା ଓ ସମୃଦ୍ଧି ଦେବେ ଏହି ବିଶ୍ୱାସରେ ମହାପ୍ରଭୁଙ୍କର ଶରଣାପନ୍ନ ହୁଏ । ସେ ପୁଣି ମହାପ୍ରଭୁଙ୍କର ସୁରକ୍ଷା ବ୍ୟବସ୍ଥାରେ କିଭଳି ଅଂଶୀଦାର ହେବ ଏହା ତାକୁ ରହସ୍ୟମୟ ଜଣାପଡ଼େ । ପୁଣି ଶ୍ରୀମନ୍ଦିର ସୁରକ୍ଷା ଲାଗି ନିକଟରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଯଥା- ଆରକ୍ଷୀ ବା ଅନ୍ୟମାନେ ମନ୍ଦିରରେ ପ୍ରବେଶ କରୁଥିବା ଯାତ୍ରୀମାନଙ୍କୁ ଭଲ ଭାବେ ତନଖି କରିବା, ମନ୍ଦିର ଭିତରକୁ କ୍ୟାମେରା ମୋବାଇଲ, ଚମଡ଼ାବସ୍ତୁ, ମାରଣାସ୍ତ୍ର ଆଦି ନିଷିଦ୍ଧ ଦ୍ରବ୍ୟ ନେଇ ଯାତ୍ରୀ ଯେଭଳି ପ୍ରବେଶ କରି ନପାରେ ସେଥିପ୍ରତି ଦୃଷ୍ଟି ଦେବା, ଶ୍ରୀମନ୍ଦିରର ୧୦୦ ମିଟର ପରିବ୍ୟାପ୍ତି ଭିତରେ ଥିବା ସମସ୍ତ ପ୍ରାଚୀନ ଅଟ୍ଟାଳିକାକୁ ଭାଙ୍ଗିବା, ସିଂହଦ୍ୱାର ବାଟେ ପ୍ରବେଶ କରି ପଶ୍ଚିମ ଦ୍ୱାର ପଥରେ ପ୍ରସ୍ଥାନ କରିବା ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରଶ୍ନ ।

ଏବେ ମଧ୍ୟ ଇଂରେଜ ଅମଳରୁ ଶ୍ରୀମନ୍ଦିର ପ୍ରବେଶ ପଥରେ ମାର୍ବଲ ଫଳକଟିଏ ଲାଗିଛି । (ଯାହା ଅବଶ୍ୟ ସମୟ ପ୍ରଭାବରୁ ଅସ୍ପଷ୍ଟ ଓ ସର୍ବସାଧାରଣଙ୍କ ଦୃଷ୍ଟି ଅନ୍ତରାଳରେ ଅଦୃଶ୍ୟ) ଏହି ମାର୍ବଲ ଫଳକରେ କେବଳ ରକ୍ଷଣଶୀଳ ହିନ୍ଦୁମାନଙ୍କର ଶ୍ରୀମନ୍ଦିରରେ ପ୍ରବେଶ ଅଧିକାରକୁ ସ୍ୱୀକୃତି ଦିଆଯାଇଛି ।

ଶ୍ରୀମନ୍ଦିରରେ ଅସବର୍ଣ୍ଣ ହିନ୍ଦୁମାନଙ୍କର ପ୍ରବେଶ ପାଇଁ ପ୍ରାକ୍ ସ୍ୱାଧୀନତା କାଳରେ ବହୁ ଉଦ୍ୟମ ହୋଇଛି । ଖ୍ରୀ:୧୯୩୪ରେ ଶ୍ରୀକ୍ଷେତ୍ରର ମଠାଧୀଶମାନେ ଏମାର ମଠ ମହନ୍ତ ଶ୍ରୀନିବାସ ରାମାନୁଜ ଦାସଙ୍କ ନେତୃତ୍ୱରେ ତତ୍କାଳୀନ ଭାଇସ୍‌ରାୟଙ୍କୁ ସବର୍ଣ୍ଣଙ୍କ ବ୍ୟତୀତ ଅନ୍ୟ ହିନ୍ଦୁ ଜାତିମାନଙ୍କୁ ମନ୍ଦିର ପ୍ରବେଶ ବାରଣ କରିବାକୁ ଏକ ଆବେଦନପତ୍ର ଦେଇଥିଲେ । ସେହିବର୍ଷ କଟକ ଓ ଖୋର୍ଦ୍ଧାର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀମନ୍ଦିର ପରିଚାଳକ (Superintendent) ଗଜପତି ରାମଚନ୍ଦ୍ର ଦେବଙ୍କୁ ହରିଜନମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ଦେବାକୁ ଅନୁରୋଧ କରିଥିଲେ ଯାହା ପ୍ରତ୍ୟାଖ୍ୟାତ ହୋଇଥିଲା । ଅବଶ୍ୟ ପଞ୍ଚସଖାର ବରିଷ୍ଠ ସାଧକ ବଳରାମ ଦାସଙ୍କ ରଚନାରୁ ଜଣାଯାଏ ସୂର୍ଯ୍ୟବଂଶୀ ଗଜପତି ପ୍ରତାପରୁଦ୍ର ଦେବ (ଖ୍ରୀ:୧୪୯୭-୧୫୩୪)ଙ୍କ ସମୟରେ ଶ୍ରୀମନ୍ଦିର ଭିତର ବେଢ଼ାର ମୁକ୍ତିମଣ୍ଡପ ତଳେ ବଳରାମ ଦାସଙ୍କ ଆଧ୍ୟାତ୍ମିକ ପ୍ରଭାବରେ ଜନୈକ ବାଉରୀ ବ୍ରହ୍ମବିଦ୍ୟା ବ୍ୟକ୍ତ କରିଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ପଞ୍ଚଦଶ / ଷୋଡଶ ଶତାବ୍ଦୀ ବେଳକୁ ହିନ୍ଦୁ ଅସବର୍ଣ୍ଣମାନେ ମଧ୍ୟ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିପାରୁଥିଲେ । ଏହି ସମୟରେ ମୁସଲମାନ/ହୀନଜାତି ('କହେ ସାଲବେଗ ହୀନ ଜାତି') ମଧ୍ୟ ମନ୍ଦିରରେ ପ୍ରବେଶ ଅଧିକାର ପାଇଥିବା ସାଲବେଗଙ୍କ (ଖ୍ରୀ:୧୬୦୮-୧୬୫୮) 'ଆହେ ନୀଳଗିରି' ଭଜନରୁ ସ୍ପଷ୍ଟ ପ୍ରତିପାଦିତ । ଜଣେ ପ୍ରତ୍ୟକ୍ଷଦର୍ଶୀର ଅନୁଭବ ନେଇ ତାଙ୍କର ରଚନା ଯେମିତି ଓଜସ୍ୱୀମୟ ସେମିତି ପ୍ରାଣବନ୍ତ । ଉଦାହରଣ ସ୍ୱରୂପ, 'ସିଂହଦ୍ୱାରେ ବାଜେ ବେତ ବାଡ଼ି, ବାଜନ୍ତେ ପାତକ ଯାଏ ଛାଡ଼ି । ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଏକକୁ ଆରେକ ହୁଡ଼ାହୁଡ଼ି । ବାଇଶି ପାବଚ୍ଛେ ଯାଇ ସୁଖେ, କୈବଲ୍ୟ ପସରା ବେନି ପାଖେ, ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ସୁଖେ ମୁଖେ ।(୪)

ଗରୁଡ଼ ପଛରେ ରହି ଦେଖ, କି ଶୋଭା ପାଉଛି ପଦ୍ମମୁଖ ।
ହୀରାନୀଳା ମୋତି ମାଣିକ୍ୟ ଜଳୁଛି, ହୃଦେ ଲମ୍ବି ଅଛି ବ୍ୟାଘ୍ର ନଖ ।(୬)

ମାତ୍ର ଏହି ଭଜନର ପଞ୍ଚମ ପଦ ଯଥା- (ନିମ୍ନ ରେଖାଙ୍କିତ ଖଣ୍ଡବାକ୍ୟ) 'ରୋହିଣୀ ପାଦୁକ କୁଣ୍ଡରଜ, ସିଂହ ମାଡ଼ି ବସିଅଛି ଗଜ । ସତେ କି ଏ ନେତ୍ର ସଫଳ ହୋଇବ କାକ ପଡ଼ି ହେଲା ଚତୁର୍ଭୁଜ ... ବିଶ୍ଳେଷଣରୁ ଶ୍ରୀମନ୍ଦିରରେ ସାଲବେଗ ପ୍ରବେଶ କରିନଥିଲେ, ପ୍ରବେଶର ଆଶା/ଲାଳସା ରଖିଥିଲେ ବୋଲି ଜଣାପଡ଼େ । ତେବେ ତାଙ୍କ ସମୟରେ ହିନ୍ଦୁ ଓ ମୁସଲମାନ ଗୋଷ୍ଠୀ ମଧ୍ୟରେ ସଂପ୍ରୀତି ଥିବା କିମ୍ବା ଉଭୟ ଏକତ୍ର ବସି ମହାପ୍ରସାଦ ଭୋଜନ କରୁଥିବା ବିବରଣୀ ମେ' ମାସ ୨୦ ତାରିଖ ୧୬୯୬ ମସିହାରେ ଶ୍ରୀକ୍ଷେତ୍ର ଆସିଥିବା ପରିବ୍ରାଜକ ମହମ୍ମଦ ଅମୀର ୱାଲିଙ୍କ ବିବରଣୀରୁ ଜଣାପଡ଼େ । ତେବେ ଅତୀତରେ ଶ୍ରୀକ୍ଷେତ୍ରରେ ଧର୍ମୀୟ ସଂହତିର ଏକ ବଳିଷ୍ଠ ପରମ୍ପରା ଥିଲା ଓ ସାଲବେଗ ମହାପ୍ରଭୁଙ୍କର ଜଣେ ନୈଷ୍ଠିକ ଭକ୍ତ ଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ପାଇଥିବା ଅନୁମିତ ହୁଏ ।

ପ୍ରାକ୍ ସ୍ୱାଧୀନତା କାଳରେ ଖ୍ରୀ:୧୪.୨.୧୯୪୭ରେ ଅସବର୍ଣ୍ଣମାନଙ୍କ ମନ୍ଦିର ପ୍ରବେଶ ଅଧିକାର ଦେବାକୁ ଓଡ଼ିଶା ଆସେମ୍ଲିରେ 'Orissa Temple Entry Authorisation and Indemnity Bill' ଆଗତ ହୋଇ ସେହି ଦିନ ହିଁ ଗୃହୀତ ହୋଇଥିଲା ଓ ତା.୯.୬.୧୯୪୭ରେ ରାଜ୍ୟପାଳଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇଥିଲା । ସାମାଜିକ ପ୍ରତିରୋଧକୁ ପ୍ରତିହତ କରିବା ଲାଗି ଫେବୃଆରୀ-୧୨, ୧୯୪୮ ମସିହାରେ ମୋହନ ନାୟକ ଶ୍ରୀମନ୍ଦିର ସମ୍ମୁଖରେ ଅନଶନ କରିଥିଲେ ।

ମହାପ୍ରଭୁଙ୍କ 'ଶ୍ରୀଜଗନ୍ନାଥ' ନାମକୁ ଭିତ୍ତିକରି କେତେକ ସମଗ୍ର ଜଗତବାସୀଙ୍କର ଶ୍ରୀମନ୍ଦିରରେ ପ୍ରବେଶ ଓ ଉପାସନା ଅଧିକାର ଅଛି ବୋଲି ମତ ଦେଇଥାନ୍ତି । ଧର୍ମାନ୍ତରିତ ହିନ୍ଦୁମାନଙ୍କ ପାଇଁ ଶ୍ରୀମନ୍ଦିରରେ ପ୍ରବେଶ କରିବା ଏକ ବଡ଼ କୃତିତ୍ୱ ବୋଲି ସେମାନେ ମନେ କରିଥାନ୍ତି । ଅତୀତରେ ଜନୈକ ଆମେରିକାନ୍ ମହିଳା 'ଯୋଗାନନ୍ଦ ସତ୍‌ସଙ୍ଗ ମଠ'ର ପ୍ରତିଷ୍ଠାତା ଯୋଗାନନ୍ଦଙ୍କର ଶିଷ୍ୟା ହୋଇ 'ଜୟମାତା' ନାମରେ ପରିଚିତ ଥିଲେ ଓ ଯୋଗାନନ୍ଦଙ୍କ ପରେ ତାଙ୍କର ଉତ୍ତରାଧିକାରୀ ହୋଇ ଫେବୃଆରୀ ୭ ତାରିଖ ୧୯୫୯ ମସିହାରେ ଗଜପତି ବୀରକିଶୋର ଦେବ - ଚତୁର୍ଥ ଶ୍ରୀମନ୍ଦିର ପରିଚାଳକ ଥିବାବେଳେ ଗଜପତିଙ୍କସହିତ ମନ୍ଦିର ଭିତରେ (Sanctum sanctorum of Lord Jagannath) ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ସେହି ଆଧାରରେ ଆଜି ଅନେକ ଧର୍ମାନ୍ତରିତ ହିନ୍ଦୁ ଶ୍ରୀମନ୍ଦିରରେ ପ୍ରବେଶ ଆଶାୟୀ ଓ ଆବେଦନପ୍ରାର୍ଥୀ ଏଥିପାଇଁ ବିଚାର ବିମର୍ଷର ବିରାମ ନାହିଁ ।

ମନେ ରଖିବା କଥା ସମାଜରେ ପ୍ରାଚୀନ ପରମ୍ପରାର ଉଚ୍ଛେଦ ହୋଇ କୌଣସି ନୂତନ ବିଧିବ୍ୟବସ୍ଥାର ଉଦ୍‌ଭବ ହେବା ବେଳେ ଏହା ବହୁ ଅନୁଭୂତି ଓ ବିଚାର ଆଲୋଚନା ଆଧାରିତ ହୋଇଥାଏ ।

ଆବଶ୍ୟକତାର ଉତ୍ପୀଡ଼ନ ହିଁ ସୃଜନର ଜନକ । ଇତିହାସରୁ ଜଣାଯାଏ ଶ୍ରୀକ୍ଷେତ୍ରର ଉପାସିତ ଦେବତାଙ୍କ ପ୍ରସିଦ୍ଧି ଖ୍ରୀ: ଚତୁର୍ଥ ଶତକ ବେଳକୁ ସାରା ଭାରତରେ ପରିବ୍ୟାପ୍ତ ହୋଇଥିଲା । ଏଥିପାଇଁ ମାଦଳାପାଞ୍ଜି ବିବରଣୀ ଅନୁସାରେ ରାଜା ଶୋଭନ ଦେବଙ୍କ ସମୟରେ ଅନ୍ୟ ରାଷ୍ଟ୍ରୀୟ ଆକ୍ରମଣକାରୀ ରକ୍ତବାହୁ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା, ଯେଉଁଥିପାଇଁ ଦେବତାମାନଙ୍କୁ ବୌଦ ସୀମାନ୍ତର ଗୋପାଳି ଗ୍ରାମକୁ ସ୍ଥାନ୍ତରିତ କରାଯାଇଥିଲା । ଖ୍ରୀ:୧୧୯୨ରେ ହୋଇଥିବା ତାରାୟଣ ଯୁଦ୍ଧ ପରେ ଧର୍ମାନ୍ଧ ଯବନମାନଙ୍କ ପାଇଁ ଶ୍ରୀକ୍ଷେତ୍ର ଲୁଣ୍ଠନ ତଥା ସନାତନୀ ଧର୍ମ ଚେତନାକୁ ଆହତ କରିବା ପାଇଁ ପ୍ରମୁଖ ପୀଠରେ ରୂପାନ୍ତରିତ ହୋଇଥିଲା । ଖ୍ରୀ:୧୫୬୮ରେ ଗୋହିରାଟିକିରି ଯୁଦ୍ଧରେ ବିଶ୍ୱାସ ଘାତକତାର ଶରାଘାତରେ ନିହିତ ଚାଲୁକ୍ୟ ମୁକୁନ୍ଦ ଦେବ, ଏହାପରେ କୃତଘ୍ନ ଶିଖି ମନାଇଙ୍କ ସହାୟତାରେ ଆହ୍ଲାଦାଦ ମିଆଁର (କଳାପାହାଡ଼) ପେସ୍ତାର ଆଫଗାନୀ ଶାସକ ସୁଲେମାନ କରାନୀର ବିଶ୍ୱସ୍ତ ସେନାପତି, ଶ୍ରୀମନ୍ଦିର ଲୁଣ୍ଠନ ତଥା ବିଗ୍ରହମାନଙ୍କୁ ହାତୀ ପିଠିରେ ନେଇଯିବା, ଏହା ପୂର୍ବରୁ ଖ୍ରୀ:୧୫୦୯ରେ ସୂର୍ଯ୍ୟବଂଶୀ ସମ୍ରାଟ ପ୍ରତାପରୁଦ୍ର ଦେବ ଦାକ୍ଷିଣାତ୍ୟ ବିଜୟରେ ଥିବାବେଳେ ବଙ୍ଗ ସୁଲତାନ୍‌ର ସେନାପତି ଇସ୍‌ମାଇଲ୍ ଗାଜିର ଓଡ଼ିଶା ଆକ୍ରମଣ ଓ ଶ୍ରୀମନ୍ଦିର ଲୁଣ୍ଠନ ଯୋଗୁଁ ଶ୍ରୀମନ୍ଦିରରେ ଅର୍ଚ୍ଚିତ ବିଗ୍ରହମାନଙ୍କର ସ୍ଥାନାନ୍ତର, ଖ୍ରୀ:୧୬୦୯ରେ ଭୋଇବଂଶ ରାଜା ପୁରୁଷୋତ୍ତମ ଦେବଙ୍କ ସମୟରେ ରଥଯାତ୍ରା ଅବକାଶରେ ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବାବେଳେ ହିନ୍ଦୁ ରାଜପୁତ କେଶୋଦାର ମାରୁ ତୀର୍ଥଯାତ୍ରୀର ଛଦ୍ମବେଶରେ ଶ୍ରୀମନ୍ଦିରରେ ପ୍ରବେଶ କରି ଅନ୍ୟୁନ ତିନିକୋଟି ଟଙ୍କା ମୂଲ୍ୟର ରତ୍ନ ଅଳଙ୍କାର ପ୍ରଭୃତି ଲୁଣ୍ଠନ କରି ନେଇଥିଲା । ଏହିଭଳି ବହୁ ଦୁର୍ଘଟଣା ମୁସଲମାନ/ମୋଗଲ ଶାସକମାନଙ୍କ ପ୍ରୋତ୍ସାହନରେ ଖ୍ରୀ:୧୭୩୩ ଯାଏ ଶ୍ରୀମନ୍ଦିର ଉପରେ ଘଟିଯାଇଛି । ଧର୍ମାନ୍ଧମାନଙ୍କ ଶ୍ୟେନ ଦୃଷ୍ଟିରେ ଥିବା ଶ୍ରୀମନ୍ଦିର ଖ୍ରୀ:୧୮୦୩-ଖ୍ରୀ:୧୮୦୬ ପର୍ଯ୍ୟନ୍ତ ଇଂରେଜମାନଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଥିଲା । ଏହି ସମୟରେ ହିନ୍ଦୁ ପଣ୍ଡିତ ତଥା ସମ୍ଭ୍ରାନ୍ତମାନଙ୍କ ଅନୁରୋଧକୁ ବିଚାର କରି ଇଂରେଜ ସରକାର ଏହି ମାର୍ବଲ ଫଳକ ଲଗାଇଥିବା ଜଣାଯାଏ ।

ଭାରତ ସ୍ୱାଧୀନ ହେବା ପରେ ଏହି ଧର୍ମାନ୍ଧ ଆକ୍ରମଣର ଆଶଙ୍କା ଅଧିକ ହୋଇଛି । ବିଗତ ଦଶନ୍ଧିରେ ହିନ୍ଦୁ ଓ ବୌଦ୍ଧ ଧର୍ମ ଉପରେ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ଆକମ୍ରଣ ବଢ଼ି ଚାଲିଛି । ତାଲିବାନ୍‌ମାନଙ୍କ ଦ୍ୱାରା ବିରାଟ ବୌଦ୍ଧ ବିଗ୍ରହକୁ ଭୂମିଶାୟୀ କରାଇବା, ଇଂଲଣ୍ଡ, ରୁଷ, ବଙ୍ଗଳା ଦେଶ ପ୍ରଭୃତିରେ ହିନ୍ଦୁ ମନ୍ଦିର ଓ ଧର୍ମାନୁଷ୍ଠାନ ପ୍ରଭୃତିକୁ ଭାଙ୍ଗି ଦେବା, ସନ୍ତ୍ରାସବାଦୀମାନଙ୍କ ଦ୍ୱାରା ଅକ୍ଷର ଧାମ ପ୍ରଭୃତି ଉପରେ ଆକ୍ରମଣ, ଜାମ୍ମୁ ଓ କାଶ୍ମିରର ଡୋଡ଼ା ତଥା ଅନ୍ୟାନ୍ୟ ସୀମାନ୍ତ ଓ ସ୍ପର୍ଶକତାର ଜିଲ୍ଲା ପ୍ରଭୃତିରେ ହିନ୍ଦୁମାନଙ୍କର ନରସଂହାର, ନିକଟରେ ଭାରତୀୟ ଗୁପ୍ତଚର ବିଭାଗ ଦ୍ୱାରା ଶ୍ରୀମନ୍ଦିର ଆତଙ୍କବାଦୀମାନଙ୍କର

ଆକ୍ରମଣ ତାଲିକାରେ ଥିବା କଥା ସୂଚନା ପାଇଲା ପରେ ଶ୍ରୀମନ୍ଦିରରେ ସାର୍ବଜନୀନ ପ୍ରବେଶ ଆହୁରି ପ୍ରଶ୍ନବାଚୀ ହୋଇଯାଇଛି ।

ପୃଥିବୀରେ ଧର୍ମାନ୍ଧମାନଙ୍କର ଆକ୍ରମଣର ଆଶଙ୍କା ଜ୍ୟେଷ୍ଠର କର୍ମବର୍ଦ୍ଧିଷ୍ଣୁ ଉତ୍ତାପ ଭଳି ବଢ଼ିଲା ବେଳେ ସଂକୀର୍ଣ୍ଣ ଧର୍ମୀୟତାରୁ ମୁକ୍ତ ହୋଇ ଆଜି ବହୁ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ହିନ୍ଦୁ ଧର୍ମକୁ ଜୀବନର ଆଚରଣ ଓ ଉଚ୍ଚାରଣରେ ଆପଣେଇ ନେଇଛନ୍ତି । ସୁଇଜରଲ୍ୟାଣ୍ଡ, ଜେନିଭା ଅନ୍ତର୍ଗତ ଆର୍‌ବୁରୋଠାରେ ରହୁଥିବା ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ମହିଳା ଓକିଲ ଏଲିଜା ସାନାଥ ଜଗତୟର ଏପ୍ରିଲ ୨୦୦୬ ମସିହାରେ ଶ୍ରୀମହାପ୍ରଭୁଙ୍କ ସେବା ପୂଜା, ଧ୍ୱଜା ବାନ୍ଧିବା, ଦରିଦ୍ର ନାରାୟଣଙ୍କର ସେବା ଲାଗି ଶ୍ରୀମନ୍ଦିର ପାଣ୍ଠିକୁ ଏକ କୋଟି ଅଠସ୍ତରୀ ଲକ୍ଷ ଟଙ୍କା ଦେଇ ଏକ ଅନନ୍ୟ ଅଭିନନ୍ଦନୀୟ ପରମ୍ପରା ସୃଷ୍ଟି କରିଛନ୍ତି ।

ଏହିଭଳି ବହୁ ଧର୍ମାନ୍ତରିତ ହିନ୍ଦୁଙ୍କର ମହାପ୍ରଭୁଙ୍କ ପାଖେ ନିଷ୍ଠା ଅନନ୍ୟ । ହିନ୍ଦୁ ଭାବେ ଜନ୍ମ ହୋଇଥିବା ବହୁ ବ୍ୟକ୍ତିଙ୍କଠାରୁ ସେମାନଙ୍କର ଧାର୍ମିକ ଆଚରଣ ଉନ୍ନତ । ହିନ୍ଦୁ ଧର୍ମ ଗ୍ରହଣ କରିଥିବା ଏହି ଶ୍ୱେତାଙ୍ଗମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ବହୁ ଧାର୍ମିକ, ସାମାଜିକ ଏଭଳିକି ରାଜନୈତିକ ସଂଗଠନ ସହାୟତାରେ ଆନ୍ଦୋଳନ ଚଳାଇଛନ୍ତି । ମାତ୍ର ମନେ ରଖିବା ଉଚିତ ଯେ ଏହି ଧର୍ମାନ୍ତରୀମତ ଶ୍ୱେତାଙ୍ଗଙ୍କ ଛଦ୍ମବେଶରେ ଯେ ଧର୍ମାନ୍ଧମାନେ ଶ୍ରୀମନ୍ଦିରରେ ନ ପଶିବେ, କ୍ଷତି ନକରିବେ ଏହି ନିଶ୍ଚିତ ପ୍ରତିଶ୍ରୁତି ଦେବ କିଏ ?

ଏହାଛଡ଼ା ଦୈହିକ ଓ ମାନସିକ ତତ୍ତ୍ୱ ଅନୁସାରେ ବିଗତ ବହୁ ଜନ୍ମର ସଂସ୍କାର ନେଇ ମନୁଷ୍ୟର ଅବଚେତନ ସଂଗଠିତ ହୋଇଥାଏ, ଯାହା ବ୍ୟକ୍ତିର ସମଗ୍ର ସତ୍ତାକୁ ନିୟନ୍ତ୍ରଣ କରିଥାଏ । ହିନ୍ଦୁ ଧର୍ମ ଏହାକୁ ଜନ୍ମ ଜନ୍ମାନ୍ତରର ତପସ୍ୟା ବୋଲି ଆଖ୍ୟା ଦେଇଥାଏ, ଯାହା ତା'ର ଆଗାମୀ ଜନ୍ମର ଧର୍ମ, ଗୁଣ, ଜାତି, କୁଳ, ଗୋତ୍ର ଆଦି ନିର୍ଦ୍ଧାରଣ କରିଥାଏ । ତେଣୁ ଆବେଶ, ଉଲ୍ଲାସ, ଅନୁରୋଧ, ଉତ୍ପ୍ରୋଧରେ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିର ଅଚେତନ, ଅବଚେତନରେ ପୂର୍ବ ଧର୍ମସତ୍ତା ଉଜ୍ଜୀବିତ (ପେଡ଼ି ଭିତରେ ସାପଭଳି) ଥାଏ । ଏକାକୀ ବା ଦୁର୍ବଳ ମୁହୂର୍ତ୍ତରେ ସୁବିଧା ସୁଯୋଗ ପାଇଲେ ଏହା ଆତ୍ମପ୍ରକାଶ କରିଥାଏ । ମାତ୍ର ହିନ୍ଦୁଧର୍ମର ପରମ୍ପରା ଓ ପରିବେଶରେ ଜନ୍ମିତ ବ୍ୟକ୍ତି ଅବହେଳା ଓ ସଙ୍ଗଦୋଷରୁ ଧର୍ମାଚରଣରୁ ବିଚ୍ୟୁତ ହୋଇପାରେ । ତେଣୁ ମନ୍ଦିର ପ୍ରବେଶ ବେଳେ ଏହି ତତ୍ତ୍ୱ ଅବିସ୍ମରଣୀୟ । ଇତିହାସରୁ ଜଣାଯାଏ ଭୋଇ ବଂଶର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ (ଶାସନ କାଳ ଖ୍ରୀ:୧୭୨୭-୧୭୩୬) ଯେ କି ମହାପ୍ରଭୁଙ୍କର ଏକନିଷ୍ଠ ଭକ୍ତ (ଜଗନ୍ନାଥଙ୍କର ଅନ୍ୟତମ ଭକ୍ତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ପିଃସୁସୀ ପୁଅ ଭାଇ) ଶ୍ରୀମନ୍ଦିର ଓ ଶ୍ରୀବିଗ୍ରହଙ୍କ ସୁରକ୍ଷା ପାଇଁ ମୁସଲମାନ ଧର୍ମ ଗ୍ରହଣ କରି 'ହାଫିଜ୍‌କାଦାର' ନାମରେ ନାମିତ ହୋଇଥିଲେ । କେତେକଙ୍କ ମତରେ ମୁସଲମାନ ରାଜବଂଶୀୟ 'ସୁରୈୟା' ପ୍ରେମ ଓ ପରିଣୟ ଯୋଗୁଁ ସେ ଧର୍ମାନ୍ତରିତ ହୋଇଥିଲେ । ଧର୍ମାନ୍ତର ହେବା ପରେ ମଧ ମହାପ୍ରଭୁଙ୍କଠାରେ ତାଙ୍କର ଅଟଳ ନିଷ୍ଠା ଥିଲା । ତାଙ୍କରି ଉଦ୍ୟମରେ ଖଲିକୋଟ ଟିକିଲିଠାରୁ ବିଗ୍ରହମାନଙ୍କୁ ଶ୍ରୀକ୍ଷେତ୍ର ଫେରାଇ ଆଣି ନବକଳେବର କରାଇ ଜୁଲାଇ ୨ ତାରିଖ ୧୭୩୩ ମସିହାରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଉତ୍ସବ ଆୟୋଜନ କରାଇଥିଲେ । ମହାପ୍ରଭୁଙ୍କର ଆଦ୍ୟ ସେବକ ଖ୍ରୀ:୧୭୩୩ରେ ନୟାଗଡ଼ ସନ୍ନିକଟ 'ବୋଲଗଡ଼'ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରି ବର୍ତ୍ତମାନର ତୃତୀୟ ପଡ଼ା ଗ୍ରାମରେ 'ତ୍ରିଦେବଙ୍କ ସ୍ଥାପନା ଓ ଉପାସନା କରିଥିଲେ । ସମ୍ଭ୍ରାନ୍ତ ରାଜକୁଳ ସମ୍ଭୂତ ଜଗନ୍ନାଥ ସର୍ବସ୍ୱ ଗଜପତି ରାମଚନ୍ଦ୍ର ଦେବ ମୂଳତଃ ହିନ୍ଦୁ ହେଲେ ମଧ ମୁସଲମାନ ଧର୍ମ ଗ୍ରହଣ କରିଥିବାରୁ ତାଙ୍କୁ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ଦେଇନଥିଲେ । ଯେଉଁମାନେ ଦୂରାରୋଗ୍ୟରେ ପୀଡ଼ିତ, ଅସ୍ପୃଶ୍ୟ ଅଶୌଚ, ଶ୍ରୀମନ୍ଦିର ପ୍ରବେଶ ଅଧିକାର ରହିତ (ଗଜପତି ରାମଚନ୍ଦ୍ର ଦେବଙ୍କ ଭଳି) ସେମାନେ ସିଂହଦ୍ୱାର ଗୁମୁଟ ଭିତରେ ଥିବା ଶ୍ରୀପତିତପାବନଙ୍କୁ ଦର୍ଶନ କରି ଅଭୀଷ୍ଟ ଫଳ ଲାଭ କରିଥାନ୍ତି । ଏବେ ମଧ ବହୁ ଅନ୍ୟ ଧର୍ମାବଲମ୍ବୀ ଅରୁଣସ୍ତମ୍ଭ ନିକଟରେ ପତିତପାବନଙ୍କ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥାନ୍ତି ।

ଅନ୍ୟ ଧର୍ମାବଲମ୍ବୀମାନଙ୍କର ଭକ୍ତିକେନ୍ଦ୍ର ତଥା ଆମର ଆରାଧ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ, ଶ୍ରୀମନ୍ଦିର ତଥା ଏହାର ସାଂସ୍କୃତିକ ଓ ଭୌତିକ ପରିବେଶର ସୁରକ୍ଷା ଆମର ପରମ କର୍ତ୍ତବ୍ୟ ।

ଶ୍ରୀବିଗ୍ରହର ସୁରକ୍ଷା କଥା ଉଠିଲାବେଳେ ଅନେକ ପ୍ରଶ୍ନ କରନ୍ତି ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ମହାପ୍ରଭୁ ପ୍ରାସାଦ ପ୍ରତିମା ଭଗ୍ନ ହେଲେ ମଧ ଅନ୍ୟତ୍ର ଯାଆନ୍ତି ନାହିଁ ବୋଲି ଆଶ୍ୱାସନା ଓ ଅଙ୍ଗୀକାର କଲାବେଳେ ବିଧର୍ମୀଙ୍କ ଦ୍ୱାରା ଆକ୍ରମିତ ହୋଇ ଖ୍ରୀ:୧୬୧୭ରେ ଗବପଦର ଗ୍ରାମରେ ଖ୍ରୀ:୧୬୧୯ରେ ବାଣପୁରର ଅନ୍ଧାରୀମୂଳକ, ଖ୍ରୀ:୧୭୩୨ରେ ନଇରୀର ହରିଶ୍ୱର (ହରି+ଈଶ୍ୱର) ମଣ୍ଡପ ପ୍ରଭୃତିରେ ବିଜେ ହେଲେ କିଭଳି ? ମନେ ରଖିବା କଥା ଠାକୁର ଯାଇ ନଥିଲେ, ଆମର ପୂର୍ବପୁରୁଷ ସେମାନଙ୍କ ପ୍ରାଣବଳି ଦେଇ ସ୍ୱାଭିମାନ ରକ୍ଷା ଲାଗି ଏହି ସ୍ଥାନକୁ ନେଇଯାଇଥିଲେ । ଆମେ ସେହିମାନଙ୍କର ଦାୟାଦ ।

ପୁଣି ପ୍ରଶ୍ନ ଉଠେ ଠାକୁର ଏହି ବିଧର୍ମୀମାନଙ୍କୁ ଦଣ୍ଡ ନଦେଲେ କାହିଁକି ? ଆହ୍ଲାଦାଜଦ୍ ମିଆଁର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିବା, ଧର୍ମାନ୍ଧ ଆଉରଙ୍ଗଜେବ ଜୀବନର ଅନ୍ତିମ ଅଶ୍ଳୀଳ ପରିଣତି ପ୍ରଭୃତି କେତେକ ବିଷୟ ବାଦ ଦେଲେ ଇତିହାସ ଏ ବିଷୟରେ ନିରବ । ନିରବତା ସେମାନଙ୍କ ଜୀବନରେ ଦୁର୍ଘଟଣା ଘଟି ନାହିଁର ସୂଚକ ହୋଇପାରେ ଅଥବା ଘଟିଥିବା ଘଟଣା ଲିପିବଦ୍ଧ ନହୋଇଥିବାର ମଧ ଦ୍ୟୋତକ ହୋଇପାରେ ।

ପୁଣି ଏକ ସମ୍ଭାବ୍ୟ ଉଦାର ଦୃଷ୍ଟିରେ ବିଚାର କରାଯାଇପାରେ । ମହାପ୍ରଭୁ ଶ୍ରୀଜଗନ୍ନାଥ ସୃଷ୍ଟିର ପିତା । ଜଣେ କ୍ଷମାଶୀଳ ପିତା ତା'ର

ସନ୍ତାନ ଦଣ୍ଡଯୋଗ୍ୟ ସୀମାରେ ନ ପହଞ୍ଚିଲା ଯାଏ (ଯେଭଳି ଭଗବାନ ଶ୍ରୀକୃଷ୍ଣ ଶିଶୁପାଳର ଏକଶତ ଦୋଷ ନ ଦେଖିବା ଯାଏ ତାକୁ ଦଣ୍ଡ ଦେଇନଥିଲେ, ବା ଚରମ ଉତ୍ପୀଡ଼ନରେ ଥିବା ପରମ କ୍ଷମାଶୀଳ ପିତାଟିଏ (ଯେମିତି ଆଜିକାଲି ଜମି ବିକ୍ରୟ ଅବସରରେ 'ମୋର ପିତା ବୟସ ଅଧିକ ହେବା ଯୋଗୁଁ ତାଙ୍କ ମସ୍ତିଷ୍କ ବିକୃତି ହେବାରୁ ତାଙ୍କ ନାମରେ ଥିବା ଜମି ବିକ୍ରୟ କରୁଛନ୍ତି - ଏହାକୁ କେହି କ୍ରୟ କଲେ ଆମ୍ଭେ ଦାୟୀ ହେବୁ ନାହିଁ) ଅର୍ବାଚୀନ ସନ୍ତାନର ସମସ୍ତ ଅପରାଧ ପ୍ରତିରୋଧକୁ ମହାପ୍ରଭୁ କ୍ଷମା କରି ଚାଲିଛନ୍ତି ।

ଅନ୍ୟ ଭାବରେ ଦେଖିଲେ ମହାପ୍ରଭୁଙ୍କୁ ସ୍ଥାନାନ୍ତର କଲେ ମଧ ତାଙ୍କର ଅବର୍ତ୍ତମାନରେ ତାଙ୍କର ଚେତନା ଅଧିକ ପ୍ରଜ୍ଜ୍ୱଳିତ ହୋଇ ଜନମାନସକୁ ପରାୟଣ କରି ଦେଲା । ଏହି ସଂପ୍ରସାରିତ ସଂଘବଦ୍ଧ ଚେତନା ପରବର୍ତ୍ତୀ କାଳରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପୁନଃ ଆଗମନ ପଥକୁ ଅଧିକ ପ୍ରଶସ୍ତ କରି ଦେଲା । ମନେ ରଖିବା କଥା ସବୁ ଯୁଗରେ ଚେତନାକୁ ନେଇ ପ୍ରତୀକ । ପ୍ରତୀକର ପରବର୍ତ୍ତୀ ପ୍ରକାଶ ପ୍ରତିମା । ବିଗ୍ରହ ସ୍ଥାନାନ୍ତରିତ ହେଲେ ମଧ ଚେତନା ଓ ତା'ର ପରିପ୍ରକାଶ ପ୍ରତୀକ ବିଗ୍ରହ 'ମାଧବ' (କ୍ଷୁଦ୍ର ଜଗନ୍ନାଥ-ଶ୍ରୀଦେବୀଙ୍କ ପୃଷ୍ଠଭାଗରେ ଅଙ୍କିତ) ସ୍ଥାନାନ୍ତରିତ ହେବା ଇତିହାସରୁ ଉପଲବ୍ଧ ନୁହେଁ ।

ଏଠାରେ ପ୍ରଶ୍ନ ଉଠେ ତେବେ କ'ଣ ଧର୍ମାନ୍ତରିତ ଭକ୍ତମାନଙ୍କର ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ପ୍ରବେଶ କରି ମୂଳ ବିଗ୍ରହମାନଙ୍କ ଦର୍ଶନ ଅସମ୍ଭବ ? ଏହାର ଉତ୍ତରରେ କୁହାଯାଇପାରେ ଆମେ ମହାପ୍ରଭୁଙ୍କୁ ସର୍ବଶକ୍ତିମାନ ସର୍ବଦ୍ରଷ୍ଟା ତଥା ସର୍ବତ୍ର ବିରାଜିତ ଜ୍ଞାନରେ ଅର୍ଚ୍ଚନା କରୁଛୁ । ଯଦି ସେ ଏଠି ସେଠି ସର୍ବତ୍ର ଅଛନ୍ତି ତା'ହେଲେ ଆମ ଚିନ୍ତା, ଚେତନାରେ ମଧ ସେ ବିରାଜିତ । ତେଣୁ 'ମନ ଅଟେ ଚତୁର୍ଦ୍ଧାମୂରତୀ' ବା ମନ ଏବ ମନୁଷ୍ୟାଣାଂ କାରଣଂ ବର୍ନ୍ଧ ମୋକ୍ଷୟେ' । ତେଣୁ ସେ ତ ଦୃଶ୍ୟ ଅଦୃଶ୍ୟ ରୂପରେ ନିରନ୍ତର ଧାମ ପାଖରେ ବିଦ୍ୟମାନ । ଶୁଭ ଅଶୁଭ ଭବିଷ୍ୟତ ବର୍ତ୍ତମାନର ସୂଚନା ଦେଇ ପ୍ରକୃତ ଭକ୍ତକୁ ବିଭିନ୍ନ ସମୟରେ ସେ ବାଟ ଦେଖାଇଥାନ୍ତି । ଯେମିତି ଆମେରିକାର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ତାଙ୍କର ଭକ୍ତ ଡାକ୍ତର ସାହୁଙ୍କୁ ବିଭିନ୍ନ ସଂଶୟ ମୁହୂର୍ତ୍ତରେ ଶ୍ରୀବିଗ୍ରହରୁ ଆଭୂଷଣମାଳ ଖସାଇ କାମ କରିବାକୁ ସୂଚନା ଦେଇଥାନ୍ତି । ପ୍ରତ୍ୟକ୍ଷ ଦର୍ଶନ ଅପେକ୍ଷା ତାଙ୍କର ପରୋକ୍ଷ ଦର୍ଶନ (ଚିନ୍ତନ) ଅଧିକ ଫଳପ୍ରଦ ବୋଲି ଅନୁଭବୀମାନଙ୍କ ମତ ।

'ଦୂରେ ଥାଇ ଡାକ ଦେଲେ ଡେରି ଥାଅ କର୍ଣ୍ଣକୁ
ନିକଟରେ ନ ଶୁଣୁଛ ମୋ କର୍ମ ଅବଳକୁ ।'

ଜଣେ ଯେ ମନ୍ଦିରକୁ ଗଲେ ନିଶ୍ଚିନ୍ତ ନିଶ୍ଚିତ ଦର୍ଶନ ପାଇବ ଏହାର ସ୍ଥିରତା ନଥାଏ । ବ୍ୟସ୍ତ ଜୀବନରୁ ସମୟ ବାହାର କରି ମନ୍ଦିର ଭିତରକୁ ଗଲେ କେତେବେଳେ ଗୋପାଳବଲ୍ଲଭ ବା ଅନ୍ୟପୂଜା ଯୋଗୁଁ କଳାହାଟ ଦ୍ୱାର ବନ୍ଦ ଥାଏ । ଆଉ କେତେବେଳେ ଜୟ ବିଜୟ ଦ୍ୱାର ବନ୍ଦ ଥାଏ । ସ୍ନାନ ପୂର୍ଣ୍ଣିମା ପରେ ୧୫ ଦିନ ଚ଼ଁ ପଟି ଦିଅଁଙ୍କ ଦର୍ଶନ ମିଳେ । ମହାପ୍ରଭୁ ଶ୍ରୀଚୈତନ୍ୟ ପ୍ରଭୃତି ଏହି ସମୟରେ ନହରପଦା ଯାଇ ଅଲବାରନାଥଙ୍କ ଦର୍ଶନ କରି ଦର୍ଶନ ତୃଷା ମେଣ୍ଟାଇଥାନ୍ତି । ଯଦି ବିକଳ୍ପଙ୍କ (ଅଲାରନାଥ) ଦର୍ଶନରେ ଶ୍ରୀଚୈତନ୍ୟଙ୍କ ସଂକଳ୍ପ ସିଦ୍ଧି ହେଲା ତା'ହେଲେ ପତିତପାବନ ବା ଅନ୍ୟ ବିକଳ୍ପଙ୍କ ଦର୍ଶନରେ ଆମ ଭକ୍ତି ତୃଷା ପ୍ରଶମିତ ନହେବ କାହିଁକି ?

ଏସବୁ ସତ୍ତ୍ୱେ ନିହାତି ପ୍ରତ୍ୟକ୍ଷ ଦର୍ଶନ ଆଶାୟୀ ପାଇଁ ସେ ସ୍ନାନ, ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସ୍ଥିର କରି ନେଇଛନ୍ତି । ବିଧି ପରମ୍ପରା ଅନୁସାରେ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ଠାକୁରମାନେ ରଥ ଉପରେ ବିଜେ କରିଥାନ୍ତି । ଏହି ସମୟରେ ବିଗ୍ରହମାନଙ୍କୁ ଦର୍ଶନ ଓ ଆଲିଙ୍ଗନ ମଧ ଆଗ୍ରହୀ ଭକ୍ତମାନେ କରିପାରିଥାନ୍ତି । ଗୁଣ୍ଡିଚା ଓ ବାହୁଡ଼ା ସମୟରେ ଠାକୁରମାନଙ୍କର ସୁରକ୍ଷା ଲାଗି ପ୍ରଶାନ ମଧ ପ୍ରସ୍ତୁତ ହୋଇଥାଏ ।

ମନରେ ପ୍ରଶ୍ନ ଉଠେ ଏତେ ବଡ଼ ଠାକୁର, ଏତେ ବଡ଼ ମନ୍ଦିର ଏହାଙ୍କ ସୁରକ୍ଷା ଆମଭଳି ସାଧାରଣ ଲୋକ ପକ୍ଷରେ କ'ଣ ସମ୍ଭବ ? ଏହାର ଉତ୍ତର ନିଶ୍ଚିତ ଅସ୍ତିବାଚକ । ସେତୁବନ୍ଧ ବାନ୍ଧିବା ମୁହୂର୍ତ୍ତରେ ବୁଦ୍ଧି, ଜ୍ଞାନ ଓ ବିଶେଷ ଶକ୍ତି ନଥିବା ସାଧାରଣ ଗୁଣ୍ଡୁଚି ମୂଷାଟିଏ ଓଦା ଦେହରେ ସେତୁ ଉପରେ ବାଲିଝାଡ଼ି ମହାପ୍ରଭୁଙ୍କ ଅଙ୍ଗୁଳି ସ୍ପର୍ଶରେ କାଳଜୟୀ କୀର୍ତ୍ତି ଅବା ତା' ଦେହରେ ଲେଖି ଦେଇଗଲା । ଆଉ ଆମେମାନେ ତ ମଣିଷ । ଅନନ୍ତ ବିଦ୍ୟା, ବୁଦ୍ଧିର ଅଧିକାରୀ । ସୂର୍ଯ୍ୟ ଯେଭଳି ଗ୍ରୀଷ୍ମ ଋତୁରେ ସାମାନ୍ୟ ଜଳ ଶୋଷଣ କରି ବର୍ଷା ଋତୁରେ ଅଜସ୍ର ଜଳ ଢାଳିଦିଏ ସେହିଭଳି ଭଗବାନଙ୍କ ପ୍ରୀତି ଲାଗି କରିଥିବା ସାମାନ୍ୟ କର୍ମ ସହସ୍ର ଗୁଣ ହୋଇ କରିଥିବା ଲୋକ ନିକଟକୁ ଯେପରି ଆସେ । ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ ନିଜ ପଣତ ଚିରି ଚିରୁଡ଼ାଏ କନା ପିନ୍ଧିଥିବା ଦ୍ରୌପଦୀ କୁରୁସଭା ତଳେ ପ୍ରଭୁ ପ୍ରଦତ୍ତ ଅଜସ୍ର ବସ୍ତ୍ର ଦ୍ୱାରା ସମ୍ମାନ ରକ୍ଷା କରିବା ପ୍ରସଙ୍ଗ ଏ ଦିଗରେ ଏକ ସାମାନ୍ୟ ଉଦାହରଣ ମାତ୍ର । ସେଥିପାଇଁ କୁହାଯାଇଛି 'ସ୍ୱଳ୍ପଂ ଅପି ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' । ଏହି ସୁରକ୍ଷାରେ ଯୋଗ ଦେଇ ଆମର ଯଦି କ୍ଷତି ହେଲା ଏହା ଆମର ପରମ ସୌଭାଗ୍ୟ ବୋଲି ଗ୍ରହଣ କରିବା ଉଚିତ । ପୁଣ୍ୟ ଯୁଦ୍ଧ ସଂଗ୍ରାମୀମାନଙ୍କ ପାଇଁ ସ୍ୱର୍ଗର ଦ୍ୱାର ତଥା ପୃଥିବୀରେ କୀର୍ତ୍ତିସ୍ତମ୍ଭ ସ୍ଥାପନର ଅନବଦ୍ୟ ଉପାୟ ।

ଅତୀତରେ ବହୁ ସେବାୟତ ଓ ସାଧାରଣ ନାଗରିକ ସୁରକ୍ଷା ଯଜ୍ଞରେ ଯୋଗ ଦେଇ ପ୍ରାଣ ଆହୂତି ଦେଇଥିବା କଥା ସାହିତ୍ୟ ପୃଷ୍ଠାରେ ଚିତ୍ରିତ । ସାଲବେଗ ଯବନ ଆକ୍ରମଣର ତଥା ବିଗ୍ରହମାନଙ୍କର ସ୍ଥାନାନ୍ତରର ପ୍ରତ୍ୟକ୍ଷଦର୍ଶୀ ଥିବା ତାଙ୍କର ଭଜନାବଳୀ ବିଶ୍ଳେଷଣରୁ ଜଣାପଡ଼େ । ତାଙ୍କର କେଣେ ଯାଉଛ ଜଗନ୍ନାଥଙ୍କ ଭଜନରେ 'କୁଳବଧୂଙ୍କର ରଡ଼ି, ପଣ୍ଡାଏ ଗଡ଼ାଗଡ଼ି ବିଧାତା ବାମ ହେଲା ଓଡ଼ିଶାକୁ' । ଏହାର ପ୍ରତ୍ୟକ୍ଷ ବିବରଣୀ ବର୍ଣ୍ଣିତ ।

ସନ୍ତାନର ସମସ୍ତ ଉଦ୍ୟମ ବିଫଳ ହେଲେ ପରମପିତାଙ୍କର ଅମୃତ ହସ୍ତ ପ୍ରସାରିତ ହୁଏ ସନ୍ତାନର ଉଦ୍ୟମକୁ ସଫଳ କରିବାକୁ । ଆଚାର୍ଯ୍ୟ ରାମାନୁଜଙ୍କର ଭକ୍ତ ସେବାୟତଙ୍କର ପ୍ରାର୍ଥନାରେ ଶ୍ରୀକ୍ଷେତ୍ରରୁ ନିର୍ବାସନ, ପରାଜିତ ସୂର୍ଯ୍ୟବଂଶୀ ସମ୍ରାଟ ଶ୍ରୀପୁରୁଷୋତ୍ତମ ଦେବଙ୍କର ମହାପ୍ରଭୁଙ୍କର କୃପାରୁ ବିଜୟଶ୍ରୀ ମଣ୍ଡିତ ହେବା ଏହାର ସାମାନ୍ୟ କେତେକ ଉଦାହରଣ । ସେହିଭଳି ଭୋଇବଂଶ ରାଜତ୍ୱ କାଳରେ ଖ୍ରୀ:୧୬୮୬ରେ ଧର୍ମାନ୍ଧ ଆଉରଙ୍ଗଜେବଙ୍କର ସମ୍ପର୍କୀୟ କକା (ଶାୟସ୍ତାଖାଁ)ଙ୍କ ପୁତ୍ର ଆବୁ ନସୀର ଖାଁ ଯାଜପୁରରେ ବିନା ପ୍ରତିରୋଧରେ ଏକ ମନ୍ଦିର ଭାଙ୍ଗି ମସ୍‌ଜିଦ୍ ନିର୍ମାଣ କଲାପରେ ଖ୍ରୀ:୧୬୮୭ରେ ପୁରୀ ମନ୍ଦିର ଆକ୍ରମଣର ଅଭିଯାନ ଆରମ୍ଭ କରିଥିଲା । ମାତ୍ର ସେ ପିପିଲିରେ ପହଞ୍ଚିଲା ପରେ ବଜ୍ର ଓ ତୋଫାନ ଏଡ଼େ ତୀବ୍ରତର ହେଲା ଯେ ସେ ଏହାକୁ ଦୈବୀ ବିପତ୍ତି ମନେ କରି ଭୟରେ ସେହିଠାରୁ ହିଁ ଫେରିଯାଇଥିଲା । ତେଣୁ ଆନ୍ତରିକ ଚେଷ୍ଟା ଓ ନିଷ୍ଠା ମହାପ୍ରଭୁଙ୍କର ଅସ୍ତିତ୍ୱକୁ ସତତ ପରୋକ୍ଷରେ ପ୍ରମାଣିତ କରିଥାଏ ଯଦି ଓ ଏହାର କୌଣସି ସରଳ ରୈଖିକ ଯୁକ୍ତିସିଦ୍ଧ ମାନବ ବୋଧଗମ୍ୟ ପ୍ରମାଣ ନାହିଁ ।

ସୁରକ୍ଷା ପ୍ରଶ୍ନ ଉଠିଲାବେଳେ ଶ୍ରୀବିଗ୍ରହ, ଶ୍ରୀମନ୍ଦିର ତଥା ଯାତ୍ରୀ, ସେବାୟତ ତଥା ରାଷ୍ଟ୍ର ସୁରକ୍ଷାର ପ୍ରସଙ୍ଗ ଉଠିଥାଏ । ସୁରକ୍ଷାର ଶୀର୍ଷବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ । ଓଡ଼ିଆ ଜାତି, ହିନ୍ଦୁ ପରମ୍ପରାର ସୁରକ୍ଷା ତାଙ୍କ ସୁରକ୍ଷା ଉପରେ ନିର୍ଭର କରିଥାଏ । ଐହିକ ସୁଖ ଶାନ୍ତି ଓ ପରମାର୍ଥିକ ଉତ୍ତରଣ, ତାଙ୍କରି ଆଶୀର୍ବାଦରେ ହିଁ ସମ୍ଭବ । ମହାପ୍ରଭୁମାନଙ୍କର ଶ୍ରୀମନ୍ଦିରରେ, ସ୍ଥିତି ଓ ନିୟମିତ ନିରାଜନା ଜାତୀୟ ସଂହତି ତଥା ପୁରୀର ଅର୍ଥନୀତିକୁ ସମୃଦ୍ଧି କରିଛି । ଖ୍ରୀ:୧୭୦୭ରେ ଆଲେକ୍‌ଜାଣ୍ଡାର ହେମିଲଟନ୍ ସାହେବଙ୍କ ବିବରଣୀ ଅନୁସାରେ ପୁରୀକୁ ଆସୁଥିବା ଯାତ୍ରୀମାନେ ଅଧାକ୍ରାଉନ (Half a crown) ତୀର୍ଥକର ଦେଉଥିଲେ । ଏଥିରୁ ବାର୍ଷିକ ୭୫୦୦୦ ପାଉଣ୍ଡ ବା ଆନୁମାନିକ ଟ.୬,୬୬,୬୬୬ଙ୍କା ଆୟ ହେଉଥିଲା । ସେହିଭଳି ଗଜପତି ରାମଚନ୍ଦ୍ର ଦେବଙ୍କ ଉଦ୍ୟମରେ ନବକଳେବର ପରେ ଜୁଲାଇ ୨, ୧୭୩୩ରେ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ଡିସେମ୍ବର ୨୯ ତାରିଖ ଖ୍ରୀ:୧୭୩୩ରେ ଧର୍ମାନ୍ଧ ତକା ଖାଁର ଶ୍ରୀମନ୍ଦିର ଆକ୍ରମଣ ଯୋଗୁଁ ରାମଚନ୍ଦ୍ର ଦେବ ତିନିମୂର୍ତ୍ତିଙ୍କୁ ଗଞ୍ଜାମ ଆଠଗଡ଼ ଘଞ୍ଚ ଅରଣ୍ୟ ପରିବେଷ୍ଟିତ (ପୋଲସରା ବ୍ଲକ୍‌ର ମଥୁରା ଗ୍ରାମରୁ ସାତ କିଲୋମିଟର ଭିତରକୁ) ଗ୍ରାମକୁ ସ୍ଥାନାନ୍ତର କରିଥିଲେ । ଯେଉଁଠାରେ ବିଗ୍ରହମାନେ ପ୍ରାୟ ଅଢ଼େଇ ବର୍ଷ କାଳ ଅର୍ଚ୍ଚିତ ହେଉଥିଲେ । ଏହି ମନ୍ଦିରରେ ସ୍ଥାପିତ ବିଗ୍ରହମାନେ ଯେଉଁ ପଥର ଚକା ଉପରେ ଅର୍ଚ୍ଚିତ ହେଉଥିଲେ ଆଜି ଏହି ଶୂନ୍ୟ ମନ୍ଦିରରେ ଏହି ପଥର ଖଣ୍ଡମାନ ଚକାଦେବତା ଭାବେ ପୂଜା ପାଉଛନ୍ତି । ଇତିହାସରୁ ଜଣାଯାଏ ଠାକୁରମାନେ ଶ୍ରୀକ୍ଷେତ୍ରରେ ନଥିବାରୁ ବିଦେଶାଗତ ଯାତ୍ରୀମାନଙ୍କ ଆଗମନ କମିଗଲା ଓ ରାଷ୍ଟ୍ରୀୟ ଅର୍ଥନୀତି ବାଧାପ୍ରାପ୍ତ ହେଲା । ତେଣୁ ବଙ୍ଗନବାବ ମୁର୍ସିଦ କୁଲି ଖାଁ ଏହି ବିକଳାଙ୍ଗ ଅର୍ଥନୀତିକୁ ସଜାଡ଼ିବାକୁ ସେବାୟତମାନଙ୍କ ସହାୟତାରେ ଖ୍ରୀ:୧୭୩୫ରେ ଠାକୁରମାନଙ୍କୁ ପୁଣି ଶ୍ରୀମନ୍ଦିର ରତ୍ନସିଂହାସନସ୍ଥ କରିଥିଲେ । ରାଜ୍ୟର ରାଜା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କରି ପ୍ରତିନିଧି (ରାବୁତ / ରାଉତ) ଭାବେ ଶୌର୍ଯ୍ୟ ଦୀପ୍ତ ନରପତିମାନେ ଏ ରାଜ୍ୟ ଶାସନ କରି ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟର ଏକ ମହନୀୟ ପରମ୍ପରା ପ୍ରତିଷ୍ଠା କରିଥିବା କଥା ସନନ୍ଦ ଓ ଶିଳାଲେଖରୁ ଜଣାଯାଏ । ଯେତେବେଳେ ମହାପ୍ରଭୁଙ୍କୁ ଏ ଜାତି ଭୁଲି ଯାଇଛି ସେତେବେଳେ ସେ ହୀନମନ୍ୟତା ଓ ହାଅନ୍ନର ଶିକାର ହୋଇଛି ।

ଶ୍ରୀବିଗ୍ରହ ସୁରକ୍ଷା ପରେ ଶ୍ରୀମନ୍ଦିର ସୁରକ୍ଷା ଅନ୍ୟତମ ମୌଳିକ ପ୍ରଶ୍ନ । ଗଙ୍ଗବଂଶୀ ସମ୍ରାଟମାନଙ୍କ ଦ୍ୱାରା ନିର୍ମିତ ମୂଳ ମନ୍ଦିର ବହୁ ସମୟରେ ଆକ୍ରମିତ ହୋଇ ତଥା ସମୟର ଅବକ୍ଷୟକାରୀ ପ୍ରଭାବ ଯୋଗୁଁ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଏଥିସହିତ ଉତ୍କଳର ଗଜପତିମାନେ ବିଭିନ୍ନ ସମୟରେ ବହୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରିଛନ୍ତି । ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସପ୍ତମ ଅଙ୍କରେ ଭୋଗ ମଣ୍ଡପ ନିର୍ମାଣ/ସଂସ୍କାର, ଖ୍ରୀ:୧୬୧୬ରେ ମୋଗଲ ରାଜତ୍ୱରେ ତୋଡ଼ରମଲ୍ଲଙ୍କ ପୁତ୍ର କଲ୍ୟାଣ ମଲ୍ଲଙ୍କ ଅନୁମୋଦନରେ ଶ୍ରୀମନ୍ଦିରର ଜଗମୋହନ ବା ନାଟମନ୍ଦିର ନିର୍ମାଣ ଖ୍ରୀ:୧୬୩୨ରେ ମୋଗଲ ସୁବେଦାର ମୁତକତ ଖାଁ ସହାୟତାରେ ଶ୍ରୀମନ୍ଦିର ମରାମତି ଖ୍ରୀ:୧୬୩୬ରେ ଲୁଣି ପବନରୁ ରକ୍ଷା କରିବାକୁ ଭୋଇ ବଂଶ ରାଜା ନରସିଂହ ଦେବ ୯୧୫୩୮ କାହାଣ ୯ ପଣ ୧୦ ଗଣ୍ଡା କଉଡ଼ି (ଆନୁମାନିକ ତେଇଶି ହଜାର ଟଙ୍କା) ଖର୍ଚ୍ଚ କରି ତା.୨୦.୧୨.୧୬୩୬ରୁ ତା.୨୪.୧୨.୧୬୩୭ ଯାଏ ଶ୍ରୀମନ୍ଦିର ଚୂନ ପଲସ୍ତରା, ବରିଷ୍ଠ ଗବେଷକ ଶ୍ରୀ ଶରତଚନ୍ଦ୍ର ମହାପାତ୍ରଙ୍କ ବିବରଣୀ (ସମାଜ ତା.୨୦.୫.୨୦୦୬) ଅନୁସାରେ 'ରାମଚନ୍ଦ୍ର ଦେବ (ଖ୍ରୀ:୧୫୬୮-୧୬୦୦)ଙ୍କ ସମୟରେ ପ୍ରବଳ ଝଡ଼ ଫଳରେ ଶ୍ରୀମନ୍ଦିର ନୀଳଚକ୍ର ଧାନ ବିଲରେ ପଡ଼ିବା ଓ ରାଜାଙ୍କ ଦ୍ୱାରା ପୁନଃ ସ୍ଥାପିତ ହେବା', ଭୋଇବଂଶର ମୁକୁନ୍ଦ ଦେବ ପ୍ରଥମ (୧୬୫୯-୧୬୮୮) (ଯିଏ ବସନ୍ତ ରୋଗରେ ପ୍ରାଣତ୍ୟାଗ କରିଥିଲେ)ଙ୍କର ମନ୍ତ୍ରୀ ପିତାମ୍ବର ବିଦ୍ୟାଧର ମହାପାତ୍ର ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ନିର୍ମାଣ, ତାଙ୍କର ଉତ୍ତରାଧିକାରୀ ଦିବ୍ୟସିଂହ ଦେବ (ଶାସନ କାଳ ୨୨.୧୧.୧୬୮୮ରୁ ୧୭୧୫) ସମୟରେ ଶ୍ରୀମନ୍ଦିର ରୋଷଗୃହ ନିର୍ମାଣ ଓ ସଂସ୍କାର, ଏହାଙ୍କ ସମୟରେ 'ନୀଳଚକ୍ର ଖଣ୍ଡ ଖଣ୍ଡ ହୋଇ ଭଣ୍ଡ ଗଣେଶଙ୍କ ସମ୍ମୁଖରେ ପଡ଼ିବା ଓ ପରେ ଏହାର ଉଦ୍ଧାର ଓ ସ୍ଥାପନ ଓ ଗଜପତି ହରେକୃଷ୍ଣ ଦେବ (ଶାସନକାଳ ଖ୍ରୀ:୧୭୧୫-୧୭୨୦)ଙ୍କ ରାଜତ୍ୱରେ ୨୬ ଜାନୁଆରୀ ଖ୍ରୀ:୧୭୧୫ରେ ଧର୍ମୁ ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଧାତୁ ନିର୍ମିତ ନୀଳଚକ୍ର ସ୍ଥାପନ, ବେଢ଼ା ଦ୍ୱାରଠାରୁ ଜଗମୋହନ ଯାଏ ପାବଚ୍ଛ ନିର୍ମାଣ ଶ୍ରୀମନ୍ଦିରରେ ଚୂନ ପଲସ୍ତରା ପ୍ରଭୃତି ସହିତ ଖ୍ରୀ:୧୭୨୭ରେ ରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟ (ହାଫିଜ୍

କାଦାର) ଖ୍ରୀ:୧୭୨୭-୧୭୩୬) ମନ୍ତ୍ରୀ ଖ୍ୱାଜା ବକ୍ସି ବେଣୁ ଭ୍ରମରବର ରାୟଙ୍କ ଦ୍ୱାରା ଗୁଣ୍ଡିଚା ଘର ଜଗମୋହନ ନିର୍ମାଣ ବିଷୟ ଇତିହାସ ସମର୍ଥିତ । ଗବେଷକ ମହାପାତ୍ରଙ୍କ ମତରେ 'ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟରୁ ମିଳିଥିବା ଦୁଇଟି ଶିଳାଲେଖ ଅନୁଯାୟୀ ରାଜା ବୀରକିଶୋର ଦେବଙ୍କ (ଖ୍ରୀ:୧୭୩୯-୧୭୪୩) ସମୟରେ ମନ୍ଦିରରେ ବ୍ୟାପକ ମରାମତି ହୋଇଥିଲା । ଶ୍ରୀମନ୍ଦିର ଗର୍ଭଗୃହ ଉପର ମହଲାରୁ ମିଳିଥିବା ଏକ ଶିଳାଲେଖ ଅନୁଯାୟୀ ମହାରାଜା ବୀରକିଶୋର ଦେବଙ୍କ ୨୮ ଅଙ୍କରେ ବଡ଼ ଦେଉଳର ଚୂନ ନିଳାଦ୍ରୀ ପାଟ ମହାଦେଈ ... । ବୀର କିଶୋର ଦେବଙ୍କ ୨୮ ଅଙ୍କ ଖ୍ରୀ:୧୭୬୮ ବୋଲି ଜଣାଯାଏ । 'ଅନୁରାଗ କଳ୍ପଲତା' ନାମକ ଅପ୍ରକାଶିତ ଶ୍ୟାମ ସୁନ୍ଦର ଦେବଙ୍କ ଦ୍ୱାରା ରଚିତ ଏକ କାବ୍ୟରୁ ଜଣାଯାଏ ଯେ ତାଙ୍କ ମା' (ନିଳାଦ୍ରୀ ପାଟ ମହାଦେଈ) ଭଣ୍ଡାରରେ ଥିବା ସମସ୍ତ କଉଡ଼ିକୁ ପୋଡ଼ି ଶ୍ରୀମନ୍ଦିରରେ ଚୂନ ଲଗାଇଥିଲେ ।' ଏହାଥିଲା ଏ ଜାତିର ବରେଣ୍ୟ ପୂର୍ବପୁରୁଷଙ୍କର ଶ୍ରୀମନ୍ଦିର ସ୍ଥାପତ୍ୟ ସୁରକ୍ଷା ଦିଗରେ ଅଙ୍ଗୀକୃତ ଅବଦାନ । ସେହି ଜାତିର ଉତ୍ତରାଧିକାରୀ ଭାବେ ଏହାର ସୁରକ୍ଷା ଓ ସଂରକ୍ଷଣ ଆମର କର୍ତ୍ତବ୍ୟ ଓ ଧର୍ମ ନୁହେଁ କି ?

ସର୍ବଗ୍ରାସୀ କାଳର ସାର୍ବଭୌମ ଆଧିପତ୍ୟ ସର୍ବତ୍ର ସୂଚିତ । ତେଣୁ ଏହି ଅନବଦ୍ୟ ପାଷାଣର ମହାକାବ୍ୟ ବିଭିନ୍ନ ସମୟରେ କାଳ କବଳିତ ହୋଇଛି । ଗବେଷକ ମହାପାତ୍ର କହନ୍ତି -

'୧୮୭୫ ମସିହା ଜୁଲାଇ ୯ ତାରିଖରେ ଗୋଟିଏ ବିରାଟ ପଥର ମନ୍ଦିରର ଭିତରପଟୁ ଜଗନ୍ନାଥଙ୍କ ଗମ୍ଭୀରା ଭିତରେ ପଡ଼ିଥିଲା ... ଖ୍ରୀ:୧୯୩୯ ମସିହା ଡିସେମ୍ବର ୧୪ ତାରିଖରେ ଆଉ ଏକ ବିରାଟ ପଥର ଠିକ୍ ରତ୍ନବେଦୀ ସାମନାରେ ପଡ଼ିଲା ... ୧୯୬୧ ମସିହାରେ ଜାନୁଆରୀ ୨୦ ତାରିଖରେ ଦେଉଳ ବାହାରପଟୁ ଏକ ଚୂନ ଅତଡ଼ା ପଡ଼ିଥିଲା, ୧୯୬୯ ମସିହା ଜାନୁଆରୀ ୨୨ ତାରିଖରେ ମନ୍ଦିରର ଦକ୍ଷିଣ-ପୂର୍ବ କୋଣରୁ ଆଉ ଏକ ବିରାଟ ଚୂନ ପଲସ୍ତରା ... ୧୯୮୮ ମସିହା ସେପ୍ଟେମ୍ବର ୧୯ ତାରିଖରେ ଦକ୍ଷିଣପଟୁ ଏକ କ୍ଷୁଦ୍ରାକୃତି ପଥର ପଡ଼ିଥିଲା । ୧୯୯୦ ମସିହା ଜୁନ୍ ୧୦ ତାରିଖରେ ଅଁଳାବେଢ଼ା ତଳପଟୁ ପ୍ରାୟ ୫ ଟନ୍ ଓଜନର ଏକ ପଥର ପଶ୍ଚିମ ଦ୍ୱାର ପଟକୁ ପଡ଼ିଥିଲା । ୧୯୯୨ ମସିହା ଜୁନ୍ ୧୩ ତାରିଖରେ ପ୍ରାୟ ୧ ଟନ୍ ଓଜନର ଦୁଇଟି ପଥର ଗର୍ଭଗୃହ ମଧ୍ୟରେ ପଡ଼ିଥିଲା (ସମ୍ବାଦ ୨୦.୫.୦୬) ଗର୍ଭଗୃହ ପଥର ଖସିବା ଯୋଗୁଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଶ୍ରୀମନ୍ଦିର ଗର୍ଭଗୃହ ତଥା ସମୟକ୍ରମେ ଗୁଣ୍ଡିଚା ମନ୍ଦିର ଗର୍ଭଗୃହ ସଂସ୍କାର କରାଯାଉଥିଲା । ତେବେ ଏହି ସଂସ୍କାର କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ତଥା ସର୍ବସାଧାରଣ ବିଶେଷ କରି ବୈଷୟିକ ଜ୍ଞାନ ସମ୍ପନ୍ନ ଲୋକ ସଚେତନ ହୋଇ ସହଯୋଗ କରିବା ଉଚିତ । ମନେ ରଖିବା ଦରକାର ଶ୍ରୀମନ୍ଦିର ଆଉ କାହାର ନୁହେଁ, ଆମର । ଆମର ଏହା ଏକ ମହାର୍ଘ୍ୟ ଜାତୀୟ ସମ୍ପତ୍ତି ।

ହୃଦୟରେ ଦେବତା ବିରାଜିତ । ତଥାପି ବହୁଲୋକ ଅର୍ଥ ଖର୍ଚ୍ଚ, ଅପମାନିତ, ଶରୀର ପୀଡ଼ା ନେଇ ଶ୍ରୀମନ୍ଦିରକୁ ଆସିଥାନ୍ତି । କାରଣ ଶ୍ରୀମନ୍ଦିରରେ ତାଙ୍କର ପରମ ଇଷ୍ଟ ବିରାଜିତ । ମନ୍ଦିରର ପରିବେଶ ଶୁଦ୍ଧ ଓ ସାତ୍ତ୍ୱିକ ବୋଲି ସେମାନଙ୍କର ଧାରଣା । ଏହି ଦର୍ଶନ ପରିବେଶର ସ୍ମୃତି ସେମାନଙ୍କୁ ବେଶ୍ କେତେ ବର୍ଷ ଭଗବାନଙ୍କ ରଜ୍ଜୁରେ ବାନ୍ଧି ରଖିଥାଏ । ଯଦି ପରିବେଶ ଅପରିଷ୍କାର, (ମହାପ୍ରସାଦ ସେବନ କାଳରେ ଭିକାରୀ ମାଙ୍କଡ଼, ବିଲେଇମାନଙ୍କ ଦୌରାତ୍ମ୍ୟ ବା ମହାପ୍ରସାଦ ଖାଇଥିବା କଦଳୀପତ୍ର ବା ପାନପିକ ବା ପରିସ୍ରା ଦ୍ୱାରା) ଦୂଷିତ ହୁଏ ତା'ହେଲେ ଏହା ଭକ୍ତିକ ଆବେଗର ଅବକ୍ଷୟ ଘଟାଇବ ।

ଯାତ୍ରୀର ସୁରକ୍ଷା ଅନ୍ୟ ଏକ ବିଶିଷ୍ଟ ଦିଗ । ସେମାନଙ୍କ ଜିନିଷପତ୍ରର ସୁରକ୍ଷା ସହିତ ଏକାନ୍ତ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ସେମାନଙ୍କ ଶାନ୍ତି ପାଇବା ପ୍ରଶାସନ ସମେତ ଅନ୍ୟ ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ପୂଜକ, ସେବାୟତମାନଙ୍କର ଶାଳୀନ ବ୍ୟବହାର, ଅନ୍ୟଯାତ୍ରୀମାନଙ୍କର ସହଯୋଗ ସେମାନଙ୍କର ପୁନଃ ଆଗମନର ପଥକୁ ସୁଗମ କରିଥାଏ । ପ୍ରତ୍ୟେକ ଯାତ୍ରୀ ମଧ୍ୟ ଅନ୍ୟର ଭକ୍ତି ଭାବାବେଶ ପ୍ରତି ଧ୍ୟାନ ଦେଇ ଉଚ୍ଚସ୍ୱରରେ ଭଜନ କୀର୍ତ୍ତନ, ଗୃହର ଭଲମନ୍ଦ ଆଲୋଚନା ମତେ ସମ୍ଭବ । କିନ୍ତୁ ମନ୍ଦିର ପରିସର ମଧ୍ୟରେ ବର୍ଜନ କରିବା ବିଜ୍ଞତାର କାର୍ଯ୍ୟ ହେବ । ପ୍ରଶାସନ ଦ୍ୱାରା ନିବାରଣ କରାଯାଇଥିବା ବିଭିନ୍ନ ଦ୍ରବ୍ୟ (ମୋବାଇଲ, କ୍ୟାମେରା, ଚମଡ଼ା ଜିନିଷ ପ୍ରଭୃତି) ନିଜ ଜ୍ଞାତ ଅଜ୍ଞାତରେ ମନ୍ଦିର ଭିତରକୁ ନେବା ଉଚିତ ନୁହେଁ । ଏହାଛଡ଼ା ପ୍ରଶାସନ କରିଥିବା ଅନ୍ୟ ନିୟମ (ଯେଉଁଳି ଛୋଟ ପିଲାଙ୍କୁ ଜୟ ବିଜୟ ଦ୍ୱାର ଅତିକ୍ରମ କରି ଭିତରକୁ ନେବା ଇତ୍ୟାଦି) ପ୍ରତ୍ୟେକ ନିଷ୍ଠାର ସହିତ ପାଳନ କରିବା ଉଚିତ ।

ସେବାୟତମାନେ ମନ୍ଦିର ସୁରକ୍ଷାର ଆଦ୍ୟ ପ୍ରହରୀ । ସେମାନେ ସୁରକ୍ଷା ପିଣ୍ଡ ବ୍ରହ୍ମାଣ୍ଡର ହୃଦ୍‌ପିଣ୍ଡ ସ୍ୱରୂପ । ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସେମାନେ ହେଲେ ସେତୁ । ଅନେକ ସେବାୟତଙ୍କର ବାଚନିକ ସଂଯମତା ଓ ସିଦ୍ଧତା ସେମାନଙ୍କୁ ତୀର୍ଥାଗତଙ୍କ ମଧ୍ୟରେ ଦେବତାର ମାନ୍ୟତା ଦେଇଥାଏ । ଶ୍ରୀବିଗ୍ରହ ଓ ଶ୍ରୀମନ୍ଦିରର ସୁରକ୍ଷା ଲାଗି ଅତୀତରେ ବହୁ ସେବାୟତ ଆତ୍ମବଳି ଦେଇଥିବା କଥା ଇତିହାସ ସମର୍ଥିତ । ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କ ଆଚରଣ ଓ ଉଚ୍ଚାରଣକୁ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ । ତେଣୁ ଯାତ୍ରୀମାନଙ୍କୁ ମହାପ୍ରଭୁଙ୍କ ଦର୍ଶନକୁ ନେଇ କରି ଗଲାବେଳେ ଯାତ୍ରୀମାନେ ଯେଉଁଳି କୌଣସି ନିଷେଧାତ୍ମକ ଦ୍ରବ୍ୟ ନେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ନକରନ୍ତି ଏହା ଦେଖିବା ସେମାନଙ୍କର କର୍ତ୍ତବ୍ୟ । ଶ୍ରୀମନ୍ଦିର ଦ୍ୱାରରକ୍ଷୀ ପ୍ରବେଶାର୍ଥୀମାନଙ୍କୁ ତନଖି କଲାବେଳେ ଏମାନେ ସମ୍ପୂର୍ଣ୍ଣ ସହଯୋଗ କରିବା ଉଚିତ ।

ଅନେକ ସନ୍ତ୍ରାସବାଦୀ ତୀର୍ଥଯାତ୍ରୀ ବେଶରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବାର ପଣ୍ଡା / ସେବାୟତମାନଙ୍କ ମାଧ୍ୟମରେ ଉଦ୍ୟମ

କରିଥାନ୍ତି । ତେଣୁ ସେବାୟତମାନେ ସେମାନଙ୍କ ପାଖେ ଯାତ୍ରୀଖାତା ଆଧାରରେ ସେମାନଙ୍କ ବଂଶାବଳୀ ଉତ୍ତମ ରୂପେ ଯାଞ୍ଚ କରିବା ଉଚିତ ।

ଅନେକ ବେଳେ ନିଜ ଯାତ୍ରୀକୁ ଅଧିକ ସୁରକ୍ଷା ଦେବା ପାଇଁ ସେବାୟତମାନେ ସେମାନଙ୍କୁ ସୁରକ୍ଷାର ହାତ ବେଠି ଦେଇ ମନ୍ଦିରରେ ଦର୍ଶନ କରାଇଥାନ୍ତି । ଏକା ସମୟରେ ଏକ ସ୍ଥାନରେ ଏକାଧିକ ହାତବେଠି ହେଲେ ସାଧାରଣ ଯାତ୍ରୀ ସ୍ୱଚ୍ଛନ୍ଦ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି । ବେଳେ ବେଳେ ଏହି କାରଣରୁ ସେବାୟତମାନଙ୍କ ମଧ୍ୟରେ ସଂଘର୍ଷ ଘଟି ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପରୋକ୍ଷ ବିପତ୍ତି ସୃଷ୍ଟି ହୋଇଥାଏ ।

କିଛି ସେବାୟତମାନଙ୍କର ଅଧିକ ରକ୍ଷଣଶୀଳ ଆଚରଣ ଯାତ୍ରୀମାନଙ୍କୁ ଆଘାତ ଦେଇଥାଏ । ଯୁଗର ପରିବର୍ତ୍ତନ ସହିତ ଦୃଷ୍ଟିଭଙ୍ଗୀ ଓ ଆଚରଣର ପରିବର୍ତ୍ତନ ସେବାୟତମାନେ କରିବା ଉଚିତ । ଏହି ଭାରସାମ୍ୟ ଯାତ୍ରୀମାନଙ୍କୁ ପ୍ରୀତ କରିଥାଏ । ଯାତ୍ରୀ ପ୍ରୀତ ହେଲେ ସେ ବାରମ୍ବାର ପୁରୀ ଆସିବାକୁ ଚେଷ୍ଟା କରିଥାଏ, ଯାହା ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ଓ ଆଧିଭୌତିକ ବିଭୂତିକୁ ମହିମାବନ୍ତ କରିଥାଏ ।

ମନେ ରଖିବା ଉଚିତ, ମହାପ୍ରଭୁ ଶ୍ରୀଜଗନ୍ନାଥ କାଠପାଷାଣର ଦେବତା ନୁହଁନ୍ତି । ସେ କିଛି ନକହି ମଧ୍ୟ ଅନେକ କିଛି କରିଥାନ୍ତି ଓ କର୍ମରେ ପ୍ରମାଣିତ କରି ଦେଇଥାନ୍ତି । ଖ୍ରୀ:୧୮୭୭ରେ ଅଲଭ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ଥାନରେ ତାଙ୍କର ଅଦ୍ୟସେବକ ଦିବ୍ୟସିଂହ ଦେବଙ୍କ ଆଚରଣରେ ବ୍ୟତିକ୍ରମ ବ୍ୟତିକ୍ରମ ଯୋଗୁଁ ଖ୍ରୀ:୧୮୭୮ରେ ରାଜାଙ୍କର କଳାପାଣି ନିର୍ବାସ ତାଙ୍କର ଇଚ୍ଛାର ଅଭିସିକ୍ତ ମାତ୍ର । ଭକ୍ତିଟି ଶ୍ରୀକ୍ଷେତ୍ରରେ ପାଦ ଦେବାଠାରୁ ପ୍ରସ୍ଥାନ କରିବା ଯାଏଁ ଯେଭଳି ଶାନ୍ତି ସନ୍ତୋଷରେ ରହିବ ଏହା ଦେଖିବା ପ୍ରତ୍ୟେକ ସେବାୟତର କର୍ତ୍ତବ୍ୟ । ବରିଷ୍ଠ ସେବାୟତମାନଙ୍କ ଭାଷାରେ ପ୍ରଥମେ ସେବା ସଂପାଦନ ପରେ ଜୀବନ ନିର୍ବାହ ପାଇଁ ସକରୁଣ ଆନ୍ତରିକ ପ୍ରାର୍ଥନା ଯେଉଁ ସେବକ ଏହାର ବ୍ୟତିକ୍ରମ କରିଛନ୍ତି ମହାପ୍ରଭୁଙ୍କର ଶ୍ରେଷ୍ଠ ସେବାକାରିଣୀ ମହାଲକ୍ଷ୍ମୀ ତାଙ୍କୁ କଦାପି କ୍ଷମାକରି ନାହାନ୍ତି ଏହା ଅନୁଭବର କଥା ।

ଶ୍ରୀଜଗନ୍ନାଥ ବ୍ରହ୍ମାଣ୍ଡ ନାଥ ହୋଇମଧ୍ୟ ଆମର ପରମ ସୌଭାଗ୍ୟ ଯୋଗୁଁ ସେ ଓଡ଼ିଶାରେ ତାଙ୍କ ମୁଖ୍ୟ ରହଣିସ୍ଥଳ ଭାବେ ବାଛି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଧର୍ମଦ୍ୱେଷୀମାନେ ଅତୀତଠାରୁ ଆଜି ଅଧିକ ତୀବ୍ରତାର ସହିତ ଏହି ସଂସ୍କୃତିର ଧ୍ୱଂସ ପାଇଁ ସେମାନଙ୍କ ଜେହାଦ (ଧର୍ମଯୁଦ୍ଧ) ଅବ୍ୟାହତ ରଖିଛନ୍ତି । ତେଣୁ ଏକ ଗୌରବାହ ପରମ୍ପରାର ଯଥାର୍ଥ ଉତ୍ତରାଧିକାରୀ ଭାବେ ସେମାନଙ୍କୁ କଠିନ ଜବାବ ଦେଇ ଏହି ଗୌରବାବହ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ମ ନୁହେଁ ଧର୍ମ ଅଟେ । ଶ୍ରୀଜଗନ୍ନାଥ ଆମ୍ଭମାନଙ୍କର ଇଷ୍ଟ, ଅଭୀଷ୍ଟ ତଥା ରାଷ୍ଟ୍ରଦେବତା । ସେଇଥିପାଇଁ ମାଟିର ମହାକବି ସାରଳା ଦାସ ଭାବ ଗଦଗଦ କଣ୍ଠରେ ଗାଇ ଉଠିଥିଲେ-

'ଜଗନ୍ନାଥ ପିତା ଜଗନ୍ନାଥ ମାତା ଜଗନ୍ନାଥ ତୋର ତ୍ରାତା ବନ୍ଧୁ ଭ୍ରାତା ଜଗନ୍ନାଥ ସୁମର ନରଜୀବ ଯିବା ଯାଏ,

ଜଗନ୍ନାଥ ଶ୍ରୀଚରଣ ସାରଳା 'ବିନୋଯେ' ।'

ଶ୍ରୀସିଦ୍ଧ ତପୋବନ
ଟିକରପଡ଼ା ସାହି, ଶ୍ରୀକ୍ଷେତ୍ର-୨

# ରଥଯାତ୍ରା

ଓମ୍ ପ୍ରକାଶ ମହାପାତ୍ର

ବାରମାସେ ତେର ଯାତରା ଯାହାର
ପ୍ରଭୁ ଜଗନ୍ନାଥ ଜଗତର ନାଥ ପୁରୁଷୋତ୍ତମର ।
ରଥଯାତ ତା'ର ଆଷାଢ଼ ଶୁକ୍ଳପକ୍ଷ ତିଥି ଦ୍ୱିତୀୟାର
ଛାତିଏ ପଉଟି ଭୋଗ ସେ ଭୁଞ୍ଜେ ପେଟୁ ସରଦାର ।
ଦେଉଳେ ଯାହାର ଆନନ୍ଦ ବଜାର ପଙ୍ଗତ ଜାତି ଅଜାତିର
ରଥରେ ଯାହାର ଛେରାପହଁରା ରାଜା ଚଣ୍ଡାଳ ବେଶର ।
ଦାଣ୍ଡ ଯାହାର ବଡ଼ଦାଣ୍ଡର ପାଚେରୀ ମେଘନାଦର
ଦୁଆର ଯାହାର ସିଂହ ଦୁଆର ସମ୍ମୁଖେ ଗରୁଡ଼ ସ୍ତମ୍ଭର ।
ଅଭଡ଼ା ଯାହାର ମହାପ୍ରସାଦ ଶୁଖି ହୁଏ ନାମ ନିରିମାଇଲର
ଯୁଦ୍ଧେ ଥିଲା ଯାଇ ବାଟେ ଦହି ଖାଇ ରତ୍ନ ମୁଦି ବନ୍ଧା ଦେଇ
ପିନ୍ଧାଇ ଥିଲା ଦିନେ ବିଜୟ ଟୀକା ରାଜନର
ଭକତ ନଡ଼ିଆ ନେଲା ଉଠାଇ ଖଣ୍ଡିଆ ହାତର ।

ନୀଳଚକ୍ର ପତିତପାବନ ବାନା ଉଡ଼େ ଫରଫର
ବରଷକେ ଥରେ ଭୁଲେନି ଯିବାକୁ ଜନମ ମାଟିର ।
ତିନି ରଥେ ଭାଇ ଭଉଣୀ ନେଇ ଯାଏ ଗୁଣ୍ଡିଚା ଦୁଆର
ଭକ୍ତ ସାଲବେଗ ସଙ୍ଗୀତ ଯାହାର ପ୍ରିୟ ଶରଧା ବାଲିର ।
ଲକ୍ଷ୍ମୀ ଠାକୁରାଣୀ ରାଗେ ଗରଗର ହେରାପଞ୍ଚମୀର
ରତ୍ନସିଂହାସନେ ବାଇଶି ପାହାଚେ ଚକାଡୋଳା କଳା ମଚମଚ
ଘୁରି ବୁଲୁ ଥାଏ ପାପପୁଣ୍ୟ ଦେଖି ଦଣ୍ଡବିଧାନେ ଲଗାଏ ମାର ପେଞ୍ଚ ।
ଦେଉଳେ ଆସଇ ଫେରି ରଥ ଯାତରା ସାରି କାଳିଆ ହରି
ସେଇ ସେ ଠାକୁର ଆରାଧ ଦେବତା ଉତ୍କଳର
ଚକା ଆଖିକୁ ସୁମରି ଦୂରୁ କରୁଛି ଜୁହାର ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର

# ଭଟଲିର ଦଧିବାମନ ବିଷ୍ଣୁ

ଡକ୍ଟର ଉଦ୍ଧବ ଚରଣ ନାୟକ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ ବା ରଥଯାତ୍ରା ଓଡ଼ିଶାର ନିଜସ୍ୱ ମହୋତ୍ସବ । ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ରଥଯାତ୍ରା ମହାସମାରୋହରେ ପାଳିତ ହୁଏ । ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ମା' ସୁଭଦ୍ରା ରଥରେ ବିଜେ କରନ୍ତି । ରଥ ମନ୍ଦିରରୁ ଗୁଣ୍ଡିଚା ଘରଯାଏ ଗତି କରେ । ଜୀଉମାନେ ନଅ ଦିନ ଗୁଣ୍ଡିଚା ଘରେ ବା ମାଉସୀମା ଘରେ ରହି ମନ୍ଦିରକୁ ଫେରନ୍ତି । ଫେରିବା ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ । ଏହା ରଥଯାତ୍ରାର ପରମ୍ପରା ।

ବରଗଡ଼ ଜିଲ୍ଲାର ଭଟଲି ଓ ଭେଡ଼େନରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ - ସେଥିରେ ଦଧିବାମନ ବିଷ୍ଣୁ ରଥରେ ବିଜେ କରନ୍ତି । ଭଟଲିର ଦଧିବାମନ ଜୀଉଙ୍କ ରଥଯାତ୍ରା ବଡ଼ ପ୍ରସିଦ୍ଧ । ଏଠାରେ ହଜାର ହଜାର ଯାତ୍ରୀଙ୍କର ସମାବେଶ ଘଟେ । ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ । ଭଟଲି ରଥଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଗ୍ରହ ରଥରେ ବିଜେ କରନ୍ତି ନାହିଁ । ବରଗଡ଼ଠାରୁ ମାତ୍ର ଊଣେଇଶ କିଲୋମିଟର ଦୂରରେ ଭଟଲି ଅବସ୍ଥିତ । ଏଠାରେ ଦଧିବାମନ ବିଷ୍ଣୁଙ୍କର ଏକ ବର୍ଣ୍ଣାଢ୍ୟ ମନ୍ଦିର ରହିଛି । ଏହି ମନ୍ଦିର ଗାତ୍ରରେ ପୁରାଣର କଥା ବସ୍ତୁକୁ ନେଇ ଅନେକ ଚିତ୍ର ଅଙ୍କନ କରାଯାଇଛି । ଭଟଲିରେ ବିଜେ ଦଧିବାମନ ବିଷ୍ଣୁଙ୍କ ସମ୍ପର୍କରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ ।

ଗାଙ୍ଗପୁର ଏକ ପୂର୍ବତନ ଗଡ଼ଜାତ ରାଜ୍ୟ । ବର୍ତ୍ତମାନ ଏହା ଆଧୁନିକ ସୁନ୍ଦର ଗଡ଼ ଜିଲ୍ଲା ଅନ୍ତର୍ଭୁକ୍ତ । ପ୍ରାୟ ଦେଢ଼ଶହ ବର୍ଷ ତଳେ ଗାଙ୍ଗପୁର ରାଜ୍ୟରେ ପରମାନନ୍ଦ ସାହୁ ନାମରେ ଜଣେ ଧର୍ମପ୍ରାଣ ବ୍ୟକ୍ତି ପରିବାର ସହ ବାସ କରୁଥିଲେ । ତାଙ୍କ ପରିବାର କହିଲେ ସେ, ତାଙ୍କ ସ୍ତ୍ରୀ, ତାଙ୍କ ପୁଅ ଓ ପୁତ୍ରବଧୂ । ପୁତ୍ର ବଧୂର ନାମ କମଳା । ପରମାନନ୍ଦଙ୍କ ଘରେ କାଷ୍ଠ ନିର୍ମିତ ଦଧିବାମନ ବିଷ୍ଣୁ ପୂଜା ପାଉଥିଲେ । ୧୯୦୦ ମସିହାର କଥା । ଏହି ବର୍ଷ ଗାଙ୍ଗପୁର ରାଜ୍ୟରେ ଭୀଷଣ ମରୁଡ଼ି ପଡ଼ିଲା । ପରମାନନ୍ଦ ଉପାୟ ନପାଇ ପରିବାର ସହ ଗାଙ୍ଗପୁର ତ୍ୟାଗ କଲେ । ସଙ୍ଗରେ ଆଣି ଆସିଲେ ମହାପ୍ରଭୁ ଦଧିବାମନ ବିଷ୍ଣୁଙ୍କର କାଷ୍ଠ ନିର୍ମିତ ବିଗ୍ରହକୁ । କାରଣ ସେ ତାଙ୍କର କୁଳ ଦେବତା । ପରମାନନ୍ଦ



ସପରିବାରେ ଆସି ପହଞ୍ଚିଲେ ବରଗଡ଼ ରାଜ୍ୟରେ । ଭଟଲି ଗ୍ରାମକୁ ଯାଇ ସେଠାରେ ଘରଦ୍ୱାର କରି ରହିଲେ । ବ୍ୟବସାୟ କରି ପରିବାର ଚଳାଇଲେ । ଆସ୍ତେ ଆସ୍ତେ ତାଙ୍କର ଧନ ବଢ଼ିଲା । ଜମିବାଡ଼ି କିଣିଲେ । ପରମାନନ୍ଦ ଧାର୍ମିକ ବ୍ୟକ୍ତି ଭାବରେ ଚାରିଆଡ଼େ ପ୍ରସିଦ୍ଧି ଲାଭ କଲେ । ଲୋକେ ତାଙ୍କୁ ଗାଁର ମୁଖିଆ ବା ପ୍ରଧାନ କରିଦେଲେ । ଗାଁରେ ଥିବା ଠାକୁରଙ୍କ ସମ୍ପତ୍ତିବାଡ଼ି ଓ ଜମିବାଡ଼ି ପରମାନନ୍ଦଙ୍କ ଦାୟିତ୍ୱରେ ରହିଲା । ଗାଁକୁ ଆସୁଥିବା ଅତିଥି, ଅଭ୍ୟାଗତ, ସାଧୁସନ୍ଥ ଓ ଅନ୍ୟାନ୍ୟ ଆଗନ୍ତୁକମାନଙ୍କର ଖର୍ଚ୍ଚ ବହନ ପାଇଁ ଗାଁଲୋକେ ଏହିସବୁ ଜମିବାଡ଼ି ଖଞ୍ଜି ଦେଇଥିଲେ । ଏମିତି କିଛି ଦିନ ବିତିଗଲା । ବରଗଡ଼ ଅଞ୍ଚଳରେ ଲାଗ ଲାଗ ଦୁଇ ତିନି ବର୍ଷ ଦୁର୍ଭିକ୍ଷ ପଡ଼ିଲା । ପରମାନନ୍ଦଙ୍କର ଜମିବାଡ଼ି ସମେତ ଠାକୁରଘର ଜମିବାଡ଼ି ସବୁ ଉଠିଗଲା । ଫଳରେ ପରମାନନ୍ଦ ବଡ଼ ଦୁଃଖରେ କାଳ କାଟିବାରେ ଲାଗିଲେ । କାରଣ ଜମି ଚାଷ ବ୍ୟତୀତ ଆୟ ନିମନ୍ତେ ତାଙ୍କର ଅନ୍ୟ କୌଣସି ପନ୍ଥା ନଥିଲା ।

ଏହିପରି ଅଭାବ ଅନଟନ ସମୟରେ ଆଉ ଗୋଟିଏ ଘଟଣା ଘଟିଲା । ଦିନକର କଥା । କେଉଁଆଡୁ ଦଳେ ସନ୍ନ୍ୟାସୀ ଭଟଳିରେ ଆସି ପହଞ୍ଚିଲେ । ପରମାନନ୍ଦଙ୍କ ଘର ସାମନାରେ ବସି ଖାଇବା ନିମନ୍ତେ ଜିଦ୍ ଧରି ବସିଲେ । ଘରେ କିଛି ନାହିଁ । ଅତିଥିମାନଙ୍କୁ କ'ଣ ଖାଇବାକୁ ଦେଇ ସତ୍କାର କରିବେ ? ପରମାନନ୍ଦ ଓ ତାଙ୍କ ସ୍ତ୍ରୀ ବଡ଼ଚିନ୍ତାରେ ପଡ଼ିଲେ । ଅତିଥି ଦେବତାମାନେ ଘରୁ ଖାଲି ପେଟରେ ଫେରିଗଲେ ପାପ ହେବ । କିଛି ଉପାୟ ନପାଇ ପରମାନନ୍ଦ ସନ୍ନ୍ୟାସୀମାନଙ୍କୁ ଘରେ ବସେଇ ଦେଇ ପ୍ରଭୁ ଦଧିବାମନଙ୍କ ନାମ ଜପ କରି କରି ଘରୁ ବାହାରି ଗଲେ । କୌଣସି  ବଡ଼ଲୋକଙ୍କୁ ଭେଟି ଖାଇବା ଜିନିଷ ଆଣିବା ପାଇଁ ପରମାନନ୍ଦ ମନେ ମନେ ଠିକ୍ କଲେ । ସେ ତରବରରେ ଯାଇ ପାଖ ଗାଁରେ ପହଞ୍ଚିଲେ । ହେଲେ ସେ କାହାକୁ କ'ଣ କହିବେ, କେମିତି ମାଗିବେ ? ଏଇ ଚିନ୍ତାରେ ସେ ବୁଲୁଛନ୍ତି । ମୁଣ୍ଡରେ କିଛି ଉପାୟ ଫୁଟୁ ନାହିଁ ।

ଏଣେ ତାଙ୍କ ଘରେ ଗୋଟିଏ ଅପୂର୍ବ ଘଟଣା ଘଟିଲା । ପରମାନନ୍ଦ ଘର ଛାଡ଼ିବାର କିଛି ସମୟ ପରେ ପରମାନନ୍ଦଙ୍କ ପରି ଅବିକଳ ଜଣେ ଲୋକ ତାଙ୍କ ଘରେ ଯାଇ ପହଞ୍ଚିଲେ । ତାଙ୍କ ସ୍ତ୍ରୀକୁ ଡାକିଲେ । ଆଉ ସ୍ତ୍ରୀଙ୍କ ହାତରେ ଗୋଟିଏ ଚାବିକାଠି ଧରେଇ ଦେଇ କହିଲେ, 'ହଁ ହଁ, ମୋର ମନେ ପଡ଼ିଗଲା । ଏଇ ନିଅ ଏଇ ଚାବି । ଅମାର ଘର ଖୋଲିବ । ମୁଁ କାଲି କିଛି ଖାଦ୍ୟ ଜିନିଷ ଆଣି ରଖିଥିଲି । ତାକୁ ବାହାର କରିବ । ଆଉ ସେଥିରେ ଅତିଥିମାନଙ୍କର ସେବା କରିବ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି ।' ଏମିତି ପରମାନନ୍ଦଙ୍କ ପରି କହି ଲୋକଟି ବଡ଼ ତରତରରେ ପରମାନନ୍ଦଙ୍କ ଘର ଛାଡ଼ିଲେ । ପରମାନନ୍ଦଙ୍କ ସ୍ତ୍ରୀ ଘର ଖୋଲିଲେ । ବଡ଼ ଆଶ୍ଚର୍ଯ୍ୟ କଥା ଏ କ'ଣ ? ଘରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇ ଥୁଆ ହୋଇଛି । ପରମାନନ୍ଦଙ୍କ ସ୍ତ୍ରୀ ଏକଥା କିଛି ବୁଝିପାରିଲେ ନାହିଁ । ଶାଶୁ ବୋହୂ ମିଶି ସନ୍ନ୍ୟାସୀମାନଙ୍କୁ ମନ ଭରିଖାଇବାକୁ ଦେଲେ । ସନ୍ନ୍ୟାସୀମାନେ ମନଖୁସିରେ ଖାଇ ପେଟ ଆଉଁଶି ଆଉଁଶି ଚାଲିଗଲେ ।

ସନ୍ନ୍ୟାସୀମାନେ ତାଙ୍କ ଘରୁ ଚାଲିଯିବାର କିଛି ସମୟ ପରେ ପରମାନନ୍ଦ ବୁଲି ବୁଲି ଘରେ ଆସି ପହଞ୍ଚିଲେ । ମୁହଁ କଳା ପଡ଼ିଯାଇଛି । ଦେହରେ ଝାଳ । ମୁଣ୍ଡରେ ହାତ ଦେଇ କଚାଡ଼ି ହୋଇ ବସିପଡ଼ିଲେ । ବଡ଼ଦୁଃଖରେ ସ୍ତ୍ରୀଙ୍କୁ କହିଲେ, 'ବୁଝିଲ ! ଅତିଥିମାନଙ୍କର ସେବା ପାଇଁ ବୁଲି ବୁଲି କେଉଁ ଆଡୁ କିଛି ପାଇଲି ନାହିଁ । ଅତିଥିମାନେ ମୋ ଘରୁ ଖାଲି ପେଟରେ ଚାଲିଗଲେ ନା ? ଜାଣିଛ ନା ଏଥିରେ ଆମର ବହୁତ କ୍ଷତି ହେବ ।' ସ୍ତ୍ରୀ କହିଲେ, 'ତୁମେ ଏମିତି କ'ଣ କହୁଛ ? ତୁମେ ପରା ମଝିରେ ଆସିଥିଲ । ମୋତେ ଅମାର ଘର ଚାବିକାଠି ଦେଇ କହିଗଲ, ଯେ ଅମାର ଘରେ ଯେଉଁ ସବୁ ଖାଇବା ଜିନିଷ ଅଛି ତାହା ସନ୍ନ୍ୟାସୀମାନଙ୍କୁ ଦେଇ ସନ୍ତୁଷ୍ଟ କରିବ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି । ତୁମେ ତ ତରବର ହୋଇ ଚାଲିଗଲ । ମୁଁ ଘରର ଚାବି ଖୋଲିଲି । ଦେଖିଲା ବେଳକୁ - ନାନା ରକମର ସୁସ୍ୱାଦୁ ଖାଇବା ଜିନିଷ ଥୁଆ ହୋଇଛି । ବାସ୍, ସେଇସବୁ ଖାଦ୍ୟ ସନ୍ନ୍ୟାସୀମାନଙ୍କୁ ଖାଇବା ପାଇଁ ଦେଲି । ସେମାନେ ମନଖୁସିରେ ଖାଇପିଇ ଚାଲିଗଲେ । ମୁଁ ସେତେବେଳେ ଭାବି ପାରିଲି ନାହିଁ ଯେ, ଆମ ଘରକୁ ଏସବୁ ଖାଦ୍ୟ ପଦାର୍ଥ ଆସିଲା କେମିତି ? ହେଲେ ତୁମର କ'ଣ କିଛି ମନେ ନାହିଁ ? ତମେ ଏମିତି କିଆଁ ହେଉଛ ? ମୁଁ ତ ତୁମ କଥା କିଛି ବୁଝିପାରୁ ନାହିଁ ।' ପରମାନନ୍ଦଙ୍କ ସ୍ତ୍ରୀ ଏମିତି କଥା ବାରମ୍ବାର କହୁଥାଆନ୍ତି ।

ପରମାନନ୍ଦ ଭକ୍ତ । ସେ ସବୁକଥା ହୃଦୟଙ୍ଗମ କଲେ । ସେ ଠିକ୍ ଭାବରେ ଜାଣିପାରିଲେ ଏ ହେଉଛି ମାୟାଧରର ମାୟା । ସେ ଆନନ୍ଦରେ ବିଭୋର ହୋଇ କାନ୍ଦି ଉଠିଲେ । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହିବାରେ ଲାଗିଲା । ତା' ପରେ ସେ ପିଲାଙ୍କ ପରି ଭେଁ ଭେଁ କରି କାନ୍ଦି ସ୍ତ୍ରୀଙ୍କ ଗୋଡ଼ ତଳେ ଲୋଟି ଯାଇ କହିଲେ, 'ତୁମେ ହେଉଛ ମହାନ୍ ଭାଗ୍ୟବତୀ ! ତୁମେ ପୂର୍ବ ଜନ୍ମର ତପସ୍ୟା ବଳରେ ସ୍ୱୟଂ ଭଗବାନ ଦଧିବାମନଙ୍କର ଦର୍ଶନ ଲାଭ କଲ । ତୁମେ ଧନ୍ୟ, ତୁମେ ଧନ୍ୟ ।' ତା'ପରେ ପରମାନନ୍ଦ ସବୁକଥା କହିଲେ । ତାଙ୍କର ସ୍ତ୍ରୀ ଜାଣିପାରିଲେ ଯେ ପ୍ରକୃତରେ ତାଙ୍କ ସ୍ୱାମୀ ପରମାନନ୍ଦ ଚାବି ଦେବାକୁ ଆସିନଥିଲେ କି କିଛି କହି ନଥିଲେ । ସେମାନେ ଜାଣିପାରିଲେ ସ୍ୱୟଂ ଭଗବାନ ଅଖିଳବିହାରୀ ଦଧିବାମନ ତାଙ୍କ ଘରକୁ ଆସି ସେମାନଙ୍କୁ ସଂକଟରୁ ଉଦ୍ଧାର କରିଥିଲେ । ସେହି ଦିନଠାରୁ ପରମାନନ୍ଦଙ୍କ ଘରେ ନାନା ଆଧ୍ୟାତ୍ମିକ ପରିବର୍ତ୍ତନ ଦେଖା ଦେଲା । ବୋହୂ କମଳା ଆହୁରି ଅଧିକ ଭକ୍ତି ସହକାରେ ଘରର ଇଷ୍ଟ ଦେବ ଦଧିବାମନଙ୍କର ପୂଜା କଲେ । ପୂରାପୂରି ସେ ମୀରାବାଈଙ୍କ ପରି ଦଧିବାମନଙ୍କ ପାଖରେ ନିଜକୁ ଅର୍ପଣ କରି ଦେଲେ । ଏଇମିତି ଆନନ୍ଦ ଓ ସୁଖରେ କିଛିଦିନ ବିତିଗଲା ।

ପରମାନନ୍ଦ ଗୋଟିଏ ଅଲଗା ଚାଳ ଛପର ଘରେ ମହାପ୍ରଭୁ ଦଧିବାମନଙ୍କ କାଷ୍ଠ ପ୍ରତିମାକୁ ରଖି ପୂଜା କରିବାରେ ଲାଗିଲେ । କମଳା ସର୍ବଦା ପ୍ରଭୁଙ୍କର ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଲେ ହେଲେ ଏ କ'ଣ ହେଲା ? ହଠାତ୍ ଦିନେ ସେଇ ଠାକୁର ଘରେ ନିଆଁ ଲାଗିଗଲା । ନିଆଁ ଏମିତି ହୁ ହୁ ହୋଇ ଜଳୁଥାଏ ଯେ ଠାକୁରଙ୍କ ପ୍ରତିମାକୁ କେହି ଉଦ୍ଧାର କରିବାକୁ ସକ୍ଷମ ହୋଇପାରିଲେ ନାହିଁ । କିନ୍ତୁ କମଳା ନାରୀ ହେଲେ ବି ତା'ର ଆରାଧ୍ୟ ଦେବତା ପ୍ରଭୁ ଦଧିବାମନଙ୍କୁ ରକ୍ଷା କରିବା ପାଇଁ ଅଣ୍ଟା ଭିଡ଼ିଲା । ସେ କାହାରି କଥା ଶୁଣିଲା ନାହିଁ । ନିଜ ଜୀବନକୁ ପାଣି ଛଡ଼େଇ ନିଆଁ ଭିତରକୁ ପଶିଗଲା । ହେଲେ ଆଉ ଫେରିଲା ନାହିଁ । ଘରଟି ନିମିଷକ ଭିତରେ ପୋଡ଼ି ପାଉଁଶ ହୋଇଗଲା । ବଡ଼ ଆଶ୍ଚର୍ଯ୍ୟର କଥା । ପ୍ରଭୁଙ୍କ ମୂର୍ତ୍ତିର କୌଣସି ଅଂଶ ବା କମଳାର ଦେହାବଶେଷ ପାଉଁଶ ଭିତରୁ ମିଳିଲା ନାହିଁ । ଗ୍ରାମବାସୀମାନେ ବିଶ୍ୱାସ କଲେ ଯେ କମଳା ପୂରାପୂରି ପ୍ରଭୁଙ୍କ ସହିତ ଲୀନ ହୋଇଗଲା । ଏଥିରେ ପରମାନନ୍ଦଙ୍କର ପରିବାର ଦୁଃଖରେ ଭାଙ୍ଗି ପଡ଼ିଲେ ।

ରାତିରେ ପରମାନନ୍ଦ ଦେଖିଲେ ଏକ ଅଦ୍ଭୁତ ସ୍ୱପ୍ନ । ପ୍ରଭୁ ଦଧିବାମନ ତାଙ୍କ ସମ୍ମୁଖରେ ଆବିର୍ଭୁତ ହୋଇଛନ୍ତି । ଆଉ କହୁଛନ୍ତି, 'ପରମାନନ୍ଦ ! ତୁମର ପୁତ୍ରବଧୂ କମଳା ମୋ ଦେହରେ ଲୀନ ହୋଇଗଲା । ଗୋଟିଏ କାଠଗଣ୍ଡି କାଲି ସକାଳୁ ତୁମ ଗାଁ ପୋଖରୀ 'ଚକ୍ରବନ୍ଧ'ରେ ଆସି ଲାଗିବ । ତୁମେ ସେଇ କାଠକୁ ଆଣି କମଳା ଓ ମୋର ପ୍ରତିମା ତିଆରି କରିବ । ଗାଁରେ ଗୋଟିଏ ମନ୍ଦିର ତିଆରି କରି ସେହି କାଠ ପ୍ରତିମା ଦୁଇଟିକୁ ସେଠାରେ ସ୍ଥାପନ କରି ଦୈନିକ ପୂଜା ଅର୍ଚ୍ଚନା କରିବ । ଏଥିରେ ତୁମର ମଙ୍ଗଳ ହେବ । ତୁମ ଗ୍ରାମବାସୀମାନଙ୍କର ବହୁତ ମଙ୍ଗଳ ହେବ ।' ପରମାନନ୍ଦ ସକାଳୁ ଉଠି ନିଜ ପରିବାର ଓ ଗ୍ରାମବାସୀମାନଙ୍କୁ ସ୍ୱପ୍ନ ବୃତ୍ତାନ୍ତ କହିଲେ । କାଳବିଳମ୍ୱ ନକରି ସକାଳୁ ସକାଳୁ ଗ୍ରାମବାସୀମାନେ 'ଚକ୍ରବନ୍ଧ' କୂଳରେ ଯାଇ ଉପସ୍ଥିତ ହେଲେ । ଦେଖିଲେ ସତକୁ ସତ ଖଣ୍ଡିଏ କାଠଗଣ୍ଡି ପୋଖରୀର ଆର ପଟରେ ଭାସୁଛି । ପରମାନନ୍ଦ ପୋଖରୀ କୂଳରେ ହାତଯୋଡ଼ି ଠିଆ ହୋଇଛନ୍ତି । ଏ କ'ଣ ସେ ଠିଆ ହୋଇଥିବା ଦିଗକୁ କାଠ ଗଣ୍ଡିଟି ଧୀରେ ଧୀରେ ମୁହାଁଇଲା । ପରମାନନ୍ଦ ମଧ୍ୟ ଧୀରେ ଧୀରେ ପାଣିରେ ପଶିଲେ । ବେକକ ପାଣିରେ ଠିଆ ହୋଇଛନ୍ତି କାଠଗଣ୍ଡିଟି ଦ୍ରୁତ ଗତିରେ ତାଙ୍କ ଆଡ଼କୁ ଭାସି ଆସିଲା । ପରମାନନ୍ଦ ଗଭୀର ଆବେଗରେ କାଠଗଣ୍ଡିଟିକୁ କୁଣ୍ଢାଇ ଧରି ଖୁବ୍ ଉଚ୍ଚ ସ୍ୱରରେ କହି ଉଠିଲେ, 'ହେ ପ୍ରଭୁ ଦଧିବାମନ ! ହେ ମୋର ମା' କମଳା ! ତୁମେ ଦୁହେଁ ଆସିଛ ପ୍ରଭୁ !! ତାଙ୍କ ଆଖିରୁ ଆନନ୍ଦର ଲୁହ ବୋହି ପଡ଼ିଲା । କୂଳରେ ଉପସ୍ଥିତ ଥିବା ଗ୍ରାମବାସୀମାନେ ହରିବୋଲ ହୁଳହୁଳି ଧ୍ୱନିରେ ଗଗନ ପବନ କମ୍ପାଇ ଦେଲେ । ଲୋକମାନଙ୍କ ମନରେ ନାହିଁ ନଥିବା ଆନନ୍ଦ ।

ସେହି କାଠରେ ଅତି ସୁନ୍ଦର ଭାବରେ ମହାପ୍ରଭୁ ଦଧିବାମନ ଓ ମା' କମଳାଙ୍କର ଦୁଇଟି ମୂର୍ତ୍ତି ନିର୍ମାଣ କରାଗଲା । ମୂର୍ତ୍ତି ଦୁଇଟି ଖୁବ୍ ମନଲୋଭା ଗ୍ରାମବାସୀମାନେ ଅକୁଣ୍ଠିତ ଚିତ୍ତରେ ମନ୍ଦିର ନିର୍ମାଣ ପାଇଁ ଟଙ୍କା ପଇସା ଦାନ କଲେ । ଲୋକମାନେ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରି ମନ୍ଦିର ନିର୍ମାଣ କଲେ ଅଳ୍ପ ଦିନ ଭିତରେ ଗଗନଚୁମ୍ବୀ ମନ୍ଦିର ନିର୍ମାଣ ହୋଇଗଲା । ମହାସମାରୋହରେ ଦୁଇଟି ଯାକ ମୂର୍ତ୍ତିଙ୍କୁ ସେହି ମନ୍ଦିରରେ ସ୍ଥାପନ କରାଗଲା । ପ୍ରଭୁଙ୍କ ନିର୍ଦ୍ଦେଶରେ ସେଠାରେ ରନ୍ଧା ଅନ୍ନ ଭୋଗ ପ୍ରସାଦ ହୁଏ ନାହିଁ । ଦୈନିକ ବାଲଭୋଗ ପ୍ରସାଦ ପ୍ରଭୁଙ୍କୁ ସର୍ମପଣ କରାଯାଏ । ସେହି ମହାମହିମ ମହାପ୍ରଭୁଙ୍କର ରଥଯାତ୍ରା ଏଠାରେ ଅନୁଷ୍ଠିତ ହୁଏ । ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ହୋଇ ପ୍ରଭୁଙ୍କର ରଥକୁ ଟାଣି ଏକ ମାଇଲ ଦୂରରେ ଥିବା ମାଉସୀ ଘରକୁ ନେଇ ଯାଆନ୍ତି । ଧନ୍ୟ ମହାପ୍ରଭୁ, ଧନ୍ୟ ତୁମର ମହିମା !

ସାଇ ଦିଗ୍ୱଳୟ
ଇ-୬୫, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

# ଜଗନ୍ନାଥ ଯାହାର ଠାକୁର

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

ଜଗନ୍ନାଥ ଯେଉଁ ଜାତିର ଆରାଧ୍ୟ ଦେବତା
ସେ ଜାତି ଅନାଥ ହୋଇପାରେ ନାହିଁ
କିଏ କହେ ପଛୁଆ ଏ ରାଜ୍ୟ
କିଏ କହେ ଦରିଦ୍ର ଏ ଜାତି
ମିଥ୍ୟା କଥା ଆଉ କୁହ ନାହିଁ ଭାଇ ।

ରତ୍ନଗର୍ଭା ଅଟେ ଏ ଉତ୍କଳ
ମନ୍ଦିର ତା' ଶ୍ରୀମନ୍ଦିର
ଠାକୁର ତା' ନିଜେ ଜଗନ୍ନାଥ
ସାଗର ତା' ମହୋଦଧି
ଶମଶାନ ନାମ ସ୍ୱର୍ଗଦ୍ୱାର
ଦାଣ୍ଡ ପୁଣି ଅଟେ ବଡ଼ଦାଣ୍ଡ ।

ନଦୀ ତା'ର ମହାନଦୀ
ପର୍ବତର ନାମ ମେଘାସନ
ହ୍ରଦ ତା' ଚିଲିକା ହ୍ରଦ
କ୍ଷେତ୍ର ଅଟେ ପୁରୁଷୋତ୍ତମ

କଳାଘୋଡ଼ା ଧଳା ଘୋଡ଼ା ଚଢ଼ି
ଜଗନ୍ନାଥ ବଳଭଦ୍ର ବେନି ଭାଇ
ଯାଇଥିଲେ କାଞ୍ଚି ଅଭିଯାନେ
ଏ ଜାତିର ମାନ ରକ୍ଷା ପାଇଁ ।

ଭକତ ବତ୍ସଳ ପ୍ରଭୁ
ଭକ୍ତ ଅଟେ ତାଙ୍କରି ଜୀବନ
ଦାସିଆ, ସାରିଆ ଆଉ ସାଲବେଗ
କବି ଜୟଦେବ, ଦାସ ଜଗନ୍ନାଥ
କରିଥିଲେ ଏ ଭୂମି ମଣ୍ଡନ
ଛୋଟିଆ ନୁହେଁ ଏ ଜାତି
ବଡ଼ ଠାକୁର ସହାୟ ତାହାର
ହୀନ ମନ୍ୟତା କରି ପରିତ୍ୟାଗ
ଉଠ ଉଠ ଉତ୍କଳ କୁମର ।

ବିଧାୟକ, ମାହାଙ୍ଗା

# କାନ୍ତ ସାହିତ୍ୟରେ ଜଗନ୍ନାଥ ଚେତନା



ଗୁରୁକଲ୍ୟାଣ ମହାପାତ୍ର

**ଶ୍ରୀ**ଜଗନ୍ନାଥ କେବଳ ଓଡ଼ିଆ ବା ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ନୁହନ୍ତି, ସମଗ୍ର ବିଶ୍ୱରେ ଓ ସକଳ ଧର୍ମାବଲମ୍ବୀଙ୍କ ନିକଟରେ ସମ୍ଭବତଃ ସେ ହେଉଛନ୍ତି ସର୍ବାଧିକ ଚିତ୍ତାକର୍ଷକ ଦେବତା । ତାଙ୍କର ରଥଯାତ୍ରା ସେଥିପାଇଁ ହୁଏ ତ ଶ୍ରୀକ୍ଷେତ୍ର ପ୍ରସିଦ୍ଧ ନହୋଇ ବିଶ୍ୱପ୍ରସିଦ୍ଧ । ଜଗନ୍ନାଥଙ୍କ ଲାଗି ସତେ ଯେପରି ଧର୍ମର ସୃଷ୍ଟି, ଆଉ ତାଙ୍କୁ ନେଇ କିମ୍ବା ତାଙ୍କର ଧର୍ମ ବା ଧାମକୁ ଭିତ୍ତିକରି ଯେଉଁ ସାହିତ୍ୟ ଆମର ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ମନୋମୁଗ୍ଧକର, ଋଦ୍ଧିମନ୍ତ ଓ ସମୃଦ୍ଧ । ଅନ୍ୟାନ୍ୟ ସାହିତ୍ୟରେ ଏପରି ହୁଏତ ଘଟି ନାହିଁ । ପ୍ରାଚୀନ କାଳରେ ଆମ ସାହିତ୍ୟରେ ଭକ୍ତି ହିଁ ପ୍ରାଧାନ୍ୟ ବିସ୍ତାର କରିଥିଲା - ପରବର୍ତ୍ତୀ କାଳରେ ଦେଶଭକ୍ତି କିନ୍ତୁ ଆମ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ଆଶ୍ଚର୍ଯ୍ୟର କଥା ଯେ ଉଭୟ ଭକ୍ତି ଓ ଦେଶଭକ୍ତିମୂଳକ ସାହିତ୍ୟ ସର୍ଜନା କରି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଶା ମାଟିରେ ସ୍ୱତନ୍ତ୍ର ଭାବରେ ତାଙ୍କର ସ୍ଥାନ ରଖିଯାଇଛନ୍ତି । ତାଙ୍କର ବିପୁଳ ସୃଷ୍ଟି ସଂପଦ ମଧ୍ୟରୁ ଜଗନ୍ନାଥ ଚେତନାର ମହକ ଅନୁଭବ କରି, ସ୍ୱତନ୍ତ୍ର ଭାବେ ପୂର୍ବରୁ ପ୍ରାୟ ଆଲୋଚନା ହୋଇନାହିଁ । ସୁତରାଂ ସେ ଦିଗରେ ଏହି ଲେଖାଟି ସାମାନ୍ୟ ପ୍ରୟାସ ମାତ୍ର ।

କଟକ ସହର ଅନ୍ତର୍ଗତ ବାଖରାବାଦର ଧୂଆଁ ପତରିଆ ଗଳିରେ ୧୮୮୮ ମସିହା ଡିସେମ୍ବର ୯ ତାରିଖରେ ମାଣବସା ଗୁରୁବାର ଦିନ ଯେତେବେଳେ ସମସ୍ତେ ଘରେ ଘରେ ଲକ୍ଷ୍ମୀଙ୍କର ଆବାହନ କରୁଥିଲେ, ସେତିକିବେଳେ ଲକ୍ଷ୍ମୀକାନ୍ତଙ୍କର ସେଠାରେ ଆବିର୍ଭାବ ଘଟିଥିଲା । ପରିସ୍ଥିତିର ତାଡ଼ନାରେ ଜୀବନର ଅପରାହ୍ନରେ ଲକ୍ଷ୍ମୀକାନ୍ତ କେବଳ ରୋଗାକ୍ରାନ୍ତ ହୋଇ ନଥିଲେ, ଲକ୍ଷ୍ମୀଛଡ଼ା ମଧ୍ୟ ହୋଇଥିଲେ ।

ସେ ଯାହା ହେଉ, ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା ଭାବେ ପ୍ରତିଷ୍ଠିତ ହେବାର ବହୁପୂର୍ବରୁ ଲକ୍ଷ୍ମୀକାନ୍ତ ଗ୍ରାମବହୁଳ ଓଡ଼ିଶାର ଗାଁଗହଳରେ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ...' କିମ୍ବା 'ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା/ନାଚିବି ମୁଁ ଲଙ୍ଗଳା ହୋଇ ତୁ ତାଳିମାରି ଦେଖିବୁ ମଜା' ପରି ଭକ୍ତି ସଙ୍ଗୀତଗୁଡ଼ିକ ପାଇଁ ପ୍ରସିଦ୍ଧ ଥିଲେ । ପ୍ରାକ୍ ସ୍ୱାଧୀନତା କାଳରେ ମହାତ୍ମା ଗାନ୍ଧୀଙ୍କ 'ଆଶ୍ରମ ଭଜନ'ରେ ଓଡ଼ିଶାରୁ କେବଳ ଓଡ଼ିଆ ଭାଷାର ଏହି 'ସବୁଥିରୁ ବଞ୍ଚିତ କରି ...' ସଙ୍ଗୀତଟି ସ୍ଥାନ ପାଇଥିଲା । ସେହିପରି ଗ୍ରାମଫୋନ୍ ରେକର୍ଡ଼ ଆରମ୍ଭ ହେବାବେଳେ ଯେଉଁ ଅଳ୍ପ କେତେଗୋଟି ଓଡ଼ିଆ ସଙ୍ଗୀତର ରେକର୍ଡ଼ିଂ ହୋଇଥିଲା, ତନ୍ମଧ୍ୟରେ 'ଦେ ମୋତେ ବାଇଆ କରି ...' ସଂଗୀତଟି ଅତ୍ୟନ୍ତ ଲୋକପ୍ରିୟ ହୋଇ ଉଠିଥିଲା ବୋଲି ଶୁଣିବାକୁ ମିଳିଥାଏ । ଅଥଚ କାନ୍ତକବିଙ୍କ ରଚିତ ଏ ଦୁଇଟି ଲୋକପ୍ରିୟ ଭକ୍ତି ସଙ୍ଗୀତ ସମେତ 'ଜୀବନ ସଙ୍ଗୀତ'ରେ ରହିଛି ଆହୁରି ଅନେକ ରହସ୍ୟଘନ ଭକ୍ତିବିଭୋର ସଙ୍ଗୀତ, ଯେଉଁଥିରୁ ଜଗନ୍ନାଥ ଚେତନାର ସ୍ପର୍ଶ ମିଳିପାରିବ । 'ସବୁଥିରୁ ବଞ୍ଚିତ କରି' କିମ୍ବା 'ଦେ ମୋତେ ବାଇଆ କରି' ପରି ସଙ୍ଗୀତ ଦୁଇଟିକୁ ଜଗନ୍ନାଥଙ୍କ ଭକ୍ତମାନେ ଗାନ କରି ଅପାର ଆନନ୍ଦ ଅନୁଭବ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଥାଏ ।

'ଶ୍ରୀକ୍ଷେତ୍ର' କ୍ଷୁଦ୍ର କବିତାରେ କାନ୍ତକବି ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଚିରାଚରିତ ରୀତିରେ ପ୍ରତିପାଦିତ ନକରି ଭକ୍ତି ଓ ଦେଶଭକ୍ତିର ସମନ୍ୱୟରେ ସତେ ଯେପରିକି ଜଗନ୍ନାଥ ଚେତନାର ଏକ ନୂତନ ପରିଭାଷା ସୃଷ୍ଟି କରିଯାଇଛନ୍ତି । ନିମ୍ନଲିଖିତ ପଦ କତିପୟରୁ ତାହାର ସମ୍ୟକ ସୂଚନା ମିଳିଥାଏ । ଯଥା-

'ସେ କାଳ ଉତ୍କଳଗୌରବ ଭାସ୍କର,  
ଗଜପତି-ଗୌଡ଼େଶ୍ୱର-ବଂଶଧର ।  
ତୋ'ର ତହିଁ ସ୍ୱାଧୀନତା-ବୈଜୟନ୍ତୀ,  
ଉଡ଼ାଇ ରଖିଲେ ଅପୂର୍ବ କୀରତି ।  
ସହସ୍ର ସହସ୍ର ତୀର୍ଥ ଯାତ୍ରୀଗଣ,  
'ଜୟ ଜଗନ୍ନାଥ' କରି ଉଚ୍ଚାରଣ ।

ଗତ ବାଧାବିଘ୍ନ କରି ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା ।'

'ଜଗନ୍ନାଥ' ଶୀର୍ଷକ ଅନ୍ୟ ଏକ କବିତା କାନ୍ତକବି ରଚନା କରିଥିଲେ ଯାହା ତାଙ୍କର ତା.୭.୭.୧୯୨୮ ମସିହାର ଡାଏରୀ ପୃଷ୍ଠାରୁ ଉଦ୍ଧାର କରିଥିଲେ ତାଙ୍କର କନିଷ୍ଠ ପୁତ୍ର, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଗୌରଚନ୍ଦ୍ର ମହାପାତ୍ର । ଏହାକୁ ୧୯୯୫ ମସିହା ଜୁଲାଇ ସଂଖ୍ୟା 'ସଚିତ୍ର ବିଜୟା' ପତ୍ରିକାରେ ପ୍ରକାଶ କରିଥିଲେ ତତ୍କାଳୀନ ସଂପାଦକ, ସୁଲେଖକ ଶ୍ରୀ ଅଭୟ ସିଂ । ଦୁଃଖର କଥା, ଜଗନ୍ନାଥଙ୍କ ସାହିତ୍ୟର ଆଲୋଚନା କାଳରେ ଏହା ଉପରେ ଆମର ସାହିତ୍ୟ ସମାଲୋଚକମାନେ ମଧ ଆଲୋଚନା କରିନାହାନ୍ତି । କବିତାଟିର ଆରମ୍ଭ ଏହିପରି -

'ଶ୍ରୀକ୍ଷେତ୍ର ମହୋଦଧି କୂଳେ,
ବଡ଼ ଦେଉଳେ ନୀଳାଚଳେ,
ଭାଇଭଉଣୀ ଘେନି ସାଥ,
ବିଜେ କରିଛ ଜଗନ୍ନାଥ,
ଖଟିଛି ଛତିଶା ନିଯୋଗ,
ନିତି ଭୁଂଜୁଛ ରାଜ ଭୋଗ,
ଛପନ କୋଟି ଜୀବକୁଳ,
ଖାଳୁଛ ଆହେ ଆଦିମୂଳ,
ଟେକି ଦେଇଛ ଦୁଇ ବାହା,
ଗରିବ ଦୁଃଖୀଙ୍କର ସାହା,
x x x x
କାଳିଆ ରୂପ ମନୋରମ,
ଭକତ ଜନ ଗଣ୍ଠିଧନ ।
x x x x
ତୋ'ଠାରେ ଉଚ୍ଚନୀଚ ନାହିଁ,
ତୁ ଅଟୁ ଜଗତର ସାଇଁ ।
ଚଣ୍ଡାଳ କ୍ଷତ୍ରିୟ ବ୍ରାହ୍ମଣ,
ତୋ' ଧାମେ ସକଳ ସମାନ ।
x x x x

ଏହି କବିତାରେ ଜଗନ୍ନାଥଙ୍କ ମହିମା କେବଳ ବର୍ଣ୍ଣିତ ନୁହେଁ, ସେ କିପରି ଦୁଃଖୀ ଓ ଦରିଦ୍ର ଜନତାଙ୍କର ସାହାଭରସା, ତାହାକୁ କବି ଯଥାର୍ଥ ଭାବେ ଦର୍ଶାଇଛନ୍ତି । ପୁଣି ଉଚ୍ଚନୀଚ ଭେଦଭାବ ଜଗନ୍ନାଥଙ୍କ ନିକଟରେ ନାହିଁ ବୋଲି ସେ ପ୍ରତିପାଦିତ କରିଛନ୍ତି । ଏଥିରୁ କବିଙ୍କର ସଂସ୍କାରମୂଳକ ସାମ୍ୟବାଦୀ ଓ ପ୍ରଗତିଶୀଳ ଚିନ୍ତାଧାରାର ସ୍ପଷ୍ଟ ସୂଚନା ମିଳିଥାଏ । କେବଳ ମାର୍କ୍ସବାଦୀ ସାହିତ୍ୟରେ ନୁହେଁ, ଓଡ଼ିଆ ସାହିତ୍ୟର ଅନେକ ପ୍ରସିଦ୍ଧ ଲେଖକ ଲେଖିକାଙ୍କ ସୃଷ୍ଟିରେ ସର୍ବହରାଙ୍କ ପାଇଁ ରହିଛି ଦାବି ବା ନିବେଦନ ।

କାନ୍ତକବିଙ୍କ ରଚିତ 'ପତିତପାବନ ଜଣାଣ'ଟି ଅନ୍ୟତମ ସାର୍ଥକ ଓ ହୃଦୟସ୍ପର୍ଶୀ ସୃଷ୍ଟି । 'କ' ଅକ୍ଷରରୁ ଆରମ୍ଭ କରି 'କ୍ଷ' ଅକ୍ଷର ପର୍ଯ୍ୟନ୍ତ 'ଦୂତୀକର ଧରି ରହି' ବୃତ୍ତରେ ଲିଖିତ ଏହି ଚଉତିଶାଟି ପ୍ରଥମେ ଏକ ଚଟି ବହି ଆକାରରେ ଭଦ୍ରକର ଗୋପୀନାଥ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା, ସ୍ୱାଧୀନତାର ବହୁ ବର୍ଷ ପୂର୍ବେ । ଏବେ ଏହା ଦୁଷ୍ପ୍ରାପ୍ୟ । କବି ଦୀନକୃଷ୍ଣ ଦାସଙ୍କ ରଚିତ ଜଗନ୍ନାଥ ଚଉତିଶା ପରି ପ୍ରଥମେ ଏହା ମନେ ହେଲେ ମଧ ଉଭୟ ଆଶୟ (Form) ଓ ବିଷୟ (Content) ଦୃଷ୍ଟିରୁ ଏହା ସଂପୂର୍ଣ୍ଣ ଭିନ୍ନ ଧରଣର ଜଣାଣ ବୋଲି ଜଣାପଡ଼ିବ । ଜଣେ ସାଧାରଣ ଭକ୍ତର ଦୁଃଖ ଦୁର୍ଦ୍ଦଶା ଓ ନିସ୍ତାର ପାଇଁ ବ୍ୟାକୁଳ ପ୍ରାର୍ଥନା ଓ ଆର୍ତ୍ତି ଏଥିରେ ଅତି ସଫଳତାର ସହ ମନଛୁଆଁ ଭାବ ଓ ଭାଷାରେ ପ୍ରକଟିତ । ଏହାର ଆରମ୍ଭ ଏହିପରି -

'କରମ ବିପାକେ ପଡ଼ି କେଉଁ ଦୀନଜନ,
କାତରେ କାକୁସ୍ଥ ହୋଇ କରାଇ ଜଣାଣ ।
ପ୍ରଭୁ ହେ କି କହିବି ତୋତେ,
କେଉଁ କଥା ନ ଜାଣିଛୁ ଥାଇ ହୃଦଗତେ !'
x x x x

ପ୍ରଥମେ ଉହଳ ବିକଳ ହୋଇ ଜଣେ ଜଗନ୍ନାଥଙ୍କ ନିକଟରେ ଆର୍ତ୍ତି କରୁଛି ଓ ପରେ ଅଭିମାନ କରି ବିପ୍ଳବର ସ୍ଫୁଲିଙ୍ଗରେ ଉତ୍ତେଜିତ ହୋଇ ସ୍ୱର ଉତ୍ତୋଳନ କରୁଛି -

'ଜହର ନ ଦେଲ କିଆଁ ଜନନୀ ଜଠରେ,
ଜାତ କଲ ଏହି ହେତୁ କିମ୍ବା ଜଗତରେ ।
ପ୍ରଭୁ ହେ ଜୀବନଟା ଯାଉ,
ଜଳି ଜାଳି କୋହ ଦହ ହେବାକୁ ବିବାକ !'

କାନ୍ତକବି ଶେଷରେ ଆପଣାକୁ ସର୍ବହରାର ନାମ ବାଛି ନେବାକୁ ଶ୍ରେୟ ବୋଲି ମନେ କରି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସେଥିପାଇଁ ଲେଖିଛନ୍ତି -

'ସମର୍ପି ତୋହରିଠାରେ ମୋର ଯାହା କିଛି,
ସର୍ବହରା ନାମ ଆପେ ବାଛି ମୁଁ ନେଇଛି,
ପ୍ରଭୁ ହେ ସେହି ଆଣ୍ଠ ଧରି,
ସକଳ ସନ୍ତାପଯାକ ଦେଇଛି ପାଶୋରି ।'

ଶ୍ରୀମଦ୍ ଭଗବତ ଗୀତା ନିହିତ ଶାନ୍ତ, କାନ୍ତ ଓ ସ୍ଥିତପ୍ରଜ୍ଞ ଭାବ ହିଁ କବି ହୃଦୟକୁ ଆଚ୍ଛନ୍ନ କରିଛି । ସେଥିପାଇଁ ଏହି ପତିତପାବନ ଜଣାଣର ଅନ୍ତିମ ପଦରେ କାନ୍ତକବି ଗାଇଛନ୍ତି -

‘କ୍ଷତି ନାହିଁ ଗଲାଣି ତ ଯାଉ ଏବେ ଜୀବ,
କ୍ଷୋଭ କରିବାକୁ ଆଉ କିଏ କାହିଁଥିବ,
ପ୍ରଭୁ ହେ କ୍ଷଣେ ନିଅ ହରି,
କ୍ଷମି ଏ କାନ୍ତର ଦିଅ ସବୁ ଅନ୍ତ କରି ।’

ଲକ୍ଷ୍ମୀକାନ୍ତ ଜୀବନର ଅପରାହ୍ଣରେ କାନ୍ତକବି ଭାବେ ପ୍ରତିଷ୍ଠିତ ହୋଇଥିଲେ ହେଁ ପରିସ୍ଥିତିର ତାଡ଼ନାରୁ ଲକ୍ଷ୍ମୀଛଡ଼ା ହୋଇ ଯାଇଥିଲେ ସିନା, ‘ଲକ୍ଷ୍ମୀ ଚଣ୍ଡାଳୁଣୀ’ ନାମକ ଏକ ଅଦ୍ୱିତୀୟ ନାଟକ ସେ ରଚନା କରିଥିଲେ - ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥଧାମକୁ ଆଧାର କରି । ୧୯୪୩ରେ ପ୍ରାକ୍ ସ୍ୱାଧୀନତା କାଳରେ ଏହି ନାଟକଟି ରଚନା କରାଯାଇଥିଲେ ହେଁ ପୁସ୍ତକାକାରରେ ଏହା ପ୍ରକାଶିତ ହୋଇଥିଲା ୧୯୫୮ ମସିହାରେ । ଏହି ପୁସ୍ତକର ସୂଚନାନୁଯାୟୀ ଜଣାଯାଇଥାଏ ଯେ ସେହି ନାଟକଟି ପ୍ରଥମେ ଗ୍ରାମଫୋନ୍ ରେକର୍ଡ଼ ପାଇଁ ଲିଖିତ ହୋଇଥିଲା । ତାହା ସମ୍ଭବ ନହେବାରୁ ନାଟକର ନବକଳେବର ଘଟିଥିଲା । ମାତ୍ର ରଙ୍ଗମଞ୍ଚରେ ତାହା ମଧ୍ୟ ମଞ୍ଚସ୍ଥ ହୋଇନଥିଲା । ଭାବ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହି ନାଟକଟି ପୁରାତନ ବୋଲି ମନେ ହେଲେ ମଧ୍ୟ ଏହାର ପରିବେଷଣ କ୍ଷେତ୍ରରେ କାନ୍ତକବି ଆଧୁନିକତାର ପୁଟ ଦେଇଥିଲେ । ତେଣୁ ପୁସ୍ତକର ପ୍ରକାଶକ ଲେଖିଥିଲେ ‘ପୁରାଣ ଦେହରୁ ପୁରୁଣା ରହଣିଆ ଗନ୍ଧ ଛଡ଼ାଇ ନୂଆ ଅଙ୍ଗରାଗରେ ରଂଜିତ କରି ନୂଆ ମୁଦ୍ରାରେ ଉପସ୍ଥାପନ କରିବାରେ ବିଶେଷତ୍ୱ କିପରି ରହିପାରେ, ତାହା ଏହି ପୁସ୍ତିକାଟି ପ୍ରମାଣ କରିବ ।’

ପ୍ରକୃତରେ ପ୍ରାସଙ୍ଗିକ ସଙ୍ଗୀତ ପରିପୂର୍ଣ୍ଣ ଏହି ନାଟକରେ କଳାତ୍ମକ ପରିବେଷଣ ଶୈଳୀ ସହିତ ସାମାଜିକ ମୂଲ୍ୟବୋଧର ପରିପ୍ରକାଶ ହିଁ ଏହି ନାଟକକୁ ଏକ ଅଦ୍ୱିତୀୟ ସଫଳ ନାଟକର ମାନ୍ୟତା ଦେଇଛି । ଅସ୍ପୃଶ୍ୟତା ଦୂରୀକରଣ ସମ୍ବନ୍ଧରେ ଏହି ନାଟକରେ ଯାବତୀୟ ସାମାଜିକ ଆବର୍ଜନାକୁ ଆଡ଼େଇ ଦେଇ ଦଳିତ ଜାତିର ଲୋକଙ୍କ ସେବା ପାଇଁ ଏଥିରେ ରହିଛି ଅନେକ ଉପାଦାନ । ସରକାରୀ କିମ୍ବା ଧାର୍ମିକ ସ୍ତରରେ ଏହି ନାଟକଟିର ପ୍ରଚାର ଯେପରି ହେବା କଥା କୌଣସି କାରଣରୁ ଅବଶ୍ୟ ହୋଇ ପାରିନାହିଁ । କିନ୍ତୁ ଜଗନ୍ନାଥ ଚେତନାର ସ୍ପର୍ଶ ଏହାର ପ୍ରତ୍ୟେକ ପଂକ୍ତିରେ ଅନୁଭବ କରି ହେବ । ଏହି ନାଟକର ଶେଷ ଦୃଶ୍ୟରେ ମହାରାଜାଙ୍କର ସଂଳାପରୁ ଜଗନ୍ନାଥଙ୍କ ପତିତପାବନ ନାମର ସାର୍ଥକତା ପ୍ରତିପାଦିତ ହୋଇଥାଏ । ତାହା ଏହିପରି -

ମହାରାଜ -

‘ପ୍ରଜାବୃନ୍ଦ,
ପାତ୍ରମନ୍ତ୍ରିଗଣ,
ସେବକ, ମହନ୍ତ ଆଉ ଦେଉଳ କରଣ,
କର ସର୍ବେ ଅବଧାନ,
କାଲି ରାତ୍ରେ ପ୍ରଭୁଙ୍କର ହେଲା ସ୍ୱପ୍ନାଦେଶ
ନ ରହିବ ଉଚ୍ଚନୀଚ ଜାତି ଭେଦ ଲେଶ -
ଆଜିଠାରୁ ଶ୍ରୀମନ୍ଦିରେ ମୋର ।
ବ୍ରାହ୍ମଣ ଚଣ୍ଡାଳ ଆଦି ଛତିଶ ପାଟକେ-
ଯେତେ ନରନାରୀ,
ମନ୍ଦିର ପ୍ରବେଶେ ହେବେ ସମ ଅଧିକାରୀ ।
ସାମ୍ୟବାଦ ମହାଧର୍ମ୍ମ ମହିମା ପ୍ରଚାରି
ପତିତପାବନ ବାନା ଉଡ଼ିବ ଗୌରବେ ।

କାନ୍ତ ସାହିତ୍ୟ ବିଭିନ୍ନ ବିଭାଗକୁ ବିସ୍ତାରିତ । କୋମଳମତି ବାଳକ ଓ ବାଳିକାଙ୍କ ଉଦ୍ଦେଶ୍ୟରେ ଲିଖିତ କାନ୍ତକବିଙ୍କ କ୍ଷୁଦ୍ର ପୁସ୍ତିକା ‘ଧର୍ମ ସଂଗୀତ’ରେ ‘ଗୁହାରି’ ଶୀର୍ଷକ ସଙ୍ଗୀତରୁ ମଧ୍ୟ ଜଗନ୍ନାଥଙ୍କ ପ୍ରତି କବିଙ୍କର ଥିବା ଅଚଳାଚଳ ଭକ୍ତିର ପ୍ରମାଣ ମିଳିଥାଏ । ତାହା ଏହିପରି -

ମୁଁ ତ ବାଳକମତି,
ଆସେ ନାହିଁ ମୋତେ କରି ଭକତି ହେ,
ମୋତେ ଶିଖାଅ ଜଗତପତି, ମୋ ପ୍ରଭୁ ହେ ।
ମୁଁ ହିଁ ତ ହୀନ ଅଜ୍ଞାନ,
ତୁମ୍ଭେ କେଡ଼େ ବଡ଼, କେଡ଼େ ମହାନ ହେ,
ମୋତେ ଶ୍ରୀପଦରେ ଦିଅ ସ୍ଥାନ, ମୋ ପ୍ରଭୁ ହେ ।

ଡି-୧୦/୫, ୟୁନିଟ୍-୮
ଭୁବନେଶ୍ୱର-୧୨

# ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଓ ଶ୍ରୀଜଗନ୍ନାଥ

ରଜତ କୁମାର କର



ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତିଙ୍କ ବିଷୟ ଆଲୋଚନା କରି ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ ସମ୍ବନ୍ଧରେ କିଛି ସୂତ୍ର ବାହାର କରାଯାଇପାରେ । କେତେ ନୂତନ ସୂତ୍ର, ଅନେକ ନୂତନ ତଥ୍ୟ ମନକୁ ଆସିଛି । ତାକୁ ହିଁ ବୋଇତ କରି ଶ୍ରୀଜଗନ୍ନାଥ ରହସ୍ୟ ସାଗରରେ ପୁରାତନ ରୀତିରେ ପାଲ ଟାଣି ଅନୁକୂଳ ପବନରେ ଦୂରକୁ ଭାସି ଯିବାକୁ ବସିଲାବେଳେ ପୁଣି ପାଗ ପ୍ରତିକୂଳ । ଲୀଳାମୟଙ୍କ ରହସ୍ୟ ସିନ୍ଧୁର ଉତ୍ତାଳ ତରଙ୍ଗ କାଟି ତରୀର ସ୍ୱଚ୍ଛନ୍ଦ ଉତ୍ତରଣ ସହଜସାଧ ନୁହେଁ । କୁତଃ ମନୁଷ୍ୟଃ ଦେବାଃ ନ ଜାନନ୍ତି । ପ୍ରତିବର୍ଷ ରଥଯାତ୍ରା ଅବକାଶରେ କିଛି ଅନୁସନ୍ଧାନ, ଅନୁଶୀଳନ ଓ ଏଥିପାଇଁ ଆଲୋଡ଼ନ ଆନନ୍ଦଦାୟକ । ଏହା ଗବେଷଣା ନୁହେଁ । ଏହା ତାଙ୍କ ଗାଥାଗାୟନର ସାମାନ୍ୟ ପ୍ରୟାସ ମାତ୍ର । 'ଅଥାତୋ ବ୍ରହ୍ମ ଜିଜ୍ଞାସା' ଭଳି ଅଥାତୋ ବିଷୟ ଜିଜ୍ଞାସା । ଏଥରକ ବିଷୟ ସମ୍ବନ୍ଧରେ ଆଲୋଚନା । ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଭାବରେ ବାଇଶି ପାହାଚ କଡ଼ରେ ଥିବା କ୍ଷୁଦ୍ର ନୃସିଂହ ବିଗ୍ରହ, କଳ୍ପବଟ ପାଖରେ ଥିବା ଅନନ୍ତ ପୁରୁଷୋତ୍ତମ ଓ ବର୍ତ୍ତମାନ ସୂର୍ଯ୍ୟମନ୍ଦିର ବୋଲାଉଥିବା ତଥାକଥିତ ଇନ୍ଦ୍ର ମନ୍ଦିରରେ ଇନ୍ଦ୍ର ବୋଲାଉଥିବା ବିରାଟ ବୁଦ୍ଧ ମୂର୍ତ୍ତି ଆଲୋଚନା ପରିସରକୁ ଆସିବ ।

ଏ ପ୍ରସଙ୍ଗରେ ପ୍ରଶ୍ନ ଉଠିପାରେ ଯେ ସତ୍ୟନାରାୟଣ ରୂପେ ପରିଚିତ ବିଗ୍ରହଙ୍କୁ କାହିଁକି ପ୍ରାଚୀନ ବୋଲି ଧରାଯାଉ ନାହିଁ ? ଏହି ସତ୍ୟନାରାୟଣ ମୂର୍ତ୍ତି ପୁରାତନ ପୁରୁଷୋତ୍ତମ ବିଗ୍ରହ ହୋଇପାରନ୍ତି ବୋଲି ଗୋଟିଏ ମତ ପ୍ରକାଶ ପାଇଛି । ଏହି ସତ୍ୟନାରାୟଣ ବର୍ତ୍ତମାନ ଗୋଟିଏ କ୍ଷୁଦ୍ରକାୟ ମନ୍ଦିରରେ ଅଛନ୍ତି । ତାଙ୍କ ଉଚ୍ଚତା ଅନୁସାରେ ସେ ଆଉ ଗୋଟିଏ ବଡ଼ମନ୍ଦିରର ସ୍ଥାନାନ୍ତରିତ ବିଗ୍ରହ ବୋଲି ମନେ କରାଯାଉଛି । ଶାସ୍ତ୍ରାନୁଯାୟୀ ପ୍ରସ୍ତର ବିଗ୍ରହ ଥରେ ସ୍ଥାନାନ୍ତରିତ ହେଲେ ଆଉ ପୂର୍ବ ମନ୍ଦିରକୁ ଫେରିପାରିବ ନାହିଁ । ତାଙ୍କୁ ଅନ୍ୟସ୍ଥାନରେ ପୂଜା କରିବା ବିଧାନ ରହିଛି ।

ନୃସିଂହ ମନ୍ଦିର ପୁରୁଷୋତ୍ତମ ବିଷ୍ଣୁ ମନ୍ଦିର ନଥିଲା । ଏହା ନୃସିଂହଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିବାରୁ ଏହାର ପ୍ରବେଶ ଦ୍ୱାରର ଉପରିଭାଗରେ ନୃସିଂହ ମୂର୍ତ୍ତି ରହିଛନ୍ତି । ଦକ୍ଷିଣ ଭାରତର ବହୁ ମନ୍ଦିରର ମୂଳ ବିଗ୍ରହଙ୍କ ସଦୃଶ ମୂର୍ତ୍ତି ପ୍ରବେଶ ଦ୍ୱାର ଉପରେ ରହିଥିବା ଦେଖାଯାଏ । ଏ ମନ୍ଦିରରେ ନୃସିଂହ ମୂଳ ବିଗ୍ରହ ହୋଇଥିବାରୁ ପାର୍ଶ୍ୱଦେବତା ଭାବରେ ତାଙ୍କୁ ରଖାଯାଇନାହିଁ । ବରାହ, ତ୍ରିବିକ୍ରମ ପାର୍ଶ୍ୱଦେବତା ଭାବରେ ରହିଥିବାବେଳେ ନୃସିଂହଙ୍କ ସ୍ଥାନରେ ବିଷ୍ଣୁଙ୍କ ଅନ୍ୟ ଏକ ମୂର୍ତ୍ତି ପାର୍ଶ୍ୱଦେବତା ଭାବେ ରହିଛନ୍ତି । ଶ୍ରୀମନ୍ଦିର ନିର୍ମାଣବେଳେ ନୃସିଂହ ମନ୍ଦିରକୁ ବାଲିରେ ପୋତି ଶ୍ରୀମନ୍ଦିର ଉପରକୁ ପ୍ରସ୍ତର ନେବା ଆବଶ୍ୟକତା ଥାଇପାରେ । ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେବାପରେ ପୂର୍ବ ନୃସିଂହ ବିଗ୍ରହଙ୍କୁ ଫେରାଇ ଅଣାନଯାଇ ଅନ୍ୟ ଗୋଟିଏ ମୂର୍ତ୍ତି ରଖାଗଲା । ପୂର୍ବ ନୃସିଂହ ମୂର୍ତ୍ତି ଆଦି ନୃସିଂହ ମୂର୍ତ୍ତି ବୋଲି ଚିହ୍ନିପାରି ଚୈତନ୍ୟ ଦେବ ବାଇଶିପାହାଚ ଉଠିଲାବେଳେ ମଝି ପାହାଚର ବାମ ଭାଗରେ ଥିବା ନୃସିଂହଙ୍କୁ ପ୍ରଣାମ କରୁଥିଲେ । ଆଂଶିକ ଭଗ୍ନ ମନ୍ଦିର ମରାମତି ହେବା ପରେ ନୂତନ ନୃସିଂହ ପ୍ରତିଷ୍ଠା ପାଇଲେ । ଶ୍ରୀମନ୍ଦିରରେ ଦୀପଦାନ, ଭୋଗ ପ୍ରଦାନ, ପୁଷ୍ପ ବେଶ ପାଇଁ ଜମି ଦାନ ବିଷୟ ସେହି ମନ୍ଦିରର ଗାତ୍ରରେ ଲେଖା ନଯାଇ ନୃସିଂହ ମନ୍ଦିର ଓ ପାତାଳେଶ୍ୱର ମନ୍ଦିରରେ ସ୍ଥାନିତ ହୋଇଥିଲା । ବିଗ୍ରହଙ୍କୁ ଦାନ ବିଷୟକ କଥା ସେହି ମନ୍ଦିର ଗାତ୍ରରେ ଲେଖାହେବା ଅହଙ୍କାର ସୂଚକ ବୋଲି ବୋଧହୁଏ ଏହା ଅନୁମୋଦିତ ନଥିଲା । କଳ୍ପବଟରେ ଥିବା ମନ୍ଦିରର ନୃସିଂହ ବିଗ୍ରହ ଆଦି ଦେବତା । ତାଙ୍କ ମନ୍ତ୍ରରେ ଓ ତାଙ୍କ ଢାଞ୍ଚାରେ ଶ୍ରୀଜଗନ୍ନାଥଙ୍କ ଶରୀର ପୁଷ୍ଟ । ପ୍ରଭୁଙ୍କ ନବକଳେବର

ଅନୁଷ୍ଠାନରେ ନୃସିଂହଙ୍କ ପ୍ରଭାବ ଗଭୀର । ଦୈନିକ ପୂଜାରେ ମଧ୍ୟ ସେ ନୃସିଂହ ରୂପୀ । ତାଙ୍କ 'ଉଗ୍ରବୀରଂ ମହାବିଷ୍ଣୁମନ୍ତ୍ର'ର ଉଗ୍ର ଓ ଭୀଷଣ ଭାବ ରୁଦ୍ର ବଳଭଦ୍ରଙ୍କୁ ଦେଇ ସେ ସୁଭଦ୍ରାଙ୍କୁ ଭଦ୍ରଦାୟିନୀ କରାଇଛନ୍ତି ଓ ନିଜେ ମହାବିଷ୍ଣୁ ଭାବେ ବିଭିନ୍ନ ଅବତାର ରୂପରେ ବେଶ ହେଉଛନ୍ତି ।

ଶ୍ରୀଜଗନ୍ନାଥଙ୍କୁ ଦେଖିବା ମାତ୍ରେ ନୃସିଂହଙ୍କ ରୂପ ଆଖିରେ ଝଲସି ଯିବ । ସିଂହ ସଦୃଶ ତାଙ୍କର ଗୋଲାକାର ଚକ୍ଷୁ । ମୁଖର ଆକାର ମନୁଷ୍ୟ ଭଳି ନ ହୋଇ ସେହି ବେଦର ଗର୍ଜନକାରୀ ଭୀଷଣ ଦେବତା ଗିରି ଗହ୍ୱରର 'କୁଚର' ବା ଭୀଷଣ ସିଂହ । ସେ ହିଁ ହରି । ଦୁଃଖ ହରଣକାରୀ ଅର୍ଥରେ ହରି ଓ ସିଂହ, ଅର୍ଥରେ ମଧ୍ୟ ହରି । 'ହରେ ରାମ କୃଷ୍ଣ' ମନ୍ତ୍ରର ପ୍ରଥମ ନାମ ଏଇ ନୃସିଂହ ହରି । ନୃସିଂହ ମହାପ୍ରଭୁଙ୍କ ଦାରୁରୂପୀ ଜଗନ୍ନାଥ ଭାବେ ବିବର୍ତ୍ତନ ସ୍କନ୍ଦ ପୁରାଣ ଓ ବ୍ରହ୍ମ ପୁରାଣରେ ସାଙ୍କେତିକ ଭାବେ ବର୍ଣ୍ଣିତ ହୋଇଛି । ବ୍ରହ୍ମାଙ୍କ ସମ୍ମୁଖରେ ନୃସିଂହଙ୍କ ଆବିର୍ଭାବ ଓ ଯଜ୍ଞରୁ ତାଙ୍କର ଉଦ୍ଭବ ସେହି ନୃସିଂହ ଭଗବାନଙ୍କ ଜଗନ୍ନାଥ ଭାବେ ବିବର୍ତ୍ତନର ମନୋରମ କାହାଣୀ ବୋଲି ମନେ ହେଉଛି ।



ରାଜରାଣୀ ମନ୍ଦିର ବହିର୍ଭାଗରେ ଥିବା ଜଗନ୍ନାଥ ମୂର୍ତ୍ତି

୧୯୯୯ ମସିହା ଇଂରାଜୀ 'ଓଡ଼ିଶା ରିଭ୍ୟୁ' ପତ୍ରିକାରେ ପ୍ରକାଶ ପାଇଥିବା ଦୀପକ ଭଟ୍ଟାଚାର୍ଯ୍ୟଙ୍କ ଉତ୍ତୋଳିତ ଏକ ଫଟୋଗ୍ରାଫ ନିକଟରେ ମୋ ଆଖିରେ ପଡ଼ିଲା । ତାହା ରାଜରାଣୀ ମନ୍ଦିର ଗାତ୍ରରେ ଥିବା ଜଗନ୍ନାଥ ମୂର୍ତ୍ତି ବୋଲି ଲିଖିତ ଥିଲା । ରାଜରାଣୀ ମନ୍ଦିର ଗାତ୍ରରେ ଜଗନ୍ନାଥ ମୂର୍ତ୍ତି ଥିବା କଥା ଚମକପ୍ରଦ ମନେ ହେଲା । ବହୁବାର ଯାଇ ଗାତ୍ରରେ ଥିବା ଅଳଙ୍କାର ରୂପେ ମନ୍ଦିରକୁ ମଣ୍ଡନ କରିଥିବା ଗୋଟିଏ ପ୍ରସ୍ତର ବେଷ୍ଟନୀ ମଧ୍ୟରେ କ୍ଷୁଦ୍ର ଏକ ଜଗନ୍ନାଥ ସଦୃଶ ମୁଖ ଦିଶୁଛି । ନିଜେ ବହୁବାର ଯାଇ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ଦେଖାଇଲି । ଜଗନ୍ନାଥ ବୋଲି ସମସ୍ତେ ଚିହ୍ନଟ କଲେ  ଛୋଟ ହାତ ଦୁଇଟି ଜଗନ୍ନାଥଙ୍କ ଭଳି ଅଙ୍ଗୁଷ୍ଠି ବିହୀନ, ମସ୍ତକ କିନ୍ତୁ ଶ୍ରୀଜଗନ୍ନାଥଙ୍କ ଭଳି ସମତଳ ନୁହେଁ । ଚକ୍ଷୁ ବଡ଼ କିନ୍ତୁ ମୁଖ ଖୋଲା ରହିଛି । ପଥର ଘୋରି ହୋଇଯାଇଥିଲେ ବି ନାକ ତଳେ ନିଶ ବାରି ହୋଇପଡୁଛି । ଏତ ଜଗନ୍ନାଥ ନୁହନ୍ତି ! ଏ ଯେ ନୃସିଂହ ! ତାଙ୍କ ଦୟାରୁ ଏକଥା ମନକୁ ଆସିଲା । ମନ୍ଦିରଟି କେଶରୀ ବଂଶୀୟ ରାଜା ଇନ୍ଦ୍ରରଥଙ୍କ ଦ୍ୱାରା ନିର୍ମିତ । ଯୁଦ୍ଧ କ୍ଷେତ୍ରରେ ନିହତ ହେଲେ । ସେ ସାବତ ମା'ଙ୍କ ସନ୍ତାନ ବା ମୃତ ରାଜାଙ୍କ ଦୂର ସମ୍ପର୍କୀୟ ହୋଇଥିବାରୁ ଉଦ୍ୟୋତ କେଶରୀଙ୍କ ଶିଳାଲିପିରେ ତାଙ୍କ ନାମର ଉଲ୍ଲେଖ ନାହିଁ ।

ଦଶମ ଶତାବ୍ଦୀରେ ନିର୍ମିତ ଏ ମନ୍ଦିର ନିର୍ମାଣ ବେଳକୁ ନୃସିଂହଙ୍କ କେବଳ ମୁଖ ଓ ହସ୍ତ ଥିବା ମୂର୍ତ୍ତି ମନ୍ଦିରମାନଙ୍କରେ ସ୍ଥାନ ପାଇଲାଣି । ନୃସିଂହଙ୍କ ସାଦୃଶ୍ୟ ମୂର୍ତ୍ତିରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବିବର୍ତ୍ତିତ ହେବାର ଏଥିରୁ ସୂଚନା ମିଳୁଛି । ବ୍ୟକ୍ତ ଅବ୍ୟକ୍ତ ରୂପୀ ଓ ପ୍ରକଟ ଅପ୍ରକଟରେ ବ୍ରହ୍ମ ରୂପେ ନୃସିଂହ ପ୍ରସିଦ୍ଧ । ତାଙ୍କୁ ବ୍ରହ୍ମରୂପୀ ଦାରୁ ବିଗ୍ରହରେ ରୂପାୟିତ କରି ଶ୍ରୀଜଗନ୍ନାଥଙ୍କ ବିଗ୍ରହର ପରିକଳ୍ପନା ଏକ ପରିପକ୍ୱ ଦାର୍ଶନିକ ଚିନ୍ତାର ପ୍ରତିଫଳନ ବୋଲି ମନେହୁଏ ।

ବାଇଶି ପାହାଚ କଡ଼ରେ ଥିବା ନୃସିଂହ ମୂର୍ତ୍ତି ଗଠନ ଦିଗରୁ ବର୍ତ୍ତମାନର ମନ୍ଦିରରେ ପୂଜା ପାଉଥିବା ବିଗ୍ରହଙ୍କଠାରୁ ପ୍ରାଚୀନ । ବୈଷ୍ଣବ ଧର୍ମ ଆଦ୍ୟରୁ ଭାଗବତ ଧର୍ମ ଭାବେ ପରିଚିତ । ଏଥିରେ କୃଷ୍ଣ ବାସୁଦେବ ଓ ସଙ୍କର୍ଷଣ ପୂଜା ଓ ପରେ ଏକାନଂଶା ଦେବୀଙ୍କ ପୂଜା ବ୍ୟବସ୍ଥା ଆସିଲା । ଏହା ପୂର୍ବରୁ ନୃସିଂହ ବିଷ୍ଣୁଙ୍କ ଅବତାର ଭାବେ ଥିଲେ । ସ୍ୱତନ୍ତ୍ର ଭାବେ ତାଙ୍କୁ ପୂଜା କରିବା ଆରମ୍ଭ ହେଲା, ଯେତେବେଳେ ଶିବଙ୍କ ଭୀଷଣ ରୂପ, ଭୈରବ ପୂଜା ପାଇଲେ । ତନ୍ତ୍ରର ପ୍ରଭାବରେ ନୃସିଂହ ହେଲେ ବିଷ୍ଣୁଙ୍କ ଭୈରବ ରୂପ । ସ୍ୱତନ୍ତ୍ର ଭାବେ ତାଙ୍କର ପୂଜା ଆରମ୍ଭ ହୋଇଗଲା । କୃଷ୍ଣ ବାସୁଦେବ ପୂଜାର ପ୍ରଚଳନ ପୂର୍ବରୁ ନୃସିଂହଙ୍କ ଭୈରବ ଓ ଭୀଷଣ ରୂପ ଜନପ୍ରିୟ ହୋଇ ସାରିଲାଣି । 'ରୁଦ୍ର' ଶବ୍ଦ ରୋଦନରୁ ଆସିଛି । ବୈଦିକ 'ରୁଦ୍ର' ଆତ୍ମପ୍ରକାଶ ମାତ୍ରେ ରୋଦନ କଲେ । ସେ ରୋଦନରେ ବିଶ୍ୱ ପ୍ରକମ୍ପିତ ହେଲା । ଗର୍ଜନ ଓ କ୍ରୋଧ ତାଙ୍କର ଦୁଇ ପ୍ରଧାନ ବିଭାବ । ସେହି ବିଭାବ ମଧ୍ୟ ନୃସିଂହଙ୍କର । ରୁଦ୍ର ଶିବ 'ବୀର' ଓ ନୃସିଂହ ମଧ୍ୟ ବୀର । ତାଙ୍କ ମନ୍ତ୍ରରେ ସେ 'ଉଗ୍ରଂ ବୀରଂ ମହାବିଷ୍ଣୁ' । ତାନ୍ତ୍ରିକ ପ୍ରୟୋଗ ବେଳେ ତାଙ୍କୁ କୁହାଯିବ - 'ଗର୍ଜ ଗର୍ଜ, ସ୍ଫୁର ସ୍ଫୁର, ଛିନ୍ଦି ଛିନ୍ଦି, ଭିନ୍ଦି ଭିନ୍ଦି' । ଏହି ମନ୍ତ୍ରର ପ୍ରୟୋଗ ହୁଏ ନବକଳେବରର ଦାରୁ ପୂଜା ଅବକାଶରେ । ମହାକାଳ ରୂପୀ ପରମଶିବ ଭୈରବ ଓ ମହାବିଷ୍ଣୁ ନୃସିଂହ ସମାନ ସ୍ତରର ଚେତନାରେ ଜାଗ୍ରତ । ଶୈବ ଓ ଶାକ୍ତଙ୍କ ପାଖରେ ନୃସିଂହ ଗ୍ରହଣୀୟ । ତେଣୁ ବିଷ୍ଣୁ ହୋଇ ମଧ୍ୟ ସେ ଭୈରବ ଭାବ ସମନ୍ୱିତ ବୋଲି ସ୍ୱୀକୃତ । ଏଥିପାଇଁ କୁହାଗଲା ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ । ଭୈରବ ରୂପୀ ନୃସିଂହ ଜଗନ୍ନାଥ ଭୈରବୀ ବିମଳାଙ୍କ ଭୈରବ ।

ଏଥରକ ବୁଦ୍ଧଙ୍କ କଥା ଆସୁ । ଶ୍ରୀଜଗନ୍ନାଥଙ୍କ ବୁଦ୍ଧତ୍ୱ ବିଷୟରେ ଏ ଲେଖକ ବହୁ ଆଲୋଚନା କରିଛି । ସେ ହୀନ ଯାନିଙ୍କ ଶୁଦ୍ଧୋଦନ ପୁତ୍ର ବୁଦ୍ଧ ନ ହୋଇ ପରବର୍ତ୍ତୀ ସପ୍ତମ ଶତାବ୍ଦୀର ମହାଶୂନ୍ୟ ଓ ଜଗନ୍ନାଥ ନାମଧାରୀ ଆଦିବୁଦ୍ଧ । ଉଭୟ ହୀନଯାନ ଓ ମହାଯାନରେ ବୁଦ୍ଧଙ୍କ ଇଚ୍ଛା ବିରୁଦ୍ଧରେ ବୁଦ୍ଧ ପୂଜା ଆରମ୍ଭ ହୋଇଗଲା । ବୌଦ୍ଧ ସ୍ତୁପରେ ବୁଦ୍ଧଙ୍କ ମୂର୍ତ୍ତି ପୂଜିତ । ବର୍ତ୍ତମାନ ଧଉଳି ମୂର୍ତ୍ତି ଭଳି ବୁଦ୍ଧ ମୁଁ ଥାଇଲାଣ୍ଡ

ଓ ଭିଏତ୍‌ନାମରେ ଦେଖିଛି । ଇନ୍ଦ୍ର ରୂପେ ଚିହ୍ନିତ ବୁଦ୍ଧ ଏହି ନୀଳକନ୍ଦରରେ ଥିବା ଏକ ପ୍ରାଚୀନ ବୌଦ୍ଧସ୍ତୁପର ବୁଦ୍ଧ ଦେବ । ହୁଏନସାଂ ସମୁଦ୍ରରେ ଗଲାବେଳେ ଏହି ବୁଦ୍ଧ ସ୍ତୁପରେ ବହୁ ଉଚ୍ଚରେ ଦୀପ ଜଳୁଥିବା ଦେଖିଛନ୍ତି ।

ହୁଏତ ଏହା ଭାଙ୍ଗି ପଡ଼ିଲା ବା ବୌଦ୍ଧ ହିନ୍ଦୁଙ୍କ କଳହର ଶୀକାର ହେଲା । ଧର୍ମ ନାମରେ ଧର୍ମ ବିଦ୍ୱେଷ ବହୁକାଳରୁ ସାରା ବିଶ୍ୱରେ ଆରମ୍ଭ ହୋଇ ମଣିଷର ମୂଢ଼ତା ପ୍ରକାଶ କରିଛି ମାତ୍ର । ତାଲିବାନମାନେ ଆଫଗାନିସ୍ଥାନର ବିରାଟ ବୁଦ୍ଧ ମୂର୍ତ୍ତି ଭାଙ୍ଗି ଦେଲେ । ଏଠି ମନ୍ଦିର ଭାଙ୍ଗିଲା, କିନ୍ତୁ ବୁଦ୍ଧ ହିନ୍ଦୁ ଦେବତା ବିଷ୍ଣୁଙ୍କ ଅବତାର ହୋଇଗଲେ । ହିନ୍ଦୁଧର୍ମ ବୌଦ୍ଧତନ୍ତ୍ରର ଉପାସନା, ଚଳଣି ଓ ମହାଯାନର ସମସ୍ତ ଦେବଦେବୀଙ୍କୁ ଗ୍ରହଣ କରି ନେବାରୁ ଆଉ ବୌଦ୍ଧ ଧର୍ମର ଆବଶ୍ୟକତା ରହିଲା ନାହିଁ । ହିନ୍ଦୁଧର୍ମରେ ସ୍ୱତନ୍ତ୍ର ଭାବେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ପୂଜା ନାହିଁ । ଇନ୍ଦ୍ରାଣୀ ଦୁର୍ଗାଙ୍କ ଶକ୍ତି ଭାବେ ଅନ୍ୟ ଶକ୍ତି, କୌମାରୀ ବାରାହୀ, ମାହେଶ୍ୱରୀଙ୍କ ସହ ଅଷ୍ଟସ୍ଥାନରେ ପୂଜିତା । ଦକ୍ଷିଣ ବାଟେ ଗରୁଡ଼ ସ୍ତମ୍ଭକୁ ଯିବାବେଳେ ରହିଛନ୍ତି ଦୁଆର ମୁହଁରେ ଇନ୍ଦ୍ରାଣୀ । କେବଳ ଇନ୍ଦ୍ରାଣୀ କାହିଁକି ରହିଲେ ? କୁଆଡ଼େ ଗଲେ ଅନ୍ୟଶକ୍ତିମାନେ ? ସ୍ତୁପରେ ଥିବା ବୁଦ୍ଧ ଇନ୍ଦ୍ର ହେବାପରେ ସେଠୁ ମିଳିଥିବା କୌଣସି ଏକ ବୌଦ୍ଧ ଦେବୀ ଇନ୍ଦ୍ରାଣୀରେ ପରିଣତ ହେଲେ । ଏଥିରୁ ବୌଦ୍ଧ ସ୍ତୁପର ଅସ୍ତିତ୍ୱ ଥିଲା ବୋଲି ଭାବିବାକୁ ହେବ ।

କୋଣାର୍କ ମନ୍ଦିର ଭାଙ୍ଗିବା ପରେ ସେଠାରେ ସୂର୍ଯ୍ୟ ପୂଜା ବ୍ୟବସ୍ଥା ନ କରି ଖୋର୍ଦ୍ଧା ଭୋଇବଂଶ ଗଜପତି ନରସିଂହ ଦେବ ଏହି ବୁଦ୍ଧ ମୂର୍ତ୍ତିଙ୍କ ଉପରେ ସୂର୍ଯ୍ୟ ମୂର୍ତ୍ତିଙ୍କୁ ସ୍ଥାପନା କଲେ । ପଣ୍ଡାଏ କହନ୍ତି ଇନ୍ଦ୍ରଙ୍କ ଭଗ୍ନମୂର୍ତ୍ତି ଉପରେ ସୂର୍ଯ୍ୟ ପ୍ରତିଷ୍ଠିତ ହେଲେ । କୋଣାର୍କରୁ ସୂର୍ଯ୍ୟପୂଜା ପରମ୍ପରା ଲୋପ କରିବା ଏକ ଦୁଃଖଦାୟକ ବ୍ୟବସ୍ଥା ହୋଇଛି । ବିବର୍ତ୍ତନର ଧାରାରେ ଶ୍ରୀଜଗନ୍ନାଥ ଏଠାରେ ପ୍ରଚଳିତ ବୌଦ୍ଧଧର୍ମର କିଛି ପଦ୍ଧତିକୁ ଆପଣାର କରି ନେଇଛନ୍ତି । ଆଲୋଚନା ପରିସରରେ ଶେଷକୁ ଆସିଲେ ଶେଷଶାୟୀ ବିଷ୍ଣୁ ବା ଅନନ୍ତ ପୁରୁଷୋତ୍ତମ ନାମରେ ପରିଚିତ ଅନନ୍ତ ଶୟନ ବିଷ୍ଣୁ ମୂର୍ତ୍ତି । କଳ୍ପବଟ ମୂଳରେ ଏକ ଗୁମ୍ଫା ଭଳି ମନ୍ଦିରରେ ଅନନ୍ତଶୟନ ରହିଛନ୍ତି, ଲକ୍ଷ୍ମୀ ତାଙ୍କର ପାଦସେବା କରୁଛନ୍ତି । ଦକ୍ଷିଣ ଭାରତରେ ଅନନ୍ତ ଶୟନ ମୂର୍ତ୍ତି ବହୁଳ ଭାବେ ପୂଜିତ । କେରଳ, ଆନ୍ଧ୍ର ଓ ମାନ୍ଦ୍ରାଜରେ ପୂଜା ଚାଲିଛି । ପୂର୍ବ ରଥଯାତ୍ରା ସଂଖ୍ୟାରେ ମୁଁ ଆଲୋଚନା କରିଛି ଯେ ମାନ୍ଦ୍ରାଜ ପ୍ରଦେଶର ଶ୍ରୀରଙ୍ଗ ପାଟଣାର ଅନନ୍ତଶୟନ ମୂର୍ତ୍ତି ବିଭୀଷଣ ପୂଜିତ ହୋଇ ପରେ ଶ୍ରୀରାମଙ୍କୁ ଦତ୍ତ ହୋଇଥିଲା । ଶ୍ରୀରାମଙ୍କ ସ୍ୱର୍ଗ ଗମନ ପରେ ବରୁଣ ଆଣି ତାହା ଶ୍ରୀକ୍ଷେତ୍ରରେ ରଖିଛନ୍ତି । ଏହା ବ୍ରହ୍ମ ପୁରାଣ ସମର୍ଥିତ । ବଳରାମ ଦାସ ମଧ୍ୟ ଦାଣ୍ଡି ରାମାୟଣରେ ଏହା ଉଲ୍ଲେଖ କରିଛନ୍ତି । ଶ୍ରୀରଙ୍ଗ ପତ୍ତନ କାହାଣୀ ଅନୁଯାୟୀ ରାବଣ ଏ ମୂର୍ତ୍ତି ଆଣି ଲଙ୍କା ନେଇ ନପାରି ଛାଡ଼ି ଦେଇଗଲା । ରାମାନୁଜ ଶ୍ରୀରଙ୍ଗମ୍‌ରେ ଏ ମୂର୍ତ୍ତି ପୂଜା କରିଥିଲେ । ଚୋଡ଼ଗଙ୍ଗଙ୍କ ସମୟରେ ପୁରୀ ଆସି ସେ କଳ୍ପବଟ ମୂଳେ ଅନନ୍ତଶୟନ ରୂପୀ ପ୍ରାଚୀନ ପୁରୁଷୋତ୍ତମଙ୍କୁ ନିଶ୍ଚୟ ଦର୍ଶନ କରିଥିବେ । ଏହାଙ୍କ ନାମାନୁସାରେ ପୁରୀର ନାମ ପୁରୁଷୋତ୍ତମ ହୋଇପାରିଥାଏ । ଅପୂର୍ବ ଏ ଜଗନ୍ନାଥ । ସବୁ ଦେବଦେବୀଙ୍କ ସାରବତ୍ତା ଅଙ୍ଗୀଭୂତ କରି ସେ ସର୍ବ ଦେବମୟ ଶ୍ରେଷ୍ଠ ବିଗ୍ରହ ରୂପେ ଜନମାନସ ହରଣ କରୁଛନ୍ତି ।

ଅନନ୍ୟ ନିକେତନ
ଏନ୍-୧/୧୮୩, ନୂଆପଲ୍ଲୀ
ଭୁବନେଶ୍ୱର

# ଜଗନ୍ନାଥଙ୍କୁ ପଦେ

ଦୟାନିଧି ବେହେରା

ପ୍ରଭୁ ! ତୁମେ ନ ବସି ନନ୍ଦିଘୋଷ ରଥେ
ବସ ସର୍ବ ପ୍ରାଣୀ ମନ ରଥେ ।
ଜଣେ ଶୋଷେ ଅନ୍ୟର ରକତ
ହୋଇ ସେ ଉଲ୍ଲସିତ ।
ମୁଖେ ନ କହି ଅମିୟ ଭାଷା
ବନ୍ଦୀ କରି ରଖେ ସେନେହ ଶରଧା ।
ପ୍ରଭୁ ! ଭୁଲି ତୁମ ଖେଳ
ଜଣେ ଲଗାଏ ଅନ୍ୟ ମନେ ଅନଳ ।
ଭାଇ ବନ୍ଧୁ କୁଟୁମ୍ବ ଭିତରେ ଲାଗେ କଳି ଗୋଳ

ସତ୍ୟ, ନ୍ୟାୟ, ଦୟା, କ୍ଷମା
କରୁଣାର ଅବତାର ତୁମେ ।
ଅବତରି ଏ ସୃଷ୍ଟିର ପ୍ରତି ଜୀବ ମନେ
ହସ ଫୁଲେ ଭରିଦିଅ ଏ ମାୟା ସଂସାର ବଗିଚା ।
ତୁମ ପାଦ ପଦ୍ମେ ମୁଁ କରୁଛି ବନ୍ଦନା
ନ ରହୁ ପ୍ରତି ଜୀବ ମନେ ହିଂସାର ଭାବନା
ସୃଷ୍ଟିର ପ୍ରତି କୋଣେ ଅନୁକୋଣେ
ଭୂଷିତ ହୁଅନ୍ତୁ ସର୍ବେ ମମତାର ମଧୁଝରା ଅମିୟ ଭୂଷଣେ ।

ମାର୍ଫତ- ମାଗୁଣି ଚରଣ ବେହେରା
ସାନ୍ତସାହି, କେନ୍ଦ୍ରାପଡ଼ା

# ଦାରୁବ୍ରହ୍ମଙ୍କର ରଥଯାତ୍ରା

ପୂର୍ଣ୍ଣେନ୍ଦୁ କୁମାର ନନ୍ଦ

**ଦା**ରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରାର ପରମ୍ପରା ଅତି ପ୍ରାଚୀନ କାଳରୁ ପ୍ରଚଳିତ ରହିଛି । ପୁରୁଷୋତ୍ତମଙ୍କ ରଥଯାତ୍ରାର ପ୍ରଚଳନ ପୂର୍ବରୁ ଭାରତବର୍ଷରେ ପୁରାଣ ଯୁଗରେ ରାଜା, ସୈନ୍ୟସାମନ୍ତ ଓ ଜମିଦାରଗଣ ଅଶ୍ୱଚାଳିତ ରଥ ବ୍ୟବହାର କରୁଥିଲେ । ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ସାରଥି ହୋଇଥିଲେ । କୁର୍ମ ଓ ଭବିଷ୍ୟ ପୁରାଣରେ ବର୍ଣ୍ଣନା ରହିଛି ଯେ ମାଘମାସରେ ସୂର୍ଯ୍ୟଦେବ ରଥରେ ଯାତ୍ରା କରନ୍ତି । ଶିବଙ୍କ ରଥଯାତ୍ରା ସଂପର୍କରେ ମତ୍ସ୍ୟ ଓ ଏକାମ୍ର ପୁରାଣରେ ବର୍ଣ୍ଣନା ରହିଛି । ଭୁବନେଶ୍ୱରରେ ଚୈତ୍ର ମାସରେ ଲିଙ୍ଗରାଜ ମହାପ୍ରଭୁଙ୍କର ରକୁଣା ରଥଯାତ୍ରା ବା ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୁଏ । ଦେବୀ ବିରଜାଙ୍କ ଚଳନ୍ତି ପ୍ରତିମା ଆଶ୍ୱିନ ମାସରେ ରଥଯାତ୍ରା କରିଥାନ୍ତି । ପୂର୍ବେ ବୁଦ୍ଧଙ୍କର ଏକ ମୂର୍ତ୍ତିକୁ ପାଟଳିପୁତ୍ରରେ ରଥରେ ବସାଇ ଯାତ୍ରା କରାଯାଉଥିଲା । ଜୈନ ତୀର୍ଥଙ୍କରମାନେ ମଧ୍ୟ ଏହିପରି ରଥରେ ଯାତ୍ରା କରୁଥିଲେ ।



ଏହି ପରିପ୍ରେକ୍ଷୀରେ ଅନେକ ଗବେଷକ ମୁରାରି ମିଶ୍ରଙ୍କ ରଚିତ 'ଅନର୍ଘ ରାଘବ' ନାଟକରେ ବର୍ଣ୍ଣିତ ପୁରୁଷୋତ୍ତମଙ୍କ ଯାତ୍ରା ପ୍ରସଙ୍ଗକୁ ଲକ୍ଷ୍ୟ କରି ରଥଯାତ୍ରା ନବମ ଶତାବ୍ଦୀରେ ପ୍ରଚଳିତ ହୋଇଥିଲା ବୋଲି ମତ ଦେଇଥାନ୍ତି । ଏପରିକି ଆଦି ଶଙ୍କରାଚାର୍ଯ୍ୟ ଏହି ନବମ ଶତାବ୍ଦୀରେ ପୁରୁଷୋତ୍ତମଙ୍କ ରଥଯାତ୍ରାକୁ ଲକ୍ଷ୍ୟ କରି କହିଥିଲେ 'ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈ ।' କିନ୍ତୁ ଡଃ ସତ୍ୟନାରାୟଣ ରାଜଗୁରୁ ପ୍ରମୁଖ ଅନେକ ଗବେଷକ ମତ ଦେଇଛନ୍ତି ଯେ ୧୨୩୦ ଖ୍ରୀ: ପୂର୍ବରୁ ରଥଯାତ୍ରା ପ୍ରଚଳିତ ନଥିଲା । ଏହାର କାରଣ ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ସ୍ମୃତିକାର ଶତାନନ୍ଦଙ୍କ 'ଭାସ୍ୱତୀ' ଗ୍ରନ୍ଥ ଓ ଶମ୍ଭୁକର ବାଜପେୟୀଙ୍କ ସ୍ମୃତି ଗ୍ରନ୍ଥରେ ରଥଯାତ୍ରାର ବର୍ଣ୍ଣନା ନାହିଁ । ତାଙ୍କ ମତରେ ୧୨୩୦ ଖ୍ରୀ:ରେ ତୃତୀୟ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରରେ ତ୍ରିମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ । ପ୍ରଥମ ନରସିଂହ ଦେବଙ୍କ ସମୟରେ ଦାରୁବିଗ୍ରହ ପୂଜା ପାଇଲେ ଓ ସେହିଦିନଠାରୁ ରଥଯାତ୍ରା ପ୍ରଚଳିତ ହେଲା ।

ଭାରତବର୍ଷରେ ଦାକ୍ଷିଣାତ୍ୟ ଓ ଅନ୍ୟାନ୍ୟ ରାଜ୍ୟରେ ମୂଳ ବିଗ୍ରହମାନଙ୍କର ଉତ୍ସବମୂର୍ତ୍ତିକୁ ନେଇ ରଥଯାତ୍ରା ହୋଇଥାଏ । କିନ୍ତୁ ଶ୍ରୀକ୍ଷେତ୍ରରେ ଦାରୁବିଗ୍ରହମାନଙ୍କୁ ରଥାରୂଢ଼ କରାଯାଏ । ଏହାର କାରଣ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା 'ଯଜ୍ଞବେଦୀ' ବା 'ମହାବେଦୀ'ରେ ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ ପ୍ରଥମେ ବ୍ରହ୍ମାଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ସହ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ଏଣୁ ପ୍ରତିବର୍ଷ ଦାରୁବ୍ରହ୍ମ ନିଜର ପିତୃସଦନ ଅର୍ଥାତ୍ ଜନକପୁରୀ ନାମକ ଗୁଣ୍ଡିଚା ମନ୍ଦିରକୁ ଯଜ୍ଞବେଦୀରେ ଅବସ୍ଥାନ ପାଇଁ ଯାତ୍ରା କରିଥାନ୍ତି । ଏଣୁ 'ବାମଦେବ ସଂହିତା'ରେ ରଥଯାତ୍ରାକୁ 'ଯଜ୍ଞୋତ୍ସବ' ରୂପେ ବର୍ଣ୍ଣନା କରାଯାଇଛି । ଏହି ନବଦିନ ଯାତ୍ରା ଅବସରରେ ଯେଉଁମାନେ ଗୁଣ୍ଡିଚା ମନ୍ଦିରରେ ଦାରୁବ୍ରହ୍ମଙ୍କୁ ଦର୍ଶନ କରନ୍ତି, ସେମାନେ ବୈକୁଣ୍ଠ ଧାମ ପ୍ରାପ୍ତ ହୋଇଥାନ୍ତି । 'ମହାବେଦୀ ମହୋତ୍ସବ' ରୂପେ ବର୍ଣ୍ଣିତ ଏହି ଯାତ୍ରା ସମୟରେ ଦେବତାମାନେ ସ୍ୱର୍ଗରୁ ଆସି ଦାରୁବ୍ରହ୍ମଙ୍କ ଦର୍ଶନ କରିଥାନ୍ତି । ଯଥାର୍ଥରେ 'ସ୍କନ୍ଦ ପୁରାଣ'ରେ କୁହାଯାଇଛି -

'ନାତଃ ପରତରୋ ଲୋକେ ମହାବେଦୀ ମହୋତ୍ସବାତ୍
ସର୍ବପାପ ହରୋ ଯୋଗଃ ସର୍ବତୀର୍ଥ ଫଳପ୍ରଦଃ ।'

ଦାରୁବ୍ରହ୍ମ ଗୁଣ୍ଡିଚା ମନ୍ଦିରରୁ ଫେରିବା ପରେ ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ସହିତ ତାଙ୍କର ଯେଉଁ ଗଇଁଠାଳ ନୀତି ପାଳନ ହୁଏ, ତାହାକୁ

ଲକ୍ଷ୍ୟ କରି ଡଃ ରାଜଗୁରୁ ରଥଯାତ୍ରାକୁ 'କଲ୍ୟାଣୋତ୍ସବ' ଭାବରେ ବର୍ଣ୍ଣନା କରିଛନ୍ତି ।

ଲୋକାଚାରରେ ଏହାକୁ 'ପତିତପାବନ' ଯାତ୍ରା ଓ 'ଘୋଷଯାତ୍ରା' କୁହାଯାଏ । ବର୍ଷରେ ଥରେ ନନ୍ଦିଘୋଷ ରଥରୁ ପତିତମାନଙ୍କୁ ଦର୍ଶନ ଦେଇ ଶ୍ରୀଜଗନ୍ନାଥ ସେମାନଙ୍କୁ ସକଳ ପାପତାପରୁ ମୁକ୍ତି ଦେଇଥାନ୍ତି ବୋଲି କୁହାଯାଏ । ଏକତା ଓ ଧାର୍ମିକ ସମନ୍ୱୟର ବାର୍ତ୍ତା ପ୍ରଚାର କରି ଦାରୁବ୍ରହ୍ମ ପ୍ରତିବର୍ଷ ବଡ଼ଦାଣ୍ଡରେ ଉଭା ହୋଇଆସୁଛନ୍ତି ।

ଦାର୍ଶନିକମାନେ ରଥଯାତ୍ରାକୁ କଠୋପନିଷଦର ଭାଷାରେ ଶରୀର ରୂପକ ରଥରେ ଆତ୍ମାରୂପକ ରଥୀର ଯାତ୍ରା ରୂପେ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ବିଷ୍ଣୁଙ୍କର ଦଶାବତାର ବର୍ଣ୍ଣନାରେ ବଳୀର ଦର୍ପନାଶ କରିବାକୁ ଯେଉଁ ପ୍ରଭୁ 'ବାମନ' ଅବତାର ନେଇଥିଲେ, ସେହି ପ୍ରଭୁ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ 'ବାମନ' ରୂପରେ ରଥାରୂଢ଼ ହୋଇଆସୁଛନ୍ତି । ଏଣୁ କୁହାଯାଏ ଯେ ରଥରେ ବାମନରୂପୀ ଦାରୁବ୍ରହ୍ମଙ୍କ ଦର୍ଶନରେ ପୁନଃଜନ୍ମ ହୁଏ ନାହିଁ ।

ରଥଯାତ୍ରା ଏକ ଗଣତାନ୍ତ୍ରିକ ଯାତ୍ରା । ସମାଜର ସକଳ ବର୍ଣ୍ଣର ନରନାରୀଙ୍କୁ ସାମ୍ୟ ଓ ଏକତାର ମନ୍ତ୍ର ଉଦ୍‌ଘୋଷଣା କରି ପ୍ରତିବର୍ଷ ଦାରୁବ୍ରହ୍ମ ରଥାରୂଢ଼ ହୋଇଆସୁଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ନରନାରୀ ନିଜକୁ ପବିତ୍ର କରି ଏହି ଯାତ୍ରାରେ ଦାରୁବ୍ରହ୍ମଙ୍କର ଦର୍ଶନ କରିଆସୁଛନ୍ତି ।

ଯୁଗ୍ମ ଶାସନ ସଚିବ
ବାଣିଜ୍ୟ ବିଭାଗ

# ନୀଳାଦ୍ରି ଚନ୍ଦ୍ରମା

ଇଂ. ରଘୁନାଥ ପାତ୍ର

ଗଂଗା ଯମୁନା କାବେରୀ କୃଷ୍ଣା ଗୋଦାବରୀ
ସବୁ ତୀର୍ଥ ଯିବା ପାଇଁ କହୁଛ ତ ପ୍ରିୟା !
ସବୁ ତୀର୍ଥ ପରା ଆସି ମିଶିଛି ସିନ୍ଧୁରେ
ତୀର୍ଥରାଜ ଦର୍ଶନରେ ପୂରି ଉଠେ ହିଆ ।

ତ୍ରିବେଣୀ ପବିତ୍ରଧାରା ମିଶିଛି ଏଇଠି
ମହୋଦଧି ଜଳେ ପରା ସବୁ ତୀର୍ଥ ଠୁଳ
ସେଥିପାଇଁ ବସିଛନ୍ତି ନୀଳାଦ୍ରି ଚନ୍ଦ୍ରମା
ପତିତପାବନ ବାନା ଉଡ଼େ ଫର ଫର ।

କେତେ ଜାତି କେତେ ଧର୍ମ କେତେ ଯେ ସଂସ୍କୃତି
ସବୁରି ସ୍ରୋତ ମିଶିଛି ସାଗର ସଲିଳେ
କେତେ ସାଧୁସନ୍ଥଙ୍କର କାଉଁରୀ ପରଶେ
ପବିତ୍ର ଏ ଭୂଇଁ ପ୍ରିୟା ! ଚିନ୍ତା କର ବାରେ ।

ସନ୍ଥ ତୁଳସୀ ନାନକ କବୀର ଚୈତନ୍ୟ
ମୀରାବାଈ ରାମାନୁଜ ବଲ୍ଲଭ ଆଚାର୍ଯ୍ୟ
ଶଙ୍କରାଚାର୍ଯ୍ୟ ଓ ଗଣପତି ଭଟ୍ଟ କେତେ
ନୀଳାଚଳେ ଠୁଳ ସନ୍ଥ ମହାତ୍ମା ସମାଜ ।

କହୁଛ ଅଯୋଧ୍ୟା ଯାଇ କରିବ ଦର୍ଶନ
ଭଗବାନ ଶ୍ରୀରାମଙ୍କୁ ଏତ ଭଲ କଥା
ବୃନ୍ଦାବନେ ଦ୍ୱାରକାରେ ଶ୍ରୀକୃଷ୍ଣ ଦର୍ଶନେ
ମୁଞ୍ଚିବ ଅଚିରେ ପ୍ରିୟା ଭବ ଦୁଃଖ ବ୍ୟଥା ।

ଜଗନ୍ନାଥ ମହାସ୍ରୋତେ ରାମକୃଷ୍ଣ ସ୍ରୋତ
ସବୁମିଶି ଏକାକାର ପ୍ରଶାନ୍ତ ସୁନ୍ଦର
ଜଗନ୍ନାଥଙ୍କ ଭୁଜରୁ ଆଜ୍ଞାମାଳ ପାଇ
ଲଭନ୍ତି ଜନମ ରାମକୃଷ୍ଣ ଅବତାର ।

ନିଜେ ପ୍ରଭୁ ରାମ କୃଷ୍ଣ ବାମନ ରୂପରେ
ଅପୂର୍ବ ଲୀଳା ବିଳାସ ପ୍ରଦର୍ଶନ କରି
ହରିଥାନ୍ତି ଭକ୍ତ ଚିତ୍ତ ବିବିଧ ପ୍ରକାରେ
ଜଗନ୍ନାଥ ସଂଗେ ପ୍ରିୟା ! ହେବ କିଏ ସରି !

କିଏ କହେ ଜଗନ୍ନାଥ ବୈକୁଣ୍ଠ ବିହାରୀ
କିଏ କହେ ଗଜାନନ, ଈଶାନ, ତପନ
ଦକ୍ଷିଣକାଳୀ ରୂପରେ ଚିନ୍ତାକରେ ଶାକ୍ତ
ଧନ୍ୟ ନୀଳାଦ୍ରି କାଳିଆ ବିଶ୍ୱ ବିମୋହନ !

ସବୁ ଅବତାର ଲୀଳା ଚାଲେ ନୀଳାଚଳେ
ଅଂଶ ଅଂଶୀ ସବୁ ସେହି ନୀଳାଦ୍ରି ଚନ୍ଦ୍ରମା
ଜଗନ୍ନାଥ-ସୁବର୍ଣ୍ଣରୁ ସବୁ ଅଳଙ୍କାର
ବାଞ୍ଛା କଳ୍ପ ପାଦପକୁ କି ଦେବା ଉପମା !

ବର୍ଷ ସାରା ଲୀଳାଚଳ ଲୀଳା ମୁଖରିତ
ଏପରି କେଉଁଠି ତୁମେ ଦେଖିଛ କୁହନି
ଶ୍ରୀରାମ ମନ୍ଦିରେ କେବେ ହୁଏ କୃଷ୍ଣ ଲୀଳା ?
ବିଷ୍ଣୁ ମନ୍ଦିରରେ କେବେ ଈଶାନ ଭବାନୀ ?

ରୁକ୍ମିଣୀଙ୍କ ପରିଣୟ ଉତ୍ସବ ସମୟେ
ଜଗନ୍ନାଥଙ୍କର ବାମ ଭୁଜୁ ଆଜ୍ଞାମାଳ
ଦିଆଯାଏ ରୁକ୍ମିଣୀଙ୍କୁ ରତ୍ନ ସିଂହାସନେ
ଦକ୍ଷିଣ ହସ୍ତୁ ପାଆନ୍ତି ଦ୍ୱାରକାଧୀଶ୍ୱର ।

ଏଥିରୁ ସୂଚିତ ହୁଏ ନୀଳାଚଳ ନାଥ
ପୁରୁଷ ଓ ପ୍ରକୃତିର ସମନ୍ୱୟ ରୂପ
ସେଥିପାଇଁ ମହାପ୍ରଭୁ ଚୈତନ୍ୟ କହନ୍ତି
ରାଧାକୃଷ୍ଣ ମିଶ୍ର ତନୁ ନୀଳାଦ୍ରି ଅରୂପ ।

ଜେଉଡ଼ ଖଟା ନୈବେଦ୍ୟ ରୂପେ ଦିଆଯାଏ
ରାମକୃଷ୍ଣ ଜନ୍ମୋତ୍ସବ ହେବା ପୂର୍ବଦିନ
କୌଶଲ୍ୟା ଦେବକୀ ପାଇଁ ଯାହାଗୋ ଉଦ୍ଦିଷ୍ଟ
ଭକ୍ଷିଥାନ୍ତି ମାତା ରୂପେ ନୀଳାଦ୍ରି ମୋହନ ।

ଜାଣିଲ ତ ଏବେ କିଏ ନୀଳାଚଳ ନାଥ ?
ସର୍ବ ଅବତାର ଉତ୍ସ, ସ୍ୱୟଂ ଅବତାରୀ
ମୂଳା ପ୍ରକୃତି ପରମ ପୁରୁଷ ମିଳନ
ଭୂମା ପୁରୁଷ ଅନାଦି ନୀଳାଦ୍ରି ବିହାରୀ ।

ବୃନ୍ଦାବନ ଧାମ
ଲୋକନାଥ ରୋଡ଼, ପୁରୀ-୧

# ଜଗନ୍ନାଥ ଧର୍ମ ଓ ଶ୍ରୀମହାଭାବ ତତ୍ତ୍ୱ



ଦୁର୍ଗାମାଧବ ଦାଶ

**ଜ**ଗନ୍ନାଥ ସଂସ୍କୃତି ଏକ ବିଶାଳ ସଂସ୍କୃତିର ଛାୟାରେ ବିଶ୍ୱବ୍ୟାପକ । ଏହି ସଂସ୍କୃତି କେଉଁଠୁ ଆରମ୍ଭ ହୋଇ କେଉଁଠି ଶେଷ ହୋଇଛି ବା ଶେଷ ହେବ, ତାହା ସାଧାରଣ ମଣିଷର ପରିକଳ୍ପନାର ବହୁ ଉର୍ଦ୍ଧ୍ୱରେ । ଶ୍ରୀକ୍ଷେତ୍ର ଭଗବାନଙ୍କ ଲୀଳା ଯେ ଅକଳନ ଓ ବୈଚିତ୍ର୍ୟମୟ, ଏଥିରେ କୌଣସି ସନ୍ଦେହ ନାହିଁ । ବୈଷ୍ଣବ ଭକ୍ତଙ୍କ ମତରେ ଜଗନ୍ନାଥ କ୍ଷେତ୍ରର ଅନ୍ୟନାମ 'ପୁରୀ' ହୋଇଥିବା ଦୃଷ୍ଟିରୁ ଏହି ଧାମ ସର୍ବୋତଭାବେ ନିଜର ସ୍ୱତନ୍ତ୍ରତା ରକ୍ଷା କରି ଶ୍ରୀକୃଷ୍ଣ ଭଗବାନଙ୍କ ନିତ୍ୟ ଗୃହ ବା ପୁର ଭାବେ ସର୍ବବିଦିତ । ଏହି ଦିବ୍ୟ କ୍ଷେତ୍ରରେ ରସରାଜ ଶ୍ରୀକୃଷ୍ଣ, ଅଗ୍ରଜ ବଳଦେବ ଓ ଭଗିନୀ ସୁଭଦ୍ରାଙ୍କ ସହ ଦାରୁବ୍ରହ୍ମ ରୂପରେ ନିତ୍ୟ-ଲୀଳାରେ ମଗ୍ନ ହୋଇ ରତ୍ନବେଦୀରେ ଅଧିଷ୍ଠିତ ହୋଇଛନ୍ତି । ସମୟେ ସମୟେ ମନରେ ପ୍ରଶ୍ନ ଉଠେ, ପ୍ରଭୁ ଜଗନ୍ନାଥ ଯଦି ଶ୍ରୀକ୍ଷେତ୍ରରେ ନିତ୍ୟ ନବକିଶୋର ରୂପରେ ସମସ୍ତଙ୍କ ସେବା ଗ୍ରହଣ କରୁଛନ୍ତି, ତାହାହେଲେ ସେ କାହିଁକି ଏଠାରେ ନଟବର ଶ୍ୟାମସୁନ୍ଦର ରୂପରେ ପ୍ରକଟିତ ନହୋଇ ଏକ ଅର୍ଦ୍ଧନିର୍ମିତ ବିଗ୍ରହ ରୂପରେ ପୂଜା ପାଇ ଆସୁଛନ୍ତି । ଏହାର କାରଣ କ'ଣ ହୋଇପାରେ ? ଅର୍ଦ୍ଧନିର୍ମିତ ବିଗ୍ରହତ କେଉଁଠି ବି ପ୍ରତିଷ୍ଠା ଯୋଗ୍ୟ ନୁହଁକି ? ପୂଜା ଯୋଗ୍ୟବି ନୁହଁ । ଅଥଚ ଶାସ୍ତ୍ରୋକ୍ତି ମୁତାବକ ବ୍ରହ୍ମାଦି ଦେବ କେମିତି ଏକ ଅର୍ଦ୍ଧନିର୍ମିତ ବିଗ୍ରହକୁ ଏଠାରେ ପ୍ରତିଷ୍ଠା କରିଥିଲେ ? ସରଳ ଭାଷାରେ ପ୍ରକାଶ କରିବାକୁ ଗଲେ, ଏହାର ଉତ୍ତର ଜଗନ୍ନାଥ ଧର୍ମର 'ଶ୍ରୀମହାଭାବ' ତତ୍ତ୍ୱ ଉପରେ ପ୍ରତିଷ୍ଠିତ ।

ଶ୍ରୀଳ ଗୌରଗୋବିନ୍ଦ ଗୋସ୍ୱାମୀଙ୍କ ଭାଷାରେ ଶ୍ରୀଜଗନ୍ନାଥ ପ୍ରେମର ଠାକୁର ଅଟନ୍ତି । ଶ୍ରୀକ୍ଷେତ୍ର ପୁରୀରେ ସର୍ବୋଚ୍ଚ ପ୍ରେମାବସ୍ଥାରେ ବିଭାବିତ ହୋଇ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣ ଶ୍ରୀଜଗନ୍ନାଥଙ୍କ ରୂପରେ ପ୍ରକଟିତ ହେବା ବିଧାତାଙ୍କ ଏକ ଅପୂର୍ବ ପରିକଳ୍ପନା । ଏହା ହିଁ ତାଙ୍କ ଶ୍ରୀମହାଭାବର ଏକ ଅପୂର୍ବ ପ୍ରତିଫଳନ । ଏହି ପ୍ରେମାବସ୍ଥାରେ ଭକ୍ତର ଭାବସହ ଭଗବାନଙ୍କ ଭାବ ବି ସ୍ୱୟଂ ପ୍ରକାଶିତ ହୋଇଥାଏ । ଭଗବାନଙ୍କ ପ୍ରତି ଭକ୍ତର ଭାବ ସତତ ବିରହାପ୍ଲୁତ ହୋଇଥିବାବେଳେ ଭଗବାନଙ୍କ ଭାବ ଭକ୍ତ ପ୍ରତି ବିରହୀର ଦରଦରେ ଗୋଚରୀଭୂତ ହୋଇଥାଏ । ଭକ୍ତ ପକ୍ଷରେ ଭକ୍ତିର ଭାବ ବିଶୁଦ୍ଧ ପ୍ରେମରେ ରସାପ୍ଲୁତ ହୋଇଥିବାରୁ ଏହି ବିଷୟାଭୂତ ଜଗତରେ ପ୍ରେମର ଠାକୁର ସହଜରେ ନିଜର ସତ୍ତା ଭୁଲିଯାଇ ଭକ୍ତ ପାଖରେ ତାର ଭାବ ଓ ଦୈନନ୍ଦିନ ପରିକଳ୍ପନାକୁ ଗ୍ରହଣ କରି ସହଜରେ ବନ୍ଧା ପଡ଼ିଯାନ୍ତି । ତେଣୁ କୁହାଯାଏ ଯେ ଭକ୍ତ ପ୍ରେମରେ ବିଭାବିତ ହୋଇ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ ନିଜ ବାସ୍ତବ ସତ୍ତା ହରାଇ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଓ ପ୍ରାକୃତ ବିଗ୍ରହ ରୂପରେ ଶ୍ରୀଜଗନ୍ନାଥଙ୍କ ନାମ ନେଇ ଶ୍ରୀକ୍ଷେତ୍ର ପୁରୀରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି । ଭାରତ ପ୍ରସିଦ୍ଧ ଚାରିଧାମ ମଧ୍ୟରେ ଏହି ପୁରୀ ଧାମ ହିଁ ଏକମାତ୍ର ଭୋଗ କ୍ଷେତ୍ର, ଯାହାକି ଭୌମ୍ୟ କ୍ଷେତ୍ର, ଦିବ୍ୟକ୍ଷେତ୍ର, ଶୈବକ୍ଷେତ୍ର, ନାଭିକ୍ଷେତ୍ର ଓ ଶ୍ରୀକ୍ଷେତ୍ର ବୋଲି କୁହାଯାଇଥାଏ । ପଣ୍ଡିତମାନଙ୍କ ମତରେ ସ୍ୱୟଂ ପରମପୁରୁଷ ଜଗନ୍ନାଥ ମହାପ୍ରଭୁ ରାମେଶ୍ୱରରେ ସ୍ନାନ କରିଥିବାବେଳେ, ଦ୍ୱାରିକାରେ ଅଙ୍ଗ ବେଶ ହୋଇ ଶ୍ରୀକ୍ଷେତ୍ର ପୁରୀରେ ଭୋଜନ କରିଥାନ୍ତି ଓ ପରିଶେଷରେ ବଦ୍ରିକାରେ ଶୟନ କରିଥାନ୍ତି । ଏହି ଦୃଷ୍ଟିରୁ ପୁରୀ କ୍ଷେତ୍ର ପ୍ରକଳ୍ପ ବହିର୍ଭୂତ । ଏହି ପରମକ୍ଷେତ୍ରର ମହିମାକୁ କେହି ବି ଠାବ କରିବାପାଇଁ ସକ୍ଷମ ନୁହନ୍ତି । ଏସବୁ ମହନୀୟତା ଓ ଉତ୍କର୍ଷତା ଦୃଷ୍ଟିରୁ ପୁରୀ କ୍ଷେତ୍ରରେ ଶ୍ରୀମହାଭାବର ଅଦ୍ୱିତୀୟ ପ୍ରତିଫଳନ ହୋଇଛି । ଏହି ମହାଭାବ ଯୋଗୁଁ ପ୍ରଭୁ ଜଗନ୍ନାଥଙ୍କ ରୂପ ଥାଇବି ଅରୂପ । ଆଖି ଥାଇବି ପଲକଶୂନ୍ୟ, ପାଦ ନଥାଇବି ସେ ସର୍ବବ୍ୟାପୀ । ହାତ ନ ଥାଇବି ସେ ଷାଠିଏ ପଉଟି ଭୋଗ ଗ୍ରହଣ କରିଥାନ୍ତି । ପରିଶେଷରେ ସେ ସଗୁଣ, ନିର୍ଗୁଣ ଉଭୟ ବିଭୂତିରେ ଉଦ୍‌ଭାସିତ ହୋଇ ପୁରୁଷୋତ୍ତମ ଧାମରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି । ଏହା ହିଁ ସେହି ମହାଭାବର ଅପୂର୍ବ ପରାକାଷ୍ଠା !

ଏହି ମହାଭାବ ସୃଷ୍ଟି ହୁଏ ବ୍ରଜର ପବିତ୍ର ଭୂମିରେ, ଯେଉଁ ଶ୍ରୀକୃଷ୍ଣଙ୍କ ଅଙ୍ଗ ସ୍ପର୍ଶକରି ଯେଉଁ ବାୟୁ ପ୍ରବାହିତ ହୁଏ, ତାହା ସଂଜୀବନୀ ପରି କାର୍ଯ୍ୟ କରିଥାଏ । ସେହି ମହାଭାବର ଉତ୍କର୍ଷତା ଶ୍ରବଣ କରି ଏପରିକି ଭଗବାନ ଶ୍ରୀକୃଷ୍ଣ, ଅଗ୍ରଜ ବଳରାମ ଓ ଭଗିନୀ ସୁଭଦ୍ରାବି ନିଜ ନିଜର ସତ୍ତା ହରାଇ ଏକ ବିଚିତ୍ର ରୂପ ସମ୍ଭାରରେ ପ୍ରତୀୟମାନ ହୋଇଥିଲେ । ତାହା ନିମ୍ନଲିଖିତ ପ୍ରସଙ୍ଗରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ ।

ଦ୍ୱାପର ଯୁଗର ଅଦ୍ୱିତୀୟ ଘଟଣାଟିଏ । ଭଗବାନ ଶ୍ରୀକୃଷ୍ଣ ବ୍ରଜଧାମ ପରିତ୍ୟାଗ କରି ଏକ ମହାନ୍ ଲକ୍ଷ୍ୟ ନେଇ ଦ୍ୱାରିକା ପୁରୀରେ ଅବସ୍ଥାନ କରୁଥାନ୍ତି । ରାଜକୀୟ ପରିବେଷ୍ଟନୀରେ ଥାଇବି ସେ ବ୍ରଜଭୂମି ବିଶେଷ କରି ଗୋପୀମାନଙ୍କ ନିର୍ମଳ ଭକ୍ତିକୁ କେବେହେଁ ଭୁଲି ପାରୁନଥାନ୍ତି । ଏପରିକି ସ୍ୱପ୍ନରେ ବି ବ୍ରଜ ଜନମାନଙ୍କ କଥାଭାବି ସମୟେ ସମୟେ ରାତ୍ରିରେ ଅଦ୍‌ଭୂତ ପ୍ରଳାପ କରୁଥାନ୍ତି । ବହୁବାର ଏମିତିକା ଅପ୍ରତିଭ ଘଟଣାମାନ ଦ୍ୱାରିକାର ଅଷ୍ଟପାଟରାଣୀମାନଙ୍କ କର୍ଣ୍ଣଗୋଚର ହେବା ପରେ ସେମାନେ ଚିନ୍ତାରେ ବିମର୍ଷ ହୋଇପଡ଼ିଲେ ।

ଦିନକର ଘଟଣା । ଶ୍ରୀକୃଷ୍ଣ ରାଜସଭାରେ ଯୋଗ ଦେବାପାଇଁ ବ୍ୟଗ୍ରତାର ସହ ପ୍ରସ୍ତୁତ ହେଉଥାନ୍ତି । ଏମିତିକା ଏକ ସମୟରେ ରୁକ୍ମିଣୀ ଭଗବାନଙ୍କ ସଦନକୁ ଯାଇ ଉପରୋକ୍ତ ଘଟଣା ସଂପର୍କରେ ତାଙ୍କୁ ଜିଜ୍ଞାସା କରିଥିଲେ । ଶ୍ରୀକୃଷ୍ଣତ ରାଜସଭାକୁ ଯିବା ପାଇଁ ଉଦ୍ୟତ ହେଉଥାନ୍ତି । ସେ ସବୁ ଶୁଣିବି କିଛି ନ ଶୁଣିଲା ପରି କହିଲେ, ଦେବୀ, ମୋର ବର୍ତ୍ତମାନ ସମୟ ନାହିଁ । ଯାହାକିଛି ପଚାରିବାର କଥା ମାତା ରୋହିଣୀଙ୍କୁ ପଚାର । ସେ ତୁମର ସଙ୍କା ବିମୋଚନ କରିପାରିବେ । ରୁକ୍ମିଣୀ ଆଉ କିଛି ପଚାରିନଥିଲେ । ଶ୍ରୀକୃଷ୍ଣ ତାଙ୍କ ବାଟରେ ରାଜସଭାକୁ ଚାଲି ଯାଇଥିଲେ । ଶେଷରେ ରୁକ୍ମିଣୀ ଦୁଃଖଭରା ହୃଦୟରେ ନିଜ ସଦନକୁ ଫେରିବା ପାଇଁ ବାଧ ହୋଇଥିଲେ । ତାଙ୍କ ବିଷର୍ଣ୍ଣଭରା ମୁହଁକୁ ଦେଖି ରୋହିଣୀ ରୁକ୍ମିଣୀଙ୍କୁ ପ୍ରଶ୍ନ କଲେ, 'ବୋହୂ, କ'ଣ ହୋଇଛି ତୁମର ? ଆଜି ତୁମ ମନ ଭଲ ନଥିଲା ପରି ଜଣାଯାଉଛି ! ଘଟଣା କ'ଣ ?

ସତରେ ସେଦିନ ରୁକ୍ମିଣୀଙ୍କ ମନ ଭଲ ନଥିଲା । ରୁକ୍ମିଣୀ କହିଥିଲେ, 'ମାତା, ଆମ ପ୍ରାଣପ୍ରିୟଙ୍କୁ ଦେଖି ଆମେ ଅଷ୍ଟପାଟରାଣୀ ଦୁଃଖ ଓ ହତାଶରେ ଭାଙ୍ଗି ପଡ଼ିଛୁ । ଆମେ ସଭିଏଁ ନିଷ୍ଠାର ସହ ପ୍ରଭୁଙ୍କ ସେବା କଲେ ବି ସେ କୌଣସି ସମୟରେ ଆମ ବ୍ୟବହାରରେ ସନ୍ତୁଷ୍ଟ ନଥିଲା ପରି ଜଣାଯାଉଛନ୍ତି । କାୟ, ମନ, ବାକ୍ୟରେ ସେ ଗୋପୀମାନଙ୍କୁ ମନେପକାଇ ସର୍ବଦା ଆତ୍ମହରା ହୋଇପଡ଼ନ୍ତି । ଏପରିକି ସ୍ୱପ୍ନରେ ବି ତାଙ୍କ କଥା ହିଁ ମନେ ପକାନ୍ତି । ଏହାର କାରଣ କ'ଣ, ଆମେ ବୁଝିପାରୁନୁ । ଆପଣ ଦୟାବହି ଆମର ସଙ୍କା ବିମୋଚନ କରନ୍ତୁ ।'

ରୋହିଣୀ ଉତ୍ତରରେ କହିଲେ, 'ଭଲ କଥାଟିଏ କହିଲ, ରୁକ୍ମିଣୀ । ବାସ୍ତବରେ କଥାଟି ଅତ୍ୟନ୍ତ ଗୁରୁତର । ତୁମେ ଯାହା ପଚାରୁଛ, ତାହା ଏକ ଗୂଢ଼ତତ୍ତ୍ୱ ଅଟେ । ତୁମେ ଯେଉଁ ରାଧା ଓ ଗୋପୀମାନଙ୍କ କଥା ସ୍ମରଣ କରି ଏତେଟା ବିବ୍ରତ ହୋଇ ପଡୁଛ, ସେମାନେ ସାଧାରଣ ପ୍ରାଣୀ ନୁହନ୍ତି । ସେଇ ବ୍ରଜ କଥାରେ ଏତେଟା ଆକର୍ଷଣ ରହିଛି ଯେ, ତାହା ଶୁଣିବା ମାତ୍ରେ କୃଷ୍ଣ ଆତ୍ମ ବିଭୋର ହୋଇପଡ଼େ । ତା'ଛଡ଼ା ଯେଉଁଠାରେ ଏହି କଥା ଆଲୋଚନା ହୁଏ, ତା'ର ମାଧୁର୍ଯ୍ୟ ସମ୍ଭୋଗ କରିବା ପାଇଁ ସେ ସେହି ସ୍ଥାନରେ ତୁରନ୍ତ ଉପସ୍ଥିତ ହୋଇଯାଏ । ତେଣୁ ମୁଁ କେମିତି ଏ ବିଷୟ ଆଲୋଚନା କରିବି କହିଲ ?

ଏକ ଗମ୍ଭୀର ପରିବେଶ ଭିତରେ ରୋହିଣୀ ଓ ରାଣୀମାନଙ୍କ ଭିତରେ ଆଲୋଚନା ଚାଲିଥାଏ । ବିଧିରେ ସେଠାରେ ରାଜବାଟୀର ପରିଚାରିକାମାନେବି ଉପସ୍ଥିତ ରହିଥାନ୍ତି । ସମସ୍ତଙ୍କ ଅନୁରୂପ ପ୍ରଶ୍ନ । କ'ଣ ସେ ବ୍ରଜଭୂମି ? କେଉଁ ପ୍ରକାରର ପ୍ରାଣୀ ସେହି ଗୋପୀଏ ? କ'ଣ ତାଙ୍କ ଆଭିମୁଖ୍ୟ, ଏମିତି କି ଛଟା ରହିଛି ସେ ରାଧାରାଣୀଙ୍କ ସ୍ୱରୂପରେ ଯେ ଦ୍ୱାରିକାଧୀଶ ତାଙ୍କ ପ୍ରତି ଏତେ ପରିମାଣରେ ଆକର୍ଷିତ ହୋଇପଡ଼ନ୍ତି ? ଏ ସବୁର ରହସ୍ୟକୁ ନିଶ୍ଚିତ ଭାବେ ଉନ୍ମୋଚନ କରିବାକୁ ପଡ଼ିବ । ରୁକ୍ମିଣୀ ଏମିତି ମନେ ମନେ ଭାବୁଥାନ୍ତି ।

ଶେଷରେ ରୋହିଣୀ ମାତା କହିଲେ, 'ଶୁଣ ରୁକ୍ମିଣୀ । ଗୋପପୁରର ସବୁ ରହସ୍ୟ ମୁଁ ନିଶ୍ଚିତ ଭାବେ କହିବି, କିନ୍ତୁ ଆମ କୋଠରିର ଦ୍ୱାର ଦେଶରେ ଜଣେ କେହି ଜଗୁଆଳ ଭାବରେ ରହିବାକୁ ପଡ଼ିବ । ଯେମିତି ବଳରାମ ଓ କୃଷ୍ଣ ଏଇ ସ୍ଥାନକୁ ପ୍ରବେଶ ନକରନ୍ତି । କାରଣ ସେମାନେ ଆସିଗଲେ କଥା ସରିଲା । ଗୋପପୁରର କଥା ଶୁଣିବା ମାତ୍ରେ ସେମାନେ ସଂଜ୍ଞାହୀନ ହୋଇଯାଆନ୍ତି । କିନ୍ତୁ ଜଗିବ କିଏ ? ରୋହିଣୀ ଜଣ ଜଣ କରି ସବୁରାଣୀଙ୍କୁ ପଚାରିଲେ । କିନ୍ତୁ କେହିବି ଜଗିବା ପାଇଁ ରାଜି ହେଲେନି । କାରଣ ସମସ୍ତେ ଗୋପପୁର ରହସ୍ୟ ଶୁଣିବା ପାଇଁ ତତ୍ପର । ତେଣୁ ସବୁ ରାଣୀଏ ଅଳିଅଳୀ ନଣନ୍ଦ ସୁଭଦ୍ରାଙ୍କୁ ଦ୍ୱାରଦେଶ ଜଗିବାପାଇଁ ଅନୁରୋଧ କରିଥିଲେ । ରାଣୀମାନଙ୍କ ପ୍ରସ୍ତାବରେ ସୁଭଦ୍ରା ଆପତ୍ତି କରିନଥିଲେ । ତା'ପରେ ରୋହିଣୀ ବ୍ରଜପୁରୀର ଗହନ ବିଷୟ ସମସ୍ତଙ୍କ ଆଗରେ ଆଲୋଚନା କରିଥିଲେ ।

ବ୍ରଜପୁର ! ଏକ ଅପୂର୍ବ ଶ୍ରୀହରଣ ଓ ପରିବେଶର ଜ୍ୱଳନ୍ତ ଉଦାହରଣ ଥିଲା । ରୋହିଣୀ ମାତା ବ୍ରଜପୁର ଓ ଦ୍ୱାରିକାପୁରର ତୁଳନାତ୍ମକ ବିବରଣୀ ପରିବେଷଣ କରି କହିଲେ, 'ଶୁଣ ରୁକ୍ମିଣୀ ବ୍ରଜପୁରର ଫଳ, ପୁଷ୍ପ, ଲତା, କୁଞ୍ଜ ସବୁଥିରେ କୃଷ୍ଣଙ୍କ ଆବେଗଭରା ପ୍ରେମାଭାସ ସତତ ପରିପୂର୍ଣ୍ଣ ହୋଇ ରହିଥାଏ । ସେଠାର ଶୁକ, ଶାରୀ ସଭିଏଁ କାକଳୀର ଝଙ୍କାର ଭିତରେ ସତେ ଯେମିତି ଭକ୍ତିର ସହ 'କୃଷ୍ଣ କୃଷ୍ଣ' ନାମକୁ ବାରମ୍ବାର ଉଚ୍ଚାରଣ କରୁଥାନ୍ତି । ଗୋପୀଏ ସର୍ବସ୍ୱ ପରିତ୍ୟାଗ କରି କୃଷ୍ଣ ସେବାରେ ନିଜକୁ ଅହର୍ନିଶି ନିୟୋଜିତ କରିଥାନ୍ତି । ଗୋପବାସୀ କୃଷ୍ଣଙ୍କ ଅଲୌକିକତାକୁ ଭଲଭାବେ ଉପଲବ୍‌ଧି କରିଥିଲେ । ସେମାନେ କାହ୍ନାକୁ ଗୋପର ରକ୍ଷାକାରୀ ଦେବଦୂତ ସଦୃଶ୍ୟ ମଣୁଥିଲେବି, ଯଶୋଦାଙ୍କ କୋଳରେ ସେ ଜଣେ ସାମାନ୍ୟ ପୁତ୍ରର ଲୀଳା ପ୍ରକଟକରି ମା'ଙ୍କୁ ଅପାର ଆନନ୍ଦ ପ୍ରଦାନ କରୁଥିଲେ । ରାଜା ନନ୍ଦଙ୍କଠାରୁ ଆରମ୍ଭ କରି ବ୍ରଜର ନରନାରୀ ସଭିଏଁ କୃଷ୍ଣଙ୍କ ଆନନ୍ଦ ବିଧାନରେ ମଗ୍ନ ରହି ତାଙ୍କୁ ଗଭୀର ଅନୁରାଗ ପ୍ରଦର୍ଶନ କରୁଥାନ୍ତି । ଜଣାଯାଏ, ସତେ ଯେମିତି ସମଗ୍ର ବ୍ରଜଭୂମି କୃଷ୍ଣଙ୍କ ଅତୁଟ ସେବାରେ ଅଧୀରତା ପ୍ରକାଶ କରି ନିଜର ମୌଳିକ ଧର୍ମ ଅଙ୍ଗୀକାର କରିବାରେ ସବୁବେଳେ ତତ୍ପର ଓ ବ୍ୟଗ୍ର । ଭକ୍ତ ଯେମିତି ଭଗବାନଙ୍କ ସେବାପାଇଁ ବ୍ୟାକୁଳ, ଭଗବାନ ସେମିତି ଭକ୍ତର ସୁରକ୍ଷା ପାଇଁ ଅସ୍ଥିର । ରୁକ୍ମିଣୀ ତୁମେ ଜାଣ, ଦ୍ୱାରିକାରେ କୃଷ୍ଣତ ନିଶ୍ଚିତ ଭାବେ ରାଜାର ସମ୍ମାନରେ

ଉଦ୍‌ଭାସିତ । ହେଲେ ବ୍ରଜଭୂମିର ଐକାନ୍ତିକ ପ୍ରେମ ଓ ଭକ୍ତି ଦ୍ୱାରିକାରେ ତୁମେ କେଉଁଠୁ ପାଇବ କହିଲ ? ଗୋପପୁରର କୁଞ୍ଜଲତା ଓ ଦ୍ୱାରିକାର ରାଜପ୍ରାସାଦ - ଏ ଦୁହିଁଙ୍କ ମଧ୍ୟରେ ଗୋପପୁରର କୁଞ୍ଜ ଲତା ହିଁ ନିବିଡ଼ତାର ତରାଜୁରେ ଅଧିକ ଭାରସାପେକ୍ଷ । ପ୍ରଥମଟି ପ୍ରେମାଶିକ୍ତ ଭକ୍ତିରସରେ ରସାପ୍ଲୁତ ହୋଇଥିବାବେଳେ, ଅନ୍ୟଟି ଅପ୍ରାକୃତ, କୃତ୍ରିମ ପ୍ରେମ ଡୋରିରେ ଅନୁବନ୍ଧିତ ଥିଲାପରି ଅନୁଭୂତ ହୋଇଥାଏ । ଏ ସବୁର ତାତ୍ପର୍ଯ୍ୟକୁ ତୁମେ କ'ଣ ଅସ୍ୱୀକାର କରିପାରିବ, ରୁକ୍ମିଣୀ ।'

ରୋହିଣୀ ଆହୁରି କହିବାକୁ ଲାଗିଲେ, 'ଗୋପପୁରର ଯେଉଁ ସ୍ୱତନ୍ତ୍ର ମହାତ୍ମ୍ୟ ରହିଛି, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଜଗତରେ ଭକ୍ତି ରସକୁ ଅନୁଭବ ଦ୍ୱାରା ହିଁ ଉପଲବ୍ଧ କରାଯାଇପାରିବ । ଥରେ ଭକ୍ତବତ୍ସଳ ନାରଦ ଗୋପପୁରରେ ଅବତୀର୍ଣ୍ଣ ହୋଇ ବାଳକ କୃଷ୍ଣଙ୍କୁ ଦେଖିବା ପରେ ମୋହ ଗ୍ରସ୍ତ ହୋଇ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇ ପଡ଼ିଥିଲେ । କୃଷ୍ଣ ଯେତେବେଳେ ଦ୍ୱାରିକାରେ ଅଛନ୍ତି ଦ୍ୱାରିକାତ ନିଶ୍ଚିତ ଭାବେ ଆକର୍ଷଣୀୟ ହେବ ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଗୋପପୁରର ଆକର୍ଷଣ ଯେ ସବୁଠାରୁ ଅତି ବିଚିତ୍ର, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଏହି ପାବନ ଭୂମିରେ ପରମାତ୍ମା ଜୀବ ପଛରେ ଗୋଡାଇ ଥାନ୍ତି ଜୀବକୁ ମୁକ୍ତି ଦେବାପାଇଁ । ଜୀବ ପରମାତ୍ମାଙ୍କ ପଛରେ ଧାଇଁ ନଥାଏ ।

ଥରେ ନାରଦ ଗୋପପୁରରେ ଅବତୀର୍ଣ୍ଣ ହୋଇ ନନ୍ଦରାଜାଙ୍କ ଅଗଣାରେ ବାଳଗୋପାଳଙ୍କୁ ଦର୍ଶନ କରିଥିଲେ । ସେଦିନ କାହ୍ନା ସକାଳୁ ସକାଳୁ ମା'ଙ୍କ ପଛରେ ଦୌଡ଼ି ମାଖନ ଖାଇବା ପାଇଁ ଭାରି ହଟ କରୁଥାନ୍ତି । ଯଶୋଦା ମାତା ଘର କାର୍ଯ୍ୟରେ ବ୍ୟସ୍ତରହି କୃଷ୍ଣଙ୍କ ଆବଶ୍ୟକତାକୁ ପରିତୃପ୍ତ କରିପାରୁନଥାନ୍ତି । କାହ୍ନା ମା'ଙ୍କ ପଣତକାନି ଧରି କାନ୍ଦି କାନ୍ଦି ଯଶୋଦାଙ୍କ ପଛରେ ଗୋଡାଇ ଥିବାବେଳେ ଯଶୋଦା ନିଜ କାର୍ଯ୍ୟରେ ବ୍ୟସ୍ତ ରହି ଏପଟ ସେପଟ ଘୁରି ବୁଲୁଥାନ୍ତି । ଏତିକିବେଳେ ନାରଦ କୃଷ୍ଣଙ୍କ ଦିବ୍ୟ ସ୍ୱରୂପ ଦର୍ଶନ କରି ନିଜକୁ କୃତ କୃତ ମଣିଥିଲେ । ସେ ଭାବିଥିଲେ, ପରମାତ୍ମାଙ୍କ ଫେରେ ଏମିତିକା ଅବସ୍ଥା ! ଭକ୍ତବତ୍ସଳ ନାରଦ ନିଜ ଚକ୍ଷୁ ଯୁଗଳକୁ ବିଶ୍ୱାସ କରିପାରିନଥିଲେ । ଶେଷରେ ସେ ନିଜର ଭାବୋଚ୍ଛୃଙ୍ଖଳତାକୁ ପରିହାର କରି ଗୋପପୁରର ରହସ୍ୟାଦି ପ୍ରତି ନିଜର ଭକ୍ତିପୂତ ଅଭିବାଦନ ଜଣାଇଥିଲେ । ଗୋପପୁରର ରାସଲୀଳାତ ଆହୁରି ଅଲୌକିକ, ଏହାକୁ ଭାଷାରେ ବର୍ଣ୍ଣନା କରିହେବନି, ରୁକ୍ମିଣୀ । ଏଥିପାଇଁ ଭକ୍ତି ରସାପ୍ଲୁତ ହୃଦୟ ଆବଶ୍ୟକ । କାହୁଁ ମିଳିବ ଏସବୁର ଭାବାନ୍ତର ଦ୍ୱାରିକାପୁରରେ, କହିଲ ? ଏଠି ଯାହା ଦେଖୁଛ ସବୁ ଅପ୍ରାକୃତ, ସବୁକିଛି ଯେମିତି ସ୍ୱାଭାବିକ ରୀତିରେ ଗଡ଼ି ଚାଲିଛି ।

ତୁମେ ଜାଣ ରୁକ୍ମିଣୀ, କୃଷ୍ଣ ଯେତେବେଳେ କଂସ ରାଜାର ବନ୍ଦିଶାଳାରେ ଜନ୍ମ ଗ୍ରହଣ କରିଥିଲା, ବାସୁଦେବ ସେତେବେଳେ କୃଷ୍ଣର ସୁରକ୍ଷା କାମନା କରି ଯଜ୍ଞଟିଏ ସହ ଗୋଦାନ ବିଚାରରେ ଲକ୍ଷେ ଗାଇ ଦାନ କରିବା ପାଇଁ ଗୋଟିଏ ବଡ଼ ସଂକଳ୍ପ କରିଥିଲେ ।

ପରବର୍ତ୍ତୀ ସମୟରେ ନାରଦମୁନି ସେହି କଥାଟିକୁ ମନେପକାଇ ଦେବାରୁ ବାସୁଦେବ ପୂର୍ବ ନିର୍ଦ୍ଧାରିତ ସଂକଳ୍ପ ଅନୁଯାୟୀ ସେହି ଯଜ୍ଞକୁ ଦ୍ୱାରିକାରେ ଆୟୋଜନ କରିଥିଲେ, ଯାହା ତୁମେମାନେ ଭଲଭାବେ ଜାଣିଛ । କିନ୍ତୁ ଏ ଯଜ୍ଞର ଗୁହ୍ୟ କଥାଟିକୁ ଜାଣିବାପାଇଁ ତୁମେ କେତେବେଳେ ସୁଯୋଗ ପାଇନଥିଲ । ଆଜି ତାହା ମୁଁ ତୁମ ଆଗରେ ପ୍ରକାଶ କରୁଛି, ମନ ଦେଇ ଶୁଣ ।

ଯଜ୍ଞର ଆୟୋଜନ କରୁଥାନ୍ତି କଂସଙ୍କ ମାତା ମହାରାଣୀ ପଦ୍ମା । ଦେବକୀ ବସୁଦେବଙ୍କ ପତ୍ନୀ ହେଲେବି ଯଜ୍ଞାନୁଷ୍ଠାନ କାର୍ଯ୍ୟରେ ତାଙ୍କର କୌଣସି ବିଶେଷ ଭୂମିକା ଗ୍ରହଣ କରିବାର ସୁଯୋଗ ନଥିଲା । ସବୁ କାର୍ଯ୍ୟ ମହାରାଣୀ ପଦ୍ମାଙ୍କ ନିର୍ଦ୍ଦେଶରେ ହିଁ ଆୟୋଜିତ ହେଉଥାଏ । ଏଥିପାଇଁ ପଦ୍ମା କେବଳ ଗୋପପୁରକୁ ଛାଡ଼ି ତ୍ରିପୁରର ଅନ୍ୟ ସବୁରାଜ୍ୟକୁ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ ଆବଣ୍ଟନର ଦାୟିତ୍ୱ ଦିଆଯାଇଥିଲା ନାରଦ ମୁନିଙ୍କୁ । ସେ ସର୍ବତ୍ର ବିଚରଣ କରି ପଦ୍ମାଙ୍କ ନିର୍ଦ୍ଦେଶ ମୁତାବକ ନିମନ୍ତ୍ରଣ ପତ୍ର ଆବଣ୍ଟନ କରିଥିଲେ । ତୁମେ ଜାଣ ରୁକ୍ମିଣୀ, ଗୋପପୁରକୁ ସେ କାହିଁକି ନିମନ୍ତ୍ରଣ କରିନଥିଲେ ? ସେଇଟା ବି ଗୋଟିଏ ଗୁମର କଥାଟିଏ । ପ୍ରତ୍ୟକ୍ଷ ଭାବେ ହେଉ ବା ପରୋକ୍ଷ ଭାବେ ହେଉ, ସବୁକିଛି ସେଇ କୃଷ୍ଣଙ୍କ ଇଙ୍ଗିତରେ ହିଁ ସମାହିତ ହେଉଥାଏ । କିନ୍ତୁ ଲୋକ ଦେଖାଣିଆ ଦୃଷ୍ଟିରୁ ଯାହା ଜଣାଯାଉଥିଲା, ପଦ୍ମା ହିଁ ଯଜ୍ଞାନୁଷ୍ଠାନ କାର୍ଯ୍ୟରେ ସବୁକିଛି ଯେମିତି ଚୟନ କରୁଥାନ୍ତି । ଏ ସଂକ୍ରାନ୍ତରେ ଅସଲ ରହସ୍ୟଟିକୁ କେହି ବି ଠଉରେଇ ପାରିନଥିଲେ । କୃଷ୍ଣ ଭଲ ଭାବେ ଜାଣିଥିଲେ ଯେ, ଗୋପପୁରକୁ ନିମନ୍ତ୍ରଣ ନକଲେ ବି ଗୋପର ସମସ୍ତେ ନିଶ୍ଚିତ ଭାବେ ଦ୍ୱାରିକାକୁ ଆସି ଯଜ୍ଞାନୁଷ୍ଠାନରେ ଆନ୍ତରିକ ଭୂମିକା ଗ୍ରହଣ କରିବେ । ଫଳରେ ସେମାନେ ମହାନୁଭାବତା ବିଶେଷ ଭାବେ ପ୍ରକଟିତ ହୋଇପାରିବ ।

ନାରଦ ମୁନି ଘୁରି ଘୁରି ସବୁ ରାଜ୍ୟକୁ ନିମନ୍ତ୍ରଣ କରି ଶେଷରେ ଗୋପପୁରରେ ପହଞ୍ଚି ଥିଲେ । ପରେ ପରେ ସେ ନନ୍ଦରାଜାଙ୍କୁ ଭେଟି ସବୁକଥା ଜଣାଇ ଥିଲେ । ଘଟଣା ଚକ୍ରରେ ସବୁକଥା ଶୁଣି ନନ୍ଦରାଜ ପ୍ରଥମେ ଭାଙ୍ଗି ପଡ଼ିଥିଲେ । ଭାଙ୍ଗି ପଡ଼ିବା ବି ସ୍ୱାଭାବିକ । କାରଣ କୃଷ୍ଣର ଯଜ୍ଞରେ ନନ୍ଦ ଓ ଯଶୋଦାଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଅସମ୍ଭବ । ତାହା କେମିତି ହେବ କଥାଟି ଶୁଣି, ସେ ବାରମ୍ବାର ନିଜକୁ ଧୀକ୍କାର କରୁଥାନ୍ତି । କିନ୍ତୁ ଯଶୋଦାଙ୍କ କୌଣସି ପ୍ରତ୍ୟକ୍ଷ ପ୍ରତିକ୍ରିୟା ହିଁ ନଥିଲା । ଭିତରେ ଭିତରେ ଭାଙ୍ଗି ପଡ଼ିଥିଲେ ବି, ବାହାରକୁ ସେ କୌଣସି କଥା ପ୍ରକାଶ କରୁନଥାନ୍ତି । କଥାଟି ଶୁଣିବା ପରେ ତାଙ୍କର କୌଣସି ଉତ୍ତେଜନା ନଥିଲାକି ଅବସାଦ ବି ନଥିଲା । ମା' ଯେତେବେଳେ, ପୁଅର ସବୁକଥା ଘୋଡାଇ ରଖିବାତ ତାଙ୍କର ପବିତ୍ର ଧର୍ମ । ନାରଦଙ୍କଠାରୁ ଯଜ୍ଞାନୁଷ୍ଠାନ କଥା ଶୁଣି ସେ ବରଂ ଖୁସୀ ଥିବାପରି ବାହାରକୁ ପ୍ରକାଶ କରୁଥାନ୍ତି । ଶେଷରେ ଠିକ୍ ହେଲା ସେମାନେ ବହୁବିଧ ସମ୍ଭାର ନେଇ ଦ୍ୱାରିକାରେ ଯଥାଶୀଘ୍ର ଉପସ୍ଥିତ ରହିବେ । ପରେ ପରେ ନନ୍ଦରାଜାଙ୍କ ସହ ଯଶୋଦା ଗୋପ, ଗୋପୀ, ରାଧାରାଣୀ ଏମିତି

ସଭିଏଁ ଯଥୋଚିତ ଦହି ଦୁଧ ଲବଣୀ, ସର ଇତ୍ୟାଦି ନେଇ ପ୍ରଭାସ କ୍ଷେତ୍ରକୁ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ।

ଅନ୍ୟପକ୍ଷରେ ନାରଦ ଏମାନଙ୍କ ଯାତ୍ରାରମ୍ଭ ପୂର୍ବରୁ ଦ୍ୱାରିକାରେ ପହଞ୍ଚି ସବୁ ତଥ୍ୟ ପଦ୍ମାବତୀଙ୍କୁ ଜଣାଇଥିଲେ । ନାରଦ କହିଲେ ଦେବୀ, ଆପଣ କହିଥିବା ପ୍ରକାରେ ମୁଁ ସବୁ ରାଜ୍ୟକୁ ଯାଇ ଆପଣଙ୍କ ନିମନ୍ତ୍ରଣ ଜଣାଇ ଫେରିଛି । କିନ୍ତୁ ଭୁଲକ୍ରମେ ଆପଣ ଗୋଟିଏ ରାଜ୍ୟକୁ ଆପଣଙ୍କ ନିମନ୍ତ୍ରଣରୁ ବାଦ୍ ଦେଇଥିଲେ । ସେଇ ରାଜ୍ୟଟି ଯମୁନା କୂଳରେ ଅବସ୍ଥିତ । ମୁଁ କିନ୍ତୁ ସେଠାକୁ ଯାଇ ଆପଣଙ୍କ ନିମନ୍ତ୍ରଣ ଜଣାଇ ଦେଇଛି । ଏହା ଶୁଣି ଆପଣ ନିଶ୍ଚିତ ଭାବେ ଖୁସି ହେବେନା ?

ମୁନିବର ନାରଦଙ୍କ କଥା ଶୁଣି ପଦ୍ମାଙ୍କ ହଂସା ଭିଡ଼ିଯାଇଥିଲା । ସେତ ଗୋପପୁରକୁ ନିମନ୍ତ୍ରଣ କରିବା ପାଇଁ ଆଦୌ ଇଚ୍ଛା କରିନଥିଲେ । ପଦ୍ମା କହିଲେ, ହେ ମୁନି ନାରଦ, ତୁମେ ଗୋପପୁରକୁ ନିମନ୍ତ୍ରଣ କରି ମୋତେ ଗଭୀର ଉତ୍ତେଜନା ଭିତରକୁ ଠେଲି ଦେଇଛ । ତୁମେ ସେ ସ୍ଥାନକୁ କାହିଁକି ଗଲ, କହିଲ ? ସବୁ ପଣ୍ଡ ହୋଇଗଲା, ମୁଁ ଗୋପପୁରକୁ ନିମନ୍ତ୍ରଣ କରିବା ପାଇଁ ଆଦୌ ଇଚ୍ଛା କରିନଥିଲି । ଗୋପପୁର ଓ ସେଠାର ଶାସକ ନନ୍ଦରାଜାଙ୍କୁ ତୁମେ କ'ଣ ଜାଣିନ, ନାରଦ ?

ନାରଦ ପଦ୍ମାଦେବୀଙ୍କ ନିଷ୍ଠୁରତା ଦେଖି କହିଲେ, ମା' ମୁଁ କ'ଣ ଜାଣିଥିଲି ସେଇଟା ଗୋପପୁର ବୋଲି ? ଜାଣିଥିଲେ କ'ଣ ମୁଁ ସେଠାକୁ ଯାଇଥାନ୍ତି ? ସେ ଯାହାହେଉ, ବର୍ତ୍ତମାନ ସେମାନେ ଆସିଯିବେ ଯେତେବେଳେ, ଆମେ କ'ଣ କରିବା, କହିଲେ ?

ପଦ୍ମାଙ୍କ କ୍ରୋଧଦେଖି ଦେବକୀ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ମାତା, ଯଜ୍ଞ ସ୍ଥଳରେ ଶହ ଶହ ପ୍ରହରୀ ରହିଥିବେ ତା'ଛଡ଼ା, ଆମେ ଯଦି ପ୍ରହରୀମାନଙ୍କୁ ସତର୍କ କରେଇଦେବା, ଗୋପପୁରର କେହିବି ଯଜ୍ଞ ସ୍ଥଳରେ ପହଞ୍ଚି ପାରିବେନି । ପଦ୍ମା ଶେଷରେ ଶାନ୍ତ ହୋଇଯାଇଥିଲେ ।

ଏଣେ ନନ୍ଦରାଜା ସେମାନଙ୍କ ପ୍ରଜାଗଣଙ୍କୁ ଧରି ଦ୍ୱାରିକାଭିମୁଖେ ଯାତ୍ରା କରୁଥାନ୍ତି । ବହୁଦିନ ପରେ ସେମାନେ କୃଷ୍ଣଙ୍କୁ ଦେଖିବେ । ଆଧିକ୍ୟ କ୍ଳାନ୍ତ ସତ୍ତ୍ୱେ ସେମାନଙ୍କ ଉତ୍ସାହ ଉଦ୍ଦିପନାରେ ସାମାନ୍ୟତମ ପରିବର୍ତ୍ତନ ଦେଖା ଦେଇନଥିଲା । ବରଂ ସେମାନେ ମହାନନ୍ଦ ତରଙ୍ଗରେ ଭାସୁଥାନ୍ତି ଶେଷରେ ସେମାନେ ଯଜ୍ଞସ୍ଥଳର ଦ୍ୱାର ଦେଶରେ ପହଞ୍ଚିଥିଲେ । ସେମାନଙ୍କୁ ଦେଖି ପଦ୍ମାଦେବୀ ଅନେକ କୁବାକ୍ୟ ପ୍ରୟୋଗ କରିବାକୁ ଲାଗିଲେ । ପଦ୍ମାଙ୍କ ମୁଖରୁ ଏମିତି ବିରସ ବାଣୀ ଶୁଣି ଯଶୋମତି କାଠ ପିତୁଳା ସଦୃଶ୍ୟ ଠିଆ ହୋଇ ରହିଥାନ୍ତି । ନନ୍ଦରାଜାଙ୍କ ସହ ଗୋପବାସୀଏ ବି ଦୁଃଖରେ କାତର ହେବା ସ୍ୱାଭାବିକ । ଗୋପବାସୀମାନଙ୍କର ଏପରି ବିପଦ ଅବସ୍ଥାରେ ଦେବକୀ ଆଶାର ବାଣୀ ସଂଚାର କରିଥିଲେ । ପଦ୍ମାଙ୍କୁ ଦେବକୀ କହିଲେ, 'ମାତା, ଯେତେହେଲେବି ସେମାନେ ଆମର ଅତିଥି । ଠିକ୍ ହେଉ ବା ଭୁଲ୍ ହେଉ, ନାରଦ ସେମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ଅତିଥିକୁ ଅସନ୍ତୁଷ୍ଟ କରିବା ଆଦୌ ଉଚିତ ନୁହଁ । କାରଣ ଅତିଥିର ଅସନ୍ତୋଷରେ ସବୁ କିଛି ଅମଙ୍ଗଳ ହୋଇଥାଏ । ଏହା ତୁମକୁ ଭଲ ଭାବରେ ଜଣା । ତା'ଛଡ଼ା ଗୋପବାସୀଏ ଅତି ସରଳ । ଦେଖନ୍ତୁତ, କେମିତି ସବୁ ସହ୍ୟ କରିଛନ୍ତି । କୃଷ୍ଣ ଏଠାକୁ ଆସିଗଲେ, ସେମାନେ ଯଜ୍ଞସ୍ଥଳକୁ ଯିବାକୁ ଆଦୌ ଇଚ୍ଛା କରିବେନି ।'

ଦେବକୀର କଥାଗୁଡ଼ାକ ପଦ୍ମାଙ୍କ ମନକୁ ବେଶ ପାଇଥିଲା, ତା'ପରେ ପଦ୍ମା କୃଷ୍ଣଙ୍କୁ ସେଠାକୁ ଡାକିବା ପାଇଁ ନାରଦଙ୍କୁ ଅନୁରୋଧ କରିଥିଲେ । ନାରଦ ଏହା ହିଁ ଚାହୁଁଥିଲେ । ନାରଦ ମହାରାଣୀ ପଦ୍ମାଙ୍କୁ କହିଲେ, ମାତା ତାହା କେବେ ସମ୍ଭବପର । ମୁଁ କେମିତି କୃଷ୍ଣଙ୍କୁ ଉଚ୍ଚସ୍ୱରରେ ଡାକିବି ? ମୁ ତ ମୁନି ଗୋଷ୍ଠୀର ଜଣେ ସଦସ୍ୟ । ଏଣେ ଯଜ୍ଞ ଚାଲିଛି, ଅନେକ ସାଧୁ, ସନ୍ଥ ଉପସ୍ଥିତ ଅଛନ୍ତି । ମୁଁ ଡାକିଲେ କଥାଟା ସୁନ୍ଦର ହେବନି । ଯେତେ ହେଲେ ସେ ମୋର ପ୍ରଭୁ । ତାକୁ କେମିତି ଏଠାରୁ ଉଚ୍ଚସ୍ୱରରେ ଡାକିବି କହିଲେ ? ପଦ୍ମାବି ଏଥିରେ ରାଜି ହେବା ପାଇଁ ବାଧ ହୋଇଥିଲେ, ଅନ୍ୟ କୌଣସି ଉପାୟ ନପାଇ ଶେଷରେ ସେ ଦେବକୀଙ୍କୁ କହିଲେ, ଶୁଣ ଦେବକୀ, ତୁମେ ଡାକିବାରେ କିଛି ଅସୁବିଧା ନାହିଁ । ତୁମେ ତା'ର ମା' । ତୁମେ ଡାକ । ଶେଷରେ ଦେବକୀ କୃଷ୍ଣଙ୍କୁ ଉଚ୍ଚସ୍ୱରରେ ଡାକିଥିଲେ କିନ୍ତୁ କିଛି ଫଳ ହେଲାନି । କୃଷ୍ଣ ଦେବକୀଙ୍କ ଡାକ ଶୁଣି ପାରିନଥିଲେ । ନାରଦ ମୁନି ତା'ପରେ ଦେବୀ ପଦ୍ମାଙ୍କୁ କହିଲେ, ଦେବକୀଙ୍କ ଡାକ କୃଷ୍ଣଙ୍କ କର୍ଣ୍ଣଗୋଚର ହେଲାନି । କ'ଣ କରିବା ବର୍ତ୍ତମାନ ? ପଦ୍ମା କିଂକର୍ତ୍ତବ୍ୟ ବିମୂଢ଼ । ଏଇ ସୁଯୋଗର ଫାଇଦା ନେଇ ନାରଦ ଯଶୋମତିଙ୍କ ଆଡ଼କୁ ଚାହିଁଥିଲେ । ଯଶୋମତି ସେମିତି ଉତ୍କଣ୍ଠାର ସହ ଠିଆ ହୋଇଥାନ୍ତି । ସେ ଯଶୋମତିଙ୍କୁ ଚାହିଁ କହିଲେ, 'ମାତେ, ତୁମେବି କାହ୍ନୁଙ୍କ ପାଇଁ କାନ୍ଦୁଥିଲ ନା ? ତୁମେ ଏଥର ଡାକ ।' ଦେବକୀ ଯଶୋଦାଙ୍କୁ ଅନୁରୋଧ କରିଥିଲେ, 'ନାନୀ ତୁମେ ଥରେ ଡାକ ଦିଅତ ! କାଳେ ତୁମ ଡାକରେ କାହ୍ନା ଆସିଯିବ ।'

ବର୍ତ୍ତମାନ ରୋହିଣୀଙ୍କ ଆଖିରେ ଲୁହ ଆସି ଯାଇଥିଲା । ରୁକ୍ମିଣୀଙ୍କ ସହ ଅନ୍ୟ ରାଣୀମାନେବି ଉତ୍କଣ୍ଠାର ସହ ରୁକ୍ମିଣୀଙ୍କୁ ଚାହିଁ ରହିଥାନ୍ତି । ପ୍ରକୃତରେ ମା' କିଏ ? ଯଶୋଦା ନା ଦେବକୀ ? ସବୁ ପ୍ରଭୁଙ୍କ ମାୟାରେ ସଂଘଟିତ ହେଉଥାଏ । ଦେବକୀ ଓ ନାରଦଙ୍କୁ କିଛି ଅଛପା ନଥିଲା ।

ଏଣେ ବ୍ରଜବାସୀଙ୍କ ମନରେ ମହାନନ୍ଦର ଢେଉ ଖେଳିଯାଇଥାଏ । ସେମାନେ ଭାବୁଥାନ୍ତି । ଯଶୋଦାଙ୍କ ଡାକଶୁଣି କୃଷ୍ଣ ନିଶ୍ଚିତ ଭାବେ ସେଠାକୁ ଦୌଡ଼ି ଆସିବେ । ତା'ପରେ ନନ୍ଦରାଣୀ ଡାକ ପକେଇଥିଲେ । 'କାହ୍ନୁ, ଏ କାହ୍ନୁ, ତୁ କେଉଁଠି ଅଛୁ ଚଞ୍ଚଳ ଏଠାକୁ ଆସିଯା । ତୋ' ମା' ଯଶୋମତି ତୋତେ ଡାକୁଛି ।' ନାରଦ ମନେ ମନେ ନାରାୟଣ, ନାରାୟଣ କହି ପ୍ରଭୁଙ୍କୁ ଆବାହନ କରୁଥାନ୍ତି । ଗୋପୀଏ ଭକ୍ତିର ସହ କୃଷ୍ଣଙ୍କୁ ଧ୍ୟାନ କରୁଥାନ୍ତି । ନନ୍ଦରାଜ ଉତ୍କଣ୍ଠାର ସହ 'କାହ୍ନା କାହ୍ନା' କହି ମନ ଭିତରେ କୃଷ୍ଣଙ୍କୁ ସ୍ମରଣ କରୁଥାନ୍ତି । ଏତେ ଲୋକଙ୍କ କରୁଣ ଡାକ, କୃଷ୍ଣ କେମିତିବା ନଶୁଣିବେ ।

ଶେଷରେ 'କାହ୍ନା' ଡାକ ପ୍ରଭୁଙ୍କ କର୍ଣ୍ଣଗୋଚର ହୋଇଥିଲା । ସେ ମନକୁ ମନ କହିଲେ, 'ଏତ ମୋ ମା'ଙ୍କ କରୁଣ ସ୍ୱର ।' କୁଶାଦି ଯଜ୍ଞୋପକରଣ ଦୂରକୁ ଠେଲି ଦେଇ ମା' ମା' କହି ଏକ କ୍ଷୁଦାର୍ତ୍ତ ଗୋବତ୍ସ ସଦୃଶ ସେ ଯଜ୍ଞସ୍ଥଳରୁ ଚାଲି ଆସିଥିଲେ । ଦେଖିଲେ, ବାହାରେ ଯଶୋଦା ଠିଆ ହୋଇଛନ୍ତି । ସେ ଦୌଡ଼ି ଆସି ଯଶୋଦାଙ୍କ କୋଳରେ ଲୋଟି ପଡ଼ିଥିଲେ । ତା'ପରେ ମା', ପୁଅର ଅପୂର୍ବ ମିଳନ ଘଟିଥିଲା । ଯଜ୍ଞସ୍ଥଳ ସ୍ତବ୍ଧ ହୋଇଯାଇଥିଲା । ସମସ୍ତେ ସେହି ଅପୂର୍ବ ମିଳନକୁ ଅନୁଭବ କରୁଥାନ୍ତି । ଏଇ ଅବସ୍ଥାକୁ ହିଁ 'ମହାଭାବ'ର ନିର୍ମଳ ପ୍ରତିଫଳନ କୁହାଯାଏ । ସଭିଏଁ ସେହି ମହାଭାବରେ ଦ୍ରବିଭୂତ ହୋଇଯାଇଥିଲେ ।

ସେତେବେଳକୁ କୃଷ୍ଣ ଯଶୋଦାଙ୍କୁ ଟାଣି ନେଇ ଦେବକୀଙ୍କ ପାଖରେ ପହଞ୍ଚିଥିଲେ । ତା'ପରେ ସେ ଉଭୟଙ୍କୁ ବାହୁ ଯୁଗଳ ଭିତରେ କୋଳାଗ୍ରତ କରିଥାନ୍ତି । ଚକ୍ଷୁ ଯୁଗଳରୁ ଲୋତକର ମନ୍ଦାକିନୀ ବୋହି ଚାଲିଥାଏ ।

ତା'ପରେ ରୋହିଣୀ ଆଉ କିଛି ବର୍ଣ୍ଣନା କରି ପାରିନଥିଲେ । ରାଣୀମାନଙ୍କ ଚକ୍ଷୁବି ଲୁହରେ ଛଳ, ଛଳ ହୋଇଯାଇଥିଲା । ସମସ୍ତେ ଏକ ଦିବ୍ୟ ଆବେଗ ଭିତରେ ଆତ୍ମହରା ହୋଇପଡ଼ିଥିଲେ । ଏହି ଉଚ୍ଛ୍ୱାସମୟ ପରିବେଶକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହଁ । ଏଥିପାଇଁ ମହାଭାବର ଲେଖନୀ ଆବଶ୍ୟକ ହୋଇଥାଏ । ଏହାକୁ ହିଁ ମହାଭାବର ପରାକାଷ୍ଠା କୁହାଯାଏ । ଯଦି ଏହାକୁ ମହାଭାବ କୁହାଯିବ, ତେବେ ଶ୍ରୀମହାଭାବ ଫେରେ କ'ଣ ? ଯାହା ତ୍ରିମୂର୍ତ୍ତିଙ୍କ ଭିତରେ ପ୍ରତିଫଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ 'ଶ୍ରୀମହାଭାବ'ର ପରାକାଷ୍ଠାକୁ ବିଚାର କରିବା ।

ହଁ, ଏତିକିବେଳେ ନାରଦ ମାତ୍ର ତତ୍ତ୍ୱର ସୃଷ୍ଟିକରଣ ଦେବାକୁ ଯାଇ ଉଚ୍ଚସ୍ୱରରେ କହିଥିଲେ, 'ନାରାୟଣ, ନାରାୟଣ ପ୍ରଭୁ, ମୋର ଗୋଟିଏ ଛୋଟିଆ ନିବେଦନ ରହିଛି । ବର୍ତ୍ତମାନର ଅବସ୍ଥା ଯାହା, ଆପଣ ଦୁଇମାତାଙ୍କର ପୁତ୍ର ହୋଇଗଲେ । କିନ୍ତୁ ସାମାଜିକ ରୀତିର ଚଳନୀରେ ଦୁଇ ମାତାଙ୍କ ଗୋଟିଏ ପୁତ୍ରତ କେବେହେଁ ସମ୍ଭବପର ନୁହଁ । ମୁଁ କିଛି ବୁଝିପାରୁନି, ପ୍ରଭୁ ! ବାସ୍ତବରେ ଆପଣ କାହାର ପୁଅ । ଦୟାକରି ସ୍ପଷ୍ଟୀକରଣ କରନ୍ତୁ ।' ସେଦିନ ଭଗବାନ ବିଷମାବସ୍ଥାରେ ପଡ଼ିଯାଇଥିଲେ । ଭଗବାନ ଇଙ୍ଗିତର ସହ ନାରଦଙ୍କୁ କହିଲେ, 'ଶୁଣ ନାରଦ, ତୁମେତ ତ୍ରିକାଳଜ୍ଞ । ଏହାର ସ୍ପଷ୍ଟୀକରଣ ପାଇଁ ତୁମେ ହିଁ ଏକମାତ୍ର ଯୋଗ୍ୟ ମାଧ୍ୟମ । ମୋର ଏଥିରେ କିଛି କହିବାର ନାହିଁ ।'

ନାରଦ ଶେଷରେ କହିଲେ, 'ପ୍ରଭୁ, ଆପଣ ଯେତେବେଳେ ମୋତେ ଏ ଦାୟିତ୍ୱ ଅର୍ପଣ କରିଛନ୍ତି । ତେବେ ମୋ' ମନକୁ ଯାହା ଆସୁଛି ମୁଁ ତାହା ହିଁ କରିବି । ମୋର ନିଷ୍ପତ୍ତି ମୁତାବକ ଆପଣଙ୍କ ନାମ ସ୍ମରଣ କରିବା ପରେ ଯାହାର ସ୍ତନ ଯୁଗଳରୁ ଦୁଗ୍ଧର ମନ୍ଦାକିନୀ କ୍ଷରିତ ହେବ, ସେ ହିଁ ଆପଣଙ୍କ ମାତା ବୋଲାଇବେ' ଏହା ଶୁଣିବା ମାତ୍ରେ ଯଶୋଦାଙ୍କ ସ୍ତନ ଯୁଗଳରୁ ଦୁଗ୍ଧ କ୍ଷରିତ ହୋଇଥିଲା । ଏହା ଦେଖି ସଭିଏଁ ଅବାକ୍ । ନନ୍ଦରାଣୀଙ୍କ ବାତ୍ସଲ୍ୟ ଭାବ ସେଦିନ ତା'ର ସୀମା ଟପି ଯାଇଥିଲା । 'ଯଶୋଦା ମାଇଙ୍କ ଜୟ, ନନ୍ଦଲାଲଙ୍କ ଜୟ' ଧ୍ୱନିରେ ସେଦିନ ଗଗନ, ପବନ ପ୍ରକମ୍ପିତ ହୋଇଉଠିଥିଲା ।

ରୋହିଣୀ ଆଉ ଆଗକୁ ଆଗେଇ ପାରିନଥିଲେ । ରାଣୀଏ ମୂର୍ଚ୍ଛାଗତ ପ୍ରାୟ ଜଣାଯାଉଥିଲେ । ଅନ୍ୟ ଯେଉଁମାନେ ଗୋପକଥା ଶୁଣୁଥିଲେ, ସଭିଏଁ ପ୍ରାୟ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଏତିକିବେଳେ ଯଶୋଦା ମା' ଓ ନନ୍ଦରାଜାଙ୍କ ଜୟଧ୍ୱନୀ ଶୁଣି ରାମ ଓ କୃଷ୍ଣ ଦ୍ୱାରଦେଶରେ ଉପସ୍ଥିତ ରହି ବ୍ରଜକଥା ଶୁଣିବାରେ ବିଭୋର ଜଣାଯାଉଥିଲେ । ସୁଭଦ୍ରା ପୂର୍ବବତ୍ ଦୁଇପାର୍ଶ୍ୱକୁ ହସ୍ତ ପ୍ରସାରଣ କରି କାଷ୍ଠବତ୍ ଦଣ୍ଡାୟମାନ ହୋଇଥାନ୍ତି । ଭକ୍ତର ମହିମା, ଭକ୍ତିର ମହିମା, ଧାମର ମହିମା ଓ ଭକ୍ତି ରସର ମହିମା ଶ୍ରବଣ କରି ରାମ ଓ କୃଷ୍ଣଙ୍କ ଭିତରେ ମହାପ୍ରେମ ଭାବ ଜାଗ୍ରତ ହୋଇଥିଲା । ସେମାନଙ୍କ ଚକ୍ଷୁ ସମୂହ ସୁଦର୍ଶନଙ୍କ ସହ ମଣ୍ଡଳାକୃତିରେ ବିସ୍ତାରିତ ହୋଇ ସଂକୁଚିତ ଗୌରବରେ ଅବଗାହନ କରୁଥିଲେ । ସୁଭଦ୍ରାଙ୍କ ହସ୍ତ ଯୁଗଳ ବାହାରକୁ ଦୃଶ୍ୟମାନ ହେଉନଥିଲା । ବୈଷ୍ଣବ ସାଧୁମାନଙ୍କ ମତରେ ଏହି ଭାବକୁ ହିଁ 'ଶ୍ରୀମହାଭାବାବସ୍ଥା' କୁହାଯାଏ । ଏହା ହିଁ ବର୍ତ୍ତମାନ ଶ୍ରୀବଳଦେବ, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହରେ ପ୍ରତିଫଳିତ ହୋଇଛି ।

ଏତିକିବେଳେ ନାରଦମୁନି ସେଠାରେ ପହଞ୍ଚିଥିଲେ । ସେଦିନର ଅପରୂପ ଦର୍ଶନ କରି ସେ ମହାନନ୍ଦରେ କହିଥିଲେ, ପ୍ରଭୁ, ବହୁ ଯୁଗରେ ଆପଣଙ୍କ ବହୁରୂପ ଦର୍ଶନ କରିଛି, ହେଲେ ଆଜିର ଏ ଅପରୂପ ବାସ୍ତବରେ ଅଦ୍ୱିତୀୟ । ପ୍ରଭୁ, ଆପଣଙ୍କ ଚରଣ କମଳରେ ମୋର ବିନୀତ ପ୍ରାର୍ଥନା, ଆପଣ ଏହି ପତିତପାବନ ରୂପକୁ ନେଇ ଶ୍ରୀକ୍ଷେତ୍ରରେ ବିରାଜମାନ କରନ୍ତୁ । ଶ୍ରୀକୃଷ୍ଣ 'ତଥାସ୍ତୁ' କହି ସେଦିନ ସମସ୍ତଙ୍କୁ ପ୍ରୀତ କରିଥିଲେ ।

ଭଗବାନଙ୍କ ଏହି ନିତ୍ୟ ଲୀଳାକୁ ଆମେ ଆଜି ରତ୍ନବେଦୀ ଉପରେ ଦର୍ଶନ କରୁଛେ, ସୁତରାଂ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମହାଭାବ ଅବସ୍ଥା ହିଁ ଶ୍ରୀଜଗନ୍ନାଥ ଅଟନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ହିଁ ଶ୍ରୀଜଗନ୍ନାଥଙ୍କ ଲୀଳା ।

ଶ୍ରୀମାନ ଗୌରାଙ୍ଗ ମହାପ୍ରଭୁଙ୍କ ଅତିପ୍ରିୟ ପାର୍ଷଦ ଶ୍ରୀପାଦ କହ୍ନେଇ ଖୁଣ୍ଟିଆ ମହାଶୟ ତାଙ୍କ ଗ୍ରନ୍ଥ 'ଶ୍ରୀଜଗନ୍ନାଥ ମହାଭାବ'ରେ ଏହି 'ଶ୍ରୀମହାଭାବ'ର ଅପୂର୍ବ ପରାକାଷ୍ଠାକୁ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି । ଏଣୁ କଳିଯୁଗରେ ଆମେ ବଳଦେବ, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଅପାଦପାଣୀ ରୂପରେ ଦର୍ଶନ କରୁଛେ । ଏହା ବୈଷ୍ଣବ ଧର୍ମାବଲମ୍ବୀଙ୍କ ନିଚ୍ଛକ ଐକାନ୍ତିକ ମତ ।

ସି-୮୦
ପଳାସପଲ୍ଲୀ, ଭୁବନେଶ୍ୱର

# ସନ୍ଥକବି ହାଡ଼ିଦାସଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ

ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା



**ସା**ଧୁସନ୍ଥମାନେ ଏ ଧରାଧାମରେ ଭିନ୍ନ ଭିନ୍ନ ସମୟରେ ଆବିର୍ଭାବ ହୋଇ ନିଜର ସାଧନା ଓ ସିଦ୍ଧି ଦ୍ୱାରା ଉପଲବ୍ଧି କରିଥିବା ଆଧାତ୍ମିକ ଚେତନାକୁ ଜନସମାଜରେ ବିତରଣ କରିଥାନ୍ତି । ଏହି ପରମ୍ପରାରେ ଓଡ଼ିଶା ମାଟିରେ ବହୁ ସାଧୁସନ୍ଥଙ୍କର ଆବିର୍ଭାବ ହୋଇଛି । ସେମାନଙ୍କ ମଧ୍ୟରୁ ହାଡ଼ିଦାସ ଥିଲେ ଅନ୍ୟତମ । ଆମେ ହାଡ଼ିଦାସ ନାମଧାରୀ ଦୁଇଜଣ ସନ୍ଥକବିଙ୍କୁ ଓଡ଼ିଶା ମାଟିରେ ଦେଖିବାକୁ ପାଇଥାଉ । ପ୍ରଥମ ବ୍ୟକ୍ତି ଜଣକ ଥିଲେ ଅଷ୍ଟାଦଶ ଶତାବ୍ଦୀର ସାଧକ ଏବଂ ଦ୍ୱିତୀୟ ହାଡ଼ିଦାସ ଥିଲେ ବିଂଶ ଶତାବ୍ଦୀର ଆଦ୍ୟ ପାଦର ସାଧକ । ପ୍ରଥମ ହାଡ଼ିଦାସଙ୍କ ସାଧନାପୀଠ ଆଜିର ପ୍ରସିଦ୍ଧ ଛତିଆବଟ । ସେ ଥିଲେ ଜାତିରେ କମାର । ଦ୍ୱିତୀୟ ହାଡ଼ିଦାସଙ୍କ ସାଧନାପୀଠ ହେଉଛି କଟକ ଜିଲ୍ଲାର ଟାଙ୍ଗୀ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥ ସିଦ୍ଧଗିରି ପାହାଡ଼ । ଏହାଙ୍କର ଜନ୍ମସ୍ଥାନ ଗୋବିନ୍ଦପୁର ଗ୍ରାମରେ ଏବଂ ସେ ଜାତିରେ ଥିଲେ ତନ୍ତୀ । ପରମହଂସ ଅଭିରାମ ଦାସ ତୀର୍ଥାଟନ ଅବସରରେ ବହୁଦିନ ଏହି ସିଦ୍ଧଗିରି ପାହାଡ଼ରେ ରହି ହାଡ଼ିଦାସଙ୍କୁ ଗୁରୁ ରୂପେ ଗ୍ରହଣ କରିଥିବା କଥା ତାଙ୍କ ଜୀବନରୁ ଜଣାଯାଏ । ଏହି ସାଧୁ ନିଜର ସାଧନା ବଳରେ ଅଲୌକିକ ପ୍ରତିଭାର ଅଧିକାରୀ ଥିବା ଏବଂ ସିଦ୍ଧିଲାଭ କରି ଅସୀମ ବିଭୂତି ଲାଭ କରିଥିବା କଥା ଶୁଣା ଯାଇଥାଏ । ସେ ଜ୍ଞାନ ମିଶ୍ରା ଭକ୍ତିର ଉପାସକ ଏବଂ ପଞ୍ଚସଖାଙ୍କର ଅନୁଗାମୀ ଥିଲେ । ଦ୍ୱିତୀୟ ହାଡ଼ିଦାସ ପ୍ରଥମ ହାଡ଼ିଦାସଙ୍କର ଅନୁଗାମୀ ଥିଲେ । ସିଦ୍ଧଗିରି ପାହାଡ଼ରେ ତାଙ୍କର ସମାଧି ରହିଅଛି । ବର୍ତ୍ତମାନ ଆମର ଆଲୋଚ୍ୟ ସନ୍ଥ ହେଉଛନ୍ତି ପ୍ରଥମ ହାଡ଼ିଦାସ ।

ହାଡ଼ିଦାସଙ୍କ ଆବିର୍ଭାବ ସମୟ ହେଉଛି ଓଡ଼ିଶାର ଏକ ଦୁର୍ଦ୍ଦିନର ସମୟ । ମରହଟ୍ଟାମାନଙ୍କ ଶାସନରେ ସାମାଜିକ ଜୀବନ ବିପର୍ଯ୍ୟସ୍ତ, ସାଧାରଣ ଜନତା ନିଷ୍ପେଷିତ ଓ ଅତ୍ୟାଚାରିତ । ସାଂସ୍କୃତିକ ମର୍ଯ୍ୟାଦା ମଧ୍ୟ ଅବଲୁଣ୍ଠିତ । ଏହିଭଳି ଏକ ସଂକଟଜନକ ସନ୍ଧିକ୍ଷଣରେ ଅର୍ଥାତ୍ ୧୭୭୨ ଖ୍ରୀଷ୍ଟାବ୍ଦ ପବିତ୍ର ମକର ସଂକ୍ରାନ୍ତି ଦିନ ପ୍ରତ୍ୟୁଷରୁ ପିତା ଚେମେଇ ଓଝା ଓ ମାତା ଦେବକୀଙ୍କ କୋଳମଣ୍ଡନ କରିଥିଲେ ହାଡ଼ିଦାସ । ପିତା ଥିଲେ ଶୁଦ୍ର କୁଳର । ଜାତିରେ ଥିଲେ କମାର । ଚେମେଇଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିଲା । ନିଜର କୌଳିକ ବୃତ୍ତି କମାରଶାଳର ହାଡ଼ଭଙ୍ଗା ପରିଶ୍ରମରୁ ଯାହା ପାଉଥିଲେ ସେଥିରେ ବହୁ କଷ୍ଟରେ ପରିବାରର ଭରଣପୋଷଣ କରୁଥିଲେ । ଏପରିକି ଭଲ ଲୁଗା ଖଣ୍ଡେ ପିନ୍ଧିବା ମଧ ତାଙ୍କ ଭାଗ୍ୟରେ ଯୁଟୁ ନଥିଲା । ଏହିଭଳି ଏକ ଦରିଦ୍ର ପରିବାରରେ ହାଡ଼ିଦାସ ଜନ୍ମଗ୍ରହଣ କରିଥିଲେ । ଅବିଭକ୍ତ କଟକ ଜିଲ୍ଲା ଅଧୁନା ଯାଜପୁର ଜିଲ୍ଲାର ଛତିଆ ନିକଟବର୍ତ୍ତୀ ଚମ୍ପାପୁର ଗ୍ରାମ ଥିଲା ହାଡ଼ିଦାସଙ୍କ ଜନ୍ମସ୍ଥାନ । ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତ ହୋଇ ବାଲ୍ୟଜୀବନ ଅତିବାହିତ କରିସାରିବା ପରେ ଗାଁ ଚାଟଶାଳୀରେ ଅଧ୍ୟୟନ କଲେ ହାଡ଼ିଦାସ । ବହୁତ ଦିନ ପଢ଼ିବାର ସୁଯୋଗରୁ ବଞ୍ଚିତ କଲା ତାଙ୍କୁ ତାଙ୍କ ପରିବାରର ଅବସ୍ଥା । କୌଳିକ ବୃତ୍ତିରେ ପିତାଙ୍କୁ ସାହାଯ୍ୟ କଲେ ସେ । ପିଲାଟି ଦିନରୁ କିନ୍ତୁ ବିଭୁ ଚିନ୍ତାରେ ସେ ମନକୁ ନିୟୋଜିତ କରୁଥିଲେ । ତାଙ୍କର ଚାଲିଚଳନ, ଚିନ୍ତା ଓ ଚେତନାରେ ଆଧାତ୍ମିକ ଭାବଧାରା ପରିଲକ୍ଷିତ ହେଉଥିଲା । କୈଶୋର ଜୀବନରେ ପିତାମାତା ଓ ଭଗ୍ନୀର ମୃତ୍ୟୁ ଘଟିବାରୁ ଏବଂ ନିଜର ଜୀବିକାର୍ଜନରେ ଅସୁବିଧା ଉପୁଜିବାରୁ ଚମ୍ପାପୁରରୁଆସି ଛତିଆ ଗ୍ରାମରେ ବାସ କଲେ । ଛତିଆରେ ରହିବା ସମୟରେ ତାଙ୍କର ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା । କିନ୍ତୁ ସ୍ତ୍ରୀର ଦେହାନ୍ତ ପରେ ୩୦ ବର୍ଷ ବୟସରେ ପୁଣି ନିଜର ଜନ୍ମସ୍ଥାନ ଚମ୍ପାପୁରର ନିବାସୀ ଦାମୋଦର ମହାରଣାଙ୍କ ଝିଅ ପଦ୍ମାବତୀଙ୍କୁ ବିବାହ କଲେ । ସାଂସାରିକ ଜୀବନରେ ଅଭାବ ଅନାଟନ ତାଙ୍କର ସହଚର ଥିଲା । କିଛି ଦିନ ପରେ ଅଭାବ ଅନାଟନର ତାଡ଼ନାରେ ସ୍ତ୍ରୀ ପଦ୍ମାବତୀ ତାଙ୍କୁ ପରିତ୍ୟାଗ କଲେ । ଏହିଭଳି ଏକ ଦୁର୍ବିସହ ଜୀବନ ନେଇ ସେ କାଳାତିପାତ କରୁଥିଲେ । ଦୁଃଖଦୁର୍ଦ୍ଦଶା ମଧ୍ୟରେ ମଧ ସେ ଭଗବତ୍ ଚିନ୍ତାରୁ ନିବୃତ୍ତ ହେଉନଥିଲେ । ଈଶ୍ୱରଙ୍କ ଅନୁଗ୍ରହ ଓ ଦିବ୍ୟ ପ୍ରେରଣା

ଲାଭ କରି ସେ ନିଜର ସାଧନା ଆରମ୍ଭ କଲେ । ଏହି ସମୟରେ ଶ୍ରୀକ୍ଷେତ୍ର ନିବାସୀ ମନ୍ତରାମ ନାମଧାରୀ ଜଣେ ପଶ୍ଚିମା ସନ୍ନ୍ୟାସୀଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହି ଦୀକ୍ଷା ଗ୍ରହଣ ପରେ କୁଳ ସଂଜ୍ଞା ଓଝା ପରିବର୍ତ୍ତେ ଦାସ ରଖିଲେ । ସାଧନା ବଳରେ ବହୁ ବିଭୂତିର ଅଧିକାରୀ ହୋଇପାରିଥିଲେ । ଆଜୀବନ ରୋଗଗ୍ରସ୍ତ ହୋଇ ମଧ ନିଜର ସାଧନା ଦ୍ୱାରା ଯେଉଁ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିଥିଲେ, ତାହା ସମସ୍ତଙ୍କୁ ଚମକୃତ କରିଥିଲା ।

ସନ୍ଥ ହାଡ଼ିଦାସ ଥିଲେ ଜ୍ଞାନିମିଶ୍ରାର ଉପାସକ ଉତ୍କଳୀୟ ବୈଷ୍ଣବ । ତାଙ୍କର ମହାମନ୍ତ୍ର ଥିଲା 'ହରେ ରାମକୃଷ୍ଣ' । ପଞ୍ଚସଖାଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ତାଙ୍କର ଆଦର୍ଶ ଥିଲେ । ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ନରଖି ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ସମସ୍ତଙ୍କ ସହିତ ଅବାଧ ମିଳାମିଶା କରୁଥିଲେ । ତତ୍କାଳୀନ ସମାଜରେ କିନ୍ତୁ ଜାତି ପ୍ରଥା ଅତ୍ୟନ୍ତ କଠୋର ଥିଲା । ତାଙ୍କର ଏହି ଜାତିଭେଦ ଶୂନ୍ୟ ବ୍ୟବହାରରେ ରକ୍ଷଣଶୀଳ ବ୍ରାହ୍ମଣ ଗୋଷ୍ଠୀ ତତ୍କାଳୀନ ଦର୍ପଣୀଗଡ଼ର ଯବନରାଜା ଗୁଲୁଜାର ହୋସେନ୍‌ଙ୍କ ନିକଟରେ ହାଡ଼ିଦାସଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ହାଡ଼ିଦାସଙ୍କୁ ଦଣ୍ଡିତ କରିବା ପାଇଁ ରାଜା ଗୁଲୁଜାର ହୋସେନ୍ ଡକାଇଲେ । ରାଜାଙ୍କ ନିକଟକୁ ଯାଇ ହାଡ଼ିଦାସ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ଏବଂ ଗୋଟିଏ ଈଶ୍ୱରଙ୍କ ସନ୍ତାନ ବୋଲି ଯୁକ୍ତି ବାଢ଼ିଲେ । ଏହାସହିତ ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ପୀଠ ପୁରୁଷୋତ୍ତମରେ ସମସ୍ତେ ସମାନ । ତାହା ସର୍ବଧର୍ମ ସମନ୍ୱୟର ପୀଠ, ମହାପ୍ରସାଦକୁ ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ର ଭକ୍ଷଣ କରନ୍ତି ବୋଲି ନିଜର ଯୁକ୍ତି ଉପସ୍ଥାପନା କଲେ । କିନ୍ତୁ ପୁରୁଷୋତ୍ତମ କ୍ଷେତ୍ର ବ୍ୟତୀତ ଅନ୍ୟତ୍ର ମହାପ୍ରସାଦ ନଥିବାରୁ ଜାତିଭେଦ ପ୍ରଥା ବିଲୋପ ହେବା ଅସମ୍ଭବ ବୋଲି ରାଜା କହିଲେ । ହାଡ଼ିଦାସ ତତ୍‌କ୍ଷଣାତ୍ ନିଜର ଅଲୌକିକ ବିଭୂତି ବଳରେ ଏକ କାଠସରାରେ ମହାପ୍ରସାଦ ଶୂନ୍ୟରୁ ଆଣି ସମସ୍ତଙ୍କୁ ବିତରଣ କରିଥିଲେ । ଏହି ଅଲୌକିକ କାର୍ଯ୍ୟରେ ରାଜା ପ୍ରୀତ ହୋଇ ତାଙ୍କୁ କିଛି ଦାନ ଦେବାକୁ ଘୋଷଣା କଲେ । ହାଡ଼ିଦାସ ଧନସଂପତ୍ତି ପ୍ରତି ଆଗ୍ରହ ପ୍ରକାଶ ନକରି ଛତିଆ ପାହାଡ଼ ଉପରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟସ୍ଥ ଏକ ବଟବୃକ୍ଷ ମୂଳ ସ୍ଥାନକୁ ରାଜାଙ୍କଠାରୁ ନିଜର ସାଧନା ପାଇଁ ଗ୍ରହଣ କରିଥିଲେ । ସେହି ସ୍ଥାନରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ସାଧନା କରି ସମାଧି ଗ୍ରହଣ କରିଥିଲେ । ଅଧୁନା ସେହି ସ୍ଥାନ ଆଜିର ଛତିଆବଟ ।

ସାଧନା ଦ୍ୱାରା ଅଲୌକିକ ପ୍ରତିଭାର ଅଧିକାରୀ ହେବାରୁ ବହୁ ଧର୍ମପ୍ରାଣ ବ୍ୟକ୍ତି ତାଙ୍କ ନିକଟକୁ ଆସିବାକୁ ଲାଗିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କର ସାନ୍ନିଧ ଲାଭ କରି କୃତ୍ୟ କୃତ୍ୟ ହେଲେ । ସେ ଥିଲେ ପିଣ୍ଡ ବ୍ରହ୍ମାଣ୍ଡବାଦୀ, ହଠଯୋଗୀ । ଜଗନ୍ନାଥ ହିଁ ତାଙ୍କର ଆରାଧ୍ୟ । ଜଗନ୍ନାଥଙ୍କୁ ପରଂବ୍ରହ୍ମ, ପରମାତ୍ମା ରୂପରେ ସେ ଗ୍ରହଣ କରିଛନ୍ତି । ସେ ଓଁକାର ସ୍ୱରୂପୀ ପ୍ରଣବ । ଯୋଗର ସମାଧି । ଷଟ୍ ଚକ୍ର ସାଧନାରେ ତାଙ୍କର ସ୍ଥାନ ସହସ୍ରାଧାରରେ ବୋଲି କହିଛନ୍ତି । ଏଣୁ ତାଙ୍କର ରଚନାରେ ଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ବର୍ଣ୍ଣନା କରିବା ସହିତ କ୍ଷେତ୍ରର ପ୍ରଶସ୍ତି ମଧ୍ୟରେ ଦେଖିବାକୁ ମିଳିଥାଏ । ଜଗନ୍ନାଥଙ୍କୁ ସେ ସମଗ୍ର ବିଶ୍ୱର ଠାକୁର ଏବଂ ସମସ୍ତଙ୍କର ପିତା ବୋଲି କହିଛନ୍ତି । ତାଙ୍କ ଲିଖିତ ଗ୍ରନ୍ଥମାନଙ୍କ ମଧ ଭାବନାବର, ଶଙ୍ଖନାଭି, ବ୍ୟାସବିକ୍ଷେ, କ୍ଷେତ୍ରମହାତ୍ମ୍ୟ, ଲକ୍ଷ୍ମୀଧର ବିଳାସ, ହନୁମନ୍ତ ଗୀତା, ଶଙ୍ଖନାଭି ଭୈରବସ୍ତୁତି, ଅନନ୍ତଗୁପ୍ତ ଟୀକା, ଅନନ୍ତଗୋଇ, ଗୂହସମ, ସ୍ୱରଶାସ୍ତ୍ର, ନିଶ୍ଚଳଜ୍ଞାନ ଗୀତା, ନୀଳମାଧବ ଗୀତା, ବହୁ ଭଜନ, ଜଣାଣ, ଚଉତିଶା ଓ ମାଳିକା ଅନ୍ତର୍ଭୁକ୍ତ । ସନ୍ଥ ହାଡ଼ିଦାସଙ୍କର ଜଗନ୍ନାଥ ପ୍ରାଣତାର ପରିଚୟ ସହିତ ଦାର୍ଶନିକ ଚିନ୍ତାଧାରା ଏଥିରେ ପ୍ରକାଶିତ । ନାମର ମହାତ୍ମ୍ୟ, ମହାମନ୍ତ୍ରର ପ୍ରଚାର, ଜ୍ଞାନ ଭକ୍ତିର ସମନ୍ୱୟ, ସଗୁଣ ନିର୍ଗୁଣ ଉପାସନା, ଷଟ୍‌ଚକ୍ର ସାଧନା ପିଣ୍ଡ ବ୍ରହ୍ମାଣ୍ଡ ବାଦ, ଶୂନ୍ୟବାଦ, ସୃଷ୍ଟି ତତ୍ତ୍ୱ ଓ ଗୁରୁବାଦର ଆଲେଖ୍ୟ ଏହିସବୁ ଗ୍ରନ୍ଥରେ ସ୍ଥାନ ପାଇଥିଲେ ହେଁ ଜଗନ୍ନାଥ ହିଁ ତାଙ୍କର ଆରାଧ୍ୟ ଏବଂ ଧ୍ୟେୟ ହୋଇଛନ୍ତି । ତାଙ୍କ ଦୃଷ୍ଟିରେ ପରଂବ୍ରହ୍ମ ପରମାତ୍ମା ଜଗନ୍ନାଥ ସମସ୍ତ କାର୍ଯ୍ୟ ଓ କାରଣର ହେତୁ । ସେ ଆଦି ଅନାଦି, ଅନନ୍ତ, ସାକାର ପୁଣି ନିରାକାର ସଚ୍ଚିଦାନନ୍ଦ ବିଗ୍ରହ । ଯେ ଜ୍ଞାନୀ ସେ ଯଥାର୍ଥରେ ଏହି ଅପ୍ରାକୃତ ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରିବା ପାଇଁ ତାଙ୍କର ରଚନାରେ ଆହ୍ୱାନ ଦେଇଛନ୍ତି । ମାଳିକା ଗ୍ରନ୍ଥର ଆରମ୍ଭରେ ଜଗନ୍ନାଥଙ୍କୁ ଗଣ ଦେବତାର ସମ୍ମାନ ପ୍ରଦର୍ଶନ କରି ପତିତପାବନ ବୋଲି ସମ୍ବୋଧନ କରିଛନ୍ତି -

'ଜୟ ଜଗନ୍ନାଥ ପତିତପାବନ ଓଡ଼ିଶା ବଡ଼ ଠାକୁର
କଳ୍ପବଟବାସୀ ପ୍ରଭୁ ବ୍ରହ୍ମରାଶି କଳି କଳୁଷ ନିସ୍ତାର ।'

କଳିଯୁଗର ବିପଥଗାମୀ ମନୁଷ୍ୟର ପାପରୂପକ କଳୁଷ ନିବାରଣ ପାଇଁ ପରଂ ବ୍ରହ୍ମରୂପୀ ପତିତପାବନ ଜଗନ୍ନାଥ ହିଁ ଏକମାତ୍ର ଠାକୁର । ଜଗନ୍ନାଥ ମନ୍ଦିରର ଭବିଷ୍ୟତ ଘଟଣା ସଂପର୍କରେ ଦିବ୍ୟ ଦ୍ରଷ୍ଟା ଯେଉଁ ସୂଚନା ପ୍ରଦାନ କରିଥିଲେ, ପରବର୍ତ୍ତୀ ସମୟରେ ଘଟିଥିବା ଘଟଣା ତା'ର ସତ୍ୟତା ପ୍ରମାଣ କରିଛି । ସେ ଲେଖିଥିଲେ -

'ଆକାଶୁ ବଜ୍ର ପଡ଼ିବ ଲୋ ବଉଳ ଜାଳି ଦେବ ଭୂମଣ୍ଡଳ
ଶ୍ରୀଜଗନ୍ନାଥଙ୍କ ରତ୍ନ ଚାନ୍ଦୁଆରେ ଲାଗିବ ଯେ ଅନଳ ।'

ଏହି ମାଳିକାରେ ଜଗନ୍ନାଥ ଓ ବଳଭଦ୍ର କଳ୍କୀ ଅବତାର ଗ୍ରହଣ କରି ଧଳା ଘୋଡ଼ା ଓ କଳା ଘୋଡ଼ାରେ ଚଢ଼ି ମ୍ଳେଛ ସଂହାର କରିବେ ବୋଲି ସୂଚାଇ ଅଛନ୍ତି । ନିଜ ଜୀବନର ସୁଖ ଦୁଃଖର କଥା ଅଭିମାନ ଭରା ହୃଦୟରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣାଇଅଛନ୍ତି । ନିଜର ଅଳି ଅର୍ଦ୍ଦଳିକୁ ଉପସ୍ଥାପନା କରିବା ସହିତ ସଂସାରରୁ ଦୁଃଖର ପରିସମାପ୍ତି ପାଇଁ ମଧ କାମନା କରିଛନ୍ତି ।

ରତ୍ନ ସିଂହାସନ ମଉଡ଼ମଣିକି କହିବ ଟିକି କଥାଏ,
କିଭାବେ ଦ୍ରୌପଦୀ ମୃଗୁଣୀ ରକ୍ଷଣ ଏବେ କି ପାଶୋର ଯାଏ ।
ମହୋଦଧି କୂଳେ କଳ୍ପବଟ ମୂଳେ କରି ଅଛନ୍ତି ବିଜୟେ,
ସେ ଚାନ୍ଦ ବଦନ ପଙ୍କଜ ଲୋଚନ ଥାଉ ଥାଉ କିମ୍ବା ଭୟେ ।
ବାହୁ ତୋଳି ବସ ମୃଦୁ ମୃଦୁ ହସ ସଂସାର ଏଡ଼େ ଅଥୟେ,
ମୋହ ପାଇଁ କିଛି ଧନ ମାଗୁଛିକି ନଗୁଣ ଦେବାଧିରାୟେ ।
ଛତିଆ ଗ୍ରାମରେ ରହି ଦୀନ ହାଡ଼ି ଜଣାଉଛି ପଦ୍ମ ପାୟେ,
ତୁମ୍ଭଙ୍କୁ ତୁମ୍ଭ ଭକ୍ତରାଣ ଅଛିଟି ନୋହୁ ଅଛି ଯେବେ ନ୍ୟାୟେ ।

ପୁଣି ଅନ୍ୟ ଏକ ଚଉତିଶାରେ ଶ୍ରୀଜଗନ୍ନାଥଙ୍କ ସୁକୋମଳ ଶ୍ରୀଅଙ୍ଗରେ ଡାମ୍ଫଣ ଆଘାତ କରି ନିଦ୍ରା ଭଙ୍ଗ କରିବାକୁ ପ୍ରସ୍ତୁତ । ସଂସାରର ପଡ଼ିଦାତା ହୋଇ ଦୁଃଖ ଓ ଅଭାବ ଗ୍ରସ୍ତ ମାନବକୁ ଦୟା ଏବଂ ନିଜର ବାଉନ କୋଟି ଭଣ୍ଡାରକୁ ସମଭାବରେ ବିତରଣ କରିବାକୁ ପ୍ରାର୍ଥନା କରିଛନ୍ତି -

'ବାଉନ କୋଟି ଭଣ୍ଡାରକୁ ବାଣ୍ଟିଦିଅ ଗୋସାଇଁ ।
ବରଷକୁ ଅନ୍ନ ଦେଇଣ ପୁଣ ସଞ୍ଚ ତା' ନେଇ ।।
ମହାପ୍ରଭୁ ଯେବେ ହୋଇଛ ଘେନ ଭୃତ୍ୟଙ୍କ କଥା ।
ମାଗୁଣି ଅନ୍ୟ ମୋ' ନାହିଁ ପଦ୍ମ ଚରଣେ ମଥା ।।

ରଖିଲେ ରଖ ଜଗନ୍ନାଥେ ତୁମ୍ଭ ଲୀଳା ସଂସାର ।
ରାହୁ ପରାୟେ ଗରାସିଲା ଅଘ-ତିମିର ଘୋର ।।
ବସିଯିବାକୁ ବଡ଼ ଆଣ୍ଟେ ଭାରା ହେଲାଣି ଆସି ।
ବାସୁଦେବ ସିନା ଶୟନେ ଅଛ ନିଦ୍ରା ଆଳସି ।
ଶ୍ରୀପାଦପଦ୍ମ ବାସନାରୁ ସ୍ୱାମୀ ଦେଖିଲି ଏହା ।
ଶ୍ରୀଅଙ୍ଗେ ଡାମ୍ଫଣ ମାଇଲେ କିମ୍ବା ନୋହୁଛି ଦୟା ।।'

ଜଗନ୍ନାଥ ପ୍ରାଣ ହାଡ଼ିଦାସ ନିଜର ସାଧନା ପୀଠକୁ ଜଗନ୍ନାଥଙ୍କୁ ଆଣିବା ପାଇଁ ପ୍ରାର୍ଥନା କରିଛନ୍ତି ଏବଂ ଦିନେ ନା ଦିନେ ଛତିଆବଟରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ବିରାଜମାନ କରିବେ ବୋଲି ମାଳିକାରେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ଜଗନ୍ନାଥ ସର୍ବସ୍ୱ ହାଡ଼ିଦାସ ଜଗନ୍ନାଥଙ୍କୁ ଗଣଦେବତା ରୂପେ ଯେଉଁଭଳି ପ୍ରତ୍ୟକ୍ଷ କରିଛନ୍ତି, ତାହାର ନିଦର୍ଶନ ନିଜ ରଚନାରେ ପ୍ରତିଫଳିତ ହୋଇଛି ଏହା ନିଃସନ୍ଦେହ ।

ପ୍ରାଧ୍ୟାପକ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)
ପୁରୀ

---

# ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି

ଦେବରାଜ ସାମନ୍ତରାୟ

ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର
ଦହଗଞ୍ଜା ଆଉ ଦିଅନା ମତେ
ଜଞ୍ଜାଳ-ଜାଲରୁ ଫିଟିବାକୁ ଚାହେଁ
ରହିବା ସକାଶେ ସାଯୁଜ୍ୟ-ପଥେ ।
ଅଭିନୟ କଲି ଭବରଙ୍ଗ ଭୂମେ
ଦେଖିଲା ଦୁନିଆ ଦେଖିଲ ତ ତୁମେ
ବନ୍ଧୁ-ସୁତାସୁତ-କଳତ୍ର ସହିତ
ଦିନ ମୋ ବିତିଲା ସଂସାର ମତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ଲଭିବାକୁ ସିଦ୍ଧି କରିଲି କରମ
ପରମ ନ ପାଇ ପାଇଲି ସରମ
ବିଷୟାରେ ମଜ୍ଜି ତୁମକୁ ନଭଜି
କେଡ଼େ ଅକରମ କଲି ମୁଁ ସତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
'ମୃଗୀ' ଡାକଦେଲା ପରାଣ ବିକଳେ
'କରୀ' ପଡ଼ିଥିଲା କୁମ୍ଭୀର କବଳେ
ଶରଣ ସୋଦର ହଟିଲା ବିପତ୍ତି
କେବଳ ତୁମରି ନାମ ଧରନ୍ତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।

ପାପୀ 'ଅଜାମିଳ' ପୁତ୍ର ନାମ ଧରି
କ୍ଷଣକେ ପାଇଲା ମହାନନ୍ଦ-ତରୀ
ମୋ ପାଇଁକି ସାହା ହୋଇ ଚଉବାହା
ମହିମା-ଫଡ଼କା ଉଡ଼ା ମରତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପ୍ରଭୁ ହେ କରିବ 'ନନ୍ଦିଘୋଷେ' ବିଜେ
ଦାରୁବ୍ରହ୍ମ ରୂପ ଦେଖନ୍ତି ମୁଁ ନିଜେ
ଆହେ ସର୍ବଧାତା ସୁଯୋଗ ପାଉନି
ଆବିର୍ଭୂତ ହୁଅ ମୋ ହୃଦ-ରଥେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।
ପ୍ରଣତ ହୋଇ ମୁଁ ଜଣାଏ ପ୍ରଣତି
କରୁଣା କଣିକା ଦିଅ ବିଶ୍ୱପତି
ନମୋ ନାରାୟଣ ନିଖିଳ ନିଦାନ
ସନ୍ନିକଟେ ମୋର ଥାଅ ନିରତେ
ଦୀନବାନ୍ଧବ ହେ ପ୍ରଭୁ ପରାତ୍ପର ... ।

ଉପସଭାପତି
ରାଜଧାନୀ ଶିଶୁ ସାହିତ୍ୟ ସଂସଦ, ଭୁବନେଶ୍ୱର

# ରଥସେବାରେ ଘଣ୍ଟୁଆ ନିଯୋଗ



ଡକ୍ଟର ଜନ୍ମେଜୟ ଚୌଧୁରୀ

ଦେବ ମନ୍ଦିରରେ ଘଣ୍ଟ ନାଦ ଅତ୍ୟନ୍ତ ପୁଣ୍ୟପ୍ରଦ । ଦେବ ଦେବୀଙ୍କ ପୂଜୋପଚାରରେ ଅଙ୍ଗ ହିସାବରେ ଘଣ୍ଟ, ଘଣ୍ଟା ଓ ଘଣ୍ଟି ବାଦନ ଆବଶ୍ୟକ ତତ୍ତ୍ୱ ରୂପେ ବିବେଚିତ ହୁଏ । ଦେବତାଙ୍କ ଶ୍ରୀବିଗ୍ରହର ସ୍ନାନ ଧୂପଦାନ, ଦୀପ ପ୍ରଦାନ, ନୈବେଦ୍ୟ ନିବେଦନ, ଆଭୂଷଣ ଅଳଙ୍କରଣ ସମୟରେ ଘଣ୍ଟନାଦ କରଣୀୟ । ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଭଗବାନଙ୍କର ଶ୍ରୀବିଗ୍ରହ ନିକଟରେ ପୂଜା ସମୟରେ ଘଣ୍ଟବାଦନ କଲେ ଉତ୍ତମ ଫଳ ମିଳିଥାଏ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ମଙ୍ଗଳା ଚରଣରେ ଶ୍ରୀକ୍ଷେତ୍ରରେ ଆଳଙ୍କାରିକ ବର୍ଣ୍ଣନା କରିବା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହାପ୍ରସାଦ ଭକ୍ଷଣ ଏବଂ ଘଣ୍ଟଘୋଷର ଶ୍ରବଣରେ ପାପନାଶ ହେବାର ସୂଚନା ଦେଇଛନ୍ତି ।

'ଶ୍ରୀମହାପ୍ରସାଦ ଗଦପଦ ଘଣ୍ଟଘୋଷ
ଭକ୍ଷଣେ ଶ୍ରବଣେ ଯେ କଳ୍ମିଷ ନାଶ ହେ ।'

ଘଣ୍ଟ, ଘଣ୍ଟା ଓ ଘଣ୍ଟି ସଙ୍ଗୀତ ଶାସ୍ତ୍ରରେ ଘନବାଦ୍ୟର ଅନ୍ତର୍ଗତ ଅଟେ । ଏହାର ପାଞ୍ଚୋଟି ଭେଦ ରହିଛି ଯଥା- କାଂସ୍ୟତଳ (ଝାଞ୍ଜ), ତାଳ (ମଞ୍ଜୀରା, ଗିନି), ଘଟିକା (ବୃହଦାକାର ଘଣ୍ଟି), ଜୟ ଘଣ୍ଟିକା (ବିଜୟ ଘଣ୍ଟ), କ୍ଷୁଦ୍ର ଘଣ୍ଟ (ପୂଜାର ଘଣ୍ଟା) ଏବଂ କ୍ରମ (ଦୋଳାୟମାନ ଘଣ୍ଟି) । ଏସବୁର ଉପଯୋଗ ପ୍ରାୟ ପ୍ରତ୍ୟେକ ମନ୍ଦିରରେ ହେବାର ଦେଖାଯାଏ । ପୂଜାଘଣ୍ଟିର ଧାତୁମୟ ଦଣ୍ଡକୁ ବାମହସ୍ତ ମୁଷ୍ଟିରେ ଧାରଣ କରି ବଜାଇବାକୁ ହୁଏ । ଦଣ୍ଡର ଅଗ୍ରଭାଗରେ ଚକ୍ର, ଗରୁଡ଼, ହନୁମାନ, ପଞ୍ଚମୁଖୀ ସର୍ପର ପ୍ରତିକୃତି ରହିଥାଏ । ଶାସ୍ତ୍ର ଦୃଷ୍ଟିରୁ ସବୁ ପ୍ରତିକୃତି ମଧ୍ୟରୁ ଯେକୌଣସି ଗୋଟିଏ ଘଣ୍ଟିରେ ରଖିବାର ବିଧାନ ଅଛି । ଚକ୍ରଯୁକ୍ତ ଘଣ୍ଟିର ଧ୍ୱନିରେ ଆସୁରୀ ଶକ୍ତିର ପ୍ରସ୍ଥାନ ହୁଏ । ମୃତ୍ୟୁକାଳରେ ପ୍ରାଣ ପ୍ରୟାଣ ସମୟରେ ଚକ୍ରଯୁକ୍ତ ଘଣ୍ଟିର ଧ୍ୱନି କଲେ ଯମଦୂତମାନେ ସମୀପକୁ ଆସନ୍ତି ନାହିଁ । ଗରୁଡ଼ ଯୁକ୍ତ ଘଣ୍ଟିର ଶବ୍ଦରେ ସର୍ପ, ଅଗ୍ନି, ତଥା ବିଜୁଳିର ଭୟ ଦୂର ହୁଏ । ପୁରାଣମାନଙ୍କରେ ଘଣ୍ଟି, ଘଣ୍ଟା ନାଦର ମାହାତ୍ମ୍ୟ ବର୍ଣ୍ଣିତ ଥିବାର ଦେଖାଯାଏ । କାଳିକା ପୁରାଣରେ ବର୍ଣ୍ଣିତ ଅଛି -

'ସ୍ନାନେ ଧୂପେ ତଥା ଦୀପେ ନୈବେଦ୍ୟେ ଭୂଷଣେ ତଥା ।
ଘଣ୍ଟନାଦଂ ପ୍ରକୁର୍ବୀତ ତଥା ନୀରାଜନେଽପିଚ ।।'

ଦୋଳାୟମାନ ଘଣ୍ଟି ଉପରେ ଦେବତାମାନଙ୍କର ନାମ ଅଥବା ମନ୍ତ୍ରାଦି ଅଙ୍କିତ ହୋଇଥାଏ । ଦେବ ମନ୍ଦିରର ଦ୍ୱାର ଦୁନ୍ଦୁଭି, ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, ଝାଞ୍ଜ, ଶଙ୍ଖାଦି ବାଦନ କରି ଉନ୍ମୁକ୍ତ ହୋଇଥାଏ । କୌଣସି ବାଦ୍ୟ ନଥିଲେ ଘଣ୍ଟି ବାଦନ ଯଥେଷ୍ଟ । ଘଣ୍ଟ ସର୍ବବାଦ୍ୟମୟ ଏବଂ ସମସ୍ତ ଦେବଦେବୀଙ୍କର ପ୍ରିୟ ଅଟେ । ବିନା ଘଣ୍ଟଘଣ୍ଟିରେ ପୂଜା ନିଷେଧ । ଘଣ୍ଟ, ଘଣ୍ଟିର ଧ୍ୱନି ଦେବଦେବୀମାନଙ୍କର ଆନନ୍ଦ ବିଧାୟକ ଏବଂ ଅନିଷ୍ଟକାରୀ ଆସୁରିକ ଶକ୍ତିର ଭୟପ୍ରଦ । ଏହା ପାପ ନିବାରକ ଓ ଅନିଷ୍ଟନାଶକ ଅଟେ । ଦେବ ପୂଜନ, ଯାନିଯାତ୍ରା ସହ ପିତୃ ପୂଜନରେ ମଧ୍ୟ ଘଣ୍ଟ ଘଣ୍ଟି ବଜାଇବାର ବିଧି ରହିଛି । କେତେକ ବାସ୍ତୁଶାସ୍ତ୍ର ଓ ତନ୍ତ୍ରଶାସ୍ତ୍ରରେ ବାସଗୃହରେ ଘଣ୍ଟା ଝୁଲାଇ ତା'ର ଧ୍ୱନି ଶୁଣିବାର ବ୍ୟବସ୍ଥା ରହିଛି । ଚିକିତ୍ସା ଶାସ୍ତ୍ରରେ କେତେକ ରୋଗର ଆରୋଗ୍ୟ ପାଇଁ ଘଣ୍ଟିର ଅନୁରଣନ ଧ୍ୱନି ଉପାଦେୟତା ସମ୍ପର୍କରେ ଉଲ୍ଲେଖ ଅଛି । ଘଣ୍ଟଧ୍ୱନି ଦୈତ୍ୟମାନଙ୍କର ତେଜକୁ ବିନଷ୍ଟ କରି ପ୍ରତ୍ୟେକ ପ୍ରକାର ଭୟ ଓ ପାପରୁ ରକ୍ଷା କରିଥାଏ । ଦେବତାମାନେ ଦେବୀ ଭଦ୍ରକାଳୀଙ୍କୁ ସ୍ତୁତିକରି କହିଛନ୍ତି -

'ହିନସ୍ତି ଦୈତ୍ୟତେଜାଂସି ସ୍ୱନେନାପୂର୍ଯ୍ୟ ଯା ଜଗତ୍ ।
ସା ଘଣ୍ଟା ପାତୁ ନୋ ଦେବି ! ପାପେଭ୍ୟୋନଃ ସୁତାନିବ ।।'
(ଶ୍ରୀଦୁର୍ଗା ସପ୍ତଶତୀ ୧୧/୨୭)

ଶ୍ରୀମନ୍ଦିରରେ ଶାଢ଼ୀ ବନ୍ଧା ଶୁଦ୍ର ସେବକ ବଂଶାନୁକ୍ରମିକ ଘଣ୍ଟ ସେବା କରନ୍ତି । ଘଣ୍ଟ ସେବକ ଶ୍ରୀମନ୍ଦିରରେ ପ୍ରତ୍ୟେକ ଧୂପରେ ଘଣ୍ଟ ବାଦନ କରନ୍ତି । ପ୍ରତ୍ୟେକ ପର୍ବପର୍ବାଣି ଯାତ୍ରା ଓ ବେଢ଼ାରେ ଘଣ୍ଟ ବାଦନ ସହ ବିମଳାଙ୍କ ଷୋଳପୂଜା, ତ୍ରିକାଳ ପୂଜା, ପ୍ରତି ଗୁରୁବାର

ମାଜଣା, ଏକାନ୍ତ, ପାର୍ଶ୍ୱଦେବତା (ସରସ୍ୱତୀ, ଗଣେଶ, ସୂର୍ଯ୍ୟ, ଅନନ୍ତ ନୃସିଂହ, ମହାବୀର ଆଦି)ଙ୍କ ପର୍ବପର୍ବାଣି, ଆଜ୍ଞାମାଳ ବିଜେ, ପ୍ରତ୍ୟେକ ଦେବଦେବୀଙ୍କ ବିଜେ, ସ୍ନାନ ପୂର୍ଣ୍ଣିମାର ଜଳ ଛେକ ବିଜେ, ହାତୀବେଶ, ପ୍ରତ୍ୟେକ ବେତ, ଗଳିଖଡ଼ି ବିଜେ, ଚାପ, ଚନ୍ଦନ ଓ ଦୋଳ ଆଦି ସମୟରେ କାହାଳୀ ବାଜିବା ସହିତ ଘଣ୍ଟ ମଧ୍ୟ ବାଜିଥାଏ । ଶ୍ରୀମନ୍ଦିରର ଏହି ଘଣ୍ଟ ବାଦନ ସେବା ମାସକରେ ଛଅଟି ପରିବାର ମଧ୍ୟରେ ଆବଣ୍ଟିତ ହୋଇଛି । ତନ୍ମଧ୍ୟରୁ ବାଲିସାହିର ଚନ୍ଦ୍ର ପ୍ରଧାନ/ବୃନ୍ଦାବନ ପ୍ରଧାନଙ୍କ ବଂଶଧର ୫ ଦିନ, ନରସିଂହ ପ୍ରଧାନଙ୍କ ବଂଶଧର ୫ ଦିନ, ଦୁର୍ଯ୍ୟୋଧନ ପ୍ରଧାନଙ୍କ ୫ ଦିନ, ଗଉଡ଼ସାହିର ପୂର୍ଣ୍ଣଚନ୍ଦ୍ର ଜେନାଙ୍କର ୪ ଦିନ, ବାଲିସାହି ତୀର୍ଥବାସୀ ମହାପାତ୍ର ୧ ଦିନ ଓ ମାର୍କେଣ୍ଡେଶ୍ୱର ସାହିର ମଦନ ମହାନ୍ତି/ମୋହନ ମହାନ୍ତିଙ୍କ ବଂଶଧର ୧୦ ଦିନ ଶ୍ରୀମନ୍ଦିରରେ ଘଣ୍ଟ ସେବା କରିଥାନ୍ତି । ମାତ୍ର ଶ୍ରୀମନ୍ଦିର ମଧ୍ୟରେ ଘଣ୍ଟସେବା କରୁଥିବା ସେବକମାନେ ରଥଯାତ୍ରାରେ ଘଣ୍ଟ ବାଦନ କରିନଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରସିଦ୍ଧ ଘୋଷଯାତ୍ରା କାଳୀନ ଅପୂର୍ବ ଦୃଶ୍ୟରାଜି ମଧ୍ୟରେ ଘଣ୍ଟୁଆଙ୍କ ଘଣ୍ଟବାଦ୍ୟ ପରିବେଷଣ ଅନନ୍ୟ । ରତ୍ନବେଦୀରୁ ବାଇଶି ପାହାଚ ଦେଇ ସେବକମାନେ ତିନି ଦିଅଁଙ୍କୁ ପହଣ୍ଡି ବିଜେ କରିବାବେଳେ ଶ୍ରୀଜୀଉଙ୍କ ମଥାର ସଦୃଶ ଟାହିଆ ଦୋଳାୟମାନ ହେଉଥାଏ । ଘଣ୍ଟୁଆଙ୍କ ଘଣ୍ଟନାଦ ସହ ସମନ୍ୱୟ ରକ୍ଷା କରି ଘଣ୍ଟୁଆଙ୍କ ବିଭିନ୍ନ ତାଳ ଓ ଲୟରେ ସମାବିଷ୍ଟ ଭକ୍ତ ଉଲ୍ଲସିତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ସହିତ ଘଣ୍ଟୁଆ ସେବାୟତମାନଙ୍କର ସମ୍ପର୍କ ରହିଆସିଛି କେଉଁ ଆବାହନ କାଳରୁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିବିଧ ସେବାପୂଜାରେ ନିଯୁକ୍ତ ଥିବା ସେବାୟତମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ - ଦୈନନ୍ଦିନ ସେବାପୂଜା ସେବାୟତ ଓ ନିର୍ଦ୍ଦିଷ୍ଟ କାଳର ସେବାୟତ । ଘଣ୍ଟୁଆମାନେ ହେଉଛନ୍ତି ନିର୍ଦ୍ଦିଷ୍ଟ କାଳର ସେବାୟତ । କଂସା, ପିତଳର ଉତ୍କୃଷ୍ଟ ବାସନକୁସନ ପ୍ରସ୍ତୁତ ତଥା ଏହି ଧାତୁର କମନୀୟ ହସ୍ତକଳା ନିମନ୍ତେ ପ୍ରସିଦ୍ଧ କଟକ ଜିଲ୍ଲାର ଭଟିମୁଣ୍ଡା ଗ୍ରାମରୁ ଘଣ୍ଟୁଆ ସେବାୟତମାନେ ମହାପ୍ରଭୁଙ୍କ ଏହି ସେବାପାଇଁ ଶ୍ରୀକ୍ଷେତ୍ରକୁ ପ୍ରତିବର୍ଷ ଆସିଥାନ୍ତି । ଶାଢ଼ୀ ନ ବନ୍ଧାଇ ବଂଶାନୁକ୍ରମିକ ଭାବରେ ପୁରୀ ତଥା ପୁରୀ ବାହାର ଭଟିମୁଣ୍ଡା ଗ୍ରାମର କଂସାରୀ ଓ ଖରୁଡ଼ା ଗୋଷ୍ଠୀର ନାୟକ, ଚୌଧୁରୀ, ନାଏକ, ସାହୁ, ମହାରଣା, ପୃଷ୍ଟି ଆଦି ସଂଜ୍ଞାଧାରୀ ଘଣ୍ଟୁଆ ସେବକମାନେ ସ୍ନାନ ଯାତ୍ରା ଏବଂ ରଥଯାତ୍ରା ଅବସରରେ ଘଣ୍ଟର ବୃନ୍ଦବାଦନ ପ୍ରସ୍ତୁତ କରନ୍ତି । ଘଣ୍ଟୁଆ ସେବକମାନେ ସ୍ନାନ ପୂର୍ଣ୍ଣିମା ଦିନ ଘଣ୍ଟ ବଜାନ୍ତି । ଶ୍ରୀଗୁଣ୍ଡିଚା ଓ ଶ୍ରୀବାହୁଡ଼ା ବିଜେ, ଗୁଣ୍ଡିଚା ଘରକୁ ବିଜେ, ନୀଳାଦ୍ରି ବିଜେ, ରଥତ୍ରୟର ଦକ୍ଷିଣୀ ମୋଡ଼ରେ ରଥଟଣା, ବିଜେ ରାମକୃଷ୍ଣ ଓ ମଦନମୋହନଙ୍କ ବିଜେ ସମୟରେ ଘଣ୍ଟ ବଜାନ୍ତି । ଭଟିମୁଣ୍ଡାର ଘଣ୍ଟୁଆ ସେବାୟତମାନଙ୍କ ସହିତ ପୁରୀର ସ୍ଥାନୀୟ ଘଣ୍ଟୁଆ ସେବାୟତମାନେ ମଧ୍ୟ ଏହି ସେବା କରିଥାନ୍ତି । ଉଭୟ ସେବକଙ୍କ ମିଳିତ ସହଯୋଗରେ ଘଣ୍ଟ ସେବା ସମ୍ପୂର୍ଣ୍ଣ ହୋଇଥାଏ ।

ଘଣ୍ଟସେବା ଏକ ପ୍ରାଚୀନ ସେବା ପରମ୍ପରା । ମାଦଳାପାଞ୍ଜିରେ ଏହି ସେବା ଓ ସେବାୟତମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରଥମ ଥର ଲାଗି ଭଟିମୁଣ୍ଡାର କଂସାରୀ ଘଣ୍ଟୁଆ ସେବାୟତଙ୍କ ମୁଣ୍ଡନରେ ଶାଢ଼ୀ ବନ୍ଧନ ପୂର୍ବକ ଯୁଗ ଯୁଗ ଧରି ଏହି ପବିତ୍ର ସେବା ସମ୍ପାଦନ କରିବାର ଅଧିକାର ପ୍ରଦାନ କରିଥିଲେ ଗଜପତି ଶ୍ରୀ ମୁକୁନ୍ଦ ଦେବ । ଏହି ସେବା ସନନ୍ଦ ଲାଭ କରି ଘଣ୍ଟୁଆ ସେବାୟତମାନେ ପୁରୁଷାନୁକ୍ରମେ ଏହି ପବିତ୍ର ସେବା କରି ଆସୁଛନ୍ତି । ପରବର୍ତ୍ତୀ କାଳରେ ଗଜପତି ମହାରାଜା ଶ୍ରୀ ରାମଚନ୍ଦ୍ର ଦେବ ମଧ୍ୟ ଅନୁରୂପ ସନନ୍ଦରେ ଭଟିମୁଣ୍ଡାର ବାରଘର ଘଣ୍ଟୁଆ ସେବାୟତ ଏହି ସେବା କରିପାରିବେ ବୋଲି ଆଦେଶ ଦେଇଥିଲେ । ସେ ଏଥିରେ ଉଲ୍ଲେଖ କରିଥିଲେ ଯେ, କୌଣସି ସେବାୟତଙ୍କ ଦେହାନ୍ତ ହେଲେ ଶ୍ରୀମନ୍ଦିର ରୋଷଶାଳାରୁ ପବିତ୍ର ବୈଷ୍ଣବାଗ୍ନି ପ୍ରଦାନ କରାଯିବ । ତେବେ ଏହି ସେବା ନିମିତ୍ତ ତତ୍କାଳୀନ ଗଜପତି କିମ୍ବା ଶ୍ରୀମନ୍ଦିର ପକ୍ଷରୁ କୌଣସି 'ଖେଇ' କିମ୍ବା ପାଉଣାର ବ୍ୟବସ୍ଥା ନଥିଲା । ଗଜପତି ବୀରକିଶୋର ଦେବଙ୍କ ରାଜତ୍ୱ କାଳରେ ଘଣ୍ଟୁଆ ସେବାୟତଙ୍କ ପକ୍ଷରୁ ଏକ 'ଚଢ଼େଇ ନଦା ତାଡ଼' ପ୍ରଦାନ କରିବାକୁ ଆନ୍ଦୋଳନ କରାଯାଇଥିଲା । ଏହି ଆବେଦନକୁ ବିଚାରକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ତାଙ୍କର ୧୦୪/୫୯ ଚିଠିରେ ଘଣ୍ଟୁଆ ସେବାୟତଙ୍କୁ ପ୍ରତିବର୍ଷ ରଥଯାତ୍ରା ଶେଷ ପରେ ଅର୍ଥାତ୍ ନୀଳାଦ୍ରି ବିଜେ ପରେ ଏକ 'ଚଢ଼େଇନଦା ତାଡ଼' ପ୍ରଦାନର ବ୍ୟବସ୍ଥା କରିଥିଲେ । ଏହି ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ । ପରିବର୍ତ୍ତିତ ପରିସ୍ଥିତିରେ ଶ୍ରୀମନ୍ଦିର ପରିଚାଳନା ଭାର ଗଜପତିଙ୍କ ହସ୍ତରୁ ହସ୍ତାନ୍ତର ହେବା ପରେ ଘଣ୍ଟୁଆ ସେବାୟତଙ୍କ ପକ୍ଷରୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ 'କାନିକା ଭୋଗ' ପ୍ରଦାନ କରାଯିବାକୁ ଆବେଦନ କରାଯାଇଥିଲା ଓ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସକ ୧୫୮୮/(୨) ୮୧ ଚିଠିରେ ଏକ ସ୍ୱତନ୍ତ୍ର ଆଦେଶନାମାରେ 'କାନିକା ଭୋଗ' ବାବଦକୁ ୩୦ ଟଙ୍କା ମଞ୍ଜୁର କରିଥିଲେ । ପରେ ଏହା ୧୧୦ ଟଙ୍କା ଓ ଏବେ ସାମାନ୍ୟ ଅଧିକ ହୋଇଛି । କେଉଁ କାଳେ ଗଜପତି ମହାରାଜା ଭଟିମୁଣ୍ଡାର ଏହି କଂସାରୀ-ଘଣ୍ଟୁଆମାନଙ୍କ ନାମରେ ବାରମାଣ, ବାରଗୁଣ୍ଠ, ବାରବିଶ୍ୱା ଜମି ଖଞ୍ଜି ଦେଇଥିଲେ । ତେବେ ଏହି ଜମି ପ୍ରକୃତରେ ସେମାନେ କେବେ ପାଇନାହାନ୍ତି ବୋଲି କୁହନ୍ତି । ଏ କାଳରେ ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କ ସେବାକୁ ମଧ୍ୟ ପ୍ରାୟ କିଛି ଦେଉନାହିଁ । କେବଳ ଭଟିମୁଣ୍ଡାରୁ ପୁରୀ ଆସିବା ପାଇଁ ଯାତାୟତ ଖର୍ଚ୍ଚ ବାବଦକୁ ୮୦୦ ଟଙ୍କା, ଖେଚେଡ଼ି-କାନିକା ପ୍ରସାଦ ଲାଗି ୫୦୦ ଟଙ୍କା ମିଳିଥାଏ । ଦକ୍ଷିଣମୋଡ଼ ସେବାବେଳେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରୁ ୧୧୦୦ ଟଙ୍କା ମିଳେ । ପୁରୀ ରହଣି କାଳରେ ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କ ରହିବା ବ୍ୟବସ୍ଥା ବଗଲା ଧର୍ମଶାଳାରେ କରିଥାଏ । ସେବା କାର୍ଯ୍ୟ ଶେଷରେ ଏମାନଙ୍କୁ ମିଳେ ଚଢ଼େଇନଦା ତାଡ଼ ଓ ଖେଚେଡ଼ି-କାନିକା ଭୋଗ । ମାତ୍ର ଏ ସମସ୍ତ ବ୍ୟବସ୍ଥା ୨୧ ଜଣଙ୍କ ପାଇଁ ହୋଇଥାଏ ।

ସମଗ୍ର ଭଟିମୁଣ୍ଡା ହେଉଛି ଘଣ୍ଟୁଆ ସେବକଙ୍କ ଆସ୍ଥାନ । ବାରଟି ପଡ଼ାରେ ରହନ୍ତି ପ୍ରାୟ ୭୦୦ ଘର କଂସାରୀ । ବର୍ଷସାରା ଶାଳରେ କଂସା-ବାସନ ତିଆରି କରି ଏମାନେ ବିକ୍ରୟ କରିଥାନ୍ତି । ଓଡ଼ିଶାର ଏକାଧିକ ଗ୍ରାମ ଯଥା- କଣ୍ଟିଲୋ, ବାଳକାଟି, ରେମୁଣା, ଭୁବନ ଓ ତରଭା ଆଦି କୌଳିକ ବୃତ୍ତିଧାରୀ କଂସାରୀଙ୍କ ବାସସ୍ଥାନ ହୋଇଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ମୁଖ୍ୟତଃ ଭଟମୁଣ୍ଡା କଂସାରୀମାନେ ଜଡ଼ିତ ଏବଂ କଂସାରୀ କୁଳରେ ଏମାନଙ୍କ ସ୍ଥାନ ସ୍ୱତନ୍ତ୍ର । ଶ୍ରୀମନ୍ଦିର ସ୍ୱତଲିପି (Record of Rights)ରେ ୨୦୩ ନମ୍ବର ସେବା କାର୍ଯ୍ୟଟି ହେଲା ଘଣ୍ଟ ବଜାଇବା । ଏଥିନିମନ୍ତେ ରହିଛନ୍ତି ଭିତର ଘଣ୍ଟୁଆ ଓ ବାହାର ଘଣ୍ଟୁଆ । ଭିତର ଘଣ୍ଟୁଆମାନେ ବର୍ଷସାରା ଶ୍ରୀମନ୍ଦିର ଭିତରେ ଘଣ୍ଟ ବଜାଉଥିବା ବେଳେ ବାହାର ଘଣ୍ଟୁଆ କେବଳ ରଥଯାତ୍ରା ସମୟରେ ରଥ ଉପରେ ଘଣ୍ଟ ବଜାଇଥାନ୍ତି । ପୁଣି ଏହି ବାହାର ଘଣ୍ଟୁଆମାନେ ମଧ୍ୟ 'କ' ଓ 'ଖ' ଶ୍ରେଣୀରେ ବିଭକ୍ତ । 'କ' ଶ୍ରେଣୀରେ ସେବକ କହିଲେ ଶ୍ରୀକ୍ଷେତ୍ର ଖରୁଡ଼ା କୁଳ ଛାମୁ ଘଣ୍ଟୁଆ ନିଯୋଗ ଏବଂ 'ଖ' ଶ୍ରେଣୀ କହିଲେ ଶ୍ରୀଶ୍ରୀଜଗନ୍ନାଥ ଦେବ ଜୀଉ କଂସାରୀ ଘଣ୍ଟସେବା ନିଯୋଗକୁ ବୁଝାଏ । ଏହି 'ଖ' ଶ୍ରେଣୀ ଘଣ୍ଟ ସେବା ନିଯୋଗ ସହ ଭଟିମୁଣ୍ଡାର କଂସାରୀମାନେ ସଂପୃକ୍ତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହାର ଘଣ୍ଟୁଆ ସେବକମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବା ପଛରେ ରହିଛି ଏକ ଘଟଣାବହୁଳ କାହାଣୀ ।

ତିନିପୁରୁଷ ତଳର କଥା । ରଥଯାତ୍ରା ଉପଲକ୍ଷେ ସେବାକାର୍ଯ୍ୟ ତୁଲାଇବା ପାଇଁ ଭଟିମୁଣ୍ଡାର କଂସାରୀ-ଘଣ୍ଟୁଆମାନେ ପୁରୀ ଯାଇଥାନ୍ତି । ଏହି ସମୟରେ ତାଙ୍କ ଗାଁରେ ହଇଜା ଲାଗିବାର ଖବର ଶୁଣି ସେମାନେ ମହାପ୍ରଭୁଙ୍କ କାର୍ଯ୍ୟ ଅଧାରୁ ଛାଡ଼ି ଗାଁକୁ ଫେରିଲେ । ତେଣେ ମହାପ୍ରଭୁଙ୍କ କାର୍ଯ୍ୟ ବ୍ୟାହତ ହେବାର ଆଶଙ୍କାରେ ଗଜପତି ମହାରାଜାଙ୍କ ମହାରାଣୀ ସେହି ସେବା ଦାୟିତ୍ୱକୁ ଏହି ମୁହୂର୍ତ୍ତରେ ହସ୍ତାନ୍ତର କଲେ ଖରୁଡ଼ା ଜାତିର ବ୍ୟକ୍ତିବିଶେଷଙ୍କୁ । ମହାରାଣୀଙ୍କ ସନନ୍ଦ ପାଇ ଖରୁଡ଼ାମାନେ ସେବକ ପାଲଟିଲେ ଓ ମହାପ୍ରଭୁଙ୍କ ସେବା ସମ୍ପନ୍ନ ହେଲା ।

ଏକଦା ଭଟିମୁଣ୍ଡାର କଂସାରୀମାନେ ପୁରୀର ମରିଚକୋଟ ସାହି ରାଧାବଲ୍ଲଭ ମଠ ନିକଟରେ କଂସାବାସନ ବଜାର ବସାଇଥିଲେ । ସେ ଅଞ୍ଚଳ ସେତେବେଳେ କଂସାରୀ ପଟି ନାମରେ ଖ୍ୟାତ ଥିଲା । ଏହି କଂସାରୀ ମହାଜନଙ୍କ ନିକଟରେ ଗଞ୍ଜାମ ଅଞ୍ଚଳର ଖରୁଡ଼ା ଜାତିର ଲୋକେ କାମ କରୁଥିଲେ । କଂସାରୀ ମହାଜନମାନେ ପୁରୀକୁ ଆପଣେଇ ନପାରି ମୁଖ୍ୟତଃ ନିଜ ଗ୍ରାମ ଭଟିମୁଣ୍ଡାକୁ ନିଜ ନିଜ ବ୍ୟବସାୟ କେନ୍ଦ୍ର କଲେ । ଏହାର ସୁଯୋଗ ନେଲେ ଖରୁଡ଼ାମାନେ । ଏ ସମୟରେ ଖରୁଡ଼ାମାନେ କଂସାରୀ-ଘଣ୍ଟୁଆଙ୍କ ବ୍ୟବସାୟ କ୍ରୟ କରି ନେଇ ପୁରୀରେ ସ୍ଥାୟୀ ଭାବରେ ଅବସ୍ଥାନ କଲେ । ଏମିତି ଏକ ସମୟରେ ସୌଭାଗ୍ୟବଶତଃ ମହାରାଣୀଙ୍କ ସନନ୍ଦ ପାଇ ମହାପ୍ରଭୁଙ୍କ ସେବକ ବି ହେଲେ । ଭଟିମୁଣ୍ଡା ଘଣ୍ଟୁଆ ସେବକଙ୍କ ପାଖରେ ସେବା କାର୍ଯ୍ୟ ପାଇଁ ରାଜାଙ୍କ ସନନ୍ଦ ଥିବାବେଳେ ଖରୁଡ଼ାମାନଙ୍କ ପାଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘଣ୍ଟସେବା ପାଇଁ ମହାରାଣୀଙ୍କ ସନନ୍ଦ ରହିଛି । ତେଣୁ ଏହି ଦୁଇ ଗୋଷ୍ଠୀର ବିବାଦକୁ ସମାଧାନ କରି ଶ୍ରୀମନ୍ଦିର ପ୍ରଶାସନ ଉଭୟ ଗୋଷ୍ଠୀକୁ ସେବା କାର୍ଯ୍ୟ ପାଇଁ ସୁଯୋଗ ଦେଇଛନ୍ତି । ରଥଟଣା ହେଲାବେଳେ ବା ପହଣ୍ଡି ସମୟରେ ତିନିଠାକୁରଙ୍କ ବାମପାର୍ଶ୍ୱରେ ରହିବେ ଭଟିମୁଣ୍ଡା ଘଣ୍ଟୁଆ ଓ ଡାହାଣ ପାର୍ଶ୍ୱରେ ରହିବେ ଖରୁଡ଼ା ଘଣ୍ଟୁଆ । ମାତ୍ର ଶ୍ରୀମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିରେ ଭଟିମୁଣ୍ଡା ଘଣ୍ଟୁଆ ସେବକ ଆତ୍ମ ସନ୍ତୋଷ ଲାଭ କରିପାରିନାହାନ୍ତି । ସେମାନେ କୁହନ୍ତି ଖରୁଡ଼ାମାନେ କଂସାରୀ ନୁହନ୍ତି । ଖରୁଡ଼ାମାନେ କଂସାରୀମାନଙ୍କ ପାଖରେ ଚାକିରି କରିଥିଲେ । ତେଣୁ ଯଦି ଭେଟିମୁଣ୍ଡା ଗ୍ରାମର ଘଣ୍ଟୁଆ ସେବକମାନେ ଶ୍ରୀମହାପ୍ରଭୁଙ୍କ କାର୍ଯ୍ୟରେ ହେଳା କଲେ ତେବେ କର୍ତ୍ତୃପକ୍ଷ ଅନ୍ୟ ଗ୍ରାମର କଂସାରୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସେବକ ଭାବରେ ନିଯୁକ୍ତି ଦେବା ଉଚିତ ଥିଲା । କିନ୍ତୁ ଅଣ କଂସାରୀ ଖରୁଡ଼ାଙ୍କୁ ସେହି ଦାୟିତ୍ୱ ଦେବାର ନଥିଲା । ସେହି ବିବାଦର କୌଣସି ସର୍ବସମ୍ମତ ସମାଧାନ ହୋଇନଥିଲେ ସୁଦ୍ଧା ଉଭୟ ସଂପ୍ରଦାୟ ସେବାକାର୍ଯ୍ୟ ଜାରି ରଖିଛନ୍ତି । ଏହି ବାର୍ଷିକ ସେବା କାର୍ଯ୍ୟ ଆରମ୍ଭ ହୁଏ ଦେବସ୍ନାନ ପୂର୍ଣ୍ଣମୀରୁ, ଆଉ ଶେଷ ହୁଏ ନୀଳାଦ୍ରି ବିଜେ ପରେ । ଦେବସ୍ନାନ ପୂର୍ଣ୍ଣମୀ ଦିନ ତିନିଠାକୁରଙ୍କୁ ପହଣ୍ଡି କରି ବେଢ଼ା ପରିକ୍ରମା କରାଯାଇ ସ୍ନାନ କାର୍ଯ୍ୟ କରାଗଲା ବେଳେ ବାହାର ଘଣ୍ଟୁଆ ଘଣ୍ଟ ବଜାଇ ପ୍ରଥମ ସେବା କରନ୍ତି । ତିନିଠାକୁରଙ୍କୁ ସ୍ନାନ ବେଦୀରୁ ଅଣସର ବେଦୀକୁ ନେବା ବେଳେ ଦ୍ୱିତୀୟ ସେବା କରିଥାନ୍ତି । ଅଣସର ବେଦୀରୁ ରଥକୁ ନେବାବେଳେ ତୃତୀୟ ସେବା କରିଥାନ୍ତି । ରଥ ଉପରୁ ଗୁଣ୍ଡିଚା ଘରକୁ ଗଲାବେଳେ ଚତୁର୍ଥ ସେବା ହୋଇଥାଏ । ବାହୁଡ଼ା ବିଜେ ସମୟରେ ପଞ୍ଚମ ସେବା ହୋଇଥାଏ । ନୀଳାଦ୍ରି ବିଜେ ସମୟରେ ଷଷ୍ଠ ସେବା ହୋଇଥାଏ । ଏତଦ୍‌ବ୍ୟତୀତ ବାହାର ଘଣ୍ଟୁଆମାନେ ବଡ଼ଦାଣ୍ଡରେ ଥିବା ରଥକୁ ଶ୍ରୀଗୁଣ୍ଡିଚା ପୂର୍ବଦିନ ଶ୍ରୀମନ୍ଦିର ସମ୍ମୁଖକୁ ଘଣ୍ଟ ବଜାଇ ଆଣିଥାନ୍ତି । ଏହାକୁ 'ଉଭାଯାତ୍ରା' କୁହାଯାଏ । ଶ୍ରୀଗୁଣ୍ଡିଚା ମନ୍ଦିରକୁ ଠାକୁର ନବଗ୍ରହ ଦ୍ୱାର ଦେଇ ଯାଇଥାନ୍ତି ଓ ଫେରନ୍ତି ନାକଚଣା ଦ୍ୱାର ଦେଇ । ତେଣୁ ଗୁଣ୍ଡିଚା ମନ୍ଦିରର ନବଦ୍ୱାରଠାରୁ ନାକଚଣା ଦ୍ୱାର ପର୍ଯ୍ୟନ୍ତ ରଥକୁ ନେବାବେଳେ ମଧ୍ୟ ଘଣ୍ଟ ବଜାଯାଇଥାଏ । ଏହାକୁ ଦକ୍ଷିଣ ମୋଡ଼ ସେବା କୁହାଯାଏ । ଯାବତ୍ ଚନ୍ଦ୍ରାର୍କ ବର୍ଷକୁ ଥରେ ଏହି ଅଷ୍ଟସେବା ପାଇଁ ଭଟିମୁଣ୍ଡାର କଂସାରୀ ଘଣ୍ଟୁଆ ସେବକ ପ୍ରତିଜ୍ଞାବଦ୍ଧ ।

ଶ୍ରୀମନ୍ଦିର ସ୍ୱତ୍ୱଲିପିର ୧୦୩ ନମ୍ବର ସେବା ପରିଶିଷ୍ଟରେ ଘଣ୍ଟୁଆ ସେବକମାନଙ୍କ ସେବା ବିଷୟରେ ଉଲ୍ଲେଖ ଅଛି । ପୁରୀ ସହରର ୨୩ ଘର ଖରୁଡ଼ା ଓ ଭଟିମୁଣ୍ଡାର ୧୨ ଘର କଂସାରୀଙ୍କୁ ଘଣ୍ଟୁଆ ସେବା ଅଧିକାର ମିଳିଛି । ଏମାନଙ୍କୁ ଗୋଟିଏ ଲେଖାଏଁ ଚଢ଼େଇନେଦା ତାଡ଼ ମିଳେ । ଖେଇ ବାବଦରେ ସେମାନଙ୍କୁ ଖେଚୁଡ଼ି ଭୋଗ ମିଳିବାର ବିଧି ଅଛି । ପ୍ରତ୍ୟେକ ଘଣ୍ଟୁଆ ଶାଢ଼ୀ ପାଇବା କଥା ସ୍ୱତ୍ୱଲିପିରେ

ଉଲ୍ଲେଖ ଥିଲେ ମଧ୍ୟ ସେମାନଙ୍କୁ ବାହୁଡ଼ା ସମୟରେ କେବଳ ୬ ଖଣ୍ଡ ଶାଢ଼ୀ ମିଳିଥାଏ । ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟସ୍ଥ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର ଖରୁଡ଼ାକୁଳ ଘଣ୍ଟୁଆ ନିଯୋଗ । ପୁରୀ ଘଣ୍ଟୁଆ ନିଯୋଗ ନାମରେ ମଧ୍ୟ ଏହା ବିଶେଷ ଜଣାଶୁଣା । ଏହି ଗୋପୀନାଥ ମନ୍ଦିର ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ । ନିଯୋଗ ପକ୍ଷରୁ ପ୍ରତିବର୍ଷ ଘଣ୍ଟୁଆମାନଙ୍କୁ ପଟେ ନୂଆ ଘଣ୍ଟ ଓ ଗୋଟିଏ ଗାମୁଛା ଯୋଗାଇ ଦିଆଯାଏ । ରଥଯାତ୍ରା ପରେ ଘଣ୍ଟୁଆ ସେବକମାନେ ଏହି ଘଣ୍ଟ ଫେରାଇ ଦିଅନ୍ତି । ପହଣ୍ଡି ଓ ରଥଟଣା ବେଳେ ଘଣ୍ଟୁଆ ସେବକମାନେ ନୂତନ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି । ଏ ସମୟରେ କୌଣସି ଘଣ୍ଟୁଆ ସେବକ ଆମିଷ ଭକ୍ଷଣ କରନ୍ତିନାହିଁ । ନିଯୋଗରେ ୯୦ ଘର ଖରୁଡ଼ା ସଦସ୍ୟ ରହିଛନ୍ତି । ଶାଢ଼ୀ ବନ୍ଧା ସେବା ହୋଇନଥିଲେ ମଧ୍ୟ ଏମାନଙ୍କ ପରିବାରର କୌଣସି ସଦସ୍ୟଙ୍କର ମୃତ୍ୟୁ ଘଟିଲେ ଶବସତ୍କାର ନିମିତ୍ତ ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ମିଳିଥାଏ । ପୁରୀ ସହରର କୌଣସି ଖରୁଡ଼ା ସେବାରେ ତ୍ରୁଟି କଲେ ଭଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ । ସେହିଭଳି ଭଟିମୁଣ୍ଡାର କୌଣସି କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି, ତେବେ ଅନ୍ୟ କଂସାରୀ ସେବକଙ୍କୁ ଏହି ସେବା କରିବାର ସୁଯୋଗ ମିଳେ । ବର୍ତ୍ତମାନ ତାଳଧ୍ୱଜ ରଥରେ ୨୮ ଜଣ, ଦର୍ପଦଳନ ରଥରେ ୨୪ ଜଣ ଓ ନନ୍ଦିଘୋଷ ରଥରେ ୩୨ ଜଣ ଘଣ୍ଟୁଆ ସେବକ ଘଣ୍ଟ ବାଦନ କରୁଛନ୍ତି ।

ଅଧ୍ୟାପକ, ଇତିହାସ ବିଭାଗ
ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ
କାଇପଦର, ଖୋର୍ଦ୍ଧା

# ଚିଦାନନ୍ଦେ ପ୍ରାଣ ଉଠେ ମୋ' ପୁଲକି

ପଣ୍ଡିତ ଜଗନ୍ନାଥ ଶତପଥୀ

ବିଶ୍ୱର ବିସ୍ମୟ ଏ ରଥଯାତରା
ଓଡ଼ିଆ ଜାତିର ଗର୍ବ ପରମ୍ପରା,
ନୀଳାଦ୍ରି ବିହାରୀ କରନ୍ତି ବିଜୟ
ବିଶ୍ୱଚେତନାର ଦାରୁ ବ୍ରହ୍ମମୟ ।

ସେ ତ କରୁଣାର ପ୍ରେମ ପାରାବାର
ବ୍ରାହ୍ମଣ ଚଣ୍ଡାଳ ସଭିଏଁ ତାହାର,
ନାହିଁ ଭେଦାଭେଦ ସେଠି ବଡ଼ସାନ
ସରବେ ତାହାର ପ୍ରିୟ ପରିଜନ ।

ଅପରୂପ ସେତ ସବୁବେଳେ ନୂଆ
କାଳିଆ ଠାକୁର ଭାବ ବିନୋଦିଆ,
ସେ ଆଦି, ଅନାଦି, ଏକରୁ ଅନେକ
ତା'ପରି ଅଛି କେ ବ୍ରହ୍ମାଣ୍ଡ ନାୟକ ।

ସମର୍ପଣ ତା'ରେ ଏ ଧନ ଜୀବନ
ତା' ସେବାରେ ମୋର ବିତି ଯାଉଦିନ,
ରୋଗ-ଶୋକ-କ୍ଲେଶ-ତାପେ ଜର୍ଜ୍ଜରିତ
ନାନା ଯନ୍ତ୍ରଣାରେ ଆଜନ୍ମ-ପିହିତ ।

ମନେ ମନେ ଥିଲା ଅନେକ ବାସନା
କଳପନା ଜାଲେ ରହିଗଲା ସିନା,
ତା' ମନ୍ଦିର ପାଶେ ରଚିଥାନ୍ତି ବାସ
ନିତି ଦେଖୁଥାନ୍ତି ପ୍ରଭୁ ନୀଳାଦ୍ରୀଶ ।

ଗଡ଼ିଯାଉଥାନ୍ତି ଶରଧା ବାଲିରେ
ନାଚି ଯାଉଥାନ୍ତି ତା' ସଙ୍ଗୀତ ସୁରେ,
ତା' କୈବଲ୍ୟ ପାନେ ହେଉଥାନ୍ତି ଭୋଳ
ଦିବ୍ୟାନନ୍ଦେ ମଜ୍ଜି ଭୁଲି ମୁଁ ସକଳ ।

ସେ ଚକା ନୟନେ, ଏ ପାପ ନୟନ
ଲୟ ରଖି ସଦା ଯାଉଥାନ୍ତା ଦିନ,
ସାଧୁଜନଙ୍କର ପାଦ ପଙ୍କ ଧୂଳି
ମୋ ମୁଣ୍ଡରେ ସଦା ହେଉଥାନ୍ତି ବୋଳି ।

କାହିଁ ସେ ସୌଭାଗ୍ୟ, ଇହ ଜନମରେ
ଭାଳି ହୁଏ ସିନା ବୃଥା ଭାବନାରେ,
ସେ ତ କରୁଣାର ପ୍ରେମମୟ ସିନ୍ଧୁ
ମିଳନ୍ତା କି ତହୁଁ ମାତ୍ର ଏକ ବିନ୍ଦୁ ।

ନାହିଁ ସେ ପ୍ରତ୍ୟୟ କେବେ ତା' କରୁଣା
ହେବ ଅକିଞ୍ଚନେ, ତାହା ତାଙ୍କୁ ଜଣା,
ବିଷୟ ବିଷରେ ହେଲି ମୁଁ ପାଗଳ
ଯୌବନ-ମଦରେ ଭୁଲିଲି ସକଳ ।

କରିନି ତ କିଛି ଜୀବନେ ସୁକୃତ
ଜୀବନ-ସାୟାହ୍ନ ଏବେ ଉପଗତ,
ମାୟାଜାଲେ ଛନ୍ଦି ଗଲା ଏ ଜୀବନ
ପୁତ୍ର ଦାର ମୋହେ ହରାଇଲି ଜ୍ଞାନ ।

ଭରସା କେବଳ ତା' କଞ୍ଜ-ଚରଣ
ତା' ବିନୁ ଜୀବନେ କାହୁଁ ପରିତ୍ରାଣ ?
ଶରଣ ଯାଉଛି ତା' ଚରଣ ତଳେ
ମରଣ ନିକଟେ ପ୍ରଣତିର ଧାରେ ।

ଚନ୍ଦ୍ରାଳୟ
ସେଲଟର ଛକ, କଟକ-୮



# ଇଚ୍ଛାମୟଙ୍କ ସ୍ୱେଚ୍ଛାଯାତ୍ରା

ଶରତ କୁମାର କର

ଯାତ୍ରାର ସଂଜ୍ଞା ଅନେକ ପ୍ରକାର । ଯିଏ ଯେଉଁଳି ବୁଝିବ ତାକୁ ସେଉଁଳି ସେତେ ପ୍ରକାରର ଯାତ୍ରା । ଜୀବ, ବ୍ରହ୍ମ, ବସ୍ତୁ, ବ୍ରହ୍ମାଣ୍ଡ, ବୃକ୍ଷଲତା, ପଶୁପକ୍ଷୀ, କୀଟପତଙ୍ଗ, ଗ୍ରହ, ଉପଗ୍ରହ, ଅସଂଖ୍ୟ ତାରା, ତାରାପୁଞ୍ଜ, କିଏ ଯାତ୍ରା ନକରୁଛି ? ଆଜନ୍ମରୁ, ଜନ୍ମଯାତ୍ରାଠୁ ଶେଷ ମହାଯାତ୍ରା, ମୃତ୍ୟୁ ପର୍ଯ୍ୟନ୍ତ - ପୁନର୍ବାର ଜନମ, ପୁନରପି ମରଣ, ଭଙ୍ଗାଗଢ଼ା, ଧ୍ୱଂସ ପୁଣି ସୃଷ୍ଟି, ଏକତ୍ରୀକରଣ ପୁଣି ବିଚ୍ଛିନ୍ନକରଣ ଆଦି ସବୁଧାରା, ସୂକ୍ଷ୍ମ ଅବା ସ୍ଥୂଳଭାବେ ଗତିଶୀଳ - ସଦା ଯାତ୍ରା, ଶୋଭାଯାତ୍ରା, ମହାଯାତ୍ରା, ଘୂର୍ଣ୍ଣନ ପ୍ରବଚନ, ଅପସାରଣ, ବିକେନ୍ଦ୍ରୀକରଣ, ବିକିରଣ, ବିଚ୍ଛୁରଣ, ବିଭକ୍ତିକରଣ, ଏକୀଭୂତ କରଣ, ଆକର୍ଷଣ, ବିକର୍ଷଣ ଆଦି ସବୁ ପ୍ରକ୍ରିୟା ଏ ସୃଷ୍ଟି, ସଂସାର ବା ବ୍ରହ୍ମାଣ୍ଡର 'ଯାତ୍ରା' ନାମରେ ବିଦିତ । ଅତି ଦ୍ରୁତ ଗତିରେ ଧାଉଁଥିବା ଶବ୍ଦ, ଆଲୋକ, ଅଦୃଷ୍ଟ, ସମୟ - ଆମ ଚକ୍ଷୁ, କଳ୍ପନାର ଦୃଷ୍ଟି ତଥା ଭାବନାର ଅନ୍ତରାଳରେ ଘଟୁଥିବା ଅସଂଖ୍ୟ, ଅଜସ୍ର ମହାଶକ୍ତିର ଘୂର୍ଣ୍ଣନ, ଚଳନ, ଧାବମାନ ମହାଗତିକୁ କ'ଣ ଆମେ ଅନୁଭବ କରିପାରୁ ? ଆମେ ବସବାସ କରୁଥିବା ଧାବମାନ ଗତିଶୀଳ ପୃଥିବୀ ଆମ ପାଇଁ ସଦା ସ୍ଥିର ମନେ ହୋଇଥାଏ । ପ୍ରତୀୟମାନ ହେଉଥିବା ସୂର୍ଯ୍ୟ ଚନ୍ଦ୍ରର ଗତି ସ୍ଥିର ବୋଲି ବୈଜ୍ଞାନିକ କହନ୍ତି । କିନ୍ତୁ ପରମାର୍ଥିକ ସମ୍ମତ ବିଜ୍ଞାନ ଅନୁସାରେ ସେମାନେ ମଧ୍ୟ ଯାତ୍ରାରତ । ତେଣୁ ସୃଷ୍ଟି ମାତ୍ରକେ ଗତିଶୀଳ, ଯାତ୍ରାରତ - ଯଥାର୍ଥରେ ସେ 'ଜଗତ୍' ଯା ଓ ଗମ୍ ଧାତୁରୁ ଉତ୍ପନ୍ନ ଶବ୍ଦ ଯାତ୍ରା ଯାହା ସଦା ଗତିଶୀଳ । ଏ ସମସ୍ତ ଯାତ୍ରା ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରରେ ପରଂବ୍ରହ୍ମଙ୍କର ଦାରୁବିଗ୍ରହର ଶ୍ରୀଗୁଣ୍ଡିଚା ଉପଲକ୍ଷେ ରଥଯାତ୍ରା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ମନୋରଥ ପୂର୍ଣ୍ଣକାରୀ, ଜୀବାତ୍ମା ପରମାତ୍ମାର ସାକ୍ଷାତକାର ଯାତ୍ରା । ଏହା ସ୍ରଷ୍ଟା ଇଚ୍ଛାମୟଙ୍କ ନିଜ ଇଚ୍ଛାରେ ସଂଘଟିତ ନୟନାଭିରାମ ନନ୍ଦିଘୋଷଙ୍କର ଘୋଷଯାତ୍ରା । ସାଙ୍କେତିକ, ପାରମାର୍ଥିକ, ମାହାତ୍ମ୍ୟପୂର୍ଣ୍ଣ, ମହାନ୍ ଭାବଦ୍ୟୋତକ ପତିତପାବନ ଯାତ୍ରା । ଭଜନ, ଦର୍ଶନ, ଭୋଜନ, ଭୋଗ ଭୁଞ୍ଜନ, ତ୍ୟାଗ, ସମର୍ପଣ, ଦୃଷ୍ଟି ଆଦାନପ୍ରଦାନ, ମନସ୍କାମନା ପୂରଣ, ବରପ୍ରାପ୍ତି, ପାପମୁକ୍ତି, ଜନ୍ମ ଜନ୍ମାନ୍ତରର ପୁଣ୍ୟ ଅର୍ଜନର ସୁବର୍ଣ୍ଣ ସୁଯୋଗ, ଅଲଭ୍ୟ, ଅମୂଲ୍ୟ ମୁହୂର୍ତ୍ତ ଏ ରଥଯାତ୍ରା ।

ତେଣୁ ଏହା ସର୍ବଶ୍ରେଷ୍ଠ ଯାତ୍ରା । ଏ ବିଶ୍ୱାସରେ ଅନ୍ଧଭାବେ ବା ଜ୍ଞାନୀ ଭାବେ ଲମ୍ଫ ପ୍ରଦାନ କରି ଏ ବିଶ୍ୱାସରେ ଅବଗାହନ କରି ଏ ମୁହୂର୍ତ୍ତର ଦୁଃଖ ବା ସୁଖ ବା ଭକ୍ତି ବା ସ୍ନେହ ବା ମୁକ୍ତିର କାମନା କରି ଇଚ୍ଛାମୟର ପ୍ରସାରିତ ବାହୁ, ବିଶାଳ ଗୋଲାକାର ଚକ୍ଷୁରେ, ରକ୍ତିମ ଅଧର, ଧଳାକଳା ରଙ୍ଗର ପୁଣ୍ୟବନ୍ତ ଦାରୁ ଶରୀର ତଥା କର୍ପୂର ଚନ୍ଦନ, ଚୁଆ ତୁଳସୀ, ଦୟଣା ଶୋଭିତ ରୂପ, ରସାମୃତକୁ ଓ ବଦନ କମଳକୁ ଆକଣ୍ଠ ପାନ କରି ଅପଲକ ନେତ୍ର ଦେଇ ସେ ଜ୍ୟୋତିକୁ ଗ୍ରହଣ କର, ରଥ ଉପରେ ଉପବିଷ୍ଟ ଜଗନ୍ନାଥଙ୍କ ନୟନ ପଥରେ ନିଜ ମନ, ମୁନ, ଚୈତନ୍ୟ ଓ ନୟନକୁ ମିଶାଇ ଦିଅ, ସେ ପଥରେ ମନ ଦଉଡ଼ାଇ ମହାର୍ଗ ପଥର ପଥିକ ହୋଇଯାଅ - ଏ ମଣିଷର ସଂସାର ଯାତ୍ରା ସାର୍ଥକ ହୋଇ ଉଦ୍ଧାର ପାଇଯିବ ।

ଏହିଭଳି ଏକ ମହାନ୍ ଯାତ୍ରା ଏ ରଥଯାତ୍ରା । ପରଂବ୍ରହ୍ମ ବିଦେହୀ ପୁରୁଷୋତ୍ତମ ଏଠି ଦାରୁରୂପରେ ଦେହ ବହି ଥିବାରୁ ଏ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର, ନୀଳାଚଳଧାମ, ଭାରତର ଏକ ଶ୍ରେଷ୍ଠ ପୁଣ୍ୟଧାମ ତଥା ବିଶ୍ୱବ୍ରହ୍ମାଣ୍ଡର ମନୁଷ୍ୟ ସମାଜ ପାଇଁ ଆଧ୍ୟାତ୍ମିକ, ପାରମାର୍ଥିକ ରାଜଧାନୀ । ଏ ବିଶ୍ୱକେନ୍ଦ୍ରର ନିୟନ୍ତ୍ରଣରେ ଭାବ ଆହରଣ କରିପାରିଲେ ବିଶ୍ୱମାନବ ସମାଜ ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ପ୍ରେମ, ସ୍ନେହ ଭାବରେ ବାନ୍ଧି ହୋଇଯିବ । ପତିତମାନେ ଉଦ୍ଧାର ହେବେ । ସବୁଠି ଲହରୀ ଖେଳିବ ସତ୍, ଚିତ୍, ଆନନ୍ଦ, ଚୈତନ୍ୟ, ବିବେକ, ପ୍ରେମ, ଶାନ୍ତି, ସମାଜରେ ସଦା ବିରାଜମାନ ହେବ । ଅସତ୍‌ର ସତ୍ ମାର୍ଗକୁ, ଅନ୍ଧକାରରୁ ଆଲୋକ ଓ ଜ୍ୟୋତି ମାର୍ଗକୁ ମୃତ୍ୟୁ, କ୍ଷୟ, ଧ୍ୱଂସରୁ ଅମୃତ, ଅକ୍ଷୟ, ଚିରନ୍ତନଧାମକୁ ମଣିଷ ସମାଜ ଆଗେଇଯିବ । ସେହି ଅମର, ସତ୍ୟାର୍ଥୀ, ଆଲୋକର ଯାତ୍ରା ହିଁ ରଥଯାତ୍ରା । ମାନବଜାତିର ବଡ଼ଦାଣ୍ଡରେ ବଡ଼ଯାତ୍ରା । ଘୋଷଯାତ୍ରା ଘୋଷଣା କରି କରି ଯାଏ ଯେ ଏହା ବିଜୟର ଯାତ୍ରା, ପୁଣ୍ୟର ଯାତ୍ରା, ପ୍ରେମର ଯାତ୍ରା, ମୁକ୍ତିର ଯାତ୍ରା, ଶାନ୍ତିର ଯାତ୍ରା, ଆନନ୍ଦର ଯାତ୍ରା - ଯାହା ଜୀବାତ୍ମାର ଏକମାତ୍ର କାମ୍ୟ ଯାତ୍ରା । ଅସୀମ, ଅନନ୍ତ, ଚିରନ୍ତନ ଯାତ୍ରା - ଯେଉଁଥିରେ କି ନିଜ ନିଜର ମନ, ବୁଦ୍ଧି, ଅହଂକାରକୁ ମିଶାଇ ଦେବା ଉଚିତ ।

କଳିଯୁଗରେ ନାନା ଭ୍ରାନ୍ତ, ଭ୍ରଷ୍ଟାଚାରୀ, ପତନମୁଖୀ, ହିଂସ୍ର, ବିବେକହୀନ, ସ୍ୱାର୍ଥାନ୍ୱେଷୀ କଳହକାରୀ, ପାପାଚାରୀ ବିଭୀଷିକାକୁ ପଦ୍ମବନ ଦଳିଦେବା ପରି ଦାରୁବ୍ରହ୍ମଙ୍କ ରଥଯାତ୍ରା ପ୍ରବଳ ମତ୍ତବାରଣ (ପାଗଳାହାତୀ) ପରି ଦଳି ଚକଟି ଦେବ । ଭକ୍ତ ସାଲବେଗଙ୍କ ଭାବ ନେଇ, ଚୈତନ୍ୟଙ୍କ ଭଜନ କୀର୍ତ୍ତନ ଆନନ୍ଦ ନେଇ, ଯୁଗ ଯୁଗ ଧରି ଭାରତର ବିଭିନ୍ନ କୋଣରୁ ଆସିଥିବା ଭିନ୍ନ ଭାଷାଭାଷୀ ବିଭିନ୍ନ ମତ, ପଥ, ପନ୍ଥାର ସାଧୁ, ସନ୍ନ୍ୟାସୀ, ଭକ୍ତ, ଦ୍ରଷ୍ଟାଙ୍କ ଅନୁଭୂତି, ଅଭିଜ୍ଞତା, ବାଣୀ ସ୍ମରଣ କରି ଥରେ ହେଲେ ଏ ସମ୍ଭ୍ରାନ୍ତ, କୋଳାହଳମୟ ରାଜାଧିରାଜ ଜଗତ (ଯାତ୍ରା)ର ନାଥ ଜଗନ୍ନାଥଙ୍କର ଏ ବିଶାଳ ଜନ ସମୁଦ୍ର ମଧ୍ୟରେ ରଥଯାତ୍ରାକୁ ଦେଖି, ଚାହିଁ, ଗାଇ, ଖାଇ, ଦଉଡ଼ି ଟାଣି, ରଥ ଚକ ଛୁଇଁ, ଦାଣ୍ଡଧୂଳି ମୁଣ୍ଡରେ ମାରି, ତୁଳସୀ ଚନ୍ଦନ ତୁଣ୍ଡରେ ଦେଇ ଗଳା ଫଟାଇ ଲୋକଙ୍କ ହରିବୋଲ ଧ୍ୱନିରେ ହରିବୋଲ ଦେଇ ନିଜକୁ ମଜ୍ଜାଇ ଦିଅ, ଜୀବନକୁ ସମର୍ପଣ ଭାବରେ ହଜାଇ ଦିଅ । ଜୀବନର ସବୁ ସଙ୍କଟ ଦୂର ହୋଇଯିବ । ସବୁ ସମସ୍ୟା ତୁଟିଯିବ । ସବୁ ଅବିଶ୍ୱାସ କଟିଯିବ । ସବୁ ଅନ୍ଧକାରରେ ବାଟ ଦିଶିଯିବ ।

ଏ ବିଶ୍ୱାସଟିକୁ ହାସଲ କରି ନିଜର ପତିତ ଜୀବନଟିକୁ ପତିତପାବନର ମୁଖଦର୍ଶନ ପତିତପାବନ ବାନା ଦର୍ଶନ କଲେ ଆତ୍ମଦର୍ଶନ ଫୁଟି ଉଠିବ । ନିଜର ଅହଂକାର ଯାତ୍ରାର ବେଗ ରଥଚକ୍ରର ଧୂଳିରେ ମିଳାଇଯିବ । ନିଜର ପୁନର୍ଜନ୍ମ ହେଲାଭଳି ଲାଗିବ । ଅନୁଭବ ହେବ ଆମେ ସବୁ ଅମୃତର ସନ୍ତାନ । ଜଗତରେ କିଛି ବଡ଼ ନାହିଁ । ବଡ଼ ଲୋକଙ୍କ ଆକୁଳ ବିକଳ, ପ୍ରାଣ କାତରତା ଜଗତରନାଥ ଜଗନ୍ନାଥ ଏ ରଥଯାତ୍ରାକୁ ଦେଖିବା ପାଇଁ - ଆପଣଙ୍କୁ ଆକୁଳ, ବ୍ୟାକୁଳ ପାଗଳ କରୁ । ତା'ହେଲେ ରଥଯାତ୍ରା ଦେଖିଲା ଭଳିଆ ହେବ ।

ନଚେତ୍ ଯାତ୍ରା, ଥିଏଟର ଦେଖି ତାକୁ ମିଛ ମରୀଚିକା ଭଳି ଭୁଲିଗଲା ପରି ଏ ଯାତ୍ରାକୁ ଅନ୍ଧବିଶ୍ୱାସୀ ଧର୍ମାନ୍ଧମାନଙ୍କର ଏକ ମରୀଚିକାପୂର୍ଣ୍ଣ । ପିଲାଙ୍କ-ଖେଳ ଭଳି ଏକ ବହୁ ବ୍ୟୟବହୁଳ ନାଟକ ବୋଲି ଭାବିଲେ ରଥଚକ ଗଡ଼ିଯିବ, ତୁମେ ପଛରେ ପଡ଼ିଯିବ, ଅନ୍ଧାରରେ ବୁଡ଼ିଯିବ । ସମସ୍ୟା ଦୁଃଖର ଅନ୍ଧାର ଘେରିଯିବ । ଅନିଶ୍ଚିତତା, ଅପରିଣାମଦର୍ଶିତାର ବେଡ଼ି ଗୋଡ଼ରେ ହାତରେ ପଡ଼ିଯିବ ।

ଉଠ, ମନସ୍ଥିର କର, ମହାନ୍ ସାଧୁ ସନ୍ଥଙ୍କ - ବାଣୀ ସ୍ମରଣ କର - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ଭବେତ୍ ।'

'ଭୁଜତଳେ ମତେ ରଖ ମହାବାହୁ, ବାହୁତଳେ ମତେ ରଖ
ବିପୁଳ ଭୁଜ ବିସ୍ତାରି ଦେଲେ ପ୍ରଭୁ ଛାର କରିକି କହିବ ଦୁଃଖ ।'
(ଚନ୍ଦନ ହଜୁରୀ)

'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ ।'
(ସାଲବେଗ)

'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତତେ
ଧନ ମାଗୁନାହିଁ, ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ ।'
(ବନମାଳୀ ଦାସ)

'ଚକାଡୋଳା ଚିକ୍କଣ କଳା
ଚାହିଁବା ମାତ୍ରକେ ଦୂରିତ ପଳାଏ, ସୋରିଷେ ନ ରହେ ସଂସାର ଜ୍ୱାଳା ।'
(ବିଚ୍ଛନ୍ଦ ଚରଣ)

'ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ
ଅନ୍ତର୍ଯ୍ୟାମୀ ଅନ୍ତର୍ଗତ ବାରତା ଜାଣ ।
ସେହି ପ୍ରଭୁ ନୁହେଁ କି ତୁମ୍ଭେ, ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ ।'
(ଉପେନ୍ଦ୍ର ଭଞ୍ଜ)

ରଥଯାତ୍ରାରେ ମନୋରଥ ପୂରଣ କରିବାର ସବୁଠାରୁ ବଡ଼ ସୁଯୋଗ ଜୀବମାନଙ୍କୁ ଦେବାପାଇଁ ପରମାତ୍ମାଙ୍କର ଇଚ୍ଛାନୁସାରେ ବର୍ଷକେ ଥରେ ବଡ଼ଦାଣ୍ଡକୁ ଯିବା ଆସିବା ହୁଏ । ନଅ ଦିନ ଯାତ୍ରାରେ ଏହି ଠାକୁର ସର୍ବସାଧାରଣଙ୍କର ପାରମ୍ପରିକ ବୈଦିକ ମନ୍ତ୍ର, ତନ୍ତ୍ର, ଯନ୍ତ୍ର ସମନ୍ୱିତ ପୂଜାର ଊର୍ଦ୍ଧ୍ୱରେ ଆଦିମ ମାନବ (ଶବର)ର ଅନୌପଚାରିକ, ସରଳ ସହଜ, ଅମାୟିକ ଭାବ ଗଦ୍‌ଗଦ୍‌ତାରେ ପୂଜା ପାଇବା ପାଇଁ ବ୍ୟାକୁଳ ହୋଇ ଦାଣ୍ଡକୁ ଆସନ୍ତି । ସେ ସ୍ରଷ୍ଟା, ସର୍ବଶକ୍ତିମାନ, ସର୍ବଦ୍ରଷ୍ଟା, ସର୍ବଶକ୍ତିସମ୍ପନ୍ନ ହୋଇଥିଲେ ହେଁ ସାଧାରଣ ମାନବ, ପତିତ, ଦଳିତମାନଙ୍କୁ ଧରାଦେବା ପାଇଁ ବୈକୁଣ୍ଠ ପୁରରୁ ରତ୍ନ ସିଂହାସନରୁ ଓହ୍ଲାଇ ଆସି ସର୍ବସାଧାରଣଙ୍କୁ ଦର୍ଶନ ଦେବା ପାଇଁ ସ୍ନେହ, ଭକ୍ତି, ଗାଳି, ମନନ, ଧ୍ୟାନ, ଅଶ୍ରୁମୋଚନ, ସମର୍ପଣ ଭାବରେ ଭାବଗ୍ରାହୀ ହେବାକୁ ଆସନ୍ତି । ଏ ରଥଯାତ୍ରାର ଏହା ହିଁ ବୈଶିଷ୍ଟ୍ୟ । ଏହା ଏକ ଭାବ, ଭକ୍ତିର ଯାତ୍ରା ।

ଅଭିମନ୍ତ୍ରିତ, ନିତ୍ୟସେବିତ, ପୂଜିତ ଏହି ଦାରୁବ୍ରହ୍ମ ଜାତି ଧର୍ମ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ, ଭାବଗ୍ରାହୀ, ଭାବଦାୟୀ ପିଣ୍ଡ ଓ ବ୍ରହ୍ମାଣ୍ଡରେ ଥିବା ସେହି ଆତ୍ମା ଯାହା ଅମର, ଅଜେୟ, ଆନନ୍ଦମୟ, ପ୍ରେମମୟ । ସେହି ଆତ୍ମାକୁ ଅନୁଭବ, ଦୃଷ୍ଟି, ଭାବ ମଧ୍ୟରେ ସମସ୍ତେ ଧରି ରଖନ୍ତୁ ବୋଲି ଆମକୁ ଶିକ୍ଷା ଦେବା ପାଇଁ, ଚେତନା ଦେବାପାଇଁ, ଆନନ୍ଦ ପ୍ରେମଭାବ, ଦୟା, କରୁଣା ଦେବାପାଇଁ ବିଶ୍ୱାସର ଯାତ୍ରା ମଧ୍ୟରେ ସେ ଆସନ୍ତି । ତାଙ୍କୁ ଭକ୍ତିରେ ଧରି ରଖିବାକୁ ହେବ । ପ୍ରେମରେ ବାନ୍ଧି ରଖିବା, ତାଙ୍କୁ ସାକ୍ଷୀ ରଖି ସମସ୍ତଙ୍କୁ ସ୍ନେହ, ପ୍ରେମ, ଶାନ୍ତି ଦେବା, ସେବା ମଧ୍ୟରେ ଜଗନ୍ନାଥଙ୍କ ସେବା କରିବା ଆମର ଧର୍ମ । ଜଗନ୍ନାଥ ଧର୍ମ, ଜଗନ୍ନାଥ ସଂସ୍କୃତି ଏହି ରଥଯାତ୍ରାରେ ପ୍ରତିଫଳିତ । ରାଜଶକ୍ତି ଗଜପତି ଏଠି ମାର୍ଜନା କାମ କରି ନିଜକୁ ଦାସାନୁଦାସ ସଜାଇ ସମର୍ପଣ ଭାବରେ ଆଦର୍ଶ ଦେଖାନ୍ତି ।

ଏହି ଭାବର ରଥଯାତ୍ରା ମାନବ ସମାଜ, ସଭ୍ୟତା, ରାଜନୀତି, ଦେଶ ଦେଶ ମଧ୍ୟରେ ସମ୍ପର୍କନୀତି, ସମାଜନୀତି, ଗତିକୁ ନିୟନ୍ତ୍ରିତ

କରୁ ତେବେ ଯାଇ ମାନବ ସଭ୍ୟତାର ରଥ ଆମର ଆନନ୍ଦ ଶକ୍ତି, ଦୟା, କ୍ଷମା, ପ୍ରେମ ଭାବରେ ଘର୍ଘର ନାଦରେ ଗଡ଼ି ଚାଲିବ । ବିଶ୍ୱକୁ ଏ ଶିକ୍ଷା ଦେବା ପାଇଁ ଏ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଜଗନ୍ନାଥ ଜୀଉଙ୍କ ଏ ଯାତ୍ରା ବିଭିନ୍ନ ସ୍ଥାନରେ ଅନୁସରିତ ହେଉଛି । କାହାରିକୁ ନ୍ୟୂନ କରି କହିହେବ ନାହିଁ । ସେ ସବୁ ମଧ ଭାବର ଯାତ୍ରା । ପୁରୀର ରଥଯାତ୍ରା ଧାରାରେ ପରିଚାଳିତ ।

ତଥାପି ଶ୍ରୀକ୍ଷେତ୍ରରେ ଯୁଗ ଯୁଗରୁ ପରିକଳ୍ପିତ, କଳିଯୁଗରେ ଏ ଆଧାତ୍ମିକ ରାଜଧାନୀରେ ବାରମ୍ବାର ତାଙ୍କ ଇଚ୍ଛାରେ, ଆଜ୍ଞାରେ ଦାରୁରୂପରେ ଆସି, ନିଜେ ନିଜକୁ ନିର୍ମାଣ କରି ମଣିଷ ପରି ନବକଳେବର କରାଇ, ସେବା ପାଇଁ, ସେବା ଦେଇ ଏ ପୁରୁଷୋତ୍ତମ ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି । ବିଶ୍ୱାସର ନୀଳାଚଳ ସୃଷ୍ଟି କରି, ମହାପ୍ରସାଦ (ଅବଢ଼ା), ନିର୍ମାଲ୍ୟ ଭୋଜନ, ସେବନ କରାଇ ଯେ ଯାହା ଭକ୍ତିରେ ପ୍ରଦାନ କରେ ସେଇ ଯତ୍ ସାମାନ୍ୟ ତୁଳସୀ, କର୍ପୂର, ଜଳ, ଦୀପ, ଧୂପ ବିନିମୟରେ ଅଜସ୍ର କରୁଣା, ଦୟା ଅଜାଡ଼ି ଦିଅନ୍ତି ପ୍ରଭୁ ଜଗନ୍ନାଥ । ପୂଜକର ନାନା ପରମ୍ପରାର ନିୟନ୍ତ୍ରଣରେ ସର୍ବସାଧାରଣ ସବୁବେଳେ ତାଙ୍କୁ ଭେଟ କରିପାରନ୍ତି ନାହିଁ । କିନ୍ତୁ ପୁରୀର ରଥଯାତ୍ରା ପୁରୁଷୋତ୍ତମଙ୍କର ନିୟନ୍ତ୍ରଣ ମୁକ୍ତ, ହୋଲି, ମେଳଣ, ମେଳା ମଉଛବ ପରି ଲୋକଙ୍କ ହାଟ, ଘାଟ, ବାଟ, ନାଟ ପରି ହରିବୋଲିଆ ଯାତ୍ରା । ଠେଲା, ପେଲା, ଧାଁ ଧପଡ଼, ଭିଡ଼ ମଧରେ ଠାକୁରଙ୍କୁ ଦିନସାରା ସାହାଣ ମେଳାରେ ଦେଖିଲା ପରି ଦେଖି ନିଜେ ଫୋପାଡ଼ି, ନିଜେ ବଢ଼େଇ ନିଜ ଭୋଗ ଟେକି ଦେଇ ଶୂନ୍ୟେ ଶୂନ୍ୟେ ନିଜେ ପୂଜା କରିପାରିବ । ନିଜ ମନରୁ ସମର୍ପଣରେ ଯାହା ପାଟିରୁ ବାହାରିଲା ସେଇ ମନ୍ତ୍ରରେ - ଜୟ ଜଗନ୍ନାଥ, ଚକାଡୋଳା, କାଳିଆରଭୁଜ, ହରିହେ, ଜଗଦୀଶ, ପୁରୁଷୋତ୍ତମ ବା ହରିବୋଲ ଡାକରାରେ ପୂଜାବିଧି ଦାଣ୍ଡେ ଦାଣ୍ଡେ ଚାଲିଥିବ । ଅନ୍ତର୍ଯ୍ୟାମୀ ତୁମ ଅନ୍ତରଭାବକୁ ନେଇ ଖୁସ୍ । ଏତେ ଶସ୍ତା, ଏତେ ସୁଲଭ ଅଥଚ ଏଡ଼େ ଅମୂଲ୍ୟ ଏଡ଼େ ଦୁର୍ମୂଲ୍ୟ ଧର୍ମ ଅର୍ଜନ ଆଉ କେଉଁ ଶାସ୍ତ୍ର, ବିଧି ବା ଧର୍ମ ସମ୍ପ୍ରଦାୟରେ ଅଛି ? ତେଣୁ ଏ ପତିତପାବନଙ୍କର ଡାକି ହାକି ଧର୍ମର ଜୟଯାତ୍ରା । ଲୋକଙ୍କୁ ଧର୍ମ, ଦୟା, ପୁଣ୍ୟ ବାଣ୍ଟି ବାଣ୍ଟି ଦେଇ ଯିବା ଦାନୀ ଦୟାଳୁ ପରଂବ୍ରହ୍ମ ଆଉ କିଏ ହୋଇପାରେ ? ସେ ଠାକୁର ଜଗନ୍ନାଥ ଓ ତାଙ୍କ ବଡ଼ଦାଣ୍ଡରେ ସର୍ବବୃହତ୍ ବଡ଼ଯାତ୍ରା । ସବୁଥିରେ ବଡ଼ । ଭାବ, ଧର୍ମ, ପୁଣ୍ୟ, ସରଳତା, ସମାନତା, ଆଦାନପ୍ରଦାନ ଭକ୍ତି, ଦାର୍ଶନିକତା, ମହାନତା, ମର୍ଯ୍ୟାଦା, ମାନବତା, ପାରମାର୍ଥିକତା, ବଦାନ୍ୟତା, ବହୁଶାସ୍ତ୍ର ଦର୍ଶିତା ଧର୍ମ ଧାରଣା ରହସ୍ୟ ଉନ୍ମୋଚନତାର ଅପୂର୍ବ, ଅକଳନୀୟ, ଅବର୍ଣ୍ଣନୀୟ ଏହି ରଥଯାତ୍ରା । ଏହାର ବିସ୍ତୃତ ପ୍ରମାଣ ତଥ୍ୟ ଶାସ୍ତ୍ର ଉଦାହରଣ ଦେଇ ଏ କ୍ଷୁଦ୍ର ପ୍ରବନ୍ଧରେ ବର୍ଣ୍ଣନା କରାଯାଇପାରିବ ନାହିଁ ।

ତଥାପି ଭାବ ଦୃଷ୍ଟିରୁ ଏ ଯାତ୍ରା ଭାବ ସମୁଦ୍ରର ଲହଡ଼ି ଭାଙ୍ଗି ଭାଙ୍ଗି ଅବଗାହୀ ଦାରୁରୂପୀ ପରଂବ୍ରହ୍ମଙ୍କୁ 'ଭାବଗ୍ରାହୀ' ପୁରୁଷୋତ୍ତମ, ଲୀଳାମୟ ଲୀଳାଧର, ଇଚ୍ଛାମୟ ଈଶ୍ୱର ତଥା ଦୟାର ସାଗର, ସର୍ବେଶ୍ୱର ଅଥଚ ପତିତପାବନ ବୋଲି ଏ ଯାତ୍ରାକାଳରେ ନିଜକୁ ନିଜେ ପ୍ରମାଣିତ କରନ୍ତି - ଏହା ସର୍ବଜନସିଦ୍ଧ ।

ବିଶ୍ୱାବସୁର ନୀଳରତ୍ନ ନୀଳମାଧବ ଜ୍ୟୋତି ସମସ୍ତଙ୍କ ଅଜ୍ଞାତ ଅଶ୍ରୁତ, ଅଦୃଶ୍ୟ ଗୁମ୍ଫାରୁ ଆସି ନୀଳାଚଳରେ ପତିତପାବନ ପତାକା ଉଡ଼ାଇ, ବିପୁଳ ଭୁଜ ବିସ୍ତାର କରି ଅସାଧାରଣ ଚକ୍ଷୁ, ହସ୍ତ, କଳେବର ପ୍ରସାର କରି ପରିଶେଷରେ ସ୍ୱୟଂ ଭକ୍ତକୁ ଦର୍ଶନ ଦେବା ପାଇଁ ରଥରେ ବିଜେ କରି ଯାତ୍ରା କରିବା ତାଙ୍କର ଅଯାଚିତ ଦୟାର ଯାତ୍ରା । ମହାନ୍ ଯାତ୍ରା ଇଚ୍ଛାମୟଙ୍କ ସ୍ୱ-ଇଚ୍ଛାରେ ଯାତ୍ରା, ରଥଯାତ୍ରା ।

ଏହା ପିଲାଖେଳ ବା କ୍ରୀଡ଼ା କାର୍ଯ୍ୟକ୍ରମ ପରି ପ୍ରତୀତ ହେଉଥିଲେ ହେଁ ଏହା ହିଁ ଜଗତର ସୃଷ୍ଟିର ସାରାଂଶ, ସାରତଥ୍ୟ, ରହସ୍ୟ ଓ ପାରମାର୍ଥିକ ତଥ୍ୟ । ଜୀବାତ୍ମା ଓ ପରମାତ୍ମାର ସାକ୍ଷାତ କର, ମିଳନ ମୁହୂର୍ତ୍ତ - ଭକ୍ତ ଭଗବାନର ଚିରନ୍ତନ ସମ୍ପର୍କର ଉଦ୍‌ଘୋଷଣ ଯାତ୍ରା-ଘୋଷ ଯାତ୍ରା - ରଥଯାତ୍ରା ।

ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ ଭବତୁ ମେ ।

ଶହୀଦ ନଗର
ଭୁବନେଶ୍ୱର





# ଦେହି ପଦ ପଲ୍ଲବ ମୁଦିତ ମୁଦାରଂ

ତାରାକାନ୍ତ ମହାନ୍ତି

**ଭ**ଗବାନ ଭକ୍ତର ଅଧୀନ ନା ଭକ୍ତ ଭଗବାନଙ୍କର ଅଧୀନ ? ଏହା ଜିଜ୍ଞାସୁ ଓ ଜ୍ଞାନୀ ଭକ୍ତମାନଙ୍କର ମଧ୍ୟରେ ଏକ ଦ୍ୱନ୍ଦ୍ୱ ଓ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯାହାର ସନ୍ତୋଷଜନକ ଉତ୍ତର ଜଗନ୍ନାଥ ପଞ୍ଚସଖା ମଧ୍ୟରୁ ଅନ୍ୟତମ ସଖା ଅଚ୍ୟୁତାନନ୍ଦ ନିମ୍ନମତେ ବର୍ଣ୍ଣନା କରିଛନ୍ତି ।

ଭାବ ବିନୋଦିଆ ଠାକୁର ଭକ୍ତ ବତ୍ସଳ ହରି,<br>
ଭକ୍ତଙ୍କ ପାଇଁ କଳେବର ଦଶ ମୂରତି ଧରି ।<br>
ଭକ୍ତ ତୁମ୍ଭର କି କରିବ ଭକ୍ତ ବୋଲରେ ଥାଅ,<br>
ଭକ୍ତ ପେଷିଲା ହସ୍ତିନାକୁ ଦୂତ ପଣରେ ଯାଅ ।<br>
ଭକ୍ତ ଦେଖାଇଲା ସ୍ତମ୍ଭକୁ ସ୍ତମ୍ଭୁ ହେଲ ଉଦିତ,<br>
ଭୃତ୍ୟର ଭୃତ୍ୟ ପରିଭୃତ୍ୟ ଭଣେ ଦୀନ ଅଚ୍ୟୁତ ।

ଯୁଗେ ଯୁଗେ ଭଗବାନ ଭକ୍ତର ଅଧୀନ ହୋଇଛନ୍ତି ଏବଂ ଯୁଗେ ଯୁଗେ ଭଗବାନ ଭକ୍ତ ପାଇଁ ଲୀଳା କରିଆସିଛନ୍ତି । ଭଗବାନ ଭକ୍ତର ପଦରଜ ମୁଣ୍ଡରେ ବୋଳିବାକୁ ସର୍ବଦା ତତ୍ପର ଓ ଏଥିପାଇଁ ଗଭୀର ଶ୍ରଦ୍ଧା ଦେଖେଇ ଆସିଛନ୍ତି । ପୁରାଣ ଯୁଗର କଥା- ଦ୍ୱାପର ଯୁଗରେ କୃଷ୍ଣ ନରୋତ୍ତମ ବିଭିନ୍ନ ଆଖ୍ୟାୟିକା ମାଧ୍ୟମରେ ଏହା ପ୍ରକଟ କରିଛନ୍ତି । ତାହା ହେଉଛି କୃଷ୍ଣନାରଦ ଉପଖ୍ୟାନ । ଥରେ ପ୍ରଭୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଜ୍ୱର ହୋଇଥିଲା । ସେ ଲୀଳାମୟ ଏବଂ ତାଙ୍କ ଅଷ୍ଟ ପାଟରାଣୀଙ୍କ ଆନ୍ତରିକତାର ପ୍ରମାଣ ନେବା ପାଇଁ ନିଜେ ଜ୍ୱର ଭିଆଇଲେ । ଅନେକ ଦିନ ଧରି ସେ ଜ୍ୱରରେ ଆକ୍ରାନ୍ତ ହେଲେ । ଜ୍ୱର କମିବାର ଲେଶମାତ୍ର ଚିହ୍ନ ତାଙ୍କ ଶରୀରରେ ଦେଖାଗଲା ନାହିଁ । ନାରଦ ଏଥିରେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଓ ଏ ଜ୍ୱର କିପରି ଉପଶମ ହେବ ତା'ର ଜିଜ୍ଞାସା କଲେ । ଭଗବାନ ଲୀଳାମୟ ଶ୍ରୀକୃଷ୍ଣ ନାରଦଙ୍କୁ ଏହାର ଏକ ସରଳ ସହଜ ଉପଚାର ବିଷୟରେ କହିଲେ, ତାହାଥିଲା ସମଗ୍ର ଦ୍ୱାରକାନଗରୀ ଓ ଅନ୍ତପୁରରୁ ସମଗ୍ର ଦ୍ୱାରକା ଅନ୍ତର୍ଗତ ଜନପଦରୁ ଯେକୌଣସି ନାରୀ ବା ପୁରୁଷ ଯଦି ତାଙ୍କ ଜ୍ୱର ଉପଶମ ପାଇଁ ଲେଶ ମାତ୍ର ପଦରଜ ଦାନ କରନ୍ତି ଏବଂ ତାହାକୁ ସେ ତାଙ୍କ ମସ୍ତକରେ ଛିଞ୍ଚନ୍ତି ତା'ହେଲେ ତାଙ୍କ ଜ୍ୱରରୁ ଯନ୍ତ୍ରଣା ଲାଘବ ହୋଇପାରିବ । ଏଥିପାଇଁ ନାରଦ ଦ୍ୱାରକା ରାଣୀପୁରଠାରୁ ସମସ୍ତଙ୍କୁ ଏହି ପ୍ରୀତିକର ସମ୍ବାଦଟି ଶୁଣାଇଲେ । କୃଷ୍ଣଙ୍କ ରାଣୀ ଅନ୍ତପୁରରେ ଅଷ୍ଟ ପାଟମହିଷୀ ପ୍ରମାଦ ଗଣିବାକୁ ଲାଗିଲେ ଯେ କିଏ ପଦରଜ ଦେଇ ସବୁଦିନ ପାଇଁ ପାପ ଅର୍ଜିବ । ଏ କଥା ଅସମ୍ଭବ । ନାରଦ ସେ କଥା ଶ୍ରୀକୃଷ୍ଣଙ୍କୁ ଶୁଣାଇଲେ । ଶ୍ରୀକୃଷ୍ଣ ତା'ର ଅନ୍ୟ ଏକ ଦିଗପ୍ରତି ଧ୍ୟାନ ଦେଇ କହିଲେ ବର୍ତ୍ତମାନ ଦ୍ୱାରିକାରୁ ଗୋପପୁରକୁ ଯାଅ । ସେଠାରୁ ଯଦି ଗୋପାଙ୍ଗନାମାନେ ତାଙ୍କର ପଦରଜ ଦିଅନ୍ତି ତେବେ ତାଙ୍କର ଜ୍ୱରର ଯନ୍ତ୍ରଣା ଲାଘବ ହୋଇପାରିବ । ଗୋପପୁରରେ ମଧ୍ୟ ଭାଳେଣି ପଡ଼ିଗଲା । କେହି ଗୋପାଙ୍ଗନା ଏ ରକମର ଦୁଃସାହସିକତା କରିବାକୁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିପାରିଲେ ନାହିଁ । ଶେଷରେ ଭକ୍ତ ଶ୍ରେଷ୍ଠ ରାଧାଙ୍କ ନିକଟରେ ପହଞ୍ଚିଲେ । ଶ୍ରୀରାଧା ଏ ସମ୍ବାଦ ଶ୍ରବଣ କରି ଟିକିଏ ହେଲେ ବିଚଳିତ ହେଲେ ନାହିଁ ଏବଂ ନାରଦଙ୍କୁ କହିଲେ ତୁମେ ଅଚିରେ ମୋ ପଦରଜ ନିଅ । ତାକୁ ଯଦି ମୋର ପ୍ରିୟତମ ସଖା ମୁଣ୍ଡରେ କିମ୍ବା ଦେହରେ ବୋଳିଲେ ସେ ନିଶ୍ଚୟ ଆରୋଗ୍ୟ ହୋଇଯିବେ । ଶ୍ରୀରାଧା ତା'ର ପୂର୍ବାପରି ପରିଣାମ କ'ଣ ହେବ ତାହା ଶୋଚନା କରିପାରିଲେ ନାହିଁ । ସେ ହସି ହସି କହିଲେ ଯଦି ଏଥିରେ ମୋର ପ୍ରିୟତମ ସଖା ଶ୍ରୀକୃଷ୍ଣଙ୍କର ଜ୍ୱର ଲାଘବ ହୋଇଯାଏ ତେବେ ଯାହା ପରିଣାମ ହେଉନା କାହିଁକି ସେଥିପାଇଁ ମୋର ଟିକିଏ ହେଲେ ଅନୁଶୋଚନା ନାହିଁ । ନାରଦ ତତ୍‌କ୍ଷଣାତ୍ ଶ୍ରୀରାଧାଙ୍କ ପଦରଜ ନେଇ ଶ୍ରୀକୃଷ୍ଣଙ୍କୁ ଦେଲେ । ଏଥିରେ ଶ୍ରୀକୃଷ୍ଣଙ୍କ ଆନନ୍ଦ କହିଲେ ନସରେ । ସେ ଅଷ୍ଟ ପାଟମହିଷୀଙ୍କ ଉଦ୍ଦେଶ୍ୟରେ କହିଲେ ତୁମ୍ଭେମାନେ ମୋର ଐଶ୍ୱର୍ଯ୍ୟ ପାଇଁ ବ୍ୟସ୍ତ କିନ୍ତୁ ଆଉ ଜଣେ ଚରମ ତ୍ୟାଗ କରିବାକୁ ପ୍ରସ୍ତୁତ । ଏଣୁ ତ୍ୟାଗ ଓ ଭୋଗ ମଧ୍ୟରେ ଚରମ ପାର୍ଥକ୍ୟ କ'ଣ ? ସେ କହିଲେ ତୁମ୍ଭମାନଙ୍କର ପ୍ରେମ କରିବାରେ ସର୍ତ୍ତ ନିହିତ ଅଛି । କିନ୍ତୁ ଶ୍ରୀରାଧାଙ୍କ ପ୍ରେମରେ ନିସର୍ତ୍ତ ପ୍ରେମ ଅଛି । ରାଧାକୃଷ୍ଣ ପ୍ରେମ ହେଉଛି ଅପ୍ରାକୃତ, ଅବ୍ୟକ୍ତ, ନିରନ୍ତର ଓ ନିତ୍ୟ ଶାଶ୍ୱତ । ସେଥିପାଇଁ ଓଡ଼ିଶାର ଜଣେ ପରମସନ୍ଥ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ (୧୯୧୮-୧୯୮୩) ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାକ୍ତନ କ୍ଷେତ୍ରଜ୍ଞ ତାଙ୍କର ରାଧାକୃଷ୍ଣ ପ୍ରେମ କବିତାରେ ଲେଖିଛନ୍ତି -

'ପ୍ରେମଡୋରେ ବନ୍ଧା ସେହି ପ୍ରେମ ମୂରତି ।
ଆତ୍ମାକୁ ଆତ୍ମା ସ୍ମରିଣ ପ୍ରେମ କରନ୍ତି
ସେ ପ୍ରେମରେ ପାପ ନାହିଁ
ରଜଃ ବୀର୍ଯ୍ୟ ନଟଳଇ ନାହିଁ ଆସକ୍ତି ।
ଧର୍ମ, ଅର୍ଥ, କାମ, ମୁକ୍ତି
ସେ ପ୍ରେମ ପଛେ ଗୋଡାନ୍ତି ।
କହେ ମଧୁଦାସ ମତି
ଭଜରେ ଚେତି ।'

ସେଥିପାଇଁ ବିବାଦୀୟ କବି ଭକ୍ତକବି ଜୟଦେବ ତାଙ୍କର ଗୀତଗୋବିନ୍ଦ ଯାହାକି ଏକ କାଳଜୟୀ ସୃଷ୍ଟି ସେଥିରେ ସେ ଉଲ୍ଲେଖ କରିଛନ୍ତି -

'ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରଂ ।'

ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଭଗବାନ ସବୁବେଳେ ଭକ୍ତର ଅଧୀନ । ଭକ୍ତ ପାଇଁ ସେ ସବୁବେଳେ ଲୀଳା କରିଆସୁଛନ୍ତି । ଭଗବାନ ଶ୍ରୀକୃଷ୍ଣ ଯେ କେବଳ ଗୋପବାସୀ, ଗୋପାଙ୍ଗନା ବା ରାଧାଙ୍କର ପଦରଜ ମସ୍ତକରେ ବୋଳି ହୋଇ ଧନ୍ୟ ମଣିଛନ୍ତି ତା'ନୁହେଁ, ସେହି ମହାଭାରତରେ ଆଉ ଏକ ନଜୀର ରହିଛି । ସେ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଅତି ଅନ୍ତରଙ୍ଗ ସଖା ଓ ପଞ୍ଚପାଣ୍ଡବଙ୍କ ପତ୍ନୀ ଦ୍ରୌପଦୀ । ଦ୍ରୌପଦୀଙ୍କର ପାଦୁକା ରଜ ସେ ମଧ ମୁଣ୍ଡରେ ବୋଳି ହୋଇଛନ୍ତି । ମହାଭାରତ ଯୁଦ୍ଧ ସମୟରେ ପିତାମହ ଭୀଷ୍ମ ମହାମାନୀ ଦୁର୍ଯ୍ୟୋଧନଙ୍କୁ ମହାଭାରତ ଯୁଦ୍ଧରେ ଜୟୀ ହେବାକୁ ଆଶୀର୍ବାଦ ନକରି ଦୁର୍ଯ୍ୟୋଧନଙ୍କ ରାଣୀ ଭାନୁମତିଙ୍କୁ ଏକାନ୍ତ ନିଶିଥରେ ତାଙ୍କ ଶିବିରକୁ ଆସି ତାଙ୍କର ମନୋବାଞ୍ଛା ପୂରଣ ଲାଗି ଯାହା ବର ମାଗିବେ ତାହା ପୂରଣ କରିବେ ବୋଲି ଶୁଣାଇଥିଲେ । ଏ ସମ୍ବାଦ ନଟଖଟିଆ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲା ପରେ ନଟବର କୃଷ୍ଣ ଏହାକୁ ହାତଛଡ଼ା କରିବାକୁ ଚାହିଁ ନାହାନ୍ତି । ରାଣୀ ଭାନୁମତୀ ତାଙ୍କର ପାଟଆଟ ନେଇ ଭୀଷ୍ମଙ୍କ ଶିବିରକୁ ଯିବା ପାଇଁ ସଜବାଜ ହେଉଥିବାବେଳେ ସେ ଯାଜ୍ଞସେନୀଙ୍କୁ ଏ ସୁଯୋଗ ହାତଛଡ଼ା ନକରିବା ପାଇଁ ପ୍ରବର୍ତ୍ତାଇଲେ । ରାଣୀ ଭାନୁମତୀ ସେଠାରେ ପହଞ୍ଚିବାର ବହୁପୂର୍ବରୁ ଅତି ସାବଧାନ ଓ ଚତୁରତା ସନ୍ତର୍ପଣର ସହ ସଙ୍ଗେ ସଙ୍ଗେ ଦ୍ରୌପଦୀଙ୍କୁ ଧରି ଭୀଷ୍ମଙ୍କ ଶିବିରକୁ ଡାକି ନେଇ ଯାଇଥିଲେ । ପିତାମହ ଭୀଷ୍ମ ସେତେବେଳେ ବିଶ୍ରାମ କରୁଥିଲେ ଏବଂ ଦ୍ରୌପଦୀଙ୍କୁ ଖୁବ୍ ଶୀଘ୍ର ସେଠାରେ ପହଞ୍ଚିବା ପାଇଁ ଡାକି ଆଣିଲେ ଏବଂ ନିଜେ ଦ୍ରୌପଦୀ ପାଦୁକା ପିନ୍ଧି ଥିବାବେଳେ ଏହା କାଳେ ଶବ୍ଦଭ୍ରମ ସୃଷ୍ଟି କରିବ ସେଥିପାଇଁ ସେ ଦ୍ରୌପଦୀଙ୍କ ପାଦୁକାକୁ ସେ ନିଜେ ଓହ୍ଲାଇ ଦେଇ ନିଜେ ଧରିଥିଲେ ଏବଂ ଦ୍ରୌପଦୀଙ୍କୁ ଅତି ସନ୍ତର୍ପଣର ସହ ଭୀଷ୍ମଙ୍କ ଶିବିରରେ ପହଞ୍ଚିବାକୁ କହିଲେ । ସେତେବେଳେ ଘୋର ଅନ୍ଧାର ରାତି । ସମସ୍ତଙ୍କ ଅଗୋଚରରେ ଭୀଷ୍ମଙ୍କ ଶିବିରକୁ ନେବା ସମ୍ବାଦ କାଳେ ଅନ୍ୟମାନେ ଜାଣିଯିବେ ସେଥିପାଇଁ ସେ ଖୁବ୍ ଶୀଘ୍ର ଯିବା ପାଇଁ କହିଲେ । କୃଷ୍ଣ ଆଗେ ଆଗେ ହାତ ଦେଖାଇ ଦ୍ରୌପଦୀଙ୍କୁ ବାଟ ଦେଖାଇଲେ ଏବଂ ଆରପଟ ହସ୍ତରେ ତାଙ୍କର କାଷ୍ଠ ପାଦୁକାକୁ ନିଜ ମୁଣ୍ଡ ଉପରେ ଥୋଇଲେ । ପିତାମହ ଭୀଷ୍ମ ଏତେ ଅନ୍ଧକାର ରାତ୍ରିରେ ଦ୍ରୌପଦୀ ଯେ କି ଅବଗୁଣ୍ଠନବତୀ ହୋଇଥିଲେ ଓ ଭୀଷ୍ମଙ୍କର ସେ ଭାନୁମତୀ କି ଦ୍ରୌପଦୀ ତାହା ଜାଣିବାର ଅବକାଶ ନଥିଲା । ଶ୍ରୀକୃଷ୍ଣ ଶିବିରର କିଛି ବାଟ ଆଗରୁ ଲୁଚି ରହିଥିଲେ ଏବଂ ଦ୍ରୌପଦୀ ପିତାମହ ଭୀଷ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲାପରେ ସେ ତାଙ୍କୁ କଲ୍ୟାଣମସ୍ତୁ ଓ ଅଖଣ୍ଡ ସୌଭାଗ୍ୟବତୀ ଭବ ଏବଂ ତାଙ୍କ ସ୍ୱାମୀ ଏ ଯୁଦ୍ଧରେ ନିଶ୍ଚୟ ବିଜୟ ହେବେ ଏ ଆଶୀର୍ବାଦ କରିଥିଲେ । ତା'ପରେ ଦ୍ରୌପଦୀ ତାଙ୍କର ଅବଗୁଣ୍ଠନ ଖୋଲି ଦେଇଥିଲେ ଏବଂ ଭୀଷ୍ମ ଯେତେବେଳେ ଜାଣିଲେ ସେ ଭାନୁମତୀ ନୁହନ୍ତି ସେ ହେଉଛନ୍ତି ଦ୍ରୌପଦୀ ତେଣୁ ତାଙ୍କର ବାକ୍‌ସ୍ଫୁତି ହୋଇନଥିଲା । ଆଗରୁ ତ ସେ ଦ୍ରୌପଦୀଙ୍କୁ ଆଶୀର୍ବାଦ କରିଛନ୍ତି । ତାକୁ କିପରି ସତ୍ୟବ୍ରତ ତାହା ଲେଉଟାଇ ନେବେ ? ତା' ପରେ ସେ ପୁଣି ପିତାମହ ଭୀଷ୍ମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ବିଦାୟ ନେଲେ । ଏଣେ ଏ ଶୁଭ ସମ୍ବାଦ ଶୁଣି ଶ୍ରୀକୃଷ୍ଣଙ୍କର ଆନନ୍ଦର ସୀମା ରହିଲା ନାହିଁ । ଭଗବାନ କିପରି ସଖା ବତ୍ସଳ, ଭକ୍ତବତ୍ସଳ ଓ ଭକ୍ତର ପାଦୁକାକୁ ମୁଣ୍ଡରେ ରଖି ଆନନ୍ଦ ପାଇଥିଲେ ଏ ପ୍ରକାର ନଜୀର କୁତ୍ରାପି ଦେଖାଯାଏ ନାହିଁ ବା ବିରଳ ।

ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ ।

ଦେହି ପଦ ପଲ୍ଲବ ମୁଦିତ ମୁଦାରଂକୁ କାର୍ଯ୍ୟରେ ପରିଣତ କରିଥିଲେ ଓ ଅର୍ଜୁନ ରଥର ସାରଥୀ ହୋଇଥିଲେ । ସେହି ଲଳିତ କୋମଳ ଶବ୍ଦ ସଂଯୋଜନାର ଯେଉଁଥିରେ ଅପୂର୍ବ ଲାଳିତ୍ୟ ରହିଛି ତାହାର ସଂଯୋଜକ ଥିଲେ ଭକ୍ତ କବି ଜୟଦେବ । ଭକ୍ତକବି ଜୟଦେବ ଏକ ବିବାଦୀୟ କବି । ବଙ୍ଗଳାବାସୀ ତାଙ୍କୁ ଆମାଦେର ଜୟଦେବ ଓଡ଼ିଆର କୁଛିନୟେ କହୁଥିବାବେଳେ ତାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର ଏକ କାବ୍ୟରେ ଲେଖିଛନ୍ତି -

'କହେ କବି ଉପଇନ୍ଦ୍ର ଟେକି ବେନି ବାହାକୁ
ରବି ତଳେ କବି ପଣେ ନମାନେ ମୁଁ କାହାକୁ
ଜୟଦେବ ଦୀନକୃଷ୍ଣ ପଦରେ ମୋ' ଶରଣ
ଆଉସବୁ କବିଙ୍କର ମସ୍ତକେ ମୋ ଚରଣ ।'

କାଳଜୟୀ ସୃଷ୍ଟି ଗୀତ ଗୋବିନ୍ଦର ରଚୟିତା ଭକ୍ତକବି ଜୟଦେବ ସେ ଯେ ଓଡ଼ିଶାର ତାହାକୁ ଅନେକ ମାନିବାକୁ ନାରାଜ । ଏ ସମ୍ପର୍କରେ

ଜଣେ ସିଂହଳୀୟ କବି ଜର୍ଜ କେଟ୍ (George Keyt) ତାଙ୍କର Song of Love କବିତାର ପରିଚିତିରେ ଜଣାଇଛନ୍ତି ଯେ, ଜୟଦେବ ହେଉଛନ୍ତି ବଙ୍ଗଳାର ରାଜା ଲକ୍ଷ୍ମଣ ସେନ୍‌ଙ୍କ ଦରବାରର ଜଣେ ଦରବାରୀ କବି ଏବଂ ତାଙ୍କର ସମୟକାଳ ନିର୍ଦ୍ଧାରଣ କରିଛନ୍ତି ଖ୍ରୀଷ୍ଟାବ୍ଦ ୧୨ଶ ଶତାବ୍ଦୀ । ଏବେବି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାତ୍ରି ପହଡ଼ ପୂର୍ବରୁ ପ୍ରସିଦ୍ଧ ଦଶାବତାର ଶ୍ଳୋକ ୧୨ଶ ଶତାବ୍ଦୀରୁ ଏ ପର୍ଯ୍ୟନ୍ତ ଗାନ କରାଯାଉଛି ।

ଶ୍ରୀଜୟଦେବଙ୍କ ଜନ୍ମ ସ୍ଥାନ ଓ କାଳ ନିରୂପଣ ଏବଂ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଉପରେ ଅନେକ ଗବେଷକ ଗବେଷଣା କରିଯାଇଛନ୍ତି ଏବଂ ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ତାଙ୍କ ଜନ୍ମଭୂମି ସମ୍ବନ୍ଧରେ ବଙ୍ଗୀୟ ଆଲୋଚକମାନଙ୍କ ମଧ୍ୟରୁ କେତେକ ନିତାନ୍ତ ଅବାନ୍ତର, ଅସମ୍ଭବ ତଥା କପୋଳକଳ୍ପିତ ଯୁକ୍ତି ଦର୍ଶାଇ ତାଙ୍କୁ ବଙ୍ଗଦେଶୀୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ଓଡ଼ିଶାର ଜଣେ ତଥାକଥିତ ଆଲୋଚକ ବଙ୍ଗୀୟ ଆଲୋଚନାର ଅବତାରଣା କରି ନିତାନ୍ତ ପିଲାଳିଆ ଯୁକ୍ତି କରିଛନ୍ତି । କିନ୍ତୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ସାହିତ୍ୟ ସମାଲୋଚକ ସ୍ୱର୍ଗତ କେଦାର ନାଥ ମହାପାତ୍ର ସମସ୍ତ ଯୁକ୍ତିକୁ ଖଣ୍ଡନ କରି ଜୟଦେବ ଓଡ଼ିଶାର ବରପୁତ୍ର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ ସେବକ ଥିଲେ ବୋଲି ପ୍ରମାଣିତ କରିଛନ୍ତି । ସ୍ୱର୍ଗତଃ କେଦାରନାଥ ମହାପାତ୍ର ଶ୍ରୀଜୟଦେବ ଓ ଗୀତଗୋବିନ୍ଦ ପୁସ୍ତକ ଅଦ୍ୟାପି ଗୀତଗୋବିନ୍ଦ ଓ କବି ଜୟଦେବଙ୍କ ସମ୍ବନ୍ଧରେ ସମସ୍ତ ଆଲୋଚନା ମଧ୍ୟରେ ସର୍ବଶ୍ରେଷ୍ଠ ପୁସ୍ତକ ରୂପେ ପରିଗଣିତ ହୁଏ । ସ୍ୱର୍ଗତ ମହାପାତ୍ରଙ୍କ ସାଧନାର ଉକ୍ତ ପୁସ୍ତକଟି ଅନନ୍ୟ ସାଧାରଣ କୃତୀ ବୋଲି ବିଦ୍ୱାନମାନେ ମତ ଦିଅନ୍ତି ।

ବିଶ୍ୱ ବିଖ୍ୟାତ 'ଗୀତଗୋବିନ୍ଦ' କାବ୍ୟର ଆରମ୍ଭରୁ ହିଁ କବି ଜୟଦେବ ରଧାମାଧବଙ୍କୁ ସ୍ମରଣ କରିଛନ୍ତି । ରାଧାମାଧବଙ୍କୁ ନାୟକ ନାୟିକା ରୂପେ ଅବତୀର୍ଣ୍ଣ କରାଇ କବି ଦ୍ୱାଦଶସର୍ଗ ବିଶିଷ୍ଟ ସମୁଦାୟ ଗୀତ ଗୋବିନ୍ଦ କାବ୍ୟକୁ ତାଙ୍କରି ଅପ୍ରାକୃତ ପ୍ରେମଲୀଳା ବର୍ଣ୍ଣନା ଦ୍ୱାରା ପରିପୂର୍ଣ୍ଣ କରି ନିଜର ଅଗାଧ ଭକ୍ତିର ପରିଚୟ ଦେଇଛନ୍ତି । ଲୀଳା ରହସ୍ୟ ଆରମ୍ଭ ପରେ 'ମାଧବ' ଶବ୍ଦ ଗୀତଗୋବିନ୍ଦର ନିମ୍ନୋଦ୍ଧୃତ ପଂକ୍ତିଗୁଡ଼ିକରେ ଉଲ୍ଲେଖ କରାଯାଇଥିବାର ଦେଖାଯାଏ ।

ରାଧାମାଧବୟୋର୍ଜୟନ୍ତୀ ଯମୁନାକୂଳେ ରହଃ କେଳୟଃ (ପ୍ରଥମ ସର୍ଗ ପ୍ରଥମ ଶ୍ଳୋକ) ମାଧବ ମାନସିଜ ବିଶିଖଭୟାଦିବ ଭାବନୟା ତ୍ୱୟି ଲୀଳା (ଚତୁର୍ଥ ସର୍ଗ ଅଷ୍ଟମ ପ୍ରବନ୍ଧ), ତସ୍ମିନ୍ନେବ ନିକୁଞ୍ଜ ମନ୍ମଥ ମହାତୀର୍ଥେ ପୁନର୍ମାଧବଃ (ପଞ୍ଚମ ସର୍ଗ ଦଶମ ପ୍ରବନ୍ଧ), ପ୍ରସରତି ଶଶଧର ବିମ୍ବେ ବିହିତ ବିଳମ୍ବେ ଚ ମାଧବେ ବିଧୁରା (ସପ୍ତମ ସର୍ଗ), ଅଥାଗତାଂ ମାଧବ ମନ୍ତରେଣ (ସପ୍ତମ ସର୍ଗ ଚତୁର୍ଥ ଶ୍ଳୋକ), କ୍ଷଣଂ ଜଗତ୍ରାଣ ବିଧାୟ ମାଧବମ୍ (ସପ୍ତମ ସର୍ଗ ଷୋଡ଼ଶ ପ୍ରବନ୍ଧ), ହରି ହରି, ଯାହି ମାଧବ ଯାହି କେଶବ, ମାଧବ କୈତବବାଦମ୍ (ଅଷ୍ଟମ ସର୍ଗ ସପ୍ତଦଶ ପ୍ରବନ୍ଧ) ମାଧବେ ମା' କୁରୁ ମାନିନୀ ମାନମୟେ ନବମ ସର୍ଗ ଅଷ୍ଟାଦଶ ପ୍ରବନ୍ଧ), ପ୍ରବୀଣ ରାଧେ ମାଧବ ସମୀପମିହ (ଏକାଦଶ ସର୍ଗ ଏକବିଂଶ ପ୍ରବନ୍ଧ) ।

ମାଧବ ପୂଜା ଓ ମାଧବ ଶବ୍ଦର ପ୍ରଚଳନ ତତ୍କାଳୀନ କଳିଙ୍ଗ ସମାଜରେ ନଥିଲେ ମହାକବି ଜୟଦେବ କେବେ ହେଲେ ସ୍ୱକୀୟ ଗୀତଗୋବିନ୍ଦର ନାୟକ କୃଷ୍ଣଙ୍କୁ ମାଧବ ରୂପେ ନେଇନଥାନ୍ତେ । କଳିଙ୍ଗରେ ମାଧବ ବିଷ୍ଣୁଙ୍କ ପୂଜା ସମ୍ପର୍କରେ ସମ୍ୟକ୍ ଆଲୋଚନା କଲେ ଏହାର ଏକ ସ୍ୱଷ୍ଟ ଚିତ୍ର ମିଳିଥାଏ । ପୁରାତନ ପ୍ରାଚୀ ନଦୀର ଅବବାହିକାରେ ଗଢ଼ି ଉଠିଥିବା ଜନସଭ୍ୟତା ଖ୍ରୀଷ୍ଟପୂର୍ବର ବୋଲି ବିଶ୍ୱାସ କରାଯାଇଥାଏ । ପ୍ରାଚୀ ଉପତ୍ୟକାର ବୈଶିଷ୍ଟ୍ୟ ହେଲା ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ମାଧବ ନାମଧାରୀ ଚତୁର୍ଭୁଜ ବିଷ୍ଣୁ ବିଗ୍ରହଙ୍କ ପୂଜା । ଭୌମକର ବଂଶର ମାଧବୀ ଦେବୀ ମଧ୍ୟ ମାଧବ ପୂଜାର ପୃଷ୍ଠପୋଷକତା କରିଥିଲେ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ରାଷ୍ଟ୍ରଦେବତା ଓ ତାଙ୍କର ପ୍ରଥମ ନାମକରଣ ମାଧବ ହୋଇଥିବା ହେତୁ ହିଁ ମାଧବ ପୂଜାର ବ୍ୟାପକତା କଳିଙ୍ଗରେ ଦେଖା ଦେଇଥିବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଓଡ଼ିଶାରେ ପ୍ରବାହିତ ପୁରାତନ ବୈତରଣୀ ନଦୀକୂଳରେ ଦ୍ୱାଦଶ ମାଧବ ପୀଠ ଥିବାର ଦଶମ ଶତାବ୍ଦୀରେ ଲିଖିତ ବିରଜା ମାହାତ୍ମ୍ୟରେ ଉଲ୍ଲେଖ ଅଛି । ପ୍ରାଚୀନଦୀ କୂଳରେ ଥିବା ବିଶ୍ୱବନ୍ଦିତ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲି ଗ୍ରାମ ଚତୁଃପାର୍ଶ୍ୱରେ କିଭଳି ମାଧବ ପୀଠମାନ ଗଢ଼ି ଉଠିଥିଲା, ତାହା ଆଲୋଚନା କଲେ ମାଧବ ଉପାସନା ସମ୍ପର୍କରେ ସମ୍ୟକ୍ ସୂଚନା ମିଳେ । ଅଷ୍ଟାଦଶ ଶତାବ୍ଦୀରେ ରଚିତ ପ୍ରାଚୀ ମାହାତ୍ମ୍ୟରେ ଏହି ଅଞ୍ଚଳରେ ଦ୍ୱାଦଶ ମାଧବ ପୀଠ ଥିବାର ବର୍ଣ୍ଣନା ଅଛି ।

ସେହି ଦ୍ୱାଦଶ ମାଧବ ହେଉଛନ୍ତି ନିଆଳି ମାଧବ, ଗୋବିନ୍ଦପୁର ମାଧବ, ଅଙ୍ଗେଶ୍ୱର ମାଧବ, ଅମରେଶ୍ୱର ମାଧବ, ନୀଳକଣ୍ଠେଶ୍ୱର ମାଧବ, ଜଙ୍ଗଲୀ ମାଧବ, ନୀଳ ମାଧବ, ଲତାହରଣ ମାଧବ, ମୁଦ୍‌ଗଲ ମାଧବ, ଲଳିତ ମାଧବ, ମଙ୍ଗଳା ମାଧବ, ମାଧବାନନ୍ଦ ।

ପୁନଶ୍ଚ ଜଗନ୍ନାଥଙ୍କ ପ୍ରଥମ ନାମ ଥିଲା ନୀଳମାଧବ ଯେ କି ବିଶ୍ୱାବସୁ ଶବରଙ୍କ ଦ୍ୱାରା ପ୍ରଥମେ ପୂଜିତ ହେଉଥିଲେ ।

ମାଧବ ବିଗ୍ରହର ପୂଜା ଓ ଉପାସନା ଓଡ଼ିଆମାନଙ୍କ ନିକଟରେ କେତେ ପବିତ୍ର ତାହା ନିମ୍ନୋକ୍ତ ଉକ୍ତିରୁ ମିଳିଥାଏ ।

ମଙ୍ଗଳଂ ଭଗବାନ ବିଷ୍ଣୁ ମଙ୍ଗଳଂ ମଧୁସୂଦନ
ମଙ୍ଗଳଂ ପୁଣ୍ଡରିକାକ୍ଷଃ ମଙ୍ଗଳଂ ଗରୁଡ଼ ଧ୍ୱଜ ॥
ମାଧବ ମାଧବ ହରି ମାଧବ ମାଧବ ବିଷ୍ଣୁ
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବ କାର୍ଯ୍ୟେ ସୁମାଧବଂ ॥

ମଙ୍ଗଳମୟ ମାଧବ ବିଷ୍ଣୁ ଉତ୍କଳୀୟମାନଙ୍କର ପ୍ରାତଃ ସ୍ମରଣୀୟ । ସେ ଲକ୍ଷ୍ମୀ-ମାଧବ, କାଳୀକା ମାଧବ, ଦୁର୍ଗାମାଧବ ହୁଅନ୍ତୁ ପଛକେ ଉତ୍କଳୀୟମାନେ ମାଧବନାମ ସ୍ମରଣ କରି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଯାଇଥାନ୍ତି । ସୂର୍ଯ୍ୟବଂଶୀୟ ଗଜପତି ଶ୍ରୀପୁରୁଷୋତ୍ତମ ଦେବ କାଞ୍ଚି ଅଭିମୁଖେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ଦୁର୍ଗାମାଧବ ମୂର୍ତ୍ତି ଦର୍ଶନ କରିଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ।

**ଜୟଦେବ କାବ୍ୟର ବିଷୟବସ୍ତୁ**

ରାଧାକୃଷ୍ଣ ଲୀଳା ମଣ୍ଡନ କରିଥିବା ଏହି କାବ୍ୟରେ ଶ୍ରୀକୃଷ୍ଣ ନାୟକ, ଶ୍ରୀରାଧା ଓ ଗୋପୀମାନେ ହେଲେ ନାୟିକା । ଶ୍ରୀକୃଷ୍ଣ ରାତ୍ରିଟି କେଉଁ ପ୍ରଣୟ କୁଞ୍ଜରେ ବିତାଇ ପ୍ରଭାତ କାଳରେ ସୁରତ ସଙ୍କେତ ଅଙ୍ଗରେ ଧାରଣ କରି ଶ୍ରୀରାଧାଙ୍କ କୁଞ୍ଜରେ ପ୍ରବେଶ କରିଛନ୍ତି । ଏ ଦୃଶ୍ୟ ଦେଖି ଶ୍ରୀରାଧା ଖଣ୍ଡିତା ଓ କଳହାନ୍ତରିତା ନାୟିକାରେ ପରିଣତ ହୋଇ ପ୍ରାଣପ୍ରିୟାଙ୍କୁ ନିର୍ଦ୍ଦୟ ଭାବରେ ଭର୍ତ୍ସନା କରିଛନ୍ତି ।

'ଯାହି ମାଧବ ଯାହି କେଶବ, ମାଧବ କଇତବ ବାଦଂ
ତାମନୁସର ସରସି ରୁହ ଲୋଚନ ଯାତବ ହରତି ବିଶାଦଂ ।'

ପ୍ରାଣପ୍ରିୟାଙ୍କଠାରୁ ଅପମାନିତ ହୋଇ ଶ୍ରୀକୃଷ୍ଣ ଫେରିଯିବା ପରେ ସଖୀ ଶ୍ରୀମତୀଙ୍କୁ ଅନେକ ପ୍ରକାର ବୁଝାଇଛନ୍ତି । ପୁଣି ସନ୍ଧ୍ୟା ସମୟରେ ଶ୍ରୀକୃଷ୍ଣ ଶ୍ରୀମତୀଙ୍କ କୁଞ୍ଜକୁ ଆସି ମାନିନୀଙ୍କ ମାନ ଭଞ୍ଜନ କରିବା ଲାଗି ଚେଷ୍ଟା କରି ବିଫଳ ହୁଅନ୍ତେ, ପରିଶେଷରେ ତାଙ୍କ ପାଦତଳେ ପଡ଼ି ଅନୁନୟ ହୋଇଛନ୍ତି -

ସ୍ମରଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ
ଦେହି ପଦ ପଲ୍ଲବ ମୁଦାରଂ

ମାନିନୀର ମାନ ଭଞ୍ଜନ ହୋଇଛି । ସଖୀ ତାଙ୍କୁ ବେଶ ଭୂଷଣରେ ସଜ୍ଜିତ କରି ମାଧବଙ୍କ କୁଞ୍ଜରେ ପ୍ରବେଶ କରାଇଛି ।

ଏହି ସ୍ମର ଗରଳ ଖଣ୍ଡନଂ
ମମ ଶିରଶି ମଣ୍ଡନଂ ।

ଦେହି ପଦ ପଲ୍ଲବ ମୁଦିତ ମୁଦାରଂ ସମ୍ପର୍କରେ ଶୁଣିବାକୁ ମିଳେ ଯେ ଶ୍ରୀଜୟଦେବ ଗାଧୋଇ ଯିବା ପୂର୍ବରୁ ସ୍ମରଗରଳ ଖଣ୍ଡନଂ ମମ ଶିରଶି ମଣ୍ଡନଂ ତାଳପତ୍ର ପୋଥିରେ ଲେଖି ଯାଇଥିଲେ କିନ୍ତୁ ଶେଷ ଶ୍ଳୋକଟି କ'ଣ ହେବ ତାହା ତାଙ୍କର ମନେ ପଡ଼ିଲା ନାହିଁ । ଠିକ୍ ଏହି ସମୟରେ ଏକ କୋମଳମତି କିଶୋର ଜୟଦେବଙ୍କ ପତ୍ନୀଙ୍କ ପାଖକୁ ଆସି ଜୟଦେବ କ'ଣ ଲେଖିଛନ୍ତି ତାହା ଦେଖିବାକୁ ତାଙ୍କୁ ଅନୁନୟ କଲେ । ତା'ପରେ ତାଙ୍କ ପତ୍ନୀ ସେହି ବାଳକଙ୍କ ପାଇଁ କିଛି ଖାଦ୍ୟ ଆଣିବାକୁ ଯିବା ସମୟରେ ସେ ବାଳକ ଶେଷ ଶ୍ଳୋକଟିକୁ ଲେଖିଦେଇ ଯାଇଥିଲେ । ତା'ପରେ ଜୟଦେବ ଗାଧୋଇ ଆସି ଉକ୍ତ ପୋଥିଟିକୁ ପ୍ରଣାମ କଲାବେଳେ ତନ୍ମୟ ଓ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ଶେଷ ଶ୍ଳୋକ ଯାହା ମନେ ପଡୁନଥିଲା ତାହା ଦେହି ପଦପଲ୍ଲବ ମୁଦିତ ମୁଦାରଂ ବୋଲି ଆଉ କେହି ଲେଖି ଦେଇଯାଇଛି । ତା'ପରେ ସେ ତାଙ୍କ ପତ୍ନୀଙ୍କୁ ଆଉ କେହି ଆସି ଉକ୍ତ ପଦ ପୂରଣ କରିଛି ବୋଲି ପଚାରିବାରୁ ସେ କହିଲେ ଯେ, ଜଣେ ଶ୍ୟାମଳ ବର୍ଣ୍ଣର କିଶୋର ଏହି ପଦ ପୂରଣ କରିଛି । ସେ ମନେ ମନେ ଏହି ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣିପାତ କରି ଖୋଦ ଲୀଳାମୟ ଶ୍ରୀକୃଷ୍ଣ କିପରି ତାଙ୍କ ପ୍ରତି ଅପୂର୍ବ କରୁଣାରାଶି ଢାଳି ଦେଇଛନ୍ତି ସେ ଉଦ୍ଦେଶ୍ୟରେ ହାତ ଯୋଡ଼ି ବାରମ୍ବାର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବାକୁ ଲାଗିଲେ ।

ଡି-୧୧, ବ୍ଲକ୍-୨
ଜୟଦେବ ବିହାର, ନୟାପଲ୍ଲୀ
ଭୁବନେଶ୍ୱର

---

# ସ୍ରଷ୍ଟା

ଗୌରହରି ରାଉତ

ବିଶ୍ୱର ତ ସ୍ରଷ୍ଟା ତମେ ତମରି ପାଇଁ ନିଖିଳ ହସେ
ଈଶ୍ୱର ହେ ଭାସ୍ୱର ହେ ତମରି ଦାନେ କୁସୁମ ବାସେ ।
ସୁନ୍ଦର ଏ ଭୁବନ ପରେ ତମେ ତ ରଚ ନିତ୍ୟ ଖେଳ
ନଶ୍ୱର ମୋ' ମଥାଟି ନଏଁ ସେ ପାଇଁ ତବ ଚରଣ ତଳ ।

ତମେଇ ରଚ ମଳୟ ରାସ ଫୁଲର ପରେ ଭଅଁର ରଖି
ପ୍ରେମର ଲୁହ ଆଖିରୁ ଝରେ ଶରତ ଶୀତ ବରଷା ଦେଖି ।
ସୁନ୍ଦର ଏ ତୁନ୍ଦରର ଏକଇ ସିନା କାରଣ ତମେ
'ଈଶ୍ୱର ସେ ବିଶ୍ୱର କେ' - ନାସ୍ତିକ ସେ କେ କହେ ଜଣେ ??

ସତ୍ୟ ଶିବ ସୁନ୍ଦରର ଜାଣେ ତ ତମେ ଏକଇ ରୂପ
ତମରିଠାରେ ଅଛି ବି ପୁରି ତାଣ୍ଡବର ରୁଦ୍ର ଛାପ ।
ଝଞ୍ଜା ଉଠେ ଆକାଶେ ଯେବେ ତୋଫାନ୍ ଆସେ କରାଳେ ମାତି
ତମେଇ କର ପ୍ରଳୟଲୀଳା ତାଣ୍ଡବରେ ଥରାଇ ଛାତି ।

ବିଶ୍ୱପ୍ରାଣ, ତମେ ତ କେବେ ସୃଷ୍ଟିକର ଧ୍ୱଂସ କର ଥରକୁ ଥର
ଭଦ୍ର ତମେ ରୁଦ୍ର ତମେ ତମକୁ କୋଟି ନମସ୍କାର ।

ଚିତ୍ରକଳା ବିଭାଗ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ସଲଟ ଲେକ୍
କୋଲକାତା-୬୪

# ଜଗନ୍ନାଥଙ୍କ ବଢ଼େଇ

ମଧୁସୂଦନ ପଟ୍ଟନାୟକ

ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ । ଯଦି କାହାର ଜୀବନରେ ଏପରି ଘଟେ, ତେବେ ଏ ଶ୍ରେଣୀୟ ଲୋକମାନଙ୍କୁ କେହି କେହି ଆଳସ୍ୟ ପରାୟଣ ବୋଲି କହିଥାନ୍ତି । କିନ୍ତୁ ଏ କଥା ସତ ଯେ ଅନେକଙ୍କ ଭାଗ୍ୟରେ ଏପରି ଘଟିଥାଏ । ଏମାନଙ୍କୁ ଭାଗ୍ୟବାଦୀ ବୋଲି ନ କହି ଆଉ କ'ଣ କୁହାଯାଇପାରେ । ଓଡ଼ିଶାରେ କାଶୀଆ କପିଳା କାହାଣୀ ଘରେ ଘରେ ପରିଚିତ । ପିଲା ଦିନର କପିଳ ଥିଲେ ଜଣେ ଗରିବ କ୍ଷତ୍ରୀୟ ସନ୍ତାନ । ଜଣେ ବ୍ରାହ୍ମଣ ଘରେ ଗାଈ ଜଗି ପେଟ ପୋଷୁଥିଲେ । ପେଟ ଚାଖଣ୍ଡକ ପାଇଁ ଜାତିଅଜାତି ଭୁଲିଯାଏ । କୁଳମର୍ଯ୍ୟାଦା ଉଲଙ୍ଘନ କରେ । ନାନା ଫନ୍ଦିରେ ପଶେ ।

ଏମିତି ଦିନେ ଏକ ଅଘଟଣ ଘଟିଲା । ବୈଶାଖ ମାସ ଟାଣ ଖରା । ଦିପ୍ରହର । ଗାଈ ଚରାଇ ଚରାଇ ଥକି ଗଲେ କପିଳ । ଦେହରୁ ଗମ୍ ଗମ୍ ଝାଳ ନିଗିଡ଼ି ଗଲା । ପାଦ ଥକିଗଲା । ଗାଈମାନଙ୍କୁ ତୋଟା ମୂଳେ ଛାଡ଼ି ଦେଇ ଗଛ ମୂଳେ ଶୋଇ ପଡ଼ିଲେ କପିଳ । ବ୍ରାହ୍ମଣ ମାଲିକ କପିଳର ଗାଈ ଚରା ପରଖିବା ପାଇଁ ବାହାରି ପଡ଼ିଲେ ବୁଲି ବୁଲି ଆସି ଦେଖନ୍ତି - କପିଳ ଯୋରରେ ଘୁଙ୍ଗୁଡ଼ି ମାରୁଛି । ପାଖରେ ଗୋଟିଏ ନାଗସାପ ଫଣା ମେଲାଇ ମୁଣ୍ଡ ଉପରେ ରହିଛି । ବ୍ରାହ୍ମଣ ଦେବଙ୍କୁ ଦେଖି ସାପଟି ଅପସରି ଗଲା ସିନା, ସେ ଭାବିଲେ ନିଶ୍ଚୟ ଦଂଶନ କରିଥିବ । ସେମିତି କିଛି ହୋଇ ନାହିଁ ଦେଖିଲେ । ଘରକୁ ଡାକି ନେଲେ ।

କପିଳକୁ ବଡ଼ ଅଡୁଆ ଅଡୁଆ ଲାଗିଲା । ପେଟ ପାଇଁ ଆଉ ଏତେ କଷ୍ଟ ସହି ନ ପାରି ଘର ଛାଡ଼ି ଚାଲି ଆସିଲେ କପିଳ । କରିବେ କ'ଣ ? ଭାବି ଭାବି ଠିକ୍ କଲେ, ଚୋରି କରିବେ । ଏକାବେଳେକେ ଧନୀ ହୋଇଯିବେ । ଆଉ କଷ୍ଟ ସହିବାକୁ ପଡ଼ିବନି । ବନମାଳି ଦାସ ପୁଅ କାଶୀନାଥ । କପିଳେନ୍ଦ୍ରର ବଡ଼ସାଙ୍ଗ । 'କାଶୀଆକପିଳା'ର ସେ ହିଁ ଥିଲେ କାଶୀଆ । ଉଭୟେ ମିଶି ଚୋରି ଆରମ୍ଭ କଲେ । ବହୁତ ଧନ ମିଳିଲା । ଦିନ କେତେ ଗଲା । ହେଲେ କପିଳ ମନରେ ବଡ଼ ଘୃଣାଭାବ ଜାତ ହେଲା । ଛି ଛି ଚୋରୀ କରି ପେଟ ପୋଷିବ ! ଚୋରି କରିବା ମହାପାପ । ବରଂ ମାଗି ଖାଇବା ଭଲ । ଆଉ ଏ କାର୍ଯ୍ୟ କରିବିନି ।



ଦିନେ ମନକୁ ଆସିଲା - ପୁରୁଷୋତ୍ତମ କ୍ଷେତ୍ରରେ ଅନ୍ନଛତ୍ର ତ ବହୁତ ମିଳେ । ସେଠାକୁ ଯାଇ ବରଂ ମାଗିକରି ଖାଇବ । ଏହାଭାବି କପିଳ ପୁରୀ ଚାଲି ଆସିଲେ ।

ଆନନ୍ଦବଜାର ଭିତରେ ଅନେକ ଖାଇ ଖପରା ପକାଇ ଦେଇଥାନ୍ତି । ସେହି ଖପରାରେ ଲାଗିଥିବା ଅନ୍ନ ଖାଇ କିଛି ଦିନ କଟିଗଲା । ନାନା କଥା ଭାବି ଭାବି ଦିନେ କପିଳେନ୍ଦ୍ର ବିମଳା ମନ୍ଦିର ପାଖରେ ବସିଥିଲେ । ସେତେବେଳେ ଓଡ଼ିଶାର ରାଜା ଥିଲେ ଶେଷଭାନୁ ବା ଅକଟାଅବଟା ଭାନୁ । ସେ ଜଗନ୍ନାଥ ଦର୍ଶନ ସାରି ବିମଳାଙ୍କ ଦର୍ଶନ ପାଇଁ ଗଲାବେଳେ ଆଖି ପଡ଼ିଲା କପିଳେନ୍ଦ୍ର ଉପରେ । ରାଜାଙ୍କ ଗୋଡ଼ ଅଟକି ଗଲା । ମନରେ କପିଳେନ୍ଦ୍ରଙ୍କ ପ୍ରତି କରୁଣା ଉଦ୍ରେକ ହେଲା । ରାଜା ପଚାରିଲେ - ତୁମେ କିଏ ? କପିଳେନ୍ଦ୍ର କହିଲେ - ମୁଁ ଜଣେ ନିରାଶ୍ରୟ ଦରିଦ୍ର କ୍ଷତ୍ରୀୟ ପୁତ୍ର । ତୁମେ ଏଠାରେ କ'ଣ କର ? କପିଳେନ୍ଦ୍ର କହିଲେ - ମୁଁ ଏଠି ସେଠି ରହୁଛି । ପେଟ ପୋଷିବା ପାଇଁ କାମ ବୁଝୁଛି ।

କପିଳେନ୍ଦ୍ରଙ୍କର ଭାଗ୍ୟୋଦୟ ହେଲା । ରାଜାଙ୍କ ମନ ତରଳିଗଲା । ମନ କୌଣସି କଥାରେ ଥରେ ଲାଗିଗଲେ ଆଉ ଛାଡ଼ି ପାରେ ନାହିଁ । ସ୍ନେହ, ପ୍ରେମ ଅନ୍ଧ । ତା'ର ସ୍ଥାନଅସ୍ଥାନ, ଜାତିଗୋତ୍ର, କୁଳଶୀଳ ଧନୀଦରିଦ୍ର ସ୍ଥାନଅସ୍ଥାନ ବାଛବିଚାର ନାହିଁ । ଏହା ଏକ ନୈସର୍ଗିକ ନିୟମ । ରାଜା ଏହି ନିୟମର ବଶବର୍ତ୍ତୀ ହୋଇ ପଚାରିଲେ, 'ଆଚ୍ଛା ତୁ ଆମ ପାଖରେ ରହି ଚାକିରି କରିବୁ ? କପିଳେନ୍ଦ୍ର ମନେ ମନେ ଭାବିଲେ - ଏ କ'ଣ ? ମୁଁ କିଏ, ରାଜା କିଏ ? ମୁଁ ଦୀନଦରିଦ୍ର । ଏହାଙ୍କ ସୁଦୃଷ୍ଟିରେ ପଡ଼ିଲି କିପରି ? ଏ ମୋର ଭାଗ୍ୟ । ରାଜା ସାଥିରେ ନେଇଗଲେ । କପିଳେନ୍ଦ୍ର ସୁଖଶାନ୍ତିରେ ରାଜାଙ୍କ ଘରେ ରହିଲେ ।

ଶେଷ ଭାନୁ ଥିଲେ ଅପୁତ୍ରିକ । ସେ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ । ମଣିମା, ମୋ ପରେ ରାଜା ହେବ କିଏ ? ଜଗନ୍ନାଥ ଆଜ୍ଞା ଦେଲେ - କପିଳ ରାଜା ହେବ । ମହାପ୍ରଭୁଙ୍କର ଆଦେଶ ଅଲଙ୍ଘ୍ୟ । କପିଳ ରାଜସିଂହାସନ ଆରୋହଣ କରି କପିଳେନ୍ଦ୍ର ଦେବ ବୋଲାଇଲେ ।

ପିଲାଦିନ ସାଙ୍ଗ କାଶିଆ ଏଣେ ପୂର୍ବବତ୍ ଚୋରୀବୃତ୍ତି କରି ପେଟ ପାଳୁଥାଏ । ଦିନେ ମନକୁ ଆସିଲା - ମୋ' ସାଙ୍ଗ କପିଳା ଏବେ କପିଳେନ୍ଦ୍ର ଦେବ ହୋଇ ରାଜା ବୋଲାଇଲେ । ଆଉ ମୁଁ ଯେଉଁ ଚୋରକୁ ସେହି ଚୋର । ହଉ ତାରି ଘରୁ ଯାଇ ଚୋରୀ କରିବି । ଉଆସରେ ପଶି ଚୋରୀ କଲା । ଧରା ହୋଇ ଛାମୁକୁ ଅଣାଗଲା । ରାଜା ପଚାରିଲେ - ଚୋରୀ କଲ କାହିଁକି ? କାଶୀନାଥ ଉତ୍ତର ଦେଲା - ତୁମେ ମୋତେ ତ ପଚାରିଲନି । ମୁଁ ଚୋରୀ କଲି । ରାଜା ପୂର୍ବ କଥା ମନେ ପକାଇଲେ । କହିଲେ - କ'ଣ ମାଗୁଛ, ମାଗ । ମୋତେ ବଡ଼ଲୋକ କରି ଦିଅ । କପିଳେନ୍ଦ୍ର ଦେବ ତତ୍‌କ୍ଷଣାତ୍ କହିଲେ, ଆଜଠୁ ତୁମକୁ ରାଜପୁରୋହିତ କରାଗଲା ।

ଏତାଦୃଶ କପିଳେନ୍ଦ୍ର ଦେବ ଖ୍ରୀ:୧୪୩୫ରୁ ଖ୍ରୀ:୧୪୬୫ ପର୍ଯ୍ୟନ୍ତ ରାଜା ହେଲେ । ଛତ୍ରଗଡ଼ ଓ ଖେମଣ୍ଡି ଜୟ କଲେ । ତୁଳସୀପୁର ଶାସନ ବସାଇଲେ । କପିଳେଶ୍ୱରପୁର ଶାସନ ପ୍ରତିଷ୍ଠା କଲେ । ଆଳି, କନିକା, କୁଜଙ୍ଗ ଜୟ କଲେ । ଦାମୋଦରପୁର ଶାସନ ବସାଇଲେ । କୁଣ୍ଡଘୋରି ଆକ୍ରମଣ କରି ଚନ୍ଦ୍ରାବତୀ ଦେଇଙ୍କୁ ବନ୍ଦୀ କରି ଆଣିଲେ । ସେଠାରେ ନରସିଂହ ରାଏଙ୍କୁ ରାଜା କରାଇଲେ । ଏହାଙ୍କର ସ୍ୱପତ୍ନୀ ଗର୍ଭରୁ ୧୮ ପୁତ୍ର ଜାତ ହେଲେ ମାତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ୱପ୍ନାଦେଶମତେ ଫୁଲବିବାହୀ ପୁତ୍ର ପୁରୁଷୋତ୍ତମ ଦେବ ରାଜା ହେଲେ । ଜଗନ୍ନାଥ ମନ୍ଦିରର ବାହାରବେଢ଼ା ନିର୍ମାଣ କରାଇ କପିଳେନ୍ଦ୍ର ଦେବ ଅମର ହୋଇଛନ୍ତି ।

ଖ୍ରୀ: ୧୪୬୫ରେ ପୁରୁଷୋତ୍ତମ ଦେବ ରାଜା ହେବା ଶୁଣି ଅଠରଭାଇ କ୍ରୋଧାନ୍ଧ ହେଲେ । ଆମ୍ଭେମାନେ ଥାଉ ଥାଉ ପୁରିଆ (ପୁରୁଷୋତ୍ତମ ଦେବ) ରାଜା ହୋଇଗଲା । ସେମାନେ ତାଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରି ବିଫଳ ହେଲେ । କଥାରେ ଅଛି - ଯାହାର ସହାୟ ଅନନ୍ତ, କିସ କରିବ ବଳବନ୍ତ । ଯାହାଙ୍କୁ ଦେବ ଦେବ ଜଗନ୍ନାଥ ସହାୟ, ଏମାନେ କ'ଣ କରିପାରିବେ । ଜ୍ୟେଷ୍ଠପୁତ୍ର କଳାମିହିର ସିଂହଦ୍ୱାରକୁ ଆସି ଆକ୍ରମଣ କଲେ । ଗର୍ଜନ କରି କହିଲେ, 'ପ୍ରଭୁ ! ପୁରିଆକୁ ଆଉ ତୁମେ ଚକ୍ର ଉହାଡ଼ କଲେ ବି ରଖିପାରିବନି । ଜୀବନରେ ଆଶା ଥିଲେ ସିଂହଦ୍ୱାର କବାଟ ଫିଟା ।' ଦ୍ୱାରପାଳ କହିଲା - ଠାକୁରଙ୍କ ଆଜ୍ଞା ନାହିଁ । କଳାମିହିର ଗର୍ଜି ଉଠିଲେ - ପୁରିଆକୁ କହ, ଯଦି ରାଜା ହେବାକୁ ଇଚ୍ଛା ଅଛି, ଯେବେ ଏ ଶାବଳ ମୁଠାକୁ ତେଢ଼ି ପାରିବ, ତେବେ ସେ ଏ ରାଜ୍ୟରେ ରାଜା ହେବ । ପୁରୁଷୋତ୍ତମ ଏହାଶୁଣି କବାଟ ଫିଟାଇ ଦେଲେ । କଳାମିହିର ଶାବଳ ମାରିଲେ । ପୁରୁଷୋତ୍ତମଙ୍କର କିଛି ହେଲା ନାହିଁ । ସେ ସମ୍ଭାଳି ନେଲେ । କଳାମିହିର ବିସ୍ମିତ ହେଲେ । ମନେ ମନେ ପାଞ୍ଚିଲେ, ଏ ମହାପ୍ରଭୁଙ୍କ କୂଟ । ସେ କ୍ଷେତ୍ର ତ୍ୟାଗ କରି ପାରଳାଖେମୁଣ୍ଡିରେ ବାସ କଲେ । ବର୍ତ୍ତମାନ ପାରଳାର ରାଜବଂଶ ଏହାଙ୍କ ବଂଶଧର । କନିଷ୍ଠପୁତ୍ର ସୁଭକ୍ତ ବାମଣ୍ଡାରେ ବାସ କଲେ ।

ପୁରୁଷୋତ୍ତମ ଦେବ ଦେଉଳର ଭୋଗମଣ୍ଡପ ନିର୍ମାଣ କରାଇଲେ । ଠାକୁରଙ୍କର ପୋଡ଼ପୀଠା ଭୋଗ ଏହାଙ୍କ ଅମଳରେ ଆରମ୍ଭ ହେଲା । ପୁରୁଷୋତ୍ତମ କାଞ୍ଚି ଅଭିଯାନ କଲେ ରାଜକନ୍ୟା ପଦ୍ମିନୀଙ୍କୁ ପାଇବା ପାଇଁ । କନ୍ୟାଦାନ ପାଇଁ ପ୍ରଥମେ କାଞ୍ଚିରାଜା ସମ୍ମତ ଥିଲେ । ମାତ୍ର ରଥଯାତ୍ରା ସମୟରେ ପୁରୁଷୋତ୍ତମ ଦେବ ରଥରେ ଛେରାପହଁରା କରୁଥିବା ଦେଖି ସେ ଚଣ୍ଡାଳ କାମକୁ ଘୃଣାକରି କନ୍ୟା ଦେବାକୁ ଅସ୍ୱୀକାର କଲେ । କାଞ୍ଚିରାଜା ଭାବି ପାରିଲେ ନାହିଁ ଯେ ଦେବ ଦେବ ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁଙ୍କର ଛେରାପହଁରା ସେବାଠାରୁ ଆଉ ପବିତ୍ର କାର୍ଯ୍ୟ ଇହରେ ନାହିଁ । ଈଶ୍ୱର ସର୍ବଦା ଭକ୍ତାଧୀନ । ପୁରୁଷୋତ୍ତମ ଦେବ ପ୍ରଭୁଙ୍କର ପରମ ଭକ୍ତ । ଭକ୍ତର ଅପମାନ ସେ ସହିପାରନ୍ତି ନାହିଁ । ପ୍ରବାଦ ଅଛି, ସ୍ୱୟଂ ଜଗନ୍ନାଥ, ବଳଭଦ୍ର ଧଳାଘୋଡା ଓ କଳାଘୋଡା ଚଢ଼ି ରାଜାଙ୍କୁ ସହାୟକ ହୋଇଥିବାରୁ ରାଜା ଯୁଦ୍ଧରେ ଜୟଲାଭ କରି ପଦ୍ମାବତୀ କନ୍ୟା ଓ ଗୋପୀନାଥଙ୍କୁ ନେଇ ଆସିଲେ । କନ୍ୟାଙ୍କ ସହ କଟକରେ ବିବାହ କଲେ । ସତ୍ୟବାଦୀ-ଗୋପୀନାଥଙ୍କୁ ଚଉଦ୍ୱାରଠାରେ ରଖାଇଲେ । ଆଣିଥିବା ଗଣେଶ ମୂର୍ତ୍ତି କାଞ୍ଚି ଗଣେଶ ବା ଭଣ୍ଡ ଗଣେଶ ନାମରେ ଶ୍ରୀମନ୍ଦିରରେ ସ୍ଥାନିତ । ପଦ୍ମାବତୀଙ୍କ ଗର୍ଭରୁ ଜାତ ପୁତ୍ର ପ୍ରତାପରୁଦ୍ର ଦେବ ଖ୍ରୀ: ୧୪୯୫ରୁ ଖ୍ରୀ:୧୫୩୧ ପର୍ଯ୍ୟନ୍ତ ରାଜତ୍ୱ କଲେ ।

କୈବଲ୍ୟ
ଦଉତୋଟା, ପୁରୀ





# ପ୍ରିୟଦର୍ଶୀ ଶ୍ରୀଜଗନ୍ନାଥ

ନିର୍ମଳା କୁମାରୀ ମହାପାତ୍ର

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରା ସହ ଶ୍ରୀଜଗନ୍ନାଥ ଅତି ଘନିଷ୍ଠ ଭାବେ ସହ ସଂପର୍କିତ । ସେ ବିଶ୍ୱାସ ଓ ଧର୍ମଧାରଣାର ମୂର୍ତ୍ତିମନ୍ତ ଅବତାର । କମ୍ବୁକଟକର ରାଜା ଶ୍ରୀଜଗନ୍ନାଥ, ଦାରୁରୂପଧାରୀ, ସେ ଅଖିଳ ଜଗତର ନାଥ ଭକ୍ତଜନଙ୍କ ମନ ଆକାଶର ଜହ୍ନମାମୁଁ ସେ । ସେ ବଳିଆର ବାହା, ଆଉ କରୁଣାର ନିଧାନ, ତେଣୁ ତାଙ୍କ ଦର୍ଶନ ନିମନ୍ତେ ଭକ୍ତପ୍ରାଣରେ ଅକଳନ ଆକୁଳତାର ନିଦର୍ଶନ । ବଡ଼ଦାଣ୍ଡର ବଡ଼ଠାକୁରଙ୍କ ପାଇଁ ମନରେ, ଧ୍ୟାନରେ, ଗାନରେ, ନୃତ୍ୟରେ, ଚିତ୍ରରେ - ପ୍ରତିଟି କାର୍ଯ୍ୟକରଣୀରେ ଭକ୍ତିର ପ୍ରତିଫଳନ । ସେ ନୀଳାଚଳ ଧାମର ନୀଳାଦ୍ରିସିଂହ, ନୀଳସୁନ୍ଦର, ନୀଳାଚଳ-ସୁଧାକର । କଳିଯୁଗର କଳ୍ପଦ୍ରୁମ । ଅନୁପମ ସେ ବିଗ୍ରହ ପ୍ରତି ଭକ୍ତର ଆହ୍ୱାନ- 'ହେ ଚକ୍ରଧର, ହେ ବଡ଼ଠାକୁର, ହେ ତ୍ରିତାପହର, ଦର୍ଶନ ଦିଅ ପ୍ରଭୋ ।'

'ମହାବାହୁ, ଏହି କଥାରେ ମୋ' ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ
କଞ୍ଜସୁନ୍ଦର ବଦନ .....' (କବି ବନମାଳୀ)

ମନ-ବଚନ-କର୍ତ୍ତବ୍ୟରେ ଶ୍ରୀଜଗନ୍ନାଥଗତପ୍ରାଣ କବି ବନମାଳୀ, ସଂପୂର୍ଣ୍ଣ ସମର୍ପିତ । ପୁଣି ମାଗିଛନ୍ତି -

'ମଣିମା ହେ, ଏତିକି ମାଗୁଣି ମୋର
ମରଣ କାଳରେ ଦରଶନ ଦେବ
କଳାମୁଖ କଳାକର ହେ ...'

ଏବଂ

'ସେବାରୁ ଅନ୍ତର ନ ହୋଇବି ପ୍ରଭୁ ଏହି ଅଳି ଶ୍ରୀଚରଣେ
ମରଣ ଅବଧି ଶ୍ରୀମୁଖ ଦର୍ଶନୁ ବଞ୍ଚିତ ନୋହିବି କ୍ଷଣେ
ମହାବାହୁ କାହାକୁ କହିବି ...'

ସଗୁଣ ଭକ୍ତମାନେ ଦର୍ଶନକୁ ସବୁଠୁଁ ବେଶୀ ଗୁରୁତ୍ୱ ଦେଇ ଥାଆନ୍ତି । ସେମାନଙ୍କ ମତରେ ଦର୍ଶନ ପରେ ପରେ ଆସେ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ ବା ଭକ୍ତଭାବେ ଭକ୍ତି ନିବେଦନ । ନବଧା ଭକ୍ତିରେ ଦର୍ଶନର ସ୍ଥାନ ବେଶ୍ ଉଚ୍ଚରେ । ଶ୍ରୀଜଗନ୍ନାଥଙ୍କୁ ନିତି ଦର୍ଶନ କରିବାକୁ ମନ, ପୁଣି ମନ ଉଚ୍ଛନ୍ନ । ଶ୍ରୀମନ୍ଦିରର ନୀଳଚକ୍ର, ପାଟନେତ/ପତିତପାବନ ବାନା ଦର୍ଶନରେ ମହାପୁଣ୍ୟ ଅର୍ଜନ ହୁଏ । ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବା ରଥଯାତ୍ରାବେଳେ ରଥ ଉପରେ ତାଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ, ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ । ଏଣୁ କୁହାଯାଏ ଯେ -

'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ ।'

ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ -

'ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ
ସ୍ତୁତିଃ ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ
ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତୟା
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ... ।'

ଅର୍ଥାତ୍, 'ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ, ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ । ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର, ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।'

ନୟନରେ ଜଗନ୍ନାଥଙ୍କୁ ଦେଖିବାର ସୌଭାଗ୍ୟ ପ୍ରାପ୍ତି ପାଇଁ ଜାତି-ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ସମସ୍ତେ ବ୍ୟାକୁଳ । ମନେପଡ଼େ ଭାରତର ବଡ଼ଲାଟ୍ ଲର୍ଡ଼କର୍ଜନ ଚାହିଁଥିଲେ ରତ୍ନ ସିଂହାସନ ପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ, ଆଉ ପ୍ରଣାମୀ ଦେଇଥାନ୍ତେ ଶ୍ରୀମନ୍ଦିର ଓ ବେଢ଼ାର ବିକାଶ ପାଇଁ ସମସ୍ତ ଖର୍ଚ୍ଚ ତତ୍କାଳୀନ ଭାରତୀୟ ମୁଦ୍ରାରେ କୋଟି ଅଙ୍କରେ । ତେବେ ଇତିହାସରୁ ଜଣାଯାଏ ଯେ ଲର୍ଡ଼ କର୍ଜନଙ୍କର ଏଇ ଇଚ୍ଛା କୁଆଡ଼େ ପୂର୍ଣ୍ଣ ହୋଇ ନଥିଲା ।

ରଥଯାତ୍ରାରେ ବଡ଼ଦାଣ୍ଡରେ ସମସ୍ତେ ତାଙ୍କୁ ଦର୍ଶନ କରିପାରିବେ । ଜାତି-ଧର୍ମ-ମତର ବାରଣ ନାହିଁ । ସ୍ୱଚ୍ଛନ୍ଦ ଦର୍ଶନ । ମୁକ୍ତ ଦର୍ଶନ । ସେଇଠି ତ ଦେବତା ନିଜକୁ ଭକ୍ତ ପାଖକୁ ନେଇ ଆସିଥା'ନ୍ତି । ଦେବତା ଆସିଥାନ୍ତି ଜଗତଜନଙ୍କୁ ଦେଖିବା ପାଇଁ । କୁଶଳ କାମନା କରିବା ପାଇଁ, ଦର୍ଶନ ଦେବା ପାଇଁ ।

ସାଲବେଗଙ୍କର ଦର୍ଶନ ଇଚ୍ଛା ପ୍ରକଟ ହୋଇଛି ନିମ୍ନଭାବେ -

'ଚାଲ ସଖୀ ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ
କେଉଁ ସୁରପତି ବେଶ କରିଅଛି ଗିରିବର ତୋଳିଆକୁ
ସେ ଯେ ଶ୍ରୀମୁଖ ତୋରା ...
ଶିରେ ସୁନାଦୁବ କେରା କେରା
ସେ ଯେ ଶ୍ରୀମୁଖ ତୋରା ...'

ସେଦିନ ସାଲବେଗ ବୃନ୍ଦାବନରୁ ଆସୁଥାଆନ୍ତି ଶ୍ରୀକ୍ଷେତ୍ର, ବେଶ୍ ଦୂର ପଥ, ଆଖି ପାଉନାହିଁ, ପହଞ୍ଚୁ ପହଞ୍ଚୁ ଯଦି ରଥଯାତ୍ରା ସରିଯାଏ, ତେବେ ତ ସାଲବେଗ ଆଉ ଦର୍ଶନ କରିପାରିବେ ନାହିଁ । ସେ ଲାଗି ତାଙ୍କର ପ୍ରାର୍ଥନା -

'ସାତଶ ପଚାଶ କୋଶ ଚାଲି ନ ପାରଇ
ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି ...'

ଭକ୍ତର ଅଶ୍ରୁଳ ବ୍ୟାକୁଳ ଆବେଦନକ୍ରମେ ସେଦିନ କୁଆଡ଼େ ମହାମହିମ ନନ୍ଦିଘୋଷ ବଡ଼ଦାଣ୍ଡର ମଧ୍ୟସ୍ଥଳରେ ଅଟକି ରହିଥିଲା ସାଲବେଗ ଆସିବା ପର୍ଯ୍ୟନ୍ତ । ପ୍ରିୟଦର୍ଶୀ ଜଗନ୍ନାଥ କ'ଣ ନବୁଝନ୍ତି ସତେ !

କ୍ଷେତ୍ରର ରାଜ ପୁରୁଷୋତ୍ତମ, ପୁଣି ସେଇଠି ଶ୍ରୀଜଗନ୍ନାଥ ଦର୍ଶନରେ ପ୍ରାଣର ଆୟାମ, ବିଶ୍ରାମ, ତୃପ୍ତି । ଶ୍ରୀଚୈତନ୍ୟ ଚରିତାମୃତ (ଅଧ୍ୟାୟ ୧୫)ରେ ନିମାଇଁ କହନ୍ତି -

'ଦାରୁ ଜଳ ରୂପ କୃଷ୍ଣ ପ୍ରକଟ ସଂପ୍ରତି
ଦରଶନ ସ୍ନାନ କଲେ ଜୀବେର ମୁକତି ।'

ମନକୁ ବୋଧ ଦେଇ ଭକ୍ତଚରଣ ଦାସ (ମନବୋଧ ଚଉତିଶା)ରେ କହନ୍ତି -

'କହଇ ମନ ଆରେ ମୋ' ବୋଲ କର
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ...'

କବି ବିପ୍ର ନରହରି ତାଙ୍କର ଥକାମନକୁ ଉଦ୍‌ବୋଧନ ଦେଇ କହନ୍ତି -

'ଥକା ମନ ଚାଲଯିବା,
ଚକା ନୟନ ଦେଖିବା,
ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା
ଥକା ମନ ଚାଲଯିବା ...'

ପ୍ରିୟଦର୍ଶୀ ଜଗନ୍ନାଥ ସର୍ବ ବୁଦ୍ଧମୟ, ସର୍ବସିଦ୍ଧିରେ ବ୍ୟାପ୍ତ ଗଗନ ସଦୃଶ ଅସୀମ, ବ୍ୟାପକ ସର୍ବଜ୍ଞ ଶ୍ରେଷ୍ଠ ବଦ୍ରୀଙ୍କୁ ମୋର ପ୍ରଣାମ, ଅନନ୍ତ କୋଟି ପ୍ରଣାମ ।

**ସହାୟକ ପୁସ୍ତକ :**

୧. ପ୍ରାଚୀନ ଓଡ଼ିଆ ଗୀତି କବିତାରେ ଶ୍ରୀଜଗନ୍ନାଥ, ଲେ- ଡଃ ହରିଶ୍ଚନ୍ଦ୍ର ବେହେରା, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ-୨

ଟିଚର ଏଡୁକେଟର
ଡି.ଆଇ.ଇ.ଟି. ଟିକାବାଲି
କନ୍ଧମାଳ

---

# ବଡ଼ ଦେଉଳର ବଡ଼ ଠାକୁର

ବସନ୍ତ କୁମାର ଦେବ

ଜଗନ୍ନାଥ ! ତୁମେ ବଡ଼ ଦେଉଳର ବଡ଼ ଠାକୁର,
ଅଶେଷ ମହିମା ତୁମ କରୁଣା ଅପାର ।
ଆହେ ଜଗବନ୍ଧୁ, ଦୀନବନ୍ଧୁ, କୃପାସାଗର,
କୁହ କୃପା କରି ପାରି ହେବି କେବେ ଭବ ପାରାବାର ।
ବିଷମ ଜଞ୍ଜାଳ ଜାଲରେ ପଡ଼ି,
ଛଟପଟ ହୋଇ ମୁଁ ଛାଡୁଛି ରଡ଼ି ।
ଏ ଘୋର କଳିକାଳ ଆସଇ ମାଡ଼ି
ପାପ ଭାରେ ମୁଁ ଏବେ ଗଲିଣି ବୁଡ଼ି ।
ଏ ଛାର ଇନ୍ଦ୍ରିୟ ଲାଳସା,
ମନେ ମୋର ଜଗାଇଲା ଆଶା ।
ବଢ଼ାଇ ଦେଲା ମୋ' ମନର ତୃଷା,
ଘାରୁଅଛି ମୋତେ ବିଷୟା ନିଶା ।
ଅସହ୍ୟ ଏ ବିଷୟାର ବାଉ,
ସହି ପାରିବିନି ଆଉ ।



ସରି ମୋ' ଯାଉଛି ଆୟୁ,
ରଖ ମୋତେ ଶରଣ ରକ୍ଷଣ ମହାବାହୁ ।
ଆହେ ଜଗନ୍ନାଥ ଜଗତପତି,
ଭରି ଦିଅ ମୋ' ହୃଦୟେ ଶାନ୍ତି, ମୈତ୍ରୀ, ପ୍ରୀତି ।
ଗାଉଥିବି ନିତି ତୁମ ଗୁଣ କୀରତି,
କୁହ ପ୍ରଭୁ କୁହ କେବେ ଏ ଭବ ସାଗରୁ ମିଳିବ ମୁକତି ।
କୃପାସିନ୍ଧୁ ବୋଲି ନାମ ତୁମ୍ଭରି,
ଆଉ କେବେ ପୁନର୍ଜନ୍ମ ନ ହେଉ ମୋହରି,
ଏ ଭବ ସାଗର ହେବି ମୁଁ ପାରି,
ପ୍ରଭୁ ଏତିକି ମାଗୁଣି ମୋର ଏତିକି ଗୁହାରି ।

କ୍ୱାର୍ଟର ନଂ- ଇ-୭୫
ୟୁନିଟ୍-୮, ଭୁବନେଶ୍ୱର - ୧୨



# ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ

କୃଷ୍ଣପ୍ରିୟା ଦାସ

**ବି**ଶ୍ୱରେ ଯଦି କିଛି ଶ୍ରେଷ୍ଠରୁ ଶ୍ରେଷ୍ଠତର କାର୍ଯ୍ୟଥାଏ, ତାହା ହେଉଛି ଜୀବକୁ ଜାଗ୍ରତ କରି ଶିବତ୍ୱରେ ସ୍ଥାପିତ କରିଦେବା । ପ୍ରକୃତିର ପରାଧୀନତାରୁ ଟାଣିଆଣି ମୁକ୍ତ କରିଦେବା । ଏ କାର୍ଯ୍ୟ କେବଳ ବ୍ରହ୍ମନିଷ୍ଠ ମହାପୁରୁଷମାନେ ସ୍ୱାଭାବିକ ଭାବେ କରିବାକୁ ସମର୍ଥ ହୋଇପାରନ୍ତି ।

ସେହିପରି ପରମ ଚୈତନ୍ୟ ସ୍ୱରୂପ ସଦ୍‌ଗୁରୁ ସନ୍ଥ ନାନକଜୀଙ୍କ ଦ୍ୱାରା ବ୍ରହ୍ମ ସ୍ୱରୂପରେ ଚୈତନାନନ୍ଦ ପ୍ରକଟ ହେବାର ଦେଖାଯାଇଥିଲା ।

ନାନକ ଭାରତ ଭ୍ରମଣ ସାରି ସୁଦୂର ପଞ୍ଜାବରୁ ପୁରୁଷୋତ୍ତମ କ୍ଷେତ୍ରକୁ ବ୍ରହ୍ମ ଦର୍ଶନର ଅଭିଳାଷ ପୋଷଣ କରି ପହଞ୍ଚି ଯାଇଥିଲେ । ସାଙ୍ଗରେ କେଇଜଣ ବିଶ୍ୱାସୀ ଶିଷ୍ୟ । ତାଙ୍କର ଲମ୍ବା, ଚୌଡ଼ା, ବଳିଷ୍ଠ ବପୁ, ସୁଦୀର୍ଘନାସା, ସୁଗଠିତ କପୋଳ, ଗୌରବର୍ଣ୍ଣ, ତେଜଦୀପ୍ତ ନେତ୍ର ସହିତ ମୁଣ୍ଡରେ ପଗଡ଼ି, ଦେହରେ ଫତେଇ, ଫାଳଟାମରା ଲୁଗାପିନ୍ଧା ବେଶ୍ ମନଉଥିଲା । ଦେଖିବା ଲୋକ ଆକୃଷ୍ଟ ହୋଇ ତାଙ୍କ ପିଛା ଛାଡୁ ନଥିଲେ ।

ପଦବ୍ରଜରେ ଅରୁଣ ସ୍ତମ୍ଭକୁ ମୁଣ୍ଡ ଲଗାଇ ଯେତେବେଳେ ସିଂହଦ୍ୱାର ଟପିବାକୁ ଇଚ୍ଛା କରନ୍ତି, ବେତ୍ରକାର, କେତେକ ପଣ୍ଡା ପ୍ରତିହାରି ତାଙ୍କୁ ବିଧର୍ମୀ ମନେ କରି, ଭିତରକୁ ବିରୋଧ କରି, ପଥ ଓଗାଳି ଠିଆ ହେଲେ । ସେ ଜଣେ ନୈଷ୍ଠିକ ହିନ୍ଦୁ ହେଲେ ମଧ୍ୟ ବେଶ, ପୋଷାକ ଥିଲା ଅନ୍ୟପ୍ରକାର । ସେବକମାନେ ଜାଣନ୍ତେ କିପରି ?

ଏଥିରେ ନାନକ ମର୍ମାହତ ହେବା ଭଳି ବ୍ୟକ୍ତି ନୁହନ୍ତି । ସେ ପଛକୁ ଦୁଇପାଦ ଘୁଞ୍ଚିଯାଇ କରାଞ୍ଜଳି ପ୍ରସାର କରି କହିଲେ - ହେ ଲୀଳାମୟ ! ତୁମ ଲୀଳା ରହସ୍ୟ ତୁମଛଡ଼ା କିଏ ବୁଝିବ ? କେଉଁ କ୍ରୀଡ଼ାରେ କେବେ କେଉଁଠି କିପରି ଭାବରେ ପାଦ ଥାପୁଛ ଏବଂ ଏହାଦ୍ୱାରା ଜଗତର ଅଚିନ୍ତ୍ୟ ପରିବର୍ତ୍ତନ କିପରି ଆସି ଯାଉଛି ଏକଥା ତୁମକୁ ହିଁ ଜଣା । ହେଲେ ଏ ନାନକ ତୁମ ଦର୍ଶନ ବିନା କଦାପି ଫେରିପାରିବ ନାହିଁ ।

'ହେ ପ୍ରେମର ମାଦକତା ! ତୁମେ ଶୀଘ୍ର ଆସ । ହେ ଆତ୍ମଜ୍ଞାନ, ଆତ୍ମ ରସର ମଦିରା ! ତୁମେ ଆଚ୍ଛାଦିତ ହୋଇ ଯାଅ କରପୁଟରେ । ତୁରନ୍ତ ବୁଡ଼ାଇ ଦିଅ ଆତ୍ମରସରେ । ଏ ମନ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଳମ୍ବ ସହି ପାରୁନାହିଁ । ମୋତେ ଆଶ୍ରୟ କିମ୍ବା ବିଶ୍ରାମ ଲୋଡ଼ା ନାହିଁ । ଆଶା, ଆଶଙ୍କା ତ ଅନେକ ଦିନରୁ ବଳି ଦେଇସାରିଛି । କେବଳ ବାକି ରହିଛି ଦିବ୍ୟ ଦର୍ଶନର ତୃଷ୍ଣା ।'



'ମୁଝେ ମନ୍ଦିର ମସ୍‌ଜିଦ ଜାନା ନହିଁ ।
ମୁଝେ ପ୍ରେମିକାରଙ୍ଗ ଚଢ଼ା ଦେ କୋଇ ।।
ଜହାଁ ଊଁଚୟା ନୀଚ କା ଭେଦ ନହାଁ ।
ଜହା ଜାତ ୟା ପାଁତ କୀ ବାତ୍ ନହାଁ ।।'

ବର୍ତ୍ତମାନ ଯାହାକିଛି ଘଟିଗଲା ବା ଘଟିବାକୁ ଯାଉଛି, ତାକୁ କିପରି ରୂପ ଦେଇ, କି ପରିଣାମ ଘଟାଇବ ତାହା ତୁମକୁ ଜଣା ଏବଂ ସେହି ଖେଳର ପଟ୍ଟ ପରିବର୍ତ୍ତନ କେବେ, କେଉଁଠି କିପରି ଭାବେ ହେବ, ତାହା କେବଳ ତୁମେ ହିଁ ଜାଣିଛ । ଏଠି ଯେଉଁ ସମସ୍ତେ ବାକ୍‌ଚାତୁରୀ ଦେଖାଇ ଅନ୍ୟମାନଙ୍କୁ ସିଦ୍ଧାନ୍ତ ଶୁଣାଉଛନ୍ତି, ଅଥଚ ନିଜେ ଶଙ୍କାରେ ପରିପୂର୍ଣ୍ଣ । ତେବେ ଏତିକି ଅବଶ୍ୟ କୁହାଯାଇପାରିବ ଯେ ସବୁକିଛି ତୁମ ଲୀଳାର ଏକ ପ୍ରଭାବ ମାତ୍ର ।

ତୁମେ ଜଣେ ସଫଳ ଖେଳାଳୀ, ତେଣୁ ସମସ୍ତଙ୍କୁ ସାଙ୍ଗରେ ନେଇ ଖେଳିବାରେ ଆନନ୍ଦ ପାଇ ଆସିଛ । ଏହି ଅବିଚ୍ଛିନ୍ନ ଲୀଳା ପ୍ରବାହ ସର୍ବଦା ଚାଲିଥାଉ ଆମର ଆପତ୍ତି କାହିଁକି ? ମାତ୍ର କୃପା ପୂର୍ବକ ମୋ' ଆଖି ଏପରି ଖୋଲି ଦିଅ, ଯେପରି ତୁମ ସଂକଳ୍ପିତ ଆଧାର ଉପରେ ସ୍ଥିର ନିଶ୍ଚଳ ରହି, ନିଜର ଭିନ୍ନ ଭିନ୍ନ ଅସ୍ତିତ୍ୱ ବ୍ୟତୀତ ବାକି ସବୁଥିରେ ସବୁଖେଳରେ କେବଳ ତୁମର ଛବି ହିଁ ମୋର ନେତ୍ରରୂଢ଼ ହେଉଥିବ । ତୁମେ ଆଉ ମୁଁ ପରସ୍ପର ପରସ୍ପରକୁ ଉପଲବ୍ଧି କରୁଥିବା । ବାସ୍ ... ମୋର ପ୍ରାର୍ଥନା କେବଳ ଏତିକି ।'

ହଠାତ୍ ଶ୍ରୀମନ୍ଦିର ଚୂଡ଼ାରୁ ଗୋଟାଏ ଦିବ୍ୟ ଜାଜ୍ଜୁଲ୍ୟମାନ ଜ୍ୟୋତି ଖସି ଆସିଲା ସନ୍ଥ ନାନକଙ୍କ କରପତ୍ରକୁ । ନାନକଙ୍କ ସହିତ ଚକଡ଼ାରେ ଥିବା ସମସ୍ତ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ଦେଖିପାରୁଥିଲେ ହାତ ପାପୁଲୀରେ ଶ୍ରୀଜଗନ୍ନାଥଙ୍କ ପୂର୍ଣ୍ଣ ବିଗ୍ରହ । ସତେ ଯେପରି ରତ୍ନ ସିଂହାସନ ତ୍ୟାଗ କରି ଭକ୍ତ କରପୁଟକୁ ସାଫଲ୍ୟ କରିବା ନିମନ୍ତେ ବିରାଜମାନ ହୋଇଅଛନ୍ତି ।

ଭକ୍ତି ଗଦ୍ ଗଦ୍ ନାନକ ଦୁଇ ପାପୁଲୀକୁ ମୁଣ୍ଡରେ ଲଗାଇ ସିଧା ଚାଲିଲେ ଦକ୍ଷିଣ ଦିଗକୁ । ପଛରେ ପଣ୍ଡାମାନଙ୍କ ଆହ୍ୱାନ ତାଙ୍କୁ ଆଉ ଫେରସ୍ତ କରିପାରୁନଥିଲା । ସେ ବା, ଫେରିଥାନ୍ତେ କାହିଁକି ? ଯାହାଙ୍କ ପାଇଁ ଆସିଛନ୍ତି ସେ ତ ତାଙ୍କ କରପୁଟରେ । ଆଉ ମନ୍ଦିରରେ କି କାର୍ଯ୍ୟ ? ସେ କ'ଣ ମନ୍ଦିର ଦେଖିବାକୁ ଆସିଥିଲେ କି ?

ପାଦତଳେ ମହୋଦଧିର ଧୂଷର ବାଲୁକାରାଶି, ସମ୍ମୁଖରେ ନୀଳସାଗର ଉପରେ ସୁନୀଳ ଆକାଶ । ଶିକର ଶିକ୍ତ ବାୟୁମଣ୍ଡଳ ସ୍ୱପ୍ନିଳ ତରଙ୍ଗ ମାଳାକୁ ଚାହିଁ କହି ଉଠିଲେ ନାନକ ।

'ବିଗିଡ଼େ ତବ ଜବ ହୋ କୋଇ ବିଗଡ଼ନେ ବାଲିଶୟ
ଅକାଳ ଅଚ୍ଛେଦ୍ୟ ଅଭେଦ୍ୟ କୋ କୌନ୍ ବସ୍ତୁକା ଭୟ ।'

ଅନର୍ଗଳ ଅଭିଭାଷଣ ନିର୍ଗତ ହେବାକୁ ଲାଗିଲା -

ମୁଁ ଚୈତନ୍ୟ ! ମୁଁ ଆତ୍ମା ! ମୋର କ'ଣ ବା କ୍ଷତି ହୋଇଯିବ ? କ'ଣ ବା ପ୍ରାପ୍ତି ଅଛି ? ଯାହା କ୍ଷତି ହେବ, ଏହି ନଶ୍ୱର ଦେହଟାର ହୋଇପାରେ । ସେ ବି, ଅନେକ ଦିନରୁ ଜ୍ଞାନ ଅଗ୍ନିରେ ଭସ୍ମ ହୋଇସାରିଛି । ଆଉ ଡର କ'ଣ ? ବାହ୍ୟ ଦୁଃଖ ଓ ପ୍ରଲୋଭନ ଆଗରେ ମୁଣ୍ଡ ତଳକୁ କରି କି ଆବଶ୍ୟକ ?

ବର୍ତ୍ତମାନ ସମୟ ଆସିଛି ଅଚିନ୍ତ୍ୟ ଜୀବନଯାପନ କରି ସାଧନାର ପଥ ପରିଷ୍କାର କରି ଆଗେଇ ଯିବା । ଯେତେ ବିଘ୍ନ ଆସୁ ଲକ୍ଷ ଲକ୍ଷ ପ୍ରଲୋଭନ ପାଦ ତଳେ ଅଜାଡ଼ି ପଡୁ, ସେଥିରେ ଯାଏ, ଆସେ କାହାର ? ମୁଁ ତ, ମୋହ ନିଶାରୁ ଜାଗ୍ରତ ହୋଇସାରିଛି ।

'ହମେ ରୋକ୍ ସକେ ୟେ ଜମାନେ ମେଁ ଦମ୍ ନହିଁ
ହମ୍‌ସେ ଜମାନା ହୈ ଜମାନେ ସେ ହମ୍ ନହିଁ ।'

ଭଗବାନଙ୍କର ଆଡ଼କୁ ମାଡ଼ି ଯିବାର ଶକ୍ତି ଯାହାର ଅଛି, ତାକୁ ରୋକିବ କିଏ ? ସଂସାର ଭିତରେ ଥିଲେ ସୁଧା ସଂସାର ଯାହା ଭିତରେ ନଥାଏ ସେ କାହାକୁ ଖାତିର କରିବ ବା ଭୟ କରିବ କାହିଁକି ?

ଲୁହାରେ ସିନା କଳଙ୍କି ଲାଗେ, ଯଦି ଲୁହାକୁ ପରଶମଣି ଦ୍ୱାରା ସ୍ପର୍ଶ କରାଇ ସୁବର୍ଣ୍ଣ କରାଇ ଦିଆଯାଏ ଆଉ କଳଙ୍କ ଲାଗିବ କେମିତି ?

ସେହିପରି ମନ ଯଦି ଥରେ ଆତ୍ମ ସାକ୍ଷାତ୍କାର ହୋଇଯାଏ, ତା'ପରେ ତାକୁ ଯେମିତି ନଚାଇବ ନଚାଅ, ସେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ରହିବ । ଯାହା ବଳରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ମଧ୍ୟ ତୁମ ଆତ୍ମା ସ୍ୱରୂପରେ ଉଦ୍‌ଭାସିତ ହେବାକୁ ଭୁଲିବେ ନାହିଁ । ଏହା ହିଁ ପ୍ରାଣୀର ଆତ୍ମା-ପରମାତ୍ମା ସ୍ୱରୂପ । ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ।

ସନ୍ଥ ନାନକଙ୍କ ଓଜସ୍ୱିନୀ ଅଭିଭାଷଣରେ ଭାରତୀୟ ମହାପୁରୁଷଙ୍କ ତ୍ୟାଗ ଓ ମର୍ଯ୍ୟାଦା ଏତେ ମାତ୍ରାରେ ଭରପୂର ଥିଲା ଯେ ବିଦଗ୍ଧ ଶ୍ରୋତାମଣ୍ଡଳୀ ସମୟ ଜ୍ଞାନକୁ ମଧ ଭୁଲି ଯାଇ ଶ୍ରବଣ ସୁଖକୁ ଶ୍ରେଷ୍ଠ ମନେ କରୁଥିଲେ । ସେ ପଞ୍ଜାବୀ ଭାଷା ହେଲେ ମଧ୍ୟ କାହାର ଆପତ୍ତି ନଥିଲା । ଅମୃତର ଧାରା ପ୍ରବାହ ପରି ସବୁରିମନକୁ ଛୁଇଁ ଯାଉଥିଲା ସେ ବାଣୀ । ମଝିରେ ମଝିରେ କେବଳ ହରିବୋଲ ଜୟ ଧ୍ୱନୀ ଉଚ୍ଛୁଳି ଉଠୁଥିଲା ... ସେତିକି ।

ସନ୍ଧ୍ୟା ଆଗତ ପ୍ରାୟ । କେଇ ଜଣ ଶ୍ରୋତା ସାମାନ୍ୟ ଇତଃସ୍ତତଃ ହେବା ଭଳି ମନେ ହେଉଥାଏ । କାରଣ ଅନେକେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତୀ ଦର୍ଶନ କରିବା ପାଇଁ ବ୍ୟାକୁଳ । ଏକଥା ଯୁଗପୁରୁଷ ନାନକଙ୍କୁ ଅଛପା ରହନ୍ତା କିପରି ? ସେ ଉଚ୍ଚକଣ୍ଠରେ କହିଲେ ... ଭକ୍ତ ମଣ୍ଡଳୀ ! ବର୍ତ୍ତମାନ ସନ୍ଧ୍ୟା ହେବାକୁ ଯାଉଛି, ଆପଣମାନେ ଧୀର ସ୍ଥିର ଭାବରେ ଅପେକ୍ଷା କରନ୍ତୁ, ଏଠାରେ ଶ୍ରୀଜଗନ୍ନାଥଙ୍କ ଆଳତୀ ବଢ଼ାଯିବ ।

ହଠାତ୍ ଅନ୍ଧାକାରକୁ ହଟାଇ ଜଳି ଉଠିଲା ଦିହୁଡ଼ିମାଳା । ଉର୍ଦ୍ଧ୍ୱରୁ ଖସି ଆସିଲା ସମସ୍ତ ଆଳତୀ ସରଞ୍ଜାମ । ନାନକଙ୍କ ପ୍ରସାରିତ ହସ୍ତରେ ରୁପାର କର୍ପୂର ଦାନୀ ଓ ସୁବର୍ଣ୍ଣ ଘଣ୍ଟି । ସେ ଭାବ ବିହ୍ୱଳିତ ହୋଇ 'ଓଁ ଜୟ ଜଗଦୀଶ ହରେ' କହି କର୍ପୂର ଦାନୀ ଧରି ଆଳତୀ ପର୍ବ ଚଳାଇଥାନ୍ତି ।

ସମୁଦ୍ର ପଛା ସତେ ଯେପରି ରତ୍ନ ଗମ୍ଭିରା ପାଲଟି ଗଲା, ଜଣ ଜଣ ହୋଇ ତିନିଠାକୁର ସବୁରି ସାମ୍ନାରେ ଦୃଶ୍ୟମାନ ହେବାକୁ ଲାଗିଲା । ମହକି ଉଠିଲା ବେଳାଭୂମି । ଆକାଶରୁ ନୃତ୍ୟ, ଗୀତ, ବିଭିନ୍ନ ବାଦ୍ୟନାଦ ସହିତ ପୁଷ୍ପ ବୃଷ୍ଟି, ଦେଖେଣାହାରିଙ୍କୁ ବିସ୍ମିତ କରାଇ ଦେଉଥାଏ । ସମସ୍ତେ ପାଳିଧରି ଗାଉଥାନ୍ତି 'ଜୟ ଜଗଦୀଶ ହରେ ।' ବିଧିପୂର୍ବକ ଆଳତୀ ବଢ଼ିଲା । ସାଷ୍ଟାଙ୍ଗ ହେଉଥିଲେ ନାନକ ।

ଇତିମଧ୍ୟରେ ଶ୍ରୀମନ୍ଦିରରୁ କେତେ ଜଣ ପଣ୍ଡା, ପ୍ରତିହାରୀ, ସେବକ, ପୁଷ୍ପାଳକ ପହଞ୍ଚି କହିଲେ ... ଆରେ, ହେଇରେ ... ମା'କେ, ଏଇଠି ସବୁ ଆଳତୀ ସରଞ୍ଜାମ ଗଦା ହେଇଛି । କ'ଣନା .. ସମସ୍ତେ ବାଉଳା ... ।

ସେମାନଙ୍କ ପାଟିରୁ କଥା ସରୁ ସରୁ ସବୁ ଅଦୃଶ୍ୟ । ସମସ୍ତେ ଆଶ୍ଚର୍ଯ୍ୟ ମନେକରି ଟୁପୁରୁ ଟାପୁରୁ ହେବାକୁ ଲାଗିଲେ । କିଏ କହିଲା ନାନକଜୀ ମହାନ୍ ପ୍ରଚେତା ! ଏପରି ଚମତ୍କାରିତା କେବେ ଶୁଣାଥିଲା ନା ଦେଖାଥିଲା ? ଏସବୁ ତାଙ୍କ ସଂଯମତାର ଫଳ । ସେ ଜଣେ ଆତ୍ମସାକ୍ଷାତକାରୀ ପୁରୁଷ ! ନହେଲେ କି ତାଙ୍କ ଇଚ୍ଛା ମାତ୍ରକେ ମନ୍ଦିରରୁ ଆଳତୀ ସରଞ୍ଜାମ ସହ ଠାକୁରେ ଆସି ଉଭା ହୋଇଯାଆନ୍ତେ ? ପୁଣି ସବୁ କିଛିର ଅନ୍ତର୍ଦ୍ଧାନ ଘଟି, ଶ୍ରୀମନ୍ଦିର ପୂର୍ଣ୍ଣ ହୋଇ ଯାଆନ୍ତା ?

ଉତ୍ତମ ଲୋକ ଭିଡ଼ରେ ଖଳ ଲୋକଙ୍କର ମଧ୍ୟ ଅଭାବ ନଥାଏ । କିଛି ଖଳ ବ୍ୟକ୍ତି ଦୂରକୁ ଘୁଞ୍ଚିଯାଇ କହିଲେ ଆହେ ... ଏପରି ଚମତ୍କାରିତା ଯାହା ଦେଖିଲ, ତାହା ଭକ୍ତି ଭାବରେ ନାଁ, ଗୁଣି ଗାରେଡ଼ିରେ ? ଦେଖି ନାହଁ ... ଗାରେଡିଆ କେଳାମାନେ କିପରି ମଇଦାନରେ ଚକ୍ଷୁ ବନ୍ଧନ କରି ଖେଳ ଦେଖାନ୍ତି ? ୟେ' ଆଉ ତାଙ୍କରିପରି ଜଣେ ନୁହେଁ ତ ?

ଜଣକ କଥାରେ ପାଳିଧରି ଆଉ ଜଣେ ଆରମ୍ଭ କଲା ... ଆରେ ... ଇଏ ଜଣେ ପ୍ରସିଦ୍ଧ ତାନ୍ତ୍ରିକ । ପଞ୍ଜାବରୁ ତଡ଼ା ଖାଇ ପୁରୁଷୋତ୍ତମକୁ ପଳାଇଆସିଛି । ଭାବିଛି ଲୋକମାନଙ୍କୁ ଗୁଣି ଦ୍ୱାରା ଟାଣି ନେବ । ଏହାଦ୍ୱାରା ଲୋକେ ଶ୍ରୀଜଗନ୍ନାଥଙ୍କୁ ଛାଡ଼ି ୟା'କୁ ଭଜିବେ ।

କଥା ଛଡ଼ାଇ ଆଉ ଜଣେ କହିଲା ... ହଇ ହୋ ... ଏଇଟାପରା ପୁରା ତନ୍ତ୍ର ପୀଠ । ଶ୍ରୀଜଗନ୍ନାଥ ହେଉଛନ୍ତି ମନ୍ତ୍ରତନ୍ତ୍ରର ମୁଖ୍ୟ ଦେବତା । ଏଇଠି କି ତନ୍ତ୍ର କାଟୁ କରିବ ? ଏ କ୍ଷେତ୍ରକୁ ତ କେତେ ବଡ଼ ବଡ଼ ତାନ୍ତ୍ରିକ ଆସି ହାର ମାନି ମୁଣ୍ଡ ତଳକୁ କରି ଫେରିଯାଇଛନ୍ତି ।

ତା'ହେଲେ ନାନକ କ'ଣ ଭଗବାନଙ୍କର ପରମଭକ୍ତ ! ସେ ଯଦି ଏତେ ବଡ଼ ସାଧକ ତା'ହେଲେ ସର୍ବ ସମ୍ମୁଖରେ ଶ୍ରୀଜଗନ୍ନାଥଙ୍କୁ ମାନବ ରୂପରେ ଦେଖାଇ ଦେଇ ପାରିବେ ?

ଜନତା ଜନାର୍ଦ୍ଦନଙ୍କ ବିଚାର ବିମର୍ଷ, ନାନକଙ୍କ ପ୍ରଜ୍ଞାଚକ୍ଷୁରୁ ବାଦ୍ ପଡ଼ିନଥିଲା । ତାଙ୍କ ଅଧର ପୁଟରୁ ଫୁଟି ଉଠିଥିଲା ଧାରେ ସ୍ମିତ ହସ । ମନକୁ ମନ କହି ଉଠିଲେ -

'ବଚ୍ଚୋ କା ଖେଲ୍ ନହିଁ ମୈଦାନେ ମୁହବତ୍ ।
ୟହାଁ ଜୋଭି ଆୟା ସିର ପର କଫନ ବାନ୍ଧକର ଆୟା ।।'

ଦେଖାଯାଉ ବିଶ୍ୱ ଖେଳାଳୀର ଖେଳ କେତେ ଦୂର ଜମିପାରୁଛି । ଯାହାର ଇଙ୍ଗିତରେ ନାନକ ଏଠାକୁ ଆସିଛି, ସେ ହିଁ ସବୁ ବୁଝିବ । ତା'ର ଯଦି ଦେବତ୍ୱରୁ ମାନବତ୍ୱକୁ ଓହ୍ଲାଇବାର ଇଚ୍ଛାଥାଏ, ତା'ହେଲେ କିଏ ନାସ୍ତି କରୁଛି ?

ମାୟାଧୀନ ମାନବ କିଛି ନବୁଝି ଦ୍ୱନ୍ଦ୍ୱ ଆରମ୍ଭ କରି ଦେଉଛି । ଯେଉଁଠି ସତ୍‌ସଙ୍ଗ, ହରି ନାମ ଭଗବାନ ସେ ସ୍ଥାନ ଛାଡ଼ି ଆଉ ଯିବେ କୁଆଡ଼େ ? 'ବିଶ୍ୱାସେ ମଳନ୍ତି ହରି, ତର୍କେ ବହୁ ଦୂର' ତାଙ୍କୁ କ'ଣ ଯୁକ୍ତିରେ କିଏ ପାରିଛି ?

ହୃଦୟ ଯଦି ପ୍ରକୃତ ପ୍ରସ୍ତୁତି ହୋଇପାରିବ ନିଜ ମହିମାରେ ଜାଗ୍ରତ ହେବା କିଛି କଠିନ କାର୍ଯ୍ୟ ନୁହେଁ । ଯିଏ ଶରୀରଠାରୁ ସର୍ବଦା ଉର୍ଦ୍ଧ୍ୱରେ, ସେ କାହିଁକି ପରମାତ୍ମାକୁ ଧରି ପାରିବେ ନାହିଁ । ଭଗବାନ ତ ଆପଣାଛାଏଁ ଚିହ୍ନଟ ହୋଇଯିବେ ।

ହଠାତ୍ ନାନକ ଜଣେ କୃଷ୍ଣକାୟ ବଳିଷ୍ଠ ବ୍ୟକ୍ତିଙ୍କୁ କୋଳାଗ୍ରତ କରୁ କରୁ କହିଲେ ହେ ନିର୍ଗୁଣ ... ତୁମେ ଭକ୍ତି ବଶରେ ସଗୁଣ ହୋଇ ଏଠାରେ ଦେଖା ଦେଇଛ ଯଦି ସମସ୍ତ ସଭାସଦଙ୍କୁ ଦିବ୍ୟ ଦୃଷ୍ଟି ପ୍ରଦାନ କର । ସେମାନେ ମଧ୍ୟ ତୁମକୁ ଦର୍ଶନ କରି କୃତାର୍ଥ ପାଲଟି ଯାଆନ୍ତୁ ।

ଏକତ୍ର ବସିଥିବା ତିନି ଜଣରୁ ନାନକ ଜଣକୁ ଧରି ଏପରି କହିଲା ବେଳେ ଅନ୍ୟ ଦୁଇ ଜଣ, ଜଣେ ସ୍ତ୍ରୀ, ଜଣେ ପୁରୁଷ ସେଠାରୁ ଉଠି କ୍ଷିପ୍ର ଗତିରେ ବାହାରି ଯାଉ ଯାଉ କିଛି ଲୋକଙ୍କ ନଜର ପଡ଼ିଯିବାରୁ ସେମାନେ ପାଟି କରି ଉଠିଲେ ... ଆରେ ... ସେ ଆଡ଼େ କୁଆଡ଼େ ଯାଉଛ ? ଆଗରେ ନଣ୍ଡାକୂଅ ... ଅନ୍ଧାରରେ ମାଡ଼ି ଯାଉଛ କାହିଁକି ? ହେଲେ ଶ୍ୱେତବର୍ଣ୍ଣର ପୁରୁଷ, ପୀତବର୍ଣ୍ଣର ସ୍ତ୍ରୀ, ଜଣକ କିଛି ନଶୁଣି କୁଆଡ଼େ ଉଭେଇ ଯାଇଥିଲେ ଯେ ସମସ୍ତେ ଅବାକ୍ ହୋଇଯାଇଥିଲେ ମୁହୂର୍ତ୍ତେ ।

ଏଣେ ନାନକ ନଛୋଡ଼ ବନ୍ଧା । କୃଷ୍ଣାଙ୍ଗ ବ୍ୟକ୍ତିଙ୍କୁ ଧରି ଭାବ ବିହ୍ୱଳ ହୋଇ କହୁଥାନ୍ତି - ହେ ନିର୍ଗୁଣ ତୁମେ ସଗୁଣ ରୂପରେ ଦର୍ଶନ ଦେଇଛ ଯଦି ଏମାନଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରି ଜାଗ୍ରତ କରାଇ ଦିଅ । ମୋହ ଭଙ୍ଗ ହେଲେ ତୁମକୁ ଚିହ୍ନିପାରିବେ ଯେପରି ।

ତାହା ହିଁ ହେଲା । ଭକ୍ତ ବାଞ୍ଛା କଳ୍ପତରୁ ଭକ୍ତ ନିକଟରେ ଧରାଦେଇ ମାନବରୁ ମାଧବ ରୂପରେ ରୂପାନ୍ତରିତ ହୋଇଗଲେ । ସମସ୍ତେ ଦେଖୁ ଦେଖୁ କଳା ମିଟ୍ ମିଟ୍ ମୋଟା ଲୋକଟା ଶ୍ରୀଜଗନ୍ନାଥଙ୍କ ରୂପରେ ବିକଶି ଉଠିଥିଲା । ହଜାର ହଜାର ଜନତା ଏ ଦୃଶ୍ୟ ଦେଖିବାରୁ ବାଦ୍ ପଡ଼ିନଥିଲେ । ବାଲୁକା ରାଶିରେ ସବୁରି ଦଣ୍ଡ ପ୍ରଣାମ ଗ୍ରହଣ କରି ଅଦୃଶ୍ୟ ହୋଇଯାଇଥିଲେ ଶ୍ରୀଜଗନ୍ନାଥ । ବାସ୍ତବରେ ଭଗବତ୍ ପ୍ରାପ୍ତି ମାର୍ଗରେ ଚାଲିଥିବା ବ୍ୟକ୍ତିର ସହାୟତା ସ୍ୱୟଂ ଭଗବାନ ହିଁ କରିଥାଆନ୍ତି ଏହା ନିଃସନ୍ଦେହ ଅଟେ ।

'ଯେଉଁ ଦିଗକୁ ବଳଭଦ୍ର ଓ ସୁଭଦ୍ରା ଖସି ଯାଇଥିଲେ - ସେ ଦିଗରେ ଥିବା ଲଣ୍ଡା କୁଅର ନାମ ଆଜି 'ଦେଢ଼ଶୁର, ଭାଇବୋହୂ କୂଅ' ନାମରେ ନାମିତ । ସୁଭଦ୍ରା ଶ୍ରୀଜଗନ୍ନାଥଙ୍କ ଇଚ୍ଛାଶକ୍ତି ହେବା ହେତୁ ତାଙ୍କୁ 'ଭଗିନୀ, ସ୍ତ୍ରୀ, ପ୍ରବର୍ତ୍ତିକା' ଭାବରେ ଗ୍ରହଣ କରାଯାଉଛି । ଶ୍ରୀବଳଭଦ୍ର ଅଗ୍ରଜ ହୋଇଥିବାରୁ ଲକ୍ଷ୍ମୀ ଅଂଶ ସୁଭଦ୍ରା ତାଙ୍କ ଭ୍ରାତୃବଧୂ । ଏହି ମର୍ମରେ 'ଦେଢ଼ଶୁର ଭାଇବୋହୂ' କୂଅ ଆଜି ବି ପ୍ରସିଦ୍ଧ । ଯାତ୍ରୀମାନେ ଶ୍ରଦ୍ଧା ଭକ୍ତିରେ ଦର୍ଶନ କରିଥାଆନ୍ତି ଏବଂ ଏହି କିମ୍ବଦନ୍ତୀ ସ୍ମରଣ କରି ପୁଲକ, ପ୍ରଫୁଲ୍ଲିତ ହୋଇ ଫେରି ଯାଆନ୍ତି ନିଜ ନିଜ ଦେଶକୁ ।

ଗଜପତି ନଗର-୫୮
ମୈଥିଳୀ ନିବାସ
ପୁରୀ-୨

---

# ଶ୍ରୀଜଗନ୍ନାଥ ଓ ପବିତ୍ର ଧାମ ଶ୍ରୀକ୍ଷେତ୍ର

ଶ୍ରୀନିବାସ ଆଚାର୍ଯ୍ୟ



ଭଗବାନ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ନାମ ଅନ୍ୟତମ । ଭଗବାନ ଶ୍ରୀଶଙ୍କରାଚାର୍ଯ୍ୟ (୭୮୮-୮୨୦ ଖ୍ରୀଷ୍ଟାବ୍ଦ) ବିରଚିତ 'ବିଷ୍ଣୁ ସହସ୍ର ନାମ ଭାଷ୍ୟମ'ରେ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ନାମ ଗୋଟିଏ ବୋଲି ପ୍ରାଧାନ୍ୟ ଦିଆଯାଇଅଛି ।

'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ
ବିଷ୍ଣୋର୍ନାମସହସ୍ରଂ ମେ ଶୃଣୁ ପାପଭୟାପହମ୍ ।'

ଆଉ ମଧ୍ୟ ଶ୍ରୀମଦ୍ ଭଗବଦ୍ ଗୀତା (ଦଶମ ଅଧ୍ୟାୟ ୧୫ ଶ୍ଳୋକ)ରେ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ ବୋଲି ସମ୍ବୋଧନ କରାଯାଇଛି ।

'ସ୍ୱୟମେବାତ୍ମନାତ୍ମନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।
ଭୂତ ଭାବନ ଭୂତେଶ ଦେବ ଦେବ ଜଗତ୍ପତେ ॥'

ଉଦ୍ଧୃତ ଶ୍ଳୋକରୁ ପ୍ରତିପାଦିତ ହୁଏ ଯେ, ଶ୍ରୀକ୍ଷେତ୍ରରେ ବଡ଼ ଦେଉଳର ରତ୍ନ ସିଂହାସନରେ ବିରାଜିତ ଶ୍ରୀଜଗନ୍ନାଥ ଜୀବଜଗତ ସୃଷ୍ଟିର ପ୍ରାରମ୍ଭରୁ ସମଗ୍ର ବିଶ୍ୱରେ ପୁରୁଷୋତ୍ତମ ବିଷ୍ଣୁ ରୂପେ ଖ୍ୟାତି ଲାଭ କରିଛନ୍ତି । ସେ ହେଉଛନ୍ତି ପରଂବ୍ରହ୍ମ, ପ୍ରଭୁ ପରମେଶ୍ୱର, ଅଖିଳ ବ୍ରହ୍ମାଣ୍ଡର ପତି, ସର୍ବମଙ୍ଗଳ କର୍ତ୍ତା ଓ ଜଗତରନାଥ ଶ୍ରୀଜଗନ୍ନାଥ । ସେ ଯେଉଁ ପୀଠରେ ଅଧିଷ୍ଠିତ ସେ ପୀଠ ସମଗ୍ର ବିଶ୍ୱର ଏକ ମହାନ ପବିତ୍ର ପୀଠ, ଧର୍ମକ୍ଷେତ୍ର ଓ ତୀର୍ଥସ୍ଥାନ ଭାବରେ ସୁବିଦିତ । କାରଣ ଏହି କ୍ଷେତ୍ରର କ୍ଷେତ୍ରାଧିପତି ରୂପେ ସ୍ୱୟଂ ପୁରୁଷୋତ୍ତମ, ନିରାକାର, ଜଗତର ବନ୍ଧୁ । ଅସୀମ କରୁଣାର ସାଗର ଓ ଅସରନ୍ତି ଆଶୀର୍ବାଦର ଭଣ୍ଡାର ଶ୍ରୀଜଗନ୍ନାଥ ବିରାଜିତ । ତେଣୁ ସେ ଯେ କେବଳ ଭାରତର ବଡ଼ ଠାକୁର ଭାବରେ ଅଧିଷ୍ଠିତ ତାହା ନୁହେଁ, ସେ ହେଉଛନ୍ତି ସମଗ୍ର ବିଶ୍ୱ ଜନତାର ବଡ଼ଠାକୁର । ତାଙ୍କରି ଅପାର କରୁଣା, ଦୟା, କ୍ଷମା ଓ ଆଶୀର୍ବାଦ ବଳରେ ତିଷ୍ଠି ରହି ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳାତିପାତ କରୁଛନ୍ତି ସମଗ୍ର ଜୀବଜଗତ ।

ଜଗତର ଶ୍ରେଷ୍ଠ ପୁରୁଷ ଶ୍ରୀପୁରୁଷୋତ୍ତମର ନାମ, ଯଶ, ଖ୍ୟାତି ପାଇଁ ଆଜି ଆମ ଓଡ଼ିଶାର ସନ୍ତାନ ଓ ଓଡ଼ିଆ ମାଟି ସମଗ୍ର ବିଶ୍ୱରେ ଧନ୍ୟ ହୋଇପାରିଛି । ଓଡ଼ିଶା ଗୋଟିଏ ଧର୍ମପରାୟଣ ଓ ମନ୍ଦିରମାଳିନୀ ରାଜ୍ୟ । ପ୍ରାଚୀନ ଓଡ଼ିଶାର କୀର୍ତ୍ତିରାଜି, କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ମୂକସାକ୍ଷୀ ସଦୃଶ ଶ୍ରୀକ୍ଷେତ୍ର ପୁରୀର ବଡ଼ ଦେଉଳର ବଡ଼ ଠାକୁର ଶ୍ରୀଜଗନ୍ନାଥ । ଅନନ୍ତ ଆକାଶ ପରି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ମଧ୍ୟ ଅସୀମ । ତାଙ୍କରି ମହାମହିମା ଯୋଗୁଁ କେବଳ ଭାରତର ପୁରପଲ୍ଲୀରେ ଓଡ଼ିଶାକୁ ଜାଣନ୍ତି ତାହା ନୁହେଁ, ସମଗ୍ର ବିଶ୍ୱ ଦରବାରରେ ପୂଜ୍ୟ ଓ ବନ୍ଦନୀୟ ହୋଇପାରିଛନ୍ତି । ଜଗନ୍ନାଥ ଦେଶ ବୋଲି କହିଲେ ବିଶ୍ୱବାସୀ ଓଡ଼ିଶାକୁ ଜାଣିବା ସଂଗେସଂଗେ ସମ୍ମାନିତ କରିଥାନ୍ତି । ତେଣୁ ଆଜି ଓଡ଼ିଶାବାସୀ ପୁରୀ ପବିତ୍ରଧାମ ଓ ଶ୍ରୀଜଗନ୍ନାଥଙ୍କ ପାଇଁ ବିଶ୍ୱ ଦରବାରରେ ଗର୍ବିତ ଓ ଗୌରବାନ୍ୱିତ ।

ବିଶ୍ୱର ଏକ ଆଧ୍ୟାତ୍ମିକ ଧାମ ତଥା ପବିତ୍ର ଧର୍ମପୀଠ ଭାବରେ ଶ୍ରୀକ୍ଷେତ୍ର ପୁରୀର ନୀଳାଚଳ ଧାମ ସୁପ୍ରସିଦ୍ଧି ଲାଭ କରିଅଛି । ଏହି ଧାମର ନାଥ ରୂପେ ଜଗତର ନାଥ ଶ୍ରୀଜଗନ୍ନାଥ, ବିଷ୍ଣୁ ନାମଧାରୀ ଶ୍ରୀପୁରୁଷୋତ୍ତମ, ଜଗତ ପ୍ରାପ୍ତିର ପ୍ରତୀକାତ୍ମକ, ଜଗଦୀଶ, ଜଗନ୍ନିବାସ, ଜଗଜ୍ଜନ ଇଷ୍ଟ, ଜଗବନ୍ଧୁ, ଜଗାକାଳିଆ, ଚକାଆଖିଆ ଓ ଚକାଡୋଳିଆ ଇତ୍ୟାଦି ନାମରେ ନାମିତ ହୋଇ ରତ୍ନ ସିଂହାସନରେ ଅଧିଷ୍ଠିତ । ତାଙ୍କର ଅପାର କରୁଣା ଓ ଅସରନ୍ତି ଆଶୀର୍ବାଦ ବଳରେ ସେ ହୋଇପାରିଛନ୍ତି ଜାତି, ଧର୍ମ, ବର୍ଣ୍ଣ, ସାନ, ବଡ଼ ଧନୀ, ଦରିଦ୍ର ଓ ଛୁଆଁଅଛୁଆଁ ଭେଦଭାବ ନିର୍ବିଶେଷରେ ସମଗ୍ର ମାନବ ଜାତିର ପରମ ଓ ପୂଜ୍ୟ ଠାକୁର । ଆଉମଧ୍ୟ ସତ୍ୟ, ନ୍ୟାୟ, ଭକ୍ତି, ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ ରୂପେ ପୂର୍ଣ୍ଣ ବିଶ୍ୱାସଭାଜନ ହୋଇପାରିଛନ୍ତି ସମଗ୍ର ବିଶ୍ୱବାସୀଙ୍କର । ତେଣୁ ତାଙ୍କରି ଅସରନ୍ତି ମହିମା, ଅସୀମ କୃପା ଓ ପ୍ରେମ ରସବାଣୀ କିଣି ନେଇଛି

ଅଗଣିତ ଭକ୍ତ ଓ ଜନସମାଜକୁ । ସେହି ନୀତି ଓ ଆଦର୍ଶର ସଂସ୍କୃତି ଘନ ଅନ୍ଧକାର ପରି ଘେରି ରହିଥିବା ଅନ୍ୟାୟ, ଅତ୍ୟାଚାର, କୁସଂସ୍କାର, ଦୌରାତ୍ମ୍ୟ ଓ ଅହଂଭାବ ପରିବେଶକୁ ଦୂରେଇ ଦେଇ ସୃଷ୍ଟି କରିପାରିଛି ସତ୍ୟ ଓ ନ୍ୟାୟର ଯୁଗ । ସର୍ବୋପରି କହିଲେ ସେ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ ଭଗବାନ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି -

'କରି କରାଉ ଥାଏ ମୁହିଁ ।
ମୋ ବିନୁ ଅନ୍ୟ ଗତି ନାହିଁ ।।'

ସ୍ୱୟଂ ମାନବରୂପୀ ଶ୍ରୀକୃଷ୍ଣ ପରମ ଭକ୍ତ ତଥା ସଖା ଧନୁର୍ଦ୍ଧାରୀ ଅର୍ଜ୍ଜୁନଙ୍କୁ ବୁଝାଇ କହିଛନ୍ତି ଯେ ଯାହାକିଛି ଏ ସୃଷ୍ଟିରେ ଘଟୁଅଛି, ସେଗୁଡ଼ିକ ମୁଁ ନିଜେ କରୁଅଛି । ମୋ' ବ୍ୟତୀତ ଆଉ କେହି ଏହାକୁ କରି ନାହାନ୍ତି ବା କରିବା ସମ୍ଭବପର ନୁହେଁ । ତାଙ୍କର ଏହି ବିଚିତ୍ର ଲୀଳା ସୃଷ୍ଟି କରିପାରିଛି ତାଙ୍କ ପ୍ରତି ଗଭୀର ଆତ୍ମବିଶ୍ୱାସ ଓ ଅମାପ ଭକ୍ତିଭାବ । ଏକ ପ୍ରବାଦ ଅଛି, ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଓ ସର୍ବବ୍ୟାପକ । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଭଗବାନ ଓ ଅବତାରୀ ଦାରୁମୂର୍ତ୍ତି ମୁରାରୀ । ଆଉ ମଧ ତା'ର ଅପାର କରୁଣା ଓ ମହିମା ବଳରେ ଶ୍ରୀକ୍ଷେତ୍ର ଧାମଟି ହୋଇପାରିଛି ସମସ୍ତ ମଠର କେନ୍ଦ୍ରସ୍ଥଳୀ । ସେହି ପୀଠସ୍ଥଳୀରେ ବିଭିନ୍ନ ଧର୍ମର ମହୀୟସୀ ମୁନିଋଷି ଓ ସାଧୁ ସନ୍ଥମାନେ ବିଭିନ୍ନ ମଠ, ଗାଦି, ଆଶ୍ରମ ଓ ମନ୍ଦିର ନିର୍ମାଣ କରି ଜଗନ୍ନାଥଙ୍କ ନାମକୁ ସଂକୀର୍ତ୍ତନ, ସଂଗୀତ, ପାଲା, ହରିବୋଲ ଓ ହୁଳହୁଳି ଇତ୍ୟାଦି ମାଧ୍ୟମରେ ସୁବିସ୍ତାର କରିପାରିଛନ୍ତି ।

ବିଶ୍ୱ ପ୍ରସିଦ୍ଧ ଜଗତର ନାଥ ଶ୍ରୀଜଗନ୍ନାଥ ତଥା ଦେବାଧିଦେବ ମାନ୍ୟତାପ୍ରାପ୍ତ ବଡ଼ ଠାକୁର ସୀମିତ ନୁହନ୍ତି, ସେ ଅଟନ୍ତି ପରମ ଭକ୍ତବତ୍ସଳ, ମାନବଧର୍ମର ଗଣଦେବତା, ସର୍ବସାଧାରଣର ଆରାଧ୍ୟ ପରମେଶ୍ୱର ଓ ନୀଳାଚଳ ଧାମର ଶ୍ରେଷ୍ଠ ନାୟକ । ତାଙ୍କରି ମହିମା, କରୁଣା, ଆଶୀର୍ବାଦ ପାଇଁ ତାଙ୍କୁ 'ବଡ଼' ଶବ୍ଦର ଆଖ୍ୟାରେ ନାମିତ କରାଯାଇଅଛି । ବଡ଼ ଶବ୍ଦର ଆଖ୍ୟାଟି ଆଉ କୌଣସି ଠାକୁରଙ୍କୁ ଦିଆଯାଇନାହିଁ । ତାଙ୍କ ମନ୍ଦିରକୁ ବଡ଼ ମନ୍ଦିର, ଦାଣ୍ଡକୁ ବଡ଼ ଦାଣ୍ଡ, ବଡ଼ ଧଣ୍ଡାମାଳ, ବଡ଼ଧ୍ୱଜା, ବଡ଼ଚୂଳ, ମଡ଼ମଠ, ବଡ଼ଛତା, ପଡ଼ପଣ୍ଡା ଶବ୍ଦରେ ନାମିତ ହୋଇ ବିଶ୍ୱବନ୍ଦିତ ହୋଇଛନ୍ତି ।

ଶ୍ରୀଜଗନ୍ନାଥଙ୍କର ଲୀଳା ଯେପରି ରହସ୍ୟମୟ, ତାଙ୍କର ସଂସ୍କୃତି, ମେଳା ମହୋତ୍ସବ, ପର୍ବପର୍ବାଣି, ବେଶଭୂଷା ମଧ ସେପରି ରହସ୍ୟମୟ । ଯୁଗ ଯୁଗ ଧରି ସେ ବହୁ ରୂପରେ ଓ ବହୁ ଭାବରେ ଧରାପୃଷ୍ଠରେ ପ୍ରକଟିତ ହୋଇଛନ୍ତି । ବିଭିନ୍ନ ଶାସ୍ତ୍ର, ବେଦ, ବେଦାନ୍ତ ଉପନିଷଦ, ପୁରାଣ ଓ ଭାଗବତ ଇତ୍ୟାଦିରେ ଏହାର କିମ୍ବଦନ୍ତୀମାନ ଲିଖିତ ହୋଇଅଛି । ଏହି ସମସ୍ତ ପ୍ରକାରର ଅବତାରୀ ରୂପ, ଗୁଣ ଓ ଲୀଳା ଇତ୍ୟାଦିକୁ ଧାରଣ କରିବାର ଅଧିକାର ତାଙ୍କ ପାଖରେ ନିହିତ । ତାଙ୍କର ପରମ ଭକ୍ତ ତଥା ବୈଷ୍ଣବକୁଳ ତିଳକ କବିରାଜ ଜୟଦେବଙ୍କ ରଚିତ 'ଗୀତଗୋବିନ୍ଦ' କାବ୍ୟ ମୂକସାକ୍ଷୀ ସଦୃଶ । ଏହି କାବ୍ୟଟିରେ ସ୍ୱୟଂ ଭଗବାନଙ୍କର କିମ୍ବଦନ୍ତୀ ଲିପିବଦ୍ଧ ହୋଇ ମହିମା ସମ୍ପର୍କରେ ବିଶ୍ୱାସ ଜନ୍ମାଇଛି । ଜୟଦେବଙ୍କ ଅନୁପସ୍ଥିତିରେ ତାଙ୍କ ଆଶ୍ରମରେ ସ୍ୱୟଂ ଭଗବାନ ଆବିର୍ଭାବ ହୋଇ ଅସମ୍ପୂର୍ଣ୍ଣ ଥିବା ଗୀତଗୋବିନ୍ଦ କାବ୍ୟକୁ ସ୍ୱ-ହସ୍ତରେ ପୂରଣ କରାଇବା ସଂଗେସଂଗେ ପଦ୍ମାବତୀଙ୍କୁ ଦର୍ଶନ ଦେଇଥିଲେ । ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ବାତ୍ସଲ୍ୟ ଓ ମାଧୁର୍ଯ୍ୟ ଆଦିରସରେ ରସାଣିତ ହୋଇ ପରମଭକ୍ତମାନଙ୍କର ଦୁଃଖମୋଚନ କରିଥାନ୍ତି । ତାଙ୍କର ବଡ଼ ଅଭିମାନୀ ଭକ୍ତ କବି ବୈଷ୍ଣବ ପାଣିଙ୍କ ରଚିତ 'ମାଡ଼ୁଆ ଗୋସାଇଁ' କବିତାରେ ତାଙ୍କୁ ମାଡ଼ୁଆ ଗୋସାଇଁ ଆଖ୍ୟା ଦିଆଯାଇଅଛି । ସେ ମଧ ବିପଦରେ ପଡ଼ିଥିବା ଭକ୍ତମାନଙ୍କୁ ମୁକ୍ତି କରିବାକୁ ପଛାଇ ନାହାନ୍ତି । କାଞ୍ଚି ଅଭିଯାନ ଯୁଦ୍ଧରେ ତାଙ୍କର ପ୍ରଧାନ ସେବକ ତଥା ଠାକୁର ରାଜାଙ୍କୁ ସାହାଯ୍ୟ କରିଥିଲେ । କଳା ଓ ଧଳା ଘୋଡ଼ାରେ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ର ଦୁଇ ଭାଇ ବାଟରେ ଗଉଡୁଣୀଠାରୁ ଦହି ପିଇ ସ୍ୱ-ଅଙ୍ଗୁଳିର ରତ୍ନ ମୁଦିଟି ବନ୍ଧା ଦେବା, ଦାସିଆ ବାଉରି ହସ୍ତରୁ ନାରିକେଳ ଗ୍ରହଣ କରିବାର କିମ୍ବଦନ୍ତୀମାନ ଇତିହାସ ପ୍ରସିଦ୍ଧିଲାଭ କରିଛି ।

ଶ୍ରୀଜଗନ୍ନାଥଙ୍କର ପ୍ରେମ ରସବାଣୀ ଓ ମହିମା ମାଧ୍ୟମରେ ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର ଯୁଗ ସୃଷ୍ଟି । ସାହିତ୍ୟ ଜଗତରେ ଶ୍ରୀଜଗନ୍ନାଥଙ୍କୁ ଦାରୁ ଦେବତା ରୂପେ ଆଖ୍ୟା ଦିଆଯାଇଅଛି । ତାଙ୍କରି ନାମ, ଯଶ ଓ କୀର୍ତ୍ତି ସୁଦୂର ପ୍ରସାରୀ ଓ କାଳଜୟୀ । ପ୍ରାୟ ପୃଥିବୀର କୋଣ ଅଣୁକୋଣକୁ ତାଙ୍କରିବାଣୀ ଉଦ୍‌ବୁଦ୍ଧ କରୁଅଛି । ବିଭିନ୍ନ ଦେଶର ଭାଷା ମାଧ୍ୟମରେ ଏହି ଭୂସ୍ୱର୍ଗ ବାଣୀର କାବ୍ୟ କବିତା ପ୍ରକାଶିତ ହୋଇ ମହିମାକୁ ଦ୍ୱିଗୁଣିତ କରିଅଛି । ସେ ଯେ କେବଳ ହିନ୍ଦୁଧର୍ମର ଠାକୁର ରୂପେ ବିବେଚିତ ତାହା ନୁହେଁ, ବିଭିନ୍ନ ଧର୍ମରେ ବଡ଼ ଠାକୁର ରୂପେ ବିବେଚିତ ହୋଇଛନ୍ତି । ସେ ହେଉଛନ୍ତି ବିଶ୍ୱଧର୍ମ ତଥା ସର୍ବଧର୍ମର ପ୍ରତୀକ । ସେ ହେଉଛନ୍ତି ସକଳ ଜୀବଜଗତର ପରମ ପିତା ସଦୃଶ । ସେ ବାନ୍ଧି ରଖିଛନ୍ତି ତାଙ୍କ ପ୍ରାଣକେନ୍ଦ୍ରରେ ଅଗଣିତ ଭକ୍ତପ୍ରେମୀଙ୍କୁ । ତେଣୁ ସେ ହେଉଛନ୍ତି ଜଗତର ନାଥ ।

ବିଶ୍ୱ ସମାଜର ସେ ହେଉଛନ୍ତି ପ୍ରାଚୀନତମ ଠାକୁର । ସାମାଜିକ ଚାଲିଚଳଣ, ଦୈନନ୍ଦିନ ରୀତିନୀତି ଓ ପରମ୍ପରା ଜଗନ୍ନାଥଙ୍କ ସଂସ୍କୃତିରୁ ଜନ୍ମଲାଭ କରିଅଛି । ଏହି ପୀଠରେ ବର୍ଷକ ବାରମାସରେ ଥିବା ନିର୍ଦ୍ଦିଷ୍ଟ ବିଭିନ୍ନ ପର୍ବପର୍ବାଣି, ବେଶଭୂଷା, ମେଳାମହୋତ୍ସବ ସମାଜକୁ ଶିକ୍ଷା ଦିଅନ୍ତି, ସ୍ନେହ, ଶ୍ରଦ୍ଧା, ସାଧୁତା, ସତ୍ୟବାଦିତା, ଦୟା, କ୍ଷମା, ଜାତୀୟତାବାଦ, ଐଶ୍ୱରିକ ଶକ୍ତି ଇତ୍ୟାଦିର ମହତ୍ ଗୁଣ । ଓଡ଼ିଆ ଜାତିକୁ ସମଗ୍ର ମାନବ ଜାତି ମଧ୍ୟରେ ଏକ ଶ୍ରେଷ୍ଠ ଜାତି ଭାବରେ ପ୍ରତିଷ୍ଠିତ କରାଇପାରିଛି । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ଜାତିର ଗର୍ବ ଓ ଗୌରବ । ଏହାର ମହାପ୍ରସାଦ ଭକ୍ତଙ୍କର କ୍ଷୁଧା ନିବାରଣ କରିବା ସଂଗେସଂଗେ ସୃଷ୍ଟି କରିଥାଏ ପରସ୍ପର ମଧ୍ୟରେ ଭ୍ରାତୃପ୍ରୀତି । ସମଗ୍ର ବିଶ୍ୱବାସୀଙ୍କୁ ମହାପ୍ରସାଦ ବାନ୍ଧି ରଖିଛି ଗୋଟିଏ ପରିବାରର ସଦସ୍ୟ ପରି । ଏହାର କୈବଲ୍ୟ କଣିକାକୁ ବର୍ଷ ବର୍ଷ ଧରି ଘରେ

ସାଇତି ରଖିଥାନ୍ତି ସମସ୍ତ ପରମ ଭକ୍ତ । କାରଣ ବୈଦିକ ନୀତିରେ ଏହାର ଉପଯୋଗିତା ମହାନ ଅଟେ । ଏହା ସମାଜରେ ସାଧୁତା, ଆଦର୍ଶବାଦୀ ଓ ପବିତ୍ରତାର ମଧୁର ପରିବେଶ ସୃଷ୍ଟି କରିବା ସଂଗେସଂଗେ ହୋମ, ଯଜ୍ଞ, ବିଭା, ବ୍ରତ ଇତ୍ୟାଦି ମଙ୍ଗଳ ଓ ଶୁଭ କାର୍ଯ୍ୟରେ ଏକାନ୍ତ ଆବଶ୍ୟକ ହୋଇଥାଏ । ତା'ରି ଆନନ୍ଦ ବଜାରର ମହାପ୍ରସାଦ, ବିଭିନ୍ନ ପ୍ରକାର ଭୋଗ ସାମଗ୍ରୀ ପ୍ରସ୍ତୁତିର ସ୍ଥାନ 'ହିଙ୍ଗୁଳା ପୀଠ' ପୃଥିବୀର ବୃହତ୍ତମ ରୋଷେଇ ଘର ବା ଭୋଜନ ଶାଳା । ଶ୍ରୀଜଗନ୍ନାଥଙ୍କ ପୀଠରେ ପାଳିତ ହେଉଥିବା ପର୍ବପର୍ବାଣି ଓ ମେଳା ମହୋତ୍ସବ ମଧ୍ୟରେ 'ଶ୍ରୀଗୁଣ୍ଡିଚା' ବା 'ରଥଯାତ୍ରା' ସମଗ୍ର ବିଶ୍ୱରେ ଅଦ୍ଭୁତ ପ୍ରସିଦ୍ଧି ଲାଭ କରିଅଛି । ମାନବ ଜାତିର ଦିଗ୍‌ଦର୍ଶକ ବଡ଼ଭାଇ ବଳଭଦ୍ର, ସାନଭାଇ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରା ତିନୋଟି ସୁସଜ୍ଜିତ ରଥରେ ଉପବେଶନ ହୋଇ ସର୍ବସାଧାରଣରେ ଦର୍ଶନ ଦେଇଥାନ୍ତି । ବଡ଼ ମନ୍ଦିରର ରତ୍ନ ସିଂହାସନର ଭୋଗ, ବିଳାସ ଓ ଐଶ୍ୱର୍ଯ୍ୟକୁ ଖାତିର ନକରି ବାଇଶ ପାବଚ୍ଛ ବାଟ ଦେଇ ଓହ୍ଲାଇ ଆସିଥାନ୍ତି ସିଂହଦ୍ୱାର ପାଖରେ ଥିବା ସେମାନଙ୍କର ରଥକୁ । ଦୀର୍ଘ ବାର ଦିନ କଟାଇ ଥାଆନ୍ତି ସେମାନଙ୍କର ପରମ ଭକ୍ତ ଓ ଦର୍ଶକମାନଙ୍କ ଗହଣରେ ବିଭିନ୍ନ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଏହି ମହାବେଦୀ ମହୋତ୍ସବକୁ ପବିତ୍ରତା ସହିତ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତା'ର ଶତ କୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୋଇଯାଏ । ଆଉ ମଧ୍ୟ ସେ ଅଜାଚିତ ଚିତ୍ତରେ ବିତରଣ କରିଥାନ୍ତି ଭକ୍ତମାନଙ୍କୁ ଶୁଭାଶୀର୍ବାଦ ଓ ମଧୁର ପ୍ରେମରସ ବାଣୀ । ବହୁ ଆବହମାନ କାଳରୁ ଶ୍ରୀକ୍ଷେତ୍ରର ରାଜା ଗଜପତି ଉପାଧିରେ ଭୂଷିତ ହୋଇଥିଲେ ମଧ୍ୟ ସେ ହେଉଛନ୍ତି ଜଗନ୍ନାଥଙ୍କର ଆଦ୍ୟ ଓ ଶ୍ରେଷ୍ଠ ସେବକ । ଶ୍ରୀଜଗନ୍ନାଥଙ୍କ ପାଖରେ ଆଲଟ ଚାମର ପକାଇବା ସଂଗେସଂଗେ ରଥଯାତ୍ରାରେ ଝାଡୁରେ ଛେରାପହଁରା କରିବା ତାଙ୍କର ମୁଖ୍ୟ କାମ । ଯେ ଭଗବାନଙ୍କର ଭୃତ୍ୟ, ତାଙ୍କର ସ୍ଥାନ ଜନମାନସଠାରୁ ବହୁ ଉଚ୍ଚରେ । ତାଙ୍କରି ମହିମା ଯୋଗୁଁ ସେ ହୋଇପାରିଛନ୍ତି ସମ୍ମାନୀୟ ଓ ବିଶ୍ୱବନ୍ଦିତ ।

ଶ୍ରୀଜଗନ୍ନାଥଙ୍କର ଅପାର ମହିମା ଓ କରୁଣା ଯେପରି ଚୁମ୍ବକୀୟ ଶକ୍ତି ପରି ଟାଣି ରଖିଛି ପୃଥିବୀର ଭକ୍ତ, କବି, ଲେଖକ, ମୁନିଋଷି, ମହାପୁରୁଷ ଓ ସର୍ବସାଧାରଣଙ୍କୁ, ଠିକ୍ ସେପରି ମଧ୍ୟ ତା'ର ବିରାଜିତ ପୀଠସ୍ଥଳୀ ଶ୍ରୀକ୍ଷେତ୍ରର ପବିତ୍ରତା ସୁବାସିତ କରିପାରିଛି ବିଶ୍ୱର ପରିବେଶକୁ । ତାଙ୍କରି କ୍ରୀଡ଼ାଭୂମି ଉପରେ ଯିଏ ପାଦ ଦିଏ, ସେ ସମସ୍ତ ପାପରୁ ମୁକ୍ତିଲାଭ କରିଥିବାର ଆଜି ନୁହେଁ ବହୁ ପ୍ରାଚୀନ ଯୁଗରୁ ଶ୍ରୀକ୍ଷେତ୍ର ପୁରୀ ପୀଠର ମହାତ୍ମ୍ୟ ନୂତନ ଜୀବନ ସଂଚାର କରିପାରିଛି । ଏହି ପବିତ୍ର ଧାମରେ ଆବିର୍ଭୂତ ହୋଇଛନ୍ତି ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟ ଓ ଭକ୍ତିରସ ବାଣୀ । ତାଙ୍କରି ପଦବ୍ରଜର ସ୍ପର୍ଶରେ ପୁରୀ ଧାମର ସମସ୍ତ ଧୂଳି କଣିକାର ଲୀଳା ଚଳଚଞ୍ଚଳ ହେବା ସଂଗେସଂଗେ ସୃଷ୍ଟି କରିପାରିଛି ଏହି ପୀଠ ଉପରେ ଅସଂଖ୍ୟ ଧର୍ମପୀଠ, ପବିତ୍ର ମଣ୍ଡପ, ମଠ, ଆଶ୍ରମ, ତୀର୍ଥକ୍ଷେତ୍ର ଓ ମୁକ୍ତିକାମୀ ସ୍ୱର୍ଗଦ୍ୱାର । ଏହି ସମସ୍ତ ପୀଠସ୍ଥଳୀ ସହିତ ଶ୍ରୀଜଗନ୍ନାଥଙ୍କର ନିବିଡ଼ ସମ୍ପର୍କ ରହିଅଛି । ଏହି ପୀଠକୁ ଏକାଧାରରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର କେନ୍ଦ୍ରସ୍ଥଳୀ ବୋଲି କୁହାଯାଏ । ତାଙ୍କର ଚାରିଧାମ ଭିତରୁ ଶ୍ରୀକ୍ଷେତ୍ରକୁ ଗୋଟିଏ ଧାମ ରୂପେ ଆଖ୍ୟା ଦିଆଯାଇଅଛି । ସେହି ଚାରିଧାମ ହେଲା, ଉତ୍ତରରେ ବଦ୍ରୀନାଥ - ସ୍ନାନ ପୀଠ, ପଶ୍ଚିମରେ ଦ୍ୱାରକା - ବେଶଲାଗି ପୀଠ, ପୂର୍ବରେ ଶ୍ରୀକ୍ଷେତ୍ର- ଭୋଜନ ପୀଠ ଓ ଦକ୍ଷିଣରେ ରାମେଶ୍ୱର- ଶୟନ ପୀଠ ରୂପେ ବିବେଚିତ ।

ବିଶ୍ୱର ପ୍ରାଚୀନ ଇତିହାସ ତଥା ବେଦ, ଉପନିଷଦ, ଶ୍ରୀମଦ୍ ଭାଗବତ ଓ ପୁରାଣ ଶାସ୍ତ୍ରରେ ପୁରୀକୁ ପଞ୍ଚତୀର୍ଥ ପୀଠ ବୋଲି କୁହାଯାଇଅଛି । ବହୁ ଧର୍ମାବଲମ୍ବୀ ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ପଞ୍ଚତୀର୍ଥ ଦର୍ଶନ କରିଥାନ୍ତି । ସେଗୁଡ଼ିକ ହେଲା - ପୁରୀ ଶଙ୍ଖକ୍ଷେତ୍ର, ଭୁବନେଶ୍ୱର-ଚକ୍ରକ୍ଷେତ୍ର, ଯାଜପୁର-ଗଦାକ୍ଷେତ୍ର, କୋଣାର୍କ-ପଦ୍ମକ୍ଷେତ୍ର । ଏତଦ୍‌ବ୍ୟତୀତ ସ୍ୱୟଂ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ସେମାନଙ୍କ ମଧ୍ୟରେ ଅଧିଷ୍ଠିତ ହେତୁ ଶଙ୍ଖକ୍ଷେତ୍ର ପୁରୀ ମଧ୍ୟ ଶ୍ରୀକ୍ଷେତ୍ର ରୂପେ ବିବେଚିତ । ଏହିପରି ପଞ୍ଚତୀର୍ଥ କୁହାଯାଇଥାଏ ।

ମନ୍ଦିରର ଚତୁଃପାର୍ଶ୍ୱରେ ଶତ ଶତ ଦେବାଦେବୀ ମନ୍ଦିର, ମଣ୍ଡପ, ତୀର୍ଥସ୍ଥାନ ବିଦ୍ୟମାନ । ଏତଦ୍‌ବ୍ୟତୀତ ଏହି ପୀଠରେ ଶତ ଶତ ଜନ୍ମର ପାପ ମୋଚନ ପାଇଁ ଥିବା ତୀର୍ଥକ୍ଷେତ୍ର ମଧ୍ୟରେ ଶ୍ୱେତଗଙ୍ଗା ମାର୍କଣ୍ଡେୟ ପୁଷ୍କରିଣୀ, ରୋହିଣୀକୁଣ୍ଡ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ସର ସମେତ ତର୍ପଣ ଓ ଶ୍ରାଦ୍ଧ ପିଣ୍ଡ ଦାନ ପୀଠ ଇତ୍ୟାଦି ପ୍ରଧାନ । ଜଗନ୍ନାଥଙ୍କ ମହିମା, ନିତ୍ୟଭୂମି ଶ୍ରୀକ୍ଷେତ୍ରସ୍ଥ ମହୋଦଧି, ବାଇଶିପାହାଚ, ବାଟମଙ୍ଗଳା, କଳ୍ପବଟ, ସିଂହଦ୍ୱାର, ବଡ଼ଦାଣ୍ଡ, ଶରଧାବାଲି, ମୁକ୍ତିମଣ୍ଡପ, ଜଗମୋହନ ଘର, ଗରୁଡ଼ସ୍ତମ୍ଭ ଇତ୍ୟାଦିର ପବିତ୍ରତାକୁ 'ସ୍ୱର୍ଗପୁରୀ' ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଉ ମଧ୍ୟ କେହି କେହି ଏହି ପୀଠକୁ 'ଐଶ୍ୱର୍ଯ୍ୟପୁରୀ' ବୋଲି କହିଥାନ୍ତି ।

ବାସ୍ତବିକ ଶ୍ରୀଜଗନ୍ନାଥଙ୍କର ମହିମା ସର୍ବବ୍ୟାପୀ ଓ ଏହି ପୀଠର ଗୋଡ଼ିମାଟିଠାରୁ ଆରମ୍ଭ କରି ପାଣିପବନ ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ଶୁଦ୍ଧପୂତ । ଧୂପ, ଦୀପ, ଫୁଲ, ଚନ୍ଦନ, କର୍ପୂରର ସୁଗନ୍ଧ ପରିବେଶ ମଧ୍ୟରେ ଏହି ପୀଠର ମହିମା ବ୍ୟାପକ ହୋଇପାରିଛି ସମଗ୍ର ବ୍ରହ୍ମାଣ୍ଡରେ । ଏହା ତ୍ରିବାର ସତ୍ୟ ଯେ କେବଳ ହିଁ ତା'ରି ଅପାର ମହିମା ବଳରେ ସେ ହୋଇପାରିଛନ୍ତି ତ୍ରୈଲୋକ୍ୟର ତିଳକ ସଦୃଶ । ଅଖିଳ ବ୍ରହ୍ମାଣ୍ଡର ଆଧ୍ୟାତ୍ମିକବାଦ ଇତିହାସରେ ଲିପିବଦ୍ଧ ଥିବା ସମସ୍ତ ଘଟଣା ଓ ବିଭିନ୍ନ ରୂପ ଓ ଆକାରରେ ଧରାପୃଷ୍ଠରେ ଅବତାରଣା କରିଥିବା ଭଗବାନଙ୍କ ଲୀଳା ଇତ୍ୟାଦି ଏହି ଧାମରେ ଦେଖିବାକୁ ମିଳିଥାଏ । ତେଣୁ ସେ ଠାକୁରଙ୍କୁ ବଡ଼ ମହିମାଧାରୀ ଠାକୁର ଓ ପୀଠକୁ ଏକ ମହାନ ପବିତ୍ର ପୀଠ କହିବା ଏକାନ୍ତ ବାଞ୍ଛନୀୟ । ସମାଜରୁ ଲୋଭ, ମୋହ, କାମ, କ୍ରୋଧ, ସ୍ୱାର୍ଥ, ମିଛ ଇତ୍ୟାଦିକୁ ଜଳାଞ୍ଜଳି ଦେଇ ସତ୍ୟ, ନ୍ୟାୟ, ଧର୍ମ, ସାଧୁତା ଓ ପବିତ୍ରତାର ଯୁଗ ସୃଷ୍ଟି କରିବା ପାଇଁ ମାନବ ସମାଜ ତାଙ୍କରି ଚରଣାରବିନ୍ଦରେ ଶୁଦ୍ଧପୂତ ମନରେ ସବିନୟ କୃପା ଭିକ୍ଷା କରିବା ଏକାନ୍ତ କାମ୍ୟ ।

ଘ.ନଂ.-ଟୁ.ଆର୍.ଏ.-୩୫/୭
୮ ନମ୍ବର, ଭୁବନେଶ୍ୱର

# ଶ୍ରୀଗୁଣ୍ଡିଚା ରଥଯାତ୍ରାର ପୃଷ୍ଠଭୂମି

ପଙ୍କଜ ସାହୁ

ଐକାନ୍ତିକ ଭକ୍ତି ଆତିଶଯ୍ୟରୁ ସର୍ବଧର୍ମ ସମନ୍ୱୟର ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥଙ୍କୁ ସ୍ୱୀୟ ଉପାସ୍ୟ ଭାବେ ପ୍ରମାଣିତ କରିବାକୁ ବିଭିନ୍ନ ଧର୍ମମତାବଲମ୍ବୀ ଯେପରି ଅଦମ୍ୟ ଉଦ୍ୟମ କରିଆସିଛନ୍ତି, ସେହିପରି ଶ୍ରୀଗୁଣ୍ଡିଚା ରଥଯାତ୍ରାନୁଷ୍ଠାନର ପ୍ରବର୍ତ୍ତନ ସମ୍ବନ୍ଧରେ ଅନେକେ ସ୍ୱ ସ୍ୱ ସଂସ୍କୃତିର ପୁଟ ଦେବାପାଇଁ କମ୍ ପ୍ରୟାସ ମଧ୍ୟ କରିନାହାନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀଗୁଣ୍ଡିଚା ରଥ ମହୋତ୍ସବର ପୃଷ୍ଠଭୂମି ଉପରେ ଆଲୋକପାତ କରିବା ପ୍ରାସଙ୍ଗିକତା ଦୃଷ୍ଟିରୁ ଅପରିହାର୍ଯ୍ୟ ମନେହୁଏ ।

ଶାବରୀୟ ସାଂସ୍କୃତିକ ଚେତନାର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ଉଦ୍ଭବ ହୋଇଅଛି ବୋଲି ବହୁମତ ପ୍ରକାଶ ପାଇଛି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ ଆଦିବାସୀ ସମାଜରେ କେତେକ ସ୍ଥାନରେ ଆଷାଢ଼ ଶୁକ୍ଳ ପ୍ରତିପଦ ତିଥିରେ 'ଇନ୍ଦ୍ରଦ୍ୟୁମ୍ନ ପୂଜା' ବା 'କାଠଗଣ୍ଡି ପୂଜା' ଅନୁଷ୍ଠିତ ହୋଇଥାଏ । ବୈଦିକ ଯୁଗରେ ଓଡ଼ିଶାର ଶବରମାନଙ୍କ ମଧ୍ୟରେ 'ପଲଖାସ୍ତୀର୍ଣ୍ଣ' ରଥ ପ୍ରଚଳନ ଥିବାର ପ୍ରମାଣ ମିଳେ । ଆର୍ଯ୍ୟୋତ୍ତର ଶବରମାନେ ଚନ୍ଦ୍ରଦର୍ଶନ ଅନୁସାରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାକୁ ବର୍ଷର ପ୍ରଥମ ଦିବସ ରୂପେ ଗ୍ରହଣ ପୂର୍ବକ ପ୍ରୋକ୍ତ ରଥଯାତ୍ରା ପାଳନ କରିଥାନ୍ତି । ଦାରୁଦେବତା ଶ୍ରୀଜଗନ୍ନାଥଙ୍କୁ ଶବର-ଉପାସ୍ୟ ଭାବେ ପ୍ରତିପାଦନ କରିବା ସହିତ ଶାବର ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହୋଇଆସୁଛି ବୋଲି ଡଃ ବେଣୀମାଧବ ପାଢ଼ୀ ମତପୋଷଣ କରିଛନ୍ତି ।

ଜୈନମାନେ ଶ୍ରୀଜଗନ୍ନାଥଙ୍କୁ ଜୀନନାଥ ବା ଜୀନେଶ୍ୱର ଭାବରେ ଉପାସନା କରିଥାନ୍ତି । ଜୈନମାନଙ୍କର ଋଷଭନାଥ, ପାର୍ଶ୍ୱନାଥ, ଶୀତଳନାଥ ପ୍ରଭୃତି ଉପାସ୍ୟମାନଙ୍କର ନାମ ସହିତ ଶ୍ରୀଜଗନ୍ନାଥଙ୍କ ନାମକରଣର ସାମଞ୍ଜସ୍ୟ ନିହିତ ଅଛି ବୋଲି ପଣ୍ଡିତ ନୀଳକଣ୍ଠ ଦାସ ମତବ୍ୟକ୍ତ କରିଛନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟା ହେଉଛି ପ୍ରଥମ ଜୈନ ତୀର୍ଥଙ୍କର ଋଷଭନାଥଙ୍କ ଗର୍ଭକଲ୍ୟାଣ ଦିବସ । 'ଅଭିଧାନ ରାଜେନ୍ଦ୍ର' ମତରେ ଜୈନ ପ୍ରତିମାଙ୍କର ଯଥାରୀତି ଅଭିଷେକ ଓ ସ୍ନାନୋତ୍ସବ କରାଯାଇ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ତାଙ୍କୁ ଚୈତ୍ୟ ନିର୍ମିତ ରଥରେ ସ୍ଥାପନ ପୂର୍ବକ ନଗର ପରିକ୍ରମା କରାଯାଇଥାଏ । ଏହି ପବିତ୍ର ଉତ୍ସବର



ଅନୁକରଣରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ବୋଲି ଜୈନ ଧର୍ମାବଲମ୍ବୀମାନଙ୍କର ଅଭିମତ ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଫାହିୟାନଙ୍କ ଲିଖିତ 'ଭାରତ ଭ୍ରମଣ ବିବରଣୀ' ଉପରେ ଆସ୍ଥା ସ୍ଥାପନ କରି ଡଃ ରାଜେନ୍ଦ୍ରଲାଲ ମିତ୍ର 'Antiquities of Orissa Vol-II'ରେ ବର୍ଣ୍ଣନା କରିଛନ୍ତି ଯେ ଗୌତମ ବୁଦ୍ଧଙ୍କ ଜନ୍ମୋତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରଥମ ରଥଯାତ୍ରାର ସ୍ମୃତିରେ ବୁଦ୍ଧ ଦନ୍ତଗର୍ଭିତ ବୁଦ୍ଧାବତାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି । ଶ୍ରୀଜୀଉଙ୍କ ଏହି ରଥଯାତ୍ରା ବୁଦ୍ଧ ଜନ୍ମୋତ୍ସବର ଏକ ସଚେତନ ଅନୁକୃତି ବୋଲି ୱିଲିୟମ ହଣ୍ଟର ଓ ଫର୍ଗୁସନ ପ୍ରଭୃତି ପାଶ୍ଚାତ୍ୟ ବିଶେଷଜ୍ଞମାନେ ମଧ୍ୟ ମତ ପ୍ରଦାନ କରିଛନ୍ତି । ମାତ୍ର ପାର୍ଟିଜାର ସାହେବ ଏହି ମତର ତୀବ୍ର ବିରୋଧ କରିଛନ୍ତି । 'ବୌଦ୍ଧ ଜାତକ' ଅନୁସାରେ ପ୍ରବ୍ରଜ୍ୟା ଗ୍ରହଣ ପୂର୍ବରୁ ଗୌତମ ରଥାରୋହଣ ପୂର୍ବକ ପ୍ରମୋଦ ଯାତ୍ରା କରିଥିଲେ । ବୁଦ୍ଧ ଜୀବନୀର ଏହିସବୁ ପବିତ୍ର ସ୍ମୃତିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି ବୋଲି ଇଞ୍ଜିନିୟର ବିଷନ ସ୍ୱରୂପଙ୍କ ମତ । ମାତ୍ର ସେ ମହାଶୟ ସ୍ୱରଚିତ ଇଂରାଜୀ ଗ୍ରନ୍ଥ 'କୋଣାର୍କ'ରେ ଗୌତମଙ୍କ ପ୍ରବ୍ରଜ୍ୟା ସମୟ ଆସାଢ଼ିହି ପୂର୍ଣ୍ଣିମାକୁ ଫାଲ୍‌ଗୁନ ବା ଚୈତ୍ର ପୂର୍ଣ୍ଣମୀ ବୋଲି ନିର୍ଦ୍ଧାରଣ କରି ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ ଏହାର ସ୍ମାରକ ବୋଲି ମତପୋଷଣ କରିବା ଆପାତତଃ ଦୁର୍ବଳ ଯୁକ୍ତି ଆଧାରିତ ଅଟେ । ପୁନଶ୍ଚ ବୌଦ୍ଧଭିକ୍ଷୁମାନେ

ଆଷାଢ଼ ପୂର୍ଣ୍ଣିମାଠାରୁ ଗିରିଗୁହା ଅଭିମୁଖେ ଗମନ ପୂର୍ବକ ସେଠାରେ ଚାରିମାସ ଅବସ୍ଥାନ କରିବା ପରେ କାର୍ତ୍ତିକ ପୂର୍ଣ୍ଣିମାରେ ବିହାର ପ୍ରତ୍ୟାବର୍ତ୍ତନ କରିଥାନ୍ତି । ପ୍ରୋକ୍ତ ଚତୁର୍ମାସ୍ୟା ବ୍ରତ ପାଳନ ନିମିତ୍ତ ଆଚରିତ ପ୍ରଥାକୁ 'ଯାତ୍ରା' କୁହାଯାଏ । ସେହି ସ୍ମୃତିରେ ପ୍ରାକ୍ ବର୍ଷାକାଳୀନ ଆଷାଢ଼ରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା : ଉପଯୁକ୍ତ ବୌଦ୍ଧଯାତ୍ରା ଉପରେ ଆଧାରିତ ବୋଲି ଅନେକଙ୍କର ମତ । ସର୍ବୋପରି ପାଲି 'ଦାଠାବଂଶ' ବର୍ଣ୍ଣନାନୁସାରେ ମଗଧରାଜ ପଣ୍ଡୁଙ୍କ ଦ୍ୱାରା ଆଦିଷ୍ଟ ହୋଇ କଳିଙ୍ଗରାଜ ଗୁହଶିବ ଉପାୟଶୂନ୍ୟ ଭାବେ କ୍ଷେମଥେରଙ୍କଠାରୁ ପ୍ରାପ୍ତ ବୁଦ୍ଧଦନ୍ତ ପେଟିକାକୁ ମସ୍ତକରେ ଧାରଣ କରି ଏକ ସୁନ୍ଦର ରଥରେ ବସି ପାଟଳିପୁତ୍ର ଯାତ୍ରା କରିଥିଲେ । ଏହି ବିଷାଦପୂର୍ଣ୍ଣ ଦନ୍ତଯାତ୍ରାର ଅନୁକରଣରେ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ମୁଖରିତ ରଥଯାତ୍ରା ମହୋତ୍ସବ ହେଉଅଛି ବୋଲି ଯେଉଁମାନେ ମତପୋଷଣ କରନ୍ତି, ସେମାନଙ୍କର ମତ ଉଦ୍ଭଟ ପରିକଳ୍ପନା ଉପରେ ପର୍ଯ୍ୟବସିତ ହେବା ସ୍ୱାଭାବିକ ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖୋଦିତ କେତେକ ଭାସ୍କର୍ଯ୍ୟରେ ସୂର୍ଯ୍ୟ ରଥଯାତ୍ରାର ପ୍ରମାଣ ମିଳିଥାଏ । ଡଃ ରାଜବଲ୍ଲି ପାଣ୍ଡେଙ୍କ ମତରେ ଉକ୍ତ ସୌର ରଥଯାତ୍ରାର ପ୍ରଭାବରେ ସୂର୍ଯ୍ୟ ରୂପୀ ବାମନ (ରଥେତୁ ବାମନ ଦୃଷ୍ଟ୍ୱା) ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହୋଇଥିବା ସମ୍ଭବ । ପୁନଶ୍ଚ 'ଧର୍ମସିନ୍ଧୁ' ରଚୟିତା କାଶିନାଥ ଉପାଧ୍ୟାୟ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ 'ରାମର ରଥଯାତ୍ରା' ବୋଲି ଅଭିହିତ କରି କହିଛନ୍ତି - 'ଆଷାଢ଼ ଶୁକ୍ଳ ଦ୍ୱିତୀୟାଂ ପୁଷ୍ୟାନକ୍ଷତ୍ର ଯୁତାୟାମ୍/କେବଳାୟାଂ ବା ଶ୍ରୀରାମସ୍ୟ ରଥୋତ୍ସବଂ ସମାଚରେତ୍ ।' ସର୍ବୋପରି ବ୍ରହ୍ମବାଦୀମାନଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ବ୍ରହ୍ମାଣ୍ଡ ମଧ୍ୟରେ ବ୍ରହ୍ମର ଏକ ବାହ୍ୟିକ ଲୀଳାମାତ୍ର । ବର୍ଷାର ପ୍ରଥମ ଆଗମନୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ Fertility Rite ରୂପେ ପାଳନ କରାଯାଇଥାଏ ବୋଲି 'ଝଙ୍କାର' ପୃଷ୍ଠାରେ ସଚ୍ଚିଦାନନ୍ଦ ମିଶ୍ର ମତ ଉପସ୍ଥାପନ କରିଛନ୍ତି ।

ବୈଷ୍ଣବୀୟ ଚିନ୍ତନରେ ବ୍ରଜବାସୀ ଭକ୍ତଗଣ ଶ୍ରୀକୃଷ୍ଣଙ୍କ ମଥୁରା ଯାତ୍ରାର ପ୍ରତୀକ ଭାବରେ ପରବର୍ତ୍ତୀ କାଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରବର୍ତ୍ତିତ ହୋଇଛି ବୋଲି କହିଥାନ୍ତି । ଏକ ପୌରାଣିକ ପ୍ରକରଣ ଅନୁଯାୟୀ ଏକଦା ସୂର୍ଯ୍ୟ ପରାଗ ଅବସରରେ ଗୋପୀମାନେ କୁରୁକ୍ଷେତ୍ରରେ ସ୍ୱଳ୍ପ ସମୟ ପାଇଁ ଶ୍ରୀକୃଷ୍ଣ ଦର୍ଶନ ସୁଯୋଗ ଲାଭ କରିଥିଲେ । କିନ୍ତୁ ଏତାଦୃଶ କ୍ଷଣିକ ଦର୍ଶନରେ କୃଷ୍ଣଗତ ପ୍ରାଣା ଗୋପାଙ୍ଗନାଗଣ ପରିତୃଷ୍ଟ ହୁଅନ୍ତେ ବା କିପରି ? ସେମାନଙ୍କ ଅନୁରୋଧକ୍ରମେ ଶ୍ରୀକୃଷ୍ଣ ରଥାରୋହଣ ପୂର୍ବକ ବୃନ୍ଦାବନ ଯାତ୍ରା କରିଥିଲେ । ଏହି ପବିତ୍ର ଯାତ୍ରାର ସ୍ମୃତିଚାରଣ ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି । ଭିନ୍ନ ଏକ କିମ୍ବଦନ୍ତୀ ଅନୁଯାୟୀ ଏକଦା ଦ୍ୱାରକାରେ, ଦେବୀ ସୁଭଦ୍ରା ନଗର ଭ୍ରମଣ ନିମିତ୍ତ ଅଭିଳାଷ ପୋଷଣ କରିବାରୁ କୃଷ୍ଣ ବଳରାମ ତାଙ୍କୁ ଏକ ସ୍ୱତନ୍ତ୍ର ରଥରେ ମଝିରେ ବସାଇ ନଗର ପରିକ୍ରମା କରିଥିଲେ । ପ୍ରୋକ୍ତ ଉତ୍ସବକୁ ସ୍ମରଣୀୟ କରିବା ନିମିତ୍ତ ସମ୍ପ୍ରତି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରଥଯାତ୍ରାନୁଷ୍ଠାନ ପରିକଳ୍ପିତ ହୋଇଅଛି ।

ବଡ଼ ସୌଭାଗ୍ୟର ବିଷୟ ଏହି ଯେ ଶ୍ରୀଜଗନ୍ନାଥ ବିଶ୍ୱର ଏକମାତ୍ର ଦେବତା, ଯାହାଙ୍କୁ ସମସ୍ତେ ନିର୍ବିବାଦରେ ନିଜର ଉପାସ୍ୟ ଭାବେ ଗ୍ରହଣ କରି ନେଇଛନ୍ତି । କେବଳ ସେତିକି ନୁହେଁ ଉପର୍ଯ୍ୟୁକ୍ତ ଆଲୋଚନାରୁ ଉପଲବ୍ଧି ଜନ୍ମେ ଯେ ପ୍ରତ୍ୟେକେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ବିନାଦ୍ୱିଧାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନିଜର ସାଂସ୍କୃତିକ ମହୋତ୍ସବ ରୂପେ ପ୍ରାଧାନ୍ୟ ଦେଇଆସିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଧର୍ମମତ ନିର୍ବିଶେଷରେ ସମ୍ପ୍ରତି ଶ୍ରୀଜଗନ୍ନାଥ ବିଶ୍ୱର ଏକ ସାର୍ବଜନୀନ ଉପାସ୍ୟ ରୂପେ ସ୍ୱୀକୃତ ହେବା ସହିତ ବିଶ୍ୱର ବଡ଼ଦାଣ୍ଡମାନଙ୍କରେ ତାଙ୍କର ଶ୍ରୀଗୁଣ୍ଡିଚା ରଥଯାତ୍ରାନୁଷ୍ଠାନ ପ୍ରଚଳିତ ଅଛି ।

ରଥ ହିଁ ବେଦର ପ୍ରାଚୀନତମ ଯାନ ଅଟେ ଓ ରଥଯାତ୍ରା ବୈଦିକ ସଂସ୍କୃତିର ଏକ ବଳିଷ୍ଠ ବିଭାବ । ଅତଏବ ବେଦ ବିଗ୍ରହ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହିଁ ସ୍ୱୟଂ ଏହି ପ୍ରାଚୀନତାର ପ୍ରମାଣ ଫଳକ । ସମସ୍ତ ଯୁଗାବତାର ଯଥା- ସତ୍ୟରେ ନୃସିଂହ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳିରେ ବୁଦ୍ଧ ସମସ୍ତେ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରେ ସମନ୍ୱିତ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ମୌଳିକ ଉତ୍ସ ଭାବେ ଗ୍ରହଣ କରାଯାଇପାରେ । ପୁନଶ୍ଚ ପ୍ରାକ୍‌ବୈଦିକ ସନାତନ ଧର୍ମ ସର୍ବପ୍ରାଚୀନ ହୋଇଥିବାରୁ ଏବଂ ବୌଦ୍ଧ ଓ ଜୈନଧର୍ମ ଏହାର ବୈପ୍ଳବାତ୍ମକ ପଦକ୍ଷେପ ହୋଇଥିବାରୁ ସନାତନ ଧର୍ମର ନୀତି ଓ ଯାତ୍ରା ପରବର୍ତ୍ତୀକାଳୀନ ଧର୍ମରେ ଗ୍ରହଣଯୋଗ୍ୟତା ଲାଭ କରିବା ସ୍ୱାଭାବିକ । ତେଣୁ ହିନ୍ଦୁ ସଂସ୍କୃତିରୁ ରଥଯାତ୍ରା ଅନ୍ୟ ଧର୍ମ ସମ୍ପ୍ରଦାୟକୁ କ୍ରମେ ସମ୍ପ୍ରସାରିତ ହୋଇଅଛି । ଅତଏବ ଶ୍ରୀଜଗନ୍ନାଥ ରଥଯାତ୍ରା କୌଣସି ଧର୍ମ ସମ୍ପ୍ରଦାୟ ପ୍ରଭାବରେ ଅନୁସୃତ ହୁଏ ନାହିଁ । ହିନ୍ଦୁ ସଂସ୍କୃତିରେ ମୂର୍ତ୍ତିପୂଜାର ଉନ୍ମେଷ କାଳରୁ ରଥଯାତ୍ରାର ପ୍ରବର୍ତ୍ତନ ହୋଇଥିବା ଅବଶ୍ୟମ୍ଭାବୀ । ବୈଦିକ ବିଗ୍ରହ-ପ୍ରତିଷ୍ଠା-ବିଧାନ ଅନୁଯାୟୀ ଅନୁକୂଳଯାନ ବା ନୂତନ ରଥରେ ନୂତନ ବିଗ୍ରହମାନଙ୍କୁ ସମାସୀନ ପୂର୍ବକ ନଗର ପରିକ୍ରମା କରାଇବା ଏକ ବୈଦିକ ପରମ୍ପରା ଅଟେ । ସେହି ପାରମ୍ପରିକତା ରକ୍ଷା ପୂର୍ବକ ନବକଳେବର ବିଧାନ ପରେ ତଥା ଅଣସର ପରବର୍ତ୍ତୀ ସାମ୍ବତ୍ସରିକ ନବଯୌବନ ଲାଭ ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୂତନ ରଥରେ ଉପବେଶନ କରାଇ ଶ୍ରୀକ୍ଷେତ୍ର ପର୍ଯ୍ୟଟନ ପୂର୍ବକ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରାଯାଇଥାଏ । ମାତ୍ର ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ପ୍ରାଚୀନ କଳିଙ୍ଗର ଗଙ୍ଗବଂଶୀ ନରପତିଗଣ ଲକ୍ଷ୍ମୀନୃସିଂହ ବିବାହ ଉପଲକ୍ଷେ ଯେପରି କଲ୍ୟାଣୋତ୍ସବ ପାଳନ କରୁଥିଲେ, ସେହି ରାଜବଂଶ ଓଡ଼ିଶା ଶାସନ କାଳରେ ମହୋଦଧି କନ୍ୟା ମହାଲକ୍ଷ୍ମୀ (ରୁକ୍ମଣୀ)ଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ବିବାହ

(କଲ୍ୟାଣ) ଉତ୍ସବ ପାଳନ ଭିତ୍ତିରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପ୍ରବର୍ତ୍ତନ କରିଥିଲେ ।

ଉପଯୁକ୍ତ ସିଦ୍ଧାନ୍ତଗୁଡ଼ିକୁ ସମୀକ୍ଷାପୂର୍ବକ ସର୍ବଜନଗ୍ରାହ୍ୟ, ସମଧିକ ବିଶ୍ୱାସଯୋଗ୍ୟ ସର୍ବୋପରି ସତ୍ୟର ନିକଟବର୍ତ୍ତୀ ଏକ ସିଦ୍ଧାନ୍ତରେ ଉପନୀତ ହେବା ନିମିତ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ସର୍ବୋତ୍ତମ ପ୍ରାମାଣିକ ଗ୍ରନ୍ଥ ସ୍କନ୍ଦଗୁପ୍ତ ଲିଖିତ 'ସ୍କନ୍ଦପୁରାଣ' ଅନୁଶୀଳନୀୟ । 'କ୍ଷେତ୍ରମାହାତ୍ମ୍ୟ' ଆଧାରରେ ମହୋଦଧିରୁ ଉତ୍ତୋଳିତ ବେଦବିଦିତ ଅପୁରୁଷେୟ ପ୍ଳବମାନ ବ୍ରହ୍ମଦାରୁରୁ ଶ୍ରୀବିଗ୍ରହମାନେ ଯଜ୍ଞବେଦୀରେ ରୂପ ପରିଗ୍ରହ କରି ଯେଉଁଦିନ ରଥାରୋହଣ ପୂର୍ବକ ଆସି ଶ୍ରୀମନ୍ଦିରସ୍ଥ ରତ୍ନବେଦୀରେ ପ୍ରତିଷ୍ଠିତ ହେଲେ, ସେହି ଦିନର ପବିତ୍ର ସ୍ମୃତିବହନ କରି ଆଜି ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁସୃତ ହେଉଅଛି । ପୁନଶ୍ଚ ଶ୍ରୀଜୀଉଙ୍କ ରଥଯାତ୍ରା ହେଉଛି ବାତ୍ସଲ୍ୟର ଜୟଯାତ୍ରା । ଗୁଣ୍ଡିଚା ମଣ୍ଡପରେ ଶ୍ରୀବିଗ୍ରହ ସଂରଚନା କାଳରେ ଭକ୍ତିମତୀ ଗୁଣ୍ଡିଚା : ମହାପ୍ରଭୁଙ୍କୁ କେତେ କ'ଣ ଖୁଆଇବେ, କେତେ କ'ଣ ପିନ୍ଧାଇବେ ବୋଲି ମନରେ କଳ୍ପନାପୋଷଣ କରିଥିଲେ । ମାତ୍ର ଯେଉଁ ଦିନ ଶ୍ରୀଜୀଉମାନେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କଲେ, ସେଦିନ ରାଣୀଗୁଣ୍ଡିଚା ଏକ ଅଭାବବୋଧର ଶିକାର ହୋଇ ଅଶ୍ରୁତର୍ପଣ କରିଥିଲେ । ଅନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥ ଗୁଣ୍ଡିଚା ମହାଦେଈଙ୍କ ଅନ୍ତର୍ଦାହ ଉପଲବ୍ଧି କରି ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ଦେଲେ ଯେ 'ଗୁଣ୍ଡିଚା ମନ୍ଦିର ମୋର ପ୍ରିୟ ଜନ୍ମସ୍ଥଳୀ ଅଟେ । ସେଠାକୁ ପ୍ରତିବର୍ଷ ଥରେ ଆଗମନ ନିମିତ୍ତ ରଥୋତ୍ସବର ଆୟୋଜନ କର ।' ବେଦପତି ବ୍ରହ୍ମାଙ୍କ ପ୍ରାର୍ଥନାରେ ଅଶ୍ୱମେଧୀ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଗାଢ଼ ଭକ୍ତିରେ ପ୍ରସନ୍ନ ହୋଇ ସର୍ବୋପରି ଗୁଣ୍ଡିଚା ରାଣୀଙ୍କ ମମତାସିକ୍ତ ମାତୃହୃଦୟର ଆକର୍ଷଣୀୟ ଶକ୍ତିଦ୍ୱାର ଆକୃଷ୍ଟ ହୋଇ ମହାପ୍ରଭୁଙ୍କର ନବଦିନାତ୍ମିକା ରଥଯାତ୍ରା ହୋଇଆସୁଅଛି, 'ଶ୍ରୀଗୁଣ୍ଡିଚାଯାତ୍ରା' ନାମରେ ସର୍ବଜନବିଦିତ ଅଟେ । ବିଶେଷତଃ ଶ୍ରୀୟା କୁଟୀରରେ ପୂଜା ଗ୍ରହଣ କରି ଶ୍ରୀ(ମହାଲକ୍ଷ୍ମୀ) ଯେଉଁ 'ପତିତପାବନ ଧର୍ମ'ର ଭିତ୍ତି ସ୍ଥାପନ କରିଥିଲେ, ତାହାର ପରିପ୍ରସାର ନିମିତ୍ତ ମହାପ୍ରଭୁଙ୍କ ଏହି ମହାନ୍ ରଥଯାତ୍ରାର ପରିକଳ୍ପନା, ଯାହାକି ସମାଜରୁ ଜାତିଗତ ବୈଷମ୍ୟ ଦୂର କରିବା ସହିତ ଧାର୍ମିକ ସଂହତି ପ୍ରତିଷ୍ଠା ପାଇଁ ଏକ ସଂସ୍କାରଶୀଳ ପଦକ୍ଷେପ । ଏଥିପାଇଁ ଯଥାର୍ଥରେ କୁହାଯାଇଛି - 'ପତିତଜନକୁ ଉଦ୍ଧାରି ପାପ ତାପ ନାଶିବେ/ପତିତପାବନ ନାମକୁ ସ୍ୱଭାବରେ ବହିବେ ।' ଏହି ଉକ୍ତିରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନନ୍ୟ ସାଧାରଣ ରଥଯାତ୍ରାର ସ୍ୱାତନ୍ତ୍ର୍ୟ ହିଁ ଉଦ୍‌ଘୋଷିତ ହୋଇଥାଏ ।

ଗବେଷକ, ଶ୍ରୀଜଗନ୍ନାଥ ସଂସ୍କୃତି
ନୂଆଗାଁ, ଇଟିପୁର, ଭୁବନେଶ୍ୱର-୨

---

# ଜଗନ୍ନାଥ ଏତିକି କରୁଣାକର

ଶକୁନ୍ତଳା ଆଚାର୍ଯ୍ୟ

ହେ ପ୍ରଭୁ ! ଦେଖା ଦେ କହି ନାହିଁ
ଟଙ୍କା ଦେ ମାଗିନାହିଁ
ଅନ୍ୟ କିଛି ଧନ ଦଉଲତ,
ବିଳାସର ଇଚ୍ଛା କରି ନାହିଁ -
ହେ ପ୍ରଭୁ ! ମହାଜ୍ଞାନୀ
ଗୁଣି ଜନେ ....
ମର୍ତ୍ତ୍ୟରେ ଜନ୍ମ ନେଲେ
ରୋଗ, ଶୋକ, ଦୁଃଖ ଜ୍ୱାଳା, ଜରା-
ଜୀବନ ଯନ୍ତ୍ରଣାରେ
ପୁନର୍ବାର ଜନ୍ମ ନୋହିବାକୁ
ଶ୍ରୀପୟରେ କାମନା କରନ୍ତି ନା ??
ପ୍ରଭୁ ! ତୁମେ କିନ୍ତୁ ସର୍ବ ହୃଦୟର
କାମନା ଜାଣ ତ ?
କେବେ ହେଲେ ନିର୍ବାଣ
ମୁକ୍ତି ମାଗି ନାହିଁ, ...
ତୁମେ ଦୟାର ଜଳଧି ବୋଲି
କହି ନାହିଁ ।
କାରଣ ସମୁଦ୍ର ତୁମର ଦୟାର --
ବିନ୍ଦୁଏ ମାତ୍ର !!
ଧୂପ, ଦୀପ, ପୂଜାର୍ଚ୍ଚନା ନୈବେଦ୍ୟ ବିଧିରେ
ମନ ବଳାଇନି ।
ଶ୍ରୀପୟରେ ଏହା ହିଁ ମାଗୁଛି
ମର୍ତ୍ତ୍ୟ ଲୋକରୁ ସୂର୍ଯ୍ୟ ଲୋକ
ପୁଣି ସୂର୍ଯ୍ୟ ଲୋକରୁ ମର୍ତ୍ତ୍ୟ ଲୋକ
ବାରମ୍ବାର ଜନ୍ମ ହେବି
ଶ୍ରୀକ୍ଷେତ୍ର ଧାମରେ ।
'ଜୀବନର ସମସ୍ତ ଯନ୍ତ୍ରଣା ଭୁଲି
ନନ୍ଦୀ ଘୋଷେ ଦେଖୁଥିବି
ତୁମର ସେ ଅନିନ୍ଦ୍ୟ ମାଧୁରୀ ରୂପ
ଆନନ୍ଦାଶ୍ରୁ ଝରୁଥିବ
ଟାଣି ଟାଣି ତୋ' ରଥ ଦଉଡ଼ି,
ଗାଉଥିବି ଭାବ ବିଭୋଳରେ
ଜଗନ୍ନାଥ ହେ !
ଏତିକି କରୁଣା କର .... ।'

ଖାକି ମଠ ସାହି
ପୁରୀ-୨



# ସତ୍ୟ, ସୁକୃତ ଓ ଜଗନ୍ନାଥ

ନିବେଦିତା ଭଂଜ

'ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜାଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ ରାଜାଶ୍ରୀ ପୁରୁଷୋତ୍ତମଃ ।'

ତ୍ରୈଲୋକ୍ୟ ବନ୍ଦିତ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ କ୍ଷେତ୍ରାଧିକାରୀ ନୁହନ୍ତି । ସେ ଦେବତାଗଣଙ୍କ ଉପରେ ଦେବରାଜ ! ନରମାନଙ୍କ ଉପରେ ନରୋତ୍ତମ । ସମଗ୍ର ବିଶ୍ୱ ବା ପୁର (ଅର୍ଦ୍ଧ, ମଧ, ଉର୍ଦ୍ଧ୍ୱ) ତିନିଲୋକର ତ୍ରୈଲୋକ୍ୟନାଥ ରାଜା ଶ୍ରୀପୁରୁଷୋତ୍ତମ !

ସେହିପରି ଅଖିଳ ବ୍ରହ୍ମାଣ୍ଡ ନିଖିଳ ବିଶ୍ୱ, ତିନିଲୋକର ପଢ଼ିଦାତ୍ରୀ ହେଉଛନ୍ତି ଆଦ୍ୟାଶକ୍ତି ମାହେଶ୍ୱରୀ ଲକ୍ଷ୍ମୀ !

'ସର୍ବସାଦ୍ୟା ମହାଲକ୍ଷ୍ମୀ ତ୍ରୀଗୁଣା ପରମେଶ୍ୱରୀ
ଲକ୍ଷ ଲକ୍ଷ ସ୍ୱରୂପା ସା ବ୍ୟାପ୍ୟକୃତ୍ସ୍ନଂ ବ୍ୟବସ୍ଥିତା ।
ତପ୍ତ କାଞ୍ଚନ ବର୍ଣ୍ଣାଭ୍ୟାଂ ତପ୍ତକାଞ୍ଚନ ଭୂଷଣା
ସୂନ୍ୟଂ ତଦଖିଳଂ ସ୍ୱେନ ପୂରୟା ମାସ ତେଜସା ।।'

ଜଗତର ପିତାମାତା ହେଉଛନ୍ତି - 'ଲକ୍ଷ୍ମୀ, ଜଗନ୍ନାଥ ।' ତାଙ୍କର ନିର୍ଦ୍ଦେଶରେ ସଚରାଚର ଜଗତ ପରିଚାଳିତ ହୁଏ । ମା ଆଦ୍ୟାଶକ୍ତି ଲକ୍ଷ୍ମୀ ନିଜ ଅଂଶରୁ ସମଗ୍ର ଦେବୀ ଶକ୍ତି ଉତ୍ପନ୍ନ କରାଇ ସୃଷ୍ଟି, ସ୍ଥିତି, ପ୍ରଳୟ କାର୍ଯ୍ୟ ନିର୍ବାହ କରାଇଥାନ୍ତି ।

ରତ୍ନାକର ଗର୍ଭ ଗୃହରେ, ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ଥାପନ କରାଇଥିବା କୁବେର ଭଣ୍ଡାର ଭିତରେ ଅମାପ ଧନ ସଂପଦ ପରିପୂର୍ଣ୍ଣ ଯାହାକି ଅକ୍ଷୟ ଭଣ୍ଡାର ନାମରେ ନାମିତ । ସେଠାକାର ରକ୍ଷକ ହେଉଛନ୍ତି କୁବେର ନାମକ ଜଣେ ମହାଯକ୍ଷ । ଦ୍ୱାର କୋଠାଧିଶ୍ୱର ହେଉଛନ୍ତି ଦେବ ଦେବ ସ୍ୱୟଂ ମହାଦେବ ଲୋକନାଥ ।

ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶରେ ଲୋକନାଥ ଦ୍ୱାର ଉନ୍ମୋଚନ କରନ୍ତି । କୁବେର ଧନ ଗଣନା କରନ୍ତି ଏବଂ ଶ୍ରୀମହାଲକ୍ଷ୍ମୀ ଧନ ବଣ୍ଟନ କରନ୍ତି । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ଯେଉଁ ଦିନ ଯାହାର ଯାହା ପ୍ରାପ୍ୟ ସେ' ଦିନ ତାକୁ ସେତିକି ପରିମାଣରେ ଦିଆଯାଏ । ଗୋଟିଏ ପଇସା ଏପଟ ସେପଟ ହେବାର ନାହିଁ । ବର୍ଷ ଶେଷ ମହା ଶିବରାତ୍ରୀରେ ମୋଟା ମୋଟି ହିସାବ ରଖାଯାଏ ।

'ଶ୍ରୀକ୍ଷେତ୍ର ଧାମରେ ଏହି ଉତ୍ସବକୁ ହରିହର ଭେଟ କହନ୍ତି । ବାଲିଘାଟରୁ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଶ୍ରୀମଦନମୋହନ ବିଜେ ମାର୍ଗରୁ ପାଛୋଟି ଆଣିବା ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥାଏ ।'

ଏହାଛଡ଼ା ଆଉ ଏକ ବୋନସ୍ ମଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତରଫରୁ ରହିଛି, ଯାହାକି ତାଙ୍କର ଏକାନ୍ତ ଭକ୍ତମାନଙ୍କୁ ମିଳିଥାଏ । ଯେଉଁମାନେ ସତ୍ୟ, ଧର୍ମ, ନ୍ୟାୟକୁ ଆଖି ଆଗରେ ରଖି କାର୍ଯ୍ୟ କରନ୍ତି, ଗୁରୁ ଗଉରବ ରକ୍ଷାକରି, ପିତା, ମାତାଙ୍କ ସେବା ସମ୍ମାନ ଭଳି ସୁକୃତ ଅର୍ଜନ କରନ୍ତି ଓ ଜୀବେ ଦୟା ସ୍ୱଧର୍ମରେ ଜୀବନଯାପନ, ନିର୍ମୋହ, ନିରହଙ୍କାର ଗୁଣ ଥାଏ, ସେମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଅତୀବ ଦୟା । ଯେପରି ବାଳକ ପଛରେ ମା ଅହରହ ଦୃଷ୍ଟି ରଖିଥାଏ । ଜଗନ୍ନାଥଙ୍କ ଦୃଷ୍ଟି ଠିକ୍ ସେହିପରି ତାକୁ ରକ୍ଷା କରୁଥାଏ ।

ସେଠି ଜାତି, ଅଜାତିର ପ୍ରଶ୍ନ ଉଠେନି । ଧନୀ ଗରିବର ସଂଜ୍ଞା ମିଳେନି । ପାପୀ, ତପିର ହିସାବ ନଥାଏ । ଏଣୁ ଶ୍ରୀମଦ୍ ଭାଗବତରେ କୁହାଯାଇଛି -

'ବିଷ୍ଣୁ ଭଗତ ଜନସଙ୍ଗେ, ଯେ କ୍ଷଣେ ବଞ୍ଚେ ନର ଅଙ୍ଗେ ।
ସେ ସାଧୁ ସଙ୍ଗେ ସ୍ୱର୍ଗମୋକ୍ଷ । କେ' ତ ତୁଲ୍ୟ କରିବ ପ୍ରତ୍ୟକ୍ଷ ।।'

ସେ ହିଁ ଭକ୍ତ ! ତା'ର ଅଙ୍ଗ ସଙ୍ଗୀକୁ ଭକ୍ତିରେ ଯିଏ ପରିଣତ କରାଇପାରେ ଏବଂ ସ୍ୱର୍ଗ, ମୋକ୍ଷର ପଥ ଦେଖାଇପାରେ, ସେ ହିଁ ଅତୁଲ୍ୟ, ଅନନ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାପାତ୍ର । ସେହି ମର୍ମରେ ଅନେକ ଉଦାହରଣ ଭିତରୁ ଉଦାହରଣଟିଏ ନିମ୍ନରେ ପ୍ରଦାନ କରି ମାରାତ୍ମକ ଲୋଭ ରୂପକ ଗ୍ରହ ପୀଡ଼ାରୁ ରକ୍ଷା ପାଇବା ପାଇଁ ଜନସମାଜ ସଚେତନ ହେବାକୁ ପ୍ରାର୍ଥନା କରାଯାଉଛି । ଯାହା ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ବୋନସ୍ ପାଇବାକୁ ହକ୍‌ଦାର କରାଇପାରିବ ।

ବୈତରଣୀ ନଦୀର ଉତ୍ତର ପାର୍ଶ୍ୱରେ ବେଦପୁର ନାମକ ରାଜ୍ୟ, ରାଜାଙ୍କ ନାମ କୁଶଧ୍ୱଜ । ସେ ଜଣେ ଧାର୍ମିକ ଓ ନ୍ୟାୟ ପରାୟଣ ରାଜା ହୋଇଥିବା ହେତୁ ବହୁ ଦୂର ଦୂରାନ୍ତରୁ ବ୍ରାହ୍ମଣମାନେ ଆସି ସେ

ରାଜ୍ୟରେ ବସବାସ କରି ରହିଲେ । ରାଜକୃପାରୁ ସେ ସମସ୍ତଙ୍କ ଭରଣପୋଷଣର ଅଭାବ ନଥିଲା । ରାଜା କ୍ଷିତିବାନ ବ୍ରାହ୍ମଣ ଶାସନ ଗଢ଼ି ସବୁଦିନ ପାଇଁ ପଟ୍ଟା ପାଉତି ଲେଖି ଦେଇଥିଲେ ।

ସେହି ବ୍ରାହ୍ମଣ ଶାସନରେ କୃପଣ ପଣ୍ଡା ନାମକ ଜଣେ ବ୍ୟକ୍ତି ମଧ୍ୟ ରହୁଥାନ୍ତି । ତାଙ୍କ ନିକଟରେ ଧନ ଭଲ ତ ସବୁ ଭଲ । ବିନା ଧନରେ ସେ କାହାକୁ ଚିହ୍ନନ୍ତି ନାହିଁ । ମହାଜନି କାରବାରରେ ଦିନରାତି ଲାଗିପଡ଼ି ଧନବୃଦ୍ଧି କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ।

ଦିନକର ଘଟଣା, କୃପଣ ପଣ୍ଡା ହିସାବ ଖାତା ଧରି ଜଣେ ଖାତକ ନିକଟରୁ ଧନ ଆଦାୟ ନିମନ୍ତେ ଦୂର ଗ୍ରାମକୁ ଯାଇ ଫେରୁ ଫେରୁ ରାତ୍ରୀ ଅନ୍ଧାର ଘୋଟି ଆସିଲା । ବାଧ୍ୟ ହୋଇ ଗୋଟାଏ ପର୍ବତ କଡ଼ରେ ଧନର ଗଣ୍ଠିଲୀ ଧରି ଲୁକ୍କାୟତ ଭାବରେ ରାତ୍ରୀଯାପନ କରୁ କରୁ ହଠାତ୍ ପର୍ବତ ଉପରୁ କିଛି କଥାବାର୍ତ୍ତାର ଆଭାଷ ଶୁଣାଗଲା । ସେ ଅତି ସନ୍ତର୍ପଣରେ ଉପରକୁ ଯାଇ ଦେଖନ୍ତିତ ପର୍ବତ ଉପରେ ଜାଜ୍ଜ୍ୱଲ୍ୟମାନ ଦେବସଭା ବସିଛି ଏବଂ ସଭାପତିତ୍ୱ କରୁଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ... !

ବ୍ରାହ୍ମଣ କୃପଣ ହେଲେ ମଧ୍ୟ ବେଦ ଧର୍ମର ପ୍ରାରବ୍ଧ ବଳରେ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ଦିବ୍ୟ ସ୍ୱରୂପ ଦର୍ଶନ କରିପାରିଥିଲେ ସୁଦ୍ଧା ଲୋଭାଶକ୍ତ ମନକୁ କୌତୁହଳତାରୁ ବଞ୍ଚାଇ ପାରିନଥିଲେ । ଛପିରହି ଘଟଣାଚକ୍ରକୁ ଅନୁଧ୍ୟାନ କରିବା ଥିଲା ତାଙ୍କର କାମ ।

ଶ୍ରୀଜଗନ୍ନାଥଙ୍କ ଆଦେଶରେ କୋଠକରଣ ତାଳପତ୍ରର ନଥି ଖୋଲି ସେ ଦିନର ହିସାବ ନିକାଶ ବୁଝାଇ କେଉଁମାନଙ୍କୁ ପଡ଼ିକାଟ ହୋଇଛି, ଆଉ କାହିଁକି ହୋଇଛି, କାରଣ ଦର୍ଶାଇବାକୁ ଯାଇ କହିଲେ -

'ବେଦପୁର ଚଣ୍ଡାଳ ସାହିର ସତ୍ୟ, ସୁକୃତ ନାମକ ଦୁଇ ଭାଇଙ୍କୁ ପଡ଼ି ମିଳିନାହିଁ । କାରଣ ସେମାନଙ୍କ କାର୍ଯ୍ୟ ମୂର୍ଦ୍ଦାର ପୋଡ଼ିବା । ଆଜି ସେ ଦୁହେଁ ହରିନାମ ସଂକୀର୍ତ୍ତନ ମେଳରେ ସଂକୀର୍ତ୍ତନ କରି ଏତେ ଭୋଳ ହୋଇଗଲେ ଯେ କର୍ତ୍ତବ୍ୟ ଜ୍ଞାନ ମଧ୍ୟ ରହିଲା ନାହିଁ । ଏହି ତ୍ରୁଟି ହେତୁ ନଗର ରକ୍ଷକ ତାଙ୍କୁ ମଜୁରୀ ବନ୍ଦ କରିଦେବାରୁ ସେ ଦୁହେଁ ସପରିବାର ସହିତ ଉପବାସରେ ଦିନ କଟାଉ ଅଛନ୍ତି । ଏକଥା ଶୁଣିଲା ପରେ କରୁଣାମୟ ଶ୍ରୀଜଗନ୍ନାଥଙ୍କ ନେତ୍ରଦ୍ୱୟ ସଜଳ ହୋଇ ଆସିଲା । ସେ କହିଲେ - ହରିନାମ ସଂକୀର୍ତ୍ତନର ଫଳ ଉପବାସ ନୁହେଁ, ବରଂ ଅମୃତ ମଣୋହି । ଯାଅ, କାଲି ହଜାରେ ସ୍ୱର୍ଣ୍ଣ ମୁଦ୍ରା ତାଙ୍କ ଗୃହରେ ପହଞ୍ଚାଇ ଦିଅ । ଏଥିରେ ଯେପରି ଅନ୍ୟଥା ନହୁଏ ।

ଏତିକି ଶୁଣିବା କ୍ଷଣି କୃପଣ ପଣ୍ଡା ଆଉକି ଥୟ ଧରନ୍ତି, ରାତି, ଅନ୍ଧାର କଣ୍ଟା, ପଥର କିଛି ନମାନି ଦରାଣ୍ଡି ଦରାଣ୍ଡି ଯାଇ ହରିଜନ ବସ୍ତିରେ ପହଞ୍ଚିଗଲେ । ଉପବାସ ଜନିତ ଦୁଃଖରେ ସତ୍ୟ, ସୁକୃତ ଦାଣ୍ଡ ପିଣ୍ଡାରେ ବସିଥାନ୍ତି । ବ୍ରାହ୍ମଣଙ୍କୁ ଦେଖୁ ଦେଖୁ କାକୁସ୍ଥ ଭାବରେ ଦଣ୍ଡବତ ହୋଇ ଆସିବା କାରଣ ପଚାରନ୍ତେ, ସ୍ୱାର୍ଥନ୍ୱେଷୀ ବ୍ରାହ୍ମଣ ମଧୁର କଣ୍ଠରେ ଆଶୀର୍ବାଦ ଦେଇ ଭବିଷ୍ୟବାଣୀ ଉଚ୍ଚାର କରି କହିଲେ - ମୁଁ ଜାଣେ, ତୁମେ ଦୁଇ ଭାଇ, ସପରିବାର ସହ ଉପବାସରେ ଦିନ ଗଣୁଛ, ଆରେ ହରିନାମରେ କିଏ କେବେ ଉପାସ ରହିଛି ନା ରହିବ ? ଏବେ ମୋର ଖମାର ଘରକୁ ପରିବାର ସହ ଯାଇ ଅତି ଆନନ୍ଦରେ ଖିଆପିଆ କରି କାଲି ସକାଳ ପର୍ଯ୍ୟନ୍ତ ରହ । ଏଥିପାଇଁ ତିନି ଶହ ଟଙ୍କା ତୁମକୁ ଦାନ ଆକାରରେ ଦେଉଛି, ଯାହା ଯାହା ମନ ହେବ ରାନ୍ଧିବାଢ଼ି ଖାଇବ ।

କଥା କଣକି ... ମୋତେ ଘାତଚନ୍ଦ୍ର ଦଶା ପଡ଼ିଛି । ଗଣନା କହୁଛି, ଯଦି ଗୋଟାଏ ରାତି ନିଜ ବାସ ଛାଡ଼ି ଚଣ୍ଡାଳବାସରେ କଟାଇ ଦିଏ, ତା'ହେଲେ ମୋର ଗ୍ରହ କଟିଯିବ । ଆଜି ରାତିକ ତୁମେ ସମସ୍ତେ ମୋ ଘରେ ରହିଯାଅ । ମୁଁ ତୁମ କୁଡ଼ିଆରେ । ରାତି ପାହିଲେ ପୁଣି ଯେ'ଝା ସ୍ଥାନକୁ । ଏଇ ନିଅ ଟଙ୍କା ଆଉ ଖମାର ଘର ଚାବି । ଯାଅ ... ବାବା ... । ଶୁଭସ୍ୟ ଶୀଘ୍ରମ୍ ... !

ବିଷ୍ଣୁ ଭକତ ଜନଙ୍କର । ଜଗତେ ନାହିଁ ଆତ୍ମାପର ॥
ଦୟା କରନ୍ତି ସର୍ବ ଲୋକେ । ଦିନ ହରନ୍ତି ଦୁଃଖେ ସୁଖେ ॥

ସତ୍ୟ, ସୁକୃତ ଦୁଇ ଭାଇ ଅତ୍ୟନ୍ତ ବିଷ୍ଣୁ ଭକ୍ତ । ତାଙ୍କ ମନରେ ପର, ଆପଣା ଭାବ ନଥାଏ । ଅହରହ ଜୀବେ ଦୟା, ସୁଖ, ଦୁଃଖ ସବୁ ସମାନ । ବ୍ରାହ୍ମଣଙ୍କ ଗ୍ରହଦଶା ଉପଶମ ସକାଶେ ନିଜ କୁଡ଼ିଆ ତ୍ୟାଗ କରି ପରିବାରବର୍ଗଙ୍କୁ ନେଇ ଖମାର ଘରେ ବେଶ୍ ରନ୍ଧାରନ୍ଧି ଖିଆପିଆ କରି ଧାନ ଓଳିଆ ଉପରେ ଶୋଇବାକୁ ଯାଉଛନ୍ତି, ଏତିକିବେଳେ କେହି ଜଣେ ଆସି ଡାକ ପକାଇବାରୁ ସେ ଦୁହେଁ ବାହାରକୁ ବାହାରି ଦେଖିଲେ, ଏକ ହଜାର ସ୍ୱର୍ଣ୍ଣ ମୁଦ୍ରାର ଥଳିଟିଏ ଧରାଇ ଦେଇ କହିଲେ - କାଲି ତୁମ ଭକ୍ତି ଭାବରେ ସନ୍ତୁଷ୍ଟ ହୋଇ ପ୍ରଭୁ ଏହାକୁ ପଠାଇଛନ୍ତି ନିଅ ।

ରାତି ପାହିଲା । ସତ୍ୟ, ସୁକୃତ ପରିବାର ସହ ନିଜ ଘରକୁ ଫେରି ଦେଖନ୍ତି କୃପଣ ପଣ୍ଡା, ମଶା, ଡାଉଁଶ, ଅଳିଆ, ଅରମା ବସ୍ତିଘରେ ରାତିସାରା ଅନିଦ୍ରା ରହି ସକାଳ ହେବାରୁ ମୁଣ୍ଡ କୋଡ଼ି, ନିଜ ଭାଗ୍ୟକୁ ନିନ୍ଦା କରୁଛନ୍ତି ଏବଂ ନିଜ ହାତରୁ ତିନି ଶହ ଟଙ୍କା ଦେଇ ଗ୍ରହକୂଟ ଭୋଗ କରିବା ଭଳି ମୁର୍ଖାମୀ ଜନିତ ବିଳାପ ଅଯାଗାକ୍ଷତ ଭଳି ପୀଡ଼ା ଦେଉଛି ।

ସତ୍ୟ, ସୁକୃତ ପ୍ରଣାମ ଜଣାଇ ପଚାରିଲେ - ଗ୍ରହଦଶା ନିବାରଣ ହେଲା ତ... ? ଗୋସେଇଁଙ୍କର କୃପାରୁ ରାତିଟି ଆମ ପକ୍ଷରେ ଅତ୍ୟନ୍ତ ଉତ୍ତମ ଥିଲା ।

ପଣ୍ଡା ସେମାନଙ୍କ ମୁହଁରୁ ସବୁ ଶୁଣିବା ପରେ କ୍ରୋଧାନ୍ୱିତ ହୋଇ କହିଲେ, ତୁମ ପକ୍ଷେ ସିନା ଉତ୍ତମ, ହେଲେ ମୋର ତ ଗ୍ରହ ଖରାପ ନଥିଲା । ମୁଁ କାହିଁକି ଅର୍ଥହାନୀ, ପ୍ରାଣପୀଡ଼ା ଭୋଗ କଲି ? ହଠାତ୍ ଶୂନ୍ୟବାଣୀ ପ୍ରସାରି ଆସିଲା -

'ଲୋଭ ରୂପକ ଗ୍ରହ ଯାହାକୁ ଗ୍ରାସେ, ତା'ର ଏପରି ଦଶା ଭୋଗ ହୁଏ । ଅଯଥା ବିଷ୍ଣୁ ଭକ୍ତଙ୍କ ଧନ ହରଣ କରିବାକୁ ଯେଉଁ ଉପାୟ ସ୍ଥିର କଲ, ଯେ' ହେଉଛି ତା'ରି ଫଳ ।'

ଅର୍ଥ ସଞ୍ଚନ୍ତି ଯେତେ ନର । କେବଳ ଶ୍ରମ ତାହାଙ୍କର ॥
ଅର୍ଥେ ନପାଇ କାମ ମୋକ୍ଷ । ସେ ପ୍ରାଣୀ ଅଧମ ପ୍ରତ୍ୟକ୍ଷ ॥

ଏବେବି ସମୟ ଅଛି, ସତ୍ୟକୁ ଆଶ୍ରୟ କର । ଧନରେ ମୋକ୍ଷ ନଥାଏ, ଧନରେ ବିଭୋର ହେବା ଅପେକ୍ଷା ଦରିଦ୍ର ହୋଇ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମକୁ ଚୀର ଆଶ୍ରିତ ହେବା ଭଲ ।

ସତ୍ୟ ପରମାନନ୍ଦ ହରି, ଯାହା ଭଜିଲେ ଭବୁ ତରି ।
ଭଜି ମରଇ ଯେବେ ଦୁଃଖେ, କେବେହେଁ ନ ପଡ଼େ ନରକେ ॥

ଶ୍ରୀମଦ୍ ଭାଗବତର ଅମୃତବାଣୀରେ ବ୍ରାହ୍ମଣଙ୍କ ଚୈତନ୍ୟ ଉଦୟ ହେଲା । ସେ ସତ୍ୟ, ସୁକୃତଙ୍କ ଭାଗ୍ୟକୁ ମନେ ମନେ ପ୍ରାଧାନ୍ୟତା ଦେଇ ସେଠାରୁ ପ୍ରତ୍ୟାଗମନ କରୁ କରୁ ଗାଇ ଉଠିଲେ -

ନିରତେ ହୃଦୟ ନିର୍ଦ୍ଦୟ, ଏଣୁଟି ଧନ ଦୁଃଖମୟ ।
ଦୁଃଖେ ଅର୍ଜିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ ।
ହେ ଜଗନ୍ନାଥ ନାରାୟଣ, ତୋ ପାଦେ ପଶିଲି ଶରଣ ।
ତୋ ନାମ ଦୁରିତ ଦହନ, ମୋ ପାପ କର ବିମୋଚନ ॥

୮୬, ସତ୍ୟନଗର
ଭୁବନେଶ୍ୱର

---

# ଉତ୍କଳୀୟ ମହାକବି ଜୟଦେବ : ଶ୍ରଦ୍ଧାଞ୍ଜଳି

ଇଂ ଗଦାଧର ମିଶ୍ର

ହେ ଅମର କବି ଜୟଦେବ !
ତୁମେ ଲେଖିଅଛ ମହାନ ଗୀତି କାବ୍ୟ ଗୀତଗୋବିନ୍ଦ
ତୁମ ଅନବଦ୍ୟ ଅବଦାନ ବିଶ୍ୱ ସାହିତ୍ୟକୁ
ଯହିଁ ପ୍ରବାହିତ ହୁଏ ଉତ୍କଳୀୟ ତାଳ, ରାଗ ରାଗିଣୀ ଓ ଛନ୍ଦ ।

ହେ ଭକ୍ତ କବି କାବ୍ୟର ମୁଖଶାଳାରେ ଆଙ୍କିଛ ଦଶାବତାରର ଚିତ୍ର
ଯାହା କେବେ ହୋଇ ନାହିଁ ଲେଖା କାବ୍ୟ ଇତିହାସେ ଏହା ଅତିବ ବିଚିତ ।

ପ୍ରଳୟ ପୟୋଧି ଜଳେ ମୀନ ରୂପେ ହରି
କରିଥିଲେ ବେଦର ଉଦ୍ଧାର
ଏହା ଏକ ବିଜ୍ଞାନର ଭାଷା କରିଛ ସୃଷ୍ଟି
କାବ୍ୟେ ତବ ଅତି ଚମତ୍କାର ।

ଭକ୍ତି ଭରେ ଗାଇଅଛ ଶ୍ରୀତ କମଳା କୁଚମଣ୍ଡଳ
ମଙ୍ଗଳ ଗୁର୍ଜ୍ଜରୀ ରାଗେ
କି ଅପୂର୍ବ କି ସୁନ୍ଦର ସରଳ ସାବଲୀଳ ଭାଷା
ବର୍ଣ୍ଣନା ହୋଇଛି ତବ କାବ୍ୟେ ।

ରଚିଛ ଶୃଙ୍ଗାର ବିଦଗ୍ଧ କାରୁଣ୍ୟ କାବ୍ୟ
ରସଭରା ସରଳ ସାବଲୀଳ ସଂସ୍କୃତ ଭାଷାରେ
ଅପୂର୍ବ ମିଳନ ରାଧାମାଧବଙ୍କର କରିଛ ବର୍ଣ୍ଣନା
ଗ୍ରନ୍ଥର ଛତ୍ରେ ଛତ୍ରେ ସୁନ୍ଦର ଶବ୍ଦ ଚାତୁରୀରେ ।

ରାଧା ରାଧା ବୋଲି ଅନ୍ତରେ ଝୁରି ମନ୍ମଥ ବାଣରେ ମଦନ
ପଶିଲେ ଶରଣ କିଶୋରୀ ପଦାଙ୍କେ
ହେ ପ୍ରିୟେ ରଖ ମୋ ପରାଣ ।

ତୋ ପଦ ନିନ୍ଦଇ ସ୍ଥଳକମଳର
ରଙ୍ଗ ଶୋଭାକୁ ସୁନ୍ଦରୀ
ରତିରଙ୍ଗ ଆଶେ ଆସ ମୋର ପାଶେ
କରୁଛି ସଖି ମୁଁ ଗୁହାରୀ ।

ମଦନର ଶରେ ଅସ୍ଥିର ମୋହର ପରାଣ
କରତୁ କରୁଣା ସରୋରୁହ ମୁଖୀ
ମସ୍ତକେ ଦେଇ ଚରଣ ।

ତୁମ କାବ୍ୟଭାଷା ବର୍ଣ୍ଣନା ପାଟବ
ଲଳିତ କୋମଳ କାନ୍ତ ପଦାବଳୀ
ମାହାରିର ନୃତ୍ୟ ଗୀତଗୋବିନ୍ଦର ଗୀତ
ପଦ, ଛନ୍ଦ, ରାଗ, ରାଗିଣୀର ଗାୟନ ଧାରା
କରେ ଆକର୍ଷିତ ବଡ଼ ଠାକୁରଙ୍କୁ
ସେ ଶୁଣନ୍ତି ନିତି ପହଡ଼ ପଡ଼େ ତାଙ୍କର ପରା ।

ତୁମ ଅମର କାବ୍ୟକୃତି ଗୀତଗୋବିନ୍ଦର
ସମକାବ୍ୟ ହୋଇନି ରଚନା
ଉତ୍କଳର କାବ୍ୟ ଆକାଶରେ
ତୁମେ ବିଶ୍ୱ ବକ୍ଷେ ବଞ୍ଚିବ ହେ କବି
ଜାଜ୍ୱଲ୍ୟମାନ ରବି ସମ
ଯେତେଦିନ ଉତ୍କଳ ଥିବ ଭାରତ ବକ୍ଷରେ ।

ବହୁ ବହୁ ପ୍ରଣାମ ଘେନ ଏ ଜାତିର
ହେ ଭକ୍ତ କବି ରହି ବହୁ ଦୂରେ
ଏ ଜାତି ଭୁଲିବ ନାହିଁ ତୁମ ଅମର ସୃଷ୍ଟିକୁ
ସୂର୍ଯ୍ୟ ଚନ୍ଦ୍ର ଥିବେ ଯେତେଦିନ ନୀଳ ଗଗନରେ ।

ଅଭ୍ୟୁଦୟ ନଗର
ତୁମୁଡୁମା, ଭୁବନେଶ୍ୱର



# ଶ୍ରୀମନ୍ଦିର ଓ ଦକ୍ଷିଣ ଘର

ପଣ୍ଡିତ ରାମକୃଷ୍ଣ ପତି (ଚାରଣ)

ଶ୍ରୀମନ୍ଦିରର ରତ୍ନ ସିଂହାସନ ଉପରେ ଦୈନିକ ସପ୍ତାବରଣ ମୂର୍ତ୍ତି ପୂଜିତ ହେଉଛନ୍ତି । ସେମାନେ ହେଲେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ସ୍ତମ୍ଭାକୃତି ଶ୍ରୀସୁଦର୍ଶନ, ଜଗନ୍ନାଥଙ୍କ ଦୁଇ ପାଖରେ ଶ୍ରୀଦେବୀ ଭୂଦେବୀ ତଥା ବାମଭାଗର ପଶ୍ଚାତ୍ ଦେଶରେ ଶ୍ରୀନୀଳମାଧବ । ସ୍ନାନଯାତ୍ରା ଓ ଗୁଣ୍ଡିଚା ବେଳେ ବର୍ଷରେ ଦୁଇଥର ଚତୁର୍ଦ୍ଧାମୂର୍ତ୍ତି ସିଂହାସନ ଛାଡ଼ି ପଦାକୁ ଆସନ୍ତି । ଏହି ଦୁଇଟି ଯାତ୍ରା ବ୍ୟତୀତ ବର୍ଷ ମଧ୍ୟରେ ଛୋଟବଡ଼ ବହୁ ଯାନିଯାତ୍ରାରେ ଦେଉଳର ପ୍ରତିନିଧି ଭାବରେ ବହୁ ବିଜେ ପ୍ରତିମା ମନ୍ଦିର ନୀତିରେ ଭାଗ ନେଇଥାନ୍ତି । ଏହି ବିଜେ ପ୍ରତିମା ବା ଉତ୍ସବ ଦିଅଁମାନଙ୍କ ଆସ୍ଥାନ ଗୃହ ହେଉଛି - 'ଦକ୍ଷିଣ ଘର' । ଶ୍ରୀମନ୍ଦିର ସହ ଏହା ନିତ୍ୟ ସଂଶ୍ଳିଷ୍ଟ । ଏହାକୁ ଦେଉଳ ଦେବତାଙ୍କ ପ୍ରତିନିଧି ଭବନ ବା ଦେବ ବିଶ୍ରାମ କକ୍ଷ ବୋଲି ମଧ୍ୟ କୁହାଯାଇପାରେ ।

ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତି ଜ୍ୟେଷ୍ଠ ପୂର୍ଣ୍ଣମୀର ପ୍ରାତଃକାଳରେ ସିଂହାସନରୁ ଓହ୍ଲାଇଥାନ୍ତି । ପୁଣି ଦୀର୍ଘଦିନ ପରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ବା ତ୍ରୟୋଦଶୀ ଦିନ ନୀଳାଦ୍ରି ବିଜେ କରି ମଧ୍ୟରାତ୍ରିରେ ସିଂହାସନ ଆରୋହଣ କରନ୍ତି । ଏହି ଦୀର୍ଘ ସମୟ ସିଂହାସନ ଶୂନ୍ୟ ଭଳି ଜଣା ଯାଉଥିଲେ ମଧ୍ୟ ଏକାକୀ ନୀଳମାଧବ ରହିଥାନ୍ତି । ସିଂହାସନ ସଂପୂର୍ଣ୍ଣ ଶୂନ୍ୟ ହୁଏ ନାହିଁ । ଗୁଣ୍ଡିଚା ବେଳେ ଲକ୍ଷ୍ମୀ ଓ ସରସ୍ୱତୀ ଖଟଶେଯ ଘରେ ରହନ୍ତି । ମହାଜନ ସେବକ ସେଠାରେ ବଲ୍ଲଭ କରିଥାନ୍ତି ।

ଶ୍ରୀମନ୍ଦିରର ଯାତ୍ରାଗୁଡ଼ିକରେ ଦୁଇଟି ସ୍ଥାନରୁ ଦେବଦେବୀ ଆସି ସିଂହାସନରେ ବସନ୍ତି । ଏହି ଦୁଇଟି ଘର ହେଉଛି ଭଣ୍ଡାର ଘର ଓ ଦକ୍ଷିଣ ଘର । ଭଣ୍ଡାର ଘରେ ଭଣ୍ଡାର ଲୋକନାଥ, ଶୟନ ଠାକୁର ଓ ଦୁର୍ଗା ଠାକୁରାଣୀ ରହନ୍ତି । ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ବଲ୍ଲଭ ସରିଲେ ଏଠାରେ କୋରାଭୋଗ କରିଥାନ୍ତି । ଏଠାରୁ ପ୍ରତିଦିନ ଶୟନ ଠାକୁର ପହୁଡ଼ ନୀତି ବେଳେ ବିଜେ କରିଥାନ୍ତି । ଶ୍ରୀଲୋକନାଥ ଶିବରାତ୍ରି ଦିନ ନୀତି ପାଇଁ ଶ୍ରୀଲୋକନାଥ ମନ୍ଦିରକୁ ବିଜେ କରନ୍ତି । ସେପରି ସୋମବାର ଦିନ ଏକାଦଶୀ ପଡ଼ିଲେ 'ଶମ୍ଭୁ ଏକାଦଶୀ'ରେ ଲୋକନାଥଙ୍କ ବିଶେଷ ନୀତି ହୁଏ । ଅଶୋକାଷ୍ଟମୀରେ ଲୋକନାଥ ଈଶାନେଶ୍ୱରଙ୍କ ପାଖକୁ ଯାଇ ଆଜ୍ଞାପ୍ରାପ୍ତ ହେଲା ପରେ ସେଠାରେ ଅଶୋକା ମଣୋହି କରିଥାନ୍ତି । ତେବେ ଅନ୍ୟାନ୍ୟ ଯାନିଯାତ୍ରାଗୁଡ଼ିକରେ 'ଦକ୍ଷିଣ ଘର'ର ଗୁରୁତ୍ୱ ଉପଲବ୍ଧ ଅଟେ ।

'ଦକ୍ଷିଣ ଘର' ଶ୍ରୀମନ୍ଦିରର ପ୍ଳଟ ନମ୍ବର ୨୪ରେ ଅବସ୍ଥିତ । ମୁକ୍ତିମଣ୍ଡପ ପଟୁ ଦକ୍ଷିଣ ଦ୍ୱାର ଦେଇ ମୁଖ୍ୟ ମନ୍ଦିରକୁ ପ୍ରବେଶ କଲାବେଳେ ବାମପଟରେ 'ଦକ୍ଷିଣ ଘର' ରହିଛି । ସମ୍ଭବତଃ ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ଏହା ସଂଲଗ୍ନ ଥିବାରୁ ଦକ୍ଷିଣି ଘର ବା ଦକ୍ଷିଣ ଘର ବୋଲି କଥିତ ଅଟେ । ଗୋଟିଏ କ୍ଷୁଦ୍ର ଆୟତାକାର ଏହି ଘର ଭିତରେ ବିଜେ କରିଥିବା ପ୍ରତିମାଗୁଡ଼ିକ ମଧ୍ୟରୁ କେତେକ ଚଳନ୍ତି ପ୍ରତିମା ଓ ଅନ୍ୟ କେତେକ ଅଚଳନ୍ତି ପ୍ରତିମା । ଅଚଳନ୍ତି ପ୍ରତିମାମାନେ ଆଦୌ ଘରଛାଡ଼ି ବାହାରକୁ ଆସନ୍ତି ନାହିଁ । କେବଳ ଚଳନ୍ତି ପ୍ରତିମାମାନେ ହିଁ ଯାନିଯାତ୍ରାରେ ଉତ୍ସବ ପ୍ରତିମା ଭାବରେ ଭାଗ ନେଇଥାନ୍ତି । ଅଚଳନ୍ତି ପ୍ରତିମାମାନେ ହେଉଛନ୍ତି - ଛୋଟ ରାମକୃଷ୍ଣ, ନାରାୟଣ, ବଦ୍ରିନାରାୟଣ, ଲଡୁଗୋପାଳ, ବାମନ, ଲକ୍ଷ୍ମୀନାରାୟଣ ଓ ଶେଷଦେବ । ଚଳନ୍ତି ପ୍ରତିମାମାନେ ହେଉଛନ୍ତି - ମଦନମୋହନ, ରାମକୃଷ୍ଣ, ଦୋଳଗୋବିନ୍ଦ, ନାରାୟଣ, ବାଡ଼ିନୃସିଂହ, ଲକ୍ଷ୍ମୀନୃସିଂହ, ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ପଞ୍ଚୁପାଣ୍ଡବ । ପଞ୍ଚୁପାଣ୍ଡବଙ୍କ ମଧ୍ୟରୁ ତିନିମୂର୍ତ୍ତି ଚଳନ୍ତି ଅଟନ୍ତି । ଏହାଙ୍କ ସହ ଅଠରମୂର୍ତ୍ତି ଶାଳଗ୍ରାମ ମଧ୍ୟ ରହିଛନ୍ତି । ଏହି ଘରର ଭିତର କାନ୍ଥରେ ମହାଲକ୍ଷ୍ମୀ ଓ ବଳଭଦ୍ର (ବୀରଭଦ୍ର) ମୂର୍ତ୍ତି ରହିଛନ୍ତି । ବାହାର କାନ୍ଥରେ ଦଶଭୂଜା ଦୁର୍ଗା, ଗଣେଶ, କାର୍ତ୍ତିକେୟ, ହନୁମାନ, ଈଶ୍ୱରପାର୍ବତୀ, ଭୀମେଶ୍ୱରୀ, ହରଚଣ୍ଡୀ, ବେଢ଼ାଦୁର୍ଗା ଦନ୍ତେଶ୍ୱରୀ ଓ ହନୁମାନଙ୍କର ଚିତ୍ର ରହିଛି ।

ମହାଜନ ସେବକମାନେ ଏହି ଘରେ ସେବା ଅଧିକାରୀ ଅଟନ୍ତି । ପଶୁପାଳକ ସେବା ଅନ୍ତେ ଏହି ସେବାର ଅଧିକାର ହେତୁ ପୁଷ୍ପାଳକମାନେ ମଧ୍ୟ ଏହି ସେବା କରିଥାନ୍ତି । ଦିଅଁଙ୍କ ମଧ୍ୟାହ୍ନ ଧୂପପରେ ବାହାର ଦେଉଳି ଭୋଗରୁ ଭୋଗ ଆସି ଏହି ଠାକୁରମାନଙ୍କଠାରେ ଭୋଗ ହୋଇଥାଏ । ମହାଜନ ସେବକମାନେ 'ଦକ୍ଷିଣ ଘର'ଠାରେ ସେବା ଓ ବଲ୍ଲଭ ଭୋଗ କରନ୍ତି । ବିଭିନ୍ନ ଯାନିଯାତ୍ରା ଉଦ୍ଦେଶ୍ୟରେ ବିଜେ ପ୍ରତିମାମାନଙ୍କୁ ବିଜେ

କରାଇଥାନ୍ତି । ବିମାନବଡୁଙ୍କ ସହିତ ବିଜେ ସ୍ଥାନକୁ ପ୍ରଭା ଧରି ଯାଆନ୍ତି । ଶ୍ରୀରାମ ଜନ୍ମୋତ୍ସବ ବେଳେ ଏହି ସେବକମାନେ ଦଶରଥ ଓ କୌଶଲ୍ୟା, ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ବସୁଦେବ, ଦେବକୀ, ନନ୍ଦ ଓ ଯଶୋଦା ହୁଅନ୍ତି । ବାମନ ଜନ୍ମରେ ଅଦିତୀ ଓ କଶ୍ୟପଙ୍କ ଭୂମିକା ତୁଲାଇଥାନ୍ତି । ନୀତିରେ ଭାଗ ନିଅନ୍ତି ।

'ଦକ୍ଷିଣ ଘର' ସ୍ଥିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ସମସ୍ତେ ଚଳନ୍ତି ପ୍ରତିମା ଅଟନ୍ତି । ରାମବିଗ୍ରହ-ଶ୍ରୀରାମଙ୍କ ଜନ୍ମୋତ୍ସବ ତଥା ପୁଷ୍ୟାଭିଷେକ ନୀତିରେ ରାମ ରୂପେ ଉପାସିତ ହୁଅନ୍ତି । ରାମଙ୍କ ସହ ଲକ୍ଷ୍ମଣ ଚୈତ୍ରଶୁକ୍ଳ ଦଶମୀ ଦିନ ଯଜ୍ଞରକ୍ଷା ନୀତିରେ ଅଂଶଗ୍ରହଣ କରନ୍ତି । ଏକାଦଶୀ ଦିନ ସୀତାବିବାହ ନୀତିରେ ରାମ, ଲକ୍ଷ୍ମଣଙ୍କ ସହିତ ସୀତା ମଧ୍ୟ ବିଜେ କରନ୍ତି । ହନୁମାନ ମୂର୍ତ୍ତି ପଣାସଂକ୍ରାନ୍ତି ଦିନ ହନୁମାନ ଜନ୍ମଲୀଳାରେ ଭାଗ ନିଅନ୍ତି । ରାମ ନବମୀଠାରୁ ଶ୍ରୀମନ୍ଦିରରେ ସଂପୂର୍ଣ୍ଣ ରାମଲୀଳା ବିଭିନ୍ନ ସାହିର ସହଯୋଗକ୍ରମେ ଅନୁଷ୍ଠିତ ହୁଏ । ନବୀନ ସଂପୃକ୍ତ ଅଭିଷେକ ବିଧି ସେହିଦିନ ହୁଏ ଯେଉଁଦିନ ପୁଷ୍ୟା ସହ କକଡ଼ା ରାଶି ସଂଯୁକ୍ତ ଥାଇ ମହାପ୍ରଭୁଙ୍କ 'ତାରଶୁଦ୍ଧି' ହେଉଥାଏ । ଏହି ଅଭିଷେକ ନୀତିରେ ଦକ୍ଷିଣ ଘରୁ ବିଜେ ହୋଇ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପୂଜା ସ୍ଥାନରେ ଉପସ୍ଥିତ ହୁଅନ୍ତି ।

ମଦନମୋହନ ଓ ରାମକୃଷ୍ଣ ହେଉଛନ୍ତି ଚଳନ୍ତି ପ୍ରତିମା । ଶ୍ରୀମନ୍ଦିର ଯାନିଯାତ୍ରାରେ ଏମାନେ ମୁଖ୍ୟ ବିଜେ ପ୍ରତିମା ଅଟନ୍ତି । ମୁଖ୍ୟଯାତ୍ରା ସ୍ନାନ ଓ ଗୁଣ୍ଡିଚାରେ ପ୍ରଭୁଙ୍କ ପହଣ୍ଡି ସରି ରୁନ୍ଧା ବଢ଼ିଲେ ଏମାନେ ଦିଅଁଙ୍କ ପାଖକୁ ଯାଇଥାନ୍ତି କିନ୍ତୁ ସ୍ନାନ ମଣ୍ଡପ ଓ ରଥରୁ ପହଣ୍ଡି ହୋଇ ଦିଅଁମାନେ ଓହ୍ଲାଇବା ପୂର୍ବରୁ ଏମାନେ ପ୍ରଥମେ ଆସ୍ଥାନ ଛାଡ଼ି ଭଣ୍ଡାର ଘରେ ବିଜେ କରିଥାନ୍ତି । ରଥଯାତ୍ରାରେ ରାମକୃଷ୍ଣ ଦୁଇ ମୂର୍ତ୍ତି ବଡ଼ବାଡ଼ ରଥରେ ଓ ମଦନମୋହନ ମହାପ୍ରଭୁଙ୍କ ବାଡ଼ରେ ରହନ୍ତି । ଆଷାଢ଼ ଶୁକ୍ଳ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ଘରଠାରେ ରାହାସ ହୁଏ । ମଦନମୋହନ ଜଗମୋହନର ସିଂହାସନରେ ବସି ବେଶ ହୁଅନ୍ତି । ଏହି ରାହାସରେ ସେ ନାୟକ ହୋଇଥାନ୍ତି । ମକର ସଂକ୍ରାନ୍ତି ପୂର୍ବଦିନ 'ନବା'ଙ୍କ ନୀତିରେ ବଡ଼ସିଂହାର ବେଶ ପରେ ଆଜ୍ଞା ପାଇ ମଦନମୋହନ ବିଜେ କରି ସିଂହାସନକୁ ସାଢ଼େ ଚାରିଘେରା ଓ ପରେ ମନ୍ଦିରକୁ ସାଢ଼େ ଚାରିଘେରା ବୁଲିଥାନ୍ତି ।

ଶ୍ରାବଣ ଶୁକ୍ଳ ନବମୀ ବା ଦଶମୀଠାରୁ ଏକ ସପ୍ତାହ ଧରି ମୁକ୍ତି ମଣ୍ଡପ ନିକଟରେ ଝୁଲଣ ଯାତ୍ରା ହୁଏ । ମଦନମୋହନ ଦକ୍ଷିଣ ଘରୁ ସିଂହାସନକୁ ବିଜେ ହୋଇ ସେଠାରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଝୁଲଣ ଯାତ୍ରାକୁ ବିଜେ କରନ୍ତି । ଜ୍ୟେଷ୍ଠ ଶୁକ୍ଳ ଦଶମୀରେ ରାଜେନ୍ଦ୍ରାଭିଷେକ ତଥା ରୁକ୍ମିଣୀ ହରଣ ନୀତିରେ ମଦନମୋହନଙ୍କ ଚାତୁରୀ ଓ ମାଧୁରୀ ଲକ୍ଷଣୀୟ ଅଟେ ।

ରାମକୃଷ୍ଣ ପ୍ରତିମା ମଧ୍ୟ ବିଭିନ୍ନ ଯାତ୍ରାରେ ପ୍ରମୁଖ ଅଂଶ ନେଇଥାନ୍ତି । ଚନ୍ଦନଯାତ୍ରା ଏକୋଇଶ ଦିନ ବାହାରେ ହୁଏ । ଏହି ଯାତ୍ରା ଉଦ୍ଦେଶ୍ୟରେ ରାମକୃଷ୍ଣ ଓ ମଦନମୋହନ ପ୍ରଥମେ ସିଂହାସନକୁ ବିଜେ କରନ୍ତି । ସେଠାରୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ମିଶି କରି ଯାଆନ୍ତି । ପାଲିଙ୍କି ଆରୋହଣ କରି ରାମକୃଷ୍ଣ ବଡ଼ଚାପରେ ତଥା ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ ବିମାନରେ ଯାଇ ପଛଚାପରେ ଭାଗ ନେଇଥାଆନ୍ତି । ଦଶହରା ଦିନ ରାମକୃଷ୍ଣ ଓ ମଦନମୋହନ ଉଭୟେ ବୀରବେଶରେ ଯାତ୍ରା କରନ୍ତି । ଭଣ୍ଡାରରୁ ରୁନ୍ଧାଥାଇ ଦୁର୍ଗାମାଧବ ମିଶି ସିଂହାସନାରୂଢ଼ ହୁଅନ୍ତି । ସେଠି ମଙ୍ଗଳାର୍ପଣ ପରେ ବଟମୂଳକୁ ଯାଆନ୍ତି । ପାଲିଙ୍କିରେ ରାମକୃଷ୍ଣ, ରଥରେ ଦୁର୍ଗାମାଧବ ଓ ବିମାନରେ ମଦନମୋହନ ମହାଖଳାକୁ ବିଜେ କରିଥାନ୍ତି ।

ଶ୍ରୀକୃଷ୍ଣ ଜନ୍ମୋତ୍ସବ ରାମଜନ୍ମ ପରି ଦୀର୍ଘଦିନ ଧରି ସଂପୂର୍ଣ୍ଣ ଭାବେ ଶ୍ରୀମନ୍ଦିରରେ ପାଳିତ ହୁଏ । କୃଷ୍ଣଙ୍କ ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ ବିଭିନ୍ନ ନୀତିଗୁଡ଼ିକ ହୋଇଥାଏ । ଜନ୍ମାଷ୍ଟମୀରେ ମହାଜନ ସେବକ ମଦନମୋହନଙ୍କୁ ଉଲଗ୍ନ କରି ସିଂହାସନ ଦେଇ ଜନ୍ମ ଚକଡ଼ାକୁ ଆଣିଥାନ୍ତି । ଏଠାରେ ଜନ୍ମବିଧି ହୁଏ । ନନ୍ଦ ଉତ୍ସବ ଦିନ ରାମକୃଷ୍ଣ ଓ ମଦନମୋହନ ଦୋଳିରେ ବିଜେ କରନ୍ତି । ପରେ ଲକ୍ଷ୍ମୀଙ୍କ ଜଗମୋହନରେ ଗୋଦୋହନ ନୀତି ହୋଇଥାଏ । ଏହି ଯାତ୍ରାରେ ଦାହଲୀଳା, କେକେଶି ବଧ ଲୀଳା, କାଳୀୟଦଳନ ଓ ବକାସୁର ବଧରେ ମଦନମୋହନ ବିଜେ କରୁଥିଲାବେଳେ ଅନ୍ଧ ପ୍ରସ୍ତାବ, କୋଳିବିକା, ଲବଣିଖିଆ ତଥା ପ୍ରଳମ୍ବାସୁର ବଧ ନୀତିରେ ରାମକୃଷ୍ଣ ବିଜେ କରିଥାନ୍ତି । ଚୈତ୍ରଶୁକ୍ଳ ତ୍ରୟୋଦଶୀରେ ହେଉଥିବା ଦମନକଚୋରୀ ନୀତିରେ ରାମକୃଷ୍ଣଙ୍କର ପ୍ରମୁଖ ଭୂମିକା ରହିଛି । ଏହିସବୁ ଯାତ୍ରା ବ୍ୟତୀତ ବର୍ଷ ମଧ୍ୟରେ ଅନ୍ୟାନ୍ୟ ଯାତ୍ରାରେ ମଧ୍ୟ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରୁ ଦେବ ପ୍ରତିନିଧିତ୍ୱ କରନ୍ତି ।

ସ୍ନାନ ପୂର୍ଣ୍ଣମୀ ପରଠାରୁ ଉଭା ଅମାବାସ୍ୟା ପର୍ଯ୍ୟନ୍ତ ଗୁପ୍ତ ଅଣସର ନୀତି ଶ୍ରୀମନ୍ଦିରରେ ସଂପାଦିତ ହୁଏ । ଦିଅଁମାନେ ଅନ୍ଧାର ଭିତରେ ଅଣସରପିଣ୍ଡିରେ ରହନ୍ତି । ବାଉଁଶ ତାଟି ବାହାରେ ପଟ୍ଟଚିତ୍ର ପୂଜା ପାଇଥାନ୍ତି । ବଡ଼ବାଡ଼ରେ ବାସୁଦେବ, ମଝିବାଡ଼ରେ ଭୁବନେଶ୍ୱରୀ ଓ ମହାପ୍ରଭୁଙ୍କ ବାଡ଼ରେ ନାରାୟଣ ପଟ୍ଟଚିତ୍ର ପୂଜିତ ହୁଅନ୍ତି । ଏହି ପଟ୍ଟଚିତ୍ରଙ୍କ ସମ୍ମୁଖରେ ସାତମୂର୍ତ୍ତି ମିଶି ଦଶାବତାର ପୂଜା ପାଆନ୍ତି । ଦକ୍ଷିଣଘରୁ ବିଜେ ହୋଇ ଦୋଳଗୋବିନ୍ଦ, ରାମ ଓ ନୃସିଂହ ବଡ଼ବାଡ଼ରେ, ଲକ୍ଷ୍ମୀ ଓ ସରସ୍ୱତୀ ମଝିବାଡ଼ରେ ତଥା ମଦନମୋହନ ଓ ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ବାଡ଼ରେ ରହନ୍ତି । ଏହି ସାତମୂର୍ତ୍ତି ଓ ପଟ୍ଟଚିତ୍ର ତିନିମୂର୍ତ୍ତିଙ୍କ ସମ୍ମୁଖରେ ଶ୍ରୀମନ୍ଦିରର ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ । ପରେ ସନ୍ଧ୍ୟାରେ ଅଣସର ଦିଅଁଙ୍କ ପଣା ପ୍ରଭୃତି ଭୋଗନୀତି ଅନୁଷ୍ଠିତ ହୁଏ ।

ନାରାୟଣ ମୂର୍ତ୍ତି ପ୍ରତି ଅମାବାସ୍ୟା ଦିନ ସାଗର ବିଜେ ନୀତିରେ ବିମାନରେ ଯାଇ ସମୁଦ୍ର କୂଳରୁ ଫେରନ୍ତି । ଲକ୍ଷ୍ମୀ ନୃସିଂହ ବିଗ୍ରହ ନୃସିଂହ

ଜନ୍ମରେ ଓ ନବକଳେବର ସମୟରେ ଦାରୁ ପ୍ରତିଷ୍ଠା ସ୍ଥାନରେ ଉପସ୍ଥିତ ହେଉଥିଲାବେଳେ, ଶ୍ରାବଣ ଶୁକ୍ଳ ନବମୀ ଦିନ 'ବାଡ଼ି ନୃସିଂହ' ମୂର୍ତ୍ତି ଦକ୍ଷିଣ ଘରୁ ବାହାରି ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଓ ଭୃଗୁଙ୍କ ଆଶ୍ରମକୁ ଯାଇ ବୁଲି ଆସନ୍ତି । ବାଡ଼ି ବା ହଇଜା ରୋଗରୁ ମୁକ୍ତିଦାତା ହେତୁ ଏହାଙ୍କ ନାମ ବାଡ଼ି ନୃସିଂହ ରଖାଯାଇଛି ।

ଦୋଳଗୋବିନ୍ଦ ମୂର୍ତ୍ତି ବସନ୍ତ ପଞ୍ଚମୀ, ଫାଲଗୁନ ଶୁକ୍ଳ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀ ଦିନ ବେଣ୍ଟ ଶିକାର ପାଇଁ ଜଗନ୍ନାଥ-ବଲ୍ଲଭ ଖଳାକୁ ବିଜେ କରିଥାନ୍ତି । ଦୋଳବେଦୀଠାରେ ଦୋଳପୂର୍ଣ୍ଣମୀ ବେଳେ ଅବିର ଖେଳରେ ସେ ପ୍ରତିନିଧି ହୁଅନ୍ତି । ପଞ୍ଚୁପାଣ୍ଡବ ଚନ୍ଦନଯାତ୍ରା ଓ ବସନ୍ତ ପଞ୍ଚମୀରେ ଭାଗ ନେଇଥାନ୍ତି ।

'ଦକ୍ଷିଣ ଘରୁ' ଦେବତାମାନଙ୍କ ବିଜେ କାର୍ଯ୍ୟ ସାଧାରଣତଃ ମନ୍ଦିର ନୀତିରେ ମଧ୍ୟାହ୍ନ ଧୂପ ସରିବା ପରେ ହିଁ ହୋଇଥାଏ । ପ୍ରଥମେ ପ୍ରତିମା ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇଥାନ୍ତି ଏବଂ ପରେ ଯାତ୍ରାରେ ଯୋଗ ଦିଅନ୍ତି । ମନ୍ଦିର ମଧ୍ୟରେ ବିଜେ ପ୍ରତିମାକୁ ନେଇ ମହାଜନ ସେବକ ବଟମୂଳେ ଥିବା ପାଳଙ୍କି ପାଖକୁ ଯାଆନ୍ତି । ଦେଉଳ ବାହାରକୁ ଯାତ୍ରା କାଳରେ ବିମାନରେ ବିମାନବଡୁମାନେ କାନ୍ଧରେ ବୋହି ନେଇଥାଆନ୍ତି । ଚାରିଗୋଟି ଆଶାବାଡ଼ି ଏଥିପାଇଁ ପାଇଥାଆନ୍ତି । ବିମାନ ସାଙ୍ଗରେ ଘଣ୍ଟୁଆ, ଛତାର ଓ କାହାଳିଆ ପ୍ରଭୃତି ମଧ୍ୟ ଯୋଗ ଦେଇଥାନ୍ତି ।

ମଦନମୋହନ ଓ ରାମକୃଷ୍ଣ ପ୍ରଭୃତି ବିଜେ ପ୍ରତିମାଙ୍କ ମୁଖର ଗଠନ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଏମାନେ ମୁଖ୍ୟ ଦେବତାଙ୍କ ପ୍ରତିନିଧିତ୍ୱ କରୁଥିବାରୁ ସିଂହାସନ ଆରୂଢ଼ ହେବା ପରେ ପ୍ରତିନିଧିର ମାନ୍ୟତା ସ୍ୱରୂପ ଆଜ୍ଞାମାଳ ଖଣ୍ଡିଏ ପାଇବା ପରେ ଦିବ୍ୟଶକ୍ତି ଓ ତେଜଧାରୀ ହୋଇ ମୂଳ ଦେବତାଙ୍କର କର୍ମ ନିର୍ବାହ କରିଥାନ୍ତି । ଯାତ୍ରା, ଉପଯାତ୍ରାଗୁଡ଼ିକ ରାମାୟଣ, ଭାଗବତ ପ୍ରଭୃତି ପୁରାଣ ବର୍ଣ୍ଣିତ ଘଟଣା ଅନୁଯାୟୀ ହୋଇଥିଲା ବେଳେ ଏଥିସହ କିଛି ସାମାଜିକ ବିଧିବ୍ୟବସ୍ଥା ମଧ୍ୟ ସଂଯୁକ୍ତ ହୋଇଛି ।

ସବୁକ୍ଷେତ୍ରରେ ମୁଖ୍ୟ ଦେବତା ଉପସ୍ଥିତ ହେବା ସମ୍ଭବ ନୁହେଁ । କଥିତ ହୁଏ, ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଦୋଳଯାତ୍ରା ପାଇଁ ଦୋଳଦେବୀକୁ ଯାଉଥିଲେ କିନ୍ତୁ ଥରେ ଦଉଡ଼ି ଛିଣ୍ଡି ଯିବାରୁ ମୂର୍ତ୍ତି ଆଘାତ ପ୍ରାପ୍ତ ହେଲେ । ପ୍ରତିନିଧି ସ୍ୱରୂପ ଦୋଳଗୋବିନ୍ଦ ସେଠାକୁ ବିଜେ ହେଲେ । ପ୍ରଶାସନିକ ଓ ଅନ୍ୟାନ୍ୟ କାରଣରୁ ପ୍ରତିନିଧି ବ୍ୟବସ୍ଥା ଆରମ୍ଭ ହେଲା । ଦକ୍ଷିଣ ଘର ଓ ଭଣ୍ଡାର ଘର ଏହି ପ୍ରତିନିଧିଙ୍କ ବିଜେସ୍ଥଳୀ ହୋଇ ଆସିଛି ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ନୀତି ଓ ଯାତ୍ରାଗୁଡ଼ିକୁ ଦେଖିଲେ ଏଥିରେ ଅନୁସୃତ ବିଧି ଓ ଦିଗ ବିଷୟରେ ମନରେ ସ୍ୱତଃ ବହୁ ବିଚାର ଆସିଥାଏ । ପ୍ରଭୁ ଜଗନ୍ନାଥ ସ୍ୱୟଂ ବ୍ରହ୍ମ । ଆକାର ଓ ବିକାର ରହିତ । ସର୍ବ ଦେବମୟ ପୁଣି ସର୍ବ ଭାବମୟ । 'ଏକୋଽହଂ ବହୁସ୍ୟାମ୍'- ଇଚ୍ଛାରେ ଭିନ୍ନ ଭିନ୍ନ ରୂପ ଧାରଣ କରିଥିଲେ ମଧ୍ୟ ସେ କିନ୍ତୁ ମୂଳତଃ ଏକ ଓ ଅଭିନ୍ନ । ଏକ ହୋଇ ସେ ଏକାଧିକ । ବହୁ ରୂପବିନ୍ୟସ୍ତ ଦେବତାଙ୍କ ମଧ୍ୟରେ ସେ ହିଁ ଏକତାର ସୂତ୍ରଧର ।

ଦିନାର ସିଂ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ
ବଇଡ଼ା, କନ୍ଧମାଳ-୭୬୨୦୨୯

# ଛଳନାରୁ ମୁକ୍ତି ଦିଅ

ଇନ୍ଦ୍ରମଣି ମହାଳିକ

ଜଗନ୍ନାଥେ !
ପ୍ରଣତି ଘେନିବ ମୋର
ଜାଣିବ ମୋ କୋହଭରା ମନର ଭାବନା
ଭକ୍ତିଭାବ ବହି ରଙ୍ଗ-
ଅନ୍ତରରେ ଉଙ୍କିମାରେ
ମେଞ୍ଚା ମେଞ୍ଚା ଅବ୍ୟକ୍ତ କାମନା
ବାସନାରେ ପରିପୂର୍ଣ୍ଣ ମୋର ଅନ୍ତଃସ୍ଥଳ ।
ଆକାଂକ୍ଷାର ଅରଣ୍ୟରେ
ରୁଦ୍ଧଶ୍ୱାସ କ୍ଳାନ୍ତ ବାଟୋଇଟି
ନିଜ ସ୍ୱାର୍ଥେ ହେଉଛି ବିକଳ ।

ଜଗତ୍ ପତେ
ଆହେ ପ୍ରଭୁ ବଳିଆର ଭୁଜ ।
କେତେଥର କହିବାକୁ -
ଭାବି ମଧ୍ୟ କହିପାରି ନାହିଁ
ମୁଁ କେମିତି ବ୍ୟସ୍ତ-
ଅବିରତ-ଗଢ଼ିବାକୁ
ଅର୍ଥ-ଭୋଗ-କ୍ଷମତାର
ସ୍ୱର୍ଣ୍ଣିମ ତ୍ରିଭୁଜ ।

ଦେଖାଉଛି ଭକ୍ତିର ବାହାନା
ମନ୍ଦିରକୁ ଡୋନେସନ
ପୁରୀ ଗସ୍ତ ଶୁକ୍ଳ ପରିଧାନ
ଭୋଗ ଭର୍ତ୍ତି ପୂଜା ଥାଳି
ନୀଳଚକ୍ରେ ବାନ୍ଧୁଛି କେତନ
ଆନନ୍ଦ ବଜାରେ ପୁଣି କେବେ
ଅନ୍ନ-ବିତରଣ-
ସବୁଖାଲି ଅହଂର ସାଧନ ।

ଆହେ ପ୍ରଭୋ !
ବିଶ୍ୱପରାତ୍ପର
ମୋକ୍ଷ ଦାତା ଅନ୍ତର୍ଯ୍ୟାମୀ
ନିଖିଳ ମନ୍ମଥ,
ମାଗୁଣି ଏତିକି ଆଜି
ତୁମ୍ଭ ଶ୍ରୀଚରଣେ
ଛଳନାରୁ ମୁକ୍ତି ଦିଅ
ଦିନ ଅକିଞ୍ଚନେ ।

ସୂଚନା ଓ ଲୋକ ସଂପର୍କ ବିଭାଗ
ଲୋକ ସଂପର୍କ ଭବନ, ଭୁବନେଶ୍ୱର

# ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା

ଜଗନ୍ନାଥ କୁଅଁର

ଯେଉଁ ଦେଶ ବା ଜାତି ଯେତେ ସମୃଦ୍ଧ, ଶୃଙ୍ଖଳିତ ବା ସଂଯତ ତାହାର ଐତିହ୍ୟ ବା ସଂସ୍କୃତି ସେତେ ଉନ୍ନତ । ଐତିହ୍ୟ ବା ସଂସ୍କୃତି ସମ୍ବନ୍ଧରେ ପର୍ଯ୍ୟାଲୋଚନା କରିବାକୁ ଗଲେ ଗୀତ, ନୃତ୍ୟ ଏବଂ ବାଦ୍ୟ ବିଷୟରେ ଆଲୋଚନା କରିବାକୁ ପଡ଼ିବ । ଏହି ଗୀତ ନୃତ୍ୟ ବା କଳା ସଂସ୍କୃତିକୁ ବଖାଣିବା ସକାଶେ ଆମକୁ ସହସ୍ର ବର୍ଷର ଅତି ପ୍ରାଚୀନ ମନ୍ଦିର ଏବଂ ଶିଳାଲେଖର ଇତିହାସକୁ ଅବଲୋକନ କରିବାକୁ ପଡ଼ିବ । ସଂସ୍କୃତି ବିଭିନ୍ନ କଳାର ସମାବେଶକୁ ବୁଝାଇଥାଏ । କଳା କହିଲେ ଚାରୁକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଲଳିତ କଳା, ଚିତ୍ରକଳା ଇତ୍ୟାଦି । କିନ୍ତୁ ଏହି କଳାମାନଙ୍କ ମଧ୍ୟରୁ ସଙ୍ଗୀତ କଳାର ସ୍ଥାନ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ । ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା ସମ୍ବନ୍ଧୀୟ ଆଲୋଚନା କରିବାକୁ ଗଲେ ପ୍ରଥମତଃ ସଂଗୀତ ସମ୍ବନ୍ଧୀୟ ସାମାନ୍ୟ ତଥ୍ୟ ଉପସ୍ଥାପନ କରିବାକୁ ହେବ ।

ଆମ ଉତ୍କଳୀୟ ସଂସ୍କୃତି, ଓଡ଼ିଶା ଭାଷା, ଆମର ଓଡ଼ିଶା ବେଶଭୂଷା, ଚାଲିଚଳନ, ରଙ୍ଗଢ଼ଙ୍ଗ ଖାଣ୍ଟି ଓଡ଼ିଶୀ । ପରମ୍ପରା ଆମର ଅତି ସମୃଦ୍ଧ । ଐତିହ୍ୟ ଆମର ଦିଗନ୍ତ ବିସ୍ତାରୀ, ସଂସ୍କୃତି ଆମର ଅତି ପ୍ରାଚୀନ, ସମୃଦ୍ଧ ଏବଂ ଋଦ୍ଧିମନ୍ତ । ଗାୟନ ଶୈଳୀରେ ଆମର ଆସେ ଓଡ଼ିଆ ଢଙ୍ଗ । ବାଦନ ପରମ୍ପରାରେ ଆମର ସ୍ୱତନ୍ତ୍ର ଧ୍ରୁପଦ ଗାୟନ ଶୈଳୀ ସହିତସାମଞ୍ଜସ୍ୟ ଥିଲେ ମଧ୍ୟ ଏହା ହିନ୍ଦୁସ୍ଥାନ ଏବଂ କର୍ଣ୍ଣାଟକୀ ସଙ୍ଗୀତଠାରୁ ଉନ୍ନତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତି ପ୍ରାଚୀନ କାଳର ଉଡ୍ର ମାଗଧି କଳାତ୍ମକ ଶୈଳୀରୁ ଓଡ଼ିଆ ପୁଅର ଉଚ୍ଚ ସଂସ୍କୃତି ସମ୍ପନ୍ନ ସଙ୍ଗୀତକଳା ସମ୍ବନ୍ଧରେ ଆଭାସ ମିଳିଥାଏ । ଉତ୍କଳୀୟ ପରମ୍ପରାରେ ପୁରାତନ ମନ୍ଦିରର ଖୋଦିତ ମୂର୍ତ୍ତି ଏବଂ ବିଭିନ୍ନ ପର୍ବତ ଗୁମ୍ଫାର ଶିଳାଲେଖରୁ ଓଡ଼ିଆ ପୁଅର କଳାତ୍ମକ ଗୁଣଗାରିମା ପ୍ରକାଶ ପାଇଥାଏ । ଯଥାର୍ଥରେ ବିଦ୍ୱାନମାନଙ୍କ ମତରେ -

ଓଡ଼ିଶୀ ସଂଗୀତ ଝୁଙ୍କ । ଓଡ଼ିଶା ଅବଢ଼ା ଛୁଙ୍କ ॥
ଓଡ଼ିଶୀ ନାଚର ବନ୍ଧ । ଓଡ଼ିଶୀ ଗୀତର ଛନ୍ଦ ॥
ଓଡ଼ିଆଣୀ ହାତ ଝୋଟୀ । ଓଡ଼ିଆ ବିନ୍ଧାଣୀ କୁଟୀ ॥
ଓଡ଼ିଆ ପାଇକ ନିଶ । ଓଡ଼ିଆ ମାଇପ ବେଶ ॥

ଗାୟନ ବାଦନ ଏବଂ ନୃତ୍ୟ ଏହି ତିନିକଳା ସଂଗୀତର ଅଂଶ ବିଶେଷ । ବାଦନର କ୍ରିୟା ପ୍ରକ୍ରିୟା ଯୋଗୁଁ ଗାୟନ ଏବଂ ନର୍ତ୍ତନର ସ୍ୱତନ୍ତ୍ରତା ପ୍ରକାଶ ପାଇଥାଏ । କେତେକ ସଙ୍ଗୀତ ଶାସ୍ତ୍ରରେ ବାଦ୍ୟକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ପ୍ରକାର ଭେଦ ଅନୁଯାୟୀ ବାଦ୍ୟ ୪ ଭାଗରେ ବିଭକ୍ତ । ସେହି ଚାରିପ୍ରକାର ବାଦ୍ୟଗୁଡ଼ିକ ହେଲା, ତତ୍, ଘନ, ଅବନଦ୍ଧ ଏବଂ ସୁଷୀର ।

ଚାରିପ୍ରକାର ବାଦ୍ୟ ମଧ୍ୟରୁ ଅବନଦ୍ଧ ବାଦ୍ୟ ସ୍ୱତନ୍ତ୍ର ଏବଂ ଏହା ତାଳବାଦ୍ୟ ନାମରେ ନାମିତ । ତାଳବାଦ୍ୟ ମଧ୍ୟରୁ ମୃଦଙ୍ଗ (ଖୋଳ) ପଖାଓ୍ୱଜ, ଡମ୍ବରୁ, ଖଞ୍ଜଣି, ନାଗରା, ଢୋଲ, ଢୋଲକି, ମର୍ଦ୍ଦଳ, ଢୋଲକ, ତବଲା, ମୃଦଙ୍ଗମ, ତାଳଧୁମ୍‌ସା ଇତ୍ୟାଦି ଅନ୍ୟତମ ।

ଓଡ଼ିଶୀ ସଙ୍ଗୀତ ପଦ୍ଧତି ପୁରାତନ ତଥା ପ୍ରାଚୀନ ଅଟେ । ଏହାର ଗାୟନ ଶୈଳୀରେ ହିନ୍ଦୁସ୍ଥାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତଠାରୁ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଏହି ଗାୟନ ଶୈଳୀରେ ଶାସ୍ତ୍ର ନିୟମ ଅନୁଯାୟୀ ଆଳାପ, ପ୍ରବନ୍ଧ ଗାୟନ, ନିବଦ୍ଧାଳାପ ଏବଂ ତାନ ବିସ୍ତାର ଆଦି କରାଯାଇଥାଏ । ଏହି ଗାୟନ ଶୈଳୀରେ ଏକ ସ୍ୱତନ୍ତ୍ର ଢଙ୍ଗ ପରିପ୍ରକାଶିତ । ସେହି ଉଚ୍ଚମାନର ଗାୟନ ଢଙ୍ଗଟି ହେଲା ପଢ଼ି । ଏହି 'ପଢ଼ି' ଅନ୍ୟ ଦୁଇଟି ସଙ୍ଗୀତ ଶୈଳୀରେ ଦେଖାଯାଏ ନାହିଁ । 'ପଢ଼ି' ସ୍ଥାୟୀ ଗାୟନଠାରୁ ଦ୍ୱିଗୁଣିତ ଲୟରେ ହୋଇଥାଏ । ମର୍ଦ୍ଦଳର ବାଦନ ଶୈଳୀରୁ ଗାୟନର ଢଙ୍ଗ ପ୍ରକାଶ ପାଇଥାଏ । ଯଥାର୍ଥରେ ପଣ୍ଡିତମାନଙ୍କ ମତରେ -

'ଜାଗା ଚଉପାଠୀ ପାଚକ ପାଣି
ଛାମୁ, ସେବାୟତ ଚମ୍ପୁ ବଖାଣି
ଗାୟକ ଠାଣି, ମର୍ଦ୍ଦଳବାଣୀ, ଗୁରୁ କରିଥିଲେ ଏମନ୍ତ ଜାଣି ।'

ଭାରତୀୟ ସଂସ୍କୃତିରେ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ ବିଭିନ୍ନ ପୁରାତନ ତଥ୍ୟ ଉଦ୍ଧାର କରାଯାଇଥିଲେ ମଧ୍ୟ ସଙ୍ଗୀତର ଜନ୍ମପରି ଏହି ପୁରାତନ ସଂସ୍କୃତିର ନିର୍ଦ୍ଦିଷ୍ଟତା ପ୍ରକାଶ କରିବା ଏତେ ସହଜସାଧ୍ୟ ନୁହେଁ । ବିଭିନ୍ନ ପୁରାଣ, ପୋଥି, ପଞ୍ଜିକା, ଐତିହାସିକ ତଥ୍ୟ ସମ୍ବଳିତ

ପୁସ୍ତକ ଇତ୍ୟାଦି ମଧ୍ୟରୁ 'ମାଦଳା ପାଞ୍ଜି' ଅନ୍ୟତମ । ଯେପରି ସର୍ବଜ୍ଞ ଚିତ୍ରଗୁପ୍ତଙ୍କ ପଞ୍ଜିକାରୁ ପୃଥିବୀର ସମସ୍ତ ଜୀବଜନ୍ତୁ ମନୁଷ୍ୟ ଆଦିଙ୍କ ଜନ୍ମ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇଥାଏ । ସେହିପରି ମାଦଳା ପାଞ୍ଜିରୁ ଭାରତୀୟ ସଂସ୍କୃତି ସହିତ ଉତ୍କଳୀୟ ପରମ୍ପରାର ସବିଶେଷ ବିବରଣୀ ପୁଙ୍ଖାନୁପୁଙ୍ଖ ଭାବେ ମିଳିଥାଏ । ଓଡ଼ିଆ ପୁଅର ଚାଲିଚଳନ, ରଙ୍ଗଢଙ୍ଗ, ବେଶଭୂଷା, ସଂସ୍କୃତି ଆଦି ସମସ୍ତ ତଥ୍ୟ ମାଦଳା ପାଞ୍ଜିରୁ ମିଳିଥାଏ । ବିଶେଷଜ୍ଞ ମତରେ ବିଭିନ୍ନ ସଂପ୍ରଦାୟ ମଧ୍ୟରୁ ଶବର ସଂପ୍ରଦାୟ ଅନ୍ୟତମ । ଜଗନ୍ନାଥଙ୍କ ସଂସ୍କୃତି ସହିତ ଶବର ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କାରଣ ବିଶ୍ୱାବସୁ ଶବର ଜଗନ୍ନାଥଙ୍କର ଉପାସକ ଥିଲେ ଏବଂ କାଳକ୍ରମେ ତାଙ୍କଠାରୁ ବର୍ତ୍ତମାନ ଯାଏ ସେହି ପ୍ରଥା ଓଡ଼ିଶାରେ ଚଳି ଆସୁଅଛି ।

ଓଡ଼ିଶାରେ ଯେଉଁ ତାଳବାଦ୍ୟଗୁଡ଼ିକ ପ୍ରଚଳିତ ହେଉଛି ସେଗୁଡ଼ିକ ହେଲା ମର୍ଦ୍ଦଳ, ଖୋଳ, ଖଞ୍ଜଣି, ଧୁମସା, ଢୋଲକି, ଢୋଲ ଇତ୍ୟାଦି । କେତେକ ବିଦ୍ୱାନଙ୍କ ମତରେ ମାଦଳ ଶବ୍ଦରୁ ମର୍ଦ୍ଦଳ ବାଦ୍ୟର ସୃଷ୍ଟି । ସେହି ମାଦଳ ଶବ୍ଦରୁ କାଳକ୍ରମେ ମାଦଲ ଏବଂ କ୍ରମେ କ୍ରମେ ମର୍ଦ୍ଦଳ ରୂପରେ ପ୍ରକାଶ ପାଇଛି । ଓଡ଼ିଶୀ ଶାସ୍ତ୍ରୀୟ ଗାୟନ ପଦ୍ଧତିରେ ତାଳବାଦ୍ୟ ମର୍ଦ୍ଦଳର ପ୍ରୟୋଗ ଅତି ପ୍ରାଚୀନ । ମର୍ଦ୍ଦଳ ଉତ୍କଳର ଏକମାତ୍ର ପ୍ରାଚୀନ ତାଳବାଦ୍ୟ ଅଟେ । ଶାସ୍ତ୍ରୀୟ ଗାୟନ ଶୈଳୀ କେବଳ ବାଦନର ପରମ୍ପରା ଯୋଗୁଁ ହିଁ ଜଣାପଡ଼ିଥାଏ । ଓଡ଼ିଶାର ପରିସୀମା ପର୍ଯ୍ୟାପ୍ତ । ଏହାର ଚତୁଃସୀମାରେ ବିଭିନ୍ନ ପ୍ରକାର ଭାଷାଭାଷୀର ଅଧିବାସୀ ବସବାସ କରନ୍ତି । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣାଞ୍ଚଳ ଅନୁଯାୟୀ ଅଧିବାସୀମାନଙ୍କର ଭାଷା ଯେପରି ସ୍ୱତନ୍ତ୍ର ସେମାନଙ୍କର ଚାଲିଚଳଣ ବେଶଭୂଷା, ରୀତିନୀତି, ସର୍ବୋପରି ସେମାନଙ୍କ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ । ପୂର୍ବାଞ୍ଚଳରେ ଯଥା- ପୁରୀ, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଇତ୍ୟାଦି ଅଞ୍ଚଳମାନଙ୍କରେ ଓଡ଼ିଶୀ ଗାୟନ ବ୍ୟତୀତ ଅନ୍ୟ ଯେଉଁ ସଙ୍ଗୀତ ଗାନ କରାଯାଏ ସେଥିରେ ମୃଦଙ୍ଗ ଏବଂ ଢୋଲକି ବାଦନ କରାଯାଇଥାଏ । ସେହିପରି ପଶ୍ଚିମାଞ୍ଚଳ ଯଥା- ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ଫୁଲବାଣୀ, କୋରାପୁଟ ଓ କଳାହାଣ୍ଡି ଇତ୍ୟାଦି ଅଞ୍ଚଳରେ ଗାୟନ ଅନୁଯାୟୀ ଢୋଲ, ମାଦଲ ଏବଂ ନାଗରା ଆଦି ବାଦ୍ୟ ବାଦନ କରାଯାଇଥାଏ । ଦକ୍ଷିଣାଞ୍ଚଳରେ ଯଥା- ଗଞ୍ଜାମ, ପାରଳାଖେମୁଣ୍ଡି, ବ୍ରହ୍ମପୁର ଇତ୍ୟାଦି ସ୍ଥାନମାନଙ୍କରେ ଗାୟନ ପରମ୍ପରା ଅନୁଯାୟୀ ମୃଦଙ୍ଗମ୍, ମର୍ଦ୍ଦଳ ଇତ୍ୟାଦି ବାଦ୍ୟ ବାଦନ କରାଯାଏ । ଉତ୍ତରାଞ୍ଚଳ ଯଥା- ଭଦ୍ରକ, ଯାଜପୁର, ବାଲେଶ୍ୱର, ଜଳେଶ୍ୱର, ମୟୂରଭଞ୍ଜ ଇତ୍ୟାଦି ଅଞ୍ଚଳମାନଙ୍କରେ ଢୋଲକି, ମର୍ଦ୍ଦଳ, ଖୋଳ, ଢୋଲ, ଧୁମସା, ଚଡ଼ଚଡ଼ି ଓ ଡାକ ଇତ୍ୟାଦି ବାଦ୍ୟର ପ୍ରୟୋଗ କରାଯାଇଥାଏ । ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାୟନ ପରମ୍ପରା ଅନୁଯାୟୀ ଖଞ୍ଜଣୀ, କେନ୍ଦରା, ନାଗରା, ତେଲିଙ୍ଗି, ରଙ୍ଗଢୋଲ ଇତ୍ୟାଦି ବାଦ୍ୟ ବାଦନ କରାଯାଇଥାଏ ।

ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ବାଦ୍ୟର ସଂଜ୍ଞା ଅନୁଯାୟୀ ତା'ର ଉତ୍ପତ୍ତି, ରୂପରେଖ, ଗଢ଼ଣଶୈଳୀ ଏବଂ ବାଦନଶୈଳୀ ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ଗବେଷଣାତ୍ମକ ପର୍ଯ୍ୟାଲୋଚନାରୁ ଉତ୍କଳୀୟ ତାଳବାଦ୍ୟର ପରମ୍ପରା କେତେ ପ୍ରାଚୀନ ଏବଂ ସୁସମୃଦ୍ଧ ତାହା ଜଣାପଡ଼ିଥାଏ ।

ମର୍ଦ୍ଦଳ ବାଦକ
ଉତ୍କଳ ସଂଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର

---

# ଶ୍ରୀକ୍ଷେତ୍ର କର ଦର୍ଶନ

ବିଚିତ୍ରାନନ୍ଦ ବାରିକ

ଆରେ ବାଇମନ !
ଶ୍ରୀକ୍ଷେତ୍ର କର ଦର୍ଶନ
ଯହିଁ ବିରାଜନ୍ତି ନୀଳାଚଳନାଥ
ଜଗତର ଭଗବାନ ।। ଘୋଷା ।।
ଆରେ ବାଇମନ ...
ମର୍ତ୍ତ୍ୟ ବଇକୁଣ୍ଠ ନାମେ ଏ ଶ୍ରୀକ୍ଷେତ୍ର
ଖ୍ୟାତ ପରା ତ୍ରିଭୁବନେ
କେତେ ପାପୀ ତାପୀ ଲଭିଛନ୍ତି ମୁକ୍ତି
ଆସି ଏ ଶ୍ରୀକ୍ଷେତ୍ର ଧାମେ
ଆରେ ବାଇମନ ... ।

ବଇକୁଣ୍ଠ ପଥ ନାମ ସିଂହଦ୍ୱାର
ଯେଉଁ ଦୁଆରକୁ ନିତି
ପ୍ରବେଶ ମାତ୍ରକେ କୋଟି କୋଟି ମହାଜ୍ଞାନୀ
ସଦା ପ୍ରଣାମ କରନ୍ତି
ଆରେ ବାଇମନ ।
କଳ୍ପବଟ ମୂଳେ ନୀଳଶଇଳରେ
ଶୋଭା ପାଉଛି ମୂରତି
ଭଗିନୀ ସଙ୍ଗରେ କାଳିଆ ବଳିଆ
ସେଠାରେ ଲୀଳା କରନ୍ତି
ଆରେ ବାଇମନ ... ।

ଜଗତର ନାଥ ଜଗନ୍ନାଥ ବୋଲି
ନାମ ପଡ଼ିଅଛି ତଙ୍କା
ଦେଉଳ ଉପରେ ଭକତ ନିମନ୍ତେ
ପାପୀ ପାବନ ପତାକା
ଆରେ ବାଇମନ ... ।
ଏ ହୃଦ ମଧ୍ୟରେ ଯାହାକୁ ଖୋଜୁରେ
ସେହିଟି ଶ୍ରୀଜଗନ୍ନାଥ
ନିଖିଳ ବିଶ୍ୱର ଈଶ୍ୱର ସେହିରେ
ତା' ଦର୍ଶନେ ହେବୁ ମୁକ୍ତ
ଆରେ ବାଇମନ ... ।

ଗ୍ରା./ପୋ.- ନିଆଳୀ
ଜିଲ୍ଲା- କଟକ



# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତତ୍ତ୍ୱରେ ଭଗବାନ ଗଣେଶ

ସୁରେଶ କୁମାର ପ୍ରଧାନ

**ଅ**ସମ୍ପ୍ରଦାୟିକ ଧର୍ମ ଓ ସଂସ୍କୃତିର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ଫଳରେ ସର୍ବଧର୍ମର ଏକ ମହାମିଳନ ସଂଘଟିତ ହୋଇଛି ଏହି ଜଗନ୍ନାଥ ସଂସ୍କୃତିରେ । ଏହି ଦୃଷ୍ଟିରେ ସମସ୍ତ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ଆପଣା ଆପଣା ଧର୍ମର ଉପାସ୍ୟ ଦେବତା ରୂପେ ଗ୍ରହଣ କରି ମନାଭୀଷ୍ଟ ପୂରଣ କରିଥାନ୍ତି । ବୌଦ୍ଧ ଓ ଜୈନମାନେ ଜଗନ୍ନାଥଙ୍କ ଭିତରେ ବୁଦ୍ଧ ଓ ଜୀନଙ୍କୁ ଦର୍ଶନ ଲାଭ କରିଥିବାବେଳେ, ଶାକ୍ତମାନେ ବିମଳାଙ୍କୁ ଜଗନ୍ନାଥଙ୍କ ସ୍ୱରୂପ ଭାବେ ଉପଲବ୍ଧି କରି ଧନ୍ୟ ହୋଇଥାନ୍ତି । ସେହିପରି ଗାଣପତ୍ୟମାନେ ଗଜାନନ ଓ ଜଗନ୍ନାଥଙ୍କ ଅଭିନ୍ନତାକୁ ଅବଲୋକନ କରି ଜଗନ୍ନାଥଙ୍କୁ ଗଣନାଥ ଅଥବା ଗଣପତି ଭାବେ ଉପାସନା କରି ବୁଦ୍ଧି, ସିଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାନ୍ତି । ପରିଣାମରେ ଜଗନ୍ନାଥ ଓ ଗଣେଶ ତତ୍ତ୍ୱତଃ ଏକାକାର ହୋଇ ଏକ ଦିବ୍ୟଧାରାକୁ ବିଶ୍ୱବକ୍ଷରେ ପ୍ରବାହିତ କରାଇଥାନ୍ତି । ଏହି ଦୃଷ୍ଟିରେ ଜଗନ୍ନାଥ ସଂସ୍କୃତିରେ ଗଣେଶଙ୍କ ମହିମା ପ୍ରତିଫଳିତ ହୋଇ ଶ୍ରୀମନ୍ଦିର ପରିସର ମଧ୍ୟରେ ଗଣପତିଙ୍କ ବିଭିନ୍ନ ପ୍ରତିମା ଉପାସିତ ହେଉଛନ୍ତି ।

ସକଳ ଶୁଭ କାର୍ଯ୍ୟରେ ସମସ୍ତ ବିଘ୍ନ ଅପସାରଣ ପାଇଁ ସର୍ବପ୍ରଥମେ ସିଦ୍ଧିଦାତା, ଜ୍ଞାନଦାତା ବିଘ୍ନନାଶକଙ୍କୁ ଆରାଧନା କରାଯାଇଥାଏ । ଠିକ୍ ସେହିପରି ସମସ୍ତ ମଙ୍ଗଳ କାର୍ଯ୍ୟରେ ଭଗବାନ ବିଷ୍ଣୁଙ୍କ ସ୍ତୁତି କରାଯାଇ ମଙ୍ଗଳ କାମନା କରାହୁଏ ।

‘ମଙ୍ଗଳଂ ଭଗବାନ ବିଷ୍ଣୁ, ମଙ୍ଗଳଂ ମଧୁସୂଦନଃ ।
ମଙ୍ଗଳଂ ପୁଣ୍ଡରୀକାକ୍ଷଂ, ମଙ୍ଗଳଂ ଗରୁଡ଼ାଧ୍ୱଜଃ ।।
ମାଧବ ମାଧବ ବିଷ୍ଣୁ, ମାଧବ ମାଧବ ହରିଃ ।
ସ୍ମରନ୍ତି ସାଧବଂ ନିତ୍ୟ, ସର୍ବକାର୍ଯ୍ୟେ ସୁମାଧବଃ ।।

ଯଥାର୍ଥରେ ଭଗବାନ ଗଣେଶ ଏବଂ ଭଗବାନ ବିଷ୍ଣୁ ଏକ ଏବଂ ଅଭିନ୍ନ । ଯାହାକି ଗଣେଶଙ୍କ ଜନ୍ମ ବୃତ୍ତାନ୍ତ ପୁରାଣରେ ସୁସ୍ପଷ୍ଟ । ମାତା ଦେବୀ ପାର୍ବତୀ ଯେତେବେଳେ ଭଗବାନ ଶ୍ରୀବିଷ୍ଣୁ ସଦୃଶ ଅଲୌକିକ ମେଧାସମ୍ପନ୍ନ, ସୌମ୍ୟ, ଶାନ୍ତ ଗୁଣବାନ ପୁତ୍ର ପ୍ରାପ୍ତ ନିମନ୍ତେ ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କଲେ, ତତ୍କାଳେ ଭଗବାନ ବିଷ୍ଣୁ ପାର୍ବତୀଙ୍କ ମନୋବାଞ୍ଛା ପୂରଣ କରିବାକୁ ଯାଇ ଶିଶୁ ରୂପରେ ଶଙ୍କରଙ୍କ ବୀର୍ଯ୍ୟ ସହ ସଂଯୁକ୍ତ ହୋଇ ପାର୍ବତୀଙ୍କ ଗର୍ଭରେ ସ୍ଥାନିତ ହୋଇ ପୁତ୍ର ରୂପରେ ଭୂମିଷ୍ଠ ହୋଇଥିଲେ । ଏ ସମ୍ବନ୍ଧେ ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରମାଣ ଦିଏ -

‘ରେତ ପତନ କାଳେ ଚ ସ ବିଷ୍ଣୁ ବିଷ୍ଣୁ ମାୟାୟା
ବିଧାୟ ବିପ୍ର ରୂପଂତୁ ଆଜ ଗାମରତେ ର୍ଗୃହମ୍ ।
(୩-୮-୧୯)

ଏହି ପୁରୋଦୃଷ୍ଟିରେ ପରମ କାରୁଣିକ ପୁରୁଷୋତ୍ତମ ସର୍ବଦେବମୟ । ସମସ୍ତ ଦୈବୀଶକ୍ତି ତାଙ୍କୁ ଆଧାର କରି କ୍ରିୟାଶୀଳ ଓ ଆତଯାତ । ମୋହର ନାଥ ଜଗନ୍ନାଥ, ଯେ କରେ ବିଶ୍ୱ ଆତଯାତ । ତେଣୁ ଯଥାର୍ଥରେ ସେ ସର୍ବଶକ୍ତିମାନ ବ୍ରହ୍ମରୂପୀ ବିଷ୍ଣୁତ୍ୱର ଏକ ନିଖୁଣ ପରିପ୍ରକାଶ ଛଡ଼ା ଆଉ କିଛି ନୁହେଁ ଯାହାକି ବିଷ୍ଣୁ ପୁରାଣରେ ବର୍ଣ୍ଣିତ -

‘ଧ୍ୟାନାବସ୍ଥିତ ତଦ୍‌ଗତେନ
ମନସା ପଶ୍ୟନ୍ତି ଯଂ ଯୋଗିନଃ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁର ଗଣାଃ
ଦେବାୟ ତସ୍ମୈନମଃ ।।
- ବିଷ୍ଣୁ ପୁରାଣ

ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ହୃଦ୍‌ବୋଧ ହୁଏ ଯେ ଭଗବାନ ଗଣେଶ, ଭଗବାନ ଶ୍ରୀବିଷ୍ଣୁ ଓ ଜଗତରନାଥ ଶ୍ରୀଜଗନ୍ନାଥ ହେଉଛନ୍ତି ତ୍ରିଶାଖାଯୁକ୍ତ ଏକ ବିରାଟ କଳ୍ପବଟ । ଅତଏବ ଯିଏ ଗଣେଶ ସେ ହେଉଛନ୍ତି ବିଷ୍ଣୁ ଏବଂ ଯେ ବିଷ୍ଣୁ ସେ ହେଉଛନ୍ତି ଜଗନ୍ନାଥ ।

ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳଭୂମିର ଆରାଧ୍ୟ ଦେବତା ଓ ଉତ୍କଳୀୟ ସ୍ୱାଭିମାନର ପ୍ରତୀକ । ତେଣୁ ଉତ୍କଳୀୟ ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି । ଶ୍ରୀମନ୍ଦିରରେ ସମସ୍ତ ପର୍ବପର୍ବାଣିକୁ ଭିତ୍ତିକରି ଉତ୍କଳର ସମସ୍ତ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ । ଜଗନ୍ନାଥ ସଂସ୍କୃତିରେ ଗଣପତି ଉପାସନା ଏକ ଅବିଚ୍ଛେଦ୍ୟ ଅଂଗ । ତେଣୁ ଶ୍ରୀମନ୍ଦିର ନିର୍ମାଣର ପ୍ରାରମ୍ଭରୁ ଦେବୀ ବିମଳାଙ୍କ ସମ୍ମୁଖ ଭାଗରେ କଳାମୁଗୁନି ପଥରର ଏକ ଗଣେଶ ମୂର୍ତ୍ତି ବିଦ୍ୟମାନ । ଉକ୍ତ ପୀଠର ଉଚ୍ଚତା ଏକ ଫୁଟ ଏବଂ ଫଳକ ପ୍ରାୟ ୬ ଫୁଟ x ୩ ଫୁଟ ଅଟେ । ଗଣେଶ ମୂଷିକ ଉପରେ ଦଣ୍ଡାୟମାନ

ହୋଇ ନୃତ୍ୟରତ । ଏହି ଗଣେଶଙ୍କ ଆଠ ହାତ । ଉପର ଦୁଇ ହସ୍ତରେ ସର୍ପ । ଅନ୍ୟ ଦୁଇ ଡାହାଣ ହାତରେ ଉପରୁ ତଳକୁ ମାଳା, ଦନ୍ତ । ଦୁଇ ହାତ ମୁଦ୍ରା ବାମ ଭାଗରେ ଗୋଟିଏ ହାତରେ ଅଙ୍କୁଶ । ଆଉ ଗୋଟିଏ ହାତରେ ଲଡୁ । ଲଡୁ ଉପରେ ଶୁଣ୍ଢ । ୧୪୪୦ ଖ୍ରୀ:ଅ:ରେ ଗଜପତି କପିଳେନ୍ଦ୍ର ଦେବ କଳ୍ପବଟ ମୂଳରେ 'ବଟଗଣେଶ'ଙ୍କୁ ପ୍ରତିଷ୍ଠା କରିଥିଲେ । ଏହି ଗଣେଶ କାମନାସିଦ୍ଧିକାରୀ 'ଚିନ୍ତାମଣି' ଗଣେଶ ନାମରେ ମର୍ଯ୍ୟାଦାବନ୍ତ । ସନ୍ଥ ଅତିବଡ଼ି ଜଗନ୍ନାଥ ଦାସ ଏହି ଗଣେଶଙ୍କ ନିକଟରେ ପ୍ରତ୍ୟହ ଭାଗବତ ପାଠ କରୁଥିଲେ । ଏହାଛଡ଼ା ଶ୍ରୀମନ୍ଦିରରେ କାଞ୍ଚି ଗଣେଶ ଓ ନୃତ୍ୟ ଗଣେଶଙ୍କ ମୂର୍ତ୍ତି ବିଦ୍ୟମାନ । ଏହି ମୂର୍ତ୍ତି କର୍ଣ୍ଣାଟକ ଶୈଳୀରେ ନିର୍ମିତ । ଏହାଙ୍କୁ ଲମ୍ବୋଦର ଗଣେଶ ଓ ଭଣ୍ଡ ଗଣେଶ ବୋଲି କୁହାଯାଇଥାଏ । କୂର୍ମ ପ୍ରାଚୀର ପଶ୍ଚିମ ଦ୍ୱାରର ଦକ୍ଷିଣ ଭାଗକୁ ଏହି ମୂର୍ତ୍ତି ବିଦ୍ୟମାନ । ଏ ହେଉଛନ୍ତି ଚତୁର୍ବାହୁ । ସୁଶକ୍ତି ସହିତ ନବଦ୍ୱାର ରୋଧ କରି ସମାଧି ଅବସ୍ଥାରେ ଅଛନ୍ତି । ସୂର୍ଯ୍ୟବଂଶର ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନରେ ଜୟଲାଭ କରି ଏ ଗଣେଶଙ୍କୁ ନେଇ ଆସିଥିବା କିମ୍ବଦନ୍ତୀ ଅଛି । ପୁରୁଷୋତ୍ତମ ଦେବ ଖ୍ରୀ:୧୪୭୪ ଶୁକ୍ଳ ଦଶମୀ ଦିନ କାଞ୍ଚିର ରାଜା ଶାଲ୍ୱ ନରସିଂହ ଦେବଙ୍କୁ ପରାସ୍ତ କରିଥିଲେ । ଏହି ଗଣେଶ ମୂର୍ତ୍ତିଙ୍କୁ ନାଟୁଆ ଗଣେଶ ବା କାମଦ ଗଣେଶ ମଧ୍ୟ କୁହାଯାଏ ।

ଏତଦ୍‌ଛଡ଼ା ଶ୍ରୀମନ୍ଦିର ବେଢ଼ାରେ ବିମଳାଙ୍କ ମନ୍ଦିର ପାର୍ଶ୍ୱଦେବତା ରୂପେ ଶ୍ରୀଗଣେଶ ପୂଜିତ । ଗୋଦାମ ଗଣେଶ, ରୋଷ ଗଣେଶ, ସରଘର ଚିତ୍ର ଗଣେଶ, ଅଠରବାଡ଼ ଗଣେଶ ଇତ୍ୟାଦି ବିଭିନ୍ନ ଗଣେଶ ମନ୍ଦିରରେ ପ୍ରତିଷ୍ଠା ଲାଭ କରିଛନ୍ତି । ସ୍ନାନ ପୂର୍ଣ୍ଣମାଦିନ ଶ୍ରୀମନ୍ଦିରରେ ମହାପ୍ରଭୁ ଗଜାନନ ବେଶ ଧାରଣ ପୂର୍ବକ ଅଗଣିତ ଦର୍ଶନାର୍ଥୀଙ୍କୁ ମୁକ୍ତି ପ୍ରଦାନ କରିଥାନ୍ତି । ଗଣପତି ବେଶ ଧାରଣର ପୂର୍ବଦିନ ବିଜେ ପ୍ରତିମାଙ୍କ ସ୍ନାନ ପାଇଁ ଜଳ ଅଧିବାସ ହୋଇଥାଏ । ମାଆ ଶୀତଳା ଦେବୀଙ୍କ ନିକଟସ୍ଥ ସୁନା କୁଅରୁ ୧୦୮ କୁମ୍ଭଜଳ ଆସି ଚାରି ପଂକ୍ତିରେ ରଖାଯାଇଥାଏ । ସ୍ନାନ ନିମିତ୍ତ ଉଦ୍ଦିଷ୍ଟ ଜଳରେ ସମସ୍ତ ତୀର୍ଥଜଳ ଏହି ସୁନାକୁଅର ଜଳ ସହିତ ଆସି ମିଶିଥାନ୍ତି । ସ୍ନାନ ସେବକ ଗରାବଡୁମାନେ ବୈଦିକ ମନ୍ତ୍ରରେ ପୂଜିତ ହୋଇଥିବା ୧୦୮ କୁମ୍ଭ ଜଳରେ ସ୍ନାନ କାର୍ଯ୍ୟ କରିଥାନ୍ତି । ଏହି ୧୦୮ କୁମ୍ଭ ମଧ୍ୟରୁ ୩୫ ଘଟ ଲାଗେ ମହାପ୍ରଭୁଙ୍କଠାରେ । ବଳରାମଙ୍କଠାରେ ୩୩ ଘଟ । ୨୨ ଘଟ ଆବଶ୍ୟକ ହୁଏ ଦେବୀ ସୁଭଦ୍ରାଙ୍କଠାରେ ଏବଂ ଶ୍ରୀସୁଦର୍ଶନଙ୍କଠାରେ ୧୮ ଘଟ ବ୍ୟବହୃତ ହୁଏ । ଏହି ସ୍ନାନ ମଣ୍ଡପରେ ଜଗମୋହନଙ୍କୁ ଦର୍ଶନ କଲେ ସମସ୍ତ ପାପ ନଷ୍ଟ ହୋଇଯାଏ ଓ ଧର୍ମ, ଅର୍ଥ, କାମ ମୋକ୍ଷ ଏହି ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ । ଭକ୍ତ ଶ୍ରେଷ୍ଠ ଗଣପତି ଭଟ୍ଟଙ୍କ ପାଇଁ ଏହି ତିଥିରେ ମହାପ୍ରଭୁ ଗଜାନନ ବେଶ ଧାରଣ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଅନ୍ୟ କେତେକ ବିଜ୍ଞ ପଣ୍ଡିତ ତତ୍ତ୍ୱଦର୍ଶୀ ଗବେଷକ ମତ ଦିଅନ୍ତି ଯେ ଗଣପତି ଭଟ୍ଟ ନାମକ ଉକ୍ତ ସ୍ନାନ ମଣ୍ଡପରେ ପ୍ରଭୁଙ୍କୁ ଗଣେଶ ରୂପରେ ଦର୍ଶନ କରିବାକୁ ଇଚ୍ଛା କରିବାରୁ ଭାବଗ୍ରାହୀ ହାତୀବେଶ ହୋଇ ଉକ୍ତ ମନୋବାଞ୍ଛା ପୂରଣ କରିଥିଲେ । ଭାଦ୍ର ଶୁକ୍ଳ ଚତୁର୍ଥୀ ଦିନ (ଗଣେଶ ଚତୁର୍ଥୀ) ଦିନ ଶ୍ରୀମନ୍ଦିରରେ ଗଣେଶ ନୀତି ହୋଇ ମାଦଳାପାଞ୍ଜି ପୂଜା କରାଯାଇଥାଏ । ଯଥାର୍ଥରେ ଭଗବାନ ବିନାୟକ ଗଣେଶ ହେଉଛନ୍ତି ପରଂବ୍ରହ୍ମ ଦାରୁଦେବତାଙ୍କ ନିଖୁଣ ପ୍ରକାଶ । ତେଣୁ ବ୍ରହ୍ମଜ୍ଞାନୀଙ୍କ ମୁଖରେ ପ୍ରକାଶ ପାଇଛି - ଗଜବଦନ ଯା'ର ନାହିଁ, ସେ ବ୍ରହ୍ମ ବୋଲାଇବ ନାହିଁ ।

'ତ୍ୱମେବ ବକ୍ର ତୁଣ୍ଡସ୍ଟ ତ୍ୱମେବ ଗଣନାୟକଂ
ଶୁକ୍ଳ କୃଷ୍ଣ ସ୍ୱରୂପେଣ ଗୌରୀପୁତ୍ର ବିନାୟକଂ
କୃଷ୍ଣ ରୂପମୟ କୃଷ୍ଣଶିବ ରୂପମୟ ହରଃ
ସାକ୍ଷାତ୍ ଦେବ ଜଗନ୍ନାଥ ବିଘ୍ନ ବିନାଶକ ସ୍ୱୟଂ ।।

ସାମ୍ବାଦିକ
ଖୁଣ୍ଟୁଣୀ, ଆଠଗଡ଼, କଟକ

---

# ଭାଗ୍ୟରେ ଲେଖିଲ ନାହିଁ

ମହେନ୍ଦ୍ର କୁମାର ଘଡେଇ

ପ୍ରଭୁ ଦିଅ କାହିଁ ମୋତେ ଭୁଲାଇ
ଦରଶନ ଟିକେ ଦେବ ବୋଲି ରଥେ
ଭାଗ୍ୟରେ ଲେଖିଲ ନାହିଁ ।
ରାଜ ବଇଭବ ଲୋଡ଼ା ନାହିଁ ମୋର
ଲୋଡ଼ା ନାହିଁ ସୁଖ ସମ୍ପଦ ସମ୍ଭାର
ଥରୁଟିଏ ହେଲେ ଦେଖିବି କେବଳ
ତୋ' ରଥ ଦଉଡ଼ି ଛୁଇଁ
ପ୍ରଭୁ ଦିଅ କାହିଁ ... ।

ତୋ' ଦେଉଳ ନେତ ପାଇଁ ମୋ' ରଚିତ
ଡହଳ ବିକଳ କହୁଛି ମୁଁ ସତ
ଇଚ୍ଛାକୁ ମୋହର ପୂରା କର ପ୍ରଭୁ
ଦିଅ ନାହିଁ ବାହୁଡାଇ
ପ୍ରଭୁ ଦିଅ କାହିଁ ... ।

ତିଳଙ୍ଗ, ହଳଦିଆ
ନିଶ୍ଚିନ୍ତ କୋଇଲି, କେନ୍ଦ୍ରାପଡ଼ା



# ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ

ଡକ୍ଟର ହରିହର କାନୁନ୍‌ଗୋ

ସମଗ୍ର ଭାରତବର୍ଷରେ ରାମ ଓ କୃଷ୍ଣ ଆଦି ଯେଉଁଭଳି ଭଗବାନଙ୍କ ଅଂଶାବତାର ହୋଇ ପୂଜା ପାଇ ଆସୁଛନ୍ତି, ଠିକ୍ ସେହିଭଳି ଓଡ଼ିଶାରେ ଜଗନ୍ନାଥ ପୂର୍ଣ୍ଣାବତାର ରୂପେ ମଧ୍ୟ ପୂଜିତ ହୋଇ ଆସୁଛନ୍ତି । ଭାରତବର୍ଷରେ ଅନ୍ୟତ୍ର ବିଷ୍ଣୁଙ୍କ ଅବତାରମାନଙ୍କୁ ପଦ୍ମଲୋଚନ ବା ଅନ୍ୟ କୌଣସି ନାମରେ ସମ୍ବୋଧିତ କରାଯାଉଥିଲାବେଳେ ଓଡ଼ିଶାରେ ସେହିଭଳି 'ଚକାଡୋଳା' ନାମରେ ଜଗନ୍ନାଥଙ୍କୁ ସମ୍ବୋଧିତ କରାଯାଇ ଆସୁଅଛି । ଏଠାରେ ଯେ ରାମକୃଷ୍ଣଙ୍କର ଉପାସନା ନହୁଏ, ଏକଥା କୁହାଯାଉନାହିଁ । ମାତ୍ର ଜଗନ୍ନାଥଙ୍କର ଉପାସନା ଏହି ଓଡ଼ିଶା ଭୂମିରେ ଏତେ ଜନପ୍ରିୟ ହୋଇ ଉଠିଛି ଯେ ତା' ଆଗରେ ଅନ୍ୟାନ୍ୟ ଉପାସନା ମଳିନ ପଡ଼ିଯାଇ ପ୍ରାଧାନ୍ୟ ହରାଇ ବସିଛି । ତେଣୁ ଓଡ଼ିଶାର ଧର୍ମ କହିଲେ କେବଳ ଜଗନ୍ନାଥଙ୍କର ଉପାସନାକୁ ହିଁ ବୁଝାଏ । ଏହି ପୁଣ୍ୟ ପବିତ୍ର ଧାମରେ ଶୈବ, ନାଥ, ଜୈନ, ବୌଦ୍ଧ, ଭାଗବତ ଓ ବୈଷ୍ଣବ ଆଦି ଅନେକ ଧର୍ମ ମତବାଦର ପ୍ରଭାବ, ପ୍ରତିଷ୍ଠା ଓ ବିଲୟ ଘଟିଥିଲେ ମଧ୍ୟ ଏ ଜାତିର ରାଷ୍ଟ୍ର ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ନିଜ ଆସ୍ଥାନରୁ ତିଳେ ହେଲେ କେହି ଟଳାଇ ପାରିନାହାନ୍ତି । ବିଭିନ୍ନ ଧର୍ମ ମତବାଦର ପ୍ରଭାବରେ ଯେଉଁ ଧର୍ମାଦର୍ଶ ଜନସାଧାରଣଙ୍କ ଦ୍ୱାରା ଆଦୃତ, ତାହା ଜଗନ୍ନାଥଙ୍କଠାରେ କେବଳ ଆରୋପିତ ହୋଇଛି ମାତ୍ର । କିନ୍ତୁ ଜଗନ୍ନାଥଙ୍କୁ ବାଦ୍ ଦେଇ ସେମାନଙ୍କର ଧର୍ମାଦର୍ଶ ସ୍ୱତନ୍ତ୍ର ଭାବେ ତିଷ୍ଠି ପାରିନାହିଁ । ଫଳତଃ ଶାକ୍ତ - ତାନ୍ତ୍ରିକ ଭାଗବତ ଧର୍ମ ଆଦି ପୂଜା-ଉପାସନାକୁ ଜଗନ୍ନାଥ ଉପାସନାରେ ପ୍ରଚଳିତ କରାଇ ସ୍ୱ ସ୍ୱ ଧର୍ମର ବୈଶିଷ୍ଟ୍ୟକୁ ବଜାଇ ରଖିବା ପାଇଁ ଉଦ୍ୟମ କରାଯାଇଛି । କିନ୍ତୁ ଜଗନ୍ନାଥ ଏ ସମସ୍ତ ଧର୍ମ ଦର୍ଶନ ଓ ମତବାଦର ବହୁ ଊର୍ଦ୍ଧ୍ୱରେ । ପ୍ରାଚୀନ ଐତିହ୍ୟ ସଂପନ୍ନ ଓଡ଼ିଆ ଜାତିର ଇତିହାସରେ ଜଗନ୍ନାଥ ହିଁ ଆରାଧ୍ୟ ଦେବତା ରୂପେ ସ୍ୱୀକୃତ । ଅତଏବ ଜଗନ୍ନାଥଙ୍କ ଇତିହାସ ହିଁ ଏ ଜାତିର ଇତିହାସ । ଜଗନ୍ନାଥ ହିଁ ଓଡ଼ିଆ ଜାତିର ସର୍ବସ୍ୱ । ଓଡ଼ିଆ ଜାତିର ଐତିହ୍ୟ, ପରଂମ୍ପରା, ଧର୍ମ-ଦର୍ଶନ ଆଦି ପ୍ରତ୍ୟେକ ସ୍ତରରେ ଜଗନ୍ନାଥ ସଂସ୍କୃତିର ମହିମା ଯୁଗେ ଯୁଗେ ଉଦ୍‌ଘୋଷିତ ହୋଇଛି ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ବିଖ୍ୟାତ କବି ଜୟଦେବ ଭଗବାନଙ୍କ ଦଶାବତାର ସ୍ତୋତ୍ର ବର୍ଣ୍ଣନା କଲାବେଳେ ନବମ ଅବତାର ଭାବରେ ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କୁ ଏକ ଅବତାର ଭାବରେ ଗ୍ରହଣ କରି ନେଇଛନ୍ତି । ଯେପରି -

'ନିନ୍ଦସି ଯଜ୍ଞ ବିଧେରହହ ଶ୍ରୁତି ଜାତମ୍
ସଦୟ ହୃଦୟ ଦର୍ଶିତ ପଶୁଘାତମ୍
କେଶବ ଧୃତ ! ବୁଦ୍ଧ ଶରୀର, ଜୟ ଜଗଦୀଶ ହରେ ।'

ବୁଦ୍ଧ - ଜଗନ୍ନାଥଙ୍କର ଏଭଳି ବର୍ଣ୍ଣନାରେ ସତେ ଯେପରି ପୂର୍ଣ୍ଣତା ପ୍ରାପ୍ତି ହୋଇଛି । ପରବର୍ତ୍ତୀ କାଳରେ ଏହି ବୁଦ୍ଧ - ଜଗନ୍ନାଥଙ୍କୁ କେନ୍ଦ୍ର କରି ବହୁଧର୍ମର ମତବାଦ ମୁଣ୍ଡ ଟେକି ଉଠିଛି । କିନ୍ତୁ ବୌଦ୍ଧ ଧର୍ମର ପ୍ରଚଣ୍ଡ ପ୍ରଭାବକୁ ପ୍ରତିହତ କରିବାରେ କୌଣସି ଧର୍ମ ସଂପ୍ରଦାୟ କ୍ଷମ ହୋଇପାରିନାହିଁ । କିନ୍ତୁ କେବଳ ବ୍ରାହ୍ମଣ୍ୟ ଧର୍ମର ପ୍ରବଳ ବିରୋଧ ହିଁ ବୌଦ୍ଧ ଧର୍ମକୁ ପତନୋନ୍ମୁଖୀ କରିଦେଇଛି । ତଥାପି ଓଡ଼ିଶାରେ ବୌଦ୍ଧ ମହାଯାନର ଶୂନ୍ୟବାଦ, ବଜ୍ରଯାନ, ସହଜଯାନ, ଚୌରାଅଶି ସିଦ୍ଧାଚାର୍ଯ୍ୟ ସମେତ ନାଥଧର୍ମର ପ୍ରଚାର ପ୍ରସାର ସାଙ୍ଗକୁ ଭାଗବତ ଧର୍ମ ଅନ୍ତର୍ଗତ ବୈଷ୍ଣବ ବା ବ୍ରାହ୍ମଣ୍ୟ ଧର୍ମର ବିକାଶ ଘଟିଥିଲା । ଜଗନ୍ନାଥଙ୍କୁ କେନ୍ଦ୍ର କରି ଏସବୁ ପରସ୍ପର ସମ୍ମିଳିତ ହୋଇ ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀ ବେଳକୁ ଏକ ଗଣଧର୍ମରେ ରୂପାନ୍ତରିତ ହୋଇଥିଲେ । ଯୁଗେ ଯୁଗେ ଧର୍ମ ମତବାଦର ସୂକ୍ଷ୍ମ ଦାର୍ଶନିକ ତତ୍ତ୍ୱଗୁଡ଼ିକ ଭିନ୍ନ ଭିନ୍ନ ରୂପେ ବିଭିନ୍ନ ଧର୍ମରେ ପରିଲକ୍ଷିତ ହୋଇଥିଲେ ମଧ୍ୟ ସେ ସବୁର ସାରତତ୍ତ୍ୱକୁ ସାଧାରଣ ଜନତା ଗ୍ରହଣ କରିନେଇ ଗୋଟିଏ ଧର୍ମ ଭାବରେ ଜଗନ୍ନାଥ ଧର୍ମକୁ ମାନି ନେଇଛନ୍ତି । ପ୍ରାଚୀନ ଜଗନ୍ନାଥ ଧର୍ମର ପ୍ରତିଷ୍ଠା ହିଁ ସବୁ ମତବାଦର କେନ୍ଦ୍ରବିନ୍ଦୁ । ଏହି ପ୍ରାଚୀନ ଗଣଧର୍ମ - ଜଗନ୍ନାଥ ଉପାସନାରେ ସର୍ବଧର୍ମ ମତବାଦକୁ ଆତ୍ମସ୍ଥ କରିଛି । ତେଣୁ ଜଗନ୍ନାଥଙ୍କୁ ଆଶ୍ରୟ କରି ଯେଉଁ ଗଣଧର୍ମ ସମଗ୍ର ଓଡ଼ିଶାରେ ସୃଷ୍ଟି ହୋଇଥିଲା, ସେଭଳି ଧର୍ମ ସମନ୍ୱୟ ଭାରତବର୍ଷରେ ଏକ ବିରଳ ଘଟଣା ।

ଅନେକ ଗବେଷକ ଜଗନ୍ନାଥଙ୍କୁ ପତିତପାବନ ନାମରେ ସମ୍ବୋଧିତ କରିଥାନ୍ତି । କିନ୍ତୁ ଏହା ଯଥାର୍ଥ ନୁହେଁ । ଏହି ଗଣଧର୍ମର ଦେବତା ଜଗନ୍ନାଥ କେବେ ପତିତପାବନ ହୋଇନପାରନ୍ତି । ପୃଥିବୀର ଜନସମାଜକୁ ପତିତ ମଣି ସାରା ଜଗତରେ ସାମ୍ୟ ନିୟାମକ, ବିଶ୍ୱ

ସତ୍ୟର ପ୍ରତୀକ ଜଗନ୍ନାଥଙ୍କଠାରେ ଏ ପତିତପାବନ ନାମଟି ଆରୋପ କରାଯାଇନପାରେ । କାରଣ ଗଣର ଦେବତା ଜଗନ୍ନାଥଙ୍କ ପାଖରେ କେହି ପତିତ ନୁହଁନ୍ତି । ସେ କାହାକୁ ସତରେ ପତିତ କରନ୍ତି ନାହିଁ ବା ମଣନ୍ତି ନାହିଁ । ତାଙ୍କ ପାଖରେ ଦରିଦ୍ର-କାଙ୍ଗାଳ ଅପବିତ୍ର ନୁହେଁ, କି ବ୍ରାହ୍ମଣ, ଶିଳ୍ପୀ, ବଣିକ, ରାଜା, ଜମିଦାର ଓ ମଠାଧୀଶ ଆଦି ଧନୀ ବା ପ୍ରଭାବଶାଳୀ ବ୍ୟକ୍ତି ବା ଜାତି ବୋଲି କେହି ବେଶୀ ପବିତ୍ର ନୁହଁନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାହିଁ ବା ପତିତ ବୋଲି କେହି ଅପବିତ୍ର ନୁହଁନ୍ତି, ସେ ପୁଣି ପତିତପାବନ ହେବେ କିପରିଁ ? ଅତଏବ ଜଗନ୍ନାଥ ପତିତପାବନ ନୁହଁନ୍ତି । ସେ ହେଉଛନ୍ତି ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱ ତତ୍ତ୍ୱର ଏକରେ ପ୍ରକାଶ ରୂପ ବହୁ । ସେ ବିଶ୍ୱମୈତ୍ରୀର ପ୍ରତୀକ ଶୁଦ୍ଧ-ବୁଦ୍ଧ-ଜଗନ୍ନାଥ । ବ୍ରାହ୍ମଣର ଉପାସ୍ୟ ଶବର ଦେବତା ଜଗନ୍ନାଥଙ୍କଠାରେ ଯୁଗ ଯୁଗ ଧରି ରହି ଆସିଥିବା ଆରୋପ ଜନିତ ମଳିନତାକୁ ତୁଟାଇ ସେ ହୋଇଛନ୍ତି ନିଷ୍କଳଙ୍କ ଦେବତା ଶ୍ରୀଜଗନ୍ନାଥ । ତାହାଙ୍କର ସେହି ପୂଜା ଉପାସନାରେ ଭାରତୀୟ ସଂସ୍କୃତିର ମୂଳାଧାର ସାଂଖ୍ୟଯୋଗ ଓ ଦର୍ଶନର ସେହି ଭୂତ-ପ୍ରକୃତି-ମୋକ୍ଷର ଯଥାର୍ଥ କୈବଲ୍ୟ ଉପଲବ୍ଧି ହୋଇଥାଏ ।

ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ଓଡ଼ିଆ ଜାତିର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ସର୍ବଧର୍ମ ସମନ୍ୱୟର ଦେବତା ଭାବରେ ପରିଚିତ । ଜଗନ୍ନାଥଙ୍କର ମହାପ୍ରସାଦ ହିଁ ଏ ଜାତିର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରେ । କେବଳ ଜଗନ୍ନାଥଙ୍କର ଅଭଡ଼ା ବା ମହାପ୍ରସାଦରେ ଜାତିଭେଦ ନାହିଁ । ଏହା ଏକ ସାମାନ୍ୟ କଥା ନୁହେଁ । ଏହା ଭିତରେ ଲୁଚି ରହିଛି ଏ ଜାତିର ପ୍ରାଚୀନ ଐତିହ୍ୟ ପରମ୍ପରା । ଓଡ଼ିଆ ଜାତି ଆଜି ମହାପ୍ରସାଦ ପାଇଁ ଗର୍ବିତ । କିନ୍ତୁ ଜାତି ଭେଦଶୂନ୍ୟ ମହାପ୍ରସାଦ ସେବନର ପରମ୍ପରା ଶ୍ରୀମନ୍ଦିରରେ ପ୍ରଚଳିତ ଥିବାରୁ ଭାରତର ପଶ୍ଚିମ ଭାଗର ବହୁ ନୈଷ୍ଠିକ ବ୍ରାହ୍ମଣ ଜଗନ୍ନାଥ ଦର୍ଶନ ପାଇଁ ଚାରିଧାମ ଭିତରେ ଶ୍ରେଷ୍ଠତ୍ୱ ଲାଭ କରିଛି । ପୁରୀ ଜଗନ୍ନାଥ ଧାମର ପବିତ୍ରତା ଓ ଏହାର ଭୌଗୋଳିକ ଅବସ୍ଥିତି ଯୋଗୁଁ ପୃଥିବୀର ବିଭିନ୍ନ ଦେଶରୁ ବହୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକ ଏହି କ୍ଷେତ୍ରରେ ସମବେତ ହୁଅନ୍ତି । ବିଶେଷତଃ ଏହି ଶ୍ରୀମନ୍ଦିର ବେଢ଼ାରେ ମହାପ୍ରସାଦ ସେବନରେ ଜାତି-ଧର୍ମ-ନିର୍ବିଶେଷରେ ସମସ୍ତଙ୍କର ପଙ୍କ୍ତିଭୋଜନ ଅଧିକାର ଓ ନିର୍ବିକାରତ୍ୱ ଏହି ଜନପ୍ରିୟତାର ଆଉ ଏକ କାରଣ । ନୈଷ୍ଠିକ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଆଦି ସମସ୍ତ ଜାତିର ଲୋକେ ନିର୍ବିକାର ଚିତ୍ତରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ ସାଙ୍ଗକୁ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରିଥାଏ । ମହାପ୍ରସାଦ ସେବନ ସମୟରେ 'ଜାତିଭେଦ'ର ଗରଳ କାହାରିକୁ ସ୍ପର୍ଶ କରିପାରେ ନାହିଁ । କାୟ ମନୋବାକ୍ୟରେ ଏହି ଜାତିଭେଦ ପ୍ରଥାକୁ ସେ ଦୂରେଇ ଦେଇ ସମବେତ ଶ୍ରଦ୍ଧାଳୁ ଭକ୍ତ ଦର୍ଶକ ବା ଧର୍ମପ୍ରାଣ ବ୍ୟକ୍ତି ମେଳରେ ଆନନ୍ଦ ଓ ନିର୍ମଳ ହୃଦୟରେ ମହାପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ପରମୁଖରେ ମହାପ୍ରସାଦ ଅନ୍ନ ଦେଇ ସେଥିରୁ ଉଚ୍ଛିଷ୍ଟ ଅଂଶ ନିଜେ ସେବନ କରି ସେ ଅଧିକ ପବିତ୍ର ମନେ କରେ । ଏହି ଏକାତ୍ମଭାବ ଓ ଭ୍ରାତୃତ୍ୱ ଭବ ହିନ୍ଦୁ ଜଗତର ଐକ୍ୟ ଓ ଅଖଣ୍ଡତା ପ୍ରତିପାଦିତ କରିବା ସଂଗେସଂଗେ ମାନବ ଧର୍ମର ଉଦାରତା ମଧ୍ୟ ପ୍ରତିପାଦନ କରିଥାଏ । ଏହା ହିଁ ସେହି ପବିତ୍ର ପୀଠର ପରମ୍ପରା ।

ବରିଷ୍ଠ ପ୍ରାଧ୍ୟାପକ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବି.ଜେ.ପି. (ସ୍ୱୟଂଶାସିତ) ମହାବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୧୪

# ଅଦ୍ଭୁତ ବାଜିକର

ସୁବ୍ରତ କୁମାର ଇନ୍ଦ୍ରସିଂହ

ତମେ ଗଢ଼ିଛ
ମାଟି ଆକାଶ
ଚନ୍ଦ୍ର ତପନ ।

ତମେ ରଚିଛ
ନଦୀ, ସମୁଦ୍ର
ବର୍ଷା, ପବନ ।

ତମେ ବିଦ୍ଧାଣି
ସ୍ଥାବର ଜଙ୍ଗମର
ତମେଇ ଶିଳ୍ପୀ
ଚଉଦ ଭୁବନର ।
ତମେ ନିୟାମକ
ଧ୍ୱଂସ ସୃଜନର ।



ତମେ ମହାଦୃଶ୍ୟ
ସକଳ ନୟନର ।

କେତେ ବା ସାମର୍ଥ୍ୟ
ସାମାନ୍ୟ ମାନବର ।
ବୁଝିବ ତମଖେଳ
ବାହ୍ୟ ଅଭ୍ୟନ୍ତର ।

ଅବୋଧ ବାଜିକର
ସଭିଙ୍କ ଅଗୋଚର ।
ତମେଇ ଜ୍ଞାନାତୀତ
ନିଖିଳ ବ୍ରହ୍ମାଣ୍ଡର ।

ବଡମ୍ବା, କଟକ



# ଜଗତର ନାଥ ଜଗନ୍ନାଥ

ରବି ମହାପାତ୍ର

**ଜ**ଗନ୍ନାଥ ଧର୍ମର ସୃଷ୍ଟି ଧର୍ମକୁ ଜନଆଧାରିତ ଓ ଗଣଆଧାରିତ କରିବା ନିମନ୍ତେ । ଜଗନ୍ନାଥ ସଂସ୍କୃତି ହିଁ ମାନବୀୟ ସଂସ୍କୃତି । ଜଗନ୍ନାଥ ଧର୍ମ ଅନୁପସ୍ଥିତିରେ କୌଣସି ଜାଗତିକ ଧର୍ମସଂସ୍କୃତି ହୋଇପାରେନା । ଏହା କେବଳ ଉତ୍କଳର ଧର୍ମ ନୁହେଁ ସାରା ଜଗତର ଧର୍ମ । ସମଗ୍ର ମାନବ ସମାଜର ଧର୍ମ । ସେ ହେଉଛନ୍ତି ପୃଥିବୀର ଏକମାତ୍ର ଦାରୁ ଦେବତା । ବୌଦ୍ଧମାନେ ତାଙ୍କୁ କୁହନ୍ତି ବୁଦ୍ଧ । ଜୈନମାନେ ତାଙ୍କୁ କୁହନ୍ତି ଜୀନ । ଶୈବମାନଙ୍କର ସେ ଶିବ । ଶାକ୍ତମାନଙ୍କର ଭୈରବୀ । ଗଣପତ୍ୟମାନଙ୍କର ଗଣପତି । ବୈଷ୍ଣବମାନେ କହନ୍ତି ତାଙ୍କର ସେ ବିଷ୍ଣୁ । କିନ୍ତୁ ପ୍ରକୃତରେ ସେ କାହାରି ନୁହନ୍ତି । ଚିରାଚରିତ ଭାବରେ ସଦା ରହସ୍ୟମୟ । ବିଶ୍ୱର ମାନବ ସମାଜକୁ ରୀତି, ନୀତି ଓ ଗୀତିରେ ବାନ୍ଧି ରଖିଛନ୍ତି ଯୁଗଯୁଗାନ୍ତର ପାଇଁ । ତାଙ୍କର ରଥ ହେଉଛି ସମାଜବାଦର ଚିନ୍ତା-ଚୈତନ୍ୟର ରଥ । ପତିତପାବନ ରଥଯାତ୍ରା ହେଉଛି ସାମ୍ୟବାଦ ରଥଯାତ୍ରା । ପ୍ରତିକ୍ରିୟାଶୀଳ ଗୋଷ୍ଠୀ, ଜାତି, ବର୍ଣ୍ଣବିଦ୍ୱେଷୀମାନଙ୍କୁ ନାଶ କରିବାର ଯାତ୍ରା । ଏକଥା କହି ଆସିଛନ୍ତି ଆମ ଓଡ଼ିଶାବାସୀ - ରାଜ୍ୟ ତଥା ଦେଶର ବହୁ ପ୍ରତିଷ୍ଠିତ ଲେଖକ, ମନିଷୀ, ମହାପୁରୁଷମାନେ । କିନ୍ତୁ ମନରେ ସ୍ୱତଃ ପ୍ରଶ୍ନ ଉଠେ ବର୍ତ୍ତମାନର ମାନବସମାଜର ଅଧିକାଂଶ ହିଂସାଦ୍ୱେଷ, ଅସହନଶୀଳତା, ଧର୍ମାନ୍ଧତା ଓ ଅସହାୟତାର ସଂକୀର୍ଣ୍ଣ ଜାତିଆଣ ମନୋଭାବର ପ୍ରାବଲ୍ୟରେ କଳୁଷିତ । ଉପରୋକ୍ତ ତଥ୍ୟକୁ ଭିତ୍ତିକରି ଜଗନ୍ନାଥଙ୍କୁ ଜଗତର ନାଥ ତଥା ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ବା ମାନବୀୟ ସଂସ୍କୃତି ଭାବରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଗ୍ରହଣ କରିପାରିବେ ତ ? ବିଶେଷତଃ ଏବେକାର ଯୁବପିଢ଼ି ଯେଉଁମାନଙ୍କୁ ସମାଜର ବଡ଼ପଣ୍ଡାମାନେ କହୁଛନ୍ତି ପଥଭ୍ରଷ୍ଟ, ସେମାନେ ଭାବୁଛନ୍ତି ତଥାକଥିତ ସମାଜ ସେମାନଙ୍କୁ ନ୍ୟାୟ ଦେବାରେ ଅସମର୍ଥ । ଏହି ଘୁଣଧରା ସମାଜକୁ ସେମାନେ ଚାହାନ୍ତି ଭାଙ୍ଗି ଖଣ୍ଡବିଖଣ୍ଡିତ କରିବାକୁ । କିନ୍ତୁ ତାକୁ ଭାଙ୍ଗି ସାରିବା ପରେ କ'ଣ କେମିତି ନୂଆକରି ତୋଳିବେ ତାଙ୍କୁ ଜଣାନାହିଁ । ସେମାନେ କେବଳ ଭାଙ୍ଗିବାର ମତୱାରେ ପ୍ରମତ୍ତ । ସମାଲୋଚକମାନଙ୍କ ଭାଷାରେ ସେମାନେ ନିଜର ଗୌରବୋଜ୍ଜ୍ୱଳ ଐତିହ୍ୟଭରା ସଂସ୍କୃତିକୁ ଛାଡ଼ି ଅପସଂସ୍କୃତିକୁ ଆପଣେଇ ନେଉଛନ୍ତି । ସେମାନେ ଏବେବି କ'ଣ ଜଗନ୍ନାଥଙ୍କୁ ଜଗତର ନାଥ ଏବଂ ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସଂସ୍କୃତି ଭାବରେ ଆଦରି ନେବାକୁ ପ୍ରସ୍ତୁତ ? ସେଥିପାଇଁ ଯେଉଁମାନେ ଜଗନ୍ନାଥଙ୍କର ପରମଭକ୍ତ, ତାଙ୍କ ଧର୍ମର ପ୍ରଚାରକ, ତାଙ୍କ ସଂସ୍କୃତି ନିଜର ସଂସ୍କୃତି ଭାବରେ ଗ୍ରହଣ କରିଛନ୍ତି । ସେମାନଙ୍କର ଜଗତର ନାଥ ଜଗନ୍ନାଥଙ୍କ ତତ୍ତ୍ୱ ଉପରେ ବିଶ୍ୱାସ ଅତୁଟ ରଖିବା ପାଇଁ ଅବକ୍ଷୟଗ୍ରସ୍ତ ଏହି ମାନବ ସମାଜରେ ସାର୍ବଜନୀନ କରିବା ପାଇଁ କେଉଁ ପଥ ଅବଲମ୍ବନ କରିବା ଉଚିତ ?

ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ସୃଷ୍ଟି ହୋଇଥିଲା ଭାରତର ବିରାଟ ପ୍ରାଣବନ୍ତ ପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ସମୟରେ । ସେତେବେଳେ ଭାବବାଦର ପ୍ରାଚ୍ୟ ସଂସ୍କୃତି ଏବଂ ବସ୍ତୁବାଦର ପାଶ୍ଚାତ୍ୟ ସଂସ୍କୃତି ମଧ୍ୟରେ ସୃଷ୍ଟି ହୋଇଥିଲା ତୀବ୍ର ପ୍ରତିଦ୍ୱନ୍ଦିତା । ଗୋଟିଏ ପଟେ ଥିଲା ଶାନ୍ତ ସମାହିତ ଆଧ୍ୟାତ୍ମିକଭରା ପ୍ରାଚ୍ୟଦର୍ଶନ । ଅନ୍ୟପକ୍ଷେ ପ୍ରତୀଚିର ବସ୍ତୁତାନ୍ତ୍ରିକ ଜଡ଼ବାଦୀ ଦର୍ଶନ । ଆତ୍ମବିଶ୍ୱାସର ମୂର୍ତ୍ତିମନ୍ତ ପ୍ରତୀକ ତଥା ଅପୂର୍ବ ପ୍ରତିଭାସମ୍ପନ୍ନ ସ୍ୱାମୀ ବିବେକାନନ୍ଦ ଆଣି ପାରିଥିଲେ ଏହି ଦୁଇ ସଂସ୍କୃତି ମଧ୍ୟରେ ଏକ ଅପୂର୍ବ ସମନ୍ୱୟ । ପାଶ୍ଚାତ୍ୟ ଦର୍ଶନରୁ ନିର୍ଯ୍ୟାସଗୁଡ଼ିକୁ ଆଣି ସେଗୁଡ଼ିକୁ ଇଣ୍ଡିଆନାଇଜ୍ କରି ଆମ ପରିବେଶ ସଂସ୍କୃତି ସହିତ ଖାପଖୁଆଇ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ସେତେବେଳେ ତାହା ସବୁପିଢ଼ିର ଲୋକମାନଙ୍କ ପାଇଁ ଅନେକାଂଶରେ ଗ୍ରହଣୀୟ ହୋଇପାରିଥିଲା । ବର୍ତ୍ତମାନ ଜଗନ୍ନାଥ ତତ୍ତ୍ୱ, ଧର୍ମ ଓ ସଂସ୍କୃତିକୁ ସେହିଭଳି ଜଗତବାସୀଙ୍କ ସମ୍ମୁଖରେ ଉପସ୍ଥାପନା କରିବାର ଆବଶ୍ୟକତା ଅଛି କି ? ମୋ' ମତରେ ଗତାନୁଗତି ପନ୍ଥାରେ ଆମେ ଗୁଣଗାନ ନକରି ତାହାକୁ ଯୁକ୍ତିଶାସ୍ତ୍ରର ସାହାଯ୍ୟରେ ଜ୍ୟାମିତିକ ଉପପାଦ୍ୟ ପରି ପ୍ରମାଣ କରିବାର ସମୟ ଆସିଛି । ଫଳରେ ବର୍ତ୍ତମାନ ପରିସ୍ଥିତିରେ ଅଧିକ ଗ୍ରହଣୀୟ ହୋଇପାରିବ । ଏପ୍ରକାର ଉଦ୍ୟମ ଆଗରୁ କେତେଜଣ ଯଶସ୍ୱୀ ଲେଖକଙ୍କ ଦ୍ୱାରା କରାଯାଇଛି । କିଛିଦିନ ପୂର୍ବରୁ ପୁଣି ଏକ ଲେଖା ଉତ୍କଳ ପ୍ରସଙ୍ଗ କିମ୍ବା ଅନ୍ୟ କୌଣସି ପତ୍ରିକାରୁ ପଢ଼ିଥିଲି ଏବଂ ତାହାକୁ ଭିତ୍ତିକରି ବହୁ ସ୍ଥାନରେ ମୁଁ ମୋର ନିଜର ଅଭିଭାଷଣରେ ତର୍କଶାସ୍ତ୍ର ସାହାଯ୍ୟରେ ଜଗନ୍ନାଥଙ୍କ ତତ୍ତ୍ୱ ଉପସ୍ଥାପନ କରିଛି । ଏବେ ତାହାରି ଅନୁସରଣରେ ଉକ୍ତ ପ୍ରବନ୍ଧଟି ଲେଖିବା ପାଇଁ ଉଦ୍ୟମ କରିଛି ।

ଜଗନ୍ନାଥ ହେଉଛନ୍ତି ବିଶ୍ୱ ସଂସ୍କୃତି ତଥା ମାନବୀୟ ସଂସ୍କୃତିର ପ୍ରତୀକ ଏବଂ ପୃଥିବୀର ଅଦ୍ୱିତୀୟ ସାଂସ୍କୃତିକ ଦେବତା । ଏହି ଉକ୍ତିକୁ ଯଥାର୍ଥ ବୋଲି ଜ୍ୟାମିତିର ଉପପାଦ୍ୟ ଢଙ୍ଗରେ ଯଦି ପ୍ରମାଣ କରିବାକୁ ପଡ଼େ ତାହାହେଲେ ଆମକୁ ପ୍ରଥମେ ଜାଣିବାକୁ ପଡ଼ିବ ସଂସ୍କୃତି କ'ଣ ? ବିଶ୍ୱ ସଂସ୍କୃତି ବା ମାନବୀୟ ସଂସ୍କୃତି କାହାକୁ କୁହାଯାଏ ଏବଂ ସାଂସ୍କୃତିକ ଦେବତାର ଅର୍ଥ କ'ଣ ? ତା'ପରର କାର୍ଯ୍ୟ ହେବ ଏହା ଜଗନ୍ନାଥଙ୍କ କ୍ଷେତ୍ରରେ କିପରି ସଫଳ ଭାବରେ ପ୍ରୟୋଗ କରାଯାଇପାରିଛି ।

ସଂସ୍କୃତି ଅର୍ଥ ହେଉଛି ପରମ୍ପରା । ଜୀବନଧାରଣର ଶୈଳୀ । ପ୍ରାଣ ବିନା ଶରୀର ଯେପରି ମୂଲ୍ୟହୀନ ସଂସ୍କୃତି ବିନା ଜାତି ସେହିପରି ଅର୍ଥହୀନ । ଯେଉଁ ଦେବତା ଗୋଟିଏ ଜାତି କିମ୍ବା ମାନବସମାଜର ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଜଡ଼ିତ ତାଙ୍କୁ ସାଂସ୍କୃତିକ ଦେବତା କୁହାଯାଇପାରେ । ବର୍ତ୍ତମାନ ଆମକୁ ପ୍ରମାଣ କରିବାକୁ ହେବ ଜଗନ୍ନାଥଙ୍କୁ ସାଂସ୍କୃତିକ ଦେବତା ବୋଲି କାହିଁକି କୁହାଯିବ ?

କେତେକଙ୍କ ମତରେ ପୃଥିବୀରେ ସମସ୍ତ ଦେବତାମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ -

**୧. ଆଧାତ୍ମିକ ଦେବତା -** ଏମାନଙ୍କୁ ସର୍ବୋଚ୍ଚ-ସର୍ବବ୍ୟାପୀ ଦେବ ଶ୍ରେଷ୍ଠ ବୋଲି କୁହାଯାଇପାରେ । ଖ୍ରୀଷ୍ଟିଆନମାନଙ୍କର ଏହି ଶ୍ରେଣୀ ଦେବତାଙ୍କୁ କୁହାଯାଏ ସୁପ୍ରିମ୍ ଗଡ୍ । ହିନ୍ଦୁମାନଙ୍କର ବିଷ୍ଣୁ, ଶିବ, ଲକ୍ଷ୍ମୀ, ବ୍ରହ୍ମା ଇତ୍ୟାଦି । ଶବରମାନଙ୍କର କିତୁଙ୍ଗ । ମୁସଲମାନଙ୍କର ଆଲ୍ଲା । ସମ୍ପୃକ୍ତ ଧର୍ମଶାସ୍ତ୍ରାନୁସାରେ ସେମାନଙ୍କୁ ଆଦିସ୍ରଷ୍ଟା ଆଖ୍ୟା ଦିଆଯାଇଛି । ସେମାନଙ୍କର ସ୍ଥିତି ପାର୍ଥିବ ଜଗତରୁ ବହୁଉର୍ଦ୍ଧ୍ୱରେ ଯଥା- ସ୍ୱର୍ଗ, ବୈକୁଣ୍ଠ, ଜହ୍ନତ୍, କୈଳାଶ, ଗୋଲକ ଇତ୍ୟାଦି । ସେମାନଙ୍କର ରୂପକୁ କେବଳ କଳ୍ପନା ମାଧ୍ୟମରେ ରୂପାୟିତ କରାଯାଇଥାଏ ।

**୨. ଅବତାରିକ -** ଦେବଶ୍ରେଷ୍ଠମାନଙ୍କର ଆଂଶିକ କଳା ଧାରଣ କରି ପୃଥିବୀର କୌଣସି ପିତାଙ୍କ ଔରସରେ ମାତାଙ୍କ ଗର୍ଭରୁ ବିଭିନ୍ନ ସମୟରେ ଜନ୍ମ ନେଇଥାନ୍ତି । ବିଭିନ୍ନ ପ୍ରକାର ଅଦ୍ଭୁତପୂର୍ବ କାର୍ଯ୍ୟ କରି ସେ ନିଜ ଅଲୌକିକ ଶକ୍ତିର ପରିଚୟ ଦେଇଥାନ୍ତି । ଯେତେବେଳେ ମାନବସମାଜ ଦୁଷ୍ଟମାନଙ୍କର ଦୌରାତ୍ମ୍ୟରେ ଶିକାର ହୋଇଥାଏ, ସେତେବେଳେ ସେ ମାନବଜାତିର କଲ୍ୟାଣ ନିମନ୍ତେ ଦୁଷ୍ଟମାନଙ୍କୁ ନିବାରଣ କରି ଶାନ୍ତି ସ୍ଥାପନ କରିବାରେ ସହାୟକ ହୋଇଥାନ୍ତି । ଏହିଭଳି ଘଟଣାର ପ୍ରକୃଷ୍ଟ ଉଦାହରଣ ହେଉଛି ହିନ୍ଦୁମାନଙ୍କର ରାମକୃଷ୍ଣ, ଖ୍ରୀଷ୍ଟିଆନମାନଙ୍କର ଯୀଶୁ, ମୁସଲମାନଙ୍କର ମହମ୍ମଦ ଇତ୍ୟାଦି ।

**୩. ସାଂସ୍କୃତିକ ଦେବତା -** ଏହି ଦେବତା ମାନବ ଜାତିର ସଂସ୍କୃତି ସହ ଓତଃପ୍ରୋତ ଭାବରେ ଜଡ଼ିତ ଥାଆନ୍ତି । ଜଣେ ମଣିଷ ଭଳି ଏମାନଙ୍କର ରୀତି, ନୀତି ଓ ଜୀବନଯାପନ ପ୍ରଣାଳୀ ହୋଇଥାଏ । ଏ ବାବଦରେ ଅନୁଧ୍ୟାନ କଲେ ଜଣାଯାଏ ଯେ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି, କୃଷି, ସଭ୍ୟତା ସମସ୍ତ ସମର୍ପିତ ହୋଇଛି ଜଗନ୍ନାଥଙ୍କୁ । ଏହି ଜାତିର ସାହିତ୍ୟ ମୂଳରୁ ଶେଷ ଯାଏଁ ଜଗନ୍ନାଥଙ୍କ କଥା, କାହାଣୀ, ଗୀତିଗାଥା, ଚେତନା, ବନ୍ଦନା, ଜଣାଣ, ସ୍ତୁତି, ଆଶୀର୍ବାଦ, ଭିକ୍ଷାରେ ଭରପୂର । ତାଙ୍କୁ କୁହାଯାଇଛି ଜଗତର ନାଥ । ସହାବସ୍ଥାନ, ସମନ୍ୱୟ, ଶାନ୍ତି, ମୁକ୍ତି ତଥା ଦେହାତୀତ ଚେତନାକୁ ଦେହ ଭିତରେ ଚେତେଇ ଦେବାପାଇଁ ତାଙ୍କୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ସେ ସଗୁଣ ଓ ନିର୍ଗୁଣ । ସାକାର ଓ ନିରାକାର । ସେ କେବଳ ଓଡ଼ିଆମାନଙ୍କର ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟର ପ୍ରତୀକ ନୁହଁନ୍ତି ବରଂ ବହୁ ଧର୍ମ ଓ ସଂସ୍କୃତିର ସମନ୍ୱୟ ତାଙ୍କରିଠାରେ ଘଟିଛି । କହିବାକୁ ଗଲେ ଜଗନ୍ନାଥ ମାନବଜାତିର ଚିନ୍ତା, ଚେତନା ଓ ସଂସ୍କୃତିର ସଂକେତ । ତାଙ୍କର ଜୀବନଯାପନ ପ୍ରଣାଳୀ ଜଣେ ମଣିଷର ଦୈନନ୍ଦିନ କାର୍ଯ୍ୟକ୍ରମ ପରି । ପ୍ରତିହାରୀମାନଙ୍କର ମଣିମା ଡାକରେ ଜଗନ୍ନାଥଙ୍କର କର୍ମବହୁଳ ଦିନଟି ଆରମ୍ଭ ହୁଏ । ତା'ପରକୁ ପର ତିନି ଆଳତି, ବେଶ ପରିବର୍ତ୍ତନ, ଦାନ୍ତଘଷା, କର୍ପୂରମିଶା ଜଳସ୍ନାନ । ତା'ପରେ ସର୍ବଦର୍ଶନ ପାଇଁ ସାହାଣ ମେଲା । ସକାଳ ୮ଟାରୁ ୮.୩୦ ମଧ୍ୟରେ ବସ୍ତ୍ର ଓ ଅଳଙ୍କାର ଭୂଷିତ ହେବା । ୯ଟା ବେଳେ ପ୍ରାତଃ ଭୋଜନ ପାଇଁ ଗୋପାଳବଲ୍ଲଭ ଭୋଗ । ତା'ର ଘଣ୍ଟେ ପରେ ରାଜଭୋଗ । ଦିନ ୧୧ଟା ବେଳକୁ ପୁଣି ବେଶ ପରିବର୍ତ୍ତନ ଏବଂ ପରେ ପରେ ଭୋଜନ ପାଇଁ ଭୋଗମଣ୍ଡପରେ ଭୋଗ । ୧୨.୩୦ରୁ ୧ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ପିଠା ପରସା । ମଧ୍ୟାହ୍ନରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ବିଶ୍ରାମ । ତା'ପରେ ଠାକୁରଙ୍କୁ ଉଠିବା ପାଇଁ ଡାକ ପଡ଼େ । ସନ୍ଧ୍ୟା ୭ରୁ ୮ଟା ମଧ୍ୟରେ ସନ୍ଧ୍ୟାଧୂପ ମାଧ୍ୟମରେ ବାଳଭୋଗର ବ୍ୟବସ୍ଥା । ତା'ପରେ ପୁଣି ସାହାଣ ମେଲା । ରାତି ୧୦ଟା ବେଳେ ବେଶ ପରିବର୍ତ୍ତନ ଓ ଚନ୍ଦନ ପ୍ରଲେପ । ୧୦.୩୦ ବେଳେ ବଡ଼ଶୃଂଗାର ବେଶ ଏବଂ ମୂଲ୍ୟବାନ ଅଳଙ୍କାରରେ ମଣ୍ଡିତ । ୧୧.୩୦ଟା ବେଳେ ବଡ଼ଧୂପ ଏବଂ ରାତ୍ରି ଭୋଜନ । ତା'ପରେ ଦେବଦାସୀର ନୃତ୍ୟ ଓ ଗୀତ ଶୁଣୁ ଶୁଣୁ ନିଦ୍ରାର ଆଗମନ । ଏଥିପାଇଁ ମାନବଜାତି ସଂସ୍କୃତିର ଚିର ଆଦର୍ଶ ଜଗନ୍ନାଥଙ୍କୁ କୁହାଯାଏ ସାଂସ୍କୃତିକ ଦେବତା । ସେହିପରି ରୀତିନୀତି ସଂସାରର ଅନ୍ୟ କୌଣସି ଦେବତାଙ୍କ ପାଇଁ ଅନୁସରଣ କରାଯାଇ ପାରୁନଥିବାରୁ ତାଙ୍କୁ ଯଥାର୍ଥରେ କୁହାଯାଇପାରେ 'ବିଶ୍ୱର ଦ୍ୱିତୀୟ ସାଂସ୍କୃତିକ ଦେବତା' । ସେ ହିଁ ମାନବ ଜାତିର ହସ-କାନ୍ଦ, ଲହୁ-ଲୁହାଣ, ଭାବ-ଭାବାନ୍ତର, ଅଭାବ-ଅନଟନ, ଉତ୍ଥାନ-ପତନର ସାଥୀ ତଥା ମାନବିକତା ଓ ମଣିଷତାର ପ୍ରତୀକ ।

ପୃଥିବୀର ବିଭିନ୍ନ ପ୍ରକାର ସଂସ୍କୃତିର ସୃଷ୍ଟି ଓ ବିଲୁପ୍ତି ଘଟି ଚାଲିଛି । ସେଗୁଡ଼ିକ ହେଲା ଗ୍ରୀକ୍, ରୋମ୍, ଆଙ୍ଗ୍ଲୋସେକ୍ସନ୍, ଆର୍ଯ୍ୟ ଦ୍ରାବିଡ଼, ଶବର ଇତ୍ୟାଦି । ପ୍ରତ୍ୟେକ ସଂସ୍କୃତିର ଭଲ ଗୁଣଗୁଡ଼ିକୁ ଆଣି ଯଦି ଗୋଟିଏ ସ୍ଥାନରେ ରଖାଯାଏ ତା'ହେଲେ ସେଗୁଡ଼ିକ ହେବ ଅହିଂସା, ସାମ୍ୟ, ମୈତ୍ରୀ, ସାମ୍ପ୍ରଦାୟିକତାହୀନ, ଅନ୍ୟଧର୍ମକୁ ସମ୍ମାନ, ନିରହଂକାର, ଭ୍ରାତୃପ୍ରେମ, ଦୀନଦୟାଳୁତା, କୃତଜ୍ଞତା, ସ୍ୱାଧୀନତା

ଇତ୍ୟାଦି । ଏ ସମସ୍ତ ଭଲଗୁଣକୁ ମିଶ୍ରଣ କରି ଯେଉଁ ଗୋଟିଏ ସଂସ୍କୃତି ସୃଷ୍ଟି ହୁଏ ତାହାକୁ ହିଁ କୁହାଯିବ ମାନବୀୟ ସଂସ୍କୃତି ବା ବିଶ୍ୱ ସଂସ୍କୃତି । ଯାହା ହେଉଛି ସାର୍ବକାଳୀନ, ସାର୍ବଜନୀନ ଏବଂ ସାର୍ବସ୍ଥଳୀକ । ଆମକୁ ପ୍ରମାଣ କରିବାକୁ ହେବ ଯେ ଏହି ବିଶ୍ୱସଂସ୍କୃତିର ସମନ୍ୱୟ ଆଣିଛନ୍ତି ପ୍ରଭୁ ଜଗନ୍ନାଥ । ଏହି ପ୍ରମାଣ ସମ୍ଭବ ହେବ ଯଦି ମାନବୀୟ ସଂସ୍କୃତିର ସମସ୍ତ ଗୁଣଗୁଡ଼ିକ ଜଗନ୍ନାଥଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ।

**୧. ଅନ୍ୟଧର୍ମକୁ ସମ୍ମାନ ଓ ସାମ୍ପ୍ରଦାୟିକତାହୀନ -** ଶତାବ୍ଦୀ ଶତାବ୍ଦୀ ଧରି ଭାରତବର୍ଷରୁ ବହୁ ସାଧୁ, ସନ୍ନ୍ୟାସୀ, ସନ୍ଥ, ମହାତ୍ମାଗଣ ଜଗନ୍ନାଥଙ୍କ ପାଖକୁ ଆସି ନିଜକୁ ସମର୍ପଣ କରିଯାଇଛନ୍ତି । ସେମାନଙ୍କ ମଧ୍ୟରେ ଶଙ୍କର, ରାମାନୁଜ, ନାନକ, କବୀର, ଶ୍ରୀଚୈତନ୍ୟ, ମାଧବାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନିମ୍ବାର୍କ, ଯୀଶୁ ଓ ସାଲବେଗଙ୍କ ନାମ ଉଲ୍ଲେଖଯୋଗ୍ୟ । ଜଗନ୍ନାଥ ହେଉଛନ୍ତି ଏକାଧାରରେ ଅନାର୍ଯ୍ୟ ଦେବତା । ଶବର ସଭ୍ୟତାର ପ୍ରତୀକ । ବୈଦିକ ବିଚାରରେ ସେ ହେଉଛନ୍ତି ଆପ୍ରାଣିବାଦ ଦେବତା । ବ୍ରାହ୍ମଣ ମନ୍ତ୍ରରେ ସେ ଉପାସିତ । ଅଦ୍ୟୋତବାଦୀ ରାମାନୁଜାଚାର୍ଯ୍ୟଙ୍କ ମତରେ ସେ କାଳାତୀତ, କାଳଭୈରବ । ଜୈନ ପରମ୍ପରାର ସେ ଜୀନ । ବୌଦ୍ଧବାଦୀଙ୍କ ଅନୁଚିନ୍ତନରେ ସେ ହେଉଛନ୍ତି ଆଦିବୁଦ୍ଧ- ତ୍ରିରତ୍ନ- ସଂଘ, ଶରଣ, ଧର୍ମର ପ୍ରତୀକ । ବେଦାନୁସାରେ ସେ ବେଦ ପୁରୁଷ । ଉପନିଷଦରେ ସେ ହେଉଛନ୍ତି ବ୍ରହ୍ମ । ନିର୍ଗୁଣବାଦୀଙ୍କ ମତରେ ସେ ହେଉଛନ୍ତି ନିର୍ଗୁଣ ବ୍ରହ୍ମ । ଇସ୍‌ଲାମଧର୍ମୀ ସାଲବେଗଙ୍କର ଜଗନ୍ନାଥ ପ୍ରୀତି, ତାଙ୍କ ଜଗନ୍ନାଥ ଜଣାଣ ସର୍ବବିଦିତ । ସବୁଠାରୁ ଚମକପ୍ରଦ ତଥ୍ୟ ହେଉଛି ଏଲ୍ ସିଲାଭିନ୍ ଲେଭିଙ୍କ ଗ୍ରନ୍ଥର 'ଦି ଲାଇଫ୍ ଅଫ୍ ଯୀଶୁ ଇନ୍ ଇଣ୍ଡିଆ' ପରିଚ୍ଛେଦ ଅନୁସାରେ ଖ୍ରୀଷ୍ଟିଆନ ଧର୍ମପ୍ରଚାରକ ଯୀଶୁଖ୍ରୀଷ୍ଟ ଚାରିବର୍ଷ ଧରି ଜଗନ୍ନାଥ ମନ୍ଦିରରେ ରହି ତାଙ୍କ ଧର୍ମର ପ୍ରଚାର ପାଇଁ ଜଗନ୍ନାଥ ଧର୍ମର ଚେତନା ଓ ଆଧ୍ୟାତ୍ମିକ ପ୍ରେରଣା ଲାଭ କରିଥିଲେ ।

ବର୍ଣ୍ଣ ବିଦ୍ୱେଷ ଧର୍ମମତ ବିରୁଦ୍ଧରେ ସଂଗ୍ରାମରତ ମାନବସମାଜର ଲୋକମାନଙ୍କୁ ୩ ଭାଗରେ ବିଭକ୍ତ କରାଯାଇପାରେ । କୃଷ୍ଣବର୍ଣ୍ଣର ନିଗ୍ରୋ ଯାହାକି ଜଗନ୍ନାଥଙ୍କ ରଙ୍ଗ । ଧଳାବର୍ଣ୍ଣର ୟୁରୋପୀୟ ଯାହାକି ବଳଭଦ୍ରଙ୍କ ରଙ୍ଗ । ହଳଦିଆବର୍ଣ୍ଣର ମଙ୍ଗୋଲିଆ ଯାହାକି ଶୁଭଦ୍ରାଙ୍କର ରଙ୍ଗ । ତା'ଛଡ଼ା ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ପତିତପାବନ ରଥଯାତ୍ରା ହେଉଛି ଗୋଷ୍ଠୀ, ଜାତି, ବର୍ଣ୍ଣବିଦ୍ୱେଷମାନଙ୍କୁ ନାଶ କରିବାର ଯାତ୍ରା । ତେଣୁ ମାନବୀୟ ସଂସ୍କୃତିର ଉପରୋକ୍ତ ଗୁଣଟି ଜଗନ୍ନାଥଙ୍କ କ୍ଷେତ୍ରରେ ଯଥାର୍ଥ ଭାବରେ ପ୍ରଯୁଜ୍ୟ ।

**ସାମ୍ୟଭାବ -** ଜଗନ୍ନାଥ ମନ୍ଦିରରେ କଳା-ଗୋରା, ଧନୀ-ଦରିଦ୍ର, ସାମନ୍ତବାଦୀ କିମ୍ବା ସମାଜବାଦୀ, ହିନ୍ଦୁ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ପଶୁପତ, ଗାଣପତ୍ୟ ଓ ସୌର ସମସ୍ତେ ଅବାଧରେ ଯାଇ ଉପାସନା କରିପାରିବେ । ନିକଟରେ କେତେକ ଅଣହିନ୍ଦୁ ବ୍ୟକ୍ତିଙ୍କୁ ମନ୍ଦିରକୁ ଛାଡ଼ିବା ଉପରେ ସୃଷ୍ଟି ହୋଇଥିବା ବିବାଦମାନ ପରିସ୍ଥିତିକୁ ବହୁ ମନିଷୀ ଓ ପଣ୍ଡିତମାନେ ନିନ୍ଦାବାଦ କରିଥିଲେ ।

**ଭ୍ରାତୃଭାବ -** ଜଗନ୍ନାଥ ବଳଭଦ୍ରଙ୍କ ମଧ୍ୟରେ ଅଛନ୍ତି ଦେବୀ ସୁଭଦ୍ରା । ଦୁଇଭାଇଙ୍କର ସୁରକ୍ଷିତ ବଳୟ ମଧ୍ୟରେ ବିରାଜମାନ ଅଛନ୍ତି ସୁଭଦ୍ରା ଯାହା ହେଉଛି ଭ୍ରାତୃ ଭଗିନୀଙ୍କର ଏକ ପବିତ୍ର - ଶୃଙ୍ଖଳିତ ପ୍ରେମର ପ୍ରତୀକ । ରାଧାକୃଷ୍ଣ, ରାମସୀତା, ହରଗୌରୀ, ଇନ୍ଦ୍ରଶଚୀ ପରି ଦାମ୍ପତ୍ୟ ସମ୍ବନ୍ଧ ଅପେକ୍ଷା ଭାଇ ଭଗିନୀର ପବିତ୍ର ପ୍ରେମ ସମାଜକୁ କରିଥାଏ ଅଧିକ ଶୃଙ୍ଖଳିତ ।

**ଦୀନଦୟାଳୁ -** ଲିଭ୍ ଆଣ୍ଡ୍ ଲେଟ୍ ଲିଭ୍ । ତମେ ଯଦି ବଡ଼ ଅନ୍ୟକୁ ବଡ଼ କରିବାର ସହାୟକ ହୁଅ ତାହା ହିଁ ମାନବୀୟ ସଂସ୍କୃତିର ମୂଳମନ୍ତ୍ର । ଷାଠିଏ ପଉଟିଖିଆ, ତ୍ରିଭୁବନର ରାଜା, ଛପନ ଭୋଗର ଅଧିକାରୀ ଶ୍ରୀଜଗନ୍ନାଥ ବନ୍ଧୁ ମହାନ୍ତି, ଦାସିଆ ବାଉରି, ରଘୁ ଅରକ୍ଷିତ ପରି ଦୀନଦରିଦ୍ର ଭକ୍ତମାନଙ୍କୁ ନିଜର ସ୍ୱତନ୍ତ୍ର ଆଶୀର୍ବାଦ ଜରିଆରେ ସେମାନଙ୍କୁ ସମାଜର ଅଗ୍ରଗଣ୍ୟ ବ୍ୟକ୍ତିର ସ୍ଥାନ ଦେଇଛନ୍ତି । ଦୀନକୃଷ୍ଣ ଜଗନ୍ନାଥଙ୍କ ସମ୍ମୁଖରେ ଜଣାଣ ଗାଇ ଗାଇ କୁଷ୍ଠରୋଗ ପରି ଦୂରାରୋଗ୍ୟରୁ ମୁକ୍ତି ଆରୋଗ୍ୟଲାଭ କରିବାର ପ୍ରଥା ସର୍ବଜନବିଦିତ । ତାଙ୍କୁ କୁହାଯାଏ ଭକ୍ତର ଭଗବାନ । ସେ ଭକ୍ତର ଅଧୀନ । ସାତଶହ ପଚାଷ କୋଶ ଦୂରରେ ଥିବା ସାଲବେଗଙ୍କର ଡାକ ଶୁଣି ନନ୍ଦିଘୋଷ ରଥ ବନ୍ଦ ହୋଇଯିବାର କିମ୍ବଦନ୍ତୀ ତାଙ୍କର ଦୀନଦୟାଳୁତାର ସୁସ୍ପଷ୍ଟ ପରିଚୟ ପ୍ରଦାନ କରେ ।

**ମୈତ୍ରୀ -** ଯେକୌଣସି ଧର୍ମର ଲୋକ ଯେକୌଣସି ବାଟରେ କିଏ ହାତଯୋଡ଼ି, କିଏ ହାତ ଟେକି, କିଏ ପ୍ରଣିପାତ କରି ଜଗନ୍ନାଥଙ୍କୁ ଗୁହାରି କରନ୍ତି । ପୂଜା କରିବାରେ ବିଧି ମଧ୍ୟ ତଦ୍ରୁପ । ଜଗନ୍ନାଥ ପୂଜା ପାଆନ୍ତି ଜୈନର କୈବଲ୍ୟରେ - ଶବରର ସମର୍ପଣରେ - ବ୍ରାହ୍ମଣର ମନ୍ତ୍ରପାଠରେ - ଶୈବର ନିର୍ମାଲ୍ୟରେ । ଶାକ୍ତର ବ୍ରିହୀବଳିରେ । ସବୁ ମତବାଦ ସବୁ ସମ୍ପ୍ରଦାୟ ନିଜ ନିଜ ବାଟରେ ଉପାସନା କରିଥାନ୍ତି ପ୍ରଭୁ ଜଗନ୍ନାଥଙ୍କୁ ।

**ସ୍ୱାଧୀନତା -** ଯେକୌଣସି ଲୋକ ଯେକୌଣସି ପୋଷାକରେ ମନ୍ଦିରରେ ପଶି ଜଗନ୍ନାଥଙ୍କୁ ଉପାସନା କରିପାରିବ । ଯିଏ ଯେମିତି ବାଟରେ ଗୁହାରି କରିପାରିବ । ମହାପ୍ରସାଦ ଖାଇପାରିବ । କିଏ ଧୋତି ପିନ୍ଧୁ, କିଏ ପେଣ୍ଟ୍ ପିନ୍ଧୁଥାଉ, କିଏ ଅତ୍ୟାଧୁନିକ ପୋଷାକରେ ସଜ୍ଜିତ ହୋଇଥାଉ ସମସ୍ତଙ୍କ ପାଇଁ ସେଠାରେ ସ୍ୱାଧୀନତା ଭରପୂର ।

**ନିରହଂକାର -** ସେ ହେଉଛନ୍ତି ବଡ଼ଠାକୁର । ତାଙ୍କର ଅଛି ବଡ଼ଦେଉଳ, ବଡ଼ଭୋଗ, ବଡ଼ଦାଣ୍ଡ । ସେ ହୁଅନ୍ତି ବଡ଼ସିଂହାର ବେଶ । ତାଙ୍କର ଅଛନ୍ତି ବଡ଼ପଣ୍ଡା, ବଡ଼ସୁଆର । ପ୍ରସାଦ ତାଙ୍କର ମହାପ୍ରସାଦ । ସିଏ ଖାଆନ୍ତି ଷାଠିଏ ପଉଟିର ଛପନ ଭୋଗ । ସବୁ ବଡ଼ର ସମାହାର

ସେଠି । ତଥାପି ସେ ମାଉସୀ ମା' ବୁଢ଼ୀର କ୍ଷୁଦ୍ର ମନ୍ଦିରକୁ ଯାଆନ୍ତି ବଡ଼ମନ୍ଦିରରେ ତୂର୍ଯ୍ୟନାଦ କରି କିଛିଦିନ ରହି ପୋଡ଼ାପିଠା ଖାଇ ସେ ପୁଣି ଫେରି ଆସନ୍ତି ନିଜ ଦେଉଳକୁ । ଏହା କ'ଣ ନିରହଂକାରର ଲକ୍ଷଣ ନୁହେଁ ?

**କୃତଜ୍ଞତା -** ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରି ତାହାର ସୁପରିଚାଳନା ଏବଂ ଜଗନ୍ନାଥଙ୍କ ତ୍ରୁଟିଶୂନ୍ୟ ଉପାସନା ପାଇଁ ସବୁପ୍ରକାର ବ୍ୟବସ୍ଥା କରିସାରିବା ପରେ ଜଗନ୍ନାଥ ତାଙ୍କର ଏହି ମହତ୍ କାର୍ଯ୍ୟରେ ପ୍ରୀତ ହୋଇ ବରଦାନ କରିବାକୁ ଇଚ୍ଛାପ୍ରକାଶ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ କହିଥିଲେ, 'ହେ ପ୍ରଭୁ ତୁମେ ଯଦି ପ୍ରକୃତରେ ମୋତେ ତୁମର ଭକ୍ତ ରୂପରେ ଗ୍ରହଣ କରିଛ, ମୋ' କାର୍ଯ୍ୟରେ ପ୍ରୀତ ହୋଇଛ ତା'ହେଲେ ତୁମେ ମୋତେ ନିବଂଶ କରିଦିଅ ।' ଜଗନ୍ନାଥ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଇନ୍ଦ୍ରଦ୍ୟୁମ୍ନ କହିଲେ, ହେ ପ୍ରଭୁ ଏ ମନ୍ଦିର ମୁଁ ପ୍ରଜାଙ୍କର ପ୍ରତିନିଧି ରାଜା ଭାବରେ ନିର୍ମାଣ କରିଛି । ଏହା ନିର୍ମାଣ ହୋଇଛି ପ୍ରଜାଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥରେ । ତେଣୁ ଏହି ମହତ୍ କାର୍ଯ୍ୟ କରି ମୁଁ ଯଦି କିଛି ପୁଣ୍ୟ ଲାଭ କରିଥାଏ, ତା'ହେଲେ ସେ ସମସ୍ତ ଧୂଳିସାତ ହେବ ଯଦି କେବେ ମୋର ପୁତ୍ର କିମ୍ବା ଅନ୍ୟ କେହି ବଂଶଧର ଏହାକୁ ମୋର ପିତା କିମ୍ବା ପ୍ରପିତା ନିର୍ମାଣ କରିଛନ୍ତି ବୋଲି କହେ । ତେଣୁ ମୁଁ ନିବଂଶ ହୋଇଗଲେ ସେ ଆଶଙ୍କା ମୋ' ମନରୁ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇଯିବ ଏବଂ ଯଦି କିଛି ପୁଣ୍ୟ ପ୍ରାପ୍ତି କରିଥାଏ ତେବେ ତାହା ଗ୍ଲାନିଶୂନ୍ୟ ହୋଇରହିବ । ଜଗନ୍ନାଥ ପ୍ରୀତ ହୋଇ କହିଥିଲେ 'ତଥାସ୍ତୁ' । କିନ୍ତୁ ଯେଉଁଦିନ ସେହି ଅପୁତ୍ରିକ ଇନ୍ଦ୍ରଦ୍ୟୁମ୍ନଙ୍କର ଶ୍ରାଦ୍ଧ ଦିବସ ଉପସ୍ଥିତ ହେଲା ସେଦିନ ଜଗନ୍ନାଥ ନିଜେ ତାଙ୍କର ପୁତ୍ର ସାଜି ଶ୍ରାଦ୍ଧ ଅର୍ପଣ କରିଥିଲେ ରାଜାଙ୍କର ସେହି ଅମର ଆତ୍ମାକୁ । ତା'ଠାରୁ ବଳି କୃତଜ୍ଞତା ଆଉ କ'ଣ ବା ସେ ଦେଖାଇ ପାରିଥାନ୍ତେ ?

ମାନବୀୟ ବା ବିଶ୍ୱ ସଂସ୍କୃତିର ସମସ୍ତ ଗୁଣ ଜଗନ୍ନାଥଙ୍କ ନିକଟରେ ଯେ ପ୍ରଯୁଜ୍ୟ ତାହା ସୁସ୍ପଷ୍ଟ ହୋଇଯାଇଛି ଉପରୋକ୍ତ ଆଲୋଚନାରୁ । ତେଣୁ ନିର୍ବିବାଦରେ ତଥା ନିର୍ଦ୍ୱନ୍ଦ୍ୱରେ ପ୍ରମାଣିତ ଯେ ଜଗନ୍ନାଥ ହେଉଛନ୍ତି ମାନବୀୟ ବା ବିଶ୍ୱ ସଂସ୍କୃତିର ପ୍ରତୀକ ଏବଂ ସମନ୍ୱୟକାରୀ ।

ଗଜ ଉଦ୍ଧାରଣ, ଦ୍ରୌପଦୀଙ୍କ ବସ୍ତ୍ରହରଣ, ମୃଗୁଣୀ ରକ୍ଷଣ, ବାଳି ଦମନ, ବିଭୀଷଣଙ୍କ ଅଭିଷେକ, ହରିଣ୍ୟକଶିପୁ ବିନାଶନ ପ୍ରଭୃତି ଉଦାହରଣ ଅପେକ୍ଷା ଉପରୋକ୍ତ ଯୁକ୍ତିସମୂହ ଏବେକାର ଅବକ୍ଷୟଗ୍ରସ୍ତ ସମାଜର ମାନବ ବିଶେଷତଃ ଯୁବପିଢ଼ିଙ୍କୁ ଜଗନ୍ନାଥଙ୍କ ଚେତନା, ଧର୍ମ ଓ ସଂସ୍କୃତି ସମ୍ବନ୍ଧରେ ଅଧିକ ପ୍ରଭାବିତ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ବିକାଶ ନିଗମ
ଅଶୋକା ମାର୍କେଟ, ଭୁବନେଶ୍ୱର

---

# ଜଗତ କାରଣ

ବିକ୍ରମ ମହାରଣା

ଏ କଳିକାଳରେ
କଳା କଳେବରେ
ଜୟଦେବ କରେ
ଗୀତଗୋବିନ୍ଦରେ
ଭକ୍ତ ମନ ଝୁରେ
ରଖିଲ ହୃଦରେ
ବାଉରୀ ଦାସିଆ
ବଢ଼ାଏ ଶ୍ରୀଫଳ
ନିଜ ହାତ ପାତି
କର ହେ ଗ୍ରହଣ
ସାଲବେଗ ହୀନ
ରଖିଲ ତା'ମାନ
ବଡ଼ଦାଣ୍ଡେ ଆସ
ଭକ୍ତ ମନ ତୋଷ

ଅନବସରର
ଜରପୀଡ଼ା ପରେ
ଆୟୁର୍ବେଦ ସେବି
ନବଯୌବନରେ
ନେତ୍ରୋତ୍ସବ ଚାହାଁ
'ମୁଁ' କାର ହରଣ
ନେତର ଯୁଗଳ
ଧନ୍ୟ ତନ ମନ
ଛାଡ଼ି ଶ୍ରୀମନ୍ଦିର
ରତ୍ନ ସିଂହାସନ
ପତିତ ଉଦ୍ଧାର
ପତିତପାବନ
ସଂସାର ଦାଣ୍ଡରେ
ଭକତ ମୋହରେ

ତିନିରଥେ ବିଜେ
ତିନି ଠାକୁରେ
ଦର୍ଶନ ମାଗୁଣୀ
କରହେ ପୂରଣ
ଭବ ପାରାବାରୁ
ତରିଯାଉ ପ୍ରାଣ
ଭେଦଭାବ ଛାଡ଼ି
ରଥର ଦଉଡ଼ି
ସଭିଏଁ ନିଅନ୍ତୁ
ଆଗକୁ ଭିଡ଼ି
ତାଳଧ୍ୱଜେ ଥା'ନ୍ତୁ
ବଡ଼ ଠାକୁର ହେ

ମଧ୍ୟେ ଦେବୀଙ୍କର
ଦେବ ଦଳନ
ପଛେ ନନ୍ଦିଘୋଷ
ଢଙ୍ଗେ ଢଳି ଆସେ
ରଙ୍ଗଭଙ୍ଗୀ ଠାଣ
ସଂସାର ତାରଣ
ବାରହାତ ଖଡ୍ଗ
ବାଟେ ଛତ୍ୟାବଟ
କଳିକୁ ସଂହାରୀ
କଳ୍କୀ ଅବତାରୀ
ସତ୍ୟ ଆଗମନ
ଜଗତ କାରଣ ।

ଶ୍ରୀନୀଳମାଧବ ଧାମ
କଣ୍ଟିଲୋ

# ଶ୍ରୀଜଗନ୍ନାଥଙ୍କ ମାଉସୀ ଏବେବି ବାଟ ଚାହିଁ ବସିଛି

ରମେଶ ପ୍ରସାଦ ସିଂହ

**ଶ**ଙ୍ଖ କ୍ଷେତ୍ରର ନୀଳକନ୍ଦରରେ ଶ୍ରୀମନ୍ଦିର ମଧ୍ୟରେ ଅଧିଷ୍ଠିତ ଅଖିଳ ବ୍ରହ୍ମାଣ୍ଡ ପତି ଦାରୁ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନ କେବଳ ଓଡ଼ିଆ ଜାତିର ପ୍ରାଣପ୍ରିୟ ନୁହଁନ୍ତି, ସାରା ବିଶ୍ୱର ନାଥ ଭାବରେ ନମସ୍ୟ ଓ ଆଦରଣୀୟ । ଭାରତବର୍ଷରେ ଅନ୍ୟ ଦେବତାଙ୍କଠାରୁ ତାଙ୍କର ସ୍ୱାତନ୍ତ୍ର୍ୟ ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିରରେ ରାଜକୀୟ ଢାଞ୍ଚାରେ ସାତ୍ତ୍ୱିକ ତଥା ତାମସିକ ଦୈନିକ ସେବା, ପୂଜା ଓ ନୀତିରୁ ଏହା ସ୍ପଷ୍ଟ ଅନୁମେୟ । ଶ୍ରୀମନ୍ଦିରରେ ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହେଉଥିବା ଦୈନନ୍ଦିନ ନୀତିରେ ଛତିଶିଟି ବିଭିନ୍ନ ସେବା ସମ୍ବଳିତ ୩୬ଟି ନିଯୋଗର ପ୍ରାୟ ଶତାଧିକ ସେବାୟତ ଦେବାଧିଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜକୀୟ ଆଡମ୍ବରରେ ସେବା କରିଥାନ୍ତି । ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହେଉଥିବା ଶ୍ରୀମନ୍ଦିରର ନୀତି ଦିନତମାମ ଚାଲୁ ଚାଲୁ କେତେବେଳେ ଯେ ରାତ୍ରୀ ହୋଇଯାଏ ତାହା ଜଣାପଡ଼େ ନାହିଁ । ବେଳେ ବେଳେ ନିରଳସ ଭାବରେ ନୀତି ସମ୍ପାଦନ କରୁ କରୁ ରାତି ପାହିଯାଏ । ଦୈନନ୍ଦିନ ନୀତି ଛଡ଼ା ଜଗନ୍ନାଥଙ୍କର ବର୍ଷକ ମଧ୍ୟରେ ହେଉଥିବା ତେର ଯାତ୍ରା ମଧ୍ୟରୁ ଘୋଷଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହି ଯାତ୍ରାକୁ ପତିତପାବନ ଯାତ୍ରା ମଧ୍ୟ କୁହାଯାଏ । ପତିତମାନଙ୍କୁ ଦର୍ଶନ ଦେଇ ମୋକ୍ଷ ପ୍ରଦାନ କରିବାକୁ ମହାପ୍ରଭୁ ବାମନ ଅବତାରରେ ନନ୍ଦିଘୋଷ ଚଢ଼ି ବଡ଼ଦାଣ୍ଡରେ ଉଭା ହୁଅନ୍ତି ।



ଶ୍ରୀଜଗନ୍ନାଥଙ୍କ ରଥଦାଣ୍ଡ ବା ବଡ଼ଦାଣ୍ଡର ଦୈର୍ଘ୍ୟପ୍ରାୟ ସାଢ଼େ ତିନି କିଲୋମିଟର ଏବଂ ଏହି ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଛୋଟ ଛୋଟ ମନ୍ଦିରରେ ଅନେକ ଦେବାଦେବୀ ରହିଛନ୍ତି । ପୁରୀ ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିସ୍ତୃତ ଇତିହାସ ପ୍ରସିଦ୍ଧ ବଡ଼ଦାଣ୍ଡରେ ଦୁଇ ପାର୍ଶ୍ୱରେ ଥିବା ଛୋଟ ବଡ଼ ମନ୍ଦିର ମଧ୍ୟରେ ୩ ଗୋଟି ପୁରାତନ ଦେବୀ ମନ୍ଦିର ରହିଛି । ସେଗୁଡ଼ିକ ହେଲା - ଚର୍ଚ୍ଚିକା ଦେବୀ ମନ୍ଦିର, ମର୍ଚ୍ଚିକା ଦେବୀ ମନ୍ଦିର ଓ ମାଉସୀମା ବା ଅର୍ଦ୍ଧାଶୀନି ଦେବୀ ମନ୍ଦିର ।

ମା' ଚର୍ଚ୍ଚିକା ଦେବୀଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ଅଳ୍ପ ଦୂରରେ ବଡ଼ଦାଣ୍ଡର ବାମପଟେ ରାଜନଅରର ସମ୍ମୁଖରେ ଅବସ୍ଥିତ । ମା' ଚର୍ଚ୍ଚିକା ପରମ ବୈଷ୍ଣବୀ ହେଲେ ମଧ୍ୟ ଶାରଦୀୟ ଦୁର୍ଗା ଉତ୍ସବ ସମୟରେ ସେଠାରେ ତନ୍ତ୍ରପୂଜା ପ୍ରଚଳିତ । ସେଠାରେ ବିଭିନ୍ନ ଯାତ୍ରା ସମୟରେ ମହାପ୍ରଭୁଙ୍କର ପନ୍ତିଭୋଗ ହୁଏ ।

ମା' ମର୍ଚ୍ଚିକାଙ୍କ ମନ୍ଦିର ଶ୍ରୀମନ୍ଦିରଠାରୁ ଅଧା କିଲୋମିଟର ଦୂରରେ ମରିଚିକୋଟ ଛକ ନିକଟରେ ଅବସ୍ଥିତ । ମା' ମର୍ଚ୍ଚିକା ପରମ ବୈଷ୍ଣବୀ ହେଲେ ମଧ୍ୟ ଶାରଦୀୟ ଦୁର୍ଗା ଉତ୍ସବ ସମୟରେ ସେଠାରେ ତନ୍ତ୍ରପୂଜା ସହ ଆମିଷ ଭୋଗର ପ୍ରଚଳନ ରହିଛି । ଏହି ଦେବୀ ମନ୍ଦିରରେ ମହାପ୍ରଭୁଙ୍କର ବିଭିନ୍ନ ଯାତ୍ରା ସମୟରେ ବିଶ୍ରାମ ମଣୋହି ବା ପଂକ୍ତିଭୋଗ ଲାଗିର ବ୍ୟବସ୍ଥା ରହିଛି ।

ଏହି ଦୁଇ ଦେବୀ ମନ୍ଦିର ଛଡ଼ା ବଡ଼ଦାଣ୍ଡରେ ସବୁଠାରୁ ପୁରାତନ ତଥା ପ୍ରାଚୀନ ମନ୍ଦିର ମା' ମାଉସୀମା ବା ମା' ଅର୍ଦ୍ଧାଶୀନିଙ୍କ ମନ୍ଦିର । ପୁରୀ ବଡ଼ଦାଣ୍ଡରେ ଶ୍ରୀମନ୍ଦିରଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ରାସ୍ତାର ଡାହାଣ ପଟେ ଏହି ପ୍ରାଚୀନ ମନ୍ଦିର ଅବସ୍ଥିତ । ମନ୍ଦିର ପ୍ରାୟ ୨୫ ହାତ ଉଚ୍ଚ । ମନ୍ଦିରରେ ପୂଜିତା ଦେବୀଙ୍କ ନାମ ଯେପରି ଲୌକିକ ତାଙ୍କର ଗଠନ ଶୈଳୀ ଏବଂ ପରିପାଟୀ ମଧ୍ୟ ସେପରି ଅଲୌକିକ । ମନ୍ଦିରରେ ପୂଜାପାଉଥିବା ଅର୍ଦ୍ଧାଶିନୀ ଦେବୀ ଦେଖିବାକୁ ଶ୍ରୀମନ୍ଦିରରେ ପୂଜା ପାଉଥିବା ଚତୁର୍ଦ୍ଧା ମୂର୍ତ୍ତି ମଧ୍ୟସ୍ଥ ମା' ସୁଭଦ୍ରାଙ୍କ ଭଳି ଏବଂ ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାଉସୀମା ଭାବରେ ପୂଜିତା । ଗୁଣ୍ଡିଚା ମନ୍ଦିର ଜଗନ୍ନାଥ ପ୍ରଭୁଙ୍କର ପ୍ରକୃତ ମାଉସୀ ଘର ନୁହେଁ । ମାଉସୀମା ମନ୍ଦିର ହିଁ ପ୍ରକୃତ ମାଉସୀ ଘର । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯଦିଓ ଏହା ଏକ ଦେବୀ ମନ୍ଦିର, ଏଠାରେ ଶାରଦୀୟ ବା ବାସନ୍ତିକ ଦୁର୍ଗାପୂଜା କରାଯାଏ ନାହିଁ । ଦେବୀ ପରମ ବୈଷ୍ଣବୀ । ଏହି ପୀଠରେ ଅନ୍ନଭୋଗ କରାଯାଏ ନାହିଁ । ମାଉସୀମା ସମ୍ପୂର୍ଣ୍ଣ ଭାବରେ ଆସନରେ ନ ବସି

ଅର୍ଦ୍ଧ ଦଣ୍ଡାୟମାନ ଅବସ୍ଥାରେ ବସିଥିବା ଏବଂ ମୂର୍ତ୍ତି ସମ୍ମୁଖରେ ମା' ସୁଭଦ୍ରାଙ୍କର ଆକୃତିକ ମୁଖା ବହୁ ପୁରାତନ କାଳରୁ ମଣ୍ଡିତ । ଏହି ମୁଖାର ମରାମତି କେବଳ ନବକଳେବର ସମୟରେ ହୁଏ । ଦେବୀ ମନ୍ଦିର ହୋଇଥିଲେ ମଧ୍ୟ ଏଠାରେ କେବେହେଲେ ତନ୍ତ୍ରପୂଜା କରାଯାଏ ନାହିଁ । କେବଳ ନୃସିଂହ ଚତୁର୍ଦ୍ଦଶୀ ଦିନ ଦେବୀଙ୍କୁ ମହାଭିଷେକ କରାଯାଏ ଓ ଶ୍ରୀମୁଖ ପର୍ଯ୍ୟନ୍ତ ସୁଗନ୍ଧିତ ଜଳରେ ଆବୃତ କରାଯାଏ ।

ଘୋଷଯାତ୍ରାରେ ଅନ୍ୟ ଏକ ଆକର୍ଷଣ ମା' ମାଉସୀମା ମନ୍ଦିର । ସମସ୍ତେ ଜାଣନ୍ତି ଜଗନ୍ନାଥ ନବଦିନ ଯାତ୍ରାରେ ମାଉସୀମା ଘରକୁ ଯାନ୍ତି । କିନ୍ତୁ ମାଉସୀମାଙ୍କୁ ସାଧାରଣ ଲୋକ ଜାଣନ୍ତି ନାହିଁ । ସବୁ ସମୟରେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ସେବାପୂଜା ସାଧାରଣ ମନୁଷ୍ୟର କାର୍ଯ୍ୟଶୈଳୀ ରାଜକୀୟ ଆଡ଼ମ୍ବର ମାଧ୍ୟମରେ ଓ ସାମାଜିକ ଚଳଣି ବା ସାମାଜିକ ବନ୍ଧନରେ ପରିସ୍ଫୁଟ । ମହାପ୍ରଭୁ ଜଗନ୍ନାଥଙ୍କ ସକାଳଠାରୁ ରାତି ପର୍ଯ୍ୟନ୍ତ ନୀତି ବା କାର୍ଯ୍ୟଧାରାରେ ଜଣେ ସାଧାରଣ ମଣିଷର ଦିନଚର୍ଯ୍ୟା ସ୍ପଷ୍ଟ ଭାବରେ ବାରି ହୋଇପଡ଼େ । ଖାଲି ସେତିକି ନୁହେଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସାମାଜିକ ବନ୍ଧନ ମଧ୍ୟ କମ୍ ନୁହେଁ । ତାଙ୍କର ଶ୍ୱଶୁର ଘର ସମୁଦ୍ରକୂଳରେ ଅବସ୍ଥିତ ଥିଲାବେଳେ, ମନ୍ଦିର ଚାରିପଟେ ପଞ୍ଚସଖା (ପଞ୍ଚୁପାଣ୍ଡବ) ଯଥା- ଜମେଶ୍ୱର, ମାର୍କଣ୍ଡେଶ୍ୱର, ଶ୍ରୀଲୋକନାଥ, କପାଳମୋଚନ, ନୀଳକଣ୍ଠେଶ୍ୱରଙ୍କର ମନ୍ଦିର ବିରାଜମାନ ।

ମା' ଅର୍ଦ୍ଧାଶିନୀ ମାଉସୀମା ଘର ଗୁଣ୍ଡିଚା ମନ୍ଦିର ଯିବା ବାଟରେ ପଡ଼ିଲେ ମଧ୍ୟ ଆଜିକାଲି ରଥଯାତ୍ରା ସମୟରେ ତରବରରେ ଥିବାରୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀଙ୍କୁ ନେଇ ମାଉସୀମାଙ୍କୁ କେବଳ ଦେଖାକରି ଦେଇ ଗୁଣ୍ଡିଚା ମନ୍ଦିର ଚାଲିଯାଆନ୍ତି । ବାହୁଡ଼ାଯାତ୍ରାରେ ଆସିଲାବେଳେ ଭାଇଭଉଣୀ ମାଉସୀର ସ୍ନେହ ଶ୍ରଦ୍ଧାକୁ ଏଡ଼େଇ ଯାଇ ପାରନ୍ତି ନାହିଁ । ମାଉସୀ ଅପେକ୍ଷା କରିଥାନ୍ତି ଶ୍ରୀଜଗନ୍ନାଥଙ୍କର ଫେରିବା ବାଟକୁ ହାତରେ ପୋଡ଼ପିଠା ଥାଳି ଧରି । ମା' କିଏ - ମାଉସୀ କିଏ ? ପ୍ରଭୁ ସେଠାରେ ଅଟକି ଯାନ୍ତି । ଶ୍ରଦ୍ଧାର ନୈବେଦ୍ୟ ପୋଡ଼ପିଠାର ଲୋଭ ସମ୍ବରଣ ନକରିପାରି । ତିନିରଥରେ ଚାରି ଠାକୁର ସେଠାରେ ପୋଡ଼ପିଠା ମଣୋହି କରି ମାଉସୀର ଆତିଥ୍ୟ ସ୍ୱୀକାରକରି ଫେରିଯାନ୍ତି ଶ୍ରୀମନ୍ଦିର ଅଭିମୁଖେ । ଶ୍ରୀଗୁଣ୍ଡିଚା ଦିନ ପୋଡ଼ପିଠା ଭୋଗ ଲାଗେ ବୋଲି ଏବେ ପର୍ଯ୍ୟନ୍ତ ଅନେକ ଲୋକଙ୍କ ଧାରଣା ରହିଛି, କିନ୍ତୁ ଏହି ଭୋଗ ପ୍ରଭୁଙ୍କର ବାହୁଡ଼ା ଯାତ୍ରା ଦିନ ହୁଏ ।

ଇତିହାସ କହେ - ଅତୀତରେ ବଡ଼ଦାଣ୍ଡର ବଳଗଣ୍ଡି ନିକଟରେ ଏକ ନଦୀ ବୋହିଯାଇ ବାଙ୍କି ମୁହାଣରେ ମହୋଦଧିରେ ମିଶୁଥିଲା ଏବଂ ବଳଗଣ୍ଡି ନିକଟରେ ଏକ ଗଭୀର ଗଣ୍ଡ ଥିଲା । ତେଣୁ ଗୁଣ୍ଡିଚା ଯାତ୍ରା ନିମନ୍ତେ ଛଅଗୋଟି ରଥ ଓ ମହାପ୍ରଭୁମାନେ ନଦୀପାର ହେବାପାଇଁ ଚାପ ବା ଭେଳା ନିର୍ମାଣ କରାଯାଉଥିଲା । ସେହି ସମୟରେ ମା' ଅର୍ଦ୍ଧାଶୀନ (ମାଉସୀମା) ନଦୀଗଣ୍ଡର ଅଧିଷ୍ଠାତ୍ରୀ ଦେବୀ ଭାବରେ ନିଜର ପୁତ୍ର ସଦୃଶ ମହାପ୍ରଭୁ ଜଗନ୍ନାଥଙ୍କ ଯତ୍ନ ନେବା ସହ ନିଜର ଶକ୍ତି ବଳରେ ନଦୀ ଗଣ୍ଡର ଜଳକୁ ଶୋଷଣ କରି ତାଙ୍କର ଜଳଯାତ୍ରା ସୁଗମ କରୁଥିଲେ ।

ଆଜି କିନ୍ତୁ ସେ ନଦୀ ସେଠାରେ ନାହିଁ । ତାହା ଅଠରନଳା ନିକଟରେ ନାଳ ଭାବରେ ସୀମିତ । ନଦୀର ମୁହାଣ ବାଙ୍କି ମୁହାଣ ସିମେଣ୍ଟ ଓ କଂକ୍ରିଟ ଜବରଦଖଲରେ ନିଜର ସତ୍ତା ହରାଇଛି । ଛଅଗୋଟି ରଥର ଆବଶ୍ୟକତା ବହୁଦିନରୁ ଲୋପ ପାଇଯାଇଛି । ନଦୀପଥ ଅତିକ୍ରମ କରିବାକୁ ଆଉ ପ୍ରଭୁଙ୍କୁ ଚାପର ଆବଶ୍ୟକତା ପଡୁ ନାହିଁ । ସାଧାରଣ ଲୋକଙ୍କ ପରି ପ୍ରଭୁ ମଧ୍ୟ ନିଜ ମାଉସୀଙ୍କୁ ପାଶୋରି ଦେଲେଣି । କେବଳ ଲୋକ ଅପବାଦ ଭୟରେ ଭାଇ ଭଉଣୀ ତିନିଜଣ ମାଉସୀମା ମନ୍ଦିର ନିକଟରେ ଅଟକିଯାନ୍ତି ରଥଯାତ୍ରା ସମୟରେ । ପ୍ରଭୁ ଜାଣନ୍ତି ନାହିଁ ଶୁଖିଲା ଚୂଡ଼ା, ଖଇ ଖାଇ ଖାଇ ରାସ୍ତାକଡ଼ରେ ଆଧୁନିକ ଯୁଗର ରାଜା ମହାରାଜାଙ୍କର ଅତ୍ୟାଚାର ସହି ଅନ୍ଧାରରେ ପଡ଼ିଥିବା ତାଙ୍କର ମାଉସୀ କେଉଁଠୁ ଆଣେ ଧନ ତାଙ୍କୁ ପୋଡ଼ପିଠା ଖୋଇବା ପାଇଁ । ରାଜାଧିରାଜ ଦେବାଧିଦେବ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ମାଉସୀଙ୍କର ଦୟନୀୟ ଅବସ୍ଥା ପାଇଁ ଦାୟୀ କ'ଣ ପ୍ରଭୁ ନିଜେ ନୁହନ୍ତି । ସ୍ୱାଭିମାନୀ ମାଉସୀମାଙ୍କର କିନ୍ତୁ କୌଣସି ଆପତ୍ତି ଅଭିଯୋଗ ନାହିଁ । ସେ ସହ୍ୟ କରନ୍ତି ସେବକ ଜଞ୍ଜାଳ, ଉତ୍ପୀଡ଼ନ, ପାଗଳମାନଙ୍କର ଆକ୍ରମଣ, ନିଶାଖୋରମାନଙ୍କର ଦୈନିକ ଅତ୍ୟାଚାର । କେହି ଯେପରି ତା'ର ଦୁଃଖ ବୁଝିବାକୁ ନାହିଁ । ହଁ, ପାଖ ବସ୍ତିରେ ଯୁବକମାନେ ମାଉସୀଙ୍କୁ ସାହା । ସେମାନେ ତାଙ୍କୁ ଗ୍ରାମଦେବୀ ଭାବରେ ଯୁଗ ଯୁଗ ଧରି ମାନି ଆସୁଛନ୍ତି । ସେମାନେ ମାଉସୀର ଭଲମନ୍ଦରେ ସେମାନେ ଠିଆ ହୁଅନ୍ତି । ବର୍ଷ ତମାମ ବୁଢ଼ୀ ମାଉସୀର ଭଲ ମନ୍ଦ ବୁଝନ୍ତି । ନୃସିଂହ ଚତୁର୍ଦ୍ଦଶୀରେ ପାଞ୍ଚଶହ ଏକ କଳସୀ ସୁଗନ୍ଧିତ ଜଳରେ ମାଉସୀଙ୍କୁ ଜଳଶୟୀ କରନ୍ତି ଓ ଛେନା ତାଡ଼ିଆ ଅର୍ପଣ କରନ୍ତି ।

ଦେଖାଯାଉ କେବେ ମହାପ୍ରଭୁଙ୍କ ମନ ପଡ଼ିବ ମାଉସୀମାର ସ୍ନେହ ଓ ଶ୍ରଦ୍ଧାର ପ୍ରତିଦାନ ଦେବାକୁ ।

ଆଡଭୋକେଟ
ଦାଣ୍ଡିମାଳ ସାହି, ପୁରୀ

# ଗଜବଦନ ଯା'ର ନାହିଁ



ଓମ୍ ପ୍ରକାଶ

ହିନ୍ଦୁ ଧର୍ମ କହିଲେ କେବଳ ଯେ ବୈଷ୍ଣବ ଧର୍ମକୁ ଏବଂ ତାହା ଉପାସ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ବୁଝାଏ, ତାହା ନୁହେଁ ବରଂ ଏହି ଧର୍ମ ଏବଂ ଦେବତାଙ୍କଠାରେ ଅନ୍ୟ ଧର୍ମର ଦେବାଦେବୀମାନଙ୍କର ମିଳନ ଘଟିଛି । ଯାହାଫଳରେ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି ସର୍ବଧର୍ମ ସମନ୍ୱୟର ପ୍ରତୀକ । ଉତ୍କଳର ଧର୍ମପୀଠ ଶ୍ରୀଜଗନ୍ନାଥ କ୍ଷେତ୍ର ପୁରୁଷୋତ୍ତମକୁ ମହାନ ଜ୍ଞାନୀ ଗୁଣୀମାନେ ପଞ୍ଚକ୍ଷେତ୍ର ବୋଲି ଅଭିହିତ କରିଥାନ୍ତି । ଏହି କ୍ଷେତ୍ର ବୈଷ୍ଣବ ଧର୍ମ ବ୍ୟତୀତ ଗାଣପତ୍ୟ, ଶୈବ, ଶାକ୍ତ ଏବଂ ସୌରଙ୍କ ଉପାସନାର କ୍ଷେତ୍ର ବୋଲି ମଧ୍ୟ ପ୍ରମାଣ ରହିଛି । ତେଣୁ ଯଥାର୍ଥରେ କୁହାଯାଇଛି -

'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କର ତଥା
ଭିନ୍ନ ପଞ୍ଚଦେବ ଭିନ୍ନ ନ କର୍ତ୍ତବ୍ୟଂ ଶ୍ରୀଜଗନ୍ନାଥ ନମଃସ୍ତୁତେ ।।'

ତେଣୁ ଏଥିରୁ ଯାହା ଜଣାପଡ଼େ ସର୍ବ ଦେବଦେବୀଙ୍କର ମିଶ୍ରଣ ଘଟିଛି ଏହି ଶ୍ରୀଜଗନ୍ନାଥଙ୍କଠାରେ । ଯିଏ ଯେତେବେଳେ ଆସି ଯେଉଁ ରୂପରେ ଖୋଜିଛି ଏବଂ ନିଜର ମତ ପ୍ରତିଷ୍ଠା କରିବାକୁ ଚାହିଁଛି ପ୍ରଭୁ ଶ୍ରୀଜଗନ୍ନାଥ ତାକୁ ସେହିପରି ଦେଖାଦେଇଛନ୍ତି ଓ ବାହୁ ମେଲେଇ ଆଲିଙ୍ଗନ କରିଛନ୍ତି । ତେଣୁ ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବା ସଂପ୍ରଦାୟର ନହୋଇ ସେ ଏକ ଚେତନା ପାଲଟି ଯାଇଛନ୍ତି ଓ ସର୍ବଧର୍ମ ସମନ୍ୱୟ ରକ୍ଷା କରିଛନ୍ତି । କେତେକ କ୍ଷେତ୍ରରେ ଜଗନ୍ନାଥଙ୍କୁ ଅବତାରି ବୋଲି ଗ୍ରହଣ କରାଯାଇଛି, କାରଣ ଜଗନ୍ନାଥଙ୍କଠାରେ ଦଶବତାରର ସମସ୍ତ ସାମଞ୍ଜସ୍ୟ ରହିଛି । ସ୍ନାନ ପୂର୍ଣ୍ଣିମା ପରେ ଅନବସର ସମୟରେ ନୃସିଂହ ବିଗ୍ରହଙ୍କୁ ଭୋଗ ଅର୍ପଣ କରାଯିବା ପରେ ମା' ବିମଳାଙ୍କ ପାଖରେ ଅର୍ପିତ ହୋଇ ସେହି ପ୍ରସାଦ ମହାପ୍ରସାଦର ରୂପ ନିଏ । ଯାହା ମା' ପ୍ରସାଦରୁ ମହାପ୍ରସାଦ ହୋଇଛି । ଯେଉଁ ପ୍ରସାଦରୁ ଅର୍ଣ୍ଣତ୍ୱ ଲୋପ ପାଇଁ ବ୍ରହ୍ମତ୍ୱ ପ୍ରବେଶ କରେ । ପ୍ରମାଣ ରହିଛି ଯେ ଜଗନ୍ନାଥଙ୍କର ଆଦିରୂପ ହେଉଛି ନୃସିଂହ । ତେଣୁ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲାପରେ ଶ୍ରୀମନ୍ଦିରରେ ନୃସିଂହ ବିଗ୍ରହ ପୂଜିତ ହୋଇଥା'ନ୍ତି । ସେହି ନୃସିଂହ ନାରାୟଣଙ୍କର ପରବର୍ତ୍ତୀ ରୂପ ଶ୍ରୀକୃଷ୍ଣ ଓ ତାଙ୍କରି ଅପୋଡ଼ା ନାଭିମଣ୍ଡଳ ଦାରୁବ୍ରହ୍ମ ରୂପ ନେଇ ସୃଷ୍ଟି ହେଲେ ଶ୍ରୀଜଗନ୍ନାଥ । ଏଣୁ ଯେ ନୃସିଂହ, ସେ କୃଷ୍ଣ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ସେଥିପାଇଁ ଶ୍ରୀବିଷ୍ଣୁ ସହସ୍ର ନାମରେ ଉଲ୍ଲେଖ କରାଯାଇଛି ଯେ - 'ନରସିଂହ ବପୁ ଶ୍ରୀମାନ କେଶବଃ ପୁରୁଷୋତ୍ତମଃ ।' ଦଶାବତାର କ୍ରମରେ ନୃସିଂହ ଚତୁର୍ଥ ଅବତାର ହୋଇଥିବାବେଳେ ଶ୍ରୀଜଗନ୍ନାଥ ବର୍ତ୍ତମାନ ଧ୍ୟାନସ୍ଥ ବୌଦ୍ଧ ରୂପରେ ଅବସ୍ଥାନ କରିଛନ୍ତି । ଏହାବ୍ୟତୀତ ହିନ୍ଦୁ ଧର୍ମ ଧାରାରେ ଯେଉଁ ଚାରିଯୁଗ - ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ରହିଛି ଏହାର ଉପାସ୍ୟ ଦେବତା ହିସାବରେ ଯଥାକ୍ରମେ ନୃସିଂହ, ରାମ, କୃଷ୍ଣ ଓ ଜଗନ୍ନାଥ ସ୍ୱୀକୃତ ହୋଇଛନ୍ତି । ଯେହେତୁ ଜଗନ୍ନାଥଙ୍କର ଆଦିରୂପ ହେଉଛନ୍ତି ଶ୍ରୀନୃସିଂହ ତେଣୁ ଜଗନ୍ନାଥଙ୍କର ପ୍ରାଣ ପ୍ରତିଷ୍ଠା ସତ୍ୟ ଯୁଗର ଦେବତା ନୃସିଂହ ମହାମନ୍ତ୍ରରେ ଏପରି ଭାବରେ କରାଯାଏ - 'ଉଗ୍ରଂବୀରଂ ମହାବିଷ୍ଣୁ ଜ୍ୱଳନ୍ତଂ ସର୍ବୋତ ମୁଖଂ ନୃସିଂହ ଭୀଷଣ ଭଦ୍ରଂ ମୃତ୍ୟୁ ମୃତ୍ୟୁନମାମ୍ୟହଂ ।' ଏହାବ୍ୟତୀତ ଜଗନ୍ନାଥ ମଧ୍ୟ ରାମଚନ୍ଦ୍ରଙ୍କ କୋଦଣ୍ଡଧରି ରାମ ରୂପରେ ଉଭା ହୁଅନ୍ତି । ତ୍ରେତୟା ଯୁଗର ଉପାସ୍ୟ ଦେବତା ରାମଚନ୍ଦ୍ରଙ୍କ ଜନ୍ମ ପୁଷ୍ୟାକକଡ଼ା ନକ୍ଷତ୍ର ଥାଇ ଯେଉଁଦିନ ମହାପ୍ରଭୁଙ୍କ ତାରା ଶୁଦ୍ଧି ହୁଏ ସେହି ଦିନ ଅଭିଷେକ ନୀତି ପାଳନ କରାଯାଏ । ଦ୍ୱାପର ଯୁଗର ଉପାସ୍ୟ ଦେବତା କୃଷ୍ଣ ଓ ଜଗନ୍ନାଥ ଏକ ଓ ଅଭିନ୍ନ ହୋଇଥିବାରୁ - 'ଓଁ ନମୋଃ ଭଗବତେ ବାସୁଦେବାୟୋ' ମନ୍ତ୍ର ଓ କୃଷ୍ଣଙ୍କୁ ଗୋପାଳ ଭାବେ ଗ୍ରହଣ କରି ଗୋପାଳ ମନ୍ତ୍ର - 'କ୍ଲୀଂ କୃଷ୍ଣାଂୟ ଗୋବିନ୍ଦାୟ ଗୋପୀଜନ ବଲ୍ଲବାୟ'ରେ ମଧ୍ୟ ଉପାସନା କରାଯାଏ । ଅତଏବ ଏହି ଚାରିଯୁଗର ଦେବତାଙ୍କର ସମନ୍ୱୟର ବିଗ୍ରହ ହେଉଛନ୍ତି ଶ୍ରୀଜଗନ୍ନାଥ । ପୁଣି ଜଗନ୍ନାଥଙ୍କୁ ଶ୍ରୀବିଷ୍ଣୁଙ୍କ ସହିତ ଗ୍ରହଣ କରାଯାଇ ଯେପରି ବିଷ୍ଣୁଙ୍କର କେହି ମାତାପିତା ନାହାନ୍ତି ସେ ସ୍ୱୟଂ ନିଜର ସୃଷ୍ଟି କର୍ତ୍ତା, ସେ ନିରାକାର - ପରଂବ୍ରହ୍ମ, ସେ ଶୂନ୍ୟ-ମହାଶୂନ୍ୟ ଠିକ୍ ସେହିପରି ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ ନିରାକାର । ଜଗନ୍ନାଥ ପ୍ରାଚୀନତା ସମ୍ପର୍କରେ ଶ୍ରୀବିଷ୍ଣୁ ସହସ୍ର ନାମରେ ମଧ୍ୟ ଏପରି ଭାବରେ ଉଲ୍ଲେଖ ରହିଛି ଯେ 'ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ' । ଅତଏବ ଏହି ସହସ୍ର ନାମକୁ କୌଣସି ବ୍ୟକ୍ତି ରଚନା କରିନାହାନ୍ତି । ମହାଭାରତ ଯୁଦ୍ଧ ଶେଷରେ ପିତାମହ ଭୀଷ୍ମ ଶରଶଯ୍ୟା ଥିବା ସମୟରେ ଯୁଧିଷ୍ଠିରଙ୍କୁ କହିଥିଲେ ଏବଂ ସେ ସମୟରେ ସ୍ୱୟଂ

ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଉପସ୍ଥିତ ଥିଲେ । ଏଣୁ ଏଠାରେ ହୃଦ୍‌ବୋଧ କରିବାକୁ ହେବ ଯେ ଜଗନ୍ନାଥ କେଉଁ କାଳର ଦେବତା ! ସେଥିପାଇଁ ଜଗନ୍ନାଥଙ୍କୁ ବିଷ୍ଣୁଙ୍କ ସହିତ ଏକାକାର କରାଯାଇ ଶ୍ରୀବିଷ୍ଣୁ ସହସ୍ର ନାମରେ ବିଷ୍ଣୁଙ୍କ ଉତ୍ପତ୍ତି ସମ୍ପର୍କରେ ଏପରି ଉଲ୍ଲେଖ ଅଛି ଯେ -

'ଯଜ୍ଞଭୃଦ୍ ଯଜ୍ଞକୃଦ୍‌ଯଜ୍ଞୀ ଯଜ୍ଞଭୁଗ୍‌ଯଜ୍ଞ ସାଧନଃ
ଯଜ୍ଞାନ୍ତକୃଦ୍‌ଯଜ୍ଞ ଗୁହ୍ୟମନ୍ନମନ୍ନାଦ ଏବଚ
ଆତ୍ମଯୋନିଃ ସ୍ୱୟଂଜାତୋ ବୈଖାନଃ ସାମଗାୟନଃ
ଦେବକୀନନ୍ଦନଃ ସ୍ରଷ୍ଟାକ୍ଷିତୀଶଃ ପାପନାଶନଃ ।'

ତେଣୁ ଜଗନ୍ନାଥ ଏ ଯେଉଁ ସମନ୍ୱୟ ପ୍ରତିଷ୍ଠା କରିଛନ୍ତି, ଏଥିରୁ ସ୍ପଷ୍ଟ ହୋଇଛି ଜଗନ୍ନାଥଙ୍କୁ ଅନ୍ୟ ଧର୍ମ ସହିତ ଯୋଡ଼ିବାର ପ୍ରକ୍ରିୟା । ଜଗନ୍ନାଥ ଯଦିବା ବାହ୍ୟତଃ ରୂପରେ ଏବଂ ଉପଚାରରେ ବୈଷ୍ଣବତ୍ୱ ପ୍ରତିପାଦନ କରନ୍ତି, ତଥାପି ତାଙ୍କର ଅନ୍ୟଧର୍ମର ଦେବାଦେବୀମାନଙ୍କଠାରେ ମିଳନ ଘଟିଛି । ଶ୍ରୀମନ୍ଦିରରେ ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ଜ୍ୟେଷ୍ଠପୂର୍ଣ୍ଣିମା ହେଉଛି ଜଗନ୍ନାଥଙ୍କର ପବିତ୍ର ଜନ୍ମଦିବସ । ଏହି ଦିନ ପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଏଣୁ ଏହାକୁ ଦେବସ୍ନାନ ପୂର୍ଣ୍ଣିମା କହନ୍ତି । ଶ୍ରୀଜୀଉମାନେ ଯେଉଁ ମଣ୍ଡପରେ ବସି ସ୍ନାନ କରନ୍ତି ତାହାକୁ ସ୍ନାନ ମଣ୍ଡପ କୁହାଯାଏ । ଏହି ଦିନ ଚତୁର୍ଦ୍ଧାମୂର୍ତ୍ତି- ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନଯାତ୍ରା ପାଳନ କରାଯାଏ । ସେଥିପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାଆଡ଼ମ୍ବର ସହକାରେ ଘଣ୍ଟା, ଭେରୀ, ଶଙ୍ଖ ଓ କାହାଳୀ ବଜାଇ ଗୋଟି ପହଣ୍ଡିରେ ଅଣାଯାଇ ଶ୍ରୀମନ୍ଦିର ପରିସର ଐଶାନ୍ୟ କୋଣରେ ଥିବା ମଞ୍ଚ ଅର୍ଥାତ୍ ଆନନ୍ଦବଜାର ସଂଲଗ୍ନ ସ୍ନାନମଣ୍ଡପ ଉପରକୁ ନିଆଯାଇଥାଏ । ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଚିତ୍ରକାର ମଣ୍ଡପକୁ ସୁନ୍ଦର ଭାବେ ଚିତ୍ରକରି ସଜାଇ ଦେଇଥାଏ । ପଥରରେ ତିଆରି ଏହି ମଣ୍ଡପର ଲମ୍ବ ୫୦ ଫୁଟ ଓ ଓସାର ୫୦ ଫୁଟ । ଏହାର ଉପରି ଭାଗରେ ୨୦ ଫୁଟ ଲମ୍ବ ୫ ଫୁଟ ଉଚ୍ଚତାର ଆଉ ଗୋଟିଏ ମଣ୍ଡପ ରହିଛି । ଏହି ଛୋଟ ମଣ୍ଡପ ଉପରେ ତିନୋଟି ଗୋଲାକୃତି ପିଣ୍ଡି କଳାମୁଗୁନି ପଥରରେ ନିର୍ମିତ ହୋଇଛି । ଜଗନ୍ନାଥଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୩୯ ଇଞ୍ଚ ଓ ଗୋଲେଇ ୯ ଫୁଟ ୬ ଇଞ୍ଚ । ବଳଭଦ୍ରଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୨୭ ଇଞ୍ଚ ଓ ଗୋଲେଇ ୭ ଫୁଟ ୩ ଇଞ୍ଚ ଏବଂ ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ହେଉଛି ୨୪ ଇଞ୍ଚ ଓ ଗୋଲେଇ ହେଉଛି ୬ ଫୁଟ ୫ ଇଞ୍ଚ । ଶ୍ରୀଜୀଉମାନଙ୍କର ସ୍ନାନ ନିମନ୍ତେ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ମା' ସନ୍ତୋଷୀ ଶୀତଳା ମନ୍ଦିର ଆଗରେ ଥିବା ସୁନା କୁଅରୁ ଚତୁର୍ଦ୍ଦଶୀ ଦିନ ୧୦୮ କୁମ୍ଭ ବା ଗରା ଜଳ ସୁନାଗୋସାଇଁ ଓ ମୁଦିରସ୍ତ ନେଇ ଅଧିବାସ ଘରେ ରଖନ୍ତି ଏବଂ ପରଦିନ ଉକ୍ତ ଜଳକୁ ଷୋଡ଼ଶ ଉପଚାର ପୂଜା ମାଧ୍ୟମରେ ମହାପ୍ରଭୁଙ୍କୁ ସେହି ସୁବାସିତ ଜଳରେ ସ୍ନାନ କରାଇଥାନ୍ତି । ଏହି ୧୦୮ ଗରା ଜଳ ମଧ୍ୟରୁ ୩୫ ଗରା ଜଳ ଜଗନ୍ନାଥଙ୍କ ଉପରେ, ୩୩ ଗରା ଜଳ ବଳଭଦ୍ରଙ୍କ ଉପରେ ଓ ୨୨ ଗରା ଜଳ ମା' ସୁଭଦ୍ରାଙ୍କ ଉପରେ ଏବଂ ୧୮ ଗରା ଜଳ ସୁଦର୍ଶନଙ୍କ ଉପରେ ଢଳା ଯାଇଥାଏ । ମହାପ୍ରଭୁଙ୍କର ଏହି ପବିତ୍ର ସ୍ନାନ କରିବା ଉତ୍ସବକୁ ସ୍କନ୍ଦ ପୁରାଣ ଓ ଆଦି ବ୍ରହ୍ମ ପୁରାଣ ଅତି ପବିତ୍ର ଏବଂ ପାବନ ଉତ୍ସବ ବୋଲି ମାନ୍ୟତା ପ୍ରଦର୍ଶନ କରିଛନ୍ତି । ଆଉ ମହାପ୍ରଭୁଙ୍କର ଏହି ସ୍ନାନବେଦୀରେ ସ୍ନାନ କରିବାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ - ଠାକୁରମାନେ ଶ୍ରୀମନ୍ଦିରର ପରିସର ମଧ୍ୟରେ ବର୍ଷକରେ ପ୍ରଥମ ଥର ପାଇଁ ବାହାରକୁ ଆସି ସ୍ନାନ କରିବା ଏବଂ ଏହି ଦିନକ ପାଇଁ ଯେଉଁ କୂଅର ଜଳରେ ସ୍ନାନ କରନ୍ତି ସେହି କୂଅ କେବଳ ବର୍ଷରେ ସେହି ଥରକ ପାଇଁ ଉନ୍ମୁକ୍ତ ହେବା ସହିତ ସେହି କୂଅରେ ସେହି ସମୟରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହେବା ହେଉଛି ଏହାର ପ୍ରସିଦ୍ଧି । ସ୍ନାନ ପରେ ଛେରାପହଁରା ନୀତି ସମ୍ପନ୍ନ ହୋଇ ଶ୍ରୀଜୀଉଙ୍କର ହାତୀବେଶ ଅନୁଷ୍ଠିତ ହୁଏ । ଏହି ବେଶରେ ବଳଭଦ୍ରଙ୍କୁ ଧଳାହାତୀ ଓ ଜଗନ୍ନାଥଙ୍କୁ କଳାହାତୀ ବେଶ କରାଯାଏ । ତେବେ ମା' ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ହାତୀବେଶ କରାନଯାଇ ଅନ୍ୟ ଆଭୂଷଣରେ ଭୂଷିତ କରାଯାଏ ।

ଏହି ଦିନ ଗଣପତି ଭଟ୍ଟ ନାମକ ଏକ ଭକ୍ତଙ୍କର ନାମ ଶ୍ରଦ୍ଧାଳୁ ଜଗନ୍ନାଥ ପ୍ରେମୀ ଭକ୍ତମାନେ ସ୍ମରଣ କରୁଥିବାବେଳେ ସ୍ୱୟଂ ଶ୍ରୀଜଗନ୍ନାଥ ମଧ୍ୟ ସେହି ଭକ୍ତଙ୍କର ଅନୁରୋଧ ରକ୍ଷା କରିଆସୁଛନ୍ତି । କଥିତ ଅଛି, ମହାରାଷ୍ଟ୍ର ପ୍ରଦେଶରୁ ଯେତେବେଳେ ଗଣପତି ଭଟ୍ଟ ନିଜର ନିର୍ବାଣ ଉଦ୍ଦେଶ୍ୟ ନେଇ ବ୍ରହ୍ମ ଦର୍ଶନ କରିବାକୁ ପୁରୁଷୋତ୍ତମ ଆସିଥିଲେ ସେହିଦିନ ଥିଲା ସ୍ନାନ ପୂର୍ଣ୍ଣିମା ଏବଂ ସ୍ନାନବେଦୀରେ ବିଜେ କରିଥିଲେ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା । ତେଣୁ ସେ ବିଗ୍ରହମାନଙ୍କୁ ଦେଖି ସେଠାରେ ଆଶ୍ଚର୍ଯ୍ୟ ହେଲେ ଏବଂ ତାଙ୍କର ମନ ମାନିଲା ନାହିଁ । ବ୍ରହ୍ମ କହିଲେ ହିଁ ଥୋଡ଼ ପାହୁଲ ଯୁକ୍ତ ଗଜବଦନକୁ ବୁଝାଏ । ଏ କେବେ ହେଲେ ମୋର ପରମ ଆରାଧ୍ୟ ଦେବତା ହୋଇ ନପାରନ୍ତି । ୟାଙ୍କରତ କିମ୍ଭୁତ କିମ୍ଭାକାର ଆକାର ଏ କ'ଣ ଭକ୍ତି, ମୁକ୍ତି ନିର୍ବାଣ ଦେବେ ? ସବୁ ଶ୍ରମ ବୃଥା ହୋଇଗଲା ଭାବି ବ୍ୟାକୁଳ ଚିତ୍ତରେ କାନ୍ଦି କାନ୍ଦି କହନ୍ତି - ଗଜବଦନ ୟା'ର ନାହିଁ, ସେ ବ୍ରହ୍ମ ବୋଲାଇବ କାହିଁ । ତେଣୁ ସେ ଦୁଃଖରେ ମର୍ମାହତ ହୋଇ ଲୋତକ ପ୍ଲାବିତ ଭାବେ ଲକ୍ଷ୍ମୀଙ୍କ ଜଗମୋହନର ଗୋଟିଏ କୋଣରେ ପଡ଼ି ରହିଲେ ତାଙ୍କର ସେହି ପରଂବ୍ରହ୍ମଙ୍କୁ ସ୍ମରଣ କରି । ଏଣେ ମୁଦିରସ୍ତଙ୍କୁ ଶୂନ୍ୟବାଣୀ ହେଲା ଯେ, ତୁମେ ଯାଅ ମୁଦିରସ୍ତ, ମୋର ଗୋଟିଏ ଅଝଟିଆ ଅଭିମାନୀ ଭକ୍ତିଟିଏ ଲକ୍ଷ୍ମୀଙ୍କର ଜଗମୋହନରେ ଶୋଇଛି, ତାକୁ ଯାଇ ଉଠାଇ କହିବ ସେ ତା'ର ଭକ୍ତି ନେତ୍ରରେ ମୋତେ ଦର୍ଶନ କରୁ, ତା'ପରେ ଜାଣିବ ଯେ ମୁଁ ପ୍ରକୃତରେ ତା'ର ସେହି ପରଂବ୍ରହ୍ମ, ସର୍ବରୂପୀ, ସର୍ବବ୍ୟାପୀ ଓ ସର୍ବନାମରେ ଅଛି କି ନାହିଁ ? ତାହା ହିଁ ହେଲା ପ୍ରଭୁଙ୍କର ଅପାର କୃପାରୁ ଭକ୍ତର ବ୍ରହ୍ମଦର୍ଶନ । ସତେ ଯେପରି କଳାଧଳା ହାତୀ ଦୁଇଟି ଥୋଡ଼ ପାହୁଲ ଲମ୍ବାଇ

ମତୁଆଲା ଭାବରେ ନୀଳକନ୍ଦରରୁ ଓହ୍ଲାଇ ଆସୁଛନ୍ତି, ସତେ ଯେପରି ଭକ୍ତକୁ ନିର୍ବାଣ ଦେବାକୁ । ଭକ୍ତ ବିଭୋର ହୋଇ ଆଖିରୁ ପ୍ରେମାଶ୍ରୁ ବୋହିଗଲା ଏବଂ ସେ ତାହାର ଅଷ୍ଟାଙ୍ଗ ପ୍ରଭୁଙ୍କର ଶ୍ରୀଚରଣରେ ସମର୍ପଣ କରି ଗଡ଼ି ଗଡ଼ି କହୁଥିଲେ ହେ ଭକ୍ତବତ୍ସଳ ଭାବଗ୍ରାହୀ, ଛାର ଦାସଟା ପାଇଁ ଏଡ଼େ ବଡ଼ ଶାଆନ୍ତଙ୍କୁ ପୁଣି ତା'ର ରୂପ ପରିବର୍ତ୍ତନ କରିବାକୁ ପଡ଼ିଲା । କାହିଁକି ପ୍ରଭୁ ଏ ଦାସଟା କ'ଣ ମରିଯାଇଥିଲେ, ଏ ନିଷ୍କଳଙ୍କ ଚନ୍ଦ୍ରମାରେ କଳଙ୍କ ଲାଗିଯାଇଥାନ୍ତା । ତେଣୁ ଭକ୍ତ ଏଠାରେ ବିଭୋର ହୋଇ କହିଉଠିଲେ -

'ତୋର ନୋହିଲେ କରୁଣା, ବ୍ରହ୍ମା ଶଙ୍କର ହୋନ୍ତି ବଣା ।
ତୋହର ହୋଇଲେ ସଦୟ, ଜ୍ଞାନତା ହୃଦରୁ ଉଦୟ ।।'

ହେ ପ୍ରଭୁ, ଏ ଅପରାଧ ମୋର କ୍ଷମା କର । ହେ ଗଜାନନ, ହେ ଗଣନାୟକ, ହେ ଗଣଦେବତା ମୋର ଭକ୍ତିପୁତ ପ୍ରଣାମ ଗ୍ରହଣ କରି ନିର୍ବାଣ ଦେବା ପୂର୍ବକ ମୋର ଗୋଟିଏ ଆପଣଙ୍କ ପାଖରେ ଗୁହାରି ଯେ ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଅର୍ଥାତ୍ ସ୍ନାନୋତ୍ସବ ଦିନ ସ୍ନାନ ବେଦୀରେ ଏହି ବେଶରେ ବିରାଜମାନ ହୋଇ ଜଗତର କଲ୍ୟାଣ ନିମିତ୍ତ ଜଗତବାସୀଙ୍କର ବିଘ୍ନ ବିନାଶ କରିବେ । ପ୍ରଭୁର ଆଦେଶକୁ ଯେପରି ଭୃତ୍ୟ ଆଜ୍ଞାଧୀନ ପରି ପାଳନ କରେ ସେହିପରି ଭକ୍ତର ଭାବକୁ ଶିରଧାର୍ଯ୍ୟ କରି, ସେହି ଦିନଠାରୁ ମହାପ୍ରଭୁଙ୍କର ଗଜାନନ ବେଶ ହୋଇଆସୁଅଛି । ଭକ୍ତ ବେଶରେ ସଞ୍ଜୁଡ଼ି ଭୋଗ ଲାଗିବା ପରେ ମହାପ୍ରଭୁ ପହଣ୍ଡି ବିଜେ ହୋଇ ଅନବସର ଗୃହକୁ ପ୍ରବେଶ କରନ୍ତି ।

ଜୟ ଜଗନ୍ନାଥ !

ମାନବିକ ଅଧିକାର ସୁରକ୍ଷା କର୍ମୀ ତଥା
ସଲିସିଟର ଓ ଆଡ୍‌ଭୋକେଟ୍, ହାଇକୋର୍ଟ
ଇ-୨୦୮, ଭୁବନେଶ୍ୱର-୧୨

---

# ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ

ଦେଶବନ୍ଧୁ ମିଶ୍ର

ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ
ଅସଜଡ଼ା କେଶ ମଳିନ ବାସ
କାହା ସାଥେ କଥା ହେଉ ନାହାନ୍ତି
କେଉଁଥିରେ ମନ ଦେଉ ନାହାନ୍ତି ।
ଶରଧା ବାଲିରେ ଶରଧା ଭାରି
ପ୍ରଭୁ ଜଗନ୍ନାଥ ଗୁଣ୍ଡିଚା ବାଡ଼ି
ବୁଲି ଯାଉଛନ୍ତି ହରଷ ମନେ,
ଭେଟିବେକି ରାଧା କଦମ୍ବ ବନେ ।
ଭ୍ରାତା ବଳଭଦ୍ର ଭଗ୍ନୀ ସୁଭଦ୍ରା
ଦେବ ସୁଦର୍ଶନ ଇଚ୍ଛୁକ ସଦା
ସକଳ ଚଳିବେ ତିନି ରଥରେ
ବିଚାରୀ ଲକ୍ଷ୍ମୀ କି କିଏ ପଚାରେ ।
ପ୍ରଭୁ ଯାଉଛନ୍ତି ଗୁଣ୍ଡିଚା ବାଡ଼ି
ଅଲୋଡ଼ା କାହିଁକି ଲକ୍ଷ୍ମୀ ବିଚାରୀ
ନଥିଲେ କମଳା ରଥେ ସୁନ୍ଦର
ଦିଶିବେନି ଯମା କମଳା ବର ।
ପଥେ ସାଲବେଗ ସମାଧି ସ୍ଥଳ
ପଡ଼ିବ ପ୍ରଭୁଙ୍କ ଚକ୍ଷୁ ଯୁଗଳ
ନିଶ୍ଚେ ଲୋତକରେ ହୋଇବ ଓଦା
ଭକ୍ତ ଉଚ୍ଚେ ପ୍ରଭୁ ନିଚେ ସର୍ବଦା ।



ପଥରେ ପଡ଼ିବ ମାଉସୀ ଘର
ପ୍ରଭୁଙ୍କୁ ଅତ୍ୟନ୍ତ ସ୍ନେହ ଯାହାର
କରିଥିବେ ପୋଡ଼ ପିଠା ତିଆରି
ସୁସ୍ୱାଦୁ ପ୍ରଭୁଙ୍କ ବାସନା ବାରି
ଲକ୍ଷ୍ମୀ ଠାକୁରାଣୀ ଆଜି ବିଷଣ୍ଣ
କହି ଚାଲିଛନ୍ତି ମନକୁ ମନ
ପ୍ରିୟତମା ଡାକ ଖାଲି ତୁଣ୍ଡକୁ
ଲକ୍ଷ୍ମୀ ସବୁବେଳେ ଚୁଲି ମୁଣ୍ଡକୁ ।
ଭାବୁଛନ୍ତି ରାଗ ଶୁଝାଇବାକୁ
ଭାବୁଛନ୍ତି ରଥ ଭାଙ୍ଗି ଦେବାକୁ
ଲେଉଟିଲେ ପ୍ରଭୁ ଶ୍ରୀମନ୍ଦିରକୁ
ସିଂହଦ୍ୱାର ଜମା ନ ଖୋଲିବାକୁ
ଠାକୁର ଯେଉଁଠି ମଣିଷ ପରି
ଠାକୁରାଣୀ ଭିନ୍ନ ହେବେ କିପରି
ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ
ପ୍ରଭୁଙ୍କ ଶ୍ରୀମୁଖେ ଅଳପ ହସ ।

ଦଇତାପଡ଼ା ସାହି
ପୁରୀ

# ରଣପୁର ଜଗନ୍ନାଥ ମନ୍ଦିର ଏବଂ ରଥଯାତ୍ରା

ବ୍ରଜ ପାଇକରାୟ

ଅତୀତରେ ରଣପୁର ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଥିବା ସମୟରେ ଏବଂ ରାଜା ଉଦ୍ଧବ ସିଂହ ନରେନ୍ଦ୍ରଙ୍କ ରାଜତ୍ୱ କାଳରେ (୧୩୨୪-୧୩୬୩) ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରେ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମଣିନାଗ ପର୍ବତ ଶିଖରୀ ଉପରେ ଦଣ୍ଡାୟମାନ ମଣିନାଗ ଦୁର୍ଗାଙ୍କ ମନ୍ଦିର ନିର୍ମିତ ହୋଇଥିବାର ଜଣାଯାଏ ।

ରଣପୁରଗଡ଼ରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସଂପର୍କୀୟ ଏକ କିମ୍ବଦନ୍ତୀ ପାଠକମାନଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି - 'ରାଜା ଉଦ୍ଧବ ସିଂହ ନରେନ୍ଦ୍ର ପ୍ରତିଦିନ ଅଶ୍ୱପୃଷ୍ଠରେ ଚଢ଼ି ଶ୍ରୀକ୍ଷେତ୍ର ଯାଇ ଜଗନ୍ନାଥ ଦର୍ଶନ କରି ରଣପୁରଗଡ଼ ଫେରି ଆସନ୍ତି । (ରଣପୁରଠାରୁ ଜଙ୍କିଆଗଡ଼ ସାହି ପର୍ଯ୍ୟନ୍ତ ଗୋଟିଏ ଅଶ୍ୱରେ ଯାଇ ସେଠାରୁ ଅନ୍ୟ ଏକ ଅଶ୍ୱରେ ପୁରୀ ଯାଇ ରଣପୁର ଫେରି ଆସନ୍ତି ବୋଲି ପ୍ରବାଦ ରହିଛି) ଏକଦା ରଣପୁରଠାରୁ ଜଙ୍କିଆଗଡ଼ ସାହି ପର୍ଯ୍ୟନ୍ତ ଯାଇ ଲୁଣା ନଦୀରେ ବନ୍ୟା ଯୋଗୁଁ ରାଜା ଶ୍ରୀକ୍ଷେତ୍ର ଯାଇପାରିଲେ ନାହିଁ । ନଦୀ ବଢ଼ି କମିବା ପରେ ରାଜା ପୁରୀ ଯାତ୍ରା କଲେ । ହେଲେ ଶ୍ରୀକ୍ଷେତ୍ର ଯିବା ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି ଯୋଗୁଁ ଏବଂ ରାଜା ଜଗନ୍ନାଥ ଦର୍ଶନରୁ ବଞ୍ଚିତ ହୋଇଥିବା କାରଣରୁ ପୁରୀ ଜଗନ୍ନାଥ ମନ୍ଦିର ବେଢ଼ା ବଟବୃକ୍ଷ ମୂଳରେ ୭ ଦିନ ଧରି ଉପବାସ ରହି ଜଗନ୍ନାଥଙ୍କ ଶରଣାପନ୍ନ ହେଲେ । ଉକ୍ତ ରାଜାଙ୍କ ଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ ହୋଇ ପ୍ରଭୁ ଶ୍ରୀଜଗନ୍ନାଥ ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ଦେଲେ ଯେ ଠାକୁରଙ୍କ ଷୋଳ କଳାରୁ ଏକ କଳା ରଣପୁର ଯିବ ଏବଂ ରାଜା ଉଦ୍ଧବ ସିଂହ ରଣପୁରଗଡ଼ରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରି ଠାକୁର ପ୍ରତିଷ୍ଠା କରିବେ । ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁଯାୟୀ ଗଜପତି ପ୍ରତାପରୁଦ୍ର ଦେବ ରାଜା ଉଦ୍ଧବ ସିଂହଙ୍କୁ ମାଧବ ଗୋସାଇଁଙ୍କ ମୂର୍ତ୍ତି ପ୍ରଦାନ କରିବା ସହ ପାଟଶାଢ଼ୀ ଏବଂ 'ନରେନ୍ଦ୍ର' ପଦବୀ ଦ୍ୱାରା ସମ୍ମାନିତ କରିଥିଲେ । ସୁତରାଂ ରାଜା ଉଦ୍ଧବ ସିଂହ ନରେନ୍ଦ୍ରଙ୍କ ରାଜତ୍ୱ କାଳରେ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ଓ ପ୍ରତିଷ୍ଠିତ ହୋଇ ବିଧିବଦ୍ଧ ଭାବେ ଶ୍ରୀଜୀଉମାନଙ୍କ ସେବାପୂଜା ଅଦ୍ୟାବଧି ଚାଲୁ ରହିଛି । ରଣପୁର ଜଗନ୍ନାଥ ମନ୍ଦିର ମଧ୍ୟରେ



ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ୩ ଗୋଟି ଦୀର୍ଘ ବିଗ୍ରହ ପ୍ରତିଷ୍ଠା ସହ ସେମାନଙ୍କ ନିକଟରେ ୩ ଗୋଟି କ୍ଷୁଦ୍ର ବିଗ୍ରହ ମଧ୍ୟ ବିଦ୍ୟମାନ ଅଛନ୍ତି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ଉକ୍ତ କ୍ଷୁଦ୍ର ବିଗ୍ରହଗୁଡ଼ିକ 'ଘରବାବୁ' ଭାବେ ସୁପରିଚିତ ।

ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ସଂପ୍ରତି ମୁଖ୍ୟ ସେବାୟତ ରୂପେ ଶ୍ରୀଜୀଉମାନଙ୍କ ସେବାପୂଜା କରୁଥିବା ରବି ନନ୍ଦଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ସକାଳ ୭ଟା ୩୦ ମିନିଟ୍ ସମୟରେ ଠାକୁରମାନଙ୍କ ଅବକାଶ (ନିତ୍ୟକର୍ମ) ସଂପାଦନ ପରେ ୮ଟା ସମୟରେ ବଲ୍ଲଭ ଧୂପ ଲାଗି ହୁଏ । ବଲ୍ଲଭ ଧୂପରେ ଲିଆ ମୁଆଁ ଏବଂ ଦହି ଲାଗି ବିଧି ପ୍ରଚଳିତ ଅଛି । ୧୨ଟା ୩୦ ମିନିଟ୍ ବେଳେ ସକାଳ ଧୂପରେ ଅନ୍ନ ପ୍ରସାଦ, ଡାଲି, ତରକାରୀ, ବେସର, ଶାଗ, ମହୁର, ଖଟା ଓ କ୍ଷିରୀ ଭୋଗ କରାଯାଏ । ଏହା ପରେ ଠାକୁର ପହୁଡ଼ ଯାଆନ୍ତି ଏବଂ ଅପରାହ୍ନ ୩ଟା ବେଳକୁ ପହୁଡ଼ ଭାଙ୍ଗେ । ସଂଧ୍ୟା ୭ଟା ସମୟରେ ସଂଧ୍ୟା ଆଳତି କରାଯାଏ ଏବଂ ମନ୍ଦିର ନିଯୋଗ ବିଧିବିଧାନ ଅନୁଯାୟୀ ପତ୍ରୀ ଆଳତି କାଠି ଏବଂ ପଢ଼ିଆରୀ ଠା'ସଜ ଯଥା- ପୀଢ଼ା, ଘଣ୍ଟି, ଦର୍ପଣ ଇତ୍ୟାଦି ଯୋଗାଇ ଥାଆନ୍ତି । ମାଳି ମନ୍ଦିର ବେଢ଼ା ଭିତର ସଫା କରିବା ସହ ତୁଳସୀ ଓ ପାଣି ଯୋଗାଇବା ଦାୟିତ୍ୱ ନେଇଥାଆନ୍ତି । ସାମନ୍ତ ବ୍ରାହ୍ମଣ ମନ୍ତ୍ରପାଠ ଏବଂ ପୂଜା ଅର୍ଚ୍ଚନା କରିଥାଆନ୍ତି । ରାତ୍ରୀ ୮ଟା ବେଳେ ସଂଖୁଡ଼ି ଭୋଗରେ ଠାକୁରମାନଙ୍କୁ ଛେନା, ବିରି, ନଡ଼ିଆ ଓ ଘିଅରେ ପ୍ରସ୍ତୁତ ପୁଳି ଏବଂ ଏଣ୍ଡୁରି ପିଠା

ଭୋଗ ଲାଗି ହୁଏ । ରାତ୍ରୀ ୯ଟା ପରେ ବଡ଼ସିଂହାର ଧୂପରେ ଖଜା ଓ ସରପୁଳି ଭୋଗ ଅର୍ପଣ କରାଯାଏ ଏବଂ ରାତ୍ରୀ ୧୦ଟା ବେଳକୁ ଶ୍ରୀଜୀଉମାନେ ପହୁଡ଼ ବିଜେ କରନ୍ତି ।

ରଣପୁର ଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କୁ ପ୍ରଦତ୍ତ ଭୋଗ ପ୍ରସାଦରୁ ଅର୍ଦ୍ଧେକ ସେବାୟତ ପରିବାର, ଏକ ଚତୁର୍ଥାଂଶ ଖେଇ ଆକାରରେ ରାଜ ପରିବାର ଏବଂ ଅବଶିଷ୍ଟ ଭୋଗ ଭକ୍ତମାନେ ସେବନ କରିବାର ବିଧିବ୍ୟବସ୍ଥା ଅଦ୍ୟାପି ମଧ ପ୍ରଚଳିତ ରହିଛି ।

ରଣପୁର ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିସର ମଧରେ ପାର୍ଶ୍ୱଦେବତା ଭାବେ ଶ୍ରୀହରିହରଶ୍ୱର, ବୃନ୍ଦାବନ ବିହାରୀ ଦେବ, ବ୍ରଜ ବିହାରୀ ଦେବ, କୁଂଜ ବିହାରୀ ଦେବ, ରାଧାକାନ୍ତ ଦେବ, ମହାଲକ୍ଷ୍ମୀ, ସରସ୍ୱତୀ ଏବଂ ଶ୍ରୀଗଣେଶ ପ୍ରଭୃତି ପ୍ରାଚୀନ କାଳରୁ ପୂଜା ପାଇ ଆସୁଛନ୍ତି । ମନ୍ଦିର ବେଢ଼ା ପରିସରରେ ଶ୍ରୀଜୀଉମାନଙ୍କ ପାଇଁ ଦେବସ୍ନାନ ମଣ୍ଡପ ବିଦ୍ୟମାନ ଅଛି ।



ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ବିଧିବିଧାନ ଅନୁଯାୟୀ ରଣପୁରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବାର ମାସରେ ବାର ଯାତ୍ରା ଅନୁଷ୍ଠିତ ହୋଇଥାଏ । ଠାକୁରମାନଙ୍କ ସେବାପୂଜା ପାଇଁ ସାମନ୍ତ ବ୍ରାହ୍ମଣମାନଙ୍କୁ ରାଜା ଭୂ-ସଂପତ୍ତି ପ୍ରଦାନ କରିଥିଲେ ମଧ ପୂଜାରୀ ଶ୍ରେଣୀର ବ୍ରାହ୍ମଣମାନଙ୍କୁ 'ସୁଆର ବେଠି'ରେ ନିୟୋଜିତ କରାଯାଇଥିବା ଜଣାଯାଏ । ରଣପୁରରେ ଗଡ଼ଜାତି ଶାସନ ଚାଲିଥିବାବେଳେ ରାଜା ଜଗନ୍ନାଥ ମନ୍ଦିରର ଉତ୍ସବ ଦିନମାନଙ୍କରେ ବେଳେବେଳେ ଚାନ୍ଦପୁରସ୍ଥିତ ରାଜ ନଅରରେ ଅବସ୍ଥାନ କରୁଥିବାରୁ ପୂଜାରୀ ବ୍ରାହ୍ମଣମାନେ ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଧୂପ ଉଠିବା ପରେ ପ୍ରସାଦ ନେଇ ସେହି ରାତ୍ରୀରେ ଚାଲି ଚାଲି ଚାନ୍ଦପୁର ଯାଉଥିଲେ । ଏତଦ୍‌ବ୍ୟତୀତ ରାଜାଙ୍କ ଅମଲା ଏବଂ ଧର୍ମପୁତ୍ର ଅଗାଧୁ ରାଉତରାୟଙ୍କ ବାସସ୍ଥାନ ଯଦୁପୁର ଗ୍ରାମକୁ ବ୍ରାହ୍ମଣମାନେ ପ୍ରସାଦ ବହନ କରି ନେଉଥିଲେ, କାରଣ ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ ଜାତିର ପ୍ରଜା ପ୍ରସାଦ ବହନ କରିବାରେ ବାରଣ ଥିଲା । ୧୯୪୩ ମସିହାରେ ରଣପୁରର ତତ୍କାଳୀନ ଦେୱାନ ଏବଂ Superintendent ବାମଦେବ ରଥ ଉକ୍ତ 'ସୁଆର ବେଠି' ପ୍ରଥାର ବିଲୋପ ସାଧନ କରିଥିଲେ । କାରଣ ୧୯୩୯ ମସିହା ଜାନୁଆରୀ ୫ ତାରିଖରେ ବ୍ରିଟିଶ ପଲଟିକାଲ ଏଜେଣ୍ଟ ମେଜର ବେଜେଲଗେଟ ରଣପୁର ପ୍ରଜାଙ୍କ ଲାଠିମାଡ଼ରେ ମୃତ୍ୟୁ ବରଣ କରିବାରୁ ରାଜାଙ୍କଠାରୁ ସମସ୍ତ କ୍ଷମତା କାଢ଼ି ନିଆଯାଇ ୧୯୪୧ ମସିହାଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ରଣପୁରରେ Court of Wards ହୋଇଥିଲା । ଦେୱାନ ବାମଦେବ ରଥ ରଣପୁର ରାଜ୍ୟର ସୁପରିଟେଣ୍ଡେଣ୍ଟ ରୂପେ ରାଜାଙ୍କ କ୍ଷମତା ଉପଭୋଗ କରୁଥିବାରୁ 'ସୁଆର ବେଠି' ପ୍ରଥାର ଉଚ୍ଛେଦ ସାଧନ କରିବାକୁ ସମର୍ଥ ହୋଇଥିଲେ ।

ରଣପୁର ରାଜା ସାରଙ୍ଗଧର ବଜ୍ରଧର ନରେନ୍ଦ୍ର ମହାପାତ୍ରଙ୍କ (୧୭୨୭-୧୭୫୪) ରାଜତ୍ୱ କାଳରେ ପ୍ରଥମ କରି ରଣପୁରରେ ରଥଯାତ୍ରା ଆରମ୍ଭ ହୋଇଥିଲା ଏବଂ ସେହି ସମୟରୁ ଅଦ୍ୟାବଧି ରଣପୁରଗଡ଼ରେ ରଥଯାତ୍ରା ଅନୁଷ୍ଠିତ ହେଉଅଛି । ଜ୍ୟେଷ୍ଠ ମାସ ଅକ୍ଷି ତୃତୀୟା ଦିନ ରଥ ନିର୍ମାଣ ନିମିତ୍ତ କାଠ ଅନୁକୂଳ କରାଯାଇଥାଏ । ସାଧାରଣତଃ ରଣପୁର ଅନ୍ତର୍ଗତ ବରବରା, ରଣ୍ଡା, ଗିରିଣ୍ଡା, ବନ୍ଧମୁଣ୍ଡା ଓ ଜାମୁଗଣ୍ଡ ଜଙ୍ଗଲରୁ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯାଇଥାଏ । ଓଡ଼ିଶା ପ୍ରଦେଶରେ ରଣପୁର ଗଡ଼ଜାତ ରାଜ୍ୟର ମିଶ୍ରଣ ପରେ ଏବଂ ରଣପୁର ଏକ ତହସିଲରେ ପରିଣତ ହେବା ପରେ ରଣପୁର ତହସିଲଦାର ତାଙ୍କ ପଦବୀ ବଳରେ ସ୍ୱତଃ ଜଗନ୍ନାଥ ମନ୍ଦିରର Ex-officio ଏକଜିକ୍ୟୁଟିଭ୍ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ତେଣୁ ରଥଯାତ୍ରା ହେବା ପାଇଁ ଆବଶ୍ୟକୀୟ ବିଧିବିଧାନ ରଣପୁର ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଗଠିତ ଓ ସଂପାଦିତ ହୋଇଥାଏ । ସାଂପ୍ରତିକ କାଳରେ ତହସିଲଦାର ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ଯୋଗାଇବା ପରେ ରଣପୁରଗଡ଼ ସିକୋ, ରାଜସୁନାଖଳା, ଲେଖନପୁର, ଗୋପାଳପୁର ଏବଂ ମଝିଆଖଣ୍ଡର ବଢ଼େଇମାନେ ଶ୍ରୀଗୁଣ୍ଡିଚା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ କରିଥାଆନ୍ତି । ରଥ ଟାଣିବା ପାଇଁ ଦଉଡ଼ି ଏବଂ ଆବଶ୍ୟକୀୟ ସରଞ୍ଜାମ ଯୋଗାଡ଼ କରିବା ଏବଂ ରଥଯାତ୍ରାର ଅନ୍ୟାନ୍ୟ ବିଧିବ୍ୟବସ୍ଥାର ଦାୟିତ୍ୱ ରଣପୁର ତହସିଲଦାର ବହନ କରିଥାଆନ୍ତି । ରଣପୁର ରାଜା ଶ୍ରୀଗୁଣ୍ଡିଚା ଦିନ ରାଜନଅରରୁ ଛତ୍ର ଚାମର ମଶାଲ ସହ ଶୋଭାଯାତ୍ରାରେ ଆସି ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମା ସୁଭଦ୍ରାଙ୍କ ତିନି ରଥକୁ ପର୍ଯ୍ୟାୟକ୍ରମେ ଛେରାପହଁରା କରିଥାଆନ୍ତି । ପ୍ରତି ରଥ ଛେରାପହଁରା ଲାଗି ୧୦୧ ଟଙ୍କା ହିସାବରେ ମୋଟ ୩୦୩ ଟଙ୍କା ରାଜାଙ୍କୁ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ସମିତି ତରଫରୁ ପ୍ରଦାନ କରାଯିବାର ବିଧିବ୍ୟବସ୍ଥା ରହିଛି ବୋଲି ମୁଖ୍ୟ ସେବାୟତ ଶ୍ରୀ ରବି ନନ୍ଦ ପ୍ରକାଶ କରନ୍ତି ।

ରଣପୁର ଏକ ଗଡ଼ଜାତ ରାଜ୍ୟ ଥିବା ସମୟରେ ଏବଂ ରାଜାମାନଙ୍କ ଶାସନ ଅମଳରେ ରଥଯାତ୍ରା ପାଇଁ ଦୀର୍ଘ ଦୁଇମାସ

ଧରି 'ରଥବେଠି' ଚାଲୁ ଥିଲା । ବିନାମୂଲ୍ୟରେ କାର୍ଯ୍ୟ କରିବାକୁ 'ବେଠି' କୁହାଯାଏ । ଗଣତନ୍ତ୍ର ଶାସନରେ ବିନା ମୂଲ୍ୟରେ କାର୍ଯ୍ୟ କରିବା କଥା କେହି କଳ୍ପନା ମଧ କରିପାରିବେନି । ସାଂପ୍ରତିକ କାଳରେ ଶାସକମାନେ ନାଗରିକମାନଙ୍କୁ ବେଠି କରିବାକୁ ବାଧ କରିପାରିବେ ନାହିଁ । ହେଲେ ସ୍ୱାଧୀନତାର ପ୍ରାକ୍‌କାଳରେ ଗଡ଼ଜାତ ରାଜ୍ୟଗୁଡ଼ିକରେ ବେଠି କରିବା ବାଧ୍ୟତାମୂଳକ ଥିଲା । ରଥଯାତ୍ରା ଏକ ଧର୍ମକାର୍ଯ୍ୟ ହେଲେ ମଧ ରଣପୁର ରାଜ୍ୟରେ 'ରଥବେଠି' ବାଧ୍ୟତାମୂଳକ ଥିଲା । ରଥଯାତ୍ରା ନିମିତ୍ତ ଆବଶ୍ୟକ ସମସ୍ତ କାଠ ଓ ଦଉଡ଼ି ବେଠିଆ ପ୍ରଜାମାନେ ନିଜ ଶଗଡ଼ ଓ କାନ୍ଧରେ ବୋହି ଆଣୁଥିଲେ । ସେତେବେଳେ ରଣପୁରରେ ନିର୍ମିତ ହେଉଥିବା ରଥଗୁଡ଼ିକ ସାଂପ୍ରତିକ କାଳର ପୁରୀ ରଥମାନଙ୍କ ଅପେକ୍ଷା ଆକାରରେ ଦୁଇ କିମ୍ବା ତିନି ଗୁଣ ଅଧିକ ଥିଲା । କାରଣ ପୁରୀ ରଥଯାତ୍ରା ଅନୁକରଣରେ ରଣପୁର ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ରାଜାଙ୍କର ନିର୍ଦ୍ଦେଶ ଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ବିରାଟ ତିନି ଗୋଟି ରଥ ଏବଂ ମଦନମୋହନ ଓ ସୁଦର୍ଶନ ଚକ୍ର ପାଇଁ ଦୁଇଟି କ୍ଷୁଦ୍ର ରଥକୁ ଟାଣିବା ସମୂହ ବେଠି ଦ୍ୱାରା ସମ୍ପନ୍ନ ହେଉଥିଲା । ରଥଗୁଡ଼ିକୁ ଜୋର୍‌ରେ ଟାଣିବା ପାଇଁ ରାଜାଙ୍କ ସିପାହୀମାନେ ପ୍ରଜାଙ୍କୁ ନିସ୍ତୁକ ପ୍ରହାର କରୁଥିଲେ । ଧନୀ, ମାନୀ ପ୍ରଜାବୃନ୍ଦ ରଥବେଠିରୁ ମୁକ୍ତି ପାଇବା ପାଇଁ ରାଜାଙ୍କ ସିପାହୀ, ଦାରୋଗା ଓ ଚୌକିଦାରମାନଙ୍କୁ ଉତ୍କୋଚ ପ୍ରଦାନ କରୁଥିଲେ । ରଣପୁରଗଡ଼ରେ ଅନୁଷ୍ଠିତ ରଥଯାତ୍ରା ଏବଂ ରଣପୁର ଜଗନ୍ନାଥ ମନ୍ଦିର ଏବେ ମଧ ରହିଛି ହେଲେ ଅତୀତ କାଳର 'ରଥବେଠି' ଓ 'ସୁଆରବେଠି' ସବୁଦିନ ଲାଗି ବିଲୋପ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ**


୧. ରଣପୁର ବିଦ୍ରୋହ - ଶ୍ରୀ ସତ୍ୟବାଦୀ ବଳିୟାର ସିଂହ



ସରକାରୀ ଓକିଲ
୩୪୨/ବି, ଜାଗମରା (ବରବାରି)
ଭୁବନେଶ୍ୱର-୩୦


# ଦାଣ୍ଡେ ପଡ଼ିଯିବ ହୁରି

ଜଳଧର ନାୟକ

ପ୍ରତି ବର୍ଷ ପରି
ବେଦିରୁ ଓହ୍ଲାଇ
ଯିବୁ ରଥେ ବିଜେ କରି ।
ନ ଛୁଇଁଲେ ନାଇଁ
ତୋତେରେ କାଳିଆ
ଦେଖିବି ହୃଦୟ ଭରି ... ।
ଝରି ପଡୁଥିବ
ପାଦଧୂଳି ତୋର
ବୋଳି ହେବି ଦେହସାରା ।
ଆପଣାକୁ ଚାହିଁ
ରଖିବୁ ମହତ
ଦାଣ୍ଡେ ପଡ଼ିଯିବ ହୁରି ... ।
ମନୁଆ ଠାକୁର
ମନେ ଥିବ ତୋର
ଦାରୁବ୍ରହ୍ମ ଦେହ ଧରି ।
ଘର୍ଘର ନାଦରେ
ରଥ ଗଡ଼ିଯିବ
ଚାହିଁ ଦେବୁ ଆଖି ଫେରି ... ।

ଭକତ ମନକୁ
ବାନ୍ଧିବୁ ଡୋରିରେ
କରି ସବୁ ଏକାପରି ।
ଥିବା ଯାଏ ଜୀବ
ନାମ ବ୍ରହ୍ମ ଗୋଟି
ଶ୍ରୀକ୍ଷେତ୍ରେ ମୁଁ ହେବି ଝୁରି ... ।
କୋଟି ଦଣ୍ଡବତ
ପାଦ ତଳେ ପ୍ରଭୁ
ଶଙ୍ଖ, ଚକ୍ର ଗଦାଧାରୀ ।
ପଦ୍ମପରି ମୁଖେ
ହସ ଫୁଟାଇଣ
ନେବୁ ମତେ ଭବୁ ତରି .. ।


ଗ୍ରାମ/ପୋ- ତଳଙ୍ଗା
ମୟୂରଭଂଜ

# ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ ଉତ୍କଳୀୟ ଲିପି



ଡଃ ରମାକାନ୍ତ କର

**ଶ୍ରୀ**ଜଗନ୍ନାଥ ଉତ୍କଳୀୟ ସଂସ୍କୃତି, ପରମ୍ପରା, ଭାଷା, ବିଜ୍ଞାନ ତଥା ଲିପିତତ୍ତ୍ୱର ମୂଳଭିତ୍ତି । ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ । ପରମେଶ୍ୱର ଭାବରେ ସେ ଜଗତର ହିଁ ସୃଷ୍ଟିକର୍ତ୍ତା । ଶ୍ରୀଜଗନ୍ନାଥ ହିଁ ପ୍ରକୃତି ଓ ପୁରୁଷର ସମନ୍ୱୟର ଦେବତା । ଏକାଧାରାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା କ୍ରମାନ୍ୱୟରେ ଶ୍ରୀବିଷ୍ଣୁ, ଶ୍ରୀମହେଶ୍ୱର ଓ ଶ୍ରୀବ୍ରହ୍ମା ତିନିପୁରୁଷ ଅଟନ୍ତି । ସେ ମଧ ତନ୍ତ୍ରାନୁସାରେ ମା' ଦକ୍ଷିଣକାଳୀ, ତାରା ଓ ଭୁବନେଶ୍ୱରୀ ତିନି ପ୍ରକୃତି ବା ଦେବୀ ଅଟନ୍ତି ବୋଲି ଶାସ୍ତ୍ରୀୟ ଉକ୍ତି ରହିଛି । ଯଥା-

'ତାରା ସାକ୍ଷାତ୍ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ ।
ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା ।।'

ପରମେଶ୍ୱର ହିଁ ଜଣେ, ଯାହାର ସତ୍ତା ଅନନ୍ତ ଓ ଦିଗନ୍ତ ପରିବ୍ୟାପ୍ତ । ଯେଉଁ ଚିରନ୍ତନ ନିତ୍ୟ ଶାଶ୍ୱତ ସତ୍ତାରୁ ଏ ଜଗତର ସୃଷ୍ଟି, ସେହି ଅନନ୍ତ ସତ୍ତା ସମ୍ବନ୍ଧରେ 'ଛାନ୍ଦୋଗ୍ୟ ଉପନିଷଦ୍' କହେ -

'ସ ବେଦ ସୌମ୍ୟମିଦମଗ୍ରମା-
ସୀଦେକମେବାଦ୍ୱିତୀୟମ୍ ।।'

ଏହି ହିଁ ପରମ ପୁରୁଷ ଭାବରେ ରୁଦ୍ରାଷ୍ଟାଧାୟୀ ଯଜୁର୍ବେଦରେ ବର୍ଣ୍ଣିତ -

ସହସ୍ରଶୀର୍ଷାପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।'

ଯେତେ ପୁରୁଷ ଅଛନ୍ତି, ସେ ହେଉଛନ୍ତି ସେମାନଙ୍କ ମଧ୍ୟରେ ଉତ୍ତମ ହୋଇଥିବାରୁ ସେ ପୁରୁଷୋତ୍ତମ ଓ ଏହାଙ୍କ କ୍ଷେତ୍ର ହିଁ ପୁରୁଷୋତ୍ତମ କ୍ଷେତ୍ର । ସେ ହେଉଛନ୍ତି କ୍ଷରାକ୍ଷରର ସ୍ରଷ୍ଟା ଓ କ୍ଷରାକ୍ଷରରୁ ଅତୀତ । ଶିଶୁ ସଂହିତା ଗ୍ରନ୍ଥରୁ ଜଣାଯାଏ ଯେ ରତ୍ନ ସିଂହାସନ ଉପରେ ଥିବା ଚତୁର୍ଦ୍ଧାମୂର୍ତ୍ତି ଜ-ଜଗନ୍ନାଥ, ଗ-ବଳଭଦ୍ର, ନା-ସୁଭଦ୍ରା, ଥ-ସୁଦର୍ଶନଙ୍କୁ ନେଇ ମୁଖ୍ୟ ମନ୍ଦିରର ନାମ ଜଗନ୍ନାଥ ମନ୍ଦିର ଓ ଚକାଆଖି କାଳିଆ ଠାକୁରଙ୍କ ନାମ ଜଗତର ନାଥ ଶ୍ରୀଜଗନ୍ନାଥ । ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କୁ ନେଇ ମନ୍ଦିରର ନାମ ଶ୍ରୀଜଗନ୍ନାଥ ମନ୍ଦିର ହୋଇଯାଇଛି ବୋଲି ଶିଶୁ ସଂହିତାରୁ ପ୍ରମାଣ ମିଳେ । ଯଥା-

'ଜକାରସ୍ତୁ ଜଗନ୍ନାଥ ବଳଭଦ୍ରୋ ଗକାରକଃ
ନାକାର ସୁଭଦ୍ରା ରୂପୀ ଚ ଥକାରୋ[illegible] ସୁଦର୍ଶନଃ ।।'

ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ଏହି ତିନିମୂର୍ତ୍ତି ଯଥାକ୍ରମେ ଶ୍ରୀବିଷ୍ଣୁ, ଶ୍ରୀଶିବ ଓ ଶ୍ରୀବ୍ରହ୍ମା ଭାବରେ ପରିକଳ୍ପିତ ହୋଇଥିବାରୁ ଏହି ତିନିମୂର୍ତ୍ତି ମଧ୍ୟରେ ଏକତ୍ୱ ପ୍ରତିପାଦିତ ହୋଇପାରିଛି । ଏହି ତିନିମୂର୍ତ୍ତି ଏକ ଦାରୁରୁ ହିଁ ଗଠିତ । ଏଣୁ ଏହାଙ୍କୁ ଦାରୁଦେବତା ବୋଲି କୁହାଯାଇଛି । ଏହାର ପ୍ରମାଣ ମଧ ଅଥର୍ବ ବେଦରେ ରହିଛି -

'ଯଃ ବ୍ରହ୍ମା ସଃ ବିଷ୍ଣୁଃ ସ ଏବ ମହେଶ୍ୱରଃ ।'

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ହେଁ ଭିନ୍ନ ହୋଇଥିଲେ ହେଁ ଶାସ୍ତ୍ରୀୟ ମତାନୁଯାୟୀ ଅଭିନ୍ନ । ଦାରୁଦେବତାଙ୍କୁ ଦାରୁବ୍ରହ୍ମ ବୋଲି ଶୂନ୍ୟ ସଂହିତା ସ୍ୱୀକାର କରେ । ଯଥା-

'ଜଗନ୍ନାଥଃ ବଳଭଦ୍ରଃ ସୁଭଦ୍ରା ଚ ସୁଦର୍ଶନଃ
ମହାମନ୍ତ୍ରଃ ମନ୍ତ୍ରରାଜଃ ରୂପଂ ଚ ଦାରୁବ୍ରହ୍ମବତ୍ ।'

'ଅକ୍ଷରଃ ବ୍ରହ୍ମ ଇତ୍ୟୁଚ୍ୟତେ' ନ୍ୟାୟରେ ଅକ୍ଷର ହିଁ ବ୍ରହ୍ମ । ଲିପି ହିଁ ଅକ୍ଷର ।

ଏହି ପରିପ୍ରେକ୍ଷୀରେ ଭାଷା, ଲିପିର ସ୍ରଷ୍ଟା ହିଁ ପରମେଶ୍ୱର ବା ପରଂବ୍ରହ୍ମ ଅଟନ୍ତି । ବିଭିନ୍ନ ପ୍ରମାଣରୁ ପ୍ରମାଣିତ ଯେ ଉତ୍କଳୀୟ ଭାଷାର ସାକାର ରୂପ ହିଁ ଓଡ଼ିଆ ଅକ୍ଷର ବା ଉଡ୍ରଲିପି । ଏହି ଉଡ୍ରଲିପି ହିଁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସମ୍ପୂର୍ଣ୍ଣ ଆଧାରିତ । ଭାଷା ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତୀୟ ଆଦି ଭାଷାରୁ ହିଁ ଉଡ୍ର ଭାଷାର ସୃଷ୍ଟି । ଭାଷାର କ୍ରମ ବିକାଶକୁ ସମୀକ୍ଷା କଲେ ଓଡ଼ିଆ ଭାଷାର ଦୃଷ୍ଟାନ୍ତ ମିଳେ । ବେଦ ଭାଷା ହିଁ ବିଶ୍ୱଭାଷା । ବେଦ ହିଁ ବିଜ୍ଞାନ, ଯାହାକି ସାରା ବିଶ୍ୱବିଜ୍ଞାନର ଆଧାର ।

**ଆର୍ଯ୍ୟଭାଷା -** ପ୍ରାକୃତ, ସଂସ୍କୃତ (ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା)

**ପ୍ରାକୃତ -** ଜର୍ମାନ୍, ଗ୍ରୀସ୍, ଲାଟିନ୍, ଆମେରିକା

**ସଂସ୍କୃତ -** ପ୍ରାକୃତ, ଆଧୁନିକ ସଂସ୍କୃତ

ପ୍ରାକୃତ - କୌଶଳୀୟ, ମାଗଧ, ଉଡ୍ର, ଆଧୁନିକ ଓଡ଼ିଆ

ଏହି ଉଡ୍ର ବା ଉତ୍କଳ ବା ଓଡ଼ିଆ ଭାଷାର ଉତ୍ପତ୍ତି ଜୈନଧର୍ମ ଓ ବୌଦ୍ଧଧର୍ମର ବହୁ ପୂର୍ବର ବୋଲି ସାହିତ୍ୟିକମାନେ ସ୍ୱୀକାର କରିଛନ୍ତି । ଜୈନଧର୍ମର ନନ୍ଦୀ ସୂତ୍ରରେ ମଧ ଉଡ୍ର ଲିପିର ଉଲ୍ଲେଖ ରହିଛି । ଅତଏବ ଏହି ଭାଷାର ସୃଷ୍ଟି ପ୍ରାୟ ତିନି ହଜାର ବର୍ଷ ପୂର୍ବରୁ ବୋଲି କୁହାଯାଇପାରେ । ଭାଷା କହିଲେ ବର୍ଣ୍ଣ ଓ ଲିପିର ସମନ୍ୱୟାବର୍ଣ୍ଣ ଉଚ୍ଚାରିତ ହୁଏ ଓ ଲିଖିତ ହେଲେ ତାହା ଲିପିରେ ପରିଣତ ହୁଏ । ପୁରୁଷୋତ୍ତମଙ୍କ ଧ୍ୱନିଗତ ସତ୍ତା ବା ନିରାକାର ରୂପ ହିଁ ବର୍ଣ୍ଣ, କିନ୍ତୁ ପୁରୁଷୋତ୍ତମଙ୍କର ସାକାର ବା ରୂପଗତ ସତ୍ତା ହିଁ ଲିପି । ଓଡ଼ିଆ ଲିପିର ଉତ୍ପତ୍ତି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସାକାର ରୂପରୁ ହିଁ ସମ୍ଭବ ହୋଇଛି ବୋଲି ସ୍ପଷ୍ଟ ପ୍ରମାଣିତ । 'ଶବ୍ଦ ବ୍ରହ୍ମେତି ତଂ ଗ୍ରାହ ସାକ୍ଷାଦ୍ଦେବଃ ଜଗନ୍ନାଥଃ ।' ବୋଲି ମଧ କୁହାଯାଇଛି । ଭାବ ପ୍ରକାଶର ଧ୍ୱନି ହିଁ ବର୍ଣ୍ଣ, ଭାବ ପ୍ରକାଶର ମାଧମ ହିଁ ଭାଷା ଓ ଭାବ ପ୍ରକାଶର ସଙ୍କେତ ବା ରୂପ ହିଁ ଲିପି ।

ଓଡ଼ିଶାର ଶିକ୍ଷା ପରମ୍ପରା ଅନୁସାରେ ଶିଶୁକୁ ଓଡ଼ିଆ ପଢ଼ାଇବା ପୂର୍ବରୁ ଚାଟଶାଳୀରେ ଅବଧାନଙ୍କ ପାଖରେ ଶିଶୁକୁ ଛାଡ଼ିବାକୁ ହୋଇଥାଏ । ଅବଧାନେ ଶିଶୁ ହାତରେ ସ୍ଲେଟ୍ ଓ ଖଡ଼ି ପୂଜା କରି ହାତରେ ଛୁଆଁଇ ଆଧ୍ୟାତ୍ମିକ ଶିକ୍ଷା ମାଧମରେ ଶିଶୁ ହାତରେ ସ୍ଲେଟ୍ ଉପରେ ତିନୋଟି ଶୂନ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ବୋଲି ଉଚ୍ଚାରଣ କରି ଲେଖାଇ ଥାଆନ୍ତି । ସମୟେ ସମୟେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ହେଁ ଭିନ୍ନ ହୋଇଥିଲେ ମଧ ଅଭିନ୍ନ ନ୍ୟାୟରେ, 'ନ ଭିନ୍ନୋ ଜାୟତେ ତ୍ରିଭିଃ' ଶାସ୍ତ୍ରୀୟ ଉକ୍ତି ଅନୁସାରେ ଅବଧାନ ଏକମାତ୍ର ଶୂନ ଘୋଷାଇ ଥା'ନ୍ତି । ଓଡ଼ିଆ ଲିପି ସାଧନ କରିବା ପାଇଁ ମୁଖ୍ୟତଃ ତିନୋଟି ଉପାଦାନର ଆବଶ୍ୟକତା ରହିଛି । ୧- ପୂର୍ଣ୍ଣବ୍ରହ୍ମ ବା ବୃତ୍ତ ବା ଶୂନ, ୨- ବ୍ରହ୍ମାଂଶ (ବୃତ୍ତର ଅଂଶ), ୩- ସୁଦର୍ଶନ ରେଖା ବା ସିଧାଗାର । ଏହି ତିନୋଟି ଉପାଦାନକୁ ଶିଶୁ ଲେଖି ଜାଣିଲେ ସେ 'ଅ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ଓ '୧'ଠାରୁ '୯' ପର୍ଯ୍ୟନ୍ତ ସଂଖ୍ୟା ଲେଖି ଦେଇପାରିବ ।

'ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।'

ଶୂନ ହିଁ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ବା ବିଷ୍ଣୁ, ଶିବ ଓ ବ୍ରହ୍ମା ଅଟନ୍ତି । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ବାମ ଓ ଆମର ଡାହାଣ ପାଖରେ ରତ୍ନ ସିଂହାସନ ଉପରେ ଶ୍ରୀସୁଦର୍ଶନ ସ୍ତମ୍ଭ ଆକାରରେ ବିଦ୍ୟମାନ । ଏଣୁ ଏହାକୁ ଲିପି ତତ୍ତ୍ୱରେ ସୁଦର୍ଶନଙ୍କୁ ସରଳରେଖା ରୂପ ଦିଆଯାଇଛି । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭାବରେ ଶ୍ରୀସୁଦର୍ଶନ ଓ ମଦନମୋହନ କାର୍ଯ୍ୟ କରିଥାନ୍ତି । ରଥଯାତ୍ରା ସମୟରେ ଜୀଉଙ୍କ ପହଣ୍ଡି ନିର୍ଦ୍ଦିଷ୍ଟ ଦିଗ ନେଉଥିବାବେଳେ ସୁଦର୍ଶନଙ୍କ ପହଣ୍ଡିର ନିର୍ଦ୍ଦିଷ୍ଟ ଦିଗ ନାହିଁ । ସେବକ ଓ ଦଇତାପତିମାନେ ତାଙ୍କୁ କାନ୍ଧରେ ଧରି ଚାରିଆଡ଼େ ବୁଲାଇଥାନ୍ତି । ଏହି ଦୃଷ୍ଟିରୁ ସୁଦର୍ଶନ ରେଖା ଲିପିତତ୍ତ୍ୱ ଅନୁସାରେ ପ୍ରାୟ ସର୍ବଦା ଅକ୍ଷରର ବାମ ଓ ଆମର ଡାହାଣ ପାର୍ଶ୍ୱରେ ସୁଦର୍ଶନ ରେଖା ବ୍ୟବହୃତ ହୁଏ । ସମୟେ ସମୟରେ ମଧ ସୁଦର୍ଶନ ରେଖା ବା ଗାରର ନିର୍ଦ୍ଦିଷ୍ଟ ଦିଗ ନରହି ଲିପି ମଧରେ ବ୍ୟବହୃତ ହୋଇଥାଏ । ଯଥା- 'ଅ' ଏହି ଅକ୍ଷରରେ ତିନୋଟି ବ୍ରହ୍ମାଂଶ ଓ ଗୋଟିଏ ସୁଦର୍ଶନ ରେଖା ବ୍ୟବହୃତ ହୋଇଛି । 'କ୍ଷ' ଏହି ଲିପିରେ ତିନୋଟି ସୁଦର୍ଶନ ରେଖା (ଏକ ନିର୍ଦ୍ଦିଷ୍ଟ ଓ ଦୁଇଟି ଅନିର୍ଦ୍ଦିଷ୍ଟ ଦିଗରେ) ବ୍ୟବହୃତ ହୋଇଛନ୍ତି । ଦୁଇଟି ବ୍ରହ୍ମାଂଶ ବ୍ୟବହୃତ ହୋଇଛି । '୧' ଏକ ସଂଖ୍ୟାରେ ଗୋଟିଏ ସୁଦର୍ଶନ ରେଖା ଓ ଏକ ପୂର୍ଣ୍ଣବ୍ରହ୍ମ ବ୍ୟବହୃତ ହୋଇଛନ୍ତି । ଏହିପରି '୯' ନଅ ସଂଖ୍ୟାରେ ଗୋଟିଏ ବ୍ରହ୍ମାଂଶ ଓ ଏକ ସୁଦର୍ଶନ ରେଖା ବ୍ୟବହୃତ ହୋଇଛି । ଏହି ତତ୍ତ୍ୱ ହିଁ ଲିପିତତ୍ତ୍ୱର ଭିତ୍ତି । କିନ୍ତୁ ବିଭିନ୍ନ ସ୍ଥାନରେ ଏହି ଉଡ୍ରଲିପିକୁ ବିଭିନ୍ନ ପ୍ରକାରରେ ରୂପାନ୍ତର କରାଯାଇଛି ।

ପୁରାତନ ଉଡ୍ରଲିପି ପ୍ରାକୃତ ଓ ପରେ କରଣି ଅକ୍ଷର ଭାବରେ ପରିଚିତ ଥିଲା । ପରେ ଏହାର ରୂପାନ୍ତର ହୋଇଛି । ଉଡ୍ରଲିପି ବିବର୍ତ୍ତନ ଅନୁସାରେ ଭିନ୍ନ ରୂପ ଗ୍ରହଣ କରିଥିଲେ ହେଁ ଶ୍ରୀଜଗନ୍ନାଥ ତତ୍ତ୍ୱର ସୂତ୍ର ଚିରନ୍ତନ ପରି ନିରନ୍ତର ବ୍ୟବହୃତ ହେଉଛି । ଉଡ୍ରଲିପି ବା ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଭାବେ ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ, ଏଥିରେ ସନ୍ଦେହର ଅବକାଶ କେଉଁଠି ?

ସଂସ୍କୃତ ଶିକ୍ଷକ
ପୁରୀ ଜିଲ୍ଲା ସ୍କୁଲ, ପୁରୀ-୨





# ଭକ୍ତପ୍ରିୟ ଜଗନ୍ନାଥ

ରବିନାରାୟଣ ପାଣି

ଭକ୍ତ-ଜନ-ମନ ହରଣକାରୀ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଭକ୍ତମାନେ ଲାଭ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ଲୀଳା, ଦର୍ଶନ, ଶ୍ରବଣ ଓ କୀର୍ତ୍ତନରେ ସେମାନେ ଆତ୍ମହରା ହୋଇଥାଆନ୍ତି । ଭଗବାନଙ୍କ ଉପରେ ଭକ୍ତର ଯେଭଳି ଅତୁଟ ବିଶ୍ୱାସ ଥାଏ, ଠିକ୍ ସେପରି ଭଗବାନଙ୍କ ଭକ୍ତ ଅତ୍ୟନ୍ତ ପ୍ରିୟ ହୋଇଥାଏ । ଶ୍ରୀଜଗନ୍ନାଥ କର୍ମ, ଭକ୍ତି ଓ କର୍ମର ଦେବତା । ସେ ବିଭବର ଦେବତା ନ ହୋଇ ଭାବର ଦେବତା ହୋଇଛନ୍ତି । ନିର୍ଦ୍ଧନର ସେ ଧନ, ଦୁର୍ବଳର ବଳ ଓ ନିରାଶ୍ରୟର ଆଶ୍ରୟ । ସେ ଭକ୍ତ ବତ୍ସଳ । ସର୍ବଶାସ୍ତ୍ର ଶିରୋମଣୀ ଭଗବତ ଗୀତାର ଷଷ୍ଠ ଅଧ୍ୟାୟ 'ଜ୍ଞାନଯୋଗ' ଅଛି - 'ଯୋଗୀନାଂ ମପି ସର୍ବେଷାଂ, ମଦ୍‌ଗତେ ନାନ୍ତରାତ୍ମନା । ଶ୍ରଦ୍ଧାବାନ ଭବତେ ଯୋ ମାଂ, ସମେଯୁକ୍ତଂ ତମୋ ମତଃ ।।(୪୭), ଅର୍ଥାତ୍ ସମସ୍ତ ଯୋଗୀମାନଙ୍କ ମଧ୍ୟରେ ଯେଉଁମାନଙ୍କର ମୋ'ଠାରେ ଆସକ୍ତି, ଶ୍ରଦ୍ଧା ଓ ଭକ୍ତି ଥାଏ, ସେମାନେ ସର୍ବଶ୍ରେଷ୍ଠ ଅଟନ୍ତି । ଭଗବାନ ନାରଦଙ୍କୁ କହିଛନ୍ତି ଯେ - 'ନାହଂ ତିଷ୍ଠାମୀ ବୈକୁଣ୍ଠେ - ଯୋଗୀ ନାଂ ହୃଦୟେ ନ ଚ । ମଦଭକ୍ତ୍ୟା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ । ଅର୍ଥାତ୍ ମୁଁ ବୈକୁଣ୍ଠରେ କିମ୍ବା ଯୋଗୀମାନଙ୍କର ହୃଦୟରେ ନଥାଏ । ମୋର ଭକ୍ତ ଯେଉଁଠାରେ ମୋର ଗୁଣ ଗାନ କରୁଥାଏ, ମୁଁ ସେଇଠାରେ ଥାଏ । ଭକ୍ତବତ୍ସଳ ପ୍ରଭୁ ଜଗନ୍ନାଥଙ୍କର ଲୀଳା ବଳରାମ ଦାସ, ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ କରି ସାଲବେଗ, ଦାସିଆ ବାଉରୀ, ରଘୁ ଅରକ୍ଷିତ ଓ ବନ୍ଧୁ ମହାନ୍ତି ଇତ୍ୟାଦି ଅନେକ ଜୀବନକୁ ପରିତୁଷ୍ଟ ଓ ପରିପୂର୍ଣ୍ଣ କରିପାରିଛି । ସେମାନେ ପ୍ରଭୁଙ୍କର ଅତି ପ୍ରିୟ ହୋଇପାରିଛନ୍ତି । ସେହି ଲୀଳାର କେତେକ ଅବତାରଣା ନିମ୍ନରେ କରାଯାଇଛି ।

**୧. ବଳରାମ ଦାସ -** ପଞ୍ଚସଖା କବି ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ଅତ୍ୟନ୍ତ ପ୍ରିୟ ଭକ୍ତ ଥିଲେ । ସେ ଜଗନ୍ନାଥ ମନ୍ଦିରର ଜଗମୋହନରେ ବସି ଓଡ଼ିଆ ରାମାୟଣ ରଚନା କରିଥିଲେ । ଏହାକୁ ଜଗମୋହନ ରାମାୟଣ ମଧ୍ୟ କୁହାଯାଏ । ଦିନେ ବଳରାମ ଦାସ ବେଶ୍ୟାଳୟରେ ଥିବା ସମୟରେ ହଠାତ୍ ସ୍ମରଣ ହେଲା ଯେ ଶ୍ରୀଜଗନ୍ନାଥ ପହଣ୍ଡି ହୋଇସାରି ରଥରେ ବିଜେ ହୋଇସାରିଥିବେ । ତତ୍‌କ୍ଷଣାତ୍ ସେ ବେଶ୍ୟାଳୟରୁ ବାହାରି ଆସି ରଥକୁ ଆସି ଚଢ଼ିବାକୁ ଉଦ୍ୟମ କରିବାରୁ ସେବକମାନେ ତାଙ୍କୁ ଧକ୍କା ମାରି ଅପମାନ ଦେଇ ରଥ ଉପରୁ ଓହ୍ଲାଇ ଦେଲେ । ତଳେ ଠିଆ ହୋଇ ଜଗନ୍ନାଥଙ୍କୁ ଚାହିଁ ଚାହିଁ ସେ କାନ୍ଦୁଥାନ୍ତି । ପରେ ସେ ଚାଲିଲେ ସମୁଦ୍ର କୂଳକୁ । ବାଙ୍କି ମୁହାଣ ନିକଟରେ ବାଲିରେ ଏକ ରଥ କରି ତା'ଭିତରେ ବାଲିରେ ଜଗନ୍ନାଥ ମୂର୍ତ୍ତି କରି ବସାଇଲେ । ରଥ ଟିକିଏ ଚାଲିଲା । ଆଶ୍ଚର୍ଯ୍ୟ ହେଲେ ବଳରାମ ଦାସ । ଜଗନ୍ନାଥ ତାଙ୍କ ଡାକ ଶୁଣୁଛନ୍ତି । ବାଲିରଥ ଚାଲିଛି । ମାତ୍ର ବଡ଼ଦାଣ୍ଡରେ ଅଟକି ରହିଛି ନନ୍ଦିଘୋଷ । ଯେତେ ଚେଷ୍ଟା କଲେ ମଧ୍ୟ ରଥ ଚଳୁନାହିଁ । ଗଜପତି ପ୍ରତାପରୁଦ୍ର ଦେବଙ୍କୁ ସ୍ୱପ୍ନାଦେଶ ହେଲା - ବଳରାମ ଦାସଙ୍କୁ ବାଙ୍କି ମୁହାଣରୁ କ୍ଷମା ଭିକ୍ଷା କରି ଫେରାଇ ଆଣିବା ପାଇଁ । ରାଜା ବାଙ୍କି ମୁହାଣକୁ ଯାଇ କ୍ଷମାଭିକ୍ଷା ମାଗି ବଳରାମ ଦାସଙ୍କୁ ନନ୍ଦିଘୋଷ ରଥ ନିକଟକୁ ଫେରାଇ ଆଣିଲେ । ରଥ ଚକ ଗଡ଼ି ଚାଲିଲା । ଗଜପତିଙ୍କଠାରୁ ଆରମ୍ଭ କରି ପ୍ରଜାମାନଙ୍କ ହୃଦୟରେ ମନରେ ଭକ୍ତର ଭକ୍ତି ନିକଟରେ ଭକ୍ତବତ୍ସଳ ଜଗନ୍ନାଥଙ୍କର ଲୀଳା କାହାଣୀ ହୋଇ ଚିରଦିନ ରହିଗଲା ।

**୨. ଅତିବଡ଼ି ଜଗନ୍ନାଥ ଦାସ -** ଶ୍ରୀଜଗନ୍ନାଥଙ୍କ ଈଶ୍ୱରୀୟ ପ୍ରେରଣାରେ ଅତିବଡ଼ି ଜଗନ୍ନାଥ ଦାସ ଖୁବ୍ ସରଳ ଭାଷାରେ ଓଡ଼ିଆ ଭାଗବତ ରଚନା କରିଛନ୍ତି । ଏହା ଏତେ ଲୋକପ୍ରିୟ ହେଲା ଯେ ପୁରୀର ସ୍ତ୍ରୀଲୋକମାନେ ମଧ୍ୟ ଏହା ଶୁଣିବା ପାଇଁ ଶ୍ରୀମନ୍ଦିରକୁ ପ୍ରତ୍ୟହ ଆସୁଥିଲେ । କେତେକ ପୁରାଣ ପଣ୍ଡା ଏହାକୁ ସହ୍ୟ କରିନପାରି ଗଜପତିଙ୍କ ନିକଟରେ ଜଗନ୍ନାଥ ଦାସଙ୍କ ଚରିତ୍ରରେ କଳାଦାଗ ଲଗାଇ ଅଭିଯୋଗ କଲେ । ଗଜପତି ଏହାର କାରଣ ପଚାରିବାରୁ ଜଗନ୍ନାଥ ଦାସ ଉତ୍ତର ଦେଲେ ଯେ ପୁରୁଷ ନିକଟରେ ସେ ପୁରୁଷ ଓ ସ୍ତ୍ରୀ ନିକଟରେ ସେ ସ୍ତ୍ରୀ । ଗଜପତି ପ୍ରତାପରୁଦ୍ର ଦେବ କ୍ରୋଧିତ ହୋଇ ତାଙ୍କୁ ବନ୍ଦୀଶାଳାକୁ ପଠାଇ ଦେଲେ । ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁସାରେ ଗଜପତି ବନ୍ଦୀଶାଳାକୁ ଯାଇ ଏକ ସ୍ତ୍ରୀ ଲୋକ ବସିଥିବାର ଦେଖିଲେ । ସକଳ ପରୀକ୍ଷାନିରୀକ୍ଷା ପରେ ସ୍ତ୍ରୀଲୋକ ବୋଲି ପ୍ରତ୍ୟୟ ହେବା ପରେ, ନିଜର ଭୁଲ ବୁଝିପାରି ତାଙ୍କୁ କ୍ଷମାଭିକ୍ଷା କରିବା ସଙ୍ଗେ ସଙ୍ଗେ ଏକ ପ୍ରାସାଦ ଉପହାର ଦେଲେ । ମହାରାଣୀ ମଧ୍ୟ ଜଗନ୍ନାଥ

ଦାସଙ୍କୁ ନିଜର ଦୀକ୍ଷାଗୁରୁ ରୂପେ ଗ୍ରହଣ କରିଥିଲେ । ଜଗନ୍ନାଥ ଦାସ ଉପହାର ପାଇଥିବା ପ୍ରାସାଦ 'ଓଡ଼ିଆ ମଠ' ହେଲା । ଭକ୍ତବତ୍ସଳ ଜଗନ୍ନାଥଙ୍କର ଏହା ମଧ୍ୟ ଏକ ଲୀଳା ରୂପେ ଜନମାନସରେ ରହିଯାଇଛି ।

**୩. ଭକ୍ତକବି ଦୀନକୃଷ୍ଣ ଦାସ -** ଭକ୍ତକବି ଦୀନକୃଷ୍ଣ ଦାସ ନିଜ ରଚନା 'ରସକଲ୍ଲୋଳ' ପାଇଁ ଖ୍ୟାତିଲାଭ କରିଛନ୍ତି । ସେ ଗଜପତିଙ୍କର ପ୍ରଶସ୍ତିଗାନ ନକରିବାରୁ ଗଜପତି କ୍ରୋଧାନ୍ୱିତ ହୋଇ ତାଙ୍କ ଉପରେ ଏକ ପଥର ଲଦି ଦେଇ ଏକ ରୁଦ୍ଧ କୋଠରୀରେ ରଖିଲେ । ଦୀନକୃଷ୍ଣ କାନ୍ଦି କାନ୍ଦି ସବୁବେଳେ ଭଗବାନ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାନ୍ତି । ରସକଲ୍ଲୋଳର ନାୟକ ଶ୍ରୀକୃଷ୍ଣ ରୂପୀ ଜଗନ୍ନାଥ ଦୀନକୃଷ୍ଣଙ୍କ ଡାକ ଶୁଣି ରୁଦ୍ଧ କୋଠରୀକୁ ଯାଇ ତାଙ୍କୁ ଅବଢ଼ା ଭୋଜନ କରାଇଲେ ଏବଂ ଗଜପତିଙ୍କୁ ସ୍ୱପ୍ନାଦେଶ ଦେଇଥିଲେ । ଗଜପତି ବନ୍ଦୀଶାଳାକୁ ଯାଇ ଦୀନକୃଷ୍ଣଙ୍କୁ ଦେଖିବା ସଂଗେ ସଂଗେ ଅବଢ଼ାକୁ ଦେଖି ସ୍ୱ-କର୍ମ ପାଇଁ ଅନୁତାପ କରିବା ସଙ୍ଗେ ସଙ୍ଗେ କ୍ଷମାଭିକ୍ଷା କରି କାରାମୁକ୍ତ କଲେ । ଶ୍ରୀଜଗନ୍ନାଥଙ୍କ ଭକ୍ତ ବତ୍ସଳତାର ଏହା ଅନ୍ୟ ଏକ ପୁଷ୍ପିତ ଲୀଳା ।

**୪. ନୀଳାମ୍ବର ଦାସ -** ଉତ୍ତର ପ୍ରଦେଶର ଏହି ବ୍ରାହ୍ମଣ ପୁରୀ ରଥଯାତ୍ରା ଦେଖିବା ପାଇଁ ଇଚ୍ଛାପ୍ରକାଶ କରି ଆସିଲା । ରାସ୍ତାରେ ଗଙ୍ଗାନଦୀ ପାର ହେଉଥିବାବେଳେ ନାଉରୀକୁ ପଇସା ଦେଇନପାରିବାରୁ ଗଙ୍ଗାନଦୀରେ ଫିଙ୍ଗି ଦେବାକୁ ନାଉରୀ ଧମକ ଦେଲା । ଭୟରେ ନୀଳାମ୍ବର ଚକ୍ଷୁରୁ ଲୋତକ ଝରିଲା । ବିକଳ ହୋଇ ସେ ଜଗନ୍ନାଥଙ୍କୁ ଡାକୁ ଥାଆନ୍ତି । ହଠାତ୍ ନାଆରେ ଧନୁଶର ଧରି ଏକ ରାଜକୁମାର ଆବିର୍ଭାବ ହେଲେ ଏବଂ ଗଙ୍ଗାନଦୀର ଅପରପାର୍ଶ୍ୱରେ ଛାଡ଼ିଦେବାକୁ କହିଲେ, ନଚେତ୍ ଶର ମାରିବା ପାଇଁ ତାକୁ ଭୟ ଦେଖାଇଲେ । ନାଉରୀ ଭୟରେ ନୀଳାମ୍ବରକୁ ନଦୀର ଅପରପାର୍ଶ୍ୱରେ ଛାଡ଼ିଲା । ସେ ରାଜକୁମାର ଆଉ କେହି ନୁହନ୍ତି, ସ୍ୱୟଂ ଶ୍ରୀଜଗନ୍ନାଥ । ରାସ୍ତାରେ ଚାଲୁଥିବା ବେଳେ କ୍ଷୁଧାତୁର ନୀଳାମ୍ବରକୁ ସୁସ୍ୱାଦୁ ଖାଦ୍ୟ ଦେଇ କ୍ଷୁଧା ନିବାରଣ କରାଇଥିଲେ । ନୀଳାମ୍ବର ଚକ୍ଷୁରୁ ଲୋତକ ଝରିଲା । ରାସ୍ତାକଡ଼ରେ ସେ ଶୋଇପଡ଼ିଲେ ଖାଦ୍ୟ ଦେଉଥିବା ବାଳକକୁ ମନେ ପକାଇ ପକାଇ । ତା'ର ନିଦ୍ରା ଭଙ୍ଗ ହେଲାବେଳେ ସେ ଦେଖିଲେ ଯେ ସେ ଶ୍ରୀକ୍ଷେତ୍ରରେ ଅଛନ୍ତି । ସେଦିନ ରଥଯାତ୍ରା । ନୀଳାମ୍ବର ରଥଯାତ୍ରା ଦେଖିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କୁ ଶ୍ରଦ୍ଧାପୂତ ପ୍ରଣାମ କଲେ । ଆଖିରୁ ଝରୁଥିବା ଅସରନ୍ତି ଲୁହ - ଆନନ୍ଦର ଏହି ଜଗନ୍ନାଥ ତାଙ୍କୁ ରାଜକୁମାର ରୂପରେ ଗଙ୍ଗାନଦୀରେ ଓ ତେଜସ୍ୱୀ ବାଳକ ରୂପରେ ରାସ୍ତାରେ ସାହାଯ୍ୟ କରିଥିଲେ । ତାଙ୍କ ପାଟିରୁ ବାହାରିଥିଲା, ହେ ଜଗନ୍ନାଥ ଯାହା ଚାହିଁଥିଲି ମୋ' ପାଇଁ ଅସାଧ ହେଲେ ମଧ ଦେଖିପାରିଲି । ଜୀବନକୁ ଧନ୍ୟ କଲି ତୁମକୁ ଦର୍ଶନ କରି । ଦ୍ୱାପରର ସୁଦାମା ଭଳି ଶ୍ରୀଜୀଉଙ୍କ ଶରଣ ପାଇ ।

ବୋହି ନେଲେ ନଈରୁ ବାଲି ଶେଷ ହୋଇଯିବ । କହି ବସିଲେ ଅନେକ ରାତି ପାହିଯିବ । ଦିନ ବିତିଯିବ ହେଲେ ଜଗନ୍ନାଥଙ୍କ ମହିମା କହି ବସିଲେ ଆଦୌ ଶେଷ ହେବ ନାହିଁ । ଯେପରି ପବନର ଦିଗ, ଅନନ୍ତ ଆକାଶର ସୀମା ଓ ମହାସାଗରର ଗଭୀରତା ମାପି ହୋଇପାରେ ନାହିଁ, ସେହିପରି ଶ୍ରୀଜଗନ୍ନାଥଙ୍କର ମହିମାର ଗଭୀରତା କଳନା କରି ହୁଏନି । 'ଭକ୍ତ୍ୟା ତୁଷ୍ୟନ୍ତି ନଚଗୁଣ କେବଳଂ - ଭକ୍ତପ୍ରିୟ ମାଧବ ।'

ଏଚ୍.ଆଇ.ଜି.-୨୬
କଳିଙ୍ଗ ବିହାର, ଭୁବନେଶ୍ୱର

# ସବୁଠାରେ ତମେ

ପ୍ରକାଶଚନ୍ଦ୍ର ବଳିଆର ସିଂହ ମହାପାତ୍ର

ପୁଣ୍ୟ ତିଥିରେ ସ୍ୱର୍ଣ୍ଣ ବିଥୀରେ ଲାଗିଛି ଏ ରଥଯାତ
ଧରା ହରଷାଇ ପ୍ରାଣ ପରଶାଇ ରଥାରୂଢ଼ ତମେ ନାଥ ।
କୋଟି କଣ୍ଠର ଆକୁଳ ଆର୍ତ୍ତି ଆହେ ନୀଳଗିରି ସାଇଁ
ଦିଅ ଦରଶନ ଦିଅ ସ୍ପର୍ଶନ ଦୂରରୁ ଆସିଛି ଧାଇଁ ।
ତମେ ସୃଷ୍ଟିର ଆଦିମ ଆଲୋକ ନବସୂର୍ଯ୍ୟର ଭାତି
ତମେ ମୋ ଜୀବନ କଳା କଉଶଳ ନିଝୁମ ରାତିର ସାଥୀ ।
ନଦୀ ବନ ଗିରି ଶୋଭା ସମ୍ଭାର ସଜାଡ଼ି ଦେଇଛ କେତେ
ଅଜାଡ଼ି ଦେଇଛ ଶୀରି ସୌରଭ ସବୁଜ ଶସ୍ୟ କ୍ଷେତେ ।
ବରଷା ବତାସ ଅମା ପୂର୍ଣ୍ଣିମା ଭୀମ କାନ୍ତ ଏ ରୂପ
ଝିଲ୍ଲୀ-ଝଙ୍କୃତ ତାମସୀ ରଜନୀ ଦଗ୍‌ଧ ପରାଣ ଧୂପ ।
କଳାମେଘ କୋଳେ ଚପଳାଚମକ ମନ ଯାଉଥାଏ ଛୁଇଁ
ପ୍ରାନ୍ତର ଡେଇଁ ଡେଇଁ ଚାଲିଥାଏ ଭୋଦୁଅ ବାଦଲ ଛାଇ ।
ତମେ ତ ଦେଇଛ ଧନ ଦଉଲତ ସୁଖ ସମ୍ଭୋଗ ମତେ
ଦେଇଛ ବି ତମେ ଦୁଃଖଯନ୍ତ୍ରଣା ଶୋକ ସନ୍ତାପ ଯେତେ ।
ବାଲ୍ୟ କୈଶୋର ଜରା ଯଉବନ ଜୀବନର ଜଉଘର
ଏ ମହାଜୀବନ ପଲକ ପତନେ ହୋଇଯାଏ ସାତପର ।
ଅକାଳେ ଅବେଳେ ଝଡ଼ିଯାଏ କିଏ ଜଣାପଡ଼େ ନାହିଁ ଜମା
ଭରା ଯଉବନ ଛୁଇଁପାରେ ନାହିଁ ସୁଖ ପରିଧିର ସୀମା ।
ଏ ସବୁ ଖେଳର ତମେ ଖେଳିକାର ହସାଇ କନ୍ଦାଇ ଦେଉଛ
ସର୍ପ ସମାନ ଖେଳାଇ ଖେଳାଇ ପେଡ଼ିରେ ପୂରାଇ ନେଉଛ ।
ଆସିବା ଯିବାତ ଲାଗିଥିବ ଭବେ କେ କରିପାରିବ ଆନ
ନିତ୍ୟ ନୂତନ ନୁହଇ ଏ ଧରା ସୃଷ୍ଟି ଏ ଚିରନ୍ତନ ।
ନୂଆ ଜୀବନର ମିଳନ ବେଦି ଏ ସଂସାର ପରିବାର
ଅମୃତମୟ ଜୀବନ ଜଗତେ ଭବ୍ୟ ଏ ସମାହାର ।

କବି କୁଟୀର
ଦୁର୍ଗେଶ୍ୱରଗଡ଼, ବାହାରଣା, ନୟାପଲମ ହାଟ, ପୁରୀ



# ମହାଲକ୍ଷ୍ମୀଙ୍କ ବୈଭବ

ଶିବସୁନ୍ଦର ପଟ୍ଟନାୟକ

ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଥମେ ନିର୍ମାଣ କରିଥିଲେ ହେଁ, ମହାଲକ୍ଷ୍ମୀଙ୍କୁ ସେଠାରେ ପ୍ରତିଷ୍ଠା କରି ନଥିଲେ । ପରବର୍ତ୍ତୀ ସମୟରେ ଏହାର ଅଭାବ ପରିଲକ୍ଷିତ ହେବାରୁ ଶ୍ରୀମନ୍ଦିର ପରିସର ମଧ୍ୟରେ ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କରାଗଲା ଏବଂ ଏପରିକି ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିମ୍ନ ଭାଗରେ ଶ୍ରୀ(ମହାଲକ୍ଷ୍ମୀ)ଙ୍କୁ ମଧ୍ୟ ସ୍ଥାପନ କରାଗଲା । କେବଳ ରତ୍ନ ସିଂହାସନ ନୁହେଁ ମହାଲକ୍ଷ୍ମୀ ମନ୍ଦିରର ସମ୍ମୁଖ ଭାଗ ଦକ୍ଷିଣ ପାର୍ଶ୍ବୋଦ ଶ୍ରୀଲକ୍ଷ୍ମୀନୃସିଂହ ମୂର୍ତ୍ତି ଶ୍ରୀଜଗନ୍ନାଥ ସର୍ବଦା ଶ୍ରୀଯୁକ୍ତ ବୋଲି ସୂଚନା ଦିଏ । ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର କେବେ ହେଲେ ସଙ୍ଗ ଛାଡ଼ି ନାହାନ୍ତି । ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ ଯେଉଁ ଯେଉଁ ଅବତାର ନେଇଅଛନ୍ତି ବା ଯେପରି ଭାବରେ ପ୍ରକାଶିତ ହୋଇଅଛନ୍ତି, ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ସଙ୍ଗ ଦେବାପାଇଁ ବା ସେବା କରିବା ପାଇଁ ସେହିଭଳି ପ୍ରକାଶିତ ହୋଇଅଛନ୍ତି ।

'ଶ୍ରୀବିଷ୍ଣୁ ପୁରାଣ'ରେ ସ୍କ-୧/୮/୧୭-୩୫ ଶ୍ଳୋକ ମଧ୍ୟରେ ମହର୍ଷି ପରାଶର ଶ୍ରୀମୈତ୍ରେୟ ଋଷିଙ୍କୁ ଶ୍ରୀଲକ୍ଷ୍ମୀ ଓ ଶ୍ରୀବିଷ୍ଣୁଙ୍କ ସଂପର୍କରେ ବିଶେଷ ବ୍ୟାଖ୍ୟା କରିଅଛନ୍ତି, ସେହି ପୁରାଣରେ ବର୍ଣ୍ଣନା ଅଛି ଯେ ବିଷ୍ଣୁଙ୍କ କେବେ ସଙ୍ଗ ଛାଡୁ ନଥିବା ଜଗତମାତା ଲକ୍ଷ୍ମୀ ନିତ୍ୟ ଏବଂ ଯେଉଁ ପ୍ରକାରେ ବିଷ୍ଣୁ ସର୍ବବ୍ୟାପକ ଏ ମଧ୍ୟ ସେହିପରି ଅଟନ୍ତି । ବିଷ୍ଣୁ ଅର୍ଥ ହେଲେ ଲକ୍ଷ୍ମୀ ବାଣୀ ଅଟନ୍ତି । ହରି ନ୍ୟାୟ ହେଲେ ଲକ୍ଷ୍ମୀ ନୀତି ଅଟନ୍ତି । ହରି ବୋଧ ହେଲେ ଲକ୍ଷ୍ମୀ ବୁଦ୍ଧି ଅଟନ୍ତି । ବିଷ୍ଣୁ ଧର୍ମ ହେଲେ ଲକ୍ଷ୍ମୀ ଶକ୍ତି ଅଟନ୍ତି । ଭଗବାନ ସ୍ରଷ୍ଟା ହେଲେ ଲକ୍ଷ୍ମୀ ସୃଷ୍ଟି ଅଟନ୍ତି । ହରି ରାଜା ହେଲେ ଲକ୍ଷ୍ମୀ ଭୂମି ଅଟନ୍ତି । ଭଗବାନ ସନ୍ତୋଷ ହେଲେ ଲକ୍ଷ୍ମୀ ତୃଷ୍ଟି ଅଟନ୍ତି । ଭଗବାନ କାମ ହେଲେ ଲକ୍ଷ୍ମୀ ଇଚ୍ଛା ଅଟନ୍ତି । ଭଗବାନ ଯଜ୍ଞ ହେଲେ ଲକ୍ଷ୍ମୀ ଦକ୍ଷିଣା ଅଟନ୍ତି । ଜନାର୍ଦ୍ଦନ ପୁରଡାଶ (ପୁରୋହିତ) ହେଲେ ଲକ୍ଷ୍ମୀ ଆଜ୍ୟାହୂତି (ଆହୂତି) ଅଟନ୍ତି । ମଧୁସୂଦନ ଯଜମାନ ଗୃହ ହେଲେ ଲକ୍ଷ୍ମୀ ପତ୍ନିଶାଳା ଅଟନ୍ତି । ହରି ଯୂପ ହେଲେ ଲକ୍ଷ୍ମୀ ଚିତି ଅଟନ୍ତି । ଭଗବାନ କୁଷା ହେଲେ ଲକ୍ଷ୍ମୀ ସମିଧ ଅଟନ୍ତି । ଭଗବାନ ଶାମ ସ୍ୱରୂପ ହେଲେ ଲକ୍ଷ୍ମୀ ଉଦୀତି ଅଟନ୍ତି । ବାସୁଦେବ ହୁତାସନ ହେଲେ ଲକ୍ଷ୍ମୀ ସ୍ୱାହା ଅଟନ୍ତି । ଭଗବାନ ଶଙ୍କର ହେଲେ ଲକ୍ଷ୍ମୀ ଗୌରୀ ଅଟନ୍ତି । କେଶବ ସୂର୍ଯ୍ୟ ହେଲେ କମଳବାସିନୀ ଲକ୍ଷ୍ମୀ ତାଙ୍କର ପ୍ରଭା ଅଟନ୍ତି । ବିଷ୍ଣୁ ପିତୃଗଣ ହେଲେ ଲକ୍ଷ୍ମୀ ନିତ୍ୟ ପୃଷ୍ଟିଦାୟିନୀ ସ୍ୱାଧା ଅଟନ୍ତି । ବିଷ୍ଣୁ ଅତି ବିସ୍ତୀର୍ଣ୍ଣ ସର୍ବାତ୍ମକ ଆକାଶ ହେଲେ ଲକ୍ଷ୍ମୀ ସ୍ୱର୍ଗଲୋକ ଅଟନ୍ତି । ବିଷ୍ଣୁ ଶଶାଙ୍କ ହେଲେ ଲକ୍ଷ୍ମୀ ଅକ୍ଷୟ କାନ୍ତି ଅଟନ୍ତି । ଶ୍ରୀହରି ସର୍ବଗାମୀ ବାୟୁ ଲକ୍ଷ୍ମୀ ଜଗତର ଗତି ଓ ଆଧାର ଅଟନ୍ତି । ଗୋବିନ୍ଦ ଜଳଧି ହେଲେ ଲକ୍ଷ୍ମୀ ତାଙ୍କର ତଟଭୂମି ଅଟନ୍ତି । ମଧୁସୂଦନ ଦେବରାଜ ଇନ୍ଦ୍ର ହେଲେ ଲକ୍ଷ୍ମୀ ଇନ୍ଦ୍ରାଣୀ ଅଟନ୍ତି । ଚକ୍ରଧର ଯମ ହେଲେ ଲକ୍ଷ୍ମୀ ଧୂର୍ମଣା (ଯମ ପତ୍ନୀ) ଅଟନ୍ତି । ବିଷ୍ଣୁ କୁବେର ହେଲେ ଲକ୍ଷ୍ମୀ ଋଦ୍ଧି ଅଟନ୍ତି । କେଶବ ବରୁଣ ହେଲେ ଲକ୍ଷ୍ମୀ ଗୌରୀ ଅଟନ୍ତି । ହରି ଦେବ ସେନାପତି କାର୍ତ୍ତିକେୟ ହେଲେ ଲକ୍ଷ୍ମୀ ଦେବସେନା ଅଟନ୍ତି । ଭଗବାନ ଗଦାଧର ହେଲେ ଲକ୍ଷ୍ମୀ ଶକ୍ତି ଅଟନ୍ତି । ଭଗବାନ ନିମିଷ ହେଲେ ଲକ୍ଷ୍ମୀ କାଷ୍ଠା ଅଟନ୍ତି । ସେ ମୁହୂର୍ତ୍ତ ହେଲେ ଇଏ କଳା ଅଟନ୍ତି । ହରି ଦୀପ ହେଲେ ଲକ୍ଷ୍ମୀ ଜ୍ୟୋତି ଅଟନ୍ତି । ଭଗବାନ ବୃକ୍ଷ ହେଲେ ଲକ୍ଷ୍ମୀ ଲତା ଅଟନ୍ତି । ଭଗବାନ ଦିନ ହେଲେ ଲକ୍ଷ୍ମୀ ରାତ୍ରୀ ଅଟନ୍ତି । ହରି ବର ହେଲେ ଲକ୍ଷ୍ମୀବଧୂ ଅଟନ୍ତି । ଭଗବାନ ନଦ ହେଲେ ଲକ୍ଷ୍ମୀ ନଦୀ ଅଟନ୍ତି । ଭଗବାନ ଧ୍ୱଜା ହେଲେ ଲକ୍ଷ୍ମୀ ପତାକା ଅଟନ୍ତି । ନାରାୟଣ ଲୋଭ ହେଲେ ଲକ୍ଷ୍ମୀ ତୃଷ୍ଣା ଅଟନ୍ତି । ରତିରାଗ ମଧ୍ୟ ଲକ୍ଷ୍ମୀ ଗୋବିନ୍ଦ ଅଟନ୍ତି । ଅଧିକ କଥା କୁହାଯାଇପାରେ । ସଂକ୍ଷିପ୍ତରେ କହିଲେ କି ଦେବ, ତୀର୍ଯ୍ୟକ ଓ ମନୁଷ୍ୟ ଆଦିରେ ପୁରୁଷାର୍ଥ ଶବ୍ଦ ଶ୍ରୀହରି ଓ ସ୍ତ୍ରୀବାଚୀ ଶବ୍ଦ ଲକ୍ଷ୍ମୀଙ୍କୁ ବୁଝାଯାଏ ।

ପରାଶର ମହର୍ଷିଙ୍କର ଏହି ବିଶ୍ଳେଷଣ ସୂଚନା ଦେଉଅଛି ଯେ, ଶ୍ରୀଜଗନ୍ନାଥ ସଦାସର୍ବଦା ଲକ୍ଷ୍ମୀଯୁକ୍ତ ଓ ଲକ୍ଷ୍ମୀ କେବେହେଲେ ଶ୍ରୀଜଗନ୍ନାଥଙ୍କର ସଙ୍ଗ ତ୍ୟାଗ କରିନାହାନ୍ତି । ତା'ଛଡ଼ା ପରସ୍ପର ପ୍ରତି ପ୍ରୀତି ଅତି ନିବିଡ଼ । ବାଲ୍ମିକୀ ରାମାୟଣରେ ଉଲ୍ଲେଖ ଅଛି 'ଅନନ୍ୟା ରାଘବେଣାହଂ ଭାଷ୍କରେଣ ଯଥା ପ୍ରଭା', (ବା.ରା.୫/୨୧/୧୫) ଏବଂ 'ଅନନ୍ୟା ହି ମୟା ସୀତା ଭାଷ୍କରସ୍ୟ ପ୍ରଭା ଯଥା' (ବା.ରା.୬/୧୧୮/୧୯) । କେବଳ 'ଶ୍ରୀଜଗନ୍ନାଥ', 'ଶ୍ରୀହରି' ନାମ ଶ୍ରୀଯୁକ୍ତ ନୁହନ୍ତି । ଭଗବାନଙ୍କ ଧାମ ମଧ୍ୟ ଶ୍ରୀଯୁକ୍ତ - ଯଥା 'ଶ୍ରୀକ୍ଷେତ୍ର', 'ଶ୍ରୀଧାମ

ପୁରୀ', 'ଶ୍ରୀନୀଳାଚଳ ଧାମ', 'ଶ୍ରୀବୃନ୍ଦାବନ ଧାମ' ଇତ୍ୟାଦି । ଏପରିକି 'ଜଗନ୍ନାଥ' ଶବ୍ଦ ଜଗତ+ନାଥ ଶବ୍ଦ ଦୁଇଟିର ସମଷ୍ଟି - ଏଥିରୁ ଜଗତ୍‌ମାତା ମହାଲକ୍ଷ୍ମୀ ଯୁକ୍ତ ହୋଇଥିବା ସ୍ପଷ୍ଟ ରୂପେ ଜଣାପଡୁଅଛି ।

'ଶ୍ରୀମଦ୍ ଭାଗବତମ୍'ରେ ବର୍ଣ୍ଣନା ଅଛି ଯେ, ବ୍ରଜରେ ଶ୍ରୀକୃଷ୍ଣ ରହିଥିବାରୁ ନନ୍ଦଙ୍କର ଓ ବ୍ରଜର ସମୃଦ୍ଧିମାନ ହେଲା ଏବଂ ଏହା ରମା (ଲକ୍ଷ୍ମୀ)ଙ୍କର କ୍ରୀଡ଼ାସ୍ଥଳ ହୋଇଗଲା ।

'ତତ ଆରଭ୍ୟ ନନ୍ଦସ୍ୟ ବ୍ରଜଃ ସର୍ବ ସମୃଦ୍ଧିମାନ୍ ।
ହରେ ନିର୍ବାସାତ୍ମଗୁଣୈ ରମାକ୍ରୀଡ଼ମଭୂନ୍ନୃପ ।।'
(ଭା-୧୦/୫/୧୮)

ଶୁକଦେବ କହିଲେ, 'ହେ ନୃପ-ପରୀକ୍ଷିତ ! ସେହି ସମୟରୁ ନନ୍ଦଙ୍କର ଓ ବ୍ରଜର ସମସ୍ତ ସମୃଦ୍ଧିମାନ ହେଲା । ହରିଙ୍କର (କୃଷ୍ଣଙ୍କର) ନିବାସ ହେବା ହେତୁ, ତାହା ରମା (ଲକ୍ଷ୍ମୀ) ଦେବୀଙ୍କର କ୍ରୀଡ଼ାସ୍ଥଳ ହୋଇଗଲା ।

ଋକ୍‌ବେଦରେ ଶ୍ରୀସୂକ୍ତରେ ଶ୍ରୀୟାଙ୍କ ସମ୍ବନ୍ଧରେ ଯାହା ବର୍ଣ୍ଣନା ହୋଇଛି ସେଥିରୁ ଜଣାଯାଏ ଯେ ଲକ୍ଷ୍ମୀ 'ହରିଣ୍ୱର୍ଣ୍ଣା ହରିଣୀମ୍' ଅଟନ୍ତି । ଅର୍ଥାତ୍ ଲକ୍ଷ୍ମୀ ବା ଶ୍ରୀୟା ସ୍ୱର୍ଣ୍ଣବର୍ଣ୍ଣର ଓ ହରିଣ ପରି ବିଶାଳ ବା ଲମ୍ବା ନେତ୍ର ଥିବା ସୁନ୍ଦରୀ ସ୍ତ୍ରୀ ଲୋକ ଅଟନ୍ତି । ଏହିପରି ଅର୍ଥ କରିବା ଦ୍ୱାରା ହରିପ୍ରିୟାଙ୍କର ପ୍ରକୃତ ପରିଚୟ ଦିଆଯାଇପାରିଲା ନାହିଁ । 'ହିରଣ୍ୟ ବର୍ଣ୍ଣା'ର ପ୍ରକୃତ ଅର୍ଥ 'ସ୍ପୃହଣୀୟ ଅଟେ । ସୁତରାଂ ଭଗବାନଙ୍କୁ ଆନନ୍ଦ ଦେବା ଭଳି ଲକ୍ଷ୍ମୀ ସ୍ପୃହଣୀୟ ବର୍ଣ୍ଣର ଅଟନ୍ତି । 'ହରିଣୀ' ଶବ୍ଦର ଅନ୍ୟ ଅର୍ଥ ହେଲା - 'ହରିନୟତି ଚେତନମିତି ହରିଣୀ' ଅର୍ଥାତ୍ ଯେଉଁ ଦେବୀ ଜୀବର ଚେତନା ହରଣ କରି ଭଗବାନଙ୍କ ଆଶ୍ରିତ କରିବାକୁ ନିରନ୍ତର ପ୍ରୟତ୍ନଶୀଳ ଅଟନ୍ତି ।

ଋକ୍ ବେଦରେ ଶ୍ରୀସୂକ୍ତରେ ଲକ୍ଷ୍ମୀଙ୍କର ବିଭିନ୍ନ ନାମ ଭିତରୁ ଶ୍ରୀୟା ଏକ ନାମ ବର୍ଣ୍ଣନା ଅଛି । 'ଶ୍ରୀ' ଶବ୍ଦର ଛ'ପ୍ରକାର ଅର୍ଥ ଉତ୍ପନ୍ନ ହେଉଅଛି -

'ଶ୍ରିତାସ୍ୟନୈଃ ସର୍ବୈଃ ଶ୍ରୟଷିରମଣଂ ସଂଶ୍ରିତଗିରଃ
ଶୃଣୋଷି ପ୍ରେୟାଂସଂ ଶ୍ରିତଜନ ବଚଃ ଶ୍ରାବୟସି ଚ ।
ଶୃଣାସ୍ୟୈତ ହୋଷାଞ୍ଜନନି ନିଖିଳାନ୍ ସର୍ବ ଜଗତୀଂ
ଗୁଣୈଃ ଶ୍ରୀଣାସିତ୍ୱ ତଦିହ ଭବତୀଂ ଶ୍ରୀରିତି ବିଦୁଃ ।।'

'ହେ ଜନନୀ ! ୧. ସମସ୍ତ ଜୀବମାନଙ୍କ ଦ୍ୱାରା ଆପଣ ସେବିତ ଅଟନ୍ତି, ୨. ଆପଣ ଭଗବାନଙ୍କ ସେବାରେ ନିଯୁକ୍ତ ଅଟନ୍ତି, ୩. ଆଶ୍ରିତଙ୍କ ପ୍ରାର୍ଥନା ଶୁଣନ୍ତି ତଥା, ୪. ପ୍ରଭୁଙ୍କୁ ମଧ ଶୁଣାନ୍ତି, ୫. ଆଶ୍ରିତଙ୍କ ସମ୍ପୂର୍ଣ୍ଣ ଦୋଷ ବିନାଷ କରନ୍ତି ତଥା, ୬. ଆପଣଙ୍କ ଦିବ୍ୟଗୁଣରେ ଜଗତକୁ ବିସ୍ତାର କରନ୍ତି । ତେଣୁ ଆପଣଙ୍କୁ ବେଦଜ୍ଞଜନ ଶ୍ରୀ କହନ୍ତି ।'

ଶ୍ରୀଜଗନ୍ନାଥ ବା ଭଗବାନଙ୍କର ଏକ ନାମ ସଚ୍ଚିଦାନନ୍ଦ ଅଟେ । ଏହାର କାରଣ 'ସତ୍', 'ଚିତ୍' ଏବଂ 'ଆନନ୍ଦ' ଶ୍ରୀଜଗନ୍ନାଥଙ୍କର ତିନି ବୈଭବ ଅଟେ । ସେହିପରି ମହାଲକ୍ଷ୍ମୀଙ୍କର 'ସଂଧିନୀ', 'ସଂବିତ୍' ଏବଂ 'ଆହ୍ଲାଦିନୀ' ତିନି ବୈଭବ ଅଟେ ।

'ହ୍ଲାଦିନୀ ସଂଧିନୀ ସଂବିତ୍ୱ[illegible]ୟକା ସର୍ବସଂସ୍ଥିତୌ ।
ହ୍ଲାଦତାପକରୀ ମିଶ୍ରା ତ୍ୱୟି ନୋ ଗୁଣ ବର୍ଜିତେ ।।'
(ବିଷ୍ଣୁ ପୁରାଣ - ୧/୧୨/୬୯)

'ସମସ୍ତ ଆଧାର ରୂପେ ହ୍ଲାଦିନୀ (ଆନନ୍ଦ), ସଂଧିନୀ (ବିଚ୍ଛେଦ ରହିତ) ଓ ସଂବିତ୍ (ବିଦ୍ୟା ଶକ୍ତି) କରିବା ବ୍ୟକ୍ତି ଆପଣ ଅଟନ୍ତି । ଏଥିରେ ରାଜସ ଓ ତାମସ ଭାବ ମିଶ୍ରିତ ନୁହେଁ । ଏହା ନିର୍ଗୁଣ ଭାବ ଅଟେ ।'

ହ୍ଲାଦିନୀର ଶ୍ରେଷ୍ଠତ୍ୱ ହେଲେ ଭଗବତସ୍ୱ ପ୍ରଦାନ କରେ । ସଂଧିନୀର ଶ୍ରେଷ୍ଠତ୍ୱ ହେଲେ ଭୂଲୋକରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ବୈଭବ ପ୍ରଦାନ କରେ । ସଂବିତର ଶ୍ରେଷ୍ଠତ୍ୱ ହେଲେ କୈବଲ୍ୟ ମୁକ୍ତି ପ୍ରଦାନ କରେ ।

ମହାଲକ୍ଷ୍ମୀଙ୍କ କୃପାର ସାମାନ୍ୟ ପରଶ ସମସ୍ତ ଜଗତକୁ ବିକଶିତ ଓ ଐଶ୍ୱର୍ଯ୍ୟମୟ କରାଏ । କୃପାର ଅଭାବରେ ଜଗତ ନଷ୍ଟଭ୍ରଷ୍ଟ ହୋଇଯାଏ । ମହାଲକ୍ଷ୍ମୀଙ୍କ ବିନା ଭଗବତ୍ ଲୀଳା ରସମୟ ହୁଏ ନାହିଁ । ମହାଲକ୍ଷ୍ମୀଙ୍କ ମହିମା ଭଗବାନ ଅସୀମ ଓ ଅନନ୍ତ ରୂପେ ଜାଣନ୍ତି । ଶ୍ରୀଯମୁନାଚାର୍ଯ୍ୟ ତାଙ୍କର 'ଚର୍ତୁଶ୍ଲୋକୀ'ରେ ମହାଲକ୍ଷ୍ମୀଙ୍କ ମହିମା ଏପରି ବର୍ଣ୍ଣନା କରିବା ସଂଗେ ସଂଗେ ମଧ କହିଅଛନ୍ତି ଯେ ଶ୍ରୀହରି ମଧ ମହାଲକ୍ଷ୍ମୀଙ୍କ ମହିମାର ସୀମା ଜାଣିପାରନ୍ତି ନାହିଁ । ଶ୍ରୀବତ୍ସାଙ୍କ ମିଶ୍ର 'ଶ୍ରୀସ୍ତବ'ରେ ଶ୍ରୀଯମୁନାଚାର୍ଯ୍ୟଙ୍କ କଥା ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯେ ଶ୍ରୀଦେବୀ ନିଜ ମହିମାର ସୀମା ନିଜେ ଜାଣନ୍ତି ନାହିଁ ତଥା ଶ୍ରୀହରି ମଧ ଜାଣିପାରନ୍ତି ନାହିଁ, ଏହାଦ୍ୱାରା ଶ୍ରୀଦେବୀ ଓ ଶ୍ରୀହରିଙ୍କ ସର୍ବଜ୍ଞାତା କ୍ଷୁଣ୍ଣ ହେବ ନାହିଁ । କାରଣ ଯେଉଁ ବସ୍ତୁ ନାହିଁ ସେ ବିଷୟରେ ନ ଜାଣିଲେ ସର୍ବଜ୍ଞାତା କ୍ଷୁଣ୍ଣ ହେବ ନାହିଁ । ଶ୍ରୀଦେବୀଙ୍କର ମହିମାର ଯଦି ସୀମା ନାହିଁ, ସେ ବିଷୟରେ ଜାଣିବାର ଆବଶ୍ୟକତା କିଛି ନାହିଁ । ତେଣୁ ଶ୍ରୀଦେବୀ ନିଜର ମହିମା ଅସୀମ ରୂପରେ ଜାଣନ୍ତି, ସର୍ବାଧିକ ରୂପରେ ନୁହେଁ ।

ମହାଲକ୍ଷ୍ମୀଙ୍କ ସାନିଧ ଲାଭ କଲେ ଶ୍ରୀଜଗନ୍ନାଥଙ୍କ କୃପାର ଧାରା ଅଜସ୍ର ପ୍ରଭାବିତ ହୁଏ । ପ୍ରତ୍ୟେକ ଜୀବର ଲକ୍ଷ୍ୟ - ଭୋଗ, ମୋକ୍ଷ ଓ ପରମପଦ । ଏହି ତିନି ବୈଭବ ମହାଲକ୍ଷ୍ମୀଙ୍କ କରୁଣାରୁ ଲାଭ କରିପାରିବ । ଯେଉଁ ବ୍ୟକ୍ତି ମହାଲକ୍ଷ୍ମୀଙ୍କ କୃପା ପାଇପାରିବ, ସେ ସର୍ବଗୁଣ ସଂପନ ହୋଇପାରିବ ଏବଂ ଯିଏ ନ ପାଇପାରିବ ସେ ଗୁଣହୀନ ହୋଇଯିବ ।

ଆଡ୍‌ଭୋକେଟ
ଜେଲ୍ ରୋଡ଼, ଖୋର୍ଦ୍ଧା



# ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ

ଇଂ ଗଣେଶ ଚନ୍ଦ୍ର ପଣ୍ଡା

**କ**ଲ୍ୟାଣମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ । ସନ୍ଥ ତୁଳସୀ ଦାସଙ୍କ ରଚନାରୁ ପରଂବ୍ରହ୍ମଙ୍କ ବିଷୟରେ ଆମ୍ଭେ ଜାଣୁ 'ଯେ ବିନା ପାଦରେ ଚାଲି ପାରନ୍ତି, ବିନା କର୍ଣ୍ଣରେ ଶୁଣିପାରନ୍ତି ଏବଂ ବିନା ହାତରେ ସମସ୍ତ କର୍ମ କରିପାରନ୍ତି, ସେ ହିଁ ଲୀଳାମୟ ପରଂବ୍ରହ୍ମ ଏବଂ ତାଙ୍କର ଲୀଳା ଆମ୍ଭଙ୍କୁ ଅଗୋଚର ।'

ଏହି ପରଂବ୍ରହ୍ମଙ୍କ ସତ୍ତା ହୃଦୟଙ୍ଗମ କରି କେତେ ଯେ ସାଧୁସନ୍ଥ ଏହି ଶ୍ରୀକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି, ତାହାର ଉଦାହରଣ ଦେବା ଆମ ପକ୍ଷରେ ଦୁରୁହ ବ୍ୟାପାର । ସେ ରତ୍ନବେଦୀରେ କେବଳ କାଠଗଣ୍ଡି ହୋଇ ବସିନାହାନ୍ତି । ସେ ପ୍ରତିଦିନ ମଣିଷର ସୁଖ ଦୁଃଖର ଭାଗି ହେଉଥିବା ଏବଂ ମଣିଷର ଆତ୍ମୀୟତାର ଡୋରିରେ ବାନ୍ଧି ହୋଇଥିବା ଏକ ଜୀବନ୍ତ ଠାକୁର । ସେ କାହାର ନିତିଦିନର ବନ୍ଧୁବାନ୍ଧବ ତ କାହାର ସଖା, ସହୋଦର ତାହା ତାଙ୍କୁ ହିଁ ଜଣା । କେଉଁ କାଳରୁ ଭକ୍ତର ଭକ୍ତିକୁ ଊର୍ଦ୍ଧ୍ୱରେ ରଖି ତାଙ୍କର ସମସ୍ତ ମନୋବାଞ୍ଛା ପୂରଣ କରୁଅଛନ୍ତି ତା'ର ଦୃଷ୍ଟାନ୍ତ ଦେବା ଆମର ମୂଳ ଉଦ୍ଦେଶ୍ୟ ନୁହଁ, କିନ୍ତୁ ଭକ୍ତର ଡାକ ତାଙ୍କର କର୍ଣ୍ଣରେ ଗୁଞ୍ଜରିତ ହେଲେ, ସେ ତତ୍‌କ୍ଷଣାତ୍ ଭକ୍ତର ଭାବକୁ ପୂରଣ କରନ୍ତି । ଏହା ହିଁ ତାଙ୍କର ମହାନୁଭବତାର ପରିପ୍ରକାଶ । ସେହିପରି କିଛି ଭକ୍ତଙ୍କ ବିଷୟରେ ଆମ୍ଭେ ଜାଣିଛୁ ଯେ, ମହାରାଷ୍ଟ୍ରର କର୍ଣ୍ଣିୟାରୀ ଗ୍ରାମରୁ ଆସିଥିବା ଅଭିମାନିଆ ଭକ୍ତ ଗଣପତି ଭଟ୍ଟ ସ୍ୱୟଂ ପରଂବ୍ରହ୍ମଙ୍କୁ ଗଜାନନ ହିସାବରେ ଦର୍ଶନ କରିବାକୁ ଚାହିଁବାରୁ ତାଙ୍କ ଅଭିମାନ ଭଙ୍ଗକରି ଗଜାନନ ବେଶରେ ୧୪୩୨ ଖ୍ରୀଷ୍ଟାବ୍ଦରେ ସ୍ନାନବେଦୀରେ ଦର୍ଶନ ଦେଇଥିଲେ ଏବଂ ଭକ୍ତ ପ୍ରାର୍ଥନା କରିଥିବା 'ହେ ଗଣର ଦେବତା ! ଗଣନାୟକ ! ମୋର ଭକ୍ତି ଅର୍ଘ୍ୟ ଗ୍ରହଣ କରି ନିର୍ବାଣ ଦେବା ପୂର୍ବରୁ, କଥାଟିଏ ସ୍ମରଣ ରଖ । ପ୍ରତିବର୍ଷ ସ୍ନାନାନ୍ତେ, ଏହି ବେଶରେ ବିରାଜମାନ ହୋଇ ଜଗତ୍‌ବାସୀ ବିଘ୍ନ ବିନାଶନ କରିବା ପାଇଁ ସମ୍ମତି ପ୍ରଦାନ କରୁଥିବ ।' ତାହା ହିଁ ଏବେ ବି ହୋଇଆସୁଛି । ସନ୍ଥ ତୁଳସୀ ଦାସ ତାଙ୍କର ପରିଣତ ବୟସରେ ଆସିଥିଲେ ଶ୍ରୀକ୍ଷେତ୍ରକୁ ଯେ, ସ୍ୱୟଂ ପରଂବ୍ରହ୍ମ ହେବା ହେତୁ କୋଦଣ୍ଡଧାରୀ ନୟନାଭିରାମ ରୂପେ ଦର୍ଶନ କରିବେ । ଭାବଗ୍ରାହୀ ତାହା ହିଁ ପୂରଣ କଲେ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କୁ କୃଷ୍ଣ ରୂପରେ ଦେଖି ଗାଇ ଉଠିଲେ - 'କଦାଚିତ୍ କାଳନ୍ଦୀତଟ ବିପିନ ... ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ।'

ସେହିପରି ସନ୍ଥ କବୀର ତାଙ୍କୁ ଦେଖି ଗାଇଥିଲେ, - 'କବ୍‌ସେ ଛୋଡ଼ି ମଥୁରା ...' । ତାଙ୍କୁ କୃଷ୍ଣ ରୂପରେ ଦେଖି ତାଙ୍କ ନୟନ ପବିତ୍ର କରିଥିଲେ । ଗୁରୁନାନକଙ୍କୁ ମଧ୍ୟ ତାଙ୍କ ନିଜ ପାପୁଲିରେ ମହାପ୍ରଭୁଙ୍କୁ ଦର୍ଶନ ଦେଇ ତାଙ୍କ ଭକ୍ତ ମର୍ଦ୍ଦନାନ୍‌ଙ୍କ ନିମିତ୍ତ ଆରତୀର ଥାଳି ନିଜେ ରତ୍ନବେଦୀରୁ ଉଡ଼ାଇ ନେଇ ଗୁରୁ ନାନକଙ୍କ ମୁଣ୍ଡ ଉପରେ ଆଶୀର୍ବାଦ ସୂଚକ ରଖି ଦେଇଥିଲେ, ଭକ୍ତର ଭାବକୁ ସମ୍ମାନ ଦେଇ । ସେହି କାଳିଆର ଭୁଜ ମଧ୍ୟ ଦାସିଆ ବାଉରୀର ହାତରୁ ପରଂବ୍ରହ୍ମ ହୋଇ ନିଜେ ନିଜ ହାତରେ ଉଠାଇ ନେଇଥିଲେ ଦାସିଆର ଶ୍ରୀଫଳକୁ, ଜାତିଭେଦ କିଛି ନରଖିବା ପାଇଁ । ରାତ୍ରି ଅଧରେ ବନ୍ଧୁ ମହାନ୍ତି ପାଇଁ ପରଶି ଦେଲ - ଭୋଗଥାଳି ଓ ସମସ୍ତଙ୍କର ସମ୍ମୁଖରେ ବନ୍ଧୁ ମହାନ୍ତି ବୋଲି - ଗଜପତି ଦେବଙ୍କ ଦ୍ୱାରା ଶିରିପା ବାନ୍ଧିଲ କେଉଁ କାଳରୁ । ହେ ପ୍ରଭୁ ! ତୁମ୍ଭେ ଆମ ସମସ୍ତଙ୍କର ପ୍ରାଣର କେନ୍ଦ୍ରବିନ୍ଦୁ । ତୁମ୍ଭେ ଯେ ଅନାଥର ନାଥ ଜନତା ଜନାର୍ଦ୍ଦନର ବନ୍ଧୁ - ଅସୀମ କରୁଣାର ସାଗର, ଜଗତର କର୍ତ୍ତା । ସେଥିପାଇଁ ଭକ୍ତ ଦୀନବନ୍ଧୁ ଦାସ ଗାଇଥିଲେ -

'ଭକତ ଶଙ୍ଖାଳି ମୁକତିର ଘର ।
ଶରଣ ମାଗଇ ଦୀନକୃଷ୍ଣ ଦାସ ଛାର ।।'

ଏହା ହିଁ ହେଉଛି, ଭାବର ପରିପ୍ରକାଶ । ଆମ୍ଭେ କେବେହେଲେ ମହାପ୍ରଭୁଙ୍କୁ ପ୍ରୀତିରେ କିମ୍ବା ସ୍ନେହରୂପକ ରଜ୍ଜୁରେ କିମ୍ବା ଭକ୍ତିରେ ସେବାପୂଜା କରିବା ପ୍ରୟାସରେ ରଖୁନାହୁଁ । ଆମ୍ଭେ କେବଳ ଉପର ଠାଉରିଆ ଭାବରେ ତାହାଙ୍କୁ ବାନ୍ଧି ରଖିବାକୁ ପ୍ରୟାସ କରୁଛୁ । ମନରେ କେବେହେଲେ ଭାବନ୍ତୁ ନାହିଁ ଯେ, ମୋ' ମହାପ୍ରଭୁ ଆସିବେ ନାହିଁ, କାରଣ ସେ ଲୀଳାମୟ, ଭାବଗ୍ରାହୀ ଓ ଭକ୍ତର ଭଗବାନ !

ସେଚସଦନ
ଭୁବନେଶ୍ୱର

---

# ଶ୍ରୀଶ୍ରୀଜଗନ୍ନାଥାଷ୍ଟକମ୍

ଦାସଜୀ ମହାରାଜ

ଭଜାମି ଶ୍ରୀଜଗନ୍ନାଥ ଜଗଦ୍‌ଗୁରୁଂ
ଜାନାମି ଶ୍ରୀଜଗନ୍ନାଥ ରୂପ ଚାରୁଂ
ସ୍ମରାମି ଶ୍ରୀଜଗନ୍ନାଥ କଳ୍ପତରୁଂ
ନମାମି ଶ୍ରୀଜଗନ୍ନାଥ ବ୍ରହ୍ମ ଦାରୁଂ ।
ଭଜାମି ଶ୍ରୀଜଗନ୍ନାଥ ଜଗତ୍ ପିତାଂ
ଜାନାମି ଶ୍ରୀଜଗନ୍ନାଥ ଜଗତ୍ କର୍ତ୍ତାଂ
ସ୍ମରାମି ଶ୍ରୀଜଗନ୍ନାଥ ମମ ଭର୍ତ୍ତାଂ
ନମାମି ଶ୍ରୀଜଗନ୍ନାଥ ଦୁଃଖ ହର୍ତ୍ତାଂ ।
ଭଜାମି ଶ୍ରୀଜଗନ୍ନାଥ ଜଗଦ୍‌ବନ୍ଧୁଂ
ଜାନାମି ଶ୍ରୀଜଗନ୍ନାଥ କୃପାସିନ୍ଧୁଂ
ସ୍ମରାମି ଶ୍ରୀଜଗନ୍ନାଥ ନାମ ମଧୁଂ
ନମାମି ଭକତବୃନ୍ଦ ହୃଦଇନ୍ଦୁଂ ।
ଭଜାମି ଶ୍ରୀଜଗନ୍ନାଥ ସଦାଶାନ୍ତଂ
ଜାନାମି ଶ୍ରୀଜଗନ୍ନାଥ ଜଗତ୍ କାନ୍ତଂ
ସ୍ମରାମି ସଦାଶ୍ରୀ ଅନାଦି ଅନନ୍ତଂ
ନମାମି ପ୍ରଭୁ ଶ୍ରୀନୀଳାଚଳ ନାଥଂ ।
ଭଜାମି ଶ୍ରୀଜଗନ୍ନାଥ ଗୁଣ, ରୂପଂ
ଜାନାମି ଶ୍ରୀଜଗନ୍ନାଥ ଶ୍ରୀସ୍ୱରୂପଂ
ସ୍ମରାମି ଶ୍ରୀହରିହର ପାପ ତାପଂ
ନମାମି ଶ୍ରୀଜଗନ୍ନାଥ ବିଶ୍ୱରୂପଂ ।
ଭଜାମି ଶ୍ରୀଜଗନ୍ନାଥ ଦୟା ନିଧିଂ
ଜାନାମି ଭକତ ପ୍ରାଣ ପ୍ରିୟ ବିଧିଂ
ସ୍ମରାମି ଶ୍ରୀହରି ଦାତା ସର୍ବ ସିଦ୍ଧିଂ
ନମାମି ଶ୍ରୀଜଗନ୍ନାଥ ନବ ନିଧିଂ ।
ଭଜାମି ଶ୍ରୀଜଗନ୍ନାଥ ହରିହରଂ
ଜାନାମି ଶ୍ରୀଜଗନ୍ନାଥ ନାମ ସାରଂ
ସ୍ମରାମି ପ୍ରଭୁ ଶ୍ରୀକୃପାପାରା ବାରଂ
ନମାମି ଶ୍ରୀନିରଞ୍ଜନ ନିରାକାରଂ ।
ଭଜାମି ଶ୍ରୀଜଗନ୍ନାଥ ପଦତ୍ରାଣଂ
ଜାନାମି ଶ୍ରୀଜଗନ୍ନାଥ ମୁକ୍ତିଦାତାଂ
ସ୍ମରାମିହମ୍ ସର୍ବାରିଷ୍ଟ ଶାନ୍ତି କର୍ତ୍ତାଂ
ନମାମି ଶ୍ରୀଜଗନ୍ନାଥ ଜଗନ୍ନାତାଂ ।

ପଞ୍ଚବଟୀ ଆଶ୍ରମ
ପରମାନନ୍ଦ ପୁର, ଭଣ୍ଡାରି ପୋଖରୀ, ଭଦ୍ରକ

# ଦାରୁ ହେଲେ ଜଗନ୍ନାଥ ...

ଡକ୍ଟର ପ୍ରଦୀପ୍ତ କୁମାର ବାରିକ

କି ଅଦ୍ଭୁତ ମୁହୂର୍ତ୍ତ ସେ
ମନ-ଜ୍ଞାନ-ବଚନ ଅତୀତ,
ନୀଳ ଉର୍ମି ତାଳେ ତାଳେ
ଶଙ୍ଖ ସବୁ ହେଲେ ଅନ୍ତର୍ହିତ
ତା ଆଲୋକେ ଉଦ୍‌ଭାସିତ
ମାଟି-ପାଣି-ପବନ-ଆକାଶ
ଦିବ୍ୟ ଗନ୍ଧ ମୋଦେ ତା'ର
ପୁଲକିତ ସମୟର ପ୍ରତିଟି ନିଃଶ୍ୱାସ
ସେ ଯେ ଏକ ପ୍ରତ୍ୟୟ ଅଦ୍ଭୁତ !
ମହୋଦଧି ପୁଣ୍ୟତଟେ
ଆର୍ଯ୍ୟ ଓ ଅନାର୍ଯ୍ୟ ସବୁ ହେଲେ ସମନ୍ୱିତ ।
ଶ୍ରୋତ୍ରୀୟ ବ୍ରାହ୍ମଣେ ଯାଇ ପ୍ରବୋଧିଲେ -
ବନବାସୀ ଶବର ପଲ୍ଲୀରେ
ଆସ ଭାଇ ! ଦେଖିଯାଅ କି ଅଦ୍ଭୁତ-
ଦ୍ରବ୍ୟ ଥୁଆ ମହୋଦଧି ବିଜନ ବାଲିରେ
ସାମାନ୍ୟ ବିଳମ୍ବ ହେଲେ ବିଡ଼ମ୍ବନା-
ପ୍ରବଞ୍ଚନା ଆମ ଭାଗେ ଥୁଆ
ତମ ଆମ ପାଇଁ ନୁହଁ, ବିଶ୍ୱ ପାଇଁ
ଏ ଯେ ଏକ ଇତିହାସ ନୂଆ ।
ଆର୍ଯ୍ୟ ଓ ଅନାର୍ଯ୍ୟ ସବୁ
ଆଚମ୍ବିତେ କମର କଷିଲେ,
ପରସ୍ପରେ ଘେନାଘେନି-
କୋଳାକୋଳି ମହୋଦଧି ତୀରେ ।
ଉଠାଇଲେ ଦାରୁଖଣ୍ଡ
ସଂଭ୍ରମରେ ଜୟଧ୍ୱନି କରି
ଓଁକାରର ମୂର୍ଚ୍ଛନାରେ
ଭିଜିଗଲା ଦିବସ ଶର୍ବରୀ ।
ଗଢ଼ା ହେଲା ମୂର୍ତ୍ତି !
ଖୁସି ହେଲେ ଇନ୍ଦ୍ରଦ୍ୟୁମ୍ନ
ଖୁସି ହେଲେ ବିପ୍ର ବିଦ୍ୟାପତି
ସମସ୍ତଙ୍କ ମନରେ ପୁଲକ
ଗୁଣ୍ଡିଚା ପାଇଲା ସତେ
ମର୍ତ୍ତ୍ୟପୁରେ ଅମର୍ତ୍ତ୍ୟ ଆଲୋକ ।
ଇତିହାସ କିଏ ତାର କରିବ କଳନା ?
ଜୀବନର ମରୁପଥେ ଚିରନ୍ତନ ସତ୍ୟ ସିଏ
ଅଭୟଦ ଚିନ୍ମୟ ଚେତନା ।

ବରିଷ୍ଠ ଓଡ଼ିଆ ଅଧ୍ୟାପକ
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର

ସଂପାଦକୀୟ



# କିଛି ମାଗୁ ନାହିଁ ତୋତେ

‘ପ୍ରସରିଣ ଥିଲା ଆଗେ ଅଶରୀରୀ-ବାଣୀ
ଦେବ ଲୋକେ କୃଷ୍ଣ କରୁଁ ଆସି ଚକ୍ରବର
ପଡ଼ିବ ଯେଠାରେ ତହିଁ ହେବ କଳିଯୁଗ
ଭାବଗ୍ରାହୀ କେଶବର ଭାବି ଅବତାର
ପତିତପାବନ ବାନା ଉଡ଼ିବ ଭୂତଳେ ।’

ମହାଯାତ୍ରା ମହାକାବ୍ୟର ଏ ଉଦ୍ଧୃତିର ଉତ୍ସର ପ୍ରାମାଣିକତା ଯାହା ଥାଉନା କାହିଁକି, ପୌରାଣିକତା, ଆଧ୍ୟାତ୍ମିକତା ଓ ଲୋକ ବିଶ୍ୱାସର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତୀକାତ୍ମକ ପ୍ରୟୋଗ ଏହାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି । ଏ ପଂକ୍ତିରେ ଜଣେ କବି ପ୍ରାଣର ଆବେଗିକ ତଲ୍ଲୀନତା କେବଳ ପ୍ରକାଶିତ ହୋଇନାହିଁ - ମହିମା ମଣ୍ଡିତ ଏକ ରାଜ୍ୟ ଓ ପୁରାଣ ପ୍ରସିଦ୍ଧ ଏକ ସ୍ଥାନକୁ ଅଧିକ ପରିଚିତ କରାଇବାର ଯେ ପ୍ରୟାସ ଏହା ମାଧ୍ୟମରେ କରାଯାଇଛି ତାହା ଅନସ୍ୱୀକାର୍ଯ୍ୟ ।

କୃଷ୍ଣଙ୍କ ଲୀଳାର ଆବଶ୍ୟକତାର ଅନ୍ତ ହେଲା ଦ୍ୱାପରରେ । ଲୀଳାମୟଙ୍କର ଅନ୍ୟ ଏକ ରୂପର ଆବିର୍ଭାବ ଘଟିବାର ଏ ସଙ୍କେତ ପଛରେ ସଂଗୁପ୍ତ ଉଦ୍ଦେଶ୍ୟକୁ ଚେତାଇ ଦେବା ହୁଏତ ଏ ପଂକ୍ତିର ମର୍ମବାଣୀ ।

ଚକ୍ର । ଆଦି ଅନ୍ତହୀନ ଏକ ଅଦ୍ଭୁତ ଆୟୁଧ । ଯେଉଁଠୁ ଯାଏ କର୍ତ୍ତବ୍ୟ ସାଧନ କରି ସେଇଠିକୁ ହିଁ ଫେରେ । ପୁଣି ସହସ୍ର ଆଦିତ୍ୟ ତେଜଦୀପ୍ତ ପ୍ରଚଣ୍ଡ ଶକ୍ତିର ଉତ୍ସ । ସନ୍ଥ ପାଳନ ଓ ଦୁଷ୍ଟ ନିବାରଣର କାର୍ଯ୍ୟ ସାଧନ କରେ । ସେହି ଚକ୍ର ଉତ୍କଳ ଖଣ୍ଡରେ ନିପତିତ ହୋଇ ଚକ୍ର କ୍ଷେତ୍ରରେ ପରିଣତ କରିଛି ଏ ସ୍ଥାନକୁ । ସବୁ ରାତିର ଅନ୍ତ ଥିଲା ଭଳି, ସବୁ ସୂର୍ଯ୍ୟୋଦୟର ଅନନ୍ୟ ସଙ୍କେତ ଥିଲା ଭଳି, ସବୁ ବାରିପାତର ଏକ ମନୋରମ ରାଗିଣୀ ଥିଲା ଭଳି - ଏ ଅବତାରର ଆବିର୍ଭାବ । କେଉଁଠୁ ଖୋଜିବେ ତା’ର ଅନ୍ତ - କେଉଁଠୁ ପୁଣି ତା’ର ଆରମ୍ଭ । କେଉଁଠୁ ତା’ର ଯାତ୍ରା - କେଉଁଠି ତା’ର ଶେଷ ? କେଉଁଠି ତା’ର ପ୍ରକାଶ ? କେଉଁଠି ତା’ର ବ୍ୟାପ୍ତି ସବୁର ସତର୍କ ପ୍ରଶ୍ନ ମଧ୍ୟରେ ତା’ର ଉତ୍ତର ହୀନତା ହିଁ ଅଲୌକିକତାର ସୂଚକ । ଥକିଯାଏ ଆଖି । ଅବିଶ୍ରାନ୍ତ ଚିନ୍ତନରେ ହାଲୁକା ହୋଇଯାଏ ତନୁ ମନ । ଏ ସେଇ ଦେବତା ଗଣଦେବତା । ସବୁରି ମିତ୍ର - ସବୁରି ତ୍ରାଣକର୍ତ୍ତା, ସବୁରି ସ୍ୱପ୍ନ - ସବୁରି ପ୍ରାପ୍ତି, ସବୁ ଅବଶୋଷର ଏକ ଆପାତତଃ ତୃପ୍ତ ପରିସମାପ୍ତି ।

ତା’ରି ଘୋଷଯାତ୍ରା । ବିଶ୍ୱ ଜନତାର କୋଳକୁ ଫେରିଆସେ ଐଶ୍ୱର୍ଯ୍ୟ ଓ ସମ୍ଭୋଗରେ ପ୍ରମତ୍ତ ଚେତନାଟିଏ । ଧୂଳିରେ ବୋଳି ହୁଏ, ଅନୁରାଗରେ ରଞ୍ଜିତ ହୋଇଯାଏ - ସବୁକୁ ଆତ୍ମମ୍ଭରିତାରୁ ମୁକ୍ତ କରି, ଅହଂ ସର୍ବସ୍ୱ ପ୍ରବଣତାର ଊର୍ଦ୍ଧ୍ୱକୁ ନେବାର ଆଶ୍ୱାସତା ନେଇ ସେ ଉଦ୍‌ବାହୁ କରିଦିଏ ଜନମାନସକୁ । ଅଭିସାରରେ ପ୍ରଲୁବ୍ଧ କରିଦିଏ ସକଳ ମାନବାତ୍ମାକୁ । ଏକ ଦୁରନ୍ତ ଆହ୍ୱାନରେ ମୂର୍ଚ୍ଛନାରେ ଅଭିମନ୍ତ୍ରିତ କରିଦିଏ ତନୁ ମନ । ସବୁ ହଜିଯାଏ ପଲକରେ - ଖୋଜିବାର ବି ଆବଶ୍ୟକତା ନଥାଏ । ଜ୍ଞାନୀର, ମାନୀର, ଦୁଃଖୀର, ସୁଖୀର, ରାଜାର କି ରଙ୍କର । ସବୁ ଶୂନ୍ୟତାରେ ପୂର୍ଣ୍ଣ ହେବାର ଆଶ୍ୱାସନାରେ ପରିପୂର୍ଣ୍ଣ କରିଦିଏ ଜଳ, ସ୍ଥଳ, ଆକାଶକୁ ।

କଳିର ମଣିଷ ବର୍ତ୍ତମାନ ଅହଂକାର ସର୍ବସ୍ୱ ହୋଇପଡ଼ିଛି । ଅହଂକାର ସ୍ୱର୍ଗଦ୍ୱାରରେ ପଥରୋଧ କରେ । ତୁମକୁ ପାଇବାରେ ପ୍ରତିବନ୍ଧକ ସୃଷ୍ଟି କରେ । ତୁମେ ତ ଲୀଳାମୟ, ଅବତାରମାନଙ୍କର ଅବତାରୀ । ଯୁଗେ ଯୁଗେ ଅବତାର ନେଇ ସଂସାର ସଙ୍କଟମୋଚନ କରିଛ । ସାଧୁସନ୍ଥଙ୍କୁ ପରିତ୍ରାଣ କରିଛ । ଦୀନ, ଦୁଃଖୀ, ଦୁର୍ଗତଙ୍କ ଦୁଃଖ ଦୂର କରିଛ । ସତ୍ୟଯୁଗରେ ନୃସିଂହ ନାରାୟଣ, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ପୁଣି କଳିଯୁଗରେ ଶ୍ରୀଜଗନ୍ନାଥ ରୂପରେ ଅବତୀର୍ଣ୍ଣ ହୋଇ କେତେ ଅଲୌକିକ ଲୀଳା ପ୍ରଦର୍ଶନ କରିଛ । ଦାରୁଦେବତାରୁ ପରିଗ୍ରହ କରିଛ ପରଂବ୍ରହ୍ମ ସ୍ୱରୂପ ।

ତତ୍ତ୍ୱଦର୍ଶୀମାନଙ୍କ ଦୃଷ୍ଟିରେ ତୁମେ ଶୂନ୍ୟ, ନିର୍ଗୁଣ, ନିରାକାର କିନ୍ତୁ ସାଧାରଣ ଭକ୍ତ ପାଖରେ ସଗୁଣ ସାକାର । ପରମପୁରୁଷ ପୁରୁଷୋତ୍ତମ, ପତିତପାବନ, ଆର୍ତ୍ତତ୍ରାଣ, ଦୟାନିଧି, ଦୀନବନ୍ଧୁ । ଅନାଥର ନାଥ ସର୍ବମଙ୍ଗଳ ଜଗନ୍ନାଥ । ତୁମେ ନିଖିଳ ବ୍ରହ୍ମାଣ୍ଡର ଅଧିଶ୍ୱର । ସୃଷ୍ଟି, ସ୍ଥିତି, ସଂହାରର କାରଣ ସ୍ୱୟଂ ନାରାୟଣ । ତୁମ ପାଖରେ ସବୁ ତତ୍ତ୍ୱ ତୁଚ୍ଛ । ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ତୁମକୁ ନେଇ ଗଢ଼ି ଉଠିଛି ସାମ୍ୟ ଓ ସମନ୍ୱୟର ସଂସ୍କୃତି । ସଂହତି  ଓ ସଂପ୍ରୀତିର ମହାମନ୍ତ୍ରରେ ଅନୁରଣିତ ହୋଇ ଉଠିଛି ତୁମର ପବିତ୍ର ପୀଠ ।

ତୁମର ଅମୃତମୟ ଚେତନାରେ ଘଟିଛି ବିଶ୍ୱର ସବୁଧର୍ମ ଦର୍ଶନ, ତତ୍ତ୍ୱ ଓ ମତର ଅଦ୍ଭୁତ ସମନ୍ୱୟ । ଶବର, ବୌଦ୍ଧ, ଜୈନ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ସୌର-ସବୁ ସମ୍ପ୍ରଦାୟର ତୁମେ ଆରାଧ୍ୟ ଦେବତା । ତୁମର ସଂସ୍କୃତି ବିଶ୍ୱ ସଂସ୍କୃତି, ଧର୍ମ ମାନବ ଧର୍ମ । ତୁମେ ଆର୍ଯ୍ୟ - ଅନାର୍ଯ୍ୟର ପରମାରାଧ୍ୟ । ତୁମେ ବିଶ୍ୱମୈତ୍ରୀର ମାନବ ଜାତିର ପ୍ରତୀକ ।

ପୂର୍ଣ୍ଣ କରିବାର ଅଭୟ ଆଶୀର୍ବାଦରେ ଆଜି ଏ ରାଜଦାଣ୍ଡ ପରିପୂର୍ଣ୍ଣ - ବେଳାଭୂମିର ସୈକତ ରେଣୁରେ ତା'ର ମନୋରମ ଗନ୍ଧର ସ୍ପର୍ଶ । ସମୁଦ୍ରର ଅନନ୍ତ ବ୍ୟାପ୍ତିରେ ତା'ର ମଧୁର ଆଶ୍ଳେଷ । ସବୁ ଏଇଠି ଯେମିତି ସୁରକ୍ଷିତ ।

ଚିହ୍ନି ନେବେତ ଚିହ୍ନରା ଗ୍ରାହକ ହୁଅନ୍ତୁ । ଅନ୍ତତଃ ଏଭଳି ଏକ ପବିତ୍ର ତିଥିରେ ଏହା ହିଁ କାମନା । ଏହି ପରିପ୍ରେକ୍ଷୀରେ କବିବର ରାଧାନାଥ ରାୟଙ୍କ ମହାଯାତ୍ରା କାବ୍ୟର ଏକ ପଂକ୍ତି ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ -

'ପୁଣ୍ୟ ତମ ଏ ସୈକତ ବିଶ୍ୱ ଚରାଚରେ,
ବାଛି ନେଇଛନ୍ତି ଯାହା ନିଜେ ଲୀଳାମୟ
ପୁଣି ମର୍ତ୍ତ୍ୟ ଲୀଳା ଲାଗି ଅଖିଳ ଭାରତେ,
ପର୍ଣ୍ଣ ଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରିୟସୀ,
ଯାମେ ଯା'ର ଋଷିକୁଲ୍ୟା କପିଶା ଉତ୍ତରେ
ପଶ୍ଚିମେ ଭାର୍ଗବାଶ୍ରମ ମହେନ୍ଦ୍ର ଶିଖରୀ,
ଚିର କୋଳାହଳମୟ ପୂର୍ବେ ପୟୋନିଧି
ପୁଷ୍ପ କୁଣ୍ଡେ ଶ୍ରେଷ୍ଠତାର କେଶର ଯେସନେ,
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ
ନିବସନ୍ତି ନାନା ସ୍ଥାନେ ଦେବ ଦେବୀ ଯେତେ
ଭାରତ, ଭାରତ ଖଣ୍ଡେ ଆସି ଏ ପ୍ରଦେଶେ,
ବିହରୀବେ ଠାବେ ଠାବେ ନିଜ ରୁଚି ମତେ
ଠୁଳ ହେବ ଅବଶେଷେ ପୁଣି ଏ ପୁଳିନେ
ଅଖିଳ ଭାରତ ତୀର୍ଥ ଭ୍ରମଣ ସୁକୃତ ।'

॥ ଜୟ ଜଗନ୍ନାଥ ॥

ଶରତ ଚନ୍ଦ୍ର ସାମନ୍ତରାୟ

# ଉତ୍କଳ ପ୍ରସଙ୍ଗ

The Utkal Prasanga

୬୨ ଭାଗ | ୧୧ଶ ସଂଖ୍ୟା | ଜ୍ୟେଷ୍ଠ-ଆଷାଢ଼ | ଜୁନ - ୨୦୦୬

ଦିଗମ୍ବର ମହାନ୍ତି
କମିଶନର ତଥା ଶାସନ ସଚିବ

ବୈଷ୍ଣବ ପ୍ରସାଦ ମହାନ୍ତି
ନିର୍ଦ୍ଦେଶକ

ଶରତଚନ୍ଦ୍ର ସାମନ୍ତରାୟ
କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସମ୍ପାଦନା ସହଯୋଗୀ
ଗୋବିନ୍ଦଚନ୍ଦ୍ର ମଲ୍ଲିକ
ସଚ୍ଚିଦାନନ୍ଦ ବାରିକ

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
ମାନସ ନାୟକ
ଫଟୋ : ସୂଚନା ଓ ଲୋକ ସଂପର୍କ ବିଭାଗ
ସୌଜନ୍ୟରୁ

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
ମନୋଜ କୁମାର ପାତ୍ର
ହେମନ୍ତ କୁମାର ସାହୁ

**ବାର୍ଷିକ ଦେୟ : ଟ.୫୦.୦୦**
**ପ୍ରତିଖଣ୍ଡ : ଟ.୫.୦୦**



ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।



ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧
ଫୋନ : ୨୩୯୪୫୧୩, ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.orissagov.nic.in

# ସୂଚୀ


| | | | |
|---|---|---|---|
| • ସମନ୍ୱୟ ଚେତନା ଓ ଶ୍ରୀଜଗନ୍ନାଥ | ଡଃ ଶରତ ଚନ୍ଦ୍ର ରଥ | --- | ୧ |
| • ପୁରୁଷୋତ୍ତମ ଜଗନ୍ନାଥଙ୍କ ମୌଳିକତା | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର | --- | ୬ |
| • ବୈଦିକ ଆକାଶରୁ ବଡ଼ଦାଣ୍ଡ : ପ୍ରସଙ୍ଗ ରଥ ପରମ୍ପରା | ଡକ୍ଟର ସନ୍ତୋଷ ତ୍ରିପାଠୀ | --- | ୧୩ |
| • ମହାଲକ୍ଷ୍ମୀ | ପ୍ରଫୁଲ୍ଲ ଚନ୍ଦ୍ର ସାହୁ | --- | ୧୯ |
| • ଶ୍ରୀଜଗନ୍ନାଥ ଭାବଚେତନାରେ ଶ୍ରୀନୀଳଚକ୍ର | ଦେବାଶିଷ ଚକ୍ରବର୍ତ୍ତୀ | --- | ୨୩ |
| • ତୁମେ ପରିବାର ମୋର | ବୀର କିଶୋର ପାଢ଼ୀ | --- | ୨୬ |
| • ପୁରୀ | ମହୀମୋହନ ତ୍ରିପାଠୀ | --- | ୨୭ |
| • ଆତ୍ମ ଜିଜ୍ଞାସା | ସବିତା ରଥ | --- | ୨୮ |
| • ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମହୋତ୍ସବ ଶ୍ରୀକ୍ଷେତ୍ର ରଥଯାତ୍ରା | ସଦାଶିବ ମିଶ୍ର | --- | ୨୯ |
| • ଏହି ଅଳି ଶ୍ରୀଛାମୁରେ | ଡକ୍ଟର ବଳରାମ ଦାସ | --- | ୩୧ |
| • ଯୁଗେ ଯୁଗେ ପୁଣ୍ୟକ୍ଷେତ୍ର ଶ୍ରୀନୀଳାଚଳ | ପ୍ରମୋଦ କୁମାର ନାୟକ | --- | ୩୩ |
| • ଶ୍ରୀଜଗନ୍ନାଥ ଚେତନାରେ 'ଶଙ୍କା ପଞ୍ଚକମ୍' | ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା | --- | ୩୬ |
| • ମହାପ୍ରସାଦ ଚେତନାରେ ମହନୀୟ ମହାବାକ୍ୟ | ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର | --- | ୩୯ |
| • ଶ୍ରୀଜଗନ୍ନାଥ ଅଲାରନାଥ | କୁମାର କବି ଅରକ୍ଷିତ ପ୍ରଧାନ | --- | ୪୧ |
| • ଶ୍ରୀମନ୍ଦିରର ଦଶଦ୍ୱାର ଭଗତେ ହେତୁ କର | କାଞ୍ଚ ନାରାୟଣ ମହାନ୍ତି | --- | ୪୨ |
| • କାଳିଆ କରୁଣା | ଚନ୍ଦ୍ରଶେଖର ପଣ୍ଡା | --- | ୪୫ |
| • ଅଭିଶପ୍ତ କବିର ମୁକ୍ତିଗାଥା | ଡକ୍ଟର ତ୍ରିନାଥ ପଟ୍ଟନାୟକ | --- | ୪୬ |
| • ଶ୍ରୀପୁରୁଷୋତ୍ତମ ପୀଠରେ ମଠ ଆଶ୍ରମ ସଂସ୍କୃତି | ପ୍ରଫେସର ଜଗନ୍ନାଥ ମହାନ୍ତି | --- | ୪୯ |
| • ସେ ରଥ ହେଉ ପୁଣ୍ୟର | ବିମଳା ସିଂହ | --- | ୫୦ |
| • ମୋର ହୃଦୟ ଭକ୍ତଜନ | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ | --- | ୫୧ |
| • ଉତ୍କଳୀୟ ତନ୍ତ୍ର ସଂସ୍କୃତିରେ ଦେବୀ ବିମଳା | ଡକ୍ଟର ବିଦ୍ୟୁତ୍‌ଲତା ରାୟ | --- | ୫୩ |
| • ଶ୍ରୀମନ୍ଦିରରେ ଶାରଦୀୟ ମହୋତ୍ସବ | ବିରଞ୍ଚି ନାରାୟଣ ପାଣିଗ୍ରାହୀ | --- | ୫୫ |
| • ଭକତ ନିମନ୍ତେ ତୋର ଶଙ୍ଖ ଚକ୍ର ଚିହ୍ନ | ସତ୍ୟ ନାରାୟଣ ମହାପାତ୍ର | --- | ୫୮ |
| • ବଡ଼ଦାଣ୍ଡ | ସୌଭାଗ୍ୟ ଲକ୍ଷ୍ମୀ | --- | ୬୨ |
| • ଶ୍ରୀମନ୍ଦିର ସୁରକ୍ଷା ଓ ସାର୍ବଜନୀନ ପ୍ରବେଶ | ଡକ୍ଟର ନୀଳକଣ୍ଠ ମିଶ୍ର | --- | ୬୩ |
| • ରଥଯାତ୍ରା | ଓମ ପ୍ରକାଶ ମହାପାତ୍ର | --- | ୬୯ |
| • ଭଟଳିର ଦଧିବାମନ ବିଷ୍ଣୁ | ଡକ୍ଟର ଉଦ୍ଧବ ଚରଣ ନାୟକ | --- | ୭୦ |
| • ଜଗନ୍ନାଥ ଯାହାର ଠାକୁର | ଅଧ୍ୟାପକ ବିକ୍ରମ କେଶରୀ ବର୍ମା | --- | ୭୨ |
| • କାନ୍ତ ସାହିତ୍ୟରେ ଜଗନ୍ନାଥ ଚେତନା | ଗୁରୁକଲ୍ୟାଣ ମହାପାତ୍ର | --- | ୭୩ |
| • ଶ୍ରୀମନ୍ଦିରର ତିନି ପ୍ରାଚୀନ ମୂର୍ତ୍ତି ଓ ଶ୍ରୀଜଗନ୍ନାଥ | ରଜତ କୁମାର କର | --- | ୭୬ |
| • ଜଗନ୍ନାଥଙ୍କୁ ପଦେ | ଦୟାନିଧି ବେହେରା | --- | ୭୮ |
| • ଦାରୁବ୍ରହ୍ମଙ୍କର ରଥଯାତ୍ରା | ପୂର୍ଣ୍ଣେନ୍ଦୁ କୁମାର ନନ୍ଦ | --- | ୭୯ |
| • ନୀଳାଦ୍ରି ଚନ୍ଦ୍ରମା | ଇଂ. ରଘୁନାଥ ପାତ୍ର | --- | ୮୦ |

| | | | |
|---|---|---|---|
| • ଜଗନ୍ନାଥ ଧର୍ମ ଓ ଶ୍ରୀମହାଭାବ ତତ୍ତ୍ୱ | ଦୁର୍ଗାମାଧବ ଦାଶ | --- | ୮୧ |
| • ସନ୍ଥକବି ହାଡ଼ିଦାସଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ | ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା | --- | ୮୬ |
| • ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି | ଦେବରାଜ ସାମନ୍ତରାୟ | --- | ୮୮ |
| • ରଥସେବାରେ ଘଣ୍ଟୁଆ ନିଯୋଗ | ଡକ୍ଟର ଜନ୍ମେଜୟ ଚୌଧୁରୀ | --- | ୮୯ |
| • ଚିଦାନନ୍ଦେ ପ୍ରାଣ ଉଠେ ମୋ' ପୁଲକି | ପଣ୍ଡିତ ଜଗନ୍ନାଥ ଶତପଥୀ | --- | ୯୨ |
| • ଇଚ୍ଛାମୟଙ୍କ ସ୍ୱେଚ୍ଛାଯାତ୍ରା | ଶରତ କୁମାର କର | --- | ୯୩ |
| • ଦେହି ପଦ ପଲ୍ଲବ ମୁଦିତ ମୁଦାରଂ | ତାରାକାନ୍ତ ମହାନ୍ତି | --- | ୯୬ |
| • ସ୍ରଷ୍ଟା | ଗୌରହରି ରାଉତ | --- | ୯୯ |
| • ଜଗନ୍ନାଥଙ୍କ ବଡ଼େଇ | ମଧୁସୂଦନ ପଟ୍ଟନାୟକ | --- | ୧୦୦ |
| • ପ୍ରିୟଦର୍ଶୀ ଶ୍ରୀଜଗନ୍ନାଥ | ନିର୍ମଳା କୁମାରୀ ମହାପାତ୍ର | --- | ୧୦୨ |
| • ବଡ଼ଦେଉଳର ବଡ଼ଠାକୁର | ବସନ୍ତ କୁମାର ଦେବ | --- | ୧୦୩ |
| • ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ | କୃଷ୍ଣପ୍ରିୟା ଦାସ | --- | ୧୦୪ |
| • ଶ୍ରୀଜଗନ୍ନାଥ ଓ ପବିତ୍ରଧାମ ଶ୍ରୀକ୍ଷେତ୍ର | ଶ୍ରୀନିବାସ ଆଚାର୍ଯ୍ୟ | --- | ୧୦୭ |
| • ଶ୍ରୀଗୁଣ୍ଡିଚା ରଥଯାତ୍ରାର ପୃଷ୍ଠଭୂମି | ପଙ୍କଜ ସାହୁ | --- | ୧୧୦ |
| • ଜଗନ୍ନାଥ ଏତିକି କରୁଣା କର | ଶକୁନ୍ତଳା ଆଚାର୍ଯ୍ୟ | --- | ୧୧୨ |
| • ସତ୍ୟ, ସୁକୃତ ଓ ଜଗନ୍ନାଥ | ନିବେଦିତା ଭଞ୍ଜ | --- | ୧୧୩ |
| • ଉତ୍କଳୀୟ ମହାକବି ଜୟଦେବ : ଶ୍ରଦ୍ଧାଞ୍ଜଳି | ଇଂ. ଗଦାଧର ମିଶ୍ର | --- | ୧୧୫ |
| • ଶ୍ରୀମନ୍ଦିର ଓ ଦକ୍ଷିଣ ଘର | ପଣ୍ଡିତ ରାମକୃଷ୍ଣ ପତି | --- | ୧୧୬ |
| • ଛଳନାରୁ ମୁକ୍ତି ଦିଅ | ଇନ୍ଦ୍ରମଣି ମହାଳିକ | --- | ୧୧୮ |
| • ଉତ୍କଳୀୟ ସଂସ୍କୃତିରେ ତାଳବାଦ୍ୟର ପରମ୍ପରା | ଜଗନ୍ନାଥ କୁଅଁର | --- | ୧୧୯ |
| • ଶ୍ରୀକ୍ଷେତ୍ର କର ଦର୍ଶନ | ବିଚିତ୍ରାନନ୍ଦ ବାରିକ | --- | ୧୨୦ |
| • ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତତ୍ତ୍ୱରେ ଭଗବାନ ଗଣେଶ | ସୁରେଶ କୁମାର ପ୍ରଧାନ | --- | ୧୨୧ |
| • ଭାଗ୍ୟରେ ଲେଖିଲ ନାହିଁ | ମହେନ୍ଦ୍ର କୁମାର ଘଡ଼େଇ | --- | ୧୨୨ |
| • ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ | ଡକ୍ଟର ହରିହର କାନୁନ୍‌ଗୋ | --- | ୧୨୩ |
| • ଅଦ୍ଭୁତ ବାଜିକର | ସୁବ୍ରତ କୁମାର ଇନ୍ଦ୍ରସିଂହ | --- | ୧୨୪ |
| • ଜଗତର ନାଥ ଜଗନ୍ନାଥ | ରବି ମହାପାତ୍ର | --- | ୧୨୫ |
| • ଜଗତ କାରଣ | ବିକ୍ରମ ମହାରଣା | --- | ୧୨୮ |
| • ଶ୍ରୀଜଗନ୍ନାଥଙ୍କ ମାଉସୀ ଏବେବି ବାଟ ଚାହିଁ ବସିଛି | ରମେଶ ପ୍ରସାଦ ସିଂହ | --- | ୧୨୯ |
| • ଗଜବଦନ ଯା'ର ନାହିଁ | ଓମ ପ୍ରକାଶ | --- | ୧୩୧ |
| • ଲକ୍ଷ୍ମୀ ଠାକୁରାଣୀ ଆଜି ଉଦାସ | ଦେଶବନ୍ଧୁ ମିଶ୍ର | --- | ୧୩୩ |
| • ରଣପୁର ଜଗନ୍ନାଥ ମନ୍ଦିର ଏବଂ ରଥଯାତ୍ରା | ବ୍ରଜ ପାଇକରାୟ | --- | ୧୩୪ |
| • ଦାଣ୍ଡେ ପଡ଼ିଯିବ ହରି | ଜଳଧର ନାୟକ | --- | ୧୩୬ |
| • ଶ୍ରୀଜଗନ୍ନାଥ ତତ୍ତ୍ୱଭିତ୍ତିକ ଉତ୍କଳୀୟ ଲିପି | ଡଃ ରମାକାନ୍ତ କର | --- | ୧୩୭ |
| • ଭକ୍ତପ୍ରିୟ ଜଗନ୍ନାଥ | ରବିନାରାୟଣ ପାଣି | --- | ୧୩୯ |
| • ସବୁଠାରେ ତମେ | ପ୍ରକାଶ ଚନ୍ଦ୍ର ବଳିଆର ସିଂହ ମହାପାତ୍ର | --- | ୧୪୦ |
| • ମହାଲକ୍ଷ୍ମୀଙ୍କ ବୈଭବ | ଶିବସୁନ୍ଦର ପଟ୍ଟନାୟକ | --- | ୧୪୧ |
| • ଭକ୍ତର ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ | ଇଂ. ଗଣେଶ ଚନ୍ଦ୍ର ପଣ୍ଡା | --- | ୧୪୩ |
| • ଶ୍ରୀଶ୍ରୀଜଗନ୍ନାଥାଷ୍ଟକମ୍ | ଦାସଜୀ ମହାରାଜ | --- | ୧୪୪ |
| • ଦାରୁ ହେଲେ ଜଗନ୍ନାଥ | ଡକ୍ଟର ପ୍ରଦୀପ୍ତ କୁମାର ବାରିକ | --- | ୧୪୪ |



# ଶ୍ରୀକ୍ଷେତ୍ର

ଜଗତ ଜୀବନ ଦିନମଣି ରବି
ପ୍ରକାଶି ଜଗତେ ଅଭିନବ ଛବି,
ମଣ୍ଡିଣ ଜଗତ ସୁବର୍ଣ୍ଣ କିରଣେ,
ସଜାଇ ଧରଣୀ ନବ ଆଭରଣେ,
ମୃତ ଜଗତକୁ ନିଦ୍ରାରୁ ଉଠାଇ
ନବୀନ ଉଦ୍ୟମ ଉତ୍ସାହେ ମତାଇ,
ଜଗତର ଯେତେ ନାଶି ଦୁଃଖରାଶି
ପ୍ରଭାତେ ନମନ୍ତି ତୋହ ପଦେ ଆସି ।





ଯୋଗନିଦ୍ରା ଯହିଁ ଅନାଦି ପୁରୁଷ,
ନାଶ ଯାଏ ଯାହା ପରଶେ କଳୁଷ,
ଯା'ର ଗର୍ଭୁ ଜାତ ହେଲେ ସୁଧାକର,
ସୁଧା-ପ୍ରସୂ ସେହି ରତ୍ନର ଆକର,
ନାହିଁ ଯା'ର ଅନ୍ତ, ନାହିଁ ଯା'ର ଆଦି,
ହ୍ରାସ-ବୃଦ୍ଧି-ହୀନ ସେହି ବାରାନିଧି
ବଢ଼ାଇ ନିଜର ତରଙ୍ଗ-ଅଧର
ଦାସ ପ୍ରାୟେ ଚୁମ୍ବେ ତୋହର ପୟର ।

ଉତ୍ତାଳ ତରଙ୍ଗ ଉଠାଇ ସାଗର
ବଜ୍ରସମ କରି ଶବ୍ଦ ଭୟଙ୍କର
ଉଦ୍‌ଗାରିଣ ଫେନ ଗ୍ରାସିବାକୁ ଧରା
ମହାଆଡ଼ମ୍ବରେ ଆସୁଥାଇ ପରା ।
ଶୁଭ୍ର ବକମାଳା ମୁକ୍ତା-ହାରସମ
ଦିଶୁଥାନ୍ତି ଆହା କେଡ଼େ ମନୋରମ ।



ଇନ୍ଦ୍ରଧନୁ-ବର୍ଣ୍ଣ ନିଜ ଅଙ୍ଗେ ବହି
ଶୋଭୁଥାନ୍ତି ନାନା ଶକ୍ତିପୁଞ୍ଜ ତହିଁ ।
ଆର୍ଯ୍ୟ-ଗୌରବର ବିଜୟ-କେତନ,
ଉତ୍କଳ-ଶିଳ୍ପର ନିଜ ନିକେତନ
ସମୟ-ସାଗର-ତରଙ୍ଗ-ଆଘାତେ
କାଳର କରାଳ ମହା ଝଞ୍ଜାବାତେ
ହୋଇ ବିପର୍ଯ୍ୟସ୍ତ ଅବଶିଷ୍ଟ ଯାହା
ଅଛି, ତୋର ତହିଁ ଅଛି ସିନା ତାହା ।

କେନ୍ଦ୍ରସ୍ଥଳୀ ସାମୁଦ୍ରିକ ବାଣିଜ୍ୟର,
ରାଜନୈତିକର ସୁଦୃଢ଼ ଶିଖର,
ଅର୍ଦ୍ଧଚନ୍ଦ୍ରାଙ୍କିତ ବିଜୟ ନିଶାଣ,
ଉଡ଼ାଇ ଭାରତେ ଧରିଣ କୃପାଣ



ହିମାଚଳଠାରୁ କୁମାରିକା ଯାଏ
କମ୍ପାଇଲେ ଯେବେ ଯବନ ରଜାଏ,
ସେ କାଳେ ଉତ୍କଳ-ଗୌରବ-ଭାସ୍କର
ଗଜପତି-ଗୌଡ଼େଶ୍ୱର-ବଂଶଧର
ତୋ'ର ତହିଁ ସ୍ୱାଧୀନତା-ବୈଜୟନ୍ତୀ
ଉଡ଼ାଇ ରଖିଲେ ଅପୂର୍ବ କୀରତି ।

ସହସ୍ର ସହସ୍ର ତୀର୍ଥ-ଯାତ୍ରୀଗଣ
ଜୟ ଜଗନ୍ନାଥ କରି ଉଚ୍ଚାରଣ,
ଶତ ବାଧାବିଘ୍ନ କରି-ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା,
ଭୁଲି କ୍ଷୁଧା-ଜ୍ୱାଳା ଭୁଲିଣ ପିପାସା,
ଭୁଲି ପଥଶ୍ରମ, ଧରି ଏକ ଆଶା,
'ଜୟ ଜଗନ୍ନାଥ' ଗୀତ ଗାଇ ଗାଇ
ତୋହରି ଆଡ଼କୁ ଯାଉଛନ୍ତି ଧାଇଁ ।



ସାମ୍ୟବାଦିତାର ଉଡୁଛି ନିଶାଣ,
ପଣ୍ଡିତ ପାଷଣ୍ଡ ସକଳେ ସମାନ ।
ବ୍ରାହ୍ମଣ ଚଣ୍ଡାଳ ବସି ଏକାସନେ
କରନ୍ତି ଆହାର ଆନନ୍ଦିତ ମନେ ।
ଜାତି ଧର୍ମନିର୍ବିଶେଷେ ସର୍ବଜନ
ଏକାଧାରେ ବସି କରନ୍ତି ଭୋଜନ ।
ପତିତପାବନ ବାନା ଫର ଫର
ଉଡ଼ି ପତିତକୁ ତାରେ ନିରନ୍ତର ।
ଶ୍ରୀହସ୍ତ ବଢ଼ାଇ ଜଗତ ଗୋସାଇଁ
ପାପୀଙ୍କୁ ଡାକନ୍ତି ନିସ୍ତାରିବା ପାଇଁ ।



ଧନ୍ୟରେ ଶ୍ରୀକ୍ଷେତ୍ର ତୋ'ର ବଡ଼ପଣ,
ଉତ୍କଳ ମାତାର ତୁହି ସାର ଧନ ।
ତୋ' ଲାଗି ଉତ୍କଳ ବିଖ୍ୟାତ ଜଗତେ,
ନୋହିଲେ ରହିଣ ଥାଆନ୍ତା ଗୁପତେ ।
ଜାଗୁ ଏ ଉତ୍କଳ ତୋ' ଧର୍ମକୁହାଟେ,
ଚାଲନ୍ତୁ ସରବେ ଏବେ ସତବାଟେ ।
ତୋ'ର ସାରଶିକ୍ଷା ଶିଖା ଉତ୍କଳରେ
ତରନ୍ତୁ ଓଡ଼ିଆ ତୋ' ଧର୍ମ ବଳରେ ।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ପ୍ରାଚୀନ କାଳର ସ୍କନ୍ଦ ପୁରାଣ, ବାମଦେବ ସଂହିତା ଓ ସୁତ ପୁରାଣରେ ବର୍ଣ୍ଣିତ ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ ଶଙ୍ଖକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି ।

## ପୁରାଣ ବର୍ଣ୍ଣନା ଅନୁସାରେ ଶଙ୍ଖକ୍ଷେତ୍ରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନମାନଙ୍କର ନାମ

୧. ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ
୨. ଶ୍ରୀକ୍ଷେତ୍ରେଶ୍ୱରୀ ବିମଳା
୩. ଶ୍ରୀମହାଲକ୍ଷ୍ମୀ
୪. ଉତ୍ତର ଦୁର୍ଗା
୫. ବାଟମଙ୍ଗଳା
୬. ଗରୁଡ଼ସ୍ତମ୍ଭ
୭. ଭୋଗମଣ୍ଡପ
୮. କଳ୍ପବୃକ୍ଷ
୯. ରୋହିଣୀକୁଣ୍ଡ
୧୦. ବାଟଗଣେଶ
୧୧. ଉଚ୍ଛ ଗଣପତି
୧୨. ଶ୍ରୀସରସ୍ୱତୀ ଦେବୀ
୧୩. ନବଗ୍ରହ
୧୪. କୋଣାର୍କ ସୂର୍ଯ୍ୟଦେବ
୧୫. ପାଦପଦ୍ମ
୧୬. ଯଜ୍ଞବଟ
୧୭. ଅଗ୍ନେଶ୍ୱର
୧୮. ଇନ୍ଦ୍ରାଣିଦେବୀ
୧୯. କ୍ଷେତ୍ରପାଳ
୨୦. ସ୍ୱାନ ଭୈରବୀ
୨୧. ମୁକ୍ତେଶ୍ୱରୀ
୨୨. ଛତ୍ରକାଳୀ
୨୩. ବାଟ ମାର୍କେଣ୍ଡେୟ
୨୪. କାତ୍ୟାୟନୀ
୨୫. ଗୋପେଶ୍ୱର
୨୬. ବେଦ କାଳୀ
୨୭. ପାତାଳେଶ୍ୱର
୨୮. ଭୁବନେଶ୍ୱରୀ
୨୯. ବୈକୁଣ୍ଠେଶ୍ୱର
୩୦. ଯାଜ୍ଞ୍ୟେଶ୍ୱରୀ
୩୧. ଈଶାନେଶ୍ୱର
୩୨. ଶୀତଳା ଦେବୀ
୩୩. ପାକଶାଳା
୩୪. ଦକ୍ଷିଣେଶ୍ୱର
୩୫. କୁଣ୍ଡଳେଶ୍ୱର
୩୬. ରାମ ଚୈତନ୍ୟ ମନ୍ଦିର
୩୭. ବରଭୈ ହନୁମାନ
୩୮. ନିର୍ମାଲ୍ୟ ହନୁମାନ
୩୯. ଅଳକା ବାଟିକା
୪୦. ଚକ୍ର ନାରାୟଣ
୪୧. ରାମେଶ୍ୱର
୪୨. ଚତୁର୍ଧାମ
୪୩. କାନପଟା ହନୁମାନ
୪୪. ନିଳାଦ୍ରୀ ବିହାରୀ
୪୫. ବଭୈଶ୍ୱର
୪୬. ଶିଆଳି ଲଟା
୪୭. କୋଇଲି ବୈକୁଣ୍ଠ
୪୮. ତପସ୍ୱୀ ହନୁମାନ
୪୯. ସୁବର୍ଣ୍ଣ କୂପ
୫୦. ଆନନ୍ଦ ବଜାର
୫୧. ଦେବସ୍ନାନ ମଣ୍ଡପ
୫୨. ମେଘନାଦ ପାଚେରୀ
୫୩. ସିଂହଦ୍ୱାର (ପୂର୍ବଦ୍ୱାର)
୫୪. ଅରୁଣ ସ୍ତମ୍ଭ
୫୫. ବଡ଼ଛାଟ ମଠ
୫୬. ଛାଉଣି ମଠ
୫୭. ପଜନତା
୫୮. ପ୍ରହରୀ ହନୁମାନ
୫୯. ଦକ୍ଷିଣ ଦ୍ୱାର
୬୦. ଦୁର୍ଗାମାଧବ
୬୧. ମଙ୍ଗଳେଶ୍ୱରୀ
୬୨. ପଶ୍ଚିମ ଦ୍ୱାର
୬୩. ଉତ୍ତର ଦ୍ୱାର
୬୪. ଶ୍ରୀଲୋକନାଥ
୬୫. ରାମେଶ୍ୱର
୬୬. କାନ୍ଦୁ ନୃସିଂହ
୬୭. କାନ୍ଦୁ ଆଶ୍ରମ
୬୮. ନିକୁମ୍ଭିଳାବଟ
୬୯. ହରଚଣ୍ଡୀ
୭୦. ଚାମୁଣ୍ଡେଶ୍ୱରୀ
୭୧. ବନଦୁର୍ଗା
୭୨. ବାସେଲୀ
୭୩. କପାଳମୋଚନ
୭୪. ମଣିକର୍ଣ୍ଣିକା ତୀର୍ଥ
୭୫. ଘାଟମଙ୍ଗଳା
୭୬. ଭଗବତୀ
୭୭. ମାର୍କେଣ୍ଡେଶ୍ୱର
୭୮. ମାର୍କେଣ୍ଡେୟ ତୀର୍ଥ
୭୯. ସପ୍ତମାତୃକା
୮୦. ଅଳମ୍ବା ଦେବୀ
୮୧. ଅଠରନାଥ
୮୨. ମକରଧ୍ୱଜ ହନୁମାନ
୮୩. ଭାର୍ଗବୀ ନଦୀ
୮୪. ମୁକ୍ତାଶ୍ୱର
୮୫. ବାଟମଙ୍ଗଳା
୮୬. କପାଟେଶ୍ୱର
୮୭. ଭିଲ୍ଲେଶ୍ୱର
୮୮. ସିଦ୍ଧ ହନୁମାନ
୮୯. ଇନ୍ଦ୍ରଦ୍ୟୁମ୍ନ ତୀର୍ଥ
୯୦. ନୀଳକଣ୍ଠେଶ୍ୱର
୯୧. ଆଦି ନୃସିଂହ
୯୨. ଗୁଣ୍ଡିଚା ମଣ୍ଡପ
୯୩. ଅର୍ଦ୍ଧ ସୁଶାନି (ମାଉସୀମା)
୯୪. ମାର୍ଚ୍ଚିକା ଦେବୀ
୯୫. ଚର୍ଚ୍ଚିକା ଦେବୀ
୯୬. ଷୋଡ଼ଶ ପୁତ୍ରୀ
୯୭. ନାରାୟଣୀ
୯୮. ଅଙ୍ଗିରାଶ୍ରମ
୯୯. ଅଙ୍ଗିରାବଟ
୧୦୦. ଦକ୍ଷିଣକାଳୀ
୧୦୧. ଉଗ୍ରେଶ ଆଶ୍ରମ
୧୦୨. ଶ୍ୱେତଗଙ୍ଗା
୧୦୩. ମୁକ୍ତିଶୀଳା
୧୦୪. ଆଦିଶଙ୍କର ପୀଠ
୧୦୫. ସ୍ୱର୍ଗଦ୍ୱାର
୧୦୬. ବରାହୀ ଦେବୀ
୧୦୭. ଶ୍ୟାମାକାଳୀ
୧୦୮. ବଟ ହନୁମାନ
୧୦୯. ଚକ୍ରତୀର୍ଥ
୧୧୦. ଚକ୍ର ନାରାୟଣୀ
୧୧୧. ମହୋଦଧୀ ତୀର୍ଥ
୧୧୨. ଜଗନ୍ନାଥ ବଲ୍ଲଭ
୧୧୩. କାଶୀ ବିଶ୍ୱନାଥ
୧୧୪. ବିଶ୍ୱେଶ୍ୱରୀ
୧୧୫. ନରେନ୍ଦ୍ର ସରୋବର



# ଶ୍ରୀଜଗନ୍ନାଥାଷ୍ଟକମ୍

**କଦାଚିତ୍ କାଳିନ୍ଦୀ-ତଟବିପିନ ସଙ୍ଗୀତ କରବୋ**
**ମୁଦାଭୀରୀ-ନାରୀବଦନ-କମଳା ସ୍ୱାଦ-ମଧୁପଃ**
**ରମା-ଶମ୍ଭୁ-ର୍ବ୍ରହ୍ମାସୁରପତି ଗଣେଶାର୍ଚ୍ଚିତପଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୧)**

(ଶ୍ରୀକୃଷ୍ଣ ରୂପରେ ଯମୁନା ତଟର ବନରେ ବଂଶୀବାଦନ,
ଆନନ୍ଦେ କରିଣ ଗୋପୀ-ମୁଖପଦ୍ମୁଁ କରିଅଛ ସୁଧାପାନ ।
ରମା-ଶିବ-ବ୍ରହ୍ମା ବାସବ ଗଣେଶ ପୂଜନ୍ତି ପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ**
**ଦୁକୂଳଂ ନେତ୍ରାନ୍ତେ ସହଚରକଟାକ୍ଷଂ ବି ଦଧତେ**
**ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା-ପରିଚୟୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୨)**

(ବାମ ହସ୍ତେ ବଂଶୀ ଶିରେ ଶିଖିପୁଚ୍ଛ କଟିଦେଶେ ପୀତାମ୍ବର,
ସହଚର ଗଣେ କହୁଥିଲ ପ୍ରଭୁ ସଙ୍କେତରେ ନୟନର ।
ଶ୍ରୀବୃନ୍ଦାବନର ବାସ ଆଉ ଲୀଳା ଅତ୍ୟନ୍ତ ପ୍ରିୟ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ମହାମ୍ଭୋଧେସ୍ତୀରେ କନକ ରୁଚିରେ ନୀଳ ଶିଖରେ**
**ବସନ୍ ପ୍ରାସାଦାନ୍ତେ ସହଜ ବଳଭଦ୍ରେଣ ବଳିନା**
**ସୁଭଦ୍ରା ମଧ୍ୟସ୍ଥଃ ସକଳ ସୁରସେବାବସରଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୩)**

(ମହୋଦଧି ତୀରେ କନକ ବରନ ଶ୍ରୀନୀଳଗିରି-ଶିଖରେ,
ମନ୍ଦିରେ ବସିଛ ମହାବଳୀ ଭ୍ରାତା ବଳଭଦ୍ର ସହିତରେ ।
ମଧ୍ୟରେ ସୁଭଦ୍ରା, ସକଳ ଦେବଙ୍କୁ ଦିଅ ସେବା ଅବସର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**କୃପାପାରାବାରଃ ସକଳଜଳଦ ଶ୍ରେଣୀରୁଚିରୋ**
**ରମାବାଣୀ ରାମଃ ସ୍ଫୁରଦମଳ ପଦ୍ମେକ୍ଷଣ ମୁଖୈଃ**
**ସୁରେନ୍ଦ୍ରୈରାରାଧ୍ୟଃ ଶ୍ରୁତି ଗଣଶିଖା ଗୀତଚରିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୪)**

(କୃପାସିନ୍ଧୁ ପ୍ରଭୁ ସଜଳ ଜଳଦ-ସମ ଶ୍ରୀଅଙ୍ଗର ବର୍ଣ୍ଣ,
ରମା-ବାଣୀ-ରତ ପ୍ରଫୁଲ୍ଲ-କମଳ-ତୁଲ୍ୟ ନୟନ ବଦନ ।
ସୁରେଶାଦି-ବନ୍ଦ୍ୟ ଉପନିଷଦଟି ଘୋଷଇ କୀର୍ତ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ**
**ସ୍ତୁତି ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ**
**ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତୟା**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୫)**







(ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ,
ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ ।
ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ପରଂ ବ୍ରହ୍ମାପୀଡ଼୍ୟଃ କୁବଳୟଦଳୋତ୍‌ଫୁଲ୍ଲ ନୟନୋ**
**ନିବାସୀ ନୀଳାଦ୍ରୌ ନିହିତ ଚରଣୋ□ନନ୍ତ ଶିରସି**
**ରସାନନ୍ଦୀରାଧା ସରସବପୁରାଲିଙ୍ଗନସୁଖୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୬)**

(ନିରାକାର ବ୍ରହ୍ମ ହୋଇ ସର୍ବ ପୂଜ୍ୟ ଉତ୍ପଳ ଦଳ ନୟନ,
ନୀଳଗିରି-ବାସୀ ଅନନ୍ତଙ୍କ ଶିରେ ସ୍ଥାପିଛ ପ୍ରଭୁ ଚରଣ ।
ଶ୍ରୀରାଧା ଦେବୀଙ୍କ ପ୍ରେମ ପୂର୍ଣ୍ଣ ତନୁ ଆଲିଙ୍ଗନରେ ବିଭୋର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ନ ବୈ ପ୍ରାର୍ଥ୍ୟ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବମ୍**
**ନ ଯାଚେ□ହଂ ରମ୍ୟାଂ ସକଳ ଜନକାମ୍ୟାଂ ବରବଧୂମ୍**
**ସଦାକାଳେ କାଳେ ପ୍ରମଥ ପତିନା ଗୀତ ରଚିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୭)**



(ମାଗେ ନାହିଁ ପ୍ରଭୁ ରାଜ୍ୟଟି ତୁମ୍ଭଙ୍କୁ ସ୍ୱର୍ଣ୍ଣ ଧନଧାନ୍ୟ ମଣି,
ମାଗେ ନାହିଁ ପ୍ରଭୁ ସର୍ବଜନକାମ୍ୟା ଅତି ସୁନ୍ଦର ରମଣୀ ।
ସଦାବେଳେ ପ୍ରଭୁ ଦେବ ମହେଶ୍ୱର ସ୍ତୁତି କରନ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ**
**ହରତ୍ୱଂ ପାପାନାଂ ବିତତିମପରାଂ ଯାଦବପତେ**
**ଅହୋ ଦୀନନାଥୋ ନିହିତମଚଳଂ ନିଶ୍ଚିତ ପଦମ୍**
**ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । (୮)**

(ଆହେ ସୁରବର ! ଶୀଘ୍ର ଦୂରକର ମୋର ଅସାର ସଂସାର,
ଆହେ ଯଦୁପତି ହର ମୋ ଝଟିତି ବିରାଟ ପାପର ଭାର ।
ଦୀନ ଅନାଥକୁ ଦେଇଥାଅ ପ୍ରଭୁ ମୋକ୍ଷ ସଂପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ଜଗନ୍ନାଥାଷ୍ଟକଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ଶୁଚିଃ**
**ସର୍ବପାପ ବିଶୁଦ୍ଧାତ୍ମା ବିଷ୍ଣୁଲୋକଂ ସ ଗଚ୍ଛତି ।**
**ଇତିଶ୍ରୀ ଶଙ୍କରାଚାର୍ଯ୍ୟ ପ୍ରଣୀତଂ**
**ଶ୍ରୀଜଗନ୍ନାଥାଷ୍ଟକମ୍ ସମ୍ପୂର୍ଣ୍ଣମ୍ ।**



(ଯେଉଁ ବ୍ୟକ୍ତି ସଂଯତ ଓ ପବିତ୍ର ମନରେ ସର୍ବଦା ଏହି ପୁଣ୍ୟଜନକ ଜଗନ୍ନାଥାଷ୍ଟକମ୍ -
ସ୍ତୋତ୍ର ପାଠ କରନ୍ତି, ସେ ସମସ୍ତ ପାପରୁ ମୁକ୍ତ ହୋଇ ବିଷ୍ଣୁ ଲୋକକୁ ଗମନ କରନ୍ତି ।)

**ଜଗନ୍ନାଥାଷ୍ଟକ ସମାପ୍ତ**

('ଶ୍ରୀଜଗନ୍ନାଥାଷ୍ଟାକ' ଶ୍ରୀ ଶଙ୍କରଚାର୍ଯ୍ୟଙ୍କର ନା ଶ୍ରୀ ଚୈତନ୍ୟଙ୍କର ନା ପଣ୍ଡିତରାଜ ଜଗନ୍ନାଥଙ୍କର ରଚନା ତାହା ଗବେଷଣା ସାପେକ୍ଷ । କିନ୍ତୁ ଏହାର ପଦ୍ୟାନୁବାଦ ସୁନ୍ଦରଭାବେ କରିଛନ୍ତି ଓଡ଼ିଶାର ବିଶିଷ୍ଟ ସଂସ୍କୃତଜ୍ଞ ପ୍ରଫେସର ଡଃ ସଦାଶିବ ପ୍ରହରାଜ । ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ 1994 ରଥଯାତ୍ରା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ଭଜନ ସାର ସଂଗ୍ରହ ନାମରେ ଏକ ପୁସ୍ତକ ସ୍ୱର୍ଗୀୟ ପଣ୍ଡିତ ନୀଳକଣ୍ଠ ମିଶ୍ର ଓ ପ୍ରଫେସର ରାଜକିଶୋର ମିଶ୍ରଙ୍କ ମିଳିତ ସଂପାଦନାରେ ପ୍ରକାଶ ପାଇଥିଲା । ସେହି ପୁସ୍ତକରୁ ଉପରୋକ୍ତ ପଦ୍ୟାନୁବାଦ ଉଦ୍ଧୃତ)